'oaob.nitrkl.ac.in' images reprocessed

**ଶ୍ରୀମା**

ଜନ୍ମଗ୍ରହଣ

ଫେବୃଆରୀ ୨୧, ୧୮୭୮

ଭାରତବର୍ଷରେ ପଦାର୍ପଣ

ମାର୍ଚ୍ଚ ୨୯, ୧୯୧୪

ମହାପ୍ରୟାଣ

ନଭେମ୍ବର ୧୭, ୧୯୭୩

ଜନ୍ମଶତବାର୍ଷିକୀ

ଫେବୃଆରୀ ୨୧, ୧୯୭୮

'oaob.nitrkl.ac.in' images reprocessed



ଶ୍ରୀମା'ଙ୍କ 'ବୁଧବାର କ୍ଲାସ'

'oaob.nitrkl.ac.in' images reprocessed



# ପ୍ରଶ୍ନ ଓ ଉତ୍ତର

୧୯୫୭

'oaob.nitrkl.ac.in' images reprocessed

# ମାତୃ ରଚନାବଳୀ : ୮ମ ଖଣ୍ଡ

ଶ୍ରୀମା'ଙ୍କର "Questions and Answers 1956" ଗ୍ରନ୍ଥର
ଓଡ଼ିଆ ଅନୁବାଦ ।


ଅନୁବାଦ :

ଶ୍ରୀ ଚିତ୍ତରଞ୍ଜନ ଦାଶ



ପ୍ରଥମ ମୁଦ୍ରଣ : ଡିସେମ୍ବର ୧, ୧୯୭୯



ସର୍ବସ୍ୱତ୍ୱ ସଂରକ୍ଷିତ

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ-୬୦୫୦୦୨



ପ୍ରକାଶକ :

ନବଜ୍ୟୋତି କାର୍ଯ୍ୟାଳୟ,
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୬୦୫୦୦୨

Printed at Navajyoti Press,
Sri Aurobindo Ashram, Pondicherry-605002, India.



'oaob.nitrkl.ac.in' images reprocessed

# ପ୍ରକାଶକଙ୍କ ଟିପ୍ପଣୀ

୧୯୫୬ ମସିହାର "ବୁଧବାର କ୍ଲାସ୍"ଗୁଡ଼ିକରେ ମାଆ ଛାତ୍ର, ଶିକ୍ଷକ ଏବଂ ସାଧକମାନଙ୍କୁ ଯେଉଁ ପ୍ରବଚନମାନ ଦେଇଥିଲେ, ରଚନାବଳୀର ଏହି ଖଣ୍ଡଟିରେ ସେହିଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ଏବର୍ଷ ମାଆ ସାଧାରଣତଃ ଶ୍ରୀଅରବିନ୍ଦଙ୍କର ଦୁଇଟି ଗ୍ରନ୍ଥର ଫରାସୀ ଅନୁବାଦରୁ କୌଣସି ଏକ ଅଂଶଟିକୁ ପାଠ କରି କ୍ଲାସ୍‌ଟିକୁ ଆରମ୍ଭ କରୁଥିଲେ । ବର୍ଷର ଅଧିକାଂଶ ଥର ସେ 'ଯୋଗସମନ୍ୱୟ' (ପ୍ରଥମ ଭାଗ, ଦିବ୍ୟ କର୍ମର ଯୋଗ) ଗ୍ରନ୍ଥରୁ ପାଠାଂଶମାନ ନେଇଥିଲେ । ନଭେମ୍ବର ୨୧ ତାରିଖରେ ସେ 'ଈଶ୍ୱର ଓ ଚନ୍ଦ୍ରାଭିସ' ଆରମ୍ଭ କଲେ । ପାଠ କରି ସାରିବା ପରେ ସେ ସେହି ଅଂଶଟି ବିଷୟରେ ଓ ଅନ୍ୟାନ୍ୟ ବିଷୟରେ ପୃଷ୍ଟ ପ୍ରଶ୍ନଗୁଡ଼ିକର ଉତ୍ତର ଦେଉଥିଲେ । ଏହି ପ୍ରଶ୍ନଗୁଡ଼ିକୁ ପ୍ରଶ୍ନକର୍ତ୍ତାମାନେ ସେତିକବେଳେ ସେହିଠାରେ ପଚାରୁଥିଲେ ଅଥବା ତା' ଆଗରୁ ମାଆଙ୍କୁ ଲିଖିତାକାରରେ ଦେଇ ଆସୁଥିଲେ ।

ଫରାସୀ ଭାଷାରେ ପ୍ରଦତ୍ତ ଏହି ପ୍ରବଚନଗୁଡ଼ିକୁ ସେହି ସମୟରେ ଟେପ୍ ଦ୍ୱାରା ରେକର୍ଡ କରି ନିଆଯାଉଥିଲା । ସେଗୁଡ଼ିକ ସର୍ବପ୍ରଥମେ ଅସମ୍ପୂର୍ଣ୍ଣ ଭାବରେ ତ୍ରୈମାସିକ 'ଶରୀର-ଶିକ୍ଷା ବୁଲେଟିନ୍'(ପରେ ଯାହାର 'ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ବୁଲେଟିନ୍' ବୋଲି ନାମକରଣ ହେଲା)ର ବିଭିନ୍ନ ସଂଖ୍ୟାରେ ୧୯୫୬ରୁ ୧୯୬୩ ମଧ୍ୟରେ ପ୍ରକାଶ ପାଇଥିଲା । ଫରାସୀ ଭାଷାରେ ସର୍ବପ୍ରଥମ ସମ୍ପୂର୍ଣ୍ଣ ସଂସ୍କରଣଟି Entretiens 1956 ନାମରେ ୧୯୬୮ ମସିହାରେ ପ୍ରକାଶିତ ହୋଇଥିଲା । ମାର୍ଚ୍ଚ, ୧୯୭୦ ଏବଂ ଅଗଷ୍ଟ, ୧୯୭୪ ମଧ୍ୟରେ ଏକ ସମ୍ପୂର୍ଣ୍ଣ ନୂତନ ଇଂରାଜୀ ଅନୁବାଦ ସମୟାନୁକ୍ରମିକ ଭାବରେ ସଜା ହୋଇ ମାସିକ ପତ୍ରିକା Mother Indiaରେ ବାହାରିଲା । ୧୯୭୩ ମସିହାରେ ଏହି ସମ୍ପୂର୍ଣ୍ଣ ଅନୁବାଦଟି 'ପ୍ରଶ୍ନ ଓ ଉତ୍ତର ୧୯୫୬' ନାମରେ ଏକ ପୁସ୍ତକରୂପେ ପ୍ରକାଶ ପାଇଥିଲା । ମାତୃ ରଚନାବଳୀ(ଶତବାର୍ଷିକୀ ଇଂରାଜୀ ସଂସ୍କରଣ)ର ଅଷ୍ଟମ ଖଣ୍ଡରୂପେ ପ୍ରକାଶ ପାଇଥିବା ଏହି ପ୍ରସ୍ତୁତ ପୁସ୍ତକଟି ସେହି ୧୯୭୩ ସଂସ୍କରଣର ଏକ ସଂଶୋଧିତ ଆକାର ।

ଶ୍ରୀଅରବିନ୍ଦଙ୍କର ଗ୍ରନ୍ଥଗୁଡ଼ିକରୁ ଉଦ୍ଧୃତ ହୋଇ ଆସିଥିବା ଅଂଶଗୁଡ଼ିକ ସକାଶେ ଶ୍ରୀଅରବିନ୍ଦ ଜନ୍ମଶତବାର୍ଷିକୀ ଇଂରାଜୀ ସଂସ୍କରଣ ଦ୍ରଷ୍ଟବ୍ୟ ।

'oaob.nitrkl.ac.in' images reprocessed

# ବିଷୟସୂଚୀ

## ୪ ଜାନୁଆରୀ


ଦିବ୍ୟ ପରମସତ୍ତାଙ୍କ ବିଷୟରେ ସମଗ୍ର ଧାରଣା ୧
ଦିବ୍ୟ ପରମସତ୍ତା ସକଳ ବସ୍ତୁକୁ ଆକର୍ଷଣ କରୁଛନ୍ତି ୫
ମନ୍ଦ ବସ୍ତୁ (ଆମ ପ୍ରକୃତିରେ) :
ସେମାନେ ସେଗୁଡ଼ିକର ଉପଯୁକ୍ତ ସ୍ଥାନରେ ନାହାନ୍ତି ··· ୮
ପୂର୍ଣ୍ଣଯୋଗ ୧୧
ଚଳମାନ ଭାବନା-ଶକ୍ତି : କ୍ଷୁଦ୍ର ଭାବନା, ବୃହତ୍ତର ଭାବନା ୧୨
୧୯୫୬ର ନବବର୍ଷ ବାଣୀ : କିଛି ନକହିବାହିଁ ଅଧିକ ଭଲ ··· ୧୪
ରୂପାନ୍ତରର ପରିଣାମ ୧୬
ପ୍ରକୃତିର ମଧ୍ୟଦେଇ ଭଗବତ୍‌ତାର କାର୍ଯ୍ୟ ୧୭
ଚେତନାରେ ପରିବର୍ତ୍ତନ—ସ୍ୱୟଂ ଜଗତହିଁ ବଦଳି ଯାଉଛି ··· ୧୮


## ୧୧ ଜାନୁଆରୀ


ବାସନା ଓ ଆତ୍ମପ୍ରବଞ୍ଚନା ୨୧
ଆମେ ଯାହା ଓ ଆମର ଯାହା ଅଛି ସେହି
ସବୁକିଛିକୁ ଦାନ କରିଦେବା ୨୨
ଆନ୍ତରିକତା : ଇଚ୍ଛାଠାରୁ ଅନନ୍ତଗୁଣରେ ଅଧିକ ଶକ୍ତିଶାଳୀ ··· ୩୦
ଅଗ୍ରସର ହେଉଥିବାର ଆନନ୍ଦ ୩୧
ତାରୁଣ୍ୟର ସଜ୍ଞା ୩୧


## ୧୮ ଜାନୁଆରୀ


ବ୍ୟକ୍ତିର କାର୍ଯ୍ୟ, ତାହାର ଭାବାତ୍ମକ
ଓ ଅଭାବାତ୍ମକ ଦୁଇଟି ଦିଗ ୩୪
ଚିତ୍ତପ୍ରସନ୍ନତା ୩୫
ଦିବ୍ୟ ପରମସତ୍ତାଙ୍କର "ନବୀନତ ମନୁଷ୍ୟ-ଆଧାର" ୩୬
"ଦିବ୍ୟ ପରମସତ୍ତାରୂପୀ କୁସୁମର ପ୍ରସ୍ଫୁଟନ" ୩୭
ଆଲୋକ ଲାଗି ଉଦ୍‌ଭିଦମାନଙ୍କର ଅଭୀପ୍ସା,
ବୃଦ୍ଧି ଲାଗି ଶିଶୁମାନଙ୍କର ଅଭୀପ୍ସା ୩୮
ଉଦ୍‌ଭିଦମାନଙ୍କ ମଧ୍ୟରେ ସନ୍ନିବିଷ୍ଟ ହୋଇ ରହିଥିବା ଚେତନା ··· ୪୦


'oaob.nitrkl.ac.in' images reprocessed

ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ନିର୍ବାଚିତ ହେବା ୪୧
ଯଥାର୍ଥ ସୋପାନକ୍ରମ ... ୪୩
ଦିବ୍ୟ ପରମସତ୍ତାଙ୍କ ସହିତ ପରିପୂର୍ଣ୍ଣ ସମ୍ବନ୍ଧ ୪୬
"ଭାରତବର୍ଷ ସ୍ୱାଧୀନ ହେଲା" :
୧୯୧୫ରୁ ସମ୍ପାଦିତ ହୋଇଥିବା କାର୍ଯ୍ୟ ୪୭
ଭାରତର ବିଭାଜନ ଭଗବଦ୍-ନିର୍ଣ୍ଣୀତ ନୁହେଁ ୪୯

**୨୫ ଜାନୁଆରୀ**

"ଦିବ୍ୟ ଜୀବନସତ୍ୟ" ୫୧
"ପରମ ଦିବ୍ୟସତ୍ତା"; "ଅଧିମାନସ"; "ଅତିମାନସ" ୫୨
ଭୌତିକ ଶରୀର—ପରମ ଦିବ୍ୟସତ୍ତାଙ୍କର ଆବିଷ୍କାର ଲାଗି ୫୪
ମନୋଭୂମିର ପାଞ୍ଚୋଟି ପରିପୂର୍ଣ୍ଣତା ୫୬

**୧ ଫେବୃଆରୀ**

ଜ୍ଞାନର ମାର୍ଗ ୬୭
ଜୀବନରେ ପରମ ଦିବ୍ୟସତ୍ତାଙ୍କୁ ପାଇବା ୬୯
ପରମ ଦିବ୍ୟସତ୍ତାଙ୍କ ସହିତ ସମ୍ପର୍କଲାଭର ସାମର୍ଥ୍ୟ ୭୦
ଦିବ୍ୟ ପରମସତ୍ତାଙ୍କ ସହିତ ଆଂଶିକ ଓ ପରିପୂର୍ଣ୍ଣ ଏକାତ୍ମକତା ... ୭୨
ରୂପାନ୍ତର ଓ ସୋପାନକ୍ରମ ୭୬

**୮ ଫେବୃଆରୀ**

ଏକ ଉଚ୍ଚତର ପରମ ଇଚ୍ଛାକୁ ବ୍ୟକ୍ତ
କରୁଥିବା ପ୍ରକୃତିର ଶକ୍ତିତତ୍ତ୍ୱ ୭୯
ବିଚ୍ଛିନ୍ନ ବ୍ୟକ୍ତିତ୍ୱର ଭ୍ରମ ୮୦
ସକଳ ବସ୍ତୁକୁ ପ୍ରେରିତ କରି ରଖିଥିବା
ଗୋଟିଏ ଗତିଶୀଳ ଶକ୍ତି ୮୬
ଅନୁରେଖ ଭାବନା ଓ ମଣ୍ଡଳୀସ୍ଥ ଭାବନା ୮୭
ଜୀବନର ସାଧାରଣ ଆଦର୍ଶ : ସୂକ୍ଷ୍ମଦର୍ଶନକ୍ଷମ ୮୯

'oaob.nitrkl.ac.in' images reprocessed

## ୧୫ ଫେବୃଆରୀ


ପ୍ରକୃତି ଏବଂ ପ୍ରକୃତିର ଅଧୀଶ୍ୱର ୯୨
ଚେତନାଶୀଳ ବୁଦ୍ଧି ୯୩
ଗୀତାର ସିଦ୍ଧାନ୍ତ : ତାହା ସମଗ୍ର ସତ୍ୟ ନୁହେଁ ୯୫
ଭଗବାନଙ୍କ ପାଖରେ ଆପଣାକୁ ସମର୍ପିତ ରଖିବା ୯୯
ପ୍ରକୃତିର ପରିବର୍ତ୍ତନ ୧୦୦


## ୨୨ ଫେବୃଆରୀ


"ଏକ ଅମର ଆତ୍ମାର ସୁଦୃଢ଼ ଅଚଳତା" ୧୦୧
ଆତ୍ମାର ସମତା ୧୦୪
ଯାହାକିଛି ଘଟୁଛି, ତାହା କେବଳ ତାଙ୍କର ଇଚ୍ଛାରେ ଘଟୁଛି … ୧୦୪
କର୍ମର ଗଣ୍ଠିକୁ ଶିଥିଳ କରିଦେବା … ୧୦୮
ଅତିଶକ୍ତତାଗୁଡ଼ିକୁ ଘୋଡ଼ାଇବା ସକାଶେ
ଅଭିଜ୍ଞତାକୁ କାମରେ ଲଗାଇବା … ୧୧୧
ଆନ୍ତରିକତା : ଏକ ଅତି ବିରଳ ଗୁଣ ୧୧୩


## ୨୯ ଫେବୃଆରୀ


ଉତ୍ସର୍ଗ : ଆତ୍ମ-ଦାନ ୧୧୫
ଜଡ଼ର ହୃଦୟରେ ଭଗବତ୍ ପରମ ଉପସ୍ଥିତ ୧୧୬
ଦିବ୍ୟ ପରମ ଏକତ୍ୱ ୧୧୭
ଦିବ୍ୟ ପରମ ଚେତନା ୧୧୯
ସବୁକିଛି ସେହି ପରମ "ଏକ" ୧୨୧
ଅଚେତନରେ ପ୍ରଚ୍ଛନ୍ନ ହୋଇ ରହିଥିବା ଦିବ୍ୟତା ପରମ
ଦିବ୍ୟତା ଲାଗି ଅଭୀପ୍ସା ରଖିଥାଏ … ୧୨୧


## ୭ ମାର୍ଚ୍ଚ


ପଶୁ-ବଳ ୧୨୨
ପ୍ରତିକୂଳ ଶକ୍ତିଗୁଡ଼ିକର ତୃପ୍ତି-ଅର୍ଥରେ ବଳି ୧୨୩
ଉତ୍ସର୍ଗ : ଚେତନାର ଅନୁପାତରେ ଗ୍ରହଣ ୧୨୫


'oaob.nitrkl.ac.in' images reprocessed

"ସନ୍ଦୀପିତ ସ୍ତରରେ ଉନ୍ମୋଚିତ ହୋଇ ରହିବା" ୧୨୬
ସମ୍ପୂର୍ଣ୍ଣ ରୂପାନ୍ତର ୧୨୭
ବର୍ଜନଜନିତ ଦୁଃଖ; ଅଗ୍ରସର୍ ହେବାର ଆନନ୍ଦ ୧୩୦
ଅଭିପ୍ରାପ୍ସାର ପଶ୍ଚାତ୍‌ରେ ଥିବା ମନୋଭାବ ୧୩୧
ଚିଦ୍‌ଗତତା ଓ ଜଡ଼ : ଅତିସରଳୀକୃତ ପୃଥକ୍‌କରଣ ୧୩୩

୧୪ ମାର୍ଚ୍ଚ

ଗତିଶୀଳ ଧ୍ୟାନ : ରୂପାନ୍ତରର ଧ୍ୟାନ ୧୩୫
ଭଗବାନଙ୍କ ପାଖରେ ଏକ ନିବେଦନ ପତ୍ର
ଯାହାକିଛି କର ୧୩୭
୨୩. ୪. ୫୭ର ତାତ୍ପର୍ଯ୍ୟ ୧୩୮
ବାରଜଣ ସଦିଚ୍ଛାଶୀଳ ବ୍ୟକ୍ତିଙ୍କର ଭଗବଦ୍-ଆବାହନ
ଲାଗି ମିଳିତ ହେବାର ପରମ୍ପରା ... ୧୪୧

୨୧ ମାର୍ଚ୍ଚ

ଦିବ୍ୟ ପରମସତ୍ତାଙ୍କ ସହିତ ଏକାତ୍ମକ ହେବା ୧୪୩
ପରମ ଦିବ୍ୟସତ୍ତା ଆମ ଜୀବନରେ ସବୁଠାରୁ ଅଧିକ
ମହତ୍ତ୍ୱପୂର୍ଣ୍ଣ ବସ୍ତୁ .... ୧୪୪

୨୮ ମାର୍ଚ୍ଚ

"ଆଧ୍ୟାତ୍ମିକ ଅନୁଭୂତିର ଆରମ୍ଭ-ବିନ୍ଦୁ" ୧୪୬
"ସୀମାହୀନ ସାନ୍ତତା" ୧୪୭
ପରମ କାଳାତୀତ ଓ କାଳ ... ୧୪୯
ମନର ବ୍ୟାଖ୍ୟା ଯଥେଷ୍ଟ ନୁହେଁ ୧୫୦
ଆପଣାର ବୋଧଶକ୍ତିକୁ ବଢ଼ାଇବା :
ଜ୍ଞାନକୁ ଅନୁଭୂତିରେ ପରିବର୍ତ୍ତିତ କରିଦେବା ୧୫୩
ସତ୍-ଚିତ୍-ତପସ୍-ଆନନ୍ଦ ୧୫୪

୪ ଏପ୍ରିଲ

ସାକ୍ଷୀ-ଆତ୍ମା ... ୧୫୫

'oaob.nitrkl.ac.in' images reprocessed

ଗୀତାର ଜଣେ ଉଦ୍ରାଷ୍ଟା ୧୫୭
ପ୍ରଶ୍ନର କରିବାର ପ୍ରବୃତ୍ତି : ଟଲ୍‌ଷ୍ଟୟଙ୍କ ପୁଅ ୧୬୦

୧୧ ଏପ୍ରିଲ

"ଆତ୍ମ-ସ୍ରଷ୍ଟା" ୧୬୨
ଦେଶ ଓ କାଳର ଅଭିବ୍ୟକ୍ତ ହେବା ୧୬୩
ବ୍ରହ୍ମମାୟା ଓ ଈଶ୍ୱରଶକ୍ତି ୧୬୪
ବ୍ୟକ୍ତିଭାବାପନ୍ନ ଓ ନୈର୍ବ୍ୟକ୍ତିକ ୧୬୬

୧୮ ଏପ୍ରିଲ

ଈଶ୍ୱର ଓ ଶକ୍ତି : ଉଭୟ ବିଷୟକୁ
ଦେଖି ପାରିବାର ପ୍ରୟୋଜନ ୧୭୦
ପରମ ନୈର୍ବ୍ୟକ୍ତିକ ଏବଂ ଦିବ୍ୟ ପରମ-ପୁରୁଷଙ୍କର ଅନୁଭୂତି ୧୭୧
ଆତ୍ମା : ଦିବ୍ୟ ପରମ ପୁରୁଷଙ୍କର ଉପସ୍ଥିତି ୧୭୨
ଅନ୍ୟାନ୍ୟ ଲୋକକୁ ଗମନ, ଆପଣାକୁ ବାହାରେ
ମୂର୍ତ୍ତି କରିବା, ସ୍ୱପ୍ନ ୧୭୩
"ଆପଣାକୁ କାହାଣୀ କହି ଭୁଲାଇବା"; ପ୍ରାଣିକ
ରୂପର ଜଗତରେ ସୃଜନଶୀଳ ଶକ୍ତି ୧୭୭

୨୫ ଏପ୍ରିଲ

ଭଗବାନ : ମଣିଷର କଳ୍ପନା ଓ ଦିବ୍ୟ ପରମଙ୍କର
ଯଥାର୍ଥ ସ୍ୱରୂପ ... ୧୭୯
ପାର୍ଥିବ ଜୀବନର ଔଚିତ୍ୟ : ଏହି ପୃଥିବୀରେ
ତାଙ୍କୁ ଉପଲବ୍ଧି କରିବା ୧୭୯
ଆନନ୍ଦ : "ଦିବ୍ୟ ସୁଖାନୁଭବ" ୧୮୦
ଭଗବାନ୍ର ପରମ ଉପସ୍ଥିତି ସହିତ ସମ୍ବନ୍ଧସ୍ଥାପନ ୧୮୨
ମୋର ଯାହା ଆବଶ୍ୟକ, ଈଶ୍ୱରଙ୍କ ପାଖରୁ ତାହା ମାଗିବା ୧୮୩
ନିଜର ମାର୍ଗ ନିର୍ଦ୍ଦେଶନା ଲାଗି ଭଗବାନଙ୍କୁ
ବାଟ ଛାଡ଼ିଦେବା ୧୮୬


'oaob.nitrkl.ac.in' images reprocessed

୨ ମେ


ଦ୍ୱିସୂତ୍ର ସମ୍ମିଳନ ୮୭
ଅଧିମାନସର ଅଭିବ୍ୟକ୍ତି ୮୮
ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ଲାଭବାନ୍ ହେବା ୯୧
ଅଧିମାନସ ଶକ୍ତିମତ୍ତାର ପରିଚୟ ଲାଭ ୯୬
ଆରୋହଣ, ଅବତରଣ, ଅଭିବ୍ୟକ୍ତି ୯୯


୯ ମେ


ଯଥାର୍ଥ ଆଧ୍ୟାତ୍ମିକ ଜୀବନର ଆରମ୍ଭ ୧୦୦
ସକଳ ବସ୍ତୁକୁ ମୂଲ୍ୟ ପ୍ରଦାନ କରୁଥିବା ପରମ ଚିତ୍ତଗତତା ୧୦୧
ଅଧିମାନସ ଶକ୍ତିମତ୍ତାର ସାହାଯ୍ୟଲାଭ କରିବା ୧୦୩


୧୬ ମେ


ଶରୀରର ଆବଶ୍ୟକତା : ସେଗୁଡ଼ିକ କେବଳ ସ୍ୱସୀମା ମଧ୍ୟରେ ଯଥେଷ୍ଟ ନୁହନ୍ତି ୧୦୬
ଆଧ୍ୟାତ୍ମିକ ଓ ଅଧିମାନସ ବିଧାନ ୧୦୯
"ସୌନ୍ଦର୍ଯ୍ୟଗ୍ରାହୀ ପ୍ରକୃତିପୂଜାବାଦ" ୧୧୦
ନୈତିକତା : ଯଥାର୍ଥ ଆଧ୍ୟାତ୍ମିକ ଜୀବନର ବାଧକ ୧୧୦
ଅଧିମାନସ ଅବତରଣର ପରିଣାମ ୧୧୨
ଅର୍ଦ୍ଧ-ଆଲୋକ ଏବଂ ମିଥ୍ୟା-ଆଲୋକ ୧୧୪


୨୩ ମେ


ଯୋଗ ଏବଂ ଧର୍ମାଚରଣ ୧୧୬
ଜାହାଜରେ ଯାଉଥିବା ଦୁଇ ପାଦ୍ରୀଙ୍କ କଥା ୧୧୮
ବୁଦ୍ଧଦେବ ଓ ଅଧିମାନସ ଅଭିବ୍ୟକ୍ତି ୧୨୧
ଚିତ୍ରଲିପି ଏବଂ ଧ୍ୱନ୍ୟାତ୍ମକ ବର୍ଣ୍ଣମାଳା ୧୨୩
ପ୍ରାଚୀନ ମିଶରର ଏକ ଦୃଷ୍ଟି-ମୂର୍ତ୍ତି ୧୨୬
ଧ୍ୱନିଗୁଡ଼ିକର ସ୍ମରଣ ୧୨୯


'oaob.nitrkl.ac.in' images reprocessed

## ୩୦ ମେ


ପଶ୍ଚାତରେ ଅବସ୍ଥିତ ଶକ୍ତିଗୁଡ଼ିକର ପ୍ରତୀକରୂପେ ରୂପସମୂହ ୧୩୧
ପରମ ଦ୍ରବ୍ୟସତ୍ତାଙ୍କ ସହିତ କଳାକାରର ସଂସ୍ପର୍ଶର
ଅଭିବ୍ୟକ୍ତିରୂପେ କଳା … ୧୩୨
"ଅତିମାନସ ମନୋଭୂମିଗତ ପରିପୂର୍ଣ୍ଣତା" ୧୩୩
କର୍ମଗୁଡ଼ିକର ବିଭାଜନ ୧୩୪
ଆଶ୍ରମ : ଆଳସ୍ୟପ୍ରସୂତ ନିର୍ବୋଧତା ୧୩୭


## ୭ ଜୁନ୍


ସତ୍ୟୋଦ୍‌ଘାଟନକାରୀ ଗ୍ରନ୍ଥରୁ ସଙ୍କେତ ଓ ଇଙ୍ଗିତ ୧୩୯
ଚିଦ୍‌ଗତତା ଦ୍ୱାରା ଅନୁସଞ୍ଚାରିତ ମନ ୧୪୦
ସାଧନାର ବିଭିନ୍ନ ସୋପାନ ୧୪୧
ଚେତନାର ଉତ୍କ୍ରମଣ … ୧୪୩
କେନ୍ଦ୍ରସ୍ଥ ପରମ ଉପସ୍ଥିତିଟିର ଚତୁର୍ଦ୍ଦିଗରେ ଯାବତୀୟ
କ୍ରିୟାଶୀଳତାର ସଂଗଠନ … ୧୪୭
ମୀରସତ୍ତାବୋଧ : ମନୁଷ୍ୟର ସାଧାରଣତମ ବ୍ୟାଧି ୧୪୮


## ୧୩ ଜୁନ୍


ଅତିମାନସ କ୍ରିୟାର ନାନା ପରିଣାମ ୧୬୧
ଅତିମାନସର ସିଦ୍ଧାନ୍ତ ଅନୁସାରେ ଶିକ୍ଷା ୧୬୩
ଅଜ୍ଞାନ ହୋଇ ରହିବାର ଅଧିକାର ୧୬୬
ମନର ସଂକେନ୍ଦ୍ରଣ ୧୬୯
ବୁଦ୍ଧି : ମଣିଷର ସର୍ବୋଚ୍ଚ ସାମର୍ଥ୍ୟ ଆଦୌ ନୁହେଁ ୧୭୦
ଶାରୀରିକ ଶିକ୍ଷା ଓ ଅଧ୍ୟୟନ ୧୭୧
ନିଜେ ନିଜ ଲାଗି ଗ୍ରହଣ କରିଥିବା ଅନ୍ତର୍ଗତ ଶୃଙ୍ଖଳା ୧୭୩
ଶିକ୍ଷକ ଓ ପ୍ରଶିକ୍ଷକମାନଙ୍କର ଯଥାର୍ଥ ଉପଯୋଗିତା ୧୭୪


## ୨୦ ଜୁନ୍


ହୃଦୟର ନିଗୂଢ଼ ଅଲୋକ, ଓ ସମ୍ବୋଧି ୧୭୭
ଚୈତ୍ୟ ସତ୍ତା; ଚୈତ୍ୟ ସଂସ୍ପର୍ଶ ୧୭୮


'oaob.nitrkl.ac.in' images reprocessed

"ସାଂସାରିକ ଶୀତଳୀକରଣ" : ସମାଜସ୍ଥ ନୈତିକତା ୨୭୮
ମନର ଯଥାର୍ଥ ଭୂମିକା ୨୭୯
ପ୍ରେମ ଦ୍ୱାରା ଭଗବତ୍ ଉପଲବ୍ଧି ୨୮୧
ନୈରାଶ୍ୟ; ଦୁଃଖ; ଆନନ୍ଦ ୨୮୨
ହୃଦ୍‌ପଦ୍ମ : ଏହାର ବିସ୍ତାରେ ସମ୍ମିଶ୍ରଣ ୨୮୪
ଆତ୍ମାର ନିର୍ଦ୍ଦେଶ ମାନିବା, ମନର ନୁହେଁ ୨୮୬
ଶରୀରର ଶକ୍ତି : ଉଦ୍‌ବେଗର ଉଦ୍ୟମ; ବିଶ୍ରାମ ୨୮୯
ମାଆଙ୍କୁ ସ୍ମରଣ କରିବା ୨୯୧
ସାମୂହିକ ଶୃଙ୍ଖଳା; କୁଳାଗତ ସଂସ୍କାରର ନିୟମ ୨୯୨

୨୬ ଜୁନ୍

ଜନ୍ମ : ଦେହ ମଧ୍ୟରେ ଆତ୍ମାର ପ୍ରବେଶ ୨୯୪
ଅତିମାନସ ଜଗତର ଗଠନ ବିଷୟରେ ଶ୍ରୀଅରବିନ୍ଦ ୩୦୧
ଅଗ୍ରଗତି ଲାଗି ଅଭୀପ୍ସା ୩୦୩
ଖରାପ ଭାବନା ୩୦୬
ମସ୍ତିଷ୍କର ଫିଲ୍‌ଟର୍ ୩୦୭
ଅଗ୍ରଗତି ଓ ପ୍ରତିରୋଧ ୩୦୮

୪ ଜୁଲାଇ

ତାରା ଖସୁଥିବାର ଦେଖିବାବେଳେ ଅଭୀପ୍ସା ୩୧୧
ଶରୀରକୁ ପ୍ରସ୍ତୁତ କରିବା; ତାହାକୁ ବୋଧକ୍ଷମ କରିବା ୩୧୩
ଯନ୍ତ୍ରଣା ଓ ଦୁଃଖରୁ ନିଷ୍କୃତି ଲାଭ କରିବା ୩୧୪
ଚୈତ୍ୟର ରୂପାୟନ : "ତଦନୁରୂପ ଆଲୋକ" ୩୧୬

୧୧ ଜୁଲାଇ

ସୌନ୍ଦର୍ଯ୍ୟ : "ପରମ ଶାଶ୍ୱତଙ୍କର ବ୍ୟାଖ୍ୟା
କରିବାରେ ଯାଜକତା" ୩୧୮
ଗୂଢ଼ ଅନ୍ୟାନ୍ୟ ଜଗତ; ଗୂଢ଼ ରାଜ୍ୟର ସତ୍ତା ୩୧୯
ବାଧାବିଘ୍ନ ଏବଂ ଅତିମାନସ ଶକ୍ତି ... ୩୨୩

'oaob.nitrkl.ac.in' images reprocessed

## ୫ ଜୁଲାଇ

"ଅନନୁଭୂତ ସ୍ୱପ୍ନ" ୩୨୫
ଶ୍ରଦ୍ଧା-ଚେତନା ୩୨୭
ବିଚ୍ଛିନ୍ନ ହୋଇଯିବା ଓ ଏକାତ୍ମକ ହେବା ୩୩୧
ଏକାତ୍ମକତାର ଆନନ୍ଦ ଓ ସମ୍ମିଳିତ ହେବାର ଆନନ୍ଦ ୩୩୨
ଆନ୍ତରିକତା, ଧ୍ୟାନ ଓ ପ୍ରାର୍ଥନା ୩୩୫
ଭଗବାନ୍ ପରମସତ୍ତାଙ୍କର ଶବ୍ଦ ୩୩୮
ବିଶ୍ୱଜଗତ ଏକମାତ୍ର ଭାବରେ ଅଗ୍ରଗତିଶୀଳ ୩୪୩

## ୨୫ ଜୁଲାଇ

"ଦିବ୍ୟ ପ୍ରେମର ପରିପୂର୍ଣ୍ଣ କାର୍ଯ୍ୟ" ୩୪୬
କିପରି ଶୁଣିବା ଉଚିତ ୩୪୮
ଆଶ୍ରମର କ୍ରୀଡ଼ା କାର୍ଯ୍ୟକ୍ରମ :
ପୁଅଙ୍କ ପାଇଁ ଯାହା, ଝିଅଙ୍କ ପାଇଁ ବି ତାହା ୩୫୦
ଆଶ୍ରମ ଅବସ୍ଥାନରୁ ଉପକୃତ ହେବାକୁ ହେଲେ
ନୂତନ ଦୃଷ୍ଟି ଲୋଡ଼ା, ନୂତନ ବୋଧଶକ୍ତି ଲୋଡ଼ା ୩୫୫
"ସ୍ତ୍ରୀଲୋକମାନଙ୍କୁ—ସେମାନଙ୍କ ଶରୀର ବିଷୟରେ" ୩୫୮

## ୧ ଅଗଷ୍ଟ

ଉପାସନାର ମୂଲ୍ୟ ୩୬୦
ଆଧ୍ୟାତ୍ମିକ ଉପଲବ୍ଧି ଓ ପୂର୍ଣ୍ଣଯୋଗ ୩୬୧
ପ୍ରତୀକ : ଅନ୍ତର୍ଗତ ଅନୁଭୂତିଗୁଡ଼ିକର ଭୌତିକ ରୂପଧାରଣ ··· ୩୬୫
ନିଷ୍ଠା : ସର୍ବମୂଳ ଗୁଣ ୩୬୮
ଅଭୀପ୍ସାର ପ୍ରଗାଢ଼ତା : ବ୍ୟଥା ସହିତ ଏବଂ ଆନନ୍ଦ ସହିତ ··· ୩୬୯
ଭଗବାନ୍ ପରମ କରୁଣା ୩୭୧

## ୮ ଅଗଷ୍ଟ

ଚୈତ୍ୟ ଅଗ୍ନିର ପ୍ରଜ୍ୱଳନ କିପରି ହେବ; ଅଗ୍ରଗତି ଲାଗି ଇଚ୍ଛା ··· ୩୭୨
ଦୂରରୁ ଆଉ ସାହାଯ୍ୟ କରିବା; ମାନସିକ ପରିଚନ ୩୭୬

'oaob.nitrkl.ac.in' images reprocessed

ପ୍ରାର୍ଥନା ଓ ଭଗବାନ୍‌ଙ୍କ ପରମକରୁଣା ୩୭୭
ପରମକରୁଣା ସର୍ବଦା କ୍ରିୟାଶୀଳ ହୋଇ ରହିଛି ୩୮୧

୧୫ ଅଗଷ୍ଟ

ସୁରକ୍ଷା, ଶୁଦ୍ଧତା, ଭୟ ୩୮୬
ଦର୍ଶନ ଦିନମାନଙ୍କରେ ଆଶ୍ରମର ବାୟୁମଣ୍ଡଳ ୩୮୭
ଦର୍ଶନଦିନର ସନ୍ଦେଶର ତାତ୍ପର୍ଯ୍ୟ; ବ୍ୟକ୍ତିଗତ ଓ
ସାମୂହିକ ଗଠନସ୍ପନ୍ଦନ ୩୯୧
ପନ୍ଦର ଅଗଷ୍ଟର ତାତ୍ପର୍ଯ୍ୟ ୩୯୨
ସମର୍ପଣର ଅବସ୍ଥା ୩୯୫
ଭଗବାନ୍‌ଙ୍କ ପରମକରୁଣା : ତାହା ସବୁବେଳେହିଁ ସର୍ବଶକ୍ତିମାନ୍ ... ୩୯୬
କୁମାରୀ ମେରୀଙ୍କର ସ୍ୱର୍ଗରେ ପ୍ରବେଶଲାଭ ... ୩୯୯

ପରିଶିଷ୍ଟ

୧୯୪୭, ୧୫ ଅଗଷ୍ଟ ଦିନ ଶ୍ରୀଅରବିନ୍ଦଙ୍କ ସନ୍ଦେଶ ୪୦୦

୨୨ ଅଗଷ୍ଟ

"ବନ୍ଧନମୁକ୍ତ ମନର ସ୍ୱର୍ଗ" ୪୦୫
ସମାଧି ୪୦୫
କ୍ରମାନ୍ୱୟରେ ନାନା ଦେହ ତ୍ୟାଗ କରିଯିବାର
ଗୁପ୍ତବିଦ୍ୟାଗତ ଶୃଙ୍ଖଳା ୪୦୯
ଆପଣା ଅନୁଭୂତିଠାରୁ ଅଧିକ ବଡ଼ ହେବା :
ପରମକରୁଣା ପାଖରେ ସମଗ୍ର ଆତ୍ମଦାନ ୪୧୦
ସତ୍ତାର ଯଥାର୍ଥ ସତ୍ୟ :
ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ଅନନ୍ୟ ସମ୍ବନ୍ଧ ୪୧୨

୨୯ ଅଗଷ୍ଟ

ସ୍ୱତଃସ୍ଫୂର୍ତ୍ତି ଭାବରେ ବଞ୍ଚିବା ୪୧୪
ମାନସିକ ଗଠନ ୪୧୬


'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣ ଆନ୍ତରିକତା ୪୧୮
ସ୍ୱରସାମ୍ୟ ଅପରିହାର୍ଯ୍ୟ : ମଧ୍ୟମ ମାର୍ଗ ୪୨୦
ଯେତେବେଳେ ପ୍ରତିବନ୍ଧକ ଆସୁଥିବ :
ସେତେବେଳେ ଚେତନାକୁ ପ୍ରଶସ୍ତ କରିଦେବ ୪୨୧
ଆପଣାକୁ ଭୁଲିଯିବାର ସହଜତମ ଉପାୟ ୪୨୩

## ୫ ସେପ୍ଟେମ୍ବର

ଭୌତିକ ଜୀବନ : ଯଥାର୍ଥ ସ୍ୱରୂପରେ ଦେଖିବା ୪୨୮
ପୃଥିବୀ ଉପରେ ଅତିମାନସର ପ୍ରଭାବ ୪୩୦
ବାହ୍ୟ ଚେତନା ଭିତରେ ଅତିମାନସର ଆବିର୍ଭାବ ୪୩୦
ସେହି ଭୁଲ ପଥଗୁଡ଼ିକରେ ପୁନଃପତନ ୪୩୨

## ୧୨ ସେପ୍ଟେମ୍ବର

ପ୍ରଶ୍ନାବଳୀ, ଅଭ୍ୟାସ ଓ ଅଗ୍ରଗତି ୪୩୫

## ୧୯ ସେପ୍ଟେମ୍ବର

ଶକ୍ତି : ପ୍ରାଣିକ ସତ୍ତାର ମୁଖ୍ୟତମ ଗୁଣ ୪୩୮
ଦିବ୍ୟ ପରମସତ୍ତା; ଚୈତ୍ୟ ସତ୍ତା ଓ ଅତିମାନସ ୪୪୦
ଭୌତିକ ଚେତନା ମଧ୍ୟରୁ ବାହାରି ଆସିବାର ଉପାୟ ୪୪୦
"ଜୀବନର ସମ୍ମୁଖୀନ ହେବା" ୪୪୨
ସାଧାରଣ ପ୍ରେମର ମଧ୍ୟଦେଇ ପଶ୍ଚାତରେ ଥିବା ଦିବ୍ୟ
ପ୍ରେମର ଉତ୍ପତ୍ତିକୁ ଯାଇପାରିବା ୪୪୨

## ୨୭ ସେପ୍ଟେମ୍ବର

"କାମନା-ଆତ୍ମା" ୪୪୬
ଉନ୍ମୁକ୍ତତା, ପ୍ରକୃତି ସହିତ ସୌଷମ୍ୟଯୁକ୍ତ
ହେବା, ଦିବ୍ୟ ପରମ ସାନ୍ନିଧ୍ୟ ସହିତ ଯୁକ୍ତ ହେବା ୪୪୮
ବ୍ୟକ୍ତିତ୍ୱାପନ୍ନତା, ବାଧାବିଘ୍ନ ଓ କାମନା-ଆତ୍ମା ୪୪୯

'oaob.nitrkl.ac.in' images reprocessed

ମା'ଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କର ଉପଯୋଗିତା;
ଅନ୍ତର୍ଗତ ଗ୍ରହଣଶୀଳତା ୪୫୧
ମା'ଙ୍କ ଉପସ୍ଥିତିରେ ଆସୁଥିବା ମନ୍ଦ ଭାବନା ୪୫୩

## ୩ ଅକ୍ଟୋବର

ମାଆ ବିଭିନ୍ନ ସ୍ତରରେ କହନ୍ତି ' ୪୫୬
ନୂତନ ଅଭିବ୍ୟକ୍ତି ଏକ ଗାଣିତିକ ସ୍ତରରେ ଅବଲୋକନ
କରିବା : ନୂତନ ଉପାଦାନର ପ୍ରବେଶ, ନୂତନ ନାନା
ସମ୍ଭାବନାର ଉନ୍ମୋଚନ ... ୪୬୦
ଅଧିକତର ସଂଖ୍ୟାରେ ବିଶେଷ ପ୍ରତିଭାଯୁକ୍ତ ଶିଶୁ ୪୬୨
ପ୍ରକୃତିର ବିଧାନ ଏବଂ ଅତିମାନସ ୪୬୩
ଅଦୃଷ୍ଟର ନ୍ୟାସ ... ୪୬୫
ବିଶେଷ ପ୍ରତିଭାଯୁକ୍ତ ଶିଶୁ : ଗୋଟିଏ ଆଠବର୍ଷ
ପିଲାର ଦୃଷ୍ଟାନ୍ତ ୪୬୬
ସୃଜନଶୀଳୀ ଲେଖକମାନଙ୍କର ସ୍ୱାଧୀନ ମାନସିକ ଜୀବନରୂପ,
ସଂଗୀତକାରମାନଙ୍କର ବ୍ୟକ୍ତି-ରୂପାୟିତ ହାତ ... ୪୬୭
ବିଶେଷ ପ୍ରତିଭାସମ୍ପନ୍ନ ଶିଶୁ, ବିଶେଷ ପ୍ରତିଭାସମ୍ପନ୍ନ ବ୍ୟକ୍ତି ... ୪୭୦

## ୧୦ ଅକ୍ଟୋବର

ଅତିମାନସ ମାନବଜାତିର ଆବିର୍ଭାବ—ଆଉ
ଅଳ୍ପ କେତେ ଶତାବ୍ଦୀ ମଧ୍ୟରେ ... ୪୭୨
ନୂତନ ଉପଲବ୍ଧି ଟି ଲାଗି ସନ୍ଧି ୪୭୪
ପ୍ରତ୍ୟେକ ବ୍ୟକ୍ତି ତା' ନିଜ ବାଟରେ ଯିବ ୪୭୫
ଅଧିକରୁ ଅଧିକ ଦିବ୍ୟ ଅଭିବ୍ୟକ୍ତି ଲାଗି ଅଗ୍ରଗତି ୪୭୭

## ୧୭ ଅକ୍ଟୋବର

ଆନନ୍ଦ : ସର୍ବୋଚ୍ଚ ଅବସ୍ଥା ୪୭୮
ଆନନ୍ଦ ଓ ଆସକ୍ତିରହିତତା ୪୮୦
ସ୍ଥିର ହୋଇଯିବା ୪୮୧
ସ୍ଥିରତା, ମାନସିକ ଏବଂ ପ୍ରାଣିକ ... ୪୮୨

'oaob.nitrkl.ac.in' images reprocessed

ସ୍ଥିରତା ଏବଂ ବଳ ... ୪୮୩
ଅନୁଭୂତି ଓ ଅନୁଭୂତିର ଅଭିବ୍ୟକ୍ତି ୪୮୫

## ୨୪ ଅକ୍‌ଟୋବର

ମୃତ୍ୟୁ ପରେ ଜୀବନ; ଏକ ନୂତନ ଶରୀର-ଗ୍ରହଣ :
ଉପନିଷଦ୍‌ରେ ଏହି ପ୍ରକ୍ରିୟାଟି ଯେପରି ବର୍ଣ୍ଣିତ ହୋଇଛି ... ୪୮୭
ମାଆ ଅବଲୋକନ କରିଥିବା କେତୋଟି
ପୁନର୍ଦେହଧାରଣର ଦୃଷ୍ଟାନ୍ତ ୪୮୯
ଆତ୍ମାର ଦେହତ୍ୟାଗ ୪୯୧

## ୩୧ ଅକ୍‌ଟୋବର

ଦିବ୍ୟ ପ୍ରେମର ଅଭିବ୍ୟକ୍ତି ୪୯୪
ମନୁଷ୍ୟଚେତନା ଦ୍ୱାରା ପରମ ପ୍ରେମ ବିକୃତ ହୋଇଯାଉଛି ୪୯୬
ଅନୁଭୂତି ଓ ପର୍ଯ୍ୟବେକ୍ଷଣ ଏବଂ ଅନୁଭୂତିର ଅଭିବ୍ୟକ୍ତି ୪୯୭

## ୭ ନଭେମ୍ବର

ବିଶ୍ୱଗତ ମନର ଶକ୍ତି ଦ୍ୱାରା ଭାବନାର ସୃଜନ ... ୫୦୩
"ଆମ" ନିଜର ଭାବନା ୫୦୪
ଈଶ୍ୱର : ମନର ଉଚ୍ଚତର ସ୍ତରରୁ ଏହାର ଉତ୍ପତ୍ତି ୫୦୫

## ୧୪ ନଭେମ୍ବର

ଅନ୍ୟମାନଙ୍କ ଆଖିରେ ଭଲ ବୋଲି ଦିଶିବାକୁ
ବାସନା ଉପରେ ବିଜୟ ଲାଭ ୫୦୮
ଆତ୍ମ-ନିୟନ୍ତ୍ରଣ ଏବଂ ଚତୁର୍ଦ୍ଦିଗସ୍ଥ ଜୀବନର ନିୟନ୍ତ୍ରଣ ୫୧୧
ସ୍ୱାମିତ୍ୱଲାଭର ଶକ୍ତି ୫୧୪
ଶିକ୍ଷଣରେ ଆତ୍ମ-ନିୟନ୍ତ୍ରଣର ମହତ୍ତ୍ୱ : ମହାନ୍ ଶିକ୍ଷକ
ହେବା ଲାଗି ମହାନ୍ ଯୋଗୀ ହେବା ଆବଶ୍ୟକ ୫୧୬
ଆଶ୍ରମ-ବିଦ୍ୟାଳୟର ସଂଗଠନ ୫୧୯
ନିୟମିତ ହେବାର ସର୍ବପ୍ରାଥମିକ ଶୃଙ୍ଖଳା ୫୨୧


'oaob.nitrkl.ac.in' images reprocessed

## ୨୧ ନଭେମ୍ବର


"ନାନା ଜାଣିବା" ଓ ଯଥାର୍ଥ ଜ୍ଞାନ ... ୫୨୩
ବୁଦ୍ଧି : ମନୁଷ୍ୟର ମାନସିକ କ୍ରିୟାଶୀଳତାର ସର୍ବୋଚ୍ଚ ଶିଖର ... ୫୨୩
"ନାନା ଇଚ୍ଛା" ଓ ଯଥାର୍ଥ ଇଚ୍ଛାଶକ୍ତି ... ୫୨୪
ବ୍ୟକ୍ତିଗତ ପ୍ରୟାସ ... ୫୨୬
ଜ୍ଞାନ ଲାଗି ସର୍ବପ୍ରଥମ ପଦକ୍ଷେପ : "ନାନା ଜାଣିବା"ର
ଅପ୍ରତିବନ୍ଧ ମୂଲ୍ୟ ବିଷୟରେ ରହିଥିବା ଭ୍ରମରୁ ନିଷ୍କୃତିଲାଭ ... ୫୨୬
ତର୍କଶାସ୍ତ୍ର-ବିଜ୍ଞାନଗତ ଜ୍ଞାନର ଆପେକ୍ଷିକତା ... ୫୩୧
ମନକୁ ନମନୀୟ କରିବା ଲାଗି ମାନସିକ ଜିମ୍ନାଷ୍ଟିକ୍ ... ୫୩୨
ଆଧ୍ୟାତ୍ମିକ ଜୀବନ : ପାରମ୍ପରିକ ଓ ଆଶ୍ରମରେ ଯେପରି ... ୫୩୪


## ୨୮ ନଭେମ୍ବର


ବାସନା, ଅହଂ, ପ୍ରାଣୀପ୍ରକୃତି : ଅପରିହାର୍ଯ୍ୟ—
ମାତ୍ର ପ୍ରତିବନ୍ଧକ ... ୫୩୬
ଚେତନା—ଏକ କ୍ରମବୃଦ୍ଧିଶୀଳ ସ୍ଥିତି ... ୫୩୮
ଆନନ୍ଦ : ଯାବତୀୟ ଉପଭୋଗର ସେପାଖରେ
ଥିବା ବାସନାମୁକ୍ତ ଅବସ୍ଥା ... ୫୩୯
ବ୍ୟକ୍ତିର ପ୍ରଚେଷ୍ଟା, ଯାଦୃଚ୍ଛିକ ମନୋଗତ ଏବଂ ସ୍ୱତଃପ୍ରେରିତ ... ୫୪୦
ବୁଦ୍ଧି : ମାନସିକ କ୍ରିୟାଶୀଳତାକୁ ଅତିକ୍ରମ କଲେ ଯାଇ
ତାହାକୁ ଉପେକ୍ଷା କରାଯାଇ ପାରେ ... ୫୪୪
ବୁଦ୍ଧି ଓ "ନାନା ବୁଦ୍ଧି" ... ୫୪୬


## ୫ ଡିସେମ୍ବର


"ସମତାଯୁକ୍ତ ଏବଂ ନିରୁପାଧିକ ଉଲ୍ଲାସମୟତା" ... ୫୪୯
"ପ୍ରାଣୀକୁ ପରମ ଗୋପାଳରୂପେ ରୂପାନ୍ତରିତ କରିଦେବା" ... ୫୫୦
ବ୍ୟକ୍ତିତ୍ୱକୁ ବିଶ୍ୱବ୍ୟକ୍ତିତ୍ୱରେ ରୂପାନ୍ତରିତ କରିବା ... ୫୫୨
ବିଶ୍ୱବ୍ୟକ୍ତିତ୍ୱର ସ୍ୱତନ୍ତ୍ର ଲକ୍ଷଣମାନ ... ୫୫୩
ବିଶ୍ୱସ୍ଥିତିପ୍ରାପ୍ତ ଚେତନାକୁ ଅଭିବ୍ୟକ୍ତ କରୁଥିବା
ବାଣୀ ଏବଂ କର୍ମ ... ୫୫୪


'oaob.nitrkl.ac.in' images reprocessed

ସତ୍ତାକୁ ଏକତ୍ୱବଦ୍ଧ କରି ରଖିଥିବା ବ୍ୟକ୍ତିର ଆହାର ଓ ନିଦ୍ରା ··· ୫୫୫
"ଶୃଙ୍ଖଳାବଦ୍ଧ ସମ୍ବୋଧି" ୫୫୭

୧୨ ଡିସେମ୍ବର

ବିରୋଧାଭାସର ଉପକାର ୫୫୯
କିଛି ଅସମ୍ଭବ ନୁହେଁ ୫୫୯
ତମୋନ୍ମୋଚିତ ବିଶ୍ୱଜଗତ ଓ ପରମ ଶାଶ୍ୱତ ସତ୍ତା ୫୬୦
ମନୋଯୋଗ, ସଂକେନ୍ଦ୍ରଣ ଏବଂ ଉଦ୍ୟମ ଜରିଆରେ ବୃଦ୍ଧିବା ··· ୫୬୨
ବୁଦ୍ଧିର ସାମର୍ଥ୍ୟ ପ୍ରାୟ ସୀମାହୀନ ୫୬୪
ସବୁକିଛି ଏକାଭଳି ନୁହନ୍ତି କାହିଁକି ୫୬୫
ଯେଉଁସବୁ ବାହ୍ୟ ପ୍ରଭାବରୁ "ନାନା ଇଚ୍ଛା" ଜନ୍ମଲାଭ କରନ୍ତି ··· ୫୬୭
ବ୍ୟକ୍ତି ଉପରେ ଯେଉଁସବୁ ସଙ୍କେତ ଏବଂ
ଗଠନ କାର୍ଯ୍ୟ କରୁଆନ୍ତି ୫୬୯
ପ୍ରାଣିକ ଜଗତର ଶକ୍ତି ଓ ସତ୍ତା; ପ୍ରତିକୂଳ ଇଙ୍ଗିତ ୫୭୨

୧୯ ଡିସେମ୍ବର

ପୂର୍ବକଳ୍ପିତ ମାନସିକ ଧାରଣା : ଅପରିବର୍ତ୍ତନୀୟ
ମାନସିକ ଧାରଣା ୫୭୭
ସୃଜନର ପ୍ରକ୍ରିୟା ୫୭୭
ଖରାପ ଭାବନାଗୁଡ଼ିକର ଅନିଷ୍ଟକାରୀ ଶକ୍ତି ୫୭୮
ସମ୍ପୂର୍ଣ୍ଣ ଭାବରେ ନିଷ୍ଠାପର ହେବା ୫୭୯

୨୬ ଡିସେମ୍ବର

"ପରାଭୂତ ବିଜୟ" ୫୮୪
ଚେତନାର ପରିବର୍ତ୍ତନ ୫୮୭
ଯେଉଁ ସ୍ୱତଃସ୍ଫୂର୍ତ୍ତ ଅନୁଭୂତିମାନ ଅନୁସରଣୀୟ
ପଥଟିର ସଙ୍କେତ ଦିଅନ୍ତି ୫୮୯
ନିର୍ବାଚନ ଓ ଅଗ୍ରରୁଚି ୫୯୧
ରୂପାନ୍ତରର ବିଚିତ୍ରତା ୫୯୪

'oaob.nitrkl.ac.in' images reprocessed

# ପ୍ରଶ୍ନ ଓ ଉତ୍ତର

୧୯୫୭

'oaob.nitrkl.ac.in' images reprocessed

## ୪ ଜାନୁଆରୀ ୧୯୫୭

"ପୂର୍ଣ୍ଣ ଯୋଗର ମାର୍ଗରେ ଯଦି ଆମେ ଆଦୌ କୌଣସି ପ୍ରୟାସ କରିବା ଲାଗି ଇଚ୍ଛା କରୁଥାଉ, ତେବେ ଆମକୁ ପରମେଶ୍ୱରଙ୍କର ଏପରି ଏକ କଳ୍ପନା ନେଇ ସେହି ପ୍ରୟାସଟିକୁ ଆରମ୍ଭ କରିବାକୁ ହେବ, ଯାହାକି ସ୍ୱୟଂ ଏକ ପୂର୍ଣ୍ଣ କଳ୍ପନା ହୋଇଥିବ । ହୃଦୟ ମଧ୍ୟରେ ଏପରି ଏକ ଅଭୀପ୍‌ସା ରହିଥିବ, ଯାହାକି କୌଣସି ପ୍ରକାର ସଂକୀର୍ଣ୍ଣ ସୀମା ନରଖି ଏକ ପୂର୍ଣ୍ଣୋପଲବ୍ଧି ଲାଗି ଯଥେଷ୍ଟ ପରିମାଣରେ ପ୍ରଶସ୍ତ ହୋଇଥିବ । ଏହି କ୍ଷେତ୍ରରେ ଆମର ଯାବତୀୟ ପ୍ରକାରର ସମ୍ପ୍ରଦାୟଗତ ଧର୍ମଦୃଷ୍ଟିକୁ ଏଡ଼ାଇ ଚାଲିଯାଇ ପାରିବା ଉଚିତ, ମାତ୍ର ତା' ସଙ୍ଗେ ସଙ୍ଗେ, ଯେଉଁସବୁ ଦାର୍ଶନିକ ଏକଦେଶୀୟ କଳ୍ପନା ସେହି ପରମ ଅନନ୍ତମୟଙ୍କୁ ଏକ ସୀମାବଦ୍ଧକାରୀ ମାନସିକ ସୂତ୍ର ଭିତରେ ଆଣି ଜାକିଦେବାକୁ ଚେଷ୍ଟା କରୁଥିବେ, ସେଗୁଡ଼ିକୁ ମଧ୍ୟ ଏଡ଼ିଦେଇ ଆଗକୁ ଯାଇପାରିବା ଉଚିତ ।"

—ଶ୍ରୀଅରବିନ୍ଦ, ଯୋଗସମନ୍ୱୟ, ପୃଷ୍ଠା-୭୬

ମାଆ, ପରମେଶ୍ୱରଙ୍କର ପୂର୍ଣ୍ଣ କଳ୍ପନା ଦ୍ୱାରା ଏଠାରେ ଶ୍ରୀଅରବିନ୍ଦ ପ୍ରକୃତରେ କ'ଣ ବୁଝୁଛନ୍ତି ?

ପ୍ରତ୍ୟେକ ବ୍ୟକ୍ତି ତା' ବ୍ୟକ୍ତିଗତ ରୁଚି, ଯଥାର୍ଥରେ ବୁଝିପାରିବା ଲାଗି ତା' ଭିତରେ ଯେତିକି ସମ୍ଭାବନା ରହିଥାଏ, ତା'ର ମନରେ ଗୋଟାକ ଅପେକ୍ଷା ଆଉ ଗୋଟାକ ଲାଗି ଯେଉଁ ଅଗ୍ରରୁଚି ରହିଥାଏ, ଏବଂ ଏପରିକି ତା'ର ନାନା ବାସନା ଅନୁସାରେହିଁ ଆପଣା ଲାଗି ପରମେଶ୍ୱରଙ୍କ ବିଷୟରେ ଗୋଟିଏ କଳ୍ପନାକୁ ତିଆରି କରି ରଖିଥାଏ । ସେମାନେ ପରମେଶ୍ୱର ଯେପରି ହୁଅନ୍ତୁ ବୋଲି ଇଚ୍ଛା କରୁଥାନ୍ତି, ତାଙ୍କୁ ସେମାନେ ଯେଉଁ ରୂପରେ ଭେଟିବାକୁ ଚାହୁଥାନ୍ତି, ଲୋକମାନେ ଠିକ୍ ସେହି ଅନୁସାରେହିଁ ପରମେଶ୍ୱରଙ୍କ ବିଷୟରେ ଏକ କଳ୍ପନା କରି ବସନ୍ତି, ଓ ଏହିପରି ଅତ୍ୟନ୍ତ ସ୍ୱାଭାବିକ ଭାବରେ ଆପଣାର ଉପଲବ୍ଧିଟିକୁ ବହୁଳ ପରିମାଣରେ ସୀମିତ କରି ପକାନ୍ତି ।

'oaob.nitrkl.ac.in' images reprocessed

ମାତ୍ର, ଆମେ ଯାହାକିଛି କଳ୍ପନା କରିପାରିବା, ପରମ ତତ୍ତ୍ୱସତ୍ତା ସେହି ସବୁଗୁଡ଼ିକ ଯେ ହୋଇପାରିବେ ଓ ତା'ଠାରୁ ଅନନ୍ତ ଗୁଣରେ ଅଧିକ ଯେ ହୋଇ ପାରିବେ, ଯେତେବେଳେ ଆମେ ଏହି କଥାଟିକୁ ବୁଝିବାକୁ ଆରମ୍ଭ କରୁ, ସେତେବେଳେ ଆମେ ତାଙ୍କର ଏକ ସମଗ୍ର ପୂର୍ଣ୍ଣ କଳ୍ପନା ଲାଗି ଅଗ୍ରସର ହେବାକୁ ଆରମ୍ଭ କରିଥାଉ । ମନୁଷ୍ୟର କଳ୍ପନା ଲାଗି ସମଗ୍ରଭାବେ କଳ୍ପନା କରିପାରିବା ଏକ ଅତ୍ୟନ୍ତ କଷ୍ଟକର ବ୍ୟାପାର, କାରଣ, ଆପଣାକୁ କେବଳ ନାନା ସୀମା ଦ୍ୱାରା ଆବଦ୍ଧ କରି ରଖିବା ଦ୍ୱାରାହିଁ ମନୁଷ୍ୟଚେତନା ସଚେତନ ହେବାକୁ ଆରମ୍ଭ କରିଥାଏ । ମାତ୍ର ତଥାପି, ଯେଉଁମାନେ ଆପଣାର ମନୋଗତ ଯାବତୀୟ କ୍ରିୟାଶୀଳତାକୁ ନେଇ କ୍ରୀଡ଼ା କରି ଜାଣିଛନ୍ତି, ସେମାନେ କିଞ୍ଚିତ୍ ପ୍ରୟାସ କରିପାରିଲେ ଆପଣାକୁ ଯଥେଷ୍ଟ ଭାବରେ ପ୍ରଶସ୍ତ କରିଦେଇ ପାରିବେ ଓ ତଦ୍ଦ୍ୱାରା ସମଗ୍ର ବୋଲି କୌଣସି ଏକ ବସ୍ତୁର ନିମନ୍ତେ ନିକଟବର୍ତ୍ତୀ ହୋଇପାରିବେ ।

ଆପଣାର ନିଜ ସ୍ୱଭାବ ଓ ନିଜ କଳ୍ପନାଟି ସହିତ ଖାପ ଖାଇଲା ପରି ପରମେଶ୍ୱରଙ୍କ ବିଷୟରେ ତୁମେ କୌଣସି ଏକ କଳ୍ପନା କରିଥାଅ, ନୁହେଁ କି ? ତେଣୁ, ତୁମେ ଯଦି ଆପଣାର ଏହି ଆସ୍ପୃହଟି ମଧ୍ୟରୁ କିଞ୍ଚିତ୍ ପରିମାଣରେ ବାହାରି ଆସି ଏକ ଯଥାର୍ଥ ପୂର୍ଣ୍ଣଯୋଗର ଧାରଣା ଏବଂ ସାଧନା କରିବା ଲାଗି ଇଚ୍ଛା କରୁଥାଅ, ତେବେ ତୁମକୁ ଏହି କଥାଟି ଭଲ କରି ବୁଝି ରଖିବାକୁ ହେବ ଯେ ତୁମେ ପରମେଶ୍ୱର ବା ପରମ ତତ୍ତ୍ୱସତ୍ତା ଯେପରି ହୋଇଥିବେ ବୋଲି ଭାବୁଛ କିଂବା ଅନୁଭବ କରୁଛ, ସିଏ ପ୍ରକୃତରେ କେବଳ ସେହିପରିହିଁ ନୁହନ୍ତି; ମାତ୍ର, ଅନ୍ୟମାନେ ସିଏ ଯେପରି ହୋଇଥିବେ ବୋଲି ଭାବୁଛନ୍ତି ଓ ଅନୁଭବ କରୁଛନ୍ତି, ସେଗୁଡ଼ିକ ମଧ୍ୟ ତାଙ୍କର ଗୋଟିଏ ଗୋଟିଏ ରୂପ,— ଏବଂ ତାହା ବ୍ୟତୀତ ସିଏ ଏପରି ବି ଆଉକିଛି, ଯାହାକୁ କି କେହି କଦାପି ଭାବି ପାରିବ ନାହିଁ ବା ଅନୁଭବ ମଧ୍ୟ କରିପାରିବ ନାହିଁ ।

ତେଣୁ, ଯଦି ତୁମେ ଏତିକି କଥା ବୁଝି ପାରୁଥିବ, ତେବେ କୁହାଯାଇ ପାରିବ ଯେ ସମଗ୍ର-କଳ୍ପନାର ମାର୍ଗରେ ତୁମେ ନିଶ୍ଚୟ ପ୍ରଥମ ପଦକ୍ଷେପଟିକୁ ଗ୍ରହଣ କରି ସାରିଛ ।

ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେ ଏବଂ ଏ ବିଷୟରେ ଆଦୌ କୌଣସି ପ୍ରକାରେ ସଜ୍ଞାନ ନଥାଇ ମଧ୍ୟ ଅନେକ ଲୋକ ପରମେଶ୍ୱର ସେମାନଙ୍କର ନିଜ କଳ୍ପନାଟିର ଅନୁରୂପ ହୋଇ ରହିଥାନ୍ତୁ ବୋଲି ଇଚ୍ଛା କରିବାରେ ଲାଗିଥାନ୍ତି । କାରଣ ଆଦୌ କୌଣସି କଥା ନଭାବି ଓ ସ୍ୱତଃପ୍ରେରିତ ହୋଇ ସେମାନେ ତୁମକୁ ଆସି କହିଥାନ୍ତି, "ବୁଝିଲ, ଏଇଟା ହେଉଛି ତତ୍ତ୍ୱ, ଆଉ ଏଇଟା ହେଉଛି ଅତତ୍ତ୍ୱ ।" ସେମାନେ ଏହି ବିଷୟରେ ପ୍ରକୃତରେ କ'ଣ ଜାଣିଥାନ୍ତି ? ଏବଂ, ଏହାଛଡ଼ା ଆହୁରି କେତେ ମଣିଷ ବି ଏପରି ଥାଆନ୍ତି, ଯେଉଁମାନେ କି ଏହି ଜଗତରେ ଖୋଜିଟିଏ ବି ପକାଇ

ନଥାନ୍ତି, ଯେଉଁମାନେ ଏଠାକୁ ଆସନ୍ତି, ଏଠି ନାନା କଥା ଦେଖନ୍ତି, ନାନା ଲୋକଙ୍କୁ ଭେଟନ୍ତି ଓ ତା'ପରେ ରୁମକୁ ଆସି କହନ୍ତି, "ଏହି ଆଶ୍ରମର ପରମେଶ୍ୱରଙ୍କ ସହିତ ଆଦୌ କୌଣସି ସମ୍ବନ୍ଧ ନାହିଁ, ଏହାକୁ ପରମେଶ୍ୱରଙ୍କର ଏକ ସ୍ଥାନ ବୋଲି ମୋଟେ କହି ହେବ ନାହିଁ।" ମାତ୍ର, "ପରମେଶ୍ୱରଙ୍କର ବୋଲି କହିଲେ କ'ଣ ବୁଝାଇବ" ବୋଲି ଯଦି ସେମାନଙ୍କୁ ତୁମେ ପଚାରିବାକୁ ଯାଅ, ତେବେ ସେମାନେ ତାହାର ଉତ୍ତର ଦେବାକୁ ଯାଇ ଭାରି ମୁସ୍କିଲରେ ପଡ଼ିଯିବେ; ସେମାନେ ସେବିଷୟରେ ଆଦୌ କିଛିହେଲେ ଜାଣି ନଥିବେ। ଏବଂ ଯିଏ ଯେତିକି କମ୍ ଜାଣେ, ସିଏ ହୁଏତ ସେତିକି ଅଧିକ ପରିମାଣରେ ବିଚାର କରିବାକୁ ବାହାରି ଆସେ;—ଏଇଟି ହେଉଛି ସୁନିଶ୍ଚିତ ଭାବରେ ଗୋଟିଏ ସତ କଥା। ଆମର ଜାଣିବା ଯେତିକି ଯେତିକି ଅଧିକ ହେଉଥାଏ, ଆମେ ସେତିକି ପରିମାଣରେ ବିଭିନ୍ନ ବସ୍ତୁ ଉପରେ ଆମର ଗୋଟାଏ ମତ ବା ବିଚାର ଜାରି କରିଦେବାକୁ ମଧ୍ୟ ଅଧିକ ଅସମର୍ଥ ହେବାରେ ଲାଗିଥାଉ।

ଏବଂ ଏହିପରି ଭାବରେ ଏପରି ଏକ ଅବସ୍ଥା ଆସି ପହଞ୍ଚେ, ଯେତେବେଳେ କେବଳ ଦୃଷ୍ଟିପାତ କରିବା ବ୍ୟତୀତ ଆଉ କିଛିହେଲେ କରି ହୁଏ ନାହିଁ ଏବଂ ତାହା ଉପରେ ବିଚାର କରି ବସିବା ସମ୍ପୂର୍ଣ୍ଣ ଭାବରେ ଅସମ୍ଭବ ହୋଇପଡ଼େ। ବିଭିନ୍ନ ବସ୍ତୁକୁ ଦେଖିହୁଏ; ସେଗୁଡ଼ିକ ପ୍ରକୃତରେ ଯେପରି, ସେଗୁଡ଼ିକୁ ସେହିପରି ଭାବରେ ଦେଖିହୁଏ, ସେଗୁଡ଼ିକୁ ସେଗୁଡ଼ିକର ଯଥାର୍ଥ ସମ୍ବନ୍ଧ ଦେଇ ଓ ସେଗୁଡ଼ିକର ଯଥାର୍ଥ ସ୍ଥାନରେ ଦେଖିହୁଏ; ସେଗୁଡ଼ିକ ବର୍ତ୍ତମାନ ଯେଉଁ ସ୍ଥାନରେ ରହିଛନ୍ତି ଓ ଯଥାର୍ଥରେ ଯେଉଁ ସ୍ଥାନରେ ଥାଆନ୍ତେ, ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟ ବିଷୟରେ ସଚେତନ ହୋଇପାରିବା ମଧ୍ୟ ସମ୍ଭବ ହୁଏ;—କାରଣ ସେହି ପାର୍ଥକ୍ୟଟି ହେଉଛି ଆମ ପୃଥିବୀର ଅସଲ ଓ ପ୍ରଧାନ ବିଶୃଙ୍ଖଳା। ଏହି ସବୁ କିଛି ହୁଏ, କିନ୍ତୁ ତା' ଉପରେ ବିଚାର କରି ବସିବା ସମ୍ଭବ ହୁଏ ନାହିଁ। ଆମେ କେବଳ ଅବଲୋକନ କରିବାରେ ଲାଗିଥାଉ, କେବଳ ଦୃଷ୍ଟିପାତ କରୁଥାଉ।

ଏବଂ ଏପରି ଗୋଟିଏ ଅବସ୍ଥା ବି ପହଞ୍ଚେ, ଯେତେବେଳେ କି, "ଏଇଟା ଭବ୍ୟ ଓ ଏଇଟା ଅଭବ୍ୟ" ବୋଲି କହିବା ଲାଗି ଆଦୌ କୌଣସି ସାମର୍ଥ୍ୟ ରହେ ନାହିଁ; କାରଣ ସେତେବେଳେ ଏପରି ଏକ ସମୟ ଆସି ଯାଇଥାଏ, ଯେତେବେଳେ କି ଆମେ ସମସ୍ତ ବିଶ୍ୱଜଗତକୁ ଏପରି ଏକ ସମଗ୍ର ଓ ସକଳାଙ୍ଗ ଭାବରେ ଦେଖିବାକୁ ଆରମ୍ଭ କରୁ ଯେ ପ୍ରକୃତ ପକ୍ଷରେ ତା' ଭିତରୁ କୌଣସି ବିଷୟକୁ ବାହାର କରି କାଢ଼ିନେବା ଅସମ୍ଭବ ହୋଇପଡ଼େ ଓ ସେପରି କରିବାକୁ ଯିବା ମାତ୍ରକେ ସବୁକିଛି ବ୍ୟାହତ ଓ ବିଶୃଙ୍ଖଳାଗ୍ରସ୍ତ ହୋଇପଡ଼େ।

ଏବଂ, ତଥାପି ଅନ୍ତତଃ ପାଦେ ବା ଦୁଇ ପାଦ ଆଗକୁ ଯାଇସାରିବା ପରେ ଆମେ ଅତ୍ୟନ୍ତ ନିଶ୍ଚିତ ଭାବରେ ଏହି କଥାଟି ଜାଣିବାକୁ ସମର୍ଥ ହେଉ ଯେ

'oaob.nitrkl.ac.in' images reprocessed

ପରମେଶ୍ୱରଙ୍କର ବିରୋଧ କରୁଛୁ ବୋଲି ଯାହାକିଛି ଆମକୁ ଅନେକ ସମୟରେ ଏପରି ବ୍ୟସ୍ତ କରି ପକାଏ, ତାହା କେବଳ ଏତିକି ସୂଚିତ କରି ଦେଉଥାଏ ଯେ କୌଣସି ନା କୌଣସି ପଦାର୍ଥ ତାହାର ଯଥାର୍ଥ ସ୍ଥାନରେ ରହି ପାରି ନାହିଁ । ପ୍ରତ୍ୟେକ ପଦାର୍ଥ ତା'ର ଆପଣାର ଯଥାର୍ଥ ସ୍ଥାନରେ ରହିଥିବା ଆବଶ୍ୟକ, ଏବଂ ତଦ୍‌ବ୍ୟତୀତ, ତାହା ଯଥେଷ୍ଟ ପରିମାଣରେ ନମନୀୟ ଏବଂ ସ୍ଥିତିସ୍ଥାପକ ହୋଇ ରହିଥିବା ବି ଆବଶ୍ୟକ, ଯାହା ବଳରେ କି ତାହା ଏହି ରୂପାୟିତ ବିଶ୍ୱଜଗତ ମଧ୍ୟରେ ସତତ ସମ୍ମିଶ୍ରିତ ହୋଇ ରହିଥିବା ଯାବତୀୟ ନୂତନ ଉପାଦାନକୁ ଏକ ସୌଷମ୍ୟଯୁକ୍ତ ସମୋଚ୍ଚର ସଂଗଠନଟି ମଧ୍ୟରେ ସ୍ୱୀକାର କରିନେଇ ପାରିବ । ଏହି ବିଶ୍ୱଜଗତରେ ସତତ ଭାବରେହିଁ ଅନ୍ତର୍ଗତ ପୁନଃସଂଗଠନର ଏକ ପ୍ରକ୍ରିୟା ଲାଗିରହିଛି, ଏବଂ ତାହା ଯୁଗପତ୍ ଭାବରେ ସତତ ଅଧିକ ବୃହତ୍ ହେବାରେ ଲାଗିଛି, ଅର୍ଥାତ୍ ଅଧିକରୁ ଅଧିକ ବିବିଧ ହେବାରେ ଲାଗିଛି, ଅଧିକରୁ ଅଧିକ ପରିମାଣରେ ସମ୍ପୂର୍ଣ୍ଣ ଓ ସମଗ୍ର ହେବାରେ ଲାଗିଛି;—ଏବଂ ଏହି ପ୍ରକ୍ରିୟାଟି ଅବିଚ୍ଛିନ୍ନ ଭାବରେ ଅନନ୍ତକାଳ ପର୍ଯ୍ୟନ୍ତ ଲାଗି ରହିଛି । ଏବଂ ଯହୁଁ ଯହୁଁ ନୂତନ ଉପାଦାନମାନ ଆପଣାକୁ ପ୍ରକଟ କରି ଆଣୁଛନ୍ତି, ସମଗ୍ର ସଂଗଠନଟିକୁ ତହୁଁ ତହୁଁ ଏକ ନୂତନ ଭିତ୍ତି ଉପରେ ନୂଆ କରି ତିଆରି ହେବା ଆବଶ୍ୟକ ହେଉଛି । ଏଣୁ, ଏପରି ଗୋଟିଏ କ୍ଷଣ ବି ନାହିଁ, ଯେତେବେଳେ କି ପ୍ରତ୍ୟେକ ବସ୍ତୁ ଅବିରତ ଭାବରେ ଗତିଶୀଳ ହୋଇ ରହି ନାହିଁ । ମାତ୍ର, ଏହି ଗତିଶୀଳତା ଯଦି ଦିବ୍ୟ ସମଗ୍ରବ୍ୟବସ୍ଥାଟିର ନିୟମକୁ ଅନୁସରଣ କରି ରହୁଥାଏ, ତେବେ ତାହାକୁ ଏକ ସୌଷମ୍ୟଯୁକ୍ତ ଗତିଶୀଳତା ବୋଲି ଅବଶ୍ୟ କହିବାକୁ ହେବ । ସେହି ଗତିଶୀଳତା ଏପରି ଅଧିକ ପରିମାଣରେ ସୌଷମ୍ୟଯୁକ୍ତ ହୋଇ ରହିଛି ଯେ ତାହା କ୍ୱଚିତ୍ ଆମର ବୋଧଗମ୍ୟ ହୋଇପାରୁଛି, ତାହାକୁ ଦେଖିବା ଆଦୌ ସହଜ ହେଉ ନାହିଁ ।

ଏବଂ, ଚେତନାର ଏହି ସ୍ତରଟିରୁ ଓହ୍ଲାଇଆସି ଏକ ଅପେକ୍ଷାକୃତ ଅଧିକ ବାହ୍ୟ ଚେତନା ମଧ୍ୟରେ ପୁନର୍ବାର ପ୍ରବିଷ୍ଟ ହୋଇଯିବା ମାତ୍ରକେ ବ୍ୟକ୍ତି ଅତ୍ୟନ୍ତ ସ୍ୱାଭାବିକ ଏବଂ ନିର୍ଭୁଲ ଭାବରେ ଯଥାର୍ଥ ଚେତନାରେ ଉପନୀତ ହେବା ଲାଗି ସହାୟକ ହୋଇ ରହିଥିବା ଏବଂ ସେହି ପଥଟିକୁ ବାଧାଦେଇ ଓଗାଳି ରଖିଥିବା, ପଛକୁ ଟାଣି ଆଣୁଥିବା ଓ ଏପରିକି ଆମର ଅଗ୍ରଗତି ବିରୁଦ୍ଧରେ ସଂଗ୍ରାମ କରୁଥିବା ବସ୍ତୁଗୁଡ଼ିକୁ ଅଲଗା ଅଲଗା ବୋଲି ଅନୁଭବ କରିବାକୁ ଆରମ୍ଭ କରୁଛି । ଏବଂ, ଏହିପରି ଭାବରେ ଦୃଷ୍ଟିକୋଣଟି ବଦଳି ଯାଉଛି ଏବଂ ସେତେବେଳେ କହିବାକୁ ପଡ଼ୁଛି, "ଏଇଟି ହେଉଛି ଦିବ୍ୟ, ଅର୍ଥାତ୍ ପରମେଶ୍ୱରଙ୍କ ଆଡ଼କୁ ଗତି କରିବାରେ ଏଇଟି ମୋତେ ସାହାଯ୍ୟ କରୁଛି; ଏବଂ ସେଇଟି ପରମେଶ୍ୱରଙ୍କର ବିରୁଦ୍ଧରେ ଯାଉଛି, ପରମେଶ୍ୱରଙ୍କର ବୈରୀ ହୋଇ ରହିଛି ।"

'oaob.nitrkl.ac.in' images reprocessed

ମାତ୍ର, କାର୍ଯ୍ୟ କରିବା ସକାଶେ, ପାର୍ଥିବ ଜୀବନରେ ଗତିଶୀଳ ହୋଇ ରହିବା ସକାଶେ ଏଇଟି ହେଉଛି ଏକ ବ୍ୟାବହାରିକ ଦୃଷ୍ଟିକୋଣ । ତୁମର ଏହି ଦୃଷ୍ଟିକୋଣଟି ରହିଛି, କାରଣ ତୁମେ ଏପର୍ଯ୍ୟନ୍ତ ସେହି ଚେତନାଟି ମଧ୍ୟରେ ଆସି ପହଞ୍ଚି ପାରି ନାହିଁ, ଯାହାକି ସେହି ସବୁଯାକ ବସ୍ତୁକୁ ଅତିକ୍ରମ କରି ଅବସ୍ଥିତ ରହିଛି । କାରଣ ତୁମେ ଏପର୍ଯ୍ୟନ୍ତ ସେହି ଅନ୍ତର୍ଗତ ପୂର୍ଣ୍ଣତାର ଅଧିକାରୀ ହୋଇପାରି ନାହିଁ, ଯାହାକୁ ଲାଭ କରିବା ପରେ ଆମକୁ ଆଉ ସଂଘର୍ଷ କରିବାକୁ ପଡ଼େ ନାହିଁ, କାରଣ ଆମେ ସେତେବେଳେ ସଂଘର୍ଷର ସୀମାଟିକୁ ଅତିକ୍ରମ କରି ଯାଇଥାଉ, ସଂଘର୍ଷର ବେଳଟି କଟି ଯାଇଥାଏ, ସଂଘର୍ଷର କୌଣସି ପ୍ରୟୋଜନ ନଥାଏ । ମାତ୍ର, ତା' ପୂର୍ବରୁ, ଆପଣାର ଚେତନା ଏବଂ କ୍ରିୟାଶୀଳତାର ଭୂମିରେ ସେହି ଅବସ୍ଥାଟିରେ ଆସି ପହଞ୍ଚିବା ପୂର୍ବରୁ ସ୍ୱଭାବତଃ ସଂଗ୍ରାମ ଓ ସଂଘର୍ଷ ରହିଥାଏ; ଏବଂ ସଂଘର୍ଷ ରହିଥିବା ହେତୁ ଏଇଟା ନଚେତ୍ ସେଇଟାକୁ ବାଛିବାର ଅବକାଶ ରହିଥାଏ ଏବଂ ସେହି ବାଛିନେବାରେ ସମର୍ଥ ହେବା ଲାଗି ଏଇଟି ଓ ସେଇଟି ମଧ୍ୟରେ ଏକ ଅନ୍ତର ଦେଖିବାର ପ୍ରୟୋଜନ ବି ରହିଥାଏ ।

ଏବଂ ସେହି ଅନ୍ତରଟିକୁ ଜାଣିବାର ନିଶ୍ଚିତତମ ପନ୍ଥା ହେଉଛି ଯେ ଆମେ ସଚେତନ ଏବଂ ଇଚ୍ଛାକୃତ ଭାବରେ ଆପଣାକୁ ସମର୍ପିତ କରି ରଖିବା, ସେହି ଦିବ୍ୟ ପରମ ଇଚ୍ଛା ଏବଂ ପରମ ପରିଚାଳନା ପାଖରେ ଆପଣାକୁ ଯଥାସମ୍ଭବ ଅଧିକ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରି ରଖିବା । ସେପରି କରିପାରିଲେ ଆଉ ଭୁଲ କରିବାର ଆଦୌ କୌଣସି ଆଶଙ୍କା ନଥିବ, ମିଥ୍ୟା-ଆଲୋକଗୁଡ଼ିକୁ ଯଥାର୍ଥ ଆଲୋକ ବୋଲି ଭ୍ରମ କରିବା ଲାଗି ମଧ୍ୟ ଆଉ କୌଣସି ଆଶଙ୍କା ନଥିବ ।

ମାଆ, ଶ୍ରୀଅରବିନ୍ଦ ଏଠାରେ ଏପରି କହିଛନ୍ତି :

"ତାଙ୍କର ପ୍ରେମ ତଥା ଆନନ୍ଦ ସେହି ଅନନ୍ତ ଓ ଦିବ୍ୟ ପରମପ୍ରେମିକଙ୍କରହିଁ ପ୍ରେମ ଓ ଆନନ୍ଦରୂପେ ଅବସ୍ଥିତ ରହିଛି, ଯିଏକି ଶେଷରେ ତାଙ୍କର ସହିତ ସୁଖସମାବିଷ୍ଟ ହୋଇ ରହିବା ଲାଗି ସକଳ ବସ୍ତୁକୁ ସେଗୁଡ଼ିକର ଆପଣା ଆପଣା ପଥରେ ଆକର୍ଷିତ କରିବାରେ ଲାଗିଛନ୍ତି ।"

ଯୋଗସମନ୍ୱୟ, ପୃଷ୍ଠା-୭୭

'oaob.nitrkl.ac.in' images reprocessed

ସକଳ ବସ୍ତୁ ପରମ ଦିବ୍ୟସତ୍ତାଙ୍କ ଦ୍ୱାରା ଆକର୍ଷିତ ହେଉଛନ୍ତି । ପ୍ରତିକୂଳ ଶକ୍ତିଗୁଡ଼ିକ ମଧ୍ୟ କ'ଣ ସେହି ପରମ ଦିବ୍ୟସତ୍ତାଙ୍କ ଦ୍ୱାରା ଆକର୍ଷିତ ହେଉଛନ୍ତି ?

ତୁମେ ସେପରି ଆଦୌ କହି ପାରିବ ନାହିଁ । ଏହି ସମସ୍ୟାଟି ଉପରେ ତୁମେ କିପରି ଭାବରେ ଦୃଷ୍ଟିପାତ କରୁଛ, ତାହା ତାହାରି ଉପରେହିଁ ନିର୍ଭର କରିବ । କାରଣ ଏହି କ୍ଷେତ୍ରରେ ଏକ ଅନ୍ତର୍ନିହିତ ଆକର୍ଷଣ କାର୍ଯ୍ୟ କରିବାରେ ଲାଗିଥାଏ; ମାତ୍ର ଏପରି ଆବରଣଯୁକ୍ତ ଏବଂ ସଗୁପ୍ତ ହୋଇ କାର୍ଯ୍ୟ କରୁଥାଏ ଯେ ସେଇଟି ସେଠାରେ କାର୍ଯ୍ୟ କରୁଛି ବୋଲି ମଧ୍ୟ ତୁମେ ହୁଏତ କହି ପାରିବ ନାହିଁ ।

ଜଡ଼ର ଯେଉଁ ଭୂମିଟି ଅଚିତ୍ସ୍ୱତାର ପ୍ରତିଶ୍ରବଟିକୁ ବହନ କରି ରହିଛି,—ହଁ, ଏଇଟି କେବଳ ଏକ ପ୍ରତିଶ୍ରବ, ତଥାପି—ସେଠାରେ ପରମ ଦିବ୍ୟସତ୍ତା ପ୍ରତି ଯେଉଁ ଆକର୍ଷଣ ରହିଛି, ତାହାକୁ ଏକ ବାସ୍ତବ ଘଟଣା ନକହି ବରଂ ଏକ ସମ୍ଭାବନା ବୋଲିହିଁ ବୁଝାଯିବ; ଅର୍ଥାତ୍, ଏହାକୁ ଏପରି ଏକ ବସ୍ତୁ ବୋଲି ବୁଝାଯିବ, ଯାହାକି କାଳକ୍ରମେ ବିକଶିତ ହୋଇ ଆସିବ, ମାତ୍ର ଯାହାର କି ଦୃଷ୍ଟିଗୋଚର ହେଲାଭଳି ବର୍ତ୍ତମାନ ଆଦୌ କୌଣସି ଅସ୍ତିତ୍ୱ ନାହିଁ ।

ଏହି କଥାଟି ବେଶ୍ ବୁଝାଯାଇ ପାରିବ ଯେ, ସଜ୍ଞାନ ଭାବରେ ହୋଇଥାଉ ଅଥବା ନହୋଇଥାଉ ପଛକେ,—ସେବିଷୟରେ ତାହାର ଆଦୌ କୌଣସି ସଜ୍ଞାନତା ନରହିଥିଲେ ମଧ୍ୟ, ଯାବତୀୟ ଚେତନା ସେହି ପରମ ଦିବ୍ୟସତ୍ତାଙ୍କ ଆଡ଼କୁହିଁ ଆକର୍ଷିତ ହେବାରେ ଲାଗିଛି । ମାତ୍ର ଏହି କଥାଟିକୁ ଏକ ସତ୍ୟ ବୋଲି ପ୍ରତିଷ୍ଠିତ କରିବା ଲାଗି ମଧ୍ୟ ଚେତନାକୁ ସେହି କ୍ଷେତ୍ରରେ ପୂର୍ବରୁହିଁ ଅବସ୍ଥିତ ରହିବାକୁ ପଡ଼ିବ ।

ଏବଂ, ଏପରିକି ମନୁଷ୍ୟମାନଙ୍କର ସଂସାରରେ ମଧ୍ୟ,—ବର୍ତ୍ତମାନ ପୃଥିବୀ-ପୃଷ୍ଠରେ ସେହିମାନଙ୍କୁହିଁ ସର୍ବାଧିକ ଚେତନାଯୁକ୍ତ ସତ୍ତା ବୋଲି ବୁଝାଯିବ,—ବିପୁଳ ସଂଖ୍ୟାଧିକ ଭାବରେ ଏପରି ଅନେକ ଲୋକ ରହିଛନ୍ତି, ଯେଉଁମାନେ କି ଅନ୍ତର୍ନିହିତ ଭାବରେ ପରମ ଦିବ୍ୟସତ୍ତାଙ୍କ ଆଡ଼କୁ ଆକର୍ଷିତ ହୋଇ ଚାଲିଛନ୍ତି, ମାତ୍ର ଯେଉଁମାନେ କି ସେବିଷୟରେ ଆଦୌ କିଛିହେଲେ ଜାଣି ନାହାନ୍ତି । ଏବଂ, ଏପରିକି କେତେକ ବ୍ୟକ୍ତି ଏପରି ମଧ୍ୟ ଅଛନ୍ତି, ଯେଉଁମାନେ କି ଇଚ୍ଛାକୃତ ଭାବରେ ଏହି ଆକର୍ଷଣଟିକୁ ଅସ୍ୱୀକାର କରିବାରେ ଲାଗିଥାନ୍ତି । ବସ୍ତୁତଃ, ସେହି ଅସ୍ୱୀକୃତିଟି ମଧ୍ୟରେ, ତାହାରି ପଶ୍ଚାତରେ, କିଛି ଗୋଟିଏ ପଦାର୍ଥ ପ୍ରସ୍ତୁତ ହେବାରେ ଲାଗିଥାଏ, ମାତ୍ର ସେହି ପ୍ରସ୍ତୁତି ମଧ୍ୟରେ ଇଚ୍ଛା ନଥାଏ କିଂବା ଅନିଚ୍ଛା ବି ନଥାଏ ।

'oaob.nitrkl.ac.in' images reprocessed

(ପିଲଟି ଆଡ଼କୁ ଅନାଇ ମାଆ କହିଲେ) ହଁ, ତୁମ ପ୍ରଶ୍ନଟିର ଶେଷ ଆଡ଼କୁ ତୁମେ କ'ଣ ପଚାରିଥିଲଟି ?···ପ୍ରଥମେ ତୁମେ ଏପରି ଗୋଟିଏ କଥାର ଅନୁମାନ କରିବସ, ଯାହାକି ମୋଟେ ଠିକ୍ ନୁହେଁ, ଏବଂ ପୁଣି ତା' ଉପରେ ଏପରି ଗୋଟିଏ ପ୍ରଶ୍ନ ବି ପଚାର, ଯାହାର କି ବସ୍ତୁତଃ ଆଦୌ କୌଣସି ଅର୍ଥ ନଥାଏ, କାରଣ ସେହି ଅନୁମାନଟିରେହିଁ ପ୍ରମାଦ ରହି ଯାଇଥାଏ ।

-ମୁଁ କହୁଥିଲି ···

ହଁ, ହଁ, ତୁମେ କ'ଣ କହୁଥିଲ ବା କହିବାକୁ ଇଚ୍ଛା କରୁଥିଲ, ମୁଁ ସେକଥା ବେଶ୍ ଭଲ କରି ଜାଣିଛି ।

ବସ୍ତୁତଃ, ପରିଶେଷରେ ସବୁକିଛିହିଁ ସେହି ପରମ ଦିବ୍ୟସତ୍ତାଙ୍କ ଦ୍ୱାରା ଆକର୍ଷିତ ହେବ । ଏହି କ୍ଷେତ୍ରରେ କେବଳ ଏତିକି ମନେ ରଖିବାକୁ ହେବ ଯେ ଏଥିଲାଗି ସିଧା ରାସ୍ତାମାନ ରହିଛି ଓ ଅଙ୍କାବଙ୍କା ଏପରି ରାସ୍ତାମାନ ବି ରହିଛି, ଯେଉଁଥିରେକି, ନିକଟବର୍ତ୍ତୀ ହୋଇ ଆସିବା ପୂର୍ବରୁ ଅନେକ ସମୟ ପର୍ଯ୍ୟନ୍ତ ସତେଅବା ଦୂରକୁ ଦୂରକୁ ଚାଲି ଯାଉଥିବା ପରି ମନେ ହୋଇଥାଏ । ଏବଂ, ଏପରି ଅନେକ ସତ୍ତା ଅଛନ୍ତି, ଯେଉଁମାନେ କି ଆପଣା ଇଚ୍ଛାରେହିଁ ସେହି ବଙ୍କା ବାଟଗୁଡ଼ିକୁ ବାଛି ନେଇଥାନ୍ତି ଏବଂ ଯଥାସମ୍ଭବ ଅଧିକ କାଳ ପର୍ଯ୍ୟନ୍ତ ସେହିଠାରେହିଁ ରହିବାକୁ ଇଚ୍ଛା କରୁଥାନ୍ତି । ତେଣୁ, ଆପାତ ଦୃଷ୍ଟିରେ ବିଚାର କଲେ, ସେହି ସତ୍ତାମାନେହିଁ ପରମ ଦିବ୍ୟସତ୍ତାଙ୍କ ସହିତ ଯୁଝିବାରେ ଲାଗିଥାନ୍ତି ।

ଏହି ସଂଘର୍ଷ ଓ ଯୁଦ୍ଧ ଯେ ଏକ ବୃଥା ଯୁଦ୍ଧ ଏବଂ ଏଥିରେ ଆଦୌ କୌଣସି ଫଳ ବା ଲାଭ ନାହିଁ, ଉଚ୍ଚତର ଭୂମିରେ ଅବସ୍ଥିତ କେତେକ ସତ୍ତା ସେହି କଥାଟିକୁ ବେଶ୍ ଭଲ ଭାବରେ ଜାଣିଥିଲେ ମଧ୍ୟ, ସେମାନେ ତଥାପି ସେଥିରେ ବ୍ୟାପୃତ ରହି ଆନନ୍ଦ ଅନୁଭବ କରୁଥାନ୍ତି । ଏହା ଦ୍ୱାରା ସେମାନେ ହୁଏତ ଧ୍ୱଂସ ଆଡ଼କୁ ଗତି କରିବାରେ ଲାଗିଥାନ୍ତି, ତଥାପି ତାହାହିଁ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରି ନେଇଥାନ୍ତି ।

ଏପରି ଅନେକ ମନୁଷ୍ୟ ଅଛନ୍ତି ଯେଉଁମାନେ କି ଗର୍ହିତ କାର୍ଯ୍ୟ କରିବାରେ ଲାଗିଥାନ୍ତି,—କୌଣସି ନା କୌଣସି ଗର୍ହିତ କାର୍ଯ୍ୟ କରୁଥାନ୍ତି,—ସୁରାପାନ କରୁଥାନ୍ତି ଅଥବା ନିଶାସେବନ କରୁଥାନ୍ତି; ଏଗୁଡ଼ିକ ସେମାନଙ୍କୁ ଧ୍ୱଂସ ଏବଂ ମୃତ୍ୟୁ ଆଡ଼କୁ ଟାଣି ନେଇଯାଉଛି ବୋଲି ସେମାନେ ଖୁବ୍ ଭଲ ଭାବରେ ଜାଣିଥାନ୍ତି । ମାତ୍ର ସେମାନେ ତାହାହିଁ କରିବାକୁ ବାଛି ନେଇଥାନ୍ତି, ଜାଣିଶୁଣି ବାଛି ନେଇଥାନ୍ତି ।

ନିଜ ଉପରେ ସେମାନଙ୍କର କୌଣସି ନିୟନ୍ତ୍ରଣ ନଥାଏ ।

'oaob.nitrkl.ac.in' images reprocessed

ଏପରି ଗୋଟିଏ ମୁହୂର୍ତ୍ତ ସର୍ବଦା ରହିଥାଏ, ଯେତେବେଳେ କି ସମସ୍ତଙ୍କର ଆପଣା ଉପରେ ନିୟନ୍ତ୍ରଣ ରହିଥାଏ, ଏବଂ ଯଦି ଜଣେ ଥରେହେଲେ ବି "ହଁ" ବୋଲି ନକହିଥାନ୍ତା, ସେହି ପଥରେ ଯିବ ବୋଲି ଯଦି ସେ ନିଷ୍ପତ୍ତି ଗ୍ରହଣ ନକରିଥାନ୍ତା, ତେବେ ସେ କଦାପି ଏହି କାର୍ଯ୍ୟଟିକୁ କରି ନଥାନ୍ତା ।

ଏପରି ଜଣେହେଲେ ମନୁଷ୍ୟ ନାହିଁ, ତା' ଉପରେ ବାହାରୁ ଆଣି ଲଦି ଦିଆ ଯାଇଥିବା କୌଣସି ବିଷୟର ପ୍ରତିରୋଧ କରିବା ଲାଗି ଯାହାର କି କୌଣସି ଶକ୍ତି ବା ସାମର୍ଥ୍ୟ ନାହିଁ । ଯଦି ସେହି ବ୍ୟକ୍ତିକୁ ତାହାର ପ୍ରତିରୋଧ କରିବା ଲାଗି ବାଟ ଛାଡ଼ି ଦିଆଯାଏ, ତେବେ ସେ ନିଶ୍ଚୟ ତା'ର ପ୍ରତିରୋଧ କରିବ । ଲୋକମାନେ ଅନେକ ସମୟରେ "ମୁଁ ଆଉ ଅନ୍ୟ ପ୍ରକାରେ କିଛିହେଲେ କରି ପାରିବି ନାହିଁ" ବୋଲି କହିଥାନ୍ତି;—କାରଣ ସେମାନେ ଆପଣା ହୃଦୟର ଗଭୀର ପ୍ରଦେଶରେ ଅନ୍ୟ କୌଣସି ପ୍ରକାରେ କିଛିହେଲେ କରିବାକୁ ଚାହାନ୍ତି ନାହିଁ । ସେମାନେ ଆପଣା ପାପର ଭୃତ୍ୟ ହୋଇ ରହିବାକୁ ସ୍ୱୀକାର କରି ନେଇଥାନ୍ତି । ଏପରି ଗୋଟିଏ ମୁହୂର୍ତ୍ତ ମଧ୍ୟ ଆସେ, ଯେତେବେଳେ ତାହାକୁ ସ୍ୱୀକାର କରି ନଆଯାଏ ।

ଏବଂ ମୁଁ ଆଉ ଗୋଟିଏ ପାଦ ଆଗକୁ ବି ଯାଇ କହିବି; ମୁଁ କହିବି ଯେ ଏପରି ଗୋଟିଏ ମୁହୂର୍ତ୍ତ ବି ଆସେ, ଯେତେବେଳେ କି ଜଣେ ବ୍ୟକ୍ତି ଅସୁସ୍ଥ ହେବାକୁ ମଧ୍ୟ ସ୍ୱୀକାର କରିନଏ । ଅସୁସ୍ଥ ହେବା ଲାଗି ସ୍ୱୀକାର କରି ନେଇ ନଥିଲେ କେହି କଦାପି ଅସୁସ୍ଥ ହୁଅନ୍ତି ନାହିଁ । ମାତ୍ର, ଲୋକମାନେ ଆପଣା ବିଷୟରେ ଏତେବେଶୀ ଅଚେତନ ହୋଇ ରହିଥାନ୍ତି ଏବଂ ନିଜର ଅନ୍ତର୍ଗତ ଗତି ଓ ପ୍ରବୃତ୍ତିଗୁଡ଼ିକ ବିଷୟରେ ଏପରି ଅଚେତନ ହୋଇ ରହିଥାନ୍ତି ଯେ, ସେମାନେ ଯାହାସବୁ କରୁଥାନ୍ତି, ସେହି ବିଷୟରେ ସେମାନଙ୍କର ଆଦୌ କୌଣସି ହୋସ୍ ନଥାଏ ।

ମାତ୍ର, ବିଷୟଗୁଡ଼ିକ ପ୍ରତି ଜଣେ ବ୍ୟକ୍ତିର କିଭଳି ଦୃଷ୍ଟିକୋଣ ରହିଛି, ଏହା ସମ୍ପୂର୍ଣ୍ଣତଃ ତାହାରି ଉପରେ ନିର୍ଭର କରିବ । ଗୋଟିଏ ଦୃଷ୍ଟିରୁ ବିଚାର କରି ଦେଖିଲେ, ପୃଥିବୀରେ ଏପରି କୌଣସି ପଦାର୍ଥ ବା ବିଷୟ ନାହିଁ, ଯାହାକୁ କି ଗୋଟାପୁରା ନିରର୍ଥକ ବୋଲି କୁହାଯାଇ ପାରିବ । କେବଳ ଏତିକି ସତ କଥା ମନେ ରଖିବାକୁ ହେବ ଯେ ଏକ ନିର୍ଦ୍ଦିଷ୍ଟ ସମୟରେ ଯାହା ଆମ ଲାଗି ସହାୟକ ଓ ସ୍ୱୀକାର୍ଯ୍ୟ ହୋଇ ରହିଥାଏ, ଏକ ଅନ୍ୟ ସମୟରେ ତାହା ଆଉ ସେପରି ହୋଇ ରହି ପାରେ ନାହିଁ । ଏବଂ ସେଗୁଡ଼ିକ ସ୍ୱୀକାର୍ଯ୍ୟ ନହେବାକୁ ଆରମ୍ଭ କଲେ ଆମେ ସେଗୁଡ଼ିକ ଖରାପ ବୋଲି କହିବାକୁ ଆରମ୍ଭ କରୁ । କାରଣ, ସେଗୁଡ଼ିକର ହାତରୁ ନିସ୍ତାର ପାଇବା ଲାଗି ସେତେବେଳେ ଆମ ଭିତରେ ଏକ ଇଚ୍ଛା ମଧ୍ୟ ଜାଗ୍ରତ ହୋଇଆସେ । ମାତ୍ର, ଏହି ବିଶ୍ୱପୃଥିବୀର ଇତିହାସରେ,—ଆମର ଏହି କ୍ଷୁଦ୍ର ଗ୍ରହଟି ମଧ୍ୟରେ ସମସ୍ୟାଟିକୁ ସୀମିତ ରଖିବା ଉଦ୍ଦେଶ୍ୟରେ ଆମେ ହୁଏତ ଏହି

'oaob.nitrkl.ac.in' images reprocessed

ପୃଥିବୀର ଇତିହାସରେ ବୋଲି କହି ପାରିବା,—ମୁଁ ଭାବୁଛି, ସେତେ ଯାହା ଅସ୍ତିତ୍ୱ ଧାରଣ କରି ରହିଛି, କୌଣସି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ତାହାର ନିଶ୍ଚିତ ଏକ ଆବଶ୍ୟକତା ଏବଂ ମହତ୍ତ୍ୱ ରହିଥିଲା । ଏବଂ ଆମେ ଆଗକୁ ଆଗକୁ ଗତି କରିବା ସଙ୍ଗେ ସଙ୍ଗେ ଏହି ବସ୍ତୁଗୁଡ଼ିକୁ ବର୍ଜନ କରି ଆସୁ, ଏବଂ ଅତୀତ ପରିବର୍ତ୍ତେ ଭବିଷ୍ୟତର ସମ୍ପୃକ୍ତ ହୋଇ ରହିଥିବା ଅନ୍ୟ ପଦାର୍ଥଗୁଡ଼ିକୁ ତାହାର ସ୍ଥାନାପନ୍ନ ବୋଲି ଗ୍ରହଣ କରିନେଉ । ତେଣୁ, ଯେଉଁ ବସ୍ତୁଗୁଡ଼ିକ ଦ୍ୱାରା ଆଉ କୌଣସି ଉଦ୍ଦେଶ୍ୟ ସାଧିତ ହେବାକୁ ନଯାଉଛି, ସେଗୁଡ଼ିକ ବିଷୟରେ ଆମେ "ସେଗୁଡ଼ାକ ଖରାପ" ବୋଲି କହିବାକୁ ଆରମ୍ଭ କରି ଦେଉଛୁ, କାରଣ ସେତେବେଳେ ସେଗୁଡ଼ିକୁ ବର୍ଜନ କରି ବାହାରକୁ ଫିଙ୍ଗି ଦେବା ଲାଗି ଆମ ଭିତରେ ଏକ ଯୁକ୍ତି ବା ସମର୍ଥନ ମିଳିଯାଉଛି, ସେହି ଅଭ୍ୟାସଟିକୁ ଛାଡ଼ିଦେବା ଲାଗି ଏକ ଅବସର ସୃଷ୍ଟି ହୋଇ ଯାଉଛି । ମାତ୍ର ହୁଏତ ଏପରି ଗୋଟିଏ ସମୟ ଅବଶ୍ୟ ଥିଲା, ଯେତେବେଳେ କି ସେହି ବସ୍ତୁଗୁଡ଼ିକ ମୋଟେ ଖରାପ ନଥିଲେ, ହୁଏତ ଅନ୍ୟ ବସ୍ତୁଗୁଡ଼ିକ ଖରାପ ଥିଲେ ।

ଜୀବନ ବଞ୍ଚିବାର, ଅନୁଭବ କରିବାର ଓ କାର୍ଯ୍ୟ କରିବାର ଏପରି ଅନେକ ରୀତି ରହିଛି, ଯାହାକୁ କି ତୁମେ ବେଶ୍ କିଛି କାଳ ପର୍ଯ୍ୟନ୍ତ ସହଜାତ ବୋଲି ଗ୍ରହଣ କରି ନେଇଥାଅ, ସେଗୁଡ଼ିକ ତୁମକୁ ଆଦୌ କୌଣସି ଅସୁବିଧା ଆଣି ଦିଅନ୍ତି ନାହିଁ, ନିରର୍ଥକ ଅଥବା ଖରାପ ବୋଲି ମୋଟେ ମନେ ହୁଅନ୍ତି ନାହିଁ ବା ସେଗୁଡ଼ିକ ହାତରୁ ନିଷ୍କୃତି ପାଇବାର କୌଣସି ଆବଶ୍ୟକତା ରହିଛି ବୋଲି ତୁମେ ମୋଟେ ଅନୁଭବ କର ନାହିଁ । ଏବଂ, ତା'ପରେ, ଦିନେ ହଠାତ୍, ତୁମେ କାହିଁକି ବା କ'ଣ ଘଟିବାରୁ ଏପରି ହେଲା ବୋଲି ଆଦୌ କିଛି ଜାଣି ନଥାଅ, କିନ୍ତୁ ତୁମର ଦୃଷ୍ଟିକୋଣଟି ହଠାତ୍ ଅନ୍ୟ ପ୍ରକାର ହୋଇଯାଏ, ତୁମେ ସେହି ବସ୍ତୁଗୁଡ଼ିକ ଆଡ଼କୁ ଦୃଷ୍ଟିପାତ କରି କହିବାକୁ ଆରମ୍ଭ କର, "କିନ୍ତୁ ଇଏ ପୁଣି କ'ଣ ? ମୋ ଭିତରେ ପୁଣି ଏପରି ଏକ ଜିନିଷ ରହିଥିଲା ? ଏଇଟାକୁ ମୁଁ ନିଜ ଭିତରେ ପୁଣି ବହନ କରି ଚାଲିଛି ? ମାତ୍ର ଏହା ଏକାବେଳକେ ଅସହ୍ୟ, ଏଥିରେ ଆଉ ମୋର କୌଣସି ଲୋଡ଼ା ନାହିଁ ।" ଏବଂ ହଠାତ୍ ସେହି ବସ୍ତୁଟି ତୁମକୁ ଅତ୍ୟନ୍ତ ଖରାପ ବୋଲି ବୋଧ ହେବାକୁ ଲାଗେ, କାରଣ ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାର ବେଳଟି ଆସି ପହଞ୍ଚି ଯାଇଥାଏ, କାରଣ ଜଗତରେ ଆପଣାର ଅଗ୍ରଗତିପଥରେ ତୁମେ ଯେଉଁ ଦୃଷ୍ଟିକୋଣଟିକୁ ବର୍ତ୍ତମାନ ଗ୍ରହଣ କରୁଛ ଓ ଯେଉଁ ପ୍ରଗତିଟିକୁ ହାସଲ କରିଛ, ସେହି ବସ୍ତୁଗୁଡ଼ିକ ସେଇଟି ସହିତ ଆଦୌ ଖାପ ଖାଇ ପାରନ୍ତି ନାହିଁ । ସେଗୁଡ଼ିକ ଆଉ ସେଗୁଡ଼ିକର ସ୍ଥାନରେ ଖାପ ଖାଉଥିଲା ପରି ଦିଶନ୍ତି ନାହିଁ, ସେଗୁଡ଼ିକର ଆଉ କେଉଁଠାକୁ ଗ୍ଲଲିଯିବା ଉଚିତ ବୋଲି ମନେ ହେବାକୁ ଲାଗେ ଏବଂ ତେଣୁ ତୁମ ଆଖିରେ ସେଗୁଡ଼ିକ ଖରାପ ବୋଲି

'oaob.nitrkl.ac.in' images reprocessed

ଦଉଛନ୍ତି । ମାତ୍ର, ହୁଏତ ଏପରି ବି ହୋଇପାରେ ଯେ, ଯେଉଁସବୁ ବସ୍ତୁ ତୁମକୁ ଏବେ ଖରାପ ବୋଲି ବୋଧ ହେଉଛି, ତୁମଠାରୁ ଏକ ନିମ୍ନତର ସ୍ତରରେ ରହିଥିବା ଅନ୍ୟମାନଙ୍କ ପାଇଁ ତାହା ହୁଏତ ଖୁବ୍ ବଢ଼ିଆ ବୋଲି ଦେଖାଯାଉଥିବ ।

ଆମ ନିଜଠାରୁ ଅଧିକ ନିର୍ବୋଧ, ଅଧିକ ଅଚେତନ, ଅଧିକ ଅଜ୍ଞାନଗ୍ରସ୍ତ ଓ ଅଧିକ ମନ୍ଦ ଆଉ ଜଣେ ବ୍ୟକ୍ତି ସବୁବେଳେ ନିଶ୍ଚୟ ରହିଥିବ । ସେହି କାରଣରୁ, ଯେଉଁ ସ୍ଥିତିଟି ତୁମକୁ ଅସହନୀୟ ବୋଲି ବୋଧ ହେଉଛି, ଯେଉଁ ସ୍ଥିତିଟିକୁ ତୁମେ କଦାପି ଧାରଣ କରି ରଖି ପାରୁ ନାହଁ, ଯାହା ଯେକୌଣସି ପ୍ରକାରେ ଚାଲିଯାଉ ବୋଲି ତୁମେ ଇଚ୍ଛା କରୁଛ, ଯେଉଁମାନେ ତୁମଠାରୁ କେତେ ତଳ ପଛରେ ରହିଛନ୍ତି, ସେମାନଙ୍କ ଲାଗି ସେହି ସ୍ଥିତି ହୁଏତ ଖୁବ ବାଞ୍ଛନୀୟ ବୋଧ ହେଉଥିବ । ତେଣୁ, ପ୍ରକୃତରେ କେଉଁ ଅଧିକାର ବଳରେ ତୁମେ ଏହି କ୍ଷେତ୍ରରେ "ଏଇଟା ଖରାପ" ବୋଲି କହି ପାରିବ ? ହଁ, ତୁମେ କେବଳ ଏତିକି କହିପାରିବ : "ଏଇଟାକୁ ମୁଁ ଆଉ ଇଚ୍ଛା କରି ପାରୁ ନାହିଁ । ମୁଁ ଏହାକୁ ଚାହେଁ ନାହିଁ, ମୋର ବର୍ତ୍ତମାନ ଜୀବନଧାରଣର ରୀତିଟି ସହିତ ଏହାର ଆଦୌ କୌଣସି ସଙ୍ଗତି ନାହିଁ । ଯେଉଁଠାରେ ଏଗୁଡ଼ିକ ଲାଗି ଆଦୌ କୌଣସି ସ୍ଥାନ ନାହିଁ, ବର୍ତ୍ତମାନ ମୁଁ ସେହିପରି ଗୋଟାଏ ଜାଗାକୁ ଯିବାକୁ ଚାହେଁ, ଏଗୁଡ଼ିକ ବର୍ତ୍ତମାନ ଆଉ କେଉଁଠାକୁ ଯାଇ ଅବସ୍ଥାନ କରିପାରନ୍ତୁ ।" ମାତ୍ର ଆମେ ଏହି କ୍ଷେତ୍ରରେ କୌଣସି ବସ୍ତୁ ବିଷୟରେ କୌଣସି ବିଚାର କରି ପାରିବା ନାହିଁ । "ଏଇଟା ଖରାପ" ବୋଲି ମୋଟେ କହି ପାରିବା ନାହିଁ । ଖୁବ୍ ବେଶୀ ହେଲେ କହିପାରିବା, "ଏଇଟା ମୋ ପାଇଁ ଖରାପ । ମୋ ଲାଗି ଏହାର ଆଉ କୌଣସି ପ୍ରୟୋଜନ ନାହିଁ । ଏହାକୁ ଯିବାକୁହିଁ ପଡ଼ିବ ।" ବାସ୍, ଏତିକି । ଏବଂ ତା'ପରେ ତୁମେ ସେଇଟିକୁ ଛାଡ଼ିଦେଇ ଆଗକୁ ବାହାରିଯିବ ।

ଏବଂ ଏହା ଦ୍ୱାରା ତୁମର ଅଗ୍ରଗତି ଅନେକ, ଅନେକ ସହଜ ହୋଇଯିବ । ନିରାଶ ହୋଇ ବସି ବସ୍ତୁଗୁଡ଼ିକ ବିଷୟରେ ରୋଦନ ନକରି, ତୁମେ ପ୍ରକୃତରେ କଉଳ ହୋଇଗଲ, ତୁମକୁ ପ୍ରକୃତରେ କେତେ କ'ଣ ଦୁଃଖ ସହ୍ୟ କରିବାକୁ ନହେଉଛି ଓ ତୁମର ଯେଉଁସବୁ ଅଭାବ ଓ ଅପୂର୍ଣ୍ଣତାମାନ ରହିଛି ଏବଂ ଯେଉଁସବୁ ଅସମ୍ଭବତା ତୁମକୁ ଜାବୁଡ଼ି କରି ଧରିଛି ଇତ୍ୟାଦି ବିଷୟରେ ଚିନ୍ତା ନକରି ସେହିପରି ଭାବିବା ଓ ଅନୁଭବ କରିବା ଦ୍ୱାରା ତୁମେ ଅଧିକ ସହଜରେ ଆଗକୁ ଯାଇପାରିବ । ତୁମେ କହିବ, "ନାହିଁ ନାହିଁ, ସେହି ବସ୍ତୁଗୁଡ଼ିକ ଏଠାରେ ଆଉ ସେମାନଙ୍କର ଯଥୋପଯୁକ୍ତ ସ୍ଥାନରେ ଆଦୌ ରହି ପାରୁ ନାହାନ୍ତି, ତେଣୁ ସେମାନେ ଆଉ କେଉଁଠାକୁ ଯାଆନ୍ତୁ, ଯେଉଁଠାରେ କି ସେମାନେ ନିଜର ଯଥାର୍ଥ ସ୍ଥାନରେ ରହିପାରିବେ ଓ ଯେଉଁଠାରେ ସେମାନଙ୍କୁ ସ୍ୱାଗତ କରି ନେଇ ନିଆଯିବ । ମୁଁ ତ ବର୍ତ୍ତମାନ ଅଧିକ ଆଗକୁ ଯିବାକୁ ଚାହୁଁଛି, ମୁଁ ତ ଆଉ ଗୋଟାଏ ପାହାଚ

'oaob.nitrkl.ac.in' images reprocessed

ଉପରକୁ ଆରୋହଣ କରିବାକୁ ଚାହାଁଉଛି । ମୁଁ ଏକ ଅଧିକ ଶୁଦ୍ଧ, ଅଧିକ ଉପାଦେୟ ଏବଂ ଅଧିକ ସମ୍ପୂର୍ଣ୍ଣ ଆଲୋକ ଆଡ଼କୁ ଗତି କରି ଚାଲିଯିବି; ଏବଂ ତେଣୁ ଏହି ଯେଉଁସବୁ ବସ୍ତୁ ଅନ୍ଧାରକୁ ଭଲ ପାଇବାରେ ଲାଗିଛନ୍ତି, ସେମାନଙ୍କୁ ମଧ୍ୟ ମୋତେ ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ହେବ ।" ବାସ୍, ସେତିକି କଲେ ଯଥେଷ୍ଟ ହେବ ।

ପ୍ରତ୍ୟେକ ଥର ଆମେ ନିଜ ଭିତରେ ଏପରି କେତେକ ବସ୍ତୁ ରହିଥିବାର ପ୍ରତ୍ୟକ୍ଷ କରୁ, ଯାହାକି ପ୍ରକୃତରେ ଖୁବ୍ କୁତ୍ସିତ ଓ ଅସୁନ୍ଦର ବୋଲି ମନେ ହୋଇଥାଏ । ହଁ, ସେଇଥିରୁ ପ୍ରମାଣ ମିଳେ ଯେ ଆମେ ଆଗରୁ ଯେଉଁଠି ଥିଲୁ, ସେଠାରୁ ତାହାଠାରୁ ଅଧିକ ଆଗକୁ ଚାଲି ଆସିଛୁ । ତେଣୁ, ରୋଦନ କରିବା ଏବଂ ନୈରାଶ୍ୟ ମଧ୍ୟକୁ ଝାସଦେବା ପରିବର୍ତ୍ତେ, ସେଥିଲାଗି ଆମକୁ ଖୁସୀ ହେବାକୁ ପଡ଼ିବ; ଆମର ସେତେବେଳେ କହିପାରିବା ଉଚିତ :"ହଁ, ହଁ, ଏଇଟା ଏକ ଖୁବ୍ ଭଲ ସଙ୍କେତ । ଏଥିରୁ ପ୍ରମାଣ ମିଳୁଛି ଯେ ମୁଁ ଆଗକୁ ଯିବାରେ ଲାଗିଛି ।"

ମାଆ, "ଏକ ଶକ୍ତିଶାଳୀ ଯୋଗ" କହିଲେ କ'ଣ ବୁଝାଏ ?

ଏକ ଶକ୍ତିଶାଳୀ ଯୋଗ ? "ଶକ୍ତିଶାଳୀ" କହିଲେ କ'ଣ ବୁଝାଏ, ତୁମେ ଜାଣିନ ?

> ମାତ୍ର ଶ୍ରୀଅରବିନ୍ଦ ଏଠାରେ କହିଛନ୍ତି, "ଏକ ଶକ୍ତିଶାଳୀ ଯୋଗାନୁଶୀଳନର ପଥରେ ଏହିପରି ଏକ ବୌଦ୍ଧିକ ପ୍ରସ୍ତୁତି ବସ୍ତୁତଃ ଆମର ସର୍ବପ୍ରଥମ ପର୍ଯ୍ୟାୟ ହୋଇପାରିବ ସତ, ମାତ୍ର ଏହାକୁ କଦାପି ଅପରିହାର୍ଯ୍ୟ ବୋଲି କହି ହେବ ନାହିଁ ।"
>
> ଯୋଗସମନ୍ୱୟ, ପୃଷ୍ଠା-୭୫

ହଁ, ଏକ ଅତ୍ୟନ୍ତ ସମ୍ପୂର୍ଣ୍ଣ ଯୋଗକୁ ଶକ୍ତିଶାଳୀ ଯୋଗ ବୋଲି କୁହାଯିବ; ସେହି ଯୋଗ ମଧ୍ୟରେ ପ୍ରକୃତରେ ଅନେକ କିଛି ଅନ୍ତର୍ଭୁକ୍ତ ହୋଇ ରହିବ । ତାହା ଅନେକ ଉପାଦାନକୁ ଆପଣା ମଧ୍ୟରେ ଗ୍ରହଣ କରି ରହିଥିବ । ତେଣୁ ବୌଦ୍ଧିକ ଜ୍ଞାନର ଏହି ଉପାଦାନଟି ମଧ୍ୟ ଯୋଗର ଧାରଣାକୁ ଅଧିକ ଶକ୍ତିମନ୍ତ କରିଦେଇ ପାରିବ ।

ଏହା ଦ୍ୱାରା କ'ଣ ଆମେ ପୂର୍ଣ୍ଣଯୋଗକୁହିଁ ବୁଝିବା ?

'oaob.nitrkl.ac.in' images reprocessed

ନା—ଗୋଟାସୁଦ୍ଧା କଦାପି ତାହାକୁ ବୁଝିବା ନାହିଁ । ପୂର୍ଣ୍ଣଯୋଗ ମଧ୍ୟରେ ସତ୍ତାର ସକଳ ଅଂଶ ଏବଂ ସକଳ କ୍ରିୟାଶୀଳତା ଅନ୍ତର୍ଭୁକ୍ତ ହୋଇ ରହିଥାଏ; ମାତ୍ର ଗୋଟିଏ ସତ୍ତାର କ୍ରିୟାଶୀଳତା ଆଉ ଗୋଟିଏ ସତ୍ତାର କ୍ରିୟାଶୀଳତା ସହିତ କଦାପି ସମାନ ଭାବରେ ଶକ୍ତିମନ୍ତ ହୋଇ ରହି ନଥାଏ; ଏବଂ ଗୋଟିଏ ସତ୍ତାର ପୂର୍ଣ୍ଣତା କଦାପି ଆଉ ଗୋଟିଏ ସତ୍ତାର ପୂର୍ଣ୍ଣତା ସହିତ ସମାନ ଭାବରେ ଶକ୍ତିମନ୍ତ ହୋଇ ରହି ନଥାଏ । କ'ଣ ବୁଝି ପାରିଲ ନାହିଁ ?

ତୁମର ସମସ୍ତ ସତ୍ତା, ବର୍ତ୍ତମାନ ତାହା ଯେପରି ରହିଛି, ଯଦି ଯୋଗର ସାଧନାରେ ଅଂଶଗ୍ରହଣ କରିବାକୁ ସମର୍ଥ ହୁଏ, ତେବେ ତୁମ ଲାଗି ସେହି ଯୋଗ ଏକ ସମ୍ପୂର୍ଣ୍ଣ ଯୋଗରେ ପରିଣତ ହୁଏ । ମାତ୍ର ଆଉ ଜଣକର ଅଂଶଗ୍ରହଣ ସହିତ ତୁଳନା କଲେ ତୁମର ଅଂଶଗ୍ରହଣ ହୁଏତ ଅତ୍ୟନ୍ତ ଦରିଦ୍ର ଓ ଅତି ସାମାନ୍ୟ ଧରଣର ହୋଇ ଥାଇପାରେ ଏବଂ ଚେତନାର ଯେତିକିଟି ଉପାଦାନ ତୁମ ଭିତରେ ଅନ୍ତର୍ଗତ ହୋଇ ରହିଛି, ଆଉ ଜଣେ ବ୍ୟକ୍ତିର ଚେତନା ମଧ୍ୟରେ ଅନ୍ତର୍ଗତ ହୋଇ ରହିଥିବା ଚେତନାର ଉପାଦାନ ତୁଳନାରେ ହୁଏତ ଅତ୍ୟନ୍ତ ଅଳ୍ପସଂଖ୍ୟକ ହୋଇପାରେ । ମାତ୍ର ତଥାପି ତୁମର ଆଚରିତ ଯୋଗକୁ ତୁମ ଲାଗି ପୂର୍ଣ୍ଣ ବୋଲି କୁହାଯାଇ ପାରିବ, ଅର୍ଥାତ୍, ତୁମ ସତ୍ତାର ସବୁଯାକ ଅଂଶରେ ଓ ସକଳ କ୍ରିୟାଶୀଳତାର କ୍ଷେତ୍ରରେ ସେହି ଯୋଗର ସାଧନା କରି ଯାଉଥିବ ।

ତୁମେ ଜାଣିଛ, ମୋ ପାଖରେ ଗୋଟିଏ ବିଲେଇ ଥିଲା, ଯିଏକି ଯୋଗର ଅନୁଶୀଳନ କରୁଥିଲା । ହଁ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଗୋଟିଏ ବିଲେଇର ଯୋଗକୁ ଜଣେ ମନୁଷ୍ୟର ଯୋଗ ସହିତ କଦାପି ସମାନ ପରିମାଣରେ ଶକ୍ତିମନ୍ତ ଏକ ଯୋଗ ବୋଲି କୁହାଯାଇ ପାରିବ ନାହିଁ । ମାତ୍ର ତଥାପି ତାକୁ ମଧ୍ୟ ଏକ ସମାନ ଭାବରେ ପୂର୍ଣ୍ଣଯୋଗ ବୋଲି କୁହାଯିବ, ସମାନ ଭାବରେ ସମ୍ପୂର୍ଣ୍ଣ ବୋଲି କୁହାଯିବ । ଏପରିକି ତା'ର ଶରୀର ମଧ୍ୟ ସେହି ଯୋଗରେ ଅଂଶ ଗ୍ରହଣ କରି ପାରୁଥିଲା । ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯେଉଁ ପଦ୍ଧତିରେ ବିଲେଇଟି ଯୋଗ କରୁଥିଲା, ତାହା ମନୁଷ୍ୟର ପଦ୍ଧତି ସହିତ କଦାପି ସମାନ ନଥିଲା ।

ମାଆ, "ସଚଳ ବିଗ୍ରହଶକ୍ତି" କହିଲେ କ'ଣ ବୁଝାଇବ ?

ଏହା ଏପରି ଏକ ବସ୍ତୁର ବା ଭାବନାକୁ ବୁଝାଇବ, ଯାହା ତୁମକୁ ଇଚ୍ଛାଶକ୍ତି ଆଣିଦେବ, ଉତ୍ସାହ ଆଣିଦେବ ଏବଂ ଉପଲବ୍ଧିର ଏକ ପରାକ୍ରମ ଆଣିଦେବ । ଯେଉଁ ବସ୍ତୁ ଉପଲବ୍ଧି ଆଡ଼କୁ ଗତି କରୁଥାଏ ଓ ତୁମକୁ ମଧ୍ୟ ଉପଲବ୍ଧି ଆଡ଼କୁ ଅଗ୍ରସର ହେବା ଲାଗି ଉତ୍ସାହ ଆଣି ଦେଉଥାଏ, ଆମେ ତାହାକୁହିଁ ଏକ "ସଚଳ" ବସ୍ତୁ ବୋଲି କହିବା ।

'oaob.nitrkl.ac.in' images reprocessed

> ଏଠାରେ ଶ୍ରୀଅରବିନ୍ଦ ଲେଖିଛନ୍ତି, "ମାତ୍ର ତଥାପି ଆତ୍ମୋତ୍ସର୍ଗର ପଛରେ ରହିଥିବା ସଚଳ ବସ୍ତୁଗତଶକ୍ତିଟି ଯେତିକ ଅଧିକ ବୃହତ୍ ତଥା ପ୍ରଶସ୍ତ ହେବ, ତାହା ସାଧକ ଲାଗି ସେତିକ ଅଧିକ ଉପକାରକ ହୋଇ ପାରିବ ।"
>
> ଯୋଗସମନ୍ୱୟ, ପୃଷ୍ଠା-୭୬

**ଗୋଟିଏ ସାନ ବସ୍ତୁର ଓ ଗୋଟିଏ ବୃହତ୍ ବସ୍ତୁର, ଗୋଟିଏ ଅଳ୍ପାୟତନ ବସ୍ତୁର ଏବଂ ଆଉ ଗୋଟିଏ ପ୍ରଶସ୍ତ ହୋଇ ରହିଥିବା ବସ୍ତୁର,—ଦୁଇଟି ମଧ୍ୟରେ ଯେଉଁ ଅନ୍ତର ରହିଛି, ତୁମେ କ'ଣ କେବେହେଲେ ତାହାକୁ ଅନୁଭବ କର ନାହିଁ ?**

> ମାତ୍ର, ଶ୍ରୀଅରବିନ୍ଦ ଆଗରୁ କହିଛନ୍ତି ଯେ ଏହି ବସ୍ତୁଗତି ସହିତ ଯଦି ଆତ୍ମୋତ୍ସର୍ଗ ଭାବ ରହିଥିବ, ତେବେ ତାହାହିଁ ଯଥେଷ୍ଟ ହେବ । ପରେ ସିଏ କହୁଛନ୍ତି ଯେ, ଯଦି ତାହା ପ୍ରଶସ୍ତ ହୋଇଥିବ, ତେବେ ତାହା ଆହୁରି ଭଲ ହେବ ।

**ଶୁଣ, ବର୍ତ୍ତମାନ ତୁମକୁ ମୁଁ ଏକ ବେଶ୍ ଅତ୍ୟନ୍ତ ମୂର୍ତ୍ତ ଏବଂ ପାର୍ଥିବ ଉଦାହରଣ ଦେବାକୁ ଯାଉଛି । ତୁମ ପାଖରେ ଯାହା ପଇସା ଥିଲା, ତୁମେ ତାକୁ ଉତ୍ସର୍ଗ କରିଦେଲ; ମନେକର ତୁମ ପାଖରେ ତିନ ଟଙ୍କା ଥିଲା । ତୁମର ଜଣେ ପ୍ରତିବେଶୀଙ୍କ ପାଖରେ ପଚିଶ ଟଙ୍କା ଥିଲା, ସିଏ ମଧ୍ୟ ତାହାକୁ ଉତ୍ସର୍ଗ କରିଦେଲେ । ପଚିଶ ଟଙ୍କା ଦାନ କରିବା ହେଉଛି ତିନ ଟଙ୍କା ଦାନ କରିବା ତୁଳନାରେ ଏକ ଅଧିକ ଦାନ, ନୁହେଁ କି ? ବାସ୍, ଏଠାରେ ତାହାହିଁ ବୁଝିବାକୁ ହେବ ।**

**ମାତ୍ର ନୈତିକ ଦୃଷ୍ଟିରୁ ବିଚାର କରି ଦେଖିଲେ, ତୁମ ପାଖରେ ଯାହା ଥିଲା, ଯଦି ତୁମେ ସେହି ସବୁଯାକ ଦେଇଦେଇଛ, ତେବେ ତୁମେ ସର୍ବାଧିକ ଯାହା କରି ପାରିଥାନ୍ତ, ତାହାହିଁ କରିଛ । ତୁମ ପାଖରୁ ତା'ଠାରୁ କଦାପି ଅଧିକ ମଗାଯାଇ ପାରିବ ନାହିଁ । କେତେ ଟଙ୍କା ମିଳିଲା, ସେହି ଦୃଷ୍ଟିକୋଣରୁ ନୁହେଁ, ମାତ୍ର ନୈତିକ ଏବଂ ବିଶୁଦ୍ଧ ଭାବରେ ଆଧ୍ୟାତ୍ମିକ ଦୃଷ୍ଟିରୁ ବିଚାର କଲେ ଏହାହିଁ ସତ କଥା । ବିଶୁଦ୍ଧ ଭାବରେ ଆଧ୍ୟାତ୍ମିକ ଦୃଷ୍ଟିରୁ ବିଚାର କଲେ, ତୁମେ ଯେଉଁ ତିନୋଟି ଟଙ୍କା ଦାନ କଲ, ପଚିଶ ଟଙ୍କାର ଏକ ଦାନ ସହିତ ତାହାର ମଧ୍ୟ ଏକ ସମପରିମାଣ ମୂଲ୍ୟ ରହିଛି । ଏବଂ ସିଏ ପଚିଶ ଟଙ୍କା ଦାନ କଲେ, ଯଦି ସେ ନିଜ ପାଖରେ ଗୋଟିଏ ବି ଟଙ୍କା**

'oaob.nitrkl.ac.in' images reprocessed

ରଖିଥାନ୍ତି, ତେବେ, ତୁମର ଛଅ ଟଙ୍କା ଦାନର ତୁଳନାରେ ତାଙ୍କର ଦାନଟିକୁ ନିଶ୍ଚୟ ଅପେକ୍ଷାକୃତ କମ୍ ସମ୍ପୂର୍ଣ୍ଣ ଓ କମ୍ ବିଶୁଦ୍ଧ ବୋଲି ବୁଝାଯାଇ ପାରିବ। ତେଣୁ, ସେହି ଭୂମିକି ଉପରେ ଆମେ କଦାପି କଥାଟିର ବିଚାର କରିବାକୁ ଯିବା ନାହିଁ। ମାତ୍ର ବାସ୍ତବ କ୍ଷେତ୍ରରେ କେତେ ସଂଖ୍ୟାରେ ଟଙ୍କା ପ୍ରାପ୍ତ ହେଲା, ସେହି ଦୃଷ୍ଟିରୁ ବିଚାର କଲେ ଏକଥା କଦାପି ଅସ୍ୱୀକାର କରାଯାଇ ପାରିବ ନାହିଁ ଯେ ସହସ୍ର ଟଙ୍କା ହେଉଛି ଛଅ ଟଙ୍କାଠାରୁ ପରିମାଣରେ ବେଶୀ,—ଯେଉଁମାନେ ଗଣିତ ଜାଣନ୍ତି, ସେମାନେ ସମସ୍ତେ ଏକଥା ଜାଣିଛନ୍ତି।

(ମାଆ ନୀରବ ରହିଲେ)

ମାଆ, ଏବର୍ଷ ଆପଣ ଯେଉଁ ବାଣୀଟି* ଦେଇଛନ୍ତି, ସେଇଟିକୁ ଆପଣ ଆଉ ଟିକିଏ ବୁଝାଇ କରି କହିବେ କି ?

ମୁଁ ଏବର୍ଷ ଯେଉଁ ବାଣୀଟି ଦେଇଛି ? ସେବିଷୟରେ ତୁମର କ'ଣ କହିବାକୁ ଅଛି ?

ଏଥିରୁ କ'ଣ ଏପରି ଅନୁମାନ କରାଯାଇ ପାରିବ ଯେ ଏବର୍ଷ ଅନେକ ବଡ଼ ବଡ଼ ବିଜୟ ପ୍ରାପ୍ତ ହେବାକୁ ଯାଉଛି ?

ବାଣୀଟିର ଅର୍ଥଟିକୁ ସମ୍ଭବତଃ ଖୁବ ସହଜରେ ଭୁଲ୍ ବୁଝି ହେବ : ଏହାର ଅର୍ଥ ହେଉଛି ଯେ ଆଦୌ କୌଣସି ପ୍ରକାର ପାଟିତୁଣ୍ଡ ନକରି ଘଟଣାଗୁଡ଼ିକୁ ଘଟିବାକୁ ଦେବା ପ୍ରକୃତରେ ଅଧିକ ଭଲ। ମୋତେ ପଚାରିଲେ ମୁଁ କଥାଟିର ଅର୍ଥ ଏତିକି ବୋଲି କହିବି : ଯାହାକିଛି ଘଟିବାକୁ ଯାଉଛି, ତାହା ଘଟିବା ପୂର୍ବରୁ ସେବିଷୟରେ ଆଦୌ କିଛି ନକହିବା ହେଉଛି ଅତ୍ୟନ୍ତ ଅଧିକ ଭଲ। ତା' ନହେଲେ, ମୁଁ ଯାହାକୁ "ନାଗରା ପିଟିବା" ବୋଲି କହୁଛି, ତାହା କେବଳ ସେଇଥିରେହିଁ ପରିଣତ ହୋଇଯାଏ; ତାହାକୁ ଆମେ ହୁଏତ ପ୍ରଚାର ବୋଲି ବି କହିପାରିବା।

---

* ୧୯୫୬ ମସିହାର ନବ ବର୍ଷର ବାଣୀ : "ସବୁଠାରୁ ବଡ଼ ବିଜୟଗୁଡ଼ିକୁ ସବୁଠାରୁ କମ୍ କୋଳାହଳ କରି ହାସଲ କରାଯାଏ। ଏକ ନୂତନ ପୃଥିବୀର ଆବିର୍ଭାବକୁ ନାଗରା ପିଟି କଦାପି ଘୋଷଣା କରାଯାଏ ନାହିଁ।"

'oaob.nitrkl.ac.in' images reprocessed

ଯେଉଁମାନେ "ଏହା କେଉଁଭଳି ହେବାକୁ ଯାଉଛି ?" ବୋଲି ପଚାରନ୍ତି, ଏହା ଠିକ୍ ସେହିମାନଙ୍କର କଥା ପରି । କଭଳି ହେବ ଦେଖାଯିବ ! ଆମେ ସେଥିଲାଗି ଅପେକ୍ଷା କରିବା, ଅନ୍ତତଃ ଆମକୁ ଚକିତ କରିଦେବା ଭଳି ଗୋଟାଏ କିଛି ତ ଘଟିବ ! ···ଏବଂ ମୁଁ ଏସବୁ କଥାର ଉତ୍ତର ଦେଇ କହେ, "ଏବିଷୟରେ ମୁଁ ଆଦୌ କିଛି ଜାଣେ ନାହିଁ ।" କାରଣ, ପୃଥିବୀ ବର୍ତ୍ତମାନ ଯେଉଁ ଚେତନାରେ ରହିଛି, ମୁଁ ତତ୍‌କ୍ଷଣାତ୍ ନିଜକୁ ସେହି ଚେତନାରେ ଆଣି ଅବସ୍ଥାପିତ କରାଏ; ଅସାଧାରଣ ନାନା ଘଟଣା ଘଟିବାକୁ ଯାଉଛି ବୋଲି ସେହି ପୃଥିବୀଟି ଆଗରେ ଘୋଷଣା କରାଯାଏ ଏବଂ ଏହି ପୃଥିବୀ ସେଗୁଡ଼ିକର ଆଦୌ କୌଣସି କଳ୍ପନା କରି ପାରେ ନାହିଁ । କାରଣ, ମୁଁ ଥରେ ତୁମମାନଙ୍କୁ ଯେପରି କହୁଥିଲି, ଯଦି ଆମେ ସେଗୁଡ଼ିକର କଳ୍ପନା କରିବାକୁ ଆରମ୍ଭ କରିବା, ତେବେ ତାହାର ଅର୍ଥ ହେବ ଯେ ସେଗୁଡ଼ିକ ଏଠାରେ ଆସି ଉପସ୍ଥିତ ହୋଇ ସାରିଲେଣି । ତୁମେ କୌଣସି ବସ୍ତୁର କଳ୍ପନା କରିପାରିବା ପୂର୍ବରୁ ସେହି ବସ୍ତୁଟିର ଏକ ଅସ୍ତିତ୍ୱ ରହିବାକୁ ପଡ଼ିବ, ତା' ନହେଲେ ତୁମେ ସେଇଟିକୁ କଦାପି କଳ୍ପନା କରି ପାରିବ ନାହିଁ ।

ହଁ, ଯାହାକିଛି ବିଦ୍ୟମାନ ରହିଛି, ଆମର ଉଚ୍ଚତର ସତ୍ତାରେ ଆମେ ତାହାକୁ ଅତ୍ୟନ୍ତ ସ୍ପଷ୍ଟ, ଅତ୍ୟନ୍ତ ନିର୍ଭୁଲ ଓ ଆଲୋକିତ ଭାବରେ ପ୍ରତ୍ୟକ୍ଷ କରି ପାରିବା । ମାତ୍ର ଏହି ଜଡ଼ଭୂମିର ଚେତନା ମଧ୍ୟକୁ ଓହ୍ଲାଇ ଆସିଲେ ଆମକୁ କହିବାକୁ ହେବ ଯେ "ହଁ, ସତ କଥା, ମୁଁ ଏବିଷୟରେ କିଛିହେଲେ ଜାଣି ନାହିଁ ।" ଯେତେବେଳେ ତାହା ଏହି ଭୂମିରେ ଘଟିବ, ସେତେବେଳେ ମୁଁ ସେଇଟି ବିଷୟରେ ସବୁ କଥା କହିଦେଇ ପାରିବି । ଏବଂ, ଯଥାର୍ଥ ଭାବରେ କହିବାକୁ ଗଲେ, ସେତେବେଳେ କହିବା ଲାଗି ମଧ୍ୟ ସମ୍ଭବତଃ ଆଉ କୌଣସି ଆବଶ୍ୟକତା ନଥିବ, ତୁମେ ସ୍ୱୟଂ ସବୁକିଛି ଦେଖିବାକୁ ସମର୍ଥ ହେବ । ମୁଁ ଆଶା କରୁଛି ଦେଖି ପାରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ତୁମେମାନେ ବି ରହିଥିବ । କାରଣ, ପୁନଶ୍ଚ କହିରଖିବାକୁ ହେବ ଯେ ସେତେବେଳେ ନଦେଖି ପାରିବାର କେତେକ ବ୍ୟକ୍ତି ମଧ୍ୟ ଅବଶ୍ୟ ରହିଥିବେ ।

ଏବଂ ତେଣୁ, ଏସବୁ ବିଷୟରେ ମୁଣ୍ଡ ଖେଳାଇ କି ଲାଭ ଅଛି ? ତେବେ "ହେଇ, ମୁଁ ତୁମକୁ କହୁଛି ଶୁଣ, ଏହା ଏହିଭଳି ଭାବରେ ଘଟିବ" ବୋଲି ଲୋକମାନଙ୍କୁ କହି ବୁଲିବାରେ ବି କି ଲାଭ ? ଏଠି ଥରେ ଅଭିନୀତ ହୋଇଥିବା ସେହି ନାଟକଟି ପରି ସେମାନେ ତୁମ କଥା ଶୁଣି ଜବାବ ଦେବେ, "କିନ୍ତୁ କାହିଁ, ମୁଁ ତ କିଛିହେଲେ ଦେଖି ପାରୁ ନାହିଁ !" ତୁମମାନଙ୍କର ମନେ ଅଛି, Le Sage ନାଟକଟିରେ ଏହି କଥାଟି ଥିଲା ? ତୁମମାନଙ୍କର କ'ଣ ମନେ ପଡ଼ୁ ନାହିଁ ଯେ Le Sage ନାଟକରେ ପରମ ଉଦ୍ୟସତ୍ତା ସମସ୍ତଙ୍କର କଥା ଶୁଣି ପାରୁଛନ୍ତି ଓ

'oaob.nitrkl.ac.in' images reprocessed

ସେଠାରେ ଉପସ୍ଥିତ ରହିଛନ୍ତି ବୋଲି ଦାବୀ କରି ଆସି ସେମାନଙ୍କୁ କହିଲା ? ଏବଂ ତା'ପରେ ଜଣେ ଉତ୍ତର ଦେଇ କହିଲା, "କିନ୍ତୁ, ମୁଁ ତ କାହିଁକି ମୋଟେ ଦେଖି ପାରୁ ନାହିଁ !" ଇଏ ବି ସେହିପରି କଥା ।

ଏହା ଠିକ୍ ସେହିସବୁ ଲୋକଙ୍କର ବ୍ୟାପାର ଭଳି, ଯେଉଁମାନେ କି ଆଶ୍ରମକୁ ବୁଲି ଆସନ୍ତି ଓ କହନ୍ତି, "କିନ୍ତୁ ଏଠାରେ କୌଣସି ଆଧ୍ୟାତ୍ମିକତା ବୋଲି ତ କେଉଁଠି କିଛି ନାହିଁ !"···ସେମାନେ ସେହି କଥାଟିକୁ ପୁଣି ଦେଖି ପାରିଥାନ୍ତେ କିପରି ? କେଉଁ ଆଖି ବା ଅନ୍ୟ ଇନ୍ଦ୍ରିୟ ଦେଇ ଦେଖିଥାନ୍ତେ ?

ମାତ୍ର, ମୁଁ ତଥାପି ଆଶା କରୁଛି ଯେ ଯେତେବେଳେ କିଛି ନା କିଛି ଆତ୍ମପ୍ରକାଶ କରିବ, ସେତେବେଳେ ତୁମେମାନେ ସେଇଟିକୁ ନିଶ୍ଚୟ ଦେଖିପାରିବ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଦି ହଠାତ୍ ଚମତ୍କାରିକ ପ୍ରକଟନମାନ ଦେଖିବାକୁ ମିଳେ ବା ଯଦି ବାହ୍ୟ ଶାରୀରିକ ରୂପଗୁଡ଼ାକ ସମ୍ପୂର୍ଣ୍ଣରୂପେ ବଦଳିଯାଏ, ତେବେ ମୁଁ ଭାବୁଛି ଯେ ଗୋଟାଏ କୁକୁର, ଗୋଟିଏ ବିଲେଇ ବା ଆଉ ଯେକୌଣସି ସତ୍ତ୍ୱ ମଧ୍ୟ ତାହାର ପ୍ରତ୍ୟକ୍ଷ କରିପାରିବ । ମାତ୍ର ସେଥିଲାଗି ସମୟ ଲାଗିବ । ତାହା କଦାପି ବର୍ତ୍ତମାନ ସଙ୍ଗେସଙ୍ଗେ ଘଟିବାକୁ ଯାଉ ନାହିଁ । ଏହା ବର୍ତ୍ତମାନ କେବେହେଲେ ଘଟିବ ନାହିଁ । ଏହା ଘଟିବାକୁ ଅନେକ ବାଟ ବାକି ରହିଛି, ଅନେକ ବେଳ ବାକି ରହିଛି । ତାହା ପୂର୍ବରୁ ଆହୁରି ଅନେକ ବଡ଼ ବଡ଼ କଥା ଘଟିବ, ଏବଂ ସେଗୁଡ଼ିକୁ ଆମେ ଏଇଟି ତୁଳନାରେ ଅନେକ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଜାଣି ରଖିବା । ମୋର ଏହି କଥାଗୁଡ଼ିକୁ ଭଲ କରି ମନେ ରଖିଥାଅ ।

କାରଣ, ବସ୍ତୁତଃ ତାହାକୁ ଫୁଟି ଉଠୁଥିବା ଗୋଟିଏ ଫୁଲ ବୋଲି ବୁଝିବାକୁ ହେବ । ମାତ୍ର ସେଇଟି ଫୁଟିଉଠିବା ପୂର୍ବରୁ, ଗଛଟିର ଚେର ଭିତରେ ତାହାର ଅସ୍ତିତ୍ୱଟିର ଆଧାରସମ୍ଭାବନାଟିକୁ ଅବସ୍ଥାପିତ ହୋଇ ରହିବାକୁ ପଡ଼ିବ ।

ଯଦି ଏପରି କୌଣସି ପ୍ରକଟନ ସମ୍ଭବ ହୁଏ, ତେବେ ତାହା କ'ଣ ସମ୍ପୂର୍ଣ୍ଣ ଭାବରେ ଏକ ଆଧ୍ୟାତ୍ମିକ ପ୍ରକଟନରୂପେହିଁ ଆସିବ, ଅର୍ଥାତ୍, ଯେଉଁମାନେ ଯୋଗସାଧନା କରୁଛନ୍ତି, କେବଳ ସେହିମାନେହିଁ କ'ଣ ତାହାକୁ ଦେଖିବାକୁ ପାଇବେ ?—ନା ଏହି ନିତ୍ୟନୈମିତ୍ତିକ ଘଟଣାର ପୃଥିବୀରେ ମଧ୍ୟ ତାହାର କୌଣସି ପରିଣାମ ପ୍ରତିଫଳିତ ବି ହେବ ?

ତୁମେ ଏସବୁ କହିଲାବେଳେ ଭବିଷ୍ୟତ କାଳର ବ୍ୟବହାର କାହିଁକି କରୁଛ ?

'oaob.nitrkl.ac.in' images reprocessed

ଏହି ପୃଥିବୀରେ ଅନେକ ବର୍ଷ ଧରି ଅସାଧାରଣ ଓ ବିସ୍ମୟକାରୀ ପରିଣାମମାନ ଘଟିବାରେ ଲାଗିଛି । ମାତ୍ର ତାହାକୁ ଦେଖି ପାରିବାକୁ ହେଲେ ଆମର ତଦନୁରୂପ ଜାଗ୍ରତ୍ ଜ୍ଞାନ ରହିଥିବା ଆବଶ୍ୟକ; ତା' ନହେଲେ ସେଗୁଡ଼ିକୁ ଅତିସାଧାରଣ ଓ ବୈଚିତ୍ର୍ୟହୀନ କେତେଟା ଘଟଣା ବୋଲି ଗ୍ରହଣ କରିବାର ସବୁବେଳେ ଏକ ଭୟ ରହିଛି ।—କାରଣ ସେହି ଘଟଣାଗୁଡ଼ିକ ପ୍ରକୃତରେ କିପରି ଘଟୁଛି, ଆମେ ତାହାକୁ ହୁଏତ ଜାଣି ମଧ୍ୟ ପାରୁ ନାହୁଁ ।

ତେଣୁ ସମ୍ଭବତଃ, ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି ଘଟିବ; ସମ୍ଭବତଃ ବିରାଟ ପରିବର୍ତ୍ତନମାନ ଘଟିବ, ବିସ୍ମୟକାରୀ କେତେ କେତେ କ୍ରିୟା ହେବ, ଏବଂ ହୁଏତ ଲୋକମାନେ ତଥାପି "କାନ୍ତୁ ଏଥିରେ ପୁଣି ବିଚିତ୍ର ବା ଅସାଧାରଣ କ'ଣ ରହିଲା ?" ବୋଲି କହିବାରେ ଲାଗିଥିବେ । କାରଣ, ସେସବୁ କିପରି ଘଟୁଛି, ସେଇଟି ବିଷୟରେ ସେମାନଙ୍କର ଆଦୌ କୌଣସି ଜ୍ଞାନ ନଥିବ ।

ଏବଂ, ଏହି ପୃଥିବୀରେ ହେବାକୁ ଯାଉଥିବା ଏକ କ୍ରିୟାର କଥା କହୁଛ ? —ଏହି କ୍ରିୟା ତ ଏଠାରେ ସତତ ଲାଗିରହିଛି । ଏହା ସର୍ବତ୍ର ବ୍ୟାପ୍ତ ହୋଇ ଚାଲିଛି, ସର୍ବତ୍ର ଆପଣାକୁ କ୍ରିୟାନ୍ୱିତ କରୁଛି । ସର୍ବତ୍ର ନୂତନ ନୂତନ ଅନୁସ୍ପନ୍ଦନ ସଞ୍ଚାର କରିଦେଉଛି, ନୂତନ ଆଭିମୁଖ୍ୟ, ନୂତନ ଭାବନା ଓ ନୂତନ ସକ୍ରିୟ ଇଚ୍ଛାକୁ ପ୍ରେରିତ କରିବାରେ ଲାଗିଛି,—ସର୍ବତ୍ର କରିବାରେ ଲାଗିଛି । ମାତ୍ର, ଏହା କିପରି ଘଟୁଛି, ଆମେ ସେହି କଥାଟିକୁ ଜାଣି ନଥିବାରୁ ଆମେ ତାହାକୁ, ଲୋକେ କହିଲା ପରି, "ବେଶ୍ ଏକ ସାଧାରଣ ମାମୁଲି ବ୍ୟାପାର" ବୋଲି ଭାବୁଛୁ ।

ଏହା ଅତ୍ୟନ୍ତ ସାଧାରଣ ଓ ଅତ୍ୟନ୍ତ ସ୍ୱାଭାବିକ; ମାତ୍ର ଏହି ସାଧାରଣ ଜଡ଼ପ୍ରକୃତିର ସାଧାରଣତାଠାରୁ ଏହା ହେଉଛି ଏକ ଅନ୍ୟ ପ୍ରକାରର ସାଧାରଣତା ।

ହଁ, ଏକଥା ବେଶ୍ ନ୍ୟାୟସଙ୍ଗତ ଭାବରେ କୁହାଯାଇ ପାରିବ ଯେ ପରମ ଚିନ୍ମୟସତ୍ତାର କାର୍ଯ୍ୟକୁ ପ୍ରତ୍ୟକ୍ଷ କରିବାକୁ ହେଲେ ଆମକୁ ତାହାର ବିଷୟରେ ସଚେତନ ହେବାକୁ ପଡ଼ିବ । ସେହି ଚିନ୍ମୟ ସତ୍ତାଟି ବିଷୟରେ ଆମ ଭିତରେ କୌଣସି ସଚେତନତା ନଥିଲେ ଆମେ ତାହାର କୌଣସି କ୍ରିୟାଶୀଳତାକୁ କିପରି ପ୍ରତ୍ୟକ୍ଷ କରିପାରିବା ? କାରଣ, ପରମ ଚିନ୍ମୟସତ୍ତା ଏହି ଜଡ଼ଜଗତର ଭୂମି ଉପରେ ଯାହାକିଛି କରୁଛି, ତାହାର ପରିଣାମଟି ଅବଶ୍ୟମ୍ଭାବୀ ଭାବରେ ସେହିପରି ଜଡ଼ଗତହିଁ ହୋଇ ରହିଛି । ଏବଂ, ତାହା ଜଡ଼ଗତ ହୋଇ ରହିଥିବାରୁ ତୁମେ ତାହାକୁ ବେଶ୍ ସାଧାରଣ ବୋଲିହିଁ ପ୍ରତ୍ୟକ୍ଷ କରୁଛ । ପ୍ରକୃତି ଯାହାକିଛି କରୁଛି, ସେବିଷୟରେ ତୁମେ ବସ୍ତୁତଃ କ'ଣ ଜାଣିଛ, ଏବଂ ପରମ ଚିନ୍ମୟସତ୍ତା ଯାହା କରୁଛି, ସେବିଷୟରେ ବା କ'ଣ ଜାଣିଛ ? ପ୍ରକୃତି ଯାହାକିଛି କରୁଛି,—ମୁଁ ବର୍ତ୍ତମାନ ଭୌତିକ ପ୍ରକୃତିର କଥାହିଁ କହୁଛି,—ଆମେ ତାହାର ଅତି ଅଳ୍ପ ଅଂଶହିଁ ଜାଣିଛୁ,

'oaob.nitrkl.ac.in' images reprocessed

ହୁଏତ ପ୍ରାୟ କହୁହେଲେ ଜାଣି ନାହୁଁ, କାରଣ ତାହା ଜାଣିବାକୁ ହେଲେ, ଆମେ ଆଗରୁ ଯାହାସବୁ ଜାଣିଛୁ ବୋଲି ଭାବୁଥିଲୁ, ତାହାକୁ ଗୋଟାସୁଦ୍ଧା ନାକଚ ବୋଲି ପ୍ରମାଣିତ କରିଦେବାକୁ ଆସୁଥିବା ଆହୁରି ଅନେକ କଥାକୁ ଆମକୁ ସତତହିଁ ଜାଣିବାକୁ ପଡ଼ୁଥିବ । ତେଣୁ, କେଉଁଟା କେବଳ ପ୍ରକୃତିର କାର୍ଯ୍ୟ ଓ ଆଉ କେଉଁଟା ପ୍ରକୃତିର ମାଧ୍ୟମରେ ପରମ ଚୈତନ୍ୟସତ୍ତାର କାର୍ଯ୍ୟ, ଏହି କଥାଟିକୁ ଅଲଗା ଅଲଗା କରି ଜାଣିବାର ଉପାୟ ପୁଣି କ'ଣ ? ଏହି ଦୁଇ କଥା ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଅବଶ୍ୟ ଜାଣି ପାରୁଥିବା ଉଚିତ । ଏବଂ, ଯଦି ଆମର ଚେତନା ଯଥେଷ୍ଟ ପରିମାଣରେ ସ୍ୱଚ୍ଛ ହୋଇ ନଥାଏ ଏବଂ ପରମ ଚୈତନ୍ୟସତ୍ତା କ'ଣ ସେବିଷୟରେ ନିଶ୍ଚିତ ଭାବରେ କିଛି ଜାଣି ନଥାଏ, ତେବେ ସେହି ଅବସ୍ଥାରେ ଆମେ ଉକ୍ତ ଦୁଇଟି ବସ୍ତୁ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଜାଣି ପାରିବା ବା କିପରି ? ସେହି ଚୈତନ୍ୟସତ୍ତାକୁ ଆମେ ଚିହ୍ନିନେଇ ପାରିବା କିପରି, ତାଙ୍କର କରଣିଗୁଡ଼ିକୁ ଦେଖିବାକୁ ସମର୍ଥ ହେବା ବା କିପରି ? ଏହି ବିଷୟଟି ମୋତେ ଭାରି ସହଜ ଏବଂ ଯୁକ୍ତିସମ୍ମତ କଥା ବୋଲି ମନେ ହେଉଛି ।

ପୃଥିବୀ ସତତ ଗତି କରୁଥିବ । ଘଟଣାମାନ ଘଟିବାରେ ଲାଗିଥିବ । ଏବଂ ସେଗୁଡ଼ିକ କିପରି ଘଟିଲା, ମୁଷ୍ଟିମେୟ ମନୁଷ୍ୟ ସେହି କଥାଟିକୁ ଅବଶ୍ୟ ଜାଣିବେ । ବାସ୍, ଏତିକି କଥା ।

ଏବଂ, ମଧ୍ୟବର୍ତ୍ତୀ ଅବସ୍ଥାଗୁଡ଼ିକୁ ଅତିକ୍ରମ ନକରାଇ ଆମ ଭିତରୁ କୌଣସି ବ୍ୟକ୍ତିକୁ ଦୁଇ ବା ତିନି ହଜାର ବର୍ଷ ପୂର୍ବର ପୃଥିବୀ ମଧ୍ୟରେ ନେଇ ଯଦି ପ୍ରବେଶ କରାଇ ଦିଆଯାଏ, ବା ସମ୍ଭବତଃ ଆହୁରି କମ୍, ଅର୍ଥାତ୍ ପ୍ରାୟ ହଜାରେ କିଂବା ଦୁଇ ହଜାର ବର୍ଷ ପୂର୍ବର ପୃଥିବୀ ମଧ୍ୟରେ ନେଇ ପକାଇ ଦିଆଯାଏ, ତେବେ ସେହି କ୍ଷେତ୍ରରେ ଏପରି ଏକ ଶ୍ୱାସରୁଦ୍ଧକାରୀ ଅନ୍ୟବଧତା ପ୍ରତ୍ୟକ୍ଷ କରିବାକୁ ପଡ଼ିବ ଯେ ହୁଏତ ଅତ୍ୟଳ୍ପ କମ୍ ସଂଖ୍ୟକ ବ୍ୟକ୍ତି ତାହାକୁ ସହ୍ୟ କରିବାକୁ ବି ସମର୍ଥ ହେବେ । ମାତ୍ର, ପୃଥିବୀଟି "ସେହିପରି ସାଧାରଣ ଭାବରେ" ବିବର୍ତ୍ତିତ ହୋଇ ଆସିଥିବାରୁ, ପ୍ରକୃତିର ବେଶ୍ ଗ୍ରହଣୀୟ ମନ୍ଥରତା ସହିତ ତାହା ଗତି କରି ଆସିଥିବାରୁ, ନିଜର ଯାବତୀୟ ଅଦ୍ଭୁତ କଳ୍ପନାକୁ ପ୍ରକୃତି ସେହିପରି ସାଧାରଣ ଭାବରେ ବିବର୍ତ୍ତିତ କରି ଆଣିଥିବାରୁ, ଆମକୁ ତାହା ବେଶ୍ ସ୍ୱାଭାବିକ ବୋଲି ମନେହେଉଛି ଓ କେଉଁଠି କ'ଣ ସେପରି ବିସ୍ମୟକର ହୋଇ ବଦଳି ଯାଉଛି ବୋଲି ଆଦୌ ବୋଧ ହେଉ ନାହିଁ ।

ଯଥାର୍ଥ ଚେତନାର ରାଜ୍ୟରେ ପ୍ରବିଷ୍ଟ ହୋଇ ପାରିଲେ, ଆପଣାର ଚେତନାରେ ଏକ ପରିବର୍ତ୍ତନ ସଂଘଟିତ କରି ପାରିଲେ ଆମ ଲାଗି ଏହି ପୃଥିବୀଟି ମଧ୍ୟ ବଦଳି ବଦଳି ଯାଉଥିବ ବୋଲି କହିଲାବେଳେ କେବଳ ଏକ ପ୍ରଶ୍ନକର୍ତ୍ତାର

'oaob.nitrkl.ac.in' images reprocessed

ଅବଲମ୍ବନ କରି ଯାଉ ନାହିଁ ଅଥବା କେବଳ ଚମତ୍କାର କେତୋଟି ଶବ୍ଦର ଆଦୌ ପ୍ରୟୋଗ କରି ଯାଉ ନାହିଁ । ଏବଂ ଆମେ ଏହାକୁ ଏକ ପ୍ରତସ୍ୱସ ଅଥବା ଅନୁମାନ ବୋଲି ମଧ୍ୟ କଦାପି କହିବା ନାହିଁ । ସାଧାରଣ ଚେତନାରେ ଜଣେ ଯାହା ପ୍ରତ୍ୟକ୍ଷ କରୁଥାଏ, ଏକ ଅନ୍ୟ ଚେତନାକୁ ଆସି ସେ ତାହାଠାରୁ ଭିନ୍ନପ୍ରକାର ପ୍ରତ୍ୟକ୍ଷ କରେ; ସମ୍ବନ୍ଧଗୁଡ଼ିକ ଭିନ୍ନ ପ୍ରକାରର ହୋଇଯାଏ, କାରଣଗୁଡ଼ିକ ଅଲଗା ପ୍ରକାରର ହୁଏ, ପରିଣାମଗୁଡ଼ିକ ବି ଅଲଗା ପ୍ରକାରର ଘଟେ । ଏବଂ, କେବଳ ଯେତିକି ସ୍ପଷ୍ଟ ହୋଇ ଦିଶୁ ନାହିଁ,—ଯାହାସବୁ ପଶ୍ଚାତରେ ରହିଛି, ସେତେବେଳେ ସେସବୁ କିଛି ଦେଖା ଯାଏ ନାହିଁ, କେବଳ ଉପରିଭାଗଟା ଦେଖାଯାଏ, ଉପର ପରସ୍ତଟାହିଁ ଦେଖାଯାଏ; କେବଳ ଏଇଟିହିଁ ଦେଖାଯାଏ, ଏବଂ ଯାହାକିଛି ବସ୍ତୁଟିକୁ ଗତିଶୀଳ କରି ରଖିଛି ଏବଂ ଯାହା ସକାଶେହିଁ ବସ୍ତୁଟି ଅସ୍ତିତ୍ୱରେ ରହିଛି ତାହାକୁ ମୋଟେ ଦେଖି ହୁଏ ନାହିଁ;—କେବଳ ସେତିକି ଦେଖିବା ପରିବର୍ତ୍ତରେ ସେତେବେଳେ ସବୁକିଛିର ଭିତରଟା ମଧ୍ୟ ବାହାରକୁ ସ୍ପଷ୍ଟ ହୋଇ ଦେଖାଯାଏ ଏବଂ ଆଗରୁ ଯେଉଁଟା ବାସ୍ତବ ହୋଇ ଦିଶୁଥିଲା, ବର୍ତ୍ତମାନ ତାହା କୃତ୍ରିମ ଓ ଅବାସ୍ତବ ବୋଲି ପ୍ରତୀତ ହୁଏ, ତାହାର ପ୍ରାୟ କୌଣସି ଅସ୍ତିତ୍ୱ ନଥିବା ପରି ମନେହୁଏ । ଏବଂ, ସେହି କାରଣରୁ, ଯେତେବେଳେ ଆମେ ବସ୍ତୁଗୁଡ଼ିକୁ ଏହିପରି ଭାବରେ ଦେଖିବାକୁ ଆରମ୍ଭ କରୁ, ଅତି ସ୍ୱାଭାବିକ ଭାବରେ, ଅର୍ଥାତ୍ ନିଜକୁ କୌଣସି ପ୍ରକାରେ ବାଧ୍ୟ ନକରି, କୌଣସି ପ୍ରକାର ଧ୍ୟାନ ବା ଏକାଗ୍ର ଆସନରେ ବାଧ୍ୟ ହୋଇ ନବସି ଏବଂ ବସ୍ତୁଗୁଡ଼ିକୁ ଏହିପରି ଦେଖିବା ଲାଗି କୌଣସି ସଜ୍ଞାନ ଚେଷ୍ଟା ନକରି ଆମେ ଯେତେବେଳେ ଦେଖିବାକୁ ଆରମ୍ଭ କରୁ, ଯେତେବେଳେ ଏହାହିଁ ଆମର ସ୍ୱାଭାବିକ ଏବଂ ସାଧାରଣ ଦୃଷ୍ଟିରେ ପରିଣତ ହୁଏ, ସେତେବେଳେ ଆମେ ବସ୍ତୁଗୁଡ଼ିକୁ ସମ୍ପୂର୍ଣ୍ଣ ଭିନ୍ନ ଭାବରେ ବୁଝିବାକୁ ଆରମ୍ଭ କରୁ,—ଏବଂ ଅତ୍ୟନ୍ତ ସ୍ୱାଭାବିକ ଭାବରେ ପୃଥିବୀ ମଧ୍ୟ ଆମ ଲାଗି ଭିନ୍ନରୂପେ ପରିଦୃଷ୍ଟ ହେବାକୁ ଲାଗେ ।

ଏଠାରେ ଆସି ପହଞ୍ଚି ପାରିବା ଲାଗି ଏକ କ୍ଷୁଦ୍ର ପୂର୍ବବର୍ତ୍ତୀ ପଥ ରହିଛି, ଯାହାକୁ କି ଅପରିହାର୍ଯ୍ୟ ବୋଲି କୁହାଯିବ । ଏବଂ ଯେଉଁମାନେ ଏହି ପୂର୍ବବର୍ତ୍ତୀ କ୍ଷୁଦ୍ର ଯାତ୍ରାଟିକୁ ସମ୍ପନ୍ନ କରିଛନ୍ତି, ଏପରି ବହୁବିଧ ଅନେକ କଥା ରହିଛି, ବହୁବିଧ ଏପରି ଅନେକ ଅନୁମାନ ଏବଂ ପ୍ରଶ୍ନ ରହିଛି, ଯାହାକୁ କି ସେମାନେ ଆଉ ନିଜକୁ କଦାପି ପଚାରି ପାରିବେ ନାହିଁ ।

ମାତ୍ର ଆମର ମୂଳ କଥାଟିକୁ ଫେରିଆସି ଯଥାର୍ଥ ଭାବରେ ମୁଁ କେବଳ ଏତିକି କହିବାକୁ ଇଚ୍ଛା କରୁଥିଲି ଯେ ଦିନେ ଯେତେବେଳେ ମୋତେ ଏକ ବାଣୀ ଦେବା ଲାଗି କୁହାଗଲା,—ମୋତେ ସେଥିଲାଗି କୁହାଯାଏ ବୋଲି ତ ମୁଁ ତାହା ଦିଏ,—ସେମାନେ ମୋତେ ବାଣୀଟିଏ ମାଗନ୍ତି ଏବଂ "ଆମେ ଏଇଟିକୁ ଛପାଇବାକୁ

'oaob.nitrkl.ac.in' images reprocessed

ଇଚ୍ଛା କରନ୍ତୁ, ଆପଣ ଆମ ପାଖକୁ ଗୋଟିଏ ବାଣୀ ପଠାଇ ପାରନ୍ତେ ନାହିଁ ?" ବୋଲି କହନ୍ତି, ସେତେବେଳେ ମୁଁ ଆଉ କ'ଣ କରନ୍ତି ! ଯେଉଁ ବର୍ଷଟି ଆସିବାକୁ ଥାଏ, ମୁଁ ତାହାର ଆଡ଼କୁ ଅନାଇ ଦେଖେ,—ସେଇଟି ବିଷୟରେ କିଛି କହି ପାରିବାକୁ ହେଲେ, ମୋତେ ତାହା ଉପରେ ଦୃଷ୍ଟିପାତ କରିବାକୁହିଁ ପଡ଼ିବ,—ମୁଁ ଆସୁଥିବା ବର୍ଷଟି ଉପରେ ଦୃଷ୍ଟିପାତ କରେ, ଏବଂ ତା'ପରେ, ସେଇଟି ଉପରେ ଦୃଷ୍ଟିପାତ କରି ମୁଁ ଯୁଗପତ୍ ଭାବରେ ଏହି ତଥାକଥିତ ଅଭୂତପୂର୍ବ ବର୍ଷଟିରେ କ'ଣସବୁ ଘଟିବାକୁ ଯାଉଛି, ତାହାର ବିଷୟରେ ଲୋକମାନଙ୍କର ମନରେ ରହିଥିବା ଯାବତୀୟ କଳ୍ପନା, ଅନୁମାନ ଏବଂ ଉଦ୍ଭାବନଗୁଡ଼ିକୁ ମଧ୍ୟ ଦେଖିବାକୁ ପାଏ । ମୁଁ ସେଇଟିକୁ ଦେଖେ ଏବଂ ଯୁଗପତ୍ ଭାବରେ ତାହାର ଯଥାର୍ଥ ରୂପଟିକୁ ମଧ୍ୟ ଅନାଇ ଦେଖେ,—ଆଗରୁ ଏଇଟି ଯେପରି ହୋଇ ରହିଛି, କୌଣସି ନା କୌଣସିଠାରେ ଏଇଟି ସେହିପରି ହୋଇ ରହିଥାଏ,—ଏବଂ ସଙ୍ଗେସଙ୍ଗେ ମୁଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଜାଣିବାକୁ ପାଏ ଯେ ଏହି ବର୍ଷଟି ପ୍ରକୃତରେ କେଉଁଭଳି ହେବାକୁ ଯାଉଛି, ତାହା ନକହିବାହିଁ ମୋର ସର୍ବୋତ୍ତମ କର୍ତ୍ତବ୍ୟ । ଏବଂ, ଲୋକମାନେ ବହୁତ କିଛି ଆଡ଼ମ୍ବରିଆ କଥା ଓ ଘୋଷଣା ଶୁଣିବେ ବୋଲି ଆଶା କରି ବସିଥିବାରୁ ମୁଁ ଯାହା ଗୋଟାଏ କହିବାର କଥା କହିଦିଏ । ବାସ୍, କଥା ହେଉଛି ସେତିକି, ଆଉ ଅଧିକ କିଛି ନୁହେଁ । ମୁଁ କେବଳ ସେତିକି କହିବାକୁ ଇଚ୍ଛା କରିଥିଲି : "ସେବିଷୟରେ ଆମର ଆଉ କୌଣସି କଥା ନପକାଇବା ଉଚିତ, ମୁଁ ଭାବୁଛି ତାହାହିଁ ଅଧିକ ଭଲ ଓ ଅଧିକ ଗ୍ରହଣୀୟ ।" ମୁଁ ଏତିକି ବ୍ୟତୀତ ଆଉ କିଛିହେଲେ ଅଧିକ କହେ ନାହିଁ : "ଏବିଷୟରେ କିଛି କଥାବାର୍ତ୍ତା ନହେବାହିଁ ଭଲ, ଏବିଷୟରେ ଆଉ ଗୁଡ଼ାଏ କୋଳାହଳ କର ନାହିଁ, କାରଣ ତଦ୍ଦ୍ୱାରା ଆଦୌ କୌଣସି ଲାଭ ହୁଏ ନାହିଁ । ଏକ ଗମ୍ଭୀରତର ବିଧାନର ନିର୍ଦ୍ଦେଶ ପାଳନ କରି ଯାହା ଘଟିବାର କଥା ଘଟୁ, ଯିଏକି କିଛିହେଲେ ବୁଝି ପାରୁ ନାହିଁ ଓ କେବଳ ଅନାଇ ରହିଛି, ତାହାର ଭଳି କୌଣସି ପ୍ରକାରେ ହତଚକିତ ହୋଇ ନପଡ଼ି ଯାହା ଘଟିବାର ଘଟୁ ।"

ଏବଂ, ସର୍ବୋପରି, "ତୁମେ ଜାଣିଛ, ଏହି ବର୍ଷଟି ଏହିପରି ହେବାକୁ ଯାଉଛି" ବୋଲି ମୋଟେ ଦଉଡ଼ି ଆସି କହ ନାହିଁ । କାରଣ ତାହାର ଦ୍ୱାରାହିଁ ବିଷୟଟି ସବୁଠାରୁ ଅଧିକ ପରିମାଣରେ କଠିନ ହୋଇପଡ଼େ । ଅବଶ୍ୟ, ଯାହା ଘଟିବା କଥା, ତାହା ଘଟିବ ନାହିଁ ବୋଲି ମୁଁ ଆଦୌ କହୁ ନାହିଁ; ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେଇଟି ବିଷୟରେ ଆମେ ଗୁଡ଼ାଏ କଥା କହିବା ଆରମ୍ଭ କରିଦେଲେ ଅସୁବିଧାଗୁଡ଼ିକର ସଂଖ୍ୟା ଅନେକ ମାତ୍ରାରେ ବଢ଼ିଯାଏ । ତେଣୁ କୌଣସି କଥା ନକହି, ଯାହା ଘଟିବାକୁ ଯାଉଛି, ସେଗୁଡ଼ିକୁ ସେହିପରି ଘଟିବାକୁ ଦେବାହିଁ ଭଲ ।

'oaob.nitrkl.ac.in' images reprocessed

ଏବଂ, ଯଦି ଆମେ ବିବେକର ସହିତ ବିଷୟଟିର ବିଚାର କରିବାକୁ ଇଚ୍ଛା କରୁଥାଉ, ଅର୍ଥାତ୍ ବିବେକର ସହିତ ବିଚାର କରିବାକୁ ଇଚ୍ଛା କରୁଥାଉ, ତେବେ ଆମେ ନିଜକୁ କେବଳ ଏହି ପ୍ରଶ୍ନଟି ପଚାରିବା, "ଯେଉଁ ଉପଲବ୍ଧିଟି ସକାଶେ ଆମେ ବର୍ତ୍ତମାନ ପ୍ରସ୍ତୁତ ହେଉଛୁ, ଦଶ ହଜାର ବର୍ଷ ପରେ ସେଇଟିର ପୁଣି କି ଗତି ହେବ ? କାଳର ଗତିପଥରେ ଦୃଷ୍ଟିଗୋଚର ନହେଉଥିବା ଗୋଟିଏ ବିନ୍ଦୁ, ସେଥିଲାଗି ଏକ ପ୍ରସ୍ତୁତି, ଭବିଷ୍ୟର ଉପଲବ୍ଧି ଲାଗି ଉଦ୍ୟମ ।" ହଁ, ଏପରି ଭାବରେ ଉତ୍ତେଜିତ ହୋଇ ପଡ଼ିବା ଆଦୌ ଉଚିତ ନୁହେଁ । ଯାହାକିଛି କର୍ତ୍ତବ୍ୟ, ଆମେ ସେସବୁକୁ ସମ୍ପନ୍ନ କରିବା ଏବଂ କୌଣସି କୋଳାହଳ କରିବା ନାହିଁ । ବାସ୍, ସେତିକି କଥା ।

ଏବଂ, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କ କ୍ଷେତ୍ରରେ କି କଣ୍ଥନ୍ତ୍ ଖୁଆ ବୁଲେଇବାର ପ୍ରୟୋଜନ ହୁଏ, ଖୁଆ ବୁଲାଇ ଯେପରି ଲହୁଣି ବାହାର କରାଯାଏ, ସେହିପରି । ମାତ୍ର ସେଭଳି ଲୋକଙ୍କର ମୋ ପାଖକୁ ନଆସି କବିମାନଙ୍କ ପାଖକୁ ଯିବା ଉଚିତ । ମୁଁ କୌଣସି କବି ନୁହେଁ, କର୍ମ କରିବାରେହିଁ ମୋର ସନ୍ତୋଷ । କହିବା ଅପେକ୍ଷା କର୍ମ କରିବାକୁହିଁ ମୁଁ ଅଧିକ ଗ୍ରହଣୀୟ ମନେ କରିଥାଏ ।

## ୧୧ ଜାନୁଆରୀ ୧୯୫୬

ମାଆ, "ଏହି ଆତ୍ମର ପ୍ରାଣ-ଶକ୍ତି ବା ଆମ ଭିତରର ଏହି ବାସନା-ଆତ୍ମାଟିକୁ ପ୍ରଥମେ ସ୍ୱୀକାରହିଁ କରିନେବାକୁ ପଡ଼ିବ; ମାତ୍ର ଯେପରି ଏଥିରେ ଏକ ରୂପାନ୍ତର ଘଟାଇବା ସମ୍ଭବ ହୋଇପାରିବ, କେବଳ ସେହି ଦୃଷ୍ଟିରୁହିଁ ତାହାକୁ ସ୍ୱୀକାର କରିନେବାକୁ ପଡ଼ିବ ।"

ଯୋଗସମନ୍ୱୟ, ପୃଷ୍ଠା-୭୭

ମାତ୍ର, ଏଇଟି ହେଉଛି ଗୋଟିଏ ବାସନା, ଏବଂ ଏହାକୁ ବର୍ଜନ କରିବାକୁହିଁ ପଡ଼ିବ ବୋଲି ଆମେ ଅନେକ ସମୟରେ ଭଲ ଭାବରେ ବୁଝି ପାରୁଥିଲେ ମଧ୍ୟ, ଏହି ବାସନାଟି ଆମକୁ ପ୍ରକୃତରେ ପରମ ଦିବ୍ୟସତ୍ତାଙ୍କ ଆଡ଼କୁ ପରିଚାଳିତ କରିନେଇ

'oaob.nitrkl.ac.in' images reprocessed

ପାରିବ ଅଥବା ଏହା ହେଉଛି ଗୋଟାସୁଦ୍ଧା କେବଳ ଏକ ବାସନା, ଏହା ନିରୂପଣ କରି ପାରିବାରେ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ ।

**ଆପଣାକୁ ଠକିବା ଲାଗି ଇଚ୍ଛା କରୁଥିବା ସମସ୍ତେ ହିଁ ଆପଣାକୁ ଠକି ହୁଏ । ଏହା ହେଉଛି ଅତ୍ୟନ୍ତ ଭିନ୍ନ କଥା ।**

ମାତ୍ର ଭିତରେ ବେଶ୍ ସବୁ କଥା ବୁଝି ହେଉଥାଏ ।

**ଭଲ କଥା । ତେବେ ତାହାହିଁ ଯଥେଷ୍ଟ । ଯଦି କୌଣସି ନା କୌଣସି ସ୍ଥାନରେ ଉଚିତ ସ୍ୱରରେ ବୁଝି ହେଉଥାଏ, ତେବେ ତାହାହିଁ ଯଥେଷ୍ଟ । ବାସ୍, ଆଉ କିଛି ପଚାରିବାକୁ ଅଛି ନା ନାହିଁ ?**

ମାଆ, ଜାନୁଆରୀ ଛଅ ତାରିଖ ଦିନ ଆପଣ କହିଥିଲେ, "ତୁମେ କହିଲେ ଯାହାକିଛି ବୁଝାଏ, ତୁମ ପାଖରେ ଯାହାକିଛି ଅଛି, ତୁମେ ସବୁକିଛି ଅର୍ପଣ କରିଦିଅ । ତୁମକୁ ଏତିକିଠାରୁ କେହି କୌଣସି ଅଧିକ କଥା ମାଗୁ ନାହିଁ, ଏତିକିରୁ କମ୍ ମଧ୍ୟ ମାଗୁ ନାହିଁ ।"

**ହଁ, କହିଥିଲି ।**

"ତୁମ ପାଖରେ ଯାହାକିଛି ଅଛି" ଓ "ତୁମେ କହିଲେ ଯାହାକିଛି ବୁଝାଏ"ର ଅର୍ଥ କ'ଣ ?

**କେଉଁ ପରିପ୍ରେକ୍ଷୀରେ ମୁଁ ଏହି କଥାଟିକୁ କହିଥିଲି, ଆଗ ସେହି କଥାଟିକୁ ତୁମକୁ ବୁଝାଇ ଦେଉଛି; ତା'ହେଲେ ତୁମେ କଥାଟିକୁ ବୁଝି ପାରିବ ।**

**ଜଣେ ମୋ ପାଖକୁ ଲେଖି ପଠାଇଥିଲେ ଯେ ତାଙ୍କ ମନରେ ଆଦୌ କୌଣସି ସୁଖ ନଥିଲା, କାରଣ ପରମ ଦିବ୍ୟସତ୍ତାଙ୍କ ପାଖରେ ନିବେଦନ କରି ପାରିବା ଲାଗି, ତାଙ୍କୁ ଉପଲବ୍ଧି କରିବା ଲାଗି ଓ ତାଙ୍କର କାର୍ଯ୍ୟ କରି ପାରିବା ଲାଗି**

'oaob.nitrkl.ac.in' images reprocessed

ତାଙ୍କର ଅଲୌକିକ ସାମର୍ଥ୍ୟମାନ ଅଛି ବୋଲି ସିଏ ଖୁବ ଇଚ୍ଛା କରୁଥିଲେ । ଏବଂ ଦାନ କରି ପାରିବା ଲାଗି, ପରମେଶ୍ୱରଙ୍କର କାର୍ଯ୍ୟ ଲାଗି ତାଙ୍କର ଚରଣରେ ନେଇ ଥୋଇଦେଇ ପାରିବା ଲାଗି ସିଏ ବିପୁଳ ଧନସମ୍ପତ୍ତି ମଧ୍ୟ ଲୋଡ଼ୁଥିଲେ ଓ ସେଥିଲାଗି ବ୍ୟାକୁଳତା ପ୍ରକାଶ କରୁଥିଲେ । ତେଣୁ ତାଙ୍କ ପାଖକୁ ମୁଁ ଉତ୍ତର ଲେଖି ପଠାଇଲି ଯେ ତାଙ୍କର ଏପରି ଅସୁଖୀ ହୋଇ ପଡ଼ିବାର ଆଦୌ କୌଣସି କାରଣ ନାହିଁ; କାରଣ ଯାହା ପାଖରେ ଯେତିକି ଅଛି, ତା' ପାଖରୁ କେବଳ ସେତିକିହିଁ ମଗାଯାଏ; ଅର୍ଥାତ୍, ତା' ପାଖରେ ଯାହାକିଛି ଥାଏ, ସେସବୁ ଯାହାକିଛି ହୋଇଥାଇ ପଛକେ ଏବଂ ସିଏ କହିଲେ ଯାହାକିଛି ବୁଝାଏ, ଅର୍ଥାତ୍, ତା' ମଧ୍ୟରେ ଯେତେଯାହା ସମ୍ଭାବନା ଓ ସାମର୍ଥ୍ୟ ଅନ୍ତର୍ନିହିତ ହୋଇ ରହିଥାଏ, ତାକୁ କେବଳ ସେତିକି ଅର୍ପଣ କରି ଦେବା ଲାଗି କୁହାଯାଏ । ଅର୍ଥାତ୍, ତା'ର ଜୀବନଟିକୁ ଉତ୍ସର୍ଗ କରି ଦେବା ଲାଗି କୁହାଯାଏ ଏବଂ ତା' ପାଖରେ ରହିଥିବା ଯାବତୀୟ ସାମଗ୍ରୀକୁ ଦେଇଦେବାକୁ କୁହାଯାଏ । ଏହାଠାରୁ ଅଧିକ କିଛିହେଲେ କେବେ ମଗା ଯାଏ ନାହିଁ । ତୁମେ କହିଲେ ଯାହାକିଛିକୁ ବୁଝାଉଛି, ତୁମେ ତାହାକୁ ଅର୍ପଣ କରିଦିଅ; ତୁମ ପାଖରେ ଯାହାକିଛି ରହିଛି, ତୁମେ ତାହାକୁ ଦେଇଦିଅ । ଏବଂ ସେହି କ୍ଷେତ୍ରରେ ତୁମର ଦାନକୁ ଅବଶ୍ୟ ଏକ ସମ୍ପୂର୍ଣ୍ଣ ଦାନ ବୋଲି କୁହାଯିବ । ତୁମ ପାଖରେ କେତେ ପରିମାଣର କ'ଣ ଧନ ରହିଛି ବା ନରହିଛି ବା ତୁମର ପ୍ରକୃତି ମଧ୍ୟରେ କେତୋଟି ସାମର୍ଥ୍ୟ ରହିଛି ବା ନରହିଛି, ଏକଥାଗୁଡ଼ାକ ଉପରେ ତାହା ମୋଟେ ନିର୍ଭର କରେ ନାହିଁ । ଏହା ତୁମ ଦାନର ପରିପୂର୍ଣ୍ଣତା ଉପରେହିଁ ନିର୍ଭର କରେ, ଅର୍ଥାତ୍, ତୁମ ଦାନର ସମଗ୍ରତା ଉପରେ ନିର୍ଭର କରେ । ଭାରତୀୟ ଆଖ୍ୟାନମାଳାର ଗୋଟିଏ ବହିରେ ମୁଁ କେବେ ଏହିପରି ଗୋଟିଏ ଗପ ପଢ଼ିଥିବାର ମନେପଡ଼ୁଛି । ଗୋଟିଏ ବୁଢ଼ୀ ଥିଲା, ସେ ଖୁବ ଦରିଦ୍ର, ତା' ପାଖରେ କିଛି ନଥିଲା, ସିଏ ଏକାବେଳକେ ନିଃସ୍ୱ ପରି ହୋଇ ରହିଥିଲା, ସେ ଗୋଟିଏ ଭଙ୍ଗାରୁଜା ସାନ କୁଡ଼ିଆଘରେ ବାସ କରୁଥିଲା । ଥରେ ତାକୁ କିଏ ଜଣେ ଆମ୍ବଟିଏ ଆଣି ଦେଇଗଲା । ସିଏ ଆମ୍ବଟିରୁ ଅଧେ ଖାଇଲା ଓ ବାକି ଅଧକ ତହିଁ ଆର ଦିନ ପାଇଁ ରଖି ଦେଇଥିଲା । କାରଣ ଆମ୍ବଟି ଖୁବ ସୁଆଦିଆ ଲାଗୁଥିଲା ଓ ଏପରି ଗୋଟିଏ ଫଳ ପାଇବାର ସୌଭାଗ୍ୟ ମଧ୍ୟ ତା' ଜୀବନରେ ସବୁ ଦିନେ ଜୁଟୁ ନଥିଲା । ଏବଂ ତା'ପରେ, ଯେତେବେଳେ ରାତି ହେଲା, ଜଣେ ଲୋକ ଆସି କୁଡ଼ିଆଘରର ତାଟି କବାଟ ଉପରେ ହାତ ବାଡ଼େଇ ତାକୁ ଡାକିଲା; ରାତିକ ଲାଗି ସେ ତା' ଘରେ ରହିବ ବୋଲି ଇଚ୍ଛା କରୁଥିଲା । ତା'ପରେ ସେ ବୁଢ଼ୀର କୁଡ଼ିଆ ଭିତରକୁ ଆସିଲା ଏବଂ ରାତିକ ସିଏ ତା'ରି ଘରେ ରହିବ ଓ ତାକୁ ଖୁବ ଭୋକ କଲାଣି ବୋଲି କହିଲା । ବୁଢ଼ୀ ତା' କଥା ଶୁଣି ଉତ୍ତର ଦେଲା, "ଏହି ଅଣ୍ଟା ରାତିରେ ତୋତେ ଉତ୍ତ୍ରାପ ଦେବା ଲାଗି ମୋ ପାଖରେ ନିଆଁର କୌଣସି ବନ୍ଦୋବସ୍ତ ନାହିଁ,

'oaob.nitrkl.ac.in' images reprocessed

ତୋ'ର ଘୋଡ଼ାଇହେବା ଲାଗି ମୋ ପାଖରେ କମ୍ବଳ ନାହିଁ; ଏବଂ କେବଳ ଫାଳେ ଆମ୍ବ ରହିଛି । ଏତିକିଛଡ଼ା ଆଉ କିଛି ନାହିଁ । ଯଦି ରୁ ଚାହିଁବୁ, ସେହି ଫାଳଟିକୁ ଖାଇପାରିବୁ । ଆଉ ଫାଳଟିକୁ ମୁଁ ଆଗରୁ ଖାଇଦେଇଛି ।" ଏବଂ ଘଟଣାକ୍ରମେ ଏପରି ଜଣାଗଲା ଯେ ସ୍ୱୟଂ ଶିବ ଏପରି ଜଣେ ମନୁଷ୍ୟର ରୂପ ଧରି ସେଠାକୁ ଆସିଥିଲେ; ଏବଂ ବୁଢ଼ୀ ସତେଯେପରି ଏକ ଅନ୍ତର୍ଗତ ଔଜ୍ଜ୍ୱଲ୍ୟରେ ପରିପୂର୍ଣ୍ଣ ହୋଇଉଠିଲା, କାରଣ ନିଜକୁ ତଥା ନିଜ ପାଖରେ ରହିଥିବା ସବୁକିଛିକୁ ସେ ପରିପୂର୍ଣ୍ଣ ଭାବରେ ଦାନ କରି ଦେଇଥିଲା ।

ମୁଁ ସେହି କାହାଣୀଟିକୁ ପଢ଼ିଥିଲି, କାହାଣୀଟି ମୋତେ ଅଦ୍ଭୁତ ଭାବରେ ଭଲ ଲାଗିଲା । ହଁ, ଏହି କାହାଣୀଟିରୁହିଁ ଅସଲ ବିଷୟଟି ସ୍ପଷ୍ଟ ହୋଇଯାଉଛି । ହଁ, ଏକଥା ଠିକ୍ ସେହିପରି ।

ଜଣେ ଧନୀ ବ୍ୟକ୍ତି, ବା ଏପରିକି ଏପରି ଅନେକ ବ୍ୟକ୍ତି ଯେଉଁମାନଙ୍କର ଅବସ୍ଥା ଖୁବ ଭଲ ଓ ଜୀବନରେ ଯେଉଁମାନେ ଯାବତୀୟ ପ୍ରକାରର ବସ୍ତୁ ଭୋଗ କରି ପାରୁଛନ୍ତି, ସେମାନଙ୍କ ପାଖରେ ଯାହା ବଳକା ରହୁଛି ବୋଲି ସେମାନେ ଭାବୁଛନ୍ତି, ସେମାନେ ତାକୁ ଭଗବାନଙ୍କ ଲାଗି ଦାନ କରି ଦେଉଛନ୍ତି । ହଁ, ସାଧାରଣତଃ ଆମେ ଏହିପରି ଏକ ପ୍ରବୃତ୍ତି ଦେଖିବାକୁ ପାଉ; ଜଣକର ଯେତେ ଅର୍ଥ ଦରକାର, ତା' ପାଖରେ ତା'ଠାରୁ କିଛି ଅଧିକା ଅର୍ଥ ରହୁଛି, ତା'ର ଯେତିକି ସାମଗ୍ରୀ ଦରକାର, ତା'ଠାରୁ କିଛି ଅଧିକ ସାମଗ୍ରୀ ତା' ପାଖରେ ଅଛି ଏବଂ ତେଣୁ, ଖୁବ ଉଦାର ଭାବରେ, ସିଏ ତାହାକୁ ଭଗବାନଙ୍କ ଲାଗି ଦେଇଦେଉଛି । ହଁ, ମୋଟେ କିଛି ନଦେବାଠାରୁ ଏହା ନିଶ୍ଚୟ ଏକ ଅଧିକ ଭଲ କଥା । ମାତ୍ର, ସେମାନଙ୍କର ଯାହା ଦରକାର, ତା'ଠାରୁ ଏହି "କିଛିତ୍ ଅଧିକ" ଯଦି ହୁଏତ କେତେ ଲକ୍ଷ ଟଙ୍କା ହୋଇଥାଏ, ତେବେ ଫାଳେ ଆମ୍ବର ଦାନଠାରୁ ଏହି ଦାନକୁ ତଥାପି କମ୍ ପରିପୂର୍ଣ୍ଣ ବୋଲି ବୁଝାଯିବ । କାରଣ ପରିମାଣ ଅଥବା ପ୍ରକାର ଦ୍ୱାରା କଦାପି ଏହି ଦାନର ବିଚାର କରାଯିବ ନାହିଁ; ଯେତିକି ନିଷ୍ଠାର ସହିତ, ଯେତିକି ଆନ୍ତରିକ ଭାବରେ ଦାନଟିକୁ ଦିଆ ଯାଇଥିବ ଓ ସିଏ ଯେତିକି ଗୋଟାପୁଣା ଦାନ କରି ପାରୁଥିବ, ତାହାରି ଦ୍ୱାରାହିଁ ଦାନଟିର ବିଚାର କରାଯିବ ।

ମାତ୍ର, ସାଧାରଣ ଜୀବନକ୍ଷେତ୍ରରେ, ଯେତେବେଳେ ଧନୀମାନେ ସେମାନଙ୍କର ଧନକୁ ଭଗବାନଙ୍କ ଲାଗି ଦେବାକୁ ଇଚ୍ଛା କରୁଥାନ୍ତି ଓ ଭଗବାନ ସେମାନଙ୍କର ସମ୍ମୁଖରେ ଉପସ୍ଥିତ ନଥାନ୍ତି, ତେବେ ସେମାନେ ସେହି ଧନକୁ ପୁଣି କାହାକୁ ନେଇ ଦେବେ ?

'oaob.nitrkl.ac.in' images reprocessed

ଆପଣାର ଧନରାଶିକୁ କେଉଁଠି ଯେ ଦେବାକୁ ହେବ, ସେବିଷୟରେ ସେମାନଙ୍କୁ କିଛି ଜଣା ନଥାଏ !

ହଁ, ସତ କଥା, ମାତ୍ର ସେହି କ୍ଷେତ୍ରରେ ଦେବାର କୌଣସି ପ୍ରଶ୍ନହିଁ ଉଠୁ ନାହିଁ । ନିଜ ଭିତରେ ଅଥବା ନିଜ ବାହାରେ ସେମାନେ ଯଦି ପରମେଶ୍ୱରଙ୍କୁ କେବେହେଲେ ଭେଟି ନାହାନ୍ତି, ତେବେ ତାଙ୍କୁ କିଛି ଦେବାର କୌଣସି ପ୍ରଶ୍ନହିଁ ଉଠୁ ନାହିଁ । ଯାହାଙ୍କୁ ସେମାନେ ଜାଣି ନାହାନ୍ତି, ତାଙ୍କୁ କିଛି ଦାନ କରିବା ଲାଗି ସେମାନଙ୍କୁ କେହି କଦାପି କହିବାକୁ ଯିବ ନାହିଁ ।

ଯଦି ସେମାନେ ଆପଣା ଭିତରେ ଭଗବାନଙ୍କର ସନ୍ଧାନ ପାଇଥାନ୍ତି, ତେବେ ସେମାନଙ୍କୁ ଆପଣାର ଧନକୁ କିପରି ବ୍ୟବହାର କରିବାକୁ ହେବ, ସେବିଷୟରେ କେବଳ ସେହି ଭଗବାନଙ୍କଠାରୁ ମିଳୁଥିବା ନିର୍ଦ୍ଦେଶ ବା ଇଙ୍ଗିତଟିକୁହିଁ ମାନିବାକୁ ପଡ଼ିବ । ଏବଂ ଏହିପରି ମିଳୁଥିବା ଇଙ୍ଗିତଗୁଡ଼ିକୁ ଯଦି ସେମାନେ ବେଶ୍ ନିଷ୍ଠା ସହକାରେ ଓ ନିର୍ଭୁଲ୍ ଭାବରେ ପାଳନ କରି ପାରିବେ, ତେବେ ସେମାନଙ୍କଠାରୁ କଦାପି ଆଉ କିଛିହେଲେ ଦେବାକୁ ଦାବି କରି ଯିବ ନାହିଁ । ମାତ୍ର, ସେପର୍ଯ୍ୟନ୍ତ ତାହାଙ୍କୁ ଆଦୌ କଦାପି କିଛିହେଲେ ମଗା ଯିବ ନାହିଁ ।

"ମୁଁ ଏଇଠି ଆସି ପହଞ୍ଚିଲି, ବର୍ତ୍ତମାନ ମୁଁ ଭଗବାନଙ୍କ ପାଖରେ ନିଜକୁ ଉତ୍ସର୍ଗ କରିଦେବାକୁ ଚାହେଁ,"—କେହି କେବଳ ଏହିପରି କହିପାରିଲେ ଯାଇ ତାଙ୍କୁ ଯଥାର୍ଥରେ କିଛି ମଗାଯାଏ । ତା'ପରେ ଆଉ କିଛିହେଲେ ବାଧା ନଥାଏ, ସେହି ମୁହୂର୍ତ୍ତିରୁହିଁ ତାଙ୍କୁ ଯାହାକିଛି ମଗାଯାଏ; ମାତ୍ର ତା' ପୂର୍ବରୁ କଦାପି ନୁହେଁ । ତା' ପୂର୍ବରୁ, ତୁମେ ଯଦି କିଛି ନିକାଳେ ନିଜର ପକେଟ୍ ଭିତରୁ ଟଙ୍କାଟିଏ ବାହାର କରି ଦେବା ଲାଗି ମନ କରୁଥାଅ ଓ ଉଦ୍ୟତ ହେଉଥାଅ, ସେଇଟିକୁ ନେଇ ଦାନାର୍ଥ ଉଦ୍ଦିଷ୍ଟ କରି ଦେଉଥାଅ, ତେବେ ତାହାକୁ ନିଶ୍ଚୟ ଏକ ଭଲ କଥା ବୋଲି ବୁଝାଯିବ; ତୁମେ ଯାହା କରିବା ଉଚିତ ବୋଲି ଭାବୁଥିଲ, ତାହାହିଁ କଲ;—ଏବଂ ଏଥିରୁ କେବଳ ଏତିକି ମାତ୍ର ବୁଝିବାକୁ ହେବ । ମାତ୍ର ତୁମକୁ କଦାପି କିଛି ମଗା ହେବ ନାହିଁ । ଭଗବାନ ତୁମକୁ ସ୍ୱୀକାର କରି ନିଅନ୍ତୁ ବୋଲି ତାଙ୍କୁ ନିବେଦନ କରିବା ଏବଂ ସଦିଚ୍ଛାସୂଚକ କୌଣସି ଏକ କାର୍ଯ୍ୟ କରିବାର ଇଙ୍ଗିତ ଦେଖାଇବା,—ଏହି ଦୁଇଟି ମଧ୍ୟରେ ପ୍ରକୃତରେ ଅନେକ ପ୍ରଭେଦ ରହିଛି । ଏପରି ଅନେକ ଇଙ୍ଗିତ ତୁମେ ଦେଖାଇପାର, ମାତ୍ର ନିଜ ଜୀବନରେ ଆଦୌ କୌଣସି ପରିବର୍ତ୍ତନ ଘଟାଇବା ଲାଗି କୌଣସି ଅଭିପ୍ରାୟ ନଥାଇ ଏହି ଇଙ୍ଗିତମାନ ଦେଖାଉଥିଲେ ତାହାକୁ ଉକ୍ତ ନିବେଦନ ସହିତ କଦାପି ସମତୁଲ୍ କରାଯାଇ ପାରିବ ନାହିଁ ।

'oaob.nitrkl.ac.in' images reprocessed

**ହଁ, ଯେଉଁମାନେ ସାଧାରଣ ଭାବରେ ଜୀବନ ଅତିବାହିତ କରୁଥାନ୍ତି, ଯଦି ସେମାନେ ସଦିଚ୍ଛାର କୌଣସି ଏକ ସଙ୍କେତ ଦେଖାଇବାକୁ ଯାଆନ୍ତି, ତେବେ ସେମାନଙ୍କର ତଦ୍ଦ୍ୱାରା ନିଶ୍ଚୟ ଏକ ହିତ ସାଧିତ ହୁଏ ସତ, କାରଣ ଏହା ଦ୍ୱାରା ଭବିଷ୍ୟତର ଜୀବନମାର୍ଗଗୁଡ଼ିକ ଲାଗି ସେମାନଙ୍କ ସକାଶେ ଏକ ପୂର୍ବଭୂମିର ସୃଷ୍ଟି ହୋଇଯାଏ । ମାତ୍ର, କେବଳ ଯେଉଁ ମୁହୂର୍ତ୍ତରୁ ତୁମେ, "ହଁ, ବର୍ତ୍ତମାନ ମୁଁ ଭଲ କରି ଜାଣିପାରୁଛି ଯେ ମୋ ଜୀବନରେ କେବଳ ଗୋଟିଏ କଥାରହିଁ ଆଦୌ କୌଣସି ମୂଲ୍ୟ ରହିଛି; ସେହି କଥାଟି ହେଉଛି ଏକ ଦିବ୍ୟ ଜୀବନଯାପନ, ଏବଂ ମୁଁ ସେହି ଦିବ୍ୟ ଜୀବନଟିକୁହିଁ ବଞ୍ଚିବାକୁ ଚାହେଁ" ବୋଲି କହିପାରିବ, କେବଳ ସେହି ମୁହୂର୍ତ୍ତରୁହିଁ ତୁମକୁ କିଛି ନା କିଛି ମଗାଯିବ, ତା' ପୂର୍ବରୁ କଦାପି ନୁହେଁ ।**

ମାଆ, ଏପରି ଅନେକ ଲୋକ ଏଠାକୁ ଆସନ୍ତି, ଯେଉଁମାନଙ୍କର କ ପାଖରେ ଅର୍ଥ ରହିଥାଏ, ଭିତରେ ଅନେକ ଭକ୍ତି ରହିଥାଏ ଓ ସେମାନେ ସେହି ଭକ୍ତିର ପ୍ରଦର୍ଶନ କରନ୍ତି । ମାତ୍ର ଅର୍ଥର ପ୍ରଶ୍ନଟି ଉତ୍ଥାପିତ ହେବା ମାତ୍ରକେ ସେମାନେ ମୂଲଚୂଲ କରିବା ଭଳି କେତେପ୍ରକାର କୈଫିୟତ୍ ବାହାର କରନ୍ତି···ତେବେ ଏପରି ଲୋକଙ୍କ ପ୍ରତି ଆମର ସୁହୃଦ୍‌ଭାବ ରହିପାରିବ କିପରି ?

**କ'ଣ ହେଲା ?**

ସେମାନଙ୍କର ନିଷ୍ଠା ରହିଥାଏ, ସେମାନେ ନିଷ୍ଠା ପ୍ରଦର୍ଶନ କରୁଥାନ୍ତି ।···

**କିପରି ପ୍ରଦର୍ଶନ କରନ୍ତି ? ଭଗବାନଙ୍କଠାରୁ ପାରୁପର୍ଯ୍ୟନ୍ତ ସବୁକିଛି ଆଦାୟ କରିନେବାରେ ?**

···ମାତ୍ର, ଯେତେବେଳେ ପଇସା କଥା ପଡ଼େ, ସେମାନେ ଦରଦାମ୍ କରନ୍ତି, ଗଣିବସନ୍ତି ।

**ଏହାର ଉତ୍ତର ମୁଁ ଦେଇସାରିଛି । ଏସବୁ ଏହିପରି କଥା ବୋଲି ପୁଣିଥରେ ବି କହୁଛି । ପାରୁପର୍ଯ୍ୟନ୍ତ ଭଗବାନଙ୍କଠାରୁ ସବୁକିଛି ଆଦାୟ କରି ନେବା ଲାଗି**

'oaob.nitrkl.ac.in' images reprocessed

ସେମାନେ ଏଠାକୁ ଆସନ୍ତି । ସବୁକିଛି ଗୁଣ, ସବୁଯାକ ସାମର୍ଥ୍ୟ, ସବୁଯାକ ସୁବିଧା, ସବୁଯାକ ଆରାମ,—ହଁ, ସବୁକିଛି ବୋହି ନେଇଯିବାକୁ ଇଚ୍ଛା କରୁଥାନ୍ତି । ଏପରକି ଅନେକ ସମୟରେ ତାଙ୍କର ନାନା ଶକ୍ତିକୁ ନେଇଯିବାର ଅଭିପ୍ରାୟ ରଖିଥାନ୍ତି, ସବୁକିଛି ନେଇ ଯିବା ପାଇଁ ମନ ରଖିଥାନ୍ତି । ସେମାନେ ନେବା ପାଇଁ ଆସିଥାନ୍ତି, ଦେବା ପାଇଁ ଆସି ନଥାନ୍ତି । ଏବଂ କେବଳ ଏକ ପୋଷାକ ବା ଅଙ୍ଗାବରଣ ହିସାବରେହିଁ ବାହାରକୁ ଯାବତୀୟ ନିଷ୍ଠା ଓ ଭକ୍ତି ଦେଖାଇବାରେ ଲାଗିଥାନ୍ତି । ନେବାର ଓ ପାଇବାର ସକଳ ଇଚ୍ଛାକୁ ଘୋଡ଼ାଇ ରଖିବା ଲାଗି ସେମାନେ ଏହି ଆବରଣଟିକୁ ବ୍ୟବହାର କରୁଥାନ୍ତି । ସେମାନେ ବସ୍ତୁତଃ କେତେ କ'ଣ ନେବାକୁ ଓ ପାଇବାକୁ ଇଚ୍ଛା ରଖିଥାନ୍ତି : ନିଜର ଆତ୍ମାଟିର ପରିତ୍ରାଣ ଚାହୁଁଥାନ୍ତି, ଆଧ୍ୟାତ୍ମିକ ଅନୁଭୂତିର ଅଧିକାରୀ ହେବାକୁ ଚାହୁଁଥାନ୍ତି, ଆହୁରି କ'ଣସବୁ ସାମର୍ଥ୍ୟ ଓ ପରାକ୍ରମ ହାସଲ କରିବାକୁ ମନ ରଖିଥାନ୍ତି, ଏକ କ୍ଷୁଦ୍ର ଶାନ୍ତିପୂର୍ଣ୍ଣ ସୁଖସ୍ୱାଚ୍ଛନ୍ଦ୍ୟ ଜୀବନ ଯାପନ କରିବାର ସୁଯୋଗ ମଧ୍ୟ ଇଚ୍ଛା କରୁଥାନ୍ତି,—ଯେଉଁ ଜୀବନ ଅଳ୍ପାଧିକ ପରିମାଣରେ ନିରାପଦ ଓ ସୁଖମୟ ହୋଇଥିବ, ଅନ୍ତତଃ ସର୍ବନିମ୍ନ ସୁଖସୁବିଧାମାନ ସେଥିରେ ଉପଲବ୍ଧ ହୋଇ ରହିଥିବ,—କୌଣସି ଚିନ୍ତା ନଥିବ, କୌଣସି ଉଦ୍‌ବେଗ ବା ଆଶଙ୍କା ନଥିବ, ଜୀବନର ଯାବତୀୟ ସନ୍ତାପରୁ ମୁକ୍ତ ଏବଂ ବହୁଦୂର ହୋଇ ରହିଥିବ । ହଁ, ଏକଥା ଏହିପରି ଘଟିଥାଏ । ଏହା କେତେକେତେ କ୍ଷେତ୍ରକୁ ବିସ୍ତାରିତ ହୋଇ ରହିଥାଏ । ମାତ୍ର ଯେତେବେଳେ ଦେବାର ଅବସରଟି ଆସି ପହଞ୍ଚେ, ସେତେବେଳେ ସେମାନେ ବେଶ୍ ଦରଦାମ୍ କରିବାକୁ ଆରମ୍ଭ କରିଦିଅନ୍ତି । ସେମାନେ ଜାଣିଥାନ୍ତି ଯେ ଏହିସବୁ ଅନେକ ଅନେକ ଦ୍ରବ୍ୟକୁ ଲାଭ କରିବାକୁ ହେଲେ ଅଳ୍ପସ୍ୱଳ୍ପ କିଛି ନା କିଛି ଦେଇପାରିଲେ ତାହା ନିଶ୍ଚୟ ଲାଭଦାୟକ ଭାବରେ କାର୍ଯ୍ୟ କରିବ; ଅଳ୍ପକିଛି ନଦେଲେ ହୁଏତ ସେମାନଙ୍କୁ ଆଦୌ କିଛିହେଲେ ମିଳିବ ନାହିଁ । ତେଣୁ ସେମାନେ ସତେଅବା ଭାରି ନିଷ୍ଠାବାନ୍ ପରି କେତେ ପ୍ରଦର୍ଶନ କରୁଥାନ୍ତି । ମାତ୍ର ଏହାକୁ କେବଳ ଏକ ଛଳନା ବୋଲିହିଁ ବୁଝାଯିବ, କାରଣ ଏହା ପଛରେ ଆଦୌ କୌଣସି ଆନ୍ତରିକତା ନଥାଏ ।

ସେମାନଙ୍କର ଭାରି ଦୁର୍ଭାଗ୍ୟ ଯେ ଏପରି କରିବା ଦ୍ୱାରା କେହି କୌଣସି ଠକାମିରେ ପଡ଼େ ନାହିଁ । ଏହି ଆଚରଣଟିକୁ ହୁଏତ ବେଶ୍ ସହି ନେଇହୁଏ; ମାତ୍ର ତାହାର ଅର୍ଥ ନୁହେଁ ଯେ ତଦ୍ୱାରା କେହି କୌଣସି ଠକାମିରେ ପଡ଼ିଯାଏ ।

ଦରଦାମ୍ କରିବା ତ ସର୍ବତ୍ର ଲାଗି ରହିଥାଏ, ସତ୍ତାର ସକଳ ଅଂଶରେ ଦରଦାମ୍ ଚାଲିଥାଏ । ସର୍ବଦା କିଛି ଦେଇ ତା' ବଦଳରେ କିଛି ପାଇବାର ବେପାର ଲାଗି ରହିଥାଏ, ସର୍ବୋଚ୍ଚ ଆଧ୍ୟାତ୍ମିକ ଅନୁଭୂତିର କ୍ଷେତ୍ରଠାରୁ ଆରମ୍ଭ କରି କ୍ଷୁଦ୍ରତମ ସାଧାରଣ ଭୌତିକ ଆବଶ୍ୟକତାଗୁଡ଼ିକର କ୍ଷେତ୍ର ପର୍ଯ୍ୟନ୍ତ ସବୁଠାରେ ସେହି ଭଳି

'oaob.nitrkl.ac.in' images reprocessed

ବାଲବନ୍ଧର ରହିଥାଏ । ହଜାରକରେ ଏପରି ଜଣେ ବ ବ୍ୟକ୍ତି ନଥାନ୍ତି, ଯିଏକି ପ୍ରତିଦାନରେ ଅଧିକରୁ ଅଧିକ ଆଶା ନକରି କେବଳ ଦେବାରହିଁ ଆଚରଣ କରୁଥାନ୍ତି ।

ଏବଂ, ଯେଉଁ କାହାଣୀଟିକୁ ମୁଁ ତୁମମାନଙ୍କୁ କହୁଥିଲି,—ହଁ, ଏହି କ୍ଷେତ୍ରରେ ଏହିଭଳି ଅନେକ ଅନ୍ୟ କାହାଣୀ ମଧ୍ୟ ରହିଛି,—ସେହି କାହାଣୀଟି ମଧ୍ୟରେ ସବୁଠାରୁ ଅଧିକ ଚମତ୍କାର କଥାଟି ହେଉଛି ଯେ, ଯେତେବେଳେ ସେହି ବୁଢ଼ୀଟି କିଛି ଦାନ କଲା, ତା'ର ଦାନ ଗ୍ରହଣ କରୁଥିବା ବ୍ୟକ୍ତି ଶିବ ହୋଇଥିବେ ବୋଲି ସେ ମୋଟେ ଜାଣି ନଥିଲା । ସିଏ ତ ଯାହା ଦେଲା, ଜଣେ ପଥଚାରୀ ଭିକାରୀକୁହିଁ ଦେଉଥିଲା, ଭଲ କାମଟିଏ କରି ପାରିବାର ଆନନ୍ଦ ହେତୁ, କେବଳ ଦେବାରହିଁ ଆନନ୍ଦ ହେତୁ ସିଏ ଯାହାକିଛି ଦେଉଥିଲା । ସିଏ ହେଉଛନ୍ତି ଜଣେ ଦେବତା, ମଣିଷ ବେଶ ଧରି ଆସିଛନ୍ତି ଏବଂ ନିଜ ଦେବାଟିର ପ୍ରତିବଦଳରେ ମୁକ୍ତି ବା କୌଣସି ନା କୌଣସି ଜ୍ଞାନ ହାସଲ କରିବାର ଆଶାରେ ଯେ ସିଏ କିଛି ଦେଉଥିଲା, ସେକଥା ମୋଟେ ନୁହେଁ ।

(ସାଧକ ଜଣକ ଆଡ଼କୁ ଅନାଇ) ଏବେ ବି ତା' ମନ ଭିତରେ କେଉଁଠି କ'ଣ ଗୋଲ ଭାବନା ରହିଥିବା ପରି ମନେ ହେଉଛି । ତେବେ, କୁହ, ତୁମ ମନ ଭିତରେ କ'ଣ ରହିଛି !

> ମୁଁ ଏତିକି କହିବାକୁ ଚାହୁଁଥିଲି ଯେ କର୍ମ ପ୍ରତି ଯେଉଁ ବାସନାଟି ରହିଥାଏ, ସେହିଥିରୁହିଁ ଏହିସବୁ ଭାବନା ଜନ୍ମଲାଭ କରିଥାଏ, ଏବଂ ଏଇଟି ମଧ୍ୟ ସେହି ପରମେଶ୍ୱରଙ୍କ ଦ୍ୱାରା ପରିଚାଳିତ ହେଉଥାଏ । ମାତ୍ର, ଏଣିକି ଆଉ କୌଣସି ବାସନା ରହିବା ଉଚିତ ନୁହେଁ ଏବଂ ଏଥର ଖାଲି ଦେବାକୁହିଁ ହେବ ବୋଲି ଯେତେବେଳେ ହୃଦ୍‌ବୋଧ ହୋଇଯାଏ, ତଥାପି ସେହି ବାସନାଟି ଏକ ଶୁଦ୍ଧ ଦେବାରେ ପରିଣତ ହୋଇ ପାରେ ନାହିଁ; ଏବଂ ଏକଥାଟି ଅନନ୍ତକାଳ ପର୍ଯ୍ୟନ୍ତ ଲାଗି ରହିଥାଏ । ଏପରି କାହିଁକି ହୁଏ ?

ଏହି କଥାଟିର ମୁଁ କୌଣସି ଅର୍ଥ ବୁଝି ପାରୁ ନାହିଁ । (ଅନ୍ୟଜଣେ ସାଧକଙ୍କୁ) ତୁମେ ଅନୁବାଦ କରିଦିଅ !

'oaob.nitrkl.ac.in' images reprocessed

ବାସନା ସମ୍ଭବତ ଅନେକ ସମୟରେ ଅଭୀପ୍ସାକୁ ଏକାଠି ମିଶାଇ ଦିଆହୁଏ ।···

**ହଁ, ହଁ, ଶ୍ରୀଅରବିନ୍ଦ ଠିକ୍ ସେହି କଥା ଲେଖିଛନ୍ତି ।**

ତା'ପରେ, ସେହି କ୍ଷେତ୍ରରେ ଏକ ବାସନା ଏକାଠି ଗୋଳାଇ ହୋଇ ରହିଛି ସତ, ମାତ୍ର ଏହି ବାସନାଟିକୁ ପରିତ୍ୟାଗ କରିବା ଲାଗି ଆଉ ସାମର୍ଥ୍ୟ ହୁଏ ନାହିଁ ।

**(ପ୍ରଥମ ସାଧକଙ୍କୁ) ତୁମେ ଏହି ଅର୍ଥରେ ପଚାରୁଥିଲ ?**

ନା ! (ସମସ୍ତେ ହସିଉଠିଲେ)

**ହଁ, ଆଉ ନାହିଁ !**

ମାଆ, ଆପଣ କହିଲେ ଯେ ଏହାକୁ ବେଶ୍ ସହି ନିଆଯାଏ ସତ, ମାତ୍ର ସହିନେବାର ତ ପୁଣି ଏକ ନିର୍ଦ୍ଦିଷ୍ଟ ଅବଧି ରହିଛି ! ମାତ୍ର ଯେତେବେଳେ ସେହି ଅବଧିଟି ମଧ୍ୟ ଅତିକ୍ରାନ୍ତ ହୋଇଯାଏ, ଏବଂ ତଥାପି ଅଟକି ପାରିବା ସମ୍ଭବ ହୁଏ ନାହିଁ,—ମୁଁ ସେହି ଅର୍ଥରେ ପ୍ରଶ୍ନଟିକୁ ପଚାରିଥିଲି ।

**ହଁ, ତେବେ କ'ଣ ହେବ, କ'ଣ ଘଟିବ ?**

ସେତେବେଳେ କ'ଣ କରିବାକୁ ପଡ଼ିବ, କ'ଣ କରିବା ଉଚିତ ହେବ, ସେ ସେଇ କଥା ପଚାରୁଛନ୍ତି ।

**ହଁ, ଏତେବେଳେ ଯାଇ ବୁଝିଲି ।**

**ସେତେବେଳେ କ'ଣ କରିବା ଉଚିତ ?···ସେତେବେଳେ ତୁମେ ନିଷ୍କାପଟ ହେବାକୁ ଚେଷ୍ଟା କରିବ ।**

'oaob.nitrkl.ac.in' images reprocessed

ହଁ, ହଁ, ଠିକ୍ ସେହି କଥା, ସବୁବେଳେ, ସବୁବେଳେ ଠିକ୍ ସେହି କଥା । ଫଳଟି ଭିତରେ କୋଉଠି କ୍ଷୁଦ୍ର ପୋକଟିଏ । "ନା, ମୁଁ ଆଉ ପାରିବ ନାହିଁ" ବୋଲି ଆମେ କହିବାକୁ ଆରମ୍ଭ କରୁ । ମାତ୍ର ସେକଥା ମୋଟେ ସତ ନୁହେଁ । ଯଦି ଇଚ୍ଛା କରିବ, ତେବେ ନିଶ୍ଚୟ ପାରିବ ।

ଏବଂ ଅନେକ ଲୋକ ମୋ ପାଖକୁ ଆସି "ମୋର ଅସଲ ଇଚ୍ଛାଶକ୍ତି ନାହିଁ" ବୋଲି କହିଥାନ୍ତି । ତାହାର ଅର୍ଥ ହେଉଛି ଯେ ତୁମ ପାଖରେ ଅସଲ ନିଷ୍ଠାଟିହିଁ ନାହିଁ । କାରଣ ସମଗ୍ର ପୃଥିବୀରେ ଇଚ୍ଛା ବୋଲି ଯେତେ ଯାହା ରହିଛି, ନିଷ୍ଠା ହେଉଛି ତାହାଠାରୁ ଅନନ୍ତ ଗୁଣରେ ଅଧିକ ଶକ୍ତିଶାଳୀ । ଏହି ନିଷ୍ଠାଶକ୍ତି ନିମେଷ ମାତ୍ରକେ ଯେକୌଣସି କଥାକୁ ବଦଳାଇ ଦେଇପାରେ । ଏହା ତାହାକୁ ହାତରେ ଦୃଢ଼ କରି ଧରେ ଓ ତା'ପରେ ବାହାରକୁ ବାହାର କରି ନେଇଆସେ;—ଏବଂ ତା'ପରେ ତାହାର ଇତି ହୁଏ ।

ମାତ୍ର ତୁମେ ଆଖି ବନ୍ଦ କରି ରଖିଥାଅ ଏବଂ ଆପଣା ଲାଗି କେତେକ'ଣ କୈଫିୟତ୍ ଖୋଜି ବାହାର କରିବାରେ ଲାଗିଥାଅ ।

ଏବଂ ସମସ୍ୟାଟି ବାରବାର ଆସିବାରେ ଲାଗିଥାଏ ।

ହଁ, ବାରବାର ଆସିବାରେ ଲାଗିଥାଏ, କାରଣ ତୁମେ ତାହାକୁ ସମ୍ପୂର୍ଣ୍ଣ ଭାବରେ ଭିତରୁ ଟାଣି ବାହାର କରିଦେଇ ନଥାଅ । ତୁମେ କେବଳ ଡାଳଟାକୁ କାଟୁଥାଅ ଓ ତାହା ପୁନର୍ବାର କଅଁଳି ଉଠେ ।

ତାହା ପୁଣି ଭିନ୍ନ ଭିନ୍ନ ଆକାର ବି ଗ୍ରହଣ କରେ ।

ହଁ, ମାତ୍ର ତାହା ଯେତେଥର ଆସିବାରେ ଲାଗିଥିବ, ତୁମେ ତାକୁ ବାହାରକୁ ବାହାର କରି ଆଣୁଥିବ । ତାହାହିଁ କର୍ତ୍ତବ୍ୟ,—ଏହିପରି, ତାହା ଆଉ ମୋଟେ ଆବିର୍ଭୂତ ନହେବା ପର୍ଯ୍ୟନ୍ତ ତୁମକୁ ସେହିପରି କରିବାକୁ ପଡ଼ିବ ।

ଆମେ ଏବିଷୟରେ ଆଗରୁ ଆଲୋଚନା କରିଛେଁ, କେଉଁଠି କରିଛେଁ ଟି ? ...ହଁ, ହଁ, ମୁଁ ଭାବୁଛି ଏହି ବିଷୟଟି "ଯୋଗ-ପ୍ରଦୀପ" ପୁସ୍ତକରେ ରହିଥିଲା । ତୁମେ ସେହି ବସ୍ତୁଟିକୁ ଚେତନାର ଗୋଟିଏ ଭାଗରୁ ବାହାର କରିଆଣି ଆଉ ଗୋଟିଏ ଭାଗରେ ପୁରାଇ ଦେଉଥାଅ । ଏବଂ ତା'ପରେ ତୁମେ ସେଇଟିକୁ ତଳକୁ ଚାପିଦିଅ ଓ ଏହିପରି ଭାବରେ ତାହା ଅବଚେତନ ମଧ୍ୟକୁ ଚାଲିଯାଏ । ଏବଂ

'oaob.nitrkl.ac.in' images reprocessed

ତା'ପରେ, ଯଦି ତୁମେ ତାହା ବିଷୟରେ ସତର୍କ ରହି ନପାର, ସେଇଟିର ଅନ୍ତ ହୋଇଗଲା ବୋଲି ଯଦି ଭାବୁଥାଅ, ତେବେ କିଛି କାଳ ପରେ ତାହା ପୁଣି ଆପଣାର ମୁଖ ବାହାର କରି ଉପରକୁ ଆସେ । ଏବଂ ତା'ପରେ, ତୁମେ ସେଇଟିକୁ ଅବଚେତନର କ୍ଷେତ୍ରକୁ ଆହୁରି ତଳକୁ ଦାବି ବାହାର କରିଦେବାକୁ ଚେଷ୍ଟା କଲେ ମଧ୍ୟ, ତାହା ଅଚେତନ ମଧ୍ୟକୁ ଗଳିଯାଏ । ଏବଂ ସେଠାରେ ମଧ୍ୟ ତୁମକୁ ପୁଣି ତା' ପଛରେ ଗୋଡ଼ାଇ ସେଇଟିକୁ ଖୋଜି ବାହାର କରିବାକୁ ପଡ଼େ ।

ମାତ୍ର ଶେଷକୁ ଏପରି ଏକ ବେଳ ଅବଶ୍ୟ ଆସେ, ଯେତେବେଳେ କି ଏହି ପ୍ରକ୍ରିୟାର ଅନ୍ତ ହୋଇଯାଏ ।

ଏହି କ୍ଷେତ୍ରରେ କେବଳ ଏତିକି ପ୍ରମାଦ ରହିଥାଏ ଯେ ଆମେ ସବୁବେଳେ ଖୁବ୍ ତରତର ହେବାରେ ଲାଗିଥାଉ, ଏସବୁ ଯେତେ ସମ୍ଭବ ସେତେ ଅଧିକ ଶୀଘ୍ର ସରିଯାଉ ବୋଲି ଇଚ୍ଛା କରୁଥାଉ । ଥରେ ଉଦ୍ୟମ କରିବା ପରେ, "ଓଃ, ମୁଁ ତ ଏଥର ଥରେ ଚେଷ୍ଟା କଲି, ଯାହା କରିବାର କଲି, ଏଥର ମୋତେ ମୋ ଉଦ୍ୟମର ଫଳ ମିଳିବା ଉଚିତ ।" ବୋଲି କହିବାକୁ ଆରମ୍ଭ କରୁ ।

ବସ୍ତୁତଃ ଏପରି ହୁଏ, କାରଣ ଏଥିରେ ଅଗ୍ରଗତି କରୁଥିବାର ଆଦୌ କୌଣସି ଆନନ୍ଦ ନଥାଏ । ଅଗ୍ରଗତି କରିବା ଜନିତ ଆନନ୍ଦଟି କଳ୍ପନା କରୁଥାଏ ଯେ, ଆପଣା ସମ୍ମୁଖରେ ରଖିଥିବା ଲକ୍ଷ୍ୟଟିକୁ ତୁମେ ହାସଲ କରି ସାରିଥିଲେ ମଧ୍ୟ, —ଆମେ ଆମ ସମ୍ମୁଖରେ ଯେଉଁ ଲକ୍ଷ୍ୟଟି ଉପରେ ଦୃଷ୍ଟି ରଖିଛୁ, ଏଠାରେ ତାହାର ଦୃଷ୍ଟାନ୍ତଟି ଗ୍ରହଣ କରାଯାଉ : ଯଦି ଆମେ ଅନ୍ତର୍ମାନସ ଜୀବନ ଏବଂ ଅନ୍ତର୍ମାନସ ଚେତନାର ଉପଲବ୍ଧି କରୁ,—ହଁ, ସେତେବେଳେ ଅଗ୍ରଗତି କରିବା ଜନିତ ଆନନ୍ଦଟି ଆମକୁ ଆସି କହିବାକୁ ଲାଗେ, "ହଁ, ଲକ୍ଷ୍ୟ ହାସଲ ହେଲା ସତ, ମାତ୍ର କାଳର ଶାଶ୍ୱତତା ମଧ୍ୟରେ ଏଇଟି କେବଳ ଗୋଟିଏମାତ୍ର ପର୍ଯ୍ୟାୟ ହୋଇ ରହିବ । ଏଇଟି ହାସଲ ହୋଇଗଲେ ଆଉକିଛି ଲକ୍ଷ୍ୟ ହୋଇ ରହିବ, ତା'ପରେ ଆଉ ଗୋଟିଏ ରହିବ, ତା'ପରେ ପୁଣି ଆଉ ଗୋଟିଏ ରହିବ ଏବଂ ଏହିପରି ସବୁବେଳେ ଆମକୁ ଅନୁକ୍ଷଣହିଁ ଆଗକୁ ଆଗକୁ ଯିବାକୁ ପଡ଼ିବ ।" ଏବଂ ତାହାହିଁ ତୁମକୁ ଆନନ୍ଦରେ ପୂର୍ଣ୍ଣ କରି ରଖିଥିବ । ଏବଂ, "ଓହୋ ! ବର୍ତ୍ତମାନ ମୁଁ ଟିକିଏ ବସିଯାଇ ପାରିବି, ବର୍ତ୍ତମାନ ଏସବୁ ସରିଲା, ମୁଁ ମୋର ଲକ୍ଷ୍ୟଟିକୁ ଉପଲବ୍ଧି କରି ପାରିଲି । ମୁଁ ଯାହାକିଛି ହାସଲ କଲି, ବର୍ତ୍ତମାନ ଯାଉଛି ତାହାର ଫଳ ଭୁଞ୍ଜିବି ।"—ଏହି କଥାଟା ପ୍ରକୃତରେ କେଡ଼େ ନୀରସ କଥା ! ଏପରି ଏକ କଥା ସଙ୍ଗେସଙ୍ଗେ ବୁଢ଼ା କରି ପକାଏ, ଆମକୁ ଖର୍ବ କରି ରଖେ ।

ତାରୁଣ୍ୟର ସଜ୍ଞା : ଆମେ କହିପାରିବା ଯେ ତାରୁଣ୍ୟ କହିଲେ ସତତ ଅଭିବୃଦ୍ଧିକୁ ବୁଝାଏ, ଅବିରାମ ଅଗ୍ରଗତିକୁ ବୁଝାଏ । ସାମର୍ଥ୍ୟଗୁଡ଼ିକର ଅଭିବୃଦ୍ଧି,

'oaob.nitrkl.ac.in' images reprocessed

ସମ୍ଭାବନାଗୁଡ଼ିକର ଅଭିବୃଦ୍ଧି, କର୍ମର କ୍ଷେତ୍ର ତଥା ଚେତନାର ପରିଧିରେ ଅଭିବୃଦ୍ଧିକୁ ବୁଝାଏ, ଯାବତୀୟ କାର୍ଯ୍ୟର ସମ୍ପାଦନରେ ଅଗ୍ରଗତିକୁ ବୁଝାଏ ।

ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ମୋତେ ଥରେ ଜଣେ ଏକଥା କହିଥିଲେ, "ତେବେ ଅଭିବୃଦ୍ଧି ବନ୍ଦ ହୋଇଗଲେ ଆଉ ଜଣେ ବ୍ୟକ୍ତିକୁ ଆମେ ତରୁଣ ବୋଲି କହିବା ନାହିଁ ?" ମୁଁ ଉତ୍ତର ଦେଇ କହିଲି, "ନିଶ୍ଚୟ । ଜଣେ ବ୍ୟକ୍ତି ଚିରଦିନ ପାଇଁ ଅଭିବୃଦ୍ଧି ଲାଭ କରୁଥିବ ବୋଲି ମୁଁ ଆଦୌ କଳ୍ପନା କରି ପାରୁ ନାହିଁ । ମାତ୍ର କେବଳ ଶାରୀରିକ ଅଭିବୃଦ୍ଧି ବ୍ୟତୀତ ଜଣେ ବ୍ୟକ୍ତି ଆଉ ଏକ ପ୍ରକାରେ ମଧ୍ୟ ଅଭିବୃଦ୍ଧି ହାସଲ କରିପାରେ ।"

ଅର୍ଥାତ୍, ମନୁଷ୍ୟର ଜୀବନରେ ପୂର୍ବାପର ଅନୁକ୍ରମରେ କେତୋଟି ଅବସ୍ଥା ଆସେ । ଆଗକୁ ଆଗକୁ ଯାଉଥିବା ସଙ୍ଗେସଙ୍ଗେ କୌଣସି ଏକ ଅବସ୍ଥା ଗୋଟିଏ ଆକାରରେ ସମାପ୍ତି ଲାଭ କରେ ଏବଂ ଆପଣାର ଆକାରଟିକୁ ବଦଳାଇ ଦିଏ...... ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ ଉପସ୍ଥିତ ଅବସ୍ଥାରେ ଆମେ ସମଗ୍ର ଶିଡ଼ିଟିର ସବା ଉପରକୁ ଆସି ତା'ପରେ ପୁଣି ତଳକୁ ଖସିଆସୁ । ଏହା ପ୍ରକୃତରେ ଏକ ଲଜ୍ଜାର କଥା ଏବଂ ଏହା ସେଭଳି ହେବା ଆଦୌ ଉଚିତ ନୁହେଁ । ଏଇଟା ଏକ ମନ୍ଦ ଅଭ୍ୟାସ । ମାତ୍ର ଯେତେବେଳେ ଅଭିବୃଦ୍ଧି ଲାଭ କରିବାର ପ୍ରକ୍ରିୟାଟି ବନ୍ଦ ହୋଇଯାଏ, ଯେଉଁ ଉଚ୍ଚତାରେ ପହଞ୍ଚି ଆମର ସର୍ବୋତ୍ତମ ଅଭିବ୍ୟକ୍ତି ଘଟିଲା ବୋଲି ଆମେ ବିଚାର କରୁଛୁ, ଯେତେବେଳେ ଆମେ ସେହି ଅବସ୍ଥାରେ ଆସି ପହଞ୍ଚି ଯାଉଛୁ, ସେତେବେଳେ ବୃଦ୍ଧିଲାଭ କରିବାର ଏହି ଶକ୍ତିକୁ ଆମେ ଏପରି ଆଉ ଏକ ଶକ୍ତିରେ ରୂପାନ୍ତରିତ କରିଦେଇ ପାରିବା, ଯାହାକି ଆମର ଶରୀରକୁ ପରିପୂର୍ଣ୍ଣ ଭାବରେ ତିଆରି କରିଦେଇ ପାରିବ, ତାହାକୁ ଅଧିକରୁ ଅଧିକ ବଳଶାଳୀ କରି ଗଢ଼ିବ, ଅଧିକରୁ ଅଧିକ ସ୍ୱାସ୍ଥ୍ୟସମ୍ପନ୍ନ କରିବ, ସେଥିରେ ଆହୁରି ଅଧିକ ପ୍ରତିରୋଧ ଶକ୍ତି ସମ୍ଭବ ହେବ ଏବଂ ଶାରୀରିକ ସୌନ୍ଦର୍ଯ୍ୟର ଏକ ଆଦର୍ଶ ଦୃଷ୍ଟାନ୍ତ ହୋଇ ରହିପାରିବା ଲାଗି ଆମେ ଶାରୀରିକ ଶିକ୍ଷାର ଅଭ୍ୟାସ ମଧ୍ୟ କରିପାରିବା । ଏବଂ ତା'ପରେ, ଯୁଗପତ୍ ଭାବରେ, ଆମେ କ୍ରମଶଃ ଆମ ଚରିତ୍ରକୁ, ଚେତନାକୁ, ଜ୍ଞାନକୁ ଓ ଆମର ନାନା ସାମର୍ଥ୍ୟକୁ ପରିପୂର୍ଣ୍ଣ କରି ଗଢ଼ିବାକୁ ଇଚ୍ଛା କରିବା ଓ ସେହି କାର୍ଯ୍ୟଟିକୁ ଆରମ୍ଭ କରିଦେବା ଏବଂ ସର୍ବଶେଷରେ ସେହି ଦିବ୍ୟ ପରମ ଉପଲବ୍ଧି କ୍ରମନ୍ତେ ମଧ୍ୟ ପ୍ରୟାସ କରିପାରିବା, ଯାହାକି ଆମକୁ ଶିବ ଏବଂ ସତ୍ୟର ପରିପୂର୍ଣ୍ଣତା ଆଣିଦେବ, ସେହି ପରମେଶ୍ୱରଙ୍କର ପରିପୂର୍ଣ୍ଣ ପ୍ରେମର ଅଧିକାରୀ ମଧ୍ୟ କରାଇବ ।

ତୁମେମାନେ ଏହି କଥାଟିକୁ ସ୍ମରଣ ରଖିବ । ଏବଂ ଏହି ପ୍ରଚେଷ୍ଟାଟି ସତତ ଲାଗି ରହିଥିବ । ଏବଂ ଯେତେବେଳେ ଚେତନାର ଏକ ନିର୍ଦ୍ଦିଷ୍ଟ ଭୂମି ହାସଲ ହୋଇଯିବ, ଭୌତିକ ଜଗତରେ ଯେତେବେଳେ ଏହି ଚେତନାଟିର ଉପଲବ୍ଧି

'oaob.nitrkl.ac.in' images reprocessed

ହୋଇଯିବ ଏବଂ ତୁମେ ଯେତେବେଳେ ଏହି ଭୌତିକ ଜଗତକୁ ସେହି ଚେତନାର ସ୍ୱତରୂପ ଅନୁସାରେ ରୂପାନ୍ତରିତ କରିଦେଇ ପାରିବ, ସେତେବେଳେ ତୁମେ ଏହି କ୍ରମରେ ଆଉ ଗୋଟିଏ ସୋପାନକୁ ଆରୋହଣ କରିଯିବ ଏବଂ ଆଉ ଗୋଟିଏ ଚେତନା ମଧ୍ୟରେ ପ୍ରବିଷ୍ଟ ହେବ,—ଏବଂ ତୁମେ ପୁନର୍ବାର ଆଗକୁ ଯିବାକୁ ଆରମ୍ଭ କରିବ । ବାସ୍, ଏହି କଥାଟିକୁ ସ୍ମରଣ ରଖିବ ।

ମାତ୍ର ଅଳସୁଆମାନଙ୍କ ଲାଗି ଏସବୁ କଥା କୁହା ଯାଉ ନାହିଁ । ଯେଉଁମାନେ ଅଗ୍ରଗତି କାମନା କରନ୍ତି, ସେହିମାନଙ୍କ ଲାଗି କୁହାଯାଉଛି । ଯେଉଁମାନେ ଆସି ଏପରି କହନ୍ତି, "ଓହୋ, ଜୀବନରେ ମୁଁ ଅନେକ କଠିନ ପରିଶ୍ରମ କଲି, ଏବେ ମୁଁ ବିଶ୍ରାମ କରିବାକୁ ଇଚ୍ଛା କରୁଛି, ଆପଣ ମୋତେ ଆଶ୍ରମରେ ସ୍ଥାନଟିଏ ଯୋଗାଇଦେଇ ପାରିବେ ?" ବୋଲି ଯେଉଁମାନେ ଏଠାକୁ ଆସି କହନ୍ତି, ସେମାନଙ୍କୁ ମୁଁ ଏହିପରି ଉତ୍ତର ଦେଇଥାଏ, "ନା—ନା—ଏଠାରେ ନୁହେଁ । ଏଇଟା ବିଶ୍ରାମର ଏକ ସ୍ଥାନ ନୁହେଁ, ତୁମେ ଜୀବନଯାକ ଖଟିଖଟି ଆସିଛ ବୋଲି ଏଠାରେ ତୁମକୁ କୌଣସି ବିଶ୍ରାମ ମିଳିବ ନାହିଁ; ଏହା ତ ଏପରି ଗୋଟିଏ ସ୍ଥାନ, ଯେଉଁଠାରେ କି ପୂର୍ବ ଅପେକ୍ଷା ଆହୁରି ଅଧିକ କଠିନ ଭାବରେ କାର୍ଯ୍ୟ କରିବାକୁ ହେବ ।" ତେଣୁ, ପୂର୍ବେ ସେମାନଙ୍କୁ ମୁଁ ରମଣ ମହର୍ଷିଙ୍କ ପାଖକୁ ପଠାଇ ଦେଉଥିଲି ।* ମୁଁ କହୁଥିଲି, "ତୁମେ ସେହିଠାକୁ ଯାଅ, ସେଠାରେ ଧ୍ୟାନପ୍ରବିଷ୍ଟ ହେବ ଏବଂ ବିଶ୍ରାମ ଲାଭ କରିବ ।" ବର୍ତ୍ତମାନ ସେକଥା ଆଉ ସମ୍ଭବ ହୋଇ ପାରୁ ନାହିଁ । ତେଣୁ ସେମାନଙ୍କୁ ମୁଁ ହିମାଳୟକୁ ପଠାଇ ଦେଉଛି; ମୁଁ ସେମାନଙ୍କୁ କହୁଛି, "ସେଠାକୁ ଯାଇ ଶାଶ୍ୱତ ତୁଷାରରାଶି ସମ୍ମୁଖରେ ଉପବିଷ୍ଟ ହୁଅ । ତଦ୍ୱାରା ତୁମର ଅନେକ ଲାଭ ହେବ ।"

ବାସ୍,—ଏବିଷୟରେ ଏତିକ ।

ଶ୍ରୀ
ଗ୍ରା -
ଭା -
, ଓଡ଼ିଶା
ବହି ନଂ -

* ଦକ୍ଷିଣ ଭାରତର ଜଣେ ମନୀଷୀ । ସେ ୧୯୫୦ ମସିହା ଏପ୍ରିଲ୍ ମାସରେ ଦେହତ୍ୟାଗ କରିଥିଲେ । ତପସ୍ୟା ଏବଂ ଧ୍ୟାନ କରିବା ସକାଶେ ସେ ଗୋଟିଏ ପାରମ୍ପରିକ ଅଶ୍ରମ ପ୍ରତିଷ୍ଠା କରିଥିଲେ ।

'oaob.nitrkl.ac.in' images reprocessed

# ୧୮ ଜାନୁଆରୀ ୧୯୫୬

ମାଆ, ଶ୍ରୀଅରବିନ୍ଦ ଏଠାରେ ଲେଖିଛନ୍ତି : "ଏହି ସମଗ୍ର ପ୍ରଥମ ପର୍ଯ୍ୟାୟଟିରେ ତାକୁ (ବ୍ୟକ୍ତିକୁ) ଆପଣା ନିମ୍ନତର ପ୍ରକୃତିର ସାଧନଗୁଡ଼ିକୁ ନେଇ କାର୍ଯ୍ୟ କରିବାକୁ ହୋଇଥାଏ ।"

**ଯୋଗସମନ୍ୱୟ, ପୃଷ୍ଠା-୭୯**

ଏହି କାର୍ଯ୍ୟଟି ପ୍ରକୃତରେ କ'ଣ, ଏବଂ ତାହାକୁ କିପରି ଭାବରେ ସମ୍ପାଦନ କରାଯାଏ ?

**ଏହି କାର୍ଯ୍ୟର ଏକ ସକାରାତ୍ମକ ଦିଗ ରହିଛି ଓ ଗୋଟିଏ ନକାରାତ୍ମକ ଦିଗ ମଧ୍ୟ ରହିଛି ।**

**ସକାରାତ୍ମକ ଦିଗଟି ହେଉଛି ଯେ ଆମେ ଆମର ଅଭୀପ୍ସାକୁ ବଢ଼ାଇବା, ଆପଣାର ଚେତନାରେ ବିକାଶସାଧନ କରିବା, ଆପଣାର ସତ୍ତାଟିକୁ ଏକତ୍ର କରି ଆଣିବା ଏବଂ ଆପଣାର ଚୈତ୍ୟ ସତ୍ତାଟି ସହିତ ଅଧିକରୁ ଅଧିକ ସମ୍ପର୍କ ସ୍ଥାପନ କରି ପାରିବା ଲାଗି ଆମେ ଆପଣା ମଧ୍ୟରେ ପ୍ରବେଶ କରିବା; ଆମ ଜୀବନର ଓ ସତ୍ତାର ଯାବତୀୟ କ୍ଷେତ୍ର, ଯାବତୀୟ କ୍ରିୟାଶୀଳତା ଓ ଯାବତୀୟ ଗତିସ୍ପନ୍ଦନକୁ ନେଇ ଏହି ଚୈତ୍ୟ ଚେତନାର ସମ୍ମୁଖରେ ଉପସ୍ଥାପିତ କରିବାକୁ ସମର୍ଥ ହେବା, ଯେପରିକି ଏହି କେନ୍ଦ୍ରଟି ସହିତ ଆପଣାର ସମ୍ବନ୍ଧକ୍ଷେତ୍ରରେ ସେଗୁଡ଼ିକ ଆପଣାର ଯଥାର୍ଥ ସ୍ଥାନଗୁଡ଼ିକରେ ଯାଇ ରହିପାରିବେ । ଏବଂ ପରିଶେଷରେ, ଆମର ଯାବତୀୟ ଅଭୀପ୍ସାକୁ ଆମେ କେବଳ ସେହି ପରମ ଦିବ୍ୟସତ୍ତାଙ୍କ ଆଡ଼କୁହିଁ ସଙ୍ଗଠିତ କରି ଆଣିବା ଏବଂ ଆମର ଯାବତୀୟ ଅଗ୍ରଗତିକୁ ମଧ୍ୟ କେବଳ ତାଙ୍କର ଆଡ଼କୁ ଉଦ୍ଦିଷ୍ଟ କରି ରଖିବା । ସେଇଟି ହେଉଛି ସକାରାତ୍ମକ ଦିଗ ।**

**ଏବଂ, ଯେଉଁସବୁ ଯାବତୀୟ ପ୍ରଭାବ ବାହାରୁ, ଅବଚେତନ ମଧ୍ୟରୁ ଅଥବା ଅଚେତନ ମଧ୍ୟରୁ ବା ଆମର ପରିବେଶଟିରୁ ଆସି ଆମ ଭିତରେ ପ୍ରବେଶ କରୁଥାଏ ଏବଂ ଆମ ଆଧ୍ୟାତ୍ମିକ ଅଗ୍ରଗତିରେ ବାଧାସ୍ୱରୂପ ଆସି ଠିଆହୁଏ, ବିଧିବଦ୍ଧ ଭାବରେ ଏବଂ ବିବେକର ସହିତ ଆମେ ସେଗୁଡ଼ିକୁ ଆମ ଭିତରେ ପ୍ରବେଶ କରିବା ଲାଗି ମନା କରିଦେବା । ଏଇଟି ନକାରାତ୍ମକ ଦିଗ । ଏହିସବୁ ଯାବତୀୟ ପ୍ରଭାବ, ପ୍ରରୋଚନା ଓ ଆବେଗକୁ ଆମକୁ ମନା କରିଦେବାକୁହିଁ ପଡ଼ିବ ଏବଂ ସେଗୁଡ଼ିକ ବାରବାର ଆମ ଭିତରେ ଆସି ପ୍ରବେଶ କରିବାର ଚେଷ୍ଟା କରୁଛନ୍ତି ବୋଲି ଆଦୌ କୌଣସି**

'oaob.nitrkl.ac.in' images reprocessed

ପ୍ରକାରେ ନିରୁତ୍ସାହିତ ନହୋଇ ଏବଂ ସେଗୁଡ଼ିକର ଇଚ୍ଛା ପାଖରେ କେବେହେଲେ ନତମସ୍ତକ ନହୋଇ ଆମକୁ ବିଧିବଦ୍ଧ ଓ ବ୍ୟବସ୍ଥିତ ଭାବରେ ସେଗୁଡ଼ିକୁ ମନା କରିଦେବାକୁ ପଡ଼ିବ । ଏବଂ, ତାହାରି ସଙ୍ଗେ ସଙ୍ଗେ, ଅତ୍ୟନ୍ତ ସ୍ପଷ୍ଟ ଭାବରେ ଆପଣାର ଭିତରକୁ ଅବଲୋକନ କରି ତା' ମଧ୍ୟରେ ରହିଥିବା ଯାବତୀୟ ଅସ୍ପଷ୍ଟ, ଅହଂ ଦ୍ୱାରା ପ୍ରେରିତ, ଅଚେତନ ଓ ଏପରିକି ଶତ୍ରୁଭାବାପନ୍ନ ଉପାଦାନଗୁଡ଼ିକୁ ଭଲ କରି ବାରିନେବାକୁ ପଡ଼ିବ, ଯେଉଁଗୁଡ଼ିକ କି ସଚେତନ ଭାବରେ ହେଉ ଅଥବା ଅନ୍ୟ ଯେଉଁ ପ୍ରକାରେ ହେଉ, ଏହିସବୁ ମନ୍ଦ ପ୍ରଭାବଗୁଡ଼ିକ ପ୍ରତି ଅନୁମୋଦନ ଜ୍ଞାପନ କରିବାରେ ଲାଗିଥାନ୍ତି ଏବଂ ସେମାନଙ୍କୁ ଯେ କେବଳ ଆମ ଚେତନା ଭିତରକୁ ପ୍ରବେଶ କରିବାକୁ ଦିଅନ୍ତି ତା' ନୁହେଁ, ମାତ୍ର ଅନେକ ସମୟରେ ସେଠାରେ ସ୍ଥାୟୀ ହୋଇ ରହିବା ଲାଗି ସେମାନଙ୍କୁ ଅନୁମତି ଦେଇଦିଅନ୍ତି । ଏଇଟି ହେଉଛି ନକାରାତ୍ମକ ଦିଗ ।

ଉଭୟ ଦିଗର ଏକ ସମୟରେହିଁ ଅନୁଶୀଳନ କରିବାକୁ ପଡ଼ିବ । ଯେଉଁ ମୁହୂର୍ତ୍ତ ଓ ଯେଉଁ ଅବସ୍ଥାଟି ଯେପରି ହୋଇଥିବ, ଆମ ଭିତରଟି ଯେତେବେଳେ ଯେଉଁପରି ପ୍ରସ୍ତୁତ ଥିବ, ସେହି ଅନୁସାରେ ହୁଏତ ବର୍ତ୍ତମାନ ଗୋଟିକ ଉପରେ ଜୋର୍ ଦେବାକୁ ପଡ଼ିବ ଓ ଆଉ ଏକ ସମୟରେ ଅନ୍ୟଟି ଉପରେ ଜୋର୍ ଦେବାକୁ ପଡ଼ିବ; ମାତ୍ର କେତେବେଳେ ମଧ୍ୟ ଦୁଇଟି ମଧ୍ୟରୁ ଆମେ କୌଣସି ଗୋଟିକୁ ହେଲେ ଭୁଲି ଯିବା ନାହିଁ ।

ସାଧାରଣତଃ, ଗୋଟିଏ ପାଖରେ ଆମେ ଯେତିକି ଅଗ୍ରଗତି ହାସଲ କରୁଥାଉ, ଅନ୍ୟ ପାଖଟିରେ ପ୍ରତିକୂଳ ଶକ୍ତିମାନେ ହୁଏତ ଆମ ଉପରେ ସେତିକି ପ୍ରବଳ ଭାବରେ ଆକ୍ରମଣ କରିବା ଲାଗି ପ୍ରବୃତ୍ତ ହେବାରେ ଲାଗିଥାନ୍ତି । ତେଣୁ, ଆମେ ଯେତିକି ଅଗ୍ରଗତି କରୁଥିବା, ଏହି କ୍ଷେତ୍ରରେ ଆମକୁ ସେତିକି ସତର୍କ ରହିବାକୁ ପଡ଼ୁଥିବ । ଏବଂ, ଏହି କ୍ଷେତ୍ରରେ ସବୁଠାରୁ ଅତ୍ୟାବଶ୍ୟକ ଗୁଣ ହେଉଛି ଅଧ୍ୟବସାୟ, ସହିଷ୍ଣୁତା ଏବଂ ଏକ···ଏହାକୁ ମୁଁ କିପରି ଭାବରେ ବର୍ଣ୍ଣନା କରି କହିବି ?···ହଁ, ଏକ ପ୍ରକାର ଅନ୍ତଃପ୍ରସନ୍ନତା, ଯାହାକି ତୁମକୁ କଦାପି ନିରୁତ୍ସାହିତ ହୋଇ ନପଡ଼ିବା ଲାଗି ସହାୟତା କରୁଥିବ, ଦୁଃଖରେ ମୁହ୍ୟମାନ ହୋଇ ନପଡ଼ିବାକୁ ଏବଂ ସହାସ୍ୟ ବଦନରେ ସକଳ ଅସୁବିଧାର ସମ୍ମୁଖୀନ ହେବାକୁ ସହାୟତା କରି ପାରୁଥିବ । ଇଂରାଜୀ ଭାଷାର cheerfulness ଶବ୍ଦଟି ଏହି ଗୁଣଟିକୁ ଭାରି ଉତ୍ତମରୂପେ ଅଭିବ୍ୟକ୍ତ କରିଥାଏ । ଯଦି ତୁମେ ନିଜ ଭିତରେ ପ୍ରସନ୍ନ ଓ ପ୍ରଫୁଲ୍ଲ ହୋଇ ରହିପାରିବ, ତେବେ ତୁମେ ଅଧିକ ସମର୍ଥ ଭାବରେ ଯୁଝିପାରିବ, ଅଧିକ ସମର୍ଥ ହୋଇ ପ୍ରତିରୋଧ କରିପାରିବ, ଅଧିକ ଆଲୋକଯୁକ୍ତ ଭାବରେ ତୁମକୁ ଅଗ୍ରଗତି

'oaob.nitrkl.ac.in' images reprocessed

ଜୀବନର ପଥରେ ପ୍ରତିବନ୍ଧକ ଆଣି ପକାଇବାକୁ ଚେଷ୍ଟା କରୁଥିବା ଏହିସବୁ ମନ୍ଦ ପ୍ରଭାବର ପ୍ରତିରୋଧ କରି ପାରିବ ।

କାର୍ଯ୍ୟ କହିଲେ ଏହାକୁହିଁ ବୁଝାଇବ । ଏହା ଏକ ଅତ୍ୟନ୍ତ ବ୍ୟାପକ କାର୍ଯ୍ୟ, ବହୁମୁଖୀ କାର୍ଯ୍ୟ । ଏବଂ, କେତେବେଳେ ହେଲେ ଆଦୌ କୌଣସି କଥାକୁ ଭୁଲିଗଲେ ବି ଚଳିବ ନାହିଁ ।

ମାଆ, "ପରମ ସର୍ବୋଚ୍ଚ ସତ୍ତା ଆପଣା ଅଲୌକିକ ପରମ ଆଲୋକ, ପରମ ସାମର୍ଥ୍ୟ ତଥା ପରମ ଆନନ୍ଦର ଏକ ସ୍ୱନିର୍ବାଚିତ ମନୁଷ୍ୟ-ଆଧାର ଉପରେ ଆପଣାର ସନ୍ଦୀପିତ ହସ୍ତଟିକୁ ଆଣି ରଖି ସାରିଲେଣି ।"

ତତ୍ରୈବ, ପୃଷ୍ଠା-୮୧

କିଏ ତାଙ୍କର ନିମିତ୍ତରୂପେ ବ୍ୟବହୃତ ହେବ, ପରମ ସର୍ବୋଚ୍ଚ ସତ୍ତା କ'ଣ ସ୍ୱୟଂ ତାହାର ନିର୍ବାଚନ କରନ୍ତି ନା ଅପର ପକ୍ଷରୁ ଏକ ସତ୍ତାହିଁ ତାଙ୍କର ସାଧନ ହେବା ଲାଗି ସ୍ୱୟଂ ସେହି ପଥଟିକୁ ବାଛିନିଏ ?

ତୁମର ଯେପରି ରୁଚି, ତୁମେ କଥାଟିକୁ ସେହିପରି ଗ୍ରହଣ କରିପାରିବ ।

ଏହି କ୍ଷେତ୍ରରେ କିଏ ଆଗ, କିଏ ପଛ, ସେକଥା କହି ହେବ ନାହିଁ । ମାତ୍ର ସାଧାରଣତଃ ଦୁଇଟିଯାକ କଥା ଏକସମୟରେହିଁ ଘଟିଥାଏ ।

ଯଦି ତୁମେ ତଥାପି ଆଗ କେଉଁଟି ଘଟୁଛି ବୋଲି ଜାଣିବାକୁ ଇଚ୍ଛା କରୁଥାଅ, ତେବେ ଏହା ଅତ୍ୟନ୍ତ ସୁସ୍ପଷ୍ଟ ଯେ ପରମ ଦିବ୍ୟସତ୍ତାହିଁ ବ୍ୟକ୍ତିଠାରୁ ପୂର୍ବରୁ ଅବସ୍ଥିତ ରହିଛନ୍ତି । ତେଣୁ ସେହି ଦିବ୍ୟ ପରମସତ୍ତାହିଁ ଆଗ ନିର୍ବାଚନ କରିଥିବେ ! ମାତ୍ର ପାର୍ଥିବ ଜୀବନ ସଂଘଟିତ ହେବାର ଅନେକ ପୂର୍ବରୁ ଏହି ନିର୍ବାଚନ ସମ୍ପାଦିତ ହୋଇ ଯାଇଛି । ଏବଂ, ଆମ ସାଧାରଣ ମନୁଷ୍ୟ-ଚେତନାର କଳନା ଅନୁସାରେ ହୁଏତ ଏଇଟି ଆଗ ଘଟିଛି ଅଥବା ସେଇଟି ଆଗ ଘଟିଛି ବା ହୁଏତ ଦୁଇଟିଯାକ ଏକା ସମୟରେ ଘଟିଛନ୍ତି । ବସ୍ତୁତଃ, ଏକଥା ମଧ୍ୟ ବେଶ୍ ସମ୍ଭବ ଯେ, ଏହି ସତ୍ତାଟି ଅଥବା ସେହି ସତ୍ତାଟି ପ୍ରସ୍ତୁତ ହେଲାଣି ବୋଲି ପରମ ଦିବ୍ୟସତ୍ତାଙ୍କୁହିଁ ସର୍ବପ୍ରଥମେ ଗୋଚର ହେଉଥିବ । ମାତ୍ର ଯିଏ ପ୍ରସ୍ତୁତ ହୋଇଯାଏ, ସାଧାରଣତଃ ଆରମ୍ଭରୁ ତାକୁ ସେକଥାଟି ଆଦୌ ଜଣା ନଥାଏ, ତେଣୁ ତା' ମନରେ ଏହିପରି ଏକ ଧାରଣା ହୁଏ ଯେ

'oaob.nitrkl.ac.in' images reprocessed

ପ୍ରକୃତରେ ସେଇ ଏହି ନିଷ୍ପତ୍ତିଟିକୁ ଗ୍ରହଣ କରିଛୁ ଏବଂ ଯାବତୀୟ ନିର୍ବାଚନ କରିବାରେ ଲଗିଛୁ । ଏହାକୁ ଏକ ସତ୍ୟକଥା ଅପେକ୍ଷା ଅଧିକ ପରିମାଣରେ ଏକ ଧାରଣା ବୋଲି କହିପାରିବା ।

ଏବଂ ଥରେ ନିର୍ବାଚିତ ହେବା ପରେ ତାହା ଅନିବାର୍ଯ୍ୟ ହୋଇ ରହେ; ତା'ପରେ ତୁମେ ଯେତେ ଚେଷ୍ଟା କଲେ ମଧ୍ୟ ଆଉ ତା' ଭିତରୁ ବାହାରି ଆସି ପାରିବ ନାହିଁ ।

> ମାଆ, ଆପଣ ମୋତେ ଏହି ଉକ୍ତିଟିକୁ ଟିକିଏ ବୁଝାଇଦିଅନ୍ତୁ : "ସର୍ବଶେଷ ପର୍ଯ୍ୟାୟଟିରେ ଆଉ ପ୍ରକୃତରେ କୌଣସି ଚେଷ୍ଟା କରିବାକୁ ପଡ଼ିବ ନାହିଁ, କୌଣସି ନିର୍ଦ୍ଦିଷ୍ଟ ପଦ୍ଧତି ବା ଧରାବନ୍ଧା ସାଧନା ମଧ୍ୟରେ ବାନ୍ଧିହୋଇ ରହିବାକୁ ପଡ଼ିବ ନାହିଁ । ବର୍ତ୍ତମାନ ଯେଉଁଠି ପ୍ରଚେଷ୍ଟା ଓ ତପସ୍ୟା ରହିଛି, ସେତେବେଳେ ତାହା ସ୍ଥାନରେ ବଡ଼ ସ୍ୱଭାବ-ପ୍ରେରିତ, ସହଜ, ଶକ୍ତିଶାଳୀ ତଥା ସୁଖକର ଗତିରେ ଆମର ପୂର୍ଣ୍ଣ ଶୁଦ୍ଧ ତଥା ପରିପୂର୍ଣ୍ଣ ପାର୍ଥିବ ପ୍ରକୃତିର ସ୍ତବକଟି ମଧ୍ୟରୁ ପରମ ଦିବ୍ୟତାର ଫୁଲଟି ପ୍ରସ୍ଫୁଟିତ ହୋଇ ଉଠିବ ।
>
> ଯୋଗସମନ୍ୱୟ, ପୃଷ୍ଠା-୮୧

ଏହା ଏକ କବିତ୍ୱପୂର୍ଣ୍ଣ ଆକାରରେ କୁହାଯାଇଛି ।

ମାତ୍ର ଏଇଟି ମଧ୍ୟରେ ତୁମେ ପ୍ରକୃତରେ କ'ଣ ବୁଝି ପାରୁ ନାହିଁ କହିଲ ? ଶ୍ରୀଅରବିନ୍ଦ ଜାହିଁକି ସ୍ତବକ ଓ ଫୁଲ ବିଷୟରେ ଚର୍ଚ୍ଚା କରିଛନ୍ତି, ସେହି କଥାଟିକୁ ?

> ମୁଁ ଏହି କଥାଟି ପଚାରୁଛି, କାରଣ ଆଦୌ କୌଣସି ପ୍ରୟାସ ନକରିହିଁ ଗୋଟିଏ କଢ଼ ଫୁଲ ହୋଇ ଫୁଟି ଉଠିଥାଏ । ମାତ୍ର ଏହି କ୍ଷେତ୍ରରେ ଆମକୁ ଏକ ପ୍ରୟାସ କରିବାକୁ ପଡ଼ିବ, ନୁହେଁ କି ?

ଶ୍ରୀଅରବିନ୍ଦ କହିଛନ୍ତି ଯେ ଏକଥା ଘଟେ, ଯେତେବେଳେ ଆମେ ଯଥୋଚିତ ଭାବରେ ପ୍ରସ୍ତୁତ ହୋଇଯାଉ । "ମାତ୍ର କୌଣସି ପ୍ରୟାସ ନକରିହିଁ କଢ଼ ଫୁଲ ହୋଇ

ଫୁଟିଉଠେ,"—ତୁମେ ଏହିପରି ଭାବିବାକୁ ପ୍ରବୃତ୍ତ ହେବ ବୋଲିହିଁ ସେହି କଥାଟି କୁହାଯାଇଛି । ତେଣୁ, ଯେତେବେଳେ ପ୍ରକୃତି ପ୍ରସ୍ତୁତ ହୋଇଯାଉଛି, କଢ଼ଟି ବେଳକୁ ଯେପରି ଘଟିଥାଏ, ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି ଘଟୁଛି ।

ହଁ, "ପ୍ରୟାସ" । ଆମେ ତାହାକୁ ଯେ ପ୍ରୟାସ ବୋଲି କହୁ, ମୁଁ ସେକଥା ଜାଣେ ନାହିଁ; ଗଛ ପ୍ରକୃତରେ କୌଣସି ପ୍ରୟାସ କରେ କି ନାହିଁ, ସେକଥା ମଧ୍ୟ ନିଶ୍ଚିତ ଭାବରେ କହି ହେବ ନାହିଁ । ଏବଂ, ସେବିଷୟରେ ଯାହାକିଛି ସତ ହୋଇଥାଉ ପଛକେ, ଏକଥା ନିଶ୍ଚିତ ଯେ ଗଛର ଏକ ଅଭୀପ୍ସା ରହିଥାଏ । ଗଛଟିଏ ବଢ଼ିବାରେ ଲାଗିଥାଏ, କାରଣ ଆଲୋକ ଲାଗି ତାହାର ଅଭୀପ୍ସା ଥାଏ; ସୂର୍ଯ୍ୟ ଲାଗି ଅଭୀପ୍ସା ରହିଥାଏ, ମୁକ୍ତ ବାୟୁ ଲାଗି ଅଭୀପ୍ସା ରହିଥାଏ ।

ଏବଂ, ଏହାକୁ ଗୋଟାଏ ପ୍ରକାରର ପ୍ରତିଯୋଗିତା ବୋଲି ବି କହିହେବ । ଯଦି ଆମେ କୌଣସି ଜଙ୍ଗଲକୁ ଯିବା, ଉଦାହରଣସ୍ୱରୂପ, ଗୋଟିଏ ପାର୍କକୁ ଯିବା ଯେଉଁଠାରେ କି ଭିନ୍ନଭିନ୍ନ ଅନେକ ପ୍ରକାରର ଗଛମାନ ରହିଥିବେ, ତେବେ ସେଠାରେ ଆମେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିବାକୁ ପାଇବା ଯେ ଗଛଗୁଡ଼ିକ ପରସ୍ପର ଭିତରେ ଏକ ପ୍ରକାର ପ୍ରତିଯୋଗିତା କରିବାରେ ଲାଗିଛନ୍ତି, ପରସ୍ପରକୁ ଅତିକ୍ରମ କରି ଆଲୋକ ମଧ୍ୟରେ ଓ ମୁକ୍ତ ବାୟୁ ମଧ୍ୟରେ ପ୍ରବେଶ କରିବାକୁ ଚେଷ୍ଟା କରିବାରେ ଲାଗିଛନ୍ତି । ସେହି କଥାଟିକୁ ଅବଲୋକନ କରୁଥିବା ସମୟରେ ପ୍ରକୃତରେ ଭାରି ଅଦ୍ଭୁତ ଲାଗିଥାଏ ।

ଏବଂ ଏଠାରେ ଶ୍ରୀଅରବିନ୍ଦ ଏହି ଅର୍ଥରେ ସେହି କଥାଟି କହିଛନ୍ତି ଯେ ଯେତେବେଳେ ଆମେ ଉପଯୁକ୍ତ ଭାବରେ ପ୍ରସ୍ତୁତ ହୋଇଯିବା ଏବଂ ପ୍ରକୃତି ମଧ୍ୟ ପ୍ରସ୍ତୁତ ହୋଇଯିବ, ତେବେ ସର୍ବଶେଷ ଗତିସ୍ପନ୍ଦନଟି ଠିକ୍ ଗୋଟିଏ ଫୁଲ ଫୁଟିଉଠିବା ପରି ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେହିଁ ସଂଘଟିତ ହେବ । ତାହା ଆଉ କୌଣସି ପ୍ରକାରେ ଏକ କଷ୍ଟକୃତ ପ୍ରୟାସ ହୋଇ ରହିବ ନାହିଁ, ସତେଯେପରି ଏକ ଅନୁସ୍ପନ୍ଦନ ପରି ସଂଘଟିତ ହୋଇଯିବ । ସତ୍ତ୍ୱ ମଧ୍ୟରେ ଏହାକୁ ଯଥାର୍ଥରେ ଭଗବାନଙ୍କରହିଁ ଏକ କାର୍ଯ୍ୟ ବୋଲି କହିବାକୁ ହେବ : ଆମେ ପ୍ରସ୍ତୁତ ହୋଇ ଯାଇଥିବା ଏବଂ ଯଥାର୍ଥ ମୁହୂର୍ତ୍ତଟି ଆସି ଉପଗତ ହୋଇ ଯାଇଥିବ,—ଏବଂ ତା'ପରେ କଢ଼ଟି ଉନ୍ମୋଚିତ ହୋଇ ଆସିବ ।

ଗଛ ଭିତରେ ଯେପରି ରହିଛି, ପିଲାମାନଙ୍କ ଭିତରେ କ'ଣ ସେହିପରି ଅଭିବୃଦ୍ଧି ଲାଗି ଏକ ଅଭୀପ୍ସା ବିଦ୍ୟମାନ ରହିଛି ?

'oaob.nitrkl.ac.in' images reprocessed

ହଁ, ରହୁଛି । ଏପରକି, ଅଧିକାଂଶ ସମୟରେ ତାହା ସଚେତନ ଭାବରେ ରହୁଛି : ସେମାନେ ଆହୁରି ଉଚ୍ଚ ହେବା ଲାଗି ଆକାଂକ୍ଷା ରଖିଥାନ୍ତି ।

> ସେମାନଙ୍କର ଅଧିକ ଡେଙ୍ଗା ହେବା ବା ନହେବା,—ତାହା ସେମାନଙ୍କର ଅଭୀପ୍ସା ଉପରେ ନିର୍ଭର କରେ କି ?

ହଁ, ଏକ ନିର୍ଦ୍ଦିଷ୍ଟ ସମୟରେ ନିଶ୍ଚୟ ନିର୍ଭର କରିଥାଏ । ବସ୍ତୁତଃ, ମୁଁ ଏପରି ଅନେକ ପିଲାଙ୍କୁ ଜାଣିଛି, ଯେଉଁମାନଙ୍କ ମଧ୍ୟରେ କି ଅଭିବୃଦ୍ଧି ଲାଗି ଏକ ଅତି ପ୍ରବଳ ଆକାଂକ୍ଷା ରହିଥିଲା ଓ ସେହି କାରଣରୁ ସେମାନଙ୍କର ଉଚ୍ଚତା ମଧ୍ୟ ଅଧିକ ହୋଇପାରିଲା ।

ଜଣେ ଏକାବେଳକେ ପିଲା ହୋଇ ରହି ନଥିଲାବେଳେ ମଧ୍ୟ ତାହାର ଏକ ପ୍ରଭାବ ଅବଶ୍ୟ ରହୁଛି । ଏପରି ଅନେକ ଲୋକଙ୍କର କ୍ଷେତ୍ରରେ ମୁଁ ଦେଖିବାକୁ ପାଇଛି ଯେ ସେମାନେ ପଚିଶି ବର୍ଷ ବୟସ ବେଳେ ମଧ୍ୟ ଅଧିକ ଡେଙ୍ଗା ହୋଇ ଯାଇଛନ୍ତି । ଅଧିକ ଡେଙ୍ଗା ହେବା ପାଇଁ ସେମାନେ ଏତେବେଶୀ ବ୍ୟାକୁଳ ହୋଇ ରହିଥିଲେ ଯେ ସେମାନେ ତାହା ଫଳରେ ପ୍ରକୃତରେ ଡେଙ୍ଗା ହୋଇପାରିଲେ । ଏବଂ ଯେଉଁମାନେ ଶରୀରଚର୍ଚ୍ଚା ପ୍ରଭୃତି କରିଛନ୍ତି, ମୁଁ ଏଠାରେ ଆଦୌ ସେମାନଙ୍କ କଥା କହୁ ନାହିଁ; କାରଣ ତାହା ହେଉଛି ଏକ ସ୍ୱତନ୍ତ୍ର ବିଷୟ । ଶାରୀରିକ ଚର୍ଚ୍ଚା ଓ ତାଲିମ ଫଳରେ ଜଣେ ପ୍ରଭୂତ ଭାବରେ ଆପଣା ଶରୀରର ଉନ୍ନତି ସାଧନ କରିପାରିବ । ମାତ୍ର ଏଠାରେ ମୁଁ କେବଳ ଅଭୀପ୍ସାର କଥାହିଁ କହୁଛି, କେବଳ ଏକ ଅନ୍ତର୍ଗତ ଦୃଢ଼ ଇଚ୍ଛାର କଥା କହୁଛି । ପଚିଶି ବର୍ଷ ବୟସ ପର୍ଯ୍ୟନ୍ତ ଶରୀର ଯଥେଷ୍ଟ ପରିମାଣରେ ନମନୀୟ ହୋଇ ରହିଥାଏ । ତା'ପରେ ଶରୀରଚର୍ଚ୍ଚା ପ୍ରଭୃତି ଆହୁରି ଅଧିକ ବୈଜ୍ଞାନିକ ପ୍ରଣାଳୀଗୁଡ଼ିକର ଅନୁଶୀଳନ କରିବାକୁ ପଡ଼େ । ଏବଂ ଯଦି ତାହାକୁ ବୁଦ୍ଧିମତ୍ତା ଓ ଯଥୋଚିତ ପଦ୍ଧତି ସହିତ ସମ୍ପାଦନ କରାଯାଇ ପାରେ, ତେବେ ତଦ୍ୱାରା ନିଶ୍ଚୟ ଅଦ୍ଭୁତ ଫଳମାନ ପ୍ରାପ୍ତ ହୋଇ ପାରିବ । ମାତ୍ର ତା' ପଛରେ ସର୍ବଦା ଏକ ଦୃଢ଼ ଇଚ୍ଛା ରହିଥିବା ଉଚିତ; ତାହା ହେଉଛି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏକ ଅଦମ୍ୟ ଆକାଂକ୍ଷା, ଏକ ଜ୍ଞାନ ବା ଏପରିକି ଏକ ଅବିଚଳିତ ବିଶ୍ୱାସ ରହିଥିବା ଉଚିତ, ଯେପରିକି କୁଳଗତତା ବିଷୟକ କୌଣସି ପ୍ରକାର ସଂସ୍କାର ଦ୍ୱାରା ଆଦୌ ବାନ୍ଧିହୋଇ ରହିବାକୁ ନପଡ଼େ ।

କାରଣ, ସ୍ପଷ୍ଟତଃ, ଉଦ୍‌ଭିଦମାନଙ୍କ ପରି ମନୁଷ୍ୟ ମଧ୍ୟ ବଂଶାନୁଗତ ମୂଳବୀଜଟି ଦ୍ୱାରା ଅର୍ଥାତ୍ ଆପଣାର ଜାତିଶ୍ରେଣୀଗତ ସାମର୍ଥ୍ୟଟି ଦ୍ୱାରା ସୀମାଙ୍କିତ

'oaob.nitrkl.ac.in' images reprocessed

**ହୋଇ ରହିଥାଏ । ମାତ୍ର ତଥାପି ସବୁ କ୍ଷେତ୍ରରେ ସମ୍ଭାବନାର ଏକ ପ୍ରଶସ୍ତ ଭୂମି ମଧ୍ୟ ରହିଥାଏ । ଉଦାହରଣସ୍ୱରୂପ, ମୁଁ ଅନେକ ସମୟରେ ଏପରି ଅନେକ ପିଲାଙ୍କୁ ଦେଖିଛି, ଯେଉଁମାନଙ୍କର ଉଚ୍ଚତା ସେମାନଙ୍କ ପିତାମାତାଙ୍କର ଉଚ୍ଚତାଠାରୁ ଅନେକ ଅଧିକ ହୋଇ ରହିଥିଲା ଏବଂ ସେମାନେ ତାହାହିଁ ହେବା ଲାଗି ଏକ ଅନୁରୂପ ଇଚ୍ଛା ମଧ୍ୟ ପୋଷଣ କରି ଆସିଥିଲେ । ଅବଶ୍ୟ ଏକଥା ସତ ଯେ, ଏକ ନିର୍ଦ୍ଦିଷ୍ଟ ପ୍ରତିବେଶର ଭୂମିରେ ଓ ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ତାହା ସଂଘଟିତ ହୋଇଥିଲା, ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହି ସୀମାଟିକୁ ଅନେକ ପରିମାଣରେ ପ୍ରସାରିତ କରି ଦିଆଯାଇ ପାରିବ ।**

**ଏବଂ, ବସ୍ତୁତଃ, ବଂଶାନୁକ୍ରମିକତା ଓ ପୂର୍ବସଂସ୍କାରର ସିଦ୍ଧାନ୍ତଗୁଡ଼ିକ ଅନୁସାରେ ଏପରି କୁହାଯାଇଥାଏ ଯେ ବଂଶାନୁକ୍ରମିକତା ଏକାଦିକ୍ରମେ ଏକାଧିକ ପୁରୁଷକୁ ମଧ୍ୟ ଡେଇଁ ଯାଇପାରେ; ଏବଂ ଏପରି ଅଳ୍ପସଂଖ୍ୟକ କେତୋଟି ପରିବାର ମଧ୍ୟ ନିଶ୍ଚୟ ଥିବେ, ଯେଉଁଥିରେ କି ଅନ୍ତତଃ ଜଣେ ବ୍ୟକ୍ତି ଡେଙ୍ଗା ହୋଇ ନଥିବା ହେତୁ ତାଙ୍କର ନାତି ଓ ଅଣନାତିମାନଙ୍କର ଉଚ୍ଚତା ମଧ୍ୟ ଠିକ୍ ସେହିପରି ହୋଇଥିଲା ।**

ମାଆ, ଶାରୀରିକ ଭୂମି ବ୍ୟତୀତ ଅନ୍ୟ କୌଣସି ଭୂମିରେ ମଧ୍ୟ କ'ଣ କୌଣସି ଗଛର ଅଭିବୃଦ୍ଧି ହୋଇପାରେ ?

**ଗଛମାନଙ୍କ ଭିତରେ ଏକ ଶକ୍ତିଶାଳୀ ପ୍ରାଣିକ ପ୍ରେରଣା ରହିଥାଏ, ଏବଂ ଏହି ପ୍ରାଣିକ ପ୍ରେରଣା ପ୍ରଭୂତ ଭାବରେ କାର୍ଯ୍ୟକାରୀ ବି ହୁଏ । ଏବଂ ତା'ପରେ ତା' ଭିତରେ ତା'ର ଶ୍ରେଣୀଗତ ଗୁଣାତ୍ମକ ପ୍ରତିକୃତି ମଧ୍ୟ ରହିଥାଏ ଏବଂ ସେହି ପ୍ରତିକୃତିକୁ ଏକ ଚେତନା ବୋଲି କୁହାଯିବ । ଗଛମାନଙ୍କ ସ୍ତରରେ ଏକ ସମଷ୍ଟି ଚେତନା ସତତ କାର୍ଯ୍ୟ କରୁଥାଏ ।**

**ଏବଂ ଶ୍ରେଣୀଟିର ଗୁଣାତ୍ମକ ପ୍ରତିଭାର କ୍ଷେତ୍ରରେ ଚୈତ୍ୟ ପ୍ରଭାବ ପ୍ରତି ଅନୁସ୍ପନ୍ଦନ ଜଣାଇବାର ଏକ ଆରମ୍ଭ ମଧ୍ୟ ହୋଇ ଯାଇଥାଏ,—ଏହି ଆରମ୍ଭଟି ପ୍ରାୟ ଭ୍ରୂଣ ଅବସ୍ଥାରେ ରହିଥାଏ, ତଥାପି ଦୃଷ୍ଟିଗୋଚର ହୋଇଥାଏ । ଏପରି କେତେକ ନିର୍ଦ୍ଦିଷ୍ଟ ଫୁଲ ବି ଅଛନ୍ତି, ଯେଉଁଗୁଡ଼ିକୁ କି ଅତ୍ୟନ୍ତ ସ୍ପଷ୍ଟ ଭାବରେ ଉଦ୍ଭିଦ ମଧ୍ୟରେ ରହିଥିବା ଏକ ଚୈତ୍ୟ ଦୃଷ୍ଟି ଏବଂ ଅଭୀପ୍ସାର ଅଭିବ୍ୟକ୍ତି ବୋଲି କୁହାଯାଇ ପାରିବ । ସେହି ଦୃଷ୍ଟି ଓ ସେହି ଅଭୀପ୍ସା ଆପଣା ବିଷୟରେ ଖୁବ୍ ବେଶୀ ସଚେତନ ନଥାଏ ସତ, ମାତ୍ର ତଥାପି ଏକ ସ୍ୱତଃସ୍ଫୂର୍ତ୍ତି ଆବେଗରୂପେ ଅବସ୍ଥିତ ରହିଥାଏ ।**

'oaob.nitrkl.ac.in' images reprocessed

ଉଦାହରଣସ୍ୱରୂପ, ଏହି କଥାଟିକୁ ବେଶ୍ ନିଶ୍ଚିତ ଭାବରେ କୁହାଯାଇ ପାରିବ ଯେ କୌଣସି ଗୋଟିଏ ଗଛ ପ୍ରତି ଯଦି ତୁମର ଏକ ବିଶେଷ ଶ୍ରଦ୍ଧା ଓ ବିଶେଷ ଆକର୍ଷଣ ରହିଥାଏ, ସେଇଟି ପ୍ରତି ଦୟା ଯାଉଥିବା ବାହ୍ୟ ଯତ୍ନ ସହିତ ଯଦି ତୁମେ ତାହାକୁ ଭଲ ପାଉଥାଅ, ଆପଣାକୁ ତାହାର ଅତ୍ୟନ୍ତ ନିକଟ ବୋଲି ଅନୁଭବ କରୁଥାଅ, ତେବେ ସିଏ ମଧ୍ୟ ସେହି କଥାଟିକୁ ଅନୁଭବ କରିବାକୁ ସମର୍ଥ ହୁଏ। ତା'ର ଫୁଲଫୁଟାରେ ଅନେକ ଅଧିକ ସୌଷମ୍ୟ ଓ ଆନନ୍ଦ ପ୍ରକଟ ହୋଇଉଠେ, ତା'ର ଅଭିବୃଦ୍ଧି ମଧ୍ୟ ଅଧିକ ଭଲ ହୁଏ, ତା'ର ଆୟୁ ମଧ୍ୟ ବଢ଼େ। ଏସବୁର ଅର୍ଥ ହେଉଛି ଯେ ସ୍ୱୟଂ ଗଛଟି ମଧ୍ୟରେ ଏକ ଅନୁସ୍ପନ୍ଦନ ଜାତ ହୋଇଥାଏ। ଫଳରେ, ସେହି କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ଚେତନା ବିଦ୍ୟମାନ ଥାଏ, ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଗଛଟିର ଏକ ପ୍ରାଣିକ ସତ୍ତା ବି ରହିଥାଏ।

ମାଆ, ପ୍ରତ୍ୟେକ ଗଛର ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ରହିଛି କି ଏବଂ ଥରେ ମରିଯିବା ପରେ ତାହାର କୌଣସି ପୁନର୍ଜନ୍ମ ହୁଏ କି ?

ହଁ, ଏପରି ହୋଇପାରେ। ମାତ୍ର ତାହା ହେଉଛି ଏକ ଆକସ୍ମିକତା।

ଏପରି ଅନେକ ବୃକ୍ଷ ଅଛନ୍ତି,—ବିଶେଷ କରି ବୃକ୍ଷମାନେହିଁ ଅଛନ୍ତି,— ଯେଉଁମାନେ କି ଦୀର୍ଘକାଳ ବଞ୍ଚିଛନ୍ତି ଏବଂ ହୁଏତ ଏକ ସଚେତନ ସତ୍ତା ଅଥବା ପ୍ରାଣିକ ସତ୍ତାର ନିବାସ ହୋଇ ରହିଛନ୍ତି। ସାଧାରଣତଃ ପ୍ରାଣିକ ସତ୍ତାମାନେ ଗଛମାନଙ୍କରେ ଆସି ଆଶ୍ରୟ ଗ୍ରହଣ କରିଥାନ୍ତି, ବା ପ୍ରାଣିକ ଭୂମିର କେତେକ ସତ୍ତା ଅରଣ୍ୟ ମଧ୍ୟରେ ଯାଇ ବାସ କରୁଥାନ୍ତି;—ପ୍ରାଣିକ ଭୂମିର କେତେକ ସତ୍ତା ଯେପରି ପାଣିରେ ବାସ କରନ୍ତି, ଠିକ୍ ସେହିପରି। ଏହି ବିଷୟରେ ପ୍ରାଚୀନ କାଳରୁ କେତେକେତେ ଉପାଖ୍ୟାନ ରହିଛି, ମାତ୍ର ସେଗୁଡ଼ିକ ପଛରେ ବାସ୍ତବ ସତ୍ୟର ଅବଶ୍ୟ ଏକ ପତ୍ତନ ରହିଆସିଛି।

ଗଛ ନିବାସ ଏବଂ ଆଶ୍ରୟର କାମ ଦେଇଥାଏ, ମାତ୍ର ସଂପୃକ୍ତ ସତ୍ତାଟି କଦାପି ସ୍ୱୟଂ ସେହି ଗଛଟି ଦ୍ୱାରା ସୃଷ୍ଟ ହୋଇ ନଥାଏ।

(ମାଆ ନୀରବ ରହିଲେ)

ପରମ ଦିବ୍ୟସତ୍ତାଙ୍କ ଦ୍ୱାରା ଯେଉଁ ସତ୍ତା ନିର୍ବାଚିତ ହୋଇଛି, ତା'ର ଜନ୍ମସମ୍ପର୍କରେ ସେହି ସତ୍ତା ସେହିବିଷୟରେ ସଜ୍ଞାନ ହୋଇ ପାରିବ କି ?

'oaob.nitrkl.ac.in' images reprocessed

ଜନ୍ମ ପୂର୍ବରୁ ମଧ୍ୟ ସଞ୍ଚାର ହୋଇ ପାରିବ ।

ସମ୍ଭବତଃ ଏହି ନିର୍ବାଚିତ ହୋଇଥିବାର କାରଣରୁହିଁ ସେ ଜନ୍ମଲାଭ କରିବ । ସାଧାରଣତଃ ତାହାହିଁ ଘଟିଥାଏ । ମାତ୍ର ତା' ଜୀବନର ଯେକୌଣସି ଅବସ୍ଥାରେ ମଧ୍ୟ ଏହା ସଂଘଟିତ ହୋଇପାରେ । ମାତ୍ର ଯେଉଁମାନେ ପୂର୍ବନିର୍ଦ୍ଧାରିତ ହୋଇଛନ୍ତି, ସେମାନଙ୍କ କ୍ଷେତ୍ରରେ ଏହା ଜନ୍ମପୂର୍ବରୁହିଁ ଘଟିବ । ସାଧାରଣତଃ ଏକ ଅଭିପ୍ରାୟ ଏବଂ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ବହନ କରିହିଁ ସେମାନେ ଏହି ପୃଥିବୀପୃଷ୍ଠକୁ ଆସିଥାନ୍ତି ।

ତୁମ ନିଜର କ୍ଷେତ୍ରରେ ଏହି ଘଟଣାଟି ଘଟିଛି କି ନାହିଁ, ତୁମେ ହୁଏତ ସେହି କଥାଟିକୁ ଜାଣିବା ଲାଗି ଖୁବ ଇଚ୍ଛା କରୁଥିବ, ନୁହେଁ ? (ସମସ୍ତେ ହସିଉଠିଲେ) ଆଚ୍ଛା, ତେବେ ଜାଣିବାକୁ ଚେଷ୍ଟା କରିପାର, ହଁ, ନିଶ୍ଚୟ ଚେଷ୍ଟା କରିପାର । ଏହି ଅନ୍ତର୍ଗତ ଅଭୀପ୍ସାର ଅଧିକାରୀ ହୁଅ, ଆପଣାକୁ ସଂକେନ୍ଦ୍ରିତ କରି ରଖ ଓ ତା'ପରେ ଜାଣିବାକୁ ଚେଷ୍ଟା କର । ଯଦି କୌଣସି ଉତ୍ତର ପାଉଛ, ତେବେ ମୋତେ ଆସି କହ; ତାହା ଠିକ୍ ନା ଭୁଲ, ମୁଁ ସେହି କଥାଟି ତୁମକୁ କହିଦେଇ ପାରିବି ।

(ଆଉଜଣେ ସାଧକଙ୍କୁ ଲକ୍ଷ୍ୟ କରି) ସିଏ ତଥାପି ଆହୁରି କ'ଣ ଖୋଜୁଛନ୍ତି, ହୁଏତ ଆହୁରି କ'ଣ ପଚାରିବାକୁ ଚାହୁଁଛନ୍ତି ।

ମାଆ, ଶେଷ ବାକ୍ୟଟି ବିଷୟରେ ମୁଁ ତଥାପି ଏହି ପ୍ରଶ୍ନଟି ପଚାରିବାକୁ ଇଚ୍ଛା କରୁଛି : "ପରମ ସର୍ବୋଚ୍ଚ ସତ୍ତା ଏକ ସ୍ୱନିର୍ବାଚିତ ମନୁଷ୍ୟ-ଆଧାର ଉପରେ ଆପଣାର ସନ୍ଦୀପିତ ହସ୍ତଟିକୁ ଆଣି ରଖି ସାରିଲେଣି ।..."

ହଁ ।

ଏହି କଥାଟିକୁ ସାଧାରଣ ଭାବରେ ପ୍ରଯୁଜ୍ୟ ବୋଲି ବୁଝାଯାଇ ପାରିବ ନା କେବଳ ଲକ୍ଷକେ ଜଣକର କ୍ଷେତ୍ରରେହିଁ ତାହା ପ୍ରଯୁଜ୍ୟ ହେବ ?

"ସାଧାରଣ ଭାବରେ" ବୋଲି କହିଲେ ତୁମେ କ'ଣ ବୁଝୁଛ ? ପୃଥିବୀରେ ବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ? ତୁମେ କ'ଣ ସେହି ଅର୍ଥରେ ସାଧାରଣ ଭାବରେ ବୋଲି କହୁଛ ?

'oaob.nitrkl.ac.in' images reprocessed

ଯେଉଁମାନଙ୍କର ଅଭୀପ୍‌ସା ରହିଛି ଓ ଯେଉଁମାନେ ଯୋଗସାଧନା କରୁଛନ୍ତି, ସେମାନେ ସମସ୍ତେ,—ନା କେବଳ ଜଣେମାତ୍ର ବ୍ୟକ୍ତି ?

ଓହୋ ! ଏଥର କଥାଟି ବୁଝି ହେଲା ପରି ମନେହେଉଛି ! (ସମସ୍ତେ ହସିଲେ) ଆପଣାକୁ ପ୍ରକଟ କରାଇବା ଲାଗି ପରମ ଦିବ୍ୟସତ୍ତା କେବଳ ଜଣେ ବ୍ୟକ୍ତିକୁ ବାଛୁଛନ୍ତି ନା ସେ ଇଚ୍ଛା କଲେ ଏକାଧିକ ବ୍ୟକ୍ତିଙ୍କୁ ବାଛିନେଇ ପାରିବେ ?—ସିଏ ଏକାଧିକ ବ୍ୟକ୍ତିଙ୍କୁ ବାଛନ୍ତି ।

ମାତ୍ର ଏଠାରେ ମଧ୍ୟ ଏକ ସୋପାନକ୍ରମ ରହିଛି । ଏହି ଯଥାର୍ଥ ସୋପାନକ୍ରମଟିକୁ ନବୁଝିଲା ପର୍ଯ୍ୟନ୍ତ ଆମେ ଆଧ୍ୟାତ୍ମିକ ଜୀବନ ବିଷୟରେ ପ୍ରାୟ କିଛିହେଲେ ବୁଝି ପାରିବା ନାହିଁ ।

ବର୍ତ୍ତମାନ ସ୍ରୋତ ବଦଳି ଗଲଣି । ଏବେ ମନୁଷ୍ୟର ଭାବନା ଆଉ ଏହାକୁ ମୋଟେ ପସନ୍ଦ କରୁ ନାହିଁ । ମାତ୍ର ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏହା ହେଉଛି ଏକ ସ୍ୱତଃସିଦ୍ଧ କଥା, ଏକ ସ୍ୱତଃସ୍ଫୂର୍ତ୍ତ ଏବଂ ଅପରିହାର୍ଯ୍ୟ କଥା । ଏବଂ ତେଣୁ, ଯଦି ଏହି ସୋପାନକ୍ରମଟି ପ୍ରକୃତରେ ଯଥାର୍ଥ ହୋଇଥାଏ, ତେବେ ସେଥିରେ ସମସ୍ତଙ୍କ ଲାଗି ଏକ ସ୍ଥାନ ରହିଛି । ଏବଂ ଆପଣାର ସ୍ୱକୀୟ ସ୍ୱକୀୟ ସ୍ଥାନରେ ପ୍ରତ୍ୟେକ ବ୍ୟକ୍ତି ଲାଗି ତା'ର ବ୍ୟକ୍ତିଜୀବନର ସ୍ୱତ୍ୟଟିକୁହିଁ ଅଲଙ୍ଘନୀୟ ବୋଲି ଗ୍ରହଣ କରିବାକୁ ପଡ଼ିବ । ଅର୍ଥାତ୍‌, ଯଥାର୍ଥ ଭାବରେ ଆପଣାର ଉଚିତ ସ୍ଥାନଟିରେ ରହିଥିବା ପ୍ରତ୍ୟେକ ଉପାଦାନର ଆପଣା ସ୍ଥାନରେ ପରମ ଦିବ୍ୟସତ୍ତାଙ୍କ ସହିତ ଏକ ସମଗ୍ର ଏବଂ ପରିପୂର୍ଣ୍ଣ ସମ୍ବନ୍ଧ ଅବଶ୍ୟ ରହିଛି । ଏବଂ ତଥାପି, ସମଗ୍ର ଭାବରେ ବିଚାର କରି ଦେଖିଲେ, ସେହି କ୍ଷେତ୍ରରେ ଏକ ସୋପାନକ୍ରମ ମଧ୍ୟ ରହିଛି ଯାହାକୁ କି ଅଲଙ୍ଘନୀୟ ବୋଲି କୁହାଯିବ । ମାତ୍ର ଆଧ୍ୟାତ୍ମିକ ଜୀବନକୁ ବୁଝି ପାରିବାକୁ ହେଲେ ଆମକୁ ଆଗ ସେହି କଥାଟିକୁହିଁ ବୁଝି ପାରିବାକୁ ହେବ; ଏବଂ ସେଇଟିକୁ ବୁଝିପାରିବା ଆଦୌ ସହଜ କଥା ନୁହେଁ ।

ପ୍ରତ୍ୟେକ ବ୍ୟକ୍ତି ତା'ର ଆପଣା କ୍ଷେତ୍ରର ଆୟତ୍ତନଟି ମଧ୍ୟରେ ପରମ ଦିବ୍ୟସତ୍ତାଙ୍କର ଏକ ପରିପୂର୍ଣ୍ଣ ଅଭିବ୍ୟକ୍ତିରେ ପରିଣତ ହୋଇ ପାରିବ; ମାତ୍ର ସେଥିଲାଗି ଏତିକମାତ୍ର ସର୍ତ୍ତ ରହିବ ଯେ ସେ ଆପଣାର ଯଥୋଚିତ ସ୍ଥାନଟିକୁ ଜାଣିଥିବ ଓ ସେହି ସ୍ଥାନଟିରେହିଁ ଅବସ୍ଥିତ ରହିଥିବ ।

'oaob.nitrkl.ac.in' images reprocessed

ମାତ୍ର ସୋପାନକ୍ରମଟିକୁ ଜାଣି ନଥିଲେ ସେମାନେ କ'ଣ ଏକଥାଟିକୁ ବି ଜାଣି ପାରିବେ ନାହିଁ ?

ମାତ୍ର ସେମାନେ ଯେ ସମସ୍ତେ ମିଶି ଗୋଟିଏ ସୋପାନକ୍ରମ ଗଠନ କରି ରହିଛନ୍ତି, ସେକଥା ଜାଣିବା ଲାଗି ସେମାନଙ୍କର ଆଦୌ କୌଣସି ପ୍ରୟୋଜନ ନାହିଁ । ଏହା ଜାଣିବା ଲାଗି ଆଦୌ କୌଣସି ଆବଶ୍ୟକତା ନାହିଁ । କେବଳ କେହି ଯଦି ବାହ୍ୟ ଜଗତରେ ଏକ ଆଧ୍ୟାତ୍ମିକ ସମାଜର ସଂଗଠନ କରିବାକୁ ଇଚ୍ଛା କରେ, ତେବେଯାଇ ତାହାର ପ୍ରୟୋଜନ ରହିଛି,—ତେବେଯାଇ ସୋପାନକ୍ରମଟିକୁ ମୂର୍ତ୍ତି ରୂପ ଦେବାର ଆବଶ୍ୟକତା ରହିଛି । ମାତ୍ର ପୃଥିବୀ ବର୍ତ୍ତମାନ ଯେପରି ସ୍ଥିତିରେ ରହିଛି, ସାଧାରଣତଃ ସେହି ସ୍ଥିତିରେ ଏହି ସୋପାନକ୍ରମଟି ମଧ୍ୟରେ ଏତେଗୁଡ଼ିଏ ଶୂନ୍ୟସ୍ଥାନ ରହିଯାଇଛି ଯେ ଏହା ପ୍ରକୃତରେ ଏକ ଅଡୁଆ ପରିହିଁ ବୋଧ ହେଉଛି ।

ଏକ ପରିପୂର୍ଣ୍ଣ ସୋପାନକ୍ରମ ହେଉଛି ଏକ ସମଗ୍ର ସୋପାନକ୍ରମ, ଏବଂ ଏହା କାଳ ଓ ଦେଶ ସହିତ କୌଣସି ପ୍ରକାରେ ବନ୍ଧାହୋଇ ରହି ନାହିଁ । ମାତ୍ର ଯେତେବେଳେ ତୁମେ ତାହାକୁ ବାହ୍ୟରୂପରେ ଉପଲବ୍ଧି କରିବାକୁ ବସିବ, ସେତେବେଳେ ତାହା ଅତ୍ୟନ୍ତ କଠିନ ହୋଇପଡ଼ିବ । ଏହା ସତେଅବା ଏପରି ଏକ ଲୁଗାଖଣ୍ଡେ ବୁଣିବା ପରି ହେବ, ଯାହା ଭିତରେ କି ସର୍ବଦା ଅନେକଗୁଡ଼ିଏ ଛିଦ୍ର ରହି ଯାଇଥିବ । ଏବଂ ସେହି ଛିଦ୍ରଗୁଡ଼ିକ ସାଧାରଣ ସୌଷମ୍ୟଟିକୁ ବ୍ୟାହତ କରି ରଖିଥିବେ । ସର୍ବଦା କେତେକେତେ ବ୍ୟକ୍ତି ବାଦ୍ ପଡ଼ି ଯାଇଥିବେ, କେତୋଟି ସୋପାନ ବାଦ୍ ପଡ଼ି ଯାଇଥିବ, ପାଲ୍ ଉପରୁ କେତୋଟି ଗୋଟି ବାଦ୍ ପଡ଼ି ଯାଇଥିବେ,—ଏହି ସବୁଗୁଡ଼ିକ ବାଦ୍ ପଡ଼ି ଯାଇଥିବ । ତେଣୁ ଅନାଇବା ବେଳକୁ ତାହା ଏକ ଅଡୁଆ ପରିହିଁ ବୋଧ ହେବ । ମାତ୍ର ଯଦି ପ୍ରତ୍ୟେକ ବସ୍ତୁର ଅଭିବ୍ୟକ୍ତି ହୋଇଥିବ ଏବଂ ପ୍ରତ୍ୟେକ ବସ୍ତୁ ସ୍ୱସ୍ଥାନରେ ଅବସ୍ଥିତ ରହିଥିବେ, ତେବେ ତାହାକୁ ଏକ ପରିପୂର୍ଣ୍ଣ ସୌଷମ୍ୟ ବୋଲି କୁହାଯିବ ଏବଂ ଏକ ପରିପୂର୍ଣ୍ଣ ସୋପାନକ୍ରମ ବୋଲି ମଧ୍ୟ କୁହାଯିବ ।

କୌଣସି ନା କୌଣସି ସ୍ଥାନରେ ଏହି ପରିପୂର୍ଣ୍ଣ ସୋପାନକ୍ରମଟି ଅବଶ୍ୟ ରହିଛି,—ଏହି ଭୌତିକ ଜଗତରେ ନହେଲେ ମଧ୍ୟ ରୂପାୟିତ ବିଶ୍ୱଜଗତ ମଧ୍ୟରେ ଅବଶ୍ୟ ରହିଛି । ଏହା ଅବଶ୍ୟ ଅବସ୍ଥିତ ରହିଛି । ମାତ୍ର ଏହି ପୃଥିବୀ ଉପରେ ଏବେସୁଦ୍ଧା ତାହାର ପରିପ୍ରକାଶ ଘଟି ନାହିଁ ।

ସମ୍ଭବତଃ, ଅତିମାନସ ରୂପାନ୍ତରର ଏକ ଅନ୍ୟତମ ପରିଣାମରୂପେ ଏହାହିଁ ଘଟିବାକୁ ଯାଉଛି । ତଦ୍ୱାରା ଏହି ଜଗତ ଏକ ପରିପୂର୍ଣ୍ଣ, ସ୍ୱତଃସ୍ଫୂର୍ତ୍ତ ଏବଂ ମର୍ମତଃ

'oaob.nitrkl.ac.in' images reprocessed

ଯଥାର୍ଥ ସୋପାନକ୍ରମଗତ ଅଭିବ୍ୟକ୍ତି ଲାଗି ପ୍ରସ୍ତୁତ ହୋଇଯିବ,—ଏବଂ କୌଣସି ପ୍ରକାର ବଳପ୍ରୟୋଗ ନକରାଯାଇହିଁ ତାହା ଘଟିବ,—ଯେଉଁଠାରେ କି ପ୍ରତ୍ୟେକ ବ୍ୟକ୍ତି ତା'ର ଆପଣାର ପରିପୂର୍ଣ୍ଣତା ବିଷୟରେ ସଜ୍ଞାନତା ଲାଭ କରି ପାରିବ ।

ମାଆ, ଏକ ଆଧ୍ୟାତ୍ମିକ ସୋପାନକ୍ରମ କହିଲେ ପ୍ରକୃତରେ କ'ଣ ବୁଝାଇବ ? କାରଣ, ଯେତେବେଳେ ଆମେ କୌଣସି ସୋପାନକ୍ରମର କଥା କହୁ, ସେତେବେଳେ ତାହା ଏପରି ଏକ ଯୋଜନାର ବୋଧ ଆଣିଦିଏ, ଯେଉଁଥିରେ କି ଏକ ଉଚ୍ଚତର ଶ୍ରେଣୀ ରହିଛି ଓ ଏକ ନିମ୍ନତର ଶ୍ରେଣୀ ବି ରହିଛି;—ନୁହେଁ କି ?

ହଁ,—ମାତ୍ର ସେଇଟା ହେଉଛି ସମ୍ପୂର୍ଣ୍ଣ ଭାବରେ ଭୁଲ । ଅର୍ଥାତ୍, ବାହ୍ୟରୂପରେ ତାହା ସେହିପରି ହୋଇ ରହିଛି । ମାତ୍ର ସୋପାନକ୍ରମ କହିଲାବେଳେ ମୁଁ ସେକଥାକୁ ଆଦୌ ବୁଝୁ ନାହିଁ ।

ତେବେ ସୋପାନକ୍ରମର ଅର୍ଥ କ'ଣ ?

ସୋପାନକ୍ରମ କହିଲେ କ୍ରିୟାବୃତ୍ତିକର ଏକ ସଂଗଠନକୁ ବୁଝାଏ, ପ୍ରତ୍ୟେକ ବ୍ୟକ୍ତିର ସ୍ୱତନ୍ତ୍ର ପ୍ରକୃତିର ଯେଉଁ ସକ୍ରିୟ ଅଭିବ୍ୟକ୍ତି ରହିଛି, ତାହାରି ଏକ ସଂଗଠନକୁ ବୁଝାଏ ।

ଅନେକ ସମୟରେ ଆମେ କେତେ ନା କେତେ ତୁଳନା ଖୋଜି ବାହାର କରିବା ଲାଗି ଇଚ୍ଛା କରିଥାଉ, ମାତ୍ର ସେଥିରେ କୌଣସି ଲାଭ ନାହିଁ । କାରଣ ବାହ୍ୟ ଭାବରେ ଆମେ ଯେତେ ବସ୍ତୁକୁ ଜାଣିଛୁ, ସେଗୁଡ଼ିକ କଦାପି ସେହି ସ୍ଥିତିର ଅନୁକୂଳ ହୋଇ ପାରିବେ ନାହିଁ । ତୁମେ ଯେପରି କହିଲ, ସର୍ବଦା ସବୁ କ୍ଷେତ୍ରରେ ବରିଷ୍ଠତାର ଭାବ ରହିଛି, ନ୍ୟୂନତାର ଭାବ ବି ରହିଛି ।···ଉଦାହରଣସ୍ୱରୂପ, ଅନେକ ସମୟରେ ଆମ ଶରୀରର ବିଭିନ୍ନ କାର୍ଯ୍ୟ ସହିତ ସୋପାନକ୍ରମର ତୁଳନା କରାଯାଇଛି । ମାତ୍ର ସେଥିରୁ ସର୍ବଦା ଏହିପରି ଏକ ଧାରଣା ହୋଇଥାଏ ଯେ ଶରୀରର କ୍ଷେତ୍ରରେ ଆମର ମୁଣ୍ଡଟା ସଦା ଉପରେ ରହିଥାଏ ଏବଂ ଗୋଡ଼ଦୁଇଟା ସଦା ତଳେ ରହିଥାନ୍ତି ! ତେଣୁ ଏହି ତୁଳନାକୁ ଆମେ କଦର୍ଥକାରୀ କଥା ବୋଲି କହିବା !

'oaob.nitrkl.ac.in' images reprocessed

ପ୍ରତ୍ୟେକ ଉପାଦାନ ତ ଯୁଗପତ୍ ଭାବରେ ସମଗ୍ର ଭାବରେ ସେହି ପରମ ଦିବ୍ୟସତ୍ତାଙ୍କରହିଁ ପ୍ରତିନିଧିତ୍ୱ କରୁଛନ୍ତି, ତେବେ ଏହି କ୍ଷେତ୍ରରେ ଆମେ ଏକ ସୋପାନକ୍ରମ ରହିଛି ବୋଲି କିପରି କହିପାରିବା ?

**ପ୍ରତ୍ୟେକ ଉପାଦାନର ପରମ ଦିବ୍ୟସତ୍ତାଙ୍କ ସହିତ ଏକ ପ୍ରତ୍ୟକ୍ଷ ଏବଂ ପରିପୂର୍ଣ୍ଣ ସମ୍ବନ୍ଧ ରହିଛି ।**

ମାତ୍ର ସେଗୁଡ଼ିକ କ'ଣ ସମଗ୍ର ଦିବ୍ୟସତ୍ତାରେ ପରିଣତ ହୋଇ ପାରିବେ ନାହିଁ ?

**ହଁ, ସମସ୍ତେ ନିଶ୍ଚୟ ଦିବ୍ୟସତ୍ତାରେ ପରିଣତ ହୋଇ ପାରିବେ, ମାତ୍ର ପରମ ଦିବ୍ୟତାର ସମଗ୍ରତାଟି ସହିତ କଦାପି ସମବିସ୍ତୃତ ହୋଇ ପାରିବେ ନାହିଁ । କାରଣ ପରମ ଦିବ୍ୟସତ୍ତା କହିଲେ ସବୁକିଛିକୁ ବୁଝାଏ । ଆମେ ସେହି ଦିବ୍ୟସତ୍ତାର ଗୋଟିଏ ଖଣ୍ଡକୁ ନେଇ "ଏହାହିଁ ପରମ ଦିବ୍ୟସତ୍ତା" ବୋଲି କଦାପି କହି ପାରିବା ନାହିଁ । ଏବଂ ତଥାପି, ପ୍ରତ୍ୟେକ ଉପାଦାନର ତା'ର ଆଧ୍ୟାତ୍ମିକ ଚେତନାର ଭୂମିରେ ପରମ ଦିବ୍ୟସତ୍ତାଙ୍କ ସହିତ ଏକ ପରିପୂର୍ଣ୍ଣ ସମ୍ବନ୍ଧ ଅବଶ୍ୟ ରହିଛି, ଅର୍ଥାତ୍, ଆପଣାର ସାମର୍ଥ୍ୟ ମୁତାବକ ପ୍ରତ୍ୟେକ ଉପାଦାନ ପରିପୂର୍ଣ୍ଣ ଭାବରେହିଁ ପରମ ଦିବ୍ୟସତ୍ତାରେ ପରିଣତ ହୋଇ ରହିଛି । ମାତ୍ର ପରମ ଦିବ୍ୟସତ୍ତାଙ୍କର ପୁନଃସଂଗଠନ କରିବାକୁ ହେଲେ, ସମୁଦାୟ ଦିବ୍ୟସତ୍ତାଙ୍କର ଅବଶ୍ୟ ପ୍ରୟୋଜନ ଆସି ପଡ଼ିବ । ଏବଂ ଠିକ୍ ଏହି କ୍ଷେତ୍ରରେହିଁ ସୋପାନକ୍ରମର ଅସଲ କଥାଟି ନିହିତ ହୋଇ ରହିଛି । ମାତ୍ର ପ୍ରତ୍ୟେକ ଉପାଦାନ ଆପଣାର ଭୂମିରେ ପରିପୂର୍ଣ୍ଣ ହୋଇ ରହିଥିବାରୁ ଏଠାରେ ଉଚ୍ଚତର କିଂବା ନୀଚତର ବା ହୀନତର ହୋଇ ରହିବାର ଆଦୌ କୌଣସି ପ୍ରଶ୍ନ ଉଠୁ ନାହିଁ ।**

**ମନୁଷ୍ୟ ତା' ମନୋଭୂମିରେ ଏହି କଥାଟିକୁ ବୁଝିପାରିବ ବୋଲି ମୁଁ ଆଦୌ ଭାବି ପାରୁ ନାହିଁ । ମୁଁ ଭାବୁଛି, ଜୀବନରେହିଁ ଏହାର ଅନୁଶୀଳନ କରିବାକୁ ହେବ, ଏହାକୁ ବଞ୍ଚିବାକୁ ହେବ । ଏହାକୁ ଥରେ ବଞ୍ଚିବାର ଧାରାଟି ସହିତ ଆଣି ପକାଇ ପାରିଲେ, ତା'ପରେ ବୁଝିପାରିବା ଅତ୍ୟନ୍ତ ସହଜ ହୋଇଯିବ । ତା'ପରେ ସେଥିରେ ଆଉ କୌଣସି ଅସ୍ପଷ୍ଟତା ରହିବ ନାହିଁ ଓ ତାହା ଉଜ୍ଜ୍ୱଳ ଓ ସରଳ ହୋଇ ଦେଖାଯିବାକୁ ଆରମ୍ଭ କରିବ । ମାତ୍ର ମନ୍ ଦେଇ ସେହି କଥାଟିକୁ ବୁଝିବା କଦାପି**

'oaob.nitrkl.ac.in' images reprocessed

ସମ୍ଭବ ହେବ ନାହିଁ, ସେହି ଦିଗରେ ସକଳ ପ୍ରୟାସ କେବଳ ଅସମ୍ଭବ ବୋଲି ମନେ ହେଉଛି । ଏହାର ସର୍ବପ୍ରଧାନ କାରଣ ହେଉଛି ଯେ ଯେକୌଣସି ବିଷୟକୁ ବୁଝିବାକୁ ହେଲେ ମନକୁ ଯାବତୀୟ ବସ୍ତୁକୁ ଖଣ୍ଡ ଖଣ୍ଡ କରି ବିଭକ୍ତ କରିଦେବାକୁ ପଡ଼େ, ଗୋଟିକ ସହିତ ଆଉ ଗୋଟିକର ତୁଳନା କରି ପାର୍ଥକ୍ୟଗୁଡ଼ିକର ନିରୂପଣ କରିବାକୁ ପଡ଼େ । ତା' ନହେଲେ ସିଏ ଆଦୌ କିଛିହେଲେ ବୁଝି ପାରେ ନାହିଁ, ଏକାବେଳକେ ବିମୂଢ଼ ହୋଇ ରହେ । ତେଣୁ, ତା'ର ଆପଣା ନିଜସ୍ୱ ପ୍ରକୃତି ଅନୁସାରେ ମନ ଯେକୌଣସି ପଦାର୍ଥକୁ ବୁଝିବା ଲାଗି ନିତାନ୍ତ ଅସମର୍ଥ ହୋଇ ରହିଥାଏ ।

(ମାଆ ନୀରବ ରହିଲେ)

ମାଆ, ଗୋଟିଏ ଘଟଣା ରୂପାୟିତ ହେବା ପୂର୍ବରୁ, "ସେଇଟି ପୂର୍ବରୁ ସାଧିତ ହୋଇ ରହିଛି" ବୋଲି ଆମେ କିପରି କହିପାରିବା ? ଉଦାହରଣସ୍ୱରୂପ, ଆପାତତଃ କିଛି ଦୃଷ୍ଟିଗୋଚର ନହୋଇଥିବା ପର୍ଯ୍ୟନ୍ତ, ପରମ ଦିବ୍ୟସତ୍ତା ଆପଣା ଲାଗି ଏକ ନିମିତ୍ତକୁ ନିର୍ବାଚନ କରି ନେଇଛନ୍ତି ବୋଲି କିପରି କୁହାଯାଇ ପାରିବ ?

ହଁ, ଯେଉଁ ଜଗତଟି ଏପର୍ଯ୍ୟନ୍ତ ରୂପାୟିତ ହୋଇ ନାହିଁ, ତାହାରି ଭିତରେହିଁ ନିଷ୍ପତ୍ତିଟି ଅବସ୍ଥାନ କରୁଛି । ସେହିଠାରେହିଁ ନିଷ୍ପତ୍ତିଟିକୁ ଗ୍ରହଣ କରାଯାଇଛି; ମାତ୍ର ଏକଥା ଅବଶ୍ୟ ସତ ଯେ ତାହାକୁ ପ୍ରକଟ କି ହେବାକୁ ପଡ଼ିବ ।

ଭାରତବର୍ଷର ସ୍ୱାଧୀନତାଲାଭ ବିଷୟରେ ମୁଁ ଆଗରୁ ଅନେକ ସମୟରେ ତୁମକୁ ଯେଉଁ କଥା କହି ଆସିଛି, ଏଠାରେ ଠିକ୍ ସେହି କଥାଟିର ଉଦାହରଣ ନିଆଯାଇ ପାରିବ । ଏକ ନିର୍ଦ୍ଦିଷ୍ଟ ଭୂମିରେ ପ୍ରବିଷ୍ଟ ହୋଇ ମୁଁ ଶ୍ରୀଅରବିନ୍ଦଙ୍କୁ କହିଲି, "ଭାରତ ସ୍ୱାଧୀନ ହୋଇଗଲା ।" "ଭାରତ ସ୍ୱାଧୀନ ହେବ" ବୋଲି ମୁଁ କହି ନଥିଲି । ମୁଁ କହିଥିଲି, "ଭାରତ ସ୍ୱାଧୀନ ହେଲା ।" ତେଣୁ, ଯେଉଁ ମୁହୂର୍ତ୍ତିରେ ତାହା ଏକ ସମ୍ପାଦିତ ଘଟଣାରେ ପରିଣତ ହେଲା ଏବଂ ଯେଉଁ ମୁହୂର୍ତ୍ତିରେ ପୃଥିବୀର ଭୌତିକ ଭୂମିରେ ତାହା ଏକ ଘଟଣାରୂପେ ଘୋଷିତ ହେଲା, ଦୁଇଟି ମଧ୍ୟରେ କେତେ ବର୍ଷ ଅତିବାହିତ ହେବାର ପ୍ରୟୋଜନ ରହିଥିଲା ? ପ୍ରଥମ କଥାଟି ୧୯୧୫ରେ ଘଟିଥିଲା, ଓ ପ୍ରକୃତ ସ୍ୱାଧୀନତା ଲାଭ ୧୯୪୭ରେ ଯାଇ ଘଟିଲା । ଅର୍ଥାତ୍ ୩୨ ବର୍ଷ ପରେ ଘଟିଲା । ହଁ, ଏହି ଦୃଷ୍ଟାନ୍ତରୁହିଁ ତୁମକୁ ପ୍ରତିବୋଧର ଏକ ସ୍ପଷ୍ଟ ଚିତ୍ର ମିଳିଯିବ ।

'oaob.nitrkl.ac.in' images reprocessed

ତେଣୁ, ଜଣେ ବ୍ୟକ୍ତି ପାଇଁ ତାହା ଠିକ୍ ସେହିପରି ହୋଇ ରହିଥାଏ। ବେଳେବେଳେ ସେଥିଲାଗି ଏତେବେଶୀ ସମୟ ଲାଗେ, ଓ ପୁଣି ବେଳେବେଳେ ତାହା ଅପେକ୍ଷାକୃତ ଅଧିକ ସତ୍ୱରତା ସହିତ ବି ଘଟିଥାଏ।

ଆପଣ କହିଛନ୍ତି ଯେ ଆପଣ ଭାରତବର୍ଷ ସ୍ୱାଧୀନ ହୋଇଗଲା ବୋଲି ଦେଖିଥିଲେ···

ନା—ଦେଖି ନଥିଲି, ମୁଁ ଜାଣିଥିଲି।

"ଭାରତବର୍ଷ ସ୍ୱାଧୀନ ହେଲା" ବୋଲି ଆପଣ ଶ୍ରୀଅରବିନ୍ଦଙ୍କୁ କହିଥିଲେ। ସେତେବେଳେ ଭାରତବର୍ଷ ଗୋଟିଏ ସମଗ୍ର ଦେଶରୂପେ ସ୍ୱାଧୀନ ହେଲା ନା ବର୍ତ୍ତମାନ ପରି ଦୁଇ ଖଣ୍ଡରେ କଟାହୋଇ ସ୍ୱାଧୀନ ହୋଇଥିଲା ?

୧୯୪୭ ମସିହାରେ ଯାହା ବିଶେଷ ଭାବରେ ଘଟିଥିଲା, ମୁଁ ସେହି ଅର୍ଥରେହିଁ ସେଇଟିକୁ ଦେଖିଲି, ଅର୍ଥାତ୍ ବିଦେଶୀ ଶାସନାଧିପତ୍ୟ ଅପସରି ଯିବାର ଦେଖିଥିଲି। କେବଳ ସେତକ ଦେଖିଥିଲି, ତା'ର ନୈତିକ ବା ଆଧ୍ୟାତ୍ମିକ ସ୍ୱାଧୀନତା ବିଷୟରେ ମୁଁ କିଛି ଦେଖି ନଥିଲି, ସେବିଷୟରେ ମୁଁ କିଛି କହି ବି ନଥିଲି। ମୁଁ କେବଳ ଏତିକିମାତ୍ର କହିଥିଲି ଯେ ଭାରତବର୍ଷ ବିଦେଶୀ ଶାସନର କବଳରୁ ମୁକ୍ତ ହେଲା। କାରଣ, ଶ୍ରୀଅରବିନ୍ଦ ମୋତେ ଯେଉଁ ପ୍ରଶ୍ନଟି ପଚାରିଲେ, ତାହାର ଉତ୍ତରଟିକୁ ମଧ୍ୟ ମୁଁ ଠିକ୍ ସେହି ଭୂମିରୁ ଦେଇଥିଲି। "ସେଥିଲାଗି କୌଣସି ହିଂସା ହେବ ନାହିଁ, କୌଣସି ବିପ୍ଳବ ନଘଟି ସ୍ୱାଧୀନତା ଆସିବ, ଇଂରେଜମାନେହିଁ ଆପଣା ତରଫରୁ ଭାରତ ଛାଡ଼ି ଚାଲିଯିବା ସକାଶେ ନିଷ୍ପତ୍ତି କରିବେ, କାରଣ ବିଶ୍ୱର କେତେକ ପରିସ୍ଥିତି ହେତୁ ସେମାନଙ୍କ ଲାଗି ଭାରତରେ ରହିବା ପ୍ରକୃତରେ ଭାରି ଅସମ୍ଭବ ହୋଇପଡ଼ିବ।" ତେଣୁ, ମୁଁ କେବଳ ସେହି ଗୋଟିଏ ବିଷୟରେ କହିଥିଲି, ଏହି କ୍ଷେତ୍ରରେ କୌଣସି ଆଧ୍ୟାତ୍ମିକ ପ୍ରଶ୍ନର ପ୍ରସଙ୍ଗ ନଥିଲା।

ଏବଂ, ଘଟଣାମାନ ମଧ୍ୟ ସେହିପରି ଘଟିଥିଲା। ଏବଂ ୧୯୧୫ ମସିହାରେ ଶ୍ରୀଅରବିନ୍ଦଙ୍କୁ ମୁଁ ଠିକ୍ ସେହି କଥା କହିଥିଲି। ଘଟଣାଟି ପ୍ରକୃତରେ ମୀମାଂସିତ ହୋଇ ରହିଥିଲା,—ମୁଁ ଆଦୌ କିଛିହେଲେ ଅନୁମାନ କରି ନଥିଲି ଅଥବା କୌଣସି

'oaob.nitrkl.ac.in' images reprocessed

ଭବିଷ୍ୟବାଣୀ ବି କରି ନଥିଲି । ତାହାକୁ ପ୍ରକୃତରେ ଏକ ବାସ୍ତବ ଘଟଣାରୂପେ ଜାଣିଥିଲି ।

ତେଣୁ, ଏକ ପ୍ରତିଷ୍ଠିତ ଘଟଣା ଏବଂ ଅନ୍ତର୍ଜଗତରେ ତାହାର ଉପଲବ୍ଧି ମଧ୍ୟରେ କେତେ ଦୀର୍ଘ ସମୟ ରହିବା ଦରକାର ହୋଇଥାଏ, ଏହି ଦୃଷ୍ଟାନ୍ତଟିରୁ ତୁମକୁ ତାହାର ଏକ ସ୍ପଷ୍ଟ ଚିତ୍ର ମିଳିଯାଇ ପାରିବ । ଏବଂ, ବ୍ୟକ୍ତିର ଜୀବନରେ ମଧ୍ୟ ଠିକ୍ ସେହି କଥା । ବ୍ୟକ୍ତି ବନ୍ଧା ହୋଇ ରହିଥାଏ, ବ୍ୟକ୍ତି ବାଛିନିଏ । ଏବଂ ସିଏ ପରମ ଦିବ୍ୟସତ୍ତାଙ୍କୁ ବାଛିନିଏ ଏବଂ ପରମ ଦିବ୍ୟସତ୍ତା ତାକୁ ବାଛିନିଅନ୍ତି । ଏବଂ ସେହି କଥାଟି ଆଗରୁ ନିଷ୍ପତ୍ତି ହୋଇ ରହିଥାଏ ଏବଂ ଏକାନ୍ତ ଅନିବାର୍ଯ୍ୟ ଭାବରେ ତାହାହିଁ ଭବିଷ୍ୟତରେ ଘଟେ । ଚେଷ୍ଟା କଲେ ମଧ୍ୟ ଜଣେ ତାହାକୁ ଏଡ଼ିଦେଇ ପାରେ ନାହିଁ । ହଁ, ଏଥିଲାଗି ହୁଏତ ଅତ୍ୟନ୍ତ ଅଧିକ ସମୟ ଲାଗିପାରେ ।

ମାଆ, ମୁଁ ପଚାରୁଥିଲି···(ସମସ୍ତେ ହସିଲେ) ଆପଣ କହିଲେ ଯେ ଭାରତବର୍ଷ ୧୯୧୫ ମସିହାରେ ସ୍ୱାଧୀନ ହୋଇଥିଲା । ମାତ୍ର ସିଏ ବର୍ତ୍ତମାନ ଯେପରି ସ୍ୱାଧୀନ ହୋଇଛି, ସେତେବେଳେ ସିଏ ଠିକ୍ ସେହିପରି ସ୍ୱାଧୀନ ହୋଇଥିଲା କି ? କାରଣ, ଭାରତବର୍ଷ ଗୋଟିଏ ସମଗ୍ର ଦେଶ ହିସାବରେ ବର୍ତ୍ତମାନ ସ୍ୱାଧୀନ ହୋଇ ପାରି ନାହିଁ । ବର୍ତ୍ତମାନ ତ ତାହା ବିଭକ୍ତ ହୋଇ ରହିଛି ।

ହଁ, ହଁ, ମାତ୍ର ତୁମେ ତ ସେହି କଥାହିଁ ଜାଣିବାକୁ ଇଚ୍ଛା କରିଥିଲ !

ସେହି କଥା···ଟିକିନିଖି ବିଷୟଗୁଡ଼ିକ ବିଷୟରେ ମୁଁ କିଛି ଜାଣି ନଥିଲି । ନାହିଁ,—ଏହା ଅନ୍ୟପ୍ରକାରେ ଘଟିବ ବୋଲି ସେହି କ୍ଷେତ୍ରରେ ଏକ ସମ୍ଭାବନା ନିଶ୍ଚୟ ରହିଥିବ, କାରଣ, ଯେତେବେଳେ ଶ୍ରୀଅରବିନ୍ଦ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ କଥା କରିବା ଲାଗି କହିଲେ ଓ ସେମାନଙ୍କ ପାଖକୁ ଆପଣାର ଏକ ବାର୍ତ୍ତା*

*୧୯୪୨ ମସିହାରେ ସାର୍ ଷ୍ଟାଫୋର୍ଡ କ୍ରିପ୍‌ସ୍‌ଙ୍କ ହାତରେ ବ୍ରିଟିଶ୍ ତରଫରୁ ଯେଉଁ ପ୍ରସ୍ତାବ ଆସିଥିଲା, ସେଥିରେ ଭାରତବର୍ଷକୁ ପ୍ରକୃତ ସ୍ୱତନ୍ତ୍ରତା ଦିଆଯାଇ ନଥିଲା ସତ, ମାତ୍ର ସେହି ଅବସ୍ଥାରୁ ଯଥେଷ୍ଟ ଉନ୍ନତ କରି ଦିଆଯାଇଥିଲା । ଶ୍ରୀଅରବିନ୍ଦ କଷ୍ଟସ୍ୱୀକାର କରି ଦିଲ୍ଲୀକୁ ଜଣେ ବିଶେଷ ବାର୍ତ୍ତାବହଙ୍କୁ ପଠାଇଥିଲେ ଏବଂ ପ୍ରସ୍ତାବଗୁଡ଼ିକୁ ଅବଶ୍ୟ ଗ୍ରହଣ କରି ନିଆଯାଉ ବୋଲି କେତେକ ଦାୟିତ୍ୱସମ୍ପନ୍ନ ବ୍ୟକ୍ତିଙ୍କର ହୃଦ୍‌ବୋଧ କରାଇବାକୁ ଚେଷ୍ଟା କରିଥିଲେ । ସେମାନେ ତାଙ୍କ କଥା ବୁଝିଲେ ନାହିଁ । ଯଦି ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରି ନିଆଯାଇ ଥାଆନ୍ତା, ତେବେ ଭାରତର ବିଭାଜନ ଓ ତାହା ପଛେପଛେ ଯେଉଁ ଦୁର୍ଘଟଣାମାନ ଘଟିଲା, ସେଗୁଡ଼ିକୁ ଖୁବ୍ ସମ୍ଭବ ଏଡ଼ାଇ ଦିଆଯାଇ ପାରିଥାନ୍ତା ।

'oaob.nitrkl.ac.in' images reprocessed

ପଠାଇଲେ, ସେତେବେଳେ ସେ ଭଲ ଭାବରେ ଜାଣିଥିଲେ ଯେ ପରବର୍ତ୍ତୀ କାଳରେ ଯାହାସବୁ ଘଟିଲା, ତାହାକୁ ଏଡ଼ି ପାରିବାର ଏକ ସମ୍ଭାବନା ନିଶ୍ଚିତ ରହିଥିଲା । ଯଦି ସେମାନେ ତାଙ୍କ କଥାକୁ ଶୁଣିଥାନ୍ତେ, ତେବେ ଭାରତବର୍ଷର ବିଭାଜନ ନ ହୋଇ ନଥାନ୍ତା । ତେଣୁ, ଆମେ ଏହି କଥାଟି ବେଶ୍ ଜାଣିପାରିବା ଯେ ଭାରତବର୍ଷର ବିଭାଜନ ହେବ ବୋଲି ଆଦୌ କୌଣସି ପୂର୍ବ ନିର୍ଦ୍ଧାରଣ ହୋଇ ନଥିଲା, ମନୁଷ୍ୟ ଦ୍ୱାରାହିଁ ସେପରି ଏକ ବିକୃତି ଘଟିଲା । କୌଣସି ସନ୍ଦେହ ନାହିଁ ଯେ ମଣିଷ ଦ୍ୱାରା ଏହି ବିକୃତି ସମ୍ଭବ ହେଲା ।

*ମାତ୍ର ତା'ହେଲେ, ପରମ ସର୍ବୋଚ୍ଚ ସତ୍ତାଙ୍କର ନିଷ୍ପତ୍ତି ଅନ୍ୟଥା ହୋଇ ପାରିବ ନାହିଁ ବୋଲି କିପରି କୁହାଯାଇ ପାରିବ ?*

କ'ଣ କହିଲ ?

*ଭାରତବର୍ଷ ସ୍ୱାଧୀନତା ଲାଭ କରିବ ବୋଲି ଯଦି ପରମେଶ୍ୱର ଠିକ୍ କରି ସାରିଥିଲେ···*

ନା—ନା,—କଥାଟା ମୋଟେ ସେପରି ନୁହେଁ । (ସମସ୍ତେ ହସିଲେ)

ଏହି ଘଟଣାଟି ହେଉଛି ଏକ ସତ୍ୟ ଘଟଣା, ବାସ୍ ସେତିକି । ସେହି ପରମ ଦିବ୍ୟସତ୍ତାହିଁ ଭାରତବର୍ଷ, ସେହି ପରମ ଦିବ୍ୟସତ୍ତାହିଁ ସ୍ୱାଧୀନତା; ସେହି ପରମ ଦିବ୍ୟସତ୍ତାହିଁ ଦାସତା, ପରାଧୀନତା,—ସେହି ପରମ ଦିବ୍ୟସତ୍ତାହିଁ ସବୁକିଛି । ତେବେ ସିଏ ପୁଣି କିପରି କୌଣସି କଥା ନିର୍ବାଚନ କରି ପାରିବେ ?

(ମାଆ ନୀରବ ରହିଲେ)

ତୁମମାନଙ୍କୁ ମୁଁ ସେହି ସୋପାନକୁ ଉଠିଯିବାକୁ ଓ ଦେଖିବାକୁହିଁ କହୁଛି । ତେବେ ସବୁ କଥା ବୁଝିବା ସମ୍ଭବ ହୋଇଯିବ । ଶିଖର୍ ଉପରଯାଏ ଆରୋହଣ କରି ପାରି ନଥିବା ପର୍ଯ୍ୟନ୍ତ ଏସବୁ ବୁଝିବା ପ୍ରକୃତରେ ଖୁବ କଷ୍ଟକର ହୋଇ ରହିଥିବ ।

'oaob.nitrkl.ac.in' images reprocessed

## ୨୫ ଜାନୁଆରୀ ୧୯୫୭

"ଜୀବନ, କୌଣସି ଦୂରସ୍ଥିତ ନୈଃଶବ୍ଦ୍ୟମୟ ବା ଉଚ୍ଚ-ଉଦ୍ବେଳିତ ଅଦ୍ଭୁତମୟ ଅଜ୍ଞାତ ଆଉ କେଉଁ ଲୋକ ନୁହେଁ,—ମାତ୍ର କେବଳ ଜୀବନ ହେଉଛି ଆମ ଯୋଗର ଯଥାର୍ଥ କ୍ଷେତ୍ର । ତେଣୁ ଆମର ଏହି ମନୁଷ୍ୟଭୂମିଟିର ଯାବତୀୟ ଭାବିବା, ଯାବତୀୟ ଦେଖିବା, ଅନୁଭବ କରିବା ଏବଂ ହେବାର ଏହି କେବଳ ଉପରିଭାଗସ୍ଥ, ସଙ୍କୀର୍ଣ୍ଣ ଏବଂ ଖଣ୍ଡିତ ସ୍ତରଟିକୁ ଏକ ଗମ୍ଭୀର ଏବଂ ପ୍ରଶସ୍ତ ଅଧ୍ୟାତ୍ମଚେତନା ଏବଂ ଏକ ସମଗ୍ରୀକୃତ ଅନ୍ତର୍ଗତ ତଥା ବହିଃସ୍ଥ ଜୀବନରୂପେ, ଅର୍ଥାତ୍ ଆମର ଏହି ନିତ୍ୟନୈମିତ୍ତିକ ମନୁଷ୍ୟଜୀବନକୁ ସେହି ଦିବ୍ୟ ଜୀବନସତ୍ତାରେ ରୂପାନ୍ତରିତ କରିଦେବାହିଁ ଏହି ଯୋଗର ସର୍ବପ୍ରଧାନ ଧ୍ୟେୟ ହୋଇ ରହିବ ।"

ଯୋଗସମନ୍ୱୟ, ପୃଷ୍ଠା-୮୨

ମାଆ, ଯେତେବେଳେ ଅତିମାନସର ଅବତରଣ ଘଟିବ, କେବଳ ସେତିକବେଳେ ଯାଇ କ'ଣ ଧରାପୃଷ୍ଠରେ "ଦିବ୍ୟ ଜୀବନସତ୍ତା"ର ସ୍ଥାପନା ହୋଇପାରିବ ?

**ହଁ, ମୁଁ ଠିକ୍ ସେହିପରିହିଁ ବିଶ୍ୱାସ କରୁଛି । ଅନ୍ୟ ବାଟରେ ତାହା ଘଟିବ ବୋଲି କୌଣସି ସମ୍ଭାବନା ରହିଥିବା ପରି ମନେ ହେଉ ନାହିଁ । ମାତ୍ର ଏହି ପ୍ରଶ୍ନଟି ଏକ ଅତ୍ୟନ୍ତ ଆପେକ୍ଷିକ ପ୍ରଶ୍ନ । ସମ୍ପୂର୍ଣ୍ଣ ଭାବରେ ଦିବ୍ୟ ନହୋଇ ମଧ୍ୟ ଆମର ଜୀବନସତ୍ତା ସମ୍ଭବତଃ ଆଉଟିକିଏ ଅଧିକ ଦିବ୍ୟ ହୋଇପାରିବ ।**

ଏକ "ଦିବ୍ୟ ଜୀବନସତ୍ତା" କହିଲେ ଆପଣ କ'ଣ ବୁଝୁଛନ୍ତି ?

**ଆମେ ବର୍ତ୍ତମାନ ଯାହାକିଛି ହୋଇ ପାରି ନାହୁଁ, ଅଥଚ ଯାହାକିଛି ହେବା ଲାଗି ଇଚ୍ଛା କରୁଛୁ, ଆମେ ସର୍ବଦା ତାହାକୁହିଁ "ଦିବ୍ୟ" ବୋଲି କହୁଥାଉ । ଯାହାକିଛି ଆମକୁ ଅନନ୍ତ ଗୁଣରେ ଶ୍ରେଷ୍ଠ ଓ ଊର୍ଦ୍ଧ୍ୱତର ବୋଲି ବୋଧ ହୋଇଥାଏ,**

'oaob.nitrkl.ac.in' images reprocessed

—ଆମେ ଯାହାକିଛି ସମ୍ପନ୍ନ ଓ ସମ୍ଭବ କରି ପାରୁଛୁଂ, ଆମର କେବଳ ସେହି ଅଂଶଟିକୁ ନୁହେଁ, ମାତ୍ର ଯାହାକିଛି କରିପାରିବା ବୋଲି ଆମେ ଅନୁଭବ କରୁଅଛୁ, ସେଇଟିକୁ ମଧ୍ୟ ଯାହା ଊର୍ଦ୍ଧ୍ୱତର ବୋଲି ବୋଧ ହେଉଥାଏ, ଆମର ସକଳ କଳ୍ପନା ଏବଂ ଉପସ୍ଥିତ ସମ୍ଭାବନାଗୁଡ଼ିକର ସୀମାଲଙ୍ଘନ କରି ରହିଥାଏ, ସେହି ସବୁକିଛିକୁ ଆମେ "ଦିବ୍ୟ" ବୋଲି କହୁ ।

ରହସ୍ୟ ବା ବ୍ୟଙ୍ଗ କରି ମୁଁ ଏକଥା କହୁ ନାହିଁ; ମୁଁ ଏକଥାଟି କହୁଛି, କାରଣ ମୁଁ ବେଶ୍ ଭଲ ଭାବରେ ଜାଣିଛି ଯେ ହଜାର ହଜାର ବର୍ଷ ପୂର୍ବେ ଯେତେବେଳେ ଲୋକମାନେ ପରମ ଦିବ୍ୟତତ୍ତ୍ୱଙ୍କ ବିଷୟରେ କିଛି କଥା ପକାଉଥିଲେ,—ସେମାନେ ଏହିସବୁ କଥାର ଚର୍ଚ୍ଚା କରୁଥିଲେ ବୋଲି ମୁଁ ଅବଶ୍ୟ ବିଶ୍ୱାସ କରୁଛି,—ସେତେବେଳେ ସେମାନେ ସମ୍ଭବତଃ ଅଧିମାନସ ଭୂମିର ଦେବଗଣ ରହିଥିବା ଏକ ଅବସ୍ଥା ପରି ଏକ ଅବସ୍ଥାକୁହିଁ ବୁଝୁଥିଲେ । ଏବଂ ଅଧିମାନସ ସ୍ତରର ଏହି ଦେବଗଣ ଯେଉଁ ସ୍ଥିତିରେ ଅବସ୍ଥାନ କରୁଛନ୍ତି, ଯେଉଁଠାରୁ ସେମାନେ ପୃଥିବୀ ଉପରେ ଶାସନ କରି ଆସିଛନ୍ତି ଓ ଯୁଗ ଯୁଗ ଯାବତ୍ ଏହି ପୃଥିବୀରେ କେତେ କ'ଣ ବସ୍ତୁର ଉଦ୍ଭାବନ କରିଛନ୍ତି, ବର୍ତ୍ତମାନ ଅତିମାନସ ବୋଲି କହିଲବେଳେ ଆମେ ଯେଉଁ ସ୍ଥିତିଟିର କଳ୍ପନା କରୁଛୁ, ସେଇଟି ତୁଳନାରେ ଏହି ସ୍ଥିତିଟି ଆମକୁ ଅନେକ ନିମ୍ନସ୍ତରର ବୋଲି ପ୍ରତୀତ ହେଉଛି । ଏବଂ, ଏହି ଯେଉଁ ଅତିମାନସ ଭୂମିକୁ ଆମେ ପରମ ଦିବ୍ୟସତ୍ତା ବୋଲି କହୁଛୁ ଏବଂ ଯାହାକୁ ଏହି ଧରାଭୂମିକୁ ଅବତୀର୍ଣ୍ଣ କରାଇ ଆଣିବା ଲାଗି ଆମର ପ୍ରୟାସ ଚାଲିଛି, ସେଇଟି ମଧ୍ୟ, ଠିକ୍ ଅଧିମାନସ ଭୂମିଟି ଆମକୁ ବର୍ତ୍ତମାନ ଯେପରି ମନେ ହେଉଛି, ସେହିପରି ସମ୍ଭବତଃ ବେଶ୍ କେତେ ହଜାର ଅଥବା କେତେ ଲକ୍ଷ ବର୍ଷ ପରବର୍ତ୍ତୀ ହୋଇ ରହିଥିବା ପରି ମନେ ହେବ ।

ଏବଂ, ଏଥିରେ କୌଣସି ସନ୍ଦେହ ନାହିଁ, ଆତ୍ମପ୍ରକଟନର ଭୂମିରେ ପରମ ଦିବ୍ୟସତ୍ତା ଆପଣାକୁ ଉତ୍ତରୋତ୍ତର ଅଧିକ ପରିମାଣରେ ପ୍ରକାଶିତ କରି ଆଣିବାରେ ଲାଗିଛନ୍ତି । ଏହି ପ୍ରକାଶକ୍ଷେତ୍ରଟିର ବାହାରେ ସିଏ ଏପରି ଏକ ବସ୍ତୁ ହୋଇ ରହିଛନ୍ତି, ଯାହାରିକି ଆମେ ଆଦୌ କୌଣସି କଳ୍ପନା କରି ପାରିବା ନାହିଁ । ମାତ୍ର ଏହିପରି ଏକ ଚିରନ୍ତନ ସମ୍ମୂର୍ତ୍ତିର ଗତି ଅବଲମ୍ବନ କରି ଆପଣାକୁ ପ୍ରକାଶିତ କରିବାକୁ ଆରମ୍ଭ କରିଦେବା ମାତ୍ରକେ ସିଏ ତା'ପରେ ଆପଣାକୁ ଅଧିକରୁ ଅଧିକ ପରିମାଣରେ ପ୍ରକାଶିତ କରି ଦେଉଛନ୍ତି; ସତେ ଯେପରି ସର୍ବଶେଷରେ ପ୍ରକଟ କରି ଆଣିବା ପାଇଁ ସେ ତାଙ୍କର ସତ୍ତା ମଧ୍ୟରେ ନିହିତ ରହିଥିବା ସବୁଠାରୁ ଅଧିକ ସୁନ୍ଦର ବସ୍ତୁଗୁଡ଼ିକୁ ପ୍ରକାଶିତ କରି ଦେବା ଲାଗି ସାଇତି ରଖିଛନ୍ତି, ସିଏ ଆପଣାକୁ ସେହିଭଳି ଭାବରେ ପ୍ରକଟ କରିବାରେ ଲାଗିଛନ୍ତି ।

'oaob.nitrkl.ac.in' images reprocessed

ପୃଥିବୀ ଅତିକ୍ରମ କରୁଥିବା ସଙ୍ଗେ ସଙ୍ଗେ ସେ ଯାହାକିଛି ଏହି ପୃଥିବୀରେ ପ୍ରକଟ କରି ଆଣୁଛନ୍ତି, ଆମେ ସେଗୁଡ଼ିକୁ ହୁଏତ ଅଧିକରୁ ଅଧିକ ଦିବ୍ୟ ବୋଲି କହିପାରିବା ।

ତେଣୁ, ଯେଉଁମାନେ ବାହ୍ୟ ତଥା ବହିର୍ମୁଖୀ ଚେତନାଟି ମଧ୍ୟରେ ଅବସ୍ଥିତ ଅଛନ୍ତି ଏବଂ ପୃଥିବୀ ଯେଉଁପରି ଭାବରେ ବିକଶିତ ହୋଇ ଆସିଛି, ଯେଉଁମାନଙ୍କର ସେବିଷୟରେ କିଛିନ୍ତ୍ ଧାରଣା ରହିଛି, ସେହିମାନଙ୍କୁ ପ୍ରକୃତ ସତ୍ୟଟିକୁ ବୁଝାଇଦେଇ ପାରିବା ଲାଗି ଶ୍ରୀଅରବିନ୍ଦ ଅତିମାନସ ଶବ୍ଦଟିକୁ ବ୍ୟବହାର କରିଛନ୍ତି । ଏହି ଯେଉଁ ଭବିଷ୍ୟବସ୍ତୁଟି ବର୍ତ୍ତମାନ ରହିଥିବା ଏହି ସବୁକିଛିର ସୀମାତିକ୍ରମ କରିଯିବ, ତାଙ୍କ ଭାଷାରେ ମାନସିକ ସତ୍ତ୍ୱା ବୋଲି ବୁଝା ଯାଉଥିବା ମନୁଷ୍ୟର ଏହି ଯାବତୀୟ ସୃଷ୍ଟି ଏବଂ ସ୍ୱୟଂ ମନୁଷ୍ୟଠାରୁ ଯାହା ଏହି ସବୁକିଛି ଅପେକ୍ଷା ବରିଷ୍ଠ ହେବ, ଆବିର୍ଭୂତ ହେବାକୁ ଯାଉଥିବା ଏହି ବସ୍ତୁଟି ମନୁଷ୍ୟଠାରୁ ଅନେକ ବଡ଼ ହେବ, ମନୁଷ୍ୟଠାରୁ ଆହୁରି ଅଧିକ ଶ୍ରେଷ୍ଠ ହେବ; ଏବଂ ସମସ୍ତେ ଯେପରି ତାଙ୍କର ପ୍ରତିପାଦ୍ୟଟିକୁ ବୁଝିପାରିବେ, ସେଇଥିଲାଗି ତାହାକୁ ସେ ଅତିମାନସ ବୋଲି କହୁଛନ୍ତି । ମାତ୍ର ଆମେ ଇଚ୍ଛା କଲେ ଏକଥା ମଧ୍ୟ ପ୍ରମାଦଶୂନ୍ୟ ଭାବରେ କହିପାରିବା ଯେ, ଏହି ପୃଥିବୀରେ ଏପର୍ଯ୍ୟନ୍ତ ଯାହାକିଛିର ପ୍ରକାଶ ଘଟିଛି, ଏହି ବସ୍ତୁଟି ତାହାଠାରୁ ଅଧିକ ଦିବ୍ୟ ହୋଇ ଆବିର୍ଭୂତ ହେବ ।

ବର୍ତ୍ତମାନ ମୁଁ ତାଙ୍କର ଯେଉଁ ଉଦ୍ଧୃତାଂଶଟି ପଢ଼ିଲି, ସେଥିରେ ସେ ନିଜେ କହିଛନ୍ତି ଯେ, ଏହି ବସ୍ତୁ ହେଉଛି ଏକ ଅନନ୍ତ ବସ୍ତୁ, ଏହାର ଆଦୌ କୌଣସି ସୀମା ନାହିଁ ।* ଅର୍ଥାତ୍, ଏହି ପରିପୂର୍ଣ୍ଣତା ସତତ ଅଧିକରୁ ଅଧିକ ପରିପୂର୍ଣ୍ଣ ହେବାରେ ଲାଗିଥିବ; ଏବଂ ବର୍ତ୍ତମାନ ଆମକୁ ଯାହା ଅପରିପୂର୍ଣ୍ଣ ବୋଲି ଲାଗୁଛି, ଆମ ଜଗତର ଇତିହାସରେ ଅତୀତର କେତେକେତେ ଯୁଗ ହୁଏତ ଏକ ପରିପୂର୍ଣ୍ଣତାରୂପେ ତାହାର ଲାଗିହିଁ ଅଭୀପ୍ସା ରଖି ଆସିଥିବେ ।

ଏହି ମାର୍ଗରେ କେଉଁଠି ଜାହିଁକି ଯେ ଅଟକି ଯିବାକୁ ପଡ଼ିବ, ତାହାର ଆଦୌ କୌଣସି କାରଣ ନାହିଁ । ଅଟକି ଗଲେ ସେଇଠିହିଁ ତାହା ସରିଯିବ । ତାହା ଏକ ନୂତନ ପ୍ରଳୟର ସଂଘଟନ କରିବ ।

* "ଅଗ୍ରସର ହେବାର ଯେଉଁ କ୍ରମୋତ୍ତର ପଥରେ ହୁଏତ ଏକ ସର୍ବଶେଷ ସିଦ୍ଧିବିନ୍ଦୁ ବୋଲି ଆଦୌ କିଛି ହେଲେ ନାହିଁ, ସେଥିରେ କୌଣସି ସ୍ଥାନରେ ପ୍ରକୃତରେ କୌଣସି ଲକ୍ଷ୍ୟଟିଏ ରହିଛି ବୋଲି କହିଲେ ତାହା ଏକ ଭ୍ରମାତ୍ମକତା ମଧ୍ୟ ହୋଇପାରେ ।"

ଯୋଗସମନ୍ୱୟ, ପୃଷ୍ଠା–୮୩

'oaob.nitrkl.ac.in' images reprocessed

ମାଆ, ମୁଁ ଏହି କଥାଗୁଡ଼ିକୁ ବୁଝି ପାରୁ ନାହିଁ : "ଭାବନା, ଇଚ୍ଛା, ସଂବେଗ, ବାସନା, କ୍ରିୟାତ୍ମକତା ଏବଂ ଅନୁଭୂତି ଦ୍ୱାରହିଁ ଆପଣା ଚେତନାର ଏହି ଅର୍ଥବ୍ୟଞ୍ଜକ ବିକାଶଟି ଲାଗି ଏବଂ ତାହାକୁ ପରିଶେଷରେ ଏକ ପରମ ଓ ଦିବ୍ୟ ଆତ୍ମ-ଆବିଷ୍କାରରେ ନେଇ ପହଞ୍ଚାଇବା ଲାଗିହିଁ ମନୁଷ୍ୟରୂପୀ ମନୋମୟ ସତ୍ତା ଆପଣାକୁ ଏହି ଭୌତିକ ଦେହାୟତନଟି ମଧ୍ୟରେ ପ୍ରବିଷ୍ଟ କରି ରଖିଛି ।"

ଯୋଗସମନ୍ୱୟ, ପୃଷ୍ଠା : ୮୨-୮୩

**ମନୋମୟ ସତ୍ତା ଏକ ଦୈହିକ ଶରୀର କାହିଁକି ଗ୍ରହଣ କରିଛି ? ତୁମେ ସେହି ପ୍ରଶ୍ନଟି ପଚାରୁଛ କି ?**

ଶ୍ରୀଅରବିନ୍ଦ "ତାହାକୁ ପରିଶେଷରେ ଏକ ପରମ ଓ ଦିବ୍ୟ ଆତ୍ମ-ଆବିଷ୍କାରରେ ନେଇ ପହଞ୍ଚାଇବା" ବିଷୟରେ କହିଛନ୍ତି ।

**ଦିବ୍ୟ-ଆବିଷ୍କାରର ଅର୍ଥ ହେଉଛି ଆପଣା ମଧ୍ୟରେ ପରମ ଦିବ୍ୟସତ୍ତାଙ୍କର ଆବିଷ୍କାର କରିବା । ତେଣୁ ମନୁଷ୍ୟରୂପୀ ଏହି ମନୋମୟ ସତ୍ତା,—କାରଣ, ମନୁଷ୍ୟକୁ ଆମେ ଶରୀରଧାରୀ ଏକ ଜୀବ ବୋଲି କହିବା, ଯାହା ଭିତରେ କି ଏକ ମନୋମୟ ସତ୍ତା ରହିଛି, ତା'ର ଜୀବନକ୍ଷେତ୍ରରେ ଏକ ଭୌତିକ ଶରୀର ମଧ୍ୟରେ ଏକ ମନୋମୟ ସତ୍ତାର ଆବିର୍ଭାବ ଘଟିଛି,—ତେଣୁ ସେହି ମନୋମୟ ସତ୍ତାହିଁ ଏଠାରେ ମନୁଷ୍ୟରୂପେ ଅବତାର ଗ୍ରହଣ କରିଛି, ଯାହା ଦ୍ୱାରା କି ସେ ଆପଣା ମଧ୍ୟରେ ଦିବ୍ୟ ପରମସତ୍ତାଙ୍କ, ସେହି ଦିବ୍ୟ ଅବସ୍ଥିତିଟିକୁ ଠାବ କରିନେଇ ପାରିବ ।**

**କାହିଁକି ? ତୁମେ କାହିଁକି ଏପରି ହୋଇଛି ବୋଲି ପଚାରୁଛ ନା ? ବିଷୟଟିକୁ ବୁଝିବା ଲାଗି ଏହାକୁ ପ୍ରକୃତରେ ଏକ ବଡ଼ ହାସ୍ୟକର ବାଟ ବୋଲି କୁହାଯିବ । (ସମସ୍ତେ ହସିଲେ)**

**ଶ୍ରୀଅରବିନ୍ଦ ଏଠାରେ ସମସ୍ତ କଥାଟିକୁ ବୁଝାଇ ଦେଇଛନ୍ତି କି ନାହିଁ ମୁଁ ଜାଣେ ନାହିଁ, ମୁଁ ଠିକ୍ ମନେ କରି ପାରୁ ନାହିଁ, ମାତ୍ର ଗୋଟିଏ କଥା ନିଶ୍ଚିତ ଭାବରେ କୁହାଯାଇ ପାରିବ ଯେ ଏହି ଚମତ୍କାର ବିଷୟଟି, ଜଡ଼ ଭିତରେ ଦିବ୍ୟ ଅବସ୍ଥିତିର ଏହି ଯେଉଁ ସତ୍ୟଟି ଚୈତ୍ୟ ସତ୍ତାର ନିର୍ମାଣରେ ଉତ୍ସ ପରି ହୋଇ ରହିଛି, ସ୍ୱ-ଅଧିକାର ବଳରେ ତାହା ପୃଥିବୀସ୍ଥ ଜୀବନରହିଁ ଏକ ସମ୍ପଦ ହୋଇ ରହିଛି ।**

'oaob.nitrkl.ac.in' images reprocessed

ତେଣୁ,—ମୁଁ ଭାବୁଛି ଆମେ ଆଗରୁ ଏହି ବିଷୟରେ ଏକାଧିକ ବାର କହି ସାରିଛୁ, ଜ୍ୟୋତିର୍ବିଜ୍ଞାନର ଦୃଷ୍ଟିକୋଣରୁ ଆମର ଏହି ଯେଉଁ ପୃଥିବୀଟି ଯାବତୀୟ ନକ୍ଷତ୍ର ଏବଂ ଯାବତୀୟ ପୃଥିବୀ ମଧ୍ୟରେ କେବଳ ଏକ କ୍ଷୁଦ୍ର ତାତ୍ପର୍ଯ୍ୟହୀନ ଗ୍ରହ ବୋଲି ପ୍ରତୀତ ହେଉଛି, ଆମର ସେହି ପୃଥିବୀଟିହିଁ ବିଶ୍ୱଜଗତର ପ୍ରତୀକ ହୋଇ ରହିବା ଲାଗି ଗଢ଼ାହୋଇଛି । ଅଭିଳଷିତ ରୂପାନ୍ତର ବା ଦିବ୍ୟ ରୂପଗ୍ରହଣର କାର୍ଯ୍ୟଟି ଲାଗି ସଂକେନ୍ଦ୍ରଣ-ବିନ୍ଦୁରୂପେ ବ୍ୟବହୃତ ହେବା ଲାଗି ଗଠିତ ହୋଇଛି ।

ଏବଂ ସେହି କାରଣରୁ, ଯାବତୀୟ ଜଗତର ଯାବତୀୟ ଜଡ଼ ମଧ୍ୟରେ ଏହି ଯେଉଁ ଜଡ଼ ଉପାଦାନଟି ସମ୍ଭବତଃ ସବୁଠାରୁ ଅଧିକ ଅନ୍ଧକାରାଚ୍ଛନ୍ନ ଏବଂ ନିଶ୍ଚେତନ ହୋଇ ରହିଥିଲା, ଦିବ୍ୟ ପରମ ଚେତନା ପ୍ରକୃତରେ ତାହାରି ମଧ୍ୟରେହିଁ ଆପଣାକୁ ଆଣି ପ୍ରବିଷ୍ଟ କଲା ଓ ପ୍ରତ୍ୟକ୍ଷ ଭାବରେ ସେହିଠାରେହିଁ ଆପଣାକୁ ଅବତୀର୍ଣ୍ଣ କରାଇଲା, ସେହି ସର୍ବୋଚ୍ଚ ପରମ ମୂଳରୁ ଆସି ତାହା ସିଧା ଅସ୍ପଷ୍ଟତମ ଜଡ଼ ମଧ୍ୟରେ ପ୍ରବେଶ କଲା, କୌଣସି ପ୍ରକାର ମଧ୍ୟବର୍ତ୍ତୀ ସ୍ତରକୁ ଅତିକ୍ରମ ନକରି ସିଧା ତାହାରି ମଧ୍ୟରେ ପ୍ରବିଷ୍ଟ ହେଲା । ଫଳରେ, ଗୋଟିଏ ପାଖରେ ସର୍ବୋଚ୍ଚ ପରମ ସତ୍ୟ ଓ ଅନ୍ୟ ପାଖରେ ସବୁଠାରୁ ଅଧିକ ନିଶ୍ଚେତନ ହୋଇ ରହିଥିବା ଭୂମିଟି,—ଏହି ଦୁଇଟି ଯାକ ପ୍ରାନ୍ତ ଆସି ପରସ୍ପରକୁ ସ୍ପର୍ଶ କରିଛନ୍ତି ଏବଂ ଏହିପରି ଭାବରେହିଁ ବିଶ୍ୱଜାଗତିକ ବୃତ୍ତଟି ଆବର୍ତ୍ତିତ ହୋଇ ରହିଛି । ଏବଂ ଏହିପରି ଭାବରେ ଆମେ ଏକଥା ମଧ୍ୟ ବେଶ୍ କହିପାରିବା ଯେ ଜାଗତିକ ଜୀବନହିଁ ସେହି ପରମ ଦିବ୍ୟସତ୍ତାଙ୍କ ବିଷୟରେ ସଚେତନ ହେବା ଲାଗି ସହଜତମ ମାର୍ଗ ହୋଇ ରହିଛି, ଅର୍ଥାତ୍, ସବୁଠାରୁ ଅଧିକ ସତ୍ୱର ସାଧନରୂପେ ଅବସ୍ଥିତ ରହିଛି ।

ଏବଂ ଏହି କଥାଟି ଏତେ ଅଧିକ ପରିମାଣରେ ଏକ ସତ୍ୟରୂପେ ପ୍ରତିଷ୍ଠିତ ହୋଇ ରହିଛି ଯେ ଏପରିକି ସେହି ମହାନ୍ ବିଶ୍ୱଗତ ପରମ ବ୍ୟକ୍ତିତ୍ୱମାନେ ଯେତେବେଳେ ପରମ ମୂଳ ବା ଉତ୍ପତ୍ତି ସହିତ ସମ୍ମିଳିତ ହୋଇ ରହିବାକୁ ଇଚ୍ଛା କରନ୍ତି ବା ଆପଣାକୁ ସେହିପରି ଭାବରେ ଫୁଟାଇ ଆଣିବାକୁ ଇଚ୍ଛା କରନ୍ତି, ସେତେବେଳେ ସେଥିଲାଗି ସେମାନେ ଏକ ଭୌତିକ ଶରୀର ଧାରଣ କରନ୍ତି । ତାହାହିଁ ସେମାନଙ୍କ ଲାଗି ଅଧିକ ସୁବିଧାଜନକ ବୋଲି ପ୍ରତିପାଦିତ ହୁଏ, କାରଣ, ସମଗ୍ର ସବୁଯାକ ଅବସ୍ଥାର ମଧ୍ୟଦେଇ ଗତି କରିବାକୁ ହୋଇଥିଲେ ଅର୍ଥାତ୍ ନିମ୍ନ କୌଣସି ଗୋଟିଏ ଅବସ୍ଥାରୁ ସର୍ବୋଚ୍ଚ ପରମ ଉତ୍ପତ୍ତି ପର୍ଯ୍ୟନ୍ତ ଅବସ୍ଥା ଅନୁକ୍ରମରେ ଗତି କରିବାକୁ ହୋଇଥିଲେ ସେମାନେ ଯେପରି ଭାବରେ ତାହା କରି ପାରିଥାନ୍ତେ, ଏହା ଦ୍ୱାରା ସେହି କାର୍ଯ୍ୟଟି ଅଧିକ ସତ୍ୱର ଓ ଅଧିକ ଫଳପ୍ରଦ ଭାବରେ ସମ୍ଭବ ହୋଇଥାଏ ।

ଏହି ମନୁଷ୍ୟଶରୀର ମଧ୍ୟକୁ ଅନୁସରଣ କରି ସେଇଠାରେ ଭଗବତ୍ ସାନ୍ନିଧ୍ୟ ଲାଭ କରିବାର ମାର୍ଗଟି ହେଉଛି ଅପେକ୍ଷାକୃତ ଅଧିକ ସହଜ ମାର୍ଗ, ଅପେକ୍ଷାକୃତ ଅଧିକ ସତ୍ୱର ମାର୍ଗ । ଗୋଟିଏ ସାପ ତା'ର ଲାଙ୍ଗୁଡ଼କୁ କାମୁଡ଼ି ରହିଥିବାର ଅନୁମାନ କର;—ଏହା ଦ୍ୱାରା ସିଏ ପୂର୍ଣ୍ଣ ବୃତ୍ତଟିଏ ତିଆରି କରି ରହିଥାଏ, ନୁହେଁ କି? ସେହିପରି, ଯଦି କୌଣସି ବସ୍ତୁ ଦିବ୍ୟ ପରମସତ୍ତାଙ୍କ ସହିତ ସଂଯୁକ୍ତ ହୋଇ ରହିବାକୁ ଇଚ୍ଛା କରୁଥାଏ, ତେବେ ଶରୀରର ଗୋଟାକ ଯାକ ଦୈର୍ଘ୍ୟକୁ ଅତିକ୍ରମ କରିବା ଅପେକ୍ଷା ଲାଞ୍ଜବାଟେ ପ୍ରବେଶ କରିବା ହେଉଛି ଅପେକ୍ଷାକୃତ ଅଧିକ ସହଜ । ମୁଣ୍ଡଟି ଲାଞ୍ଜକୁ କାମୁଡ଼ି କରି ରହିଥିବାରୁ, ଯଦି ତୁମେ ଲାଞ୍ଜବାଟେ ପ୍ରବେଶ କରି ପାରିବ, ତେବେ ତୁମେ ସଙ୍ଗେ ସଙ୍ଗେ ମୁଣ୍ଡଟିକୁ ସ୍ପର୍ଶ କରିପାରିବ, ତା' ନହେଲେ ମୁଣ୍ଡଟି ପାଖରେ ଆସି ପହଞ୍ଚିବା ଲାଗି ତୁମକୁ ପୁରା ଶରୀରଟାର ବେଢ଼ା ବୁଲି ଆସିବାକୁ ପଡ଼ିବ ।

(ସେହି ପିଲାଟିକୁ) ବୁଝିଲ, ସିଏ ଠିକ୍ ଏହି କଥାଟି ପଚାରୁଥିଲା କି ନାହିଁ, ମୁଁ ନିଶ୍ଚିତ ଭାବରେ ସେକଥା କହି ପାରୁ ନାହିଁ । ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଏଇଟି ହେଉଛି ତାହାର ଗୋଟିଏ ବ୍ୟାଖ୍ୟା ।

(ମାଆ ନୀରବ ରହିଲେ)

ମାଆ ହାତରେ ଧରିଥିବା ଶ୍ୱେତ ଚମ୍ପକପୁଷ୍ପଟିକୁ ଦେଖାଇଲେ ।
ଏହି ଫୁଲଟିକୁ ସେ Psychological Perfection ବା
ମନୋମୟ ପରିପୂର୍ଣ୍ଣତା ବୋଲି ନାମକରଣ କରିଛନ୍ତି ।

ଏହି ଫୁଲଟିକୁ କିଏ ମନେରଖିଛ ?

(ପାଖୁଡ଼ାଗୁଡ଼ିକୁ ଗଣନା କରି) ଏକ, ଦୁଇ, ତିନି, ଚାରି, ପାଞ୍ଚ;— ମନୋମୟ ଭୂମିର ପାଞ୍ଚୋଟି ପରିପୂର୍ଣ୍ଣତା । ଏହି ପାଞ୍ଚୋଟିଯାକ ପରିପୂର୍ଣ୍ଣତା କ'ଣ କହିଲ ?

ଏବଂ ସେହି ପରିପୂର୍ଣ୍ଣତାଗୁଡ଼ିକ ବଦଳି ବି ଯାଇପାରିବେ । ଏବଂ, ତୁମକୁ ମୋର ଗୁପ୍ତ ସତ୍ୟଗୁଡ଼ିକୁ ଖୋଲି କହିବାକୁ ଗଲେ, ଯେତେବେଳେ ମୁଁ କୌଣସି ବ୍ୟକ୍ତିକୁ ଏଇ ଫୁଲଟିକୁ ନେଇ ଦେଇଥାଏ, ସେତେବେଳେ ସବୁ କ୍ଷେତ୍ରରେ ସେହି ପାଞ୍ଚୋଟିଯାକ ମନୋମୟ ପରିପୂର୍ଣ୍ଣତା ସମାନ ହୋଇ ରହି ନଥାନ୍ତି । ସଂପୃକ୍ତ ବ୍ୟକ୍ତିମାନଙ୍କର ଆବଶ୍ୟକତା ଅନୁସାରେହିଁ ସେଗୁଡ଼ିକରେ ପରିବର୍ତ୍ତନ ହୋଇଥାଏ । ଏପରିକି, ସେହି ଜଣେ ବ୍ୟକ୍ତିଙ୍କୁ ମଧ୍ୟ ମୁଁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ମନୋମୟ ପରିପୂର୍ଣ୍ଣତା ପ୍ରଦାନ କରିପାରେଁ; ତେଣୁ ଏଗୁଡ଼ିକ ଯେ ସବୁବେଳେ ସେହି ଗୋଟିଏ

**ପ୍ରକାରର ହୋଇ ରହିବ, ସେକଥା ଆଦୌ ନୁହେଁ । ମାତ୍ର ଯେତେବେଳେ ପ୍ରଥମ ଥର ପାଇଁ ଏହି ଫୁଲଟିର ନାମକରଣ କରାଯାଇଥିଲା (ମୋର ମନେପଡ଼ୁଛି, ବର୍ତ୍ତମାନ ଯେଉଁଠି ପ୍ରସ୍ପେରିଟି* ଭଣ୍ଡାର ରହିଛି, ଯେଉଁଠାକୁ ମୁଁ ପ୍ରତିମାସ ପହିଲା ଦିନ ଯାଏ, ଥରେ ସେଇଠାରେ କେତେ ଲୋକ ସମବେତ ହୋଇଥିଲେ ଓ ସେହିପରି ଏକ ସମାବେଶରେ ଆମେ ଏହି ପାଞ୍ଚୋଟିଯାକ ମନୋମୟ ପରିପୂର୍ଣ୍ଣତାର ନିର୍ଦ୍ଧାରଣ କରିଥିଲୁ), ସେତେବେଳେ ଆମେ ସେହି ପାଞ୍ଚୋଟିକୁ ଲିପିବଦ୍ଧ କରି ରଖିଥିଲୁ; ମାତ୍ର ମୋ କ୍ଷେତ୍ରରେ ମୁଁ ସେଗୁଡ଼ିକୁ କେବେହେଲେ ଅପରିବର୍ତ୍ତନୀୟ ବୋଲି ଗ୍ରହଣ କରି ନାହିଁ । ମୁଁ ପରା କହିଲି, ଏହା ପରିସ୍ଥିତି ଏବଂ ଆବଶ୍ୟକତା ଉପରେହିଁ ସର୍ବଦା ନିର୍ଭର କରିଥାଏ;—ପ୍ରଥମ ଥର କେଉଁ ପାଞ୍ଚୋଟିକୁ ନିର୍ଦ୍ଧାରିତ କରାଯାଇଥିଲା, ସେଗୁଡ଼ିକ ମୋର ମନେ ନାହିଁ ।**

**ତେଣୁ, ଯଦି କାହାର ମନେ ଥାଏ, ତେବେ ସେ କହିଦେଇ ପାରିଲେ ଆମେ ନିଶ୍ଚୟ ତୁଳନା କରି ଦେଖିପାରନ୍ତେ ।**

ମୁଁ ନିଶ୍ଚୟ କରି କିଛି କହି ପାରୁ ନାହିଁ ।

**ନିଶ୍ଚୟ କରି କହି ପାରୁ ନାହିଁ । ଆଉ କେହି ଅଛ, ଯିଏ କି ନିଶ୍ଚୟ କରି କହିପାରିବ ?**

ଅଭୀପ୍ସା, ଶ୍ରଦ୍ଧା, ଆନ୍ତରିକତା ଓ ବିଶ୍ୱାସ ।

**ତେବେ ତ ମୋଟେ ଚାରୋଟି ହେଲା ।**

ଏବଂ ପଞ୍ଚମରେ ସମର୍ପଣ ।

**ସମର୍ପଣ ? ମୁଁ ତ କାହାଠାରୁ ଆଉକିଛି ବୋଲି ଶୁଣିଥିଲି !**
**(ଜଣେ ସାଧକଙ୍କୁ ଲକ୍ଷ୍ୟ କରି) ତୁମେ କହି ପାରିବ କି ? ତେବେ କହିଲ !**

ମାଆ, କ'ଣ ଇଂରାଜୀରେ କହିବି ?

---

* ଯେଉଁ ସ୍ଥାନରେ ମାଆ ପ୍ରତିମାସ ପହିଲା ଦିନ ସାଧକମାନଙ୍କ ମଧ୍ୟରେ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ବଣ୍ଟନ କରନ୍ତି, ସେହି ସ୍ଥାନଟିକୁ "ପ୍ରସ୍ପେରିଟି" ବୋଲି କୁହାଯାଏ ।

'oaob.nitrkl.ac.in' images reprocessed

ନାହିଁ, ନାହିଁ, ଏଇଟା ହେଉଛି ଫରାସୀ ଭାଷାର କ୍ଲାସ୍ । ତେଣୁ ଇଂରାଜୀରେ କିପରି କହିବ ?

ବିଶ୍ୱାସ, ଆନ୍ତରିକତା, ଅଭୀପ୍ସା, ଶ୍ରଦ୍ଧା, ସମର୍ପଣ ।

ମାତ୍ର ଯିଏ କି ତ ବର୍ତ୍ତମାନ ଠିକ୍ ସେହି କଥା କହିଲେ । (ଆଉଜଣେ ସାଧକଙ୍କୁ ଉଦ୍ଦେଶ୍ୟ କରି) ଟିକିଏ ଆଗରୁ ତୁମେ ତ ମୋତେ ପଞ୍ଚମଟି "ଆନୁଗତ୍ୟ" ବୋଲି କହିଥିଲ ।

ନାଇଁ,—ଆନୁଗତ୍ୟ ନୁହେଁ । ଆନୁଗତ୍ୟ ନୁହେଁ, ବିଶ୍ୱାସ ।

ମାତ୍ର ଆନୁଗତ୍ୟ କି ନରହିବ କାହିଁକି ? ମୁଁ ସେଇଟିକୁ ଲେଖି ନଥିଲି, କାରଣ ମୁଁ କିଛିହେଲେ ମନେ ପକାଇବାକୁ ଚେଷ୍ଟା କରି ନଥିଲି । ମତେ ଯାହା ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ଅଧିକ ସାଧାରଣ ବୋଲି ମନେ ହେଲା, ମୁଁ କେବଳ ତାହାହିଁ ଲେଖି ଦେଇଥିଲି । ମାତ୍ର ସେଇ କଥାଟିକୁ ଆମେ ଏକାଧିକ ଭାବରେ କି ଲେଖିପାରିବା ।

ସେକଥା ଯାହା ହୋଇଥାଉ ପଛକେ, ଯେଉଁ କଥାଟି ସେହି କ୍ଷେତ୍ରରେ ସବୁବେଳେ ରହିଛି, ଯାହାକୁ ମୁଁ ଏଇଟିକୁ ଲେଖି ଦେଇଛି, ସମସ୍ତଙ୍କ କ୍ଷେତ୍ରରେ ଯେଉଁ କଥାଟି ଅନ୍ତର୍ଗତ ହୋଇ ରହିଛି, ସେଗୁଡ଼ିକ ମଧ୍ୟରୁ ସର୍ବପ୍ରଥମ କଥାଟି ହେଉଛି ଆନ୍ତରିକତା । କାରଣ, ଯଦି ଆନ୍ତରିକତା ନଥାଏ, ତେବେ ଅଧଖୋଜେ ଆଗକୁ ଯାଇପାରିବା ମଧ୍ୟ କଦାପି ସମ୍ଭବ ହେବ ନାହିଁ । ତେଣୁ ଆନ୍ତରିକତା ହେଉଛି ସର୍ବପ୍ରଥମ, ସବୁ ଜାଗାରେ ଆଗ ଆନ୍ତରିକତା ।

ମାତ୍ର ଆଉଗୋଟିଏ ଶବ୍ଦ ଦେଇ ମଧ୍ୟ ଇଚ୍ଛା କଲେ ଏହି କଥାଟିକୁ ପ୍ରକାଶ କରିଯାଇ ପାରିବ । ସେହି ଶବ୍ଦଟି ହେଉଛି "ସ୍ୱଚ୍ଛତା" । ମୁଁ ଏହି ଶବ୍ଦଟିକୁ ବୁଝାଇଦେଇ କହୁଛି :

ମୋ ଆଗରେ କେହି ଜଣେ ବ୍ୟକ୍ତି ଠିଆ ହୋଇଛନ୍ତି ଓ ମୁଁ ତାଙ୍କୁ ଅନାଇ ଦେଖୁଛି; ମୁଁ ତାଙ୍କର ଆଖି ଦୁଇଟିକୁ ଅନାଉଛି : ଏବଂ, ଯଦି ସେହି ବ୍ୟକ୍ତିଜଣକ ଆନ୍ତରିକତାଯୁକ୍ତ ଅର୍ଥାତ୍ "ସ୍ୱଚ୍ଛ" ହୋଇଥାନ୍ତି, ତେବେ ତାଙ୍କର ଆଖିବାଟେ ତାଙ୍କ ଭିତରେ ପ୍ରବେଶ କରି ମୁଁ ତାଙ୍କର ଆତ୍ମାଟିକୁ ମଧ୍ୟ ଦେଖିବାକୁ ସମର୍ଥ ହେବି, ତାଙ୍କର ଆତ୍ମାକୁ ମୁଁ ଜଳଜଳ କରି ଦେଖିପାରିବି । ମାତ୍ର,—ମୋର ଠିକ୍ ଏହି ଅଭିଜ୍ଞତାଟି

'oaob.nitrkl.ac.in' images reprocessed

ହୋଇଛୁ—ଯେତେବେଳେ ଜଣକ ଆଡ଼କୁ ଅନାଇବାକୁ ଯାଇ ମୁଁ କ୍ଷୁଦ୍ର ମେଘ ଖଣ୍ଡିଟିଏ ଦେଖିବାକୁ ପାଏ, ତା' ପରେ ଆହୁରି ଦେଖିବାକୁ ଚେଷ୍ଟା କଲେ ମୁଁ ଗୋଟିଏ ପରଦା ପାଖରେ ଯାଇ ପହଞ୍ଚେ । ଏବଂ ବେଳେବେଳେ ପରଦା ପଛପଟେ ଗୋଟାଏ ପାଚେରି ଠିଆହୋଇ ରହିଥାଏ ଏବଂ ତା'ପରେ ଗୋଟାଏ ଦେଖି କଳା ହୋଇ କ'ଣ ଗୋଟାଏ ଦୃଷ୍ଟିଗୋଚର ହୁଏ । ଏବଂ ଏଗୁଡ଼ିକୁ ଅତିକ୍ରମ କରି ଯିବାକୁ ପଡ଼େ, ଆହୁରି ଭିତରକୁ ଯାଇ ପାରିବାକୁ ହେଲେ ପ୍ରକୃତ କଣ୍ଟା କରି ଯିବାକୁ ପଡ଼େ । ଏବଂ, ଏତେ କଥା କରି ମଧ୍ୟ, ହୁଏତ ସର୍ବଶେଷରେ ଏପରି ଗୋଟାଏ ମୋଟା ପିତ୍ତଳ କବାଟକୁ ଯେ ମୋତେ ହାବୁଡ଼ିବାକୁ ନପଡ଼ିବ ଯାହାକୁ କି ଭେଦ କରି ମୁଁ କଦାପି ସେହି ବ୍ୟକ୍ତିଟିର ଆତ୍ମାକୁ ଦେଖି ପାରିବ ନାହିଁ, ମୁଁ ସେହି ବିଷୟରେ କଦାପି ନିଶ୍ଚିତ ହୋଇ ପାରେ ନାହିଁ । ଏବଂ, ଏହି ଲୋକଟି ଯେ ପ୍ରକୃତରେ ଆନ୍ତରିକତାଯୁକ୍ତ ନୁହେଁ, ମୁଁ ସେକଥା ତତ୍‌କ୍ଷଣାତ୍ କହିଦେଇ ପାରିବ । ଏବଂ ସିଏ ସ୍ୱଚ୍ଛ ନୁହେଁ ବୋଲି ବି ମୁଁ ଏକ ଆଲଙ୍କାରିକ ଭାଷା ବ୍ୟବହାର କରି କହିପାରିବ । ସେଇଟା ହେଲା ସର୍ବପ୍ରଥମ କଥା ।

ଗୋଟିଏ ଦ୍ୱିତୀୟ କଥା ମଧ୍ୟ ରହିଛି, ଏବଂ ଅଗ୍ରଗତି କରିବାକୁ ହେଲେ ଏଇଟି ମଧ୍ୟ ସ୍ପଷ୍ଟତଃ ଠିକ୍ ପ୍ରଥମଟି ପରି ଅପରିହାର୍ଯ୍ୟ । ଏହି କଥାଟି ହେଉଛି ବିଶ୍ୱାସ । ବା, ଆପଣାର ଅର୍ଥରେ ଟିକିଏ ଅଧିକ ସୀମାବଦ୍ଧ ବୋଲି ମନେ ହେଉଥିବା ମାତ୍ର ମୋ ପାଇଁ ପ୍ରକୃତରେ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଦିଶୁଥିବା, ଆଉ ଗୋଟିଏ ଶବ୍ଦରେ କହିବାକୁ ଗଲେ,—କାରଣ, (ଏଇଟି ହେଉଛି ଅଭିଜ୍ଞତାର ଏକ ପ୍ରଶ୍ନ) ଯଦି ତୁମର ବିଶ୍ୱାସ ପଛରେ ପରମେଶ୍ୱରଙ୍କଠାରେ ପରିପୂର୍ଣ୍ଣ ଆସ୍ଥା ରହି ନଥାଏ, ତେବେ ତୁମେ ହୁଏତ ଖୁବ୍ ସହଜରେ ଏହିପରି ଏକ ଧାରଣା ଭିତରେ ରହି ଯାଇଥିବ ଯେ ତୁମର ବିଶ୍ୱାସ ଅବଶ୍ୟ ରହିଛି, ଏବଂ ତଥାପି କେଉଁଠି ଭଗବତ୍-ଶକ୍ତି ଏବଂ ପରମେଶ୍ୱରଙ୍କର ସର୍ବମଙ୍ଗଳମୟତା ବିଷୟରେ, ଅଥବା, ତୁମ ଉପରେ ପରମ ଦିବ୍ୟ ସତ୍ତା ଯେଉଁ ଆସ୍ଥାଟିକୁ ରଖିଛନ୍ତି, ତୁମେ ସେଇଟିକୁ ହରାଇ ବସିବାରେ ଲାଗିଥିବ । ଏହି ପଥରେ ଏହି ଉନ୍ନୋଟି ପ୍ରତିବନ୍ଧକ ରହିଛି :

ଯେଉଁମାନଙ୍କ ମଧ୍ୟରେ ସେମାନେ କହିବା ଅନୁସାରେ ପରମ ଦିବ୍ୟସତ୍ତାଙ୍କ ଉପରେ ଅବିଚଳିତ ବିଶ୍ୱାସ ରହିଛି ଏବଂ ଯେଉଁମାନେ "ସେହି ଦିବ୍ୟସତ୍ତାହିଁ ସବୁକିଛି କରୁଛନ୍ତି, କେବଳ ସେଇ ସବୁକିଛି କରିପାରିବେ; ମୋ ଭିତରେ, ଅନ୍ୟମାନଙ୍କ ଭିତରେ ଏବଂ ସବୁଠାରେ ଯାହାକିଛି ଘଟୁଛି, ତାହା କେବଳ ତାଙ୍କର କାର୍ଯ୍ୟ ବ୍ୟତୀତ ଆଉ କିଛି ନୁହେଁ" ବୋଲି କହୁଛନ୍ତି, ଯଦି ଏକ ନ୍ୟାୟାନୁମୋଦିତ ଯୁକ୍ତି ସହିତ ଏହି କଥାଟିର ଅନୁସରଣ କରୁଥାନ୍ତି, ତେବେ, ସଂସାର ଭିତରେ ଯେଉଁସବୁ ଅତ୍ୟନ୍ତ ଭୟାବହ ଅନୁଚିତ କଥାମାନ ଘଟୁଛି, ଭିତରେ ଆସ୍ଥା ନଥିଲେ, ସେଗୁଡ଼ିକ ସବାଶେ

'oaob.nitrkl.ac.in' images reprocessed

ସେମାନେ ସେହି ଭଗବାନଙ୍କ ଉପରେହିଁ ସବୁଯାକ ଅପବାଦ ଓ ଦୋଷକୁ ନେଇ ଢାଳିଦେବେ ଓ ସିଏ ପ୍ରକୃତରେ ଗୋଟାଏ ରାକ୍ଷସ, ଗୋଟାଏ ଅତି ନୃଶଂସ ଓ ଭୟଙ୍କର ଭଗବାନ ବୋଲି କହିବାକୁ ଲାଗିବେ ।

ଅଥବା, ସେମାନଙ୍କ ଭିତରେ ବିଶ୍ୱାସ ରହିଥିବ, ମାତ୍ର ସେମାନେ ଆପଣା ମନେମନେ କହୁଥିବେ, "ହଁ, ଭଗବାନଙ୍କ ଉପରେ ସିନା ମୋର ପୂର୍ଣ୍ଣ ବିଶ୍ୱାସ ରହିଛି, ମାତ୍ର ଏହି ପୃଥିବୀଟା ଯେ ପ୍ରକୃତରେ କପରି ହୋଇ ରହିଛି, ମୁଁ ସେକଥା ଖୁବ୍ ଭଲ କରି ଜାଣିଛି । ପ୍ରଥମ କଥା ହେଉଛି, ମୁଁ ଏହି ପୃଥିବୀରେ କେତେ କ'ଣ ଦୁଃଖ ଭୋଗ କରୁଛି, ନୁହେଁ କି ? ମୁଁ କେଡ଼େ ଅସୁଖୀ ହୋଇ ରହିଛି, ମୋର ଆଖପାଖର ଅନ୍ୟମାନଙ୍କ ତୁଳନାରେ ଅଧିକ ଦୁଃଖ ଭୋଗ କରୁଛି ।"—କାରଣ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଆମର ପ୍ରତିବେଶୀ ଅନ୍ୟମାନଙ୍କ ଅପେକ୍ଷା ଆମେ ସର୍ବଦା ଅନେକ ଅଧିକ ଦୁଃଖ ଭୋଗ କରୁଥାଉ,—"ମୁଁ ପ୍ରକୃତରେ ଖୁବ ଦୁଃଖୀ, ଏବଂ ଏହି ଜୀବନଟା ମୋ ଲାଗି ପ୍ରକୃତରେ ଖୁବ ନିଷ୍ଠୁର । ମାତ୍ର ତା' ବୋଲି ଭଗବାନ ଯେ ଭଗବାନ ହୋଇ ରହି ନାହାନ୍ତି, ସେ କଥା ଆଦୌ ନୁହେଁ । ସିଏ ହେଉଛନ୍ତି ସର୍ବ-ଶୁଭ, ସର୍ବ-ଉଦାର, ସର୍ବ-ସୌଷମ୍ୟ । ତେବେ ମୁଁ ତଥାପି ଏତେ ଦୁଃଖ ଭିତରେ ପଡ଼ିରହିଛି କପରି ? ଖୁବ୍ ସମ୍ଭବ ତାଙ୍କର ପ୍ରକୃତରେ କୌଣସି ଶକ୍ତି ନାହିଁ; କାରଣ ତା' ନହୋଇ ଥିଲେ ସିଏ ଏଡ଼େ ଭଲ ହୋଇ ମୋତେ ଏତେ ଦୁଃଖ ଭିତରେ ପକାଇ ରଖିଆନ୍ତେ କପରି ?"

ଏଇଟି ହେଉଛି ଦ୍ୱିତୀୟ ପ୍ରତିବନ୍ଧକ ।

ଏବଂ ତୃତୀୟଟି ହେଲା : ଏପରି ଅନେକ ଲୋକ ଆଆନ୍ତି, ଯେଉଁମାନଙ୍କର କି ଏକ ବିକୃତ ପ୍ରକାରର ଅତିରିକ୍ତ ବିନୟଭାବ ବା ନମ୍ରତା ରହିଥାଏ । ସେମାନେ ଆପଣାର ମନେମନେ କହୁଥାନ୍ତି, "ଏଥିରେ କୌଣସି ସନ୍ଦେହ ନାହିଁ ଯେ ଭଗବାନ ମୋତେ ପରିତ୍ୟାଗ କରି ଫିଙ୍ଗି ଦେଇଛନ୍ତି । କାରଣ ମୁଁ ହେଉଛି ଗୋଟାଏ ଅପଦାର୍ଥ । ସିଏ ମୋତେ ନେଇ ଆଉ କିଛିହେଲେ କରି ପାରିବେ ନାହିଁ, ତେଣୁ ସବୁ ଭରସା ଏବଂ ସବୁ ପ୍ରୟାସ ପରିହାର କରିବା ବ୍ୟତୀତ ମୋର ଆଉ ଆଦୌ କୌଣସି ଗତି ନାହିଁ । କାରଣ ତାଙ୍କର ଆଖିରେ ମୁଁ ତାଙ୍କ ଲାଗି ସମ୍ପୂର୍ଣ୍ଣ ଅଯୋଗ୍ୟ ବୋଲି ପ୍ରମାଣିତ ହୋଇଛି !"

ତେଣୁ ବିଶ୍ୱାସ ସହିତ ଭଗବତ୍ କରୁଣା ଉପରେ ଏକ ସମଗ୍ର ଏବଂ ସମ୍ପୂର୍ଣ୍ଣ ଆସ୍ଥାକୁ ସଂଯୁକ୍ତ କରି ରଖି ନଥିଲେ ଏହି କ୍ଷେତ୍ରରେ ଅନେକ ପ୍ରମାଦ ଆସି ପଡ଼ିଥିବ । ତେଣୁ ଦୁଇଟିଯାକର ପ୍ରୟୋଜନ ରହିଛି ।···

ହଁ, ଏହି ପାଞ୍ଚୋଟି ଭିତରୁ ଆମେ "ଶ୍ରଦ୍ଧା"କୁ ମଧ୍ୟ ଗୋଟିଏ ହିସାବରେ ଗ୍ରହଣ କରୁଛୁ । ହଁ, ଶ୍ରଦ୍ଧା ବା ଭକ୍ତି ବେଶ୍ ଖୁବ ଭଲ କଥା, ମାତ୍ର ଏହାର ସହିତ

'oaob.nitrkl.ac.in' images reprocessed

ଆହୁରି ଅନେକ କଥା ଯୁଗପତ୍ ଭାବରେ ଯଦି ରହି ନପାରେ, ତେବେ ଏଥିରୁ ମଧ୍ୟ ଅନେକ ପ୍ରମାଦ ଉପୁଜିବ । ଏହି ପଥରେ ଅନେକ ବଡ଼ ବଡ଼ ବିପଦ ଆସି ପହୁଞ୍ଚିବ ।

ତୁମ ଭିତରେ ଭକ୍ତି ଥିବ, ତେଣେ ତୁମର ଅହଂଟି ମଧ୍ୟ ରହିଥିବ । ତେବେ ତୁମର ଅହଂ ତୁମକୁ ଭକ୍ତି ଦ୍ୱାରା ପ୍ରେରିତ କରି ଯାବତୀୟ ପ୍ରକାରର କାର୍ଯ୍ୟ କରାଇ ନେଉଥିବ । ଏପରି ଅନେକ କାର୍ଯ୍ୟ କରାଇ ନେଉଥିବ, ଯାହାକି ଉଗ୍ରଙ୍କର ଭାବରେ ଅହଂଭାବାପନ୍ନ ହୋଇ ରହିଥିବ । ଅର୍ଥାତ୍, ତୁମେ କେବଳ ନିଜର କଥାଟିହିଁ ଭାବୁଥିବ,—ଅନ୍ୟମାନଙ୍କ କଥା ମୋଟେ ଭାବୁ ନଥିବ, ପୃଥିବୀ ବିଷୟରେ କିଛି ଭାବୁ ନଥିବ, କାର୍ଯ୍ୟଟି ବିଷୟରେ କିଛି ଭାବୁ ନଥିବ ଅଥବା, ଯାହା ପ୍ରକୃତରେ କରିବା ଉଚିତ, ସେବିଷୟରେ କିଛିହେଲେ ଭାବୁ ନଥିବ । ତୁମେ କେବଳ ତୁମ ଭିତରେ ରହିଥିବା ଭକ୍ତିଟି କଥାହିଁ ଭାବୁଥିବ । ଏବଂ, ଏହିପରି ଭାବରେ ତୁମେ ଅତ୍ୟନ୍ତ ପ୍ରଚଣ୍ଡ ଭାବରେ ଅହଂଟି ଭିତରେ ଗ୍ରସ୍ତ ହୋଇ ରହିଥିବ । ଏବଂ, ସେହି କାରଣରୁ, ଭଗବାନ ଯେତେ ଉତ୍ସାହରେ ତୁମ ଭକ୍ତିର ପ୍ରତିଦାନ ତୁମକୁ ଦେବେ ବୋଲି ତୁମେ ପ୍ରତ୍ୟାଶା କରୁଥିଲ, ଯଦି କୌଣସି କାରଣରୁ ଭଗବାନଙ୍କ ଠାରୁ ତାହା ନମିଳେ, ତେବେ ତଦ୍ଦ୍ୱାରା ତୁମେ ଅତ୍ୟନ୍ତ ନିରାଶାଜର୍ଜର ହୋଇପଡ଼ିବ ଏବଂ ଏଇ ପୂର୍ବରୁ ମୁଁ ଯେଉଁ ଉନୋଟି ପ୍ରମାଦର କଥା କହୁଥିଲି, ତୁମେ ସେହିଗୁଡ଼ିକ ଭିତରେ ଯାଇ ପଡ଼ିଯିବ । ତୁମେ ଭଗବାନଙ୍କୁ ହୁଏତ ଭାରି ନିଷ୍ଠୁର ବୋଲି କହିବ, —ଆମେ ଏବିଷୟରେ କେତେ କ'ଣ ପଢ଼ିଥିବା,—ଅତ୍ୟନ୍ତ ଉତ୍ସାହୀ ଏପରି ଅନେକ ଅନୁରକ୍ତ ଭକ୍ତଙ୍କ ବିଷୟରେ ଆମ ଆଗରେ କେତେକେତେ କାହାଣୀ ରହିଛି, ଯେଉଁଥିରେ କି ଭକ୍ତମାନେ ଭଗବାନଙ୍କୁ ଗାଳି ଦେଇଛନ୍ତି, କାରଣ ଭଗବାନ ସେମାନଙ୍କ ପ୍ରତି ଆଉ ପୂର୍ବପରି ପ୍ରସନ୍ନ ହୋଇ ନାହାନ୍ତି, ପୂର୍ବପରି ପାଖକୁ ଆସି ନାହାନ୍ତି, କାରଣ ସିଏ ଆପଣାକୁ ଅପସରାଇ ନେଇଛନ୍ତି । "ତୁମେ ମୋତେ କାହିଁକି ଛାଡ଼ି ଚାଲିଗଲ । ହେ ପାଷାଣ, ହେ ରାକ୍ଷସ, ତୁମେ ମୋତେ ଏପରି ପରିତ୍ୟାଗ କଲ କାହିଁକି ?···" ଏପରି କହିବା ଲାଗି ସେମାନଙ୍କର ହୁଏତ କୌଣସି ସାହସ ନଥାଏ ସତ, ମାତ୍ର ସେମାନେ ଠିକ୍ ସେହିପରି ଭାବନ୍ତି; ଅଥବା କହିବାରେ ଲାଗିଥାନ୍ତି, "ମୁଁ ନିଶ୍ଚୟ ସେହିପରି କୌଣସି ଦୁଃସହ ଭୁଲ କରି ପକାଇଲି, ଯାହା ଫଳରେ କି ଭଗବାନ ମୋତେ ଏହିପରି ପରିତ୍ୟାଗ କରିଦେଇ ଗଲେ ।" ଏହିପରି ଭାବରେ ସେମାନେ ନୈରାଶ୍ୟ ମଧ୍ୟରେ ପତିତ ହୋଇ ରହନ୍ତି ।

ମାତ୍ର ଏପରି ଆଉ ଗୋଟିଏ କ୍ରିୟାଶୀଳତା ରହିଛି, ଯାହାକି ସତତ ଭକ୍ତିର ଆନୁଷଙ୍ଗିକ ହୋଇଥିବ···। ସେଇଟି ହେଉଛି ଗୋଟିଏ ପ୍ରକାରର କୃତଜ୍ଞତାଭାବ; ପରମ ଦିବ୍ୟସତ୍ତା ଯେ ରହିଛନ୍ତି, ସେଇଥିପାଇଁ ବ୍ୟକ୍ତ କରା ଯାଉଥିବା ଏକ କୃତଜ୍ଞତା

'oaob.nitrkl.ac.in' images reprocessed

ଭାବ, ଆପଣାକୁ ବିସ୍ମୟ ଦ୍ୱାରା ପରିପୂର୍ଣ୍ଣ କରି ରଖିଥିବା ଏକ ଉପକୃତ ଅନୁଭବ କରୁଥିବାର ଭାବ, ଯାହାକି, ପରମ ଦିବ୍ୟସତ୍ତା ବିଦ୍ୟମାନ ରହିଛନ୍ତି ବୋଲି ତୁମକୁ ଏକ ଉଦାତ୍ତ ଆନନ୍ଦମୟତାରେ ପୂର୍ଣ୍ଣ କରି ରଖିଥିବ । ଏହି ବିଶ୍ୱଜଗତରେ, ଏପରି ଏକ ବସ୍ତୁ ରହିଛି, ଯାହାକୁ କି ଆମେ ଦିବ୍ୟ ପରମସତ୍ତା ବୋଲି କହିପାରିବା, ଜଗତକୁ ଆମେ ଯେଉଁ ବିକରାଳ ରୂପରେ ପ୍ରତ୍ୟକ୍ଷ କରୁଛୁ, ତାହା ପ୍ରକୃତରେ ତାହାହିଁ ନୁହେଁ, କାରଣ ଏହି ଜଗତରେ ପରମ ଦିବ୍ୟସତ୍ତା ରହିଛନ୍ତି, ସିଏ ଏହି ଜଗତରେ ବିଦ୍ୟମାନ ଅଛନ୍ତି । ଏବଂ, ଯେତେ ଥର ଏତେଟିକିଏ ଉପଲକ୍ଷ ବା ଅବସର ଆସି ପହଞ୍ଚିବା ମାତ୍ରକେ ତୁମେ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଭାବରେ ଦିବ୍ୟ ଅସ୍ତିତ୍ୱର ଏହି ମହାନ୍ ପରମସତ୍ୟର ସଂସ୍ପର୍ଶକ୍ଷେତ୍ରରେ ପ୍ରବେଶ କରି ପାରୁଛ, ତୁମର ହୃଦୟ ସେତିକି ଥର ଏକ ପ୍ରଗାଢ଼ ଓ ବିସ୍ମୟକାରୀ ଆନନ୍ଦରେ ପରିପୂର୍ଣ୍ଣ ହୋଇ ଉଠୁଛି, ଏପରି ଏକ କୃତଜ୍ଞତାଭାବ ଦ୍ୱାରା ପୂରିଉଠୁଛି, ଯାହାକି ତୁମକୁ ସର୍ବାଧିକ ଆନନ୍ଦମୟତାର ଏକ ଆସ୍ୱାଦନ ଆଣି ଦେଇଯାଉଛି ।

ଏହି କୃତଜ୍ଞତାଭାବ ତୁମକୁ ଯେତେବେଶୀ ଆନନ୍ଦ ଦିଏ, ସଂସାରରେ ଆଉ କିଛିହେଲେ କଦାପି ସେହି ଆନନ୍ଦ ଦେଇ ପାରେ ନାହିଁ । କେତେବେଳେ ଚଢ଼େଇର ଗୀତ ଆସି କାନରେ ବାଜେ, ଏକ କମନୀୟ କୁସୁମଟିଏ ଫୁଟିଥିବାର ଆଖିରେ ପଡ଼ିଯାଏ, ସାନ ପିଲାଟି ଉପରେ ଦୃଷ୍ଟି ନିବଦ୍ଧ ହୋଇ ରହେ, ଏକ ଉଦାର କାର୍ଯ୍ୟକୁ ଅବଲୋକନ କରିବାର ସୁଯୋଗ ମିଳିଯାଏ, ଏକ ସୁନ୍ଦର ବାକ୍ୟ ପଢ଼ିବାକୁ ମିଳେ ବା ଅସ୍ତଗାମୀ ସୂର୍ଯ୍ୟର ଏକ ଝଲକ ବି ମିଳିଯାଏ; ଏହି ଉପଲକ୍ଷଟି ଯାହାକିଛି ହୋଇଥାଉ ନା କାହିଁକି, ଏହି ସଂସ୍ପର୍ଶଟି ହଠାତ୍ ତୁମର ଦୃଷ୍ଟିପଥାରୂଢ଼ ହୁଏ, ଏହିପରି ଏକ ଭାବକୁ ଉକୁଟାଇ ଆଣେ;—ଏବଂ ତାହା ଏପରି ଗମ୍ଭୀର ଓ ପ୍ରଗାଢ଼ ଭାବରେ ଅନୁଭୂତ ହୁଏ ଯେ ତାହାରି ଜରିଆରେହିଁ ସ୍ୱୟଂ ଦିବ୍ୟସତ୍ତା ପ୍ରକଟ ହୋଇଉଠନ୍ତି, ଏହି ଜଗତର ପଶ୍ଚାଦ୍‌ଦେଶରେ ଏପରି ଏକ ବସ୍ତୁର ପରିଚୟ ମିଳେ, ଯାହାକୁ କି ଆମେ ସେହି ଦିବ୍ୟସତ୍ତା ବୋଲି ଅନୁଭବ କରିଥାଉ ।

ତେଣୁ ମୁଁ ଜାଣିଛି ଯେ ଏହି କୃତଜ୍ଞତାଭାବ ନଥିଲେ ଆମର ଭକ୍ତି କଦାପି ସମ୍ପୂର୍ଣ୍ଣ ହୋଇ ପାରେ ନାହିଁ । ତେଣୁ ଭକ୍ତି ସହିତ ସର୍ବଦା କୃତଜ୍ଞତାଭାବ ରହିଥିବା ଉଚିତ ।

ମୋର ମନେ ପଡ଼ୁଛି, ଆମେ ଥରେ ସାହସକୁ ଏକ ଅନ୍ୟତମ ପରିପୂର୍ଣ୍ଣତା ବୋଲି ଆଲୋଚନା କରିଥିଲେ । ଥରେ ଗୋଟିଏ ତାଲିକାରେ ମଧ୍ୟ ଏଇଟିକୁ ଲିପିବଦ୍ଧ କରି ରଖିଥିବାର ମୋର ମନେ ଅଛି । ମାତ୍ର ଏହି ସାହସର ଅର୍ଥ ହେଉଛି ନିଜ ଭିତରେ ସର୍ବୋଚ୍ଚ ସାହସିକତାଟି ଲାଗି ଏକ ପ୍ରବଣତା ବହନ କରି ରହିଥିବା । ଏବଂ, ସର୍ବୋଚ୍ଚ ସାହସିକତାର ଏହି ପ୍ରବଣତା ବା ଆଗ୍ରହଟି ହେଉଛି ଅଭୀପ୍ସା ।

'oaob.nitrkl.ac.in' images reprocessed

ଏହା ଏପରି ଏକ ଅଭୀପ୍ସା, ଯାହାକି ଗୋଟାସୁଦ୍ଧା ତୁମକୁ କବଳଗତ କରି ନିକ୍ଷିପ୍ତ କରିଦେବାକୁ ଆସେ, କୌଣସି ପ୍ରକାର ଗଣନା କରେ ନାହିଁ, କୌଣସି ପ୍ରକାର କୁଣ୍ଠାକୁ ପ୍ରଶ୍ରୟ ଦିଏ ନାହିଁ ଏବଂ ସେହି କ୍ଷେତ୍ରରେ ପଛକୁ ଫେରି ଆସିବାର ଆଦୌ କୌଣସି ସମ୍ଭାବନା ନଥାଏ । ସେହି ଅଭୀପ୍ସା ତୁମକୁ ନେଇ ଦିବ୍ୟ ଆବିଷ୍କାରର ସେହି ମହାନ୍ ସାହସିକତାର ମାର୍ଗ ଉପରେ ନିକ୍ଷିପ୍ତ କରିଦିଏ, ଭଗବାନଙ୍କୁ ଭେଟିବାର ସେହି ସାହସଯାତ୍ରାରେ ବାହାର କରିନିଏ ଏବଂ ଭଗବାନଙ୍କୁ ଉପଲବ୍ଧି କରିବାର ସେହି ଆନ୍ତର ବୃହତ୍ ସାହସିକତାର ପଥରେ ପରିଚାଳିତ କରି ନେଇଯାଏ । କୌଣସି ପ୍ରକାରେ ପଶ୍ଚାଦବଲୋକନ ନକରି ଏବଂ ମୁହୂର୍ତ୍ତିକ ପାଇଁ ସୁଦ୍ଧା "ଏଥର କ'ଣ ଘଟିବାକୁ ଯାଉଛି କେଜାଣି ?" ବୋଲି ନପଚାରି ତୁମେ ନିଜକୁ ସେହି ସାହସିକତା ମଧ୍ୟରେ ନେଇ ନିକ୍ଷିପ୍ତ କରିଦିଅ । କାରଣ, ଏଥର କ'ଣ ଘଟିବାକୁ ଯାଉଛି ବୋଲି ପଚାରୁଥିବା ପର୍ଯ୍ୟନ୍ତ ତୁମେ କଦାପି ଯାତ୍ରାରମ୍ଭହିଁ କରି ପାରି ନାହିଁ, ତୁମେ ସେହି ଗୋଟିଏ ଜାଗାରେହିଁ ଲାଖି ରହିଥାଅ, ଯେଉଁଠି ଥାଅ, ସେଇଠି ଲାଖି ରହିଥାଅ; କାଳେ କ'ଣ ହରାଇ ପକାଇବ, ସେଥିଲାଗି ଉଦ୍‌ବ୍ୟାକୁଳ ହୋଇ ରହିଥାଅ, ନିଜର ଭାରସାମ୍ୟ ହରାଇ ପକାଇବାର ଭୟରେ ଆଚ୍ଛନ୍ନ ହୋଇ ରହିଥାଅ ।

ସେହି କାରଣରୁ ମୁଁ ଏଠାରେ ସାହସର କଥା କହୁଛି,—ମାତ୍ର ଯଥାର୍ଥରେ ଏହାକୁ ଅଭୀପ୍ସା ବୋଲିହିଁ କୁହାଯିବ । ଦୁଇଟିଯାକ କଥା ସର୍ବଦା ଏକତ୍ର ହୋଇ ରହିଛନ୍ତି । ଏକ ଯଥାର୍ଥ ଅଭୀପ୍ସା ସାହସ ଦ୍ୱାରା ପରିପୂର୍ଣ୍ଣ ଏକ ବସ୍ତୁ ହୋଇ ରହିବହିଁ ରହିବ ।

ତା'ପରେ, ସମର୍ପଣ । ଇଂରାଜୀରେ ଏଥିପାଇଁ "surrender" ଶବ୍ଦଟିକୁ ବ୍ୟବହାର କରାଯାଏ । ଫରାସୀ ଭାଷାରେ ଏପରି କୌଣସି ଶବ୍ଦ ନାହିଁ, ଯାହାକି ଆମକୁ ଠିକ୍ ସେହି ଅର୍ଥଟିକୁ ଆଣି ସୂଚିତ କରାଇଦେବ । ମାତ୍ର, ଶ୍ରୀଅରବିନ୍ଦ କହିଛନ୍ତି,—ଏହି କଥାଟିକୁ ଆମେ ଆଗରୁ ପଢ଼ିଛୁ ବୋଲି ମୋର ମନେହେଉଛି,—ଯେ ଯୋଗମାର୍ଗର ସ୍ମରଣା କରିବାକୁ ହେଲେ ସମର୍ପଣ ହେଉଛି ସର୍ବପ୍ରଥମ ଓ ଏକାନ୍ତ ଭାବରେ ଅପରିହାର୍ଯ୍ୟ ସର୍ତ୍ତ । ତେଣୁ, ସିଏ ଯାହା କହିଛନ୍ତି, ଆମେ ଯଦି ତାହାକୁ ପାଳନ କରିବାକୁ ଚାହୁଁଥାଉ, ସମର୍ପଣକୁ ଆମେ କଦାପି ଆବଶ୍ୟକ ଗୁଣଗୁଡ଼ିକ ମଧ୍ୟରୁ କେବଳ ଗୋଟିଏ ଅନ୍ୟତମ ଗୁଣ ବୋଲିହିଁ କହିବା ନାହିଁ, ଯୋଗସାଧନା ଆରମ୍ଭ କରିବାକୁ ହେଲେ ଏହାକୁ ସର୍ବପ୍ରଥମ ଏବଂ ଅପରିହାର୍ଯ୍ୟ ଦୃଷ୍ଟିକୋଣରୁ ଗ୍ରହଣ କରିବାକୁ ପଡ଼ିବ । ଏକ ସମଗ୍ର ସମର୍ପଣର ନିଷ୍ପତ୍ତି ଗ୍ରହଣ ନକରିଥିବା ପର୍ଯ୍ୟନ୍ତ ଆମେ କଦାପି କୌଣସି ଯୋଗ ଆରମ୍ଭ କରି ପାରିବା ନାହିଁ ।

'oaob.nitrkl.ac.in' images reprocessed

ମାତ୍ର ଏହି ସମର୍ପଣକୁ ସମଗ୍ର ହେବାକୁ ହେଲେ, ଏହି ସବୁଯାକ ଗୁଣର ମଧ୍ୟ ପ୍ରୟୋଜନ ରହିଥିବ । ଏବଂ ଏଠାରେ ମୁଁ ପୁଣି ଆଉଗୋଟିଏ ଗୁଣର କଥା କହିବି,—କାରଣ ଏପର୍ଯ୍ୟନ୍ତ ଆମେ କେବଳ ଘ୍ୟରୋଟି ବିଷୟରେ ଆଲୋଚନା କରିଛୁ,—ମୁଁ ତାହା ସହିତ ପଞ୍ଚମ ଗୁଣରୂପେ ସହିଷ୍ଣୁତାକୁ ଅନ୍ତର୍ଭୁକ୍ତ କରିବି । କାରଣ, କୌଣସି ପ୍ରକାରେ ହତୋତ୍ସାହିତ ନହୋଇ ବା ପରାଭବ ସ୍ୱୀକାର ନକରି ଯଦି ତୁମେ ଅସୁବିଧା ଏବଂ ପ୍ରମାଦଗୁଡ଼ିକର ସମ୍ମୁଖୀନ ହୋଇ ନପାରୁଥିବ, ସେକଥାଟି ଅତିବେଶୀ କଷ୍ଟକର ବୋଲି ଯଦି ସେଗୁଡ଼ିକର ସମ୍ମୁଖୀନ ହୋଇ ପାରୁ ନଥିବ, ଏବଂ ଯଦି ତୁମେ ଏଥିଲାଗି ନିଜକୁ ଅସମର୍ଥ ବୋଧ କରୁଥିବ,—ଆଘାତ ପରେ ଆଘାତ ଆସି ପଡ଼ୁଥିଲେ ମଧ୍ୟ ଯଦି ତଥାପି ଅବିଚଳ ରହିବାକୁ ସମର୍ଥ ହେଉ ନଥିବ, ଲୋକେ କହିଲା ପରି ଯଦି ତୁମେ ସେଗୁଡ଼ିକୁ "ହଜମ" କରି ପାରୁ ନଥିବ,—ନିଜର ନାନା ତ୍ରୁଟି ହେତୁ ଯେତେବେଳେ ତୁମକୁ ଆଘାତ ସହିବାକୁ ପଡ଼ୁଥିବ, ମାତ୍ର ସେଗୁଡ଼ିକୁ ହଜମ କରି ଅବିଚଳିତ ଭାବରେ ତଥାପି ଆଗକୁ ଯିବା ଲାଗି ତୁମେ ସମର୍ଥ ହେଉ ନଥିବ, ତେବେ ତୁମେ କଦାପି ଖୁବ୍ ବେଶୀ ଦୂର ଯାଇ ପାରିବ ନାହିଁ । ପ୍ରଥମ ମୋଡ଼ଟିକୁ ବୁଲିବା ସମୟରେହିଁ ଯେତେବେଳେ ତୁମେ ନିଜର କ୍ଷୁଦ୍ର ଅଭ୍ୟସ୍ତ ଜୀବନଟିକୁ ଆଉ ଦେଖିବାକୁ ନପାଇବ, ସେତେବେଳେ ତୁମେ ଘୋର ନୈରାଶ୍ୟ ମଧ୍ୟରେ ଆସି ପଡ଼ିଯିବ ଏବଂ ଉଦ୍ୟମଟିକୁ ବର୍ଜନ କରିବ ।

ସବୁଠାରୁ ଅଧିକ···ମୁଁ କେଉଁ ଶବ୍ଦ ବ୍ୟବହାର କରି କହିବି କହିଲ ?—ଏହି ସହିଷ୍ଣୁତାର ସବୁଠାରୁ ଅଧିକ ମୂର୍ତ୍ତି ରୂପ ହେଉଛି ଅଧ୍ୟବସାୟ । ଦରକାର ହେଲେ ସେହି ଗୋଟିଏ କଥାକୁ ମୁଁ ହଜାର ଥର ମଧ୍ୟ ଆରମ୍ଭ କରିବାକୁ ପ୍ରସ୍ତୁତ ଅଛି, ଯଦି ତୁମ ଭିତରେ ଏପରି ଏକ ସଂକଳ୍ପ ନଥାଏ,···ତୁମେ ଜାଣିଥିବ, ଲୋକମାନେ ମୋ ପାଖରେ ଖୁବ୍ ନିରାଶ ହୋଇ ଆସି କହନ୍ତି, "ମୁଁ ଭାବୁଥିଲି କାର୍ଯ୍ୟଟି ସମ୍ପନ୍ନ ହୋଇଯାଇଛି, ମାତ୍ର ବର୍ତ୍ତମାନ ପୁନର୍ବାର ତାହାକୁ ଆରମ୍ଭ କରିବାକୁ ହେବ !" ଯଦି ସେମାନଙ୍କୁ "ସେଥିରେ କିଛି ଯାଏ ଆସେ ନାହିଁ, ସମ୍ଭବତଃ ତୁମକୁ ସେହି କାର୍ଯ୍ୟଟିକୁ ଥର ଥର କରି ଶହେ ଥର କିଂବା ଦୁଇ ଶହ ଥର ବା ହଜାର ଥର ପୁନର୍ବାର ଆରମ୍ଭ କରିବାକୁ ପଡ଼ିବ; ତୁମେ ଖୋଜେ ଆଗକୁ ଯାଇ ଭାବ ସରିଗଲା ବୋଲି ନିଶ୍ଚିନ୍ତ ହୋଇଯାଉଛ, ମାତ୍ର ଆଉ ଟିକିଏ ଆଗକୁ ଗଲେ ସର୍ବଦା ଏପରି କିଛି ନା କିଛି ଆସି ପଡ଼ିଥିବ, ଯାହାକି ହୁଏତ ଆଗର ସେହି ଅସୁବିଧାଟିକୁହିଁ ଘଟାଇବ । ସମସ୍ୟାଟିର ସମାଧାନ ହୋଇଗଲା ବୋଲି ତୁମେ ଭାବୁଛ ସିନା, ମାତ୍ର ତୁମକୁ ପୁନର୍ବାର ସେହି ସମାଧାନଟିକୁ କରିବାକୁ ପଡ଼ିବ । ସମସ୍ୟାଟି ପୁନର୍ବାର ଆସି ପଡ଼ିଥିବ, ପୂର୍ବର ତୁଳନାରେ ହୁଏତ ଟିକିଏ ଅଲଗା ପ୍ରକାରର ଦେଖା ଯାଉଥିବ, ମାତ୍ର ତାହା ତଥାପି ସେହି ସମସ୍ୟାଟି ହୋଇ ରହିଥିବ ।" ବୋଲି

'oaob.nitrkl.ac.in' images reprocessed

ବୁଝାଯାଏ, ଏବଂ ଯଦି ତୁମେ, "ଏହି ସମସ୍ୟାଟି ନିୟୁତ ଥର ଆସି ପହଞ୍ଚିଲେ ମଧ୍ୟ ମୁଁ ତଥାପି ନିୟୁତ ଥର ସେଇଟିର ସମ୍ମୁଖୀନ ହେବ, ମାତ୍ର ମୋତେ ସେଇଟିକୁ ଅତିକ୍ରମ କରିବାକୁହିଁ ପଡ଼ିବ" ବୋଲି ସଂକଳ୍ପବଦ୍ଧ ହୋଇ ନଥାଅ, ତେବେ ତୁମେ କଦାପି ଯୋଗସାଧନା କରି ପାରିବ ନାହିଁ । ଏହି କଥାଟି ଏକାନ୍ତ ଭାବରେ ଅପରିହାର୍ଯ୍ୟ ।

ଅନେକ ଲୋକ କୌଣସି ସମୟରେ କୌଣସି ଏକ ସୁନ୍ଦର ଅନୁଭୂତି ଲାଭ କରିଥାନ୍ତି ଓ କହନ୍ତି, "ଆହା, ଏଇଟି ହେଉଛି ଅସଲ ଅନୁଭୂତି, ଅନୁଭୂତି ପରି ଅନୁଭୂତି ।" ଏବଂ ତା'ପରେ ଅନୁଭୂତିଟି ପୁରୁଣା ହୋଇ ବସିଯାଏ, କ୍ଷୀଣ ହୋଇଯାଏ, ତା' ଉପରେ କେତେ ନା କେତେ ଆବରଣ ମାଡ଼ିଯାଏ ଏବଂ ତା'ପରେ ହଠାତ୍ କୌଣସି ଏକ ଅତ୍ୟନ୍ତ ଅପ୍ରତ୍ୟାଶିତ, ଏକାନ୍ତ ଅତିସାଧାରଣ ଏବଂ ଆପାତତଃ ସଂପୂର୍ଣ୍ଣ ଭାବରେ ନୀରସ ହୋଇ ଦେଖା ଯାଉଥିବା ଆଉ ଏକ ବସ୍ତୁ ଆସି ତୁମ ସମ୍ମୁଖରେ ହାଜୁଡ଼ି ଯାଏ ଏବଂ ତୁମର ପଥରୋଧ କରେ । ଏବଂ ସେତେବେଳେ ତୁମେ କହିବାକୁ ଲାଗ, "ଯଦି ସବୁ କଥାକୁ ପୁନର୍ବାର ମୂଳରୁ ଆରମ୍ଭ କରିବାକୁହିଁ ପଡ଼ିଲା, ତେବେ ଏତକ ଅଗ୍ରଗତି କରିବା ଦ୍ୱାରା ଆଉ କି ଲାଭ ହେଲା ? ମୁଁ ଆଉ ଏଇଟିକୁ କରିବାକୁ ଯିବ ବା କାହିଁକି ? ମୁଁ ପ୍ରୟାସ କଲି, ପ୍ରୟାସରେ ସଫଳ ହେଲି, କିଛି ହାସଲ ବି କଲି, ଏବଂ ବର୍ତ୍ତମାନ ଏପରି ଏକ ଦଶାରେ ଆସି ପହଞ୍ଚିଲି, ସତେଯେପରି ମୁଁ ପ୍ରକୃତରେ କୋଉଠି କିଛିହେଲେ କରି ନାହିଁ ! ଏହାକୁ ପ୍ରକୃତରେ ଭାରି ନିରାଶାଜନକ ବୋଲି କହିବାକୁ ହେବ ।" ତୁମେ ଏସବୁ କୁହ, କାରଣ ତୁମର କୌଣସି ସହିଷ୍ଣୁତା ନଥାଏ ।

ସହିଷ୍ଣୁତା ମହଜୁଦ ରହିଥିଲେ ଜଣେ କହିବାକୁ ଲାଗେ, "ବେଶ୍ ଭଲ ହେଲା । ଯେତେ ଥର ଆବଶ୍ୟକ ହେବ ମୁଁ ସେତେଥର ମୂଳରୁ ଆରମ୍ଭ କରିବ, ହଜାର ଥର ଆବଶ୍ୟକ ହେଲେ ହଜାର ଥର କରିବ, ଦଶ ହଜାର ଥର ବା ଲକ୍ଷେ ଥର ବି କରିବ, ମୁଁ ପୁନର୍ବାର ମୂଳରୁ ଆରମ୍ଭ କରିବ;—ମାତ୍ର, ଶେଷ ପର୍ଯ୍ୟନ୍ତ ନିଶ୍ଚୟ ଯିବ ଏବଂ କୌଣସି ଶକ୍ତି ମୋତେ ବାଟରେ ଅଟକାଇ ରଖି ପାରିବ ନାହିଁ ।"

ଏହି କଥାଟି ଏକାନ୍ତ ଆବଶ୍ୟକ, ଏକାନ୍ତ ଆବଶ୍ୟକ ।

ତେଣୁ ଏହି କ୍ଷେତ୍ରରେ ମୁଁ ଏହି ପ୍ରସ୍ତାବଟି ଦେଉଛି : ଆମେ ସର୍ବପ୍ରଥମେ, ତାଲିକାଟିର ଆରମ୍ଭରେ ସମର୍ପଣ ରଖିବା, ଅର୍ଥାତ୍ ଶ୍ରୀଅରବିନ୍ଦ ଯାହା କହିଛନ୍ତି, ଆମେ ସେହି କଥାଟିକୁ ଗ୍ରହଣ କରିନେବା,—ଆମେ ସ୍ୱୀକାର କରିନେବା ଯେ ସଂପୂର୍ଣ୍ଣ ଯୋଗର ସାଧନା କରିବାକୁ ହେଲେ ଆମକୁ ପରମ ଦିବ୍ୟସତ୍ତାଙ୍କ ପାଖରେ ସଂପୂର୍ଣ୍ଣ ଭାବରେ ସମର୍ପିତ ହୋଇ ରହିବାର ସଂକଳ୍ପ କରିବାକୁ ପଡ଼ିବ । ଏହା ବ୍ୟତୀତ ଆଉ ଅନ୍ୟ ପଥ ନାହିଁ, ଏହା ହିଁ ପଥ । ମାତ୍ର ତା'ପରେ ଆମକୁ ସେହି ପାଞ୍ଚୋଟି ଯାକ

'oaob.nitrkl.ac.in' images reprocessed

ମନୋଭୂମିଗତ ଯୋଗ୍ୟତାକୁ ଗ୍ରହଣ କରିବାକୁ ପଡ଼ିବ, ସେହି ପାଞ୍ଚୋଟି ମନୋଭୂମିଗତ ପରିପୂର୍ଣ୍ଣତାକୁ ହାସଲ କରିବାକୁ ପଡ଼ିବ । ସେହି ପରିପୂର୍ଣ୍ଣତାଗୁଡ଼ିକୁ ଆମେ ଏହିପରି ଭାବରେ ଜାଣିରଖିବା :

ଆନ୍ତରିକତା ବା ସ୍ୱଚ୍ଛତା

ବିଶ୍ୱାସ ବା ଆସ୍ଥା (ସ୍ପଷ୍ଟତଃ, ଭଗବାନଙ୍କ ଉପରେ ଆସ୍ଥା)

ଭକ୍ତି ବା କୃତଜ୍ଞତା

ସାହସ ବା ଅଭୀପ୍ସା

ସହିଷ୍ଣୁତା ବା ଅଧ୍ୟବସାୟ ।

ଅନୁଗତତାକୁ ଆମେ ଗୋଟିଏ ପ୍ରକାରର ସହିଷ୍ଣୁତା ବୋଲି ଜାଣିବା । ଆମର ସଂକଳ୍ପଟି ପ୍ରତି ଆମର ଅନୁଗତତା ରହିବ, ଆମେ ଅନୁଗତ ହୋଇ ରହିବା । ଆମେ ଏକ ସଂକଳ୍ପ କରିଥିବା, ଏବଂ ସେହି ସଂକଳ୍ପଟି ପ୍ରତି ଅନୁଗତ ହୋଇ ରହିବା । ଏହାହିଁ ସହିଷ୍ଣୁତା ।

ବାପ୍ , ଏହି କଥାଟିକୁ ମନେ ରଖିଥିବ ।

ଯଦି ଅବିଚଳିତ ଭାବରେ କାର୍ଯ୍ୟ କରି ପାରିବା, ତେବେ ଏପରି ଏକ ସମୟ ଆସି ପହଞ୍ଚିବ, ଯେତେବେଳେ କି ଆମେ ବିଜୟ ଲାଭ କରିବା ।

ଯିଏ ସବୁଠାରୁ ଅଧିକ ଅବିଚଳ ହୋଇ ରହି ପାରିବ, ସେଇ ବିଜୟୀ ହେବ ।

## ୧ ଫେବୃଆରୀ ୧୯୫୭

ଶ୍ରୀଅରବିନ୍ଦ ଏଠାରେ ଲେଖିଛନ୍ତି, "ଅବଶ୍ୟ ଏକଥା ସତ ଯେ ପ୍ରଥମେ କେବଳ ଜ୍ଞାନରୁ ଅଥବା କେବଳ ଈଶ୍ୱରାଭିମୁଖୀ ସଂବେଗରୁ ଅଥବା ଦୁଇଟିକୁ ଏକତ୍ର ଭାବରେ ଗ୍ରହଣ କରି ସାଧନା ଆରମ୍ଭ କରା ଯାଇପାରେ ଏବଂ କର୍ମକୁ ଯୋଗର ସର୍ବଶେଷ ପର୍ଯ୍ୟାୟ ଲାଗି ବାକି ରଖି ଦିଆ ଯାଇପାରେ ।"

ଯୋଗସମନ୍ୱୟ, ପୃଷ୍ଠା-୮୭

ଏହି ଜ୍ଞାନଟି କହିଲେ ପ୍ରକୃତରେ କ'ଣ ବୁଝାଇବ ?

'oaob.nitrkl.ac.in' images reprocessed

ଯୋଗର ତିନିଗୋଟି ପ୍ରଧାନ ମାର୍ଗ ରହିଛି,—ଜ୍ଞାନର ମାର୍ଗ, ପ୍ରେମର ମାର୍ଗ ଓ କର୍ମର ମାର୍ଗ । ତେଣୁ ଶ୍ରୀଅରବିନ୍ଦ କହିଛନ୍ତି ଯେ କିଏ କେଉଁ ମାର୍ଗଟିକୁ ଗ୍ରହଣ କରିବ, ତାହା ପ୍ରତ୍ୟେକ ସାଧନା ଓ ତାହାକୁ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଉପରେ ନିର୍ଭର କରିବ । ଅନେକ ଲୋକ ଅଛନ୍ତି ଯେଉଁମାନେ କି ଅପେକ୍ଷାକୃତ ଅଧିକ ସହଜରେ ଜ୍ଞାନର ମାର୍ଗରେ ଯାଇ ପାରନ୍ତି, ଅନ୍ୟମାନେ ଅଧିକ ସହଜରେ ପ୍ରେମମାର୍ଗକୁ ବା ଭକ୍ତିର ମାର୍ଗକୁ ଗ୍ରହଣ କରିନେଇ ପାରନ୍ତି ଏବଂ ଅନ୍ୟମାନେ କର୍ମର ମାର୍ଗକୁ ଅନୁସରଣ କରିଥାନ୍ତି । ଶ୍ରୀଅରବିନ୍ଦ କହିଛନ୍ତି ଯେ ପୂର୍ଣ୍ଣଯୋଗର ସାଧନା ପାଇଁ ତିନୋଟିଯାକ ମାର୍ଗକୁ ଏକତ୍ର ସଂଯୁକ୍ତ କରି ଆଣିବାକୁ ପଡ଼ିବ ଏବଂ ତା' ସହିତ ଆହୁରି ଅଧିକ କିଛି ମଧ୍ୟ ରଖିବାକୁ ପଡ଼ିବ । ମାତ୍ର, ପ୍ରତ୍ୟେକ ବ୍ୟକ୍ତି ଯୁଗପତ୍ ଭାବରେ କଦାପି ପ୍ରତ୍ୟେକଟି କଥା କରି ପାରିବ ନାହିଁ; ଏବଂ ତେଣୁ ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କ ଲାଗି କି ତିନୋଟି ମାର୍ଗରୁ ବାଛି କରି ଗୋଟିଏ ମାର୍ଗକୁ ଗ୍ରହଣ କରିବା ଆବଶ୍ୟକ ହେବ । ସେମାନେ ପ୍ରଥମେ ଗୋଟିଏ ମାର୍ଗକୁ ଗ୍ରହଣ କରିବେ ଏବଂ ପରେ ତିନୋଟିଯାକ ମାର୍ଗକୁ ଏକାଠି ସଂଯୁକ୍ତ କରି ଆଣିବାକୁ ସମର୍ଥ ହୋଇ ପାରିବେ ।

ଜ୍ଞାନର ମାର୍ଗ ହେଉଛି ରାଜଯୋଗର ସୁପରିଚିତ ମାର୍ଗ । ସେଥିରେ ଆପଣାର ଭୌତିକ ସତ୍ତା ବିଷୟରେ ଏକ ନିରାସକ୍ତ ଭାବ ଅବଲମ୍ବନ କରିବାର ରୀତିଟିକୁ ଅଭ୍ୟାସ କରିବାକୁ ହୁଏ, "ମୁଁ କଦାପି ଏହି ଶରୀର ନୁହେଁ" ବୋଲି କହିବାକୁ ପଡ଼େ । ତା'ପରେ ଆପଣାର ଇନ୍ଦ୍ରିୟବୋଧଗୁଡ଼ିକ ବିଷୟରେ ନିରାସକ୍ତ ଭାବ ଅବଲମ୍ବନ କରିବାକୁ ପଡ଼େ, "ମୁଁ ଏହି ଇନ୍ଦ୍ରିୟବୋଧ କଦାପି ନୁହେଁ" ବୋଲି କହିବାକୁ ପଡ଼େ । ତା'ପରେ, "ମୁଁ ଏହି ଅନୁଭୂତିମାନ କଦାପି ନୁହେଁ" ବୋଲି କହି ଆପଣାର ଅନୁଭୂତିଗୁଡ଼ିକ ବିଷୟରେ ନିରାସକ୍ତ ଭାବ ଅବଲମ୍ବନ କରିବାକୁ ପଡ଼େ; ଏବଂ ଏହିପରି ଭାବରେ ଅଗ୍ରଗତି କରିବାକୁ ହୋଇଥାଏ । ଆପଣାର ଭାବନାଠାରୁ ଆପଣାକୁ ଅଲଗା ରଖିବାକୁ ପଡ଼େ ଏବଂ ଅଧିକରୁ ଅଧିକ ପରିମାଣରେ ଅନ୍ତଃପ୍ରବେଶ କରିବାକୁ ପଡ଼େ; ଏହିପରି ଭାବରେ ଏପରି ଏକ ବସ୍ତୁର ଉପଲବ୍ଧି ହୁଏ, ଯାହାକୁ କି ପରମ ଶାଶ୍ୱତ ଓ ପରମ ଅନନ୍ତ ବୋଲି ଜଣାଯାଏ ।

ଏହି ପଥଟି ହେଉଛି ଧ୍ୟାନର ପଥ, ଏବଂ ସତ୍ୟର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଆତ୍ମଜ୍ଞାନର ପଥଟିକୁହିଁ ଧ୍ୟାନର ଯଥାର୍ଥ ପଥ ବୋଲି ଗ୍ରହଣ କରାଯାଇ ପାରିବ । ଏହି ପଥଟି ଧ୍ୟାନର ପଥ, ସଂକେନ୍ଦ୍ରିତ ହୋଇ ରହିବାର ପଥ, ଜୀବନ ଏବଂ କର୍ମରୁ ନିଜକୁ ପ୍ରତ୍ୟାହୃତ କରି ରଖିବାର ପଥ । ପୁରାତନ ଯୋଗମାର୍ଗଗୁଡ଼ିକରେ ଏହି ରୀତିଟିରହିଁ ସର୍ବାଧିକ ଅନୁସରଣ କରାଯାଉଥିଲା ।

'oaob.nitrkl.ac.in' images reprocessed

ଏଇଟି ବ୍ୟକ୍ତିଗତ ଭକ୍ତି ବା ପ୍ରେମର ମାର୍ଗ, ଦୃଷ୍ଟାନ୍ତସ୍ୱରୂପ ଚୈତନ୍ୟ ବା ରାମକୃଷ୍ଣଙ୍କର ପଥ ।

ଏହି ଗ୍ରନ୍ଥଟି ('ଯୋଗସମନ୍ୱୟ'ର ପ୍ରଥମ ଭାଗ) ସମ୍ପୂର୍ଣ୍ଣ ଭାବରେ କର୍ମଯୋଗର ଆଲୋଚନା କରୁଛି । ଅର୍ଥାତ୍‌, କ୍ରିୟାଶୀଳ ରହି ଓ କର୍ମ କରି ପରମେଶ୍ୱରଙ୍କ ସହିତ ସଂଯୁକ୍ତ ହେବାର ଏବଂ ଆପଣାର ସକଳ କର୍ମକୁ ସେହି ଦିବ୍ୟ ପରମକର୍ତ୍ତାଙ୍କ ପାଖରେ ନେଇ ଉତ୍ସର୍ଗ କରିଦେବାର ମାର୍ଗଟିର ଆଲୋଚନା କରୁଛି । ବାସ୍‌, ଏହି ବିଷୟରେ ଆମେ ଏତକ ଜାଣିରଖିବା ।

> ମାଆ, "ସେହି ପରିବର୍ତ୍ତନଟିରେ ସେମାନଙ୍କର ଯାବତୀୟ କର୍ମକୁ ଉତ୍ସର୍ଗ କରିଦେବାର ଏକ ସତତ ଆବଶ୍ୟକତା ରହିଛି । ତା' ନହେଲେ, ସେମାନେ ହୁଏତ ଆପଣାର ଅନ୍ୟ-ଜୀବନରେ ପରମେଶ୍ୱରଙ୍କର ଦର୍ଶନ ଲାଭ କରି ପାରିବେ, ମାତ୍ର ଆପଣାର ଜୀବନରେ ସେମାନେ କଦାପି ପରମ ଦିବ୍ୟତାକୁ ପରିପୂର୍ଣ୍ଣ କରି ପାରିବେ ନାହିଁ ।"
>
> ଯୋଗସମନ୍ୱୟ, ପୃଷ୍ଠା-୮୫

> ଏଠାରେ "ପରମେଶ୍ୱର" ଏବଂ "ପରମ ଦିବ୍ୟତା", ଏପରି ଦୁଇଟି ଶବ୍ଦ କାହିଁକି ବ୍ୟବହାର କରାଯାଇଛି ?

ଦୁଇଟି ଶବ୍ଦକୁ ଶ୍ରୀଅରବିନ୍ଦ ପରସ୍ପରର ବିରୋଧୀ ଭାବରେ ବ୍ୟବହାର କରିଛନ୍ତି ବୋଲି ମୁଁ ଆଦୌ ଭାବୁ ନାହିଁ । ଆମେ ଏହାକୁ କହିବାର ଏକ ଶୈଳୀ ବୋଲିହିଁ ଗ୍ରହଣ କରିବା । ସିଏ ଗୋଟିକୁ କଦାପି ଆଉ ଗୋଟିକର ବିରୋଧୀ କରି ଦେଖାଇ ନାହାନ୍ତି ।

> ଏହାର ଅର୍ଥ ?

ଏହାର ଅର୍ଥ ହେଉଛି ଯେ ପରମ ଦିବ୍ୟତାକୁ ଲାଭ କରିବା ପାଇଁ ସେମାନେ ଜୀବନର ବାହାରକୁ ଚାଲିଯାଆନ୍ତି; ଏପରି ଏକ ପରମେଶ୍ୱରଙ୍କର ସନ୍ଧାନରେ ବାହାରି ଯାଆନ୍ତି, ସିଏ କି ଜୀବନର ବାହାରେହିଁ ଅବସ୍ଥିତ ରହିଥାଆନ୍ତି । ସେହି ପରମେଶ୍ୱରଙ୍କ ସାକ୍ଷାତଲାଭ ନିମିତ୍ତ ସେମାନେ ସ୍ୱୟଂ ଜୀବନର ବାହାରକୁ ଚାଲିଯାଆନ୍ତି । ମାତ୍ର,

'oaob.nitrkl.ac.in' images reprocessed

ପୂର୍ଣ୍ଣଯୋଗରେ, ଏହି ଜୀବନ ଭିତରେହିଁ ପରମ ଦିବ୍ୟତାର ଦର୍ଶନଲାଭ କରିବାକୁ ହୁଏ, ଜୀବନର ବାହାରେ ନୁହେଁ ।

ଉଦାହରଣସ୍ୱରୂପ, ଏପରି ବ୍ୟକ୍ତିମାନେ ରହିଛନ୍ତି, ଯେଉଁମାନେ କି ଜୀବନ ଏବଂ ଜଗତକୁ ଏକ ମାୟା ବୋଲି ବିଚାର କରନ୍ତି, ଏବଂ ପରମ ଦିବ୍ୟତାର ଉପଲବ୍ଧି କରିବା ଲାଗି ସେଗୁଡ଼ିକୁ ପଛରେ ପକାଇ ଦେଇ ଯିବାକୁ ଆବଶ୍ୟକ ମନେ କରନ୍ତି । ପରମ ଦିବ୍ୟତାର ସ୍ୱଭାବ ହେଉଛି ଜୀବନର ସ୍ୱଭାବଟିଠାରୁ ଠିକ୍ ବିପରୀତ,—ସେମାନେ ଏହିପରି କହିଥାନ୍ତି । ତେଣୁ ଶ୍ରୀଅରବିନ୍ଦ କହିଛନ୍ତି ଯେ ଏହି ବ୍ୟକ୍ତିମାନେ ସମ୍ଭବତଃ ଜୀବନର ବାହାରେ ପରମେଶ୍ୱରଙ୍କର ସନ୍ଧାନ ପାଇ ପାରିବେ, ମାତ୍ର ଜୀବନ ଭିତରେ କଦାପି ତାଙ୍କର ଦର୍ଶନଲାଭ କରି ପାରିବେ ନାହିଁ । ସିଏ ଦୁଇଟିଯାକ କଥାରେ ରହିଥିବା ପାର୍ଥକ୍ୟଟିକୁ ଦେଖାଉଛନ୍ତି । ଗୋଟିଏ କ୍ଷେତ୍ରରେ ପରମ ଦିବ୍ୟସତ୍ତା ପୃଥିବୀର ବାହାରେ ରହିଛନ୍ତି, ପୃଥିବୀ ଲାଗି ଅପ୍ରକଟ ହୋଇ ରହିଛନ୍ତି; ଏବଂ ଅନ୍ୟ କ୍ଷେତ୍ରଟିରେ ପରମେଶ୍ୱର ଜୀବନ ମଧ୍ୟରେହିଁ ପ୍ରକଟ ହୋଇ ରହିଛନ୍ତି ଏବଂ ଏହି ଜୀବନର ମାଧ୍ୟମରେହିଁ ତାଙ୍କୁ ପୁନର୍ବାର ଆବିଷ୍କାର କରାଯାଇ ପାରିବ ।

ଏଥର ବୁଝିଲ ?

ମାଆ, ଯେତେବେଳେ ଜଣେ ବ୍ୟକ୍ତି ତା' ସତ୍ତାର ଉଚ୍ଚତର ଭାଗଟିରେ ପରମ ଦିବ୍ୟସତ୍ତାଙ୍କ ସହିତ ଏକାତ୍ମକତା ଅର୍ଜନ କରି ରହିଥାଏ, ଅଥଚ ତେଣେ ନିମ୍ନତର ଭାଗଗୁଡ଼ିକୁ ଅବହେଳା କରିବାରେ ଲାଗିଥାଏ—ଜୀବନକୁହିଁ ଅବହେଳା କରୁଥାଏ, ସେତେବେଳେ ସିଏ ତାଙ୍କ ସହିତ ଯେଉଁଠାରେ ଏକାତ୍ମକ ହୋଇ ରହିଛି, ସେହି ଉଚ୍ଚତର ଭାଗଟିରେ ରହିଥିବା ପରମ ଦିବ୍ୟସତ୍ତା କ'ଣ ତାକୁ ନିମ୍ନତର ଭାଗଗୁଡ଼ିକ ପ୍ରତି ଦୃଷ୍ଟି ଦେବା ଲାଗି ପରାମର୍ଶ ଦିଅନ୍ତି ନାହିଁ ?

ଏବଂ, ଯଦି, ଏପରିକି ଆରମ୍ଭ କରିବା ପୂର୍ବରୁ ମଧ୍ୟ ଏକଥାଟି କଦାପି ଘଟିବ ନାହିଁ ବୋଲି ଜଣେ ନିଷ୍ପତ୍ତି ଗ୍ରହଣ କରି ନେଇଥାଏ, ତେବେ, ପରମ ଦିବ୍ୟସତ୍ତାଙ୍କର ପରାମର୍ଶ ଗ୍ରହଣ କରିବା ପାଇଁ ମଧ୍ୟ ସିଏ ଆପଣା ଲାଗି ପ୍ରାୟ ଅସମ୍ଭବ କରି ପକାଇଥାଏ ।

କାରଣ, ପ୍ରକୃତ କଥା କହିବାକୁ ଗଲେ, ପରମ ଦିବ୍ୟସତ୍ତାଙ୍କର ଅମେ ଯେଉଁ ଅଂଶଟିକୁ ଦେଖିବାକୁ ଇଚ୍ଛା କରୁଥାଉ, ତାଙ୍କର କେବଳ ସେହି ଅଂଶଟିହିଁ

'oaob.nitrkl.ac.in' images reprocessed

ଆମକୁ ଦେଖିବାକୁ ମିଳିଥାଏ । ଠିକ୍ ଅନ୍ୟ ପାଖଟିକୁ ଆମକୁ ଦେଖାଇଦେଇ ଶ୍ରୀଅରବିନ୍ଦ ଠିକ୍ ଏହି କଥା କହୁଛନ୍ତି; ସିଏ କହୁଛନ୍ତି—ମୁଁ ସେ କହୁଥିବା ଶବ୍ଦଗୁଡ଼ିକୁ ଅବିକଳ ଉଦ୍ଧାର କରି ପାରୁ ନାହିଁ, ମୁଁ କେବଳ ମର୍ମଟିହିଁ ଉଦ୍ଧାର କରୁଛି : ପରମ ଦିବ୍ୟସତ୍ତାଙ୍କଠାରୁ ତୁମେ ଯାହା ପ୍ରତ୍ୟାଶା କରୁଥାଅ, ତାଙ୍କ ଭିତରେ ତୁମେ କେବଳ ସେତିକମାତ୍ରହିଁ ଦେଖିବାକୁ ସମର୍ଥ ହୁଅ; ପରମ ଦିବ୍ୟସତ୍ତାଙ୍କଠାରୁ ତୁମେ ଯେତିକି ଚାହୁଁଥାଅ, ତାଙ୍କ ଭିତରେ କେବଳ ସେତିକି ସହିତହିଁ ତୁମର ସାକ୍ଷାତ୍କାର ଘଟେ । ତାଙ୍କର ଯେଉଁ ବିଭବଟି ଲାଗି ତୁମେ ପ୍ରତ୍ୟାଶା ଅଥବା ବାସନା ରଖିଥାଅ, ସିଏ ତୁମ ଲାଗି କେବଳ ସେହି ବିଭବଟିକୁ ଆଣି ଉପସ୍ଥାପିତ କରିଦିଅନ୍ତି ।

ଏବଂ, ଯାହା ଭିତରେ ଯେଉଁପରି ଗ୍ରହଣଶୀଳତା ଓ ସାମର୍ଥ୍ୟ ରହିଥାଏ, ସେଇଟି ସହିତ ଅନୁକୂଳିତ ହୋଇହିଁ ତାହା ମଧ୍ୟରେ ତାଙ୍କର ପରିପ୍ରକାଶ ହୁଏ । ସେମାନଙ୍କର ଜୀବନରେ ଏକ ବାସ୍ତବ ଓ ଯଥାର୍ଥ ସଂସ୍ପର୍ଶ ଘଟିପାରେ ସତ, ମାତ୍ର ଗ୍ରହଣ କରିବା ଲାଗି ଓ ସମୀପବର୍ତ୍ତୀ ହେବା ଲାଗି ସେମାନଙ୍କ ନିଜ ଭିତରେ ଯେଉଁ କ୍ଷମତାଟି ରହିଥାଏ, ଏହି ସଂସ୍ପର୍ଶଟି ସର୍ବଦା ତାହାର ଦ୍ୱାରାହିଁ ସୀମାବଦ୍ଧ ହୋଇ ରହେ ।... ତେଣୁ, କେବଳ ଏହି ସବୁଯାକ ସୀମାକୁ ଅତିକ୍ରମ କରିପାରିଲେ ଯାଇ, ପରମ ଦିବ୍ୟସତ୍ତା ସମଗ୍ରତଃ ଯେପରି, ତୁମେ ତାଙ୍କୁ ସେହିପରି ସମଗ୍ର ଭାବରେ ସାକ୍ଷାତ କରି ପାରିବ ।

ଏବଂ, ସଂସ୍ପର୍ଶ ଲାଗି ରହିଥିବା ଏହି ଭିନ୍ନ ଭିନ୍ନ ସାମର୍ଥ୍ୟ ସମ୍ଭବତଃ ସତ୍ତାଗୁଡ଼ିକୁ ଏକ ସୋପାନକ୍ରମ ମଧ୍ୟରେ ସ୍ତର ସ୍ତର କରି ରଖିଥାଏ । କାରଣ ଆମେ ସମସ୍ତେ ତ ପରମ ଦିବ୍ୟସତ୍ତାଙ୍କୁ ଆପଣା ଭିତରେ ବହନ କରି ରହିଛୁ ଏବଂ ସେହି କାରଣରୁ ଆମ ସମସ୍ତଙ୍କ ଭିତରେ ତାଙ୍କ ସହିତ ସଂଯୁକ୍ତ ହେବାର ସମ୍ଭାବନାଟି ମଧ୍ୟ ନିହିତ ହୋଇ ରହିଛି;—ସେହି ସମ୍ଭାବନାଟି ସମସ୍ତଙ୍କ ଭିତରେ ସମାନ ଭାବରେ ରହିଛି । ମାତ୍ର, ପ୍ରତ୍ୟେକଙ୍କ ଭିତରେ ରହିଥିବା ସାମର୍ଥ୍ୟଟି ଅନୁସାରେ, ବସ୍ତୁତଃ, ଦିବ୍ୟ ସୋପାନକ୍ରମରେ ପ୍ରତ୍ୟେକ ବ୍ୟକ୍ତି ଯେଉଁଠାରେ ରହିଛି, ତାହାର ଅନୁସାରେହିଁ ପରମ ଦିବ୍ୟସତ୍ତାଙ୍କ ସହିତ ତା'ର ସମୀପବର୍ତ୍ତୀ ହେବା ଅଳ୍ପ ବା ବହୁତ ଆଂଶିକ ଏବଂ ସମଗ୍ର ହେବାରେ ମଧ୍ୟ ଲାଗିଥିବ ।

ଏକଥାଟି ବେଶ୍ ବୁଝାଯାଇ ପାରିବ ଯେ,—ଅବଶ୍ୟ ଏକଥା ମଧ୍ୟ ସତ ଯେ ଏହିସବୁ ଶବ୍ଦ ଅସଲ ବକ୍ତବ୍ୟଟିକୁ ଖୁବ୍ ବିକୃତ କରିଦିଅନ୍ତି,—ଏକଥା ବୁଝାଯାଇ ପାରିବ ଯେ ସମୀପବର୍ତ୍ତୀ ହେବାର ଏହି ସାମର୍ଥ୍ୟଟି ଗୁଣାତ୍ମକ ଦୃଷ୍ଟିରୁ ପ୍ରତ୍ୟେକ ସତ୍ତା ମଧ୍ୟରେ ସମାନ ଭାବରେ ଅବସ୍ଥିତ ରହିଛି, ମାତ୍ର ତାହାର ପରିମାଣ ଅର୍ଥାତ୍ ସମଗ୍ରତାଟି ଭିନ୍ନ ଭିନ୍ନ ସତ୍ତା ମଧ୍ୟରେ ଖୁବ୍ ଭିନ୍ନ ଭିନ୍ନ ହୋଇ ରହିଛି...। ଶବ୍ଦର ସାହାଯ୍ୟରେ ଏହି କଥାଟିକୁ ବୁଝାଇ କହିବା ପ୍ରକୃତରେ ଖୁବ୍ କଷ୍ଟକର, ମାତ୍ର ତଥାପି

'oaob.nitrkl.ac.in' images reprocessed

ଯାହ ଏପରି ବୁଝାଯାଇ ପାରେ, ଯେଉଁ ବିନ୍ଦୁଟିରେ ତୁମେ ପରମ ଦିବ୍ୟସତ୍ତାଙ୍କ ସହିତ ଏକାତ୍ମକ ହୋଇ ରହିଛ, ତାହାକୁ ଏକ ପରିପୂର୍ଣ୍ଣ ବିନ୍ଦୁ ବୋଲି ବୁଝାଯିବ, ଅର୍ଥାତ୍, ଏହି ବିନ୍ଦୁଟିରେ ତୁମର ଏକାତ୍ମକତାକୁ ପରିପୂର୍ଣ୍ଣ ବୋଲି ବୁଝାଯିବ, ମାତ୍ର ତୁମେ ପ୍ରକୃତରେ କେତୋଟି ବିନ୍ଦୁରେ ଏହିପରି ଏକାତ୍ମକ ହୋଇ ରହିଛ, ସେହି କ୍ଷେତ୍ରରେ ନିଶ୍ଚୟ ଏକ ବିରାଟ ପାର୍ଥକ୍ୟ ରହିଥିବ ।

ଏବଂ, ପରମ ଦିବ୍ୟସତ୍ତାଙ୍କର ସମୀପବର୍ତ୍ତୀ ହେବା ଲାଗି ଅନୁସୃତ ହେଉଥିବା ଭିନ୍ନ ଭିନ୍ନ ମାର୍ଗ ଭିତରେ ରହିଥିବା ପାର୍ଥକ୍ୟଟିରେହିଁ ଏହି କଥାଟି ଅତ୍ୟନ୍ତ ସ୍ପଷ୍ଟ ଭାବରେ ପରିଲକ୍ଷିତ ହୋଇଥାଏ । ଲୋକମାନେ ସାଧାରଣତଃ କେତେ ନା କେତେ ସୀମା ଧାର୍ଯ୍ୟ କରି ରହିଥାନ୍ତି; ସେମାନେ ବାଛି ନେଇଥିବା ଅବିକଳ ମାର୍ଗଟି ସହିତ ଅସାମଞ୍ଜସ୍ୟ ରଖୁଥିବା ପ୍ରତ୍ୟେକ ବସ୍ତୁକୁ ଆପଣାଠାରୁ ବହିର୍ଭୂତ କରି ରଖିହିଁ ସେମାନେ ଆପଣାକୁ ସୀମା ଦ୍ୱାରା ଘେରାଇ ରଖିଥାନ୍ତି, କାରଣ ଏଇଟା ଅପେକ୍ଷାକୃତ ଅଧିକ ସହଜରେ କରିହୁଏ ଓ ଏହା ଦ୍ୱାରା ସେମାନେ ଅଧିକ କ୍ଷିପ୍ର ଗତିରେ ମଧ୍ୟ ଯାଇ ପାରନ୍ତି,—ଅପେକ୍ଷାକୃତ ଦୃଷ୍ଟିରେ ବିଚାର କଲେ ଅଧିକ ସତ୍ୱରତା ସହିତ ଗତି କରି ପାରନ୍ତି । ମାତ୍ର, ଯଦି ଗୋଟିଏ ମାର୍ଗର ଅନୁସରଣ ନକରି ତୁମେ ଏପରି ଏକ ପ୍ରକାରର ଗତିଶୀଳତା ଅବଲମ୍ବନ କରି ଅଗ୍ରସର ହୋଇପାର, ଯାହାକୁ କି ମଣ୍ଡଳାକାର ବୋଲି ବୁଝାଯାଇ ପାରିବ, ଯାହା ଭିତରେ କି ସବୁକିଛି ଅନ୍ତର୍ଭୁକ୍ତ ହୋଇ ରହିଥିବ, ପରମ ଦିବ୍ୟସତ୍ତାଙ୍କର ସମୀପବର୍ତ୍ତୀ ହେବାର ଯାବତୀୟ ସମ୍ଭାବନାକୁ ଯାହା ଆପଣା ଭିତରେ ଗ୍ରହଣ କରି ନେଇଥିବ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତଦ୍ୱାରା ଅନେକ ଅଧିକ ସମ୍ପୂର୍ଣ୍ଣ ଏକ ପରିଣାମ ଉପଲବ୍ଧ ହୋଇ ପାରିବ । ଏବଂ ଅଗ୍ରସର ହେବାର ଠିକ୍ ଏହି ଗତିଟିକୁହିଁ ଶ୍ରୀଅରବିନ୍ଦ ପୂର୍ଣ୍ଣଯୋଗ ବୋଲି କହିଛନ୍ତି । ମାତ୍ର ଏହି ଗତିରେ ଯେଉଁ ଅଗ୍ରଗତି ହୁଏ, ତାହା ଲାଗି ଅପେକ୍ଷାକୃତ ଅଧିକ ଆୟାସ କରିବାକୁ ପଡ଼େ ଏବଂ ତାହା ଅପେକ୍ଷାକୃତ ଅଧିକ ଧୀର ଭାବରେ ବି ହୁଏ ।

ଯିଏ ଆପଣା ଲାଗି ଜ୍ଞାନର ମାର୍ଗଟିକୁ ନିର୍ବାଚିତ କରିନେଇଛି,—ଏବଂ ଏହି ଜ୍ଞାନମାର୍ଗରେ ମଧ୍ୟ ସେ ଏକ ବିଶେଷ ପଦ୍ଧତିକୁ ଗ୍ରହଣ କରିଛି, କାରଣ ଏହି କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତିରହିଁ ଗୋଟିଏ ଗୋଟିଏ ସ୍ୱପଦ୍ଧତି ରହିଛି,—ଏବଂ ସେହି ମାର୍ଗଟିକୁ ଅନୁସରଣ କରୁଛି, ଯିଏ ଆପଣାର ଜୀବନ ଓ ଚେତନା ମଧ୍ୟରୁ ଏହି ପଦ୍ଧତିଟି ସହିତ ସାମଞ୍ଜସ୍ୟ ରଖୁ ନଥିବା ସବୁକିଛିକୁ ଅପସାରିତ କରିଦେଇଛି, ସିଏ ପ୍ରକୃତରେ ଅଧିକ ବେଗର ସହିତହିଁ ଆଗକୁ ଆଗକୁ ଚାଲିଯାଇ ପାରିବ, କାରଣ ସିଏ କେବଳ ଗୋଟିଏ ବିଷୟରହିଁ ଅନ୍ୱେଷଣ କରୁଥିବ ଏବଂ ଏହି ବିଷୟଟି ଅଧିକ ପ୍ରତ୍ୟକ୍ଷ ଏବଂ ଅଧିକ ତାତ୍କାଳିକ ହୋଇ ରହିଥିବ । ଏବଂ ତଥାପି, ସେହି ପଦ୍ଧତିଟି ସହିତ ଯାହାକିଛିର

କୌଣସି ଅସାମଞ୍ଜସ୍ୟ ରହୁଛି, ସେ ସେଗୁଡ଼ିକୁ ଖାଲି ବର୍ଜନ କରିବାରେହିଁ ଲଗିଥିବ ଏବଂ ଆପଣା ବିଚରଣର ପଥଟି ମଧ୍ୟରେହିଁ ଆପଣାର ପ୍ରବୃତ୍ତିକୁ ସୀମାବଦ୍ଧ କରି ରଖିଥିବ । ଏବଂ, ଅନ୍ୟ ପକ୍ଷରେ, ନିଜର ପଥଟିକୁ ତୁମେ ଯେତିକି ପୂର୍ଣ୍ଣ ଓ ସମଗ୍ର କରିବା ଲାଗି ଇଚ୍ଛା କରିବ, ତାହା ସ୍ୱଭାବତଃ ସେତିକି ପରିମାଣରେ ଅଧିକ ଆୟାସ-ସାଧ୍ୟ ହେବାରେ ଲଗିଥିବ, ସେତିକି ଅଧିକ ଜଟିଳ ଓ ଦୀର୍ଘ ହେବାରେ ଲଗିଥିବ, ଅଧିକ ଶ୍ରମସାପେକ୍ଷ ହେଉଥିବ ।

ମାତ୍ର, ଯିଏ କେବଳ ଗୋଟିଏ ପଥରହିଁ ଅନୁସରଣ କରୁଛି, ଯେତେବେଳେ ସିଏ ଆପଣାର ଲକ୍ଷ୍ୟସ୍ଥଳରେ ଆସି ପହଞ୍ଚି ଯାଉଛି, ଅର୍ଥାତ୍, ଯେତେବେଳେ ଦିବ୍ୟ ପରମସତ୍ତାଙ୍କ ସହିତ ତା'ର ଏକାତ୍ମକତା ସମ୍ଭବ ହୋଇ ଯାଉଛି, ସେହି ଏକାତ୍ମକତାକୁ ଅବଶ୍ୟ ଏକ ପରିପୂର୍ଣ୍ଣ ଏକାତ୍ମକତା ବୋଲି କୁହାଯିବ, ଅର୍ଥାତ୍ ଏହା ଯେ ପରମ ଦିବ୍ୟସତ୍ତାଙ୍କ ସହିତ ପ୍ରକୃତରେ ଏକ ଏକାତ୍ମକତା, ସେଥିରେ ସନ୍ଦେହର ଆଦୌ କୌଣସି ଅବକାଶ ରହିବ ନାହିଁ । ମାତ୍ର ଏହାକୁ ଏକ ଆଂଶିକ ଏକାତ୍ମକତା ବୋଲି କୁହାଯିବ । ହଁ, ପରିପୂର୍ଣ୍ଣ ଏକାତ୍ମକତା ବୋଲି ଅବଶ୍ୟ କୁହାଯିବ,—ଅର୍ଥାତ୍ ଯୁଗପତ୍ ଭାବରେହିଁ ପରିପୂର୍ଣ୍ଣ ଓ ଆଂଶିକ ବୋଲି କୁହାଯିବ ।

ଏହି କଥାଟିକୁ ବୁଝାଇ କହିବା ଭାରି କଷ୍ଟକର ସତ, ତଥାପି ଏହାହିଁ ପ୍ରକୃତ କଥା । ସେହି ବ୍ୟକ୍ତି ପରମ ଦିବ୍ୟସତ୍ତାଙ୍କ ସହିତ ପ୍ରକୃତରେ ଏକାତ୍ମକତା ସ୍ଥାପନ କରି ପାରିଛି ଏବଂ ପରମ ଦିବ୍ୟସତ୍ତାଙ୍କୁ ଆବିଷ୍କାର କରିଛି; ପରମ ଦିବ୍ୟସତ୍ତାଙ୍କ ସହିତ ଏକାତ୍ମକତା ଲାଭ କରିଛି ସତ, ମାତ୍ର କେବଳ ଗୋଟିଏ ବିନ୍ଦୁରେହିଁ ତାହା କରିପାରିଛି । ଏବଂ ତେଣୁ, ଆପଣାର ସମଗ୍ରତାରେ ଯିଏ ପରମ ଦିବ୍ୟସତ୍ତାଙ୍କ ସହିତ ଏକାତ୍ମକତା ଅର୍ଜନ କରିବାକୁ ସମର୍ଥ ହେଉଛି, ବିଶ୍ୱାତ୍ମକ ଉପଲବ୍ଧିର ଭୂମି ଉପରେ ବିଚାର କରି ଦେଖିଲେ, ସିଏ, ତାଙ୍କୁ କେବଳ ଗୋଟିଏ ବିନ୍ଦୁରେ ଉପଲବ୍ଧି କରିବାକୁ ସମର୍ଥ ହୋଇଥିବା ବ୍ୟକ୍ତିର ତୁଳନାରେ ସ୍ପଷ୍ଟତଃ ଆଲୋଚିତ ସୋପାନ-କ୍ରମଟିରେ ଅପେକ୍ଷାକୃତ ଅନେକ ଉଚ୍ଚତର ସ୍ତରରେ ଯାଇ ପହଞ୍ଚି ପାରିଛି ।

ଏବଂ, ଆଧ୍ୟାତ୍ମିକ ସୋପାନବ୍ୟବସ୍ଥା କହିଲେ ଆମେ ଯଥାର୍ଥରେ ଏହି କଥାଟିକୁହିଁ ବୁଝିବା; ଏହି କାରଣରୁହିଁ ଏହି କ୍ଷେତ୍ରରେ ଏକ ସମଗ୍ର ଆଧ୍ୟାତ୍ମିକ ସୋପାନକ୍ରମ ସଂଗଠିତ ହୋଇ ରହିଛି, ତା' ନହେଲେ ତାହାର ଆଉ ଆଦୌ କୌଣସି ଭୂମି ନଥାନ୍ତା । କାରଣ, ଯେଉଁ ମୁହୂର୍ତ୍ତରେ ତୁମେ ପରମ ଦିବ୍ୟସତ୍ତାଙ୍କର ସ୍ପର୍ଶଲାଭ କରୁଛ, ତୁମେ ସେହି ମୁହୂର୍ତ୍ତରେହିଁ ତାଙ୍କୁ ପରିପୂର୍ଣ୍ଣ ଭାବରେ ସ୍ପର୍ଶ କରି ପାରୁଛ : ଯେଉଁ ବିନ୍ଦୁଟିରେ ତୁମେ ତାଙ୍କୁ ସ୍ପର୍ଶ କରୁଛ, ସେହି ବିନ୍ଦୁଟି ହେଉଛି ଏକ ପରିପୂର୍ଣ୍ଣ ବିନ୍ଦୁ । ଏବଂ, ଏହି ଦୃଷ୍ଟିରୁ ବିଚାର କରି ଦେଖିଲେ, ଯେଉଁମାନେ ପରମ ଦିବ୍ୟସତ୍ତାଙ୍କ ସହିତ ଏକାତ୍ମକ ହୋଇ ରହିଛନ୍ତି, ସେମାନେ ସମସ୍ତେ ଆପଣା

'oaob.nitrkl.ac.in' images reprocessed

ଏକାତ୍ମକତାର କ୍ଷେତ୍ରରେ ସମାନ ଭାବରେ ପରିପୂର୍ଣ୍ଣତା ଅର୍ଜନ କରିଛନ୍ତି;—ମାତ୍ର, ମୁଁ ଯଦି ଏପରି କହିପାରିବି, ସେମାନଙ୍କର ସମ୍ପୂର୍ଣ୍ଣତାରେ ତଥାପି ଏକ ଅସମାନତା ରହିଯାଇଛି ।

ମୁଁ ଯାହା କହିବାକୁ ଚାହୁଁଛି, ତୁମେ ତାହାର ଏତେ ଟିକିଏ ବି ବୁଝି ପାରିଲ କି ?

> ମାଆ, ମୁଁ ପଚାରୁଥିଲି ଯେ ଆପଣା ସତ୍ତାର ଯେଉଁ ଭାଗଟିରେ ସେମାନେ ଏକାତ୍ମକତା ଅର୍ଜନ କରିଥାନ୍ତି, ପରମ ଦିବ୍ୟସତ୍ତାଙ୍କ ସହିତ ସେହି ଭାଗଟିରେ ଏକାତ୍ମକତା ଅର୍ଜନ କରିସାରିବା ପରେ ସେମାନେ ଅର୍ଜିତ ଏକାତ୍ମକତାଟି ଆଦୌ ସମ୍ପୂର୍ଣ୍ଣ ହୋଇ ପାରି ନାହିଁ ବୋଲି ଦେଖିପାରନ୍ତି କି ନାହିଁ, ଅର୍ଥାତ୍ ସତ୍ତାର ଅନ୍ୟ ଅଂଶଗୁଡ଼ିକୁ ସେମାନେ ପଛରେ ଛାଡ଼ିଦେଇ ଆସିଛନ୍ତି ବୋଲି ଦେଖିପାରନ୍ତି କି ନାହିଁ, ପୁନର୍ବାର ନୂତନ କରି ସେମାନଙ୍କୁ ସବୁକିଛୁ ଆରମ୍ଭ କରିବାକୁ ହେବ ବୋଲି ସେମାନେ ପ୍ରକୃତରେ ଜାଣି ପାରନ୍ତି କି ନାହିଁ ?

ହଁ, ଏପରି ଅବଶ୍ୟ ଘଟିପାରେ ।

ଏପରି କଥା ଅବଶ୍ୟ ଘଟିପାରେ, ମାତ୍ର ସାଧାରଣତଃ ସେମାନେ ଏତେ ନିପୁଣ ଭାବରେ ଅସାମଞ୍ଜସ୍ୟ ରହିଥିବା ସବୁକିଛୁକୁ ନିଜ ଭିତରୁ ବାହାର କରି ଦେଇଥାନ୍ତି ଯେ ଏକାତ୍ମକତାଟି ପରିପୂର୍ଣ୍ଣ ହୋଇନାହିଁ ବୋଲି ଉପଲବ୍ଧି କରିବା ଲାଗି ଆଉ କିଛିହେଲେ ବାକି ରହି ନଥାଏ । ସେମାନେ ଏକାତ୍ମକତାଟିକୁ ଅନୁଭବ କରୁଥାନ୍ତି, ଦିବ୍ୟ ପରମସତ୍ତାଙ୍କ ଭିତରେ ହଜି ଯାଇଥାନ୍ତି । ବ୍ୟକ୍ତିଗତ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ସର୍ବାଧିକ ଭାବରେ ସେମାନେ କେବଳ ଏତିକିମାତ୍ର ଆଶା କରିବାକୁହିଁ ସମର୍ଥ ହୁଅନ୍ତି ।

ତୁମେ ଯାହା କହୁଛ, ତାହା ଯେ ଅସମ୍ଭବ, ମୁଁ ସେକଥା କହୁ ନାହିଁ । ବସ୍ତୁତଃ ମୁଁ ସେକଥାଟିକୁ ସମ୍ଭବ ବୋଲିହିଁ ଭାବୁଛି । ମାତ୍ର ଏହା ଅତ୍ୟନ୍ତ କ୍ୱଚିତ୍ ଘଟିଥାଏ । ଅଧିକାଂଶ କ୍ଷେତ୍ରରେ ଆଦୌ ଘଟେ ନାହିଁ । ତାହାର ଅର୍ଥ ହେଉଛି ଯେ ଅସାମଞ୍ଜସ୍ୟ ରହିଥିବା ବସ୍ତୁଗୁଡ଼ିକୁ ଆପଣା ଭିତରୁ ନିକାଲି ବାହାର କରି ଦେବାର ଯାବତୀୟ ଚେଷ୍ଟା ସତ୍ତ୍ୱେ ବି ସେମାନଙ୍କର ଚେତନା ଭିତରେ ତଥାପି ଏପରି ଏକ

'oaob.nitrkl.ac.in' images reprocessed

କେବଳ ଅବଶିଷ୍ଟ ରହି ଯାଇଥାଏ, ଯାହାକି ସେମାନେ ପ୍ରକୃତରେ ସମ୍ପୂର୍ଣ୍ଣ ଭାବରେ ସନ୍ତୁଷ୍ଟ ହୋଇ ପାରି ନାହାନ୍ତି ବୋଲି ଅନୁଭବ କରିବାକୁ ସମର୍ଥ ହୁଏ ।

ଏକାତ୍ମକତାର ଉପଲବ୍ଧି ପରେ, ଉଦାହରଣସ୍ୱରୂପ, ଆଉ ଗୁରୁ ଏବଂ ଶିଷ୍ୟ ଓ ଈଶ୍ୱର ଏବଂ ସାଧକର କୌଣସି ସମ୍ବନ୍ଧ ବିଦ୍ୟମାନ ରହେ ନାହିଁ । ଏକାତ୍ମକତା ଅର୍ଜନ କରିବାର ମୁହୂର୍ତ୍ତିଟିରୁହିଁ ସେହି ସମ୍ବନ୍ଧ ଅନ୍ତର୍ହିତ ହୋଇଯାଏ; ତା'ପରେ ଗୁରୁ ଆଉ ଶିଷ୍ୟ ବୋଲି ଦୁଇଜଣ ଅଲଗା ବ୍ୟକ୍ତି ରହନ୍ତି ନାହିଁ, ଈଶ୍ୱର ଏବଂ ସାଧକ ବୋଲି କୌଣସି ଅଲଗା ପକ୍ଷ ରହେ ନାହିଁ; ସବୁକିଛି ପରମ ଦିବ୍ୟତାରେ ପରିଣତ ହୋଇଯାଏ । ତେବେ ଏହି କ୍ଷେତ୍ରରେ ଉପଦେଶ ଗ୍ରହଣ କରିବାକୁ ପୁଣି କଣ ରହିଥାଏ ? ଯଦି ଚେତନା ମଧ୍ୟରେ ଏପରି ଏକ ଉପାଦାନ ରହିଥିବ, ଯିଏକି ଉପଲବ୍ଧି ଏକାତ୍ମକତାରେ ଅଂଶ ଗ୍ରହଣ କରି ନଥିବ, କାରଣ ଆପଣାର ସ୍ୱପଥଟି ବ୍ୟତୀତ ଆଉଗୋଟିଏ ପଥରେ ମଧ୍ୟ ତାହା, ଦିବ୍ୟସତ୍ତାର ସମୀପବର୍ତ୍ତୀ ହେବା ଲାଗି ମନ କରୁଥିବ, ତେବେଯାଇ ସେହି କଥାଟି ଘଟି ପାରିବ । ଏବଂ, ଜଣେ ସାଧକ ସିଏ ଅନୁସରଣ କରୁଥିବା ଏକାନ୍ତ ମାର୍ଗଟି ସହିତ କୌଣସି ପ୍ରକାରେ ସମ୍ବନ୍ଧ ରଖୁ ନଥିବା ଯାବତୀୟ ସବୁକିଛିକୁ ଆପଣା ଭିତରୁ ପୋଛି ବାହାର କରିଦେବାକୁ କେତେଦୂର ସମର୍ଥ ହୋଇଛନ୍ତି, ସବୁକିଛି ତାହାରି ଉପରେ ନିର୍ଭର କରିବ । ଉଦାହରଣସ୍ୱରୂପ, ଯଦି ସେ ଆପଣାର ଚେତନା ମଧ୍ୟରେ ଭକ୍ତି ବା ପ୍ରେମର କତିପୟ ଉପାଦାନକୁ ପ୍ରଚ୍ଛନ୍ନ ଭାବରେ ନିହିତ କରି ରଖିଥିବେ, ତେବେ, ଜ୍ଞାନର ମାର୍ଗଟିକୁ ଅନୁସରଣ କରୁଥିଲେ ମଧ୍ୟ, ଏକାତ୍ମକତାର ସ୍ଥାପନା ସମୟରେ ସେହି ଉପାଦାନଗୁଡ଼ିକ କୌଣସି ନା କୌଣସି ବସ୍ତୁର ଅଭାବ ନିଶ୍ଚୟ ଅନୁଭବ କରିବେ । ଏବଂ, ସେତେବେଳେ ଯାଇ ସେ ବୁଝିବାକୁ ସମର୍ଥ ହେବେ ଯେ ତାଙ୍କର ଅନୁଭୂତ ଆଦୌ ସମ୍ପୂର୍ଣ୍ଣ ହୋଇ ପାରି ନାହିଁ । ମାତ୍ର ଯଦି ସେଗୁଡ଼ିକୁ ଏପରି ନିପୁଣ ଭାବରେ ନିଷ୍କାସିତ କରି ଦିଆ ଯାଇଥାଏ, ଯେପରିକି ସେମାନଙ୍କର ଆଉ ଅସ୍ତିତ୍ୱ ବୋଲି ବି କିଛି ନଥାଏ, ତେବେ ଏକତ୍ୱଟି ସମ୍ପୂର୍ଣ୍ଣ ହୋଇ ନାହିଁ ବୋଲି ପୁଣି ଦେଖିବାକୁ ବି କଣ ରହିଥିବ ? ଏହି ନିର୍ଦ୍ଦିଷ୍ଟ ବିନ୍ଦୁଟିରେ ପରିପୂର୍ଣ୍ଣ ଏକତ୍ୱ ସ୍ଥାପିତ ହୋଇ ରହିଥାଏ । ତେଣୁ ଏହି ପ୍ରସଙ୍ଗଟିକୁ ଆମେ ବିଶୁଦ୍ଧ ଭାବରେ ଚେତନା ସହିତ ସମ୍ବନ୍ଧିତ ଏକ ପ୍ରସଙ୍ଗ ବୋଲି କହିପାରିବା ।

(ପିଲାଟି ଆଡ଼କୁ ମୁହଁ ବୁଲାଇ) ତୁମର ଚେତନା ଭିତରେ ଏହି ଧାରଣାଟି ତଥାପି ରହିଯାଇଛି ଯେ, ତୁମେ ଏପରି ଏକ "ବସ୍ତୁ" ସହିତ ଏକାତ୍ମକତା ଅର୍ଜନ କରିଥିବ, ଯିଏକି ଏବିଷୟରେ ତୁମ ଅପେକ୍ଷା ଅଧିକ ଜାଣିଥିବ ଏବଂ ତେଣୁ ତୁମର ଭୁଲଟି ବିଷୟରେ ତୁମକୁ ଅବଗତ କରାଇଦେଇ ପାରିବ । ମାତ୍ର ଏକାତ୍ମକତା ପରେ

ଆଉ ସେପରି କୌଣସି ଅବସ୍ଥା ରହେ ନାହିଁ । ତାହାକୁ ଆମେ କେବଳ ଏକ ପ୍ରଥମ ପର୍ଯ୍ୟାୟ ବୋଲି କହିବା ଯିନା, ମାତ୍ର ଏକାତ୍ମକତା ବୋଲି କହି ପାରିବା ନାହିଁ ।

ଏକାତ୍ମକତାର ଅବସ୍ଥାରେ, ଯିଏ ଏକାତ୍ମକ ହୋଇ ରହୁଛି ଓ ଯାହା ସହିତ ଏକାତ୍ମକତା ଅର୍ଜନ କରାଯାଇଛି, ଦୁହିଁଙ୍କ ଭିତରେ ଆଉ ଆଦୌ କୌଣସି ଭେଦ ରହେ ନାହିଁ । ତାହା ସେହି ଗୋଟିଏ ବସ୍ତୁରେହିଁ ପରିଣତ ହୋଇଯାଏ । ଯେପର୍ଯ୍ୟନ୍ତ ଭେଦ ରହିଥାଏ, ସେପର୍ଯ୍ୟନ୍ତ ତାହାକୁ କଦାପି ଏକାତ୍ମକତା ବୋଲି କୁହାଯିବ ନାହିଁ ।

ମୁଁ କହୁଛି ଯେ, ଯେକୌଣସି ଗୋଟିଏ ମାର୍ଗ ଅବଲମ୍ବନ କରି ଏବଂ ଯାହାକିଛି ଏହି ମାର୍ଗର ଅନ୍ତର୍ଭୁକ୍ତ ହୋଇ ରହିଛି, ତାହାକୁ ବହିର୍ଭୂତ କରି ରଖି ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ଦିବ୍ୟ ପରମସତ୍ତାଙ୍କ ସହିତ ଏକାତ୍ମକତା ଅର୍ଜନ କରିବା ନିଶ୍ଚୟ ସମ୍ଭବ ହୋଇ ପାରିବ, ଅର୍ଥାତ୍, ପରମ ଦିବ୍ୟସତ୍ତାରେ ପରିଣତ ହୋଇଯିବା ବେଶ୍ ସମ୍ଭବ ହୋଇଯିବ । ମାତ୍ର, କେବଳ ଗୋଟିଏ ବିନ୍ଦୁରେହିଁ ତାହା ସମ୍ଭବ ହେବ; ଯିଏ ଯେଉଁ ବିନ୍ଦୁଟିକୁ ବାଛିଛି, କେବଳ ସେହି ବିନ୍ଦୁରେ ସମ୍ଭବ ହେବ । ମାତ୍ର ଏହି ବିନ୍ଦୁଟି ହେଉଛି ଆପଣାର ଆସ୍ପୃହନ ମଧ୍ୟରେ ଏକ ପରିପୂର୍ଣ୍ଣ ବିନ୍ଦୁ । ସେଇଟି ମଧ୍ୟରେ ସବୁକିଛି ଅନ୍ତର୍ଭୁକ୍ତ ହୋଇ ରହିଛି ବୋଲି ମୁଁ କଦାପି କହିବ ନାହିଁ । ଆପଣାର ଆସ୍ପୃହନଟି ମଧ୍ୟରେ ସେହି ବିନ୍ଦୁ ଏକ ପରିପୂର୍ଣ୍ଣ ବିନ୍ଦୁ ହୋଇ ରହିଛି, ମୁଁ କେବଳ ଏତିକି କହୁଛି । ଅର୍ଥାତ୍, ସେଠାରେ ଅର୍ଜନ କରାଯାଇଥିବା ଏକାତ୍ମକତାକୁ ମୁଁ ଏକ ପରିପୂର୍ଣ୍ଣ ଏକାତ୍ମକତା ବୋଲି କହୁଛି । ମାତ୍ର ତା' ବୋଲି ତାହାକୁ ଯେ ଏକ ସମଗ୍ର ଏକାତ୍ମକତା ବୋଲି ବି କୁହାଯିବ, ତାହାର କୌଣସି କାରଣ ନାହିଁ ।

ସେଗୁଡ଼ିକ କ'ଣ ପରିପୂର୍ଣ୍ଣ ଆନନ୍ଦ ବି ଅର୍ଜନ କରିଛନ୍ତି ?

ହଁ, କରିଛନ୍ତି—ପରିପୂର୍ଣ୍ଣ ଆନନ୍ଦ, ଶାଶ୍ୱତତା, ଅନନ୍ତତା,—ସବୁକିଛି ଅର୍ଜନ କରିଛନ୍ତି ।

ତେବେ ଆଉ ପାର୍ଥକ୍ୟ କ'ଣ ରହିଲା ?

କେବଳ ରୂପାୟନର କ୍ଷେତ୍ରରେ ଯାହା ପାର୍ଥକ୍ୟ ରହୁଛି । ଏହି ଏକାତ୍ମକତା ଯାହାକିଛି ହୋଇଥାଇ ପଛକେ, ଏହା ଦ୍ୱାରା ଏକାତ୍ମକତା ଅର୍ଜନ କରିଥିବା ବ୍ୟକ୍ତି ସ୍ୱତଃ ରୂପାୟନର ବାହାରକୁ ଗୁଲି ଯାଉଛି । ଯେଉଁ ବିନ୍ଦୁରେ ସେ ଆପଣାକୁ

'oaob.nitrkl.ac.in' images reprocessed

ଏକାତ୍ମକ ଭାବ ରଖିଛ, କେବଳ ସେହି ବିନ୍ଦୁରେହିଁ ରୂପାୟନ ଲାଗି ଯାହାକିଛି ସ୍ଥାନ ରହିଛି । ଏବଂ, ଆପଣାର ଅନୁସୃତ ମାର୍ଗଟିରେ, ଯଦି ବାହାରେ ଚାଲିଯିବାହିଁ ଉଦ୍ଦେଶ୍ୟ ହୋଇ ରହେ,—ଉଦାହରଣସ୍ୱରୂପ, ନିର୍ବାଣ କାମନା କରୁଥିବା ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଯେପରି ହୁଏ, ସେହିପରି,—ଅଭିବ୍ୟକ୍ତ ଜଗତ ମଧ୍ୟରୁ ବାହାରେ ଚାଲିଯିବାହିଁ ଯଦି ଉଦ୍ଦେଶ୍ୟ ହୋଇଥାଏ, ତେବେ ସେହି ବ୍ୟକ୍ତି ପ୍ରକୃତରେ ସେଥିମଧ୍ୟରୁ ବାହାରି ଚାଲିଯାଏ । ବାସ୍, ସେତିକରେହିଁ ସବୁ ସରିଯାଏ । ଏବଂ, ଅଭିବ୍ୟକ୍ତି ମଧ୍ୟରୁ ଥରେ ବାହାରି ଚାଲିଗଲେ, ତା'ପରେ ଆଉ କୌଣସି ଭେଦ ନ ରହେ ନାହିଁ, କୌଣସି ସୋପାନକ୍ରମ ରହେ ନାହିଁ,—ଏସବୁର ପରିସମାପ୍ତି ଘଟେ,—ସମ୍ପୃକ୍ତ ବ୍ୟକ୍ତି ରୂପାୟିତ ଜଗତ ମଧ୍ୟରୁ ବାହାରି ଚାଲି ଯାଇଥାଏ । ତେଣୁ, ତୁମେ ଅବଶ୍ୟ ବୁଝି ପାରୁଥିବ ଯେ ଜଣେ ଯେଉଁ ଉଦ୍ଦେଶ୍ୟଟିକୁ ଆଗରେ ରଖି ତାହାର ଅନୁସରଣ କରୁଛି, ସବୁକିଛି ତାହାରି ଉପରେ ନିର୍ଭର କରେ । ଯଦି ସିଏ ରୂପାୟନଟି ଭିତରୁ ବାହାରି ଚାଲିଯାଏ, ତେବେ ସେ ପ୍ରକୃତରେହିଁ ବାହାରି ଚାଲିଯାଏ ଏବଂ ତା'ପରେ କୌଣସି ପ୍ରକାର ସୋପାନକ୍ରମ ଲାଗି ଆଉ କୌଣସି ସମ୍ଭାବନା ରହେ ନାହିଁ । ମାତ୍ର ଏହି ରୂପାୟନ ବା ଏହି ଜଗତ ମଧ୍ୟରେ ପ୍ରବେଶ କଲା ମାତ୍ରକେହିଁ ସୋପାନକ୍ରମ ଆରମ୍ଭ ହୋଇଯାଏ । ଅର୍ଥାତ୍,—ଯଦି ଆମେ ଏଠାରେ ଅତିମାନସ ଜଗତର ଉପଲବ୍ଧି ବିଷୟରେ ବିଚାର କରୁ,—ତା'ପରେ ଆଉ ପ୍ରତ୍ୟେକ ବ୍ୟକ୍ତି ସେହି ଗୋଟିଏ ସମାନ ସ୍ତରରେ କଦାପି ଅବସ୍ଥିତ ରହି ପାରନ୍ତି ନାହିଁ, ସେହି ଗୋଟିଏ ଗୁଣରେ କଦାପି ତିଆରି ହୁଅନ୍ତି ନାହିଁ ଏବଂ କଦାପି ସେହି ଗୋଟିଏ ପ୍ରକାର ସାମର୍ଥ୍ୟ ତଥା ସମ୍ଭାବନାର ଅଧିକାରୀ ହୋଇ ରହନ୍ତି ନାହିଁ । ଏହି କ୍ଷେତ୍ରରେ ସତତ ଆପଣାର ସଦୃଶ ହୋଇ ରହିଥିବା କୌଣସି ଏକ ବସ୍ତୁ ଅନନ୍ତ ଭାବରେ ପୁନରାବୃତ୍ତି ହେଉଥିବାର ଏକପ୍ରକାର ଭ୍ରମହିଁ ସର୍ବଦା ବର୍ତ୍ତମାନ ରହିଥାଏ । ମାତ୍ର ପ୍ରକୃତରେ ସେକଥା ଆଦୌ ଘଟେ ନାହିଁ । ଉପଲବ୍ଧିର କ୍ଷେତ୍ରରେ, ଅଭିବ୍ୟକ୍ତିର କ୍ଷେତ୍ରରେ ସାମର୍ଥ୍ୟ ଏବଂ ବିସ୍ତାର ଏକ ସୋପାନକ୍ରମ ବିଦ୍ୟମାନ ଥାଏ, ଅଭିବ୍ୟକ୍ତିର ମଧ୍ୟ ଗୋଟିଏ ସୋପାନକ୍ରମ ରହିଥାଏ । ମାତ୍ର, ଏହି ଅଭିବ୍ୟକ୍ତି ମଧ୍ୟରୁ ବାହାରି ଚାଲିଯିବାହିଁ ଯଦି ଉଦ୍ଦେଶ୍ୟ ବୋଲି ସ୍ୱୀକୃତ ହୁଏ, ତେବେ ତୁମେ ଯେକୌଣସି ବିନ୍ଦୁରେ ବାହାରକୁ ବାହାରି ଯାଇଥାଅ ପଛକେ, ତୁମେ ମୂଳତଃ ବାହାରି ଯାଇଛ ବୋଲି ପ୍ରକୃତରେ କହିବାକୁ ପଡ଼େ ।

ତେଣୁ, ଆପଣା ଆଗରେ କିଏ କେଉଁ ଆଦର୍ଶ ରଖି ବାଟ ଚାଲୁଛି, ସବୁକିଛି ତାହାରି ଉପରେ ନିର୍ଭର କରେ । ଏବଂ, ବାହାରେ ଚାଲିଯିବାକୁ ଓ ପ୍ରଳୟ ମଧ୍ୟରେ ଝାସ ଦେବାକୁ ନିଷ୍ପତ୍ତି କରିଥିବାରୁ ତୁମେ ଯେତେବେଳେ ଏଠୁ ବାହାରି ଚାଲିଯାଅ, ବିଶ୍ୱଭୁବନର ଅବଶିଷ୍ଟ ଜଗତଟି ତଥାପି ଅସ୍ତିତ୍ୱରେ ଥାଏ, ତଥାପି ରହିଥାଏ ।...

'oaob.nitrkl.ac.in' images reprocessed

ମାତ୍ର ତାହାର ଆଉ ତୁମ ଲାଗି ଆଦୌ କୌଣସି ତାତ୍ପର୍ଯ୍ୟ ନଥାଏ । ଏହା ମଧ୍ୟରୁ ବାହାରି ଚାଲିଯିବାହିଁ ତ ତୁମର ଉଦ୍ଦେଶ୍ୟ ହୋଇ ରହିଥିଲା, ତେଣୁ ତୁମେ ପ୍ରକୃତରେ ଏଠୁ ବାହାରି ଚାଲିଗଲ । ମାତ୍ର ତାହାର ଅର୍ଥ କଦାପି ନୁହେଁ ଯେ ଅବଶିଷ୍ଟ ଆଉସବୁ ଜଗତ ମଧ୍ୟ ତୁମ ସହିତ ବାହାରି ଚାଲିଗଲେ । କେବଳ ତୁମେହିଁ ବାହାରି ଚାଲିଗଲ; ଅଥବା, ଅନ୍ୟ ଯେଉଁମାନେ ତୁମରି ପଥର ସମଜାତୀୟ ଉଦ୍ଦେଶ୍ୟ ଓ ପଥର ଅନୁସରଣ କରୁଥିଲେ, ସେହିମାନେହିଁ ବାହାରି ଚାଲିଗଲେ ।

(ମାଆ ଅନେକ ସମୟ ନୀରବ ରହିଲେ)

ଏଠାରେ ଶ୍ରୀଅରବିନ୍ଦଙ୍କୁ ଏବଂ ଫ୍ରାନ୍ସରେ ମୋତେ ଠିକ୍ ଏହି ସମସ୍ୟାଟିର ସମ୍ମୁଖୀନ ହେବାକୁ ହୋଇଥିଲା; ଆପଣାର ମାର୍ଗଟିକୁ ଆମେ ସୀମା ଘେରାଇ ଏକାନ୍ତ କରି ଆଣିବା ଓ ତଦ୍ଦ୍ୱାରା ଶୀଘ୍ର ଯାଇ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ଓ ତା'ପରେ ଯାଇ ଆଉ ସମସ୍ତଙ୍କୁ ହାତରେ ନେଇ ପୂର୍ଣ୍ଣ ରୂପାନ୍ତରର କାର୍ଯ୍ୟଟିକୁ ଆରମ୍ଭ କରିବା, ନା ଆମେ ପାଦ ପାଦ କରି ଆଗକୁ ଯିବା, କୌଣସି ଗୋଟିଏ ହେଲେ କଥାକୁ ମଧ୍ୟ ବାଟରେ ଛାଡ଼ିଦେଇ ଯିବା ନାହିଁ, ଆମର ଯାତ୍ରାପଥରେ କୌଣସି ଗୋଟିଏ ବିଷୟକୁ ମଧ୍ୟ ବହିର୍ଭୂତ କରି ରଖିବା ନାହିଁ, ଯୁଗପତ୍ ଭାବରେ ଯାବତୀୟ ସମ୍ଭାବନାକୁ ବହନ କରି ଗତି କରିବା ଓ ଯୁଗପତ୍ ଭାବରେ ସବୁଯାକ ବିନ୍ଦୁରେ ଅଗ୍ରଗତି କରିବାର ଅଭିଳାଷ ରଖିଥିବା ? ଅର୍ଥାତ୍, ଆମେ ଜୀବନରୁ ଓ କର୍ମରୁ ଅବସର ଗ୍ରହଣ କରି ଆଗ ଆମର ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିବା, ଅତିମାନସ ରୂପରେ ସଚେତନତା ଲାଭ କରିବା ଓ ଆପଣା ଭିତରେ ତାହାକୁ ଉପଲବ୍ଧି କରିବା, ନା ଆମର ଦେହଟି ଭିତରେ ଆମେ ଏହି ସମଗ୍ର ସୃଷ୍ଟିକୁ ଏକାଠି କରି ଧରିବା ଏବଂ ଏହି ସମଗ୍ର ସୃଷ୍ଟିଟି ସହିତହିଁ ଅଳ୍ପ ଅଳ୍ପ କରି ଅତିମାନସ ଆଡ଼କୁ ଅଗ୍ରସର ହେବା ?

(ମାଆ ନୀରବ ରହିଲେ)

ଆମେ ବେଶ୍ ବୁଝି ପାରୁଥିବା ଯେ ଏପରି କଲେ ଆମକୁ କାର୍ଯ୍ୟଗୁଡ଼ିକୁ ପର୍ଯ୍ୟାୟ ପର୍ଯ୍ୟାୟ କରି ସାଧନ କରିବାକୁ ପଡ଼ିବ : ଆମେ ଆଗକୁ ଯିବା, ଗୋଟିଏ ପର୍ଯ୍ୟାୟକୁ ଅତିକ୍ରମ କରିବା ଏବଂ ତାହାର ପରିଣାମସ୍ୱରୂପ ଅବଶିଷ୍ଟ ସବୁକିଛିକୁ ମଧ୍ୟ ଆଗକୁ ନେଇ ଯାଉଥିବା, ଏବଂ ତା'ପରେ, ଯୁଗପତ୍ ଭାବରେ, ଏକ ଯୁଗପତ୍ କ୍ରିୟାଶୀଳତାକୁ ଅବଲମ୍ବନ କରି ଆଉ ଗୋଟିଏ ପର୍ଯ୍ୟାୟକୁ ମଧ୍ୟ ପାରି ହୋଇଯିବା ଏବଂ ଠିକ୍ ପୂର୍ବପରି ଅନ୍ୟମାନଙ୍କୁ ମଧ୍ୟ ଆମ ସହିତ ଆଗକୁ ନେଇଯିବା । ଏହିପରି ଭାବରେ ଏହି ପୁରଶ୍ଚରଣଟି ଲାଗି ରହିଥିବ ।

'oaob.nitrkl.ac.in' images reprocessed

ସେଥିରେ ଅନେକ ସମୟରେ ଧାରଣା ହେଉଥିବ ଯେ ତୁମେ ପ୍ରକୃତରେ ମୋଟେ ଆଗକୁ ଯାଉ ନାହଁ, ଯେଉଁଠାରେ ଥିଲ, ଠିକ୍ ସେହିଠାରେହିଁ ରହୁଛ । ମାତ୍ର, ଏହିପରି ଭାବରେ ସବୁକିଛି ଯେ ଅଗ୍ରସର ହେଉଛି, ଆମକୁ ସେକଥାଟି ମଧ୍ୟ ମନେ ରଖିବାକୁ ପଡ଼ିବ ।

ବାସ୍, ଏତିକି ।

ମାଆ...

ମୁଁ ଭାବୁଛି, ଆମେ ଆଉ ଗୌଣ କଥାଗୁଡ଼ିକ ବିଷୟରେ ପୁନର୍ବାର ଆଲୋଚନା କରି ସମୟ ନଷ୍ଟ କରିବା ନାହିଁ । ମୁଁ ଯାହାସବୁ କହିଲି, ଯଦି ତୁମେ ସେଗୁଡ଼ିକୁ ବୁଝିଥାଅ ଏବଂ ସେହି ବିଷୟରେ ଗୋଟିଏ ପ୍ରଶ୍ନ ପଚାରିବାକୁ ଇଚ୍ଛା କରୁଛ, ତେବେ ପଚାର ।

ସେ ବିଷୟରେ ନୁହେଁ ? ଆଚ୍ଛା, ତେବେ ବର୍ତ୍ତମାନ ବରଂ ଆଲୋଚନା ବନ୍ଦ କରିବା ଏବଂ ଧ୍ୟାନରେ ବସିବା ।

## ୮ ଫେବୃଆରୀ ୧୯୫୭

ମାଆ, ମୁଁ ଏହି ଅଂଶଟିକୁ ବୁଝି ପାରୁ ନାହିଁ : "ଖୁବ୍ ବେଶୀ ହେଲେ ଆମ ପାଖରେ ସେହି ଆପେକ୍ଷିକ ସ୍ୱାଧୀନତାଟି ରହିଥାଏ, ଯାହାକୁ କି ଆମେ ବଡ଼ ଅଜ୍ଞାନବଶ ହୋଇ ଆମର ସ୍ୱାଧୀନ ଇଚ୍ଛା ବୋଲି କହିଥାଉ । ମାତ୍ର ତାହା ମୂଳତଃ ଏକ ଭ୍ରମହିଁ ହୋଇ ରହିଥାଏ, କାରଣ ସେହି କ୍ଷେତ୍ରରେ ପ୍ରକୃତିର ଶକ୍ତି ଓ ଗୁଣଗୁଡ଼ିକହିଁ ଆମର ବ୍ୟକ୍ତିଗତ ଇଚ୍ଛାର ମଧ୍ୟଦେଇ ଆତ୍ମପ୍ରକାଶ କରିବାରେ ଲାଗିଥାନ୍ତି; ଯେଉଁ ପ୍ରକୃତିର ଶକ୍ତି ନିୟନ୍ତ୍ରଣକାରୀ ହାତ ଆମକୁ ଜାବୁଡ଼ି ଧରିଥାଏ ମାତ୍ର ଆମ ବୋଧସୀମାର ସମ୍ପୂର୍ଣ୍ଣ ବହିର୍ଭୂତ ହୋଇ ରହିଥାଏ, ତାହାହିଁ, ଆମେ କଅଣ ଇଚ୍ଛା କରିବା ଓ ତାହାକୁ କିପରି ଭାବରେ ଇଚ୍ଛା କରିବା, ସେଗୁଡ଼ିକର

'oaob.nitrkl.ac.in' images reprocessed

ନିରୂପଣ କରି ଦେଉଥାଏ । ଆମର ଏହି ଅସ୍ତିତ୍ୱଧାରଣର ଯେକୌଣସି କ୍ଷଣରେ ଆମେ କେତେବେଳେ କେଉଁ ବସ୍ତୁଟିର ଅନ୍ୱେଷଣ କରିବାକୁ ପ୍ରବୃତ୍ତ ହେବା, ସେଇଟିକୁ ଯୁକ୍ତିସମର୍ଥିତ ଇଚ୍ଛା କିଂବା ଚିନ୍ତନଶୂନ୍ୟ କେବଳ ଏକ ତାତ୍କାଳିକ ଆବେଗ ଦ୍ୱାରା ଅନ୍ୱେଷଣ କରିବା, ଆମ ଭିତରେ ଥିବା କୌଣସି ମୁକ୍ତ ବା ସ୍ୱାଧୀନ ଅହଂ ତାହାର କଦାପି ନିରୂପଣ ବା ନିର୍ଦ୍ଧାରଣ କରେ ନାହିଁ, ପ୍ରକୃତିହିଁ ତାହାର ନିର୍ଦ୍ଧାରଣ କରି ଦେଇଥାଏ ।”

ଯୋଗସମନ୍ୱୟ, ପୃଷ୍ଠା-୮୮

ବୁଝି ପାରି ନାହିଁ ? “ବୁଝିପାରି ନାହିଁ” ବୋଲି କହିବା ଦ୍ୱାରା ତୁମେ କ'ଣ କହିବାକୁ ଚାହୁଁଛ ? ଏହା ହେଉଛି ଏକ ପ୍ରକୃତ ସତ୍ୟ; ଏଥିରେ ବୁଝିପାରିବାର କିଛି ନାହିଁ, ଏହା ପ୍ରକୃତରେ ସେହିପରି ।

ଏହି କଥାଟିକୁ ମୁଁ ତୁମକୁ କେଜାଣି କେତେଥର ବୁଝାଇ ଦେଇଥିବି । ତୁମେ ଭାବୁଥାଅ ଯେ ତୁମେହିଁ ଯାହାକିଛି ନିଷ୍ପତ୍ତି ଗ୍ରହଣ କରୁଛ : ମାତ୍ର ବହିର୍ଗତ ଆବେଗଗୁଡ଼ିକହିଁ ତାହା କରିବାରେ ଲାଗିଥାନ୍ତି । ତୁମେ ଭାବୁଥାଅ ଯେ ନିଜର ଇଚ୍ଛାଶକ୍ତି ବିଷୟରେ ତୁମେ ପ୍ରକୃତରେ ସଚେତନ ରହିଛ : ମାତ୍ର ସେହି ଚେତନା ପ୍ରକୃତରେ ତୁମରି ହୋଇ ନଥାଏ । ଏବଂ ସେହିପରି ପ୍ରତ୍ୟେକ କଥା···ତୁମେ ସମ୍ପୂର୍ଣ୍ଣଭାବରେ ଏପରି ଏକ ବସ୍ତୁରେ ଗଢ଼ାହୋଇ ରହିଥାଅ, ଯାହାକି ପ୍ରକୃତିର ଶକ୍ତିଗୁଡ଼ିକ ଅପେକ୍ଷା ଆଉ ଭିନ୍ନ କୌଣସି ବସ୍ତୁ ନୁହେଁ; ସେହି ଶକ୍ତିଗୁଡ଼ିକ ସତତ ଏକ ଉଚ୍ଚତର ପରମ ଇଚ୍ଛାକୁ ଅଭିବ୍ୟକ୍ତ କରିଦେବାରେ ଲାଗିଥାନ୍ତି ଏବଂ ତୁମେ ତାହା ବିଷୟରେ ଅଚେତନ ହୋଇ ରହିଥାଅ ।

କେବଳ ଏତିକି କଥା ଯେ ତୁମେ ସେଇଟିକୁ ମୋଟେ ବୁଝି ପାରି ନାହିଁ । ହୁଏତ ଗୋଟାଏ ମାତ୍ର ମୁହୂର୍ତ୍ତ ପାଇଁ ହେଲେ ମଧ୍ୟ କେବଳ ଅହଂର ଆବୃତକକ୍ଷ ମଧ୍ୟରୁ ବାହାରି ଆସି ପାରିଲେ ଯାଇ ତାହାକୁ ବୁଝି ହୁଏ । କାରଣ ଏହି ଅହଂ—ଏବଂ ଏହାକୁହିଁ ତାହାର ବଳ ବୋଲି କୁହାଯିବ,—ଦୃଢ଼ ଭାବରେ ବିଶ୍ୱାସ କରୁଥାଏ ଯେ ପ୍ରକୃତରେ କେବଳ ସେଇ ସବୁକିଛିର ନିଷ୍ପତ୍ତି କରିବାରେ ଲାଗିଛି । ମାତ୍ର ମନୋଯୋଗ ସହକାରେ ନିରୀକ୍ଷଣ କରି ପାରିଲେ ଆମେ ଏହି କଥାଟିକୁ ଅବଶ୍ୟ ଦେଖି ପାରିବା ଯେ ଅହଂ ଯାବତ୍‌ସ୍ୱ ନାନା ପ୍ରକାର ବସ୍ତୁ ଦ୍ୱାରାହିଁ ପରିଚାଳିତ ହେବାରେ ଲାଗିଛି, ଏବଂ ସେହି ବସ୍ତୁଗୁଡ଼ିକୁ ଆମେ କଦାପି ଆମର ଅହଂ ବୋଲି କହି ପାରିବା ନାହିଁ ।

'oaob.nitrkl.ac.in' images reprocessed

ମାତ୍ର ତା'ହେଲେ, ମାନସିକ ଏବଂ ପ୍ରାଣିକ ଇଚ୍ଛା ବୋଲି ପୁଣି କାହାକୁ କୁହାଯିବ ?

ଏସବୁ ଏପରି ଏକ ବସ୍ତୁର ଅଭିବ୍ୟକ୍ତି, ଯାହାକୁ ଆମେ ବ୍ୟକ୍ତିଗତ ଏକ ପଦାର୍ଥ ବୋଲି କଦାପି ଭ୍ରମ କରିବାକୁ ଯିବା ନାହିଁ ।

ଯଦି ଯତ୍ନଶୀଳ ଭାବରେ ବିଶ୍ଳେଷଣ କରି ଦେଖି ପାରିବ, ତେବେ ତୁମେ, ଉଦାହରଣସ୍ୱରୂପ, ଦେଖିପାରିବ ଯେ, ତୁମେ ଯାହାକିଛି ଭାବୁଛ, ସେଗୁଡ଼ିକୁ ପ୍ରକୃତରେ ଅନ୍ୟମାନେହିଁ ଭାବିଛନ୍ତି, ଏଗୁଡ଼ିକ କେବଳ ତୁମର ମଧ୍ୟଦେଇ ସଞ୍ଚାଳିତ ହୋଇଛନ୍ତି, ମାତ୍ର ତୁମେ ନିଜେ ଏହି ଭାବନାଟିକୁ କଦାପି ଉତ୍ପନ୍ନ କରି ନାହଁ, ଏହି ଭାବନାଟି ଆଦୌ ତୁମଠାରୁ ଉତ୍ପତ୍ତିଲାଭ କରି ନାହିଁ । ଏକ କୁଳାଗତ ପରମ୍ପରାରୁହିଁ ତୁମର ଯାବତୀୟ ପ୍ରତିକ୍ରିୟା ଜନ୍ମଲାଭ କରିଛନ୍ତି; ଯେଉଁମାନେ ତୁମକୁ ଜନ୍ମ ଦେଇଛନ୍ତି ଏବଂ ତୁମେ ଯେଉଁ ପରିବେଶଟି ମଧ୍ୟରେ ବଢ଼ି ଆସିଛ, ବହିର୍ଜଗତ ଯେଉଁସବୁ ଧାରଣା ତୁମ ଭିତରେ ଏକତ୍ର ହୋଇ ତୁମ ଭିତରେ ତୁମେ ନିଜେ ବୋଲି ବୋଧ ହେଉଥିବା କୌଣସି ଏକ ବସ୍ତୁକୁ ଅନୁକୂଳିତ କରି ରଖିଛନ୍ତି ମାତ୍ର ଯାହାକୁ କି ତୁମେ ନିଜେ କଦାପି ତିଆରି କରି ନାହଁ, ଯାହାକୁ ତୁମେ କେବଳ ଅନୁଭବ କରୁଛ ଓ ଅଙ୍ଗେ ନିଭାଇଛ, ତୁମର ଯାବତୀୟ ପ୍ରତିକ୍ରିୟା ସେହିଗୁଡ଼ିକରୁହିଁ ଜାତ ହୋଇଛନ୍ତି । ଜୀବନର ନାନା କ୍ଷଣରେ ତୁମେ ସେଗୁଡ଼ିକ ବିଷୟରେ ସଜ୍ଞାନ ହୋଇଥାଅ, ମାତ୍ର ତୁମେ ସେଗୁଡ଼ିକୁ କଦାପି ସୃଷ୍ଟି କରି ନଥାଅ, ସେଗୁଡ଼ିକୁ କଦାପି ଜନ୍ମ ଦେଇ ନଥାଅ ।

ଏପରି ହୁଏତ କୁହାଯାଇ ପାରିବ ଯେ ଏଗୁଡ଼ିକ ହେଉଛି କୌଣସି ଏକ ଯନ୍ତ୍ର ଦ୍ୱାରା ଗୃହୀତ ହୋଇଥିବା କେତୋଟି ଶବ୍ଦ,—ଏହା ଯେକୌଣସି ପ୍ରକାରର ଶବ୍ଦ ହୋଇପାରେ, ସଙ୍ଗୀତ ବା କୁହା ଯାଇଥିବା କଥା ବା ଆଉ ଯାହାକିଛି ବି ହୋଇପାରେ,—ଏବଂ, ତା'ପରେ ତାକୁ ଆଉଗୋଟିଏ ଯନ୍ତ୍ର ଦ୍ୱାରା, ଉଦାହରଣ-ସ୍ୱରୂପ ଗୋଟିଏ ଗ୍ରାମୋଫୋନ ସାହାଯ୍ୟରେ ପୁନର୍ବାର ବଜାଇ ଦିଆଯାଏ । ତୁମେ ଏକଥା କଦାପି କହି ପାରିବ ନାହିଁ ଯେ ତୁମେ ଯେଉଁସବୁ ଶବ୍ଦ ଶୁଣୁଛ, ତାହାକୁ ସେହି ଗ୍ରାମୋଫୋନହିଁ ସୃଷ୍ଟି କରୁଛି, କହି ପାରିବ କି ? ସେପରି କଥା ତୁମ ମନରେ କଦାପି ଉଦୟ ହେବ ନାହିଁ । ମାତ୍ର, ତୁମର ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ରହିଛି ବୋଲି ତୁମ ଭିତରେ ଏକ ଭ୍ରମ ରହିଯାଇ ଥିବାରୁ, ତୁମର ମନ ଭିତର ଦେଇ ଚାଲି ଯାଉଥିବା ଏବଂ ଅଭିବ୍ୟକ୍ତି ଲାଭ କରୁଥିବା ଏହି ଭାବନାଗୁଡ଼ିକୁ ତୁମେ ତୁମର ନିଜ ପ୍ରସୂତ ବୋଲି ଭାବିବାକୁ ଲାଗିଛ; ତୁମର ପ୍ରାଣିକ କ୍ଷେତ୍ର ଦେଇ ଚାଲି ଯାଉଥିବା ଓ

'oaob.nitrkl.ac.in' images reprocessed

ଅଭିବ୍ୟକ୍ତ ଲାଭ କରୁଥିବା ଏହି ଅନୁଭବଗୁଡ଼ିକୁ ତୁମେ ନିଜେ ସୃଷ୍ଟି କରିଛ ବୋଲି ଭାବୁଛ । ମାତ୍ର, ତୁମଠାରୁ ପ୍ରକୃତରେ କିଛିହେଲେ ଜନ୍ମଲାଭ କରୁ ନାହିଁ । ତୁମ ଭିତରେ ସେହି ଅସଲ "ତୁମେ"ଟି କେଉଁଠି ଅଛି, ଯାହାକି ସେହିସବୁକୁ ପ୍ରକୃତରେ ସୃଷ୍ଟି କରି ପାରିବ ?

ତେଣୁ ତୁମକୁ ଆହୁରି ଗଭୀରକୁ ଯିବାକୁ ପଡ଼ିବ, ଆପଣା ଭିତରେ ଅନେକ ଗଭୀରକୁ ଯିବାକୁ ପଡ଼ିବ ଏବଂ ଆପଣା ସତ୍ତାର ଶାଶ୍ୱତ ସତ୍ୟଟିକୁ ଆବିଷ୍କାର କରିବାକୁ ପଡ଼ିବ; ତେବେଯାଇ ତୁମେ ନିଜ ଭିତରେ ରହିଥିବା ସୃଜନକ୍ଷମ ସତ୍ୟଟିର ପରିଚୟ ପାଇ ପାରିବ । ଏବଂ, ଥରେ ସେଇଟିର ସନ୍ଧାନ ପାଇବାରେ ସମର୍ଥ ହେଲେ, ତୁମେ ଏହି କଥାଟିକୁ ମଧ୍ୟ ଉପଲବ୍ଧି କରିବାକୁ ଲାଗିବ ଯେ ଅସଲ ସମ୍ପଦ ବୋଲି କେବଳ ଗୋଟିଏ ବସ୍ତୁହିଁ ରହିଛି, ଅନ୍ୟ ସମସ୍ତଙ୍କ ମଧ୍ୟରେ ସେହି ଗୋଟିଏ ବସ୍ତୁହିଁ ଅବସ୍ଥିତ ରହିଛି, ଏବଂ ତେଣୁ ତୁମର ଏକ ଅଲଗା ବ୍ୟକ୍ତିତ୍ୱ ପୁଣି ଆଉ କେଉଁଠି ରହିଲା ? ତା'ପରେ ଆଉ କେଉଁଠି କିଛିହେଲେ ରହିବ ନାହିଁ ।

ହଁ, ଏହି କ୍ଷେତ୍ରରେ ଶବ୍ଦଗ୍ରହଣ ଓ ଶବ୍ଦପରିବେଷଣର ନାନାବିଧ ଯନ୍ତ୍ର ରହିଛନ୍ତି ଏବଂ ସର୍ବଦା କେତେ କ'ଣ ବିକୃତୀକରଣ ମଧ୍ୟ ହେବାରେ ଲାଗିଛି । ହଁ, ଏହି ବିକୃତୀକରଣ ଅଧିକ ଭଲ ଆଡ଼େ ହୋଇପାରେ, ଅଧିକ ଖରାପ ଆଡ଼କୁ ମଧ୍ୟ ହୋଇପାରେ, ସେଗୁଡ଼ିକ ହୁଏତ ବେଶ୍ ବିରାଟ କେତେ ପରିବର୍ତ୍ତନର କାରଣ ମଧ୍ୟ ହୋଇପାରେ । ଆମର ଅନ୍ତର୍ଗତ ସଂଯୋଜନଗୁଡ଼ିକ ଏପରି ହୋଇ ରହିଥାଏ ଯେ ଗୋଟିଏ ଆସ୍ତରଣ ମଧ୍ୟରୁ ଆଉଗୋଟିଏ ଆସ୍ତରଣ ମଧ୍ୟକୁ ଅତିକ୍ରମ କରି ଗଲାବେଳେ ବସ୍ତୁଗୁଡ଼ିକ ଅବିକଳ ଯେପରି ଥିଲେ ସେହିପରି ଭାବରେ ଆଦୌ ପରିବେଷିତ ହୁଅନ୍ତି ନାହିଁ, କାରଣ ପରିବେଷଣକାରୀ ଯନ୍ତ୍ରଟି ଭାରି ଜଟିଳ ହୋଇ ତିଆରି ହୋଇଥାଏ । ମାତ୍ର ତାହା ପ୍ରକୃତରେ ସର୍ବଦା ସେହି ଗୋଟିଏ ବସ୍ତୁ ହୋଇ ରହିଥାଏ, ତାହା ଏକ ଚେତନ ଇଚ୍ଛା ଦ୍ୱାରା ସଞ୍ଚାଳିତ ହେଉଥାଏ ଏବଂ ବ୍ୟକ୍ତିଗତ ଯାବତୀୟ ଇଚ୍ଛାଗୁଡ଼ିକଠାରୁ ସ୍ୱତନ୍ତ୍ର ହୋଇ ରହିଥାଏ ।

ଯେତେବେଳେ ବୁଦ୍ଧଦେବ ତାଙ୍କର ଶିଷ୍ୟବର୍ଗଙ୍କୁ ଏହି କଥାଟିକୁ ବୁଝାଇ କହିଦେବା ଲାଗି ଇଚ୍ଛା କରୁଥିଲେ, ସେତେବେଳେ ସେ ଏହିପରି କହୁଥିଲେ : ତୁମେମାନେ ଯେତେଥର ଏକ ସ୍ପନ୍ଦନକୁ ନିଜ ଭିତରୁ ବାହାରକୁ ପ୍ରେରଣ କରୁଛ, ଉଦାହରଣସ୍ୱରୂପ, ଯେତେବେଳେ କୌଣସି ଏକ ବାସନାକୁ ବାହାରକୁ ପ୍ରେରଣ କରୁଛ, ଏକ ନିର୍ଦ୍ଦିଷ୍ଟ କୌଣସି ବସ୍ତୁ ଲାଗି ରହିଥିବା ବାସନାକୁ ପ୍ରେରଣ କରୁଛ, ସେତେବେଳେ ତୁମର ସେହି ବାସନାଟି ଜଣକଠାରୁ ଅନ୍ୟ ମଧ୍ୟକୁ ସଞ୍ଚାଳିତ ହେବାରେ ଲାଗିଛି, ବିଶ୍ୱଜଗତ ମଧ୍ୟରେ ଜଣକ ମଧ୍ୟରୁ ଆଉଜଣକ ମଧ୍ୟକୁ ଗତି କରିବାରେ ଲାଗିଛି ଓ ପୃଥିବୀ ବୁଲିଆସି ତୁମ ପାଖକୁ ପୁଣି ଲେଉଟି ଆସୁଛି । ଏବଂ,



'oaob.nitrkl.ac.in' images reprocessed

ସେଇଟି କେବଳ ଗୋଟିଏ ବସ୍ତୁ ନ ହୋଇ ନାନା ବସ୍ତୁର ଏକ ସମାହାର ହୋଇଥିବାରୁ, ଏବଂ କେବଳ ତୁମେହିଁ ଏକାକୀ ଏହାର ପ୍ରେରଣକେନ୍ଦ୍ର ହୋଇ ରହି ନଥିବାରୁ,—ଯେତେ ବ୍ୟକ୍ତି ଅଛନ୍ତି, ସମସ୍ତେ ଗୋଟିଏ ଗୋଟିଏ ପ୍ରେରଣକେନ୍ଦ୍ରରୂପେ କାର୍ଯ୍ୟ କରୁଛନ୍ତି,—ଏହା ଏପରି ଏକ ଜଟିଳତା ଓ ଗୋଳମାଳିଆ ସ୍ଥିତି ସୃଷ୍ଟି କରୁଛି ଯେ ତୁମେ ସେଠାରେ ତାହାର ଭିତରେ ଆପଣାର ସ୍ଥିତିଟିକୁ ହୁଏତ ହରାଇ ବସୁଛ । ମାତ୍ର, ଏହି ସ୍ପନ୍ଦନଗୁଡ଼ିକ ଏକାନ୍ତ ଭାବରେ ପରସ୍ପରର ସଦୃଶ ହୋଇ ରହିଥିବା ସେହି ଗୋଟିଏ କ୍ଷେତ୍ର ମଧ୍ୟରେହିଁ ବିଚରଣ କରିବାରେ ଲାଗିଛନ୍ତି । ଏହି ଅନୁସ୍ପନ୍ଦନଗୁଡ଼ିକ ଯେପରି ଜଟିଳ ଭାବରେ ଓ ପରସ୍ପରଚ୍ଛେଦୀ ହୋଇ ରହିଥାନ୍ତି, ତାହାହିଁ ତୁମକୁ ସ୍ୱତନ୍ତ୍ର ବା ଭିନ୍ନ ହୋଇ ରହିଥିବା କୌଣସି ଏକ ବସ୍ତୁର ଭ୍ରମ ଆଣି ଦେଇଥାଏ ।

ମାତ୍ର, ପ୍ରକୃତରେ କେହି ସ୍ୱତନ୍ତ୍ର ନୁହନ୍ତି ବା ଭିନ୍ନ ହୋଇ ରହି ନାହାନ୍ତି । ଏହି କ୍ଷେତ୍ରରେ କେବଳ ଗୋଟିଏ ମୂଳ ଉପାଦାନ ରହିଛି, କେବଳ ଗୋଟିଏ ଶକ୍ତି କାମ କରୁଛି, ଗୋଟିଏ ଚେତନା ଓ ଗୋଟିଏ ଇଚ୍ଛାହିଁ ବିଦ୍ୟମାନ ରହିଛି, ଯାହାର ସତ୍ତ୍ୱର ଅଗଣିତ ନାନା ପଥରେ ଗତିଶୀଳ ହୋଇ ରହିଛି ।

ଏବଂ, ତାହା ଏପରି ଜଟିଳ ହୋଇ ରହିଛି ଯେ ବ୍ୟକ୍ତି ତା' ବିଷୟରେ ସଜ୍ଞାନ ହୋଇ ପାରୁ ନାହିଁ, ମାତ୍ର ଯଦି ସେ କିଞ୍ଚିତ୍ ପଛକୁ ହଟିଆସି ଗତିସ୍ପନ୍ଦନଟିର ଅନୁସରଣ କରିବାକୁ ଚେଷ୍ଟା କରିବ, ତେବେ, ଗତିସ୍ପନ୍ଦନର ଯେଉଁ ପଥଟି ଧରି ସେ ଯାଉଥାଉ ପଛକେ, ସିଏ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିବାକୁ ପାଇବ ଯେ ଗତିସ୍ପନ୍ଦନଗୁଡ଼ିକ ଗୋଟିକ ପରେ ଗୋଟିଏ ହୋଇ ଆପଣାକୁ ବ୍ୟାପ୍ତ କରିଦେବାରେ ଲାଗିଛନ୍ତି; ହଁ, ଗୋଟିକ ପରେ ଗୋଟିଏ, ଗୋଟିକ ପରେ ଗୋଟିଏ ହୋଇ ଆପଣାକୁ ବ୍ୟାପ୍ତ କରିଦେବାରେ ଲାଗିଛନ୍ତି । ଏବଂ ବସ୍ତୁତଃ ଏହି କ୍ଷେତ୍ରରେ କେବଳ ଗୋଟିଏ ମାତ୍ର ଏକତ୍ୱ ରହିଛି,—ଉପାଦାନର କ୍ଷେତ୍ରରେ ଏକତ୍ୱ ରହିଛି, ଚେତନାର କ୍ଷେତ୍ରରେ ଏକତ୍ୱ ରହିଛି ଏବଂ ଇଚ୍ଛାର କ୍ଷେତ୍ରରେ ମଧ୍ୟ ଏକତ୍ୱ ରହିଛି । ଏବଂ ବାସ୍ତବ ସତ୍ତା ବୋଲି ସେହି ଗୋଟିଏ ସତ୍ତାହିଁ ବିଦ୍ୟମାନ ରହିଛି । ବାହାରକୁ ଦେଖିଲାବେଳେ ଗୋଟାଏ ପ୍ରକାର ମାୟା ଓ ଭ୍ରମ ବିସ୍ତାର ରହିଛି : ଭିନ୍ନତା ଏବଂ ପାର୍ଥକ୍ୟର ଏକ ଭ୍ରମ ବିସ୍ତାର ରହିଛି ।

### ଆମର ବାସନା ଓ ଆଉ ସବୁ ବିଷୟ କି ?

ଏହାକୁ ଆମେ ଏକ ବ୍ୟକ୍ତିଗତ ବ୍ୟାପାର ବୋଲି ଆଦୌ କହିବା ନାହିଁ । ଏହା ଆଦୌ ବ୍ୟକ୍ତିଗତ ନୁହେଁ । ଏବଂ ଏହି କଥାଟିକୁ ଜାଣିବା ପ୍ରକୃତରେ ଭାରି

'oaob.nitrkl.ac.in' images reprocessed

ସହଜ; ଏଇଟିକୁ ଠଉରାଇ ନେଇ ପାରିବା ପ୍ରକୃତରେ ସବୁଠାରୁ ଅଧିକ ସହଜ, କାରଣ ଶତକରେ ନବେଟି କ୍ଷେତ୍ରରେ ଏହା ଆଉଜଣକ ପାଖରୁହିଁ ତୁମ ପାଖକୁ ଆସୁଛି ବା ଏକ ନିର୍ଦ୍ଦିଷ୍ଟ ସ୍ଥିତି ଅଥବା କେତେଗୁଡ଼ିଏ ସ୍ଥିତି ମଧ୍ୟରୁ ତୁମ ପାଖକୁ ଆସୁଛି । ଅଥବା, ଆଉଜଣେ ବ୍ୟକ୍ତି ବା ଏକାଧିକ କେତେକ ଅନ୍ୟ ବ୍ୟକ୍ତିଙ୍କଠାରୁ ଆସୁଥିବା ସ୍ପନ୍ଦନରୁହିଁ ତୁମ ପାଖକୁ ଆସୁଛି । ଏଇଟିକୁ ଠଉରାଇ ନେଇ ପାରିବା ଖୁବ ସହଜ, ଏହାକୁ ହୁଏତ ସର୍ବପ୍ରଥମେହିଁ ଠଉରାଇ ନିଆଯାଇ ପାରିବ : ଏହା ଏପରି ଏକ ସ୍ପନ୍ଦନ, ଯାହାକି ସଙ୍ଗେ ସଙ୍ଗେ ତୁମ ଭିତରେ ଏକ ଅନୁସ୍ପନ୍ଦନ ସୃଷ୍ଟି କରେ । ତୁମେ ନିଶ୍ଚୟ ବୁଝି ପାରୁଥିବ ଯେ ତୁମ ଉପରେ କୌଣସି ଏକ ବସ୍ତୁର ପ୍ରଭାବ ଆସି ପଡ଼େ ଏବଂ ସେହି ପ୍ରଭାବଟି ତୁମ ଭିତରେ ଏକ ଅନୁସ୍ପନ୍ଦନ ଜାତ କରାଏ । ତୁମେ କୌଣସି ବାଦ୍ୟଯନ୍ତ୍ରରେ ସ୍ୱରଟିଏ ବଜାଉଥିଲାବେଳେ ଯେପରି ହୁଏ, ଠିକ୍ ସେହିପରି । ହଁ, ବାସନାର ଏହି ସ୍ପନ୍ଦନଟି ମଧ୍ୟ ଏକ ନିର୍ଦ୍ଦିଷ୍ଟ ମାର୍ଗରେ ତୁମ ପାଖକୁ ଆସି ତୁମକୁ ଆଘାତ କରେ ଏବଂ ତୁମେ ତାହା ଉଦ୍ଦେଶ୍ୟରେ ଅନୁସ୍ପନ୍ଦନ ଜଣାଅ ।

ଏହି ଠଉରାଇ ନେଇ ପାରିବା ଆଦୌ ଖୁବ୍ ବେଶୀ କଷ୍ଟକର ନୁହେଁ; ଏପରିକି ଅତି କମ୍ ବୟସ ହୋଇଥିବା ସମୟରେ ମଧ୍ୟ, ସାନ ପିଲାଟି ଅବସ୍ଥାରେ ମଧ୍ୟ, ଟିକିଏ ଧ୍ୟାନ ଦେଇପାରିବା ମାତ୍ରକେ ଜଣେ ଏଇଟି ବିଷୟରେ ବେଶ୍ ସଜ୍ଞାନ ହୋଇଥାଏ । ପ୍ରତ୍ୟେକ ବ୍ୟକ୍ତି ସର୍ବଦା ସାମୂହିକ କେତେକେତେ ସଙ୍କେତ ଓ ବ୍ୟଞ୍ଜନା ମଧ୍ୟରେ ବାସ କରୁଥାଏ, ଅନୁକ୍ଷଣ ବାସ କରିବାରେ ଲାଗିଥାଏ । ଉଦାହରଣସ୍ୱରୂପ, କୌଣସି ଶବକୁ ଦାହ କରି ଯାଉଥିବା ସମୟରେ ତୁମ ଭିତରୁ କେହି ସେଠାରେ କେବେ ଉପସ୍ଥିତ ରହିଛ କି ନାହିଁ ମୋତେ ଜଣା ନାହିଁ, ବା କେହି ଜଣେ ମରି ଯାଇଥିବା କୌଣସି ଘରେ ଯଦି ତୁମେ କେବେ ଉପସ୍ଥିତ ରହିବାର ସୁଯୋଗ ପାଇଥାଅ,—ହଁ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହିସବୁ ଅବସରରେ ନିଜକୁ ପର୍ଯ୍ୟବେକ୍ଷଣ କରିବାର ମଧ୍ୟ କିଞ୍ଚିତ୍ ଶକ୍ତି ରହିଥିବା ଦରକାର, ତା' ନହେଲେ ତୁମର ଆଖିରେ ହୁଏତ କିଛି ବି ପଡ଼ିବ ନାହିଁ,—ମାତ୍ର, ଯଦି ତୁମେ କିଞ୍ଚିତ୍ ପରିମାଣରେ ନିଜର ପର୍ଯ୍ୟବେକ୍ଷଣ କରି ପାରୁଥିବ, ତେବେ ତୁମେ ଅବଶ୍ୟ ଦେଖିବାକୁ ପାଇବ ଯେ ଏହି ଲୋକଟିର ମୃତ୍ୟୁ ହେଲା ବୋଲି କୌଣସି ପ୍ରକାର ଦୁଃଖ ଅଥବା ଶୋକ ଅନୁଭବ କରିବାକୁ ତୁମର ପ୍ରକୃତରେ କୌଣସି ବିଶେଷ କାରଣ ନାହିଁ; ମରିଥିବା ବ୍ୟକ୍ତିଟି ତୁମ ଲାଗି କେବଳ ଆଉରି ଅନେକ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ବ୍ୟକ୍ତି । ବର୍ତ୍ତମାନ ସେହି ବ୍ୟକ୍ତିଟିର ମୃତ୍ୟୁ ହୋଇଛି ଏବଂ ନାନା ସାମାଜିକ ଘଟଣାଚକ୍ରର ପ୍ରଭାବରେ ପଡ଼ି ତୁମେ ବି ସେହି ଘରଟିକୁ ଆସିଛ । ଏବଂ, ସେଠାରେ ଆସି ପହଞ୍ଚି, ତାହିଁକି ଅଥବା କିପରି ଏଭଳି ହେଉଛି ମୋଟେ ନଜାଣି, ତୁମର ହଠାତ୍ ଏକ ଭାବାନ୍ତର ଜାତ ହେଉଛି, ତୁମେ ଅତ୍ୟନ୍ତ ଦୁଃଖ ଓ ବେଦନା

'oaob.nitrkl.ac.in' images reprocessed

ଅନୁଭବ କରିବାକୁ ଆରମ୍ଭ କରୁଛ ଏବଂ "ମୁଁ ଏପରି ଦୁଃଖ ଅନୁଭବ କଲି କାହିଁକି ?" ବୋଲି ତୁମେ ନିଜକୁ ପଚାରୁଛ । ଏକଥାଟି ଜାଣିବାରେ ମୋଟେ କଷ୍ଟ ହେବ ନାହିଁ ଯେ କେବଳ ସ୍ପନ୍ଦନଗୁଡ଼ିକହିଁ ବାହାରୁ ଆସି ତୁମ ଭିତରେ ପ୍ରବେଶ କରିଛନ୍ତି, ଏହି କ୍ଷେତ୍ରରେ ଆଉ ଅନ୍ୟ କିଛିହେଲେ ଘଟି ନାହିଁ ।

ମୁଁ ତୁମମାନଙ୍କୁ ଯେପରି କହିଲି, ଏଇଟିକୁ ପର୍ଯ୍ୟବେକ୍ଷଣ କରିବା ଭାରି ସହଜ, କାରଣ ଅଳ୍ପ ସାନ ହୋଇଥିଲା ବେଳେ ମୋର ଏହି ଅନୁଭୂତିଟି ହୋଇଥିଲା । ସେତେବେଳେ ମୁଁ ସଚେତନ ଭାବରେ ଯୋଗାଭ୍ୟାସ ଆରମ୍ଭ କରି ନଥିଲି; ସମ୍ଭବତଃ କିଛିଟା ଯୋଗାଭ୍ୟାସ କରୁଥିଲି ସତ, ମାତ୍ର ସଚେତନ ଭାବରେ ଆଦୌ କରୁ ନଥିଲି,—ଏବଂ ଏହି କଥାଟିକୁ ମୁଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ପର୍ଯ୍ୟବେକ୍ଷଣ କରି ପାରିଲି । ମନେମନେ ନିଜକୁ କହିଲି, "ମୁଁ ନିଶ୍ଚୟ ସେହିମାନଙ୍କର ଦୁଃଖକୁହିଁ ନିଜ ଭିତରେ ଅନୁଭବ କରୁଛି, କାରଣ, ଏହି ବ୍ୟକ୍ତିଟିର ମୁଖରେ କୌଣସି ପ୍ରକାରେ ଦୁଃଖିତ ହେବା ଲାଗି ତ ମୋର ଆଦୌ କୌଣସି ବିଶେଷ କାରଣ ନାହିଁ !" ଏବଂ ହଠାତ୍ ମୋର ଚକ୍ଷୁ ଅଶ୍ରୁପୂର୍ଣ୍ଣ ହୋଇ ଉଠିଲା । ମୋର କଣ୍ଠ ରୁଦ୍ଧ ହୋଇଗଲା ପରି ମନେହେଲା ଏବଂ ସତେଯେପରି ଅନେକ ଦୁଃଖ ଅନୁଭବ କରୁଥିବା ପରି ମୁଁ କାନ୍ଦିବାକୁ ମଧ୍ୟ ଇଚ୍ଛା କରୁଥିଲି । ସେତେବେଳେ ମୁଁ ସାନ ପିଲାଟିଏ ଥିଲି,—ତଥାପି, ସଙ୍ଗେସଙ୍ଗେ ବେଶ୍ ଅନୁଭବ କରି ପାରୁଥିଲି, "ହଁ, ସେହିମାନଙ୍କର ଦୁଃଖହିଁ ମୋ ଭିତରେ ପ୍ରବେଶ କରି ମୋତେ ଏପରି ଦୁଃଖାଭିଭୂତ କରିଦେଇଛି ।"

ରାଗବେଳେ ମଧ୍ୟ ଠିକ୍ ସେହି କଥା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ମଣିଷ ଥାଏ ଥାଏ ହଠାତ୍ ରାଗିଯାଏ । କୌଣସି ଏକ ବ୍ୟକ୍ତିଠାରୁ ବା ବାୟୁମଣ୍ଡଳ ମଧ୍ୟରୁ ଯେ ରାଗ ଆସି ତା' ଭିତରେ ପ୍ରବେଶ କରେ, ସେକଥା ବି ନୁହେଁ । ଏହା ସତେଯେପରି ସେଇଠି କେଉଁଠି ଥାଏ—ଏବଂ, ତା'ପରେ ହଠାତ୍ ତୁମ ଭିତରକୁ ପଶିଆସେ, ସାଧାରଣତଃ ତଳଆଡ଼ୁ କେଉଁଠୁ ଉଠିଆସି ତୁମକୁ ଆପଣାର ଅଧୀନ କରିନିଏ, ତା'ପରେ ଉପରକୁ ଉଠିବାକୁ ଆରମ୍ଭ କରେ, ତୁମକୁ ବି ଆପଣା ସହିତ ଠେଲିଠେଲି ନେଉଥାଏ ଏବଂ ତୁମେ କୁଆଡ଼େ ମନ କୁଆଡ଼େ ହୁଡ଼ି ଚାଲିଯାଅ । ମାତ୍ର ଗୋଟାଏ ମୁହୂର୍ତ୍ତ ପୂର୍ବରୁ ତୁମ ଭିତରେ ରାଗ ବୋଲି ଆଦୌ କିଛି ନଥିଲା, ତୁମେ ବେଶ୍ ଅସ୍ପୃଷ୍ଟ ହୋଇ ରହିଥିଲ, ଆପଣାକୁ କ୍ରୋଧ ହାତରେ ସମର୍ପଣ କରିଦେବା ଲାଗି ତୁମର ମୋଟେ କୌଣସି ଅଭିପ୍ରାୟ ନଥିଲା । ଏବଂ, ତାହା ତୁମକୁ ଏପରି ଭାବରେ ଅଧିକାର କରିନିଏ ଯେ ତୁମେ ଆଉ ସମ୍ଭାଳି ପାର ନାହିଁ, ତାହାର କୌଣସି ପ୍ରତିରୋଧ କରି ପାର ନାହିଁ; ଏପରି ହୁଏ, କାରଣ ତୁମେ ଯଥେଷ୍ଟ ପରିମାଣରେ ସଚେତନ ରହି ନଥାଅ, ତୁମେ କ୍ରୋଧଟିକୁ ନିଜ ଭିତରେ ପ୍ରବେଶ କରିବାକୁ ବାଟ ଛାଡ଼ିଦିଅ ଏବଂ ତା'ପରେ ତାହାହିଁ ତୁମକୁ ନଚାଇବାକୁ ଆରମ୍ଭ କରିଦିଏ । ହଁ,

'oaob.nitrkl.ac.in' images reprocessed

ତୁମକୁ ନଚାଇବାକୁ ଆରମ୍ଭ କରେ, ଆପଣାର କାମରେ ଲଗାଏ, ଯାହାକୁ ତୁମେ "ତୁମେ" ବୋଲି କହୁଥାଅ, ତୁମର ଶରୀରଟାକୁହିଁ କାମରେ ଲଗାଇବାକୁ ଆରମ୍ଭ କରେ । କାରଣ ବାହ୍ୟତଃ (ମୁଁ ଏଠାରେ ବାହ୍ୟତଃ ବୋଲି କହୁଛି) ତାହାହିଁ ତୁମକୁ ତୁମ ପ୍ରତିବେଶୀର ଶରୀରଠାରୁ ଭିନ୍ନ ବୋଲି ମନେ ହେଉଥାଏ । ମାତ୍ର ସେଇଟା ହେଉଛି କେବଳ ଦେଖିବାର ଗୋଟାଏ ଭ୍ରମ; କାରଣ ପ୍ରକୃତ କଥା ହେଉଛି ଯେ, ଆମେ ଯାହାକୁ କେତେଗୁଡ଼ିଏ କଣା ବା ଅଣୁ ବୋଲି କହିପାରିବା, ଆମେ ଏହା ଭିତରେ ଭୌତିକ ଅଣୁଗୁଡ଼ିକୁ ବି ଅନ୍ତର୍ଭୁକ୍ତ କରି ପାରିବା,—ଗୋଟାଏ ପ୍ରକାରର ବିକିରଣ ପରି ଅନୁକ୍ଷଣ ଶରୀର ଭିତରୁ ବାହାରି ସେଗୁଡ଼ିକ ଅନ୍ୟମାନଙ୍କ ସହିତ ସମ୍ମିଶ୍ରିତ ହେବାରେ ଲାଗିଥାଏ । ଏବଂ ଏହି କାରଣରୁ, ଆମେ ଅତିରିକ୍ତ ମାତ୍ରାରେ ଗ୍ରହଣଶୀଳ ହୋଇ ରହିଥିବା ସମୟରେ, ଦୂରରେ ଥାଇ ମଧ୍ୟ ଆମେ ଅନେକ ବସ୍ତୁକୁ ଅନୁଭବ କରିବାକୁ ବେଶ୍ ସମର୍ଥ ହେଉ ।

ଉଦାହରଣସ୍ୱରୂପ, ଏପରି କୁହା ଯାଇଥାଏ ଯେ ଅନ୍ଧମାନଙ୍କ ଭିତରେ ଏପରି ଏକ ଗ୍ରହଣଶକ୍ତିର ବିକାଶ ହୋଇଥାଏ, ଇନ୍ଦ୍ରିୟବୋଧର ଏପରି ଏକ ସୂକ୍ଷ୍ମଶକ୍ତି ବିକଶିତ ହୋଇ ଆସିଥାଏ ଯେ ସେମାନେ କୌଣସି ଏକ ବସ୍ତୁର ନିକଟବର୍ତ୍ତୀ ହୋଇ ଆସୁଥିବା ବେଳେ ଦୂରରେ ଥାଇ ମଧ୍ୟ ତାହାର ଏକ ପ୍ରଭାବ ଅନୁଭବ କରିପାରନ୍ତି । ମାତ୍ର, କେହି ଇଚ୍ଛା କଲେ ବେଶ୍ ସହଜରେ ସ୍ୱୟଂ ଏହି ପରୀକ୍ଷାଟି କରି ଦେଖିପାରନ୍ତି । ଉଦାହରଣସ୍ୱରୂପ, କୌଣସି ପ୍ରକାର କୋଳାହଳ ନକରି କାହାର ନିକଟବର୍ତ୍ତୀ ହୋଇ ଆସିବା ଏବଂ ତା'ପରେ ନିଜର ହାତକୁ କାହାର ଅତି ନିକଟକୁ ନେଇ ଆସିବା,—ଗ୍ରହଣଶୀଳ ବ୍ୟକ୍ତିମାନେ ତତ୍‌କ୍ଷଣାତ୍ ସେସବୁ ଅନୁଭବ କରିପାରନ୍ତି । ସେମାନେ ତାହା ଅନୁଭବ କରନ୍ତୁ ବୋଲି ତୁମେ ତୁମର ଇଚ୍ଛାଶକ୍ତିର କୌଣସି ପ୍ରୟୋଗ କରି ନାହିଁ, ମନସ୍ତାତ୍ତ୍ୱିକ କୌଣସି ଉପାଦାନକୁ ତୁମେ ଏହି କ୍ଷେତ୍ରରେ ଆଦୌ କାମରେ ଲଗାଇ ନାହିଁ, କୌଣସି କୋଳାହଳ ନକରି, କୌଣସି ପ୍ରକାରେ ତୁମର ନିକଟବର୍ତ୍ତୀ ହେବାଟିକୁ କେହି ଶୁଣିପାରୁ ବୋଲି ଆଦୌ ସମ୍ଭବ ନକରି ତୁମେ ଏହି କ୍ଷେତ୍ରରେ ସମ୍ପୂର୍ଣ୍ଣ ଭୌତିକ ସ୍ତରର ଏକ ପ୍ରୟୋଗହିଁ କରିଛ । ଏବଂ ଜଣେ ଗ୍ରହଣଶୀଳ ମଣିଷ ତାହାକୁ ତତ୍‌କ୍ଷଣାତ୍ ଅନୁଭବ କରିପାରୁଛି ।

ତାହାର ଅର୍ଥ ହେଉଛି ଯେ ଶରୀର ସେହିଠାରେ ଶେଷ ହୋଇଯାଉଛି ବୋଲି ଲାଗୁଛି ସତ, ମାତ୍ର ଆମର ଆଖିଗୁଡ଼ିକ ସେହିପରି ଭାବରେ ତିଆରି ହୋଇଛନ୍ତି ବୋଲି ସେପରି ହେଉଛି । ଆମର ଦୃଷ୍ଟି-ସଞ୍ଚରଣଟି ଯଦି ଆଉଟିକିଏ ଅଧିକ ସୂକ୍ଷ୍ମ ହୋଇଥାନ୍ତା, ଏହାର ଭୂମି ଯଦି ଆଉଟିକିଏ ଅଧିକ ପ୍ରଶସ୍ତ ହୋଇଥାନ୍ତା, ତେବେ ଆମେ ହୁଏତ ଦେଖିପାରନ୍ତେ ଯେ କୌଣସି ଜନଷ ନିର୍ଗତ ହୋଇ ଆସିଲା ପରି ଅନ୍ୟ ଶରୀରଗୁଡ଼ିକ ମଧ୍ୟରୁ ପ୍ରକୃତରେ ଏକ ପଦାର୍ଥ ନିର୍ଗତ ହୋଇ ଆସୁଛି; ଏବଂ

'oaob.nitrkl.ac.in' images reprocessed

ଏହି ସବୁକିଛି ପରସ୍ପର ସହିତ ମିଶ୍ରିତ ହୋଇଯାଉଛି ଏବଂ ପରସ୍ପର ଉପରେ କ୍ରିୟା କରିବାକୁ ଲାଗୁଛି ।

"ଗତିଶୀଳ ଶକ୍ତିର କ୍ଷେତ୍ରରେ ଏକତ୍ୱ" ଦ୍ୱାରା ଶ୍ରୀଅରବିନ୍ଦ କ'ଣ ବୁଝୁଛନ୍ତି ?

ହଁ, ମୁଁ ସେହି କଥାହିଁ କହୁଥିଲି । ଏକ ଗତିଶୀଳ ଶକ୍ତି ରହିଛି, ଯାହାକି ସବୁକିଛିକୁ ଗତିମାନ୍ କରି ରଖିଛି, ଏବଂ ତୁମେ ଯେତେବେଳେ ସେହି ବିଷୟରେ ସଚେତନ ହୋଇ ପାରୁଛ, ସେତେବେଳେ ତୁମେ ଦେଖିପାରୁଛ ଯେ ପ୍ରକୃତରେ ଗୋଟିଏ ପରମ ଶକ୍ତିହିଁ ସକଳ ପଦାର୍ଥରେ ଗତିର ସଞ୍ଚାର କରୁଛି । ଏବଂ ସଚେତନ ହେବା ସଙ୍ଗେସଙ୍ଗେ ତୁମେ ତାହାର ଗତିଶୀଳତାଟିକୁ ସ୍ୱୟଂ ବି ଅନୁସରଣ କରିପାରୁଛ ଏବଂ ମନୁଷ୍ୟ ତଥା ବସ୍ତୁଚୟର ମଧ୍ୟଦେଇ ଏହି ଶକ୍ତି କିପରି କାର୍ଯ୍ୟ କରୁଛି, ତୁମେ ସେକଥାଟି ମଧ୍ୟ ଦେଖିପାରୁଛ ।

ଏହି ପରମ ଏକତ୍ୱଟି ସମ୍ବନ୍ଧରେ, ପରମ ଶକ୍ତିର ଏକତ୍ୱ, ପରମ ଚେତନାର ଏକତ୍ୱ ଏବଂ ପରମ ଇଚ୍ଛାଶକ୍ତିର ଏକତ୍ୱ ବିଷୟରେ ସଚେତନ ହୋଇପାରିଲେ ତୁମେ ଯେଉଁ ବୋଧର ଅଧିକାରୀ ହୋଇପାରିବ, ତାହା ତୁମକୁ ଅନ୍ୟମାନଙ୍କଠାରୁ ଆଉ ଅଲଗା ବୋଲି କଦାପି ଅନୁଭୂତ କରାଇବ ନାହିଁ । ସେମାନଙ୍କ ଭିତରେ ଯାହାସବୁ ଗତିଶୀଳ ହୋଇ ରହିଛି, ସେଗୁଡ଼ିକ ବିଷୟରେ ତୁମେ କିଛି ଜାଣି ନାହିଁ ବୋଲି, ସେମାନେ ତୁମ ପାଖରେ ଅଜଣା ବୋଲି କଦାପି କହିବ ନାହିଁ । ତୁମେ ଯେ କେବଳ ଆପଣାର ଚର୍ମାବରଣଟି ମଧ୍ୟରେ ବନ୍ଦହୋଇ ରହିଛ, କେବଳ ବାହ୍ୟ ଏବଂ ଉପରିଭାଗସ୍ଥ କେତେଟା କ୍ଷେତ୍ରକୁ ଛାଡ଼ିଦେଲେ ତୁମର ଯେ ସେମାନଙ୍କ ସହିତ ଆଉ କୌଣସି ଯୋଗସୂତ୍ର ନାହିଁ, ସେକଥା ତୁମେ କଦାପି କହି ପାରିବ ନାହିଁ । ଏସବୁ ଯେ ଘଟିଥାଏ, ତାହାର ପ୍ରକୃତ କାରଣ ହେଉଛି ଯେ ତୁମେ ଆପଣା ଭିତରେ ପରମ ଚେତନା, ପରମ ଶକ୍ତି ଓ ପରମ ଇଚ୍ଛାଶକ୍ତିର ଏହି ଏକତ୍ୱର ବୋଧଟିକୁ ଉପଲବ୍ଧି କରି ପାରି ନାହଁ । ଏପରିକି, ଭୌତିକ ସ୍ତରରେ ହେଉଥିବା ସ୍ପନ୍ଦନଗୁଡ଼ିକର ଏକତ୍ୱଟିକୁ ମଧ୍ୟ ତୁମେ ଉପଲବ୍ଧି କରି ପାରି ନାହଁ ।

ଏହି କ୍ଷେତ୍ରରେ ରହିଥିବା ବହିର୍ମୁଖିତାହିଁ ଏହି ବୋଧଟିକୁ ପ୍ରକୃତରେ ଆୟାସସାଧ୍ୟ କରି ରଖିଛି । କାରଣ ଆମ ବୋଧର ସାମର୍ଥ୍ୟଗୁଡ଼ିକ ବେଶ୍ ଏକମୁଖୀ ହୋଇ ରହିଛି, ଅତ୍ୟନ୍ତ ପରିମାଣରେ ଏକପାଖିଆ ହୋଇ ରହିଛି; ତେଣୁ ଯେତେବେଳେ ଆମେ କିଛି ବୁଝିବା ଲାଗି ଇଚ୍ଛା କରୁଛୁ, ସେତେବେଳେ ଆମେ

'oaob.nitrkl.ac.in' images reprocessed

ପରସ୍ପର ସହିତ ଗ୍ରସ୍ତ ବଡ଼ ଅସଂଗତ ହୋଇ ରହିଥିବା ଅଗଣିତ ନାନା ବସ୍ତୁ ଦ୍ୱାରା ଆକ୍ରାନ୍ତ ହୋଇପଡ଼ୁଛୁ । ସେଗୁଡ଼ିକ ଏପରି ଜଟିଳ ଭାବରେ ପରସ୍ପର ସହିତ ମିଶି କରି ରହିଛନ୍ତି ଯେ ଆମେ ଆଉ ସେଗୁଡ଼ିକର ଧାରାଗୁଡ଼ିକୁ ମୋଟେ ବୁଝି ପାରୁ ନାହୁଁ ଏବଂ ସେଗୁଡ଼ିକର ଅନୁସରଣ କରି ପାରୁ ନାହୁଁ, ଆମେ ସତେଅବା ଏକ ଘୂର୍ଣ୍ଣିବାତ୍ୟା ଭିତରେ ଯାଇ ପ୍ରବେଶ କରୁଛୁ ।

ମାତ୍ର ଏପରି ହେଉଛି, କାରଣ···ଉଦାହରଣସ୍ୱରୂପ, ଅଧିକାଂଶ ଲୋକ ଗୋଟିଏ ଭାବନାକୁ ଭାବି ସାରିବା ପରେ ଯାଇ ଆଉଗୋଟିଏ ଭାବନା ଭାବି ପାରନ୍ତି, ଗୋଟିଏ ଶବ୍ଦ କହିସାରିବା ପରେ ଯାଇ ଆଉଗୋଟିଏ ଶବ୍ଦ କହନ୍ତି । ସେମାନେ ଗୋଟିଏ ଥରରେ ଗୋଟିକରୁ ଅଧିକ ଶବ୍ଦ କହି ପାରନ୍ତି ନାହିଁ, ନଚେତ୍ ସେମାନଙ୍କର ପାଟି ବାଜିବାକୁ ଆରମ୍ଭ କରେ । ହଁ, ଅଧିକାଂଶ ବ୍ୟକ୍ତି ଠିକ୍ ସେହିପରି ଭାବନ୍ତି, ଗୋଟିଏ ଭାବନା ଭାବିସାରିଲା ପରେ ଯାଇ ଆଉଗୋଟିଏ ଭାବନା ଭାବନ୍ତି, ଏବଂ ତେଣୁ ସେମାନଙ୍କର ସମଗ୍ର ଚେତନା କେବଳ ଏକମୁଖୀ ହୋଇହିଁ ଗତି କରୁଥାଏ । ମାତ୍ର, କେବଳ ମଣ୍ଡଳାକାରରେ, ସମଗ୍ରାକାରରେ ଦେଖିବାକୁ ସମର୍ଥ ହେଲେ ଯାଇ ଯଥାର୍ଥ ବୋଧ ସମ୍ଭବ ହୋଇପାରେ, ମଣ୍ଡଳାକାରରେ ଭାବିବାକୁ ସମର୍ଥ ହେଲେ, ଅର୍ଥାତ୍, ଯୁଗପତ୍ ଭାବରେ ଅଗଣିତ ଭାବନା ଏବଂ ଅଗଣିତ ବୋଧର ସାମର୍ଥ୍ୟ ଲାଭ କରିପାରିଲେ ଯାଇ ଯଥାର୍ଥ ବୋଧ ସମ୍ଭବ ହୋଇପାରେ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏପର୍ଯ୍ୟନ୍ତ, ଯେତେବେଳେ କେହି ବିଷୟଗୁଡ଼ିକୁ ବର୍ଣ୍ଣନା କରି କହିବାକୁ ଇଚ୍ଛା କରୁଥିଲା, ସେତେବେଳେ ସିଏ କେବଳ ଗୋଟିକୁ ବର୍ଣ୍ଣନା କରି ସାରିବା ପରେ ଯାଇ ଆଉଗୋଟିକୁ ବର୍ଣ୍ଣନା କରି ପାରୁଥିଲା, କାରଣ, ଏକାଥରକେ ଦଶଟି ଶବ୍ଦ କହି ପାରିବା ଲାଗି ତା'ର ଶକ୍ତି ହେଉ ନଥିଲା, ସିଏ କେବଳ ଗୋଟିଏ ଶବ୍ଦ କହି ସାରିବା ପରେ ଯାଇ ଆଉଗୋଟିଏ ଶବ୍ଦ କହି ପାରୁଥିଲା । ଏବଂ ସେହି କାରଣରୁହିଁ ସିଏ ଯାହାକିଛି କହିବ, ତାହା ସତ୍ୟକୁ ଅଭିବ୍ୟକ୍ତ କରିବାରେ ଏକାନ୍ତ ଅସମର୍ଥ ହୋଇ ରହିବ, ଏକାନ୍ତ ଅସମର୍ଥ ହୋଇ ରହିବ । କାରଣ, ଆମେ କେବଳ ଗୋଟିଏ କଥା କହିସାରିବା ପରେ ଯାଇ ଆଉଗୋଟିଏ କଥା କହିପାରିବା,—ଯେଉଁ ମୁହୂର୍ତ୍ତରେ ଗୋଟିଏ କଥା କହିସାରିବା ପରେ ଯାଇ ଆଉଗୋଟିକୁ କହିବାକୁ ଆରମ୍ଭ କରିବା, ସେତେବେଳେ ସେଗୁଡ଼ିକ ଆଉ ସତ୍ୟର ଅଭିବ୍ୟକ୍ତ କରି ପାରିବ ନାହିଁ । ସେଗୁଡ଼ିକୁ ଏକାବେଳକେହିଁ କହି ପାରିବାକୁ ହେବ, ଏକାବେଳକେହିଁ ଦେଖି ପାରିବାକୁ ହେବ ଏବଂ ପ୍ରତ୍ୟେକଟି କଥା ତା' ଆପଣା ସ୍ଥାନରେ ମହଜୁଦ ରହିଥିବ ।

'oaob.nitrkl.ac.in' images reprocessed

ତେଣୁ, ଏହିପରି ଦେଖିବା ଲାଗି ସମର୍ଥ ହୋଇ ପାରିଲେ,—ଏହିପରି ଦେଖିବା ଲାଗି, ବିସ୍ତାର କରି ପାରିବା ଲାଗି, ଜାଣିବା ଲାଗି ଓ ଇଚ୍ଛା କରି ପାରିବା ଲାଗି ସମର୍ଥ ହୋଇଗଲେ ଆମେ ଯଥାର୍ଥ ସତ୍ୟର ନିକଟବର୍ତ୍ତୀ ହୋଇ ଆସି ପାରିବା। ମାତ୍ର ଆମେ ଯେମିତି ଶବ୍ଦଟିଏ କହିସାରି ଆଉଗୋଟିଏ ଶବ୍ଦ କହୁଛୁ, ସେହିପରି ଗୋଟିଏ କଥାକୁ ଦେଖିସାରି ଯଦି ତା'ପରେ ଯାଇ ଆଉଗୋଟିଏ କଥାକୁ ଦେଖୁଥିବା, ତେବେ ତାହା ପ୍ରକୃତରେ କେଡ଼େ କ୍ଷୋଭଜନକ ଏକ ଦାରିଦ୍ର୍ୟର ପରିଚାୟକ ନହେବ !

ଶ୍ରୀଅରବିନ୍ଦ ଲେଖିଛନ୍ତି : "ସେହି ଅଜ୍ଞାନମୟ ପ୍ରକୃତିଟିର ସୋପାନରେ ବାସ କରୁଥିବା ପର୍ଯ୍ୟନ୍ତ ଆମେ ଗୋଟିଏ ଗୋଟିଏ ଅହଂ ହୋଇ ରହିଥାଉ ଏବଂ ପ୍ରକୃତିର ଯାବତୀୟ ଗୁଣ ତଥା ଶକ୍ତିର ଅଧୀନ ହୋଇ ରହିଥାଉ। କେବଳ ପ୍ରତିଭାସଗୁଡ଼ାକରହିଁ ଦାସ ହୋଇ ରହି, ଦ୍ୱୈତତାଗୁଡ଼ାକରେ ବାନ୍ଧି ହୋଇ ରହି ଏବଂ ଭଲ ଓ ମନ୍ଦ, ପାପ ଓ ପୁଣ୍ୟ, ବିଷାଦ ଓ ହର୍ଷ, ଦୁଃଖ ଓ ସୁଖ, ସୌଭାଗ୍ୟ ଓ ଦୁର୍ଭାଗ୍ୟ ତଥା ସଫଳତା ଓ ବିଫଳତା ମଝିରେ ଦୁଇ ଆଡ଼କୁହିଁ ଆକର୍ଷିତ ହୋଇ ରହି ଆମେ ବଡ଼ ଅସହାୟ ଭାବରେ ମାୟାରୂପୀ ଚକର ଗୋଟାସୁଦ୍ଧା ଲୁହା ଅଥବା ସୁନା-ମିଶା ଲୁହା ବେଡ଼ିଟିର ଅନୁସରଣ କରିବାରେହିଁ ଲାଗିଥାଉ।"

ଯୋଗସମନ୍ୱୟ, ପୃଷ୍ଠା-୮୮

ହଁ, ଅନେକ ଲୋକ ଅଛନ୍ତି, ଯେଉଁମାନେ କି ବେଶ୍ ସୁଖମୟ ଓ ଆରାମଦାୟକ ଭାବରେ ଜୀବନ ଯାପନ କରୁଥାନ୍ତି ଏବଂ ଆଉ କେତେକ ଲୋକ ବଡ଼ ଦୁଃଖମୟ ଜୀବନ ଯାପନ କରୁଥାନ୍ତି। ତାହା ନିର୍ଭର କରୁଛି··· ମୁଁ ତାହାକୁ ପ୍ରକୃତରେ କିପରି ଭାବରେ ବର୍ଣ୍ଣନା କରିବି ?—ବ୍ୟକ୍ତିର ନିଜସ୍ୱ ଉପରେ; ଏହି ପୃଥିବୀରେ ସେମାନଙ୍କର ଯେଉଁ କାର୍ଯ୍ୟ କରିବାକୁ ଅଛି, ସେମାନେ ବର୍ତ୍ତମାନ ଯେଉଁ ସୋପାନଟିରେ ଆସି ପହଞ୍ଚି ପାରିଛନ୍ତି, ସେକଥା ତାହାର ଉପରେ ନିର୍ଭର କରେ, ଓ ଆହୁରି ଅନେକ କଥା ଉପରେ ବି ନିର୍ଭର କରେ। ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ ଏହି କ୍ଷେତ୍ରରେ ସେମାନେ କିଛିହେଲେ ବାଛନ୍ତି ନାହିଁ। କାରଣ ସେପରି ହେଉଥିଲେ, ଅଧିକାଂଶ ମନୁଷ୍ୟ ସର୍ବଦା ସେହି ଗୋଟିଏ ପ୍ରକାରର

'oaob.nitrkl.ac.in' images reprocessed

ଜୀବନହିଁ ବାଛି ନେଉଥାନ୍ତେ । ହଁ, ସେମାନେ କିପରି ପ୍ରକାରର ଜୀବନ ଅତିବାହିତ କରିବାକୁ ଚାହୁଁଛନ୍ତି ବୋଲି ଯଦି ପଚରାଯାଏ, ତେବେ ବିଭିନ୍ନ ଲୋକ ଦେଉଥିବା ଉତ୍ତରରେ ନିଶ୍ଚୟ ପାର୍ଥକ୍ୟ ରହିବ, ମାତ୍ର ତଥାପି ଆଦୌ ଖୁବ୍ ବେଶୀ ପାର୍ଥକ୍ୟ ରହିବ ନାହିଁ । ସମସ୍ତେ ସେହି ଗୋଟିଏ ପ୍ରକାରର ଜୀବନ ଅତିବାହିତ କଲେ ତାହା କେଡ଼େ ବୈଚିତ୍ର୍ୟହୀନ ଓ ନୀରସ ହୋଇ ନ ରହିବ !

ଅଧିକାଂଶ ମଣିଷ, ସେମାନେ ଯାହାକୁ "ବିକ୍ଷୋଭହୀନ" ଓ "ଶାନ୍ତିମୟ" ବୋଲି କହନ୍ତି, ସେହିଭଳି ଏକ ଜୀବନ ଯାପନ କରିବାକୁ ଇଚ୍ଛା କରନ୍ତି । ସେମାନେ ଆପଣାର ସ୍ଥାନ ଜିତାଟି ଅନୁସାରେ ମପା ଯାଇଥିବା ଗୋଟିଏ ସ୍ଥାନ ସଂଗଠନ ଭିତରେ ରହିବାକୁ ଚାହାନ୍ତି । ସେହି ସଂଗଠନଟି ସାଧାରଣତଃ ଅତ୍ୟନ୍ତ କ୍ଷୁଦ୍ରାୟତନ ହୋଇ ରହିଥାଏ, ସବୁବେଳେ ପ୍ରାୟ ସମାନ କେତୋଟି କାର୍ଯ୍ୟରେ ବାନ୍ଧି ଦିଆ ଯାଇଥିବା ଏକ ନିୟମବଦ୍ଧ ରୁଟିନ୍ ହୋଇ ରହିଥାଏ, ସୀମାଗୁଡ଼ିକ ସବୁବେଳେ ପ୍ରାୟ ସେହିପରି ହୋଇ ରହିଥାନ୍ତି, ପରିବେଷ୍ଟନୀଗୁଡ଼ିକ ମଧ୍ୟ ସବୁବେଳେ ପ୍ରାୟ ସେହିପରି ହୋଇ ରହିଥାନ୍ତି;—ଏବଂ ସେପରି କୌଣସି ବଡ଼ ପାର୍ଥକ୍ୟ ନଥାଇ ତାହାରହିଁ ପୁନରାବୃତ୍ତି ହେବାରେ ଲାଗିଥାଏ, ଯେପରିକି ଗୋଟାସୁଦ୍ଧା ନୀରସ ଓ ବିରକ୍ତିକର ନ ଲାଗିବ, ସେଥିଲାଗି ସେହି ଅନୁସାରେ କିଛିକ୍ କିଛି ବୈଚିତ୍ର୍ୟ ସେଥିରେ ପରଖ ଦିଆହୋଇ ରହିଥାଏ । ମାତ୍ର, ତା' ଭିତରେ ଏପରି କିଛିହେଲେ ନଥାଏ, ଯାହାକି, ଯାହାକୁ ଏକ ଶାନ୍ତିମୟ ଜୀବନ ବୋଲି କୁହାଯାଏ, ତାହାର ନିୟମନିର୍ଦ୍ଦିଷ୍ଟ ବେଢ଼ଟି ମଧ୍ୟରେ ଆଦୌ କୌଣସି ବ୍ୟାଘାତ ସୃଷ୍ଟି କରିପାରିବ । ସଂଖ୍ୟାଗରିଷ୍ଠ ଅନେକ ଲୋକଙ୍କ ସକାଶେ ଏହାହିଁ ଆଦର୍ଶ ହୋଇ ରହିଥାଏ ।

ଏବଂ ସେହି କାରଣରୁ, ଏହି ଆଦର୍ଶଟି ଠିକ୍‌କଣି ଭାବରେ ଯେପରି ଉପଲବ୍ଧ ହୋଇପାରିବ, ତାହା ସମ୍ପୂର୍ଣ୍ଣ ଭାବରେ ଲୋକମାନେ ଯେଉଁ ଦେଶରେ ଜନ୍ମଗ୍ରହଣ କରିଥାନ୍ତି, ଯେଉଁ ସମାଜରେ ସେମାନେ ଜନ୍ମ ହୋଇଥାନ୍ତି ଏବଂ ଯେଉଁସବୁ ରୁଢ଼ି ଓ ରୀତି ସେମାନଙ୍କର ପରିବେଷ୍ଟନୀଟିକୁ ନିୟନ୍ତ୍ରିତ କରୁଥାଏ, ସେହିଗୁଡ଼ିକ ଉପରେହିଁ ନିର୍ଭର କରୁଥାଏ । ସେମାନେ ଯେଉଁ ଦେଶରେ ଓ ଯେଉଁ ସମାଜରେ ବାସ କରୁଥାନ୍ତି, ତାହାର ଆଚାରଗୁଡ଼ିକ ଦ୍ୱାରାହିଁ ସେମାନଙ୍କର ଆଦର୍ଶଟି ମଠାମଠି ହୋଇ ସ୍ଥିର ହୋଇ ରହିଥାଏ ।

ଏହି କ୍ଷେତ୍ରରେ ଅବଶ୍ୟ ବ୍ୟତିକ୍ରମମାନ ରହିଛି, ମାତ୍ର ସେଗୁଡ଼ିକ କେବଳ ନିୟମଟିକୁହିଁ ଅଧିକ ସ୍ପଷ୍ଟରୂପେ ପ୍ରତିପାଦିତ କରି ଦେଉଛନ୍ତି । ସାଧାରଣ ଭାବରେ କହିବାକୁ ଗଲେ, ସବୁଠାରୁ ଅଧିକ ସାଧାରଣ ଆଦର୍ଶ ହେଉଛି ଯେ ମନୁଷ୍ୟ ଏପରି ଏକ ପରିବେଶ ଭିତରେ ଜନ୍ମ ହେବ, ଯାହାକି ଯଥେଷ୍ଟ ପରିମାଣରେ ଆରାମଦାୟକ ହୋଇଥିବ, ଏପରି ଜଣକୁ ବିବାହ କରିବ ଯାହା ଦ୍ୱାରା କି ଜୀବନରେ ବେଶୀଗୁଡ଼ାଏ

କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ହଁ, ତା'ର ପିଲାମାନେ ମଧ୍ୟ ସୁସ୍ଥ ଓ ସାଧାରଣ ହୋଇ ସେହି ପରିବେଶରେ ମଣିଷ ହୋଇ ପାରିବେ,—ସେମାନେ ମଧ୍ୟ ସେସବୁ କଷ୍ଟ ଓ କଷଣର ସମ୍ମୁଖୀନ ନହେବେ, ସେଇଥିଲାଗି ସାଧାରଣ ଜୀବନଟି ଭିତରେ ସୁରୁଖୁରୁରେ ବଞ୍ଚି ଯାଇ ପାରିବେ । ଶେଷକୁ, ବୃଦ୍ଧାକାଳରେ ମଧ୍ୟ ସେସବୁ ଜୀବନ ବିକ୍ଷୋଭହୀନ ଏବଂ ସୁଖଶାନ୍ତିମୟ ହୋଇ କଟିଯାଇ ପାରିବ, ବେଶୀ ରୋଗବ୍ୟାଧି ଭୋଗିବାକୁ ପଡ଼ିବ ନାହିଁ,—ପୁନଶ୍ଚ, ସେହି କଷ୍ଟ ବା କଷଣରେ ପଡ଼ିବେ ନାହିଁ ବୋଲି ସେମାନେ ରୁଗ୍ଣ ହେବେ ନାହିଁ କି ଅସୁସ୍ଥ ହେବେ ନାହିଁ । ଏବଂ ସର୍ବଶେଷରେ, ଯେତେବେଳେ ଅବସନ୍ନତା ଆସି ପହଞ୍ଚିବ, ସେତେବେଳେ ଧରାପୃଷ୍ଠରୁ ବିଦାୟ ନେଇ ଯାଇହେବ; ଏଠାରେ ମଧ୍ୟ ଠିକ୍ ସେହି କଥା,—ଆମେ କୌଣସି ପ୍ରକାର କଷ୍ଟ ପଡ଼ୁ ବୋଲି ଇଚ୍ଛା କରୁ ନାହୁଁ ବୋଲି ଶାନ୍ତିରେ ସଂସାରରୁ ବିଦାୟ ନେଇ ଚାଲିଯିବାକୁ ଇଚ୍ଛା କରିଥାଉ ।

ବସ୍ତୁତଃ, ଏହାହିଁ ହେଉଛି ଅଧିକାଂଶ ମନୁଷ୍ୟଙ୍କର ଆଦର୍ଶ । ଅବଶ୍ୟ ଏଥିରେ ବ୍ୟତିକ୍ରମମାନ ରହିଛି ସତ, ଏପରିକି ଏହି ଆଦର୍ଶର ବିପରୀତ ଦୃଷ୍ଟାନ୍ତ ମଧ୍ୟ ବେଶ୍ ଦେଖିବାକୁ ମିଳିବ । ମାତ୍ର ଏପରି ଯେଉଁ ଜୀବନଟିର କଳ୍ପନା ମନୁଷ୍ୟମାନେ କରିଥାନ୍ତି, ତାହା ପ୍ରକୃତରେ ଖୁବ ବୈଚିତ୍ର୍ୟହୀନ ହୋଇ ପଡ଼ିବ । କେବଳ ଟିକିନିଖିର କ୍ଷେତ୍ରରେ ପାର୍ଥକ୍ୟମାନ ରହିଥିବ, କାରଣ ଗୋଟିଏ ଦେଶରେ ଲୋକମାନେ ଗୋଟିଏ କଥାକୁ ଅଧିକ ଭଲ ବୋଲି କହିବେ ଓ ଆଉଗୋଟିଏ ଦେଶରେ ଆଉ ଗୋଟିଏ କଥାକୁ ଭଲ ବୋଲି କହିବେ । ଏବଂ, ତା'ପରେ, ଜଣେ ମନୁଷ୍ୟ ଯେଉଁ ସମାଜରେ ଜନ୍ମଗ୍ରହଣ କରିଛି, ସେଠାରେ ନିଶ୍ଚୟ କେତୋଟି ବିଧିବିଧାନ ରହିଛି, ରୀତି ଓ ପରମ୍ପରା ରହିଛି, ସୁଖ ବିଷୟରେ ଏକ ଆଦର୍ଶ ମଧ୍ୟ ରହିଛି । ଏବଂ ଅନ୍ୟ ଏକ ସମାଜରେ ଅନ୍ୟ ପରମ୍ପରା ଏବଂ ଆଚାରମାନ ଅଛି, ସୁଖ ବିଷୟରେ ଏକ ଅନ୍ୟ ଆଦର୍ଶ ରହିଛି । ଏବଂ ସେହି କ୍ଷେତ୍ରରେ କେବଳ ଯାହା ପାର୍ଥକ୍ୟ ରହିଛି ।

ଉଦାହରଣସ୍ୱରୂପ, ଯଦି ଆମେ ଇଉରୋପୀସ୍ତ୍ରୀମାନଙ୍କ ସହିତ କଥାବାର୍ତ୍ତା କରିବା, ତେବେ ସେମାନେ କହିବେ ଯେ ଇଉରୋପଠାରୁ ବଳି ଅଧିକ ସୁନ୍ଦର ପୃଥିବୀରେ ଆଉ କତ୍ରହେଲେ ନାହିଁ । ମୁଁ ଏପରି କେତେକ ଫରାସୀ ଲୋକଙ୍କୁ ଜାଣିଥିଲି, କେବଳ ଜଣକୁ ନୁହେଁ, ଶହ ଶହଙ୍କୁ,—ଯେଉଁମାନେ ସବୁବେଳେ କହୁଥିଲେ ଯେ ପୃଥିବୀଯାକରେ ଫରାସୀ ରମଣୀମାନଙ୍କ ତୁଳନାରେ ଅଧିକ ସୁନ୍ଦରୀ ରମଣୀ ଆଉ କୌଣସିଠାରେ ନାହାନ୍ତି । ଏବଂ, ମୁଁ ଏପରି ଜଣେ ନିଗ୍ରୋ ଭଦ୍ରଲୋକଙ୍କୁ ଜାଣିଥିଲି, ଯିଏକି ଫ୍ରାନ୍ସରେ ତାଙ୍କର ସମସ୍ତ ଶିକ୍ଷା ଲାଭ କରିଥିଲେ, ଏବଂ ଯିଏକି, ପୃଥିବୀରେ କେଉଁ ଦେଶରେ ରମଣୀମାନେ ସବୁଠାରୁ ଅଧିକ ସୁନ୍ଦର ବୋଲି ତାଙ୍କୁ ପଚରା ଯିବାରୁ, କହିଥିଲେ, "ଜଣେ ନିଗ୍ରୋ ରମଣୀଠାରୁ ଅଧିକ ସୁନ୍ଦରୀ ରମଣୀ

'oaob.nitrkl.ac.in' images reprocessed

ଆଉ କେଉଁଠି ହେଲେ ନାହାନ୍ତି ।" ଏପରି ଉତ୍ତର ପାଇବା ଅତ୍ୟନ୍ତ ସ୍ୱାଭାବିକ, ନୁହେଁ କି ? ବେଶ୍, କଥାଟିକୁ ଆମେ ଠିକ୍ ଏହିପରି ବୋଲି ଜାଣିବା । ଯେଉଁ ଘରଟିରେ ତୁମେ ବାସ କରି ଆସିଛ, ସେହି ଘରଟିଠାରୁ ଅଧିକ ସୁନ୍ଦର ଘର ଆଉ କେଉଁଠିହେଲେ ନାହିଁ । ଯେଉଁ ଦେଶରେ ତୁମେ ବାସ କରୁଛ, ଯେଉଁ ଦେଶରେ ତୁମର ଜନ୍ମ ହୋଇଛି, ସେହି ଦେଶର ଘରଗୁଡ଼ିକଠାରୁ ଅଧିକ ସୁନ୍ଦର ଘର ଆଉ କେଉଁଠିହେଲେ ନାହିଁ । ଏବଂ, ପ୍ରାକୃତିକ ସୌନ୍ଦର୍ଯ୍ୟ ବିଷୟରେ ମଧ୍ୟ ଠିକ୍ ସେହି କଥା, ଖାଦ୍ୟ ବିଷୟରେ ବି ସେହି କଥା, ଅଭ୍ୟାସଗୁଡ଼ିକ ବେଳକୁ ମଧ୍ୟ ସେହି କଥା । ଏବଂ ଯଦି ଏହି କଥାଟିହିଁ ବେଶ୍ ସୁରୁଖୁରୁରେ ଚାଲିପାରିଲା, ଯଦି ସେହି ବାଟରେ କୌଣସି ବଡ଼ ଆଘାତ ଖାଇବାକୁ ନପଡ଼ିଲା, ତେବେ ତୁମେ ପରମ ସନ୍ତୋଷ ଲାଭ କରିପାରିବ ।

ଏହାହିଁ ସାଧାରଣ ମନୋଭାବ । ଏବଂ ଏହିପରି ଭାବରେ ଆମେ ଭବିଷ୍ୟ ବୁଣିବାରେ ଲାଗିଥାଉ, ସେହି ଗୋଟିଏ ବୃତ୍ତର ପରିକ୍ରମା କରୁଥାଉ । କେତେବେଳେ ଲୁହାର ବୃତ୍ତଟିଏ ଓ ପୁଣି କେତେବେଳେ ସୁନାର ବୃତ୍ତଟିଏ ପରିକ୍ରମା କରିବାରେ ଲାଗିଥାଉ । ମାତ୍ର, ଏହିପରି ଭାବରେହିଁ ଭବିଷ୍ୟ ବୁଣିବାରେ ଲାଗିଥାଉ, ଆମ ପରେ ଆମ ପିଲାମାନେ ଓ ତାଙ୍କ ପରେ ତାଙ୍କ ପିଲାମାନେ ବି ଭବିଷ୍ୟ ବୁଣିବାରେ ଲାଗିଥାନ୍ତି । ଏହିପରି ଭାବରେ ଚାଲି ଆସୁଥାଏ । ଏଥର ବୁଝିଲ ?

ଆଜି ଏଇଠି ଥାଉ ।

## ୧୫ ଫେବୃଆରୀ ୧୯୫୭

ମାଆ, ଶ୍ରୀଅରବିନ୍ଦ "କାର୍ଯ୍ୟକାରିଣୀ ବିଶ୍ୱପ୍ରକୃତି" ବିଷୟରେ କହିଛନ୍ତି । ଅନ୍ୟ ଭୂମିଗୁଡ଼ିକରେ ମଧ୍ୟ ଏକ କାର୍ଯ୍ୟକାରିଣୀ ପ୍ରକୃତି ରହିଛନ୍ତି କି ?

ଅନ୍ୟ ଭୂମିଗୁଡ଼ିକରେ ? ଅର୍ଥାତ୍ ?

ମନର ଭୂମିରେ ଏବଂ ଆହୁରି ଊର୍ଦ୍ଧ୍ୱରେ ।

ବିଶ୍ୱପ୍ରକୃତି ମଧ୍ୟରେ କେବଳ ଜଡ଼ହିଁ ଅନ୍ତର୍ଭୁକ୍ତ ହୋଇ ରହି ନାହିଁ, କେବଳ ଏହି ଜଡ଼ ଓ ତାହାରହିଁ ବିଭିନ୍ନ ଭୂମି ଅନ୍ତର୍ଗତ ହୋଇ ରହି ନାହିଁ । ଏହା

'oaob.nitrkl.ac.in' images reprocessed

ମଧ୍ୟରେ ପ୍ରାଣ ରହିଛି, ମନ ବି ରହିଛି; ଏହି ସବୁଗୁଡ଼ିକ ବିଶ୍ୱପ୍ରକୃତିର ଅନ୍ତର୍ଗତ ହୋଇ ରହିଛନ୍ତି ।

ଏବଂ ତା' ସେପାଖକୁ ପ୍ରକୃତି ବୋଲି ଆଉ କିଛି ନାହିଁ, ଅର୍ଥାତ୍, ତା' ସେପାଖକୁ ଏପରି କୌଣସି ବିଭେଦୀକରଣ ନାହିଁ । ପ୍ରକୃତି କହିଲେ ମୂଳତଃ ଭୌତିକ ପୃଥିବୀଟିକୁ ବୁଝାଉଛି, ଏଠାରେ ସେହି ଭୌତିକ ପୃଥିବୀର କଥା ବର୍ଣ୍ଣନା କରାଯାଇଛି ।*

ମାତ୍ର ଶ୍ରୀଅରବିନ୍ଦ ଯେପରି କହିଛନ୍ତି, "ସମଗ୍ର ପ୍ରକୃତ ସତ୍ୟ" କେବଳ ଏତିକି ନୁହେଁ । ଗୀତାରେ ଏହି ବିଷୟରେ ଯେତିକି ବ୍ୟାଖ୍ୟା କରାଯାଇଛି, ସେ କେବଳ ତାହାର ଏକ ସାରାଂଶ କରି ଦେଇଛନ୍ତି । ଗୀତାରେ ତାହାହିଁ ବୁଝାଯାଇଛି, ମାତ୍ର ପ୍ରକୃତ କଥା ଠିକ୍ ସେହିପରି ନୁହେଁ ।

ଶ୍ରୀଅରବିନ୍ଦ ଯେପରି କହିଛନ୍ତି, ଏହି ମାର୍ଗଟି ଆମର ବେଶ୍ କାମରେ ଲାଗିପାରେ, ଅର୍ଥାତ୍, ସତ୍ତାର ବିଭିନ୍ନ ଅଙ୍ଗ ବିଷୟରେ ଆମକୁ ସଂଶୟ ଭିତରେ ନେଇ ପକାଇ ନଦେଇ ଏହା, ଯାହା ଊର୍ଦ୍ଧ୍ୱତର ହୋଇ ରହିଛି ଓ ଯାହା ନିମ୍ନତର ହୋଇ ରହିଛି, ଉଭୟ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଜାଣିବାରେ ଆମକୁ ସାହାଯ୍ୟ କରିପାରେ; ଯାହା ଭଗବତ୍-ଅଭିମୁଖୀ ହୋଇ ରହିଛି ଓ ଯାହା ଜଡ଼-ଅଭିମୁଖୀ ହୋଇ ରହିଛି, ଉଭୟ ମଧ୍ୟରେ ଥିବା ପାର୍ଥକ୍ୟକୁ ଜାଣିବାରେ ସାହାଯ୍ୟ କରିପାରେ । ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଏହି କଳ୍ପନାକୁ ନିଶ୍ଚୟ ସହାୟକ ବୋଲି ବୁଝାଯିବ, ମାତ୍ର, ବସ୍ତୁତଃ, ଏହାକୁ କେବଳ ସେତିକି ବୋଲି ଜାଣି ରଖିବାକୁ ହେବ । ବସ୍ତୁଗୁଡ଼ିକ ପ୍ରକୃତରେ ଆଦୌ ସେପରି ହୋଇ ରହି ନାହିଁ ।

> ଶ୍ରୀଅରବିନ୍ଦ ଲେଖିଛନ୍ତି : "ପ୍ରକୃତି,—ଏଠାରେ, ତାହା ଆପଣାର ଦିବ୍ୟ ପରମସତ୍ତା ମଧ୍ୟରେ ଯେପରି ହୋଇ ରହିଛି, ପରମ ଶାଶ୍ୱତଙ୍କର ଚେତନାମୟୀ ପରମ ଶକ୍ତିରୂପିଣୀ ସେହି

---

* 'ଯୋଗସମନ୍ୱୟ' ପୁସ୍ତକଟିରୁ ମାତ୍ର ସେହି ଅଂଶଟି (ପୃଷ୍ଠା-୯୧) ଠିକ୍ ତା' ଆଗରୁ ପଢ଼ିଥିଲେ ସେଥିରେ ଶ୍ରୀଅରବିନ୍ଦ ପୁରୁଷ ଓ ପ୍ରକୃତି ମଧ୍ୟରେ ରହିଥିବା ପାରମ୍ପରିକ ଭେଦଟିକୁ ବୁଝାଇ ଦେଇଛନ୍ତି, ପ୍ରକୃତିର ଅନୁମନ୍ତା ଏବଂ ସ୍ୱୟଂ ପ୍ରକୃତି ବିଷୟରେ ଆଲୋଚନା କରିଛନ୍ତି ଓ ପ୍ରକୃତିର ଅନୁମନ୍ତା ପ୍ରକୃତି ଭିତରେ ନିମଜ୍ଜିତ ହୋଇ ରହିଥିବାର ବିଭିନ୍ନ ପର୍ଯ୍ୟାୟଗୁଡ଼ିକର ବର୍ଣ୍ଣନା କରିଛନ୍ତି । ପୃଥିବୀର ବିଭିନ୍ନ କ୍ରିୟାକଳାପରେ ଆତ୍ମାର ବିଭିନ୍ନ ପର୍ଯ୍ୟାୟ ବିଷୟରେ ବର୍ଣ୍ଣନା କରିଛନ୍ତି । ଏବଂ ତା'ପରେ, ଆତ୍ମା କିପରି ପ୍ରକୃତିର ଉପରକୁ ଉଠିଯାଇ ପୁନର୍ବାର ପ୍ରକୃତିର ଅନୁମନ୍ତାଙ୍କ ମଧ୍ୟରେ ଏକାତ୍ମକ ହୋଇ ରହେ, ମୁକ୍ତିର ସେହି ପାରମ୍ପରିକ ମାର୍ଗଟିକୁ ମଧ୍ୟ ଦେଖାଇ ଦେଇଛନ୍ତି ।

'oaob.nitrkl.ac.in' images reprocessed

ପ୍ରକୃତିର କଥା କୁହା ଯାଉ ନାହିଁ, ମାତ୍ର ଏହି ଅଜ୍ଞାନ ଭିତରେ ପ୍ରକୃତି ଆମକୁ ଯେଉଁ ଭଳି ଦେଖାଯାଉଛି, ତାହାର କଥାହିଁ କୁହାଯାଉଛି,—ହେଉଛି ଏକ କାର୍ଯ୍ୟକାରିଣୀ ଶକ୍ତି । ଆପଣାର ପଦକ୍ଷେପଗୁଡ଼ିକରେ ତାହା ଯନ୍ତ୍ରବତ୍ ଗତି କରେ; ଏହି ପ୍ରକୃତିଟି ବିଷୟରେ ଆମକୁ ଯେଉଁସବୁ ଅନୁଭବ ପ୍ରାପ୍ତ ହୋଇଥାଏ, ତଦନୁସାରେ, ତାହା ସଚେତନ ଭାବରେ ଆଦୌ ବୁଦ୍ଧିଶାଳୀ ହୋଇ ରହିଥିଲା ପରି ଦେଖାଯାଏ ନାହିଁ, ଅବଶ୍ୟ ଏକଥା ସତ ଯେ ପ୍ରକୃତିର ଯାବତୀୟ କ୍ରିୟାତ୍ମକତା ଏକ ପରିପୂର୍ଣ୍ଣ ବୁଦ୍ଧି ଦ୍ୱାରାହିଁ ସର୍ବଦା ପ୍ରେରିତ ହୋଇ ରହିଥାଏ ।"

ଯୋଗସମନ୍ୱୟ, ପୃଷ୍ଠା-୨୧

## ପ୍ରକୃତି ସଚେତନ ଭାବରେ ବୁଦ୍ଧିଶାଳୀ ହୋଇ ରହି ନଥାଏ ?

ଏପରି ଏକ ବୁଦ୍ଧି ରହିଛି, ଯାହାକି ପ୍ରକୃତି ମଧ୍ୟରେ କାର୍ଯ୍ୟ କରୁଥାଏ ଓ ପ୍ରକୃତିର ମଧ୍ୟଦେଇ କାମ କରୁଥାଏ, ପ୍ରକୃତିର ଯାବତୀୟ କାର୍ଯ୍ୟ ମଧ୍ୟରେ କାମ କରୁଥାଏ, ମାତ୍ର ପ୍ରକୃତି ସେହି ବୁଦ୍ଧିଟି ବିଷୟରେ ସଚେତନ ନଥାଏ । ଇତର ଜନ୍ତୁମାନଙ୍କର ଉଦାହରଣରୁ ତୁମେ ଏହି କଥାଟିକୁ ବେଶ୍ ବୁଝିପାରିବ । ଉଦାହରଣସ୍ୱରୂପ, ପିମ୍ପୁଡ଼ିମାନଙ୍କୁ ନିଆଯାଉ । ସେମାନଙ୍କର ଯାହା କରିବାକୁ ଥାଏ, ସେମାନେ ତାହା କରୁଥାନ୍ତି; ସେମାନଙ୍କର ଯାବତୀୟ କାର୍ଯ୍ୟ ଏବଂ ସଙ୍ଗଠନ ପ୍ରକୃତରେ ପରିପୂର୍ଣ୍ଣ ଓ ନିଖୁଣ ହୋଇ ରହିଥିଲା ପରି ମନେ ହେଉଥାଏ । ମାତ୍ର, ଯେଉଁ ବୁଦ୍ଧି ସେଗୁଡ଼ିକୁ ସଙ୍ଗଠିତ କରି ରଖିଥାଏ, ସେଇଟି ବିଷୟରେ ପିମ୍ପୁଡ଼ିମାନେ ମୋଟେ ସଚେତନ ନଥାନ୍ତି । ସେମାନେ ସ୍ୱୟଂ ଆଦୌ ସଜ୍ଞାନ ନଥିବା ଏକ ବୁଦ୍ଧି ଦ୍ୱାରା ଯନ୍ତ୍ରବତ୍ ପରିଚାଳିତ ହେଉଥାନ୍ତି । ଏବଂ, ଏପରିକି, ସବୁଠାରୁ ଅଧିକ ପରିମାଣରେ ବିକଶିତ ଇତର ପ୍ରାଣୀମାନଙ୍କର ବିଚାର କଲେ ମଧ୍ୟ, ଉଦାହରଣସ୍ୱରୂପ କୁକୁର ଓ ବିଲେଇମାନଙ୍କ ବିଷୟରେ ବିଚାର କଲେ ମଧ୍ୟ, ସେମାନଙ୍କୁ ଯାହା କରିବାକୁ ହେବ, ସେମାନେ ନିଖୁଣଭାବରେ ସେହି କଥାଟିକୁ ଜାଣିଥାନ୍ତି, ଛୁଆମାନଙ୍କର ପ୍ରତିପାଳନ କରୁଥିବା ବିଲେଇଟିଏ ଜଣେ ମାଆ ତା'ର ଛୁଆମାନଙ୍କୁ ପ୍ରତିପାଳନ କରୁଥିବା ପରି ଛୁଆମାନଙ୍କୁ ବଢ଼ାଇ ଆଣେ, ଅନେକ ସମୟରେ ବିଲେଇ ଜଣେ ମାଆଠାରୁ ବି ଅଧିକ ଭଲ ଭାବରେ ଏହି କାର୍ଯ୍ୟ କରୁଥାଏ । ମାତ୍ର, ଏସବୁ କାର୍ଯ୍ୟରେ ବିଲେଇ ଯେଉଁପରି ଏକ ବୁଦ୍ଧି ଦ୍ୱାରା ପ୍ରେରିତ ହେଉଥାଏ, ତାହା

'oaob.nitrkl.ac.in' images reprocessed

ବଲେଇକୁ ଯନ୍ତ୍ରବତ୍ ପରିଚାଳିତ କରି ନେଉଥାଏ । ଯେଉଁ ବୃତ୍ତି ତାକୁ ଯାବତୀୟ କାର୍ଯ୍ୟରେ ପ୍ରେରିତ କରାଏ, ବଲେଇ ସେହି ବୃତ୍ତି ବିଷୟରେ ସଚେତନ ନଥାଏ । ବଲେଇ ସେବିଷୟରେ ମୋଟେ ସଜ୍ଞାନ ନଥାଏ; ନିଜର ଇଚ୍ଛାରେ ସେହିସବୁ କ୍ରିୟାଶୀଳତାରେ ବଲେଇ ଆଦୌ କୌଣସି ପରିବର୍ତ୍ତନ କରିବାକୁ ସମର୍ଥ ହୁଏ ନାହିଁ । କୌଣସି ଏକ ଶକ୍ତି ତାହା ଦ୍ୱାରା ଯନ୍ତ୍ରବତ୍ କାର୍ଯ୍ୟ କରାଇ ନେଉଥାଏ, ମାତ୍ର ତା' ଉପରେ ବଲେଇର କୌଣସି ନିୟନ୍ତ୍ରଣ ନଥାଏ ।

ମାତ୍ର ଯଦି ଜଣେ ମଣିଷ ଏହି ପରିସ୍ଥିତିଟି ମଧ୍ୟରେ ପ୍ରବେଶ କରି ଗୋଟିଏ ବଲେଇକୁ ତାଲିମ ଦେବାକୁ ଯାଏ, ସିଏ ତଦ୍ୱାରା ବଲେଇର ଆଚରଣକୁ ବେଶ୍ ବଦଳାଇ ଦେଇପାରେ । ମାତ୍ର, ସେହି କ୍ଷେତ୍ରରେ, ବଲେଇର ନିଜ ଚେତନା ନୁହେଁ, ମନୁଷ୍ୟର ଚେତନାହିଁ ତା' ଉପରେ କାର୍ଯ୍ୟ କରୁଥାଏ । ଯେଉଁ ବୃତ୍ତି ତା' ଭିତରେ ରହି କାର୍ଯ୍ୟ କରାଉଥାଏ, ସେଇଟି ବିଷୟରେ ସେ ମୋଟେ ସଚେତନ ନଥାଏ ।

ଏବଂ, ଏହି ପ୍ରକାରର ଆତ୍ମ-ସଜ୍ଞାନ ହୋଇ ରହିପାରିବା, ନିଜର କାର୍ଯ୍ୟଟିକୁ ନିଜେ ନିରୀକ୍ଷଣ କରି ଦେଖିବାର ଏହି ସମ୍ଭାବନା, ମୁଁ କାହିଁକି ଓ କିପରି କାର୍ଯ୍ୟ କରୁଛି, ତାହାକୁ ବୁଝିବା ପାଇଁ ସମର୍ଥ ହେବା ଏବଂ ତେଣୁ ସେହି କାର୍ଯ୍ୟଟି ଉପରେ ନିୟନ୍ତ୍ରଣ ରଖିପାରିବା ଓ ତାହାକୁ ଇଚ୍ଛା କଲେ ବଦଳାଇ ଦେଇ ପାରିବା,—ଏସବୁ ହେଉଛି ମନର ସାମର୍ଥ୍ୟ ଏବଂ କେବଳ ମନୁଷ୍ୟହିଁ ଏଗୁଡ଼ିକର ଅଧିକାରୀ ହୋଇ ରହିଛି । ଜଣେ ମନୁଷ୍ୟ ଏବଂ ଏକ ଇତର ପ୍ରାଣୀ ମଧ୍ୟରେ ମୂଳତଃ ଏହି ପାର୍ଥକ୍ୟଟି ରହିଛି,—ମନୁଷ୍ୟ ନିଜ ବିଷୟରେ ସଚେତନ ଥାଏ, ତାକୁ କ୍ରିୟାଶୀଳ କରି ରଖିଥିବା ଶକ୍ତିଟି ବିଷୟରେ ସିଏ ସଜ୍ଞାନ ହୋଇପାରେ, ଏବଂ, କେବଳ ସଜ୍ଞାନ ହେବା ନୁହେଁ, ସେହି ଶକ୍ତିଟିକୁ ନିୟନ୍ତ୍ରଣ ବି କରିପାରେ ।

ମାତ୍ର ଯେଉଁମାନେ କୌଣସି ଏକ ଶକ୍ତି ଦ୍ୱାରା ପରିଚାଳିତ ହେଉଥିବା ପରି ଅନୁଭବ କରନ୍ତି ଓ "ମୁଁ ଏକଥା କରିବାକୁ ବାଧ୍ୟ ହେଲି" ବୋଲି କହୁଥାନ୍ତି, ଯେଉଁମାନଙ୍କର କାର୍ଯ୍ୟରେ ସେମାନଙ୍କର ଇଚ୍ଛାଶକ୍ତି କୌଣସି ଅଂଶଗ୍ରହଣ କରେ ନାହିଁ, ସେମାନେ ଯେ ଏବେ ମଧ୍ୟ ଇତର ପ୍ରାଣୀର ଆଚରଣପ୍ରବୃତ୍ତିରେ ଗଭୀର ଭାବରେ ଅବସ୍ଥାପିତ ହୋଇ ରହିଛନ୍ତି, ଅର୍ଥାତ୍ ଅଚେତନ ମଧ୍ୟରେ ଅବସ୍ଥାନ କରୁଛନ୍ତି, ସେମାନେ ତଦ୍ୱାରା ସେହି କଥାଟିକୁ ପ୍ରତିପାଦନ କରି ଦିଅନ୍ତି । ମୁଁ କାହିଁକି କାର୍ଯ୍ୟଗୁଡ଼ିକୁ କରୁଛି, ସେହି କଥାଟିକୁ ଜାଣିବାକୁ ସମର୍ଥ ହେଲେ ଓ ଏକ ସଙ୍କଳ୍ପବଦ୍ଧ ଇଚ୍ଛା ଦ୍ୱାରା ଆପଣାର କ୍ରିୟାଟିକୁ ବଦଳାଇ ଦେଇ ପାରିବାକୁ ଓ ତା' ଉପରେ ଆପଣାର ନିୟନ୍ତ୍ରଣ ଆଣି ପାରିବାକୁ ସମର୍ଥ ହେଲେ ଯାଇ ମୁଁ ପ୍ରକୃତରେ ଜଣେ ସଚେତନ ମନୁଷ୍ୟର ଭୂମିକା ଗ୍ରହଣ କରିବାକୁ ଆରମ୍ଭ

'oaob.nitrkl.ac.in' images reprocessed

କରେ । କୌଣସି ପ୍ରକାର ନିୟନ୍ତ୍ରଣ ହାସଲ କରିପାରିବା ପୂର୍ବରୁ ଆମେ ଅଳ୍ପବହୁତ କେବଳ ଏକ ଇତରପ୍ରାଣୀର ଅବସ୍ଥାରେହିଁ ରହିଥାଉ, ଆମ ଭିତରେ ଚେତନାର ଏକ ଅତି କ୍ଷୁଦ୍ର ଭ୍ରୂଣମାତ୍ର ରହିଥାଏ, ଯାହାକି ଉନ୍ମେଷିତ ହେବାକୁ ଆରମ୍ଭହିଁ କରୁଥାଏ, ଏକ ମ୍ଳାନ ଶିଖାଟିଏ ଦପ୍‌ଦପ୍ ହେଉଥାଏ ଏବଂ ଜଳିବାର ଚେଷ୍ଟା କରୁଥାଏ, ଏବଂ ଏତେଟିକିଏ ପବନ ଆସି ବାଜିଗଲେ ଯାହା ଲିଭିଯିବାର ସକଳ ସମ୍ଭାବନା ବି ରହିଥାଏ ।

"ପ୍ରକୃତିକୁ ଆମେ ଏକ ନିର୍ଜୀବ କ୍ରିୟାଶୀଳ ପରମ ସାମର୍ଥ୍ୟ ବୋଲିହିଁ ଜାଣିବା, କାରଣ ସେ ତା' ଆପଣା ଉପରେ ଆଣି ଲଦି ଦିଆ ଯାଇଥିବା ଏକ ଗତିସ୍ପନ୍ଦନକୁହିଁ କାର୍ଯ୍ୟକାରୀ କରୁଛି; ମାତ୍ର ତଥାପି ତାହାର ଭିତରେହିଁ ସେହି ସର୍ବବିତ୍ ପରମ ଅଧିଷ୍ଠାତ୍ରୀ ମଧ୍ୟ ବିଦ୍ୟମାନ ରହିଛନ୍ତି···

"ବ୍ୟକ୍ତି-ଆତ୍ମା ଅର୍ଥାତ୍ ଏକ ବିଶେଷ ରୂପ ଗ୍ରହଣ କରିଥିବା ଚେତନସତ୍ତା ଆପଣାକୁ ଏହି ଅନୁଭବଗ୍ରାହୀ ପୁରୁଷଟି ସହିତ ଏକାତ୍ମ କରି ରଖିପାରିବ ଅଥବା ଏହି କ୍ରିୟାତ୍ମକ ପ୍ରକୃତି ସହିତ ମଧ୍ୟ ଏକାତ୍ମ କରି ରଖିପାରିବ । ପ୍ରକୃତି ସହିତ ଏକାତ୍ମ ହେବାକୁ ଗଲେ ତାହା ଭର୍ତ୍ତା, ଭୋକ୍ତା ଅଥବା ଜ୍ଞାତା ହୋଇ ପାରିବ ନାହିଁ···"

ଯୋଗସମନ୍ୱୟ, ପୃଷ୍ଠା-୯୧

ଯଦି ପ୍ରକୃତି ଏକ ଆତ୍ମସଜ୍ଞାନ ପରମଶକ୍ତି ଦ୍ୱାରା ପରିଚାଳିତ ହେଉଛି ଏବଂ ତା' ଉପରେ ଯାହା ଲଦି ଦିଆଯାଉଛି, ଯଦି ତାହାକୁହିଁ ପ୍ରକୃତି କାର୍ଯ୍ୟକାରୀ କରୁଛି, ତେବେ ସେହି କ୍ଷେତ୍ରରେ ଏହିସବୁ ବିକୃତି ଆସି ପହଞ୍ଚୁଛି ପୁଣି କାହିଁକି ? ପ୍ରକୃତି କିପରି ବସ୍ତୁଗୁଡ଼ିକୁ ବିକୃତ କରିଦେଇ ପାରୁଛି ?

ହଁ, ମୁଁ ସେହିପରି ଏକ ପ୍ରଶ୍ନ ଆଶା କରୁଥିଲି ।

ମୁଁ ପୁଣି କହି ରଖିବି ଯେ ଏହା ହେଉଛି ଗୀତାର ସିଦ୍ଧାନ୍ତ, ସମ୍ପୂର୍ଣ୍ଣ ସତ୍ୟ ଆଦୌ ନୁହେଁ ।

'oaob.nitrkl.ac.in' images reprocessed

ଫ୍ରାନ୍ସରେ ଥିଲାବେଳେ ମୁଁ ଏହି କଥାଟିକୁ ଶୁଣିଥିଲି; ଅନେକ ଲୋକ ଅଛନ୍ତି, ଯେଉଁମାନେ ଗୀତାର ସିଦ୍ଧାନ୍ତଟିକୁ ବ୍ୟାଖ୍ୟା କରି କହୁଥାନ୍ତି, ସେମାନେ କହନ୍ତି ଯେ ଧୂଆଁ ନଥିଲେ କଦାପି କୌଣସି ଅଗ୍ନି ସମ୍ଭବ ନୁହେଁ,—ମାତ୍ର ତାହା ଆଦୌ ସତ କଥା ନୁହେଁ । ଏବଂ ସେହି କଥାଟିରୁ ଯୁକ୍ତି ଆରମ୍ଭ କରି ସେମାନେ କହୁଥାନ୍ତି, "ଜୀବନ ହେଉଛି ଠିକ୍ ଏହିପରି ଓ ତୁମେ ଏହାକୁ କଦାପି ବଦଳାଇ ପାରିବ ନାହିଁ । ଜୀବନ ପ୍ରକୃତରେ ସେହିପରି । ତୁମେ କେବଳ ପୁରୁଷଙ୍କ ତରଫକୁହିଁ ଅତିକ୍ରମ କରିଯାଇ ପାରିବ, ଯେଉଁ ଶକ୍ତି ଶାସିତ ହେଉଛି, ସେଇଟିର ପରିବର୍ତ୍ତେ, ଯେଉଁ ଶକ୍ତି ଶାସନ କରୁଛି, ତୁମେ ନିଜେ ସେହି ଶକ୍ତିରେ ପରିଣତ ହୋଇଯାଇ ପାରିବ ।" ବାସ୍, କଥା ହେଉଛି ଏତିକି । ମାତ୍ର, ଶ୍ରୀଅରବିନ୍ଦ ଶେଷ ଆଡ଼କୁ ଯେପରି କହିଛନ୍ତି, ଏଇଟି ହେଉଛି ଗୀତାର ସିଦ୍ଧାନ୍ତ, ଏହା ସମ୍ପୂର୍ଣ୍ଣ ସତ୍ୟ କଦାପି ନୁହେଁ । ବସ୍ତୁଗୁଡ଼ିକ ଉପରେ ଅବଲୋକନ କରିବା ପାଇଁ ଏହା ହେଉଛି ଏକ ଆଂଶିକ ମାର୍ଗ, —ଏହା ଉପକାରୀ, ବ୍ୟାବହାରିକ ଏବଂ ସୁବିଧାଜନକ ମତ, ମାତ୍ର ସମ୍ପୂର୍ଣ୍ଣ ଭାବରେ କଦାପି ସତ୍ୟ ନୁହେଁ ।

ଯଦି ସେହିପରି ହୋଇଥାଏ, ତେବେ ଏକଥା କିପରି ହେଉଛି ଯେ ଶ୍ରୀଅରବିନ୍ଦଙ୍କର କେତେକ ସାଧକ ପୃଥିବୀର ମୁକ୍ତି ଲାଗି ଗୀତାର ବାଣୀକୁ ପ୍ରଚାର କରୁଛନ୍ତି ?

ସେଇଟା ସେମାନଙ୍କ ନିଜର କଥା । ଯଦି ତଦ୍ୱାରା ସେମାନେ ସୁଖ ପାଇ ପାରୁଛନ୍ତି, ତେବେ ମୁଁ ସେଥିରେ ଆପତ୍ତି କରିବି କାହିଁକି ?

ମାତ୍ର ଶ୍ରୀଅରବିନ୍ଦଙ୍କ ଯୋଗ ସହିତ ତେବେ ଏହାର କୌଣସି ସମ୍ବନ୍ଧ ନାହିଁ ?

କୌଣସି ସମ୍ବନ୍ଧ ନାହିଁ ବୋଲି କେବେହେଲେ କୁହାଯାଇ ପାରିବ ନାହିଁ । ମାତ୍ର ଏହା ହେଉଛି ଏକ ସଙ୍କୀର୍ଣ୍ଣ ବସ୍ତୁ । ଏବିଷୟରେ ମୁଁ ଏତିକି କହିବି । ସେମାନେ ଏତେଟିକିଏ ଅଂଶକୁ ହାତକୁ ନେଇ କାବୁଡ଼ି ଧରିଛନ୍ତି ଓ ତାହାକୁହିଁ ସମ୍ପ୍ରଦାୟଟି ବୋଲି କହୁଛନ୍ତି । ମାତ୍ର ସେଇ କଥା ତ ପ୍ରତ୍ୟେକ ମନୁଷ୍ୟଙ୍କର କ୍ଷେତ୍ରରେ ଘଟିଥାଏ । ମୋତେ କହିଲ, ସମ୍ପ୍ରଦାୟଟିର କଳନା କରିବା ଲାଗି ଯଥାର୍ଥରେ କାହାର ସାମର୍ଥ୍ୟ ରହିଛି ? ପ୍ରତ୍ୟେକ ମନୁଷ୍ୟ କେବଳ ନିଜର ସ୍ଥାନ

'oaob.nitrkl.ac.in' images reprocessed

ଅଂଶଟିକୁହିଁ ବୁଝୁଛ ଓ ତାହାକୁହିଁ ଆପଣାର ସମୁଦାୟ ବସ୍ତୁଟିରେ ପରିଣତ କରିଦେଉଛ ।

ମାଆ ଶ୍ରୀଅରବିନ୍ଦ ବ୍ୟାଖ୍ୟା କରି କହିଛନ୍ତି···

ମାଆ, ତୁମେ କ'ଣ ପ୍ରଚାରକ ହେବାକୁ ମନ କରୁଛ କି ? ତୁମେ ସେମାନଙ୍କୁ ବୁଝାଇବା ଲାଗି କାହିଁକି ଚେଷ୍ଟା କରୁଛ ? ଯଦି ସେମାନେ ସେତିକରେ ସନ୍ତୁଷ୍ଟ ହୋଇ ରହି ପାରୁଛନ୍ତି, ତେବେ ସେମାନଙ୍କୁ ସେହି ସନ୍ତୋଷକୁ ନେଇ ରହିବା ଲାଗି ଛାଡ଼ି ଦିଆଯାଉ !··· ସେମାନେ ଯଦି ତୁମ ପାଖକୁ ଆସି "ଏଇଟା ହେଉଛି ଶ୍ରୀଅରବିନ୍ଦଙ୍କର ସିଦ୍ଧାନ୍ତ" ବୋଲି କହୁଛନ୍ତି, ତେବେ ତୁମର ନିଶ୍ଚୟ ତାହାର ଉତ୍ତରରେ ଏହି କଥାଟିକୁ କହିବାର ଅଧିକାର ରହିଛି, "ନା—ଆପଣ ଭୁଲ୍ କହୁଛନ୍ତି, ଏଇଟି ହେଉଛି ପରମ୍ପରାଗତ ଭାବେ ଚାଲି ଆସିଥିବା ସିଦ୍ଧାନ୍ତ, ଏହା ଶ୍ରୀଅରବିନ୍ଦଙ୍କର ସିଦ୍ଧାନ୍ତ ନୁହେଁ ।" ବାସ୍, ସେତିକି କଥା । ମାଆ, "ଆପଣଙ୍କୁ ଆପଣଙ୍କର ସିଦ୍ଧାନ୍ତଟିକୁ ବଦଳାଇବାକୁ ପଡ଼ିବ" ବୋଲି ତୁମେ ସେମାନଙ୍କୁ କଦାପି କହିବ ନାହିଁ । ଯଦି ସେମାନଙ୍କୁ ତାହା ଭଲ ଲାଗୁଛି, ତେବେ ସେମାନେ ସେଇଟିକୁହିଁ ଆବୋରି ରହିଥାନ୍ତୁ ।

ଏପରି କରିବା ଖୁବ ସୁବିଧାଜନକ । ଭାରତବର୍ଷକୁ ଆସିବା ପୂର୍ବରୁ ମୁଁ ଫ୍ରାନ୍ସରେ, ପାରିସ୍‌ରେ ଏକଥା ଦେଖିଥିଲି । ଏବଂ ବ୍ୟାବହାରିକ ଦୃଷ୍ଟିରୁ ଏହା ଯେ କେତେ ସୁବିଧାଜନକ ଥିଲା, ତାହା ମଧ୍ୟ ଦେଖିଥିଲି । ପ୍ରଥମ ସୁବିଧାଟି ହେଉଛି ଯେ, ମୁଁ ଯେପରି କହିଲି, ଏହା ତୁମକୁ ଏକ ଅତ୍ୟନ୍ତ ଗଭୀର ଏବଂ ଅତ୍ୟନ୍ତ ଉପଯୋଗୀ ସତ୍ୟକୁ ବୁଝିବା ଲାଗି ବାଟ ଛାଡ଼ିଦିଏ; ଏବଂ ତା'ପରେ ନିଜର ବାହ୍ୟ ପ୍ରକୃତିଟିକୁ ବଦଳାଇବାର ସକଳ ଆବଶ୍ୟକତାରୁ ତୁମକୁ ସୁରକ୍ଷିତ କରି ରଖେ ।

ଏହା ପ୍ରକୃତରେ ଖୁବ ସୁବିଧାଜନକ, ନୁହେଁ କି ? ତୁମେ କହିବ, "ମୁଁ ତ ସେହିପରି ତିଆରି ହୋଇଛି, ଏବିଷୟରେ ମୁଁ ଆଉ କ'ଣ କରିପାରିବ ? ଆପଣାକୁ ମୁଁ ପ୍ରକୃତିଠାରୁ ଅଲଗା କରି ରଖୁଛି, ତା'ପରେ ସିଏ ଯାହା କରିବାକୁ ଇଚ୍ଛା କରୁଛି, ତାକୁ ମୁଁ ତାହା କରିବାକୁ ଛାଡ଼ିଦେଉଛି । ମୁଁ ତ ଏହି ପ୍ରକୃତି ନୁହେଁ, ମୁଁ ହେଉଛି ପୁରୁଷ । ତେଣୁ ପ୍ରକୃତି ତା' ବାଟରେ ଯାଉଥାଉ; ମୁଁ କ'ଣ ତାକୁ ବଦଳାଇ ପାରିବ ?" ଏପରି କହି କାମ ଚଳାଇଦେବା ଖୁବ ସୁବିଧାଜନକ । ଏବଂ ସେହି କାରଣରୁହିଁ ଲୋକେ ସେହି ବାଟରେ ଯାଆନ୍ତି । କାରଣ ସେମାନେ କଳ୍ପନା କରୁଥାନ୍ତି ଯେ ସେମାନେ ପୁରୁଷ ମଧ୍ୟରେ ରହିଛନ୍ତି, ମାତ୍ର ଟିକିଏ କ'ଣ ମଉକା ପାଇଗଲେ ପ୍ରକୃତି ଭିତରକୁ ଲେଉଟି ଆସନ୍ତି । ଏବଂ ତା'ପରେ କ୍ରୋଧରେ ଜ୍ୱଳନ୍ତି

'oaob.nitrkl.ac.in' images reprocessed

ହୋଇ ପଡ଼ନ୍ତି, ବା ନୈରାଶ୍ୟ ଭିତରେ ପଡ଼ିଯାଆନ୍ତି ଅଥବା ଅସୁସ୍ଥ ହୁଅନ୍ତି । ଏବଂ ସେକଥା ସେହିପରି ସ୍ୱଭାବରେହିଁ ଘଟିଥାଏ ।

ଥରେ ମୁଁ ଏପରି ଜଣେ ବ୍ୟକ୍ତିଙ୍କର କଥା ଶୁଣିଥିଲି, ଯିଏକି ପ୍ରକୃଷ୍ଟ ସହିତ ଠିକ୍ ଏହିପରି ଏକ ଏକାତ୍ମକତା ଉପଲବ୍ଧି କରିଥିଲେ ଏବଂ ଏକ ଅତ୍ୟନ୍ତ ଚମତ୍କାର ପରିବେଶର ବିକିରଣ କରିବାରେ ଲାଗିଥିଲେ; ମାତ୍ର ଏହି ପୃଥିବୀର ପ୍ରକୃତିରେ ଯେଉଁମାନେ କିଛି ବଦଳାଇବାକୁ ଇଚ୍ଛା କରୁଥିଲେ ସେ ସେମାନଙ୍କୁ ବିପଜ୍ଜନକ ବିପ୍ଳବକାରୀ ବୋଲି କହୁଥିଲେ; ଉଦାହରଣସ୍ୱରୂପ, ଯେଉଁମାନେ ସଂସାରରୁ କଷ୍ଟକ୍ଳେଶ ବିଲୁପ୍ତି ଲଭିବା ଉଚିତ ବା ପରିଶେଷରେ ମୃତ୍ୟୁର ଆବଶ୍ୟକତାଟି ପରିହାର୍ଯ୍ୟ ହୋଇ ପାରିବା ଉଚିତ ବୋଲି କହୁଥିଲେ, ବା କୌଣସି ପ୍ରକାର ଧ୍ୱଂସସାଧନ ନଘଟି ଯେ ଏକ ବିବର୍ତ୍ତନ ବା ଯାନ୍ତ୍ରିମନ୍ତ ଅଗ୍ରଗତି ସମ୍ଭବ ହୋଇ ପାରିବ ବୋଲି କହୁଥିଲେ, ସେମାନଙ୍କୁ ସେ ସାଙ୍ଘାତିକ ବୋଲି ଭାବୁଥିଲେ । ସିଏ କହୁଥିଲେ : "ଜାଣିଛ, ଯେଉଁମାନେ ସେଭଳି ଭାବୁଛନ୍ତି, ସେମାନେ ହେଉଛନ୍ତି ସାଙ୍ଘାତିକ ବିପ୍ଳବକାରୀ । ଯଦି ଦରକାର ପଡ଼େ, ତେବେ ସେମାନଙ୍କୁ କଏଦୀଖାନାରେ ନେଇ ବନ୍ଦ କରିଦେବା ଉଚିତ !"

ମାତ୍ର, ଜଣେ ବଡ଼ ଯୋଗୀ ନହୋଇ ମଧ୍ୟ ଯଦି କେହି ବୁଦ୍ଧିସମ୍ପନ୍ନ ଓ ବିବେକୀ ପରି କାର୍ଯ୍ୟ କରିବାକୁ ଇଚ୍ଛା କରୁଥାଏ, ତେବେ ତାକୁ ପ୍ରସନ୍ନତା ସହିତ ଏହି ଯାବତୀୟ ବସ୍ତୁ ଉପରକୁ ଦୃଷ୍ଟିପାତ କରି ଶିଖିବାକୁ ହେବ ଏବଂ ସେଗୁଡ଼ିକର ପ୍ରଭାବ ମଧ୍ୟରୁ ମୁକ୍ତ ରହିବାକୁ ପଡ଼ିବ । ତୁମର ନିଜର ଏକ ଅନୁଭୂତି ରହିଛି, ତୁମେ ସେହି ଅନୁଭୂତିଟିକୁ ଯଥାସମ୍ଭବ ଅଧିକ ଯଥାର୍ଥ ଓ ସମ୍ପୂର୍ଣ୍ଣ କରିବା ଲାଗି ଚେଷ୍ଟା କର, ମାତ୍ର ପ୍ରତ୍ୟେକ ମନୁଷ୍ୟକୁ ମଧ୍ୟ ତା'ର ନିଜର ଅନୁଭୂତି ସହିତ ବଞ୍ଚିବାକୁ ଛାଡ଼ିଦିଅ । ହଁ, ଯେପର୍ଯ୍ୟନ୍ତ ସେମାନେ ତୁମକୁ ଗୁରୁ ବୋଲି ମାନି "ଆପଣ ମୋତେ ବର୍ତ୍ତିମାନ ଆଲୋକ ଏବଂ ସତ୍ୟ ଆଡ଼କୁ ବାଟ ଦେଖାଇ ନେଇଯାଆନ୍ତୁ" ବୋଲି ନକହୁଛନ୍ତି, ତେବେ ସେମାନଙ୍କୁ ସେହିପରି ଛାଡ଼ିଦିଅ । ଯଦି କେହି ସେପରି ଆସି କହୁଛି, ତେବେ ସେହିଠାରୁହିଁ ତୁମର ଦାୟିତ୍ୱ ଆରମ୍ଭ ହୋଇଯିବା ଉଚିତ, କିନ୍ତୁ ତା' ପୂର୍ବରୁ କଦାପି ନୁହେଁ । (ଜଣେ ସାଧକଙ୍କୁ ଲକ୍ଷ୍ୟ କରି) ସିଏ କ'ଣ କହିବାକୁ ଚାହୁଁଛନ୍ତି !

ଶ୍ରୀଅରବିନ୍ଦ କହିଛନ୍ତି, "ଉଚ୍ଚତମ ଆଧ୍ୟାତ୍ମିକ ମନର ଠିକ୍ ସୀମା ପାଖକୁ ଆସି ଗୀତା ସତେଅବା ସେହିଠାରେହିଁ ଅଟକି ଯାଇଛି

'oaob.nitrkl.ac.in' images reprocessed

ଏବଂ ଅତିମାନସ ପରମାଲୋକର ଉଜ୍ଜ୍ୱଳ ମହିମାଗୁଡ଼ିକ ଭିତରକୁ ଆଦୌ ପ୍ରବେଶ କରି ନାହିଁ ।"

ଯୋଗସମନ୍ୱୟ, ପୃଷ୍ଠା-୮୭

ଗୀତାର ମାର୍ଗଟିକୁ ଅନୁସରଣ କରି କେନ୍ଦ୍ରସ୍ଥ ଅସଲ ସତ୍ୟଟିକୁ ଉପଲବ୍ଧି କରିବା ଏବଂ ଅତିମାନସ ଯୋଗର ସମୀପବର୍ତ୍ତୀ ହେବା ସମ୍ଭବ ହୁଏ ନାହିଁ କାହିଁକି ?

**ତୁମେ ଠିକ୍ କ'ଣ କହିବାକୁ ଚାହୁଁଛ, ମୁଁ ଆଦୌ ବୁଝି ପାରୁ ନାହିଁ । ମାତ୍ର ଏପରି ଅନେକ ଲୋକ ତ ଅଛନ୍ତି, ଯେଉଁମାନେ ଶ୍ରୀଅରବିନ୍ଦଙ୍କ ଦ୍ୱାରା ପ୍ରଦର୍ଶିତ ଯୋଗମାର୍ଗରେ ଚାଲୁଛନ୍ତି ବୋଲି ବିଶ୍ୱାସ କରୁଛନ୍ତି ସତ, ମାତ୍ର ତଥାପି ଅତିମାନସ ସତ୍ୟରେ ଉପନୀତ ହୋଇ ପାରୁ ନାହାନ୍ତି ।**

**ଜଣେ କେଉଁ ବାଟଟିକୁ ଅନୁସରଣ କରୁଛି, ପ୍ରକୃତରେ ସେଇଟି ଉପରେ ବେଶୀକିଛି ନିର୍ଭର କରୁ ନାହିଁ । ଜଣକ ଭିତରେ ପ୍ରକୃତରେ କେତେଦୂର କ'ଣ ସାମର୍ଥ୍ୟ ରହିଛି, ସବୁକିଛି ତାହାରି ଉପରେ ନିର୍ଭର କରିଥାଏ ।**

ମାତ୍ର ମୁଁ ପଚାରୁଛି : ପରମ ପ୍ରଭୁଙ୍କ ପାଖରେ ନିଜକୁ ସମର୍ପଣ କରିଦେବା ହେଉଛି ଗୀତାର ଅସଲ ମର୍ମସତ୍ୟ,—ଜଣେ ସେହି କଥାଟିକୁ ବୁଝି ନପାରିବ କାହିଁକି ?..."ଆମ ପ୍ରକୃତିର ସେହି ପରମ ପଥପ୍ରଦର୍ଶକ, ପରମ ପ୍ରଭୁ ଏବଂ ପରମନିବାସୀଙ୍କ ପାଖରେ ଆପଣାକୁ ସମ୍ପୂର୍ଣ୍ଣରୂପେ ସମର୍ପିତ କରି ରଖିବାର ଯେଉଁ ଉଚ୍ଚତମ ରହସ୍ୟଟିକୁ ଦର୍ଶାଇ ଦିଆଯାଇଛି, ଆମେ ତାହାକୁହିଁ ଗୀତାର ସର୍ବପ୍ରଧାନ ଅସଲ ରହସ୍ୟ ବୋଲି କହିପାରିବା ।"

ଯୋଗସମନ୍ୱୟ, ପୃଷ୍ଠା-୮୭

**ହଁ, ଏହି କଥାଟି ଗୀତାରେ ଲେଖାହୋଇ ରହିଛି, ସେଥିରେ ଲେଖାହୋଇ ରହିଛି ଯେ ଆପଣାକୁ ସମ୍ପୂର୍ଣ୍ଣରୂପେ ସମର୍ପିତ କରି ରଖିବାକୁ ହେବ । ତୁମେ ଜାଣିଛ, ଗୀତାରେ ଶ୍ରୀକୃଷ୍ଣ ହେଉଛନ୍ତି ପରମ ପଥପ୍ରଦର୍ଶକ, ଅନ୍ତରସ୍ଥ ପରମ ପ୍ରଭୁ, ଏବଂ ତୁମକୁ ତାଙ୍କରି ପାଖରେହିଁ ସମ୍ପୂର୍ଣ୍ଣରୂପେ ସମର୍ପିତ ହୋଇ ରହିବାକୁ ପଡ଼ିବ, ଏକ**

'oaob.nitrkl.ac.in' images reprocessed

ସମଗ୍ର ସମର୍ପଣ ସମ୍ଭବ କରିବାକୁ ପଡ଼ିବ,—ଏବଂ ତା'ପରେ ? ମୁଁ ତୁମମାନଙ୍କୁ କହିରଖୁଛି, ଲୋକେ ଏହି ଶାସ୍ତ୍ରର କଥାକୁ ମାନନ୍ତି ବା ସେହି ଶାସ୍ତ୍ରର କଥାକୁ ମାନନ୍ତି, ମାତ୍ର ତାହାର ଅନୁରୂପ ବାଟରେ ଚାଲିବା ଲାଗି ସର୍ବଦା ସମର୍ଥ ହୁଅନ୍ତି ନାହିଁ । ଗୋଟାଏ ନିର୍ଦ୍ଦିଷ୍ଟ ବିନ୍ଦୁ ପର୍ଯ୍ୟନ୍ତ ଆସି ସେଇଠି ଅଟକି ଯାଆନ୍ତି ।

ତୁମର ଅସୁବିଧାଟିକୁ ମୁଁ ପ୍ରକୃତରେ ବୁଝି ପାରୁ ନାହିଁ । ଯେଉଁ ବ୍ୟକ୍ତିମାନେ ଗୀତାରେ ପ୍ରଦର୍ଶିତ ମାର୍ଗଟିର ସତ୍ୟଟିକୁ ବିଶ୍ୱାସ କରନ୍ତି, ସେମାନେ କାହିଁକି ସେହି ସତ୍ୟଟିକୁ ଉପଲବ୍ଧି କରି ପାରନ୍ତି ନାହିଁ, ତୁମେ କ'ଣ ସେହି କଥା ପଚାରୁଛ ?

ସମର୍ପଣ ବିଷୟରେ ପ୍ରଦର୍ଶିତ ମାର୍ଗଟିକୁ ।

ହଁ, ଗୀତାରେ ଯେଉଁ ମାର୍ଗଟିକୁ ଦର୍ଶାଇ ଦିଆଯାଇଛି,—ଏବଂ ସେହି କଥାରେ ତୁମେ ବିସ୍ମୟ ପ୍ରକାଶ କରୁଛ । ମାତ୍ର ପୃଥିବୀରେ ତ ଅଗଣିତ ଏପରି ଲୋକ ରହିଛନ୍ତି, ଯେଉଁମାନେ କି କୌଣସି ମାର୍ଗର ସତ୍ୟଟିକୁ ବେଶ୍ ହୃଦୟଙ୍ଗମ କରିପାରନ୍ତି, ମାତ୍ର ସେମାନେ ତାହାର ଦ୍ୱାରାହିଁ ସେହି ମାର୍ଗର ଉପଲବ୍ଧି କରିବାକୁ ତଥାପି ସମର୍ଥ ହୁଅନ୍ତି ନାହିଁ । ଉଦାହରଣସ୍ୱରୂପ, ବୌଦ୍ଧଧର୍ମକୁ ସତ୍ୟ ବୋଲି ସ୍ୱୀକାର କରୁଥିବା ପୃଥିବୀର କୋଟି କୋଟି ବୌଦ୍ଧଧର୍ମାବଲମ୍ବୀ କ'ଣ ଜଣେ ଜଣେ ବୋଧିପ୍ରାପ୍ତ ସବୁଜ୍ଞ ବ୍ୟକ୍ତିରେ ପରିଣତ ହୋଇ ପାରନ୍ତି ? ଆଦୌ ନୁହେଁ; ତେବେ ଏଥିରେ ବିସ୍ମିତ ହେବାର ଆଉ କ'ଣ ରହିଲା ?

ଶ୍ରୀଅରବିନ୍ଦଙ୍କ ପଠନ ଏବଂ ଅଧ୍ୟୟନ କରି ସାରିବା ପରେ ବି ଅନେକ ଲୋକ ଏହିପରି ମାନୁଥାନ୍ତି ବୋଲି ମୁଁ ତୁମକୁ କହୁଛି । ଗୀତାର ଏହି ମାର୍ଗଟିକୁ ସେମାନେ କାହିଁକି ଗ୍ରହଣ କରନ୍ତି, ତାହାକୁହିଁ ଜାବୁଡ଼ି ରହିଥାନ୍ତି ଏବଂ ସେଇଥିରେ ଲାଗି ରହିଥାନ୍ତି ? କାରଣ ଏହା ଆରାମଦାୟକ, ସେଥିରେ ନିଜର ପ୍ରକୃତିଟିକୁ ବଦଳାଇବା ଲାଗି ମୋଟେ କୌଣସି ଚେଷ୍ଟା କରିବାକୁ ପଡ଼େ ନାହିଁ : ଜଣେ ବ୍ୟକ୍ତିର ପ୍ରକୃତି ଅପରିବର୍ତ୍ତନୀୟ, ତେଣୁ ତାହାକୁ ବଦଳାଇବା ବିଷୟରେ ଭାବିବାରହିଁ ଆଦୌ କୌଣସି ପ୍ରୟୋଜନ ନାହିଁ । ତୁମେ ତାକୁ କେବଳ ତା'ର ନିଜ ବାଟରେ ଯିବାକୁ ଛାଡ଼ିଦିଅ, ନିଜର ହସ୍ତୀଦନ୍ତ-ପ୍ରାସାଦ ଉପରେ ଥାଇ ତା' ଆଡ଼କୁ ଅବଲୋକନ କରୁଥାଅ ଏବଂ ତାହା ଯାହା କିଛି କରିବାକୁ ଇଚ୍ଛା କରୁଛି, ତାକୁ ତାହା କରିବା ପାଇଁ ଛାଡ଼ିଦିଅ ଏବଂ, "ସେଇଟା ମୁଁ ନୁହେଁ, ମୁଁ ସେଇଟା ନୁହେଁ" ବୋଲି କହୁଥାଅ ।

ଏଇଟା ଖୁବ ସୁବିଧାଜନକ, ଏଇଟା କରିବା ଲାଗି ଆଦୌ କୌଣସି ସମୟ ଲାଗେ ନାହିଁ;—ଅନ୍ତତଃ ଏଇଟା ହୋଇଗଲା ବୋଲି ବେଶ୍ ସହଜରେ ଦାବି କରି

'oaob.nitrkl.ac.in' images reprocessed

ଯାଇପାରେ । ମୁଁ ଆଗରୁ ଯେପରି କହିଛି, ପ୍ରକୃତ କାର୍ଯ୍ୟର କ୍ଷେତ୍ରରେ ଆପଣା ସ୍ଥିରଶାନ୍ତି ସହିତ ବ୍ୟକ୍ତିତ୍ୱ ସଙ୍ଗତି ରଖିବା ସମ୍ଭବ ହୋଇଥାଏ । ଯଦି ତୁମର ଚିଡ଼ି ବଢ଼ିଯାଏ, ତୁମର ମୁଣ୍ଡବଥା ହେଉଥାଏ ଅଥବା ତୁମର ଗୋଡ଼ ଖଣ୍ଡିଆ ହୋଇ ଯାଇଥାଏ, ତେବେ ତୁମେ ଚିତ୍କାର କରିବାକୁ ଆରମ୍ଭ କର, ଅଭିଯୋଗ କର, ଆର୍ତ୍ତନାଦ କର; ଅର୍ଥାତ୍, ତୁମେ କଦାପି ସେହି ବିଷୟରେ ନିର୍ଲିପ୍ତ ହୋଇ ରହ ନାହିଁ, ତୁମେ ଗୋଟାସୁଦ୍ଧା ଲିପ୍ତ ଓ ସମ୍ପୃକ୍ତ ହୋଇ ରହୁଥାଅ, ଖୁବ୍ ଟାଣ ହୋଇ ବାନ୍ଧି ହୋଇ ରହୁଥାଅ । ଏଇଟା ମଣିଷର ଜୀବନରେ ସଚରାଚର ଘଟିଥାଏ ।

ଅଥବା, ତା' ନହେଲେ, ଯେତେବେଳେ କେହି ତୁମକୁ ଅପ୍ରୀତିକର କିଛି କଥା କହୁଛି, ତୁମେ ତଦ୍ଦ୍ୱାରା ବେଶ୍ ବିଚଳିତ ହୋଇ ପଡ଼ୁଛ । ଏକଥା ଠିକ୍ ସେହିପରି ହୁଏ,—କାରଣ ତୁମେ ନିଜ ପ୍ରକୃତିର ଗୋଟାସୁଦ୍ଧା ପାଖେପାଖେ ରହୁଥାଅ, ପ୍ରକୃତି ସହିତ ଗୋଟାସୁଦ୍ଧା ବନ୍ଧା ହୋଇ ରହୁଥାଅ, ବନ୍ଧା ହୋଇ ରହ ନାହିଁ ବୋଲି ତୁମେ ଘୋଷଣା କରିଥିଲେ ମଧ୍ୟ ବନ୍ଧା ହୋଇ ରହୁଥାଅ । ହଁ, ସେହିପରି କଥା ।

## ୨୨ ଫେବୃଆରୀ ୧୯୫୭

ମାଆ, "ଏକ ଅବିନାଶୀ ଚିଦ୍‌ଗତ ଜୀବନର ବଳିଷ୍ଠ ଅବିଚଳତା" କଥାଟିକୁ ମୁଁ ବୁଝି ପାରୁ ନାହିଁ ।

ଯୋଗସମନ୍ୱୟ, ପୃଷ୍ଠା-୧୫

ତୁମେ ପ୍ରକୃତରେ କେଉଁ କଥାଟିକୁ ବୁଝି ପାରୁ ନାହିଁ ? ଏକ ଅବିନାଶୀ ଚିଦ୍‌ଗତ ଜୀବନ କିପରି ଏକ ବଳିଷ୍ଠ ଅବିଚଳତାର ଅଧିକାରୀ ହୋଇ ରହିଥାଏ, ସେହି କଥା ? ଏହାର ଅର୍ଥ ତ ସେହି କଥାଟିରୁହିଁ ସ୍ପଷ୍ଟ ହୋଇ ଯାଉଛି । ଏକ ଅବିନାଶୀ ଚିଦ୍‌ଗତ ଆତ୍ମା ସ୍ୱଭାବତଃ ଅବିଚଳ ଓ ଦୃଢ଼ ହୋଇ ରହିଥାଏ, ଅବିନାଶୀ ହୋଇଥିବାରୁହିଁ ତାହା ସେହିପରି ହୋଇ ରହିଥାଏ ।

ମାତ୍ର ଶ୍ରୀଅରବିନ୍ଦ ଗୀତା ବିଷୟରେ ବି ଏହି କଥା କହିଛନ୍ତି :
"ଆପଣାର ବିଧାନଟିରେ ଗୀତା ଆମର ପ୍ରାଣଗତ ଆବେଗଗୁଡ଼ିକୁ

'oaob.nitrkl.ac.in' images reprocessed

ମନ ଦ୍ୱାରା ନିୟନ୍ତ୍ରିତ କରି ରଖିବାର କଥା କହୁ ନାହିଁ, ମାତ୍ର ଏକ ଅବିନାଶୀ ଚିଦ୍‌ଗତ ଜୀବନର ବଳିଷ୍ଠ ଅବିଚଳତାର କଥାହିଁ କହୁଛି ।”

ଯୋଗସମନ୍ୱୟ, ପୃଷ୍ଠା-୯୫

ହିଁ, ମାତ୍ର ସେଇଟି ଗୋଟିଏ କଥାର ଉପସଂହାରରେ ବୁଝାଯାଇଛି । କଥାଟି ବୁଝି ପାରିବାକୁ ହେଲେ ତୁମକୁ ବାକ୍ୟଟିର ମୂଳଟିକୁ ମଧ୍ୟ ପଢ଼ିବାକୁ ପଡ଼ିବ । ଆଚ୍ଛା, (ଜଣେ ସାଧକଙ୍କୁ ଉଦ୍ଦେଶ୍ୟ କରି) ମୋତେ ଆଲୁଅଟି ଦିଅ, ବହିଟି ମଧ୍ୟ ଦିଅ । ହଁ ପାଇଲି । ଶ୍ରୀଅରବିନ୍ଦ କହୁଛନ୍ତି, “ଗୀତାରେ ଏପରି ଏକ ସମ୍ପୂର୍ଣ୍ଣ ଓ ଦୃଢ଼ସ୍ଥିର ଅବସ୍ଥାର କଥା ବୁଝାଯାଇଛି, ଯେଉଁଥିରେ କି କୌଣସି ସାଲିସ୍ ଲାଗି ଆଦୌ ସ୍ଥାନ ନାହିଁ; ସେଥିରେ ଏକ ଦିକ୍‌ପରିବର୍ତ୍ତନର କଥା ବୁଝାଯାଇଛି, ଏପରି ଏକ ଦୃଷ୍ଟିର ଅବତାରଣା କରାଯାଇଛି ଯାହାକି ଆତ୍ମାର ସମୁଦାୟ ସ୍ଥିତିରେହିଁ ଏକ ପରିବର୍ତ୍ତନ ଆଣି ଦେଇପାରିବ । ଆପଣାର ବିଧାନଟିରେ ଗୀତା ଆମର ପ୍ରାଣଗତ ଆବେଗଗୁଡ଼ିକୁ ମନ ଦ୍ୱାରା ନିୟନ୍ତ୍ରିତ କରି ରଖିବାର କଥା କହୁ ନାହିଁ, ମାତ୍ର ଏକ ଅବିନାଶୀ ଚିଦ୍‌ଗତ ଜୀବନର ବଳିଷ୍ଠ ଅବିଚଳତାର କଥାହିଁ କହୁଛି ।”

ଏହି କଥାଟି ତ ଦିବାଲୋକ ପରି ପରିଷ୍କାର ମନେହେଉଛି । ଗୀତା ଆମଠାରୁ ଏକ ଅବିନାଶୀ ଚିଦ୍‌ଗତ ଜୀବନର ବଳିଷ୍ଠ ଅବିଚଳତାହିଁ ଦାବି କରୁଛି; ଏହା ବ୍ୟତୀତ ଆଉ ଯାହାକିଛି ରହିଛି, ତାହା ହେଉଛି ଗୌଣ କଥା । ଗୀତା ଏହି ଅଭିଳାଷଟିକୁ ରଖୁଛି ଯେ ଚିଦ୍‌ଗତ ଜୀବନ ଆପଣାର ଅବିନାଶିତ୍ୱ ବିଷୟରେ ସଚେତନ ହୋଇ ରହିବା ଉଚିତ ଏବଂ ତେଣୁ ଏହିପରି ଭାବରେ ଏକ ବଳିଷ୍ଠ ଅବିଚଳତାର ଅଧିକାରୀ ହୋଇ ରହିବା ଉଚିତ ।

କାରଣ, ଏଇଟି ହେଉଛି ପ୍ରକୃତ କଥା, ଠିକ୍ ସେହିପରି ଏକ କଥା । ଯେତେବେଳେ ଚିଦ୍‌ଗତ ଜୀବନ ଅବିନାଶିତ୍ୱ ବିଷୟରେ ସଚେତନ ହୋଇ ରହିଥିବ, ସେତେବେଳେ ତାହା ଗୋଟାପୁଞ୍ଜା ବଳିଷ୍ଠତା ଦ୍ୱାରା ତିଆରି ହୋଇଥିବା ଏକ ଅବିଚଳତାରେ ପରିଣତ ହୋଇ ରହିବ । ଅବିଚଳତାରେ ପରିଣତ ହୋଇ ରହିବ, ଅର୍ଥାତ୍, ତାହା ଆଉ କଦାପି ବିଚଳିତ ହେଉ ନଥିବ, ତାହା ଏକ ବଳିଷ୍ଠ ଅବିଚଳତା ହୋଇ ରହିବ । ଏହି ଅବିଚଳତାକୁ ଏକ ଜଡ଼ତା କିମ୍ବା ଅସମର୍ଥତାଜନିତ ଅବିଚଳତା ବୋଲି କଦାପି ବୁଝା ଯିବ ନାହିଁ । ଏହି ଅବିଚଳତା ହେଉଛି ଏକ ବଳିଷ୍ଠ ଅବିଚଳତା, କର୍ମ ଲାଗି ଏକ ଭିତ୍ତି, ଅର୍ଥାତ୍, ଜଣେ ଯେତେବେଳେ ଯାହାକିଛି କରିବ, ତାହା ଅବିନାଶୀ ଚିଦ୍‌ଗତ ଜୀବନର ଏହି ସର୍ବଶକ୍ତିଶାଳୀ ଅବିଚଳତା ଉପରେ ଦୃଢ଼ପ୍ରତିଷ୍ଠିତ ହୋଇ ରହିଥିବ ।

'oaob.nitrkl.ac.in' images reprocessed

ମାତ୍ର, ତୁମର ବୁଝିରଖିବା ଉଚିତ ଯେ କୌଣସି ପ୍ରକାର ବ୍ୟାଖ୍ୟା ତୁମକୁ ସେହି କଥାଟିର ମର୍ମ ବିଷୟରେ ଅବହିତ କରାଇ ପାରିବ ନାହିଁ । ତୁମକୁ ସେହି ଅନୁଭୂତିଟିକୁହିଁ ଲାଭ କରିବାକୁ ହେବ । ଉପଯୁକ୍ତ ଅନୁଭୂତିଟି ନହେବା ପର୍ଯ୍ୟନ୍ତ ଜଣେ ଏହାର ପ୍ରକୃତ ଅର୍ଥଟିକୁ ମୋଟେ ବୁଝି ପାରିବ ନାହିଁ··· । ଏବଂ ସବୁ କ୍ଷେତ୍ରରେ ମଧ୍ୟ ଠିକ୍ ଏହିପରି କଥା । ଆମର ମୁଣ୍ଡ, ଆମର ସାନ ମସ୍ତିଷ୍କ ଏ ବିଷୟରେ କିଛୁ ବୁଝି ପାରିବେ ନାହିଁ । ଯେଉଁ ମୁହୂର୍ତ୍ତରେ ତାହାକୁ ତୁମେ ଅନୁଭବ କରିବ, ଠିକ୍ ସେହି ମୁହୂର୍ତ୍ତରେହିଁ ତାକୁ ବୁଝିପିବ; ତା' ପୂର୍ବରୁ କଦାପି ନୁହେଁ । ହଁ, ଜଣକର ସେହି ବିଷୟରେ ଗୋଟାଏ ପ୍ରକାରର କଳ୍ପନାପ୍ରବଣ ଧାରଣା ଥାଇପାରେ, ମାତ୍ର ତାହାକୁ କଦାପି ବୁଝିବା ବୋଲି କୁହା ଯିବ ନାହିଁ । ବୁଝିବାକୁ ହେଲେ, ତାହାକୁ ଦେଖିବାକୁହିଁ ପଡ଼ିବ । ଯେତେବେଳେ ତୁମେ ନିଜର ଅବିନାଶୀ ଆତ୍ମାଟି ବିଷୟରେ ସଚେତନ ହୋଇପାରିବ ସେତେବେଳେ ଯାଇ ତୁମେ ବଳିଷ୍ଠ ଅବିଚଳତାର ପ୍ରକୃତ ଅର୍ଥକୁ ବୁଝିବାକୁ ଆରମ୍ଭ କରିବ । ମାତ୍ର, ତା' ପୂର୍ବରୁ କଦାପି ବୁଝି ପାରିବ ନାହିଁ । ଏବଂ, ତା' ନହେଲେ, ଏସବୁ କେବଳ କେତୋଟି ଶବ୍ଦ ହୋଇହିଁ ରହିଥିବେ ।

ଜଣେ ଏକା ସମୟରେ କିପରି ଅବିଚଳ ଏବଂ ବଳିଷ୍ଠ ହୋଇ ପାରିବ, ତୁମେ ସେହି କଥାଟିକୁ ବୁଝି ପାରୁ ନାହିଁ ଓ ସେହି କଥାଟି ତୁମକୁ ଅଡ଼ୁଆରେ ପକାଇ ରଖିଛୁ କି ? ହଁ, ଏହାର ଉତ୍ତର ଦେଇ ମୁଁ କହିବି ଯେ ଅବିଚଳତାରେହିଁ ସବୁଠାରୁ ଅଧିକ ବଳିଷ୍ଠତା ନିହିତ ହୋଇ ରହିଛି । ଅବିଚଳତା ହେଉଛି ସବୁଠାରୁ ବଡ଼ ଶକ୍ତି ।

ଏବଂ, ଏହାର ଏକ କ୍ଷୁଦ୍ର ଉପରିଭାଗସ୍ଥ ପ୍ରୟୋଗକ୍ଷେତ୍ର ମଧ୍ୟ ରହିଛି, ଯାହାକୁ ତୁମେ ସମ୍ଭବତଃ ବୁଝିବାକୁ ସମର୍ଥ ହେବ । ମନେକର, ଜଣେ ବ୍ୟକ୍ତି ଆସି ତୁମକୁ ଅପମାନ କଲା ବା ନାନା ଅପ୍ରୀତିକର କଥା କହିଲା । ଏବଂ ଯଦି ଏହି କ୍ରୋଧ ବା ଏହି ଅସଦିଚ୍ଛା ସହିତ ତାଳ ଦେଇ ତୁମେ ଆପଣାକୁ ମଧ୍ୟ ଅନୁପ୍ରାଣିତ କରିବାକୁ ଆରମ୍ଭ କରି-ଦେବ, ତେବେ ଖୁବ୍ ଦୁର୍ବଳ ଏବଂ ଶକ୍ତିହୀନ ପରି ଅନୁଭବ କରିବାକୁ ଆରମ୍ଭ କରିବ ଏବଂ ସାଧାରଣତଃ ଆପଣାକୁ ଏକ ନିର୍ବୋଧ ବ୍ୟକ୍ତିରେ ପରିଣତ କରିଦେବ । ମାତ୍ର ଯଦି ତୁମେ ଆତ୍ମସମ୍ବରଣ କରି ପାରିବ, ବିଶେଷତଃ ଆପଣାର ମୁଣ୍ଡ ଭିତରେ ଯଦି ସବୃତ ହୋଇ ରହିପାରିବ, ଏହିସବୁ ସ୍ପନ୍ଦନକୁ ଗ୍ରହଣ କରିବା ଲାଗି ମନା କରି ଦେଉଥିବା ଏକ ପରିପୂର୍ଣ୍ଣ ଅବିଚଳତା ଅବଲମ୍ବନ କରିପାରିବ, ତେବେ ସେପରି କରି ତୁମେ ଏକ ପ୍ରଭୂତ ବଳ ଅନୁଭବ କରିବ ଏବଂ ତାପରେ ସେହି ଅନ୍ୟ ବ୍ୟକ୍ତିଟି ଆଦୌ ତୁମର ଶାନ୍ତିଭଙ୍ଗ କରି ପାରିବ ନାହିଁ । ଯଦି ତୁମେ ଅତ୍ୟନ୍ତ ସ୍ଥିର ହୋଇ ରହିବ, ଏପରିକି ଶାରୀରିକ କ୍ଷେତ୍ରରେ ମଧ୍ୟ ଯଦି ସ୍ଥିର ରହି ପାରିବ, ଏବଂ, ତୁମକୁ ଉଦ୍ଦେଶ୍ୟ କରି ହିଂସାର ପ୍ରୟୋଗ କରାଗଲେ ମଧ୍ୟ ଯଦି ତୁମେ ଅତ୍ୟନ୍ତ ସ୍ଥିର, ଅତ୍ୟନ୍ତ ନୀରବ

'oaob.nitrkl.ac.in' images reprocessed

ଓ ଅତ୍ୟନ୍ତ ଶାନ୍ତ ହୋଇ ରହିପାରିବ, ତେବେ ତାହାର ଏକ ଶକ୍ତି କେବଳ ତୁମ ଉପରେ ଯେ କାର୍ଯ୍ୟ କରିବ ତା' ନୁହେଁ, ଅପର ବ୍ୟକ୍ତି ଉପରେ ମଧ୍ୟ କାର୍ଯ୍ୟ କରିବ । ଅନ୍ତର୍ଗତ ଅନୁକମ୍ପନର ଏହିସବୁ ସ୍ପନ୍ଦନରୁ ଯଦି ତୁମେ ଆପଣାକୁ ନିବୃତ୍ତ କରି ରଖିପାରିବ, ଆପଣା ଭିତରେ ଯଦି ତୁମେ ନିଜକୁ ଏକାନ୍ତ ଅବିଚଳ ରଖିପାରିବ, ଏବଂ ସର୍ବଦା ତାହା କରିପାରିବ, ତେବେ ସ୍ୱାସ୍ଥ୍ୟ ସଙ୍ଗେ ସଙ୍ଗେ ଅନ୍ୟ ବ୍ୟକ୍ତିଜଣକ ଉପରେ ତା'ର ପ୍ରଭାବ ପଡ଼ିବାକୁ ଆରମ୍ଭ କରିବ ।

ଏହା ଦ୍ୱାରା ଅବିଚଳତାର ଶକ୍ତି ବିଷୟରେ ତୁମର ନିଶ୍ଚୟ ଏକ ଧାରଣା ହୋଇଯିବ । ଏବଂ, ଏହା ଏପରି ଏକ ସାଧାରଣ କଥା, ଯାହାକି ହୁଏତ ସବୁଦିନ ହିଁ ଘଟିପାରିବ; ଏହାକୁ ଆଧ୍ୟାତ୍ମିକ ଜୀବନର ଏକ ବଡ଼ ଘଟଣା ବୋଲି କୁହାଯିବ ନାହିଁ; ଏହା ହେଉଛି ବାହ୍ୟ ଓ ପାର୍ଥିବ ଜୀବନରହିଁ ଗୋଟିଏ ଘଟଣା ।

ଅବିଚଳତା ମଧ୍ୟରେ ଏକ ପ୍ରକାଣ୍ଡ ଶକ୍ତି ନିହିତ ହୋଇ ରହିଛି । ମନଃକ୍ଷେତ୍ରର ଅବିଚଳତା, ଇନ୍ଦ୍ରିୟବୋଧକ୍ଷେତ୍ରର ଅବିଚଳତା ଏବଂ ଶରୀରକ୍ଷେତ୍ରର ଅବିଚଳତାରେ ତାହା ନିହିତ ହୋଇ ରହିଛି । ଯଦି ତୁମେ ପ୍ରାଚୀରଟିଏ ପରି ସମ୍ପୂର୍ଣ୍ଣ ଅବିଚଳ ରହିବ, ତେବେ ଅନ୍ୟ ବ୍ୟକ୍ତିଜଣକ ତୁମକୁ ଉଦ୍ଦେଶ୍ୟ କରି ଯାହାକିଛି ପ୍ରେରଣ କରୁଥିବ, ତାହା ତତ୍‌କ୍ଷଣାତ୍ ଲେଉଟି ତାହାରି ଉପରେ ଯାଇ ପଡ଼ୁଥିବ ଏବଂ ତାହା ତତ୍‌କ୍ଷଣାତ୍ କ୍ରିୟା ମଧ୍ୟ କରିବ । ତାହା ଆତତାୟୀର ହସ୍ତଆରକୁ ଅଟକାଇ ଦେଇ ପାରିବ, ଏହାର ଯେ କେତେ ଶକ୍ତି ରହିଛି, ତୁମେ ବର୍ତ୍ତମାନ ସେକଥା ବୁଝି ପାରୁଥିବ । କେବଳ ଏତିକି କଥା ଯେ ବାହାରକୁ ଅବିଚଳ ବୋଲି ପ୍ରତୀତ ହୋଇ ତୁମେ ତେଣେ ଭିତରେ ଟକଟକ ଫୁଟିବାରେ ଲାଗି ନଥିବ । ଏଠାରେ ମୁଁ ସେକଥା ମୋଟେ କହୁ ନାହିଁ । ମୁଁ ଏକ ସମଗ୍ର ଅବିଚଳତାର କଥା କହୁଛି ।

ମାଆ, ଶ୍ରୀଅରବିନ୍ଦ ଆତ୍ମାର ଯେଉଁ ସମତାବସ୍ଥା କଥା କହିଛନ୍ତି, ଏହା କ'ଣ ସେହି କଥା ?

ଆତ୍ମାର ସମତା ହେଉଛି ଏକ ମାର୍ଗ । ଏହା ଏକ ସାଧନ, ଏକ ପଥ,— ଏହା ଏକ ଲକ୍ଷ୍ୟରେ ବି ପରିଣତ ହୋଇପାରେ । ମାତ୍ର ଏହା ପୂର୍ଣ୍ଣତା ନୁହେଁ, ସର୍ବଶେଷ ଉପଲବ୍ଧି ମଧ୍ୟ ନୁହେଁ ।

ଉଦାହରଣସ୍ୱରୂପ, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କହନ୍ତି, ଯେଉଁମାନେ ପ୍ରକାଶ୍ୟ ଭାବରେ ଘୋଷଣା କରିଥାନ୍ତି ଯେ, ଯାହାକିଛି ଘଟେ, ତାହା

'oaob.nitrkl.ac.in' images reprocessed

କେବଳ ସେହି ଭଗବାନ୍ ପରମଇଚ୍ଛାର ଅଭିବ୍ୟକ୍ତିରୂପେହିଁ ଘଟିଥାଏ (ମୁଁ ଜାଣିଛି, ମୁଁ ଗତଥର ମଧ୍ୟ ଏହି ବିଷୟରେ କହିଥିଲି); ଜୀବନ ପ୍ରତି ଦୃଷ୍ଟିପାତ କରିବାର ଏପରି ଗୋଟିଏ ସମ୍ପୂର୍ଣ୍ଣ ଧାରା ରହିଛି, ଜୀବନକୁ ବୁଝିବାର ବି ଏପରି ଏକ ସମ୍ପୂର୍ଣ୍ଣ ଧାରା ରହିଛି, ଯାହାକି ସେହିପରି ଭାବରେ ମତପ୍ରକାଶ କରିଥାଏ । ତାହା କହୁଥାଏ, "ଯାହାକିଛି ରହିଛି, ସଂସାରଟା ଯେପରି ହୋଇ ରହିଛି, ଯାହାକିଛି ଘଟୁଛି, ସେହି ସବୁକିଛି ହେଉଛି ଭଗବାନ୍ ପରମଇଚ୍ଛାର ଗୋଟିଏ ଗୋଟିଏ ଅଭିବ୍ୟକ୍ତି । ତେଣୁ ଆମ ବିବେକ ଆମଠାରୁ ଏହି ଦାବିଟି କରୁଛି ଯେ, ଯଦି ଆମେ ଭଗବାନ୍ ପରମସତ୍ତାଙ୍କ ସହିତ ସମ୍ବନ୍ଧଯୁକ୍ତ ହୋଇ ରହିବାକୁ ଇଚ୍ଛା କରୁଥାଉ, ତେବେ ଆମେ ଅବିଚଳିତ ଭାବରେ ଏବଂ ଆଦୌ କୌଣସି ପ୍ରକାରର ଭାବଗତ ପ୍ରତିକ୍ରିୟା ନଦେଖାଇ, ଯାହାକିଛି ଘଟୁଛି, ସେହି ସବୁକିଛିକୁ ସ୍ୱୀକାର କରିଯିବା । କାରଣ ସେହି ସବୁକିଛି ହେଉଛି କେବଳ ଭଗବାନ୍ ପରମଇଚ୍ଛାର ଅଭିବ୍ୟକ୍ତି ଏବଂ ଏହା ଅତ୍ୟନ୍ତ ସ୍ୱତଃସିଦ୍ଧ କଥା ଯେ ଆମେ ସେହି ଇଚ୍ଛାଟିକୁ ନତମସ୍ତକ ହୋଇ ସ୍ୱୀକାର କରିନେବା ।" ଏହା ଏପରି ଗୋଟିଏ କଳ୍ପନା, ଯାହାକି ଆତ୍ମାର ଏହି ସମତାଭାବଟିକୁ ଅର୍ଜନ କରିବାରେ ଲୋକମାନଙ୍କୁ ସାହାଯ୍ୟ କରିବାର ଏକ ନିର୍ଦ୍ଦିଷ୍ଟ ପ୍ରବୃତ୍ତି ରଖିଥାଏ । ମାତ୍ର, ଯଦି ଏହି କଳ୍ପନାଟିର ବିପରୀତ କଳ୍ପନାଟିକୁ ମଧ୍ୟ ଗ୍ରହଣ ନକରି ଓ ଦୁଇଟି ମଧ୍ୟରେ ଏକ ସମନ୍ୱୟସାଧନ ନକରି ତୁମେ କେବଳ ଏକପାଖିଆ ଭାବରେ ସେହି ଗୋଟିଏ କଳ୍ପନାକୁ ମାନିନେବ, ତେବେ ଅତ୍ୟନ୍ତ ସ୍ୱାଭାବିକ କଥା ଯେ ଜୀବନଟା ସାରା ତୁମେ କେବଳ ବସି ବସି କଟାଇଦେଇ ପାରିବ, ତୁମକୁ କିଛିହେଲେ କରିବାକୁ ପଡ଼ିବ ନାହିଁ,—ବା, ଯେକୌଣସି ଭାବରେ ହେଉ ମଧ୍ୟ, ପୃଥିବୀ ଆଗକୁ ଯାଉ ବୋଲି କଦାପି କୌଣସି ଚେଷ୍ଟା କରିବାକୁ ପଡ଼ିବ ନାହିଁ ।

ଆମର ଏହି କ୍ଲାସ୍ ଆରମ୍ଭ ହେବା ପୂର୍ବରୁ—ସେତେବେଳେ ବି ବୁଧବାରକୁ ବୁଧବାର କ୍ଲାସ୍ ହେଉଥିଲା,—ବୋଧହୁଏ ହେଉଥିଲା, ମୁଁ ଠିକ୍ ମନେ କରି ପାରୁ ନାହିଁ,—ହଁ, ସେହିସବୁ କ୍ଲାସ୍‌ରେ ମୁଁ ସବୁଥର କୌଣସି ଏକ ବହି ପଢ଼ୁଥିଲି;—ସେହିପରି ଏକ କ୍ଲାସ୍‌ରେ ମୁଁ ଥରେ ଆନାତୋଲ୍ ଫ୍ରାନ୍‌ସଙ୍କର ଗୋଟିଏ ବହି ପଢ଼ିଥିବାର ମନେ ପଡ଼ୁଛି । ଆନାତୋଲ୍ ଫ୍ରାନ୍‌ସ୍ ହେଉଛନ୍ତି ଅତ୍ୟନ୍ତ ସୂକ୍ଷ୍ମବୁଦ୍ଧିସମ୍ପନ୍ନ ଜଣେ ଲେଖକ ଓ, ମୋର ଏକାବେଳକେ ନିଶ୍ଚିତ ଭାବରେ ମନେ ନାହିଁ, ମାତ୍ର ଖୁବ୍‌ସମ୍ଭବ ସେଦିନ ମୁଁ ତାଙ୍କର 'ସେଗ୍ରେମ୍ କନ୍‌ସ୍ୱାର୍ଡ଼୍‌ଙ୍କ ବହି' ପୁସ୍ତକଟିରୁ କିଛି ପଢ଼ୁଥିଲି । ସେହି ବହିରେ ସେ କହିଛନ୍ତି ଯେ ଜୀବନକୁ ଆହୁରି ଉନ୍ନତ କରିବା ବିଷୟରେ କୌଣସି ପ୍ରକାରେ ଚିନ୍ତା ନକଲେ ମଣିଷମାନେ ପରିପୂର୍ଣ୍ଣ ଭାବରେ ସୁଖରେ ଜୀବନଯାପନ କରିପାରନ୍ତେ । ଏଠାରେ ମୁଁ ଶବ୍ଦଗୁଡ଼ିକର ଅବିକଳ ଉଦ୍ଧାର କରୁ ନାହିଁ, ମାତ୍ର କେବଳ ମର୍ମାର୍ଥଟି କହି ଦେଉଛି । ମଣିଷମାନଙ୍କୁ ଏବଂ ସଂସାରର

'oaob.nitrkl.ac.in' images reprocessed

ଜିଭିନ୍ନ ବିଷୟକୁ ଅଧିକ ଭଲ କରିବାକୁ ଚେଷ୍ଟା କଲେହିଁ ଦୁଃଖ ଭୋଗିବାକୁ ପଡ଼େ ।
...(ମାଆ ହସିଲେ) ଆଉ ଗୋଟିଏ ପ୍ରକାରେ ମୁଁ ବର୍ତ୍ତମାନ ତୁମମାନଙ୍କୁ ଯାହା କହୁଥିଲି, ଲେଖକ ଏଠାରେ ତାଙ୍କ ନିଜ ଭାଷାରେ ଠିକ୍ ସେହି କଥାଟିକୁହିଁ କହିଛନ୍ତି । ଯଦି ତୁମେ ଶାନ୍ତ, ସୁଖୀ, ସତତ ସନ୍ତୁଷ୍ଟ ହେବାକୁ ଇଚ୍ଛା କରୁଥିବ, ଯଦି ଅନ୍ତରେ ପରିପୂର୍ଣ୍ଣ ସମତା ଲାଭ କରି ରହିବାକୁ ଚାହୁଁଥିବ, ତେବେ ନିଜ ପାଖରେ ତୁମକୁ ଠିକ୍ ଏହିପରିହିଁ କହିବାକୁ ହେବ, "ସବୁ କଥା ଠିକ୍ ଯେପରି ରହିବା ଉଚିତ, ଠିକ୍ ସେହିପରିହିଁ ରହିଛି !" ଏବଂ ଯଦି ତୁମର ମନ ଧର୍ମ ଆଡ଼କୁ ପ୍ରବୃତ୍ତି ରଖିଥିବ, ତେବେ ତୁମେ ଏକଥା ବି କହିବ, "ସବୁ କଥା ଠିକ୍ ଯେପରି ରହିବା ଉଚିତ, ଠିକ୍ ସେହିପରିହିଁ ରହିଛି, କାରଣ ସେଗୁଡ଼ିକ କେବଳ ସେହି ଦିବ୍ୟ ପରମସତ୍ତାଙ୍କର ଇଚ୍ଛାକୁହିଁ ଅଭିବ୍ୟକ୍ତ କରୁଛି !" ଏବଂ ତା'ପରେ କେବଳ ଗୋଟିଏ କଥା କହିବାକୁହିଁ ବାକି ରହିଯିବ,—ଅର୍ଥାତ୍, ସବୁକିଛି ଯେଉଁପରି ହୋଇ ରହିଛି, ଆମେ ସେଗୁଡ଼ିକୁ ଠିକ୍ ସେହିପରି ଭାବରେହିଁ ଗ୍ରହଣ କରିନେବା ଏବଂ ଚୁପ୍ ହୋଇ ରହିବା, କାରଣ ଅଶାନ୍ତ ହୋଇପଡ଼ିବା ଅପେକ୍ଷା ଶାନ୍ତ ଓ ସ୍ଥିର ହୋଇ ରହିବା ନିଶ୍ଚୟ ଅଧିକ ଶ୍ରେୟସ୍କର । ଆନାତୋଲ୍ ଫ୍ରାନ୍ସ୍ ଏହି କଥାଟିକୁ ବେଶ୍ ବୁଲାଇ ଟିକିଏ ଅନ୍ୟପ୍ରକାର କହିଛନ୍ତି; ସିଏ କହିଛନ୍ତି ଯେ, ଜୀବନ ଅନ୍ୟପ୍ରକାର ହେଉ ବୋଲି ଯଦି ଲୋକମାନେ କେବେହେଲେ ଇଚ୍ଛା ନକରିବେ, ତେବେ ସେମାନଙ୍କର ଜୀବନ ପ୍ରକୃତରେ ଖୁବ୍ ଆରାମଦାୟକ ହୋଇପାରିବ, ଖୁବ ସୁଖଦ ଏବଂ ଖୁବ ଗ୍ରହଣୀୟ ହୋଇଯିବ । ଏବଂ ଯେଉଁ ମୁହୂର୍ତ୍ତରେ ସେମାନେ ଦୁଃଖୀ ହେବାକୁ ଆରମ୍ଭ କରିବେ, ସ୍ୱଭାବତଃ ତା'ପରେ ସମସ୍ତେ ଦୁଃଖୀ ହୋଇ ପଡ଼ିବେ ! ସବୁକିଛି ଯେପରି ହୋଇ ରହିବା ଉଚିତ, ବର୍ତ୍ତମାନ ସେସବୁ ସେପରି ହୋଇ ରହି ନାହିଁ ବୋଲି ଦେଖିବାକୁ ଆରମ୍ଭ କରିବା ମାତ୍ରକେ ସେମାନେ ଦୁଃଖୀ ହେବାକୁ ଆରମ୍ଭ କରିବେ । ଏବଂ ସେମାନଙ୍କ ସହିତ ଅନ୍ୟମାନେ ବି ଦୁଃଖୀ ହେବେ ।

ମାତ୍ର, ଯଦି ପ୍ରତ୍ୟେକ ବ୍ୟକ୍ତି ବିବେଚନା କରି ଏହିପରି କହିବେ, "ସବୁକିଛି ଯେପରି ହୋଇ ରହିବା ଉଚିତ, ଠିକ୍ ସେହିପରି ରହିଛି । ଆମେ ମରୁଛୁ, କାରଣ ମରିବା ଲାଗିହିଁ ଆମେ ନିର୍ଦ୍ଦିଷ୍ଟ ହୋଇ ଏଠାକୁ ଆସିଛୁ । ଅସୁସ୍ଥ ହେବା ଲାଗି ଅଭିପ୍ରେତ ହୋଇଛୁ ବୋଲି ବି ଆମେ ଅସୁସ୍ଥ ହୋଇ ପଡ଼ୁଛୁ । ବିଚ୍ଛେଦ ଲେଖାହୋଇ ରହିଛି ବୋଲି ପ୍ରିୟଜନଙ୍କଠାରୁ ବିଚ୍ଛେଦ ଘଟୁଛି, ଇତ୍ୟାଦି, ଇତ୍ୟାଦି...ଏବଂ, ଗରିବ ହେବା କପାଳରେ ଲେଖାହୋଇଛି ବୋଲି କିଏ ଗରିବ ହୋଇ ରହିଛି...", ତୁମେ ବେଶ୍ ଦେଖି ପାରୁଥିବ, ଏଥିରେ ଶେଷ ବୋଲି ଆଉ କିଛି ରହିବ ନାହିଁ । ହଁ, ଯଦି ସମ୍ପୂର୍ଣ୍ଣ ଓ ସମଗ୍ର ଭାବରେ ଜଣେ ଏକଥା କହିଦେବ ଯେ "ସବୁ ବିଷୟ ଯେଉଁପରି ହୋଇ ରହିବା ଉଚିତ, ସେସବୁ ଠିକ୍ ସେହିପରି ହୋଇ ରହିଛନ୍ତି",

'oaob.nitrkl.ac.in' images reprocessed

ତେବେ ତା'ପରେ ଆଉ ସେଇଟାକୁ ନେଇ ଶୋଚନା କରିବା ଅଥବା ତା' ବିରୁଦ୍ଧରେ ବିଦ୍ରୋହ କରିବା ଲାଗି ଆଉ କୌଣସି କାରଣ ନଥାଏ, ସେସବୁ କରିବାଟା କେବଳ ଏକ ଅବୋଧତା ହୋଇ ରହେ !...ହଁ, ହଁ, ଆମକୁ ଠିକ୍ ନ୍ୟାୟଯୁକ୍ତି ଅନୁସାରେ ପରସ୍ପରିତ ହେବାକୁ ପଡ଼ିବ । ତେଣୁ ଆମେ ଏକଥା ବି କହିବାରେ ଲାଗୁ ଯେ ବିଷୟଗୁଡ଼ିକ ଯେଉଁଠି ଯେପରି ଅଛନ୍ତି, ସେଗୁଡ଼ିକୁ ଆହୁରି ଭଲ କରିବା ଲାଗି ଇଚ୍ଛା କରିବା ମାତ୍ରକେହିଁ ଯାବତ ଦୁଃଖର ସୂତ୍ରପାତ ହୁଏ । ତେବେ, ଯେତେବେଳେ ତୁମର ଦେହ ଅସୁସ୍ଥ ହୋଇ ପଡ଼ୁଛି, ତୁମେ ସେତେବେଳେ ଅସୁସ୍ଥ ହେବାକୁହିଁ ଇଚ୍ଛା ନକରୁଛ କାହିଁକି ? ଯେତେବେଳେ ତୁମେ ଅସୁସ୍ଥ ହେଉଛ, ସେତେବେଳେ, "ହଉ, ଏଇଟା ତ ଭଗବାନଙ୍କର ଇଚ୍ଛା, ତେଣୁ ମୋର ଅସୁସ୍ଥତାକୁ ମୁଁ ସ୍ୱୀକାର କରି ନେଉଛି" ବୋଲି କହିବା ପରିବର୍ତ୍ତେ ଯଦି ତୁମେ ଅସୁସ୍ଥତା ନରହୁ ବୋଲି ଇଚ୍ଛା କରିବ, ତେବେ ତା' ଅପେକ୍ଷା ନିଶ୍ଚୟ ଅଧିକ ଅସୁସ୍ଥ ହୋଇ ପଡ଼ିବ । ଅନ୍ତତଃ, ଅସୁସ୍ଥତାକୁ ସ୍ୱୀକାର କରିନେଲେ ତୁମେ ତୃପ୍ତ ହୋଇ ରହିବ, ଏବଂ ତୁମର ପୁନର୍ବାର ସୁସ୍ଥ ହୋଇ ଉଠିବାରେ ସମ୍ଭବତଃ ତାହାହିଁ ସାହାଯ୍ୟ କରିବ । ...ପୁଣି, ବିଶ୍ୱର କେତେକ ମଣିଷ ଧନୀ ହେବାକୁ ବି କାହିଁକି ଇଚ୍ଛା କରୁଥାନ୍ତି ? ଏବଂ ଯେଉଁମାନେ ପିତାମାତାଙ୍କୁ ଅଥବା ନିଜର ପିଲାମାନଙ୍କୁ ହରାଇ ବସିଥାନ୍ତି,—ସେମାନେ ସେହିସବୁ ଘଟଣାକୁ କାହିଁକି ସେହିପରି ହୋଇ ରହିବାକୁ ଇଚ୍ଛା ନକରନ୍ତି ? ସବୁ କଥା ଯେଉଁପରି ରହିଛି, ଯଦି ସମସ୍ତେ ସେଗୁଡ଼ିକ ସେହିପରି ରହିବା ଲାଗି ଇଚ୍ଛା କରୁଥାନ୍ତେ, ତେବେ ସମସ୍ତେ ତ ସୁଖୀ ହୋଇପାରନ୍ତେ !

ଏଇଟି ହେଉଛି ଗୋଟିଏ ଦୃଷ୍ଟିକୋଣ । ଅବଶ୍ୟ, ପ୍ରକୃତ ଘଟଣାଟି ହେଉଛି ଯେ ସମ୍ଭବତଃ,—ସମ୍ଭବତଃ ଭବ୍ୟ ପରମଇଚ୍ଛା ପ୍ରକୃତରେ ଠିକ୍ ସେପରି ହୋଇ ରହି ନାହିଁ । ଏବଂ, ଆମର ପରିଚିତ ସେହି ଗଳ୍ପଟିରେ ଯେପରି କୁହାଯାଇଛି, ସମ୍ଭବତଃ ସେହି ଇଚ୍ଛାଟି ସେହିପରି ସ୍ୱରୂପରେ ନିଜକୁ କାର୍ଯ୍ୟକାରୀ କରିଥାଏ । ତୁମେ ସମସ୍ତେ ହାତୀ ଓ ତା'ର ମାହୁନ୍ତର ସେହି ଗଳ୍ପଟିକୁ ନିଶ୍ଚୟ ଜାଣିଥିବ, ନୁହେଁ ? ସେହି ହାତୀ, ତା' ମାହୁନ୍ତ ଓ ହାତୀ ଆଗରୁ ଘୁଞ୍ଚିଯିବାକୁ ମନା କରୁଥିବା ସେହି ବ୍ରାହ୍ମଣର କଥା;—ଏବଂ ମାହୁନ୍ତ ଯେତେବେଳେ ବ୍ରାହ୍ମଣଙ୍କୁ "ବାଟରୁ ବାହାରକୁ ଘୁଞ୍ଚିଯାଅ" ବୋଲି କହିଲା, ସେତେବେଳେ ବ୍ରାହ୍ମଣ ଉତ୍ତର ଦେଲା, "ନାହିଁ—ମୋ ଭିତରେ ଥିବା ଭଗବାନ ରାସ୍ତା ଉପରେହିଁ ରହିବାକୁ ଇଚ୍ଛା କରୁଛନ୍ତି",—ଏବଂ ମାହୁନ୍ତ ତା'ପରେ ଜବାବ ଦେଇ କହିଲା, "କିନ୍ତୁ, ଏଣେ ମୋ ଭିତରେ ରହିଥିବା ଭଗବାନ ତୁମକୁ ରାସ୍ତାରୁ ହଟିଯିବାକୁହିଁ କହୁଛନ୍ତି !"

ତେଣୁ ଆନାତୋଲ୍ ଫ୍ରାନ୍ସଙ୍କୁ ଆମେ କେବଳ ଏତିକି ଉତ୍ତର ଦେଇପାରିବା ଯେ, ମଣିଷର ଇଚ୍ଛାଠାରୁ ଅଧିକ ଉଚ୍ଚ ଆହୁରି ଗୋଟିଏ ଇଚ୍ଛା ମଧ୍ୟ ରହିଛି, ଯିଏକି

'oaob.nitrkl.ac.in' images reprocessed

କଥାଗୁଡ଼ିକ ବଦଳିଯାଉ ବୋଲି ଇଚ୍ଛା କରୁଛନ୍ତି । ଏବଂ, ତେଣୁ, ସେହି ଇଚ୍ଛାଟିକୁ ମାତ୍ର ସେହି କଥାଗୁଡ଼ିକୁ ବଦଳାଇ ଦେବା ବ୍ୟତୀତ ଆମର ଆଉ କିଛିହେଲେ କରିବାର ନାହିଁ ।

ବାସ୍, ଏକଥା ଏହିପରି । ଏତିକରେ ସରିଲା ?

ମାଆ, ଏଠାରେ ଲେଖାହୋଇଛି : "କର୍ମର ମାର୍ଗରେ ସେହି କର୍ମର ଗଣ୍ଠିଟିକୁହିଁ ପ୍ରଥମେ ଫିଟାଇବାର ଆବଶ୍ୟକତା ରହିଛି ।"

ଯୋଗସମନ୍ୱୟ, ପୃଷ୍ଠା-୧୪

କର୍ମକୁ ପୁଣି ଗଣ୍ଠି ବୋଲି କାହିଁକି କୁହାଗଲା ?

କାରଣ, ଆମେ କର୍ମ ଭିତରେ ଆସକ୍ତ ହୋଇ ରହିଯାଉଛୁ । ଏହି ଗଣ୍ଠିଟି ହେଉଛି ଅହଂର ଗଣ୍ଠି । ଶ୍ରୀଅରବିନ୍ଦ କହୁଛନ୍ତି ଯେ ଆମେ କାମନା ରହିଥିବାରୁହିଁ କାର୍ଯ୍ୟ କରୁଛୁ, ନୁହେଁ କି ? କର୍ମ କରିବାର ଆମର ସାଧାରଣ ପଦ୍ଧତି କୌଣସି ନା କୌଣସି ରୂପରେ କାମନା ସହିତ ଜଡ଼ିତ ହୋଇ ରହିଛି,—ଏକ କାମନା, ଏକ ପ୍ରୟୋଜନ ସହିତ ଜଡ଼ିତ ହୋଇ ରହିଛି । ସେଇଟି ହେଉଛି ଗଣ୍ଠି । ଯଦି କେବଳ କାମନାର ପରିତର୍ପଣ ପାଇଁହିଁ ତୁମେ କାର୍ଯ୍ୟ କରୁଥାଅ,—ଯେଉଁ କାମନାକୁ ତୁମେ ହୁଏତ ଏକ ପ୍ରୟୋଜନ ଅଥବା ଏକ ଆବଶ୍ୟକତା ବୋଲି କହୁଛ ବା ଆଉ କିଛି ବୋଲି କହୁଛ, ମାତ୍ର ପ୍ରକୃତରେ, ଯାହାର ମୂଳକୁ ଯାଇ ଦେଖିଲେ କୌଣସି ନା କୌଣସି ଏକ ବାସନାର ଆବେଗହିଁ ତୁମକୁ କର୍ମଟିରେ ପ୍ରବୃତ୍ତ କରି ରଖିଛି,—ଯଦି ତୁମେ କାମନାର ଆବେଗଟିର ପ୍ରଭାବରେ ପଡ଼ିହିଁ କାର୍ଯ୍ୟ କରୁଥାଅ, ତେବେ ସେହି କାମନାଟିକୁ ବିଲୁପ୍ତ କରିଦେଲେ ତୁମେ ଆଉ ସେହି କାର୍ଯ୍ୟଟି କରିବାକୁ ମଧ୍ୟ ଆଦୌ ସମର୍ଥ ହେବ ନାହିଁ ।

ଏବଂ, ଲୋକେ ସର୍ବପ୍ରଥମେ ତୁମକୁ ଏହି ଉତ୍ତରଟିହିଁ ଦେଇଥାଆନ୍ତି । "କର୍ମର ଫଳ ପ୍ରତି କୌଣସି ଆସକ୍ତି ନରଖି ତୁମେ କାର୍ଯ୍ୟ କର, ତୁମେ ନିଜେ ଆଦୌ କୌଣସି କାର୍ଯ୍ୟ କରୁ ନାହଁ, ତୁମ ଭିତରେ ରହି ସ୍ୱୟଂ ଭଗବାନ କାର୍ଯ୍ୟଟିକୁ ତୁମ ଦ୍ୱାରା କରାଇ ନେଉଛନ୍ତି,—ତୁମେ ଏହି ଚେତନାଟି ସହିତ କାର୍ଯ୍ୟ କର" ବୋଲି ଯଦି କେହି ସେମାନଙ୍କୁ ଆସି କହେ, ତାହାର ଉତ୍ତର ଦେଇ ଶତକଡ଼ା ପଚାଶ ଅନେକତ ଜଣ ଲୋକ ଏହାହିଁ କହିବେ, "ମାତ୍ର, ଯଦି ମୁଁ ସେହିପରି ଅନୁଭବ କରିବାକୁ ଆରମ୍ଭ କରିବି, ତେବେ ମୁଁ ଯେଉଁଠି ଅଛି ସେହିଠାରେ

ରହିଯିବ ! ତା'ପରେ ମୁଁ ଆଉ କିଛିହେଲେ କରିବ ନାହିଁ; କାରଣ, ସର୍ବଦା, ଏକ ପ୍ରୟୋଜନ, ଏକ ଆବଶ୍ୟକତା ବା ଏକ ବ୍ୟକ୍ତିଗତ ବାସନା ଅଥବା ଆବେଗହିଁ ମୋତେ ଏହି କାମ କିଂବା ସେହି କାମଟିକୁ କରିବାରେ ପ୍ରବୃତ୍ତ କରି ପାରିବ ।" ତେଣୁ ଶ୍ରୀଅରବିନ୍ଦ କହିଛନ୍ତି, ଯଦି ତୁମେ ଗୀତାର ଏହି ଉପଦେଶଟିକୁ ଜୀବନରେ ଅବତୀର୍ଣ୍ଣ କରାଇବାକୁ ଇଚ୍ଛା କରୁଥାଅ, ତେବେ ସର୍ବପ୍ରଥମ କର୍ତ୍ତବ୍ୟରୂପେ ଆଗ ଗଣ୍ଠିଟିକୁହିଁ ହୁଗୁଳା କରି ଦେବାକୁ ହେବ ଓ ଫିଟାଇ ଦେବାକୁ ପଡ଼ିବ । ଯେଉଁ ଗଣ୍ଠିଟି ତୁମର କାର୍ଯ୍ୟଟିକୁ ବାସନା ସହିତ ବାନ୍ଧି ରଖିଛି, ସେହି ଦୁଇଟିଯାକ ଏପରି ଦୃଢ଼ ଭାବରେ ଏକାଠି ଗଣ୍ଠି ପଡ଼ି ରହିଛନ୍ତି ଯେ ଯଦି ତୁମେ ଗୋଟିକୁ କାଢ଼ିନେଉଛ, ତେବେ ଆରଟିକୁ ମଧ୍ୟ କାଢ଼ିନେବାକୁହିଁ ପଡ଼ୁଛି । ଶ୍ରୀଅରବିନ୍ଦ କହୁଛନ୍ତି ଯେ ବାସନାରୁ ମୁକ୍ତ ହୋଇ ରହି ତଥାପି ଅବିରାମ କର୍ମ କରି ପାରିବାକୁ ହେଲେ ସେହି ଗଣ୍ଠିଟିକୁ ଫିଟାଇ ଦେବାକୁହିଁ ପଡ଼ିବ ।

ଏବଂ ଏଇଟି ପ୍ରକୃତରେ ଏକ ସତ କଥା, ଏବଂ ଏଇଟିକୁ ଅବଶ୍ୟ କରିବାକୁ ପଡ଼ିବ । ଗଣ୍ଠିଟିକୁ ଫିଟାଇ ଦେବାକୁହିଁ ପଡ଼ିବ । ଏହି ଅନ୍ତର୍ଗତ ମୋଚନକାର୍ଯ୍ୟଟିକୁ ତୁମେ ଅତ୍ୟନ୍ତ ସହଜରେ ସମ୍ପନ୍ନ କରିଦେଇ ପାରିବ । ଏବଂ ସେହି କାର୍ଯ୍ୟଟି ସମ୍ପନ୍ନ ହୋଇଗଲେ ତୁମେ ସୁସ୍ପଷ୍ଟ ହୃଦୟଙ୍ଗମ କରିବାକୁ ଆରମ୍ଭ କରିବ ଯେ ଆଦୌ କୌଣସି ପ୍ରକାର ବ୍ୟକ୍ତିଗତ ମତଲବ ନଥାଇ ମଧ୍ୟ ତୁମେ କର୍ମ କରି ପାରୁଛ, ମାତ୍ର, ତୁମ ଅହଂପ୍ରେରିତ ଶକ୍ତିଠାରୁ ଅଧିକ ଉଚ୍ଚ ଏବଂ ଅଧିକ ଶକ୍ତିଶାଳୀ ଏକ ମହାନ୍ ପରମଶକ୍ତି ଦ୍ୱାରା ପରିଚାଳିତ ହୋଇହିଁ ତୁମେ ସବୁ କାର୍ଯ୍ୟ କରୁଛ । ଏବଂ ତା'ପରେ କାର୍ଯ୍ୟରୂପେ ତୁମେ ଯାହାକିଛି କର, ତାହାର ପରିଣାମଗୁଡ଼ିକ ଆଉ ତୁମ ପାଖକୁ କଦାପି ଲେଉଟି ଆସନ୍ତି ନାହିଁ ।

ଏହା ହେଉଛି ଚେତନାକ୍ଷେତ୍ରର ଏକ ଅତି ଚମତ୍କାର ଘଟଣା, ଏବଂ ଏହା ବେଶ୍ ଗୋଟିଏ ମୂର୍ତ୍ତ ଘଟଣା । ଜୀବନରେ ତୁମେ କୌଣସି ନା କୌଣସି କାର୍ଯ୍ୟ କରୁଛ,—ତୁମେ ଭଲ କରୁଛ କି ମନ୍ଦ କରୁଛ ବା ଭଲ ବା ମନ୍ଦ ବୋଲି କୁହା ନହୋଇ ପାରୁଥିବା କୌଣସି କାର୍ଯ୍ୟ କରୁଛ, ସେଥିରେ କିଛି ଯାଏଆସେ ନାହିଁ, ତୁମେ କରୁଥିବା କାର୍ଯ୍ୟଟି ଯାହା ହୋଇଥାଉ ପଛକେ, ସେହି କାର୍ଯ୍ୟର ସଙ୍ଗେସଙ୍ଗେ କେତୋଟି ପରିଣାମ ଅବଶ୍ୟ ସଂଘଟିତ ହୋଇଯାଉଛି । ବସ୍ତୁତଃ କୌଣସି ଏକ ଫଳ ପାଇବାର ଦୃଷ୍ଟି ରଖି ତୁମେ କାର୍ଯ୍ୟଟିକୁ କରୁଛ, ସେହି ସକାଶେହିଁ କାର୍ଯ୍ୟଟିକୁ କରୁଛ, ଫଳଟି ଉପରେ ନଜର ରଖି ତୁମେ କାର୍ଯ୍ୟଟିକୁ କରୁଛ । ଉଦାହରଣସ୍ୱରୂପ, ମାଇକ୍ରୋଫୋନ୍‌ଟି ନେବା ଲାଗି ମୁଁ ଯଦି ଏହିପରି ଭାବରେ ମୋ ହାତଟିକୁ ବଢ଼ାଇଦଏ, ତେବେ ତୁମେ ଅତି ସହଜରେ ଜାଣି ପାରିବ ଯେ ଗୋଟିଏ ଫଳ ଉପରେ ନଜର ରଖି ଅର୍ଥାତ୍ ମାଇକ୍‌ରେ କିଛି କହିବାର ଅଭିପ୍ରାୟ ରଖି ମୁଁ ଏହି

'oaob.nitrkl.ac.in' images reprocessed

କାର୍ଯ୍ୟଟିକୁ କରୁଛ । ଏବଂ, ଏହି କ୍ଷେତ୍ରରେ ସବୁବେଳେ କାର୍ଯ୍ୟଟିର ଏକ ପରିଣାମ ରହୁଛି, ସବୁବେଳେହିଁ ରହୁଛି । ମାତ୍ର, ଯଦି ତୁମେ ଗଣ୍ଠିଟିକୁ ଫିଟାଇ ଦେଇପାର ଏବଂ ଊର୍ଦ୍ଧ୍ୱରୁ, ଅଥବା ଆଉ କେଉଁଠାରୁ ଏକ ପରମ ଶକ୍ତିକୁ ଆସିବା ଲାଗି ବାଟ ଛାଡ଼ିଦିଅ, ସେହି ପରମ ଶକ୍ତିଟି ତୁମ ଭିତରକୁ ଆସି ତୁମକୁ ନିମିତ୍ତ କରି କାର୍ଯ୍ୟଟିକୁ କରିବା ଲାଗି ବାଟ ଛାଡ଼ିଦିଅ, ତେବେ, ତୁମର କାର୍ଯ୍ୟଟିର ପରିଣାମଗୁଡ଼ିକ ଅବଶ୍ୟ ହେବ ସତ, ମାତ୍ର ସେଗୁଡ଼ିକ ଆଉ ତୁମ ପାଖକୁ ଆସିବ ନାହିଁ । କାରଣ ଏହି କ୍ଷେତ୍ରରେ ତୁମେ କାର୍ଯ୍ୟଟିକୁ ଆରମ୍ଭ କରି ନାହଁ, ଊର୍ଦ୍ଧ୍ୱସ୍ଥ ପରମ ଶକ୍ତିହିଁ ତୁମକୁ ନିମିତ୍ତ କରି କାର୍ଯ୍ୟଟିକୁ ସମ୍ପନ୍ନ କରିଛି । ଏବଂ, ପରିଣାମଗୁଡ଼ିକ ମଧ୍ୟ ତୁମ ଉପର ଦେଇ ଅତିକ୍ରମ କରିଯିବ, ଅଥବା, ତା' ନହେଲେ, ତୁମକୁ ଯେଉଁ ପରମ ଶକ୍ତି ନିମିତ୍ତରୂପେ ବ୍ୟବହାର କରି କାର୍ଯ୍ୟ କରୁଛି, ପରିଣାମଗୁଡ଼ିକ ତାହାରି ଦ୍ୱାରାହିଁ ପରିଚାଳିତ ହେବ, ତାହାରି ଇଚ୍ଛାରେ ଫଳିବ, ନିର୍ଦ୍ଦେଶିତ ହେବ, ନିୟନ୍ତ୍ରିତ ବି ହେବ । ଏବଂ ତୁମେ ଗୋଟାସୁଦ୍ଧା ମୁକ୍ତ ଅନୁଭବ କରୁଥିବ; ତୁମେ ଯେଉଁ କାର୍ଯ୍ୟଟିକୁ କଲ, ତାହାର ପରିଣାମଟିରୁ କିଛିହେଲେ ତୁମ ପାଖକୁ ଫେରି ଆସିବ ନାହିଁ ।

ଏପରି ଅନୁଭୂତି ଅନେକ ବ୍ୟକ୍ତିଙ୍କର ରହିଛି;—ମାତ୍ର ଏହିସବୁ ଅନୁଭୂତି ପ୍ରଥମ ପର୍ଯ୍ୟାୟରେ ହୁଏତ ମୁହୂର୍ତ୍ତି ମୁହୂର୍ତ୍ତିର ଝଲକ ପରି ଆସି ଦେଖା ଦେଇଯାଏ ଏବଂ ତା'ପରେ ଅପସରି ଯାଏ । କେବଳ ରୂପାନ୍ତର ଲାଗି ଯଥେଷ୍ଟ ପ୍ରସ୍ତୁତ ହୋଇଗଲେ ଯାଇ ତାହା ଆସେ ଏବଂ ପ୍ରତିଷ୍ଠିତ ହୋଇ ରହେ । ହଁ, କେତେକ ଲୋକଙ୍କ ଜୀବନରେ ହୁଏତ ଥରେମାତ୍ର ଏହି ଅନୁଭୂତିଟି ଘଟିଛି, ମାତ୍ର ଅଳ୍ପ କେତୋଟି କ୍ଷଣ ଲାଗି ଘଟିଛି; ସେମାନେ ଏହି ଅନୁଭୂତିଟିକୁ ଲାଭ କରିଛନ୍ତି । ଏବଂ ତା'ପରେ ସେହି ଘଟଣାଟି ପ୍ରତ୍ୟାହୃତ ହୋଇଯାଇଛି, ଚେତନାର ସେହି ଅବସ୍ଥାଟି ମଧ୍ୟ ପ୍ରତ୍ୟାହୃତ ହୋଇଯାଇଛି, ମାତ୍ର ତାହାର ସ୍ମୃତି ରହିଯାଇଛି । ଏବଂ ସେମାନେ ସେହି ସ୍ମୃତିଟିର ଅନୁକରଣ କରୁଛନ୍ତି । ଏବଂ ଯଦି ଦୈବାତ୍ ସେମାନେ ବକ୍ତୃତା ଦେଇ ଜାଣିଥିବା ଲୋକ ହୋଇଥାନ୍ତି,—କେତେକ ଗୁରୁ ଯେପରି ଥାନ୍ତି, ଯେଉଁମାନଙ୍କ ପାଖରେ କି ଶିଷ୍ୟମାନେ ଥାଆନ୍ତି, ସେମାନେ ଶିଷ୍ୟମାନଙ୍କୁ ପ୍ରକୃତ ମାର୍ଗଟି ବିଷୟରେ ଉପଦେଶ ଦେଉଥାନ୍ତି,—ତେବେ ସେମାନେ ଏହିପରି ଭାବରେ କହୁଥାନ୍ତି, "ଯେତେବେଳେ ସ୍ୱୟଂ ଭଗବାନ ତୁମର ମଧ୍ୟଦେଇ କାର୍ଯ୍ୟ କରୁଛନ୍ତି ଏବଂ ଯେତେବେଳେ ତୁମେ ବାସନାର ଗଣ୍ଠିଟିକୁ ଖୋଲିଦେଇ ସାରିଛ, ସେତେ-ବେଳେ, ତୁମେ ଯାହାକିଛି କରିବ, ତାହାର ନୈତିକ ବା ଆଉ କୌଣସି ପ୍ରକାରର ପରିଣାମ କଦାପି ତୁମ ଉପରେ ପଡ଼ିବ ନାହିଁ । ତେଣୁ ତୁମେ ଯାହା ମନ ତାହା କରିପାରିବ : ଆପଣାର ପ୍ରତିବେଶୀକୁ ମାରିଦେଇ ପାରିବ, ଜଣେ ନାରୀର ଲଜ୍ଜା ଅପହରଣ କରିପାରିବ, ତୁମ ଭିତରେ ରହି ଦିବ୍ୟ ପରମସତ୍ତା ଯାହା ଇଚ୍ଛା କରିବେ,

'oaob.nitrkl.ac.in' images reprocessed

ତୁମେ ତାହା କରିପାରିବ ।—ଏବଂ ତଥାପି ତୁମକୁ ତାହାର ଆଦୌ କୌଣସି ପରିଣାମର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ।”

ଏବଂ ସେମାନେ ପ୍ରକୃତରେ ସେହିପରି ଆଚରଣ କରିଥାନ୍ତି । ହଁ, ସେମାନେ ପ୍ରାପ୍ତ ଅନୁଭୂତିଟିକୁ ଏକ ପରିଚ୍ଛଦ ପରି ବ୍ୟବହାର କରନ୍ତି ଓ ତାହାର ଦ୍ୱାରା ଆପଣାର ସକଳ ଅନ୍ତରିକ୍ତତାକୁ ଢାଙ୍କି ରଖିଥାନ୍ତି ।···ଏକଥାଟି ମୁଁ ତୁମମାନଙ୍କୁ ପ୍ରସଙ୍ଗକ୍ରମେ କହିଲି; ଯେଉଁ ଲୋକମାନେ ପ୍ରକୃତରେ ଯାହା ନୁହନ୍ତି, ତାହାହିଁ ବୋଲି ଛଳନା କରୁଥାନ୍ତି, ସେହିମାନଙ୍କ ବିଷୟରେ ତୁମେ ସାବଧାନ ରହିପାରିବ ବୋଲି ମୁଁ ତୁମମାନଙ୍କୁ ଏତିକି କହିଲି ।

ମାତ୍ର, ଏହାର ପରିଣାମ ବସ୍ତୁତଃ ଭାରି ସହଜ । କାରଣ ନିଜ ଛଳନାଗୁଡ଼ିକର ପରିଣାମଗୁଡ଼ିକୁ ସେମାନଙ୍କୁ ସଙ୍ଗେସଙ୍ଗେହିଁ ଭୋଗ କରିବାକୁ ହୋଇଥାଏ । ସେମାନେ କହନ୍ତି ଯେ ସେମାନେ କୌଣସି ପରିଣାମ ଭୋଗ କରନ୍ତି ନାହିଁ, ମାତ୍ର ତଥାପି ସେମାନେ ସେଗୁଡ଼ିକୁ ଭୋଗ କରିବାରେ ଲାଗିଥାନ୍ତି ।···ମୁଁ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଭାବରେ ଏପରି ଜଣେ ସନ୍ନ୍ୟାସୀଙ୍କ କଥା ଜାଣିଛି, ଯିଏକି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିବା ଲାଗି ଇଚ୍ଛା ନକରିବାରୁ ଆଉଜଣେ ବ୍ୟକ୍ତିଙ୍କ ଉପରେ ଅଗ୍ନିଶର୍ମା ହୋଇଉଠିଲେ,—ଏଇଥିରୁହିଁ ପ୍ରମାଣିତ ହୋଇଗଲା ଯେ ସିଏ ସନ୍ନ୍ୟାସୀର ଉପଲବ୍ଧ ଅବସ୍ଥାରେ ଆସି ପହଞ୍ଚିବାରୁ ପ୍ରକୃତରେ ଅନେକ ଦୂରରେ ରହିଥିଲେ । ସେ ସେହି ଅବାଧ୍ୟତାର ପ୍ରତିଶୋଧ ନେବାକୁ ଚାହାଁଲେ । ଏବଂ ତାଙ୍କଠାରେ ପ୍ରକୃତରେ କିଛି ଶକ୍ତି ମଧ୍ୟ ରହିଥିଲା ଏବଂ ତାଙ୍କର ଶିଷ୍ୟ ହେବାକୁ ଅସମ୍ମତି ପ୍ରକାଶ କରିଥିବା ସେହି ଲୋକଟିକୁ ହତ୍ୟା କରିବା ଲାଗି ସେ ଏକ ଶକ୍ତିଶାଳୀ ଚକ୍ରାନ୍ତ ନିର୍ମାଣ କଲେ । ଘଟଣାକ୍ରମେ ଏହି ବ୍ୟକ୍ତିଟି ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ମଧ୍ୟ ଆସିଥିଲା । ସିଏ ଆପଣାର ଇତିବୃତ୍ତିଟିକୁ ଶ୍ରୀଅରବିନ୍ଦଙ୍କୁ କହିଥିଲେ ଓ ଶ୍ରୀଅରବିନ୍ଦ ତାହା ମୋ ଆଗରେ କହିଥିଲେ । ଏବଂ, ପରିଣାମ ଏପରି ଫଳିଲା ଯେ, ତଥାକଥିତ ପରମ ଦିବ୍ୟ ଇଚ୍ଛା ଦ୍ୱାରା ନିର୍ଦ୍ଦେଶିତ ହୋଇ ସବୁକିଛି କରୁଛି ବୋଲି କହୁଥିବା ସେହି ଲୋକଟି ଦ୍ୱାରା ନିର୍ମିତ ଚକ୍ରାନ୍ତ ତା’ ନିଜ ଉପରକୁ ଲେଉଟି ଏପରି ଭାବରେ ପଡ଼ିଲା ଯେ ଶେଷରେ ତାହାରହିଁ ପ୍ରାଣନାଶ ଘଟିଲା ।

କେବଳ ସତ୍ୟର ପୁନଃପ୍ରତିଷ୍ଠା ପାଇଁହିଁ ଏପରି କରିବାକୁ ପଡ଼ିଲା । ତାହା ବ୍ୟତୀତ ଆଉ ଅନ୍ୟ ଉପାୟ ନଥିଲା ।

ତେଣୁ କାହାଣୀଠାରୁ ଆମକୁ ଏହି ନୀତିଶିକ୍ଷାଟି ମିଳିବା ଉଚିତ ଯେ ଆଦୌ କୌଣସି ଛଳନା କରିବା ଉଚିତ ନୁହେଁ; ଜଣେ ଯାହା, ତାହାହିଁ ହୋଇ ରହିବା ଉଚିତ । ଏକାନ୍ତ ନିଷ୍ଠାପର ଓ ଆନ୍ତରିକତା ଦ୍ୱାରା ପ୍ରେରିତ ହୋଇ ରହିବା

'oaob.nitrkl.ac.in' images reprocessed

ଉଚିତ ଏବଂ ନିଜର ଭିନ୍ନ ଭିନ୍ନ ସିଦ୍ଧାନ୍ତ ଦ୍ୱାରା ଆପଣାର ବାସନାଗୁଡ଼ିକୁ ଘୋଡ଼ାଇ ପକାଇବା ଆଦୌ ଉଚିତ ନୁହେଁ ।

ମୁଁ ଏପରି ଅନେକ ଲୋକଙ୍କୁ ଭେଟିଛି, ଯେଉଁମାନେ ଆତ୍ମାର ପରିପୂର୍ଣ୍ଣ ସମତା ଏବଂ ପରିପୂର୍ଣ୍ଣ ସ୍ୱତନ୍ତ୍ରତା ଅର୍ଜନ କରି ସାରିଛନ୍ତି ବୋଲି ଦାବି କରୁଥିଲେ । ଏବଂ "ସବୁକିଛି କେବଳ ସେହି ପରମ କର୍ତ୍ତାଙ୍କର ଇଚ୍ଛା", ଏହି ସିଦ୍ଧାନ୍ତଟିର ପଛରେ ନିଜକୁ ଲୁଚାଇ ରଖିଥିଲେ । ଏବଂ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେମାନେ ବସ୍ତୁତଃ ନିଜର ଇଚ୍ଛାଟାକୁହିଁ ଭଗବାନଙ୍କର ଇଚ୍ଛା ବୋଲି ଭ୍ରମ କରୁଥିଲେ ଏବଂ ନିଜେ ଦାବି କରୁଥିବା ସତ୍ୟଟିକୁ ଉପଲବ୍ଧି କରିବାରୁ ଅନେକ ଦୂରରେ ରହିଥିଲେ । ସେମାନେ କେବଳ ଆଳସ୍ୟ ଭିତରେ ବୁଡ଼ି ରହିଥିଲେ ଓ କୌଣସି ପ୍ରକାର ଉଦ୍ୟମ କରିବାକୁ ରାଜି ନଥିଲେ । ସେମାନଙ୍କର ସ୍ୱଭାବ ଯେପରି ଅଛି, ତାହା ସେହିପରି ରହିଥାଉ ବୋଲି ଅଧିକ ପସନ୍ଦ କରୁଥିଲେ, ସେଥିରେ କୌଣସି ରୂପାନ୍ତର ଘଟାଇବା ଲାଗି କାର୍ଯ୍ୟ କରିବାକୁ ମୋଟେ ପ୍ରସ୍ତୁତ ନଥିଲେ । ଏଥିର ବୁଝି ପାରିବ ।

ମାଆ, ଏହିଭଳି ଲୋକମାନଙ୍କର ପ୍ରକୃତରେ କୌଣସି ଶକ୍ତି ରହିଥାଏ କି ?

ହଁ, କେତେକଙ୍କ ଭିତରେ ଅନେକ ବୃହତ୍ତ୍ ଶକ୍ତି ରହିଥାଏ । ମାତ୍ର ସେହିସବୁ ଶକ୍ତି ପ୍ରାଣିକ ଭୂମିରୁହିଁ ପ୍ରେରିତ ହୋଇ ଆସିଥାନ୍ତି ଏବଂ ପ୍ରାଣିକ ବସ୍ତୁଗୁଡ଼ିକ ସହିତ ଏକ ସଂସର୍ଗରୁହିଁ ଜାତ ହୋଇଥାନ୍ତି ।

ଶକ୍ତି କହିଲେ ଅନେକ ପ୍ରକାର ଶକ୍ତିକୁ ବୁଝାଏ । କେବଳ ଏତିକି ସ୍ମରଣ ରହିଥିବା ଉଚିତ ଯେ ପ୍ରକୃତ ଦିବ୍ୟ ପରମଶକ୍ତିଟି ଆଗରେ ସେହି ଶକ୍ତିଗୁଡ଼ିକ ଆଦୌ ତିଷ୍ଠି ପାରନ୍ତି ନାହିଁ । ସେଠାରେ ସେମାନେ କୌଣସି ପ୍ରତିରୋଧ କରି ପାରନ୍ତି ନାହିଁ । ମାତ୍ର ସାଧାରଣ ବ୍ୟକ୍ତିମାନଙ୍କର ତୁଳନାରେ ସେମାନଙ୍କର ଅନେକ ଅଧିକ ଶକ୍ତି ରହିଥାଏ ।

ତେବେ, ସେମାନେ ଅନିଷ୍ଟ ବି କରି ପାରନ୍ତି ?

ସେମାନେ ଅନେକ ଅନିଷ୍ଟ କରନ୍ତି । ସେମାନେ ଯେ ଅନିଷ୍ଟ କରିପାରନ୍ତି ତା' ନୁହେଁ, ପ୍ରକୃତରେ ଅନେକ ଅନିଷ୍ଟ କରନ୍ତି । ସେମାନେ ଅନେକ ଅନିଷ୍ଟ କରନ୍ତି ।

'oaob.nitrkl.ac.in' images reprocessed

ଜଣେ ତଥାକଥିତ ସନ୍ନ୍ୟାସୀଙ୍କ* ସହିତ ଭେଟ ହୋଇଥିବାରୁ ଯେତେ ଲୋକ ସନ୍ନ୍ୟାସ ଗ୍ରହଣ କରୁଥାନ୍ତି, ସେମାନଙ୍କର ସଂଖ୍ୟା ମୋଟେ ଅଳ୍ପ ନୁହେଁ । ସେମାନଙ୍କର ସଂଖ୍ୟା ମୋଟେ ଅଳ୍ପ ନୁହେଁ । ତୁମମାନଙ୍କୁ ଭୟ ଦେଖାଇବା ଲାଗି ମୁଁ ଆଦୌ ଏକଥା କହୁ ନାହିଁ, କାରଣ ଏଠାରେ ତୁମେମାନେ ତ ସୁରକ୍ଷିତ ହୋଇ ରହୁଛ । ମାତ୍ର ଏହା ଏକ ପ୍ରକୃତ କଥା । ଆପେ ଦୀକ୍ଷା ଗ୍ରହଣ କଲାବେଳେ ଏହି ଲୋକମାନେ ପ୍ରାଣିକ ଜଗତର ଏକ ଶକ୍ତି ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି ଓ ତାହାର କବଳରେ ପଡ଼ି ଯାଇଛନ୍ତି । ସେହି ଶକ୍ତି ଏକ ଅତ୍ୟନ୍ତ ବିପଜ୍ଜନକ ଶକ୍ତି ।···ଅବଶ୍ୟ ସବୁବେଳେ ଏପରି ଆଦୌ ଘଟେ ନାହିଁ ସତ, ମାତ୍ର ଯେତେବେଳେ ଘଟେ, ସେତେବେଳେ ଅଧିକାଂଶ ସମୟରେ ଏହିପରିହିଁ ଘଟେ ।

ନିଷ୍ଠା ବା ଆନ୍ତରିକତା ପୃଥିବୀରେ ଏକ ଅତିବିରଳ ଗୁଣ ହୋଇ ରହିଥିବାରୁ, କେଉଁଠି ସେହି ଗୁଣଟିକୁ ଦେଖିଲେ ତା' ଆଗରେ ପ୍ରକୃତରେ ସମ୍ମାନରେ ମୁଣ୍ଡ ନଇଁଆସିବା ଉଚିତ । ଏହି ଆନ୍ତରିକତା,—ଆମେ ଯାହାକୁ ଆନ୍ତରିକତା ବୋଲି ଜାଣୁ ଓ କହୁ, ଅର୍ଥାତ୍ ସମ୍ପୂର୍ଣ୍ଣ ସାଧୁତା ଏବଂ ସ୍ୱଚ୍ଛତା : ଅର୍ଥାତ୍, ସତ୍ତାଟି ଭିତରେ ଆଦୌ ଏପରି କିଛି ନଥିବ, ଯାହାକି ଛଳନା କରୁ ଥିବ, କିଛି ଲୁଚିକି ଥିବ, ଯାହା ନୁହେଁ, ତାହାର ପରି ହୋଇଥିବାର ଦେଖାଇବାକୁ କୌଣସି ଚେଷ୍ଟା କରୁଥିବ ।

---

* ଅବଶ୍ୟ ଏଠାରେ କେବଳ ସେହିମାନଙ୍କ କଥା କୁହାଯାଉଛି, ଯେଉଁମାନେ କି ସାଧାରଣତଃ ସମ୍ମାନ ପ୍ରଦର୍ଶନ କରି ଯାଉଥିବା ଏକ ପରିଚ୍ଛଦର ଆବରଣ ତଳେ ଆପଣାର ଅହଂବାସନାଗୁଡ଼ାକୁ ଲୁଚାଇ ରଖିବାର ଉଦ୍ଦେଶ୍ୟରେହିଁ ଗେରୁଆ ବସ୍ତ୍ର ଧାରଣ କରିଥାନ୍ତି । ମାତ୍ର, ଯେଉଁମାନଙ୍କର ହୃଦୟ ଶୁଦ୍ଧ ଥାଏ, ଯେଉଁମାନଙ୍କର ପରିଚ୍ଛଦ କେବଳ ଆଧ୍ୟାତ୍ମିକ ଜୀବନଟି ଲାଗି ସେମାନଙ୍କ ଭିତରେ ରହିଥିବା ସମଗ୍ର ସମର୍ପଣଭାବଟିରହିଁ ଏକ ବାହ୍ୟ ସଙ୍କେତ ହୋଇ ରହିଥାଏ, ଏଠାରେ ସେମାନଙ୍କ ବିଷୟରେ ଏହି କଥାଟି କୁହା ହୋଇଥିବାର ପ୍ରଶ୍ନହିଁ ଉଠିବ ନାହିଁ । (ମାଆ)



'oaob.nitrkl.ac.in' images reprocessed

# ୨୯ ଫେବୃଆରୀ ୧୯୫୬

**ମାଆ ଯାହାକୁ "ଏହି ପୃଥିବୀର ବାୟୁମଣ୍ଡଳ ଉପରେ ଅତିମାନସ ଆଲୋକଶକ୍ତିର ସର୍ବପ୍ରଥମ ଅଭିବ୍ୟକ୍ତି" ବୋଲି କହିଛନ୍ତି, ଅଜି ସନ୍ଧ୍ୟାର କଥୋପକଥନ ପରେ ଯେଉଁ ଧ୍ୟାନ ହେଲା, ସେତେବେଳେ ତାହାହିଁ ପ୍ରତ୍ୟକ୍ଷ ଭାବରେ ଘଟିଥିଲା ।**

"ଯଜ୍ଞର ବିଧାନଟିକୁ ଆମେ ସେହି ସାର୍ବଜନୀନ ଦିବ୍ୟ କର୍ମ ବୋଲି କହିବା ଯାହାକି ସୃଷ୍ଟିର ଆଦିକାଳରେ ଲୋକସଂଗ୍ରହର ଏକ ପ୍ରତୀକରୂପେହିଁ ଏହି ସଂସାରରେ ପ୍ରକଟ ହୋଇଥିଲା । ଏହି ବିଧାନଟିର ଆକର୍ଷଣ ବଳରେହିଁ ସବୁକିଛିକୁ ଏକ ଦିବ୍ୟ ଭାବରେ ପ୍ରେରିତ କରି ଦେଇ ପାରୁଥିବା ଏକ ପରିତ୍ରାଣକାରୀ ସାମର୍ଥ୍ୟ ଏହି ସଂସାରର ଭୂମିରେ ଅବତୀର୍ଣ୍ଣ ହୋଇଆସେ, ଏବଂ ଏକ ଅହଂପୂରିତ ଓ ଆତ୍ମବିଭକ୍ତ ସୃଷ୍ଟିର ଭ୍ରମ ତଥା ପ୍ରମାଦଗୁଡ଼ିକୁ ସୀମିତ କରି ରଖେ, ସେଗୁଡ଼ିକର ଏକ ସଂଶୋଧନ କରାଏ ଏବଂ ସେଗୁଡ଼ିକୁ କ୍ରମଶଃ ବିଲୁପ୍ତ କରିଦିଏ । ଶକ୍ତି ତଥା ଜଡ଼କୁ ପ୍ରେରିତ ତଥା ଆଲୋକିତ କରି ପାରିବା ଲାଗି ଆପଣାକୁ ସେହିଗୁଡ଼ିକ ହାତରେ ଆଣି ସମର୍ପି ଦେଉଥିବା ସେହି ପୁରୁଷ ଅର୍ଥାତ୍ ପରମ ଦିବ୍ୟ-ଆତ୍ମାର ଏହି ଅବତରଣ ଓ ଏହି ଯଜ୍ଞକୁହିଁ ଆମେ ନିଶ୍ଚେତନତା ଏବଂ ଅଜ୍ଞାନମୟ ଏହି ଜଗତର ପରିତ୍ରାଣ ଓ ପାବନ ଲାଗି ପ୍ରକୃତ ବୀଜ ବୋଲି କହିପାରିବା । କାରଣ ଗୀତାରେ "ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ" ବୋଲି କୁହାଯାଇଛି । ଅର୍ଥାତ୍ "ଯଜ୍ଞକୁହିଁ ସେମାନଙ୍କର ସାଥୀ କରି ପ୍ରଜାପତି ଏହି ପ୍ରଜାମାନଙ୍କୁ ସୃଷ୍ଟି କଲେ" ବୋଲି କୁହାଯାଇଛି । ଅହଂ ଯେ ଏହି ଜଗତରେ ଏକାକୀ ନୁହେଁ କିଂବା ଏହି ଜଗତର ମୁଖ୍ୟ ବିଚରଣକାରୀ ନୁହେଁ, ଯଜ୍ଞର ବିଧାନଟିକୁ ସ୍ୱୀକାର କରି ଅହଂ ବ୍ୟାବହାରିକ କ୍ଷେତ୍ରରେ ଏହି ସତ୍ୟଟିକୁ ସ୍ୱୀକାର କରି ନେଇଥାଏ । ଏହା ଦ୍ୱାରା ଅହଂ ପ୍ରକୃତରେ ସ୍ୱୀକାର କରିଥାଏ ଯେ, ଏହି ଅତିଖଣ୍ଡିତ ଓ

'oaob.nitrkl.ac.in' images reprocessed

ଅଭିବ୍ୟକ୍ତ ବିଶ୍ୱଜଗତରେ ମଧ୍ୟ ତାହାର ଯାବତୀୟ କ୍ଷେତ୍ରସୀମାକୁ ଅତିକ୍ରମ କରି ତାହାରି ପଛରେ ସେହି ଯିଏ ଅଧିଷ୍ଠିତ ରହିଛନ୍ତି, ତାହାଙ୍କୁ କଦାପି ତା'ର ଏହି ଅହଂପ୍ରେରିତ ବ୍ୟକ୍ତିଜୀବ ବୋଲି ବୁଝାଯାଇ ପାରିବ ନାହିଁ; ତାହା ହେଉଛି ଏହି ଅହଂ ତୁଳନାରେ ଅଧିକ ବୃହତ୍ ଏବଂ ଅଧିକ ପୂର୍ଣ୍ଣ; ଏକ ଦିବ୍ୟତର ପରମ ସତ୍ତାରୂପ, ଯିଏକି ତା'ଠାରୁ ତା'ର ଅଧୀନତା ଏବଂ ସେବାର ଦାବି କରିବାରେ ଲାଗିଛି ।"

ଯୋଗସମନ୍ୱୟ, ପୃଷ୍ଠା-୯୮

ମାଆ, "ପରମ ଦିବ୍ୟ ସତ୍ତାଙ୍କ ଉଦ୍ଦେଶ୍ୟରେ ଯଜ୍ଞ" କହିଲେ କ'ଣ ବୁଝାଇବ ?

**ଯଜ୍ଞ କହିଲେ ଆତ୍ମଦାନକୁ ବୁଝାଇବ । ଗୀତାରେ ଆତ୍ମଦାନ ଅର୍ଥରେହିଁ ଯଜ୍ଞ ଶବ୍ଦର ବ୍ୟବହାର କରାଯାଇଛି ।**

**କେବଳ ଏତିକି କଥା ମନେ ରଖିବାକୁ ହେବ ଯେ ଏହି ଯଜ୍ଞ ହେଉଛି ଏକ ଉଭୟପକ୍ଷୀୟ ଘଟଣା, ଆରମ୍ଭରେ ଶ୍ରୀଅରବିନ୍ଦ ସେହି କଥାହିଁ କହିଛନ୍ତି : ନିଶ୍ଚେତନ ଜଡ଼ ମଧ୍ୟରେ ଚେତନାର ଜାଗୃତି ଘଟାଇବାକୁ ପରମ ଦିବ୍ୟସତ୍ତା ଆପଣାକୁ ଆଣି ତାହାରି ମଧ୍ୟରେ ସମର୍ପଣ କରି ଦେଇଛନ୍ତି । ଏବଂ, ଏହି ଦାନ, ଜଡ଼ ଭିତରେ ପରମ ଦିବ୍ୟସତ୍ତା ଯେ ଆପଣାକୁ ଏହିପରି ଭାବରେ ସମର୍ପି ଦେଇ ପାରିଛନ୍ତି, ଅର୍ଥାତ୍, ଆପଣାକୁ ଜଡ଼ ମଧ୍ୟରେ ବିସର୍ଜନ କରି ଦେଇଛନ୍ତି, ତାହାହିଁ ପରମ ଦିବ୍ୟସତ୍ତାଙ୍କ ହାତରେ ଜଡ଼ ଆପଣାକୁ ସମର୍ପଣ କରିଦେବାର ଆବଶ୍ୟକତାଟିର ଔଚିତ୍ୟକୁ ପ୍ରମାଣ କରିଦେଉଛି ଏବଂ ଏହାକୁ ବାଧ୍ୟତାମୂଳକ କରି ରଖିଛି । କାରଣ ଏହି ଦୁଇଟିଯାକ ଗତିସ୍ପନ୍ଦନକୁ ଆମେ ସେହି ଗୋଟିଏ ପାରସ୍ପରିକ ପ୍ରକ୍ରିୟା ବୋଲିହିଁ ଜାଣିବା । ଏକ ଦିବ୍ୟ ଚେତନା ମଧ୍ୟକୁ ଜଡ଼ର ଜାଗୃତି ଘଟାଇବା ପାଇଁ ପରମ ଦିବ୍ୟସତ୍ତା ଯେପରି ଆପଣାକୁ ଆଣି ଜଡ଼ ମଧ୍ୟରେ ସମର୍ପି ଦେଇଛନ୍ତି ଓ ଜଡ଼ ମଧ୍ୟରେ ଆପଣାକୁ ସତତ ବନ୍ଦୀକୃତ କରି ରଖିଛନ୍ତି, ଠିକ୍ ସେହିପରି ଭାବରେ ସେହି କାରଣରୁହିଁ ଜଡ଼ ମଧ୍ୟ ଆପଣାକୁ ପରମ ଦିବ୍ୟସତ୍ତାଙ୍କ ହାତରେ ଆଣି ଦେଇ ଦେବା ଲାଗି ସ୍ୱତଃ ବାଧ୍ୟ ହୋଇ ରହିଛି । ତେଣୁ ଏହି ଯଜ୍ଞ ହେଉଛି ଏକ ପାରସ୍ପରିକ ପ୍ରକ୍ରିୟା, ଏକ ଉଭୟପକ୍ଷୀୟ ପ୍ରକ୍ରିୟା ।**

'oaob.nitrkl.ac.in' images reprocessed

ଏବଂ ଗୀତାର ମହାନ୍ ରହସ୍ୟରୂପେ ମଧ୍ୟ ଆମେ ଠିକ୍ ଏହି କଥାଟିକୁ ବୁଝିବା : ଦିବ୍ୟ ପରମ ସତ୍ୟ ଜଗତର ହୃଦୟ ଭିତରେହିଁ ଆପଣାକୁ ପ୍ରତିଷ୍ଠିତ କରି ରଖିଛନ୍ତି । ଏବଂ, ସେହି କାରଣରୁହିଁ ଜଗତ୍‌କୁ ମଧ୍ୟ ଆପଣାକୁ ସ୍ୱତଃପ୍ରବୃତ୍ତ ଭାବରେ, ଏପରିକି ଅଚେତନ ଭାବରେ ମଧ୍ୟ ସେହି ପରମ ଦିବ୍ୟସତ୍ତାଙ୍କ ହାତରେ ନେଇ ସମର୍ପି ଦେବାକୁ ହେବ । ଏକଥା ଆମେ ଇଚ୍ଛା କରୁଥାଉ ବା ନକରୁଥାଉ ପଛକେ, ବାସ୍ତବତଃ ତାହାହିଁ ଘଟିଥାଏ ।

କେବଳ ଏତିକି କଥା ହୋଇଥାଏ ଯେ, ଯେତେବେଳେ ଅଚେତନ ଭାବରେ ଏହି କାର୍ଯ୍ୟଟିକୁ କରାଯାଏ, ସେତେବେଳେ ଯଜ୍ଞର ଆନନ୍ଦଟିକୁ ଆଦୌ ଅନୁଭବ କରି ହୁଏ ନାହିଁ । ମାତ୍ର, ଯେତେବେଳେ ସଚେତନ ଭାବରେ ସେହି କଥାଟିକୁ କରି ଯାଇଥାଏ, ସେତେବେଳେ ସେହି ଆନନ୍ଦଟି ଉପଲବ୍ଧ ହୋଇଥାଏ । ଏବଂ ସେହି ଆନନ୍ଦକୁ ଆମେ ପ୍ରକୃତରେ ସର୍ବୋଚ୍ଚ ଆନନ୍ଦ ବୋଲି କହିପାରିବା ।

ଫରାସୀ ଭାଷାରେ "ଯଜ୍ଞ"ର ସମବାଚୀ ଭାବରେ ଯେଉଁ ଶବ୍ଦଟିର ବ୍ୟବହାର ହୋଇଥାଏ, ତାହାର ଅର୍ଥ ଟିକିଏ ଅତି ସଙ୍କୀର୍ଣ୍ଣ ବୋଲି ମନେ ହୋଇଥାଏ । ମୂଳ ସଂସ୍କୃତ ଶବ୍ଦଟିରେ ସେହି ସଙ୍କୀର୍ଣ୍ଣତା ପରିଲକ୍ଷିତ ହୁଏ ନାହିଁ । ଫରାସୀ ଭାଷାରେ ତାହା ଏକପ୍ରକାର ଦୁଃଖବେଗ ଓ ପ୍ରାୟ ଏକ ଅନୁତାପର ବ୍ୟଞ୍ଜନା ଆଣି ଦେଇଥାଏ । ମାତ୍ର ସଂସ୍କୃତରେ ସେପରି କୌଣସି ବ୍ୟଞ୍ଜନାର ସମ୍ମୁଖୀନ ହେବାକୁ ପଡ଼େ ନାହିଁ । ତାହା ସିଧା "ଆତ୍ମଦାନ"କୁହିଁ ବୁଝାଇଥାଏ ।

ମାଆ, ଏଠାରେ ଲେଖାହୋଇଛି : "ଏକ ପ୍ରଚ୍ଛନ୍ନ ପରମ ଏକତ୍ୱ ଦ୍ୱାରହିଁ ସବୁକିଛି ପରସ୍ପର ସହିତ ସଂଯୁକ୍ତ ହୋଇ ରହିଛି ।"

ତତ୍ରୈବ, ପୃଷ୍ଠା-୯୮

ଏହି ପ୍ରଚ୍ଛନ୍ନ ପରମ ଏକତ୍ୱ କହିଲେ କ'ଣ ବୁଝାଏ ?

ପରମ ଦିବ୍ୟସତ୍ତାଙ୍କର ଉପସ୍ଥିତିକୁ ବୁଝାଏ ।

ପରମ ଦିବ୍ୟସତ୍ତା ହେଉଛନ୍ତି ମୂଳତଃ ଏକ, ମାତ୍ର ସିଏ ଆପଣାକୁ ସକଳ ସତ୍ତାତତ୍ତ୍ୱର ମଧ୍ୟରେ ବହୁବିଭକ୍ତ କରି ରଖିଛନ୍ତି ଏବଂ ଏହିପରି ଭାବରେ ସେହି ସର୍ବମୂଳ ଏକତ୍ୱରହିଁ ଏକ ପୁନଃସର୍ଜନ ଘଟାଇଛନ୍ତି । ପରମ ଦିବ୍ୟସତ୍ତା ମୂଳତଃ ଏକ ହୋଇଥିବାରୁ,—ଅବଶ୍ୟ ଏକଥା ସତ ଯେ ସତ୍ତାଗୁଡ଼ିକ ମଧ୍ୟରେ ସେ ଭାରି ଖଣ୍ଡ ଖଣ୍ଡ ହୋଇ ରହିଥିବା ପରି ପ୍ରତୀତ ହେଉଛି,—ସେହି ଏକତ୍ୱହିଁ ଆଧାରଭୂତ ଭାବରେ

'oaob.nitrkl.ac.in' images reprocessed

ଏଠାରେ ପୁନଃପ୍ରତିଷ୍ଠିତ ହୋଇ ରହିଛି । ଏବଂ ଯେତେବେଳେ ଆମେ ଏହି ବିଷୟରେ ଚେତନ ହୋଇ ପାରୁଛୁ, ସେତେବେଳେ ଆମେ ସେହି ଏକତ୍ୱଚେତନାର ଆନନ୍ଦଟିର ଅଧିକାରୀ ହୋଇ ପାରୁଛୁ । ମାତ୍ର ଯେଉଁମାନେ ଚେତନ ହୋଇ ପାରୁ ନାହାନ୍ତି, ସେମାନେ ସେହି ଚେତନାଜନିତ ଆନନ୍ଦଟିକୁହିଁ ହରାଇବାରେ ଲାଗିଛନ୍ତି । ମାତ୍ର ଯାହା ସତ୍ୟ, ତାହାହିଁ ସତ୍ୟ ହୋଇ ରହିଛି ।

ଶ୍ରୀଅରବିନ୍ଦ କହୁଛନ୍ତି : ସେହି ପରମ ଏକତ୍ୱ ସଦାପ୍ରତିଷ୍ଠିତ ହୋଇ ରହିଛି; ତୁମେ ତାହା ବିଷୟରେ ସଚେତନ ରହିଥାଅ ବା ଅଚେତନ ରହିଥାଅ ପଛକେ, ତାହା ପ୍ରତିଷ୍ଠିତ ହୋଇ ରହିଛି । ଏବଂ ବାସ୍ତବ କ୍ଷେତ୍ରରେ ତାହାର ଆଦୌ କୌଣସି ପାର୍ଥକ୍ୟ ଘଟୁ ନାହିଁ । ମାତ୍ର ତୁମ ଜୀବନରେ ଏହାର ଅବଶ୍ୟ ଏକ ପାର୍ଥକ୍ୟ ରହିଛି : ଯଦି ତୁମେ ସେବିଷୟରେ ଚେତନାଯୁକ୍ତ ହୋଇ ରହିଛ, ତେବେ ତୁମେ ତଜ୍ଜନିତ ଆନନ୍ଦର ଅଧିକାରୀ ହୋଇପାରୁଛ; ଯଦି ତୁମେ ଚେତନାଯୁକ୍ତ ହୋଇ ରହି ନାହଁ, ତେବେ ସେହି ଆନନ୍ଦଟିରୁ ବି ବଞ୍ଚିତ ହୋଇ ରହିଯାଉଛ ।

ମାତ୍ର ଅଚେତନ ହୋଇ ରହିଥିବା ବେଳେ ପୁଣି ଆପଣାକୁ ଦେଇହେବ କିପରି ?

ହଁ, ସ୍ୱତଃସ୍ଫୂର୍ତ୍ତ ଭାବରେ ତାହା ସମ୍ଭବ ହୋଇ ପାରିବ ।

ତୁମେ ସେଇଟି ବିଷୟରେ ସଜ୍ଞାନ ଥାଅ ବା ନଥାଅ, ତୁମେ ତାହାକୁ ଇଚ୍ଛା କରୁଥାଅ ବା ନକରୁଥାଅ, ତୁମେ ସମସ୍ତେ ସେହି ପରମ ଦିବ୍ୟ ଉପସ୍ଥିତିଟି ଦ୍ୱାରାହିଁ ପରସ୍ପରଯୁକ୍ତ ହୋଇ ରହିଛ । ସେହି ଦିବ୍ୟ ଉପସ୍ଥିତି ତୁମକୁ ଖଣ୍ଡ ଖଣ୍ଡ ହୋଇ ରହିଥିବା ପରି ଦେଖାଯାଉଛି ସତ, ମାତ୍ର ତଥାପି ଏକ ଓ ଅବିଭକ୍ତ ହୋଇ ରହିଛି । କେବଳ ବସ୍ତୁ ଓ ସତ୍ତାମାନଙ୍କ ମଧ୍ୟରେହିଁ ତାହା ଖଣ୍ଡ ଖଣ୍ଡ ହୋଇ ପଡ଼ିଥିବା ପରି ମନେ ହେଉଛି । ଏହି ପରମ ଏକତ୍ୱ ଏକ ସତ୍ୟରୂପେ ପ୍ରତିଷ୍ଠିତ ହୋଇ ରହିଛି; ତୁମେ ସେବିଷୟରେ ସଜ୍ଞାନ ରହିଥାଅ ବା ନରହିଥାଅ, ତଦ୍ଦ୍ୱାରା ଏହି ସତ୍ୟରେ ଆଦୌ କୌଣସି ପରିବର୍ତ୍ତନ ହୋଇ ଯାଉ ନାହିଁ । ଏବଂ ତୁମେ ସେଇଟିକୁ ଇଚ୍ଛା କରୁଥାଅ ବା ନକରୁଥାଅ, ସେହି ସବୁକିଛି ସତ୍ତ୍ୱେ ତୁମେ ଏହି ପରମ ଏକତ୍ୱ ଦ୍ୱାରାହିଁ ଅନ୍ୱିତ ହୋଇ ରହିଛ ।

ଏହି ବିଷୟଟି ମୁଁ ତୁମମାନଙ୍କୁ କେଜାଣି କେତେଥର ବୁଝାଇ ସାରିଥିବି : ତୁମେ ଭାବୁଛ ଯେ ତୁମେମାନେ ପରସ୍ପରଠାରୁ ଅଲଗା ହୋଇ ରହିଛ, ମାତ୍ର ତୁମ ସମସ୍ତଙ୍କ ମଧ୍ୟରେ ସେହି ଗୋଟିଏ ପରମ ଉପାଦାନହିଁ ବିଦ୍ୟମାନ ରହିଛି, ବାହ୍ୟ ପ୍ରତୀତରେ ଯେତେ ଯାହା ଫରକ ଦେଖା ଯାଉଥିଲେ ମଧ୍ୟ ସେହି ପରମ ଉପାଦାନ

'oaob.nitrkl.ac.in' images reprocessed

ବିଦ୍ୟମାନ ରହିଛି; ଏବଂ, ଗୋଟିଏ କେନ୍ଦ୍ରରେ ଯେଉଁ ସ୍ପନ୍ଦନ ଜାତ ହେଉଛି, ତାହା ସ୍ୱତଃ ଆଉ ଗୋଟିଏ କେନ୍ଦ୍ରରେ ମଧ୍ୟ ଏକ ଅନୁସ୍ପନ୍ଦନକୁ ଜାଗ୍ରତ କରାଇ ଆଣୁଛି ।

ତେଣୁ, ଏହି ଆତ୍ମଦାନକୁ ଆହୁରି ଅଧିକ ଉପଯୁକ୍ତ କରିବା ଲାଗି କ’ଣ କୌଣସି ପ୍ରୟାସର ପ୍ରୟୋଜନ ନାହିଁ, ଆମେ ଏଥିପାଇଁ କ’ଣ ଆଦୌ କୌଣସି ପ୍ରୟାସ କରିବା ନାହିଁ ?

ତୁମର ଏହି ଉପସଂହାରଟିକୁ ମୁଁ ଆଦୌ ବୁଝି ପାରୁ ନାହିଁ ।

ଯଦି ତୁମେ ଅସୁଖୀ ହୋଇ ରହିବାକୁହିଁ ସୁଖ ବୋଲି ଅନୁଭବ କରୁଥାଅ, ତେବେ ସେପରି କରିବା ନିଶ୍ଚୟ ଠିକ୍ ହେବ । ସେଇଟା ହେଉଛି ତୁମର ବ୍ୟକ୍ତିଗତ କଥା । ଯଦି ତୁମେ ଦୁଃଖୀ ହୋଇ ରହିବାରେ, କଷ୍ଟକ୍ଳେଶ କରିବାରେ ଏବଂ ବସ୍ତିମାନର ଅଜ୍ଞାନ ଏବଂ ଅଚେତନା ମଧ୍ୟରେ ପଡ଼ି ରହିବାରେ ସନ୍ତୋଷ ଲାଭ କରୁଥାଅ, ତେବେ କାହାର କିଛି କହିବାର ନାହିଁ,—ତୁମେ ଠିକ୍ ସେହିଠାରେହିଁ ରହିଥାଅ । ମାତ୍ର ଯଦି ଏଥିରେ ତୁମେ କୌଣସି ପ୍ରକାରେ ସନ୍ତୁଷ୍ଟ ହୋଇ ରହି ନପାରୁଥାଅ, ଯଦି ତୁମେ ଚେତନାଯୁକ୍ତ ହେବାକୁ ଇଚ୍ଛା କରୁଥାଅ, ଏହିସବୁ ଦୁଃଖ-କ୍ଳେଶର ଅବସାନ ହେଉ ବୋଲି ଇଚ୍ଛା କରୁଥାଅ, ତେବେ ତୁମକୁ ଏହି ଯଜ୍ଞଟି ସହିତ ଚେତନାଯୁକ୍ତ ହେବା ପାଇଁହିଁ ସତତ ଚେଷ୍ଟା କରିବାକୁ ପଡ଼ିବ ଏବଂ ଅଚେତନ ଭାବରେ ନୁହେଁ, ସଚେତନ ଭାବରେହିଁ ସେହି ଯଜ୍ଞଟିର ଅନୁଷ୍ଠାନ କରିବାକୁ ପଡ଼ିବ ।

ତେଣୁ, ସବୁକିଛି ସେହି ଚେତନା ଉପରେହିଁ ନିର୍ଭର କରୁଛି; ତୁମର ସଚେତନ ଅଥବା ଅଚେତନ ହୋଇ ରହିବା ଉପରେ ସବୁ ନିର୍ଭର କରୁଛି । ଏବଂ କେବଳ ସେହି ସର୍ବୋଚ୍ଚ ପରମଚେତନା ମଧ୍ୟରେହିଁ ତୁମେ ଆପଣାର ସର୍ବୋତ୍ତମ ସମ୍ପୂର୍ଣ୍ଣ ଅଭିବ୍ୟକ୍ତିକୁ ସମ୍ଭବ କରି ପାରିବ ।

ମାତ୍ର, ତୁମେ ଠିକ୍ ବିପରୀତ କଥାଟିକୁ ଅନୁଭବ କରୁଥିଲେ ମଧ୍ୟ ତଥାପି ଯେ ସେହି ପରମ ଏକତ୍ୱ ବିଦ୍ୟମାନ ରହିଛି, ତୁମେ ସେହି ସତ୍ୟଟିରେ ଆଦୌ କୌଣସି ପରିବର୍ତ୍ତନ ଘଟାଇ ପାରିବ ନାହିଁ, କାରଣ ତାହା ହେଉଛି ଏକ ଦିବ୍ୟ ପ୍ରତିଷ୍ଠା, ଏକ ଦିବ୍ୟ ସତ୍ୟ । ସେହି ପରମ ଦିବ୍ୟସତ୍ତାଙ୍କ ସମ୍ବନ୍ଧରେ ସଚେତନତା ଲାଭ କଲେହିଁ ତୁମେ ଏହି ସତ୍ୟଟି ବିଷୟରେ ବି ସଚେତନ ହୋଇ ପାରିବ । ତୁମେ ପରମ ଦିବ୍ୟସତ୍ତାଙ୍କ ବିଷୟରେ ଅସଚେତନ ରହିଥିଲେ ସେହି ସତ୍ୟ ତଥାପି ବିଦ୍ୟମାନ ରହିଥିବ ସତ, ମାତ୍ର କେବଳ ତୁମେ ସେହି ବିଷୟରେ ସଚେତନ ହୋଇ ପାରି ନଥିବ । ବାସ୍, ସେତିକି ।

'oaob.nitrkl.ac.in' images reprocessed

ତେଣୁ, ଏହି ଚେତନାର ବ୍ୟାପାରଟି ଉପରେହିଁ ସବୁକିଛି ନିର୍ଭର କରୁଛି । ଏବଂ, ଏହି ପୃଥିବୀ ବର୍ତ୍ତମାନ ଅସ୍ପଷ୍ଟତାର, ଦୁଃଖ ଓ ଯନ୍ତ୍ରଣାକ୍ଲେଶର···ଓ ତତ୍ସହ ସବୁକିଛିର ସ୍ଥିତିଟି ଭିତରେ ଯେ ରହିଛି, ତାହାର କେବଳ ସେହି ଗୋଟିଏ କାରଣ ହେଉଛି ଯେ ତାହା ପରମ ଦିବ୍ୟସତ୍ତାଙ୍କ ବିଷୟରେ ମଧ୍ୟ ଅସଚେତନ ରହିଛି, କାରଣ ଆପଣା ଚେତନାର ଭୂମିରେ ତାହା ଅସଲ ଡୋରଟିକୁ କାଟି ପକାଇଛି, କାରଣ ତାହାର ଚେତନା ପରମ ଦିବ୍ୟସତ୍ତାଙ୍କଠାରୁ ବିଚ୍ଛିନ୍ନ ହୋଇ ରହିଛି । ଅର୍ଥାତ୍, ତାହା ଅସଚେତନ ହୋଇ ରହିଛି ।

କାରଣ ସେହି ପରମ ଦିବ୍ୟ ଚେତନା ହେଉଛି ଯଥାର୍ଥ ଚେତନା । ଯଦି ତୁମେ ଦିବ୍ୟ ପରମଚେତନାଠାରୁ ଆପଣାକୁ ବିଚ୍ଛିନ୍ନ କରି ରଖିଥିବ, ତେବେ ତୁମକୁ ଗୋଟାପୁରା ଅଚେତନତା ମଧ୍ୟରେ ପଡ଼ି ରହିବାକୁ ପଡ଼ିବ; ବାସ୍ତବ କ୍ଷେତ୍ରରେ ତାହାହିଁ ଘଟିଛି । ତେଣୁ ବର୍ତ୍ତମାନ ଯାହାକିଛି ରହିଛି, ଏହି ପୃଥିବୀ ଯେପରି ହୋଇ ରହିଛି, ତୁମ ଚେତନା ଯେଉଁପରି ଏକ ସ୍ଥିତିରେ ରହିଛି, ବସ୍ତୁଗୁଡ଼ିକ ଯେଉଁ ଅବସ୍ଥାରେ ରହିଛନ୍ତି, ଚେତନାଟି ଏହିପରି ଭାବରେ ବିଚ୍ଛିନ୍ନ ହୋଇ ରହିବା ଦ୍ୱାରା ଏବଂ ହଠାତ୍ ଅସ୍ପଷ୍ଟ ହୋଇ ପଡ଼ିବା ଫଳରେହିଁ ସେପରି ଘଟିଛି ।

ବ୍ୟକ୍ତିର ଚେତନା ଦିବ୍ୟ ପରମଚେତନାରୁ ବିଚ୍ଛିନ୍ନ ହୋଇ ପଡ଼ିବା ମାତ୍ରକେହିଁ, ତାହା, ଆମେ ଯାହାକୁ ଅଚେତନତା ବୋଲି କହୁଛୁ, ତାହାର ମଧ୍ୟରେ ଯାଇ ପ୍ରବେଶ କରିଥାଏ ଏବଂ ସେହି ଅଚେତନତାରୁହିଁ ତାହାର ଯାବତୀୟ ଦୁଃଖ ଓ ଯନ୍ତ୍ରଣା ସଞ୍ଜାତ ହୋଇଥାଏ ।

ମାତ୍ର ଏଠି ଯାହାକିଛି ରହିଛି, ଆମେ ତାହାକୁ ମୂଳତଃ ଦିବ୍ୟ ବୋଲି ଜାଣିବା । ଦିବ୍ୟ ପରମ ଏକତ୍ୱକୁ ଆମେ ଏକ ସତ୍ୟ ବୋଲି ଜାଣିବା । ତୁମେ ଏହି ବିଷୟରେ ଆଦୌ କିଛି କରି ପାରିବ ନାହିଁ । ତୁମର ଯାବତୀୟ ଅଚେତନା ଓ ଯାବତୀୟ ଅସ୍ୱୀକାର ସେଥିରେ କିଛିହେଲେ ପରିବର୍ତ୍ତନ କରି ପାରିବ ନାହିଁ । ଏହା ହେଉଛି ଏକ ପ୍ରତିଷ୍ଠିତ ସତ୍ୟ, ଏହା ପ୍ରକୃତରେ ଠିକ୍ ସେହିପରି ।

ତେଣୁ, ଉପସଂହାର ହେଉଛି ଯେ ଚେତନାର ରୂପାନ୍ତର ହେଉଛି ଅସଲ ରୂପାନ୍ତର । ତା'ପରେ ଆଉ ଯାହାକିଛି ରହିଲା, ଆନୁଷଙ୍ଗିକ ଭାବରେ ତାହା ବଳେବଳେ ଆସିବ ।

ବର୍ତ୍ତମାନ ବୁଝି ପାରୁଥିବ । ବାସ୍, ସେତିକି ।

ମାଆ, ଆମ ଭିତରେ ଥିବା ଠିକ୍ କେଉଁ ଭାଗଟି ଏକ ସମଗ୍ର ଅପରିଗ୍ରହର ବିବୋଧ କରୁଥାଏ ?

'oaob.nitrkl.ac.in' images reprocessed

"ଆମ ଭିତରର କେଉଁ ସ୍ତରଟିକୁ ଆମେ ଅଚେତନତା ବୋଲି କହିବା ?" —ତୁମେ ସତେଯେପରି ମୋତେ ଏହି ପ୍ରଶ୍ନଟି ପଚାରୁଛ । ମାତ୍ର ଅସଲ କଥାଟି ହେଉଛି ଯେ ଦିବ୍ୟ ପରମସତ୍ତ୍ୱକୁ ବାଦ୍ ଦେଲେ ବାକି ସବୁକିଛି ହେଉଛି ଅଚେତନତା । ଏବଂ ଯେତେବେଳେ ତୁମେ ସେହି ପରମସତ୍ତ୍ୱଙ୍କ ସହିତ ନିଜକୁ ଯୁକ୍ତ କରିଦେଇ ପାରିବ, କେବଳ ସେତିକବେଳେ ଯାଇ ତୁମେ ଆପଣା ଭିତରେ ସେହି ଯଥାର୍ଥ ଚେତନାର ପୁନଃପ୍ରତିଷ୍ଠା କରିପାରିବ । ଏହାକୁ ଛାଡ଼ି ବାକି ଯାହାକିଛି ରହିଲା, ତାହାକୁ କେବଳ ଅର୍ଦ୍ଧ-ଚେତନା ଏବଂ ଅର୍ଦ୍ଧ-ଅଚେତନାର ଗୋଟିଏ ସମ୍ମିଶ୍ରଣ ବୋଲି କୁହାଯାଇ ପାରିବ ।

ଆଉକିଛି ରହିଲା ? ବୋଧହୁଏ ନୁହେଁ ।

(ଜଣେ ସାଧକଙ୍କୁ ଉଦ୍ଦେଶ୍ୟ କରି) ହଁ, ହଁ, ସିଏ କିଛି କହିବାକୁ ଇଚ୍ଛା କରୁଛନ୍ତି ।

ମାଆ, ଏଠି ଗୋଟିଏ ଅପୂର୍ବ ବାକ୍ୟ ରହିଛି !

ଅଚ୍ଛା, କେବଳ ଗୋଟିଏ ?

"ଏଠି ପ୍ରତ୍ୟେକ ସତ୍ତ୍ୱ ଅବଚ୍ଛିନ୍ନ ଭାବରେ ଆପଣାର ଭଣ୍ଡାରଟିରୁ କିଛି ନା କିଛି ଅବଶ୍ୟ ବିତରଣ କରିଦେଉଛି···", ଏବଂ ଶ୍ରୀଅରବିନ୍ଦ ତା'ପରେ ପୁଣି କହୁଛନ୍ତି, "ଏବଂ, ଏହିପରି ସ୍ୱେଚ୍ଛାକୃତ ଭାବରେ ଅଥବା ବାଧ୍ୟ ହୋଇ ତାହା ଅନ୍ୟମାନଙ୍କୁ ଯାହାକିଛି ଦେଉଛି, ତାହାର ପ୍ରତିବଦଳରେ ସେ ଆପଣାର ପରିବେଶଟି ମଧ୍ୟରୁ ସର୍ବଦା କିଛି ନା କିଛି ଅବଶ୍ୟ ଗ୍ରହଣ କରି ଆଣୁଛି ।"

ଯୋଗସମନ୍ୱୟ, ପୃଷ୍ଠା-୯୮

ହଁ, ମୁଁ ବର୍ତ୍ତମାନ ଠିକ୍ ସେହି କଥା କହୁଥିଲି । ତାପରେ—?

ଆମେ ଆମ ପରିବେଶରୁ ବି କିଛି ପାଉ, ନା ଯାହାକିଛି ପାଉ, କେବଳ ଦିବ୍ୟ ପରମସତ୍ତ୍ୱଙ୍କଠାରୁହିଁ ପାଇଥାଉ ?

ଉଭୟଙ୍କ ପାଖରୁ ।

'oaob.nitrkl.ac.in' images reprocessed

କାରଣ, ଏଠାରେ "ଏହା ଆପଣାର ପରିବେଶଟି ମଧ୍ୟରୁ ଗ୍ରହଣ କରି ଆଣୁଛି" ବୋଲି ଲେଖାହୋଇଛି ।

**ହଁ, କାରଣ ଶ୍ରୀଅରବିନ୍ଦ କହୁଛନ୍ତି ଯେ ଜଡ଼ ମଧ୍ୟରେ ବି ଏକତ୍ୱ ରହିଛି, ପ୍ରକଟ ହୋଇଥିବା ସୃଷ୍ଟିରେ ଏକତ୍ୱ ରହିଛି, ଉପାଦାନରେ ଏକତ୍ୱ ରହିଛି, ଏବଂ ସେହି ଯାବତୀୟ କ୍ଷେତ୍ରରେ ଅନିବାର୍ଯ୍ୟ ଭାବରେ ଏକ ପାରସ୍ପରିକ ଆଦାନପ୍ରଦାନ ବି ରହିଛି ।**

**ବସ୍ତୁତଃ ଏହି କଥାଟିକୁ ଆମେ ହୁଏତ ପଚିଶ ହଜାର ଥରରୁ ଅଧିକ କହିସାରିଛୁ : ସବୁକିଛିକୁ ଆମେ ଦିବ୍ୟ ବୋଲି ଜାଣିବା ଓ ତେଣୁ ପରିଣାମତଃ ସବୁକିଛିକୁ ସେହି ପରମ ଏକ ବୋଲି ଜାଣିବା । କେବଳ ତୁମର ଚେତନାଟି ହିଁ ଅଲଗା ହୋଇ ରହିଛି ଏବଂ ଅଲଗା ହୋଇ ରହିଥିବାରୁ ତାହା ଅଚେତନତାର ଏକ ଅବସ୍ଥା ଭିତରେ ରହିଛି । ମାତ୍ର ତୁମେ ଯଦି ଏହି ଅଚେତନାକୁ ଦୂର କରିଦେଇ ପାରିବ, ଅଲଗା ହୋଇ ରହିବାର ଏହି ଭାବଟିକୁ ଦୂର କରିଦେଇ ପାରିବ, ତେବେ ତୁମେ ଦିବ୍ୟତା ମଧ୍ୟକୁ ଫେରିଆସି ପାରିବ ।**

ମାତ୍ର, ସାଧାରଣ ଜୀବନରେ, ଆମର ପରିବେଶଟି ମଧ୍ୟରେ, ଆମେ ଯାହା ପାଇଥାଉ, ସର୍ବଦା ଠିକ୍ ତାହାକୁହିଁ ଅନ୍ୟମାନଙ୍କୁ ଦେଇ ନଥାଉ ।

**ମାତ୍ର, ଏପରି ବାହ୍ୟ ଭାବରେ ତୁମର କଥାଟିକୁ କଦାପି ବୁଝିବା ଉଚିତ ନୁହେଁ ।**

(ଆଉ ଜଣେ ସାଧକ) ଅଚେତନତା ମଧ୍ୟ ସଚେତନ ହେବା ଲାଗି ଅଭୀପ୍ସା ରଖିଥାଏ କି ?

**ନା—ଅଚେତନ ମଧ୍ୟରେ ଅବସ୍ଥାନ କରୁଥିବା ଦିବ୍ୟ ପରମସତ୍ତାହିଁ ଚେତନା ମଧ୍ୟରେ ଅବସ୍ଥାନ କରୁଥିବା ଦିବ୍ୟ ପରମସତ୍ତାଙ୍କ ଲାଗି ଅଭୀପ୍ସା ରଖିଥାନ୍ତି । ଅର୍ଥାତ୍, ଦିବ୍ୟ ପରମସତ୍ତାଙ୍କ ବ୍ୟତୀତ କୌଣସି ଅଭୀପ୍ସା କଦାପି ସମ୍ଭବ ନୁହେଁ । ଅଚେତନା ମଧ୍ୟରେ ଯେଉଁ ଚେତନା ଲୁକ୍କାୟିତ ହୋଇ ରହିଛି, ସେଇଟି**

'oaob.nitrkl.ac.in' images reprocessed

ନହେଲେ, ଅଚେତନାକୁ ଚେତନାରେ ପରିଣତ କରିବାର ଆଉ କୌଣସି ସମ୍ଭାବନା ରହିବ ନାହିଁ । ମାତ୍ର, ଅଚେତନାର ହୃଦୟ ମଧ୍ୟରେ ଦିବ୍ୟ ପରମଚେତନା ଅବସ୍ଥିତ ରହିଥିବାରୁ ତୁମେ ଆଦୌ କୌଣସି ଅଭୀପ୍ସା ରଖିପାରୁଛ, ଏବଂ, ତାହାର ପରିଣାମସ୍ୱରୂପ,—ଏକଥା ଶ୍ରୀଅରବିନ୍ଦ କହିଛନ୍ତି,—ଯଜ୍ଞଟି ସ୍ୱତଃପ୍ରବୃତ୍ତ ଭାବରେ ପ୍ରାପ୍ୟ ପରିବର୍ତ୍ତ ସମ୍ଭବ ହୋଇପାରୁଛି । ତେଣୁ, ଯେତେବେଳେ କେହି "ପ୍ରକୃତରେ ତୁମେ କୌଣସି ଅଭୀପ୍ସା କରୁ ନାହଁ, ଦିବ୍ୟ ପରମସତ୍ତାହିଁ ତାହା କରୁଛନ୍ତି; ପ୍ରକୃତରେ ତୁମେ ଅଗ୍ରସର ହେଉ ନାହଁ, ଦିବ୍ୟ ପରମସତ୍ତାହିଁ ଅଗ୍ରସର ହେଉଛନ୍ତି" ବୋଲି କହୁଛି, ଆମେ ତାହାକୁ କେବଳ କେତେଗୁଡ଼ାଏ ଶବ୍ଦ ବୋଲି କହି ଉଡ଼ାଇ ଦେବା ନାହିଁ, ତାହା ହେଉଛି ସତ୍ୟ କଥା । ଏବଂ, କେବଳ ତୁମର ଅଜ୍ଞାନ ଏବଂ ତୁମର ଅଚେତନତାହିଁ ତୁମକୁ ତାହା ଉପଲବ୍ଧି କରିବାରୁ ବଞ୍ଚିତ କରି ରଖିଛନ୍ତି ।

(ଧ୍ୟାନ ଆରମ୍ଭ ହେଲା)

## ୭ ମାର୍ଚ୍ଚ ୧୯୫୭

ମାଆ, ଯେଉଁ ପଶୁମାନଙ୍କୁ ବେଦୀ ଉପରକୁ ଆଣି ବଳି ଦିଆଯାଏ, ଆମେ ତାକୁ ପୁଣି କେଉଁ ପ୍ରକାରର ଯଜ୍ଞ ବୋଲି କହିବା ?

ନିଶ୍ଚିତ ଭାବରେ ତାହା ଏକ କୁତ୍ସିତ ତଥା ଚେତନାବିରହିତ ଯଜ୍ଞ । କିନ୍ତୁ ଏଠାରେ ତଥା ଗୀତାରେ ଯେଉଁ ଯଜ୍ଞର କଥା କୁହାଯାଇଛି ତାହା ହେଉଛି ନିଜକୁ ଉତ୍ସର୍ଗ କରିବା, ଅନ୍ୟକୁ ବଳି ଦେବା ନୁହେଁ ।

କାରଣ ଏଠାରେ ଏହା ଲେଖାହୋଇଛି : "ଗ୍ରହଣକର୍ତ୍ତା ଯିଏ ହୋଇଥାଉ କିଂବା ଯାହାକୁଛି ଅର୍ପଣ କରାଯାଉଥାଉ ପଛକେ, ସକଳ ବସ୍ତୁ ମଧ୍ୟରେ ଅଧିଷ୍ଠିତ ସେହି ପରମ ସର୍ବୋଚ୍ଚ ଏବଂ ପରମ ଶାଶ୍ୱତଙ୍କ ତାହାକୁ ଲାଭ କରନ୍ତି, ତାହାକୁ ଗ୍ରହଣ କରନ୍ତି ।"

ଯୋଗସମନ୍ୱୟ, ପୃଷ୍ଠା : ୧୦୧-୧୦୨

'oaob.nitrkl.ac.in' images reprocessed

ଯେଉଁ ପଶୁଟିକୁ ଆଣି ବଳି ଦିଆଯାଏ, ତାହାର ପ୍ରକୃତରେ କେଡ଼େ ସୌଭାଗ୍ୟ ! ସମ୍ଭବତଃ ସିଏ ସିଧା ଭଗବାନଙ୍କ ପାଖକୁ ଚାଲି ଯାଉଥିବ ।

ହିଁ, ଏହି କଥାଟି ଉପରେ ବେଶ୍ ବିସ୍ତାର କରି ଦେଖା ଯାଇପାରେ··· ତୁମେ ଏପରି ଜଣେ ବ୍ୟକ୍ତିର କଳ୍ପନା କର, ଯିଏକି ଭଗବାନଙ୍କର କୃପା ହାସଲ କରିବାକୁ ଚାହୁଁଛି, ଅଥବା, ଆଉ କୌଣସି ଦେବତାଙ୍କର ବା ଠାକୁରଙ୍କର କୃପା ହାସଲ କରିବାକୁ ଇଚ୍ଛା କରୁଛି । କୌଣସି ଅତି ସ୍ୱାର୍ଥପର ଓ ବ୍ୟକ୍ତିଗତ କିଛି ପାଇବ ବୋଲି ସିଏ ସେହି କୃପାର ସାହାଯ୍ୟ ଲୋଡ଼ୁଛି; କୌଣସି ଏକ ପଦାର୍ଥ ଲାଗି ସେ ଅଭିଳାଷ କରୁଛି ଅଥଚ ତାହା ପାଇବା ବଡ଼ କଷ୍ଟକର ବୋଲି ଜାଣୁଛି । ଏହିପରି ପରିସ୍ଥିତିରେ ସେ ବାଣପଟ୍ଟି କୁକୁଡ଼ାଟାଏ ନେଇ ଦେବତାଙ୍କ ଆଗରେ ତାହାର ବେକ କାଟିଦେଉଛି ଏବଂ ସେଥି ସହିତ ଆପଣାର ପ୍ରାର୍ଥନାଟିକୁ ଜଣାଇ ଆସୁଛି । ଫସଲ ଭଲ ହେଉ ବୋଲି ପ୍ରାର୍ଥନା କରୁଛି ବା ତା'ର ଫସଲ ଭଲ ଦାମରେ ବିକି ହେଉ ବୋଲି ମଧ୍ୟ ପ୍ରାର୍ଥନା କରୁଛି, କିଂବା ତା'ର ସନ୍ତାନ ନଥିଲେ ସନ୍ତାନଟିଏ ଲାଗି ପ୍ରାର୍ଥନା କରୁଛି, କିଂବା ତା'ର ଗୃହିଣୀ ଅସୁସ୍ଥ ଥିଲେ ତା'ର ଆରୋଗ୍ୟ କାମନା କରି ପ୍ରାର୍ଥନା କରୁଛି,—ଗୋଟାଏ କିଛି ପାଇଁ ନିଶ୍ଚୟ ପ୍ରାର୍ଥନା କରୁଛି । ଏବଂ ତା'ପରେ, ତୁମେ ଏକଥା ମଧ୍ୟ କଳ୍ପନା କର ଯେ ବଳି ପଡ଼ୁଥିବା କୁକୁଡ଼ାଟି ଭିତରେ ଥିବା ଏହି ବିବର୍ତ୍ତନଶୀଳ ଚୈତ୍ୟ-କଣାଟି,—ଏକ ଅର୍ଦ୍ଧ-ଚେତନା ମଧ୍ୟରେ ହୁଏତ ତାହା ଏକ ସ୍ଫୁଲିଙ୍ଗ ପରି ହୋଇ ରହିଥାଏ—ବା ତାକୁ ଅର୍ଦ୍ଧ-ଚେତନା ବୋଲି ବି କହି ହେବ ନାହିଁ, ତାହା ହୁଏତ ଚେତନାର ଏକ ଅତି ପ୍ରାଥମିକ ଅବସ୍ଥାରେ ରହିଥାଏ, ସେହି କଣାଟି ସିଧା ଭଗବାନଙ୍କ ପାଖରେ ଯାଇ ପହଞ୍ଚେ ଏବଂ ଭଗବାନ ତାହାକୁ କେଡ଼େ ବଡ଼ କରି ଗ୍ରହଣ କରନ୍ତି । ମାତ୍ର କୌଣସି ଏକ ଉପକାର ପାଇବ ବୋଲି ଯେଉଁ ବ୍ୟକ୍ତି କୁକୁଡ଼ାଟିକୁ ଆଣି ବଳି ଦେଇଥିଲା, ତାହାର କଥା କାହାରି କାନରେ ବି ପଡ଼େ ନାହିଁ ।

ଖୁବ୍ ସମ୍ଭବ ଏହି କ୍ଷେତ୍ରରେ ଏହିପରି ଘଟେ । ତେଣୁ, ଏହି ବ୍ୟାପାରଟିରେ ସେହି ବ୍ୟକ୍ତି ନୁହେଁ, ମାତ୍ର କୁକୁଡ଼ାଟିରହିଁ ପ୍ରକୃତ ଲାଭ ହୁଏ !

ମାଆ, ଏପରି ଅନେକ ଅଛନ୍ତି, ଯେଉଁମାନେ କି ପ୍ରତିକୂଳ ଶକ୍ତିମାନଙ୍କ ଉଦ୍ଦେଶ୍ୟରେ ବଳି ଦିଅନ୍ତି, ସେମାନଙ୍କର ପୂଜା କରନ୍ତି । ଏଗୁଡ଼ିକୁ ବି କ'ଣ ସେହି ଭଗବାନହିଁ ଗ୍ରହଣ କରନ୍ତି ?

ବର୍ତ୍ତମାନ ମୁଁ ଯେଉଁପରି ବଳି ଦେବା କଥା କହୁଥିଲି, ତୁମେ ସେହି ବଳି ବିଷୟରେ କହୁଛ; ସମ୍ପୂର୍ଣ୍ଣ ସ୍ୱାର୍ଥପ୍ରଣୋଦିତ ଅଭିପ୍ରାୟମାନ ହାସଲ କରିବା ଲାଗି ଯେଉଁମାନେ ଦେବତାମାନଙ୍କୁ କିଛି ଆଣି ଦେଇଥାନ୍ତି, ସେଇମାନଙ୍କ କଥା ?

'oaob.nitrkl.ac.in' images reprocessed

> ନାଇଁ,—ଯେଉଁ ଲୋକମାନେ ପ୍ରତିକୂଳ ଶକ୍ତିମାନଙ୍କୁ ବଳି ଓ ପୂଜା ଆଦି ଆଣି ଦେଇଥାନ୍ତି ।

ପ୍ରତିକୂଳ ଶକ୍ତିମାନଙ୍କୁ ? ମାତ୍ର, ସେମାନେ ଯେ ପ୍ରତିକୂଳ ଶକ୍ତି, ସେହି ଲୋକମାନେ ସେକଥା ଆଦୌ ଜାଣି ନଥାନ୍ତି । ବା, ଏଠାରେ ଲୋକମାନେ ଯେପରି କରନ୍ତି, ହଇଜା ବା ବସନ୍ତର ଦେବୀଙ୍କୁ ସେମାନେ ଯେତେବେଳେ ଶୋଭାଯାତ୍ରାରେ ବାହାର କରି ବୁଲାଇବାକୁ ନିଅନ୍ତି, ସେତେବେଳେ ସେମାନେ ଗୀତ ଗାଉଥାନ୍ତି ଓ ବାଜା ବଜାଉଥାନ୍ତି; ଏବଂ ସେତେବେଳେ ତାଙ୍କ ପାଖରେ କେତେ କ'ଣ ପଦାର୍ଥ ଆଣି ନିବେଦନ କରା ଯାଇଥାଏ । ଯେପରି ସେହି ଦେବୀ ଅନେକଗୁଡ଼ାଏ ମୁଣ୍ଡ ମାଗିବେ ନାହିଁ, ସେଇଥିଲାଗି ତାଙ୍କୁ ସନ୍ତୁଷ୍ଟ କରିବାକୁ ସେପରି କରାଯାଏ ।

ପ୍ରଥମେ ନିଶ୍ଚିତ ଭାବରେ ଜାଣିବାକୁ ହେବ ଯେ ଏପରି ଏକ ଦେବୀ ବା ଠାକୁର ପ୍ରକୃତରେ ଅଛନ୍ତି; ସିଏ ଯେ କେବଳ ଏକ ମୂର୍ତ୍ତି ନୁହନ୍ତି ଓ କେବଳ ଗୋଟାଏ ମୂର୍ତ୍ତି ହୋଇ ଆସନ ଉପରେ ବସି ନାହାନ୍ତି, ସେକଥା ବିଷୟରେ ନିଶ୍ଚିତ ହେବାକୁ ପଡ଼ିବ ।

ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଏହିସବୁ ପ୍ରକାରର ଦୃଷ୍ଟାନ୍ତ-ମାନଙ୍କରେ, ମୁଁ ଭାବୁଛି ଲୋକମାନଙ୍କର ବିଶ୍ୱାସ ହେଉଛି ଯାହାକିଛି ଘଟିଥାଏ, ସର୍ବୋପରି ତାହାହିଁ ସେମାନଙ୍କର ଜୀବନରକ୍ଷା କରେ । ଆପଣାର ସାନ ଉତ୍ସବ-ଜମଟିକୁ ଯଥାର୍ଥ ଭାବରେ ସମ୍ପାଦନ କରି ସାରିବା ପରେ ସେମାନେ ଆପଣା ମନରେ ଭାରି ଭୟମୁକ୍ତ ଅନୁଭବ କରନ୍ତି । "ମାଆ ସନ୍ତୁଷ୍ଟ ହେଲେଣି, ଏଥର ଏସବୁ ଭୁଆଡ଼େ ଦୂର ହୋଇଯିବ ।" ବୋଲି ଅନୁଭବ କରନ୍ତି । ଏବଂ ଏହିପରି ଭୟମୁକ୍ତ ଅନୁଭବ କରୁଥିବାରୁ ତାହା ସେମାନଙ୍କୁ ତଦନୁରୂପ ପ୍ରତିକ୍ରିୟା ବ୍ୟକ୍ତ କରିବାରେ ସାହାଯ୍ୟ କରେ ଏବଂ ଫଳରେ ରୋଗ ଅନ୍ତର୍ହିତ ହୋଇଯାଏ । ବଜାରରେ ମୁଁ ଏକଥା ଅନେକଥର ଦେଖିଛି । ଏହି କ୍ଷେତ୍ରରେ ହୁଏତ କୌଣସି ଏକ କ୍ଷୁଦ୍ର ପ୍ରତିକୂଳ ଶକ୍ତି କାର୍ଯ୍ୟ କରୁଥାଇ ପାରେ, ମାତ୍ର ଏଗୁଡ଼ିକୁ ଏକାନ୍ତ ସାମର୍ଥ୍ୟହୀନ ବସ୍ତୁ ବୋଲି କୁହାଯାଇ ପାରିବ ।

ଅନ୍ୟ କେତୋଟି ଦୃଷ୍ଟାନ୍ତରେ, କେତେକ ମନ୍ଦିରରେ ପ୍ରାଣିକ ସତ୍ତ୍ୱମାନେ ରହିଥାନ୍ତି, ଯେଉଁମାନଙ୍କର କି ଅଳ୍ପବହୁତ ଶକ୍ତି ରହିଥାଏ ଓ ଯେଉଁମାନେ ସେଠାରେ ଘର କରି ରହି ଯାଇଥାନ୍ତି ।

'oaob.nitrkl.ac.in' images reprocessed

ମାତ୍ର, ଏଠାରେ ଶ୍ରୀଅରବିନ୍ଦ ଏହି କଥା କହିବାକୁ ଚାହୁଁଛନ୍ତି ଯେ, ଏହି ସୃଷ୍ଟିରେ ଆଦୌ କେଉଁଠି କିଛିହେଲେ ନାହିଁ, ଯାହାକୁ କି ମୂଳତଃ ସର୍ବୋଚ୍ଚ ପରମ ଦିବ୍ୟସତ୍ତାଙ୍କଠାରୁ ଭିନ୍ନ ବୋଲି କୁହାଯାଇ ପାରିବ; ଏପରିକି ସବୁଠାରୁ ଅଧିକ ଅଦିବ୍ୟ କୌଣସି ଶକ୍ତିକୁ ମଧ୍ୟ ସେପରି କୁହାଯାଇ ପାରିବ ନାହିଁ । ତେଣୁ ଅବଶ୍ୟମ୍ଭାବୀ ଭାବରେ ସବୁର ମୂଳରେ କେବଳ ସେଇ ଅବସ୍ଥିତ ରହିଛନ୍ତି, ସଚେତନ ଭାବରେ ହେଉ ଅଥବା ଅଚେତନ ଭାବରେ ହେଉ, କେବଳ ସେଇ ଅବସ୍ଥିତ ରହିଛନ୍ତି । ବଳି ଓ ପୂଜାଦି ଦେଉଥିବା ମନୁଷ୍ୟର ଚେତନାରେ ଅର୍ପିତ ଦ୍ରବ୍ୟଗୁଡ଼ିକ ହୁଏତ ପରମ ଦିବ୍ୟସତ୍ତାଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରୁ ନଥାଏ; ସିଏ ଯେଉଁ ବସ୍ତୁ ବା ସ୍ଥାନ ଅପଦେବତାଟିକୁ ଆଶ୍ରା କରିଥାଏ, ତାହାର ପୂଜା କେବଳ ସେଇଯାଏ ପହଞ୍ଚିଥାଏ । ମାତ୍ର ସବୁ ବସ୍ତୁର ମଧ୍ୟଦେଇ, ମୂର୍ତ୍ତିଟି ଯେଉଁ କାଠରେ ତିଆରି ହୋଇଛି ତାହା ମଧ୍ୟଦେଇ ଏବଂ ଏପରିକି ପ୍ରାଣିକ ବିରୋଧୀଶକ୍ତିର କୋପଦୃଷ୍ଟିର ମଧ୍ୟଦେଇ ବି ସବୁକିଛି ପରିଶେଷରେ ସେହି ଦିବ୍ୟ ପରମସତ୍ତାଙ୍କ ପାଖରେ ଯାଇହିଁ ପହଞ୍ଚିଥାଏ, କାରଣ ସବୁକିଛି ଆସିଲାବେଳେ ତାଙ୍କରି ପାଖରୁହିଁ ଆସିଥାଏ । କେବଳ, ଯିଏ ପୂଜାଟି କରିଥାଏ ବା ବଳିଟିକୁ ଦେଇଥାଏ, ସେ ତାହାର ନିଜ ଚେତନାର ଅନୁପାତରେ ଓ ଯାହା ମାଗିଥାଏ ତାହାରି ଅନୁସାରେ ଯାହା ପାଇବାର ତାହା ଲାଭ କରିଥାଏ । ତେଣୁ ଆମେ ଏପରି କହିପାରିବା ଯେ ସିଦ୍ଧାନ୍ତତଃ ତାହା ଦିବ୍ୟ ପରମସତ୍ତାଙ୍କ ପାଖକୁ ଯାଏ, ମାତ୍ର ସମ୍ପୃକ୍ତ ବ୍ୟକ୍ତି ଆପଣାକୁ ଯାହାର ଦ୍ୱାରସ୍ଥ କରିଥାଏ, ତାଙ୍କରି ପାଖରୁହିଁ ଜବାବ ଆସେ, ଅନୁକିଯ୍ୟାଟି ସେଇଠୁ ହୁଏ, ସର୍ବୋଚ୍ଚ ମୂଳସତ୍ତାଙ୍କଠାରୁ ହୁଏ ନାହିଁ, କାରଣ ତାଙ୍କ ସହିତ ତାହାର ଆଦୌ କୌଣସି ସମ୍ପର୍କହିଁ ହୋଇ ନଥାଏ । କେବଳ ପରବର୍ତ୍ତୀ ସୋପାନଟି ସହିତ ସମ୍ପର୍କ ହୋଇଥାଏ, ପରବର୍ତ୍ତୀ ମଧ୍ୟମ ସୋପାନଟି ସହିତ ହୋଇଥାଏ, ଏହି ସମ୍ପର୍କ ତା'ଠାରୁ ଅଧିକ ଊର୍ଦ୍ଧ୍ୱକୁ ଉଠିପାରି ନଥାଏ ।

ଏହା ଏକାନ୍ତ ନିଶ୍ଚିତ କଥା ଯେ ଯଦି ଗତିସ୍ପନ୍ଦନଟି ସମ୍ପୂର୍ଣ୍ଣ ଅସଚେତ ଭାବରେ ଘଟିଥାଏ, ତାହାର ପରିଣାମଟି ମଧ୍ୟ ଠିକ୍ ସେହିପରି ଅସଚେତହିଁ ହୋଇଥାଏ; ଗତିସ୍ପନ୍ଦନଟି ଯଦି ଗୋଟାସୁଦ୍ଧା ଆମର ଅହଂ ଦ୍ୱାରା ପ୍ରେରିତ ହୋଇଥାଏ, ତେବେ ପରିଣାମଟି ମଧ୍ୟ ଅହଂର ସୀମାଟି ଭିତରେ ଆବୃତ ହୋଇ ରହିଥାଏ । ଅରେ କୌଣସି ଶୁକ୍ରବାର ଦିନ ମୁଁ ତୁମକୁ ଶ୍ରୀଅରବିନ୍ଦଙ୍କର ଯେଉଁ କାହାଣୀଟି ପଢ଼ି ଶୁଣାଇଥିଲି, ଏକଥାଟି ମଧ୍ୟ ଠିକ୍ ତାହାରି ପରି । ସେହି ଯେଉଁ ପ୍ରଥମ କାହାଣୀଟିରେ ସିଏ କର୍ମ ବିଷୟରେ ବୁଝାଇ ଦେଇଥିଲେ, ମନ୍ଦର ପରିଣାମ ମନ୍ଦ ହୁଏ ଓ ଭଲର ପରିଣାମ ଭଲ ହୁଏ ବୋଲି କହିଥିଲେ, ଏହା ଠିକ୍ ସେହି

'oaob.nitrkl.ac.in' images reprocessed

**କାହାଣୀ ପରି ।* ମନ୍ଦରୁ ମନ୍ଦ ଜାତ ହୁଏ ଓ ଭଲରୁ ଭଲ ଜାତ ହୁଏ;—ତାହାହିଁ କର୍ମ । ଏହାକୁ ଆମେ କୌଣସି ଶାସ୍ତି ଅଥବା କୌଣସି ପୁରସ୍କାରରୂପେ ଗ୍ରହଣ କରିବା ନାହିଁ, ଏହାକୁ ଏକ ସ୍ୱୟଂକ୍ରିୟ ବିଧାନ ପରି ଗ୍ରହଣ କରିବା । ତେଣୁ, ତୁମର ଯଜ୍ଞ ଯଦି ଅହଂ ଦ୍ୱାରା ପ୍ରେରିତ ହୋଇଥିବ, ଏଥିରେ ଯଦି ଅସ୍ପଷ୍ଟତା ରହିଥିବ, ତେବେ ତାହାର ପରିଣାମଟି ମଧ୍ୟ ସେହିପରି ଅହଂଦୂଷିତ ହୋଇ ରହିବ, ସେହିପରି ଅସ୍ପଷ୍ଟ ହୋଇ ରହିବ ।**

ମାଆ, ଏଠାରେ ଲେଖାହୋଇଛି : "ଯଜ୍ଞ ବା ତ୍ୟାଗ ବିଷୟରେ ଯେଉଁ ଅଶୋଧିତ କଳ୍ପନାଟି ରହିଆସିଛି, ତଦ୍ଦ୍ୱାରା ତାହା ନାନା ଆୟାସ ଦ୍ୱାରା ପୂର୍ଣ୍ଣ ଆତ୍ମବଳିଦାନ, କଠୋର ଆତ୍ମପ୍ରପୀଡ଼ନ ଏବଂ ଏକ କଷ୍ଟସାଧ୍ୟ ଆତ୍ମ-ଉଚ୍ଛେଦନକୁହିଁ ବୁଝାଉଛି ।...ମାତ୍ର ଆପଣା ପ୍ରତି ଏହି ତୀବ୍ର ହିଂସାଚରଣ ଯେପରି କଦାପି ଅତିରିକ୍ତ ହୋଇ ନଯାଏ, ସେଥିଲାଗି ଗୀତା ଆମକୁ ସବୁବେଳେ ସତର୍କ କରିଦେଇଛି । କାରଣ ଆମର ଭିତରେ ଯେଉଁ ଆତ୍ମସତ୍ତାଟି ରହିଛି, ତାହା ଯଥାର୍ଥରେ ବିବର୍ତ୍ତିତ ଓ ପ୍ରକାଶିତ ହୋଇ ଆସୁଥିବା ସେହି ପରମେଶ୍ୱରଙ୍କ ବ୍ୟତୀତ ଆଉ ଅନ୍ୟକିଛି ନୁହେଁ; ସିଏ ହେଉଛି କୃଷ୍ଣ, ସେଇ ଆମର ଭିତରେ ରହିଥିବା ପରମ ଦିବ୍ୟରୂପ । ଇହସଂସାରର ଅସୁରମାନେ ଯେପରି ତାହାକୁ ସନ୍ତାପିତ ଓ ପ୍ରପୀଡ଼ିତ କରି ରଖିଛନ୍ତି, ଆମେ ତାହାକୁ କଦାପି ସେପରି ସନ୍ତାପିତ କରି ପକାଇବା ନାହିଁ, ତାହାକୁ କୌଣସି ପୀଡ଼ା ଦେବା ନାହିଁ; ତାହାକୁ ଆମେ ଉତ୍ତରୋତ୍ତର ସଂବର୍ଦ୍ଧିତ କରି ଆଣିବା, ସେଇଟିର ସଯତ୍ନ ପୋଷଣ କରିବା, ଏବଂ ଏକ ଦିବ୍ୟ ପରମାଲୋକ ମଧ୍ୟକୁ ଆମେ ତାହାକୁ ସନ୍ଦୀପ୍ତ ଭାବରେ ଉନ୍ମୋଚିତ କରି ଆଣିବା ।"

**ଯୋଗସମନ୍ୱୟ, ପୃଷ୍ଠା-୧୦୦**

ଆପଣାକୁ ସନ୍ଦୀପ୍ତ ଭାବରେ ଉନ୍ମୋଚିତ କରି ରଖିଦେବ କପରି ?

---

* ଏଠାରେ ମୂଳ ବଙ୍ଗଳାରେ ଶ୍ରୀଅରବିନ୍ଦ ଲେଖିଥିବା କାହାଣୀ "ସ୍ୱପ୍ନ"କୁ ସୂଚାଇ ଦିଆଯାଇଛି । "ଜଗନ୍ନାଥଙ୍କ ରଥ" ପୁସ୍ତକରେ ଏହି କାହାଣୀଟି ପ୍ରକାଶିତ ହୋଇଥିଲା ।

'oaob.nitrkl.ac.in' images reprocessed

ଯଦି ତୁମେ ଇଚ୍ଛା କରିବ, ତେବେ "ସନ୍ଦୀପ୍ତ ଭାବରେ" ଶବ୍ଦଟିର ସ୍ଥାନରେ "ଆନ୍ତରିକତା ସହିତ" ର ବ୍ୟବହାର କରିପାରିବ, ବା "ସ୍ୱଚ୍ଛ ଭାବରେ" ର ବ୍ୟବହାର କରିପାରିବ । କୌଣସି ଅସ୍ୱଚ୍ଛ ମାଧ୍ୟମ ଯେପରି ଯାବତୀୟ ପ୍ରତିଫଳନକୁ ବିକୃତ କରିପକାଏ, ଏହା ଆଦୌ ସେପରି ହୋଇ ନଥିବ । ଏହା ନିର୍ମଳ ହୋଇଥିବ, ସ୍ୱଚ୍ଛ ହୋଇଥିବ, ଅନ୍ତର ମଧ୍ୟରୁ ପ୍ରେରିତ ହୋଇ ଆସୁଥିବ, କୌଣସି ପ୍ରକାରେ ଏକ ପ୍ରତିବନ୍ଧକ ହୋଇ ଠିଆ ହେଉ ନଥିବ ।

ତୁମେ ପ୍ରତିକଳ୍ପରୂପେ ଏପରି ଗୋଟିଏ ଘରକାର କଳ୍ପନା କରିପାର, ଯାହାକି ଆଲୋକ ଆଡ଼କୁ ଖୋଲା ହୋଇ ରହିଛି । ତୁମ ଘରକାର କାଚଗୁଡ଼ିକରେ ଯଦି କଳା ବୋଲି ଦିଆ ଯାଇଥିବ ବା ଯଦି ସେଗୁଡ଼ିକ ଅସ୍ୱଚ୍ଛ ହୋଇଥିବେ, ତେବେ ସେହି କାଚର ମଧ୍ୟଦେଇ ଯାହାକିଛି ପ୍ରତିଫଳିତ ହେବ, ତାହା କାଳିଆ ଦେଖାଯିବ, ଖରାପ ଅସ୍ୱଚ୍ଛ ଦେଖାଯିବ ଏବଂ ଆରପଟକୁ ହୁଏତ କିଛିହେଲେ ଦେଖା ଯିବ ନାହିଁ । ମାତ୍ର, ଯଦି କାଚଗୁଡ଼ିକ ବେଶ୍ ସ୍ୱଚ୍ଛ ହୋଇଥିବ, ତେବେ ତା' ଭିତର ଦେଇ ଦୀପ୍ତ ଆଲୋକ ପ୍ରତିଫଳିତ ହୋଇ ପାରୁଥିବ । ଓ, ତୁମ କାଚରେ ଯଦି ରଙ୍ଗ ଦିଆ ହୋଇଥିବ, ତେବେ ତୁମ ପାଖରେ ଆସି ପହଞ୍ଚିଲା ବେଳକୁ ସେଥିରୁ ପ୍ରତିଫଳିତ ଆଲୋକ କୌଣସି ନା କୌଣସି ପ୍ରକାରେ ରଙ୍ଗିନ୍ ଦେଖାଯିବ । ଏବଂ ଯଦି ସେହି କାଚଗୁଡ଼ିକ ସମ୍ପୂର୍ଣ୍ଣ ବିଶୁଦ୍ଧ ଏବଂ ସମ୍ପୂର୍ଣ୍ଣ ସ୍ୱଚ୍ଛ ହୋଇଥିବ, ତେବେ ପ୍ରତିଫଳିତ ଆଲୋକ ମଧ୍ୟ ସ୍ୱଚ୍ଛ ଓ ବିଶୁଦ୍ଧ ହୋଇ ବାହାରିଆସି ପାରିବ ।

ମାଆ, ଗୀତାରେ ଯଜ୍ଞର ଯଥାର୍ଥ ସାରମର୍ମଟି ବିଷୟରେ କୁହା ଯାଇଛି ଓ ଶ୍ରୀଅରବିନ୍ଦ କହିଛନ୍ତି, "ଆତ୍ମକୃଚ୍ଛ୍ର ଅଥବା ଆତ୍ମ-ପ୍ରପୀଡ଼ନ ଏହି ଯଜ୍ଞର ବିଧି ନୁହେଁ, ବିଧି ହେଉଛି ଏକ ବୃହତ୍ତର ଜୀବନ । ଆପଣାକୁ ଖଣ୍ଡ ଖଣ୍ଡ କରି କାଟି ପକାଇ ବିଲୁପ୍ତ ହୋଇଯିବା ନୁହେଁ, ମାତ୍ର ଆମର ପ୍ରକୃତିଦତ୍ତ ମାନବୀୟ ଭାଗଗୁଡ଼ିକୁ ଦିବ୍ୟତା ଦ୍ୱାରା ପୂର୍ଣ୍ଣସଂଚାମିତ ଭାବରେ ରୂପାନ୍ତରିତ କରିଦେବା ।"

ତତ୍ରୈବ, ପୃଷ୍ଠା-୧୦୧

ପ୍ରକୃତରେ ଶାରୀରିକ ରୂପାନ୍ତରସାଧନ ଆମର ଲକ୍ଷ୍ୟ ନୁହେଁ କି ?

"ସମଗ୍ର ରୂପାନ୍ତରସାଧନ" ବୋଲି କହିଲାବେଳେ ଶ୍ରୀଅରବିନ୍ଦ ଶାରୀରିକ ରୂପାନ୍ତରସାଧନ ବିଷୟରେ ମଧ୍ୟ କହୁଛନ୍ତି । ମାତ୍ର ଗୀତାରେ ସମଗ୍ର ରୂପାନ୍ତରସାଧନ

'oaob.nitrkl.ac.in' images reprocessed

ବିଷୟରେ କୁହାଯାଇଛି ବୋଲି ମୁଁ ଆଦୌ ମନେ କରୁ ନାହିଁ । କାରଣ ଗୀତାର କଳ୍ପନା ମଧ୍ୟରେ ଶାରୀରିକ ରୂପାନ୍ତରସାଧନ ଲାଗି ଆଦୌ କୌଣସି ସ୍ଥାନ ନାହିଁ । ମୁଁ ତୁମମାନଙ୍କୁ ସେଦିନ ଯେପରି ବୁଝାଇ କହିଥିଲି, ପୃଥିବୀ ଯାହା, ତାହା ଠିକ୍ ସେହିପରି ହୋଇ ରହିଛି, ତୁମକୁ ତାହାକୁ ଠିକ୍ ସେହିପରି ଭାବରେ ଗ୍ରହଣ କରିବାକୁ ହେବ; ମାତ୍ର, ତାହା ଯେପରି ହୋଇ ରହିଛି, ଆପେ ତଦ୍ୱାରା କୌଣସି ପ୍ରକାରେ ସନ୍ତାପିତ ହେବ ନାହିଁ । କାରଣ, ତୁମେ ଏକ ଉଚ୍ଚତର ଚେତନା ମଧ୍ୟରେ ପ୍ରବେଶ କରିବ, ବାହ୍ୟ ରୂପାକୃତିଗୁଡ଼ିକର ବନ୍ଧନରୁ ମୁକ୍ତ ହୋଇ ରହିବ, ମାତ୍ର ସେହି ରୂପାକୃତିମାନ ଯେପରି ଅଛନ୍ତି, ସେହିପରି ହୋଇ ରହିଥିବେ । ହଁ, ଏକଥା ସତ ଯେ ଗୀତାରେ ନିଜର ଚରିତ୍ରର ପରିବର୍ତ୍ତନ କରାଇବା ବିଷୟରେ କିଞ୍ଚିତ୍ ଉଲ୍ଲେଖ ଅବଶ୍ୟ କରାଯାଇଛି, ମାତ୍ର ଭୌତିକ ପୃଥିବୀକୁ ବଦଳାଇ ଦେବା ବିଷୟରେ ସେଥିରେ ଆଦୌ କୌଣସି ପ୍ରସଙ୍ଗର ଉତ୍ଥାପନ କରା ହୋଇ ନାହିଁ ।

> ମାଆ, ଏହି ଅଂଶଟି ମୁଁ ବୁଝି ପାରି ନାହିଁ : "ମାତ୍ର ଆମ ଅଧ୍ୟାତ୍ମ ବା ଚିଦ୍‌ଗତ ସତ୍ତାର ଯେଉଁ ଅନ୍ତର୍ଗତ ଶତ୍ରୁମାନଙ୍କର ଦଳଟି ରହିଛି,······ଶବ୍ଦଟିର କଠୋରତର ଅର୍ଥରେ ଏହିମାନଙ୍କୁହିଁ ବର୍ଜନ କରିବାକୁ ପଡ଼ିବ, ବାଟ ଚାଲୁଥିବା ବେଳେ ସାଧକର ଚେତନା ଉପରେ ସେମାନେ ପ୍ରତିଫଳନ ଦ୍ୱାରା ଯେତେଯାହା ଦୁଃଖଭାରକୁ ଉକୁଟାଇ ଦେଉଥାନ୍ତୁ ନା କାହିଁକି, ସେଗୁଡ଼ିକୁ ଅବଶ୍ୟ ବର୍ଜନ କରିବାକୁ ପଡ଼ିବ ।"
>
> ତତ୍ରୈବ, ପୃଷ୍ଠା : ୧୦୦-୧୦୧

ଏହି ଅଂଶଟିକୁ ତୁମେ ବୁଝି ପାରିଲ ନାହିଁ ? ଏହି କଥାଟି କ'ଣ ତୁମ ଜୀବନରେ କେବେହେଲେ ଘଟି ନାହିଁ ? ମୋଟେ ଘଟି ନାହିଁ ? ଉଦାହରଣସ୍ୱରୂପ, ଯେତେବେଳେ ତୁମେ ଏପରି କିଛି ଗୋଟାଏ ଉଦ୍‌ବେଳନରେ ପଡ଼ିଯାଅ ଯାହାକି ତୁମକୁ ପ୍ରକୃତରେ ଭଲ ଲାଗୁ ନଥାଏ,—ହୁଏତ କ୍ରୋଧ ବା ଘୃଣାର ବଶବର୍ତ୍ତୀ ହୋଇପଡ଼ ବା ସେହିପରି ଯାବତୀୟ ପ୍ରକାରର କୌଣସି ଏକ ବିବଶତାର କବଳରେ ପଡ଼ିଯାଅ, ଅଥବା, କୌଣସି ଏକ ନିଷ୍କ୍ରାନ୍ତିନତାର କବଳରେ ଆସି ପଡ଼, ଯାହାକି ତୁମକୁ ମୋଟେ ଭଲ ଲାଗୁ ନଥାଏ,—ଯେତେବେଳେ ତୁମେ ସେଇଟିକୁ ଆପଣା ଭିତରୁ ବର୍ଜନ କରିଥାଅ, ଯେଇଟି ଯେପରି ପୁନର୍ବାର ଆସି ତୁମକୁ ଗ୍ରାସ କରି ନପକାଇବ, ଯେତେବେଳେ ତୁମେ ସେଥିଲାଗି ଏକ ପ୍ରୟାସ କରିବାକୁ ଇଚ୍ଛା

'oaob.nitrkl.ac.in' images reprocessed

କରୁଥାଅ, ସେତେବେଳେ ତୁମେ ସେଇଟିରୁ ସ୍ୱର ଆଘାତ ପାଅ, ନୁହେଁ କି ? ଏହା ପ୍ରକୃତରେ ସ୍ୱର ଆଘାତ ଦିଏ, ମନେହୁଏ ସତେଯେପରି କ'ଣ ଗୋଟାଏ କିଏ ଟାଣିକରି ବାହାର କରି ନେଉଛି । ହଁ, ସିଏ ଠିକ୍ ସେହି ଯନ୍ତ୍ରଣାଟିର କଥା କହୁଛନ୍ତି; ସିଏ କହୁଛନ୍ତି ଯେ ତୁମେ ଯେଉଁ ମନ୍ଦ କଥାଟିକୁ ନିଜ ଭିତରୁ କାଢ଼ି ଫିଙ୍ଗିଦିଅ, ସେଇଟି ତୁମକୁ ଛାଡ଼ି ଚାଲି ଯାଉଥିବା ସମୟରେ ଏକ ବିଦାୟକାଳୀନ ଉପହାରରୂପେ ବେଶ୍ ସାନ କରି ନାତଟିଏ ମାରିଦେଇ ଯାଏ । ଶ୍ରୀଅରବିନ୍ଦ ସେହି କଥା କହିଛନ୍ତି ।

କାରଣ, ଯନ୍ତ୍ରଣାଟି ଯେ ତୁମର, ତୁମେ ସର୍ବଦା ଏହି ଭ୍ରମରେ ପଡ଼ି ରହିଥାଅ । ମାତ୍ର ସେଇଟା ଆଦୌ ସତ କଥା ନୁହେଁ । ଯନ୍ତ୍ରଣାକୁ ବାହାରୁ ଆଣି ତୁମ ଉପରେ ଲଦି ଦିଆଯାଏ । ହୁଏତ ଠିକ୍ ସେହି ଘଟଣାଟି ଘଟି ପାରିଥାନ୍ତା, ଅବିକଳ ସେହି ଘଟଣାଟି ତାହାର ଯାବତୀୟ ଟିକିନିଖି ସହିତ ତୁମ ଜୀବନରେ ଘଟିଥାନ୍ତା, ମାତ୍ର ତୁମ ଉପରେ ହୁଏତ ଯନ୍ତ୍ରଣାର କୌଣସି ଛାଇ ବି ମୋଟେ ପଡ଼ି ନଥାନ୍ତା । ବରଂ ଅନେକ ସମୟରେ ଏପରି ହୋଇଥାନ୍ତା ଯେ ତାହା ତୁମକୁ ଏକ ଅପୂର୍ବ ଆନନ୍ଦ ଦ୍ୱାରା ହିଁ ପୂର୍ଣ୍ଣ କରିଦେଇ ଯାଇଥାନ୍ତା । ଏବଂ, ଏହା ଠିକ୍ ସେହି ଗୋଟିଏ ଜିନିଷ । ମାତ୍ର, ଗୋଟିଏ କ୍ଷେତ୍ରରେ ତୁମେ ଏପରି ନାନା ପ୍ରତିକୂଳ ଶକ୍ତିମାନଙ୍କ ଲାଗି ଉନ୍ମୁକ୍ତ ହୋଇ ରହିଛ, ଯେଉଁମାନଙ୍କୁ କି ତୁମେ ଆପଣା ଜୀବନରୁ ବହିଷ୍କୃତ କରି ରଖିବାକୁ ଇଚ୍ଛା କରୁଛ; ଏବଂ ଅନ୍ୟ କ୍ଷେତ୍ରଟିରେ ତୁମେ ଆଦୌ ସେପରି ଉନ୍ମୁକ୍ତ ହୋଇ ରହି ନାହଁ, ତୁମେ କେତେ ଆଗରୁ ସେମାନଙ୍କଠାରୁ ପ୍ରକୃତରେ ଏତେ ଦୂରକୁ ଚାଲିଯାଇ ପାରିଛ ଯେ ସେମାନେ ତୁମର ଅଉ ଆଦୌ କୌଣସି କ୍ଷତି କରି ପାରୁ ନାହାନ୍ତି । ତେଣୁ, ସେହି ଶକ୍ତିଗୁଡ଼ିକ ଯେଉଁ ନକାରାତ୍ମକ ଦିଗଟିର ପ୍ରତିନିଧିତ୍ୱ କରିଥାନ୍ତି, ତାହାକୁ ଅନୁଭବ କରିବା ପରିବର୍ତ୍ତେ ଆପଣାର ଅନୁଭୂତି ମଧ୍ୟରେ ତୁମେ ପରମ ଦିବ୍ୟସତ୍ତା ପ୍ରତିନିଧିତ୍ୱ କରୁଥିବା ସକାରାତ୍ମକ ଦିଗଟିକୁହିଁ ଅନୁଭବ କରିବାକୁ ଲାଗୁଛ । ସେତେବେଳେ ଦିବ୍ୟ ପରମ କରୁଣାହିଁ ତୁମକୁ ଅଗ୍ରସର କରାଇ ନେଉଛି ଏବଂ ସେହି ଭଗବନ୍ତ କରୁଣାକୁ ଲାଭ କରି ତୁମେ ତତ୍କ୍ଷଣାତ ଦିବ୍ୟ ପରମ ଆନନ୍ଦକୁ ମଧ୍ୟ ଅନୁଭବ କରିପାରୁଛ । ମାତ୍ର ତୁମକୁ ଅଗ୍ରସର କରାଇ ନେଉଥିବା ପରମ କରୁଣାଟି ସହିତ ଆପଣାକୁ ଏକାତ୍ମକ କରି ରଖିବା ପରିବର୍ତ୍ତେ, ତୁମେ ଯେଉଁ କୁତ୍ସିତ ପଦାର୍ଥଟିର ହାତରୁ ନିଷ୍କୃତି ଲାଭ କରିବାକୁ ଇଚ୍ଛା କରୁଛ, ତୁମେ ତାହାରି ସହିତ ଏକାତ୍ମକ ହୋଇ ରହୁଛ । ଏବଂ ତେଣୁ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ ତୁମେ ଏହିପରି ଅନୁଭବ କରୁଛ ଏବଂ ଯନ୍ତ୍ରଣା ଭୋଗ କରୁଛ ।

କିନ୍ତୁ ସଚେତନ ରହିପାରିଲେ ତୁମେ ଏକ ପ୍ରୟୋଗ କରି ମଧ୍ୟ ବେଶ୍ ଦେଖିପାରିବ । ତୁମ ଭିତରେ ଏପରି ଏକ ଜିନିଷ, ଏପରି ଏକ ମନ୍ଦ ଜିନିଷ ରହିଛି,

'oaob.nitrkl.ac.in' images reprocessed

ଯାହାକୁ କି ତୁମେ ପ୍ରକୃତରେ ଇଚ୍ଛା କରୁ ନାହିଁ,—କୌଣସି ନା କୌଣସି କାରଣରୁ ତୁମେ ସେଇଟି ତୁମ ଭିତରେ ରହୁ ବୋଲି ମୋଟେ ଇଚ୍ଛା କରୁ ନାହିଁ, ସେଇଟିକୁ ତୁମେ ନିଜ ଭିତରୁ କାଢ଼ି ବାହାର କରିଦେବାକୁ ଇଚ୍ଛା କରୁଛ; ଏପରି ସ୍ଥିତିରେ, ଯଦି ତୁମେ ସେହି ଜିନିଷଟି ସହିତ ଏତେ ଟିକିଏ ବି ଏକାତ୍ମକ ଅନୁଭବ କରୁଥାଅ, ତେବେ ସେଇଟିକୁ କାଢ଼ି ଦେଉଥିବା ସମୟରେ ତୁମେ ପ୍ରକୃତରେ କଷ୍ଟ ଅନୁଭବ କରିବ । ମାତ୍ର, ଯଦି ଅନ୍ୟ ପକ୍ଷରେ, ଯଦି ତୁମର ପାଶମୋଚନ କରିବାକୁ ଆସିଥିବା ଭଗବତ୍ ଶକ୍ତି ସହିତ ତୁମେ ଆପଣାକୁ ଏକାତ୍ମକ କରି ରଖି ପାରୁଥିବ, ତେବେ ତୁମେ ସେହି ପରମ କରୁଣାଜନିତ ଆନନ୍ଦର ବି ଅଧିକାରୀ ହୋଇପାରିବ;—ଏବଂ ତୁମେ ଏହା ଦ୍ୱାରା ଯେଉଁ ଅଗ୍ରଗତି ସାଧନ କରିଥିବ, ତୁମେ ତଜ୍ଜନିତ ଗଭୀର ପୁଲକଟିକୁ ମଧ୍ୟ ନିଜେ ଅନୁଭବ କରି ପାରୁଥିବ ।

ତେଣୁ, ତୁମେ ପ୍ରକୃତରେ କେଉଁ ଜିନିଷଟି ସହିତ ଆପଣାକୁ ଏକାତ୍ମକ କରି ରଖିଛ, ଏହା ସେହି ବିଷୟରେ ଏକ ସୁନିଶ୍ଚିତ ସଙ୍କେତରୂପେ କାର୍ଯ୍ୟ କରିବ, ତୁମକୁ ତାହାର ସୁନିଶ୍ଚିତ ପ୍ରମାଣ ଦେଇଯିବ । ଯଦି ନିମ୍ନରୁ ଆସୁଥିବା ଶକ୍ତିଗୁଡ଼ିକ ସହିତ ତୁମେ ଜଡ଼ିତ ହୋଇ ରହିଥିବ, ତେବେ ଦୁଃଖ ଭୋଗ କରିବ; ଯଦି ଊର୍ଦ୍ଧ୍ୱସ୍ଥ ଶକ୍ତିଗୁଡ଼ିକ ସହିତ ଏକାତ୍ମକ ହୋଇ ପାରିଥିବ, ତେବେ ତୁମେ ସୁଖ ଅନୁଭବ କରିବ । ଏଠାରେ ମୁଁ ସାଧାରଣ ଖୁସି ହେବା ବିଷୟରେ କହୁ ନାହିଁ; ତୁମର ଆଦୌ ଏପରି ଭାବିବା ଉଚିତ ନୁହେଁ ଯେ ଯେତେବେଳେ କୌଣସି ବ୍ୟକ୍ତି ଖାଲି ଏଠୁ ସେଠିକି ଡେଇଁ ବୁଲିବାରେ ଲାଗିଛି, ନାଚିବାରେ ଲାଗିଛି, କେତେ କ'ଣ କହିଯାଉଛି ଓ ଖେଳିବାରେ ଲାଗିଛି, ସେତେବେଳେ ସିଏ ପ୍ରକୃତରେ ଦିବ୍ୟ ଶକ୍ତିଗୁଡ଼ିକ ସହିତ ଏକାତ୍ମକ ହୋଇ ରହିଛି;—ସେପରି କ୍ଷେତ୍ରରେ ତା'ଠାରେ ଏହି ଏକାତ୍ମକତା ହୁଏତ ଥାଇପାରେ, ହୁଏତ ଥାଇ ବି ନପାରେ । ଏଠାରେ ମୁଁ ସେହି ବିଷୟରେ ଆଦୌ କିଛି କହୁ ନାହିଁ । ଏଠାରେ ମୁଁ ଦିବ୍ୟ ପରମ ଆନନ୍ଦ ଅନୁଭବ କରିବା ବିଷୟରେ କହୁଛି, ଅନ୍ତର ଭିତରର ସେହି ଅମିଶ୍ରିତ ଶୁଦ୍ଧ ଆନନ୍ଦଟିକୁ ଅନୁଭବ କରିବା ବିଷୟରେ କହୁଛି ।

ଯେତେବେଳେ ଏହିପରି ଏକ ଗ୍ଲାନି ତୁମକୁ ଅତିକ୍ରମ କରି ଚାଲି ଯାଉଥିବ,—ଏହା କେବଳ ଏକ ଅସ୍ୱସ୍ତିକରତାର ବୋଧ ହୋଇପାରେ, ତୀବ୍ର ବେଦନା ହୋଇପାରେ ଅଥବା ଏକ ଅସହ୍ୟ ଯନ୍ତ୍ରଣା ବି ହୋଇପାରେ—ଅର୍ଥାତ୍ ଅତି କ୍ଷୁଦ୍ରରୁ ଅତି ବୃହତ୍ ପର୍ଯ୍ୟନ୍ତ ଯାବତୀୟ ଯାହାକିଛି ହୋଇପାରେ,—ସେଇଟି ଆସି ତୁମ ସତ୍ତ୍ୱରେ ଆବିର୍ଭୂତ ହେବା ମାତ୍ରକେ ତୁମେ ହୁଏତ କୌଣସି ନା କୌଣସି ସ୍ଥଳରେ "ହେଇ, ଏଇଟି ହେଉଛି ମୋର ଶତ୍ରୁ" ବୋଲି କହିପାର ।

'oaob.nitrkl.ac.in' images reprocessed

ମାଆ, ଯେଉଁ ସତ୍ତା ଆପଣାକୁ ଭଗବାନଙ୍କ ପାଖରେ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରି ରଖିଛି, ତାହାର ଅନୁଭୂତ ପ୍ରକୃତରେ କିପରି ହୋଇଥାଏ ?

**ମାଆ ···ତୁମେ ସେହି ସମର୍ପଣଟିକୁ ସମ୍ଭବ କର, ସେତେବେଳେ ତୁମେ ନିଶ୍ଚୟ ଜାଣିପାରିବ । ଏହି କ୍ଷେତ୍ରରେ ସମସ୍ତଙ୍କର ଆଦୌ ସମାନ ଅନୁଭୂତ ହୋଇ ନଥାଏ ।**

ମାଆ, "ଅଭିପ୍ରାୟ···ଏବଂ ଅଭିପ୍ରାୟଟି ପଛରେ ରହିଥିବା ଭାବ,"* ଏହାର ଅର୍ଥ କ'ଣ ? ଦୁଇଟିଯାକ ସେହି ଗୋଟିଏ କଥା ନୁହନ୍ତି କି ?

**କ'ଣ ହେଲା ?**

ସେହି ଅଭିପ୍ରାୟଟି···

**ହଁ, ମୁଁ ଜାଣିଛି ।**

ଏବଂ ସେହିଟି ପଛରେ ଯେଉଁ ଭାବ ରହିଛି ।

**ମୋ ପାଇଁ ଏଠାରେ ଅର୍ଥଟି ଅତି ସ୍ପଷ୍ଟ ହୋଇ ରହିଛି । ତେଣୁ ମୁଁ ତୁମର ପ୍ରଶ୍ନଟିକୁ ଆଦୌ ବୁଝି ପାରୁ ନାହିଁ । ଅଭିପ୍ରାୟ ଓ ଅଭିପ୍ରାୟଟିରେ ନିହିତ ଭାବଟି ମଧ୍ୟରେ କି ପାର୍ଥକ୍ୟ ରହିଛି, ତୁମେ ତାହାହିଁ ଜାଣିବାକୁ ଚାହୁଁଛ ?**

ସେଇଟି ପଛରେ ଯେଉଁ ଭାବ ରହିଥାଏ ।

**ମାଆ ପ୍ରତ୍ୟେକ ବସ୍ତୁ ପଛରେ ଗୋଟିଏ ଭାବ ନିହିତ ହୋଇ ରହି ନାହିଁ କି ?**

---

* "ଏହି ସଙ୍କଳ୍ପରୁ ଲବ୍‌ଧ ହେଉଥିବା ଫଳ ମଧ୍ୟ କର୍ମଟି ଅନୁସାରେ ଭିନ୍ନ ହୋଇ ରହିଛି; କର୍ମଟି ମଧ୍ୟରେ ଯେଉଁ ଅଭିପ୍ରାୟ ରହିଛି ଓ ଅଭିପ୍ରାୟଟି ପଛରେ ଅନ୍ତର୍ଗତ ଯେଉଁ ଭାବଟି ରହିଛି, ତାହାର ଅନୁସାରେ ଫଳଟି ଭିନ୍ନ ଓ ନାନାବିଧ ହୋଇ ରହିଛି ।"

ଯୋଗସମନ୍ୱୟ, ପୃଷ୍ଠା-୧୦୨

ହଁ, ସର୍ବଦା ଏକ ଭାବ ନିହିତ ହୋଇ ରହିଛି ।

ଶ୍ରୀଅରବିନ୍ଦ ତ ଏଠାରେ ତାହାହିଁ କହୁଛନ୍ତି, ଆଉ ଅନ୍ୟ କିଛି କଥା କହି ନାହାନ୍ତି । ତୁମ ଅଭିପ୍ରାୟଟି ପଛରେ ପ୍ରକୃତରେ କେଉଁପରି ଭାବଟିଏ ନିହିତ ହୋଇ ରହିଛି, ସେକଥା ତୁମକୁ ଜାଣିବାକୁ ପଡ଼ିବ ବୋଲି ସେ କହୁଛନ୍ତି ।

ଫଳ ଭିନ୍ନ ହେବ ବୋଲି ସିଏ କହୁଛନ୍ତି ।

ନିଶ୍ଚୟ; ତୁମେ ଯେଉଁ ଭାବ ନେଇ ବିଭିନ୍ନ କାର୍ଯ୍ୟ କରୁଥିବ, ସେହି ଅନୁସାରେ ଫଳ ମଧ୍ୟ ଭିନ୍ନ ହେବ ।

ମାତ୍ର, ଅଭିପ୍ରାୟ ପଛରେ ରହିଥିବା ଭାବ ଏବଂ ଅଭିପ୍ରାୟ,— ଦୁଇଟିଯାକ ସମାନ ନୁହେଁ କି ?

ତୁମେ ମୁଁ ତୁମକୁ କ'ଣ କହେ ବୋଲି ପ୍ରକୃତରେ ଇଚ୍ଛା କରୁଛ ? ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଯଦି ତୁମେ ନିଜେ ଅନୁଭବ କରି ନପାରୁଥିବ, ତେବେ ମୁଁ ତୁମକୁ ସେକଥା ବୁଝାଇ ବି ଦେଇ ପାରିବି ନାହିଁ ।

ସର୍ବଦା ନାନାବିଧ ଶକ୍ତି କାର୍ଯ୍ୟକାରୀ ହୋଇ ରହିଛନ୍ତି ଓ ସେହିଗୁଡ଼ିକହିଁ ଲୋକମାନଙ୍କୁ ସଞ୍ଚାଳିତ କରୁଛନ୍ତି । ଲୋକମାନେ ସେହିଗୁଡିକ ଦ୍ୱାରା ସଞ୍ଚାଳିତ ହେଉଛନ୍ତି । ବ୍ୟକ୍ତି ମଧ୍ୟରେ ତାହା ନିର୍ଦ୍ଦିଷ୍ଟ କେତୋଟି ଅଭିପ୍ରାୟରୂପେ ପ୍ରକଟ ହେଉଛି; ମାତ୍ର ସେହି ଅଭିପ୍ରାୟଗୁଡ଼ିକର ପଛରେ ଗୋଟିଏ ଗୋଟିଏ ଶକ୍ତି କାର୍ଯ୍ୟ କରୁଛି, ଯାହାକୁ କି କଦାପି ବ୍ୟକ୍ତିଗତ ବୋଲି କୁହାଯିବ ନାହିଁ ।

ଏଥର ବୁଝିଲ ?

ହଁ ।

ଭଲ କଥା ।

ମୁଁ ଭାବୁଛି ଯେ ଅତ୍ୟନ୍ତ ସ୍ୱେଚ୍ଛାଚାରିତା ସହିତ ଆମେ ଯେତେବେଳେ କୌଣସି କଥାକୁ ଅତ୍ୟନ୍ତ ସରଳ କରି ପକାଇ ଗୋଟିଏ ପାଖରେ କଥାଟିର ମର୍ମଟିକୁ ରଖିଦେଉ ଓ ଅନ୍ୟ ପାଖଟିରେ ଅଲଗା କରି ତାହାର ବସ୍ତୁଟିକୁ ରଖିଦେଉ,

'oaob.nitrkl.ac.in' images reprocessed

ସେତେବେଳେ ସେହି କଥାଟିକୁ ବୁଝିବାରେ ସବୁଠାରୁ ବଡ଼ ଅସୁବିଧା ଆସି ଉପସ୍ଥିତ ହୋଇଥାଏ । ଖାସ୍ ଏହି ନବୋଧତାଟିହିଁ ତୁମକୁ କୌଣସି କଥା ବୁଝିବାରେ ଅସମର୍ଥ କରି ରଖିଥାଏ । ସବୁ କଥାରେ ଏକ ମର୍ମ ରହିଥାଏ, ଏକ ବସ୍ତୁସ୍ତର ବି ରହିଥାଏ । ଏହି ବିଷୟଟି ଖୁବ୍ ସହଜରେ ବୁଝି ହେଉଥିବ । ତେଣୁ ଯଦି ତୁମେ ମର୍ମଟିର ହୋଇ ରହିଥିବ, ତେବେ ବସ୍ତୁସ୍ତରଟି ସହିତ ତୁମର ଆଦୌ କୌଣସି ସମ୍ପର୍କ ନଥିବ; ଏବଂ, ବସ୍ତୁସ୍ତରଟି ସହିତ ସମ୍ପର୍କ ରହିଥିଲେ ତେଣେ ମର୍ମ ସହିତ କୌଣସି ସମ୍ପର୍କ ନଥିବ । ମାତ୍ର, ତୁମେ କାହାକୁ ମର୍ମ ବୋଲି କହୁଛ ଓ କାହାକୁ ବସ୍ତୁ ବୋଲି କହୁଛ କହିଲ ? ଏହି ସଂସାରରେ ବିଷୟଗୁଡ଼ିକ ଅଗଣିତ ନାନା ପୁଞ୍ଜର ଆକାରରେ ରହିଛି, ଏକ ଅନନ୍ତ ସିଡ଼ି ପରି ପ୍ରଲମ୍ବିତ ହୋଇ ରହିଛି । ବିଶ୍ୱଜଗତ କହିଲେ ଆମେ ଏଠାରେ ହୋଇଥିବା ନାନା ଭୁବନର ଅନନ୍ତ ବୋଲି ପ୍ରତୀତ ହେଉଥିବା ଏକ ସ୍ତରୀକରଣକୁହିଁ ବୁଝିବା, ଚେତନାର ନାନା ସ୍ଥିତିର ଏକ ସ୍ତରୀକରଣକୁ ମଧ୍ୟ ବୁଝିବା । ଏବଂ, ଅଧିକରୁ ଅଧିକ ପରିମାଣରେ ସୂକ୍ଷ୍ମ ହୋଇ ରହିଥିବା ସ୍ତରୀକରଣ ମଧ୍ୟରେ ତୁମର ବସ୍ତୁସ୍ତରଟି ପ୍ରକୃତରେ କେଉଁଠି ସମାପ୍ତ ହୋଇଯାଉଛି ଓ ତୁମର ମର୍ମସ୍ତରଟି କେଉଁଠାରେ ଆରମ୍ଭ ହେଉଛି ? ତୁମେ "ମର୍ମ" କଥା ଯେ କହୁଛ, ଏହି ମର୍ମ ପ୍ରକୃତରେ କେଉଁଠାରୁ ଆରମ୍ଭ ହେଉଛି କହିଲ ? ଯେଉଁଠୁ ତୁମେ ଆଉ ଦେଖିବାକୁ ସମର୍ଥ ହେଉ ନାହଁ, ସେଇଠୁ ? ତୁମେ କ'ଣ ପ୍ରକୃତରେ ତାହାହିଁ କହିବ ? ତେବେ, ତୁମେ ସେହି "ଅନ୍ତର୍ମର୍ମ"ର ଗଣନା ଭିତରେ ପ୍ରାଣିକ ଜଗତର ସତ୍ତାଗୁଡ଼ିକୁ ମଧ୍ୟ ବେଶ୍ ଅନ୍ତର୍ଭୁକ୍ତ କରି ରଖୁଛ, କାରଣ ତୁମ ନିଜର ସାଧାରଣ ଚକ୍ଷୁରେ ସେଗୁଡ଼ିକୁ ମଧ୍ୟ ଦେଖିବାକୁ ସମର୍ଥ ହେଉ ନାହଁ । ଏହି ସବୁକିଛି ତାହାହେଲେ "ମର୍ମସ୍ତର"ର ଅନ୍ତର୍ଗତ ହୋଇ ରହିଛି । ଏବଂ ତୁମର ଅଭିପ୍ରାୟଟି ପଛରେ ତ ଏତ ସେହି ସତ୍ତାଗୁଡ଼ିକହିଁ ଅଦୃଶ୍ୟ ମର୍ମ ହୋଇ ରହିଛନ୍ତି,—ଏବଂ ଏହା ଦ୍ୱାରା ଆଦୌ କୌଣସି ଅତିରିକ୍ତ କାଣ୍ଡ ଘଟି ଯାଉ ନାହିଁ । ବାସ୍, ସେତିକି ।

ଏହା ଠିକ୍ ସେହି ଲୋକମାନଙ୍କର କଥା ପରି, ଯେଉଁମାନେ କହିଥାନ୍ତି, "ବଞ୍ଚି ଥିଲାବେଳେ ତୁମେ ବସ୍ତୁ ଭିତରେ ରହିଥାଅ ଏବଂ ମରିଗଲେ ତୁମେ ମର୍ମ ବା ଆତ୍ମା ଭିତରକୁ ପ୍ରବେଶ କର । ତେବେ, ଏହିଠାରେହିଁ ଅସଲ ସମାଧାନଟି ରହିଛି ! ତୁମେ ବସ୍ତୁଠାରୁ ଆତ୍ମାଟିକୁ ମୁକ୍ତ କରିଆଣ, ମର ଏବଂ ତଦ୍ଦ୍ୱାରା ତୁମର ଆତ୍ମା ବସ୍ତୁ ବା ଜଡ଼ର କବଳରୁ ମୁକ୍ତ ହୋଇଆସିବ ।" ଏହିସବୁ ନବୋଧତାହିଁ ତୁମକୁ ଆଦୌ କୌଣସି ବିଷୟକୁ ବୁଝିବାରୁ ବଞ୍ଚିତ କରି ରଖିଥାନ୍ତି । ମାତ୍ର ଏହି ପୃଥିବୀ ପ୍ରକୃତରେ ଯେପରି, ସେଇଟି ସହିତ ଏହିସବୁ କଥାର ଆଦୌ କୌଣସି ସମ୍ବନ୍ଧ ନାହିଁ ।

କାରଣ, ମନୁଷ୍ୟର ଚେତନା ବର୍ତ୍ତମାନ ଯେଉଁ ଅବସ୍ଥାରେ ରହିଛି, ସେଥିରେ ତା' ପାଇଁ ନିଶ୍ଚିତ ଭାବରେ ଦୃଶ୍ୟମାନ ବସ୍ତୁଗୁଡ଼ିକର ତୁଳନାରେ ଅଦୃଶ୍ୟ ବସ୍ତୁହିଁ

'oaob.nitrkl.ac.in' images reprocessed

ଅନେକ ଗୁଣ ଅଧିକ ପରିମାଣରେ ରହିଛି । ତୁମେ ଯାହାକିଛି ଜାଣିଛ, ଯେଉଁସବୁ ବସ୍ତୁ ତୁମକୁ ଦୃଶ୍ୟ ହୋଇ ରହିଛନ୍ତି ଓ ଯେଉଁସବୁ ବିଷୟରେ ତୁମେ ସଚେତନ ହୋଇ ରହିଛ,—ଏହି ସବୁଗୁଡ଼ିକୁ ଆମେ ଅସଲ୍ କମଳାଲେମ୍ବୁଟିର ତୁଳନାରେ ପ୍ରାୟ ସେହି କମଳାଲେମ୍ବୁର ଖୋସାଟି ପରି କଳ୍ପନା କରିପାରିବା । ଏବଂ ଏଠାରେ ଅତି ପାତଳା ଖୋସା,—ମୋଟା ଖୋସା ନୁହେଁ,—ଥିବା ଗୋଟିଏ କମଳାଲେମ୍ବୁର କଥା କୁହାଯାଉଛି । ଏବଂ ତେଣୁ, ଯଦି ତୁମେ କେବଳ କମଳାଲେମ୍ବୁର ଖୋସାଟିକୁ ଜାଣିଛ, ତେବେ କମଳାଲେମ୍ବୁଟି ବିଷୟରେ ତୁମେ ଆଦୌ କିଛିହେଲେ ଜାଣି ନାହିଁ ।

ଏବଂ ଅଲ୍ପବହୁତ ଠିକ୍ ଏହାହିଁ ଘଟିଥାଏ । ତୁମେ ବିଶ୍ୱଜଗତ ବିଷୟରେ ଯାହାକିଛି ଜାଣିଛ, ତାହାକୁ ସବୁ ମିଶାଇ ଉପରିଭାଗରେ କେବଳ ଏକ ସାନ ଖୋସାଟିଏ ବୋଲିହିଁ କୁହାଯାଇ ପାରିବ,—ଏବଂ ଏହି ଖୋସାଟିକୁ ମଧ୍ୟ ତୁମେ ଯଥାର୍ଥ ଭାବରେ କ୍ୱଚିତ୍ ଜାଣିଛ । ମାତ୍ର, ଏହା ବିଷୟରେ ତୁମେ କେବଳ ସେତିକମାତ୍ର ଜାଣିଛ ଓ ଆଉ ଯାହାକିଛି ରହିଲା, ତାହା ତୁମର ଆଖିକୁ ଏଡ଼ିଦେଇ ଖସିଯାଉଛି ।

## ୧୪ ମାର୍ଚ୍ଚ ୧୯୫୭

"ଏହି ଯୋଗର ସାଧନା ସେହି ଏକ ଓ କେନ୍ଦ୍ରସ୍ଥ ବିମୋଚନକାରୀ ଜ୍ଞାନର ଏକ ସତତ ଅନ୍ତଃସ୍ମରଣ ଲାଗି ଅପେକ୍ଷା ରଖିଥାଏ;··· ସକଳ ଭିତରେ ସେହି ଗୋଟିଏ ଆତ୍ମାହିଁ ବିରାଜିତ ରହିଛି, ସେହି ଏକ ପରମ ଦିବ୍ୟତାହିଁ ସର୍ବରୂପରେ ବିରାଜିତ ରହିଛି; ସବୁକିଛି ସେହି ପରମ ଦିବ୍ୟତାରେହିଁ ରହିଛି, ସବୁକିଛି ସେହି ପରମ ଦିବ୍ୟତାହିଁ ହୋଇ ରହିଛି, ଏବଂ ସେଇଟି ବ୍ୟତୀତ ଏହି ଅଖିଳ ଜଗତରେ ଆଉ କେଉଁଠି କିଛିହେଲେ ନାହିଁ; ସାଧନାର ସମଗ୍ର ପୃଷ୍ଠଭୂମିରେ ଏହି ଭାବନା ବା ଏହି ବିଶ୍ୱାସଟିହିଁ ପ୍ରତିଷ୍ଠିତ ହୋଇ ରହିଥିବ, ଏବଂ ତାହାହିଁ କ୍ରମଶଃ ପରିଶେଷରେ କର୍ମଯୋଗୀର ଚେତନା ଭିତରେ ସମୁଦାୟ ଉପାଦାନରେ ପରିଣତ ହୋଇଯିବ । ଏହିପରି ଏକ ସ୍ମରଣ ବା ଆତ୍ମ-ଗତିସଞ୍ଚାରଶୀଳ ଧ୍ୟାନହିଁ

'oaob.nitrkl.ac.in' images reprocessed

ଅବଶେଷରେ ତାହାର ଏକ ଗମ୍ଭୀର ଏବଂ ବାଧାମୁକ୍ତ ଦୃଷ୍ଟି ଏବଂ ଏକ ସ୍ପଷ୍ଟ ଏବଂ ସର୍ବଗ୍ରାହୀ ଚେତନାରେ ପରିଣତ ହୋଇଯିବ, ଯାହାକୁ କି ଆମେ ବର୍ତ୍ତମାନ ଏପରି ଗମ୍ଭୀରତା ସହିତ ସ୍ମରଣ କରୁଛୁ ଓ ଯାହା ଉପରେ ଆମେ ବର୍ତ୍ତମାନ ଏପରି ସତତ ଭାବରେ ଧ୍ୟାନାବସ୍ଥିତ ହୋଇ ରହୁଛୁ ।"

ଯୋଗସମନ୍ୱୟ, ପୃଷ୍ଠା-୧୦୪

ମାଆ, "ଏକ ଆତ୍ମ-ଗତିସଞ୍ଚାରଶୀଳ ଧ୍ୟାନ" ଦ୍ୱାରା ଶ୍ରୀଅରବିନ୍ଦ ପ୍ରକୃତରେ କ'ଣ ବୁଝୁଛନ୍ତି ?

ଏହା ଏପରି ଏକ ଧ୍ୟାନ, ଯାହା ମଧ୍ୟରେ ତୁମର ସତ୍ତାକୁ ରୂପାନ୍ତରିତ କରିଦେବାର ଶକ୍ତି ନିହିତ ହୋଇ ରହିଛି । ଏହି ଧ୍ୟାନ ତୁମକୁ ଅଗ୍ରସର କରାଇନିଏ । ଅପର ପକ୍ଷରେ, ଏକ ସ୍ଥିତିଧର୍ମୀ ଧ୍ୟାନ ମଧ୍ୟ ରହିଛି, ଯାହା ମଧ୍ୟରେ କୌଣସି ଗତିଶୀଳତା ନଥାଏ, ଯାହା ଆପେକ୍ଷିକ ଦୃଷ୍ଟିରୁ ପ୍ରାୟ ଜୀବନହୀନ ହୋଇ ରହିଥାଏ, ଏବଂ ଯାହା ତୁମର ଚେତନାର ରାଜ୍ୟରେ ଅଥବା ତୁମର ଜୀବନପଦ୍ଧତିରେ ଆଦୌ କୌଣସି ପରିବର୍ତ୍ତନ ସଂଘଟିତ କରି ପାରେ ନାହିଁ । ଆତ୍ମ-ଗତିସଞ୍ଚାରକାରୀ ଧ୍ୟାନ ହେଉଛି ରୂପାନ୍ତର ସଂଘଟିତ କରି ପାରୁଥିବା ଧ୍ୟାନ ।

ସାଧାରଣତଃ ଲୋକମାନେ ଯେଉଁ ଧ୍ୟାନ କରନ୍ତି, ସେଥିରେ ଏହି ଗତିଶୀଳତା ଦେଖିବାକୁ ମିଳେ ନାହିଁ । ଯେତେବେଳେ ସେମାନେ ଧ୍ୟାନସ୍ଥ ହୁଅନ୍ତି,—ବା, ଅନ୍ତତଃ, ଯାହାକୁ ସେମାନେ ଧ୍ୟାନ ବୋଲି କହିଥାନ୍ତି, ତାହାର ଭିତରେ ପ୍ରବେଶ କରନ୍ତି,— ସେତେବେଳେ ସେମାନେ ଏପରି ଏକ ଅଚଳତା ମଧ୍ୟରେ ପ୍ରବିଷ୍ଟ ହୁଅନ୍ତି, ଯେଉଁଠାରେ କି କେଉଁଠି କିଛିହେଲେ ଗତିଶୀଳତା ନଥାଏ, ଏବଂ ଯେପରି ଭାବରେ ସେମାନେ ଧ୍ୟାନରେ ପ୍ରବେଶ କରିଥିଲେ, ଧ୍ୟାନରୁ ବାହାରି ଆସିବା ସମୟରେ ସେମାନେ ତା' ଭିତରୁ ଠିକ୍ ସେହିପରି ଭାବରେ ବାହାରି ଆସିଥାନ୍ତି ଏବଂ ସେମାନଙ୍କର ସତ୍ତାରେ ଅଥବା ସେମାନଙ୍କର ଚେତନା ମଧ୍ୟରେ ତଦ୍ୱାରା ଆଦୌ କୌଣସି ପରିବର୍ତ୍ତନ ହୋଇ ନଥାଏ । ଏବଂ ସେହି ଧ୍ୟାନରେ ଯେତେ ଅଧିକ ଗତିହୀନତା ରହିଥାଏ, ସେମାନେ ତଦ୍ୱାରା ହୁଏତ ସେତିକି ଅଧିକ ସୁଖ ଅନୁଭବ କରିଥାନ୍ତି । ଏହିପରି ଭାବରେ ସେମାନେ ହୁଏତ ଅନନ୍ତକାଳ ପର୍ଯ୍ୟନ୍ତ ଧ୍ୟାନସ୍ଥ ହୋଇ ବସିପାରନ୍ତି, ମାତ୍ର ସେହି ଧ୍ୟାନ ସେମାନଙ୍କ ନିଜ ଭିତରେ ଅଥବା ଏହି ପୃଥିବୀରେ ଆଦୌ କୌଣସି ପରିବର୍ତ୍ତନ ସାଧନ କରି ପାରିବ ନାହିଁ । ସେହି କାରଣରୁ ହିଁ

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ ଏକ ଉଚ୍ଚସଂସ୍କାରକାରୀ ଧ୍ୟାନର କଥା କହୁଛନ୍ତି, ଯାହାକ ଉପରେ ବର୍ଣ୍ଣିତ ହୋଇଥିବା ଧ୍ୟାନର ଠିକ୍ ବିପରୀତ । ଏହି ଧ୍ୟାନ ରୂପାନ୍ତର ଘଟାଇ ପାରୁଥିବା ଧ୍ୟାନ ।

ଏହି ଧ୍ୟାନ କିପରି କରାଯାଏ, ଏହାକୁ ଅଭ୍ୟାସ କରିବାର କ'ଣ କୌଣସି ଅଲଗା ପ୍ରଣାଳୀ ରହିଛି ?

ମୁଁ ଭାବୁଛି ଏହି କ୍ଷେତ୍ରରେ ଆମର ଅଭୀପ୍ସାହିଁ ଏକ ଅନ୍ୟ ପ୍ରକାରର ଅଭୀପ୍ସା ହୋଇ ରହିବା ଉଚିତ । ଦୃଷ୍ଟିକୋଣ ଏକ ଅନ୍ୟ ପ୍ରକାରର ଦୃଷ୍ଟିକୋଣ ହୋଇ ରହିବା ଉଚିତ । "ଅଲଗା ପ୍ରଣାଳୀ",—ତୁମେ "ପ୍ରଣାଳୀ" କହିଲେ କ'ଣ ବୁଝୁଛ କହିଲ ? (ହସନ୍ତୁ ହସି) ବସିବାର ପ୍ରଣାଳୀ ?...ସେକଥା ନୁହେଁ ? ତେବେ ଅନ୍ତର୍ଗତ ପ୍ରଣାଳୀ ?

ହଁ ।

ମାତ୍ର ତାହା ତ ପ୍ରତ୍ୟେକ ବ୍ୟକ୍ତିଙ୍କ କ୍ଷେତ୍ରରେ ପୃଥକ୍ ହୁଏ ।

ମୁଁ ଭାବୁଛି, ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଯେ, ଆମେ କାହିଁକି ଧ୍ୟାନ କରୁଛେଁ, ସେହି କଥାଟିକୁ ଜାଣିବା । ଏହାହିଁ ଆମର ଧ୍ୟାନକୁ ତା'ର ଗୁଣାତ୍ମକତାଟିକୁ ଆଣି ଦେଇଥାଏ ଏବଂ ତାହାକୁ ଏହି ଶ୍ରେଣୀର ଅଥବା ସେହି ଶ୍ରେଣୀର କରାଇଥାଏ ।

ଆପଣାକୁ ଦିବ୍ୟ ପରମଶକ୍ତି ଲାଗି ଉନ୍ମୋଚିତ କରିଦେବାକୁ ତୁମେ ଧ୍ୟାନ କରିପାର, ଆପଣାର ସାଧାରଣ ଚେତନାଟିକୁ ଛାଡ଼ି ଆସିବାକୁ ମଧ୍ୟ ତୁମେ ଧ୍ୟାନ କରିପାର । ନିଜ ସତ୍ତାର ଗଭୀରରେ ପ୍ରବେଶ କରିବା ଲାଗି ତୁମେ ଧ୍ୟାନ କରିପାର, ଆପଣାକୁ ଏକ ସମଗ୍ରତା ଆଣି ଦେବାର ବାଟ ପାଇବା ଲାଗି ମଧ୍ୟ ଧ୍ୟାନ କରିପାର । ତୁମେ ଯାବତୀୟ ବିଷୟ ହାସଲ କରିବା ଲାଗି ମଧ୍ୟ ଧ୍ୟାନ କରିପାର । ଏକ ଶାନ୍ତ ଓ ସ୍ଥିର ଅବସ୍ଥା ଏବଂ ନୀରବତା ମଧ୍ୟରେ ପ୍ରବେଶ କରିବାକୁ ତୁମେ ଧ୍ୟାନ କରିପାର; ସାଧାରଣତଃ ଲୋକମାନେ ଏହିପରି ଏକ ଉଦ୍ଦେଶ୍ୟ ରଖି ଧ୍ୟାନ କରିଥାନ୍ତି, ମାତ୍ର ସେଥିରେ ଖୁବ୍ ବେଶୀ ସଫଳତା ଲାଭ କରିପାରନ୍ତି ନାହିଁ । ମାତ୍ର, ରୂପାନ୍ତରର ସେହି ମହାନ୍ ଶକ୍ତିଟିକୁ ଗ୍ରହଣ କରିବା ଲାଗି ମଧ୍ୟ ତୁମେ ଧ୍ୟାନ କରିପାର; ଯେଉଁ ବସ୍ତୁଗୁଡ଼ିକୁ ତୁମେ ରୂପାନ୍ତରିତ କରିବାକୁ ଇଚ୍ଛା କରୁଛ, ସେଗୁଡ଼ିକ ଆବିଷ୍କାର କରିବା ଲାଗି,

'oaob.nitrkl.ac.in' images reprocessed

ତୁମ ଅଗ୍ରଗତିର ମାର୍ଗଟିକୁ ଠାବ କରି ପାରିବା ଲାଗି ମଧ୍ୟ ଧ୍ୟାନ କରିପାର । ଏବଂ, ଏସବୁ ବ୍ୟତୀତ, ନିତାନ୍ତ ବ୍ୟାବହାରିକ ନାନା କାରଣ ସକାଶେ ମଧ୍ୟ ତୁମେ ଧ୍ୟାନ କରିପାର : ଯେତେବେଳେ ତୁମେ ଗୋଟିଏ ଅସୁବିଧାରେ ପଡ଼ିଛ ଓ ତାହାର ସମାଧାନ ହୋଇ ପାରୁ ନାହିଁ, ତେଣୁ ତୁମେ ତାହାର ଏକ ସମାଧାନ ଲୋଡ଼ୁଛ, ଯେତେବେଳେ କୌଣସି ନା କୌଣସି କାର୍ଯ୍ୟରେ ତୁମେ ସାହାଯ୍ୟ କରିବାକୁ ଇଚ୍ଛା କରୁଛ, ସେତେବେଳେ ମଧ୍ୟ ଧ୍ୟାନ କରିପାର । ତୁମେ ସେଥିଲାଗି ମଧ୍ୟ ଧ୍ୟାନ କରିପାର ।

ମୁଁ କହୁଛି ଯେ ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ତା'ର ଧ୍ୟାନ କରିବାର ଆପଣା ଢଙ୍ଗ ରହିଛି । ମାତ୍ର ଯଦି ଏହି ଧ୍ୟାନ ଗତିସଞ୍ଚାରଶୀଳ ହେଉ ବୋଲି ତୁମେ ଇଚ୍ଛା କରୁଥାଅ, ତେବେ ଅଗ୍ରଗତି କରିବା ଲାଗି ତୁମ ଭିତରେ ଏକ ଅଭୀପ୍ସା ରହିଥିବା ଉଚିତ ଏବଂ ଏହି ଅଗ୍ରଗତିର ଅଭୀପ୍ସାଟିର ସହାୟକ ହୋଇ ପାରିବା ଲାଗି ଏବଂ ତାହାକୁ ପରିପୂର୍ଣ୍ଣ କରି ପାରିବା ଲାଗି ତୁମର ଧ୍ୟାନ ଉଦ୍ଦିଷ୍ଟ ହୋଇ ରହିବା ଉଚିତ । ତେବେଯାଇ ସେହି ଧ୍ୟାନ ଗତିସଞ୍ଚାରଶୀଳ ହୋଇ ପାରିବ ।

> ମାଆ, ଶ୍ରୀଅରବିନ୍ଦ ଏଠାରେ ଲେଖିଛନ୍ତି : "ଆମେ କ'ଣ ଦେଉଛୁ ଓ ତାହାକୁ କାହାକୁ ଦେଉଛୁ ସେଥିରେ କିଛି ଯାଏଆସେ ନାହିଁ"···ଏବଂ ତା'ପରେ ଲେଖିଛନ୍ତି, "ଆମେ ଯେ ତାହାକୁ ସକଳ ସତ୍ତ୍ୱଙ୍କ ମଧ୍ୟରେ ରହିଥିବା ସେହି ଏକ ଦିବ୍ୟ ପରମସତ୍ତ୍ୱଙ୍କୁହିଁ ଦେବାରେ ଲାଗିଛୁ, ଏହିପରି ଏକ ଚେତନାକୁ ଧାରଣ କରି ରହିବାକୁ ପଡ଼େ ।"
>
> ତଦୈବ, ପୃଷ୍ଠା-୧୦୩

ବାକ୍ୟର ଏହି ଦୁଇଟି ଅଂଶ ପରସ୍ପରବିରୋଧୀ, ନୁହେଁ କି ?

ନା । ବାକ୍ୟର ମୋଡ଼ଟିକୁ ତୁମେ ବୁଝି ପାରୁ ନାହିଁ ବୋଲି ଏପରି କହୁଛ । ଏହାର ଅର୍ଥ ହେଉଛି : ଆମେ କ'ଣ ଦେଉଛୁ ଓ କାହାକୁ ଦେଉଛୁ, ତାହାର ପ୍ରକୃତରେ ସେପରି କିଛି ମହତ୍ତ୍ୱ ନାହିଁ । ଅସଲ କଥା ହେଉଛି, ଦେବାର ଏହି କାର୍ଯ୍ୟଟି ଦିବ୍ୟ ପରମସତ୍ତ୍ୱଙ୍କ ଉଦ୍ଦେଶ୍ୟରେ ଏକ ଉତ୍ସର୍ଗ ପରିହିଁ ଅନୁଷ୍ଠିତ ହେବା ଉଚିତ ।

ମୁଁ ଅନ୍ୟ ଭାଷାରେ ଠିକ୍ ଏହି କଥାଟିକୁହିଁ ଲୋକମାନଙ୍କୁ କହୁଥାଏ : ତୁମେ ଯାହାକିଛି କାର୍ଯ୍ୟ କରୁଛ, ଅଫିସ୍‌କୁ ଯାଉଛ, ହିସାବ ରଖୁଛ, ମଟର ଚଳାଉଛ

'oaob.nitrkl.ac.in' images reprocessed

ଅଥବା ଯାହାକିଛି ବି କରୁଛ,—ତୁମେ ଯେତେବେଳେ ଯାହାକିଛି କାର୍ଯ୍ୟ କରୁଛ, ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତୁମେ ଯାହା ଲାଗି ବି ସେହି କାର୍ଯ୍ୟଟିକୁ କରୁଛ, ସେହି କାର୍ଯ୍ୟଟିକୁ ପରମେଶ୍ୱରଙ୍କ ପାଖରେ ଏକ ନିବେଦନ ପରିହିଁ କରାଯିବା ଉଚିତ। ସେହି କାର୍ଯ୍ୟଟିକୁ କରୁଥିବା ସମୟରେ ଭଗବତ୍ ସ୍ମରଣ ରହିଥିବା ଉଚିତ ଏବଂ ଭଗବାନଙ୍କୁ ସମର୍ପଣ କରିବାର ଏକ ଅଭିବ୍ୟକ୍ତିରୂପେହିଁ ସେହି କାର୍ଯ୍ୟଟି ଅନୁଷ୍ଠିତ ହେବା ଉଚିତ। ଶ୍ରୀଅରବିନ୍ଦ କେବଳ ଏତିକି କହିଛନ୍ତି, ଆଉ ଅନ୍ୟକିଛି କହି ନାହାନ୍ତି।

ମାଆ, ମୋର ପ୍ରଶ୍ନଟିଏ ପଚାରିବାର ଅଛି; ମାତ୍ର ସେଇଟି ମୋ ନିଜର ପ୍ରଶ୍ନ ନୁହେଁ, ଆଉଜଣକର ପ୍ରଶ୍ନ।

ଅଚ୍ଛା, ତେବେ ପଚାର।

ମାତ୍ର କାହିଁକି? ସିଏ କ'ଣ ଏଠାରେ ଉପସ୍ଥିତ ନାହାନ୍ତି?···ନା ତାଙ୍କୁ ନିଜେ ପଚାରିବାକୁ ଭୟ ଲାଗୁଛି? ହଉ ହେଲା, ତୁମେ ପଚାର।

ଅନେକ ସମୟରେ ଭବିଷ୍ୟବାଣୀ କରି କୁହା ଯାଇଥାଏ ଯେ ୨, ୩, ୪, ୫, ୬, (୨୩ ଏପ୍ରିଲ ୫୬) ସଂଖ୍ୟାଗୁଡ଼ିକର ଆଶ୍ରମ ଲାଗି ଏକ ବିଶେଷ ତାତ୍ପର୍ଯ୍ୟ ରହିଛି। ଏକଥା କ'ଣ ସତ?

ଯଦି ତୁମେ କିଛି ମନେ ନକରିବ, ତେବେ ଗୋଟିଏ ବ୍ୟଙ୍ଗରେ ମୁଁ ପ୍ରଶ୍ନଟିର ଉତ୍ତର ଦେବି। ବର୍ତ୍ତମାନ ତ କ୍ୟାଲେଣ୍ଡର୍‌କୁ ବଦଳାଇ ଦେବା ପାଇଁ କଥାବାର୍ତ୍ତା ଚାଲିଛି; ଯଦି କ୍ୟାଲେଣ୍ଡର ବଦଳିଯାଏ, ତେବେ ସେଥିରେ ଥିବା ସଂଖ୍ୟାମାନ ବଦଳିଯିବ, ଏବଂ ତା' ଦ୍ୱାରା ସାରା ଇତିହାସ ବି ଗୋଟାଏ ଫୁତ୍କାରରେ କୁଆଡ଼େ ଉଡ଼ିଯିବ!

ଏଇଟାକୁ ଗୋଟାଏ ପ୍ରଚଳିତ ବିଶ୍ୱାସ ବୋଲି କୁହାଯିବ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି କ୍ୟାଲେଣ୍ଡର୍‌ର ଦୃଷ୍ଟାନ୍ତ ପରି ପ୍ରଚଳିତ ବିଶ୍ୱାସଟିକୁ ଯଦି ଏକ ସାଧାରଣ ସତ୍ୟରେ ପରିଣତ କରି ଦିଆଯାଏ, ତେବେ ତାହା ଏକ ଶକ୍ତିଶାଳୀ ସଂଘଟନରେ ପରିଣତ ହୋଇ ପାରିବ। ମାତ୍ର ଏକ ଶକ୍ତିଶାଳୀ ସଂଘଟନ ହୋଇ ପାରିବାକୁ ହେଲେ ଏହା ଅତ୍ୟନ୍ତ ବ୍ୟାପକ ଭାବରେ

'oaob.nitrkl.ac.in' images reprocessed

ସ୍ୱୀକୃତ ହୋଇ ପାରିବା ମଧ୍ୟ ଆବଶ୍ୟକ । ମୁଁ ଯାହାକୁ "ସଂଘଟନ" ବୋଲି କହୁଛି, ସେଗୁଡ଼ିକୁ ଗୋଟିଏ ଗୋଟିଏ ପ୍ରତିରୂପରୂପେ ବୁଝିବା ଉଚିତ, ଯେଉଁଗୁଡ଼ିକୁ କି ଏକ ଶକ୍ତି ଦ୍ୱାରା ସଞ୍ଜୀବିତ କରାଯାଇ ପାରିବ ଏବଂ ଗୋଟିଏ ଗୋଟିଏ ପ୍ରତୀକରୂପେ ବ୍ୟବହାର କରାଯାଇ ପାରିବ । ଅନେକ ଲୋକ ନିଜେ ନିଜର ପ୍ରତିରୂପଗୁଡ଼ିକୁ ତିଆରି କରନ୍ତି ଓ ସେଗୁଡ଼ିକୁ ନିଜର ପ୍ରତୀକରୂପେ ବ୍ୟବହାର କରନ୍ତି । ଏବଂ ସେମାନଙ୍କ ସକାଶେ ସେହି ପ୍ରତୀକଗୁଡ଼ିକର ଅନେକ ଉପଯୋଗିତା ଏବଂ ମୂଲ୍ୟ ମଧ୍ୟ ଥାଇପାରେ । ଏଠାରେ ସ୍ୱପ୍ନରେ ଆବିର୍ଭୂତ ହେଉଥିବା ପ୍ରତୀକଗୁଡ଼ିକୁ ଦୃଷ୍ଟାନ୍ତ ରୂପେ ଗ୍ରହଣ କରି ଯାଇପାରେ । ମାତ୍ର କେବଳ ସେହିମାନଙ୍କ ସକାଶେ ଏଗୁଡ଼ିକର କୌଣସି ମୂଲ୍ୟ ଥାଏ, ସେଗୁଡ଼ିକୁ ଆମେ ପୁରାପୁରି ବ୍ୟକ୍ତିସାପେକ୍ଷ ବୋଲି କହିବା । ମାତ୍ର, ପୃଥିବୀର ପ୍ରାୟ ସବୁ ମନୁଷ୍ୟ ଗ୍ରହଣ କରି ନେଇଥିବା ଏହି କ୍ୟାଲେଣ୍ଡରର ବିଷୟଟିକୁ ଯଦି ବିଚାର କରି ଦେଖାଯାଏ, ତେବେ ଆମେ କହିପାରିବା ଯେ ଗୋଟିଏ ଗୋଟିଏ ପ୍ରତୀକ ଏକ ବ୍ୟାପକତର ଭୂମିରେ ବେଶ୍ କାର୍ଯ୍ୟ କରିପାରିବ । ମାତ୍ର ଏହାର ମୂଳରେ ମଧ୍ୟ ସେହି ଏକା କଥା, ଏହା ବି ଗୋଟିଏ ପ୍ରଚଳିତ ବିଶ୍ୱାସ, ଗୋଟିଏ ଚଳଣି । ତେଣୁ ନିଶ୍ଚିତ ଭାବରେ କୁହାଯାଇ ପାରିବ ଯେ ଏହିସବୁ ବିଷୟରେ ଆମେ ବେଶ୍ ଅଭ୍ୟସ୍ତ ହୋଇ ଆସିଛୁ, କାରଣ ଆମେ ପିଲା ହୋଇଥିବା ସମୟରେ ମଧ୍ୟ ସେଗୁଡ଼ିକ ସେହିପରି ଥିଲେ । ମାତ୍ର, ଆମେ ଯେଉଁ ଦେଶରେ ଜନ୍ମଗ୍ରହଣ କରିଛୁ ଏବଂ ଯେଉଁ ଜନସମାଜରେ ଆମର ଜନ୍ମ ହୋଇଛି, ଏହା ସେହି କଥା ଉପରେ ନିର୍ଭର କରିଥାଏ ।

ଏପରି ଜନଗୋଷ୍ଠୀ ଅଛନ୍ତି, ଯେଉଁମାନେ ଭିନ୍ନପ୍ରକାରେ ଗଣନା କରିଥାନ୍ତି । ତେଣୁ, ସେମାନଙ୍କ ସକାଶେ, ଅନ୍ୟ ସଂଖ୍ୟାଗୁଡ଼ିକର ଅନ୍ୟ ସମୟରେ ଏକ ପ୍ରତୀକାତ୍ମକ ତାତ୍ପର୍ଯ୍ୟ ରହିଥାଏ । କେବଳ ଏତିକି ମନେ ରଖିବାକୁ ହେବ ଯେ ଯଦି ଆମର ସଂଘଟନଟି—ଯେଉଁ ସଂଘଟନର ପରିବେଶରେ ତୁମର ଜନ୍ମ ହୋଇଛି, ତୁମେ ଯେଉଁଟି ସହିତ ଅଭ୍ୟସ୍ତ ହୋଇ ଆସିଛ,—ଯଦି ସେହି ସଂଘଟନଟିକୁ ଅଧିକାଂଶ ଅନେକ ମନୁଷ୍ୟ ଗ୍ରହଣ କରିନଥାନ୍ତି, ତେବେ ଏହି ସଂଘଟନଟିର ମାଧ୍ୟମରେ କାର୍ଯ୍ୟ କରି ତୁମେ ଏହି ସଂଖ୍ୟାଧିକ ଅନେକ ମନୁଷ୍ୟଙ୍କ ଉପରେ ମଧ୍ୟ କାର୍ଯ୍ୟ କରି ପାରିବ । କେତେକ ଲୋକ ସଂଘଟନଟିକୁ କେତେ ପରିମାଣରେ ଗ୍ରହଣ କରି ନେଇଛନ୍ତି, ତୁମେ କେବଳ ସେହି ଅନୁପାତରେହିଁ କୌଣସି ସଂଘଟନ ମାଧ୍ୟମରେ କ୍ରିୟା କରି ପାରିବ । ଏହା ସଂପୂର୍ଣ୍ଣ ଭାବରେ ଚଳଣି ଉପରେହିଁ ନିର୍ଭର କରେ । ଆମେ ଗୋଟାଏ ନିର୍ଦ୍ଦିଷ୍ଟ ତାରିଖରୁ ଗଣନା କରିବାକୁ ଆରମ୍ଭ କରିଛୁ,—ସେତେବେଳେ କାହିଁକି ଯେ ସେହି ଦିନଟିଠାରୁ ଗଣନା ଆରମ୍ଭ କରିବାର ନିଷ୍ପତ୍ତି ହୋଇଥିଲା, ତାହାର ଆଉ କୌଣସି କାରଣ ନାହିଁ; ମାତ୍ର ସେହି କାରଣରୁହିଁ ସଂଖ୍ୟାଗୁଡ଼ିକ ବର୍ତ୍ତମାନ ଏପରି

'oaob.nitrkl.ac.in' images reprocessed

ସ୍ୱତଃରେ ଅସି ରହିପାରିଲେ । ମାତ୍ର, ଉଦାହରଣସ୍ୱରୂପ, ଯଦି ତୁମେ କୌଣସି ମୁସଲମାନ ସମ୍ପ୍ରଦାୟକୁ ଯିବ, ତେବେ ଦେଖିବ, ସେମାନେ—ମହମ୍ମଦଙ୍କର ଜନ୍ମଦିବସଠାରୁ ବା ମୃତ୍ୟୁଦିବସଠାରୁ ମୋତେ ଜଣା ନାହିଁ—ଗଣିବା ଆରମ୍ଭ କରିଛନ୍ତି ଓ ସେମାନଙ୍କର ସଂଖ୍ୟାଗୁଡ଼ିକ ଆମର ସଂଖ୍ୟାଠାରୁ ଏକାବେଳକେ ଅଲଗା । ତେଣୁ, ଯଦି ତୁମେ ସେମାନଙ୍କ ପାଖକୁ ଯାଇ "୨, ୩, ୪, ୫, ୬" ବୋଲି କହିବ, ତେବେ ସେମାନେ ତୁମକୁ "ତୁମର ଏହି ୨, ୩, ୪, ୫, ୬, ସଂଖ୍ୟାଗୁଡ଼ିକର ଅର୍ଥ କ'ଣ" ବୋଲି ପଚାରିବେ । ଏଗୁଡ଼ିକର ଆଦୌ କୌଣସି ଅର୍ଥ ନାହିଁ ବୋଲି ସେମାନେ କହିବେ ।

ଏହି ବିଷୟଗୁଡ଼ିକୁ ଆମେ ବେଶ୍ ଉପଯୋଗୀ ସ୍ୱତଃରେ ଗୋଟିଏ ଗୋଟିଏ ପ୍ରତୀକରୂପେ ଗ୍ରହଣ କରିପାରିବା, ଏକ ଅଧିକ ସୂକ୍ଷ୍ମ ଜଗତକୁ ଏକ ଅଧିକ ଭୌତିକ ଜଗତର ସଂସ୍ପର୍ଶରେ ଆଣିବାର ସାଧନରୂପେ ଆମେ ଏଗୁଡ଼ିକୁ ବ୍ୟବହାର କରିପାରିବା । ହଁ, ସେଗୁଡ଼ିକୁ ଆମେ ଇଚ୍ଛା କଲେ ଏହିପରି ସ୍ୱତଃରେ ବ୍ୟବହାର କରିପାରିବା ।

ମାତ୍ର, ଯଦି ବର୍ତ୍ତମାନର ଏହି କ୍ୟାଲେଣ୍ଡରକୁ ବ୍ୟବହାର କରୁଥିବା କୋଟି କୋଟି ଲୋକଙ୍କ ପରିବର୍ତ୍ତେ ମୋଟେ ତିନି ଚାରିଜଣ ଲୋକ ତାହାକୁ ବ୍ୟବହାର କରୁଥାନ୍ତେ, ତେବେ ଏହି ସଂଖ୍ୟାଗୁଡ଼ିକୁ ପ୍ରତୀକାତ୍ମକ ବୋଲି କହିବାର ଆଦୌ କୌଣସି ସନ୍ଦର୍ଭ ନଥାନ୍ତା । ତେବେ ସେହି କ୍ଷେତ୍ରରେ କେବଳ ସେହି ତିନି ଚାରିଜଣ ଲୋକଙ୍କ ସକାଶେ ତାହା ପ୍ରତୀକାତ୍ମକ ହୋଇ ରହିଥାନ୍ତା । ତେଣୁ, ଖାସ୍ ବିଷୟଟିର ଆଦୌ କୌଣସି ତାତ୍ପର୍ଯ୍ୟ ନାହିଁ, ତାହାକୁ କେଉଁ ପରିମାଣରେ ବ୍ୟବହାର କରି ଯାଉଛି, ତାହାର ତାତ୍ପର୍ଯ୍ୟ ରହିଛି । ତାହାହିଁ ମହତ୍ତ୍ୱପୂର୍ଣ୍ଣ ।

ନକ୍ଷତ୍ର ଓ ଜନ୍ମପତ୍ରକୁ ନେଇ ମଧ୍ୟ ଲୋକମାନେ ଠିକ୍ ସେହି ଭୁଲ୍ କରିଥାନ୍ତି । ଏଇଟିକୁ ମଧ୍ୟ ଅତି ସହଜ ସ୍ୱତଃରେ ଏକ ଭାଷା ଓ ଏକ ଚଳଣି ବୋଲି ବୁଝାଯିବ, ଏବଂ, ଯଦି ଏହି ଚଳଣିଟିକୁ ଗ୍ରହଣ କରି ନିଆଯାଏ, ତେବେ କୌଣସି କାର୍ଯ୍ୟର ସାଧନ ଲାଗି ଏଇଟିକୁ ମଧ୍ୟ ଦୃଢ଼ଭାବେ ବ୍ୟବହାର କରିହେବ । ମାତ୍ର ଯେତେ ସଂଖ୍ୟାରେ ଲୋକମାନେ ଏହି ଚଳଣିଟିକୁ ଗ୍ରହଣ କରିଛନ୍ତି ସେହି ଅନୁପାତରେହିଁ ତାହାର ଏକ ଆପେକ୍ଷିକ ମୂଲ୍ୟ ରହିଥିବ ।

ନାନା ଆପେକ୍ଷିକତା ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ଏହି ସଂସାରରେ ସବୁକିଛି ବସ୍ତୁତଃ ଆପେକ୍ଷିକ ହୋଇ ରହିଛି । ତେଣୁ କୌଣସି ବିଷୟକୁ ଆମେ କଦାପି ଅକ୍ଷରିକ ଅର୍ଥରେ ଗ୍ରହଣ କରି ପକାଇବା ନାହିଁ, କାରଣ ତଦ୍ୱାରା ତୁମର ଭାବନା ଅତ୍ୟନ୍ତ କ୍ଷୁଦ୍ର ଏବଂ ସଙ୍କୀର୍ଣ୍ଣ ହୋଇ ପଡ଼ିବ ।

ଯେଉଁ ଲୋକମାନେ ଯେତେ ଅଧିକ ପରିମାଣରେ ଅଦମ ହୋଇ ରହିଥିବେ, ଯେତେ ସବଳବିଶ୍ୱାସୀ ହୋଇ ରହିଥିବେ, ତେବେ ଏହିସବୁ ବିଷୟ ଗୋଟିଏ

'oaob.nitrkl.ac.in' images reprocessed

ଗୋଟିଏ ଅନ୍ଧବିଶ୍ୱାସରେ ପରିଣତ ହୋଇଯିବା ଲାଗି ସେତେ ଅଧିକ ଅନୁକୂଳ ପ୍ରବୃତ୍ତି ରଖିଥିବ । ଯେତେବେଳେ କୌଣସି ଏକ ସତ୍ୟକୁ ଭୁଲ ଭାବରେ ଏକ ସାଧାରଣ ସତ୍ୟରେ ପରିଣତ କରି ଦିଆଯାଏ, ସେତିକିବେଳେହିଁ ଅନ୍ଧବିଶ୍ୱାସ-ଗୁଡ଼ିକର ଜନ୍ମ ହୋଇଥାଏ ।

ସିଡ଼ି ତଳେ ଚାଲି ଯାଉଥିବା ମଣିଷର ଉଦାହରଣଟିକୁ ମୁଁ ପ୍ରାୟ ସବୁବେଳେ ଦେଇଥାଏ । ଜଣେ ମଣିଷ ସିଡ଼ି ଉପରେ ଚଢ଼ି କାମ କରୁଛି ଏବଂ ଏକ ଦୁର୍ଭାଗ୍ୟପୂର୍ଣ୍ଣ ସଂଯୋଗବଶତଃ ତା' ହାତର ଏକ ଉପକରଣ ତଳେ ଚାଲି ଯାଉଥିବା ଜଣେ ଲୋକର ମୁଣ୍ଡ ଉପରେ ଖସି ପଡ଼ୁଛି ଏବଂ ତା'ର ମୁଣ୍ଡକୁ ଫଟାଇ ଦେଉଛି । ଏପରି ଘଟଣାଟିଏ ଅବଶ୍ୟ ଘଟିପାରେ, ଏବଂ ସତକୁ ସତ ଲୋକଟିର ମୁଣ୍ଡ ଫାଟି ଖଣ୍ଡ ଖଣ୍ଡ ହୋଇ ଯାଇପାରେ । ମାତ୍ର ଏହି ଘଟଣାଟି ଘଟିବାର ଦେଖିଥିବା ଆଉଜଣେ ବ୍ୟକ୍ତି ଏହାକୁ ତୁରନ୍ତ ଗୋଟିଏ ସାଧାରଣ ସତ୍ୟରେ ପରିଣତ କରି ଦେଇପାରେ ଏବଂ କହିବାକୁ ଲାଗେ "ସିଡ଼ି ତଳେ ଯିବାଟା ପ୍ରକୃତରେ ଦୁର୍ଘଟଣାଜନକ, ଏହା ଏକ ଅଶୁଭ କଥା ।"—ସେଇଟାକୁ ଆମେ ଅନ୍ଧବିଶ୍ୱାସ ବୋଲି କହିବା । ଏବଂ, ପ୍ରତ୍ୟେକ ବସ୍ତୁର କ୍ଷେତ୍ରରେ ଠିକ୍ ଏହିପରି ଘଟିଥାଏ ।

ପୁନଶ୍ଚ, ଜ୍ଞାନର ଅନେକ ତଥ୍ୟର ମୂଳରେ ସେହି ଗୋଟିଏ ଅବସ୍ଥା ନିହିତ ହୋଇ ରହିଥାଏ । ଉଦାହରଣସ୍ୱରୂପ, କୌଣସି ଏକ ଔଷଧ କେତେକ ଅନୁକୂଳ ପରିବେଶର ଏକତ୍ର ସମାବେଶ ଦ୍ୱାରା ଯଦି ଏକାଦିକ୍ରମେ କେତେଜଣ ବ୍ୟକ୍ତିଙ୍କୁ ରୋଗମୁକ୍ତ କରାଇ ଆଣେ, ତେବେ ସଙ୍ଗେ ସଙ୍ଗେ ଘୋଷଣା କରି ଦିଆଯାଏ ଯେ ଏହି ବିଶେଷ ରୋଗଟି ପାଇଁ ଏହାହିଁ ହେଉଛି ସର୍ବଶକ୍ତିଶାଳୀ ଔଷଧ । ମାତ୍ର ସେକଥା ଆଦୌ ସତ୍ୟ ନୁହେଁ । ଏହାର ପ୍ରମାଣ ହେଉଛି ଯେ, ଯଦି ସେହି ଔଷଧଟିକୁ ଏକା ସାଥରେ ଶହେଜଣ ବ୍ୟକ୍ତିଙ୍କୁ ସେବନ କରିବାକୁ ଦିଆଯାଏ, ତେବେ ଦୁଇଜଣ ବ୍ୟକ୍ତିଙ୍କ କ୍ଷେତ୍ରରେ ମଧ୍ୟ ତାହାର ସମାନ ଫଳ କଦାପି ପରିଦୃଷ୍ଟ ହେବ ନାହିଁ, ଏବଂ କେତେକ କ୍ଷେତ୍ରରେ ପରିଣାମଗୁଡ଼ିକ ପରସ୍ପରର ଏକାନ୍ତ ବିପରୀତ ଭାବରେ ଫଳିବ । ତେଣୁ, କହିବାକୁ ପଡ଼ିବ ଯେ ଔଷଧର ଗୁଣ କଦାପି ଏହି ଆରୋଗ୍ୟବିଧାନ କରେ ନାହିଁ; ଏହି ଔଷଧ ଉପରେ ବିଶ୍ୱାସ ସ୍ଥାପନ କରିବାକୁ ଏକ ଅନ୍ଧବିଶ୍ୱାସ ବୋଲି କୁହାଯିବ ।

ଏବଂ, ବିଜ୍ଞାନ ଏବଂ ଅନ୍ଧବିଶ୍ୱାସ ମଧ୍ୟରେ ବସ୍ତୁତଃ ଅତି କମ୍ ପାର୍ଥକ୍ୟ ରହିଛି । ବିଷୟଗୁଡ଼ିକର ଅଭିବ୍ୟକ୍ତି କ୍ଷେତ୍ରରେ ଯେଉଁ ସାବଧାନତା ଅବଲମ୍ବନ କରାଯାଏ, ସମ୍ଭବତଃ ପାର୍ଥକ୍ୟଟି କେବଳ ସେହି କ୍ଷେତ୍ରରେ ନିହିତ ହୋଇ ରହିଛି । ଯଦି କେହି ଜଣେ ବୈଜ୍ଞାନିକଙ୍କ ପରି ସାବଧାନତା ଅବଲମ୍ବନ କରି "ବୋଧ ହେଉଛି ଏହା ହୁଏତ ଏହିପରି ହୋଇଥିବ···ବେଶ୍ ଅନୁମାନ କରାଯାଇ ପାରିବ ଯେ··· ଲବ୍ଧ ପ୍ରମାଣଗୁଡ଼ିକରୁ ଆମେ ଏହିପରି ଏକ ସିଦ୍ଧାନ୍ତରେ ପହଞ୍ଚି ପାରିବା ଯେ" ବୋଲି

'oaob.nitrkl.ac.in' images reprocessed

କରିବ, ତେବେ ସେଠାରେ ଅନ୍ଧବିଶ୍ୱାସ ଲାଗି ଆଉ କୌଣସି ଅବକାଶ ନଥିବ । ମାତ୍ର ଯେତେବେଳେ କେହି "ହଁ, ଏହା ଠିକ୍ ତାହାରି ପରି !" ବୋଲି ଏତେ ଟାଣ ହୋଇ କହିବାକୁ ବାହାରିବ, ତେବେ ତାହା ହେଉଛି ଏକ ଅନ୍ଧବିଶ୍ୱାସ । ବୁଝିଲ ?

ତେଣୁ ଯେଉଁ ବ୍ୟକ୍ତି ତୁମକୁ ପ୍ରଶ୍ନଟି ପଚାରିଛନ୍ତି, ତୁମେ ତାଙ୍କୁ ଏହିପରି ଉତ୍ତର ଦେବ, "ଯଦି ୩, ୪, ୫, ୬, ବା ୨, ୩, ୪, ୫, ୬, ଦ୍ୱାରା ତୁମର ଜୀବନରେ କୌଣସି ଅସାଧାରଣ ଘଟଣା ଘଟେ ଏବଂ ତଦ୍ଦ୍ୱାରା ତୁମକୁ କୌଣସି ଅନ୍ତର୍ଗତ ଅଥବା ବହିଃସ୍ଥ ଉଦ୍‌ଭାସର ଉପଲବ୍ଧି ହୁଏ, ତେବେ ଏହି ତାରିଖଟି ଏକ ଅସାଧାରଣ ତାରିଖ ବୋଲି ତୁମେ ନିଶ୍ଚୟ ଘୋଷଣା କରି ପାରିବ । ମାତ୍ର ଯଦି ତୁମ ଜୀବନରେ ସେପରି କିଛି ନଘଟେ, ତେବେ ତୁମ ଲାଗି ତାହା କଦାପି ଏକ ଅସାଧାରଣ ଦିନ ହୋଇ ରହିବ ନାହିଁ; ଏହା ଅନ୍ୟ ଯେକୌଣସି ଦିନ ପରି ଏକ ସାଧାରଣ ଦିନ ହୋଇ ରହିବ !"

(ମାଆ ନୀରବ ରହିଲେ)

ଏକ ପ୍ରାଚୀନ ପରମ୍ପରା ଥିଲା, ଅତି, ଅତି ପ୍ରାଚୀନ, ଏପରିକି ଏହି ଦେଶର ବୈଦିକ ପରମ୍ପରାଠାରୁ ଅଧିକ ପ୍ରାଚୀନ ଗୋଟିଏ ପରମ୍ପରା ଥିଲା, ଯେଉଁଥିରେ କି ଏପରି ଗୋଟିଏ କଥା କୁହା ଯାଉଥିଲା, "ଯଦି ସଦିଚ୍ଛାସମ୍ପନ୍ନ ବାରଜଣ ମନିଷ ଏକାଠି ହୋଇ ଭଗବାନଙ୍କୁ ଡାକିବେ, ତେବେ ଭଗବାନ ନିଶ୍ଚୟ ସେମାନଙ୍କ ପାଖରେ ଆସି ପହଞ୍ଚିଯିବେ ।" ଏହି କଥାଟି ସମ୍ଭବତଃ ସତ୍ୟ ହୋଇପାରେ, ଏକ ଅନ୍ଧବିଶ୍ୱାସ ବି ହୋଇପାରେ । ସଦିଚ୍ଛାସମ୍ପନ୍ନ ସେହି ବାରଜଣ ବ୍ୟକ୍ତି ପ୍ରକୃତରେ କିପରି ଥିଲେ, ଏହା ସମ୍ଭବତଃ ତାହାରି ଉପରେହିଁ ନିର୍ଭର କରେ । ସମ୍ଭବତଃ ଏହା ଅନ୍ୟ ଅନେକ କଥା ଉପରେ ବି ନିର୍ଭର କରିବ । ଯଦି ତୁମେମାନେ ମୋତେ ଏବିଷୟରେ ପଚାରିବ, ତେବେ ମୁଁ ଭାବୁଛି ଯେ କଥାଟି ହୁଏତ ଏହିପରି ଭାବରେହିଁ ଘଟିଥିଲା; ପ୍ରଥମେ ଥରେ ବାରଜଣ ବ୍ୟକ୍ତି ଗୋଟିଏ ସ୍ଥାନରେ ଏକତ୍ର ହୋଇଥିଲେ— ସେମାନେ ଘଟଣାକ୍ରମେ ବାରଜଣହିଁ ଆସି ଏକତ୍ର ହୋଇଥିଲେ; କାହିଁକି ବାରଜଣ ଆସିଥିଲେ, ସେକଥା ସେମାନେ ନିଜେ ବି ଜାଣି ନଥିଲେ । ଏବଂ ଆପଣାର ଅଭୀପ୍ସାରେ ସେମାନେ ଏପରି ଭାବରେ ଏକତ୍ର ହୋଇଥିଲେ ଓ ସେମାନଙ୍କର ଅଭୀପ୍ସା ଏତେବେଶୀ ପ୍ରଗାଢ଼ ଓ ଶକ୍ତିଶାଳୀ ହୋଇ ରହିଥିଲା ଯେ ସେମାନେ ଯାହା ଚାହୁଁଥିଲେ, ତାହାର ଉପଲବ୍ଧି କରିପାରିଲେ । ମାତ୍ର, ଯଦି ଏହାକୁ ଏକ ସାଧାରଣ ସତ୍ୟରୂପେ ଏପରି କୁହାଯାଏ, "ଯଦି ସଦିଚ୍ଛାସମ୍ପନ୍ନ ବାରଜଣ ବ୍ୟକ୍ତି ଆପଣାର ଅଭୀପ୍ସାରେ ସମ୍ମିଳିତ ହୋଇପାରିବେ, ତେବେ ସେମାନେ ନିଶ୍ଚିତ ଭାବରେ ସ୍ୱୟଂ ଭଗବାନଙ୍କୁ ମଧ୍ୟ ଅବତୀର୍ଣ୍ଣ କରାଇ ଆଣିପାରିବେ,"—ତେବେ ତାହାକୁ ଏକ ଅନ୍ଧବିଶ୍ୱାସ ବୋଲି କୁହାଯିବ ।

'oaob.nitrkl.ac.in' images reprocessed

ବସ୍ତୁତଃ, ସେହିପରି ଘଟଣା ହୁଏତ ଅନେକ ଥର ଘଟିଛି ଏବଂ ତାହାକୁ ଦେଖିଥିବା ବ୍ୟକ୍ତିଜଣକ ସାବଧାନତା ସହକାରେ ସେହି ବିଷୟରେ ଏହିପରି ଲେଖି ରଖିଛି, "ସଦିଚ୍ଛାସମ୍ପନ୍ନ ବାରଜଣ ବ୍ୟକ୍ତି ଯଦି ଆପଣାର ଅଭୀପ୍ସାରେ ସମ୍ମିଳିତ ହୋଇ ପାରିବେ, ତେବେ ସ୍ୱୟଂ ଭଗବାନ ମଧ୍ୟ ଓହ୍ଲାଇ ଆସିବାକୁ ବାଧ୍ୟ ହେବେ ।" ଏବଂ, ତା'ପରେ, ମୁଁ ନିଶ୍ଚିତ ଭାବରେ କହିପାରିବି ଯେ ବାରଜଣ ବ୍ୟକ୍ତିଙ୍କର କେତେ କେତେ ଦଳ ଏକ ସାଧାରଣ ଅଭୀପ୍ସା ନେଇ ହୁଏତ ଅସୁମାରି କେତେଥର ଏକତ୍ର ସମ୍ମିଳିତ ହୋଇଛନ୍ତି, ମାତ୍ର ସେମାନେ ଭଗବାନଙ୍କୁ ଅବତୀର୍ଣ୍ଣ କରାଇ ଆଣି ପାରି ନାହାନ୍ତି ! ମାତ୍ର ତଥାପି ପରମ୍ପରା ବା କଥନଟି ଯେପରି ଥିଲା, ଠିକ୍ ସେହିପରି ହୋଇ ରହିଛି ।

ଏଥର ବୁଝି ପାରୁଥିବ ।

ଆଜି ସନ୍ଧ୍ୟାରେ ତ ଆମେ ବାରଜଣଠାରୁ ଅନେକ ଅଧିକ ଲୋକ ଏଠାରେ ରହିଛୁ । (ସମସ୍ତେ ହସିଲେ) ତେବେ ଥରେ ଚେଷ୍ଟା କରି ଆମେ ସଫଳ ହେଉଛେ କି ନାହିଁ ଦେଖିବା କି ?

(ଧ୍ୟାନ)

## ୨୧ ମାର୍ଚ୍ଚ ୧୯୫୭

ମାଆ, ଏଠାରେ ଲେଖାହୋଇଛି : "ଏହି ପରମ ଅନନ୍ତଙ୍କର କୌଣସି ପ୍ରକାର ପୂର୍ଣ୍ଣ ସମଗ୍ର ଜ୍ଞାନ ଅଥବା ଅନେକମୁଖୀ ଅନୁଭୂତି ଲାଭ କରିବାକୁ ହେଲେ ଗୋଟିଏ ମୌଳିକ ଅନୁଭବକୁ ଆମେ ଅପରିହାର୍ଯ୍ୟ ବୋଲି ଜାଣିବା…ଅର୍ଥାତ୍ ଆମେ ପରମ ଦିବ୍ୟତାଙ୍କୁ ତାଙ୍କର ସାରଭୂତ ସତ୍ତା ଏବଂ ସତ୍ୟର ଭୂମି ଉପରେ ଉପଲବ୍ଧି କରିବା ।"

ଯୋଗସମନ୍ୱୟ, ପୃଷ୍ଠା-୧୦୭

ପରମ ଦିବ୍ୟସତ୍ତାଙ୍କୁ ଆମେ ବୁଝିପାରିବା କିପରି ?

ଆପଣାକୁ ସେହି ଦିବ୍ୟସତ୍ତାରେ ପରିଣତ କରି । ଏବଂ, ତାହାହିଁ ଏକମାତ୍ର ବାଟ : ଏକାତ୍ମକତା ଦ୍ୱାରାହିଁ ଏହା ସମ୍ଭବ ହୋଇ ପାରିବ । ଶ୍ରୀଅରବିନ୍ଦ କହିଛନ୍ତି,

'oaob.nitrkl.ac.in' images reprocessed

"ଆମେ ପରମ ଦିବ୍ୟସତ୍ତ୍ୱଙ୍କୁ ଜାଣୁ ଏବଂ ପରମ ଦିବ୍ୟସତ୍ତ୍ୱରେ ପରିଣତ ବି ହେଉ, କାରଣ ଆମର ଅସଲ୍ ଗୂଢ଼ ପ୍ରକୃତିଟି ମଧ୍ୟରେ ଆମେ ପୂର୍ବରୁହିଁ ତଦ୍‌ରୂପ ହୋଇ ରହିଥାଉ ।" ଯିଏ ଆମ ସତ୍ତ୍ୱର ପରମ ସତ୍ୟରୂପେ ପ୍ରତିଷ୍ଠିତ ହୋଇ ରହିଥିବାରୁହିଁ ଆମେ ସେହି ପରମ ଦିବ୍ୟସତ୍ତ୍ୱରେ ପରିଣତ ହୋଇ ପାରିବା ଏବଂ ତାହାର ଫଳସ୍ୱରୂପ ତାଙ୍କୁ ବୁଝିବାକୁ ସମର୍ଥ ହେବା; ତାହା ନହେଲେ ଏହି କଥାଟି ବେଶ୍ ଅସମ୍ଭବ ହୋଇ ରହିଥିବ ।

ଆମ ନିଜ ଭିତରେ ଆମେ କିପରି ପରମ ଦିବ୍ୟସତ୍ତ୍ୱଙ୍କର ପରିଚୟ ଲାଭ କରି ପାରିବା ?

ମୁଁ ବର୍ତ୍ତମାନ ଯାହାସବୁ କହିଲି, ଏହି ପ୍ରଶ୍ନଟିର ଉତ୍ତର ବି ଠିକ୍ ତାହାହିଁ ହେବ ।

ତୁମେ ପ୍ରକୃତରେ କ'ଣ ଜାଣିବାକୁ ଚାହୁଁଛ ?... କେଉଁ ମାର୍ଗରେ ?

ସର୍ବପ୍ରଥମେ ତାଙ୍କୁ ଖୋଜିବାକୁ ହେବ, ଏବଂ ତାହାହିଁ ତୁମ ଜୀବନର ସର୍ବପ୍ରଧାନ କାର୍ଯ୍ୟ ହୋଇ ରହିବ । ତୁମର ଇଚ୍ଛାଶକ୍ତି ସତତ ଜାଗ୍ରତ ହୋଇ ରହିଥିବ, ଅଭୀପ୍ସା ସତତ ପ୍ରଜ୍ୱଳିତ ରହିଥିବ, ଲକ୍ଷ୍ୟ ଅବିଚଳ ହୋଇ ରହିଥିବ ଏବଂ ତୁମେ ଯଥାର୍ଥରେ କେବଳ ଏହି ଗୋଟିକ ବସ୍ତୁକୁହିଁ ଇଚ୍ଛା କରୁଥିବ । ତେବେ ତୁମେ ତାଙ୍କର ପରିଚୟ ପାଇବ ।

ମାତ୍ର, ଯଦି ଜୀବନ ଭିତରେ ତୁମେ ପାଞ୍ଚ ମିନିଟ ପାଇଁ ତାଙ୍କ କଥା ଭାବିବ ଏବଂ ତା'ପରେ ପଇଁଚାଳିଶି ମିନିଟ କାଳ ଅନ୍ୟାନ୍ୟ ନାନା ବିଷୟକୁ ନେଇ ବ୍ୟସ୍ତ ହୋଇ ରହିବ, ତେବେ ସଫଳତାର ଖୁବ୍ ବେଶୀ ସମ୍ଭାବନା ରହିଛି ବୋଲି ଧ୍ରୁବତ କୁହାଯାଇ ପାରିବ ନାହିଁ । ଏକଥା ନିଶ୍ଚିତ ଯେ ଏଥିଲାଗି ତୁମର ଅନେକ ଜୀବନ ବିତିଯିବ ।

ଏହାକୁ ଏକ ମନୋରଞ୍ଜନ ପରି ଗ୍ରହଣ କଲେ ମୋଟେ ହେବ ନାହିଁ । ଏହା ଆମ ସତ୍ତ୍ୱର ଏକମାତ୍ର ଧ୍ୟାନବସ୍ତୁ ହୋଇ ରହିବ, ଆମ ଜୀବନର ସର୍ବମୂଳ କାରଣ ହୋଇ ରହିବ ।

ସରଳ ?

ମାଆ, ବର୍ତ୍ତମାନ ତ ଆଉ ପ୍ରଶ୍ନ ନାହିଁ; କିନ୍ତୁ ଆପଣ ଆମକୁ ଆଉ କିଛି କୁହନ୍ତୁ ।

'oaob.nitrkl.ac.in' images reprocessed

କିନ୍ତୁ ଯାହା ମନ ତାହା ବିଷୟରେ କହିବାର କି ଆବଶ୍ୟକତା ରହିଛି ?

ତେବେ ମୁଁ ଏତିକି କହିବି ଯେ ନୀରବତା ମଧ୍ୟରେହିଁ ଆମକୁ ଆମ ଜୀବନର ସବୁଠାରୁ ଅଧିକ ମୂଲ୍ୟବାନ୍ ସମ୍ପଦମାନ ଉପଲବ୍ଧ ହୋଇଥାଏ ।

(ଧ୍ୟାନ)

## ୨୮ ମାର୍ଚ୍ଚ ୧୯୫୭

"ଏହି ଜଗତ ଓ ତାହାର ସକଳ କ୍ରିୟାତ୍ମକତାରୁ ବିଦାୟ ନେଇ ଚାଲିଯିବା ଏବଂ ତଦ୍ୱାରା ଏକ ପରମ ପାଶମୁକ୍ତି, ନିଷ୍କୃତି ଏବଂ ଉପଶମପ୍ରଶାନ୍ତି ଲାଭ କରିବାହିଁ ଯଦି ସାଧକର ଏକମାତ୍ର ଲକ୍ଷ୍ୟ ହୋଇ ରହିଥାଏ, ତେବେ ତା'ର ଆଧ୍ୟାତ୍ମିକ ଜୀବନକୁ ପରିପୂର୍ଣ୍ଣ ଓ ସକଳାଙ୍ଗ କରିଦେବା ପାଇଁ ଏଠାରେ ଆଲୋଚିତ ହୋଇଥିବା ତିନୋଟିଯାକ ବୃହତ୍ ଓ ମୂଳଭୂତ ଉପଲବ୍ଧି* ନିଶ୍ଚୟ ଯଥେଷ୍ଟ ହୋଇ ପାରୁଥାଏ । କେବଳ ସେତିକି ମଧ୍ୟରେହିଁ ଆପଣାକୁ ଅଭିନିବିଷ୍ଟ କରି ରଖି ସେ ଅନ୍ୟ ଯାବତୀୟ ଦିବ୍ୟ ତଥା ପାର୍ଥିବ ଜ୍ଞାନକୁ ଆପଣା ଉପରୁ ବେଶ୍ ଖସାଇଦେଇ ପାରିବ ଏବଂ ସ୍ୱୟଂ ସକଳ ସକ୍ରିୟତାରୁ ମୁକ୍ତ ହୋଇ ଶାଶ୍ୱତ ପରମ ନୀରବତା ମଧ୍ୟକୁ ପ୍ରୟାଣ କରି ପାରିବ । ମାତ୍ର ପୂର୍ଣ୍ଣଯୋଗର ସାଧକକୁ ଏହି ଜଗତ ଓ ତାହାର ଯାବତୀୟ କ୍ରିୟାତ୍ମକତାକୁ ମଧ୍ୟ ଅବଶ୍ୟ ଆପଣାର ଧ୍ୟାନରେ ରଖିବାକୁ ହେବ, ସେଗୁଡ଼ିକ ପଛରେ ସମ୍ଭବତଃ ବିଦ୍ୟମାନ ରହିଥିବା ଦିବ୍ୟ ସତ୍ୟଗୁଡ଼ିକୁ ସେ ସନ୍ଧାନ କରିବ ଓ ଜାଣିବ; ଏବଂ ଅଧିକାଂଶ ଅଧ୍ୟାତ୍ମ ଅନୁଭୂତି ଆପଣାର ପ୍ରଥମ ଚରଣରେ ଦିବ୍ୟ ପରମସତ୍ୟ ଏବଂ ଏହି ଅଭିବ୍ୟକ୍ତ ସଂସାରରୂପୀ ବିସୃଷ୍ଟି ମଧ୍ୟରେ ଯେଉଁ ପ୍ରତୀତ ବିରୋଧଟିର ଅନୁଭବ

---

* [ଅନ୍ତର୍ନିହିତ ପରମ ଦିବ୍ୟସତ୍ତାଙ୍କର ଉପଲବ୍ଧି, ବିଶ୍ୱଗତ ଦିବ୍ୟ ପରମପୁରୁଷଙ୍କର ଉପଲବ୍ଧି ଓ ବିଶ୍ୱାତୀତ ଦିବ୍ୟ ପରମସତ୍ତାଙ୍କର ଉପଲବ୍ଧି ଅର୍ଥାତ୍ ନିର୍ବାଣ ।]

'oaob.nitrkl.ac.in' images reprocessed

କରିଥାଏ, ସେ ତାହାର ମଧ୍ୟରେ ଏକ ସମଞ୍ଜସତାର ବିଧାନ କରିବ ।”

ଯୋଗସମନ୍ୱୟ, ପୃଷ୍ଠା-୧୧୦

ମୁଁ ଏହାର ଅର୍ଥଟିକୁ ବୁଝି ପାରୁ ନାହିଁ । ଆଧ୍ୟାତ୍ମିକ ଅନୁଭୂତିର ପ୍ରଥମ ଚରଣରେ ଏହି ବିରୋଧଟିକୁ କାହିଁକି ସାମନା କରିବାକୁ ପଡ଼ିଥାଏ ?

**ସାଧାରଣତଃ ଯାହାକୁ ଆଧ୍ୟାତ୍ମିକ ଅନୁଭୂତି ବୋଲି ବୁଝାଯାଏ, ସେଥିରେ ନିଜେ ବଞ୍ଚିଥିବା ଜୀବନଟିର ବାହାରେ ଥିବା କୌଣସି ଏକ ସମ୍ପଦର ଆବଶ୍ୟକତାକୁ ପ୍ରଗାଢ଼ ଓ ତୀବ୍ର ଭାବରେ ଅନୁଭବ କରି ଯାଇଥାଏ, ଏବଂ ଅଧିକାଂଶ ସମୟରେ ଅନେକ ପ୍ରତିବନ୍ଧକ, ନୈରାଶ୍ୟ ବା ବେଦନା ବା ଦୁଃଖ, ଅର୍ଥାତ୍ ଯେଉଁସବୁ ବିଷୟ ଆମ ଲାଗି ଅନେକ ଦୁଃଖକୁ ବହନ କରି ଆଣିଥାଏ ଏବଂ ଯୁଗପତ୍ ଭାବରେ ଏକ ଅଧିକ ଭଲ ସ୍ଥିତି ଲାଗି ଅଭୀପ୍ସା ମଧ୍ୟ ଜନ୍ମାଇଥାଏ, ଏସବୁ ପରେ ଯାଇ ଆଧ୍ୟାତ୍ମିକ ଅନୁଭୂତି ଜାଗ୍ରତ ହୋଇଥାଏ । ଆଧ୍ୟାତ୍ମିକ ଅନୁଭୂତିର ମୂଳରେ ସାଧାରଣତଃ ଏଇଟିହିଁ ନିହିତ ହୋଇ ରହିଥାଏ : ଏହା ଏକ ନକାରାତ୍ମକ ପଦାର୍ଥ ହୋଇ ରହିଥାଏ ।**

**ଦିବ୍ୟ ପରମସତ୍ତାଙ୍କୁ ଜାଣିବା ଓ ତାଙ୍କ ସହିତ ସଂଯୁକ୍ତ ହୋଇ ରହିବାର ସକାରାତ୍ମକ ଆବଶ୍ୟକତାବୋଧଟି ଅନେକ ପରେ ଆସେ । ମୁଁ ସବୁବେଳେ କହୁଛି; ଏଥିରେ ବ୍ୟତିକ୍ରମମାନ ଅବଶ୍ୟ ରହିଛି, ମାତ୍ର, ସାଧାରଣତଃ ପ୍ରଥମ ଅବସ୍ଥାରେ ଜୀବନର ଯାବତୀୟ ଦୁଃଖ ମଧ୍ୟରୁ ଏକ ପଳାୟନହିଁ ତୁମକୁ ଆଧ୍ୟାତ୍ମିକ ଜୀବନଟି ଆଡ଼କୁ ପ୍ରାୟ ତାଡ଼ିତ କରି ନେଇଥାଏ । ଅତି ଜନ୍ମସଂଖ୍ୟକ ବ୍ୟକ୍ତି, ଯେଉଁ ସେମାନଙ୍କ ଭିତରେ ଓ ବାହାରେ ପରିପୂର୍ଣ୍ଣ ସୁଷମ ଅବସ୍ଥା ବିଦ୍ୟମାନ ରହିଥାନ୍ତା ଓ ସେମାନଙ୍କ ଜୀବନରେ ଯଦି ଅସୁଖକର ଅଥବା ଯନ୍ତ୍ରଣାଦାୟକ କିଛିହେଲେ ଘଟି ନଥାନ୍ତା, ତେବେ ଅତି ଜନ୍ମସଂଖ୍ୟକ ବ୍ୟକ୍ତି ଭଗବାନଙ୍କ ବିଷୟରେ ହୁଏତ କୌଣସି ଚିନ୍ତା ବି କରନ୍ତେ, ଭଗବାନଙ୍କ ବିଷୟରେ ସେମାନଙ୍କର ଆଉ କୌଣସି ପ୍ରୟୋଜନ ରହନ୍ତା ନାହିଁ, ସେମାନେ ସାଧାରଣ ସଂସାର-ବିଷୟଗୁଡ଼ିକର ଅଧାମାଣଗୁଡ଼ିକୁ ନେଇ ବେଶ୍ ସନ୍ତୁଷ୍ଟ ହୋଇ ରହି ପାରୁଥାନ୍ତେ ଏବଂ କଦାପି ଏକ ପରମ ସତ୍ତା ବା ପରମ ତତ୍ତ୍ୱର ଅନ୍ୱେଷଣ କରି ବାହାରନ୍ତେ ନାହିଁ । ଶ୍ରୀଅରବିନ୍ଦ ଏଠାରେ ଠିକ୍ ସେହି କଥା କହୁଛନ୍ତି ।**

'oaob.nitrkl.ac.in' images reprocessed

ମାତ୍ର, ଯେତେବେଳେ ଆଧ୍ୟାତ୍ମିକ ଜୀବନର ସନ୍ଧାନ ମିଳିଯାଏ, ସେହି ଜୀବନ ଏଠାରେ ଯାବତୀୟ ପ୍ରତିଷ୍ଠାନର ପଶ୍ଚାତରେ ଅବସ୍ଥିତ ରହିଛି ବୋଲି ଏବଂ ପ୍ରତିଷ୍ଠାନଗୁଡ଼ିକର କୌଣସି ସାହାଯ୍ୟ ନନେଇ ପ୍ରତ୍ୟକ୍ଷ ଭାବରେ ମଧ୍ୟ ବିରାଜିତ ରହିଛି ବୋଲି ଆମର ଉପଲବ୍ଧି ହେବାକୁ ଲାଗେ । ପ୍ରତିଷ୍ଠାନଗୁଡ଼ିକର ପଶ୍ଚାତରେ ମଧ୍ୟ ଏହା ଅବସ୍ଥିତ ରହିଥାଏ; ଶ୍ରୀଅରବିନ୍ଦ ଏହାହିଁ କହୁଛନ୍ତି : ଏହି ବିରୋଧଗୁଡ଼ିକୁ ଆମକୁ ଆବିଷ୍କାର କରିବାକୁ ହେବ ଓ ସେଗୁଡ଼ିକ ମଧ୍ୟରେ ଏକ ସମନ୍ୱୟତା ସ୍ଥାପନ କରିବାକୁ ହେବ । ଏବଂ ଏପରି ଏକ ସ୍ଥାନ ବା ଚେତନାବସ୍ଥା ରହିଛି, ଯାହା ମଧ୍ୟରେ କି ସେମାନଙ୍କର ଏକ ସମନ୍ୱୟତା ସମ୍ଭବ କରାଯାଇ ପାରିବ ।

ମାତ୍ର, ଆମକୁ ପ୍ରଥମେ ଏହିପରି ଭାବରେ ଅଗ୍ରସର ହେବାକୁ ପଡ଼ିବ (ହାତ ଦ୍ୱାରା କ୍ରମ-ଆରୋହଣର ଭଙ୍ଗୀ କରି) ଏବଂ ତା'ପରେ ଏହିପରି (ହାତ ଦ୍ୱାରା କ୍ରମ-ଅବତରଣର ଭଙ୍ଗୀ କରି) ଫେରି ଆସିବାକୁ ପଡ଼ିବ । ବୁଝିଲ ?

> ଶ୍ରୀଅରବିନ୍ଦ ଏଠାରେ ଲେଖିଛନ୍ତି : "ମାତ୍ର ତଥାପି ତା' (ସାଧକ) ମନରେ ବା ତା' ଆଗରେ କେବଳ ଏହି ଶାଶ୍ୱତ ଆତ୍ମସଜ୍ଞାନ ପରମ ସତ୍, ଏହି ଆଧ୍ୟାତ୍ମିକ ପରମ ଚେତନା, ଏହି ଆତ୍ମଭାସ୍ୱର ପରମ ସାମର୍ଥ୍ୟର ଅନନ୍ତତା ଓ ଏହି କାଳାତୀତ ଏବଂ ଶେଷହୀନ ଆନନ୍ଦମୟତାହିଁ ବିରାଜିତ ହୋଇ ରହି ନଥାଏ । ତାହାର ଅନୁଭୂତି ମଧ୍ୟରେ ଅବିଚ୍ଛିନ୍ନ ହୋଇ ପରିମିତ ଦେଶ ଓ କାଳରେ ବନ୍ଧ ହୋଇ ରହିଥିବା ଏହି ଜଗତଟି ମଧ୍ୟ ବିଦ୍ୟମାନ ରହିଥାଏ, ସମ୍ଭବତଃ ଏକପ୍ରକାର ସୀମାହୀନ ସାନ୍ତତା ବିଦ୍ୟମାନ ରହିଥାଏ ଏବଂ ସେହି ଜଗତଟି ମଧ୍ୟରେ ସବୁକିଛି କ୍ଷଣଭଙ୍ଗୁର ହୋଇ ରହିଥାଏ, ସୀମାବଦ୍ଧ ଓ ଖଣ୍ଡିତ ହୋଇ ରହିଥାଏ…"
>
> ଯୋଗସମନ୍ୱୟ, ପୃଷ୍ଠା : ୧୧୧-୧୨

"ସୀମାହୀନ ସାନ୍ତତା"—ଏହାର ଅର୍ଥ କ'ଣ ?

ଏଠାରେ ଏପରି ଗୋଟିଏ କଥାକୁ ଶବ୍ଦର ରୂପ ଦେଇ ପ୍ରକାଶ କରିବାକୁ ଚେଷ୍ଟା କରାଯାଇଛି, ଯାହାକୁ କି ଶବ୍ଦର ରୂପ ଦେଇ ପ୍ରକାଶ କରାଯାଇ ପାରେ ନାହିଁ ।

'oaob.nitrkl.ac.in' images reprocessed

ବସ୍ତୁତଃ, ଏହି କ୍ଷେତ୍ରରେ ତୁ ଏକ ଗ୍ରାସ୍ତ ବୁଝାଯାଇ ପାରିଥାନ୍ତା ଯେ ଏଠାରେ ଅନ୍ତର୍ଗତ ଜିନିଷଟି ଅନ୍ତବିଶିଷ୍ଟ ଏବଂ ସମଗ୍ରଟି ଅନନ୍ତ । ମାତ୍ର ଶ୍ରୀଅରବିନ୍ଦ ଏଗୁଡ଼ିକୁ "ଅନନ୍ତ" ବୋଲି କହି ନାହାନ୍ତି, ସିଏ "ସୀମାହୀନ" ବୋଲିହିଁ କହିଛନ୍ତି,—ଦେଶର କ୍ଷେତ୍ରରେ ସୀମାହୀନ ଓ ସମୟର କ୍ଷେତ୍ରରେ ସୀମାହୀନ, ମାତ୍ର ତଥାପି ଏକ ଭିନ୍ନ ହିସାବରେ ଅନ୍ତବିଶିଷ୍ଟ । ଅନ୍ତର୍ଗତ ଯାବତୀୟ ଜିନିଷର ଆପଣାର ଏକ ସୀମା ଅବଶ୍ୟ ରହିଛି, ଏବଂ ସମଗ୍ରଟିର ଏପରି କୌଣସି ସୀମା ନାହିଁ ।

ମାଆ, ମୁଁ ଆଉ ଗୋଟିଏ ଜାଗାରେ ବି ବୁଝି ପାରି ନାହିଁ :
"ତା'ର ଚେତନାଗତ ସ୍ଥିତିଟି ଅନୁସାରେ ଅନେକ ସମୟରେ ତା'ର ଭାବଭୂମିର ଏହି ଦୁଇଟିଯାକ ସ୍ଥିତି [ଶାଶ୍ୱତର ଚେତନା ଏବଂ କାଳ ମଧ୍ୟରେ ଅବସ୍ଥିତ ଜଗତର ଚେତନା] ପରସ୍ପରର ପୃଥକପର ହୋଇ ଅବସ୍ଥିତ ରହିଥିବା ପରି ହିଁ ଏତ ବୋଧ ହେଉଥିବେ, ଏବଂ ଆଉ କେତେବେଳେ ଦୁଇଟିଯାକ ତା' ସତ୍ତାର ସତେଅବା ଦୁଇଟି ଅଂଶରୂପେ ଅବସ୍ଥିତ ରହିଥିବେ, ସମଞ୍ଜସତା ଲାଗି ଅପେକ୍ଷା କରି ରହିଥିବା ଦୁଇଟି ଭିନ୍ନ ଭିନ୍ନ ଅଂଶ ହୋଇ ରହିଥିବେ, ଗୋଟିଏ ଗୋଟିଏ ଅର୍ଦ୍ଧାଂଶ ହୋଇ ରହିଥିବେ, ତା' ସତ୍ତାର କ୍ଷେତ୍ରରେ ଗୋଟିଏ ଉପର ଅଧ ଓ ଆଉ ଗୋଟିଏ ତଳ ଅଧ, ଅଥବା ଗୋଟିଏ ଅନ୍ତରସ୍ଥ ଅଧ ଓ ଆଉଟି ବହିଃସ୍ଥ ଅଧ ହୋଇ ଅବସ୍ଥିତ ରହିଥିବେ । ତା'ର ଚେତନାସ୍ଥ ଏହି ବିଚ୍ଛିନ୍ନତାଟିର ଯେ ପ୍ରକୃତରେ ଏକ ବଡ଼ ଶକ୍ତିଶାଳୀ ବିମୋଚକ ସାମର୍ଥ୍ୟ ରହିଛି, ଏକଥାଟିକୁ ସେ ଅଚିରେ ବେଶ୍ ଜାଣିବାକୁ ପାଇବ; କାରଣ ଏହି ଜଗତଟି ଦ୍ୱାରା ସେ ଆଉ ଆପଣାର ଅଜ୍ଞାନ ବା ନଷ୍ଟଚେତନାଟି ସହିତ କଦାପି ବାନ୍ଧି ହୋଇ ରହିବ ନଥିବ ।"

ଯୋଗସମନ୍ୱୟ, ପୃଷ୍ଠା-୧୧୬

ମୁଁ ଏଇଟିକୁ ବୁଝି ପାରୁ ନାହିଁ ।

ତୁମେ ବୁଝି ପାରୁ ନାହଁ, କାରଣ ତୁମେ ମନ ଭିତରେ ଏହି ବିଷୟଗୁଡ଼ିକୁ ଚିନ୍ତନ କରି ରହିଛ ଏବଂ ଏପରି ଏକ ଶାଶ୍ୱତ ଜୀବନର ଅନୁଭବ ଲାଭ କରୁଛ,

'oaob.nitrkl.ac.in' images reprocessed

ଯାହା ଦ୍ୱାରା କି ବାହ୍ୟ ଜୀବନଟି ତୁମକୁ ଅସତ୍ୟ ବୋଲି ହିଁ ବୋଧ ହେଉଛି । ଏବଂ ତେଣୁ, ଏହିପରି ଏକ ବିରୋଧ ରହିଥିବା ହେତୁ, ତୁମେ ବାହ୍ୟ ଜୀବନଟି ମଧ୍ୟରୁ ଭିତର ଜୀବନଟି ମଧ୍ୟକୁ ଖସି ଯାଇପାରିବା ଲାଗି ଯାହାକିଛି ଦରକାର, ତାହାହିଁ କରିବାକୁ ଆରମ୍ଭ କରିଦେଉଛ । ଯଦି ସତ୍ତା ମଧ୍ୟରେ ଆଦୌ କୌଣସି ବିରୋଧ ନଥାନ୍ତା, ଯଦି ଦୁଇଟି ମଧ୍ୟରେ ତୁମେ ଏକ ସଂଯୋଜକ ପଥ ହୋଇ ରହି ପାରିଥାନ୍ତ, ତେବେ ଏହା ଅନିର୍ଦ୍ଦିଷ୍ଟ କାଳ ପାଇଁ ଠିକ୍ ସେହିପରି ହୋଇ ରହନ୍ତା । ତେବେ ତୁମେ ଆପଣାର ଅସୁବିଧା ଏବଂ ଆପଣାର ଆବଶ୍ୟକତାକୁ ଗୋଟାଏ ଏତେବଡ଼ ବାହ୍ୟରୂପ ଦେବାକୁ ମନ କରନ୍ତ ନାହିଁ ଏବଂ ଯେଉଁପରି ଆପଣାର ଜୀବନଟିକୁ ବଞ୍ଚୁଛ, ସେହିପରି ବଞ୍ଚିବାରେ ଲାଗିଥାନ୍ତ । ଆପଣାର ସମସ୍ୟାରେ ପଡ଼ି ଆଦୌ କିଛି ଚିନ୍ତା କରନ୍ତ ନାହିଁ ।

ଏବଂ, ଏହି ବିରୋଧଟିର କାରଣରୁ ସତ୍ତାର ଗୋଟିଏ ଭାଗ ଅନ୍ୟ ଭାଗଟି ଉପରେ ପହରା ଦେବାରେ ମଧ୍ୟ ଅଭ୍ୟସ୍ତ ହେବାକୁ ଆରମ୍ଭ କରିଦିଏ । ତା’ ନହେଲେ ତୁମେ ହୁଏତ ଯନ୍ତ୍ରବତ୍ ଜୀବନ ଅତିବାହିତ କରିବାକୁ ଆରମ୍ଭ କରନ୍ତ, ଯାହାକିଛି କରନ୍ତ, ସେବିଷୟରେ ତୁମର ଆଉ କୌଣସି ଜ୍ଞାନ ରହନ୍ତା ନାହିଁ ।

(ଜଣେ ସାଧକଙ୍କୁ ଉଦ୍ଦେଶ୍ୟ କରି) ତୁମେ କିଛି ପଚାରିବ ?

> ଏହାର ଅର୍ଥ କ’ଣ ? “ପରମ କାଳାତୀତତାର ସମୁଦାୟ ତତ୍ତ୍ୱଟି କାଳର ଭୂମି ଉପରେ ଆପଣାର ଲୀଳାଟି ଉଦ୍ଦେଶ୍ୟରେ ରୂପ ଦେବାକୁ ଲାଗିଛି ଏବଂ ଏହି କାଳର ଆବର୍ତ୍ତନଟି ମଧ୍ୟରେ ଯାହାକିଛି ରହିଛି, ତାହା ସେହି କାଳାତୀତ ପରମ ତଦ୍‌ଗତତାର ଆଶ୍ରୟଟି ଉପରେ ଓ ତାହାର ଚାରି ପାଖରେ ପରିଭ୍ରମଣ କରିବାରେ ଲାଗିଛି ।”
>
> ତଇଯିବ, ପୃଷ୍ଠା-୧୧୭

କାରଣ, ପ୍ରକୃତରେ ସେହିପରି ହିଁ ହେଉଛି । ଯାହାକିଛି ପ୍ରକାଶିତ ହୋଇ ନାହିଁ, ତାହା ପ୍ରକାଶିତ ହେବାକୁ ଚାହୁଁଛି, ଓ ଯାହାକିଛି ପ୍ରକାଶିତ ହୋଇଛି, ତାହା ଆପଣାର ପରମ ମୂଳଟି ପାଖକୁ ଫେରି ଯିବା ଲାଗି ଚେଷ୍ଟା କରୁଛି ।

“ପୃଥିବୀ ଗୋଲ କାହିଁକି ହୋଇଛି ଓ ଅନ୍ତରୀକ୍ଷରେ ସୂର୍ଯ୍ୟ ଓ ଗ୍ରହମାନେ କାହିଁକି ରହିଛନ୍ତି ?” ବୋଲି ତୁମେ ମୋତେ ପଚାରିଲେ ଯେପରି ଶୁଭନ୍ତା, ଏହି ପ୍ରଶ୍ନଟି ମଧ୍ୟ ସେହିପରି ଶୁଭୁଛି । ଏହା ଠିକ୍ ସେହିପରି ହୋଇ ରହିଛି, ବିଶ୍ୱଜଗତର ନିୟମଟି ସେହିପରି ।

'oaob.nitrkl.ac.in' images reprocessed

ଏଗୁଡ଼ିକରୁ ଅଧିକାଂଶ ବିଷୟକୁ ଆମେ ବାସ୍ତବ ସତ୍ୟର ଗୋଟିଏ ଗୋଟିଏ ବିବୃତି ବୋଲି ଗ୍ରହଣ କରିବା । ମାତ୍ର ଏଦ୍ୱାରା କୌଣସି ବ୍ୟାଖ୍ୟା ନାହିଁ, ଏହି କ୍ଷେତ୍ରରେ ମନଃପ୍ରସୂତ କୌଣସି ବ୍ୟାଖ୍ୟା ଦିଆଯାଇ ପାରିବ ନାହିଁ । ହଁ, କେତେକ ବ୍ୟାଖ୍ୟା ଦିଆଯାଇ ପାରିବ ସତ, ମାତ୍ର ଆମେ ଏଥି ଭିତରୁ ଯେଉଁଟିକୁ ବ୍ୟାଖ୍ୟା କରିବା ଲାଗି ବାହାରିବା, ସେଇଟି ଆଉଗୋଟିକର ବ୍ୟାଖ୍ୟା ଉପରେ ଅପେକ୍ଷା ରଖିଥିବ, ସେଇଟି ପୁଣି ଆଉଗୋଟିଏ ଓ ସେଇଟି ପୁଣି ଆଉଗୋଟିଏର ବ୍ୟାଖ୍ୟା ଉପରେ ଅପେକ୍ଷା କରି ରହିଥିବ । ଏହିପରି ଅସରନ୍ତି ଭାବରେ ଲାଗି ରହିଥିବ । ଏବଂ, ଏହିପରି ଭାବରେ ତୁମେ ହୁଏତ ବ୍ରହ୍ମାଣ୍ଡ ଗୋଟାକୁ ବୁଲି ଆସି ପାରିବ, ଗୋଟିକର ସାହାଯ୍ୟରେ ଆଉଗୋଟିଏର ବ୍ୟାଖ୍ୟା କରିବାରେ ଲାଗିଥିବ, ଏବଂ ତଥାପି ତଦ୍ୱାରା କୌଣସି ବ୍ୟାଖ୍ୟା ହୋଇ ପାରିବ ନାହିଁ ।

ତେଣୁ ଆମେ କେବଳ "ଏହା ବସ୍ତୁତଃ ଏହିପରି ହୋଇ ରହିଛି" ବୋଲି କହିପାରିବା ।

ସେହି କାରଣରୁହିଁ କୁହା ଯାଇଥାଏ ଯେ ମନ ପ୍ରକୃତରେ କିଛିହେଲେ ଜାଣି ପାରିବ ନାହିଁ । ଏହା କିଛି ଜାଣି ପାରିବ ନାହିଁ । କାରଣ ତାହା କେବଳ ବ୍ୟାଖ୍ୟା ପଛରେହିଁ ଧାଇଁବାରେ ଲାଗିଥିବ । ଯେଉଁ କଥାଟିର ବ୍ୟାଖ୍ୟା କରାଯାଉଛି, ତାହା ଉପରେ କାର୍ଯ୍ୟ କରିବା ଲାଗି ତୁମକୁ କିଛି ଅଧିକ ଶକ୍ତି ମିଳି ପାରିବ, ଯେକୌଣସି ବ୍ୟାଖ୍ୟାର ଏହି ଦୃଷ୍ଟିରୁହିଁ କିଛି ମୂଲ୍ୟ ରହିବା ଉଚିତ; ତା' ନହେଲେ ବ୍ୟାଖ୍ୟା ପରେ ବ୍ୟାଖ୍ୟା ଯୋଡ଼ି ଦେଇ ଆମର ଆଉ କି ଲାଭ ହେବ ? କୌଣସି କଥାର ବ୍ୟାଖ୍ୟା କରି ଯଦି ତୁମେ ତଦ୍ୱାରା ତାହାକୁ ବଦଳାଇ ଦେବାର ଶକ୍ତି ହାସଲ କରି ନପାରିଲ, ତେବେ ସେହି ବ୍ୟାଖ୍ୟାରେ ପ୍ରକୃତରେ ଆଦୌ କୌଣସି ମୂଲ୍ୟ ନାହିଁ । କାରଣ, ମୁଁ ଯେପରି କହୁଥିଲି, ତୁମେ ଦେଉଥିବା ବ୍ୟାଖ୍ୟା ଆଉଗୋଟିଏ ବ୍ୟାଖ୍ୟା ଲାଗି ଅପେକ୍ଷା କରି ରହିଥାଏ ଏବଂ ଏଥିରେ ଆଉ କୌଣସି ଶେଷ ବି ରହେ ନାହିଁ । ମାତ୍ର, ବ୍ୟାଖ୍ୟା ଦ୍ୱାରା ଯଦି ତୁମେ କୌଣସି ଏକ ବସ୍ତୁ ଉପରେ କିଞ୍ଚିତ୍ ଶକ୍ତି ହାସଲ କରି ପାରିଲ, ଯଦି ତଦ୍ୱାରା ତୁମେ ତାକୁ ବଦଳାଇ ଦେଇ ପାରିଲ, ତେବେ ସେହି ବ୍ୟାଖ୍ୟାରେ ହୁଏତ କୌଣସି ଲାଭ ଅଛି । ମାତ୍ର ଏପରି କେବେହେଲେ ହୁଏ ନାହିଁ । ତେଣୁ ତୁମେ କେବଳ ଏହିପରି ଭଉଁରି ବୁଲିବାରେ ଲାଗିଥାଅ, କେବଳ ଉପର ସ୍ତରଟାରେହିଁ ଚକ୍କର କାଟୁଥାଅ, ଏବଂ ତା' ଭିତରୁ ବାହାରି ଏକ ନୂତନ ଉଚ୍ଚତାରେ ଉପନୀତ ହୋଇ ପାରିବା ଲାଗି କୌଣସି ଲମ୍ଫ ପ୍ରଦାନ କରି ପାର ନାହିଁ ।

ସରଳ ?

'oaob.nitrkl.ac.in' images reprocessed

**(ଜଣେ ସାଧକଙ୍କୁ ଲକ୍ଷ୍ୟ କରି) ହଁ, ହଁ, ତୁମେ ତ ତୁମର ପ୍ରଶ୍ନଟିକୁ ପଢ଼ି ସାରିଛ, ମାତ୍ର ତଥାପି, ଯଦି ଆଉକିଛି ପଚାରିବାକୁ ରହିଥାଏ, ତେବେ ବଡ଼ ପାଟିରେ ପଚାରିପାର ।**

ଶ୍ରୀଅରବିନ୍ଦ ଏକ ପ୍ରଥମ ଉପଲବ୍ଧିର କଥା କହିଛନ୍ତି, ଯେଉଁଥିରେ ଗୋଟିଏ ପାଖରେ ଶାଶ୍ୱତ ପରମ-ଜୀବନ ଅର୍ଥାତ୍ ବ୍ରହ୍ମଙ୍କର ପରିଚୟ ମିଳିଥାଏ ଏବଂ ଅନ୍ୟ ପାଖରେ ଜଗତର ଏହି ଜୀବନ, ଏହି ମାୟାର ଦର୍ଶନ ବି ମିଳିଥାଏ; ଦୁଇଟିଯାକ ପରସ୍ପରର ବିରୋଧୀରୂପେ ପରିଦୃଷ୍ଟ ହୋଇଥାନ୍ତି । ଏହାପରେ ଆଉଗୋଟିଏ ଉପଲବ୍ଧି ହୁଏ, ଅତିମାନସ ଉପଲବ୍ଧି ସମ୍ଭବ ହୁଏ; ଏବଂ ଏଇଟି ବିଷୟରେ ଶ୍ରୀଅରବିନ୍ଦ କହିଛନ୍ତି, "ଏକଦା ତା' ଲାଗି ଯାହା ବ୍ରହ୍ମମାୟାର ଏକ ଦ୍ୱନ୍ଦ୍ୱ ହୋଇ ରହିଥିଲା, ଏବଂ ସେ ଯାହାକୁ ବର୍ତ୍ତମାନ ତାହାର ଏକ ଦ୍ୱିବିଭାବଯୁକ୍ତ ଦ୍ୱୈତତା ବୋଲିହିଁ ଅନୁଭବ କରୁଛି, ତାହାହିଁ ତା' ସମକ୍ଷରେ ସକଳ ଆତ୍ମାର ସେହି ପରମ ଆତ୍ମାର ସର୍ବପ୍ରଥମ ଓ ବୃହତ୍ ଗତିଶୀଳ ବିଭାବଟିରୂପେ ବିଭାସିତ ହୋଇଉଠେ ।"

ତତ୍ରୈବ, ପୃଷ୍ଠା-୧୧୩

ଯେତେବେଳେ ଏହି ଉପଲବ୍ଧିଟି ସମ୍ଭବ ହୋଇଯାଏ, ତାହାର କ'ଣ ଏହି ଅର୍ଥହିଁ ହେବ ଯେ ଆମର ଜଗତର ପ୍ରକୃତ ପରିବର୍ତ୍ତନ ଲାଗି ସମ୍ମତ ବି ହୋଇଯାଏ? ସେହି ପର୍ଯ୍ୟାୟକୁ ଆସି ଦ୍ୱିରୂପତାଟି କ'ଣ ଦ୍ୱିବିଭାବଯୁକ୍ତତା ବୋଲି ଅନୁଭୂତ ହୁଏ କି?

**ହଁ, ନିଶ୍ଚୟ । ମାତ୍ର ମୁଁ ତୁମର ପ୍ରଶ୍ନଟିକୁ ବୁଝିପାରିଲି ନାହିଁ ।**

ଯିଏ ଯେଉଁ ଦ୍ୱୈତତା ବିଷୟରେ କହିଛନ୍ତି, ତାହା ଏପର୍ଯ୍ୟନ୍ତ ବିଦ୍ୟମାନ ରହିଥାଏ ।

**ଏହା ଏକ ପ୍ରତିଭାସ, ସତ୍ୟ ନୁହେଁ ।**

'oaob.nitrkl.ac.in' images reprocessed

ଦ୍ୱୈତଭାବ ପ୍ରକୃତରେ ନାହିଁ ବୋଲି ଯେତେବେଳେ ଉପଲବ୍ଧି ହୁଏ…

ତାହାର ଅର୍ଥ ହେଉଛି ସେତେବେଳେ ସାଧକ ପ୍ରତିଭାସଗୁଡ଼ିକର ପଶ୍ଚାତକୁ ଚାଲି ଯାଇଥାଏ; ଯେଉଁ ସତ୍ୟଟି ପୂର୍ବରୁ ମଧ୍ୟ ସେଠାରେ ଥିଲା, ବର୍ତ୍ତମାନ ସେହି ସତ୍ୟଟିର ପ୍ରତିଷ୍ଠା ହୁଏ।

ଏଇଟି କ'ଣ ଏକ ପ୍ରତିଶ୍ରୁତି ?

ମାତ୍ର, ଟିକିଏ ଲକ୍ଷ୍ୟ କରି ଦେଖ; ଯେତେବେଳେ ତୁମେ ଏକ ଅନୁଭବ କରିଥାଅ, ସେତେବେଳେ ଅନୁଭବହିଁ କରିଥାଅ। ମୁଁ ତୁମର ପ୍ରଶ୍ନଟିକୁ ବୁଝି ପାରୁନାହିଁ। ଯଦି ତୁମେ ଅନୁଭବ କର, ତେବେ ପ୍ରକୃତରେହିଁ ଅନୁଭବ କର। ଯଦି ତୁମେ ମାୟାର ପଶ୍ଚାତରେ ରହିଥିବା ଏକ ସତ୍ୟକୁ ଦେଖିବା ଲାଗି ସମର୍ଥ ହୁଅ, ସାଧାରଣତଃ ତାହାକୁହିଁ ଏକ ଅନୁଭବ ବୋଲି ସ୍ୱୀକାର କରାଯାଏ।

ମାତ୍ର ଏଠାରେ ସେ ଆହୁରି ଆଗକୁ ବ୍ୟାଖ୍ୟା କରି କହିଛନ୍ତି ଯେ ଏପରିକି ଆମର ନିମ୍ନତର ପ୍ରକୃତି ମଧ୍ୟ…

ହଁ, ମାତ୍ର ତୁମେ ଦୁଇଟିଯାକକୁ ଏକ ଓ ଅଭିନ୍ନ ବୋଲି ଉପଲବ୍ଧି କରି ସାରିଥିବାରୁ… ଅଳ୍ପ ସମୟ ପୂର୍ବରୁ ମୁଁ ସେହି କଥାହିଁ କହୁଥିଲି : ଯେତେବେଳେ ତୁମ ପାଖରେ କୌଣସି ଏକ କଥାର ଗୋଟିଏ ବ୍ୟାଖ୍ୟା ମିଳିଯାଉଛି, ସେତେବେଳେ ତୁମର ସ୍ୱଭାବକୁ ବଦଳାଇ ପାରିବା ଲାଗି ତାହା ପ୍ରକୃତରେ ଯଥେଷ୍ଟ ହେଉଛି କି ? ସେହି ସ୍ୱଭାବ ବଦଳି ପାରୁଛି କି, ତୁମେ ତୁମର ବାହ୍ୟ ସ୍ୱଭାବରେ ଯେପରି ଥିଲ, ବର୍ତ୍ତମାନ ତା'ଠାରୁ ଭିନ୍ନ ପ୍ରକାରର ହୋଇ ପାରୁଛ କି ?

ନାହିଁ।

ନାହିଁ। ତେବେ ସେହି କ୍ଷେତ୍ରରେ ଆହୁରି ଅଧିକ କିଛିର ଆବଶ୍ୟକତା ରହିଛି। ମୁଁ ସେହି ଅର୍ଥରେହିଁ ଯାହା କହୁଥିଲି; ଏକ ବ୍ୟାଖ୍ୟା ମିଳିଗଲେ ତାହା ଆଦୌ ଯଥେଷ୍ଟ ହୁଏ ନାହିଁ, ଆହୁରି ଅଧିକ କିଛିର ଆବଶ୍ୟକତା ରହିଥାଏ।

'oaob.nitrkl.ac.in' images reprocessed

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ମୁଁ ଆଗରୁ ଯାହା ଜାଣି ନଥିଲି, ବର୍ତ୍ତମାନ ସେଇଟିକୁ ଜାଣିବା ଦ୍ୱାରା ମୁଁ ନିଶ୍ଚୟ ଏକ ଅଗ୍ରଗତି କଲି; ମାତ୍ର, ଏହି ଲବ୍ଧ ଜ୍ଞାନ ଗତିଶୀଳ ନହେବା ପର୍ଯ୍ୟନ୍ତ ଏବଂ ରୂପାନ୍ତରର ଏକ ଶକ୍ତିରେ ପରିଣତ ହୋଇ ନପାରିବା ପର୍ଯ୍ୟନ୍ତ, ତଦ୍ୱାରା ପ୍ରକୃତରେ ବେଶୀ କିଛି ଲାଭ ହେବ ନାହିଁ ।

ବୁଝିଲ ? ଖୁବ ଭଲ କଥା ।

(ଗୋଟିଏ ପିଲାକୁ ଲକ୍ଷ୍ୟ କରି) ତୁମେ ପ୍ରଶ୍ନଟିଏ ପଚାରିବାକୁ ଇଚ୍ଛା କରୁଛ ? କିଛି ଭୟ ନାହିଁ, ପାଟି କରି ପଚାର ।

ମାଆ, ନିଜର ବୁଝିବାଶକ୍ତି ବଢ଼ିପାରିବ କିପରି ?

ନିଜର ବୁଝିବାଶକ୍ତି ? ହଁ, ନିଜର ଚେତନା ବଢ଼ାଇ ବୁଝିବାଶକ୍ତିର ବୃଦ୍ଧି କରିଯାଇ ପାରିବ । ମନର ସୀମାକୁ ପାର ହୋଇଯାଇ, ଆପଣାର ଚେତନାକୁ ପ୍ରସାରିତ କରି, ଚେତନାକୁ ଅଧିକ ଗଭୀର କରି ଓ ମନର ଅତୀତ ହୋଇ ରହିଥିବା ଅନ୍ୟାନ୍ୟ ନାନା କ୍ଷେତ୍ରରେ ପ୍ରବେଶ କରି ବୁଝିବାଶକ୍ତିର ବୃଦ୍ଧିସାଧନ କରିହେବ ।

ଯେତେବେଳେ ୧୯୬୮ ମସିହାରେ ଏହି ପ୍ରବଚନଟି ସର୍ବପ୍ରଥମେ ପ୍ରକାଶିତ ହେବାକୁ ଗଲା, ସେତେବେଳେ ମାଆ ଶେଷ ପ୍ରଶ୍ନଟି ସାଙ୍ଗରେ ଏହି ମନ୍ତବ୍ୟଟିକୁ ଯୋଡ଼ ଦେଇଥିଲେ ।

ବର୍ତ୍ତମାନ ମୁଁ ଏହା ସହିତ ଆଉ ଗୋଟିଏ କଥା ଯୋଡ଼ିବାକୁ ଇଚ୍ଛା କରୁଛି । ଏଇଟି ହେଲା ଅନୁଭୂତି । ଜ୍ଞାନକୁ ଅନୁଭୂତିରେ ପରିଣତ କରିବା । ଏବଂ ଗୋଟିଏ ଅନୁଭୂତି ତୁମକୁ ସ୍ୱୟଂପ୍ରେରିତ ଭାବରେ ଆଉଗୋଟିଏ ଅନୁଭୂତିକୁ ପରିଚାଳିତ କରି ନେଇଯିବ ।

ମାତ୍ର, "ଅନୁଭୂତି" କହିଲେ ସାଧାରଣତଃ ଯାହା ବୁଝା ଯାଇଥାଏ, ଏଠାରେ ସେହି ଶବ୍ଦଟି ଦ୍ୱାରା ମୁଁ ସମ୍ପୂର୍ଣ୍ଣ ଭିନ୍ନ କଥା ବୁଝୁଛି । ଆମେ ଯେଉଁ କଥାଟିକୁ ଜାଣିଛୁ, ତାହାକୁ ଅନୁଭବ କରିବା ହିଁ ଅନୁଭୂତି ନୁହେଁ,—ଏହା ଅତ୍ୟନ୍ତ ସ୍ପଷ୍ଟ କଥା,—ମାତ୍ର ଜାଣିବା ଓ ବୁଝିବା ପରିବର୍ତ୍ତିରେ—ଏପରିକି ମାନସିକ ଜ୍ଞାନଠାରୁ ଅନେକ ଉଚ୍ଚରେ ଥିବା ଏକ ଜ୍ଞାନ, ଏପରିକି ଏକ ଅତ୍ୟନ୍ତ ପୂର୍ଣ୍ଣ ଜ୍ଞାନ,—ଯେଉଁ ଶକ୍ତି ସେହି ଜ୍ଞାନକୁ ପ୍ରତିଷ୍ଠିତ କରାଇ ପାରୁଛି, ସ୍ୱୟଂ ସେହି ଶକ୍ତିରେ ପରିଣତ ହେବା ହେଉଛି ଅନୁଭବ କରିବା । ବସ୍ତୁତଃ, ଏହା ବସ୍ତୁଗୁଡ଼ିକର ତପସ୍‌ରେ ପରିଣତ ହେବା,—ବିଶ୍ୱଜଗତର ତପସ୍‌ରେ ପରିଣତ ହେବା ।

'oaob.nitrkl.ac.in' images reprocessed

ସର୍ବଦା ଏହିପରି ବୁଝା ଯାଇଥାଏ ଯେ ବିଶ୍ୱସୃଜନର ପ୍ରାରମ୍ଭରେ ପରମ ସଚ୍ଚିଦାନନ୍ଦ ଅବସ୍ଥିତ ରହିଛନ୍ତି, ଏବଂ ତାହାଙ୍କୁ ଆମ ଆଗରେ ଏହି କ୍ରମରେ ଉପସ୍ଥାପିତ କରାଯାଏ; ପ୍ରଥମେ ସତ୍, ଅର୍ଥାତ୍ ଶୁଦ୍ଧ ଅସ୍ତିତ୍ୱ; ତାପରେ ଚିତ୍, ଅର୍ଥାତ୍ ଏହି ପରମ ଅସ୍ତିତ୍ୱର ଆତ୍ମ-ସଜ୍ଞାନ ହେବାର ସ୍ଥିତି; ଏବଂ ଆନନ୍ଦ, ଅସ୍ତିତ୍ୱଜନିତ ଆନନ୍ଦ, ଯାହା ଦ୍ୱାରା କି ଅସ୍ତିତ୍ୱରେ ଏକ ଅବିଚ୍ଛିନ୍ନତା ସମ୍ଭବ ହୋଇଥାଏ । ମାତ୍ର, ଏହି ଚିତ୍ ଏବଂ ଆନନ୍ଦର ମଧ୍ୟସ୍ଥଳରେ ତପସ୍ ଅବସ୍ଥିତ ରହିଛି, ଅର୍ଥାତ୍, ଆପଣାକୁ ଉପଲବ୍ଧି କରିବାରେ ଲାଗିଥିବା ଚିତ୍ ରହିଛି । ଏବଂ ଯେତେବେଳେ ଆମେ ଏହି ତପସ୍‌ରେ ପରିଣତ ହୋଇଯିବା, ବସ୍ତୁଗୁଡ଼ିକର ତପସ୍‌ରେ ପରିଣତ ହେବା, ସେତେବେଳେ ଆମେ ଏପରି ଜ୍ଞାନର ଅଧିକାରୀ ହେବା, ଯାହାକି ଆମକୁ ବଦଳି ଯିବାର ଶକ୍ତିଟିକୁ ପ୍ରଦାନ କରିଦେଇ ଯିବ । ବସ୍ତୁଗୁଡ଼ିକର ତପସ୍‌ହିଁ ବିଶ୍ୱସୃଜନରେ ସେଗୁଡ଼ିକର ଅସ୍ତିତ୍ୱକୁ ନିୟନ୍ତ୍ରଣ କରିବାରେ ଲାଗିଛି ।

ସେଠାରେ ଯାଇ ଉପନୀତ ହୋଇପାରିଲେ ପ୍ରକୃତରେ ଏକ ବିପୁଳ ଶକ୍ତିର ଅଧିକାରୀ ହେବାର ବୋଧ ପ୍ରାପ୍ତ ହୋଇଥାଏ !—ଏହି ଶକ୍ତି ହେଉଛି ବିଶ୍ୱଶକ୍ତି । ସେତେବେଳେ ସମସ୍ତ ବିଶ୍ୱ ଉପରେ ସମଗ୍ର ପ୍ରଭୁତ୍ୱ ଲାଭ କରିଥିବାର ଏକ ବୋଧ ପ୍ରାପ୍ତ ହୋଇଥାଏ ।

## ୪ ଏପ୍ରିଲ ୧୯୫୭

"ଗୋଟିଏ ପାଖରେ ସେ (ସାଧକ) ଏପରି ଏକ ସାକ୍ଷୀରୂପୀ, ଗ୍ରହଣକାରୀ, ଅବଲୋକନକାରୀ ଓ ଅନୁଭବକାରୀ ପରମଚେତନାର ସଂସ୍ପର୍ଶ ଲାଭ କରୁଛନ୍ତି, ଯିଏକି ଆଦୌ କୌଣସି କାର୍ଯ୍ୟ କରୁଥିବା ପରି ବାହାରୁ ଆଦୌ ଦେଖା ଯାଉ ନାହିଁ, ମାତ୍ର ଯାହା ଲାଗିହିଁ ଆମ ଭିତରର ଏବଂ ଆମ ବାହାରର ଏହି ସବୁକିଛି କର୍ମ କରା ଯାଉଥିବା ପରି ଓ ଅବିଚ୍ଛିନ୍ନ ରହିଥିବା ପରି ମନେ ହେଉଛି । ଏବଂ ଅପର ପାଖରେ ସେ ଯୁଗପତ୍ ଭାବରେ ଏପରି ଏକ କ୍ରିୟାତ୍ମିକା ଶକ୍ତି ବା ପ୍ରକ୍ରିୟାଶୀଳ ଏକ ଶକ୍ତିମତ୍ତା ବିଷୟରେ ମଧ୍ୟ ସଂସ୍ପର୍ଶ ଲାଭ କରୁଛନ୍ତି, ଯାହାକି କଳ୍ପନୀୟ ସକଳ କ୍ରିୟାତ୍ମକତାକୁ ଗଠନରୂପ ଦେଇ ରଖିଛନ୍ତି, ସେଗୁଡ଼ିକୁ ଧାବିତ

କରି ରଖିଛି, ସେଗୁଡ଼ିକୁ ବାଟ ଦେଖାଇ ଆଗକୁ ନେଇଯାଉଛି; ଆମ ଲାଗି ଦୃଶ୍ୟ ଓ ଅଦୃଶ୍ୟ ଅନେକବିଧ ରୂପର ସର୍ଜନା କରିଦେଉଛି ଏବଂ ଆପଣା କ୍ରିୟା ଏବଂ ସୃଜନର ଏହି ଅବିରତ ସତତଧାବମାନତା ଲାଗି ଦୃଢ଼ ଅବଲମ୍ବନ ଓ ପ୍ରମୂରୂପେ ସେଗୁଡ଼ିକୁ ବ୍ୟବହାର କରିବାରେ ଲାଗିଛି । ଐକାନ୍ତିକ ଭାବରେ ସାକ୍ଷୀରୂପ ଚେତନାଟି ମଧ୍ୟକୁ ପ୍ରବେଶ କରି ସେ ନିସ୍ତବ୍ଧ ହୋଇଯାଉଛି, ସକଳ ସ୍ପର୍ଶର ଅତୀତ ହୋଇ ରହୁଛି, ଅଚଳ ହୋଇ ରହିଯାଉଛି । ସେ ବେଶ୍ ଦେଖିବାକୁ ପାଉଛି ଯେ ପ୍ରକୃତିର ଯାବତୀୟ ଗତିସ୍ପନ୍ଦନକୁ ସେ ଏପର୍ଯ୍ୟନ୍ତ କେବଳ ନିଷ୍କ୍ରିୟ ଭାବରେ ପ୍ରତିବିମ୍ବିତହିଁ କରି ଆସିଥିଲା ଏବଂ ସେଗୁଡ଼ିକୁ ନିଜସ୍ୱରେ ପରିଣତ କରି ରଖିଥିଲା; ଏବଂ ଏହିପରି ଏକ ପ୍ରତିବିମ୍ବନ ଦ୍ୱାରାହିଁ ସେଗୁଡ଼ିକ ତା’ ଭିତରେ ରହିଥିବା ସାକ୍ଷୀରୂପ ଆତ୍ମାଟିଠାରୁ ଏକ ଆଧ୍ୟାତ୍ମିକ ମୂଲ୍ୟ ବା ତାତ୍ପର୍ଯ୍ୟ ବୋଲି ପ୍ରତୀତ ହେଉଥିବା ଯାହାକିଛି ଅର୍ଜନ କରି ପାରିଥିଲା । ମାତ୍ର ବର୍ତ୍ତମାନ ସ୍ଥିତିକୁ ଆସି ସେ ସେହି ଅଧ୍ୟାରୋପ ଅର୍ଥାତ୍ ପ୍ରତିବିମ୍ବାତ୍ମକ ତଦାତ୍ମକତାଟିକୁ ପ୍ରତ୍ୟାହୃତ କରି ନେଇଯାଇଛି । ସେ ବର୍ତ୍ତମାନ କେବଳ ନିସ୍ତବ୍ଧ ଆତ୍ମାଟି ବିଷୟରେହିଁ ଚେତନାଶୀଳ ହୋଇ ରହିଛି ଏବଂ ତା’ର ଚତୁର୍ଦ୍ଦିଗରେ ଗତିଶୀଳ ହୋଇ ରହିଥିବା ସବୁକିଛିଠାରୁ ଅଲଗ ହୋଇ ରହିଛି । ଯାବତୀୟ କ୍ରିୟାତ୍ମକତା ତା’ ଲାଗି କେବଳ ବହିଃସ୍ଥ ହୋଇ ରହିଛି, ଏବଂ ତା’ ସଙ୍ଗେ ସଙ୍ଗେ ସେଗୁଡ଼ିକ ଆଉ ଅନ୍ତରଙ୍ଗ ଭାବରେ ଆଦୌ ସତ୍ୟ ବୋଲି ଅନୁଭୂତ ହେଉ ନାହିଁ । ସେଗୁଡ଼ିକ ବର୍ତ୍ତମାନ କେବଳ ଯନ୍ତ୍ରବତ୍ ବୋଧ ହେଉଛନ୍ତି, ସେଗୁଡ଼ିକ ପ୍ରତି ଅନାସକ୍ତ ରହି ସେଗୁଡ଼ିକୁ ସମାପ୍ତ ମଧ୍ୟ କରି ଦିଆଯାଇ ପାରିବ ବୋଲି ବୋଧ ହେଉଛି ।”

ଯୋଗସମନ୍ୱୟ, ପୃଷ୍ଠା–୧୧୩

ସାକ୍ଷୀ-ଆତ୍ମା କହିଲେ କ’ଣ ବୁଝାଇବ ?

'oaob.nitrkl.ac.in' images reprocessed

ଆତ୍ମା ଏପରି ଏକ ସ୍ଥିତି ମଧ୍ୟରେ ପ୍ରବେଶ କରି କୌଣସି ପ୍ରକାର କ୍ରିୟା ନକରି ଯେତେବେଳେ କେବଳ ଅବଲୋକନ କରିବାରେ ଲାଗିଥାଏ, ସେତେବେଳେ ତାହାକୁ ସାକ୍ଷୀ-ଆତ୍ମା କୁହାଯାଏ । ତେଣୁ, ଯେତେବେଳେ ଆତ୍ମା ଏପରି ଗୋଟିଏ ସ୍ଥିତିରେ ଥାଏ, ଯେତେବେଳେ ନ ତାହା କୌଣସି କର୍ମରେ ଅଂଶଗ୍ରହଣ କରେ ନାହିଁ, ପ୍ରକୃତିର ମାଧ୍ୟମରେ ଆଦୌ କୌଣସି କାର୍ଯ୍ୟ କରେ ନାହିଁ, ଆପଣାକୁ କେବଳ ପ୍ରତ୍ୟାହୃତ କରିନେଇ ଅବଲୋକନ କରିବାରେ ଲାଗିଥାଏ, ସେତେବେଳେ ତାହା ସାକ୍ଷୀ-ଆତ୍ମାରେ ପରିଣତ ହୁଏ ।

ଯଦି କେହି ବାହ୍ୟ ଭୂମିର ଯାବତୀୟ କାର୍ଯ୍ୟକଳାପକୁ ବନ୍ଦ କରିଦେବାକୁ ଇଚ୍ଛା କରୁଥାଏ, ତେବେ ତା' ଲାଗି ଏହାହିଁ ହେଉଛି ପ୍ରକୃଷ୍ଟ ପଦ୍ଧତି । ସେତେବେଳେ କେବଳ ନିଜର ଆତ୍ମା ଭିତରକୁହିଁ ଆପଣାକୁ ପ୍ରତ୍ୟାହୃତ କରି ଆଣିବାକୁ ହୁଏ, ଆପଣା ଅସ୍ତିତ୍ୱର ଚରମ ସୀମା ଯାଏ ପ୍ରତ୍ୟାହୃତ କରି ଆଣିବାକୁ ହୁଏ, ନିଜକୁ ପ୍ରାୟ ଏକପ୍ରକାର ଅଚଳ କରିଦେବାକୁ ହୁଏ; ସେହି ଅଚଳ ଅବସ୍ଥାରେ କେବଳ ଅବଲୋକନ କରିବାକୁ ହୁଏ, କୌଣସି ପ୍ରକାର ଅଂଶ ଗ୍ରହଣ କରିବାକୁ ହୁଏ ନାହିଁ, କୌଣସି ଆଦେଶ ବି ଦିଏ ନାହିଁ । ଏଥର ନିଶ୍ଚୟ ବୁଝି ପାରିଥିବ ।

କ'ଣ ବୁଝି ପାରିଲ ନାହିଁ ?

ଯେତେବେଳେ ତୁମେ କୌଣସିଥିରୁ ନିଜକୁ ଅଲଗା କରି ରଖିବାକୁ ଇଚ୍ଛା କରୁଥିବ, କୌଣସି ଏକ ଗତିସ୍ପନ୍ଦନ, ଏକ କ୍ରିୟା ବା ଚେତନାର କୌଣସି ଏକ ସ୍ଥିତିରୁ ଅଲଗା ହୋଇ ରହିବାକୁ ଇଚ୍ଛା କରୁଥିବ, ସେତେବେଳେ ତୁମ ଲାଗି ଏଇଟିହିଁ ପ୍ରକୃଷ୍ଟ ପନ୍ଥାରୂପେ କାମ ଦେବ; ତୁମେ କଣ୍ଠୁରୁ ପଛକୁ ଘୁଞ୍ଚିଯିବ, କୌଣସି ନାଟକର ଗୋଟିଏ ଦୃଶ୍ୟକୁ ଦେଖିଲା ପରି କେବଳ ଅବଲୋକନହିଁ କରୁଥିବ, ଏବଂ କୌଣସି ପ୍ରକାରେ ଭିତରକୁ ପ୍ରବେଶ କରୁ ନଥିବ । ଏବଂ ମୁହୂର୍ତ୍ତିକ ପରେ ସେହି ବସ୍ତୁ ଆଉ ତୁମର ଦୃଷ୍ଟିକୁ ମୋଟେ ଆକର୍ଷଣ କରିବ ନାହିଁ, ସତେଯେପରି ତାହା ତୁମ ବାହାରେହିଁ ଘଟିବାରେ ଲାଗିଥିବ । ତା'ପରେ ତୁମେ ଅତ୍ୟନ୍ତ ସ୍ଥିର ହୋଇଯିବ ।

କେବଳ ଏତିକି କଥା ଯେ, ଏହି କଥାଟିକୁ କରୁଥିବା ବେଳେ ତୁମେ ବାହ୍ୟ ଗତିସ୍ପନ୍ଦନର କ୍ଷେତ୍ରରେ ଆଦୌ କୌଣସି ପରିବର୍ତ୍ତନ କର ନାହିଁ; ସେଇଟି ଯେପରି ଥିଲା, ଠିକ୍ ସେହିପରି ହୋଇ ରହିଥାଏ ସତ, ମାତ୍ର ତାହା ତୁମକୁ କୌଣସି ପ୍ରକାରେ ବିଚଳିତ କରି ପାରେ ନାହିଁ । ଏହି କଥାଟି ମୁଁ କେଜାଣି କେତେଥର କହିଥିବ । ଏଇଟି ହେଉଛି କେବଳ ଏକ ପ୍ରଥମ ପଦକ୍ଷେପ, ବସ୍ତୁଗୁଡ଼ିକ ଦ୍ୱାରା ସଂଲିପ୍ତ ହୋଇ ନପଡ଼ିବା ଲାଗି ଏହା ତୁମକୁ ସାହାଯ୍ୟ କରିଥାଏ । ମାତ୍ର, ବସ୍ତୁଗୁଡ଼ିକ ଯେଉଁପରି ଥିଲେ, ସେହିପରି ରହିଥାନ୍ତି, ଅନନ୍ତ କାଳ ଲାଗି ସେହିପରି ରହିଥାନ୍ତି । ଏହି ସ୍ଥିତିଟି ହେଉଛି ଏକ ନକାରାତ୍ମକ ସ୍ଥିତି ।

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ ଯେତେବେଳେ "ବିଚ୍ଛିନ୍ନତାବାଚକ ବିଶ୍ରବଟି ମଧ୍ୟ ପ୍ରକୃତରେ ଏକ ବିମୋଚକ ପରି କାର୍ଯ୍ୟ କରେ" ବୋଲି କହିଛନ୍ତି, ସେତେବେଳେ ସେ କ'ଣ ଏହି କଥାଟିକୁହିଁ କହୁଛନ୍ତି ?

ଯୋଗସମନ୍ୱୟ, ପୃଷ୍ଠା-୧୧୫

ହଁ, ଏହାବେଳକେ ଠିକ୍ କଥା । ଏହା ପ୍ରକୃତରେ ବିମୋଚକ ପରି କାର୍ଯ୍ୟ କରେ । ସମସ୍ତେ ଏହି ଉଦ୍ଦେଶ୍ୟରେ, ଅର୍ଥାତ୍ ମୁକ୍ତ ହେବା ଲାଗିହିଁ ତାହାର ଅଭ୍ୟାସ କରିଥାନ୍ତି । ସକଳ ପ୍ରକାର ଆସକ୍ତି, ପ୍ରତିକ୍ରିୟା ଏବଂ ପରିଣାମରୁ ମୁକ୍ତି ପାଇବା ଲାଗି ସମସ୍ତେ ତାହା କରିଥାନ୍ତି । ଯେଉଁମାନେ ଏହି ଅର୍ଥରେ ଗୀତାକୁ ବୁଝିଥାନ୍ତି, ସେମାନେ ତୁମକୁ କହିଥାନ୍ତି, "ପୃଥିବୀକୁ ବଦଳାଇବା ପାଇଁ ଚେଷ୍ଟା କରିବ ବୋଲି ତୁମେ କାହିଁକି ଇଚ୍ଛା କରୁଛ ? ପୃଥିବୀ ଯେଉଁପରି ଅଛି, ସବୁବେଳେହିଁ ତାହା ସେହିପରି ରହିବ । ତେଣୁ, ତୁମକୁ କେବଳ ଏହା ମଧ୍ୟରୁ ପଛକୁ ଅପସରି ଯିବାକୁ ହେବ, ଆପଣାକୁ ଅଲଗା କରି ରଖିବାକୁ ହେବ, ଆପଣା ସହିତ କୌଣସି ସମ୍ବନ୍ଧ ନଥିବା କୌଣସି ଏକ ବସ୍ତୁକୁ ଦେଖୁଥିବା ପରିହିଁ ଏହି ପୃଥିବୀକୁ ଦେଖିବାକୁ ପଡ଼ିବ ଏବଂ ତାହା ଯେଉଁପରି ରହିଛି, ତାକୁ ସେହିପରି ସ୍ୱବଶରେହିଁ ଛାଡ଼ିଦେବାକୁ ହେବ ।" ପ୍ୟାରିସ୍‌ରେ ଗୀତା ସହିତ ମୋର ଏହିପରି ଏକ ପରିଚୟ ହୋଇଥିଲା । ମୁଁ ସେଠାରେ ଜଣେ ଭାରତୀୟଙ୍କୁ ଭେଟିଥିଲି, ଯିଏକି ଗୀତା ବିଷୟରେ ଭାରି ଆସ୍ଥା ରଖିଥିଲେ ଏବଂ ନୀରବତାର ଅତିଶୟ ଶ୍ରଦ୍ଧାଳୁ ଥିଲେ । ସିଏ ଅନେକ ସମୟରେ କହୁଥିଲେ, "ମୋ ଶିଷ୍ୟମାନଙ୍କ ପାଖକୁ ଗଲାବେଳେ, ଯଦି ସେମାନେ ଯଥାର୍ଥ ଅବସ୍ଥାଟିରେ ରହିଥାନ୍ତି, ତେବେ ସେମାନଙ୍କ ସହିତ ମୋତେ ଆଦୌ କଥା କହିବାକୁ ପଡ଼େ ନାହିଁ । ତେଣୁ, ଆମେ ଉଭୟ ପକ୍ଷ ନୀରବତା ପାଳନ କରୁ ଏବଂ ସେହି ନୀରବତା ମଧ୍ୟରେହିଁ କିଛି ଉପଲବ୍ଧି ହୋଇଯାଏ । ମାତ୍ର ଯେତେବେଳେ ସେମାନେ ଏଥିଲାଗି ଏକ ଖୁବ୍ ବେଶୀ ଅନୁକୂଳ ସ୍ଥିତିରେ ନଥାନ୍ତି, ସେତେବେଳେ ମୋତେ ଅଳ୍ପକିଛି କହିବାକୁ ପଡ଼େ, ସେମାନଙ୍କୁ ଉପଯୁକ୍ତ ସ୍ଥିତିକୁ ନେଇ ଆସିବା ଲାଗି ଅତି କମ୍‌ରେ କଥା କହିବାକୁ ପଡ଼େ । ଏବଂ, ଯେତେବେଳେ ସେମାନେ ଅଧିକ ଅନନୁକୂଳ ଅବସ୍ଥାରେ ରହିଥାନ୍ତି, ସେମାନେ ସେତିକିବେଳେହିଁ ପ୍ରଶ୍ନ ପଚାରିଥାନ୍ତି !" (ହାସ୍ୟରୋଳ)

ମାତ୍ର ସେହି ବ୍ୟକ୍ତି ପୃଥିବୀକୁ ବଦଳାଇବା ଲାଗି ମୋଟେ ଇଚ୍ଛା କରୁ ନଥିଲେ, ନୁହେଁ କି ? ସେହି ବ୍ୟକ୍ତି ଆମେ ସମସ୍ତେ ଜଣେ ଜଣେ ବିପ୍ଳବୀ ବୋଲି କହୁଥିଲେ ନା ?

'oaob.nitrkl.ac.in' images reprocessed

ହଁ, ହଁ, ତୁମର ପ୍ରଶ୍ନଟି ସମ୍ବନ୍ଧରେ ତ ଏହି କଥାଟି ପଡ଼ୁଥିଲା ! (ହାସ୍ୟରୋଳ)

ନାଇଁ—ଗୀତାକୁ ବୁଝିବା ଲାଗି ଆମେ ସେଇଟିକୁ ଗୋଟିଏ ବାଟ ବୋଲି ଧରିବା । ଏହି ଲୋକମାନେ କେଉଁଠୁ ନା କେଉଁଠୁ କ'ଣ ଗୋଟାଏ ଧାଡ଼ି ବେଶ୍ ଉଦ୍ଧାର କରି ଆଣନ୍ତି; ମୁଁ ବିଶ୍ୱାସ କରୁଛି ଯେ ଖୁବ ବିକୃତ ଭାବରେ ସେମାନେ ଧୂଆଁ ନହେଲେ ନିଆଁ କଦାପି ସମ୍ଭବ ନୁହେଁ* ବୋଲି କଥାଟିକୁ ଆଣି ଉଦ୍ଧାର କରନ୍ତି । ହୁଏତ ଏକ ହଜାର ବର୍ଷ ପୂର୍ବେ ଏକଥା ସତ ଥିଲା, ବା ହୁଏତ ପାଞ୍ଚ ହଜାର ବର୍ଷ ପୂର୍ବେ ବି ସତ ଥିଲା । ମାତ୍ର ବର୍ତ୍ତମାନ ଏପରି କହିବା ପ୍ରକୃତରେ ଏକ ନିର୍ବୋଧତା । ତେଣୁ ଏହି ବାକ୍ୟଟିକୁ ବ୍ୟବହାର କରି ତୁମେ ଆଉ କୌଣସି କଥା ପ୍ରମାଣ କରି ପାରିବ ନାହିଁ : "ପୃଥିବୀ ଯେଉଁ ଅବସ୍ଥାରେ ରହିଛି, ତୁମେ ସେହିସମୟରେ ଏତେ ଚିନ୍ତା କରୁଛ କାହିଁକି ? ଧୂଆଁ ନଥିଲେ କ'ଣ ନିଆଁ କେବେହେଲେ ସମ୍ଭବ ହେଲଣି ?"

ଏହା ମୋଟେ ସତ୍ୟ ନୁହେଁ ।

ମାତ୍ର, ତଥାପି ଏହାକୁ ଗୋଟିଏ ଦୃଷ୍ଟିକୋଣ ବୋଲି କୁହାଯିବ । ମୁଁ ଭାବୁଛି, ପ୍ରତ୍ୟେକଟି ଦୃଷ୍ଟିକୋଣର ଏକ ଆବଶ୍ୟକତା ରହିଛି,—ଯଦି ପ୍ରତ୍ୟେକଟି ଦୃଷ୍ଟିକୋଣ ଆପଣାର ଅସ୍ୱତନଟି ମଧ୍ୟରେ ରହେ ଓ ଅନ୍ୟଗୁଡ଼ିକ ଲାଗି କୌଣସି ପ୍ରକାରେ ବାଧକ ନହୁଏ, ତେବେ ଏହି ସବୁଗୁଡ଼ିକର ଆବଶ୍ୟକତା ନିଶ୍ଚୟ ରହିଛି । ଯଦି ପିଏ ଆଉ ଏତିକି କଥା ହିଁ କହୁଥାନ୍ତେ : "ମୋର ନିଜ ଅନୁଭୂତି ଏହିପରି", ତେବେ ସେଥିରେ ଆଉ କିଛିହେଲେ କହିବାର ନଥାନ୍ତା । ମାତ୍ର, ଅନ୍ୟମାନେ ଯାହା କରୁଛନ୍ତି, ତାହାର ସମାଲୋଚନା କରିବାର ମତଲବରେହିଁ ପିଏ ଏଇଟିକୁ ବ୍ୟବହାର କରିଥିଲେ । ଏବଂ ସେହି କାରଣରୁହିଁ ତାଙ୍କୁ ଭୁଲ ବୋଲି କୁହାଯିବ ।

ଅର୍ଥାତ୍, ତାଙ୍କୁ ପ୍ରକୃତରେ ନିଷ୍ଠାପର ବୋଲି କି କୁହା ଯିବ ନାହିଁ ?

---

* ଧୂମ୍ ସମ୍ବନ୍ଧ ମାତ୍ର ଗୀତାର ଏହି ଦୁଇଟି ଶ୍ଳୋକ ବିଷୟରେ ଚର୍ଚ୍ଚା କରୁଥିଲେ :

ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେର୍ଜ୍ଞାନବାନପି ।
ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି ।।...

ଧୂମେନାବ୍ରିୟତେ ବହ୍ନିର୍ଯଥାଦର୍ଶୋ ମଲେନ ଚ ।
ଯଥୋଲ୍ବେନାବୃତୋ ଗର୍ଭସ୍ତଥା ତେନେଦମାବୃତମ୍ ।।୩।୩୩, ୩୮

'oaob.nitrkl.ac.in' images reprocessed

କାହିଁକି ବୁଝାପଡ଼ିବ ନାହିଁ ? ଖୁବ୍ ସମ୍ଭବ ସିଏ ଆପଣାର ବିଶ୍ୱାସରେ ନିଶ୍ଚୟ ନିଷ୍ଠାପର ଥିଲେ···ତୁମେ ଜାଣୁଛ, ପ୍ରଚାର କରି ବୁଲିବାବେଳେ ଜଣେ ବ୍ୟକ୍ତିର କୌଣସି ନିଷ୍ଠା ନଥାଏ ?

ସିଏ ନିଜକୁ ନିଷ୍ଠାପର ବୋଲି ବିଶ୍ୱାସ କରନ୍ତି ।

ନାଇଁ, ନାଇଁ, ସେକଥା ମୋଟେ ନୁହେଁ । ତାଙ୍କର ନିଜ କଥାଟି ଉପରେ ଦୃଢ଼ ବିଶ୍ୱାସ ରହିଛି । ବୋଧହୁଏ ଭଦ୍ରତାର ଖାତିରରେ ସିଏ ମୋତେ ଚତୁର୍ଥ ସ୍ଥିତିଟି ବିଷୟରେ କହିବାକୁ ଭୁଲି ଯାଇଥିଲେ,—ଏହି ଚତୁର୍ଥ ସ୍ଥିତି ତ ତା'ଠାରୁ ଆହୁରି ଖରାପ ! ଏହି ସ୍ଥିତିରେ, ଜଣେ ଆଗ ପ୍ରଶ୍ନଟିକୁ ପଚାରେ ଏବଂ ତା'ପରେ ନିଜେହିଁ ଉତ୍ତରଟିର ଆଲୋଚନା କରିବାକୁ ଆରମ୍ଭ କରିଦିଏ । ସେଇଟାକୁ ପ୍ରକୃତରେ ଶେଷ ସୀମା ବୋଲି କହିବାକୁ ହେବ !

ଯଦି ପରମସତ୍ତା ଆପଣାର ସକଳ ଅନେକବିଧତା ସହିତ ଆପଣାକୁ ଏହି ପୃଥିବୀରୂପେ ଅଭିବ୍ୟକ୍ତ କରି ରଖିଛନ୍ତି ବୋଲି ଯଦି ତୁମେ କଳ୍ପନା କର, ତେବେ ସେହି ଅନେକବିଧତା ଏବଂ ବୈଚିତ୍ର୍ୟକୁ ସ୍ୱୀକାର କରିବାକୁହିଁ ପଡ଼ିବ; ଏବଂ, ତୁମେ ଯେପରି ଭାବୁଛ ବା ଅନୁଭବ କରୁଛ, ଅନ୍ୟମାନେ ମଧ୍ୟ ଠିକ୍ ସେହିପରି ଯେ ଭାବନ୍ତୁ ଓ ଅନୁଭବ କରନ୍ତୁ, ସେପରି ଇଚ୍ଛା କରିବା ସେତେବେଳେ ତୁମ ଲାଗି ଏକାନ୍ତ ଅସମ୍ଭବ ହୋଇ ପଡ଼ିବ ।

ପ୍ରତ୍ୟେକ ତା' ନିଜ ପ୍ରଣାଳୀରେ ଭାବିବ, ଅନୁଭବ କରିବ ଓ ବିଭିନ୍ନ ପ୍ରତିକ୍ରିୟାକୁ ବ୍ୟକ୍ତ କରିବ । ତୁମେ ଯାହା କରୁଛ, ଅନ୍ୟମାନେ ବି ଠିକ୍ ତାହାହିଁ କରନ୍ତୁ ଓ ଅବିକଳ ତୁମରି ପରି ହୁଅନ୍ତୁ ବୋଲି ତୁମେ ଇଚ୍ଛା ବି କାହିଁକି କରୁଛ ? ତୁମର ଲବ୍ଧ ସତ୍ୟଟି ସେମାନଙ୍କ ସତ୍ୟଟିଠାରୁ ଅଧିକ ମହାନ୍ ବୋଲି ଯଦି ଧରି ବି ନିଆଯାଏ,—ଅବଶ୍ୟ ଏକଥା ସତ ଯେ ଏହି କଥାଟିର ଆଦୌ କୌଣସି ମୂଲ୍ୟ ନାହିଁ, କାରଣ ଏକ ନିର୍ଦ୍ଦିଷ୍ଟ କୋଣରୁ ଆମେ ପ୍ରତ୍ୟେକ ଦୃଷ୍ଟିକୋଣକୁ ମଧ୍ୟ ଠିକ୍ ବୋଲି କହିପାରିବା; ସେଗୁଡ଼ିକ ସବୁଗୁଡ଼ିକ ହେଉଛନ୍ତି ଆଂଶିକ ସତ୍ୟ, ମାତ୍ର ଗୋଟିଏ ଗୋଟିଏ ସତ୍ୟ ହୋଇଥିବାରୁ ସେମାନେ ପ୍ରତ୍ୟେକେ ସତ୍ୟ । ମାତ୍ର, ଯେଉଁ ମୁହୂର୍ତ୍ତରେ ତୁମେ ନିଜର ସତ୍ୟଟିକୁ ତୁମ ପ୍ରତିବେଶୀର ସତ୍ୟଟିଠାରୁ ବଡ଼ କରି ଦେଖାଇବା ଲାଗି ଚାହାଁଉଛ, ସେହି ମୁହୂର୍ତ୍ତରେହିଁ ତୁମେ ପ୍ରକୃତ ସତ୍ୟଟିରୁ ବିଚ୍ୟୁତ ହୋଇଯାଉଛ ।

ତୁମେ ଯେଉଁପରି ଭାବୁଛ, ଅନ୍ୟମାନେ ମଧ୍ୟ ସେହିପରି ଭାବନ୍ତୁ ବୋଲି ସେମାନଙ୍କୁ ବାଧ୍ୟ କରିବା ଲାଗି ଇଚ୍ଛା କରିବାର ଅଭ୍ୟାସଟି ମୋତେ ସବୁବେଳେ

'oaob.nitrkl.ac.in' images reprocessed

ସବ ବଡଣ୍ଡ ବୋଲି ବୋଧ ହୋଇ ଆସିଛୁ । ଏଇଟାକୁ ମୁଁ "ପ୍ରତ୍ୟେକ କଲ ବୁଲିବାର ମନୋଭାବ" ବୋଲି କହିଆସିଛୁ । ଏବଂ ଏହି ମନୋଭାବଟି କେବେତ ନା କେବେ ଅତିକୁ ବିସ୍ତୃତ ହୋଇ ରହିଥାଏ । ହଁ, ତୁମେ ଏତିକରୁ ଆହୁରି ପାଦେ ଆଗକୁ ଯାଇ ମଧ୍ୟ, ତୁମେ ଯାହା କରୁଛ, ଲୋକେ ଠିକ୍ ତାହାହିଁ କରନ୍ତୁ ବୋଲି ଇଚ୍ଛା କ୍ଷ କରିପାର; ତୁମେ ଯେପରି ଅନୁଭବ କରୁଛ, ଲୋକମାନେ ଠିକ୍ ତାହାହିଁ ଅନୁଭବ କରନ୍ତୁ ବୋଲି ଇଚ୍ଛା କରିପାର । ଏବଂ ସେତେବେଳେ ତାହା ପ୍ରକୃତରେ ଏକ ଭୟଙ୍କର ଏକରୂପତାରେ ପରିଣତ ହୋଇଯାଏ ।

ଜାପାନରେ ମୋର ଟଲ୍‌ଷ୍ଟୟଙ୍କ ପୁଅଙ୍କ ସହିତ ଭେଟ ହୋଇଥିଲା । "ସମସ୍ତ ମନୁଷ୍ୟଜାତିର ମହାନ୍ ଐକ୍ୟର ପ୍ରତିଷ୍ଠା" ଲାଗି ସେ ସେତେବେଳେ ପୃଥିବୀ ପରିକ୍ରମା କରୁଥିଲେ । ଏବଂ ତାଙ୍କ ପାଖରେ ସେଥିଲାଗି ସହଜ ସମାଧାନଟିଏ ମଧ୍ୟ ରହିଥିଲା : ପୃଥିବୀରେ ସମସ୍ତେ ଏକା ଭାଷା କହିବେ, ଏକା ପ୍ରକାରେ ଜୀବନ ଅତିବାହିତ କରିବେ, ଏକା ପୋଷାକ ପିନ୍ଧିବେ ଓ ଏକା ପ୍ରକାରର ଖାଦ୍ୟ ଖାଇବେ । ...ହଁ, ମୁଁ କୌଣସି ଥଟ୍ଟା କରୁ ନାହିଁ, ଠିକ୍ ଏହି କଥାଗୁଡ଼ିକୁହିଁ ସେ କହି ବୁଲୁଥିଲେ । ଟୋକିଓରେ ମୋର ତାଙ୍କ ସହିତ ଦେଖାହେଲା; ସେ କହିଲେ, "ଯଦି ସମସ୍ତେ ସବୁବେଳେ ଏକାପରି ସବୁ କରିବେ, ତେବେ ସମସ୍ତେ ସୁଖରେ ରହିବେ, ସମସ୍ତେ ପରସ୍ପରକୁ ବୁଝିବେ ଓ ସେମାନଙ୍କ ଭିତରେ ଆଦୌ କୌଣସି କଳହ ରହିବ ନାହିଁ ।" ଏହି କଥା ପଛରେ ଯେ ମୋଟେ ଯୁକ୍ତିଯୁକ୍ତତା ନାହିଁ, ସେକଥା ତାଙ୍କୁ ବୁଝାଇବା ଲାଗି ଆଉ କୌଣସି ବାଟ ନଥିଲା । ସିଏ ତ ସେଇଥି ସକାଶେ ପୃଥିବୀ ପରିକ୍ରମା କରି ବାହାରିଥିଲେ, ଏବଂ ଯେତେବେଳେ ଲୋକେ ତାଙ୍କର ନାଆଁଟିକୁ ଜାଣିବାକୁ ଚାହୁଁଥିଲେ, ସେତେବେଳେ ସେ "ଟଲ୍‌ଷ୍ଟୟ" ବୋଲି ଉତ୍ତର ଦେଉଥିଲେ । ଟଲ୍‌ଷ୍ଟୟ କିଏ, ତୁମେମାନେ ତ ସେକଥା ଜାଣିଥିବ । ଲୋକମାନେ ଶଙ୍କିତ ହୋଇ ଚାହୁଁଥିଲେ । ଟଲ୍‌ଷ୍ଟୟ ଇହଧାମ ତ୍ୟାଗ କରି ଗଲେଣି ବୋଲି କେତେକ ଲୋକ ଜାଣି ନଥିଲେ । ଏବଂ ସେମାନେ ଭାବୁଥିଲେ : "ଓ ହୋ ! କେଡ଼େ ଭାଗ୍ୟର କଥା, ଆଜି ଟଲ୍‌ଷ୍ଟୟ ଉଲ୍ଲେଖଯୋଗ୍ୟ ଓ ଅଦ୍‌ଭୁତ କିଛି ଶୁଣିବାର ସୌଭାଗ୍ୟ ମିଳିବ ।" ଏବଂ ତା'ପରେ ସେ ଲୋକମାନଙ୍କୁ ସେହିସବୁ କଥା କହୁଥିଲେ !

ଏହି ଦୃଷ୍ଟାନ୍ତଟିରେ ଆମେ ସେହି ଦୃଷ୍ଟିକୋଣଟିର କେବଳ ଏକ ଅତିରଞ୍ଜିତ ରୂପ ଦେଖିବାକୁ ପାଉଛୁ ।

ସେକଥା ଯାହାହେଉ ପଛକେ, ମୁଁ ତୁମମାନଙ୍କୁ ନିର୍ଭର ସହକାରେ କହି ପାରିବି ଯେ ଜୀବନରେ ଏପରି ଏକ ସମୟ ଆସି ପହଞ୍ଚେ, ଯେତେବେଳେ କି, ତୁମେ ନିଜେ ଯାହା ଭାବୁଛ, ଅନ୍ୟମାନଙ୍କୁ ତାହାର ଯଥାର୍ଥତା ବିଷୟରେ ବିଶ୍ୱାସ ଆଣି ଦେବାର ଆବଶ୍ୟକତା ଆଦୌ ଅନୁଭବ କରାଯାଏ ନାହିଁ ।

'oaob.nitrkl.ac.in' images reprocessed

ମୁଁ ଯାହା, ମୁଁ ଯେଉଁ ସତ୍ୟଟିକୁ ଉପଲବ୍ଧି କରୁଛି, ସେତେବେଳେ କେବଳ ତାହାର ସମାଲୋଚନା କରି ବାହାରେ, ଯେତେବେଳେ ଅନ୍ୟମାନେ ସମାଲୋଚନା କରିବାକୁ ଆସନ୍ତି···

**ତେବେ ତୁମେ ତାଙ୍କୁ ଭଦ୍ର ଭାବରେ କହିଦେଇ ପାରିବ, "ଆପଣ ଆପଣଙ୍କ କଥା କରନ୍ତୁ ।" ମାତ୍ର କଥାଟିକୁ ସେଇଠି ଛାଡ଼ିଦେବାକୁହିଁ ପଡ଼ିବ । ସମାଲୋଚନା କରିବା ଯେ ମୋଟେ ଠିକ୍ ନୁହେଁ, ସମାଲୋଚନା କରୁଥିବା ଜଣେ ଲୋକକୁ ତୁମେ ସେହିକଥା ବୁଝାଇବା ଲାଗି ବାହାରିଛ କି ?—ତୁମେ ତାଙ୍କୁ ଯେତିକି କହିବାରେ ଲାଗିଥିବ, ସିଏ ତା' ନିଜ କଥାଟିହିଁ ଠିକ୍ ବୋଲି ସେତିକି ବେଶୀ ଦୃଢ଼ନିଶ୍ଚିତ ହେବାରେ ଲାଗିଥିବ !**

ତାକୁ ନୁହେଁ,···ମାତ୍ର ଯେଉଁମାନେ ତା'ପରେ···?

**ଅଚ୍ଛା, ତୁମେ ତାହାହେଲେ ତୁମ ବିରୁଦ୍ଧରେ ପ୍ରବୃତ୍ତ ହେବ ବୋଲି ଭୟ କରୁଛ !···**

**ସେଥିରେ କିଛି ଯାଏ ଆସେ ନାହିଁ । ଆମର ଏଠି ସେହିପରି ଗୋଟିଏ ଘଟଣା ଘଟିଥିଲା, ସମସ୍ତଙ୍କ ଲାଗି ବେଶ୍ ଆମୋଦଦାୟକ ହୋଇଥିଲା । ଏଠାକୁ ଥରେ ଜଣେ ବ୍ୟକ୍ତି,—ମୁଁ ତାଙ୍କର ନାମ କହିବାକୁ ଚାହେଁ ନାହିଁ,—ଆସିଥିଲେ ଏବଂ ଏକ ପ୍ରଧାନ ଫରାସୀ ସମ୍ବାଦପତ୍ରରେ ଗୋଟିଏ ଅତ୍ୟନ୍ତ ନିର୍ବୋଧତାପୂର୍ଣ୍ଣ ଲେଖା ଲେଖିଥିଲେ । ସେହି ଲେଖାଟିରୁ ଲେଖକଙ୍କର ନିର୍ବୋଧତା ସ୍ପଷ୍ଟ ପ୍ରମାଣିତ ହୋଇ ଯାଉଥିଲା ଏବଂ ତାହା ଅତ୍ୟନ୍ତ ଉଗ୍ରଭାବରେ ଆଶ୍ରମର ବିରୁଦ୍ଧରେ ଲେଖା ହୋଇଥିଲା । ମୁଁ ସେହି କାରଣେ ଯେ ତାଙ୍କୁ ଜଣେ ନିର୍ବୋଧ ବୋଲି କହୁଛି, ସେକଥା ଆଦୌ ନୁହେଁ । ମାତ୍ର ତଥାପି···ଏପରି ଗୋଟିଏ ଲେଖା ପ୍ରକାଶ କରିବାର ଫଳସ୍ୱରୂପ, ଏବଂ ଅନ୍ୟତମ ଫଳସ୍ୱରୂପ ଆମେ ଆଉଜଣେ ବ୍ୟକ୍ତିଙ୍କଠାରୁ ଗୋଟିଏ ପତ୍ର ପାଇଥିଲୁ : "ମୁଁ ସେହି ଲେଖାଟି ପଢ଼ିଛି । ମୁଁ ସାଙ୍ଗେସାଙ୍ଗେ ଆଶ୍ରମକୁ ଯିବାକୁ ଇଚ୍ଛା କରୁଛି ।"**

**ଅର୍ଥାତ୍, ଏହିସବୁ କଥାର ଠିକ୍ ଓଲଟା ଫଳଟି ମଧ୍ୟ ଫଳିପାରେ ।**

'oaob.nitrkl.ac.in' images reprocessed

## ୧୧ ଏପ୍ରିଲ ୧୯୫୬

ଏଠାରେ ସାଧକ ଗୋଟିଏ ଦିଗରେ ସର୍ବସ୍ଥ ଏକ ଅନନ୍ତ ତଥା ସ୍ୱୟଂବର୍ତ୍ତମାନ ପରମଦେବତାଙ୍କ ବିଷୟରେ ସଜ୍ଞାନତା ଲାଭ କରୁଛି, ଯିଏକି ଅସ୍ତିତ୍ୱର ଏକ ଅନବଚ୍ଛିନ୍ନ ଅନ୍ତଃଶକ୍ତିମଣ୍ଡଳରେ ସକଳ ବସ୍ତୁକୁ ଆପଣା ମଧ୍ୟରେ ଅନ୍ତର୍ଭୁକ୍ତ କରି ରଖିଛନ୍ତି, ଯାବତୀୟ ଆତ୍ମସତ୍ତାର ପରମାତ୍ମସତ୍ତା ହୋଇ ରହିଛନ୍ତି, ସକଳ ଆତ୍ମାର ପରମାତ୍ମା ହୋଇ ରହିଛନ୍ତି, ଯାବତୀୟ ଉପାଦାନର ତଦ୍‌ଗତ ପରମୋପାଦାନ ହୋଇ ଅଛନ୍ତି ଏବଂ ଏକ ନୈର୍ବ୍ୟକ୍ତିକ ପ୍ରକାଶାତୀତ ପରମ ସତ୍‌ରୂପେ ଅବସ୍ଥାନ କରୁଛନ୍ତି ସତ, ମାତ୍ର ଯୁଗପତ୍ ଭାବରେ ଏକ କଳନାତୀତ ପରମ ପୁରୁଷ ମଧ୍ୟ ହୋଇ ଅଛନ୍ତି, ଯିଏକି ଏଠାରେ ଅଗଣିତ କେତେକେତେ ବ୍ୟକ୍ତିତ୍ୱରେ ଆପଣାକୁ ପ୍ରକଟିତ କରି ଦେଇଛନ୍ତି, ଜ୍ଞାନର, ସକଳ ଶକ୍ତିସଞ୍ଚାରଣର, ପ୍ରେମର, ଆନନ୍ଦର ତଥା ସୌନ୍ଦର୍ଯ୍ୟର ଏକ ପରମ ପ୍ରଭୁରୂପେ ମଧ୍ୟ ଅବସ୍ଥିତ ରହିଛନ୍ତି, ଜଗତସକଳର ଏକମାତ୍ର ପରମ ଉତ୍ସରୂପେ ବିଦ୍ୟମାନ ଅଛନ୍ତି, ଆପଣାକୁ ପ୍ରକଟ ତଥା ବିସୃଷ୍ଟ କରୁଛନ୍ତି; ଏକ ବିଶ୍ୱବ୍ୟାପୀ ପରମ ତଦ୍‌ଗତତା, ଏକ ବିଶ୍ୱମୟ ପରମ ମନ, ବିଶ୍ୱମୟ ପରମ ପ୍ରାଣ ଓ ସେହି ଚେତନ ଏବଂ ଜୀବନମୟ ପରମସତ୍ତାରୂପେ ଆମେ ଏଠାରେ ଅଚେତନ ଓ ନିର୍ଜୀବ ଜଡ଼ମୟତାରୂପେ ଅନୁଭବ କରୁଥିବା ଏହି ପ୍ରତିଭାସଟିର ଅବଲମ୍ବନ ହୋଇ ରହିଛନ୍ତି ।"

**ଯୋଗସମନ୍ୱୟ, ପୃଷ୍ଠା-୧୧୫**

ମାଆ, "ଆପଣାକୁ ବିସୃଷ୍ଟ କରୁଛନ୍ତି"ର ଅର୍ଥ କ'ଣ ?

**ଆପଣାକୁ ବିସୃଷ୍ଟ କରୁଛନ୍ତି ? ଅର୍ଥାତ୍, ନିଜର ସୃଜନ ସିଏ ନିଜେ କରୁଛନ୍ତି ।**

**ଏଠାରେ ପ୍ରକଟ କରିବାର, ମୂର୍ତ୍ତ କରିଦେବାର, ଦୃଶ୍ୟମାନ କରିବାର ଅର୍ଥରେ 'ସୃଜନ' କରିବା ଶବ୍ଦଟିକୁ ବ୍ୟବହାର କରି ଯାଇଛି । ତେଣୁ ସେ ନିଜର**

'oaob.nitrkl.ac.in' images reprocessed

ଆତ୍ମସତ୍ତ୍ୱଟିକୁହିଁ ପ୍ରକଟ କରି ଆଣୁଛନ୍ତି, ଆପଣାକୁହିଁ ରୂପାୟିତ କରି ଦେଉଛନ୍ତି, ପ୍ରତୀକ୍ଷ କରୁଛନ୍ତି, ମୂର୍ତ୍ତିମନ୍ତ କରି ଆଣୁଛନ୍ତି ।

ବସ୍ତୁତଃ "ସୃଜନ କରିବା" ଶବ୍ଦଟିକୁ ସାଧାରଣତଃ ଏକ ଅନ୍ୟ ଅର୍ଥରେ ସମସ୍ତେ ବୁଝିଥାନ୍ତି : ଗୋଟିଏ ସାମଗ୍ରୀରୁ ଆଉଗୋଟିଏ ଅନ୍ୟ ସାମଗ୍ରୀ ଗଢ଼ି ଥୋଇଦେବାକୁ ସୃଜନ କରିବା ବୋଲି ବୁଝା ଯାଇଥାଏ । ସେଇଥିଲାଗି ଶ୍ରୀଅରବିନ୍ଦ ଏଠାରେ "ଆପଣାକୁ ବିସୃଷ୍ଟ କରୁଛନ୍ତି" ବୋଲି କହୁଛନ୍ତି, ତାହାର ଅର୍ଥ ହେଉଛି ଯେ ସିଏ ଆପଣାକୁ ଆପଣାର ଏକ ବାହ୍ୟ ରୂପ ପ୍ରଦାନ କରୁଛନ୍ତି । ସତ୍ତ୍ୱର ଭିତରେହିଁ ଏକ ପରିବର୍ତ୍ତନ ଘଟୁଛି : ଏକ ଅପ୍ରକଟ ସମ୍ଭାବନା ହୋଇ ରହିବା ପରିବର୍ତ୍ତେ ତାହା ଏକ ପ୍ରକଟ ସତ୍ତାରେ ପରିଣତ ହେଉଛି । ଅପ୍ରକଟ ପ୍ରକଟହିଁ ହେଉଛି, ଆଉ କିଛି ହେଲେ ହେଉ ନାହିଁ । ଉପାଦାନ ସେଇ ଗୋଟିଏହିଁ ହୋଇ ରହୁଛି : ଏପାଖରୁ ତାହା ଦୃଶ୍ୟ ହେଉ ନାହିଁ, ସେ ପାଖରୁ ଦୃଶ୍ୟ ହେଉଛି । ବାସ୍ ସେତିକି କଥା । ତୁମେ ତାହାକୁ ପୁଣି ଏପାଖରୁ ସେପାଖକୁ ବୁଲାଇ ଦେଉଛ ଏବଂ ତାହା ଦୃଶ୍ୟ ହୋଇଯାଉଛି । ସେପାଖରୁ ଏପାଖକୁ ବୁଲାଉଛ ତ ଅଦୃଶ୍ୟ ହୋଇ ଯାଉଛି, ପୁଣିଥରେ ବୁଲାଇଦେଲେ ଦୃଶ୍ୟ ହୋଇ ଯାଉଛି । ବାସ୍ ସେତିକି କଥା, କେଡ଼େ ସରଳ କଥା !

> "ଅନ୍ୟ ପକ୍ଷରେ ସାଧକ ଆପଣାକୁ କାର୍ଯ୍ୟକାରୀ କରୁଥିବା ଚେତନା ତଥା ସାମର୍ଥ୍ୟ ଭିତରେ ମଧ୍ୟ ସେହି ପରମଦେବତାଙ୍କ ବିଷୟରେ ସଜ୍ଞାନତା ଲାଭ କରୁଛି; ଏକ ଆତ୍ମସଜ୍ଞାନ ଶକ୍ତିରୂପେ ତାହା ଆପଣା ମଧ୍ୟରେ ସବୁକିଛିକୁ ଅନ୍ତର୍ଭୁକ୍ତ କରି ରଖିଛି ଓ ବହନ କରି ରହିଛି ଏବଂ ତାହାକୁ ବିଶ୍ୱସ୍ଥ କାଳ ଏବଂ ଦେଶର ଭୂମି ଉପରେ ପ୍ରକଟ କରିଦେବା ଲାଗି ଆପଣାକୁ ନିୟୋଜିତ କରି ରଖିଛି ।"
>
> ତତ୍ରୈବ, ପୃଷ୍ଠା-୧୧୫

ହଁ, ଠିକ୍ ସେଇ କଥା, ମୁଁ ଠିକ୍ ସେଇ କଥା କହୁଥିଲି : ଗୋଟିଏ ପାଖରୁ ଦେଖିଲେ ଏହାର ସତେଅବା ଅସ୍ତିତ୍ୱ ବୋଲି କିଛି ନାହିଁ, ଏବଂ ତା'ପରେ ତାହା ଆପଣାକୁ "ଅଭିବ୍ୟକ୍ତ" କରେ, ଆପଣାକୁ ଏହିପରି ବାହାର କରିଆଣେ (ମାଆ ହସ୍ତର ଭଙ୍ଗୀ ଦ୍ୱାରା ତାହା ଦେଖାଇଦେଲେ), ତାହା ଆପଣାକୁ ବାହାର କରିଆଣେ, ଦୃଶ୍ୟମାନ ହୁଏ, ଅସ୍ତିତ୍ୱ ଧାରଣ କରେ; ଏବଂ, କେବଳ ଗୋଟିଏ ବସ୍ତୁରୂପେ

'oaob.nitrkl.ac.in' images reprocessed

ଏକାଧାରରେ ଅଗ୍ରିବୃତ୍ତରୂପେ ଅବସ୍ଥାନ କରିବା ପରବର୍ତ୍ତୀ ତାହା ବିକଶିତ ହୋଇଆସେ, କାଳ ଓ ଦେଶର ଭୂମିରେ ଆପଣାକୁ ପ୍ରକଟ କରିଥାଏ । ଶ୍ରୀଅରବିନ୍ଦ ଏଠାରେ ସେହି କଥା କହୁଛନ୍ତି, ଏହିଠାରୁହିଁ କାଳ ଏବଂ ଦେଶର ଧାରଣାଟି ଜନ୍ମଲାଭ କରୁଛି; କାରଣ ତା' ପରେ ଆଉ ଯୁଗପତ୍ ଭାବରେ କିଛି ହୋଇ ନାହିଁ ।

> ଶ୍ରୀଅରବିନ୍ଦ ପ୍ରଥମେ ବ୍ରହ୍ମମାୟା (ଶାଶ୍ୱତ ସତ୍ ଏବଂ ବିଶ୍ୱସତ୍)ର ଦ୍ୱୈତତା ବିଷୟରେ କହିଛନ୍ତି ଏବଂ ବର୍ତ୍ତମାନ ସେ ଈଶ୍ୱର-ଶକ୍ତି (ସତ୍ତ୍ୱରୂପୀ ଈଶ୍ୱର ଏବଂ ବିଶ୍ୱ ଅଭିବ୍ୟକ୍ତିର ପରମା ଶକ୍ତିରୂପୀ ଈଶ୍ୱର)ର ଦ୍ୱୈତତା ବିଷୟରେ କହୁଛନ୍ତି । ଏହି ଈଶ୍ୱର-ଶକ୍ତିର ଦ୍ୱୈତତା,—ଏଇଟି ଯଥେଷ୍ଟ ସ୍ପଷ୍ଟ ହୋଇପାରୁ ନାହିଁ ।

ଅନ୍ୟଟି ଅଧିକ ସହଜ ଲାଗୁଛି, ବୁଝିହେବ ? କାରଣ ଦୁଇ ଭାଗରେ କଟା ହୋଇ ରହିଛି, ଏକାବେଳକେ ଦୁଇ ଖଣ୍ଡ ହୋଇ କଟାହୋଇଛି । ଗୋଟିଏ ହେଉଛି ପରମ ସତ୍ୟ, ଅନ୍ୟଟି ମାୟା; ଗୋଟିଏ ଆଲୋକ ଓ ଅନ୍ୟଟି ଅନ୍ଧକାର; ଗୋଟିଏ ଚେତନା ଓ ଅନ୍ୟଟି ଅଚେତନା; ଗୋଟିଏ ସତ୍ୟ, ଅନ୍ୟଟି ମିଥ୍ୟା । ଏକଥାକୁ ବୁଝିବା ଖୁବ୍ ସହଜ ।

ମାତ୍ର ଅନ୍ୟଟି ବେଳକୁ ତାହା ଅନେକ ଅଧିକ କଷ୍ଟକର : ସେହି ଗୋଟିଏ ବସ୍ତୁ ଆପଣା ଭିତରେ ରହିଛି, ଅପ୍ରକଟ ହୋଇ ରହିଛି, ଏବଂ ତା'ପରେ ହଠାତ୍ ତାହା ବାହାରକୁ ବାହାରି ଆସୁଛି (ମାଆ ହସ୍ତର ଭଙ୍ଗୀ କରି ଦେଖାଇଦେଲେ) । ଏବଂ ସେତେବେଳେ ମଧ୍ୟ ତାହା ସେହି ଗୋଟିଏ ବସ୍ତୁ ହୋଇ ରହିଛି; କେବଳ ଏକ ଗତିସ୍ପନ୍ଦନ ଦ୍ୱାରା, ଯାହା ଭିତରେ ରହିଥିଲା, ତାହା ବାହାରକୁ ବାହାରି ଆସୁଛି । ଏବଂ ସେଇଥିରୁହିଁ ବିଶ୍ୱଜଗତର ଆବିର୍ଭାବ ହେଉଛି । ଏକ ଦ୍ୱୈତ ଗତିସ୍ପନ୍ଦନରେ ସେହି ଗୋଟିଏ ବସ୍ତୁହିଁ ଅବସ୍ଥିତ ରହିଛି । ସତେଯେପରି, ଯିଏ ଶୋଇ ରହିଥିଲା, ସେଇ ଉଠି ବସୁଛି; ଅଥବା, ଯେଉଁଟି ସ୍ଥିର ହୋଇ ରହିଥିଲା, ତାହା ହଠାତ୍ ଆପଣାକୁ ସଞ୍ଚାଳିତ କରିବାକୁ ଆରମ୍ଭ କରୁଛି । ଅଥବା, ଯେଉଁଟି ନୀରବ ରହିଥିଲା, ତାହା ଆପଣାର ନୀରବତାଟିକୁ ଭଙ୍ଗ କରିଦେଉଛି । ଏହିପରି ଭାବରେ ପ୍ରକ୍ରିୟାଟି ଲାଗିରହିଛି । ଗୋଟିଏ ଗତିସ୍ପନ୍ଦନ ଭିତରେ ହେଉଛି, ସେତେବେଳେ ତାହା ସବୁକିଛିକୁ ଆପଣା ଭିତରେ ଧାରଣ କରି ରହିଛି, ଯାହାକିଛି ଭିତରେ ଅଛି, ସେତେବେଳେ ସେଗୁଡ଼ିକର କୌଣସି ଅଭିବ୍ୟକ୍ତି ହେଉ ନାହିଁ । ଏବଂ ଅନ୍ୟ ଗତିସ୍ପନ୍ଦନଟି ଏହିପରି ଭାବରେ (ହସ୍ତଭଙ୍ଗୀ କରି ମାଆ ଦେଖାଇଦେଲେ) ହେଉଛି, ଏବଂ ଯାହାକିଛି ଭିତରେ ଥିଲା, ତାହା ବାହାରକୁ ବାହାରି ଆସୁଛି ।

'oaob.nitrkl.ac.in' images reprocessed

ଏବଂ ତା'ପରେ, ଏହି ପ୍ରକ୍ରିୟାଟି ଯେପରି ବୋଧଗମ୍ୟ ହୋଇ ପାରିବ, ସେଥିଲାଗି ସେଇଟିକୁ ଅବଚ୍ଛିନ୍ନ ଭାବରେହିଁ ବୁଝିବାକୁ ପଡ଼ିବ । ଭିତରେ ରହିଥିଲା ବେଳେ ହୁଏତ ତାହା ଯୁଗପତ୍ ହୋଇ ରହିପାରିବ, କାରଣ ସେତେବେଳେ ତାହାର କୌଣସି ଅଭିବ୍ୟକ୍ତ ନଥିବ । ତେଣୁ ସେତେବେଳେ ସବୁକିଛୁ କାଳ ଏବଂ ଦେଶର ବହିର୍ଭୂତ ହୋଇ ଶାଶ୍ୱତତା ମଧ୍ୟରେହିଁ ଅବସ୍ଥାନ କରୁଥିବ, ଅଚଳ ହୋଇ ରହିଥିବ, ଅମୂର୍ତ୍ତ ହୋଇ ରହିଥିବ । ଏବଂ, ଅନ୍ୟ ପକ୍ଷରେ, ସବୁକିଛୁ ସମ୍ଭୂତିର ଏକ ପ୍ରକ୍ରିୟା ମଧ୍ୟଦେଇ ଗତି କରୁଥାଏ ଏବଂ ତେଣୁ ବୋଧର ବା ଗୋଚର ହେବାର ଭୂମିରେ ଏକ ଅବଚ୍ଛିନ୍ନତା ରହିଥାଏ, ସେହି ବୋଧଗୁଡ଼ିକ ଗୋଟିକ ପରେ ଗୋଟିଏ ହୋଇ ଆସିବାରେ ଲାଗିଥାନ୍ତି ଏବଂ କାଳ ଓ ଦେଶ ମଧ୍ୟକୁ ପରିବ୍ୟାପ୍ତ ହୋଇ ଯାଉଥାନ୍ତି ।

ଏବଂ ତାହା ସେହି ଗୋଟିଏ ବସ୍ତୁ ହୋଇ ରହିଥାଏ ।

ଏହା ଏହିପରି ଘଟେ, ଯତେଯେପରି ତୁମେ ଏହିପରି (ମାଆ ଦୁଇ ହାତକୁ ଏକାଠି ମୁଠା କରି ଦେଖାଇଲେ) ବନ୍ଦ ହୋଇ ରହିଥାଅ ଓ ତା'ପରେ ଏହିପରି (ମୁଠାଟିକୁ ଖୋଲିଦେଲେ) ହୋଇଯାଏ; ଏବଂ ତାହାର ଫଳରେ, ଯାହା ଭିତରେ ଥିଲା ତାହା ବାହାରକୁ ବାହାରିଆସେ । ତେଣୁ ଅକ୍ଷରିକ ଦୃଷ୍ଟିରୁ ଦେଖିଲେ ଏହି ଗତିସ୍ପନ୍ଦନ ଦୁଇଟି ହେଉଛି ଦୁଇଟି ବିପରୀତ ଗତିସ୍ପନ୍ଦନ; ମାତ୍ର ଦୁଇଟିଯାକ ମୂଳତଃ କେବଳ ସେହି ଗୋଟିଏ ପ୍ରକ୍ରିୟା, ଦୁଇଟି ବିପରୀତ ଦୃଷ୍ଟିର ପ୍ରକ୍ରିୟା, ଯାହାକି ଯୁଗପତ୍ ହୋଇ ରହିଛି : ତାହା ଏହିପରି ରହିଛି (ଭିତରେ ବନ୍ଦ ହୋଇ ରହିଥିବାର ଭଙ୍ଗୀ) ଏବଂ ଯୁଗପତ୍ ଭାବରେ ଏପରି ବି ହୋଇ ରହିଛି (ବାହାରକୁ ବାହାରି ଆସିବାର ଭଙ୍ଗୀ) । ଗୋଟିଏ ଦୃଷ୍ଟି ଆରଟିକୁ କଦାପି ବହିଷ୍କୃତ କରି ଦେଉ ନାହିଁ, ଦୁଇଟିଯାକ ଯୁଗପତ୍ ହୋଇହିଁ ରହିଛନ୍ତି । ମାତ୍ର, ଗୋଟିଏ ସ୍ଥିତିରେ ତାହା ଦୃଷ୍ଟିଗୋଚର ହେଉ ନାହିଁ, କାରଣ ତାହା ଆପଣା ମଧ୍ୟରେହିଁ ବଦ୍ଧ ହୋଇ ରହିଛି । ଅନ୍ୟ ଗତିସ୍ପନ୍ଦନଟିରେ ତାହା ବାହାରକୁ କ୍ଷିପ୍ତ ହୋଇ ଆସୁଛି, ଏବଂ ତାହା ଦୃଷ୍ଟିଗୋଚର ହୋଇପାରୁଛି । ଏବଂ, ଆତ୍ମବଦ୍ଧ ହୋଇ ରହିଥିବା ଅବସ୍ଥାରେ ଏକ ପରିପୂର୍ଣ୍ଣ ଯୁଗପତ୍-ସ୍ଥିତିରେ ସହାବସ୍ଥିତ ହୋଇ ରହିଛି; ଏବଂ ଅନ୍ୟ ଅବସ୍ଥାଟିରେ ତାହା ଆପଣାକୁ ଅବିରାମ ସମ୍ଭୂତିର ଏକ ପ୍ରକ୍ରିୟା ମଧ୍ୟଦେଇ ଉନ୍ମୋଚିତ କରି ଆଣୁଛି । ଏବଂ ଉନ୍ମୋଚିତ ହୋଇ ଆସିଲାବେଳେ ତାହା ଅବଶ୍ୟମ୍ଭାବୀ ଭାବରେ କାଳ ଓ ଦେଶର ସୃଷ୍ଟି କରୁଛି; ମାତ୍ର ଅନ୍ୟ ଅବସ୍ଥାଟିରେ ତାହା କାଳର ବାହାରେ ରହିଛି, ଦେଶର ବାହାରେ ରହିଛି, ସମ୍ଭାବ୍ୟ ଯାବତୀୟ ବୋଧର ବାହାର ହୋଇ ରହିଛି । ମାତ୍ର ବିପରୀତ ଦୁଇଟିଯାକ ଗତିସ୍ପନ୍ଦନରେ ସେହି ଗୋଟିଏ ବସ୍ତୁହିଁ ବିଦ୍ୟମାନ ରହିଛି ।

'oaob.nitrkl.ac.in' images reprocessed

ମାତ୍ର ପ୍ରକୃତରେ ତାହାହିଁ ହେଉଛି ।

ହଁ, ଠିକ୍ ସେହିପରି ହେଉଛି । ଏବଂ ଯେତେବେଳେ ଏହିପରି (ହାତକୁ ଖୋଲି ଆଣିବାର ଭଙ୍ଗୀ) ହେଉଛି, ସେତେବେଳେ ଏହିପରି (ହାତକୁ ବନ୍ଦ କରି ଆଣିବାର ଭଙ୍ଗୀ) ହେବାର ପ୍ରତିସ୍ଥିତି କଦାପି ବନ୍ଦ ହୋଇ ଯାଉ ନାହିଁ । ଅର୍ଥାତ୍, ଯେତେବେଳେ ତାହା ଆତ୍ମସମାହିତ ହୋଇ ରହୁଛି, ସେତେବେଳେ ତାହାର ପ୍ରକଟ ହେବାର ପ୍ରତିସ୍ଥିତି ମଧ୍ୟ କଦାପି ବନ୍ଦ ହୋଇ ଯାଉ ନାହିଁ; ଏବଂ ଯେତେବେଳେ ପ୍ରକଟ ହେଉଛି, ସେତେବେଳେ ଆତ୍ମସମାହିତ ହୋଇ ରହିବାର ଅବସ୍ଥାଟି ମଧ୍ୟ ଆଦୌ ବନ୍ଦ ହୋଇ ଯାଉ ନାହିଁ । ଅନ୍ୟ ପ୍ରକାରରେ କହିବାକୁ ଗଲେ, ଏହି ଦ୍ୱୈତତା ସ୍ଥାୟୀ ଭାବରେ ରହିଛି, ଯୁଗପତ୍ ଭାବରେ ଚାଲିଛି, ମାତ୍ର ତାହା ସର୍ବଦା ସେହି ଗୋଟିଏ ବସ୍ତୁ ହୋଇ ରହିଛି, ଦୁଇଟି ବିଭିନ୍ନ ଭାବରେ ସେହି ଗୋଟିଏ ବସ୍ତୁହିଁ ପ୍ରତିଷ୍ଠିତ ରହିଛି ।

ଏହିସବୁ କଥାକୁ ତୁମେମାନେ ଏତେ ଟିକିଏ ହେଲେ ବୁଝି ପାରୁଛ କି ? ମୋଟେ ବୁଝି ପାରୁ ନାହଁ, ନୁହେଁ ?

ମୋଟେ ବୁଝି ପାରୁ ନାହଁ ? ଆଉ କିଛି ପଚାରିବାକୁ ନାହିଁ ?

ମାଆ, ଆଗରୁ ପଚାରିଥିବା ଗୋଟିଏ ପ୍ରଶ୍ନକୁ ମୁଁ ଆପଣଙ୍କୁ ପୁନର୍ବାର ପଚାରିପାରିବି କି ? କାରଣ, ମୁଁ ଠିକ୍ ଭାବରେ ଆପଣଙ୍କର କଥାଟିକୁ ବୁଝି ପାରି ନାହିଁ ।

ହଁ, ହଁ, ନିଶ୍ଚୟ ପଚାର । ଏଥର ମୁଁ ଅଧିକ ପରିଷ୍କାର ଭାବରେ ବୁଝାଇ ପାରିବି କି ନାହିଁ, ଦେଖାଯାଉ ।

ମୁଁ "ବ୍ୟକ୍ତିଭାବବିଶିଷ୍ଟ" ଓ "ନୈର୍ବ୍ୟକ୍ତିକ" ଏହି ଶବ୍ଦଦୁଇଟିର ଅର୍ଥ ଏବେ ବି ବୁଝି ପାରି ନାହିଁ : "ସେହି ଦିବ୍ୟ ପରମ ରହସ୍ୟର ବ୍ୟକ୍ତିଭାବବିଶିଷ୍ଟ ଏବଂ ନୈର୍ବ୍ୟକ୍ତିକ ଦୁଇଟିଯାକ ବୃହତ୍ ଉପାଦାନ ଏଠାରେ ପରସ୍ପର ସହିତ ସମ୍ମିଳିତ ହୋଇ ରହିଛନ୍ତି ।"

ଯୋଗସମନ୍ୱୟ, ପୃଷ୍ଠା-୧୧୬

ହଁ ।

'oaob.nitrkl.ac.in' images reprocessed

ତୁମେ, ତୁମେ ବ୍ୟକ୍ତିସ୍ୱବିଶିଷ୍ଟ, ନୁହେଁ ? ତୁମେ ନିଜକୁ ଜଣେ ବ୍ୟକ୍ତି ବୋଲି ଅନୁଭବ କରୁଛ । ଏବଂ ତା'ପରେ ଏହି ବାୟୁର କଥା ବିଚାର କରାଯାଉ । ବାୟୁକୁ ତୁମେ ଜଣେ ବ୍ୟକ୍ତି ବୋଲି କଦାପି ଅନୁଭବ କରୁ ନଥିବ । ତେଣୁ ବାୟୁ ହେଉଛି ନୈର୍ବ୍ୟକ୍ତିକ ।

ଏହା କେବଳ ଏକ ତୁଳନା,—ଏହି କଥାଟି ଗୋଟାପୁରା କଦାପି ଠିକ୍ ନୁହେଁ : ବାୟୁ, ପବନ ଓ ପାଣି, ଏଗୁଡ଼ିକର ବି ବ୍ୟକ୍ତିତ୍ୱ ରହିଛି । ମାତ୍ର ତୁମେ ବୁଝି ପାରିବ ବୋଲି ମୁଁ ଏପରି କହୁଛି । ବାୟୁକୁ ତୁମେ କଦାପି ଏକ ନିର୍ଦ୍ଦିଷ୍ଟ ଓ ନିର୍ଭୁଲ ଆକାର ଦେଇ ପାରିବ ନାହିଁ, କାରଣ ବାୟୁ ସବୁଠାରେ ରହିଛି : ତୁମ ଶରୀର ଭିତରେ ରହିଛି, ଶରୀରର ବାହାରେ ରହିଛି, ଏଠି, ସେଠି ସବୁଠାରେ ରହିଛି । ମାତ୍ର ତାହାର କୌଣସି ନିର୍ଦ୍ଦିଷ୍ଟ ଆକାର ନାହିଁ । ଏକ ନିର୍ଦ୍ଦିଷ୍ଟ ଓ ନିର୍ଭୁଲ ରଚନା-ପ୍ରଣାଳୀ ରହିଛି, ମାତ୍ର ଏଠାରେ ତ ଆମେ ରସାୟନଶାସ୍ତ୍ରର ଆଲୋଚନା ଚର୍ଚ୍ଚା କରୁ ନାହୁଁ, କେବଳ ପ୍ରାଥମିକ ରୂପଟି ବିଷୟରେହିଁ ଚର୍ଚ୍ଚା କରୁଛୁ । ବାୟୁ କଥା ବିଚାରୁଥିବା ସମୟରେ ତୁମେ କଦାପି ତାହା ଏକ ବ୍ୟକ୍ତି ହୋଇଥିବ ବୋଲି କଳ୍ପନା ବି କର ନାହିଁ ।

ମୁଁ ପାଣି ବିଷୟରେ ସେତେ କଥା ଆଦୌ କହିବାକୁ ଯାଉ ନାହିଁ, କାରଣ ପାଣିର ଅତ୍ୟନ୍ତ ବିଶେଷ କେତୋଟି ଲକ୍ଷଣ ରହିଛି । ଗୋଟିଏ ନଦୀର ପାଣି ଆଉଗୋଟିଏ ନଦୀର ପାଣି ସହିତ ମୋଟେ ସମାନ ନୁହେଁ । ଏବଂ ଏହି ପାର୍ଥକ୍ୟଟି ବେଶ୍ ଦୃଷ୍ଟିଗୋଚର ହୋଇପାରିବ, ଏବଂ ତେଣୁ ଏହାର କିଛି ଅଂଶରେ ଏକ ବ୍ୟକ୍ତିଗତ ବିଶେଷତା ବି ରହିଛି ।

ମାତ୍ର ବାୟୁ ଅଥବା ବାଷ୍ପ ଆମକୁ ନୈର୍ବ୍ୟକ୍ତିକତାର ଏକ ନିଶ୍ଚିତ ଅନୁଭବ ଆଣି ଦେଇଥାଏ । ହଁ, ଠିକ୍ ସେହିପରି ହୋଇଥାଏ । ତୁମର ବା ଆଉ କାହାର ଶରୀର ପରି ଏକ ନିର୍ଦ୍ଦିଷ୍ଟ ଶରୀର ଭିତରେ ଯେତେବେଳେ କୌଣସି ଶକ୍ତି ବା ଗୁଣ ଅଭିବ୍ୟକ୍ତି ଲାଭ କରିଥାଏ, ସେତେବେଳେ ତାହା ବ୍ୟକ୍ତିଗତ ହୁଏ । ମାତ୍ର ଯେତେବେଳେ ତାହା ସବୁଠାରେ ରହିଥାଏ, ଯୁଗପତ୍ ଭାବରେ ରହିଥାଏ ଓ ତାହାର କୌଣସି ନିର୍ଦ୍ଦିଷ୍ଟ ଲକ୍ଷଣମାନ ବି ନଥାଏ, ଏକ ଅନିର୍ଦ୍ଦେଶ୍ୟ ରୀତିରେ ଯାହାର ଅଭିବ୍ୟକ୍ତି ଘଟିଥାଏ, ସେତେବେଳେ ତାହାକୁ "ନୈର୍ବ୍ୟକ୍ତିକ" ବୋଲି କୁହାଯାଏ ।

ତେଣୁ ଯେତେବେଳେ ପରମେଶ୍ୱରଙ୍କୁ ଏକ ନିର୍ଦ୍ଦିଷ୍ଟ ରୂପ ଦିଆଯାଏ, ସେତେବେଳେ ପରମେଶ୍ୱର ବ୍ୟକ୍ତିସ୍ୱବିଶିଷ୍ଟ ହୁଅନ୍ତି । ଉଦାହରଣସ୍ୱରୂପ, ଅମ ପ୍ରତ୍ୟେକଙ୍କ ମଧ୍ୟରେ ଯେଉଁ ଇଶ୍ୱର ରହିଛନ୍ତି, ସିଏ ହେଉଛନ୍ତି ଜଣେ ବ୍ୟକ୍ତିସ୍ୱବିଶିଷ୍ଟ ଇଶ୍ୱର । କାରଣ ସେହି ଅବସ୍ଥାରେ ପ୍ରତ୍ୟେକଙ୍କ ସହିତ ତାଙ୍କର ଏକ ବ୍ୟକ୍ତିଗତ

'oaob.nitrkl.ac.in' images reprocessed

ସମ୍ବନ୍ଧ ରହିଛି । ସେହି ଈଶ୍ୱର ଗୋଟିଏ ବ୍ୟକ୍ତିର ନିକଟ ହୋଇ ରହିଛନ୍ତି, ତା'ର ଅତ୍ୟନ୍ତ ନିକଟ ହୋଇ ରହିଛନ୍ତି ।

ମାତ୍ର, ଯେଉଁ ବସ୍ତୁର କୌଣସି ରୂପ ନାହିଁ ବା ଲକ୍ଷଣ ନାହିଁ, ବା କୌଣସି ପ୍ରକାରର ନିର୍ଦ୍ଦିଷ୍ଟ ସୀମାରେଖା ମଧ୍ୟ ନାହିଁ ଏବଂ ଯାହା ସହିତ କୌଣସି ବ୍ୟକ୍ତିଗତ ସମ୍ବନ୍ଧ ଆଦୌ ପ୍ରତିଷ୍ଠିତ ହୋଇ ପାରିବ ନାହିଁ,—ଆମେ ତାହାଙ୍କୁହିଁ ନୈର୍ବ୍ୟକ୍ତିକ ଈଶ୍ୱରସତ୍ତା ବୋଲି କହିପାରିବା ।

କିନ୍ତୁ ଶ୍ରୀଅରବିନ୍ଦ କହିଛନ୍ତି ଯେ ଏପରି ଗୋଟିଏ ଅବସ୍ଥା ଅଛି, ଯେଉଁଠାରେ କି ଦୁଇଟିଯାକ ଗୋଟିଏ ହୋଇ ରହିଛନ୍ତି । ଏବଂ ତଥାପି ସିଏ ଏକା ସେହି ଗୋଟାଏ ଉପାଦାନ ହୋଇ ରହିଛନ୍ତି : ସତେଅବା ସେହି ଗୋଟିଏ ବସ୍ତୁର ଏପାଖ ଏବଂ ସେପାଖ ହୋଇ ରହିଛନ୍ତି । ଯଦି ତୁମେ ଏକ ନିର୍ଦ୍ଦିଷ୍ଟ ମାର୍ଗ ଧରି ଭଗବାନଙ୍କର ନିକଟବର୍ତ୍ତୀ ହେବ, ତେବେ ତୁମେ ତାଙ୍କର ନୈର୍ବ୍ୟକ୍ତିକ ରୂପରେହିଁ ତାଙ୍କର ପରିଚୟ ପାଇବ, ଅର୍ଥାତ୍‌, ସେତେବେଳେ ତୁମେ ତାଙ୍କ ସହିତ କୌଣସି ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରି ପାରିବ ନାହିଁ । ମାତ୍ର, ଯଦି ଅନ୍ୟ ମାର୍ଗଟିରେ ତାଙ୍କର ସମୀପବର୍ତ୍ତୀ ହେବାକୁ ଯିବ, ତେବେ ଜଣେ ବ୍ୟକ୍ତି ରୂପରେହିଁ ତାଙ୍କୁ ସାକ୍ଷାତ କରିବ,—ଯିଏକି ତୁମର ଏହି ସାନ ବ୍ୟକ୍ତିରୂପଟିର ତୁଳନାରେ ବୃହଦନୁପାତ ହୋଇ ରହିଥିବେ, ମାତ୍ର ତାଙ୍କ ସହିତ ତୁମେ ନିଶ୍ଚୟ କେତେପ୍ରକାର ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରିପାରିବ । ମାତ୍ର, ତାଙ୍କୁ ଆମେ ଏପଟୁ ଦେଖୁଥିବା ଅଥବା ସେପଟୁ ଦେଖୁଥିବା ପଛକେ, ସିଏ ସବୁବେଳେ ସେହି ଏକ ଦିବ୍ୟ ପରମସତ୍ତା ହୋଇ ରହିଥିବେ ।

## ୧୮ ଏପ୍ରିଲ ୧୯୫୭

“ଏହାର ଗୋଟିଏ ମେରୁରେ ଅବସ୍ଥିତ ରହି ସାଧକ କେବଳ ସତ୍ତାର ସେହି ପରମପ୍ରଭୁଙ୍କ ବିଷୟରେହିଁ ସଚେତନ ହୋଇପାରେ, ଯିଏକି ତାକୁ ମୁକ୍ତ କରି ଆଣିବାକୁ ଏବଂ ଦିବ୍ୟ କରି ଗଢ଼ିବାକୁ ଆପଣାର ଜ୍ଞାନଗତ, ଶକ୍ତିଗତ ତଥା ଆନନ୍ଦଗତ ସାମର୍ଥ୍ୟକୁ ତା' ଉପରେ ଅଜାଡ଼ି ଦେବାରେ ଲାଗିଛନ୍ତି । ସେତେବେଳେ ତା' ଲାଗି ଶକ୍ତି ହୁଏତ ଏହିସବୁ ବସ୍ତୁକୁ ପ୍ରକଟ କରି ଦେଉଥିବା

'oaob.nitrkl.ac.in' images reprocessed

କେବଳ ଏକ ନୈର୍ବ୍ୟକ୍ତିକ ସାମର୍ଥ୍ୟରୂପେହିଁ ପ୍ରଜ୍ଞାତ ହୋଇ ପାରନ୍ତି, କିଂବା ସେହି ଈଶ୍ୱରଙ୍କର କେବଳ ଗୋଟିଏ ସ୍ୱଭାବ ବୋଲିହିଁ ମନେ ହୋଇପାରନ୍ତି । ଅନ୍ୟ ମେରୁଟିରେ ସିଏ ହୁଏତ ବିଶ୍ୱର ସର୍ଜନା କରୁଥିବା ସେହି ଜଗଜ୍ଜନନୀଙ୍କୁହିଁ ସାକ୍ଷାତ କରିପାରେ ଯିଏକି ଆପଣାର ଚିଦ୍‌ଗତ ଉପାଦାନଟି ମଧ୍ୟରୁ ସକଳ ଦେବତା, ସକଳ ଲୋକ, ସକଳ ବସ୍ତୁ ଏବଂ ସକଳ ସତ୍ତାଙ୍କୁ ଉତ୍ପନ୍ନ କରିବାରେ ଲାଗିଛନ୍ତି । ଅଥବା, ଯଦି ସେ ଦୁଇଟିଯାକ ସ୍ୱଭାବକୁ ପ୍ରତ୍ୟକ୍ଷ କରୁଥାଏ, ତେବେ ଏକ ଅସମାନ ଓ ଭେଦାତ୍ମକ ଦୃଷ୍ଟିରେହିଁ ହୁଏତ ସେଇ ସ୍ୱଭାବଗୁଡ଼ିକୁ ପ୍ରତ୍ୟକ୍ଷ କରୁଥାଏ; ସେତେବେଳେ ଗୋଟିଏ ଦୃଷ୍ଟି ହୁଏତ ଅନ୍ୟଟି ପାଖରେ ଗୌଣ ହୋଇ ରହିଥାଏ ଏବଂ ଶକ୍ତିଙ୍କୁ ଈଶ୍ୱରଙ୍କର ନିକଟବର୍ତ୍ତୀ ହେବା ଲାଗି କେବଳ ଗୋଟିଏ ସାଧନରୂପେହିଁ ବିଚାର କରୁଥାଏ । ଫଳରେ ଏକ ଏକାଙ୍ଗୀ ବା ଏକଦର୍ଶୀ ପ୍ରବୃତ୍ତି ଜନ୍ମଲାଭ କରେ ବା ଭାରସାମ୍ୟର ଏକ ଅଭାବ ସଂଘଟିତ ହୁଏ; ଅର୍ଥାତ୍ କାର୍ଯ୍ୟସମ୍ପାଦନର କୌଣସି ସାମଥ୍ୟ ଆପଣାର ଆଧାରଟିରେ ସୁପ୍ରତିଷ୍ଠିତ ହୋଇ ରହି ନଥାଏ ଅଥବା ଉନ୍ମୋଚନର କୌଣସି ଆଲୋକ ସମ୍ପୂର୍ଣ୍ଣ ଭାବରେ ଗତିଶୀଳ ହୋଇ ପାରି ନଥାଏ । ଯେତେବେଳେ ଏହି ଦ୍ୱୈତତାର ଦୁଇଟି-ଯାକ ପାଖ ମଧ୍ୟରେ ଏକ ସମ୍ପୂର୍ଣ୍ଣ ସମ୍ମିଳନ ସମ୍ଭବ ହୋଇପାଏ ଏବଂ ସେହି ସମ୍ମିଳନହିଁ ସାଧକର ଚେତନାଟିକୁ ପରିପ୍ଲୁତ କରିବାକୁ ଲାଗେ, କେବଳ ସେତିକିବେଳେ ଯାଇ ସାଧକ ଆପଣାକୁ ଏକ ପୂର୍ଣ୍ଣତର ସାମର୍ଥ୍ୟ ମଧ୍ୟକୁ ଉନ୍ମୋଚିତ କରିଦେବାକୁ ଆରମ୍ଭ କରେ ଏବଂ ସେହି ସାମର୍ଥ୍ୟହିଁ ଏଠାରେ ରହିଥିବା କେତେ ଭାବନା ଓ କେତେ ଶକ୍ତିମତ୍ତାର ଏହି ନାନା ଅଡ଼ୁଆର ସଂଘାତଟି ମଧ୍ୟରୁ ତାକୁ ସମ୍ପୂର୍ଣ୍ଣ ଭାବରେ ଏକ ଉଚ୍ଚତର ସତ୍ୟ ମଧ୍ୟକୁ ମୁକ୍ତ କରି ଆଣିପାରେ ଏବଂ ଯେଉଁ ପରମସତ୍ୟଟି ଅଜ୍ଞାନମୟ ଏହି ଜଗତକୁ ଆଲୋକିତ କରିଦେଇ ପାରିବ, ତାହାକୁ ବନ୍ଧନମୁକ୍ତ କରିଦେଇ ପାରିବ ଏବଂ ସେଇଟି ଉପରେ

'oaob.nitrkl.ac.in' images reprocessed

ନିଷ୍କାମକରୂପେ କାର୍ଯ୍ୟ କରିପାରିବ, ସେହି ସତ୍ୟଟିକୁ ଅବତରଣ କରାଇ ଆଣିପାରେ ।”

ଯୋଗସମନ୍ୱୟ, ପୃଷ୍ଠା-୧୧୭

ହଁ, ଯଦି ସାଧକ ଦୁଇଟିଯାକ ବସ୍ତୁକୁ,—ଅର୍ଥାତ୍, ସକଳ ସତ୍ତାର ପରମ ପ୍ରଭୁ ଏବଂ ଜଗଜ୍ଜନନୀଙ୍କୁ—ଦେଖିବାକୁ ସମର୍ଥ ହୋଇପାରେ;—ଏକ ଅସମାନ ଦୃଷ୍ଟିରେ ହୁଏତ ସେ ସେଗୁଡ଼ିକୁ ଦେଖୁଥିବ, ଯାହାର ଅର୍ଥ ହେବ ଯେ ସିଏ ତଥାପି ସେଗୁଡ଼ିକୁ ଅଲଗା କରି ଦେଖୁଛି ଏବଂ ହୁଏତ ଗୋଟିକ ଅପେକ୍ଷା ଆରଟିକୁ ଅଧିକ ମହତ୍ତ୍ୱ ଦେଉଛି । ଏବଂ, ସେହି କ୍ଷେତ୍ରରେ, ଏକ ଏକଦର୍ଶୀ ପ୍ରବୃତ୍ତି ଜନ୍ମଲାଭ କରିବ; ସିଏ କେବଳ ଗୋଟିଏ ପାଖକୁହିଁ ଦେଖୁଥିବ ବା ଦୁଇଟାଯାକ ଦୃଷ୍ଟି ମଧ୍ୟରେ ସ୍ୱରସାମ୍ୟର ଏକ ଅଭାବ ରହି ଯାଇଥିବ । ତେଣୁ, ରୂପାୟନଟିକୁ କାର୍ଯ୍ୟକାରୀ କରିବାର ଶକ୍ତିଟି ଆଦୌ ପରିପୂର୍ଣ୍ଣ ଭାବରେ ସମର୍ଥିତ ହେଉ ନଥିବ, ଅର୍ଥାତ୍, ପରମା ଜନନୀଙ୍କର ନିସ୍ୱାର ପକ୍ଷରେ, ସାଧକ ଯାହାଙ୍କୁ ପରମ ପ୍ରଭୁ ବୋଲି କହୁଛି, ତାଙ୍କର ଯଥାର୍ଥ ସମର୍ଥନ ରହି ପାରୁ ନଥିବ । ପରମା ଜନନୀଙ୍କର କାର୍ଯ୍ୟଟି ଲାଗି ପରମ ପ୍ରଭୁଙ୍କଠାରୁ ସମର୍ଥନ ପାଇବାର ଯଥୋପଯୁକ୍ତ ଭିତ୍ତିଟି ମୋଟେ ପ୍ରତିଷ୍ଠିତ ହୋଇ ପାରୁ ନଥିବ । ଅଥବା, ତା’ ନହେଲେ, ଏହା କେବଳ ସତ୍ୟୋଦ୍ଭାସରହିଁ ଆଲୋକ ହୋଇ ରହିଥିବ, ଅର୍ଥାତ୍, ପରମ ପ୍ରଭୁଙ୍କର ଚେତନାଟିର ଉପଲବ୍ଧି ହୋଇ ପାରି ନଥିବ, ପରିପୂର୍ଣ୍ଣ ଭାବରେ ଗତିଶୀଳ ହୋଇ ପାରି ନଥିବ, ଅର୍ଥାତ୍ ଏକ ସୃଷ୍ଟିରୂପରେ ତାହା ଆଉ ଅଭିବ୍ୟକ୍ତ ହୋଇ ପାରି ନଥିବ ।

ହୁଏତ, ସୃଷ୍ଟିକାରିଣୀ ଶକ୍ତିଟି ପକ୍ଷରେ ପରମ ସତ୍ୟୋଦ୍ଭାସର ସମର୍ଥନ ନଥିବ, ଅଥବା, ସୃଷ୍ଟିକାରିଣୀ ଶକ୍ତିଟି ମଧ୍ୟରେ ସତ୍ୟୋଦ୍ଭାସର ଅଭିବ୍ୟକ୍ତି ଘଟି ନଥିବ । ଶ୍ରୀଅରବିନ୍ଦ ସେଥିରେ ତାହାହିଁ କହିବାକୁ ଇଚ୍ଛା କରିଛନ୍ତି । ଦୁଇଟିରୁ କୌଣସି ଗୋଟିଏ ଆଡ଼କୁ ବୁଲି ଯିବା ଲାଗି ସର୍ବଦା ଏକ ପ୍ରବୃତ୍ତି ରହିଥାଏ, ଏକା-ବେଳକେ ଦୁଇଟିଯାକକୁ ଧରି ରଖିବା ପରିବର୍ତ୍ତେ, ଉକ୍ତ ପ୍ରବୃତ୍ତିଟି ଅଧିକାର କରି ପକାଇଥାଏ । ଚେତନାର ଭୂମିରେ ଦୁଇଟି ମଧ୍ୟରେ କୌଣସି ବିଭିନ୍ନତା ଘଟୁ ନଥିଲେ ମଧ୍ୟ ସେଭଳି ହୋଇଥାଏ ।

ଶ୍ରୀଅରବିନ୍ଦ କହୁଛନ୍ତି ଯେ, ଯେତେବେଳେ ଚେତନା ମଧ୍ୟରେ ସେଗୁଡ଼ିକୁ କୌଣସି ପ୍ରକାରେ ବିଭିନ୍ନ ନକରି ପକାଇବାରେ ସଫଳତା ମିଳିଯାଏ, ସେତେବେଳେ ପରମ ଯଜ୍ଞେଶ୍ୱରଙ୍କର ପରିଚୟଟିକୁ ସମ୍ପୂର୍ଣ୍ଣ ଭାବରେ ବୁଝିହୁଏ । ତା’ ନହେଲେ ଗୋଟିକ ବା ଆରଟି ପାଖକୁ ଢଳି ପଡ଼ିବାର ଆଶଙ୍କା ରହିଥାଏ । ଏବଂ ସେତେବେଳେ ତାହା ସ୍ୱଭାବତଃ ଏକ ଅପରିପୂର୍ଣ୍ଣ ଉପଲବ୍ଧି ହୋଇ ରହିଥାଏ ।

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ ଏହି କଥାଟିକୁ ଖୁବ ସ୍ପଷ୍ଟ ଭାବରେ କହୁଛନ୍ତି, ନୁହେଁ କି ? ଅର୍ଥାତ୍, ଶକ୍ତି ବା ପରମା ଜନନୀଙ୍କ ଉପରେ ଗୁରୁତ୍ୱ ନଦେଇ ଯଦି କେହି ପରମ ପ୍ରଭୁଙ୍କର ପାଖଟିକୁହିଁ ଅଧିକ ଚାଲିଯାଏ, ତେବେ ତଦ୍ୱାରା ସେ ନୈର୍ବ୍ୟକ୍ତିକ ମଧ୍ୟକୁ ଚାଲିଯାଏ, ସୃଷ୍ଟିର ବାହାରକୁ ଚାଲିଯାଏ, ନିର୍ବାଣର ସ୍ଥିତିକୁ ଫେରିଯାଏ । ସିଏ କହୁଛନ୍ତି ଯେ ନୈର୍ବ୍ୟକ୍ତିକ ଆଡ଼କୁ ଚାଲିଯିବାର ଏହି ପ୍ରବୃତ୍ତିଟି ହୁଏତ କର୍ମଯୋଗ ମଧ୍ୟରେ ବି ବେଶ୍ ରହି ଯାଇପାରେ ଏବଂ ସେତେବେଳେ ସେହି ନୈର୍ବ୍ୟକ୍ତିକ ଶକ୍ତି ଓ ନୈର୍ବ୍ୟକ୍ତିକ କର୍ମକୁ ସର୍ବଦା ଏକ ବିମୋଚନକାରୀ ବିଷୟରୂପେ ସ୍ୱୀକାର କରାଯାଏ, ଯାହାକି ଆମକୁ ଜଣେ ବ୍ୟକ୍ତି ହୋଇ ରହିବାର ସଂକୀର୍ଣ୍ଣତା ମଧ୍ୟରୁ ବାହାର କରି ଆଣେ । ଏବଂ ସେହି କାରଣରୁହିଁ ଏହି ଅନୁଭୂତିଟି ପକ୍ଷରେ ଯେଉଁ ଅତ୍ୟଧିକ ବଳ ରହି ଆସିଛି, ସେଥିରେ ବିସ୍ମୟ ପ୍ରକାଶ କରିବାର ମଧ୍ୟ ଆଦୌ କୌଣସି କାରଣ ନାହିଁ ।... ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ଏହାକୁହିଁ ଯୋଗ ବୋଲି ସ୍ୱୀକାର କରାଯାଇ ଆସିଛି । ବ୍ୟକ୍ତିଗତ ସତ୍ତାକୁ ଛାଡ଼ି ନୈର୍ବ୍ୟକ୍ତିକର ଚେତନା ମଧ୍ୟରେ ପ୍ରବେଶ କରିବାକୁହିଁ ଯୋଗ ବୋଲି ସ୍ୱୀକାର କରାଯାଇ ଆସିଛି । ଶ୍ରୀଅରବିନ୍ଦ ତାହାକୁ ଏକ ଅଭିଭୂତକାରୀ ଅନୁଭୂତି ବୋଲି ବର୍ଣ୍ଣନା କରିଛନ୍ତି, କାରଣ ତାହା ସାଧକକୁ ଅହଂଗତ ଯାବତୀୟ ସୀମାବଦ୍ଧତା ମଧ୍ୟରୁ ମୁକ୍ତ ହୋଇ ଆସିବାର ଏକ ବୋଧ ଆଣି ଦେଇ ଯାଇଥାଏ । ଏବଂ, ପରେ, ସେ ତାଙ୍କ ସହିତ ସମ୍ମିଳିତ ହେବାର ଅବସ୍ଥାଟିକୁ ମଧ୍ୟ ବର୍ଣ୍ଣନା କରିଛନ୍ତି : ବ୍ୟକ୍ତିଗତ ଦିଗଟିକୁ ଗୁରୁତ୍ୱ ଦେଇ ଦିବ୍ୟ ପରମପୁରୁଷଙ୍କ ସହିତ ଯୁକ୍ତ ହେବା ବିଷୟରେ କହୁଛନ୍ତି । ସେତେବେଳେ ପୃଥିବୀ ଆଉ ଏକ ମାୟା ହୋଇ ରହେ ନାହିଁ, ବା କ୍ଷଣଭଙ୍ଗୁର କୌଣସି ଏକ ବସ୍ତୁ ହୋଇ ରହେ ନାହିଁ ଯାହାକି କିଛିତ କାଳଟି ପୂରିଯିବା ପରେ ଅନ୍ତର୍ହିତ ହୋଇଯିବ, ସେତେବେଳେ ପୃଥିବୀ ସେହି ଶାଶ୍ୱତ ଓ ଦିବ୍ୟ ପରମ ପୁରୁଷଙ୍କରହିଁ ଅନୁକ୍ଷଣ ଏବଂ ସତତଗତିଶୀଳ ଏକ ପ୍ରକାଶରୂପେ ଉପଲବ୍ଧ ହୋଇଥାଏ ।

ସେଇଟି ହେଉଛି ଅନ୍ୟ ପାଖ ।

ଏବଂ ଯେତେବେଳେ ଦୁଇଟିଯାକ ପାଖକୁ ଏକାଠି ଧରିହୁଏ, ସେତେବେଳେ ସାଧନାରେ ପରିପୂର୍ଣ୍ଣତା ଆସେ । ଆଉକିଛି ପଚାରିବାକୁ ଅଛି ?

ମାଆ, ଶ୍ରୀଅରବିନ୍ଦ ଏଠାରେ ଯେଉଁ "ବିଶ୍ୱସାମର୍ଥ୍ୟର ସୁନ୍ଦର ପୁଷ୍ପ"ଟି କଥା କହିଛନ୍ତି, ତାହାର ପୁଣି ଅର୍ଥ କ'ଣ : "ଏହି ଯାବତୀୟ ବିଶ୍ୱପ୍ରୟାସ ମଧ୍ୟରେ ଯେଉଁ ପ୍ରେରକଶକ୍ତିଟିହିଁ ନିହିତ ହୋଇ ରହିଛି, ତାହାର ଉଦ୍ଦେଶ୍ୟ ତଥା ଇଙ୍ଗିତର ପୂର୍ବାଭାସ

ସଚେତ‌ଅବା ବିଶ୍ୱସାମର୍ଥ୍ୟର ଏହି ସୁନ୍ଦର ପୁଷ୍ପଟି ଆପଣା ମଧ୍ୟରେ ବର୍ଦ୍ଧନ କରି ଅଗ୍ରସର ହେଉଥାଏ" ?

**ଯୋଗସମନ୍ୱୟ, ପୃଷ୍ଠା ୧୧୮-୧୯**

**ବିଶ୍ୱସାମର୍ଥ୍ୟର ସୁନ୍ଦର ପୁଷ୍ପଟି ଦ୍ୱାରା ସେ ଆତ୍ମାକୁହିଁ ବୁଝାଉଛନ୍ତି ।**

(ମାଆ ପଢ଼ିଲେ :) "ଏହି ଅନୁବୋଧଟି ଅନୁସାରେ, ଆମର ଚେତନା, ପ୍ରାଣ ତଥା ଆମର ଆତ୍ମା ପରି ଆମର ବ୍ୟକ୍ତିତ୍ୱ ମଧ୍ୟ ଯେ କେବଳ ଏକ ନୈର୍ବ୍ୟକ୍ତିକ ଶାଶ୍ୱତତା ମଧ୍ୟରେ ସଚେତ‌ଅବା ମାତ୍ର ଅଳ୍ପଦିନ ସକାଶେ ଏକ ଅତିଥି ପରି ଆସେ ନାହିଁ, ସେହି କଥାଟି ପ୍ରତିପାଦିତ ହୋଇଯାଏ; ଆମର ବ୍ୟକ୍ତିତ୍ୱଟିହିଁ ଆମ ଜୀବନର ପ୍ରକୃତ ତାତ୍ପର୍ଯ୍ୟ ବୋଲି ପ୍ରତିପାଦିତ ହୁଏ ।"

**ଅର୍ଥାତ୍, ତାହା ଦିବ୍ୟ ପରମପୁରୁଷଙ୍କର ଉପସ୍ଥିତିକୁହିଁ ବୁଝାଉଛି ।**

"ବିଶ୍ୱସାମର୍ଥ୍ୟର ଏହି ସୁନ୍ଦର ପୁଷ୍ପଟି ଆପଣା ମଧ୍ୟରେ..."

**ଅର୍ଥାତ୍ ଆତ୍ମା ।**

"ଏହି ଯାବତୀୟ ବିଶ୍ୱପ୍ରବାହ ମଧ୍ୟରେ ଯେଉଁ ପ୍ରେରକଶକ୍ତି ନିହିତ ହୋଇ ରହିଛି, ତାହାର ଉଦ୍ଦେଶ୍ୟ ତଥା ଇଙ୍ଗିତର ପୂର୍ବାଭାସକୁ ସଚେତ‌ଅବା ଆପଣା ମଧ୍ୟରେ ବହନ କରିବାରେ ଲାଗିଛି ।"

**ସେହି ସଚେତନ ଏବଂ ଜୀବନ୍ତ ପରମ ଶାଶ୍ୱତଙ୍କର ଉପଲବ୍ଧି ।**

**ଏହାହିଁ ତାହାର ଅର୍ଥ ।**

**ଏଠାରେ ଲକ୍ଷ୍ୟଟିକୁ ସୂଚିତ କରି ଦିଆଯାଇଛି ।**

**ଏବଂ ବିଶ୍ୱପ୍ରବାହଟିର ପ୍ରେରକଶକ୍ତିଟିକୁ ମଧ୍ୟ ସୂଚିତ କରି ଦିଆଯାଇଛି ।**

'oaob.nitrkl.ac.in' images reprocessed

ତାହାର ଠିକ୍ ପରେ ପରେ ଶ୍ରୀଅରବିନ୍ଦ ଲେଖିଛନ୍ତି : "ସାଧକ ମଧ୍ୟରେ ସେହି ଗୁହ୍ୟ କେନ୍ଦ୍ରଟି ଖୋଲିଯିବା ସଙ୍ଗେ ସଙ୍ଗେ ସେ ଅନ୍ତସ୍ତଳରେ ଅବସ୍ଥିତ ଏପରି ନାନା ଜଗତ ସମ୍ବନ୍ଧରେ ସଜ୍ଞାନ ହେବାକୁ ଆରମ୍ଭ କରେ, ଯେଉଁଠି ମଧ୍ୟରେ କି ଚେତନା ଓ ବ୍ୟକ୍ତିଭାବାପନ୍ନତା ଏକ ଅତିବିସ୍ତୃତ ସ୍ଥାନ ଅଧିକାର କରି ରହି-ଥାନ୍ତି ଓ ସର୍ବପ୍ରଥମ ମହତ୍ତ୍ୱର ବସ୍ତୁରେ ପରିଣତ ହୋଇ ରହନ୍ତି ।"

**ହଁ, ଏହି କଥାଟି ମଧ୍ୟରେ ତୁମେ କେଉଁଟିକୁ ବୁଝି ପାରୁ ନାହିଁ ? ଏହିବିଷୟରେ ଆମେ କେଜାଣି କେତେଥର କଥାବାର୍ତ୍ତା ହୋଇଥିବା । ଏହି ବିଷୟରେ ତୁମେ ଠିକ୍ କ'ଣ ଜାଣିବାକୁ ଇଚ୍ଛା କରୁଛ ? ଏହିସବୁ ଗୁହ୍ୟ ପୃଥିବୀର ଏକ ବର୍ଣ୍ଣନା ଆବଶ୍ୟକ କରୁଛ ନା ସେହି ଜଗତରେ ପ୍ରବେଶ କରିବାର ମାର୍ଗଗୁଡ଼ିକୁ ଜାଣିବାକୁ ଇଚ୍ଛା କରୁଛ ?**

ସେଠାରେ ପ୍ରବେଶ କରିବାର ମାର୍ଗଗୁଡ଼ିକୁ ।

**ସେଠାରେ ପ୍ରବେଶ କରିବାର ମାର୍ଗଗୁଡ଼ିକୁ ? ଅଚ୍ଛା !**

**ତୁମେ ଆପଣା ଭିତରୁ କିପରି ବାହାରି ଆସିବାକୁ ହୁଏ, ସେକଥା ଜାଣିଛ କି ?**

**ଆପଣା ଭିତରୁ ବାହାରି ଆସିବା କହିଲେ କ'ଣ ବୁଝାଏ, ତୁମେ ସେକଥା ବି ଜାଣିଛ କି ? ଦାର୍ଶନିକ ଅଥବା ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ନୁହେଁ, ଗୂଢ଼ବିଦ୍ୟାର ଦୃଷ୍ଟି ଅନୁସାରେ ଏହାର ଅର୍ଥଟି ମୁଁ ତୁମକୁ ପଚାରୁଛି । ନିଜ ଭିତରୁ ବାହାରି ଯାଇଥିବା ସମୟରେ ତୁମେ ସଚେତନ ରହିଥାଅ କି, ନିଜର ଇଚ୍ଛା ଅନୁସାରେ ତୁମେ ଏହି କଥାଟିକୁ କରିପାର କି ? ନିଜର ଶରୀର ଭିତରୁ ବାହାରିଯାଇ ଏକ ସୂକ୍ଷ୍ମତର ଶରୀର ମଧ୍ୟରେ ବାସ କରିବା ଏବଂ ତା'ପରେ ସେଇଟିରୁ ବାହାରକୁ ବାହାରିଯାଇ ତା'ଠାରୁ ଆହୁରି ଅଧିକ ସୂକ୍ଷ୍ମ ଏକ ଶରୀରରେ ପ୍ରବେଶ କରିବା ଓ ଏହିପରି ଅଗ୍ରସର ହେବାର କୌଶଳଟି ତୁମକୁ ଜଣାଅଛି କି ? ଏଗୁଡ଼ିକୁ କିପରି କରିବାକୁ ହୁଏ, ସେକଥା ତୁମେ ଜାଣିଛ କି ? ତୁମେ କେବେହେଲେ ଏପରି କରିଛ ? କରି ନାହିଁ ? ତେବେ ଏ ବିଷୟରେ ଆମେ ଆଉ ଦିନେ କଥାବାର୍ତ୍ତା ହେବା ।**

ମାଆ, ସ୍ୱପ୍ନବେଳେ ଏସବୁ ଘଟିଥାଏ ।

'oaob.nitrkl.ac.in' images reprocessed

**ସ୍ୱପ୍ନବେଳେ ? ସ୍ୱପ୍ନବେଳେ ତୁମେ କେଉଁଠାରେ ଥାଅ, ସେକଥା ତୁମେ ଜାଣିଥାଅ କି ?**

ହଁ, କିଛି କିଛି ଜାଣିପାରୁ ।

**କିଛି କିଛି ? ଖୁବ୍ ମଜା କଥା ପରି ମନେ ହେଉଛି । ଏବଂ ସ୍ୱପ୍ନବେଳେ ତୁମେ କେଉଁସବୁ ସ୍ଥାନକୁ ଯାଇଥାଅ ?**

ଅନେକ ସମୟରେ ଏପରିସବୁ ଅଞ୍ଚଳକୁ···

**କେଉଁସବୁ ଅଞ୍ଚଳକୁ ?**

ପ୍ରାଣିକ ଅଞ୍ଚଳକୁ ।

**ଅଚ୍ଛା, ତା'ହେଲେ ତୁମେ ପ୍ରାଣିକ ଅଞ୍ଚଳଗୁଡ଼ିକରେ ବିଚରଣ କରିବାକୁ ଯାଇଥାଅ,—ଏବଂ ସେଠାରେ ତୁମ ଲାଗି କୌଣସି ଅପ୍ରୀତିକର ଘଟଣା ଘଟେ ନାହିଁ ?**

ଅଧିକାଂଶ ସମୟରେ ଘଟେ ।

**ଅଚ୍ଛା, ତେବେ ସେଗୁଡ଼ିକରୁ ରକ୍ଷା ପାଅ କିପରି ?**

ଧାଇଁ ଧାଇଁ ଶରୀର ମଧ୍ୟକୁ ଫେରିଆସୁ !

**ବାସ୍, ତୁମେ ତେବେ ସେତିକି ଜାଣିଛ ?**

ନା—ବେଳେବେଳେ କାହାର ଡାକ ଆସି କାନରେ ବାଜେ ଏବଂ ଧାଇଁ ପଳାଇ ଆସିବା ଲାଗି କୌଣସି ଆବଶ୍ୟକତା ନାହିଁ ବୋଲି ଜାଣିହୁଏ । ମାତ୍ର ସେକଥା ବେଶୀ ସମୟ ସ୍ଥାୟୀ ହୁଏ ନାହିଁ ।

'oaob.nitrkl.ac.in' images reprocessed

**ସ୍ଥାୟୀ ହୁଏ ନାହିଁ । ମାତ୍ର, ତୁମେ କ'ଣ ନିଜ ଇଚ୍ଛାନୁସାରେ ଭିତରକୁ ଯାଇପାର ଓ ବାହାରକୁ ବି ଆସିପାର ?**

ନା, ଇଚ୍ଛାନୁସାରେ ପାରୁ ନାହିଁ ।

**ଯେଉଁ ଜାଗାଟିକୁ ତୁମେ ଆଗରୁ ଏକାଧିକ ବାର ଯାଇଛ, ସେପରି ଗୋଟିଏ ଜାଗାକୁ ତୁମେ ଫେରିଆସି ପାର କି ?**

ନାଇଁ ମାଆ, ପାରୁ ନାହିଁ ।

**ଏକାଧିକ ଥର ଲାଗି ତୁମେ ସେହି ଗୋଟିଏ ଜାଗାକୁ ଖୋଜି ପାର ନାହିଁ ?**

ନା—ଇଚ୍ଛାନୁସାରେ ମୋଟେ ପାରୁ ନାହିଁ ।

**ମାତ୍ର, ଏପରି ପିଲା ଅଛନ୍ତି, ଯେଉଁମାନେ ସେକଥା କରିପାରନ୍ତି । ସେମାନେ ସ୍ୱପ୍ନଟିକୁ ଅବିଚ୍ଛିନ୍ନ ରଖି ପାରନ୍ତି । ସବୁଦିନ ବିଛଣାରେ ଶୋଇବାକୁ ଯିବା ପରେ ସେମାନେ ଠିକ୍ ସେହି ଜାଗାଟିକୁ ଫେରିଆସନ୍ତି ଓ ସ୍ୱପ୍ନଟିକୁ ଅବିଚ୍ଛିନ୍ନ ରଖନ୍ତି ।**

ପିଲା ବୟସରେ ମୋର ସେହିପରି ହେଉଥିଲା ।

**ମାତ୍ର, ବର୍ତ୍ତମାନ ତ ଆଉ ପିଲା ନାହିଁ,—ତାହା ଖାଲି ଦୁଃଖର କଥା !**

କାରଣ, ସେତେବେଳେ ମୋ ମୁଣ୍ଡରେ ଆଉ କୌଣସି କଥା ଭର୍ତ୍ତି ହୋଇ ରହୁ ନଥିଲା ।

**ତେବେ, ଆଉଥରେ ପିଲା ହୋଇଯାଅ, ଏବଂ ସେହି କଥାଟିକୁ ତୁମେ କିପରି ପୁନର୍ବାର ସମ୍ଭବ କରିବ, ତୁମେ ତାହା ଜାଣି ପାରିବ ।**

**ଏହାଠାରୁ ଆଉ ଅଧିକ ଆଗ୍ରହୋଦ୍ଦୀପକ କଥା କ'ଣ ଅଛି କହିଲ ! ରାତ୍ରି ଅତିବାହିତ କରିବା ଲାଗି ଏହା ହେଉଛି ଏକ ଅତ୍ୟନ୍ତ ସୁଖକର ପ୍ରଣାଳୀ । ଶୋଇବାକୁ ଯିବାବେଳକୁ ତୁମେ କାହାଣୀଟିଏ ଆରମ୍ଭ କରିଦିଅ, ଏବଂ,**

'oaob.nitrkl.ac.in' images reprocessed

ଯେତେବେଳେ ନିଦରୁ ଉଠିବାର ସମୟ ଆସି ପହଞ୍ଚିଯାଏ, ସେତେବେଳେ ଶେଷ ବାକ୍ୟଟିରେ ଗୋଟିଏ ପୂର୍ଣ୍ଣଚ୍ଛେଦ ପକାଇଦେଇ ତୁମେ ନିଜ ଭିତରକୁ ପୁନର୍ବାର ବାହୁଡ଼ିଆସ । ଏବଂ, ପରଦିନ ରାତିରେ ତୁମେ ପୁଣି ସେହି କାହାଣୀଟିକୁ ଆରମ୍ଭ କରିଦିଅ, ସେହି ପୃଷ୍ଠାଟିକୁ ପୁନର୍ବାର ଖୋଲିଦିଅ ଏବଂ ପୁଣି କାହାଣୀଟି ଆରମ୍ଭ ହୋଇଯାଏ । ନିଜ ଭିତରୁ ବାହାର ହୋଇ ଯାଇଥିବା ପର୍ଯ୍ୟନ୍ତ ସମସ୍ତ ସମୟ ଧରି କାହାଣୀଟି ଲାଗି ରହିଥାଏ । ଏବଂ ତୁମେ ଘଟଣାଗୁଡ଼ିକୁ ଖୁବ ଭଲ ଭାବରେ ସଜାଇକରି ରଖିଥାଅ,—ସେଗୁଡ଼ିକୁ ଅତ୍ୟନ୍ତ ସୁସଜ୍ଜିତ ଏବଂ ସୁନ୍ଦର କରି ରଖିବାକୁ ପଡ଼େ । ପୁଣି ଯେତେବେଳେ ଫେରି ଆସିବାର ସମୟ ଆସି ପହଞ୍ଚେ, ସେତେବେଳେ ତୁମେ ପୁନର୍ବାର ଗୋଟିଏ ପୂର୍ଣ୍ଣଚ୍ଛେଦ ପକାଇଦିଅ ଏବଂ ସେହିସବୁ କଥାକୁ କହିବାରେ ଲାଗ, "ହଁ, ମୁଁ ପୁଣି ଫେରି ଆସିବାଯାଏ ତୁମେମାନେ ଶାନ୍ତ ହୋଇ ରହିଥିବ, କୁଆଡ଼େ ଯିବ ନାହିଁ !" ଏବଂ ତା'ପରେ ତୁମେ ନିଜର ଶରୀରଟି ଭିତରକୁ ବାହୁଡ଼ି ଚାଲିଆସ । ଏହିପରି ଭାବରେ ପ୍ରତ୍ୟେକ ଦିନ ରାତିରେ ଲାଗି ରହିଥାଏ, ଏବଂ ତୁମେ ଚମତ୍କାର କେତେକେତେ ସରସ ପଦ୍ୟ ଗଳ୍ପର ବହିଟିଏ ଲେଖି ପ୍ରସ୍ତୁତ କରିଦିଅ । ଅବଶ୍ୟ ସତ ଯେ, ନିଦରୁ ଉଠିଲା ବେଳକୁ ସେସବୁକୁ ମନେ ପକାଇ ପାରିଲେ ଯାଇ ତାହା ସମ୍ଭବ ହୁଏ ।

ମାତ୍ର ଦିନମାନ ଏକ ସ୍ଥିର ଅବସ୍ଥାରେ ରହି ପାରିଲେ ଯାଇ ଏସବୁ ହେବ, ନୁହେଁ କି ?

ନା,—ଏହି କଥାଟି ସେହି ପିଲାଟିର ନିଷ୍କପଟତା ଓ ସରଳତା ଉପରେହିଁ ନିର୍ଭର କରେ ।

ତା' ଜୀବନରେ ଯାହାସବୁ ଘଟୁଛି, ସେଗୁଡ଼ିକ ଉପରେ ସେ ଆସ୍ଥା ରଖି ପାରୁଥିବ, ମନ ଭିତରେ କୌଣସି ସମାଲୋଚନା ବା ସଂଶୟପ୍ରକାଶ ନରଖି ସିଏ ସରଳବିଶ୍ୱାସରେ ସବୁ ଗ୍ରହଣ କରି ପାରୁଥିବ, ହୃଦୟ ସରଳ ହୋଇ ରହିଥିବ, ଶୁଦ୍ଧ ତାରୁଣ୍ୟମୟ ଏବଂ ସହିଷ୍ଣୁ ହୋଇଥିବ,—ସେକଥା ଏହି ସବୁକିଛି ଉପରେ ନିର୍ଭର କରେ । ଭିତରେ ଏକ ପ୍ରକୃତ ପ୍ରାଣଗତ ଉଦାରତା ରହିଥିବ : ତୁମେ ଅତ୍ୟଧିକ ପରିମାଣରେ ଅହଙ୍କାରୀ ହୋଇ ନଥିବ, ଅତିବେଶୀ କୃପଣ ହୋଇ ନଥିବ, ଅତିବେଶୀ ପ୍ରୟୋଜନବାଦୀ ମଧ୍ୟ ହୋଇ ନଥିବ, ଅତିବେଶୀ ଲାଭସଚେତନତା ନଥିବ,...ହଁ, ଏହିପରି କେତେକେତେ କଥା ରହିଛି, ଯାହାକି ତୁମେ ମୋଟେ ହୋଇ ନଥିବ, ଠିକ୍ ପିଲାଙ୍କ ଭଳି ହୋଇଥିବ । ଏବଂ ତା'ପରେ, ତୁମର କଳ୍ପନାଶକ୍ତି ଅତ୍ୟନ୍ତ ଜୀବନ୍ତ ହୋଇ

'oaob.nitrkl.ac.in' images reprocessed

ରହୁଥିବ, କାରଣ,—ମୁଁ ନିର୍ବୋଧଙ୍କ ପରି ତୁମମାନଙ୍କୁ କେତେ କ'ଣ କହୁଯାଉଛି, ମାତ୍ର ଏସବୁ ପ୍ରକୃତରେ ସତ କଥା,—କାରଣ ଏପରି ଏକ ପୃଥିବୀ ରହୁଛି, ଯେଉଁଥିରେ ତୁମେ ନିଜେହିଁ ସର୍ବୋଚ୍ଚ କର୍ତ୍ତା ହିସାବରେ ଆକାରଗୁଡ଼ିକୁ ତିଆରି କରିଥାଅ : ସେଇଟି ହେଉଛି ତୁମର ଏକ ସ୍ୱତନ୍ତ୍ର ଜଗତ, ତୁମର ପ୍ରାଣିକ ଜଗତ । ସେଠାରେ ସବୁକିଛିକୁ ତୁମେ ନିଜେ ତିଆରି କରିଥାଅ, ଏବଂ ସେଇଟିକୁ ବ୍ୟବହାର କରିବାର କଳାଟି ଜାଣିଥିଲେ ତୁମେ ଆପଣାର ଜଗତଟିକୁ ପ୍ରକୃତରେ ଏକ ବିସ୍ମୟରୂପେ ଗଢ଼ି ତୋଳିଦେଇ ପାରିବ । ଯଦି ତୁମର ଚେତନା ଭିତରେ କିଞ୍ଚିତ୍ କଳାତ୍ମକତା ଏବଂ କାବ୍ୟକତା ରହିଥାଏ, ଯଦି ସୌନ୍ଦର୍ଯ୍ୟ ଓ ସୌଷମ୍ୟ ତୁମକୁ ଭଲ ଲାଗୁଥାଏ, ତେବେ ତୁମେ ସେଠାରେ ଏପରି ବିସ୍ମୟକାରକ ଓ ସୁନ୍ଦର ଭାବରେ ଏପରି କିଛି ଗଢ଼ିଦେଇ ପାରିବ, ଯାହାକି ତୁମ ବାସ୍ତବ ଭୌତିକ ଜଗତଟି ମଧ୍ୟକୁ ବି ଉଚ୍ଛୁଳିତ ହୋଇ ଆସିବାକୁ ମନ କରୁଥିବ ।

ଯେତେବେଳେ ମୋତେ ଅଳ୍ପ ବୟସ ହୋଇଥିଲା, ସେତେବେଳେ ମୁଁ ଏହିସବୁ ବ୍ୟାପାରକୁ "ନିଜ ପାଖରେ କାହାଣୀମାନ କହିବା" ବୋଲି କହୁଥିଲି । ନିଜର ମୁଣ୍ଡ ଭିତରେ ଗୁଡ଼ାଏ ଶବ୍ଦ ବ୍ୟବହାର କରି ଏସବୁ ମୋତେ କୁହା ଯାଏ ନାହିଁ । ମାତ୍ର ଏହିସବୁ ସମୟରେ ଏପରି ଏକ ସ୍ଥାନକୁ ଚାଲି ଯାଇହୁଏ, ଯେଉଁଠି ସବୁ ଜୀବନମୟ ଲାଗେ, ସବୁ ଶୁଦ୍ଧ ବୋଧ ହୁଏ,···ଏବଂ, ସେହିଠାରେହିଁ ଏକ ଚମତ୍କାର କାହାଣୀ ତିଆରି କରିବାକୁ ହୁଏ । ଏବଂ ଏହିପରି ଭାବରେ କପରି ନିଜ ପାଖରେ କାହାଣୀଟିଏ କହିହୁଏ, ତୁମକୁ ସେହି କୌଶଳଟି ଆସିଗଲା ପରେ, ଏବଂ ଯଦି ସେହି କାହାଣୀଟି ପ୍ରକୃତରେ ସୁନ୍ଦର ହୋଇଥାଏ, ପ୍ରକୃତରେ ସୌଷମ୍ୟଯୁକ୍ତ; ଶକ୍ତିଶାଳୀ ଓ ସୁସମନ୍ୱିତ ବି ହୋଇଥାଏ, ତେବେ ସେହି କାହାଣୀକୁ ତୁମେ ନିଜର ଜୀବନରେ ମଧ୍ୟ ଉପଲବ୍ଧି କରିପାରିବ । ହୁଏତ, ତୁମେ ଯେଉଁ ଆକାରରେ କାହାଣୀଟିକୁ ତିଆରି କରିଥିଲ, ଠିକ୍ ସେହି ଆକାରରେ ନୁହେଁ, ମାତ୍ର ତୁମ ଗଢ଼ା କାହାଣୀଟିର କିଞ୍ଚିତ୍ ପରିମାଣରେ ଏକ ପରିବର୍ତ୍ତିତ ଆକାର ଅଭିବ୍ୟକ୍ତିରୂପେ ତୁମେ ନିଜ ଜୀବନରେ ସେଇଟିକୁ ଉପଲବ୍ଧି କରି ପାରିବ ।

ଏପରି କରି ପାରିବାକୁ ହୁଏତ ବର୍ଷ ବର୍ଷ ଲାଗିଯିବ, ମାତ୍ର ତୁମର କାହାଣୀଟି ତୁମର ଜୀବନକୁ ସଂଗଠିତ କରିବା ଦିଗରେ ନିଶ୍ଚୟ ଏକ ପ୍ରବୃତ୍ତି ରଖିଥିବ ।

ମାତ୍ର ଅତି ଅଳ୍ପସଂଖ୍ୟକ ଲୋକ ଅଛନ୍ତି, ଯେଉଁମାନେ କି ଏକ ସୁନ୍ଦର କାହାଣୀ କହି ଜାଣିଛନ୍ତି; ଏବଂ ତା' ଉପରକୁ ସେମାନେ ପୁଣି ସେଥିରେ ସର୍ବଦା କେତେ କେତେ ଅସ୍ୱାଭାବିକତା ଆଣି ମିଶାଇ ଦେଇଥାନ୍ତି, ଏବଂ ପରେ ସେଥିଲାଗି ଶୋଚନା ବି କରନ୍ତି ।



'oaob.nitrkl.ac.in' images reprocessed

ଯଦି ଆମେ ଏକ ସୁନ୍ଦର ଓ ଚମତ୍କାର କାହାଣୀଟିଏ ତିଆରି କରିପାରିବା, ଯଦି ତା' ଭିତରେ କୌଣସି ଭୟାବହତା ନଥିବ, ସୌନ୍ଦର୍ଯ୍ୟ ବ୍ୟତୀତ ଆଉ କିଛିହେଲେ ନଥିବ, ତେବେ ତାହା ଆମ ପ୍ରତ୍ୟେକଙ୍କର ଜୀବନରେ ଅତ୍ୟନ୍ତ ପ୍ରଭାବ ପକାଇ ପାରିବ । ଏବଂ ଏହି କଥାଟିକୁହିଁ ଲୋକମାନେ ପ୍ରକୃତରେ ଜାଣି ନଥାନ୍ତି ।

ଯଦି ପ୍ରାଣିକ ଆକାରଗୁଡ଼ିକର ଜଗତଟି ମଧ୍ୟରେ ରହିଥିବା ସୃଜନଶୀଳ ଶକ୍ତିଟିକୁ ତୁମେ ବ୍ୟବହାର କରି ଜାଣିଥିବ, ଏପରିକି ଅତି ପିଲାବେଳୁ ଯଦି ତାହାର ବ୍ୟବହାରଟିକୁ ଶିଖି ଯାଇଥିବ,···କାରଣ ଠିକ୍ ସେହି ସମୟରେହିଁ ଆମ ପାର୍ଥିବ ନିୟତିର ସମଗ୍ର ଗଢ଼ଣଟି ତିଆରି ହୋଇଯାଏ । ମାତ୍ର, ଯେଉଁ ଲୋକମାନେ ତୁମ ଚତୁର୍ଦ୍ଦିଗରେ ରହିଥାନ୍ତି, ଅନେକ ସମୟରେ ତୁମର ସାନ ସାନ ସାଙ୍ଗ ପିଲାମାନେ ମଧ୍ୟ, ମାତ୍ର ଅଧିକତମ ସଂଖ୍ୟାରେ ପିତାମାତା ଓ ଶିକ୍ଷକମାନେ ଏହି ପ୍ରକ୍ରିୟାଟିରେ ଆସି ହସ୍ତକ୍ଷେପ କରନ୍ତି ଏବଂ ସବୁକିଛିକୁ ବିଗାଡ଼ି ଦେଇ ଯାଆନ୍ତି; ଏତେ ବଢ଼ିଆ ଭାବରେ ବିଗାଡ଼ି ଦିଅନ୍ତି ଯେ ତୁମର ସେହି ପ୍ରୟାସଟି ଖୁବ୍ କ୍ୱଚିତ୍ ସମ୍ପୂର୍ଣ୍ଣ ସଫଳତା ଲାଭ କରିଥାଏ ।

ମାତ୍ର, ତା' ନହେଲେ ଯଦି ସେହିପରି କରିଯାଇ ପାରନ୍ତା, ଯଦି ସାନ ପିଲାଟିର ସ୍ୱତଃସ୍ଫୂର୍ତ୍ତ ନିଷ୍କପଟତା ସହିତ ତାହା କରାଯାଇ ପାରନ୍ତା, ତେବେ ତୁମେ ନିଜ ଲାଗି ଏକ ଚମତ୍କାର ଜୀବନର ସଂଗଠନ ସମ୍ଭବ କରି ପାରନ୍ତ । ବର୍ତ୍ତମାନ ମୁଁ ଆମର ଏହି ପାର୍ଥିବ ଜଗତଟିର କଥା କହୁଛି ।

ଶୈଶବରେ ଆମେ ଯେଉଁସବୁ ସ୍ୱପ୍ନ ଦେଖିଥାଉ, ପରିପକ୍ୱ ବୟସରେ ସେହିଗୁଡ଼ିକହିଁ ଗୋଟିଏ ଗୋଟିଏ ବାସ୍ତବ ସତ୍ୟରେ ପରିଣତ ହୁଅନ୍ତି ।

'oaob.nitrkl.ac.in' images reprocessed

## ୨୫ ଏପ୍ରିଲ ୧୯୫୭

"ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ଭଗବାନଙ୍କୁ ମନୁଷ୍ୟରୂପେ ଯେଉଁ କଳ୍ପନା କରାଯାଉଛି, ସିଏ ତାହାକୁ ଅତିକ୍ରମ କରି ଚାଲିଯାଇ ପାରୁଥିବ..."

ଯୋଗସମନ୍ୱୟ, ପୃଷ୍ଠା-୧୬୧

ମଣିଷ ଯାହାକୁ ଭଗବାନ ବୋଲି କହେ, ସେଇଟି ହେଉଛି ଭଗବାନଙ୍କ ସମ୍ବନ୍ଧରେ ଏକ ଅତି ସୀମାବଦ୍ଧ ଚେତନା, ଭଗବାନଙ୍କ ସମ୍ବନ୍ଧରେ ଆଦୌ ଏକ ପୂର୍ଣ୍ଣ ଚେତନା ନୁହେଁ । ତେଣୁ ସାଧକ ଭଗବାନଙ୍କ ସମ୍ବନ୍ଧରେ ଏହି ସୀମାବଦ୍ଧ ଚେତନାକୁ ଅତିକ୍ରମ କରି ଚାଲିଯିବ ଏବଂ ଯଥାର୍ଥ ଭଗବତ୍ କଳ୍ପନା ଆଡ଼କୁ ଅଗ୍ରସର ହୋଇ ପାରୁଥିବ ।

ଶ୍ରୀଅରବିନ୍ଦ ଏହି କଥା କହିବାକୁ ଚାହୁଁଛନ୍ତି ଯେ ମଣିଷର ଜ୍ଞାନ ହେଉଛି ଏକ ସୀମାବଦ୍ଧ ଜ୍ଞାନ, ମନୁଷ୍ୟର ଚେତନା ଏକ ସୀମାବଦ୍ଧ ଚେତନା, ଭଗବାନଙ୍କ ସମ୍ବନ୍ଧରେ ମନୁଷ୍ୟର ବୋଧ ଏବଂ ଅନୁଭୂତି ହେଉଛି ଏକ ସୀମାବଦ୍ଧ ବୋଧ ଏବଂ ଅନୁଭୂତି । ଭଗବାନଙ୍କ ସମ୍ବନ୍ଧରେ ଏହା ଏକ ପରିପୂର୍ଣ୍ଣ ଅନୁଭୂତି ଆଦୌ ନୁହେଁ । ତେଣୁ ତାକୁ ଏହି ଜ୍ଞାନ ଏବଂ ବୋଧକୁ ଅତିକ୍ରମ କରି ଚାଲିଯିବାକୁ ହେବ, ଯେପରିକି ସିଏ ଏକ ଅଧିକ ବିସ୍ତୃତ ଏବଂ ଅଧିକ ଯଥାର୍ଥ ବୋଧର ଅଧିକାରୀ ହୋଇପାରିବ ।

ମାଆ, ଏହି ପାର୍ଥିବ ଜୀବନର ଔଚିତ୍ୟ...

ହଁ, ପାର୍ଥିବ ଜୀବନର ଏହି ଔଚିତ୍ୟ ରହିଛି ଯେ ଭଗବାନଙ୍କୁ ଉପଲବ୍ଧି କରିବା ଲାଗିହିଁ ଆମେ ଏହି ପୃଥିବୀକୁ ଆସିଛୁ ।

ଏହି ଉଦ୍ଦେଶ୍ୟଟିକୁ ବାଦ୍ ଦେଲେ ଜୀବନ ପ୍ରକୃତରେ ଏକ ବିକଟାଳ ଅନ୍ୟାୟରେ ପରିଣତ ହୋଇଯିବ ।

(ମାଆ ନୀରବ ରହିଲେ)

ଭଗବାନଙ୍କର ପୁନରାବିଷ୍କାର କରିବା, ଭଗବାନଙ୍କ ମଧ୍ୟରେ ପ୍ରବିଷ୍ଟ ହେବା, ତାଙ୍କୁ ପ୍ରକାଶିତ କରିଆଣିବା ଏବଂ ତାଙ୍କର ଉପଲବ୍ଧି କରିବା ଯଦି ଜୀବନର ସର୍ବୋଚ୍ଚ ଉଦ୍ଦେଶ୍ୟ ହୋଇ ରହି ନଥାନ୍ତା, ତେବେ ଜୀବନ ପ୍ରକୃତରେ ଏକ ଭୟାବହତାରେ ପରିଣତ ହୋଇଥାନ୍ତା ।

'oaob.nitrkl.ac.in' images reprocessed

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଲୋକମାନେ ଯେତିକି ଅଧିକ ପରିମାଣରେ ଏହି ବିଷୟରେ ଅସଚେତ ହୋଇ ରହିଥାନ୍ତି, ସେମାନେ ଏହି କଥାଟିକୁ ସେତିକି କମ୍ ପରିମାଣରେ ବୁଝିଥାନ୍ତି ! କାରଣ ସେମାନେ କିଛିହେଲେ ମୁକ୍ତି କରି ଆଣିବାକୁ ଇଚ୍ଛା କରନ୍ତି ନାହିଁ, ଯନ୍ତ୍ରବତ୍ ନିଜ ଜୀବନର ପୁନରାବୃତ୍ତି କରୁଥାନ୍ତି, ଅଭ୍ୟସ୍ତ ଗୁଳାଗୁଡ଼ିକ ଅନୁସାରେ ବାଟ ଚାଲୁଥାନ୍ତି; ଏପରିକି ଆପଣାର ଜୀବନ ବଞ୍ଚିବାର ପ୍ରଣାଳୀଟିରେ ମଧ୍ୟ ସେମାନେ କିଛି ମୁକ୍ତି କରି ଆଣିବାକୁ ଚାହୁଁ ନଥାନ୍ତି ଏବଂ ସେହି ବିଷୟରେ କୌଣସି ପ୍ରକାରେ ସଜ୍ଞାନ ବି ହୁଅନ୍ତି ନାହିଁ । ଏବଂ ଚେତନାରେ ବୃଦ୍ଧି ସାଧିତ ହେଉଥିବା ସଙ୍ଗେ ସଙ୍ଗେ ସେମାନେ ପ୍ରତ୍ୟକ୍ଷ କରୁଥିବା ଜୀବନଟା ଯେ କେତେ ଅଧିକ ପରିମାଣରେ ଏକ ଭୟାବହ ନର୍କ ସଦୃଶ,— ସେମାନେ ସେକଥା ହୃଦୟଙ୍ଗମ କରିବାକୁ ଆରମ୍ଭ କରନ୍ତି ।

ଜୀବନ ଆମକୁ ପ୍ରକୃତରେ ଯେଉଁ ଆଡ଼କୁ ପରିଚାଳିତ କରି ନେଉଛି, କେବଳ ସେହି ବିଷୟରେ ସଚେତନ ହେବା ପରେ ଯାଇ ଆମେ ଜୀବନକୁ ଗ୍ରହଣ କରିନେଇ ପାରିବା ଏବଂ ତାହାକୁ ବୁଝିପାରିବା । ଜୀବନର ଉଦ୍ଦେଶ୍ୟଟି ସକାଶେହିଁ ଜୀବନ ଗ୍ରହଣୀୟ ହେବାର ସାମର୍ଥ୍ୟ ଅର୍ଜନ କରିଥାଏ ।

ସେହି ଉଦ୍ଦେଶ୍ୟଟି ବିନା ଜୀବନ ପ୍ରକୃତରେ ଏକ ଭୟପ୍ରଦ ବିଶୃଙ୍ଖଳତାରେ ପରିଣତ ହୋଇ ରହିଥାନ୍ତା ।

ମାଆ, ଏକ "ଦିବ୍ୟ ସୁଖ"* କହିଲେ କ'ଣ ବୁଝାଇବ ?

ଏହା ହେଉଛି ଭଗବାନଙ୍କର ସୁଖ ।

କିପରି··· ?

ତୁମେ ମୋଠାରୁ ଏବିଷୟରେ କ'ଣ ଶୁଣିବାକୁ ଇଚ୍ଛା କରୁଛ ? ତୁମକୁ ସେହିପରି ଏକ ଜୀବନ ବଞ୍ଚିବାକୁ ପଡ଼ିବ ଏବଂ ତା'ପରେ ଯାଇ ତୁମେ ଏହାର ପରିଚୟ ପାଇବ ।

---

* "ତାକୁ ଅତିକ୍ରମଣ କରିସାରି ତା' ଭିତରେ ଅସି ପ୍ରବେଶ କରିଥିବା ଏକ ପରମ ଆନନ୍ଦମୟତା ତାକୁ ଏକଥାଟିକୁ ବଡ଼ ସ୍ପଷ୍ଟ ସ୍ୱରରେ ଦେଖାଇ ଦେଉଛି ଯେ ତାହା ଯାବତୀୟ କଷ୍ଟ ଓ ଦୁଃଖକୁ ଅସ୍ୱୀକାର କରିଦେଇ ପାରିବ ଓ ଏପରିକି ଯାତନାକୁ ମଧ୍ୟ ଦିବ୍ୟ ସୁଖରେ ବଦଳାଇ ଦେଇପାରିବ ।" ଚନ୍ଦ୍ରେ ବ, ପୃଷ୍ଠା-୧୬୦

'oaob.nitrkl.ac.in' images reprocessed

ସଂସ୍କୃତ ଭାଷାରେ ଏହାକୁ ଆନନ୍ଦ ବୋଲି କୁହାଯାଉଛି । ଏବଂ ଆମେ ଏ ଅନେକଥର ଆଗରୁ ମଧ୍ୟ କହିଛୁ ଯେ ଏହି ଆନନ୍ଦକୁ ଜାଣିବାକୁ ହେଲେ ମନୁଷ୍ୟ-ଜୀବନର ଯାବତୀୟ ଇତରସୁଖକୁ ସମ୍ପୂର୍ଣ୍ଣ ଭାବରେ ପରିତ୍ୟାଗ କରି ଆସିଥିବା ଦରକାର ହେବ । ସର୍ବପ୍ରଥମେହିଁ ତାହା କରିବାକୁ ହେବ, କାରଣ, ଯେପର୍ଯ୍ୟନ୍ତ କୌଣସି ଇତରସୁଖ ତୁମକୁ ଭଲଲାଗୁଥିବ, ତେବେ ତୁମେ ଆନନ୍ଦକୁ ଚିହ୍ନିବାର ଏକ ଯଥାର୍ଥ ଅବସ୍ଥାକୁ କଦାପି ଆସି ପାରିବ ନାହିଁ ।

ଏହି ଆନନ୍ଦ ହୁଏତ ତୁମ ପାଖକୁ ଆସିଥିବ, ମାତ୍ର ସେହିସମୟରେ ତୁମର ଆଦୌ କୌଣସି ସଜ୍ଞାନତା ନଥିବ ।

"ଏକ ଆଧ୍ୟାତ୍ମିକ ପରମ ସତ୍ତା ଏବଂ ପରମ ଋତ ଏହି ଜଗତର ଯାବତୀୟ ଆପେକ୍ଷିକ ଶୁଭ ଓ ଅଶୁଭକୁ ଅପୂର୍ଣ୍ଣ ଅଥବା ମିଥ୍ୟା ବୋଲି ଘୋଷଣା କରି ଦେଇଛନ୍ତି ଏବଂ ସେଗୁଡ଼ିକର ସ୍ଥାନରେ ଏକ ସର୍ବୋଚ୍ଚ ଶୁଭକୁ ଉନ୍ମୋଚିତ କରି ଆଣିଛନ୍ତି, ତାହାର ସୂକ୍ଷ୍ମ ସାମଞ୍ଜସ୍ୟସୂତ୍ରଟିର ତଥା ତାହାରି ଦ୍ୱାରା ଆମର କର୍ମ, ଅନୁଭୂତି ଏବଂ ଜ୍ଞାନକୁ ଉନ୍ନୀତ କରିନେବାର ରହସ୍ୟଟିକୁ ଉନ୍ମୋଚିତ କରି ଦେଇଛନ୍ତି ।...ମାତ୍ର ଏହି ସବୁକିଛିର ପଛରେ ଓ ଏଗୁଡ଼ିକ ମଧ୍ୟରେ ସେ ଏପରି ଏକ ପରମ ଭଗବାନଙ୍କୁ ଅନୁଭବ କରିପାରନ୍ତି, ଯିଏକି ଏହି ସକଳ ବସ୍ତୁରେ ବିଦ୍ୟମାନ ରହିଛନ୍ତି; ଆଲୋକର ପରମ ପ୍ରବର୍ତ୍ତକରୂପେ, ଜଣେ ପରମ ପଥପ୍ରଦର୍ଶକ ଏବଂ ସର୍ବଜ୍ଞାତାରୂପେ, ଶକ୍ତିର ଅଧିକାରୀ ପରମ ପ୍ରଭୁରୂପେ, ଆନନ୍ଦର ପରମ ପ୍ରଦାନକର୍ତ୍ତାରୂପେ, ପରମ ସଖା, ପରମ ସାହାଯ୍ୟକାରୀ, ପରମ ପିତା, ପରମ ମାତା, ଏହି ବିଶ୍ୱକ୍ରୀଡ଼ାରେ ପରମ କ୍ରୀଡ଼ାସହଚର, ତା' ସତ୍ତାର ଜଣେ ପରମ ଅଧିକାରୀ ତଥା ତା' ଆତ୍ମାର ପରମ ପ୍ରେମାସ୍ପଦ ଓ ପ୍ରେମିକ ରୂପେହିଁ ସେ ବିଦ୍ୟମାନ ରହିଛନ୍ତି ।"

ଡିଭାଇନ, ପୃଷ୍ଠା-୧୨୦

ଦିବ୍ୟ ପରମପୁରୁଷ କ'ଣ ଯେକୌଣସି ବ୍ୟକ୍ତି ଲାଗି ଏକାବେଳକେ ଏହି ସବୁକିଛି ହୋଇପାରିବେ ?

'oaob.nitrkl.ac.in' images reprocessed

ହଁ, ଏହି ସବୁକିଛି ହୋଇପାରିବେ ଓ ଆହୁରି ଅନେକକିଛି ହୋଇ ପାରିବେ । ଏଥିରେ ତ କେବଳ ଏକ ଅତି ସଂକ୍ଷିପ୍ତ ବର୍ଣ୍ଣନା ଦିଆଯାଇଛି !

ମାତ୍ର ଏହି କ୍ଷେତ୍ରରେ ମଧ୍ୟ, ଯଦି କେହି ଏହି ଅନୁଭୂତିଟିକୁ ଲାଭ କରିବାକୁ ଇଚ୍ଛା କରୁଥିବେ, ତେବେ ଏହି ଜୀବନ ଭିତରେ ଏବଂ ମନୁଷ୍ୟମାନଙ୍କ ଭିତରେ ସିଏ କଦାପି ଏହି ସମ୍ବନ୍ଧଗୁଡ଼ିକୁ ଅନ୍ୱେଷଣ କରିବାକୁ ଯିବେ ନାହିଁ, କାରଣ ସାଧାରଣ କେତୋଟି ସମ୍ବନ୍ଧରୂପେ ସାଧାରଣ ଜୀବନରେ ସେଗୁଡ଼ିକୁ ଖୋଜିବାକୁ ଗଲେ, ଭଗବାନ ସେଗୁଡ଼ିକୁ ଆମକୁ ଯେଉଁପରି ସ୍ୱରୂପରେ ଦେଇଛନ୍ତି, ସେଗୁଡ଼ିକୁ ଠିକ୍ ସେହିପରି ଚିହ୍ନିନେଇ ପାରିବା ଲାଗି ଆମେ କଦାପି ସମର୍ଥ ହେବା ନାହିଁ । ଏବଂ, ସାଧାରଣତଃ ଏହିପରି ହୋଇଥାଏ ଯେ, ଅଧିକାଂଶ ବ୍ୟକ୍ତି, ଏପରିକି ଯେଉଁମାନଙ୍କ ଭିତରେ ଏକ ଜୀବନମୟ ଆସ୍ପୃହା ରହିଥାଏ, ସେମାନେ ମଧ୍ୟ, ମାନବୀୟ ସମ୍ବନ୍ଧସ୍ଥାପନର ସେମାନଙ୍କର ଯାବତୀୟ ଅନ୍ୱେଷଣରେ ଅତ୍ୟନ୍ତ ତିକ୍ତ ଏବଂ ନୈରାଶ୍ୟମୟ ଅନୁଭୂତିମାନ ଲାଭ କରି ସାରିବା ପରେ ଯାଇ ଭଗବାନଙ୍କ ସହିତ ଏହି ସମ୍ବନ୍ଧଗୁଡ଼ିକୁ ଲୋଡ଼ି ଯାଇଥାନ୍ତି ।

ଏହାଦ୍ୱାରା ସେମାନଙ୍କର ଅନେକ ସମୟ ନଷ୍ଟ ହୁଏ, ଅନେକ ଶକ୍ତି ମଧ୍ୟ ନଷ୍ଟ ହୋଇଯାଏ । ଏବଂ ଦିବ୍ୟ ପରମ ସାନ୍ନିଧ୍ୟଟି ସହିତ ତା'ର ସକଳ ମହିମା ସହିତ ଏହିସବୁ ସମ୍ବନ୍ଧ ସ୍ଥାପନ କରିବାକୁ ସମର୍ଥ ହେବାର ସ୍ଥିତିକୁ ଆସିବା ବେଳକୁ ସେମାନେ ସାଧାରଣତଃ ଖୁବ୍ କ୍ଳାନ୍ତ ଓ ନିଃଶେଷିତ ହୋଇ ପଡ଼ିଥାନ୍ତି ।

ଅର୍ଥାତ୍, ଏପରି କରି ସେମାନଙ୍କର ଅନେକ ସମୟ ଯାଏ ଓ ଅନେକ ଶକ୍ତି ମଧ୍ୟ ସରିଯାଏ; ମାତ୍ର ଏହିସବୁ ବୁଲଣି ବାଟକୁ ଏଡ଼ି ଦେବାକୁ ସମର୍ଥ ହୋଇ ସିଧା ଯାଇ ପାରିବା ଲାଗି ହୁଏତ ଅତ୍ୟନ୍ତ କମ୍‌ସଂଖ୍ୟକ ବ୍ୟକ୍ତି ଆମକୁ ମିଳିବେ । ଅଧିକାଂଶ ସ୍ଥଳରେ ଏହିପରି ହୁଏ ଯେ, ଯେତେବେଳେ କେହି ଆସି ଏକ ଦିବ୍ୟ ପରମ ଆନନ୍ଦ ଓ ଦିବ୍ୟ ପରମ ପ୍ରାଚୁର୍ଯ୍ୟ ରହିଛି ଏବଂ ସେମାନେ ସାଧାରଣ ଜୀବନସ୍ତରରେ ଯେତିକି କଳ୍ପନା କରି ପାରୁଛନ୍ତି, ସେହି ଆନନ୍ଦ ଓ ପ୍ରାଚୁର୍ଯ୍ୟ ତାହାକୁ ବହୁଆଡ଼େ ଅତିକ୍ରମ କରି ଯାଉଥିବ ବୋଲି ଯଦି ସେମାନଙ୍କୁ କହିବ, ତେବେ ସେମାନେ ସେହି କଥାରେ ବିଶ୍ୱାସ ବି କରିବେ ନାହିଁ । ଏବଂ, ସେଥିରେ ବିଶ୍ୱାସ କରି ପାରିବାକୁ ହେଲେ, ମୁଁ ଆଗରୁ ଯେପରି କହିଛି, ସେମାନଙ୍କୁ ସାଧାରଣ ସମ୍ବନ୍ଧଗୁଡ଼ିକର କ୍ଷେତ୍ରରେ ଯାହାକିଛି ମିଥ୍ୟା, ଯାହା ପ୍ରବଞ୍ଚନାମୟ ଓ ନୈରାଶ୍ୟଜନକ, ସେଗୁଡ଼ିକ ବିଷୟରେ ଏକ ଦୁଃଖଦ ଅନୁଭୂତି ମଧ୍ୟଦେଇ ଆଗରୁ ପାରି ହୋଇ ଆସିବାକୁ ପଡ଼ିଥିବ ।

କଥିତ ଅଛି ଯେ ଦୃଷ୍ଟାନ୍ତହିଁ ସବୁଠାରୁ ଭଲ ଶିକ୍ଷକରୂପେ କାର୍ଯ୍ୟ କରିଥାଏ । ମାତ୍ର ବସ୍ତୁତଃ, ଏପରି ଖୁବ୍ କମ୍‌ସଂଖ୍ୟକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି କୌଣସି ଏକ ଦୃଷ୍ଟାନ୍ତର ଅନୁସରଣ କରିବା ଲାଗି ଆଦୌ କୌଣସି ମନ ଦେଇଥାନ୍ତି । ବିଶେଷତଃ, ଯେତେବେଳେ ସେହି ଦୃଷ୍ଟାନ୍ତମାନ ସେମାନଙ୍କର ପରିଧିଠାରୁ ଟିକିଏ

'oaob.nitrkl.ac.in' images reprocessed

ଅତିଦୂରବର୍ତ୍ତୀ ହୋଇ ରହୁଥାଏ, ସେତେବେଳେ ଏପରି ହୋଇଥାଏ । ସେମାନେ ସମସ୍ତେ ନିଜର ଅନୁଭୂତିଟିକୁ ଲାଭ କରିବାକୁ ଇଚ୍ଛା କରୁଥାନ୍ତି; ସେପରି କରିବା ଲାଗି ସେମାନଙ୍କର ସମ୍ପୂର୍ଣ୍ଣ ଅଧିକାର ରହୁଥାଏ ସତ, ମାତ୍ର ତଦ୍ଦ୍ୱାରା ବାଟଟି ପ୍ରାୟ ଅସରନ୍ତି ହୋଇ ଲମ୍ବି ଲମ୍ବି ଯାଉଥାଏ ।

ମାଆ, ଯଦି ଜଣକର ମାଆର ସ୍ନେହ, କାହାରି ସହାୟତା ଅଥବା ସେହିପରି କିଛି ଦରକାର ହୁଏ, ତେବେ ନିଜର ଆବଶ୍ୟକତା ଅନୁସାରେ ସେ ତାହାକୁ ଦିବ୍ୟ ପରମ ସତ୍ତାଙ୍କ ମଧ୍ୟରେ ଅନୁଭବ କରିପାରିବ କିପରି ?

ତୁମେ ଠିକ୍ କ'ଣ କହିବାକୁ ଇଚ୍ଛା କରୁଛ ?

ଉଦାହରଣସ୍ୱରୂପ, ଯଦି କିଛି ଜାଣିବା ଦରକାର ହେଉଥାଏ, କିଏ ଆସି ସେହିଟିକୁ ବତାଇଦେଉ ବୋଲି ଇଚ୍ଛା ହେଉଥାଏ ବା ସେହିପରି ଆଉକିଛି ବି ହେଉଥାଏ, ତେବେ ନିଜର ଆବଶ୍ୟକତା ଅନୁସାରେ ସେଇଟିକୁ ପରମ ଦିବ୍ୟସତ୍ତାଙ୍କଠାରୁ ଲାଭ କରାଯାଇ ପାରିବ କିପରି ?

ପରମ ଦିବ୍ୟସତ୍ତାଙ୍କୁ ତାହାକୁ ମାଗି ତାହା ଲାଭ କରାଯାଇ ପାରିବ । ତାଙ୍କୁ ନମାଗିଲେ ତାହା ତୁମକୁ ମିଳିପାରିବ କିପରି ?

ଯଦି ତୁମେ ଭଗବଦାଶ୍ରୟୀ ହୋଇ ତାଙ୍କର ଉପରେ ଆସ୍ଥା ରଖି ତାଙ୍କୁ କିଛି ମାଗି ପାରିବ, ତେବେ ତୁମେ ଯାହା ଆବଶ୍ୟକ କରୁଥିବ, ତାହାକୁ ଅବଶ୍ୟ ଲାଭ କରିବ । ହଁ, ତୁମେ ଯାହା ଆବଶ୍ୟକ କରୁଛ ବୋଲି କଳ୍ପନା କରୁଥିବ, ତାହା ଯେ ତୁମକୁ ମିଳିଯିବ, ତାହାର ଆଦୌ କୌଣସି କାରଣ ନାହିଁ । ମାତ୍ର ତୁମର ଯାହା ପ୍ରକୃତରେ ଆବଶ୍ୟକ ହେଉଥିବ, ତୁମେ ତାହା ନିଶ୍ଚୟ ପାଇବ । ମାତ୍ର ତାଙ୍କୁ ମାଗିବାକୁ ପଡ଼ିବ ।

ଆନ୍ତରିକତା ସହିତ ତୁମକୁ ଏହି ପ୍ରୟୋଗଟିକୁ କରିବାକୁ ହେବ; ତୁମେ ଯାବତୀୟ ପ୍ରକାରର ବାହ୍ୟ ଉପାୟ ଅବଲମ୍ବନ କରି ସେଇଟିକୁ ପାଇବା ଲାଗି କଦାପି ଚେଷ୍ଟା କରିବ ନାହିଁ ଏବଂ ତା' ପରେ ଭଗବାନ ସେଇଟିକୁ ଆଣି ତୁମକୁ ଦେଇଯିବେ ବୋଲି କଦାପି ଆଶା ରଖିବ ନାହିଁ, ତାଙ୍କୁ ନମାଗି ଥିଲେ ବି ଯିଏ

'oaob.nitrkl.ac.in' images reprocessed

ତୁମକୁ ଆଣି ତାହା ଦେଇଯିବେ ବୋଲି ମୋଟେ ଆଶା କରିବ ନାହିଁ । ବସ୍ତୁତଃ, କେହି ତୁମକୁ କିଛି ଦିଅନ୍ତୁ ବୋଲି ତୁମେ ଯେତେବେଳେ ଇଚ୍ଛାଟିଏ କର, ସେତେବେଳେ ତୁମେ ତାଙ୍କ ପାଖକୁ ଯାଇ ସେହି ଜିନିଷଟିକୁ ମାଗ, ନୁହେଁ କି ? ଏବଂ, ଭଗବାନଙ୍କୁ ନମାଗିଲେ ଭଗବାନ ଚଳେଚଳେ କୌଣସି କଥା ଆଣି ଦେଇଯିବେ ବୋଲି ତୁମେ କାହିଁକି ଆଶା ରଖିବ କହିଲ ?

ସାଧାରଣ ଚେତନାର କ୍ଷେତ୍ରରେ ଠିକ୍ ଓଲଟା ବାଟଟିର ଅନୁସରଣ କରି ଯାଇଥାଏ । ତୁମେ କିଛିଗୋଟାଏ ଅନୁମାନ କରିନିଅ ଓ କୁହ, "ମୋର ଏଇଟା ଦରକାର; ଏହି ସମ୍ବନ୍ଧଟି ଦରକାର, ଏହି ସ୍ନେହ ଦରକାର, ଏହି ଜ୍ଞାନ ଦରକାର, ଇତ୍ୟାଦି ଇତ୍ୟାଦି । ତେବେ ଭଗବାନଙ୍କର ମୋତେ ଏହିସବୁ କଥା ଆଣି ଦେବା ଉଚିତ । ତା' ନହେଲେ ସିଏ ଭଗବାନ ବୋଲି ବୋଲାଇବେ ପୁଣି କାହିଁକି ?" ଅର୍ଥାତ୍, ତୁମେ ସମସ୍ୟାଟିକୁ ଗୋଟାପୁରା ଓଲଟା କରିପକାଅ ।

ସର୍ବପ୍ରଥମେ ତୁମେ "ମୋର ଏଇଟା ଦରକାର" ବୋଲି କୁହ । ତୁମେ ସେଇଟିକୁ ପ୍ରକୃତରେ ଦରକାର କରୁଛ ଅଥବା ତୁମ ଭିତରେ କେବଳ ସେହିପରି ଗୋଟାଏ ଧାରଣା ଜାତ ହୋଇଛି, ଏକ ବାସନା ଜନ୍ମିଛି ବା ଅଜ୍ଞାନବଶ ହୋଇ ତୁମେ ସେହି ଆଡ଼କୁ ସଞ୍ଚାଳିତ ହୋଇଯାଇଛ, ତୁମେ ସେକଥା ପ୍ରକୃତରେ ଜାଣିଥାଅ କି ? ପ୍ରଥମ କଥା ହେଉଛି : ଏସବୁ ବିଷୟରେ ତୁମେ କିଛିହେଲେ ଜାଣି ନଥାଅ ।

ଦ୍ୱିତୀୟ କଥାଟି ହେଲା : ତୁମେ ପ୍ରକୃତରେ ନିଜର ଇଚ୍ଛାଟିକୁ ନେଇହିଁ ଦିବ୍ୟ ପରମ କର୍ତ୍ତାଙ୍କ ଉପରେ ଲଦିଦେବାକୁ ଚାହୁଁଥାଅ ଓ "ମୋର ଏଇଟି ଦରକାର" ବୋଲି କହୁଥାଅ । ଏବଂ ତା'ପରେ, "ଆପଣ ମୋତେ ଏଇଟିକୁ ଦିଅନ୍ତୁ" ବୋଲି ତୁମେ କେବେ ମାଗିବାକୁ ବି ଯାଅ ନାହିଁ । ତୁମେ କହିବାରେ ଲାଗିଥାଅ, "ମୋର ଏଇଟି ଦରକାର; ତେଣୁ, ଏଇଟି ମୋର ଦରକାର ହେଉଥିବାରୁ ତାହା ମୋତେ ମିଳିବା ଉଚିତ, ଅତ୍ୟନ୍ତ ସ୍ୱାଭାବିକ ଭାବରେ ଆପଣାଛାଏଁ ମିଳିଯିବା ଉଚିତ । ମୋର ଯାହାକିଛି ଦରକାର, ସେଗୁଡ଼ିକୁ ଆଣିଦେବା ହେଉଛି ସେହି ଭଗବାନଙ୍କର କାର୍ଯ୍ୟ ।"

ମାତ୍ର, ଯଦି ଏପରି ହୋଇଥାଏ ଯେ, ତୁମେ ଯାହା ଦରକାର କରୁଛ, ତୁମେ ପ୍ରକୃତରେ ସେକଥା ଜାଣି ନଥାଅ, ଯଦି ତାହା ସତ୍ୟ ନହୋଇ ଏକ ଭ୍ରମମାତ୍ରହିଁ ହୋଇଥାଏ, ଏବଂ ସେଇଟିକୁ ଲାଭ କରିବାର କାରବାରରେ ତୁମେ ଭଗବାନଙ୍କ ପାଖକୁ ନଯାଇ ଯଦି ତୁମ ଚତୁର୍ଦ୍ଦିଗରେ ଥିବା ଜୀବନଟି ପାଖରୁ ପାଇବ ବୋଲି ଲୋଡ଼ୁଥାଅ, ଯଦି ତୁମେ ତାଙ୍କ ସହିତ କୌଣସି ସମ୍ବନ୍ଧ ସ୍ଥାପନ କରୁ ନଥାଅ, ଭଗବାନଙ୍କ ବିଷୟରେ ଆଦୌ କୌଣସି ଚିନ୍ତା କରୁ ନଥାଅ, ଅଥବା ନିଜର ଦୃଷ୍ଟିକୋଣରେ ଅନ୍ତତଃ ଏତେଟିକିଏ ଆନ୍ତରିକତା ରଖି ଯଦି ତୁମେ ତାଙ୍କ ଉପରେ

'oaob.nitrkl.ac.in' images reprocessed

ଭରସା କରି ପାରୁ ନଥାଅ, ତେବେ, ତୁମେ ତାଙ୍କ ପାଖରୁ କିଛିହେଲେ ମାଗୁ ନଥିବାରୁ, ସିଏ ତୁମକୁ ପ୍ରକୃତରେ କିଛି ଆଣି ଦେବାର ଆଦୌ କୌଣସି କାରଣ ନଥିବ ।

ମାତ୍ର, ଯେତେବେଳେ ତୁମେ ତାଙ୍କୁ ମାଗିବାକୁ ଯିବ, ସେତେବେଳେ, ସିଏ ସ୍ୱୟଂ ଦିବ୍ୟ ପରମକର୍ତ୍ତା ହୋଇଥିବାରୁ, ତୁମର ପ୍ରକୃତରେ କ'ଣ ଦରକାର, ତୁମ ଅପେକ୍ଷା ସେ ସେହି ବିଷୟରେ ନିଶ୍ଚୟ ଅଧିକ ଭଲ କରି ଜାଣିଥିବେ; ତୁମର ଯାହା ଦରକାର, ସିଏ ତାହା ନିଶ୍ଚୟ ଆଣି ତୁମକୁ ଦେଇଦିବେ ।

ମାତ୍ର ତା' ନକରି ଯଦି ତୁମେ ଏକଜିଦିଆଙ୍କ ପରି ନିଜର ଇଚ୍ଛାକୁ ନେଇ ତାଙ୍କ ଉପରେ ଲଦିଦେବାକୁ ଯାଉଥିବ, ତେବେ ତୁମକୁ କିଞ୍ଚିତ୍ ସନ୍ଦୀପିତ କରାଇ ନିଜର ଭୁଲଟି ବିଷୟରେ ସଚେତନ କରାଇଦେବା ଲାଗି ସିଏ ହୁଏତ ତୁମେ ଯାହା ଇଚ୍ଛା କରୁଥିବ, ତୁମକୁ ସେହି ଜିନିଷଟି ଆଣି ଦେଇ ଯାଉଥିବେ । ତୁମେ ଯେ ପ୍ରକୃତରେ ସେଇ ଜିନିଷଟିକୁ ଦରକାର କରୁ ନଥିଲ, ତାହା ତୁମକୁ ଦେଖାଇ ଦେବା ଲାଗି ସିଏ ସେଇଟିକୁ ଆଣି ତୁମକୁ ଦେଇଦିବେ । ଏବଂ ତା'ପରେ ତୁମେ ତା'ର ପ୍ରତିବାଦ କରିବାକୁ ଆରମ୍ଭ କରିବ,—ଏଠାରେ ମୁଁ ବ୍ୟକ୍ତିଗତ ଭାବରେ ତୁମକୁ କହୁ ନାହିଁ, ମୁଁ ସବୁ ମଣିଷଙ୍କ ବିଷୟରେ କହୁଛି,—ଏବଂ କହିବ, "ଭଗବାନ ମୋତେ ଏପରି ଏକ କ୍ଷତିକାରକ ବସ୍ତୁ ଆଣି ଦେଲେ କାହିଁକି ?" ତୁମେ ନିଜେ ଯେ ତାଙ୍କଠାରୁ ସେହି ବସ୍ତୁଟିକୁ ମାଗିଥିଲ, ସେତେବେଳେ ତୁମେ ସମ୍ପୂର୍ଣ୍ଣ ଭାବରେ ସେକଥାଟିକୁ ଭୁଲି ଯାଇଥିବ ।

ଦୁଇଟିଯାକ କ୍ଷେତ୍ରରେ ତୁମେ ସେହି ପ୍ରତିବାଦହିଁ କରିଥାଅ । ତୁମେ ଯାହା ମାଗୁଛ, ଯଦି ଭଗବାନ ତାହାହିଁ ଆଣି ତୁମ ପାଖରେ ପହଞ୍ଚାଇ ଦିଅନ୍ତି ଏବଂ ତା'ପରେ ସେଇଟି ଦ୍ୱାରା ତୁମର ଲାଭ ଅପେକ୍ଷା କ୍ଷତି ଅଧିକ ହୁଏ, ତେବେ ତୁମେ ପ୍ରତିବାଦ କରି ବସ । ଏବଂ, ପୁନଶ୍ଚ, ଯଦି ସିଏ ସେହି ଦ୍ରବ୍ୟଟିକୁ ଆଣି ନଦିଅନ୍ତି, ତେବେ ବି ତୁମେ ପ୍ରତିବାଦ୍ କର : "ମୋର ଏଇଟା ଆବଶ୍ୟକ ବୋଲି ମୁଁ ତାଙ୍କୁ ଏତେ ଜଣାଇଲି ଓ ସିଏ ତଥାପି ମୋତେ ତାହା ଦେଲେ ନାହିଁ !"

ଦୁଇଟିଯାକ କ୍ଷେତ୍ରରେ ତୁମେ ପ୍ରତିବାଦହିଁ କର ଓ ବିଚରା ଭଗବାନଙ୍କୁ ଅପରାଧୀ କରିବାରେ ଲାଗିଥାଅ ।

ମାତ୍ର, ଏସବୁ କିଛି ନକରି, ଯଦି ତୁମେ ନିଜ ଭିତରେ ଏକ ଅଭୀପ୍ସା ରଖିଥାଅ, ଏକ ଶକ୍ତିଶାଳୀ ଆଗ୍ରହ ରଖିଥାଅ, ଯାହାକୁ ତୁମେ ଅଳ୍ପବହୁତ ପରିମାଣରେ ନିଜ ଜୀବନର ସତ୍ୟ ବୋଲି ଅନୁଭବ କରିପାରୁଛ, ତାହାକୁ ଲାଭ କରିବା ଲାଗି ଯଦି ତୁମ ଭିତରେ ଏକ ପ୍ରଗାଢ଼ ଓ ଉତ୍ସାହମୟ ପ୍ରୟୋଜନବୋଧ ରହିଥାଏ, ଯଦି ତାହାକୁହିଁ ତୁମେ ଯାବତୀୟ ବସ୍ତୁର ପରମ ଇଷ୍ଟ, ସର୍ବୋତ୍ତମ ମଙ୍ଗଳ, ଆମର

'oaob.nitrkl.ac.in' images reprocessed

ଯାବତୀୟ ବାସନାର ସର୍ବୋତ୍ତମ ତର୍ପଣ ଏବଂ ଯାବତୀୟ ସମସ୍ୟାର ସର୍ବୋତ୍ତମ ସମାଧାନ ବୋଲି ଅନୁଭବ କରୁଥାଅ,—ଯଦି ତୁମ ଭିତରେ ସେଥିଲାଗି ପ୍ରଗାଢ଼ ଆବଶ୍ୟକତାବୋଧ ରହିଥାଏ ଓ ତାହାର ଉପଲବ୍ଧି କରିବାହିଁ ଯଦି ତୁମର ଅଭୀପ୍ସା ହୋଇ ରହିଥାଏ, ତେବେ ତୁମେ କଦାପି ଭଗବାନଙ୍କୁ ଆଉ "ମୋତେ ଆପଣ ଏଇଟା ଦିଅନ୍ତୁ, ମୋତେ ଆପଣ ସେଇଟା ଦିଅନ୍ତୁ" ବୋଲି କହିବାକୁ ଯିବ ନାହିଁ, ଅଥବା "ମୋର ଏଇଟା ଦରକାର, ଆପଣଙ୍କୁ ମୋତେ ସେହି ପଦାର୍ଥଟିକୁ ନିଶ୍ଚୟ ଆଣି ଦେବାକୁ ହେବ" ବୋଲି ବି କଦାପି କହିବ ନାହିଁ । ତୁମେ ତାଙ୍କୁ କେବଳ ଏତିକି କହିବ, "ମୋ ଲାଗି ଆପଣ ଯାହା ଆବଶ୍ୟକ ବୋଲି ବିଚାର କରୁଛନ୍ତି, ଆପଣ ତାହାହିଁ କରନ୍ତୁ ଓ ମୋତେ ମୋ ଜୀବନର ପରମସତ୍ୟ ଆଡ଼କୁ ପରିଚାଳିତ କରି ନେଇଯାଆନ୍ତୁ । ଆପଣଙ୍କର ପରମ ପ୍ରଜ୍ଞାମୟୀ ଦୃଷ୍ଟିରେ ଆପଣ ମୋ ପାଇଁ ଯାହା ଆବଶ୍ୟକ ବୋଲି ଦେଖି ପାରୁଛନ୍ତି, ଆପଣ ମୋତେ ତାହାହିଁ ଦିଅନ୍ତୁ ।"

ଏବଂ ତା'ପରେ ତୁମର ଆଉ କଦାପି ଭୁଲ ହେବ ନାହିଁ, ଏବଂ ତୁମର ଅନିଷ୍ଟ ହେଲାଭଳି କୌଣସି ବସ୍ତୁ ସେ ତୁମକୁ କଦାପି ଦେବେ ନାହିଁ ।

ଏହାଠାରୁ ଆଉଗୋଟିଏ ଅଧିକ ଉଚ୍ଚ ସୋପାନ ବି ରହିଛି, ମାତ୍ର ସେଇଟିକୁ ଆରମ୍ଭ କରିବା ଟିକିଏ ଅଧିକ ଆୟାସସାଧ୍ୟ ହେବ ।

"ମୋର ଏଇଟା ଦରକାର, ଆପଣ ମୋତେ ଏଇଟିକୁହିଁ ଦିଅନ୍ତୁ !" ବୋଲି ଭଗବାନଙ୍କୁ କହିବା ଅପେକ୍ଷା ପ୍ରଥମଟିକୁହିଁ ଆମେ ନିଶ୍ଚୟ ଏକ ଯଥାର୍ଥତର ପନ୍ଥା ବୋଲି କହିପାରିବା । କାରଣ, କେଉଁଟା ଯେ ପ୍ରକୃତରେ ଦରକାର, ଖୁବ୍ କମ୍‌ସଂଖ୍ୟକ ବ୍ୟକ୍ତି ସେହି କଥା ଜାଣିଥାନ୍ତି, ଖୁବ୍ କମ୍‌ସଂଖ୍ୟକ ବ୍ୟକ୍ତି ଜାଣିଥାନ୍ତି । ଏବଂ ଏହାର ଅସଲ ପ୍ରମାଣ ହେଉଛି ଯେ ସେମାନେ ସର୍ବଦା କେବଳ ଆପଣା ବାସନାଗୁଡ଼ିକର ତର୍ପଣ ଲାଗିହିଁ ବ୍ୟସ୍ତସମସ୍ତ ହୋଇ ରହିଥାନ୍ତି, ସେମାନଙ୍କର ଯାବତୀୟ ଉଦ୍ୟମ ତାହାରି ଲାଗି ଉଦ୍ଦିଷ୍ଟ ହୋଇ ରହିଥାଏ, ଏବଂ ଗୋଟିଏ ବାସନାର ପୂରଣ ହେବା ସଙ୍ଗେ ସଙ୍ଗେ ସେମାନେ ପ୍ରତ୍ୟେକ ଥର ନିରାଶ ହେବାରେ ଲାଗିଥାନ୍ତି । ଏବଂ ତା'ପରେ ଆଉ ଗୋଟିଏ ବାସନାର ପରିପୂରଣ ଲାଗି ଧାଇଁଥାନ୍ତି ।

ଏହିପରି, ଅନେକ ପଥ ଅନ୍ୱେଷଣ କରି, ଅନେକ ଦୃଷ୍ଟି ଓ ଅନେକ ଭୁଲ କରି, ଅନେକ କଷ୍ଟ ପାଇ ଓ ଅନେକ ବାର ହତାଶ ହୋଇ କେହି ହୁଏତ କେବେକେବେ ତା'ପରେ ଟିକିଏ ସଚେତନ ହେବାକୁ ଆରମ୍ଭ କରେ ଏବଂ ଏଗୁଡ଼ିକରୁ ପ୍ରକୃତରେ କୌଣସି ନିଷ୍କୃତି-ଉପାୟ ଅଛି କି ନାହିଁ, ସେହି ବିଷୟରେ ଭାବିବାକୁ ଲାଗେ । ଅର୍ଥାତ୍, ଆପଣାର ଏହି ଅଜ୍ଞାନଟି ମଧ୍ୟରୁ ବାହାରି ଆସି ପାରିବା ଲାଗି ସିଏ ଗୋଟିଏ ବାଟ ପାଇବାକୁ ଇଚ୍ଛା କରେ ।

'oaob.nitrkl.ac.in' images reprocessed

ଏବଂ, ସେତକବେଳେ ଯାଇ ଜଣେ ଏହିପରି କହିବାକୁ ସମର୍ଥ ହୁଏ (ମାଆ ତାଙ୍କର ବାହୁକୁ ଉନ୍ମୋଚିତ କରିଦେଇ କହିଲେ), "ମୁଁ ଏଇଠି ପଡ଼ି ଛଟପଟ ହେଉଛି, ହେ ଭଗବାନ, ଏଥର ତୁମେହିଁ ମୋତେ ଗ୍ରହଣ କର ଏବଂ ମୋତେ ଯଥାର୍ଥ ପଥରେ ପରିଚାଳିତ କରିଦିଅ ।"

ତା'ପରେ ସବୁ ସମୁଚିତ ଭାବରେ ଗତି କରିବାକୁ ଆରମ୍ଭ କରେ ।

## ୨ ମେ ୧୯୫୭

ଶ୍ରୀଅରବିନ୍ଦ କହିଛନ୍ତି ଯେ ଭଗବାନଙ୍କ ସହିତ ସମ୍ମିଳିତ ହେବାର ତିନୋଟି ଲକ୍ଷଣ ରହିଛି : ପ୍ରଥମତଃ, ଅଜ୍ଞାନ ମଧ୍ୟରୁ ମୁକ୍ତି, ଏବଂ ସେଇ ପରମ ସତ୍ତା ଓ ଶାଶ୍ୱତଙ୍କ ସହିତ ଏକାତ୍ମତାଲାଭ...

ଏଇଟା ହେଉଛି ଜ୍ଞାନଯୋଗ ।

ତାପରେ ଦିବ୍ୟ ପରମସତ୍ତାଙ୍କ ସହିତ ବା ତାଙ୍କରି ମଧ୍ୟରେ ଆତ୍ମାର ନିବାସ ।

ସେଇଟି ହେଉଛି ଭକ୍ତିଯୋଗର ଲକ୍ଷ୍ୟ ।

ତା'ପରେ ପ୍ରକୃତିର ଭୂମିରେ ଏକାତ୍ମତା, ସାଧର୍ମ୍ୟ, "ସିଏ ଯେମିତି ପରିପୂର୍ଣ୍ଣ, ଠିକ୍ ସେହିପରି ପରିପୂର୍ଣ୍ଣ ହେବା ।"

ଯୋଗସମନ୍ୱୟ, ପୃଷ୍ଠା-୧୨୨

ଏହାର ଅର୍ଥ ହେଉଛି, ଏହି ସମ୍ମିଳନଟି କେବଳ ଯେ ଗଭୀର ତଳରେ ଘଟିବ, ତାହା ଆଦୌ ନୁହେଁ, ମାତ୍ର ବାହାରେ ମଧ୍ୟ ଘଟିବ, ଯାବତୀୟ କ୍ରିୟାକଳାପ ମଧ୍ୟରେ ଘଟିବ । ଜ୍ଞାନରେ ସମ୍ମିଳନ ଘଟିବ, ପ୍ରେମରେ ସମ୍ମିଳନ ଘଟିବ, ଯାବତୀୟ କର୍ମରେ ବି ସମ୍ମିଳନ ଘଟିବ । ଅନ୍ୟପ୍ରକାରରେ କହିଲେ, ଜ୍ଞାନଯୋଗ ସାଧିତ ହେବ,

'oaob.nitrkl.ac.in' images reprocessed

ପ୍ରେମ ବା ଭକ୍ତିର ଯୋଗ ସାଧିତ ହେବ, କର୍ମଯୋଗ ମଧ୍ୟ ସାଧିତ ହେବ । ସେ ଏହି ତିନି ପ୍ରକାରର ମାର୍ଗ ବିଷୟରେ କହିଛନ୍ତି ।

ମାଆ, ଶ୍ରୀଅରବିନ୍ଦ ଏଠାରେ "ଆତ୍ମାର ଆପଣା ଭୂମି ବା ମୂଳଭୂମି" ବିଷୟରେ କହିଛନ୍ତି । ଏହାର ଅର୍ଥ କ'ଣ ?

ଏହାର ଅର୍ଥ ହେଉଛି ଦିବ୍ୟ ପରମତତ୍ତ୍ୱ ।

(ମାଆ ନୀରବ ରହିଲେ)

ଆଜି କ'ଣ ଏତିକି ?

ମାଆ, ଆପଣ କହିଛନ୍ତି : ପୃଥିବୀ ଉପରେ ଅତିମାନସର ଅବତରଣ ଘଟିଛି । ତାହାର ପ୍ରକୃତ ଅର୍ଥ କ'ଣ ? ଆପଣ ଏକଥା ମଧ୍ୟ କହିଛନ୍ତି : "ଯାହାସବୁ ପ୍ରତିଶ୍ରୁତ ହୋଇଥିଲା, ସେହିଗୁଡ଼ିକହିଁ ପରିପୂର୍ଣ୍ଣ ହେଉଛି ।" ଏହି ବସ୍ତୁଗୁଡ଼ିକ ପ୍ରକୃତରେ କ'ଣ ?*

ହଁ, ସେଇଟି ହେଉଛି ବସ୍ତୁତଃ ଅତୀତର କଥା । ଦୀର୍ଘ ଅନେକ କାଳ ପୂର୍ବେ ଏହାର ପ୍ରତିଶ୍ରୁତି ଦିଆ ଯାଇଥିଲା, ଏହା ଦୀର୍ଘ ଅନେକ କାଳ ପୂର୍ବେ କୁହା ଯାଇଥିଲା,—କେବଳ ଏଠାରେ ନୁହେଁ, ପୃଥିବୀ ଆରମ୍ଭ ହେବା ଦିନରୁ କୁହାହୋଇ

---

* ଏପ୍ରିଲ ୧୯୫୬ର 'ବୁଲେଟିନ୍'ରେ ମାଆ ଦୁଇଟି ବାଣୀର ମଧ୍ୟଦେଇ ଫେବୃଆରୀ ୨୯ ତାରିଖ ଦିନ ଘଟିଥିବା ଅତିମାନସ ରୂପାନ୍ତର ବିଷୟରେ ଘୋଷଣା କରିଥିଲେ :

"ପ୍ରଭୁ, ଆପଣ ଇଚ୍ଛା କରିଛନ୍ତି, ମୁଁ କାର୍ଯ୍ୟକାରୀ କରୁଛି,
ପୃଥିବୀ ଉପରେ ଏକ ନୂତନ ଆଲୋକର ଅବତରଣ ଘଟୁଛି,
ଏକ ନୂତନ ପୃଥିବୀ ଜନ୍ମଲାଭ କରୁଛି,
ପ୍ରତିଶ୍ରୁତ ସକଳ ବସ୍ତୁ ପରିପୂର୍ଣ୍ଣ ହେଉଛନ୍ତି ।"

"ପୃଥିବୀପୃଷ୍ଠରେ ଅତିମାନସର ଆବିର୍ଭାବ ଆଉ କେବଳ ଏକ ପ୍ରତିଶ୍ରୁତି ହୋଇ ରହି ନାହିଁ, ଏହା ଏକ ବାସ୍ତବ ଘଟଣାରେ ପରିଣତ ହୋଇଛି, ଏକ ସତ୍ୟରେ ପରିଣତ ହୋଇଛି ।

"ତାହା ଏଠାରେ କାର୍ଯ୍ୟକାରୀ ହେବାକୁ ଆରମ୍ଭ କରିଛି, ଏବଂ ଏପରି ଗୋଟିଏ ଦିନ ଆସିବ, ଯେତେବେଳେ ଘୋର ଅନ୍ଧ, ଅଜ୍ଞାନ ଓ ଏପରିକି ଏକାନ୍ତ ଅନିଚ୍ଛୁକମାନେ ମଧ୍ୟ ତାହାକୁ ସ୍ୱୀକାର କରିବା ଲାଗି ବାଧ୍ୟ ହେବେ ।"

'oaob.nitrkl.ac.in' images reprocessed

ଆସିଥିଲା । କେତେ ଭଲ ଧର୍ମଗ୍ରନ୍ଥ କେତେ ଭଲ ଭବିଷ୍ୟବାଣୀ କରି ଯାଇଥିଲେ । ଏହିପରି କୁହା ଯାଇଥିଲା, "ଏକ ନୂତନ ସ୍ୱର୍ଗ ବସିବ, ନୂତନ ପୃଥିବୀ ଗଢ଼ାହେବ, ଏକ ନୂତନ ମାନବଜାତି ଜନ୍ମଲାଭ କରିବ, ଏହି ପୃଥିବୀ ରୂପାନ୍ତରିତ ହେବ···" ଯାବତୀୟ ସକଳ ପରମ୍ପରାରେ ଧର୍ମଗୁରୁମାନେ ଏହି ସବୁକଥା ବିଷୟରେ କହିଛନ୍ତି ।

"ଏସବୁ ପରିପୂର୍ଣ୍ଣ ହେଉଛନ୍ତି" ବୋଲି ଆପଣ କହୁଛନ୍ତି ।

ହଁ, କହୁଛି । ତୁମେ କ'ଣ ପଚାରୁଛ ?

ନୂତନ ମାନବଜାତି କାହିଁ କେଉଁଠି ଅଛନ୍ତି ?

ନୂତନ ମାନବଜାତି ? ହଁ, ଆହୁ ପ୍ରାୟ କେତେ ହଜାର ବର୍ଷ ଅପେକ୍ଷା କରି, ନୂତନ ମାନବଜାତିକୁ ଦେଖିବାକୁ ପାଇବ !

ଯେତେବେଳେ ଏହି ପୃଥିବୀରେ ମନର ଅବତରଣ ଘଟିଥିଲା, ଏହି ପୃଥିବୀ-ପରିବେଶରେ ଯେବେ ମନର ଅଭିବ୍ୟକ୍ତି ଘଟିଲା ଏବଂ ଯେତେବେଳେ ପ୍ରଥମ ମନୁଷ୍ୟର ଆବିର୍ଭାବ ହେଲା, ଦୁଇଟି ମଧ୍ୟରେ ପ୍ରାୟ ଦଶ ଲକ୍ଷ ବର୍ଷ ଅତିବାହିତ ହୋଇ ଯାଇଥିବ । ବର୍ତ୍ତମାନ ଏହି ପ୍ରକ୍ରିୟାଟି ଆହୁରି ଅଧିକ ତ୍ୱରାନ୍ୱିତ ହେବ, କାରଣ ମନୁଷ୍ୟ ଆଗରୁ ତାହାର ପ୍ରତ୍ୟାଶା କରିପାରୁଛି, ଭବିଷ୍ୟ ବିଷୟରେ ତାହାର ଏକ ଅସ୍ପଷ୍ଟ ଧାରଣା ବି ରହିଛି; କୌଣସି ନା କୌଣସି ଅର୍ଥରେ ସେ ଅତିମାନସର ଆଗମନ ବିଷୟରେ ପ୍ରତ୍ୟାଶା କରିପାରୁଛି । ମାତ୍ର ଏକଥା ନିଶ୍ଚିତ ଯେ ଦିନେ ମଣିଷର ଜନ୍ମ ହେବ ବୋଲି ମାଙ୍କଡ଼ମାନେ କଦାପି କେବେହେଲେ ପ୍ରତ୍ୟାଶା କରି ନଥିଲେ । ସେମାନେ ଏହି ବିଷୟରେ କେବେହେଲେ ଭାବି ନଥିଲେ, ସମ୍ଭବତଃ ଏହାର ସହଜ କାରଣଟି ହେଉଛି ଯେ ସେମାନେ ସ୍ୱଭାବତଃ ପୂର୍ବଦ୍ରଷ୍ଟା ହୋଇ ପାରନ୍ତି ନାହିଁ । ମାତ୍ର ମନୁଷ୍ୟ ଏହି ବିଷୟରେ ଚିନ୍ତା କରି ପାରୁଛି ଏବଂ ତାହାର ପ୍ରତୀକ୍ଷା କରି ରହିଛି । ତେଣୁ ଏଥର ପ୍ରକ୍ରିୟାଟି ଅନେକ ଅଧିକ ତ୍ୱରାନ୍ୱିତ ହୋଇପାରିବ । ମାତ୍ର ଯେତେ ତ୍ୱରାନ୍ୱିତ ହେଲେ ବି କେତେ ହଜାର ବର୍ଷ ନିଶ୍ଚୟ ଲାଗିବ । ହଁ, ଆମେ ଆଉ କେତେ ହଜାର ବର୍ଷ ପରେ ଏବିଷୟରେ ପୁଣି ଆଲୋଚନା କରିବା !

(ମାଆ ନୀରବ ରହିଲେ)

ଯେଉଁ ବ୍ୟକ୍ତିମାନେ ଭିତରେ ପ୍ରସ୍ତୁତ ହୋଇ ସାରିଲେଣି, ଯେଉଁମାନେ ନିଜକୁ ଉନ୍ମୁକ୍ତ କରି ରଖିଛନ୍ତି, ଜାଗ୍ରତ ଶକ୍ତିଗୁଡ଼ିକର ସ୍ପର୍ଶଲାଭ କରିଛନ୍ତି ଏବଂ

'oaob.nitrkl.ac.in' images reprocessed

ଅତିମାନସ ଆଲୋକ ଓ ଚେତନା ସହିତ ଯେଉଁମାନଙ୍କର ଅଳ୍ପବହୁତ ପରିମାଣରେ ଏକ ପ୍ରତ୍ୟକ୍ଷ ବ୍ୟକ୍ତିଗତ ସମ୍ପର୍କ ରହିଛି, ସେମାନେ ଏହି ପୃଥ୍ୱୀ-ପରିବେଶରେ ଏକ ପାର୍ଥକ୍ୟ ଅନୁଭବ କରି ପାରୁଛନ୍ତି ।

ମାତ୍ର ସେଥିଲାଗି···କେବଳ ସଦୃଶହିଁ ସଦୃଶକୁ ଚିହ୍ନି ପାରିବ, ବ୍ୟକ୍ତି ଭିତରେ ଅବସ୍ଥାନ କରୁଥିବା ଅତିମାନସ ଚେତନାହିଁ ପୃଥ୍ୱୀ-ପରିବେଶରେ କ୍ରିୟାଶୀଳ ହେଉଥିବା ଅତିମାନସର କୌଣସି ବୋଧ ଲାଭ କରିପାରିବ । କୌଣସି ବା କୌଣସି କାରଣବଶତଃ ଯେଉଁମାନେ ଆପଣା ମଧ୍ୟରେ ଏହି ବୋଧଟିର ବିକାଶ ଘଟାଇ ପାରିଛନ୍ତି, ସେମାନେ ତାହା ଦେଖିବାକୁ ସମର୍ଥ ହେବେ । ମାତ୍ର, ଅନ୍ତର୍ଗତ ସତ୍ତା ବୋଲି କିଛି ରହିଛି ବୋଲି ବି ଯେଉଁମାନେ ସଚେତନ ହୋଇ ପାରି ନାହାନ୍ତି, ଭିତରେ ଏକେଟିକିଏ ମାତ୍ରାରେ ବି ସଚେତନ ହୋଇ ପାରି ନାହାନ୍ତି, ସେମାନଙ୍କର ଆତ୍ମା ପ୍ରକୃତରେ ଯେ କିଭଳି ଏକ ବସ୍ତୁ ହୋଇଥିବ, ଯେଉଁମାନେ ତାହାର ଉତ୍ତର ଦେବାକୁ ଯାଇ ବେଶ୍ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେମାନେ ପୃଥ୍ୱୀ-ପରିବେଶରେ ଘଟିଥିବା ଏହି ପାର୍ଥକ୍ୟଟିକୁ ଆଦୌ ଅନୁଭବ କରି ପାରିବେ ନାହିଁ । ସେଥିଲାଗି ସେମାନଙ୍କୁ ଆହୁରି ଅନେକ ବାଟ ଯିବାକୁ ହେବ । କାରଣ ଯେଉଁମାନଙ୍କର ଚେତନା ଅଳ୍ପବହୁତ ଐକାନ୍ତିକ ଭାବରେ ସେହି ବାହ୍ୟ ସତ୍ତାଟି ମଧ୍ୟରେ, ଅର୍ଥାତ୍ ମାନସିକ, ପ୍ରାଣିକ ଏବଂ ଶାରୀରିକ ସତ୍ତା ମଧ୍ୟରେ କେନ୍ଦ୍ରିତ ହୋଇ ରହିଛି, ବସ୍ତୁଗୁଡ଼ିକ କୌଣସି ଏକ ଅସମ୍ଭବ ଏବଂ ଅପ୍ରତ୍ୟାଶିତ ରୂପରେ ପ୍ରକଟ ନହେବା ପର୍ଯ୍ୟନ୍ତ ସେମାନେ ସେଗୁଡ଼ିକୁ କଦାପି ଦେଖି ପାରିବେ ନାହିଁ । ଏବଂ ସେତେବେଳେ ମଧ୍ୟ ସେମାନେ ଏସବୁକୁ ଅଲୌକିକ ଘଟଣା ବୋଲି କହିବେ ।

ମାତ୍ର ଶକ୍ତିଗୁଡ଼ିକର ହସ୍ତକ୍ଷେପରୂପୀ ଯେଉଁ ସତତ ଅଲୌକିକ ଘଟଣା ଦ୍ୱାରା କେତେବେଳେ ପରିବେଶ ଓ ଚରିତ୍ରମାନ ବଦଳି ଯାଉଥାଏ, ଏବଂ ଯାହାର ବହୁଦୂରପ୍ରସାରୀ ପରିଣାମମାନ ଘଟିବାରେ ଲାଗିଥାଏ, ସେମାନେ ଏଗୁଡ଼ିକୁ ଏକ ଅଲୌକିକ ଘଟଣା ବୋଲି ମୋଟେ ଅନୁଭବ କରନ୍ତି ନାହିଁ; କାରଣ ଏଗୁଡ଼ିକର ପ୍ରତିଫଳହିଁ କେବଳ ଦୃଷ୍ଟିଗୋଚର ହେଉଥାଏ ଏବଂ ବାହାରକୁ ସେଇଟା ବେଶ୍ ସ୍ୱାଭାବିକ ପରି ଦେଖା ଯାଉଥାଏ । ମାତ୍ର, ପ୍ରକୃତ କଥା କହିବାକୁ ଗଲେ, ବର୍ତ୍ତମାନ ଘଟୁଥିବା ଅତି ସାନ ସାନ ବିଷୟ ଉପରେ ଚିନ୍ତା କରିବାକୁ ଆରମ୍ଭ କଲେ ମଧ୍ୟ, ଏହା ଯେ ଗୋଟିଏ ଗୋଟିଏ ଅଲୌକିକ ଘଟଣା, ତୁମେ ତାହା ସ୍ୱୀକାର କରିବାକୁ ଅବଶ୍ୟ ବାଧ୍ୟ ହେବ ।

ତୁମେ ଏଭଳି ବିଷୟରେ ଚିନ୍ତା କରୁ ନାହଁ ବୋଲି ସେଗୁଡ଼ିକ ଯେଉଁଭଳି ସ୍ଥିତିରେ ଯାହା ହୋଇ ରହିଛନ୍ତି, ତୁମେ ସେଗୁଡ଼ିକୁ ସେହିଭଳି ଭାବରେ ଗ୍ରହଣ

'oaob.nitrkl.ac.in' images reprocessed

**କରି ନେଇଛ । ସେବିଷୟରେ ତୁମେ ଆଉ କୌଣସି ପ୍ରଶ୍ନ ବି ପଚାରୁ ନାହଁ । ତା' ନହେଲେ ଯେକୌଣସି ଦିନ ମଧ୍ୟ ଏକାଧିକ ଅବସରରେ ତୁମେ ନିଜକୁ ଅବଶ୍ୟ କହିପାରନ୍ତ, "ପ୍ରକୃତରେ ଏହା ଅତ୍ୟନ୍ତ ବିସ୍ମୟଜନକ ! ଏପରି କଥା ପ୍ରକୃତରେ କିପରି ଘଟିପାରିଲା ?"**

**ଅତ୍ୟନ୍ତ ସହଜ କଥା ଯେ ତୁମ୍ଭ ବହିରାବରଣଗୁଡ଼ାକୁ ଦେଖିବାରେ ଅଭ୍ୟସ୍ତ ହୋଇ ରହିଥିବାରୁ ଏପରି ଘଟୁଛି ।**

ମାଆ, ଏହି ନୂତନ ଚେତନା ପ୍ରତି ଆମର ଦୃଷ୍ଟିକୋଣ କିପରି ହେବା ଉଚିତ ?

**ସେହି ଚେତନା ଦ୍ୱାରା ତୁମେ କିପରି ଉପକୃତ ହେବ, ସେକଥା ତାହାରି ଉପରେହିଁ ନିର୍ଭର କରୁଛି ।**

**ଯଦି ତୁମେ ତାହା ଉପରେ କେବଳ ଏକ କୌତୂହଳ ସହିତହିଁ ଦୃଷ୍ଟିପାତ କରିବାକୁ ଇଚ୍ଛା କରୁଥାଅ, ତେବେ କେବଳ ଦେଖିବାକୁ ପଡ଼ିବ, ବୁଝିବା ଲାଗି ଚେଷ୍ଟା କରିବାକୁ ହେବ ।**

**ସେହି ଚେତନା ତୁମକୁ ବଦଳାଇ ଦେଉ ବୋଲି ଯଦି ତୁମେ ଇଚ୍ଛା କରୁଥାଅ, ଯେବେ ତୁମେ ଆପଣାକୁ ସେଇଟି ଆଗରେ ଉନ୍ମୋଚିତ କରିଦେବ ଏବଂ ଅଗ୍ରସର ହେବା ଲାଗି ପ୍ରୟାସ କରିବ ।**

ଏହି ନୂତନ ରୂପାୟନରୁ କ'ଣ ଲୋକମାନେ ସାମୂହିକ ଭାବରେ ଲାଭବାନ୍ ହେବେ ନା କେବଳ ବ୍ୟକ୍ତିଗତ ଭାବରେହିଁ ଯାହା ତାହାର ଉପକାର ପାଇବେ ?

**ତୁମେ ଏହି ପ୍ରଶ୍ନଟିକୁ କାହିଁକି ପଚାରୁଛ ?**

କାରଣ, ଏଠାକୁ ଆସିଥିବା ଅନେକ ଲୋକ ପଚାରୁଛନ୍ତି, "ଏଥିରୁ ଆମର କ'ଣସବୁ ଲାଭ ହେବ ?"

**ହଁ ।**

'oaob.nitrkl.ac.in' images reprocessed

କିନ୍ତୁ ସେମାନଙ୍କର ସେଥିରୁ କୌଣସି ଲାଭ ହେବ ପୁଣି ତାହିଁକି ? ଲାଭ ଭୋଗ କରିବା ଲାଗି ସେମାନଙ୍କର ପୁଣି କି ଦାବି ରହୁଛି ? କ'ଣ ସେମାନେ ଗାଡ଼ିରେ ବସି ଏଠାକୁ ଆସିଛନ୍ତି ବୋଲି ?

ମୁଁ ଏପରି କେତେ ଲୋକଙ୍କୁ ଜାଣିଥିଲି, ଯେଉଁମାନେ କି, ବେଶ୍ କେତେଦିନ ତଳେ ଏଠାକୁ ଆସିଥିଲେ,—ପ୍ରାୟ,—ବର୍ତ୍ତମାନ ମୋର ମନେ ପଡ଼ୁନାହିଁ, ମାତ୍ର ପ୍ରକୃତରେ ଅନେକ ଦିନ ତଳେ,—ନିଶ୍ଚୟ କୋଡ଼ିଏ ବର୍ଷରୁ ଅଧିକ ପୂର୍ବେ ଏଠାକୁ ଆସିଥିଲେ । ଏବଂ, ପ୍ରଥମଥର ପାଇଁ ଯେତେବେଳେ ଆଶ୍ରମରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଲା, ସେତେବେଳେ ସେମାନେ ସେଥିରେ କେତେ କ'ଣ ଅସନ୍ତୋଷ ବ୍ୟକ୍ତ କରିବାକୁ ଲାଗିଲେ ଏବଂ କହିଲେ, "ମାତ୍ର ମୁଁ ତ ଏଇଆ ଲାଗି ଏଠାକୁ ଆସିଥିଲି ଯେ ଏହି ଯୋଗ ଦ୍ୱାରା ମୁଁ ଅମର ହୋଇ ରହିପାରିବି; ମାତ୍ର ଏଠି ବି ଯଦି ଲୋକ ମରିପାରିଲେ, ତେବେ ଏଠାକୁ ଆସି ମୋର ଆଉ କି ଲାଭ ହେଲା ?"

ହିଁ,—ଇଏ ଠିକ୍ ସେହିପରି କଥା । ଲୋକମାନେ ଗାଡ଼ି ଧରି ଏଠାକୁ ଆସନ୍ତି; ସାଧାରଣତଃ ଯେତେ ଲୋକ ଆସନ୍ତି, ଏଥର* ତା'ଠାରୁ ପ୍ରାୟ ଦେଢ଼ଗୁଣ ଅଧିକ ଲୋକ ଆସିଥିଲେ, କାରଣ ସେମାନେ "ଲାଭବାନ୍" ହେବାକୁହିଁ ଇଚ୍ଛା କରୁଥିଲେ । ଏବଂ, ସମ୍ଭବତଃ ଠିକ୍ ଏହି କାରଣଟି ଯୋଗୁଁ ସେମାନେ କୌଣସି ପ୍ରକାରେ ଲାଭବାନ୍ ହୋଇ ପାରିଲେ ନାହିଁ ! କାରଣ, ଯେଉଁ ପରମ ସତ୍ୟର ଆବିର୍ଭାବ ହୋଇଛି, କୌଣସି ନା କୌଣସି ପ୍ରକାରେ ମଣିଷମାନଙ୍କୁ ଲାଭବାନ୍ କରାଇବା ନିମନ୍ତେ କଦାପି ତାହାର ଆବିର୍ଭାବ ହୋଇ ନାହିଁ ।

> ସେମାନଙ୍କର ଅନ୍ତର୍ଗତ ବାଧାଗୁଡ଼ିକୁ ପାର ହୋଇଯିବା ଏଥର ଅପେକ୍ଷାକୃତ ଅଧିକ ସହଜ ହେବ କି ନାହିଁ, ସେମାନେ ସେହି କଥା ପଚାରୁଛନ୍ତି ।

ମୁଁ ସେହି ଆଗରୁ କହୁଥିବା କଥାଟିରହିଁ ପୁନରାବୃତ୍ତି କରିବି । ଏହା ଅପେକ୍ଷାକୃତ ଅଧିକ ସହଜ ହେଉ ବୋଲି ଦାବି କରିବାକୁ ସେମାନଙ୍କର କେଉଁସବୁ କାରଣ ବା ଅଧିକାର ରହୁଛି ? ସେମାନଙ୍କ ନିଜ ଆଡ଼ୁ ଏହି ଲୋକମାନେ ପ୍ରକୃତରେ କ'ଣ କରିଛନ୍ତି ? କେଣ୍ଣ ତାହା ତାହିଁକି ଅପେକ୍ଷାକୃତ ଅଧିକ ସହଜ ହେବ ? କ'ଣ ଲୋକମାନଙ୍କର ଆଳସ୍ୟ ଏବଂ ନିଷ୍କ୍ରିୟତାକୁ ସନ୍ତୁଷ୍ଟ କରିବା ଲାଗି ଅପେକ୍ଷାକୃତ ଅଧିକ ସହଜ ହେବ ? ନା ଆଉ କ'ଣ ପାଇଁ ?

---

* ଏପ୍ରିଲ ୨୪, ୧୯୬୭ର ଦର୍ଶନ ।

'oaob.nitrkl.ac.in' images reprocessed

> କାରଣ, ଯେତେବେଳେ ନୂତନ କିଛି ଘଟିବାକୁ ଯାଉଥାଏ, ସେଥିରୁ କୌଣସି ନା କୌଣସି ପ୍ରକାରେ ଲାଭବାନ୍ ହେବା ପାଇଁ ଲୋକମାନେ ଆଶା ରଖିଥାନ୍ତି ।

ନା—ମୋଟେ ନୁହେଁ; ଯେତେବେଳେ କୌଣସି ନୂତନ କିଛି ଘଟିବାକୁ ଯାଉଥାଏ, କେବଳ ସେତିକିବେଳେ ନୁହେଁ : ସର୍ବଦା ଏବଂ ସର୍ବଦା ଲୋକେ ଏହି ଲାଭରହିଁ ଆଶା ରଖିଥାନ୍ତି । ମାତ୍ର ଆଦୌ କିଛି ନପାଇବାକୁ ହେଲେ ତାହାହିଁ ପ୍ରକୃଷ୍ଟତମ ଉପାୟ ।

ଏଠାରେ ସେମାନେ କାହାକୁ ଠକିବା ଲାଗି ଇଚ୍ଛା କରୁଛନ୍ତି ? ଭଗବାନ ପରମସତ୍ୟଙ୍କୁ ?···ସେଇଟା ଜମାରୁ ସମ୍ଭବ ହୋଇ ପାରିବ ।

ଯେଉଁମାନେ ଏଠାକୁ ଆସି ସାକ୍ଷାତ୍କାର ଲୋଡ଼ନ୍ତି, ସେମାନଙ୍କ ବେଳକୁ ମଧ୍ୟ ସେହି ଗୋଟିଏ କଥା । ସେମାନଙ୍କୁ ମୁଁ କହୁଥାଏ, "ଶୁଣନ୍ତୁ, ଆପଣମାନେ ଏତେ ବେଶୀ ସଂଖ୍ୟାରେ ଆସିଛନ୍ତି, ଏବଂ ଯଦି ଆପଣମାନଙ୍କ ଭିତରୁ ପ୍ରତ୍ୟେକ ସାକ୍ଷାତ୍କାର ଲୋଡ଼ି ବସନ୍ତି, ତେବେ ସମସ୍ତଙ୍କ ସହିତ ଦେଖା କରିବାକୁ ମୋତେ ଏହି କେତୋଟି ଦିନରେ ରହିଥିବା ମିନଟ୍‌ଗୁଡ଼ିକ ବି ଯଥେଷ୍ଟ ହେବ ନାହିଁ । ଆପଣମାନେ ଏଠାରେ ରହିବା ସମସ୍ତଟି ଭିତରେ ମୁଁ ଆଉ ଗୋଟାଏ ମିନଟ ବି ସମୟ ପାଇବି ନାହିଁ ।" ଏକଥା ଶୁଣି ସେମାନେ କହନ୍ତି, "ଆଜ୍ଞା, ମୁଁ ଏତେ କଷ୍ଟ କରି ଏଠାକୁ ଆସିଛି, ମୁଁ ଏତେ ଦୂରରୁ ଆସିଛି, ମୁଁ ଅମୁକ ଜାଗାରୁ ଆସିଛି, ମୁଁ ଏତେ କିଲୋମିଟର ଦୂରରୁ ଆସିଛି, ଏତେ ଘଣ୍ଟା ଗାଡ଼ିରେ ବସି ଚାଲେଇ ଏଠାକୁ ଆସିଛି—ଏବଂ ତେବେସୁଦ୍ଧା ମୁଁ ଏକ ସାକ୍ଷାତ୍କାରର ସୁବିଧା ପାଇବି ନାହିଁ ?" ମୁଁ ଉତ୍ତର ଦେଇ କହେ, "ମୋତେ ଆପଣ କ୍ଷମା କରିବେ, ମାତ୍ର ଆପଣଙ୍କ ପରି ଆହୁରି ଅନେକ ଲୋକ ମଧ୍ୟ ସେହିସବୁ କରିଛନ୍ତି !"

ଏଥିରୁ ବୁଝି ପାରୁଥିବ : ଏହା ହେଉଛି ଦେବା-ନେବାର ବ୍ୟାପାର, ମୂଲଚୂଲ କରିବାର ବ୍ୟାପାର । ଆମେ ତ ଏଠାରେ ଗୋଟିଏ ବାଣିଜ୍ୟିକ ପ୍ରତିଷ୍ଠାନ ଖୋଲି ରଖି ନାହୁଁ, ଆମେ ଏଠାରେ କୌଣସି ବ୍ୟବସାୟ କରୁ ନାହୁଁ ବୋଲି ଆମେ ଆଗରୁ କହିଦେଇଛୁ ।

> ଏବେ ଶିଷ୍ୟମାନଙ୍କର ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି । ଏଥିରୁ କି ସୂଚନା ମିଳୁଛି ?

ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏସବୁ କ୍ରମଶଃ ଅଧିକ ବୃଦ୍ଧି ପାଇବ । ତେଣୁ, ଆଶ୍ରମରେ ଦେଢ଼ ଶହ ଲୋକ ଥିଲା ବେଳେ ମୁଁ ଯାହା କରୁଥିଲି, ବର୍ତ୍ତମାନ ଆଉ କଦାପି ସେକଥା କରି ପାରିବ ନାହିଁ । ଯଦି ସେମାନଙ୍କର ଟିକିଏ ସାଧାରଣ ଜ୍ଞାନ ବି ରହିଥାନ୍ତା, ତେବେ ସେମାନେ ଏକଥା ନିଶ୍ଚୟ ବୁଝିପାରନ୍ତେ ଯେ ବର୍ତ୍ତମାନ ମୁଁ ଲୋକମାନଙ୍କ ସହିତ ଆଗ ପରି ଏତେ ସମ୍ବନ୍ଧ କଦାପି ରଖି ପାରିବ ନାହିଁ । ଏବେ ଆଶ୍ରମରେ ୧୮୦୦ ଲୋକ ହୋଇଥିଲେ ! ଏବଂ ମୁଁ ୧୮୪୫ ଜଣ ଲୋକଙ୍କ ସହିତ କଦାପି ପୂର୍ବପରି ଏତେବେଶୀ ସମ୍ବନ୍ଧ ରଖି ପାରିବ ନାହିଁ । ମୁଁ ଭାବୁଛି ସର୍ବମୋଟ ସେତିକି ଜଣ ଲୋକ ଥିଲେ । ତେଣୁ ତିରିଶି ଜଣ ବା ଏପରିକି ଶହେଜଣ ଲୋକଙ୍କ ସହିତ ଯେଉଁ ସମ୍ବନ୍ଧ ରଖିପାରିବ, ଏତେ ବେଶୀ ଲୋକଙ୍କ ସହିତ କଦାପି ସେହି ସମ୍ବନ୍ଧ ରଖି ପାରିବ ନାହିଁ ।

ମାତ୍ର ସେମାନେ ଚାହାନ୍ତି ଯେ ଆଗରୁ ଯେପରି ହୋଇ ଆସୁଥିଲା, ବର୍ତ୍ତମାନ ମଧ୍ୟ ସେହିପରି ହେବ, ଏବଂ, ତୁମେ ଯେପରି କହୁଛ, ସେମାନେ ସର୍ବପ୍ରଥମେ "ଲାଭବାନ୍" ହେବାକୁ ଚାହାନ୍ତି ।

ମାଆ, ଯେତେବେଳେ ପୃଥ୍ୱୀ-ପରିବେଶରେ ମନର ଅବତରଣ ଘଟିଲା, ସେତେବେଳେ ମାଙ୍କଡ଼ମାନେ ମଣିଷ ହେବାକୁ ଆଦୌ କୌଣସି ଚେଷ୍ଟା କରି ନଥିଲେ, କରିଥିଲେ କି ? ପ୍ରକୃତିହିଁ ସେ ପ୍ରୟାସଟିକୁ ଯୋଗାଇ ଦେଇଥିଲା । ମାତ୍ର ଏଠାରେ···

ମାତ୍ର ମଣିଷ କି ତା ସ୍ୱୟଂ ନିଜକୁ ଅତିମାନସରୂପେ ପରିବର୍ତ୍ତିତ କରିବାକୁ ଯାଉ ନାହିଁ !

ନା ?

ଚେଷ୍ଟାକରି ଦେଖ ନା ! (ସମସ୍ତେ ହସିଲେ)

ତେବେ,—ଆଉକିଛି ଶକ୍ତି ଏହି କ୍ଷେତ୍ରରେ କାର୍ଯ୍ୟ କରିବାକୁ ଯାଉଛି ।

ତେବେ, ଆମେସବୁ···

କେବଳ,···ହିଁ, ଏହି କ୍ଷେତ୍ରରେ କେବଳଟିଏ ବି ରହିଛି । ମୁଁ ଆଦୌ ନିର୍ମମ ହେବାକୁ ଚାହୁଁ ନାହିଁ : ବର୍ତ୍ତମାନ ଏହି କାର୍ଯ୍ୟରେ ମନୁଷ୍ୟ ସହଯୋଗ

'oaob.nitrkl.ac.in' images reprocessed

କରିପାରିବ । ଅର୍ଥାତ୍, ସିଏ ନିଜକୁ ମଧ୍ୟ ଏହି ପ୍ରତିଯୋଗିତାରେ ନେଇ ଲଗାଇଦେଇ ପାରିବ, ସନ୍ତରଣର ସବୁ ଲଗାଇ ଦେଇ ପାରିବ, ଅଶ୍ୱାରୋହଣର ସବୁ ଲଗାଇ ଦେଇ ପାରିବ, ଏବଂ ସେଥିରେ ଯଥାସାଧ୍ୟ ସହାୟତା କରିପାରିବ । ଏବଂ ମୁଁ ସେଇଥିପାଇଁ କହୁଥିଲି ଯେ ଏହି ପ୍ରତିଯୋଗିତା ଅଧିକ ତ୍ୱରାନ୍ୱିତ ଭାବରେ ଗଠିତ କରି ପାରିବ । ମୁଁ ଆଶା କରୁଛି ଯେ ଏହା ଅନେକ ଅଧିକ ତ୍ୱରାନ୍ୱିତ ଭାବରେ ଗଠିତ କରିବ ।

ମାତ୍ର, ସେପରି ହେଲେ ମଧ୍ୟ, ଅନେକ ଅଧିକ ତ୍ୱରାନ୍ୱିତ ହେଲେ ବି ନିଶ୍ଚୟ କିଛି ସମୟ ଲାଗିବ !

(ମାଆ ନୀରବ ରହିଲେ)

ଶୁଣ, ତୁମେ ଯେଉଁମାନେ ଏଭଳି ବିଷୟରେ ଶୁଣିଛ, କେବଳ ଥରେ ନୁହେଁ, ମାତ୍ର ସମ୍ଭବତଃ କେତେ ଶହ ଥର ଶୁଣିଛ, ତୁମେ ଯେଉଁମାନେ ନିଜେ ଏବିଷୟରେ ଆପଣା ଭିତରେ କଥାବାର୍ତ୍ତା କରିଛ, ଏହି ବିଷୟରେ ଭାବିଛ, ଏପରି ହେବ ବୋଲି ଆଶା ପୋଷଣ କରିଛ ଓ ଇଚ୍ଛା କରିଛ,—ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ସେଇଥି ସକାଶେ ଏଠାକୁ ଆସିଥିଲେ, ଅତିମାନସ ପରମଶକ୍ତିକୁ ଗ୍ରହଣ କରି ନିଜେ ଅତିମାନବରୂପେ ରୂପାନ୍ତରିତ ହେବା ଲାଗିହିଁ ସେମାନେ ଏଠାକୁ ଆସିଥିଲେ —ତାହାହିଁ ସେମାନଙ୍କର ଲକ୍ଷ୍ୟ ଥିଲା, ନୁହେଁ କି ?...ମାତ୍ର ଏପରି କିପରି ଘଟିଲା ଯେ ତୁମେ ସମସ୍ତେ ଏହି ଶକ୍ତିଟି ସହିତ ଏତେବେଶୀ ଅପରିଚିତ ହୋଇ ରହିଥିଲ ଯେ ଏହି ଶକ୍ତିଟି ଯେତେବେଳେ ଆସିଲା, ତାହାକୁ କେହିହେଲେ ଚିହ୍ନି ପାରିଲ ନାହିଁ ?

ତୁମେମାନେ ମୋ ଲାଗି ଏହି ସମସ୍ୟାଟିର ସମାଧାନ କରି ପାରିବ କି ? ଯଦି ସମସ୍ୟାଟିର ସମାଧାନ ଖୋଜି ବାହାର କରି ପାରିବ, ତେବେ ଏହି ଅସୁବିଧାଟିର ବି ସମାଧାନ ଖୋଜି ବାହାର କରି ପାରିବ ।

ବର୍ତ୍ତମାନ ମୁଁ ବାହାରର କୌଣସି ଲୋକଙ୍କ କଥା କହୁ ନାହିଁ, ଯେଉଁମାନେ କି ଏବିଷୟରେ କେବେହେଲେ କିଛି ଭାବି ନାହାନ୍ତି, ଏବିଷୟରେ ଆପଣାକୁ କେବେହେଲେ ସଂପୃକ୍ତ କରି ନାହାନ୍ତି ଏବଂ ଏପରିକି ଏତିକି ମଧ୍ୟ ଜାଣି ନାହାନ୍ତି ଯେ ଅତିମାନସ ବୋଲି ଏପରି ଗୋଟିଏ ବସ୍ତୁ ରହିଛି, ଯାହାକୁ କି ଆମେ ଗ୍ରହଣ କରିବା । ବର୍ତ୍ତମାନ ମୁଁ ସେହିମାନଙ୍କ କଥା କହୁଛି ଯେଉଁମାନେ କି ଖାସ୍ ଏହି ଅଭୀପ୍ସାଟି ଉପରେ ନିଜର ଜୀବନକୁ ଆଧାରିତ କରି ରଖିଛନ୍ତି,—ଏବଂ ଗୋଟାଏ ମୁହୂର୍ତ୍ତ ସକାଶେ ମଧ୍ୟ ମୁଁ ସେମାନଙ୍କର ନିଷ୍ଠାରେ କୌଣସି ସନ୍ଦେହ ପ୍ରକାଶ କରୁ ନାହିଁ,—ଯେଉଁମାନେ କି ଏହି ଉଦ୍ଦେଶ୍ୟରେ କାର୍ଯ୍ୟ କରିଛନ୍ତି, କେତେକ ଷାଠିଏ ବର୍ଷ କାର୍ଯ୍ୟ କରିଛନ୍ତି, କେତେକ ପଚିଶବର୍ଷ ବର୍ଷ ଓ ଆଉ କେତେକ ତା'ଠାରୁ କମ୍ସୁ କମ୍ ସମୟ କାର୍ଯ୍ୟ କରିଛନ୍ତି, ଯେଉଁମାନେ ସବୁକିଛି କରିଛନ୍ତି ଓ "ଯେତେବେଳେ

ଅତିମାନସ ଅବତରଣ କରିବ···ଯେତେବେଳେ ଅତିମାନସ ଅବତରଣ କରିବ···" ବୋଲି ଲଗାଇ କେତେ କ'ଣ କହୁଛନ୍ତି । ତେଣୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହିମାନେହିଁ ଏହି ଦୃଷ୍ଟିରୁ ସର୍ବୋତ୍ତମ ଅବସ୍ଥାରେ ରହି ଆସିଛନ୍ତି, ଅନ୍ୟ କେହି ତା'ଠାରୁ ଅଧିକ ଭଲ ଅବସ୍ଥାରେ ରହି ପାରିଥାନ୍ତା ବୋଲି କଳ୍ପନା ମଧ୍ୟ କରାଯାଇ ପାରନ୍ତା ନାହିଁ । ଏପରି କପରି ହେଲା ଯେ ଅନ୍ତର୍ଗତ ପ୍ରସ୍ତୁତିଟି ପ୍ରକୃତରେ ଏତେ ବେଶୀ—ଆମେ କଥାଟିକୁ ସହଜ କରି କହିଦେବା,—ଏତେବେଶୀ ଅସମ୍ପୂର୍ଣ୍ଣ ଥିଲା ଯେ ଯେତେବେଳେ ସେହି ପରମ ସ୍ପନ୍ଦନଟି ଆସି ଅନୁଭୂତ ହେଲା, ସେମାନେ ସଙ୍ଗେ ସଙ୍ଗେ ସେଇଟିକୁ ଅନୁଭବ କରି ପାରିଲେ ନାହିଁ, ସେଇଟି ସହିତ ଏକାତ୍ମ ହୋଇ ରହିଥିବା ପରି ସେଇଟିକୁ ଅନୁଭବ କରି ପାରିଲେ ନାହିଁ ?

ବ୍ୟକ୍ତିଗତ ଭାବରେ, ଆପଣାକୁ ପ୍ରସ୍ତୁତ କରିବାହିଁ ପ୍ରତ୍ୟେକଙ୍କର ଲକ୍ଷ୍ୟ ହୋଇ ରହିଥିଲା; ଏହି ପରମ ଶକ୍ତିଟି ସହିତ ଅଲ୍ପବହୁତ ପରିମାଣରେ ଏକ ବ୍ୟକ୍ତିଗତ ସମ୍ବନ୍ଧସୂତ୍ର ମଧ୍ୟରେ ପ୍ରବିଷ୍ଟ ହେବା ଓ ତାହାର ସହାୟତା କରିବାହିଁ ପ୍ରତ୍ୟେକଙ୍କର ଲକ୍ଷ୍ୟ ହୋଇ ରହିଥିଲା । ଅଥବା, ଯଦି ସହାୟତା କରି ନପାରିବେ, ତେବେ, ଯେତେବେଳେ ସେହି ଶକ୍ତିଟିର ଆବିର୍ଭାବ ହେବ, ସେତେବେଳେ ଯଥାର୍ଥ ଭାବରେ ପ୍ରସ୍ତୁତ ହୋଇ ରହିବା, ସେଇଟିକୁ ଚିହ୍ନିପାରିବା ଓ ସେଇଟି ଲାଗି ଉନ୍ମୋଚିତ ହୋଇଯିବାହିଁ ଲକ୍ଷ୍ୟ ହୋଇ ରହିଥିଲା । ଏବଂ, ତୁମେ ଯେଉଁ ସମ୍ପଦଟିକୁ ନିଜ ଭିତରେ ବହନ କରି ରହିଛ, ସେଇଟି ବ୍ୟକ୍ତ ହୋଇ ପାରି ନଥିବା ଏକ ପୃଥିବୀରେ ଏକ ବହିଃସ୍ଥ ଉପାଦାନ ହୋଇ ରହିବା ପରିବର୍ତ୍ତେ ତୁମେ ହଠାତ୍ ଠିକ୍ ସେହି ସମ୍ପଦଟିରେ ପରିଣତ ହୋଇଯାଅ, ସିଧା ଯାଇ ତାହାର ମଧ୍ୟରେ ପ୍ରବିଷ୍ଟ ହୁଅ, ସମ୍ପୂର୍ଣ୍ଣ ଭାବରେ ଏହି ପରିବେଶଟି ମଧ୍ୟକୁ ପ୍ରବେଶ କର : ବର୍ତ୍ତମାନ ଏହି ପରମ ଶକ୍ତିଟିହିଁ ବିଦ୍ୟମାନ ରହିଛି, ତୁମକୁ ପରିବେଷ୍ଟନ କରି ରହିଛି, ତୁମକୁ ଭେଦ କରି ରହିଛି ।

ଯଦି ତୁମର ଏତେଟିକଏ ବି ଅନ୍ତର୍ଗତ ସମ୍ବନ୍ଧ ରହିଥାନ୍ତା, ତେବେ ତୁମେ ତତ୍କ୍ଷଣାତ୍ ତାହାକୁ ଚିହ୍ନି ପାରିଥାନ୍ତ, ନୁହେଁ କି ?

ହଁ, ତେବେ ଏପରି ହେଲା ଯେ ଯେଉଁମାନଙ୍କର କିଛିତ୍ ପରିମାଣରେ ଏକ ଅନ୍ତର୍ଗତ ସମ୍ପର୍କ ରହିଥିଲା, ସେହିମାନଙ୍କ କ୍ଷେତ୍ରରେ ଏପରି ଘଟିଲା; ସେମାନେ ସେଇଟିକୁ ଚିହ୍ନିଲେ, ତାହାକୁ ଅନୁଭବ କଲେ ଏବଂ "ତାହାର ଆବିର୍ଭାବ ହୋଇଛି" ବୋଲି କହି ପାରିଲେ । ମାତ୍ର, ଏଠାରେ ମୁଁ କେବଳ ସେହି ସମ୍ପଦଟିର ଇଚ୍ଛା କରି ବସିଥିବା, କେବଳ ତାହାର କଥା ଭାବୁଥିବା ଓ ନିଜର ସମସ୍ତ ଜୀବନ ତାହାର ଲାଗି ଉତ୍ସର୍ଗ କରିଥିବା ମୁଷ୍ଟିମେୟ ଅଳ୍ପ କେତେଜଣଙ୍କର କଥା କହୁ ନାହିଁ, ମାତ୍ର ଏପରି

'oaob.nitrkl.ac.in' images reprocessed

କପରି ହେଲା ଯେ, ସେମାନେ ଏକାପରିରେ ଆଦୌ କଷ୍ଟହେଲେ ଅନୁଭବ କରି ପାରିଲେ ନାହିଁ ? ଏହାର ଅର୍ଥ ପ୍ରକୃତରେ କ'ଣ ହୋଇପାରେ ?

ହଁ, ଅବଶ୍ୟ ଏକଥା ସବୁବେଳେ ସତ ଯେ କେବଳ ସଦ୍‌ଗୁଣହିଁ ସଦ୍‌ଗୁଣକୁ ଜାଣିପାରେ । ଏଇଟା ଅତ୍ୟନ୍ତ ସ୍ପଷ୍ଟ କଥା ।

ଏହି ପରମ ବସ୍ତୁଟି ସହିତ ବ୍ୟକ୍ତିଗତ ସମ୍ବନ୍ଧରେ ଆସିବାର ଏକ ସମ୍ଭାବନା ବିଦ୍ୟମାନ ରହିଥିଲା,—ଏପରିକି ଶ୍ରୀଅରବିନ୍ଦ ମଧ୍ୟ ଏଇଟିକୁ ଏକ ଆବଶ୍ୟକ ପ୍ରତିଶ୍ରୁତି ବୋଲି ବର୍ଣ୍ଣନା କରିଥିଲେ : କେତେକ ନିର୍ଦ୍ଦିଷ୍ଟସଂଖ୍ୟକ ବ୍ୟକ୍ତି ନିଜର ଅନ୍ତର୍ଗତ ଉଦ୍ୟମ ଏବଂ ଅଭୀପ୍ସା ବଳରେ ଏହି ପରମ ଶକ୍ତିଟି ସହିତ ସମ୍ପର୍କଯୁକ୍ତ ହୋଇପାରିବେ । ସେହି ପ୍ରତିଶ୍ରୁତିଟିକୁ ଆମେ ଅତିମାନସକୁ ଆରୋହଣର ପ୍ରତିଶ୍ରୁତି ବୋଲି କହୁଥିଲୁ । ଏବଂ ତେଣୁ, ଏହିଟିକୁ ଏକ ଅନ୍ତର୍ଗତ ଆରୋହଣ ଦ୍ୱାରା,—ଅର୍ଥାତ୍, ଭୌତିକ ଚେତନାର ବନ୍ଧନଟି ମଧ୍ୟରୁ ଆପଣାକୁ ମୁକ୍ତ କରିଆଣି,—ଏକ ଅନ୍ତର୍ଗତ ଆରୋହଣ ଦ୍ୱାରା ସେମାନେ ଯଦି ଅତିମାନସର ସଂସ୍ପର୍ଶ ଲାଭ ବି କରିଥାନ୍ତେ, ତେବେ ତାହାର ଆବିର୍ଭାବ ଘଟିବା ସଙ୍ଗେ ସଙ୍ଗେ ସେମାନେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ତାକୁ ସେହି ମୁହୂର୍ତ୍ତରେହିଁ ଚିହ୍ନି ପାରିଥାନ୍ତେ । ମାତ୍ର ପୂର୍ବରୁ ଏକ ସଂସ୍ପର୍ଶ ଲାଭ କରିବା ଏକାନ୍ତ ଅପରିହାର୍ଯ୍ୟ ହୋଇ ରହିଥିଲା : ଯଦି ଆଗରୁ ସେମାନେ ପ୍ରକୃତରେ କୌଣସି ସ୍ପର୍ଶ ପାଇ ନଥାନ୍ତେ, ତେବେ ତାହାକୁ ଚିହ୍ନି ପାରିଥାନ୍ତେ ବା କପରି ?

ଅର୍ଥାତ୍, ବିଶ୍ୱପ୍ରକାଶ ଗତିସ୍ପନ୍ଦନଟି ପ୍ରକୃତରେ ଠିକ୍ ସେହିପରି ସଂଘଟିତ ହୋଇଥାଏ,—କେତେ ଦିନ ପୂର୍ବେ ମୁଁ ତୁମମାନଙ୍କ ଆଗରେ ସେହି କଥା ପଢ଼ି ଶୁଣାଇଥିଲି,—କେତେଜଣ ବିଶେଷ ବ୍ୟକ୍ତି, ଯେଉଁମାନଙ୍କୁ ଆମେ ପୁରୋଗାମୀ ବୋଲି କହିବା, ଅଗ୍ରଗାମୀ ବୋଲି କହିବା, ନିଜର ଅନ୍ତର୍ଗତ ଉଦ୍ୟମ ଏବଂ ଅନ୍ତର୍ଗତ ଅଗ୍ରଗତି ଫଳରେ ଅଭିବ୍ୟକ୍ତ ଲାଭ କରିବାକୁ ଯାଉଥିବା ସେହି ନୂତନ ପରମଶକ୍ତିଟି ସହିତ ସଂଯୋଗ ସ୍ଥାପନ କରନ୍ତି ଏବଂ ତାହାକୁ ଆପଣା ମଧ୍ୟକୁ ଗ୍ରହଣ କରିଆଣନ୍ତି । ଏବଂ ତା'ପରେ, ଏହିପରି ଅନେକ ଆବାହନ ଫଳରେ, ବସ୍ତୁଟି ପ୍ରକୃତରେ ସମ୍ଭବ ହୋଇଆସେ ଏବଂ ତାହାର ପରିଣାମସ୍ୱରୂପ ଅଭିବ୍ୟକ୍ତିର ଯୁଗ, ସମୟ ଓ ମୁହୂର୍ତ୍ତଟି ଆସି ପହଞ୍ଚିଯାଏ । ଠିକ୍ ଏହିପରିହିଁ ଘଟିଲା ଏବଂ ସେହି ପରମ ସମ୍ପଦଟି ଆପଣାକୁ ଅଭିବ୍ୟକ୍ତ କରି ଆଣିଥିଲା ।

ମାତ୍ର, ତା'ହେଲେ, ଯେଉଁମାନେ ପ୍ରସ୍ତୁତ ଥିଲେ, ସେମାନେ ସମସ୍ତେ ଏଇଟିକୁ ଅବଶ୍ୟ ଚିହ୍ନି ନେଇ ପାରିଥିବେ ।

ଏଠାରେ ମୋର ସଙ୍ଗେ ସଙ୍ଗେ କହିରଖିବା ଉଚିତ ଯେ କେତେକ ବ୍ୟକ୍ତି ସେହି ଆବିର୍ଭାବଟିକୁ ଅବଶ୍ୟ ଚିହ୍ନିନେଇ ପାରିଛନ୍ତି, ମାତ୍ର ତଥାପି···ମାତ୍ର

'oaob.nitrkl.ac.in' images reprocessed

ଯେଉଁମାନେ ପ୍ରଶ୍ନ ପଚାରୁଛନ୍ତି, ଏପରିକି ଯେଉଁମାନେ ଏଠାକୁ ଆସିଛନ୍ତି, ଗିଲାସେ ସର୍ବତ ମିଳିବା ପରେ ଏଇଟିକୁ ପିଇ ପକାଇବା ଲାଗି ଯେଉଁମାନେ ଗାଡ଼ି ଧରି ଏଠେ ବାଟ ଦଉଡ଼ି ଆସିଛନ୍ତି, ଯଦି ସେମାନେ ପ୍ରକୃତରେ କୌଣସି ପ୍ରସ୍ତୁତି କରି ନଥିବେ, ତେବେ ସେମାନେ ଆଦୌ କପରି କିଛିହେଲେ ଅନୁଭବ କରି ପାରିବେ ? ଏବଂ, ସେମାନେ ତ ତଦ୍ଦ୍ୱାରା ଉପକୃତ ଓ ଲାଭବାନ୍ ହେବା ବିଷୟରେହିଁ କଥାବାର୍ତ୍ତା ଆରମ୍ଭ କରି ଦେଲେଣି : "ଆମେ ଏହା ଦ୍ୱାରା ଲାଭବାନ୍ ହେବାକୁ ଇଚ୍ଛା କରୁଛୁ !"...

ସେକଥା ଯାହାହେଉ ପଛକେ, ଏହା ବେଶ୍ ସମ୍ଭବ ଯେ,—ମୁଁ ଏଠାରେ ଟିକିଏ ଅଠା କରି କହୁଛି,—ଏକଥା ବେଶ୍ ସମ୍ଭବ ଯେ, ଯଦି ସେମାନଙ୍କ ଭିତରେ ଏତେଟିକିଏ ହେଲେ ଆନ୍ତରିକତା ରହିଥାନ୍ତା,—ବେଶୀଗୁଡ଼ାଏ ନୁହେଁ, କାରଣ ତା'ହେଲେ ସବୁ ବିରକ୍ତ ଲାଗନ୍ତା,—ହଁ, ଯଦି ଅଳ୍ପ ଟିକିଏ ହେଲେ ଆନ୍ତରିକତା ରହିଥାନ୍ତା, ତେବେ ତାହାହିଁ ସେମାନଙ୍କୁ ଆହୁରି ଅଧିକ ବେଗର ସହିତ ଯାଇ ପାରିବା ଲାଗି ନିଶ୍ଚୟ ବେଶ୍ କେତୋଟି ଉତ୍ତମ ପ୍ରହାର ଦେଇପାରନ୍ତା । ହଁ, ଏକଥା ବେଶ୍ ସମ୍ଭବ । ବସ୍ତୁତଃ ମୁଁ ଭାବୁଛି ଯେ ଶେଷକୁ ପ୍ରକୃତରେ ତାହାହିଁ ଘଟିବ ।

ମାତ୍ର ବସ୍ତୁତଃ ଏହି ମନୋବୃତ୍ତିଟି...ଟିକିଏ ଅତିରିକ୍ତ ସ୍ୱାର୍ଥପରତା ଦ୍ୱାରା ଉଦ୍ଦୀପିତ ହୋଇ ରହିଥିବା ଏହି ମନୋବୃତ୍ତିଟି ସାଧାରଣତଃ ଖୁବ୍ ବେଶୀ ଲାଭଦାୟକ ହୋଇ ପାରେ ନାହିଁ । ଯଦି କେହି ଆନ୍ତରିକ ଅଭୀପ୍ସା ରଖିଥାଏ ଓ ତା'ପରେ କୌଣସି ଅସୁବିଧାର ସମ୍ମୁଖୀନ ହୁଏ, ତେବେ ସେହି ଅସୁବିଧାଗୁଡ଼ିକ ନିଶ୍ଚୟ ହ୍ରାସ ହୋଇଯିବ । ଅନ୍ତତଃ ଆମେ ସେହିପରିହିଁ ଆଶା କରିବା ।

(ସାଧକ ଜଣଙ୍କ ଆଡ଼କୁ ଅନାଇ) ତେବେ ତୁମେ ସେମାନଙ୍କୁ ଯାଇ ଏହିପରି କହିପାରିବ : ତୁମର ଆନ୍ତରିକତା ରହୁ ଓ ତୁମକୁ ନିଶ୍ଚୟ ସହାୟତା ମିଳିବ ।

> ମାଆ, ଏବେ ଅତି ନିକଟରେ ଏଠାରେ ଏକ ବକ୍ତୃତା ସମସ୍ତଙ୍କ ମୁହଁରେ ଶୁଣିବାକୁ ମିଳୁଛି,—ସେହି ବକ୍ତୃତାରେ ଅଛି, "ଏହି ମହାନ୍ ବିଜୟଟି ଫଳରେ ଏବେ ଯାହା ଘଟିଲା, ତାହାକୁ ଆମେ ଏକ ଅବତରଣ ବୋଲି ନକହି ଏକ ପ୍ରକଟନ ବୋଲି କହିବା । ଏବଂ, ଏହା ଏକ ବ୍ୟକ୍ତିଗତ ଘଟଣାଠାରୁ ଅନେକ ଅଧିକ ମହତ୍ତ୍ୱପୂର୍ଣ୍ଣ : ଏହା ଦ୍ୱାରା ଅତିମାନସ ବିଶ୍ୱଲୀଳାରେ ଆବିର୍ଭୂତ ହୋଇଛି ।"

ହଁ, ହଁ, ହଁ; ବସ୍ତୁତଃ ମୁଁ ଏହି କଥାଗୁଡ଼ିକୁ କହିଛି । ମୁଁ ତାହା ସ୍ୱୀକାର କରୁଛି । ସେଥିରୁ କ'ଣ ହେଲା ?

'oaob.nitrkl.ac.in' images reprocessed

ସେମାନେ କହୁଛନ୍ତି, "ଅତିମାନସ ତତ୍ତ୍ୱ କାର୍ଯ୍ୟକାରୀ ହେବାକୁ ଆରମ୍ଭ କଲାଣି ।"

ମାତ୍ର ମୁଁ ଏହିସବୁ କଥା ତୁମକୁ ପ୍ରାଞ୍ଜଳ ଭାବରେ ବୁଝାଇ କହିଦେଉଛି ! (ମାଆ ହସିଲେ); ଏଇଟା ବଡ଼ ଭୟଙ୍କର କଥା !

ମୁଁ ଯାହାକୁ "ଅବତରଣ" ବୋଲି କହୁଛି, ତାହା ହେଉଛି : ସର୍ବପ୍ରଥମେ ଚେତନା ଏକ ଆରୋହଣକ୍ରମରେ ଊର୍ଦ୍ଧ୍ୱକୁ ଉଠିବାକୁ ଆରମ୍ଭ କରେ, ତୁମେ ସେହି ଊର୍ଦ୍ଧ୍ୱଭୂମିରେହିଁ ପରମ ବସ୍ତୁଟିର ସ୍ପର୍ଶ ଲାଭ କର ଏବଂ ସେଇଟିକୁ ସଙ୍ଗରେ ନେଇ ତଳକୁ ଓହ୍ଲାଇ ଆସ । ଏଇଟି ହେଉଛି ଏକ ବ୍ୟକ୍ତିଗତ ଘଟଣା ।

ଯେତେବେଳେ ଏହି ବ୍ୟକ୍ତିଗତ ଘଟଣାଟି ଏପରି ଭାବରେ ଘଟେ ଯେ ତାହା ଏହିପରି ଏକ ସାଧାରଣ ପ୍ରକାରର ସମ୍ଭାବନାକୁ ସୃଷ୍ଟି କରିବାକୁ ଯଥେଷ୍ଟ ବୋଲି ପ୍ରମାଣିତ ହୁଏ, ସେତେବେଳେ ତାହା ଆଉ ଏକ "ଅବତରଣ" ହୋଇ ରହେ ନାହିଁ, ତାହା ଏକ "ପ୍ରକଟନ"ରେ ପରିଣତ ହୋଇଯାଏ ।

ମୁଁ ଯାହାକୁ ଅବତରଣ ବୋଲି କହୁଛି, ତାହା ହେଉଛି ଏକ ବ୍ୟକ୍ତିଗତ ଘଟଣା, ଏକ ବ୍ୟକ୍ତିଗତ ଚେତନା ମଧ୍ୟରେ ସଂଘଟିତ ହେଉଥିବା ଗୋଟିଏ ଘଟଣା । ଏବଂ ଯେତେବେଳେ ଏହାରି ଦ୍ୱାରା ଏକ ପୁରାତନ ପୃଥିବୀରେ ଏକ ନୂତନ ପୃଥିବୀ ପ୍ରକଟ ହୋଇଆସେ,—ଏକ ତୁଳନାରୂପେ କହିବାକୁ ଗଲେ, ମନ ପୃଥିବୀପୃଷ୍ଠରେ ବ୍ୟାପ୍ତ ହୋଇଗଲା ସମୟରେ ଯେପରି ଘଟିଥିଲା,—ମୁଁ ତାହାକୁ ଏକ ପ୍ରକଟନ ବୋଲି କହିଥାଏ ।

ତୁମେ ଏହାକୁ ଯାହା ଖୁସି ତାହା କହିପାର, ମୋ ପାଖରେ ତାହାର ଆଦୌ କୌଣସି ପାର୍ଥକ୍ୟ ନାହିଁ । ମାତ୍ର ଆମେ ତ ପୁଣି ପରସ୍ପରକୁ ଠିକ୍ ଭାବରେ ବୁଝିଥିବା ଉଚିତ ?

ମୁଁ ଯାହାକୁ ଏକ ଅବତରଣ ବୋଲି କହୁଛି, ତାହା ବ୍ୟକ୍ତିର ଚେତନା ମଧ୍ୟରେ ଥାଏ । ଠିକ୍ ଯେପରି କେହି ଆରୋହଣ ବିଷୟରେ ବି କହିଥାଏ,—ତୁମେ ତ ଜାଣିଛ, ଏହି କ୍ଷେତ୍ରରେ ପ୍ରକୃତରେ କୌଣସି ଆରୋହଣ ହୁଏ ନାହିଁ : କାରଣ ଏଠି ଊର୍ଦ୍ଧ୍ୱ ବୋଲି କିଛୁ ନଥାଏ ଅଥବା ନିମ୍ନ ବୋଲି ବି କିଛୁ ନଥାଏ, କୌଣସି ପ୍ରକାର ଦିଗଭେଦ ନଥାଏ । କେବଳ କହିବାବେଳେ ଆମେ ଯାହା ଏହିପରି ଭାବରେ କହିଥାଉ—ଊର୍ଦ୍ଧ୍ୱକୁ କୌଣସି ଏକ ବସ୍ତୁ ଆଡ଼କୁ ଉଠି ଯାଉଥିବାର ଅନୁଭବ କରୁଥିବା ସମୟରେ ତୁମେ ତାହାକୁ ଆରୋହଣ ବୋଲି କୁହ; ଏବଂ ସେହି ବସ୍ତୁଟିକୁ ସାଙ୍ଗରେ ଧରି ତୁମେ ଯେତେବେଳେ ତାହାକୁ ଆପଣା ଭିତରକୁ ବହନ କରି ନେଇଆସ, ସେତେବେଳେ ତୁମେ ତାହାକୁ ଏକ ଅବତରଣ ବୋଲି କହିଥାଅ ।

'oaob.nitrkl.ac.in' images reprocessed

ମାତ୍ର ଯେତେବେଳେ ଦ୍ୱାରଗୁଡ଼ିକ ଗୋଟି ଗୋଟି କରି ଖୋଲିଯାଏ ଏବଂ ବନ୍ୟା ଭିତରକୁ ମାଡ଼ିଆସେ, ସେତେବେଳେ ତୁମେ ତାହାକୁ କେବଳ ଏକ ଅବତରଣ ବୋଲି କେବେହେଲେ କହିପାରିବ ନାହିଁ। ସେତେବେଳେ ତାହା ଏକ ପରମଶକ୍ତିରୂପେ ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ହୋଇଯାଏ। ବୁଝିପାରିଲ ?···ଓହୋ !

ଏସବୁ ମୋ ପାଇଁ କେବଳ ସେହି ଗୋଟିଏ କଥା, ତୁମେ ଯେଉଁ ଶବ୍ଦ ଖୁସି ସେହି ଶବ୍ଦକୁ ବ୍ୟବହାର କଲେ ମଧ୍ୟ ସେହି ଗୋଟିଏ କଥା। କୌଣସି ଶବ୍ଦ ପ୍ରତି ମୋର କୌଣସି ବିଶେଷ ଆସକ୍ତି ନଥାଏ। ମାତ୍ର ମୁଁ ତୁମମାନଙ୍କୁ ସେଗୁଡ଼ିକର ଅର୍ଥକୁ ବୁଝାଇ ଦେଇଥାଏ, ଏବଂ ପରସ୍ପରକୁ ଭଲ କରି ବୁଝିବାର ମଧ୍ୟ ପ୍ରୟୋଜନ ରହିଥାଏ, କାରଣ ପରସ୍ପରକୁ ବୁଝି ପାରି ନଥିଲେ ବ୍ୟାଖ୍ୟାମାନ ଦେବାରେ ଆଉ କୌଣସି ଅର୍ଥହିଁ ରହେ ନାହିଁ।

ଏବଂ, ଯେଉଁ ଲୋକମାନେ ତୁମମାନଙ୍କୁ ଏହିସବୁ କପଟପୂର୍ଣ୍ଣ ପ୍ରଶ୍ନ ପଚାରୁଛନ୍ତି, ସେମାନଙ୍କୁ ତୁମେ ବେଶ୍ ଏହି ଉତ୍ତରଟିକୁ ଦେଇପାରିବ ଯେ ଟାଣି ଆଣିବା ନୁହେଁ, ମାତ୍ର ଦେବାହିଁ ହେଉଛି ଯେକୌଣସି ବସ୍ତୁକୁ ଲାଭ କରିବାର ସର୍ବୋତ୍ତମ ଉପାୟ। ଯଦି ସେମାନେ ଆପଣାକୁ ନୂତନ ଜୀବନଟି ପାଖରେ ଦେଇଦେବାକୁ ଇଚ୍ଛା କରୁଛନ୍ତି, ତେବେ ନୂତନ ଜୀବନ ସେମାନଙ୍କ ମଧ୍ୟରେ ନିଶ୍ଚୟ ଆସି ପ୍ରବେଶ କରିବ।

ମାତ୍ର ଯଦି ସେମାନେ ନୂତନ ଜୀବନକୁ ଟାଣି ନିଜ ପାଖକୁ ନେଇ ଆସିବା ଲାଗି ଇଚ୍ଛା କରୁଥାନ୍ତି, ତେବେ ଆପଣା ଅହଙ୍କାରିତା ଦ୍ୱାରା ଆପଣାର ଦ୍ୱାରଟିକୁ ବନ୍ଦ କରି ରଖିବାହିଁ ସାର ହେବ। ବାସ୍ ଏତିକି।

## ୯ ମେ ୧୯୫୭

ମାଆ, ଆମର ଯଥାର୍ଥ ଆଧ୍ୟାତ୍ମିକ ଜୀବନଟି ପ୍ରକୃତରେ କେଉଁଠାରୁ ଆରମ୍ଭ ହୁଏ ?

ଯେତେବେଳେ ଚୈତ୍ୟ ଭୂମିରେ ଦିବ୍ୟ ପରମେଶ୍ୱରଙ୍କ ସହିତ ସଂଯୋଗ ଘଟେ, ଯେତେବେଳେ ଚୈତ୍ୟ କ୍ଷେତ୍ରରେ ଭଗବାନ୍ ପରମ ଉପସ୍ଥିତ ବିଷୟରେ ଆମେ ସଚେତନ ହୋଇପାରୁ ଓ ସେହି ଚୈତ୍ୟ ଭୂମିଟି ସହିତ ଲାଗିଥିବା ଆମର ସ୍ଥିତଟି ଅବିଚ୍ଛିନ୍ନ ଓ ସତତ ହୋଇ ରହିବାକୁ ଆରମ୍ଭ କରେ, ସେତେବେଳେ ସେହିଠାରୁହିଁ ଯଥାର୍ଥ ଆଧ୍ୟାତ୍ମିକ ଜୀବନ ଆରମ୍ଭ ହୁଏ।

'oaob.nitrkl.ac.in' images reprocessed

ଯେତେବେଳେ ଆମେ ଆମର ଚୈତ୍ୟସତ୍ତ୍ୱଟି ସହିତ ସମ୍ମିଳିତ ହୋଇ ରହିପାରୁ ଏବଂ ଦିବ୍ୟ ପରମ ଉପସ୍ଥିତିଟି ବିଷୟରେ ସଚେତନ ହୋଇ ରହୁ, ଏହି ଦିବ୍ୟ ଉପସ୍ଥିତିଠାରୁହିଁ ଯେତେବେଳେ ଆମେ ଆମର ଯାବତୀୟ କର୍ମର ପ୍ରେରଣା ଲାଭ କରିପାରୁ, ଏବଂ ଯେତେବେଳେ ଆମର ଇଚ୍ଛା ସଚେତନ ଭାବରେ ଦିବ୍ୟ ପରମ ଇଚ୍ଛାରହିଁ ସହଯୋଗୀ ଭାବରେ କାର୍ଯ୍ୟ କରିପାରେ,—ହଁ, ସେହିଠାରୁହିଁ ଆଧ୍ୟାତ୍ମିକ ଜୀବନର ମୂଳଦୁଆ ପଡ଼ିଯାଏ ।

ତା' ପୂର୍ବରୁ କେହି ହୁଏତ ଆଧ୍ୟାତ୍ମିକ ଜୀବନ ଲାଗି ଆକାଂକ୍ଷୀ ହୋଇ ରହିପାରେ, ମାତ୍ର ତା'ର କୌଣସି ଆଧ୍ୟାତ୍ମିକ ଜୀବନ ରହିଛି ବୋଲି ଆଦୌ କୁହାଯିବ ନାହିଁ ।

ମାଆ, ମୋତେ ଆପଣ ଗୋଟିଏ ବାକ୍ୟର ଅର୍ଥକୁ ଭଲ କରି ବୁଝାଇ ଦିଅନ୍ତୁ । କୌଣସି ଏକ ସ୍ଥାନରେ ଶ୍ରୀଅରବିନ୍ଦ କହିଛନ୍ତି, "ବସ୍ତୁର ଭୂମିରେ ବିଚାର କଲେ ତୁମେ କିଛି ନୁହଁ, ମାତ୍ର ଆଧ୍ୟାତ୍ମିକ ଦୃଷ୍ଟିରୁ ବିଚାର କଲେ ତୁମେ ସବୁକିଛି ।"

ତାହାର ଅର୍ଥ ହେଉଛି, କେବଳ ଚିନ୍ମୟ ପରମ ସତ୍ତା, ଆଧ୍ୟାତ୍ମିକ ଚେତନା ଏବଂ ଭଗବତ୍ ପରମସାନ୍ନିଧ୍ୟହିଁ ଜୀବନକୁ ତାହାର ଯାବତୀୟ ମୂଲ୍ୟ ଆଣି ଦେଇଥାନ୍ତି ଏବଂ ଏହି ଆଧ୍ୟାତ୍ମିକ ଚେତନା ଏବଂ ଭଗବତ୍ ପରମ ସାନ୍ନିଧ୍ୟ ବ୍ୟତୀତ ଜୀବନର ଆଦୌ କୌଣସି ମୂଲ୍ୟହିଁ ନଥାଏ ।

ବସ୍ତୁଗତ ଜୀବନର କ୍ଷେତ୍ରରେ ଜଣେ ବ୍ୟକ୍ତିର ଯେତେଯାହା ସାମର୍ଥ୍ୟ ରହିଥାଉ ପଛକେ ଏବଂ ବସ୍ତୁଗତ ଜୀବନର ଦୃଷ୍ଟିରୁ ସିଏ ଯେଉଁ ଅବସ୍ଥାରେ ବାସ କରୁଥାଉ ପଛକେ, ବ୍ୟକ୍ତିର ଜୀବନରେ ଆମେ ସେହି କଥାଟିକୁହିଁ ଅସଲ କଥା ବୋଲି ଜାଣିବା; ନିଜ ଭିତରେ ସେ ଦିବ୍ୟ ପରମ ଉପସ୍ଥିତିଟିକୁ ଅନୁଭବ କରି ପାରୁଛି କି ନାହିଁ ଏବଂ ତା' ଭିତରେ ଆଧ୍ୟାତ୍ମିକ ଚେତନା ରହିଛି କି ନାହିଁ, ସେହିଥିରୁହିଁ ତା' ଜୀବନର ପ୍ରକୃତ ମୂଲ୍ୟ ନିରୂପିତ ହେବ ।

ତେଣୁ, ବସ୍ତୁଗୁଡ଼ିକର ଅସଲ ସତ୍ୟଟିର ଦୃଷ୍ଟିକୋଣରୁ ବିଚାର କଲେ, ଯେଉଁ ବ୍ୟକ୍ତିର ବାହାରକୁ ଦେଖିବା ଲାଗି କୌଣସି ଧନ ନାହିଁ, ସେପରି କୌଣସି ଉଲ୍ଲେଖଯୋଗ୍ୟ ସାମର୍ଥ୍ୟ ନାହିଁ ବା ସମ୍ଭାବନା ନାହିଁ, ମାତ୍ର ସିଏ ଆପଣାର ଚୈତ୍ୟ ସତ୍ତ୍ୱଟି ବିଷୟରେ ସଚେତନ ହୋଇ ରହିଛି ଏବଂ ଆପଣା ମଧ୍ୟରେ ପରମ ଭଗବତ୍ ସତ୍ତା ସହିତ ସମ୍ମିଳିତ ହୋଇ ରହିଛି, ଆମେ ତାହାକୁ ଏହି ପୃଥିବୀର ଜଣେ ଶାସନକର୍ତ୍ତା

'oaob.nitrkl.ac.in' images reprocessed

ଅଥବା ପ୍ରଭୂତ ସମ୍ପତ୍ତିର ଅଧିକାରୀ ହୋଇ ରହିଥିବା ମାତ୍ର ଆପଣାର ଚୈତ୍ୟ ସତ୍ତ୍ୱଟି ବିଷୟରେ ଅଚେତନ ଥିବା ଜଣେ କୋଟିପତିଠାରୁ ମଧ୍ୟ ଅନନ୍ତ ଗୁଣରେ ଅଧିକ ବଡ଼ ବୋଲି କହିପାରିବା ।

ସତ୍ୟର ଦୃଷ୍ଟିକୋଣରୁ ବିଚାର କରି କହିଲେ ମଧ୍ୟ ଠିକ୍ ସେହି କଥା । ଶ୍ରୀଅରବିନ୍ଦ ଏହି ଅର୍ଥରେ କଥାଟିକୁ କହିଛନ୍ତି : ବାହ୍ୟ ଓ ଉପରିସ୍ଥ କୌଣସି ବସ୍ତୁର ଆଦୌ କୌଣସି ଯଥାର୍ଥ ମୂଲ୍ୟ ନାହିଁ । ଦିବ୍ୟ ଚେତନା ଓ ପରମ ତତ୍ତ୍ୱସତ୍ତା ସହିତ ଯୁକ୍ତ ହୋଇ ରହିଥିବାରୁହିଁ ଯାହାକିଛୁ ଯଥାର୍ଥ ମୂଲ୍ୟ ରହିଛି ।

ମାଆ, ଗତ ଥର ଆପଣ ଯେପରି କହୁଥିଲେ, ଏପରି ଲୋକଙ୍କର ସମସ୍ୟାଟି ତଥାପି ବିଦ୍ୟମାନ ରହିଛି, ଯେଉଁମାନେ କି ନୂତନ ପରମଶକ୍ତିଟି ଲାଗି ସଚେତନ ଭାବରେ ଉନ୍ମୋଚିତ ହୋଇ ପାରି ନାହାନ୍ତି । ତେବେ ସେମାନଙ୍କୁ କିପରି ପ୍ରଭାବିତ କରାଯାଇ ପାରିବ ? କ'ଣ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଏହା କରାଯିବ ? ଅତିମାନସ ଶକ୍ତି କ'ଣ ଏହି କ୍ଷେତ୍ରରେ କିଛି କରିବ ନାହିଁ ?

କ'ଣ ହେଲା ? ତୁମେ କ'ଣ କହିଲ ?

ଅଧ୍ୟାତ୍ମ ଶକ୍ତି ଓ ଅତିମାନସ ଶକ୍ତି ମଧ୍ୟରେ ତୁମେ ପୁଣି କି ଅନ୍ତର ରହିଛି ବୋଲି ଭାବୁଛ ?

ନାହିଁ, କୌଣସି ଅନ୍ତର ନାହିଁ । ମାତ୍ର ଆପଣ କହୁଥିଲେ ଯେ ଯେଉଁମାନେ କିଛିହେଲେ କରି ନାହାନ୍ତି ବା ଆପଣାକୁ ଦେଇ ପାରି ନାହାନ୍ତି, ସେମାନେ ଏହି ମହାନ୍ ଶକ୍ତିଟି ଦ୍ୱାରା ପ୍ରଭାବିତ ବା ଉପକୃତ ହେବେ ବୋଲି କିପରି ଆଶା କରି ପାରିବେ ? ଯେଉଁମାନେ ଏଠାରେ ଅଛନ୍ତି, ମାତ୍ର ସଚେତନ ଭାବରେ ଆପଣାକୁ ଉନ୍ମୋଚିତ କରି ପାରି ନାହାନ୍ତି, ସେମାନେ ବି କ'ଣ ପ୍ରଭାବିତ ହେବେ ?

ପ୍ରଭାବିତ ନିଶ୍ଚୟ ହେବେ ।

ସେମାନଙ୍କୁ ବି ସାହାଯ୍ୟ କରାଯିବ ?

'oaob.nitrkl.ac.in' images reprocessed

ମାତ୍ର ସାହାଯ୍ୟ ଗ୍ରହଣ କରିବା ଲାଗି ଯଦି ସେମାନଙ୍କର କୌଣସି ଆଗ୍ରହ ନଥାଏ ? ସେମାନେ ବିମୁଖ ହୋଇ ରହିଥିଲେ ମଧ୍ୟ ତୁମେ ସେମାନଙ୍କୁ ତଥାପି ସାହାଯ୍ୟ କରିବ ବୋଲି ଭାବୁଛ ?

ଯଦି ଅଭୀପ୍ସା ରହିଥାଏ, ସାହାଯ୍ୟ ଗ୍ରହଣ ଲାଗି ଇଚ୍ଛା ରହିଥାଏ, ତେବେ ଉନ୍ମୋଚନଟି ଯେତେ କ୍ଷୁଦ୍ର ହୋଇଥିଲେ ମଧ୍ୟ ତଥାପି ନିଶ୍ଚିତ ଭାବରେ ଏକ ଉନ୍ମୋଚନ ଘଟିଛି ବୋଲି ବୁଝାଯାଇ ପାରିବ । ମାତ୍ର ଯଦି ସାହାଯ୍ୟ ଗ୍ରହଣ ଲାଗି କୌଣସି ଇଚ୍ଛା ନଥାଏ,···ଅଥବା, ମୁଁ ହୁଏତ କହିପାରିବି ଯେ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ କି ଆଦୌ କୌଣସି ସାହାଯ୍ୟର ଆବଶ୍ୟକତା ନାହିଁ ବୋଲି ନିଶ୍ଚିତ ହୋଇ ରହିଥାନ୍ତି, ସେମାନେ ନିଜେ ନିଜକୁ ବେଶ୍ ସାହାଯ୍ୟ କରି ପାରିବେ ବୋଲି ଅନୁଭବ କରୁଥାନ୍ତି, ସେମାନଙ୍କର ଆଦୌ କୌଣସି ସାହାଯ୍ୟ ଦରକାର ନାହିଁ, ସେହିମାନେହିଁ ନିଜେ ସବୁକିଛି କାର୍ଯ୍ୟ କରୁଛନ୍ତି, ସେହିମାନେହିଁ ନିଜେ ଅଗ୍ରଗତି କରୁଛନ୍ତି, ପ୍ରତ୍ୟେକ କଥା ସେହିମାନଙ୍କ ଦ୍ୱାରା ହେଉଛି ବୋଲି ଅନୁଭବ କରୁଥାନ୍ତି । ତେଣୁ ସେମାନେ କୌଣସି ସାହାଯ୍ୟ ଦରକାର କରନ୍ତି ନାହିଁ, କୌଣସି ସାହାଯ୍ୟର ଆବଶ୍ୟକତା ବି ଅନୁଭବ କରନ୍ତି ନାହିଁ । ସେମାନେ ନିଜେ ସାହାଯ୍ୟ ବିଷୟରେ କୌଣସି ଆଗ୍ରହ ରଖି ନଥିଲାବେଳେ ତୁମେ ସେମାନେ ତଥାପି ସାହାଯ୍ୟ ପାଆନ୍ତୁ ବୋଲି କାହିଁକି ଇଚ୍ଛା କରୁଛ ?

ମାତ୍ର ଆପଣ ତ କହିଥିଲେ ଯେ ଜଣେ ଅନ୍ଧ ମଧ୍ୟ ତାହାକୁ ଉପଲବ୍ଧି କରିବାକୁ ବାଧ୍ୟ ହେବ ?

ମୁଁ କହିଥିଲି ଯେ, ଯେଉଁମାନଙ୍କ ମଧ୍ୟରେ ଆବଶ୍ୟକ ସଦିଚ୍ଛାର ଅଭାବ ରହିଛି, ସେମାନେ ବି ଏହାକୁ ବେଶ୍ ଦେଖିପାରିବେ । ତୁମେ କି ତ’ଣ ସେହି ଅର୍ଥରେ କଥାଟିକୁ କହୁଛ ? ମାତ୍ର ସେଇଟା ହେଉଛି ସମ୍ପୂର୍ଣ୍ଣଭାବେ ଏକ ଭିନ୍ନ କଥା । ଯେତେବେଳେ ତୁମ ନାକକୁ କିଏ ଆସି ଚିମୁଟି ଦେଇଯିବ, ସେତେବେଳେ, ତୁମେ ତଦ୍ୱାରା କୌଣସି ପ୍ରକାରେ ଉପକୃତ ନହେଉଥିଲେ ମଧ୍ୟ ନିଶ୍ଚୟ କିଛି ନା କିଛି ଅନୁଭବ କରିବାକୁ ବାଧ୍ୟ ହେବ !

ନାହିଁ । ଯେତେବେଳେ ଏହି ମହାନ୍ ଶକ୍ତିଟିକୁ ଅନୁଭବ କରି ହେଉଥିବ··· ?

ହଁ ।

'oaob.nitrkl.ac.in' images reprocessed

ତେବେ ସେ ଉନ୍ମୋଚିତ ହେବାକୁ ବାଧ୍ୟ ହେବ ?

ହଁ ।

ତେବେ, ସିଏ ଏପର୍ଯ୍ୟନ୍ତ କୌଣସି ପ୍ରକାରେ ସାହାଯ୍ୟ ପାଇବାକୁ ଇଚ୍ଛା କରି ନଥିଲା, ସିଏ ମଧ୍ୟ ତାହାକୁ ଇଚ୍ଛା କରିବାକୁ ଆରମ୍ଭ କରିବ ।

ସେହି ଶକ୍ତିଟିକୁ ସ୍ୱୀକାର କରିବ ?—ହଁ, କ'ଣ ଚମ୍ପୁଟା ଖାଇସାରିବା ପରେ ? (ସମସ୍ତେ ହସିଉଠିଲେ)

ହୁଏତ ହୋଇପାରିବ । ହଁ, ଏକଥା ବେଶ୍ ସମ୍ଭବ ହୋଇପାରେ । ଯେକୌଣସି କଥା ସମ୍ଭବ ହୋଇପାରେ ।

ତେବେ, ସିଏ ବର୍ତ୍ତମାନ ଅଚେତନ ହୋଇ ରହିଛି, ଆଘାତ ପାଇଲେ ସିଏ ବି ଉନ୍ମୋଚିତ ହୋଇଯିବ ?

ହଁ, ମାତ୍ର ତା'ପରେ କ'ଣ ହେବ ? ତୁମେ ପ୍ରକୃତରେ କ'ଣ କହିବାକୁ ଚାହୁଁଛ ? ତୁମେ କ'ଣ ଘଟିବ ବୋଲି ଆଶା କରୁଛ ?

ଅର୍ଥାତ୍, ସିଏ ଏହାକୁ ଏକ ଅଲୌକିକ ଘଟଣା ବୋଲି ଦେଖିବାକୁ ସମର୍ଥ ହେବ ।

ତାକୁ ଯେ ଗୋଟାଏ ଚମ୍ପୁଟା ମିଳିଲା, ସେହି ଅଲୌକିକ ଘଟଣାଟିକୁ ? (ସମସ୍ତେ ହସି ଉଠିଲେ)

ସିଏ ତାକୁ କଦାପି ଗୋଟିଏ ଅଲୌକିକ ଘଟଣା ବୋଲି କହିବ ନାହିଁ, ତାହାକୁ ଏକ ମନ୍ଦ କାର୍ଯ୍ୟ ବୋଲି କହିବ । ସିଏ କହିବ, "ଏହା ଖୁବ ଦୁର୍ଭାଗ୍ୟର କଥା, ଏଇଟା ହେଉଛି ମୋର ଦୁର୍ଭାଗ୍ୟ, ମୋ ପ୍ରତି ଗୋଟିଏ ଅନ୍ୟାୟ"; ଲୋକମାନେ ଯେଉଁପରି କଥା କହିବାରେ ଅଭ୍ୟସ୍ତ ହୋଇ ରହିଥାନ୍ତି, ସେ ସେହିପରି କୌଣସି ଏକ କଥା କହିବ ।

'oaob.nitrkl.ac.in' images reprocessed

ମାତ୍ର ମୁଁ ଏବେ ମଧ୍ୟ ତୁମ ପ୍ରଶ୍ନର ମର୍ମଟିକୁ ବୁଝି ପାରୁ ନାହିଁ । ତୁମେ ପ୍ରକୃତରେ କ'ଣ କହିବାକୁ ଚାହୁଁଛ ? ତୁମେ କ'ଣ ଭାବୁଛ ଯେ ପୃଥିବୀ ଗୋଟାକଯାକ, ତାହା ଏହି କଥାଟିକୁ ଇଚ୍ଛା କରୁଥାଉ ବା ନକରୁଥାଉ, ସେଥିଲାଗି ତାହାର ଅଭୀପ୍ସା ଥାଉ କି ନଥାଉ, ସେଇଟିକୁ ତାହା ସ୍ୱୀକାର କରୁଥାଉ ବା ନକରୁଥାଉ, ଏହି ପୃଥିବୀ ଗୋଟାକଯାକ ତଥାପି ଶୀଘ୍ର ହେଉ ବା ବିଳମ୍ବରେ ହେଉ, ପୃଥିବୀପୃଷ୍ଠରେ ସଂଘଟିତ ହୋଇଥିବା ଏହି ଅତିମାନସ ଉପସ୍ଥିତି ଦ୍ୱାରା ପ୍ରଭାବିତ ହେବାକୁ ଆରମ୍ଭ କରିବ ? ତୁମେ କ'ଣ ସେଇଆ ଭାବୁଛ ?

ନାହିଁ ।

ଆରେ, ତେବେ କି ଦୁର୍ଭାଗ୍ୟର କଥା ! କାରଣ ତାହାର ଯାହାକିଛି ଗୋଟାଏ ଅର୍ଥ ବି ହୋଇଥାନ୍ତା ! (ସମସ୍ତେ ହସିଲେ) ଏବଂ ମୁଁ 'ହଁ' ବୋଲି ଉତ୍ତର ଦେଇଥାନ୍ତି । ତେବେ କଥାଟି ବି ସେଇଠି ଛିଡ଼ି ଯାଇଥାନ୍ତା !

ନାଇଁ, ଯେଉଁମାନେ ଅଧେ ଉନ୍ମୋଚିତ ହୋଇ ପାରିଛନ୍ତି···

ଯେଉଁମାନେ ମୋଟେ ଉନ୍ମୋଚିତ ହୋଇ ନାହାନ୍ତି, ସେମାନଙ୍କଠାରୁ ଏମାନେ ଅଧେ ବେଶୀ ପାଇବେ ! (ସମସ୍ତେ ହସିଲେ)

ଏହି ପ୍ରକଟନ କ'ଣ ସେମାନଙ୍କୁ ଆହୁରି ଅଧିକ ଅଭୀପ୍ସା କରି ଶିଖାଇବ ?

ସେକଥା ମୁଁ କହି ପାରିବି ନାହିଁ ! ସେଇଟା ପ୍ରତ୍ୟେକ ବ୍ୟକ୍ତି ଉପରେ ନିର୍ଭର କରିବ । ତାହା ପ୍ରତ୍ୟେକ ବ୍ୟକ୍ତି ସକାଶେ ଭିନ୍ନ ପ୍ରକାରର ହେବ ।

ତୁମେ କ'ଣ ନିଜ ପାଇଁ ଏହି କଥାଟିକୁ ଜାଣିବାକୁ ଇଚ୍ଛା କରୁଛ ?

ହଁ ।

ଅଚ୍ଛା, ନିଜ ବିଷୟରେ କ'ଣ ଘଟିବ, ତୁମେ ତେବେ ସେହି ବିଷୟରେ ଜାଣିବାକୁ ଚାହୁଁଛ ?

'oaob.nitrkl.ac.in' images reprocessed

ସେସବୁ ବିଷୟରେ ଆଦୌ କିଛି ଭାବ ନାହିଁ । ମନକୁ ସ୍ଥିର କରି ଆଣ । ସେକଥା ସବୁ ଠିକ୍ ହୋଇଯିବ । ଜୋନ୍ ଅଫ୍ ଆର୍କ୍‌ଙ୍କର ପତାକାରେ ଯାହା ଲେଖା ହୋଇଥିଲା, ମୁଁ ପ୍ରାୟ ତାହାର ଅନୁସରଣ କରି କହୁଛି, "କର୍ମରେ ତୁମର ସାଥ ରହିଛି, ସାଫଲ୍ୟଟିରେ ମଧ୍ୟ ତୁମର ସାଥ ରହିବ ।" ହେଲା, ଏଥର ସନ୍ତୋଷ ଆସିଲା ତ ?

ହଁ ।

## ୧୬. ମେ ୧୯୫୬

"ମୋଟ ଉପରେ, ଏକଥାଟି ସମ୍ପୂର୍ଣ୍ଣ ନିଃଶଙ୍କ ଭାବରେ କୁହାଯାଇ ପାରିବ ଯେ ଯେତେବେଳ ପର୍ଯ୍ୟନ୍ତ ଏପରି ଏକ ଅତିମାନସ ଋତଚିତ୍‌ର ଉପଲବ୍ଧି ହୋଇ ନଥିବ, ଯାହାଦ୍ୱାରା କି ବସ୍ତୁଗୁଡ଼ିକର ଯାବତୀୟ ପ୍ରତିଭାସ ସେଗୁଡ଼ିକର ଯଥାର୍ଥ ସ୍ଥାନରେ ଅବସ୍ଥାପିତ ହୋଇ ରହିପାରିବ, ସେଗୁଡ଼ିକର ଯଥାର୍ଥ ମର୍ମସତ୍ୟଟି ଉନ୍ମୋଚିତ ହୋଇ ଆସିବ ଏବଂ ଏହି ଆଧ୍ୟାତ୍ମିକ ସାରତତ୍ତ୍ୱଟିରୁ ସିଧା ନିଷ୍ପନ୍ନ ହେଉଥିବା ସେଗୁଡ଼ିକର ଅନ୍ତରସ୍ଥ ତତ୍ତ୍ୱଟି ମଧ୍ୟ ପ୍ରକଟ ହୋଇ ଆସିବ, ସେତେବେଳ ଯାଏ ପ୍ରସ୍ତାବିତ ଯାବତୀୟ ସମାଧାନ କେବଳ ଗୋଟିଏ ଗୋଟିଏ ଅସ୍ଥାୟୀ ସମାଧାନ ହୋଇହିଁ ରହିଥିବ । ସେପର୍ଯ୍ୟନ୍ତ, ଆମର ଏକମାତ୍ର ନିରାପଦ ପନ୍ଥା ହେଉଛି ଯେ, ଆମେ ଆଧ୍ୟାତ୍ମିକ ଅନୁଭବର ଏକ ପଥପ୍ରଦର୍ଶନକ୍ଷମ ନିୟମ ଖୋଜି ବାହାର କରିବା,—ଅଥବା, ତା' ନହେଲେ ଆପଣା ଭିତରେ ଆମେ ଏପରି ଗୋଟିଏ ଆଲୋକକୁ ଉନ୍ମୋଚିତ କରିଦେବା, ଯାହାକି ଆମେ ସେହି ବୃହତ୍ତର ଓ ପ୍ରତ୍ୟକ୍ଷ ଋତଚିତ୍‌ରେ ଯାଇ ପହଞ୍ଚିବା ପର୍ଯ୍ୟନ୍ତ ବା ସେଇଟି ଆମ ଭିତରେ ଜନ୍ମଲାଭ କଲା ପର୍ଯ୍ୟନ୍ତ, ଆମକୁ ଉଚିତ ବାଟରେ ପରିଚାଳିତ କରି ନେଇଯାଇ ପାରିବ ।

'oaob.nitrkl.ac.in' images reprocessed

କାରଣ ସେଇଟି ବ୍ୟକ୍ତିର ଆମ ଭିତରେ ଆଉ ଯାହାକିଛି ରହିଛି, ତାହା ହେଉଛି କେବଳ ବାହ୍ୟ, ତାହାକୁ ଆମେ ଆଧ୍ୟାତ୍ମିକ ଦେଖିବା ବା ଆଧ୍ୟାତ୍ମିକ ଅନୁଭବ କରିବା ବୋଲି ଆଦୌ କହି ପାରିବା ନାହିଁ; ସେଗୁଡ଼ିକ ହେଉଛି କେବଳ ଆମ ବୁଦ୍ଧିର ବିରଚନା, ବୁଦ୍ଧିର ଉପସ୍ଥାପନା ବା ସେହି ବୁଦ୍ଧିରହିଁ ସିଦ୍ଧାନ୍ତ, ଆମ ଭିତରେ କାର୍ଯ୍ୟ କରୁଥିବା ପ୍ରାଣଶକ୍ତିର କେତୋଟି ପ୍ରସ୍ତାବନା ଅଥବା ପ୍ରରୋଚନା ଏବଂ ଭୌତିକ ପଦାର୍ଥଗୁଡ଼ିକର କେତୋଟି ପୂର୍ତ୍ତିମୂଳକ ଆବଶ୍ୟକତା; ଅନେକ ସମୟରେ ଏଗୁଡ଼ିକ ଅର୍ଦ୍ଧାଲୋକ ହୋଇ ରହିଥାଏ, ପୁଣି ଅନେକ ସମୟରେ କେବଳ ଏକ ମିଥ୍ୟା ଆଲୋକ ହୋଇହିଁ ରହିଥାଏ । ସେସବୁ ଖୁବ୍‌ବେଶୀ ହେଲେ ମାତ୍ର କେତେକ ସମୟ ଲାଗିହିଁ ଆମର ସହାୟକ ହୋଇଥାନ୍ତି, ବା ମାତ୍ର ଅଳ୍ପ କେତେକ ପରିମାଣରେ ଆମକୁ ସାହାଯ୍ୟ କରିଥାନ୍ତି ଏବଂ ବାକି ସମୟତକ ଆମକୁ କେବଳ ଅଟକାଇ ରଖନ୍ତି ବା ଆମକୁ ଗୋଳମାଳରେ ଆଣି ପକାଇ ଦିଅନ୍ତି ।"

**ଯୋଗସମନ୍ୱୟ, ୧୨୮-୧୨୯**

ଭୌତିକ ପଦାର୍ଥର ବି ଆବଶ୍ୟକତା ? ମୁଁ ସେହି କଥାଟି ବୁଝି ପାରିଲି ନାହିଁ ।

**କେବଳ ଭୌତିକ ଆବଶ୍ୟକତାଗୁଡ଼ିକ ନୁହେଁ, ଏହି ସବୁଯାକ । ଏହି ସବୁଯାକ ପଦାର୍ଥ ବେଳେବେଳେ ଆଲୋକ ପରି ହୋଇ ରହିଥାନ୍ତି, ଅର୍ଥାତ୍ ଜ୍ଞାନ କ୍ଷୀଣ ହୋଇଯାଇ ଅଜ୍ଞାନ ସହିତ ମିଶି କରି ରହିଥାଏ; ସେଗୁଡ଼ିକ ବେଳେବେଳେ ମିଥ୍ୟା ଆଲୋକ ହୋଇ ବି ରହିଥାନ୍ତି, ଅର୍ଥାତ୍, ତାହା ଭିତରେ ଜ୍ଞାନର ଲେଶମାତ୍ର ବି ଅବସ୍ଥିତ ନଥାଏ । କେବଳ ଗୁଡ଼ାଏ ଧାରଣା ରହିଥାଏ, କଳ୍ପନା ରହିଥାଏ, ଦେଖିବାର ଓ ଅନୁଭବ କରିବାର କେତେଟା ଶୈଳୀ ରହିଥାଏ;—ଏବଂ ଏହିସବୁ କଥାକୁହିଁ ମନୁଷ୍ୟର ଚେତନା ଜ୍ଞାନ ବୋଲି ବିଚାର କରିଥାଏ ।**

**ଶ୍ରୀଅରବିନ୍ଦ ଦୈହିକ ଆବଶ୍ୟକତାଗୁଡ଼ିକ ବିଷୟରେ ବି କହିଛନ୍ତି, ଦେହର ନାନା ଆବଶ୍ୟକତା, ଯେଉଁଗୁଡ଼ିକୁ କି ସାଧାରଣତଃ ଅବଶ୍ୟପୂରଣୀୟ ବୋଲି ବିଚାର**

'oaob.nitrkl.ac.in' images reprocessed

କରୁଥାଏ ଓ ସେଇଁଗୁଡ଼ିକର କି ଏକ ସ୍ୱକୀୟ ସତ୍ତା ଅବଶ୍ୟ ରହିଛି; ଯିଏ କହୁଛନ୍ତି ଯେ ସେଗୁଡ଼ିକ ମଧ୍ୟ ବେଶ୍ କେବଳ ଏକ ଆଂଶିକ ଆଲୋକର ଦ୍ୟୋତକ ବି ହୋଇପାରନ୍ତି, ଅର୍ଥାତ୍, ଜ୍ଞାନର କେବଳ ଏକ ପ୍ରଣାଳୀହିଁ ହୋଇ ରହିପାରନ୍ତି, ବା ଏପରିକି ଏକ ମିଥ୍ୟାମୟତାର ଅବତାରଣା କରିପାରନ୍ତି ।

ତାହା ଆଧୁନିକ ଯାବତୀୟ ଧାରଣାର ଅନୁଛାଚରଣ କରିଥାଏ ।

ଲୋକଙ୍କର ସର୍ବଦା ଏହିପରି ଏକ ଧାରଣା ରହିଥାଏ ଯେ ଯେଉଁଗୁଡ଼ିକୁ ସେମାନେ ଶରୀରର ଆବଶ୍ୟକତା ବୋଲି କହନ୍ତି, ଶରୀର ଯେଉଁସବୁର ଦାବି କରିଥାଏ, ସେଗୁଡ଼ିକ ଗୋଟିଏ ଗୋଟିଏ ଅବଶ୍ୟମ୍ଭାବୀ ନିୟମ । ଅର୍ଥାତ୍, ସେହି ନିୟମଗୁଡ଼ିକର ପାଳନ କରି ନଗଲେ ନିଜ ଶରୀର ବିରୁଦ୍ଧରେ ଏକ ଘୋର ଅପରାଧ କରାଯାଏ ଏବଂ ଶରୀରକୁ ତାହାର ପରିଣାମମାନ ଅବଶ୍ୟ ଭୋଗ କରିବାକୁ ପଡ଼ିଥାଏ । ଶ୍ରୀଅରବିନ୍ଦ ଏହି ନିୟମଗୁଡ଼ିକୁ ସେଗୁଡ଼ିକର କ୍ଷେତ୍ରରେ ଗୋଟିଏ ଗୋଟିଏ ଅତ୍ୟନ୍ତ ଆଂଶିକ ଜ୍ଞାନ ବୋଲି କହୁଛନ୍ତି ଅର୍ଥାତ୍ ବିଷୟଗୁଡ଼ିକ ଉପରେ ଦୃଷ୍ଟିପାତ କରିବାର କେବଳ ଏକ ଭଙ୍ଗୀ ବୋଲି କହୁଛନ୍ତି; ଅଥବା, ସେଗୁଡ଼ିକ ଆଦୌ କୌଣସି ଜ୍ଞାନ ନୁହନ୍ତି ଓ ଗୁଡ଼ା ମିଥ୍ୟା ହୋଇପାରନ୍ତି ବୋଲି କହୁଛନ୍ତି ।

ଯଦି କେହି ଯଥେଷ୍ଟ ମନୋଯୋଗ ସହକାରେ ଏହି ସମସ୍ୟାଟିର ଅଧ୍ୟୟନ କରିବାକୁ ଯାଏ, ତେବେ, ଶରୀରର ଏହିସବୁ ତଥାକଥିତ ଆବଶ୍ୟକତାମାନ କେତେ ଅଧିକ ପରିମାଣରେ ମନର ଦୃଷ୍ଟିକୋଣ ଉପରେ ନିର୍ଭର କରୁଛନ୍ତି, ସେ ସେକଥା ନିଶ୍ଚୟ ଜାଣିବାକୁ ପାଇବ । ଏଠାରେ ଉଦାହରଣସ୍ୱରୂପ, ଖାଇବାର ଆବଶ୍ୟକତାଟି ଉପରେ ବିଚାର କରି ଯାଇପାରେ । ଏପରି ଲୋକ ଅଛନ୍ତି, ଯେଉଁମାନେ କି ଅଠେଇଶ ଘଣ୍ଟା ଆହାର ଗ୍ରହଣ ନକଲେ ସେମାନଙ୍କର ପ୍ରକୃତରେ ପ୍ରାଣହାନିହିଁ ଘଟିବ । ଆଉ ଏପରି ଅନେକ ଲୋକ ବି ଅଛନ୍ତି, ଯେଉଁମାନେ କି ସ୍ୱେଚ୍ଛାରେ ଠିକ୍ ସେହି କଥାଟି କରିଥାନ୍ତି ଏବଂ ଯୋଗର ଏକ ନିୟମରୂପେ ଉପବାସ ପାଳନ କରିଥାନ୍ତି, ଯୋଗର ଏକ ଆବଶ୍ୟକତାରୂପେ ସେପରି କରିଥାନ୍ତି । ଏବଂ, ସେମାନଙ୍କ କ୍ଷେତ୍ରରେ, ଅଠ ଦିନ ଉପବାସ ରହିବା ପରେ, ସେମାନଙ୍କର ଶରୀର ଉପବାସ ଆରମ୍ଭ କରିବାର ବେଳ ପରି ସୁସ୍ଥ ହୋଇ ରହିଥାଏ, ବେଳେବେଳେ ତ୍ୱଏତ ଅଧିକ ସୁସ୍ଥ ବି ରହିଥାଏ !

ଶେଷରେ ଏତିକ ବୁଝିହେଇ ପାରିବ ଯେ, ଏହା ହେଉଛି ଅନୁପାତର ଏକ ପ୍ରଶ୍ନ, ପରିମିତତାର ଏକ ପ୍ରଶ୍ନ । ଏହା ଅତ୍ୟନ୍ତ ସ୍ପଷ୍ଟ ଯେ ଆଦୌ ଆହାର ନକଲେ ମଣିଷ କଦାପି ବଞ୍ଚି ପାରିବ ନାହିଁ । ମାତ୍ର ଏଇଟା ମଧ୍ୟ ସମାନ ଭାବରେ ସ୍ପଷ୍ଟ ଯେ ଲୋକମାନଙ୍କର ଖାଇବା ବିଷୟରେ ଯେଉଁ ଧାରଣା ରହିଛି, ସେକଥା ମଧ୍ୟ ଆଦୌ ଠିକ୍ ନୁହେଁ । ବସ୍ତୁତଃ, ଏହି ସମଗ୍ର ବିଷୟଟି ଉପରେ ଅଧ୍ୟୟନ ହେବା ଆବଶ୍ୟକ,

'oaob.nitrkl.ac.in' images reprocessed

ଶରୀର ସମ୍ବନ୍ଧରେ ମନର ଯେଉଁ ଦୃଷ୍ଟିକୋଣ ରହିଛି, ତାହାର ସମ୍ବନ୍ଧରେ ଅଧ୍ୟୟନ ଆବଶ୍ୟକ ।

ଶରୀରର ଆବଶ୍ୟକତାଗୁଡ଼ିକୁ ଶ୍ରୀଅରବିନ୍ଦ ଆଦୌ ଏକ ସ୍ୱୟଂସତ୍ୟ ହିସାବରେ ଗ୍ରହଣ କରି ନାହାନ୍ତି । ସିଏ କହନ୍ତି : ଏହା ଏକ ସତ୍ୟ ନୁହେଁ, ଏହା ହେଉଛି ତୁମର କେବଳ ଏକ ଧାରଣା, ଏକ କଳ୍ପନା,—ଏହାକୁ ଗୋଟିଏ ସ୍ୱୟଂସତ୍ୟରୂପେ କଦାପି ଗ୍ରହଣ କରାଯାଇ ପାରିବ ନାହିଁ ।

ମାଆ, ଏଠି "ଅତ୍ୟାବଶ୍ୟକ ବିଧାନ", ଏଠି "ଆଧ୍ୟାତ୍ମିକ ଓ ଅତିମାନସ ବିଧାନ" କହିଲେ କ'ଣ ବୁଝାଏ ?

ଏହାର ଅର୍ଥ ପ୍ରତ୍ୟେକ ସତ୍ତାର ସତ୍ୟ ।

ପ୍ରତ୍ୟେକ ସତ୍ତା ତା' ଆପଣା ଭିତରେ ତା' ନିଜର ଆଧ୍ୟାତ୍ମିକ ବିଧାନଟିକୁ ବହନ କରିବାରେ ଲାଗିଛି, ତା'ର ଅତିମାନସ ବିଧାନଟିକୁ ବହନ କରୁଛି । ଏହି ବିଧାନଟି ସମସ୍ତଙ୍କ ପାଇଁ ଏକାଭଳି ହୋଇ ରହି ନାହିଁ, ସେହି ଗୋଟିଏ ସର୍ବସାମାନ୍ୟ ବିଧାନ ହୋଇ ମୋଟେ ରହି ନାହିଁ । ପ୍ରତ୍ୟେକ ମନୁଷ୍ୟ ଲାଗି ତା'ର ଏକ ସତ୍ତାଗତ ସତ୍ୟ ରହିଛି, ଅର୍ଥାତ୍ ଯେଉଁ ସମ୍ପଦଟିକୁ ସେ ଏହି ବିଶ୍ୱଜଗତରେ ଉପଲବ୍ଧି କରିବ ଏବଂ ବିଶ୍ୱଜଗତରେ ସେ ଯେଉଁ ସ୍ଥାନଟିକୁ ଅଧିକାର କରି ରହିବ, ସେଇଟିହିଁ ତା' ଲାଗି ତା'ର ସତ୍ତାଗତ ସତ୍ୟ ହୋଇ ରହିଛି ।

"ପ୍ରାଣଗତ ଏବଂ ଜଡ଼ଗତ ଭୂମି ଦୁଇଟି ମଧ୍ୟରେ ଅନେକ ସମୟରେ ଯେପରି ଅପସଂଯୋଜନ ଆଣିବାର ଚେଷ୍ଟା କରାଯାଇ-ଥାଏ, ଅର୍ଥାତ୍, ଭିତରେ ଏକ ତତ୍ତ୍ୱଦୃଷ୍ଟିଗତ ଅନୁଭୂତି ରହିଥାଏ ଓ ବାହାରେ ଯେପରି ଏକ ସୌନ୍ଦର୍ଯ୍ୟଗ୍ରାହୀ, ବୁଦ୍ଧିଶ୍ରଦ୍ଧାଯୁକ୍ତ ଏବଂ ଇନ୍ଦ୍ରିୟନିର୍ଭର ପ୍ରକୃତିପୂଜାବାଦ ଅଥବା ଏକ ଉଚ୍ଚୋଳିତ ସ୍ତରର ସୁଖବାଦ ସେହି ଅନୁଭୂତିଟିକୁ ଆଶ୍ରା କରି ରହିଥାଏ ଏବଂ ଏକ ଜଡ଼ଗତ ସ୍ୱୀକୃତିର ବର୍ଣ୍ଣୋଜ୍ଜ୍ୱଳତା ମଧ୍ୟରେ ଆପଣାକୁ ବେଶ୍ ପରିତୁଷ୍ଟ କରି ରଖିଥାଏ, ସେଇଟି ମଧ୍ୟ ଆମ ଲାଗି ଆଦୌ ଯଥେଷ୍ଟ ହେବ ନାହିଁ ।"

ଯୋଗସମନ୍ୱୟ, ପୃଷ୍ଠା-୧୬୮



'oaob.nitrkl.ac.in' images reprocessed

ଏକ "ସୌନ୍ଦର୍ଯ୍ୟଗ୍ରାହୀ ପ୍ରକୃତିପୂଜାବାଦ" କହିଲେ ଶ୍ରୀଅରବିନ୍ଦ କ'ଣ ବୁଝୁଛନ୍ତି ?

ବିଭିନ୍ନ ଦେଶର, ବିଶେଷ କରି ଗ୍ରୀସ୍ ଏବଂ ଭାରତବର୍ଷର ଦେବଦେବତା-ମାନଙ୍କୁ ଶ୍ରୀଅରବିନ୍ଦ ସେହିଭଳି ଏକ ଭାବରେ ବର୍ଣ୍ଣନା କରିଛନ୍ତି । ଅର୍ଥାତ୍, ଏଥିରେ ଏକ ସୌନ୍ଦର୍ଯ୍ୟଗ୍ରାହୀ ଏବଂ ବୁଦ୍ଧିଶ୍ରଦ୍ଧାଯୁକ୍ତ ଭାବରେ ସକଳ ବସ୍ତୁକୁ ଗୋଟିଏ ଗୋଟିଏ ଦିବ୍ୟ ସୃଜନରେ ଅର୍ଥାତ୍ ଦିବ୍ୟ ସତ୍ତ୍ୱରେ ରୂପାନ୍ତରିତ କରି ଦିଆଯାଇଛି । ପ୍ରକୃତିରେ କାର୍ଯ୍ୟ କରୁଥିବା ଯାବତୀୟ ଶକ୍ତିକୁ, ଭୌତିକ ଯାବତୀୟ ଶକ୍ତିକୁ, ଏହି ସବୁଗୁଡ଼ିକୁ କେତେଗୁଡ଼ିଏ ଦେବତାର ରୂପ ଆଣି ଦେଇ ଦିଆଯାଇଛି ଏବଂ ସେମାନଙ୍କୁ ଗୋଟିଏ ଗୋଟିଏ ସୌନ୍ଦର୍ଯ୍ୟବୋଧଗତ ଏବଂ ବୁଦ୍ଧିକଳ୍ପିତ ବାସ୍ତବତା ପ୍ରଦାନ କରାଯାଇଛି । ବିଶ୍ୱଗତ ଯାବତୀୟ ଶକ୍ତି ଓ ବସ୍ତୁସତ୍ତାକୁ ବର୍ଣ୍ଣନା କରିବା ଲାଗି ଆମେ ଏହାକୁ ଏକ ପ୍ରତୀକାତ୍ମକ, କଳାତ୍ମକ, ସାହିତ୍ୟିକ ଏବଂ କାବ୍ୟିକ ଭାବ ବୋଲି କହିପାରିବା । ସେହିପରି ଭାବରେ ଏହି 'ଦେବକଳ୍ପନାଗୁଡ଼ିକର ସୃଷ୍ଟି ହୋଇଥିଲା, ଗ୍ରୀସ୍ ଓ ମିଶରର ଦେବଗଣ, ଅଥବା, ଭାରତବର୍ଷର ଦେବଗଣ ଏହିପରି ଭାବରେ ସୃଷ୍ଟ ହୋଇଥିଲେ ।

ଏହିସବୁ ଦେବତା ହେଉଛନ୍ତି ଗୋଟିଏ ଗୋଟିଏ ପ୍ରତିକଳ୍ପନା, ଏବଂ ଶ୍ରୀଅରବିନ୍ଦ ଏମାନଙ୍କୁ "ସୌନ୍ଦର୍ଯ୍ୟବୋଧ ଦ୍ୱାରା ପ୍ରେରିତ ଏବଂ ବୁଦ୍ଧିପ୍ରସୂତ" ପ୍ରତିକଳ୍ପନା ବୋଲି କହୁଛନ୍ତି—ବିଶ୍ୱକଳ୍ପନାର ଏକ ଅନ୍ୟତମ ପଦ୍ଧତି ବୋଲି କହୁଛନ୍ତି । ସେମାନେ ଯେ କୌଣସି ସତ୍ୟର ପ୍ରତିନିଧିତ୍ୱ କରୁ ନାହାନ୍ତି, ସେକଥା ଆଦୌ ନୁହେଁ, ମାତ୍ର ଏକ ସତ୍ୟ ଅପେକ୍ଷା ସେମାନେ ଏକ ବାସ୍ତବତାର ଅଧିକ ପ୍ରତିନିଧିତ୍ୱ କରୁଛନ୍ତି—ସେହିସବୁ କଳ୍ପନାର ଅନୁରୂପ ସତ୍ତ୍ୱମାନେ ମଧ୍ୟ ରହିଛନ୍ତି, ମାତ୍ର ଏହାକୁ ଆମେ ବିଶ୍ୱଜଗତ ବା ବିଶ୍ୱଜଗତସମୂହର ସମ୍ମୁଖୀନ ହେବାର ଗୋଟିଏ ପଦ୍ଧତି ବୋଲିହିଁ କହିବା ।

ମାଆ, ଆମ ଚେତନାର ବୁଦ୍ଧିସାଧନ ଦିଗରେ ଆମ ନୈତିକତା କ'ଣ ଆମକୁ କୌଣସି ସାହାଯ୍ୟ କରେ ନାହିଁ ?

ସେଇଟା ଲୋକମାନଙ୍କ ଉପରେ ନିର୍ଭର କରିବ । ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଏଥିରୁ ଅନେକ ସାହାଯ୍ୟ ପାଇଥାନ୍ତି; ମାତ୍ର ଆଉରି ଏପରି ଲୋକ ଅଛନ୍ତି ଯେଉଁମାନେ କି ଆଦୌ କୌଣସି ସାହାଯ୍ୟ ପାଆନ୍ତି ନାହିଁ ।

'oaob.nitrkl.ac.in' images reprocessed

ନୈତିକତା ଏପରି ଏକ ଜିନିଷ, ଯାହାକୁ କି ପ୍ରକୃତରେ ଖୁବ କୃତ୍ରିମ ଓ ଯାଦୃଚ୍ଛିକ ବୋଲି କୁହାଯାଇ ପାରିବ, ଏବଂ ଅଧିକାଂଶ କ୍ଷେତ୍ରରେ, ଏପରିକି ସର୍ବୋତ୍ତମ ମନୁଷ୍ୟମାନଙ୍କର ଜୀବନରେ ମଧ୍ୟ, ତାହା, ମୁଁ ଉଚିତ ପଥଟିରେ ରହୁଛି ଏବଂ ପ୍ରକୃତରେ ଜଣେ ଭଦ୍ର ମଣିଷ ହୋଇ ରହୁଛି, ମୁଁ ମୋର କର୍ତ୍ତବ୍ୟ କରୁଛି ଏବଂ ଜୀବନର ଯାବତୀୟ ନୈତିକ ଆବଶ୍ୟକତାର ପରିପୂରଣ କରୁଛି ବୋଲି ଗୋଟାଏ ପ୍ରକାରର ନୈତିକ ଆତ୍ମସନ୍ତୋଷଭାବ ପ୍ରକୃତ ଆଧ୍ୟାତ୍ମିକ ପ୍ରୟାସ ବାଟରେ ଏକ ପ୍ରତିବନ୍ଧକରୂପେ କାର୍ଯ୍ୟ କରିଥାଏ । ସେତେବେଳେ ଜଣେ ମଣିଷ ଏପରି ଆତ୍ମସନ୍ତୁଷ୍ଟ ହୋଇ ରହେ ଯେ ସିଏ ଯେଉଁଠାରେ ଅଛି, ସେଠାରୁ ଟିକିଏ ଘୁଞ୍ଚିବାକୁ ବି ଚାହେଁ ନାହିଁ ଓ କୌଣସି ଅଗ୍ରଗତି କରିବାକୁ ଇଚ୍ଛା କରେ ନାହିଁ ।

ଜଣେ ନୀତିପରାୟଣ ମନୁଷ୍ୟ ପକ୍ଷରେ ଭଗବତ୍‌ପଥରେ ପ୍ରବେଶ କରିବା ପ୍ରକୃତରେ ଖୁବ କଷ୍ଟକର; ଏକଥା ଅନେକ ସମୟରେ କୁହାହୋଇ ଆସିଛି ସତ, ମାତ୍ର ଏହି କଥାଟି ଏକ ସମ୍ପୂର୍ଣ୍ଣ ସତ୍ୟ କଥା, କାରଣ ସେହିପରି ଜଣେ ମନୁଷ୍ୟ ସବୁଠାରୁ ଅଧିକ ପରିମାଣରେହିଁ ଆତ୍ମସନ୍ତୁଷ୍ଟ ହୋଇ ରହିଥାଏ, ସିଏ ଭାବୁଥାଏ ଯେ ତା'ର ଯାହା ଉପଲବ୍ଧି କରିବାର କଥା, ସିଏ ତାହା ଉପଲବ୍ଧି କରି ସାରିଛି, ଏବଂ ଯେତିକି ଅଭୀପ୍ସା ଏବଂ ଯେତିକି ମୌଳିକ ନମ୍ରତା ରହିଲେ ଜଣେ ମଣିଷ ଅଗ୍ରଗତି କରିବାକୁ ଇଚ୍ଛା କରୁଥାଏ, ତା' ଭିତରେ ସେହି ଅଭୀପ୍ସା ଓ ସେହି ମୌଳିକ ନମ୍ରତାଭାବ ମଧ୍ୟ ନଥାଏ । ତୁମେ ଜାଣିଥିବ, ପୃଥିବୀରେ ଯାହାକୁ ସାଧାରଣତଃ ଜଣେ ସାତ୍ତ୍ୱିକ ମଣିଷ* ବୋଲି କୁହାଯାଏ, ସିଏ ଆପଣାର ନୀତିପରାୟଣ ଜୀବନଟି ମଧ୍ୟରେ ସାଧାରଣତଃ ଖୁବ ଜବର ହୋଇ ରହି ଯାଇଥାଏ ଏବଂ ତା' ଭିତରୁ ବାହାରି ଆସିବ ବୋଲି କେବେହେଲେ ଚିନ୍ତା କରୁ ନଥାଏ । କେଣୁ, ସେପରି ଆଚରଣ ଦ୍ୱାରା ତୁମେ ଦିବ୍ୟ ଉପଲବ୍ଧିରୁ କୋଟିଏ ଯୋଜନ ଦୂର ହୋଇ ରହିଥାଅ ।

ଯଦି ଆମେ ପ୍ରକୃତ ଉପକାର ପାଇବାକୁ ଇଚ୍ଛା କରୁଥିବା, ତେବେ ଯେପର୍ଯ୍ୟନ୍ତ ଆମକୁ ଅନ୍ତର୍ଗତ ଆଲୋକଟିର ପରିଚୟ ନମିଳିଛି, ସେପର୍ଯ୍ୟନ୍ତ ଆମେ ମନ ଲାଗି କେତୋଟି ନିୟମ କରି ରଖିବା, ଯେଉଁଗୁଡ଼ିକ କି ସ୍ୱଭାବତଃ ଆଦୌ ଅତିରିକ୍ତ ପରିମାଣରେ ଅନମନୀୟ ହୋଇ ନଥିବ, ଅପରିବର୍ତ୍ତନୀୟ ବି ହୋଇ ନଥିବ,

* ଭାରତୀୟ ପରିଭାଷା ଅନୁସାରେ, ଜ୍ଞାନ; ସମତାଭାବ ଏବଂ ଅଭେଦର ବିଧାନଗୁଡ଼ିକ ଦ୍ୱାରା ପରିଚାଳିତ ହେଉଥିବା ଜଣେ ବ୍ୟକ୍ତିକୁ ସାତ୍ତ୍ୱିକ ବୋଲି କୁହାଯାଏ । ଅନ୍ୟ ପକ୍ଷରେ, ଆପଣାର କାମନା ଓ ବାସନାଗୁଡ଼ିକ ଦ୍ୱାରା ପରିଚାଳିତ ହେଉଥିବା ଜଣେ ବ୍ୟକ୍ତିକୁ ରାଜସିକ ବୋଲି କୁହାଯାଏ ଏବଂ ଜଡ଼ତା ଓ ଅନ୍ଧକାର ମଧ୍ୟରେ ଜୀବନ ବଞ୍ଚୁଥିବା ବ୍ୟକ୍ତିକୁ ତାମସିକ କୁହାଯାଏ ।

'oaob.nitrkl.ac.in' images reprocessed

ମାତ୍ର ତଥାପି ନିଶ୍ଚୟ ଯଥେଷ୍ଟ ପରିମାଣରେ ଉପଯୁକ୍ତ ହୋଇ ରହିଥିବ, ଯେପରିକି ତାହା ଆମକୁ ସମ୍ପୂର୍ଣ୍ଣ ଭାବରେ ଉଚିତ ପଥଟିରୁ ବିଚ୍ୟୁତ ହୋଇଯିବାରୁ ଅଥବା କୌଣସି ଅମାର୍ଜନୀୟ ଭୁଲ କରି ବସିବାରୁ ବିରତ କରି ରଖି ପାରୁଥିବ; ଯେଉଁସବୁ ଭୁଲ କଲେ ଜୀବନଯାକ କଷ୍ଟ ଭୋଗ କରିବାକୁ ହୁଏ, ତାହା ଆମକୁ ସେସବୁ ଭୁଲ୍‌ରୁ ନିବୃତ୍ତ କରି ରଖୁଥିବ ।

ସେପରି କରିବାକୁ ହେଲେ ନିଜ ଜୀବନରେ କେତୋଟି ନିୟମକୁ ସ୍ୱୀକାର କରି ନେବାକୁ ପଡ଼ିବ; ଏହି ନିୟମଗୁଡ଼ିକ ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ତା'ର ନିଜ ସ୍ୱଭାବ ଅନୁସାରେ ହୋଇଥିବ ଓ ତେଣୁ ପରସ୍ପର କ୍ଷେତ୍ରରେ ଅଲଗା ଅଲଗା ହୋଇଥିବ । ଯଦି ତୁମେ କୌଣସି ସାମାଜିକ ବା ସାମୂହିକ ନିୟମକୁ ସ୍ୱୀକାର କରି ନେଇଥିବ, ତେବେ ତୁମେ ଆପଣାକୁ ଅଚିରେ ଏହି ସାମାଜିକ ନିୟମଟାର ଏକ ଦାସରେ ପରିଣତ କରି ପକାଇବ ଏବଂ ତାହାହିଁ ତୁମକୁ ପ୍ରାୟ ମୂଳତଃ ରୂପାନ୍ତର ଲାଗି କୌଣସି ଉଦ୍ୟମ କରିବାକୁ ନିବୃତ୍ତ କରି ରଖିଦେବ ।

ମାଆ, ଶ୍ରୀଅରବିନ୍ଦ କହିଛନ୍ତି ଯେ ଆମକୁ ଆପଣା ମଧ୍ୟରେ ଏକ ଆଲୋକର ପରିଚୟ ଲାଭ କରିବାକୁ ହେବ ଏବଂ ତା'ପରେ ଦିବ୍ୟ ପରମା ଶକ୍ତି ପାଖରେ ଆପଣାକୁ ସମର୍ପଣ କରିଦେବାକୁ ପଡ଼ିବ । ବର୍ତ୍ତମାନ ଯେତେବେଳେ ଅତିମାନସ ଏହି ପୃଥିବୀ-ପୃଷ୍ଠରେ ଅବତରଣ କଲଣି, ସେତେବେଳେ ତାହା କରିପାରିବା ଅପେକ୍ଷାକୃତ ଅଧିକ ସହଜ ହେବ କି ?

**ହଁ, ବର୍ତ୍ତମାନ ତାହାହିଁ ହେଉଛି ଉଚ୍ଚତର ସେହି ଆଲୋକଟି ।**

**ଏକଥା ବୁଝିବା ଲାଗି କଷ୍ଟ କାହିଁକି ହେଲା ? ଏଠାରେ କେଉଁଠି କ'ଣ ଆପତ୍ତି ଅଥବା ବିରୋଧ ରହିଛି ବୋଲି ତୁମେ ଭାବୁଛ ? ତୁମ ଅସୁବିଧାଟି ପ୍ରକୃତରେ କ'ଣ ?**

ଏହି କଥାଟି ବର୍ତ୍ତମାନ ଅପେକ୍ଷାକୃତ ସହଜ ହୋଇ ଯାଇଛି ବୋଲି ଆମେ ବୁଝିବା କିପରି ? ଏହି ଅବତରଣ ଦ୍ୱାରା କେଉଁଠି କି ଫଳପ୍ରଦତା ଦୃଷ୍ଟିଗୋଚର ହେଉଛି ?

**ଅଚ୍ଛା, ତେବେ ତୁମକୁ ଅପେକ୍ଷା କରିବାକୁ ହେବ; ତୁମ ଭିତରେ ମଧ୍ୟ ସେହି ଅବତରଣଟି ଘଟିଲେ ତୁମେ ତାହାକୁ ନିଶ୍ଚୟ ଜାଣିପାରିବ ।**

'oaob.nitrkl.ac.in' images reprocessed

ଅଚ୍ଛା, କଳ୍ପନା କର ଯେ ଗୋଟିଏ ଅନ୍ଧାର ଘରେ ତୁମେ ଏକ ତୈଳପ୍ରଦୀପ ଜାଳି କରି ରଖିଛ । ସେହି ଦୀପରେ ତେଲ ଅଛି ଓ ଜଳୁଛି; ପଚିଶବର୍ଷ ପୂର୍ବେ ଆମେ ଯେପରି କରୁଥିଲେ, ଠିକ୍ ସେହିପରି । ବର୍ତ୍ତମାନ ଯେପରି ଲଣ୍ଠନ ଅଛି, ସେତେବେଳେ ସେମିତି ଦୀପମାନ ରହୁଥିଲା । ଲଣ୍ଠନ ଦ୍ୱାରା ଟିକିଏ ଅଧିକ ସୁବିଧା ହେଉଛି ସତ, ମାତ୍ର ଲଣ୍ଠନକୁ ମଧ୍ୟ ଗୋଟିଏ ଦୀପ ବୋଲି କୁହାଯାଇ ପାରିବ । ହଁ, ତୁମେ ପ୍ରଦୀପଟିଏ ଜଳାଇ ନିଜର ପ୍ରକୋଷ୍ଠଟିକୁ ଆଲୋକିତ କଲ, ଏବଂ ହଠାତ୍ ଆଉଜଣେ ବ୍ୟକ୍ତି ବିଦ୍ୟୁତ୍ଆଲୋକ ଦ୍ୱାରା ଆଲୋକିତ କରିଦେବାର ଉପାୟଟିକୁ ଉଦ୍ଭାବନ କରିଦେଲା । ତେଣୁ, ତୁମର ସେହି ପ୍ରଦୀପଟି ସ୍ଥାନରେ ତୁମ ଘରେ ବର୍ତ୍ତମାନ ଏକ ସୁନ୍ଦର ବିଜୁଳିବତୀ ଜଳିପାରିଲା, ଯାହାକି ତୁମକୁ ଦଶଗୁଣ ଅଧିକ ଆଲୋକ ଆଣିଦେଲା ।

ତୁମେ ବୁଝି ପାରୁ ନାହଁ କାହିଁକି,—ତୁମର ପ୍ରକୃତ ସମସ୍ୟାଟି କ'ଣ ?

ନିଜର ପ୍ରକୋଷ୍ଠଟିକୁ ଆଲୋକିତ କରିବା ଲାଗି ତୁମ ପାଖରେ ସର୍ବଦା ଏକ ଆଲୋକ ରହୁଥିଲା,—ଏଠାରେ ମୁଁ ତୁମର ଅନ୍ତରସ୍ଥ ପ୍ରକୋଷ୍ଠଟିର କଥା କହୁଛି । ମାତ୍ର ଆଗେ ସେଠାରେ ଏକ ତୈଳପ୍ରଦୀପ ଜଳୁଥିଲା, ବର୍ତ୍ତମାନ ଏକ ବିଜୁଳିବତୀ ଜଳୁଛି । ବାସ୍, ଏତିକି କଥା ।

ତୁମେ ବୁଝି ପାରିଲ ନାହିଁ ? ତଥାପି ବୁଝି ପାରିଲ ନାହିଁ ? ଏକଥାଟି ବୁଝିବା ଆଦୌ କଷ୍ଟକର ହେବା ଉଚିତ ନୁହେଁ ।

ଆମେ ସେହି ଆଲୋକଟିକୁ ଦେଖିବା ଲାଗି ଇଚ୍ଛା କରୁଛୁ ।

ଦେଖିବା ଲାଗି ଇଚ୍ଛା କରୁଛ ?···ପ୍ରକୋଷ୍ଠଟି ମଧ୍ୟରେ ପ୍ରବେଶ କର, ଦେଖି ପାରିବ ।

(ମାଆ ନୀରବ ରହିଲେ)

ବାସ୍, କ'ଣ ସେତିକି ?

ମାଆ, ପ୍ରଥମ ପ୍ରଶ୍ନଟି ପରେ ଗୋଟିଏ ବାକ୍ୟ ରହିଛି, ଯେଉଁଟିକୁ ମୁଁ ଆଦୌ ବୁଝି ପାରୁ ନାହିଁ । ବାକ୍ୟଟି ହେଉଛି, "ଅନ୍ୟଗୁଡ଼ିକ ଆମକୁ ଅଟକାଇ ରଖନ୍ତି ଅଥବା ସଂଶୟରେ ପକାଇ ଦିଅନ୍ତି ।" ଏଠାରେ ଏହି "ଅନ୍ୟଗୁଡ଼ିକ"ର ଅର୍ଥ କ'ଣ ?

'oaob.nitrkl.ac.in' images reprocessed

ଏଠାରେ ଶ୍ରୀଅରବିନ୍ଦ ମନର ରଚନାଗୁଡ଼ିକ ବିଷୟରେ କହୁଛନ୍ତି; ବୁଦ୍ଧି ଦ୍ୱାରା ଯେଉଁସବୁ ପ୍ରତିଷ୍ଠାପନା ବା ସିଦ୍ଧାନ୍ତଗୁଡ଼ିକ କରା ହୋଇଥାଏ ବା ପ୍ରାଣଶକ୍ତି ଯେଉଁସବୁ ପ୍ରବର୍ତ୍ତନା ବା ପ୍ରରୋଚନା ଦେବାରେ ଲାଗିଥାଏ, ଶରୀରର ଯେଉଁସବୁ ଆବଶ୍ୟକତା ରହିଥାଏ, ଏଠାରେ ଶ୍ରୀଅରବିନ୍ଦ ସେହି କଥା କହୁଛନ୍ତି । ଏହି ସବୁଯାକ ସାଧନ,—ଏହି ଭାବଗ୍ରସ୍ତ ଅର୍ଦ୍ଧାଲୋକ ଅଥବା ମିଥ୍ୟାଲୋକଗୁଡ଼ିକ ଆମକୁ ବାଟ ଖୋଜିବାରେ ଅବଶ୍ୟ କିଛି ନା କିଛି ସାହାଯ୍ୟ କରି ପାରିବେ, ଆମର କିଛିଟା ଉପକାର କରି ପାରିବେ, ମାତ୍ର କିଛି ସମୟ ସକାଶେ ସେମାନେ ତାହା କରିପାରିବେ । ଏବଂ ସେହି ସବୁଯାକକୁ ଆମେ କଦାପି ଏହି ଅସଲ କଥାଟି ବୋଲି ସ୍ୱୀକାର କରିବା ନାହିଁ; ଏହି ଅନ୍ୟଗୁଡ଼ିକ, ଅର୍ଥାତ୍ ଆମର ଏହି ଅଗଣିତ ଭାବନା ଏବଂ ଗତିବିଧିମାନ, ଇନ୍ଦ୍ରିୟବୋଧ ଓ ଅନୁଭୂତି, ଏଗୁଡ଼ିକ ପ୍ରକୃତରେ ଆଦୌ କୌଣସି କାର୍ଯ୍ୟରେ ଆସିବେ ନାହିଁ । ଏବଂ କୌଣସି ପ୍ରକାର କାମରେ ନଲାଗିବାଠାରୁ ଅଧିକ ଖରାପ କଥା ହେଉଛି ଯେ, ଏହା ଆମକୁ ଅଧବାଟରେ ଅଟକାଇ ରଖେ । ଆମକୁ ଗୋଳମାଳରେ ପକାଇଦିଏ; ଅର୍ଥାତ୍, ଆମ ଭିତରେ ତାହା ଏକ ସଂଶୟାଚ୍ଛନ୍ନ ସ୍ଥିତିର ସୃଷ୍ଟି କରେ; ଏବଂ ତେଣୁ ଏହିଟିକୁ ସମ୍ପୂର୍ଣ୍ଣ ଭାବରେ ଏଡ଼ି ରଖିବାକୁ ପଡ଼ିବ ।

ଆମେ ଅଗଣିତ ଯେତେ ଯେତେ ଭାବନା ଭାବୁଛୁ, ଯେତେ ଯାହା ଅନୁଭବ କରୁଛୁ, ଅଭିଜ୍ଞତାରୂପେ ଯାହାକିଛି ଅର୍ଜନ କରୁଛୁ, ଦେଖୁଛୁ ବା କରୁଛୁ… ସେଗୁଡ଼ାକ ପ୍ରକୃତରେ ଆମର ଆଦୌ କୌଣସି କାମରେ ଲାଗୁ ନାହିଁ । ଯୋଗର ଦୃଷ୍ଟିକୋଣରୁ ବିଚାର କରି ଯେ ଏହିପରି ବୁଝାଯାଇଛି, ଏହା ଅତ୍ୟନ୍ତ ସ୍ପଷ୍ଟ କଥା ।

(ଆଲୋକ ଦେଖିବାକୁ ଇଚ୍ଛା କରିଥିବା ସେହି ପିଲାଟିକୁ ଉଦ୍ଦେଶ୍ୟ କରି) ତୁମର ଆଉରି କି କିଛି ପଚାରିବାକୁ ଅଛି ?

ସେହି ପ୍ରକୋଷ୍ଠଟିରେ ପ୍ରବେଶ କରିବା କିପରି ?

ବାସ୍, ଗୋଟିଏ ଚାବି ନେବ ଓ ପ୍ରକୋଷ୍ଠଟିକୁ ଯାଇ ଖୋଲିଦେବ !

ଚାବିଟିକୁ ଖୋଜି ବାହାର କରିବାକୁ ହେବ ।

ଅଥବା, ସେହି ଦ୍ୱାରଟି ସମ୍ମୁଖରେ ଯାଇ ବସିରହିବ, ଏବଂ ଶେଷରେ ଜଣେ ଦ୍ୱାରଟିକୁ ଖୋଲିଦେଇ ପାରୁଥିବା ଶବ୍ଦଟି, ଭାବନାଟି ବା ଶକ୍ତିଟି ତୁମକୁ ପ୍ରାପ୍ତ ହୋଇଯିବ;—ଆରବ୍ୟ ଉପନ୍ୟାସରେ ଯେପରି ବର୍ଣ୍ଣନା କରାଯାଇଛି, ଠିକ୍ ସେହିପରି ।

ମୁଁ ମୋଟେ ଥଟ୍ଟା କରୁ ନାହିଁ, ମୁଁ ଗମ୍ଭୀର ଭାବରେ କହୁଛି । ତୁମକୁ ଦ୍ୱାରଟିର ସମ୍ମୁଖରେ ଯାଇ ବସିବାକୁ ହେବ, ସକେନ୍ଦ୍ରିତ ହୋଇ ରହିବାକୁ ହେବ

'oaob.nitrkl.ac.in' images reprocessed

ଏବଂ ଏହିପରି ସ୍ଥିତିରେ ଅବଶେଷରେ ବୁଦ୍ଧିଟି ପ୍ରାପ୍ତ ହୋଇଯିବ, ବା, ଦ୍ୱାରଟିକୁ ଖୋଲି ପାରିବାର ଶକ୍ତି ମିଳିଯିବ ଅଥବା ଶକ୍ତି ପ୍ରାପ୍ତ ହୋଇଯିବ ।

ମାତ୍ର ଚେଷ୍ଟା ନକଲେ ଦ୍ୱାରଟି କଦାପି ଆପେଆପେ ଖୋଲି ଯିବ ନାହିଁ । ହଁ, ହୁଏତ ଖୋଲିବାକୁ ହଜାର ବର୍ଷ ଲାଗିବ, ମାତ୍ର ତୁମେ ତ ଏହି ଦ୍ୱାରଟି ସଙ୍ଗେସଙ୍ଗେ ଖୋଲିଯାଉ ବୋଲି ଇଚ୍ଛା କରୁଛ, ନୁହେଁ କି ? ତେବେ ଏପରି କଲେ କାମ ହେବ ନାହିଁ । ସଙ୍ଗେସଙ୍ଗେ ଏଇଟିକୁ ଲାଭ କରିବାକୁ ହେଲେ, ଦ୍ୱାରଟିକୁ ଖୋଲିବାର ଉପାୟଟିକୁ ପାଇବା ପର୍ଯ୍ୟନ୍ତ ତୁମକୁ ଏକା ଜିଦ୍‌ରେ ଦ୍ୱାର ପାଖରେ ଯାଇ ବସିବାକୁ ପଡ଼ିବ । ଏହି ଉପାୟ ଗୋଟିଏ ବୁଦ୍ଧି ହୋଇପାରେ, ଗୋଟିଏ ଶବ୍ଦ ବି ହୋଇପାରେ, କୌଣସି ଶକ୍ତି ଅଥବା ଆଉ ଯାହାକିଛି ବି ହୋଇପାରେ । ଦ୍ୱାରଟି ଖୋଲିଯିବା ପର୍ଯ୍ୟନ୍ତ ତୁମକୁ ସେହି ଦ୍ୱାରଟି ପାଖରେହିଁ ଅପେକ୍ଷା କରି ରହିବାକୁ ହେବ ।

ଏବଂ ସେପର୍ଯ୍ୟନ୍ତ ତୁମେ ଆଉ କିଛିହେଲେ ଚିନ୍ତା କରିବ ନାହିଁ ।

କେବଳ ସେହି ଦ୍ୱାରଟି ବିଷୟରେହିଁ ଭାବୁଥିବ ।

ପ୍ରକୋଷ୍ଠଟି ମଧ୍ୟରେ ଏପରି କୌଣସି ରନ୍ଧ୍ର ନାହିଁ, ଯାହା ବାଟେ କି ଆଲୋକଟି ବାହାରକୁ ବାହାରି ଆସି ପାରିବ ?

ଗୋଟାଏ ରନ୍ଧ୍ର ? ଅର୍ଥାତ୍ ? ଗୋଟାଏ ଫାଟ, ଯାହା ମଧ୍ୟଦେଇ କି ଆଲୋକ ବାହାରକୁ ବାହାରିଆସି ପାରିବ ?···ହଁ, ସମ୍ଭବତଃ ତାହା ବାହାରି ଆସିବାରେହିଁ ଲାଗିଛି, ମାତ୍ର ସମ୍ଭବତଃ ସେକଥାଟିକୁ କେହିହେଲେ ଦେଖି ପାରୁ ନାହାନ୍ତି !

ହଁ, ଆଲୋକଟି ବାହାରକୁ ବାହାରି ଆସୁଛି ।

ମାତ୍ର ସେଇଟି ହେଉଛି ଆଉ ଗୋଟିଏ ସମସ୍ୟା : ତୁମକୁ ନିଜର ଆଖି ଦୁଇଟିକୁ ଖୋଲି ରଖିବାକୁ ହେବ । ଆଖି ଖୋଲି ଜନାଇ ଶିଖିବାକୁ ହେବ ।

ଖୁବ୍ ସାନ ପିଲାମାନେ ଦେଖି ପାରନ୍ତି ନାହିଁ, ଏପରିକି ଖୁବ୍ ସାନ ଇତର-ପ୍ରାଣୀମାନେ ବି ଦେଖି ପାରନ୍ତି ନାହିଁ । ଅତି ସାନ ବିଲେଇଛୁଆମାନଙ୍କର ଆଖି ଫିଟି ନଥାଏ । ଏଥିଲାଗି ସେମାନଙ୍କୁ କେତେ ଘଣ୍ଟା ବା କେତେ ଦିନ ସମୟ ଲାଗେ । ସେପର୍ଯ୍ୟନ୍ତ ସେମାନେ କିଛି ଦେଖି ପାରନ୍ତି ନାହିଁ ।

ତେଣୁ ତୁମକୁ ଦେଖିବାର ବିଦ୍ୟାଟି ହାସଲ କରିବାକୁ ହେବ ।

'oaob.nitrkl.ac.in' images reprocessed

୨୩ ମେ ୧୯୫୭

ମାଆ, ଯୋଗ ଆଉ ଧର୍ମ ମଧ୍ୟରେ କି ପାର୍ଥକ୍ୟ ରହିଛି ?

ପାର୍ଥକ୍ୟ,...ମୋର ମନେ ହେଉଛି ତୁମେ ମୋତେ ସତେଯେପରି ଗୋଟିଏ କୁକୁର ଓ ଗୋଟିଏ ବିଲେଇ ଭିତରେ ରହିଥିବା ପାର୍ଥକ୍ୟ ବିଷୟରେ ପଚାରୁଛ !

(ମାଆ ଅନେକ ସମୟ ନୀରବ ରହିଲେ)

ତୁମେ ଏପରି ଜଣେ ବ୍ୟକ୍ତିର କଳ୍ପନା କର, ଯିଏ କି, କୌଣସି ନା କୌଣସି ବାଟରେ ଦିବ୍ୟ ପରମସତ୍ତା ବୋଲି ଏକ ବସ୍ତୁ ବିଷୟରେ ଶୁଣିଛି ବା ତା'ର ଏକ ବ୍ୟକ୍ତିଗତ ଅନୁଭୂତି ରହିଛି ଯେ ସେହିପରି ଏକ ବସ୍ତୁ ହୁଏତ ନିଶ୍ଚୟ ରହିଛି । ଏବଂ ତା'ପରେ ସେ ସେହି ଦଗରେ ଯାବତୀୟ ପ୍ରକାରର ଚେଷ୍ଟା ଆରମ୍ଭ କରି ଦେଉଛି, ଇଚ୍ଛାଶକ୍ତି ପ୍ରୟୋଗ କରି ଚେଷ୍ଟା କରୁଛି, କେତେପ୍ରକାର ଶୃଙ୍ଖଳା ଭିତରେ ଆପଣାକୁ ପକାଇ ଚେଷ୍ଟା କରୁଛି, ଏକାଗ୍ରତା ଦ୍ୱାରା ଚେଷ୍ଟା କରୁଛି, ଯାବତୀୟ ପ୍ରକାରର ଚେଷ୍ଟା କରି ସେହି ପରମସତ୍ତାଙ୍କର ପରିଚୟ ପାଇବାକୁ ଚେଷ୍ଟା କରୁଛି, ତାଙ୍କର ସ୍ୱରୂପ ଆବିଷ୍କାର କରିବା ଲାଗି, ତାଙ୍କ ସହିତ ପରିଚିତ ହେବା ଲାଗି ଏବଂ ତାଙ୍କ ସହିତ ସମ୍ମିଳିତ ହୋଇ ରହିବା ଲାଗି ଚେଷ୍ଟା କରୁଛି । ତେବେ କହିବାକୁ ହେବ ଯେ ଏହି ବ୍ୟକ୍ତି ଯୋଗର ମାର୍ଗରେ ଗତି କରୁଛି ।

ବର୍ତ୍ତମାନ, ଯଦି ଏହି ବ୍ୟକ୍ତି ଆପେ ବ୍ୟବହାର କରିଥିବା ପ୍ରକ୍ରିୟାଗୁଡ଼ିକୁ ଏକତ୍ର ଲିପିବଦ୍ଧ କରି ରଖୁଛି ଓ ସେଥିରୁ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ବା ଗୋଟିଏ ରଚନା କରିନେଉଛି, ଆପେ ଆବିଷ୍କାର କରିଥିବା ସବୁକିଛିକୁ ଯଦି ସେ ଅନମନୀୟ କେତୋଟି ବିଧାନରୂପେ ବାନ୍ଧି ରଖୁଛି,—ଉଦାହରଣସ୍ୱରୂପ, ଯଦି ସେ କହୁଛି : ଭଗବାନ୍ ହେଉଛନ୍ତି ଠିକ୍ ଏହିପରି, ତାଙ୍କୁ ପାଇବାକୁ ହେଲେ ତୁମକୁ ଠିକ୍ ଏହିପରି କରିବାକୁ ହେବ, ଏହି ନିର୍ଦ୍ଦିଷ୍ଟ ଗତିକୁ ସ୍ୱୀକାର କରିନେବାକୁ ହେବ, ଏହିପରି ଦୃଷ୍ଟିରେ ସବୁକିଛିକୁ ଦେଖିବାକୁ ହେବ, ଏହି ବିଧି ଓ ଅନୁଷ୍ଠାନଗୁଡ଼ିକର ଆଚରଣ କରିବାକୁ ପଡ଼ିବ ଏବଂ, କେବଳ ଏହିଗୁଡ଼ିକହିଁ ଯେ ଏକମାତ୍ର ସତ୍ୟ, ସେକଥା ତୁମକୁ ସ୍ୱୀକାର କରିବାକୁ ପଡ଼ିବ, କହିବାକୁ ପଡ଼ିବ, "ମୁଁ ଏହାକୁହିଁ ପରମ ସତ୍ୟ ବୋଲି ଗ୍ରହଣ କରି ନେଉଛି; ଏବଂ ତୁମର ବାଟଟି ହେଉଛି ଏକମାତ୍ର ପ୍ରକୃତ ବାଟ, ଯଥାର୍ଥ ବାଟ ହିସାବରେ କେବଳ ଏହି ଗୋଟିଏ ବାଟହିଁ ରହିଛି",—ଯଦି ଏହି ସବୁଯାକ କଥାକୁ ଲିପିବଦ୍ଧ କରି ଦିଆଯାଏ, ସଂଗଠିତ କରି ଦିଆଯାଏ ଏବଂ ଅଲଂଘ୍ୟ କେତୋଟି ନିୟମରୂପେ ସୂତ୍ରବଦ୍ଧ କରି ରଖାଯାଏ, ଏବଂ ସେଥିରେ ପୁଣି କେତେ

'oaob.nitrkl.ac.in' images reprocessed

ବିଧି, ଉପଚାର ଓ ଅନୁଷ୍ଠାନକୁ ଆଣି ଯୋଡ଼ି ଦିଆଯାଏ, ତେବେ ତାହା ଏକ ଧର୍ମରେ ପରିଣତ ହେବ ।

(ଧର୍ମର) ଏହି ବାଟଟି ଦ୍ୱାରା ଦିବ୍ୟ ପରମସତ୍ତାଙ୍କୁ ଉପଲବ୍ଧି କରିବା ସମ୍ଭବ କି ?

ଯେଉଁମାନେ ଆପଣା ଭିତରେ ଏକ ଆଧ୍ୟାତ୍ମିକ ନିୟତିକୁ ବହନ କରି ବାଟ ଚାଲୁଛନ୍ତି ଏବଂ ଦିବ୍ୟ ପରମସତ୍ତାଙ୍କର ଉପଲବ୍ଧି କରିବାକୁ, ତାଙ୍କରି ମଧ୍ୟରେ ଆପେ ସଚେତନ ହୋଇ ଉଠିବାକୁ ଏବଂ ତାଙ୍କରି ଲାଗି ଜୀବନ ବଞ୍ଚିବାକୁ ପୃଥିବୀ-ପୃଷ୍ଠରେ ଭୂମିଷ୍ଠ ହୋଇଛନ୍ତି, ତେବେ, ସେମାନେ ଯେକୌଣସି ବାଟରେ ଯାଆନ୍ତୁ ପଛକେ, ଯେଉଁ ମାର୍ଗର ଅନୁସରଣ କରନ୍ତୁ ପଛକେ, ସେମାନେ ସେଠାରେ ନିଶ୍ଚୟ ଯାଇ ପହଞ୍ଚିବେ । ଅର୍ଥାତ୍, ଧର୍ମର ଆସୃତନଟି ମଧ୍ୟରେ ବି ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କ ଜୀବନରେ ଆଧ୍ୟାତ୍ମିକ ଉପଲବ୍ଧି ସମ୍ଭବ ହୋଇଛି ଓ ଯେଉଁମାନେ ଦିବ୍ୟ ପରମସତ୍ତାଙ୍କୁ ଦେଖି ପାରିଛନ୍ତି । ମାତ୍ର ଧର୍ମରେ ଥିବାରୁ ଯେ ତାହା ସେମାନେ କରି ପାରିଛନ୍ତି, ସେକଥା ଆଦୌ ନୁହେଁ, ଧର୍ମ ଭିତରେ ରହିବା ସତ୍ତ୍ୱେ, ଧର୍ମ ଭିତରେ ରହିଥିଲେ ମଧ୍ୟ ସେମାନଙ୍କ ଜୀବନରେ ତାହା ସମ୍ଭବ ହୋଇଛି । କାରଣ ସେମାନଙ୍କ ମଧ୍ୟରେ ସେହି ଅନ୍ତର୍ଗତ ଦୃଢ଼ ଆକାଙ୍‌କ୍ଷାଟି ରହିଥିଲା ଏବଂ ଏହି ଆକାଙ୍‌କ୍ଷାହିଁ ସେମାନଙ୍କୁ ସକଳ ପ୍ରତିବନ୍ଧକ ସତ୍ତ୍ୱେ ସେହି ପ୍ରତିବନ୍ଧକ-ଗୁଡ଼ିକର ମଧ୍ୟଦେଇ ଆଗକୁ ନେଇଯାଇ ପାରିଲା । ସବୁକିଛୁ ସେମାନଙ୍କର ଲକ୍ଷ୍ୟସାଧନଟି ପାଇଁ ବ୍ୟବହୃତ ହୋଇ ପାରିଲା ।

ମାତ୍ର ଏହି ବ୍ୟକ୍ତିମାନେ ଯେତେବେଳେ ସେମାନଙ୍କର ଅନୁଭବଟିକୁ ବ୍ୟକ୍ତ କରିବାକୁ ଚାହାନ୍ତି, ସେମାନେ ଯେଉଁ ଧର୍ମଟି ମଧ୍ୟରେ ବଢ଼ି ଆସିଛନ୍ତି, ଅତ୍ୟନ୍ତ ସ୍ୱାଭାବିକ ଭାବରେ ସେମାନେ ସେହି ଧର୍ମଟିର ଭାଷାରେହିଁ ତାହାକୁ ବ୍ୟକ୍ତ କରିଥାନ୍ତି, ଏବଂ ତଦ୍ୱାରା ସେମାନେ ଆପଣାର ଅନୁଭବଟିକୁ ଭାରି ସୀମାବଦ୍ଧ କରିପକାନ୍ତି ଏବଂ ଅନିବାର୍ଯ୍ୟତଃ ତାହାକୁ ଅତ୍ୟଧିକ ପରିମାଣରେ ସଙ୍କୀର୍ଣ୍ଣ କରି ରଖନ୍ତି, ବୁଝାଯାଇ ପାରିବ ଯେ ସେମାନେ ତାହାକୁ ସାମ୍ପ୍ରଦାୟିକ କରିପକାନ୍ତି । ମାତ୍ର ସେମାନେ ନିଜେ ସ୍ୱୟଂ ଏହି ଯାବତୀୟ ବାହ୍ୟ ରୂପ ଓ ବାହ୍ୟ ସୀମାକୁ ଓ ଯାବତୀୟ ପ୍ରଚଳିତ ପରମ୍ପରାକୁ ଅତିକ୍ରମ କରି ଚାଲିଯାଇ ପାରିଥାନ୍ତି ଏବଂ ବିଶୁଦ୍ଧ ଓ ଅମିଶ୍ର ଭାବରେ ଯଥାର୍ଥ ଅନୁଭବଟିକୁ ଲାଭ କରି ପାରିଥାନ୍ତି ।

'oaob.nitrkl.ac.in' images reprocessed

ମାଆ, ବର୍ତ୍ତମାନ ପୃଥିବୀରେ ଅଧିକାଂଶ ମଣିଷ କୌଣସି ନା କୌଣସି ପ୍ରକାର ଧର୍ମକୁ ଅବଲମ୍ବନ କରି ରହିଛନ୍ତି । ତଦ୍ଦ୍ୱାରା ସେମାନେ ଯଥାର୍ଥରେ ଉପକୃତ ହେଉଛନ୍ତି କି ?

ନା—ଖୁବ୍ କେଣୀ ଉପକୃତ ହେଉ ନାହାନ୍ତି ।

ସମ୍ଭବତଃ ସେମାନେ ବର୍ତ୍ତମାନ ଧର୍ମର ପନ୍ଥାଗୁଡ଼ିକୁ ପୁନର୍ବାର ଗ୍ରହଣ କରିବା ଲାଗି ପ୍ରବୃତ୍ତ ହେଉଛନ୍ତି, ମାତ୍ର ଏହି ଶତାବ୍ଦୀର ଆରମ୍ଭ ବେଳକୁ ସେମାନେ ଧର୍ମକୁ ଜ୍ଞାନର ସମ୍ପୂର୍ଣ୍ଣ ବିରୋଧୀ ଏକ ବସ୍ତୁରୂପେ ବର୍ଜିତ କରି ରଖିଥିଲେ; ଅନ୍ତତଃ ବୁଦ୍ଧିକୁହିଁ ପନ୍ଥାରୂପେ ଗ୍ରହଣ କରିଥିବା ସମସ୍ତେ ସେହିପରି କରିଥିଲେ । ଏବେ ଯାଇ ଏକ ନିର୍ବୋଧ ପ୍ରତ୍ୟକ୍ଷବାଦଠାରୁ ଭିନ୍ନ କିଛି ମଧ୍ୟକୁ ଫେରିଆସିବା ଲାଗି ଏକ ଆନ୍ଦୋଳନ ଆରମ୍ଭ ହେଉଥିବାର ସୂଚନା ମିଳୁଛି !

ସାମାଜିକ ଅଭ୍ୟସ୍ତତା ଭିତରେ ପଡ଼ି ଲୋକେ ଧର୍ମର ଅନୁସରଣ କରନ୍ତି, ଅନ୍ୟମାନଙ୍କୁ ଅପ୍ରସନ୍ନ ନକରିବା ସକାଶେହିଁ ସେମାନେ ତାହା କରିଥାନ୍ତି । ଉଦାହରଣସ୍ୱରୂପ, ଆଦୌ କୌଣସି ଧର୍ମାନୁଷ୍ଠାନରେ ଯୋଗ ନଦେବା କୌଣସି ଗାଆଁରେ ଖୁବ୍ କଷ୍ଟକର ହୋଇପଡ଼େ, କାରଣ ସେପରି ହେଲେ ତୁମର ପ୍ରତିବେଶୀମାନେ ତୁମକୁ ଗୋଠଛଣ୍ଡିଆ ବୋଲି ମନେକରନ୍ତି । ମାତ୍ର ଆଧ୍ୟାତ୍ମିକ ଜୀବନ ସହିତ ଏହାର ଆଦୌ କିଛି କରିବାକୁ ନାହିଁ, କିଛିହେଲେ କରିବାକୁ ନାହିଁ ।

(ମାଆ ନୀରବ ରହିଲେ)

ପ୍ରଥମ ଥର ଭାରତକୁ ଆସୁଥିବା ସମୟରେ ମୁଁ ଗୋଟିଏ ଜାପାନୀ ଜାହାଜରେ ଆସୁଥିଲି । ଏହି ଜାପାନୀ ଜାହାଜରେ ଦୁଇଜଣ ପାଦ୍ରୀ ଥିଲେ,—ଅଧିକ ନିର୍ଭୁଲ୍ ଭାବରେ କହିଲେ ଦୁଇଟି ବିଭିନ୍ନ ସମ୍ପ୍ରଦାୟର ଦୁଇଜଣ ପ୍ରୋଟେଷ୍ଟାଣ୍ଟ୍ ପାଦ୍ରୀ ଥିଲେ । ସେମାନେ ଠିକ୍ କେଉଁ କେଉଁ ସମ୍ପ୍ରଦାୟର ଥିଲେ, ମୁଁ ସେକଥା ମନେକରି କହି ପାରୁ ନାହିଁ, ମାତ୍ର ଦୁହେଁ ବିଲାତର ଅଧିବାସୀ ଥିଲେ । ମୋର ଯେତେଦୂର ମନେ ହେଉଛି, ଜଣେ ଆଙ୍ଗ୍ଲିକାନ୍ ସମ୍ପ୍ରଦାୟର ଥିଲେ ଓ ଆଉଜଣକ ଜଣେ ପ୍ରେଜ୍‌ବିଟାରିଅନ୍ ଥିଲେ ।

ମଝିରେ ଏକ ରବିବାର ଆସି ପଡ଼ିଥିଲା । ଜାହାଜ ଉପରେ ଏକ ଧର୍ମ-ଉପାସନା ଅନୁଷ୍ଠିତ ହେବା ତ ନିହାତି ଦରକାର, କାରଣ ତା' ନହୋଇଥିଲେ ଆମେ ସମସ୍ତେ ମ୍ଳେଚ୍ଛ ବିଧର୍ମୀଙ୍କ ପରି ଦେଖା ଯାଇଥାନ୍ତୁ, ଠିକ୍ ଜାପାନୀମାନଙ୍କ ପରି ବିଧର୍ମୀ ହୋଇ ପଡ଼ିଥାନ୍ତୁ ! ତେଣୁ ଉପାସନାଟିଏ ହେବା ନିହାତି ଦରକାର, କିନ୍ତୁ ଉପାସନା କିଏ ପରିଚାଳନା କରିବ ? ଅଙ୍ଗ୍ଲିକାନ୍ ପାଦ୍ରୀ କରିବେ ନା

ପ୍ରେଜ୍‌ବିଟାରିଆନ୍ ପାଦ୍ରୀ କରିବେ ? ଏହି ବିଷୟ ନେଇ ସେମାନଙ୍କ ମଧ୍ୟରେ ପ୍ରଚାଣ୍ୟ କଳହ ହେଇ ହେଇ ସ୍ୱର୍ଗକୁ ଅଳ୍ପକେ ରହିଗଲା । ପରିଶେଷରେ ସେମାନଙ୍କ ଭିତରୁ ଜଣେ ସମ୍ମାନର ସହିତ ସପର୍ଯ୍ୟକ୍ଷେତ୍ରରୁ ଓହରିଗଲେ । କୋଉ ଜଣକ ଓହରିଗଲେ, ମୋର ଠିକ୍ ମନେ ପଡ଼ୁ ନାହିଁ । ବୋଧହୁଏ ଆଙ୍ଗ୍ଲିକାନ୍ ଜଣକ ଓହରିଗଲେ, ଏବଂ ପ୍ରେଜ୍‌ବିଟାରିଆନ୍ ପାଦ୍ରୀ ତାଙ୍କ ସ୍ଥଳରେ ଉପାସନାର ଅନୁଷ୍ଠାନ କରାଇଲେ ।

ଜାହାଜର ବୈଠକଖାନାରେ ଧର୍ମୋପାସନା ହେଲା । ବୈଠକଖାନା ଭିତରକୁ ଯିବା ଲାଗି ଆମକୁ କେତେଟା ପାହାଚ ତଳକୁ ଓହ୍ଲାଇ କରି ଯିବାକୁ ହୋଇଥିଲା । ଏବଂ ସେଦିନ ସବୁ ପୁରୁଷଯାତ୍ରୀ ସେମାନଙ୍କର ଜ୍ୟାକେଟ୍ ପିନ୍ଧି ଆସିଥିଲେ । ଖୁବ୍ ଗରମ ହେଉଥାଏ, ବୋଧହୁଏ ଆମେ ଲୋହିତ ସାଗର ମଧ୍ୟଦେଇ ଗତି କରୁଥିଲୁ । ସେମାନେ ସମସ୍ତେ ଜ୍ୟାକେଟ୍ ପିନ୍ଧି ଆସିଥିଲେ, ବେକରେ ଟାଣ କଲର୍ ଲଗାଇଥିଲେ, ଗୋଡ଼ରେ ଚମଡ଼ା ପୁରା ଜୋତା ମାଡ଼ିଥିଲେ; ନେକ୍‌ଟାଇ ଲଗାଇଥିଲେ, ମୁଣ୍ଡରେ ଟୋପି ଲଗାଇ ଆସିଥିଲେ, କାଖତଳେ ବାଇବେଲ୍ ପୁସ୍ତକଟିଏ ଧରିଥିଲେ, ଡେକ୍ ଉପରୁ ବୈଠକଖାନା ପର୍ଯ୍ୟନ୍ତ ବେଶ୍ ଗୋଟିଏ ଶୋଭାଯାତ୍ରାରେ ଯାଇଥିଲେ । ମହିଳାମାନେ ମଧ୍ୟ ହ୍ୟାଟ୍ ପିନ୍ଧିଥିଲେ, ଅନେକେ ଛତା ବି ଧରିଥିଲେ, ଏବଂ କାଖତଳେ ଧର୍ମପୁସ୍ତକ ଧରିଥିଲେ, ଏକ ପ୍ରାର୍ଥନା-ପୁସ୍ତକ ଧରିଥିଲେ ।

ଏହିପରି ଭାବରେ ସେମାନେ ସମସ୍ତେ ଆସି ବୈଠକଖାନା ଭିତରେ ରୁଣ୍ଡ ହେଲେ । ସେଠାରେ ପ୍ରେଜ୍‌ବିଟାରିଆନ୍ ପାଦ୍ରୀ ଜଣକ ଭାଷଣଟିଏ ଦେଲେ, ଅର୍ଥାତ୍, ଆପଣାର ଧର୍ମୋପଦେଶଟିର ପ୍ରଚାର କଲେ ଏବଂ ଧର୍ମଭାବ ସହିତ ସମସ୍ତେ ତାହା ଶୁଣିଲେ । ଏବଂ ତା'ପରେ, ଯେତେବେଳେ ଉପାସନା ସରିଲା, ଆପଣାର କର୍ତ୍ତବ୍ୟ ସମ୍ପାଦନ କରିଥିବା ଜଣେ ଜଣେ ବ୍ୟକ୍ତିର ମୁଖମୁଦ୍ରାକୁ ବହନ କରି ଖୁବ୍ ସନ୍ତୁଷ୍ଟ ହୋଇ ସେମାନେ ପୁନର୍ବାର ଜାହାଜ ଉପରକୁ ଉଠିଆସିଲେ; ଏବଂ ତାହାର ଠିକ୍ ପାଞ୍ଚମିନଟ ପରେ ସେମାନେ ପାନକକ୍ଷ ଭିତରକୁ ଆସି ମଦ ପିଇଲେ, ତାଆସ ଖେଳିଲେ ଏବଂ ଧର୍ମଭାବରେ ଆଚରିତ ହୋଇଥିବା ଉତ୍ସବଟିକୁ ବୁଆଡ଼େ ଭୁଲିଗଲେ । ସେମାନେ ଆପଣା ଆପଣାର କର୍ତ୍ତବ୍ୟ କରି ସାରିଥିଲେ, ଉପାସନା ତ ସରି ଯାଇଥିଲା, ତେଣୁ ସେବିଷୟରେ ଆଉ କିଛିହେଲେ ଭାବିବାର ନଥିଲା ।

ସେତିକବେଳେ ପାଦ୍ରୀ ଜଣକ ଆସି ମୁଁ କାହିଁକି ଉପାସନାରେ ଯୋଗ ଦେଇ ନଥିଲି ବୋଲି ମୋତେ କଷ୍ଟକୁ ଭଦ୍ର ଭାବରେ ପଚାରିଲେ । ମୁଁ ଉତ୍ତର ଦେଇ କହିଲି, "ଆଜ୍ଞା, ଆପଣ ମୋତେ କ୍ଷମା କରିବେ, ମାତ୍ର ମୁଁ ଧର୍ମରେ ବିଶ୍ୱାସ କରେ ନାହିଁ ।"

'oaob.nitrkl.ac.in' images reprocessed

"ଅଚ୍ଛା, ତା'ହେଲେ ଆପଣ ଜଣେ ବସ୍ତୁବାଦୀ ?"

"ନା—ମୋଟେ ନୁହେଁ ।"

"ତେବେ, ଉପାସନାରେ ଯୋଗ ଦେଲେ ନାହିଁ କାହିଁକି ?"

ମୁଁ କହିଲି, "ଆଜ୍ଞା, ମୋଠାରୁ ଉତ୍ତରଟି ଶୁଣିଲେ ଆପଣଙ୍କୁ ଖରାପ ଲାଗିବ, ତେଣୁ ସମ୍ଭବତଃ କିଛୁ ନ କହିଲେହିଁ ଭଲ ହେବ ।"

ମାତ୍ର ସିଏ ଏପରି ଜିଦ୍ ଧରି ବସିଲେ ଯେ ମୁଁ ଶେଷରୁ ତାଙ୍କୁ କହିଲି, "ଆପଣ ବିଚାର କରି ଦେଖିବାକୁ ଚେଷ୍ଟା କରନ୍ତୁ, ମାତ୍ର, ଆପଣମାନେ କେହି,—ଆପଣ ନୁହନ୍ତି ବା ଆପଣଙ୍କର ଉପାସକମାନେ ବି ନୁହନ୍ତି,—ପ୍ରକୃତରେ ଆଲ୍ଲାହଙ୍କ ସହିତ କିଛି କଲେ ବୋଲି ମୁଁ ମୋଟେ ଅନୁଭବ କରି ପାରୁ ନାହିଁ । କେବଳ ଏକ ସାମାଜିକ କର୍ତ୍ତବ୍ୟ ସମ୍ପାଦନ କରି ଆସିବାକୁହିଁ ଆପଣମାନେ ସେଠାକୁ ଯାଇଥିଲେ, ଏକ ସାମାଜିକ ବିଧିରକ୍ଷା ପାଇଁ ଯାଇଥିଲେ । ମାତ୍ର, ଭଗବାନଙ୍କ ସହିତ ସମ୍ମିଳିତ ବା ଯୁକ୍ତ ହେବା ଲାଗି ଆଦୌ ଯାଇ ନଥିଲେ ।"

"ଭଗବାନଙ୍କ ସହିତ ଯୁକ୍ତ ହେବା ଲାଗି ? ମାତ୍ର ସେକଥା କ'ଣ ଆମେ କେବେ କରିପାରିବୁ ? ଆମେ ଖୁବ୍ ବେଶୀ ହେଲେ ତାଙ୍କ ଆଗରେ କେତୋଟି ଭଲ କଥା ଯାଇ କହି ଆସିପାରିବୁ, ମାତ୍ର ତାଙ୍କ ସହିତ ଯୁକ୍ତ ହେବା ଲାଗି ପୁଣି ଆମର କୁଆଡ଼ୁ ସାମର୍ଥ୍ୟ ଆସିବ ?"

ମୁଁ ତା'ପରେ କହିଲି, "ମାତ୍ର ଖାସ୍ ସେହି କାରଣରୁହିଁ ମୁଁ ସେଠାକୁ ଗଲି ନାହିଁ, କାରଣ ଏଥିରେ ମୋର କୌଣସି ଆଗ୍ରହ ନଥିଲା ।"

ତା'ପରେ ମୋତେ ସେ ଅନେକ ପ୍ରଶ୍ନ ପଚାରିଲେ ଏବଂ ମୋ ଆଗରେ ସ୍ୱୀକାର କରି କହିଲେ ଯେ "ଧର୍ମହୀନ"ମାନଙ୍କୁ ଧର୍ମଦୀକ୍ଷା ଦେବା ଲାଗି ସେ ଚୀନ ଯାଉଛନ୍ତି । ସେକଥା ଶୁଣି ମୁଁ ବେଶ୍ ଗମ୍ଭୀର ହୋଇଗଲି ଓ ତାଙ୍କୁ କହିଲି, "ଆଜ୍ଞା ଶୁଣନ୍ତୁ, ଆପଣଙ୍କର ଧର୍ମ ଯେତେବେଳେ ଜନ୍ମଗ୍ରହଣ ବି କରି ନଥିଲା, ସେତେବେଳେ ମଧ୍ୟ,—ଅର୍ଥାତ୍ ଦୁଇହଜାର ବର୍ଷର ଅନେକ ଆଗରୁ,—ଚୀନାମାନଙ୍କର ଏକ ଉଚ୍ଚ ଜୀବନଦର୍ଶନ ରହିଥିଲା ଏବଂ ସେମାନେ ଭଗବାନଙ୍କ ପାଖକୁ ଯିବା ଲାଗି ଏକ ମାର୍ଗର ସନ୍ଧାନ ମଧ୍ୟ ପାଇଥିଲେ; ଏବଂ ଯେତେବେଳେ ଚୀନାମାନେ ପାଶ୍ଚାତ୍ୟ ଭୂଖଣ୍ଡର ଲୋକମାନଙ୍କ ବିଷୟରେ କିଛି ଭାବନ୍ତି, ସେତେବେଳେ ସେମାନଙ୍କୁ ସେମାନେ ବର୍ବର ବୋଲି ମନେ କରନ୍ତି । ତେଣୁ, ଯେଉଁମାନେ ଆପଣଙ୍କଠାରୁ ଏବିଷୟରେ ଅଧିକ ଜାଣିଛନ୍ତି, ସେମାନଙ୍କୁ ଆପଣ ଧର୍ମରେ ଦୀକ୍ଷା ଦେବାକୁ ଯାଉଛନ୍ତି ? ଆପଣ ସେମାନଙ୍କୁ ପ୍ରକୃତରେ କ'ଣ ଶିକ୍ଷା ଦେଇ ପାରିବେ ? ସେମାନଙ୍କୁ ଆପଣ ଖ୍ରୀଷ୍ଟିଆନ ହେବାକୁ ଶିକ୍ଷା ଦେବେ ? ସେମାନେ ଯେଉଁ ଗଭୀର ଦର୍ଶନର ଅନୁଧାବନ କରୁଛନ୍ତି ଓ ଜୀବନ ପ୍ରତି ଯେଉଁ ନିଷ୍କାମ ଦୃଷ୍ଟି ସେମାନଙ୍କୁ ଏକ ଗଭୀରତର

'oaob.nitrkl.ac.in' images reprocessed

ଆଧ୍ୟାତ୍ମିକ ଦର୍ଶନ ଆଡ଼କୁ ପରିଚାଳିତ କରିନେଇ ପାରୁଛୁ, ତା' ବଦଳରେ ଆପଣ ସେମାନଙ୍କୁ ଶୁଖିଲା ଓ ଫମ୍ପା କେତେଟା ଆନୁଷ୍ଠାନିକତାର ପାଳନ କରିବା ଶିଖାଇବାକୁ ଯିବେ ?···ମୁଁ ଭାବୁଛି, ଆପଣ ମହତ୍ କିଛି କରିବାକୁ ଯାଉ ନାହାନ୍ତି ।"

ତା'ପରେ ବିଚରା ପାଦ୍ରୀଙ୍କୁ ଏପରି ଅଣନିଃଶ୍ୱାସୀ ପରି ଲାଗିଲା ଯେ, ସିଏ ମୋତେ କହିଲେ, "ମୋର ଭୟ ହେଉଛି ଯେ ମୁଁ ଆପଣଙ୍କର କଥାଗୁଡ଼ିକୁ କଦାପି ଠିକ୍ ବୋଲି ସ୍ୱୀକାର କରିନେଇ ପାରିବି ନାହିଁ !"

ମୁଁ କହିଲି, "କିନ୍ତୁ ଆପଣ ମୋ କଥାକୁ ଠିକ୍ ବୋଲି ସ୍ୱୀକାର କରନ୍ତୁ ବୋଲି ମୁଁ ତ ଆଦୌ ଇଚ୍ଛା କରୁ ନାହିଁ ! ମୁଁ କେବଳ ଅବସ୍ଥାଟିକୁହିଁ ଆପଣଙ୍କ ଆଗରେ ବର୍ଣ୍ଣନା କରି କହୁଛି ଏବଂ ମୁଁ ଆଦୌ ଏକଥା ବୁଝି ପାରୁ ନାହିଁ ଯେ ସଭ୍ୟ ଲୋକମାନେ ଆପଣମାନଙ୍କର ଅନେକ ପୂର୍ବରୁ ଯେଉଁ କଥା ଜାଣିଛନ୍ତି, ବର୍ବରମାନେ କାହିଁକି ସେମାନଙ୍କୁ ସେହି କଥା ଶିଖାଇବା ଲାଗି ସେମାନଙ୍କ ଦେଶକୁ ଯିବେ !"

କଥାବାର୍ତ୍ତାଟି ସେଇଠି ସରି ଯାଇଥିଲା ।

ମାଆ, ବୌଦ୍ଧଧର୍ମରେ ଏଭଳି କଥା କୁହାଯାଇଛି ଯେ···

ଅ,ଚ୍ଛା, ତୁମେ ତେବେ ଜଣେ ବୌଦ୍ଧ ହେବାକୁ ଚେଷ୍ଟା କରୁଛ ! ଫେଶନଟା ବି ସେହିପରି ହୋଇଗଲାଣି, ନୁହେଁ ?

ବୌଦ୍ଧଧର୍ମରେ କୁହାଯାଇଛି ଯେ ତାଙ୍କ ଜନ୍ମର ଅଢ଼େଇ ହଜାର ବର୍ଷ ପରେ···

ହଁ, ଅଢ଼େଇ ହଜାର ବର୍ଷ ପରେ ସିଏ ପୁଣି ପୃଥିବୀରେ ଆବିର୍ଭୂତ ହେବେ ଓ ଏକ ନୂତନ ବୌଦ୍ଧଧର୍ମ ପ୍ରଚାର କରିବେ ?

ମନେ ହେଉଛି ତାଙ୍କ ପ୍ରବର୍ତ୍ତିତ ଧର୍ମଟିର ଅବସାନ ଘଟିବ ଏବଂ ଆଜ ଏକ ନୂତନ କିଛି ପ୍ରବର୍ତ୍ତିତ ହେବ ।

ହଁ, ହଁ, ସେହି ଭଦ୍ରଲୋକ,—ତାଙ୍କର ନାଆଁ କ'ଣଟି ?—ତୁମକୁ ସେହି କଥା କହିଥିଲେ ନା ?

ମାତ୍ର ସେଇଟି ହେଉଛି ତାଙ୍କର ସିଦ୍ଧାନ୍ତ । ସିଏ ମୋତେ ମଧ୍ୟ କହୁଥିଲେ ଯେ ଶ୍ରୀଅରବିନ୍ଦ ବୁଦ୍ଧ-ପ୍ରବର୍ତ୍ତିତ ଧର୍ମଟିର ପୂର୍ଣ୍ଣୋପଲବ୍ଧି କରିଛନ୍ତି । ସେଇ ଏକା

ଉଦ୍ଧ୍ରୁତ ନା ? ତୁମେ ତାଙ୍କର ବକ୍ତୃତା ଶୁଣିବାକୁ ଯାଇ ନଥିଲ କି ?...ଯାଇ ନଥିଲ ?—ତେବେ ତୁମେ ବର୍ତ୍ତମାନ କ'ଣ ପଚାରିବାକୁ ଚାହୁଁଥିଲ ?

କାରଣ, ସେହି ସମସ୍ୟାଟି ବର୍ତ୍ତମାନ ଆସିଛି;—କାଲି ପ୍ରକୃତରେ ସେହି ଅଢ଼େଇ ହଜାର ବର୍ଷ ପୂର୍ଣ୍ଣ ହୋଇ ଯାଉଛି । ଏହି ନୂତନ ବସ୍ତୁଟି ସହିତ ତାହାର କୌଣସି ଘଟଣାସଙ୍ଗତି ରହିଛି କି ?

କେଉଁ ନୂତନ ବସ୍ତୁଟି ସହିତ ?

ଏହି ନୂତନ ଅତିମାନସ ଅଭିବ୍ୟକ୍ତି ସହିତ ।

ଶୁଣ, ମୁଁ ଭାବୁଛି, ଯେତେବେଳେ ଜଣେ ଲୋକ ଚମତ୍କାରିତାପୂର୍ଣ୍ଣ କୌଣସି କଥା ଘଟୁ ବୋଲି ଇଚ୍ଛା କରୁଥାଏ, ଠିକ୍ ସେତିକିବେଳେହିଁ ସେ ଏହିପ୍ରକାର ଆବିଷ୍କାରମାନ କରିବାକୁ ମନ ବଳାଏ ।

ଶାସ୍ତ୍ରର ବ୍ୟାଖ୍ୟା କରିବା ଲାଗି ସବୁବେଳେହିଁ ଅନେକ ମାର୍ଗ ରହିଛି; ଏବଂ ଆମେ ଶାସ୍ତ୍ରରୁ ଯେଉଁ ଅର୍ଥଟି ବାହାର କରିବାକୁ ଇଚ୍ଛା କରୁଥାଉ, ଆମେ ତାକୁ ଠିକ୍ ସେହି ଅନୁସାରେହିଁ ବ୍ୟାଖ୍ୟା କରୁ !

(ମାଆ ନୀରବ ରହିଲେ)

ହଁ, ଏକଥାରୁ ମୋର ଆଉଗୋଟିଏ କଥା ମନେ ପଡ଼ିଯାଉଛି । (ଜଣେ ଶିକ୍ଷକଙ୍କୁ ଲକ୍ଷ୍ୟ କରି) ସେହି ତାଳପତ୍ରପିଗୁଡ଼ିକ ପଢ଼ିବା ଲାଗି ସେମାନେ ଆବଶ୍ୟକ ଧ୍ୱନଗୁଡ଼ିକୁ ବାହାର କଲେଣି କି ?

ମିଶରୀୟ ଚିତ୍ରଲିପି ?

ହଁ, ଚିତ୍ରଲିପି କହିଲେହିଁ ମିଶରୀୟ ଚିତ୍ରଲିପିକୁ ବୁଝାଏ ।

ହଁ, ବୋଧହୁଏ ବାହାର କଲେଣି ।

ତାହାର ଅର୍ଥ ହେଉଛି ଯେ ସେମାନେ ପାଞ୍ଚହଜାର ବର୍ଷ ତଳର କଥିତ ଭାଷାକୁ ପୁନରୁଦ୍ଧାର କରି ପାରିଲେଣି ?

'oaob.nitrkl.ac.in' images reprocessed

ହଁ, ବୋଧହୁଏ ପାରିଲେଣି । ଏବଂ, କେତେକ ଚିହ୍ନଲିପି ଧ୍ୱନ୍ୟାତ୍ମକ ବୋଲି ପ୍ରମାଣ ମଧ୍ୟ ମିଳିଲାଣି ।

**ଧ୍ୱନ୍ୟାତ୍ମକ ବୋଲି ? ଆମକୁ ଏହି ଖବରଟି ପୁଣି କୁଆଡ଼ୁ ମିଳିଲା ?**

ମାଆ, ଏବିଷୟରେ ଲାଇବ୍ରେରୀରେ କିଛି ସାମଗ୍ରୀ ରହିଛି ।

**ଅଚ୍ଛା ? ଫାରୋଓ ଏବଂ ଦେବତାମାନଙ୍କର ନାମଗୁଡ଼ିକୁ ସେମାନେ କିପରି ପୁନରୁଦ୍ଧାର କରି ପାରିଲେ, ମୁଁ ତ ସେକଥା ଭାବି ଆଶ୍ଚର୍ଯ୍ୟ ହେଉଥିଲି । ହଁ, ଏକଥା ସ୍ପଷ୍ଟ ହୋଇଯାଉଛି ଯେ ଅପେକ୍ଷାକୃତ ଅଧିକ ଆଧୁନିକ କେତେକ କାଳ ସେଗୁଡ଼ିକ ବିଷୟରେ କହୁଛନ୍ତି, ଗ୍ରୀକ୍‌ମାନେ ସେଗୁଡ଼ିକର ଉଲ୍ଲେଖ କରିଛନ୍ତି, ଫୋନିସୀୟମାନେ ବି ଉଲ୍ଲେଖ କରିଛନ୍ତି; ସେମାନଙ୍କର ଏକ ଧ୍ୱନ୍ୟାତ୍ମକ ଲିଖନପ୍ରଣାଳୀ ରହିଥିଲା । ମାତ୍ର ତା'ଠାରୁ ଆହୁରି ପୂର୍ବରୁ ଥିଲା କି ? ପ୍ରଥମ କାଳର ଫାରୋଓ ଏବଂ ଦେବତା-ମାନଙ୍କର ସେହିସବୁ ନାମକୁ ପ୍ରକୃତରେ କିଏ ଆବିଷ୍କାର କଲା ?**

ପରମ୍ପରା ଅନୁସାରେ ସାମ୍ପୋଲିଅଁ ବାହାର କରିଥିବା ରୋସେଟା ପ୍ରସ୍ତରରୁ ଏହା ଜାଣିବାକୁ ମିଳିଲା । ସେହି ପ୍ରସ୍ତର ଉପରେ ମିଶରୀୟ, ଗ୍ରୀକ୍ ଓ କୋପ୍‌ଟିକ୍ ଡେମୋଟିକ ଭାଷାରେ ଶିଳାଲେଖ ରହିଥିଲା । ସେଇଟିରୁହିଁ ସେମାନେ ସମସ୍ୟାଟିର ସମାଧାନ କରି ପାରିଲେ ।

**ମିଶରୀୟ ଏବଂ ଗ୍ରୀକ୍ ଭାଷାରେ ସେହି ଗୋଟିଏ କଥା ଲେଖା ହୋଇଛି ବୋଲି ସେ ନିଶ୍ଚିତ ହୋଇ ପାରିଲେ କି ? କିପରି ନିଶ୍ଚିତ ହୋଇ ପାରିଲେ ?**

ସେମାନେ ସେହିପରି ଏକ ଅସ୍ପଷ୍ଟ ଅନୁମାନ କରି ନେଇଥିଲେ । ସନ୍ଦର୍ଭ ହିସାବରେ ସେମାନଙ୍କୁ ଆଉ କେତୋଟି କଥା ମିଳି ଯାଇଥିଲା । ଆଉ କେତେଟା ଲେଖା ସହିତ ମଧ୍ୟ ସେମାନେ ତାହାକୁ ମିଳାଇ ପରୀକ୍ଷା କରି ନେଇଥିଲେ ।

'oaob.nitrkl.ac.in' images reprocessed

**ମାତ୍ର ସେଥିରୁ ଅର୍ଥ ବିଷୟରେ ଯିଦା କଣ୍ଟିତ୍ର ସନ୍ଧାନ ମିଳିଥିବ, ଧ୍ୱନି ବିଷୟରେ ମିଳିଲା କିପରି ?**

ହଁ ।

**ଶିକ୍ଷାଦାନର ପୀଠଗୁଡ଼ିକରେ କି ଭାଷାରେ କଥା କୁହା ଯାଉଥିଲା ? ସେହି ଲୋକମାନେ କିପରି ଭାବରେ ପରସ୍ପର ମଧ୍ୟରେ ନିଜ ଭାବଗୁଡ଼ିକୁ ବ୍ୟକ୍ତ କରି ପାରୁଥିଲେ ?**

ଶବ୍ଦଗୁଡ଼ିକ ଲାଗି ଅନୁରୂପ ଧ୍ୱନିମାନ ମଧ୍ୟ ଦିଆଯାଇଛି ବୋଲି ମୁଁ ଜାଣେ । ମାତ୍ର ସେମାନେ ନିର୍ଭୁଲ ଉଚ୍ଚାରଣଟିକୁ ଜାଣିଛନ୍ତି କି ନାହିଁ, ତାହା ହେଉଛି ଏକ ଭିନ୍ନ କଥା । ସେମାନେ ପ୍ରାଚୀନ ଗ୍ରୀକ୍ ଭାଷାର ଉଚ୍ଚାରଣକୁ ବି ତ ଜାଣି ନାହାନ୍ତି !

**ଗ୍ରୀକ୍ ଭାଷାର ? ସେମାନେ ଗ୍ରୀକ୍ ଭାଷାର ଉଚ୍ଚାରଣକୁ ବି ଜାଣି ନାହାନ୍ତି ?**

ପ୍ରାଚୀନ କାଳରେ ଲୋକେ ସେହି ଭାଷାକୁ କିପରି ଉଚ୍ଚାରଣ କରୁଥିଲେ, ସେମାନେ ସେକଥା ଜାଣି ନାହାନ୍ତି ।

**ପ୍ରାଚୀନ ମିଶରୀୟ ଭାଷାକୁ ପ୍ରାଚୀନତମ ଫଣ୍ଡ଼ିତରେ ସମସାମୟିକ କୁହାଯିବ ନା ତାହା ଏଇଟିଠାରୁ ଆହୁରି ପ୍ରାଚୀନ ? ହଁ, ତା'ପରେ ଆଉଗୋଟିଏ ପ୍ରଶ୍ନ ମଧ୍ୟ ରହୁଛି : ଅସିରିଆରେ ଯେଉଁ କ୍ୟୁନେଇଫର୍ମ୍ ବା କୀଳାକାର ଲିପିର ପ୍ରଚଳନ ଥିଲା, ତାହାକୁ ଧ୍ୱନ୍ୟାତ୍ମକ କୁହାଯିବ ନା ଚିତ୍ରଲିପିଜାତୀୟ ବୋଲି କୁହାଯିବ ?**

ମୋର ବିଶ୍ୱାସ ସେହି କ୍ଷେତ୍ରରେ ମଧ୍ୟ ଆମେ ଧ୍ୱନିଗୁଡ଼ିକୁ ବେଶ୍ ପଢ଼ିନେଇ ପାରିବା, କାରଣ ବାଇବେଲରେ ଦିଆ ଯାଇଥିବା ବେଶ୍ କେତେଗୁଡ଼ିଏ ନାମକୁ ଏବେ ଠିକ୍ ଉଚ୍ଚାରଣରେ ପଢ଼ି ହେଲାଣି ଏବଂ ଏହି କ୍ଷେତ୍ରରେ ବେଶ୍ କେତେକ ଉଚ୍ଚାରଣଗତ ବିକୃତି ରହିଥିଲା ବୋଲି ମଧ୍ୟ ଜଣାଗଲାଣି । ଉଦାହରଣସ୍ୱରୂପ, ଆମେ ନାବୁକ୍ଲେଡ଼ୋନ୍ସର୍ ଶବ୍ଦଟିକୁ ନେଇପାରିବା ।

'oaob.nitrkl.ac.in' images reprocessed

ହଁ, ହଁ, ସେଇଟିକୁ ବଦଳାଇ ଦିଆଯାଇଛି ।

**ମାତ୍ର, ପ୍ରକୃତ ଧ୍ୱନିଟିକୁ ଆବିଷ୍କାର କରିଥିବା ବିଷୟରେ ସେମାନେ ସମ୍ପୂର୍ଣ୍ଣ ଭାବରେ ନିଶ୍ଚିତ ହୋଇ ପାରିଛନ୍ତି କି ନାହିଁ···**

ହଁ, ସେଇଟି ମୋତେ ମଧ୍ୟ ଭାରି ବିଚିତ୍ର ଲାଗୁଛି । କାରଣ, ମୁଁ ଥରେ ଏପରି ଗୋଟିଏ ପୁସ୍ତକ ଦେଖିବାକୁ ପାଇଥିଲି, ଯେଉଁଥିରେ କି ନାମଗୁଡ଼ିକର ପୁନରୁଦ୍ଧାର କରାଯାଇଥିଲା ଏବଂ ତା' ଫଳରେ ଟିକିଏ ବିଚିତ୍ର ହୋଇ ପଡ଼ିଥିଲା ପରି ମନେ ହେଉଥିଲା । ମାତ୍ର ତଥାପି, ସେଗୁଡ଼ିକୁ ଉଚ୍ଚାରଣ କରିବାର ନିଶ୍ଚୟ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ରହିଥିବ । ମୁଁ ପଚାରୁଥିଲି, ମନୁଷ୍ୟର ଆଉ କୌଣସି ଭାଷାର କାଳକୁ ଆମେ ପ୍ରାଚୀନତମ ସଂସ୍କୃତର ଆହୁରି ପୂର୍ବ ବୋଲି କହି ପାରିବା କି ?

**ପ୍ରାଚୀନତମ ଭାଷାଟି ପ୍ରକୃତରେ କେତେ ପୁରୁଣା, ମୁଁ ସେକଥା ଜାଣି ନାହିଁ ।**

ଏବଂ, ସର୍ବାଶେଷକୁ ଆଉଗୋଟିଏ କଥା : ଚିତ୍ରଲିପି ଉପରେ ଆଧାରିତ ମିଶରୀୟ ଭାଷାର ଖାଲ୍‌ଦେଆ ଭାଷାଗୋଷ୍ଠୀଟି ସହିତ ସମ୍ପର୍କ ରହିଛି ନା ଆର୍ଯ୍ୟ ଭାଷାଗୋଷ୍ଠୀ ସହିତ ସମ୍ପର୍କ ରହିଛି ? ଯାବତୀୟ ଭାଷାରେ ସଂସ୍କୃତ ଭାଷାର ଉପସ୍ଥିତି ରହିଛି । ମୁଁ ଠିକ୍ ଏହି କଥାଟି ପଚାରିବାକୁ ଇଚ୍ଛା କରିଥିଲି ।

**କୌଣସି ଏକ ସ୍ଥାନରେ ମୁଁ ଥରେ ପଢ଼ିଥିଲି ଯେ ମିଶରର ଯାଜକମାନେ ମନ୍ତ୍ର ଆକାରରେ ଦୀକ୍ଷା ଦାନ କରୁଥିଲେ ।**

ସଂସ୍କୃତ ମନ୍ତ୍ରରେ ? ତେବେ ତୁମେ ସେକଥା ନିଶ୍ଚୟ ଏକ ଉପନ୍ୟାସରେ ପଢ଼ିଥିବ !

**ଅଳ୍ପ କେତୋଟି ସଂସ୍କୃତ ଶବ୍ଦ ।**

ଯାବତୀୟ ଭାଷାରେ ଅଳ୍ପ କେତୋଟି ସଂସ୍କୃତ ଶବ୍ଦ ନିଶ୍ଚୟ ରହିଛି, ଅବଶ୍ୟ ଏକଥା ସତ ଯେ ସେଗୁଡ଼ିକ ମଧ୍ୟରେ କେତେକ ବିକୃତ ମଧ୍ୟ ପଶିଯାଇଛି । ଏବଂ



'oaob.nitrkl.ac.in' images reprocessed

ଏପରି ଏକ ଅତ୍ୟନ୍ତ ପ୍ରାଚୀନ ପରମ୍ପରାଟିଏ ରହିଛି, ଯାହାକି ଆର୍ଯ୍ୟ ଏବଂ ଖାଲ୍‌ଦେଆ ଏହି ଦୁଇ ଶାଖାଠାରୁ ଆପଣାକୁ ଆହୁରି ଅଧିକ ପ୍ରାଚୀନ ବୋଲି ଦାବି କରିଥାଏ। ମାତ୍ର, ଉଦାହରଣସ୍ୱରୂପ, ଆପେକ୍ଷିକ ଭାବରେ ଏକକାଳର ହୋଇ ରହିଥିବା ଗ୍ରୀକ୍ ଭାଷାକୁ ଆମେ ଆର୍ଯ୍ୟ ଭାଷା ବୋଲି କହିବା ନା ଖାଲ୍‌ଦେଆର ଭାଷା କହିବା ?

ଗ୍ରୀକ୍ ଭାଷା ସମ୍ପୂର୍ଣ୍ଣ ଭାବରେ ଏକ ଆର୍ଯ୍ୟ ଭାଷା ।

ସମ୍ପୂର୍ଣ୍ଣ ଭାବରେ ଏକ ଆର୍ଯ୍ୟ ଭାଷା ।

ମିଶରୀୟ ଭାଷାର ଉତ୍ପତ୍ତି ଖାଲ୍‌ଦେଆର ଭାଷାରୁ ।

ହଁ, ଖାଲ୍‌ଦେଆର ଭାଷାରୁ । ମାତ୍ର ମିଶରୀୟ ଭାଷା ଓ ଗ୍ରୀକ୍ ଭାଷା ପରସ୍ପର ସହିତ ସବୁବେଳେ ମିଶିକରିହିଁ ରହିଥିଲା ।

ଫୋନେସୀୟ ଭାଷାଟି ଆହୁରି ପ୍ରାଚୀନ । ଏକ ଲିଖିତ ଭାଷା ଦୃଷ୍ଟିରୁ ବିଚାର କରି ଦେଖିଲେ ତାହା ଗ୍ରୀକ୍ ଭାଷାଠାରୁ ଅଧିକ ପ୍ରାଚୀନ ଥିଲା ।

ମାତ୍ର ଫୋନେସୀୟ ଭାଷା ହେଉଛି ଏକ ଧ୍ୱନ୍ୟାତ୍ମକ ଭାଷା । ଏହା ଏକ ଧ୍ୱନ୍ୟାତ୍ମକ ଭାଷା ।

ଚିତ୍ରଲିପିଗୁଡ଼ିକୁ ଉପରୁ ତଳକୁ ଲେଖିବାକୁ ପଡ଼ୁଥିଲା ଏବଂ ଡାହାଣରୁ ବାଆଁ ଆଡ଼କୁ ଲେଖିବାକୁ ପଡ଼ୁଥିଲା, ନା ବାଆଁରୁ ଡାହାଣକୁ ?

ଡାହାଣରୁ ବାଆଁକୁ ।

ଡାହାଣରୁ ବାଆଁକୁ । ଖାଲ୍‌ଦେଆର ଭାଷାଗୁଡ଼ିକ ମଧ୍ୟ ଠିକ୍ ସେହିପରି ଲେଖା ଯାଉଥିଲା । ଚୀନା ଓ ଜାପାନୀ ଭାଷାକୁ ଏହିପରି ଲେଖନ୍ତି । କେବଳ ଆର୍ଯ୍ୟ ଭାଷାଗୁଡ଼ିକୁ ବାଆଁରୁ ଡାହାଣକୁ ଲେଖାଯାଏ ।

(କ୍ରମଶଃ)

'oaob.nitrkl.ac.in' images reprocessed

ଏହାର ଅନେକ ଦିନ ପରେ, ଯେତେବେଳେ ଏହି ପ୍ରବଚନଟି ପ୍ରଥମ ଥର ପାଇଁ ପ୍ରକାଶିତ ହେଲା, ସେତେବେଳେ ଜଣେ ସାଧକ ଚିତ୍ରଲିପି ସମ୍ବନ୍ଧରେ ଏହିସବୁ ପ୍ରଶ୍ନ ଉପରେ ଉତ୍ଥାପିତ ହେଲା ବୋଲି ମାଆଙ୍କୁ ପଚାରିଥିଲେ ।

ଏକଦା ଏସବୁରେ ମୋର ଖୁବ୍ ଆଗ୍ରହ ଥିଲା, ସେସବୁକୁ ଜାଣିବା ଲାଗି ଖୁବ୍ ଆଗ୍ରହ ରହିଥିଲା । ସେହି କାଳରେ ଅବସ୍ଥିତ ଥିବା ଉପାଦାନଗୁଡ଼ିକର ସ୍ମୃତିକୁ ମୁଁ ପୁନର୍ବାର ଜାଗ୍ରତ କରାଇବାକୁ ଚେଷ୍ଟା କଲି, ମାତ୍ର କୌଣସି ଉତ୍ତର ପାଇଲି ନାହିଁ । ସତେଯେମିତି ଗୋଟାଏ ସମ୍ପୂର୍ଣ୍ଣ ଶୂନ୍ୟସ୍ଥାନ ରହିଥିବା ପରି ବୋଧ ହେଲା ।

ଆପଣ କିଛି ଶବ୍ଦ ଶୁଣି ପାରିଲେ କି ?

(କିଛି ସମୟ ନୀରବ ରହିବା ପରେ) ଶୁଣ, ମୁଁ ତୁମମାନଙ୍କୁ ଗୋଟିଏ ଉଦାହରଣ ଦେଉଛି । ପ୍ରାୟ ଦୁଇ ବର୍ଷ ତଳେ ମୁଁ ମନୋନେସରେ —ର ପୁଅକୁ ଦେଖିବାକୁ ପାଇଲି । ତା'ର ମାଆ ତାକୁ ନେଇ ମୋ ପାଖକୁ ଆସିଥାନ୍ତି । ସେତେବେଳକୁ ପିଲାଟିକୁ ବରଷେ ବି ହୋଇ ନଥାଏ; ଏବଂ, ଯେଉଁ ପ୍ରକୋଷ୍ଠଟିରେ ମୁଁ ଲୋକମାନଙ୍କ ସହିତ ସାକ୍ଷାତ କରେ, ମୁଁ ଠିକ୍ ସେଇଠାରେ ତାକୁ ଦେଖିବାକୁ ପାଇଲି । ତାକୁ ଦେଖି ମୋର ମନେହେଲା ସତେଯେପରି ମୁଁ ତାକୁ ଖୁବ୍ ଭଲ କରି ଚିହ୍ନିଛି । ମାତ୍ର ସିଏ ଯେ ପ୍ରକୃତରେ କିଏ, ସେକଥା ମୋଟେ ଜାଣି ପାରୁ ନଥାଏ । ତା'ପରେ, ସେହିଦିନ ଉପରଓଳି, ମୋର ଆଉ ଗୋଟିଏ କଥା ଦୃଶ୍ୟ ହେଲା । ମୁଁ ପ୍ରକୃତରେ ପ୍ରାଚୀନ ମିଶରର ସମଗ୍ର ଦୃଶ୍ୟଟିକୁ ଦେଖିବାକୁ ପାଇଲି । ମୁଁ ବି ତାହାରି ଭିତରେ ଜଣେ ବ୍ୟକ୍ତି ହୋଇ ରହିଥିଲି, ସର୍ବୋଚ୍ଚ ଧର୍ମଯାଜିକା ବା ସେହିପରି କିଛି ହୋଇ ରହିଥିଲି । ଠିକ୍ କ'ଣ ହୋଇଥିଲି, ମୁଁ ସେକଥା ଜାଣେ ନାହିଁ; କାରଣ, "ମୁଁ ଅମୁକ" ବା "ମୁଁ ସମୁକ" ବୋଲି ତ କେହି ନିଜ ପାଖରେ କହି ହୁଏ ନାହିଁ ! ଏହି ଏକାତ୍ମକତା ଏକ ସମ୍ପୂର୍ଣ୍ଣ ଏକାତ୍ମକତା ହୋଇ ରହିଥିଲା, ସେହି ପରିଚିତିଟି ମୋ ବାହାରେ ବୋଲି ମୁଁ ମୋଟେ ଅନୁଭବ କରି ପାରୁ ନଥିଲି । ତେଣୁ ସିଏ ପ୍ରକୃତରେ କିଏ, ସେକଥା ମୁଁ ଜାଣି ନାହିଁ । ମୁଁ ଗୋଟାଏ ବିଶାଳ ଅଦ୍ଭୁତ ଅଟ୍ଟାଳିକା ଭିତରେ ଥାଏ । ଖୁବ୍ ଉଚ୍ଚ ଗୋଟାଏ ଅଟ୍ଟାଳିକା, ମାତ୍ର ଗୋଟାସୁଦ୍ଧା ଖାଲି ପଡ଼ିଥାଏ । ତା' ଭିତରେ କେଉଁଠି କିଛି ନଥାଏ । କେବଳ ଗୋଟିଏ ଜାଗାରେ କେତେଗୁଡ଼ିଏ ଅତ୍ୟନ୍ତ ଭବ୍ୟ ଚିତ୍ର ଅଙ୍କାହୋଇ ରହିଥାଏ । ତେଣୁ ସେଠାରେ ମୁଁ ପ୍ରାଚୀନ ମିଶରର ସେହି ଛବିଗୁଡ଼ିକୁ ବେଶ୍ ଚିହ୍ନିନେଇ ପାରିଲି । ମୁଁ ସେଠି ମୋ

ଘର ଭିତରୁ ବାହାର ଗୋଟାଏ ବଡ଼ ହଲ୍ ପରି ଆଉଗୋଟାଏ ଘରେ ପ୍ରବେଶ କରିବାକୁ ଯାଉଥିଲି । କାଠଗୁଡ଼ିକର ଦାଟକୁ ସ୍ୱରପାଟରେ ଗୋଟାଏ ନାଳୀ ପରି କ'ଣ ବେଢ଼ିକରି ରହିଥିଲା, ପାଣିସବୁ ଯାଇ ସେଇଠି ଜମା ହେଉଥିଲା । ଏବଂ ତା'ପରେ ମୁଁ ପିଲାଟିକୁ ଦେଖିଲି; ଅଧାଲଙ୍ଗଳା ପିଲାଟିଏ, ସିଏ ସେଇଠି ଖେଳିବାରେ ଲଗିଥାଏ । ମୋତେ ଭାରି ଅସହ୍ୟ ମନେହେଲା । ମୁଁ କହିଲି, "ଏଇଟା କେଡ଼େ ଅସୁନ୍ଦର କଥା !"—ମାତ୍ର ଏହିସବୁ ଅନୁଭୂତି ଓ ଧାରଣା ସବୁକିଛି ମୋର ଚେତନାରେ ଫରାସୀ ଭାଷାରେ ଅନୁବାଦ ହୋଇ ଯାଉଥାଏ । ତା'ପରେ ପିଲାଟିର ପ୍ରତିପାଳନ କରୁଥିବା ଶିକ୍ଷକ ସେଠାକୁ ଆସିଲେ, ମୁଁ ତାଙ୍କୁ ଡକାଇ ପଠାଇଥିଲି । ତାଙ୍କୁ ମୁଁ ଗାଳି ଦେଲି । ସିଏ କିଛି ଉଚ୍ଚାରଣ କରି କହିଲେ ବୋଲି ମୁଁ ବେଶ୍ ଶୁଣିପାରିଲି । ମୁଁ କ'ଣ କହିଥିଲି ମୋର ସେକଥା ମନେ ନାହିଁ, ସେହି ଉଚ୍ଚାରଣ ବା ଧ୍ୱନିଗୁଡ଼ାକ ମୋର ବର୍ତ୍ତମାନ ମୋଟେ ମନେ ପଡ଼ୁ ନାହିଁ । ମୁଁ କହୁଥିବା ଉଚ୍ଚାରଣ-ଗୁଡ଼ିକୁ ମୁଁ ନିଜେ ଶୁଣି ପାରୁଥିଲି, ସେଗୁଡ଼ିକର ଅର୍ଥ ବି ଜାଣିଥିଲି; ମାତ୍ର ଫରାସୀ ଭାଷାରେହିଁ ସେଗୁଡ଼ିକର ଅନୁବାଦ ହୋଇ ଯାଉଥିଲା ଏବଂ ଉଚ୍ଚାରଣର ଧ୍ୱନିଗୁଡ଼ିକୁ ମୁଁ ମନେ ରଖି ପାରିଲି ନାହିଁ । ମୁଁ ତାଙ୍କ ସହିତ କଥାବାର୍ତ୍ତା କଲି, ତାଙ୍କୁ କହିଲି, "ତୁମେ ଏପରି ଗୋଟିଏ ଜାଗାରେ ପିଲାଟିକୁ ଖେଳିବା ଲାଗି ଛାଡ଼ିଦେଇଛ କିପରି ?" ଏବଂ ସିଏ ମୋତେ ଉତ୍ତର ଦେଲେ···ଏବଂ ସିଏ ଉତ୍ତର ଦେବା ପରେ ପରେହିଁ ମୋର ନିଦ ଭାଙ୍ଗିଗଲା । ମୁଁ ପ୍ରଥମ ଶବ୍ଦଗୁଡ଼ିକ ଆଦୌ ଶୁଣିପାରିଲି ନାହିଁ, ମାତ୍ର ତାହା ମୋ ଭାବନା ଭିତରେ ରହିଥିଲା । ସିଏ କହିଲେ, "ଆମେନ୍‌ହୋଟେପ୍‌କୁ ଏହା ଭାରି ଭଲ ଲାଗେ ।" ମୁଁ ଅମେନ୍‌ହୋଟେପ୍ ବୋଲି ଶୁଣିଲି । ମନେ ବି ରଖିପାରିଲି । ତା' ପରେ ମୁଁ ଜାଣିଲି ଯେ ପିଲାଟିର ନାଆଁ ଆମେନ୍‌ହୋଟେପ୍ ଥିଲା ।

ତେଣୁ, ମୁଁ କିଛି କଥା ନିଶ୍ଚୟ କହିଥିଲି ବୋଲି ବେଶ୍ ଜାଣି ପାରିଲି । ମୁଁ ଗୋଟିଏ ଭାଷାରେ କଥା ନିଶ୍ଚୟ କହିଥିଲି । ମାତ୍ର ବର୍ତ୍ତମାନ ଆଉ ସେଇଟିକୁ ମନେ କରି ପାରୁ ନାହିଁ । ମୁଁ "ଆମେନ୍‌ହୋଟେପ୍" ବୋଲି ମନେରଖି ପାରିଲି, କାରଣ ମୋର ଜାଗ୍ରତ ଚେତନାରେ ମଧ୍ୟ ସେଇଟିକୁ "ଆମେନ୍‌ହୋଟେପ୍" ବୋଲି ଜାଣିଛି । ମାତ୍ର, ତା' ବ୍ୟତୀତ ଅନ୍ୟ ଶବ୍ଦଗୁଡ଼ିକ କିଛି ମନେ ରହିଲା ନାହିଁ । ଧ୍ୱନିଗୁଡ଼ିକୁ ମନେରଖି ପାରିବା ଲାଗି ମୋର ପ୍ରକୃତିରେ କୌଣସି ସାମର୍ଥ୍ୟ ନାହିଁ ।

ଏବଂ ମୁଁ ଜାଣିଥିଲି ଯେ ମୁଁ ସେହି ପିଲାଟିର ମାଆ ଥିଲି; ମୁଁ କିଏ, ସେହି ସମୟରେ ମୁଁ ସେକଥା ଭଲ କରି ଜାଣିଥିଲି, କାରଣ ଆମେନ୍‌ହୋଟେପ୍ କାହାର ସନ୍ତାନ, ସେକଥା ବି ମୋତେ ଜଣାଅଛି । ତା'ଛଡ଼ା, ମୁଁ ଇତିହାସ ବହିରୁ ଦେଖି ମଧ୍ୟ ତାହା ଜାଣି ପାରିଲି । ଏତିକି କଥାକୁ ବାଦ୍ ଦେଲେ ଆଉ କୌଣସି ଶିଅ ରହି ପାରିଲା ନାହିଁ, ସବୁକିଛି ଶୂନ୍ୟସ୍ଥାନ ପରି ହୋଇ ରହିଲା ।

'oaob.nitrkl.ac.in' images reprocessed

ମାଧ୍ୟମଗୁଡ଼ିକ ପ୍ରତି ମୋର ସର୍ବଦା ଏକ ସମାଦରଭାବ ରହିଛି,—ସାଧାରଣତଃ ସେମାନେ ଖୁବ୍ ସରଳ ମଣିଷ ହୋଇଥାନ୍ତି,—ଯେଉଁମାନଙ୍କର ଅବିକଳ ସ୍ମୃତି ରହିଥାଏ ଏବଂ ଯେଉଁମାନେ କି "ମୁଁ ଏହି ଏହି କଥା କହିଲି" ବୋଲି କହିଦେଇ ପାରନ୍ତି । ଏବଂ ସେହି ଉପାୟରେ ଆମେ ଧ୍ୱନ୍ୟାତ୍ମକ ଲିପିଗୁଡ଼ିକୁ ପାଇପାରନ୍ତେ । ମୁଁ କହିଥିବା ଧ୍ୱନିଗୁଡ଼ିକ ଯଦି ମୋର ମନେ ଥାଆନ୍ତା, ତେବେ ଆମେ ଧ୍ୱନିଲିପି-ଗୁଡ଼ିକୁ ନିଶ୍ଚୟ ପାଇ ପାରିଥାନ୍ତେ । ମାତ୍ର ସେଗୁଡ଼ିକ ମୋର ମନେ ରହି ପାରିଲା ନାହିଁ ।

"ଏହି କଥାବାର୍ତ୍ତାଟି ମୋର ବେଶ୍ ମନେଅଛି । ମୁଁ ମନକୁ ମନ କହିଥିଲି, ସେହି ଭାଷାଟିକୁ ଶୁଣିପାରିଲେ ତାହା କେଡ଼େ ଆଗ୍ରହୋଦ୍ଦୀପକ ହୋଇଥାନ୍ତା !" ଏବଂ ତା'ପରେ ଅତ୍ୟନ୍ତ ଉତ୍କଣ୍ଠିତ ଭାବରେ କହିଲି, "ସେମାନେ ସେହି ଉଚ୍ଚାରଣଗୁଡ଼ିକୁ କିପରି ଆବିଷ୍କାର କରି ପାରିଲେ, ସେମାନେ ତାହା କିପରି କରି ପାରିଲେ ?" ତା' ପରେ, ପିଲାଦିନେ ଇତିହାସ ବହିରେ ଆମକୁ ଯେତେ ଯାହା ନାଆଁ କୁହା ଯାଉଥିଲା, ସେଗୁଡ଼ିକ ଏବେ ବଦଳି ଗଲାଣି । ଧ୍ୱନିଗୁଡ଼ିକ ଆବିଷ୍କାର କରି ପାରିଛନ୍ତି ବୋଲି ସେମାନେ କହିଲେଣି, ଅନ୍ତତଃ ଦାବି କଲେଣି । ମାତ୍ର ମୁଁ ସେ ବିଷୟରେ କିଛି ଜାଣି ନାହିଁ ।

ପ୍ରାଚୀନ ବେବିଲୋନ୍ ବେଳକୁ ମଧ୍ୟ ଠିକ୍ ସେହି କଥା । ମୋର କେତେକ ନିର୍ଭୁଲ ସ୍ମୃତି ରହିଛି, ଅତ୍ୟନ୍ତ ମୂର୍ତ୍ତ ସ୍ମୃତିମାନ ରହିଛି ସତ, ମାତ୍ର କଥା କହିଲାବେଳେ ମୋର ସେହି ଧ୍ୱନିଗୁଡ଼ିକ ଆଦୌ ମନେ ପଡ଼ୁ ନାହିଁ, ସେଗୁଡ଼ିକ ମନ ଭିତରେ ଅନୁବାଦ ହୋଇ ଯାଉଛି ।

ଧ୍ୱନିଗୁଡ଼ିକୁ ମନେ ରଖିବା ଲାଗି ମୋର କୌଣସି ଶକ୍ତି ନାହିଁ ।

**ଆପଣ କ'ଣ ପାଇଁ ପ୍ରଶ୍ନଗୁଡ଼ିକ କରିଥିଲେ, ମୁଁ ଆଶ୍ଚର୍ଯ୍ୟ ହୋଇ ସେହି ବିଷୟରେ ଭାବୁଥିଲି ।**

ହଁ, ଏହି କଥାଟି ଠିକ୍ ସେହିପରି । ଧ୍ୱନିଗୁଡ଼ିକ ଲାଗି ମୋର କୌଣସି ସ୍ମରଣଶକ୍ତି ନାହିଁ ବୋଲି ମୁଁ ଜାଣିଛି । ଅନେକ ଲୋକଙ୍କର ଧ୍ୱନିଗୁଡ଼ିକୁ ବି ମନେ ରଖିବାର ଶକ୍ତି ରହିଛି, ମୋର ସେହି ଶକ୍ତିଟି ନାହିଁ । ତେଣୁ ସେହି କଥାଟିକୁ ଜାଣିବା ଲାଗି ମୁଁ ସବୁବେଳେ ଇଚ୍ଛା କରିବି । ତା' ନହେଲେ, ଯେତେବେଳେ ଅତୀତର କୌଣସି ବିଷୟରେ ମୋର ପରିଚୟ ହୋଇଛି, କୌଣସି କଥା ଯେତେବେଳେ ଆଗ୍ରହୋଦ୍ଦୀପକ ଅଥଚ ଅସମ୍ପୂର୍ଣ୍ଣ ବୋଲି ମନେ ହୋଇଛି, ମୁଁ ସବୁବେଳେ ସେଗୁଡ଼ିକୁ ମୋର ଚେତନା ଭିତରକୁ ନେଇଆସି ପାରିଛି, ତାହାର

'oaob.nitrkl.ac.in' images reprocessed

ଉପସ୍ଥିତି ମୁଁ ସବୁବେଳେ ପାଇଯାଇଛୁ । ମାତ୍ର ଧ୍ୱନିଗୁଡ଼ିକ କେବେହେଲେ ଆସି ନାହିଁ । ତାହା ଚେତନାର ଏକ ସ୍ଥିତିରୂପେ ଆବିର୍ଭୂତ ହୋଇ ଆସିଛି ଏବଂ ମନୋଭୂମି ଉପରେ ତାହାର ଅନୁବାଦ ହୋଇଯାଇଛି, ଅର୍ଥାତ୍, ମୁଁ ଯେଉଁ ଶବ୍ଦଗୁଡ଼ିକୁ ଜାଣିଛି, ସେହି ଶବ୍ଦଗୁଡ଼ିକରେ ତାହାର ଅନୁବାଦ ହୋଇଯାଇଛି । ତେଣୁ ଏପରି ହେବା ଦ୍ୱାରା ମୋତେ ମୋଟେ ଭଲ ଲାଗି ନାହିଁ ।

ବର୍ତ୍ତମାନ ମଧ୍ୟ, ମୁଁ ଯେତେବେଳେ ଏହି ସଙ୍ଗୀତଟିକୁ ବଜାଉଥିଲି, ସେତେବେଳେ ଧ୍ୱନିଗୁଡ଼ିକର ସ୍ମୃତି ବେଶ୍ ଅସ୍ପଷ୍ଟ ଓ ଅସମ୍ପୂର୍ଣ୍ଣ ହୋଇ ମୋ ପାଖକୁ ଆସୁଥିଲା । "ସଙ୍ଗୀତର ଉତ୍ସସ୍ଥାନରେ" (ଉପର ଆଡ଼କୁ ହାତ ଦେଖାଇ) ମୁଁ ଯେଉଁ ଧ୍ୱନିଗୁଡ଼ିକୁ ଶୁଣିଥିଲି, ମୁଁ ସେହିଗୁଡ଼ିକୁହିଁ ମନେ ରଖିଥିଲି, ଏବଂ ଯେତେବେଳେ ପ୍ରକୃତ ସଙ୍ଗୀତଟି ଏହିସବୁ ଧ୍ୱନିରୁ କିଛି ଉତ୍ପନ୍ନ କରି ଆଣିପାରିଲି, ସେତେବେଳେ ମୁଁ ସେଗୁଡ଼ିକୁ ବେଶ୍ ଚିହ୍ନିପାରିଲି । ମାତ୍ର ଯେପରି ନିର୍ଭୁଲ ଓ ଅବିକଳ ଭାବରେ ଗ୍ରହଣ କରି ପାରିଲେ ମୁଁ କଣ୍ଠ ଅଥବା ଯନ୍ତ୍ର ସାହାଯ୍ୟରେ ଠିକ୍ ସେହି ଧ୍ୱନିଟିକୁ ପ୍ରକାଶିତ କରି ପାରନ୍ତି, ମୁଁ ସେପରି ଭାବରେ ତାହାକୁ ଆଦୌ ଗ୍ରହଣ କରି ପାରି ନଥିଲି । ସେହି କଥାଟି ସେଠାରେ ଆଦୌ ନଥିଲା, ଅଭାବ ହୋଇ ରହିଥିଲା । ମାତ୍ର ଆଖିଗୁଡ଼ିକର ସ୍ମୃତି ତ ସତେଅବା ଗୋଟିଏ ଗୋଟିଏ ମୂର୍ତ୍ତିରେ ପରିଣତ ହୋଇ ରହି ଯାଉଥିଲା । ମୁଁ ଯେଉଁ କଥାଟିକୁ ଥରେ ବି ଦେଖିଥିଲି, ତାହା ସେହିପରି ଦୃଢ଼ ହୋଇ ରହି ଯାଉଥିଲା, ମୋଟେ ପାସୋରି ଯାଉ ନଥିଲା ।

ଏହିପରି ଭାବରେ ଏକାଧିକ ବାର,—ମୋତେ ଦୃଶ୍ୟ ହେଉଥିବା ନାନା ଅନୁଭବରେ,—"ଦୃଶ୍ୟ" ଅଥବା ପ୍ରକୃତରେ ସ୍ମରଣ, ଅର୍ଥାତ୍ ପୁନଃ ଅନୁଭୂତ ସ୍ମରଣଗୁଡ଼ିକରେ—ମୁଁ ସେହି କାଳର ଭାଷାରେ ପ୍ରକୃତରେ କଥାବାର୍ତ୍ତା କରିଛି; କଥାବାର୍ତ୍ତା କରିଛି, କଥାବାର୍ତ୍ତା କରୁଛି ବୋଲି ନିଜେ ବେଶ୍ ଶୁଣିପାରିଛି । ମାତ୍ର ସେହି ଧ୍ୱନିଗୁଡ଼ିକ ତା'ପରେ ଭୁଲିହୋଇ ଯାଇଛି । ମୁଁ ଯାହା କହୁଥିଲି, ତାହାର ଭାବଟି ରହିଛି ସତ, ମାତ୍ର ଧ୍ୱନିଟି ଭୁଲି ହୋଇ ଯାଇଛି ।

ଏଇଟି ପ୍ରକୃତରେ ଦୁର୍ଭାଗ୍ୟର କଥା ।

'oaob.nitrkl.ac.in' images reprocessed

## ୩୦ ମେ ୧୯୫୭

"ଆମକୁ ନାନାବିଧ ଜ୍ଞାନରେ ନେଇ ପହଞ୍ଚାଇ ଦେଉଥିବା ବିଜ୍ଞାନଗୁଡ଼ିକର ଅନୁଶୀଳନ-କ୍ଷେତ୍ରରେ ମନୁଷ୍ୟ, ସକଳ ପ୍ରାଣୀ, ସକଳ ବସ୍ତୁ ତଥା ସକଳ ଶକ୍ତିମଧ୍ୟରେ ସେହି ପରମ ଦିବ୍ୟ-ଚେତନା-ଶକ୍ତିରହିଁ କ୍ରିୟାତ୍ମକତାଟିକୁ ଆବିଷ୍କାର କରିବା ଏବଂ ବୁଝିବାହିଁ ଯୋଗୀର ଲକ୍ଷ୍ୟ ହୋଇ ରହିବା ଉଚିତ; ସେହି ଶକ୍ତିର ସୃଷ୍ଟିଶୀଳ ଯାବତୀୟ ତାତ୍ପର୍ଯ୍ୟ, ଯାବତୀୟ ରହସ୍ୟକୁ ସେ ଯେପରି ଭାବରେ କାର୍ଯ୍ୟକାରୀ କରୁଛନ୍ତି ଏବଂ ଯେଉଁସବୁ ପ୍ରତୀକ ଦ୍ୱାରା ସେ ଏହି ବିଶ୍ୱରୂପୀ ଅଭିବ୍ୟକ୍ତିଟିର ବ୍ୟବସ୍ଥା କରିବାରେ ଲାଗିଛନ୍ତି, ତାହାକୁ ଆବିଷ୍କାର କରିବା ଏବଂ ବୁଝିବାହିଁ ଯୋଗୀର ଲକ୍ଷ୍ୟ ହୋଇ ରହିବା ଉଚିତ ।"

ଯୋଗସମନ୍ୱୟ, ପୃଷ୍ଠା-୧୩୩

ମୁଁ ତୁମମାନଙ୍କୁ ଆଗରୁ କହିଛି, ଭଲ କରି ବୁଝାଇ ଦେଇଛି ଯେ ଯଦି ବାହ୍ୟ ରୂପଗୁଡ଼ିକୁ ଆମେ କେବଳ ବାହ୍ୟ ରୂପ ହିସାବରେ, କେବଳ ସେଗୁଡ଼ିକର ବାହ୍ୟରୂପଭଙ୍ଗି ସକାଶେ, ସେଗୁଡ଼ିକର ବାହ୍ୟ ପ୍ରତିଭାସରେହିଁ ନଦେଖି ଏକ ଅଧିକ ଗଭୀର ଓ ଅଧିକ ସ୍ଥାୟୀ ସତ୍ୟର ଗୋଟିଏ ଗୋଟିଏ ଅଭିବ୍ୟକ୍ତିରୂପେ ଦେଖିବାକୁ ସମର୍ଥ ହେବା, ତେବେ ଯାବତୀୟ ପରିସ୍ଥିତି ଓ ଯାବତୀୟ ଘଟଣା ପରି ଏହି ଯାବତୀୟ ରୂପଗୁଡ଼ିକ ମଧ୍ୟ ପଶ୍ଚାତରେ ଥିବା ଓ ଏହି ବାହ୍ୟ ରୂପଗୁଡ଼ିକୁ ନିମିତ୍ତରୂପେ ବ୍ୟବହାର କରି ଆପଣାକୁହିଁ ବ୍ୟକ୍ତ କରିବାରେ ଲାଗିଥିବା ସେହି ପରମଶକ୍ତିର ପ୍ରତୀକରୂପେ ପ୍ରତିଭାତ ହେବାକୁ ଲାଗିବ । ଏପରି କୌଣସି ଗୋଟିଏ ହେଲେ ପରିସ୍ଥିତି, କୌଣସି ରୂପ, କୌଣସି କର୍ମ ବା କୌଣସି ଗତିସ୍ପନ୍ଦନ ନାହିଁ, ଯାହାକି ଗଭୀରତର, ପଶ୍ଚାତ୍-ଅବସ୍ଥିତ ଓ ସାଧାରଣତଃ ଯାବତୀୟ କର୍ମକୁ ଜୀବନପ୍ରେରିତ କରି ରଖିଥିବା ଏକ ଗଭୀରତର ବସ୍ତୁର ପ୍ରତୀକରୂପେ ଅବସ୍ଥିତ ହୋଇ ନରହିଛି !

ଚେତନାର ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ ଏପରି କୌଣସି କର୍ମ ଅନୁଷ୍ଠିତ ହୁଏ ନାହିଁ, କୌଣସି ଗୋଟିଏ ଶବ୍ଦ ଉଚ୍ଚାରିତ ହୁଏ ନାହିଁ ବା କୌଣସି ଗୋଟିଏ

'oaob.nitrkl.ac.in' images reprocessed

ହେଲେ ସେମାନେ ଆପଣାକୁ ବ୍ୟକ୍ତ ବି କରେ ନାହିଁ, ଯାହାକି ଏକ ଅଧିକ ଗମ୍ଭୀର ଓ ଅଧିକ ଉଚ୍ଚ ସତ୍ୟକୁ ପ୍ରକାଶିତ କରୁ ନଥାଏ, ଅଧିକ ସ୍ଥାୟୀ, ଅଧିକ ମୌଳିକ ଏବଂ ଅଧିକ ଯଥାର୍ଥ ଏକ ସତ୍ୟକୁ ଅଭିବ୍ୟକ୍ତ କରି ଆଣୁ ନଥାଏ । ଏବଂ ଥରେ ସେହିସବୁ ଦେଖିବାକୁ ଏବଂ ଅନୁଭବ କରିବାକୁ ଆରମ୍ଭ କଲେ ସବୁକିଛୁ ଏକ ନୂତନ ଅର୍ଥ ଗ୍ରହଣ କରିବାକୁ ଆରମ୍ଭ କରେ ଏବଂ ବସ୍ତୁଗୁଡ଼ିକର ସଂଗଠନ କିପରି ହେବା ଉଚିତ ଯେପରିକି ବର୍ତ୍ତମାନ ତୁଳନାରେ ଆହୁରି ଅଧିକ ଯଥାର୍ଥ ଭାବରେ ଏକ ଗଭୀରତର ସତ୍ୟକୁ ପ୍ରକାଶିତ କରିପାରିବ, ସେଗୁଡ଼ିକ ଆମ ଆଗରେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦୃଶ୍ୟ ହେବାକୁ ଲାଗେ ।

> "କଳାନୁଧାବନର କ୍ଷେତ୍ରରେ କେବଳ ଏକ ସୌନ୍ଦର୍ଯ୍ୟକାମୀ, ମନୋଗତ ଅଥବା ପ୍ରାଣିକ ପରିତୃପ୍ତି ହିଁ ଯୋଗୀର ଅଭିଳାଷ ହୋଇ ରହିବ ନାହିଁ; ମାତ୍ର ସବୁଠାରେ ସେହି ପରମ ଦିବ୍ୟତାରହିଁ ଦର୍ଶନ ଲାଭ କରି, ତାହାର ଏହି ଯାବତୀୟ କରଣିର ଯଥାର୍ଥ ତାତ୍ପର୍ଯ୍ୟଟିର ଏକ ଉଦ୍‌ଘାଟନ ସହିତହିଁ ତାହାର ପୂଜା କରି ଦେବଗଣ, ମନୁଷ୍ୟ, ଇତରପ୍ରାଣୀ ଏବଂ ସକଳ ବସ୍ତୁ ମଧ୍ୟରେ ସେହି ଗୋଟିଏ ଦିବ୍ୟତାରହିଁ ଅଭିବ୍ୟକ୍ତି ଘଟାଇବା କଳା'ର କ୍ଷେତ୍ରରେ ତାହାର ଅଭିଳାଷ ହୋଇ ରହିବ ।"

ଯୋଗସମନ୍ୱୟ, ପୃଷ୍ଠା-୧୩୩

ସେହି "ଏକ ପରମ ଦିବ୍ୟସତ୍ତାର ଅଭିବ୍ୟକ୍ତି" କିପରି ସମ୍ଭବ ହେବ ?

ଦେବଗଣ, ମନୁଷ୍ୟ, ଅଥବା ବସ୍ତୁ,—ଏକୋଟି ମଧ୍ୟରୁ ତୁମେ କେଉଁଟିକୁ ଅଭିବ୍ୟକ୍ତ କରିବାକୁ ଇଚ୍ଛା କରୁଛ, ସେକଥା ତାହାର ଉପରେ ନିର୍ଭର କରିବ ।

କେହି ଛବିଟିଏ ଆଙ୍କୁଛି, କିଏ ଗୋଟିଏ ସଙ୍ଗୀତକୁ ସ୍ୱର ଦେଉଛି, ବା ଆଉ କିଏ କବିତାଟିଏ ଲେଖୁଛି; ଏବଂ ପ୍ରତ୍ୟେକଙ୍କର ଅଭିବ୍ୟକ୍ତିର ଏକ ସ୍ୱକୀୟ ଶୈଳୀ ସର୍ବଦା ରହିଛି । ପ୍ରତ୍ୟେକ ଚିତ୍ରକାର, ପ୍ରତ୍ୟେକ ସଙ୍ଗୀତଜ୍ଞ, ପ୍ରତ୍ୟେକ କବି ଓ ପ୍ରତ୍ୟେକ ମୂର୍ତ୍ତିନିର୍ମାତାର ଦିବ୍ୟ ପରମସତ୍ତା ସହିତ ଏକ ଅନନ୍ୟ ବ୍ୟକ୍ତିଗତ ସମ୍ପର୍କ ଅବଶ୍ୟ ରହିଛି, ଅଥବା ରହିବା ଉଚିତ । ଏବଂ, ଯେଉଁ ବିଶେଷ କ୍ଷେତ୍ରରେ ସେ ନୈପୁଣ୍ୟ ଲାଭ କରିଛି, ସେହି କ୍ଷେତ୍ରରେ ତା'ର କାର୍ଯ୍ୟଟି ମାଧ୍ୟମରେ ତାକୁ ଏହି

ସମ୍ପର୍କଟିକୁ ନିଜର ସ୍ୱକୀୟ ଗଠନରେ, ସ୍ୱକୀୟ ଭାଷାରେ ଏବଂ ସ୍ୱକୀୟ ବର୍ଣ୍ଣବ୍ୟଞ୍ଜନାରେ ଅବଶ୍ୟ ପ୍ରକାଶ କରି ଆଣିବାକୁ ହେବ । ଆପଣାର ସ୍ୱକ୍ଷେତ୍ରରେ ସେ ପ୍ରକୃତିର ବାହ୍ୟରୂପଟିକୁ କୌଣସି ପ୍ରକାରେ ଅନୁକରଣ କରିବ ନାହିଁ, ଏହି ରୂପଗୁଡ଼ିକୁ ସେ ଅନ୍ୟ ଏକ ବସ୍ତୁର ଆବରଣରୂପେ ଗ୍ରହଣ କରିବ, ପଶ୍ଚାତରେ ଅଧିକ ଗଭୀର ହୋଇ ରହିଥିବା ସତ୍ୟଗୁଡ଼ିକର ସହିତ ତା'ର ଅସଲ ସମ୍ବନ୍ଧଟିର ଏକ ଆବରଣରୂପେ ଗ୍ରହଣ କରିବ, ସେହି ବାହ୍ୟରୂପଗୁଡ଼ିକର ମାଧ୍ୟମରେ ସେ ସେହି ସତ୍ୟଟିକୁହିଁ ଅଭିବ୍ୟକ୍ତ କରି ଆଣିବ । ସିଏ ଯାହାସବୁ ଦେଖୁଛି, କେବଳ ସେହିସବୁର ଅନୁକରଣ ନକରି ସେଗୁଡ଼ିକର ଜରିଆରେ ସେ ସେଗୁଡ଼ିକର ପଛରେ ରହିଥିବା ଅସଲ ସମ୍ପଦଟିକୁ ପ୍ରକାଶିତ କରିଆଣିବ । ଏବଂ ତାହାହିଁ ଏକ ଜୀବନ୍ତ କଳାସୃଷ୍ଟି ଏବଂ ପ୍ରକୃତିର ଏକ ନୀରସ ଅନୁକରଣ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ନିରୂପିତ କରିଦେବ ।

**ମାଆ ହାତରେ ଧରିଥିବା ଚମ୍ପା ଫୁଲଟି ସମ୍ବନ୍ଧରେ କଥୋପକଥନ (Michelia Champaka) ।**

ତୁମେସବୁ ଏହି ଫୁଲଟିକୁ ଦେଖିଛ ?

ପ୍ରତିଟିକିଆ ତିନୋଟି ଧାଡ଼ିରେ ଏହି ଫୁଲର ବାରଗୋଟି ପାଖୁଡ଼ା ରହିଛି ।

ଆମେ ଏହି ଫୁଲଟିର "ଅତିମାନସ ମନଃକ୍ଷେତ୍ରୀୟ ପରିମୂର୍ତ୍ତିତା" ବୋଲି ନାମକରଣ କରିଛୁ ।

ଏଥିରେ ଏପରି ତିନୋଟି ଧାଡ଼ି ରହିଛି ବୋଲି ମୁଁ ଆଗରୁ କେବେ ଦେଖି ନଥିଲି । ଏପରି ସାନ ଧାଡ଼ିଟାଏ ଅଛି, ତା'ପରେ ଟିକିଏ ବଡ଼ ଧାଡ଼ିଟିଏ ଅଛି ଓ ତା'ପରେ ସବୁଠାରୁ ବଡ଼ ଧାଡ଼ିଟି ରହିଛି । ପ୍ରତିସଂଖ୍ୟାର କ୍ରମରେ ସବୁ ସଜା ହୋଇ ରହିଛି । ପ୍ରଥମେ ଚାରୋଟି ପାଖୁଡ଼ା ଅଛି, ତା'ପରେ ଚାରୋଟି ପାଖୁଡ଼ା ଓ ତା'ପରେ ପୁଣି ଚାରୋଟି ପାଖୁଡ଼ା ରହିଛି ।

ହଁ, ପ୍ରକୃତିର ରୂପଗୁଡ଼ିକରେ ଯଦି ଆମେ ଏକ ପ୍ରତୀକାତ୍ମକ ଅଭିବ୍ୟକ୍ତି ରହିଥିବାର ଦେଖିବାକୁ ଇଚ୍ଛା କରିବା, ତେବେ ଆମେ ଏକ କେନ୍ଦ୍ର ଦେଖିବାକୁ ପାଇବା, ଯାହାକୁ କି ସର୍ବୋଚ୍ଚ ପରମସତ୍ୟ ବୋଲି କୁହାଯାଇ ପାରିବ । ତା'ପରେ ଏକ ତ୍ରିବିଧବିଯୁକ୍ତ ଅଭିବ୍ୟକ୍ତି ଦେଖିବାକୁ ମିଳିବ—କାରଣ ତିନି କହିଲେ ଅଭିବ୍ୟକ୍ତିକୁ ବୁଝାଏ,—ବାହାରୁ ଆସି ଅବସ୍ଥାପିତ ତିନୋଟିଯାକ ଜଗତର ଅଭିବ୍ୟକ୍ତି ଦେଖିବାକୁ ମିଳିବ : ସବା ବାହାରକୁ, ଯେଉଁଠି ସବୁଠାରୁ ବଡ଼ ପାଖୁଡ଼ାଗୁଡ଼ିକ ରହିଛି ଓ ରଙ୍ଗଟି ସବୁଠାରୁ ଅଧିକ ହାଲୁକା ହୋଇ ରହିଛି; ଏହା ବାହ୍ୟ ଭୌତିକ

'oaob.nitrkl.ac.in' images reprocessed

ଜଗତକୁ ଭୁଝାଇବ । ତା’ପରେ ଏକ ପ୍ରାଣିକ ଜଗତ ଓ ଏକ ମାନସିକ ଜଗତ ରହିଛି; ଏବଂ ତା’ପରେ, କେନ୍ଦ୍ରସ୍ଥଳରେ ସର୍ବୋଚ୍ଚ ପରମସତ୍ତା ଅବସ୍ଥିତ ଅଛି ।

ଏବଂ ଏହି କ୍ଷେତ୍ରରେ ତୁମେ ଏହିପରି ଅନ୍ୟ ସାଦୃଶ୍ୟଗୁଡ଼ିକର ବି ଆବିଷ୍କାର କରିପାରିବ ।

ସହଳ ?

> ମାଆ, କର୍ମର ବିଭାଜନ ବିଷୟରେ ଶ୍ରୀଅରବିନ୍ଦ ଏଠାରେ ଲେଖିଛନ୍ତି : “ଯେଉଁ ଯୋଗ ସେହି ପରମ ସର୍ବୋତ୍ତମଙ୍କର ସର୍ବଗ୍ରାହୀ ଉପଲବ୍ଧି ଲାଗିହିଁ ଆପଣାକୁ ଉଦ୍ଦିଷ୍ଟ କରି ରଖିଛି, ତାହା ଏହି ବିଶ୍ୱମୟ ପରମ ଭଗବତ୍‌ତାର କୌଣସି କାର୍ଯ୍ୟ ବା କୌଣସି ସ୍ୱପ୍ନ,—ଯଦି ସେଗୁଡ଼ିକୁ ସ୍ୱପ୍ନ ବୋଲିହିଁ କୁହାଯାଏ,—ପ୍ରତି ଆଦୌ କୌଣସି ଅଶ୍ରଦ୍ଧା ପୋଷଣ କରିବ ନାହିଁ, କିଂବା ଏହି ମନୁଷ୍ୟପ୍ରାଣୀର ଜୀବନ ମଧ୍ୟଦେଇ ସେ ଆପଣା ଉପରେ ଯେଉଁ ଗୌରବମୟ ପ୍ରୟାସ ଏବଂ ଅନେକମୁଖୀ ବିଜୟସୃଷ୍ଟିକୁ ନ୍ୟସ୍ତ କରି ରଖିଛନ୍ତି, ସେହି ଯୋଗ ସେଥିରୁ କଦାପି ପରାଙ୍ମୁଖ ହୋଇ ରହିବ ନାହିଁ । ମାତ୍ର ଏହିପରି ଏକ ଉଦାର ଦୃଷ୍ଟିର ସର୍ବପ୍ରଥମ ସର୍ତ୍ତ ହେଉଛି ଯେ ଏହି ପୃଥିବୀରେ ଆମେ ଯାହାକିଛି କର୍ମ କରିବା, ସେଇଟି ମଧ୍ୟ ସେହି ପରମ ସର୍ବୋଚ୍ଚଙ୍କ ଲାଗି ସମର୍ପିତ ହୋଇ ରହିଥିବା ଯଜ୍ଞରହିଁ ଗୋଟିଏ ଅଂଶ ହୋଇ ରହିବ, ଇତର କାହାରି ଲାଗି ଅର୍ପିତ ହୋଇ ରହିବ ନାହିଁ;—କେବଳ ସେହି ଦିବ୍ୟ ପରମା ଶକ୍ତିଙ୍କ ଲାଗି ସମର୍ପିତ ହୋଇ ରହିଥିବା ଗୋଟିଏ ଯଜ୍ଞ ହୋଇ ରହିବ ଓ ଅନ୍ୟ କୌଣସି ଶକ୍ତି ଲାଗି ଅର୍ପିତ ହେବ ନାହିଁ । ଏହି କର୍ମ ସମ୍ୟକ୍ ଭାବଦୃଷ୍ଟି ସହିତ ଅନୁଷ୍ଠିତ ହେବ, ସମ୍ୟକ୍ ଜ୍ଞାନ ସହିତ ଅନୁଷ୍ଠିତ ହେବ; ମୁକ୍ତ ଆତ୍ମାହିଁ ଏହି କର୍ମର ଆଚରଣ କରିବ, ଏବଂ ଜଡ଼ପ୍ରକୃତିର ମୋହଗ୍ରସ୍ତ କୌଣସି କ୍ରୀତଦାସ ତାହାର ଆଚରଣ କରୁ ନଥିବ । କର୍ମଗୁଡ଼ିକର କ୍ଷେତ୍ରରେ ଯଦି ଆଦୌ କୌଣସି ଶ୍ରେଣୀବିଭାଗ କରାଯାଏ, ତେବେ କହିବାକୁ ହେବ ଯେ ଗୋଟିଏ ପ୍ରକାରର କର୍ମ ସେହି ପାବକଶିଖାର ହୃଦପୁର ନିକଟତମ ହୋଇ ରହିଥାଏ

ଏବଂ ବିଶିଷ୍ଟ ପ୍ରକାରର କର୍ମଗୁଡ଼ିକରେ ତାହାର ଆଦୌ କୌଣସି ସ୍ପର୍ଶ ବାଜ ନଥାଏ ବା ଆଧ୍ୟାତ୍ମିକସଞ୍ଚରଣ ହୋଇ ନଥାଏ, କାରଣ ସେଗୁଡ଼ିକ ଅଧିକତର ଭାବରେ କେବଳ ଦୂରବର୍ତ୍ତୀ ହୋଇହିଁ ରହିଥାନ୍ତି । ଅଥବା, ଗୋଟିଏ ପ୍ରକାରର କର୍ମକୁ ଆମେ ଖୁବ୍ ଜୋର୍‌ରେ ଏବଂ ଉଜ୍ଜ୍ୱଳ ହୋଇ ଜଳୁଥିବା ସମିଧକାଷ୍ଠ ବୋଲି କହି ପାରିବା, ଏବଂ ଅନ୍ୟ କର୍ମଗୁଡ଼ିକୁ ଏଡ଼େ ଏଡ଼େ ଗଣ୍ଡକାଠ ବୋଲି କହିବା, ଯାହାକୁ କି ଯଜ୍ଞବେଦି ଉପରେ ଏଡ଼େବଡ଼ ଗୋଟାଏ ଲୁଡ଼ କରି ଗଦା କରିଦେଲେ ସେଗୁଡ଼ିକର ଆର୍ଦ୍ର, ଭାରଯୁକ୍ତ ଏବଂ ବପୁଶାଳୀ ଅନ୍ତରକ୍ତତା ଦ୍ୱାରା ଅଗ୍ନିର ଜ୍ୱଳନତେଜଟି ହୁଏତ ବ୍ୟାହତ ହୋଇ ପଡ଼ିବାରହିଁ ଆଶଙ୍କା ସବୁବେଳେ ରହିଥାଏ ।"

ଯୋଗସମନ୍ୱୟ, ପୃଷ୍ଠା-୧୩୨

ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ବିଚାର କରି ଦେଖିଲେ, ଏହି ବିଭାଜନଟି ସହିତ ଆମ ଜୀବନରେ କେଉଁ କଥାଟିର ସାଦୃଶ୍ୟ ନିରୂପଣ କରାଯାଇ ପାରିବ ?

ମୁଁ ଭାବୁଛି, ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏହା ଭିନ୍ନ ଭିନ୍ନ ହେବ । ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏପରି କର୍ମମାନ ସ୍ୱୀକାର କରିନେବାକୁ ପଡ଼ିବ, ଯେଉଁଗୁଡ଼ିକ କି ତାହାର ଅଭୀପ୍ସା, ତା'ର ଚେତନା, ବସ୍ତୁଗୁଡ଼ିକ ସମ୍ବନ୍ଧରେ ତା'ର ଗଭୀରତର ଜ୍ଞାନର ପ୍ରତ୍ୟେକ କ୍ଷେତ୍ରରେ ଏକ ବୃଦ୍ଧି ସାଧନ କରି ପାରୁଥିବେ । ଏବଂ, ଅନ୍ୟ ପକ୍ଷରେ ଯେଉଁ କର୍ମଗୁଡ଼ିକ ତାକୁ ଯନ୍ତ୍ରବତ୍ କରି ପକାଉଥିବେ, ବସ୍ତୁଗୁଡ଼ିକ ସହିତ ତା'ର ସମ୍ବନ୍ଧକୁ ସମ୍ପୂର୍ଣ୍ଣ ଭାବରେ କେବଳ ଏକ ଭୌତିକ ସ୍ତରକୁ ଟାଣି ନେଇ ଆସୁଥିବେ, ସିଏ ସେଗୁଡ଼ିକୁ ମଧ୍ୟ ଅବଶ୍ୟ ଚିହ୍ନି କରି ରଖିବ ।

ମାତ୍ର, ଏହି କ୍ଷେତ୍ରରେ ଏକ ସାଧାରଣ ନିୟମ କରି ରଖିବା ବଡ଼ କଷ୍ଟକର ।

ଅର୍ଥାତ୍, ପ୍ରତ୍ୟେକ କାର୍ଯ୍ୟକୁ ଯଥାର୍ଥ ଭାବରେ କରିବାକୁ ହେବ, ଏକ ନୈବେଦ୍ୟରୂପେହିଁ ସମ୍ପାଦନ କରିବାକୁ ହେବ ?

'oaob.nitrkl.ac.in' images reprocessed

ପ୍ରକୃତ କଥା କହିବାକୁ ଗଲେ, ଖାସ୍ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟଟି ଅପେକ୍ଷା ସେହି କାର୍ଯ୍ୟଟିକୁ ତୁମେ କିପରି ଭାବରେ କରୁଛ, ଏହି କଥା ତାହାର ଉପରେ ଅଧିକ ପରିମାଣରେ ନିର୍ଭର କରିବ ।

ତୁମେ ହୁଏତ ଅତ୍ୟନ୍ତ ଭୌତିକ ପ୍ରକାର ଗୋଟିଏ କାମ ହାତକୁ ନେଇପାର, ଘର ସଫା କରିବା ବା ଘରୁ ଧୂଳି ଝାଡ଼ିବା ପରି ଗୋଟିଏ କାମ ହାତକୁ ନେଇପାର । ମୁଁ ଭାବୁଛି ଯେ ଏହି କାର୍ଯ୍ୟଟିକୁ ଯଦି ପରିପୂର୍ଣ୍ଣତା ଏବଂ ଅନ୍ତରଗତର ଏକ ନିର୍ଦ୍ଦିଷ୍ଟ ଅନୁଭୂତି ସହିତ କରାଯାଏ, ତେବେ ଏଇଟି ମଧ୍ୟ ଆମକୁ ଏକ ଗଭୀର ଚେତନା ଆଡ଼କୁ ପରିଚାଳିତ କରି ନେଇଯାଇ ପାରିବ । ମାତ୍ର, ଅନ୍ୟ ପକ୍ଷରେ ଏକ ଉଚ୍ଚତର ପ୍ରକାର କାର୍ଯ୍ୟ ବୋଲି ବିଚାର କରାଯାଉଥିବା କୌଣସି କାର୍ଯ୍ୟ,—ଅଧ୍ୟୟନ, ସାହିତ୍ୟିକ ଅଥବା କଳାତ୍ମକ କୌଣସି କାର୍ଯ୍ୟକୁ ଯଦି ଯଶୋଲିପ୍ସାକୁ ଚରିତାର୍ଥ କରିବା ଲାଗି ବା ନିଜ ଅହଙ୍କାରର ତୃପ୍ତି ଅଥବା ସେହିପରି କୌଣସି ଭୌତିକ ଲାଭ ହାସଲ କରିବାର ଅଭିପ୍ରାୟ ରଖି କରାଯାଏ, ତେବେ ତାହା ତୁମର ଅନ୍ତରଗତରେ ତୁମକୁ ଆଦୌ କୌଣସି ସାହାଯ୍ୟ କରି ପାରିବ ନାହିଁ । ତେଣୁ, ଏପରି କହିବା ଦ୍ୱାରା ମଧ୍ୟ ଏକ ପ୍ରକାରର ଶ୍ରେଣୀବିଭାଗ ଆସି ପହଞ୍ଚି ଯାଉଛି, ଏବଂ ତାହା ବାହ୍ୟତର କୌଣସି ବସ୍ତୁସତ୍ୟ ଅପେକ୍ଷା ଅନ୍ତର ଭିତରର ଦୃଷ୍ଟିକୋଣଟି ଉପରେହିଁ ଅଧିକତର ପରିମାଣରେ ନିର୍ଭର କରି ରହିଥାଏ । ମାତ୍ର, ଏହି ଶ୍ରେଣୀବିଭାଗଟିକୁ ଆମେ ସର୍ବକ୍ଷେତ୍ରରେ ମଧ୍ୟ ପ୍ରୟୋଗ କରି ପାରିବା ।

ହଁ, ଆଉ ଏପରି ଗୋଟିଏ ପ୍ରକାରର କାର୍ଯ୍ୟ ବି ରହିଛି, ଯାହାକୁ କି କେବଳ ଅର୍ଥୋପାର୍ଜନ ଲାଗି ଅଥବା ସେହିପରି କୌଣସି ବ୍ୟକ୍ତିଗତ ନାନା କାରଣରୁ କରା ଯାଇଥାଏ । ସେହି କାର୍ଯ୍ୟଟି ଯାହା ହେଉ ପଛକେ ଆମେ ଜୀବିକାନିର୍ବାହ ଲାଗି ଯାହାକିଛି କରିଥାଉ, ଏଠାରେ ସେହି କାର୍ଯ୍ୟର କଥା କୁହାଯାଉଛି । ଠିକ୍ ସେହି ଦୃଷ୍ଟିକୋଣଟିକୁହିଁ ଶ୍ରୀଅରବିନ୍ଦ ଓଦା ଏବଡ଼ ବଡ଼ ବଡ଼ କାଠ ସହିତ ତୁଳନା କରିଛନ୍ତି । ସେଗୁଡ଼ିକୁ ଏପରି ନିହାତି ଭାବରେ ଲଦି ଦିଆ ଯାଇଥାଏ ଯେ ତା' ଭିତରୁ ନିଆଁ ଉଠିପାରିବା ମଧ୍ୟ କଷ୍ଟକର ବ୍ୟାପାର ହୋଇପଡ଼େ । ସେହି କାର୍ଯ୍ୟଟି ମଧ୍ୟରେ ଅତ୍ୟନ୍ତ ତମସାଚ୍ଛନ୍ନ ଏବଂ ନୀରସ ଏକ ଉପାଦାନ ନିହିତ ହୋଇ ରହିଥାଏ ।

ଏଥିରୁ ଅଭ ଏପରି ଗୋଟିଏ କଥା ନିଷ୍ପନ୍ନ ହେଉଛି, ଯେଉଁ ବିଷୟରେ କି ତୁମମାନଙ୍କୁ ମୁଁ ଏକାଧିକ ବାର କହିଛି; ମାତ୍ର ଏଥିସହିତ ସଂଲଗ୍ନ ହୋଇ ରହିଥିବା ସମସ୍ୟାଟିର ସମାଧାନ ଏବେ ବି ଆମର ପରିବେଶଗୁଡ଼ିକ ଦ୍ୱାରା ହୋଇ ପାରି ନାହିଁ । ଏହି ବିଷୟରେ ମୁଁ ଆଗରୁ ମଧ୍ୟ ତୁମମାନଙ୍କୁ କହିଛି ବୋଲି ଭାବୁଛି, ମାତ୍ର, ଶ୍ରୀଅରବିନ୍ଦ ଏଠାରେ ଯେଉଁ ବାକ୍ୟଟି କହିଛନ୍ତି, ତାହାର କାରଣରୁ ମୁଁ ଆଜି ସନ୍ଧ୍ୟାରେ ସେଇଟି ବିଷୟରେ ପୁଣି ତୁମମାନଙ୍କୁ କହିବି ।

'oaob.nitrkl.ac.in' images reprocessed

ମୋର ଏହି ମରଜୀବନର ପ୍ରଥମକାଳରେ ମୁଁ ଏପରି ଅନେକ ଲୋକଙ୍କର ସମ୍ପର୍କରେ ଆସିଥିଲି, ଯେଉଁମାନେ ମୋତେ କହୁଥିଲେ ଯେ ସେମାନଙ୍କର ଅନ୍ତର ଭିତରେ ଏକ ଉଚ୍ଚ ଅଭୀପ୍ସା ରହିଛି, ଏକ ଅଧିକ ଗଭୀର ଏବଂ ଅଧିକ ସତ୍ୟ ଏକ ସମ୍ପଦ ଲାଗି ପ୍ରବଳ ଆକାଂକ୍ଷା ରହିଛି । ମାତ୍ର ସେମାନେ ଆପଣାର ଜୀବିକାନିର୍ବାହର ନିର୍ମମ ଆବଶ୍ୟକତାଟି ସହିତ ସମ୍ପୂର୍ଣ୍ଣ ଭାବରେ ବନ୍ଧାହୋଇ ରହିଛନ୍ତି, ତାହାରି ଅଧୀନ ହୋଇ ରହିଛନ୍ତି, କ୍ରୀତଦାସ ହୋଇ ରହିଛନ୍ତି । ଏବଂ ସେହି ଗୁରୁଭାରଟି ସେମାନଙ୍କୁ ଏପରି ଅବନତ କରି ରଖିଛି ଏବଂ ସେଥିରେ ସେମାନଙ୍କୁ ଏତେବେଶୀ ସମୟ ଓ ଶକ୍ତି ଦେବାକୁ ପଡ଼ୁଛି ଯେ ସେମାନେ ଆଉ କୌଣସି ପ୍ରକାର କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ଆଦୌ ସମର୍ଥ ହେଉ ନାହାନ୍ତି,—ବାହାର ବା ଅନ୍ତରର କୌଣସି କାର୍ଯ୍ୟରେ ନିଜକୁ ଲଗାଇ ପାରୁ ନାହାନ୍ତି । ଏହି କଥା ମୁଁ ଅନେକ ଥର ଶୁଣିବାକୁ ପାଉଥିଲି, ଏପରି ଦରିଦ୍ର ଅନେକ ଲୋକଙ୍କୁ ମୁଁ ଦେଖିଥିଲି—ଅର୍ଥରେ ଦରିଦ୍ର ନୁହନ୍ତି, ମାତ୍ର ଏକ ଭୌତିକ ଆବଶ୍ୟକତାର ସଙ୍କୀର୍ଣ୍ଣ ଓ ଭୟଙ୍କର ଆୟତନ ମଧ୍ୟରେ ପଡ଼ିଥିବା ବନ୍ଦୀ ହୋଇ ରହିଥିବା ପରି ଅନୁଭବ କରୁଥିବା ହେତୁ ଦରିଦ୍ର ଅନେକ ଲୋକଙ୍କୁ ଦେଖିଥିଲି ।

ସେତେବେଳେ ମୋ ବୟସ ଅତ୍ୟନ୍ତ ଅଳ୍ପ ଥିଲା; ଏବଂ ମୁଁ ସର୍ବଦା ଆପଣାର ମନକୁ ମନ କହୁଥିଲି, ଯଦି ମୁଁ କେବେ ବି ଏପରି କରିବାକୁ ସମର୍ଥ ହେବି, ତେବେ ଗୋଟିଏ ସାନ ସଂସାର ଗଢି ରଖିବା ଲାଗି ଚେଷ୍ଟା କରିବି,—ଭଲ ସାନ ସଂସାରଟିଏ, ତଥାପି···ଏପରି ସାନ ସଂସାରଟିଏ ତିଆରି କରିବି, ଯେଉଁଠାରେ କି ଲୋକମାନେ ଖାଦ୍ୟ, ବାସଗୃହ ଏବଂ ବସ୍ତ୍ର ବ୍ୟାପାରରେ ଏତେଟୁକୁଏ ଚିନ୍ତା କରିବାକୁ ବାଧ୍ୟ ନହୋଇ ବାସ କରି ପାରିବେ, ଯେଉଁଠି ସେମାନଙ୍କୁ ଜୀବନର ଅତ୍ୟାବଶ୍ୟକ ବସ୍ତୁମାନ ସହଜରେ ମିଳି ଯାଉଥିବ । ତା'ପରେ ଦେଖିବି, ଏକ ନିଶ୍ଚିତ ଭୌତିକ ସଂସ୍ଥାନର ପ୍ରତିଷ୍ଠା ଫଳରେ ସେମାନଙ୍କର ଯେଉଁ ଶକ୍ତିଗୁଡ଼ିକ ମୁକ୍ତିଲାଭ କରିବ, ସେଗୁଡ଼ିକ କିପରି ଭାବରେ ସ୍ୱତଃପ୍ରେରିତ ହୋଇ ଦିବ୍ୟ ଜୀବନ ଏବଂ ଅନ୍ତର୍ଗତ ଉପଲବ୍ଧି ଦିଗରେ ଆପଣାକୁ ଅନୁଧାବିତ କରି ରଖିପାରିବ ।

ହଁ, ଜୀବନର ମଧ୍ୟାହ୍ନ କାଳରେ,—ଅନ୍ତତଃ ଯାହାକୁ ମନୁଷ୍ୟଜୀବନର ମଧ୍ୟକାଳ ବୋଲି କୁହାଯାଏ,—ମୋତେ ସେପରି ଏକ ସଂସାର ସମ୍ଭବ କରିବାର ସାଧନ ମିଳି ଯାଇଥିଲା ଏବଂ ମୁଁ ଜୀବନର ଏହିପରି ଗୋଟିଏ ପରିବେଶ ସମ୍ଭବ କରି ପାରିଲି । ଏବଂ, ସେଥିରୁ ମୁଁ ଏହି ସିଦ୍ଧାନ୍ତଟିରେ ଆସି ପହଞ୍ଚିଛି ଯେ, ଏହି ଆବଶ୍ୟକତାଟି ସକାଶେ ଯେ ଲୋକେ ଏକ ଅନ୍ତର୍ଗତ ଉପଲବ୍ଧି ଲାଗି ନିଜକୁ ଉତ୍ସର୍ଗୀକୃତ କରି ରଖିବାକୁ ବାଧାପ୍ରାପ୍ତ ହୋଇ ରହନ୍ତି, ସେକଥା ଆଦୌ ନୁହେଁ, ମାତ୍ର ଏହି କ୍ଷେତ୍ରରେ ଏକ ତାମସିକତା ହିଁ କାରଣ ହୋଇ ରହିଥାଏ, ଅଭୀପ୍ସାର

'oaob.nitrkl.ac.in' images reprocessed

ଅଭାବ ରହିଥାଏ, ଅତ୍ୟନ୍ତ ଦୟନୀୟ ଭାବରେ ଏକ ଶିଥିଳତା ରହିଥାଏ, "ମୋର କିଏ କରୁଛି ?"ର ଏକ ଦୃଷ୍ଟିକୋଣ ରହିଥାଏ । ଏବଂ, ଯେଉଁମାନଙ୍କୁ ଜୀବନରେ କଠିନତମ ପରିସ୍ଥିତିଗୁଡ଼ିକର ବି ସମ୍ମୁଖୀନ ହେବାକୁ ପଡ଼ିଥାଏ, ବେଳେବେଳେ ହୁଏତ ସେହିମାନେହିଁ ସବୁଠାରୁ ଅଧିକ ପ୍ରତିକ୍ରିୟା ବ୍ୟକ୍ତ କରିଥାନ୍ତି ଏବଂ ସେହିମାନଙ୍କର ଅଭୀପ୍ସାହିଁ ସବୁଠାରୁ ଅଧିକ ପ୍ରଗାଢ଼ ହୋଇଥାଏ ।

ମୋର ଏତିକି କହିବାର ଥିଲା । ଏହାର ବିପରୀତ କଥାଟି ମୋ ଲାଗି କେବେ ପ୍ରତିପାଦିତ ହେବ ବୋଲି ଦେଖିବାକୁ ମୁଁ ଅପେକ୍ଷା କରିଛି ।

ଏହାର ବିପରୀତ କଥାଟିକୁ ଦେଖିବା ଲାଗି ମୋର ଭାରି ଇଚ୍ଛା ରହିଥିଲେ ମଧ୍ୟ ମୁଁ ଏପର୍ଯ୍ୟନ୍ତ ତାହା ଦେଖି ପାରି ନାହିଁ । ଆମର ଏପରି ଅନେକ ଶକ୍ତି ଅଛି, ଯାହାକି କୌଣସି ପ୍ରକାର କାର୍ଯ୍ୟରେ ଲାଗୁ ନାହିଁ; କିଛି ଖାଇବାକୁ ପଡ଼ିବ, ଶୋଇବା ଲାଗି ଖଣ୍ଡେ ଖଟ ଥିବ ଏବଂ ଦେହ ଢାଙ୍କିବାକୁ ଖଣ୍ଡେ ଲୁଗା ଥିବ, ଏସବୁ ସକାଶେ ଆଦୌ ବ୍ୟବହୃତ ହେଉ ନଥିବା ଅନେକ ଶକ୍ତି ଆମ ପାଖରେ ରହିଛି ଏବଂ ନାନା ଅଳସ ନିର୍ବୋଧ କର୍ମରେ ସେଗୁଡ଼ିକ ବ୍ୟୟିତ ହେବାରେ ଲାଗିଛି । ଏବଂ ଏହି ଯାବତୀୟ ନିର୍ବୋଧତାରୁ ଯେଉଁଟା ମୋତେ ସବୁଠାରୁ ଅଧିକ ଅନିଷ୍ଟକାରକ ବୋଲି ବୋଧ ହୋଇଥାଏ, ସେଇଟା ହେଉଛି ଜିଭଟାକୁ ନଡ଼ବଡ଼ କରାଇ ସବୁବେଳେ କିଛି ନା କିଛି କହିବାରେ ଲାଗିଥିବା,—ବାସ୍, କଥାହିଁ କହିବାରେ ଲାଗିଥିବା, ଅସରନ୍ତି ଭାବରେ କଥା କହୁଥିବା । ମୁଁ ଆଉ ଏପରି ଅନ୍ୟ କୌଣସି ଜାଗା ଦେଖି ନାହିଁ, ଯେଉଁଠିକି ଲୋକମାନେ ଏତେ ଅଧିକ ପରିମାଣରେ ପାଟି ବଜାଇବାରେ ଲାଗିଥାନ୍ତି, ଯାହା ନକହିବାର କଥା, ସେହି ସବୁଯାକକୁ କହି ବୁଲୁଥାନ୍ତି । ଯେଉଁ କାମ ସହିତ ସେମାନଙ୍କର ଆଦୌ କୌଣସି ସମ୍ପର୍କ ନାହିଁ, ସେଇଗୁଡ଼ାକୁ ନେଇ ବ୍ୟସ୍ତ ହୋଇ ରହିଥାନ୍ତି । ଏବଂ, ମୁଁ ଭାରି ଭଲ କରି ଜାଣେ ଯେ, ଅବ୍ୟବହୃତ ଶକ୍ତିର କେବଳ ଉଦ୍‌ବୁଦ୍ଧ ହୋଇ ବୋହିଯିବା ଅପେକ୍ଷା ଏହା ଆଦୌ ଅନ୍ୟ କିଛି ନୁହେଁ ।

ମୋର ଏତିକି କହିବାର ଥିଲା ।

ତେଣୁ କର୍ମର ଶ୍ରେଣୀବିଭାଗ ବିଷୟରେ ଆମେ ଯାହା ସାଧାରଣତଃ ଭାବିଥାଉ, ଏହା ସମ୍ଭବତଃ ଠିକ୍ ତାହା ନୁହେଁ ।...

'oaob.nitrkl.ac.in' images reprocessed

## ୭ ଜୁନ୍ ୧୯୫୭

ଆପଣ ଥରେ ଦୁଇଥର, ସତେଅବା ଠିକ୍ ଏକ ଖେଳାଳି ପରି ଆପଣଙ୍କର ଅଥବା ଶ୍ରୀଅରବିନ୍ଦଙ୍କର ରଚନାବଳୀରୁ ଅନିର୍ଦ୍ଦିଷ୍ଟ ଭାବରେ କୌଣସି ଗୋଟିଏ ପୃଷ୍ଠା ବାହାର କରି ସେଥିରୁ ବଡ଼ ପାଟି କରି ଗୋଟିଏ ବାକ୍ୟ ପଢ଼ି ଶୁଣାଉଥିଲେ । ଏହିସବୁ ବାକ୍ୟ କ'ଣ କୌଣସି ସଙ୍କେତ ଅଥବା ଇଙ୍ଗିତର ବାହକ ହୋଇଥାଏ କି ? ଏକ ଯଥାର୍ଥ ଉତ୍ତର ଲାଭ କରିବାକୁ ଆମେ ଏ ବିଷୟରେ କ'ଣ କରିବୁ ?

ଏକଥା ସମସ୍ତେ କରିପାରିବେ । ଏଇଟିକୁ ଏହିପରି ଭାବରେ କରାଯାଏ : ତୁମେ ପ୍ରଥମେ ନିଜକୁ ସକେନ୍ଦ୍ରିତ କରି ଆଣିବ । ତା'ପରେ, ତୁମେ ପ୍ରକୃତରେ କ'ଣ ଚାହୁଁଛ, ସବୁ ତାହାରି ଉପରେ ନିର୍ଭର କରିବ । ଯଦି ତୁମର ଅନ୍ତର୍ଗତ କୌଣସି ସମସ୍ୟା ରହିଥାଏ ଓ ତୁମେ ତାହାର ସମାଧାନ ଚାହୁଁଥାଅ, ତେବେ ତୁମେ ନିଜକୁ ସେହି ସମସ୍ୟାଟି ଉପରେହିଁ ସକେନ୍ଦ୍ରିତ କରି ରଖିବ; ତୁମେ କେଉଁ ଅବସ୍ଥାରେ ଅଛ, ଯଦି ସେହି କଥାଟିକୁ ଜାଣିବା ଲାଗି ଇଚ୍ଛା କରୁଥାଅ,—କାରଣ ତୁମେ ସେବିଷୟରେ ପ୍ରକୃତରେ କିଛି ଜାଣି ପାରୁ ନାହିଁ,—ଯଦି ନିଜର ଅବସ୍ଥାଟି ଉପରେ ତୁମେ କୌଣସି ଆଲୋକପାତ କରାଇବାକୁ ଇଚ୍ଛା କରୁଥାଅ, ତେବେ ତୁମେ ଏକାନ୍ତ ସହଜ ହୋଇ ଆଗକୁ ବାହାରି ଆସିବ ଏବଂ ସେହି ଆଲୋକଟି ଲାଗି ପ୍ରାର୍ଥନା କରିବ । ଅଥବା, ଆହୁରି ସହଜ ଭାବରେ କହିବାକୁ ଗଲେ, ଅଦୃଶ୍ୟ ଜଗତର ତୁମକୁ ପ୍ରକୃତରେ କ'ଣ କହିବାକୁ ଅଛି ବୋଲି ଯଦି ତୁମେ ଜାଣିବାକୁ ଇଚ୍ଛା କରୁଥାଅ, ତେବେ ତୁମେ ନୀରବ ହୋଇଯିବ, ଗୋଟିଏ ମୁହୂର୍ତ୍ତ ସକାଶେ ସମ୍ପୂର୍ଣ୍ଣ ସ୍ଥିର ହୋଇ ଆସିବ ଏବଂ ତା'ପରେ ବହିଟିକୁ ଖୋଲିବ । ସାଙ୍ଗରେ ଗୋଟିଏ କଲମତରାସ ରହିଥିବା ଉଚିତ ବୋଲି ମୁଁ ସର୍ବଦା କହିଆସିଛି, କାରଣ ଏଇଟି ହେଉଛି ଅନେକ ଅଧିକ ପାତଳା; ଆପଣାକୁ ସକେନ୍ଦ୍ରିତ କରି ରଖିଥିବା ସମୟରେ ତୁମେ ସେହି କଲମତରାସଟିକୁ ବହି ଭିତରେ ନେଇ ପୂରାଇଦେବ ଏବଂ ଆଙ୍ଗୁଠି ଟିପରେ କିଛି ଚାପ ଦେଇ ରଖିବ । ତା'ପରେ, ଯଦି ତୁମେ ନିଜକୁ ସକେନ୍ଦ୍ରିତ କରି ଜାଣିଥିବ, ଅର୍ଥାତ୍, ଯଦି ଏକ ଉତ୍ତର ପାଇବାର

'oaob.nitrkl.ac.in' images reprocessed

ଅଭୀପ୍ସା ରଖି ତୁମେ ପ୍ରକୃତରେ ସେହି କାର୍ଯ୍ୟଟିକୁ କରି ପାରିବ, ତେବେ ଉତ୍ତର ସବୁବେଳେ ଆସିଯିବ ।

କାରଣ, ଏହି ପ୍ରକାରର (ମାଆ 'ଯୋଗସମନ୍ୱୟ' ଗ୍ରନ୍ଥଟିକୁ ଦେଖାଇଲେ) ଯେତେ ଗ୍ରନ୍ଥ ରହିଛି, ସତ୍ୟର ଉଦ୍‌ଭାସ ଦେଇ ଯାଉଥିବା ଏହିସବୁ ଗ୍ରନ୍ଥରେ ସର୍ବଦା କେତେ ନା କେତେ ଶକ୍ତି ସଂଗୃହୀତ ଓ ସଞ୍ଚିତ ହୋଇ ରହିଥାଏ; ଅନ୍ତତଃ ଉଚ୍ଚତର ମନଃସ୍ତରର ଅନେକ ଶକ୍ତି ମୂଳ ହୋଇ ରହିଥାଏ ଏବଂ ଅଧିକାଂଶ ସମୟରେ ଉଚ୍ଚତମ ଜ୍ଞାନର ଆଧ୍ୟାତ୍ମିକ ଶକ୍ତିମାନ ମୂଳ ହୋଇ ରହିଥାଏ । କୌଣସି ବହି ଭିତରେ ଯେଉଁସବୁ ଶବ୍ଦ ରହିଛି, ସେହି ଶବ୍ଦଗୁଡ଼ିକର କାରଣରୁ ପ୍ରତ୍ୟେକ ଗ୍ରନ୍ଥ ଏହିସବୁ ଶକ୍ତିର ଏକ କ୍ଷୁଦ୍ର ଭଣ୍ଡାର ହୋଇ ରହିଥାଏ । ଲୋକମାନେ ଏହି କଥାଟିକୁ ଜାଣି ନଥାନ୍ତି, କାରଣ ସେମାନେ ତାହାକୁ କାମରେ ଲଗାଇବାର ବାଟଟିକୁ ମଧ୍ୟ ଜାଣି ନଥାନ୍ତି, ମାତ୍ର ତାହା ପ୍ରକୃତରେ ସେହିପରି ହୋଇ ରହିଥାଏ । ଠିକ୍ ସେହିପରି ଭାବରେ, ପ୍ରତ୍ୟେକ ଛବିରେ, ଫଟୋରେ ମଧ୍ୟ ଏହିପରି କେତେ ଶକ୍ତି ମୂଳ ହୋଇ ରହିଥାଏ; ଯାହାର ଛବି, ତାହାର ଶକ୍ତି, ତାହାର ପ୍ରକୃତି, ଏବଂ ତା' ପାଖରେ କୌଣସି ଅଲୌକିକ କ୍ଷମତା ରହିଥିଲେ, ସେହି କ୍ଷମତା ଅନୁସାରେ ଏକ ତଦନୁରୂପ କ୍ଷୁଦ୍ର ଭଣ୍ଡାର ସଞ୍ଚିତ ହୋଇ ରହିଥାଏ । ଏବଂ, ଯେତେବେଳେ ତୁମେ ନିଷ୍ଠାପର ଭାବରେ ସବୁ କରୁଥାଅ ଓ ତୁମ ଭିତରେ ଏକ ଅଭୀପ୍ସା ରହିଥାଏ, ତେବେ ତୁମେ ଗୋଟିଏ ପ୍ରକାରର ସ୍ପନ୍ଦନର ବିକିରଣ କରିଥାଅ, ତୁମ ଅଭୀପ୍ସାର ସ୍ପନ୍ଦନଟିକୁହିଁ ବିକିରଣ କରି ଦେଇଥାଅ, ଏବଂ ତାହା ସେଠାରୁ ଯାଇ ଗ୍ରନ୍ଥରେ ରହିଥିବା ଅନୁରୂପ ଶକ୍ତିଟି ସହିତ ସମ୍ମିଳିତ ହୋଇଥାଏ, ଏବଂ ଏକ ଉଚ୍ଚତର ଚେତନା ତୁମକୁ ଅଭିଳଷିତ ଉତ୍ତରଟି ଆଣି ଦେଇଯାଏ ।

ଅନ୍ତର୍ନିହିତ ଶକ୍ତିରୂପେ ସବୁକିଛି ମହଜୁଦ ହୋଇ ରହିଛି । ଗୋଟିଏ ସମଗ୍ର ମଧ୍ୟରେ ଯାହାକିଛି ରହିଛି, ସେହି ସମଗ୍ରଟିର ପ୍ରତ୍ୟେକ ଉପାଦାନ ଏକ ସମ୍ଭାବନାରୂପେ ତାହାକୁ ଧାରଣ କରି ରଖିଛି । ଏହି କଥାଟିକୁ ବୁଝାଇ କହିବା ନିହାତି ଟିକିଏ କଷ୍ଟକର, ମାତ୍ର ଗୋଟିଏ ଉଦାହରଣ ଦେଲେ ତୁମ୍ଭେମାନେ ତାହା ବୁଝିପାରି ପାରିବ : ଯେତେବେଳେ ଲୋକେ କୌଣସି ଯାଦୁବିଦ୍ୟା ହାସଲ କରିବାକୁ ଇଚ୍ଛା କରୁଥାନ୍ତି, ଯଦି ସେମାନଙ୍କ ପାଖରେ ଏତେଟିକିଏ ନଖ କିଂବା ବାଳ ରହିଥାଏ, ତେବେ ତାହାହିଁ ସେମାନଙ୍କ ଲାଗି ଯଥେଷ୍ଟ ହୁଏ, କାରଣ ସ୍ୱୟଂ ସତ୍ତାଟି ମଧ୍ୟରେ ଯାହାକିଛି ରହିଥାଏ, ସେହି ବସ୍ତୁଟି ମଧ୍ୟରେ ସେସବୁ ନିହିତ ହୋଇ ରହିଥାଏ । ଏବଂ ଯେଉଁ ଲେଖକ କୌଣସି ଗ୍ରନ୍ଥ ଲେଖିଛନ୍ତି, ତାଙ୍କର ସେହି ଗ୍ରନ୍ଥ ମଧ୍ୟରେ ସେହି ଲେଖକଙ୍କ ମଧ୍ୟରେ ରହିଥିବା ଜ୍ଞାନ ଅନ୍ତର୍ନିହିତ ହୋଇ ରହିଥାଏ, ଅର୍ଥାତ୍, ପ୍ରକାଶ୍ୟ ଭାବରେ ନୁହେଁ, ମାତ୍ର ଅବ୍ୟକ୍ତ ଭାବରେ ରହିଥାଏ । ଏହିପରି

'oaob.nitrkl.ac.in' images reprocessed

ଭାବରେ ଆମକୁ ଜାଣି ରଖିବାକୁ ହେବ ଯେ ଶ୍ରୀଅରବିନ୍ଦ ଯେଉଁ ସମଗ୍ର ବୋଧଶକ୍ତି, ଜ୍ଞାନ ଓ ସାମର୍ଥ୍ୟର ପ୍ରତିନିଧିତ୍ୱ କରୁଥିଲେ ଏବଂ ସେ ଯେତୋଟି ଗ୍ରନ୍ଥ ଲେଖି ଯାଇଛନ୍ତି, ସେହି ପ୍ରତ୍ୟେକଟି ଗ୍ରନ୍ଥ ତାହାର ଏକ ପ୍ରତୀକ ଏବଂ ପ୍ରତିନିଧି ହୋଇ ରହିଛି । ଶ୍ରୀଅରବିନ୍ଦଙ୍କ ଭିତରେ ଯାହାକିଛି ରହିଥିଲା, ତାହା ପ୍ରତୀକାତ୍ମକ ଭାବରେ ତାଙ୍କର ପ୍ରତ୍ୟେକ ଗ୍ରନ୍ଥରେ ଅନ୍ତର୍ନିହିତ ହୋଇ ରହିଛି । ତେଣୁ ଯଦି ତୁମେ ତାଙ୍କର ଗ୍ରନ୍ଥ ଉପରେ ଆପଣାକୁ ସକେନ୍ଦ୍ରିତ କରି ରଖିପାରିବ, ତେବେ ସେହି ଗ୍ରନ୍ଥଟିର ମାଧ୍ୟମରେ ତୁମେ ଅସଲ ଉତ୍ସଟିରେ ମଧ୍ୟ ଯାଇ ପହଞ୍ଚି ପାରିବ । ଏବଂ, ଏପରିକି ଏକଥା ମଧ୍ୟ ସମ୍ଭବ ଯେ ବହିଟିରେ କେବଳ ଯାହାକିଛି ରହିଛି, ବହିଟିକୁ ପଢ଼ିବା ଦ୍ୱାରା ତୁମେ ତା'ଠାରୁ ଆହୁରି ଅନେକ ଅଧିକ ଗ୍ରହଣ କରି ପାରିବା ଲାଗି ସମର୍ଥ ହୋଇପାରିବ ।

ତୁମେ ଯାହାକିଛି ପଢ଼ୁଛ, ତୁମେ ଯାହାକିଛି ବୁଝୁଛ, ବହିରେ ଥିବା ଯାହାକିଛି ତାହାର ଉତ୍ତର ଦେଇଯାଉଛି, ତାହାକୁ ପଢ଼ିବାର ଏବଂ ବୁଝିବାର ସବଦା ଏକ ଯଥାର୍ଥ ପଦ୍ଧତି ରହିଛି । ଦୈବାତ୍ ଯାହା ମିଳିଲା, ତାହା ପଢ଼ିବାଟା ଯଥାର୍ଥ ପଦ୍ଧତି ନୁହେଁ; ଚିତ୍ତବିନୋଦନ ପାଇଁ ପଢ଼ିବା ବି ପଦ୍ଧତି ନୁହେଁ ବା ମନଟାକୁ ଅନ୍ୟ କୌଣସିଥିରେ କିଛିନ୍ତ ଭୁଲାଇ ରଖିବା ପାଇଁ ବହି ପଢ଼ିବା ବି ପଦ୍ଧତି ନୁହେଁ । ହିଁ, ତୁମେ "ଏମିତି ପଢ଼ୁ ପଢ଼ୁ ପଢ଼ିଦେଲି" ଭାବରେ ହୁଏତ କୌଣସି ବହି ପଢ଼ିପାରିବ, ମାତ୍ର ତା'ହେଲେ ତୁମର ଏହି ପଢ଼ିବା ଦ୍ୱାରା ଆଦୌ କୌଣସି ଘଟଣା ଘଟିବ ନାହିଁ, ତୁମେ କୌଣସି ଉତ୍ତର ପାଇବ ନାହିଁ ଏବଂ ତାହା ଆଦୌ ଆଗ୍ରହୋଦ୍ଦୀପକ ହେବ ନାହିଁ । ମାତ୍ର ଯଦି ତୁମେ ଗମ୍ଭୀରତା ସହିତ ତାହା କରିପାରିବ, ଗ୍ରନ୍ଥରୂପୀ ଏହି ଜିନିଷଟି ଉପରେ ଯଦି ତୁମର ଅଭୀପ୍ସା ଗମ୍ଭୀର ଭାବରେ ଆପଣାକୁ ସକେନ୍ଦ୍ରିତ କରି ରଖିପାରିବ,—ଆମେ ଏହାକୁ ଏକ ବ୍ୟାଟେରି ପରି କଳ୍ପନା କରି ପାରିବା, ନୁହେଁ କି ?—ଯେଉଁଥିରେ କି ଶକ୍ତି ଭର୍ତ୍ତି ହୋଇ ରହିଛି,—ସେଠାରେ ରହିଥିବା ଶକ୍ତିଟିର ସମ୍ପର୍କରେ ଆସିବାକୁ ଯଦି ତୁମର ଅଭୀପ୍ସା ପ୍ରକୃତରେ ପ୍ରୟାସ କରୁଥାଏ, ଏବଂ ତାହା ଯାହା ଜାଣିବାକୁ ଇଚ୍ଛା କରୁଛି, ଯଦି ଆଗ୍ରହର ସହିତ ତାହାର ଏକ ଉତ୍ତରର ଆକାଂକ୍ଷା ରଖିଥାଏ, ତେବେ ଏହା ଅତ୍ୟନ୍ତ ସ୍ୱାଭାବିକ ଭାବରେ ଘଟିବ ଯେ ସେଠାରେ ଯେଉଁ ଶକ୍ତିଟି ରହିଥିବ,—ଏଠାରେ ଦୁଇ ଶକ୍ତିର ସମ୍ମିଳନ ଘଟିବ, ତୁମେ ଯେଉଁ ଶକ୍ତିଟିର ବିକିରଣ କରୁଥିବ ଏବଂ ଗ୍ରନ୍ଥଟି ମଧ୍ୟରେ ଯେଉଁ ଶକ୍ତି ପୁଞ୍ଜୀଭୂତ ହୋଇ ରହିଥିବ,—ସେହି ଶକ୍ତି ତୁମର ହାତ ଧରି ଆଗକୁ ବାଟ ଦେଖାଇ ନେଇଯିବ, ତୁମର କଳମ ତଳକୁ, ଅଥବା ତୁମ ପାଖରେ ଯାହା ଥିବ, ତାହାକୁ ବାଟ ଦେଖାଇ ନେଇଯିବ, ତୁମେ ଯାହା ଜାଣିବାକୁ ଇଚ୍ଛା କରୁଛ, ସେଇଟିକୁ ବ୍ୟକ୍ତ କରୁଥିବା ଠିକ୍ ସେହି ବସ୍ତୁଟି ପାଖକୁ ବାଟ ଦେଖାଇ ନେଇଯିବ ।



'oaob.nitrkl.ac.in' images reprocessed

…ଅବଶ୍ୟ, ଏଥିରେ କହିବାର ଆଦୌ କିଛି ନାହିଁ ଯେ, ଯଦି ତୁମର ଏହି କାର୍ଯ୍ୟଟିରେ ଆନ୍ତରିକତା ନଥିବ କିଂବା ବିଶ୍ୱାସ ନଥିବ, ତେବେ ଆଦୌ କିଛିହେଲେ ଘଟିବ ନାହିଁ । ମାତ୍ର ଯଦି ଆନ୍ତରିକତା ସହ ତାହା କରିପାରିବ, ତେବେ ଉତ୍ତର ପାଇବ ।

କେତେକ ଗ୍ରନ୍ଥ ଏହିପରି ଶକ୍ତିପୂର୍ଣ୍ଣ ହୋଇ ରହିଥାଏ, ଅନ୍ୟ ଗ୍ରନ୍ଥଗୁଡ଼ିକ ତୁଳନାରେ ଅନେକ ଅଧିକ ଶକ୍ତିରେ ଭରପୂର ହୋଇ ରହିଥାଏ । ଅନ୍ୟ ଏପରି ଅନେକ ବହି ବି ଅଛି, ଯେଉଁଥିରେ କି ଫଳଟି ଅପେକ୍ଷାକୃତ କମ୍ ସ୍ପଷ୍ଟ ହୋଇ ମିଳିଥାଏ । ମାତ୍ର ସାଧାରଣତଃ, ଯେଉଁସବୁ ଗ୍ରନ୍ଥରେ ସାନ ସାନ ସୂତ୍ର ରହିଥାଏ ଓ ସାନ ସାନ ବାକ୍ୟରେ ସବୁ ଲେଖା ହୋଇଥାଏ,—ଦୀର୍ଘ ଦାର୍ଶନିକ ବ୍ୟାଖ୍ୟା ଆକାରରେ କିଛି ନଥାଏ, ମାତ୍ର ଅତି ସଂକ୍ଷିପ୍ତ ଭାବରେ ଠିକ୍ ଯାହା ଲେଖିବା କଥା, ଲେଖାହୋଇ ରହିଥାଏ,—ତେବେ ସେହିଗୁଡ଼ିକରୁହିଁ ସର୍ବାଧିକ ସଫଳତା ପ୍ରାପ୍ତ ହୁଏ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ସମ୍ପୃକ୍ତ ଗ୍ରନ୍ଥଟି ମଧ୍ୟରେ ଯେଉଁ ଆଧ୍ୟାତ୍ମିକ ଶକ୍ତିଟି ରହିଥାଏ, ତାହାର ମୂଲ୍ୟ ଉପରେହିଁ ଆମେ ସେଥିରୁ ପାଉଥିବା ଉତ୍ତରଟିର ମୂଲ୍ୟ ନିର୍ଭର କରୁଥାଏ । ଯଦି ତୁମେ କୌଣସି ଉପନ୍ୟାସ ନେଇ ପଢ଼ିବାକୁ ଯାଅ, ତେବେ କେବଳ କେତେଟା ନିର୍ବୋଧତା ବ୍ୟତୀତ ତାହା ତୁମକୁ ଆଉ କିଛିହେଲେ କହି ପାରିବ ନାହିଁ । ମାତ୍ର ଯଦି ତୁମେ ଏପରି ଏକ ଗ୍ରନ୍ଥ ପଢ଼ିବାକୁ ଯିବ, ଯେଉଁଥିରେ କି କେତେ ନା କେତେ ଶକ୍ତି ଘନୀଭୂତ ହୋଇ ରହିଥିବ, କେତେ ଜ୍ଞାନ, ଆଧ୍ୟାତ୍ମିକ ଶକ୍ତି ବା ଶିକ୍ଷା ଦେଇ ପାରିବାର ସାମର୍ଥ୍ୟ ଯେଉଁଥିରେ ଘନୀଭୂତ ହୋଇ ରହିଥିବ, ତେବେ ତୁମେ ସେଥିରୁ ନିଜର ଉତ୍ତରଟିକୁ ଅବଶ୍ୟ ପାଇଯିବ ।

ତେବେ, ତୁମେ ମୋତେ କହ ତୁମେ ଠିକ୍ କ'ଣ ଜାଣିବାକୁ ଇଚ୍ଛା କରୁଛ । ପଦ୍ଧତିଟିକୁ ମୁଁ ବାହ୍ୟ ଭାବରେ ତୁମକୁ ବୁଝାଇ କହିଲି । ତୁମେ କ'ଣ ମୁଁ ଏହା କରି ଦେଖାଇଦିଏ ବୋଲି ଇଚ୍ଛା କରୁଛ କି ? ତୁମେ ପ୍ରକୃତରେ ତାହାହିଁ ଇଚ୍ଛା କରୁଥିଲ, ନା ଏହା କିପରି କରିବାକୁ ହୁଏ, କେବଳ ତାହାହିଁ ଜାଣିବାକୁ ଚାହୁଁଥିଲ ?

**ନାହିଁ ମାଆ, ସେତେବେଳେ ଆମର ଆଉ କିଛି ପ୍ରଶ୍ନ ପଚାରିବାକୁ ନଥିଲା, ସେତେବେଳେ ସେହି କ୍ଲାସ୍‌ରେ ମୁଁ ଅନେକଥର କୌଣସି ବହି ଖୋଲି ଦେଉଥିଲି ଓ ସେହି ଉପାୟରେ କିଛି ନା କିଛି ପାଇବାକୁ ଚେଷ୍ଟା କରୁଥିଲି, ମାତ୍ର ଆଦୌ କିଛି ହେଲେ ପାଇ ପାରୁ ନଥିଲି ।**

'oaob.nitrkl.ac.in' images reprocessed

ତୁମେ କିଛୁ ପାଉ ନଥିଲ, କାରଣ ସେତେବେଳେ ତୁମର ମନରେ ସମ୍ଭବତଃ ଆଦୌ କୌଣସି ଜିଜ୍ଞାସା ବା ଆକାଙ୍କ୍ଷା ନଥିଲା ।

ଏହି ଗ୍ରନ୍ଥଟିରେ (‘ଯୋଗସମନ୍ୱୟ’) କେତେ କେତେ ବ୍ୟାଖ୍ୟା ଦିଆଯାଇଛି, ତେଣୁ ଯଦି ତୁମେ ସେଥିମଧ୍ୟରୁ କୌଣସି ଗୋଟିଏ ବ୍ୟାଖ୍ୟା ମଧ୍ୟରେ ଆସି ଛିଦ୍ର ହୋଇ ପଡ଼ିଯିବ,... ବରଂ “ଈଶ୍ୱର ଓ ଚନ୍ଦ୍ରାଲୋକ”, “ଧ୍ୟାନ ଓ ପ୍ରାର୍ଥନା” ବା “ମାତୃବାଣୀ” ପରି ଗୋଟିଏ ଗ୍ରନ୍ଥ ନେବା ଉଚିତ, ହଁ, “ପ୍ରଶ୍ନ ଓ ଉତ୍ତର” ମଧ୍ୟ ନିଆ ଯାଇପାରେ ।

**ମାଆ, ଆମେ ଶ୍ରୀଅରବିନ୍ଦଙ୍କର ପତ୍ରାବଳୀ, ତୃତୀୟ ସଂଗ୍ରହକୁ ଚେଷ୍ଟା କରୁଥିଲୁ ।**

ପତ୍ରାବଳୀ ?... ମୋତେ ବହିଟିକୁ ଦେଖାଇଲ ! ସେହି ଖଣ୍ଡଟିରେ ସାହିତ୍ୟ-ସମ୍ବନ୍ଧୀୟ ପତ୍ରାବଳୀ ରହିଛି କି ?

**ହଁ, ମାଆ !**

ତେବେ ସେଇଟି ହେଉଛି ସବୁଠାରୁ ଅଧିକ ଅନୁପଯୋଗୀ । (ସମସ୍ତେ ହସିଉଠିଲେ)

**ନା—ପତ୍ରାବଳୀର ଦ୍ୱିତୀୟ ଖଣ୍ଡ ।**

ତେବେ ମୁଁ ପ୍ରଥମେ ସମସ୍ତଙ୍କ ପାଇଁ ଏହି ଗ୍ରନ୍ଥଟିରୁ କିଛି ବାହାର କରି ଦେଉଛି । ଅର୍ଥାତ୍, ଏଠାରେ ଯେଉଁମାନେ ଉପସ୍ଥିତ ରହିଛନ୍ତି, ଯାହା ସେମାନଙ୍କର ସାମୂହିକ ସ୍ଥିତିଟିର ଅନୁରୂପ ହେବ ଓ ତାହାକୁ ବ୍ୟକ୍ତ କରିଦେଇ ପାରିବ, ପ୍ରଥମେ ମୁଁ ତାହାକୁହିଁ ବାହାର କରି ଦେଖାଇଦେବି । ବର୍ତ୍ତମାନ କ’ଣ ହେଉଛି ପରୀକ୍ଷା କରି ଦେଖାଯାଉ । (ମାଆ ଏକାଗ୍ର ହୋଇ ଆସିଲେ ଓ ବହିଟି ଭିତରେ ଗୋଟିଏ ଛୋଟ କାର୍ଡ୍ ନେଇ ପୁରାଇଦେଲେ ।)

ଏଇଟି ତ ଇଂରାଜୀରେ ଲେଖାହୋଇଛି । ମୁଁ ତାକୁ ମୋଟାମୋଟି ଅନୁବାଦ କରିଦେଉଛି ।

ମୋ କାର୍ଡ୍‌ଟା ଏହାର ଉପରେ ଥିଲା, ଏବଂ ଏଇଟି ଏଠାରେ ଉପସ୍ଥିତ ଥିବା ପ୍ରତ୍ୟେକଙ୍କ ପକ୍ଷରେ ବେଶ୍ ଏକ ସାଧାରଣ ସମସ୍ୟା ବୋଲି ବୋଧ ହେଉଛି ।

'oaob.nitrkl.ac.in' images reprocessed

ଏଠାରେ କର୍ମ ପ୍ରତି ଯଥାର୍ଥ ଦୃଷ୍ଟିକୋଣ କ'ଣ ହେବ, ସେହି ବିଷୟରେ କୁହାଯାଇଛି । (ସମସ୍ତେ ହସିଉଠିଲେ) ଶ୍ରୀଅରବିନ୍ଦ ଏଠାରେ କହୁଛନ୍ତି ଯେ "ଯେତେବେଳେ ଆମେ କରୁଥିବା କାମଟି ମାଆଙ୍କର ଭାବନା ସହିତ ଯୁକ୍ତ ହୋଇ ରହିଥାଏ, ତାହାଙ୍କୁହିଁ ଏକ ସମର୍ପଣରୂପେ ଯେତେବେଳେ ସେଇଟିକୁ କରାଯାଏ, ଯେତେବେଳେ ତୁମର ଦ୍ୱାରା ସେହି କାର୍ଯ୍ୟଟି କରାଇବାକୁ ତାଙ୍କର ଡାକ ଆସି ବାଜୁଥାଏ," ସେତେବେଳେ ଯାଇ ଆମ ଲାଗି ଯଥାର୍ଥ ଦୃଷ୍ଟିକୋଣଟି ସହିତ କାର୍ଯ୍ୟ କରିବା ସମ୍ଭବ ହୁଏ । ଏଥିରୁ ମୁଁ ଏହି ବାକ୍ୟଟିକୁ ପାଇଲି, ମୁଁ ଭାବୁଛି ଯେ ଏକ ଆରମ୍ଭ ସକାଶେ ଏହା ଆଦୌ ଏକ ମନ୍ଦ କଥା ନୁହେଁ !

ମୁଁ ଏପରି ଅଉ କାହା ପାଇଁ କରେ ବୋଲି କେହି ଇଚ୍ଛା କରୁଛ କି ?

ମୁଁ ଇଚ୍ଛା କରୁଛି ।

ତୁମେ ? ତୁମେ ପୁଣି କ'ଣ ଇଚ୍ଛା କରୁଛ ? ତୁମେ ନିଜେ ବର୍ତ୍ତମାନ କେଉଁ ଅବସ୍ଥାରେ ଅଛ, କ'ଣ ତାହାହିଁ ଜାଣିବାକୁ ଚାହୁଁଛ ନା ଆଉ କ'ଣ ଚାହୁଁଛ ?

ମୋର ଯେଉଁପରି ଅବସ୍ଥାରେ ରହିବା ଉଚିତ ।

(ମାଆ କ୍ଷଣେକ ପାଇଁ ଏକାଗ୍ର ହୋଇଗଲେ, ବହିଟିକୁ ଖୋଲି ନୀରବରେ ପଢିବାକୁ ଲାଗିଲେ) ତୁମେ ଏହି ସମସ୍ୟାଟି ବିଷୟରେ ଭାରି ଆଗ୍ରହ ରଖିଛ,— ଅବତାରମାନେ କେଉଁ ଉଦ୍ଦେଶ୍ୟର ସାଧନ ଲାଗି ଆସନ୍ତି, ତୁମେ ସେଇଥିରେ ଆଗ୍ରହ ରଖିଛ :

> "ମୁଁ କହୁଛି ଯେ ଏକ ଉଚ୍ଚତର ଚେତନା ଲାଗି ଯିଏ ସମଗ୍ର ମାନବସମାଜ ନିମିତ୍ତ ଯଥାର୍ଥ ମାର୍ଗଟିକୁ ଉନ୍ମୋଚିତ କରିଦେବାକୁ ଆସନ୍ତି, ସେଇ ହେଉଛନ୍ତି ଅବତାର ।"

ମୁଁ ଏହିଠାରେହିଁ ମୋର କଲମଟିକୁ ରଖିଥିଲି । ଶ୍ରୀଅରବିନ୍ଦ ପୁଣି କହୁଛନ୍ତି :

> "ଯଦି କେହି ସେହି ପଥରେ ଅଗ୍ରସର ହୋଇ ନପାରୁଛନ୍ତି, ତେବେ ତାହାର ଏବେ ଅର୍ଥ ହେବ ଯେ, ବସ୍ତୁଟି ବିଷୟରେ

'oaob.nitrkl.ac.in' images reprocessed

> ଆମର ଯେଉଁ କଳ୍ପନା ରହିଛି,—ତାହାକୁ ଖ୍ରୀଷ୍ଟ, କୃଷ୍ଣ ଓ ବୁଦ୍ଧଙ୍କର କଳ୍ପନା ବୋଲି ମଧ୍ୟ କୁହାଯାଇ ପାରିବ,—ସେହି କଳ୍ପନାଟି ହେଉଛି ଗୋଟିଏ ଭୁଲ କଳ୍ପନା, ଅଥବା ସେହି ଅବତାରଙ୍କର ଜୀବନ ଓ କର୍ମ ମଧ୍ୟରେ ହୁଏତ ଆଦୌ କୌଣସି ଫଳପ୍ରଦତା ନାହିଁ ।"

ଯୋଗପତ୍ରାବଳୀ, ପୃଷ୍ଠା-୪୦୮

ଏହି ସମସ୍ୟାଟି ବିଷୟରେ ତୁମେ ପ୍ରକୃତରେ ଚିନ୍ତା କରୁଛ କି ନାହିଁ, ମୁଁ ସେକଥା ଜାଣେ ନାହିଁ । ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ଉତ୍ତରରେ ଏତିକି ମିଳିଛି···"ଅବତାର ଆସନ୍ତି ଓ ପଥଟିକୁ ଉନ୍ମୋଚିତ କରିଦିଅନ୍ତି; ମାତ୍ର ତାଙ୍କର ମାର୍ଗରେ ଯିବା ଲାଗି ଯଦି କେହିହେଲେ ନଥାନ୍ତି, ତେବେ କ'ଣ ହୁଏ ?"—ସ୍ପଷ୍ଟତଃ ଏହିପରି କାହାରି ଏକ ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦ ସେହି କଥାଟିକୁ କହିଛନ୍ତି । ଶ୍ରୀଅରବିନ୍ଦ କହିଛନ୍ତି : ହୁଏତ ଏହି କଳ୍ପନାଟି ଭୁଲ ହୋଇପାରେ ଅଥବା ତା'ର ଜୀବନଟି ଫଳହୀନ ବି ହୋଇପାରେ । ଅର୍ଥାତ୍, ଯଦି ଏକ ଉଚ୍ଚତର ଉପଲବ୍ଧି ପାଇଁ ପଥ ଉନ୍ମୋଚିତ କରିଦେବା ଲାଗି ଏକ ଦିବ୍ୟଶକ୍ତିର ଏହି ପୃଥିବୀ ଉପରେ ଆବିର୍ଭାବ ଘଟେ ଓ ଯଦି ପୁଣି ଏହିପରି ହୁଏ ଯେ ସେହି ପଥଟିରେ ଗତି କରିବା ଲାଗି ଏଠି ଜଣେହେଲେ କେହି ନଥାନ୍ତି, ତେବେ ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ ତାଙ୍କର ଧରାପୃଷ୍ଠକୁ ଆସିବାର ପ୍ରକୃତରେ ଆଦୌ କୌଣସି ପ୍ରୟୋଜନ ନଥିଲା । ମାତ୍ର ବସ୍ତୁତଃ ଏପରି କେବେ ଘଟିଛି ବୋଲି ମୁଁ ମୋଟେ ଭାବୁ ନାହିଁ ।

ବର୍ତ୍ତମାନ ବାକ୍ୟଟିର ଶେଷ ଭାଗଟି ଉପରେ ଦୃଷ୍ଟିପାତ କରାଯାଉ···ହିଁ, ଏହିପରି ଗୋଟିଏ ପ୍ରଶ୍ନର ଉତ୍ତରରେ ଏପରି କୁହା ଯାଇଥିଲା :

> "ତାହାକୁ ଅନୁସରଣ କରିବା ପାଇଁ ପ୍ରକୃତରେ କୌଣସି ଉପାୟ ନାହିଁ ବା ସମ୍ଭାବନା ନାହିଁ," ଏବଂ, "ତେବେ, ଅବତାରଙ୍କୁ ଯେଉଁସବୁ ସଂଗ୍ରାମ କରିବାକୁ ହୁଏ, ଓ ଯେଉଁସବୁ କଷ୍ଟ ବରିବାକୁ ହୁଏ, ତାହାର କୌଣସି ପ୍ରାସଙ୍ଗିକତା ଅଥବା ଫଳପ୍ରଦତା ନଥାଏ ।"

ଏଠାରେ ସେହି ସୁପରିଚିତ ଇଂରାଜୀ ଶବ୍ଦଟିର ବ୍ୟବହାର କରାଯାଇଛି । ଏହି ବ୍ୟକ୍ତି ଜଣକ ଘୋଷଣା କରିଥିଲେ ଯେ ଏହି କ୍ଷେତ୍ରରେ

'oaob.nitrkl.ac.in' images reprocessed

"ପରମ ଦିବ୍ୟସତ୍ତାଙ୍କର ପ୍ରତିନିଧିତ୍ୱ କରୁଥିବା ତାଙ୍କ ଲାଗି ସଂଗ୍ରାମ ବା ଉଦ୍ୟମ କରିବାର ଆଦୌ କୌଣସି ସମ୍ଭାବନା ନଥିଲା ।"

ଅର୍ଥାତ୍, ଏହା ଦ୍ୱାରା ଏଠାରେ ଉଲ୍ଲିଖିତ ସମସ୍ତଙ୍କର ଜୀବନକୁହିଁ ଅସ୍ୱୀକାର କରାଯାଉଥିଲା । ଏବଂ ଶ୍ରୀଅରବିନ୍ଦ ତାହାର ଉତ୍ତରରେ ଆଗକୁ କହୁଛନ୍ତି ଯେ,

"ଏହିପରି ଏକ କଳ୍ପନା ଅବତାରବାଦର ସମଗ୍ର ଧାରଣାଟିକୁହିଁ ଏକ ନିରର୍ଥକତାରେ ପରିଣତ କରିଦେଉଛି ।" ଏବଂ, "ତେବେ ଆଉ ସେଥିରେ ଆଦୌ କୌଣସି ପ୍ରୟୋଜନ ନାହିଁ, ଆଦୌ କୌଣସି କାରଣ ନାହିଁ, ଆଦୌ ଅର୍ଥ ମଧ୍ୟ ନାହିଁ ।"

ଶ୍ରୀଅରବିନ୍ଦ ପୁଣି କହୁଛନ୍ତି (ମାଆ ହସୁଥିଲେ) :

"ପୃଥିବୀପୃଷ୍ଠରେ ଅବତାର ନେବାକୁ ନଆସି ମଧ୍ୟ ସର୍ବଶକ୍ତିମାନ୍ ପରମ ଦିବ୍ୟସତ୍ତା ଲୋକମାନଙ୍କୁ ଉତ୍ତୋଳିତ କରି ନେଇପାରିବେ ।"

ସିଏ (ହାତରେ ଦେଖାଇ) ଏହିପରି ଭାବରେହିଁ ତାହା କରିଦେଇ ପାରିବେ । ସିଏ ତ ସର୍ବଶକ୍ତିଶାଳୀ, ତେଣୁ ସେ ସେମାନଙ୍କୁ କେବଳ ଉପର ଆଡ଼କୁ ଟାଣିନେବେ ଏବଂ ସେମାନେ କେବଳ ଟାଣିହୋଇ ଉପରକୁ ଉଠିଯିବେ । ତେବେ ସେ ଆଉ ଏଠାକୁ ଆସି ଏହିସବୁ ହରକତରେ ପଡ଼ିବାକୁ ଯିବେ କାହିଁକି ?

"କେବଳ ଯଦି ତାହା ବିଶ୍ୱ-ବ୍ୟବସ୍ଥାର ଏକ ଅଙ୍ଗ ହୋଇ ରହିଥାଏ, ତେବେଯାଇ ସେ ସମଗ୍ର ମନୁଷ୍ୟଜାତିର ବୋଝକୁ ନିଜ ଉପରେ ନେବା ଲାଗି ଇଚ୍ଛା କରିବେ ଏବଂ ପଥଟିକୁ ଉନ୍ମୋଚିତ କରିଦେବାକୁ ଆସିବେ । ତେବେଯାଇ ଅବତାରର ମଧ୍ୟ କୌଣସି ଅର୍ଥ ରହିବ ।"

ଯୋଗପତ୍ରାବଳୀ, ପୃଷ୍ଠା—୪୦୮-୦୯

ଏଠାରେ ଶ୍ରୀଅରବିନ୍ଦ ଏପରି ଏକ ସମସ୍ୟାର ଚର୍ଚ୍ଚା କରୁଛନ୍ତି, ଯେଉଁ ବିଷୟରେ କି ତୁମେ ମଧ୍ୟ ଚିନ୍ତା କରୁଥିଲ, ନୁହେଁ କି ? ତୁମେ କେବେହେଲେ ନିଜକୁ

'oaob.nitrkl.ac.in' images reprocessed

ଏହି ପ୍ରଶ୍ନଟି ପଚାରି ନଥିଲ : ମନୁଷ୍ୟର ଶରୀର ଧରି ଭଗବାନ ଅବତାର ଗ୍ରହଣ କରିବା ପଛରେ ପ୍ରକୃତରେ କେଉଁ ଉଦ୍ଦେଶ୍ୟ ରହିଥିଲା, ଏହାର ଆଦୌ କୌଣସି ପ୍ରୟୋଜନ ରହିଥିଲା ନା ନାହିଁ—ଏହା କାହିଁକି ଘଟିଲା ଏବଂ କପରି ଘଟିଲା ? ଏହି ପ୍ରଶ୍ନଟି ନେଇ ତୁମେ କେବେହେଲେ ଚିନ୍ତା କରି ନାହଁ, ନୁହେଁ ?

ନା—ଏପରି କେବେ ଚିନ୍ତା କରି ନାହିଁ ।

ଏପରି ଭାବରେ ଚିନ୍ତା କରି ନାହଁ । ତେବେ ତୁମେ ସଚେତନ ନଥିବା ଗୋଟିଏ ବିଷୟରେ ଉତ୍ତର ଦେବାକୁ ଯାଇ ଏପରି କୁହାଯାଇଛି । କେଉଁଟିର ଉତ୍ତର ଏଥିରେ ଦିଆଯାଇଛି, ମୁଁ ସେକଥା ଜାଣିଛି ସତ, ମାତ୍ର ତୁମେ ସେବିଷୟରେ ସଚେତନ ନଥିଲ ।

ଆଚ୍ଛା, ଅ.ଉକେହି ଆଉକିଛି ଶୁଣୁଛ କି ? କେହି କିଛି ଶୁଣୁ ନାହାନ୍ତି ? ତୁମେମାନେ ପ୍ରକୃତରେ କେତେ ସଙ୍କୋଚ କରୁଛ ?

ମୋର ଦରକାର ଅଛି ।

ହଁ, ତେବେ ତୁମ ଲାଗି ଆମେ କ'ଣ ବାହାର କରିବା ? (ମାଆ 'ଯୋଗ-ପତ୍ରାବଳୀ' ବହିଟି ଖୋଲିଲେ) ଯେଉଁମାନେ ପାଣ୍ଡିତ୍ୟସ୍ତରର କୌଣସି କିଛି ଜାଣିବାକୁ ଚାହୁଁଛନ୍ତି, ଏଠି ସେମାନଙ୍କର ପ୍ରଶ୍ନର ଉତ୍ତର ଦିଆଯାଇଛି । ବିଶ୍ୱାତୀତା ଜନନୀଙ୍କୁ କ'ଣ କୁହାଯାଇ ପାରିବ, ସେଥିଲାଗି ତୁମର ଏକ ଭାରତୀୟ ପାରିଭାଷିକ ଶବ୍ଦର ପ୍ରୟୋଜନ ରହିଛି କି ?···ଲୋକେ ସର୍ବଦା ଏହିପରି ପଣ୍ଡିତାଇ କରି ପ୍ରଶ୍ନମାନ ପଚାରିଥାନ୍ତି—ସେଗୁଡ଼ିକରେ ଆଦୌ କୌଣସି ଜୀବନ ନଥାଏ । ତାହା କେବଳ ମସ୍ତିଷ୍କ ଭିତରେହିଁ ଯାତାୟାତ କରୁଥାଏ ।

ଅପେକ୍ଷା କର, ମୁଁ ବର୍ତ୍ତମାନ ଏଇଟି ସହିତ ପରୀକ୍ଷା କରି ଦେଖେ, (ମାଆ 'ଯୋଗସମନ୍ୱୟ' ଗ୍ରନ୍ଥଟିକୁ ହାତରେ ଧରିଲେ) ଦେଖିବା, ଯଦି ଦୈବାତ୍ ଏଥିରୁ କିଛି ମିଳି ଯାଇପାରେ ! (ମାଆ କ୍ଷଣେ ଏକାଗ୍ର ରହିଲେ ଓ ବହିଟିକୁ ଖୋଲିଲେ) ବାଃ,—ଏଥର ଠିକ୍ ଉତ୍ତରଟିଏ ମିଳିଗଲା :

"ସବୁଠାରୁ ଅଧିକ ଅନ୍ଧାରରେ ପଡ଼ିଥିବା ଅବସ୍ଥାରଟି ସେତିକିବେଳେ ଘଟେ, ଯେତେବେଳେ ଆମେ ଦେଖିବାକୁ ପାଉ

'oaob.nitrkl.ac.in' images reprocessed

ଯେ ଆମ ଜୀବନର ବିଭିନ୍ନ ପ୍ରତ୍ୟେକ ଅଂଶ—ବୁଦ୍ଧି, ଇଚ୍ଛାଶକ୍ତି, ଇନ୍ଦ୍ରିୟ-ମନ, ଆମର ସ୍ନାୟୁଗତ ତଥା ବାସନାଗତ ସତ୍ତା, ଆମର ହୃଦୟ, ଆମର ଦେହ,—ଏଗୁଡ଼ିକର ପ୍ରତ୍ୟେକଙ୍କର ସତେଅବା ଆପଣାର ଜଟିଳ ବ୍ୟକ୍ତିତ୍ୱଟିଏ ରହିଛି ଓ ଆମର ସ୍ୱାଭାବିକ ନିର୍ମାଣ ଓ ଗଠନଟି ଅବଶିଷ୍ଟ ସବୁଗୁଡ଼ିକଠାରୁ ସ୍ୱତନ୍ତ୍ର ହୋଇ ରହିଛି ।...”

ଏହାହିଁ ତୁମ ପାଇଁ ଯଥାର୍ଥ କଥା ! (ସମସ୍ତେ ହସିଲେ)

ସେ ପୁଣି ବୁଝାଇ କହୁଛନ୍ତି :

“ଏହାର (ପ୍ରତ୍ୟେକଟି ଅଙ୍ଗର) ଆପଣା ସହିତ କୌଣସି ମେଳ ନଥାଏ, ଅନ୍ୟମାନଙ୍କ ସହିତ କୌଣସି ମେଳ ନଥାଏ ଅଥବା ପ୍ରତିନିଧିରୂପେ ସେହି ଅହଂଟି ସହିତ ମଧ୍ୟ କୌଣସି ମେଳ ନଥାଏ, ଯାହାକି ଆମର ଏହି ଉପରିଭାଗସ୍ଥ ଅଜ୍ଞାନଟି ଉପରେ କୌଣସି କେନ୍ଦ୍ରସ୍ଥ ତଥା ସବୁକିଛିକୁ କେନ୍ଦ୍ର ଆଡ଼କୁ ସଂଯୁକ୍ତ କରିଆଣୁଥିବା ଆତ୍ମସତ୍ତା ଦ୍ୱାରା ନିପତିତ ହୋଇଥିବା ଏକ ଛାୟା ପରିହିଁ ଅବସ୍ଥାନ କରୁଥାଏ ।”

କେମିତି ଲାଗୁଛି ? ଏଇଟି ପ୍ରକୃତରେ ଖୁବ ସୁନ୍ଦର ହୋଇଛି ! (ମାଆ ଆଉ ଥରେ ପଢ଼ିଲେ :) “ପ୍ରତିନିଧିରୂପ ଅହଂଟି କେନ୍ଦ୍ରସ୍ଥ ଓ କେନ୍ଦ୍ରିତ କରି ଆଣୁଥିବା ଅସ୍ମିତା ଆମର ଉପରିସ୍ତରସ୍ଥ ଅଜ୍ଞାନ ଉପରେ ପକାଉଥିବା ଛାୟାଟି ହୋଇ ରହିଥାଏ ।” ଏବଂ ତା’ପରେ :

“ଆମେ କେବଳ ଗୋଟିଏ ମାତ୍ର ବ୍ୟକ୍ତିତ୍ୱ ନୁହେଁ, ମାତ୍ର ଏକାବେଳକେ ଅନେକ ବ୍ୟକ୍ତିତ୍ୱ ଦେଇ ଯେ ତିଆରି ହୋଇ ରହିଛୁ ଏବଂ ପ୍ରତ୍ୟେକଟିର ଯେ ଆପଣା ଆପଣାର ସ୍ୱତନ୍ତ୍ର ଦାବିମାନ ରହିଛି ଏବଂ ସ୍ୱତନ୍ତ୍ର ପ୍ରକୃତି ମଧ୍ୟ ରହିଛି, ଆମେ ସେହି କଥାଟି ଦେଖିବାକୁ ପାଇଥାଉ । ଏହିପରି ଭାବରେ ଆମର ଏହି ସତ୍ତାଟି ବଡ଼ ସ୍ଥୂଳ ଭାବରେ ଗଢ଼ା ହୋଇଥିବା ଏକ ଅବ୍ୟକ୍ତକଟା

'oaob.nitrkl.ac.in' images reprocessed

ହୋଇ ରହିଥାଏ, ଯାହା ମଧ୍ୟରେ କି ଆମକୁ ଏକ ଦିବ୍ୟ ବ୍ୟବସ୍ଥାର ତତ୍ତ୍ୱଟିକୁ ଆଣି ପ୍ରବିଷ୍ଟ କରାଇବାକୁ ହୁଏ ।"

ଯୋଗସମନ୍ୱୟ, ପୃଷ୍ଠା-୭୧

ଏଇଟି ପ୍ରକୃତରେ ଖୁବ ସୁନ୍ଦର କଥା ।

(ଆଜି ଜଣେ ସାଧକ) ମୁଁ ଗୋଟିଏ ପ୍ରଶ୍ନ ତିଆରି କରି ଆଣିଥିଲି । ('ଯୋଗସମନ୍ୱୟ' ଗ୍ରନ୍ଥ ନେଇ ସେ ପଢ଼ିବାକୁ ଆରମ୍ଭ କଲେ) "କ୍ରମେ କେନ୍ଦ୍ରସ୍ଥ ସେହି ପରମଚେତନାଟି ମନର ବାହ୍ୟ କ୍ରିୟାତ୍ମକତାଗୁଡ଼ିକୁ ଅଧିକରୁ ଅଧିକ ପରିମାଣରେ ଆପଣା ହାତରେ ଗ୍ରହଣ କରିନିଏ, ସେଗୁଡ଼ିକୁ ଆପଣାର ଏକ ଅଂଶରେ ପରିଣତ କରିଦିଏ ବା ଏକ ସଂଯୋଜିତ କ୍ଷେତ୍ରରେ ପରିଣତ କରି ରଖେ । ସେଗୁଡ଼ିକ ମଧ୍ୟକୁ ତାହା ଆପଣାର ଅଧିକ ପ୍ରାମାଣିକ ଗତିସ୍ପନ୍ଦନଟିକୁ ସଞ୍ଚାରିତ କରିଆଣେ ଏବଂ ଅଧିକରୁ ଅଧିକ ଭାବରେ ଚିଦ୍‌ଗତତା ଦ୍ୱାରା ପରିପ୍ରେରିତ ଏବଂ ସନ୍ଦୀପିତ ହୋଇ ରହିଥିବା ମନକୁ ତାହା ଉପରିଭାଗସ୍ଥ ଏହି କ୍ଷେତ୍ରଗୁଡ଼ିକରେ, ଆପଣାର ବିଜିତ ଏହି ନୂତନ ଭୂମିଗୁଡ଼ିକରେ ଆପଣାର ସାଧନରୂପେ ବ୍ୟବହାର କରିବାକୁ ଲାଗେ ।...କ୍ରମଶଃ ବ୍ୟକ୍ତିଗତ ଗ୍ରହଣବର୍ଜନ ଓ ନିର୍ବାଚନ ଲାଗି ଅଧିକରୁ ଅଧିକ କମ୍ ପରିସର ରହିବ, ବ୍ୟକ୍ତିଗତ ମତ ତଥା ବ୍ୟକ୍ତିଗତ ରୁଚିଅରୁଚି ବା ଅଗ୍ରରୁଚି ଲାଗି କମ୍ ପରିସର ରହିବ; ସବୁକିଛିକୁ ନେଇ ବୌଦ୍ଧିକତାର ଗୁମ୍ଫ ଭିତରେ ପକାଇ ଦେବାର ପ୍ରବୃତ୍ତି ଊଣା ହୋଇ ଆସିବ, ମନର ଯାବତୀୟ ଜାଲବୁଣା ଊଣା ହୋଇ ଆସିବ, ମାରିଏ ଓ ଅତିକଠିନ ଯାବତୀୟ ମସ୍ତିଷ୍କଶ୍ରମରେ ହ୍ରାସ ଘଟିବ । ଯାହାକିଛି ଦେଖିବାର କଥା, କେବଳ ଅନ୍ତରସ୍ଥ ଏକ ପରମ ଆଲୋକହିଁ ତାହା ଦେଖୁଥିବ; ଯାହାକିଛି ଜାଣିବାର କଥା, ତାହାକୁ କେବଳ ସେଇ ଜାଣିବ; ସେଇ ସବୁକିଛିର ବିକାଶ କରାଉଥିବ, ସବୁକିଛିର ସୃଷ୍ଟି କରୁଥିବ ଓ ସବୁକିଛିର ସଂଗଠନ କରୁଥିବ ।...

'oaob.nitrkl.ac.in' images reprocessed

"ମାତ୍ର କେବଳ ଏତିକିକରୁହିଁ ଆମେ କଦାପି ରୂପାନ୍ତରର ସମଗ୍ର ପରିସର ବୋଲି କହି ପାରିବା ନାହିଁ···କାରଣ, ଏହାହିଁ ଯଦି ଉଦ୍ଦିଷ୍ଟ ହୋଇ ରହିଥାନ୍ତା, ତେବେ ଜ୍ଞାନ ତଥାପି ସେହି ମନରହିଁ ଏକ କ୍ରିୟା ହୋଇ ରହିଥାନ୍ତା; ଅବଶ୍ୟ ଏକଥା ସତ ଯେ ସେହି ମନ ଏକ ମୁକ୍ତ ମନ, ବିଶ୍ୱାତ୍ମକ ଏବଂ ତଦ୍‌ଗତତାରେ ଅନୁସଞ୍ଚାରିତ ଏକ ମନ ହୋଇ ପାରିଥାନ୍ତା···"

ଯୋଗସମନ୍ୱୟ, ପୃଷ୍ଠା—୧୬୭-୬୮

ଏଥିରୁ ତୁମେ କ'ଣ ଜାଣିବାକୁ ଇଚ୍ଛା କରୁଛ ?

ତାହାର ଅର୍ଥ ହେଉଛି ଯେ ତଦ୍‌ଗତତା ଦ୍ୱାରା ଅନୁସଞ୍ଚାରିତ ମନର ତେବେ ଆଦୌ କୌଣସି ମୂଲ୍ୟ ନାହିଁ ?

ଶ୍ରୀଅରବିନ୍ଦ କହୁଛନ୍ତି,

"ଯଦି ଏହାହିଁ ଉଦ୍ଦିଷ୍ଟ ହୋଇ ରହିଥାନ୍ତା, ତେବେ ଜ୍ଞାନ ସେହି ମନରହିଁ ଏକ କ୍ରିୟା ହୋଇ ରହିଥାନ୍ତା ।" ସେହି ମନ ଏକ "ମୁକ୍ତ ମନ, ବିଶ୍ୱାତ୍ମକ ଏବଂ ତଦାତ୍ମକତାରେ ଅନୁସଞ୍ଚାରିତ ଏକ ମନ ହୋଇ ପାରିଥାନ୍ତା ସତ, ମାତ୍ର, ସଙ୍କଳବଧ ମନ ଯାହା ହୋଇ ରହିବାକୁ ଅବଶ୍ୟ ବାଧ୍ୟ ହେବେ, ତାହା ଅପେକ୍ଷାକୃତ ଭାବେ ସୀମାସଙ୍କୁଚିତ ହୋଇ ରହିଥାନ୍ତା, ଆପଣା ଗତ୍ୟାତ୍ମକତାର ମର୍ମକ୍ଷେତ୍ରରେ ତାହା ବଡ଼ ଆପେକ୍ଷିକ ଏବଂ ଅପୂର୍ଣ୍ଣ ହୋଇ ରହିଥାନ୍ତା ।"

ମୁଁ ବୁଝି ପାରିଲି ନାହିଁ ।

ହଁ, ମୁଁ ସ୍ପଷ୍ଟ ଭାବରେ ଜାଣୁଛି ଯେ ତୁମେ ବୁଝି ପାର ନାହିଁ । ଶ୍ରୀଅରବିନ୍ଦ କହୁଛନ୍ତି ଯେ ଏହା ପ୍ରକୃତରେ ସେପରି ଭାବରେ ଘଟେ ନାହିଁ । ଏହା ଆଦୌ ସେପରି ନୁହେଁ । କାରଣ, ଯଦି ସେପରି ହୋଇ ରହିଥାନ୍ତା, ତେବେ ଏହା ପ୍ରକୃତରେ ଏକ ଅସମ୍ଭବତାରେ ପରିଣତ ହୁଅନ୍ତା ।

'oaob.nitrkl.ac.in' images reprocessed

ସିଏ ପରେ କହିଛନ୍ତି :

"ଅଧ୍ୟାତ୍ମ ଦ୍ୱାରା ଆପଣାକୁ ସଞ୍ଚାରିତ କରି ରଖିଥିବା ମନ ତଥାପି ଆପଣାର ସୀମାଗୁଡ଼ିକୁ ଉତ୍ତୀର୍ଣ୍ଣ ହୋଇଯାଇ ପାରିବ ଏବଂ ଜ୍ଞାନର ଏକ ଅତିମାନସ ସାମର୍ଥ୍ୟରେ ରୂପାନ୍ତରିତ ହୋଇଯିବ ।"

ତତ୍ରୈବ, ପୃଷ୍ଠା-୧୦୩

ଅଧ୍ୟାତ୍ମ ଦ୍ୱାରା ଆପଣାକୁ ସଞ୍ଚାରିତ କରି ରଖିଥିବା ମନ ଯଦି ଠିକ୍ ଏକ ସାଧାରଣ ମନ ପରି କାର୍ଯ୍ୟ କରିବାରେ ଲାଗିଥାଏ, ତେବେ ଏଥି କ୍ଷେତ୍ରରେ ଆଦୌ କୌଣସି ପାର୍ଥକ୍ୟ ରହିବ ନାହିଁ । ମାତ୍ର ବସ୍ତୁତଃ ଏହାର ଠିକ୍ ବିପରୀତହିଁ ଘଟିଥାଏ ।

ମାତ୍ର ଯେତେବେଳେ ମନ ଆପଣାକୁ ଅଧ୍ୟାତ୍ମ ଦ୍ୱାରା ସଞ୍ଚାରିତ କରିପାରିବ, ସେତେବେଳେ ତାହା ଆଉ ଆଗ ପରି କାର୍ଯ୍ୟ କରି ପାରିବ କିପରି ?

କେବଳ ଗୋଟିଏ ବାକ୍ୟ ପଢ଼ିଦେଲେ ଏବଂ ତା' ପୂର୍ବରୁ ଏବଂ ତା' ପରେ ଯାହା ଲେଖା ହୋଇଛି, ତାହା ନପଢ଼ିଲେ ଆଦୌ ଚଳିବ ନାହିଁ, କାରଣ ସେପରି ହେଲେ ତୁମେ ଯାହା ମନ ତାହା ପ୍ରମାଣ କରିଦେଇ ପାରିବ ।

ମାତ୍ର ମାଆ, ଏଠାରେ ଆପଣଙ୍କ ସହିତ ଥାଉଁ ଥାଉଁ ଏହି ସବୁ ଯାକ ଅନୁଭୂତି ମଧ୍ୟଦେଇ ଆମକୁ କଦାପି ଗତି କରିବାକୁ ପଡ଼ିବ ନାହିଁ !

ଗତି କରିବାକୁ ପଡ଼ିବ···ମାତ୍ର ଶ୍ରୀଅରବିନ୍ଦ ସର୍ବଦା କହିଛନ୍ତି ଯେ ପ୍ରତ୍ୟେକ ବ୍ୟକ୍ତି ତା'ର ନିଜ ପଥରେହିଁ ଅଗ୍ରସର ହେବ, ତା'ର ନିଜ ପ୍ରଣାଳୀରେ ଅଗ୍ରସର ହେବ । କାହାରି ଦୁହିଁଙ୍କ ପଥ କଦାପି ଠିକ୍ ଏକାପରି ହେବ ନାହିଁ ଏବଂ ପ୍ରତ୍ୟେକକୁ ତା'ର ନିଜ ବାଟଟିରେହିଁ ଯିବାକୁ ପଡ଼ିବ । ତେଣୁ, "ପଡ଼ିବ" ପୁଣି କ'ଣ, କାହା ଲାଗି ପଡ଼ିବ ? ତୁମ ଲାଗି ? ମୁଁ ସେକଥା ଜାଣେ ନାହିଁ । କାହା ମଧ୍ୟଦେଇ ଯିବାକୁ ପଡ଼ିବ ? ଆପଣାର ବସ୍ତୁଗୁଡ଼ିକୁ ଏକ ଶୃଙ୍ଖଳାରେ ପକାଇବାର ମଧ୍ୟଦେଇ ? ସମ୍ଭବତଃ ପ୍ରତ୍ୟେକ ବ୍ୟକ୍ତି ସବାଶେ ତାହାକୁ ନିଶ୍ଚୟ ଆବଶ୍ୟକ ବୋଲି କୁହାଯିବ ।

'oaob.nitrkl.ac.in' images reprocessed

ତୁମେ ଠିକ୍ କ'ଣ ଜାଣିବାକୁ ଚାହୁଁଛ, ମୁଁ ମୋଟେ ଧରି ପାରୁ ନାହିଁ ।

**ଅନ୍ତର୍ମାନସର ଭୂମିରେ ଆସି ପହଞ୍ଚିବାକୁ ହେଲେ ଶ୍ରୀଅରବିନ୍ଦ ତିନୋଟି ସୋପାନ ରହିଛି ବୋଲି କହୁଛନ୍ତି : ପ୍ରଥମଟି ହେଉଛି ମନ, ଦ୍ୱିତୀୟଟି ଶୁଦ୍ଧୀକୃତ ମନ ଏବଂ ତା'ପରେ ଆଲୋକିତ ମନ ଓ ଆଉସବୁ···ଏହିସବୁ ସୋପାନଗୁଡ଼ିକର ମଧ୍ୟଦେଇ ଗତି କରିବା କ'ଣ ପ୍ରତ୍ୟେକ ବ୍ୟକ୍ତି ପାଇଁ ଆବଶ୍ୟକ ?**

(କିଛି ସମୟ ନୀରବ ରହିବା ପରେ) ଏହା ହୁଏତ ସମ୍ଭବ ଯେ ଏହି କ୍ଷେତ୍ରରେ ଏହିପରି ଗୋଟିଏ କ୍ରମ ସର୍ବଦା ଘଟିଥାଏ । ମାତ୍ର ସେହି ସୋପାନଗୁଡ଼ିକ କେତେ ଦୀର୍ଘ ହେବ ବା ନହେବ ଓ ସେଗୁଡ଼ିକର କେତେ ମହତ୍ତ୍ୱ ରହିବ ବା ନରହିବ, ତାହା ବ୍ୟକ୍ତି ବ୍ୟକ୍ତିଙ୍କର କ୍ଷେତ୍ରରେ ନିଶ୍ଚୟ ଅନେକ ପରିମାଣରେ ପୃଥକ୍ ହେବ ।···କେତେକ ବ୍ୟକ୍ତିଙ୍କ ଲାଗି ଏହି ସୋପାନପଥଗୁଡ଼ିକ ହୁଏତ ଏତେ ସତ୍ୱର ଭାବରେ ଅତିକ୍ରାନ୍ତ ହୋଇଯିବ ଯେ ସୋପାନଟିଏ ଅତିକ୍ରମ କରି ଆସିବାକୁ ହେଲା ବୋଲି ପ୍ରାୟ ଆଦୌ ଜଣା ପଡ଼ିବ ନାହିଁ । ଅନ୍ୟମାନଙ୍କର କ୍ଷେତ୍ରରେ ଏହା ହୁଏତ ବେଶ୍ ଦୀର୍ଘ ସମୟ ନେବ । ଏବଂ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ରହିଥିବା ପ୍ରତିରୋଧର ସ୍ୱଭାବଟି ଅନୁସାରେ ଏହି ସୋପାନ ଅଥବା ସେହି ସୋପାନଟି ଉପରେ ଦିଆ ଯାଉଥିବା ଗୁରୁତ୍ୱ ନିଶ୍ଚୟ ପ୍ରଭୂତ ପରିମାଣରେ ଭିନ୍ନ ଭିନ୍ନ ହେବ ।

କେତେକଙ୍କ ଲାଗି ଏହା ହୁଏତ ଏତେ ବେଶୀ କ୍ଷିପ୍ର ହେବ ଯେ ତାହା ଯେପରି କ୍ଷଣକେ ଆସି କ୍ଷଣକେ ଅତିକ୍ରାନ୍ତ ହୋଇଗଲା ପରି ଲାଗିବ । ସତେ ଯେପରି ଆଦୌ ଆସି ନଥିଲା ପରି ବୋଧ ହେବ । ମାତ୍ର ଅନ୍ୟମାନଙ୍କ ଲାଗି ହୁଏତ ବର୍ଷ ବର୍ଷ ସମୟ ନେବ ।

ଉପଲବ୍ଧିଟି ସ୍ଥାୟୀ ହୋଇ ରହୁ ବୋଲି ଆମେ ଇଚ୍ଛା କରୁଥିଲେ ଗୋଟିଏ କଥା ସ୍ପଷ୍ଟତଃ ଅନିବାର୍ଯ୍ୟ ଭାବରେ ଘଟିବ ବୋଲି ମନେ ହେଉଛି ।···ଅନୁଭୂତି-ଗୁଡ଼ିକ ଆମ ଭିତରକୁ ଆସନ୍ତି, ଆମ ଚେତନାକୁ ସ୍ପର୍ଶ କରନ୍ତି, ଅନେକ ସମୟରେ ନାନା ମହାନ୍ ଆଲୋକନର କାରଣ ହୋଇଥାନ୍ତି, ତା'ପରେ ମଳିନ ଓ ବିକୃତ ହୋଇ ପଡ଼ନ୍ତି, ପୃଷ୍ଠଭୂମିକୁ ଅପସରି ଯାଆନ୍ତି ଏବଂ ବାହ୍ୟତଃ, ତୁମର ସାଧାରଣ ଚେତନାର ଭୂମିରେ ତୁମେ ତୁମର ଜୀବନରେ ଆଦୌ କୌଣସି ବୃହତ୍ ପରିବର୍ତ୍ତନ ଅଥବା ବୃହତ୍ ପାର୍ଥକ୍ୟ ଘଟିଲା ବୋଲି ମୋଟେ ଅନୁଭବ କର ନାହିଁ । ଏବଂ ଏପରି ଘଟଣା ପ୍ରାୟ ଅଧିକାଂଶ ସମୟରେ ଘଟିପାରେ, ଅନେକ ବର୍ଷଯାଏ

'oaob.nitrkl.ac.in' images reprocessed

ବାରଂବାର ଘଟିପାରେ । ହଠାତ୍ ହଠାତ୍ କ'ଣ ଗୋଟାଏ ଉଦ୍‌ଭାସିତ ହୋଇ ଉଠିଲା ପରି ଲାଗେ, ଠିକ୍ ଏକ ଉଦ୍‌ଭାସ ପରି ମନେହୁଏ, ତୁମେ ଯଥାର୍ଥ ଚେତନାରେ ଅବସ୍ଥାନ କରୁଥାଅ ଏବଂ ଅସଲ୍ ବସ୍ତୁଟି ତୁମର କରଗତ ହୋଇ ଯାଇଛି ବୋଲି ଅନୁଭବ କର । ଏବଂ ତା'ପରେ, ଧୀରେ ହେଉ ଅଥବା ଶୀଘ୍ର ହେଉ, ସେଇଟି ତୁମ ପଛକୁ ହଟି ଚାଲି ଯାଉଥିବା ପରି ମନେହୁଏ, ତୁମେ ସେଇଟିକୁ ଖୋଜିବାକୁ ଲାଗ, ମାତ୍ର ତୁମ ଭିତରେ ସେପରି କୌଣସି ପରିବର୍ତ୍ତନ ହେଲା ବୋଲି ମୋଟେ ଦେଖିବାକୁ ପାଅ ନାହିଁ ।...ଏହିସବୁ ଅନୁଭୂତି ପୂର୍ବସୂଚକ ପରି ଆସନ୍ତି ଅଥବା ଗୋଟିଏ ଗୋଟିଏ ପ୍ରତିଶ୍ରୁତି ପରି ମନେ ହେଉଥାନ୍ତି : "ତୁମେ ଦେଖ, ଏହିପରି ଏକ ବ୍ୟାପାର ଘଟିବାକୁ ଯାଉଛି" ବା "ବିଶ୍ୱାସ ରଖିଥାଅ, ଏହା **ନିଶ୍ଚୟ ଠିକ୍ ଏହିପରି ଘଟିବାକୁ ଯାଉଛି"** ବୋଲି ତୁମ ଆଗରେ ଆସି କହି ଦେଉଥାନ୍ତି ।

ଏବଂ ଅଧିକାଂଶ ସମୟରେ ଏହାର ପୁନରାବୃତ୍ତି ହୋଇପାରେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି କ୍ଷେତ୍ରରେ ଏକ ଅଗ୍ରଗତି ଅବଶ୍ୟ ହୋଇଥାଏ, ମାତ୍ର ତାହା ଅତ୍ୟନ୍ତ ମନ୍ଥର ଗତିରେହିଁ ହୋଇଥାଏ, ଓ କ୍ୱଚିତ୍ ବାହାରକୁ ଦୃଶ୍ୟମାନ ହୋଇଥାଏ ।

ଏବଂ ତା'ପରେ ହଠାତ୍—ତୁମେ ଯଥେଷ୍ଟ ପରିମାଣରେ ପ୍ରସ୍ତୁତ ହୋଇଯାଅ ବୋଲି ଏପରି ହୁଏ ଅଥବା ଉଚିତ ମୁହୂର୍ତ୍ତଟି ଆସି ପହଞ୍ଚି ଯାଇଥାଏ ବୋଲିହିଁ ତାହା ହୁଏ, ତାହାହିଁ ଅଭିପ୍ରେତ ହୋଇ ରହିଥାଏ ବୋଲି ତାହା ହୁଏ,—ଏପରି ଏକ ଅନୁଭୂତି ସଂଘଟିତ ହେବା ସମୟରେ, ସତ୍ତାର ଯେଉଁ ଅଂଶଟିରେ ତାହା ସଂଘଟିତ ହୁଏ, ସେଠାରେ ଚେତନାରେ ଏକ ଗୁମୁଲା ଓଲଟପାଲଟ ଘଟେ । ସେହି ବ୍ୟାପାରଟି ଅତ୍ୟନ୍ତ ସ୍ପଷ୍ଟ ଓ ମୂର୍ତ୍ତ ଭାବରେ ଅନୁଭୂତ ହୁଏ । ଏହି ଅନୁଭୂତିଟିକୁ ହୁଏତ ସର୍ବୋତ୍ତମ ଭାବରେ ଏହିପରି ବର୍ଣ୍ଣନା କରିହେବ : ଏହାକୁ ଏକ ସମ୍ପୂର୍ଣ୍ଣ ଓଲଟପାଲଟ ବୋଲି ବର୍ଣ୍ଣନା କରିହେବ । ଏବଂ ତା'ପରେ ସତ୍ତାର ଅନ୍ୟ ଭାଗଗୁଡ଼ିକ ସହିତ ଏବଂ ବାହ୍ୟ ଜଗତଟି ସହିତ ଆମ ଚେତନାର ସମ୍ବନ୍ଧଟି ଯେପରି ସମ୍ପୂର୍ଣ୍ଣ ଭାବରେ ବଦଳିଯାଏ ! ପ୍ରାୟ ଏକାବେଳକେ ଓଲଟି ପଡ଼ିଲା ପରି ହୋଇଥାଏ । ଏବଂ ସେହି ଓଲଟପାଲଟ ଆଉ କଦାପି ସେହି ପୁରୁଣା ଜାଗାଟିକୁ ଫେରି ଆସେ ନାହିଁ, ଆମର ଚେତନା ମଧ୍ୟ ତାହାର ପୂର୍ବତନ ଅବସ୍ଥାକୁ କଦାପି ଫେରି ଆସେ ନାହିଁ । ଶ୍ରୀଅରବିନ୍ଦ ଏହି କ୍ଷେତ୍ରରେ "ସ୍ଥିତି" ବୋଲିହିଁ କହିବେ । ସତ୍ତାର କୌଣସି ଏକ ଭାଗରେ ଏହିଭଳି ଘଟିସାରିବା ପରେ, ସେହି ଭାଗଟି ଦୃଢ଼ପ୍ରତିଷ୍ଠିତ ହୋଇଯାଏ ।

'oaob.nitrkl.ac.in' images reprocessed

ଏବଂ ସେଇଟି ଘଟିବା ପର୍ଯ୍ୟନ୍ତ ତାହା ଆସୁଥାଏ ଓ ଯାଉଥାଏ, ପୁଣି ଆସି ପୁଣି ଚାଲି ଯାଉଥାଏ; ଆମେ କିଛିଟା ଅଗ୍ରଗତ କରୁ ଓ ତା'ପରେ ସତେଅବା ଅପେକ୍ଷା କରି ରହିଥିବା ପରି ମନେ ହେଉଥାଏ । ପୁଣି ଟିକିଏ ଆଗକୁ ଗଲା ପରି ଲାଗେ ଓ ପୁଣି ଅପେକ୍ଷା କରୁଥିବା ପରି ଲାଗେ । ବେଳେବେଳେ ସତେଅବା ପଛଆଡ଼କୁ ଖସି ଖସି ଯାଉଥିବା ପରି ମନେହୁଏ ଏବଂ ଏହିପରି ଅବିରତ ଭାବରେ ଚାଲିଥାଏ, ପ୍ରକୃତରେ ଅବିରତ ଭାବରେହିଁ ଲାଗି ରହିଥାଏ । ଏହିପରି ଭାବରେ ଅନେକ ବର୍ଷ ଧରି ଚାଲିପାରେ, ବର୍ଷ ପରେ ବର୍ଷ ଧରି ଚାଲିପାରେ । ମାତ୍ର, ଯେତେବେଳେ ଚେତନାର କ୍ଷେତ୍ରରେ ଏକ ସମୂଳ ପରିବର୍ତ୍ତନ ଘଟେ, ଏକ ଓଲଟପାଲଟ ହୋଇଯାଏ, ମନରେ ହୋଇଯାଏ ଅଥବା ମନର କୌଣସି ଏକ ଅଂଶରେ ହୁଏ, ପ୍ରାଣିକ କ୍ଷେତ୍ରରେ ଅଥବା ତାହାର କୌଣସି ଏକ ଭାଗରେ ବି ହୁଏ, ବା ଏପରିକି ଭୌତିକ ଚେତନା କିଂବା ଶରୀର ଚେତନାର ସ୍ତରରେ ବି ହୁଏ, ଥରେ ଏଇଟି ପ୍ରତିଷ୍ଠିତ ହୋଇଗଲେ ଏହି ପର୍ଯ୍ୟାବୃତ୍ତି ଶେଷ ହୋଇଯାଏ । ଆଉ ପୁନର୍ବାର ପଛକୁ ଫେରିଯିବାକୁ ପଡ଼େ ନାହିଁ, ତୁମେ ଆଗରୁ ଯାହା ଥିଲ, ସେଇଟି ପାଖକୁ ଆଉ କଦାପି ଫେରିଯିବାକୁ ପଡ଼େ ନାହିଁ । ଏବଂ ଏଇଥିରୁହିଁ ନିର୍ଭର ଭାବରେ ଏକ ସଙ୍କେତ ମିଳିଯାଏ ଯେ ତୁମେ ଆଗକୁ ଏକ ନିର୍ଦ୍ଦିଷ୍ଟ ପାଦ ପକାଇ ପାରିଛ । ଏବଂ, ଏହି ଅବସ୍ଥାଟି ଆସିବା ପୂର୍ବରୁ, କେବଳ ପ୍ରସ୍ତୁତିର ପର୍ବଟିହିଁ ଚାଲିଥାଏ ।

ଯେଉଁମାନେ ଏହି ଚୂଡ଼ାନ୍ତ ପରିବର୍ତ୍ତନଟିକୁ ଅନୁଭବ କରିଛନ୍ତି, ସେମାନେ ମୁଁ ଯାହା କହୁଛି, ସେ କଥାଟିକୁ ଅବଶ୍ୟ ବୁଝିପାରିବେ । ମାତ୍ର ଯେଉଁମାନେ ଅନୁଭବ କରି ନାହାନ୍ତି, ସେମାନେ ମୋଟେ ବୁଝି ପାରିବେ ନାହିଁ । ହଁ, ତୁଳନା ଦ୍ୱାରା ଏଇଟି ବିଷୟରେ ହୁଏତ ଗୋଟିଏ ଧାରଣା କରାଯାଇ ପାରୁଥିବ; ଯୋଗର ବର୍ଣ୍ଣନା କରିବାକୁ ଚେଷ୍ଟା କରିଥିବା ବ୍ୟକ୍ତିମାନେ ଏହି ପ୍ରସଙ୍ଗଟିକୁ ଏକ ପ୍ରିଜିମ୍‌କୁ ଓଲଟାଇ ଦେବା ସହିତ ତୁଳନା କରିଥାନ୍ତି; ଯେତେବେଳେ ପ୍ରିଜିମ୍‌କୁ ଏକ ନିର୍ଦ୍ଦିଷ୍ଟ କୋଣରେ ଧରି ରଖା ଯାଇଥାଏ, ସେତେବେଳେ ଆଲୋକ ଧଳା ହୁଏ; ସେଇଟିକୁ ବୁଲାଇଦେଲେ ଆଲୋକର ପ୍ରତିଫଳନ ନାନା ବର୍ଣ୍ଣରେ ଭାଙ୍ଗି ହୋଇଯାଏ । ହଁ, ଏହି କ୍ଷେତ୍ରରେ ମଧ୍ୟ ଠିକ୍ ଏହିପରି ଘଟେ; ଅର୍ଥାତ୍ ତୁମେ ପୁନର୍ବାର ଧଳାଟି ପାଖକୁ ଫେରିଆସ । ସାଧାରଣ ଚେତନାର ଅବସ୍ଥାରେ ସବୁକିଛି ଭାଙ୍ଗି ଯାଇଥିବା ଅବସ୍ଥାରେ ରହିଥାଏ ଓ ତୁମେ ପୁନର୍ବାର ତାହାକୁ ଧଳାକୁ ଫେରାଇ ନେଇଆସ । ସେ ଯାହାହେଉ, ଏହା ହେଉଛି ଏକ ଉପମା ମାତ୍ର । ଏହା ପ୍ରକୃତରେ ସେହି କଥାଟି ନୁହେଁ, ଏହା ହେଉଛି ଏକ ଉପମା । ମାତ୍ର ବ୍ୟାପାରଟିକୁ ସମ୍ପୂର୍ଣ୍ଣ ଭାବରେ ଏକ ମୂର୍ତ୍ତ ବ୍ୟାପାର ବୋଲି କୁହାଯିବ । ଏହି କ୍ଷେତ୍ରରେ ସତେଅବା ଏପରି ଘଟେ ଯେ, ଯାହାକିଛି ଭିତରେ ରହିଛି, ତୁମକୁ ସେଗୁଡ଼ିକୁ

'oaob.nitrkl.ac.in' images reprocessed

ବାହାରକୁ ନେଇ ଆସିବାକୁ ହୁଏ; ଏବଂ ଯାହା ବାହାରେ ରହିଛି, ତାହାକୁ ଭିତରକୁ ନେଇ ଆସିବାକୁ ପଡ଼େ । ଏବଂ ସେଇଟିକୁ କେବଳ ଏହାହିଁ ବୋଲି ବି କହି ହେବ ନାହିଁ । ମାତ୍ର ଯଦି ତୁମେ ଗୋଟିଏ ବଲ୍ ବା ଗୋଟିଏ ବେଲୁନ୍‌କୁ ଭିତରପଟ ବାହାର ଆଡ଼କୁ କରି ଓଲଟାଇ ଦେଇ ପାରିବ,—ତୁମେ ଏକଥାଟି କରି ପାରିବ, ନୁହେଁ କି ?—ଯଦି ଭିତର ପଟଟିକୁ ବାହାରକୁ କରି ପାରିବ ଓ ବାହାର ପଟଟିକୁ ଭିତର ଆଡ଼କୁ କରି ପାରିବ, ତେବେ ମୁଁ ଯାହା କହିବାକୁ ଚାହୁଁଛି, ତାହା କିଛିଟା ତାହାରି ପରି ହୋଇପାରିବ ।

ଏବଂ, ଆମେ ଏପରି ମଧ୍ୟ କଦାପି କହି ପାରିବା ନାହିଁ ଯେ ଆମେ ଏହି ଓଲଟିଯିବାକୁ ପ୍ରକୃତରେ "ଅନୁଭବ" କରିଥାଉ,—ଏହି କ୍ଷେତ୍ରରେ କୌଣସି "ଅନୁଭୂତି" ନଥାଏ,—ଏହା ହେଉଛି ଯନ୍ତ୍ରବତ୍ ଏକ ଘଟଣା,—ଅସାଧାରଣ ଭାବରେ ଯନ୍ତ୍ରବତ୍ ଏକ ଘଟଣା । (ପାଖ ଟେବୁଲ ଉପରେ ଥିବା ଗୋଟିଏ କାଗଜକୁ ମାଆ ହାତକୁ ନେଲେ ଓ ତାହାକୁ ଓଲଟାଇ ଦେଲେ···) ସିଦ୍ଧି ଏବଂ ତପସ୍ୟା ମଧ୍ୟରେ, ଉଦାହରଣସ୍ୱରୂପ ଚେତନାର ଏହି ଓଲଟିଯିବା ଏବଂ ପ୍ରସ୍ଫୁଟନ ଅଥବା ବିକାଶପର୍ବଟି ମଧ୍ୟରେ ଯେଉଁ ପାର୍ଥକ୍ୟଟି ରହିଛି, ସେଇଟି ବିଷୟରେ ଅନେକ ଆଗ୍ରହୋଦ୍ଦୀପକ କଥା କୁହାଯାଇ ପାରିବ । ଏଗୁଡ଼ିକ କିପରି ଆସେ, ସେବିଷୟରେ ଅନେକ କଥା କୁହାଯାଇ ପାରିବ । ସାଧନାର ଦୃଷ୍ଟିରୁ ବିଚାର କଲେ ତପସ୍ୟା ହେଉଛି ଗୋଟିଏ କଥା ଓ ସିଦ୍ଧି ହେଉଛି ଆଉଗୋଟିଏ କଥା, ବେଶ୍ ଏକ ଭିନ୍ନ କଥା । ତୁମେ ହୁଏତ ଶତାବ୍ଦୀ ଶତାବ୍ଦୀ ଧରି ତପସ୍ୟା କରିପାର,—ଏବଂ ଏହି ପର୍ଯ୍ୟାୟଟିରେ ତୁମର ଦୃଷ୍ଟିକୋଣ ବଦଳି ବଦଳି ଯାଉଥିବ, ତୁମେ ଉପଲବ୍ଧିର ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଆସୁଥିବ । ମାତ୍ର, ଯେତେବେଳେ ସିଦ୍ଧିଲାଭ ହେବ, କେବଳ ସେତିକବେଳେ ଯାଇ ସବୁକିଛି ବଦଳିଯିବ, ସବୁକିଛି ଓଲଟିଯିବ । ଏହି କଥାଟିକୁ ଭାଷାରେ ବ୍ୟକ୍ତ କରିପାରିବା ଆଦୌ ସମ୍ଭବ ନୁହେଁ, କାରଣ ତାହାକୁ ଶବ୍ଦ ଦ୍ୱାରା ପ୍ରକାଶ କରିବା ମାତ୍ରକେ ତାହା ତୁମ ପାଖରୁ ଅନ୍ତର ହୋଇଯାଏ । ମାତ୍ର, ଅଭୀପ୍ସା ଏବଂ ଉପଲବ୍ଧି ଭିତରେ ଅବଶ୍ୟ ଏକ ପାର୍ଥକ୍ୟ ରହିଛି, ଏକ ବାସ୍ତବ, ମୌଳିକ ଓ ସମଗ୍ର ପାର୍ଥକ୍ୟ ରହିଛି । ଅଭୀପ୍ସାକାଳୀନ ମାନସିକ ନାନା ଦ୍ୱନ୍ଦ୍ୱ, ଏପରିକି ଉଚ୍ଚତମ ଓ ସର୍ବାଧିକ ପରିମାଣରେ ସନ୍ଦୀପିତ ହୋଇ ପାରିଥିବା ମନର ଦ୍ୱନ୍ଦ୍ୱ ଏବଂ ଉପଲବ୍ଧି ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି । ଉପଲବ୍ଧି ତ ସର୍ବକାଳରୁ ସେହି ଊର୍ଦ୍ଧ୍ୱବୁଦ୍ଧି ମୀମାଂସିତ ହୋଇ ସାରିଛି, ବ୍ୟକ୍ତିଗତ ଯାବତୀୟ ଚେଷ୍ଟା ଉପରେ କୌଣସି ପ୍ରକାରେ ନିର୍ଭରଶୀଳ ହୋଇ ରହି ନାହିଁ, ଯାବତୀୟ ପ୍ରୟତ୍ନମାନଙ୍କରୁ ମଧ୍ୟ ସ୍ୱତନ୍ତ୍ର ହୋଇ ରହିଛି । ତୁମେ ବେଶ୍ ବୁଝି ପାରୁଥିବ ଯେ ଟିକିଏ ଟିକିଏ କରି ଏହି ସିଦ୍ଧିକୁ କଦାପି ପ୍ରାପ୍ତ କରାଯାଏ ନାହିଁ । କୌଣସି କ୍ଷୁଦ୍ର, ଅବିରତ ବା ନିୟମିତ ଉଦ୍ୟମ ଦ୍ୱାରା ତାହା ହାସଲ ହୁଏ

'oaob.nitrkl.ac.in' images reprocessed

ନାହିଁ, ଆଦୌ ସେପରି ହୁଏ ନାହିଁ । ସିଦ୍ଧି ହଠାତ୍ ଆସେ, କିପରି ଓ କାହିଁକିର ସମ୍ଭାବନାଟି ଆସି ପହଞ୍ଚିବା ପୂର୍ବରୁହିଁ ତାହା ପ୍ରତିଷ୍ଠିତ ହୁଏ; ମାତ୍ର ତାହା ଫଳରେ ସବୁକିଛି ବଦଳିଯାଏ ।

ଏବଂ ପ୍ରତ୍ୟେକ ବ୍ୟକ୍ତିର ବେଳକୁ ଠିକ୍ ଏହିପରିହିଁ ଘଟିବ, ସମଗ୍ର ବିଶ୍ୱଜଗତ ଲାଗି ଠିକ୍ ଏହିପରି ଘଟିବ । ଆମେ ଆଗକୁ ଆଗକୁ ଚାଲିବାରେ ଲାଗିଥିବା, ଅତ୍ୟନ୍ତ ମନ୍ଥର ଭାବରେ ଅଗ୍ରଗତି କରୁଥିବା ଏବଂ ତା'ପରେ, ଏପରି ଗୋଟିଏ ମୁହୂର୍ତ୍ତ ଆସି ପହଞ୍ଚିଯିବ, ଯେତେବେଳେ କି ହଠାତ୍ **ତାହା ସିଦ୍ଧ ହୋଇଯିବ**, ସମ୍ପନ୍ନ ହୋଇଯିବ । ନାହିଁ, ନାହିଁ, ସମ୍ପନ୍ନ ହେବ ନାହିଁ, ଆରମ୍ଭହିଁ ହେବ ।

(ମା'ଆ ନୀରବ ହୋଇଗଲେ)

ସାଧାରଣତଃ ଚୈତ୍ୟ ସତ୍ତା ସହିତ ପ୍ରଥମ ସଂସ୍ପର୍ଶଟି ଘଟିବା ଫଳରେ ଏହି ଅନୁଭୂତିଟି ଉପଲବ୍ଧ ହୋଇଥାଏ । ମାତ୍ର ଏହାକୁ କେବଳ ଆଂଶିକ ବୋଲି କୁହାଯିବ, ଚେତନାର କେବଳ ସେହି **ଅଂଶଟି** ବୋଲି କୁହାଯିବ,—ଅଥବା ସତ୍ତାର ଯେକୌଣସି ଭାଗରେ ଘଟୁଥିବା ଏକ କ୍ରିୟାତ୍ମକତା ବୋଲି କୁହାଯିବ,—ଚେତନାର ଯେଉଁ ଭାଗଟି ଚୈତ୍ୟ ସତ୍ତା ସହିତ ସଂଯୁକ୍ତ ହୋଇ ରହିଛି, ଏହାକୁ ତାହାର ଏକ ଅନୁଭବ ବୋଲି କୁହାଯିବ । ଏବଂ ତେଣୁ, ସେହି ଅନୁଭବଟି ପ୍ରାପ୍ତ ହେଉଥିବା ସମୟରେ, ଚେତନାର ସେହି ଭାଗଟିର ଅବସ୍ଥିତି ଚେତନାର ଅନ୍ୟାନ୍ୟ ଭାଗ ଏବଂ ବିଶ୍ୱଜଗତ ସହିତ ତାହାର ସମ୍ବନ୍ଧକ୍ଷେତ୍ରରେ ସଂପୂର୍ଣ୍ଣ ଭାବରେ ଓଲଟିଯିବ, ଏକାବେଳକେ ଅଲଗା ପ୍ରକାରର ହୋଇଯିବ । ଏବଂ ସେଇଟିରେ ଆଉ କୌଣସି ହେରଫେର ହେବ ନାହିଁ । ଏବଂ, ତୁମ ଜୀବନର ଯାବତୀୟ ସମସ୍ୟା ଏବଂ ତୁମ ସତ୍ତାର ଯାବତୀୟ କ୍ରିୟାତ୍ମକତାକୁ, ତୁମ ଚେତନାର ଯାବତୀୟ ଉପାଦାନକୁ ଯଦି ତୁମେ ଏହି ଭାଗଟି ସହିତ ସମ୍ବନ୍ଧିତ କରି ରଖିବା ଲାଗି ଇଚ୍ଛା କରୁଥିବ, ସେବିଷୟରେ କୌଣସି ଉଦ୍ୟମ କରିବ ଅଥବା କୌଣସି ସଫଳତା ଅର୍ଜନ କରିବ, ତେବେ ସେଗୁଡ଼ିକ ତାହା ଫଳରେ ଏପରି ଭାବରେ ସଗଠିତ ହୋଇଯିବ ଯେ ତୁମର ସତ୍ତା ଗୋଟିଏ ଏକତ୍ୱରେ ପରିଣତ ହୋଇଯିବ,—ଏକ ଅଖଣ୍ଡ ଅନେକତା ବା ଅନେକତାବିଶିଷ୍ଟ ଏକତା ବା ଅଖଣ୍ଡତାରେ ପରିଣତ ହୋଇଯିବ । ତାହା ଅନେକ-ପାର୍ଶ୍ୱଯୁକ୍ତ ହେବ, ମାତ୍ର ଏକ ନିର୍ଦ୍ଦିଷ୍ଟ ବିନ୍ଦୁର ଚାରିପାଖରେ ସଗଠିତ ଓ ସକେନ୍ଦ୍ରିତ ହୋଇ ରହିଥିବ, ଏପରି ସୁସଗଠିତ ହୋଇ ରହିଥିବ ଯେ, କେନ୍ଦ୍ରସ୍ଥ ଇଚ୍ଛା, କେନ୍ଦ୍ରସ୍ଥ ଚେତନା ବା କେନ୍ଦ୍ରସ୍ଥ ସତ୍ୟଟି ସବୁଯାକ ଭାଗକୁ ଆପଣାର ନିୟନ୍ତ୍ରଣରେ ରଖିବାକୁ ସମର୍ଥ ହେଉଥିବ, କାରଣ ସବୁଯାକ ଭାଗ ଗୋଟିଏ ସଗଠନ ମଧ୍ୟରେ ରହିଥିବେ, କେନ୍ଦ୍ରସ୍ଥ ଏହି ପରମ ଉପସ୍ଥିତିର ଚତୁର୍ଦ୍ଦିଗରେ ସଗଠିତ ହୋଇ ରହିଥିବେ ।

'oaob.nitrkl.ac.in' images reprocessed

ଯଦି କୌଣସି ବ୍ୟକ୍ତି ଭଗବାନ୍ଙ୍କ ପରମଶକ୍ତିର ଏକ ସଚେତନ ନିମିତ୍ତ ହୋଇ ରହିବାକୁ ଇଚ୍ଛା କରୁଥିବ ଏବଂ ତାହାହିଁ ହେବାକୁ ଅଭିପ୍ରେତ ହୋଇ ରହିଥିବ, ତେବେ ଏହି ଅବଶ୍ୟମ୍ଭାବୀ ପରିଣାମଟିକୁ ତା' ପକ୍ଷରେ ଏଡ଼ି ପାରିବା ମୋତେ ଅସମ୍ଭବ ବୋଲି ମନେ ହେଉଛି । ଯଦି ତୁମ ଭିତରେ ଏକ ସର୍ବନିମ୍ନ ପରିମାଣର ଶୁଭେଚ୍ଛା ଏବଂ ଆନ୍ତରିକତା ରହିଥାଏ, ତେବେ ତୁମେମାନେ ହୁଏତ ଗୋଟିଏ ଗୋଟିଏ **ଅଚେତନ** ନିମିତ୍ତ ପରି ଏହାର ହାତକୁ ପ୍ରେରିତ ହୋଇ ଆସିବ, ଏହା ଦ୍ୱାରା ସକ୍ରିୟ ହେବ ଏବଂ ବ୍ୟବହୃତ ବି ହୋଇପାରିବ । ମାତ୍ର ଏକ ସଚେତନ ନିମିତ୍ତରୂପେ କାର୍ଯ୍ୟ କରିବାକୁ ହେଲେ, ଏକାତ୍ମକତା ଏବଂ ସଚେତନ ଏବଂ ସ୍ୱେଚ୍ଛାକୃତ କ୍ରିୟାଶୀଳତାର ସମର୍ଥ ହେବାକୁ ହେଲେ ତୁମ ପାଖରେ ଏହି ଅନ୍ତର୍ଗତ ସଂଗଠନଟି ରହିଥିବା ଏକାନ୍ତ ଆବଶ୍ୟକ; ତା' ନହେଲେ କୌଣସି ନା କୌଣସି ସ୍ଥାନରେ ତୁମକୁ ଅରାଜକତା ସହ୍ୟ କରିବାକୁ ପଡ଼ୁଥିବ, କେଉଁଠି ନା କେଉଁଠି ଦ୍ୱନ୍ଦ୍ୱ ବା ଅସ୍ପଷ୍ଟତା ଆସି ଉପସ୍ଥିତ ହେଉଥିବ, କେଉଁଠି ନା କେଉଁଠି ଅଚେତନା ଘୋଟି ରହିଥିବ । ଏବଂ ତୁମର ଯାବତୀୟ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବରେ ସେହି ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ପରିଚାଳିତ ହେଉଥିଲେ ମଧ୍ୟ ତଥାପି ଅଭିବ୍ୟକ୍ତିର କ୍ଷେତ୍ରରେ ତାହାର ପରିପୂର୍ଣ୍ଣତା କଦାପି ଆସିବ ନାହିଁ; ଏହି ଦିବ୍ୟ ପରମକେନ୍ଦ୍ରର ଚାରିପାଖରେ ଏକ ସଚେତନ ସଂଗଠନ ହାସଲ କରିପାରିଲେ ଯେପରି ପରିପୂର୍ଣ୍ଣତା ସମ୍ଭବ ହୁଅନ୍ତା, ତାହା କଦାପି ସମ୍ଭବ ହେବ ନାହିଁ ।

ଏଥିଲାଗି ଅନେକ ଅଧ୍ୟବସାୟ ଆବଶ୍ୟକ, ଏହାକୁ ତୁମେ ଯେକୌଣସି ସମୟରେ ଓ ଯେକୌଣସି ପରିସ୍ଥିତିରେ ମଧ୍ୟ ଆରମ୍ଭ କରିପାରିବ, କାରଣ ସମସ୍ୟାଟିର ଯାବତୀୟ ଉପାଦାନକୁ ତୁମେ ନିଜ ଭିତରେହିଁ ବହନ କରିବାରେ ଲାଗିଛ । ବାହାରୁ ତୁମେ କିଛିହେଲେ ଆବଶ୍ୟକ କରୁ ନାହଁ, ଏହି କାର୍ଯ୍ୟଟିକୁ ସାଧନ କରିବାରେ ତୁମର କୌଣସି ବାହ୍ୟ ସାହାଯ୍ୟର ଆବଶ୍ୟକତା ନାହିଁ । ମାତ୍ର ଏଥିଲାଗି ପ୍ରଭୂତ ଅଧ୍ୟବସାୟର ଆବଶ୍ୟକତା ରହିଛି, ଏକ ପ୍ରକାର ଦୃଢ଼ତାର ପ୍ରୟୋଜନ ରହିଛି, କାରଣ, ଅନେକ ସମୟରେ ଏହିପରି ଘଟିଥାଏ ଯେ ସତ୍ତା ମଧ୍ୟରେ ମନ୍ଦ "ଝୁଙ୍କ"ସବୁ ରହି ଯାଇଥାଏ,—ଏପରି ନାନା ସଂସ୍କାର ରହିଥାଏ, ଯେଉଁଗୁଡ଼ିକ କି ନାନା କାରଣରୁ ସଞ୍ଜାତ ହୋଇଥାଏ, ଯାହାକି କୁଳାଗତ ବିକୃତି ହେତୁ ହୋଇ ପାରିଥାଏ, ଶିକ୍ଷାରୁ ଆସିଥାଇ ପାରିଥାଏ, ବା, ତୁମେ ଯେଉଁ ପରିବେଶ ମଧ୍ୟରେ ବାସ କରିଛ, ସେଥିରୁ ସମ୍ଭବ ହୋଇ ପାରିଥାଏ ଅଥବା ଅନ୍ୟ ଅନେକ କାରଣରୁ ମଧ୍ୟ ଜାତ ହୋଇ ପାରିଥାଏ । ଏହିସବୁ ଖରାପ ଝୁଙ୍କଗୁଡ଼ିକୁ ତୁମେ ସମାନ କରି ଦେବା ଲାଗି ଚେଷ୍ଟା କରୁଥାଅ, ମାତ୍ର ସେଗୁଡ଼ିକ ପୁଣି ମୋଡ଼ିମୋଡ଼ି ହୋଇ ଯାଉଥାନ୍ତି । ଏବଂ ତା'ପରେ ତୁମକୁ ମୂଳରୁ ପୁଣି ସବୁ କଥା



'oaob.nitrkl.ac.in' images reprocessed

ଆରମ୍ଭ କରିବାକୁ ପଡ଼ିବ, ଅନେକ, ଅନେକ, ଅନେକ ଥର ଆରମ୍ଭ କରିବାକୁ ପଡ଼ିବ, କୌଣସି ପ୍ରକାରେ ହତୋତ୍ସାହିତ ହୋଇ ନପଡ଼ି ତାହା କରିବାକୁ ପଡ଼ିବ । ତେବେ ଯାଇ ଶେଷକୁ କୌଣସି ସ୍ଥାୟୀ ପରିଣାମ ମିଳିବ । ମାତ୍ର କୌଣସି କଥା କିଂବା କୌଣସି ବ୍ୟକ୍ତି ଏକଥା କରିବାରୁ ତୁମକୁ ନିବୃତ୍ତ କରି ରଖି ପାରିବ ନାହିଁ, କୌଣସି ପରିସ୍ଥିତି ମଧ୍ୟ ତାହା କରି ପାରିବ ନାହିଁ । କାରଣ, ସମସ୍ୟାଟି ଯେପରି ତୁମ ଭିତରେ ରହିଛି, ତା'ର ସମାଧାନଟି ମଧ୍ୟ ସେହିପରି ତୁମ ଭିତରେ ରହିଥିବ ।

(ମାଆ ନୀରବ ରହିଲେ)

ଏବଂ, ସତ କଥା କହିବାକୁ ଗଲେ, ମନୁଷ୍ୟଜାତି ସବୁଠାରୁ ଅଧିକ ସଚରାଚର ଭାବରେ ଯେଉଁ ରୋଗଟିକୁ ଭୋଗ କରିବାରେ ଲାଗିଛି, ଆମେ ତାହାକୁ ବିରକ୍ତି ବୋଲି କହିବା । ଏହି ବିରକ୍ତିର କବଳରୁ ରକ୍ଷା ପାଇବାକୁ ଚେଷ୍ଟା କରିହିଁ ମନୁଷ୍ୟମାନେ ସବୁଠାରୁ ଅଧିକ ପରିମାଣରେ ନିର୍ବୋଧତାମାନ କରି ବସିଥାନ୍ତି । ଏବଂ ମୁଁ ତୁମକୁ ଦୃଢ଼ନିଶ୍ଚିତ ଭାବରେ କହିପାରିବି ଯେ ଏସବୁ କ୍ଷେତ୍ରରେ କୌଣସି ଉପାୟ ଦ୍ୱାରା ଆଦୌ କୌଣସି ଫଳ ହୁଏ ନାହିଁ ଏବଂ ବିରକ୍ତିକରତାର କବଳରୁ ରକ୍ଷା ପାଇବା ଲାଗି ତୁମେ ଯାହାକିଛି କର ପଛକେ, ବିରକ୍ତିକରତା ତୁମ ପଛରେ ଗୋଡ଼ାଇବାରେ ଲାଗିଥାଏ ଓ ସକଳ ପରିସ୍ଥିତିରେହିଁ ତାହା କରିବାରେ ଲାଗିଥିବ । ମାତ୍ର ଏହି ଉପାୟଟି ଦ୍ୱାରା, ଅର୍ଥାତ୍, ତୁମର ସତ୍ତା, ତାହାର ଯାବତୀୟ ଗତିଶୀଳତା ଓ ଯାବତୀୟ ଉପାଦାନକୁ ସେହି କେନ୍ଦ୍ରୀୟ ପରମଚେତନା ଏବଂ ପରମ ସାନ୍ନିଧ୍ୟର ଚାରିପଟରେ ସଂଗଠିତ କରି ରଖିବାର ଏହି କାର୍ଯ୍ୟଟି ଦ୍ୱାରା ସବୁଠାରୁ ଅଧିକ ନିଶ୍ଚିତ ଏବଂ ଅଧିକ ସମ୍ପୂର୍ଣ୍ଣ ଭାବରେ ଆରୋଗ୍ୟଲାଭ ହୋଇଥାଏ, ସମ୍ଭାବ୍ୟ ଯାବତୀୟ ପ୍ରକାରର ବିରକ୍ତିକରତା ଲାଗି ସବୁଠାରୁ ଅଧିକ ସାନ୍ତ୍ୱନାଦାୟକ ହୋଇଥାଏ । ତୁମର ଜୀବନକୁ ଏହା ପ୍ରଭୂତ ଆଗ୍ରହ ଓ ତତ୍ପରତା ଆଣିଦିଏ । ଏବଂ ଏକ ଅସାଧାରଣ ବିବିଧତା ଆଣିଦିଏ । ଏବଂ ତା'ପରେ, ବସି ବସି ବିରକ୍ତ ହେବା ଲାଗି ଆଦୌ କୌଣସି ସମୟ ମିଳେ ନାହିଁ ।

ତେଣୁ, କେବଳ ଲାଗି ରହିବାକୁହିଁ ହୁଏ ।

ଏବଂ ସମସ୍ତ ବିଷୟଟିରେ ଏହି କଥାଟି ଆହୁରି ଅଧିକ ତତ୍ପରତା ଓ ଉତ୍ସାହ ଆଣି ଦେଇଥାଏ ଯେ ସତ୍ତାକୁ ଦିବ୍ୟ ପରମକେନ୍ଦ୍ରଟି ଚାରିପାଖରେ ଏହିପରି ସୌଷମ୍ୟଯୁକ୍ତ ଓ ସଂଗଠିତ କରି ରଖିବାର କାର୍ଯ୍ୟଟିକୁ କେବଳ ଏକ ଭୌତିକ ଶରୀରର ଭୂମିରେ ଓ ଏହି ପୃଥିବୀରେହିଁ କରିବାକୁ ହୋଇଥାଏ । ଆମ ଭୌତିକ ଜୀବନ ଲାଗି ତାହାହିଁ ପ୍ରକୃତରେ ସର୍ବପ୍ରଧାନ ଓ ସର୍ବମୂଳ କାରଣ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

କାରଣ ଏହି ଭୌତିକ ଶରୀର ଛାଡ଼ି ଚାଲିଯିବା ସଙ୍ଗେ ସଙ୍ଗେ ଏହି କାର୍ଯ୍ୟଟି କରିବା ଲାଗି ଆଉ ଆଦୌ କୌଣସି ସାମର୍ଥ୍ୟ ବି ରହେ ନାହିଁ ।

ଏବଂ ଏଥିରେ ଆହୁରି ଅଧିକ ଉଲ୍ଲେଖଯୋଗ୍ୟ କଥା ହେଉଛି ଯେ କେବଳ ମନୁଷ୍ୟମାନଙ୍କରହିଁ ଏହି କଥାଟିକୁ କରିବାର ସାମର୍ଥ୍ୟ ରହିଥାଏ, କାରଣ ଚୈତ୍ୟ ସତ୍ତାରେ କେବଳ ମନୁଷ୍ୟମାନଙ୍କରହିଁ ଅପଣାର କେନ୍ଦ୍ରରେ ସେହି ଦିବ୍ୟ ପରମ ସାନ୍ନିଧ ବିଦ୍ୟମାନ ରହିଥାଏ । ଉଦାହରଣସ୍ୱରୂପ, ଆତ୍ମବିକାଶ, ସଂଗଠନ ଏବଂ ଯାବତୀୟ ଉପାଦାନ ବିଷୟରେ ସଜ୍ଞାନତା ଲାଭ କରିବାର ଏହି କାର୍ଯ୍ୟଟି ପ୍ରାଣିକ ତଥା ମାନସିକ ଭୂମିରେ ବାସ କରୁଥିବା ସତ୍ତାଗୁଡ଼ିକର ସାଧ୍ୟସୀମା ମଧ୍ୟରେ ଆଦୌ ରହି ନଥାଏ, ଏପରିକି ଯେଉଁମାନଙ୍କୁ ସାଧାରଣତଃ "ଦେବତାମାନେ" ବୋଲି କୁହା ଯାଇଥାଏ, ସେମାନଙ୍କର ସାଧ୍ୟସୀମା ଭିତରେ ମଧ୍ୟ ନଥାଏ । ଏବଂ ଯେତେବେଳେ ସେମାନେ ଏହି କଥାଟିକୁ କରିବା ଲାଗି ଇଚ୍ଛା କରନ୍ତି, ଯେତେବେଳେ ସେମାନେ ଆପଣାକୁ ସଂଗଠିତ କରିବା ଲାଗି ଏବଂ ପୂର୍ଣ୍ଣ ଭାବରେ ସଚେତନ ହେବା ଲାଗି ପ୍ରକୃତରେ ଇଚ୍ଛା କରନ୍ତି, ସେତେବେଳେ ସେମାନଙ୍କୁ ଏକ ଶରୀର ଗ୍ରହଣ କରିବାକୁ ହୋଇଥାଏ ।

ଏବଂ ତଥାପି, ସେମାନେ କାହିଁକି ଯେ ଏକ ଭୌତିକ ଶରୀର ଗ୍ରହଣ କରିଛନ୍ତି, ମନୁଷ୍ୟମାନେ ସେକଥା ନଜାଣିହିଁ ଶରୀର ମଧ୍ୟରେ ପ୍ରବିଷ୍ଟ ହୋଇଥାନ୍ତି, ସେହି ଅଜ୍ଞାନ ଭିତରେହିଁ ଅଧିକାଂଶ ମନୁଷ୍ୟଙ୍କର ଜୀବନ ଅତିବାହିତ ହୋଇଯାଏ ଏବଂ ଜନ୍ମ ପରେ ଜନ୍ମ ସେମାନେ ସେହି କଥାଟିକୁ ବାରଂବାର ଆରମ୍ଭ କରିବାରେ ଲାଗିଥାନ୍ତି । ଏହିପରି ଅନନ୍ତ କାଳଲାଗି ଲାଗି ରହିଥାଏ,—ଏହିପରି ହୁଏତ ଶେଷରେ ଦିନଟିଏ ଆସେ, ଯେତେବେଳେକି ଜଣେ କେହି ଆସି ସେମାନଙ୍କୁ କହେ, "ତୁମେ କ'ଣ ଦେଖି ପାରୁ ନାହଁ, ଏହା ପଛରେ ଏକ ଉଦ୍ଦେଶ୍ୟ ନିହିତ ହୋଇ ରହିଛି ? ଏହି କାର୍ଯ୍ୟଟି ଲାଗିହିଁ ତୁମେ ଏଠାକୁ ଆସିଛ, ତେଣୁ ଏହି ଅବସରଟିକୁ ହରାଇଦେବା ଆଦୌ ଉଚିତ ହେବ ନାହିଁ ।"

ଏବଂ ଏହିପରି ଭାବରେ କେତେ କେତେ ବର୍ଷ ନଷ୍ଟ ହୋଇ ନଯାଏ !

ଶ୍ରୀ
ଗ୍ରା -
ଭା -
, ଓଡ଼ିଶା
ବହି ନଂ -

'oaob.nitrkl.ac.in' images reprocessed

## ୧୩ ଜୁନ୍ ୧୯୫୭

"ଆପଣାକୁ ପରିପୂର୍ଣ୍ଣ ଭାବରେ ଆଧ୍ୟାତ୍ମିକତା ବା ଭଗବଦ୍‌ଗତତା ଦ୍ୱାରା ପ୍ରେରିତ କରି ରଖିବାର ପ୍ରକ୍ରିୟାଟିରେହିଁ ତାହା (ଅଧ୍ୟାତ୍ମ ଦ୍ୱାରା ସଞ୍ଚାରିତ ମନ) ମନୁଷ୍ୟସୁଲଭ ବୁଦ୍ଧିର ଆଡ଼ମ୍ବରମୟ ଦାରିଦ୍ର୍ୟଟିକୁ ଆଗରୁ ଅତିକ୍ରମ କରି ଚାଲିଯିବାକୁ ଆରମ୍ଭ କରିଥିବ; ତା'ପରେ ତାହା ଏକ ଉଚ୍ଚତର ମନର ଶୁଦ୍ଧ ଓ ପ୍ରଶସ୍ତ କ୍ଷେତ୍ରଗୁଡ଼ିକୁ ଉନ୍ନୀତ ହୋଇଯିବ ଏବଂ ତା'ପରେ ଊର୍ଦ୍ଧ୍ୱଦେଶରୁ ପ୍ଲାବିତ ହୋଇ ଆସୁଥିବା ଏକ ଆଲୋକ ଦ୍ୱାରା ଆଲୋକିତ ଏକ ଆହୁରି ବୃହତ୍ ଓ ଆହୁରି ମୁକ୍ତ ବୁଦ୍ଧିସମ୍ପନ୍ନତାର ଜ୍ୟୋତିର୍ଦ୍ଦୀପ୍ତ ମଣ୍ଡଳଟି ମଧ୍ୟକୁ କ୍ରମଶଃ ଆରୋହଣ କରିଯିବ। ଏହି ସ୍ଥାନରେ ଉପନୀତ ହୋଇ ତାହା ଅପେକ୍ଷାକୃତ ଅଧିକ ମୁକ୍ତ ଭାବରେ ଏକ ପରମ ଅନ୍ତର୍ବୋଧର ପ୍ରାରମ୍ଭିକ ଦୀପ୍ତିଗୁଡ଼ିକୁ ଅନୁଭବ କରିବାକୁ ଆରମ୍ଭ କରିବ ଏବଂ ଅପେକ୍ଷାକୃତ କମ୍ ମିଶ୍ରିତ ଭାବରେ ସେଇଟି ଉଦ୍ଦେଶ୍ୟରେ ଆପଣାର ପ୍ରତିସ୍ପନ୍ଦନ ଜଣାଇବାକୁ ମଧ୍ୟ ସମର୍ଥ ହୋଇଯିବ। ଏହି ପରମ ଅନ୍ତର୍ବୋଧ ବା ସମ୍ବୋଧିଟି ଅନ୍ୟ କାହାରି ଦ୍ୱାରା ଆଲୋକିତ ହୋଇ ନଥିବ, ମାତ୍ର ଆପେ ଆଲୋକିତ ହୋଇ ରହିଥିବ; ଆପେ ସତ୍ୟମୟ ହୋଇ ରହିଥିବ। ସେଇଟି ଆଉ କଦାପି ମନଃପ୍ରେରିତ ହୋଇ ରହି ନଥିବ, ଏବଂ ତେଣୁ କୌଣସି ଭ୍ରମ ବା ପ୍ରମାଦର ବହୁଳ ଆକ୍ରମଣର ଅଧୀନ ହୋଇ ରହି ନଥିବ। ଏଠାକୁ ଆସି ମଧ୍ୟ ଯାତ୍ରା ତଥାପି ସମାପ୍ତ ହୋଇ ଯିବ ନାହିଁ, କାରଣ ତାକୁ ଆହୁରି ଉପରକୁ ଉଠିବାକୁ ପଡ଼ିବ, ସେହି ଅବାରିତ ଏବଂ ଅଭଗ୍ନ ସମ୍ବୋଧିର ରାଜ୍ୟରେ ଯାଇ ପ୍ରବିଷ୍ଟ ହେବାକୁ ପଡ଼ିବ, ମର୍ମଗତ ପରମସତ୍ତ୍ୱର ଆତ୍ମସମ୍ବିତ୍‌ସମ୍ପନ୍ନତା ମଧ୍ୟରୁ ଉଦ୍‌ଭୂତ ହୋଇ ଆସୁଥିବା ସେହି ପ୍ରତ୍ୟକ୍ଷ ପରମ ଆଲୋକଟିରେ ପ୍ରବେଶ କରିବାକୁ ପଡ଼ିବ, ଏବଂ ତା'ପରେ, ଯେଉଁଠାରୁ ଏହି ଆଲୋକଟି ସମାଗତ ହୋଇ ଆସୁଛି, ତାହାର ଉପଲବ୍ଧି କରିବାକୁ ପଡ଼ିବ। କାରଣ,

'oaob.nitrkl.ac.in' images reprocessed

ମନର ପଛକୁ ଏକ ଅଧିମନ ବି ରହିଛି, ଅଧିକ ମୂଳଭୂତ ଏବଂ ଗତ୍ୟାତ୍ମକ ଏକ ପରମ ସାମର୍ଥ୍ୟରୂପେ ସେହି ଅଧିମାନସହିଁ ମନର ଅବଲମ୍ବନ ହୋଇ ରହିଛି, ତାହାକୁ ଆପଣାଠାରୁ ନିମ୍ନ ଏକ କ୍ଷୁଦ୍ରତର ବିକରଣରୂପେ ପ୍ରତ୍ୟକ୍ଷ କରୁଛି, ଆପଣାକୁ ନିମ୍ନସ୍ଥିତ ଭୂମିଟି ଆଡ଼କୁ ସଞ୍ଚାରିତ କରିଦେବାର ଏକ ମଧ୍ୟମଣ୍ଡଳ ପରି ସେ ତାହାକୁ କାମରେ ଲଗାଉଛି ବା ଅବିଦ୍ୟାର କେତେ ବିସୃଜନରେ ତାହାକୁ ଏକ ସାଧନରୂପେ ମଧ୍ୟ ବ୍ୟବହାର କରୁଛି । ଆରୋହଣର ସର୍ବଶେଷ ସୋପାନଟିରେ ଏହି ଅଧିମାନସ ମଧ୍ୟ ସ୍ୱୟଂ ଅତିକ୍ରାନ୍ତ ହୋଇଯିବ, ଅଥବା, ଅନ୍ୟ ଭାଷାରେ କହିଲେ, ସେଠାରେ ଅଧିମାନସ ଆପଣାର ଆହୁରି ବୃହତ୍ତର ସେହି ଉତ୍ପତ୍ତିକୁହିଁ ବାହୁଡ଼ି ଆତ୍ମିକ ଏବଂ ଦିବ୍ୟ ବିଜ୍ଞାନମୟତାର ଅତିମାନସ ଆଲୋକରେହିଁ ପରିଣତ ହୋଇଯିବ ।"

(ଯୋଗସମନ୍ୱୟ, ୧୩୮—୩୯)

ତୁମେ ଦେଖି ପାରୁଥିବ, ଏହି କ୍ଷେତ୍ରରେ ଦୁଇଟି ସୋପାନ ରହିଛି । ପ୍ରଥମେ ଆମେ ମନର ସୀମା ପାର ହୋଇ ଏକ ନିର୍ଦ୍ଦିଷ୍ଟ ରାଜ୍ୟ ମଧ୍ୟକୁ ଉତ୍ତୋଳିତ ହୋଇଯିବା, ଏବଂ ସେହି ରାଜ୍ୟଟିଠାରୁ ଆହୁରି ସେପାଖକୁ ଯାଇ ଏପରି ଏକ ରାଜ୍ୟରେ ପହଞ୍ଚିବା, ଯାହାକି ସକଳ ବସ୍ତୁର ମୂଳରୂପେ ଅବସ୍ଥିତ ରହିଛି । ତେଣୁ ଏଥିରେ ଦୁଇଟି ଅନୁକ୍ରମବଦ୍ଧ ସ୍ତର ନିହିତ ହୋଇ ରହିଛି ।

ମାଆ, ବର୍ତ୍ତମାନ ତ ଅତିମାନସର ଅବତରଣ ଘଟି ସାରିଲାଣି, ତେବେ ଆମେ କାହିଁକି ବୁଦ୍ଧିସର୍ବସ୍ୱ ମନରୁ ସିଧା ଅତିମାନସ ମଧ୍ୟକୁ ଚାଲିଯାଇ ନପାରିବା ?

ଯାଇ ନପାରିବା ବୋଲି କିଏ କହିଲା ?

ଅତିମାନସ ସହିତ କିପରି ସମ୍ପର୍କ ସ୍ଥାପନ କରାଯାଇ ପାରିବ ଏବଂ ତାହାର ଅଭିବ୍ୟକ୍ତି ଲାଗି କିପରି ଭୂମିଟିକୁ ପ୍ରସ୍ତୁତ କରି ରଖିବାକୁ ହେବ, ଏଠାରେ ଶ୍ରୀଅରବିନ୍ଦ ସେହି ବିଷୟଟିକୁ ବୁଝାଇ କହୁଛନ୍ତି; ମାତ୍ର ବର୍ତ୍ତମାନ ଅତିମାନସ ପୃଥିବୀ-ପରିବେଶ ମଧ୍ୟରେ ପ୍ରବେଶ କରି ଥିବାରୁ, ତାହାର ଅଭିବ୍ୟକ୍ତିକ୍ରମରେ

'oaob.nitrkl.ac.in' images reprocessed

କାହିଁକି କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତର ଓ ପଦ୍ଧତିକୁ ତା' ଉପରେ ଆଣି ଲଦି ଦିଆଯିବ, ମୁଁ ତାହାର ଆଦୌ କୌଣସି କାରଣ ଦେଖୁ ନାହିଁ । ଯଦି ଅତିମାନସ ଏକ ନମନୀୟତାକୁ ଉପଯୁକ୍ତ, ପ୍ରସ୍ତୁତ ଏବଂ ଗ୍ରହଣୀୟ ବୋଲି ଦେଖିବ ଏବଂ ପ୍ରତ୍ୟକ୍ଷ ଭାବରେ ତାହାକୁ ସନ୍ଦୀପିତ କରିବାର ନିଷ୍ପତ୍ତି ଗ୍ରହଣ କରିବ, ତେବେ ତାହା କାହିଁକି ଯେ ସେପରି କରିବ ନାହିଁ, ମୁଁ ତାହାର ଆଦୌ କୌଣସି କାରଣ ଦେଖୁ ନାହିଁ ।

ଏବଂ ମୁଁ ଏହି କଥାଟିକୁ ଆହୁରି ଥରେ କହୁଛି : ଏହା ଅନ୍ୟପ୍ରକାରେ ହୋଇ ପାରିବ ନାହିଁ ବୋଲି କିଏ କହୁଛି ? କେହି କହି ନାହାନ୍ତି । ଶ୍ରୀଅରବିନ୍ଦ ଏଠାରେ ଏକାବେଳକେ ଏକ ଭିନ୍ନ କଥାର ଚର୍ଚ୍ଚା କରିଛନ୍ତି, ଏବଂ ବସ୍ତୁତଃ ଘଟଣାଟି ଠିକ୍ ଏହିପରି ଭାବରେହିଁ ଘଟିଥିଲା । ଅଭିବ୍ୟକ୍ତିଟି ଯେପରି ସମ୍ଭବ ହୋଇ ପାରିବ, ସେଥିଲାଗି ଏହିପରି ଏକ ପ୍ରସ୍ତୁତି ଆବଶ୍ୟକ ଥିଲା । ମାତ୍ର ବର୍ତ୍ତମାନ ଅତିମାନସ ଜିନିଷଟି ଉପରେ କାହିଁକି ବା କେଉଁ କଥାକୁ ଭିତ୍ତି କରି ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟାକୁ ଲଦି ଦିଆଯିବ ଏବଂ ଆପଣାର ସାଧନଟିକୁ ବାଛି ନେବା ଲାଗି ଅତିମାନସର କାହିଁକି ଯେ ସ୍ୱାଧୀନତା ରହିବ ନାହିଁ, ମୁଁ ତାହାର ଆଦୌ କୌଣସି କାରଣ ଦେଖି ପାରୁ ନାହିଁ ।

ମୁଁ ଭାବୁଛି ଯେ ଏହି କ୍ଷେତ୍ରରେ ଯାବତୀୟ ସମ୍ଭାବନା ବେଶ୍ ସମ୍ଭବ ହୋଇ ପାରିବ ଏବଂ ଯେଉଁଠି ପରିପୂର୍ଣ୍ଣ ଆତ୍ମୋତ୍ସର୍ଗ ରହିଥିବ, ସେଠାରେ ନିଶ୍ଚୟ ଅନୁମୋଦନ ମିଳିବ । ଏବଂ ଏହି କ୍ଷେତ୍ରରେ ପ୍ରକ୍ରିୟାଗୁଡ଼ିକ, ସାଧନଗୁଡ଼ିକ, ପରିବର୍ତ୍ତନ ଏବଂ ରୂପାନ୍ତରଗୁଡ଼ିକ ମଧ୍ୟ ଅଗଣିତ ସଂଖ୍ୟାରେ ସମ୍ଭବ ହୋଇ ପାରିବ । ଯାହାକିଛି ଘଟିବ, ତାହା କେବଳ ଗୋଟିଏ ମାତ୍ର ନିର୍ଦ୍ଦିଷ୍ଟ ପ୍ରକାରରେ ଘଟିବାକୁ ଓ ଅନ୍ୟ କୌଣସି ପ୍ରକାରରେ ନ ଘଟିବାକୁ କଦାପି ବାଧ୍ୟ ହେବ ନାହିଁ ।

ବସ୍ତୁତଃ, ଅତିମାନସ ଚେତନା ଓ ଆଲୋକର ଏପରିକି ଏକ କ୍ଷୁଦ୍ର କଣା ବା କୌଣସି ଏକ ବିଶିଷ୍ଟ ବସ୍ତୁକୁ ଗ୍ରହଣ କରିବା ଲାଗି ଯିଏ ବା ଯାହାକିଛି ପ୍ରସ୍ତୁତ ରହିଥାଏ ସବୁବେଳେ, ତାହା ଅବଶ୍ୟମ୍ଭାବୀ ଭାବରେ ସ୍ୱତଃ ତାହାକୁ ଗ୍ରହଣ କରି ପାରିବ । ଏବଂ ଏହି ଚେତନା ଏବଂ ଏହି ଆଲୋକର ପରିଣାମ ମଧ୍ୟ ଅଗଣିତ ପ୍ରକାରର ହେବ, କାରଣ ସେଗୁଡ଼ିକ ପ୍ରତ୍ୟେକର ଅଭୀପ୍ସା ମଧ୍ୟରେ ଯେତିକି ପରିମାଣରେ ଆନ୍ତରିକତା ରହିଥିବ, ତାହାର ଅନୁସାରେହିଁ ପ୍ରତ୍ୟେକର ସମ୍ଭାବନା ଏବଂ ସାମର୍ଥ୍ୟ ମୁତାବକ ଆପଣାକୁ ନିଶ୍ଚୟ ଅନୁକୂଳିତ କରି ରଖିବ ।

ଆତ୍ମୋତ୍ସର୍ଗ ଯେତିକି ଅଧିକ ସମଗ୍ର ହେବ ଓ ଅଭୀପ୍ସା ଯେତିକି ପରିମାଣରେ ଅଧିକ ପ୍ରଗାଢ଼ ହୋଇ ପାରିଥିବ, ପରିଣାମ ମଧ୍ୟ ଠିକ୍ ସେତିକି ଅଧିକ ପରିମାଣରେ ଅଧିକ ସମ୍ପୂର୍ଣ୍ଣ ଓ ଅଧିକ ପ୍ରଗାଢ଼ ହୋଇ ପାରିବ । ମାତ୍ର,

'oaob.nitrkl.ac.in' images reprocessed

ଆପଣାର ଅଭିବ୍ୟକ୍ତିଗୁଡ଼ିକର କ୍ଷେତ୍ରରେ ଅତିମାନସର କ୍ରିୟା ପ୍ରକୃତରେ ଅଗଣିତ ପ୍ରକାରରହିଁ ହେବ,—ଅନେକ ହେବ, ଅଗଣିତ ହେବ, ଅନନ୍ତ ଭାବରେ ବିବିଧ ହେବ ଏବଂ ତାହା କଦାପି ସମସ୍ତଙ୍କ ଲାଗି ସମାନ ହୋଇ ରହିଥିବା ସେହି ଗୋଟିଏ ନିର୍ଦ୍ଦିଷ୍ଟ ଧାରାକୁ ଅନୁସରଣ କରିବ ନାହିଁ । ତାହା କଦାପି ସମ୍ଭବ ନୁହେଁ । କାରଣ, ଅତିମାନସ ଚେତନାର ମୂଳ ସ୍ୱଭାବଟି ଯେପରି, ସେହି ଅନୁସାରେ ତାହାର ଅଭିବ୍ୟକ୍ତି ମଧ୍ୟ ଅଗଣିତ ଓ ଅନେକବିଧ ହେବାକୁ ବାଧ୍ୟ ହେବ ।

ବର୍ତ୍ତମାନ ତ ପରିବେଶର ଗୁଣାତ୍ମକ ଭୂମିଟିହିଁ ବଦଳି ଯାଇଛି ।

ତେଣୁ ପରିଣାମଗୁଡ଼ିକ ମଧ୍ୟ ଅନେକବିଧ ହେବାକୁ ବାଧ୍ୟ ହେବ, ମାତ୍ର ତାହା ଦୃଶ୍ୟମାନ ବି ହେବ । ଅର୍ଥାତ୍, ଅତିମାନସର କ୍ରିୟାଟିର ପରିଣାମଗୁଡ଼ିକଠାରୁ ଚରାଚରର ସାଧାରଣ ଗତିଶୀଳତାଗୁଡ଼ିକର ପରିଣାମଗୁଡ଼ିକୁ ଅଲଗା କରି ଚିହ୍ନିନେଇ ପାରିବା ନିଶ୍ଚୟ ସମ୍ଭବ ହେବ । କାରଣ ସେଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ପ୍ରକୃତି ରହିଥିବ, ଏକ ବିଶେଷ ଲକ୍ଷଣ ମଧ୍ୟ ରହିଥିବ ।

ମାତ୍ର ତାହାର ଅର୍ଥ ନୁହେଁ ଯେ ଯିଏ ମନ ଯିଏ ଯେକୌଣସି ମୁହୂର୍ତ୍ତରେ ଏବଂ ଯେକୌଣସି ପ୍ରକାରେ ଥିବ ଥିବ ହଠାତ୍ ଗୋଟିଏ ଅତିମାନସ ଅତିପ୍ରତିଭାରେ ପରିଣତ ହୋଇଯିବ । ଏପରି ହେବ ବୋଲି ଆଦୌ ଆଶା ରଖିବା ଉଚିତ ନୁହେଁ ।

ମୁଁ କହିବାକୁ ଯାଉଥିଲି ଯେ, ଆଗ ଅପେକ୍ଷା ଟିକିଏ କମ୍ ପରିମାଣରେ ନିର୍ବୋଧ ହୋଇ ପାରିଲଣି ବୋଲି ଯଦି କୌଣସି ବ୍ୟକ୍ତି ପ୍ରତ୍ୟକ୍ଷ ଭାବରେ ଅନୁଭବ କରିବାକୁ ସମର୍ଥ ହେବ, ତାହାକୁ ମଧ୍ୟ ବେଶ୍ କିଛି ଲାଭ ବୋଲି ଅବଶ୍ୟ କୁହାଯାଇ ପାରିବ !

**ଶିକ୍ଷାର କ୍ଷେତ୍ରରେ ମଧ୍ୟ ଏହି ଅଭିବ୍ୟକ୍ତି ସଂଘଟିତ ହେବ କି ?**

ସେହି ଅଭିବ୍ୟକ୍ତିଟି ସକାଶେ ତୁମେ ଆଦୌ କୌଣସି କ୍ଷେତ୍ରକୁ କାହିଁକି ବାଛିଣ କରି ରଖିବାକୁ ଇଚ୍ଛା କରୁଛ ?

**କାରଣ, ଶ୍ରୀଅରବିନ୍ଦ ଯାହାକୁ "ମନୁଷ୍ୟବୁଦ୍ଧିର ଅତ୍ୟୁଗ୍ରତମ ଦାରିଦ୍ର୍ୟ" ବୋଲି କହିଛନ୍ତି, ଆମେ ବର୍ତ୍ତମାନ ସେହିପରି ଏକ ଶିକ୍ଷାପ୍ରଣାଳୀ ଅନୁସରଣ କରିବାରେ ଲାଗିଛୁ ।**

'oaob.nitrkl.ac.in' images reprocessed

ତୁମେ ପିଲାମାନଙ୍କୁ ଯେଉଁ ଶିକ୍ଷା ଦେଉଛ, ତୁମେ ତାହାର ବିଷୟରେ କହୁଛ, ନୁହେଁ କି ? ମାଁ ଏହି ପ୍ରଣାଳୀର ଅତି ଶୀଘ୍ର ପରିବର୍ତ୍ତନ ହେବା ଉଚିତ !

ଆଗରୁ ଯାହା କରାଯାଇଛି ଏବଂ ଅନ୍ୟମାନେ ଯାହାକିଛି କରିଛନ୍ତି, ସ୍ୱର ଦସ୍ତୁମାପ ଭାବରେ ତାହାକୁହିଁ ନକଲ କରିବା ଲାଗି ଲୋକମାନଙ୍କର ବେଶ୍ ଏକ ଅଭ୍ୟାସ ରହିଛି । ମୁଁ ଏକଥା ଅନେକ ଆଗରୁ ତୁମମାନଙ୍କୁ କହିଛି । "ଏକଥାଟିକୁ କରିବାକୁହିଁ ପଡ଼ିବ, କାରଣ ସବୁ ଜାଗାରେ ଏହାହିଁ କରାଯାଉଛି !" ବୋଲି ଯେଉଁ ଯୁକ୍ତିଟି ରହିଛି, ତାହାର ଉତ୍ତର ଦେଇ ମୁଁ କହିବି, "ସମ୍ଭବତଃ ଠିକ୍ ସେଇ କାରଣରୁହିଁ ଆମେ ଏଇଟିକୁ କରିବା ନାହିଁ ! ଯଦି ଅନ୍ୟ ସମସ୍ତେ ଏହି କଥାଟିକୁ କରୁଛନ୍ତି, ତେବେ ଏଠାରେ ମଧ୍ୟ ତାହାହିଁ କଲେ ତଦ୍ୱାରା ପୁଣି କି ଫଳ ହେବ ?"

ମାଁ ଆପଣଙ୍କର ହସ୍ତକ୍ଷେପ ବ୍ୟତୀତ ଆମେ ଆଦୌ କୌଣସି କଥା କରିପାରିବୁ କପରି ?

ମାଁ ତୁମେ ସେକଥାଟିକୁ ମୋତେ କାହିଁକି ପଚାରୁଛ ? ଅତିମାନସର ମୂଳ ସିଦ୍ଧାନ୍ତଗୁଡ଼ିକ ଅନୁସାରେ ତୁମକୁ ଆଗ ତୁମ ଶିକ୍ଷାପ୍ରଣାଳୀକୁ ବଦଳାଇବାକୁ ପଡ଼ିବ । ଅନ୍ତତଃ ଏଦିଗରେ ତୁମର ଚେଷ୍ଟା କରିବା ବି ଉଚିତ । ଖାଲି ପଚାରିଲେ ମୋଟେ ହେବ ନାହିଁ, ତୁମକୁ ଏହା କରିବାକୁହିଁ ପଡ଼ିବ । ଯଦି ଅନୁକ୍ଷଣ ସେହି ଗୋଟିଏ ଗୁଳାରେହିଁ ଯିବାରେ ଲାଗିଥିବ, ତେବେ ଅନନ୍ତ କାଳ ଲାଗି ତୁମେ ସେହି ଗୁଳାଟିରେହିଁ ପଡ଼ିଥିବ । ତେଣୁ ଗୁଳାଟିରୁ ବାହାର ଯିବା ଲାଗି ଚେଷ୍ଟା କରିବାକୁ ହେବ ।

ପ୍ରକୃତରେ କହିବାକୁ ଗଲେ ମୁଁ ତ ଅନବରତ ଏହି ବିଷୟଟିର ଚର୍ଚ୍ଚା କରି ଆସିଛି । ମୁଁ ଭାବୁଛି ଆଜି ମଧ୍ୟ ଏହାର ଚର୍ଚ୍ଚା ହୋଇଥିଲା, ବା ଆଜି ନ ହେଲେ କାଲି ହୋଇଥିଲା । ଯଦି ଜଣେ ବ୍ୟକ୍ତି ଅଜ୍ଞାନ ମଧ୍ୟରେ ରହିବାକୁ ଇଚ୍ଛା କରୁଛନ୍ତି, ତେବେ ସେହିପରି କରିବାକୁ ତାଙ୍କର ଅବଶ୍ୟ ପୂର୍ଣ୍ଣ ଅଧିକାର ରହିଛି ବୋଲି ମୁଁ ଯୁକ୍ତି କରୁଥିଲି । ଏଠାରେ କୌଣସି ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ମୁଁ ଅଜ୍ଞାନର କଥା କହୁ ନାହିଁ; ଆମେ ଯେଉଁ ପରମ ଅଜ୍ଞାନର ଜଗତ ଭିତରେ ବାସ କରୁଛୁ, ସେ ବିଷୟରେ ମୁଁ ମୋଟେ କହୁ ନାହିଁ । ଶିକ୍ଷାର ଯୁଗ ଯୁଗ ଧରି ରହିଥିବା ଉପ୍ତରଗୁଡ଼ିକ ଅନୁସାରେ ଯେଉଁ ଅଜ୍ଞାନ ରହିଆସିଛି, ମୁଁ ତାହାର କଥା କହୁଛି । ହଁ, ମୁଁ କହୁଛି ଯେ, ଯଦି ଏପରି କେହି ଲୋକ ଅଛନ୍ତି, ଯେଉଁମାନେ କି କିଛିହେଲେ

ଶିଖିବାକୁ ଚାହାନ୍ତି ନାହିଁ କିଂବା ଶିଖିବାକୁ ଭଲ ପାଆନ୍ତି ନାହିଁ, ତେବେ ଆଦୌ କିଛିହେଲେ ନ ଶିଖିବାକୁ ସେମାନଙ୍କର ନିଶ୍ଚୟ ଏକ ଅଧିକାର ମଧ୍ୟ ରହିଛି ।

ସେମାନଙ୍କୁ କେବଳ ଗୋଟିଏ କଥା କହିଦେବା ଲାଗି ଆମର ଏକ କର୍ତ୍ତବ୍ୟ ରହିଛି, "ବର୍ତ୍ତମାନ ତୁମର ଏହି ବୟସରେ ତୁମର ମସ୍ତିଷ୍କ ପ୍ରସ୍ତୁତ ହେବାର ପର୍ଯ୍ୟାୟରେ ଗତି କରୁଛି । ବର୍ତ୍ତମାନ ତୁମର ମସ୍ତିଷ୍କ ତିଆରି ହେବାରେ ଲାଗିଛି । ତୁମେ ଅଧ୍ୟୟନ କରୁଥିବା ପ୍ରତ୍ୟେକ ନୂତନ କଥା ତୁମର ମସ୍ତିଷ୍କ ଭିତରେ ଏକ କ୍ଷୁଦ୍ର ଆଲୋଡ଼ନ ସୃଷ୍ଟି କରୁଛି । ତୁମେ ଯେତିକି ଅଧିକ ଅଧ୍ୟୟନ କରୁଛ, ତୁମର ଭାବିବା ଯେତିକି ବଢ଼ିବାରେ ଲାଗିଛି, ତୁମର କାର୍ଯ୍ୟ କରିବା ଯେତିକି ବୃଦ୍ଧି ପାଉଛି, ଆପଣାର କ୍ଷୁଦ୍ର ଆଲୋଡ଼ନର କ୍ଷେତ୍ରରେ ତୁମର ମସ୍ତିଷ୍କ ମଧ୍ୟ ସେତିକି ଅଧିକରୁ ଅଧିକ ଅନେକକ୍ଷମ ଏବଂ ସମ୍ପୂର୍ଣ୍ଣ ହେବାରେ ଲାଗିଛି, ଏବଂ ତୁମେ ପିଲା ହୋଇଥିବାରୁ ବର୍ତ୍ତମାନ ଏହି ପ୍ରକ୍ରିୟାଟି ସର୍ବୋତ୍ତମ ଭାବରେ ସମ୍ଭବ ହୋଇପାରୁଛି । ତେଣୁ ମନୁଷ୍ୟସମାଜରେ ସର୍ବତ୍ର ଏହି ତରୁଣ ବୟସକୁହିଁ ଶିକ୍ଷାର ସମୟ ବୋଲି ବାଛି ନିଆଯାଇଛି, କାରଣ ଏହି ବୟସରେହିଁ ତାହା ଅନନ୍ତଗୁଣରେ ଅଧିକ ସହଜ ହୋଇ ପାରିବ ।" ଏବଂ ଏକଥାରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ପିଲା ଆପଣା ବିଷୟରେ କିଛିତ୍ତ ସଚେତନ ହୋଇ ନପାରିଥିବା ପର୍ଯ୍ୟନ୍ତ ତାହାକୁ ନିଶ୍ଚୟ କେତେକ ନିର୍ଦ୍ଦିଷ୍ଟ ନିୟମର ଅଧୀନ କରି ରଖିବାକୁ ହୋଇଥାଏ, କାରଣ ଆପଣାର ପଥଗୁଡ଼ିକୁ ଆପେ ବାଛିନେବା ଲାଗି ତାହାର ସେତେବେଳେ ଉପଯୁକ୍ତ ସାମର୍ଥ୍ୟ ହୋଇ ନଥାଏ ।

ଏହି ବୟସଟି ହେଉଛି ଭାରି ଚଞ୍ଚଳ ବୟସ; ଏବଂ ଏହା ଲୋକମାନଙ୍କ ଉପରେ ସର୍ବଦା ନିର୍ଭର କରୁଥାଏ, ପ୍ରତ୍ୟେକ ବ୍ୟକ୍ତି ଉପରେ ମଧ୍ୟ ଭାରି ନିର୍ଭର କରୁଥାଏ । ମାତ୍ର ତଥାପି, ଏକଥା ବେଶ୍ ବୁଝି ହେଉଛି ଯେ ସାତବର୍ଷରୁ ଚଉଦବର୍ଷ ପର୍ଯ୍ୟନ୍ତ ବୟସର ଏହି ସାତଟି ବର୍ଷ ମଧ୍ୟରେ ପିଲାର ମନରେ ଧୀରେ ଧୀରେ ବିବେକ-ସାମର୍ଥ୍ୟର କ୍ରମଶଃ ଉଦୟ ହୋଇ ଆସିଥାଏ । ଯଦି ଉଚିତ ସାହାଯ୍ୟ ମିଳିପାରେ, ତେବେ ସାତରୁ ଚଉଦବର୍ଷ ଭିତରେ ପିଲାକୁ ଏକ ବିବେକସମ୍ପନ୍ନ ବ୍ୟକ୍ତିରେ ବେଶ୍ ପରିଣତ କରାଯାଇ ପାରେ ।

ସାତବର୍ଷ ହେବା ପୂର୍ବରୁ ପିଲାମାନେ ଅଦ୍ଭୁତ ପ୍ରତିଭାଶୀଳ ହୋଇ ରହିଥାନ୍ତି —ଏହି ପ୍ରତିଭା ସର୍ବତ୍ର ସବୁବେଳେହିଁ ରହିଥାଏ,—ମାତ୍ର ସାଧାରଣତଃ ପିଲା ଆପଣା ବିଷୟରେ ସଚେତନ ରହି ନଥାଏ ଏବଂ କାହିଁକି ଓ କିପରି କୌଣସି କାର୍ଯ୍ୟ କରିବାକୁ ହେବ, ସେକଥାଟିକୁ ଜାଣିପାରି ନଥାଏ । ସେତିକିବେଳେ ତା'ର ମନୋଯୋଗଶକ୍ତିର କର୍ଷଣ କରାଇବାକୁ ହୁଏ, ଆପଣାର କାର୍ଯ୍ୟ ଉପରେ ସକେନ୍ଦ୍ରିତ ହୋଇ ପାରିବାର କଳାଟିକୁ ଶିଖାଇବାକୁ ହୁଏ, ତାହାକୁ ଏପରି ଏକ ସାନ ଭିତ୍ତିଟିଏ ଯୋଗାଇ

'oaob.nitrkl.ac.in' images reprocessed

ଦେବାକୁ ହୁଏ, ଯେପରିକି ସେ ଗୋଟାସୁଦ୍ଧା ଗୋଟାଏ ଯାନ ପଶୁଭଳି ହେବାକୁ ପ୍ରଶ୍ରୟ ନପାଇବ, ମାତ୍ର ଯେପରିକି ଏକ ମୌଳିକ ବୁଦ୍ଧିଗତ ବିକାଶ ଦ୍ୱାରା ସେ ସମସ୍ତ ମନୁଷ୍ୟଜାତିର ଏକ ଅଂଶ ହୋଇ ରହିପାରିବ ।

ତା'ପରେ ଯେଉଁ ସାତ ବରଷର ଅବଧି ଆସି ପହଞ୍ଚେ, ସେତେବେଳେ ଆପଣାର ପଥଗୁଡ଼ିକୁ ଆପେ ବାଛିନେଇ ପାରିବାର ବିଦ୍ୟାଟି ତାକୁ ଶିଖାଇ ଦେବାକୁ ପଡ଼େ,—ପିଲା କ'ଣ ହେବାକୁ ଚାହୁଁଛି, ତାହା ବାଛିନେବାକୁ ଶିଖାଇବାକୁ ହୋଇଥାଏ । ଯଦି ସିଏ ଏକ ସୁସମ୍ପନ୍ନ, ଅନେକସମର୍ଥ ଓ ସୁବିକଶିତ ଏକ ମସ୍ତିଷ୍କର ବିକାଶ କରାଇବାକୁ ସ୍ଥିର କରେ ଯାହାକି ଆପଣାର କ୍ରିୟାଶୀଳତାରେ ଭାରି ଶକ୍ତିଶାଳୀ ହୋଇ ରହିପାରିବ, ତେବେ ତାହାକୁ ସେଥିଲାଗି ଅନୁରୂପ କାର୍ଯ୍ୟ କରିବା ଲାଗି ଶିଖାଇବାକୁ ହୁଏ; କାରଣ କାର୍ଯ୍ୟ ଦ୍ୱାରା, ମନନ ଦ୍ୱାରା, ଅଧ୍ୟୟନ ଓ ବିଶ୍ଳେଷଣ ପ୍ରଭୃତି ଦ୍ୱାରାହିଁ ମସ୍ତିଷ୍କ ଉପଯୁକ୍ତ ଭାବରେ ଗଢ଼ିହୋଇ ଆସିଥାଏ । ଚଉଦବର୍ଷ ବେଳକୁ ତୁମେ ପ୍ରକୃତରେ ପ୍ରସ୍ତୁତ ହୋଇ ଯାଇଥାଅ, ଅର୍ଥାତ୍, ତୁମେ କ'ଣ ହେବାକୁ ଇଚ୍ଛା କରୁଛ, ତାହା ଜାଣିବା ଲାଗି ତୁମେ ପ୍ରସ୍ତୁତ ହୋଇ ଗଲଣି ବୋଲି ନିଶ୍ଚୟ ଆଶା କରାଯିବା ଉଚିତ ।

ତେଣୁ ମୁଁ କହୁଛି : ଯଦି ସେହି ବୟସରେ କେତେକ ପିଲା ଅତ୍ୟନ୍ତ ଅଭ୍ରାନ୍ତ ଭାବରେ ଏହିପରି କହିଦିଅନ୍ତି, "ବୌଦ୍ଧିକ ବିକାଶ ଲାଗି ମୋର ଆଦୌ କୌଣସି ଆଗ୍ରହ ହେଉ ନାହିଁ, ମୁଁ ଆଦୌ କିଛି ଶିକ୍ଷା କରିବାକୁ ଚାହୁଁ ନାହିଁ, ଅଜ୍ଞାନରୁ ସାଧାରଣ ଭାବରେ ମୁଁ ଅଜ୍ଞାନ ହୋଇ ରହିବାକୁ ଇଚ୍ଛା କରୁଛି," ତେବେ ମୁଁ ଆଦୌ ଭାବି ପାରୁ ନାହିଁ ଯେ ସେମାନଙ୍କ ଉପରେ ଅଧ୍ୟୟନର ବୋଝଟିକୁ ନେଇ ଲଦି ଦେବା ଲାଗି ଓ ସେମାନଙ୍କୁ ଅନ୍ୟମାନଙ୍କ ସହିତ ଏକାଭଳି ଗୋଟିଏ ଛାଞ୍ଚରେ ଗଢ଼ିବା ଲାଗି ଆମର କେଉଁ ଅଧିକାର ରହିଛି ?

ଅନେକ ପିଲା ସବାତଳେ ରହିଥାନ୍ତି ଓ ଅନ୍ୟ ଅନେକ ପିଲା ହୁଏତ ଆଉ ଗୋଟିଏ ସ୍ତରରେ ବି ରହିଥାନ୍ତି । ଅନେକ ଲୋକଙ୍କର ହୁଏତ ଉଲ୍ଲେଖଯୋଗ୍ୟ ଅନେକ ସାମର୍ଥ୍ୟ ଥାଇପାରେ, ମାତ୍ର ଏଣେ ବୌଦ୍ଧିକ ବିକାଶ ଲାଗି ଆଦୌ କୌଣସି ରୁଚି ନଥାଇପାରେ । ସେମାନଙ୍କୁ ଆମେ ହୁଏତ ସତର୍କ କରି କହିଦେଇ ପାରିବା ଯେ, ଯଦି ସେମାନେ କାମ ନକରିବେ, ଅଧ୍ୟୟନ ନକରିବେ, ତେବେ ସେମାନେ ଯେତେବେଳେ ବଡ଼ ହେବେ, ସେତେବେଳେ ସେମାନଙ୍କୁ ସମ୍ଭବତଃ ଅନ୍ୟମାନଙ୍କ ଆଗରେ ଭାରି ଅସ୍ୱସ୍ତିକର ଲାଗିବ । ମାତ୍ର ଯଦି ସେଥିରେ ସେମାନଙ୍କର କିଛି ଯାଉଆସୁ ନଥିବ ଏବଂ ସେମାନେ ବୌଦ୍ଧିକ ଜୀବନ ବ୍ୟତୀତ ଅନ୍ୟ ଏକ ଜୀବନ ବିତାଇବାକୁ ଚାହୁଁଥିବେ, ତେବେ ମୁଁ ଭାବୁଛି ଯେ ସେମାନଙ୍କୁ ବାଧ୍ୟ କରିବା ଲାଗି ଆମର ଆଦୌ କୌଣସି ଅଧିକାର ନାହିଁ । ବିଦ୍ୟାଳୟର ଶିକ୍ଷକମାନଙ୍କ ସହିତ ମୋର ଏହି

'oaob.nitrkl.ac.in' images reprocessed

ବିଷୟରେ ସବୁବେଳେ ଝଗଡ଼ା ହୋଇ ଆସିଛୁ ! ସେମାନେ ଆସି ମୋତେ କହନ୍ତି : "ଯଦି ସେମାନେ କାମ ନ କରିବେ, ତେବେ ବଡ଼ ହୋଇ ବୋକା ଏବଂ ମୂର୍ଖ ହୋଇ ରହିଯିବେ ।" ମୁଁ ସେମାନଙ୍କୁ କହେ : "ମାତ୍ର ବୋକା ଓ ମୂର୍ଖ ହୋଇ ରହିବାକୁ ଯଦି ସେମାନଙ୍କୁ ଭଲ ଲାଗୁଛି, ତେବେ ସେଥିରେ ଯାଇ ହସ୍ତକ୍ଷେପ କରିବା ଲାଗି ତୁମର କି ଅଧିକାର ଅଛି ?"

ଜ୍ଞାନ ଓ ବୁଦ୍ଧିକୁ ଆମେ କଦାପି ବାଧ୍ୟତାମୂଳକ କରି ପାରିବା ନାହିଁ । ଏବିଷୟରେ ଏତିକି କଥା ମନେରଖିବାକୁ ହେବ ।

ଏବଂ, ଯଦି ତୁମେମାନେ ବିଶ୍ୱାସ କରୁଥାଅ ଯେ ସକଳ ଉଦ୍ୟମ ଏବଂ ସକଳ ଅଧ୍ୟୟନରୁ ନିବୃତ୍ତ ହୋଇ ରହି ତୁମେ ଏକ ମହାନ୍ ପ୍ରତିଭାଶାଳୀ ହୋଇପାରିବ, ଏପରିକି ଗୋଟିଏ ଗୋଟିଏ ଅତିମାନସ ପ୍ରତିଭାସମ୍ପନ୍ନ ହୋଇପାରିବ, ତେବେ ସେ ବିଷୟରେ ତୁମମାନଙ୍କର ଆଦୌ କୌଣସି ଭ୍ରାନ୍ତି ରହିବା ଉଚିତ ନୁହେଁ, ତୁମେ ତାହା କଦାପି ହୋଇ ପାରିବ ନାହିଁ । କାରଣ, ଏକ ଉଚ୍ଚତର ଆଲୋକର ସ୍ପର୍ଶ ଲାଭ କରିପାରିଲେ ମଧ୍ୟ, ନିଜର ଅଭୀପ୍ସା ଦ୍ୱାରା ଅଥବା କୌଣସି ଦିବ୍ୟ କରୁଣା ଦ୍ୱାରା ସେପରି ସମ୍ଭବ ହେଲେ ମଧ୍ୟ, ତାହାକୁ ଅଭିବ୍ୟକ୍ତ କରି ପାରିବା ଲାଗି ତୁମ ଭିତରେ, ତୁମର ମସ୍ତିଷ୍କ ଭିତରେ ଆଦୌ କିଛିହେଲେ ନଥିବ । ତେଣୁ ତାହା ବେଶ୍ ଅସ୍ପଷ୍ଟ ଓ ଗୁପ୍ତାବୃତ ହୋଇ ରହିଯିବ ଏବଂ ତୁମର ବାହ୍ୟ ଜୀବନକୁ ତାହା କୌଣସି ପ୍ରକାରେ ବଦଳାଇ ପାରିବ ନାହିଁ । ମାତ୍ର, ଯଦି ଏପରି ହେବାକୁ ମଧ୍ୟ ତୁମକୁ ଭଲ ଲାଗୁଥାଏ, ତେବେ କୌଣସି ଅନ୍ୟପ୍ରକାରେ ହେବା ଲାଗି ତୁମକୁ ବାଧ୍ୟ କରିବାକୁ ମଧ୍ୟ କାହାରି କଦାପି କୌଣସି ଅଧିକାର ନଥିବ । ନିଜେ ବାଛି ନେଇ ପାରିବା ଲାଗି ଯଥେଷ୍ଟ ପରିମାଣରେ ସଚେତନ ହୋଇପାରିବା ପର୍ଯ୍ୟନ୍ତ ତୁମକୁ ଅପେକ୍ଷା କରିବାକୁ ପଡ଼ିବ ।

ଅବଶ୍ୟ ଏପରି ବି ହୁଏ ଯେ ଏପରି ଅନେକ ଲୋକ ଥାଆନ୍ତି, ଯେଉଁମାନେ କି ଚାଳିଶବର୍ଷ ସମୟରେ ମଧ୍ୟ ସତେଅବା ପାଞ୍ଚବରଷର ପିଲାଙ୍କ ପରି ହୋଇ ରହିଥାନ୍ତି । ମାତ୍ର ଏମାନଙ୍କ ଲାଗି,—ଏମାନଙ୍କ ଲାଗି ପ୍ରକୃତରେ ଖୁବ୍ କମ୍ ଆଶା କରିଯାଇ ପାରିବ । ବିଶେଷତଃ ଯେଉଁମାନେ ଏଠାରେ ଅଛନ୍ତି ଓ ଏହିପରି ହୋଇ ରହିଛନ୍ତି, ସେମାନଙ୍କ ଲାଗି ଖୁବ୍ କମ୍ ଆଶା କରିଯାଇ ପାରିବ ।

ଏହିପରି ଗୋଟିଏ କଥା ଶିକ୍ଷା ବିଷୟରେ ତୁମର ଦୃଷ୍ଟିକୋଣଟିକୁ ସମ୍ପୂର୍ଣ୍ଣରୂପେ ବଦଳାଇ ଦେଇପାରିବ ।

ଅସଲ କଥା ହେଉଛି, ସେମାନେ ଯେପରି ଆପଣାକୁ ଜାଣିବେ ଏବଂ ସେମାନଙ୍କର ଆପଣା ଭବିଷ୍ୟଟିକୁ ବାଛିନେଇ ପାରିବେ, କେବଳ ସେହି ଗୋଟିଏ ବିଷୟ ଲାଗି ତୁମକୁ ଅବିରତ ଭାବରେ କାର୍ଯ୍ୟ କରିବାକୁ ପଡ଼ିବ । ସେମାନେ ଯେଉଁ ପଥଟିରେ ଯିବେ, ସେଇଟିକୁ ସେମାନେ ଯେପରି ବାଛିନେଇ

ପାରିବେ, ତୁମେ ସେଥିଲାଗି ଅବିରତ କାର୍ଯ୍ୟ କରିବ । ସେମାନେ ଯେପରି ନିଜ ଆଡ଼େ ଅବଲୋକନ କରିପାରିବେ, ନିଜକୁ ବୁଝିବେ ଏବଂ ସେମାନେ ଯାହା ହେବାକୁ ଇଚ୍ଛା କରୁଛନ୍ତି, ଯେପରି ସେଇଟିକୁ ପ୍ରକୃତରେ ଇଚ୍ଛା କରିପାରିବେ, ତୁମେ ସେମାନଙ୍କୁ ସେହି କଥାଟିକୁ ଶିଖାଇଦେବ । ଅତୀତର କୌଣସି ଯୁଗରେ ପୃଥିବୀରେ କ'ଣସବୁ ଘଟିଥିଲା, ଅଥବା ଏପରିକି ଏହି ପୃଥିବୀ କ'ଣସବୁ ଉପାଦାନରେ ଗଢ଼ା ହୋଇଛି, ବା ଏପରିକି···ସଂସାରରେ ଆମ ସାଧାରଣ ଜୀବନଟିକୁ ବଞ୍ଚିବାକୁ ହେଲେ ମୂଳଦୁଆ ରୂପେ ବସ୍ତୁତଃ ଯାହାସବୁ ଦରକାର ହୁଏ; କାରଣ ଯଦି ତୁମକୁ ସେସବୁ କଥା ମାଲୁମ ନଥାଏ, ତେବେ ଯେକୌଣସି ବ୍ୟକ୍ତି ତୁମକୁ ବୌଦ୍ଧିକ ଦୃଷ୍ଟିରୁ ସଙ୍ଗେସଙ୍ଗେ ପରାଜିତ କରିଦେଇ ପାରିବ : "ଦେଖିଲ, ଏହି ଲୋକଟା କେଡେ ବୋକା, ସିଏ ଏସବୁ କିଛିହେଲେ ଜାଣି ନାହିଁ" ବୋଲି କହିବ, ପିଲାମାନଙ୍କୁ ଏହିଗୁଡ଼ାକୁ ଶିଖାଇବା ପଢ଼ାଇବା ଅପେକ୍ଷା ଆଉ କଥାଟି ଅନନ୍ତ ଗୁଣରେ ଅଧିକ ମହତ୍ତ୍ୱପୂର୍ଣ୍ଣ ।

ମାତ୍ର ତଥାପି, ଯେକୌଣସି ବୟସରେ ମଧ୍ୟ, ଯଦି ତୁମେ ଅଧ୍ୟୟନଶୀଳ ହୋଇଥିବ ଓ ସେପରି କରିବାକୁ ତୁମର ଯଥାର୍ଥ ଇଚ୍ଛା ଥିବ, ତେବେ ତୁମେ ପୁଣି ବହି ହାତକୁ ନେଇ ପାରିବ ଏବଂ କାର୍ଯ୍ୟ କରିପାରିବ, ସେଥିପାଇଁ ତୁମକୁ ଆଦୌ କୌଣସି ସ୍କୁଲକୁ ଯିବାକୁ ପଡ଼ିବ ନାହିଁ । ତୁମକୁ ବିଭିନ୍ନ ବିଷୟରେ ଶିକ୍ଷିତ କରିପାରିବା ଲାଗି ସଂସାରରେ ଅନେକ ବହି ରହିଛି । ଏପରିକି, ଆବଶ୍ୟକତାଠୁ ବି ଅଧିକ ବହି ରହିଛି । ମେଧାନନ୍ଦଙ୍କ ସେଠାକୁ, ପୁସ୍ତକାଳୟକୁ ଗଲେହିଁ ତୁମେ ଯେଉଁ ବିଷୟ ଇଚ୍ଛା କରିବ, ସେହି ବିଷୟରେ ତୁମ ଭିତରେ ରହିଥିବା ଜିଜ୍ଞାସାକୁ ମେଣ୍ଟାଇଦେଇ ପାରିବ । ଏଠାରେ ତୁମର ଆଗ୍ରହଗୁଡ଼ାକୁ ପୂରାଇବା ପାଇଁ ଯଥେଷ୍ଟ କିଛି ରହିଛି (ଅଙ୍ଗଭଙ୍ଗୀ କରି ଦେଖାଇଦେଲେ) ।

ମାତ୍ର ତୁମେ ପ୍ରକୃତରେ କ'ଣ ଚାହୁଁଛ, ସେହିକଥା ଜାଣିବାହିଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏବଂ ସେଥିଲାଗି ସର୍ବଦା ଏକ ସର୍ବନିମ୍ନ ସ୍ୱାଧୀନତାର ଆବଶ୍ୟକତା ରହିଛି । ତୁମେ କେବେହେଲେ କୌଣସି ଜବରଦସ୍ତି ଅଥବା ବାଧ୍ୟବାଧକତା ଭିତରେ ରହିବ ନାହିଁ । ପୂର୍ଣ୍ଣ ହୃଦୟ ଦେଇ କାର୍ଯ୍ୟ କରିବାର ସାମର୍ଥ୍ୟ ସବୁବେଳେ ରହିଥିବା ଉଚିତ । ଯଦି ତୁମେ ଅଳସୁଆ ହୋଇଥିବ, ତେବେ ଅଳସୁଆ ହୋଇ ରହିବାର ତାତ୍ପର୍ଯ୍ୟଟିକୁ ମଧ୍ୟ ବେଶ୍ ବୁଝିପାରିବ । ···ତୁମେ ଜାଣିଛ ତ, ଜୀବନରେ ଯେଉଁମାନେ ଅଳସୁଆ ହୁଅନ୍ତି, ସେମାନେ ଅନ୍ୟମାନଙ୍କ ଅପେକ୍ଷା ଦଶଗୁଣ ଅଧିକ କାମ କରିବାକୁ ବାଧ୍ୟହିଁ ହୋଇଥାନ୍ତି, କାରଣ ସେମାନେ ଯାହାକିଛି କରନ୍ତି, ଖରାପରୁ ଖରାପ ଭାବରେ କରନ୍ତି ଏବଂ ତେଣୁ ତାହାକୁ ପୁଣିଥରେ କରିବାକୁ ବାଧ୍ୟ ହୁଅନ୍ତି । ମାତ୍ର ଏସବୁ କଥା କେବଳ ଅନୁଭୂତି ଦ୍ୱାରା ଶିକ୍ଷା କରାଯାଇ ପାରିବ । ସେଗୁଡ଼ାକୁ ତୁମ ଭିତରେ କେହି ପୂରାଇ ଦେଇ ପାରିବ ନାହିଁ ।

'oaob.nitrkl.ac.in' images reprocessed

ନିୟନ୍ତ୍ରଣବିହୀନ ମନ ସବୁବେଳେ ଏପାଖ ସେପାଖ ହେଉଥାଏ, କେଉଁଥିରେ ବି ସ୍ଥିର ହୋଇ ରହି ପାରେ ନାହିଁ । ମନକୁ କୌଣସି ବସ୍ତୁ ଉପରେ ଏକାଗ୍ର କରି ରଖିବାରେ ଯଦି ଆଦୌ କୌଣସି ଅଭ୍ୟାସ ପଡ଼ି ନଥାଏ, ତେବେ ତାହା ସବୁବେଳେ ଉଡ଼ି ବୁଲିବାରେ ଲାଗିଥାଏ । କୌଣସି ଥାନରେ ନଅଟକି ତାହା ବୁଲିବାରେ ଲାଗିଥାଏ ଏବଂ ଅସ୍ପଷ୍ଟତାର ଏକ ପୃଥିବୀ ଭିତରେ ପଶି ଖାଲି ଇତସ୍ତତଃ ହେଉଥାଏ । ଏବଂ ତା'ପରେ, ଯେତେବେଳେ କେହି କୌଣସି କାର୍ଯ୍ୟରେ ମନୋନିବେଶ କରିବାକୁ ଇଚ୍ଛା କରେ, ତେବେ ସେତେବେଳେ ସତେଅବା ଖୁବ୍ ଆଘାତ ପାଇଲା ପରି ଲାଗେ । ସେହି କ୍ଷେତ୍ରରେ କିଛିଟା ମାତ୍ରାରେ ଏହିପରି ଏକ ଚେଷ୍ଟା ହେଉଥାଏ : "ଓଃ, ଏଇଟା ପ୍ରକୃତରେ କେଡ଼େ କ୍ଲାନ୍ତିକାରକ,—ଖୁବ୍ କଷ୍ଟ ସହିବାକୁ ପଡ଼ିବ !" ତେଣୁ ଆଉ ସେକାମ କରିବାକୁ ମନ ହୁଏ ନାହିଁ । ଏବଂ ସବୁବେଳେ ସତେଅବା ଗୋଟାଏ ପ୍ରକାରର ମେଘାଚ୍ଛନ୍ନତା ଭିତରେ ରହି ଜୀବନ କଟି ଯାଉଥାଏ । ତୁମର ମୁଣ୍ଡଟା ମଧ୍ୟ ମେଘ ପରି ହୋଇ ରହିଥାଏ; ହଁ, ସେହିପରି ହୋଇ ରହିଥାଏ, ଅଧିକାଂଶଙ୍କର ମସ୍ତିଷ୍କ ଗୋଟାଏ ଗୋଟାଏ ମେଘ ପରି ହୋଇ ରହିଥାଏ : ତାହା ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟତା ନଥାଏ, କୌଣସି ଯଥାଯଥତା ନଥାଏ, ସ୍ପଷ୍ଟତା ବି ନଥାଏ । ତାହା ଅତ୍ୟନ୍ତ ଅସ୍ପଷ୍ଟ ହୋଇ ରହିଥାଏ, ଝାପ୍ସା ଓ ଅସ୍ପଷ୍ଟ ହୋଇ ରହିଥାଏ । ବସ୍ତୁଗୁଡ଼ିକ ବିଷୟରେ କୌଣସି ନିର୍ଦ୍ଦିଷ୍ଟ ବିଚାର ପରିବର୍ତ୍ତେ କେତେଟା ଅନ୍ଦାଜ ବା ମୋଟା ଧାରଣାହିଁ ରହିଥାଏ । ଗୋଟାଏ ଆନୁମାନିକତାର ରାଜ୍ୟରେ ତୁମେ ବାସ କରୁଥାଅ, ଏବଂ ନାନା ଅନୁମାନ, ଇନ୍ଦ୍ରିୟବୋଧ, ଭାବ ଓ ସଂବେଗଗୁଡ଼ାକୁ ଏକାଠି ମିଶାଇ ତୁମ ଭିତରେ ଯାବତୀୟ ପ୍ରକାରର ପରସ୍ପରବିରୋଧୀ ଧାରଣା ବସା ବାନ୍ଧି ରହିଥାନ୍ତି । ଏହି ଧାରଣାଗୁଡ଼ିକର ଯଥାର୍ଥ ଭାବନା ସହିତ ସାଧାରଣତଃ ଆଦୌ କୌଣସି ସମ୍ପର୍କ ନଥାଏ, ଏବଂ... ସେଗୁଡ଼ିକ ଅଧିକାଂଶତଃ କେବଳ କେତେଗୁଡ଼ିଏ ଗୁଚ୍ଛା ଭ୍ରମନ୍ତ ଅସ୍ପଷ୍ଟତା ହୋଇ ରହିଥାନ୍ତି ।

ମାତ୍ର, କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ତୁମର ଏକ ଯଥାର୍ଥ, ମୂର୍ତ୍ତ, ପରିଷ୍କାର ଏବଂ ସୁନିର୍ଦ୍ଦିଷ୍ଟ ବିଚାର ରଖିବାରେ ସଫଳ ହେବା ଲାଗି ଯଦି ତୁମେ ପ୍ରକୃତରେ ଇଚ୍ଛା କରୁଥାଅ, ତେବେ ସେଥିଲାଗି ତୁମକୁ ଅନୁରୂପ ଉଦ୍ୟମ କରିବାକୁ ହେବ, ଆପଣାକୁ ଏକତ୍ର ଗୁଚ୍ଛାଇ ଆଣିବାକୁ ହେବ, ଆପଣାକୁ ଦୃଢ଼ତାର ସହିତ ଧରି ରଖିବାକୁ ହେବ ଏବଂ ସକେନ୍ଦ୍ରିତ ହୋଇ ରହିବାକୁ ହେବ । ଏବଂ, ପ୍ରଥମ ଥର ଏସବୁ କରିବାକୁ ଗଲାବେଳେ ତାହା ପ୍ରକୃତରେ ଆଘାତ ଦେବ, ତୁମକୁ ଖୁବ୍ କ୍ଲାନ୍ତ କରି ପକାଇବ ! ମାତ୍ର ଯଦି ତୁମେ ସେପରି କରିବାକୁ ଏକ ଅଭ୍ୟାସରେ ନପକାଅ, ତେବେ ତୁମର ସାରା ଜୀବନଟା ଏହିପରି ସଂକଳ୍ପବିଚ୍ୟୁତ ଭାବରେହିଁ

'oaob.nitrkl.ac.in' images reprocessed

କଟିଯିବ । ଏବଂ ଯେତେବେଳେ ବ୍ୟାବହାରିକ ଜୀବନର ସମ୍ମୁଖୀନ ହେବାକୁ ପଡ଼ୁଥିବ, ଯେତେବେଳେ କେତୋଟି ବ୍ୟାବହାରିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ୁଥିବ,—କାରଣ, ଯେତେ ଯାହା ହୋଇଥିଲେ ମଧ୍ୟ ପ୍ରତ୍ୟେକଙ୍କୁ ସର୍ବଦା କୌଣସି ନା କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବ,—ଏବଂ ସେଗୁଡ଼ିକର ସମାଧାନ ବାହାର କରିବାକୁ ବି ପଡ଼ୁଥିବ, ତେବେ ସେତେବେଳେ ସମସ୍ୟାଟିର ନିତାନ୍ତ ଉପାଦାନଗୁଡ଼ିକୁ ଗ୍ରହଣ କରିପାରିବା ପରିବର୍ତ୍ତେ, ସେଗୁଡ଼ିକୁ ପରସ୍ପରର ମୁହାଁମୁହିଁ କରି ରଖିବା ପରିବର୍ତ୍ତେ, ସମ୍ଭାବ୍ୟ ସବୁଗୁଡ଼ିକ ଦିଗରୁ ପ୍ରଶ୍ନଟି ଉପରେ ଦୃଷ୍ଟିପାତ କରିପାରିବା ପରିବର୍ତ୍ତେ ଏବଂ ସେହି ସ୍ତରରୁ ଉପରକୁ ଉଠିଯାଇ ସମାଧାନଟିକୁ ବାହାର କରି ପାରିବା ପରିବର୍ତ୍ତେ ତୁମେ ଧୂସର ଏବଂ ଅତି ଅନିଶ୍ଚିତ କୌଣସି ଏକ ବସ୍ତୁର ପୃଷ୍ଠି ଭିତରେ କେବଳ ଇତସ୍ତତଃ ଆନ୍ଦୋଳିତ ହେବାରେ ଲାଗିଥିବ, ଯତେଯେପରି ତୁମର ମୁଣ୍ଡ ଭିତରେ ଏକାବେଳକେ କେତେଗୁଡ଼ାଏ ଚୁଡ଼ିଆଣୀ ଏଣେତେଣେ ଧାବିତ ହେବାରେ ଲାଗିଥିବେ—ମାତ୍ର ତୁମେ ସଫଳତାର ସହିତ କଦାପି ଅସଲ ବସ୍ତୁଟିର ପତ୍ତା ପାଇ ପାରୁ ନଥିବ ।

ତୁମେ ବୁଝି ପାରୁଥିବ ଯେ ମୁଁ ବର୍ତ୍ତମାନ ଅତ୍ୟନ୍ତ ସରଳ କେତୋଟି ସମସ୍ୟା ବିଷୟରେ କହୁଛି; ଏହି ପୃଥିବୀର ଅଥବା ସମଗ୍ର ମନୁଷ୍ୟଜାତିର ଭାଗ୍ୟମୀମାଂସା କରିବା ବିଷୟରେ ମୁଁ ଆଦୌ କିଛି କହୁ ନାହିଁ, ଏପରିକି କୌଣସି ଏକ ଦେଶର ଭାଗ୍ୟମୀମାଂସା ବିଷୟରେ କିଛି କହୁ ନାହିଁ; ସେସବୁ କୌଣସି ବିଷୟରେ ମୁଁ କହୁ ନାହିଁ । ତୁମ ଦୈନନ୍ଦିନ ଜୀବନର ସମସ୍ୟାଗୁଡ଼ିକ ବିଷୟରେହିଁ ମୁଁ ଯାହାକିଛି କହୁଛି, ପ୍ରତ୍ୟେକ ଦିନର ସମସ୍ୟାଗୁଡ଼ିକ ବିଷୟରେ କହୁଛି । ସେଗୁଡ଼ିକ ଅନେକ ସମୟରେ ଭାରି ଅଡ଼ୁଆ ହୋଇ ରହିଥାନ୍ତି ।

ଏବଂ, ଯେତେବେଳେ ତୁମର ମସ୍ତିଷ୍କ ତିଆରି ହେବା ଅବସ୍ଥାରେ ରହିଛି, ସେତେବେଳେ ତୁମକୁ ଏହାହିଁ କୁହାଯାଉଛି, "ଏହାକୁ ଏହିସବୁ ଅଭ୍ୟାସ ଏବଂ ଗୁଣ ଦ୍ୱାରା ଗଠିତ ହେବାକୁ ଦେବା ପରିବର୍ତ୍ତିରେ ତୁମେ ତାହାକୁ ଏକ ନିର୍ଦ୍ଦିଷ୍ଟ ଗଠନ ଦେବାକୁ ଚେଷ୍ଟା କର, ଏକେନ୍ଦ୍ରଣର ସାମର୍ଥ୍ୟ ଦେବାକୁ ଚେଷ୍ଟା କର, ବାଛିବାର, ନିଷ୍ପତ୍ତିରେ ପହଞ୍ଚିବାର ଏବଂ ବସ୍ତୁଗୁଡ଼ିକୁ ଶୃଙ୍ଖଳାବଦ୍ଧ କରି ରଖିବାର ସାମର୍ଥ୍ୟ ଦେବାକୁ ଚେଷ୍ଟା କର, ଆପଣାର ବିବେକଶକ୍ତିକୁ କାମରେ ଲଗାଇବାକୁ ଚେଷ୍ଟା କର ।"

ଅବଶ୍ୟ ଏକଥାଟି ଆମେ ଖୁବ୍ ଭଲ ଭାବରେ ଜାଣିଛୁ ଯେ ମଣିଷର ବୁଦ୍ଧି ଓ ବିବେକ କଦାପି ତା'ର ସର୍ବୋଚ୍ଚ ସାମର୍ଥ୍ୟ ନୁହେଁ ଏବଂ ସେଗୁଡ଼ିକୁ ନିଶ୍ଚୟ ଅତିକ୍ରମ କରି ଚାଲିଯିବାକୁ ପଡ଼ିବ; ମାତ୍ର ଏଥିରେ ମଧ୍ୟ ଆଦୌ କୌଣସି ସନ୍ଦେହ ନାହିଁ ଯେ ଯଦି ତୁମ ପାଖରେ ସେତିକ ମଧ୍ୟ ନଥାଏ, ତେବେ ତୁମର ଜୀବନରେ

'oaob.nitrkl.ac.in' images reprocessed

ଆଦୌ କୌଣସି ପ୍ରକାର ସଙ୍ଗତ ରହିବ ନାହିଁ, ଏବଂ ଏପରିକି ଏହି ବୁଦ୍ଧି ଦ୍ୱାରା ପରିଚାଳିତ ହୋଇ କିପରି ଜୀବନକୁ ବଞ୍ଚିବାକୁ ହୁଏ, ତୁମକୁ ସେତିକି ମଧ୍ୟ ମାଲୁମ ହେବ ନାହିଁ । ଏତେଟିକିଏ କଥାରେ ତୁମେ ସମ୍ପୂର୍ଣ୍ଣ ବିଚଳିତ ହୋଇ ପଡ଼ୁଥିବ, ଏବଂ ତାହାର କାରଣ ବିଷୟରେ ତୁମେ କିଛିହେଲେ ଜାଣି ପାରୁ ନଥିବ, ଏବଂ ତାହାର ପ୍ରତିକାରଟିକୁ ପାଇବା ତ ତୁମ ଦ୍ୱାରା ଅଧିକ କମ୍ ପରିମାଣରେ ସମ୍ଭବ ହେବ ! ମାତ୍ର, ଯେଉଁ ବ୍ୟକ୍ତି ନିଜ ଭିତରେ ଏକ ସକ୍ରିୟ ଏବଂ ସ୍ପଷ୍ଟ ବିବେକବୁଦ୍ଧିର ଅବସ୍ଥା ପ୍ରତିଷ୍ଠା କରି ପାରିଥିବ, ସିଏ ସବୁ ପ୍ରକାରର ଆକ୍ରମଣରେ ସମ୍ମୁଖୀନ ହୋଇପାରିବ, ସଂବେଗଗତ ନାନା ଆକ୍ରମଣ ଏବଂ ଯେକୌଣସି ପରୀକ୍ଷାର ସମ୍ମୁଖୀନ ହୋଇପାରିବ; କାରଣ ଜୀବନ ତ ବସ୍ତୁତଃ ଏହିଗୁଡ଼ାକ ଦ୍ୱାରାହିଁ ତିଆରି ହୋଇ ରହିଥାଏ, ଏହିପରି ନାନା ଅପ୍ରୀତିକରତା ଏବଂ ବିରକ୍ତି ଦ୍ୱାରା ତିଆରି ହୋଇ ରହିଥାଏ;—ଏଗୁଡ଼ାକୁ ଅତି କ୍ଷୁଦ୍ର କ୍ଷୁଦ୍ର ବିଷୟ ବୋଲି କୁହାଯିବ ସତ, ମାତ୍ର ସେଗୁଡ଼ିକୁ ଅନୁଭବ କରୁଥିବା ବ୍ୟକ୍ତିଟି ସହିତ ସେଗୁଡ଼ିକ ସର୍ବଦା ସମାନୁପାତିକ ହୋଇ ରହିଥାନ୍ତି,—ତେଣୁ ସେହି ବ୍ୟକ୍ତିଟି ଦ୍ୱାରା ଗୋଟିଏ ଗୋଟିଏ ଅତି ବୃହତ୍ ବ୍ୟାପାରରୂପେ ଅନୁଭୂତ ହେଉଥାନ୍ତି, କାରଣ ସେଗୁଡ଼ିକ ତାହାର ସହିତ ସମାନୁପାତ ରଖି ଆବିର୍ଭୂତ ହୁଅନ୍ତି । ଏବଂ ଏହି କ୍ଷେତ୍ରରେ ବିବେକବୁଦ୍ଧି ଆପଣାକୁ ଟିକିଏ ପ୍ରତ୍ୟାହାର କରି ନେଇପାରେ, ଏଗୁଡ଼ିକୁ ଅବଲୋକନ କରିପାରେ, ଏପରିକି ହସି ଏକଥା ମଧ୍ୟ କହିପାରେ, "ନାହିଁ ନାହିଁ, ମୋଟେ ନୁହେଁ, ଏପରି ଏକ ସାନ କଥା ନେଇ ମୋଟେ ଏତେଟୁକୁଡ଼ାଏ ଉପଦ୍ରବ ଘଟାଇ ବସିବା ଉଚିତ ନୁହେଁ ।"

ଏହି ସାଧାରଣ ବୁଦ୍ଧି ଓ ବିବେକଶକ୍ତି ନଥିଲେ ତୁମେ ଏକ ଝଡ଼ସମୁଦ୍ର ଭିତରେ ସୋଲଟିଏ ହୋଇ କେବଳ ଇତସ୍ତତଃ ହେବାରେ ଲାଗିଥିବ । କୌଣସି ସୋଲ ତା'ର ଏହି ଅବସ୍ଥାଟିକୁ ପ୍ରକୃତରେ କୌଣସି କଷ୍ଟ ପାଏ କି ନାହିଁ ମୁଁ ଆଦୌ କହି ପାରିବି ନାହିଁ, ମାତ୍ର ଏହି ଅବସ୍ଥାଟି ମୋତେ ଆଦୌ କୌଣସି ପ୍ରକାରେ ସୁଖକର ବୋଲି ମନେ ହେଉ ନାହିଁ ।

ହଁ, ତେବେ କଥାଟି ଠିକ୍ ଏହିପରି ।

ଏବଂ, ଏହିସବୁ କଥା କହି ସାରିବା ପରେ,—ଏକଥା ଯେ ମୁଁ ବର୍ତ୍ତମାନ ପ୍ରଥମ ଥର ପାଇଁ ତୁମ୍ଭମାନଙ୍କୁ କହିଲି, ସେକଥା ମୋଟେ ନୁହେଁ, ମୁଁ ଖବୁରୁ ଏକାଧିକ କେତେ କେତେ ଥର କହିଥିବି, ଏବଂ ତୁମେ ଯେତେଥର ଇଚ୍ଛା କରିବ, ଅଧିକ ସେତେ ଅଧିକ ଥର ବି କହିବାକୁ ମୁଁ ପ୍ରସ୍ତୁତ ଅଛି,—ଏହି ସବୁ କଥା କହିସାରିବା ପରେ, ତୁମେ ସବୁ ଝଡ଼ ଦ୍ୱାରା ଆନ୍ଦୋଳିତ ହେଉଥିବା ଏକ ସମୁଦ୍ର ମଧ୍ୟରେ ଗୋଟାଏ ସୋଲ ହୋଇ ରହିବାକୁ ଇଚ୍ଛା କରୁଛ ବା ତୁମର ଏକ ସ୍ପଷ୍ଟ ଏବଂ ନିର୍ଦ୍ଦିଷ୍ଟ

'oaob.nitrkl.ac.in' images reprocessed

ବୋଧଶକ୍ତି ରହିଛି ଏବଂ ତୁମେ ଯେଉଁଠାକୁ ଯିବ ବୋଲି ଇଚ୍ଛା କରୁଛ, ସେଠାକୁ ଚାଲିଯାଇ ପାରିବା ଲାଗି ଯଥେଷ୍ଟ ଜ୍ଞାନ ରହିଅଛି ବୋଲି ଇଚ୍ଛା କରୁଛ, ଏ କଥାଟି ବାଛି ଠିକ୍ କରିବା ଲାଗି ମୁଁ ତୁମମାନଙ୍କୁ ସମ୍ପୂର୍ଣ୍ଣ ମୁକ୍ତ କରି ଛାଡ଼ିଦେଉଛି ।

କାରଣ, ତୁମେ ନିଜେ ଯେଉଁ ପଥଟିକୁ ବାଛୁଛ, ସେହି ପଥରେ ଯିବା ଲାଗି ମଧ୍ୟ ଏକ ସ୍ପଷ୍ଟ ଦୃଷ୍ଟି ରହିଥିବା ଏକାନ୍ତ ଅପରିହାର୍ଯ୍ୟ ।

ତୁମେସବୁ ଗୋଟାଏ ଗୋଟାଏ ବିଦ୍ୱାନ୍ ଓ ପଣ୍ଡିତ ବ୍ୟକ୍ତି ହୁଅ ବୋଲି ମୁଁ ମୋଟେ ବ୍ୟଗ୍ର ନୁହେଁ । କାରଣ ମଣିଷ ସେହି ଅବସ୍ଥାରେ ଏକାବେଳକେ ଅନ୍ୟ ପାଖଟିରେ ଯାଇ ପଡ଼ିଥାଏ : ଆପଣାର ମୁଣ୍ଡଟିକୁ ସେ ଏତେଗୁଡ଼ାଏ କଥା ଦ୍ୱାରା ଭର୍ତ୍ତି କରି ରଖିଥାଏ ଯେ ତା'ପରେ ଉଚ୍ଚତର ଆଲୋକଟି ଲାଗି ଆଉ ଆଦୌ କୌଣସି ସ୍ଥାନ ବାକି ରହି ପାରେ ନାହିଁ । ମାତ୍ର,···ଯୋଲି ହୋଇ ଏଣେତେଣେ ନହେବାକୁ ଅନ୍ତତଃ ଏକ ନିମ୍ନତମ ବୁଦ୍ଧି ଓ ଜ୍ଞାନ ଅପରିହାର୍ଯ୍ୟ ହୋଇ ରହିଥାଏ ।

> ମାଆ, କେତେକ ଲୋକ କହନ୍ତି ଯେ ଆମର ଏଠାରେ ଖେଳ ଓ ଶାରୀରିକ ଶିକ୍ଷା ଉପରେ ଅତ୍ୟଧିକ ଗୁରୁତ୍ୱ ଦିଆ ଯାଉଥିବାରୁ ଆମେ ଅଧ୍ୟୟନର କ୍ଷେତ୍ରରେ ସାଧାରଣତଃ ପଛରେ ପଡ଼ିଯାଉ । ଏହା ସତ କି ?

ସେକଥା କିଏ କହିଲା ? ଯେଉଁ ଲୋକମାନେ ଶାରୀରିକ ଶିକ୍ଷାକୁ ପସନ୍ଦ କରନ୍ତି ନାହିଁ, ସେହିମାନେ ? ଯେଉଁ କଠିନ ଓ ବୃଦ୍ଧ ଶିକ୍ଷକମାନେ ଆଉ କୌଣସି ବ୍ୟାୟାମ କରି ପାରୁ ନାହାନ୍ତି, ସେହିମାନେ ଏକଥା କହିଲେ ? ଏହିମାନେ କହିଲେ ?—ମୁଁ କାହାର ନାମ ଜାଣିବାକୁ ଚାହୁଁ ନାହିଁ !

କିନ୍ତୁ ମୁଁ ଆଦୌ ସେପରି ଭାବୁ ନାହିଁ ।

'ବୁଲେଟିନ୍'ରେ ଶ୍ରୀଅରବିନ୍ଦ ଯେଉଁ ପ୍ରଥମ ଲେଖାଟି ଲେଖିଥିଲେ, ସେଇଟି ତୁମର ମନେ ଅଛି ତ ? ଏହିଭଳି ଲୋକମାନଙ୍କ କଥାର ସେ ଅତି ସ୍ପଷ୍ଟ ଉତ୍ତର ଦେଇଛନ୍ତି ।

ସେକଥା ସେହିପରି ବୋଲି ମୁଁ ମୋଟେ ଭାବୁ ନାହିଁ । ଏହା ଯେ ଏପରି ଆଦୌ ନୁହେଁ, ମୁଁ ସେବିଷୟରେ ଦୃଢ଼ନିଶ୍ଚିତ । ବରଂ ମୁଁ ଭାବୁଛି ଯେ,—ଏବଂ ଏଥିଲାଗି ସମସ୍ତ ଦୋଷ ପ୍ରକୃତରେ ମୋର,—ଏଠାରେ ତୁମକୁ ଅକଳ୍ପନୀୟ ଭାବରେ ଅଧିକ ସ୍ୱାଧୀନତା ଦିଆଯାଇଛି । ପୃଥିବୀରେ ଆଉ ଏପରି କୌଣସି ସ୍ଥାନ ନାହିଁ, ଯେଉଁଠାରେ କି ପିଲାମାନଙ୍କୁ ଏତେବେଶୀ ସ୍ୱାଧୀନତା ମିଳିଛି । ଏବଂ, ଏକଥା ମଧ୍ୟ

'oaob.nitrkl.ac.in' images reprocessed

ସତ ଯେ ଏପରି ଏକ ସ୍ୱାଧୀନତାକୁ କିପରି ଭାବରେ ଉଚିତ କାମରେ ଲଗାଇବାକୁ ହୁଏ, ସେକଥା ଜାଣିବା ଭାରି କଷ୍ଟକର ।

ତଥାପି, ଏପରି ଏକ ପ୍ରୟୋଗ କରିବା ଦ୍ୱାରା ତଥାପି ଅନେକ ଉପକାର ହୋଇଛି । ତୁମେସବୁ ସେକଥା ବୁଝି ପାରିବ ନାହିଁ; କାରଣ, ଯେଉଁଠି ଏତେବେଶୀ ସ୍ୱାଧୀନତା ଦିଆହୋଇ ନଥାଏ, ସେଠି ଅବସ୍ଥା କିପରି କ'ଣ ହୁଏ, ସେବିଷୟରେ ତୁମକୁ କିଛିହେଲେ ଜଣା ନାହିଁ । ଏଠାକାର ପରିବେଶ ତୁମକୁ ଅତ୍ୟନ୍ତ ସ୍ୱାଭାବିକ ବୋଲି ବୋଧ ହେଉଛି । ମାତ୍ର, ନିଜର ସ୍ୱାଧୀନତାକୁ ନିଜେ କିପରି ଭାବରେ ସଙ୍ଗଠିତ କରି ପାରିବ, ସେକଥା ଜାଣିପାରିବା ଭାରି, ଭାରି କଷ୍ଟକର । ତଥାପି, ଏହି କାର୍ଯ୍ୟଟିରେ ସଫଳତା ଅର୍ଜନ କରିବାକୁ ହେଲେ, ଆପଣାକୁ ଆପଣା ଦ୍ୱାରା ଗୃହୀତ ଏକ ଶୃଙ୍ଖଳା ଆଣି ଦେବାକୁ ହେଲେ,—ତୁମେ ଏହି ଶୃଙ୍ଖଳାଟିକୁ ଉଚ୍ଚତର ଅନେକ କାରଣ ଲାଗି ଗ୍ରହଣ କରିଥିବ; ପରୀକ୍ଷା ପାସ୍ କରିବାକୁ ନୁହେଁ, ଜୀବନରେ ଗୋଟାଏ ବଡ଼ ଚାକିରି ପାଇବାକୁ ନୁହେଁ, ଆପଣାର ଶିକ୍ଷକମାନଙ୍କୁ ସନ୍ତୁଷ୍ଟ କରିବାକୁ ନୁହେଁ, ଗୋଟାଏ ପୁରସ୍କାର ପାଇବାକୁ କିଂବା ସାଧାରଣତଃ ପିଲାମାନଙ୍କ ପାଖରେ ଏହି ବିଷୟରେ ଯେତେସବୁ କାରଣ ରହିଥାଏ, ସେଗୁଡ଼ିକ ମଧ୍ୟରୁ କୌଣସିଟି ପାଇଁ ନୁହେଁ : ଗାଳି ନଖାଇବା ପାଇଁ ନୁହେଁ କିଂବା ଶାସ୍ତି ନପାଇବା ପାଇଁ ନୁହେଁ, ଏଗୁଡ଼ାକ ମଧ୍ୟରୁ କୌଣସିଟି ପାଇଁ ନୁହେଁ, ଆମେ ଏହିସବୁ ଯାବତୀୟ କାରଣକୁ ମୂଳରୁ ବାଦ୍ ଦେଇଦେବା,—ଯଦି ତୁମେ ଆପଣାକୁ ଏକ ଶାସନ ଓ ଶୃଙ୍ଖଳା ଭିତରେ ଆଣି ରଖିବାକୁ ସମର୍ଥ ହୁଅ,—ପ୍ରତ୍ୟେକ ଲୋକ ନିଜକୁ ଆପଣାର ଶୃଙ୍ଖଳା ଭିତରେ ଆଣି ରଖିବ, ଆଉ ଜଣକର ଶୃଙ୍ଖଳାକୁ ଅନୁସରଣ କରିବା ଲାଗି ଆଦୌ କୌଣସି କାରଣ ନାହିଁ; ତୁମେ ଆଗକୁ ଯିବାକୁ ଇଚ୍ଛା କରୁଛ ଓ ଆପଣା ମଧ୍ୟରୁ ସର୍ବୋତ୍ତମ ଅନ୍ତର୍ନିହିତ ବସ୍ତୁଗୁଡ଼ିକୁ ବିକଶିତ କରି ଆଣିବାକୁ ଇଚ୍ଛା କରୁଛ, କେବଳ ଏହି କାରଣରୁହିଁ ତୁମେ କୌଣସି ଏକ ଶୃଙ୍ଖଳାକୁ ଗ୍ରହଣ କରିଛ, ତେବେ···ତେବେ ମୁଁ ନିର୍ଭର ଜବାବ ଦେଇ କହୁଛି ଯେ ଯେଉଁମାନେ ସ୍କୁଲମାନଙ୍କରେ ଚଳୁଥିବା ସାଧାରଣ ଶୃଙ୍ଖଳାଗୁଡ଼ିକୁ ମାନି ଚଳନ୍ତି, ସେମାନଙ୍କ ଅପେକ୍ଷା ତୁମର ଜୀବନ ଅନେକ ଅଧିକ ବଳିଷ୍ଠ ସ୍ତରର ହୋଇ ଢଅଣ ହୋଇ ପାରିବ । ଏଠାରେ ମୁଁ ଏହି କଥାଟିକୁ ପ୍ରୟୋଗ କରି ଦେଖିବାକୁ ଚାହୁଁଥିଲି । ମନେ ରଖିଥାଅ ଯେ ମୋର ଏହି ପ୍ରୟୋଗଟିରେ ମୁଁ ବିଫଳ ହୋଇଛି ବୋଲି ଆଦୌ କହୁ ନାହିଁ; ମୋ ମନରେ ତଥାପି ଅନେକ ଆଶା ରହିଛି ଯେ ତୁମେ ଅନ୍ତତଃ ଏହି ମହାନ୍ ସୁଯୋଗଟିରୁ ଉପକୃତ ହେବାର ବାଟଟିକୁ ପାଇଯାଇ ପାରିବ । ମାତ୍ର ତଥାପି, ଏହି କ୍ଷେତ୍ରରେ ଏପରି ଏକ କଥା ରହିଛି, ଯାହାକୁ କି ତୁମ ନିଜକୁ ଲାଭ କରିବାକୁ ପଡ଼ିବ; ସେଇଟି ହେଉଛି ଏକ ଅନ୍ତର୍ଗତ ଶୃଙ୍ଖଳାର ଅବଶ୍ୟମ୍ଭାବିତା । ଏହି ଶୃଙ୍ଖଳାଟି ନଥିଲେ ତୁମେ କିଛି ହେଲେ ଲାଭ କରି ପାରିବ ନାହିଁ । ଶୃଙ୍ଖଳା



'oaob.nitrkl.ac.in' images reprocessed

ନଥିଲେ ତୁମେ ସାଧାରଣ ମଣିଷର ସାଧାରଣ ଜୀବନଟିକୁ ମଧ୍ୟ କଦାପି ବଞ୍ଚି ପାରିବ ନାହିଁ । ମାତ୍ର, ସାଧାରଣ ସମାଜ ଏବଂ ସାଧାରଣ ଅନୁଷ୍ଠାନମାନଙ୍କରେ ଯେଉଁ ପରମ୍ପରାଗତ ଶୃଙ୍ଖଳା ଦେଖିବାକୁ ମିଳିଥାଏ, ତତ୍ପରିବର୍ତ୍ତିରେ ମୁଁ ଇଚ୍ଛା କରିବ ଯେ ତୁମେ ନିଜର ଶୃଙ୍ଖଳାଟିକୁ ନିଜେ ଠିକ୍ କରିବ, ପରିପୂର୍ଣ୍ଣତା ହାସଲ କରିବାର ଶ୍ରଦ୍ଧା ଦ୍ୱାରା ପ୍ରେରିତ ହୋଇ, ତୁମ ନିଜର ପରିପୂର୍ଣ୍ଣତା ପାଇଁ ଏବଂ ତୁମ ସତ୍ତାର ପରିପୂର୍ଣ୍ଣତା ପାଇଁ ତୁମେ ସେହି ଶୃଙ୍ଖଳାକୁ ଅର୍ଜନ କରିବ ।

ମାତ୍ର ତା' ନହେଲେ,···ସ୍ମରଣ ରଖିଥାଅ ଯେ ତୁମେ ଯଦି ଶରୀରର କୌଣସି ଶୃଙ୍ଖଳା ହାସଲ କରି ନଥାଅ, ତେବେ ତୁମେ ଦୁଇ ଗୋଡ଼ରେ ଠିଆ ହୋଇ ବି ପାରିବ ନାହିଁ, ଜୀବନଟା ଯାକ କେବଳ ଗୋଟାଏ ସାନ ପିଲା ପରି ଗୁରୁଣ୍ଡିବାରେହିଁ ଲାଗିଥିବ । ସେପରି ସ୍ଥିତିରେ ତୁମେ କିଛିହେଲେ କରି ପାରିବ ନାହିଁ । ତେଣୁ ଆପଣାକୁ ଅବଶ୍ୟ ଏକ ଶୃଙ୍ଖଳା ଭିତରେ ରଖିବାକୁ ହେବ; ତା' ନହେଲେ ତୁମେ ସମାଜ ଭିତରେ ଚଳି ପାରିବ ନାହିଁ, କୌଣସି ଜଙ୍ଗଲ ଭିତରେ ଏକାକୀ ବାସ କରିବା ବ୍ୟତୀତ ତୁମେ କେଉଁଠି ହେଲେ ବି ଚଳି ପାରିବ ନାହିଁ । ଏବଂ, ସେହି ଜଙ୍ଗଲ ଭିତରେ ମଧ୍ୟ ଚଳି ପାରିବ କି ନାହିଁ, ସେକଥା ମୁଁ ନିଶ୍ଚିତ ଭାବରେ ଆଦୌ କହି ପାରିବ ନାହିଁ । ତେଣୁ ଏହା ଏକାନ୍ତ ଅପରିହାର୍ଯ୍ୟ ଏବଂ ଏହି କଥାଟିକୁ ମୁଁ ତୁମମାନଙ୍କୁ କେଜାଣି କେତେଥର କହିଥିବି । ଏବଂ ପରମ୍ପରାଗତ ଶୃଙ୍ଖଳା ପ୍ରତି ମୋର ଏକ ପ୍ରକାଶ୍ୟ ଅଶ୍ରଦ୍ଧା ରହି ଆସିଥିବାରୁ, ସାମାଜିକ ଓ ସେହି କାଟର ଅନ୍ୟ ଶୃଙ୍ଖଳା ପ୍ରତି ମୋର ଅଶ୍ରଦ୍ଧା ରହିଥିବାରୁ, ତାହାର ଆଦୌ ଏପରି ଅର୍ଥ ନୁହେଁ ଯେ ତୁମେମାନେ ଆପଣାକୁ ଯାବତୀୟ ପ୍ରକାରର ଶୃଙ୍ଖଳାରୁ ନିବୃତ୍ତ କରି ରଖିବ । ମୁଁ ତ ଇଚ୍ଛା କରିବି ଯେ ପ୍ରତ୍ୟେକ ବ୍ୟକ୍ତି ଏଠି ତା' ନିଜର ଶୃଙ୍ଖଳାଟିକୁ ନିଜେ ଠିକ୍ କରିବ, ତା' ଅନ୍ତର୍ଗତ ଅଭୀପ୍ସାର ନିଷ୍ଠା ଅନୁସାରେ ଓ ଆପଣାକୁ ପରିପୂର୍ଣ୍ଣ ଭାବରେ ଉପଲବ୍ଧି କରିବାର ଇଚ୍ଛା ଦ୍ୱାରା ପ୍ରେରିତ ହୋଇ ସେ ଆପଣାର ଶୃଙ୍ଖଳା-ଗୁଡ଼ିକୁ ଆବିଷ୍କାର କରିବ ।

ତେଣୁ, ଯେଉଁମାନେ ଏକଥାଟିକୁ ଜାଣିଛନ୍ତି, ସେମାନେ ଶିକ୍ଷକ ହୋଇଥାନ୍ତୁ, ପ୍ରଶିକ୍ଷକ ହୋଇଥାନ୍ତୁ ଅଥବା ଆଉ ଯାହାକିଛି ହୋଇଥାନ୍ତୁ ପଛକେ, ତୁମମାନଙ୍କୁ ଉଚିତ କଥାଗୁଡ଼ିକ ବିଷୟରେ ସୂଚାଇଦେବା ଓ ତୁମମାନଙ୍କୁ ସାହାଯ୍ୟ କରିବା ହେଉଛି ସେମାନଙ୍କର ଉଦ୍ଦେଶ୍ୟ । ଯେତେବେଳେ ତୁମେ ଏପରି ଏକ ସ୍ଥିତିରେ ପଡ଼ିଥାଅ ଯାହାକି ତୁମକୁ ଅତ୍ୟନ୍ତ କଷ୍ଟକର ବୋଲି ମନେ ହେଉଥାଏ, ସେତେବେଳେ ତୁମେ ଆପଣାର ସମସ୍ୟାଟିକୁ ନେଇ ସେମାନଙ୍କ ଆଗରେ ଉପସ୍ଥାପିତ କରିବ ଓ ସେମାନେ ଆପଣାର ବ୍ୟକ୍ତିଗତ ଅଭିଜ୍ଞତାରୁହିଁ ତୁମମାନଙ୍କୁ ହୁଏତ କହିବେ, "ନାହିଁ,—କଥାଟି ହେଉଛି ଏହିପରି ବା କଥାଟି ସେହିପରି; ଏବଂ ତୁମକୁ

'oaob.nitrkl.ac.in' images reprocessed

ଏପରି କରିବାକୁ ହେବ ବା ସେପରି ଚେଷ୍ଟା କରିବାକୁ ହେବ ।” ତେଣୁ ତୁମମାନଙ୍କୁ କୌଣସି ସିଦ୍ଧାନ୍ତ, ତତ୍ତ୍ୱ ଅଥବା ତଥାକଥିତ ନିୟମଗୁଡ଼ାକୁ ଜବରଦସ୍ତି ଗିଳାଇବାକୁ ଚେଷ୍ଟା ନ କରି, ବା ଅଳ୍ପ ବହୁତ ପରିମାଣରେ ଅମୂର୍ତ୍ତ ହୋଇ ରହିଥିବା କେତେଟା ଜ୍ଞାନ କଥା ତୁମ ଉପରେ ଆଣି ଲଦି ନ ଦେଇ ସେମାନେ ବିଭିନ୍ନ ବିଷୟରେ ଆବଶ୍ୟକ ସୂଚନା ଦେଇପାରିବା ଲାଗି ତୁମ ପାଖରେ ରହିଥିବେ, ନିତାନ୍ତ ନିମ୍ନ ସ୍ତରଠାରୁ ଆରମ୍ଭ କରି ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଯାବତୀୟ ସୂଚନା ଆଣି ଯୋଗାଇ ଦେଉଥିବେ, ସେମାନଙ୍କର ଆପଣା ଆପଣା କ୍ଷେତ୍ରର ନାନା ସୂଚନାକୁ ନିଜ ନିଜର ସାମର୍ଥ୍ୟ ଅନୁସାରେ ଆଣି ଦେଉଥିବେ ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ସାଧାରଣ ଓ ସର୍ବନିମ୍ନ ବ୍ୟାବହାରିକ ଜ୍ଞାନ ନ ଥାଇ ଯଦି ତୁମମାନଙ୍କୁ ସଂସାର ଭିତରକୁ ଠେଲି ଦିଆଯାଏ, ତେବେ ତୁମେ ସେଠାରେ ଯାଇ ଅତ୍ୟନ୍ତ ବିପଜ୍ଜନକ କ’ଣ ନା କ’ଣ ସବୁ କରିବାର କାରଣ ବି ହୋଇପାରିବ । ଏପରି ଗୋଟିଏ ପିଲାର କଥା ବିଚାର କରାଯାଉ, ଯିଏ କି କିଛି ଜାଣେ ନାହିଁ, ତେବେ, ଗୋଟିଏ ଉଦାହରଣ ଦେଇ କହିଲେ, ଯଦି ତା’ ହାତରେ ମୁଠାଏ ଦିଆସିଲି କାଠି ପଡ଼େ, ତେବେ ସେ ତଦ୍ୱାରା ସର୍ବପ୍ରଥମେ ଆପଣା ଦେହରେ ନିଆଁ ଲଗାଇଦେବ । ତେଣୁ ସେହି କ୍ଷେତ୍ରରେ, ସମ୍ପୂର୍ଣ୍ଣ ଭାବରେ ଏକ ସାଂସାରିକ ଦୃଷ୍ଟିରୁ ମଧ୍ୟ ଏପରି ହେଲେ ନିଶ୍ଚୟ ଭଲ ହେବ ଯେ ତୁମମାନଙ୍କ ପାଖରେ ଏପରି କେତେକ ଲୋକ ରହିଥିବେ, ଯେଉଁମାନେ କି ଏସବୁ କଥା ଜାଣିଥିବେ ଏବଂ ତୁମମାନଙ୍କୁ ତାହା କହିଦେଇ ପାରିବେ; କାରଣ, ତା’ ନହେଲେ, ଯଦି ପ୍ରତ୍ୟେକ ମଣିଷକୁ କେବଳ ତା’ର ନିଜ ଅଭିଜ୍ଞତାରୁହିଁ ଶିକ୍ଷା କରିବାକୁ ହୁଏ, ତେବେ ଅତ୍ୟନ୍ତ ଅପରିହାର୍ଯ୍ୟ କଥାଗୁଡ଼ିକୁ ଶିଖିବା ଲାଗି ମଧ୍ୟ ଆମକୁ ଜନ୍ମ ଜନ୍ମ ଲାଗିଯିବ । ତାହାହିଁ ହେଉଛି ଶିକ୍ଷକ ଓ ପ୍ରଶିକ୍ଷକମାନେ ରହିବାର ଉପଯୋଗିତା, ସେମାନେ ରହିବାର ପ୍ରକୃତ ଉପଯୋଗିତା । ନିଜ ଜୀବନର ଅଭ୍ୟାସ ଅଥବା ଏକ ବିଶେଷ ଅଧ୍ୟୟନ ଦ୍ୱାରା ସେମାନେ ଅଳ୍ପବହୁତ ନିଶ୍ଚୟ କିଛି ଶିକ୍ଷା କରିଛନ୍ତି ଏବଂ ତୁମ ଲାଗି ଯାହାସବୁ ଜାଣିବା ଅପରିହାର୍ଯ୍ୟ, ସେମାନେ ତୁମକୁ ତାହା ନିଶ୍ଚୟ ଶିଖାଇ ପାରିବେ । ତଦ୍ୱାରା ତୁମର ସମୟ ବଞ୍ଚିଯିବ, ତୁମର ଅନେକ ସମୟ ବଞ୍ଚିଯିବ । ମାତ୍ର ସେମାନଙ୍କର ଉପଯୋଗିତା କହିଲେ କେବଳ ସେତିକିକୁ ବୁଝାଇବ : ସେମାନେ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇ ପାରୁଥିବେ । ଏବଂ ବସ୍ତୁତଃ ତୁମର ବି ଏପରି ଏକ ଯଥେଷ୍ଟ ସକ୍ରିୟ ଓ ଜୀବନ୍ତ ମସ୍ତିଷ୍କ ରହିଥିବ, ଯିଏ କି ପ୍ରଶ୍ନ ପଚାରି ପାରୁଥିବ । କାହିଁକି ମୁଁ ଜାଣେ ନାହିଁ, ତଥାପି ଏକଥା ସତ ଯେ ମୋତେ ପଚାରିବାକୁ ତୁମମାନଙ୍କ ପାଖରେ ଆଦୌ କେତେବେଳେ

ହେଲେ କୌଣସି ପ୍ରଶ୍ନ ନଥାଏ, ଅଥବା, ଥିଲେ ଖୁବ୍ କ୍ୱଚିତ୍ ଥାଏ । ମାତ୍ର ତାହା ଏକ ଭୟଙ୍କର ମନୋଗତ ଆଳସ୍ୟରହିଁ ସୂଚନା ଦେଇ ଯାଉଥାଏ ।

ମୁଁ ତୁମମାନଙ୍କୁ ବେଳେବେଳେ କହୁଥାଏ, "ମୋତେ କୌଣସି ପ୍ରଶ୍ନ ପଚ୍ଚର ନାହିଁ, ତୁମେମାନେ ନିଜ ଚେଷ୍ଟାରେ କେତେକ ନିର୍ଦ୍ଦିଷ୍ଟ ବସ୍ତୁକୁ ନିଜେ ଆବିଷ୍କାର କରିବାକୁ ଚେଷ୍ଟା କର"—ଏକଥାଟି ତ ବେଶ୍ ବୁଝିହେଉଛୁ । ମାତ୍ର ଯେତେବେଳେ ମୁଁ ଏଠାକୁ ଆସୁଛୁ ଓ "ତୁମମାନଙ୍କର କ'ଣ କୌଣସି ପ୍ରଶ୍ନ ପଚ୍ଚରିବାକୁ ନାହିଁ ?" ବୋଲି କହୁଛୁ,—ସେତେବେଳେ ସମସ୍ତେ ନୀରବତାହିଁ ଅବଲମ୍ବନ କରୁଛ···। ସେଥିରୁ ପ୍ରମାଣ ହୋଇ ଯାଉଛୁ ଯେ ତୁମ-ମାନଙ୍କ ମନରେ ଆଦୌ କୌଣସି ଜିଜ୍ଞାସା ନାହିଁ । ଏବଂ, ଏକଥା ମଧ୍ୟ ନୁହେଁ ଯେ ମୁଁ ଯେତେବେଳେ ଯାହା ପଢ଼ିଥାଏ, କେବଳ ତାହାର ବିଷୟରେ ପ୍ରଶ୍ନ ପଚ୍ଚରିବାକୁହିଁ କହୁଥାଏ । ତୁମ ଭିତରୁ ଯିଏ ଯାହା ମନ ତାହା ପଚ୍ଚରିଲେ ମଧ୍ୟ ମୁଁ ସେଗୁଡ଼ିକର ଉତ୍ତର ଦେବାକୁ ପ୍ରସ୍ତୁତ ଥାଏ । ହଁ, ମୋତେ କହିବାକୁ ପଡ଼ିବ ଯେ ଆମର ପ୍ରଶ୍ନ ପଚ୍ଚରିବାରେ ଆଦୌ ଖୁବ୍ ବେଶୀ ଦକ୍ଷତା ନାହିଁ । ଏବଂ ତୁମମାନଙ୍କୁ କିଛି କହିବା ଲାଗି ମୋତେ ଯେ ଅଧିକାଂଶ ସମୟରେ ଏକ ଅବସର ମିଳିଥାଏ, ସେକଥା ବି ନୁହେଁ ।

ହଁ, ଏକଥା ବି ମୋତେ କହିଦେବାକୁ ପଡ଼ିବ ଯେ ଯଦି ତୁମେମାନେ ମୋତେ ବିଜ୍ଞାନଗୁଡ଼ିକ ବିଷୟରେ, ପଦାର୍ଥବିଜ୍ଞାନ ଅଥବା ସେହିପରି ଆଉକିଛି ବିଷୟରେ ସମ୍ପୂର୍ଣ୍ଣ ବୈଷୟିକ ପ୍ରଶ୍ନମାନ ପଚ୍ଚର, ତେବେ ମୁଁ ତାହାର ଏହିପରି ଉତ୍ତରହିଁ ଦେବି, "ଏ ବିଷୟରେ ମୁଁ ଆଦୌ କିଛି ଜାଣିନି ନାହିଁ; ତୁମେ ବହିରୁ ପଢ଼ି ଏଗୁଡ଼ିକର ଉତ୍ତର ପାଇବ, ତୁମ ଶିକ୍ଷକଙ୍କୁ ପଚ୍ଚରିଲେ ମଧ୍ୟ ପାଇପାରିବ ।" ମାତ୍ର ଯଦି ତୁମେ ମୁଁ ଜାଣିଥିବା ବିଷୟଗୁଡ଼ିକରୁ ପ୍ରଶ୍ନ ପଚ୍ଚରିବ, ତେବେ ମୁଁ ସବୁବେଳେ ସେଗୁଡ଼ିକର ଉତ୍ତର ଦେଇପାରିବି ।

ତେଣୁ ଏଥର ଏକ ଶେଷ ଚେଷ୍ଟା କରି ଦେଖାଯାଉ : ମୋତେ ପଚ୍ଚରିବା ଲାଗି ବର୍ତ୍ତମାନ କାହାର କୌଣସି ପ୍ରଶ୍ନ ଅଛି କି ?

(ସମସ୍ତେ ନୀରବ ରହିଲେ)

ଚମତ୍କାର ! (ମାଆ ହସିଲେ) ଅଚ୍ଛା, ଆଜି ତେବେ ସେତିକି ଥାଉ ।

'oaob.nitrkl.ac.in' images reprocessed

## ୨୦ ଜୁନ୍ ୧୯୫୭

ମାଆ, ଶ୍ରୀଅରବିନ୍ଦ ଏଠାରେ ଲେଖିଛନ୍ତି : "ମାତ୍ର ତଥାପି ସେହି ହୃଦୟ ମଧ୍ୟରେ ଅଥବା ହୃଦୟର ପଛରେ ଏକ ଗଭୀରତର ଓ ଯଥାର୍ଥ ଦୃଷ୍ଟିକ୍ଷମ ଆଲୋକ ଅବସ୍ଥିତ ରହିଥାଏ ।"

ଯୋଗସମନ୍ୱୟ, ପୃଷ୍ଠା-୧୪୦

ଏହି ଯଥାର୍ଥ ଦୃଷ୍ଟିକ୍ଷମ ଆଲୋକ କହିଲେ କ'ଣ ବୁଝାଇବ ?

ଏହା ହେଉଛି ପ୍ରେମ ।

ମାତ୍ର ତା'ପରେ ଶ୍ରୀଅରବିନ୍ଦ ପୁଣି ଲେଖିଛନ୍ତି : "ସେହି ଆଲୋକଟି ଅପରୋକ୍ଷ ଭାବରେ ସେହି ପରମ ସତ୍ୟଟିକୁ ସ୍ପର୍ଶ କରି ରହିଥାଏ ଏବଂ ମନୁଷ୍ୟବୁଦ୍ଧିର ଯାବତୀୟ ଜ୍ଞାନାଭିମାନ ସତ୍ତ୍ୱେ ତାହାଠାରୁ ସେହି ପରମ ଦିବ୍ୟତାର ଅଧିକ ନିକଟବର୍ତ୍ତୀ ହୋଇ ରହିଥାଏ । ହୃଦୟର ଏହି ଆଲୋକଟି, ହୁଏତ ଆମେ ଯାହାକୁ ସାଧାରଣତଃ ସ୍ୱବୋଧି ବୋଲି କହିଥାଉ, ପ୍ରକୃତରେ ତାହା ନହୋଇପାରେ, କାରଣ ସ୍ୱବୋଧି ଏକ ମନୋମୟ ବସ୍ତୁ ନହୋଇଥିଲେ ମଧ୍ୟ ମନର ମାର୍ଗ ଦେଇହିଁ ନିମ୍ନକୁ ଅବତରଣ କରିଥାଏ ।" ଏହି ଯଥାର୍ଥ ଦୃଷ୍ଟିକ୍ଷମ ଆଲୋକ ଏବଂ ସ୍ୱବୋଧି ମଧ୍ୟରେ ପ୍ରକୃତରେ ଏକ ସମ୍ବନ୍ଧ ଅଛି କି ?

ସେହି ଆଲୋକକୁ ସ୍ୱବୋଧି ବୋଲି କୁହାଯିବ ନାହିଁ । ଏଇଟି ହେଉଛି ପ୍ରେମ ଦ୍ୱାରା ଉପଲବ୍ଧ ହେଉଥିବା ଜ୍ଞାନ, ପ୍ରେମ ଦ୍ୱାରା ଉପଲବ୍ଧ ହେଉଥିବା ଆଲୋକ ଏବଂ ପ୍ରେମ ଦ୍ୱାରା ଉପଲବ୍ଧ ହେଉଥିବା ବୁଝିବାଶକ୍ତି । ଶ୍ରୀଅରବିନ୍ଦ କହିଛନ୍ତି ଯେ ଏହା ସ୍ୱବୋଧି ନୁହେଁ, କାରଣ ସ୍ୱବୋଧି ହେଉଛି ବୁଦ୍ଧିରାଜ୍ୟର ଏକ ସମ୍ପଦ,—ଅନ୍ତତଃ ତାହାର ଅଭିବ୍ୟକ୍ତିକ୍ଷେତ୍ରରେ ତାହା ବୁଦ୍ଧିରାଜ୍ୟରହିଁ ଅନ୍ତର୍ଗତ, ସ୍ୱବୋଧିର ଅଭିବ୍ୟକ୍ତିକୁ ଏକ ବୁଦ୍ଧିରାଜ୍ୟରହିଁ ଅଭିବ୍ୟକ୍ତି ବୋଲି

'oaob.nitrkl.ac.in' images reprocessed

ବୁଝାଯିବ । ମାତ୍ର ଆଉଟି ହେଉଛି ଏକ ପ୍ରକାରର ପ୍ରତ୍ୟକ୍ଷ ଜ୍ଞାନ, ଏକାତ୍ମକତା ଦ୍ୱାରା ଉପଲବ୍ଧ ହେଉଥିବା ଜ୍ଞାନ,—ଏବଂ ତାହା ପ୍ରେମରୁହିଁ ନିଷ୍ପନ୍ନ ହୋଇଥାଏ ।

ଏବଂ ସେହି "ଅନ୍ତର୍ଗତ ବାଣୀ" ?

ବାଣୀ ? ତାହା ହେଉଛି ଭବିଷ୍ୟକଥନର ଶକ୍ତି, ପୂର୍ବଦୃଷ୍ଟିର ଶକ୍ତି, ପ୍ରତୀକ-ଗୁଡ଼ିକୁ ବୁଝି ପାରିବାର ଶକ୍ତି; ଏବଂ ସେହି ଶକ୍ତିଟି ଚୈତ୍ୟ ସତ୍ତାରେ ନିହିତ ହୋଇ ରହିଥାଏ । ଉଦାହରଣସ୍ୱରୂପ ଭଗବତ୍ ସନ୍ଦେଶବାହକମାନେ ମନର ସାହାଯ୍ୟ ନେଇ କୌଣସି ଭବିଷ୍ୟବାଣୀ କରନ୍ତି ନାହିଁ, ସେମାନେ ପ୍ରତ୍ୟକ୍ଷ ସମ୍ପର୍କ ଦ୍ୱାରାହିଁ ତାହା କରିପାରନ୍ତି, ଆମର ସବେଗ ଓ ଯାବତୀୟ ଭାବଠାରୁ ଏହା ଅତିକ୍ରାନ୍ତ ହୋଇ ରହିଥାଏ । ଶ୍ରୀଅରବିନ୍ଦ ଏକଥା ମଧ୍ୟ କହିଛନ୍ତି ଯେ ବିଶେଷ କରି ବେଦଶାସ୍ତ୍ର କଦାପି ମନର ସ୍ତରରେ ରହି ଲେଖା ହୋଇ ନାହିଁ, ତାହା ମସ୍ତିଷ୍କ ଦେଇ ଲେଖା ହୋଇ ନାହିଁ । ସ୍ତୋତ୍ରର ଆକାରଟି ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଚୈତ୍ୟ ସତ୍ତାରୁ ନିଃସୃତ ହୋଇ ଆସିଛି ଏବଂ ତାହାର ସହିତ ଶବ୍ଦଗୁଡ଼ିକ ଆସି ଯୋଡ଼ିହୋଇ ଯାଇଛନ୍ତି ।

ମାଆ, ଯାହାଙ୍କର ଏହି ଚୈତ୍ୟ ସମ୍ପର୍କଟି ରହିଛି, ତାଙ୍କଠାରେ ଏହି ଶକ୍ତିଟି ମଧ୍ୟ ରହିଛି ବୋଲି କ'ଣ ବୁଝିବାକୁ ହେବ କି ?

ମୋଟାମୋଟି ଭାବରେ କହିଲେ, ହଁ । ସମ୍ପର୍କଟି ଯେତେ ଅଧିକ ସମ୍ପୂର୍ଣ୍ଣ ହେଉଥିବ, ସେହି ସାମର୍ଥ୍ୟଟି ମଧ୍ୟ ସେତିକି ବଢ଼ିବାରେ ଲାଗିଥିବ ।

ଏହା ସତ୍ତାର ବାହ୍ୟ ସମ୍ଭାବନାଗୁଡ଼ିକ ଉପରେ ମଧ୍ୟ ନିର୍ଭର କରିବ । ମାତ୍ର ମୁଁ ସେହି କଥାଟିକୁ ତୁମମାନଙ୍କୁ ଏକାଧିକ ବାର ବୁଝାଇ ଦେଇଛି, ମୁଁ ତୁମମାନଙ୍କୁ କହିଛି ଯେ ଚୈତ୍ୟ ସତ୍ତାର ସମ୍ପର୍କରେ ଆସିଯାଇ ପାରିଲେ କେତେଗୁଡ଼ିଏ ସାମର୍ଥ୍ୟର ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ବିକାଶ ହୋଇ ଆସିଥାଏ । ଉଦାହରଣସ୍ୱରୂପ, ଏପରି ଅନେକ ଲୋକ, ଯେଉଁମାନଙ୍କର କି ଆଦୌ କୌଣସି ବୁଦ୍ଧିଗତ ଶିକ୍ଷା ନଥାଏ, ମାତ୍ର ସେମାନେ ହଠାତ୍ ବେଶ୍ ଏକ ଶକ୍ତିଶାଳୀ ଅଭିବ୍ୟକ୍ତିସାମର୍ଥ୍ୟର ଅଧିକାରୀ ହୋଇ ପାରନ୍ତି, ଯାହାକି ଏହିପରି ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେ ସେମାନଙ୍କ ପାଖକୁ ଆସିଥାଏ, ଚୈତ୍ୟ ସତ୍ତା ସହିତ ରହିଥିବା ସେହି ଅନ୍ତର୍ଗତ ସମ୍ପର୍କଟିରୁହିଁ ଉଦ୍ଭୂତ ହୋଇଥାଏ ।

ଶ୍ରୀଅରବିନ୍ଦ ଏଠାରେ "ସାଂସ୍କୃତିକ ଶୀତଳୀକରଣ" କଥା କହିଛନ୍ତି ।

'oaob.nitrkl.ac.in' images reprocessed

କେଉଁ କଥା ?

ସିଏ ଲେଖିଛନ୍ତି : "ଠିକ୍ ଏହିପରି ଏକ ଧର୍ମଗତ-ନୈତିକ ବୋଧ ଦ୍ୱାରହିଁ ବିଶ୍ୱହିତେଚ୍ଛା, ବିଶ୍ୱକରୁଣା ବା ଆପଣାର ପ୍ରତିବେଶୀକୁ ଶ୍ରଦ୍ଧା କରିବା ଓ ତାହାର ସେବା କରିବାର ବୈଦାନ୍ତିକ, ବୌଦ୍ଧ ଏବଂ ଖ୍ରୀଷ୍ଟୀୟ ଆଦର୍ଶଗୁଡ଼ିକର ସୃଷ୍ଟି ହୋଇଥିଲା । କେବଳ କୌଣସି ନା କୌଣସି ପ୍ରକାରର ସାଂସାରିକ ଶୀତଳୀ-କରଣ ଦ୍ୱାରହିଁ ଆପଣା ଭିତରେ ରହିଥିବା ଧର୍ମୋପାଦାନର ଉଗ୍ର କତାଟିକୁ ନିର୍ବାପିତ କରିଦେଇ ମନୁଷ୍ୟହିତକାମୀ ଆଦର୍ଶଟି ଆପଣାକୁ ସକଳ ପାଶରୁ ମୁକ୍ତ କରି ଆଣିଥାଏ। ଏବଂ ଏକ ମାନସିକ ତଥା ନୈତିକ ଆଗ୍ରହଧର୍ମର ସାଂସାରିକ ମାର୍ଗର ଉଚ୍ଚତମ ସ୍ତରରେ ପରିଣତ ହୋଇ ପାରିଥାଏ। ।"

ତତ୍ରୈବ, ପୃଷ୍ଠା-୧୪୬

ହଁ, ଏହିପରି ଏକ ଜଡ଼ବାଦୀ ଓ ସମ୍ପୂର୍ଣ୍ଣ ଭୌତିକ ସ୍ତରର ଭାବନାହିଁ ଆମର ସଂବେଗଗୁଡ଼ିକୁ କାଳୁଆ କରିପକାଏ ଓ ଘନ କରି ବସାଇଦିଏ, ଆତ୍ମାର ସବୁଯାକ ଉଷ୍ଣତାକୁ ହରଣ କରି ନେଇଯାଏ, ସଂବେଗଗୁଡ଼ିକର ଓ ଧର୍ମଗତ ଚେତନାର ସକଳ ଶକ୍ତି ଓ ଉତ୍ସାହକୁ ହରଣ କରିନିଏ ଏବଂ ତୁମକୁ ରୁକ୍ଷ ଶୀତଳ ଭାବରେ ବୁଦ୍ଧିନିର୍ଭରଶୀଳ କରି ଛାଡ଼ିଦେଇ ଯାଏ ।

ମାଆ, ଯଦି ହୃଦୟ ଏକ ଅଧିକ ଅପରୋକ୍ଷ ଜ୍ଞାନର ସାଧନରୂପେ କାର୍ଯ୍ୟ କରିପାରେ, ତେବେ ଜ୍ଞାନକ୍ଷେତ୍ରରେ ଏକ ଅନ୍ତର୍ବର୍ତ୍ତୀ ଉପାଦାନରୂପେ ପୁଣି ବୁଦ୍ଧିର କି ଭୂମିକା ରହିବ ?

ଏକ ମଧ୍ୟବର୍ତ୍ତୀ ଉପାଦାନରୂପେ ବୋଲି ତୁମେ କହିଲ ନା ?

କାରଣ, କର୍ମର ନିର୍ମାଣ ଏବଂ ସଂଗଠନ କରିବା ହେଉଛି ମନର ପ୍ରକୃତ କାମ । ମନର ଏହି ନିର୍ମାଣ କରିବାର ଶକ୍ତି ରହିଛି, ସଂଗଠନ କରିବାର ଶକ୍ତି ବି ରହିଛି ଏବଂ ତାହାହିଁ କର୍ମ ଲାଗି, କର୍ମର ସଂଗଠନ ଲାଗି ଆମ ପ୍ରେରଣାର ବିଭିନ୍ନ ଉପାଦାନକୁ ଶୃଙ୍ଖଳାବଦ୍ଧ କରି ରଖିଥାଏ । ଏବଂ ଯଦି ମନ ଆପଣାର ସେହି

'oaob.nitrkl.ac.in' images reprocessed

ଭୂମିକାଟି ଗ୍ରହଣ କରିବାରେହିଁ ଆପଣାକୁ ସୀମିତ କରି ରଖନ୍ତା, କେବଳ ପ୍ରେରଣା-ଗୁଡ଼ିକୁ ଗ୍ରହଣ କରିବାରେହିଁ ସୀମାବଦ୍ଧ ହୋଇ ରହିପାରନ୍ତା,—ସେହି ପ୍ରେରଣା ଊର୍ଦ୍ଧ୍ୱରୁ ଆସୁଥାଉ ବା ଆତ୍ମାର ସେହି ତତ୍ତ୍ୱରହସ୍ୟଗତ କେନ୍ଦ୍ରଟିରୁ ଆସୁଥାଉ ପଛକେ, ଯଦି ତାହାର ମଧ୍ୟରେ ସୀମିତ ହୋଇ ରହନ୍ତା, ଯଦି ତାହା କେବଳ କର୍ମ କରିବାର ଯୋଜନାଟିକୁହିଁ ସୂତ୍ରବଦ୍ଧ କରିବାରେ ଲାଗିଥାନ୍ତା, ଏକାବେଳକେ ମୋଟାମୋଟି ଭାବରେ ହେଉ ଅଥବା ବିଶଦ ଟିକିନିଖି ଭାବରେ ହେଉ, ଜୀବନର କ୍ଷୁଦ୍ରତମ ବସ୍ତୁଗୁଡ଼ିକ ସମ୍ବନ୍ଧରେ ହେଉ ଅଥବା ଏହି ବୃହତ୍ ପୃଥିବୀର ବଡ଼ ବଡ଼ ସଂଗଠନଗୁଡ଼ିକ ସମ୍ବନ୍ଧରେ ହେଉ, ଯଦି ମନ କେବଳ ସେହିଗୁଡ଼ିକ ସହିତ ଆପଣାର କାର୍ଯ୍ୟ କରି ଯାଉଥାନ୍ତା, ତେବେ ତାହା ଆପଣାର କାର୍ଯ୍ୟଟିକୁ ନିଶ୍ଚୟ ପର୍ଯ୍ୟାପ୍ତ ଭାବରେ ସମ୍ପାଦନ କରି ପାରୁଥାନ୍ତା ।

ମନକୁ ଆମେ ଜ୍ଞାନର ଏକ ନିମିତ୍ତ ବୋଲି ଆଦୌ କହି ପାରିବା ନାହିଁ ।

ମାତ୍ର ମନ କର୍ମ ଲାଗି ଜ୍ଞାନକୁ ବ୍ୟବହାର କରିପାରିବ, କର୍ମର ସଂଗଠନ କରିବା ଲାଗି ତାହାକୁ ବ୍ୟବହାର କରିପାରିବ । ମନ ହେଉଛି ସଂଗଠନର ସାଧନ, ନିର୍ମାଣର ସାଧନ; ଏହାର ଉତ୍ତମ ବିକାଶ ହୋଇ ପାରିଲେ ତାହା ଏକ ଅତ୍ୟନ୍ତ ଶକ୍ତିଶାଳୀ ଏବଂ ଅତ୍ୟନ୍ତ ସମର୍ଥ ସାଧନରୂପେ କାର୍ଯ୍ୟ କରି ପାରିବ ।

ଉଦାହରଣସ୍ୱରୂପ, ନିଜର ଜୀବନଟିକୁ ସଂଗଠିତ କରିବା ଲାଗି ଇଚ୍ଛା କରୁଥିଲେ ଆମେ ଏହି କଥାଟିକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅନୁଭବ କରିପାରିବା, ଆପଣାର ଜୀବନକ୍ଷେତ୍ରରେ ରହିଥିବା ବିଭିନ୍ନ ଉପାଦାନକୁ ଯେଉଁ ଯେଉଁ ସ୍ଥାନରେ ରଖିବାକୁ ଚେଷ୍ଟା କଲେ ଆମେ ସେହି କଥାଟିକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅନୁଭବ କରିପାରିବା । ଏପରି ଗୋଟିଏ ନିର୍ଦ୍ଦିଷ୍ଟ ବୁଦ୍ଧିଗତ ସାମର୍ଥ୍ୟ ରହିଛି, ଯାହାକି ତତ୍‌କ୍ଷଣାତ୍ ପ୍ରତ୍ୟେକ ବସ୍ତୁକୁ ତା'ର ନିଜ ଜାଗାରେ ଆଣି ରଖିବାରେ ସମର୍ଥ ହୋଇଥାଏ, ଏକ ଯୋଜନା କରିନିଏ ଓ ସବୁଗୁଡ଼ିକୁ ସଂଗଠିତ କରିଅଣେ । ଏବଂ ଏହି ଜ୍ଞାନଟି କଦାପି ମନରୁ ଆସେ ନାହିଁ, ମାତ୍ର, ମୁଁ ଯେପରି ଆଗରୁ କହୁଥିଲି, ତାହା ଆତ୍ମାର ସେହି ତତ୍ତ୍ୱରହସ୍ୟକ୍ଷେତ୍ରର ଗଭୀର ମଧ୍ୟରୁ ଆସିଥାଏ, ଏକ ଉଚ୍ଚତର ଚେତନାରୁହିଁ ଆସିଥାଏ । ଏବଂ ମନ ତାହାକୁ ଏହି ଭୌତିକ ଜଗତ ଉପରକୁ ସଂକେନ୍ଦ୍ରିତ କରିଆଣେ ଏବଂ ଉଚ୍ଚତର ଚେତନା ଲାଗି ଏକ କର୍ମଭୂମି ଯୋଗାଇ-ଦେଇ ପାରିବା ଲାଗି ତାହାକୁ ସଂଗଠିତ କରି ରଖେ ।

ନିଜ ଜୀବନଟିକୁ ସଂଗଠିତ କରିବାକୁ ଇଚ୍ଛା କଲାବେଳେ ଏହି କଥାଟିକୁ ଭାରି ସ୍ପଷ୍ଟ ଭାବରେ ଅନୁଭବ କରି ହୁଏ ।

ତା'ପରେ, ଏହାର ଆଉ ଏକ ଉପଯୋଗିତା ମଧ୍ୟ ରହିଛି । ଯେତେବେଳେ ଆମେ ଆମର ବୁଦ୍ଧି ସହିତ ସଂଯୁକ୍ତ ହୋଇ ରହିଥାଉ, ବୁଦ୍ଧିକେନ୍ଦ୍ରର ସେହି

'oaob.nitrkl.ac.in' images reprocessed

ସୃଷ୍ଟିମୂଳ ଶୁଦ୍ଧ ଜଡ଼ବସ୍ତୁ ସହିତ ସଂଯୁକ୍ତ ହୋଇ ରହିଥାଏ, ସେତେବେଳେ ଯାବତୀୟ ପ୍ରାଣିକ ଆବେଗ ଉପରେ ମଧ୍ୟ ଆମର ଏକ ଶକ୍ତିଶାଳୀ ନିୟନ୍ତ୍ରଣ ରହିଥାଏ । ପ୍ରାଣିକ ଜଗତରୁ ଆଗତ ଯାବତୀୟ ବସ୍ତୁକୁ ତାହା ଅତ୍ୟନ୍ତ କଠୋର ଭାବରେ ନିୟନ୍ତ୍ରିତ କରି ରଖିପାରେ, ସେଗୁଡ଼ିକୁ ଯେକୌଣସି ଶୃଙ୍ଖଳିତ ଓ ସଂଗଠିତ କାର୍ଯ୍ୟରେ ବ୍ୟବହାର ମଧ୍ୟ କରିପାରେ । ମାତ୍ର, କେବଳ ପରିତୃପ୍ତି ପାଇଁ କାର୍ଯ୍ୟ ନ କରି ତାହା ଆପଣାକୁ ଆଉ କାହାର ସେବାରେ ନିୟୋଜିତ କରି ରଖିଥିବା ଉଚିତ ।

ମନର ଏହି ଦୁଇଟି ଉପଯୋଗିତା : ମନ ହେଉଛି ଏକ ନିୟନ୍ତ୍ରଣକାରୀ ଶକ୍ତି, ନିୟନ୍ତ୍ରଣର ଗୋଟିଏ ସାଧନ; ଏବଂ ଏହା ହେଉଛି ସଂଗଠିତ କରି ରଖି ପାରୁଥିବା ଗୋଟିଏ ଶକ୍ତି । ତାହାହିଁ ମନର ଯଥାର୍ଥ ସ୍ଥାନ, ଯଥାର୍ଥ ଭୂମିକା ।

ମାଆ, କେବଳ ପ୍ରେମ ଦ୍ୱାରା କ'ଣ ଦିବ୍ୟ ପରମସତ୍ତାଙ୍କର ଉପଲବ୍ଧି ସମ୍ଭବ ହେବ ?

ହଁ, ହଁ, ନିଶ୍ଚୟ ହେବ । ଏହାକୁ ତ ସବୁଠାରୁ ସିଧା ବାଟ ବୋଲି ବି କୁହାଯାଇ ପାରିବ ।

ଆମେ ପରମ ଦିବ୍ୟସତ୍ତାଙ୍କୁ ଉପଲବ୍ଧି କରିପାରିବା, ଅର୍ଥାତ୍ ପରମ ଦିବ୍ୟସତ୍ତାଙ୍କ ସହିତ ଏକାତ୍ମକତା ଅର୍ଜନ କରି ପାରିବା, ପରମ ଦିବ୍ୟସତ୍ତାଙ୍କ ବିଷୟରେ ସଂପୂର୍ଣ୍ଣ ଭାବରେ ସଚେତନ ହୋଇପାରିବା ଏବଂ ତାଙ୍କର ଏକ ନିମିତ୍ତରୂପେ କାର୍ଯ୍ୟ କରି ପାରିବା । ମାତ୍ର, ଏକଥା ଅତ୍ୟନ୍ତ ସହଜରେ ବୁଝି ହେବ ଯେ ଏହା ଦ୍ୱାରା ପୂର୍ଣ୍ଣଯୋଗର ଉପଲବ୍ଧି ହୋଇ ପାରିବ ନାହିଁ, କାରଣ ଏହି କ୍ଷେତ୍ରରେ ଯେଉଁ ଉପଲବ୍ଧି ଘଟିବ, ତାହା କେବଳ ଗୋଟିଏ ମାର୍ଗରେହିଁ ଘଟିବ । ମାତ୍ର, ଦିବ୍ୟ ପରମସତ୍ତାଙ୍କ ସହିତ ଏକାତ୍ମକତା ଅର୍ଜନ କରିବାର ଦୃଷ୍ଟିରୁ ବିଚାର କରି ଦେଖିଲେ ଏହାକୁହିଁ ସବୁଠାରୁ ଅଧିକ ସିଧା ରାସ୍ତା ବୋଲି ଗ୍ରହଣ କରାଯାଇ ପାରିବ ।

ମା'ଗୋ ମନର ବିକାଶ ହୋଇ ନଥିଲେ ତ ଆମେ ଦିବ୍ୟ ପରମ ସତ୍ତାଙ୍କୁ ପ୍ରକାଶହିଁ କରି ପାରିବା ନାହିଁ !

ବୁଦ୍ଧି ଦେଇ ତାଙ୍କୁ କଦାପି ପ୍ରକାଶ କରାଯାଇ ପାରିବ ନାହିଁ, ମାତ୍ର ତାଙ୍କୁ କର୍ମ ଦ୍ୱାରା ପ୍ରକାଶ କରାଯାଇ ପାରିବ, ଅନୁଭୂତିଗୁଡ଼ିକ ମଧ୍ୟଦେଇ

'oaob.nitrkl.ac.in' images reprocessed

ପ୍ରକାଶ କରାଯାଇ ପାରିବ, ତାଙ୍କୁ ଆମ ଜୀବନ ମଧ୍ୟରେ ପ୍ରକାଶ କରାଯାଇ ପାରିବ ।

(ମାଆ ନୀରବ ରହିଲେ)

ମାଆ, କିରଣ ଲାଗୁଥିବା ବେଳେ ସେହି ନୈରାଶ୍ୟ ଦୀର୍ଘକାଳ ସ୍ଥାୟୀ ହୋଇ ରହେ; ମାତ୍ର, କୌଣସି ବିଶେଷ ପ୍ରକାରର ଆନନ୍ଦ ଅନୁଭବ କରୁଥିଲେ ତାହା ମୋଟେ ସ୍ଥାୟୀ ହୋଇ ରହେ ନାହିଁ ।

ହଁ, ସେଇଟା ବିଲକୁଲ୍ ସତ କଥା ।

ତେବେ ସେହି ଆନନ୍ଦକୁ ଅଧିକ ସ୍ଥାୟୀ କରିବାକୁ କ'ଣ କରିବା ଉଚିତ ?

ମାତ୍ର ତୁମ ସତ୍ତାର ସେହି ଗୋଟିଏ ଭାଗହିଁ କଦାପି ନୈରାଶ୍ୟ ଏବଂ ଆନନ୍ଦ ଉଭୟକୁ ଅନୁଭବ କରେ ନାହିଁ ।

ଯଦି ତୁମେ ସୁଖ ଅନୁଭବ କରିବାର କଥା କହୁଥାଅ, ତେବେ ପ୍ରାଣିକ ସ୍ତରର ସେହି ସୁଖାନୁଭୂତି ପ୍ରକୃତରେ ଭାରି କ୍ଷଣସ୍ଥାୟୀ ହୋଇ ରହେ । ଏବଂ, ମୁଁ ଭାବୁଛି ଯେ, ଜୀବନ ବର୍ତ୍ତମାନ ଯେଉଁପରି ହୋଇ ରହିଛି, ସେହି ଜୀବନରେ ପ୍ରସନ୍ନତା ତୁଳନାରେ ଅପ୍ରସନ୍ନତାରହିଁ ଅଧିକ ସ୍ଥାନ ରହିଛି । ତୁଚ୍ଛା ସୁଖ ଆସିବା ମାତ୍ରକେ ପୁଣି କୁଆଡ଼େ ଚାଲିଯିବାକୁ ଇଚ୍ଛା କରୁଥାଏ, କାରଣ ସୁଖର ସେହି ଗୋଟିଏ ପ୍ରକାରର ସ୍ପନ୍ଦନକୁ ଯଦି କିଛିତ୍ ପରିମାଣରେ ଅଧିକ ସମୟ ସ୍ଥାୟୀ କରି ରଖାଯାଏ, ତେବେ ତାହା କ୍ରମେ ଏକ ବିରକ୍ତିରେ ପରିଣତ ହୁଏ, ଏପରିକି ତାହାକୁ ଛାଡ଼ି ପଳାଇ ଯିବାକୁ ମନ ହୁଏ; ସେହି ଗୋଟିଏ ପ୍ରକାରର ସ୍ପନ୍ଦନ ଲାଗି ରହିଥିଲେ ଏହିପରି ହୋଇଥାଏ ।

ଖାଲି ସୁଖର ଅନ୍ୱେଷଣ କଲେ ସୁଖ ପଳାଇ ଯିବାରେ ଲାଗିଥାଏ । ମାତ୍ର ଯଦି ତୁମେ ଆନନ୍ଦର କଥା କହୁଥାଅ, ତେବେ ତାହା ସୁଖଠାରୁ ଏକ ସମ୍ପୂର୍ଣ୍ଣ ଭିନ୍ନ କଥା, ଆନନ୍ଦ ହେଉଛି ହୃଦୟ ଭିତରେ ଗୋଟାଏ ପ୍ରକାରର ଉଷ୍ଣତା ଏବଂ ଗୋଟାଏ ପ୍ରକାରର ସନ୍ଦୀପନ,—ଅମେ ଅମ ମନ ଭିତରେ ମଧ୍ୟ ଆନନ୍ଦ ଅନୁଭବ କରିପାରିବା, ମାତ୍ର ଅନନ୍ଦିତ ହୋଇ ରହିଥିବା ବେଳେ ଆମେ ଭିତରେ

'oaob.nitrkl.ac.in' images reprocessed

କୌଣସି ନା କୌଣସି ସ୍ଥାନରେ ଏକ ପ୍ରକାରର ଉଷ୍ଣତା ଏବଂ ଉଲ୍ଲସିତ ସନ୍ଦୀପନ ନିଶ୍ଚୟ ଅନୁଭବ କରୁଥିବା । ଆନନ୍ଦ ହେଉଛି ଏପରି ଏକ ସାମର୍ଥ୍ୟ, ଯାହାର୍ଙ୍କ ଏପର୍ଯ୍ୟନ୍ତ ମଧ୍ୟ ସଂପୂର୍ଣ୍ଣ ବିକାଶ ହୋଇ ପାରି ନାହିଁ ଏବଂ ତାହାକୁ ଅନୁଭବ କରିବାକୁ ହେଲେ ମନୋଭୂମିରେ ଯେଉଁଭଳି ଏକ ଅବସ୍ଥାର ଆବଶ୍ୟକତା ରହିଥାଏ, ଅମେ କ୍ୱଚିତ୍‌ହିଁ ସେହି ଅବସ୍ଥାରେ ରହିଥାଉ । ଏବଂ ସେଇଥିଲାଗି ତାହା ଆମ ପାଖକୁ ଆସି ପୁଣି ପଳାଇ ଯିବାରେ ଲାଗିଥାଏ । ତା' ନହେଲେ, ଆମ ସତ୍ତାର ପ୍ରତ୍ୟେକଟିର କ୍ଷେତ୍ରରେ ଆନନ୍ଦ ସତତ ଅବସ୍ଥାନ କରୁଥାଏ; ତାହା ତୁମର ଅସଲ ଆତ୍ମସତ୍ତାଟି ମଧ୍ୟରେ, ତୁମର ଆତ୍ମାରେ, ତୁମର ଚୈତ୍ୟସତ୍ତା ମଧ୍ୟରେ ଅନୁକ୍ଷଣ ବିଦ୍ୟମାନ ରହିଥାଏ ।

ମାତ୍ର ଏଇଟିର ସୁଖ ସହିତ ଆଦୌ କୌଣସି ସମ୍ବନ୍ଧ ନାହିଁ, ଆନନ୍ଦ କହିଲେ ଏକ ପ୍ରକାରର ଅନ୍ତର୍ଗତ ହର୍ଷକୁହିଁ ବୁଝାଏ ।

ଆପଣାର ଚୈତ୍ୟସତ୍ତା ସମ୍ବନ୍ଧରେ ପୂର୍ଣ୍ଣ ଭାବରେ ସଚେତନ ହୋଇ ପାରି ନଥିଲେ ସେହି ଆନନ୍ଦକୁ ଅନୁଭବ କରିବା ଲାଗି ଆମେ ଖୁବ୍ କ୍ୱଚିତ୍ ଏକ ଅନୁକୂଳ ଅବସ୍ଥାରେ ରହିଥାଉ । ସେଇଥିଲାଗି ସେହି ଆନନ୍ଦଟି ଆସୁଥାଏ ଓ ପୁଣି ପଳାଇ ଯାଉଥାଏ; କାରଣ ମନୋଭୂମିର ଯେଉଁ ସ୍ଥିତି ରହିଥିଲେ ଆମେ ତାହାକୁ ଅନୁଭବ କରିବାକୁ ସମର୍ଥ ହେଉଆନ୍ତେ, ସେହି ସ୍ଥିତିଟି ଅଧିକାଂଶ ସମୟରେହିଁ ଆମ ଭିତରେ ନଥାଏ । ବରଂ, ଆମେ ପ୍ରାୟ ଅନୁକ୍ଷଣ ଏକ ଅତିସାଧାରଣ ପ୍ରାଣିକ ଅବସ୍ଥା ମଧ୍ୟରେ ରହିଥାଉ, ଯେଉଁଠାରେ କି ଏତେଟିକିଏ ଅପ୍ରୀତିକର ବସ୍ତୁ ମଧ୍ୟ ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେ ଓ ଅତି ସହଜରେ ଆମକୁ ନୈରାଶ୍ୟ ଆଣିଦେବାରେ ସମର୍ଥ ହୋଇଥାଏ । ଯଦି ଆମେ ସ୍ୱଭାବରେ ଦୁର୍ବଳ ହୋଇଥାଉ, ତେବେ ନୈରାଶ୍ୟ ଆଣି ଦିଏ, ଏବଂ ଯଦି ସବଳ ହୋଇଥାଉ, ତେବେ ଆମ ଭିତରେ ତାହା ଏକ ବିଦ୍ରୋହର ଭାବ ଉତ୍ପନ୍ନ କରେ । ଆମର ଯେଉଁସବୁ ବାସନା ଅତୃପ୍ତ ହୋଇ ରହିଯାଏ, ଆମର ଯେଉଁସବୁ ଆବେଗ ବାଧାପ୍ରାପ୍ତ ହୁଏ, ବାହ୍ୟ ବସ୍ତୁଗୁଡ଼ିକର ସଂପର୍କରେ ଆମେ ଯେତେଥର ଅସୁଖ ଅନୁଭବ କରୁ, ତାହା ଅତ୍ୟନ୍ତ ସହଜରେ ଓ ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେ ଆମ ଭିତରେ ନୈରାଶ୍ୟ ଅଥବା ବିଦ୍ରୋହର ସୃଷ୍ଟି କରୁଥାଏ; କାରଣ ବସ୍ତୁଗୁଡ଼ିକ ସାଧାରଣତଃ ସେହି ଅବସ୍ଥାରେହିଁ ରହିଥାଏ, ବର୍ତ୍ତମାନ ଯେପରି ଅଛି, ଜୀବନର କ୍ଷେତ୍ରରେ ଠିକ୍ ସେହିପରି ସାଧାରଣ ହୋଇ ରହିଥାଏ । ମାତ୍ର ଆନନ୍ଦକୁ ସର୍ବଦା ଏହାଠାରୁ ଭିନ୍ନ ଏକ ବିଶେଷ ଅବସ୍ଥା ବୋଲିହିଁ କୁହାଯିବ ।

ତେଣୁ ଯଦି ସୁଖ, କେବଳ ସୁଖ ଆଣି ଦେଉଥିବା ଏକ ବାହ୍ୟ ବୋଧ ବ୍ୟତୀତ ଯାହାକୁ ଅମେ ଅଉ କିଛି ବୋଲି କହି ପାରିବା ନାହିଁ, ଯଦି ସୁଖ

'oaob.nitrkl.ac.in' images reprocessed

ବେଶ୍ କିଛି କାଳ ସ୍ଥାୟୀ ହୋଇ ରହିପାରେ, ତେବେ ତାହାର ଆକର୍ଷଣହିଁ ଯେ କ୍ରମଶଃ ଚାଲି ଯାଉଥାଏ ତା' ନୁହେଁ, ମାତ୍ର ତାହା ପରିଶେଷରେ ଏକ ଅସୁଖକରତାରେ ମଧ୍ୟ ପରିଣତ ହୋଇଥାଏ । ତା'ପରେ ତାହାକୁ ଆଉ ଅଧିକ ସମୟ ପର୍ଯ୍ୟନ୍ତ ମୋଟେ ସହ୍ୟ କରି ହୁଏ ନାହିଁ । ତେଣୁ, ବର୍ତ୍ତମାନ ଖୁବ ସହଜରେ ଆମେ ବେଶ୍ ବୁଝି ପାରୁଥିବା ଯେ ସୁଖ ଆସୁଥାଏ ଓ ପୁଣି ପଳାଇ ଯାଉଥାଏ । ଅର୍ଥାତ୍, ଯେଉଁ ବସ୍ତୁଟି ଆଜି ତୁମକୁ ସୁଖ ଆଣି ଦେଉଛି—ଠିକ୍ ସେହି ସ୍ପନ୍ଦନଟି—କିଛି ସମୟ ଗତ ହୋଇ ଯିବା ପରେ ଆଉ ସେଇଟିକୁ ଦେଇ ପାରେ ନାହିଁ । ଏବଂ ଯଦି ତାହା ସ୍ଥାୟୀ ହୋଇ ରହିବାକୁ ଆରମ୍ଭ କରେ, ତାହା କ୍ରମଶଃ ଅସୁଖକର ହେବାକୁ ମଧ୍ୟ ଆରମ୍ଭ କରେ । ତେଣୁ ସୁଖକୁ କଦାପି ଅଧିକ ସମୟ ଲାଗି ଲାଭ କରି ହୁଏ ନାହିଁ ।

କେବଳ ଆନନ୍ଦହିଁ ସ୍ଥାୟୀ ହୋଇ ରହିପାରେ; ଯଦି ତୁମେ ଏହି ଆନନ୍ଦଟିକୁ ଚିରନ୍ତନ ଭାବରେ ଧାରଣ କରି ରଖିଥିବା ତୁମ ସତ୍ତାଗତ ସତ୍ୟଟି ସହିତ ସମ୍ପର୍କଯୁକ୍ତ ହୋଇ ରହିପାର, ତେବେ ସେହି ଆନନ୍ଦ ସ୍ଥାୟୀ ହୋଇ ରହିପାରେ ।

> ମାଆ, ହୃଦୟ ଭିତରେ ଏକାବେଳକେ ଦୁଇଟି କ୍ରିୟା ହେଉଥାଏ : ଗୋଟିଏ ହେଉଛି ପ୍ରାଣିକ ଆବେଗର କ୍ରିୟା, ଆରଟି ହେଉଛି ଶୁଦ୍ଧ ସଂବେଗକ୍ଷେତ୍ରର କ୍ରିୟା । ଏପରି ଏକ ସମ୍ମିଶ୍ରଣ ସମ୍ଭବ ହୁଏ କିପରି ?

ଏହି ସମ୍ମିଶ୍ରଣ କିପରି ଘଟେ ?

> ହିଁ, କାରଣ ଦୁଇଟିଯାକ ତ ସେହି ହୃଦୟର କ୍ଷେତ୍ରରେହିଁ ରହିଥାନ୍ତି, ନୁହେଁ କି ?

ତଥାପି ଏକା ସ୍ଥାନରେ ନଥାନ୍ତି ।

ତୁମର ବୁଝିବା ଉଚିତ ଯେ ଏଠାରେ ଆମର ଶରୀରସ୍ଥ ହୃତ୍‌ସ୍ପନ୍ଦନଟି ବିଷୟରେ ଆଦୌ କୁହା ଯାଉ ନାହିଁ । ମାତ୍ର ଏଠାରେ ଥିବା ଏହି କେନ୍ଦ୍ରଟି ବିଷୟରେ କୁହାଯାଉଛି (ମାଆ ବକ୍ଷର ମଧ୍ୟଭାଗକୁ ଦେଖାଇଦେଲେ) । ମାତ୍ର ଗଭୀରତା ମଧ୍ୟ ଭିନ୍ନ ଭିନ୍ନ ମାତ୍ରାର ରହିଛି । ତୁମେ ଯେତିକି ଯେତିକି ଉପରିଭାଗକୁ ଆସୁଥିବ,

'oaob.nitrkl.ac.in' images reprocessed

ତାହା ସେତିକି ଅଧିକ ପରିମାଣରେ ମିଶ୍ରିତ ହୋଇ ପଡ଼ୁଥିବ, ସ୍ୱଭାବତଃହିଁ ପ୍ରାଣିକ ଆବେଗଗୁଡ଼ିକ ସହିତ ମିଶ୍ରିତ ହୋଇ ପଡ଼ୁଥିବ, ଏପରିକି ସମ୍ପୂର୍ଣ୍ଣ ଭାବରେ ଭୌତିକ ହୋଇ ରହିଥିବା ନାନା ପ୍ରତିକ୍ରିୟା ଏବଂ ନାନା ବୋଧ ସହିତ ଭାରି ମିଶ୍ରିତ ହୋଇ ପଡ଼ୁଥିବ । ତୁମେ ଯେତିକି ଯେତିକି ଅଧିକ ଗଭୀରକୁ ଯିବ, ମିଶ୍ରଣର ମାତ୍ରା ସେତିକି ନ୍ୟୁନ ହୋଇ ଯାଉଥିବ । ଏବଂ ଯଦି ତୁମେ ଯଥେଷ୍ଟ ଗଭୀରକୁ ଯାଇ ପାରିବ, ତେବେ ତୁମର ଅନୁଭୂତିଟି ଏକାନ୍ତ ଶୁଦ୍ଧ ହୋଇ ପାରିବ, ତାହା ସେହି ଗଭୀର ତଳରେ ଯାଇ ରହିଥିବ । ତେଣୁ, ଏହା ହେଉଛି ଗଭୀରତାର ଏକ ପ୍ରଶ୍ନ ।

ଅମେ ସର୍ବଦାହିଁ ନିଜକୁ ବାହାର ଆଡ଼କୁ ନିକ୍ଷିପ୍ତ କରିଦେବାରେ ଲାଗିଛୁ; ସଚେତଅବା ଆମ ଜୀବନର ସକଳ ମୁହୂର୍ତ୍ତରେ ଆମେ ଆପଣାର ବାହାରେ ବାହାରେହିଁ ରହିଛୁ । ଆମ ଇନ୍ଦ୍ରିୟଗତ ବୋଧଗୁଡ଼ିକ ଏପରି ଉପରିଭାଗସ୍ଥ ହୋଇ ରହିଛି ଯେ ଆମେ ପ୍ରାୟ ସଚେତଅବା ଆପଣାର ବାହାରେହିଁ ଅବସ୍ଥାନ କରିବାରେ ଲାଗିଛୁ । ଯେତେବେଳେ ଅମେ ଆପଣା ଆଡ଼କୁ କିଞ୍ଚିତ୍ ପରିମାଣରେ ଅବଲୋକନ କରିବାକୁ ଇଚ୍ଛା କରୁଛୁ, ଆପଣାକୁ କିଞ୍ଚିତ୍ ପରିମାଣରେ ନିଜସ୍ୱଭାବକୁ ଜାଣିବା ଲାଗି ଇଚ୍ଛା କରୁଛୁ, ନିଜ ଭିତରେ କ'ଣସବୁ ଘଟୁଛି, କେବଳ ସେତିକି ଜାଣିବାକୁ ଇଚ୍ଛା କରୁଛୁ, ସେତେବେଳେ ଆମେ ପଛକୁ ଅପସରି ଆସିବାକୁ, ଆପଣା ଆଡ଼କୁ ପ୍ରତ୍ୟାହୃତ ହୋଇ ଆସିବାକୁ ବାଧ୍ୟ ହେଉଛୁ; ଯାହାକିଛି ଅନବରତ ସେହିପରି ବାହାରେ ରହିଛି, ତାହାକୁ ଭିତର ଆଡ଼କୁ ଟାଣି ଆଣିବାକୁ ଚେଷ୍ଟା କରୁଛୁ । ଏବଂ ଉପରିଭାଗସ୍ଥ ଏହି ବସ୍ତୁଟିହିଁ ଯାବତୀୟ ବାହ୍ୟ ସଂସ୍ପର୍ଶକୁ ଯାଇ ଭେଟୁଛି, ତାକୁ ଅନ୍ୟମାନଙ୍କଠାରୁ ଆସୁଥିବା ସମଧର୍ମୀ ସ୍ପନ୍ଦନଗୁଡ଼ିକ ସହିତ ସମ୍ପର୍କଯୁକ୍ତ କରାଉଛି । ତାହା ତୁମର ପ୍ରାୟ ବାହାରେହିଁ ଘଟିବାରେ ଲାଗିଛି ।

ଆମେ ତାହାକୁହିଁ ସାଧାରଣ ଚେତନାର ଏହିପରି ସତତ ଭାବରେ ବହିର୍ଗତ ହୋଇଯିବା ବୋଲି ଜାଣିବା ।

ଉଦାହରଣସ୍ୱରୂପ, ଗୋଟିଏ ଗତିସ୍ପନ୍ଦନକୁ, ସତ୍ତାର ଚୈତ୍ୟ ଗଭୀରଟି ମଧ୍ୟରୁ ଆସୁଥିବା ପ୍ରେରଣାଟିକୁ ବିଚାର କରି ଦେଖାଯାଉ । କାରଣ, ଯେଉଁମାନେ ଅପଣାର ଚୈତ୍ୟ ବିଷୟରେ ସଚେତନ ନଥାନ୍ତି, ଏହା ସେମାନଙ୍କ କ୍ଷେତ୍ରରେ ମଧ୍ୟ ଆସିଥାଏ, —ତାହା ଆମର ଗଭୀର ତଳଗୁଡ଼ିକରୁ ଏକ ପ୍ରେରଣାରୂପେ ସମାଗତ ହୋଇ ଆସିଥାଏ । ଏବଂ, ଆପଣାକୁ ବୋଧ ଏବଂ ଗୋଚର କରାଇ ପାରିବା ଲାଗି ତାହାକୁ ଉପରିଭାଗକୁ ଆସିବାକୁ ପଡ଼ିଥାଏ । ଏବଂ ଉପରିଭାଗରେ ଆସି ପହଞ୍ଚିବାର ପ୍ରକ୍ରିୟାଟିରେ ଏହା ଏପରି ଯାବତୀୟ ପ୍ରକାରର ବସ୍ତୁ ସହିତ ଗୋଳମିଶା ହୋଇଯାଏ, ଯେଉଁଗୁଡ଼ିକର କି ଏଇଟି ସହିତ ଆଦୌ କୌଣସି ସମ୍ବନ୍ଧ ନଥାଏ, ମାତ୍ର ଯେଉଁଗୁଡ଼ିକ ଏଇଟିକୁ ନେଇ କାମରେ ଲଗାଇବାକୁ ଇଚ୍ଛା କରୁଥାନ୍ତି ।

'oaob.nitrkl.ac.in' images reprocessed

ଉଦାହରଣସ୍ୱରୂପ, ଆମର ଗଭୀର ପ୍ରଦେଶଗୁଡ଼ିକରୁ ଯେମିତ ଏକ ପ୍ରେରକଶକ୍ତି ଉପରସ୍ତରକୁ ଉଠିବା ପାଇଁ ଆରମ୍ଭ କରେ, ପ୍ରାଣିକ ସତ୍ତାର ସବୁଯାକ ବାସନା ଏବଂ ଆବେଗ ମିଶି ଆପଣାର ତୃପ୍ତିବିଧାନ ସକାଶେହିଁ ସେଇଟିକୁ ଅକ୍ତିଆର କରିନିଅନ୍ତି । ବା, ପ୍ରଧାନତଃ ମନୋଗତ ସ୍ତରରେ ବାସ କରୁଥିବା ଲୋକମାନେ ସେମାନଙ୍କର ଅନୁଭୂତିଟିକୁ ବୁଝିବାକୁ ଓ ତାହାର ମୂଲ୍ୟାଙ୍କନ କରିବାକୁ ମଧ୍ୟ ଇଚ୍ଛା କରୁଥାନ୍ତି, ସେଇଟି ଉପରେ ଆପଣାର ରାୟ ଦେବାକୁ ଚାହୁଥାନ୍ତି । ସେମାନଙ୍କ କ୍ଷେତ୍ରରେ ମନହିଁ ଉପରଭାଗକୁ ଉତ୍ଥିତ ହୋଇ ଆସୁଥିବା ଏହି ପ୍ରେରଣା ବା ଶକ୍ତିଟିକୁ ଅକ୍ତିଆର କରି ନେଇଥାଏ, ଆପଣାର ନିଜର କାମରେ ଲଗିବା ସକାଶେ ଓ ଆପଣାର ପରିତର୍ପଣ ସକାଶେ ସେଇଟିକୁ ଅକ୍ତିଆର କରି ନେଇଥାଏ । ଏବଂ ତାହା ଫଳରେ ସେଇଟି ମିଶ୍ରିତ ହୋଇପଡ଼େ, ଏବଂ ତାହାର ଦ୍ୱାରାହିଁ ସବୁକିଛି ବିଗିଡ଼ିଯାଏ । ଏବଂ ଏହିପରି ସବୁବେଳେ ଘଟୁଥାଏ, ଅତ୍ୟନ୍ତ ଅବଶ୍ୟମ୍ଭାବୀ ଭାବରେହିଁ ଉପରସ୍ତରସ୍ଥ ଗତିସ୍ପନ୍ଦନଗୁଡ଼ିକ ଗଭୀର ତଳରୁ ଉନ୍ମେଷିତ ହୋଇ ଆସୁଥିବା ପ୍ରେରଣାଟି ମଧ୍ୟକୁ ଆପଣାକୁ ମିଶାଇ ନିଅନ୍ତି ଓ ସେଇଟିକୁ ବିକୃତ କରିପକାନ୍ତି । ସେଇଟିକୁ ଆବୃତ କରି ରଖନ୍ତି, ଅଶୁଦ୍ଧ କରି ପକାନ୍ତି, ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିଦିଅନ୍ତି, ତାହାକୁ ଏପରି ଅଧିକ ପରିମାଣରେ ବିକୃତ କରିଦିଅନ୍ତି ଯେ ସେଇଟିକୁ ଚିହ୍ନିବା ମଧ୍ୟ ଆଉ ସମ୍ଭବ ହୁଏ ନାହିଁ ।

> ଭିତରୁ ଉନ୍ମେଷିତ ହୋଇ ଆସୁଥିବା ପ୍ରେରଣାଟି ସହିତ ବାହ୍ୟ ଆବେଗଗୁଡ଼ିକର ଯେତେବେଳେ ସମ୍ପର୍କ ଘଟେ, ସେତେବେଳେ ସେମାନେ ନିଜେ ରୂପାନ୍ତରିତ ନହୋଇ ଓଲଟି ସେଇଟିକୁ ବିକୃତ କରି ପକାନ୍ତି କାହିଁକି ?

ଓ ହୋ ! ମାତ୍ର ଏଇଟି ହେଉଛି ଏକ ପାରସ୍ପରିକ କ୍ରିୟା । ଏବଂ ତାହା ସର୍ବଦା ଅନୁପାତଟି ଉପରେ ମଧ୍ୟ ନିର୍ଭର କରୁଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଭିତରୁ ଉତ୍ଥିତ ହୋଇ ଆସୁଥିବା ପ୍ରେରଣାଟି ମଧ୍ୟ ସକ୍ରିୟ ହୋଇ ରହିଥାଏ । ଏକଥା ମଧ୍ୟ ସତ ନୁହେଁ ଯେ ତାହା ସମ୍ପୂର୍ଣ୍ଣ ଭାବରେ ଗ୍ରାସରେ ପଡ଼ିଯାଏ ଓ ବିନଷ୍ଟ ହୋଇଯାଏ; ଏପରି ଆଦୌ ହୁଏ ନାହିଁ । ତାହା ନିଶ୍ଚିତ ଭାବରେ କାର୍ଯ୍ୟ କରୁଥାଏ, ମାତ୍ର ମିଶ୍ରିତ ବି ହୋଇ ପଡୁଥାଏ, ଆପଣାର ବିଶୁଦ୍ଧତାକୁ ହରାଇବସେ, ମୂଳ ଶକ୍ତିଟିକୁ ହରାଇବସେ । ମାତ୍ର ତଥାପି କିଛି ନା କିଛି ଅବଶ୍ୟ ଅବଶିଷ୍ଟ ଥାଏ ଏବଂ ଏହି କ୍ଷେତ୍ରରେ ପରିଣାମଟି ସମ୍ପୃକ୍ତ ଶକ୍ତିଗୁଡ଼ିକର ଅନୁପାତ

'oaob.nitrkl.ac.in' images reprocessed

ଉପରେହିଁ ନିର୍ଭର କରେ ଏବଂ ଏହି ଅନୁପାତଟି ବ୍ୟକ୍ତିବିଶେଷ ଅନୁସାରେ ଭିନ୍ନ ଭିନ୍ନ ହୋଇ ରହିଥାଏ ।

ଏହିପରି ଭାବରେ ଏପରି ଗୋଟିଏ ସମୟ ଆସି ପହଞ୍ଚେ, ଯେତେବେଳେ ନିଜ ବ୍ୟକ୍ତି ଇଚ୍ଛାକୃତ ଭାବରେ ସେହି ଗଭୀର ଅନ୍ତର୍ଗତ ପ୍ରେରଣାଟିକୁ ଆବାହନ କରିଆଣେ ଏବଂ ତାହାର ପାଖରେ ନିଜକୁ ସମର୍ପଣ କରିଦିଏ । ସେତେବେଳେ ସେହି ପ୍ରେରଣା ପ୍ରାୟ ସମ୍ପୂର୍ଣ୍ଣ ଶୁଦ୍ଧ ଭାବରେ ବ୍ୟକ୍ତି ମଧ୍ୟରେ ପ୍ରବେଶ କରିପାରେ ଏବଂ ଦିବ୍ୟ ପରମଇଚ୍ଛାଟି ଅନୁସାରେହିଁ ତାହାକୁ ସକ୍ରିୟ କରାଇପାରେ ।

ସମ୍ମିଶ୍ରଣଟି ଘଟିବା ଯେ ଅପରିହାର୍ଯ୍ୟ, ସେକଥା ମୋଟେ ନୁହେଁ । କେବଳ ଏତିକି କଥା ଯେ ଅଧିକାଂଶ ସ୍ଥଳରେହିଁ ଏହି ସମ୍ମିଶ୍ରଣ ଘଟିଥାଏ । ଏବଂ ବ୍ୟକ୍ତିବିଶେଷରେ ତାହାର ଅନୁପାତ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । କେତେକ ବ୍ୟକ୍ତିଙ୍କ କ୍ଷେତ୍ରରେ, ଯେତେବେଳେ ଅନ୍ତରସ୍ଥ ଚୈତ୍ୟସତ୍ତା କୌଣସି ଗୋଟିଏ ନିଷ୍ପତ୍ତି ଗ୍ରହଣ କରେ ଏବଂ ଗୋଟିଏ ଶକ୍ତିକୁ ବାହାରକୁ ପ୍ରେରଣ କରେ, ସେତେବେଳେ ତାହା ବେଶ୍ ଦୃଶ୍ୟମାନ ହୋଇ ରହିଥାଏ, ଦୃଶ୍ୟମାନ ଭାବରେ ଏକ ଚୈତ୍ୟ ପ୍ରେରଣା ହୋଇ ରହିଥାଏ । ଅନେକ ସମୟରେ ସତେଅବା ଏକ ପ୍ରକାରର ଛାୟା ଅତିକ୍ରମ କରି ଯାଉଥିଲା ପରି ଦେଖାଯାଏ, ଯାହାକି ମନଃକ୍ଷେତ୍ରରୁ ଅଥବା ପ୍ରାଣିକ କ୍ଷେତ୍ରରୁ ଜନ୍ମଲାଭ କରି ଆସିଥାଏ । ମାତ୍ର ଏହିସବୁ ହସ୍ତକ୍ଷେପର ଆଦୌ କୌଣସି ଗୁରୁତ୍ୱ ନଥାଏ, ଏବଂ ସେଗୁଡ଼ିକ ଚୈତ୍ୟ ପ୍ରେରଣାଟିର ସ୍ୱଭାବରେ ଆଦୌ କୌଣସି ପରିବର୍ତ୍ତନ ଘଟାଇ ପାରନ୍ତି ନାହିଁ; ସେମାନଙ୍କୁ କୌଣସି ପ୍ରକାରେ କର୍ତ୍ତୃତ୍ୱ କରିବା ଲାଗି ଛାଡ଼ ଦିଆ ନଯାଇଥିବା ପର୍ଯ୍ୟନ୍ତ ସେମାନେ ପ୍ରକୃତରେ କିଛି କରି ପାରନ୍ତି ନାହିଁ ।

ଏଗୁଡ଼ିକର ଯେ ଆଦୌ କୌଣସି ପ୍ରତିକାର କରି ହେବ ନାହିଁ, ସେକଥା ଆଦୌ ନୁହେଁ । କାରଣ, ତା’ ନହେଲେ ଆଗକୁ ଯିବା ଲାଗି ଅଉ ପ୍ରକୃତରେ କୌଣସି ଆଶା କରାଯାଇ ପାରିବ ନାହିଁ ।

ପୂର୍ବ ପ୍ରବଚନଟିର ଶେଷ ଅଂଶକୁ ମାଆ ମତପ୍ରକାଶ କରି କହିଥିଲେ ଯେ ଛାତ୍ର ବା ସାଧକମାନେ "ଆଦୌ ଖୁବ୍ ବେଶୀ ପ୍ରଶ୍ନ ପଚାରି ପାରୁ ନଥିଲେ ।" ତେଣୁ ସେମାନେ ଲିଖିତ ଆକାରରେ ମାଆଙ୍କୁ ପ୍ରଶ୍ନମାନ ପଠାଇଲେ ଏବଂ ଜଣେ ସେଗୁଡ଼ିକୁ ବଡ଼ ପାଟି କରି ପଢ଼ି ଦେଉଥିଲେ :

କୁହାଯାଇଛି ଯେ ଆମେ ଆମର ଆତ୍ମାର ବୋଲହିଁ ମାନିବା, ମନର ବୋଲ ମାନିବା ନାହିଁ । କାରଣ ମନ ତ ପ୍ରତିଭାସଗୁଡ଼ାକୁ

ଦେଖିହିଁ ଶୁଣିବାକୁ ଆରମ୍ଭ କରେ । ଦୈନନ୍ଦିନ ଜୀବନରେ ଏହାର ଅଭ୍ୟାସ କରାଯାଇ ପାରିବ କିପରି ?

କିନ୍ତୁ ସେଥିରେ ପୁଣି କି ସମସ୍ୟା ଜାହିଁକି ରହିବ ? ଅସୁବିଧା ବା କ'ଣ ହେବ ?

ଏହି ପରାମର୍ଶଟିକୁ ଆମେ କିପରି ଅଭ୍ୟାସରେ ପକାଇ ପାରିବା; ମନର ବୋଲ ନମାନି ଆତ୍ମାରହିଁ ବୋଲ ମାନିବା ଲାଗି ଦିଆ ଯାଇଥିବା ଏହି ପରାମର୍ଶଟିକୁ ଆମେ ପାଳନ କରିପାରିବା କିପରି ?

ଏହି କଥାଟି ସମ୍ପୂର୍ଣ୍ଣ ଭାବରେ ଏକ ବ୍ୟକ୍ତିଗତ କଥା ।

ପ୍ରଥମ ସର୍ତ୍ତ ହେଉଛି ଯେ ଆମେ ଆତ୍ମାରୁହିଁ ପ୍ରେରଣାଗୁଡ଼ିକୁ ଗ୍ରହଣ କରିବା । ବର୍ତ୍ତମାନ ତ ଠିକ୍ ସେହି କଥା ପଡ଼ିଥିଲା । କାରଣ, ସେଗୁଡ଼ିକୁ ଗ୍ରହଣ କରି ନପାରିଲେ ଆମେ ଆତ୍ମାର ବୋଲଗୁଡ଼ିକୁ ପୁଣି ମାନି ପାରିବା ବା କିପରି ? ତେଣୁ ସର୍ବପ୍ରଥମ ସର୍ତ୍ତଟି ହେଉଛି ଯେ ଆମେ ଆମ ଆତ୍ମା ବିଷୟରେ କିଛିନା କିଛି ସଚେତନ ହୋଇ ରହିବା ଏବଂ ତାହାର ପ୍ରେରଣାଗୁଡ଼ିକୁ ଗ୍ରହଣ କରିବା । ଏବଂ, ତା'ପରେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏକଥା କୁହାଯାଇ ପାରିବ ଯେ ଆମେ ତର୍କନିପୁଣ ମନର ଆଦେଶ ପାଳନ ନକରି ଆତ୍ମାର ସେହି ପ୍ରେରଣାଗୁଡ଼ିକୁହିଁ ମାନିବା ।

ମାତ୍ର ଏହି କଥାଟିକୁ କିପରି କରିବାକୁ ହେବ ? କେଉଁ ପଦ୍ଧତିରେ ତାହା କରାଯାଇ ପାରିବ ?···ଏଇଟି ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ବ୍ୟକ୍ତିଗତ ବ୍ୟାପାର । ପ୍ରତ୍ୟେକ ବ୍ୟକ୍ତିକୁ ତା'ର ନିଜ ପଦ୍ଧତିଟିକୁ ଖୋଜି ବାହାର କରିବାକୁ ପଡ଼ିବ । ମୂଳ ସିଦ୍ଧାନ୍ତଟି ନିର୍ଦ୍ଧାରିତ ହୋଇ ରହିଛି; ଯଦି ସେଇଟିକୁ ଜୀବନକ୍ଷେତ୍ରରେ ପ୍ରୟୋଗ କରିବାକୁ ହୁଏ, ତେବେ ପ୍ରତ୍ୟେକ ବ୍ୟକ୍ତି ପାଖରେ ତା'ର ପଦ୍ଧତି ନିଶ୍ଚୟ ଭିନ୍ନ ଭିନ୍ନ ପ୍ରକାରର ହେବ । ଆତ୍ମାର କ୍ଷେତ୍ରରୁ ପ୍ରେରିତ ହୋଇ ଆସୁଥିବା ପ୍ରେରଣାଗୁଡ଼ିକ ବିଷୟରେ ଯିଏ ଯେତିକି ପରିମାଣରେ ସଚେତନ ରହିଥିବ, ଆପଣାର ଆତ୍ମା ସହିତ ଯିଏ ଯେତିକି ଏକାତ୍ମକ ହୋଇ ରହି ପାରିଥିବ, ଏସବୁ ତାହାରି ଉପରେହିଁ ନିର୍ଭର କରିବ ।

ତେଣୁ, ପ୍ରତ୍ୟେକଙ୍କ ଲାଗି ସେହି ଗୋଟିଏ ଉପାୟ କଦାପି ବତାଇ ଦେଇ ହେବ ନାହିଁ ।

ହେଲା ?

'oaob.nitrkl.ac.in' images reprocessed

"ତୁମେ ଯେତେ ବେଶୀ ଦେଇ ପାରିବ, ତୁମକୁ ସେତେ ବେଶୀ ମିଳିବ" ବୋଲି କୁହାଯାଇଥାଏ । ଶାରୀରିକ ଶକ୍ତିର କ୍ଷେତ୍ରରେ ମଧ୍ୟ କ'ଣ ଏହି କଥାଟି ପ୍ରଯୁଜ୍ୟ ହୋଇ ପାରିବ ? ଯେଉଁ ଶାରୀରିକ କାର୍ଯ୍ୟଟି ଆମର ଶକ୍ତିର ବାହାରେ ବୋଲି ବୋଧ ହେଉଥିବ, ଆମେ ସେପରି କାର୍ଯ୍ୟ କରିବାକୁ ଯିବା କି ? ଏବଂ ଏହି ପ୍ରକାରର କାର୍ଯ୍ୟଟି କରୁଥିବା ସମୟରେ ସେଥିପ୍ରତି ଆମର ଦୃଷ୍ଟିକୋଣ କିପରି ହେବା ଉଚିତ ?

ଯଦି ଆମେ ଖର୍ଚ୍ଚ ନକରିବା, ତେବେ ଆମକୁ କିଛିହେଲେ ମିଳିବ ନାହିଁ । ସାନ ପିଲାଟିଏ କୌଣସି ପ୍ରକାର ସୀମା ନମାନି ନିଜର ଶକ୍ତିକୁ କାମରେ ଲଗାଉଥାଏ ବୋଲି ତା' ଭିତରେ ବିକାଶ ଏବଂ ଅଭିବୃଦ୍ଧି ଲାଗି ଏତେବେଶୀ ସାମର୍ଥ୍ୟ ରହିଥାଏ ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଆପଣାର ଶକ୍ତିକୁ କାମରେ ଲଗାଉଥିବା ବେଳେ ଆମକୁ ଶକ୍ତିର ପୁନର୍ଲାଭ ମଧ୍ୟ କରିବାକୁ ପଡ଼ୁଥିବ, ଏବଂ ସେଥିଲାଗି ଯେଉଁ ସମସ୍ତ ଆବଶ୍ୟକ, ସେହି ସମୟଟି ମଧ୍ୟ ଆମ ପାଖରେ ଅବଶ୍ୟ ରହିଥିବ । ମାତ୍ର କୌଣସି ପିଲା ଆଜି ଯାହା କରି ନପାରୁଛି, ସେ ହୁଏତ କାଲି ତାହା କରିପାରିବ । ତେଣୁ ତୁମେ ଯଦି କେବେହେଲେ ଆପେ ହାସଲ କରିଥିବା ସୀମାଟିକୁ ଅତିକ୍ରମ କରିବାକୁ ଇଚ୍ଛା ନକରୁଥିବ, ତେବେ ତୁମେ ଆଉ କୌଣସି ଅଗ୍ରଗତି କରି ପାରିବ ନାହିଁ । ଉଦାହରଣସ୍ୱରୂପ, ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ ଯେଉଁ ଲୋକମାନେ ଶାରୀରିକ ଉତ୍କର୍ଷ ସାଧନର ଅଭ୍ୟାସ କରୁଥାନ୍ତି, ସେମାନେ ଆପଣାର ଯେତିକି ସାଧ୍ୟ, ସେତିକିଠାରୁ ସବୁଦା ଅଧିକ କରିବା ଲାଗି ଚେଷ୍ଟା କରୁଥାନ୍ତି ବୋଲିହିଁ ଉତ୍ତରୋତ୍ତର ଅଗ୍ରଗତି କରିପାରନ୍ତି ।

ଏଇଟି ସମ୍ପୂର୍ଣ୍ଣତଃ ଭାରସାମ୍ୟର ଏକ ପ୍ରଶ୍ନ । ଏବଂ ଶକ୍ତିକୁ କାମରେ ଲଗାଇବା ଲାଗି ଆମେ ଯେତେ ସମସ୍ତ ଦେଉଛୁ, ପୁନର୍ବାର ଶକ୍ତିକୁ ଗ୍ରହଣ କରିବାରେ ମଧ୍ୟ ଆମର ସେତିକି ସମସ୍ତ ଦେଇପାରିବା ଉଚିତ ।

ମାତ୍ର ତୁମେ ଯେଉଁ ମୁହୂର୍ତ୍ତରେ ଯେତିକି କରିପାରୁଛ, ଯଦି ସେତିକି ଭିତରେହିଁ ନିଜକୁ ସୀମିତ କରି ରଖିବାକୁ ଚେଷ୍ଟା କରୁଥାଅ,...ପ୍ରଥମତଃ ଏପରି କରିବା ଆଦୌ ସମ୍ଭବ ହେବ ନାହିଁ; କାରଣ ଅଗ୍ରଗତି କରି ନପାରିଲେ ଆମକୁ ପ୍ରାୟ ଅନିବାର୍ଯ୍ୟ ଭାବରେହିଁ ପଛକୁ ପଛକୁ ଖସି ପଡ଼ିବାକୁ ହେବ । ତେଣୁ ସବୁ ସମୟରେହିଁ, ଆମକୁ ପୂର୍ବ ଅପେକ୍ଷା କିଛିଟା ଅଧିକ ସାଧ କରିବା ଲାଗି

'oaob.nitrkl.ac.in' images reprocessed

ଉଦ୍ୟମ କରିବାକୁ ପଡ଼ିବ । ତେବେ ଯାଇ ଉତ୍ତରୋତ୍ତର ଅଗ୍ରଗତି ହୋଇ ପାରିବ । ଯଦି ଅତିବେଶୀ କରିବାକୁ ଆମକୁ ଡର ମାଡ଼ୁଥାଏ, ତେବେ ସୁନିଶ୍ଚିତ ଭାବରେ ଆମେ ତଳକୁହିଁ ଖସିଯିବାରେ ଲାଗିବା ଏବଂ ଆପଣାର ସାମର୍ଥ୍ୟଗୁଡ଼ିକୁ ହରାଇ ବସିବା ।

ତେଣୁ ସତତହିଁ କିଛିଟା ଅଧିକ ଲାଗି ଚେଷ୍ଟା କରିବାକୁ ହେବ, ପୂର୍ବ ଦିନ ବା ପୂର୍ବ ମୁହୂର୍ତ୍ତରେ ଆମେ ଯେପରି କରୁଥିଲେ, ଆଜି ବା ଏହି ମୁହୂର୍ତ୍ତରେ ତାହାଠାରୁ ଟିକିଏ ଅଧିକ କରିବାକୁ ଚେଷ୍ଟା କରିବାକୁ ପଡ଼ିବ । କେବଳ ଏତିକି କଥା ସ୍ମରଣ ରଖିବାକୁ ହେବ ଯେ, ଆପଣାର ଉଦ୍ୟମରେ ଯେତିକି ବୃଦ୍ଧି ହେଉଥିବ, ଗ୍ରହଣ କରିବା ଲାଗି ରହିଥିବା ନିଜର ସାମର୍ଥ୍ୟ ଓ ଗ୍ରହଣ କରିବା ଲାଗି ନିଜର ସୁଯୋଗଗୁଡ଼ିକୁ ମଧ୍ୟ ସେହି ପରିମାଣରେ ବଢ଼ାଇବାକୁ ପଡ଼ୁଥିବ । ଉଦାହରଣସ୍ୱରୂପ, ଗୋଟାସୁଦ୍ଧା ଶାରୀରିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଯଦି ଆମେ ଆମ ମାଂସପେଶୀଗୁଡ଼ିକର ସମୁଚିତ ବିକାଶ ଚାହୁଁଥିବା, ତେବେ ସେଗୁଡ଼ିକର ପ୍ରସ୍ଫୁରଣ ମଧ୍ୟ ଉତ୍ତରୋତ୍ତର ବୃଦ୍ଧି ପାଉଥିବା ନିତାନ୍ତ ଆବଶ୍ୟକ; ଅର୍ଥାତ୍, ପ୍ରସ୍ଫୁରଣ ଅଧିକରୁ ଅଧିକ ହେଉଥିବା ଏକାନ୍ତ ଆବଶ୍ୟକ, ମାତ୍ର ତେଣେ ସେଥିଲାଗି ଯାହାସବୁ ଦରକାର, ସେଗୁଡ଼ିକ ମଧ୍ୟ କରାଯାଉଥିବା ଆବଶ୍ୟକ : ଦେହର ମର୍ଦ୍ଦନ ହେଉଥିବା ଆବଶ୍ୟକ, ଜଳଚିକିତ୍ସା ପ୍ରଭୃତି କରାଯାଉଥିବା ଆବଶ୍ୟକ, ଯେପରିକି ସେଗୁଡ଼ିକର ଗ୍ରହଣ କରିବାର ଶକ୍ତି ମଧ୍ୟ ବୃଦ୍ଧି ପାଇବାରେ ଲାଗିଥିବ ।

ଏବଂ, ଯଥେଷ୍ଟ ବିଶ୍ରାମ ବି ଆବଶ୍ୟକ । ଏହା ଏପରି ଏକ ବିଶ୍ରାମ ହେବା ଉଚିତ, ଯେଉଁଥିରେ କି ଅଚେତନା ମଧ୍ୟରେହିଁ ନିପତିତ ହେବାକୁ ମୋଟେ ପଡ଼ୁ ନଥିବ,—ତାହା ତ ସଚେତନ କରିବା ଅପେକ୍ଷା ଅଧିକ ପରିମାଣରେ କ୍ଲାନ୍ତହିଁ କରିପକାଏ,—ନା,—ଏହି ବିଶ୍ରାମ ସଚେତନ ହୋଇପାରିବା ଆବଶ୍ୟକ, ଏପରି ଏକ ଏକେନ୍ଦ୍ରଣର ଅବସ୍ଥା ହୋଇପାରିବା ଆବଶ୍ୟକ, ଯେତେବେଳେ କି ଆମେ ଆପଣାକୁ ସହଜ ହୋଇ ଉନ୍ମୋଚିତ କରିଦେଇ ପାରିବା ଏବଂ ବହିର୍ଗତ ବିଶ୍ୱମୟ ଶକ୍ତିଗୁଡ଼ିକୁ ନିଜ ଭିତରକୁ ଗ୍ରହଣ କରିନେଇ ପାରିବା ।

ଶାରୀରିକ ସମ୍ଭାବନାଗୁଡ଼ିକର ସୀମାସବୁ ପ୍ରକୃତରେ କେଉଁଠି, ତାହା ହେଉଛି ଅନେକ ପରିମାଣରେ ଏକ ସ୍ଥିତିସ୍ଥାପକ କଳ୍ପନା । ଯେଉଁମାନେ ଆପଣାକୁ ଏକ ବିଧିବଦ୍ଧ ଏବଂ ବୈଜ୍ଞାନିକ ତାଲିମ ଭିତରେ ରଖିଥାନ୍ତି, ବୁଦ୍ଧିପ୍ରେରିତ ଏବଂ ଯଥାଯଥ ଭାବରେ ସବୁକିଛି କରନ୍ତି, ସେମାନେ ଅନେକ ସମୟରେ ନାନା ବିସ୍ମୟକାରୀ ପରିଣାମ ପାଖରେ ଯାଇ ପହଞ୍ଚିଥାନ୍ତି । ସେମାନେ ନିଜ ଶରୀରଠାରୁ ଏପରି ସବୁ କଥାର ଦାବି କରିଥାନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ ଯେ

'oaob.nitrkl.ac.in' images reprocessed

ତାଲିମ ବ୍ୟତୀତ ଯାହାକୁ କରିବା ସେମାନଙ୍କ ପକ୍ଷରେ କେବେହେଲେ ସମ୍ଭବ ହୋଇ ନଥାନ୍ତା । ଏବଂ ଅତ୍ୟନ୍ତ ନିଶ୍ଚିତ ଭାବରେ, ସେମାନଙ୍କୁ ଅଳ୍ପ ଅଳ୍ପ କରି ଆପଣାର ସାଧ୍ୟ ସୀମାଟି ଭିତରୁ ବାହାରକୁହିଁ ଯିବାକୁ ପଡ଼ିଥାଏ; କେବଳ ସମ୍ପୂର୍ଣ୍ଣତା ପ୍ରାପ୍ତ କରିବାର ଦୃଷ୍ଟିରୁ ନୁହେଁ, ଶକ୍ତିର ଦୃଷ୍ଟିରୁ ମଧ୍ୟ ତାହା କରିବାକୁ ପଡ଼ିଥାଏ । ମାତ୍ର, ଆପଣାର ସାମର୍ଥ୍ୟଠାରୁ ଅଧିକ କରୁଛନ୍ତି ବୋଲି ଓ ସବୁଥିରେ ଆପଣାର ସୀମାଟିକୁ ଟପି ଯାଉଛନ୍ତି ବୋଲି ଯଦି ସେମାନଙ୍କ ମନରେ ଏକ ଭୟ ରହିଥାନ୍ତା, ତେବେ ସେମାନେ କଦାପି କୌଣସି ଅଗ୍ରଗତି କରି ପାରନ୍ତେ ନାହିଁ । କେବଳ ଏତିକ କଥା ସ୍ମରଣ ରଖିବା ଆବଶ୍ୟକ ଯେ, ଶକ୍ତିର ପୁନଃସଂଗ୍ରହ କ୍ରମରେ ଯାହା କରିବା ଉଚିତ, ଆମକୁ ସେକଥା ମଧ୍ୟ କରିବାକୁ ପଡ଼ୁଥିବ । ଶାରୀରିକ ଉତ୍କର୍ଷସାଧନର କ୍ଷେତ୍ରରେ ଏହାହିଁ ହେଉଛି ସମୁଦାୟ ନୀତି । ଏବଂ, ଏକଥା ମଧ୍ୟ ସବୁବେଳେ ଦେଖିବାକୁ ମିଳିଥାଏ ଯେ, ଜଣେ ଅଜ୍ଞାନ ଏବଂ ଅପ୍ରଶିକ୍ଷିତ ବ୍ୟକ୍ତି ପକ୍ଷରେ ଯାହା ସମ୍ପୂର୍ଣ୍ଣ ଭାବରେ ଅଲୌକିକ ବୋଲି ପ୍ରତୀତ ହୁଏ, ବିଧିବଦ୍ଧ ଭାବରେ ପ୍ରଶିକ୍ଷିତ ହୋଇଥିବା ଶରୀର ତାହାକୁ ଅବଲୀଳାକ୍ରମେ ସମ୍ଭବ କରି ଦେଇଥାଏ ।

> ମାଆଙ୍କୁ ସତତ ସ୍ମରଣ କରି ପାରିବା ଲାଗି କ'ଣ କରା ଯାଇପାରେ ? କ'ଣ ତାଙ୍କର ନାମକୁ ଜପ କରିବାକୁ ହେବ, ତାଙ୍କର ରୂପଟିକୁ ସ୍ମରଣ କରିବାକୁ ହେବ, ଅଥବା ସିଏ ହେଉଛନ୍ତି ପରମ ଦିବ୍ୟଶକ୍ତି, ଏହି କଥାକୁ ଭାବିବାକୁ ବା ଅନୁଭବ କରିବାକୁ ହେବ ? ପରମ ଦିବ୍ୟ ସତ୍ତାଙ୍କ ପ୍ରତି କୃତଜ୍ଞତାପ୍ରଦର୍ଶନକୁ ମଧ୍ୟ ତାଙ୍କୁ ସ୍ମରଣ କରିବାର ଏକ ମାର୍ଗ ବୋଲି କୁହାଯିବ କି ?

ଏହି ସବୁଗୁଡ଼ିକ ଉପାଦେୟ ବାଟ । ଆହୁରି ଅନେକ ବାଟ ବି ରହିଛି, ସେଇଗୁଡ଼ିକୁ ଉପାଦେୟ ବୋଲି କୁହାଯାଇ ପାରିବ । ଏବଂ ଆମେ ପ୍ରତ୍ୟେକେ କ'ଣ କରିପାରିବା, ସେହି କଥାଟି ତାହାରି ଉପରେହିଁ ସର୍ବଦା ନିର୍ଭର କରୁଥିବ ।

ଏଇଟା ଗୋଟିଏ ଅତ୍ୟନ୍ତ ପରିମାଣରେ ବ୍ୟକ୍ତିଗତ ପ୍ରଶ୍ନ, ନୁହେଁ କି ?

ଏଇଟା ପ୍ରତ୍ୟେକ ବ୍ୟକ୍ତି ଉପରେ ନିର୍ଭର କରିବ, ଏହା ହେଉଛି ସେହି ଗୋଟିଏ ଜିନିଷ । ଯଦି କୌଣସି ଗୋଟିକୁ ଏକ ସାଧାରଣ ସତ୍ୟ ବୋଲି ମାନି ନିଆଯାଏ, ତେବେ ତାହାର ଆଉ କୌଣସି ଅର୍ଥ ରହିବ ନାହିଁ । ଯଦି ମନେ

'oaob.nitrkl.ac.in' images reprocessed

ରଖିବାକୁ ହୁଏ, ତେବେ ବିସ୍ମରଣ ଦ୍ୱାରା ଆଦୌ କାମ ଚାଲିବ ନାହିଁ । ବାସ୍, ଏତିକି କଥା ।

**ଏପରି ଏକ ସାମୂହିକ ଶୃଙ୍ଖଳାବଳୀ ସମ୍ଭବ ହୋଇ ପାରେ କି, ଯାହାକୁ କି ଆପଣା ଉପରେ ଲଦି ଦିଆଯାଇ ପାରିବ ?**

ମାତ୍ର, ଅଧିକାଂଶ ସମୟରେ ଏହିପରି ଘଟିଥାଏ ଯେ କେତେକ ଲୋକ ମିଶି ଗୋଷ୍ଠୀଟିଏ ଗଢ଼ନ୍ତି ଏବଂ ଆପଣା ଲାଗି ନିୟମମାନ ତିଆରି କରିଥାନ୍ତି । ସେହି ଶୃଙ୍ଖଳାଟିକୁ ସେମାନେ ଆପଣା ଉପରେ ଲଦି ଦେଇଥାନ୍ତି । ଗୁପ୍ତ ବା ସାର୍ବଜନୀନ ଯେକୌଣସି ସମାଜ ହେଉ ପଛକେ, ଏବଂ ଦୀକ୍ଷା ଦେଇ ସମ୍ପ୍ରଦାୟଭୁକ୍ତ କରୁଥିବା ଯାବତୀୟ ଗୋଷ୍ଠୀ ଯୁଗେ ଯୁଗେ ସେହିପରି କଥା କରି ଆସିଛନ୍ତି । ସେମାନେ ଆପଣା ଲାଗି ନିୟମ କରିଛନ୍ତି, ସେଗୁଡ଼ିକୁ ନିଜ ଉପରେ ଆଣି ଲଦି ଦେଇଛନ୍ତି ଏବଂ ସେଗୁଡ଼ିକୁ ଅତ୍ୟନ୍ତ ନିଷ୍ଠା ସହକାରେ ପାଳନ କରିଛନ୍ତି । ଏବଂ ସ୍ୱୟଂ ସଂକଳ୍ପ କରି ସାରିବା ପରେ କେହି ସେହି ଶୃଙ୍ଖଳାକୁ ପରିତ୍ୟାଗ କରିବାକୁ ଇଚ୍ଛା କଲେ ସେଥିଲାଗି କଠୋର ଶାସ୍ତିବିଧାନ କରାଯାଇଛି ଏବଂ ବେଶ୍ ଭୟଙ୍କର ପରିଣାମମାନ ଭୋଗ କରିବାକୁ ପଡ଼ିଛି । ପୃଥିବୀରେ ଏହି କଥାଟି ଅନବରତ ଘଟୁଛି ।

ଏହା ପ୍ରକୃତରେ କେତେ ପରିମାଣରେ ଫଳପ୍ରଦ ହେଉଛି, ସେ ବିଷୟରେ ଆଲୋଚନା କରା ଯାଇପାରେ । ସେଇଟା ହେଉଛି ଏକ ଭିନ୍ନ କଥା । ମାତ୍ର ସେକଥା ଯାହା ହେଉ ପଛକେ, "ଜଣେ ଏଇଟିକୁ ପାଳନ କରି ପାରିବ କି ନାହିଁ,"—ଏଠାରେ ସେହି ପ୍ରଶ୍ନଟି ଆଦୌ ଉଠୁ ନାହିଁ । ଏକଥାଟି ପ୍ରକୃତରେ ଘଟିଥାଏ, ଏହା ଯୁଗ ଯୁଗ ଧରି ଘଟି ଆସୁଛି, ଅତି ପ୍ରାଚୀନ କାଳରୁ ଘଟି ଆସୁଛି । ମନୁଷ୍ୟ ସର୍ବଦା କୌଣସି ନା କୌଣସି ପ୍ରକାରର ଗୋଷ୍ଠୀଟିଏ ତିଆରି କରିବାକୁ ଚେଷ୍ଟା କରିଛି ଏବଂ ଏହି ଗୋଷ୍ଠୀଟି ଉପରେ କେତୋଟି ନିୟମକୁ ଆଣି ଲଦି ଦେଇଛି ।

ଏବଂ ଯଦି ସତ୍ୟର ଗୁପ୍ତ ରହସ୍ୟ ଭେଦ କରିବା ଲାଗି ଏହି ଗୋଷ୍ଠୀଟି ଗଢ଼ାଯାଇଛି, ତେବେ ତାହାର ନିୟମଗୁଡ଼ିକୁ ମଧ୍ୟ ସେହିପରି ଅନୁରୂପ କରି ତିଆରି କରାଯାଇଛି ।

**ଯେଉଁମାନେ ଗୋଷ୍ଠୀରେ ଆସି ଯୋଗ ଦେବାକୁ ଚାହାନ୍ତି, ସମ୍ଭବତଃ ସେହିମାନଙ୍କ ଉପରେ ନିୟମଗୁଡ଼ିକୁ ଲଦି**

'oaob.nitrkl.ac.in' images reprocessed

ଦିଆଯାଇଛି । ତେବେ ସେଗୁଡ଼ିକୁ ବ୍ୟକ୍ତି ସ୍ୱୟଂ ଆପଣା ଉପରେ ଆଣି ଲଦି ନାହିଁ; ନୁହେଁ କି ?

ମାତ୍ର ଯିଏ ଗୋଷ୍ଠୀ ଭିତରକୁ ଆସିଛି, ସିଏ ସ୍ୱେଚ୍ଛାପ୍ରଣୋଦିତ ହୋଇ ଆସିଛି । ଏବଂ ତେଣୁ ସେ ନିୟମଗୁଡ଼ିକୁ ମଧ୍ୟ ସ୍ୱୀକାର କରି ନେଇଛି । ସାଧାରଣତଃ, ଏହିସବୁ ଗୋଷ୍ଠୀରେ, ସେମାନେ ତୁମକୁ ସର୍ବପ୍ରଥମେ ଆସି କହିଥାନ୍ତି, "ଏଗୁଡ଼ିକ ହେଉଛି ଗୋଷ୍ଠୀର ନିୟମ, ତୁମେ ସେଗୁଡ଼ିକୁ ଗ୍ରହଣ କରିବ ନା ନାହିଁ ?" ଯଦି ଗ୍ରହଣ ନକରିବ, ତେବେ ତୁମେ ଗୋଷ୍ଠୀ ଭିତରେ ପ୍ରବେଶ କରିବ ନାହିଁ । ଏବଂ ଯଦି ଗ୍ରହଣ କରିବ, ତେବେ ତୁମେ ନିଜେହିଁ ସେଗୁଡ଼ିକୁ ନିଜ ଉପରେ ଲଦିଲ ବୋଲି କହିବାକୁ ହେବ । ସେପରି ଗୋଟିଏ ଗୋଷ୍ଠୀରେ ଯାଇ ଯୋଗ ଦେବାକୁ ତୁମକୁ କେହି ବାଧ କରିବେ ନାହିଁ । ବଂଶରେ ଜନ୍ମଗ୍ରହଣ କରିବା ମାତ୍ରକେ ଯେପରି ତୁମକୁ ବଂଶାଗତ ସକଳ ବିଧାନକୁ ସ୍ୱୀକାର କରି ନେବାକୁ ହୁଏ, ଏଠାରେ ସେପରି ଆଦୌ ହୁଏ ନାହିଁ । ତାହାକୁ ଅବଶ୍ୟ ବାହାରୁ ଆଣି ତୁମ ଉପରେ ଲଦି ଦିଆହୁଏ । ତୁମେ କୌଣସି ଏକ ବଂଶରେ ଜନ୍ମଗ୍ରହଣ କର ଏବଂ ତଦ୍ୱାରା ବଂଶାଗତ ଯାବତୀୟ ଆଚରଣର ଅଧୀନ ହୋଇ ରହ, ବଂଶାଗତ କଠୋର ନିୟମଗୁଡ଼ିକର ଅଧୀନ ହୋଇ ରହ ଏବଂ ତାହାକୁ ପ୍ରକୃତରେ ବାହାରୁ ଲଦି ଦିଆଯାଇଥାଏ । କାରଣ, ପୃଥିବୀର ପ୍ରାୟ କୌଣସି ସମାଜରେ, ଯିଏ ସଂସାରରେ ଜନ୍ମଗ୍ରହଣ କରୁଛି, ଏବିଷୟରେ ତାଠାରୁ କୌଣସି ଅନୁମତି ଅଣା ଯାଏ ନାହିଁ । ସେଗୁଡ଼ିକୁ ସେ ଗ୍ରହଣ କରୁଛି କି ନାହିଁ, ତାକୁ ଏବିଷୟରେ ଆଦୌ କିଛିହେଲେ ପଚରା ଯାଏ ନାହିଁ । ତୁମକୁ ବାଧ କରି ଏଠାକୁ ଅଣାଯାଏ, ବାଧ କରି ପରିବେଶଟିକୁ ତୁମ ଉପରେ ଲଦି ଦିଆଯାଏ, ପ୍ରତିବେଶଟିର କୁଳାଗତ ଆଚରଣଗୁଡ଼ିକୁ ମଧ୍ୟ ବାଧ କରି ଲଦି ଦିଆଯାଏ; ଏବଂ ବସ୍ତୁତଃ ତୁମେ ଯାହା କରିବାକୁ ସମର୍ଥ ହୁଅ, ସେଗୁଡ଼ିକୁ ନେଇ ତାହାହିଁ କରିଥାଅ । ଆମେ ଆଶା କରିବା ଯେ ତୁମେ ପାରୁପର୍ଯ୍ୟନ୍ତ ସେଇଟି ଅନୁସାରେ ଚଳିବାକୁ ଚେଷ୍ଟା କରିଥାଅ । ମାତ୍ର, ଯେତେବେଳେ କେତେକ ବନ୍ଧୁ ଏକାଠି ହୁଅନ୍ତି ଅଥବା ଏକ ସମିତିର ଗଠନ କରାଯାଏ, ସେତେବେଳେ ତୁମେ ସେହିସବୁ ନିୟମକୁ ସ୍ୱୀକାର କରୁଛ କି ନାହିଁ, ସେକଥା ତୁମକୁ ନିଜକୁହିଁ ନିଷ୍ପତ୍ତି କରିବାକୁ ପଡ଼େ । ଅବଶ୍ୟ, ଯଦି ବ୍ୟକ୍ତିଗତ ଇଚ୍ଛା ବୋଲି ତୁମର ଆଦୌ କିଛି ନଥାଏ, ଯଦି, ତୁମେ ମାନୁଥିବା ଆଉ ଜଣକର ଆଦେଶକୁହିଁ ତୁମେ ପାଳନ କରିବାରେ ଲାଗିଥାଅ, ତେବେ ତାହା ଭିନ୍ନ କଥା ହେବ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଧର୍ମର କ୍ଷେତ୍ରରେ ଏହି ସମସ୍ୟାଟି ଟିକିଏ ଅଧିକ ସୂକ୍ଷ୍ମସ୍ୱରୂପ ହୋଇ ଦେଖାଦିଏ, କାରଣ ସେଠାରେ ପିଲା ଜନ୍ମ ହେବା

'oaob.nitrkl.ac.in' images reprocessed

ପୂର୍ବରୁହିଁ ସେଇଟିକୁ ତା' ଉପରେ ଲଦି ଦିଆଯାଇ ସାରିଥାଏ । ସିଏ ଯେ ଏକ ଧର୍ମର ଆୟତନ ମଧ୍ୟରେ ଜନ୍ମଗ୍ରହଣ କରେ, ତା'ର କାରଣ ହେଉଛି ଯେ ସେହି ଧର୍ମଟିକୁ ତା' ଉପରେ ଲଦି ଦିଆ ଯାଇଥାଏ । ଏକଥା ମଧ୍ୟ ଅତ୍ୟନ୍ତ ସ୍ପଷ୍ଟ ଯେ, ପ୍ରକୃତ ନିୟମଗୁଡ଼ିକ ଅନୁସାରେ, ଏପରି ଏକ ବୟସ ରହିଛି, ଯେତେବେଳେ କି, ତୁମେ ଯେଉଁ ଧର୍ମଟିର ଆୟତନ ମଧ୍ୟରେ ଜନ୍ମଗ୍ରହଣ କରିଛ, ସେବିଷୟରେ ସକଳ ଶିକ୍ଷା ଲାଭ କରିବା ପରେ ଆପାତତଃ ତୁମକୁହିଁ ସେହି ଧର୍ମରେ ରହିବା ଅଥବା ନରହିବା ବିଷୟରେ ଏକ ନିଷ୍ପତ୍ତି ନେବାକୁ ହୁଏ । ମାତ୍ର ଏହିପରି ଏକ ବ୍ୟକ୍ତିଗତ ନିଷ୍ପତ୍ତି କରିବା ଲାଗି ଖୁବ୍ କମ୍ ଲୋକଙ୍କର ସାମର୍ଥ୍ୟ ଥାଏ । ସେମାନେ ବଂଶାନୁଗତ ଯାବତୀୟ ବିଧିବିଧାନ ଏବଂ ଏକ ନିର୍ଦ୍ଦିଷ୍ଟ ପରିବେଶର ପରମ୍ପରାଟି ମଧ୍ୟରେ ବାସ କରୁଥାନ୍ତି ଏବଂ ସେମାନେ ଅନ୍ଧଭାବରେହିଁ ତାହାକୁ ମାନି କରି ଚାଲନ୍ତି; କାରଣ ସେଇଟି ବିଷୟରେ ସ୍ୱକୀୟ ପ୍ରତିକ୍ରିୟା ଦେଖାଇବା ଅପେକ୍ଷା ସେଇଟିକୁ ମାନି କରି ଚାଲିବାହିଁ ଅଧିକ ଆରାମପ୍ରଦ ବୋଧ ହୋଇଥାଏ; ଜଣେ ବ୍ୟକ୍ତି ଗୋଟିଏ ଧର୍ମରେ ଜନ୍ମଗ୍ରହଣ କରିଥାଏ ଓ ଠିକ୍ ସେହି ଧର୍ମଟିକୁ ଅନୁସରଣ କରିବା ଲାଗି ତାକୁ ପ୍ରାୟ ବାଧ୍ୟ କରା ଯାଇଥାଏ । ତାହା ମଧ୍ୟରୁ ବାହାରି ଆସିବାକୁ ହେଲେ ପ୍ରଭୂତ ବଳ ଓ ଚରିତ୍ରଗତ ସ୍ୱାତନ୍ତ୍ର୍ୟ ରହିଥିବା ଆବଶ୍ୟକ; କାରଣ ସେଥିଲାଗି ସାଧାରଣତଃ ଅନେକ କୋଳାହଳ ଏବଂ ଉତ୍ତେଜନା ସୃଷ୍ଟି କରି ତୁମକୁ ତାହାର କାନ୍ଥଟିକୁ ଭାଙ୍ଗି ବାହାରକୁ ଆସିବାକୁ ପଡ଼ିଥାଏ ଏବଂ ତୁମ ନିଜ ଜୀବନଟି ଉପରେ ମଧ୍ୟ ତାହାର ଅନେକ ଗମ୍ଭୀର ପ୍ରତିକ୍ରିୟା ଆସି ପଡ଼ିଥାଏ, ସେଥିଲାଗି ଅନେକ ଗମ୍ଭୀର ପ୍ରତିଘାତ ସହ୍ୟ କରିବାକୁ ପଡ଼ିଥାଏ ।

## ୨୭ ଜୁନ୍ ୧୯୫୭

ଗତ ସପ୍ତାହରେ ତୁମମାନଙ୍କୁ ମୁଁ ଜନ୍ମ ବିଷୟରେ କହିଥିଲି : ଆମ୍ଭମାନେ କିପରି ଶରୀର ଭିତରେ ପ୍ରବେଶ କରନ୍ତି, ସେହି ବିଷୟରେ କହିଥିଲି; ଏବଂ ମୁଁ କହିଥିଲି ଯେ ପ୍ରାୟ ସମସ୍ତଙ୍କ କ୍ଷେତ୍ରରେହିଁ ଏହି ଶରୀରଟା ଭାରି ଅସନ୍ତୋଷଜନକ ଭାବରେ ତିଆରି ହୋଇଥାଏ; ବ୍ୟତିକ୍ରମମାନ ଏପରି କ୍ୱଚିତ୍ ଦେଖିବାକୁ ମିଳେ ଯେ ଆମେ ସେଗୁଡ଼ିକ ବିଷୟରେ କହିବା ଲାଗି କ୍ୱଚିତ୍ ସମର୍ଥ ହୋଇଥାଉ ।

ମୁଁ କହିଥିଲି ଯେ ଏଭଳି ଏକ ତମସାଜଡ଼ିତ ଜନ୍ମଲାଭ ଫଳରେ ଆମେ ଏହିପରି ନାନା ବସ୍ତୁର ଏକ ସମଷ୍ଟିକୁ ସାଙ୍ଗରେ ଧରି ପୃଥିବୀରେ ଆସି ପହଞ୍ଚିଥାଉ, ଯେଉଁଗୁଡ଼ିକରୁ କି ସାଧାରଣତଃ ମୁକ୍ତ ହେବାକୁ ପଡ଼ିଥାଏ; ଯଥାର୍ଥ ଭାବରେ ଅତିତତ

'oaob.nitrkl.ac.in' images reprocessed

କରି ପାରିବାକୁ ହେଲେ ସେଗୁଡ଼ିକର କବଳରୁ ପ୍ରକୃତରେ ମୁକ୍ତ ହେବାକୁ ପଡ଼ିଥାଏ ଏବଂ ଏହି ସନ୍ଦର୍ଭରେ ଜଣେକେହି ମୁଁ ନିଜେ କହିଥିବା ଏକ ବାକ୍ୟକୁ ଉଦ୍ଧାର କରିଛି । ସେଇଟି ହେଉଛି :

"ତୁମକୁ ଏଠାକୁ ବାଧ୍ୟ କରି ଅଣାଯାଇଛି, ତୁମ ଉପରେ ବାଧ୍ୟ କରାଇ ପରିବେଶଟିକୁ ଲଦି ଦିଆଯାଇଛି, ଗୋଷ୍ଠୀର କୁଳାଗତ ନିୟମଗୁଡ଼ିକୁ ଜୋର୍ କରି ଲଦି ଦିଆଯାଇଛି..."

କିଏ ଏପରି ଜୋର୍ କରି ଆମ ଉପରେ ଏସବୁ କଥାକୁ ଲଦିଦିଏ, ମୋତେ ଲେଖିଥିବା ବ୍ୟକ୍ତି ସେହି କଥା ପଚାରିଛନ୍ତି ।

ଏ କଥା ସତ ଯେ ମୁଁ ଚାହିଁଥିଲେ ଆହୁରି ଅଧିକ ପ୍ରାଞ୍ଜଳ ଭାବରେ କଥାଟିକୁ ବୁଝାଇ କହି ଦେଇ ପାରିଥାନ୍ତି, ମାତ୍ର ମୁଁ ଭାବିଥିଲି ଯେ ମୋ କଥାଟିକୁ ସମସ୍ତେ ପରିଷ୍କାର ଭାବରେ ବୁଝି ପାରିବେ ।

ବ୍ୟକ୍ତିର ଶରୀରଟି ଜଣେ ପୁରୁଷ ଓ ଜଣେ ନାରୀ ଦ୍ୱାରା ତିଆରି ହୁଏ, ଯେଉଁମାନେ କି ତା'ର ପିତାମାତା ହୁଅନ୍ତି । ଏବଂ, ଯେଉଁ ସତ୍ତାଟିକୁ ସେମାନେ ପୃଥିବୀକୁ ଆଣିବା ଲାଗି ଯାଉଛନ୍ତି, ସିଏ ପ୍ରକୃତରେ ଆସିବାକୁ ଇଚ୍ଛା କରୁଛି କି ନାହିଁ ଅଥବା ତା'ର ନିଜ୍ୟତର ଅଭିପ୍ରେତ ଗତିପଥଟି ଅନୁସାରେ ଏପରି ଘଟିବାକୁ ଯାଉଛି କି ନାହିଁ, ସେକଥା ତାକୁ ପଚାରିବା ଲାଗି ମଧ୍ୟ ସେମାନଙ୍କ ପାଖରେ ଆବଶ୍ୟକ ସାଧନ ନଥାଏ । ଏବଂ, ସେମାନେ ତିଆରି କରିଥିବା ଏହି ଶରୀରଟି ଉପରେହିଁ ସେମାନେ ଏକ କୁଳାଗତ ସଂସ୍କାରକୁ ନେଇ ଜୋର୍ କରି ଲଦି ଦିଅନ୍ତି, ପ୍ରାୟ ଏକ ଅନିବାର୍ଯ୍ୟ ପ୍ରୟୋଜନର ଜବରଦସ୍ତି ଦ୍ୱାରା ସେମାନେ ତା' ଉପରେ ଏକ ପରିବେଶ ଏବଂ ପରବର୍ତ୍ତୀ କାଳରେ ଏକ ଶିକ୍ଷାକୁ ନେଇ ଲଦି ଦିଅନ୍ତି, ଏବଂ ତାହା ପ୍ରାୟ ସବୁ କ୍ଷେତ୍ରରେ ଭବିଷ୍ୟର ଅଭିବୃଦ୍ଧିରେ ବାଧା ହୋଇ ଠିଆ ହେବାକୁ ଯାଉଥାଏ ।

ତେଣୁ, ମୁଁ ଏଠାରେ କହିଥିଲି ଓ ବର୍ତ୍ତମାନ ମଧ୍ୟ ପୁନର୍ବାର କହୁଛି ଯେ, —ମୁଁ ପରିଷ୍କାର କରି ସବୁ ବୁଝାଇ ଦେଇଥିଲି ବୋଲି ଭାବିଥିଲି,—ସେତେବେଳେ ମୁଁ ଯାହା କହିଥିଲି ତାହାକୁ ଭୌତିକ ଜନ୍ମଦାତା ପିତାମାତାଙ୍କ ବିଷୟରେ କହିଥିଲି ଏବଂ ଏହି ଭୌତିକ ଶରୀରଟି ବିଷୟରେ ମଧ୍ୟ କହିଥିଲି । ବାସ୍, ଏହାହିଁ କହିଥିଲି । ଏବଂ, ଏହି କ୍ଷେତ୍ରରେ ଯେଉଁ ଆତ୍ମାଟି ଅବତୀର୍ଣ୍ଣ ହୋଇଥାଏ, ତାହା ବିକାଶର ପ୍ରକ୍ରିୟାଟି ମଧ୍ୟଦେଇ ଗତି କରୁଥାଉ ଅଥବା ପୂର୍ଣ୍ଣ ଭାବରେ ବିକଶିତ ହୋଇ ସାରିଥାଉ, ଏହି ପ୍ରାଣୀଗତ ଜନ୍ମର ଘଟଣାଟି ଦ୍ୱାରା ଲଦି ଦିଆଯାଇଥିବା ପରିବେଶଟି ବିରୁଦ୍ଧରେ ସେହି ଆତ୍ମାକୁ ସଂଘର୍ଷ କରିବାକୁ ପଡ଼ିଥାଏ । ପ୍ରକୃତ ପଥଟିକୁ ଖୋଜି ପାଇବା ଲାଗି ଏବଂ ପୂର୍ଣ୍ଣ ଭାବରେ ଆପଣାର ଯଥାର୍ଥ ସତ୍ତାଟିକୁ ପୁନର୍ବାର ଆବିଷ୍କାର କରି ପାରିବା ଲାଗି ସଂଘର୍ଷ କରିବାକୁ ପଡ଼ିଥାଏ । ବାସ୍, କଥା ହେଉଛି ଏତିକି ।

ଯଦି ତୁମମାନଙ୍କର ଆଉ ଅନ୍ୟ କିଛି ପଚାରିବାର ଥାଏ,...ତାହେଲେ କାହାରି କିଛି କହିବାର ନାହିଁ ?

**ମାଆ, ପିତାମାତା ଇଚ୍ଛା କଲେ ସେମାନେ ଚାହୁଁଥିବା ଆତ୍ମାକୁହିଁ ସେମାନଙ୍କ ମଧ୍ୟଦେଇ ଜନ୍ମଲାଭ କରିବାକୁ କହି ପାରିବେ କି ?**

କହି ପାରିବେ ? ସେଥିଲାଗି ସେମାନେ ଗୁହ୍ୟବିଦ୍ୟାର ରୀତିଟିକୁ ଜାଣିଥିବା ଦରକାର ଏବଂ ସାଧାରଣତଃ ସେଇଟିକୁ ସେମାନେ ପ୍ରକୃତରେ ହାସଲ କରି ନଥାନ୍ତି । ମାତ୍ର, ଯାବତୀୟ କ୍ଷେତ୍ରରେ ଏତିକି ଅବଶ୍ୟ ସମ୍ଭବ ହେବ ଯେ, କୌଣସି ଇତରପ୍ରାଣୀ ଯେପରି ତା'ର ସହଜାତ ପ୍ରବୃତ୍ତି ଏବଂ ବାସନାଟି ଦ୍ୱାରା ତାଡ଼ିତ ହୋଇ ଯାଉଥାଏ ଏବଂ ଅଧିକାଂଶ ସମୟରେ ସେଇଟିକୁ ଇଚ୍ଛା କରୁ ନଥିଲେ ମଧ୍ୟ ଯେପରି ତାହାହିଁ କରିବାକୁ ବାଧ ହେଉଥାଏ, ସେପରି ନକରି ସେମାନେ ଇଚ୍ଛାକୃତ ଭାବରେ ତାହା କରିବେ, ଏକ ଅଭୀପ୍ସା ଦ୍ୱାରା ପ୍ରେରିତ ହୋଇ କରିବେ, ଆପଣାକୁ ଏକ ଅଭୀପ୍ସାର ସ୍ଥିତିରେ, ଏପରିକି ପ୍ରାୟ ଏକ ପ୍ରାର୍ଥନାର ସ୍ଥିତିରେ ରଖି ମଧ୍ୟ ସେହି କଥାଟିକୁ କରିପାରିବେ, ଯେପରିକି ସେମାନେ ଯେଉଁ ସତ୍ତାଟିକୁ ତିଆରି କରିବାକୁ ଯାଉଛନ୍ତି ସେମାନେ ଯେଉଁ ଆତ୍ମାଟିକୁ ଆବାହନ କରି ଆଣି ପାରିବେ, ସେଇଟି ଯେପରି ସେହି ଶରୀରଟି ଭିତରେ ଅବତୀର୍ଣ୍ଣ ହୋଇ ପାରିବ, ତାହା ସେଥିଲାଗି ଉପଯୁକ୍ତ ହୋଇ ତିଆରି ହୋଇ ପାରିବ । ମୁଁ ଏପରି ଲୋକମାନଙ୍କୁ ଜାଣିଥିଲି,—ଅନେକ ଲୋକଙ୍କୁ ଯେ ଜାଣିଥିଲି, ସେକଥା ଆଦୌ ନୁହେଁ, କାରଣ ଏପରି ଅନେକ ସମୟରେ ଆଦୌ ଘଟି ନଥାଏ; ମୁଁ ତଥାପି ଏପରି କେତେକଙ୍କୁ ଜାଣିଥିଲି,—ଯେଉଁମାନେ କି ବିଶେଷ ପରିବେଶଗୁଡ଼ିକୁ ସ୍ୱୟଂ ବାଛିଥିଲେ, ବିଶେଷ ସକେନ୍ଦ୍ରଣ, ଧ୍ୟାନ ଏବଂ ଅଭୀପ୍ସା ଦ୍ୱାରା ସେମାନେ ନିଜକୁ ପ୍ରସ୍ତୁତ କରିଥିଲେ ଏବଂ ଏକ ବିଶେଷ ପ୍ରତିଭାଯୁକ୍ତ ସତ୍ତାକୁ ସେମାନେ ରଚନା କରିବାକୁ ଯାଉଥିବା ଶରୀରଟି ମଧ୍ୟକୁ ଆଣିବା ଲାଗି ଇଚ୍ଛା ପ୍ରକାଶ କରିଥିଲେ ।

ପ୍ରାଚୀନ କାଳର ଅନେକ ଦେଶରେ,—କେତେକ ଦେଶରେ ବର୍ତ୍ତମାନ ମଧ୍ୟ ଏପରି ହୋଇଥାଏ,—ସନ୍ତାନ ପ୍ରସବ କରିବାକୁ ଯାଉଥିବା ଜଣେ ନାରୀକୁ ସୌନ୍ଦର୍ଯ୍ୟ, ସୌଷମ୍ୟ, ଶାନ୍ତି ଏବଂ ସମନ୍ୱିତତାର ଏକ ବିଶେଷ ଅନୁକୂଳ ବାତାବରଣରେ ନେଇ ରଖା ଯାଉଥିଲା, ଅତ୍ୟନ୍ତ ସୌଷମ୍ୟଯୁକ୍ତ ଏପରି ଏକ ଭୌତିକ ପରିବେଶ ମଧ୍ୟରେ ରଖା ଯାଉଥିଲା, ଯେପରିକି ସମ୍ଭାବ୍ୟ ସର୍ବୋତ୍ତମ ଅବସ୍ଥାରେହିଁ ଜନ୍ମଗ୍ରହଣ କରିବାକୁ ଯାଉଥିବା ଶିଶୁଟି ବିକଶିତ ହୋଇପାରିବ । ସ୍ପଷ୍ଟତଃ ଏହିପରିହିଁ ହେବା ଉଚିତ, କାରଣ ଏହା ମନୁଷ୍ୟସମ୍ଭାବନାର

'oaob.nitrkl.ac.in' images reprocessed

ଅଯୁତନଟି ମଧ୍ୟରେ ସବୁବେଳେହିଁ ରହୁଛି । ମନୁଷ୍ୟସତ୍ତା ଏପରି ଯଥେଷ୍ଟ ଭାବରେ ବିକଶିତ ହୋଇସାରିଛି ଯେ ଏହାକୁ ଆଦୌ କୌଣସି ବିଶେଷ କଥା ବୋଲି କହିବା ଉଚିତ ନୁହେଁ । ମାତ୍ର ତଥାପି ତାହା ଏକ ବ୍ୟତିକ୍ରମ ବା ବିଶେଷ ଘଟଣା ପରିହିଁ ଘଟିଥାଏ । କାରଣ ଖୁବ୍ ଅଳ୍ପସଂଖ୍ୟକ ଲୋକହିଁ ସେହି ବିଷୟରେ କୌଣସି ଚିନ୍ତା କରିଥା'ନ୍ତି; ଏବଂ ଏପରି ପିତାମାତା ବି ଅଗଣିତ ସଂଖ୍ୟାରେ ରହିଛନ୍ତି, ଯେଉଁମାନେ କି ଇଚ୍ଛା ନକରୁଥିଲେ ମଧ୍ୟ ତଥାପି ସନ୍ତାନଲାଭ କରିଥାନ୍ତି ।

ମୁଁ ସେତିକି କହିବାକୁ ଇଚ୍ଛା କରୁଥିଲି ।

ତେଣୁ, ଗୋଟିଏ ଆତ୍ମାକୁ ଆବାହନ କରି ଆଣିବା ନିଶ୍ଚୟ ସମ୍ଭବ, ମାତ୍ର ସେଥିଲାଗି ଆମକୁ ଅନ୍ତତଃ କେତେକ ପରିମାଣରେ ସଚେତନ ରହିବାକୁ ପଡ଼ିବ ଏବଂ ସର୍ବୋତ୍ତମ ପରିସ୍ଥିତିରେ ଯାହାକିଛି କରାଯାଏ, ତାହାହିଁ କରିବା ଲାଗି ଇଚ୍ଛା କରିବାକୁ ହେବ । ସେପରି ଅତ୍ୟନ୍ତ କ୍ୱଚିତ୍ ହୁଏ ସତ, ମାତ୍ର ତାହା ତଥାପି ସମ୍ଭବ ।

ମାଆ, ଯେତେବେଳେ ଏକ ଶରୀରର ରଚନା ହୁଏ, ସେତେବେଳେ ଯେଉଁ ଆତ୍ମାଟି ଅବତୀର୍ଣ୍ଣ ହୁଏ, ତାହା କ'ଣ ସେହି ଶରୀରଟି ମଧ୍ୟରେ ଆସି ଅବତୀର୍ଣ୍ଣ ହେବାକୁ ବାଧ୍ୟ ହୋଇଥାଏ ?

ତୁମର ପ୍ରଶ୍ନଟିକୁ ମୁଁ ସେତେ ଭଲ କରି ବୁଝି ପାରିଲି ନାହିଁ ।

ଏକ ଶରୀରର ରଚନା ସଂପୂର୍ଣ୍ଣ ଭାବରେ ଜଣେ ପୁରୁଷ ଏବଂ ଜଣେ ସ୍ତ୍ରୀ ଉପରେ ନିର୍ଭର କରିଥାଏ, ମାତ୍ର ଯେଉଁ ଶିଶୁଟି ମଧ୍ୟରେ ଆତ୍ମାଟି ଆପଣାକୁ ଅଭିବ୍ୟକ୍ତ କରି ଆଣୁଥାଏ, ଯେଉଁ ଶରୀରଟି ସେତେବେଳେ ଗଠିତ ହେଉଥାଏ, ସେହି ଶରୀର ମଧ୍ୟରେ ଆତ୍ମା ଆପଣାକୁ ଅଭିବ୍ୟକ୍ତ କରିବା ଲାଗି ବାଧ୍ୟ ହୁଏ କି ?

ଅର୍ଥାତ୍, କୌଣସି ଆତ୍ମା ଏକାଧିକ ଶରୀର ମଧ୍ୟରୁ ଗୋଟିଏକୁ ବାଛିନେଇ ପାରିବ କି ନାହିଁ, ତୁମେ ସେହି କଥା କହିବାକୁ ଚାହୁଁଛ କି ?

ହଁ ।

'oaob.nitrkl.ac.in' images reprocessed

ହଁ, ମାତ୍ର ମନୁଷ୍ୟସମୂହର ବୃହତ୍ କ୍ଷେତ୍ରଟିରେ ତାହା ପ୍ରକୃତରେ ଏପରି ଏକ ବ୍ୟତିକ୍ରମରୂପେ ଘଟିଥାଏ । ଅର୍ଥାତ୍ ଖୁବ୍ କ୍ୱଚିତ୍ ଏକ ସଚେତନ ଆତ୍ମା ସ୍ୱେଚ୍ଛାକୃତ ଭାବରେ ଅବତୀର୍ଣ୍ଣ ହେବାକୁ ଆସିଥାଏ । ଏପରି ଅତ୍ୟନ୍ତ କ୍ୱଚିତ୍ ଘଟିଥାଏ । ମୁଁ ତୁମମାନଙ୍କୁ ଏହି କଥାଟି କହିସାରିଛି ଯେ ଯେତେବେଳେ କୌଣସି ଆତ୍ମା ସଚେତନ ରହିଥାଏ, ପୂର୍ଣ୍ଣଗଠିତ ହୋଇ ସାରିଥାଏ ଏବଂ ଅବତୀର୍ଣ୍ଣ ହେବା ଲାଗି ଇଚ୍ଛା କରୁଥାଏ, ସେତେବେଳେ ତାହା ସାଧାରଣତଃ ଆପଣାର ଚୈତ୍ୟ ଭୂମିରୁ ପୃଥିବୀର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକ ତଦନୁରୂପ ଚୈତ୍ୟ ଆଲୋକର ଅନୁସରଣ କରୁଥାଏ । ପୁନଶ୍ଚ, ତାହାର ପୂର୍ବତନ ଦେହଧାରଣ ସମୟରେ, ସେହି ଦେହଟିକୁ ଛାଡ଼ି ଚାଲିଯିବା ପୂର୍ବରୁ ଏବଂ ଏହି ପୃଥ୍ୱୀପରିବେଶଟି ମଧ୍ୟରୁ ବିଦାୟ ନେବା ପୂର୍ବରୁ, ସାଧାରଣତଃ ସମାପ୍ତ ହୋଇ ଆସୁଥିବା ଜୀବନକାଳରେ ଲବ୍ଧ ଆପଣା ଅଭିଜ୍ଞତାର ଫଳସ୍ୱରୂପ, ଗୋଟିଏ ଆତ୍ମା ଆପଣାର ପରବର୍ତ୍ତୀ ଜୀବନର ଅବସ୍ଥାଗୁଡ଼ିକୁ ଅଳ୍ପବହୁତ ପରିମାଣରେ ବାଛି ନେଇଥାଏ, ଏକାବେଳକେ ଠିକ୍‌ନିଖି ଭାବରେ ନହେଲେ ମଧ୍ୟ ମୋଟାମୋଟି ବାଛି ନେଇଥାଏ । ମାତ୍ର କେତୋଟି ବିଶେଷ କ୍ଷେତ୍ରରେ ଏକ ବ୍ୟତିକ୍ରମରୂପେହିଁ ତାହା ଘଟେ । ଆମେ ଏଠାରେ ଆମ ନିଜ ପାଇଁ ସମ୍ଭବତଃ ଏପରି କହିପାରିବା, ମାତ୍ର ଅଧିକାଂଶଙ୍କ ଲାଗି, ଅଧିକାଂଶ ମନୁଷ୍ୟଙ୍କ ଲାଗି, ଏପରିକି ଶିକ୍ଷା ଲାଭ କରିଥିବା ବହୁସଂଖ୍ୟକ ମଣିଷଙ୍କ ଲାଗି, ଏପରି ଘଟିବାର ଆଦୌ କୌଣସି ପ୍ରଶ୍ନ ନଥାଏ । ସେତେବେଳେ ଏକ ଚୈତ୍ୟ ସତ୍ତାର ଗଠନ ହୋଇଥାଏ, ତାହା ଅଳ୍ପବହୁତ ଏକ ଗଠନ ଲାଭ କରି ସାରିଥାଏ ଏବଂ ସାନ ପିଲାଟିରେ ପରିଣତ ହେଉଥିବା କେବଳ ଏକ ସ୍ଫୁଲିଙ୍ଗଠାରୁ ଆରମ୍ଭ କରି ପୂର୍ଣ୍ଣଗଠିତ ଏକ ସତ୍ତା ପର୍ଯ୍ୟନ୍ତ ଏହି କ୍ଷେତ୍ରରେ ଗଠନର ସକଳ ଅବସ୍ଥା ମହଜୁଦ ହୋଇ ରହିଥାଏ । ଏବଂ ପ୍ରକ୍ରିୟାଟି ହଜାର ହଜାର ବର୍ଷ ଧରି ଘଟୁଥାଏ । ଏକ ସଚେତନ ସତ୍ତାରେ ପରିଣତ ହେବା ଲାଗି, ଯେପରିକି ତାହାର ନିଜର ଏକ ଇଚ୍ଛା ରହିଥିବ ଓ ନିଜ ଜୀବନ ଲାଗି ତାହା ଆପଣାର ନିର୍ବାଚନଟିକୁ ନିର୍ଦ୍ଧାରଣ କରି ପାରୁଥିବ, ଆତ୍ମାର ଏହି ଆରୋହଣର ପ୍ରକ୍ରିୟାଟିକୁ ହଜାର ହଜାର ବର୍ଷ ଲାଗିଥାଏ ।

ତେଣୁ, ତୁମେ ଏହିପରି ଏକ ଆତ୍ମା ବିଷୟରେ ଭାବୁଛ, ଯିଏକି "ନାହିଁ, ମୁଁ ଏହି ଶରୀରଟିକୁ ଗ୍ରହଣ କରିବି ନାହିଁ, ମୁଁ ଆଉଗୋଟିଏ ଶରୀର ଅନ୍ୱେଷଣ କରିବି" ବୋଲି କହି ପାରୁଥିବ ?···ଏ କଥା ଅସମ୍ଭବ ବୋଲି ମୁଁ ଆଦୌ କହୁ ନାହିଁ,—ପ୍ରକୃତରେ ସବୁକିଛି ସମ୍ଭବ । ବସ୍ତୁତଃ ଏପରି ନିଶ୍ଚୟ ଘଟେ ଯେ ଶିଶୁମାନେ ଜନ୍ମ ହେବା ପୂର୍ବରୁ ମରି ଯାଉଥାନ୍ତି; ତାହାର ଅର୍ଥ ହେଉଛି ଯେ ସେହି ସ୍ଥଳରେ ଅବତୀର୍ଣ୍ଣ ହେବା ଲାଗି ସେମାନଙ୍କ ମଧ୍ୟରେ କୌଣସି ଆତ୍ମା

'oaob.nitrkl.ac.in' images reprocessed

ନଥାଏ । ମାତ୍ର ଅନ୍ୟ କେତେକ କାରଣରୁ ମଧ୍ୟ ଏପରି ଘଟିପାରେ; କେବଳ ଗଠନଜନିତ କୌଣସି ବିକୃତି ଫଳରେ ମଧ୍ୟ ତାହା ଘଟିପାରେ,—ସେକଥା କେହି କହିପାରିବ ନାହିଁ । ଏହା ଅସମ୍ଭବ ବୋଲି ମୁଁ ଆଦୌ କହୁ ନାହିଁ, ମାତ୍ର ସାଧାରଣତଃ, ଯେତେବେଳେ ଏକ ସଚେତନ ଆତ୍ମା ପୁନର୍ବାର ପୃଥିବୀରେ ଶରୀର ଗ୍ରହଣ କରିବାକୁ ମନସ୍ଥ କରେ, ସେତେବେଳେ ସେହି ଶରୀର ଭୂମିଷ୍ଠ ହେବା ପୂର୍ବରୁ ମଧ୍ୟ ତାହା ସେଇଟି ଉପରେ କାର୍ଯ୍ୟ କରିବାକୁ ଆରମ୍ଭ କରିଥାଏ । ତେଣୁ, ପିତାମାତାଙ୍କର ଅଜ୍ଞାନତାବଶତଃ ହୁଏତ ଯେଉଁସବୁ ଅସୁବିଧାଗୁଡ଼ିକ ସୃଷ୍ଟି ହେବାର ଆଶଙ୍କା ରହିଥାଏ, ସେଗୁଡ଼ିକୁ ଗ୍ରହଣ ନକରିବା ଲାଗି ତା' ପାଖରେ କୌଣସି କାରଣ ନଥାଏ; କାରଣ, ସିଏ ଯେଉଁଥି ସକାଶେ ସେହି ସ୍ଥାନଟିକୁ ନିର୍ବାଚିତ କରିଥାଏ, ତାହାକୁ କଦାପି ଅଜ୍ଞାନତାଜନିତ ଏକ କାରଣ ବୋଲି କୁହାଯିବ ନାହିଁ : ତାହା ସେହି ସ୍ଥାନରେ ଏକ ଆଲୋକ ଦେଖି ପାରିଥିଲା—ଏହା ହୁଏତ କେବଳ ଏକ ସମ୍ଭାବନାର ଆଲୋକ ବି ହୋଇପାରେ; ମାତ୍ର ସେହି କ୍ଷେତ୍ରରେ ଏକ ଆଲୋକ ଅବଶ୍ୟ ବିଦ୍ୟମାନ ରହିଥିଲା ଏବଂ ସେହି କାରଣରୁହିଁ ତାହା ସେଠାକୁ ଆସିଲା । ତେଣୁ ଏପରି ଗୋଟିଏ କଥା ବେଶ୍ କୁହାଯାଇ ପାରିବା ସତ ଯେ "ନା—ମୋତେ ଏହି ଆଧାରଟି ମୋଟେ ଭଲ ଲାଗୁ ନାହିଁ," ମାତ୍ର ଭଲ ଲାଗୁଥିବା ଅନ୍ୟଗୋଟିଏକୁ ଖୋଜିବା ଲାଗି ସିଏ ପୁଣି ଆଉ କେଉଁଠାକୁ ଯାଇ ପାରିବ ?···ହଁ, ସେପରି ନିଶ୍ଚୟ ଘଟିପାରେ, ତାହାକୁ ମୁଁ ଆଦୌ ଅସମ୍ଭବ ବୋଲି କହିବି ନାହିଁ । ମାତ୍ର ତାହା କଦାପି ଅନେକ ସମୟରେ ଘଟିବ ନାହିଁ । କାରଣ, ଯେତେବେଳେ ଚୈତ୍ୟର ଭୂମିରେ ଥାଇ କୌଣସି ଆତ୍ମା ପୃଥିବୀ ଆଡ଼କୁ ଚାହିଁ ଦେଖେ ଏବଂ ଆପଣାର ପରବର୍ତ୍ତୀ ଶରୀରଗ୍ରହଣ ଲାଗି ସ୍ଥାନଟିଏ ବାଛିନିଏ, ସେତେବେଳେ ତାହା ଯଥେଷ୍ଟ ବିବେଚନାର ସହିତ ତାହା କରିଥାଏ ଏବଂ ସେଥିଲାଗି ତାହା କଦାପି ଗୋଟାସୁଦ୍ଧା ଧୋକାରେ ପଡ଼ି ଯାଏ ନାହିଁ ।

ଏପରି ମଧ୍ୟ ଘଟିଛି ଯେ ଅନେକ ଆତ୍ମା ଅବତୀର୍ଣ୍ଣ ହୋଇଛନ୍ତି ଓ ତା'ପରେ ଆଧାରଟିକୁ ଛାଡ଼ି ଯାଇଛନ୍ତି । ସେମାନେ ଏହିପରି ଛାଡ଼ି ଚାଲିଯିବା ପଛରେ ଅନେକ କାରଣ ରହିଛି । ଯେଉଁ ପିଲାମାନେ ଅତି କମ୍ ବୟସରେ ପ୍ରାଣତ୍ୟାଗ କରନ୍ତି, ଅର୍ଥାତ୍ ଜନ୍ମ ହେବାର ମାତ୍ର ଅଳ୍ପ କେତୋଟି ଦିନ ଅଥବା ଅଳ୍ପ କେତୋଟି ସପ୍ତାହ ପରେ ମୃତ୍ୟୁମୁଖରେ ପଡ଼ନ୍ତି,—ହୁଏତ ଏହିଭଳି ଏକ କାରଣ ସକାଶେ ସେପରି ଘଟିପାରେ । ଅଧିକାଂଶ ସମୟରେ କୁହା ଯାଇଥାଏ ଯେ ଆପଣାର ଗଠନଟିକୁ ସମ୍ପୂର୍ଣ୍ଣ କରିବା ଲାଗି ଆତ୍ମାର ମାତ୍ର କିଛିଟା ଅଭିଜ୍ଞତାର ଆବଶ୍ୟକତା ରହିଥିଲା, ସିଏ ଏହି ଅଳ୍ପ କେତୋଟି ସପ୍ତାହ ମଧ୍ୟରେ ସେଇଟିକୁ ହାସଲ କଲା ଏବଂ ତା'ପରେ ଆଧାରକୁ ଛାଡ଼ି ଚାଲିଗଲା । ପ୍ରକୃତରେ ସବୁକିଛି ସମ୍ଭବ ।

'oaob.nitrkl.ac.in' images reprocessed

ମନୁଷ୍ୟର କାହାଣୀଟିକୁ କହିବା ଲାଗି ଯେପରି ଅନେକ ଗପ ଦରକାର ହୋଇଥାଏ, ସେହିପରି ଆତ୍ମାଗୁଡ଼ିକର କାହାଣୀଟିକୁ କହିବା ଲାଗି ମଧ୍ୟ କେତେ କେତେ ଗଳ୍ପ ଦରକାର ହେବ । ଅର୍ଥାତ୍, ଏପରି ଗଳ୍ପ ଅଗଣିତ ସଂଖ୍ୟାରେ ରହିଛି ଏବଂ ସେହି ଦୃଷ୍ଟାନ୍ତଗୁଡ଼ିକ ପରସ୍ପରଠାରୁ ଅତ୍ୟନ୍ତ ଭିନ୍ନ ହୋଇ ରହିଛନ୍ତି ।

ତେଣୁ, "ହଁ, କଥାଟି ଏହିପରି ଘଟେ ଓ ଏପରି ଘଟେ ନାହିଁ; ଏହା ହେଉଛି ଏପରି, ସେପରି ନୁହେଁ" ବୋଲି କହି ମନମୁଖି ଗୋଟାଏ ସିଦ୍ଧାନ୍ତରେ ଆସି ପହଞ୍ଚିବାକୁ କେବଳ ବାଳିଶପଣିଆ ବୋଲି କୁହାଯିବ । ସବୁକିଛି ନିଶ୍ଚୟ ଘଟିପାରେ । କେତେକ ଦୃଷ୍ଟାନ୍ତ ଅନ୍ୟଗୁଡ଼ିକ ଅପେକ୍ଷା ଅଧିକ ମୁହୂର୍ମୁହୁଃ ଘଟିଥାଏ; ଏଥିରୁ ଅବଶ୍ୟ ଏକ ସାଧାରଣ ସୂତ୍ର ବାହାର କରି ଯାଇପାରେ ସତ, ମାତ୍ର "ଏକଥା କଦାପି ସମ୍ଭବ ନୁହେଁ, ଏହା ସବୁବେଳେ ଏପରି ଘଟେ ଓ ସବୁବେଳେ ସେପରି ଘଟେ" ବୋଲି ମୋଟେ କୁହାଯାଇ ପାରିବ ନାହିଁ । ଘଟଣା-ଗୁଡ଼ିକ ସେପରି ଭାବରେ ଆଦୌ ଘଟେ ନାହିଁ ।

ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଯାହା ହୋଇଥାଉ ପଛକେ, ଏପରିକି ସଚେତନ ଭାବରେ ଏକ ଆତ୍ମାର ଆଗମନ ଘଟି ସାରିଥିଲେ ମଧ୍ୟ, ଭୌତିକ ଶରୀରର ରଚନାରେ ତାହା ସଚେତନ ଭାବେ ଅଂଶଗ୍ରହଣ କରି ସାରିଥିଲେ ମଧ୍ୟ, ଯେପର୍ଯ୍ୟନ୍ତ ଶରୀର ସେହି ସର୍ବସାମାନ୍ୟ ପ୍ରାଣୀର ଧାଞ୍ଚରେ ଗଠିତ ହେବାରେ ଲାଗିଥାଏ, ସେତେବେଳ ଯାଏ ତାହାକୁ ସଂଘର୍ଷ କରିବାକୁହିଁ ପଡ଼ୁଥିବ ଏବଂ ତା'ର ଏହି ମାନବପ୍ରକୃତିସ୍ଥ ପ୍ରାଣୀଜୀବନରୁ ଯେଉଁସବୁ ବାଧା ଉତ୍ପନ୍ନ ହେବାରେ ଲାଗିଛି, ତାହାକୁ ସଂଶୋଧନ କରିବାକୁ ପଡ଼ୁଥିବ ।

ଏହି କଥାଟି ଏକାନ୍ତ ଅନିବାର୍ଯ୍ୟ ଯେ ପିତାମାତାଙ୍କର ଗଠନ ମଧ୍ୟ ଏକ ନିର୍ଦ୍ଦିଷ୍ଟ ପ୍ରକାରର ହୋଇ ରହିଥାଏ; ସେମାନେ ନିଶ୍ଚିତ ଭାବରେ ସୁସ୍ଥସବଳ ରହିଥାନ୍ତି ଅଥବା ଦୁର୍ବଳ ଓ ଅପୁଷ୍ଟ ବି ରହିଥାନ୍ତି; ଏବଂ ସବୁକିଛି ସର୍ବୋତ୍କୃଷ୍ଟ ଭାବରେ ରହିଥିଲେ ମଧ୍ୟ ସେମାନଙ୍କ ଭିତରେ କୁଳାଗତ ସଂସ୍କାର, ଅଭ୍ୟାସ ଗଦାଟିଏ ବାନ୍ଧି ରହିଥାଏ, ଅବଚେତନ ଓ ଏପରିକି ଅଚେତନରେ ମଧ୍ୟ କେତେ କ'ଣ ଗଢ଼ିହୋଇ ଯାଇଥାଏ । ଏଗୁଡ଼ାକ ସେମାନଙ୍କର ଜନ୍ମରୁହିଁ ଆସିଥାଏ, ସେମାନେ ଯେଉଁ ପରିବେଶଟିରେ ବଢ଼ି ଆସିଛନ୍ତି ସେଥିରୁ ଆସିଥାଏ, ସେମାନଙ୍କର ନିଜ ଜୀବନଟିରୁ ଆସିଥାଏ । ଏବଂ ସେମାନେ ଯେତେ ଚମତ୍କାର ଲୋକ ହୋଇଥାନ୍ତୁ ପଛକେ, ସେମାନଙ୍କ ଭିତରେ ଅନେକସଂଖ୍ୟକ ଏପରି ନାନା ବସ୍ତୁ ରହିଛି, ଯାହାକୁ କି ଯଥାର୍ଥ ଚୈତ୍ୟ ଜୀବନର ଏକାନ୍ତ ବିରୋଧୀ ବୋଲି କୁହାଯିବ; ସର୍ବୋତ୍ତମ ଓ ସବୁଠାରୁ ଅଧିକ ପରିମାଣରେ ସଚେତନ ମନୁଷ୍ୟଙ୍କ କ୍ଷେତ୍ରରେ ମଧ୍ୟ ଏହା ସମ୍ଭବ ହୋଇପାରେ । ଏବଂ ତା'ପରେ, ଯାହାସବୁ ଘଟିବାକୁ ଯାଉଛି, ସେଗୁଡ଼ିକ ମଧ୍ୟ

'oaob.nitrkl.ac.in' images reprocessed

ସେମାନଙ୍କ ଲାଗି ଅପେକ୍ଷା କରି ରହିଥାଏ । ନିଜ ପିଲାଙ୍କର ଶିକ୍ଷା ଲାଗି ଆମେ ଅନେକ କଷ୍ଟସ୍ୱୀକାର କଲେ ମଧ୍ୟ ସେମାନେ ତଥାପି ଅନିବାର୍ଯ୍ୟ ଭାବରେ ଯାବତୀୟ ପ୍ରକାର ଲୋକଙ୍କର ସମ୍ପର୍ଶରେ ଆସିଥାନ୍ତି, ଯେଉଁମାନଙ୍କର କି ସେମାନଙ୍କ ଉପରେ ନିଶ୍ଚିତ ଭାବରେ ଏକ ପ୍ରଭାବ ପଡ଼ିଥାଏ, ବିଶେଷତଃ ସେମାନେ ଅତି ଛୋଟ ଥିବା ସମୟରେ ଏପରି ହୋଇଥାଏ । ଏବଂ ଏହିସବୁ ପ୍ରଭାବ ସେମାନଙ୍କର ଅବଚେତନ ମଧ୍ୟରେ ପ୍ରବେଶ କରିଥାଏ ଏବଂ ପରବର୍ତ୍ତୀ ଜୀବନରେ ସେହିଗୁଡ଼ିକ ସହିତ କେତେ କ'ଣ ସଂଘର୍ଷ କରିବାକୁ ପଡ଼େ । ତେଣୁ ମୁଁ କହୁଛି : ସର୍ବୋତ୍କୃଷ୍ଟ ମନୁଷ୍ୟମାନଙ୍କର କ୍ଷେତ୍ରରେ ମଧ୍ୟ, ଆମର ଶରୀର ବର୍ତ୍ତମାନ ଯେଉଁ ମାର୍ଗରେ ତିଆରି ହୋଇଛି, ତୁମକୁ ନିଶ୍ଚୟ ଅଗଣିତ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ୁଥିବ । ସେହି ବାଧାବିଘ୍ନ ଓ ଅସୁବିଧାମାନ ଅଳ୍ପବହୁତ ଅବଚେତନ ଭିତରୁ ଆସୁଥିବେ, ମାତ୍ର ଉପରିଭାଗକୁ ଉତ୍ଥିତ ହୋଇ ଆସୁଥିବେ ଏବଂ ସମ୍ପୂର୍ଣ୍ଣ ମୁକ୍ତ ହୋଇ ଆପଣାର ସୁଷ୍ଠୁ ବିକାଶ ସାଧନ କରିବା ଲାଗି ସମର୍ଥ ହେବା ପୂର୍ବରୁ ତୁମକୁ ସେଗୁଡ଼ିକ ବିରୁଦ୍ଧରେ ସଂଗ୍ରାମ କରିବାକୁ ପଡ଼ୁଥିବ ।

ସରଳ ?

(ମାଆ ନୀରବ ରହିଲେ)

ହଁ, ଫେବୃଆରୀ ମାସର ଶେଷଠାରୁ ଏହି ବିଷୟରେ ବେଶ୍ ଅନେକ ପ୍ରଶ୍ନ ମୋ ପାଖକୁ ଆସିଛି :

> ଅତିମାନସ ପ୍ରକୃତିରେ କିପରି କାର୍ଯ୍ୟ କରିବ ? ତାହାକୁ ଗ୍ରହଣ କରିବାକୁ ହେଲେ କ'ଣସବୁ କରିବାକୁ ପଡ଼ିବ ? ତାହା କିପରି ରୂପରେ ଆତ୍ମପ୍ରକାଶ କରିବ ?···

ମୁଁ ଯଥାସମ୍ଭବ ଯଥାଯଥ ଭାବରେ ତାହାର ଉତ୍ତର ଦେଇ ସାରିଛି । ମାତ୍ର ଘଟଣାଟି ଏପରି ହୋଇଛି ଯେ ଶ୍ରୀଅରବିନ୍ଦଙ୍କ ଲିଖିତ 'ବେଦ ବିଷୟରେ' ଛନ୍ଥଟିରେ ଏକ ନିର୍ଦ୍ଦିଷ୍ଟ ପୃଷ୍ଠାରେ ଗୋଟିଏ ଟିପ୍‌ପଣୀ ରହିଛି ଏବଂ ସେଥିରେ ସିଏ ଏହିସବୁ ପ୍ରଶ୍ନର ଉତ୍ତର ଦେଇଛନ୍ତି । ଲୋକମାନଙ୍କୁ ମୁଁ ସବୁବେଳେହିଁ କହିଥାଏ : ଶ୍ରୀଅରବିନ୍ଦ ଯାହାସବୁ ଲେଖିଛନ୍ତି, ଯଦି ଟିକିଏ କଷ୍ଟ କରି ତୁମେ ତାହାକୁ ପଢ଼ିପାରନ୍ତି, ତେବେ ତୁମେ ପଚାରୁଥିବା ଅନେକାନେକ ପ୍ରଶ୍ନର ଆଉ କୌଣସି ଆବଶ୍ୟକତା ରହନ୍ତା ନାହିଁ, କାରଣ ଶ୍ରୀଅରବିନ୍ଦ ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଦେଇ ସାରିଛନ୍ତି । ମାତ୍ର ପ୍ରକୃତ ପକ୍ଷରେ ଲୋକମାନଙ୍କର ଆବଶ୍ୟକ ସମୟ ନଥାଏ, ଧୈର୍ଯ୍ୟ ନଥାଏ,

'oaob.nitrkl.ac.in' images reprocessed

ଅଥବା ଇଚ୍ଛା ମଧ୍ୟ ନଥାଏ, ଯାହାସବୁ ଆବଶ୍ୟକ, ସେଗୁଡ଼ିକ ସେମାନଙ୍କ ପାଖରେ ନଥାଏ ଓ ତେଣୁ ସେମାନେ କିଛି ପଢ଼ନ୍ତି ନାହିଁ । ବହିଗୁଡ଼ିକ ଛପା ହେଉଥାଏ, ଏପରିକି, ମୋର ବିଶ୍ୱାସ, ସେଗୁଡ଼ିକର ସୁବିତରଣ ମଧ୍ୟ ହୋଇଥାଏ, ମାତ୍ର ଖୁବ୍ କମ୍ ଲୋକ ପ୍ରକୃତରେ ସେଗୁଡ଼ିକୁ ପଢ଼ନ୍ତି । ସେକଥା ଯାହା ହେଉ ପଛକେ, ଏଠାରେ ମୁଁ ଶ୍ରୀଅରବିନ୍ଦଙ୍କର ଉତ୍ତରଟି କହିଦେଉଛି । ତୁମେ ଏଇଟି ଉପରେ ଭାବିବାକୁ ଚେଷ୍ଟା କରିବ, ଏବଂ ଯଦି କୌଣସି ବିଶେଷ ପ୍ରଶ୍ନ ପଚାରିବାକୁ ଥିବ, ତେବେ ମୁଁ ତାହାର ଉତ୍ତର ଦେବି ।

ଶୁଣ :

"ଏକ ସତତ ସମ୍ପ୍ରସାରଣ ଏବଂ ଆତ୍ମ-ପରିପୂର୍ଣ୍ଣତାସାଧନ ଦ୍ୱାରାହିଁ ଦିବ୍ୟ ପରମଇଚ୍ଛାଟି ଦ୍ୱାରା ଆମ ଭିତରେ ଅତିମାନସ ପୃଥିବୀ ଗଢ଼ାହେବ ବା ତାହାର ସୃଷ୍ଟି କରାହେବ ।"[1]

ଅର୍ଥାତ୍, ଆପଣା ଭିତରେ ଏକ ଅତିମାନସ ସତ୍ତାର ପ୍ରାପ୍ତି ଲାଗି ଆଶା କରିବାକୁ ହେବ, ତାହାକୁ କାମରେ ଲଗାଇବାକୁ ହେବ ଓ ତାହାର ରଚନା କରିବାକୁ ହେବ, ଏବଂ ତାହାର ପରିଣାମସ୍ୱରୂପ ଏକ ଅତିମାନସ ଜଗତର ବି ରଚନା କରିବାକୁ ହେବ; ଏବଂ ଏପରି ସମ୍ଭବ କରିବାକୁ ହେଲେ ସର୍ବପ୍ରଥମେ ଚେତନାର ଭୂମିରେ ଏକ ସମ୍ପ୍ରସାରଣ ଘଟାଇବାକୁ ପଡ଼ିବ ଏବଂ ଏକ ଅବିରତ ବ୍ୟକ୍ତିଗତ ଅଗ୍ରଗତି ସାଧନ କରିବାକୁ ପଡ଼ିବ : ସ୍ୱଠାରୁ ସେହି ଭୂମିଟି ଭିତରକୁ

---

[1] "ଦିବ୍ୟ ଇଚ୍ଛା, ଯାଜକ, ଯୋଦ୍ଧା ଏବଂ ଅମର ଯାତ୍ରାର ନାୟକ" ଶୀର୍ଷକରେ ଶ୍ରୀଅରବିନ୍ଦ ଋଗ୍‌ବେଦ ପଞ୍ଚମ ମଣ୍ଡଳର ଅଗ୍ନିସୂକ୍ତରେ ଥିବା ଚତୁର୍ଥ ଶ୍ଳୋକର ଯେଉଁ ଟୀକା ଲେଖିଛନ୍ତି, ଏହି ଟିପ୍ପଣୀଟି ସେଥିରେ ରହିଛି :

"ହେ ଜନ୍ମତତ୍ତ୍ୱର ଜ୍ଞାତା, ଆପଣାର କର୍ମରେ ପ୍ରବୀଣ,
ଯେଉଁ ବାକ୍ୟ ସହାୟେ ତୁମେ ଅନ୍ୟ ଆନନ୍ଦମୟ ପୃଥିବୀଟିକୁ ସୃଷ୍ଟି କରୁଛ, *
ସିଏ ଏହି ସୁଖରୁ ପ୍ରାପ୍ତ ହୁଏ ଯାହାକି ତା' ଜୀବନର ସତ୍ୟତାରେ ସମୃଦ୍ଧ ହୋଇ ରହିଥାଏ, ତା'ର ଅନେକ-ସନ୍ତାନମାନଙ୍କ ଦ୍ୱାରା, ତାହାର ଅମ୍ଳାନ ସନ୍ତାନମାନଙ୍କ ଦ୍ୱାରା, ତାହାର ଶୌର୍ଯ୍ୟ ବାହିନୀଗୁଡ଼ିକ ଦ୍ୱାରା ଯାହା ସମୃଦ୍ଧ ହୋଇ ରହିଥାଏ ।"

(ବେଦରହସ୍ୟ, ପୃଷ୍ଠା-୩୭୫)

* ପାଦ ଟିପ୍ପଣୀର ସ୍ଥାନ ଏହିଠାରେ ।

'oaob.nitrkl.ac.in' images reprocessed

ଉଡ଼ିଯାଇ ପୁଣି ବାହୁଡ଼ି ଆସୁଥିଲେ ହେବ ନାହିଁ, ଟିକିଏ ଅଭୀପ୍‌ସା ଓ ଟିକିଏ ଚେଷ୍ଟା କରି ପୁଣି ନିଦ୍ରାମଗ୍ନ ହୋଇ ରହି ଯାଉଥିଲେ ଆଦୌ ଚଳିବ ନାହିଁ । ଏଥିପାଇଁ ସର୍ବଦା **ଅବିରତ** ବଶ୍ୟ ହୋଇ ରହିବା ଉଚିତ, ସର୍ବଦା **ଅବିରତ** ଇଚ୍ଛା ଓ **ଅବିରତ** ପ୍ରୟାସ ହୋଇ ରହିବା ଉଚିତ, ସର୍ବଦା **ଅବିରତ** କର୍ମ ହୋଇ ରହିବା ଉଚିତ ।

ଯଦି ପ୍ରତ୍ୟେକ ଦିନ ପାଞ୍ଚ ମିନିଟ ପାଇଁ ତୁମେ ଏହି ବିଶ୍ୱଜଗତ ମଧ୍ୟରେ ଅତିମାନସ ପରମଶକ୍ତି ବୋଲି ଏକ ବସ୍ତୁ ରହିଛି ବୋଲି ସ୍ମରଣ କରି ପାରୁଥିବ, ଏବଂ ସେହି ଶକ୍ତି "ମୋ ଭିତରେ ପ୍ରକଟ ହେଲେ ତାହା ଖୁବ ଭଲ କଥା ହେବ" ବୋଲି ବି ଭାବୁଥିବ ଓ ତା'ପରେ ଅବଶିଷ୍ଟ ସମୟତକ ତୁମେ ଆଉ ଅନ୍ୟ କିଛି ଭାବୁଥିବ ଓ ଅନ୍ୟାନ୍ୟ ଯାବତ କଥାରେ ବ୍ୟସ୍ତ ହୋଇ ରହୁଥିବ, ତେବେ ତାହା ପ୍ରକୃତରେ ସମ୍ଭବ ହେବ ଏବଂ ତୁମ ଭିତରେ ପ୍ରକୃତରେ ସେପରି କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିବ ବୋଲି ଆଉ ଆଦୌ ସେତେବେଶୀ ସମ୍ଭାବନା ରହିବ ନାହିଁ । ଶ୍ରୀଅରବିନ୍ଦ ଅତ୍ୟନ୍ତ ସ୍ପଷ୍ଟ ଏବଂ ନିର୍ଭୁଲ ଭାବରେ ସେହି କଥା କହିଛନ୍ତି । **ତୁମେ** ନିଜେ ଏକଥା କରିବ ବୋଲି ସେ କଦାପି କହି ନାହାନ୍ତି, ଦିବ୍ୟ ପରମଇଚ୍ଛାହିଁ ଯାହାକିଛି କରିବେ ବୋଲି କହିଛନ୍ତି । ତେଣୁ, "ନାଇଁ, ନାଇଁ, ମୁଁ କଦାପି କରି ପାରିବ ନାହିଁ" ବୋଲି କେବେହେଲେ କୁହ ନାହିଁ । ତୁମେ ଏକଥା କରିବ ବୋଲି ତୁମକୁ କେହି କହୁ ନାହାନ୍ତି । ମାତ୍ର ତୁମକୁ ଯଥେଷ୍ଟ ପରିମାଣରେ ଅଭୀପ୍‌ସା ରଖିବାକୁହିଁ ପଡ଼ିବ, ସର୍ବଦା ସମ୍ପ୍ରସାରଣ ଓ ଚେତନାର ସମ୍ପ୍ରସାରଣ ସମ୍ଭବ କରିବା ଲାଗି ଯଥେଷ୍ଟ ପରିମାଣରେ ନିଷ୍ଠା ରଖିବାକୁ ପଡ଼ିବ । କାରଣ, ସତକଥା କହିବାକୁ ଗଲେ, ଆମେ ପ୍ରତ୍ୟେକ ବ୍ୟକ୍ତି ପ୍ରକୃତରେ ଏତେ କ୍ଷୁଦ୍ର, କ୍ଷୁଦ୍ର, ଏତେ ବେଶୀ କ୍ଷୁଦ୍ର ହୋଇ ରହିଛୁ ଯେ ତା' ଭିତରେ ଅତିମାନସ ଲାଗି କଦାପି ସ୍ଥାନ ଯଥେଷ୍ଟ ହେବ ନାହିଁ । ଏହା ଏତେବେଶୀ ଶ୍ରେଷ୍ଠ ହୋଇ ରହିଛି ଯେ ତାହା କେଉଁ ପୂର୍ବରୁ ମନୁଷ୍ୟଜୀବନର ଯାବତୀୟ ସାଧାରଣ ଓ କ୍ଷୁଦ୍ର ଗତିସ୍ପନ୍ଦନରେ ପୂର୍ଣ୍ଣ ହୋଇ ରହି ସାରିଲଣି । ତେଣୁ ଏକ ବୃହତ୍ ସମ୍ପ୍ରସାରଣ ଘଟାଇବାକୁ ପଡ଼ିବ, ଯେପରିକି ସେଥିରେ ଅତିମାନସର କ୍ରିୟାଶୀଳତା ଲାଗି ଯଥେଷ୍ଟ ସ୍ଥାନ ସମ୍ଭବ ହେବ ।

ଏବଂ, ତା' ସହିତ ଅଗ୍ରଗତି ଲାଗି ମଧ୍ୟ ଏକ ଅଭୀପ୍‌ସା ରହିଥିବା ଆବଶ୍ୟକ : ଆମେ ବର୍ତ୍ତମାନ ଯାହା ଅଛୁ, ଯେପରି ଅଛୁ, ଯାହାକିଛି କରୁଛୁ, ଯେତିକି ଜାଣିଛୁ ବା ଜାଣିଛୁ ବୋଲି ଭାବୁଛୁ, ସେତିକିରେ କଦାପି ସନ୍ତୁଷ୍ଟ ହୋଇ ରହିଯିବା ଉଚିତ ନୁହେଁ । ମାତ୍ର ଆହୁରି ଅଧିକ, ଆହୁରି କିଛି ଅଧିକ ଭଲ, ଏକ ବୃହତ୍ତର ଆଲୋକ, ଏକ ପ୍ରଶସ୍ତତର ଚେତନା, ଏକ ଯଥାର୍ଥତର ସତ୍ୟ ଏବଂ ଅଧିକ ବିଶ୍ୱଜନୀନ ଶୁଭ ଲାଗି ଅହରହ ଏକ ଅଭୀପ୍‌ସା ରହିଥିବା ଆବଶ୍ୟକ । ଏବଂ, ସର୍ବୋପରି, ଏପରି ଏକ

'oaob.nitrkl.ac.in' images reprocessed

ଶୁଭେଚ୍ଛା ରହିଥିବା ଆବଶ୍ୟକ, ଯାହାକି କଦାପି ନିରସ୍ତ ହୋଇ ଫେରି ଆସେ ନାହିଁ ।

ଏକଥାକୁ କଦାପି ଅଳ୍ପ କେତୋଟି ଦିନରେ ସାଧି କରି ହେବ ନାହିଁ ।

ପୁନଶ୍ଚ, ମୁଁ ଏକଥା ମଧ୍ୟ ବିଶ୍ୱାସ କରୁଛି ଯେ ଏହି କ୍ଷେତ୍ରରେ ମୁଁ ମୋର ଆବଶ୍ୟକ ସତର୍କତାଗୁଡ଼ିକୁ ଅବଲମ୍ବନ କରି ସାରିଥିଲି ଓ ସେଥିଲାଗି ଘୋଷଣା କରିଥିଲି ଯେ ସେହି ଅତିମାନସ ପରମ ଶକ୍ତିକୁ ଗ୍ରହଣ କରିବା ଲାଗି ପୃଥିବୀକୁ ଏକ ସୁଯୋଗ ଦିଆଯାଇଛି ଯେପରିକି ତାହା ସେହି ଶକ୍ତିକୁ ଆପଣା ଭିତରେ ପ୍ରକଟ କରିପାରିବ । ମାତ୍ର ମୁଁ ତଦ୍ୱାରା ଏକଥା ଆଦୌ କହି ନଥିଲି ଯେ ସେହି ଅଭିବ୍ୟକ୍ତି ସଙ୍ଗେସଙ୍ଗେ ଦୃଶ୍ୟମାନ ହୋଇଯିବ, ଏବଂ ପ୍ରତ୍ୟେକ ବ୍ୟକ୍ତି ସଙ୍ଗେସଙ୍ଗେ ଆଲୋକ, ଅକଳନ ସମ୍ଭାବନା ଏବଂ ଉପଲବ୍ଧିର ଏକ ପର୍ବତରେ ରୂପାନ୍ତରିତ ହୋଇଯିବ ଓ ସେ ବିନା ପ୍ରୟାସରେ ତାହା ହୋଇଯାଇ ପାରିବ । ମୁଁ ସଙ୍ଗେସଙ୍ଗେ କହି ଦେଇଥିଲି ଯେ ଏପରି କଦାପି ହେବ ନାହିଁ । ମୁଁ ଏପରିକି ଏକଥା ମଧ୍ୟ କହିଥିଲି ଯେ ଏଥିଲାଗି ବେଶ୍ ଏକ ଦୀର୍ଘ ସମୟ ଲାଗିବ । ମାତ୍ର ତଥାପି ଲୋକମାନେ ଅଭିଯୋଗ କରି କହୁଛନ୍ତି ଯେ ଅତିମାନସର ଆବିର୍ଭାବ ଦ୍ୱାରା କିଛି କେଉଁଠି ଆଦୌ ସହଜ ହୋଇ ଯାଇ ନାହିଁ, ଏବଂ କେତେକ କ୍ଷେତ୍ରରେ ବସ୍ତୁଗୁଡ଼ିକ ପ୍ରକୃତରେ ଅଧିକ ଆୟାସସାଧ୍ୟ ହୋଇ ପଡ଼ିଛନ୍ତି । ସେମାନଙ୍କ ପ୍ରତି ମୋର ପୂର୍ଣ୍ଣ ସହାନୁଭୂତି ଅଛି ସତ, ମାତ୍ର ମୁଁ ଏବିଷୟରେ ଆଦୌ କିଛି କରି ପାରିବି ନାହିଁ । କାରଣ, ଏଥିରେ ଅତିମାନସ ପରମଶକ୍ତିର ଆଦୌ କୌଣସି ଦୋଷ ନାହିଁ, ତାହାକୁ ଆମେ ଯେପରି ଭାବରେ ଗ୍ରହଣ କଲୁ, ଦୋଷ ତାହାରି ମଧ୍ୟରେ ରହିଛି । ମୁଁ ଏପରି ଦୃଷ୍ଟାନ୍ତମାନ ଜାଣିଛି, ଯେଉଁଥିରେ କି ଅଭୀପ୍‌ସାଟି ପ୍ରକୃତରେ ନିସ୍ୱାର୍ଥ ହୋଇ ରହିଥିଲା, ପୂର୍ଣ୍ଣ ସହଯୋଗ ମଧ୍ୟ ରହିଥିଲା ଏବଂ ଅତୀତରେ ଅତ୍ୟନ୍ତ କଷ୍ଟକର ବୋଲି ବୋଧ ହୋଇ ଆସିଥିବା ଅନେକ କଥା ହଠାତ୍ ଅନନ୍ତ ଗୁଣରେ ଅଧିକ ସହଜ ହୋଇ ଯାଇଥିଲା ।

ମାତ୍ର, ଗୋଟିଏ ପାଖରେ ଏକ ମାନସିକ କୌତୂହଳ ରହିଥାଏ ଯାହାକି ଶବ୍ଦ ଓ ବିଚାରଗୁଡ଼ିକୁ ନେଇ ଖେଳିବାରେ ଲାଗିଥାଏ, ଏବଂ ଅନ୍ୟ ପାଖରେ ସତ୍ତ୍ୱର ଏକ ଯଥାର୍ଥ ଅଭୀପ୍‌ସା ରହିଥାଏ, ଯାହାକି କେବଳ ତାହାରହିଁ ଏକମାତ୍ର ପ୍ରକୃତ ତାତ୍ପର୍ଯ୍ୟ ରହିଛି ବୋଲି ଅନୁଭବ କରୁଥାଏ, ଅଉ କାହାରି କୌଣସି ମୂଲ୍ୟ ରହିଛି ବୋଲି ମାନୁ ନଥାଏ; ସେହି ଯଥାର୍ଥ ଅଭୀପ୍‌ସା ଓ ଅନ୍ତର୍ଗତ ଇଚ୍ଛାଟି ରହିଥାଏ ଯେଉଁ ସକାଶେ କି କେବଳ ସେଇଟିକୁ ଛାଡ଼ିଦେଲେ ଆଉ କାହାରି ହେଲେ କୌଣସି ତାତ୍ପର୍ଯ୍ୟ ନଥାଏ; ସେଇଟି ବ୍ୟତୀତ ଅସ୍ତିତ୍ୱର ଆଉ ଆଦୌ କୌଣସି କାରଣ ନଥାଏ, ଜୀବନଧାରଣର ମଧ୍ୟ ଆଉ କୌଣସି କାରଣ ନଥାଏ । ଏହି ଦୁଇଟି ମଧ୍ୟରେ ସର୍ବଦା ଏକ ବୃହତ୍ ଅନ୍ତର ରହିଛି ବୋଲି ଜାଣିବାକୁ ହେବ ।

'oaob.nitrkl.ac.in' images reprocessed

ଏବଂ ଆମର ଖାଲି ଆଖିକୁ ସେହି ଅତିମାନସ ଦୃଶ୍ୟମାନ ହୋଇ ପାରିବାକୁ ହେଲେ, ଆମେ ସେହି ଅତିମାନସକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କରିବାକୁ ଚାହୁଁଥିଲେ ଆମର ଏହି ଅଭୀପ୍ସାଟି ଲାଗିହିଁ ପ୍ରୟୋଜନ ରହିଥିବ ।

ଏବଂ ସ୍ମରଣ ରଖିବାକୁ ହେବ ଯେ ଏଠାରେ ମୁଁ କୌଣସି ଶାରୀରିକ ରୂପାନ୍ତରର କଥା କହୁ ନାହିଁ; କାରଣ ସେହି କଥାଟିକୁ ସମସ୍ତେ ଜାଣିଛନ୍ତି : ଗୋଟାଏ ରାତିରେ ଯେ ତୁମେ ଆଲୋକମୟ ଓ ନମନୀୟ ହୋଇ ଗଢ଼ା ହୋଇଯିବ ସେକଥା ମୋଟେ ନୁହେଁ । ତୁମର ଓଜନ ହାଲୁକା ହୋଇଯିବ, ମୁକ୍ତ ଭାବରେ ସ୍ଥାନରୁ ସ୍ଥାନାନ୍ତର ହୋଇପାରିବ, ଏକା ସମୟରେ ଦୁଇଜଣେ ଜାଗାରେ ଆବିର୍ଭୂତ ହେଉଥିବ, ଇତ୍ୟାଦି ଇତ୍ୟାଦି,—ଗୋଟାଏ ରାତିରେ ଏସବୁ ହୋଇଯିବ ବୋଲି ତୁମେ କଦାପି ଆଶା କରି ପାରିବ ନାହିଁ । ନାହିଁ, ଏଗୁଡ଼ାକ ଏକାବେଳକେ ହୋଇଯିବ ବୋଲି ଆଶା ନକରିବା ଦ୍ୱାରାହିଁ ତୁମେ ବିବେକର କାର୍ଯ୍ୟ କରିବ । ଏଥିଲାଗି ସମୟ ଲାଗିବ ।

ମାତ୍ର ତଥାପି, ଚେତନାର କ୍ରିୟାଶୀଳତା, କେତେକ ପରିମାଣରେ ଆପଣା ଉପରେ ଆପଣାର ପୂର୍ଣ୍ଣ ନିୟନ୍ତ୍ରଣ, ନିଜ ଶରୀର ଉପରେ ନିୟନ୍ତ୍ରଣ, ବସ୍ତୁ ବିଷୟରେ ଏକ ଅପରୋକ୍ଷ ଜ୍ଞାନ, ଏକାତ୍ମକ ହୋଇ ପାରିବାରେ ଏକ ସାମର୍ଥ୍ୟ ଏବଂ ଏକ ସ୍ୱଚ୍ଛ ଦୃଷ୍ଟିକ୍ଷମତା, ଏତେ ଅଧିକ ପରିମାଣରେ ମିଥ୍ୟାମୟ, ଅସତ୍ୟ ଏବଂ ଜୀବନହୀନ ହୋଇ ରହିଥିବା କେବଳ ପ୍ରତିଭାସଗୁଡ଼ିକୁହିଁ ଦେଖି ପାରୁଥିବା ସେହି ଅସ୍ପଷ୍ଟ ଏବଂ ଅସ୍ୱଚ୍ଛ ଦୃଷ୍ଟି ପରିବର୍ତ୍ତେ ଏକ ସ୍ୱଚ୍ଛ ଦୃଷ୍ଟିକ୍ଷମତା,—ଅପେକ୍ଷାକୃତ ଅଧିକ ଅପରୋକ୍ଷ ବୋଧ, ଏକ ଅନ୍ତର୍ଗତ ବୋଧଶକ୍ତି,—ଏସବୁ ସାମର୍ଥ୍ୟ ସମ୍ଭବ ହୋଇପାରିବା ଉଚିତ ଏବଂ ଯଦି ଜଣେ ଆପଣାକୁ ପ୍ରସ୍ତୁତ କରି ପାରିଛି, ତେବେ ଅତିଶୀଘ୍ର ଆସିପାରିବା ଉଚିତ ।

କେବଳ ଏପରି ଏକ ଅନୁଭୂତି ଲାଭ କରିବା ଯେ ମୁଁ ଯେଉଁ ବାୟୁକୁ ନିଃଶ୍ୱାସରେ ଗ୍ରହଣ କରୁଛି, ତାହା ଅଧିକ ଜୀବନମୟ ହୋଇ ରହିଛି, ମୋର ଯେଉଁ ବଳ ରହିଛି, ତାହା ହେଉଛି ଅଧିକ ସ୍ଥାୟୀ । ଏବଂ ମୋତେ କ'ଣ କରିବାକୁ ହେବ, ଗୋଟାଏ ଅତି ମଳିନ ପରି ସର୍ବଦା ସେଥିଲାଗି ଅଣ୍ଡାଳି ହେବା ପରିବର୍ତ୍ତେ, ଏକ ସ୍ୱଚ୍ଛ, ନିର୍ଭୁଲ ଅନ୍ତର୍ଗତ ସଂଯୋଗସୂତ୍ର ଲାଭ କରି ପାରିବା : ଏହିଟିହିଁ ଆବଶ୍ୟକ,—ସେଇଟି ନୁହେଁ : ଏଇଟି ।

ଆମେ ପ୍ରସ୍ତୁତ ହେଲେ ଆମେ ଏହି ସାମର୍ଥ୍ୟଗୁଡ଼ିକୁ ଅଚିରେ ଲାଭ କରି ପାରିବା ।

(ମାଆ ନୀରବ ରହିଲେ)

ଆଜି ମୁଁ ଏପରି ଆଉ କେତେକ ପ୍ରଶ୍ନ ପାଇଲି, ଆମେ ବର୍ତ୍ତମାନ ଆଲୋଚନା କରୁଥିବା ବିଷୟଗୁଡ଼ିକ ସହିତ ଯେଉଁଗୁଡ଼ିକର କି ଆଦୌ କୌଣସି ସମ୍ବନ୍ଧ ନାହିଁ ।

'oaob.nitrkl.ac.in' images reprocessed

ଆମ ପୃଥିବୀ ଯେତିକି ପୁରୁଣା, ଏହି ପ୍ରଶ୍ନଗୁଡ଼ିକ ମଧ୍ୟ ସେତିକି ପୁରୁଣା ଏବଂ ମୁଁ ହୁଏତ କେତେ ଶହ ଥର ସେଗୁଡ଼ିକର ଉତ୍ତର ଦେଇ ସାରିଥିବି; ମାତ୍ର ତଥାପି, ସେହି ଉତ୍ତରଗୁଡ଼ିକ ସମ୍ଭବତଃ ଭିତରକୁ ପ୍ରବେଶ କରି ପାରି ନାହିଁ, କାରଣ ମୋତେ ପୁଣି ସେହି କଥା ପଚରା ଯାଇଛି :

## ଖରାପ ଭାବନାସବୁ ଆମ ଭିତରକୁ କାହିଁକି ଆସନ୍ତି ?

ଖରାପ ଭାବନାସବୁ କାହିଁକି ଆସନ୍ତି, ତୁମମାନଙ୍କୁ ମୁଁ ସେକଥା ଆଗରୁ କହି ନାହିଁ ?…ଖରାପ ଭାବନାଗୁଡ଼ିକର ସଂଖ୍ୟା ଯେତିକି, ଏହି କାରଣଗୁଡ଼ିକର ସଂଖ୍ୟା ମଧ୍ୟ ସେତିକି । ପ୍ରତ୍ୟେକଟି ଖରାପ ଭାବନା ତା'ର ଏକ ବିଶେଷ କାରଣ ସକାଶେହିଁ ସମ୍ଭବ ହୋଇଥାଏ । ତୁମ ଭିତରେ ତାହାର କୌଣସି ସାଦୃଶ୍ୟ ରହିଛି ବୋଲି, ହୁଏତ ତୁମକୁ କେବଳ ତଡ଼ାଇବା ପାଇଁ, ତୁମେ ସେଗୁଡ଼ିକୁ ଡାକିଆଣୁଛ ବୋଲି, ଆପଣାକୁ ସେଗୁଡ଼ିକର ଆକ୍ରମଣ ଲାଗି ଉନ୍ମୁକ୍ତ କରି ରଖିଛ ବୋଲି ହୁଏତ ସେଗୁଡ଼ିକ ତୁମ ଭିତରକୁ ଆସୁଥିବେ; ଅଥବା, ଏହି ସବୁଗୁଡ଼ିକ ମିଶି କାରଣ ପରି କାର୍ଯ୍ୟ କରୁଥିବେ ଏବଂ ଏସବୁ ବ୍ୟତୀତ ଅନ୍ୟ ଅନେକ କାରଣ ବି ହୁଏତ ରହିଥିବ ।

ତୁମ ଭିତରକୁ ଖରାପ ଭାବନାମାନ ଆସନ୍ତି, କାରଣ ତୁମ ଭିତରେ କୌଣସି ନା କୌଣସି ସ୍ଥାନରେ ସେଗୁଡ଼ିକର ତତ୍ତୁଲ୍ୟ ହୋଇ କିଛି ନା କିଛି ରହିଥାଏ; ନହେଲେ ସେହିଭଳି କିଛି ବସି ଚାଲି ଯାଉଛନ୍ତି ବୋଲି ତୁମେ ହୁଏତ ଦେଖିବାକୁ ପାଆନ୍ତ ସିନା, ମାତ୍ର ସେଗୁଡ଼ିକ କଦାପି ତୁମ ଭିତରକୁ ଆସନ୍ତେ ନାହିଁ । ମୋର ଅନୁମାନ, ଏହି ପ୍ରଶ୍ନଟିର ଅର୍ଥ ହେଉଛି : ଥାଏ ଥାଏ, ହଠାତ୍ କାହିଁକି ତୁମେ କୌଣସି ନା କୌଣସି ଖରାପ କଥା ଭାବିବାକୁ ଆରମ୍ଭ କର ?

କାରଣ ସ୍ତରଗୁଡ଼ିକ ଖୁବ୍ ଭିନ୍ନ ଭିନ୍ନ ହୋଇ ରହିଥାଏ । ମୁଁ ଆଗରୁ ଅନେକ ଥର କହିଛି ଯେ, କୌଣସି ଏକ ସାଧାରଣ ଜାଗାରେ ଯଦି ଗୁଡ଼ାଏ ଲୋକ ଭିଡ଼ କରି ଜମା ହୋଇଥାନ୍ତି, ତେବେ ସେଠାରେ ବାତାବରଣଟି ଯେପରି ହୋଇ ରହିଥିବ, ମନର ବାତାବରଣଟି ହେଉଛି ତା'ଠାରୁ ଆହୁରି ଅଧିକ ଖରାପ : ଅଗଣିତ କେତେ କେତେ ଭାବନା ଆସୁଥିବ ଯାଉଥିବ, ସବୁ ପ୍ରକାରର ଭାବନା ଏବଂ କେତେ କେତେ ରୂପ ଏପରି ଏକ ଜଟିଳ ଜାଲ ବିସ୍ତାର କରି ଆସିବାରେ ଯିବାରେ ଲାଗିଥାନ୍ତି ଯେ ତା' ଭିତରୁ ନିର୍ଦ୍ଦିଷ୍ଟ କିଛି ବାହାର କରିପାରିବା ଅସମ୍ଭବ ପ୍ରାୟ ହୋଇ ରହିଥାଏ । ତୁମର ମୁଣ୍ଡଟା ଯାଇ ତାହାରି ଭିତରେ ପଡ଼ି ରହିଥାଏ

'oaob.nitrkl.ac.in' images reprocessed

ଏବଂ ତୁମର ମନଟା ତ ଅନ୍ତର ଅଧିକ ଭାବରେ ରୁଦ୍ଧ ହୋଇ ରହିଥାଏ । ଜଣେ ମଣିଷ ସମୁଦ୍ର ଭିତରେ ଯାଇ ସ୍ନାନ କଲା ପରି ମନଟା ସେହିଗୁଡ଼ାକ ଭିତରେ ସ୍ନାନ କରିବାରେ ଲାଗିଥାଏ । ଏବଂ ସେହି ସବୁକିଛି ଆସିବାରେ ଯିବାରେ ଲାଗିଥାଏ, ଅତିକ୍ରମ କରି ଯାଉଥାଏ, ବୁଲି ପଡ଼ୁଥାଏ, ପରସ୍ପର ସହିତ ସଂଘାତ ଲାଗୁଥାଏ, ପ୍ରବେଶ କରୁଥାଏ ଓ ପୁଣି ବାହାରି ଯାଉଥାଏ ।···ତୁମେ ଯେଉଁ ମାନସିକ ବାତାବରଣଟି ଭିତରେ ଜୀବନଧାରଣ କରି ରହିଛ, ଯଦି ତୁମେ ସେ ବିଷୟରେ ସଚେତନ ହୋଇ ପାରୁଥାନ୍ତ, ତେବେ ତୁମକୁ ସତେଅବା ପାଗଳ ହୋଇଗଲା ପରି ଲାଗିବ । ମୁଁ ଭାବୁଛି, ବ୍ୟକ୍ତିର ମସ୍ତିଷ୍କଗତ କେତୋଟି ସୀମା ରହିବା ଏକାନ୍ତ ଆବଶ୍ୟକ, ସେଗୁଡ଼ିକ ଫିଲ୍‌ଟର ପରି କାର୍ଯ୍ୟ କରିପାରିବେ; ଏବଂ ଜୀବନରେ ଦୀର୍ଘ କାଳ ଲାଗି ଏପରି ଏକ ଆବଶ୍ୟକତା ନିଶ୍ଚୟ ରହିଥିବ ।

ଏହିସବୁଗୁଡ଼ିକରୁ ବାହାରି ଯାଇ ଏକ ସ୍ୱାଭାବିକ ମାନସିକ ପରିବେଶ ଭିତରେ ବାସ କରିବାକୁ ସମର୍ଥ ହେବା, ଏହାର ସ୍ୱାଭାବିକ ରୂପରେ ଏହାକୁ ଦେଖିବାକୁ ସମର୍ଥ ହେବା,—ପ୍ରାଣିକ ବାତାବରଣଟିରେ ପ୍ରାୟ ସେହି ଅବସ୍ଥାଟି ଦେଖିବାକୁ ମିଳିଥାଏ, ସମ୍ଭବତଃ ସେଠାରେ ତାହା ଆହୁରି ଅଧିକ କୁତ୍ସିତ ହୋଇ ରହିଥାଏ !—ସେହି ସ୍ୱାଭାବିକ ପରିବେଶଟି ମଧ୍ୟରେ ବାସ କରିବା ଏବଂ ତାହାକୁ ସେହିପରି ଭାବରେ ପ୍ରତ୍ୟକ୍ଷ କରିବା ଲାଗି ସମର୍ଥ ହେବାକୁ ହେଲେ ତୁମକୁ ଅନେକ ଶକ୍ତିଶାଳୀ ହେବାକୁ ପଡ଼ିବ, ତୁମ ଭିତରେ ଏକ ଅନ୍ତର୍ଗତ ନିର୍ଦ୍ଦେଶନାର ଦୃଢ଼ ସଚେତନତା ରହିଥିବ । ମାତ୍ର, ଯେକୌଣସି ପରିସ୍ଥିତିରେ ମଧ୍ୟ, ତୁମେ ଏଇଟିକୁ ଦେଖୁଥାଅ ବା ନଦେଖୁଥାଅ, ଏହି କଥାଟିକୁ ଅନୁଭବ କରୁଥାଅ ବା ନକରୁଥାଅ, ଏଇଟି ହେଉଛି ଏକ ବାସ୍ତବ ସତ୍ୟ, ଏହା ପ୍ରକୃତରେ ଠିକ୍ ସେହିପରି । ତେଣୁ, ଖରାପ ଭାବନାମାନ କେଉଁଠାରୁ ଆସନ୍ତି ବୋଲି ଆମେ କଦାପି ପ୍ରଶ୍ନ କରି ପାରିବା ନାହିଁ,—ଖରାପ ଭାବନାଗୁଡ଼ିକ ତ ସବୁଆଡ଼େ ପୂର୍ଣ୍ଣ ହୋଇ ରହିଛନ୍ତି ! ସେମାନେ ତେବେ ଆସନ୍ତି କାହିଁକି ?—ଏଠାକୁ ନଆସୁଥିଲେ ଆଉ କେଉଁଠାକୁ ଯାଆନ୍ତେ ? ତୁମେ ତ ସେହିଗୁଡ଼ାକ ଭିତରେ ଏକାବେଳକେ ମଝିରେ ଅଛି ରହିଛ !

ତୁମ ଭିତରେ ଯେଉଁ ଫିଲ୍‌ଟରଟି ରହିଥିବା ଯୋଗୁଁ ତୁମେ କେତୋଟି ଭାବନା ବିଷୟରେ ସଚେତନ ହୋଇ ପାରୁଛ ଓ ଅନ୍ୟ କେତୋଟି ବିଷୟରେ ସଚେତନ ହେଉ ନାହିଁ, ଚେତନାର ସେହି ଫିଲ୍‌ଟରଟି ତୁମର ଅନ୍ତର୍ଗତ ବୃତ୍ତି, ଅନ୍ତର୍ଗତ ସହଜାତବୃତ୍ତି ଏବଂ ଅନ୍ତର୍ଗତ ଅଭ୍ୟାସଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ହେବାରେ ଲାଗିଛି । ଏଠାରେ ମୁଁ ଚୈତ୍ୟ ଭୂମିଟିର କଥା କହୁ ନାହିଁ, ମନର ଭୂମିଟି ବିଷୟରେହିଁ କହୁଛି । ତୁମର ଶିକ୍ଷା ଓ ତୁମର ମସ୍ତିଷ୍କଗତ ବିକାଶହିଁ ଏଗୁଡ଼ିକର

'oaob.nitrkl.ac.in' images reprocessed

ନିୟନ୍ତ୍ରଣ କରିଥାଏ । ତୁମର ଅହଂହିଁ ସେହି ପ୍ରକାରର ଫିଲ୍‌ଟରଟିକୁ ଧାରଣ କରି ରଖିଥାଏ, ଯାହାର ଭିତର ଦେଇ କେତୋଟି ନିର୍ଦ୍ଦିଷ୍ଟ ଭାବନା ସେପାଖକୁ ଯାଇପାରନ୍ତି, ଆଉ କେତେକ ଆଦୌ ଯାଇ ପାରନ୍ତି ନାହିଁ । ଏହି ପ୍ରକ୍ରିୟାଟି ପ୍ରାୟ ଯନ୍ତ୍ରବତ୍ ହେବାରେ ଲାଗିଥାଏ । ତେଣୁ, ଯେଉଁଭଳି ଭାବନାକୁ ତୁମେ ଗ୍ରହଣ କରୁଛ, ସେଗୁଡ଼ିକ ତୁମର ପ୍ରକୃତ ଚରିତ୍ରଟି ବିଷୟରେ ମଧ୍ୟ ବେଶ୍ ଏକ ସ୍ପଷ୍ଟ ସୂଚକରୂପେ କାର୍ଯ୍ୟ କରିପାରନ୍ତି । ତୁମ ଲାଗି ହୁଏତ ତାହା ଏକାନ୍ତ ଅବଚେତନ ହୋଇ ରହିପାରେ; କାରଣ ଆପଣାକୁ ଯଥାର୍ଥରେ ଜାଣିବା ସକାଶେ ମଣିଷ ସାଧାରଣତଃ ଆଦୌ ଅଭ୍ୟସ୍ତ ହୋଇ ରହି ନଥାଏ । ମାତ୍ର ତଥାପି ତାହା ତୁମ ଚରିତ୍ରର ସାଧାରଣ ପ୍ରବୃତ୍ତିଟି ବିଷୟରେ ଏକ ସଙ୍କେତକରୂପେ ନିଶ୍ଚୟ କାର୍ଯ୍ୟ କରିପାରେ । ଏହି କଥାଟିକୁ ସରଳ ଭାବରେ କହିବାକୁ ଗଲେ, ଯଦି ଉଦାହରଣସ୍ୱରୂପ ତୁମେ ଜଣେ ଆଶାବାଦୀର କଥା ବିଚାର କରିବ, ତେବେ ଦେଖିବ ଯେ ତା'ର ମନକୁ ସାଧାରଣତଃ କେବଳ ଆଶାବାଦୀ ଭାବନାମାନ ଆସିବାରେ ଲାଗିଛି; ଯଦି ସେହି ଲୋକଟି ନିରାଶାବାଦୀ ହୋଇଥିବ, ତେବେ ସାଧାରଣତଃ ନିରାଶାବାଦୀ ଭାବନାମାନହିଁ ଆସିବାରେ ଲାଗିଥିବ । ଏଠାରେ ମୁଁ ଅତ୍ୟନ୍ତ ସାଧାରଣ ଭାବରେ ଏସବୁ କହୁଛି । ଯଦି ଜଣେ ବ୍ୟକ୍ତି ଟିକିଏ ବିଦ୍ରୋହପ୍ରକୃତିର ହୋଇଥିବ, ତେବେ ତା' ଭିତରୁ ବିଦ୍ରୋହପୂର୍ଣ୍ଣ ଭାବନାମାନ ନିଷ୍ପନ୍ନ ହେଉଥିବ; ଏବଂ ମେଣ୍ଢାଙ୍କ ପରି ଅତ୍ୟନ୍ତ ଭୀରୁ ଓ ଡରକୁଳା ମଣିଷର ଭାବନାଗୁଡ଼ିକ ମଧ୍ୟ ଠିକ୍ ମେଣ୍ଢାଙ୍କ ପରି ଭୀରୁ ଓ ଡରକୁଳା ହୋଇ ରହିଥିବ । ଅବଶ୍ୟ, ମେଣ୍ଢାଙ୍କର ଆଦୌ କୌଣସି ଭାବନା ରହିଥିଲେ ଯାଇ ଏପରି ହେବ । ଏହା ହେଉଛି ଅମର ସାଧାରଣ ଓ ସଚରାଚର ଅବସ୍ଥା ।

ମାତ୍ର, ଯଦି ତୁମେ ଅଗ୍ରଗତି କରିବା ଲାଗି ଏକ ନିଷ୍ପତ୍ତି ଗ୍ରହଣ କରିଥାଅ ଏବଂ ଯଦି ଯୋଗମାର୍ଗରେ ଆସି ପ୍ରବିଷ୍ଟ ହୁଅ, ତେବେ ଏହି କ୍ଷେତ୍ରରେ ଏକ ନୂତନ ଘଟଣା ଆସି ସ୍ଥିତିଟିରେ ହସ୍ତକ୍ଷେପ କରିବ । ତୁମେ ଅଗ୍ରଗତି କରିବା ଲାଗି ମନ କରିବା ମାତ୍ରକେ, ତୁମ ଭିତରେ ଓ ତୁମ ଚତୁଃପାର୍ଶ୍ୱରେ ଯାହାକିଛି ଆଦୌ କୌଣସି ଅଗ୍ରଗତି ନକରିବାକୁହିଁ ଇଚ୍ଛା କରୁଥିବ, ତୁମକୁ ସଙ୍ଗେ ସଙ୍ଗେ ସେହିଗୁଡ଼ିକର ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ିବ । ଏବଂ ଏହିସବୁ ପ୍ରତିରୋଧ ଆପଣାର ଏକ ଭଙ୍ଗୁର ମାଧ୍ୟମରେହିଁ ସ୍ୱଭାବତଃ ଆପଣାକୁ ଅଭିବ୍ୟକ୍ତ କରିବାକୁ ଲାଗିବ ।

ଉଦାହରଣସ୍ୱରୂପ ମନେ କରାଯାଉ ଯେ ଖାଦ୍ୟ ବିଷୟରେ ତୁମର ଯେଉଁସବୁ ଅଭ୍ୟାସ ରହିଛି, ତୁମେ ତାହାର କ୍ଷେତ୍ରରେ ଏକ ଅଗ୍ରଗତି ସମ୍ଭବ କରିବାକୁ ଇଚ୍ଛା କରୁଛ । ତେବେ, ପ୍ରାୟ ସତତ ଭାବରେ ତୁମ ପାଖକୁ ଏପରି ଅନେକ ଭାବନା

'oaob.nitrkl.ac.in' images reprocessed

ଆସିବ, ଯାହାଙ୍କ ସୁନିଶ୍ଚିତ ଭାବରେ ଖାଦ୍ୟ ବିଷୟରେହିଁ ଆଗ୍ରହୀ ହୋଇ ରହିଥିବ; କ'ଣ ଖାଇବା ଉଚିତ, କ'ଣ ନଖାଇବା ଉଚିତ, କିପରି ଖାଇବା ଉଚିତ ଓ କିପରି ନଖାଇବା ଉଚିତ,—ଏହିପରି ନାନା ଭାବନା ତୁମ ଭିତରକୁ ଆସିବ ଓ ସେଗୁଡ଼ିକ ତୁମକୁ ଅତ୍ୟନ୍ତ ସ୍ୱାଭାବିକ ବୋଲି ବୋଧ ହେଉଥିବ । "ହଁ, ସେଗୁଡ଼ାକର କବଳରୁ ମୁକ୍ତ ହୋଇ ଆସିବା ଲାଗି ମୁଁ ପ୍ରକୃତରେ କେତେ ଇଚ୍ଛା ନ କରିବି, ଏବଂ ଏହିସବୁ ଯାବତୀୟ ଭାବନା ମୋତେ ପ୍ରକୃତରେ ମୋର ସେହି ଅଗ୍ରଗତି ଦିଗରେ କେତେ କ'ଣ ବାଧା ସୃଷ୍ଟି କରି ନରଖିଛି !" ବୋଲି ନିଜ ମନକୁ ମନ ତୁମେ ଯେତିକି ଅଧିକ ପରିମାଣରେ କହିବାରେ ଲାଗିଥିବ, ସେହି ଭାବନାଗୁଡ଼ାକ ତୁମ ଭିତରକୁ ସେତିକି ଅଧିକ ପରିମାଣରେ ଆସିବାରେ ଲାଗିଥିବେ, ଚୁପ୍ ଚୁପ୍ ହୋଇ ପଶି ଆସୁଥିବେ । ତୁମ ଭିତରେ ପ୍ରକୃତ ଅଗ୍ରଗତିଟି ସମ୍ଭବ ହୋଇପାରିବା ପର୍ଯ୍ୟନ୍ତ ଏବଂ ତୁମେ ଚେତନାର ଏପରି ଏକ ଭୂମିକୁ ଉନ୍ନୀତ ହୋଇ ଆସିବା ପର୍ଯ୍ୟନ୍ତ, ଯେଉଁଠାରେ କି ଊର୍ଦ୍ଧ୍ୱରେ ଥାଇ ତୁମେ ଏଗୁଡ଼ିକ ଉପରେ ଦୃଷ୍ଟିପାତ କରି ପାରିବ ଓ ସେଗୁଡ଼ିକୁ ସେଗୁଡ଼ିକର ଯଥାଯଥ ସ୍ଥାନଟିରେ ରଖିବାରେ ସମର୍ଥ ହୋଇଯିବ, ସେପର୍ଯ୍ୟନ୍ତ ଏହିପରି ଲାଗିଥିବ । ଏବଂ, ଏହି ସଂସାରରେ ସେହିସବୁ ଭାବନା ଲାଗି ଯେ ଖୁବ୍ ଗୁଡ଼ାଏ ସ୍ଥାନର ଆବଶ୍ୟକତା ରହିବ, ସେ କଥା ଆଦୌ ନୁହେଁ । ଏବଂ, ଯାବତୀୟ ବସ୍ତୁ ଲାଗି ଠିକ୍ ଏହିପରି ହେଉଥିବ । ତେଣୁ, ତୁମେ ଯେଉଁସବୁ ବସ୍ତୁ ନେଇ ବ୍ୟସ୍ତ ହୋଇ ରହିଛ ଏବଂ ଯେଉଁସବୁ ବସ୍ତୁ ଲାଗି ତୁମ ଭିତରେ ଏକ ଖିଅ ଲାଗି ରହିଛି, ସେହିଗୁଡ଼ିକହିଁ ପ୍ରାୟ ପରସ୍ପରବିରୋଧୀ ଭାବରେ ତୁମକୁ ଯେ କେବଳ ତୁମର ଜୀବନଧାରାଟି ସହିତ ଯେଉଁଗୁଡ଼ିକର ଏକ ତଦ୍‌ଲୀନତା ଏବଂ ସମ୍ବନ୍ଧ ଲାଗି ରହିଛି, କେବଳ ସେଗୁଡ଼ିକ ସହିତ ନୁହେଁ, ମାତ୍ର ସେଗୁଡ଼ିକର ଏକାନ୍ତ ବିରୋଧୀ ବସ୍ତୁଗୁଡ଼ିକ ସହିତ ମଧ୍ୟ ସମ୍ପର୍କଯୁକ୍ତ କରି ରଖିଥିବେ । ଏବଂ ବିବେକର ସହିତ ସେଗୁଡ଼ିକ ଉପରେ ଦୃଷ୍ଟିପାତ କରି ପାରିବା ଲାଗି ଆରମ୍ଭରୁହିଁ ସତର୍କ ହୋଇ ନରହିଲେ, ତୁମ ଜୀବନଟା ପ୍ରକୃତରେ ଏକ ମାନସିକ ସମରକ୍ଷେତ୍ରରେହିଁ ପରିଣତ ହୋଇଯିବ ।

ଯଦି ତୁମେ ଏକ ଉଚ୍ଚତର ସ୍ତରକୁ ଉଠିଯାଇ ପାରିବାକୁ ଜାଣିଥିବ, ଏହି ସାଧାରଣ ଭୌତିକ ମନର ଉପରକୁ ଆଉ ଏକ ମନନଶୀଳ ମନୋରାଜ୍ୟର ଭୂମି ମଧ୍ୟକୁ ପ୍ରବେଶ କରି ଜାଣିଥିବ, ତେବେ ତୁମେ ଅତ୍ୟନ୍ତ ନିର୍ମଳ ଭାବରେ ଏହି ଯାବତୀୟ ନାଟ ଓ ଏହି ଯାବତୀୟ ସଂଘର୍ଷକୁ ପ୍ରତ୍ୟକ୍ଷ କରି ପାରିବ, ଏହି ଯାବତୀୟ ଦ୍ୱନ୍ଦ୍ୱ ଓ ଏହିସବୁ ପରସ୍ପରବିରୋଧକୁ ତୁମେ ଏପରି ଏକ କୌତୂହଳରୂପେ ପ୍ରତ୍ୟକ୍ଷ କରିବାକୁ ଆରମ୍ଭ କରିବ, ଯାହାକି ତୁମକୁ ଆଦୌ ସ୍ପର୍ଶ କରି ପାରୁ ନଥିବ ଓ ତୁମକୁ କୌଣସି ପ୍ରକାରେ ବିଚଳିତ କରି ପାରୁ ନଥିବ । ଯଦି ତା'ପରେ ଅହିରି ଗୋଟାଏ ପାଦ ବି ଉଠିଯାଇ ପାରିବ, ଏବଂ ତୁମେ ଯେଉଁ ଲକ୍ଷ୍ୟଟି ଅଭିମୁଖରେ ଯିବାକୁ ଇଚ୍ଛା

'oaob.nitrkl.ac.in' images reprocessed

କରୁଛ, ସେଇଟିକୁ ମଧ୍ୟ ଦେଖିବା ଲାଗି ସମର୍ଥ ହେବ, ତେବେ ତୁମେ କ୍ରମେ ତୁମର ଅଗ୍ରଗତି ଲାଗି ଅନୁକୂଳ ଯାବତୀୟ ଭାବନା ଓ ତୁମର ଅଗ୍ରଗତିର ବିରୋଧୀ ହୋଇ ରହି ତାହାର ଅନିଷ୍ଟ କରୁଥିବା ଓ ବ୍ୟାହତ କରି ପକାଉଥିବା ଅନ୍ୟ ଭାବନାଗୁଡ଼ିକ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ମଧ୍ୟ ବେଶ୍ ଦେଖି ପାରିବ; ପ୍ରଥମ ଭାବନାଗୁଡ଼ିକୁ ତୁମେ ଆପଣା ଲାଗି ସଞ୍ଚିତ କରି ରଖିବ ଏବଂ ଦ୍ୱିତୀୟ କିସମର ଭାବନାଗୁଡ଼ିକୁ ତୁମେ ସେହି ଊର୍ଦ୍ଧ୍ୱରେ ଥାଇ ଆଡ଼େଇ ବାହାର କରିଦେଇ ପାରିବ, ସେଗୁଡ଼ିକ ଦ୍ୱାରା କୌଣସି ପ୍ରକାରେ କ୍ଷତିଗ୍ରସ୍ତ ନ ହୋଇ ସେଗୁଡ଼ିକୁ ଧୀରଭାବରେ ବାହାର କରିଦେଇ ପାରିବ । ମାତ୍ର, ଯଦି ତୁମେ ଯେଉଁଠି ଅଛ ସେହିଠାରେହିଁ ରହିଥିବ, ଠିକ୍ ସେହି ସ୍ତରଟିରେ ସେହିସବୁ ଦ୍ୱନ୍ଦ୍ୱ ଏବଂ ଘୋର ଅବିନ୍ୟସ୍ତତା ମଧ୍ୟରେ ପଡ଼ି ରହିଥିବ, ତେବେ ତୁମର ମୁଣ୍ଡରେ ଯନ୍ତ୍ରଣା ଜାତ ହେବା ବ୍ୟତୀତ ଆଉ ଗତ୍ୟନ୍ତରହିଁ ରହିବ ନାହିଁ !

ଏହି କ୍ଷେତ୍ରରେ ସବୁଠାରୁ ଭଲ କଥା ହେଉଛି ଯେ ତୁମେ ନିଜକୁ ଏପରି କୌଣସି ବ୍ୟାବହାରିକ କାର୍ଯ୍ୟ ମଧ୍ୟରେ ବ୍ୟାପୃତ କରି ରଖିଥିବ, ଯାହାକି ତୁମକୁ କୌଣସି ବିଶେଷ କ୍ଷେତ୍ରରେ ଆପଣାକୁ ସକେନ୍ଦ୍ରିତ କରି ରଖିବା ଲାଗି ବାଧ୍ୟ କରି ପାରୁଥିବ : ତୁମେ ଅଧ୍ୟୟନରେ ବା ଶାରୀରିକ କୌଣସି କାର୍ଯ୍ୟ ଅଥବା ସେହିପରି ଏକ ବ୍ୟସ୍ତତା ମଧ୍ୟରେ ନିଜକୁ ସଂପୃକ୍ତ କରି ରଖିଥିବ, ଯାହାକି ତୁମର ସବୁଯାକ ଧ୍ୟାନକୁ ଆକୃଷ୍ଟ କରି ନେଉଥିବ;—ଏହା ଯାହାକିଛି ହେଉ ପଛକେ, ମାତ୍ର ତାହା ତୁମକୁ ନିଜେ କରୁଥିବା କାର୍ଯ୍ୟଟି ଉପରେ ସକେନ୍ଦ୍ରିତ ହୋଇ ରହିବାକୁ ବାଧ୍ୟ କରି ପାରିବ ଓ ତା' ଫଳରେ ତୁମକୁ ସେପରି ଆଉ ଏହିପରି ଭାବନାର ଗହନ ଭିତରେ ଭ୍ରମି ବୁଲିବାକୁ ପଡ଼ିବ ନାହିଁ । ମାତ୍ର ଯଦି ଯେଉଁଠି ରହିଛ ସେହିଠାରେ ରହିବାର ଦୁର୍ଭାଗ୍ୟଟିହିଁ ତୁମ ଲାଗି ଲେଖା ହୋଇ ରହିଥିବ, ଯଦି ସେହିଗୁଡ଼ିକୁ ଅନାଇ ଦେଖିବା ବ୍ୟତୀତ ତୁମର ଆଉ ଗତ୍ୟନ୍ତର ନଥିବ, ତେବେ ମୁଁ ଯେପରି କହିଲି, ତୁମକୁ ନିଃସନ୍ଦେହ ଭାବରେ ମୁଣ୍ଡବ୍ୟଥା ଭୋଗିବାକୁ ପଡ଼ିବ । କାରଣ, ଏହା ଏପରି ଗୋଟିଏ ସମସ୍ୟା, କେବଳ ବ୍ୟାବହାରିକ ଜୀବନକ୍ଷେତ୍ରକୁ ଓହ୍ଲାଇ ଆସି ଓ କୌଣସି ବ୍ୟାବହାରିକ ପ୍ରୟାସ ଉପରେ ଆପଣାକୁ ସକେନ୍ଦ୍ରିତ କରି ରଖି ଅଥବା, ସେଗୁଡ଼ିକରୁ ଊର୍ଦ୍ଧ୍ୱକୁ ଉଠିଯାଇ ଏହି ଯାବତୀୟ ଅରାଜକତା ଉପରେ ଦୃଷ୍ଟିପାତ କରିବା ଦ୍ୱାରା ତାହା ମଧ୍ୟରେ କୌଣସି ଶୃଙ୍ଖଳା ଆଣି ଓ ତାହାକୁ ଯଥାର୍ଥ ଭାବରେ ଅବସ୍ଥାପିତ କରିହିଁ ତାହାର ଆଦୌ କୌଣସି ସମାଧାନ କରିଯାଇ ପାରିବ ।

ମାତ୍ର, ସେହି ଗୋଟିଏ ସ୍ତର ବା ଭୂମିରେ ରହିଥିଲେ କଦାପି ଚଳିବ ନାହିଁ, କାରଣ ସେହି ସ୍ତରଟି ଶାରୀରିକ ଅଥବା ମାନସିକ କୌଣସି ପ୍ରକାର ପୂର୍ଣ୍ଣତା ଅର୍ଜନ କରିବା ଲାଗି କଦାପି ଅନୁକୂଳ ଏବଂ ଶୁଭକାରକ ହେବ ନାହିଁ ।

'oaob.nitrkl.ac.in' images reprocessed

## ୪ ଜୁଲାଇ ୧୯୫୬

> ମାଆ, ଅନେକ ସମୟରେ କୁହାଯାଏ ଯେ ଯଦି ତାରାଟିଏ ଖସି ଯାଉଥିବା ବେଳେ କିଛି ବସ୍ତୁ ଲାଗି ଅଭୀପ୍ସା କରାଯାଏ, ତେବେ ବରଷକ ଭିତରେ ସେହି ବସ୍ତୁଟି ଅବଶ୍ୟ ମିଳିଯିବ । ଏହି କଥାଟି ସତ କି ?

ତାହାର ଅର୍ଥ କ'ଣ ତୁମେ ଜାଣିଛ ?—ତାରାଟି ଦୃଶ୍ୟ ହେଉଥିବା ଅବସ୍ଥାରେ ତୁମକୁ ସେହି ଅଭୀପ୍ସାଟିକୁ କରିବାକୁ ପଡ଼ିବ । ଏବଂ ତାରାଟି ଆଦୌ ଅଧିକ ସମୟ ପର୍ଯ୍ୟନ୍ତ ଦୃଶ୍ୟ ହୁଏ ନାହିଁ, ନୁହେଁ କି ? ହଁ, ତାରାଟି ଦୃଶ୍ୟ ହେଉଥିବା ଅବସ୍ଥାରେ ଯଦି ଅଭୀପ୍ସାଟିକୁ କରାଯାଇ ପାରିବ, ତେବେ ତାହାର ଅର୍ଥ ହେବ ଯେ ସେହି ଅଭୀପ୍ସା ସତତହିଁ **ସେଠାରେ** ବିଦ୍ୟମାନ ରହିଛି, ତୁମ ଚେତନାର ପୁରୋଭାଗରେ ତାହା ଅବସ୍ଥିତ ରହିଛି । ସାଧାରଣ ବସ୍ତୁଗୁଡ଼ିକର କ୍ଷେତ୍ରରେ ଏହି କଥାଟିର କୌଣସି ପ୍ରୟୋଗ କରାଯାଇ ପାରିବ ନାହିଁ, ସେଗୁଡ଼ିକ ସହିତ ଏହାର ଆଦୌ କୌଣସି ସମ୍ବନ୍ଧ ନାହିଁ,—ଏକ ଆଧ୍ୟାତ୍ମିକ ଅଭୀପ୍ସା ସହିତହିଁ ଏହାର ଯାହାକିଛି ସମ୍ପର୍କ ରହିପାରେ । ମାତ୍ର, ପ୍ରକୃତ କଥାଟି ହେଉଛି ଯେ ଠିକ୍ ସେହି ମୁହୂର୍ତ୍ତରେ ଯଦି ତୁମେ ନିଜର ଅଭୀପ୍ସାଟିକୁ ବ୍ୟକ୍ତ କରିଦେଇ ପାରିବ, ତାହାର ଅର୍ଥ ହେବ ଯେ ସେହି ଅଭୀପ୍ସାଟି ତୁମ ଚେତନାର ଠିକ୍ ସମ୍ମୁଖରେ ଅବସ୍ଥିତ ରହିଛି, ତାହା ତୁମର ଚେତନାରେ ଏକ ପ୍ରାଧାନ୍ୟସ୍ଥାନ ଅଧିକାର କରି ରହିଛି । ଏବଂ, ଏହି କଥାଟି ଅବଶ୍ୟ ଘଟିବ ଯେ, ଯାହା ତୁମର ଚେତନାକୁ ଅଧିକାର କରି ରହିଛି, ଖୁବ୍ ଶୀଘ୍ରହିଁ ତାହାର ଉପଲବ୍ଧି ହୋଇପାରିବ ।

ଏହି ପ୍ରୟୋଗଟି କରି ଦେଖିବା ଲାଗି ମୋତେ ଏକ ସୁଯୋଗ ମିଳିଥିଲା । ହଁ, ଠିକ୍ ଏହି ସୁଯୋଗଟି ମିଳିଥିଲା । ଖସି ଯାଉଥିବା ତାରାଟି ଆକାଶମାର୍ଗରେ ଦୃଶ୍ୟ ଯାଉଥିବା ସମୟରେ, ଠିକ୍ ସେହି ମୁହୂର୍ତ୍ତରେ ମୋ ଚେତନା ମଧ୍ୟରୁ "ମୋର ଶରୀର ସହିତହିଁ ଭଗବାନଙ୍କ ସହିତ ସମ୍ମିଳିତ ହେବା" ଲାଗି ଗୋଟିଏ ଅଭୀପ୍ସା ଉତ୍ଥାପିତ ହୋଇ ଉଠିଲା । ହଁ, ଠିକ୍ ସେହି ମୁହୂର୍ତ୍ତରେ ।

ଏବଂ, ବର୍ଷଟି ପୂରିବା ପୂର୍ବରୁ, ତାହା ସମ୍ଭବ ହେଲା ।

ମାତ୍ର ତାରାଟି ପ୍ରକାଶେ ଯେ ଏହା ଘଟିଲା, ସେକଥା ଆଦୌ ନୁହେଁ, ସେହି ଅଭୀପ୍ସାଟି ମୋର ସମଗ୍ର ଚେତନାକୁ ଅଧିକାର କରି ରହିଥିଲା ଏବଂ ସେଇଟି ବ୍ୟତୀତ ମୁଁ ଅନ୍ୟ କିଛିହେଲେ ଲୋଡ଼ୁ ନଥିଲି ବୋଲି ସେପରି ହେଲା । ମୁଁ କେବଳ

'oaob.nitrkl.ac.in' images reprocessed

ସେଇଟିକୁହିଁ ସୃଷ୍ଟିଥିଲି, ସେଇଟିକୁହିଁ ଖଣ୍ଡିଥିଲି, କେବଳ ତାହାର ସକାଶେହିଁ ଯାବତୀୟ କାର୍ଯ୍ୟ କରୁଥିଲି । ତେଣୁ, ଏହି ଯେଉଁ କଥାଟି ସାଧ୍ୟ ହେବା ଲାଗି ସାଧାରଣତଃ ଗୋଟାଏ ଜୀବନ ବି ଲାଗିଯାଏ,—ଅତି କମ୍‌ରେ ପଚିଶତିରିଶି ବର୍ଷ ସମୟ ଲାଗେ ବୋଲି କୁହାଯାଏ,—ତାହା ବାରଟା ମାସ ପୂରିଯିବା ପୂର୍ବରୁହିଁ ସାଧ୍ୟ ହୋଇ ପାରିଲା ।

ମାତ୍ର ସେକଥା ହୋଇପାରିଲା, କାରଣ ମୁଁ କେବଳ ତାହାରି କଥାହିଁ ଖଣ୍ଡିଥିଲି ।

ଏବଂ, ମୁଁ ସର୍ବଦା କେବଳ ତାହାରି କଥାହିଁ ଖଣ୍ଡିଥିବାରୁ, ଯେତେବେଳେ ତାରାଟି ଆକାଶମାର୍ଗ ଦେଇ ଗ୍ଲଲିଗଲା, ସେତେବେଳେ ମୁଁ ସେଇଟିକୁ ଅଭିବ୍ୟକ୍ତ କରିଦେଇ ପାରିଲି, "ଦ୍ରବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳିତ ହୋଇପାରେ" ବୋଲି ବ୍ୟକ୍ତ କରିପାରିଲି, ଯାହାଙ୍କ ବିଷୟରେହିଁ ଆମେ ଏହି ଯାବତୀୟ ଆଲୋଚନା କରୁଛୁ, ସେହି ଦ୍ରବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳନ ସମ୍ଭବ ହେଉ ବୋଲି ମୁଁ ବ୍ୟକ୍ତ କରିଦେଇ ପାରିଲି ।

ତେଣୁ, ଏହି କ୍ଷେତ୍ରରେ ତାରାର କୌଣସି ମହତ୍ତ୍ୱ ନାହିଁ, ଅଭୀପ୍ସାଟିରହିଁ ମହତ୍ତ୍ୱ ରହିଛି । ତାରା ତ କେବଳ ଏକ ବାହ୍ୟ ନିଦର୍ଶନ ପରି କାମ କରୁଛି, ବାସ୍ ସେତିକି । ମାତ୍ର କୌଣସି ବସ୍ତୁକୁ ସତ୍ୱର ଉପଲବ୍ଧି କରିବା ସକାଶେ ଯେ ତାରାଟିଏ ଖସିବା ଆବଶ୍ୟକ ହେବ, ସେକଥା ଆଦୌ ନୁହେଁ ! ଆମ ସତ୍ତାର ସକଳ ଇଚ୍ଛା ସେହି ଗୋଟିଏ ବିନ୍ଦୁରେ ଯାଇ ସକେନ୍ଦ୍ରିତ ହୋଇ ରହିଥିବ । ତାହାହିଁ ଆବଶ୍ୟକ ।

(ମାଆ ନୀରବ ରହିଲେ)

(ମାଆ କେତେଗୁଡ଼ିଏ ଲିଖିତ ପ୍ରଶ୍ନ କାଢ଼ି ଦେଖାଇଲେ)

ମୋ ପାଖରେ ଏହି ଯେଉଁସବୁ ପ୍ରଶ୍ନ ରହିଛି, ସେଗୁଡ଼ିକ ଆଦୌ ଆଗ୍ରହୋଦ୍ଦୀପକ ନୁହେଁ । ହଁ, ଗୋଟିଏ ଅତ୍ୟନ୍ତ ବ୍ୟାବହାରିକ ପ୍ରଶ୍ନ ରହିଛି, ଯାହାକୁ କି ମୁଁ ଅଗରୁ ଏକାଧିକ ବାର ବୁଝାଇଦେଇ ସାରିଛି, ମାତ୍ର ତଥାପି ତାହାକୁ ଆଉଥରେ ବୁଝାଇ କହିଲେ ତା' ଦ୍ୱାରା ହୁଏତ କୌଣସି ଲାଭ ହେବ । ପ୍ରଶ୍ନଟି ହେଉଛି :

"ଶରୀରର କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକ ଅସୁସ୍ଥତା ହୋଇଥିବା ସମୟରେ ତାହାକୁ ଆରୋଗ୍ୟ କରିବାର ଯଥାର୍ଥ

'oaob.nitrkl.ac.in' images reprocessed

ଶକ୍ତିଟିକୁ ଗ୍ରହଣ କରି ପାରିବା ଲାଗି ଭୌତିକ ଚେତନାଟିକୁ କପରି ସର୍ବୋତ୍ତମ ଭାବରେ ଉନ୍ମୁକ୍ତ କରିଦେଇ ହେବ ?"

ଏହି ଯେଉଁ କ୍ଷେତ୍ରଟିକୁ ଗୁହ୍ୟବିଦ୍ୟାର "ବହିଃସଙ୍କେତ" ବା ଦ୍ୱାରଦେଶ ବୋଲି କୁହାଯିବ, ସେହି ସମଗ୍ର କ୍ଷେତ୍ରଟିରେ ଯାହା, ଏଠାରେ ମଧ୍ୟ ସେଇଆ; ପ୍ରତ୍ୟେକ ବ୍ୟକ୍ତିକୁ ତା'ର ନିଜ କାର୍ଯ୍ୟଟିକୁ ବାହାର କରିବାକୁ ହେବ । କାରଣ ଯେଉଁ ବାଟଟି ଜଣେ ବ୍ୟକ୍ତି ଲାଗି ସର୍ବୋତ୍ତମ ପରି କାମ ଦିଏ, ସେହି ବାଟଟି ଲାଗି ସେ ଅଳ୍ପବହୁତ ପ୍ରସ୍ତୁତ ହୋଇ ରହିଥାଏ ଏବଂ ସେହିଟି ସହିତ ସବୁଠାରୁ ଅଧିକ ପରିଚିତ ଥାଏ । ତେଣୁ ଏହି କ୍ଷେତ୍ରରେ ଗୋଟାଏ ସାଧାରଣ ନିୟମ କରି ଥୋଇଦେବା ଅତ୍ୟନ୍ତ କଷ୍ଟକର ।

ମାତ୍ର ଏପରି ଏକ ପ୍ରସ୍ତୁତି ରହିଛି, ଯାହାକୁ ହୁଏତ ସମସ୍ତଙ୍କ ପାଇଁ ଉପଯୋଗୀ ବୋଲି କହିହେବ । ସେଇଟି ହେଉଛି ଯେ, ଆମେ ଆମର ଶରୀରକୁ ଏପରି ବାଧ୍ୟବାଧ ଭାବରେ ଅଭ୍ୟସ୍ତ କରି ରଖିଥିବା ଯେପରିକି ଶରୀର ଭଲ କରି ବୁଝି ପାରୁଥିବ ଯେ ସିଏ ହେଉଛି ପ୍ରକୃତରେ ଏକ ଅଧିକ ସତ୍ୟ ଏବଂ ଅଧିକ ଗଭୀର ତତ୍ତ୍ୱର କେବଳ ଏକ ବହିଃପ୍ରକାଶ ଏବଂ ସେହି ସତ୍ୟତର ଓ ଗଭୀରତର ତତ୍ତ୍ୱଟିହିଁ ଏହି ଶରୀରର ନିୟତିଟିକୁ ଶାସନ କରିବାରେ ଲାଗିଛି, ସାଧାରଣତଃ ଶରୀର ସେବିଷୟରେ ସଜ୍ଞାନ ହୋଇ ରହି ପାରୁ ନଥିଲେହିଁ ପ୍ରକୃତରେ ତାହାହିଁ ହେଉଛି ।

କେତୋଟି କ୍ରମବଦ୍ଧ ଅବଲୋକନ, ଅଧ୍ୟୟନ ଏବଂ ବୁଝିବା ଦ୍ୱାରା* ତାହାକୁ ନାନା ଦୃଷ୍ଟାନ୍ତ ଦେଖାଇ, ବିଭିନ୍ନ ବସ୍ତୁ ବିଷୟରେ କୌଣସି ସାନ ପିଲାକୁ ଯେପରି ବୁଝାଇ ଦିଆଯାଏ, ତାହାକୁ ସେହିପରି ବୁଝାଇ ଶରୀରକୁ ପ୍ରସ୍ତୁତ କରି ଯାଇପାରେ; ଶରୀରର ନାନା କ୍ରିୟାଗୁଡ଼ିକୁ ଅବଲୋକନ କରି,—ମାତ୍ର, ଏହି ଅବଲୋକନ ସମୟରେ ଜଣେ ଅପେକ୍ଷାକୃତ ଭାବରେ ପ୍ରାୟ ଅନ୍ଧ ହୋଇ ରହିଥାଏ,—ବା, ଅନ୍ୟମାନଙ୍କର ଶରୀରକୁ ମଧ୍ୟ ଅବଲୋକନ କରି ଶରୀରକୁ ପ୍ରସ୍ତୁତ କରି ଯାଇପାରେ । ଏବଂ, ଏକ ଅଧିକ ସାଧାରଣ ଭାବରେ କହିଲେ, ଏହି ପ୍ରସ୍ତୁତିକୁ କେତୋଟି ସ୍ୱୀକୃତ ଅଧ୍ୟୟନ ଉପରେ, ଅର୍ଥାତ୍ ସ୍ପଷ୍ଟ ତଥ୍ୟ ଉପରେ ଆଧାରିତ କରି ରଖିବାକୁ ପଡ଼ିବ । ହଁ, ଏହିପରି ଭାବରେ ସ୍ପଷ୍ଟ ତଥ୍ୟ ଉପରେ ଆଧାରିତ କରି

---

* ଫରାସୀର କ୍ଷେତ୍ରରେ, କୌଣସି କଥାକୁ ବୁଝିବାର ଅର୍ଥ ହେଉଛି ତାହାକୁ କାର୍ଯ୍ୟତଃ କରିବାର ସାମର୍ଥ୍ୟଟିକୁ ଲାଭ କରିବା; ଦୃଷ୍ଟାନ୍ତର ଅନୁକରଣ ମାଧ୍ୟମରେହିଁ ଏହି ସାମର୍ଥ୍ୟଟିକୁ ଅର୍ଜନ କରି ଯାଇଥାଏ । କାରଣ, ଫରାସୀ ପାଇଁ, "ବୁଝିବା"ର ଅର୍ଥ ହେଉଛି କରିବା ପାଇଁ ସମର୍ଥ ହେବା । (ମାଆଙ୍କର ଟିପ୍ପଣୀ)

'oaob.nitrkl.ac.in' images reprocessed

ରଖିବାକୁ ପଡ଼ିବ, ଉଦାହରଣସ୍ୱରୂପ : ଏହା ଏକ ସତ୍ୟ କଥା ଯେ କେତେକ ବ୍ୟକ୍ତି, ଠିକ୍ ସେହି ଗୋଟିଏ ପ୍ରକାରର ପରିସ୍ଥିତି ମଧ୍ୟରେ ପ୍ରତ୍ୟେକେ ଅତ୍ୟନ୍ତ ଭିନ୍ନ ପରିଣାମଗୁଡ଼ିକୁ ଅନୁଭବ କରିଥାନ୍ତି । ଆମେ ଆହୁରି ପାଦେ ଆଗକୁ ଯାଇ ମଧ୍ୟ କହିପାରିବା : କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ, କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ରହିଥାନ୍ତି, ଯେଉଁମାନେ କି ଆପାତତଃ ସମାନ ପ୍ରକାରର ଅବସ୍ଥାରେ ବିଭିନ୍ନ ପ୍ରକାରର ପରିଣାମ ଅଙ୍ଗେ ନିଭାଇଥାନ୍ତି; କେତେକଙ୍କ ପାଇଁ ଏହି ପରିଣାମମାନ ଘୋର ବିପର୍ଯ୍ୟୟକାରୀ ହୋଇଥାଏ ଏବଂ ଅନ୍ୟ ଅନ୍ୟମାନେ କୌଣସି ପ୍ରକାର ଅନିଷ୍ଟର ସମ୍ମୁଖୀନ ନହୋଇ ରକ୍ଷା ପାଇ ଯାଇଥାନ୍ତି ।

ଯୁଦ୍ଧ ସମୟରେ ଏହିପରି ବହୁସଂଖ୍ୟକ ଦୃଷ୍ଟାନ୍ତ ଅଧ୍ୟୟନ ଲାଗି ମହଜୁଦ ହୋଇ ରହିଥିଲା । କୌଣସି ସଂକ୍ରାମକ ରୋଗ ବ୍ୟାପିଥିବା ସମୟରେ ମଧ୍ୟ ଠିକ୍ ସେହି କଥା ଘଟିଥାଏ । ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକ ସମୟରେ, ଅର୍ଥାତ୍, ସମୁଦ୍ରର ପାଣି ମାଡ଼ିଆସିଲା ବେଳେ, ଭୂମିକମ୍ପ ଅଥବା ବାତ୍ୟା ବେଳେ ଠିକ୍ ସେଇଆ ଘଟିଥାଏ ।

କୌଣସି ସାନ ପିଲାକୁ ବୁଝାଇ ଦେଲାପରି ଯଦି ଶରୀରକୁ ଏହିସବୁ କଥା ଦର୍ଶାଇ ଦିଆଯାଏ ଏବଂ ବୁଝାଇ ଦିଆଯାଏ, ତେବେ ଶରୀର ସେକଥା ନିଶ୍ଚୟ ବୁଝିପାରେ : "ତୁ ଦେଖି ପାରୁଥିବୁ, ଏହି କ୍ଷେତ୍ରରେ ଗୋଟାଏ ଅନ୍ୟ କଥା କାର୍ଯ୍ୟ କରୁଥିଲା, କେବଳ ଯେ ବିଶୁଦ୍ଧ ଭୌତିକ ଘଟଣାଟି କାର୍ଯ୍ୟ କରୁଥିଲା, ତାହା ମୋଟେ ନୁହେଁ ।" ଏବଂ ଯଦି କୌଣସି ଅସଦିଚ୍ଛା ସେଠାରେ ବାଧା ସୃଷ୍ଟି ନକରୁଥାଏ, ତେବେ ଶରୀର ନିଶ୍ଚୟ ବୁଝିପାରିବ ।

ଏହା ହେଉଛି ଏକ ପ୍ରସ୍ତୁତି ।

ତୁମେ ଯଦି ଏହି ବୁଝାଇବାର ପ୍ରଣାଳୀଟିକୁ କାମରେ ଲଗାଅ, ତେବେ କ୍ରମଶଃ, ଶରୀରର କୋଷଗୁଡ଼ିକ ମଧ୍ୟକୁ ଚେତନା ସଞ୍ଚାରିତ କରାଇ ଆଣିବାର ଏକ ବିଧିବଦ୍ଧ କାର୍ଯ୍ୟ ଦ୍ୱାରା ତୁମକୁ ଯୁଗପତ୍ ଭାବରେ ଦିବ୍ୟ ଭଗବତ୍ ଉପସ୍ଥିତିର ସତ୍ୟଟିକୁ ମଧ୍ୟ ତା' ଭିତରକୁ ସଞ୍ଚାରିତ କରି ଆଣିବାକୁ ପଡ଼ିବ । ଏହି କାର୍ଯ୍ୟଟି କିଞ୍ଚିତ୍ ସମୟ ନେବ, ମାତ୍ର ଯଦି ବିଧିବଦ୍ଧ ଓ ଅବିରାମ ଭାବରେ କରାଯାଏ, ତେବେ ସେଥିରୁ ନିଶ୍ଚୟ ଏକ ପରିଣାମ ପ୍ରାପ୍ତ ହେବ ।

ଏହା ଦ୍ୱାରା ତୁମେ ମୂଳଦୂଆଟିକୁ ପ୍ରସ୍ତୁତ କଲ ବୋଲି କୁହାଯାଇ ପାରିବ ।

ମନେ କରାଯାଉ ଯେ, କୌଣସି ଏକ ଅସୁସ୍ଥତା ହେତୁ ଶରୀରର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ତୁମେ ଏକ ପ୍ରକାରର ଯନ୍ତ୍ରଣା ଅନୁଭବ କରୁଛ । ମୁଁ ଆଗରୁ ଯେପରି କହିଥିଲି, ସେହି ସମୟରେ, ତୁମ ଲାଗି ଯେଉଁ ପ୍ରଣାଳୀଟି ସବୁଠାରୁ ଅଧିକ ପରିଚିତ ହୋଇ ରହିଛି, ସବୁକିଛି ତାହାରି ଉପରେ ନିର୍ଭର କରିବ । ମାତ୍ର,

'oaob.nitrkl.ac.in' images reprocessed

ଏଠାରେ ଆମେ ଏକ ଦୃଷ୍ଟାନ୍ତ ଗ୍ରହଣ କରି ପାରିବା । ତୁମେ ଯନ୍ତ୍ରଣା ପାଉଛ, ଜ୍ୱର ଯନ୍ତ୍ରଣା ପାଉଛ । ତାହା ତୁମକୁ ଭାରି କଷ୍ଟ ଦେଉଛି, ତୁମେ ତୀବ୍ର ଯନ୍ତ୍ରଣା ଅନୁଭବ କରୁଛ ।

"ଓଃ, ମୋର କେତେ କଷ୍ଟ ହେଉଛି ! ଇଏ ପ୍ରକୃତରେ ଏକ ଅସହ୍ୟ ଯନ୍ତ୍ରଣା । ଓଃ, ଇଏ ତ ବେଳକୁ ବେଳ ଅଧିକ ଖରାପ ହେବାରେ ଲାଗିଛି, ମୁଁ ଆଉ ଏତେ ଯନ୍ତ୍ରଣା କଦାପି ସହ୍ୟ କରି ପାରିବ ନାହିଁ",—ଏସବୁ କହି ତୁମେ ଯନ୍ତ୍ରଣାଟାକୁ ଆହୁରି ଅଧିକ ଗୁରୁତ୍ୱ ଦିଅ ନାହିଁ । ଏଇଟା ହେଉଛି ପ୍ରଥମ କଥା । ଏହିପରି ଭାବରେ ତୁମେ ଯେତିକି ବେଶୀ ଚିନ୍ତା କରିବାରେ ଲାଗିଥିବ, ଏହିପରି ଯେତିକି ଅଧିକ ପରିମାଣରେ ଅନୁଭବ କରୁଥିବ ଓ ତୁମର ଧ୍ୟାନଟା ତାହାରି ଉପରେ ଯେତିକି ସକେନ୍ଦ୍ରିତ ହୋଇ ରହିଥିବ, ସେତିକି ବିସ୍ମୟକାରକ ଭାବରେ ତୁମର ଯନ୍ତ୍ରଣା ବୃଦ୍ଧି ପାଇବାରେ ଲାଗିଥିବ ।

ତେଣୁ ସର୍ବପ୍ରଥମ କଥା ହେଉଛି, ତୁମେ ନିଜକୁ ଏପରି ଯଥେଷ୍ଟ ଭାବରେ ନିୟନ୍ତ୍ରଣରେ ରଖିଥିବ, ଯେପରି ଏଭଳି କଦାପି କରିବ ନାହିଁ ।

ଦ୍ୱିତୀୟ କଥା ହେଲା, ଏହା ତୁମର ଅଭ୍ୟାସଗୁଡ଼ିକ ଉପରେ ମଧ୍ୟ ନିର୍ଭର କରିବ । ଯଦି ତୁମେ ଆପଣାକୁ ସକେନ୍ଦ୍ରିତ କରି ଜାଣିଥିବ, ସ୍ଥିର ହୋଇ ଜାଣିଥିବ, ଯେକୌଣସି ପ୍ରକାରର ହେଉ ପଛକେ, ଯଦି ନିଜ ଭିତରେ ଗୋଟାଏ ପ୍ରକାରର ଶାନ୍ତ ଅବସ୍ଥା ସମ୍ଭବ କରି ପାରୁଥିବ,—ତାହା ମାନସିକ ଶାନ୍ତି ହୋଇପାରେ, ପ୍ରାଣିକ ଶାନ୍ତି ହୋଇପାରେ ବା ଚୈତ୍ୟସ୍ତରର ଶାନ୍ତି ବି ହୋଇପାରେ,—ଏସବୁ ବିଭିନ୍ନ ପ୍ରକାରର ଶାନ୍ତିର ଭିନ୍ନ ଭିନ୍ନ ମୂଲ୍ୟ ଓ ଗୁଣ ରହିଛି । ଏହା ହେଉଛି ଏକ ବ୍ୟକ୍ତିଗତ ପ୍ରଶ୍ନ,—ତୁମେ ଆପଣା ଭିତରେ ଏକ ଶାନ୍ତ ଅବସ୍ଥା ସମ୍ଭବ କରିବାକୁ ଚେଷ୍ଟା କରିବ ବା ଶାନ୍ତିମୟ କୌଣସି ଏକ ଶକ୍ତି ସହିତ ଏକ ସଚେତନ ସମ୍ପର୍କ ମଧ୍ୟରେ ପ୍ରବିଷ୍ଟ ହେବାକୁ ଉଦ୍ୟମ କରିବ,···ମନେକର ତୁମର ଏହି ଉଦ୍ୟମରେ ତୁମେ ଅଳ୍ପବହୁତ ସଫଳତା ଲାଭ କଲ । ତା'ପରେ, ଯଦି ତୁମେ ସେହି ଶାନ୍ତିକୁ ଆପଣା ମଧ୍ୟକୁ ଆହରଣ କରି ଆଣିପାରିବ, ଯଦି ସ୍ନାୟୁ ଓ ନାଡ଼ିତନ୍ତ୍ରରେ ତାହାକୁ ଆଣି ପ୍ରବାହିତ କରାଇ ପାରିବ,—କାରଣ ଆମେ ଏଠାରେ ଅନ୍ତର୍ଗତ ସ୍ଥିତିଗୁଡ଼ିକ ବିଷୟରେ କୌଣସି ଆଲୋଚନା କରୁ ନାହୁଁ, କେବଳ ତୁମ ଭୌତିକ ଶରୀରଟି ବିଷୟରେ ଆଲୋଚନା କରୁଛୁ,—ଏବଂ ସେହି ସ୍ଥାନରୁ ଅତ୍ୟନ୍ତ ଧୀର ଭାବରେ, ଅତ୍ୟନ୍ତ ଶାନ୍ତ ଭାବରେ ମାତ୍ର ଅତ୍ୟନ୍ତ ଅବିରାମ ଭାବରେ ତୁମର ଯନ୍ତ୍ରଣାଟି ଅଳ୍ପବହୁତ ତୀବ୍ର ହୋଇ ରହିଥିବା ସ୍ଥାନଟି ଆଡ଼କୁ ତୁମେ ସେହି ଶକ୍ତିଟିକୁ ପରିଚାଳିତ କରି ନେଇଆସ ଏବଂ ତାହାକୁ ସେହିଠାରେ ନିରୂପିତ ଓ କେନ୍ଦ୍ରିତ କରି ରଖ । ଏହା ଦ୍ୱାରା ଅନେକ ଲାଭ ହେବ ।

'oaob.nitrkl.ac.in' images reprocessed

ମାତ୍ର କେବଳ ଏତିକ ଦ୍ୱାରା ସର୍ବଦା ଯଥେଷ୍ଟ ହୁଏ ନାହିଁ ।

ମାତ୍ର, ଏହି କ୍ରିୟାଶୀଳତାଟିକୁ ଅଧିକ ପ୍ରଶସ୍ତ କରି ଯଦି ତୁମେ ତା' ସହିତ ମାନସିକ ଏପରି ଏକ ବିରଚନାକୁ ନେଇ ମିଶାଇ ଦେଇପାରିବ, ଯାହା ଭିତରେ କି କଣ୍ଥିତ୍ ଜୀବନ ରହିଥିବ,—ତାହା ପୁରାପୁରି ଶୀତଳ ହୋଇ ରହି ନଥିବ, ମାତ୍ର ତା' ଭିତରେ ନିଶ୍ଚୟ କିଛି ଜୀବନ ରହିଥିବ,—ଯଦି ତୁମେ ମନେ ମନେ ଏହିପରି ଏକ ସତ୍ୟକୁ ଗ୍ରହଣ କରି ନେଇଥିବ ଯେ ଦିବ୍ୟ ପରମ ସତ୍ୟ ହେଉଛନ୍ତି ପ୍ରକୃତ ସତ୍ୟ ଏବଂ ଶରୀରର କୋଷଗୁଡ଼ିକ ଯେତେ ବିକୃତ ଭାବରେ ହେଲେ ମଧ୍ୟ କେବଳ ସେହି ଦିବ୍ୟ ପରମ ସତ୍ୟକୁହିଁ ଅଭିବ୍ୟକ୍ତ କରି ଆସୁଛନ୍ତି,—ଅର୍ଥାତ୍ ସତ୍ୟ କହିଲେ କେବଳ ଗୋଟିଏ ସତ୍ୟ ରହିଛି, ସେଇଟି ହେଉଛି ଦିବ୍ୟ ପରମସତ୍ୟ, ସିଏ ହେଉଛନ୍ତି ଭଗବାନ୍, ଏବଂ ଆମର ଶରୀରଟି କେବଳ ତାଙ୍କର ସମଗ୍ର ସତ୍ତାର ଏକ ଅଳ୍ପବହୁତ ପରିପ୍ରକାଶରୂପେ ବିଦ୍ୟମାନ ରହିଛି,—ଯଦି ମୋର ଅଭୀପ୍ସା ଦ୍ୱାରା ଓ ସକେନ୍ଦ୍ରଣ ଦ୍ୱାରା ମୁଁ ଶରୀରର କୋଷଗୁଡ଼ିକ ମଧ୍ୟକୁ ଏହି ସମଗ୍ର ପରମ ସତ୍ୟର ଚେତନାଟିକୁ ନେଇଆସି ପାରିବି, ତେବେ ଶରୀରସ୍ଥ ଯାବତୀୟ ବିଶୃଙ୍ଖଳା ଅବଶ୍ୟ ବିଲୁପ୍ତ ହୋଇଯିବ ।

ଏବଂ ଯଦି ତୁମେ ସେଇଟି ସହିତ ଭଗବତ୍ ପରମ କରୁଣା ପାଖରେ ଆପଣାକୁ ସମ୍ପୂର୍ଣ୍ଣ ଓ ବିଶ୍ୱାସଯୁକ୍ତ ଭାବରେ ସମର୍ପିତ କରି ଦେବାର ଏକ କ୍ରିୟାଶୀଳତାକୁ ସଂଯୁକ୍ତ କରି ପାରିବ, ତେବେ ମୁଁ ଅତ୍ୟନ୍ତ ନିଶ୍ଚିତ ଭାବରେ କହିପାରିବି ଯେ ତୁମର ଯନ୍ତ୍ରଣା ପ୍ରାୟ ପାଞ୍ଚ ମିନିଟ ଭିତରେ କୁଆଡ଼େ ଅନ୍ତର୍ହିତ ହୋଇଯିବ । ଏହି କଥାଟିକୁ କିପରି କରିବାକୁ ହୁଏ, ସେକଥା ଜାଣିଲେ ଯାଇ ତାହା ହେବ ।

ତୁମେ ହୁଏତ ଚେଷ୍ଟା କରୁଥିବ, ତଥାପି ସଫଳ ହେବ ନାହିଁ । ମାତ୍ର, କିପରି ତା' ପଛକୁ ତା' ପଛକୁ ଚେଷ୍ଟା କରିବାକୁ ହୁଏ, ସେହି କଥାଟି ତୁମର ଜଣାଥିବା ଦରକାର । ତେବେ ଶେଷରେ ତୁମେ ସଫଳ ହୋଇଯିବ । ମାତ୍ର ଯଦି ଏହି ଛୋଟିଯାକ କଥାକୁ ତୁମେ ଏକାବେଳକେ କରିପାରିବ, ତେବେ ଏପରି କୌଣସି ଯନ୍ତ୍ରଣା ନାହିଁ, ଯାହାକି ତାର ପ୍ରତିରୋଧ କରିବାକୁ ସମର୍ଥ ହେବ ।

ତେବେ ଏଇଠି ଥାଉ ।

(ମାଆ ନୀରବ ରହିଲେ)

ହଁ, ଆଉରି ଗୋଟିଏ ପ୍ରଶ୍ନ ରହିଛି । ଚୈତ୍ୟ ସତ୍ତା ସମ୍ବନ୍ଧରେ ମୁଁ ଗତ ସପ୍ତାହରେ ଯାହା କହିଥିଲି, ପ୍ରଶ୍ନଟି ତାହାରି ବିଷୟରେ ପଚରା ଯାଇଛି । ମୁଁ

'oaob.nitrkl.ac.in' images reprocessed

କହିଥିଲି ଯେ ଚୈତ୍ୟ ସତ୍ତା ଚୈତ୍ୟ ଭୂମିରେ ଥାଇ ପୃଥିବୀ ଉପରକୁ ଦୃଷ୍ଟିପାତ କରେ, ଏକ ଅନୁକୂଳ ପରିବେଶରେ ଯେଉଁଠାରେ ତାହା ପୁନର୍ବାର ଅବତରଣ କରିପାରିବ, ତାହା ସେହିପରି ସ୍ଥାନଟିଏ ଖୋଜୁଥାଏ । ସେତେବେଳେ ମୁଁ କହିଥିଲି ଯେ ସେଠାରେ ଏକ "ତଉ୍ଲ୍ଲାଖ ଆଲୋକ"ର ଠାବ କରିପାରିବା ପାଇଁ ତାହା ଚୈତ୍ୟ ଭୂମିରେ ଥାଇ ପୃଥିବୀ ଉପରକୁ ଦୃଷ୍ଟିପାତ କରୁଥାଏ ।

ଏହି "ତଉ୍ଲ୍ଲାଖ ଆଲୋକ"ଟି ଦ୍ୱାରା ମୁଁ ପ୍ରକୃତରେ କ'ଣ ବୁଝୁଛି, ଜଣେ ମୋତେ ସେହି କଥାଟି ପଚାରିଛନ୍ତି ।

ଏହା ଦ୍ୱାରା ମୁଁ କେବଳ ଏକ ଚୈତ୍ୟ ଆଲୋକକୁ ବୁଝୁଛି । କାରଣ, ଏପରି ଲୋକ ଅଛନ୍ତି, ଯେଉଁମାନଙ୍କର ଚୈତ୍ୟ ସତ୍ତା ଅଳ୍ପବହୁତ ଜାଗ୍ରତ ଲାଭ କରି ପାରିଥାଏ ଏବଂ ଅଳ୍ପବହୁତ ଜାଗ୍ରତ ଲାଭ କରିଥିବା ଏହି ଚୈତ୍ୟ ଆଧାରଟି ଚୈତ୍ୟ ଭୂମିରେ ଥିବା ଚୈତ୍ୟ ସତ୍ତାଗୁଡ଼ିକୁ ବେଶ୍ ଦୃଷ୍ଟିଗୋଚର ହୋଇଥାଏ । ତେଣୁ ଯେତେବେଳେ ସେମାନେ କୌଣସି ସ୍ଥାନରେ ଏକ ଆଲୋକର ଠାବ କରନ୍ତି, ସେମାନେ ତାହାକୁହିଁ ଅବତରଣ ଓ ପ୍ରକଟନ ଲାଗି ଏକ ଅନୁକୂଳ ସ୍ଥାନରୂପେ ବାଛିନିଅନ୍ତି ।···

(ସେତିକବେଳେ ବର୍ଷା ହେଲା) ମୁଁ ଭାବୁଛି, ବର୍ତ୍ତମାନ ଆମେ ଟିକେ ଟିକେ ଧ୍ୟାନ କରିବାର ଏକ ସୁଯୋଗ ଲାଭ କରିବା ।

(ଜଣେ ସାଧକଙ୍କୁ ଲକ୍ଷ୍ୟ କରି) ତୁମେ ଏହି ମାଇକ୍‌ଟିକୁ ଏଠୁ ନେଇଯାଅ ତ, —ବରଂ ଏହି ବସ୍ତୁଗୁଡ଼ିକ ବର୍ଷାକୁ ମୋଟେ ଭଲ ପାଆନ୍ତି ନାହିଁ ।

(ସମସ୍ତେ ଧ୍ୟାନରେ ବସିଲେ)

## ୧୧ ଜୁଲାଇ ୧୯୫୬

ଆଜି ମୋତେ ତିନୋଟି ପ୍ରଶ୍ନ ମିଳିଛି । ଗୋଟିକର ଉତ୍ତର ଦେବାକୁ ହେଲେ ମୋତେ ବେଶ୍ କେତେଗୁଡ଼ିଏ ଅପ୍ରୀତିକର ମନ୍ତବ୍ୟ ଦେବାକୁ ପଡ଼ିବ, ଯାହାକି ତୁମମାନଙ୍କ ଆଗରେ କରିବା ଲାଗି ମୋର ଇଚ୍ଛା ହେଉ ନାହିଁ···ଅନ୍ୟ ଦୁଇଟି ପ୍ରଶ୍ନ ରହିଛି, ଯାହାରିକି ଉତ୍ତର ସମ୍ଭବତଃ ଦିଆଯାଇ ପାରିବ : ଗୋଟିଏ ପ୍ରଶ୍ନ

'oaob.nitrkl.ac.in' images reprocessed

“ଯୋଗସମନ୍ୱୟ”ରେ ଥିବା ଗୋଟିଏ ବାକ୍ୟ ବିଷୟରେ ପଚରା ଯାଇଛି, ଯେଉଁଠାରେ ଶ୍ରୀଅରବିନ୍ଦ ଚୈତ୍ୟ ସତ୍ତା

> “ପରମ ସନାତନଙ୍କୁ ନିରୂପଣ କରୁଥିବା ଆପଣାର ଯାଜକ ପଦରେ ପ୍ରତିଷ୍ଠିତ ସୌନ୍ଦର୍ଯ୍ୟକୁ ଲୋଡ଼ୁଥାଏ”
>
> ଯୋଗସମନ୍ୱୟ, ପୃଷ୍ଠା-୧୪୭

ବୋଲି କହିଛନ୍ତି । ମୋତେ ଏହାର ଅର୍ଥ କ’ଣ ବୋଲି ପଚରାଯାଇଛି ।

ସତ କଥା କହିବାକୁ ଗଲେ, ମୁଁ ନିଜେ ମଧ୍ୟ ଏହାର କାରଣ ଜାଣି ନାହିଁ । ବୈରାଗ୍ୟଶାସ୍ତ୍ରର ଯେଉଁ ଧାରଣାଟିରେ ସୌନ୍ଦର୍ଯ୍ୟକୁ ଯୋଗରେ ଆଦୌ କୌଣସି ସ୍ଥାନ ଦିଆ ଯାଇ ନାହିଁ, ଏଠାରେ ତାହାକୁହିଁ ସୂଚିତ କରି ଦିଆଯାଇଛି କି ନାହିଁ, ସେକଥା ମୁଁ କହି ପାରୁ ନାହିଁ । ଅଥବା, ପରମ ସନାତନଙ୍କୁ ନିରୂପଣ କରୁଥିବା “ଯାଜକପଦ” ଶବ୍ଦଟି ବିଷୟରେ ଏକ ବ୍ୟାଖ୍ୟା ଦେବାକୁ ମୋତେ କୁହାଯାଇଛି କି ?

ପ୍ରଥମ କଥାଟି ବିଷୟରେ କହିବାକୁ ଗଲେ, ମୁଁ ଆଗରୁ କେତେ ନା କେତେ ଥର କହିଛି ଏବଂ ଦୋହରାଇ ଆସିଛି ଯେ ଏହି ଭୌତିକ ଜଗତରେ, ଯାବତୀୟ ବସ୍ତୁ ମଧ୍ୟରେ ସୌନ୍ଦର୍ଯ୍ୟହିଁ ଭଗବାନଙ୍କୁ ସର୍ବୋତ୍ତମ ଭାବରେ ପ୍ରକାଶିତ କରିବାରେ ସମର୍ଥ ହୋଇଥାଏ । ଏହି ଭୌତିକ ଜଗତ ହେଉଛି ରୂପର ଜଗତ, ଏବଂ ରୂପକ୍ଷେତ୍ରରେ ପରିପୂର୍ଣ୍ଣତା ହେଉଛି ସୌନ୍ଦର୍ଯ୍ୟ । ତେଣୁ ଆଜି ପୁଣିଥରେ ସେଗୁଡ଼ାକୁ ଏଠାରେ କହିବାର ଆଦୌ କୌଣସି ଆବଶ୍ୟକତା ନାହିଁ । ଆମେ ଏହି କଥାଟିକୁ ସତ ସ୍ୱୀକାର କରିନେଇ ପାରିବା ଯେ, ଭୌତିକ ଜଗତରେ ସୌନ୍ଦର୍ଯ୍ୟହିଁ ସର୍ବୋତ୍ତମ ଏବଂ ସବୁଠାରୁ ଅଧିକ ଅନ୍ତରଙ୍ଗ ଭାବରେ ଭଗବାନଙ୍କୁ ବ୍ୟକ୍ତ କରିବାକୁ ସମର୍ଥ ହୁଏ, ତେବେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ତାହାକୁ ଏକ “ଯାଜକ” ବୋଲି ମଧ୍ୟ ନିଶ୍ଚୟ କୁହାଯାଇ ପାରିବ, ଯିଏକି ଭଗବାନଙ୍କର ବ୍ୟାଖ୍ୟା କରି ପାରୁଛି, ତାଙ୍କୁ ବ୍ୟକ୍ତ କରି ଆଣୁଛି ଓ ପ୍ରକାଶିତ କରିଦେଉଛି । ରୂପ, ସୌଷମ୍ୟର ପରିପୂର୍ଣ୍ଣତା ମଧ୍ୟଦେଇ ଏବଂ ଆମକୁ କୌଣସି ଏକ ଉଚ୍ଚତର ବସ୍ତୁ ଆଡ଼କୁ ଉତ୍ତୋଳିତ କରି ନେଉଥିବା ଆଦର୍ଶର ଏକ ବୋଧର ମଧ୍ୟଦେଇ ସମଗ୍ର ଅଭିବ୍ୟକ୍ତ ପ୍ରକୃତିକୁ ପରମ ଶାଶ୍ୱତଙ୍କର ସମ୍ପର୍କରେ ଆଣିବାହିଁ ସୌନ୍ଦର୍ଯ୍ୟର ଯଥାର୍ଥ ଭୂମିକା ବୋଲି କହିବାକୁ ହେବ । ତେଣୁ, ମୁଁ ଭାବୁଛି ଏଠାରେ “ଯାଜକପଦ” ଶବ୍ଦଟିକୁ ଉପଯୁକ୍ତ ଭାବରେ ବ୍ୟବହାର କରାଯାଇଛି ଏବଂ ଏଇଥିରୁ ଆମକୁ ପ୍ରଶ୍ନଟିର ବ୍ୟାଖ୍ୟା ତଥା ଉତ୍ତର ମିଳିଯାଉଛି ।

(ମାଆ ନୀରବ ରହିଲେ)

ଆଉ ପ୍ରଶ୍ନଟି ମୁଁ ବ୍ୟବହାର କରିଥିବା ଏକ ବାକ୍ୟାଂଶ ଉପରେ ପଚରା ଯାଇଛି,—ମୋର ମନେ ହେଉଛି ମୁଁ ଗତ ସପ୍ତାହରେ ସେଇଟିକୁ ବ୍ୟବହାର

'oaob.nitrkl.ac.in' images reprocessed

କହିଥିଲି,—ମୁଁ "ଗୂଢ଼ବିଦ୍ୟାର ଦ୍ୱାରଦେଶ" ବୋଲି କହିଥିଲି । ତେଣୁ, ଏହି ଗୂଢ଼ ବିଦ୍ୟାର ସଂସାର ବିଷୟରେ ମୋତେ ଗୋଟିଏ ପ୍ରଶ୍ନ ପଚରା ଯାଇଛି; ଅର୍ଥାତ୍, ସାଧାରଣ ଭୌତିକ ଚକ୍ଷୁରେ ଯେଉଁ ସଂସାରଟି ଦୃଷ୍ଟିଗୋଚର ହୁଏ ନାହିଁ, ମୋତେ ତାହାର ବିଷୟରେ ପ୍ରଶ୍ନ କରାଯାଇଛି । ଏବଂ ସାଧାରଣ ଭୌତିକ ଚକ୍ଷୁ ଲାଗି ଅଦୃଶ୍ୟ ହୋଇ ରହିଥିବା ସେହି ସଂସାରରେ ବାସ କରୁଥିବା ସତ୍ତ୍ୱମାନଙ୍କ ବିଷୟରେ କେତେଗୁଡ଼ିଏ ବ୍ୟାଖ୍ୟା ବା ଟୀକା ଦେବା ଲାଗି ମୋତେ କୁହାଯାଇଛି ।

ମୋତେ ଏପରି ବି କୁହାଯାଇଛି ଯେ ମୁଁ ଅଧିକାଂଶ ସମୟରେ ନକାରାତ୍ମକ ସତ୍ତ୍ୱମାନଙ୍କ ବିଷୟରେ କହିଥାଏ, ଅର୍ଥାତ୍, ପ୍ରତିକୂଳ ନାନା ବିରଚନା ବିଷୟରେ କହିଥାଏ, ମଣିଷମାନେ ମରିଯିବା ପରେ ସେମାନଙ୍କର ସେହି ବିଘଟିତ ସତ୍ତ୍ୱରୁ ଉଥିତ ହେଉଥିବା ସତ୍ତ୍ୱମାନଙ୍କ ବିଷୟରେ ଅନେକ କଥା କହିଥାଏ । ମଣିଷମାନଙ୍କର ମୃତ୍ୟୁ ସମୟରେ ସେମାନଙ୍କର ବିଘଟିତ ମନୋମୟ ଅଥବା ପ୍ରାଣମୟ ସତ୍ତ୍ୱରୁ ଯେଉଁସବୁର ସୃଷ୍ଟି ହୋଇଥାଏ, ମୁଁ ସେମାନଙ୍କ ବିଷୟରେ କହିଥାଏ । ମାତ୍ର ଯେଉଁ ମହାନ୍, ବିଶାଳ ଓ ସକାରାତ୍ମକ ସତ୍ତ୍ୱମାନେ ବିଶ୍ୱବିବର୍ତ୍ତନରେ ସହାୟତା କରିଥାନ୍ତି, ମୁଁ ସେମାନଙ୍କ ବିଷୟରେ କେବେହେଲେ କିଛି କହି ନାହିଁ ବୋଲି ଅଭିଯୋଗ କରି କୁହାଯାଇଛି । ମୁଁ ଭାବୁଛି, ଏମାନଙ୍କ ବିଷୟରେ ମଧ୍ୟ ମୁଁ ତୁମମାନଙ୍କୁ ବେଶ୍ ଅନେକ ସମୟରେ କହିଛି, ମାତ୍ର ତଥାପି ଆଉକିଛି ଅଧିକ ବ୍ୟାଖ୍ୟା ଦେବା ଲାଗି ମୋତେ ପୁନର୍ବାର ଅନୁରୋଧ କରାଯାଇଛି ।

ଅସଲ କଥା ହେଉଛି, ଗୂଢ଼ବିଦ୍ୟାର ସଂସାର ଗୋଟିଏ ହୋଇ ରହିଥିବା ଏପରି ଏକ କ୍ଷେତ୍ର ନୁହେଁ, ଯେଉଁଠାରେ କି ସବୁ ମିଶାମିଶି ହୋଇ ରହିଛି ଏବଂ ଆମେ ତାହାକୁ କେବଳ ଦେଖି ପାରୁ ନାହୁଁ ବୋଲି ଯାହା ଗୂଢ଼ ହୋଇ ରହିଛି । ଗୂଢ଼ବିଦ୍ୟାର ସଂସାରରେ ଅନେକ କ୍ଷେତ୍ରର ଏକ କ୍ରମ ରହିଛି, ହୁଏତ କୁହାଯାଇ ପାରିବ ଯେ ଅଧିକରୁ ଅଧିକ ସୂକ୍ଷ୍ମ ଏବଂ ପାରଲୌକିକ ଏକାଧିକ କ୍ଷେତ୍ର ରହିଛି, ଏବଂ ଏକଥା ଏକାନ୍ତ ନିଶ୍ଚିତ ଯେ, ଆମେ ସାଧାରଣତଃ ଯେଉଁ ଜଡ଼ ବସ୍ତୁମୟ ସଂସାରଟିକୁ ଦେଖିପାରୁଛୁ, ତାହା ଏହାର ପ୍ରକୃତିଟିଠାରୁ ଅନେକ, ଅନେକ ଦୂରବର୍ତ୍ତୀ ହୋଇ ରହିଛି । ଏବଂ ଏହି ପ୍ରତ୍ୟେକଟି ରାଜ୍ୟକୁ ଆମେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ପୃଥିବୀ ବୋଲି କହିପାରିବା, ସେଗୁଡ଼ିକର ସ୍ୱତନ୍ତ୍ର ରୂପମାନ ରହିଛି ଓ ସେଠାରେ ଏପରି ସତ୍ତ୍ୱମାନେ ବାସ କରୁଛନ୍ତି, ଯେଉଁମାନେ କି ସେହି ରାଜ୍ୟର ଉଦ୍ଭୂତ ଏବଂ ଚେତନା ସହିତ ସେଠାରେ ବାସ କରୁଛନ୍ତି । ଏହି ଭୌତିକ ଜଗତରେ ଆମେ ଯେପରି ଭୌତିକ ଜଗତର ଉପାଦାନ ଦ୍ୱାରାହିଁ ଗଢ଼ାହୋଇ ରହିଛୁ, ସେହିପରି ପ୍ରାଣିକ ଜଗତରେ, ମନୋମୟ ଜଗତରେ, ଅଧିମାନସ ତଥା ଅତିମାନସ ଜଗତଗୁଡ଼ିକରେ —ଏବଂ ଅନନ୍ତସଂଖ୍ୟକ ସନ୍ଧିର ଅନେକ ଜଗତରେ ବି,—ଏପରି ନାନା ସତ୍ତ୍ୱ ବାସ

'oaob.nitrkl.ac.in' images reprocessed

କରୁଛନ୍ତି, ସେଉଁମାନଙ୍କର ରୂପ କି ସେହି ଜଗତର ଉପାଦାନର ଅନୁରୂପ ଏକ ଉପାଦାନରେ ଗଢ଼ାହୋଇଛି । ଏହାର ଅର୍ଥ ହେଉଛି ଯେ ସେହି ରାଜ୍ୟର ଅନୁରୂପ ଆପଣାର ଏକ ସତ୍ତ୍ୱଗତ ଅଂଶ ଧରି ଯଦି ତୁମେ ସଚେତନ ଭାବରେ ସେହି ଜଗତରେ ଯାଇ ପ୍ରବେଶ କରି ପାରିବ, ତେବେ ତୁମେ ବେଶ୍ ମୁକ୍ତି ଭାବରେ ସେଠାରେ ବିଚରଣ କରିପାରିବ, ଠିକ୍ ଏହି ଜଡ଼ ଜଗତରେ ବିଚରଣ କରୁଥିବା ପରି ତୁମେ ସେଠାରେ ମଧ୍ୟ ବିଚରଣ କରିପାରିବ ।

ଏବଂ, ଆମର ଏହି ଦରିଦ୍ର ଓ କ୍ଷୁଦ୍ର ଭୌତିକ ଜଗତରେ ଯେତିକି ବସ୍ତୁ ଦେଖିବାକୁ ଓ ପର୍ଯ୍ୟବେକ୍ଷଣ କରିବାକୁ ରହିଛି, ସେହି ଅନ୍ୟ ଜଗତରେ ମଧ୍ୟ ସେତିକି ବସ୍ତୁ, ଏପରିକି ତା'ଠାରୁ ଆହୁରି ଅଧିକ ବସ୍ତୁ ମଧ୍ୟ ଦେଖିବାକୁ ରହିଛି । କାରଣ, ଆମର ଏହି ଜଗତ ହେଉଛି ଜାଗତିକ ଅନେକ କ୍ରମ ମଧ୍ୟରେ କେବଳ ଗୋଟିଏ ମାତ୍ର ସୋପାନ । ସେହିସବୁ ରାଜ୍ୟରେ ତୁମର ଯାବତୀୟ ପ୍ରକାରର ବସ୍ତୁ ସହିତ ଭେଟ ହୋଇ ପାରିବ; ଏବଂ ସେଠାରେ ପ୍ରକୃତରେ କ'ଣସବୁ ଘଟୁଛି, ସେକଥା ଜାଣିବାକୁ ଏବଂ ସେଠାରେ ବାସ କରୁଥିବା ସତ୍ତ୍ୱଗୁଡ଼ିକ ସହିତ ସମ୍ବନ୍ଧ ସ୍ଥାପନ କରି ପାରିବାକୁ ତୁମକୁ ଏହି ଜଡ଼ଜଗତ ପରି ସମାନ ଗଭୀର ଭାବରେ ବା ସମ୍ଭବତଃ ତାହାଠାରୁ ଆହୁରି ଅଧିକ ଗଭୀର ଭାବରେ ଅଧ୍ୟୟନ କରିବାକୁ ପଡ଼ିବ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆମେ ଯେତିକି ଯେତିକି ସେହି ରାଜ୍ୟରେ ଅଧିକ ଦୂରକୁ ଯାଉଥିବା, ସତେଅବା ଜଡ଼ଜଗତରୁ ବାହାରି ଯେତିକି ଅଧିକ ଦୂରକୁ ଚାଲି ଯାଉଥିବା, ସେହିସବୁ ସତ୍ତ୍ୱର ରୂପ ତଥା ଚେତନାକୁ ଆମର ଏହି ଜଡ଼ଜଗତର ରୂପଗୁଡ଼ିକ ତୁଳନାରେ ଏକ ଉଚ୍ଚତର ଶୁଦ୍ଧତା, ସୌନ୍ଦର୍ଯ୍ୟ ଏବଂ ପରିପୂର୍ଣ୍ଣତାର ପ୍ରତୀକରୂପେ ଆମେ ପ୍ରତ୍ୟକ୍ଷ କରିବାରେ ଲାଗିଥିବା । କେବଳ, ଯେଉଁ ପ୍ରାଣିକ ଜଗତଟି ଆମର ଏଠାକୁ ନିକଟତମ ହୋଇ ରହିଛି, ଅର୍ଥାତ୍ ଯେଉଁଟି ଆମର ଏହି ଜଡ଼ଜଗତ ସହିତ ମିଶ୍ରିତ ହୋଇ ରହିଛି ବୋଲି କୁହାଯାଇ ପାରିବ,—ଅବଶ୍ୟ ଏକଥା ସତ ତାହା ଏହି ଜଡ଼ଜଗତର ବାହାରେ ରହିଛି ଏବଂ ଏପରି ଏକ ଅଞ୍ଚଳ ରହିଛି, ଯେଉଁଠାରେ କି ପ୍ରାଣିକ ଏବଂ ଭୌତିକର ଆଦୌ କୌଣସି ମିଶ୍ରଣ ଘଟି ନାହିଁ;—ସେହି ପ୍ରାଣିକ-ଭୌତିକ ସମ୍ବନ୍ଧରେ ଏପରି କୁହାଯାଇ ପାରିବ ଯେ ଅପଣାର କେତେକ ବିଷୟରେ ତାହା ଏଠା ଅପେକ୍ଷା ପ୍ରକୃତରେ ଆହୁରି ଅଧିକ କୁତ୍ସିତ ଓ ଅସୁନ୍ଦର ହୋଇ ରହିଛି, କାରଣ ସେଠାରେ ତାହା ଏପରି ଏକ ଅସଦିଚ୍ଛା ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଛି, ମାତ୍ର ତେଣେ ଏକ ଭାରସାମ୍ୟରୂପେ କାର୍ଯ୍ୟ କରିବାକୁ ସେଠାରେ ଚୈତ୍ୟ ସତ୍ତ୍ୱା ବିଦ୍ୟମାନ ହୋଇ ରହି ନାହିଁ । ଆମର ଏହି ଭୌତିକ ଜଗତରେ ଚୈତ୍ୟ ସତ୍ତ୍ୱହିଁ ଏହି ଅସତ୍-ଇଚ୍ଛାରେ କେତେ ସଂଶୋଧନ ଆଣିପାରୁଛି, ସେଥିରେ କେତେ ମାର୍ଜନା ସମ୍ଭବ କରିପାରୁଛି, କେତେ ଭୁଲକୁ ଠିକ୍

କରିନେଉଛୁ ଓ ତାହାକୁ ସୁପରିଗଠିତ କରି ନେଉଛୁ । ମାତ୍ର ଏଭଳି ପ୍ରକୃତିରେ ଏକ ସୀମାବଦ୍ଧ ଅଞ୍ଚଳଟିଏ ପାର ହୋଇ ରହିଛି ଏବଂ ଏଇଟିକୁ ପାର ହୋଇ ଗଲା ପରେ ଆମକୁ ହୁଏତ ଏପରି ଅନେକ ବସ୍ତୁର ସମ୍ମୁଖୀନ ହେବାକୁ ପଡ଼ିବ, ଯାହାକି ମନୁଷ୍ୟ-ଜୀବନ ଲାଗି ମୋଟେ ଅନୁକୂଳ ନୁହେଁ । ସେହି କ୍ଷେତ୍ରର ସତ୍ତାମାନେ ମନୁଷ୍ୟମାନଙ୍କ ସହିତ ଅସ୍ତିତ୍ୱଗତ ଏକା ସ୍ତରରେ ବାସ କରୁ ନାହାନ୍ତି, ସେମାନଙ୍କର ସୌନ୍ଦର୍ଯ୍ୟ ଏବଂ ମହିମାର କ୍ଷେତ୍ରରେ ଏକ ସ୍ୱତନ୍ତ୍ର ମାନଦଣ୍ଡ ରହିଛି; ସେମାନଙ୍କ ସହିତ ଅବଶ୍ୟ ଏପରି ନାନା ସମ୍ବନ୍ଧର ପ୍ରତିଷ୍ଠା କରାଯାଇ ପାରିବ, ଯାହାକି ହୁଏତ ବେଶ୍ ସୁଖକର ହୋଇପାରିବ, ଉପଯୋଗୀ ମଧ୍ୟ ହୋଇପାରିବ ।

କେବଳ, ମୁଁ ଯେପରି ତୁମମାନଙ୍କୁ ଆଗରୁ କହିସାରିଛି, ଆଗରୁ ଉତ୍ତମରୂପେ ଦୀକ୍ଷିତ ନହୋଇଥିଲେ ଏହିସବୁ ରାଜ୍ୟରେ ପ୍ରବେଶ କରିବା ଆଦୌ ବଜ୍ଞତାର କାର୍ଯ୍ୟ ହେବ ନାହିଁ; ଏବଂ, ସର୍ବୋପରି, ଯେଉଁ ପ୍ରକୃତିଟି ତୁମକୁ ତୁମର ନାନା ଅହଂକାମିତା, ବାସନା କାମନା, ଭୟ ଏବଂ ଦୁର୍ବଳତା ଦ୍ୱାରା ପରିବ୍ୟାପ୍ତ କରି ରଖିଛି ଓ ସେଠାକୁ ଯିବା ଲାଗି ଅସମର୍ଥ କରି ରଖିଛି, ସେହି ପ୍ରକୃତିରେ ଏକ ପରିପୂର୍ଣ୍ଣ ଶୋଧନ ନଘଟାଇ ତୁମେ ସେଠାକୁ ଗଲେ ଆଦୌ ଭଲ ହେବ ନାହିଁ । ଏହିସବୁ କ୍ରିୟାଶୀଳତାରେ ପ୍ରବୃତ୍ତ ହେବା ପୂର୍ବରୁ ଆମକୁ ଆତ୍ମଶୁଦ୍ଧି ଏବଂ ଚେତନାର ସମ୍ପ୍ରସାରଣ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଏକ ପ୍ରସ୍ତୁତ କରିନେବାକୁ ହେବ; ଏହା ଏକାନ୍ତ ଅପରିହାର୍ଯ୍ୟ ।

ଏହିସବୁ ଅଦୃଶ୍ୟ ଜଗତମାନଙ୍କରେ ଏପରି କ୍ଷେତ୍ରମାନ ମଧ୍ୟ ରହିଛି, ଯାହାକୁ କି ମନୁଷ୍ୟ ତା'ର ମନର ସାହାଯ୍ୟରେ ରଚିତ କରି ରଖିଥାଏ । ସେଠାରେ ତୁମେ ଯାହା ଇଚ୍ଛା କରିବ, ତାହା ପାଇ ପାରିବ । ବସ୍ତୁତଃ, ଜଣେ ଯାହା ପାଇବ ବୋଲି ଆଗରୁ ଆଶା ରଖିଥିବ, ସେଠାରେ ସେ ତାହାହିଁ ପାଇବ । ସେଠାରେ ନର୍କ ଥିବ, ସ୍ୱର୍ଗ ଥିବ,—ଯନ୍ତ୍ରଣା ଭୋଗିବାର କେତେକେତେ ଅଳସ୍ଥ ରହିଥିବ । ବିଭିନ୍ନ ଧର୍ମ ଓ ସେଗୁଡ଼ିକର କଳ୍ପନା ଅନୁସାରେ ସେଠାରେ ଯାବତୀୟ କିସମର ବସ୍ତୁ ରହିଥିବ । ଏହି ବସ୍ତୁଗୁଡ଼ିକର କେବଳ ଏକ ଆପେକ୍ଷିକ ଅସ୍ତିତ୍ୱହିଁ ରହିଛି, ମାତ୍ର ଆମର ଏହି ଭୌତିକ ଜଗତର ବସ୍ତୁଗୁଡ଼ିକ ସହିତ ସେଗୁଡ଼ିକର ଏକ ଆପେକ୍ଷିକ ସାଦୃଶ୍ୟ ମଧ୍ୟ ରହିଛି । ଅର୍ଥାତ୍, ଯେଉଁ ବ୍ୟକ୍ତି ପ୍ରକୃତରେ ସେଠାକୁ ଯାଇପାରିବ, ସେହି ବସ୍ତୁଗୁଡ଼ିକ ତା' ଲାଗି ସମ୍ପୂର୍ଣ୍ଣ ଭାବରେ ବାସ୍ତବ ହୋଇ ଦୃଶ୍ୟମାନ ହେବେ ଏବଂ ସେଗୁଡ଼ିକର ପରିଣାମ ମଧ୍ୟ ବେଶ୍ ମୂର୍ତ୍ତିଭାବରେ ଅନୁଭୂତ ହେଉଥିବ । ସେହି ତଥାକଥିତ ବାସ୍ତବତାର ଭ୍ରମକୁ ଏଡ଼ି ଦେଇ ପାରିବାକୁ ହେଲେ ଏକ ଅନ୍ତର୍ଗତ ବନ୍ଧନମୁକ୍ତତା ରହିଥିବା ଦରକାର, ଚେତନା ଯଥେଷ୍ଟ ପରିମାଣରେ ସମ୍ପ୍ରସାରିତ ହୋଇ ରହିଥିବା ଦରକାର ଏବଂ ଏକ ଅଧିକ ଗଭୀର ତଥା ଅଧିକ ଉଚ୍ଚ ସତ୍ୟ ସହିତ ସମ୍ପର୍କ ବ



'oaob.nitrkl.ac.in' images reprocessed

ରହିଥିବା ଦରକାର । ମାତ୍ର, ଏହି ପୃଥିବୀରେ ଯାହା ଘଟେ, ସେଠାରେ ମଧ୍ୟ ପ୍ରାୟ ଡଲ୍ଟା ହୋଇ ସବୁ କଥା ଘଟିଥାଏ : ମନୁଷ୍ୟମାନେ ଦୃଢ଼ଭାବରେ ପ୍ରାୟ ଏହି ବିଶ୍ୱାସଟି କରୁଥାନ୍ତି ଯେ ଦେହର ସତ୍ୟଟି ହେଉଛି ଏକମାତ୍ର ସତ୍ୟ,—ଯାହାକୁ ମଣିଷ ଛୁଇଁପାରିବ, ଦେଖିପାରିବ, ତାହାର ସତ୍ୟହିଁ ଏକମାତ୍ର ସତ୍ୟ । ଏବଂ, ଯାହାକିଛିକୁ ଦେଖି ନହୁଏ, ଛୁଇଁ ନହୁଏ, ଅନୁଭବ କରି ନହୁଏ, ସେମାନଙ୍କ ଲାଗି ତାହାର ସତ୍ୟ ଉପରେ ଅବଶ୍ୟ ସନ୍ଦେହ କରିବାକୁ ହେବ । ହଁ, ସେହି ଆର ଜଗତରେ ଯାହାକିଛି ଘଟେ, ସେଇଟି ମଧ୍ୟ ଠିକ୍ ଏହାରି ପରି । ଯେକୌଣସି କାରଣରୁ ହେଉ ପଛକେ, ମୃତ୍ୟୁ ସମୟକୁ ଯେଉଁ ଲୋକମାନେ ସ୍ୱର୍ଗକୁ ଅଥବା ସମ୍ଭବତଃ ନରକକୁ ଯାଉଛନ୍ତି ବୋଲି ଦୃଢ଼ ଭାବରେ ବିଶ୍ୱାସ କରୁଥାନ୍ତି, ମୃତ୍ୟୁ ଅନ୍ତେ ସେମାନେ ପ୍ରକୃତରେ **ସେହିଠାକୁହିଁ ଯାଆନ୍ତି** । ଏବଂ, ସେମାନଙ୍କ ଲାଗି ସେହି ସ୍ଥାନ ପ୍ରକୃତରେ ଗୋଟିଏ ସ୍ୱର୍ଗ ଅଥବା ନରକ ହୋଇ ରହିଥାଏ । ଏବଂ, ସେମାନଙ୍କୁ ସେଠାରୁ ବାହାରି ଆସି ଅଧିକ ସତ୍ୟ ଓ ଅଧିକ ବାସ୍ତବ ଅନ୍ୟଗୋଟିଏ ସ୍ଥାନକୁ ଯିବାକୁ ପ୍ରବୃତ୍ତ କରିବା ପ୍ରକୃତରେ ଭାରି କଷ୍ଟକର ହୋଇ ରହିଥାଏ ।

ତେଣୁ, ଏହିସବୁ ଅଗଣିତ ଯାବତୀୟ ଜଗତ ବିଷୟରେ ମାତ୍ର କେତେ ମିନଟରେ କିଛି କହିବା ଆଦୌ ସହଜ ନୁହେଁ । ଏହି ଜ୍ଞାନଟିକୁ ଅର୍ଜନ କରିବା ଲାଗି ଅନେକ ଅନେକ ବର୍ଷ ଧରି ଏହି ବିଷୟରେ ଅନୁଭବ ଲାଭ କରିବାକୁ ହେବ, ସେହି ଅନୁଭବ ପୂର୍ଣ୍ଣଭାବରେ ବିଧିବଦ୍ଧ ହୋଇଥିବ, ଏବଂ ମୁଁ ଯେପରି କହିଲି, ସେହି ଅନୁଭବକୁ ଅନଷ୍ଟଶୂନ୍ୟ କରିବାକୁ ହେଲେ ଏକ ଅନ୍ତର୍ଗତ ପ୍ରସ୍ତୁତି ମଧ୍ୟ ଅପରିହାର୍ଯ୍ୟ ହୋଇ ରହିଥିବ ।

ଏହିସବୁ ଜଗତ ସହିତ କିଛିଟା ସମ୍ପର୍କ,—ଏକ ଅତ୍ୟନ୍ତ ଆଂଶିକ ଓ ଉପରିଭାଗୀୟ ସମ୍ପର୍କ ଲାଭ କରିବାର ଏକ ସୁଯୋଗ ଆମ ସମସ୍ତଙ୍କୁ ମିଳିଥାଏ । ଏହି ସୁଯୋଗ ଆମକୁ ସ୍ୱପ୍ନାବସ୍ଥାରେ ମିଳିଥାଏ । ଏବଂ କେବଳ ସ୍ୱପ୍ନଗୁଡ଼ିକର ଅଧ୍ୟୟନ କରିବାକୁ ହେଲେ ବି ଅନେକ ସମୟ ଓ ଅନେକ ସାବଧାନତା ଆବଶ୍ୟକ ଏବଂ କେବଳ ସେହି ଅଧ୍ୟୟନ ମଧ୍ୟ ଅଦୃଶ୍ୟ ଜଗତଗୁଡ଼ିକର ଏକ ଗଭୀରତର ଅଧ୍ୟୟନ ଲାଗି ଆମକୁ ଏକ ପ୍ରସ୍ତୁତିମୂଳକ ଆଧାରଭୂମି ଯୋଗାଇଦେଇ ପାରିବ ।

ମୁଁ ଭାବୁଛି, ଆଜି ସନ୍ଧ୍ୟାରେ ଆମେ ଏବିଷୟରେ କେବଳ ଏତିକି କହିପାରିବା ଓ ତଦ୍ୱାରା ଯାହାକିଛି ଲାଭବାନ୍ ହୋଇପାରିବା ।

(ମାଆ ନୀରବ ରହିଲେ)

ଶେଷ ପ୍ରଶ୍ନଟି ଏପରି ଜଣେ ବ୍ୟକ୍ତିଙ୍କଠାରୁ ଆସିଛି, ଯିଏ ଭାବୁଛନ୍ତି ଯେ ମୁଁ ଟିକିଏ ହାଲୁକା ଭାବରେ ନାନା ପ୍ରତିଜ୍ଞା କରି ପକାଇଛି ଓ ପୁନଶ୍ଚ, ପ୍ରତିଜ୍ଞା କରି

'oaob.nitrkl.ac.in' images reprocessed

ସେଗୁଡ଼ିକର ପାଳନ କରି ନାହିଁ !···ମନୁଷ୍ୟଜାତି ମୋତେ ଯେତିକ ଦେଇ ପାରିବା ଲାଗି ସମର୍ଥ ଥିଲା, ମନୁଷ୍ୟଜାତିଠାରୁ ମୁଁ ସମ୍ଭବତଃ ତା'ଠାରୁ କିଛି ଅଧିକ ପ୍ରତ୍ୟାଶା କରି ପକାଇଛି,—ସେବିଷୟରେ ମୁଁ ଠିକ୍ କରି କିଛି କହିପାରୁ ନାହିଁ । ସମ୍ଭବତଃ, ଏଇଟି ବିଷୟରେ ମୋର ଏକ ସମ୍ପୂର୍ଣ୍ଣ ଉପରଠାଉରିଆ ଧାରଣା ରହିଛି ।

ମୁଁ ଉଲ୍ଲିଖିତ କେବଳ ଏତିକ କହିଥିଲି; ମୁଁ ଏତିକ କହିଥିଲି ଯେ ଯେଉଁମାନେ ଏଠାରେ ଆଶ୍ରମରେ ଅଛନ୍ତି, ସେମାନେ ଅତିମାନସର ଅବତରଣ ବିଷୟରେ ଅବଶ୍ୟ ଜାଣିବାକୁ ପାଇବେ । ଅତିମାନସର ଅବତରଣ ଘଟିଲାବେଳେ ମୁଁ ସେମାନଙ୍କୁ ଜଣାଇଲି ନାହିଁ ବୋଲି ସେମାନେ ମୋତେ କଦାପି ଦୋଷ ଦେଇ ପାରିବେ ନାହିଁ । ସେହି ବିଷୟରେ ମୁଁ ଅଦୌ କିଛିହେଲେ ଗୁପ୍ତ କରି ରଖି ନାହିଁ ! ମୁଁ ଏକଥା ମଧ୍ୟ କହିଥିଲି ଯେ ସେମାନେ ଏହି ଅବତରଣରେ ଅଂଶଗ୍ରହଣ ବି କରିବେ ।—ବସ୍ତୁତଃ, ଏଥିରେ ଅଂଶଗ୍ରହଣ କରିବାରୁ ମୁଁ କାହାରିକୁ ନିଷିଦ୍ଧ କରି ନଥିଲି ! ବରଂ, ମୁଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆପଣାକୁ ଉନ୍ମୋଚିତ କରି ରଖିବା ଲାଗି, ତାହାକୁ ଗ୍ରହଣ କରିବା ଲାଗି ଏବଂ ସେଥିରୁ ଲାଭବାନ୍ ହେବା ପାଇଁ ଚେଷ୍ଟା କରିବା ଲାଗି ଉତ୍ସାହିତହିଁ କରିଥିଲି ।

ଏବଂ ସେହି କାରଣରୁ ମୁଁ କହିଥିଲି : ସେହି ମୁହୂର୍ତ୍ତରୁହିଁ ରୂପାନ୍ତରକାରୀ ପରମ କରୁଣା ଅତ୍ୟନ୍ତ ଫଳପ୍ରଦ ଭାବରେ ପ୍ରଦୀପ୍ତ ହେବାକୁ ଆରମ୍ଭ କରିବ । ଏହାର ବିରୋଧ କରି ମୋତେ କେହି କହନ୍ତୁ ବୋଲି ମୁଁ ସମସ୍ତଙ୍କୁ ଆହ୍ୱାନ କରୁଛି !

ମାତ୍ର ଏହି କ୍ଷେତ୍ରରେ ପ୍ରକୃତରେ ଆଉ ଟିକିଏ ଅଧିକ ବି କୁହାଯାଇ ପାରିବ···ମୁଁ ତା'ପରେ କହିଥିଲି : ସୌଭାଗ୍ୟର ବିଷୟ ଯେ ସାଧକମାନଙ୍କ ଲାଗି ଏହି ସୁଖୋଜ୍ଜ୍ୱଳ ଭବିଷ୍ୟତ,—ଠିକ୍ ଏହିପରି ଭାବରେ ମୁଁ କଥାଟିକୁ ଲେଖିଥିଲି ବୋଲି ଭାବୁ ନାହିଁ, ମାତ୍ର ସେଥିରେ କିଛି ଯାଏଆସେ ନାହିଁ,—ମୁଁ କହିଥିଲି ଯେ ସେମାନଙ୍କ ଲାଗି ଏକ ସୁଖୋଜ୍ଜ୍ୱଳ ଭବିଷ୍ୟତ ନିଶ୍ଚୟ ମୂର୍ତ୍ତି ହୋଇ ଉଠିବ, ଅଧଃପତିତ ମନୁଷ୍ୟପ୍ରକୃତି ହୁଏତ ତା' ବିରୁଦ୍ଧରେ ଆଣି ଉପସ୍ଥାପିତ କରୁଥିବା ଯାବତୀୟ ପ୍ରତିବନ୍ଧକ ସତ୍ତ୍ୱେ ସେହି ଭବିଷ୍ୟତ ଅବଶ୍ୟ ମୂର୍ତ୍ତି ହୋଇ ଉଠିବ । ଏହିପରି ହେବ ବୋଲି ମୁଁ ଏବେ ମଧ୍ୟ ଆଶା କରୁଛି ।

ମାତ୍ର, ସମ୍ଭବତଃ ଟିକିଏ ଅଧୈର୍ଯ୍ୟ ହୋଇ ପଡ଼ିଥିବା ସେହି ବ୍ୟକ୍ତି ଜଣେ ମୋତେ କହୁଛନ୍ତି : "ବେଶ୍ ଅନେକ ସଂଖ୍ୟକ ସାଧକଙ୍କ ଲାଗି ଅସୁବିଧାଗୁଡ଼ିକ ଏପରି ବୃଦ୍ଧି ପାଇଲା କାହିଁକି ?" (ମାଆ କାଗଜଟିକୁ ଖୁବ୍ ଜୋର୍‌ରେ ଟେବୁଲ ଉପରେ ରଖିଦେଲେ) ତୁମେ ଅତି ବେଶୀ ସଚେତନ ହୋଇ ପଡ଼ିଥିବାରୁ ଏହା ଘଟି ନାହିଁ ବୋଲି ତୁମକୁ କିଏ କହିଲା ? ସବୁଯାକ ବାଧା ଓ ଅସୁବିଧା ଆଗରୁ ବି ରହିଥିଲା, ମାତ୍ର ତୁମେମାନେ ସେବିଷୟରେ ସଚେତନ ହୋଇ ନଥିଲ ?···ଯଦି

'oaob.nitrkl.ac.in' images reprocessed

ତୁମେମାନେ ଅଧିକ ସ୍ପଷ୍ଟ ଭାବରେ ଦେଖିବାକୁ ସମର୍ଥ ହେଲ ଏବଂ ଆଦୌ ଖୁବ୍ ବେଶୀ ସୁନ୍ଦର ନଥିବା ବସ୍ତୁଗୁଡ଼ିକୁ ଦେଖିବାକୁ ଆରମ୍ଭ କଲ, ତେବେ ସେଥିଲାଗି ଅତିମାନସକୁ କଦାପି ଦୋଷ ଦିଆଯିବ ନାହିଁ, ତାହା ହେଉଛି ତୁମର ଦୋଷ ! ଅତିମାନସ ତୁମମାନଙ୍କ ହାତରେ ଏକ ଆଲୋକ ଧରାଇ ଦେଇଗଲା, ତୁମମାନଙ୍କୁ ଏକ ଦର୍ପଣ ଆଣି ଦେଇଗଲା, ଯେଉଁଥିରେ କି ତୁମ୍ଭେମାନେ ଆପଣାକୁ ପୂର୍ବାପେକ୍ଷା ଅଧିକ ଭଲ ଭାବରେ ଦେଖିପାରିବ; ଏବଂ ତୁମେମାନେ ଏହା ଫଳରେ ସବୁବେଳେ ସୁନ୍ଦର କଥାମାନ ଦେଖିବାକୁ ପାଇଲ ନାହିଁ ବୋଲି ତୁମ୍ଭେମାନେ ଟିକିଏ ବିଚଳିତ ହୋଇ ପଡ଼ିଲ । ମାତ୍ର ସେଥିପାଇଁ ମୁଁ କ'ଣ କରିବି ?

ଏବଂ ଏହି ବ୍ୟକ୍ତିଜଣକ ଉପସଂହାର କରି କହିଛନ୍ତି : "ଅଧଃପତିତ ମନୁଷ୍ୟ-ପ୍ରକୃତି ତାହା ବିରୁଦ୍ଧରେ ଯେତେଯାହା ପ୍ରତିବନ୍ଧକ ଆଣି ଉପସ୍ଥାପିତ କରୁଛି, ତାହା ସତ୍ତ୍ୱେ କ'ଣ ଅତିମାନସ ପରମଶକ୍ତି ଏଠାରେ କାର୍ଯ୍ୟ କରୁ ନାହିଁ ?" ନିଶ୍ଚୟ କରୁଛି, କରୁଛି ବୋଲି ମୁଁ ଅବଶ୍ୟ ଆଶା କରିବି । କାରଣ, ତା' ନହେଲେ ଆଉ କିଛି ବି କରିବା ସମ୍ଭବ ହୁଅନ୍ତା ନାହିଁ, ପୃଥିବୀର ଆଉ କେବେହେଲେ ଉଦ୍ଧାର ହୋଇପାରନ୍ତା ନାହିଁ । ମାତ୍ର ତୁମକୁ ଅସୁବିଧାମାନ କାହିଁକି ବଢ଼ି ଯାଇଥିବା ପରି ଲାଗୁଛି, ସେହି କଥାଟି ମୁଁ ବୁଝାଇ କହି ଦେଇଛି । ଏପରି ଲାଗୁଛି, କାରଣ ବର୍ତ୍ତମାନ ତୁମେ ଆଗ ଅପେକ୍ଷା ଟିକିଏ ଅଧିକ ସଚେତନ ହୋଇ ପାରିଛ ଏବଂ ଏପରି କଥାମାନ ଦେଖିପାରୁଛ, ଯାହାକୁ କି ପୂର୍ବରୁ ଆଦୌ ଦେଖି ପାରୁ ନଥିଲ ।

ଏହା ପଛରେ ଆଉ ଗୋଟିଏ କାରଣ ମଧ୍ୟ ରହିଛି । କାର୍ଯ୍ୟ କରୁଥିବା ପରମ ଶକ୍ତିଟି ତାହାର ପ୍ରତିରୋଧ କରୁଥିବା ଶକ୍ତିଟିଠାରୁ ଯେତେବେଳେ ଅଧିକ ବଳଶାଳୀ ଓ ଅଧିକ ଅଦମ୍ୟ ହୋଇ ରହିଥାଏ, ସେତେବେଳେ ପ୍ରତିରୋଧ କରୁଥିବା ଶକ୍ତି ପ୍ରକୃତରେ ସେହିପରି ସମକକ୍ଷ ହୋଇ ପ୍ରତିରୋଧ କରିବାକୁହିଁ ଚେଷ୍ଟା କରିଥାଏ । ଏବଂ ଯଦି ସେପରି ହେବା ପରିବର୍ତ୍ତେ,—ଏବଂ ଏହିଠାରେହିଁ ମୁଁ ଏପରି କିଛି କହିବାକୁ ଯାଉଛି ଯାହାକି ଆଦୌ ଖୁବ୍ ବେଶୀ ପ୍ରୀତିକର ହେବ ନାହିଁ,—ଯଦି ନିଜର କ୍ଷୁଦ୍ର କ୍ଷୁଦ୍ର ନାନା ଅସୁବିଧା ଓ ଆପଦ ଦ୍ୱାରା ସମ୍ମୋହିତ ହୋଇ ନପଡ଼ି, ତୁମର ସାନ ସାନ ପ୍ରତିକୂଳତା, ତୁମର "ବଡ଼ ବଡ଼" ତ୍ରୁଟି ଓ ସାନ ସାନ ଅନାସକ୍ତି ଦ୍ୱାରା ବିମୂଢ଼ ହୋଇ ନପଡ଼ି ତୁମେ ତାହାର ଅନ୍ୟ ପାଖଟିକୁ ଦେଖିବା ଲାଗି ଚେଷ୍ଟା କରନ୍ତ, ସେହି ମହାନ୍ ଶକ୍ତି ପ୍ରକୃତରେ କେତେ ଅଧିକ ପରିମାଣରେ ଶକ୍ତିଶାଳୀ ହୋଇ ରହିଛି, ସେହି ପରମ କରୁଣା କେତେ ଅଧିକ ପରିମାଣରେ ସକ୍ରିୟ ହୋଇ ରହିଛି ଓ ସେହି ପରମ ସହାୟତା କେତେ ଅଧିକ ପରିମାଣରେ ପ୍ରକଟିତ ହୋଇ ରହିଛି, ସେହି କଥାଟିକୁ ଦେଖିବା ଲାଗି ଚେଷ୍ଟା କରନ୍ତ, ଗୋଟିଏ କଥାରେ କହିବାକୁ ଗଲେ, ଯଦି ତୁମେ ଟିକିଏ ଅପେକ୍ଷାକୃତ

'oaob.nitrkl.ac.in' images reprocessed

କମ୍ ଅହଂକେନ୍ଦ୍ରିତ ହୋଇ ରହିପାରନ୍ତି, ଆପଣା ଆପଣାକୁ କେନ୍ଦ୍ର କରି ଟିକିଏ କମ୍ ଘୂରନ୍ତି, ଏବଂ ଆପଣାର ଦୃଷ୍ଟିକୁ କିଛିଟା ପରିମାଣରେ ଅଧିକ ପ୍ରଶସ୍ତ କରିପାରନ୍ତି, ଯାହାଫଳରେ କି ବ୍ୟକ୍ତିଗତ ସ୍ତରରେ ତୁମ ସହିତ ସମ୍ପର୍କ ରଖି ନଥିବା କେତେକ ବିଷୟକୁ ମଧ୍ୟ ତୁମେ ଆପଣା ଜୀବନର ଅନ୍ତର୍ଗତ କରି ରଖିପାରନ୍ତି, ତେବେ ସମସ୍ୟାଟି ବିଷୟରେ ତୁମର ଦୃଷ୍ଟିକୋଣ ହୁଏତ ଏକାବେଳକେ ବଦଳିଯାଇ ପାରନ୍ତା ।

ତେଣୁ, ତୁମମାନଙ୍କୁ ମୁଁ ଏତିକି କରିବାକୁ ପରାମର୍ଶ ଦେବି, ଏବଂ ମୋର ପ୍ରତିକାରଟିକୁ ପ୍ରୟୋଗ କରି ଦେଖିସାରିବା ପରେ ଆମେ ପରେ ଏହି ବିଷୟରେ କଥାବାର୍ତ୍ତା ହେବା : ନିଜ ବିଷୟରେ ତୁମେ ଅନବରତ ଏତେଗୁଡ଼ାଏ ଚିନ୍ତା କରିବ ନାହିଁ ।

ତଥାପି, ହୁଏତ ଏହି ସମସ୍ୟାଟି ବିଷୟରେହିଁ ତୁମମାନଙ୍କର ସବୁଠାରୁ ଅଧିକ ଆଗ୍ରହ ରହିଛି । ମାତ୍ର ଏକଥା ଏକାନ୍ତ ସତ୍ୟ ଯେ ଏଇଟି କଦାପି ସବୁଠାରୁ ଅଧିକ ଆଗ୍ରହୋଦ୍ଦୀପକ ବିଷୟ ନୁହେଁ !

## ୧୮ ଜୁଲାଇ ୧୯୫୭

> ମାଆ, ମୋର ଗୋଟିଏ ବାକ୍ୟର ବ୍ୟାଖ୍ୟା ଆବଶ୍ୟକ ହେଉଛି । 'ଧ୍ୟାନ ଓ ପ୍ରାର୍ଥନା'ରେ ଗୋଟିଏ ବାକ୍ୟ ରହିଛି : "ଏବଂ ଘଟିକା ପରେ ଘଟିକା ଅତିକ୍ରାନ୍ତ ହୋଇଯାଏ, ସତେଅବା ବାସ୍ତବରେ ପରିଣତ ହୋଇ ନପାରିଥିବା ସ୍ୱପ୍ନଗୁଡ଼ିକ ପରି ସେଗୁଡ଼ିକ ମ୍ଳାନ ହୋଇ ଅନ୍ତର୍ହିତ ହୋଇଯାଏ ।"
>
> ୧୯ ଜାନୁଆରି ୧୯୧୭

ସେଇଟି ହେଉଛି ଗୋଟିଏ ଅନୁଭୂତି । ବାସ୍ତବରେ ପରିଣତ ହୋଇ ପାରି ନଥିବା ଗୋଟିଏ ସ୍ୱପ୍ନ କହିଲେ କ'ଣ ବୁଝାଏ, ତୁମେ ଜାଣିଛ ?···ରାତିରେ ଯେଉଁ ସ୍ୱପ୍ନମାନ ଦେଖାଯାଏ, ମୁଁ ଏଠାରେ ସେହି ଅର୍ଥରେ 'ସ୍ୱପ୍ନ' ଶବ୍ଦଟିର ବ୍ୟବହାର କରି ନଥିଲି; ଜଣେ ବ୍ୟକ୍ତି ତା' ସତ୍ତାର ସର୍ବୋତ୍ତମ ଓ ସବୁଠାରୁ ଅଧିକ ସ୍ୱଚ୍ଛଦୃଷ୍ଟିସମ୍ପନ୍ନ ଅଂଶଟିରେ ଯାହାକୁ ଗଢ଼ିଆଣିଛି, ଯେଉଁ ଆଦର୍ଶଟିକୁ ସେ ପ୍ରକୃତରେ ବାସ୍ତବ ଜୀବନରେ ଉପଲବ୍ଧି କରିବାକୁ ଇଚ୍ଛା କରୁଛି, ଯାହାକିଛି ଆଗରୁ ସୃଷ୍ଟି ହୋଇ

'oaob.nitrkl.ac.in' images reprocessed

ସାଉଛୁ, ତାହା ତୁଳନାରେ ଅଧିକ ଉଚ୍ଚ, ଅଧିକ ସୁନ୍ଦର, ଅଧିକ ଉଦାର ଓ ଅଧିକ ବସ୍ତୁନିଷ୍ଠ ଏପରି କିଛି, ଯାହାକୁ କି ସେ ଉପଲବ୍ଧି କରିବାକୁ ଇଚ୍ଛା କରୁଛୁ, ସେହି ଅର୍ଥରେହିଁ ମୁଁ ଶବ୍ଦଟିର ବ୍ୟବହାର କରିଥିଲି । ଜଣେ ବ୍ୟକ୍ତିର ଚେତନା ମଧ୍ୟରେ କୌଣସି ନା କୌଣସିଠାରେ ଏକ କଳ୍ପନାଶକ୍ତି ରହିଛି ବା ଏକ ସୃଜନୀଶକ୍ତି ରହିଛି ଏବଂ ସେହିଠାରେ ସେହିସବୁ ଶକ୍ତିକୁ ଲଗାଇ ସିଏ କିଛି ତିଆରି କରୁଛି ଏବଂ ତାହାର ଉପଲବ୍ଧି କରିଯାଇ ପାରିବ ବୋଲି ଆଶା ରଖୁଛି ।

ଏବଂ ତା'ପରେ, କୌଣସି ନା କୌଣସି କାରଣରୁ, ସେଇଟିର ଉପଲବ୍ଧି ସମ୍ଭବ ହୋଇ ପାରୁ ନାହିଁ । ସମ୍ଭବତଃ ପୃଥିବୀ ପ୍ରସ୍ତୁତ ହୋଇ ପାରି ନଥିଲା ବୋଲି ଅଥବା ସେହି ଆଦର୍ଶଟି ଯଥେଷ୍ଟ ଭାବରେ ଗଠିତ ହୋଇ ପାରି ନଥିଲା ବୋଲି ସେହି ଉପଲବ୍ଧି ସମ୍ଭବ ହୋଇ ପାରୁ ନାହିଁ । ଏବଂ ତେଣୁ ସମସ୍ତ ଅତଡାନ୍ତ ହୋଇ ଯାଉଛି, ଅତ୍ୟନ୍ତ ନିଷ୍ଫଳ ଓ ଅନୁତ୍ପାଦକ ଭାବରେ କେବଳ ଗଡ଼ିଯାଉଛି,—ନିରର୍ଥକ, ବ୍ୟର୍ଥ ଓ ଶୂନ୍ୟ ଭାବରେ ଘଣ୍ଟିକା ପରେ ଘଣ୍ଟିକା ଅତିବାହିତ ହୋଇଯାଉଛି;—ସେଗୁଡ଼ିକ ସତେଅବା ମ୍ଳାନ ହୋଇ ଅନ୍ତର୍ହିତ ହୋଇ ଯାଉଥିଲା ପରି ମନେ ହେଉଛି, କାରଣ ସେଗୁଡ଼ିକରୁ କୌଣସି ପରିଣାମ ନିଷ୍ପନ୍ନ ହେଉ ନାହିଁ ବା ସେଗୁଡ଼ିକର ଅନ୍ୟ କୌଣସି ପ୍ରକାର ଉପଯୋଗିତା ରହୁ ନାହିଁ ।

ଏବଂ ମୁଁ ସେଇଥିଲାଗି ସେଠାରେ କହିଥିଲି : "ଏବଂ ଘଟିକା ପରେ ଘଟିକା ଅତିକ୍ରାନ୍ତ ହୋଇଯାଏ, ସତେଅବା ପରିଣତ ହୋଇ ପାରି ନଥିବା ସ୍ୱପ୍ନଗୁଡ଼ିକ ପରି ସେଗୁଡ଼ିକ ମ୍ଳାନ ହୋଇ ଅନ୍ତର୍ହିତ ହୋଇଯାଏ ।"

(ମାଆ ନୀରବ ରହିଲେ)

ଆଜି ମୋ ପାଖକୁ ଦୁଇଟି ପ୍ରଶ୍ନ ଆସିଛି । 'ଯୋଗସମନ୍ୱୟ' ଗ୍ରନ୍ଥରୁ ଗୋଟିଏ ପ୍ରଶ୍ନ ପଚରା ଯାଇଛି । ସେହି ଗ୍ରନ୍ଥରେ ଅଛି :

> "କାରଣ, ବ୍ୟକ୍ତିର ପ୍ରେମଟି ସନ୍ଧରେ ତାହାର ଅଙ୍ଗ ମାନୁଷୀ ରୂପଟି ଦ୍ୱାରା ଆବୃତ ହୋଇ ଏକ ରହସ୍ୟ ସର୍ବଦା ସଂଗୁପ୍ତ ହୋଇ ରହିଥାଏ, ମନ କଦାପି ଯାହାର କଳନା କରି ପାରେ ନାହିଁ; ସେହି ପରମ ବିଶ୍ୱଂଶ୍ୱରର ଏକ ରହସ୍ୟ ପ୍ରଚ୍ଛନ୍ନ ହୋଇ ରହିଥାଏ ଓ ପରମ ଅନନ୍ତଙ୍କ ରହିଁ ଏକ ରହସ୍ୟମୟ ରୂପାନ୍ତରର ମର୍ମ ନିଗୂଢ଼ ହୋଇ ରହିଥାଏ, କେବଳ ଆମ ହୃଦୟର ପୁଲକାଭିଭୂତି ଦେଇ ଏବଂ ଶୁଦ୍ଧ ତଥା ଉଦ୍ବେଳିତ ସଂବେଦନର ପୂର୍ଣ୍ଣାବେଗ

'oaob.nitrkl.ac.in' images reprocessed

ମଧ୍ୟଦେଇହିଁ ଆମେ ଯାହାର ନିକଟବର୍ତ୍ତୀ ହୋଇ ପାରିବା । ଏବଂ ଆମ ଲାଗି ତାହାର ଆକର୍ଷଣ ହେଉଛି ସେହି ଦିବ୍ୟ ମୁରଲୀଧାରୀଙ୍କର ଆହ୍ୱାନ, ତାହା ହେଉଛି ସେହି ପରମସୌନ୍ଦର୍ଯ୍ୟମୟଙ୍କର ସମ୍ମୋହନକାରୀ ପ୍ରେରଣା; କେବଳ ଏକ ଫଗୁପ୍ତ ପ୍ରେମ ତଥା ଆକାଙ୍‌କ୍ଷା ଦ୍ୱାରାହିଁ ଆମେ ତାହାର ସ୍ପର୍ଶ ଲାଭ କରିପାରିବା ଓ ସିଏ ଆମକୁ ମଧ୍ୟ ଅଧିକାର କରିପାରିବ । ସେହି ପ୍ରେମ ଓ ଆକାଙ୍‌କ୍ଷାହିଁ ଅବଶେଷରେ ପରମ ଆକାର ଏବଂ ପରମ ଆକାରିତତାକୁ ଏକାକାର ଓ ଏକ କରିଦେଇ ପାରିବ, ଏବଂ ପରମ ଚିଦ୍‌ଗତତାଠାରୁ ପରମ ବସ୍ତୁଗତତାକୁ ଅଭିନ୍ନ କରି ରଖିଦେବ । ଅଜ୍ଞାନର ଏହି ଅନ୍ଧକାର ମଧ୍ୟରେ ଆଜ ପ୍ରେମର ଆତ୍ମା କେବଳ ତାହାରି ଅନୁସନ୍ଧାନ କରିବାରେ ଲାଗିଛି, ଏବଂ ଯେତେବେଳେ ବ୍ୟକ୍ତିଗତ ମାନୁଷୀ ପ୍ରେମ ଏହି ଜଡ଼ଗତ ବିଶ୍ୱମୟତାରେ ଅବତୀର୍ଣ୍ଣ ହୋଇ ରହିଥିବା ପରମ ଅନ୍ତର୍ନିହିତ ଦିବ୍ୟତାରେ ରୂପାନ୍ତରିତ ହୋଇଯାଇ ପାରୁଛି, ସେତେବେଳେ ତାହା କେବଳ ତାହାକୁହିଁ ଉପଲବ୍ଧି କରୁଛି, ତାହାରହିଁ ସାକ୍ଷାତଲାଭ କରୁଛି ।”

ଯୋଗସମନ୍ୱୟ, ପୃଷ୍ଠା-୧୫୦

ଏହି କଥାଟି ଆମକୁ କୃଷ୍ଣ ଏବଂ ରାଧାଙ୍କର ପ୍ରତୀକଟି ପାଖକୁ ନେଇଯାଇ ନେଇ ଆସୁଛି ।

କୃଷ୍ଣ ହେଉଛନ୍ତି ସେହି ପରମ ଏକ ଏବଂ ଶ୍ରୀଅରବିନ୍ଦ ଏଠାରେ ତାଙ୍କର କଥା କହୁଛନ୍ତି; ସିଏ ହେଉଛନ୍ତି ସେହି ଦିବ୍ୟ ମୁରଲୀଧାରୀ, ଅର୍ଥାତ୍ ସେହି ଅନ୍ତର୍ଗୁପ୍ତ ତଥା ବିଶ୍ୱମୟ ପରମ ଦିବ୍ୟସତ୍ତା, ଯିଏକି ଯାବତୀୟ ଆକର୍ଷଣରେ ସର୍ବପରମ ଶକ୍ତି ହୋଇ ବିରାଜିତ ରହିଛନ୍ତି । ଏବଂ ଅନ୍ୟ ପକ୍ଷରେ ଆତ୍ମା, ସେହି ଚୈତ୍ୟ ବ୍ୟକ୍ତିସତ୍ତା, ଯାହାଙ୍କୁ ଏଠାରେ ରାଧା ବୋଲି କୁହାଯାଇଛି, ସେଇ ପରମ ମୁରଲୀଧାରୀଙ୍କର ଡାକରେ ଅନୁସ୍ପନ୍ଦନ ଜଣାଇବାରେ ଲାଗିଛନ୍ତି । ତେଣୁ ଆଜ ସନ୍ଧ୍ୟାରେ ମୋତେ ଏହି ରାଧା-ଚେତନା ବିଷୟରେ କିଛି କହିବା ଲାଗି କୁହାଯାଇଛି, ଅର୍ଥାତ୍, ଯେଉଁପରି ଭାବରେ ବ୍ୟକ୍ତି-ଆତ୍ମା ପରମ ଦିବ୍ୟସତ୍ତାଙ୍କର ଡାକରେ ଅନୁସ୍ପନ୍ଦନ ଜଣାଇଥାଏ, ମୋତେ ବସ୍ତୁତଃ ସେହି ବିଷୟରେ କହିବାକୁ କୁହାଯାଇଛି ।

ବର୍ତ୍ତମାନ ଯେଉଁ ଅଧ୍ୟାୟର ଅଂଶଟି ଆମ ଆଗରେ ପଢ଼ାଗଲା, ଶ୍ରୀଅରବିନ୍ଦ ମଧ୍ୟ ସଯୋଗବଶତଃ ସେଥିରେ ସେହି ବିଷୟଟିର ବର୍ଣ୍ଣନା କରିଛନ୍ତି । ଏହା ହେଉଛି ସକଳ ବସ୍ତୁ ମଧ୍ୟରେ ସେହି ଆନନ୍ଦର ସନ୍ଧାନ କରି ପାରିବାର ସାମର୍ଥ୍ୟ ଏବଂ ସେହି ଏକ ଦିବ୍ୟ ପରମ ଉପସ୍ଥିତି ସହିତ ଏକାତ୍ମତା ଅର୍ଜନ କରିପାରିଲେ ଏବଂ ତାଙ୍କରି ଲାଗି ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଦେଇ ଦେଇପାରିଲେ ତାହା ସମ୍ଭବ ହେବ । ତେଣୁ, ସେଥିରେ ଆଉ ଅଧିକ କିଛି ଯୋଡ଼ି ମୋର କିଛି କହିବାକୁ ଅଛି ବୋଲି ମୁଁ ଆଦୌ ମନେ କରେ ନାହିଁ; ମୁଁ ଯାହାକିଛି କହିବି, ତାହା ଏହି ସମଗ୍ର ଅନୁଭୂତିଟିକୁ ହୁଏତ କେବଳ ସୀମିତ କରି ପକାଇବ ବା ତାହାର ମହିମାକୁ ଖର୍ବ କରି ପକାଇବ ।

(କିଛି ସମୟ ନୀରବ ରହିବା ପରେ) ସବୁକିଛିକୁ ଏକ ଚିରନ୍ତନ ଉଲ୍ଲାସ-ମୟତାରେ ରୂପାନ୍ତରିତ କରିଦେବା ଲାଗି ଏହି ଚେତନାର ସାମର୍ଥ୍ୟ ରହିଛି, କାରଣ ବସ୍ତୁଗୁଡ଼ିକୁ ସେଗୁଡ଼ିକର ବାହ୍ୟମୟ ପ୍ରତିଭାସର ରୂପରେ ଦେଖିବା ପରିବର୍ତ୍ତେ ଆମେ ବର୍ତ୍ତମାନ କେବଳ ସେହି ଦିବ୍ୟ ପରମ ଉପସ୍ଥିତି, ପରମ ଇଚ୍ଛା ଏବଂ ପରମ କରୁଣାକୁହିଁ ସର୍ବତ୍ର ଦେଖିବା ଲାଗି ସମର୍ଥ ହୋଇଥାଉ; ଏବଂ ଘଟୁଥିବା ପ୍ରତ୍ୟେକ ଘଟଣା, ପ୍ରତ୍ୟେକ ଉପାଦାନ, ପ୍ରତ୍ୟେକ ପରିବେଶ ଏବଂ ପ୍ରତ୍ୟେକ ରୂପ ଓ ଆକାର କେବଳ ଏକ ମାର୍ଗରେହିଁ ପରିବର୍ତ୍ତିତ ହୋଇଯାଏ, ଏପରି ଏକ ବିସ୍ତାର ଓ ପ୍ରସାରଣରେ ପରିଣତ ହୋଇଯାଏ, ଯାହା ମଧ୍ୟଦେଇ କି ଆମେ ଅଧିକ ଅନ୍ତରଙ୍ଗ ଏବଂ ଅଧିକ ଗଭୀର ଭାବରେ ସେହି ଦିବ୍ୟ ପରମସତ୍ତାଙ୍କର ଅଧିକ ନିକଟବର୍ତ୍ତୀ ହୋଇ ଆସିବାରେ ସମର୍ଥ ହୋଇଥାଉ । ସେଠାରେ ଯାବତୀୟ ଦ୍ୱନ୍ଦ୍ୱ ଅନ୍ତର୍ହିତ ହୋଇଯାଏ, ଯାବତୀୟ ଅସୁନ୍ଦରତା ଉଭେଇ ଯାଏ, କେବଳ ସର୍ବବସ୍ତୁକୁ ଉଜ୍ଜ୍ୱଳ କରି ରଖିଥିବା ଏକ ପରମ ପ୍ରେମରେହିଁ ସେହି ପରମ ଦିବ୍ୟ ଉପସ୍ଥିତିର ମହିମା ବିରାଜିତ ରହିଥାଏ ।

ଏହି କଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଛି ଯେ ଏକ ବ୍ୟାବହାରିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ସେହି ସ୍ଥିତିରେ ଅବସ୍ଥିତ ରହି ପାରିବାକୁ ହେଲେ ଓ ତଥାପି ଆପଣାକୁ ବେଶ୍ ସନ୍ତାପକାରୀ ନାନା ପରିଣାମଗୁଡ଼ିକ ଲାଗି ମୁକ୍ତ କରି ନରଖିବାକୁ ହେଲେ ଆମକୁ ସତତ ଏବଂ ଅବିଚଳିତ ଭାବରେ ଏକ ନିର୍ଦ୍ଦିଷ୍ଟ ଉଚ୍ଚତାରେହିଁ ଅବସ୍ଥାନ କରିବାକୁ ହେବ ।•ସମ୍ଭବତଃ ସେଇଥି ସକାଶେହିଁ, ଯେଉଁମାନେ ସେହିପରି ଏକ ଅବସ୍ଥାରେ ରହିବାକୁ ଇଚ୍ଛା କରୁଥିଲେ, ସେମାନେ ନିଜକୁ ଜଗତ ଭିତରୁ ପ୍ରତ୍ୟାହୃତ କରି ନେଉଥିଲେ ଏବଂ ପ୍ରକୃତି ମଧ୍ୟରେ ରହି ବରି ସହିତ ସମ୍ପର୍କଯୁକ୍ତ ହୋଇ ରହିବାକୁ ଚେଷ୍ଟା କରୁଥିଲେ ।···କୌଣସି ବ୍ୟକ୍ତି ଲାଗି ଅପ୍ରୀତିକର ଶୁଭିବାକୁ କୌଣସି ଇଚ୍ଛା ନକରି ମୁଁ ଏଠାରେ ଅବଶ୍ୟ କହିବି ଯେ ମନୁଷ୍ୟମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ରହିବା ଅପେକ୍ଷା ବୃକ୍ଷ, ପୁଷ୍ପ,

'oaob.nitrkl.ac.in' images reprocessed

ତରୁଲତା ଓ ଏପରିକି ଇତରପ୍ରାଣୀମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ସେହି ଚେତନାର ଅବସ୍ଥାଟିକୁ ଉପଲବ୍ଧି କରିବା ଅନନ୍ତ ଗୁଣରେ ଅଧିକ ସହଜ । ଏହା ଅଧିକ ସହଜ ସତ, ମାତ୍ର କଦାପି ଅପରିହାର୍ଯ୍ୟ ନୁହେଁ । ଏବଂ, ଯଦି ଆମେ ଏହି ଅବସ୍ଥାଟି ସମ୍ପୂର୍ଣ୍ଣ ହୋଇ ରହୁ ବୋଲି ଇଚ୍ଛା କରୁଥାଉ, ତେବେ ସେହି ଅବସ୍ଥାଟିକୁ ଆମକୁ ପ୍ରତ୍ୟେକ ମୁହୂର୍ତ୍ତରେହିଁ ବଜାୟ ରଖିବାକୁ ହେବ, ଯେକୌଣସି ବ୍ୟକ୍ତି ଓ ଯେକୌଣସି ବସ୍ତୁର ଉପସ୍ଥିତିରେ ମଧ୍ୟ ସେହି ଅବସ୍ଥାଟିକୁ ବଜାୟ ରଖିବାକୁ ପଡ଼ିବ ।

ସେହି ଚେତନାର ସ୍ଥିତିଟିକୁ ସୂଚାଇ ଦେବା ଲାଗି କେତେକେତେ କିଂବଦନ୍ତୀ ଓ କଥା ଆମ ଆଗରେ ମହଜୁଦ ରହିଛି; ଉଦାହରଣସ୍ୱରୂପ, ଯେଉଁଟିକୁ ଆମେ ଏବେ ସିନେମାରେ ଦେଖୁଥିଲେ, ଏଠାରେ ପ୍ରହ୍ଲାଦର* ସେହି ଗଳ୍ପଟିକୁ ମଧ୍ୟ ଗ୍ରହଣ କରାଯାଇ ପାରିବ । ଏବଂ ଏହି କଥାଟି ଉପରେ ଯେ ମୋର କେବଳ ପୂର୍ଣ୍ଣ ବିଶ୍ୱାସ ରହିଛି ତା' ନୁହେଁ, ମାତ୍ର ଏବିଷୟରେ ମୋର ବେଶ୍ ଏକ ବାସ୍ତବ ଅନୁଭୂତି ମଧ୍ୟ ରହିଛି ଯେ ଯଦି କୌଣସି ବିପଦ, କୌଣସି ଶତ୍ରୁ ଅଥବା କୌଣସି ଖଳ ଇଚ୍ଛା ସମ୍ମୁଖରେ ତୁମେ ଏହି ଅବସ୍ଥାରେ ରହି ପାରିବା ଲାଗି ସମର୍ଥ ହେବ ଏବଂ ସକଳ ବସ୍ତୁରେ ସେହି ପରମ ଦିବ୍ୟସତ୍ତାଙ୍କୁହିଁ ଦର୍ଶନ କରି ପାରିବ, ତେବେ ତୁମ ଉପରେ ସେହି ବିପଦର କୌଣସି ପ୍ରଭାବ ପଡ଼ିବ ନାହିଁ, ସେହି ଖଳ ଇଚ୍ଛାଟି

---

* ଭାରତର ପୁରାଣ କାହାଣୀ ଅନୁସାରେ ପ୍ରହ୍ଲାଦ ହେଉଛି ରାଜା ହିରଣ୍ୟକଶିପୁର ପୁତ୍ର ଏବଂ ହିରଣ୍ୟକଶିପୁ ଭଗବାନ ବିଷ୍ଣୁଙ୍କର ଜଣେ ଦୁର୍ଦ୍ଦାନ୍ତ ଶତ୍ରୁ ଥିଲା । ସେ ତାଙ୍କ ରାଜ୍ୟରେ ବିଷ୍ଣୁଙ୍କର ପୂଜାକୁ ନିଷିଦ୍ଧ କରି ରଖିଥିଲେ ଏବଂ ତାଙ୍କର ପୁଅ ପ୍ରହ୍ଲାଦ ରାଜପ୍ରାସାଦ ଭିତରେହିଁ ସେହି ବିଷ୍ଣୁଙ୍କର ପୂଜା କରୁଛି ବୋଲି ଯେତେବେଳେ ସେ ଶୁଣିଲେ, ସେତେବେଳେ ତାହାକୁ ସେ ସର୍ପ ଗର୍ତ୍ତରେ ନେଇ ପକାଇଦେଲେ । ମାତ୍ର ସାପମାନେ ପ୍ରହ୍ଲାଦକୁ ଦଂଶନ କଲେ ନାହିଁ; ତାପରେ ତାକୁ ଗୋଟାଏ ପର୍ବତ ଉପରୁ ସମୁଦ୍ର ଭିତରକୁ ପକାଇ ଦିଆଗଲା, ମାତ୍ର ଅତ୍ୟନ୍ତ ବିସ୍ମୟକର ଭାବରେ ସମୁଦ୍ରର ତରଙ୍ଗମାନେ ତାକୁ ଆଣି କୂଳରେ ଲଗାଇଦେଲେ । କ୍ରୁଦ୍ଧ ପିତା ଯେତେବେଳେ "ତୋତେ କିଏ ବଞ୍ଚାଇଲା ?" ବୋଲି ପୁଅକୁ ପଚାରିଲେ, ବାଳକଟି ସେତେବେଳେ ଉତ୍ତର ଦେଲା, "ବିଷ୍ଣୁ ତ ସବୁଠାରେ ଅଛନ୍ତି, ସାପ ଭିତରେ ଅଛନ୍ତି, ସମୁଦ୍ର ଭିତରେ ବି ଅଛନ୍ତି ।" ଏଠାରେ ସ୍ମରଣ ରଖିବା ଉଚିତ ଯେ ସ୍ୱୟଂ ରାଜାଙ୍କର ଆତ୍ମା ମଧ୍ୟ ଅତୀତରେ କେତେକ ଋଷିଙ୍କ ଅଭିଶାପରେ ବୈକୁଣ୍ଠରୁ ସାମୟିକ ଭାବରେ ନିର୍ବାସିତ ହୋଇ ଆସିଥିଲା । ସିଏ ହୁଏତ ବିଷ୍ଣୁଙ୍କର ଶତ୍ରୁ ହିସାବରେ ମର୍ତ୍ତ୍ୟରେ ତିନୋଟି ଜନ୍ମ କଟାଇବ, କିମ୍ବା ବିଷ୍ଣୁଙ୍କର ଉପାସକ ହିସାବରେ ସେଠାରେ ଦଶଟି ଜନ୍ମ ଅତିବାହିତ କରିବ, ଋଷିମାନେ ତାଙ୍କୁ ଏହି ଦୁଇଟି ମଧ୍ୟରୁ ଗୋଟିଏ ବାଛିନେବାକୁ କହିଥିଲେ । ରାଜା ଯେଉଁଥିରେ ଫେରି ଆସିବା ପାଇଁ ଅପେକ୍ଷାକୃତ ଅଳ୍ପ ଦିନ ଲାଗିବ, ସେହି ପଥଟିକୁ ବାଛି ନେଇଥିଲେ ।

'oaob.nitrkl.ac.in' images reprocessed

ତୁମର ଆଦୌ କିଛିହେଲେ କରି ପାରିବ ନାହିଁ ଏବଂ ତୁମର ଶରୀର ହୁଏତ ସ୍ୱୟଂ ବଦଳିଯିବ ଅଥବା ଅନ୍ୟତ୍ର ପଳାଇଯିବ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

ଏବଂ ଏହି କଥାଟି ସହିତ ମୋତେ ଆଉ ଗୋଟିଏ ବେଶ୍ ମହତ୍ତ୍ୱପୂର୍ଣ୍ଣ କଥା ମଧ୍ୟ କହି ରଖିବାକୁ ପଡ଼ିବ । କୌଣସି ମତଲବ ବା ଉଦ୍ଦେଶ୍ୟ ରଖି ତୁମେ କଦାପି ଚେତନାର ଏହି ସ୍ଥିତିଟିକୁ ଲାଭ କରିବାକୁ ଯିବ ନାହିଁ, ବା ତାହା ତୁମକୁ କୌଣସି ସୁରକ୍ଷା କିଂବା ସହାୟତା ଆଣି ଦେଉଛି ବୋଲି ମଧ୍ୟ ତୁମେ ତାହାକୁ ଲୋଡ଼ି ଯିବ ନାହିଁ । ତୁମେ ତାହାକୁ ନିସ୍ବାର୍ଥ ସହିତ ଇଚ୍ଛା କରିବ, ସ୍ୱତଃପ୍ରେରିତ ହୋଇ ଇଚ୍ଛା କରିବ, ସତତ ଇଚ୍ଛା କରିବ । ତୁମର ସେହି ଜୀବନ ସାଧାରଣ ହେବ, ସ୍ୱାଭାବିକ ହେବ ଓ ସାବଲୀଳ ହେବ । ତେବେଯାଇ ତାହା ଫଳପ୍ରଦ ହୋଇପାରିବ । ମାତ୍ର, କୌଣସି ଏକ ନିର୍ଦ୍ଦିଷ୍ଟ ଫଳଲାଭର ଆଶା ରଖି ଯଦି ତୁମେ ସେହି କ୍ରିୟାଶୀଳତାଟିକୁ ଏତେ ଟିକିଏ ବି ନକଲ କରିବାକୁ ଚେଷ୍ଟା କରିବ, ତେବେ ତୁମକୁ କୌଣସି ସଫଳତା ମିଳିବ ନାହିଁ । ତୁମେ ସେଥିରୁ ଆଦୌ କୌଣସି ଫଳ ପାଇବ ନାହିଁ । ଏବଂ ସେତେବେଳେ ଆପଣା ଅଜ୍ଞାନର ବଶବର୍ତ୍ତୀ ହୋଇ ତୁମେ ହୁଏତ "ଆରେ, ସେମାନେ ତ ମୋତେ ଏହିପରି କଲେ ଏହିପରି ହେବ ବୋଲି କହିଥିଲେ, ମାତ୍ର ସେକଥା ଆଦୌ ସତ ନୁହେଁ" ବୋଲି କହିବ । ତୁମ ଭିତରେ କୌଣସି ସ୍ଥାନରେ କେତେକ ପରିମାଣରେ ନିଷ୍ଟ୍ୟ ଏକ ନିସ୍ବାର୍ଥନତା ରହିଥିଲା, ଏବଂ ସେଇଥି ସକାଶେହିଁ ତୁମେ ସେପରି କହିବ ।

ମାତ୍ର, ଅନ୍ୟ ପକ୍ଷରେ, ଯଦି ତୁମେ ପ୍ରକୃତରେ ନିଷ୍କପଟ ହୋଇଥିବ, ଅର୍ଥାତ୍, ତୁମର ଏହି ଅନୁଭୂତିଟି ଯଦି ପୂର୍ଣ୍ଣ ଓ ସ୍ୱତଃପ୍ରେରିତ ହୋଇଥିବ, ତେବେ ତାହା ପ୍ରକୃତରେ ସର୍ବଶକ୍ତିଶାଳୀ ପରିହିଁ କାମ ଦେବ । ଯଦି, ଆଉ କାହା ଆଖିକୁ ଅନାଇଲା ବେଳେ ତୁମେ ସେଠାରେ ଦିବ୍ୟ ପରମସତ୍ତାଙ୍କର ଉପସ୍ଥିତିକୁ ପ୍ରତ୍ୟକ୍ଷ କରି ପାରୁଥିବ, ତେବେ ସବୁଠାରୁ ଅଧିକ ଅନିଷ୍ଟକାରୀ କ୍ରିୟାଶୀଳତାଗୁଡ଼ିକ ମଧ୍ୟ କୁଆଡ଼େ ଅନ୍ତର୍ହିତ ହୋଇଯିବ, ସବୁଠାରୁ ଅଧିକ ଅନିଷ୍ଟକାରୀ ପ୍ରତିବନ୍ଧକମାନ ବି ଅନ୍ତର୍ହିତ ହୋଇଯିବ । ଏକ ଅନନ୍ତ ହର୍ଷମୟତାର ଅଗ୍ନିଶିଖା ଜାଗ୍ରତ ହୋଇ ଉଠିବ, ସେତେବେଳେ ଅନ୍ୟ ବ୍ୟକ୍ତିଟି ମଧ୍ୟରେ ତଥା ତୁମ ଭିତରେ ଉଭୟ ସ୍ଥାନରେ ଜାଗ୍ରତ ହୋଇ ଉଠିବ । ଅନ୍ୟ ବ୍ୟକ୍ତିଟି ମଧ୍ୟରେ ଯଦି ଏତେ ଟିକିଏ ହେଲେ ସମ୍ଭାବନା ରହିଥିବ, ଯଦି ତା'ର ଅନିଷ୍ଟେଚ୍ଛା ମଧ୍ୟରେ ଏତେ ଟିକିଏ ଫାଟ ବି କେଉଁଠି ରହିଥିବ, ତେବେ ତାହାର ମଧ୍ୟଦେଇ ସେହି ଶିଖାଟି ବାହାରକୁ ବାହାରି ପଡ଼ିବ ।

'oaob.nitrkl.ac.in' images reprocessed

> ମାଆ, ରାଧାଙ୍କ ପ୍ରତୀକ ବିଷୟରେ କହିବାକୁ ଗଲେ, ବୈଷ୍ଣବ ସାହିତ୍ୟର ଗପଗୁଡ଼ିକରେ ଯେପରି ବର୍ଣ୍ଣନା କରାଯାଇଛି ଓ ଏକାଧିକ ତତ୍ତ୍ୱୋପଲବ୍ଧିକାରୀ ଦ୍ରଷ୍ଟା ଯେଉଁସବୁ ବିବରଣ ଦେଇଛନ୍ତି, ସେହି ସବୁଗୁଡ଼ିକରେ ଆମେ କେବଳ ଲୁହ ଏବଂ ବ୍ୟଥାରହିଁ ପରିଚୟ ପାଇଥାଉ : "ସିଏ ସେବନ କରିବାରେ ଲାଗିଥିଲେ ମାତ୍ର ପ୍ରଭୁ ତଥାପି ଆସିଲେ ନାହିଁ···ପ୍ରଭୁ ତାଙ୍କୁ କେତେକେତେ ଦୁଃଖ ଦେଲେ, କେତେ ଯନ୍ତ୍ରଣା ଭୋଗାଇଲେ···" ଏହାର ପୁଣି ଅର୍ଥ କ'ଣ ? ରାଧା ତ ପୂର୍ଣ୍ଣ ଶୁଦ୍ଧତାର ପ୍ରତୀକ, ତେବେ କାହିଁକି···

ଏହି ପ୍ରଶ୍ନଟି ଠିକ୍ ସଙ୍ଗୀତର ସହିତ ପଚରା ଯାଇଛି । ଆମେ ବାଟ ଚାଲୁଥିବା ପର୍ଯ୍ୟନ୍ତ, ଲକ୍ଷ୍ୟଟିରେ ଯାଇ ପହଞ୍ଚି ନଥିବା ପର୍ଯ୍ୟନ୍ତ ଏହିସବୁହିଁ ଘଟେ । ସେମାନେ ଏହିସବୁର ବର୍ଣ୍ଣନା ଦେଇଛନ୍ତି, ଏସବୁ ଉପରେ ସେମାନେ ଖୁବ ଜୋର୍ ଦେଇଛନ୍ତି, କାରଣ···କାରଣ ସେମାନେ ମଣିଷର ବାଟଟିକୁ ଆହୁରି ଲମ୍ବ କରିଦେବା ଲାଗି ଖୁବ ଆଗ୍ରହ ଦେଖାଇଛନ୍ତି । ସେମାନେ ଏପରି କରିଛନ୍ତି, କାରଣ ମନୁଷ୍ୟର ଏହି ରାସ୍ତାଟିକୁ ସେମାନେ ପ୍ରକୃତରେ ଖୁବ ଭଲ ପାଇଛନ୍ତି ଏବଂ କାରଣ, ମୁଁ ଆଗରୁ ଯେପରି ତୁମମାନଙ୍କୁ କହୁଥିଲି, ଯଦି ତୁମେ ଏହି ଜୀବନରେ ରହିବା ଲାଗି ଇଚ୍ଛା କରୁଥାଅ, ଜୀବନ ସହିତ ସମ୍ପର୍କ ଲଗାଇ ରହିବାକୁ ଇଚ୍ଛା କରୁଥାଅ, ତେବେ ତୁମର ଅନୁଭୂତି ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଆପେକ୍ଷିକତା ଅବଶ୍ୟ ରହିଥିବ । ସେମାନଙ୍କୁ ସେହି ଖେଳଟା ଖୁବ ଭଲ ଲାଗେ,—ସେମାନେ ଭଗବାନଙ୍କ ସହିତ କଳି କରିବାକୁ ଭଲ ପାଆନ୍ତି, ବିଚ୍ଛେଦ ଅନୁଭବ କରିବାକୁ ଭଲ ପାଆନ୍ତି, ଏହିସବୁ କଥା ସେମାନଙ୍କୁ ପ୍ରକୃତରେ ଖୁବ ସୁଖ ଆଣି ଦେଉଥାଏ ! କାରଣ, ସେମାନେ ମନୁଷ୍ୟର ଚେତନା ମଧ୍ୟରେ ରହିଥାନ୍ତି ଏବଂ ସେହିଠାରେହିଁ ରହିବାକୁ ଇଚ୍ଛା କରୁଥାନ୍ତି । ସମ୍ପୂର୍ଣ୍ଣ ଏକାତ୍ମକତା ହୋଇଯିବା ମାତ୍ରକେ ଏସବୁ କୁଆଡ଼େ ଅନ୍ତର୍ହିତ ହୋଇଯାଏ । ତେଣୁ, ତଦ୍ୱାରା ସତେଯେପରି ଏକ ନାଟକର ସୁଖରୁ ଆପଣାକୁ ବଞ୍ଚିତ କରି ରହିବାକୁ ପଡ଼େ ! ଜୀବନରୁ ଗୋଟିଏ କଥା ବାହାରି ଚାଲି ଯାଇଥାଏ, ଅର୍ଥାତ୍ ଜୀବନର ମାୟାଟି ବିଦୂରିତ ହୋଇ ଯାଇଥାଏ । ସେମାନଙ୍କର ବେଶ୍ କିଛିଟା ପରିମାଣରେ ମାୟା ଆବଶ୍ୟକ ହେଉଥାଏ, କାରଣ ସେମାନେ ସିଧା ଯାଇ ସତ୍ୟ ଭିତରେ ପ୍ରବେଶ କରି ପାରନ୍ତି ନାହିଁ ।

ବସ୍ତୁତଃ, ବିଚ୍ଛେଦର ଅନୁଭୂତିଟିକୁ ଅନ୍ତର୍ହିତ ହେବାକୁ ହେଲେ ତୁମେ

'oaob.nitrkl.ac.in' images reprocessed

ଆପଣା ଭିତରେ ଏକ ପରିପୂର୍ଣ୍ଣ ଏକାତ୍ମକତା ଅର୍ଜନ କରିଥିବା ଆବଶ୍ୟକ ହେବ, ଏବଂ ଥରେ ଏହି ପରିପୂର୍ଣ୍ଣ ଏକାତ୍ମକତା ଉପଲବ୍ଧ ହୋଇଗଲେ, ତେଣିକି ଆଉ କୌଣସି କାହାଣୀ ବି ବାକି ରହିବ ନାହିଁ, ଆଉ କହିବା ଲାଗି ବି କିଛିହେଲେ ନଥିବ ।

ସେଇଥି ସକାଶେ ଏପରି ଲୁହା ଯାଇଥାଏ ଯେ, ଯଦି ସୃଷ୍ଟି ଭଗବତ୍ ପରମସତ୍ତାଙ୍କ ସହିତ ଆପଣାର ପୂର୍ଣ୍ଣ ଏକାତ୍ମକତା ଅର୍ଜନ କରେ, ତେବେ ତା'ପରେ ଆଉ ସୃଷ୍ଟି ବୋଲି କିଛି ରହିବ ନାହିଁ । ଯଦି ତୁମେ ଏହି ପୂର୍ଣ୍ଣ ଏକାତ୍ମକତାକୁ ଅର୍ଜନ କରିବ, ଯେଉଁଥିରେ କି ଆଉ ଭେଦାଭେଦର କୌଣସି ସମ୍ଭାବନା ନଥିବ, ତେବେ ତା'ପରେ ଆଉ ବିଶ୍ୱଜଗତ ବୋଲି କିଛି ରହିବ ନାହିଁ । ଅର୍ଥାତ୍, ତାହା ପ୍ରଳୟ ଭିତରକୁହିଁ ପ୍ରତ୍ୟାବର୍ତ୍ତିତ କଲା ପରି ହେବ ।

ତେଣୁ ଏହାର ସମାଧାନ ହେଉଛି ଯେ ଏହି ନାଟକ ଭିତରେ ମଧ୍ୟ ଆନନ୍ଦ ଲାଭ କରିବାକୁ ପଡ଼ିବ, ଏହି ଆଦାନପ୍ରଦାନର ଲୀଳାଟି ଭିତରେ, ଯେଉଁଥିରେ କି ଦେବାକୁ ପଡ଼େ ଏବଂ ନେବାକୁ ପଡ଼େ, ଯେଉଁଥିରେ ଆପେ ଦୁଇଖଣ୍ଡ ହୋଇ ରହିଥିବା ପରି ବୋଧ ହେଉଥାଏ, ସେଥିରେ ମଧ୍ୟ ଆନନ୍ଦ ଅନୁଭବ କରିବାକୁ ପଡ଼ିବ । ଏବଂ ଖାସ୍ ସେଇଥିଲାଗି ସେମାନେ ସେହି ଦ୍ୱୈତତାକୁ ବଜାୟ ରଖିଥାନ୍ତି ।

କାରଣ ତା' ନହେଲେ, ଏକାତ୍ମକତାର ସ୍ଥିତିରେ ସେହି ଏକାତ୍ମକତା ବ୍ୟତୀତ ପ୍ରକୃତରେ ଆଉ କିଛିହେଲେ ରହେ ନାହିଁ । ଯଦି ସେହି ଏକାତ୍ମକତା ସମ୍ପୂର୍ଣ୍ଣ ଓ ପୂର୍ଣ୍ଣତାପ୍ରାପ୍ତ ହୋଇଯାଏ, ତେବେ ତା'ପରେ ଆଉ ଆପଣା ବାହାରେ କୌଣସି ମୂର୍ତ୍ତି କଳ୍ପନା ସମ୍ଭବ ହୁଏ ନାହିଁ ।

ମାତ୍ର, ପ୍ରେମର କାହାଣୀ କହିବା ସମୟରେ ମୁଁ ଅନ୍ୟତ୍ର ବି କେଉଁଠି ଏହି କଥାଟିକୁ କହିଥିଲି । ମୁଁ ଭାବୁଛି ଯେ କେହିହେଲେ—ମୁଁ ସେକଥା ମୋଟେ କହି ପାରୁ ନାହିଁ,—ସମ୍ଭବତଃ ଅତି କମ୍ ସଂଖ୍ୟକ ବ୍ୟକ୍ତି ତାହା ମଧ୍ୟରେ ଥିବା ଭେଦଟିକୁ ଲକ୍ଷ୍ୟ କରି ପାରିଥିଲେ । ମୁଁ ସେତେବେଳେ କହିଥିଲି ଯେ ତାହା ଏକାତ୍ମକତାଜନିତ ଆନନ୍ଦରୁହିଁ ଆରମ୍ଭ ହୋଇଥାଏ, ଏବଂ ସୃଷ୍ଟିର ସମ୍ପୂର୍ଣ୍ଣ ବୃତ୍ତଟିକୁ ବୁଲି ସାରିବା ପରେ ତାହା ସମ୍ମିଳିତ ହୋଇଯିବାର ଆନନ୍ଦରେହିଁ* ପରିସମାପ୍ତ

---

* ପରେ ଅନୁଗତ ଜଣେ କେହି ମାଆଙ୍କୁ ପଚାରିଥିଲେ : "ଏଠାରେ ଆପଣ 'ତାହା' ବୋଲି ଯାହା କହୁଛନ୍ତି, ସେଇଟି କାହାକୁ ବୁଝାଉଛି ? ଏହା କଣ ଭଗବାନଙ୍କୁ ବୁଝାଉଛି ?" ମାଆ ସେହି ପ୍ରଶ୍ନଟିର ଉତ୍ତର ଦେଇ କହିଥିଲେ, "ମୁଁ ଜାଣି ଶୁଣି 'ତାହା' ବୋଲି କହିଥିଲି, କାରଣ ତାହାକୁ କୌଣସି ବି ସ୍ପଷ୍ଟ ନାମ ଦେବାକୁ ମୋର କୌଣସି ଇଚ୍ଛା ନଥିଲା । 'ସୃଷ୍ଟି' ନାଁଟି ବ୍ୟବହାର କରିବାକୁ ମୋତେ ଆଦୌ ଭଲ ଲାଗୁ ନାହିଁ, କାରଣ ସେ ଶବ୍ଦ ଏଥିରୁ ଏକ

ହୁଏ । ଏବଂ, ଯଦି ଏହି କ୍ଷେତ୍ରରେ କୌଣସି ବୃତ୍ତିକୁ ଭୁଲିବାକୁ ପଡ଼ୁ ନଥାନ୍ତା, ତେବେ ସମ୍ମିଳନଜନିତ କୌଣସି ଆନନ୍ଦ ମଧ୍ୟ ସମ୍ଭବ ହୋଇ ନଥାନ୍ତା, କେବଳ ଏକାତ୍ମକତାକୁ ଉପଲବ୍ଧି କରିବାର ଆନନ୍ଦହିଁ ବର୍ତ୍ତମାନ ରହିଥାନ୍ତା । ଯେଉଁଠି କୌଣସି ବୃତ୍ତି ଭୁଲିବା ହେଉ ନାହିଁ, ସେଠାରେ କୌଣସି ସମ୍ମିଳନ ବି ସମ୍ଭବ ହେବ ନାହିଁ ।

ଏଇଟା ସମ୍ଭବତଃ ଟିକିଏ ସୂକ୍ଷ୍ମ କଥା, ମାତ୍ର ଏହା ହେଉଛି ଏକ ବାସ୍ତବ ସତ୍ୟ । ଏବଂ ସମ୍ଭବତଃ, ମୁଁ ଯାହାକୁ ପୁଣିଥରେ ସମ୍ମିଳନର ଆନନ୍ଦ ମଧ୍ୟରେ ତାହାର ପୁନର୍ଲୋପଲବ୍ଧି ଓ ପରାକାଷ୍ଠା ବୋଲି କହିପାରିବ, ଏକାତ୍ମକତାର ଆନନ୍ଦ ପ୍ରକୃତରେ ସେହି ଅବସ୍ଥାଟିକୁ ପ୍ରାପ୍ତ ହୋଇ ପାରିବ ବୋଲିହିଁ ଏହି ସମଗ୍ର ବୃତ୍ତିଟିର ଉଦ୍ଭବ ହୋଇଥିଲା ।

---

ବିଶେଷ ସୃଷ୍ଟିର ଧାରଣା ଜାତ ହେଉଛି, ସେତେବେଳେ ପ୍ରଥମେ ଯାହା ଥିଲା ଓ ତାହାର ମଧ୍ୟରୁ ଏକ ସୃଷ୍ଟିର ସର୍ଜନା ହେଲା !—ମାତ୍ର ଏହି ସୃଷ୍ଟି କହିଲେ ଯାହା ସ୍ୱୟଂ ତାହାକୁହିଁ ବୁଝାଉଛି । ଏବଂ ପ୍ରକୃତରେ କୌଣସି ସୃଷ୍ଟି 'ଆରମ୍ଭ ହୁଏ ନାହିଁ' : ସୃଷ୍ଟିକୁ 'ଆରମ୍ଭ କରାଯାଏ ।' ଏହି କଥାଟିକୁ କେଉଁ ଭଳି ଭାବେ ପ୍ରକାଶ କରିହେବ କହିଲ ? ସୃଷ୍ଟି କଦାପି ସ୍ୱୟଂ ଉଦ୍ଭୂତ ହେବା ସମ୍ଭବ ପ୍ରଥମେ ସୃଷ୍ଟି ଗ୍ରହଣ କରେ ନାହିଁ । ଏବଂ ଯଦି ପରମପ୍ରଭୁ ବିଶ୍ୱଜଗତକୁ ଆରମ୍ଭ କଲେ ବୋଲି କୁହାଯାଏ, ତେବେ କଥାଟି ଏକ ମିଥ୍ୟାକଥାହିଁ ବୁଝାଯାଏ । ଏହି ସବୁଯାକ ଏପରି ଗୋଟିଏ ଗୋଟିଏ ଅଚଳ ଧାରଣା ହୋଇ ରହିଥାନ୍ତି ଯେ କଥାଟି ଯଥାର୍ଥରେ କୌଣସି ସତ୍ୟକୁ ବ୍ୟକ୍ତ କରିପାରେ ନାହିଁ । "ଭଗବାନ୍ ଏହି ଜଗତକୁ ସୃଷ୍ଟି କଲେ" ବୋଲି ଯଦି କୁହାଯାଏ, ତେବେ ସେଥିରୁ ଅନୁଭୂତ ହେବାକୁ ଯାଏ ଯେ ସେତେବେଳେ ପର୍ଯ୍ୟନ୍ତ ଭଗବାନ୍ ବିଶ୍ୱଜଗତକୁ ଆରମ୍ଭ କରିବେ ବୋଲି ଏକ ନିଷ୍ପତ୍ତି ଗ୍ରହଣ କଲେ । ତାହା ପ୍ରକୃତରେ କଣ ସେପରି ହୋଇଛି ? ନା—ହୋଇ ନାହିଁ ।

"ମୁଁ ପ୍ରେମ ବିଷୟରେ ସେହି କଥାଟିକୁ କହିଥିଲି, ପ୍ରେମର ସେହି ଅଭିବ୍ୟକ୍ତି ବିଷୟରେ କହିଥିଲି, ଯାହାକୁ ସର୍ବୋଚ୍ଚ ଓ ପରମ ଆନନ୍ଦ ବୋଲି ବୁଝାଯିବ । ଶ୍ରୀଅରବିନ୍ଦ ମଧ୍ୟ ଏକଥା କହିଛନ୍ତି : ସତ୍ ଏବଂ ଅସତ୍ ଉଭୟକୁ ଅତିକ୍ରମ କରି ଏକ ପରମ ସତ୍ତା ସଦୋ-ଅତୀତ କହିଛନ୍ତି, ନିଜେ ଆପଣାକୁ ସର୍ବୋଚ୍ଚ ପ୍ରେମରୂପେ ଅଭିବ୍ୟକ୍ତ କରୁଛନ୍ତି, ଯାହାଦ୍ୱାରା ଏକାଧାରରେ ସତ୍ ଓ ଅସତ୍ ଦୂରୀଭୂତ ହୋଇ ରହିଛନ୍ତି । ଏବଂ ସେହି ପରମ ସତ୍ ସର୍ବପ୍ରଥମେ ଆପଣାକୁ ଏକାତ୍ମତାର ଆନନ୍ଦରୂପରେ ଅଭିବ୍ୟକ୍ତ କରି ଅଛନ୍ତି—ଯଥାର୍ଥରେ କହିଲେ ଏହି ଶେଷରେ ସେହି ଏକାତ୍ମତାର ଆନନ୍ଦ ମଧ୍ୟରେ ସ୍ୱୟଂ ଅନ୍ତର୍ଭୁକ୍ତ ହୋଇରହିଛି ଏବଂ ତା ପରେ, ତାହା ସମସ୍ତ ଅଭିବ୍ୟକ୍ତିର ପୂର୍ଣ ବୃତ୍ତିକୁ ପୂର୍ଣପଥରେ ଏବଂ ପ୍ରେମ ଗ୍ରହଣ କରିଥିବା ସକଳ ରୂପର ମଧ୍ୟଦେଇ ଗତିକା ପରେ ତାହା ଶକ୍ତିଭାବ ଦ୍ୱାରା ସେହି ପରମ ଏକତ୍ୱ ମଧ୍ୟକୁ ଫେରିଆସୁଛି । ଏବଂ ଏହିଟି ମଧ୍ୟ ଶକ୍ତିକର ସେହି ଆନନ୍ଦକୁ ଅଧିକ ବଢାଇ ଦେଉଛି; କାରଣ, ବୃତ୍ତିଟିକୁ ଫେରିବାକୁ ଅତିକ୍ରମ କରି ସେହି ଶକ୍ତିକେନ୍ଦ୍ରିତ ଆନନ୍ଦ ମଧ୍ୟ କଦାପି ସମ୍ଭବ ହୋଇ ନଥାନ୍ତା ।"

ମାତ୍ର ଯଦି ଏକାତ୍ମକତା ସମ୍ପୂର୍ଣ୍ଣ ଭାବରେ ଉପଲବ୍ଧ ହୋଇଯାଏ, ତେବେ ସେହି କ୍ଷେତ୍ରରେ କୌଣସି ସମ୍ମିଳନ ସମ୍ଭବ ହେବ ନାହିଁ, ସେହି କ୍ଷେତ୍ରରେ ସମ୍ମିଳିତ ହେବାର ଆଉ କୌଣସି ଅନୁଭୂତି ରହିବ ନାହିଁ, କାରଣ ତାହା ସର୍ବଦା ସମ୍ପୂର୍ଣ୍ଣ ଏକାତ୍ମକତାରୁ ଭିନ୍ନ ଅଉ ଏକ କଥାକୁହିଁ ବୁଝାଇଥାଏ । ଏହି କ୍ଷେତ୍ରରେ ପରିପୂର୍ଣ୍ଣ ସମ୍ମିଳନ ସମ୍ଭବ ହୋଇପାରିବ ସତ, ମାତ୍ର କୌଣସି ପରିପୂର୍ଣ୍ଣ ଏକାତ୍ମକତା ସମ୍ଭବ ହେବ ନାହିଁ ।

ଏହିସବୁ କଥାକୁ ତୁମେ ଶବ୍ଦ ଦେଇ ବୁଝିବାକୁ ଆଦୌ ଚେଷ୍ଟା କରିବ ନାହିଁ, ମସ୍ତିଷ୍କ ଦେଇ ବି ବୁଝିବାକୁ ଚେଷ୍ଟା କରିବ ନାହିଁ, କାରଣ ଏହି ଦୁଇଟି ଶବ୍ଦ ପ୍ରକୃତରେ ସମ୍ପୂର୍ଣ୍ଣ ଭିନ୍ନ ଭିନ୍ନ ଅନୁଭୂତିଗୁଡ଼ିକୁହିଁ ବ୍ୟକ୍ତ କରି ଆଣିଥାଏ । ମାତ୍ର ତଥାପି ଉଭୟ କ୍ଷେତ୍ରରେ ପରିଣାମ ସେହି ଗୋଟିଏହିଁ ହୁଏ, ମାତ୍ର ଗୋଟିଏ ଏପରି ଅନେକ ଐଶ୍ୱର୍ଯ୍ୟ ଦ୍ୱାରା, ସେହି ସମଗ୍ର ଅନୁଭୂତିର ଐଶ୍ୱର୍ଯ୍ୟଟି ଦ୍ୱାରା ଐଶ୍ୱର୍ଯ୍ୟବାନ୍ ହୋଇ ରହିଥାଏ, ଯାହାକି ଅପରଟି ଭିତରେ ଦେଖିବାକୁ ମିଳେ ନାହିଁ । ଅପରଟିରେ ସେହି ବିଶ୍ୱାନୁଭବର ଐଶ୍ୱର୍ଯ୍ୟଟି ଅନୁପସ୍ଥିତ ରହିଯାଏ ।

ଯଦି ସଚେତନ ଭାବରେ ଏହି ସମ୍ମିଳନଟିକୁ ଅନୁଭବ କରାଯାଏ, ତେବେ କେତେକ ତନ୍ତ୍ରସାଧକ କାହିଁକି ସାଧାରଣ ମଣିଷଙ୍କ ସଦୃଶ କେତେ ନା କେତେ ପ୍ରକାରର ସଂବେଗକୁ ତଥାପି ପ୍ରଶ୍ରୟ ଦେଉଥାନ୍ତି, ସେମାନେ କାହିଁକି ରୋଦନ କରୁଥାନ୍ତି, ବିଳାପ ବି କରୁଥାନ୍ତି ?

ସମ୍ମିଳନରେ ସାତତ୍ୟ ଆସି ନଥାଏ ବୋଲି ସମ୍ଭବତଃ ସେପରି ହୁଏ ।

ମାତ୍ର ରାଧା ଆପଣାର ଅଭୀପ୍ସାରେ ସର୍ବଦା ନିଷ୍ଠାପର ହୋଇ ରହିଥାନ୍ତି ।

ମାତ୍ର, ଯଦି ତୁମେ ମୋତେ ଏହି ପ୍ରଶ୍ନଟିକୁ ପଚାରିବ, ତେବେ ମୁଁ କହିବି ଯେ ଏଗୁଡ଼ିକ ହେଉଛି କେବଳ ସାହିତ୍ୟ । ମନୁଷ୍ୟଜୀବନ ବର୍ତ୍ତମାନ ଯେଉଁପରି ହୋଇ ରହିଛି, ତୁମକୁ ତାହାର ଏକ କଳାନୁବ୍ୟଞ୍ଜକ ରୂପ ଆଣି ଦେଇ ପାରିବା ଲାଗି ଏସବୁ ଏପରି କରାଯାଇଛି !

କିନ୍ତୁ ବୈଷ୍ଣବଧର୍ମ ତ ତାହାକୁହିଁ ଭିତ୍ତି କରି ଠିଆ ହୋଇଛି !

'oaob.nitrkl.ac.in' images reprocessed

ମାତ୍ର ଏମାନେ ସର୍ବଦା ପ୍ରାଣିକ ସ୍ତରରେହିଁ ବାସ କରୁଥାନ୍ତି ଓ ସେମାନଙ୍କୁ ତାହାହିଁ ଭଲ ଲାଗୁଥାଏ । ମାତ୍ର, ସେବିଷୟରେ ପ୍ରକୃତରେ କଥାରେ ଅଦୌ କିଛିହେଲେ କହି ହେବ ନାହିଁ, କାରଣ···

ହଁ, ଏଠାରେ ମୋ ପାଖରେ ଆଉଗୋଟିଏ ପ୍ରଶ୍ନ ରହିଛି, ପ୍ରଶ୍ନଟି ସ୍ୱଳ୍ପ ଛୋଟ, ମାତ୍ର ଏଥିରେ ନିଶ୍ଚୟ କେତେକଙ୍କର ଆଗ୍ରହ ଥିବ ।

ଏହି ପ୍ରଶ୍ନଟିକୁ ଏପରି ଜଣେ ବ୍ୟକ୍ତି ପଚାରିଛନ୍ତି, ଯିଏକି ଅଧିମାନସକୁ ଅବତରଣ କରିବା ଲାଗି ଅପଣାକୁ ପ୍ରସ୍ତୁତ କରୁଛନ୍ତି । ଏବଂ, ଅନ୍ୟ ଅନେକ କଥା ମଧ୍ୟରେ, ଏହି ପ୍ରସ୍ତୁତିରେ ପ୍ରାର୍ଥନା ଓ ଧ୍ୟାନ ମଧ୍ୟ ଅନ୍ତର୍ଗତ ହୋଇ ରହିଛି । ଏବଂ ତାହା ସହିତ ଏହି ମନନାତ୍ମକ କଥାଗୁଡ଼ିକ ମଧ୍ୟ ରହିଛି ଯାହାକୁ କି ଆନ୍ତରିକତା ସହିତ ଦିଅଁକୁ କହିହୋଇଛି ଏବଂ ପ୍ରକୃତରେ ଖୁବ୍ କମ୍‌ସଂଖ୍ୟକ ବ୍ୟକ୍ତିହିଁ ସାହସ କରି ତାହା ବ୍ୟକ୍ତ କରି ପାରିଥାନ୍ତେ । କଥାଟି ହେଉଛି :

"ମୁଁ ପୂର୍ଣ୍ଣ ଉତ୍ସାହ ଏବଂ ଆଗ୍ରହର ସହିତ ଧ୍ୟାନ ଓ ପ୍ରାର୍ଥନାରେ ବସିବାକୁ ଯାଏ, ମୋର ଅଭୀପ୍‌ସା ପ୍ରଗାଢ଼ ହୋଇ ରହିଥାଏ ଏବଂ ମୋର ପ୍ରାର୍ଥନାରେ ଭକ୍ତିଭାବ ଭରି ରହିଥାଏ; ଏବଂ ତା'ପରେ, କିଛି ସମୟ ଗଲା ପରେ—କେତେ କେତେ ବେଳେ ଅଳ୍ପ ସମୟ ଗଲା ପରେ ଓ ଆଉ କେତେ କେତେ ବେଳେ ବେଶ୍ କିଛି ସମୟ ଗଲା ପରେ—ଅଭୀପ୍‌ସା ସବୁଟା ଯନ୍ତ୍ରବତ୍ ହୋଇଯିବାକୁ ଆରମ୍ଭ କରେ ଏବଂ ପ୍ରାର୍ଥନାଟା ମଧ୍ୟ ଚୂଳା ଶବ୍ଦ ଭିତରେହିଁ ସୀମାବଦ୍ଧ ହୋଇ ରହେ । ଏହି ପରିସ୍ଥିତିରେ ମୋର ତେବେ କ'ଣ କରିବା ଉଚିତ ?

ଏକଥା ଯେ କେବଳ ଜଣେ ବ୍ୟକ୍ତିଙ୍କର ଏକ ସମସ୍ୟା ହେଇଥା ନୁହେଁ, ଏହା ସାଧାରଣତଃ ସବୁଠାରେ ଦେଖାଯାଏ । ଏହି ବିଷୟରେ ମୁଁ ଆଗରୁ ଅନେକ ଥର କହିଛି, ମାତ୍ର ତଥାପି କେବଳ ପ୍ରସଙ୍ଗକ୍ରମେହିଁ କହିଛି—ଯେ ଯେଉଁ ଲୋକମାନେ ପ୍ରତ୍ୟହ ଘଣ୍ଟ ଅନେକ ଘଣ୍ଟା ଧରି ଧ୍ୟାନରେ ବସି ପାରନ୍ତି ବୋଲି ଦାବି କରନ୍ତି ଏବଂ ସେମାନଙ୍କର ଦିନଟାଯାକ ପ୍ରାର୍ଥନାରେହିଁ କଟାଇ ଦିଅନ୍ତି, ସେମାନଙ୍କ ବିଷୟରେ ମୋର ଅନୁମାନ ହୁଏ ଯେ ସେମାନେ ସମୟଟିର ତିନିଚତୁର୍ଥାଂଶ ନିଶ୍ଚୟ ଗୋଟାମୂଳା ଯନ୍ତ୍ରବତ୍ ସେପରି କରୁଥିବେ; ଅର୍ଥାତ୍ ସେମାନଙ୍କର ଏହି କାର୍ଯ୍ୟରେ ଅଦୌ କୌଣସି ଆନ୍ତରିକତା ରହିଥିଲା ପରି ମନେ ହୁଏ ନାହିଁ । କାରଣ ମନୁଷ୍ୟର ଏହି ପ୍ରକୃତ

'oaob.nitrkl.ac.in' images reprocessed

ସେଥିଲାଗି ଆଦୌ ଉଦାର ହୋଇ ନାହିଁ ଏବଂ ମନୁଷ୍ୟର ମନଟା ବି ସେପରି ଭାବରେ ମୋଟେ ଉଦାର ହୋଇ ନାହିଁ ।

ନୀରବ ହେବାକୁ ହେଲେ ଓ ଧ୍ୟାନ କରି ପାରିବାକୁ ହେଲେ ଆମକୁ ଗୋଟାଏ ପ୍ରକାରର ବ୍ୟାୟାମ ବା ଅଭ୍ୟାସ କରିବାକୁ ହେବ, ଯାହାକୁ କି ମୁଁ ହୁଏତ ସଙ୍କେନ୍ଦ୍ରଣରେ "ମାନସିକ ମାଂସପେଶୀର କୃଷ୍ଟି" ବୋଲି କହିପାରେ । ସେଥିଲାଗି ଆମକୁ ଏକ ପ୍ରକୃତ ଚେଷ୍ଟା କରିବାକୁ ହେବ,—ଉଦାହରଣସ୍ୱରୂପ, ଗୋଟାଏ ବଡ଼ ଓଜନ ଉଠାଇବାକୁ ହେଲେ ଯେପରି ଆମକୁ ମାଂସପେଶୀକୁ କାର୍ଯ୍ୟରେ ଲଗାଇବାକୁ ହୁଏ, ସେହିପରି,—ତୁମର ଏହି ସଙ୍କେନ୍ଦ୍ରଣ ପ୍ରକୃତରେ ନିଷ୍କପଟ ଭାବରେ ହେଉ ଓ ଆଦୌ କୃତ୍ରିମ ଭାବରେ ନହେଉ ବୋଲି ଯଦି ତୁମେ ଇଚ୍ଛା କରୁଥାଅ, ସେଥିଲାଗି ତୁମକୁ ଚେଷ୍ଟା କରିବାକୁ ହେବ ।

ପ୍ରାର୍ଥନାର ପ୍ରେରଣାକ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା ଘଟିଥାଏ : ହଠାତ୍ ଏକ ଶିଖା ଜଳି ଉଠିଲା ପରି ଲାଗେ, ତୁମେ ନିଜ ଭିତରେ ଏକ ଅତ୍ୟନ୍ତ ଉତ୍ସାହପୂର୍ଣ୍ଣ ଜୀବନଶକ୍ତି ଅନୁଭବ କରିବାକୁ ଆରମ୍ଭ କର, ଅଗାଧ ଉତ୍ସାହ ଅନୁଭବ କରିବାକୁ ଲାଗ, ଏବଂ ତାହାକୁ ଏପରି କେତୋଟି ଶବ୍ଦ ଦ୍ୱାରା ବ୍ୟକ୍ତ କର, ଯଥାର୍ଥ ଭାବରେ ବ୍ୟକ୍ତ ହେବାକୁ ହେଲେ ଯାହାକି ସ୍ୱତଃପ୍ରେରିତ ଭାବରେ ବ୍ୟକ୍ତ ହୋଇ ପାରିବା ଉଚିତ । ଏହା ତୁମ ହୃଦୟ ଭିତରୁ ଆସି ପାରୁଥିବା ଉଚିତ, ସିଧା ଉତ୍ସାହପ୍ରେରିତ ଭାବରେ ଆସି ପାରୁଥିବା ଉଚିତ, ମୁଣ୍ଡ ଭିତର ଦେଇ ନଆସି ତାହା ତଥାପି ବ୍ୟକ୍ତ ହୋଇ ପାରୁଥିବା ଉଚିତ । ସେତେବେଳେ ତାହାକୁ ଏକ ପ୍ରାର୍ଥନା ବୋଲି କୁହାଯିବ । ଯଦି ତାହା କେବଳ କିଛିଟାଏ ଶବ୍ଦର ଆକାରରେ ତୁମର ମସ୍ତିଷ୍କ ଭିତରେ ଠେଲାପେଲା ହେବାରେ ଲାଗିଥିବେ, ତେବେ ତାହାକୁ କଦାପି ପ୍ରାର୍ଥନା ବୋଲି କୁହା ଯିବ ନାହିଁ । ହଁ, ଯଦି ତୁମେ ଏହି ଶିଖାଟି ଲାଗି ଅହରହ ଇନ୍ଧନ ଯୋଗାଇ ନଦିଅ, ତେବେ କିଛି ସମୟ ପରେ ସେଇଟି ନିଶ୍ଚୟ ନିଭିଯିବ । ନିଜର ମାଂସପେଶୀଗୁଡ଼ିକୁ ଯଦି ଶ୍ଳଥନ ଲାଗି ତୁମେ କୌଣସି ସମୟ ନଦିଅ, ଯଦି କ୍ରିୟାଶୀଳତାଟିକୁ ଶିଥିଳ କରି ନଦିଅ, ତେବେ ତୁମର ମାଂସପେଶୀଗୁଡ଼ିକ ନିଜର କଷ୍ଟ ସହିବାର ଶକ୍ତିକୁ ମଧ୍ୟ କ୍ରମେ ହରାଇ ବସିବେ । ତେଣୁ ଏହି କଥାଟି ବେଶ୍ ସୁସ୍ପଷ୍ଟ ଓ ଏପରିକି ଅପରିହାର୍ଯ୍ୟ ଯେ କିଛି ସମୟ ପରେ କ୍ରିୟାଶୀଳତାର ପ୍ରଗାଢ଼ତାଟି ପ୍ରକୃତରେ ବନ୍ଦ ହୋଇଯିବା ଉଚିତ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେଉଁ ବ୍ୟକ୍ତି ଭାରୋତ୍ତୋଳନ କରିବାରେ ଅଭ୍ୟସ୍ତ ହୋଇ ଆସିଛି, ସିଏ, ଯିଏ ଆଦୌ କେବେହେଲେ ଭାରୋତ୍ତୋଳନ ନକରିଛି, ତା'ଠାରୁ ଅନେକ ଅଧିକ ସମୟ ଏହି କାର୍ଯ୍ୟଟିକୁ କରିପାରିବ । ଏବଂ ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା : ଯେଉଁ ବ୍ୟକ୍ତି ସଙ୍କେନ୍ଦ୍ରଣରେ ଅଭ୍ୟସ୍ତ ହୋଇଆସିଛି, ସିଏ, ଯାହାର ସଙ୍କେନ୍ଦ୍ରଣ

'oaob.nitrkl.ac.in' images reprocessed

ବାସ୍ତବରେ କୌଣସି ଅଭ୍ୟାସ ନାହିଁ, ତା' ଅପେକ୍ଷା ଦୀର୍ଘତର ସମୟ ଲାଗି ସକେନ୍ଦ୍ରିତ କରିପାରିବ । ମାତ୍ର ସମସ୍ତଙ୍କ କ୍ଷେତ୍ରରେ ଏପରି ଏକ ସମୟ ଅବଶ୍ୟ ଆସି ପହଞ୍ଚେ, ଯେତେବେଳେ କି କାର୍ଯ୍ୟଟିକୁ ବନ୍ଦ କରିଦେବାକୁ ହୁଏ, ଶ୍ଳଥନ କରିବାକୁ ହୁଏ; ଏବଂ ତା'ହେଲେ ଯାଇ 'ଆଉଥରେ ଆରମ୍ଭ କରିହୁଏ । ତେଣୁ, ସଙ୍ଗେ ସଙ୍ଗେ ହେଉ, କେତେ ମିନିଟ ପରେ ହେଉ ବା କେତେ ଘଣ୍ଟା ପରେ ବି ହେଉ, ଯଦି କ୍ରିୟାଶୀଳତାଟି ଯନ୍ତ୍ରବତ୍ ହେବାକୁ ଆରମ୍ଭ କଲା, ତେବେ ସେଥିରୁ ବୁଝିବାକୁ ହେବ ଯେ ତୁମର ଶ୍ଳଥନର ପ୍ରକ୍ରିୟାଟି ପ୍ରକୃତରେ ଆରମ୍ଭ ହୋଇ ଯାଇଛି ଏବଂ ତୁମେ ତଥାପି ଧ୍ୟାନ କରୁଛ ବୋଲି ଛଳନା କରିବାର ଆଉ ଆଦୌ କୌଣସି ଆବଶ୍ୟକତା ନାହିଁ । ସେତେବେଳେ ଧ୍ୟାନ ଛାଡ଼ି ଉପଯୋଗୀ ଅଉକିଛି କରିବା ନିଶ୍ଚୟ ଅଧିକ ଶ୍ରେୟସ୍କର ହେବ ।

ମାନସିକ ସଂଘାତର କୁପରିଣାମଗୁଡ଼ିକୁ ନଷ୍ଟ କରିଦେବା ଲାଗି ଯଦି ତୁମେ ଉଦାହରଣସ୍ୱରୂପ କାୟିକ ବ୍ୟାୟାମ କରି ନପାରିବ, ତେବେ, ତୁମ ଭିତରେ କ'ଣସବୁ ଘଟୁଛି, ତୁମେ ସେଗୁଡ଼ିକ ଜାଣିବାକୁ ଚେଷ୍ଟା କରିବ ଓ ଟିପି ରଖିବାକୁ ବି ଚେଷ୍ଟା କରିପାରିବ, ତୁମେ ବିଷୟଗୁଡ଼ିକୁ ବ୍ୟକ୍ତ କରିପାରିବ । ତେବେ ସେଇଥିରୁ ଏକ ଶ୍ଳଥନ ସମ୍ଭବ ହୋଇଯିବ, ଆବଶ୍ୟକ ଶ୍ଳଥନ ସମ୍ଭବ ହୋଇପାରିବ । ମାତ୍ର, ତୁମେ କେତେ ସମୟ ଧ୍ୟାନରେ ବସିବ, ତାହାର କେବଳ ଏକ ଆପେକ୍ଷିକ ମହତ୍ତ୍ୱହିଁ ରହିଛି; ତୁମେ କେତେ ଅଧିକ ସମୟ ଧ୍ୟାନରେ ବସିପାରୁଛ, ସେଥିରୁ, ତୁମେ କେତେଦୂର ପର୍ଯ୍ୟନ୍ତ ଏହି କାର୍ଯ୍ୟଟିରେ ଅଭ୍ୟସ୍ତ ହୋଇପାରିଛ, ତାହାହିଁ ଦର୍ଶିତ ହୋଇଥାଏ ।

ହଁ, ଏହାର ଅବଧିକୁ ଅନେକ ପରିମାଣରେ ବଢ଼ାଇ ଦିଆ ଯାଇପାରେ, ମାତ୍ର ଏଥିରେ ସର୍ବଦା ଏକ ସୀମା ମଧ୍ୟ ରହିଛି; ଏବଂ ଯେତେବେଳେ ଆମେ ସେହି ସୀମାରେ ଯାଇ ପହଞ୍ଚିବା, ଆମକୁ ସେତେବେଳେ ବନ୍ଦ କରିଦେବାକୁହିଁ ପଡ଼ିବ । ବାସ୍, ଏଥିରେ ଆଉ କାହାର କିଛି କହିବାର ରହିବା ଉଚିତ ନୁହେଁ । ଏହାକୁ ନିଷ୍ଠାହୀନତା ବୋଲି କଦାପି କୁହା ଯିବ ନାହିଁ, ଏହା ହେଉଛି ଅସମର୍ଥତା । ମାତ୍ର, ଯେତେବେଳେ ତୁମେ ଆଉ ଧ୍ୟାନସ୍ଥ ହୋଇ ପାରୁ ନାହଁ, ଅଥବା, ଯେଉଁ ଲୋକମାନେ ତୀର୍ଥ ବା ମନ୍ଦିରକୁ ଯାଆନ୍ତି, ସେଠାରେ ପୂଜା ଓ ଉପାସନାଦି କରନ୍ତି ଏବଂ ସତେଅବା ଗୋଟାଏ ପୁରୁଣା ପାଠକୁ ରଟିଲା ପରି ପ୍ରାର୍ଥନାଗୁଡ଼ାକୁ ଗାଇ ଯାଆନ୍ତି, ତୁମେ ଠିକ୍ ସେହିମାନଙ୍କ ପରି ଯେତେବେଳେ ନିଜର ପ୍ରାର୍ଥନାଟିକୁ ଗାଇଯାଉଛ, ସେତେବେଳେ ଯଦି ତୁମେ ଧ୍ୟାନସ୍ଥ ହୋଇ ରହୁଛ ବୋଲି ଛଳନା କର, ତେବେ ପ୍ରକୃତରେ ତାହାକୁହିଁ ନିଷ୍ଠାର ଅଭାବ ବୋଲି କୁହାଯିବ । ସେତେବେଳେ ସେଗୁଡ଼ାକୁ ଆଉ ଧ୍ୟାନ ବା ପ୍ରାର୍ଥନା ବୋଲି କଦାପି କୁହା ଯିବ ନାହିଁ, ତାହାକୁ କେବଳ ଏକ



'oaob.nitrkl.ac.in' images reprocessed

ଅଭ୍ୟସ୍ତତା ବା ଧନ୍ଦା ବୋଲି କୁହାଯାଇ ପାରିବ । କାରଣ ସେତେବେଳେ ତାହା ଭିତରେ ଆଉ କୌଣସି ପ୍ରାଣହିଁ ନଥିବ ।

**ଅଳ୍ପ ସମୟ ପୂର୍ବରୁ ଆପଣ କହିଲେ ଯେ ଯଦି ଆମେ ସ୍ୱତଃପ୍ରେରିତ ଭାବରେ ଆମର ଶରୀର ଭିତରେ ମଧ୍ୟ ଭଗବାନଙ୍କୁ ଅନୁଭବ କରି ପାରିବା, ତେବେ ସେହି ଶରୀର ନିଶ୍ଚୟ ବଦଳିଯିବ । ଏକଥା ସତ କି ?**

ଏକଥା ସବୁବେଳେ ଯେ ସତ ହେବ, ସେକଥା ଆଦୌ ନୁହେଁ । ମୁଁ କହୁଥିଲି : ତା'ର କୁଏଡ ପରିବର୍ତ୍ତନ ହେବ ନଚେତ୍ ସିଏ ଅଉ କୁଅଡ଼େ ପଳାଇବ । ତା'ର ଯେ ସବୁବେଳେ ପରିବର୍ତ୍ତନ ହେବ, ମୁଁ ସେକଥା କହୁ ନଥିଲି ! ମୁଁ କହୁଥିଲି : ଯଦି ତା'ର ମନ ଅଭିପ୍ରାୟ ଭିତରେ କେଉଁଠି ଏତେଟିକିଏ ଫାଙ୍କ ରହିଥାଏ, ତେବେ ଅସଲ ଜିନିଷଟି ତା' ଭିତରକୁ ପ୍ରବେଶ କରି ପାରିବ । ଏବଂ, ତା'ହେଲେ ତା' ଭିତରେ ଏକ ପରିବର୍ତ୍ତନ ହୋଇ ଯାଇପାରେ ବା ଅନ୍ୟଥା, କିଛିହେଲେ କରିବା ଲାଗି ସେ ଏକାବେଳକେ ଅସମର୍ଥ ବି ହୋଇ ଯାଇପାରେ । ମାତ୍ର, ସେହି ବାଟଟି ଯଦି ସେଠାରେ ନଥାଏ, ତେବେ ସିଏ ପଳାଇଯିବ । ମାତ୍ର କିଛିହେଲେ କରିବା ଲାଗି ଅଉ ସମର୍ଥ ହେବ ନାହିଁ । ମୁଁ କେବଳ ଏତକ କହୁଛି ଯେ ସିଏ ଆଉ କିଛିହେଲେ କରିବାକୁ ସମର୍ଥ ହେବ ନାହିଁ । ଏବଂ, ଯଦି ସେ କିଛି ନା କିଛି କରିବାକୁ ସମର୍ଥ ହୁଏ, ତେବେ ସେଇଥିରୁ ସଙ୍କେତ ମିଳିଯିବ ଯେ ତୁମେ ଏହି କ୍ଷେତ୍ରରେ ଚେତନାର ଯେଉଁ ସ୍ଥିତିରେ ରହିଥିଲ, ତାହା ପ୍ରକୃତରେ ଶୁଦ୍ଧ ନଥିଲା, ସମ୍ପୂର୍ଣ୍ଣ ବି ନଥିଲା ।

**ତେବେ ଦିବ୍ୟ ପରମସତ୍ତ୍ୱଙ୍କର ଏତେ ଶତ୍ରୁ ପୁଣି ରହିଛନ୍ତି କାହିଁକି ? ପରମ ଦିବ୍ୟସତ୍ତ୍ୱ ତ ତାଙ୍କର ଶତ୍ରୁମାନଙ୍କ ଭିତରେ ମଧ୍ୟ ଆପଣାକୁ ଦେଖି ପାରନ୍ତେ !**

ତୁମର ପ୍ରଶ୍ନଟିକୁ ମୁଁ ଠିକ୍ ଠିକ୍ ବୁଝି ପାରିଲି ନାହିଁ ।

**ପରମ ଦିବ୍ୟସତ୍ତ୍ୱଙ୍କର ପୁଣି ଏତେ ଏତେ ଶତ୍ରୁ ରହିଛନ୍ତି କାହିଁକି ?**

'oaob.nitrkl.ac.in' images reprocessed

ପରମ ଦିବ୍ୟସତ୍ତ୍ୱଙ୍କର ଏତେ ଏତେ ଶତ୍ରୁ ?

ଏବଂ ପ୍ରତିକୂଳ ଶକ୍ତିମାନେ ।

ମାତ୍ର ଏତେବେଶୀ ଅଧିକ ସଂଖ୍ୟାରେ ଗୋଟାପୁରା ଅଚେତନ ହୋଇ ରହିଥିବା ମନୁଷ୍ୟମାନେ ବା ପୁଣି କାହିଁକି ଅଛନ୍ତି ? ସେଇଟା ତ ମୋତେ ଅଧିକ ଅଧିକ ଆଶ୍ଚର୍ଯ୍ୟଜନକ ବୋଧ ହେଉଛି ! କାରଣ ଅତ୍ୟନ୍ତ ସରଳ ଭାବରେ ଏହାକୁ କେବଳ ଅଚେତନତାର ଏକ କାର୍ଯ୍ୟ ବୋଲି କୁହାଯାଇ ପାରିବ : ପରମ ଭଗବତ୍‌ସତ୍ତ୍ୱଙ୍କର ଶତ୍ରୁ ହେବା ଅଚେତନତା ମଧ୍ୟରେ ବୁଡ଼ିରହିବା ବ୍ୟତୀତ ଆଉ କିଛି ନୁହେଁ ।

(ଜଣେ ଶିଷ୍ୟ) ସିଏ ଏହି ଅର୍ଥରେ ପ୍ରଶ୍ନଟିକୁ ପଚାରୁଛନ୍ତି ଯେ ସେହି ଶତ୍ରୁମାନେ ପ୍ରକୃତରେ ବଦଳି ଯାଇଥାନ୍ତେ, କାରଣ ପରମ ଦିବ୍ୟସତ୍ତ୍ୱ ପରମ ଦିବ୍ୟସତ୍ତ୍ୱଙ୍କୁ ନିଶ୍ଚୟ ଦେଖି ପାରୁଥିବେ···

ମାତ୍ର ମୁଁ ତଥାପି ବୁଝି ପାରୁନାହିଁ, କେଉଁଠାରେ ଅବସ୍ଥିତ ରହିଥିବା ପରମ ଦିବ୍ୟସତ୍ତ୍ୱ ? ତୁମର ଯୁକ୍ତିଟିକୁ ମୁଁ ମୋଟେ ବୁଝି ପାରୁ ନାହିଁ ।

ଯେତେବେଳେ ଜଣେ ମଣିଷ ପରମ ଦିବ୍ୟସତ୍ତ୍ୱଙ୍କର ଶତ୍ରୁ ହୋଇ ବାହାରୁଛି···

ମାତ୍ର ଅସଲ କଥା ହେଉଛି, ମନେ କରାଯାଉ ଯେ କୋଟିକରେ ଗୋଟିଏ ମନୁଷ୍ୟ ଆପଣା ଭିତରେ ଏହି ଚେତନାଟିର ଉପଲବ୍ଧି କରନ୍ତି । ଏକଥା ସମ୍ଭବ ଯେ ତା'ର ହୁଏତ ଚତୁର୍ଦ୍ଦିଗରେ ରହିଥିବା ଲୋକମାନଙ୍କ ଉପରେ ଏକ ପ୍ରଭାବ ପଡ଼ିପାରିବ ।—ଏବଂ ତଥାପି ମୁଁ ଏକଥା ମଧ୍ୟ ଜାଣିଶୁଣି କହୁଅଛି ଯେ ଏହି ସ୍ଥିତିଟିକୁ ସମ୍ପୂର୍ଣ୍ଣ ଭାବରେ ଉପଲବ୍ଧି କରିବାକୁ ହେଲେ ସାଧାରଣତଃ ଏକାନ୍ତ ଭାବରେ ବାସ କରିବା ପ୍ରକୃତରେ ଅତ୍ୟାବଶ୍ୟକ ହୋଇଥାଏ, କାରଣ, ତା' ନହେଲେ ସେହି କ୍ଷେତ୍ରରେ ଅତିବେଶୀ ପରସ୍ପରବିରୋଧୀ ବସ୍ତୁର ସମ୍ମୁଖୀନ ହେବାକୁ ପଡ଼େ, ଅତ୍ୟନ୍ତ ଅଧିକ ସଂଖ୍ୟାରେ ପ୍ରାପ୍ତ ନିର୍ମମ ଭାବରେ ବସ୍ତୁଜଡ଼ିତ ହୋଇ ରହିଥିବା ନାନା ଅବଶ୍ୟକତା ରହିଥାଏ, ଯେଉଁମାନେ କି ସେହି ଚେତନାଟିର ବିରୋଧ

'oaob.nitrkl.ac.in' images reprocessed

କରିବାରେ ଲାଗିଥାନ୍ତି ଏବଂ ସେହି ଚେତନାସ୍ଥିତକୁ ସମ୍ପୂର୍ଣ୍ଣ ଯଥାର୍ଥ ଭାବରେ ଉପଲବ୍ଧି କରିବାରେ ତୁମର ସାମର୍ଥ୍ୟକୁ ବ୍ୟାହତ କରି ରଖିଥାନ୍ତି । ମାତ୍ର ଯଦି ତୁମେ ସମ୍ପୂର୍ଣ୍ଣ ଯଥାର୍ଥ ଭାବରେ ତାହାର ଉପଲବ୍ଧି କରିପାର, ତେବେ ତୁମର ଚତୁର୍ଦ୍ଦିଗରେ ରହିଥିବା ପ୍ରତ୍ୟେକ ବିଷୟ ଅବଶ୍ୟ ବଦଳିଯାଇ ପାରିବ ।

(ସେହି ଶିକ୍ଷକ ଜଣକ) ସିଏ ଦିବ୍ୟ ପରମସତ୍ତ୍ୱଙ୍କୁ ବାହାରେ କୌଣସିଠାରେ ମୂର୍ତ୍ତିରୂପେ କଳ୍ପନା କରୁଥିଲେ ଏବଂ ଭାବୁଥିଲେ : ଯେତେବେଳେ କେହି ସେହି ପରମସତ୍ତ୍ୱଙ୍କର ଶତ୍ରୁ ହୋଇଯାଉଛି, ସେତେବେଳେ ସେ ଏକ ଦିବ୍ୟ ରୂପରହିଁ ଶତ୍ରୁ ହେଉଛି; ଏବଂ ସେହି ଦିବ୍ୟରୂପ ତ ତାଙ୍କର ଶତ୍ରୁ ଭିତରେ ବି ଆପଣାକୁ ଦେଖି ପାରୁଥିବେ, ତେଣୁ ସେହି ଶତ୍ରୁର ଅବଶ୍ୟ ପରିବର୍ତ୍ତନ ହୋଇ ଯାଉଥିବ ।

ମା—ମୁଁ ଏହି କଥାଟିକୁ ତଥାପି ବୁଝି ପାରି ନାହିଁ !

(ଆଉ ଜଣେ ଶିଷ୍ୟ) ମାଆ, ଏହି ଦିବ୍ୟସତ୍ତ୍ୱ ଅବଶ୍ୟ ଏକ ପରିପୂର୍ଣ୍ଣ ଦିବ୍ୟସତ୍ତ୍ୱ, ମାତ୍ର ତାହା କେଉଁଠିହେଲେ ନାହିଁ; (ସମସ୍ତେ ହସି ଉଠିଲେ) ସିଏ ଯାହାଙ୍କ କଥା କହୁଛନ୍ତି, ସିଏ କେଉଁଠି ହେଲେ ନାହାନ୍ତି ।

ମା—ମୋତେ ସ୍ୱୀକାର କରିବାକୁ ହେବ ଯେ ତୁମର କଥାଗୁଡ଼ିକ ମୁଁ ଆଦୌ କିଛି ହେଲେ ବୁଝି ପାରୁ ନାହିଁ । ତାଙ୍କ କଥା ବୁଝି ପାରୁ ନାହିଁ, ତୁମ କଥା ବୁଝି ପାରୁ ନାହିଁ, ତୁମ କଥାକୁ ବି ବୁଝି ପାରୁ ନାହିଁ । (ସମସ୍ତେ ହସି ଉଠିଲେ) ତେଣୁ ତୁମେସବୁ ପ୍ରକୃତରେ କ'ଣ କହିବାକୁ ଚାହୁଁଛ ?

ଯେତେବେଳେ ଜଣେ ଦିବ୍ୟ ପରମସତ୍ତ୍ୱଙ୍କର ଶତ୍ରୁ ହେଉଛି, ସେତେବେଳେ ସିଏ ପ୍ରକୃତରେ କାହାର ଶତ୍ରୁ ?

କାହାର ଶତ୍ରୁ ? ସେକଥା ତ ପ୍ରତ୍ୟେକ ବ୍ୟକ୍ତି ଉପରେହିଁ ନିର୍ଭର କରିବ । ସାଧାରଣତଃ ଏହିପରି ହୋଇଥାଏ ଯେ, ପରମ ଦିବ୍ୟସତ୍ତ୍ୱଙ୍କ ବିଷୟରେ ଅମର

'oaob.nitrkl.ac.in' images reprocessed

ଯେଉଁ ଧାରଣାଟି ରହିଥାଏ, ଆମେ ତାହାର ଶତ୍ରୁ ହୋଇଥାଉ । ଏବଂ ସେଇଥିପାଇଁ ଏକଥା କୁହାଯାଏ ଯେ ଯିଏ ଭଗବାନ ପରମସତ୍ତାଙ୍କୁ ଅସ୍ୱୀକାର କରେ, ଅନେକ ସମୟରେ ସେଇ ତାଙ୍କର ସବୁଠାରୁ ବଡ଼ ଭକ୍ତ ହୋଇ ବାହାରିଥାଏ । କାରଣ, ଭଗବାନ ପରମସତ୍ତା ରହିଛନ୍ତି ବୋଲି ଯଦି ଯିଏ ଆପଣା ଭିତରେ ନିଶ୍ଚିତତାର ସହିତ ବିଶ୍ୱାସ କରୁ ନଥାଏ, ତେବେ ତାଙ୍କୁ ଅସ୍ୱୀକାର କରିବାର ସିଦ୍ଧାନ୍ତଟିକୁ ମଧ୍ୟ ସେ କଦାପି କରିବାକୁ ଯାଆନ୍ତା ନାହିଁ । ଏବଂ ଯିଏ ତାଙ୍କୁ ଘୃଣା କରୁଥାଏ, ସେହି ନିଶ୍ଚିତତା ତା' ଭିତରେ ଆହୁରି ଦୃଢ଼ ହୋଇ ରହିଥାଏ, କାରଣ ଆପଣା ଭିତରେ ଅନେକ ଦୂରରେ ପରମ ଭଗବାନସତ୍ତା ରହିଛନ୍ତି ବୋଲି ଯଦି ତା'ର ଏକ ନିଶ୍ଚିତତା ନଥା'ନ୍ତା, ତେବେ ସେ ତାଙ୍କୁ ଘୃଣା କରି ପାରନ୍ତା ବା କିପରି ?

ଯେଉଁମାନେ ଭଗବାନ ପରମସତ୍ୟ ସହିତ ଏକାତ୍ମକତା ଅର୍ଜନ କରିବାକୁ ଇଚ୍ଛା କରୁଥିଲେ ଏବଂ ତାଙ୍କର ଶତ୍ରୁ ହୋଇ ରହିବାର ବାଟଟିକୁହିଁ ବାଛିନେଲେ, ଭାରତବର୍ଷରେ ସେଇମାନଙ୍କ କାହାଣୀରେ ଏହି କଥାଟିକୁ ପ୍ରତୀକାତ୍ମକ ଭାବରେ ଗୁନ୍ଥି ଦିଆଯାଇଛି । ସେମାନେ ଏପରି କରିଥିଲେ, କାରଣ ଉପାସକର ମାର୍ଗ ଅପେକ୍ଷା ଶତ୍ରୁ ହେବାର ମାର୍ଗଟି ସେମାନଙ୍କୁ ଅଧିକ ସିଧା ବୋଲି ଦେଖା ଯାଇଥିଲା । ଏଠାରେ ଏହି କାହାଣୀଗୁଡ଼ିକୁ ସମସ୍ତେ ଜାଣିଛନ୍ତି । ପ୍ରାଚୀନ ଯାଦବସ୍ୱ ଉପକଥା ଓ ଭାରତସ୍ୱ ପୁରାଣମାନଙ୍କରେ ଏହିସବୁ ବିଷୟରେ କୁହାଯାଇଛି । ଏବଂ, ଏଥିରୁ ସେହି ଗୋଟିଏ ସତ୍ୟର ଦୃଷ୍ଟାନ୍ତ ମିଳିଯାଉଛି ଯେ ଯେଉଁ ବ୍ୟକ୍ତି ଆପଣା ଭିତରେ କେବେହେଲେ ସମସ୍ୟାଟିର ସମ୍ମୁଖୀନ ହୋଇ ନାହିଁ ଅଥବା ଭଗବାନ ପରମସତ୍ତାଙ୍କର ଅସ୍ତିତ୍ୱ ବିଷୟରେ କେବେହେଲେ ଏକେଟିକିଏ ବି ଚିନ୍ତା କରି ନାହିଁ, ସେହି ବ୍ୟକ୍ତି, ଯିଏ ତାଙ୍କୁ ଘୃଣା କରୁଛି ଓ ଅସ୍ୱୀକାର କରିବାରେ ଲାଗିଛି, ତା' ତୁଳନାରେ ସେହି ଭଗବାନସତ୍ତାଙ୍କଠାରୁ ଅଧିକ ଦୂରବର୍ତ୍ତୀ ହୋଇ ରହିଛି । କାରଣ, ଜଣେ ଯେଉଁଟି ବିଷୟରେ କେବେହେଲେ ଚିନ୍ତା କରି ନାହିଁ, ସିଏ ତାହାକୁ କଦାପି ଅସ୍ୱୀକାର କରି ପାରିବ ନାହିଁ ।

ଯିଏ ଏପରି ଭାବରେ କହୁଛି ଅଥବା ଲେଖୁଛି : "ମୁଁ ଘୋଷଣା କରି ଜବାବ ଦେଇ କହୁଛି ଯେ ମୋର ଯାବତୀୟ ଅନୁଭବରୁ ପରମ ଭଗବାନ ନାହାନ୍ତି ବୋଲିହିଁ ପ୍ରମାଣିତ ହୋଇଯାଉଛି; ପ୍ରକୃତରେ ଏପରି କୌଣସି ବସ୍ତୁର ଅସ୍ତିତ୍ୱ ନାହିଁ,—ଏଇଟା କେବଳ ମଣିଷର କଳ୍ପନା, ମଣିଷରହିଁ ସର୍ଜନା ।…", ତେବେ ତାହାର ଅର୍ଥ ହେଉଛି ଯେ ସିଏ ଏହି ସମସ୍ୟାଟି ଉପରେ ଆଗରୁ ଅନେକବାର ଭାବି କରି ଚିନ୍ତା କରିଛି ଏବଂ ତା' ଭିତରେ ଏପରି ଏକ ଉପାଦାନ ରହିଛି, ଯାହାକି ଏହି ସମସ୍ୟାଟି ବିଷୟରେ ଅସାଧାରଣ ଭାବରେ ଆଗ୍ରହ ରଖିଆସିଛି ।

'oaob.nitrkl.ac.in' images reprocessed

ଏବଂ ଯିଏ ଦିବ୍ୟ ପରମସତ୍ତାଙ୍କୁ ଘୃଣା କରୁଛି,—ସେଠାରେ ତ ଏହି କଥାଟି ଆହୁରି ଅଧିକ ସ୍ପଷ୍ଟ ଭାବରେ ରହିଛି : ଆମେ କଦାପି ଏକ ଭ୍ରମର ଶତ୍ରୁ ହୋଇ ପାରନ୍ତେ ନାହିଁ ।

ତେଣୁ (ସାଧକଙ୍କୁ ଉଦ୍ଦେଶ୍ୟ କରି) ତୁମର ପ୍ରଶ୍ନଟି ମୋଟେ ଉତ୍ଥାପିତ ହିଁ ହୋଇ ପାରିବ ନାହିଁ । କାରଣ, ସମ୍ଭବତଃ ଏହାକୁ ମଧ୍ୟ ଗୋଟାଏ ପ୍ରକାର ଭେଟ ହେବା ବୋଲି ବୁଝାଯାଇ ପାରିବ, ଯାହାର କି ଏବିଷୟରେ ଆପଣାର ଏକ ଆଗ୍ରହ ମଧ୍ୟ ରହିପାରେ । ଅନେକ ସମୟରେ ଆମେ ବେଶ୍ ହାଲୁକା ଭାବରେ କହିଥାଉ : "ସିଏ ହେଉଛି ମୋର ଅତି ଘନିଷ୍ଠ ଶତ୍ରୁ", ଏବଂ ସମ୍ଭବତଃ ତାହାକୁ କଦାପି ଗୋଟାସୁଦ୍ଧା ଭୁଲ ବୋଲି କୁହା ଯିବ ନାହିଁ । ସମ୍ଭବତଃ, ଅଜ୍ଞାନ ଅପେକ୍ଷା ଘୃଣା ଭିତରେହିଁ ଅଧିକ ଘନିଷ୍ଠତା ରହିଥାଏ । ଆମେ ଯେଉଁଟି ବିଷୟରେ ଅଜ୍ଞାନ ହୋଇ ରହିଛୁ, ତାହା ଅପେକ୍ଷା, ଆମେ ଯାହାକୁ ଘୃଣା କରୁଛୁ, ତାହାର ଅଧିକ ନିକଟବର୍ତ୍ତୀ ହୋଇ ରହିଥାଉ ।

ତାହାର ଅର୍ଥ ନୁହେଁ ଯେ ମୁଁ ଏଠାରେ ଘୃଣା କରିବା ଲାଗି ସମସ୍ତଙ୍କୁ ପରାମର୍ଶ ଦେଉଛି । ମୁଁ ଆଦୌ ସେକଥା କହୁ ନାହିଁ, ମାତ୍ର, ଏକ ଗୋଟାସୁଦ୍ଧା ନୀରସ ଏବଂ ନିର୍ଜୀବ ସ୍ଥିତି ଅପେକ୍ଷା କ୍ରୋଧ ଏବଂ ଘୃଣାର ଅଭିବ୍ୟକ୍ତି ବା ଏକ ବ୍ହାଣି ମଧ୍ୟରେହିଁ ମୁଁ ଅନେକ ସମୟରେ ଅଧିକ ପ୍ରେମଭାବ ଦେଖିବାକୁ ପାଇଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହା ବିକୃତ ହୋଇ ରହିଥାଏ, ନଷ୍ଟ ହୋଇ ଯାଇଥାଏ, କଦାକାର ହୋଇ ଯାଇଥାଏ,—ବା ତୁମେ ଯାହାକହି କହିବ, ତାହା ଠିକ୍ ତାହାହିଁ ହୋଇ ରହିଥାଏ; ମାତ୍ର ସେଠାରେ ତଥାପି କିଛି ଜୀବନ୍ତ ହୋଇ ରହିଥାଏ, ସତେଅବା କେଉଁଠି ଏକ ଶିଖା ପ୍ରଜ୍ୱଳିତ ହୋଇ ରହିଥାଏ ।

ଏକଥା ସର୍ବଦା ସତ ଯେ, ଅଚେତନତା ଏବଂ ଅଚଳତା ମଧ୍ୟରେ, ବାହାରୁ ଦିଶୁଥିବା ପ୍ରସ୍ତର ପରି ଏକ ସମ୍ପୂର୍ଣ୍ଣ ଜଡ଼ତା ଭିତରେ ମଧ୍ୟ ଆମକୁ ହଠାତ୍ ଏକ ଉଜ୍ଜ୍ୱଳ ଆଲୋକ ଦେଖିବାକୁ ମିଳିପାରେ, ଭଗବାନ୍ଙ୍କ ପରମ ଉପସ୍ଥିତିର ଏକ ଝଲକ ହଠାତ୍ ଦେଖିବାକୁ ମିଳିଯାଏ । ମାତ୍ର, ଆମେ ସବୁ ବି ଠିକ୍ ସେହି ସ୍ଥିତିଟି ବିଷୟରେ ଏଠାରେ ଆଲୋଚନା କରୁଥିଲୁ : ଆମେ ସେହି ଦିବ୍ୟ ପରମସତ୍ତାଙ୍କୁ ସବୁଠାରେ ଦେଖିବାକୁ ପାଇଥାଉ, ସବୁ ସ୍ଥାନରେହିଁ ତାଙ୍କୁ ସାକ୍ଷାତ କରୁ, ଏବଂ, ଏପରି ଅନେକବିଧ ଓ ବିସ୍ମୟକର ଭାବରେ ସୌସାମ୍ୟଯୁକ୍ତ ହୋଇ ରହିଥିବା ଏବେ ଝଟରେ ତାଙ୍କୁ ଦେଖିବାକୁ ପାଇଥାଉ ଯେ ଏହି ସବୁଯାକ ଅସୁବିଧା କୁଆଡ଼େ ଅନ୍ତର୍ହିତ ହୋଇଯାଏ ।

(ମାଆ ନୀରବ ରହିଲେ)

'oaob.nitrkl.ac.in' images reprocessed

ପ୍ରକୃତ କଥା କହିବାକୁ ଗଲେ, ବ୍ୟାବହାରିକ ଦୃଷ୍ଟିରୁ ଆମେ ସମସ୍ୟାଟିର ଏହିପରି ବ୍ୟାଖ୍ୟା କରିପାରିବା । ଭଗବାନ୍ ପରମପତ୍ନୀ ତାଙ୍କର ସୃଷ୍ଟିକୁ ଯଦି ଏକ କ୍ରମୋନ୍ନତିର ଭାବରେ ବିକଶିତ ହୋଇ ଯାଉଥିବା ସୃଷ୍ଟିରୂପେ କଳ୍ପନା କରି ନଥାନ୍ତେ, ତେବେ ଏଠାରେ ମୂଳରୁହିଁ ଏକ ଆନନ୍ଦପ୍ରଦ, ଅଚଳ ଓ ଅପରିବର୍ତ୍ତନୀୟ ଅବସ୍ଥା ବିଦ୍ୟମାନ ରହିଥାନ୍ତା । ମାତ୍ର ଯେଉଁ ମୁହୂର୍ତ୍ତରେ···ମୁଁ ଏହାକୁ କିପରି ଭାବରେ ବ୍ୟାଖ୍ୟା କରି କହିପାରିବି, ସେକଥା ମୋତେ ବୁଝି ପାରୁ ନାହିଁ । ଏହି ବିଶ୍ୱଜଗତ କ୍ରମୋନ୍ନତିର ଭାବରେ ବିକାଶମାନ ଏକ ଜଗତ ହୋଇ ରହିବ ବୋଲି ମୂଳରୁ ଅଭିପ୍ରେତ ହୋଇଥିବାରୁ, ସମ୍ପୂର୍ଣ୍ଣ ଏକାତ୍ମକତା, ଏହି ଏକାତ୍ମକତାଜନିତ ଆନନ୍ଦାନୁଭୂତି ଏବଂ ଏହି ଏକାତ୍ମକତା ବିଷୟରେ ପରିପୂର୍ଣ୍ଣ ଭାବରେ ସଚେତନ ହୋଇ ରହିବା,—ଏଗୁଡ଼ିକୁ ପ୍ରୟୋଜନତଃ ଆବରଣଯୁକ୍ତ ହୋଇ ରହିବାକୁ ହେଲା; କାରଣ ତା' ନହେଲେ କେଉଁଠି କିଛିହେଲେ ବି ହଲଚଲ ହୋଇ ନଥାନ୍ତା ।

ଆମେ ଇଚ୍ଛା କଲେ ଏକ ସ୍ଥାଣୁ ଜଗତର ବି କଳ୍ପନା କରିପାରିବା । ଆମେ ଏପରି ଏକ ବସ୍ତୁର ବେଶ୍ କଳ୍ପନା କରିପାରିବା, ଯାହାକି "ଏକସମାହିତ ହୋଇ ରହିଛି ଏବଂ ଏକକାଳାନ୍ତର୍ଗତ ହୋଇ ରହିଛି ।" ସେହି କ୍ଷେତ୍ରରେ ସମୟର କୌଣସି ଅସ୍ତିତ୍ୱ ନଥିବ, କେବଳ ଗୋଟାଏ ପ୍ରକାର ମୂର୍ତ୍ତିମନ୍ତତାହିଁ ରହିଥିବ,—ମାତ୍ର ସେହି କ୍ଷେତ୍ରରେ ଆଦୌ କୌଣସି ଉନ୍ମୋଚନହିଁ ଘଟୁ ନଥିବ, ଯେଉଁଥିରେ କି ବସ୍ତୁଗୁଡ଼ିକ କ୍ରମୋନ୍ନତିର ଭାବରେ ଗୋଟିଏ ପରେ ଗୋଟିଏ ହୋଇ ରୂପାୟିତ ହେବାରେ ଲାଗିଥିବେ, ଏକ ବିଶେଷ ଛନ୍ଦୋମୟତାର ଅନୁସରଣ କରି ଆପଣାକୁ ବ୍ୟକ୍ତ କରି ଆସୁଥିବେ । ସେହିଭଳି ଗୋଟିଏ ସ୍ଥାଣୁ ଜଗତ ମଧ୍ୟରେ ସକଳ ବସ୍ତୁ ଏକା ସମୟରେହିଁ ପ୍ରକାଶିତ ହେଉଥିବେ, ପରିଯାକ ଏକାବେଳକେ ବ୍ୟକ୍ତ ହୋଇ ଯାଉଥିବେ । ସେତେବେଳେ ସବୁକିଛି ଏକ ଆନନ୍ଦମୟ ଅବସ୍ଥାରେ ରହିଥିବ ଏବଂ ବର୍ତ୍ତମାନ ବିଶ୍ୱଜଗତକୁ ଆମେ ଯେପରି ଭାବରେ ଦେଖୁଛୁ, ସେହି ବିଶ୍ୱଜଗତ ବିଦ୍ୟମାନ ହୋଇ ରହି ନଥିବ,—ଏଥିରୁ ଉନ୍ମୋଚିତ ହେବାର ଉପାଦାନଟି ଅନ୍ତର୍ହିତ ହୋଇ ରହିଥିବ, ଯାହାକି କ···ଆମେ ବର୍ତ୍ତମାନ ଏହି ବିଶ୍ୱଜଗତକୁ ଯେପରି ଭାବରେ ପ୍ରତ୍ୟକ୍ଷ କରୁଛୁ, ସେହି ଅବସ୍ଥାରେ ସେସବୁ କିଛି ନଥିବ ।

ମାତ୍ର ବିଶ୍ୱଜଗତ ଯେ କ୍ରମୋନ୍ନତିର ଭାବରେ ବିକାଶଲାଭ କରି ଚାଲିଛି, ଏହି ମୂଳନୀତିଟିକୁ ଥରେ ସ୍ୱୀକାର କରିନେଲେ, ଏଠାରେ ହେଉଥିବା ଉନ୍ମୋଚନର ପ୍ରକ୍ରିୟାକୁ ଏକ କ୍ରମୋନ୍ନତିର ପ୍ରକ୍ରିୟା ବୋଲି ଗ୍ରହଣ କରିନେଇ ପାରିଲେ, ଯାବତୀୟ ସବୁକିଛିକୁ ଏକତ୍ର ଓ ଏକାବେଳକେ ଏକାଧାରରେ ଦେଖିବା ପରିବର୍ତ୍ତେ ଯଦି ଆମର ବୋଧମାର୍ଗର ଘଟଣାଟି ମଧ୍ୟ କ୍ରମୋନ୍ନତିର ବିକାଶ ଉପରେ ପ୍ରତିଷ୍ଠିତ ହୋଇ ରହିଥାଏ, ତେବେ ସବୁକିଛି ତାହାରି ମଧ୍ୟରେ ଆପଣାର ଯଥାର୍ଥ ସ୍ଥାନଟିକୁ ଅବଶ୍ୟ ଗ୍ରହଣ

'oaob.nitrkl.ac.in' images reprocessed

କରିନେବ । ଏବଂ ଅନିବାର୍ଯ୍ୟତଃ, ଏହି ଜଗତ ମଧ୍ୟରେ ଆଗରୁ ଯାହା ଥିଲା, ଏହାର ଉତ୍ପତ୍ତିର ପରିପୂର୍ଣ୍ଣତାଠାରୁ ତା'ଠାରୁ ଅଧିକ ଉଚ୍ଚ ଏକ ସମ୍ପଦରୂପେ ପ୍ରତୀତ ହେବାକୁ ଆରମ୍ଭ କରିବ । ଯେଉଁସବୁ ଉପଲବ୍ଧିକୁ ଆମେ ହାସଲ କରି ସାରିଛୁ, ସେଗୁଡ଼ିକ ଅପେକ୍ଷା ଆମେ ଯେଉଁସବୁ ଉପଲବ୍ଧି ଆଡ଼କୁ ଅଗ୍ରସର ହୋଇ ଯାଉଛୁ, ତାହା ଅବଶ୍ୟ ଅଧିକ ଉଚ୍ଚତରର ବୋଲି ବୋଧ ହେବାକୁ ଲାଗିବ ।

ଏବଂ ତାହାହିଁ ଯାବତୀୟ ବିପଦ ଆଡ଼କୁ ଆମର ଦ୍ୱାରଟିକୁ ଖୋଲି ଦେଇଯିବ, ଯାବତୀୟ ସମ୍ଭାବନା ଲାଗି ଦୁଆର ଖୋଲିଦେବ ।

ଶ୍ରୀଅରବିନ୍ଦ ଅନେକ ସମୟରେ ଏହିପରି କହୁଥିଲେ : ଏହି ବିଶ୍ୱଜଗତରେ ଏକ ନିର୍ଦ୍ଦିଷ୍ଟ ସମୟରେ ଯାହାକିଛି ସୁନ୍ଦର, ଓ ଏପରିକି ପରିପୂର୍ଣ୍ଣ, ବିସ୍ମୟକାରୀ ଏବଂ ଦିବ୍ୟ ବୋଲି ପ୍ରତୀତ ହେଉଥିଲା, ବର୍ତ୍ତମାନ ତାହା କଦାପି ସେପରି ପ୍ରତୀତ ହେବ ନାହିଁ । ଏବଂ ଯାହାକିଛି ଆମକୁ ବର୍ତ୍ତମାନ ସୁନ୍ଦର, ବିସ୍ମୟକାରୀ, ଦିବ୍ୟ ଏବଂ ପରିପୂର୍ଣ୍ଣ ବୋଲି ଦେଖାଯାଉଛି, କେତେ କାଳ ପରେ ସେଗୁଡ଼ିକ ମଧ୍ୟ ଅସ୍ପଷ୍ଟତା ମଧ୍ୟରେ ଆଚ୍ଛନ୍ନ ହୋଇ ରହିବ । ଏବଂ, ଠିକ୍ ସେହିପରି ଭାବରେ, କୌଣସି ଏକ ନିର୍ଦ୍ଦିଷ୍ଟ ଯୁଗପର୍ଯ୍ୟାୟରେ ଯେଉଁ ଦେବତାମାନେ ସର୍ବଶକ୍ତିଶାଳୀ ହୋଇ ରହିଥିଲେ, ସେମାନେ, ଆଗାମୀ କାଲି ଯେଉଁ ଦେବତାମାନେ ଆବିର୍ଭୂତ ହେବାକୁ ଯାଉଛନ୍ତି, ସେମାନଙ୍କଠାରୁ ଏକ ନିମ୍ନତର ସତ୍ୟସ୍ତରର ବସ୍ତୁ ହୋଇ ରହିବେ ।

ଏବଂ, ଏହି ବିଶ୍ୱଜଗତ ଯେ କ୍ରମୋନ୍ନତର ଭାବରେ ଆଗକୁ ଯାଉଛି, ଆମେ ଏହାକୁହିଁ ତା'ର ଏକ ସଙ୍କେତ ବୋଲି କହିବା ।

ଏହି କଥାଟିକୁ ଆଗରୁ କୁହାଯାଇଛି, ଏହାର କେତେ ପୁନରାବୃତ୍ତି ହୋଇଛି, ମାତ୍ର ଲୋକମାନେ ଆଦୌ ବୁଝି ପାରନ୍ତି ନାହିଁ । ସେମାନେ ବୁଝନ୍ତି ନାହିଁ ଯେ, ଯେତେବେଳେ ସେହିସବୁ ପୁରାତନ ବୃହଦାରଣ୍ୟ ବିଷୟରେ କହି କୁହାଯାଏ, ସେତେବେଳେ ଏହି ବିଶ୍ୱଗତ କ୍ରମାନ୍ନୟନଟିକୁହିଁ ମନୁଷ୍ୟର ମାପକାଠିରେ ଗୋଟିଏ ଗୋଟିଏ ରୂପାନ୍ତରଣ ପରି ପ୍ରତିଷ୍ଠିତ କରି ଦଅଯାଏ ।

ତେଣୁ, ଯଦି କେହି ଏପରି ଗୋଟିଏ ସ୍ଥିତିରେ ଯାଇ ପ୍ରବିଷ୍ଟ ହୁଏ, ଯେଉଁଥିରେ କି, ସବୁକିଛି ଯେପରି ହୋଇ ରହିଛି, ତାହା ସମ୍ପୂର୍ଣ୍ଣତଃ ଦିବ୍ୟ ହୋଇ ରହିଥିବା ପରି ପରିଲକ୍ଷିତ ହୁଏ, ସେତେବେଳେ ଠିକ୍ ସେହି ମୁହୂର୍ତ୍ତରେହିଁ ଏହି ବିଶ୍ୱମୟ କ୍ରିୟାଶୀଳତା ମଧ୍ୟରୁ ତାକୁ ଅନିବାର୍ଯ୍ୟତଃ ବାହାରକୁ ଚାଲିଯିବାକୁ ପଡ଼ିଥାଏ । ବୁଦ୍ଧ ଓ ଶଙ୍କର ପ୍ରଭୃତି ବ୍ୟକ୍ତିମାନେ ଜଗତକୁ ଠିକ୍ ଏହିପରି ଭାବରେ ବୁଝିଥିଲେ । ସେମାନେ ନିଜ ନିଜ ଭାଷାରେ ପ୍ରଶ୍ନଟିକୁ ଏହିପରି ଭାବରେ ବ୍ୟକ୍ତ କରି କହିଥିଲେ ଯେ, ଯଦି ତୁମେ ସେହି ଅବସ୍ଥାଟିକୁ ଉପଲବ୍ଧି କରିପାରିବ, ଯେଉଁଥିରେ କି ପ୍ରତ୍ୟେକ ବସ୍ତୁ ତୁମର ଆଖିକୁ ପରିପୂର୍ଣ୍ଣ ଭାବରେ ଦିବ୍ୟ ଓ ପରିପୂର୍ଣ୍ଣ ଭାବରେ ସମ୍ପୂର୍ଣ୍ଣ ବୋଲି

'oaob.nitrkl.ac.in' images reprocessed

ଦେଖା ଯାଉଥିବ, ତେବେ ସେହି ସ୍ଥିତରେ ତୁମକୁ ଅନିବାର୍ଯ୍ୟତଃ ଏହି ବିଶ୍ୱମୟ କ୍ରିୟାଶୀଳତା ମଧ୍ୟରୁ ବାହାର ଆସିବାକୁ ପଡ଼ିବ ଓ ପରମ ଅବ୍ୟକ୍ତଙ୍କ ମଧ୍ୟରେ ଯାଇ ପ୍ରବିଷ୍ଟ ହେବାକୁ ପଡ଼ିବ ।

ଏଇଟି ଠିକ୍ କଥା । ଏହା ଠିକ୍ ସେହିପରି ହୋଇଥାଏ ।

ଜୀବନକୁ ସେମାନେ ଯେପରି ଭାବରେ ଦେଖିଥିଲେ, ସେଥିରେ ସେମାନଙ୍କ ମନରେ ଘୋର ଅତୃପ୍ତି ଜାତ ହୋଇଥିଲା; ଏହି ଜୀବନସ୍ଥିତରେ ଆଉ କେବେ କୌଣସି ଉନ୍ନତ ହୋଇ ପାରିବ ବୋଲି ସେମାନଙ୍କ ମନରେ ପ୍ରାୟ କୌଣସି ଆଶା ନଥିଲା । ତେଣୁ ସେମାନେ ଏହାକୁହିଁ ଆଦର୍ଶ ସମାଧାନ ବୋଲି ଅନୁଭବ କଲେ । ଏହାକୁ ମୁଁ ପଳାୟନ ବୋଲି କହୁଥାଏ, ତଥାପି···ଏହା ଆଦୌ ସେତେ ସହଜ କଥା ନୁହେଁ ! ମାତ୍ର ସେମାନଙ୍କ ଲାଗି ଏହାହିଁ ଆଦର୍ଶ ସମାଧାନ ବୋଲି ବୋଧ ହୋଇଥିଲା,—ହଁ, କିଛି ଦୂର ପର୍ଯ୍ୟନ୍ତ···କାରଣ···ହୁଏତ ଏହା ପରେ ମଧ୍ୟ ଅଭୁତ ଗୋଟିଏ ପଦକ୍ଷେପ ନେବାକୁ ହୋଇଥାଏ ।

ମାତ୍ର ଏଇଟି ହେଉଛି ଏକ ସତ କଥା । ଯଦି ଅମେ ଏହି ବିଶ୍ୱଜଗତ ମଧ୍ୟରେ ରହିବାକୁ ଇଚ୍ଛା କରୁଥାଉ, ତେବେ ଅମକୁ ଏହି ମନୋହର ଅନୁସରଣର ନିୟମଟିକୁ ସ୍ୱୀକାର କରିନେବାକୁ ହେବ, କାରଣ ଏହି ବିଶ୍ୱଜଗତ ହେଉଛି ମନୋହର ଭାବରେ ନିଙ୍ଗସିତ ହେବାରେ ଲାଗିଥିବା ଜଗତ । ମାତ୍ର ଯଦି ତୁମେ ଏକ ସ୍ଥାଣୁ ପରିପୂର୍ଣ୍ଣତା ହାସଲ କରିବାକୁ ଇଚ୍ଛା କରୁଥାଅ, ତେବେ ତୁମେ ଅନିବାର୍ଯ୍ୟରୂପେହିଁ ଏହି ଜଗତ ମଧ୍ୟରୁ ବହିର୍ନିକ୍ଷିପ୍ତ ହୋଇ ରହିବ, କାରଣ ତୁମେ ନିଜକୁ ତାହାର ସେହି ନିୟମଟି ମଧ୍ୟରେ ଅନ୍ତର୍ଗତ କରି ରଖି ନଥିବ ।

ତେଣୁ ଏଠାରେ ଏକ ନିର୍ବାଚନର ପ୍ରଶ୍ନ ଉଠୁଛି ।

କେବଳ, ଶ୍ରୀଅରବିନ୍ଦ ଅନେକ ସମୟରେ କହୁଥିଲେ : ଯେଉଁ ବ୍ୟକ୍ତିମାନେ ଏଠୁ ବାହାର ଚାଲିଯିବାକୁ ନିଷ୍ପତ୍ତି କରନ୍ତି, ସେମାନେ ଭୁଲି ଯାଆନ୍ତି ଯେ, ଯେଉଁ ଚେତନାଟି ଥିଲେ ଯାଇ ସେମାନେ ଆପଣାର ଏହି ନିର୍ବାଚନଟି ଲାଗି ଉପରାକୁ ଧନ୍ୟବାଦ ଦେଇ ପାରନ୍ତେ, ଏହି ସ୍ଥିତରେ ସେମାନେ ଯୁଗପତ୍ ଭାବରେ ସେହି ଚେତନାଟିକୁ ମଧ୍ୟ ହରାଇ ବସିବେ । ସେମାନେ ସେହି କଥାଟିକୁ ଏକାବେଳକେ ଭୁଲିଯାଆନ୍ତି ।

ଶ୍ରୀ

ଶ୍ରୀ - [illegible]

ଶ୍ରୀ - [illegible]

## ୨୫ ଜୁଲାଇ ୧୯୫୭

"ହୁଏତ ଏଭଳି ମଧ୍ୟ ବୁଝାଯାଇ ପାରିବ ଯେ ଦିବ୍ୟ ପ୍ରେମ ତଥା ଦିବ୍ୟ ଉପାସନାର ଯେକୌଣସି ପରିପୂର୍ଣ୍ଣ କାର୍ଯ୍ୟରେ ତିନୋଟି ଭିନ୍ନ ଭିନ୍ନ ଅଙ୍ଗ ରହିଛି, ଯାହାକି ଏକତ୍ର କେବଳ ଗୋଟିଏ ସମଗ୍ରତାକୁହିଁ ପ୍ରକାଶିତ କରିଦେଉଛି : ସେହି କର୍ମଟି ମଧ୍ୟରେ ପରମ ଦିବ୍ୟରୂପଙ୍କର କ୍ରିୟାତ୍ମକ ପୂଜା କରାଯାଉଛି, କର୍ମର ବାହ୍ୟ ରୂପଟିରେ କୌଣସି ଏକ ଦିବ୍ୟ ଦୃଷ୍ଟି ତଥା ଜିଜ୍ଞାସାକୁ ଅଥବା ପରମ ଦିବ୍ୟ ପୁରୁଷଙ୍କ ସହିତ ରହିଥିବା କୌଣସି ସମ୍ବନ୍ଧକୁ ପ୍ରକଟ କରି ଦେଉଥିବା ଏକ ପୂଜା-ପ୍ରତୀକ ମଧ୍ୟ ସେହି କ୍ଷେତ୍ରରେ ଅବସ୍ଥିତ ରହିଛି; ଏବଂ ତୃତୀୟ କଥାଟି ହେଉଛି, ହୃଦୟ, ଆତ୍ମା ତଥା ଚିଦ୍‌ଗତତା ମଧ୍ୟରେ ଏକତ୍ୱ ଅଥବା ଏକତ୍ୱର ଅନୁଭୂତି ଲାଗି ଏକ ଅନ୍ତର୍ଗତ ଶ୍ରଦ୍ଧାନୁଭବ ଏବଂ ଆକାଙ୍‌କ୍ଷା ମଧ୍ୟ ରହିଛି ।"

ଯୋଗସମନ୍ୱୟ, ୧୫୨-୫୩

ପ୍ରଥମ ଦୁଇଟି ଅଂଶକୁ ମୁଁ ଆଦୌ ଭଲ କରି ବୁଝି ପାରିଲି ନାହିଁ ।

ଏହିସବୁ କାର୍ଯ୍ୟର ଏକ ବିଶୁଦ୍ଧ ବାହ୍ୟ ଆକାର ମଧ୍ୟ ରହିଛି; ଉଦାହରଣସ୍ୱରୂପ, କେତେକ ଉପାସନା-ସମ୍ପ୍ରଦାୟରେ ଏପରି କେତୋଟି ରୀତି ରହିଛି, ଯେଉଁଥିରେ ଏକ ନିର୍ଦ୍ଦିଷ୍ଟ ଭଙ୍ଗୀ ବା ଏକ ନିର୍ଦ୍ଦିଷ୍ଟ ଅଙ୍ଗସଞ୍ଚାଳନକୁ ମଧ୍ୟ ଆପଣାକୁ ଉତ୍ସର୍ଗ କରିବାର ଅଭିବ୍ୟକ୍ତିରୂପେ ବ୍ୟବହାର କରା ଯାଇଥାଏ । ଏଇଟି ହେଉଛି ଏକାବେଳକେ ଏକ ବାହ୍ୟ କାର୍ଯ୍ୟ, ଉଦାହରଣସ୍ୱରୂପ, ଧୂପ ଜଳାଇବା, ପୂଜାଦ୍ରବ୍ୟଗୁଡ଼ିକୁ ସଜାଇ ରଖିବା, ଏପରିକି ଏକ ମନ୍ଦିରର ରକ୍ଷଣାବେକ୍ଷଣ କରିବା, ମୂର୍ତ୍ତି ସଜାଇବା,—ଏହି ସବୁଗୁଡ଼ିକୁ ଗୋଟିଏ ଗୋଟିଏ ବାହ୍ୟ ଆକାର ବୋଲି ବୁଝାଯିବ ।

ଦ୍ୱିତୀୟ ଅଂଶଟି ହେଉଛି ଗୋଟିଏ ପ୍ରକାରର ମାନସିକ ଉତ୍ସର୍ଗୀକରଣ, ଯାହାକି ସମ୍ପନ୍ନ କରା ଯାଉଥିବା କାର୍ଯ୍ୟଟିକୁ ଏକ ପ୍ରତୀକରେ ପରିଣତ କରି

'oaob.nitrkl.ac.in' images reprocessed

ଦେଇଥାଏ। ସେତେବେଳେ କେବଳ ଧୂପ ଜାଳିବାରେ ଆଦୌ ସନ୍ତୋଷ ଆସେ ନାହିଁ, ମାତ୍ର ଧୂପ ଜାଳିବା ସମୟରେ ସେହି କାର୍ଯ୍ୟଟିକୁ ଜଣେ ପ୍ରତୀକାତ୍ମକ କରିବା ଲାଗି ପ୍ରୟାସ କରୁଥାଏ; ଉଦାହରଣସ୍ୱରୂପ, ସେହି କାର୍ଯ୍ୟଟିକୁ ସେ ଶରୀର ମଧ୍ୟରେ ଜଳୁଥିବା ଅଭୀପ୍ସାର ଅଥବା ଅଗ୍ନି ସହିତ ଦଗ୍ଧ ଏବଂ ପବିତ୍ର ହୋଇ ଯାଉଥିବା ଏକ ଆତ୍ମ-ଦାନର ପ୍ରତୀକ ଭାବରେ ଗ୍ରହଣ କରେ। ଅର୍ଥାତ୍, ପ୍ରଥମେ କାର୍ଯ୍ୟଟି ସମ୍ପାଦିତ ହୁଏ, ତା'ପରେ ସେହି କାର୍ଯ୍ୟଟି ଜରିଆରେ ପ୍ରତୀକଟିକୁ ବ୍ୟକ୍ତ କରାଯାଏ ଏବଂ ଯେଉଁ କାର୍ଯ୍ୟଟିକୁ କରାଯାଉଛି, ତାହାକୁ ତା'ର ପ୍ରତୀକାତ୍ମକ ଅର୍ଥ ଦେଇ ହୃଦୟଙ୍ଗମ କରିବାକୁ ଚେଷ୍ଟା କରାଯାଏ।

ଏବଂ ପରିଶେଷରେ, ଏହି ଦୁଇଟିଯାକର ପଶ୍ଚାତରେ, ସଂଯୁକ୍ତ ହେବା ଲାଗି ଏକ ଅଭୀପ୍ସା ରହିଥାଏ: ଏହିପରି ଏକ ଅଭୀପ୍ସା ରହିଥାଏ ଯେ ଏହି ସବୁକିଛି, ଏହି ସବୁଯାକ କାର୍ଯ୍ୟ ଓ ସେଗୁଡ଼ିକରୁ ତୁମେ ଯେଉଁ ପ୍ରତୀକଟିକୁ ବାହାର କରୁଛ, ତାହା ଯେପରି ତୁମକୁ ସେହି ଦିବ୍ୟ ପରମସତ୍ତାଙ୍କର ଅଧିକରୁ ଅଧିକ ନିକଟବର୍ତ୍ତୀ କରି ଆଣିବାରେ ଏବଂ ତାଙ୍କ ସହିତ ସଂଯୁକ୍ତ ହେବା ଲାଗି ତୁମ ନିଜକୁ ଯୋଗ୍ୟ କରି ପାରିବାରେ କେବଳ ଏକ ସାଧନରୂପେ କାର୍ଯ୍ୟ କରିପାରିବ।

କାର୍ଯ୍ୟଟି ପରିପୂର୍ଣ୍ଣ ହୋଇ ପାରିବା ଲାଗି ଏହି ତିନୋଟିଯାକ କଥା ସେଥିରେ ରହିଥିବ: ଅର୍ଥାତ୍, ଏକ ବିଶୁଦ୍ଧ ବାହ୍ୟ କାର୍ଯ୍ୟ ରହିଥିବ, ତା'ପରେ କିଛି ମାନସିକ ସ୍ତରର ରହିଥିବ, ଏବଂ କିଛି ଚୈତ୍ୟ ସ୍ତରର ରହିଥିବ, ଅର୍ଥାତ୍ ଚୈତ୍ୟ ଅଭୀପ୍ସା ରହିଥିବ। ଯଦି ଅନ୍ୟ ଦୁଇଟି ନଥାଇ କେବଳ କୌଣସି ଗୋଟିଏ ରହିଥିବ, ତେବେ ତାହାକୁ ଅସମ୍ପୂର୍ଣ୍ଣ ବୋଲି କୁହାଯିବ। ସାଧାରଣତଃ, ଏହି ତିନୋଟିଯାକ ସଚେତନ ଭାବରେ ଖୁବ୍ କ୍ୱଚିତ୍‌ହିଁ ସଂଯୁକ୍ତ ହୋଇ ରହିଥାନ୍ତି। ମାତ୍ର ସେପରି ହୋଇପାରିଲେ ତଦ୍ୱାରା ଅତ୍ୟନ୍ତ ନିଷ୍ଠା ଏବଂ ଉତ୍ସର୍ଗଭାବ ରହିଥିବା ସନ୍ତମାନେ ସମ୍ଭବ ହୋଇପାରନ୍ତି, ସମ୍ପୂର୍ଣ୍ଣ ସତ୍ତାହିଁ ଆପଣାର ସକଳ ସ୍ତରରେ ସେହି କାର୍ଯ୍ୟଟିରେ ଅଂଶଗ୍ରହଣ କରିବାକୁ ସମର୍ଥ ହୁଏ।

(ମାଆ ନୀରବ ରହିଲେ)

(ମାଆ ଖଡ଼ାଏ ଲିଖିତ ପ୍ରଶ୍ନ ବାହାର କରି ଦେଖାଇଲେ)

ହଁ, ଏକଦା ପ୍ରଶ୍ନ ପାଇବା ବିଷୟରେ ଆମକୁ କେତେକ ଅସୁବିଧା ଭୋଗ କରିବାକୁ ପଡ଼ୁଥିଲା। ବର୍ତ୍ତମାନ ତ ଆମେ ଏକାବେଳକେ ଅନ୍ୟ ପ୍ରାନ୍ତଟିକୁ ଯିବାକୁ ବସିଲୁଣି! ମୋ ପାଖରେ ବର୍ତ୍ତମାନ ଏତେଗୁଡ଼ିଏ ପ୍ରଶ୍ନ ରହିଛି ଯେ ସେହି ସବୁଗୁଡ଼ିକର ଉତ୍ତର ଦେବାକୁ ହେଲେ ଆମକୁ ଏଠାରେ ଅଧରାତି ପର୍ଯ୍ୟନ୍ତ ବସିବାକୁ ପଡ଼ିବ! ତେଣୁ ବାଛି ବାଛି କେବଳ କେତୋଟି ପ୍ରଶ୍ନରହିଁ ଉତ୍ତର

'oaob.nitrkl.ac.in' images reprocessed

ଦେଉଛେବ···ଏଠି ଗୋଟିଏ ପ୍ରଶ୍ନ ଅଛି, ଯେଉଁଟି ହେଉଛି ଏକ ସାଧାରଣ ପ୍ରଶ୍ନ, ଏକ ବ୍ୟାବହାରିକ ପ୍ରଶ୍ନ ଏବଂ ସେଇଟି ମୋତେ ବେଶ୍ ଉପଯୁକ୍ତ ପ୍ରଶ୍ନଟି ପରି ଲାଗୁଛି ।

ମୁଁ ଲକ୍ଷ୍ୟ କରିଛି,—ପ୍ରକୃତରେ ଅଧିକାଂଶ ସମୟରେହିଁ ଲକ୍ଷ୍ୟ କରି ଦେଖିଛି ଯେ ମୁଁ ଯାହାକିଛି ଏଠାରେ କହେ, ତୁମମାନଙ୍କ ଭିତରୁ ଅଧିକାଂଶ ତାହାକୁ ପ୍ରକୃତରେ ଶୁଣୁ ନଥାନ୍ତି । ତାହାର ଫଳ ଏହିପରି ହୋଇଥାଏ ଯେ, ଅନେକ ସମୟରେ ମୁଁ ହୁଏତ ସବିସ୍ତାର କୌଣସି ପ୍ରଶ୍ନର ଉତ୍ତର ଦେଇ ସାରିଥାଏ ଏବଂ ଠିକ୍ ତା'ର ଅବ୍ୟବହିତ ପରେ ତୁମମାନଙ୍କ ଭିତରୁ କେହି ନା କେହି ମୋତେ ପୁନର୍ବାର ଠିକ୍ ସେହି ପ୍ରଶ୍ନଟିକୁ ପଚାରିବସେ, ଯେତେବେଳେ ଯେପରି ମୁଁ ସେବିଷୟରେ ଆଦୌ କିଛି ବି କହି ନାହିଁ ! ଏପରି କାହିଁକି ହୁଏ, ସେକଥା ମଧ୍ୟ ବେଶ୍ ବୁଝି ହେଉଛି : ତୁମେ ପ୍ରତ୍ୟେକେ ଆପଣା ଆପଣାର ଭାବନାରେହିଁ ଲୀନ ହୋଇ ରହିଥାଅ; ମୁଁ ଭାବୁଛି, ତୁମେମାନେ ଯେପରି ସ୍କୁଲରେ ବି କରିବାରେ ଅଭ୍ୟସ୍ତ ହୋଇ ରହିଥାଅ, ସେଠି ମନୋଯୋଗ ରହିଥିଲେ ତୁମେ ନିଜର ପାଠଟିକୁ ମୁଖସ୍ଥ କରିବାରେ ଲାଗିଥାଅ, ମାତ୍ର ଶିକ୍ଷକ କ'ଣ ପଚାରୁଛନ୍ତି ବା ଅନ୍ୟ ପିଲାମାନେ କି ଉତ୍ତର ଦେଉଛନ୍ତି, ସେସବୁକୁ କେବେହେଲେ କାନ ଦେଉ ନଥାଅ । ଏବଂ ତାହାର ଫଳରେ, କ୍ଲାସ୍‌ରେ ଏକାକୀ ନରହି ଅନ୍ୟମାନଙ୍କ ସହିତ ଏକାଠି ରହିବା ଦ୍ୱାରା ତୁମର ପ୍ରକୃତରେ ଯେତେବେଶୀ ଲାଭ ହୁଅନ୍ତା, ତୁମେ ତାହାର ବହୁ ଭାଗରୁ ଅନେକ ଭାଗ ଲାଭକୁ ହରାଇବସ । ଏଠାରେ ତ ଆହୁରି ଅଧିକ କ୍ଷତି ସହିବାକୁ ପଡ଼େ, କାରଣ ଏଠାରେ ମୁଁ କେବେହେଲେ ନିର୍ଦ୍ଦିଷ୍ଟ କୌଣସି ବ୍ୟକ୍ତି ଲାଗି କଦାପି କୌଣସି ବ୍ୟକ୍ତିଗତ ଉତ୍ତର ଦିଏ ନାହିଁ । ମୁଁ ସମସ୍ତଙ୍କ ଲାଗି ଉତ୍ତର ଦେଇଥାଏ, ସେଗୁଡ଼ିକ ଦ୍ୱାରା ସମସ୍ତେ ଉପକୃତ ହୋଇପାରିବେ ବୋଲି ସେସବୁ କହିଥାଏ । ଏବଂ ଯଦି, ସେହି କଥାଗୁଡିକୁ ନଶୁଣି ତୁମେ କେବଳ ନିଜ ମୁଣ୍ଡ ଭିତରେ ରହିଥିବା କଥାଗୁଡିକୁ ନେଇ ବ୍ୟସ୍ତ ହୋଇ ରହିଥାଅ, ତେବେ ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ ତୁମେ ତଦ୍ୱାରା କିଛି ଶିକ୍ଷା କରିବାର ଅବସରଟିକୁହିଁ ହରାଇ ବସ । ସେଇଟି ହେଲା ପ୍ରଥମ କଥା । ତେଣୁ, ଯଦି ତୁମେମାନେ ଏଠାରେ ରହିଛ, ତେବେ ପ୍ରଥମେ ଶୁଣ, ଆଉ ଅନ୍ୟ ବିଷୟରେ କିଛି ଭାବ ନାହିଁ···ମାତ୍ର କେବଳ ସେତିକ କଲେ ଯେ ଯଥେଷ୍ଟ ହୋଇଗଲା, ସେକଥା ଆଦୌ ନୁହେଁ, ସେଇଟା ହେଉଛି ଆରମ୍ଭ ମାତ୍ର : ଶୁଣିବାର ଗୋଟିଏ ମାତ୍ର ଭଲ ପଦ୍ଧତି ରହିଛି ଓ ଖରାପ ପଦ୍ଧତି ଅନେକ ରହିଛି ।

ସଙ୍ଗୀତକୁ କପରି ଭାବରେ ଶୁଣିବା ଉଚିତ, ସେକଥାଟି ଜାଣିଥିବା ଲୋକ ଅଛନ୍ତି ଓ ଶ୍ରଦ୍ଧା ସଙ୍ଗୀତ ପ୍ରତି ତୁମ ଭିତରୁ କାହାର ଅଛି କି ନାହିଁ, ମୋତେ

'oaob.nitrkl.ac.in' images reprocessed

କରା ନାହିଁ । ମାତ୍ର ଯଦି ତୁମେ ସଙ୍ଗୀତକୁ ପ୍ରକୃତରେ ଶୁଣିବାକୁ ଇଚ୍ଛା କରୁଥାଅ, ତେବେ ଆପଣାର ମସ୍ତିଷ୍କରେ ତୁମକୁ ଏକ ପରିପୂର୍ଣ୍ଣ ନୀରବତା ସୃଷ୍ଟି କରି ରଖିବାକୁ ହେବ, ଏପରିକି କୌଣସି ଗୋଟିଏ ଭାବନାକୁ ମଧ୍ୟ ତୁମେ ଅନୁସରଣ କରୁ ନଥିବ ଅଥବା ଗ୍ରହଣ କରୁ ନଥିବ ଏବଂ ସମ୍ପୂର୍ଣ୍ଣ ଭାବରେ ସକେନ୍ଦ୍ରିତ ହୋଇ ରହିଥିବ । ଏପରି ଏକ ପର୍ଦ୍ଦା ପରି ହୋଇ ରହିଥିବ, ଯାହାକି କେବଳ ଗ୍ରହଣ କରିଯାଉଛି, କୌଣସି ପ୍ରକାର କ୍ରିୟାଶୀଳତା ଅଥବା କୋଳାହଳକୁ ପ୍ରଶ୍ରୟ ଦେଉ ନାହିଁ, କେବଳ ସଙ୍ଗୀତର ସ୍ପନ୍ଦନଟିକୁହିଁ ଗ୍ରହଣ କରିବାରେ ଲାଗିଛି । ସଙ୍ଗୀତ ଶୁଣିବା ଲାଗି ଓ ତାହାକୁ ବୁଝିବା ଲାଗି ଏହି କେବଳ ଗୋଟିଏ ବାଟ ରହିଛି, ଅନ୍ୟ କୌଣସି ବାଟ ନାହିଁ । ମାତ୍ର ଯଦି ସେତେବେଳେ ତୁମେ ନିଜ ଭାବନାର ଏତେଟିକିଏ କ୍ରିୟାଶୀଳତା ବା ଖିଆଲକୁ ଭିତରକୁ ଆସିବା ଲାଗି ବାଟ ଛାଡ଼ିଦିଅ, ତେବେ ତୁମ ପକ୍ଷରେ ସଙ୍ଗୀତର ସମଗ୍ର ମୂଲ୍ୟଟିକୁ ଅବଧାରଣ କରିପାରିବା ଆଉ କଦାପି ସମ୍ଭବ ହେବ ନାହିଁ । ଏବଂ, ଯେଉଁ ଶିକ୍ଷାକୁ କେବଳ ଏକ ସାଧାରଣସ୍ତରୀୟ ବାହ୍ୟ ଶିକ୍ଷା ବୋଲି କୁହାଯାଇ ପାରିବ ନାହିଁ ଓ ଯାହା ତୁମ ଭିତରେ ଏକ ଅଧିକ ଗଭୀର ସ୍ତରରେ ରହିଥିବା କୌଣସି ସମ୍ପଦ ଲାଗି ଏକ ଉନ୍ମୋଚନ ସମ୍ଭବ କରିବା ପାଇଁ ପ୍ରୟାସ କରୁଥାଏ, ତାହାକୁ ବୁଝି ପାରିବା ଲାଗି ଏହି ନୀରବତାର ଆବଶ୍ୟକତାର ଏକ ଆହୁରି ଅଧିକ ମହତ୍ତ୍ୱ ରହିଛି । ଯଦି, ତୁମକୁ ଯାହା କୁହାଯାଉଛି, ତାହାକୁ ନ ଶୁଣି ତୁମେ ଆହୁରି ଗୋଟିଏ କିଛି ପଚାରିବ ବୋଲି ବିଚ୍ଛିନ୍ନ ହେବାକୁ ଆରମ୍ଭ କର ଅଥବା, ଆହୁରି ଅଧିକ ଭଲ ଭାବରେ ବୁଝିବାର ବାହାନାରେ କୁହା ଯାଇଥିବା କୌଣସି କଥାର ଆଲୋଚନା କରିବା ଲାଗି ମଧ୍ୟ ଆଗ୍ରହ ଦେଖାଇବାକୁ ଯାଅ, ତେବେ, ତୁମକୁ ଯାହାକିଛି କୁହା ଯାଉଥାଏ, ତାହା ଧୂଆଁ ପରି ତୁମର ଉପର ଦେଇ ଭାସି ଚାଲିଯାଏ ଓ ତୁମ ଉପରେ ତାହାର କୌଣସି ପ୍ରଭାବ ପଡ଼େ ନାହିଁ ।

ଠିକ୍ ସେହିପରି, ଯଦି ତୁମର କୌଣସି ଅନୁଭବ ହେଉଛି, ତେବେ, ଅନୁଭବଟି କରୁଥିବା ସମୟରେ ସେଇଟି ପ୍ରକୃତରେ କ'ଣ ବୋଲି ବୁଝିବାକୁ ଚେଷ୍ଟା କରିବା ତୁମ ପକ୍ଷରେ ମୋଟେ ଉଚିତ ହେବ ନାହିଁ, କାରଣ ତଦ୍ଦ୍ୱାରା ତୁମେ ତାହା ତତ୍କ୍ଷଣାତ୍ ଅନ୍ତର୍ହିତ ହୋଇଯିବାରେହିଁ ସାହାଯ୍ୟ କରିବ, ଅଥବା, ସେଇଟିକୁ ତୁମେ ବିକୃତ କରିଦେବ ଏବଂ ତାହାର ଶୁଦ୍ଧତାଟିକୁ ନଷ୍ଟ କରିଦେବ; ଠିକ୍ ସେହିପରି, କୌଣସି ଏକ ଆଧ୍ୟାତ୍ମିକ ଶିକ୍ଷା ତୁମ ଭିତରେ ପ୍ରବେଶ କରୁ ବୋଲି ଯଦି ତୁମେ ଇଚ୍ଛା କରୁଥାଅ, ତେବେ ଆପଣାର ମସ୍ତିଷ୍କ ଭିତରେ ତୁମକୁ ଏକାନ୍ତ ନିଶ୍ଚଳ ହୋଇ ରହିବାକୁ ପଡ଼ିବ, ଏପରି ଏକ ଦର୍ପଣ ପରି ନିର୍ମଳ ହୋଇଯିବାକୁ ପଡ଼ିବ, ଯାହାକି, ଜ୍ୟୋତିର କଣାଟିକୁ କେବଳ ଯେ ପ୍ରତିଫଳିତ

'oaob.nitrkl.ac.in' images reprocessed

କରାଯାଉଥାଏ, ତା' ନୁହେଁ, ତାହା ସେଇଟିକୁ ଆପଣା ଭିତରକୁ ଭେଦାଇ ମଧ୍ୟ ନେଇ ପାରୁଥାଏ, ତାହାକୁ ତୁମ ଭିତରେ ପ୍ରବିଷ୍ଟ କରାଇ ନେଉଥାଏ, ଭିତରେ ଅନେକ ଗଭୀରକୁ ନେଇ ଯାଉଥାଏ,—ଯେପରିକି ତୁମ ଚେତନାର ଗଭୀର ତଳରୁ ଏହା ପୁନର୍ବାର ଉନ୍ମେଷିତ ହୋଇ ଆସିପାରେ, ଜ୍ଞାନରୂପେ କୌଣସି ନା କୌଣସି ଦିନ ଉନ୍ମେଷିତ ହୋଇ ଆସିପାରେ ।

ମାତ୍ର ଯଦି ତୁମେ ତାହା ନକରୁଥାଅ, ତେବେ ତୁମେ କେବଳ ସମସ୍ତ ନଷ୍ଟ କରିବାରେହିଁ ଲାଗିଥାଅ ଏବଂ ଏହିପରି ଭାବରେ ମୋ ସମୟକୁ ବି ନଷ୍ଟ କରୁଥାଅ । ଏଇଟା ହେଉଛି ଏକ ପ୍ରମାଣିତ ସତ୍ୟ ଘଟଣା । ମୁଁ ଭାବୁଥିଲି ଯେ ମୁଁ ଏହି କଥାଟିକୁ ତୁମମାନଙ୍କୁ ଆଗରୁ ଏକାଧିକ ବାର କହିସାରିଛି, ମାତ୍ର ହୁଏତ ଏପରି ହୋଇଛି ଯେ ମୁଁ ସେଇଟିକୁ ତୁମମାନଙ୍କ ଲାଗି ଯଥେଷ୍ଟ ସ୍ପଷ୍ଟ କରି କହି ପାରି ନାହିଁ । ତୁମେମାନେ ଯିଏ ଏଠାକୁ ଆସିବାକୁ ଯଦି ମନ କରୁଛ, ତେବେ ନୀରବ ହୋଇ ଶୁଣିବାର ଅଭିପ୍ରାୟ ରଖିହିଁ ଏଠାକୁ ଆସିବ । ଏହାଦ୍ୱାରା କ'ଣସବୁ ଘଟେ, ତୁମେମାନେ ପରେ ସେକଥା ଜାଣିବ; ଏହି ନୀରବ ଦୃଷ୍ଟିକୋଣଟିର ଫଳଟିକୁ ତୁମେ ପରେ ଜାଣିବାକୁ ପାଇବ । ମାତ୍ର, ବର୍ତ୍ତମାନ ମୁହୂର୍ତ୍ତଟି ଲାଗି କେବଳ ଏହିପରି ହୋଇ (ମାଆ ଅଙ୍ଗଭଙ୍ଗୀ କରି ଦେଖାଇ ଦେଲେ) ରହିବାକୁ ପଡ଼ିବ, ନୀରବ, ନିଶ୍ଚଳ, ମନୋଯୋଗୀ ଓ ସକେନ୍ଦ୍ରିତ ହୋଇ ରହିବାକୁ ପଡ଼ିବ ।

ବାସ୍, ଏତିକି କଥା ।

ଦ୍ୱିତୀୟ ପ୍ରଶ୍ନଟି ହେଉଛି ପୁରାପୁରି ଏକ ବାହ୍ୟ କିସମର ପ୍ରଶ୍ନ—ଆପେକ୍ଷିକ ଭାବରେ ଏକ ବାହ୍ୟ କିସମର ପ୍ରଶ୍ନ । ମାତ୍ର ଏହା ଏକ ବେଶ୍ ଅପରିହାର୍ଯ୍ୟ ପ୍ରଶ୍ନ ବୋଲି ମନେ ହେଉଛି, କାରଣ ଆମର ଏଠି ହେଉଥିବା କ୍ରୀଡ଼ାଶିକ୍ଷା ବିଷୟରେ ପ୍ରଶ୍ନଟି ପଚରାଯାଇଛି, ଏବଂ, ଯେଉଁ ମାନସିକ ଭିତ୍ତିଟି ଉପରେ ଆମେ ଏଠାରେ ସେହି କାର୍ଯ୍ୟଟିକୁ ଆଧାରିତ କରି ରଖିଛୁ, ସାଧାରଣତଃ ତାହାରି ସହିତ ସଂପୃକ୍ତ ହୋଇ ରହିଛି । ଶ୍ରୀଅରବିନ୍ଦ ଏଗୁଡ଼ିକ ସମ୍ବନ୍ଧରେ ଲେଖିଛନ୍ତି, ମୁଁ ତ ଅନେକ ସମୟରେ କେତେ କ'ଣ ଲେଖିଛି, ସେଗୁଡ଼ିକୁ ତୁମମାନଙ୍କୁ ଏକାଧିକ ବାର ବୁଝାଇ ବି ଦେଇଛି; ମାତ୍ର ଭାରି ଦୁଃଖର ସହିତ କହିବାକୁ ପଡ଼ୁଛି ଯେ ସେସବୁ ତୁମର ଚେତନା ଭିତରେ ଆଦୌ ପ୍ରବେଶ କରି ପାରି ନାହିଁ ।

ତୁମେସବୁ କ'ଣ ଅନୁଭବ କରୁଛ ଅଥବା କରୁଛ, ସେସବୁ ବିଷୟରେ ମୁଁ କୌଣସି ମୂଲ୍ୟଘୋଷଣା କରିବାକୁ ଇଚ୍ଛା କରୁ ନାହିଁ, ମାତ୍ର, ଏଠାରେ ଯାହାକିଛି କରାଯାଉଛି, ସେସବୁ କାହିଁକି କରାଯାଉଛି, ତୁମେମାନେ ଅନ୍ତତଃ ସେତିକି ବୁଝିବ ବୋଲି ମୁଁ ନିଶ୍ଚୟ ଆଶା କରିବି; ଆପଣାକୁ ଏକ ପଶ୍ଚାଦ୍‌ମୁଖୀ ଅବେଗସ୍ରୋତରେ ଯିବାକୁ ଛାଡ଼ିଦେଇ, ସବୁକଥା "ସେହିପରି" କରାଯାଉଛି ବୋଲି ବାହାନା କରି, ତୁମର

'oaob.nitrkl.ac.in' images reprocessed

ବାପା ଅଜା, ତୁମର ଆତ୍ମୀୟସ୍ୱଜନ ଓ ବନ୍ଧୁମାନେ ଏବଂ ତୁମ ସାଙ୍ଗମାନଙ୍କର ଅଜାମାନେ, ଯେଉଁମାନେ କି ବାହାରେ ରହୁଛନ୍ତି, ସେମାନେ ଏହିପରି ଭାବରେ ଏବେ ମଧ୍ୟ ସବୁ କଥା କରୁଛନ୍ତି ଓ ଏହାକୁହିଁ ସେଗୁଡ଼ିକ କରିବାର ସ୍ୱାଭାବିକ ତଥା ଉପଯୁକ୍ତ ମାର୍ଗ ବୋଲି ବିଚାର କରୁଛନ୍ତି ବୋଲି ବାହାନା କରି, ବାହାରେ ଯାହାକିଛି କରାଯାଉଛି, ତାହାର ଅନୁକରଣ କରିବା ପରିବର୍ତ୍ତେ ତୁମେମାନେ ଏଠାରେ ଯାହା କରାଯାଉଛି, କାହିଁକି କରାଯାଉଛି, ତାହା ବୁଝ ବୋଲି ମୁଁ ନିଶ୍ଚୟ ଆଶା କରିବି ।

ଏକ ନିର୍ଦ୍ଦିଷ୍ଟ ଅଭିପ୍ରାୟରେ ଓ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖିହିଁ ପ୍ରକୃତି ମନୁଷ୍ୟଜାତିର ସୃଷ୍ଟି କରିଥିଲା ଏବଂ ସେହି ଲକ୍ଷ୍ୟଗୁଡ଼ିକର ସାଧନ ଲାଗି ପ୍ରକୃତି ସତ୍ତାଗୁଡ଼ିକୁ ଜନ୍ମ ଦେଇଛି ଏବଂ ସେମାନଙ୍କୁ ବିଶେଷ ଅଭ୍ୟାସ ଏବଂ ବିଶେଷ କର୍ତ୍ତବ୍ୟ ଦେଇ ରଖିଛି, ଏହି ଅର୍ଥରେ ମୁଁ ଉକ୍ତ କଥାଟିର ମୋଟେ ଖଣ୍ଡନ କରୁ ନାହିଁ । ତେଣୁ, ଯେତେବେଳେ ତୁମେ "ପ୍ରକୃତିସମ୍ମତ" କଥାଗୁଡ଼ିକ ବିଷୟରେ ଆଲୋଚନା କରୁଛ, ସେତେବେଳେ ଏଇଟା "ପ୍ରକୃତିସମ୍ମତ" ନୁହେଁ ବୋଲି ମୁଁ ତୁମମାନଙ୍କୁ ଆଦୌ କହିପାରିବି ନାହିଁ, କାରଣ ତାହାହିଁ ହେଉଛି ପ୍ରକୃତିର ମାର୍ଗ । ମାତ୍ର ତଥାପି, ମୁଁ ତୁମମାନଙ୍କୁ ଏହି କଥା ପୂର୍ବରୁ ବି କହିଛି ବୋଲି ମୋର ମନେହେଉଛି,—ଥରେ ନୁହେଁ, ଏକାଧିକ ଥର କହିଥିବି ବୋଲି ମନେହେଉଛି,—ଏବଂ ଶ୍ରୀଅରବିନ୍ଦ ମଧ୍ୟ ଥରେ ନୁହେଁ, ଏକାଧିକ ଥର ଏକଥା ଲେଖିଛନ୍ତି ଯେ ଅନ୍ୟ ନାନା ସ୍ଥାନରେ ଯାହା ହେଉଛି, ତାହାକୁ ଆଉଥରେ ଆରମ୍ଭ କରିବା ଲାଗି, ତାହାକୁହିଁ ସବୁ ଦିନ ଲାଗି ସ୍ଥାୟୀ ରଖିବା ଲାଗି ଓ କରୁଥିବା ଲାଗି ଆମେ ଏଠାରେ ରହି ନାହୁଁ । ଏବଂ ଆମର ଶିକ୍ଷାକେନ୍ଦ୍ରରେ ଆମେ ସେହି କଥାଟିକୁହିଁ ଏକ ମୂର୍ତ୍ତ ରୂପ ଦେଇ ରଖିଛୁ; କାରଣ, କାହାର ମନରେ ଆଦୌ କୌଣସି ଆଘାତ ନଦେଇ ମୁଁ ଅବଶ୍ୟ ଏକଥା କହିବି ଯେ ଜୀବନର ଅନେକ କିଛି ଦେଖି ସାରିବା ପରେ, ପିଠି ଉପରେ ଏକ ଅନ୍ୟ ଅତୀତର ଭାରି ବୋଝଟିକୁ ବହନ କରି ଯେଉଁମାନେ ଏଠାକୁ ଆସନ୍ତି, ସେମାନଙ୍କ ପକ୍ଷରେ ସଙ୍ଗେସଙ୍ଗେ ଆପଣାର ଦୃଷ୍ଟିଭଙ୍ଗୀ ଓ ଦୃଷ୍ଟିକୋଣକୁ ବଦଳାଇବା ପ୍ରକୃତରେ ଭାରି କଷ୍ଟକର ହୋଇଥାଏ; ମାତ୍ର ତୁମେ ଯଦି ଅତ୍ୟନ୍ତ ଅଳ୍ପ ବୟସରୁ କେତେକ ପିଲାଙ୍କୁ ଏଠାରେ ଗ୍ରହଣ କର, ଯେଉଁମାନେ କି ଟିକିଏ ବେଶୀ ନଷ୍ଟ ହୋଇଯାଇ ନାହାନ୍ତି—କାରଣ ସେମାନେ ସବୁବେଳେ ନଷ୍ଟହିଁ ହୋଇ ଯାଇଥାନ୍ତି,—ମାତ୍ର ଯେଉଁମାନେ କି ଗତାନୁଗତିକ ଶିକ୍ଷା, ଆପଣାର ପରିବାରରୁ ଲାଭ କରିଥିବା ନାନା ଧାରଣା, ପିତାମାତାଙ୍କ ଜରିଆରେ ଗଢ଼ି ଆସିଥିବା କୁଳାଗତ କେତେକେତେ ସଂସ୍କାର ପ୍ରଭୃତି ଦ୍ୱାରା ଅତ୍ୟଧିକ ପରିମାଣରେ ନଷ୍ଟ ହୋଇଯାଇ ନଥାନ୍ତି, ତେବେ ସେମାନଙ୍କ ଚେତନାକୁ ଉପଯୁକ୍ତ ପଥରେ ପରିଚାଳିତ କରିବା

'oaob.nitrkl.ac.in' images reprocessed

ଲାଗି ଏବଂ ଦେଖାଇ ପାରିବା ଭଳି କିଛି ମୂର୍ତ୍ତି ଫଳ ପାଇ ପାରିବା ଲାଗି ନିଶ୍ଚୟ ଏକ ଅବସର ରହିଥିବ ।

ସତ କଥା କହିବାକୁ ଗଲେ, ଆମର ପ୍ରକୃତରେ କୌଣସି ବିଷୟରେ ଆଦୌ କୌଣସି ଅଭିଯୋଗ କରିବାକୁ ନାହିଁ, କାରଣ ଆମ ପାଖରେ ଅମୋଘ ପ୍ରମାଣମାନ ମହଜୁଦ ରହିଛି ଯେ, ଯଦି ଏହିଟିକୁ କରିବାର ଉଚିତ ଧାରାଟି ଜଣାଥିବ, ତେବେ ଆମେ ଯାହାକିଛି ହେବ ବୋଲି ଦାବି କରୁଛୁ, ତାହା ନିଶ୍ଚୟ ସମ୍ଭବ ହେବ ।

ଆମେ ପ୍ରକୃତରେ ଏହି କଥା ଦାବି କରୁଛୁ : ଯଦି ପରିବେଶ ସମାନ ରହେ, ସେହି ଗୋଟିଏ ପ୍ରକାରର ଶିକ୍ଷା ଓ ସମ୍ଭାବନାଚୟ ଯଦି ମହଜୁଦ ରହିଥାନ୍ତି, ତେବେ ଆମେ ଯେଉଁମାନଙ୍କୁ ଅଲଗା କରି ପୁରୁଷ ଓ ସ୍ତ୍ରୀ ବୋଲି କହୁଛୁ, ସେମାନଙ୍କ ମଧ୍ୟରେ କୌଣସି ଅବଶ୍ୟମ୍ଭାବୀ ବିଭେଦ କରିବା, କୌଣସି ପ୍ରକାର ଚରମ ଏବଂ ଅଖଣ୍ଡନୀୟ ଭେଦ ନିରୂପଣ କରିବା ଲାଗି ଆଦୌ କୌଣସି କାରଣ ରହନ୍ତା ନାହିଁ । ଆମେ ତ ବିଚାର କରୁଛୁ ଯେ ସ୍ତ୍ରୀ ଓ ପୁରୁଷ ମଧ୍ୟରେ ଗୋଟିଏ ଆତ୍ମା ବିରାଜିତ ରହିଛି । ଯେପରି ମୁଁ ପ୍ରଥମେ କହିଥିଲି, ଏକଥା ସତ୍ୟ ଯେ ଆପଣା ଆବଶ୍ୟକତା-ଗୁଡ଼ିକର ପୂର୍ତ୍ତି ଲାଗି ଓ ଆପଣା ଉଦ୍ଦେଶ୍ୟଗୁଡ଼ିକର ସାଧନ ଲାଗି ପ୍ରକୃତି ଆପଣାର ଅଭିବ୍ୟକ୍ତିଗୁଡ଼ିକୁ ଭିନ୍ନ ଜାଗାରେ ଭିନ୍ନ ଭିନ୍ନ କରି ରଖିଛି; ମାତ୍ର, ଯଦି ଆମର ଆବଶ୍ୟକତା ଏବଂ ଉଦ୍ଦେଶ୍ୟଗୁଡ଼ିକ ଅନ୍ୟ ଏକ ପ୍ରକାରର ହୋଇଥାଏ ଏବଂ ପ୍ରକୃତି ଚରମ ଏବଂ ଅକାଟ୍ୟ ବୋଲି କଳ୍ପନା କରି ନେଇଥିବା ଭୌତିକ ଲକ୍ଷ୍ୟଗୁଡ଼ିକୁ ଯଦି ଆମେ ପ୍ରକୃତରେ ସ୍ୱୀକାର ନକରୁ, ତେବେ ସମ୍ପୂର୍ଣ୍ଣ ଆଉ ଏକ ଧାରାରେହିଁ ଚେତନାର ବିକାଶସାଧନ କରିବା ଲାଗି ଆମେ ନିଶ୍ଚୟ ଚେଷ୍ଟା କରି ପାରିବା ।

ମାତ୍ର, ଦୁର୍ଭାଗ୍ୟବଶତଃ, ଆମେ ଗୋଟିଏ କଥା ଲକ୍ଷ୍ୟ କରିବାକୁ ପାଉଛୁ । ବର୍ଷ ପରେ ବର୍ଷ ଅତିବାହିତ ହୋଇ ଯାଉଥିବା ସଙ୍ଗେ ସଙ୍ଗେ ସ୍ଥାନ ସ୍ଥାନ ଝିଅମାନେ ଯେମିତି ବଡ଼ ବଡ଼ ଝିଅ ହୋଇ ବଢ଼ି ଆସୁଛନ୍ତି, ହଠାତ୍ ଦେଖିବାକୁ ମିଳୁଛି ସେମାନେ ସତେଅବା ଆପଣାକୁ ଗୋଟିଏ ଗୋଟିଏ ଝିଅ ବୋଲି ସ୍ମରଣ କରିବାକୁ ଆରମ୍ଭ କରୁଛନ୍ତି, ସେମାନଙ୍କୁ ସୁନ୍ଦରୀ ହେବାକୁ ପଡ଼ିବ, ଅନ୍ୟମାନଙ୍କୁ ଖୁସୀ କରିବାକୁ ପଡ଼ିବ, ଏକ ବିଶେଷ ଢଙ୍ଗରେ ପରିଚ୍ଛଦ ପିନ୍ଧିବାକୁ ପଡ଼ିବ, ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିବା ଲାଗି କୃତ୍ରିମ ପନ୍ଥପାଟୀଙ୍କୁ ଓ ପରିଧାନ ବ୍ୟବହାର କରିବାକୁ ପଡ଼ିବ, ଏହିସବୁ ବିଷୟ ସେମାନଙ୍କର ମନେ ପଡ଼ିଯାଉଛି । ଏବଂ ଏହାଫଳରେ ଆମ କାର୍ଯ୍ୟର ସମସ୍ତ ପରିଣାମଟି ସତେଅବା ଭୁଷୁଡ଼ି ପଡ଼ୁଛି ।

କେତେକ ଏପରି ଅଛନ୍ତି,—ସାଧାରଣ ନିୟମ ଭିତରେ ସର୍ବଦାହିଁ କେତେ ଜଣ ବ୍ୟତିକ୍ରମ ହୋଇ ରହିଥାନ୍ତି,—ଯେଉଁମାନେ କି ସବୁ କଥାକୁ ଠିକ୍ ଭାବରେ

'oaob.nitrkl.ac.in' images reprocessed

ବୁଝିଛନ୍ତି ଏବଂ ସେହି ଅନୁସାରେ ଚଳିବାକୁ ଚେଷ୍ଟା କରୁଛନ୍ତି । ମାତ୍ର, ଏମାନଙ୍କ ଭିତରେ ମଧ୍ୟ ପ୍ରାୟ ପଶ୍ଚାଦ୍‌ଭାଗରେ ଠିକ୍ "ଅନ୍ୟମାନଙ୍କ ପରି" ନହେବା ଲାଗି ସେହି ସାନ ଆତ୍ମସନ୍ତୋଷଟି ତଥାପି ରହିଛି, ଅନ୍ୟମାନେ ଯାହା କରି ନପାରୁଛନ୍ତି, ସେକଥା ନିଜେ କରି ପାରୁଥିବାର ଏକପ୍ରକାର ଆତ୍ମସନ୍ତୋଷ ରହିଛି; ଏବଂ ଏଇଟି ଯେପରି ସ୍ପଷ୍ଟ ଭାବରେ ବାରିହୋଇ ପଡ଼ିବ ସେଥିଲାଗି ସେମାନେ ଆପଣାକୁ ଅନ୍ୟମାନଙ୍କ ସହିତ ତୁଳନା ବି କରିବାରେ ଲାଗିଛନ୍ତି ।

ହଁ, ମୁଁ ସେହିପରି ଏକ ଅବସର ବିଷୟରେ ତୁମମାନଙ୍କୁ ବର୍ତ୍ତମାନ କହୁଛି । ତୁମମାନଙ୍କ ଭିତରୁ ଜଣେ ଯେଉଁ ପ୍ରଶ୍ନ କରିଛନ୍ତି, ସେଇଥିରୁ ଆଉ ଗୋଟିଏ ପ୍ରଶ୍ନହିଁ ଉତ୍ଥାପିତ ହେଉଛି; ଏବଂ ମୁଁ ଆଶା କରୁଛି ଯେ, ପ୍ରକୃତ ତଥ୍ୟ ଉପରେ ଜୋର୍ ଦେଇ ଯଦି ମୁଁ ବିସ୍ତୃତ ଭାବରେ ତୁମମାନଙ୍କୁ କଥାଟିକୁ ବୁଝାଇ କହିଦିଏ, ତେବେ ଆମେ ହୁଏତ ନୂଆ କରି ସବୁକିଛି ଆରମ୍ଭ କରିବାକୁ ସମର୍ଥ ହେବା ଏବଂ ଅଧିକ ସମ୍ପୂର୍ଣ୍ଣ ଓ ଅଧିକ ସ୍ପଷ୍ଟ କିଛି ନା କିଛି ଉପଲବ୍ଧି କରି ପାରିବା ।

ବର୍ତ୍ତମାନ ଆମେ ସମ୍ପୂର୍ଣ୍ଣ ସାଂସାରିକ କେତୋଟି ବିଷୟରେ ଆଲୋଚନା କରିବା : କେହି ଜଣେ କ୍ରୀଡ଼ାକୌଶଳର କ୍ଷେତ୍ରରେ ପ୍ରକୃତ ସଫଳତା ଲାଭ କରିଛି ଏବଂ ଗୋଟିଏ ବିଷୟରେ ପ୍ରଥମ ହୋଇ ପାରିଛି । ଏହି କେହି ଜଣେ ହେଉଛି ଜଣେ ଝିଅ, ସୁବିଧା ଦୃଷ୍ଟିରୁ ଆମେ ତାହାକୁ ଏହିପରି ସମ୍ବୋଧନ କରିପାରିବା । ଏବଂ, କ୍ରୀଡ଼ାରେ ଭଲ କରିଥିବାର ସନ୍ତୋଷଟିକୁ ଲାଭ କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କଠାରୁ ଅଧିକ ଭଲ କରିପାରିଛି ବୋଲି ବି ସିଏ କହିକରି ସନ୍ତୋଷ ଲାଭ କରୁଥିଲା ଏବଂ ମୋତେ ଆସି ପଚାରିଲା :

"ଝିଅମାନଙ୍କର ରେକର୍ଡ଼କୁ ଘୋଷଣା କରାଯାଏ ନାହିଁ କାହିଁକି ?"

ମୁଁ ଭାବୁଛି, ଆମେ ବାରବାର ଓ ଅନେକ ଥର ଏକଥା କହି ଆସିଛୁ ଯେ ଏଠାରେ "ଝିଅମାନଙ୍କର" କୌଣସି ରେକର୍ଡ ନାହିଁ ଅଥବା "ପୁଅମାନଙ୍କର" କୌଣସି ରେକର୍ଡ ନାହିଁ, କେବଳ ବିଭିନ୍ନ ଗୋଷ୍ଠୀବୃନ୍ଦଙ୍କର ରେକର୍ଡ ରହିଛି । ଗୋଟିଏ ସବୁଜ ଗୋଷ୍ଠୀ ରହିଛି—ତା' ଭିତରେ କେତୋଟି ଉପଗୋଷ୍ଠୀ ବି ରହିଛି, ନାଲି ଗୋଷ୍ଠୀ ଅଛି, ଧୂସର ଗୋଷ୍ଠୀ ଅଛି, ନୀଳ ଓ ଖାକି ଗୋଷ୍ଠୀମାନ ବି ରହିଛି, ଏବଂ ଧଳା ଗୋଷ୍ଠୀ ରହିଛି । ହଁ, ତୁମେ ମୋତେ ଅବଶ୍ୟ କହିପାରିବ ଯେ ଏଥିରୁ କେତେଗୁଡ଼ିଏ ହେଉଛନ୍ତି ସମ୍ପୂର୍ଣ୍ଣ ଭାବରେ ପୁଅଙ୍କର ଗୋଷ୍ଠୀ ବା ସମ୍ପୂର୍ଣ୍ଣ ଭାବରେ ଝିଅଙ୍କର ଗୋଷ୍ଠୀ । ବର୍ତ୍ତମାନ ଯେପରି କହୁଥିଲି, ମୁଁ ଠିକ୍ ସେହିପରି ଭାବରେ ତାହାର ଉତ୍ତର ଦେଇ କହିବି ଯେ, ଯଦି କେହି ଅତି ପିଲା ବୟସରୁ ଏଠାକୁ



'oaob.nitrkl.ac.in' images reprocessed

ନଥାଏ, ତେବେ ତା'ର ଅଭ୍ୟାସମାନ ବଦଳାଇବା ପ୍ରକୃତରେ ବଡ଼ କଷ୍ଟକର ହୋଇ ପଡ଼ିବ ଏବଂ ସେଇଥି ସକାଶେହିଁ ପୃଥକ୍‌କରଣ ବି ଆବଶ୍ୟକ ହୋଇଛି । ମାତ୍ର ଏହାକୁ ଏକ ଆଦର୍ଶ ବୋଲି କଦାପି କୁହା ଯିବ ନାହିଁ । "ଆଗରୁ କୌଣସି ଝିଅ ଯାହା କରି ପାରି ନଥିଲା, ଗୋଟିଏ ଅତ୍ୟନ୍ତ ପ୍ରତିଭାଶାଳୀ ଝିଅ ତାହା କରିପାରିଛି" ବୋଲି ଭାରି ଆଡ଼ମ୍ବର ଦେଖାଇ ଆମର ଏଠାରେ ଯଦି ଘୋଷଣା କରାଯିବାର ଘଟଣାଟି ଘଟେ, ତେବେ ତାହାକୁ ପ୍ରକୃତରେ କେଡ଼େ ବଡ଼ ପତନ ବୋଲି କୁହା ନଯିବ ! ଏହା ଯେ କେବଳ ଗର୍ବୀ ହେବା ଲାଗି ଉତ୍ସାହ ଦିଏ, କେବଳ ସେତିକି ନୁହେଁ,—ଗର୍ବୀ ହେବା ତ ଆଦୌ ଭଲ ନୁହେଁ,—**ଗୋଟିଏ ଝିଅ** ଏହି କାର୍ଯ୍ୟଟିକୁ କରି ପାରିଲା, ଏପରି କହିବା ଦ୍ୱାରା ଏହି କଥାଟି ଉପରେ ଭାରି ମହତ୍ତ୍ୱ ଦିଆଯାଏ । କିନ୍ତୁ ପ୍ରକୃତ କଥା ହେଉଛି, ଗୋଟିଏ ଝିଅ ଯେ ଏକଥା କଲା, ଏହି କ୍ଷେତ୍ରରେ ସେହି କଥାଟି କଦାପି ଅସଲ କଥା ନୁହେଁ; ମାତ୍ର ସିଏ ଯେ ଭାରି ଭଲ ଫଳ ଦେଖାଇଲା ଏବଂ ଅନେକ ପୁଅ ପିଲା ଥାଇ ମଧ୍ୟ ସେମାନେ ଯେ ସେପରି ଫଳ ଦେଖାଇ ପାରିଲେ ନାହିଁ, ତାହାହିଁ ହେଉଛି ଅସଲ କଥା । ମାତ୍ର, ଯେତେବେଳେ ଏହି ଝିଅଟିକୁ ସେତେ ଭଲ କରି ନଥିବା ଅନ୍ୟ ଝିଅଙ୍କ ସହିତ ତୁଳନା କରାଯାଇ ଏହି ଚମତ୍କାର କଥାଟିକୁ ଅଧିକ ବଡ଼ କରି ଦେଖାଇବାର ଚେଷ୍ଟା କରାଯାଏ, ସେତେବେଳେ ଅବସ୍ଥା ପ୍ରକୃତରେ ଦୟନୀୟ ହୋଇପଡ଼େ ।

ତେଣୁ, ମୋତେ ଏହିପରି ଏକ ପ୍ରଶ୍ନ ପଚରା ଯାଇଥିଲା । ମୁଁ ଭାବୁଛି, ବର୍ତ୍ତମାନ ମୁଁ ତୁମମାନଙ୍କୁ ଯାହା କହୁଥିଲି, ଅର୍ଥାତ୍ ଏଠାରେ ପୁଅ ବା ଝିଅଙ୍କର କୌଣସି ରେକର୍ଡ଼ ନାହିଁ, କେବଳ ଗୋଷ୍ଠୀମାନଙ୍କର ଯେ ରେକର୍ଡ଼ ରହିଛି, ପ୍ରଶ୍ନ ପଚାରିଥିବା ବ୍ୟକ୍ତି ତଦ୍ୱାରା ତାହାର ଉତ୍ତରଟିକୁ ନିଶ୍ଚୟ ପାଇ ଯାଇଛନ୍ତି ।

ମାତ୍ର ସେତିକି କଦାପି ଯଥେଷ୍ଟ ନୁହେଁ । ମୋତେ ଏପରି କୁହାଯାଇଛି ଯେ କେତେକ,—ଅନେକ ନୁହେଁ, ମାତ୍ର ଶହ ଶହ ଅଛି, ବିଶେଷ କରି ବାହାର ଜଗତର ଯାବତୀୟ ଧାରଣା ନେଇ ଯେଉଁମାନେ ବାହାରୁ ଏଠାକୁ ଆସନ୍ତି, ସେହିମାନଙ୍କଠାରୁ, —ଏହି ପ୍ରଶ୍ନଟିକୁ ଶୁଣିଛନ୍ତି :

"ପୁଅ ଝିଅ ଉଭୟଙ୍କ ପାଇଁ ତୁମର ଏଠାରେ କାହିଁକି ଏକା ପ୍ରକାରର ଶାରୀରିକ ବ୍ୟାୟାମ ରହିଛି ?"

ଅନେକ ଲୋକ ଏପରି ଅଛନ୍ତି, ଯେଉଁମାନେ କି ଏହାକୁ ଏକ କଳଙ୍କ ବୋଲି ବିଚାର କରୁଛନ୍ତି; ଆଉ କେତେକ ଏହାକୁ ଶାରୀରିକ ଓ ମାନସିକ ଦୃଷ୍ଟିକୋଣରୁ ସ୍ପଷ୍ଟତଃ ଏକ ଭୁଲ ବୋଲି କହୁଛନ୍ତି । "ଝିଅମାନଙ୍କ ଲାଗି ଏଠାରେ

'oaob.nitrkl.ac.in' images reprocessed

ବିଶେଷ ବ୍ୟବସ୍ଥା କରି ଯାଇ ନାହିଁ କାହିଁକି, ସେମାନଙ୍କଠାରୁ ଅଲଗା ପ୍ରକାରର ବ୍ୟବସ୍ଥା କରି ଯାଇ ନାହିଁ କାହିଁକି ?"—ଏପରି ଏକ ପ୍ରଶ୍ନ ଉଠାଇ ତା'ପରେ ସେମାନେ ଏହି ମହାନ୍ ଯୁକ୍ତିଟିକୁ ଆଣି ବାଢ଼ିଥାନ୍ତି : "ସବୁଠାରେ ଯେପରି ହୁଏ, ଏଠାରେ ମଧ୍ୟ ସେହିପରି କରି ଯାଉ ନାହିଁ କାହିଁକି ?"

ଆଚ୍ଛା,—ଆପଣମାନଙ୍କୁ ଅନେକ ଧନ୍ୟବାଦ । ତେବେ ଆମର ଏଠି ଏକ ଆଶ୍ରମ ଅଛି ବା କାହିଁକି ? ଗୋଟାଏ ଶିକ୍ଷାକେନ୍ଦ୍ର ବା କାହିଁକି ଅଛି ? ଯଦି ସବୁ ସ୍ଥାନରେ ହିଁ ଗୋଟିଏ ପ୍ରକାରର କଥା କରାଯାଉଛି, ତେବେ ଏଠାରେ ସେଗୁଡ଼ାକର ପୁନରାବୃତ୍ତି କରିବାର ବା କି ପ୍ରୟୋଜନ ରହିଛି; ଆମେ କ'ଣ ସେହିସବୁ କଥାକୁ ସେମାନଙ୍କଠାରୁ କେବେହେଲେ ଅଧିକ ଭଲ ଭାବରେ କରିପାରିବୁ ?

ଏବଂ ସେମାନେ ଯେତେବେଳେ ମୋ ଆଗରେ ଆସି ଏହି ଯୁକ୍ତିଟିକୁ ବାଢ଼ିଲେ, ସେତେବେଳେ ସେମାନେ ମୋତେ ତା'ଠାରୁ ଅଧିକ ନିର୍ବୋଧ ବୋଲି ମନେ ହେଉଥିବା ଆଉ କିଛିହେଲେ କହି ପାରି ନଥିଲେ । ସବୁ ଜାଗାରେ ଏହିପରି କରାହେଉଛି ? ତେବେ ଏହାକୁ ନକରିବା ଲାଗି ତାହାହିଁ ଯଥାର୍ଥ କାରଣଟି ହୋଇ ରହିବା ଉଚିତ । କାରଣ, ଅନ୍ୟମାନେ ଯାହା କରୁଛନ୍ତି, ଆମେ ଯଦି କେବଳ ସେତିକି କରିବା, ତେବେ ତାହା କରିବାର ଆଉ କୌଣସି ପ୍ରୟୋଜନ ରହିବ ନାହିଁ, ସେହି ମିଛଲାରେ ବି କୌଣସି ପ୍ରୟୋଜନ ରହିବ ନାହିଁ । ଯାହା ବର୍ତ୍ତମାନ ପୃଥିବୀରେ ହୋଇ ନାହିଁ, ଆମେ ଖାସ୍ ସେହିପରି କିଛି ପୃଥିବୀରେ ଆଣି ପ୍ରବର୍ତ୍ତନ କରିବାକୁ ଚାହୁଁଛୁ । ମାତ୍ର ଯଦି ଆମେ ସେହି ପୃଥିବୀର ଯାବତୀୟ ଅଭ୍ୟସ୍ତତାକୁ ଅକ୍ଷୁଣ୍ଣ କରି ରଖିଥିବା, ପୃଥିବୀର ସବୁଯାକ ପୁରୁଣା ରୂପକୁ ଯଦି କାଏମ୍ କରି ରଖିଥିବା, ସବୁଯାକ ରଚନାକୁ ଯଦି ଯେମିତ ସେମିତ ରଖିଥିବା, ତେବେ ଆମେ କପରି ଯେ ଏହି ଗୁଡ଼ାକରୁ ବାହାରିଯାଇ ପାରିବା ଏବଂ ନୂତନ କିଛି କରିବା ଲାଗି ସମର୍ଥ ହେବା, ମୁଁ ତାହାର ଆଉ କୌଣସି ବାଟ ଦେଖି ପାରୁ ନାହିଁ ।

ପିଲାଏ, ତୁମମାନଙ୍କୁ ମୁଁ କେତେ ପ୍ରକାରେ ଟାଣ ଓ ନରମ କେତେ ଭାବରେ କେତେ ଥର କହିଛି : ଏଠାରେ ତୁମର ରହିବାରୁ ଯଦି ତୁମେମାନେ ପ୍ରକୃତରେ ଲାଭବାନ୍ ହେବାକୁ ଇଚ୍ଛା କରୁଛ, ତେବେ କୌଣସି ଉଚ୍ଚତର କିଛି ଉପରେ ଆଧାରିତ ହୋଇ ରହିଥିବା ଏକ ନୂତନ ଦୃଷ୍ଟି ଓ ନୂତନ ବୋଧଶକ୍ତି ଦ୍ୱାରା ତୁମେ ଯାବତୀୟ ବିଷୟ ଉପରେ ଦୃଷ୍ଟିପାତ କର ଏବଂ ସେଗୁଡ଼ିକୁ ବୁଝିବାକୁ ଚେଷ୍ଟା କର; ଅଧିକ ଗଭୀର, ଅଧିକ ବ୍ୟାପକ, ଅଧିକ ସତ୍ୟଯୁକ୍ତ, ଯାହା ବର୍ତ୍ତମାନ ସମ୍ଭବ ହୋଇ ପାରି ନାହିଁ ସତ, ମାତ୍ର ଦିନେ ନା ଦିନେ ଅବଶ୍ୟ ପ୍ରତିଷ୍ଠିତ ହେବ, ସେହିପରି କିଛି ଉପରେ ଆଧାରିତ ଦୃଷ୍ଟି ଓ ବୋଧ ଦ୍ୱାରା ତୁମେମାନେ ସବୁକିଛିକୁ ଦେଖିବାକୁ ଏବଂ ବୁଝିବାକୁ ଚେଷ୍ଟା କର । ଏବଂ, ଏହି ଭବିଷ୍ୟତଟିକୁ ନିର୍ମାଣ

କରିବା ଲାଗି ଇଚ୍ଛା କରିଥିବାରୁହିଁ ଆମେ ଏହି ବିଶେଷ ଦୃଷ୍ଟିଭଙ୍ଗୀଟିକୁ ଗ୍ରହଣ କରିଛୁ ।

ମୁଁ ତୁମମାନଙ୍କୁ କହିରଖୁଛି ଯେ ଆମ ସ୍ଥିତିଟିର ଯଥାର୍ଥତା ଏବଂ ସତ୍ୟଟି ବିଷୟରେ ଆମ ପାଖରେ ବେଶ୍ ମୂର୍ତ୍ତ ପ୍ରମାଣମାନ ବି ମହଜୁଦ ରହିଛି, ମାତ୍ର… ସେହି ପ୍ରମାଣଗୁଡ଼ିକ ଆଦୌ ସ୍ଥାୟୀ ନୁହନ୍ତି । କାହିଁକି ନୁହନ୍ତି ? କାରଣ, ସାଧାରଣ ଚେତନାର ସେହି ପୁରୁଣା ଅସ୍ପୃତନଟା ମଧ୍ୟରେ ପୁନର୍ବାର ପ୍ରବେଶ କରିବା ପ୍ରକୃତରେ ଏକ ଅତ୍ୟନ୍ତ ସହଜ କଥା, ଏବଂ ଶିଡ଼ିଟିର ସବା ଉପର କାଠିରେ ଠିଆହୋଇ ସେହିଠାରୁହିଁ ପୃଥିବୀକୁ ଅବଲୋକନ କରିବାଠାରୁ ଅଧିକ କଷ୍ଟକର ବ୍ୟାପାର ମଧ୍ୟ ଆଉ କିଛିହେଲେ ନାହିଁ ।

ପ୍ରକୃତର ଚିରାଚରିତ ବ୍ୟବସ୍ଥାଗୁଡ଼ିକ ପଛରେ ଲକ୍ଷ ଲକ୍ଷ ବର୍ଷର ଅଭ୍ୟସ୍ତତା ବଦ୍ଧମୂଳ ହୋଇ ରହିଥିଲେହେଁ ଆମେ ସେହି ବ୍ୟବସ୍ଥାଗୁଡ଼ିକୁ ମୋଟେ ମାନିବାକୁ ଇଚ୍ଛା କରୁ ନାହୁଁ । ମାତ୍ର ଗୋଟାଏ କଥାରେ ଏହି କ୍ଷେତ୍ରରେ ଆଦୌ କୌଣସି ସନ୍ଦେହ ନାହିଁ;—ପରିବର୍ତ୍ତିତ ହୋଇ ଯାଉଥିବା ବସ୍ତୁଗୁଡ଼ିକର ବିରୁଦ୍ଧରେ ପ୍ରକୃତର ଯୁକ୍ତିଟି ହେଉଛି ଯେ, "ଏପରି ସବୁବେଳେ ହୋଇଆସିଛି ।" ଏକଥା ଯେ ଆଦୌ ସତ ନୁହେଁ, ମୁଁ ସେକଥା ଦାବି କରି କହିପାରିବି । ପ୍ରକୃତ ପକ୍ଷରେ ଗ୍ରହଣୀୟ ହେଉ ବା ନହେଉ, ପରିବର୍ତ୍ତନ ସତତ ହେବାରେ ଲାଗିଛି, ଏବଂ ଏପରି ଏକ ଦିନ ଆସିବ, ଯେତେବେଳେ କି କୁହାଯାଇ ପାରିବ : "ହଁ, ସତ କଥା, ଏକଦା ସେପରି ହୋଇ ରହିଥିଲା, ମାତ୍ର ବର୍ତ୍ତମାନ ତାହା ଅନ୍ୟପ୍ରକାର ହୋଇଗଲାଣି ।"

ହଁ, ଅନ୍ତତଃ କିଛି କାଳ ପାଇଁ, ତଥାପି ବିଶ୍ୱାସ ଏବଂ ଆସ୍ଥାର ସହିତ, ଆମେ ଏହିପରି ଭାବରେ କାର୍ଯ୍ୟ କରିବା ଯେ ବସ୍ତୁତଃ ଆମେ ଏହି ପରିବର୍ତ୍ତନଟିକୁ ସମ୍ଭବ କରିବାକୁ ଯାଉଛୁ, ଆମେ ଏପରି ଏକ ବିନ୍ଦୁରେ ଆସି ପହଞ୍ଚିଛୁ, ଯେଉଁଠାରେ କି ବସ୍ତୁଗୁଡ଼ିକର ଢଙ୍ ପରିବର୍ତ୍ତନ ହେବାକୁ ଯାଉଛି, ସେଗୁଡ଼ିକ ଏକ ନୂତନ ଅଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛନ୍ତି । ତୁମକୁ କେବଳ ଟିକିଏ ବିଶ୍ୱାସ ରଖିବାକୁହିଁ କୁହାଯାଉଛି, ଟିକିଏ ଆସ୍ଥା ସ୍ଥାପନ କରି ସେହି ଅନୁସାରେ ଆପଣାକୁ ପରିଚାଳିତ କରିବା ଲାଗି କୁହାଯାଉଛି । ତା' ନହେଲେ, ତୁମେ ଏଠାରେ ଆସି ରହିଥିବାର ସୁଯୋଗଟିକୁହିଁ ହରାଇ ବସିବ,—ବାସ୍, ଏତିକି ସ୍ମରଣ ରଖିଥାଅ । ଏବଂ, ଯେତେବେଳେ ତୁମେମାନେ ଏଠାରୁ ଫେରିଯିବ, ସେତେବେଳେ ବାହାରେ ଚାଲୁଥିବା ଜୀବନରେ ଯେଉଁସବୁ ଦୁର୍ବଳତା ଏବଂ ଯେଉଁସବୁ ଅଭ୍ୟସ୍ତତା ଦେଖିବାକୁ ମିଳେ, ତୁମେସବୁ ଠିକ୍ ସେହିସବୁ ଦୁର୍ବଳତା ଓ ଅଭ୍ୟସ୍ତତାଗୁଡ଼ିକୁ ସାଙ୍ଗରେ ନେଇ ଏଠାରୁ ଯିବ ।

'oaob.nitrkl.ac.in' images reprocessed

ତୁମେସବୁ ଭାବିଥିଲ ଯେ ମୋର ଶାସନ କିପରି କଠିନ ବା କଠୋର ହୋଇଥିବ, ଏବଂ ଯେତେଯାହା ହେଉ ପଛକେ, ମୋତେ କଦାପି ସନ୍ତୁଷ୍ଟ କରାଯାଇ ପାରିବ ନାହିଁ ! ସେହି କାରଣରୁହିଁ ତୁମେମାନେ ସୁନ୍ଦର ସାନ ଗୋଲାପୀ ରିବନ୍‌ସବୁ ବାଳରେ ଖୋସିଲ ବା ପଛକୁ ଝୁଲୁଥିବା ବେଣୀରେ ମଧ୍ୟ ଲଗାଇଲ । ନିଶ୍ଚୟ କିପରି ଅନୁଦାର ଭାବରେ ମୁଁ ତାକୁ ଦେଖି "ତୁମେ ପ୍ରକୃତରେ କେତେ ହାସ୍ୟାସ୍ପଦ ଦେଖାଯାଉଛ !" ବୋଲି କହୁଥାଏ । କାରଣ, ତୁମେ ତଦ୍ଦ୍ୱାରା ଭାରି ସୁନ୍ଦର ଦିଶୁଛ ବୋଲି ଭାବୁଥାଅ ସିନା, ମାତ୍ର ତାହା ତୁମକୁ ପ୍ରକୃତରେ ଭାରି ହାସ୍ୟାସ୍ପଦ କରିପକାଏ । ହଁ, ଯଦି ତୁମେମାନେ ସଂସାରର ଅନ୍ୟ ଅନେକ ଝିଅ କରୁଥିବା ଭଳି ବାହାର ସଂସାରକୁ ଯାଇ ନିଜର ସଜବାଜଗୁଡ଼ାକୁ ଦେଖାଇ ହେବାକୁ ଇଚ୍ଛା କରୁଥାଅ ଏବଂ ଅନ୍ୟମାନଙ୍କର ମନ ନେବା ପାଇଁ ଆପଣାକୁ ନାନା ବେଶରେ ଭୂଷିତ କରି ରଖିବାକୁ ମନ କରୁଥାଅ, ତାହାକୁହିଁ ତୁମର ସମୁଦାୟ ରକ୍ଷାପ୍ରାଚୀର ଓ ସମୁଦାୟ ଅସ୍ତ୍ର ବୋଲି ଭାବୁଥିବାରୁ ଯଦି ତୁମେ ସେପରି କରିବାକୁ ଇଚ୍ଛା କରୁଥାଅ, ଯଦି ତୁମେ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଓ ଅନ୍ୟମାନଙ୍କର ମନ ନେବାକୁ ଇଚ୍ଛା କରୁଥାଅ, ବେଶ୍ ସୁନ୍ଦର ଦେଖାଯିବାକୁ, ବେଶ୍ ମୋହିତ କରି ପାରିବାକୁ ଯଦି ଇଚ୍ଛା କରୁଥାଅ, ତେବେ ଏପରି କରିବା ଲାଗି ତୁମମାନଙ୍କର ଅବଶ୍ୟ ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି ଓ ଏଥିରେ ମୋର ଆଦୌ କିଛିହେଲେ କହିବାକୁ ନାହିଁ । ମାତ୍ର, ଏଠାରେ ରହି ସେସବୁ କରିବାକୁ ପ୍ରକୃତରେ ହାସ୍ୟାସ୍ପଦ ବୋଲିହିଁ କହିବାକୁ ହେବ । ଏହା ଏକ ହାସ୍ୟାସ୍ପଦ କଥା, ଏବଂ ତଦ୍ଦ୍ୱାରା ତୁମେ ନିଜକୁ ଏପରି ଏକ ସ୍ତରକୁ ଖସାଇ ନେଇଅସ, ଯାହାକୁ କଦାପି ପ୍ରଶଂସନୀୟ ଓ ସୁନ୍ଦର ବୋଲି କୁହାଯାଇ ପାରିବ ନାହିଁ ।

ଏଠି "ପୁରୁଷମାନେ" ବସିଥିବା ସମୟରେ ମୁଁ ତୁମମାନଙ୍କୁ ଏସବୁ କହୁଛି ବୋଲି ତୁମେ ମୋତେ ଦୋଷ ଦେଇପାର; ମାତ୍ର ମୁଁ ସେହି ଅନ୍ୟ ପକ୍ଷଟିକୁ ମଧ୍ୟ ଏହି ହାସ୍ୟାସ୍ପଦତାଟି ମଧ୍ୟରେ ଅନ୍ତର୍ଭୁକ୍ତ କରୁଛି, କାରଣ ଯଦି ପୁରୁଷଜାତି ବର୍ତ୍ତମାନ ଯେପରି ଭାବୁଛି, ସେପରି ଭାବି ନଥାନ୍ତା, ବର୍ତ୍ତମାନ ଯେପରି ଅନୁଭବ କରୁଛି, ସେପରି ଅନୁଭବ କରି ନଥାନ୍ତା ଏବଂ ବର୍ତ୍ତମାନ ଯେପରି କାର୍ଯ୍ୟ କରୁଛି, ସେପରି କରି ନଥାନ୍ତା, ତେବେ ତୁମେ କେଉଁ ଦିନରୁ ଏସବୁ ସାଜସଜ୍ଜା ଉପରେ ବିରକ୍ତ ହୋଇ ସେଗୁଡ଼ାକୁ ଛାଡ଼ି ପାରନ୍ତିଣି । ଏକଥା ବିଲକୁଲ ସତ ।

ମୋର ଯାହାକିଛି କହିବାର ଥିଲା, ମୁଁ କହିଲି । ମୁଁ ଭାବୁଛି ଆଜି ପାଇଁ ଏତିକି ଯଥେଷ୍ଟ ହେବ । ନୁହେଁ କି ? ତୁମେ ଯାହା ପଚାରିଥିଲ, ତାହାର ଉତ୍ତର ନିଶ୍ଚୟ ପାଇଛ ।

'oaob.nitrkl.ac.in' images reprocessed

"ନାରୀମାନଙ୍କୁ ସେମାନଙ୍କର ଶରୀର ସମ୍ବନ୍ଧରେ" ଶୀର୍ଷକ ଦେଇ ମାଆ ଲେଖିଥିବା ଗୋଟିଏ ପୁସ୍ତିକାରୁ କେତେକ ଉଦ୍ଧୃତ ଏହି ପ୍ରବନ୍ଧଟି ସହିତ ପ୍ରକାଶ କରାଯାଉଛି । ସ୍ତ୍ରୀଲୋକମାନଙ୍କର ଶାରୀରିକ ଶିକ୍ଷା ବିଷୟରେ ନାନା ପ୍ରଶ୍ନର ଉତ୍ତରରେ ଏଗୁଡ଼ିକ ଦିଆଯାଇଥିଲା । ପୁସ୍ତିକାଟି ନିମ୍ନଲିଖିତ କଥାଗୁଡ଼ିକରୁ ଆରମ୍ଭ ହୋଇଛି :

ଭଗବାନଙ୍କର ଗୁଣ ପକାଇ କ'ଣ ତୁମେମାନେ ନିଜେ ପୁଅ ବା ଝିଅ ବୋଲି ଭୁଲିଯାଇ ପାରିବ ନାହିଁ ଏବଂ ଜଣେ ମନୁଷ୍ୟ ହେବାକୁ ଚେଷ୍ଟା କରିବ ନାହିଁ ?

ଶାରୀରିକ ଶିକ୍ଷା ଦୃଷ୍ଟିରୁ ବିଚାର କଲେ ଜଣେ ଝିଅ ଲାଗି କ'ଣ ଆଦର୍ଶ ହେବା ଉଚିତ ?

ଝିଅମାନଙ୍କର ଶାରୀରିକ ଶିକ୍ଷାରେ ଗୋଟାଏ ବିଶେଷ ଆଦର୍ଶ ରହିବ ଓ ପୁଅମାନଙ୍କର ସେହି ଶିକ୍ଷା ଲାଗି ବି ସେହିପରି ଆଉ ଗୋଟିଏ ବିଶେଷ ଆଦର୍ଶ ରହିବ,—ଏକଥା କାହିଁକି ଯେ ହେବ, ମୁଁ ସେକଥା ମୋଟେ ବୁଝି ପାରୁ ନାହିଁ ।

ମନୁଷ୍ୟଶରୀରର ଯାବତୀୟ ସମ୍ଭାବନାକୁ ବିକଶିତ କରି ଆଣିବା ହେଉଛି ଶାରୀରିକ ଶିକ୍ଷାର ଲକ୍ଷ୍ୟ । ଶରୀର ମଧ୍ୟରେ ସୌଷମ୍ୟ, ଶକ୍ତି, କୋମଳତା, କୌଶଳ ଏବଂ ସହିଷ୍ଣୁତା ଲାଗି ଯେଉଁସବୁ ସମ୍ଭାବନା ରହିଛି, ସେଗୁଡ଼ିକୁ ବିକଶିତ କରି ଆଣିବା, ଏବଂ ଶରୀରର ବିଭିନ୍ନ ଅବୟବ ଓ ଅଙ୍ଗପ୍ରତ୍ୟଙ୍ଗର କର୍ମନୈପୁଣ୍ୟରେ ବୃଦ୍ଧିସାଧନ କରିବା ଓ ସଚେତନ ଇଚ୍ଛାଶକ୍ତି ହାତରେ ଶରୀରକୁ ଏକ ପୂର୍ଣ୍ଣକ୍ଷମ ଯନ୍ତ୍ରରୂପେ ପ୍ରସ୍ତୁତ କରି ରଖିବା,—ଏହିସବୁ ହେଉଛି ଶାରୀରିକ ଶିକ୍ଷାର ଲକ୍ଷ୍ୟ । ଏହି ଶିକ୍ଷାର କାର୍ଯ୍ୟକ୍ରମଟି ସବୁ ମଣିଷଙ୍କ ପାଇଁ ଅତ୍ୟନ୍ତ ଉତ୍ତମ । ତେଣୁ ଝିଅମାନଙ୍କ ପାଇଁ ଅଉ ଗୋଟାଏ ଲକ୍ଷ୍ୟ ରହୁ ବୋଲି ଇଚ୍ଛା କରିବାର ଆଦୌ କୌଣସି କାରଣ ନାହିଁ ।

ନୂତନ ଜୀବନରେ ନାରୀ ଓ ପୁରୁଷ କେଉଁ ଭୂମିକାମାନ ଗ୍ରହଣ କରିବେ ? ସେମାନଙ୍କର ପରସ୍ପର ମଧ୍ୟରେ କିପରି ସମ୍ବନ୍ଧ ରହିବ ?

ଦୁହିଁଙ୍କ ମଧ୍ୟରେ ତୁମେ ଆଦୌ କୌଣସି ଭେଦ କରିବାକୁ କାହିଁକି ଯାଉଛ ? ସେମାନେ ଦୁହେଁ ହେଉଛନ୍ତି ମଣିଷ ଓ ଜଣେ ଜଣେ ମଣିଷ ହିସାବରେ ଦିବ୍ୟ କାର୍ଯ୍ୟରେ ଯୋଗ୍ୟ ସାଧନରୂପେ ବ୍ୟବହୃତ ହୋଇ ପାରିବା ଲାଗି ଚେଷ୍ଟା କରୁଛନ୍ତି ।

'oaob.nitrkl.ac.in' images reprocessed

ସେହି କ୍ଷେତ୍ରରେ ଲିଙ୍ଗ, ଜାତି, ଧର୍ମ ଓ ଜାତୀୟତାର ଆଦୌ କୌଣସି ପ୍ରଶ୍ନ ଉଠୁନାହିଁ । ପରମା ଜନନୀଙ୍କର ସେମାନେ ସମସ୍ତେ ହେଉଛନ୍ତି ସନ୍ତାନ ଏବଂ ଉଭୟେହିଁ ସେହି ଏକ ଏବଂ ଶାଶ୍ୱତ ପରମ ଦେବତ୍ୱ ଲାଗି ଅଭୀପ୍ସା ରଖିଛନ୍ତି ।

ଶାରୀରିକ ସୌନ୍ଦର୍ଯ୍ୟର କ୍ଷେତ୍ରରେ ଜଣେ ନାରୀର କ'ଣ ଆଦର୍ଶ ହୋଇ ରହିବା ଉଚିତ ?

ଅନୁପାତଗତ ସୌଷମ୍ୟ, ନମନୀୟତା ଏବଂ ଶକ୍ତି, କମନୀୟତା ଏବଂ ବଳ, ସ୍ଥିତିସ୍ଥାପକତା, ସହିଷ୍ଣୁତା ଏବଂ ସର୍ବୋପରି ଏକ ଅତ୍ୟୁତ୍ତମ ସ୍ୱାସ୍ଥ୍ୟ,—ଏହିସବୁହିଁ ଆଦର୍ଶ ହୋଇ ରହିବା ଉଚିତ । ଏହି ସ୍ୱାସ୍ଥ୍ୟ ଭାଙ୍ଗିଯାଉ ନଥିବ, କିଛୁଦିନ ଭଲ ରହି ପୁଣି ଖରାପ ହୋଇ ଯାଉ ନଥିବ; ଏକ ବିଶୁଦ୍ଧ ଆତ୍ମା, ଜୀବନ ଉପରେ ଶ୍ରଦ୍ଧାଶୀଳ ଆସ୍ଥା, ଏବଂ ଭଗବତ୍ ପରମକରୁଣା ଉପରେ ଏକ ଅବିଚଳ ବିଶ୍ୱାସ,—ଏହିସବୁହିଁ ସେହି ସ୍ୱାସ୍ଥ୍ୟର ପ୍ରେରଣା ଓ କାରଣ ହୋଇ ରହିଥିବେ ।

ପୁସ୍ତିକାଟି ଏହି କେତୋଟି ବାକ୍ୟରେ ଶେଷ ହୋଇଛି :

ସାରିବା ପୂର୍ବରୁ ଆଉ ପଦେ କଥା କହିବାକୁ ଅଛି :

ତୁମମାନଙ୍କୁ ମୁଁ ଏସବୁ କଥା କହୁଛି, କାରଣ ଏସବୁ ଶୁଣିବା ତୁମମାନଙ୍କ ଲାଗି ଆବଶ୍ୟକ ଥିଲା । ମାତ୍ର ସେଗୁଡ଼ାକୁ ନେଇ ଗୋଟାଏ ଗୋଟାଏ ଅନମନୀୟ ସୂତ୍ର ତିଆରି କରି ପକାଇବ ନାହିଁ, କାରଣ ସେପରି ହେଲେ ସେଗୁଡ଼ିକର ଯାବତୀୟ ସତ୍ୟ କେବଳ ଅନ୍ତର୍ହିତହିଁ ହୋଇଯିବ ।

ବହି ନଂ :-

## ୧ ଅଗଷ୍ଟ, ୧୯୫୭

**ମାଆ, ଦୁର୍ଗାଙ୍କୁ ଏବଂ କାଳୀଙ୍କ ପାଖରେ ଯେଉଁ ପୂଜାର ନୈବେଦ୍ୟ କରାଯାଏ, ତାହାର କୌଣସି ଆଧ୍ୟାତ୍ମିକ ମୂଲ୍ୟ ରହିଛି କି ?**

ସେହି କଥାଟି, କିଏ ସେହି ପୂଜାର ନୈବେଦ୍ୟ କରୁଛି, ତାହାର ଉପରେ ନିର୍ଭର କରିବ ।

ମାତ୍ର ଆଧ୍ୟାତ୍ମିକ ମୂଲ୍ୟର ଦୃଷ୍ଟିରୁ ବିଚାର କରି ଦେଖିଲେ ତାହାକୁ ଆଦୌ ମହତ୍ତ୍ୱପୂର୍ଣ୍ଣ ବୋଲି କୁହା ଯିବ ନାହିଁ । ଯୋଗର ସମଗ୍ରତା ତଥା ସମ୍ପୂର୍ଣ୍ଣ ସତ୍ୟଟି ଦୃଷ୍ଟିରୁ, କୌଣସି ଗୋଟିଏ ରୂପ ମଧ୍ୟରେ ଆପଣାର ଅଭୀପ୍ସାକୁ ସୀମିତ କରି ରଖି ନଦେବାହିଁ ପ୍ରକୃତରେ ଅଧିକ ମହତ୍ତ୍ୱପୂର୍ଣ୍ଣ ହେବ । ମାତ୍ର, ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଉପାସନାର ବସ୍ତୁଟି ଯାହା ହୋଇଥାଉ ପଛକେ, ଯଦି ତା' ପଛରେ ରହିଥିବା କ୍ରିୟାତ୍ମକ ପ୍ରେରଣାଟି ଆନ୍ତରିକ ହୋଇଥିବ, ଯଦି ଆତ୍ମ-ଉତ୍ସର୍ଗଟି ସମଗ୍ର ଏବଂ ଅନପେକ୍ଷ ହୋଇ ପାରିଥିବ, ତେବେ ଆଧ୍ୟାତ୍ମିକ ଫଳଟି ମଧ୍ୟ ସମାନ ଭାବରେ ଅବଶ୍ୟ ମିଳିବ; କାରଣ ତୁମେ ଯେକୌଣସି ବସ୍ତୁକୁ ମାଧ୍ୟମରୂପେ ଗ୍ରହଣ କରିଥାଅ ପଛକେ, ତାହାରି ମଧ୍ୟଦେଇ ଓ ବେଳେବେଳେ ତା' ସତ୍ତ୍ୱେ ବି, ତୁମେ ସର୍ବଦା ସର୍ବୋଚ୍ଚ ପରମ ସତ୍ୟର ଉପଲବ୍ଧି କରିବାରେ ସମର୍ଥ ହୁଅ, ତୁମର ସେହି ଉତ୍ସର୍ଗଟି ପଛରେ ରହିଥିବା ଆନ୍ତରିକତାର ପରିମାପ ଏବଂ ଅନୁପାତ ଅନୁସାରେହିଁ ତୁମେ ସେହି ଉପଲବ୍ଧି ଲାଗି ସମର୍ଥ ହୋଇଥାଅ ।

ସେଥିଲାଗି ଏହି କଥାଟି ସବୁବେଳେ କୁହା ଯାଇଥାଏ ଯେ, ଦିବ୍ୟ ପରମସତ୍ତାଙ୍କର ଯେଉଁ ବିଭାବଟିକୁ ତୁମେ ପୂଜା କରୁଥାଅ ପଛକେ ଓ ଏପରିକି ମାର୍ଗପ୍ରଦର୍ଶକରୂପେ ଯାହାଙ୍କୁ ଗ୍ରହଣ କରିଥାଅ ପଛକେ, ଯଦି ତୁମର ଆତ୍ମ-ଉତ୍ସର୍ଗ ପରିପୂର୍ଣ୍ଣ ଓ ସମ୍ପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ହୋଇ ପାରିଥିବ, ତେବେ ତୁମେ ସୁନିଶ୍ଚିତ ଭାବରେହିଁ ଆଧ୍ୟାତ୍ମିକ ଲକ୍ଷ୍ୟଟିକୁ ପ୍ରାପ୍ତ କରିପାରିବ ।

ମାତ୍ର ଯେତେବେଳେ ତୁମେ ପୂର୍ଣ୍ଣଯୋଗର ଉପଲବ୍ଧି ଇଚ୍ଛା କରୁଥିବ, ସେତେବେଳେ ଏହି ଫଳ ଆଉ କଦାପି ସମାନ ହେବ ନାହିଁ । ସେତେବେଳେ ତୁମେ କୌଣସି ନିର୍ଦ୍ଦିଷ୍ଟ ମାର୍ଗରେ ଆପଣାକୁ ବାନ୍ଧି ରଖିଲେ କଦାପି ଚଳିବ ନାହିଁ, ଏପରିକି ଆପଣାର ଉତ୍ସର୍ଗପଥରେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ମାର୍ଗରେ ନିଜକୁ ବାନ୍ଧି ରଖିଲେ ମୋଟେ ଚଳିବ ନାହିଁ ।...ସ୍ମରଣ ରଖିବାକୁ ହେବ ଯେ ଏହି ଦୁଇଟିଯାକ ହେଉଛନ୍ତି ଦୁଇଟି ଅଲଗା ଅଲଗା ଜିନିଷ ।

'oaob.nitrkl.ac.in' images reprocessed

ଆଧ୍ୟାତ୍ମିକ ଉପଲବ୍ଧି କହିଲେ ତଦ୍ଦ୍ୱାରା ପୂର୍ବେ ତାହାକୁ ଯେଉଁ ଅର୍ଥରେ ବୁଝା ଯାଉଥିଲା ଏବଂ ଏବେ ମଧ୍ୟ ସାଧାରଣତଃ ତାହାକୁ ଲୋକେ ଯେପରି ବୁଝନ୍ତି, ସେହି ଅନୁସାରେ ତାହା କୌଣସି ନା କୌଣସି ଉପାୟରେ ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ସମ୍ମିଳିତ ହେବାକୁହିଁ ବୁଝାଇଥାଏ । ଏହି ଉପଲବ୍ଧି ଓ ସମ୍ମିଳନ ନିଜ ଭିତରେ ହୋଇପାରେ, ଅଥବା ଯେକୌଣସି ଗୋଟିଏ ନିର୍ଦ୍ଦିଷ୍ଟ ରୂପର ମାଧ୍ୟମରେ ବି ସମ୍ଭବ ହୋଇପାରେ । ଏହାଦ୍ୱାରା ତୁମର ସତ୍ତା ସର୍ବୋଚ୍ଚ ପରମ ସତ୍ତା, ପରାତ୍ପର ସତ୍ତାଙ୍କ ସହିତ ଯାଇ ବିଲୀନ ହୋଇଯାଏ, ଏବଂ ଏହି ବିଲୀନ ହେବାରେ ତୁମର ବ୍ୟକ୍ତିସତ୍ତାଟି ପ୍ରକୃତରେ ପ୍ରାୟ ଅନ୍ତର୍ହିତହିଁ ହୋଇଯାଏ ।* ଏବଂ ସେଇଟି ମଧ୍ୟ ସମ୍ପୂର୍ଣ୍ଣ ଭାବରେ ତୁମ ଆତ୍ମୋତ୍ସର୍ଗର ଆନ୍ତରିକତା ଏବଂ ସମଗ୍ରତା ଉପରେ ନିର୍ଭରଶୀଳ ହୋଇ ରହିଥାଏ; ତୁମେ ଯାହା ପାଖରେ ଆପଣାକୁ ଉତ୍ସର୍ଗ କରିବ, ତାହାର ନିର୍ବାଚନ ଅପେକ୍ଷା ଏହାର ଉପରେ ଅଧିକ ପରିମାଣରେ ନିର୍ଭରଶୀଳ ହୋଇ ରହିଥାଏ । କାରଣ···ତୁମର ଅଭୀପ୍ସାରେ ଯେଉଁ ନିଷ୍ଠା ଓ ଆନ୍ତରିକତା ରହିଥିବ, ତାହାହିଁ ତୁମକୁ ସକଳ ସୀମା ଓ ବାଧାକୁ ଅତିକ୍ରମ କରାଇ ନେଇଯିବ, ତୁମକୁ ସେହି ସର୍ବୋଚ୍ଚ ପରମସତ୍ତାର ଦର୍ଶନ କରାଇବ; କାରଣ ତୁମେ ତାଙ୍କୁ ସତତ ନିଜ ଭିତରେହିଁ ବହନ କରି ରହିଛ ।

---

* ଥରେ ଜଣେ ସାଧକ ମାଆଙ୍କୁ ପଚାରିଥିଲେ : "ଆପଣ 'ପ୍ରାୟ' ବୋଲି କହିଲେ କାହିଁକି ? ଏହି ମିଳନ ହେବା ବେଳେ କ'ଣ ତଥାପି ଅବଶିଷ୍ଟ ରହିଯାଏ ?" ମାଆ ଏହି ପ୍ରଶ୍ନର ଉତ୍ତର ଦେଇ କହିଲେ : "ମୋର ମନେ ହେଉଛି 'ଅମୃତତ୍ୱପ୍ରଦତା ଯୋଗ'ର (ଯୋଗସମନ୍ୱୟ) କୌଣସି ସ୍ଥାନରେ ସର୍ବୋଚ୍ଚ ପରମସତ୍ତାରେ ବିଲୀନ ହୋଇ ଯିବାକୁ ଇଚ୍ଛା କରୁଥିବା ବ୍ୟକ୍ତିମାନଙ୍କ ବିଷୟରେ ଚର୍ଚ୍ଚା କରି ଶ୍ରୀଅରବିନ୍ଦ କହିଛନ୍ତି ବା ବରଂ ସୂଚନା ଦେଇଛନ୍ତି ଯେ ଏହି କଥାଟି କଦାପି ସମ୍ଭବ ହେବ ନାହିଁ, କାରଣ ସର୍ବୋଚ୍ଚ ପରମସତ୍ତା ଏହା ପ୍ରକୃତରେ ଆଦୌ ପ୍ରକାରେ ହେଉ ବୋଲି ଇଚ୍ଛା କରୁଥିବେ । ମାତ୍ର ପ୍ରକାରାନ୍ତରରେ ଉକ୍ତ କଥାକୁ, କେବଳ ଏକ ପ୍ରାସଙ୍ଗିକ ସନ୍ଦର୍ଭରେ ଶ୍ରୀଅରବିନ୍ଦ ଏହି କଥାଟିକୁ କହିଛନ୍ତି । ତାହାର ତାତ୍ପର୍ଯ୍ୟ ହେଉଛି ଯେ ସତ୍ତା ଏବଂ ଅସତ୍ତାର ସୀମାକୁ ଅତିକ୍ରମ କରିଗଲେ ସେହି ସମଗ୍ର ପରମ ଶିଖରଟିରେ ମଧ୍ୟ ଏକ ରୂପ ଅବଶ୍ୟ ଅନ୍ତର୍ଭୁକ୍ତ ହୋଇ ରହିଛି,—ତାହାକୁ ଆମେ ହୁଏତ ଏକ ଅଧ୍ୟାତ୍ମିକ ରୂପ ବୋଲି କହିପାରିବା —ସେହି ରୂପ ହେଉଛି ବ୍ୟକ୍ତିଭାବାପନ୍ନତାର ଏକ ରୂପ, ମାତ୍ର ତାହା ଆଉ ସେଠାରେ ପରମ ଏକର ଅଦୌ କୌଣସି ବିରୋଧ କରେ ନାହିଁ ଅଥବା ତାଙ୍କଠାରୁ ଆପଣାକୁ କୌଣସି ପ୍ରକାରେ ବିଚ୍ଛିନ୍ନ କରି ମଧ୍ୟ ରଖି ନଥାଏ, କୌଣସି ପ୍ରକାର ବିଚ୍ଛିନ୍ନତା ନରଖି ତାହା ସେହି ପରମ ଏକ ସହିତ ଯୁକ୍ତ ହୋଇ ରହିଥାଏ । ମାତ୍ର ଆମ ଭାଷାରେ ଯେତେ ଯାହା ଶବ୍ଦ ରହିଛି, ତାହାର ପ୍ରକୃତରେ କୌଣସି ଅର୍ଥ ନାହିଁ । ଏବେ ଶବ୍ଦ ଦ୍ୱାରା କେବଳ ଏକ ବିବରଣୀ ବ୍ୟାଖ୍ୟା ଦେବାହିଁ ସମ୍ଭବ ହୋଇଥାଏ । ସେଇଥିପାଇଁ ମୁଁ 'ପ୍ରାୟ' ବୋଲି କହିଥିଲି ।"

'oaob.nitrkl.ac.in' images reprocessed

ତୁମେ ତାଙ୍କୁ ଆପଣା ବାହାରେ ଖୋଜୁଥାଅ, ଆପଣାର ଭିତରେ ବି ଖୋଜୁଥାଅ ପଛକେ, ତାଙ୍କୁ କୌଣସି ଏକ ନିର୍ଦ୍ଦିଷ୍ଟ ରୂପରେ ଖୋଜୁଥାଅ ଅଥବା ଯାବତୀୟ ରୂପର ବାହାରେ ଖୋଜୁଥାଅ ପଛକେ, ଯଦି ତୁମର ଅଭୀପ୍ସା ମଧ୍ୟରେ ଯଥେଷ୍ଟ ଆନ୍ତରିକତା ରହିଥାଏ ଏବଂ ତୁମର ସଂକଳ୍ପ ଯଥେଷ୍ଟ ପରିମାଣରେ ନିଷ୍ଠାଯୁକ୍ତ ରହିଥାଏ, ତେବେ ତୁମେ ଅବଶ୍ୟ ଆପଣାର ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚି ପାରିବ ।

ମାତ୍ର, ଶ୍ରୀଅରବିନ୍ଦ ଯେଉଁ ଅନୁପୂରକ ଅନ୍ୟ ଗତିସ୍ପନ୍ଦନଟି ବିଷୟରେ କହିଛନ୍ତି, ତୁମେ ଯଦି ସେଇଟିକୁ ମଧ୍ୟ ହାସଲ କରିବାକୁ ଇଚ୍ଛା କରୁଥିବ, ଅର୍ଥାତ୍, ଆପଣା ମଧ୍ୟରେ ଏହି ସମ୍ମିଳନଟିର ଉପଲବ୍ଧି କରିସାରି ଯଦି ତୁମେ ବାହ୍ୟ ଚେତନା ଏବଂ ପୃଥିବୀ ଭିତରକୁ ଫେରି ଆସିବାକୁ ଇଚ୍ଛା କରୁଥିବ ଏବଂ ଏହି ବାହ୍ୟ ଚେତନା ଓ ପୃଥିବୀରେ ଏକ ରୂପାନ୍ତର ଘଟାଇବାକୁ ଇଚ୍ଛା କରୁଥିବ, ତେବେ ସେହି କ୍ଷେତ୍ରରେ ତୁମେ ନିଜକୁ ଆଉ କୌଣସି ନିର୍ଦ୍ଦିଷ୍ଟ ମାର୍ଗ ମଧ୍ୟରେ କଦାପି ସୀମିତ କରି ରଖି ପାରିବ ନାହିଁ, କାରଣ ତା'ହେଲେ ତୁମେ ଆପଣାର ସାଧନାରେ ଆଉ କଦାପି କୃତକାର୍ଯ୍ୟ ହୋଇ ପାରିବ ନାହିଁ ।

ତେଣୁ ମର୍ମତଃ, ତୁମକୁ ଯାବତୀୟ ରୂପରେ, ଯାବତୀୟ ବିଷୟରେ ଏବଂ ତାଙ୍କ ପାଖରେ ଯାଇ ପହଞ୍ଚିବା ଲାଗି ଯେତେଯେତେ ମାର୍ଗର ବ୍ୟବହାର କରାଯାଇଛି, ସେହି ଯାବତୀୟ ମାର୍ଗରେହିଁ ଦିବ୍ୟ ପରମସତ୍ତାଙ୍କ ସହିତ ଏହି ସମ୍ମିଳନଟିକୁ ହାସଲ କରିବାକୁ ହେବ । ଏବଂ ପୁନଶ୍ଚ, ତୁମକୁ ଏହିସବୁ ମାର୍ଗକୁ ଅତିକ୍ରମ ବି କରିଯିବାକୁ ହେବ ଏବଂ ଏକ ନୂତନ ମାର୍ଗ ବାହାର କରିବାକୁ ହେବ ।

ତେଣୁ, ଆପଣାର ଭାବନା ମଧ୍ୟରେ ତୁମକୁ ଏହି ସର୍ବପ୍ରଥମ କଥାଟି ବିଷୟରେ ପରିଷ୍କାର ହୋଇଯିବାକୁ ପଡ଼ିବ,—ଏବଂ ଏହି କଥାଟିର ଏକ ଚରମ ମହତ୍ତ୍ୱ ରହିଛି ବୋଲି ସ୍ମରଣ ରଖିବାକୁ ହେବ : ତୁମେ ପୂର୍ଣ୍ଣଯୋଗକୁ କଦାପି ଆଧ୍ୟାତ୍ମିକ ଅନ୍ୟ ଉପଲବ୍ଧିଗୁଡ଼ିକ ସହିତ ନେଇ ଗୋଳିଅମିଶା କରି ଦେବ ନାହିଁ; ସେହିସବୁ ନାନା ଉପଲବ୍ଧି ହୁଏତ ଅତ୍ୟନ୍ତ ଉଚ୍ଚସ୍ତରୀୟ ହୋଇ ପାରନ୍ତି, ମାତ୍ର ସେଗୁଡ଼ିକର କ୍ଷେତ୍ର ପ୍ରକୃତରେ ଭାରି ସୀମାବଦ୍ଧ, କାରଣ କେବଳ ଗଭୀରତାକୁହିଁ ଏକମାତ୍ର ପ୍ରସ୍ଥ ବୋଲି ମାନି ସେମାନେ ଯାହାକିଛି କ୍ରିୟାଶୀଳତା ରଖିଥାନ୍ତି !

ବୁଝିବାକୁ ଚେଷ୍ଟା କର : ନିଜର ଅଭୀପ୍ସା ବଳରେ ତୁମେ କେଉଁଠି ଗୋଟିଏ ଜାଗାରେ ଫୁଟାଇ କଣାଟିଏ ବେଶ୍ କରିପାର, ଯେକୌଣସି କ୍ଷେତ୍ରରେ ମଧ୍ୟ ଭିତରକୁ ଯାଇ ତୁମେ ଗଭୀରତାର ପ୍ରସ୍ଥରେ ନିଶ୍ଚୟ ଏକ କ୍ରିୟାଶୀଳତା ସମ୍ଭବ କରିପାର । ସବୁକିଛି ତୁମ ଅଭୀପ୍ସାରେ ରହିଥିବା ପ୍ରଗାଢ଼ତା ଏବଂ ଆନ୍ତରିକତା ଉପରେହିଁ ନିର୍ଭର କରୁଥାଏ,—ତୁମର ନିଷ୍ଠା ଉପରେ, ଅର୍ଥାତ୍ ତୁମର ଆତ୍ମୋତ୍ସର୍ଗ ପ୍ରକୃତରେ କେତେ ପରିମାଣରେ ସମ୍ପୂର୍ଣ୍ଣ ହୋଇପାରିଛି, କେତେଦୂର ସମଗ୍ର ଏବଂ

'oaob.nitrkl.ac.in' images reprocessed

ଅନପେକ୍ଷ ହୋଇପାରନ୍ତି, ତାହାର ଉପରେ ନିର୍ଭର କରୁଥାଏ । ମାତ୍ର ତୁମେ ଆପଣା ଲାଗି ନିର୍ଦ୍ଦିଷ୍ଟ କୌଣସି ରୂପଟିକୁ ନିର୍ବାଚନ କରିଛ, ସେକଥା ଏହା ଉପରେ ଆଦୌ ନିର୍ଭର କରେ ନାହିଁ । ଯାହା ପଶ୍ଚାତରେ ଅବସ୍ଥିତ ରହିଛି, ତାହାର ସନ୍ଧାନ ପାଇବାକୁ ହେଲେ ତୁମକୁ ଯାବତୀୟ ରୂପକୁ ଅତିକ୍ରମ କରି ଯିବାକୁହିଁ ପଡ଼ିବ ।

ମାତ୍ର, ଯଦି ତୁମେ ଆପଣାର ପ୍ରକୃତି ଏବଂ ଆପଣାର ସତ୍ତାରେ ଏକ ରୂପାନ୍ତର ଘଟାଇବାକୁ ଚାହୁଁଥିବ, ଏବଂ ଏକ ନୂତନ ପୃଥିବୀକୁ ସମ୍ଭବ କରିବାର କାର୍ଯ୍ୟରେ ତୁମେ ସକ୍ରିୟ ଅଂଶଗ୍ରହଣ କରିବାକୁ ମଧ୍ୟ ଚାହୁଁଥିବ, ତେବେ ତୁମର ଏହି ଅଭୀପ୍ସା, ଏହି ନିର୍ଦ୍ଦିଷ୍ଟ ଏବଂ ଏକସମତଳସ୍ଥ ବିନ୍ଦୁଟି ଆଉ କଦାପି ଯଥେଷ୍ଟ ହେବ ନାହିଁ । ସେହି କ୍ଷେତ୍ରରେ ତୁମକୁ ସବୁକିଛିକୁ ଆଣି ଅନ୍ତର୍ଭୁକ୍ତ କରିବାକୁ ହେବ, ଆପଣାର ଚେତନା ମଧ୍ୟରେ ସବୁକିଛିକୁ ଅନ୍ତର୍ଭୁକ୍ତ କରି ରଖିବାକୁ ପଡ଼ିବ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏଇଟି ହେଉଛି ଅନେକ ଅଧିକ ଆୟାସସାଧ୍ୟ ।

ମାଆ, ଆପଣାର ଆଧ୍ୟାତ୍ମିକ ସନ୍ତୋଷବିଧାନ ଲାଗି ସତତ ନାନା ପ୍ରତୀକର ଦାବି କରିବାରେ ଲାଗିଥିବା "ମନୁଷ୍ୟ-ପ୍ରକୃତି ମଧ୍ୟରେ ରହିଥିବା ଏହି ଦିବ୍ୟ ଉପାଦାନ"ଟି ପ୍ରକୃତରେ କ'ଣ ?

କ'ଣ ହେଲା ?

ଯାହା ଏକ ରୂପର ଦାବି କରୁଥାଏ, ରୂପର ମାଧ୍ୟମରେ ପ୍ରକାଶ ଦାବି କରୁଥାଏ !

ହଁ, ସେହି କଥାଟି ତ ମୁଁ ତୁମମାନଙ୍କୁ ଆଜି ପଢ଼ି ଶୁଣାଇଛି । ସେହି କଥାଟି ?*

---

* "ଯେକୌଣସି ଉପାସନାବିଧିରେ ପ୍ରଚଳିତ, ସର୍ବସ୍ୱୀକୃତ ଧାର୍ମିକ ଉପଚାର ବା ଅନୁଷ୍ଠାନ ମୂର୍ତ୍ତିପୂଜାଟିକୁ ଆମେ କେବଳ ଏକ ଅର୍ଥସମର୍ଥ ଓ ସମ୍ପୂର୍ଣ୍ଣ ଭାବର ସୌନ୍ଦର୍ଯ୍ୟାତ୍ମକ ଉପାଦାନ ବୋଲି ଧରିବା ନାହିଁ, ମାତ୍ର ଆମେ ତାହାକୁ ଏପରି ଗୋଟିଏ ଭୌତିକ ସାଧନ ବୋଲି ମଧ୍ୟ ଧରିବା, ଯାହାଦ୍ୱାରା କି ମନୁଷ୍ୟ ଆପଣା ହୃଦୟର ଆବେଗ ତଥା ଅଭୀପ୍ସାକୁ ତାହାଠାରେ ସୁନିର୍ଦ୍ଦିଷ୍ଟ, ସୁଦୃଢ଼ ଏବଂ ଗତିଶୀଳ କରି ରଖିବାକୁ ଚେଷ୍ଟା କରିଥାଏ । କାରଣ, କୌଣସି ଚିତ୍ତଗତ ବା ଆଧ୍ୟାତ୍ମିକ ଆକାଂକ୍ଷା ଜନ୍ମିଲେ ଯଦି ସାଧାରଣ ସ୍ୱୀକୃତ କେବଳ ସମର୍ଥନ ଓ ରୂପାୟିତ

ଏଠାରେ ସତ୍ତାର ଠିକ୍ ସେହି ଭାଗଟି ବିଷୟରେ କୁହାଯାଉଛି, ଯାହାକି ଅମୂର୍ତ୍ତ କଳ୍ପନାଗୁଡ଼ିକୁ ନେଇ ମୋଟେ ସନ୍ତୁଷ୍ଟ ହୋଇ ରହି ପାରିବ ନାହିଁ, ଜୀବନ କ୍ଷେତ୍ରରୁ ପଳାଇଯାଇ, ଜୀବନକୁ ଏଡ଼ି ଅଥବା ଜୀବନ ଯେପରି ଭାବରେ ରହିଛି, ତାହାକୁ ଠିକ୍ ସେହିପରି ହୋଇ ରହିବାରେ କଦାପି ସନ୍ତୁଷ୍ଟ ହେବ ନାହିଁ । ସତ୍ତାର ଠିକ୍ ସେହି ଭାଗଟିହିଁ ସମଗ୍ର ହେବା ଲାଗି ଇଚ୍ଛା କରୁଥାଏ, ସମଗ୍ର ଭାବରେ ରୂପାନ୍ତରିତ ହୋଇଯିବାକୁ ଓ ଅନ୍ତତଃ ଅନ୍ତଃଶ୍ରଦ୍ଧାର କ୍ଷେତ୍ରରେ ସମଗ୍ର ଭାବରେ ଅଂଶଗ୍ରହଣ କରିବା ଲାଗି ଇଚ୍ଛା କରୁଥାଏ ।

---

ହୋଇ ଯାଉଥାଏ, ତେବେ ନିଶ୍ଚୟ କହିବାକୁ ହେବ ଯେ ଧର୍ମ ଏବଂ ରୂପର ଅଭାବରେ ସେହି ଅକାଟ୍ୟଗ୍ରାହି ମଧ୍ୟ କେବଳ ଅସହାୟ ହୋଇହିଁ ରହିଯାଏ, ଏବଂ ଜୀବନ ସକାଶେ ଏକ ଅପୂର୍ଣ୍ଣ ଭାବରେ କାର୍ଯ୍ୟ କରୁଥିବା ସାମର୍ଥ୍ୟରେ ପରିଣତ ହୋଇ ରହେ । ମନୁଷ୍ୟର ଜୀବନରେ ଯାବତୀୟ ରୂପ ତତ୍ତ୍ୱ ଦୂର୍ଭାଗ୍ୟବଶତଃ କ୍ଷେତ୍ରରୁ ଗୋଟାଏ ନିର୍ଦ୍ଦିଷ୍ଟ ଆକାର ମଧ୍ୟରେହିଁ ବାନ୍ଧି ହୋଇ ରହିଯାଏ, ସମ୍ପୂର୍ଣ୍ଣ ଭାବରେ ବାହ୍ୟ ନେଇକଠାକୁହିଁ ଅଦର ରହେ ଏବଂ ତେଣୁ ଜୀବନହୀନ ହୋଇଯାଏ । ଏବଂ ଯେଉଁ ବ୍ୟକ୍ତି ଯାବତୀୟ ରୂପ ଓ ପ୍ରକାପଦ୍ଧତିର ଅନ୍ତର୍ନିହିତ ବ୍ୟଞ୍ଜନାଟି ମଧ୍ୟରେ ପ୍ରବେଶ କରିବାର ସାମର୍ଥ୍ୟ ରଖିଥାଏ, ତା' ଲାଗି ସେହିସବୁ ରୂପ ଓ ପ୍ରକାପଦ୍ଧତି ସର୍ବଦା ଆପଣାର ଯନ୍ତ୍ରମନ୍ତତାକୁ ସୁରକ୍ଷିତ ରଖିଥାଆନ୍ତି ସତ, ମାତ୍ର ଅଧିକାଂଶଙ୍କ ବ୍ୟକ୍ତି ପରିଶେଷରେ ଯାବତୀୟ ପୂଜା ଓ ଉପାସନାକୁ କେବଳ ଏକ ସାମ୍ପ୍ରିକ ଉପଗ୍ରହରୂପେ ବ୍ୟବହାର କରିବାକୁ ଆରମ୍ଭ କରନ୍ତି । ପ୍ରତୀକଟିକୁ କେବଳ ଏକ ଜଡ଼ନାମ୍ନିକ ସଙ୍କେତରୂପେହିଁ ବ୍ୟବହାର କରନ୍ତି; ଏବଂ ତତ୍ତ୍ୱର ଧର୍ମଗତ ଆତ୍ମାଟି ମାତ୍ର ନଥପାଉ ଥିବାରୁ, ଉପାସନା ଓ ରୂପଗୁଡ଼ିକୁ ଅବଶେଷରେ ହୁଏତ ବଦଳାଇ ଦେବାକୁ ହୁଏ ବା ତା' ନହେଲେ ସମ୍ପୂର୍ଣ୍ଣ ପରିତ୍ୟାଗ କରି ଦେବାକୁ ପଡ଼େ । ତେଣୁ ଏପରି କେତେକ ବ୍ୟକ୍ତି ମଧ୍ୟ ରହିଛନ୍ତି, ଯେଉଁମାନେ କି ଯାବତୀୟ ପ୍ରକାରର ଉପାସନା ଏବଂ ରୂପକୁ ଏହି କାରଣରୁ ସର୍ବଦା ସନ୍ଦେହର ଦୃଷ୍ଟିରେ ଦେଖନ୍ତି ଏବଂ ପରିତ୍ୟାଗ କରି ଅନୁଭବ କରନ୍ତି । ମାତ୍ର ଖୁବ୍ କମ୍ ସଂଖ୍ୟକ ବ୍ୟକ୍ତିହିଁ କୌଣସି ପ୍ରକାରର ବାହ୍ୟ ପ୍ରତୀକର ସାହାଯ୍ୟ ନନେଇ ତଥାପି ଚାଳ୍ୟନିର୍ବାହ କରିପାରିବେ, ଏବଂ ମନୁଷ୍ୟର ସ୍ୱଭାବ ମଧ୍ୟରେ ଏପରି ଗୋଟିଏ ଦିବ୍ୟ ଉପାଦାନ ମଧ୍ୟ ରହିଛି, ଯାହାକି ଆପଣାର ତଦ୍‌ଗତ ସମର୍ପଣଟିକୁ ସମ୍ପୂର୍ଣ୍ଣ କରିବା ଲାଗି ସର୍ବଦା ସେଗୁଡ଼ିକୁ ଆବଶ୍ୟକ ମନେ କରିଥାଏ । ପ୍ରତୀକ ଯେପର୍ଯ୍ୟନ୍ତ ଯଥାର୍ଥ, ସଶକ୍ତ, ସୁନ୍ଦର ତଥା ଆନନ୍ଦଦାୟକ ହୋଇ ରହିଥିବ, ସେପର୍ଯ୍ୟନ୍ତ ତାହାର ସାର୍ଥକତା ମଧ୍ୟ ସର୍ବଦା ବଳବତ୍ତର ରହିଥିବ; ଏବଂ ଏଠାରେ ହୁଏତ ଏପରି ମଧ୍ୟ କୁହାଯାଇ ପାରିବ ଯେ କୌଣସି ପ୍ରକାର ସୌନ୍ଦର୍ଯ୍ୟାତ୍ମକ ଓ ସ୍ୱବେଦନଗତ ଅନ୍ତଃସମ୍ପଦକୁ ସମ୍ପୂର୍ଣ୍ଣ ଭାବରେ ରହିତ ହୋଇ ରହିଥିଲେ କୌଣସି ଆଧ୍ୟାତ୍ମିକ ଚେତନାକୁ ସମ୍ପୂର୍ଣ୍ଣ ଭାବରେ ବା ଅନ୍ତତଃ ସମଗ୍ର ଭାବରେ କଦାପି ଆଧ୍ୟାତ୍ମିକ ବୋଲି କହି ହେବ ନାହିଁ । ଆଧ୍ୟାତ୍ମିକ ଜୀବନରେ ଏକ ସଦାପ୍ରେରକ ଏବଂ ପୂର୍ଣ୍ଣତାବିଧାୟୀ ଆଧ୍ୟାତ୍ମିକ ଚେତନାକୁହିଁ ଆମେ ସକଳ ଧର୍ମର ଯଥାର୍ଥ ଭିତ୍ତି ବୋଲି ଜାଣିବା, ସେହି ଚେତନା ସର୍ବଦା ନାନା ରୂପ ଉପରେ ଆପଣାକୁ ବ୍ୟକ୍ତ

ପ୍ରତ୍ୟେକ ସୁପ୍ତ ସତ୍ତା ଯାହା ଅନୁଭବ କରୁଛୁ ଓ ଅନ୍ତର୍ଗତ ଭାବରେ ଇଚ୍ଛା କରୁଛୁ, ତାହାକୁ ଏକ ମୂର୍ତ୍ତି ରୂପ ଆଣି ଦେବା ଲାଗି ତାହା ମଧ୍ୟରେ ଏକ ପ୍ରୟୋଜନ, ଏକ ଆବଶ୍ୟକତା, ଏକ ଏକାନ୍ତ ଆବଶ୍ୟକତା ରହିଥାଏ । ଯେଉଁମାନେ ଆତ୍ମ-ଉପଲବ୍ଧି ସକାଶେ ସର୍ବଦା ଜୀବନକୁ ଏଡ଼ି ଦୂରରେ ରହିବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କୁ ମୁଁ ଅସୁସ୍ଥ ଏବଂ ଅପୂର୍ଣ୍ଣ ବୋଲହିଁ ବିଚାର କରିଥାଏ । ଏବଂ ବସ୍ତୁତଃ, ଏମାନଙ୍କୁ ଦୁର୍ବଳପ୍ରକୃତିର ଲୋକ ବୋଲି କହିବାକୁ ହେବ । ମାତ୍ର ଯେଉଁମାନଙ୍କର ବଳ ଅଛି, ଶକ୍ତି ଅଛି ଏବଂ ଆପଣା ଭିତରେ ଏକ ପ୍ରକାରର ସୁସ୍ଥ ସମତାବସ୍ଥା ମଧ୍ୟ ରହିଛି, ସେମାନେ ଆପଣାର ଆଧ୍ୟାତ୍ମିକ ଉପଲବ୍ଧିଟିକୁ ସମ୍ପୂର୍ଣ୍ଣ ମୂର୍ତ୍ତି ଭାବରେ ଉପଲବ୍ଧି କରିବାର ଆବଶ୍ୟକତାଟିକୁ ଏକାନ୍ତ ଭାବରେ ଅନୁଭବ କରିଥାନ୍ତି । ମେଘ ଭିତରକୁ ଉଡ଼ିଯାଇ ଅଥବା ଯେଉଁଠି କୌଣସି ରୂପ ଆଉ ସମ୍ଭବ ହେଉ ନାହାନ୍ତି, ସେହିପରି କୌଣସି ନା କୌଣସି ପୃଥିବୀକୁ ପଳାଇଯାଇ ସେମାନେ ମୋଟେ ସନ୍ତୁଷ୍ଟ ହୋଇ ପାରନ୍ତି ନାହିଁ । ସେମାନଙ୍କର ଯାବତୀୟ ଅନ୍ତରନୁଭୂତିରେ ସେମାନଙ୍କର ଭୌତିକ ଚେତନା ଓ ଏପରିକି ସେମାନଙ୍କର ଏହି ଶରୀର ମଧ୍ୟ ଯେପରି ଅବଶ୍ୟ ଅଂଶ ଗ୍ରହଣ କରିପାରିବ, ସେମାନେ ତାହାହିଁ ଇଚ୍ଛା କରୁଥାନ୍ତି ।

ବର୍ତ୍ତମାନ ଆମେ ହୁଏତ ଏପରି ମଧ୍ୟ କହିପାରିବା ଯେ ଯେଉଁ ଧର୍ମକୁ ଆମେ ଆଗରୁ ଗଠିତ ଓ ନିର୍ମିତ ହୋଇ ରହିଥିବାର ଯେପରି ଦେଖିବାକୁ ପାଇବା, ସେହି ଧର୍ମରେ ଠିକ୍ ସେହିପରି ଭାବରେ ଅଂଶଗ୍ରହଣ କରିବା, ତାହାକୁ ଆପଣାର ବୋଲି ଗ୍ରହଣ କରିନେବା ଅଥବା ତାହାର ପଥଟିକୁ ଅନୁସରଣ କରିବାର ଆବଶ୍ୟକତାଟି ଅଧିକତର ଭାବରେ ମନୁଷ୍ୟମାନଙ୍କ ମଧ୍ୟରେ ରହିଥିବା "ଯୂଥଭୁକ୍ତ ହୋଇ ରହିବାର ପ୍ରବୃତ୍ତିଟିରୁ"ହିଁ ଜନ୍ମଲାଭ କରିଥାଏ । ପ୍ରକୃତ କଥା ତ ଏହିପରି ହେବ ଯେ ପ୍ରତ୍ୟେକ ବ୍ୟକ୍ତି ତାହାର ଆପଣାର ଶ୍ରଦ୍ଧାର ଅନୁସରଣୀୟ ରୂପଟିକୁ ଅଥବା ଉପାସନାର ମାର୍ଗଟିକୁ ସ୍ୱୟଂ ଆବିଷ୍କାର କରିନେବ, ଯାହାକୁ କି ସିଏ ନିଜର ବୋଲି କହିପାରିବ

କହିପାରିବା ସକି ଗତିଶୀଳ ହୋଇ ରହିଥିବ ଅଥବା ନୂତନ ଉଦ୍ଭାବନାର ପ୍ରବାହଟି ଦ୍ୱାରା ତାହା ସର୍ବଦା ଯେକୌଣସି ରୂପରେ ସଙ୍କଟରେ ନୂତନ ବାଙ୍ଗଳା ଅର୍ଦ୍ଧେର ଯାଉଥିବ । ଅତୋଲୁ ଏହିପରି ଭାବରେ ପ୍ରକଟ କରି ରଖି ତାହା ଅପର ପ୍ରତ୍ୟେକ ଧର୍ମକୁ ଅମ୍ଭାର କୌଣସି ନା କୌଣସି ସଙ୍ଘର ଏକ ନିଗଡ଼ ପ୍ରଣାଳୀରେ ପରିଣତ କରି ରଖିଥିବ । ଏହାକୁହିଁ ଆମେ ସେହି ଚେତନାର ସୃଜନଶୀଳ ଦୃଷ୍ଟି ତଥା ପ୍ରେରଣାର ପ୍ରକୃତ ସ୍ୱଭାବ ବୋଲି କହିପାରିବା । ତେଣୁ ଠିକ୍ ଏହିପରି ଭାବରେହିଁ ଅଧ୍ୟାତ୍ମ ମାର୍ଗର ସାଧକକୁ ଆପଣା ନିଜର ସହ୍ୟଶୀଳ ହେବାକୁ ପଡ଼ିବ, ଅପରା ଜୀବନର ଭୂମିରେ ପରିବର୍ତ୍ତନ ଆଣିବାକୁ ପଡ଼ିବ ଏବଂ ତାହାର ମର୍ମସାଧନର ଭୂମିରେ ତାହାକୁ ମହିମାନ୍ୱିତ କରିଦେବାକୁ ପଡ଼ିବ ।"

(ଯୋଗସମନ୍ୱୟ, ପୃଷ୍ଠା-୧୫୩)

'oaob.nitrkl.ac.in' images reprocessed

ଏବଂ ଦିବ୍ୟ ପରମସତ୍ତାଙ୍କ ସହିତ ଯାହାର ତାହାର ସ୍ୱକୀୟ ସ୍ୱତନ୍ତ୍ର ସମ୍ବନ୍ଧଟିକୁ ଅତ୍ୟନ୍ତ ସ୍ୱତଃପ୍ରେରିତ ଏବଂ ବ୍ୟକ୍ତିଗତ ଭାବରେ ଅଭିବ୍ୟକ୍ତ କରି ପାରୁଥିବ । ତାହାକୁହିଁ ଆମେ ଆଦର୍ଶ ସ୍ଥିତି ବୋଲି କହିବା ।

କୌଣସି ଧର୍ମରେ ଆମେ ଜନ୍ମଗ୍ରହଣ କରିଛୁ ବା ଆମେ ଯେଉଁ ଲୋକମାନଙ୍କୁ ଭଲ ପାଉଛୁ ଓ ବିଶ୍ୱାସ କରୁଛୁ, ସେମାନେ ସେହି ଧର୍ମର ପାଳନ କରୁଛନ୍ତି; ଅଥବା, ଅନ୍ୟମାନେ ଯେଉଁଠାରେ ପ୍ରାର୍ଥନା ଓ ଉପାସନା କରୁଛନ୍ତି, ଆମେ ମଧ୍ୟ ସେହି ନିର୍ଦ୍ଦିଷ୍ଟ ସ୍ଥାନଟିକୁ ସେହି ଉଦ୍ଦେଶ୍ୟରେ ଯାଉଛୁ ଏବଂ ସେହିଠାରେହିଁ ଆମେ ମଧ୍ୟ ଆମ ପ୍ରାର୍ଥନା ଏବଂ ଉପାସନାରେ ସହାୟତା ଲାଭ କରିପାରୁଛୁ ବୋଲି ଅନୁଭବ କରୁଛୁ,—ଏହିସବୁ କାରଣରୁ ଯଦି ଆମେ କୌଣସି ଧର୍ମକୁ ନିଜର ଧର୍ମ ବୋଲି ମାନିନେଇ, ତେବେ ତାହାକୁ ଏକ ଖୁବ୍ ବେଶୀ ଦୃଢ଼ ଓ ଶକ୍ତିମାନ୍ ପ୍ରକୃତିର ସଙ୍କେତ ବୋଲି କଦାପି କୁହାଯିବ ନାହିଁ । ମୁଁ ତ ବରଂ କହିବି ଯେ ଏହା ହେଉଛି ଦୁର୍ବଳତାର ଏକ ସଙ୍କେତ ବା ଅନ୍ତତଃ, ଏହି କ୍ଷେତ୍ରରେ ଯେ ମୌଳିକତାର ଏକାନ୍ତ ଅଭାବ ରହିଛି, ତାହାର ସଙ୍କେତ ।

ମାତ୍ର ନିଜର ଅନ୍ତର୍ଗତ ଅଭୀପ୍ସା ଏବଂ ଶ୍ରଦ୍ଧାକୁ ନିଜ ଜାଗତିକ ଜୀବନର ନାନା ରୂପରେ ଅଭିବ୍ୟକ୍ତ କରିଦେବାର ଇଚ୍ଛାଟିକୁ ନିଶ୍ଚୟ ସମ୍ପୂର୍ଣ୍ଣ ସ୍ୱାଭାବିକ ବୋଲି କୁହାଯିବ; ଏବଂ, ଯେଉଁ ବ୍ୟକ୍ତି ଆପଣାକୁ ଦୁଇ ଭାଗରେ ବିଭକ୍ତ କରିଦେଉଛି, ବିଲ୍କୁଲ୍ ସାଧାରଣ ଗତାନୁଗତିକ ଭାବରେ ଓ ବିଲ୍କୁଲ୍ ଯନ୍ତ୍ରବତ୍ ଆପଣାର ଜାଗତିକ ଜୀବନଟିକୁ ବଞ୍ଚୁଛି ଏବଂ ତା'ପରେ ଯେତେବେଳେ ପାରୁଛି ଓ ଯେତେବେଳେ ସମୟ ପାଉଛି, ବା ଯେତେବେଳେ ତାକୁ ସୁବିଧା ହେଉଛି, ସେତେବେଳେ ଆପଣା ଭିତରକୁ ଅପସାରିତ ହୋଇ ଯାଉଛି, ଜାଗତିକ ଜୀବନରୁ ପଳାଇ ଯାଉଛି, ଏହି ଜାଗତିକ ଚେତନା ମଧ୍ୟରୁ ବି ପଳାୟନ କରୁଛି ଏବଂ ଆପଣାର ଆଧ୍ୟାତ୍ମିକ ଆନନ୍ଦଟିକୁ ଲାଭ କରିବ ବୋଲି ଦୂରସ୍ଥ କୌଣସି ପର୍ବତଶିଖରରେ ଯାଇ ବାସ କରୁଛି, ସେହି ବ୍ୟକ୍ତି ଅପେକ୍ଷା ପ୍ରଥମୋକ୍ତ ବ୍ୟକ୍ତିର କାର୍ଯ୍ୟଟିକୁ ନିଶ୍ଚୟ ଅଧିକ ନିଷ୍ଠାଯୁକ୍ତ ବୋଲି କୁହାଯିବ ।

ଯେଉଁ ବ୍ୟକ୍ତି ଆପଣାର ଜାଗତିକ ଜୀବନକୁ ତା'ର ଉଚ୍ଚତମ ଅଭୀପ୍ସାରହିଁ ଏକ ଅଭିବ୍ୟକ୍ତିରେ ପରିଣତ କରିବା ଲାଗି ଅବିରତ ପ୍ରୟାସ କରିବାରେ ଲାଗିଛି, ତାହାକୁ ଆମେ, ଯିଏ ଆପଣାର ଜୀବନକୁ ଦୁଇ ଭାଗ କରି ରଖିଛି ଓ ବାହାରର ଜୀବନଟା ପ୍ରକୃତରେ କିଛି ନୁହେଁ, ତାହାର କେବେହେଲେ କୌଣସି ପରିବର୍ତ୍ତନ ହେବ ନାହିଁ ଏବଂ ତେଣୁ ତାହା ଯେପରି ଭାବରେ ରହିଛି, ତାହାକୁ ସେହିପରି ଭାବରେହିଁ ଗ୍ରହଣ କରିନେବାକୁ ହେବ ଏବଂ ବସ୍ତୁତଃ କେବଳ ଅନ୍ତର୍ଗତ

ଦୃଷ୍ଟିକୋଣଟିରୁହିଁ ଯାହାକରୁ ଅସଲ ମୂଲ୍ୟ ବା ମହତ୍ତ୍ୱ ରହିଛି ବୋଲି କହୁଛି, ତା'ଠାରୁ ସର୍ବଦା ଅଧିକ ଭବ୍ୟ, ଅଧିକ ସାଧୁ ଏବଂ ଅଧିକ ନିଷ୍ଠାଯୁକ୍ତ ବୋଲି କହିବା ।

(ମାଆ ନୀରବ ରହିଲେ)

ମୋ ପାଖରେ ପ୍ରଶ୍ନର ସଂଖ୍ୟା ବଢ଼ି ବଢ଼ି ଯାଉଛି ! ଏବଂ ମୋତେ କହିବାକୁ ପଡ଼ିବ ଯେ ସେହି ପ୍ରଶ୍ନଗୁଡ଼ିକ ସବୁଯାକ ଆଦୌ ସମାନ ଭାବରେ ଆଗ୍ରହୋଦ୍ଦୀପକ ବି ନୁହନ୍ତି । ମାତ୍ର, ପଠାଇଥିବା ବ୍ୟକ୍ତିମାନଙ୍କୁ ନିରାଶ ନକରିବା ପାଇଁ ମୁଁ ସେଗୁଡ଼ିକରୁ ହୁଏତ ଗୋଟିଏ ବା ଦୁଇଟିର ଆଲୋଚନା କରିପାରିବି ।

ପ୍ରଥମତଃ, ତୁମମାନଙ୍କ ଭିତରୁ କେତେଜଣ କୌଣସି ସ୍ୱାକ୍ଷର ନଦେଇ ମୋ ପାଖକୁ ପ୍ରଶ୍ନ ପଠାଇବାରେ ଅଭ୍ୟସ୍ତ ହୋଇଗଲଣି; ତୁମେମାନେ ଭୟ କରୁଛ ଯେ ପ୍ରଶ୍ନ ପଠାଇଥିବା ବ୍ୟକ୍ତିର ନାମକୁ ମୁଁ ଏଠାରେ ହୁଏତ ପ୍ରକାଶ କରିଦେବି ! ମୁଁ କଦାପି ସେକଥା କରିବି ନାହିଁ, ତୁମେମାନେ ସେ ବିଷୟରେ ନିଶ୍ଚିନ୍ତ ରହିପାର । ଏବଂ ମୁଁ କୌଣସି ଅପ୍ରୀତିକର ମନ୍ତବ୍ୟ ପ୍ରକାଶ କରି ପକାଇଲେ ମଧ୍ୟ, ସେହି ମନ୍ତବ୍ୟଟି କାହା ଉଦ୍ଦେଶ୍ୟରେ କରାଯାଉଛି, ସେକଥା କେହି ଜାଣି ପାରିବେ ନାହିଁ । (ସମସ୍ତେ ହସି ଉଠିଲେ)

ହଁ, ଆଉ ଗୋଟିଏ କଥା ବି ରହିଛି । ତୁମମାନଙ୍କ ଭିତରୁ କେତେଜଣ କହନ୍ତି କଷ୍ଟ ହେବ ବୋଲି ପ୍ରଶ୍ନଗୁଡ଼ିକୁ ଫରାସୀ ଭାଷାରେ ମୋତେ ପଠାନ୍ତି ନାହିଁ । ମୁଁ ଅବଶ୍ୟ ତୁମମାନଙ୍କୁ ପ୍ରକାଶ୍ୟରେ ଜଣାଇ ଦେଇ ନଥିଲି ଯେ ମୁଁ କେବଳ ଫରାସୀ ଭାଷାରେ ପଚରା ଯାଇଥିବା ପ୍ରଶ୍ନଗୁଡ଼ିକରହିଁ ଉତ୍ତର ଦେବି; ତେଣୁ ବର୍ତ୍ତମାନ ଗୋଟିଏ ଦୁଇଟି ପ୍ରଶ୍ନର ମୁଁ ଫରାସୀ ତର୍ଜମା କରି ଆଣିଛି । ମାତ୍ର ଭବିଷ୍ୟତରେ, ମୁଁ ତୁମର ପ୍ରଶ୍ନଗୁଡ଼ିକ ଉପରେ କୌଣସି ବିଚାର କରେ ବୋଲି ଯଦି ତୁମେମାନେ ଇଚ୍ଛା କରୁଥାଅ, ତେବେ ସେଗୁଡ଼ିକୁ ଫରାସୀ ଭାଷାରେ ବ୍ୟକ୍ତ କରିବାକୁ ହେବ । ସେଥିରେ ଗୁଡ଼ାଏ ଭୁଲ ହୋଇଗଲେ ମଧ୍ୟ ସେଥିରେ ଆଦୌ କିଛି ଯାଏ ଆସେ ନାହିଁ; ମୁଁ ସେଗୁଡ଼ିକୁ ସଂଶୋଧନ କରିନେବି !

ଏଠାରେ ଇଂରାଜୀରେ ଗୋଟିଏ ପ୍ରଶ୍ନ ପଚରା ଯାଇଛି । ଏହାର ଉତ୍ତର ଅତ୍ୟନ୍ତ ସଂକ୍ଷିପ୍ତ । ମୋତେ ପଚରା ଯାଇଛି :

> "ଆଧ୍ୟାତ୍ମିକ ଜୀବନ ଲାଗି ପ୍ରସ୍ତୁତ ହେବାକୁ ହେଲେ ଆମେ ସର୍ବପ୍ରଥମେ କେଉଁ ଗୁଣଟିର ଅନୁଶୀଳନ କରିବା ?"

'oaob.nitrkl.ac.in' images reprocessed

ଏହି କଥାଟିକୁ ମୁଁ ଅନେକ ଥର କହିଛି, ମାତ୍ର ବର୍ତ୍ତମାନ ବି ତାହାକୁ ଆଉଥରେ କହିବାର ଏକ ସୁଯୋଗ ଆସି ପହଞ୍ଚିଛି : ଏହି ଗୁଣଟି ହେଉଛି ନିଷ୍ଠା ।

ଏପରି ଏକ ନିଷ୍ଠା, ଯାହା ସମଗ୍ର ହୋଇଥିବ, ଯାହା ସମ୍ପୂର୍ଣ୍ଣ ହୋଇଥିବ, କାରଣ ଅଧ୍ୟାତ୍ମମାର୍ଗରେ କେବଳ ଏକା ଏହି ନିଷ୍ଠାହିଁ ତୁମର ସୁରକ୍ଷା ପରି ହୋଇ ରହିଥିବ । ଯଦି ତୁମଠାରେ ନିଷ୍ଠା ନଥାଏ, ତୁମେ ପାଦେ ଯାଇ ଆର ପାଦରେହିଁ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ତଳେ ପଡ଼ିଯିବ ଏବଂ ଆପଣାର ମୁଣ୍ଡ ଫଟାଇବ । ତୁମର ଚତୁର୍ଦ୍ଦିଗରେ ଯାବତୀୟ ପ୍ରକାରର ଶକ୍ତି, ଇଚ୍ଛା, ପ୍ରଭାବ ଏବଂ ମୂର୍ତ୍ତିମାନ ତୁମକୁ ବେଢ଼ି ରହିଥିବେ, ତୁମର ଏହି ନିଷ୍ଠା ଭିତରେ ଅନ୍ତତଃ କେଉଁଠି ଏତେଟିକିଏ ଫାଟ ଦେଖାଯିବ ବୋଲି ଟାକି ବସିଥିବେ, ଏବଂ ତା'ପରେ ତତ୍କ୍ଷଣାତ୍ ସେମାନେ ସେହି ଫାଟଟି ମଧ୍ୟଦେଇ ତୁମ ଭିତରକୁ ଛୁଟି ଆସିବେ ଏବଂ ତୁମକୁ ନାନା ଫାନ୍ଦରେ ନେଇ ପକାଇ ଦେବାକୁ ଆରମ୍ଭ କରିବେ ।

ତେଣୁ, ଅନ୍ୟ କୌଣସି କଥା କରିବା ପୂର୍ବରୁ, କୌଣସି କଥା ଆରମ୍ଭ କରିବା ପୂର୍ବରୁ ବା କୌଣସି ଉଦ୍ୟମ କରିବା ପୂର୍ବରୁ ସର୍ବପ୍ରଥମେ ନିଶ୍ଚିତ ହେବାକୁ ପଡ଼ିବ ଯେ ତୁମେ ଯେ ଯଥାସାଧ୍ୟ କେବଳ ନିଷ୍ଠାଯୁକ୍ତ ହୋଇ ରହିଛ ତା' ନୁହେଁ, ମାତ୍ର ଅହୁରି ଅଧିକ ନିଷ୍ଠାଯୁକ୍ତ ହୋଇ ପାରିବା ଲାଗି ମଧ୍ୟ ତୁମର ପୂର୍ଣ୍ଣ ଅଭିପ୍ରାୟ ରହିଛି ।

କାରଣ, ସେହି ନିଷ୍ଠାହିଁ ତୁମର ଏକମାତ୍ର ସୁରକ୍ଷା ।

**ଏହି ମୂଳ ଗୁଣଟିର ଅନୁଶୀଳନ କରିବାକୁ ଯେଉଁ ପ୍ରୟାସ ହେବ, ତାହା ସାମୂହିକ ହୋଇ ପାରିବ କି ?**

ନିଶ୍ଚୟ ହୋଇପାରିବ । ପ୍ରାଚୀନ ଦୀକ୍ଷା-ସମ୍ପ୍ରଦାୟମାନଙ୍କରେ ପ୍ରକୃତରେ ଏହି ଦିଗରେହିଁ ଚେଷ୍ଟା କରା ଯାଉଥିଲା । ବର୍ତ୍ତମାନ ମଧ୍ୟ, ଅଳ୍ପ ବା ବହୁତ ପରିମାଣରେ ଆପଣାକୁ ଗୁପ୍ତ କରି ରଖୁଥିବା ସଂଗଠନମାନଙ୍କରେ ବା କ୍ଷୁଦ୍ର କେତେକ ଗୋଷ୍ଠୀରେ ସାମୂହିକ ଭାବରେ ସମସ୍ତେ ଯଥେଷ୍ଟ ପରିମାଣରେ ଏକନିଷ୍ଠବଦ୍ଧ ହୋଇ ରହିବାକୁହିଁ ଆପଣାର ଉଦ୍ଦେଶ୍ୟ କରି ରଖିଥାନ୍ତି; ପରିଣାମଟି ଯେପରି କୌଣସି ଜଣେ ବ୍ୟକ୍ତି ଦ୍ୱାରା ଉପଲବ୍ଧ ଏକ ପରିଣାମ ହୋଇ ନରହି ସମଗ୍ର ଗୋଷ୍ଠୀ ହାସଲ କରିଥିବା ଏକ ପରିଣାମ ହୋଇ ରହି ପାରିବ, ସେଥିଲାଗି ଯଥାସମ୍ଭବ ଅଧିକ ପରିପୂର୍ଣ୍ଣ ଉଦ୍ୟମ କରିବାହିଁ ସେହିସବୁ ଗୋଷ୍ଠୀର ଲକ୍ଷ୍ୟ ହୋଇ ରହିଥାଏ ।

ମାତ୍ର, ଅତ୍ୟନ୍ତ ସ୍ପଷ୍ଟ କଥା ଯେ ତଦ୍ୱାରା ସମସ୍ୟାଟି ଭୟଙ୍କର ଭାବରେ ଜଟିଳ ହୋଇପଡ଼େ ।···ପ୍ରତ୍ୟେକ ଥର ଏକତ୍ରିତ ହେଲାବେଳେ ସେମାନେ ଏକ

'oaob.nitrkl.ac.in' images reprocessed

ସାମୂହିକ ସତ୍ତାକୁ ସମ୍ଭବ କରି ରଖିବାକୁ ଚେଷ୍ଟା କରୁଥାନ୍ତି; ମାତ୍ର ସାମୂହିକ ସ୍ତରରେ କୌଣସି ଏକ ଗୁଣର ଉପଲବ୍ଧି କରି ପାରିବାକୁ ହେଲେ, ସେଥିଲାଗି ପ୍ରଭୂତ ପରିମାଣରେ ଉଦ୍ୟମ କରିବା ଆବଶ୍ୟକ ହୋଇଥାଏ। ଅବଶ୍ୟ ତା' ବୋଲି ଯେ ତାହାକୁ ଅସମ୍ଭବ ବୋଲି କୁହାଯିବ, ସେକଥା ଆଦୌ ନୁହେଁ।

(ମାଆ ନୀରବ ରହିଲେ)

ମୋତେ ଆଉ ଗୋଟିଏ ପ୍ରଶ୍ନ ପଚରା ଯାଇଛି; ଏଇଟି ବେଶ୍ ଏକ ଅଧିକ ସୂକ୍ଷ୍ମ ପ୍ରଶ୍ନ। ମାତ୍ର ମୋତେ ଲାଗୁଛି ଏହା ପକ୍ଷରେ ବେଶ୍ ଏକ ସ୍ୱତନ୍ତ୍ର ଆଗ୍ରହ ନିହିତ ହୋଇ ରହିଛି।...ଜଣେ ପଚାରିଛନ୍ତି, ଦିବ୍ୟ ପରମସତ୍ତାଙ୍କ ନିକଟରେ, ତାଙ୍କର ସହିତ ସମ୍ମିଳିତ ହେବା ଲାଗି ଇଚ୍ଛା ପୋଷଣ କରିବାରେ ଯଥାର୍ଥ ପ୍ରଗାଢ଼ତାଟି କ'ଣ ହୋଇ ରହିବା ଉଚିତ ? ଏବଂ ତା'ପରେ ସେହି ବ୍ୟକ୍ତିଜଣକ ପୁନର୍ବାର କହିଛନ୍ତି ଯେ, ସିଏ ଆପଣା ଭିତରେ ଅଭୀପ୍ସାର ଦୁଇଟି ଧାରା ଆବିଷ୍କାର କରିଛନ୍ତି, ବିଶେଷ କରି ପରମ ଦିବ୍ୟସତ୍ତାଙ୍କ ଲାଗି ଅଭୀପ୍ସା ରଖିବାର ପ୍ରଗାଢ଼ତାର କ୍ଷେତ୍ରରେ ସିଏ ଏହିପରି ଏକ ଆବିଷ୍କାର କରିଛନ୍ତି : ଦୁଇଟି ମଧ୍ୟରୁ ଗୋଟିକରେ ଗୋଟାଏ ପ୍ରକାରର ବେଦନା ରହିଛି, ତୀବ୍ର ଯନ୍ତ୍ରଣା ପରି ଏକ ବେଦନା ରହିଛି, ଏବଂ ଅନ୍ୟଟିରେ, ଏକ ବ୍ୟଗ୍ରତା ରହିଛି, ମାତ୍ର ମୂଳପକ୍ଷ ସ୍ତରରେ ଏକ ପ୍ରଭୂତ ଆନନ୍ଦ ମଧ୍ୟ ରହିଛି।

ଏହା ଏକ ଯଥାର୍ଥ ଅବଲୋକନ। ଠିକ୍ ଏହିପରିହିଁ ହୋଇଥାଏ।

ଏବଂ, ପ୍ରଶ୍ନଟି ହେଉଛି ଏହିପରି :

"ଏହି ପ୍ରଗାଢ଼ତା କେତେବେଳେ ବେଦନା ସହିତ ମିଶ୍ରିତ ହୋଇ ରହିଥିବାର ଅନୁଭୂତ ହୁଏ ଏବଂ କେତେବେଳେ ସେଥିମଧ୍ୟରେ ଏକ ଆନନ୍ଦ ରହିଛି ବୋଲି ଅନୁଭବ କରାଯାଏ ?"

ତୁମମାନଙ୍କ ଭିତରୁ ଏକାଧିକ ବା ଅନେକଙ୍କର ଠିକ୍ ଏହିପରି ଏକ ଅଭିଜ୍ଞତା ରହିଛି କି ନାହିଁ ମୁଁ ଜାଣେ ନାହିଁ। ମାତ୍ର ଏହି ଅଭିଜ୍ଞତାଟି ଏକ ପ୍ରକୃତ ଅଭିଜ୍ଞତା, ବଡ଼ ସ୍ୱତଃପ୍ରେରିତ ସ୍ତରରେ ହେଉଥିବା ଏକ ଅଭିଜ୍ଞତା। ଏବଂ ଏହାର ଉତ୍ତରଟି ମଧ୍ୟ ଠିକ୍ ସେହିପରି ସରଳ।

ଚୈତ୍ୟ ଚେତନାର ଉପସ୍ଥିତିଟି ଅଭୀପ୍ସା ସହିତ ସଂଯୁକ୍ତ ହୋଇଯିବା ସଙ୍ଗେ ସଙ୍ଗେ ସେହି ପ୍ରଗାଢ଼ତା ଏକ ଭିନ୍ନ ସ୍ୱଭାବର ହେବାକୁ ଆରମ୍ଭ କରେ, ତାହା

ମତେଯେପରି ଏକ ଅଭିବ୍ୟକ୍ତିର ଅନ୍ତର ଆନନ୍ଦର ମୂଳଭୂତ ଉପାଦାନ ଦ୍ୱାରା ମୂର୍ତ୍ତ ହୋଇ ଅଛି, ଠିକ୍ ସେହିପରି ମନେ ହୁଏ। ଏବଂ ସେହି ଆନନ୍ଦଟି ଅନ୍ୟ ସକଳ ବସ୍ତୁରେ ମଧ୍ୟ ବିଦ୍ୟମାନ ରହିଥିବା ପରି ଅନୁଭୂତ ହୁଏ। ଅଭୀପ୍ସାର ଅନ୍ୟ ରୂପ ବା ପ୍ରକାରଟି ଯେପରି ହୋଇଥାଉ ପଛକେ, ତାହାକୁ ହୁଏତ ଯେକୌଣସି ବାଧା ଅଥବା ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ୁ ପଛକେ, ଏହି ଆନନ୍ଦଟି ସେହିଠାରେ ବିଦ୍ୟମାନ ରହିଥାଏ, ସତେଅବା ସବୁକିଛିକୁ ପୂର୍ଣ୍ଣ କରି ରଖିଥାଏ ଏବଂ ସବୁକିଛି ସତ୍ତ୍ୱେ ତାହା ତୁମକୁ ମଧ୍ୟ ଆପଣା ସହିତ ବହନ କରିନିଏ।

ଏଇଟି ହେଉଛି ଚୈତ୍ୟ ଉପସ୍ଥିତିର ଏକ ସୁନିଶ୍ଚିତ ସଙ୍କେତ। ଏହାର ଅର୍ଥ ହେଉଛି ଯେ, ତୁମେ ଆପଣାର ଚୈତ୍ୟ ଚେତନା ସହିତ ଏକ ସମ୍ପର୍କ ପ୍ରତିଷ୍ଠା କରି ପାରିଛ, ସେହି ସମ୍ପର୍କଟି ଅଳ୍ପବହୁତ ପରିପୂର୍ଣ୍ଣ ବି ହୋଇ ପାରିଛି, ଅଳ୍ପବହୁତ ସତତ ହୋଇ ପାରିଛି; ମାତ୍ର ସେହି ସମୟରେ ତୁମର ଚୈତ୍ୟ ସତ୍ତା ଏବଂ ଚୈତ୍ୟ ଚେତନାହିଁ ତୁମର ଅଭୀପ୍ସାକୁ ମୂର୍ତ୍ତ କରି ରଖିଥାଏ, ଏହାକୁ ତାହାର ଯଥାର୍ଥ ସମ୍ପଦଗୁଡ଼ିକୁ ଆଣି ଦେଇଯାଏ। ଏବଂ ତାହାହିଁ ଆନନ୍ଦରୂପେ ଉଚ୍ଛ୍ୱାସିତ ହୋଇ ଆସିବାକୁ ଲାଗେ।

ଯେତେବେଳେ ସେଇଟି ଉପସ୍ଥିତ ନଥାଏ, ସେତେବେଳେ ତୁମର ଅଭୀପ୍ସା ହୁଏତ ତୁମ ସତ୍ତାର ବିଭିନ୍ନ ସ୍ତରରୁହିଁ ଆସୁଥାଏ; ତାହା ହୁଏତ ପ୍ରଧାନତଃ ମନରୁ ଆସୁଥାଏ ବା ପ୍ରଧାନତଃ ପ୍ରାଣକ୍ଷେତ୍ରରୁ ବା ଏପରିକି ଜଡ଼ର କ୍ଷେତ୍ରରୁ ମଧ୍ୟ ଆସିଥାଏ; ବା, ହୁଏତ ତାହା ଏକାଠି ତିନୋଟିଯାକ କ୍ଷେତ୍ରରୁ ବି ଆସୁ ଥାଇପାରେ, —ଯାବତୀୟ ପ୍ରକାରର ସଂଯୋଗରୁ ମଧ୍ୟ ସମ୍ଭବ ହୋଇପାରେ। ମାତ୍ର ସାଧାରଣତଃ, ସେହି କ୍ଷେତ୍ରରେ ଏକ ପ୍ରଗାଢ଼ତା ସମ୍ଭବ ହେବାକୁ ହେଲେ ପ୍ରାଣିକ ଦିଗଟିକୁ ଅବଶ୍ୟ ଉପସ୍ଥିତ ରହିବାକୁ ହୋଇଥାଏ। ପ୍ରାଣିକ ଦିଗଟିହିଁ ଏହି ପ୍ରଗାଢ଼ତାଟିକୁ ଆଣିଦିଏ; ଏବଂ ସେହି ପ୍ରାଣିକହିଁ ଯୁଗପତ୍ ଭାବରେ ଅଧିକାଂଶ ବାଧା, ପ୍ରତିବନ୍ଧକ ଏବଂ ପରସ୍ପରବିରୋଧର ଆଧାର ହୋଇ ରହିଥିବାରୁ, ଅଭୀପ୍ସାର ପ୍ରଗାଢ଼ତା ଏବଂ ବାଧାଟିର ତୀବ୍ରତା ମଧ୍ୟରେ ଯେଉଁ ଘର୍ଷଣ ଓ ସଂଘାତଟି ଆସି ଉପସ୍ଥିତ ହୁଏ, ତାହାହିଁ ଏହି କ୍ଷେତ୍ରରେ ବେଦନାକୁ ଆଣି ଜନ୍ମ ଦେଇଥାଏ।

କିନ୍ତୁ ତା' ବୋଲି ଅଭୀପ୍ସାଟିକୁ ବନ୍ଦ କରିଦେବା ଲାଗି ଆଦୌ କୌଣସି କାରଣ ନାହିଁ।

ତୁମକୁ ଏହି ବେଦନାଟିକୁ ଜାଣି ରଖିବାକୁ ହେବ, ଏହି ବେଦନାର କାରଣଟିକୁ ଜାଣିବାକୁ ପଡ଼ିବ। ଏବଂ ତା'ପରେ, ତୁମେ ଆପଣାର ଅଭୀପ୍ସା ମଧ୍ୟରେ ଯଦି ଆଉ ଗୋଟିଏ ମାତ୍ର ଉପାଦାନକୁ ଆଣି ପ୍ରବିଷ୍ଟ କରାଇ ପାରିବ, ଅର୍ଥାତ୍, ଭଗବତ୍ ପରମକରୁଣା ଉପରେ ଓ ଭଗବାନ୍ ଯେ ଅବଶ୍ୟ ଅନୁମୋଦନ ଜଣାଇବେ,

'oaob.nitrkl.ac.in' images reprocessed

ଏହିପରି ଏକ ଦୃଢ଼ ଆସ୍ଥା ଉପରେ ବିଶ୍ୱାସସ୍ଥାପନ କରିପାରିବ, ତେବେ ତାହା ସମ୍ଭାବ୍ୟ ଯାବତୀୟ ବେଦନାର ପ୍ରତିଷେଧର ପରି କାମ କରିବ ଓ ତାହାକୁ ବ୍ୟର୍ଥ କରିଦେବ ଏବଂ ତା'ପରେ କୌଣସି ପ୍ରକାରେ ବ୍ୟାହତ ବା କ୍ଷତ ନହୋଇ ତୁମେ ଆପଣାର ଅଭୀପ୍ସାପଥରେ ନିଶ୍ଚିନ୍ତ ଅଗ୍ରସର ହୋଇ ପାରିବ।

ଏଥିରୁ ଆମେ ଆଉ ଗୋଟିଏ ଏପରି ପ୍ରସଙ୍ଗରେ ଆସି ପଡ଼ୁଥିବା, ଯାହାକୁ କ ପ୍ରତ୍ୟକ୍ଷ ଭାବରେ ଆଦୌ ଏକ ପ୍ରଶ୍ନ ବୋଲି କୁହାଯାଇ ପାରିବ ନାହିଁ; ତାହାକୁ ବ୍ୟାଖ୍ୟା ଲାଗି ଏକ ଅନୁରୋଧ ବୋଲିହିଁ କୁହାଯିବ, ବିଷୟଟି ଉପରେ ଏକ ଟିପ୍ପଣୀ ଓ ତାହାର ଏକ ସମସିଦ୍ଧାନ୍ତ ବୋଲି ମଧ୍ୟ କୁହାଯିବ। ତାହା ହେଉଛି ସେହି ପରମ କରୁଣା ସମ୍ବନ୍ଧରେ।

ମୁଁ କୌଣସି ଏକ ପ୍ରସଙ୍ଗରେ କହିଛି କିଂବା ଲେଖିଛି ଯେ, ଭଗବନ୍ତ ପରମକରୁଣା ଉପରେ ତୁମର ବିଶ୍ୱାସ ଏବଂ ଆସ୍ଥା ଯେତେ ଅଧିକ ହୋଇଥାଉ ପଛକେ, ଯାବତୀୟ ପରିସ୍ଥିତିରେ, ସକଳ ମୁହୂର୍ତ୍ତରେ ଓ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ତାହାକୁ ସକ୍ରିୟରୂପେ ଦେଖି ପାରିବା ଲାଗି ତୁମ ଭିତରେ ଯେତେ ଅଧିକ ସାମର୍ଥ୍ୟ ରହିଥାଉ ପଛକେ, ତୁମେ କଦାପି ତାହାର ସେହି ପରମ କ୍ରିୟାର ବିସ୍ମୟକାରୀ ବିପୁଳତାକୁ ବୁଝିବାରେ ସଫଳତା ହାସଲ କରି ପାରିବ ନାହିଁ। ଏବଂ ଯେଉଁପରି ନିର୍ଭୁଲ ଓ ନିଖୁଣ ଭାବରେ ସେହି ପରମ କ୍ରିୟାଟି ସମ୍ପାଦିତ ହୋଇଥାଏ, ତୁମେ ତାହାକୁ କେବେହେଲେ ବୁଝି ପାରିବ ନାହିଁ। ସେହି ପରମ କରୁଣା କିପରି ପ୍ରତ୍ୟେକ କାର୍ଯ୍ୟ କରୁଛି, ସବୁକିଛିର ପଶ୍ଚାତରେ ରହିଛି, ସବୁକିଛିକୁ ସଂଗଠିତ କରୁଛି, ପରିଚାଳିତ କରୁଛି, ଯେପରିକି ଦିବ୍ୟ ଉପଲବ୍ଧି ଲାଗି ହେଉଥିବା ଅଗ୍ରାଭିମୁଖୀ ଯାତ୍ରାଟି ଦ୍ରୁତ ହୋଇପାରିବ, ସମ୍ପୂର୍ଣ୍ଣ ହୋଇପାରିବ, ପୃଥିବୀ-ପରିବେଶର ପୃଷ୍ଠଭୂମିରେ ଯଥାସମ୍ଭବ ଅଧିକ ସମଗ୍ର ଓ ଅଧିକ ସୌଷମ୍ୟଯୁକ୍ତ ହୋଇପାରିବ, ସେକଥା ବୁଝି ପାରିବା ଲାଗି ତୁମେ କଦାପି ସମର୍ଥ ହେବ ନାହିଁ।

ତୁମେ ଯେଉଁ ମୁହୂର୍ତ୍ତରେ ତାହାର ସମ୍ପର୍କରେ ଆସିପାରିବ, ସେତେବେଳେ ସମୟର କ୍ଷେତ୍ରରେ କୌଣସି ଗୋଟିଏ ମୁହୂର୍ତ୍ତ ବା ଦେଶର କ୍ଷେତ୍ରରେ କୌଣସି ଗୋଟିଏ ବିନ୍ଦୁ ମଧ୍ୟ ନଥିବ, ଯାହାକି ତୁମର ଆଖିକୁ ଝଲସାଇ ଦେଇ ପରମ କରୁଣାର ଏହି ଚିରନ୍ତନ କ୍ରିୟାଶୀଳତାକୁ ଦେଖାଇ ଦେଇ ନପାରିବ, ପରମ କରୁଣା କିପରି ସର୍ବତ୍ର ସତତ ଆସି ହସ୍ତକ୍ଷେପ କରୁଛି, ତାହାକୁ ଦେଖାଇ ଦେଇ ନପାରିବ।

ଏବଂ ଥରେ ତୁମେ ତାହାକୁ ଦେଖିପାରିବା ପରେ, ତୁମେ ଅନୁଭବ କରିବ ଯେ ତୁମେ କଦାପି ତାହାର ସମକକ୍ଷ ହୋଇ ପାରିବ ନାହିଁ। କାରଣ ତୁମେ ତା'ପରେ ତାକୁ ଆଉ କଦାପି ଭୁଲି ପାରିବ ନାହିଁ, ତା'ପରେ ତୁମର ଆଉ କୌଣସି ଭୟ ରହିବ ନାହିଁ, କୌଣସି ବ୍ୟଥା ବା ବେଦନା ରହିବ ନାହିଁ, କୌଣସି ଶୋଚନା

'oaob.nitrkl.ac.in' images reprocessed

ଅଥବା ପୁନରାଘାତ ବି ରହିବ ନାହିଁ…ଏପରିକି କୌଣସି ଦୁଃଖ ବି ରହିବ ନାହିଁ । ଯଦି ତୁମେ ସେହି ପରମ କରୁଣା ସହିତ ଆପଣାକୁ ସଂଯୁକ୍ତ କରି ରଖିପାର, ଯଦି ତୁମେ ତାହାକୁ ସର୍ବଦା ପ୍ରତ୍ୟକ୍ଷ କରିପାର, ତେବେ ତୁମର ଜୀବନ ପ୍ରକୃତରେ ଉଲ୍ଲାସ ଦ୍ୱାରା ପୂର୍ଣ୍ଣ ହୋଇଯିବାକୁ ଆରମ୍ଭ କରିବ, ସର୍ବଶକ୍ତିମତ୍ତା ଓ ଅନନ୍ତ ସୁଷମସ୍ୱତା ଦ୍ୱାରା ପରିପୂର୍ଣ୍ଣ ହୋଇ ରହିବାକୁ ଆରମ୍ଭ କରିବ ।

ଏବଂ ତାହାକୁହିଁ ଦିବ୍ୟ କାର୍ଯ୍ୟରେ ସମ୍ଭାବ୍ୟ ଶ୍ରେଷ୍ଠତମ ସହଯୋଗ କରିବା ବୋଲି କୁହାଯିବ ।

## ୮ ଅଗଷ୍ଟ ୧୯୫୭

ମାଆ, ଶ୍ରୀଅରବିନ୍ଦ ଲେଖିଛନ୍ତି : "ତେଣୁ ଆମର ଭିତରେହିଁ ଏକ ଚୈତ୍ୟ ଅଗ୍ନିକୁ ପ୍ରଜ୍ୱଳିତ କରିବାକୁ ପଡ଼ିବ ଏବଂ ଆପଣା ଉପରେ ସେହି ଦିବ୍ୟ ଚରମନାମକୁ ଅଙ୍କିତ କରି ରଖିଥିବା ସବୁକିଛିକୁହିଁ ସେହି ଅଗ୍ନି ମଧ୍ୟକୁ ଉଜାଇଁ ଦେବାକୁ ପଡ଼ିବ ।"

ଯୋଗସମନ୍ୱୟ, ପୃଷ୍ଠା-୧୫୫

ଚୈତ୍ୟ ଅଗ୍ନି ସର୍ବଦା ପ୍ରଜ୍ୱଳିତ ହୋଇ ରହି ନଥାଏ କି ?

ନା, ସବୁବେଳେ ପ୍ରଜ୍ୱଳିତ ହୋଇ ରହି ନଥାଏ ।

ତେବେ ତାକୁ କିପରି ଜଳାଇବାକୁ ପଡ଼ିବ ?

ଅଭୀପ୍ସା ଦ୍ୱାରା ।

ଉନ୍ନତର ହେବାର ଇଚ୍ଛା ଦ୍ୱାରା, ଅଧିକରୁ ଅଧିକ ପରିପୂର୍ଣ୍ଣ ହୋଇ ପାରିବା ଲାଗି ଏକ ବଳବତ୍ତ ଆକାଂକ୍ଷା ଦ୍ୱାରା ।

ସର୍ବୋପରି, ଅଗ୍ରଗତି କରିବା ଲାଗି ରହିଥିବା ଇଚ୍ଛା ଏବଂ ଆପଣାକୁ ଅଧିକରୁ ଅଧିକ ଶୁଦ୍ଧ କରି ପାରିବାର ଆକାଂକ୍ଷାହିଁ ସେହି ଅଗ୍ନିକୁ ପ୍ରଜ୍ୱଳିତ କରିଥାଏ । ହଁ, ଅଗ୍ରଗତି କରିବାର ଇଚ୍ଛା । ଯେଉଁମାନଙ୍କ ଭିତରେ ଏକ ବଳବତ୍ତ ଇଚ୍ଛା

'oaob.nitrkl.ac.in' images reprocessed

ବର୍ତ୍ତମାନ ରହିଥାଏ, ସେମାନେ ଯେତେବେଳେ ସେହି ଇଚ୍ଛାକୁ ଆଧ୍ୟାତ୍ମିକ ଅଗ୍ରଗତି ଏବଂ ଶୁଦ୍ଧୀକରଣ ଆଡ଼କୁ ମୁହାଁଇଦେଇ ପାରନ୍ତି, ସେମାନେ ଆପଣା ଭିତରେ ସ୍ୱତଃ ଆଲୋକଟିକୁ ଜଳାଇ ଦିଅନ୍ତି ।

ଏବଂ, ଆମେ ଦୂର କରିଦେବାକୁ ଚାହୁଁଥିବା ଆମର ପ୍ରତ୍ୟେକଟି ଅଭାବ ଏବଂ ହାସଲ କରିବାକୁ ଚାହୁଁଥିବା ପ୍ରତ୍ୟେକଟି ଅଗ୍ରଗତି,—ଯଦି ସେହି ସବୁକିଛିକୁ ଆମେ ସେହି ଅଗ୍ନି ମଧ୍ୟକୁ ନିକ୍ଷିପ୍ତ କରିଦେଇ ପାରିବା, ତେବେ ତାହା ଏକ ନୂତନ ଦୀପ୍ତି ଏବଂ ପ୍ରଗାଢ଼ତା ସହିତ ଜଳିବାକୁ ଆରମ୍ଭ କରିବ । କେବଳ କଳ୍ପନାର ଗୋଟାଏ ପ୍ରତିରୂପ ହିସାବ କରି ମୁଁ ଏକଥା କହୁ ନାହିଁ, ଏହା ଏକ ସତ୍ୟକଥା ଏବଂ ସୂକ୍ଷ୍ମଭୌତିକ ସ୍ତରରେ ଏହି କଥାଟି ଘଟିଥାଏ । ଆମେ ସେହି ଅଗ୍ନିଟିର ଉଷ୍ଣତାଟିକୁ ମଧ୍ୟ ଅନୁଭବ କରି ପାରିବା, ସୂକ୍ଷ୍ମଭୌତିକ ସ୍ତରରେ ଆମେ ସେହି ଆଲୋକଟିର ସନ୍ଦର୍ଶନ ବି କରିପାରିବା । ଏବଂ ଯେତେବେଳେ ଆମର ପ୍ରକୃତି ଭିତରେ ଏପରି କିଛି ରହିଥିବ, ଯାହାକି ଆମକୁ ଅଗ୍ରଗତିପଥରେ ବାଧା ଦେଇ ରଖିଥିବ ଏବଂ ଆମେ ଯଦି ସେଇଟିକୁ ସେହି ଅଗ୍ନିଟି ମଧ୍ୟକୁ ନିକ୍ଷିପ୍ତ କରିଦେଇ ପାରିବା, ତେବେ ସେଇଟି ମଧ୍ୟ ତାହା ସହିତ କୁଆଡ଼େ ଜଳିଯିବ ଏବଂ ତାହାର ଫଳରେ ଅଗ୍ନିଟି ଆହୁରି ଅଧିକ ପ୍ରଜ୍ୱଳିତ ଏବଂ ଦୀପ୍ତ ହୋଇ ଉଠିବ ।

"କାରଣ ଭକ୍ତି ଯେତେବେଳେ ଆପଣାକୁ କର୍ମ ଭିତରେ ମୂର୍ତ୍ତ କରି ରଖିଥାଏ, ସେତେବେଳେ ତାହା ଯେ କେବଳ ଆପଣାର ପଥଟିକୁହିଁ ପ୍ରଶସ୍ତ, ପୂର୍ଣ୍ଣ ଏବଂ ଗତିଶୀଳ କରିଦିଏ ତା' ନୁହେଁ, ମାତ୍ର ତାହା ଏକାଧାରରେ ଜଗତର ଯାବତୀୟ କର୍ମର କଠିନତର ପଥଟି ଉପରକୁ ଆନନ୍ଦ ତଥା ପ୍ରେମର ସେହି ଦିବ୍ୟ ଆବେଗମୟ ଉପାଦାନଟିକୁ ମଧ୍ୟ ବହନ କରି ନେଇଆସେ; ଆପଣାର ପ୍ରାରମ୍ଭିକ ପର୍ଯ୍ୟାୟରେ ଯେତେବେଳେ କର୍ମ କେବଳ ସେହି କଠୋର ନିର୍ବ୍ୟକ୍ତିକ ସଂକଳ୍ପଟିରେହିଁ ପର୍ଯ୍ୟବସିତ ହୋଇ ରହିଥାଏ ଏବଂ ଯେତେବେଳେ ସେହି ସଂକଳ୍ପ ଏକ ସଂଗ୍ରାମକ୍ଳେଶମୟ ଉଦ୍ବେଳକ ସନ୍ଧାନର ଜ୍ଞାନ ଆବେଦନଟିକୁହିଁ ଅନୁସରଣ କରିବାରେ ଲାଗିଥାଏ ଓ ହୃଦୟ ତଥାପି ସୁପ୍ତ ହୋଇ ରହିଥାଏ ଅଥବା ତାହାକୁ ନୀରବ କରି ରଖି ଦିଆ ଯାଇଥାଏ, ସେତେ-ବେଳେ ସେହି କର୍ମରୁ ସେହି ପୁଲକ ଓ ପ୍ରେମ ଅନୁପସ୍ଥିତ ହୋଇ

'oaob.nitrkl.ac.in' images reprocessed

ରହିଥାନ୍ତି । ଦିବ୍ୟ ପ୍ରେମର ଭାବଟି ପ୍ରବେଶ କରି ପାରିଲେ ପଥର କଠିନତା କ୍ରମଶଃ ହ୍ରାସ ହୋଇଆସେ, ସଂଘାତ ହ୍ରାସ ଓ ହାଲୁକା ହୋଇଆସେ, ଏବଂ ସକଳ ଆପ୍ରାସ ଓ ସଂଗ୍ରାମ ଭିତରେ ମଧ୍ୟ ଏକ ମଧୁରତା ଓ ପୁଲକିତତା ଅନୁଭୂତ ହେବାକୁ ଲାଗେ ।”

ତତ୍ରୈବ, ପୃଷ୍ଠା-୧୪୪-୪୫

ନାନା ବାଧା ଭିତରେ ପଡ଼ିଥିଲା ବେଳେ ଆମେ ମଧୁରତା ଓ ପୁଲକିତତା ଅନୁଭବ କରିପାରିବା କିପରି ?

ହଁ, ଯେତେବେଳେ ବାଧାଟି ଭିତରେ ଅହଂର ଅପପ୍ରେରଣା ରହିଥାଏ ଓ ତାହା ଏକ ବ୍ୟକ୍ତିଗତ ବାଧାରୂପେ ଆସି ଉପସ୍ଥିତ ହୋଇଥାଏ, ସେତିକିବେଳେ ଯଦି କେହି ତାହାକୁ ସମର୍ପଣ କରିଦେଇ ଶୁଦ୍ଧୀକରଣର ଅଗ୍ନି ମଧ୍ୟକୁ ପକାଇଦେଇ ପାରେ, ତେବେ ସେ ତତ୍‌କ୍ଷଣାତ୍ ଅତ୍ରିଗଡ଼ଜନିତ ଏକ ଆନନ୍ଦକୁ ଅନୁଭବ କରିପାରିବ । ଏବଂ ଯେତେବେଳେ ନିଷ୍ଠାଯୁକ୍ତ ଭାବରେ ଏହି କାର୍ଯ୍ୟଟିକୁ କରାଯାଇପାରିବ, ସେତେବେଳେ ସଙ୍ଗେ ସଙ୍ଗେ ଏକ ଆନନ୍ଦ ଉତ୍ସାରିତ ହୋଇ ଆସିବ ।

ନିରାଶ ହୋଇ ପଡ଼ିବା ଏବଂ ବିଳାପ କରିବା ପରିବର୍ତ୍ତେ ପ୍ରକୃତରେ ତାହାହିଁ କରିପାରିବା ଉଚିତ । ଯଦି ଆମେ ବାଧାଟିକୁ ସମର୍ପଣ କରିଦେଇ ପାରିବା ଏବଂ ରୂପାନ୍ତର ଓ ଶୁଦ୍ଧି ଲାଗି ନିଷ୍ଠାଯୁକ୍ତ ଭାବରେ ଅଭୀପ୍ସା ରଖିପାରିବା, ତେବେ ଆମେ ଆମ ହୃଦୟର ଗଭୀର ମଧ୍ୟରୁ ସତେଅବା ଆନନ୍ଦ ଉଚ୍ଛଳିତ ହୋଇ ଆସୁଥିବା ପରି ଅନୁଭବ କରିବା । ଏପରିକି, ଯେତେବେଳେ କୌଣସି ଏକ ତୀବ୍ର ଦୁଃଖର ରୂପରେ ସେହି ବାଧାଟି ଆସି ଆମ ସମ୍ମୁଖରେ ଉପସ୍ଥିତ ହୋଇଥିବ, ସେତେବେଳେ ହୁଏତ ଆହୁରି ଅଧିକ ସଫଳତା ସହିତ ଏହି କାର୍ଯ୍ୟଟିକୁ କରାଯାଇ ପାରିବ । ସେତେବେଳେ ଆମେ ଅନୁଭବ କରିପାରିବା ଯେ, ଏହି ଦୁଃଖ ଯେତେ ତୀବ୍ର ହୋଇଥିଲେ ମଧ୍ୟ ତାହାର ପଶ୍ଚାତରେ ଏକ ଦିବ୍ୟ ଆନନ୍ଦ ଅବଶ୍ୟ ବିଦ୍ୟମାନ ରହିଛି ।

(ମାଆ ନୀରବ ରହିଲେ)

ତେବେ ଆଜି କ’ଣ ସେତିକି ?

(ମାଆ ଲେଖା ହୋଇଥିବା କିଛିଏ ଚିଠି ବାହାର କରି ଦେଖାଇଲେ) ମୋର ଚିଠିଫାଇଲ୍ କ୍ରମଶଃ ଅଧିକରୁ ଅଧିକ ମୋଟା ହେବାରେ ଲାଗିଛି । ମୁଁ ଯେତେ ପ୍ରଶ୍ନର ଉତ୍ତର ଦେଇ ପାରିବ, ତା’ଠାରୁ ଅଧିକ ଚିଠି ମୋ ପାଖକୁ ଆସୁଛି ।

...ଗୋଟିଏ ଅତ୍ୟନ୍ତ ବ୍ୟାବହାରିକ ଧରଣର ଚିଠି ଅଛି, ମୁଁ ସର୍ବପ୍ରଥମେ ସେଇଟିର ଉତ୍ତର ଦେବି, କାରଣ ସେଇଟାକୁ ଖୁବ୍ ଶୀଘ୍ର ଦେଇହେବ । ପୁଣି, ଏହି ପ୍ରଶ୍ନଟିକୁ ମୋତେ ଅଧିକାଂଶ ସମୟରେ ପଚରା ଯାଇଛି । ଏବଂ ସମ୍ଭବତଃ ମୁଁ ବି ଏକାଧିକ ବାର ପ୍ରଶ୍ନଟିର ଉତ୍ତର ଦେଇ ସାରିଛି । ତଥାପି, ଆଉ ଥରେ ସେହି ଉତ୍ତରଟି ଦେଲେ କିଛି କ୍ଷତି ନାହିଁ ।

"ଗୂଢ଼ବିଦ୍ୟାର କ୍ଷେତ୍ରରେ ସଚେତନ ଭାବରେ କେତେକ ସାମର୍ଥ୍ୟ ରହି ନଥିଲେ, ଦୂରରେ କେହି ଜଣେ କୌଣସି ବାଧା ବା ବିପଦରେ ପଡ଼ିଥିବା ସମୟରେ ତାକୁ ସାହାଯ୍ୟ କରାଯାଇ ପାରିବ କି ବା ରକ୍ଷା କରାଯାଇ ପାରିବ କି ? ଯଦି କରାଯାଇ ପାରିବ, ତେବେ ଏହାର ବ୍ୟାବହାରିକ ପ୍ରକ୍ରିୟା କ'ଣ ?"

ଏବଂ ତା'ପରେ ଗୋଟିଏ ଉପପ୍ରଶ୍ନ :

"ଭାବନା କ'ଣ କରି ପାରିବ ?"

ବର୍ତ୍ତମାନ ଆମେ ଗୂଢ଼ବିଦ୍ୟାର ପ୍ରକ୍ରିୟାଟି ବିଷୟରେ ଆଦୌ କୌଣସି ଆଲୋଚନା କରିବା ନାହିଁ; ଅବଶ୍ୟ ଏକଥା ସ୍ୱୀକାର କରିବାକୁ ହେବ ଯେ, ଅଦୃଶ୍ୟ ଜଗତ ମଧ୍ୟରେ ଯେତେବେଳେ ଯାହାକିଛି ଘଟୁଛି, ତାହାକୁ ସଂଜ୍ଞା ଅନୁସାରେ ଗୂଢ଼ବିଦ୍ୟାର ଅନ୍ତର୍ଗତ ବୋଲି କହିବାକୁ ହେବ । ମାତ୍ର ତଥାପି, ବ୍ୟାବହାରିକ ଦୃଷ୍ଟିରୁ ବିଚାର କରି ଦେଖିଲେ, ଏହି କ୍ଷେତ୍ରରେ ଦୁଇଟି ପ୍ରକ୍ରିୟା ରହିଛନ୍ତି, ଯେଉଁଗୁଡ଼ିକ କି ପରସ୍ପରର ବହିର୍ଭୂତ ନୁହନ୍ତି, ସେମାନେ ପରସ୍ପରର ଅନୁପୂରକ ହୋଇ ରହିଛନ୍ତି, ମାତ୍ର ଆପଣାର ଅଧିକ ବା କମ୍ ଆବଶ୍ୟକତା ଅନୁସାରେ ଆମେ ସେଗୁଡ଼ିକୁ ନିଶ୍ଚୟ ଅଲଗା ଅଲଗା କରି ବ୍ୟବହାର କରିପାରିବା ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଭାବନା ହେଉଛି ଏହି ଦୁଇଟି ପଦ୍ଧତି ମଧ୍ୟରୁ ଗୋଟିକର ଗୋଟିଏ ଅଂଶ, ବେଶ୍ ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ । ମୁଁ ତୁମମାନଙ୍କୁ ଆଗରୁ ଏକାଧିକ ଥର କହିଛି ଯେ ଯଦି ଆମେ ସ୍ପଷ୍ଟ ଏବଂ ଶକ୍ତିମନ୍ତ ଭାବରେ ଭାବିବାକୁ ସମର୍ଥ ହେବା, ତେବେ ଆମର ମନ ଭିତରେ ଏକ ନିର୍ଦ୍ଦିଷ୍ଟ ଧାରଣା ମୂର୍ତ୍ତି ହୋଇ ଆସିବ, ଏବଂ ମନରେ ଏହିପରି ମୂର୍ତ୍ତି ହୋଇ ଉଠୁଥିବା ପ୍ରତ୍ୟେକଟି ଧାରଣା ତାହାର କର୍ତ୍ତା ଉପରେ ନିର୍ଭରଶୀଳ ନରହି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ବସ୍ତୁରୂପେ ବିଦ୍ୟମାନ

'oaob.nitrkl.ac.in' images reprocessed

ରହିଥିବ, ସେଗୁଡ଼ିକର ପ୍ରତ୍ୟେକର ଏକ ସ୍ୱତନ୍ତ୍ର ଜୀବନ ରହିଥିବ ଓ ମାନସିକ ଜଗତରେ ଆପଣାକୁ ଉପଲବ୍ଧି କରିବା ଲାଗି ସେଗୁଡ଼ିକ ମଧ୍ୟରେ ଏକ ପ୍ରବୃତ୍ତି ମଧ୍ୟ ରହିଥିବ । ମୁଁ ଏକଥା କଦାପି କହୁ ନାହିଁ ଯେ ତୁମେ ନିଜର ଭୌତିକ ଚକ୍ଷୁରେ ମନର ଏହି ମୂର୍ତ୍ତି କଳ୍ପନାଗୁଡ଼ିକୁ ଦେଖିବାକୁ ସମର୍ଥ ହେବ, ମାତ୍ର ତାହା ତଥାପି ତୁମର ମାନସିକ ଜଗତରେ ଅବସ୍ଥିତ ରହିଥିବ, ଏହାର ଏକ ସ୍ୱକୀୟ ସ୍ୱତନ୍ତ୍ର ଅସ୍ତିତ୍ୱ ମଧ୍ୟ ରହିଥିବ । ଯଦି କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ତୁମେ ମନର ଏହି ଧାରଣାଟିକୁ ତିଆରି କରିଥିବ, ତେବେ ସେହି ଲକ୍ଷ୍ୟଟିକୁ ହାସଲ କରିବାହିଁ ତାହାର ସମସ୍ତ ଜୀବନର ଅଭୀଷ୍ଟ ହୋଇ ରହିଥିବ । ତେଣୁ ଯଦି ତୁମେ ଦୂରରେ ଥିବା ଆଉ କାହାକୁ ସାହାଯ୍ୟ କରିବାକୁ ଚାହଁ, ତେବେ ତୁମକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ସେହି ଭାବନାଟିକୁ ନିର୍ମାଣ କରି ଆଣିବାକୁ ପଡ଼ିବ । ତୁମେ ଠିକ୍ ଯେଉଁଭଳି ସାହାଯ୍ୟ ଦେବାକୁ ଇଚ୍ଛା କରୁଛ ଏବଂ ସେଥିରୁ ଯେଉଁ ପରିଣାମଟିକୁ ପ୍ରାପ୍ତ କରିବା ଲାଗି ଚାହୁଁଛ, ତାହାର ଭାବନାଟିକୁ ନିର୍ଭୁଲ ଓ ଶକ୍ତିଶାଳୀ ଭାବରେ ନିର୍ମାଣ କରିବାକୁ ହେବ । ତେବେ ତାହାର ନିଶ୍ଚୟ ଏକ ଫଳପ୍ରଦତା ରହିବ । ଏହା ଯେ ପ୍ରକୃତରେ ସର୍ବଶକ୍ତିଶାଳୀ ହେବ, ମୁଁ ସେକଥା ମୋଟେ କହୁ ନାହିଁ, କାରଣ ତୁମ ମନର ରାଜ୍ୟଟିରେ ତ ସେହିପରି ଅଗଣିତ କେତେକେତେ ଭାବନା ଓ ବିରଚନା ପୂର୍ଣ୍ଣ ହୋଇ ରହିଥିବ, ଏବଂ ତେଣୁ ସେମାନଙ୍କ ଭିତରେ କେତେ ସଂଘାତ ଓ ପରସ୍ପର ବିରୋଧ ଲାଗିଥିବ । ତେଣୁ, ଯେଉଁଗୁଡ଼ିକ ସବୁଠାରୁ ଅଧିକ ଶକ୍ତିଶାଳୀ ହୋଇଥିବେ ଓ କୌଣସି ପ୍ରକାରେ ଅପସରି ଯାଇ ନଥିବେ, ସେହିଗୁଡ଼ିକହିଁ ସର୍ବୋତ୍ତମ ଫଳ ଫଳିପାରିବ ।

ତେବେ ବିଚାର କରାଯାଇ ପାରେ ଯେ, ମନର ଏହି ବିରଚନାଗୁଡ଼ିକୁ ପ୍ରକୃତରେ କାହା ଦ୍ୱାରା ବଳ ଏବଂ ଅଦମ୍ୟତା ପ୍ରାପ୍ତ ହୋଇଥାଏ ? ସଂବେଗ ଓ ଇଚ୍ଛା ଦ୍ୱାରାହିଁ ତାହା ହୁଏ । ଯଦି ତୁମେ ନିଜର କୌଣସି ମାନସିକ ବିରଚନା ସହିତ ଏକ ସଂବେଗ, ଅନୁରାଗ, କୋମଳତା, ଶ୍ରଦ୍ଧା ତଥା ଇଚ୍ଛାଶକ୍ତିର ପ୍ରଗାଢ଼ତା ଓ ଗତିଶୀଳତାକୁ ମିଶ୍ରିତ କରି ଜାଣିଥିବ, ତେବେ ତାହା ସଫଳ ହେବାର ଅନେକ ଅଧିକ ସମ୍ଭାବନା ରହିଥିବ । ତାହା ହେଉଛି ପ୍ରଥମ ପଦ୍ଧତି । ଯେଉଁମାନେ ଭାବିବାର କୌଶଳଟିକୁ ଜାଣିଥିବେ, ସେମାନେ ସମସ୍ତେ ଏହି ପଦ୍ଧତିଟିକୁ ପ୍ରୟୋଗ କରିପାରିବେ; ଏବଂ ଯେଉଁମାନେ ଶ୍ରଦ୍ଧା କରି ଜାଣିଥିବେ, ସେମାନେ ଆହୁରି ଅଧିକ କୁଶଳତାର ସହିତ ତାହା କରିପାରିବେ । ମାତ୍ର, ମୁଁ ଯେପରି କହିଥିଲି, ଏହି ଶକ୍ତିଟି ହେଉଛି ଏକ ସୀମାବଦ୍ଧ ଶକ୍ତି ଏବଂ ସେହି ଜଗତଟିରେ ସତତ ଏକ ତୁମୁଳ ପ୍ରତିଦ୍ୱନ୍ଦ୍ୱିତା ବି ଲାଗି ରହିଥାଏ ।

ତେଣୁ, ଯଦି ଜଣକ ପାଖରେ ଅନ୍ୟ କୌଣସି ଜ୍ଞାନ ନାହିଁ ସତ, ମାତ୍ର ସିଏ ଭଗବାନ୍ଙ୍କ ପରମକରୁଣା ଉପରେ ଶ୍ରଦ୍ଧା ରଖି ପାରୁଛି, ଏହି ଜଗତରେ ଭଗବାନ୍‌

'oaob.nitrkl.ac.in' images reprocessed

ପରମକରୁଣା ବୋଲି ଏକ ବସ୍ତୁ ରହିଛି ବୋଲି ଯାହା ଭିତରେ ଦୃଢ଼ ବିଶ୍ୱାସ ଅଛି, ଏହି ବସ୍ତୁଟି ଏକ ପ୍ରାର୍ଥନା, ଏକ ଅଭୀପ୍ସା ଓ ଏକ ଆବାହନ ନିମିତ୍ତ ନିଶ୍ଚୟ ଅନୁଗ୍ରହନ ଜଣାଇବ ବୋଲି ଯଦି କାହାର ଅଟଳ ବିଶ୍ୱାସ ରହିଛି, ତେବେ, ନିଜର ମାନସିକ ବିରଚନାଟିକୁ ନିର୍ମାଣ କରିବା ପରେ ଯଦି ସିଏ ସେଇଟିକୁ ସେହି ପରମକରୁଣା ପାଖରେ ନେଇ ସମର୍ପଣ କରିଦେବ ଓ ସେଥିରେ ବିଶ୍ୱାସ ସ୍ଥାପନ କରି ପାରିବ, ଯଦି ହସ୍ତକ୍ଷେପ କରିବା ଲାଗି ତାହାକୁ ପ୍ରାର୍ଥନା କରିବ ଏବଂ ତାହା ନିଶ୍ଚୟ କିଛି ନା କିଛି କରିବ ବୋଲି ଯଦି ତା' ଭିତରେ ବିଶ୍ୱାସ ଥିବ, ତେବେ ସଫଳତା ଲାଗି ନିଶ୍ଚୟ ଏକ ସମ୍ଭାବନା ବଳବତ୍ତର ରହିଥିବ ।

ତୁମେ ଚେଷ୍ଟା କର, ପରିଣାମଟିକୁ ଅବଶ୍ୟ ଦେଖିବାକୁ ପାଇବ ।

ମାଆ, ଯଦି ଜଣେ ନିଷ୍କାମ୍ୟୁକ୍ତ ଭାବରେ ସେହି ପରମକରୁଣା ଆସି ହସ୍ତକ୍ଷେପ କରୁ ବୋଲି ପ୍ରାର୍ଥନା କରିବ, ତେବେ ସେ ତଦ୍ଵାରା ଏକ ବିଶେଷ ପରିଣାମର କାମନା ବି କରିବ ନାହିଁ କି ?

ମାତ୍ର ତାହା ସେହି ପ୍ରାର୍ଥନାର ଗତି ଓ ପ୍ରବୃତ୍ତି ଉପରେହିଁ ନିର୍ଭର କରିବ । ଯଦି କେହି ଭଗବତ୍ ପରମକରୁଣାର ଆବାହନ କରିବ ଅଥବା ପରମ ଦିବ୍ୟସତ୍ତାଙ୍କର ବି ଆବାହନ କରିବ ଓ ଆପଣାକୁ ନେଇ ତାଙ୍କରି ହାତରେ ସମର୍ପି ଦେବ, ତେବେ ତାହାରି ଫଳରେ ସେ ସିଏ ଏକ ନିର୍ଦ୍ଦିଷ୍ଟ ଫଳ ଲାଗି ପ୍ରତ୍ୟାଶା ରଖିବ, ସେକଥା ଆଦୌ ନୁହେଁ । ଏକ ନିର୍ଦ୍ଦିଷ୍ଟ ଫଳର ପ୍ରତ୍ୟାଶା ରଖିବାକୁ ହେଲେ ଆପଣାର ପ୍ରାର୍ଥନାଟିକୁ ମଧ୍ୟ ତଦନୁରୂପ ସୂତ୍ରବଦ୍ଧ କରିବାକୁ ହେବ, ଏକ ନିର୍ଦ୍ଦିଷ୍ଟ କଥା ଲାଗି ପ୍ରାର୍ଥନା କରିବାକୁ ପଡ଼ିବ । ଯଦି ଭଗବତ୍ ପରମକରୁଣା ଲାଗି ତୁମ ଭିତରେ ଏକ ବୃହତ୍ ଅଭୀପ୍ସା ରହିଥିବ ଏବଂ ତୁମେ ସେହି କରୁଣାର ଆବାହନ କରିବ ଓ ତାହାର ଯାଚନା କରିବ, ମାତ୍ର ତଥାପି କିଛି ନିର୍ଦ୍ଦିଷ୍ଟ କରି ମାଗିବାକୁ ଯିବ ନାହିଁ, ତେବେ ତୁମେ ନୁହଁ, ସେହି ପରମ କରୁଣାହିଁ ତୁମ ଲାଗି କ'ଣ କରିବ, ସେହି କଥାଟିର ନିଷ୍ପତ୍ତି କରିବ ।

ସେଇଟି ପ୍ରକୃତରେ ଅଧିକ ଭଲ, ନୁହେଁ କି ?

ମାତ୍ର ସେଇଟି ହେଉଛି ଏକ ଭିନ୍ନ ପ୍ରଶ୍ନ ।

ହଁ, ସମ୍ଭବତଃ ଗୁଣାତ୍ମକ ଦୃଷ୍ଟିରୁ ତାହାକୁ ଉଚ୍ଚତର ବୋଲି କୁହାଯାଇ ପାରିବ । ମାତ୍ର ତଥାପି, ଯଦି ତୁମେ ନିର୍ଦ୍ଦିଷ୍ଟ କୌଣସି ଫଳର ପ୍ରତ୍ୟାଶା କରୁଥାଅ,

'oaob.nitrkl.ac.in' images reprocessed

ତେବେ ତୁମକୁ ପ୍ରାର୍ଥନାଟିକୁ ତଦନୁରୂପ ଭାବରେ ସୂତ୍ରବଦ୍ଧ କରି ରଖିବାକୁ ପଡ଼ିବ । ପରମ କରୁଣାର ଆବାହନ ସକାଶେ ଯଦି ତୁମର କୌଣସି ବିଶେଷ କାରଣ ରହିଥାଏ, ତେବେ ପ୍ରାର୍ଥନାଟିକୁ ନିର୍ଭୁଲ ଭାବରେ ଓ ସ୍ପଷ୍ଟ ଭାବରେ ସୂତ୍ରବଦ୍ଧ କରି ରଖିବାହିଁ ଶ୍ରେୟସ୍କର ହେବ ।

ଅବଶ୍ୟ ଏକଥା ସତ ଯେ ଯଦି ତୁମେ ପୂର୍ଣ୍ଣ ସମର୍ପଣର ଏକ ଅବସ୍ଥାରେ ରହିଥାଅ ଏବଂ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଦେଇ ଦେଇପାର, ଯଦି ପରମଚେତନା ଉଦ୍ଦେଶ୍ୟରେ ଆପଣାର ନିବେଦନ କରିଦେଇ ତାହାରି ହାତରେହିଁ ସବୁକିଛୁ କରିବାର ଭାରଟିକୁ ଛାଡ଼ି ଦେଇପାର, ତେବେ ତାହା ଅତ୍ୟନ୍ତ ଭଲ ହେବ । ମାତ୍ର, ସିଏ ପ୍ରକୃତରେ କ'ଣ କରୁଛନ୍ତି ବା ନକରୁଛନ୍ତି, ପରେ ସେହିବିଷୟରେ ଆଉ ଆଦୌ କୌଣସି ଭାବନା ବା ସଂଶୟ ରହିବା ଉଚିତ ନୁହେଁ । ତା'ପରେ ଆଉ କଦାପି ଏପରି କହିବା ଉଚିତ ନୁହେଁ, "ମୁଁ ଏଇଟି ପାଇବି ବୋଲି ସିନା ସେହି କଥାଟିକୁ କରିଥିଲି !" କାରଣ, ଯଦି ପ୍ରକୃତରେ କିଛୁ ଲାଭ କରିବାର ଇଚ୍ଛା ରହିଥାଏ, ତେବେ ସକଳ ନିଷ୍ଠା ସହକାରେ, ସରଳ ଭାବରେ, ତୁମେ ସମସ୍ତ ଜିନିଷଟିକୁ ଯେପରି ଦିବରେ ଦେଖୁଛ ତାହାକୁ ସେହିପରି ଭାବରେ ସୂତ୍ରବଦ୍ଧ କରିଦେବାହିଁ ଶ୍ରେୟସ୍କର । ମାତ୍ର ପରେ କେବଳ ସେହି ପରମ ଚେତନାହିଁ ଯାହାକିଛୁ ନିର୍ବାଚନ କରିବ, କ'ଣ କରିବ ନକରିବ, ସିଏ ତାହା ସ୍ୱୟଂ ନିଷ୍ପତ୍ତି କରିବ । ମାତ୍ର, ସେକଥା ଯାହା ହେଉ ପଛକେ, କଣେ ଯାହା ଚାହୁଁଥିବ, ସେଇଟିକୁ ସେ ଅତ୍ୟନ୍ତ ପରିଷ୍କାର ଭାବରେ ସୂତ୍ରବଦ୍ଧ କରି ଜାଣିଥିବ । ଏବଂ, ସେଥିରେ ଆଦୌ କୌଣସି କ୍ଷତି ହେବ ନାହିଁ ।

ଏବଂ, ଯେତେବେଳେ ଆମର ପ୍ରାର୍ଥନାଟିର ପୂରଣ ହୁଏ ନାହିଁ ଓ ଆମେ ସେଥିଲାଗି ବିଦ୍ରୋହ କରିବସୁ, ସେତିକିବେଳେ ପ୍ରକୃତରେ ଭାରି ଖରାପ ହୁଏ । ସେତିକିବେଳେହିଁ ତାହା ପ୍ରକୃତରେ ଖରାପ ହୋଇଯାଏ । ଠିକ୍ ସେହି ମୁହୂର୍ତ୍ତରେ ଆମକୁ ଏକଥାଟିକୁ ଭଲ କରି ବୁଝିବାକୁ ପଡ଼ିବ ଯେ ଆମର ଯେଉଁ ବାସନା ଅଥବା ଅଭୀପ୍ସାଟି ରହିଛି, ତାହା ହୁଏତ ଆଦୌ ଯଥେଷ୍ଟ ପରିମାଣରେ ସନ୍ଦୀପିତ ହୋଇ ରହି ନଥିଲା ଏବଂ ସମ୍ଭବତଃ ଆମେ ଏପରି ଗୋଟିଏ ବସ୍ତୁ ଲାଗି ପ୍ରାର୍ଥନା କଲୁ, ଯାହାକି ସମ୍ଭବତଃ ଆମ ଲାଗି କଦାପି ଶୁଭକାରକ ହୋଇ ନଥାନ୍ତା । ତେବେ, ସେହି ଅବସ୍ଥାରେ ଯଦି ଟିକିଏ ବିବେକୀ ହେବା ଓ ଆପଣାକୁ କେବଳ ଏତିକି କହିବା, "ହେଉ, ତେବେ ତୁମରି ଇଚ୍ଛାହିଁ ପୂର୍ଣ୍ଣ ହେଉ ।" ମାତ୍ର ଯେତେବେଳ ଯାଏ ଆମେ ଭିତରେ କୌଣସି ନିର୍ଦ୍ଦିଷ୍ଟ କଥା ମାଗିବାର ବୋଧଟିକୁ ରଖିଥିବା ଓ ସେଇଟି ଲାଗି ଆମ ଭିତରେ ଏକ ଅନୁଭୂତି ରହିଥିବ, ସେପର୍ଯ୍ୟନ୍ତ ସେଇଟିକୁ ଠିକ୍ ଭାବରେ

'oaob.nitrkl.ac.in' images reprocessed

ପ୍ରକାଶ କରିବାରେ ଆଦୌ କୌଣସି କ୍ଷତି ହେବ ନାହିଁ । ତାହାକୁ ଏକ ଅତ୍ୟନ୍ତ ସ୍ୱାଭାବିକ ଗତିସ୍ପନ୍ଦନ ବୋଲି କୁହାଯିବ ।

ଉଦାହରଣସ୍ୱରୂପ, ଯଦି କୌଣସି ପ୍ରକାର ନିର୍ବୋଧତା କରି ଆମେ ଏକ ଭୁଲ୍ କରି ପକାଇଛୁ ଓ ଆଉ କେବେହେଲେ ସେହି ଭୁଲଟିକୁ ନକରିବା ଲାଗି ଅନ୍ତରର ସହିତ ଇଚ୍ଛା କରୁଛୁ, ତେବେ, ସେଇଟି ଲାଗି ଯାଚନା କରିବାକୁ ଗଲେ ତଦ୍ୱାରା କୌଣସି କ୍ଷତି ହେବ ବୋଲି ମୁଁ ମୋଟେ ଭାବି ପାରୁ ନାହିଁ । ଏବଂ ବସ୍ତୁତଃ, ଯଦି ପ୍ରକୃତ ଆନ୍ତରିକତା ସହିତ ଆମେ ସେଇଟି ଲାଗି ଯାଚନା କରି ପାରୁଥିବା, ତେବେ ତାହା ସ୍ୱୀକୃତ ହେବ ବୋଲି ଏକ ବୃହତ୍ ସମ୍ଭାବନା ମଧ୍ୟ ନିଶ୍ଚୟ ରହିଥିବ ।

ତୁମେ କଦାପି ଭାବିବ ନାହିଁ ଯେ ଦିବ୍ୟ ପରମସତ୍ତା ତୁମର ବିରୋଧ କରିବାକୁ ଇଚ୍ଛା କରୁଛନ୍ତି । ଏପରି କରିବାରେ ତାଙ୍କର ପ୍ରକୃତରେ ଆଦୌ କୌଣସି ଆଗ୍ରହ ନଥିବ । ତୁମ ଲାଗି କ'ଣ ପ୍ରକୃତରେ ଭଲ, ତାହା ସିଏ ତୁମଠାରୁ ମଧ୍ୟ ଅଧିକ ଭଲ ଭାବରେ ଦେଖି ପାରୁଥିବେ; ମାତ୍ର ଯେତେବେଳେ ସେପରି କରିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିବ, ସେତିକିବେଳେ ଯାଇ ସେ ତୁମ ଅଭିପ୍ସାର ବିରୁଦ୍ଧାଚରଣ କରିବେ । ତା' ନହେଲେ, ତୁମେ ତାଙ୍କୁ ଯାହା ମାଗୁଥିବ, ତୁମକୁ ତାହାହିଁ ଦେବେ ବୋଲି ସେ ସର୍ବଦା ପ୍ରସ୍ତୁତ ହୋଇ ରହିଥିବେ ।

ହେଲ ?

(ମାଆ ନୀରବ ରହିଲେ)

ମୋ ପାଖରେ ତିନୋଟି ଉଦ୍ଧୃତି ରହିଛି ଓ ସେଗୁଡ଼ିକ ଉପରେ ମୋର ମନ୍ତବ୍ୟ ଦେବାକୁ ଅଥବା ସେଗୁଡ଼ିକର ବ୍ୟାଖ୍ୟା କରିଦେବାକୁ ମୋତେ କୁହାଯାଇଛି । ଆମେ ବର୍ତ୍ତମାନ ଯାହା ଆଲୋଚନା କରୁଥିଲେ, ଶେଷଟିକୁ ଆମେ ତାହାର ଏକ ପ୍ରଲମ୍ବନ ବୋଲି କହିପାରିବା । ମୁଁ ବର୍ତ୍ତମାନ ସେଇଟିରୁ ଆରମ୍ଭ କରୁଛି :

> "ଯଦି ଜଣେ ଏହି ପରମଚେତନା ସହିତ ସଂଯୁକ୍ତ ହୋଇ ରହିଥିବ, ଯଦି ସର୍ବତ୍ର କେବଳ ତାହାକୁହିଁ ଦେଖୁଥିବ, ତେବେ ସେ ନିଶ୍ଚୟ ଏକ ଉଚ୍ଛ୍ୱାସମୟତାର ଜୀବନ ଯାପନ କରିବାକୁ ଆରମ୍ଭ କରିବ, ଏକ ସର୍ବଶକ୍ତିମୟତା ଏବଂ ଅନନ୍ତ ସୁଖର ଜୀବନ ଯାପନ କରିବାକୁ ଆରମ୍ଭ କରିବ ।

'oaob.nitrkl.ac.in' images reprocessed

"ଏବଂ ତାହାକୁହିଁ ଦିବ୍ୟ ପରମକାର୍ଯ୍ୟରେ ଆମର ସମ୍ଭାବ୍ୟ ସର୍ବୋତ୍ତମ ସହଯୋଗ ବୋଲି କୁହାଯିବ ।"

୯ ଅଗଷ୍ଟ ୧୯୫୬ର ପ୍ରବଚନ (ପୃ. ୩୭୨)

ପ୍ରଥମ ଅବସ୍ଥାଟିର ଉପଲବ୍ଧି କରିବା ଆଦୌ ଖୁବ୍ ସହଜ ନୁହେଁ । ସଚେତନ ଭାବରେ ବୁଦ୍ଧିଲାଭ କରୁଥିଲେ, ସତତ ଅବଲୋକନକ୍ଷମ ହୋଇ ରହିଥିଲେ ଏବଂ ଜୀବନରେ ଅନୁଭୂତି ଲାଭ କରିବାର ଏକ ଅନବରତତା ରହିଥିଲେ ଯାଇ ତାହା ସମ୍ଭବ ହୋଇ ପାରିବ ।

ତୁମମାନଙ୍କୁ ମୁଁ ଏହି କଥାଟି ଏକାଧିକ ବାର କହିଛି । ତୁମେ ଯେତେବେଳେ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତି ମଧ୍ୟଦେଇ ଗତି କରୁଥାଅ, ଏବଂ ଯେତେବେଳେ କୌଣସି ବିଶେଷ ଘଟଣା ଘଟେ, ସେତେବେଳେ ସେହି ଘଟଣାଗୁଡ଼ିକ ଅନେକ ସମୟରେ ତୁମ ବାସନାଟିର ବିରୋଧ କରିଥାନ୍ତି; ଅଥବା, ତୁମେ ଯାହାକୁ ଆପଣାର ସର୍ବୋତ୍କୃଷ୍ଟ ବୋଲି ଭାବୁଥାଅ, ହୁଏତ ତାହାର ବିରୋଧ କରନ୍ତି । ସେତେବେଳେ ତୁମେ ଅନେକ ସମୟରେ ଖୁବ୍ ଶୋଚନା କରିବାକୁ ଆରମ୍ଭ କର ଏବଂ କହ, "ଏପରି ନହୋଇ ସେପରି ହୋଇଥିଲେ କେଡ଼େ ଭଲ କଥା ହୋଇ ନଥାନ୍ତା, ଅନ୍ୟପ୍ରକାର ହୋଇଥିଲେ କେଡ଼େ ଭଲ ହୋଇ ନଥାନ୍ତା !" ସାନ ସାନ ଅଥବା ବଡ଼ ଉଭୟ ପ୍ରକାରର ବସ୍ତୁର କ୍ଷେତ୍ରରେ ଏପରି ଘଟିଥାଏ···ତା'ପରେ ବର୍ଷ ବର୍ଷ କଟିଯାଏ, ଘଟଣାମାନ ଆପଣାକୁ ଉଦ୍‌ଘାଟିତ କରିଆଣନ୍ତି, ତୁମର କିଛି ଅଗ୍ରଗତି ହୁଏ, ତୁମେ ଅଧିକ ସଚେତନ ହୁଅ, ଅଧିକ ଭଲ ଭାବରେ ସବୁ କଥା ବୁଝିପାର, ଏବଂ ସେତିକିବେଳେ ଯେତେବେଳେ ତୁମେ ପଛକୁ ଅନାଅ, ସେତେବେଳେ ଦେଖିବାକୁ ପାଅ,—ପ୍ରଥମେ ଅତ୍ୟନ୍ତ ବିସ୍ମିତ ହୋଇ ଓ ତା'ପରେ ଏକ ଦରହାସ୍ୟ ସହିତ,—ଯେ ଯେତେବେଳେ ଯେଉଁ ପରିସ୍ଥିତିମାନ ତୁମକୁ ବେଶ୍ ଅନଭିପ୍ରେତ ବା ଅନନୁକୂଳ ବୋଲି ବୋଧ ହେଉଥିଲା, ତୁମର ଯେପରି ଭାବରେ ଅଗ୍ରଗତି କରିବା ଉଚିତ, ସେହି ଅଗ୍ରଗତିକୁ ସମ୍ଭବ କରାଇବାକୁ ହେଲେ ଠିକ୍ ତାହାହିଁ ତୁମ ଲାଗି ସର୍ବୋତ୍ତମ ଥିଲା, ଠିକ୍ ସେହିଗୁଡ଼ିକ ଘଟିହିଁ ଏହି ଅଗ୍ରଗତିକୁ ସମ୍ଭବ କରାଇ ପାରିଲା । ଏବଂ, ଯଦି ତୁମଠାରେ ଏତେ ଟିକିଏ ହେଲେ ବି ବିବେକ ରହିଥାଏ, ତେବେ ତୁମେ ନିଜ ଅନ୍ତରେ କହିବାକୁ ଲାଗ, "ହଁ, ଭଗବାନଙ୍କର ପ୍ରକୃତରେ ଅନନ୍ତ କରୁଣା !"

ତେଣୁ, ତୁମ ଜୀବନରେ ଏହିପରି ଘଟଣା ବେଶ୍ କେତେଥର ପାଇଁ ଘଟିବା ପରେ ତୁମେ ଏହି କଥାଟିକୁ ବୁଝିବାକୁ ଆରମ୍ଭ କର ଯେ ମନୁଷ୍ୟର ଯାବତୀୟ

ଅନ୍ଧତା ଏବଂ ପ୍ରବଞ୍ଚନାତ୍ମକ ଅଭିନୟ ସତ୍ତ୍ୱେ ସେହି ପରମକରୁଣା ସର୍ବଦାହିଁ ସକ୍ରିୟ ହୋଇ ରହିଛି, ଯାହା ଫଳରେ କି ପ୍ରତ୍ୟେକ ମୁହୂର୍ତ୍ତରେ ପୃଥିବୀର ବର୍ତ୍ତମାନ ପରିସ୍ଥିତିରେ ଯାହା ସର୍ବୋତ୍ତମ କେବଳ ତାହାହିଁ ଘଟିବାରେ ଲାଗିଛି । ମାତ୍ର ଆମ ନିଜ ଦୃଷ୍ଟିଟି ସୀମାବଦ୍ଧ ହୋଇ ରହିଥିବାରୁ ବା, ଏପରିକି, ଆପଣାର ନାନା ଅଭିରୁଚି ଦ୍ୱାରା ଆମେ ସ୍ୱୟଂ ଅନ୍ଧ ହୋଇ ରହିଥିବାରୁ ବସ୍ତୁଗୁଡ଼ିକ ପ୍ରକୃତରେ ସେପରି ବୋଲି ଆମେ ମୋଟେ ଅନୁଭବ କରି ପାରୁ ନାହୁଁ ।

ମାତ୍ର ଯେତେବେଳେ ଆମେ ଦେଖିବାକୁ ଆରମ୍ଭ କରୁଛୁ, ସେତେବେଳେ ଆମେ ଏପରି ଏକ ବିସ୍ମୟୋଜ୍ଜ୍ୱଳ ଅବସ୍ଥା ମଧ୍ୟରେ ଆସି ପ୍ରବେଶ କରୁଛୁ, ଯାହାକୁ କି କୌଣସି ପ୍ରକାରେ ବର୍ଣ୍ଣନା କରି ହେବ ନାହିଁ । କାରଣ, ଏହିସବୁ ଯାବତୀୟ ପ୍ରତିଭାସର ପଛରେ ଆମେ ଏହି ଅନନ୍ତ କରୁଣାକୁ ପ୍ରତ୍ୟକ୍ଷ କରି ପାରୁଛୁ,—ଏହି ଅନନ୍ତ, ବିସ୍ମୟକାରୀ ଓ ସର୍ବଶକ୍ତିମନ୍ତ କରୁଣାର ସନ୍ଦର୍ଶନ କରୁଛୁ, ଯାହାକି ସବୁ ଜାଣିଛି, ସବୁକିଛୁକୁ ସଂଗଠିତ କରୁଛି, ସଜାଇ ରଖୁଛି, ଏବଂ ଆମେ ତାହାକୁ ଇଚ୍ଛା କରୁ ବା ନକରୁ ପଛକେ, ଆମେ ସେ କଥାଟିକୁ ଜାଣୁ ବା ନଜାଣୁ ପଛକେ, ଆମକୁ ସେହି ସର୍ବୋଚ୍ଚ ଲକ୍ଷ୍ୟଟି ଉଦ୍ଦେଶ୍ୟରେ ପରିଚାଳିତ କରି ନେଉଛି, ଅର୍ଥାତ୍, ସେହି ଦିବ୍ୟ ପରମସତ୍ତ୍ୱଙ୍କ ସହିତ ସଂଯୁକ୍ତ ହେବା, ପରମେଶ୍ୱରଙ୍କ ବିଷୟରେ ସଚେତନ ହେବା ଓ ତାଙ୍କର ସହିତ ସମ୍ମିଳିତ ହେବା ଦିଗରେ ପରିଚାଳିତ କରି ନେଇଯାଉଛି ।

ଏବଂ ତା'ପରେ ଆମେ ସେହି ପରମ କରୁଣାର କ୍ରିୟାଶୀଳତା ଏବଂ ସାନ୍ନିଧ୍ୟ ଭିତରେ ଆନନ୍ଦ ତଥା ବିସ୍ମୟ ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥିବା ଏକ ଜୀବନ ଯାପନ କରିପାରୁଛୁ, ଆମ ଭିତରେ ଏକ ଅଦ୍ଭୁତ ବଳ ଅନୁଭବ କରିପାରୁଛୁ ଏବଂ ଏପରି ଏକ ଶାନ୍ତ ଓ ସ୍ଥିର ବିଶ୍ୱାସର ସହିତ ଜୀବନ ଅତିବାହିତ କରୁଛୁ, ଯାହାକୁ କି ଆଉ କେହିହେଲେ ବିଚଳିତ କରିଦେଇ ପାରୁ ନାହିଁ ।

ଏବଂ ଯେତେବେଳେ ଆମେ ପରିପୂର୍ଣ୍ଣ ଗ୍ରହଣଶୀଳତା ଏବଂ ପରିପୂର୍ଣ୍ଣ ଅବଲମ୍ବନର ଏହି ଅବସ୍ଥାରେ ଯାଇ ବାସ କରିବାକୁ ସମର୍ଥ ହେଉଛୁ, ସେତେବେଳେ ଆମେ ସେହି ଅନୁପାତରେହିଁ ଦିବ୍ୟ ପରମ କ୍ରିୟା ପ୍ରତି ପୃଥିବୀର ବିରୋଧଟିକୁ ଊଣା କରିଦେଇ ପାରୁଛୁ । ତାହାର ଫଳସ୍ୱରୂପ, ଦିବ୍ୟ ପରମସତ୍ତ୍ୱଙ୍କର କାର୍ଯ୍ୟଟି ସହିତ ଆମର ଏକ ସର୍ବୋତ୍ତମ ସହଯୋଗ ସମ୍ଭବ ହୋଇଯାଉଛି । ସିଏ ପ୍ରକୃତରେ କ'ଣ ଇଚ୍ଛା କରୁଛନ୍ତି, ଆମେ ସେତେବେଳେ ସେକଥା ଜାଣିପାରୁଛୁ, ଏବଂ ଆମର ସମୁଦାୟ ଚେତନାଟି ସହିତ ଆମେ ତାଙ୍କର ପରମ ଇଚ୍ଛାକୁହିଁ ଅବଲମ୍ବନ କରି ରହିପାରୁଛୁ ।

'oaob.nitrkl.ac.in' images reprocessed

## ୧୫ ଅଗଷ୍ଟ ୧୯୫୭

"ଠିକ୍ ଏହି କ୍ଷେତ୍ରରେହିଁ ଆମେ ଆମ ଭିତରେ ଯଜ୍ଞର ଅଗ୍ରଣୀରୂପେ ସେହି ଅଗ୍ନିପ୍ତ ଚୈତ୍ୟପୁରୁଷଙ୍କର ଆବିର୍ଭାବକୁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଜାଣିବା । କାରଣ ଏକମାତ୍ର ଏହି ଅନ୍ତରତମ ପୁରୁଷହିଁ ଆପଣାର ଆବିର୍ଭାବ ସଙ୍ଗେ ସଙ୍ଗେ ଆମର କର୍ମଟି ଭିତରକୁ ଶାଶ୍ୱତତାର ପରିପୂର୍ଣ୍ଣ ସାମର୍ଥ୍ୟଟିକୁ ବହନ କରି ଆଣିପାରିବେ, ପ୍ରକୃତିକୁ ମଧ୍ୟ ଆତ୍ମାକୁ ବହନ କରି ଆଣିବେ । ଏପରିକି, ଆଧ୍ୟାତ୍ମିକ ଚେତନାଟି ପୂର୍ଣ୍ଣତାପ୍ରାପ୍ତ ହେବା ପୂର୍ବରୁ ମଧ୍ୟ କେବଳ ସେଇ ଆମକୁ ପ୍ରକୃତିର ଚିରନ୍ତନ ସଚେତନତା, ସତ୍ୟତା ଏବଂ ସୌନ୍ଦର୍ଯ୍ୟଟି ବିଷୟରେ ନିଶ୍ଚିତ ନିର୍ଭର ଆଣି ଦେଇପାରିବେ ଏବଂ ତାହାକୁ କେବଳ ଏକ ମୃତ ବାହ୍ୟରୂପ ବା ପଥଚ୍ୟୁତ ତଥା ପଥଚ୍ୟୁତକାରୀ ଯାଦୁବିଦ୍ୟାରେହିଁ ପରିଣତ ହୋଇ ପଡ଼ିବାରୁ ନିବୃତ୍ତ କରି ରଖିବେ । କେବଳ ସେହି ଆମ କର୍ମଟିର ଶକ୍ତିମତ୍ତା ତଥା ତାତ୍ପର୍ଯ୍ୟଟିକୁ ସୁରକ୍ଷିତ କରି ରଖି ପାରିବେ । ଆମ ସତ୍ତାଟିର ଅନ୍ୟ ଯାବତୀୟ ଅଙ୍ଗଗୁଡ଼ିକ, ଅର୍ଥାତ୍ ଆମର ମନ, ପ୍ରାଣଶକ୍ତି, ଭୌତିକ ଚେତନା ଅଥବା ଦେହ-ଚେତନା ଏତେ ଅଧିକ ପରିମାଣରେ ଅଜ୍ଞାନର କବଳ ଭିତରେ ପଡ଼ି ରହିଛନ୍ତି ଯେ ସେମାନେ କଦାପି ଏକ ନିର୍ଭରଯୋଗ୍ୟ ସାଧନରୂପେ ବ୍ୟବହୃତ ହୋଇ ପାରିବେ ନାହିଁ, ଏବଂ ତା'ଠାରୁ ଆହୁରି କମ୍ ପରିମାଣରେ ଆମକୁ ବାଟ ଦେଖାଇ ନେଇଯାଇ ପାରିବେ ବା ଏକ ଅଭ୍ରାନ୍ତ ଆବେଗ ଓ ପ୍ରେରଣାର ଉତ୍ସ ହୋଇ ରହିପାରିବେ । ଏହିସବୁ ସାମର୍ଥ୍ୟ ଭିତରେ ରହିଥିବା ଅଭିପ୍ରାୟ ଏବଂ କର୍ମର ଏକ ବୃହତ୍ତର ଅଂଶ ସର୍ବଦା ପ୍ରକୃତିରେ ସେହି ପୁରାତନ ବିଧାନଟିକୁହିଁ ଜାବୁଡ଼ି କରି ପଡ଼ିରହିଛି, ତା'ର ବିଭ୍ରାନ୍ତିକାରୀ ସେହି ସୁସ୍ୱାଦୁ ବଟିକାଗୁଡ଼ିକୁ ଏବଂ ତୁଚ୍ଛକର ନିମ୍ନସ୍ତରୀୟ ଗତିସ୍ପନ୍ଦନଗୁଡ଼ିକୁ କାମୁଡ଼ି ଧରି ପଡ଼ିରହିଛି; ଏବଂ ଯେଉଁସବୁ ସଙ୍କେତ ଓ ସାମର୍ଥ୍ୟ ଆମକୁ ଆମର ଏହି ସୀମାଗୁଡ଼ିକୁ

'oaob.nitrkl.ac.in' images reprocessed

ଖୋଲିଯାଇ ଏକ ବୃହତ୍ତର ସତ୍ତା ଏବଂ ପ୍ରଶସ୍ତତର ପ୍ରକୃତି ମଧ୍ୟକୁ ରୂପାନ୍ତରିତ ହୋଇଯିବା ଲାଗି ଆହ୍ୱାନ ଦେବାରେ ଲାଗିଛନ୍ତି ଓ ବାଧ କରୁଛନ୍ତି, ସେଗୁଡ଼ିକୁ ସେମାନେ କେବଳ କୁଣ୍ଠା, ଆତଙ୍କ କିଂବା ବିଦ୍ରୋହ ଅଥବା ବାଧାସୃଷ୍ଟିକାରୀ ନାନା ଜଡ଼ତାଭାବ ଦ୍ୱାରହିଁ ଭେଟିବାକୁ ଯାଉଛନ୍ତି । ଅଧିକାଂଶ କ୍ଷେତ୍ରରେ ସେମାନଙ୍କର ପ୍ରତିସ୍ପନ୍ଦନ ହୁଏତ ଏକ ପ୍ରତିରୋଧରୂପେ ଆପଣାକୁ ବ୍ୟକ୍ତ କରୁଛି ବା ଏକ ସୀମିତ ଅଥବା କାଳକ୍ଷେପଣକାରୀ ସମ୍ମତିଜ୍ଞାପନହିଁ ହୋଇ ରହୁଛି । କାରଣ, ଏପରିକ ସେହି ଆହ୍ୱାନଟିର ବୋଲ ମାନିଲାବେଳେ ମଧ୍ୟ ତଦ୍‌ଗତ କ୍ରିୟାଟି ମଧ୍ୟରେ ସେମାନଙ୍କର ଆପଣାର ସ୍ୱଭାବଗତ ନାନା ଅସମର୍ଥତା ଏବଂ ପ୍ରମାଦକୁ ଆଣି ପୂରାଇ ଦେବାର ଏକ ପ୍ରବୃତ୍ତି ପ୍ରକାଶ ପାଉଛି; ସଚେତନ ଭାବରେ ବା ତା’ ନହେଲେ ସଚେଅବା ଯନ୍ତ୍ରବତ୍ ଅଭ୍ୟାସବଶତଃ ଭାବରେହିଁ ଏହି ପ୍ରବୃତ୍ତିଟି ପ୍ରକାଶ ପାଉଛି । ପ୍ରତ୍ୟେକ ମୁହୂର୍ତ୍ତରେହିଁ ସେମାନେ ସେହିସବୁ ଚୈତ୍ୟ ତଥା ଆଧ୍ୟାତ୍ମିକ ପ୍ରଭାବଗୁଡ଼ିକରୁ ଅହଂପ୍ରଣୋଦିତ ନାନା ସୁବିଧା ହାସଲ କରିବା ଲାଗି ଆଗଭର ହୋଇ ଯାଉଛନ୍ତି ଏବଂ ସେମାନେ ଆମ ଭିତରେ ଆଣି ଦେଉଥିବା ସାମର୍ଥ୍ୟ, ଆନନ୍ଦ ବା ଆଲୋକକୁ ଏକ ନିମ୍ନତର ହୀନଗତ ଅଭିପ୍ରାୟ ଲାଗିହିଁ ବ୍ୟବହାର କରୁଥିବାର ବେଶ୍ ଧରାପଡ଼ି ଯାଉଛନ୍ତି । ପରେ, ଅର୍ଥାତ୍ ଯେତେବେଳେ ସାଧକ ସେହି ତଣ୍ଣାତୀତ, ବିଶ୍ୱଗତ ଅଥବା ଅନିର୍ଦ୍ଦିଷ୍ଟ ଦିବ୍ୟ ପରମ ପ୍ରେମଟି ଲାଗି ଉନ୍ମୁକ୍ତ ହୋଇ ସାରିଲାଣି, ସେତେବେଳେ ମଧ୍ୟ, ସେ ଯଦି ସେଗୁଡ଼ିକୁ ଆଣି ଜୀବନ ଭିତରକୁ ଢାଳିଦେବାର ପ୍ରୟାସ କରୁଛି, ତାକୁ ବାରବାର ଏହିସବୁ ନିମ୍ନସ୍ଥ ପ୍ରକୃତି-ସାମର୍ଥ୍ୟର ଅନ୍ଧକାର ତଥା ବିକାରଗ୍ରସ୍ତତାର ସମ୍ମୁଖୀନ ହେବାକୁ ପଡ଼ୁଛି । ସେମାନେ ସର୍ବଦା କେତେକେତେ ପତନ ଓ ଆବର୍ତ୍ତ ମଧ୍ୟକୁ ଟାଣିଆଣି ନେବାରେ ଲାଗିଛନ୍ତି, ସେହି ଉଚ୍ଚତର ପ୍ରଗାଢ଼ତାଟି ମଧ୍ୟରେ ଆପଣାର ଶକ୍ତିହ୍ରାସକାରୀ ଉପାଦାନଗୁଡ଼ିକୁ ଆଣି ଅଜାଡ଼ି ଦେଉଛନ୍ତି । ଆପଣା ଲାଗି ତଥା ଆପଣାର ସ୍ୱାର୍ଥସାଧନ ଲାଗିହିଁ

'oaob.nitrkl.ac.in' images reprocessed

ଅବତରି ଆସୁଥିବା ପରମ ଶକ୍ତିମତ୍ତାଟିକୁ ହସ୍ତଗତ କରିନେବାକୁ ଧାଇଁଛନ୍ତି ଏବଂ ତାହାକୁ ବାସନା ତଥା ଅହଂ ଲାଗି ଏକ ଅଧିକବଳଯୁକ୍ତ ମାନସିକ, ପ୍ରାଣିକ ବା ଭୌତିକ ସାଧନମାତ୍ର ହୋଇ ରହିବାକୁ ତଳକୁ ଖସାଇ ଆଣୁଛନ୍ତି । ପରମ ଦିବ୍ୟ ପ୍ରେମ ହିଁ ସତ୍ୟ ଏବଂ ଆଲୋକର ଏକ ନୂତନ ସ୍ୱର୍ଗ ତଥା ନୂତନ ପୃଥିବୀର ସୃଜନକୁ ସମ୍ଭବ କରିପାରନ୍ତା, ମାତ୍ର ସେମାନେ ତାହାକୁ ଏଠାରେ ସତେଅବା ଏକ ବନ୍ଦୀରୂପେ ବାନ୍ଧି ରଖିବାକୁ ଇଚ୍ଛା କରୁଛନ୍ତି; ଏହି ପୁରୁଣା ପୃଥିବୀଟାର କର୍ଦ୍ଦମଗୁଡ଼ାକୁ ସୁନାପାଣି ଦେଇ ରଖିବାକୁ ଏବଂ କେବଳ ଭାବପ୍ରବଣତାରେ ନେଇ ପକାଇ ଦେଉଥିବା ପ୍ରାଣପ୍ରଧାନ ନାନା କଳ୍ପନା ଓ ଆଦର୍ଶରୂପେ ତୋଳାହୋଇ ରହିଥିବା ମନର କିମ୍ଭୂତ ପରିଯୋଜନାର ସେହି ପୁରାତନ, ଧୂସର ଓ ମଳିନ ମିଥ୍ୟାକାରିଗୁଡ଼ାକୁ ଆପଣାର ନୀଳ-ଗୋଲାପୀ ରଙ୍ଗରେ ରଙ୍ଗାଇ କରି ରଖିବାକୁହିଁ ତାହାକୁ ଏକ ବୃହତ୍ ଅନୁମତି ଏବଂ ଗୌରବଦାୟକ ଉତ୍ତେଜକ ବଳରୂପେ ବ୍ୟବହାର କରିବାକୁ ଇଚ୍ଛା କରୁଛନ୍ତି । ସେହି ମିଥ୍ୟାସୃଜନଟିକୁ ଥରେ ଅନୁମତି ମିଳିଗଲେ ସେହି ଉଚ୍ଚତର ଆଲୋକ, ଶକ୍ତିମତ୍ତା ତଥା ଆନନ୍ଦକୁ ଅପସରି ଯିବାକୁ ପଡ଼ିବ, ଏବଂ ଏକ ନିମ୍ନତର ସ୍ଥିତିର ପୁନଃସ୍ଖଳିତ ହୋଇ ଆସିବାହିଁ ପରିଣାମ ହେବ; ଅଥବା ଆମର ଉପଲବ୍ଧିଟି ଏକ ଅନିଶ୍ଚିତ ଅର୍ଦ୍ଧପଥ ଓ ମିଶ୍ରଣ ଭିତରେହିଁ ବାନ୍ଧିହୋଇ ରହିଯିବ, ବା ଏପରି ଏକ ନିମ୍ନସ୍ତରୀୟ ଉତ୍ତେଜିତ ଅବସ୍ଥା ଦ୍ୱାରା ଆଚ୍ଛନ୍ନ ବା ନିମଜ୍ଜିତ ହୋଇ ରହିବ, ଯାହାକୁ କି ସେହି ଯଥାର୍ଥ ଓ ପରମ ଆନନ୍ଦ ବୋଲି କଦାପି କୁହାଯାଇ ପାରିବ ନାହିଁ । ଯେଉଁ ପରମ ଓ ଦିବ୍ୟ ପ୍ରେମଶକ୍ତି ସକଳ ସୃଷ୍ଟିର ହୃଦୟସ୍ଥଳରେ ରହିଛି ଏବଂ ପରିତ୍ରାଣକାରୀ ତଥା ସୃଜନସମର୍ଥ ଯାବତୀୟ ଶକ୍ତିଗୁଡ଼ିକ ମଧ୍ୟରେ ସବୁଠାରୁ ଅଧିକ ସାମର୍ଥ୍ୟଶାଳୀ ହୋଇ ରହିଛି, ଠିକ୍ ଏହି କାରଣରୁହିଁ ତାହା ଏହି ପାର୍ଥିବ ଜୀବନର ଧୂରେଷରକୁ ଏତେ କମ୍ ଭାବରେ ସଞ୍ଚାରିତ ହୋଇ ଆସିପାରିଛି, ପୃଥିବୀର ପରିତ୍ରାଣ ଏବଂ ବିମୋଚନରେ

'oaob.nitrkl.ac.in' images reprocessed

ଏତେ କମ୍ ସଫଳ ହୋଇଛି, ଏତେ କମ୍ ସୃଷ୍ଟିକ୍ଷମ ହୋଇପାରିଛି । ମନୁଷ୍ୟର ପ୍ରକୃତି ମଧ୍ୟ ଏହାକୁ ଶୁଦ୍ଧ ଭାବରେ ବହନ କରି ପାରିବା ଲାଗି ଏକାନ୍ତ ଅସମର୍ଥ ହୋଇ ରହିଛି; କାରଣ ଯାବତୀୟ ଦିବ୍ୟ ସାମର୍ଥ୍ୟ ଭିତରେ ଆମେ ଏହି ଦିବ୍ୟ ପ୍ରେମଶକ୍ତିକୁହିଁ ସବୁଠାରୁ ଅଧିକ ଶକ୍ତିଶାଳୀ, ଅଧିକ ଶ୍ରେଷ୍ଠ, ଅଧିକ ବିରଳ ଏବଂ ଅଧିକ ପ୍ରଗାଢ଼ ବୋଲି କହିପାରିବା । ମନୁଷ୍ୟ ଆପଣାର ଶକ୍ତିଟି ଦେଇ ତାହାର ଯେଉଁ କ୍ଷୁଦ୍ରାଂଶଟିକୁ ଧରିବାକୁ ସମର୍ଥ ହୋଇଛି, ସେଇଟି ମଧ୍ୟ ସଙ୍ଗେ ସଙ୍ଗେ ଦୂଷିତ ହୋଇ ଏକ ପ୍ରାଣପ୍ରଧାନ ପୁଣ୍ୟକାମୀ ଉତ୍ସାହରେ ପରିଣତ ହୋଇ ଯାଉଛି, ଏକ ଅତିଦୁର୍ବଳ ଧାର୍ମିକ ଅଥବା ନୈତିକ ଭାବପ୍ରବଣତାରେ ପର୍ଯ୍ୟବସିତ ହୋଇଛି, ପ୍ରସନ୍ନ ଗୋଲାପରଙ୍ଗୀ ମନ ବା ନାନା ଉତ୍ତେଜନା ଦ୍ୱାରା ଗୋଳିଆ ହୋଇ ରହିଥିବା ପ୍ରାଣାବେଗର ଏକ ଇନ୍ଦ୍ରିୟମୁଖୀ ବା ଏପରିକି ଏକ ଇନ୍ଦ୍ରିୟସର୍ବସ୍ୱ କାମୋଦ୍ଦୀପକ ରହସ୍ୟଘନତା ଭିତରେ ଆସି ବୁଡିରହିଛି । ଏବଂ ଏହିସବୁ ଅବନତି ଏବଂ ଛଦ୍ମାବରଣ ଦ୍ୱାରା ତାହା ଯେଉଁ ପରମଗୁହ୍ୟ ଅଗ୍ନି ଆପଣାର ପଞ୍ଚଶିଖାଗୁଡ଼ିକ ଦ୍ୱାରା ଏହି ଜଗତର ନବନିର୍ମାଣ କରିଥାନ୍ତା, ତାହାକୁ ଆପଣା ମଧ୍ୟରେ ଧାରଣ କରି ରଖିବାର ଅସମର୍ଥତାଟି ଲାଗି ଏକ କ୍ଷତିପୂରଣ କରିଛି । ଅନ୍ତରତମ ହୋଇ ଅବସ୍ଥିତ ରହିଥିବା ସେହି ଚୈତ୍ୟସତ୍ତା ଆପଣାକୁ ପୂର୍ଣ୍ଣ ଶକ୍ତିରେ ଉଦ୍‌ଘାଟିତ କରିଦେଲେ ଓ ଆବିର୍ଭୂତ କରିଆଣିଲେ ଯାଇ ଆମର ଏହି ପବିତ୍ର ପଥଯାତ୍ରାର ଦଣ୍ଡଟିକୁ ଏହିସବୁ ଆକ୍ରମଣାଶଙ୍କା ଏବଂ ଆବର୍ତ୍ତ ମଧ୍ୟରୁ ଅକ୍ଷତ ଭାବରେ ବାହାର କରି ଆଣିବ ଓ ଆମକୁ ବାଟ ଦେଖାଇ ନେଇଯିବ; ପ୍ରତ୍ୟେକ ମୁହୂର୍ତ୍ତରେହିଁ ତାହା ଆମ ମନ ତଥା ପ୍ରାଣର ମିଥ୍ୟାଗୁଡ଼ିକୁ ଧରି ଆଣୁଥିବ, ସେଗୁଡ଼ିକୁ ଉଦ୍‌ଘାଟିତ କରି ଦେଉଥିବ ଏବଂ ନିରାକୃତ କରି ରଖୁଥିବ; ଦିବ୍ୟ ପରମ ପ୍ରେମ ତଥା ପରମାନନ୍ଦର ସତ୍ୟଟିକୁ ଆପଣାର ଅଧିକାରକୁ ଆଣିବା ଲାଗି ସମର୍ଥ ହେଉଥିବ, ତାହାକୁ ମନର ନାନା ଉନ୍ମାଦର ଯାବତୀୟ ଉତ୍ତେଜନାରୁ ଅଲଗା କରି ରଖୁଥିବ ଏବଂ ଆମକୁ

'oaob.nitrkl.ac.in' images reprocessed

> ନାନା ଅନ୍ୟ ବାଟରେ ଭୁଲାଇ ନେଇ ଯାଉଥିବା ପ୍ରାଣଗତ ଶକ୍ତିର ଅନ୍ଧ ଉତ୍ପାତଗୁଡ଼ିକରୁ ମଧ୍ୟ ତାହାକୁ ଅଲଗା କରି ରଖୁଥିବ । କିନ୍ତୁ ମନ, ପ୍ରାଣ ଏବଂ ଭୌତିକ ସତ୍ତାରେ ଯେଉଁସବୁ ବସ୍ତୁ ମର୍ମତଃ ସତ୍ୟ ହୋଇ ରହିଥିବ, ତାହା ସେଗୁଡ଼ିକୁ ଉଦ୍ଧାର କରିନେବ ଓ ଯାତ୍ରାପଥରେ ସେଗୁଡ଼ିକୁ ସାଙ୍ଗରେ ନେଇଯିବ; ଆପଣା ଭବକ୍ଷେତ୍ରରେ ନୂତନ ଏବଂ ଆକୃତିରେ ଉଦାତ୍ତ ହୋଇ ସେଗୁଡ଼ିକ ଶିଖର ଉପରେ ଯାଇ ଠିଆ ନହେଲା ପର୍ଯ୍ୟନ୍ତ ତାହା ସେଗୁଡ଼ିକୁ ସାଙ୍ଗରେ ନେଇ ଆଗକୁ ଯାଉଥିବ ।”

ଯୋଗସମନ୍ୱୟ, ୧୫୫–୫୬

ଯେଉଁ ପ୍ରଶ୍ନଗୁଡ଼ିକ ଅଧିକାଂଶ ଲୋକଙ୍କର ମନରେ ରହିଥାଏ, ମାତ୍ର ସେମାନେ ସେଇଁଗୁଡ଼ିକୁ ପଚାରିବା ଲାଗି ସାଧାରଣତଃ ସାହସ କରନ୍ତି ନାହିଁ, ଏହି ଉଦ୍ଧୃତିଟିକୁ ଆମେ ସେହି ପ୍ରଶ୍ନଗୁଡ଼ିକର ହିଁ ପୂର୍ଣ୍ଣତମ ଏବଂ ସତ୍ୟତମ ଉତ୍ତର ବୋଲି ଜାଣିରଖିବା ।

ସେହି ପରମ ସୁରକ୍ଷା ପ୍ରକୃତରେ କେତେଦୂର ଫଳପ୍ରଦ ଭାବରେ ଆମକୁ ମଧ୍ୟ ରକ୍ଷା କରି ପାରିବ ଏବଂ ସେହି ପରମ ପଥରେ ଆମେ କେତେଦୂର ନିରାପଦ ହୋଇ ବାଟ ଚାଲି ପାରିବୁ, ଅନେକ ସଂଖ୍ୟକ ଲୋକ ସେହି ବିଷୟରେ ସନ୍ଦେହ ପ୍ରକାଶ କରିଥାନ୍ତି, କାରଣ ସେମାନେ ଅନ୍ୟ ଅନେକଙ୍କୁ ପଥଚ୍ୟୁତ ହୋଇଯିବାର ଦେଖନ୍ତି । ଏବଂ ଆପଣାର ଅହଂସଚେତନତା ଦ୍ୱାରା ଆନ୍ଧାନ୍ତ ହୋଇ ସେମାନେ ଭୟରେ କମ୍ପିବାକୁ ଆରମ୍ଭ କରନ୍ତି; ଆଜି ସନ୍ଧ୍ୟାରେ ତୁମମାନଙ୍କୁ ମୁଁ ଯାହା ପଢ଼ି ଶୁଣାଇଲି, ବଡ଼ ସାନ ଯାବତୀୟ ବିପର୍ଯ୍ୟୟ ପଛରେ ପ୍ରକୃତରେ କେଉଁ କାରଣଟି ରହିଛି, ଯଥେଷ୍ଟ ପରିମାଣରେ ଶୁଦ୍ଧ ଏବଂ ନିଷ୍ଠାଯୁକ୍ତ ହେବା ଲାଗି ଆବଶ୍ୟକ ଯତ୍ନ ନନେଇ ଯୋଗର ମାର୍ଗରେ ପ୍ରବେଶ କରୁଥିବା ବ୍ୟକ୍ତିମାନଙ୍କୁ ଯେଉଁସବୁ ବିପର୍ଯ୍ୟୟ ଭୟ ଦେଖାଇବାରେ ଲାଗିଥାନ୍ତି, ସେଇଟି ପଛରେ ଯେ କେଉଁ କାରଣଟି ରହିଛି, ସେହି ବିଷୟରେ ଆପଣାକୁ କିଛି କହିବା ପରିବର୍ତ୍ତିରେ ସେମାନେ କେବଳ ଭୟାଚ୍ଛନ୍ନ ହୋଇ ଅଡ଼ିବାରେ ଲାଗିଥାନ୍ତି ।

ଆପଣାକୁ ଶୁଦ୍ଧ କରି ରଖିବାର ଯେଉଁ କର୍ତ୍ତବ୍ୟଟିକୁ ଅପରିହାର୍ଯ୍ୟ ବୋଲି ବୁଝାଯିବ, ସେଇଟି ବିଷୟରେ ଅସମ୍ମତ ହୋଇ ରହିଥିବା ପର୍ଯ୍ୟନ୍ତ କୌଣସି ସୁରକ୍ଷା ବା କୌଣସି ଭଗବତ୍କରୁଣା ସେମାନଙ୍କୁ କଦାପି ରକ୍ଷା କରି ପାରିବ ନାହିଁ ।

ଏବଂ ଏହି କଥାଟି ସହିତ ମୁଁ କେବଳ ଏତିକି ମିଶାଇ କହିବାକୁ ଇଚ୍ଛା କରିବି : ମୁଁ କହିବି ଯେ ଭୟ ହେଉଛି ଏକ ଅଶୁଦ୍ଧତା, ଏକ ବୃହତ୍ତମ ଅଶୁଦ୍ଧତା;

'oaob.nitrkl.ac.in' images reprocessed

ଯେଉଁସବୁ ଅଶୁଭତା ସବୁଠାରୁ ଅଧିକ ସିଧାଭାବରେ ପୃଥିବୀପୃଷ୍ଠରେ ଭଗବାନଙ୍କର କାର୍ଯ୍ୟକୁ ନଷ୍ଟ କରି ଦେବାକୁ ଇଚ୍ଛା କରୁଥିବା ଅଦିବ୍ୟ ଶକ୍ତିଗୁଡ଼ିକ ମଧ୍ୟରୁ ପ୍ରେରିତ ହୋଇ ଆସିଥାଏ, ଭୟ ହେଉଛି ସେହିଗୁଡ଼ିକ ମଧ୍ୟରୁ ଗୋଟିଏ । ଏବଂ ଯେଉଁମାନେ ପ୍ରକୃତରେ ଯୋଗମାର୍ଗରେ ଚାଲିବା ପାଇଁ ଇଚ୍ଛା କରୁଛନ୍ତି, ସେମାନଙ୍କର ସର୍ବପ୍ରଥମ କର୍ତ୍ତବ୍ୟ ହେଉଛି ଯେ ସେମାନେ ଆପଣାର ସକଳ ଶକ୍ତି ଓ ସକଳ ଆନ୍ତରିକତା, ଯଥାସାଧ୍ୟ ସକଳ ସହିଷ୍ଣୁତା ଦେଇ ଭୟର ଲେଶମାତ୍ରକୁ ମଧ୍ୟ ଆପଣା ଭିତରୁ ବହିଷ୍କୃତ କରିଦେବେ । ଏହି ମାର୍ଗର ଚାଲଣା ଲାଗି ଆମକୁ ଅଦମ୍ୟ ହୋଇ ରହିବାକୁ ପଡ଼ିବ; ଯେଉଁ ଭୟ ଆମକୁ ବଡ଼ କ୍ଷୁଦ୍ର, ଦମ୍ଭହୀନ, କ୍ଷୀଣ ଓ କୁଞ୍ଚିତ ଭାବରେ ଆପଣା ଉପରକୁ ସଙ୍କୁଚିତ ହୋଇ ଆସିବାର ଅପପ୍ରେରଣା ଦେବାରେ ଲାଗିଥାଏ, ସେଥିରୁ ସମ୍ପୂର୍ଣ୍ଣ ଭାବରେ ଖାଲି ହୋଇ ରହିବାକୁ ପଡ଼ିବ ।

ଏକ ଅଦମ୍ୟ ସାହସ ରହିଥିବ, ପରିପୂର୍ଣ୍ଣ ଆନ୍ତରିକତା ରହିଥିବ, ନିଷ୍କାମ ଆତ୍ମଦାନ ରହିଥିବ, ଯେପରିକି ଆମେ ଆଉ କୌଣସି ପ୍ରକାର ଲାଭକ୍ଷତିର ହିସାବ ଅଥବା ମୂଲଚାଲ କରିବାକୁ ଯାଉ ନଥିବା, କିଛି ପାଇବାର ଆଶା ରଖି କଦାପି କିଛିହେଲେ ଦେଉ ନଥିବା, ଆମକୁ ସିଏ ରକ୍ଷା କରିବେ ବୋଲି ମନରେ ଧାରଣା ପୋଷଣ କରି କଦାପି ତାଙ୍କୁ ବିଶ୍ୱାସ କରିବାକୁ ମନ କରୁ ନଥିବା, ଏପରି ଏକ ବିଶ୍ୱାସର ଆଶ୍ରା ନେଉ ନଥିବା, ଯାହାକି ଉପଯୁକ୍ତ ପ୍ରମାଣଗୁଡ଼ିକ ଉପରେ ଠିଆ ହେବାକୁ ଆଶା ରଖିଥିବ,—ଯୋଗର ପଥରେ ଚାଲି ପାରିବାକୁ ହେଲେ ଏହାହିଁ ଅପରିହାର୍ଯ୍ୟ ଏବଂ କେବଳ ଏହାହିଁ ତୁମକୁ ଯାବତୀୟ ବିପଦରୁ ଯଥାର୍ଥ ଆଶ୍ରୟ ଦେଇ ରକ୍ଷା କରି ପାରିବ ।

(ମାଆ ନୀରବ ରହିଲେ)

ତୁମର କୌଣସି ଏକ ପ୍ରଶ୍ନ ରହିଛି, ନୁହେଁ ?

ମାଆ, ଦର୍ଶନଦିନଗୁଡ଼ିକରେ* ଏକ ଅନ୍ୟପ୍ରକାର ବାୟୁମଣ୍ଡଳ ଭିତରେ ରହିଥିବା ପରି ଅନୁଭବ ହୁଏ କାହିଁକି ? ଏହିସବୁ ଦିନରେ ପ୍ରକୃତରେ କ'ଣ କରିବା ଉଚିତ ?

---

* ଦର୍ଶନଦିନମାନଙ୍କରେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କୁ ସାଧକମାନଙ୍କୁ ମାଆଙ୍କ ସମ୍ମୁଖ ଦେଇ ଯିବା ପାଇଁ ପରି ଅନୁମତି ମିଳୁଥିଲା (ପୂର୍ବେ ଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ମଧ୍ୟ ଯାଇବାକୁ ଏହିପରି ଅନୁମତି ମିଳୁଥିଲା) । ଏହିପରି ସ୍ଥଳରେ ସେମାନେ ପ୍ରତ୍ୟକ୍ଷ ଭାବରେ ଉଭୟଙ୍କ ଆଶୀର୍ବାଦ ସହାନୁଭୂତିକୁ ଲାଭ କରୁଥିଲେ । ଶ୍ରୀଅରବିନ୍ଦଙ୍କ ଜନ୍ମଦିନ ଅଗଷ୍ଟ ୧୫ ବର୍ଷର ଚାରୋଟି ଦର୍ଶନଦିନ ମଧ୍ୟରୁ ଗୋଟିଏ । ଏବର୍ଷ (୧୯୫୬) ଏହି ଦିନ ବିଶେଷ ଭାବରେ ବହୁସଂଖ୍ୟକ ଦର୍ଶକ ପରି ଆସିଥିଲେ ।

'oaob.nitrkl.ac.in' images reprocessed

ଅନ୍ୟପ୍ରକାର ବାୟୁମଣ୍ଡଳ ? ତୁମେ ଏହି ପ୍ରଶ୍ନଟି ପଚାରୁଛ !···ଅଳ୍ପ ବା ବହୁତ ପରିମାଣରେ ଅନ୍ଧକାରବୃତ ବିଜାତୀୟ ନାନା ଉପାଦାନର ଏକ ଆକ୍ରମଣ ସଂଘଟିତ ହୋଇଥାଏ,—ସେହି ଉପାଦାନମାନେ ସ୍ୱତଃ ସ୍ୱେଚ୍ଛା ସହିତ ଆସିଥାନ୍ତି, ମାତ୍ର ପ୍ରାୟ ଏକ ସମ୍ପୂର୍ଣ୍ଣ ଅଜ୍ଞାନକୁ ନେଇ ଆସିଥାନ୍ତି ଏବଂ ସେମାନେ ତାହାକୁ ବାୟୁମଣ୍ଡଳଟି ମଧ୍ୟକୁ ନିକ୍ଷିପ୍ତ କରି ଦେଉଥାନ୍ତି; ଏବଂ, ତେଣୁ, ଯାହାସବୁ ଘଟୁଥାଏ, ଯଦି ଜଣେ ସେହିସବୁ ପ୍ରତି ଏତେଟିକିଏ ବି ଉନ୍ମୋଚିତ ହୋଇ ରହିଥାଏ, ତେବେ ମାତ୍ରାରେ ହଠାତ୍ ବୃଦ୍ଧିଲାଭ କରିଥିବା ଏହି ଅଜ୍ଞାନର ବୋଝଟା ତଳେ ସିଏ ସତେଅବା ପେଷି ହୋଇ ଯାଉଥିବା ପରି ଅନୁଭବ କରିଥାଏ ।

ଏହା ଦ୍ୱାରା ମୁଁ କଦାପି ଏପରି କହିବାକୁ ଚାହୁଁ ନାହିଁ ଯେ ଏଠାରେ ଆଦୌ କୌଣସି ଅଜ୍ଞାନ ନାହିଁ । ମାତ୍ର, ତଥାପି ଏଠାରେ ଏହାର ଏକ ଅନ୍ୟ ଅନୁପାନ ରହିଛି । ଏବଂ, ତାହା ସଙ୍ଗେ ସଙ୍ଗେ ଏଠାରେ ଚେତନାର ପରିବର୍ତ୍ତନ ଲାଗି ସତତ ଗୋଟାଏ ପ୍ରକାରର ପ୍ରୟାସ ବି ଲାଗିଛି, ଅହର୍ନିଶ ଲାଗିଛି, ଦୃଶ୍ୟମାନ ଓ ଅଦୃଶ୍ୟ ଉଭୟ ସ୍ତରରେ ଲାଗିଛି । କେହି ତାହା ଲାଗି ଇଚ୍ଛା କରୁଥାଉ ବା ନକରୁଥାଉ, ତଥାପି ସେହି ପ୍ରୟାସ ଲାଗିଛି ଏବଂ ସବୁକିଛି ସତ୍ତ୍ୱେ, ସମସ୍ତେ ସେହି ପରିବର୍ତ୍ତନଟିକୁ ଗ୍ରହଣ କରି ନେଉଛନ୍ତି ଏବଂ କିଛି କାଳ ପରେ ତାହା କାର୍ଯ୍ୟକାରୀ ହେବାକୁ ବି ଆରମ୍ଭ କରୁଛି ।

ଯେତେବେଳେ ଅଳ୍ପସଂଖ୍ୟାରେ ଲୋକ ଏଠାକୁ ଆସନ୍ତି, ସେତେବେଳେ କିଛି ନା କିଛି ବଦଳେ ସତ, ମାତ୍ର କିଛି ଏତେବେଶୀ ପରିମାଣରେ କଦାପି ବଦଳେ ନାହିଁ ଯେ ତଦ୍ୱାରା ଏକ ଯନ୍ତ୍ରଣା ଅନୁଭବ କରିବାକୁ ହୁଏ । ମାତ୍ର ଯେତେବେଳେ ବର୍ତ୍ତମାନ ପରି ଏକ ଷଣ୍ଢମତ ଭିଡ଼ ଲାଗିଯାଏ, ଯେତେବେଳେ ହଠାତ୍ ଏତେଗୁଡ଼ାଏ ମଣିଷ ଆସି ପ୍ରବଳ ଭିଡ଼ ଲଗାଇ ଦିଅନ୍ତି, ସେତେବେଳେ ସମସ୍ତ ପ୍ରକୃତି ସତେଅବା ଝୁପ୍ କରି ତଳକୁ ଖସିଆସେ, ଏବଂ ଆପଣାକୁ ଆପଣା ଭିତରକୁ ପ୍ରତ୍ୟାହୃତ କରି ନଆଣି ପାରିଲେ ଓ ଏହିସବୁ ଗ୍ରାସକାରୀ କୋଳାହଳ ଉପରକୁ ଆପଣାର ମୁଣ୍ଡଟିକୁ ଟେକି ନରଖି ପାରିଲେ, ଏହି ଗ୍ରାସକାରୀ ଅଜ୍ଞାନବନ୍ୟା ଉପରକୁ ଆପଣାର ମୁଣ୍ଡଟିକୁ ଉଠାଇ ଧରି ରଖି ନପାରିଲେ ପ୍ରକୃତରେ ଖୁବ୍ ଅସ୍ୱସ୍ତି ଅନୁଭୂତ ହୋଇଥାଏ ।

ନାଇଁ ମାଆ, ମୁଁ ତ ଏକ ଆନନ୍ଦର ବାୟୁମଣ୍ଡଳ ବିଷୟରେ କହୁଥିଲି !

ତୁମେ ଏହାକୁ ଆନନ୍ଦର ଏକ ବାୟୁମଣ୍ଡଳ ବୋଲି ଅନୁଭବ କରୁଛ !

'oaob.nitrkl.ac.in' images reprocessed

ହଁ, ମାଆ ।

ତେବେ ତାହା ଏକ ବ୍ୟକ୍ତିଗତ ଅନୁଭବ ହୋଇପାରେ । ଏକାନ୍ତ ବ୍ୟକ୍ତିଗତ ଅନୁଭବ । ଏବଂ ସେହି ଅନୁଭବଟି ତୁମ ଭିତରେ ସ୍ଥାୟୀ ହୋଇ ରହିବା ଉଚିତ ।

ତୁମ ଭିତରେ ଏପରି ଏକ ଅନୁଭବ ହେଉଛି, କାରଣ ଏହି ସମସ୍ତକୁ ତୁମ ଭିତରେ କେତେକେତେ ସ୍ମୃତି ଜାଗ୍ରତ ହୋଇ ପାରୁଛନ୍ତି; ହଁ, ଏକ ପ୍ରକାରର ସଂକେନ୍ଦ୍ରଣ ବି ହୋଇଯାଉଛି । ବା ଏପରି ବି ହୋଇପାରେ ଯେ ତୁମେ ଯାହାକୁ ଆନନ୍ଦ ବୋଲି କହୁଛ, ତାହା ପ୍ରାଣସ୍ତରର କୌଣସି ସୁଖାନୁଭୂତି ବ୍ୟତୀତ ଆଉ କିଛି ନୁହେଁ । ଏହା କ'ଣ ଏକ ପ୍ରକାରର ଉତ୍ତେଜନା କି ? ତୁମେ କେତେବେଳେ ଏହି ଆନନ୍ଦଟିକୁ ଅନୁଭବ କର ?

ଆଜି, ମୁଁ ଦର୍ଶନ ପରେ ସେହିପରି ଅନୁଭବ କଲି ।

ମୁଁ ଭାବୁଛି, ଯେଉଁ ଲୋକମାନେ ନିଜ ଜନ୍ମଦିନ ଦିନ ଅପେକ୍ଷାକୃତ ଅଧିକ ଗ୍ରହଣଶୀଳ ହୋଇଥାନ୍ତି ଏବଂ ସେମାନଙ୍କର ଗ୍ରହଣଶୀଳତାକୁ ଜାଗ୍ରତ କରି ରଖିବା ଲାଗି ଯେଉଁମାନଙ୍କ କ୍ଷେତ୍ରରେ ଏକ ବିଶେଷ ଘଟଣାର ସ୍ମରଣ ଆବଶ୍ୟକ ହୋଇ ରହିଥାଏ, ତୁମର ଏହି ଅନୁଭୂତି ସେହିମାନଙ୍କର ଅନୁଭୂତି ପରି ଗୋଟିଏ ଜିନିଷ ।

ଯେତେବେଳେ ଶ୍ରୀଅରବିନ୍ଦ ଦର୍ଶନ ଦେଉଥିଲେ, ସେ ଦର୍ଶନ ଦେବା ପୂର୍ବରୁ ନିର୍ଦ୍ଦିଷ୍ଟ କେତୋଟି ଶକ୍ତିର ଅଥବା କୌଣସି ଏକ ନିର୍ଦ୍ଦିଷ୍ଟ ଉପଲବ୍ଧିର ସର୍ବଦା ସଂକେନ୍ଦ୍ରଣ ହେଉଥିଲା, ଯାହାକୁ କି ସେ ଲୋକମାନଙ୍କୁ ଦେବା ଲାଗି ଇଚ୍ଛା କରୁଥିଲେ । ତେଣୁ ପ୍ରତ୍ୟେକ ଦର୍ଶନ ଅଗ୍ରଗତିର ପଥରେ ଗୋଟିଏ ସୋପାନ ପରି କାର୍ଯ୍ୟ କରୁଥିଲା; ପ୍ରତ୍ୟେକ ଥର ପୂର୍ବଟି ସହିତ କିଛି ଅଧିକ କଥା ଯାଇ ଯୁକ୍ତ ହେଉଥିଲା । ମାତ୍ର ସେତେବେଳେ ପରିଦର୍ଶକମାନେ ମଧ୍ୟ ଅତି ସୀମିତ ସଂଖ୍ୟାରେ ଆସୁଥିଲେ । ସବୁକିଛି ଅତି ଘରୋଇ ପ୍ରକାରେ ସଂଗଠିତ ହେଉଥିଲା ଏବଂ ସବୁକିଛି ଏକ ଆବଶ୍ୟକ ପ୍ରସ୍ତୁତିର ହିଁ ଅଂଶ ହୋଇ ରହୁଥିଲା ।

ମାତ୍ର ବର୍ତ୍ତମାନ ଏହି ବିଶେଷ ସଂକେନ୍ଦ୍ରଣଟି ଅନ୍ୟ ସମୟରେ ଘଟୁଛି; କେବଳ ଯେ ଦର୍ଶନଦିବସଗୁଡ଼ିକରେ ଘଟୁଛି, ସେକଥା ଆଦୌ ନୁହେଁ । ଏବେ ଏହା ଅଧିକ ମୁହୁର୍ମୁହୁଃ ଭାବରେ ଘଟୁଛି, ଅନ୍ୟ ଅବସର ଓ ଅନ୍ୟ ପରିସ୍ଥିତିଗୁଡ଼ିକରେ ଘଟୁଛି । ଉତ୍ଥାନର ବେଗଟିକୁ ଅତ୍ୟନ୍ତ ବଢ଼ାଇ ଦିଆଯାଇଛି, ଅଗ୍ରାଭିମୁଖୀ ଯାତ୍ରାଟିର ସୋପାନଗୁଡ଼ିକ ଅଧିକ ବେଗ ସହିତ ପରସ୍ପରର ଅନୁସରଣ କରୁଛନ୍ତି । ଏବଂ

'oaob.nitrkl.ac.in' images reprocessed

ସେଥିଲାଗି ତାହାର ଅନୁସରଣ କରିବା ସମ୍ଭବତଃ ଅଧିକ କଷ୍ଟକର ବି ହୋଇପଡ଼ୁଛି । ବା ଅନ୍ତତଃ, ଯଦି ସେଇଟିକୁ ଧାରଣ କରି ରଖିବାକୁ କେହି ଯଥେଷ୍ଟ ପରିମାଣରେ ସହିଷ୍ଣୁଶୀଳ ହୋଇ ନପାରୁଛି, ତେବେ ସେଇଟି ତାକୁ ଛାଡ଼ି, ଆଗକୁ ବାହାରି ଯାଉଛି ଓ ସେ ଆଗ ଅପେକ୍ଷା ଅନେକ ପଛରେ ପଡ଼ିଯାଉଛି । ସତେଅବା ଅତ୍ୟଧିକ ବିଳମ୍ବ ହୋଇଗଲା ଅଥବା କେହି ମୋତେ ଛାଡ଼ିଦେଇ ଚାଲିଗଲା ପରି ମନେ ହେଉଛି । ସବୁ କଥା ଅତ୍ୟନ୍ତ ବେଗରେ ବଦଳି ଯାଉଛି ।

. ଏବଂ ମୋର ଏହି କଥାଟି ମଧ୍ୟ କହିରଖିବା ଉଚିତ ଯେ ଏହିସବୁ ଦର୍ଶନଦାନଗୁଡ଼ିକରେ, ଯେତେବେଳେ ଏଠାରେ ଲାଗି ଯାଉଥିବା ଗହଳି ଦ୍ୱାରା ଅନ୍ତର୍ଗତ ଅଗ୍ରଗତି ଲାଗି ଆଦୌ ସେତେବେଶୀ ସାହାଯ୍ୟ ମିଳେ ନାହିଁ, ଅର୍ଥାତ୍ ଆଶ୍ରମ ଭିତରେ ଅଗ୍ରଗତି ହେବା ଲାଗି ସେଭଳି କିଛି ସାହାଯ୍ୟ ମିଳେ ନାହିଁ; ବାହାରେ ଏକ ପ୍ରସାରଣ ଲାଗି ହୁଏତ ଅନେକ ବେଶୀ ସାହାଯ୍ୟ ମିଳେ । ଏହିସବୁ ଦାନଗୁଡ଼ିକୁ ଆମେ ଏକ ପୃଥକ୍ ସ୍ତରରେ କାର୍ଯ୍ୟରେ ଲଗାଇଥାଉ; ଆହୁରି ଅଧିକ ଦୂରକୁ ଯିବାରେ, ଆପଣାର କ୍ଷେତ୍ରଟିକୁ ଅଧିକ ବ୍ୟାପକ କରିବାରେ ଏବଂ ଅଧିକ ଦୂରରେ ଅବସ୍ଥିତ ବନ୍ଧୁଗୁଡ଼ିକ ସହିତ ସମ୍ପର୍କରେ ଆସିବାରେ ଆମେ ଏହି ଦାନଟିକୁ କାମରେ ଲଗାଇଥାଉ । ମାତ୍ର ସଂକେନ୍ଦ୍ରଣକ୍ଷେତ୍ରରେ ଅନ୍ୟ ଦାନଗୁଡ଼ିକର ତୁଳନାରେ କିଛିଟା ହ୍ରାସ ଘଟିଥାଏ, ଏବଂ ଏଠି ଗୋଟାଏ ବଡ଼ ଭିଡ଼ ଲାଗି ଯାଉଥିବାର ଏହି ଅସୁବିଧାଟାକୁ ମଧ୍ୟ ସହ୍ୟ କରିବାକୁ ହୁଏ । ଆଗରୁ ସବୁବେଳେ ଯେ ଭିଡ଼ ନହେଉଥିଲା, ସେକଥା କଦାପି ନୁହେଁ; ମାତ୍ର ବିଗତ ଏହି କେତେ ବର୍ଷ ହେଲା ପ୍ରଥମ ତୁଳନାରେ ଏହି ଭିଡ଼ ଅତ୍ୟଧିକ ପରିମାଣରେ ବେଶୀ ହୋଇଯାଇଛି । ଅତେବ ପ୍ରଥମ ଅବସ୍ଥାରେ ଆଦୌ ଏତେବେଶୀ ଭିଡ଼ ହେଉ ନଥିଲା; ଏବଂ ଗୁଣାତ୍ମକ ଦୃଷ୍ଟିରୁ ଦେଖିଲେ ମଧ୍ୟ ସେତେବେଳର ଭିଡ଼ରେ ଥିବା ଲୋକମାନେ ଟିକିଏ ଅନ୍ୟ ପ୍ରକାରର ଥିଲେ ।

ତେଣୁ, ତୁମେ ଯେଉଁ ଆନନ୍ଦ ବିଷୟରେ କହୁଥିଲ, ତାହାକୁ ବରଂ ଗୋଟାଏ ପ୍ରକାରର ଏକ ଉତ୍ତେଜନା ବୋଲି କୁହାଯିବ, ବା, ଜୀବନଟା ଅଧିକ ପ୍ରଗାଢ ବା ଅଧିକ କର୍ମମୁଖର ହୋଇ ଉଠିବାର ଏକ ଅନୁଭୂତି ବୋଲି କୁହାଯିବ । ମାତ୍ର ଏହାକୁ ଏକ ବୃହତ୍ତର ସାନ୍ନିଧ୍ୟ ସହିତ କଦାପି ସମତୁଲ କରି ହେବ ନାହିଁ । ହୁଏତ ଏସବୁ ସମୟରେ ତୁମେ ଆପଣାକୁ ଏକ ଅଧିକ ଗ୍ରହଣଶୀଳ ସ୍ଥିତିରେ ଆଣି ରଖି ପାରୁଥିବ, ଯେତେବେଳେ କି ତୁମେ ଅଧିକ ଗ୍ରହଣ କରି ପାରୁଛ; ମାତ୍ର ତଦ୍ଦ୍ୱାରା ସେହି ଯଥାର୍ଥ ପରମ ସାନ୍ନିଧ୍ୟଟି ଯେ ଅଧିକ ପରିମାଣରେ ପ୍ରଗାଢ ହୋଇଯିବ, ସେକଥା ମୋଟେ ନୁହେଁ । ଅନ୍ତତଃ, ମୁଁ ଜାଣିବାରେ ଏପରି ଆଦୌ ହୁଏ ନାହିଁ ।

'oaob.nitrkl.ac.in' images reprocessed

ତେଣୁ ଏହାର କାରଣଟିକୁ ତୁମକୁ ନିଜ ଭିତରୁ ଖୋଜି ବାହାର କରିବାକୁ ହେବ, ଏହିପରି ଏକ ଆନନ୍ଦ ଅନୁଭବ କରୁଥିବା ଲାଗି ଏକ ପ୍ରତିକାର ବି ବାହାର କରିବାକୁ ହେବ ।

> ମାଙ୍କ ମାଆ, ପ୍ରତ୍ୟେକ ଦର୍ଶନ ଦିନରେ ଆପଣ ଯେଉଁ ବାଣୀଟିକୁ ଦିଅନ୍ତି, ତାହାର ପୁଣି ତାତ୍ପର୍ଯ୍ୟ କ'ଣ ? ଉଦାହରଣସ୍ୱରୂପ, ଆଜି ଆପଣ ଯେଉଁ ଫୁଲଟିର ଛବି ଦେଇଛନ୍ତି, ତାହା ହେଉଛି ଅନ୍ତର୍ମାନସ ରୂପାନ୍ତରର ପ୍ରତୀକ ।*

ମୁଁ ବର୍ତ୍ତମାନ ତୁମମାନଙ୍କୁ ଯେପରି କହୁଥିଲି, ଏହାକୁ ପୃଥିବୀସାରା ହଜାର ହଜାର ସଂଖ୍ୟାରେ ବିତରିତ କରି ଦିଆଯାଇଛି । କୌଣସି ଏକ ବସ୍ତୁକୁ ଏହାଦ୍ୱାରା ଏକ ବାହ୍ୟ ମୂର୍ତ୍ତିରୂପରେ ଦର୍ଶାଯାଇଛି, ଏହାଦ୍ୱାରା ଗୋଟିଏ ଉପାୟରେ ପ୍ରସ୍ତାବ ଓ ସନ୍ଦେଶଟିକୁ ବ୍ୟାପକ କରି ଦିଆଯାଇଛି, ଅଧିକ ଦୂରକୁ ଯାଇ ପାରିବାର ପ୍ରୟାସ କରାଯାଇଛି । ଦର୍ଶନ ଦିନର କୌଣସି ବାଣୀରେ ଯାହାକିଛି କୁହାଯାଏ, ପୂର୍ବରୁହିଁ ତାହାକୁ ଅଧ୍ୟୟନ କରା ଯାଇଥାଏ, ପ୍ରମାଣ କରି ଦେଖା ଯାଇଥାଏ, ପରୀକ୍ଷିତ ବି ହୋଇଥାଏ । ଏବଂ ସେଇଟିକୁ ଦର୍ଶନ ଦିନରେ ଦିଆହୁଏ । ପ୍ରଥମେ ପରୀକ୍ଷା କରି ଦେଖାଯାଏ, ତା'ପରେ ଯାଇ ତାହାକୁ ସାଧାରଣରେ ଘୋଷଣା କରି ଦିଆଯାଏ । ପ୍ରଥମ କ୍ରିୟାଶୀଳତାଟି ହେଉଛି ଏକ ବ୍ୟକ୍ତିଗତ ବିକଶିତତାର କ୍ରିୟାଶୀଳତା, ଏବଂ ଦର୍ଶନ ଦିବସରେ ସେଇଟିକୁ ଚତୁର୍ଦିଗରେ ବ୍ୟାପ୍ତ କରି ଦିଆଯାଏ ।

ଶ୍ରୀଅରବିନ୍ଦ ସର୍ବଦା ଦୁଇଟି କ୍ରିୟାଶୀଳତା ବିଷୟରେ କହୁଥିଲେ : ବ୍ୟକ୍ତି ପ୍ରଥମେ ଆପଣାକୁ ଯଥାର୍ଥ ଭାବରେ ତିଆରି କରିବ, ଯେପରିକି ସେ ବ୍ୟକ୍ତିଗତ ଭାବରେ ଆପଣାର ଲକ୍ଷ୍ୟଟିରେ ଯାଇ ପହଞ୍ଚି ପାରିବ, ଦ୍ୱିତୀୟଟି ହେଉଛି ଏହି ଜଗତର ପ୍ରସ୍ତୁତି ।...କାରଣ ସମୂହଟିର ଅବସ୍ଥା କିପରି ରହିଛି, ତଦ୍ୱାରା ଜଣେ ବ୍ୟକ୍ତିର ଅଗ୍ରଗତି ଠିକ୍ ଦୃଷ୍ଟିରୁ ଦେଖିଲେ କଦାପି ବିଳମ୍ବିତ ଅଥବା ଉପକୃତ ବି ହୁଏ ନାହିଁ, ମାତ୍ର ଏହାଦ୍ୱାରା ଦୁଇଟି ମଧ୍ୟରେ ଏକ ସ୍ୱରସାମ୍ୟ ସମ୍ଭବ ହୋଇଥାଏ । ବ୍ୟକ୍ତିର କ୍ରିୟାଶୀଳତା ସବୁବେଳେ ଅନେକ ଅଧିକ ସତ୍ୱର ଭାବରେ ଚାଲିଥାଏ ଓ ଅଧିକ ଗଭୀରକୁ ଭେଦିବା ଲାଗି ସମର୍ଥ ହୁଏ । ଏହା ଅନେକ ଅଧିକ ଦୂରକୁ ଯାଏ, ଅଧିକ ଗଭୀର ଭାବରେ ଯାଏ, ଅଧିକ ଗତିରେ ବି ଯାଏ । ସାମୂହିକ ଗତିଶୀଳତାକୁ

---

* ଏହି ଫୁଲଟି ହେଉଛି ରକ୍ତବର୍ଣ୍ଣ ଲଲାଟୁଲ (haemanthus), ଯେଉଁଥିରେ ତ ଶହ ଶହ ଦଳ ଏବଂ ସୁନେଲି ପୁଂକେଶର ରହିଛି ।

'oaob.nitrkl.ac.in' images reprocessed

ତ ଏପରି ଏକ ଭୂମି ବୋଲି ବୁଝାଯିବ, ଯାହାକି ଯୁଗପତ୍ ଭାବରେ ନିୟନ୍ତ୍ରିତ କରି ରଖିଥାଏ ଓ ଏକ ଆଶ୍ରୟରୂପେ ବି କାର୍ଯ୍ୟ କରୁଥାଏ । ଏବଂ, ଦୁଇଟିଯାକ କ୍ରିୟାଶୀଳତା ମଧ୍ୟରେ ଯେଉଁ ଭାରସାମ୍ୟଟି ରହିଥାଏ, ସେଇଟିର ପ୍ରକୃତରେ ଏକ ପ୍ରୟୋଜନ ବି ଥାଏ । ତେଣୁ ଜଣେ ବ୍ୟକ୍ତିଗତ ଭାବରେ ଯେତିକି ଅଧିକ ସମ୍ପୂର୍ଣ୍ଣତା ସହିତ ଯାଇପାରେ, ସାମୂହିକ ଭୂମି ବା ଆଧାରଟିକୁ ମଧ୍ୟ ପ୍ରସାରିତ ଏବଂ ଶକ୍ତିଯୁକ୍ତ କରିବା ପାଇଁ ଚେଷ୍ଟା କରିବା ସେତିକି ଅଧିକ ଆବଶ୍ୟକ ହୁଏ ।

ମାଆ, ଅଗଷ୍ଟ ପନ୍ଦରର ଆଜି ଦିନଟିର କୌଣସି ଗୂଢ଼ ଅଥବା ସହଜ ତାତ୍ପର୍ଯ୍ୟ ରହିଛି କି? କାରଣ ଏହି ଦିନଟିରେ ଇତିହାସର ଅନେକ ମହତ୍ତ୍ୱପୂର୍ଣ୍ଣ ଘଟଣା ଘଟିଛି ।

ତୁମେ ଠିକ୍ କେଉଁ ଅର୍ଥରେ ଏହି କଥାଟିକୁ କହୁଛ ? ଅଗଷ୍ଟ ପନ୍ଦର ହେଉଛି ଶ୍ରୀଅରବିନ୍ଦଙ୍କର ଜନ୍ମଦିନ । ତେଣୁ ଭୌତିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ପୃଥିବୀର ଜୀବନରେ ଏହି ଦିନଟିର ଅପାର ମହତ୍ତ୍ୱ ରହିଛି । ବୁଝିଲ ?

ଏହି ଅଗଷ୍ଟ ପନ୍ଦର ଦିନ ଅନ୍ୟ ମହତ୍ତ୍ୱପୂର୍ଣ୍ଣ ଘଟଣାମାନ ବି ଘଟିଛି ।...

ଓ ହୋ, ତୁମେ ଭାରତବର୍ଷ ସ୍ୱାଧୀନ ହେବା କଥା କହୁଛ ? ଭାରତ ମଧ୍ୟ ସେହି ଅଗଷ୍ଟ ପନ୍ଦର ଦିନ ସ୍ୱାଧୀନତା ଲାଭ କଲା, ତୁମେ ସେଇଥିଲାଗି ଏପରି କହୁଛ ? ତେଣୁ, ଏହିପରି କାହିଁକି ଘଟିଲା, ସେହି କଥାଟି ତୁମକୁ ବୁଝାଇ କହିଦେବା ଉଚିତ । ତୁମେ ନିଜେ ନିଜେ ଏହି କାରଣଟିକୁ ପାଇ ପାରିବ ନାହିଁ, ପାରିବ କି ? ତେଣୁ ଏହି କଥାଟିକୁ ଅବଶ୍ୟ ବୁଝାଇ କହିଦେବାକୁ ହେବ । ପ୍ରକୃତରେ ଦରକାର ହେବ କି ? ମୋର ମନେ ହେଉଛି, ଶ୍ରୀଅରବିନ୍ଦ ମଧ୍ୟ ଏହି ବିଷୟରେ ଲେଖିଛନ୍ତି, ନୁହେଁ କି ? ସେଦିନ ସେ ଯେଉଁ ବାଣୀ ଦେଇଥିଲେ, ସେଇଥିରେ ଲେଖିଛନ୍ତି । ସେ କଥା କହି ନାହାନ୍ତି କି ?*

(ମାଆ ନୀରବ ରହିଲେ)

ହଁ, ଏହା ପ୍ରକୃତରେ ଠିକ୍ ସେଇଆ ।...

---

* ୧୯୪୭ ଅଗଷ୍ଟ ପନ୍ଦର ଦିନ ଶ୍ରୀଅରବିନ୍ଦ ଯେଉଁ ବାଣୀଟି ଦେଇଥିଲେ, ମାଆ ତାହାର କଥା କହୁଛନ୍ତି । ଏହି ପ୍ରସଙ୍ଗର ଶେଷରେ ସେହି ବାଣୀଟିକୁ ସମ୍ପୂର୍ଣ୍ଣ ଭାବରେ ଯୋଡ଼ି ଦିଆଯାଉଛି ।

'oaob.nitrkl.ac.in' images reprocessed

ପୂଜାଦିନମାନଙ୍କରେ, ନବବର୍ଷ ପାଇଁ ଓ ଅନ୍ୟ ନାନା ଉତ୍ସବ ଉପଲକ୍ଷରେ ଲୋକେ ଅନେକ ସମୟରେ ଯେଉଁ ଅଭିବାଦନ ପତ୍ର ପଠାଇଥାନ୍ତି, ଆଜି ମୁଁ ସେହିପରି ଗୋଟିଏ ଅଭିବାଦନ ପତ୍ର ପାଇଲି । ସେହି କାର୍ଡ଼ଟି ଉପରେ ଏହି କଥା ଲେଖା ହୋଇଥିଲା,—ଶବ୍ଦଗୁଡ଼ିକୁ ମୁଁ ଅବିକଳ ମନେ ରଖି ପାରି ନାହିଁ,—ମାତ୍ର ଏହିପରି କିଛି ଲେଖା ହୋଇଥିଲା : "ଆମ ଜାତିର ଏହି ଜନ୍ମବାସରର ସ୍ମରଣୀୟ ମୁହୂର୍ତ୍ତରେ ଆପଣଙ୍କୁ ପ୍ରଣାମ ।" ଏହି କାର୍ଡ଼ଟି ଏପରି ଜଣେ ବ୍ୟକ୍ତି ପଠାଇଛନ୍ତି, ଯିଏକି ବେଶ୍ ଅନେକ ଦିନ ତଳେ ଆପଣାକୁ ଶ୍ରୀଅରବିନ୍ଦଙ୍କର ଜଣେ ଶିଷ୍ୟ ବୋଲି କହୁଥିଲେ···ମନୁଷ୍ୟ ଆପଣାର ନିର୍ବୋଧପଣିଆ ଦ୍ୱାରା ଯେଉଁସବୁ ବିରାଟ ପ୍ରମାଦମାନ ଭିଆଇବସେ, ଏଇଟି ମୋତେ ସତେଅବା ସେହିପରି ଠିକ୍ ଗୋଟିଏ ବୋଲି ମନେହେଲା । ଯଦି ସେ ଏପରି କହିଥାନ୍ତେ : ଶ୍ରୀଅରବିନ୍ଦଙ୍କର ଏହି ସ୍ମରଣୀୟ ଜନ୍ମଦିନ ଏବଂ ତାହାର ସ୍ୱାଭାବିକ ପରିଣାମ ଅର୍ଥାତ୍ ଜାତିର ଜନ୍ମଲାଭ କରିବାର ଅବସରରେ," ତେବେ ତାହା ବେଶ୍ ଉପଯୁକ୍ତ ହୋଇଥାନ୍ତା। ମାତ୍ର ତଥାପି ସେଥିରେ ମହତ୍ତ୍ୱପୂର୍ଣ୍ଣ କଥାଟିକୁହିଁ ପାସୋରି ଦିଆ ଯାଇଥିଲା ଏବଂ ଯେଉଁଟିକୁ କେବଳ ଏକ ପରିଣାମ, ଏକ ସ୍ୱାଭାବିକ ପରିଣାମ ବୋଲି କୁହାଯିବ, ତାହାର ଉଲ୍ଲେଖ କରା ଯାଇଥିଲା । ହଁ, ଏହା ଠିକ୍ ସେହିପରି ହେବା ଉଚିତ ଥିଲା, ଆଉ ଅନ୍ୟପ୍ରକାର କଦାପି ହେବା ଉଚିତ ନଥିଲା ।

ମାତ୍ର ଲୋକେ ସର୍ବଦା ସେହିପରି ଭୁଲ୍ କଥାଟା ଆଡ଼ୁ ଆରମ୍ଭ କରିଥାନ୍ତି । ସବୁବେଳେ ସେହିପରି କରନ୍ତି । ପରିଣାମଟିକୁ କାରଣ ବୋଲି ଭ୍ରମ କରନ୍ତି; ପରିଣାମଟିକୁ ନେଇ ମହିମାନ୍ୱିତ କରି ଦେଖାନ୍ତି ଏବଂ କାରଣଟିକୁ ପାସୋରି ଦିଅନ୍ତି ।

ଏବଂ ସେହି କାରଣରୁହିଁ ପୃଥିବୀ ଗୋଡ଼ ଦୁଇଟାକୁ ଉପରକୁ କରି ମୁଣ୍ଡ ଉପରେ ଚାଲିବାରେ ଲାଗିଥାଏ । ସ୍ପଷ୍ଟତଃ, ଏହା ପଛରେ ଆଉ ଅନ୍ୟ କୌଣସି କାରଣ ନାହିଁ ।

(ମାଆ ନୀରବ ରହିଲେ)

ମୋ ପାଖରେ ଅନେକ ଛଟିର ଏକ ବୃହତ୍ ଗଦା ରହିଛି । ତା' ଉପରକୁ ପୁଣି ଆଜି ଆଉଗୋଟିଏ ଆସି ପହଞ୍ଚିଲା । ଏଥିରେ ଯେଉଁ ପ୍ରଶ୍ନଟି ପଚରା ଯାଇଛି, ତଦ୍ୱାରା ପୃଥିବୀର ସମ୍ଭବତଃ ସବୁଠାରୁ ଅଧିକ ଅସ୍ୱାସ୍ଥ୍ୟଦାୟକ ସମସ୍ୟାଟିର ଉତ୍ଥାପନ କରାଯାଇଛି । ତେଣୁ, ଆଜିର ଏହି ଦର୍ଶନ ଦିବସର ପରିବେଶରେ ଏଭଳି ଏକ ପ୍ରଶ୍ନ ଉପରେ ଆଲୋଚନା କରିବା କେତେଦୂର ସଙ୍ଗତ ଓ ଯୁକ୍ତିଯୁକ୍ତ ହେବ, ମୁଁ ନିର୍ଭୁଲ ଭାବରେ ସେକଥାଟି ମୋଟେ ଠିକ୍ କରି ପାରୁ ନାହିଁ । ତଥାପି, ଏହି ପ୍ରଶ୍ନଟିକୁ

'oaob.nitrkl.ac.in' images reprocessed

ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ବୋଲି କହିବାକୁ ପଡ଼ିବ । ଏହି ପ୍ରଶ୍ନଟିର ଗୋଟିଏ ସମ୍ପୂର୍ଣ୍ଣ ସନ୍ତୋଷଜନକ ସମାଧାନ ବାହାର କରିବାକୁ ନିଶ୍ଚୟ ଖୁବ୍ ଇଚ୍ଛା ହେବ, କାରଣ ତା'ହେଲେ ଯାଇ ଆମକୁ ଏପରି ଗୋଟିଏ ଚାବିକାଠି ମିଳିଯିବ, ଯାହାଦ୍ୱାରା କି ଆମେ ସବାଶେଷ କବାଟଟିକୁ ଖୋଲିଦେଇ ପାରିବା ।

ବିଶ୍ୱଜଗତର ଅସ୍ତିତ୍ୱ ବିଷୟରେ ମୂଳ ସମସ୍ୟାଟିର ଏକ ସମାଧାନ ବାହାର କରିବା ଲାଗି ମଣିଷ ଯେତେବେଳେ ଆଗ୍ରହ ପ୍ରକାଶ କରିଛି, ସେତେବେଳେ ତାକୁ ସାଧାରଣତଃ ଦୁଇଟି ଦୃଷ୍ଟିକୋଣର ସମ୍ମୁଖୀନ ହେବାକୁ ପଡ଼ିଛି । ବ୍ୟାବହାରିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏପରି କହିହେବ ଯେ ଯେହେତୁ ଏହି ବିଶ୍ୱଜଗତର ଏକ ଅସ୍ତିତ୍ୱ ରହିଛି ଓ ତାହା ବର୍ତ୍ତମାନ ଯେପରି ରହିଛି, ପ୍ରକୃତରେ ସେହିପରି ରହିଛି, ତେଣୁ ତାହା ଯେପରି ଅଛି ତାହାକୁ ସେହିପରି ଭାବରେ ଗ୍ରହଣ କରିନେବା ହିଁ ସବୁଠାରୁ ଅଧିକ ବିଜ୍ଞତାର କଥା ହେବ; ଏବଂ ଯଦି ଏହି ବିଶ୍ୱଜଗତ ବିଷୟରେ କେହି ମୋଟେ ସନ୍ତୁଷ୍ଟ ହୋଇ ପାରୁ ନାହିଁ, ତେବେ ସିଏ ହୁଏତ ତାହାକୁ ଆହୁରି ଅଧିକ ଭଲ କରିବାକୁ ଚେଷ୍ଟା ବି କରିପାରିବ । ମାତ୍ର, ଅତ୍ୟନ୍ତ ବ୍ୟାବହାରିକ ଏହି ଦୃଷ୍ଟିକୋଣଟି ଗ୍ରହଣ କରିନେଲେ ମଧ୍ୟ ତଥାପି ସମସ୍ୟାଟି ସେହିପରି ରହିଯାଉଛି : ଆମେ ଏହାକୁ କିପରି ଅଧିକ ଭଲ କରିପାରିବା ? ଏବଂ ତା'ପରେ ଆମେ ପୁନର୍ବାର ସେହି ଅବସ୍ଥାଟିର ସମ୍ମୁଖୀନ ହେବାକୁ ଆରମ୍ଭ କରିବା, ଯାହାର ସମାଧାନ ଆମକୁ ପ୍ରକୃତରେ ପ୍ରାୟ ଅସମ୍ଭବ ବୋଲି ମନେହେବ । ତେଣୁ ଆମେ ଏହିପରି ଏକ ସ୍ଥିତିରେ ଆସି ପହଞ୍ଚିବା :

ଭଗବତ୍ ପରମଇଚ୍ଛା,—ଏବଂ ଯେଉଁ ପରମ କରୁଣା ତାହାକୁ ବ୍ୟକ୍ତ କରିବାରେ ଲାଗିଛି,—ସେହି ପରମ ଇଚ୍ଛାଟି ହେଉଛି ସର୍ବଶକ୍ତିଶାଳୀ, ଏବଂ ଯାହା ଏହି ପରମଇଚ୍ଛାକୁ ଏବଂ ତାହାକୁ ପ୍ରକଟ କରୁଥିବା ପରମ କରୁଣାକୁ ବ୍ୟକ୍ତ କରି ନପାରୁଛି, ତାହାର ଆଦୌ କୌଣସି ଅସ୍ତିତ୍ୱ ସମ୍ଭବ ହେବ ନାହିଁ ।…ତର୍କାନୁମୋଦିତ ଦୃଷ୍ଟିକୋଣଟି, ଏବେ ପ୍ରତି ଶୁକ୍ରବାର ଦିନ ମୁଁ ଯେଉଁ Wu Wei* ପୁସ୍ତକଟି ତୁମମାନଙ୍କ ପାଖରେ ପଢ଼ୁଛି, ସେଥିରେ ଯେଉଁ ଦୃଷ୍ଟିକୋଣଟିର ବର୍ଣ୍ଣନା କରାଯାଇଛି,—ଏକ ପରିପୂର୍ଣ୍ଣ ଶାନ୍ତି, ଏକ ପରିପୂର୍ଣ୍ଣ ଆତ୍ମସମର୍ପଣ, ଯାବତୀୟ ବ୍ୟକ୍ତିଗତ ଉଦ୍ୟମ ଓ ବ୍ୟକ୍ତିଗତ ଇଚ୍ଛାକୁ ପରିହାର କରି, ଆପଣାକୁ ଭଗବତ୍ ପରମଇଚ୍ଛାଟି ପାଖରେ ସମ୍ପୂର୍ଣ୍ଣ ଭାବରେ ଦେଇଦେଇ ଏବଂ ଆପଣା ମଧ୍ୟରେ ସେହି ଇଚ୍ଛାଟିକୁ ହିଁ କାର୍ଯ୍ୟ କରିବା

---

*Wu Wei : ଚୀନ ଦେଶୀୟ ଦର୍ଶନ ଉପରେ ଆଧାରିତ ଏକ ଉପନ୍ୟାସ; ଲେଖକ ହଁରି ବୋରେଲ୍ (Librairie Fischbacher, 33 rue de Seine, Paris).

'oaob.nitrkl.ac.in' images reprocessed

ଲାଗି ବାଟ ଛାଡ଼ିଦେଇ,—ଆମେ ସେଗୁଡ଼ିକର ଉପଲବ୍ଧି କରିପାରିବା ବୋଲି କୁହାଯାଇଛି ।

ଆମକୁ ସ୍ମରଣ ରଖିବାକୁ ହେବ ଯେ ଏପରି କରିପାରିବା ଆଦୌ ସହଜ ନୁହେଁ । ମାତ୍ର ତଥାପି, ଯଦି କେହି ଆନ୍ତରିକତା ସହିତ ଏହି ଦୃଷ୍ଟିକୋଣଟି ଅନୁସାରେ କାର୍ଯ୍ୟ କରେ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେ ତତ୍‌କ୍ଷଣାତ୍ ଏକ ପରିପୂର୍ଣ୍ଣ ଅନ୍ତଃଶାନ୍ତି ଅବସ୍ଥାର ଅଧିକାରୀ ହୁଏ, ଏକ ଅବିମିଶ୍ର ଆନନ୍ଦର ଅନୁଭୂତି ଲାଭ କରେ, ଏବଂ ତୁମର ଜୀବନରେ ଯାହା ମନ ତାହା ଘଟୁ-ପଛକେ, ତୁମେ ତଥାପି ସେଗୁଡ଼ିକ ପ୍ରତି ସମ୍ପୂର୍ଣ୍ଣ ଭାବରେ ଉଦାସୀନ ହୋଇ ରହିପାରିବ । ବ୍ୟକ୍ତିର ମୁକ୍ତି ଲାଗି ସର୍ବଦା ଏହି ପନ୍ଥାଟିରହିଁ ପରାମର୍ଶ ଦିଆଯାଇଛି; ଏବଂ ମୁଁ ପ୍ରସଙ୍ଗକ୍ରମେ ଏଠାରେ ଏହି କଥାଟି ହୁଏତ କହିପାରିବି ଯେ, ଏଡ଼େ ସୁନ୍ଦର ଓ ସୁଲଳିତ ଏହି ଗାନ ବହିଟିରେ ଯତି ତାଙ୍କ ଦ୍ୱାରା ବର୍ଣ୍ଣିତ ସମର୍ପିତ ହୋଇ ରହିବାର ଅବସ୍ଥାଟିକୁ ଏକ ଶାନ୍ତ, ସୁନୀଳ, ସ୍ଥିର ଓ ବୃହନ୍ତ ସମୁଦ୍ର ସହିତ ତୁଳନା କରୁଛନ୍ତି, ଯାହାକି ଏକ ଗଭୀର ବୃହତ୍ ଶକ୍ତି ଦ୍ୱାରା ଚାଳିତ ହେଉଛି, ଉଚିତ ମୁହୂର୍ତ୍ତରେ ସ୍ଫୀତ ହୋଇ ଉଠୁଛି ଓ ପୁଣି ଉଚିତ ମୁହୂର୍ତ୍ତରେ ତଳକୁ ବି ଖସିଆସୁଛି; —ହଁ, ଏହା ପ୍ରକୃତରେ ଏକ ଆଦର୍ଶ ଅବସ୍ଥାର ବର୍ଣ୍ଣନା । ମାତ୍ର, ବ୍ୟାବହାରିକ ଏବଂ ବସ୍ତୁନିଷ୍ଠ ମନ ଏକଥା ଶୁଣି ତୁମକୁ ସଙ୍ଗେ ସଙ୍ଗେ କହିବ, "ସତ କଥା ଯେ, ମାତ୍ର ସମୁଦ୍ରରେ ତ ଝଡ଼ ବି ରହିଛି, ଭୟଙ୍କର ତୋଫାନର ଆଶଙ୍କା ରହିଛି, ଜୁଆର ମାଡ଼ିଯିବାର ଭୟ ରହିଛି, ପାଣି ଦ୍ୱାରା ଘେରି ହୋଇ ରହିଥିବା ଦ୍ୱୀପମାନେ ମଧ୍ୟ ରହିଛନ୍ତି । ଏବଂ ତେଣୁ, ଆମେ ହୁଏତ ସେଇଟିକୁ ଦିବ୍ୟ ପରମସତ୍ତ୍ୱଙ୍କର ଅତି ଏକ ବିମ୍ବ ବୋଲି କହିପାରିବା,—ମାତ୍ର ତା' ଦ୍ୱାରା ତ ଆଉ ଶାନ୍ତି ଆସି ପାରିବ ନାହିଁ, ଅନ୍ତତଃ ଯତି କହିଥିବା ମାର୍ଗଟି ଦ୍ୱାରା କଦାପି ଶାନ୍ତି ଆସିବ ନାହିଁ । ଏହିଭଳି ପରିସ୍ଥିତିରେ ଶାନ୍ତ ହୋଇ ରହି ପାରିବାକୁ ହେଲେ ଆମକୁ ଚେତନାର ଅନ୍ୟକୋଟିଏ ସ୍ଥିତିରେ ରହିବାକୁ ପଡ଼ିବ, ଆପଣାକୁ ଗୋଟାଏ ସମୁଦ୍ର ସହିତ ଆଉ କଦାପି ତୁଳନା କରି ହେବ ନାହିଁ ।" ଏହିପରି ଭାବରେ ସମସ୍ୟାଟି ପୁନର୍ବାର ଆସି ଉପସ୍ଥିତ ହୋଇଯିବ ।

"ଦିବ୍ୟ ଜୀବନ" ଗ୍ରନ୍ଥରେ ଶ୍ରୀଅରବିନ୍ଦ ଏହି ସବୁକିଛିର ଅନୁଧ୍ୟାନ କରିଛନ୍ତି ଏବଂ ସେଥିରେ ସେ ଆମକୁ କହିଛନ୍ତି ଯେ ଜଗତର ବିବର୍ତ୍ତନ ଯେ କ୍ରମୋନ୍ନତ ଭାବରେ ସମ୍ମୁଖପଥକୁ ଚାଲିଛି, ତାହା ଜାଣିବା ଲାଗି ଆମ ପାଖରେ ସୁନିଶ୍ଚିତ ସଙ୍କେତମାନ ମହଜୁଦ ରହିଛି । ବିବର୍ତ୍ତନ ମାତ୍ରକେ କୌଣସି ଏକ ଉଦ୍ଦେଶ୍ୟ ଅଭିମୁଖି ଗତି କରୁଥାଏ, ଏବଂ ଯଦି ତାହା ଏକ କ୍ରମୋନ୍ନତ ଧାରାରେ ସଂଘଟିତ ହେଉଥାଏ, ତେବେ ଆମେ ସେହି ଧାରାରେ ଆହୁରି ଆଗକୁ ଯିବ ନିଶ୍ଚୟ କହିପାରିବା ଯେ

ଏଠାରେ ସବୁକିଛି କେବଳ ସେହି ଭଗବାନ୍ଙ୍କ ପରମକରୁଣା ଏବଂ ପରମଇଚ୍ଛାକୁହିଁ ପ୍ରକଟ କରିଦେଉଛି, ମାତ୍ର ଯୁଗପତ୍ ଭାବରେ ଏକଥା ମଧ୍ୟ ସତ୍ୟ ଯେ ସବୁକିଛି ଯେପରି ଅବସ୍ଥାରେ ରହିବା ଉଚିତ, ସେଗୁଡ଼ିକ ମୋଟେ ସେପରି ଅବସ୍ଥାରେ ନାହାନ୍ତି । ସବୁକିଛି ଦିବ୍ୟ ପରମଇଚ୍ଛାଟି ଅନୁସାରେ ପରିଚାଳିତ ହେଉଛନ୍ତି ସତ, ମାତ୍ର ପ୍ରତ୍ୟେକ କଥା ଯେପରି ହୋଇ ରହିବା ଉଚିତ, ମୋଟେ ସେପରି ହୋଇ ରହି ନାହାନ୍ତି, କାରଣ ତା' ନହେଲେ ଆଉ କୌଣସି ଗତିଶୀଳତାର ବି ପ୍ରୟୋଜନ ନଥାନ୍ତା ।

ଏବଂ ଏଠାକୁ ଆସି ମଧ୍ୟ ଆମକୁ ପୁଣି ସେହି ସମସ୍ୟାଟିର ସମ୍ମୁଖୀନ ହେବାକୁ ପଡ଼ୁଛି ।

ମୋତେ ଏହି ପ୍ରଶ୍ନଟି ପଚରା ଯାଇଛି :

"ବର୍ତ୍ତମାନ ଯେତେବେଳେ ଅତିମାନସ ପୃଥିବୀରେ ପ୍ରକଟ ହୋଇ ସାରିଲାଣି, ତେବେ ସେଥିରୁ ଏହା ଅବଶ୍ୟ ପ୍ରତିପାଦିତ ହୋଇଯାଉଛି ଯେ ଦିବ୍ୟ ପରମକରୁଣାହିଁ ବର୍ତ୍ତମାନ ପ୍ରକୃତରେ ସର୍ବଶକ୍ତିଶାଳୀ ହୋଇ ରହିଥିବ," ଏବଂ "ଏହା ପ୍ରକୃତରେ ସତ କି ?" ବୋଲି ମୋତେ ପଚରା ଯାଇଛି ।

ଦିବ୍ୟ ପରମକରୁଣା ଚିରକାଳ ସର୍ବଶକ୍ତିଶାଳୀ ହୋଇ ରହି ଆସିଛନ୍ତି ।

ମାତ୍ର ତଥାପି, ବର୍ତ୍ତମାନ ଏହି ପୃଥିବୀ ଯେପରି ଅବସ୍ଥାରେ ରହିଛି ଓ ଆମେ ଆମର ଅଜ୍ଞାନ ଭିତରୁ ବାହାରି ଆସି ଦିବ୍ୟତର ବୋଲି କହୁଥିବା ଏକ ଚେତନା ମଧ୍ୟରେ ପ୍ରବେଶ କଲେ ଯେଉଁ ଆଦର୍ଶ ଜଗତ ସମ୍ଭବ ହେବ ବୋଲି ଆମେ କଳ୍ପନା କରି ପାରିବା,—ଆମେ ଯେତେବେଳେ ଏହି ଦୁଇଟି ମଧ୍ୟରେ ଏକ ତୁଳନା କରିବାକୁ ଯିବା, ତେବେ ଆମର ମନ ଭିତରେ ନିଶ୍ଚୟ ଏହି ଶଙ୍କାଟି ଉପୁଜିବ, ଯଦି ଭଗବାନ୍ଙ୍କ କରୁଣାହିଁ ସର୍ବଶକ୍ତିଶାଳୀ ହେଲା, ତେବେ ଜଗତଟା ମଧ୍ୟ ସର୍ବଦା ତଦନୁରୂପ ଭାବରେ ଭଲ ହୋଇ ରହି ପାରୁ ନାହିଁ କାହିଁକି ?

ଯେତେଦୂର ମନେ ହେଉଛି, ସବୁକିଛି ପ୍ରକୃତରେ କିପରି ହୋଇ ରହିବା ଉଚିତ, ତାହା କାର୍ଯ୍ୟକାରୀ ହେବାର ଅନେକ ପୂର୍ବରୁ ତାହାର ଏକ ଆଦର୍ଶ ଚିତ୍ର ଆମର ଦୃଷ୍ଟି ସମକ୍ଷରେ ଆସି ଆବିର୍ଭୂତ ହୋଇଥାଏ । ଏବଂ ଏଇଥିରୁହିଁ ସମସ୍ତ ସମସ୍ୟାଟିର ଜନ୍ମ ହୁଏ ।...ଆମେ ଆଗକୁ ଚାହିଁ,—ବା ଊର୍ଦ୍ଧ୍ୱକୁ ଚାହିଁ,—ସମ୍ଭବତଃ ପରବର୍ତ୍ତୀ ସୋପାନଟିର ନୁହେଁ, ମାତ୍ର ତଥାପି, ଭବିଷ୍ୟତରେ ଦିନେ କ'ଣ ଘଟିବ, ତାହାର ଏକ ଚିତ୍ର ଦେଖିବାକୁ ପାଉ । ଏବଂ ତା' ଉପରେ ଦୃଷ୍ଟିପାତ କରି ଆମେ କହିବାକୁ ଲାଗୁ : "ମାତ୍ର, ବର୍ତ୍ତମାନ ଯେତିକି ବାସ୍ତବରେ ପରିଣତ ହୋଇ ପାରିଛି,

'oaob.nitrkl.ac.in' images reprocessed

ଏହି କଳ୍ପନାଟି ତା'ଠାରୁ ଏକ ଉଦ୍ଧ୍ୱତର କଳ୍ପନା; ତେଣୁ, ପରମ ଭଗବାନ୍ କରୁଣା ଯଦି ସର୍ବଶକ୍ତିଶାଳୀ ହୋଇଥାଏ, ତେବେ ସେହି ଆଦର୍ଶ କଳ୍ପନାଟିର ତ ସଙ୍ଗେସଙ୍ଗେ ଉପଲବ୍ଧି ହୋଇପାରିବା ଉଚିତ।" ମୁଁ କହୁଥିବା କଥାଗୁଡ଼ିକରୁ ତୁମେମାନେ ଯେପରି ମୋତେ ଭଲଭାବରେ ବୁଝିପାରିବ, ସେଥିଲାଗି, ମନୁଷ୍ୟର ମନ ଯେଉଁପରି ଭାବରେ ଏହି ସମସ୍ୟାଟିର ଚର୍ଚ୍ଚା କରନ୍ତା, ମୁଁ ଯଥାସମ୍ଭବ ସେହିପରି ଭାବରେ ସେଇଟି ଉପରେ ଦୃଷ୍ଟିପାତ କରିବାକୁ ଚେଷ୍ଟା କରୁଛି।

ମାନ ଏକ ସର୍ବଶକ୍ତିଶାଳୀ କରୁଣା କହିଲେ ଆମେ ପ୍ରକୃତରେ କ'ଣ ବୁଝିଥାଉ ? ବର୍ତ୍ତମାନ ମୁଁ ଏବିଷୟରେ ଏକ ସାଧାରଣ ମନର କଳ୍ପନାଟି ବିଷୟରେ କିଛି କହିବ ନାହିଁ; ଏକ ସାଧାରଣ ମନ ତ ଭାବୁଥାଏ ଯେ ସର୍ବଶକ୍ତିଶାଳୀ ଭଗବାନ୍ ପରମକରୁଣା ଯାହା ଚାହୁଁଥିବ ବା ଯାହାକୁ ଠିକ୍ ବୋଲି ବିଶ୍ୱାସ କରୁଥିବ, ତାହାକୁ ସେ ତତ୍କ୍ଷଣାତ୍ ସମ୍ଭବ କରି ଥୋଇଦେବ। ମୁଁ ବର୍ତ୍ତମାନ ସେକଥା କହୁ ନାହିଁ, ଆମେ ହୁଏତ ସେହି ବାଳସୁଲଭ ଚପଳ ଦୃଷ୍ଟିକୋଣଟିକୁ ବାଦ୍ ଦେଇ ଏଠାରେ କିଛି ବିଚାର କରିପାରିବା। ମାତ୍ର, ଯଦି କାହାରି ଏକ ଅଧିକ ଗଭୀର ଓ ଅଧିକ ଉଚ୍ଚ ଦୃଷ୍ଟିସାମର୍ଥ୍ୟ ରହିଛି ବୋଲି ବିଚାର କରାଯାଏ, ଯଦି ଏପରି ଏକ ଆଦର୍ଶ ପୃଥିବୀ ବିଷୟରେ ଗୋଟାଏ ପ୍ରକାରର ଅନ୍ତର୍ଗତ କଳ୍ପନା ରହିଛି ବୋଲି ଧରି ନିଆଯାଏ ଯେଉଁଥିରୁ କି ଆମକୁ ଅତ୍ୟନ୍ତ ବୀଭତ୍ସ ବୋଲି ମନେ ହେଉଥିବା ଯାବତୀୟ ବିଷୟ ଅନ୍ତର୍ହିତ ହୋଇ ଯାଇଥିବ, ତେବେ ତଦ୍ଦ୍ୱାରା ଆମେ ଏପରି ଏକ ସମସ୍ୟାର ସମ୍ମୁଖୀନ ହେବା, ଯାହାକି ପ୍ରକୃତରେ ସମାଧାନର ଅତୀତ ବୋଲି ବୋଧ ହେବାକୁ ଲାଗିବ।

ଅତ୍ୟନ୍ତ ସାଧାରଣ ମନଗୁଡ଼ିକରେ ଏହି କଥାଟି ଏକ ଅତ୍ୟନ୍ତ ସରଳୀକୃତ ଏବଂ ବାଳସୁଲଭ ବ୍ୟାପାର ପରି ପ୍ରତୀତ ହୋଇଥାଏ : ଆମେ ହୁଏତ ଏହି ଭଗବାନ୍ ପରମଇଚ୍ଛା ବିଷୟରେ ଆଦୌ କିଛିହେଲେ ଭାବି ପାରିବା ନାହିଁ,—ଏଥିରେ ଆଶ୍ଚର୍ଯ୍ୟଜନକ କଥା ଆଦୌ କିଛି ନାହିଁ,—ଏବଂ, ଯଦି ସେହି ଇଚ୍ଛା ପୃଥିବୀର ଯାବତୀୟ ବ୍ୟାପାରକୁ ସେଗୁଡ଼ିକ ଯେପରି ରହିଛି, ସେଗୁଡ଼ିକୁ ସେହିପରି ହୋଇ ରହିବାକୁ ଅନୁମତି ଦେଇ ଛାଡ଼ି ଦେଇଥାଏ, ବା ସେଗୁଡ଼ିକ ସେହିପରି ହୋଇ ରହିଥାନ୍ତୁ ବୋଲି ଇଚ୍ଛା କରୁଥାଏ, ତେବେ ସେଇଟା ମଧ୍ୟ ଅତ୍ୟନ୍ତ ଅଶ୍ଳୀଳ ଏବଂ ଭୟଙ୍କର ବୋଲି ମନେ ହେବାକୁ ଲାଗିବ। ତା' ନହେଲେ ସେହି କରୁଣାର ପ୍ରକୃତରେ ଆଦୌ କୌଣସି ସାମର୍ଥ୍ୟ ନାହିଁ ବୋଲି କୁହାଯିବ।

ତାହାହିଁ ହେଉଛି,—ଏଠାରେ ମୁଁ ତୁମମାନଙ୍କୁ ଜାଲରେ ଆସି ପଡ଼ି ନଯିବାକୁ ସତର୍କ କରିଦେଉଛି,—ତାହାହିଁ ହେଉଛି ବିରୋଧୀ ପକ୍ଷର ସର୍ବବୃହତ୍ ଯୁକ୍ତି। ମନକୁ ମେଘାଚ୍ଛନ୍ନ କରି ରଖି ଏକ ବିଦ୍ରୋହକୁ କୁହୁଳାଇ ଆଣିବା ଲାଗି ସେ

ଏହି ଯୁକ୍ତିର ଆଶ୍ରୟ ନେଇଥାଏ । ମାତ୍ର ତଥାପି, ଏହାକୁ ଗୋଟିଏ ଯୁଦ୍ଧକ୍ଷେତ୍ର ଜାଲ୍ ବୋଲି କହିବାକୁ ପଡ଼ିବ ।

ତା'ପରେ ଅନ୍ୟମାନେ ଆସନ୍ତି, ଯେଉଁମାନେ କି କହନ୍ତି, "ତୁମେସବୁ ଘୋର ଅଜ୍ଞାନ ମଧ୍ୟରେ ଯାଇ ପଡ଼ିଛ ବୋଲି ସେପରି କହୁଛ । ତୁମେମାନେ ନିଜର ଚେତନାକୁ ବଦଳାଇ ଦିଅ, ଦିବ୍ୟ ପରମଚେତନା ମଧ୍ୟରେ ପ୍ରବେଶ କର ଏବଂ ତୁମେ ଭିନ୍ନପ୍ରକାରରେ ଦେଖିବାକୁ ଆରମ୍ଭ କରିବ ।" ଏହି କଥାରେ ଆଦୌ କୌଣସି ଭୁଲ୍ ନାହିଁ । ମୁଁ ବର୍ତ୍ତମାନହିଁ ତୁମମାନଙ୍କୁ କହୁଥିଲି ଓ ପୁନର୍ବାର କହୁଛି ଯେ ଯଦି ତୁମେମାନେ କୌଣସି ପ୍ରକାରରେ ଆପଣାକୁ ଏହି ଅଜ୍ଞାନ ମଧ୍ୟରୁ ମୁକ୍ତ କରି ଆଣିପାରିବ ଏବଂ ଏତେଟିକିଏ ହେଲେ ମଧ୍ୟ ଦିବ୍ୟ ପରମସତ୍ୟ ମଧ୍ୟରେ ସମ୍ମିଳିତ ଓ ପ୍ରତିଷ୍ଠ ହୋଇ ପାରିବ, ତେବେ ତୁମେ ଏପରି ଏକ ଉଲ୍ଲାସମୟ ଜୀବନର ଅନୁଭୂତି ମଧ୍ୟରେ ବାସ କରିବାକୁ ଲାଗିବ, ଯେଉଁଥିରେ କି ତୁମକୁ ସବୁକିଛି ଚମତ୍କାର ଲାଗିବ, ଉଦାତ୍ତ ମନେହେବ ଏବଂ ଯେଉଁଠାରେ କି ପରମକରୁଣା ସର୍ବବସ୍ତୁରେ ପ୍ରକାଶିତ ହୋଇ ରହିଥିବ । ତେଣୁ, ତୁମେ ନିଜ ଲାଗି ଏହି ସମସ୍ୟାଟିକୁ ବେଶ୍ ସମାଧାନ କରିନେଇ ପାରିବ,—ଅବଶ୍ୟ ଏଥିରେ ଗୋଟିଏ ସର୍ତ୍ତ ରହିଥିବ ଯେ ତୁମେ ଅପରିବର୍ତ୍ତିତ ଭାବରେ ନିଜକୁ ସେହି ସ୍ଥିତିଟି ମଧ୍ୟରେହିଁ ରଖି ପାରୁଥିବ; ମାତ୍ର ତାହା ଆଦୌ ଖୁବ୍ ବେଶୀ ସହଜ ନୁହେଁ । ତଥାପି ସମ୍ଭବ । ମାତ୍ର ତୁମେ ଏହି ଜଗତ ମଧ୍ୟରୁ ବାହାରି ଚାଲିଯିବ, ଏହି ଜାଗତିକ ଜୀବନରେ ଭାଗ ନେବାରୁ ତୁମେ ବଞ୍ଚିତ ହୋଇ ରହିବ, ଏବଂ ସର୍ବୋପରି, ଯଦି ସବୁକିଛିକୁ ଠିକ୍ ଏହିପରି ମାର୍ଗରେହିଁ ବଦଳି ଯିବାକୁ ହୁଏ, ତେବେ ପୃଥିବୀର ସବୁଯାକ ଉପାଦାନକୁ ବଦଳିଯାଇ ପାରିବା ଲାଗି ଶାଶ୍ୱତକାଳ ମଧ୍ୟ କଦାପି ଯଥେଷ୍ଟ ହେବ ନାହିଁ ।

ଅର୍ଥାତ୍, ସେହି ସମସ୍ୟାଟି ପୁନର୍ବାର ଆମ ସମକ୍ଷରେ ଆସି ଦେଖାଦେବ । ତୁମେ ଯେକୌଣସି ପ୍ରକାରରେ ବା ଯେକୌଣସି ପନ୍ଥାରେ ସେଇଟିର ସମ୍ମୁଖୀନ ହେବାକୁ ଯାଅ ପଛକେ, ତାହା ତୁମ ସମକ୍ଷରେ ପୁନର୍ବାର ଆସି ଆବିର୍ଭୂତ ହେଉଥିବ ।

ଗୋଟିଏ ସମାଧାନ ଅବଶ୍ୟ ଅଛି ।

ତୁମେମାନେ ସେଇଟି ବିଷୟରେ ଭାବିବ, ଆମେ ସେବିଷୟରେ ଆଉ ତେବେ ପୁନର୍ବାର ଆଲୋଚନା କରିବା । ମୁଁ ଚାହୁଁଛି ଯେ ଏକ ସମାଧାନ ପାଇବା ଦିଗରେ ତୁମେମାନେ ମଧ୍ୟ କିଛି ଚେଷ୍ଟା କରିବ । ଏହାଦ୍ୱାରା ତୁମର ଲାଭହିଁ ହେବ, କାରଣ ମନୁଷ୍ୟର ଚେତନାରେ ଏହି ଦ୍ୱନ୍ଦ୍ୱଟି ଅନୁକ୍ଷଣ ଆସିବାରେ ଲାଗିଥାଏ; କାରଣ ଏହି ଦ୍ୱନ୍ଦ୍ୱଟି ଏକ ମୂର୍ତ୍ତି କୌଣସି କାର୍ଯ୍ୟ କରିବା ପଥରେ ରହିଥିବା ଯାବତୀୟ ବିରୋଧର ମୂଳରେହିଁ ନିହିତ ହୋଇ ରହିଛି । କାରଣ ଏହି ଦ୍ୱନ୍ଦ୍ୱଟି ଲୋକମାନଙ୍କୁ, —ଏଠାରେ ମୁଁ ଏହି କ୍ଷେତ୍ରରେ ସବୁଠାରୁ ଅଧିକ ଅବଗତ ରହିଥିବା ବ୍ୟକ୍ତିମାନଙ୍କର

'oaob.nitrkl.ac.in' images reprocessed

କଥା ମଧ୍ୟ କହୁଛୁ,—ତାହା ଲୋକମାନଙ୍କୁ ପାର୍ଥିବ ଓ ଭୌତିକ ସୃଷ୍ଟିର ସମ୍ପୂର୍ଣ୍ଣ ସହାର ଓ ବିଲୋପସାଧନ କରିଦେବାକୁହିଁ ଏକ ଆଧ୍ୟାତ୍ମିକ ଜୀବନ ବୋଲି ଭ୍ରମ କରିବାର ପାଶରେ ନେଇ ପକାଇ ଦେଇଥାଏ, କାରଣ ସେମାନେ ଏହାକୁ ନିଷ୍କୃତିର ଏକମାତ୍ର ବାଟ ବୋଲି ବିଚାର କରୁଥାନ୍ତି । ସେମାନେ କହୁଥାନ୍ତି : "ଚାଲ ଆମେ ଏହି ପାର୍ଥିବ ସଂସାରଟିକୁ ଛାଡ଼ି ପଳାଇବା ଓ ତାହେଲେ ସମସ୍ୟାଟିରୁ ମଧ୍ୟ ଟଳାଇଯାଇ ପାରିବା ।" କାରଣ, ଯଦି ଏପରି ଏକ ଅବସ୍ଥାରେ ଯାଇ ରହିବାକୁ ହୁଏ, ଯେଉଁଠାରେ କି ସେହି ସମସ୍ୟାଟିର ସମ୍ମୁଖୀନ ହେବାର ଆଉ କୌଣସି ଅବକାଶ ନଥାଏ, ତେବେ, ସେମାନଙ୍କର ମତଟି ଅନୁସାରେ ଆମକୁ ଜୀବନ ଭିତରୁ ପଳାଇଯିବାକୁହିଁ ପଡ଼ିବ ।

ଗୋଟିଏ ସମାଧାନ ଅବଶ୍ୟ ଅଛି ।

ଆମେ ଆଉଥରକୁ ତାହାର ଆଲୋଚନା କରିବା ।

କ୍ଲାସ ପରେ ଅନ୍ତିମରୂ ଜେର ମାଅ ଏହି ମନ୍ତବ୍ୟଟି ଦେଇଥିଲେ :

ମୁଁ ସମାଧାନଟିକୁ ମଧ୍ୟ ଦେଇସାରିଛି, ଏବଂପ୍ରସ୍ତରେ ସିଧା କିଛି ନକହି ସନ୍ଧ୍ୟା ସନ୍ଧ୍ୟା କ୍ଲାସ୍‌ରେ ମୁଁ ଦୁଇଥର ତାହା ଦେଇଛି ।

> ଏହି ସମାଧାନଟିର ଅଗଷ୍ଟ ପନ୍ଦର ତାରିଖଟି ସହିତ କୌଣସି ସମ୍ବନ୍ଧ ଅଛି କି ? କାଥୋଲିକ୍ ସମ୍ପ୍ରଦାୟରେ ଯାହାକୁ Feast of the Assumption ବୋଲି କହନ୍ତି, ଶ୍ରୀଅରବିନ୍ଦଙ୍କର ଜନ୍ମତାରିଖଟି ସହିତ ତାହାର କୌଣସି ସମ୍ବନ୍ଧ ଅଛି କି ?

ହଁ, ଏବଂ ଶ୍ରୀଅରବିନ୍ଦ ଏକଥା ସ୍ୱୟଂ କହିଛନ୍ତି । ମେରୀଙ୍କର ସ୍ୱର୍ଗରେ ପ୍ରବେଶଲାଭର ତାତ୍ପର୍ଯ୍ୟ ହେଉଛି ଜଡ଼ର ଦିବ୍ୟତାପ୍ରାପ୍ତି । ଏବଂ ଏହାକୁହିଁ ଆମେ ସର୍ବଶେଷ ଅବତାରଙ୍କର ଲକ୍ଷ୍ୟ ବୋଲି ମଧ୍ୟ ଜାଣିବା ।

'oaob.nitrkl.ac.in' images reprocessed

# ପରିଶିଷ୍ଟ

## ୧୫ ଅଗଷ୍ଟ, ୧୯୪୭*

୧୯୪୭ ମସିହା ଅଗଷ୍ଟ ମାସର ପନ୍ଦର ତାରିଖ ହେଉଛି ସ୍ୱାଧୀନ ଭାରତର ଜନ୍ମଦିନ। ତା' ଲାଗି ଏହି ଦିନଟିରେ ଗୋଟିଏ ପୁରାତନ ଯୁଗ ଶେଷ ହେବାକୁ ଯାଉଛି, ଗୋଟିଏ ନୂଆ ଯୁଗ ଆରମ୍ଭ ହେବାକୁ ଯାଉଛି। ମାତ୍ର, ଗୋଟିଏ ସ୍ୱାଧୀନ ଜାତି ହିସାବରେ ଆପଣାର ଜୀବନ ଏବଂ କ୍ରିୟାବଳୀ ଦ୍ୱାରା ଆମେ ଏହି ଦିନଟିକୁ ସାରା ପୃଥିବୀ ଲାଗି ମଧ୍ୟ ଉନ୍ମୋଚିତ ହେବାକୁ ଯାଉଥିବା ଏକ ନୂତନ ଯୁଗର ଗୋଟିଏ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଦିବସରେ ପରିଣତ କରିପାରିବା। ସମସ୍ତ ମାନବଜାତିର ରାଜନୀତିକ, ସାମାଜିକ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ଭବିଷ୍ୟ ଲାଗି ଏକ ମହତ୍ତ୍ୱପୂର୍ଣ୍ଣ ଦିବସରେ ପରିଣତ କରି ପାରିବା।

ଅଗଷ୍ଟ ପନ୍ଦର ତାରିଖ ମୋ ନିଜର ବି ଜନ୍ମଦିନ ଏବଂ ଏହା ଅତ୍ୟନ୍ତ ସ୍ୱାଭାବିକ ଯେ ଏହି ଦିନଟି ଏପରି ଏକ ବ୍ୟାପକ ମହତ୍ତ୍ୱ ଦ୍ୱାରା ମହିମାନ୍ୱିତ ହୋଇପାରିଲା ବୋଲି ମୁଁ ଭାରି ପ୍ରସନ୍ନ ଓ ଆନନ୍ଦିତ ଅନୁଭବ କରିବି। ଦୁଇଟିଯାକ ଦିନ ଗୋଟିଏ ଦିନରେ ପଡ଼ିଥିବାର ଏହି ସଂଯୋଗଟିକୁ ମୁଁ ଆଦୌ ଏକ ଦୈବକୃତ ଆକସ୍ମିକ ଘଟଣା ବୋଲି ଗ୍ରହଣ କରିବି ନାହିଁ, ମାତ୍ର, ଯେଉଁ କାର୍ଯ୍ୟଟିକୁ ବହନ କରି ମୁଁ ଜୀବନ ଆରମ୍ଭ କରିଥିଲି, ସେହି କାର୍ଯ୍ୟରେ ମୋର ପାଦକୁ ପରିଚାଳିତ କରି ନେଉଥିବା ପରମ ଦିବ୍ୟଶକ୍ତିର ଅନୁମତି ଏବଂ ସ୍ୱୀକାରଚିହ୍ନରୂପେହିଁ ମୁଁ ଏହାକୁ ଗ୍ରହଣ କରିବି, ସେହି କର୍ମଟି ପରିପୂର୍ଣ୍ଣ ହେବାର ପର୍ବ ଯେ ଏଇଠୁ ଆରମ୍ଭ ହେଲା, ଦିନଟିକୁ ମୁଁ ପ୍ରକୃତରେ ସେହିପରି ଭାବରେ ଦେଖିବି। ମୋର ଜୀବନକାଳରେ ମୁଁ ବିଶ୍ୱମୟ ଯେତେଯାହା ଗତିଶୀଳତା ଦେଖିବି ବୋଲି ଆଶା କରିଥିଲି, ସେଗୁଡ଼ିକ ପ୍ରାୟ ସବୁଗୁଡ଼ିକ ପରିପୂର୍ଣ୍ଣତା ଲାଭ କରି ଆସୁଥିବାର ମୁଁ ଦେଖିପାରୁଛି,—ଅବଶ୍ୟ ସେତେବେଳେ ସେସବୁ ସତେଅବା ଗୋଟିଏ ଗୋଟିଏ ଅତିଦୁଃସାଧ୍ୟ ସ୍ୱପ୍ନ ବୋଲି ପ୍ରତୀତ ହେଉଥିଲେ;—ବର୍ତ୍ତମାନ ସେଗୁଡ଼ିକ ହାସଲ ହୋଇଯିବାର ପଥରେ ଆଗକୁ ଚାଲିଥିବା ପରି ମନେ ହେଉଛନ୍ତି। ଏହି ସବୁଯାକ ଗତିଶୀଳତାରେ ସ୍ୱାଧୀନ ଭାରତ ହୁଏତ ଏକ ମୁଖ୍ୟ ଅଂଶ ଗ୍ରହଣ କରିପାରିବ ଏବଂ ଏକ ଅଗ୍ରଗାମୀ ସ୍ଥାନ ମଧ୍ୟ ପ୍ରାପ୍ତ କରିପାରିବ।

---

* ଭାରତର ସ୍ୱାଧୀନତାପ୍ରାପ୍ତିର ପ୍ରାକ୍‌କାଳରେ ଅଗଷ୍ଟ ୧୪, ୧୯୪୭ ଦିନ ତିରୁଚିରାପଲ୍ଲୀର ଅଲ୍‌ଇଣ୍ଡିଆ ରେଡ଼ିଓରୁ ଏହି ବାର୍ତ୍ତାଟି ପ୍ରସାରିତ ହୋଇଥିଲା।

'oaob.nitrkl.ac.in' images reprocessed

ସେଥିରୁ ସର୍ବପ୍ରଥମ ସ୍ପଷ୍ଟ ହେଉଛି ଯେ ଏକ ବୈପ୍ଳବିକ ସଂଗ୍ରାମ ସଂଘଟିତ ହେବ ଏବଂ ସେଇଥିରୁ ଏକ ସ୍ୱାଧୀନ ଓ ଏକତ୍ୱବଦ୍ଧ ଭାରତବର୍ଷର ସୃଷ୍ଟି ହେବ । ଭାରତବର୍ଷ ଆଜି ସ୍ୱାଧୀନ ହେଲା ସତ, ମାତ୍ର ଏକତା ହାସଲ କରି ପାରିଲା ନାହିଁ । ଗୋଟାଏ ମୁହୂର୍ତ୍ତରେ ତ ପ୍ରାୟ ଆଶଙ୍କା କରା ଯାଉଥିଲା ଯେ ସ୍ୱାଧୀନତା ହାସଲ କରିବା ସଙ୍ଗେ ସଙ୍ଗେହିଁ ଭାରତବର୍ଷ, ବ୍ରିଟିଶ୍ ଶକ୍ତି ଭାରତ ଅଧିକାର କଲାବେଳେ ଯେଉଁପରି ଘଟିଥିଲା, ବର୍ତ୍ତମାନ ମଧ୍ୟ ସେହିପରି ନାନା ରାଷ୍ଟ୍ରରେ ବିଭକ୍ତ ହୋଇଯିବ ଏବଂ ଏକ ଅରାଜକତା ମଧ୍ୟରେ ଆସି ପଡ଼ିଯିବ । ମାତ୍ର ଅତ୍ୟନ୍ତ ଭାଗ୍ୟର କଥା ଯେ ସେହି ବିପଦଟିକୁ ଯେ ପ୍ରକୃତରେ ଏଡ଼ା ଦିଆଯାଇ ପାରିବ ଏବଂ ପରିପୂର୍ଣ୍ଣ ଏକତ୍ୱ ନହେଲେ ମଧ୍ୟ ତଥାପି ଏକ ବୃହତ୍ ଏବଂ ଶକ୍ତିଶାଳୀ ଐକ୍ୟ ସ୍ଥାପିତ ହୋଇ ପାରିବ, ବର୍ତ୍ତମାନ ସେକଥା ବେଶ୍ ସମ୍ଭବ ବୋଲି ମନେହେବାକୁ ଲାଗିଲାଣି । ପୁନଶ୍ଚ, ଶାସନବିଧାୟକ ସଭା ବିଜ୍ଞତାର ସହିତ ଯେଉଁ କଠୋର ନୀତି ଅବଲମ୍ବନ କଲା, ସେଥିରୁ ଏକଥା ବି ସମ୍ଭବ ପରି ଲାଗୁଛି ଯେ କୌଣସି ବିଭାଜନ ଏବଂ କଳହ ବ୍ୟତୀତ ଦଳିତଜାତିମାନଙ୍କର ସମସ୍ୟାଟିର ବି ସମାଧାନ ହୋଇଯାଇ ପାରିବ । ମାତ୍ର ହିନ୍ଦୁ ଓ ମୁସଲମାନ ଦୁଇ ଗୋଷ୍ଠୀଙ୍କୁ ନେଇ ଯେଉଁ ପୁରାତନ ସାଂପ୍ରଦାୟିକ ଭେଦଟି ରହି ଆସିଥିଲା, ସେଇଟି ଅନ୍ତର କଠିନ ହୋଇ ଦେଶର ଏକ ସ୍ଥାୟୀ ରାଜନୈତିକ ବିଭାଜନରେ ପର୍ଯ୍ୟବସିତ ହେବ ବୋଲି ବର୍ତ୍ତମାନ ନିଶ୍ଚିତପ୍ରାୟ ବୋଧ ହେଲାଣି । ଆମେ ଅବଶ୍ୟ ଆଶା କରିବା ଯେ ଏହି ମୀମାଂସିତ ଘଟଣାଟିକୁ କଦାପି ଏକ ସ୍ଥାୟୀ ମୀମାଂସା ବୋଲି ଧରି ନିଆଯିବ ନାହିଁ, ଏକ ସାମୟିକ ତାତ୍କାଳିକ ସମାଧାନ ବ୍ୟତୀତ ଏହାକୁ ଆଉ ଅଧିକ କିଛିରୂପେ ମୋଟେ ଗ୍ରହଣ କରାଯିବ ନାହିଁ । କାରଣ, ଯଦି ଏହି ବିଭାଜନ ସ୍ଥାୟୀ ହୋଇ ରହେ, ତେବେ ଭାରତବର୍ଷ ତଦ୍ୱାରା ହୁଏତ ବଡ଼ ଦୁର୍ବଳ ହୋଇ ପଡ଼ିବ, ଏପରିକି ହୁଏତ ପଙ୍ଗୁ ବି ହୋଇଯିବ । ଅଭ୍ୟନ୍ତରୀଣ ସଂଘର୍ଷ ହୁଏତ ସବୁଦିନ ଲାଗି ରହିଯିବ, ହୁଏତ ଏକ ନୂତନ ଆକ୍ରମଣ ଏବଂ ବିଦେଶୀ ବିଜୟର ଆଶଙ୍କା ରହିଥିବ । ତଦ୍ୱାରା ଭାରତବର୍ଷର ଆଭ୍ୟନ୍ତରୀଣ ବିକାଶ ଓ ସମ୍ପନ୍ନଶାଳିତା ବାଧାପ୍ରାପ୍ତ ହେବ, ବିଶ୍ୱର ଜାତିବୃନ୍ଦଙ୍କ ମଧ୍ୟରେ ତା'ର ସ୍ଥାନଟି ଦୁର୍ବଳ ହୋଇଯିବ, ତା'ର ଭବିଷ୍ୟ ବିପନ୍ନ ହେବ, ଏପରିକି ବ୍ୟର୍ଥ ବି ହୋଇଯିବ । ଏପରି କଦାପି ହେବା ଉଚିତ ନୁହେଁ; ଏହି ବିଭାଜନର ଅନ୍ତ ହେବାକୁହିଁ ପଡ଼ିବ । ଆମେ ଆଶା କରିବା ଯେ ସ୍ୱାଭାବିକ ଭାବରେହିଁ ଏହା'ର ଅନ୍ତ ହୋଇଯିବ; କେବଳ ଶାନ୍ତି ଓ ସଦ୍ଭାବର ଆବଶ୍ୟକତା ନୁହେଁ, ମାତ୍ର ସମ୍ମିଳିତ କାର୍ଯ୍ୟକ୍ରମର ଆବଶ୍ୟକତାକୁ ଅଧିକରୁ ଅଧିକ ପରିମାଣରେ ଉପଲବ୍ଧି କରିବା ଦ୍ୱାରା ତାହା ସମ୍ଭବ ହେବ, ସାଧାରଣ ନାନା କାର୍ଯ୍ୟକ୍ରମକୁ କାର୍ଯ୍ୟାନ୍ୱିତ କରି ଏବଂ ସେହି ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ସାଧନଗୁଡ଼ିକର ସୃଷ୍ଟି କରି ତାହା ସମ୍ଭବ ହେବ । ଏହିପରି ଉପାୟରେ, ଯେକୌଣସି

'oaob.nitrkl.ac.in' images reprocessed

ଆକାରରେ ହେଲେ ମଧ୍ୟ ହୁଏତ ଶେଷକୁ ଏକତା ଆସିଯିବ,—ଠିକ୍ ଯେଉଁ ଆକାରରେ ତାହା ଆସିବ, ତାହାର ହୁଏତ ଏକ ପ୍ରୟୋଜନଗତ ମହତ୍ତ୍ୱହିଁ ରହିବ, ମୌଳିକ ମହତ୍ତ୍ୱ କିଛି ରହିବ ନାହିଁ । ମାତ୍ର ଯେକୌଣସି ଉପାୟ ଦ୍ୱାରା ଏବଂ ଯେକୌଣସି ପ୍ରକାରେ ହେଉ ପଛକେ, ଏହି ବିଭାଜନର ଅନ୍ତ କରିବାକୁହିଁ ପଡ଼ିବ; ଏକତାର ଅବଶ୍ୟ ସ୍ଥାପନା ହେବ, କାରଣ ଭାରତର ଭବିଷ୍ୟ-ମହତ୍ତ୍ୱ ଲାଗି ଏହାର ଅତ୍ୟନ୍ତ ଆବଶ୍ୟକତା ରହିଛି ।

ଏସିଆ ମହାଦେଶର ଅନ୍ୟ ଜାତିମାନେ ମଧ୍ୟ ନିଦ୍ରା ତ୍ୟାଗ କରି ଉଠିବେ ଏବଂ ସ୍ୱାଧୀନ ହେବେ ଏବଂ ମନୁଷ୍ୟ-ସଭ୍ୟତାର ପ୍ରଗତିପଥରେ ଏସିଆ ତା'ର ମହାନ୍ ଭୂମିକାଟିକୁ ଗ୍ରହଣ କରିବା ଲାଗି ପୁନର୍ବାର ଫେରିଆସିବ, ଏଇଟି ମୋର ଆଉଗୋଟିଏ ସ୍ୱପ୍ନ ଥିଲା । ଏସିଆ ମହାଦେଶ ଜାଗ୍ରତ ହୋଇ ସାରିଲାଣି; ବିସ୍ତୃତ ଭୂଖଣ୍ଡମାନ ଇତିମଧ୍ୟରେ ସ୍ୱାଧୀନ ହୋଇ ସାରିଲେଣି ବା ବର୍ତ୍ତମାନ ସ୍ୱାଧୀନ ହେବା ଲାଗି ଯାଉଛନ୍ତି । ଏପର୍ଯ୍ୟନ୍ତ ଅଧୀନ ଏବଂ ଆଂଶିକ ଭାବରେ ଅଧୀନ ହୋଇ ରହିଥିବା ଅଂଶଗୁଡ଼ିକ କୌଣସି ନା କୌଣସି ପ୍ରକାରର ସଂଗ୍ରାମ ମଧ୍ୟଦେଇ ସ୍ୱାଧୀନତା ଆଡ଼କୁ ଗତି କରିବାରେ ଲାଗିଛନ୍ତି । କେବଳ ଆଉ କିଞ୍ଚିତମାତ୍ର କରିବା ଲାଗି ବାକି ରହିଛି ଓ ତାହା ଆଜି ନଚେତ୍ କାଲି ଅବଶ୍ୟ ସମ୍ପାଦିତ ହୋଇଯିବ । ଏବଂ ସେହି କ୍ଷେତ୍ରରେ ମଧ୍ୟ ଭାରତବର୍ଷର ଏକ ଭୂମିକା ଗ୍ରହଣ କରିବା ଲାଗି ରହିଛି ଏବଂ ସେହି ଭୂମିକାଟିକୁ ତାହା ଏପରି ଶକ୍ତିମତ୍ତା ଓ ଦକ୍ଷତାର ସହିତ ଗ୍ରହଣ କରିବାକୁ ଆରମ୍ଭ କଲାଣି, ଯେଉଁଥିରୁ କି ତା'ର ସମ୍ଭାବନାଗୁଡ଼ିକର ତଥା ଜାତିସମୂହଙ୍କର ଗହଣରେ ସିଏ ଯେଉଁ ସ୍ଥାନଟି ଅଧିକାର କରିପାରିବ, ତାହାର ମାପଟି ବିଷୟରେ ମଧ୍ୟ ଏକ ନିଦର୍ଶନ ମିଳିବାକୁ ଲାଗିଲାଣି ।

ତୃତୀୟ ସ୍ୱପ୍ନଟି ହେଉଛି ଏକ ବିଶ୍ୱ-ସଂଘର ସ୍ୱପ୍ନ; ଏହି ସଂଘ ସମଗ୍ର ମାନବ-ସମାଜ ସକାଶେ ଏକ ଅଧିକ ନ୍ୟାୟମୂର୍ତ୍ତି, ଅଧିକ ଉଜ୍ଜ୍ୱଳ ଏବଂ ଅଧିକ ସୁନ୍ଦର ଜୀବନ ଲାଗି ବାହ୍ୟ ଭିତ୍ତିଟିଏ ଯୋଗାଇଦେଇ ପାରୁଥିବ । ମନୁଷ୍ୟସମାଜର ପୃଥିବୀ ଆଜି ସେହି ଏକତା ଆଡ଼କୁ ଗତି କରିବାକୁ ଆରମ୍ଭ କଲାଣି; ଏହି ଦିଗରେ ଏକ ଅପୂର୍ଣ୍ଣ ଆରମ୍ଭ ମଧ୍ୟ ସଂଗଠିତ ହୋଇ ସାରିଲାଣି, ଅବଶ୍ୟ ଏକଥା ସତ ଯେ ତାହାକୁ ପ୍ରାୟ ଦୁର୍ଲଙ୍ଘ୍ୟ ନାନାବିଧ ଅସୁବିଧା ମଧ୍ୟଦେଇ ସଂଗ୍ରାମ କରିବାକୁ ପଡ଼ୁଛି । ମାତ୍ର ଏଥିଲାଗି ଆବଶ୍ୟକ ପରିବଳଟି ସୃଷ୍ଟି ହୋଇ ସାରିଲାଣି ଏବଂ ସେହି ପରିବଳଟି ଯେ ଅବଶ୍ୟ ବୃଦ୍ଧି ପାଇବ ଓ ବାଧାଗୁଡ଼ିକ ଉପରେ ବିଜୟ ହାସଲ କରିବ, ସେଥିରେ କୌଣସି ସନ୍ଦେହ ନାହିଁ । ଏହି କ୍ଷେତ୍ରରେ ମଧ୍ୟ ଭାରତବର୍ଷ ଏକ ମୁଖ୍ୟ ଅଂଶ ଗ୍ରହଣ କରିବାକୁ ଆରମ୍ଭ କରିଛି; ଏବଂ, ଯେଉଁ ବୃହତ୍ତର ରାଜନୀତିମତ୍ତା ବର୍ତ୍ତମାନର ସୀମାବଦ୍ଧ ଘଟଣା ଏବଂ କେବଳ ତାତ୍କାଳିକ ସମ୍ଭାବନାଗୁଡ଼ିକ ମଧ୍ୟରେ ଆବଦ୍ଧ ନରହି ଭବିଷ୍ୟ ମଧ୍ୟକୁ ଦ

'oaob.nitrkl.ac.in' images reprocessed

ଅବଲୋକନ କରିବାକୁ ସମର୍ଥ ହୁଏ ଏବଂ ତାହାକୁ ଅଧିକ ନିକଟବର୍ତ୍ତୀ କରିଥାଏ, ତାହାର ବିକାଶ କରାଇଆଣି ପାରିଲେ ଭାରତବର୍ଷ ସେଠାରେ ରହିବା ଦ୍ୱାରା ବର୍ତ୍ତମାନର ମନ୍ଥର ଏବଂ କୁଣ୍ଠିତ ଗତି ବଦଳି ଏକ ସାହସିକ ଏବଂ ସତ୍ୱର ଗତିରେ ଅବଶ୍ୟ ପରିଣତ ହୋଇ ପାରିବ । ବର୍ତ୍ତମାନ ଏହି କ୍ଷେତ୍ରରେ ଯାହାକିଛି କରାଯାଉଛି, ଏକ ଦୁର୍ବିପାକ ଆସି ସେଥିରେ ହୁଏତ ବାଧାସୃଷ୍ଟି କରିପାରେ ଅଥବା ତାହାକୁ ନଷ୍ଟ ବି କରି ଦେଇପାରେ; ମାତ୍ର ତଥାପି ଚରମ ପରିଣାମଟି ବିଷୟରେ ଆଦୌ କୌଣସି ସନ୍ଦେହର ଅବକାଶ ନାହିଁ । କାରଣ ଏକତ୍ୱବଦ୍ଧ ହେବା ଏକ ପ୍ରକୃତିଗତ ଆବଶ୍ୟକତା, ଏହା ଏକ ଅନିବାର୍ଯ୍ୟ ନିୟତି । ଜାତିଗୁଡ଼ିକ ସକାଶେ ଏହାର ଆବଶ୍ୟକତା ଅତ୍ୟନ୍ତ ସ୍ପଷ୍ଟ, କାରଣ ଏହା ବ୍ୟତୀତ ସାନ ସାନ ଦେଶଗୁଡ଼ିକର ସ୍ୱାଧୀନତା ଯେକୌଣସି ମୁହୂର୍ତ୍ତରେ ପୁନର୍ବାର ବିପନ୍ନ ହୋଇଯାଇ ପାରିବ ଏବଂ ବୃହତ୍ତ ତଥା ଅଧିକ ଶକ୍ତିଶାଳୀ ଦେଶଗୁଡ଼ିକର ଜୀବନରେ ମଧ୍ୟ ଆଦୌ କୌଣସି ସ୍ଥିରତା ରହିବ ନାହିଁ । ତେଣୁ ଏହି ଏକତ୍ୱର ସ୍ଥାପନା ଦ୍ୱାରା ସମସ୍ତଙ୍କର ସ୍ୱାର୍ଥ ସାଧିତ ହେବ, ଏବଂ ମନୁଷ୍ୟ ହିସାବରେ ଆମେ ଅତ୍ୟନ୍ତ ଅଯୋଗ୍ୟ ଏବଂ ନିର୍ବୋଧ ଭାବରେ ସ୍ୱାର୍ଥପର ହୋଇ ରହିବାକୁ ନିଷ୍ପତ୍ତି କଲେ ଯାଇ ଏହି ଏକତ୍ୱର ସ୍ଥାପନା ବାଧିତ ହୋଇ ରହିଯିବ । ମାତ୍ର ପ୍ରକୃତିର ଆବଶ୍ୟକତା ଏବଂ ଭଗବାନଙ୍କର ପରମ ଇଚ୍ଛା ବିରୁଦ୍ଧରେ ଏସବୁ କଦାପି ସଫଳ ଭାବରେ ମୁଣ୍ଡ ଟେକି ରହି ପାରିବେ ନାହିଁ । ମାତ୍ର କେବଳ ଏକ ବାହ୍ୟ ଭିତ୍ତି କଦାପି ଯଥେଷ୍ଟ ହେବ ନାହିଁ; ତେଣେ ଏକ ଆନ୍ତର୍ଜାତିକ ଭାବ ଏବଂ ଦୃଷ୍ଟିକୋଣ ମଧ୍ୟ ବିକଶିତ ହୋଇ ଆସିପାରିବା ଉଚିତ, ଆନ୍ତର୍ଜାତିକ ନାନା ଗଠନ ଓ ସଙ୍ଗଠନର ଆବିର୍ଭାବ ହେବା ଉଚିତ; ଉଦାହରଣସ୍ୱରୂପ କେହି ଇଚ୍ଛା କଲେ ଦୁଇ ବା ଏକାବେଳକେ ଅନେକ ଦେଶର ନାଗରିକ ହୋଇପାରିବା ଉଚିତ, ସ୍ୱଅଭିପ୍ରେତ ଭାବରେ ବିଭିନ୍ନ ସଂସ୍କୃତି ମଧ୍ୟରେ ଆଦାନପ୍ରଦାନ ସମ୍ଭବ ହେବା ଉଚିତ, ସ୍ୱେଚ୍ଛାକୃତ ସମ୍ମିଳନ ମଧ୍ୟ ହେବା ଉଚିତ । ଜାତୀୟତାବାଦ ଯେ ଆପଣାର ପଥଟିକୁ ପୂର୍ଣ୍ଣ କରି ସାରିଲାଣି, ଏହାର ଆକ୍ରମକ ଉତ୍ତେଜନାପର୍ଯ୍ୟାୟଟିର ଯେ ଅବସାନ ଘଟିଲାଣି ଏବଂ ନୂତନ ଲକ୍ଷ୍ୟଗୁଡ଼ିକ ସହିତ ତା'ର ଆତ୍ମ-ସଂରକ୍ଷଣ ବା ସମଗ୍ର ଦୃଷ୍ଟିକୋଣରେ ଯେ ବର୍ତ୍ତମାନ ଆଦୌ କୌଣସି ଅସଙ୍ଗତ ରହିବା ଉଚିତ ନୁହେଁ, ବର୍ତ୍ତମାନ ଏହି କଥାଟିକୁ ହୃଦୟଙ୍ଗମ କରାଯାଇ ପାରିବା ଉଚିତ । ବର୍ତ୍ତମାନ ଏକତ୍ୱର ଏକ ନୂତନ ଭାବହିଁ ମନୁଷ୍ୟଜାତିକୁ ଅନୁପ୍ରେରିତ କରି ରହିବା ଉଚିତ ।

ମୋର ଆଉଗୋଟିଏ ସ୍ୱପ୍ନ,—ସମଗ୍ର ବିଶ୍ୱଜଗତ ଲାଗି ଭାରତବର୍ଷର ଆଧ୍ୟାତ୍ମିକ ଅବଦାନ,—ଏଇଟିର ମଧ୍ୟ ଆରମ୍ଭ ହୋଇଗଲାଣି । ଭାରତବର୍ଷର ଆଧ୍ୟାତ୍ମିକତା ଅଧିକରୁ ଅଧିକ ମାତ୍ରାରେ ୟୁରୋପ ଏବଂ ଆମେରିକା ମଧ୍ୟକୁ ପ୍ରବେଶ କଲାଣି । ଏହି ଗତିଶୀଳତା ଅଧିକ ବୃଦ୍ଧି ପାଇବ; ଏ ଯୁଗର ନାନା ଧ୍ୱଂସ ଏବଂ

'oaob.nitrkl.ac.in' images reprocessed

ପତନ ମଧ୍ୟରେ ଅଧିକରୁ ଅଧିକ ଆଖି ଅ.ଜି କେତେ ଆଶାରେ ଭାରତବର୍ଷ ଆଡ଼କୁ ଅନାଉଛନ୍ତି, ଏବଂ ଅଧିକରୁ ଅଧିକ ଲୋକ ଯେ କେବଳ ଭାରତବର୍ଷର ଶିକ୍ଷାକୁ ଗ୍ରହଣ କରୁଛନ୍ତି ତା' ନୁହେଁ, ସେମାନେ ତା'ର ଚୈତ୍ୟ ତଥା ଆଧ୍ୟାତ୍ମିକ ସାଧନାରେ ମଧ୍ୟ ଆଗ୍ରହ ପ୍ରକାଶ କରୁଛନ୍ତି ।

ମୋ:ର ସର୍ବଶେଷ ସ୍ୱପ୍ନ ଏହାହିଁ ଥିଲା ଯେ ବିଶ୍ୱର ବିବର୍ତ୍ତନରେ ଆମେ ଆଗକୁ ଏପରି ଆଉଗୋଟିଏ ପଦକ୍ଷେପ ଗ୍ରହଣ କରିବା, ଯାହାକି ମନୁଷ୍ୟକୁ ଏକ ଉଚ୍ଚତର ଏବଂ ବୃହତ୍ତର ଚେତନାର ସ୍ତରକୁ ଉତ୍ତୋଳନ କରି ନେଇପାରିବ, ଏବଂ, ମନୁଷ୍ୟ ଯେଉଁଦିନଠାରୁ ବ୍ୟକ୍ତିଗତ ପରିପୂର୍ଣ୍ଣତା ଏବଂ ଏକ ପରିପୂର୍ଣ୍ଣ ସମାଜ ବିଷୟରେ ପ୍ରଥମ କରି ଭାବିବାକୁ ଏବଂ ସ୍ୱପ୍ନ ଦେଖିବାକୁ ଆରମ୍ଭ କଲାଣି, ସେହି ଦିନରୁ ତାକୁ ବିରକ୍ତ ଏବଂ ବ୍ୟସ୍ତ କରି ରଖିଥିବା ସମସ୍ୟାଗୁଡ଼ିକ ଲାଗି ମଧ୍ୟ ଯାହା ଦ୍ୱାରା ସମାଧାନ ହେବା ଆରମ୍ଭ ହେବ । ଏହା ବର୍ତ୍ତମାନ ମଧ୍ୟ ମୋର ଏକ ବ୍ୟକ୍ତିଗତ ଆଶା ହୋଇ ରହିଛି ଏବଂ ଏହି ବିଷୟର ତଥା ଏହି ଆଦର୍ଶଟି ଭାରତବର୍ଷ ଓ ପାଶ୍ଚାତ୍ୟ ଜଗତର ସମ୍ମୁଖକାମୀ ନାନା ମନୁଷ୍ୟଙ୍କ ମନରେ ଦାନା ବାନ୍ଧିବାକୁ ଆରମ୍ଭ କରୁଛି । ଉଦ୍ୟମର ଅନ୍ୟ ଯେକୌଣସି କ୍ଷେତ୍ର ଅପେକ୍ଷା ଏହି ଲକ୍ଷ୍ୟଟିର ସାଧନପଥରେ ଅଧିକ ଦୁରୂହ ବାଧାମାନ ଅବସ୍ଥିତ ରହିଛି; ମାତ୍ର କେବଳ ଅତିକ୍ରମ କରି ଚାଲିଯିବାକୁହିଁ ତ ବାଧାଗୁଡ଼ିକର ସୃଷ୍ଟି ହୋଇଥିଲା ! ଏବଂ ସର୍ବୋଚ୍ଚ ପରମ ଇଚ୍ଛା ସପକ୍ଷରେ ଉଦ୍ୟମାନ ରହିଥିବା ପର୍ଯ୍ୟନ୍ତ ସେହି ବାଧାଗୁଡ଼ିକ ନିଶ୍ଚୟ ଅତିକ୍ରାନ୍ତ ହୋଇଯିବ । ଏଠାରେ ମଧ୍ୟ, ଯଦି ବିବର୍ତ୍ତନର ଏହି ପର୍ଯ୍ୟାୟଟି ପ୍ରକୃତରେ ଘଟେ, ତେବେ ତଦ୍‌ଗତ ଅଭିବୃଦ୍ଧି ଏବଂ ଅନ୍ତର୍ଗତ ଚେତନାର ବିକାଶ ଦ୍ୱାରାହିଁ ଏହା ଗତିଶୀଳ ହୋଇପାରିବ, ଏବଂ ତେଣୁ ଭାରତବର୍ଷଠାରୁହିଁ ଏହାର ସର୍ବପ୍ରଥମ ଉଦ୍ୟମ ଆରମ୍ଭ ହେବ । ତାହାର କର୍ମଭୂମି ବିଶ୍ୱବ୍ୟାପୀ ହେବ ସତ, ମାତ୍ର ଭାରତବର୍ଷକୁହିଁ କେନ୍ଦ୍ର ଗତିଶୀଳତାଟିକୁ ସମ୍ଭବ କରିବାକୁ ପଡ଼ିବ ।

ଭାରତୀୟ ସ୍ୱାଧୀନତାଲାଭର ତିଥିକୁ ମୁଁ ଏହିସବୁ ଅନ୍ତଃଉପାଦାନର ଆଧାରରୂପେ ପ୍ରତ୍ୟକ୍ଷ କରୁଛି; ଏହି ଆଶାଟି ପ୍ରକୃତରେ କାର୍ଯ୍ୟକାରୀ ହେବ କି ନାହିଁ ଅଥବା କେତେଦୂର କାର୍ଯ୍ୟକାରୀ ହେବ, ତାହା ନୂତନ ଏବଂ ସ୍ୱାଧୀନ ଭାରତବର୍ଷ ଉପରେହିଁ ନିର୍ଭର କରିବ ।

ଶ୍ରୀଅରବିନ୍ଦ : ଭାରତ ସମ୍ବନ୍ଧରେ, ୨୬ଶ ଖଣ୍ଡ, ୪୦୪-୪୦୬

'oaob.nitrkl.ac.in' images reprocessed

## ୨୨ ଅଗଷ୍ଟ ୧୯୫୭

> ମାଆ, "ବନ୍ଧନମୁକ୍ତ ମନର ସ୍ୱର୍ଗ" କହିଲେ ଶ୍ରୀଅରବିନ୍ଦ କ'ଣ ବୁଝୁଛନ୍ତି ?

ବନ୍ଧନମୁକ୍ତ ମନର ସ୍ୱର୍ଗ ? ଏକ ଉପମା ଅର୍ଥରେ ଏହି ବାକ୍ୟାଂଶକୁ ବ୍ୟବହାର କରାଯାଇଛି । ଯେତେବେଳେ ମନ ବନ୍ଧନମୁକ୍ତ ହୁଏ, ସେତେବେଳେ ତାହା କେତେ କେତେ ସ୍ୱର୍ଗୀୟ ଉଚ୍ଚତାକୁ ଉତ୍ତୋଳିତ ହୋଇଯାଏ । ମନର ଏହିସବୁ ଉଚ୍ଚତର ସ୍ତରକୁ ଶ୍ରୀଅରବିନ୍ଦ ପୃଥିବୀ ଉପରେ ରହିଥିବା ଆକାଶ ସହିତ ତୁଳନା କରିଛନ୍ତି । ସାଧାରଣ ମନଃସ୍ତରର ତୁଳନାରେ ସେଗୁଡ଼ିକୁ ପ୍ରକୃତରେ ସ୍ୱର୍ଗୀୟ ବୋଲି କୁହାଯାଇ ପାରିବ ।

ବାସ୍, ସରିଲା ?

(ମାଆ ନୀରବ ରହିଲେ)

ଜଣେ ମୋତେ ସମାଧି ବିଷୟରେ ପ୍ରଶ୍ନଟିଏ କରିଛନ୍ତି । ଭାରତରେ ଯାହାକୁ ସମାଧି ବୋଲି କୁହାଯାଏ, ଆମେ ତାହାକୁ ଏପରି ଏକ ଅବସ୍ଥା ମଧ୍ୟରେ ପ୍ରବେଶ କରିବାକୁ ବୁଝିବା, ପୁନର୍ବାର ଜାଗ୍ରତ ସଂସାର-ଅବସ୍ଥାକୁ ଫେରିଆସିବା ପରେ ଯାହାରକି ସଚେତନ ଭାବରେ ଆଦୌ କୌଣସି ସ୍ମୃତି ରହି ପାରେ ନାହିଁ ।

> "ସମାଧିର ଅବସ୍ଥାକୁ କ'ଣ ଆମେ ଅଗ୍ରଗତିରହିଁ ଏକ ସଙ୍କେତ ବୋଲି ଜାଣିବା ?"

ପୂର୍ବକାଳରେ ଏହି ଅବସ୍ଥାଟିକୁ ଏକ ଅତ୍ୟନ୍ତ ଉଚ୍ଚସ୍ତରୀୟ ସ୍ଥିତି ବୋଲି ବିଚାର କରି ଯାଉଥିଲା । ଏପରିକି, ଏହାକୁ ଏକ ମହାନ୍ ଉପଲବ୍‌ଧିର ସଙ୍କେତ ବୋଲି ସମସ୍ତେ ଭାବୁଥିଲେ, ଏବଂ ଯେଉଁ ବ୍ୟକ୍ତିମାନେ ଯୋଗ କରିବାକୁ ଇଚ୍ଛା କରୁଥିଲେ, ଅର୍ଥାତ୍ ସାଧନା କରୁଥିଲେ, ସେମାନେ ସର୍ବଦା ଏହିପରି ଏକ ଅବସ୍ଥା ଭିତରେ ଯାଇ ପ୍ରବେଶ କରିବା ଲାଗିହିଁ ଚେଷ୍ଟା କରୁଥିଲେ । ଏହି ଅବସ୍ଥାଟି ସମ୍ବନ୍ଧରେ କେତେକେତେ ଚମତ୍କାର କଥା କୁହାଯାଇଛି,—ତୁମର ଯାହାକିଛି ଇଚ୍ଛା, ତୁମେ ଏବିଷୟରେ ସବୁ କହିପାରିବ, କାରଣ, ପ୍ରକୃତ କଥା ହେଉଛି ତୁମେ ଏବିଷୟରେ କିଛି ମନେରଖି ପାରିବ ନାହିଁ ! ଏବଂ ଯେଉଁମାନେ ସମାଧିର ଅବସ୍ଥାରେ ପ୍ରକୃତରେ ପ୍ରବେଶ କରନ୍ତି, ସେତେବେଳେ ସେମାନଙ୍କର କ'ଣସବୁ

'oaob.nitrkl.ac.in' images reprocessed

ଅଭିଜ୍ଞତା ହେଲା, ସେମାନେ ସେକଥା ଆଦୌ କିଛିହେଲେ କହି ପାରନ୍ତି ନାହିଁ । ତେଣୁ, ଆମେ ଯାହା ମନ ତାହା କହିପାରିବା ।

ଏଠାରେ ପ୍ରସଙ୍ଗକ୍ରମେ ମୁଁ ତୁମମାନଙ୍କୁ ଏତିକି କହିପାରିବି ଯେ ତଥାକଥିତ ଯାବତୀୟ ପ୍ରକାରର ଆଧ୍ୟାତ୍ମିକ ଶାସ୍ତ୍ରରେ ମୁଁ ସମାଧି-ଅବସ୍ଥା ବିଷୟରେ ଆଗରୁ କେତେ କେତେ ଚମତ୍କାର କଥା ପଢ଼ିଥିଲି ଏବଂ ତେଣେ ମୋ ନିଜର ଏହି ବିଷୟରେ ଆଦୌ କୌଣସି ଅନୁଭୂତି ନଥିଲା । ତେଣୁ, ଏହାକୁ ପ୍ରକୃତରେ ନିମ୍ନସ୍ତରରେ ରହିଥିବା ଏକ ସ୍ଥିତି ବୋଲି ବୁଝାଯିବ କି ନାହିଁ, ସେକଥାଟିକୁ ମୁଁ ମୋଟେ ଜାଣି ପାରୁ ନଥିଲି । ଏବଂ ଏଠାକୁ ଯେତେବେଳେ ଆସିଲି, ପ୍ରାୟ ସର୍ବପ୍ରଥମେ ମୁଁ ଶ୍ରୀଅରବିନ୍ଦଙ୍କୁ ଏହି ପ୍ରଶ୍ନଟି ପଚାରିଥିଲି : "ଯେଉଁ ସମାଧି-ଅବସ୍ଥାଟି ବିଷୟରେ କାହାରି କିଛି ସ୍ମରଣ ରହେ ନାହିଁ, ଆପଣ ସେଇଟି ବିଷୟରେ କ'ଣ ମତ ଦେବେ ? ଜଣେ ଏପରି ଏକ ଅବସ୍ଥା ମଧ୍ୟରେ ପ୍ରବେଶ କରେ, ଯାହା ଆନନ୍ଦଦାୟକ ବୋଧ ହୁଏ; ମାତ୍ର ସେହି ଅବସ୍ଥାଟିରୁ ବାହାରକୁ ଚାଲିଆସିବା ମାତ୍ରକେ, ସେହି ଅବସ୍ଥାରେ ପ୍ରକୃତରେ କ'ଣସବୁ ଘଟିଥିଲା, ସେକଥା ଆଉ କିଛିହେଲେ ମନେ ନଥାଏ ।" ମୋର ପ୍ରଶ୍ନଟି ଶୁଣି ସିଏ ମୋ ଆଡ଼କୁ ଅନାଇଲେ, ମୁଁ ପ୍ରକୃତରେ କ'ଣ ବୁଝୁଛି, ତାହା ଦେଖିପାରିଲେ ଓ ମୋତେ କହିଲେ, "ସମାଧି ହେଉଛି ଏକ ଅଚେତନା ।" ମୁଁ ତାଙ୍କୁ ଏହି କଥାଟିର ଏକ ବ୍ୟାଖ୍ୟା କରିଦେବା ପାଇଁ କହିଲି, ମୁଁ ପଚାରିଲି, "ଆପଣ କ'ଣ କହିଲେ ?" ସିଏ ଉତ୍ତର ଦେଲେ, "ହିଁ, ଯେତେବେଳେ ତୁମେ ନିଜର ଚେତନ ସତ୍ତାଟି ମଧ୍ୟରୁ ବାହାରି ଚାଲିଯାଇ ଆପଣା ସତ୍ତାର ସମ୍ପୂର୍ଣ୍ଣ ଅଚେତନ ଏକ ଅଂଶ ଭିତରେ ପ୍ରବେଶ କରିବ, ସେତିକିବେଳେହିଁ ତାହାକୁ ସମାଧି ବୋଲି ବୁଝାଯିବ । ବା, ତୁମେ ଏପରି ଏକ ରାଜ୍ୟରେ ଯାଇ ପ୍ରବେଶ କରିବ, ଯେଉଁଥିରେ କି ତୁମର ଜାଗ୍ରତ ଚେତନାର ତତ୍ତ୍ୱ ହୋଇ ଆଦୌ କୌଣସି ଚେତନା ନଥିବ, ତୁମେ ତୁମ ଚେତନାର କ୍ଷେତ୍ରଟିକୁ ଅତିକ୍ରମ କରି ଚାଲିଯିବ ଏବଂ ଏପରି ଏକ କ୍ଷେତ୍ରରେ ପ୍ରବେଶ କରିବ, ଯେଉଁଠାରେ କି ତୁମେ ଆଦୌ ସଚେତନ ନଥିବ । ତୁମେ ଏକ ନୈର୍ବ୍ୟକ୍ତିକ ଅବସ୍ଥାକୁ ଚାଲିଯିବ, ଅର୍ଥାତ୍, ସ୍ୱାଭାବିକ ଭାବରେ ତୁମର ଆଉ କିଛିହେଲେ ସ୍ମରଣ ରହିବ ନାହିଁ, କାରଣ ତୁମେ ସେହି ଅବସ୍ଥାରେ ଥିଲାବେଳେ ଆଦୌ କୌଣସି ବିଷୟରେ ସଚେତନ ହୋଇ ରହି ନଥିଲ ।"* ତାଙ୍କର ଏହି କଥାଟି ଶୁଣି ମୋର ବିଶ୍ୱାସ ଦୃଢ଼ ହୋଇଗଲା ଓ

* ଯେତେବେଳେ ୧୯୬୨ ମସିହାରେ ଏହି ପ୍ରବଚନଟି ପ୍ରଥମେ ପ୍ରକାଶିତ ହେବାକୁ ଗଲା, ମାଆ ସେଇଟି ସହିତ ଏହି ବ୍ୟାଖ୍ୟାଟି ଯୋଡ଼ି ଦେଇଥିଲେ : "ଏପରି କେତେ ଦାର୍ଶନିକ ଅଛନ୍ତି ଯେଉଁମାନେ ସମାଧିବେଳେ ଯେଉଁ କ୍ଷେତ୍ରଟିରେ ପ୍ରବେଶ କରିଥାନ୍ତି, ସେଠାରେ ସେମାନେ

'oaob.nitrkl.ac.in' images reprocessed

ମୁଁ କହିଲି, "ଆପଣ ଜାଣନ୍ତି, ମୋର କେବେହେଲେ ଏହି ଅବସ୍ଥାର ଅନୁଭୂତ ହୋଇ ନାହିଁ ।" ସିଏ କହିଲେ, "ହଁ, ମୋର ବି ହୋଇ ନାହିଁ !" (ସମସ୍ତେ ହସିଉଠିଲେ)

ଏବଂ ତାପରେ, ଯେତେବେଳେ ଲୋକମାନେ ମୋତେ ସମାଧି-ଅବସ୍ଥାର କଥା କହନ୍ତି, ସେତେବେଳେ ମୁଁ ସେମାନଙ୍କୁ କହେ, "ହଁ, ତୁମେ ନିଜର ଅନ୍ତର୍ଗତ ବ୍ୟକ୍ତିତ୍ୱଟିକୁ ବିକଶିତ କରିବା ଲାଗି ଚେଷ୍ଟା କର; ତେବେଯାଇ ତୁମେ ସମ୍ପୂର୍ଣ୍ଣ ସଚେତନ ଭାବରେ ମଧ୍ୟ ଠିକ୍ ଏହି କ୍ଷେତ୍ରଗୁଡ଼ିକରେ ଯାଇ ପ୍ରବେଶ କରି ପାରିବ ଏବଂ ଉଚ୍ଚତମ କ୍ଷେତ୍ରଗୁଡ଼ିକ ସହିତ ସଂଯୁକ୍ତ ହୋଇ ରହିଥିବାର ଆନନ୍ଦଟିକୁ ଅନୁଭବ କରିପାରିବ । ମାତ୍ର ସେଥିଲାଗି ତୁମକୁ ଆଉ ସକଳ ଚେତନାରୁ ବିଚ୍ଛିନ୍ନ ହୋଇ ରହିବାକୁ ପଡ଼ିବ ନାହିଁ ଏବଂ ଏକ ପ୍ରକୃତ ଅନୁଭୂତ ପରିବର୍ତ୍ତେ କେବଳ ଏକ ଶୂନ୍ୟ ଅବସ୍ଥାକୁ ଫେରି ଆସିବାକୁ ପଡ଼ିବ ନାହିଁ ।"

ତେଣୁ, ସମାଧି-ଅବସ୍ଥା ଅଗ୍ରଗତିର ଏକ ସଙ୍କେତ କି ନୁହେଁ, ମୋତେ ସେହି ପ୍ରଶ୍ନଟିକୁ ପଚାରିବା ବ୍ୟକ୍ତିଙ୍କୁ ମୁଁ ଏହି ଉତ୍ତରଟି ଦେବି । ଯେତେବେଳେ ଆଦୌ କୌଣସି ଅଚେତନା ନରହିବ, ଯେତେବେଳେ ସମାଧି ମଧ୍ୟରେ ଆପଣାକୁ ଆଉ ହରାଇ ନପକାଇ ଜଣେ ଏହିସବୁ ଭୂମିକୁ ଉଠିଯାଇ ପାରିବ, ସେତେବେଳେ ତାହାକୁହିଁ ଅଗ୍ରଗତିର ସଙ୍କେତ ବୋଲି କୁହାଯିବ ।

ମାତ୍ର ଏହି ଶବ୍ଦଗୁଡ଼ିକରେ ଏକ ଗୋଳମାଳ ରହି ଯାଇଥିବା ପରି ମନେହେଉଛି ।

ଯେତେବେଳେ ତୁମେ ଆପଣା ସତ୍ତାର ଗୋଟିଏ ଭାଗକୁ ଛାଡ଼ି ଚାଲିଯାଉଛ, —ଉଦାହରଣସ୍ୱରୂପ, ତୁମେ ଯେତେବେଳେ ସମ୍ପୂର୍ଣ୍ଣ ସଚେତନ ଭାବରେ ତୁମର ପ୍ରାଣିକ ସତ୍ତା ମଧ୍ୟରେ ଯାଇ ପ୍ରବେଶ କରୁଛ,—ସେତେବେଳେ ତୁମର ଶରୀର ଏକ ଭାବାବେଶ ମଧ୍ୟରେ ବେଶ୍ ପ୍ରବେଶ କରିପାରିବ । ମାତ୍ର ଏହି ଅବସ୍ଥା ସମାଧିର ଅବସ୍ଥା ନୁହେଁ । ଏହାକୁ ବରଂ ଏକ ଆଳସ୍ୟର ଅଥବା ସ୍ତବ୍ଧ ହୋଇ ରହିଯିବାର

---

ସଚେତନ ହୋଇ ରହିପାରନ୍ତି, ମାତ୍ର ସେମାନଙ୍କର ଏହି ଚେତନା ଏବଂ ସ୍ୱାଭାବିକ ଜାଗ୍ରତ ଅବସ୍ଥାର ଚେତନା ମଧ୍ୟରେ ଏକ ବ୍ୟବଧାନ ରହିଥାଏ : ଜାଗ୍ରତ ଅବସ୍ଥା ଏବଂ ଏହି ଗଭୀରତର ଅବସ୍ଥାର ମଧ୍ୟବର୍ତ୍ତୀ ପର୍ଯ୍ୟାୟଗୁଡ଼ିକରେ ସେମାନଙ୍କର ବାସ୍ତବରେ କୌଣସି ପ୍ରତିଷ୍ଠା ନଥାଏ, ତେଣୁ ଏହି ମଧ୍ୟବର୍ତ୍ତୀ ପଥଟି ଦେଇ ଅଗ୍ରସରହିଁ ସେମାନେ ସହଜରେ ଫେରିପାରନ୍ତି । ସେଠାରେ ସେମାନଙ୍କର ଯେଉଁ ଚେତନାଟି ରହିଥିଲା, ସେଇଟିକୁ ସେମାନେ ବହିଃଚେତନା ମଧ୍ୟକୁ ଆଣିପାରନ୍ତି ନାହିଁ, କାରଣ ଦୁଇ ଅବସ୍ଥା ମଧ୍ୟରେ ଏକ ବ୍ୟବଧାନ ରହିଥାଏ । ଏସବୁ କଥା ଯେତେବେଳେ ସ୍ପଷ୍ଟ ରହିବ, ସେଥିଲାଗି ଅନ୍ତର୍ବର୍ତ୍ତୀ କ୍ଷେତ୍ରଗୁଡ଼ିକରେ ଅନୁରୂପ ଗଠନ କରିବା ପାଇଁ ସୁଚିନ୍ତିତ ଏକ ସାଧନା ବି ରହିଛି ।"

'oaob.nitrkl.ac.in' images reprocessed

ଅବସ୍ଥା ବୋଲି କୁହାଯାଇ ପାରିବ । ଅତିଶକ୍ତ ହୋଇଗଲେ ଏହା ତୁମକୁ ପ୍ରକୃତରେ ମୃତ୍ୟୁପ୍ରାପ୍ତ କରିଦେଇପାରେ, କାରଣ ସତ୍ତାର ଯେଉଁ ସ୍ତରଟି ଶରୀରକୁ ପ୍ରାଣବନ୍ତ କରି ରଖିଥାଏ, ସେଇଟି ବର୍ତ୍ତମାନ ଶରୀର ଭିତରୁ ବାହାରି ଚାଲି ଯାଇଥାଏ । ତେଣୁ ଶରୀର ଅର୍ଦ୍ଧମୃତ ହୋଇ ରହିଥାଏ; ଅର୍ଥାତ୍ ତାହାର ପ୍ରାଣବନ୍ତତା ଅତ୍ୟଧିକ ପରିମାଣରେ ହ୍ରାସ ହୋଇ ଯାଇଥାଏ ଏବଂ ତାହାର ଯାବତୀୟ କ୍ରିୟାଶୀଳତା ପ୍ରାୟ ସ୍ଥଗିତ ହୋଇ ଯାଇଥାଏ । ହୃତ୍ସ୍ପନ୍ଦନ ମନ୍ଥର ହୋଇ ଆସିଥାଏ, ସେହି ସ୍ପନ୍ଦନଟିକୁ ପ୍ରାୟ ଅନୁଭବହିଁ କରି ହୁଏ ନାହିଁ ଏବଂ ନିଃଶ୍ୱାସପ୍ରଶ୍ୱାସ ଯାଉଥିଲା ପରି ମୋଟେ ଲାଗୁ ନଥାଏ । ପ୍ରକୃତରେ ଏହାହିଁ ହେଉଛି ସମାଧି । ମାତ୍ର, ଏହି ସମସ୍ତ ଅବଧିଟି ମଧ୍ୟରେ, ତୁମେ ପ୍ରାଣିକ ଜଗତ ମଧ୍ୟରେ ସମ୍ପୂର୍ଣ୍ଣ ସଚେତନ ହୋଇ ରହିଥାଅ । ମାତ୍ର, ଏପରି ଏକ ସାଧନା ରହିଛି ଯାହାକି ଆଦୌ ସହଜ ନୁହେଁ ବା ବିପଦମୁକ୍ତ ବି ନୁହେଁ, ସେହି ସାଧନା ବଳରେ ତୁମେ ନିଶ୍ଚୟ ଏପରି ଏକ ସାମର୍ଥ୍ୟ ବାହାର କରିପାରିବ, ଯାହାଫଳରେ କି ତୁମେ ଶରୀର ମଧ୍ୟରେ ଯେଉଁ ସର୍ବନିମ୍ନ ଶକ୍ତିକୁ ଛାଡ଼ି ଯାଇଥିବ, ତାହା ଶରୀରକୁ ସ୍ୱତନ୍ତ୍ର ଭାବରେ ସଚେତନ କରି ରଖିଥିବ । ଉପଯୁକ୍ତ ପ୍ରଶିକ୍ଷଣ ଦ୍ୱାରା,—ଏହା ଆଦୌ ସହଜ ନୁହେଁ ବୋଲି କହୁଛି,—ଏକ ବେଶ୍ ବିଧିବଦ୍ଧ ପ୍ରଶିକ୍ଷଣ ଦ୍ୱାରା ଆମେ ସମ୍ପୂର୍ଣ୍ଣ ଭାବରେ ବାହାରକୁ ଚାଲି ଯାଇଥିବା ସମୟରେ ମଧ୍ୟ ଶରୀର ଲାଗି ଆପଣାର ଗତିଶୀଳତାର ସ୍ୱାତନ୍ତ୍ର୍ୟଟିକୁ ବଜାୟ ରଖିବା ସମ୍ଭବ କରି ପାରିବା । ଏବଂ ଏହିପରି ଭାବରେହିଁ, ପ୍ରାୟ ଏକ ସମ୍ପୂର୍ଣ୍ଣ ସମାଧିର ଅବସ୍ଥାରେ ମଧ୍ୟ ଆମେ ଆମ ସତ୍ତାର ବାହାରକୁ ଚାଲି ଯାଇଥିବା ସ୍ତରଟି କ'ଣ ଦେଖୁଛି ଓ କ'ଣସବୁ କରୁଛି, ସେହି ବିଷୟରେ କହିବାକୁ ଓ ସେଗୁଡ଼ିକୁ ସମ୍ବନ୍ଧିତ କରି ରଖିବାକୁ ମଧ୍ୟ ସମର୍ଥ ହୋଇଯିବା । ମାତ୍ର ସେଥିଲାଗି ସାଧନାର ମାର୍ଗରେ ଅନେକ ଆଗକୁ ଯାଇପାରିଥିବା ଆବଶ୍ୟକ ।

ଏପରି ଏକ ଅବସ୍ଥାର ସ୍ୱତଃପ୍ରେରିତ ଏବଂ ଅନଭିପ୍ରେତ ଦୃଷ୍ଟାନ୍ତମାନ ରହିଛି, ଯାହାକୁ କି ଠିକ୍ ଏହି ଅବସ୍ଥା ବୋଲି କୁହା ଯିବ ନାହିଁ ସତ, ମାତ୍ର ତଥାପି ଯାହାର ଏଇଟି ସହିତ ଅନେକ ସାଦୃଶ୍ୟ ରହିଛି । ଏଗୁଡ଼ିକ ହେଉଛି ନିଦ୍ରାଚ୍ଛନ୍ନତାର ଅବସ୍ଥା । ଅର୍ଥାତ୍, ଯେତେବେଳେ ତୁମେ ନିଘୋଡ଼ ନିଦରେ ଶୋଇଥିବ ଏବଂ ତୁମର ପ୍ରାଣିକ ଅଂଶଟି ତୁମ ଶରୀର ଭିତରୁ ବାହାରକୁ ବାହାରି ଚାଲି ଯାଇଥିବ, ସେତେବେଳେ ଚାଲି ଯାଇଥିବା ପ୍ରାଣିକ ସ୍ତରଟି ଯାହା ଇଚ୍ଛା କରୁଥିବ ଓ କରୁଥିବ, ତୁମର ଶରୀର ମଧ୍ୟ ସ୍ୱୟଂଚାଳିତ ଭାବରେ ସେଗୁଡ଼ିକୁ ମାନିବାରେ ଲାଗିଥିବ । କେବଳ ଏତିକି କଥା ସ୍ମରଣ ରଖିବା ଉଚିତ ଯେ, ଏହା କୌଣସି ଅଭିପ୍ରେତ କ୍ରିୟା ଏବଂ କୌଣସି ସୁନିୟମିତ ମନୋନିବେଶ ପ୍ରଶିକ୍ଷଣର ପରିଣାମ ହୋଇ ନଥିବାରୁ, ଏହି ଅବସ୍ଥାକୁ ଆମେ କଦାପି ଗୋଟିଏ କାମ୍ୟ ଅବସ୍ଥା ବୋଲି କହିବା

'oaob.nitrkl.ac.in' images reprocessed

ନାହିଁ, କାରଣ ତଦ୍ଵାରା ସତ୍ତା ମଧ୍ୟରେ ନାନା ବିଶୃଙ୍ଖଳା ଆସି ଉପସ୍ଥିତ ହେବାର ଆଶଙ୍କା ରହିଥିବ । ମାତ୍ର, ବର୍ତ୍ତମାନ ମୁଁ ଯେଉଁ କଥା କହୁଥିଲି, ଏହା ସେହିପରି ଏକ ଶରୀରର ଦୃଷ୍ଟାନ୍ତ, ଯାହାକି ସ୍ୱର୍ଗରୁ ଉଦ୍ଭୂତ ସୁପ୍ତ ହୋଇ ରହିଥିବା ସମୟରେ ବାହାରେ ଗ୍ଭଲି ଯାଇଥିବା ପୂର୍ଣ୍ଣ ଜାଗ୍ରତ ଓ ବେଶ୍ ସଚେତନ ଅଂଶଟିର ବୋଲ୍ ଅନୁସାରେ ବେଶ୍ କାର୍ଯ୍ୟ କରିପାରିବ । ଏହାହିଁ ହେଲା ଯଥାର୍ଥ ସମାଧି ।

ମୁଁ ଭାବୁଛି, ମୁଁ ତୁମମାନଙ୍କୁ ଏକାଧିକ ବାର କହିଛି ଯେ, ଯେତେବେଳେ ଆମେ ଗୁହ୍ୟବିଦ୍ୟାର ଏହି ଶୃଙ୍ଖଳାଟିକୁ ଅଭ୍ୟାସ କରି ପାରିବା, ସେତେବେଳେ ଆମେ ଆମର ଭୌତିକ ଶରୀରଟିକୁ ତ୍ୟାଗ କରି ପ୍ରାଣିକ କ୍ଷେତ୍ରରେ ବେଶ୍ ସଚେତନ ଭାବରେ ବିଚରଣ କରିପାରିବା; ତା'ପରେ ନିଜର ପ୍ରାଣିକ ସତ୍ତାଟିକୁ ସୁପ୍ତ ଛାଡ଼ିଦେଇ ମନଃକ୍ଷେତ୍ରରେ ମଧ୍ୟ ବିଚରଣ କରିବା ସମ୍ଭବ ହେବ; ବେଶ୍ ସଚେତନ ଭାବରେ ଏବଂ ସେହିପରି ସମ୍ବନ୍ଧମାନ ସ୍ଥାପନ କରି ମନୋଜଗତରେ କ୍ରିୟାଶୀଳ ରହି ହେବ, ବସ୍ତୁ ହେବ । କାରଣ, ଭୌତିକ ଜଗତଟି ଯେପରି ଭୌତିକ ସତ୍ତା ସହିତ ସମ୍ବନ୍ଧଯୁକ୍ତ ହୋଇ ରହିଛି, ମନୋଜଗତଟି ମଧ୍ୟ ଠିକ୍ ସେହିପରି ମାନସିକ ସତ୍ତା ସହିତ ସମ୍ବନ୍ଧଯୁକ୍ତ ହୋଇ ରହିଛି । ଏବଂ ଏହିପରି କ୍ରମୋତ୍ତର ଭାବରେ ସବୁକିଛି ରହିଛି ଓ ଏକ ନିୟମିତ ଶୃଙ୍ଖଳା ଓ ଅଭ୍ୟାସ ଦ୍ୱାରା ତାହା ସମ୍ଭବ ହୋଇ ପାରିବ । ମୁଁ ଜଣେ ମହିଳାଙ୍କୁ ଜାଣିଥିଲି, ଯିଏକି ଏହିପରି ଭାବରେ ନିଜକୁ ପ୍ରଶିକ୍ଷିତ କରିଥିଲେ, ଯାହାଙ୍କର ବେଶ୍ ଉଲ୍ଲେଖଯୋଗ୍ୟ କେତୋଟି ବ୍ୟକ୍ତିଗତ ସାମର୍ଥ୍ୟ ରହିଥିଲା, ଯିଏକି ଆପଣା ସତ୍ତାର ସକଳ ଅବସ୍ଥାରେ ସଚେତନ ରହି ପାରୁଥିଲେ । ଏବଂ ଯିଏ ଆପଣା ଶରୀର ଭିତରୁ ବାହାରି ବାର ବାର ଅର ବାହାରକୁ ଯାଇ ପାରୁଥିଲେ, ଅର୍ଥାତ୍ କ୍ରମାନ୍ୱୟରେ ବାରଟି ଶରୀରରୁ ବାହାରକୁ ବାହାରିଯାଇ ପାରୁଥିଲେ ଏବଂ ଶେଷରେ ବ୍ୟକ୍ତ-ଚେତନାର ଶିଖରଦେଶରେ ଯାଇ ପହଞ୍ଚି ପାରୁଥିଲେ । ଏବଂ ସେହି ଅବସ୍ଥାକୁ ଆମେ ପରମ ଆକାରାତୀତଙ୍କ ମଧ୍ୟରେ ପ୍ରବେଶ କରିବାର ଦ୍ୱାରଦେଶ ବୋଲିହିଁ କହିପାରିବା । ଯିଏ ସବୁକିଛି ମନେ ରଖି ପାରୁଥିଲେ ଓ ମନେ ପକାଇ ଠିକ୍‌ଠିକ୍ ସବୁକିଛି କହିଦେଇ ପାରୁଥିଲେ । ଯିଏ ବାସ୍ତବରେ ଜଣେ ମହିଳା ଥିଲେ, ଓ ଏହି ରାଜ୍ୟମାନଙ୍କରେ ଯିଏ ଦେଖିଥିବା ଏବଂ କରିଥିବା ଯାବତୀୟ ବର୍ଣ୍ଣନା ଦିଆଯାଇଥିବା ତାଙ୍କର ଗୋଟିଏ ପୁସ୍ତକକୁ ମୁଁ ଇଂରାଜୀରେ ଅନୁବାଦ ବି କରିଥିଲି ।

ନିଜ ସତ୍ତା ଉପରେ ପ୍ରକୃତ ପ୍ରଭୁତ୍ୱ ଅର୍ଜନ କରିଥିବାର ଭିଏ ହେଉଛି ଏକ ସଙ୍କେତ, ସଚେତନ ବିକାଶର ଏକ ଅଗ୍ରଗତ ସୀମାରେ ଯାଇ ପହଞ୍ଚି ଥିବାର ଏକ ସଙ୍କେତ । ମାତ୍ର ନିଜ ଚେତନା ଭିତରୁ ବାହାରିଯାଇ ଆପେ ଆପେ ସଚେତନ ରହି ପାରୁ ନଥିବା ଏକ ଅବସ୍ଥା ମଧ୍ୟରେ ପ୍ରବେଶ କରିବାର ଅନ୍ୟ ଅନୁଭୂତିଟିର ଏହା ହେଉଛି ଏକ ବିପରୀତ ଅନୁଭୂତି । ହଁ, ପ୍ରକୃତରେ ଏକ ବିପରୀତ ଅନୁଭୂତି ।

'oaob.nitrkl.ac.in' images reprocessed

(ମାଆ ନୀରବ ରହିଲେ)

ଏଥିରୁ ମୁଁ ଏପରି ଗୋଟିଏ କଥା ତୁମମାନଙ୍କୁ କହିବି, ଯାହାକୁ ଏକ ପରାମର୍ଶ ବୋଲି କୁହାଯାଇ ପାରିବ, ଏକ ଉପଦେଶ ବୋଲି ବି କୁହାଯାଇ ପାରିବ ।

ଆମେ "ଯୋଗସମନ୍ୱୟ" ଗ୍ରନ୍ଥରୁ ଏବେ କିଛି ଅଂଶ ପଢ଼ିଛୁ ଓ "ଦିବ୍ୟ ଜୀବନ" ଗ୍ରନ୍ଥରୁ କିଛି ଅଂଶ ଅନୁବାଦ କରି ଜାଣିଛୁ ଯେ ଶ୍ରୀଅରବିନ୍ଦ ସାଧନା କରୁଥିବା ବ୍ୟକ୍ତିମାନଙ୍କୁ କେତେକ ଉପଦେଶ ଦେଇଛନ୍ତି; ଯେଉଁମାନେ ଆପଣାର ଚେତନାସ୍ଥିତିର ଅନୁପାତରେ ସମୟ ସମୟରେ ଅତ୍ୟଧିକ ପରିମାଣରେ ଝାଣ ଅନୁଭବମାନ ଲାଭ କରିଥାନ୍ତି, ଶ୍ରୀଅରବିନ୍ଦ ସେମାନଙ୍କୁ କେତେ ବିସ୍ତୃତ ଭାବରେ କେତେ ବ୍ୟାଖ୍ୟା ଦେଇ ବୁଝାଇଛନ୍ତି, କେତେ ପରାମର୍ଶ ଦେଇଛନ୍ତି । କାରଣ ସେହିସବୁ ବ୍ୟକ୍ତିଙ୍କୁ ନାନା ଦୁର୍ଭାଗ୍ୟମୟ ପରିଣାମ ଭୋଗ କରିବାକୁ ହୋଇଥାଏ । ଏହି ବିଷୟଟି ଉପରେ ମୁଁ ଗୋଟିଏ ମନ୍ତବ୍ୟ ଦେଇଥିଲି ଓ ମୋତେ ମୋର ସେହି ମନ୍ତବ୍ୟଟିକୁ ଭଲ ଭାବରେ ବୁଝାଇ ଦେବା ଲାଗି କୁହାଯାଇଛି । ମୁଁ କହିଥିଲି :

"ଆମ ଆପଣା ଅନୁଭୂତିଟି ଅପେକ୍ଷା ଆମକୁ ଅଧିକ ବଡ଼ ହୋଇ ରହିବାକୁ ପଡ଼ିବ ।"

ଏହାଦ୍ୱାରା ମୁଁ ଏହି କଥା ବୁଝିଥିଲି :

କୌଣସି ଏକ ଅଭିଜ୍ଞତାର ପ୍ରକୃତି, ଶକ୍ତି ଏବଂ ବିସ୍ମୟକାରିତା ଯାହା ହୋଇଥାଉ ପଛକେ, ତୁମେ କଦାପି ସେଇଟି ଦ୍ୱାରା ଏତେଦୂର ନିୟନ୍ତ୍ରିତ ହୋଇ ରହିବ ନାହିଁ, ଯାହା ଦ୍ୱାରା କି ତାହାହିଁ ତୁମର ସମସ୍ତ ସତ୍ତାଟିକୁ ଶାସନ କରୁଥିବ, ତୁମେ ଆପଣାର ଭାରସାମ୍ୟଟିକୁ ହରାଇ ବସିବ ଏବଂ ଏକ ବିବେକସଙ୍ଗତ ଓ ସ୍ଥିର ଦୃଷ୍ଟିକୋଣଟି ସହିତ ତୁମକୁ ନିଜର ସମ୍ପର୍କ ହରାଇ ବସିବାକୁ ପଡ଼ିବ । ଅର୍ଥାତ୍, ଯେତେବେଳେ ତୁମେ କୌଣସି ପ୍ରକାରେ ଆପଣାର ଶକ୍ତି ଓ ଚେତନାଠାରୁ ଅନେକ ଅଧିକ ଅଛି ଏକ ଶକ୍ତି ବା ଚେତନାର ସମ୍ପର୍କରେ ଆସିବ, ସେତେବେଳେ ସେହି ଶକ୍ତି ବା ଚେତନାଟି ଦ୍ୱାରା ଗୋଟାସୁଦ୍ଧା ନିୟନ୍ତ୍ରିତ ହୋଇ ନରହି ତୁମେ ସର୍ବଦା ଆପଣାକୁ ଏହି କଥାଟି ଅବଶ୍ୟ ସ୍ମରଣ କରାଇ ଦେବାରେ ସମର୍ଥ ହେଉଥିବ ଯେ ଏହି ଅନୁଭବଟି ହେଉଛି ଆହୁରି ଶତ ଶତ ଏବଂ ସହସ୍ର ସହସ୍ର ଅନ୍ୟ ଅନୁଭୂତି ମଧ୍ୟରୁ କେବଳ ଗୋଟିଏ ମାତ୍ର ଅନୁଭୂତି, ଏବଂ ସେହି କାରଣରୁ ଏହା କଦାପି ଏକ ଏକାନ୍ତ ଓ ଅନନ୍ୟ ଅନୁଭୂତି ନୁହେଁ, ତାହା ହେଉଛି ଗୋଟିଏ ଆପେକ୍ଷିକ ଅନୁଭୂତି । ସେହି ଅନୁଭୂତିଟି ଯେତେ ସୁନ୍ଦର ବା ଯେତେ ଚମତ୍କାର ହୋଇଥାଉ ପଛକେ, ତୁମର

'oaob.nitrkl.ac.in' images reprocessed

ତା'ଠାରୁ ଅଧିକ ଭଲ ଅନୁଭୂତିମାନ ନିଶ୍ଚୟ ସମ୍ଭବ ହୋଇପାରିବ, ସମ୍ଭବ ହେବା ମଧ୍ୟ ଉଚିତ । ଏହି ଅନୁଭୂତିଟି ଯେତେବେଶୀ ଅନନ୍ୟ ସ୍ୱଭାବର ହୋଇଥାଉ ପଛକେ, ଏହାଠାରୁ ଆହୁରି ଅଧିକ ଚମତ୍କାର ଅନୁଭୂତି ଅବଶ୍ୟ ରହିଛି; ଏଇଟି ଯେତେ ବେଶୀ ଉଚ୍ଚ ହୋଇଥିଲେ ମଧ୍ୟ, ଏହାଠାରୁ ଆହୁରି ଅଧିକ ଉଚ୍ଚକୁ ଉଠିବା ଲାଗି ତୁମ ଲାଗି ଅବଶ୍ୟ ଏକ ଭବିଷ୍ୟ ସମ୍ଭାବନା ରହିଛି । ତେଣୁ, ଏହି ଗୋଟିଏ ଅନୁଭୂତିକୁ ନେଇ ବାଉଳା ହୋଇ ନଯାଇ ଆମେ ଆମ ବିକାଶର ସମଗ୍ର ଧାରାଟି ଉପରେ ସେଇଟିକୁ ରଖିବାକୁ ସମର୍ଥ ହେବା, ଏକ ବାହ୍ୟ ସୁସ୍ଥ ଭାରସାମ୍ୟ ବି ରଖିବା, ଯେପରିକି ସାଧାରଣ ଜୀବନଟି ସହିତ ରହିଥିବା ଆମର ଆପେକ୍ଷିକତାଟି କଦାପି ହଜି ଯିବ ନାହିଁ । ଏପରି କରିପାରିଲେ ଆଉ କୌଣସି ଆଶଙ୍କା ନଥିବ ।

ଏକଥା କିପରି କରାଯାଇ ପାରିବ ?···ଯିଏ ଉପାୟଟି ଜାଣିଥିବ, ଉପାୟଟି ଯେ ପ୍ରକୃତରେ ସହଜ, ସିଏ ସର୍ବଦା ତାହା ଜାଣିବାକୁ ପାଇବ । ମାତ୍ର ଯାହାକୁ ଉପାୟଟି ଜଣା ନଥିବ, ଉପାୟଟି ତାହା ଲାଗି ହୁଏତ···ହଁ, ହୁଏତ ଟିକିଏ ଅସୁବିଧାଜନକ ହେବ ।

ଏକ ଉପାୟ ଅବଶ୍ୟ ଅଛି ।

ସେଇଟି ହେଉଛି ଯେ ଆମେ ସର୍ବୋଚ୍ଚ ପରମସତ୍ତାର ଅଭିବ୍ୟକ୍ତିରୂପେ ବିଦ୍ୟମାନ ରହିଥିବା ସେହି ପରମକରୁଣା ପାଖରେ ଆପଣାକୁ ସମସ୍ତ ଭାବରେ ଦେଇଦେବାର ବିଷୟଟିକୁ କଦାପି ଛାଡ଼ିଦେବା ନାହିଁ । ଆମେ ଯେତେବେଳେ ଆପଣାକୁ ଦେଇଦେଇ ପାରିବା, ସମର୍ପିତ କରି ରଖିପାରିବା, ଊର୍ଦ୍ଧ୍ୱରେ ସକଳ ସୃଷ୍ଟିର ଅତୀତ ହୋଇ ବିଦ୍ୟମାନ ରହିଥିବା ସେହି ପରମ ତତ୍ତ୍ୱଙ୍କର ତତ୍ତ୍ୱାବଧାନ ତଳେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ିଦେଇ ପାରିବା, ଏବଂ ଯେତେବେଳେ, ଅନୁଭୂତିଟିଠାରୁ କୌଣସି ବ୍ୟକ୍ତିଗତ ସୁବିଧାର ପ୍ରତ୍ୟାଶା ନରଖି ଆମେ ଦିବ୍ୟ ପରମକରୁଣା ପାଖରେ ସେହି ଅନୁଭୂତିଟିକୁ ନେଇ ସମର୍ପି ଦେଇ ପାରିବା, ଏବଂ ତାଙ୍କଠାରୁହିଁ ଅନୁଭୂତିଟି ଉନ୍ମେଷିତ ହୋଇ ଆସିଛି ବୋଲି ହୃଦୟଙ୍ଗମ କରୁଥିବା ଏବଂ ଶେଷରେ ସେଇଟି ସେଇ ତାଙ୍କରି ପାଖକୁ ଲେଉଟିଯିବ ବୋଲି ମଧ୍ୟ ବିଶ୍ୱାସ ରଖିଥିବା, ତେବେ ବିପଦର ଆଉ ପ୍ରାୟ କୌଣସି ଆଶଙ୍କା ନଥିବ ।

ଅନ୍ୟ ଭାଷାରେ କହିଲେ, ଏହି କ୍ଷେତ୍ରରେ ଆଦୌ କୌଣସି ମହତ୍ତ୍ୱାକାଙ୍କ୍ଷା ରହିବ ନାହିଁ, କୌଣସି ବୃଥା ଦମ୍ଭ ବା ଗର୍ବ ରହିବ ନାହିଁ । ନିସ୍ୱାର୍ଥପର ଆତ୍ମଦାନ ରହିବ, ଆନ୍ତରିକ ବିନମ୍ରତା ରହିବ; ଏବଂ ତେବେ ସକଳ ବିପଦରୁ ସୁରକ୍ଷା ମିଳିପାରିବ । ବାସ୍, ନିଜ ଅନୁଭୂତିରୁ ଅଧିକ ବଡ଼ ହୋଇ ରହିବାକୁ ହେବ ବୋଲି କଥାଟିକୁ ମୁଁ ଏହି ଅର୍ଥରେ ବ୍ୟବହାର କରିଥିଲି ।

ଅଚ୍ଛା, ବର୍ତ୍ତମାନ କାହାର କିଛି ପଚାରିବାକୁ ଅଛି କି ?

'oaob.nitrkl.ac.in' images reprocessed

(ମାଆ ନୀରବ ରହିଲେ)

(ଦଳେ ପୋକ ଲୁଆଡ଼ୁ ଆସି ପହଞ୍ଚିଲେ) ବାସ୍, ଏଥର ଆମେ ସେହି ଉଚ୍ଚତର ଭୂମିଗୁଡ଼ିକରୁ ତଳକୁ ଖସି ଆସିବା ! (ମାଆ ହସିବାକୁ ଲାଗିଲେ) ମୁଁ ଭାବୁଛି, ଆମେ ଆଲୁଅ ନିଭାଇଦେବା ଓ ଏହି ପୋକମାନଙ୍କ ହାତରୁ ନିଷ୍କୃତି ପାଇବା …ବର୍ତ୍ତମାନ ତୁମେମାନେ ଶୋଇବାକୁ ଯିବ ନାହିଁ ତ, ଯିବ କି ?

ବେଶ୍ କେତେ ଦିନ ପୂର୍ବେ ମୋତେ ଗୋଟିଏ ପ୍ରଶ୍ନ ପଚରା ଯାଇଥିଲା, ଏବଂ ମୁଁ ଆଜିଯାଏ ତାହାର ଉତ୍ତର ଦେଇ ନାହିଁ । ପ୍ରଶ୍ନଟି ଏଇଠି ଅଛି, ମୁଁ ସେଇଟିକୁ ଏଇଠି କେଉଁଠି ଲେଖିରଖିଛି :

> "ପ୍ରତ୍ୟେକ ସତ୍ତା ମଧ୍ୟରେ ଯେଉଁ ଅପ୍ରତିବନ୍ଧ ଅଂଶଟି ରହିଛି, ଆମେ ସେଇଟିକୁ ଦିବ୍ୟ ପରମସତ୍ତାଙ୍କ ସହିତ ତା'ର ସମ୍ବନ୍ଧ ବୋଲି କହିବା, ପ୍ରକାଶର ଭୂମି ଉପରେ ସେହି ଦିବ୍ୟ ପରମ ସତ୍ତାଙ୍କୁ ଅଭିବ୍ୟକ୍ତ କରି ଆଣିବାର ତା'ର ଅନନ୍ୟ ସ୍ୱକୀୟ ଶକ୍ତିଟି ବୋଲି କହିବା ।"

ଏହି କଥାଟିକୁ ଭାରତବର୍ଷରେ ସତ୍ତାଗତ ସତ୍ୟ ବୋଲି କୁହାଯାଇଥାଏ ବା ସତ୍ତାର ବିଧାନ, ସତ୍ତାର ଧର୍ମ ବୋଲି କୁହାଯାଇଥାଏ : ତା'ର ବ୍ୟକ୍ତିତ୍ୱର କେନ୍ଦ୍ର ଏବଂ ଉତ୍ସ ବୋଲି କୁହାଯାଇଥାଏ ।

ପ୍ରତ୍ୟେକ ବ୍ୟକ୍ତି ଆପଣା ଭିତରେ ଆପଣାର ସତ୍ୟଟିକୁ ବହନ କରୁଛନ୍ତି; ଏହି ସତ୍ୟ ଏକ ଅନନ୍ୟ ସତ୍ୟ, ତାହା ସମ୍ପୂର୍ଣ୍ଣ ଭାବରେ ତା'ର ସ୍ୱକୀୟ ଏବଂ ତାକୁ ତାହାକୁହିଁ ଆପଣା ଜୀବନରେ ଅଭିବ୍ୟକ୍ତ କରି ଆଣିବାକୁ ପଡ଼ିବ । ଏହି ସତ୍ୟଟି ପ୍ରକୃତରେ କ'ଣ ? ମୋତେ ଏହି ପ୍ରଶ୍ନଟି ପଚରା ଯାଇଛି :

> "ସତ୍ତାର ଏହି ସତ୍ୟଟି ପ୍ରକୃତରେ କ'ଣ, ଏବଂ ଜାଗତିକ ଜୀବନର ବାହ୍ୟ ଭୂମିରେ ତାହାକୁ କିପରି ଭାବରେ ଅଭିବ୍ୟକ୍ତ କରା ଯାଇଥାଏ ?"

ସେହି ସତ୍ୟଟିକୁ ଏହିପରି ଭାବରେ ଅଭିବ୍ୟକ୍ତ କରା ଯାଇଥାଏ : ପ୍ରତ୍ୟେକ ବ୍ୟକ୍ତିସତ୍ତାର ସର୍ବୋଚ୍ଚ ପରମ ଉତ୍ସ ସହିତ ଏକ ପ୍ରତ୍ୟକ୍ଷ ଏବଂ ଅନନ୍ୟ ସମ୍ବନ୍ଧ ରହିଛି, ସକଳ ସୃଷ୍ଟିର ଅତୀତ ହୋଇ ରହିଥିବା ସେହି ପରମ ତତ୍ତ୍ୱଙ୍କ ସହିତ ଏକ ଅନନ୍ୟ

'oaob.nitrkl.ac.in' images reprocessed

ଓ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି । ଆପଣାର ଜୀବନରେ, ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ବନ୍ଧଯୁକ୍ତ ହେବାର କ୍ଷେତ୍ରରେ ସମ୍ପୂର୍ଣ୍ଣ ଏକ ଅନନ୍ୟ ଧାରାରେ ସେହି ଅନନ୍ୟ ସମ୍ବନ୍ଧଟିକୁ ଅଭିବ୍ୟକ୍ତ କରି ଆଣିବାକୁ ପଡ଼ିବ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଦିବ୍ୟ ପରମସତ୍ତାଙ୍କ ସହିତ ପ୍ରତ୍ୟକ୍ଷ ଏବଂ ଏକକ ଭାବରେହିଁ ସମ୍ବନ୍ଧଯୁକ୍ତ ହୋଇ ରହିଛି; ପରମ ଦିବ୍ୟସତ୍ତାଙ୍କ ସହିତ ଆମ ପ୍ରତ୍ୟେକଙ୍କର ଯେଉଁ ସମ୍ବନ୍ଧ ରହିଛି, ତାହା ହେଉଛି ଏକ ପ୍ରତ୍ୟକ୍ଷ ଏବଂ ଏକକ ସମ୍ବନ୍ଧ । ତେଣୁ, ଯେତେବେଳେ ତୁମେ ଏକ ଗ୍ରହଣଶୀଳ ଅବସ୍ଥାରେ ରହିଥାଅ, ସେତେବେଳେ ସେହି ପରମସତ୍ତାଙ୍କଠାରୁ ତୁମେ ତୁମ ଲାଗି ଯେଉଁଟି ଅର୍ଜନ କରିବା ସମ୍ଭବ, ସମ୍ବନ୍ଧକ୍ଷେତ୍ରର ସେହି ସମଗ୍ରତାଟିକୁହିଁ ଗ୍ରହଣ କରିଥାଅ । ଏହାକୁ ଆମେ ଆଉ କାହା ସହିତ ଏକାଠି ମିଶି ଏକ ଗ୍ରହଣ କରିବା ବୋଲି କହି ପାରିବା ନାହିଁ, ଏକ ଅଂଶକୁହିଁ ଗ୍ରହଣ କରିବା ଅଥବା କୌଣସି ଗ୍ରହଣର କେବଳ ଏକ ପୁନରାବୃତ୍ତି କରିବା ବୋଲି ଆଦୌ କହି ପାରିବା ନାହିଁ । ପ୍ରତ୍ୟେକ ବ୍ୟକ୍ତି ଦିବ୍ୟ ପରମସତ୍ତାଙ୍କ ସହିତ ଯେଉଁ ଖାସ୍ ସମ୍ବନ୍ଧଟିକୁ ସ୍ଥାପନ କରି ପାରିବ, ଆମେ ତାହାକୁ ଏକକ ଏବଂ ଅନନ୍ୟ ଭାବରେ କେବଳ ସେହି ସମ୍ବନ୍ଧଟି ବୋଲି କହିବା । ତେଣୁ ମନସ୍ତତ୍ତ୍ୱର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଆମକୁ ସମ୍ପୂର୍ଣ୍ଣ ଏକାକୀ ଭାବରେହିଁ ଦିବ୍ୟ ପରମସତ୍ତାଙ୍କ ସହିତ ଏହି ପ୍ରତ୍ୟକ୍ଷ ସମ୍ବନ୍ଧଟିକୁ ଅର୍ଜନ କରିବାକୁ ପଡ଼ିବ ।

ପରମ ଦିବ୍ୟସତ୍ତାଙ୍କ ସହିତ ଆମେ ପ୍ରତ୍ୟେକେ ଏକୁଟିଆ ।*

ତାଙ୍କ ସହିତ ଆମ ପ୍ରତ୍ୟେକଙ୍କର ଯେଉଁ ସମ୍ବନ୍ଧ ରହିଛି, ତାହାର କୌଣସି ସରିସା ନାହିଁ, ଆଉଜଣଙ୍କ ସହିତ ରହିଥିବା ତାଙ୍କର ସମ୍ବନ୍ଧ ସହିତ ତାହାକୁ ଗୋଟା ସୁଦ୍ଧା କଦାପି ସମତୁଲ କରି ଦିଆଯାଇ ପାରିବ ନାହିଁ । କୌଣସି ଦୁଇଟି ବ୍ୟକ୍ତି ଗୋଟାସୁଦ୍ଧା ସେଇ ଏକାପରି ନୁହନ୍ତି, ଏବଂ ତେଣୁ ଆଉ କାହାକୁ ଦେବା ଲାଗି ତୁମଠାରୁ କଣ୍ଠହେଲେ କାଢ଼ି ମଧ ନିଆଯାଇ ପାରିବ ନାହିଁ । ଆଉ ଜଣକୁ ଦେବା ଲାଗି ତୁମଠାରୁ କଣ୍ଠହେଲେ ଅପସାରିତ କରି ହେବ ନାହିଁ । ଏବଂ, ଯଦି ଏହି ସୃଷ୍ଟିରୁ ଏହି ସମ୍ବନ୍ଧଟି ଅନ୍ତର୍ହିତ ହୋଇଯାଆନ୍ତା, ତେବେ ସ୍ୱୟଂ ସୃଷ୍ଟିହିଁ ଅନ୍ତର୍ହିତ ହୋଇଯାଆନ୍ତା,—ଏହା କଦାପି ସମ୍ଭବ ନୁହେଁ ।

ଏବଂ, ଏହାର ଅର୍ଥ ହେଉଛି ଯେ, ଯଦି ଜଣେ ବ୍ୟକ୍ତି ତା' ସତ୍ତାର ପ୍ରକୃତ ସତ୍ୟର ଭୂମିରେ ବଢ଼ିବାକୁ ସମର୍ଥ ହୁଏ, ତେବେ ତଦ୍ୱାରା ସେ ନିଜକୁ ଏହି ସୃଷ୍ଟିର ଏକ ଅପରିହାର୍ଯ୍ୟ ଅଂଶରେହିଁ ପରିଣତ କରି ରଖିବ । ଅବଶ୍ୟ ଏକଥା ସ୍ପଷ୍ଟ ଯେ, ଜଣେ ଯାହା ହେବା ଉଚିତ ବୋଲି ବିଶ୍ୱାସ କରୁଛି, ସେହିପରି ବଢ଼ି ପାରିଲେ

* ୧୯୬୨ ମେ ୧୩ ତାରିଖରେ ମାଆ ଏହି ବାକ୍ୟଟିକୁ ଯୋଡ଼ି ଦେଇଥିଲେ ।

'oaob.nitrkl.ac.in' images reprocessed

ତାହା ହୋଇପାରିବ ବୋଲି ମୁଁ ଆଦୌ କହୁ ନାହିଁ । ମୁଁ କହୁଛୁ ଯେ, ଯଦି ଜଣେ ବ୍ୟକ୍ତି ଆପଣା ସତ୍ତାର ସତ୍ୟଟିକୁ ବଞ୍ଚିବାରେ ସମର୍ଥ ହେବ, ତେବେ କ୍ରମବିକଶିତ ହୋଇ ସେ ଆପଣା ସତ୍ତାର ସତ୍ୟର ସମ୍ପର୍କରେହିଁ ପ୍ରବିଷ୍ଟ ହୋଇପାରିବ, ତେବେ ତଦ୍ଦ୍ୱାରା ସେ ଅପରୋକ୍ଷ ଭାବରେ ଦିବ୍ୟ ପରମସତ୍ତାଙ୍କ ସହିତ ଏପରି ଏକକ ଏବଂ ଅନନ୍ୟ ଭାବରେ ସମ୍ପର୍କଯୁକ୍ତ ହୋଇ ପାରିବ, ଯାହାର କି କୌଣସି ପଟାନ୍ତର ନାହିଁ !

ହଁ, ଠିକ୍ ସେହିପରି କଥା ।

ଏବଂ, ଅତ୍ୟନ୍ତ ସ୍ୱାଭାବିକ କଥା ଯେ ଏହା ତୁମ ସତ୍ତାରହିଁ ସତ୍ୟ ହୋଇଥିବାରୁ ତୁମକୁ ଆପଣାର ଜୀବନରେ ତାହାକୁହିଁ ଅଭିବ୍ୟକ୍ତ କରିଦେବାକୁ ପଡ଼ିବ ।

## ୨୯ ଅଗଷ୍ଟ ୧୯୫୭

ମୁଁ ଅନୁମାନ କରୁଛୁ ଯେ Wu Wei ବହିରୁ ପଢା ଯାଉଥିବା ବିଭିନ୍ନ ଅଂଶକୁ ଶୁଣିବା ଲାଗିହିଁ ତୁମେମାନେ ଅଧିକାଂଶତଃ ଶୁକ୍ରବାରକୁ ଶୁକ୍ରବାର ଏଠାକୁ ଆସୁଛ । ଯଦି ତୁମେମାନେ ଠିକ୍ ଭାବରେ ଶୁଣିଛ, ତେବେ ତୁମମାନଙ୍କର ନିଶ୍ଚୟ ମନେଥିବ ଯେ ସେହି ପୁସ୍ତକଟିରେ "ସ୍ୱତଃସ୍ଫୂର୍ତ୍ତି" ହେବା ବିଷୟରେ କେତେକେ କଥା କୁହାଯାଇଛୁ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ବଞ୍ଚିବାକୁହିଁ ପ୍ରକୃତ ମାର୍ଗରେ ଜୀବନ ବଞ୍ଚିବା ବୋଲି କୁହାଯାଇଛୁ ।

କିନ୍ତୁ ତୁମେ ଏଇଅଳୁ ସ୍ୱତଃସ୍ଫୂର୍ତ୍ତ ହେବା ବୋଲି କହୁଛନ୍ତି : ଏକ ବ୍ୟକ୍ତିଗତ ଇଚ୍ଛା ଦ୍ୱାରା ପରିଚାଳିତ ହେବା ପରିବର୍ତ୍ତେ—ସେହି ଇଚ୍ଛା ମାନସିକ, ପ୍ରାଣିକ ଅଥବା ଭୌତିକ ଯାହା ହୋଇଥାଉ ପଛକେ, ଅମକୁ ଯାବତୀୟ ପ୍ରକାରର ବାହ୍ୟ ଚେଷ୍ଟାକୁ ବନ୍ଦ କରିଦେବାକୁ ହେବ ଏବଂ ଚୀନାମାନେ ଯାହାକୁ ତାଓ ବୋଲି କହୁଛନ୍ତି, ତାହାର ଦ୍ୱାରହିଁ ଚାଳିତ ଓ ପରିଚାଳିତ ହେବାକୁ ପଡ଼ିବ । ତାଓ କହିଲେ ଚୀନାମାନେ ଈଶ୍ୱରଙ୍କର ସମବାଚୀ କରି ବୁଝନ୍ତି,—ବା ପରମେଶ୍ୱରଙ୍କୁ ବୁଝନ୍ତି, ବା ସର୍ବୋଚ୍ଚ ପରମ ତତ୍ତ୍ୱ, ଯାବତୀୟ ବସ୍ତୁର ଆଦ୍ୟମୂଳ ଅଥବା ସୃଜନକାରୀ ପରମ ସତ୍ୟକୁହିଁ ବୁଝନ୍ତି, ବସ୍ତୁତଃ, ଦିବ୍ୟ ସତ୍ତା ବିଷୟରେ ମନୁଷ୍ୟର ଯେତେଯାହା ଧାରଣା ହୋଇପାରୁଛି, ସେହି ଅର୍ଥରେ ବୁଝନ୍ତି; ଯେଉଁ ଉଦ୍ଦେଶ୍ୟଟିକୁ ହାସଲ କରିବାକୁ ହେବ, ତାହାକୁ ମଧ୍ୟ ସେମାନେ ତାଓ ବୋଲି ବୁଝିଥାନ୍ତି ।

'oaob.nitrkl.ac.in' images reprocessed

ଆମେ ସ୍ୱତଃସ୍ଫୂର୍ତ୍ତି ହେବା, ଅର୍ଥାତ୍, କୌଣସି ପ୍ରକାର ବ୍ୟକ୍ତିଗତ ଇଚ୍ଛା ଦ୍ୱାରା କିଛି ଭାବିବା ନାହିଁ, କିଛି ସଂଗଠିତ କରିବା ନାହିଁ, କିଛି ନିଷ୍ପତ୍ତି କରିବା ନାହିଁ ବା ଉପଲବ୍ଧିର କୌଣସି ଚେଷ୍ଟା କରିବା ନାହିଁ ।

ସ୍ୱତଃସ୍ଫୂର୍ତ୍ତିତା କହିଲେ ପ୍ରକୃତରେ କ'ଣ ବୁଝାଇବ, ତୁମମାନଙ୍କୁ ସେକଥା ବୁଝାଇ ପାରିବା ଲାଗି ଏଠାରେ ମୁଁ ଦୁଇଟି ଦୃଷ୍ଟାନ୍ତ ଦେବି । ପ୍ରଥମଟି ହେଉଛି,—କୌଣସି ସନ୍ଦେହ ନାହିଁ ଯେ ତୁମେମାନେ ସମସ୍ତେ କଥାଟିକୁ ଜାଣିଛ,—୧୯୧୪ ମସିହାରେ ଯେତେବେଳେ ଶ୍ରୀଅରବିନ୍ଦ ଆର୍ଯ୍ୟ ପତ୍ରିକାରେ* ଲେଖିବାକୁ ଆରମ୍ଭ କଲେ, ସେହି ସମୟର କଥା । ମନଃକ୍ଷେତ୍ରର କୌଣସି ଜ୍ଞାନକୁ ଅଥବା ସୃଜନକୁ ଯେ ସେ ଗ୍ରନ୍ଥରୂପେ ଲେଖି ପକାଇଲେ, ସେକଥା ମୋଟେ ନୁହେଁ; ସିଏ ତାଙ୍କର ମନକୁ ସମ୍ପୂର୍ଣ୍ଣ ଭାବରେ ନୀରବ କରି ଦେଉଥିଲେ ଏବଂ ଟାଇପ୍‌ରାଇଟର୍ ପାଖରେ ଯାଇ ବସୁଥିଲେ; ଏବଂ ଊର୍ଦ୍ଧ୍ୱରୁ, ଅର୍ଥାତ୍ ଉଚ୍ଚତର ଭୂମିଗୁଡ଼ିକରୁ, ଯାହାକିଛି ଲେଖାହେବାର ଥିଲା, ସତେଅବା ଅବତୀର୍ଣ୍ଣ ହୋଇ ଆସୁଥିଲା । ସବୁକିଛି ସିଆଡ଼ୁ ପ୍ରସ୍ତୁତ ହୋଇ ଅବତୀର୍ଣ୍ଣ ହୋଇ ଆସୁଥିଲା; ଶ୍ରୀଅରବିନ୍ଦ ଟାଇପ୍‌ରାଇଟର୍ ଉପରେ ଆପଣାର ଆଙ୍ଗୁଠିଗୁଡ଼ିକୁ କେବଳ ଚଳାଇ ନେଉଥିଲେ ଏବଂ ସେତିକରେ ସବୁକିଛି ଲେଖି ହୋଇ ଯାଉଥିଲା । ଠିକ୍ ଏହିପରି ଏକ ମାନସିକ ନୀରବତାର ଅବସ୍ଥାରେ, ଯାହାକି ଜ୍ଞାନକୁ ଅବତୀର୍ଣ୍ଣ କରାଇଦିଏ, ଏପରିକି ତାହାକୁ ଅଭିବ୍ୟକ୍ତ ବି କରାଏ, ଶ୍ରୀଅରବିନ୍ଦ ଆର୍ଯ୍ୟର ସବୁକିଛି ଲେଖା ଲେଖିଥିଲେ, ଅର୍ଥାତ୍ ମାସକୁ ଚଉଷଠି ଛପା ପୃଷ୍ଠାର ସାମଗ୍ରୀ ସେ ଲେଖି ପାରୁଥିଲେ । ପୁନଶ୍ଚ, କେବଳ ଏହି କାରଣରୁହିଁ ସେ ତାହା କରି ପାରୁଥିଲେ, କାରଣ ଯଦି ମନରୁ ଗୁନ୍ଥି ଗୁନ୍ଥି ସିଏ ସେଗୁଡ଼ିକୁ ରଚନା କରିଥାନ୍ତେ, ତେବେ ତାହା ପ୍ରାୟ ଅସମ୍ଭବ ହୋଇ ପଡ଼ିଥାନ୍ତା ।

ଏଇଟି ହେଉଛି ପ୍ରକୃତ ମାନସିକ ସ୍ୱତଃସ୍ଫୂର୍ତ୍ତିତା ।

ଏବଂ ଏହି ସାମର୍ଥ୍ୟଟି ସହିତ ଆଉକିଛି ବାଟ ଅଗ୍ରସର ହୋଇ ପାରିଲେ, ତା'ପରେ, ଜଣେ କ'ଣ କହିବାକୁ ଅଥବା ଲେଖିବାକୁ ଯାଉଛି, ସେବିଷୟରେ ଆଦୌ କିଛିହେଲେ ଭାବିବାକୁ କିମ୍ବା ଯୋଜନା କରିବାକୁ ପଡ଼େ ନାହିଁ । ଆପଣାର

---

* ଏହି 'ଆର୍ଯ୍ୟ' ପତ୍ରିକାରେହିଁ ଛଅ ବର୍ଷ (୧୯୧୪-୧୯୨୦) ମଧ୍ୟରେ ଶ୍ରୀଅରବିନ୍ଦ ତାଙ୍କ ରଚିତ ଅଧିକାଂଶ ଗ୍ରନ୍ଥ ପ୍ରକାଶ କରିଥିଲେ : 'ଦିବ୍ୟଜୀବନ', 'ଯୋଗସମନ୍ୱୟ', 'ମାନବ-ଚକ୍ରଗତି' (ପରେ 'ସାମାଜିକ ବିକାଶର ମନୋବିଜ୍ଞାନ'ରୂପେ ଏହାର ନାମକରଣ ହୋଇଥିଲା), 'ମାନବ-ଏକତାର ଆଦର୍ଶ', 'ଗୀତା-ନିବନ୍ଧମାଳା', 'ବେଦ ରହସ୍ୟ', 'ଭବିଷ୍ୟତର କାବ୍ୟ', 'ଭାରତୀୟ ସଂସ୍କୃତିର ଆଧାର' (ପରେ ଏହି ଗ୍ରନ୍ଥଟି ମଧ୍ୟ ଅନ୍ୟ ନାନା ଶୀର୍ଷକରେ କେତୋଟି କ୍ରମିକ ଲେଖା ରୂପରେ ଲେଖା ଯାଇଥିଲା) ।

'oaob.nitrkl.ac.in' images reprocessed

ମନଟିକୁ କେବଳ ନୀରବ କରି ଆଣିବାକୁ ହୁଏ, ଉଚ୍ଚତର ପରମଚେତନା ଆଡ଼କୁ ମନକୁ ଗୋଟିଏ ଗ୍ରହଣପୋଛ କରି ଖୋଲି ରଖିବାକୁ ହୁଏ, ଏବଂ ଯାହାକିଛି ଊର୍ଦ୍ଧ୍ୱରୁ ଆସୁଥାଏ, ମନର ସେହି ନୀରବତା ଭିତରେହିଁ ଗ୍ରହଣ କରୁଥିବା ସଙ୍ଗେ ସଙ୍ଗେ ତାହାକୁ ବ୍ୟକ୍ତ କରିଦିଆ ଯାଉଥାଏ । ଏହାକୁହିଁ ଯଥାର୍ଥ ସ୍ୱତଃସ୍ଫୂର୍ତ୍ତିତା ବୋଲି କୁହାଯିବ ।

ଅତ୍ୟନ୍ତ ସ୍ପଷ୍ଟ କଥା ଯେ ଏପରି କରିବା ଆଦୌ ସହଜ ନୁହେଁ; ଏଥିଲାଗି ପ୍ରସ୍ତୁତି ଦରକାର ।

ଏବଂ ଯେତେବେଳେ ଆମେ କାମରେ କରି ଦେଖାଇବାର ବିଷୟଟିକୁ ଆଲୋଚନା କରିବା, ସେତେବେଳେ ସେହି ସ୍ୱତଃସ୍ଫୂର୍ତ୍ତିତା ଅଦ୍ଭୁତ ଅଧିକ କଷ୍ଟକର ହୋଇପଡ଼େ । କାରଣ ସାଧାରଣତଃ ଏହିପରି ହୋଇଥାଏ ଯେ, ଯଦି ଆମେ ନ୍ୟାୟସଙ୍ଗତ ସହିତ କୌଣସି ଏକ କାର୍ଯ୍ୟ କରିବାକୁ ଚାହୁଁଥାଉ, ତେବେ ଆମେ କ'ଣସବୁ କରିବାକୁ ଇଚ୍ଛା କରୁଛୁ, ତାହାକୁ ସାଧାରଣତଃ ଆଗରୁ ଭଲଭାବରେ ସ୍ଥିରକରି ରଖୁ ଏବଂ କାମଟିକୁ ଆରମ୍ଭ କରିବା ଆଗରୁ ତାହାର ଏକ ଯୋଜନା ବି କରିନେଉ । ତା' ନକରି ପାରିଲେ ନାନାପ୍ରକାରର ବାସନା ଏବଂ ଆବେଗର ଦଉଡ଼ିରେ ଆମେ କେବଳ ଇତସ୍ତତଃ ହୋଇ ଟାଣିହେବାରେ ଲାଗିଥାଉ, ଏବଂ Wu Wei ପୁସ୍ତକରେ ଯେଉଁ ସ୍ୱତଃସ୍ଫୂର୍ତ୍ତିତା ବିଷୟରେ କୁହାଯାଇଛି, ସେଇଟିଠାରୁ ଅନେକ ଦୂରବର୍ତ୍ତୀ ହୋଇ ରହୁ । ସେତେବେଳେ କେବଳ ନିମ୍ନ ପ୍ରକୃତିର ନାନା ଗତିସ୍ପନ୍ଦନହିଁ ଆମକୁ କର୍ମପଥରେ ଚାଳିତ କରି ନେଉଥାଏ । ତେଣୁ, ଏହି ଗଳ୍ପଟିରେ ଚୀନ୍‌ଦେଶର ସେହି ସନ୍ଥ ଯେଉଁ ପ୍ରଜ୍ଞା ଏବଂ ନିବିପକ୍ତତା ବିଷୟରେ କହିଛନ୍ତି, ଆମେ ସେଗୁଡ଼ିକୁ ଆଦୌ ହାସଲ କରି ନପାରିଥିବା ପର୍ଯ୍ୟନ୍ତ ଆପଣାର ଦୈନନ୍ଦିନ କାର୍ଯ୍ୟଗୁଡ଼ିକରେ ସ୍ୱତଃସ୍ଫୂର୍ତ୍ତି ନହେବାହିଁ ବରଂ ଅଧିକ ଭଲ, କାରଣ ସେହି ସ୍ଥିତିରେ ଆମକୁ ଅତ୍ୟନ୍ତ ବିଶୃଙ୍ଖଳ ନାନା ଯାବତୀୟ ବିଶୃଙ୍ଖଳା ଏବଂ ପ୍ରଭାବର କ୍ରୀଡ଼ାପୁତ୍ତଳି ହୋଇ ରହିବାକୁହିଁ ପଡ଼ିଥାଏ ।

ମାତ୍ର ଥରେ ଯୋଗର କ୍ଷେତ୍ରରେ ପ୍ରବେଶ କଲେ ଓ ଯୋଗସାଧନା କରିବାକୁ ଇଚ୍ଛା କଲେ, ଆମେ ଯେ କଦାପି ଆମ ମାନସିକ ସ୍ତରର ବିରଚନାଗୁଡ଼ିକ ହାତରେ କ୍ରୀଡ଼ାପୁତ୍ତଳି ହୋଇ ରହିବା ନାହିଁ, ତାହା ଏକାନ୍ତ ଆବଶ୍ୟକ ହୋଇପଡ଼େ । ଯଦି ଆମେ ପ୍ରକୃତରେ ଆମ ନିଜର ଅନୁଭୂତିଗୁଡ଼ିକ ଉପରେହିଁ ଆସ୍ଥା ରଖିବାକୁ ଇଚ୍ଛା କରୁଥାଉ, ତେବେ ଆମେ ଯେଉଁସବୁ ଅନୁଭୂତି ଲାଭ କରିବାକୁ ଯାଉଛୁ, ସେହିବିଷୟରେ ଆମେ ଆଗରୁ କୌଣସି ଧାରଣା କରିବା ନାହିଁ; ସେଗୁଡ଼ିକ ବିଷୟରେ ଆମର ଯେଉଁ ଧାରଣାମାନ ରହିଛି, ବା ସେଗୁଡ଼ିକ ଯେଉଁଭଳି ରୂପ ନେଇଥିବ ବୋଲି ଆମେ ଆଶା ବା ପ୍ରତ୍ୟାଶା କରୁଛୁ, ଅତ୍ୟନ୍ତ ସାବଧାନତାର ସହିତ ଆମକୁ

'oaob.nitrkl.ac.in' images reprocessed

ସେସବୁଥିରୁ ଖାଲି ରହିବାକୁ ପଡ଼ିବ । ମୁଁ ଆଗରୁ ତୁମମାନଙ୍କୁ ଯାହା ଅନେକ ଥର କହିଆସିଛି, ତୁମର ଯାବତୀୟ ମନୋରଚନାକୁ କେବଳ ଗୋଟିଏ ସର୍ଜନା ବୋଲିହିଁ ବୁଝାଯିବ, ଏକ ପ୍ରକୃତ ସର୍ଜନା ବୋଲି ବୁଝାଯିବ । ତୁମର ନିଜ ଧାରଣାଟିର ସାହାଯ୍ୟରେ ତୁମେ ଏପରି ନାନା ରୂପର ସୃଷ୍ଟି କରିବାରେ ଲାଗିଥାଅ, ଯେଉଁଗୁଡ଼ିକ କି କେତେକ ପରିମାଣରେ ତୁମଠାରୁ ସ୍ୱତନ୍ତ୍ର ହୋଇ ରହିଥାନ୍ତି, ସେଗୁଡ଼ିକ ସତେଅବା ବାହାରୁ ଆସୁଥିବା ପରି ତୁମ ଭିତରକୁ ଫେରିଆସନ୍ତି ଏବଂ ତୁମ ଲାଗି ଗୋଟିଏ ଗୋଟିଏ ଅନୁଭୂତିରହିଁ ଭ୍ରମ ଉତ୍ପାଦନ କରୁଥାନ୍ତି । ମାତ୍ର ଏହି ଯେଉଁସବୁ ଅନୁଭୂତି ହୁଏତ ନିଜର ଇଚ୍ଛାକୃତ ହୋଇ ରହିଥାନ୍ତି, ଲୋଡ଼ା ହୋଇଥାନ୍ତି ବା ପ୍ରତ୍ୟାଶିତ ହୋଇଥାନ୍ତି, ସେଗୁଡ଼ିକ ଆଦୌ ସ୍ୱତଃସ୍ଫୂର୍ତ୍ତ ଅନୁଭୂତି ନୁହନ୍ତି, ସେଗୁଡ଼ିକ ଗୋଟିଏ ଗୋଟିଏ ଭ୍ରମରେ ପରିଣତ ହେବାରହିଁ ଅଧିକତର ଆଶଙ୍କା ରହିଥାଏ,—ଅନେକ ସମୟରେ ସେଗୁଡ଼ିକ ବିପଜ୍ଜନକ ନାନା ଭ୍ରମରେ ବି ପରିଣତ ହୋଇଯାଇ ପାରନ୍ତି ।

ତେଣୁ, ଯେତେବେଳେ ତୁମେ କୌଣସି ମାନସିକ ଶୃଙ୍ଖଳା ଅନୁସାରେ ପରିଚାଳିତ ହେଉଛ, ସେତେବେଳେ ତୁମେ କୌଣସି ନିର୍ଦ୍ଦିଷ୍ଟ କେତୋଟି ଅନୁଭୂତିକୁ କଳ୍ପନା ନକରିବାକୁ ବା ଅନୁଭବ ନକରିବାକୁ ବିଶେଷ ଭାବରେ ସାବଧାନ ହୋଇ ରହିଥିବ, କାରଣ, ତା' ନହେଲେ ତୁମେ ଅପଣା ଲାଗି ଏହିସବୁ ଅନୁଭୂତିର ନାନା ଭ୍ରମରହିଁ ସୃଷ୍ଟି କରି ବସିବ । ଯୋଗସାଧନାର କ୍ଷେତ୍ରରେ ଏହି ଅତ୍ୟନ୍ତ କଠୋର ଏବଂ କଠିନ ସ୍ୱତଃସ୍ଫୂର୍ତ୍ତିତା ହେଉଛି ଏକାନ୍ତ ଅପରିହାର୍ଯ୍ୟ ।

ଏବଂ ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ସେଥିଲାଗି ଆମ ଭିତରେ ଆଦୌ କୌଣସି ମହତ୍-ଆକାଙ୍କ୍ଷା ରହିବ ନାହିଁ, କୌଣସି ବାସନା ରହିବ ନାହିଁ, କୌଣସି ଅତିପ୍ରବଳ କଳ୍ପନା ଅଥବା ମୁଁ ଯାହାକୁ "ଆଧ୍ୟାତ୍ମିକ ସ୍ୱଚ୍ଛନ୍ଦତାବାଦ" ବୋଲି କହୁଛି, ସେକଥାଟି ମଧ୍ୟ ରହିବ ନାହିଁ, ଅଲୌକିକ କିଛି ଦେଖିବା ଲାଗି ଆଦୌ କୌଣସି ବିଶେଷ ଲାଳସା ରହିବ ନାହିଁ; ଅତ୍ୟନ୍ତ ସାବଧାନତା ସହିତ ଏଗୁଡ଼ିକୁ ବିଲୁପ୍ତ କରି ରଖିବାକୁ ହେବ, ଯେପରିକି ତୁମେ ଉପଯୁକ୍ତ ଭାବରେ ଅଗ୍ରସର ହୋଇ ଯିବାକୁ ନିଶ୍ଚିତ ହୋଇ ରହିପାରିବ ।

ବର୍ତ୍ତମାନ, ଏହି ପ୍ରାଥମିକ ବ୍ୟାଖ୍ୟାଟି ଦେଇସାରିବା ପରେ, ମୁଁ କେବେ ଯାହା ଲେଖିଥିଲି ଓ ଯାହାକୁ ପରିଷ୍କାର କରି ବୁଝାଇ ଦେବାକୁ ମୋତେ କୁହାଯାଇଛି, ମୁଁ ସେଇଟିକୁ ପଢ଼ିବାକୁ ଯାଉଛି । ଏହି ସୂତ୍ରବାକ୍ୟଗୁଡ଼ିକୁ ସମ୍ଭବତଃ ଟିକିଏ ବ୍ୟାଖ୍ୟା କରି କହି ଦିଆଯିବା ଉଚିତ । ବର୍ତ୍ତମାନ ଯେଉଁ ପାଠ୍ୟାଂଶଟି ବିଷୟରେ ମୁଁ ତୁମମାନଙ୍କୁ କହୁଥିଲି, ସମ୍ଭବତଃ ତାହାରି ପ୍ରେରଣାରେ ମୁଁ ଏହି କଥାଟିକୁ କହିଥିଲି, ମାତ୍ର ଏକଥା ତଥାପି ସ୍ୱୀକାର କରିବାକୁ ହେବ ଯେ ତାହା ଅଧିକତର ଭାବରେ ଏକ ବ୍ୟକ୍ତିଗତ ଅନୁଭବକୁହିଁ ବ୍ୟକ୍ତ କରୁଥିଲି ।

'oaob.nitrkl.ac.in' images reprocessed

"ଦିବ୍ୟ ହେବାକୁ ହେଲେ ସ୍ୱତଃସ୍ଫୂର୍ତ୍ତ ହେବାକୁ ପଡ଼ିବ ।"

ଏହି କଥାଟିକୁ ତ ମୁଁ ତୁମମାନଙ୍କୁ ବର୍ତ୍ତମାନ ବୁଝାଇଦେଲି । ତା'ପରେ ଆଉ ଗୋଟିଏ ପ୍ରଶ୍ନ ରହିଲା : ଆମେ ସ୍ୱତଃସ୍ଫୂର୍ତ୍ତ ହୋଇପାରିବା କିପରି ?

"ସ୍ୱତଃସ୍ଫୂର୍ତ୍ତ ହୋଇ ପାରିବାକୁ ହେଲେ ଆମକୁ ଅତ୍ୟନ୍ତ ସରଳ ହେବାକୁ ପଡ଼ିବ ।"

ଏବଂ କେଉଁ ଉପାୟରେ ସମ୍ପୂର୍ଣ୍ଣ ସରଳ ହେବା ସମ୍ଭବ ହେବ ?

"ସମ୍ପୂର୍ଣ୍ଣ ଭାବରେ ସରଳ ହେବାକୁ ହେଲେ ସମ୍ପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ହେବାକୁ ପଡ଼ିବ ।"

ଏବଂ ତା'ପରେ, ସମ୍ପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ହେବାର ଅର୍ଥ କ'ଣ ?

"ସମ୍ପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ହେବାର ଅର୍ଥ ହେଉଛି ଯେ ଆମର ସତ୍ତା ମଧ୍ୟରେ କୌଣସି ବିଭାଜନ ନଥିବ, କୌଣସି ପରସ୍ପରବିରୋଧ ବି ନଥିବ ।"

ଯଦି ତୁମେ ଏପରି ନାନା ଖଣ୍ଡରେ ବିଭକ୍ତ ହୋଇ ରହିଥିବ, ଯେଉଁଗୁଡ଼ିକ ପରସ୍ପରଠାରୁ କେବଳ ପୃଥକ୍ ନୁହନ୍ତି, ମାତ୍ର ପରସ୍ପରର ବିରୋଧୀ ହୋଇ ମଧ୍ୟ ରହିଥିବେ, ତେବେ ଏହି ଖଣ୍ଡଗୁଡ଼ିକ ଏକାନ୍ତ ସୁନିଶ୍ଚିତ ଭାବରେ ତୁମର ସତ୍ତା ଭିତରେ ଏକ ବିସ୍ଖଳନ ସୃଷ୍ଟି କରି ରଖିଥିବେ । ଉଦାହରଣସ୍ୱରୂପ, ତୁମ ଭିତରେ ଏପରି ଗୋଟିଏ ଅଂଶ ରହିଛି, ଯାହାକି ଦିବ୍ୟ ଜୀବନ ଲାଗି ଆକାଂକ୍ଷା ରଖିଛି, ଭଗବାନଙ୍କୁ ଜାଣିବାକୁ ଚାହୁଁଛି, ତାଙ୍କ ସହିତ ଯୁକ୍ତ ହେବାକୁ ଇଚ୍ଛା କରୁଛି, ତାଙ୍କୁ ଆପଣାର ଜୀବନରେ ସମ୍ପୂର୍ଣ୍ଣ ଭାବରେ ବଞ୍ଚିବାକୁ ଚାହୁଁଛି । ଏବଂ ତା'ପରେ, ତୁମ ଭିତରେ ଅନ୍ୟ ଏପରି ଗୋଟିଏ ଅଂଶ ବି ରହିଛି, ଯାହାର କି କେତେ କ'ଣ ଆସକ୍ତି ରହିଛି, କେତେ କ'ଣ ବାସନାକାମନା ରହିଛି,—ଯାହାକୁ କି ତାହା ଆପଣାର ନାନା "ଆବଶ୍ୟକତା" ବୋଲି କହୁଛି; ଯାହାକି ଏହି କଥାଗୁଡ଼ିକୁ କେବଳ ଯେ ଇଚ୍ଛା କରୁଛି ତା' ନୁହେଁ, ମାତ୍ର ସେଗୁଡ଼ିକ ନମିଳିଲେ ବେଶ୍ ମ୍ରିୟମାଣ ବି ହୋଇପଡ଼ୁଛି । ଏହା

ବ୍ୟତୀତ ଅନ୍ୟ ଅନେକ ବିରୋଧ ରହିଛି ସତ, ମାତ୍ର ଏଇଟି ହେଉଛି ସବୁଠାରୁ ଅଧିକ ଅନିଷ୍ଟକାରକ, ସବୁଠାରୁ ଅଧିକ ସ୍ପଷ୍ଟ । ଅନ୍ୟ ଅନେକ ବିରୋଧ ରହିଛି, ଉଦାହରଣ-ସ୍ୱରୂପ, ତୁମେ ଗୋଟିଏ ପାଖରେ ଭଗବାନଙ୍କ ପାଖରେ ପରିପୂର୍ଣ୍ଣ ଭାବରେ ସମର୍ପିତ ହୋଇ ରହିବାକୁ ଇଚ୍ଛା କରୁଛ, ତାଙ୍କର ଇଚ୍ଛା ଏବଂ ତାଙ୍କର ମାର୍ଗଚାଳନାର ହାତରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଦେଇଦେବାକୁ ଚାହୁଁଛ; ଏବଂ ତେଣେ ଆଉଗୋଟିଏ ପାଖରେ, ଯେତେବେଳେ ସେହି ଅନୁଭୂତିଟି ଆସି ପହଞ୍ଚୁଛି,—ନିଷ୍ଠାଯୁକ୍ତ ଭାବରେ ଆପଣାକୁ ଭଗବାନଙ୍କ ପାଖରେ ଦେଇଦେବାକୁ ଚେଷ୍ଟା କରୁଥିଲେ ଏହି ଅନୁଭୂତିଟି ସାଧାରଣତଃ ଆସିଥାଏ,—ତୁମେ ଯେ ଆଦୌ କିଛି ନୁହଁ, ସେହି ଅନୁଭୂତିଟି ଆସୁଛି, ତୁମେ ଯେ ଆଦୌ କିଛି କରି ପାରିବ ନାହିଁ, ଭଗବାନଙ୍କ ବାହାରେ ଯେ ତୁମର ଆଦୌ କୌଣସି ଅସ୍ତିତ୍ୱ ନାହିଁ, ଅର୍ଥାତ୍ ସେ ଯଦି ସେ ନଥାନ୍ତେ, ତେବେ ତୁମର ମଧ୍ୟ ଆଦୌ କୌଣସି ଅସ୍ତିତ୍ୱ ନଥାନ୍ତା, ତୁମେ କିଛିହେଲେ କରି ପାରନ୍ତ ନାହିଁ, ସେତେବେଳେ ତୁମେ କିଛି ବି ହୋଇ ପାରନ୍ତ ନାହିଁ, ସେହିପରି ଏକ ଅନୁଭୂତି ତୁମ ଭିତରକୁ ଆସୁଛି ।...ସମଗ୍ର ଆତ୍ମୋତ୍ସର୍ଗର ପଥରେ · ଏକ ସହାୟକରୂପେହିଁ ଏହି ଅନୁଭୂତିଟି ସାଧାରଣତଃ ଆସିଥାଏ, ମାତ୍ର ସତ୍ତାର ଆଉଗୋଟିଏ ଅଂଶ ଏପରି ରହିଥାଏ, ଯିଏକି ସେହି ଅନୁଭୂତିଟି ଆସି ପହଞ୍ଚିଲା ବେଳେ ଭୟଙ୍କର ଭାବରେ ବିଦ୍ରୋହ କରିଉଠେ ଏବଂ କହେ, "ନାଇଁ, ନାଇଁ,—ସେକଥା ହୋଇ ପାରିବ ନାହିଁ, ମୋର ନିଶ୍ଚୟ ଏକ ଅସ୍ତିତ୍ୱ ରହିବ, ମୁଁ ନିଶ୍ଚୟ କିଛି ହୋଇ ରହିବି, ମୁଁ ନିଶ୍ଚୟ ନିଜେ ସବୁକିଛି କରିବି, ମୋର ଗୋଟାଏ ବ୍ୟକ୍ତିତ୍ୱ ଅବଶ୍ୟ ରହିବ ।" ଏବଂ ତା'ପରେ, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ପ୍ରଥମ ଅନୁଭୂତିଟି ତୁମ ଭିତରେ ଯାହାକିଛି ପ୍ରସ୍ତୁତ କରି ଯାଇଥିଲା, ଦ୍ୱିତୀୟ ଅନୁଭୂତିଟି ଆସି ତାହାକୁ ଏକାବେଳକେ ବିଗାଡ଼ି ଦେଇଯାଏ ।

ଏଗୁଡ଼ିକ ଯେ ଗୋଟିଏ ଗୋଟିଏ ବ୍ୟତିକ୍ରମ, ସେକଥା ଆଦୌ ନୁହେଁ, ଏପରି ଘଟଣା ପ୍ରକୃତରେ ଅଧିକାଂଶ ସମୟରେ ଘଟିଥାଏ । ସତ୍ତା ଭିତରେ ଅସ୍ୱଥବା ଏହିସବୁ ·ପରସ୍ପରବିରୋଧ ବିଷୟରେ ମୁଁ ତୁମମାନଙ୍କୁ ଅଗଣନ କେତେ ନା କେତେ ଉଦାହରଣ ଦେଇ ପାରିବି : ଯେତେବେଳେ ଗୋଟିଏ ଅଂଶ ଆଗକୁ ଗୋଟିଏ ପାଦ ପକାଇବାକୁ ଚାହୁଁଥାଏ ଏବଂ ସେତିକିବେଳେ ଆଉଗୋଟିଏ ଅଂଶ ଆସି ସବୁ ଭାଙ୍ଗିରୁଜି ଦିଏ । ତେଣୁ ତୁମକୁ ପୁଣି ସବୁକିଛି ମୂଳରୁ ଆରମ୍ଭ କରିବାକୁ ପଡ଼େ ଏବଂ ପ୍ରତ୍ୟେକଥରହିଁ ତାହା ଭାଙ୍ଗି ପଡ଼ୁଥାଏ । ତେଣୁ ତୁମକୁ ନିଷ୍ଠାଯୁକ୍ତ ହୋଇ ରହିବାର ଏହି କାର୍ଯ୍ୟଟିକୁ ଅବଶ୍ୟ କରିବାକୁ ହେବ, ଯେପରିକି, ଯେତେବେଳେ ତୁମ ସତ୍ତାର ଗୋଟିଏ ଅଂଶ ତୁମକୁ ଅନ୍ୟ ଆଡ଼କୁ ଟାଣୁଛି ବୋଲି ତୁମେ ପ୍ରତ୍ୟକ୍ଷ କରିପାରିବ, ସେତେବେଳେ ତୁମେ ସାବଧାନତା ସହକାରେ ସେଇଟିକୁ ହାତକୁ ନେଇପାରିବ,

'oaob.nitrkl.ac.in' images reprocessed

ଗୋଟିଏ ସାନ ପିଲାକୁ ଶିକ୍ଷା ଦେବା ପରି ସେଇଟିକୁ ଶିକ୍ଷା ଦେଇପାରିବ ଏବଂ ସେହି ଅଂଶଟିକୁ କେନ୍ଦ୍ରୀୟ ପ୍ରକୃତି ସହିତ ସୌଷମ୍ୟଯୁକ୍ତ କରି ରଖିପାରିବ । ତାହାହିଁ ହେଉଛି ନିଷ୍ଠାଯୁକ୍ତ ହୋଇ ରହିବାର କାର୍ଯ୍ୟ ଓ ତାହା ଏକାନ୍ତ ଅପରିହାର୍ଯ୍ୟ ।

ଏବଂ ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଯେତେବେଳେ ତୁମ ସତ୍ତାର ବିଭିନ୍ନ ଇଚ୍ଛାଗୁଡ଼ିକ ମଧ୍ୟରେ ଏକ ଏକତ୍ୱ ରହିଥିବ, ଏକ ପରସ୍ପରସହମତି ଓ ସୌଷମ୍ୟ ରହିଥିବ, ତେବେ ତୁମର ସତ୍ତା ଅତ୍ୟନ୍ତ ସରଳ ହୋଇଯାଇ ପାରିବ, ଆପଣାର ସ୍ୱାବଲମ୍ବୀ କାର୍ଯ୍ୟ ଏବଂ ପ୍ରବୃତ୍ତିର କ୍ଷେତ୍ରରେ ତୁମେ ଅତ୍ୟନ୍ତ ନିଷ୍କପଟ ହୋଇପାରିବ, ବିରୋଧବର୍ଜିତ ବି ହୋଇପାରିବ । ସମସ୍ତ ସତ୍ତା ଯେତେବେଳେ କେବଳ ଗୋଟିଏ ମାତ୍ର କେନ୍ଦ୍ରସ୍ଥ ଗତିବିସ୍ତାର ଚାରିପାଖରେ ପ୍ରତିଷ୍ଠିତ ହୋଇ ରହିଥିବ, ସେତିକବେଳେ ଯାଇ ତୁମେ ସ୍ୱତଃସ୍ଫୂର୍ତ୍ତି ହୋଇ ପାରିବ । ମାତ୍ର ଯଦି ତୁମ ଭିତରେ ଗୋଟିଏ ଅଂଶ ଭଗବାନଙ୍କ ଆଡ଼କୁ ମୁହିଁ କରି ରହିଥିବ ଏବଂ ତାଙ୍କର ପ୍ରେରଣା ଓ ଆବେଗ ଲାଗି ଅପେକ୍ଷା କରି ରହିଥିବ, ଏବଂ ତେଣେ ଯୁଗପତ୍ ଭାବରେ ସତ୍ତାର ଆଉଗୋଟିଏ ଅଂଶ ଆପଣାର ସ୍ୱତନ୍ତ୍ର ଲକ୍ଷ୍ୟଗୁଡ଼ିକର ପୂର୍ତ୍ତି ଲାଗି ବାଟ ଖୋଜି ବୁଲୁଥିବ ଓ ଆପଣାର ବାସନାଗୁଡ଼ିକୁ ଚରିତାର୍ଥ କରିବା ଲାଗି କାର୍ଯ୍ୟ କରୁଥିବ, ତେବେ ତୁମର ସ୍ଥିତି ଯେ ପ୍ରକୃତରେ କେଉଁଠି, ସେକଥା ତୁମେ ମୋଟେ ଠିକ୍ କରି ପାରିବ ନାହିଁ ଏବଂ କ'ଣ ସବୁ ହୁଏତ ଘଟିବ, ସେବିଷୟରେ ବି ତୁମେ ଆଦୌ ନିଶ୍ଚିତ ହୋଇ ପାରିବ ନାହିଁ । କାରଣ, ଗୋଟିଏ ଅଂଶ ଯାହାକିଛି କରିବା ଲାଗି ଇଚ୍ଛା କରୁଥିବ, ଆଉଗୋଟିଏ ଅଂଶ ସେଇଟିକୁ ଯେ କେବଳ ବିଗାଡ଼ି ଦେଇ ପାରୁଥିବ ତାହା ନୁହେଁ, ସେଇଟିର ସମ୍ପୂର୍ଣ୍ଣ ଭାବରେ ବିରୋଧ କରିବାରେ ବି ଲାଗିଥିବ ।

ଏବଂ, ଏକଥା ନିଶ୍ଚିତ ଯେ, କ'ଣ ଆବଶ୍ୟକ ଓ କ'ଣ କରାଯିବା ଉଚିତ, ସେହି କଥାଟିକୁ ଅତ୍ୟନ୍ତ ପରିଷ୍କାର ଭାବରେ ବୁଝିପାରିବା ପରେ, **Wu Wei** ପୁସ୍ତକରେ ଯାହାସବୁ ଲେଖା ହୋଇଛି, ତାହାର ସହିତ ସମତାଳ ହୋଇ ରହିବାକୁ ହେଲେ ଆମେ ପ୍ରକୃତରେ ଏହି ପରାମର୍ଶଟିକୁ ମନେରଖିବା ଯେ ଏହି କାର୍ଯ୍ୟକ୍ରମଟିକୁ ଉପଲବ୍ଧି କରିବା ଲାଗି ଆମେ ଏଥିରେ କଦାପି କୌଣସି ପ୍ରକାର ଅତିରିକ୍ତ ଉତ୍ତେଜନା ଅଥବା ଅସ୍ୱାଚ୍ଛନ୍ଦ୍ୟ ଆଣି ଭର୍ତ୍ତି କରି ଦେବା ନାହିଁ, କାରଣ ଉତ୍ସାହର ଯେକୌଣସି ଆତିଶଯ୍ୟ ବ୍ୟକ୍ତିର ମଧ୍ୟଦେଇ ଦିବ୍ୟ ପରମଚେତନା ଆପଣାକୁ ଅଭିବ୍ୟକ୍ତ କରି ପାରିବା ଲାଗି ଯେଉଁ ଶାନ୍ତି, ସ୍ଥିରତା ଏବଂ ନୀରବତା ଏକାନ୍ତ ଆବଶ୍ୟକ, ସେଇଟି ଲାଗି କେବଳ ବାଧକରୂପେହିଁ କାର୍ଯ୍ୟ କରିବ । ତେଣୁ ତାତ୍ପର୍ଯ୍ୟ ହେଉଛି :

ଏକ ଭାରସାମ୍ୟ ରହିବା ଅପରିହାର୍ଯ୍ୟ; ଯେଉଁ ପଥ ନିଶ୍ଚିତ ଭାବରେ ସବୁପ୍ରକାରର ପରସ୍ପର-ବିପରୀତ ଅତିଶଯ୍ୟତାକୁ ଏଡ଼ା ଯାଇ ପାରୁଥିବ, ସେହି ପଥ ଅପରିହାର୍ଯ୍ୟ । ଏହି କ୍ଷେତ୍ରରେ ଅତିଶୟ ତରବର ହେବା ଭାରି ବିପଜ୍ଜନକ । ଅଧୈର୍ଯ୍ୟ

'oaob.nitrkl.ac.in' images reprocessed

ହେଲେ ତୁମେ ହୁଏତ ମୋଟେ ଆଗକୁ ଯାଇ ପାରିବ ନାହିଁ, ଏବଂ ତେଣେ, ଯାବତୀୟ ପ୍ରକାରର ଜଡ଼ତା ତୁମ ଗୋଡ଼ରେ ପଥର ବାନ୍ଧିହି ରଖିଥିବ ।

ତେଣୁ, ବୁଦ୍ଧଦେବ ଯାହାକୁ ମଧ୍ୟପନ୍ଥା ବୋଲି କହିଥିଲେ, ଏହି କ୍ଷେତ୍ରରେ ସର୍ବଦା ତାହାହିଁ ସର୍ବୋତ୍ତମ ।

(ମାଆ ନୀରବ ରହିଲେ)

ଆଉ ଦୁଇଟି ପ୍ରଶ୍ନ ରହିଛି, ସେଗୁଡ଼ିକ ଏହି ପ୍ରଥମ ପ୍ରଶ୍ନଟିରୁ ନିଷ୍ପନ୍ନ ହୋଇଛନ୍ତି । ପ୍ରଥମଟି ହେଉଛି :

> "ଯେତେବେଳେ ତୁମେ କୌଣସି ଅସୁବିଧାରେ ପଡ଼ିବ, ସେତେବେଳେ ନିଜକୁ ଆହୁରି ପ୍ରସାରିତ କରିଦେବ,"—ଏହି କଥାଗୁଡ଼ିକ ଦ୍ୱାରା ଆପଣ ପ୍ରକୃତରେ କ'ଣ ବୁଝୁଛନ୍ତି ?

ଏଠାରେ ମୁଁ ନିଃସନ୍ଦେହ ଭାବରେ ଯୋଗମାର୍ଗରେ ଆସି ପହଞ୍ଚୁଥିବା ଅସୁବିଧାଗୁଡ଼ିକ ବିଷୟରେହିଁ କହୁଛି । ଏଗୁଡ଼ିକ ହେଉଛି, ବୋଧର ଅଭାବ, ସୀମାବଦ୍ଧତା, ଏବଂ ଆହୁରି ଅନେକ ବାଧା, ଯେଉଁଗୁଡ଼ିକ କି ତୁମକୁ ଆଗକୁ ଯିବାକୁ ଦିଅନ୍ତି ନାହିଁ । ଏବଂ ଯେତେବେଳେ ମୁଁ "ଅପଣାକୁ ପ୍ରସାରିତ କରିଦେବ" ବୋଲି କହୁଛି, ସେତେବେଳେ ତୁମର ଚେତନାକୁହିଁ ପ୍ରସାରିତ କରିଦେବା ଲାଗି ତୁମକୁ କହୁଛି ।

ଅସୁବିଧାମାନ ସର୍ବଦା ଅହଂରୁହିଁ ଜନ୍ମଲାଭ କରିଥାନ୍ତି, ଅର୍ଥାତ୍, ଆପଣାର ଚତୁର୍ଦ୍ଦିଗସ୍ଥ ପରିସ୍ଥିତି, ଘଟଣା ଓ ବ୍ୟକ୍ତିମାନଙ୍କ ପ୍ରତି ଅଳ୍ପବହୁତ ଅହଂ ଦ୍ୱାରା ପ୍ରେରିତ ହୋଇ ତୁମେ ଯେଉଁସବୁ ବ୍ୟକ୍ତିଗତ ପ୍ରତିକ୍ରିୟା ଦେଖାଇଥାଅ, ସେଇଥିରୁହିଁ ଜନ୍ମଲାଭ କରନ୍ତି । ତୁମ ଜୀବନର ନାନା ସ୍ଥିତି ପ୍ରତି ତୁମର ବ୍ୟକ୍ତିଗତ ଅହଂପ୍ରେରିତ ପ୍ରତିକ୍ରିୟାରୁ ସେଗୁଡ଼ିକ ଜନ୍ମ ହୁଅନ୍ତି । ସତେଯେପରି ଗୋଟାଏ ଖୋଳ ଭିତରେ ବନ୍ଦ ହୋଇ ରହିଥିବାର ଅନୁଭୂତିରୁ ମଧ୍ୟ ସେମାନେ ଜନ୍ମଗ୍ରହଣ କରନ୍ତି, ତାହା ଫଳରେ ତୁମର ଚେତନା ଆଉ ଉଚ୍ଚତର ଏବଂ ବ୍ୟାପକତର ସତ୍ୟଗୁଡ଼ିକ ସହିତ ସଂଯୁକ୍ତ ହୋଇ ରହି ପାରନ୍ତି ନାହିଁ ।

ଆମେ ବ୍ୟାପକ, ବିଶ୍ୱମୟ ହୋଇ ରହିବାକୁ ଇଚ୍ଛା କରୁଛୁ, ସବୁକିଛି କେବଳ ସେହି ଦିବ୍ୟ ପରମସତ୍ତାଙ୍କରହିଁ ଅଭିବ୍ୟକ୍ତି ଏବଂ ଆମ ନିଜ ଭିତରେ ଅନ୍ୟ କୌଣସି ଅହଂପ୍ରେରଣା ରହିବା ଉଚିତ ନୁହେଁ,—ଆମେ ଏଗୁଡ଼ିକ ବିଷୟରେ ବେଶ୍ ଚିନ୍ତା କରିପାରୁ,—ଆମେ ଇଚ୍ଛା କଲେ ପୃଥିବୀଯାକ ସବୁକିଛି ଚିନ୍ତା

'oaob.nitrkl.ac.in' images reprocessed

କରିପାରୁ, ମାତ୍ର ତଦ୍ଦ୍ୱାରା ଯେ ତୁମକୁ ଆରୋଗ୍ୟ ମିଳିଯିବ, ସେକଥା ଆଦୌ ସମ୍ଭବ ନୁହେଁ, କାରଣ, ଆମର ଯେ କ'ଣସବୁ କରିବା ଉଚିତ, ଆମକୁ ଅନେକ ସମୟରେ ତାହା ଜଣାଥାଏ ସତ, ମାତ୍ର ଆମେ ତଥାପି ତାହାକୁ କରୁ ନାହିଁ, କୌଣସି ନା କୌଣସି କାରଣ ଦେଖାଇ ତାହା କରୁ ନାହିଁ ।

ମାତ୍ର ଯଦି, ଯେତେବେଳେ ତୁମକୁ ଦୁଃଖ, କଷ୍ଟ, ବିଦ୍ରୋହ, ଯନ୍ତ୍ରଣା ଅଥବା ଅସହାୟ ହୋଇ ପଡ଼ିବାର କୌଣସି ଅନୁଭୂତିର ସମ୍ମୁଖୀନ ହେବାକୁ ପଡ଼ୁଛି, -ସିଏସବୁ ଯାହା ହେଉ ପଛକେ, ତୁମର ପଥରେ ତୁମକୁ ଯାବତୀୟ ଯାହାକିଛିର ସମ୍ମୁଖୀନ ହେବାକୁ ପଡ଼ୁଛି, ଏବଂ ଯେଉଁଗୁଡ଼ିକୁ କି ପ୍ରକୃତ ବାଧା ଓ ଅସୁବିଧାରୂପେ ତୁମକୁ ସାମନା କରିବାକୁ ପଡ଼ୁଛି, ଯଦି ସେତିକବେଳେ ଭୌତିକ ଭୂମିରେ, ଅର୍ଥାତ୍ ତୁମର ଶରୀର-ଚେତନା ମଧ୍ୟରେ ଯଦି ତୁମେ ନିଜକୁ ସଂପ୍ରସାରିତ କରି ଦେଉଥିବାର ଅନୁଭବ କରିପାର,—ତୁମେ ଯଦି ପରସ୍ତ ପରସ୍ତ କରି ଆପଣାକୁ ଖୋଲି ଦେଇ ପାର,—ତୁମେ ଅନୁଭବ କରୁଥିବ ଯେପରି ତୁମ ଭିତରେ ସବୁକିଛି ପରସ୍ତକୁ ପରସ୍ତ ବନ୍ଧାହୋଇ ରହିଛି, ବନ୍ଧା ହୋଇଥିବା, ପୁନର୍ବାର ବନ୍ଧା ହୋଇଥିବା ଓ ତା' ଉପରକୁ ଆହୁରିଥରେ ବନ୍ଧା ହୋଇଥିବା କୌଣସି ଲୁଗାଖଣ୍ଡେ ପରି ତାହା ପରସ୍ତକୁ ପରସ୍ତ ବାନ୍ଧି ହୋଇ ରହିଥିବ,—ତେଣୁ, ଯଦି ତୁମେ ଏହିପରି ଅନୁଭବ କରିବ ଯେ, ଯାହା ତୁମକୁ ବାନ୍ଧି ଧରି ପ୍ରାୟ ଅଣନିଃଶ୍ୱାସୀ କରି ରଖିଛି, ତୁମକୁ ଯନ୍ତ୍ରଣା ଦେବାରେ ଲାଗିଛି ଓ ଗତିପଙ୍ଗୁ କରି ପକାଇଛି, ତାହା ସତେଅବା ଲୁଗାଖଣ୍ଡେ ପରି ତୁମକୁ ଖୁବ୍ କଷିକରି ବାନ୍ଧି ରଖିଛି ଅଥବା ଖୁବ୍ ଜୋର୍‌ରେ ବାନ୍ଧିହୋଇ ରହିଥିବା ଗୋଟିଏ ପାର୍ଶେଲ୍ ପରି ବାନ୍ଧିହୋଇ ରହିଛି, ଖିବ ଜୋର୍‌ରେ ଗଣ୍ଠି ପଡ଼ି ରହିଛି; ତେବେ ତୁମେ ଅତ୍ୟନ୍ତ ଧୀର ଭାବରେ ଆସ୍ତେ ଆସ୍ତେ ସବୁଯାକ ଭାଙ୍ଗ ଫିଟାଇ ଦେବାକୁ ଚେଷ୍ଟା କରିବ ଏବଂ ଆପଣାକୁ ହାଲୁକା କରି ପ୍ରସାରିତ କରିଦେବ; ସତେଅବା ଖଣ୍ଡିଏ ଲୁଗାକୁ ଭାଙ୍ଗ ଫିଟାଇ ଖୋଲି ଦେଲାପରି ଅଥବା ଫର୍ଦ୍ଦେ କାଗଜକୁ ଖୋଲି ମେଲି କରି ଦେଲାପରି ନିଜକୁ ମେଲିଦେବ, ଆପଣାକୁ ଚିତ୍ କରି ଶୁଆଇ ରଖିବ ଏବଂ ପ୍ରସାରିତ କରିଦେବାକୁ ଲାଗିବ, ଯଥାସମ୍ଭବ ଅଧିକରୁ ଅଧିକ ପ୍ରସାରିତ କରିବାରେ ଲାଗିଥିବ, ଆପଣାକୁ ଖୋଲି ଖୋଲି ଦେଉଥିବ, ଏକ ସମ୍ପୂର୍ଣ୍ଣ ନିଷ୍କ୍ରିୟତା ଏବଂ ମୁଁ ଯାହାକୁ "ଅଲୋକମୁହାଁ" ବୋଲି କହିବି, ସେହିପରି ଏକ ଦୃଷ୍ଟିରେ ଆପଣାକୁ ପ୍ରଲମ୍ବିତ କରିଦେଉ ଥିବ : ଆପଣାର ଅସୁବିଧାଗୁଡ଼ିକ ପାଖକୁ କଦାପି ଲେଉଟି ଆସୁ ନଥିବ, ସେହିଗୁଡ଼ିକ ଉପରେ ଗୁଡ଼ାଇ ହୋଇ ଯାଉ ନଥିବ, ଆପଣା ଭିତରେ ସେଗୁଡ଼ିକୁ ମୋଟେ ଜାକି ରଖିବାକୁ ଚେଷ୍ଟା କରୁ ନଥିବ, ମାତ୍ର, ଓଲଟି ଆପଣାକୁ ଯଥାସମ୍ଭବ ଖୋଲି ଦେଉଥିବ, ଯଥାଶକ୍ତି ଅଧିକ ସମ୍ପୂର୍ଣ୍ଣ ଭାବରେ ଖୋଲି ଦେଉଥିବ, ଏବଂ ଊର୍ଦ୍ଧ୍ୱକୁ

'oaob.nitrkl.ac.in' images reprocessed

ଆଗତ ଆଲୋକଟିର ସମ୍ମୁଖରେ ଆପଣାର ଅସୁବିଧାଟିକୁ ଉତ୍ତୋଳିତ କରି ଧରିବ । ଜୀବନର ଯାବତୀୟ କ୍ଷେତ୍ରରେ ଯଦି ତୁମେ ସେହିପରି କରିପାରିବ, ଏବଂ ମାନସିକ କ୍ଷେତ୍ରରେ ସେପରି କରିବାକୁ ସମର୍ଥ ନହେଲେ ମଧ୍ୟ,—କାରଣ ଏପରି କରିବା ଅନେକ ସମୟରେ କଷ୍ଟସାଧ୍ୟ ବି ହୋଇଥାଏ, ଯଦି ତୁମେ **ଭୌତିକ କ୍ଷେତ୍ରରେ** ମଧ୍ୟ ତାହାହିଁ କରୁଛ ବୋଲି କଳ୍ପନା କରିପାରିବ, ପ୍ରାୟ ଜଡ଼ସ୍ତରରେ ବି ତାହା କରୁଛ ବୋଲି କଳ୍ପନା କରିପାରିବ, ତେବେ ଯେତେବେଳେ ଆପଣାକୁ ଉନ୍ମୋଚିତ କରିଦେବାର ଏହି ପ୍ରକ୍ରିୟାଟି ସରିଯିବ, ଆପଣାକୁ ହାଲୁକା କରି ଲମ୍ବାଇ ଦେବାର ପ୍ରକ୍ରିୟାଟି ଯେତେବେଳେ ଶେଷ ହେବ ସେତେବେଳେ ତୁମେ ଦେଖିବାକୁ ପାଇବ ଯେ ତୁମ ଅସୁବିଧାର ତିନିଚତୁର୍ଥ ଅଂଶ କୁଆଡ଼େ ଅନ୍ତର୍ହିତ ହୋଇଗଲାଣି । ଏବଂ ତାପରେ ସେହି ଆଲୋକକୁ ନିଜ ଭିତରେ ଗ୍ରହଣ କରି ନେବା ଲାଗି ଆଉ କିଛି ପ୍ରୟାସ କରିବାକୁ ପଡ଼ିବ, ଏବଂ ଅବଶିଷ୍ଟ ଚତୁର୍ଥଟି ତାହାରି ଦ୍ୱାରାହିଁ ଅନ୍ତର୍ହିତ ହୋଇଯିବ ।

ଆପଣାର ଭାବନା ଦେଇ କୌଣସି ଅସୁବିଧା ବିରୁଦ୍ଧରେ ସଂଗ୍ରାମ କରିବା ଅପେକ୍ଷା ଏଇଟି ଅନେକ ସହଜ; କାରଣ, ଯଦି ତୁମେ ନିଜ ସହିତ ଆଲୋଚନା କରିବାକୁ ଆରମ୍ଭ କରିଦେବ, ତେବେ ଖୁବ ସହଜରେ ଦେଖିବାକୁ ପାଇବ ଯେ, ବିଷୟଟିର ପକ୍ଷରେ ଓ ବିପକ୍ଷରେ ସମାନ ବଳିଷ୍ଠ ଯୁକ୍ତିମାନ ରହିଛି ଏବଂ ତେଣୁ ଏକ ଉଚ୍ଚତର ଆଲୋକର ସହାୟତା ବ୍ୟତୀତ ତାହା ଭିତରୁ ବାହାରିବା ମୋଟେ ସମ୍ଭବ ହେବ ନାହିଁ । ମାତ୍ର, ଏହି ଅନ୍ୟ କ୍ଷେତ୍ରଟିରେ ତୁମକୁ ନିଜର ଅସୁବିଧାଟି ବିରୁଦ୍ଧରେ ଆଦୌ କୌଣସି ସଂଗ୍ରାମ କରିବାକୁ ପଡ଼େ ନାହିଁ ବା ଆପଣାକୁ କୌଣସି ପ୍ରକାରେ ଯୁକ୍ତି ଦେଇ ବୁଝାଇବାକୁ ବି ପଡ଼େ ନାହିଁ; ହଁ, କେବଳ ସେହି ବୃହତ୍ତର ଆଲୋକଟି ମଧ୍ୟରେ ନିଜକୁ ପ୍ରସାରିତହିଁ କରିଦେବାକୁ ପଡ଼େ; ବାଲି ଉପରେ ସୂର୍ଯ୍ୟାଲୋକରେ ଆପଣାର ଦେହଟିକୁ ଯେମିତି ଲମ୍ବାଇଦେଇ ହୁଏ, ଠିକ୍ ସେମିତି । ଏବଂ ସେହି ବୃହତ୍ତର ଆଲୋକଟିକୁହିଁ ତା'ର କାର୍ଯ୍ୟ କରିବା ଲାଗି ଛାଡ଼ିଦେବାକୁ ପଡ଼େ । ବାସ୍, ସେତିକି ।

(ମାଆ ନୀରବ ରହିଲେ)

ଏବଂ ଅନ୍ୟ ପ୍ରଶ୍ନଟି ହେଉଛି :

"ଆପଣାକୁ ଭୁଲିଯିବା ପାଇଁ ସବୁଠାରୁ ସହଜ ଉପାୟ କ'ଣ ?"

ସ୍ପଷ୍ଟତଃ ତାହା ପ୍ରତ୍ୟେକ ବ୍ୟକ୍ତି ଉପରେହିଁ ନିର୍ଭର କରିବ; ଆପଣାକୁ ଭୁଲିଯିବା ସକାଶେ ପ୍ରତ୍ୟେକ ବ୍ୟକ୍ତିର ଏକ ସ୍ୱତନ୍ତ୍ର ବାଟ ରହିଛି, ଏବଂ ସେହି ବାଟଟି

'oaob.nitrkl.ac.in' images reprocessed

ହେଉଛି ତା' ଲାଗି ସର୍ବୋତ୍ତମ । ମାତ୍ର, ନିଃସନ୍ଦେହ ଭାବରେ ଏହି କ୍ଷେତ୍ରରେ ଏକ ସାଧାରଣ ଉପାୟ ମଧ୍ୟ ରହିଛି, ଯାହାକୁ କି ବିଭିନ୍ନ ରୂପରେ ପ୍ରୟୋଗ କରାଯାଇ ପାରିବ । ସେହି ଉପାୟଟି ହେଉଛି ଆପଣାକୁ ଆଉ କୌଣସି ଏକ କାର୍ଯ୍ୟରେ ବ୍ୟାପୃତ କରି ରଖିବା । ଆପଣାକୁ ନେଇ ବ୍ୟାପୃତ ହୋଇ ରହିବା ପରିବର୍ତ୍ତେ ଆମେ ଦୃଢ଼ତ ଆଉ କାହାକୁ ନେଇ ବ୍ୟସ୍ତ ରହିପାରିବା, ଅନ୍ୟମାନଙ୍କ ବିଷୟରେ, କୌଣସି କାର୍ଯ୍ୟ ବିଷୟରେ ଅଥବା କୌଣସି କୌତୂହଳଦାୟକ ପରିସ୍ଥିତିରେ ମନୋନିବେଶ କରିବା, ଯାହାକ କେତେକ ପରିମାଣରେ ଏକ ସକେନ୍ଦ୍ରଣ ଆବଶ୍ୟକ କରୁଥିବ ।

ଏବଂ ଏହା ତଥାପି ହେଉଛି ସେହି ଗୋଟିଏ କଥା : ଆପଣା ଉପରେ ଗୁରୁଇହୋଇ ନରହି, ଆପଣା ଚତୁର୍ପାଖରେହିଁ ବାନ୍ଧି ହୋଇ ନରହି ବା ଆପଣାକୁହିଁ ସବୁଠାରୁ ବଳବତ୍ତର କରି ନରଖି, ସତେ ଯେପରି ମୁଁ ହିଁ ହେଉଛି ଏହି ସଂସାରର ସର୍ବମୂଲ୍ୟବାନ୍ ବସ୍ତୁ, ଆପଣାକୁ ଆଦୌ ସେପରି ଭାବରେ ନଦେଖି ଯଦି ଆମେ ନିଜକୁ ଖୋଲିଦେଇ ପାରିବା ଏବଂ ଆଉକୌଣସି ବସ୍ତୁକୁ ନେଇ ବ୍ୟସ୍ତ ରହି ପାରିବା, ଏପରି କୌଣସି ବସ୍ତୁ, ଯାହାକୁ କି ନିଜ ସହିତ ଅଭିନ୍ନ ହୋଇ ରହିଛି ବୋଲି କୁହାଯାଇ ପାରିବ, ଯଦି ତାହାକୁ ନେଇ ବ୍ୟସ୍ତ ରହି ପାରିବା, ତେବେ, ତାହାର ଦ୍ୱାରାହିଁ ସବୁଠାରୁ ଅଧିକ ସହଜରେ ଏବଂ ଅଧିକ ଶୀଘ୍ର ଆମେ ଆପଣାକୁ ଭୁଲିଯାଇ ପାରିବା ।

ଆହୁରି ଅନେକ ଅନ୍ୟ ଉପାୟ ଅବଶ୍ୟ ରହିଛି, ମାତ୍ର ଏହି ଉପାୟଟିକୁ ସମସ୍ତେ ଗ୍ରହଣ କରିପାରିବେ ବୋଲି କୁହାଯିବ । ତେଣୁ ଏଇଟି ହେଉଛି ଉପାୟ ।

ଏବଂ, ଯଦି ଏହି ବିଷୟରେ ଅଥବା ଅନ୍ୟ କୌଣସି ବିଷୟରେ ତୁମର ଆଉକିଛି କହିବାକୁ ନଥାଏ, ତେବେ ଅମେ ବର୍ତ୍ତମାନ ନୀରବ ରହିବା ।

## ୫ ସେପ୍ଟେମ୍ବର ୧୯୫୭

"ଅନ୍ଧକାରମୟ ମଳିନ ଜଡ଼ତାର ଏକ ତଳୁଆଁ ତାହାର ମୂଳରେ ଅବସ୍ଥିତ ହୋଇ ରହିଥାଏ; ଶରୀର, ଶରୀରର ନାନା ଆବଶ୍ୟକତା ଓ କାମନା ଦ୍ୱାରାହିଁ ସମସ୍ତେ ଏକ କ୍ଷୁଦ୍ର ମନ, ତୁଚ୍ଛ କେତେକେତେ ବାସନା ତଥା ସଂବେଗ ତଥା କ୍ଷୁଦ୍ର ମୂଲ୍ୟହୀନ

କେତେକେତେ ହିସ୍ବାର କୌଣସି ତାତ୍ପର୍ଯ୍ୟ ନଥିବା ଏକ ପୁନରାବୃତ୍ତି ମଧ୍ୟରେହିଁ ବାନ୍ଧହୋଇ ରହିଥାନ୍ତି; ଏପରି ସବୁ ନାନା ଆବଶ୍ୟକତା, ବ୍ୟଗ୍ରତା, ତତ୍ପରତା, ବେଦନାବୋଧ ଏବଂ ସୁଖାନୁଭବ ମଧ୍ୟରେ ବାନ୍ଧି ହୋଇ ରହିଥାନ୍ତି, ଯାହାକି ଆପଣାର ସେହି ନିର୍ଦ୍ଦିଷ୍ଟ ସୀମା ଓ ବାଡ଼ଗୁଡ଼ିକୁ ଡେଇଁ ଆଦୌ ଆଗକୁ ଯାଇ ପାରନ୍ତି ନାହିଁ ଏବଂ ଆପଣାର ଉଗ୍ର ତଥା ନିଯୁକ୍ତ ବିଷୟରେ କଣ୍ଟହେଲେ ଜାଣି ନଥିବା ଏକ ଅଜ୍ଞାନର ମୋହରକୁ ମସ୍ତକରେ ବହନ କରି ରହିଥାନ୍ତି । ଜଡ଼ତାଗ୍ରସ୍ତ ଏହି ଭୌତିକ ମନଟି କେବଳ ଆପଣାର କ୍ଷୁଦ୍ରାକୃତି ପାର୍ଥିବ ଦେବତାଗୁଡ଼ିକୁ ଛାଡ଼ିଦେଲେ ଅନ୍ୟ କୌଣସି ଦେବତା ବା ଦେବତ୍ୱକୁ ଜାଣି ନଥାଏ, ଏକ ବୃହତ୍ତର ଆରାମ, ବ୍ୟବସ୍ଥିତତା ବା ସୁଖଭୋଗ ଲାଗି ତାହା ତୀବ୍ର ଆକାଙ୍କ୍ଷା ରଖିଥାଏ, ମାତ୍ର କେବେହେଲେ କୌଣସି ପ୍ରକାର ଉତ୍ତେଜନ ଲାଗି ମନ କରୁ ନଥାଏ ଓ କୌଣସି ଆଧ୍ୟାତ୍ମିକ ବିମୋଚନ ଇଚ୍ଛା ନଥାଏ । ସତ୍ତାର କେନ୍ଦ୍ରସ୍ଥଳରେ ଆମେ ଏକ ଅଧିକ ଶକ୍ତିମନ୍ତ ପ୍ରାଣଗତ ଇଚ୍ଛାଶକ୍ତିର ସାକ୍ଷାତ ଲାଭ କରିଥାଉ, ଯାହା ମଧ୍ୟରେ କି ଅପେକ୍ଷାକୃତ ଅଧିକ ପରିମାଣରେ ଉତ୍ସାହ ରହିଥାଏ, ମାତ୍ର ତାହା ଏକ ଅନ୍ଧ ଅନ୍ତର୍ଦୈତ୍ୟ ପରି ରହିଥାଏ, ଏକ ବିକୃତ ଚିତ୍‌ପ୍ରେରଣା ହୋଇ ରହିଥାଏ ଏବଂ ଠିକ୍ ସେହିସବୁ ଉପାଦାନରେ ଆନନ୍ଦ ଅନୁଭବ କରୁଥାଏ, ଯେଉଁଗୁଡ଼ିକ କି ଏହି ଜୀବନକୁ ଏକ ସଂଘର୍ଷମୟ ନିତ୍ୟକୋଳାହଳ ଏବଂ ଦୁଃଖଦାୟକ ଜଟିଳ ଅସ୍ତବ୍ୟସ୍ତତାରେ ପରିଣତ କରି ରଖିଥାନ୍ତି । ମାନବୀୟ ବା ପୈଶାଚିକ କାମନାର ଏକ ଆତ୍ମାରୂପେ ତାହା ନାନା ପ୍ରକାରର ଝଟିକ ଉଠୁଥିବା ଆଡ଼ମ୍ବରମୟ ରଙ୍ଗ, ଉଚ୍ଛୃଙ୍ଖଳ କାର୍ଯ୍ୟକୃତି, ତଥା ଶୁଭ-ଅଶୁଭ, ହର୍ଷ-ଶୋକ, ଆଲୋକ-ଅନ୍ଧାର, ଉନ୍ମାଦକମୟ ହର୍ଷ ଏବଂ ଅତିତୀବ୍ର ଉତ୍ପୀଡ଼ନର ଏକ ମିଶ୍ରିତ ପ୍ରବହମାନତାର ଉଗ୍ର ଦୁଃଖାନ୍ତ ନାଟକ ଅଥବା ଉଦ୍‌ବେଳନକାରୀ ଗୀତିନାଟ୍ୟରେ ଆସକ୍ତ ହୋଇ ରହିଥାଏ । ତାହା ଏହିସବୁ ବସ୍ତୁକୁହିଁ ଭଲ

'oaob.nitrkl.ac.in' images reprocessed

ଯାଉଥାଏ ଓ ଏହିଗୁଡ଼ାକରୁ ଆହୁରି ଅଧିକ ଉପଭୋଗ କରିବାକୁ ମନ ବଳାଉଥାଏ; ଅଥବା, ଯେତେବେଳେ ଦୁଃଖ ଭୋଗି ସେଗୁଡ଼ାକ ବିରୁଦ୍ଧରେ ଆର୍ତ୍ତନାଦ କରିଉଠେ, ସେତେବେଳେ ମଧ୍ୟ ସେ ଏହିଗୁଡ଼ିକ ବ୍ୟତୀତ ଆଉ କିଛିହେଲେ ଗ୍ରହଣ କରିନେଇ ପାରେ ନାହିଁ କିଂବା ସେଗୁଡ଼ିକରୁ କୌଣସି ଆନନ୍ଦ ଲାଭ କରି ପାରେ ନାହିଁ । ଉଚ୍ଚତର କୌଣସିପ୍ରକାର ବସ୍ତୁକୁ ତାହା କେବଳ ଘୃଣାହିଁ କରୁଥାଏ, ସେଗୁଡ଼ିକ ବିରୁଦ୍ଧରେ ବିଦ୍ରୋହ କରେ; ଏବଂ ଯଦି ଦିବ୍ୟତର କୌଣସି ଶକ୍ତି ଜୀବନକୁ ଶୁଦ୍ଧ, ଉଜ୍ଜ୍ୱଳ ଏବଂ ସୁଖମୟ କରିବାର କିଂବା ତାହାର ଅଧର ଉପରୁ ସେହି ଉତ୍ତେଜନାକାରୀ ମିଶ୍ରଣର ଜ୍ୱଳନଯୁକ୍ତ ସୁରାକୁ ପୋଛିନେବାର ପ୍ରସ୍ତାବ ଦେବାର ଦୁଃସାହସ କରିବାକୁ ଆସେ, ତେବେ ଆପଣାର ରୋଷାବେଶରେ ସେ ସେହି ଶକ୍ତିଟିକୁ ଗୋଡ଼ତଳେ ଦଳିଦେବାକୁ ଚାହେଁ, ଛିନ୍ନଭିନ୍ନ କରିଦେବାକୁ ଓ ତାହାର ପ୍ରାଣସଂହାର କରିଦେବାକୁ ବାହାରିଆସେ । ଏଇଟି ବ୍ୟତୀତ ପ୍ରାଣଗତ ଆଉ ଗୋଟିଏ ଇଚ୍ଛାଶକ୍ତି ମଧ୍ୟ ରହିଥାଏ, ଯାହାକି ସେହି ଉନ୍ନୟନକାରୀ ଆଦର୍ଶ ମନର ବୋଲ ମାନିବା ଲାଗି ପ୍ରସ୍ତୁତ ହୋଇ ରହିଥାଏ; ଏବଂ ଏହି ଜୀବନଟିରୁ କୌଣସି ନା କୌଣସି ପ୍ରକାରର ସମଞ୍ଜସତା, ସୌନ୍ଦର୍ଯ୍ୟ, ଆଲୋକ ତଥା ଉତ୍କୃଷ୍ଟତର ବ୍ୟବସ୍ଥା ସମ୍ଭବ କରିଯାଇ ପାରିବ ବୋଲି ସେହି ଆଦର୍ଶ ମନ ତାହା ଆଗରେ ଯେଉଁ ପ୍ରସ୍ତାବଟିକୁ ଉନ୍ମୋଚିତ କରି ଧରିଥାଏ, ସେ ତାହାରି ଦ୍ୱାରା ଆକୃଷ୍ଟ ହୋଇପଡ଼େ । ମାତ୍ର ଏଇଟିକୁ ଆମେ ଆମ ପ୍ରାଣଗତ ପ୍ରକୃତିଟିର କେବଳ ଏକ କ୍ଷୁଦ୍ରତର ଅଂଶ ବୋଲିହିଁ କହିପାରିବା ଏବଂ ତାହା ବଡ଼ ସହଜରେ ତା'ଠାରୁ ଅଧିକ ବଳଶାଳୀ ବା ଅଧିକ ଅନ୍ଧକାରାଚ୍ଛନ୍ନ ମୂଢ଼ତର ତା'ର ଅନ୍ୟ ସହଚରମାନଙ୍କର କବଳରେ ଆସି ପଡ଼ି ଯାଇଥାଏ । ପୁନଶ୍ଚ, ମନର ଆବେଦନଟି ତୁଳନାରେ ତାହା ଅଧିକ ଉଚ୍ଚ ଆଉ କୌଣସି ଆବେଦନ ବା ଆହ୍ୱାନଟି ଲାଗି ମଧ୍ୟ ଆଦୌ ସହଜରେ କାନ ଦିଏ ନାହିଁ; ସାଧାରଣତଃ

'oaob.nitrkl.ac.in' images reprocessed

ଧର୍ମ ଯେପରି କରିଥାଏ, ସେତେବେଳେ ସେହି ଆବେଦନ ଆମର ଏହି ଅନ୍ଧକାରଚ୍ଛନ୍ନ ପ୍ରାଣପ୍ରେରିତ ପ୍ରକୃତିଟି ପାଇଁ ଅଧିକ ବୋଧ ପରିବେଶଗୁଡ଼ିକ ମଧ୍ୟରୁ ଆପଣାର ଦାବିଗୁଡ଼ିକୁ ଅବନତ କରିଆଣେ ଓ ତଦ୍ଦ୍ୱାରା ଆପଣାକୁ ପରାହତ କରି ରଖେ, କେବଳ ସେତିକବେଳେହିଁ ତାହା ହୁଏତ ସେଇଟିକୁ ଧ୍ୟାନ ଦେବାକୁ ଇଚ୍ଛୁକ ହୋଇଥାଏ । ଅଧ୍ୟାତ୍ମର ସାଧକ ଓ ଅନ୍ୱେଷୀ ଆପଣା ଭିତରେ ଓ ଆପଣା ଚାରିପାଖରେ ଥିବା ଏହିସବୁ ଯାବତୀୟ ଶକ୍ତି ବିଷୟରେ ସଚେତନ ହୋଇଯାଏ ଏବଂ ସେଗୁଡ଼ିକର କବଳରୁ ମୁକ୍ତ ହେବା ଲାଗି ଏବଂ ତା'ର ଆପଣା ସତ୍ତାଟି ଉପରେ ତଥା ତା'ର ଚତୁର୍ଦ୍ଦିଗସ୍ଥ ମାନବୀୟ ଅଭିବ୍ୟକ୍ତି ଉପରେ ସେଗୁଡ଼ିକ ଯେଉଁ ଦୀର୍ଘଭେଦ୍ୟ ଆଧିପତ୍ୟ ବିସ୍ତାର କରିଛନ୍ତି, ସେଇଟିକୁ ଅପସାରିତ କରିଦେବା ଲାଗି ତାକୁ ଅନୁକ୍ଷଣ କେତେ ନା କେତେ ସଂଗ୍ରାମ ଓ ସମର କରିବାକୁ ପଡ଼ିଥାଏ । ଏଥିଲାଗି ତାକୁ ଅନେକ କଷ୍ଟସ୍ୱୀକାର କରିବାକୁ ହୁଏ; କାରଣ ସେଗୁଡ଼ିକ ତାକୁ ଏପରି ଦୃଢ଼ ଭାବରେ ଜାବୁଡ଼ି ଧରିଥାନ୍ତି ଓ ବାହାରୁ ସତେଅବା ଏତେଦୂର ଦୁର୍ଜୟ ବା ଅଜେୟ ବୋଲି ମନେ ହେଉଥାନ୍ତି ଯେ, ଏହି କ୍ଷେତ୍ରରେ ମନୁଷ୍ୟର ପ୍ରକୃତିକୁ କୌଣସି କୁକୁରର ଲାଙ୍ଗୁଡ଼ ସହିତ ତୁଳନା କରୁଥିବା ସେହି ତିରସ୍କାରପୂର୍ଣ୍ଣ ଉକ୍ତିଟି ସତେଅବା ସତ୍ୟ ବୋଲି ପ୍ରମାଣିତ ହୋଇ ଯାଉଥିବା ପରି ଲାଗେ । କାରଣ ନୈତିକତା, ଧର୍ମ, ତର୍କବୁଦ୍ଧି ଅଥବା ଆଉ ଯେକୌଣସି ଉଦ୍ଧାରକାରୀ ପ୍ରଚେଷ୍ଟା ବଳରେ ତୁମେ ତାକୁ ସିଧା କରିବା ଲାଗି ଯେତେ ଚେଷ୍ଟା କରୁଥାଅ ପଛକେ, ପରିଶେଷରେ ତାହା ସର୍ବଦା ସେହି ଆଦିମ ପ୍ରକୃତିର କୁଟିଳ ବକ୍ରତାଟିକୁହିଁ ଲେଉଟି ଆସିବାରେ ଲାଗିଥାଏ । ଏବଂ ଏହାଠାରୁ ଆହୁରି ଅଧିକ ଉତ୍ତେଜନାବଶ ହୋଇ ରହିଥିବା ପ୍ରାଣଗତ ଇଚ୍ଛାଟିର ବଳ ଓ କବଳ ମଧ୍ୟ ଏତେଢ଼ି ଦୃଢ଼ ହୋଇ ରହିଥାଏ, ଏହାର ଉଚ୍ଚାକୁଳ ଆବେଗ ଏବଂ ପ୍ରମାଦଗୁଡ଼ିକର ସଂକଟ ଏତେ ଅତଳାନ୍ତ ହୋଇ ରହିଥାଏ, ଏବଂ ଏହାର ଆକ୍ରମଣର ପ୍ରବଳତା ତଥା ଏହାର ପ୍ରବଞ୍ଚନାଗୁଡ଼ିକର

ବିରକ୍ତିଦାୟକ ବାଧା ଏପରି ସୂକ୍ଷ୍ମ ଭାବରେ ଆତ୍ମବିନାଶକ ଏବଂ ଦୁର୍ବାର ଭାବରେ ଆକାଂକ୍ଷାକାରୀ ହୋଇ ରହିଥାଏ ଏବଂ ଏପରିକି ସ୍ୱର୍ଗରାଜ୍ୟର ଫାଟକ ପାଖରେ ଯାଇ ପହଞ୍ଚିବା ଯାଏ ମଧ୍ୟ ଏତେ ଅନମନୀୟ ହୋଇ ରହିଥାଏ ଯେ ଖାସ୍ ସନ୍ଥ ଏବଂ ଯୋଗୀମାନେ ମଧ୍ୟ ସେମାନଙ୍କର ପାଶମୁକ୍ତ ଶୃଙ୍ଖଳାଟି ବିଷୟରେ ଆଦୌ ନିଶ୍ଚିତ ହୋଇ ପାରନ୍ତି ନାହିଁ ବା ଆପଣାକୁ କେତେ ଶୃଙ୍ଖଳା ଓ ନିୟମରେ ତାଲିମ କରି ତାହାର ଷଡ଼ଯନ୍ତ୍ର ବା ତାହାର ହିଂସାତ୍ମକ ଉଗ୍ରତା ବିରୁଦ୍ଧରେ ଯେଉଁ ଆତ୍ମପ୍ରଭୁତ୍ୱଟିକୁ ହାସଲ କରିଥାନ୍ତି, ସେଇଟି ବିଷୟରେ ମଧ୍ୟ ଖୁବ୍ ବେଶୀ ନିଶ୍ଚିତ ହୋଇ ପାରନ୍ତି ନାହିଁ ।"

ଯୋଗସମନ୍ୱୟ, ୧୬୦-୧୬୧

(ଅନେକ ସମୟ ନୀରବ ରହିବା ପରେ) ମୋର ମନେହେଉଛି ଯେ ଯେତେବେଳେ ତୁମେ ଏହିପରି ଭାବରେ ବସ୍ତୁଗୁଡ଼ିକୁ ଦେଖିବାକୁ ଆରମ୍ଭ କର ଓ ସେଗୁଡ଼ିକ ଯେତେବେଳେ ତୁମକୁ ଏଠାରେ ଯେପରି ବର୍ଣ୍ଣିତ ହୋଇଛନ୍ତି, ସେହିପରି ଦେଖାଯିବାକୁ ଆରମ୍ଭ କରନ୍ତି, ସେତେବେଳେ ତୁମେ ପ୍ରକୃତରେ ସମାଧାନର ଅନେକ ନିକଟରେ ଆସି ପହଞ୍ଚି ଯାଇଥାଅ ।

ସବୁଠାରୁ ଜଟିଳ କଥା ହେଉଛି ଯେ, ସାଧାରଣତଃ ସମସ୍ତ ଭୌତିକ ସତ୍ୟଟିହିଁ ଏକମାତ୍ର ସତ୍ୟରୂପେ ପ୍ରତୀତ ହେଉଥାଏ, ଏବଂ ତଦ୍‌ବ୍ୟତୀତ ଆଉ ସବୁକିଛି ଗୌଣ ମନେହେବାରେ ଲାଗିଥାଏ । ଏବଂ, ଶାସନ କରିବା ଲାଗି, ବାଟ ଦେଖାଇବା ଲାଗି ଏବଂ ଜୀବନକୁ ସଂଗଠିତ କରି ରଖିବା ଲାଗି, ଆଉ ସବୁକିଛି ଉପରେ କର୍ତ୍ତୃତ୍ୱ ବିସ୍ତାର କରି ରହିବା ଲାଗି ସେହି ଭୌତିକ ଚେତନାର "ଅଧିକାର"କୁ ଏତେବେଶୀ ପରିମାଣରେ ଉଚିତ ବୋଲି ଦାବି କରି ଯାଉଥାଏ ଯେ ଯଦି କେହି ଏହି ପବିତ୍ର କର୍ତ୍ତୃତ୍ୱର ପବିତ୍ରତା ଉପରେ କୌଣସି ସଂଶୟ ବ୍ୟକ୍ତ କରିବାକୁ ଯାଏ, ତାକୁ ସାଧାରଣ ଏକ ଅର୍ଦ୍ଧପାଗଳ ବୋଲି କୁହାଯାଏ ଅଥବା ଅତିରିକ୍ତ ପରିମାଣରେ ବିପଜ୍ଜନକ ବୋଲି ବିଚାର କରାଯାଏ ।···ମୋର ମନେ ହେଉଛି ଯେ, ଏଠାରେ ଶ୍ରୀଅରବିନ୍ଦ ଭୌତିକ ଜୀବନକୁ ଯେପରି ଭାବରେ ବର୍ଣ୍ଣନା କରିଛନ୍ତି, ତାହାଙ୍କୁ ସେହିପରି ବିଚାର କରି ପାରିବା ଲାଗି ଆମକୁ ଆହୁରି ଅନେକ ଦୀର୍ଘପଥ ଅତିକ୍ରମ କରିବାକୁ ହେବ । ଏବଂ ଏବିଷୟରେ ମୋର ପରିପୂର୍ଣ୍ଣ ଦୃଢ଼ବୋଧ ରହିଛି ଯେ ଆମେ

'oaob.nitrkl.ac.in' images reprocessed

ଯଦି ଠିକ୍ ସେହିପରି ଭାବରେ ତାଙ୍କର ବର୍ଣ୍ଣନା ଭଳି ଅନୁଭବ କରିବା ଲାଗି ସମର୍ଥ ହେବା, ତେବେ ଆମେ ପ୍ରତିକାରର ଅନେକ ନିକଟବର୍ତ୍ତୀ ହୋଇ ଯାଇଥିବା ।

କେବଳ ବିଶେଷ ଉନ୍ନତ ପ୍ରକୃତିବିଶିଷ୍ଟ ବ୍ୟକ୍ତିମାନେ, ଯେଉଁମାନଙ୍କର ଏକ ଉଚ୍ଚତର ସତ୍ୟ ସହିତ ଏକ ସମ୍ପର୍କସ୍ଥାପନ ହୋଇପାରିଛି, ଦିବ୍ୟ ପରମଚେତନା ସହିତ କିଛି ସମ୍ପର୍କ ସମ୍ଭବ ହୋଇପାରିଛି, ସେହିମାନେହିଁ ଏହି ପାର୍ଥିବ ଅସ୍ତିତ୍ୱକୁ ସେହିପରି ଭାବରେ ଅନୁଭବ କରିପାରିବେ । ଏବଂ ଯେତେବେଳେ ଆମେ ଆମର ବାହ୍ୟ ଚେତନାର ଏହି ଯାବତୀୟ ଦୁର୍ବଳତା ଏବଂ ନିର୍ବୋଧତାଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ସଚେତନ ହୋଇପାରିବା, ତଥାକଥିତ ଭୌତିକ ଜ୍ଞାନ ଓ ଭୌତିକ ବିଧାନଗୁଡ଼ିକର, ଶରୀରର ତଥାକଥିତ ଆବଶ୍ୟକତାଗୁଡ଼ିକର ଓ ଆପଣା ପ୍ରୟୋଜନଗୁଡ଼ିକର "ବାସ୍ତବତା"ର ଏହି ଯାବତୀୟ ମିଥ୍ୟା ବିଷୟରେ ସମ୍ପୂର୍ଣ୍ଣ ସଚେତନ ହୋଇପାରିବା, ଏହା ଯେ ପ୍ରକୃତରେ କେଡ଼େ ମିଛ, ମାୟାମୟ, ଅସ୍ପଷ୍ଟ ଏବଂ ନିର୍ବୋଧତାପୂର୍ଣ୍ଣ, ଯଦି ଆମେ ସେକଥାକୁ ହୃଦୟଙ୍ଗମ କରିବାକୁ ଆରମ୍ଭ କରିବା, ତେବେ ଆମେ ପ୍ରକୃତରେ ଯଥାର୍ଥ ସମାଧାନଟିର ଅନେକ ନିକଟକୁ ଆସିଯାଇ ପାରିବା ।

ଏହି ଅଂଶଟିକୁ ପାଠ କଲାବେଳେ ମୋର ଠିକ୍ ଏହି ଧାରଣା ହୋଇଥିଲା । ମୋର ଚତୁର୍ଦ୍ଦିଗରେ ବାସ କରୁଥିବା ବ୍ୟକ୍ତିମାନଙ୍କର ସାଧାରଣ ପରିବେଶଟି ସହିତ ତାହାର ତୁଳନା କରି ମୁଁ ଅନୁଭବ କରି ପାରିଲି ଯେ ଏହିପରି ଭାବରେ ବସ୍ତୁଗୁଡ଼ିକୁ ଦେଖିବାକୁ ହେଲେ ଆମର ଅନେକ ଉଚ୍ଚ ଏକ ଶୃଙ୍ଗ ଉପରକୁ ଉଠିଯାଇ ପାରିଥିବା ଆବଶ୍ୟକ ଏବଂ ମୁକ୍ତିର ଫାଟକ ପାଖରେ ଯାଇ ପହଞ୍ଚି ପାରିଥିବା ଆବଶ୍ୟକ । ସେହି କଥାଟିକୁ ମୁଁ ଭାରି ତୀବ୍ର ଭାବରେ ଅନୁଭବ କରିଥିଲି ଓ ତେଣୁ ତୁମମାନଙ୍କୁ ଏକଥା ଆସି କହିଲି ।

ଯଦି ତୁମେ ଏହି କଥାଗୁଡ଼ିକୁ ଆହୁରି ଥରେ ପଢ଼ିବ ଏବଂ ଏହାର ଯଥାର୍ଥତା ଏବଂ ଅକାଟ୍ୟ ସତ୍ୟଟି ବିଷୟରେ ଯଦି ତୁମମାନଙ୍କର ହୃଦ୍‌ବୋଧ ହୋଇପାରିବ, ତେବେ ତାହାକୁହିଁ ଏକ ବୃହତ୍ ପଦକ୍ଷେପ ବୋଲି ନିଶ୍ଚୟ କୁହାଯିବ ।

(ମାଆ ନୀରବ ରହିଲେ)

ଆଉ କାହାର କୌଣସି ପ୍ରଶ୍ନ ପଚାରିବାକୁ ନାହିଁ ?...ମୋ ପାଖରେ ଏଠି କେତେଗୁଡ଼ିଏ ପ୍ରଶ୍ନ ରହିଛି । (ମାଆ ଅନେକ ପ୍ରଶ୍ନର ବିଡ଼ାଟିଏ ଦେଖାଇଲେ) ମାତ୍ର ସେଗୁଡ଼ିକ ପ୍ରାୟ ଅନ୍ୟ ଏକ ପୃଥିବୀର ପ୍ରଶ୍ନ ପରି ମନେହେଉଛି ।

କେତେଦିନ ତଳେ ଜଣେ ମତେ ଏହି ପ୍ରଶ୍ନଟିକୁ ପଚାରିଥିଲେ :

'oaob.nitrkl.ac.in' images reprocessed

## "ପୃଥିବୀ ଉପରେ ଅତିମାନସର କଭଳି ପ୍ରଭାବ ପଡ଼ିବ ?"

ମୁଁ ବର୍ତ୍ତମାନ ତୁମମାନଙ୍କ ଆଗରେ ଯାହା ପଢ଼ୁଥିଲି, ସମ୍ଭବତଃ ବସ୍ତୁଗୁଡ଼ିକୁ ସେହିପରି ଏକ ପରିଚୟରେ ଉଦ୍‌ଘାଟିତ କରିଦେବାହିଁ ତାହାର ପ୍ରଥମ ପ୍ରଭାବରୂପେ ଅନୁଭୂତ ହେବ ।

ହଁ, ଏହାପରେ ଅଉ ଗୋଟିଏ ପ୍ରଶ୍ନ ରହିଛି; ମୁଁ ଭାବୁଥିଲି ଯେ ମୁଁ ଆଗରୁ ଏହି ପ୍ରଶ୍ନଟିର ଉତ୍ତର ଦେଇ ସାରିଛି । କାରଣ ମୁଁ ତୁମମାନଙ୍କୁ ସଙ୍ଗେ ସଙ୍ଗେ କହି ଦେଇଥିଲି ଯେ ଅତିମାନସ ପ୍ରକଟ ହେବାର ପ୍ରଥମ ପ୍ରଭାବଗୁଡ଼ିକ ସମସ୍ତଙ୍କ ଲାଗି ଦୃଶ୍ୟ ଓ ମୂର୍ତ୍ତ ଏବଂ ବୋଧ ହୋଇପାରିବା ପୂର୍ବରୁ ହୁଏତ ହଜାର ହଜାର ବର୍ଷ ଅତିବାହିତ ହୋଇଯିବ । ମାତ୍ର, ମନୁଷ୍ୟର ଚେତନା ଯେପରି କ୍ଷଣକ ଲାଗି ଏଠି ରହିଛି ଓ ସେଥିରୁ ଯେଉଁ ଅଧୈର୍ଯ୍ୟତା ଉତ୍ପନ୍ନ ହେଉଛି, ସେହି ଦୃଷ୍ଟିରୁ ବିଷୟର ଦିଗ ଦେଖିଲେ, ଏହି ବିଷୟଗୁଡ଼ିକ ତାକୁ ଯେ ଭାରି ଅସ୍ୱସ୍ତିଦାୟକ ବୋଧ ହେବ, ମୁଁ ତଥାପି ସେକଥା ହୃଦୟଙ୍ଗମ କରି ପାରୁଛି । ତେଣୁ ମୋତେ ପଚରାଯାଇଛି :

> "ଯେଉଁ ଅତିମାନସ ଏହି ଭୌତିକ ପ୍ରକୃତି ଭିତରେ ସଂବୃତ ହୋଇ ରହିଛି, ବାହ୍ୟ ଚେତନା ମଧ୍ୟରେ ଆବିର୍ଭୂତ ହୋଇ ଦୃଶ୍ୟ ନାନା ପରିଣାମ ଘଟାଇ ପାରିବା ଲାଗି ତାହାକୁ କେତେ ସମୟ ଲାଗିବ ?"

ଆମେ କେଉଁ ଚେତନାରୁ ସେହି ପ୍ରଶ୍ନଟିର ଉତ୍ତର ଦେବା, ଉତ୍ତରଟି ତାହାର ଉପରେ ନିର୍ଭର କରିବ । …ମୁଁ ଭାବୁଛି ଯେ ମନୁଷ୍ୟର ଚେତନା ଲାଗି ଏହା ବେଶ୍ ଅନେକ ସମୟ ନେବ । ଆଉ ଏକ ଚେତନା ଲାଗି ତାହା ଅପେକ୍ଷାକୃତ ଅନେକ ଅଧିକ ତ୍ୱରାନ୍ୱିତ ଭାବରେ ହୋଇପାରିବ, ଏବଂ ତଥାପି ଅଉ ଗୋଟିଏ ଚେତନା ଲାଗି ତାହା ପ୍ରକୃତରେ ସମ୍ଭବ ହୋଇ ସାରିଲାଣି । ତାହା ଏକ ସତ୍ୟରେହିଁ ପରିଣତ ହୋଇ ସାରିଲାଣି । ମାତ୍ର ଏହି ବିଷୟରେ ସଜ୍ଞାନ ହୋଇ ପାରିବାକୁ ହେଲେ ଆମକୁ ଏହି ସାଧାରଣ ଭୌତିକ ଚେତନାରୁ ଛୁଟି ଆଉ ଏକ ଚେତନା ମଧ୍ୟରେ ପ୍ରବେଶ କରିବାକୁ ପଡ଼ିବ ।

ଶ୍ରୀଅରବିନ୍ଦ,—ସେଇଟିକୁ ମଧ୍ୟ ମୁଁ ତୁମମାନଙ୍କ ଆଗରେ କେବେ ପଢ଼ିଛି ବୋଲି ମୋର ମନେହେଉଛି, ମୁଁ ଭାବୁଛି ସେହି କଥାଟି 'ଯୋଗସମନ୍ୱୟ' ଗ୍ରନ୍ଥରେ ଅଛି,—ଯଥାର୍ଥ ମନ, ଯଥାର୍ଥ ପ୍ରାଣିକ ଓ ଯଥାର୍ଥ ଭୌତିକ ବା ସୂକ୍ଷ୍ମଭୌତିକ ମନ

'oaob.nitrkl.ac.in' images reprocessed

ବିଷୟରେ କହିଛନ୍ତି, ଏବଂ ସିଏ କହିଛନ୍ତି ଯେ ସେଗୁଡ଼ିକ ସବୁଯାକ ପ୍ରାଣିକ ଏବଂ ଭୌତିକ ସାଧାରଣ ମନଟି ସହିତ ସହାବସ୍ଥିତ ହୋଇ ରହିଛନ୍ତି, ଏବଂ କେତେକ ଅବସ୍ଥାରେ ଜଣେ ସେଗୁଡ଼ିକ ସହିତ ଏକ ସମ୍ପର୍କ ମଧ୍ୟ ସ୍ଥାପନ କରିପାରିବ ଏବଂ ତା'ହେଲେ ସେ ଯଥାର୍ଥତଃ ଯାହାକିଛି ରହିଛି ଓ ଯାହାକିଛି ସତ୍ୟରୂପେ ପ୍ରତିଭାସିତ ହେଉଛି, ସେହି ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟ ବିଷୟରେ ମଧ୍ୟ ସଚ୍ଚେତନ ହୋଇପାରିବ ।

ଏବଂ, ଏକ ଉନ୍ନତ ଚେତନା ଲାଗି ଅତିମାନସ ସୂକ୍ଷ୍ମ-ଭୌତିକର କୌଣସି ଏକ ରାଜ୍ୟରେ କୌଣସି ଏକ ସ୍ଥାନରେ ଉପଲବ୍ଧ ହୋଇ ସାରିଲାଣି, ଏବଂ ସେହିଠାରେ ତାହା ଦୃଶ୍ୟ ଓ ମୂର୍ତ୍ତି ହୋଇ ଅବସ୍ଥାନ କରୁଛି ତଥା ଆପଣାକୁ ନାନା ରୂପ ଏବଂ କ୍ରିୟାଶୀଳତା ମଧ୍ୟଦେଇ ଅଭିବ୍ୟକ୍ତ କରିଦେଉଛି । ଏବଂ ଯେତେବେଳେ ଆମେ ଏହି ରାଜ୍ୟଟି ସହିତ ସମଚ୍ଛନ୍ଦ ହୋଇ ରହିଥିବା, ଯେତେବେଳେ ଆମେ ତାହାର ମଧ୍ୟରେ ବାସ କରୁଥିବା, ଯେତେବେଳେ ଆମେ ଅତ୍ୟନ୍ତ ଦୃଢ଼ ଭାବରେ ଅନୁଭବ କରୁଥିବା ଯେ ସମସ୍ତଙ୍କ ଲାଗି ଦୃଶ୍ୟମାନ ହୋଇ ପାରିବାକୁ ହେଲେ ଏହି ପୃଥିବୀଟିକୁ କେବଳ ଘନୀଭୂତହିଁ ହୋଇ ଆସିବାକୁ ପଡ଼ିବ । ତେଣୁ ଆମେ ଯଦି ଏହି ଅନ୍ତର୍ଗତ ବୋଧଟିକୁ ବିକଶିତ କରି ଆଣିପାରିବା ଯାହାକି ଆମକୁ ପ୍ରକଟ ହୋଇ ସାରିଥିବା ସେହି ଅତିମାନସ ସତ୍ୟଟି ସହିତ ସମ୍ପର୍କଯୁକ୍ତ କରିଦେଇ ପାରିବ, କେବଳ ଉପଯୁକ୍ତ ଇନ୍ଦ୍ରିୟର ଅଭାବ ରହିଥିବାରୁହିଁ ସିଏ ଏଇଟି ସହିତ ସମ୍ବନ୍ଧଯୁକ୍ତ ହୋଇ ପାରୁ ନାହିଁ ବୋଲି ଯାହା ଭ୍ରମ ଲାଗି ଅନ୍ତରାଳ ହୋଇ ରହିଛି, ତେବେ ତାହାହିଁ ସବୁଠାରୁ ବଡ଼ ଆଗ୍ରହୋଦ୍ଦୀପକ କଥା ହେବ ।

ଏକଥା ବି ସମ୍ଭବ ଯେ ଯେଉଁମାନେ ଆପଣାର ସ୍ୱପ୍ନଗୁଡ଼ିକ ବିଷୟରେ ସଚେତନ ହୋଇପାରନ୍ତି, ସେମାନେ ହୁଏତ ଏପରି ଏକ ନୂତନ ପ୍ରକାରର ସ୍ୱପ୍ନମାନ ପ୍ରତ୍ୟକ୍ଷ କରିବାକୁ ଆରମ୍ଭ କରିବେ, ଯାହାକି ସେମାନଙ୍କର ଖିଅକୁ ସେହି ପୃଥିବୀଟି ସହିତ ନେଇ ଲଗାଇଦେବ; କାରଣ, ଯେଉଁମାନଙ୍କଠାରେ ତଦନୁରୂପ ଗ୍ରହଣକ୍ଷମ ଇନ୍ଦ୍ରିୟମାନ ରହିଛି, ସେହି ସମସ୍ତଙ୍କର ସୂକ୍ଷ୍ମ-ଭୌତିକ ଲାଗି ତାହା ଅବଶ୍ୟ ପହଞ୍ଚ ହୋଇ ରହିଛି । ଏବଂ, ଏହି ଭୌତିକର ବାହ୍ୟ ପୃଥିବୀଟି ଉପରେ ମଧ୍ୟ ଏକ ସୂକ୍ଷ୍ମ ପ୍ରଭାବ ଅବଶ୍ୟ ରହିଛି; ଯଦି ଆମେ ଏହାଠାରୁ ପ୍ରଭାବମାନ ଗ୍ରହଣ କରିବା ଲାଗି ପ୍ରସ୍ତୁତ ହୋଇ ଯାଇଥିବା ଏବଂ ଆମ ଚେତନା ମଧ୍ୟରେ ସେଗୁଡ଼ିକୁ ଗ୍ରହଣ କରିନେଇ ପାରିବା, ତେବେ ବାହ୍ୟ ପୃଥିବୀ ଉପରେ ମଧ୍ୟ ତାହାର ନିଶ୍ଚୟ ପ୍ରଭାବ ପଡ଼ିବ ।

ବର୍ତ୍ତମାନ ଯଦି ଆଉ କାହାର କୌଣସି ପ୍ରଶ୍ନ ପଚାରିବାର ନଥାଏ, ତେବେ ଆମେ ନୀରବ ରହିବା ।

'oaob.nitrkl.ac.in' images reprocessed

ସେଠି, ତୁମର କିଛି ପଚାରିବାକୁ ଅଛି କି ? (ଜଣେ ସାଧକଙ୍କ ଆଡ଼କୁ ଅନାଇ) ହଁ, ସିଏ କ'ଣ କହିବେ ବୋଲି ବ୍ୟାକୁଳ ହେଲେଣି !

ମା'ଆ, ସେହି ସବୁକିଛିକୁ ଉପଲବ୍ଧି କରିପାରିବା ପରେ ମଧ୍ୟ ସମାଧାନଟିକୁ ବାହାର କରିବା ଲାଗି ପୁଣି ସେହି ନିମ୍ନତର ମନର ସ୍ତରକୁହିଁ ଲେଉଟି ଯିବାକୁ ପଡ଼ିଥାଏ ।

ଏବଂ ଭଲ କରି ବୁଝିବା ପରେ ମଧ୍ୟ ଆମେ ପୁନର୍ବାର ସେହି ପୁରୁଣା ଭୁଲ ବାଟଗୁଡ଼ିକ ପାଖକୁ ଲେଉଟି ଯାଇଥାଉ । ତୁମେ ସେହି କଥା ପଚାରୁଛ ନା ?… କେଡ଼େ ଦୁଃଖର କଥା !

ଏବଂ ପ୍ରତ୍ୟେକ ଥର ଏପରି ଘଟୁଥାଏ ।

ପ୍ରତ୍ୟେକ ଥର ଘଟୁଥାଏ ! ତେବେ ତ ଆହୁରି ଦୁଃଖର କଥା ! ତେବେ, ଏହାର କି ପ୍ରତିକାର ଅଛି ବୋଲି ତୁମେ ଭାବୁଛ ?

ମୁଁ ତ ଠିକ୍ ସେହି କଥା ପଚାରୁଛି ।

ଅଚ୍ଛା, ତୁମେ ମୋତେ ପଚାରୁଛ ? କିନ୍ତୁ ମୋର ମନେହେଉଛି ଯେ ଯେତେବେଳେ କୌଣସି ବ୍ୟକ୍ତି ବସ୍ତୁଗୁଡ଼ିକୁ ସେହିପରି ଭାବରେ ପ୍ରତ୍ୟକ୍ଷ କରିବା ଲାଗି ସମର୍ଥ ହୋଇଛି, ଯଦି କୌଣସି ବ୍ୟକ୍ତିଠାରେ ଯଥେଷ୍ଟ ପରିମାଣରେ ଗ୍ରହଣ-ସମର୍ଥତା ରହିଛି, ତେବେ ସିଏ ପୃଥିବୀକୁ ଯେପରି ଦେଖୁଛି, ତାହାକୁ କଦାପି ସେହିପରି ଭାବରେ ସ୍ୱୀକାର କରିନେଇ ପାରିବ ନାହିଁ । ଏସବୁ ବିଷୟ କେତେ ବେଶୀ ପରିମାଣରେ ତଳକୁ ତଳକୁ ଯିବାରେ ଲାଗିଛି, ତାହା ଉପଲବ୍ଧି କରିପାରିବା ପରେ ଯଦି ଜଣେ ତାହାକୁ ତଥାପି ସ୍ୱୀକାର କରି ନେଉଥିବ, ତେବେ ସେହି ବ୍ୟକ୍ତିର ପ୍ରକୃତରେ ଗ୍ରହଣ କରିବାର କୌଣସି ଶକ୍ତି ନାହିଁ ବୋଲି କହିବାକୁ ହେବ ।

ହଁ, ମୁଁ ଏହି ଆଉଗୋଟିଏ କଥା ମଧ୍ୟ ଦେଖିବାକୁ ପାଇଛି ଏବଂ ସେହି କଥାଟି ମୋତେ ସବୁବେଳେ ଭାରି ଆଶ୍ଚର୍ଯ୍ୟ କରିଦେଇଛି । ମୋତେ ଯାହା ଅଗ୍ରହଣୀୟ ବୋଲି ଲାଗୁଛି, ଆପଣାର ଚେତନାରୁ ତାହାକୁ ବିଲୁପ୍ତ କରିଦେବା ମୋତେ ସବୁବେଳେ ଏକାନ୍ତ ସ୍ୱାଭାବିକ, ସହଜ ଏବଂ ପ୍ରାୟ ଏକ ପ୍ରାଥମିକ କଥା ବୋଲି ମନେ

'oaob.nitrkl.ac.in' images reprocessed

ହୋଇଛୁ । ମୁଁ ଯେଉଁ ମୁହୂର୍ତ୍ତରେ ସେଗୁଡ଼ିକୁ ଜାଣୁଛୁ, ଯେଉଁ ମୁହୂର୍ତ୍ତରେହିଁ ମୁଁ ସେଗୁଡ଼ିକର ବାସ୍ତବ ରୂପଟିକୁ ଦେଖିପାରୁଛୁ ଏବଂ ସେଗୁଡ଼ିକ ସେହିପରି ହୋଇ ରହିଥାଆନ୍ତୁ ବୋଲି ଆଉ ଇଚ୍ଛା କରୁ ନାହିଁ, ସେହି ମୁହୂର୍ତ୍ତରେହିଁ ମୋତେ ଏହା ବେଶ୍......ହଁ, ପ୍ରାୟ ଏତେ ସହଜ ବୋଲି ବୋଧ ହେଉଛୁ, ଯାହାକୁ ସ୍ଥାନ ପିଲାଟାଏ ମଧ୍ୟ ସମ୍ଭବ କରିଦେଇ ପାରିବ । ମାତ୍ର ମୁଁ ଏକଥା ଦେଖିବାକୁ ପାଇଛୁ ଯେ ଅଧିକାଂଶ କ୍ଷେତ୍ରରେ—ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ—ବିଷୟଗୁଡ଼ିକ ବାସ୍ତବତଃ କପରି ହୋଇ ରହିଛନ୍ତି ବୋଲି ଯେତେବେଳେ ମୁଁ ତାହାଙ୍କୁ କହେ, ସିଏ ଯେଉଁଭଳି ଅବସ୍ଥା ଭିତରେ ରହିଛୁ, ଯେତେବେଳେ ମୁଁ ତାହାର ଏକ ବାସ୍ତବ ଚିତ୍ର ଆଣି ଦିଏ, କୌଣସି ଏକ ଗତିସ୍ପନ୍ଦନର ପ୍ରକୃତ ବସ୍ତୁରେ ପ୍ରକୃତ ଚିତ୍ର ଦିଏ, ତାହାର ଅସଲ ତାତ୍ପର୍ଯ୍ୟଟିକୁ କହିଦିଏ, ଯେତେବେଳେ ମୁଁ ଦୃଢ଼ତାର ସହିତ ତାହାକୁ ବ୍ୟକ୍ତ କରିଦିଏ, ସେତେବେଳେ ମୁଁ ଆଶାକରୁଥାଏ ଯେ ମୋତେ ଯେଉଁ ପ୍ରତିକ୍ରିୟା ଅତ୍ୟନ୍ତ ସ୍ୱାଭାବିକ ବୋଲି ମନେ ହେଉଛୁ, ସିଏ ଠିକ୍ ସେହିପରି ଏକ ପ୍ରତିକ୍ରିୟା ଦେଖାଇବ ଏବଂ କହିବ : "ଯଦି ଏହା ପ୍ରକୃତରେ ସେହିପରି, ତେବେ ଏଥିରେ ଆଉ ମୋର ଆଦୌ କୌଣସି ପ୍ରୟୋଜନ ନାହିଁ !" ମାତ୍ର ପ୍ରତ୍ୟେକ ଥର ମୁଁ ସେତେବେଳେ ଏପରି ଏକ ପଦାର୍ଥର ସମ୍ମୁଖୀନ ହୁଏ, ଯାହାକି ସତେଅବା ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଉଥାଏ ଓ ମୋତେ କହିବାରେ ଲାଗେ, "କିନ୍ତୁ ଆପଣଙ୍କ କଥା ଆଦୌ ଖୁବ୍‌ବେଶୀ ଉତ୍ସାହଜନକ ମନେ ହେଉ ନାହିଁ !" ମୋତେ ସ୍ୱୀକାର କରି କହିବାକୁ ହେବ ଯେ ଏଥିରେ ମୁଁ ନିଜକୁ ଭାରି ଅସହାୟ ମନେକରେ । ତେଣୁ, ଦେଖିପାରିବା କ'ଣ ତେବେ ଆଦୌ ଯଥେଷ୍ଟ ନୁହେଁ ? ଦେଖିବାକୁ ସମର୍ଥ ହେଲେ ତାହା ତୁମକୁ ପ୍ରକୃତରେ ସେହି ଅନ୍ତର୍ଗତ ଉତ୍ପ୍ରେରକଟିକୁ ଅବଶ୍ୟ ଯୋଗାଇ ଦେଇପାରିବା ଉଚିତ, ଏକ ଗତିସଚଳ ଶକ୍ତିକୁ ଆଣି ଯୋଗାଇଦେବା ଉଚିତ, ଯାହା ଦ୍ୱାରା କି ତୁମେ ଭୁଲ୍ କଥାଟିକୁ ବର୍ଜନ କରି ଆସିବା ଲାଗି ଏପରି ସମର୍ଥ ହୋଇପିବ ଯେ ତାହା ତୁମ ପାଖକୁ ଆଉ କେବେହେଲେ ଫେରିଆସି ପାରିବ ନାହିଁ ।

ମାତ୍ର ଯାହାକୁ ଆମେ ଏକ ଭୁଲ ବୋଲି ଭଲ କରି ଜାଣିଛୁ, ସେହି ଭୁଲଟିର ଫାନ୍ଦ ଭିତରେ ପୁଣି ଆସି ପଡ଼ିଯିବା, ଯେଉଁ ପ୍ରମାଦଟିକୁ ଆମେ ଏକ ପ୍ରମାଦ ବୋଲି ଭଲ କରି ଜାଣିଛୁ, ପୁନର୍ବାର ସେହି ପ୍ରମାଦଟିକୁ କରିବସିବା,—ଏକଥାଟା ମୋତେ ପ୍ରକୃତରେ ଭାରି ଅଦ୍‌ଭୁତ ବୋଲି ମନେହୁଏ ! ମଣିଷର ଅନୁଭୂତି ଦୃଷ୍ଟିରୁ ଅନ୍ତତଃ ଆପେକ୍ଷିକ ଭାବରେ ବିଚାର କଲେ ମୁଁ ବେଶ୍ ଦୀର୍ଘକାଳ ଧରି ଏହି ପୃଥିବୀରେ ରହିଲଣି ଏବଂ ମୁଁ ଏପର୍ଯ୍ୟନ୍ତ ବି ସେହି କଥାଟିକୁ ବୁଝି ପାରିଲି ନାହିଁ । ମୋତେ ଏହା,—ମୋତେ ଏହା ପ୍ରକୃତରେ ଅସମ୍ଭବ ବୋଲି ଲାଗୁଛି ! ଭୁଲ ଭାବନା, ଭୁଲ୍ ଆବେଗ, ଭିତରର ତଥା ବାହାରର ନାନା ଅସତ୍ୟ, କୁତ୍ସିତ ଓ

'oaob.nitrkl.ac.in' images reprocessed

ଝଳ ନାନା ବସ୍ତୁ, ଯେପର୍ଯ୍ୟନ୍ତ ଅଜ୍ଞାନ ଭାବରେ କେହି ସେଗୁଡ଼ାକୁ କରୁଥାଏ—ଆମ ପୃଥିବୀରେ ଅଜ୍ଞାନ ତ ଅବଶ୍ୟ ରହିଛି,—ତେବେ ବେଶ୍ ବୁଝିହେବ ଯେ ସେପରି କରିବାର ଅଭ୍ୟାସରେ ପଡ଼ିଯାଇଛି ବୋଲି ଜଣେ ସେପରି କରୁଛି । ସିଏ ଅଜ୍ଞାନ ହେତୁ ତାହା କରୁଛି; ଏହା ଅନ୍ୟପ୍ରକାରେ ହୋଇପାରନ୍ତା ବୋଲି ତାକୁ ଜଣା ନାହିଁ । ମାତ୍ର ଯେଉଁ ମୁହୂର୍ତ୍ତରେ ଆମେ ତାହାକୁ ଜାଣୁଛୁ, ଆମେ ଆଲୋକପ୍ରାପ୍ତ ହେଉଛୁ, ଯେଉଁ ମୁହୂର୍ତ୍ତରେ ଆମେ ବସ୍ତୁସୃଷ୍ଟିର ଅସଲ ରୂପଟିକୁ ଜାଣୁଛୁ, ତେବେ ସେଇଟିକୁ ପୁଣିଥରେ କରିହେବ କିପରି ? ସେକଥାଟିକୁ ମୁଁ ମୋଟେ ବୁଝି ପାରୁ ନାହିଁ !

ତେବେ ଜଣେ ବ୍ୟକ୍ତି ପ୍ରକୃତରେ କ'ଣ ଦେଇ ଉଦ୍ଧାର ହୋଇଛି ? କ'ଣ ଛିଣ୍ଡା କନାରେ ଉଦ୍ଧାର ହୋଇଛି ? ଜଣେ ବ୍ୟକ୍ତି ପ୍ରକୃତରେ କ'ଣ ଦେଇ ଉଦ୍ଧାର ହୋଇଛି କେଜାଣି ? କ'ଣ ମେଣ୍ଡାଏ ଜେଲିରୁ ଉଦ୍ଧାର ହୋଇଛି ?···ସେକଥା ଆଦୌ ବୁଝାଇକରି କହି ହେବ ନାହିଁ । ମାତ୍ର, ଏହି କ୍ଷେତ୍ରରେ କ'ଣ ଆଦୌ କୌଣସି ଉଦ୍ୟମ ନାହିଁ, କୌଣସି ଇଚ୍ଛା ନାହିଁ, କିଛିହେଲେ ନାହିଁ ? ଭିତରେ କ'ଣ ଗତିଶୀଳ କରିପାରିବା ଭଳି କିଛି ନାହିଁ ?

### ଆମେ ତ ପରମ କରୁଣାଠାରୁ ଫାଇଦା ଉଠାଉଛୁ !

ହଁ, ଠିକ୍ ଗୋଟାଏ ଜେଲିମାଛ ପରି !

ମାତ୍ର କରୁଣା ରହିଛି, ସର୍ବଦା ରହିଛି । ତୁମେ ତାହାର ସାହାଯ୍ୟ ମାଗିବ ବୋଲି ତାହା ଅପେକ୍ଷା କରିଛି । ଆମେ ଯେ ତାହାକୁ କାମରେ ଲଗାଉଛୁ, ସେକଥା ଆଦୌ ନୁହେଁ ।

ଏବଂ, କେବଳ ଏହି ଗୋଟିଏ କଥା, "ମୁଁ ପାରିବି ନାହିଁ" ବୋଲି ସେହି ଗୋଟିଏ ଭାବନା,—କରୁଣାର କ୍ରିୟାଶୀଳତାକୁ ବନ୍ଦ କରିଦେବା ଲାଗି ସେତିକିହିଁ ଯଥେଷ୍ଟ !

ତୁମେ ଯେ ପାରିବ ନାହିଁ, ତୁମେ ଏହି ଧାରଣାଟିକୁ କିପରି ସ୍ୱୀକାର କରିନେଇ ପାରୁଛ ? ହଁ, ତୁମେ ଜାଣି ନଥାଅ,—ହଁ, ଏପରି ହୋଇପାରେ ଯେ ତୁମେ ପ୍ରକୃତରେ ଜାଣି ନଥାଅ;—ମାତ୍ର, ଥରେ ଜାଣିଯିବା ପରେ ଏଇଟି ଭୁଲିଯିବା ଉଚିତ !

ତଥାପି···

'oaob.nitrkl.ac.in' images reprocessed

## ୧୨ ସେପ୍ଟେମ୍ବର ୧୯୫୭

ମାଆ, ଆପଣ ଯାହାସବୁ କହୁଛନ୍ତି, ଯଦି ସେଗୁଡ଼ିକୁ ଆମେ ପ୍ରକୃତରେ କରୁ ନଥାଉ, ତେବେ ଆମର ଆଉ କୌଣସି ପ୍ରଶ୍ନ ପଚାରିବାର ଅଧିକାର ରହୁଛି କି ?

ଯାହା ମନ ତାହା କରିବାକୁ ମଧ୍ୟ ତୁମର ଅଧିକାର ରହିଛି ! (ସମସ୍ତେ ହସିଉଠିଲେ) ତୁମେ ଯାହା ଇଚ୍ଛା କରିବ, ସେହି ପ୍ରଶ୍ନ ଅବଶ୍ୟ ପଚାରି ପାରିବ । ସେଗୁଡ଼ିକୁ ପ୍ରକୃତରେ କରିବା କଥା କହୁଛ ? ମୂଳତଃ, ସେକଥାଟିକୁ ପ୍ରତ୍ୟେକ ବ୍ୟକ୍ତି ନିଜେ ନିଷ୍ପତ୍ତି କରିବ, ନୁହେଁ କି ? ସିଏ ପ୍ରକୃତରେ ସେହି ଅନୁସାରେ କାର୍ଯ୍ୟ କରିବ କି ନାହିଁ, ଏଇଟିକୁ ସେ ଉପଯୋଗୀ ବୋଲି ମନେ କରୁଛି କି ନାହିଁ, ସେକଥା ସେ ନିଜେ ବିଚାର କରି ଠିକ୍ କରିବ । ସେହି କଥାଟିକୁ କଦାପି କୌଣସି ପ୍ରକାରେ ଲଦି ଦିଆଯାଇ ପାରିବ ନାହିଁ । ଆମେ ଏହାକୁ ମୁକ୍ତ ଓ ସ୍ୱତନ୍ତ୍ର ଭାବରେ କରିବା । ମାତ୍ର ଯିଏ ଚାହିଁବ, ସିଏ ସବୁବେଳେହିଁ ପ୍ରଶ୍ନ ପଚାରି ପାରିବ ।

ହଁ, ମୋର ପ୍ରଶ୍ନଟିଏ ପଚାରିବାକୁ ରହିଛି : "ଲୋକମାନେ ପ୍ରକୃତରେ କାହିଁକି କରନ୍ତି ନାହିଁ ?" ସେମାନେ କାହିଁକି କରନ୍ତି ନାହିଁ, ତୁମେ ସେକଥା ଜାଣିଛ କି ? (ମାଆ ଜଣ ଜଣ କରି ପ୍ରଶ୍ନଟିକୁ ପଚାରିଲେ) ତୁମେ କହିଲ ? ତୁମେ କହିଲ ?··· ବାଃ, ତୁମେ ଜାଣିଛ ?

ଅଳସୁଆ ହୋଇଥିବାରୁ ସମ୍ଭବତଃ କାର୍ଯ୍ୟରେ କରି ହୁଏ ନାହିଁ ।

ହଁ, ସେଇଟା ଗୋଟାଏ ମୁଖ୍ୟ କାରଣ ! ଏବଂ ତେଣୁ ଭାରି ବଢ଼ିଆ ବଢ଼ିଆ ଯୁକ୍ତି ଦେଇ ଲୋକେ ନିଜର ଅଳସୁଆପଣକୁ ଲୁଚାଇ ରଖନ୍ତି । ପ୍ରଥମ ଯୁକ୍ତିଟି ଆସି ହେଉଥାଏ : "ମୁଁ ପାରିବି ନାହିଁ, ମୁଁ ଜାଣି ନାହିଁ;" ଅଥବା, "ମୁଁ ଏତେ ଚେଷ୍ଟା କଲି, ମାତ୍ର ପାରିଲି ନାହିଁ;" କିମ୍ବା "କୋଉଠୁ ଯେ ଆରମ୍ଭ କରିବାକୁ ହେବ ମୋତେ କିଛି ଜଣା ପଡ଼ୁ ନାହିଁ ।" ହଁ, ଯେକୌଣସି ଯୁକ୍ତିକୁ ଆଣି ଛାଡ଼ି ଦିଆଯାଇ ପାରେ, ନୁହେଁ ? ପ୍ରଥମେ ଯୋଉ ଯୁକ୍ତି ମୁଣ୍ଡକୁ ଜୁଟିଲା, ସେଇଟା । ବା, ତା' ନହେଲେ, କେହି ହୁଏତ କାର୍ଯ୍ୟରେ କରିବାକୁ ଅସମ୍ମତ ହୁଏ, କାରଣ ସେଥିଲାଗି ଉଦ୍ୟମ କରିବା ଦ୍ୱାରା କୌଣସି ଲାଭ ହେବ ବୋଲି ସେ ଭାବି ପାରୁ ନଥାଏ । —ସେଇଟା ମଧ୍ୟ ସେହି ଅଳସୁଆପଣରେ ଗୋଟାଏ ଅଂଶ—ତେଣୁ ପ୍ରତ୍ୟେକ କାର୍ଯ୍ୟ

'oaob.nitrkl.ac.in' images reprocessed

ଆମଠାରୁ ଅତ୍ୟଧିକ ପ୍ରୟାସ ଦାବି କରୁଥାଏ । ମାତ୍ର ପ୍ରୟାସ ଓ ଉଦ୍ୟମ ନକଲେ ପୁଣି ଜୀବନଟିକୁ ବଞ୍ଚିବ କିପରି ? ଯଦି ଉଦ୍ୟମ କରିବାକୁ ମନା କରିବାରେ ଲାଗିଥିବ, ତେବେ ତୁମେ ନିଜ ଗୋଡ଼ରେ ନିଜେ କେବେହେଲେ ଠିଆ ହୋଇ ପାରିବ ନାହିଁ, ଚାଲି ପାରିବ ନାହିଁ ଓ ଏପରିକି ଖାଇବାକୁ ବି ପାଇବ ନାହିଁ ।

ମୁଁ ବୁଝୁଛି ଯେ ଜଣେ ଯାହାକୁ ଠିକ୍ ବୋଲି ଜାଣେ, ସେହି ଅନୁସାରେ କାର୍ଯ୍ୟ କରେ ନାହିଁ, କାରଣ ତା' ଲାଗି ସେହି କଥାଟିର ଅଦୌ ଯଥେଷ୍ଟ ପରିମାଣରେ ଏକ ମୂର୍ତ୍ତ-ବାସ୍ତବତା ନଥାଏ, ଯାହାଦ୍ୱାରା କି ତାହା ଜୀବନର ଅନ୍ୟ ବସ୍ତୁଗୁଡ଼ିକଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଅନୁଭୂତ ହୋଇପାରନ୍ତା, ଅଥବା, କାରଣ, ପରିଣାମଟିର ଅନୁପାତରେ ପ୍ରୟାସଟି ଅତିବେଶୀ ମନେ ହେଉଥାଏ । ମାତ୍ର ଏହି ପ୍ରକାରର ପ୍ରୟାସକୁ ତ କେବଳ ଏକ ଆରମ୍ଭ ବୋଲି ବୁଝାଯିବ : ଥରେ ତା' ଭିତରେ ଯାଇ ପ୍ରବେଶ କରିପାରିଲେ ତାହା କଦାପି ସେହି ଏକାପରି ହୋଇ ରହେ ନାହିଁ ।

(ମିଲିଟିକୁ ଉଦ୍ଦେଶ୍ୟ କରି) ତେଣୁ ତୁମେ ନିଜର ପ୍ରଶ୍ନଟିକୁ ଅବଶ୍ୟ ପଚାରିବ, ସେହି ଅନୁସାରେ କାମ ନକରୁଥିଲେ ମଧ୍ୟ ପଚାରିବ !

ନାହିଁ ମାଆ, ମୋର କିଛି ପଚାରିବାର ନାହିଁ ।

ଅଚ୍ଛା, ତୁମେ ତେବେ କେବଳ ଏତିକି ପଚାରିଥିଲ ? ତୁମେ କହିବାକୁ ଇଚ୍ଛା କରିଥିଲ : "ପ୍ରଥମେ ପ୍ରଶ୍ନ ପଚାରି, ତା'ପରେ, ତୁମକୁ ଯାହା କୁହାଗଲା, ସେଥିକୁ କିଛି ନକରିବାକୁ କ'ଣ ସାଧୁତା ବୋଲି କୁହାଯିବ ?" ଏହି ପ୍ରଶ୍ନଟି ?

ହଁ ।

ଅଚ୍ଛା ।

(ଜଣେ ସାଧକ) ପୂର୍ବ ସଂସ୍କାରବଶତଃ ଆମକୁ କିଛି କରିବାକୁ ଦେଲେ ଆଉ ସେଥିଲାଗି ଅନ୍ୟ କାହା ଦ୍ୱାରା ବାଧ ଦେବାକୁ ପଡ଼ୁଛି । ଆମ ପିଲାଟି ଦିନରୁହିଁ ଆମକୁ ଏହିପରି ସବୁକିଛି କରିବାକୁ ବାଧ୍ୟ କରାଯାଇ ଆସିଛି । ମାତ୍ର ଏଠାରେ ଚାଲିଛି ତାହାର ଠିକ୍ ବିପରୀତ ।

'oaob.nitrkl.ac.in' images reprocessed

ବାଧ୍ୟ କରାଯାଇଛୁ ? ତେବେ ବାଧ୍ୟ ନକରାଗଲା ପର୍ଯ୍ୟନ୍ତ ଆଉ କେହି କହୁନାହାନ୍ତି କରିବ ନାହିଁ ? ମାତ୍ର ବାଧ୍ୟ କରି ଯେଉଁ କଥାଟିକୁ କରା ଯାଉଥିବ, ତାହାର ପ୍ରକୃତରେ କୌଣସି ମୂଲ୍ୟ ନାହିଁ ।

ସରଳ ? ଆଉ ତାହାର କୌଣସି ପ୍ରଶ୍ନ ନାହିଁ ?…ମୋ ପାଖରେ ଅନେକଗୁଡ଼ିଏ ପ୍ରଶ୍ନ ରହିଛି ସତ, ମାତ୍ର ସେଗୁଡ଼ିକ ହେଉଛି ହୁଏତ ଅଧମାତ୍ରାରେ ଗୋଟିଏ ଗୋଟିଏ ବିଶେଷ ପ୍ରଶ୍ନ, ନଚେତ୍ ଅଧମାତ୍ରାରେ ସାଧାରଣ ପ୍ରଶ୍ନ : ବା, ଯେଉଁମାନେ କାର୍ଯ୍ୟରେ ପ୍ରୟୋଗ କରିବାକୁ ଯଥେଷ୍ଟ ଉତ୍ସାହ ରଖିଛନ୍ତି, ପ୍ରଶ୍ନଗୁଡ଼ିକ ବିଷୟରେ କୌଣସି ଆଲୋଚନା ହେଲେ ହୁଏତ କେବଳ ସେହିମାନଙ୍କରହିଁ କୌଣସି ଆଗ୍ରହ ଥିବ ।

ତେବେ ତୁମେମାନେ ଆଉ କ'ଣ ଶୁଣିବାକୁ ଚାହୁଁଛ ?…(ମାଆ ନୀରବ ରହିଲେ) କିଛି ନାହିଁ ? ଦେଖ, ତୁମେମାନେ କହୁନାହଁ କିଛି ନାହିଁ । ତେବେ ଭଲ କଥା, ମୁଁ ବି କିଛି କହିବି ନାହିଁ ।

(ଗୋଟିଏ ପିଲା) ଅଗ୍ରଗତି କରିବା ଲାଗି ଯେପରି ଆମ ଭିତରେ ଏକ ଇଚ୍ଛା ଜାଗ୍ରତ ହୋଇ ଆସିବ, ସେଥି ଲାଗି ହୁଏତ କିଛି ।

(ଧ୍ୟାନ)

## ୧୯ ସେପ୍ଟେମ୍ବର ୧୯୫୬

ମାଆ, ଏଇଟିକୁ ମୁଁ ଭଲ ଭାବରେ ବୁଝି ପାରୁ ନାହିଁ : "ଇଚ୍ଛା, ସାମର୍ଥ୍ୟ ଏବଂ ଶକ୍ତି,—ଏଗୁଡ଼ିକ ହେଉଛନ୍ତି ସେହି ପ୍ରାଣଶକ୍ତିରହିଁ ଗୋଟିଏ ଗୋଟିଏ ସହଜାତ ତତ୍ତ୍ୱ; ଏବଂ ପ୍ରାଣ ଯେ କେବଳ ଜ୍ଞାନ ଓ ପ୍ରେମର କର୍ତ୍ତୃତ୍ୱଟିକୁ ସ୍ୱୀକାର କରିବାକୁ ଅସମ୍ମତ ପ୍ରକାଶ କରିଥାଏ, ସେଥିପାଇଁ ତାହାର ପ୍ରକୃତ ଶ୍ରେଷ୍ଠତ୍ୱଟି ନଷ୍ଟ ହୋଇ ରହିଛି । ଠିକ୍ ଏହି କାରଣଟି ପାଇଁ ତାହା ଏତେ ଏକ ବସ୍ତୁର ତୃପ୍ତି ଉପରେ ଆପଣାକୁ କେନ୍ଦ୍ରିତ କରି ରଖିଥାଏ, ଯାହା ଅପେକ୍ଷାକୃତ ଅତ୍ୟଧିକ ପରିମାଣରେ ବସ୍ତୁଶୂନ୍ୟ,

'oaob.nitrkl.ac.in' images reprocessed

ଅନମନୀୟ ଏବଂ ସ୍ୱପଦସ୍ଥ ହୋଇଥିଲେ ମଧ୍ୟ ତଥାପି ଭଗବାନ ଏବଂ ପରଂବ୍ରହ୍ମଙ୍କ ଆଡ଼କୁ ଅଗ୍ରସର ହେବା ଲାଗି ଆପଣାର ସ୍ୱକୀୟ ସାହସିକ ଏବଂ ପୂର୍ଣ୍ଣୋତ୍ସାହ ପ୍ରକୃତିରେ ଦୁଃସାହସ ମଧ୍ୟ କରିପାରେ । କେବଳ ପ୍ରେମ ଓ କେବଳ ପ୍ରଜ୍ଞା ମଧ୍ୟ ଭଗବାନଙ୍କର ଏକମାତ୍ର ସ୍ୱଭାବ ନୁହନ୍ତି, ଆମକୁ ତାଙ୍କର ଶକ୍ତିରୂପ ସ୍ୱଭାବଟିକୁ ମଧ୍ୟ ସ୍ମରଣ ରଖିବାକୁ ପଡ଼ିବ ।"

ଯୋଗସମନ୍ୱୟ. ୧୭୩-୭୪

ଏଇଟିରୁ ତୁମେ କ'ଣ ବୁଝି ପାର ନାହିଁ ?

ଶ୍ରୀଅରବିନ୍ଦ କହୁଛନ୍ତି ଯେ, ଆମର ପ୍ରାଣିକ ଅଂଶଟି, ପ୍ରାଣିକ ସତ୍ତାଟି ପ୍ରକୃତରେ ବୃହତ୍ତମ ପ୍ରତିବନ୍ଧକ ପରି ହୋଇ ରହିଥାଏ, କାରଣ ତା' ଭିତରେ କୌଣସି ନୈତିକ ଅଭ୍ୟୁତ୍ଥାନ ହେବାର ସମ୍ଭାବନା ନଥାଏ, ଏବଂ, ପରମ ପ୍ରେମ ଏବଂ ପରମ ଜ୍ଞାନ ପାଖରେ ତାହାକୁ ସଂପୂର୍ଣ୍ଣ ଭାବରେ ସମର୍ପଣ କରିଦେଇ ପାରିଲେ ଯାଇ ତା' ମଧ୍ୟରେ ରୂପାନ୍ତରିତ ହୋଇ ପାରିବାର ଆଦୌ କୌଣସି ସମ୍ଭାବନା ଥାଏ; ମାତ୍ର ଶକ୍ତି ଓ ବଳହିଁ ପ୍ରାଣିକ ସତ୍ତାର ପ୍ରଧାନ ଗୁଣ ହୋଇଥିବାରୁ ତାହା ସତ୍ତାର ଅନ୍ୟ ସାମର୍ଥ୍ୟଗୁଡ଼ିକ ପାଖରେ ନତମସ୍ତକ ହେବା ଲାଗି ସାଧାରଣତଃ ପସନ୍ଦ କରେ ନାହିଁ ଏବଂ ଏଇଥିରୁହିଁ ଆପଣାକୁ ସମର୍ପିତ କରିଦେବା ଲାଗି ଏହାର ଅସମ୍ମତି ଉଚିତ ବୋଲି ପ୍ରତିପାଦିତ ହୁଏ, କାରଣ ସେହି ଗୁଣଗୁଡ଼ିକୁ ମଧ୍ୟ ଆମେ ମର୍ମତଃ ଅନ୍ୟ ଗୁଣଗୁଡ଼ିକ ପରି ସମାନ ଭାବରେ ଉଚ୍ଚସ୍ତରୀୟ ବୋଲି କହିବା । ଏବଂ, ସେହି କାରଣରୁ, ଅର୍ଥାତ୍ ଏହାର ଯଥାର୍ଥ ବିକାଶ ହୋଇ ନଥିବାରୁ ଓ ତାହା ନିଜକୁ ସମର୍ପିତ କରି ନଥିବାରୁ, ସେଇଟି ମଧ୍ୟରେ ଅନ୍ୟଗୁଡ଼ିକ ପରି ସମାନ ଶକ୍ତି ବା ସମାନ ସାମର୍ଥ୍ୟ ମଧ୍ୟ ଆଦୌ ବିଦ୍ୟମାନ ନଥାଏ ଏବଂ ଏଇଥିରୁହିଁ ଏକ ଦ୍ୱନ୍ଦ୍ୱ ଜାତ ହୋଇଥାଏ । ଏହାର ଏହି ସାମର୍ଥ୍ୟଟି ରହିଥାଏ ବୋଲି ଏହା ବଶ୍ୟତା ସ୍ୱୀକାର କରେ ନାହିଁ ଏବଂ ସମର୍ପିତ ହୋଇ ନଥାଏ ବୋଲି ଏହି ସାମର୍ଥ୍ୟଟି ମଧ୍ୟ କୌଣସି କାର୍ଯ୍ୟରେ ଲାଗି ପାରେ ନାହିଁ । ତେଣୁ, ଆମେ କିପରି ଏହି ଅଡ଼ୁଆଟି ମଧ୍ୟରୁ ବାହାରିଆସି ପାରିବା ? ଯଦି ପ୍ରାଣିକ ଅଂଶଟିର ସମର୍ପଣ ସମ୍ଭବ ହୋଇପାରେ, ତେବେ ତାହା ଏକ ଶକ୍ତିଶାଳୀ ସହାୟକରେ ପରିଣତ ହୋଇପାରେ, ଅତ୍ୟନ୍ତ ଉପଯୋଗୀ ହୋଇପାରେ ଏବଂ ସମସ୍ତ ପ୍ରକ୍ରିୟାଟିକୁ ତାହା ବହୁ ପରିମାଣରେ କ୍ଷିପ୍ର କରି ଦେଇପାରେ । ମାତ୍ର, ଏହା ଆପଣାର ଶକ୍ତିଟିକୁହିଁ ଅନୁଭବ କରୁଥିବାରୁ, ତାହା ଅନ୍ୟ ଶକ୍ତିଗୁଡ଼ିକ ପାଖରେ ନତମସ୍ତକ ହେବା ଲାଗି ନାସ୍ତି କରିଦିଏ; ଏବଂ, ଏହା

'oaob.nitrkl.ac.in' images reprocessed

ବଶ୍ୟତା ସ୍ୱୀକାର କରି ନପାରୁଥିବାରୁହିଁ ତାହାର ଶକ୍ତିଗୁଡ଼ିକ କୌଣସି କାମରେ ଲାଗି ପାରେ ନାହିଁ । ତେବେ, ଆମେ ଏହି କ୍ଷେତ୍ରରେ କ'ଣ କରିବା ? ଶ୍ରୀଅରବିନ୍ଦ ଏହି ସମସ୍ୟାଟିକୁହିଁ ବର୍ଣ୍ଣନା କରିଛନ୍ତି—ପରେ ସେ ତାହାର ସମାଧାନ କରିଛନ୍ତି; ଯଦି ଆମେ ଆହୁରି ଆଗକୁ ପଢ଼ିବା, ତେବେ ସମସ୍ୟାଟିର କିପରି ସମାଧାନ କରାଯାଇ ପାରିବ, ସେ ସେକଥାଟିକୁ ମଧ୍ୟ ଆମକୁ କହିଦେବେ । ମାତ୍ର, ସିଏ ସର୍ବପ୍ରଥମେ ସମସ୍ୟାଟିକୁ ଆଣି ଉପସ୍ଥାପିତ କରିଛନ୍ତି, ଯେପରିକି ଆମେ ସ୍ଥିତିଟିକୁ ସମ୍ପୂର୍ଣ୍ଣ ଭାବରେ ବୁଝିପାରିବା ।

ପ୍ରାଣିକ ଅଂଶଟି ଯଦି ଏକ ସାମାନ୍ୟ ମଧ୍ୟମଧରଣର ସତ୍ତା ହୋଇଥାନ୍ତା ଏବଂ ଯଦି ତାହାର କୌଣସି ନିର୍ଦ୍ଦିଷ୍ଟ ଗୁଣସାମର୍ଥ୍ୟ ନଥାନ୍ତା, ତେବେ ତାହାକୁ ନେଇ ସମର୍ପିତ କରିଦେବାରେ ଆଦୌ କୌଣସି ଅସୁବିଧା ହୁଅନ୍ତା ନାହିଁ, ମାତ୍ର ସେହି କ୍ଷେତ୍ରରେ ତାହା ପ୍ରକୃତରେ ନିତାନ୍ତ ଅନୁପଯୋଗୀ ହୋଇ ରହନ୍ତା । ମାତ୍ର ତା' ନହୋଇ ପ୍ରାଣିକ ଅଂଶଟି ଶକ୍ତି ଏବଂ ବଳର ଏକ ଦୁର୍ଗ ସଦୃଶ ହୋଇ ରହିଛି, ତାହା ସକଳ ବଳର ଭଣ୍ଡାର ହୋଇ ରହିଛି । ମାତ୍ର ସାଧାରଣତଃ ସେହି ଶକ୍ତି ନାନା ଅନ୍ୟ ଆଡ଼େ ବିକ୍ଷିପ୍ତ ହୋଇ ରହିଥାଏ; ତାହା ଆଉ ଦିବ୍ୟ ପରମସତ୍ତାଙ୍କର କୌଣସି କାର୍ଯ୍ୟ କରୁ ନଥାଏ, ଆପଣାର ପରିତର୍ପଣ ଲାଗିହିଁ ପ୍ରାଣିକ ସେହି ପ୍ରାଣିକର ପରିଚର୍ଯ୍ୟା କରିବାରେ ଲାଗିଥାଏ । ତେଣୁ, ସେହିପରି ହୋଇ ରହିଥିବା ପର୍ଯ୍ୟନ୍ତ ତାହା ଆଉ କୌଣସି କାର୍ଯ୍ୟରେ ଲାଗି ପାରେ ନାହିଁ ।

ପ୍ରାଣିକ ଅଂଶଟିର କ୍ରମଶଃ ଏହି କଥାଟିକୁ ବୁଝିପାରିବା ଉଚିତ ଯେ ତାହା ଆପଣା ଭିତରେ ଯେଉଁ ଶକ୍ତି ଏବଂ ଯେଉଁ ବଳକୁ ଅନୁଭବ କରୁଛି, ତାହା ପୃଥିବୀପୃଷ୍ଠରେ ଦିବ୍ୟ ଉପଲବ୍ଧିର ପରିକଳ୍ପନାଟି ସହିତ ପୂର୍ଣ୍ଣ ସମଞ୍ଜସ ହୋଇ ନପାରିଥିବା ଯାଏ ଆଦୌ କୌଣସି କାର୍ଯ୍ୟରେ ଲାଗି ପାରିବ ନାହିଁ । ଯଦି ପ୍ରାଣିକ ସେହି କଥାଟିକୁ ହୃଦୟଙ୍ଗମ କରେ, ତେବେ ତାହା ନିଶ୍ଚିତ ଭାବରେ ଶାନ୍ତ ହୋଇ ଆସିବ ଏବଂ ଆପଣାକୁ ପ୍ରକୃତରେ ସତ୍ତାର ସମଗ୍ରତା ମଧ୍ୟରେ ଅନ୍ତର୍ଭୁକ୍ତ କରିପାରିବ ଏବଂ ତା'ପରେ ଯାଇ ଆପଣାର ପୂର୍ଣ୍ଣ ଶକ୍ତି ତଥା ପୂର୍ଣ୍ଣ ମହତ୍ତ୍ୱରେ ପ୍ରତିଷ୍ଠିତ ହୋଇପାରିବ । ମାତ୍ର ତା' ନହୋଇ ପାରିଲେ, ପ୍ରାଣିକ ଆଦୌ କୌଣସି କାମରେ ଲାଗି ପାରିବ ନାହିଁ । ଏବଂ ସାଧାରଣତଃ ତାହାର ଯାବତୀୟ କ୍ରିୟାକଳାପ ଏପରି ହୋଇ ରହିଥାଏ ଯେ ତାହା ସକଳ ବିଷୟକୁ ସର୍ବଦା ଜଟିଳହିଁ କରି ଦେଉଥାଏ ଏବଂ ସେଗୁଡ଼ିକର ସରଳତା ଏବଂ ସହଜତାକୁ ଅପହରଣ କରି ନେଉଥାଏ । ସେଗୁଡ଼ିକର ଶୁଦ୍ଧତା ଓ ଅନେକ ସମୟରେ ସେଗୁଡ଼ିକର ସୌନ୍ଦର୍ଯ୍ୟ ଏବଂ ଫଳପ୍ରଦତାକୁ ମଧ୍ୟ ଅନ୍ତର୍ହିତ କରି ନେଇଯାଏ, କାରଣ ତାହାର କାର୍ଯ୍ୟ ଚକ୍ଷୁହୀନ, ଅଜ୍ଞାନ ଦ୍ୱାରା ଆଚ୍ଛନ୍ନ ଏବଂ ଅହଂପ୍ରେରିତ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

**ମାଆ, ଦ୍ରବ୍ୟ ଭୂମିକୁ ଆମେ ଚୈତ୍ୟ ଭୂମି ବୋଲି ବି କହି ପାରିବା କି ?**

ଚୈତ୍ୟ ଭୂମିଠାରୁ ଏହା ଆହୁରି ଅଧିକ ଉଚ୍ଚରେ ଅବସ୍ଥିତ । ଚୈତ୍ୟ ସତ୍ତାକୁ ଦ୍ରବ୍ୟ ପରମସତ୍ତାଙ୍କର ଆଧାର ବୋଲି କୁହାଯାଇ ପାରିବ, ତାହା ସେହି ପରମସତ୍ତାଙ୍କୁ ଧାରଣ କରି ରଖିଥାଏ, ସେହି ପରମସତ୍ତାଙ୍କର ନିବାସ ହୋଇ ରହିଥାଏ, ମାତ୍ର ପରମସତ୍ତା ସର୍ବଦା ଚୈତ୍ୟସତ୍ତାଠାରୁ ଅଧିକ ଉଚ୍ଚରେ ରହିଥାନ୍ତି । କାରଣ, ଚୈତ୍ୟସତ୍ତାକୁ ଦ୍ରବ୍ୟ ରୂପାୟନର କେବଳ ଏକ ଉଦ୍ଭବ ବୋଲିହିଁ ବୁଝାଯାଇ ପାରିବ ।

**ଅତିମାନସ କହିଲେ ବି କ'ଣ ସେହି ଚୈତ୍ୟସତ୍ତାକୁ ବୁଝାଇବ ନାହିଁ କି ?**

ଅତିମାନସ ମଧ୍ୟ ଚୈତ୍ୟସତ୍ତାଠାରୁ ଆହୁରି ଅନେକ ଉଚ୍ଚରେ ଅବସ୍ଥିତ ।

ଶ୍ରୀଅରବିନ୍ଦ ଯାହାକୁ ଅତିମାନସ ବୋଲି କହୁଛନ୍ତି, ତାହା ହେଉଛି ସେହି ଉପାଦାନ ବା ଦ୍ରବ୍ୟ ପରମତତ୍ତ୍ୱ, ଯାହାକି ଏହି ବିଶ୍ୱଜଗତରେ ଆପଣାର ଲୀଳା ଲାଗି ଅବତୀର୍ଣ୍ଣ ହୋଇ ଆସିବ । ଏହାକୁ ସେ ଅତିମାନସ ବୋଲି କହିଛନ୍ତି, କାରଣ ସିଏ ମନର ଅତୀତ, ଅର୍ଥାତ୍ ସର୍ବୋଚ୍ଚ ଦ୍ରବ୍ୟ ପରମତତ୍ତ୍ୱର ଏକ ନୂତନ ରୂପାୟନରୂପେ ତାହାର ଅବତରଣ ହେବାକୁ ଯାଉଛି । ଏବଂ ଦ୍ରବ୍ୟ ପରମସତ୍ତା ଚୈତ୍ୟସତ୍ତା ସହିତ ଯେପରି ସମ୍ବନ୍ଧିତ ହୋଇ ରହିଥିଲେ, ଏହି ଅତିମାନସ ମଧ୍ୟ ଚୈତ୍ୟ ସହିତ ଠିକ୍ ସେହିପରି ସମ୍ବନ୍ଧିତ ହୋଇ ରହିଛି । ଅର୍ଥାତ୍, ଚୈତ୍ୟ କ୍ଷେତ୍ରଟି ଏକ ନିବାସ ହୋଇ ରହିଛି, ଏକ ଆଧାର ହୋଇ ରହିଛି; ଯାହାକିଛି ଦ୍ରବ୍ୟ ପରମସତ୍ତାଙ୍କୁ ବାହ୍ୟତଃ ପ୍ରକଟ କରିଆଣିବ, ତାହା ହେଉଛି ଚୈତ୍ୟସତ୍ତା । ମାତ୍ର ସମଗ୍ରତଃ ନୁହେଁ, କେବଳ ମର୍ମତଃହିଁ ତାହାକୁ ଦ୍ରବ୍ୟ ବୋଲି କୁହାଯାଇ ପାରିବ । ପରମ ଦ୍ରବ୍ୟସତ୍ତାଙ୍କର ବାହ୍ୟ ରୂପାୟନରେ ଚୈତ୍ୟସତ୍ତା ହେଉଛି ଏକ ପ୍ରଣାଳୀ । ପରମ ଦ୍ରବ୍ୟସତ୍ତାଙ୍କ ସହିତ ତୁଳନାର କ୍ଷେତ୍ରରେ ତାହା ବାହ୍ୟ ସତ୍ତା, ଏକ ପାର୍ଥିବ ସତ୍ତା ।

ହେଲେ ନା ଆଉକିଛି ଅଛି ?

**ଯେଉଁ ଭୌତିକ ଚେତନା ଆମକୁ ସବୁବେଳେ ଏପରି ବାନ୍ଧିକରି ରଖିଛି ଏବଂ କେବଳ ଭୌତିକ ପରିବେଶଗୁଡ଼ିକ ସହିତହିଁ**

'oaob.nitrkl.ac.in' images reprocessed

**ଆମକୁ ଆଣି ଛାଡ଼ିଦେଇଛି, ଆମେ ସେଇଟି ଭିତରୁ କପରି ବାହାରିଆସି ପାରିବା ?**

ଏଥିଲାଗି ଅନେକ ପ୍ରକାରର ବାଟ ରହିଛି ।

ବୁଦ୍ଧିର ବାଟ ରହିଛି, ଏପରି ବାଟ ରହିଛି ଯାହାକୁ କି ଭାବଗତ ବୋଲି କୁହାଯାଇ ପାରିବ, କଳାତ୍ମକ ବାଟ ରହିଛି, ଆଧ୍ୟାତ୍ମିକ ବାଟ ବି ରହିଛି । ଏବଂ ସାଧାରଣତଃ, ଯେଉଁ ବାଟଟି ଯେଉଁ ବ୍ୟକ୍ତି ଲାଗି ସବୁଠାରୁ ସହଜ ହେବ, ସିଏ ସର୍ବଥା ସେହି ବାଟଟିକୁହିଁ ବାଛିନେବ । କାରଣ ଯଦି କୌଣସି ବ୍ୟକ୍ତି ସିଧା ଯାଇ ସବୁଠାରୁ କଷ୍ଟ ବାଟଟିକୁ ଧରିବା ଲାଗି ଇଚ୍ଛା କରେ, ତେବେ ସେଥିରୁ ସେ କୌଣସି ଫଳ ପାଇବ ନାହିଁ । ଏବଂ ଆମେ ଏଠାରେ ମଧ୍ୟ ଠିକ୍ ସେହି କଥାଟିକୁ ପୁନର୍ବାର ଫେରି ଆସିବା, 'ଯୋଗସମନ୍ୱୟ' ଗ୍ରନ୍ଥରେ ଶ୍ରୀଅରବିନ୍ଦ ଯାହାର ବର୍ଣ୍ଣନା କରିଛନ୍ତି, ସେହି କଥାଟିକୁହିଁ ଫେରି ଆସିବା : ଏଇଟି ଜ୍ଞାନର ବାଟ, ଭକ୍ତିର ବାଟ ଅଥବା କର୍ମର ବାଟ । ମାତ୍ର କର୍ମର ବାଟଟି ତୁମକୁ ଠିକ୍ ସେଇ ଭୌତିକ ଜୀବନ ମଧ୍ୟରେହିଁ ଅବସ୍ଥାପିତ କରି ରଖିଥାଏ ଏବଂ ତାହାରି ମଧ୍ୟରେ ତୁମକୁ ତୁମର ମୁକ୍ତି ଅନ୍ୱେଷଣ କରିବା ଲାଗି ପ୍ରବୃତ୍ତ କରାଇଥାଏ; ସମ୍ଭବତଃ ଏହି ବାଟଟି ହେଉଛି ସବୁଠାରୁ ଅଧିକ ଫଳପ୍ରଦ ବାଟ, ମାତ୍ର ସବୁଠାରୁ ଅଧିକ କଷ୍ଟକର ବି ।

ଅଧିକାଂଶ ସାଧକଙ୍କ ପାଇଁ ଧ୍ୟାନ, ଏକାଗ୍ରତା, ଜଡ଼ଗତ ଜୀବନ ମଧ୍ୟରୁ ଆପଣାକୁ ପ୍ରତ୍ୟାହାର କରି ନେଇଯିବା,—କର୍ମର ବାଟଟିଠାରୁ ଏଗୁଡ଼ିକୁ ନିଶ୍ଚିତ ଭାବରେ ଅଧିକ ସହଜ ବୋଲି କୁହାଯିବ । ମାତ୍ର ସେହିସବୁ ବାଟ ଭୌତିକ ଚେତନାକୁ ଯେଉଁଠି ସେଇଠି ଛାଡ଼ିଦେଇ ଚାଲିଯାନ୍ତି, ସେଥିରେ ଆଦୌ କୌଣସି ପରିବର୍ତ୍ତନ କରନ୍ତି ନାହିଁ, ଏବଂ ଯଦି ଜଣେ ସାଧୁ ଅଥବା ବୈରାଗୀ ହୋଇ ସକଳ କ୍ରିୟାମୟ ଜୀବନରୁ ବିଦାୟ ନେଇ ସତତ ଏକାଗ୍ରତା ଏବଂ ସତତ ଧ୍ୟାନରେ ମଗ୍ନ ହୋଇ ରହି ନପାରେ, ତେବେ ଏଥିରୁ ସେ କିଛିହେଲେ ଉପଲବ୍ଧି କରି ପାରେ ନାହିଁ । ଅର୍ଥାତ୍, ସତ୍ତାର ଏକ ସମ୍ପୂର୍ଣ୍ଣ ଅଂଶର ଆଦୌ କୌଣସି ରୂପାନ୍ତର ହୁଏ ନାହିଁ । ଏବଂ, ସେହି ଅଂଶଟିର ରୂପାନ୍ତରସାଧନ କରି ନୁହେଁ, ମାତ୍ର ତାହାକୁ ବର୍ଜନ କରିହିଁ ସେମାନେ ଏକ ସମାଧାନର ପ୍ରୟାସ କରିଥାନ୍ତି । ଯେତେ ଶୀଘ୍ର ପାରନ୍ତି, ସେମାନେ ଏହି ଶରୀର ଭିତରୁ ବାହାରି ଚାଲିଯାଆନ୍ତି । ଆଗରୁ ଯୋଗର ଏହିପରି ଏକ କଳ୍ପନା କରାଯାଉଥିଲା, କାରଣ ଏହା ନିଃସନ୍ଦେହ ଭାବରେ ଅଧିକ ସହଜ । ମାତ୍ର ଆମେ ଯାହା ଚାହୁଁଛୁ, ତାହା ଏହା କଦାପି ନୁହେଁ ।

ଆମେ ଭୌତିକ ଚେତନାର ରୂପାନ୍ତର ଇଚ୍ଛା କରୁଛୁ, ତାହାର ବର୍ଜନ କଦାପି ଇଚ୍ଛା କରୁ ନାହୁଁ ।

'oaob.nitrkl.ac.in' images reprocessed

ଏବଂ ତେଣୁ, ଏହି କ୍ଷେତ୍ରରେ, ସବୁଠାରୁ ଅଧିକ ପ୍ରତ୍ୟକ୍ଷ ଏବଂ ଅଧିକ ସମଗ୍ର ମାର୍ଗରୂପେ ଶ୍ରୀଅରବିନ୍ଦ ଯେଉଁଟିର ପରାମର୍ଶ ଦେଇଛନ୍ତି, ସେଇଟି ହେଉଛି ଦିବ୍ୟ ପରମସତ୍ତାଙ୍କ ପାଖରେ ଆପଣାକୁ ସମର୍ପଣ କରିଦେବା । ଏହି ସମର୍ପଣ କ୍ରମୋତ୍ତର ଭାବରେ ଅଧିକରୁ ଅଧିକ ସମଗ୍ର ହେବାରେ ଲାଗିଥିବ, ଆମର ଭୌତିକ ଚେତନା ଓ ଭୌତିକ ଯାବତୀୟ କାର୍ଯ୍ୟକଳାପ ତାହାର ଅନ୍ତର୍ଭୁକ୍ତ ହୋଇ ରହିଥିବ । ଏବଂ ଯଦି ଆମେ ଏଥିରେ ସଫଳତା ଲାଭ କରିବା, ତେବେ ଆମର ଭୌତିକ ସତ୍ତା ଏକ ପ୍ରତିବନ୍ଧକ ହେବା ପରିବର୍ତ୍ତେ ଏକ ସହାୟକ ଭାବରେ କାର୍ଯ୍ୟ କରିପାରିବ ।

"ଆତ୍ମାର ଅନ୍ତର୍ଗତ ଶକ୍ତିମତ୍ତାକୁ ଆଧାର କରିହିଁ ଜୀବନର ସିଧା ସମ୍ମୁଖୀନ ହୁଅ, ଏବଂ ଆପଣାର ପରିସ୍ଥିତିଗୁଡ଼ିକ ଉପରେ ନିଜେ ପ୍ରଭୁରୂପେ ପ୍ରତିଷ୍ଠିତ ହୁଅ ।"—ଏହି ବାକ୍ୟଟିର ଅର୍ଥ କ'ଣ ?

ଯେଉଁ ମାର୍ଗ ସମୁଦାୟ ଭୌତିକ ଚେତନା ଏବଂ ସକଳ ଭୌତିକ ଘଟଣାକୁ ବର୍ଜନ କରି ଆସିବାର ପରାମର୍ଶ ଦେଇଥାଏ, ଏହା ହେଉଛି ତାହାର ଠିକ୍ ବିପରୀତ । "ସିଧା ଜୀବନର ସମ୍ମୁଖୀନ ହୁଅ," ଏହାର ଅର୍ଥ ହେଉଛି : ଜୀବନଠାରୁ ଦଉଡ଼ି ପଳାଇ ଯାଅ ନାହିଁ ! ଏହାର ଅର୍ଥ ହେଉଛି : ଜୀବନ ପ୍ରକୃତରେ ଯେପରି, ତୁମେ ସେହିପରି ତାହାର ସମ୍ମୁଖୀନ ହୁଅ, ଜୀବନରୁ ପଳାଇ ଯାଅ ନାହିଁ ଏବଂ ଅନ୍ତର୍ଗତ ଚୈତ୍ୟ ଶକ୍ତିକୁ ଆବାହନ କରିଆଣି ଆପଣାର ସହାୟକ କରାଅ । ଶ୍ରୀଅରବିନ୍ଦ କହୁଛନ୍ତି : "ଆତ୍ମାର ଅନ୍ତର୍ଗତ ଶକ୍ତି," ଅନ୍ତର୍ଗତ ଚୈତ୍ୟ ଶକ୍ତି,—ଏବଂ ଏହି ଚୈତ୍ୟ ଚେତନାର ସହାୟତା ଦ୍ୱାରା ତୁମେ ପରିସ୍ଥିତିଗୁଡ଼ିକର ଊର୍ଦ୍ଧ୍ୱକୁ ଉଠିଯାଅ ଏବଂ ସେଗୁଡ଼ିକ ଉପରେ ପ୍ରଭୁତ୍ୱ ଅର୍ଜନ କର । ଅର୍ଥାତ୍, ଯାହାକିଛି ପରିସ୍ଥିତି ଆସୁଛି, ତାହାକୁ ମାନି ନନେଇ ଓ ତାହାର ଯାବତୀୟ ପରିଣାମକୁ ସହ୍ୟ ନକରି ଜଣେ ବ୍ୟକ୍ତି ସେହି ପରିସ୍ଥିତିଗୁଡ଼ିକର ଊର୍ଦ୍ଧ୍ୱକୁ ଉଠିଯିବ ଏବଂ ସେଗୁଡ଼ିକୁ ଏପରି ଭାବରେ ଅତିକ୍ରମ କରିଯିବାକୁ ଛାଡ଼ିଦେବ ଯେପରିକି ତାହା ତୁମକୁ ଆଦୌ ସ୍ପର୍ଶ ବି କରିବ ନାହିଁ ଏବଂ ତୁମର ଚେତନାକୁ କୌଣସି ପ୍ରକାରେ ଆଘାତ ପହଞ୍ଚାଇ ପାରିବ ନାହିଁ । ଶ୍ରୀଅରବିନ୍ଦ ଏହି ଅର୍ଥରେ ତାହା କହୁଛନ୍ତି ।

ଏପରି କୁହା ଯାଇଥାଏ ଯେ ଦିବ୍ୟ ପରମପ୍ରେମ ବିଷୟରେ ସଚେତନ ରହିବାକୁ ହେଲେ ଆମକୁ ଆଉ ଯାବତୀୟ ପ୍ରେମକୁ ପରିତ୍ୟାଗ କରି ଆସିବାକୁ ପଡ଼ିବ । ଯେଉଁ ପ୍ରେମ ଏତେ ଦୁରାଗ୍ରହ

'oaob.nitrkl.ac.in' images reprocessed

**ସତ୍ତ୍ୱେ ଆମ ସତ୍ତ୍ୱର ଲାଗି ରହିଥାଏ ଓ ଆମକୁ ମୋଟେ ସହଜରେ ଛାଡ଼ିଯିବାକୁ ଚାହେଁ ନାହିଁ (ସମସ୍ତେ ହସିଲେ), ତାହାକୁ ବର୍ଜନ କରିବାର ସର୍ବୋତ୍ତମ ଉପାୟ କ'ଣ ଅଛି ?**

ତାହାର ମଧ୍ୟରେ ପ୍ରବେଶ କରିବା ଓ ତାକୁ ପାର ହୋଇଯିବା ।

ତାହାର ମଧ୍ୟରେ ପ୍ରବେଶ କରି ତାକୁ ପାର ହୋଇଯିବା, ତା' ପଛରେ ପ୍ରକୃତରେ କ'ଣ ରହିଛି, ତାହାକୁ ଦେଖିବାକୁ ସମର୍ଥ ହେବା, ପ୍ରତିଭାସର ସ୍ତରଟିରେହିଁ କେବେହେଲେ ଅଟକି ନଯିବା, ବାହ୍ୟ ରୂପଟିରେ ଆଦୌ ସନ୍ତୁଷ୍ଟ ହୋଇ ନରହିବା, ସେହି ପ୍ରେମର ପଶ୍ଚାତରେ ରହିଥିବା ମର୍ମତାତ୍ପର୍ଯ୍ୟଟିର ଅନୁସନ୍ଧାନ କରିବା ଏବଂ ଆପଣା ଭିତରେ ସେହି ଅନୁଭୂତିର ମୂଳଟିକୁ ଖୋଜି ବାହାର ନକରିବା ପର୍ଯ୍ୟନ୍ତ କଦାପି ତୃପ୍ତ ହୋଇ ବସି ନଯିବା । ତେବେ ବାହ୍ୟ ଗଠନରୂପଟି ଆପଣାଛାଏଁ ଭୁଷୁଡ଼ି ପଡ଼ିବ ଏବଂ ତୁମେ ଏହି ଯାବତୀୟ ବସ୍ତୁର ପଶ୍ଚାତରେ ଅବସ୍ଥିତ ରହିଥିବା ଦିବ୍ୟ ପରମପ୍ରେମର ସଂସ୍ପର୍ଶରେ ଆସିବାକୁ ସମର୍ଥ ହେବ ।

ତାହାହିଁ ସର୍ବୋତ୍ତମ ବାଟ ।

ଗୋଟିକୁ ପାଇବା ବୋଲି ଆଉଗୋଟିକରୁ ନିଷ୍କୃତି ଲାଭ କରିବା ପ୍ରକୃତରେ ଭାରି କଷ୍ଟକର । ଏପରି କରିବା ପ୍ରାୟ ଅସମ୍ଭବ । କାରଣ ମନୁଷ୍ୟର ପ୍ରକୃତି ଏଡ଼େ ସୀମାବଦ୍ଧ, ଏତେବେଶୀ ବିରୋଧିତାପୂର୍ଣ୍ଣ ଏବଂ ଆପଣାର ଗତିକ୍ରିୟାର କ୍ଷେତ୍ରରେ ଏତେଦୂର ବହିଷ୍କାରଧର୍ମୀ ଯେ ଯଦି ଆମେ ପ୍ରେମକୁ ତା'ର ନିମ୍ନତର ରୂପର ସ୍ତରରେ ବର୍ଜନ କରିବାକୁ ବାହାରିବା, ଅର୍ଥାତ୍, ଯଦି ଆମେ ମନୁଷ୍ୟମାନେ ମାନବସ୍ତରୀୟ ପ୍ରେମକୁ ଯେଉଁପରି ଭାବରେ ଅନୁଭବ କରିଥାନ୍ତି, ତାହାକୁ ପରିତ୍ୟାଗ କରି ଆସିବାକୁ ଇଚ୍ଛା କରିବା, ତାହାକୁ ବର୍ଜନ କରି ଆସିବା ଲାଗି ଯଦି ଆମେ କୌଣସି ଅନ୍ତର୍ଗତ ପ୍ରୟାସ କରିବା, ତେବେ ଆମେ ଅଧିକାଂଶ କ୍ଷେତ୍ରରେ ହୁଏତ ପ୍ରେମର ସଂପୂର୍ଣ୍ଣ ଅନୁଭୂତିଟିକୁହିଁ ହରାଇ ଆସିବା ଏବଂ ସତେଅବା ଗୋଟାଏ ପଥର ପରି ହୋଇ ରହିଯିବା । ଏବଂ, ତା'ପରେ, ନିଜ ଭିତରେ ପ୍ରେମକୁ ଗ୍ରହଣ କରିବା ଲାଗି ଓ ପ୍ରେମକୁ ବ୍ୟକ୍ତ କରି ପାରିବା ଲାଗି ଏକ ଉପଯୁକ୍ତ ସାମର୍ଥ୍ୟ ଜାଗ୍ରତ କରି ଆଣିବାକୁ ଆମକୁ ହୁଏତ ଅନେକ ବର୍ଷ ଅଥବା ଅନେକ ଶତାବ୍ଦୀ ଅପେକ୍ଷା କରି ରହିବାକୁ ପଡ଼ିବ ।

ତେଣୁ, ଯେକୌଣସି ଆକାରରେ ହେଉ ପଛକେ, ଯେତେବେଳେ ଆମ ଭିତରେ ପ୍ରେମଭାବ ଜାତ ହେଉଛି, ସେତେବେଳେ ସର୍ବୋତ୍ତମ ପନ୍ଥା ହେଉଛି ଯେ ଆମେ ତାହାର ବାହ୍ୟ ପ୍ରତୀତରୂପଟିକୁ ଚିରି ପକାଇବା ଏବଂ ପଶ୍ଚାତରେ ରହି ତାହାକୁ ଏକ ଅସ୍ତିତ୍ୱ ପ୍ରଦାନ କରି ରଖିଥିବା ଦିବ୍ୟ ତତ୍ତ୍ୱଟିକୁ ଆବିଷ୍କାର କରିବା ଲାଗି ଚେଷ୍ଟା

'oaob.nitrkl.ac.in' images reprocessed

କରିବା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହା ଭିତରେ କେତେ ଜାଲ ଓ କେତେ ଅଡ଼ୁଆ ଭର୍ତ୍ତି ହୋଇ ରହିଥିବ, ମାତ୍ର ଏହାହିଁ ପ୍ରକୃତରେ ସବୁଠାରୁ ଅଧିକ ଫଳପ୍ରଦ ପନ୍ଥା । ଅର୍ଥାତ୍, ଆମେ ଭୁଲ ଭାବରେ ଭଲ ପାଉଛୁ ବୋଲି ଆଦୌ ଭଲ ନପାଇବାକୁ କୌଣସି ନିଷ୍ପତ୍ତି ନକରି ଆମେ ଭୁଲ ଭାବରେ ଭଲ ପାଇବାରୁ ନିଜକୁ କ୍ଷାନ୍ତ କରି ରଖିବା ଓ ଭଲ ଭାବରେ, ଠିକ୍ ଭାବରେ ଭଲ ପାଇ ଶିଖିବା ।

ଉଦାହରଣସ୍ୱରୂପ, ମନୁଷ୍ୟ ମନୁଷ୍ୟ ମଧ୍ୟରେ ଯାବତୀୟ ଆକାରରେ ଯେଉଁ ଭଲ ପାଇବା ଦେଖିବାକୁ ମିଳିଥାଏ, ପିଲାମାନଙ୍କ ପ୍ରତି ପିତାମାତାଙ୍କର, ପିତାମାତାଙ୍କ ପ୍ରତି ପିଲାଙ୍କର, ଭାଇଭଉଣୀଙ୍କ ମଧ୍ୟରେ, ବନ୍ଧୁ ଓ ପ୍ରେମିକମାନଙ୍କ ମଧ୍ୟରେ ଯେଉଁ ଭଲପାଇବା ରହିଥାଏ, ସେଗୁଡ଼ିକ ସବୁଯାକ ଅଜ୍ଞାନ, ସ୍ୱାର୍ଥପରତା ବା ଯାହାସବୁ ମାନବଜୀବନର ସାଧାରଣ ନାନା ଅସମର୍ଥତା ହୋଇ ରହିଛି, ସେହିସବୁ ଅନ୍ୟ ଅନେକ ଦୋଷ ଦ୍ୱାରା ଦୁଷ୍ଟ ଓ ଅନୁରଞ୍ଜିତ ହୋଇ ରହିଥାଏ । ତେଣୁ, ସମ୍ପୂର୍ଣ୍ଣ ଭାବରେ ସବୁ ଭଲ ପାଇବା ଛାଡ଼ିଦେଇ ଆସିବା ପରିବର୍ତ୍ତେ,—ଶ୍ରୀଅରବିନ୍ଦ ଏହାକୁ ମଧ୍ୟ ଅତି କଷ୍ଟକର ବୋଲି କହିଛନ୍ତି, କାରଣ ସେପରି ହେଲେ ତାହା ଆମ ହୃଦୟକୁ ପୂରାପୂରି ଶୁଷ୍କ କରିଦେଇ ଯିବ ଏବଂ ଆଦୌ କୌଣସି ପ୍ରକାର ଉଦ୍ଦେଶ୍ୟର ସାଧନ କରିବ ନାହିଁ,—କିପରି ଅଧିକ ଭଲ ଭାବରେ ଭଲ ପାଇ ହୁଏ, ଆମକୁ ସେହି କଥାଟିକୁ ଶିଖିବାକୁ ପଡ଼ିବ; ଶ୍ରଦ୍ଧାର ସହିତ ଭଲ ପାଇବାକୁ ହେବ, ଆପଣାକୁ ଦାନ କରିଦେଇ, ନିଃଶେଷିତ କରିଦେଇ ଭଲ ପାଇବାକୁ ହେବ ଏବଂ ଭଲ ପାଇବା ବିରୁଦ୍ଧରେ ଆଦୌ କୌଣସି ସଂଗ୍ରାମ ନକରି ଭଲ ପାଇବାର ନାନା ବିକୃତ ରୂପର ବିରୁଦ୍ଧରେ ସଂଗ୍ରାମ କରିବାକୁ ପଡ଼ିବ : ସବୁପ୍ରକାର ଏକଚାଟିଆ କରି ରଖିବାର, ସବୁପ୍ରକାର ଆସକ୍ତି, ଅଧିକାର କରିବାର ଆଗ୍ରହ, ଈର୍ଷା ଏବଂ ଏହିସବୁ ପ୍ରଧାନ ଗତିସ୍ପନ୍ଦନଗୁଡ଼ିକର ଆନୁଷଙ୍ଗିକ ହୋଇ ରହିଥିବା ଯାବତୀୟ ଅନୁଭୂତି ବିରୁଦ୍ଧରେ ସଂଗ୍ରାମ କରିବାକୁ ପଡ଼ିବ । ଭଲ ପାଇବାକୁ ଯାଇ ଆମେ ଆବୋରି ଧରିବାକୁ ଚାହିଁବା ନାହିଁ, ପ୍ରଭୁତ୍ୱ ବିସ୍ତାର କରିବାକୁ ଇଚ୍ଛା କରିବା ନାହିଁ, ନିଜର ଇଚ୍ଛାଟିକୁ ନେଇ ଲଦିଦେବାକୁ କୌଣସି ଆଗ୍ରହ ଦେଖାଇବା ନାହିଁ, ନିଜର ଖିଆଲଗୁଡ଼ାକୁ, ନିଜର ବାସନାଗୁଡ଼ାକୁ ଲଦିଦେବାର କୌଣସି ପ୍ରଲୋଭନରେ କଦାପି ପଡ଼ିବା ନାହିଁ, ନେବାକୁ ବା ନିଜେ ଗ୍ରହଣ କରିବାକୁ ଇଚ୍ଛା ନକରି ଆମେ ଦେବାକୁ ଇଚ୍ଛା କରିବା, ଅନ୍ୟଜଣକ ଅନୁସ୍ପନ୍ଦନ ଜଣାଇବ ବୋଲି ଜିଦ୍ ଧରି ବସିବା ନାହିଁ, ମାତ୍ର ନିଜର ଭଲ ପାଇବାଟିକୁ ନେଇ ସନ୍ତୁଷ୍ଟ ହୋଇ ଶିଖିବା; ସେହି ଭଲ ପାଇବାର ମଧ୍ୟଦେଇ ଆମେ ଅମର କୌଣସି ବ୍ୟକ୍ତିଗତ ସ୍ୱାର୍ଥକୁ ଲୋଡ଼ି ଯିବା ନାହିଁ, ନିଜର ଖୁସିକୁ ଲୋଡ଼ି ଯିବା ନାହିଁ ଏବଂ ଆମ ବ୍ୟକ୍ତିଗତ କୌଣସି ବାସନାର ପୂରଣକୁ ମଧ୍ୟ ଲୋଡ଼ି ଯିବା ନାହିଁ; ଆମ ଭଲ ପାଇବାଟାକୁ ଦେଇ ଆମେ ସେଇଥିରେହିଁ ସନ୍ତୁଷ୍ଟ ହୋଇ ରହିବା,

'oaob.nitrkl.ac.in' images reprocessed

ଆମ ସ୍ନେହଟିକୁ ଦେଇ ସେଇଥିରେ ସନ୍ତୁଷ୍ଟ ହେବା, ଏବଂ କୌଣସି ପ୍ରକାର ଅନୁଷ୍ଠାନ ଲାଗି ଯାଚଞ୍ଚା ରଖିବା ନାହିଁ । ଭଲ ପାଇବାରେହିଁ ସୁଖୀ ହୋଇ ରହିବା, ଆଉ ଅଧିକ କିଛିରେ ମନ ରଖିବା ନାହିଁ ।

ଯଦି ତୁମେ ସେହି କଥାଟିକୁ କରିପାରିବ, ତେବେ ତୁମେ ତଦ୍ଦ୍ୱାରା ଆଗକୁ ଏକ ବୃହତ୍ ପାଦ ପକାଇ ପାରିଛ ବୋଲି କୁହାଯାଇ ପାରିବ ଏବଂ ଏହିପରି ଏକ ଦୃଷ୍ଟିକୋଣ ସାହାଯ୍ୟରେ କ୍ରମଶଃ ସେହି ଭାବଟିର ପଥରେ ଅଗ୍ରସର ହୋଇ ଯାଇପାରିବ । ଶେଷରେ ଦିନେ ଏକଥା ମଧ୍ୟ ଉପଲବ୍ଧି କରିପାରିବ ଯେ ପ୍ରେମ ବା ଭଲ ପାଇବା କହିଲେ ଆଦୌ ଏକ ବ୍ୟକ୍ତିଗତ ବ୍ୟାପାରକୁ ବୁଝାଏ ନାହିଁ, ପ୍ରେମ ହେଉଛି ଏକ ବିଶ୍ୱଗତ ଅନୁଭୂତି, ଏକ ଦିବ୍ୟ ଅନୁଭୂତି, ଯାହାକି ଅଲ୍ପବହୁତ ସୂକ୍ଷ୍ମ ଭାବରେ ତୁମର ମଧ୍ୟଦେଇ ଆପଣାକୁ ବ୍ୟକ୍ତ କରୁଛି ସତ, ମାତ୍ର ଆପଣାର ମର୍ମସମ୍ପଦଗତ କ୍ଷେତ୍ରରେ ଦିବ୍ୟସ୍ତରସ୍ଥ ହୋଇ ରହିଛି ।

ସ୍ୱାର୍ଥପର ନହେବା ହେଉଛି ସର୍ବପ୍ରଥମ ପଦକ୍ଷେପ । ଯେଉଁମାନେ କେବଳ ଯୋଗସାଧନା କରିବାକୁ ଇଚ୍ଛା କରିଛନ୍ତି, କେବଳ ସେହିମାନଙ୍କ ଲାଗି ନୁହେଁ, ସମସ୍ତଙ୍କ ଲାଗିହିଁ ଏହି ଗୋଟାଏ ନିୟମ; ସାଧାରଣ ଜୀବନର କ୍ଷେତ୍ରରେ ମଧ୍ୟ ଏହାହିଁ ନିୟମ । ମୁଁ କିପରି ଭଲପାଇ ପାରିବି, ତାହା ଜାଣିବାକୁ ହେଲେ ଆମେ ସବାଆଗ କଦାପି ଆପଣାକୁହିଁ ଭଲ ପାଇ ବସିବା ନାହିଁ, ସର୍ବୋପରି ସ୍ୱାର୍ଥପର ହୋଇ କଦାପି ନିଜକୁହିଁ ଭଲ ପାଇବା ନାହିଁ; ଆମେ ଯାହାକୁ ଭଲ ପାଉଛୁ, ତାହାରି ପାଖରେ ନିଜକୁ ଅର୍ପଣ କରିଦେଇ ଶିଖିବା, ଏବଂ ତା'ର ବଦଳରେ କିଛିହେଲେ ଆଦାୟ କରିବାର ଧୃଷ୍ଟତା ରଖିବା ନାହିଁ । ନିଜର ବାଡ଼ଟିକୁ ଅତିକ୍ରମ କରି ପାରିବାକୁ ହେଲେ ଏବଂ ସମ୍ପୂର୍ଣ୍ଣ ସ୍ଥୂଳ ହୋଇ ନଥିବା ଏକ ଜୀବନଯାପନର ଭାଜନ ହେବାକୁ ହେଲେ, ଏଇଟି ହେଉଛି ସର୍ବପ୍ରାଥମିକ ଶୃଙ୍ଖଳା ।

ଯୋଗର କ୍ଷେତ୍ରରେ ଆମେ ଏହା ସହିତ ଆଉକିଛି ଅଧିକ ବି ମିଶାଇଦେବା : ଆରମ୍ଭରେ ମୁଁ ଯେଉଁପରି କହିଥିଲି, ଆମେ ଭଲ ପାଇବାର ଏହି ସଙ୍କୀର୍ଣ୍ଣ ମାନବୀୟ ଗଠନଟିକୁ ଭେଦ କରି ଭିତରକୁ ଯିବା ଏବଂ ତତ୍ପଶ୍ଚାତରେ ଅବସ୍ଥିତ ଦିବ୍ୟ ପରମପ୍ରେମକୁ ଆବିଷ୍କାର କରିବା ଲାଗି ସମର୍ଥ ହେବା । ତେବେ ସୁନିଶ୍ଚିତ ଭାବରେ ଏକ ଫଳ ପାଇପାରିବା । ଆପଣାର ହୃଦୟଟାକୁ ଏକାବେଳକେ ଶୁଷ୍କ କରି ରଖିବା ଅପେକ୍ଷା ଏହା ଅନେକ ଗୁଣରେ ଶ୍ରେୟସ୍କର । ସମ୍ଭବତଃ ଏହା ଟିକିଏ ଅଧିକ ଆୟାସସାଧ୍ୟ, ମାତ୍ର ପ୍ରତ୍ୟେକ ଦୃଷ୍ଟିରୁ ବିଚାର କରି ଦେଖିଲେ ଅଧିକ ଶ୍ରେୟସ୍କର । କାରଣ, ଏହିପରି ଭାବରେହିଁ, ସମ୍ପୂର୍ଣ୍ଣ ଅହଂପ୍ରେରିତ ଭାବରେ ଅନ୍ୟମାନଙ୍କୁ କଷ୍ଟ ଭୋଗିବାକୁ ନଦେଇ ଆମେ ସେମାନଙ୍କୁ ହୁଏତ ସେମାନଙ୍କର ନିଜ ନିଜ ଗତିଷ୍ପନ୍ଦନର କ୍ଷେତ୍ରରେ ନିଶ୍ଚିନ୍ତ ହୋଇ ଚାଲିବାକୁ ବାଟ ଛାଡ଼ିଦେଇ ପାରିବା ଏବଂ ଅନ୍ୟମାନଙ୍କ

'oaob.nitrkl.ac.in' images reprocessed

ଉପରେ ଆପଣାର ଇଚ୍ଛାଟିକୁ କୌଣସି ପ୍ରକାରେ ଲଦ ନଦେଇ ଆପଣାକୁହିଁ ରୂପାନ୍ତରିତ କରିବା ଲାଗି ଏକ ପ୍ରୟାସ କରିବାରେ ଲାଗିଥିବା । ସାଧାରଣ ଜୀବନର କ୍ଷେତ୍ରରେ ମଧ୍ୟ ଏହାକୁ ଆଉକିଛୁ ଉଚ୍ଚତର ଏବଂ କଷ୍ଟିରୁ ଅଧିକ ସୌଷମ୍ୟଯୁକ୍ତ ଉଦ୍ଦେଶ୍ୟରେ ଏକ ପଦକ୍ଷେପ ବୋଲି କୁହାଯାଇ ପାରିବ ।

## ୨୭ ସେପ୍ଟେମ୍ବର ୧୯୫୭

"ଆମର ଏହି ବର୍ତ୍ତମାନ ସ୍ଥିତିଟିରେ ଜୀବନର ସକଳ ବା ଅଧିକସଂଖ୍ୟକ କର୍ମ ଠିକ୍ ଏହି କାମନା-ଆତ୍ମାଟି ଦ୍ୱାରାହିଁ ପ୍ରଚାଳିତ ହେଲା ପରି ବା କଳୁଷିତ ହୋଇ ରହିଥିବା ପରି ମନେହେଉଛି; ଏପରିକି, ଯେଉଁଗୁଡ଼ିକୁ ଆମେ ନୈତିକ ବା ଧର୍ମକ୍ଷେତ୍ରୀୟ କର୍ମ ବୋଲି କହୁଛୁ, ଏପରିକି ଯେଉଁଗୁଡ଼ିକ ଆମ ଆଗରେ ପରାର୍ଥ, ପରୋପକାର, ଆତ୍ମ-ତ୍ୟାଗ ବା ଆତ୍ମବର୍ଜନର ଛଦ୍ମବେଶମାନ ପରିଧାନ କରି ଛିଡ଼ା ହୋଇଛନ୍ତି, ସେଗୁଡ଼ିକ ମଧ୍ୟ କେବଳ ତାହାରି ବିରଚନାର କେତେକେତେ ରଙ୍ଗ ଦ୍ୱାରା ଗୋଟାସୁଦ୍ଧା ବୁଣାହୋଇ ରହିଛନ୍ତି । ଏହି କାମନା-ଆତ୍ମା ହେଉଛି ଏକ ବିଭାଜନକାରୀ ଓ ଅହଂପ୍ରେରିତ ଆତ୍ମା, ଏବଂ ଏହାର ସହଜାତ ସକଳ ପ୍ରବୃତ୍ତି କେବଳ ଏକ ବିଭାଜନଧର୍ମୀ ଆତ୍ମପ୍ରତିଷ୍ଠା ଲାଗିହିଁ ନିଯୋଜିତ ହୋଇ ରହିଛନ୍ତି । ଖୋଲାଖୋଲି ହେଉ ଅଥବା ଅଳ୍ପବହୁତ ଜକଜକ ହେଉଥିବା ମୁଖାଗୁଡ଼ିକର ଆଡ଼ୁଆଳରେ ରହି ହେଉ, ଏହି କାମନାଧର୍ମୀ ଆତ୍ମା ଅନୁକ୍ଷଣ କେବଳ ଆପଣାର ବୃଦ୍ଧି ଲାଗି, ଅଧିକାରଲାଭ ଲାଗି, ସମ୍ଭୋଗ ଲାଗି, ବିଜୟହାସଲ ଲାଗି ଏବଂ ସାମ୍ରାଜ୍ୟ ଲାଗିହିଁ ଆପଣାକୁ ଉଦ୍ୟତ ଓ ଅଗ୍ରସର କରି ରଖିଛି ।"

ଯୋଗସମନ୍ୱୟ, ପୃଷ୍ଠା-୧୬୪

ମାଆ, "କାମନା-ଆତ୍ମା" କହିଲେ କାହାକୁ ବୁଝାଇବ ?

'oaob.nitrkl.ac.in' images reprocessed

ତୁମର ସେହି ଆତ୍ମା, ଯାହା ତୁମକୁ ବଞ୍ଚିବାରେ, କାର୍ଯ୍ୟ କରିବାରେ ଏବଂ କ୍ରିୟାଶୀଳ ହେବାରେ ପ୍ରବୃତ୍ତ କରି ରଖିଥାଏ ।

ଫରାସୀ ଭାଷାରେ ଆତ୍ମାକୁ “âme” କୁହାଯାଏ; ଏହି ଶବ୍ଦଟି ଆଉ ଯେଉଁ ଶବ୍ଦଟିରୁ ନିଷ୍ପନ୍ନ ହୋଇଛି, ତାହାର ଅର୍ଥ ହେଉଛି “ଜୀବନ୍ତ କରିଦେବା” । ଏହାହିଁ ଶରୀର ମଧ୍ୟରେ ପ୍ରାଣସଞ୍ଚାର କରେ । ଏଇଟି ଯଦି ତୁମ ଭିତରେ ନଥାନ୍ତା, ତା’ହେଲେ ତୁମେ କେବଳ ଜୀବନହୀନ ଜଡ଼ପଦାର୍ଥ ହୋଇ ପଡ଼ି ରହିଥାନ୍ତ, ପଥର ବା ଗଛ ପରି କ’ଣ ଗୋଟାଏ ହୋଇଥାନ୍ତ; ହୁଏତ ସମ୍ପୂର୍ଣ୍ଣ ଭାବରେ ଜୀବନହୀନ ହୋଇ ନଥାନ୍ତ ମାତ୍ର ଉଦ୍‌ଭିଜ୍ଜ ହୋଇ ରହିଥାନ୍ତ ।

କେତେକ ଲୋକ କହନ୍ତି ଯେ ଯଦି ବାସନା ନଥାନ୍ତା, ଅର୍ଥାତ୍ ଏହି କାମନା-ଆସକ୍ତି ନଥିଲେ ଆମର ଆଦୌ କୌଣସି ଅଗ୍ରଗତି ହୋଇ ନଥାନ୍ତା··· ସାଧାରଣ ଜୀବନସ୍ତରରେ ଏହାର ପ୍ରଭୂତ ଉପଯୋଗିତା ରହିଛି ସତ, ମାତ୍ର ଆମେ ଯେତେବେଳେ ଯୋଗମାର୍ଗରେ ଯିବାର ନିଷ୍ପତ୍ତି ଗ୍ରହଣ କରିବା, ସେତେବେଳେ ତାହା ପ୍ରକୃତରେ ବେଶ୍ କିଛିକ୍ ପରିମାଣରେ ଏକ ବୋଝ ହୋଇ ରହିବାକୁ ଆରମ୍ଭ କରିବ ।

(ମାଆ ନୀରବ ରହିଲେ)

ପ୍ରଶ୍ନ ?

ଆମେ ଯେତେବେଳେ ବିତରଣ* ପାଇଁ ଆପଣଙ୍କ ପାଖକୁ ଆସୁ, ସେତେବେଳେ ବେଳେବେଳେ ଭାରି ଖୁସୀ ଲାଗେ, ଭାରି ଉନ୍ମୋଚିତ ହୋଇଗଲା ପରି ଲାଗେ; ମାତ୍ର ବେଳେବେଳେ ଆଦୌ କିଛି ଲାଗେ ନାହିଁ, ଭିତରଟା ଯେପରି ଶୂନ୍ୟ ହୋଇ ରହିଥାଏ । ଏଥିରୁ ଆମେ କ’ଣ ସଙ୍କେତ ପାଇବା ?

ଯେତେବେଳେ ତୁମକୁ ଖୁସୀ ଲାଗେ, ବୁଝିବାକୁ ହେବ ଯେ ସେତେବେଳେ ତୁମେ ଉନ୍ମୋଚିତ ରହିଥାଅ ଏବଂ ଯଥାର୍ଥ ଶକ୍ତିଟିକୁ ଗ୍ରହଣ କରିପାର । ଏବଂ, ଯେତେବେଳେ କିଛିହେଲେ ଅନୁଭବ କର ନାହିଁ, ତାହାର ଅର୍ଥ ହେଉଛି ଯେ ସେତେବେଳେ ତୁମେ ବନ୍ଦହୋଇ ରହିଥାଅ ।

---

* ୧୯୫୮ ମସିହା ପର୍ଯ୍ୟନ୍ତ ମାଆ ବ୍ଲାସଦନଗୃହର ବାଗିଚା ଥିଲ ସବୁଦିନ ସନ୍ଧ୍ୟାରେ କ୍ରୀଡ଼ା-ପ୍ରାଙ୍ଗଣରେ ଚିନାବାଦାମ ଓ ମିଠାଇ ବାଣ୍ଟୁଥିଲେ । ତଦ୍ଦ୍ୱାରା ପ୍ରତ୍ୟେକ ସାଧକ ଜଣ ଜଣ କରି ତାଙ୍କ ପାଖକୁ ଯିବାର ଏବଂ ପ୍ରତ୍ୟକ୍ଷ ଭାବରେ ତାଙ୍କର ଆଧ୍ୟାତ୍ମିକ ସହାୟତା ଲାଭ କରିବାର ଏକ ସୁଯୋଗ ପାଉଥିଲେ ।

'oaob.nitrkl.ac.in' images reprocessed

ମାତ୍ର ତୁମକୁ କିଏ ଉନ୍ମୋଚିତ କରିଦିଏ, କିଏ ବା କାଳିରଖେ ? ପ୍ରତ୍ୟେକ ବ୍ୟକ୍ତି ଲାଗି ଏହାର ଉତ୍ତର ଭିନ୍ନ ଭିନ୍ନ ହେବ । ଏହା ଏକାଧିକ କଥା ଉପରେ ନିର୍ଭର କରୁଥାଏ । ତୁମେ ନିଜ ନିଜ ଭିତରେ ଏହି ପାର୍ଥକ୍ୟଟିକୁ କ'ଣ କେବେହେଲେ ଲକ୍ଷ୍ୟ କରି ନାହିଁ, ଏକଥାଟି ବାହାରର କୌଣସି ପରିସ୍ଥିତି ଉପରେ ନିର୍ଭର କରୁଛି ବା ତୁମ ନିଜ ଭିତରେ ରହିଥିବା କୌଣସି ଏକ କଥା ଉପରେ ନିର୍ଭର କରୁଛି, ତୁମେ କ'ଣ ସେକଥା ଲକ୍ଷ୍ୟ କରି ଦେଖି ନାହିଁ ?

ଦେଖିଛୁ !

ଦେଖିଛ ? ତେବେ ଖୁବ୍ ଭଲ କଥା ।

ଜଣେ ମଣିଷକୁ କାହିଁକି ବେଳେବେଳେ ଅଧିକ ଜୀବନପୂର୍ଣ୍ଣ, ଶକ୍ତି ଏବଂ ଆନନ୍ଦ ଦ୍ୱାରା ଅଧିକ ପୂର୍ଣ୍ଣ ହୋଇ ରହିଥିବାର ମନେହୁଏ, ତାହାର ଭିନ୍ନ ଭିନ୍ନ ଅନେକ କାରଣ ରହିଛି । ସାଧାରଣତଃ, ଆମର ନିତ୍ୟନୈମିତ୍ତିକ ଜୀବନକ୍ଷେତ୍ରରେ ଏପରି ଲୋକ ରହିଥାନ୍ତି ଯେଉଁମାନେ କି, ସେମାନେ ଯେଉଁପରି ଭାବରେ ଗଢ଼ା ହୋଇଥାନ୍ତି ବୋଲି, ପ୍ରକୃତି ସହିତ ଏକ ନିର୍ଦ୍ଦିଷ୍ଟ ସୌଷମ୍ୟ ରକ୍ଷି ରହିଥାନ୍ତି, ସ୍ୱତେଯେପରି ପ୍ରକୃତି ସହିତ ସମଚ୍ଛନ୍ଦ ହୋଇ ନିଃଶ୍ୱାସପ୍ରଶ୍ୱାସ ନେଉଥାନ୍ତି; ଏବଂ ଏପରି ବ୍ୟକ୍ତିମାନେ ସାଧାରଣତଃ ସର୍ବଦା ଖୁସୀ ଥାଆନ୍ତି, ଆନନ୍ଦରେ ପୂରିକରି ରହିଥାନ୍ତି; ସେମାନେ ଯାହା କରନ୍ତି ସବୁଥିରେ ସଫଳତା ଲାଭ କରନ୍ତି ଏବଂ ସେମାନେ ଅନେକ ସନ୍ତାପ ଓ ଅନେକ ବିପଦରୁ ରକ୍ଷା ପାଆନ୍ତି । ବସ୍ତୁତଃ, ସେମାନେ ଜୀବନ ଏବଂ ପ୍ରକୃତିର ଛନ୍ଦ ସହିତ ସମଚ୍ଛନ୍ଦ ହୋଇ ରହିଥାନ୍ତି । ଏବଂ ପୁନଶ୍ଚ, ଏପରି ଗୋଟିଏ ଗୋଟିଏ ଦିନ ରହିଥାଏ, ଯେତେବେଳେ କି ଜଣେ ବ୍ୟକ୍ତି ସତତ କାର୍ଯ୍ୟକାରୀ ହୋଇ ରହିଥିବା ଦିବ୍ୟ ପରମ ଚେତନାର, ସେହି ପରମକରୁଣା ସହିତ ସମ୍ପର୍କଯୁକ୍ତ ହୋଇ ରହିଥାଏ ଏବଂ ତେଣୁ ସବୁକିଛି ସେହି ପରମ-ସାନ୍ନିଧ୍ୟଟି ଅନୁସାରେ ଅନୁରଞ୍ଜିତ ହୋଇ ରହିଥାଏ, ସେହି ଅନୁସାରେ ଉକୁଟି ରହିଥାଏ । ଏବଂ ଯେଉଁସବୁ କଥା ତୁମକୁ ସାଧାରଣତଃ ନୀରସ ଏବଂ ସ୍ପନ୍ଦନହୀନ ବୋଲି ମନେ ହେଉଥିଲା, ସେଗୁଡ଼ିକ ତାହା ଫଳରେ ଚିତ୍ତାକର୍ଷକ ଲାଗେ, ସୁଖକର ଲାଗେ, ମୋହକ ଏବଂ ଶିକ୍ଷାପ୍ରଦ ବୋଲି ମନେହୁଏ । ସବୁକିଛି ଜୀବନ ପାଇଉଠେ, ସ୍ପନ୍ଦନଯୁକ୍ତ ହୁଏ, ନାନା ପ୍ରତିଶ୍ରୁତି ଏବଂ ଶକ୍ତିରେ ପରିପୂର୍ଣ୍ଣ ହୋଇଉଠେ । ତେଣୁ, ଯେତେବେଳେ ଆମେ ସେଇଟି ଆଡ଼କୁ ମୁକ୍ତ ହୋଇ ରହିଥାଉ, ସେତେବେଳେ ଆମକୁ ଅଧିକ ଶକ୍ତିଶାଳୀ ଲାଗେ, ଅଧିକ ମୁକ୍ତ, ଅଧିକ ହରଷିତ ଲାଗେ, ଭିତରେ ଶକ୍ତି ଭରି ରହିଥିଲା ପରି ମନେହୁଏ ଏବଂ ସେତେବେଳେ ପ୍ରତ୍ୟେକ ବସ୍ତୁର ଏକ

'oaob.nitrkl.ac.in' images reprocessed

ଅର୍ଥ ରହିଥିବା ପରି ଅନୁଭୂତ ହୁଏ । ବସ୍ତୁଗୁଡ଼ିକ ଯେପରି ଅଛନ୍ତି, ପ୍ରକୃତରେ କାହିଁକି ସେପରି ଅଛନ୍ତି, ସେତେବେଳେ ସେକଥା ବୁଝିହୁଏ ଏବଂ ଏହି ବିଶ୍ୱମୟ କ୍ରିୟାଶୀଳତା ମଧ୍ୟରେ ଅଂଶଗ୍ରହଣ କରିହୁଏ ।

ମାତ୍ର ଅନ୍ୟ ଏପରି କେତେକ ସମୟ ବି ଥାଏ, ଯେତେବେଳେ କି, କୌଣସି ନା କୌଣସି କାରଣରୁ ଆମକୁ ସବୁଅଟା ମୋକ୍ଷ ଘୋଡ଼ାଇ ରହିଥିବା ପରି ଲାଗେ, କଳ ହୋଇ ରହିଥିବା ପରି ଲାଗେ, ସବୁଅଟା କୌଣସି ଗାତ ଭିତରେ ପଶି ଯାଇଥିବା ପରି ମନେ ହେଉଥାଏ । ସେତେବେଳେ ସବୁଅଟା କାହିଁକି ଅନୁଭବ କରି ହୁଏ ନାହିଁ, ସବୁକିଛି ରୁଚିହୀନ ବୋଧ ହୁଅନ୍ତି, ଆକର୍ଷଣହୀନ ଲାଗନ୍ତି, ମୂଲ୍ୟହୀନ ମନେ ହୁଅନ୍ତି; ନିଜକୁ ସବୁଯେପରି ଗୋଟାଏ ଚଳନ୍ତା କାଠଗଡ଼ ପରି ମନେ ହେଉଥାଏ ।

ବର୍ତ୍ତମାନ, ଯଦି ଆମେ ସଚେତନ ଭାବରେ ଆମର ଚୈତ୍ୟସତ୍ତା ସହିତ ଯୁକ୍ତ ହୋଇ ରହିବାକୁ ସମର୍ଥ ହେବା, ତେବେ ଆମେ ସର୍ବଦାହିଁ ଏହି ଗ୍ରହଣଶୀଳତା, ଅନ୍ତର୍ଗତ ପୁଲକାନୁଭୂତି, ଶକ୍ତି ଓ ଅନ୍ତରଗତର ଅବସ୍ଥାରେ ରହିପାରିବା, ଦିବ୍ୟ ପରମ ସାନ୍ନିଧ୍ୟ ସହିତ ମଧ୍ୟ ଯୁକ୍ତ ହୋଇ ରହିପାରିବା । ଏବଂ ଯେତେବେଳେ ଆମର ସେହି ପରମ ତତ୍ତ୍ୱଙ୍କ ସହିତ ମଧ୍ୟ ଖିଅ ଲାଗି ରହିଥିବ, ତେବେ ଆମେ ତାହାଙ୍କୁହିଁ ସବୁଆଡ଼େ ଦେଖି ପାରୁଥିବା, ସବୁବସ୍ତୁରେ ଦେଖିବାକୁ ପାଉଥିବା, ଓ ସେତେବେଳେ ସକଳ ବସ୍ତୁ ସେଗୁଡ଼ିକର ଯଥାର୍ଥ ପରିଚୟରେହିଁ ଆମ ସମ୍ମୁଖରେ ପ୍ରତିଭାତ ହେବାକୁ ଲାଗିବ ।

ଏହି କଥାଟି ପ୍ରକୃତରେ କାହା ଉପରେ ନିର୍ଭର କରିବ ?···ତାହା ଏକ ଅନ୍ତର୍ଗତ ଛନ୍ଦୋମୟତା ଉପରେ ନିର୍ଭର କରିବ । ସମ୍ଭବତଃ ଏକ କରୁଣା ଉପରେ ନିର୍ଭର କରିବ । ଗୋଟିଏ କଥାରେ କହିଲେ, ତାହା ଏପରି ଏକ ବସ୍ତୁ ପ୍ରତି ରହିଥିବା ଆମର ଗ୍ରହଣଶୀଳତା ଉପରେ ନିର୍ଭର କରିବ, ଯାହାକି ଆମର ଏହି ସୀମାଗୁଡ଼ିକର ଅତୀତ ହୋଇ ରହିଛି ।

ମାଆ, ଯେତେବେଳେ କୌଣସି ସୁବିକଶିତ ଆତ୍ମା ପୃଥିବୀପୃଷ୍ଠରେ ଅବତୀର୍ଣ୍ଣ ହୁଏ, ସେତେବେଳେ ଏହି କାମନା-ଆତ୍ମାର ରୂପାନ୍ତର-ସାଧନ କରିବାରେ ତାକୁ ଅପେକ୍ଷାକୃତ କମ୍ ଆୟାସ କରିବାକୁ ପଡ଼ିଥାଏ କି ?

ଅର୍ଥାତ୍ ?···

ମହାପୁରୁଷ ଗୁରୁମାନଙ୍କୁ କମ୍ ଆତ୍ମାସ କରିବାକୁ ହୋଇଥାଏ କି ?

ସେକଥା କହି ହେବ ନାହିଁ ।

ତତ୍ତ୍ୱତଃ ସେହିପରି ହେବା ଉଚିତ; ମାତ୍ର, ପ୍ରକୃତ କଥା ହେଉଛି, ବ୍ୟକ୍ତିର ପୃଥକ୍ ବ୍ୟକ୍ତିସତ୍ତା ଯେତିକି ସୁଗଠିତ ହୋଇ ଆସିଥାଏ, ତା' ଭିତରେ କାମନାର ଏହି ମିଥ୍ୟା-ଆତ୍ମାଟି ସେତିକି ଅଧିକ ବଳବାନ୍ ହୋଇ ରହିଥାଏ । ଯେଉଁମାନଙ୍କ ଭିତରେ ଏକ ସୁନିର୍ମିତ, ସୁସମ୍ବନ୍ଧିତ ପୃଥକ୍ ବ୍ୟକ୍ତିସତ୍ତା ରହିଥାଏ, ଯାହାର କି ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ରହିଥାଏ, ସିଏକି ଆପଣାର ପରିବେଶ ଉପରେ ସର୍ବନିମ୍ନ ନିର୍ଭରଶୀଳ ହୋଇ ରହିଥାଏ, ଅନ୍ୟମାନଙ୍କ ତୁଳନାରେ, ଦିବ୍ୟ ପରମ ସାନ୍ନିଧ୍ୟର ସମ୍ପର୍କରେ ଆସିବା ତା' ପକ୍ଷରେ ପ୍ରକୃତରେ ଅଧିକ କଷ୍ଟକର ହୁଏ, କାରଣ ଏହିପରି ବ୍ୟକ୍ତିମାନଙ୍କ ମଧ୍ୟରେ ଏକ ଅତ୍ୟନ୍ତ ସୁସମ୍ବନ୍ଧିତ ଓ ସୁଗଠିତ ସ୍ୱତନ୍ତ୍ର ବ୍ୟକ୍ତିସତ୍ତା ବିରାଜମାନ କରୁଥାଏ । ଏବଂ ସେହି ବ୍ୟକ୍ତିସତ୍ତା ସାଧାରଣତଃ ଆତ୍ମସମ୍ପୂର୍ଣ୍ଣ ହୋଇ ରହିଥାଏ । ଉଦାହରଣସ୍ୱରୂପ ଯେଉଁ ବ୍ୟକ୍ତି ଭିତରେ ପୂର୍ଣ୍ଣ ସଦିଚ୍ଛା ରହିଥାଏ ସତ, ମାତ୍ର ସିଏ ଯାବତୀୟ ପ୍ରକାରର ପ୍ରଭାବ ଲାଗି ତଥାପି ଉନ୍ମୁକ୍ତ ହୋଇ ରହିଥାଏ, ତାହା ତୁଳନାରେ ହୁଏତ ଜଣେ ଅତ୍ୟନ୍ତ ଜୀବନ୍ତ, ପୂର୍ଣ୍ଣପ୍ରାପ୍ତ ବ୍ୟକ୍ତିତ୍ୱକୁ ବଦଳାଇବା ପ୍ରକୃତରେ ଅଧିକ କଷ୍ଟକର ହୁଏ । ଯଦି ଜଣେ ବ୍ୟକ୍ତି ଖୁବ୍ ସୁଦୃଢ଼ ହୋଇ ତିଆରି ହୋଇଥାଏ, ତା' ଭିତରେ ଆପଣାର ବ୍ୟକ୍ତିତ୍ୱ ଓ ଅସ୍ତିତ୍ୱ ସମ୍ବନ୍ଧରେ ଯଦି ପୂର୍ଣ୍ଣ ସଚେତନତା ରହିଥାଏ, ତେବେ, ସିଏ ଯେ ଭଗବନ୍ତ-ପରମଶକ୍ତି ବ୍ୟତୀତ ପ୍ରକୃତରେ ଆଉ କିଛି ନୁହେଁ, ତା' ପକ୍ଷରେ ଏପରି ଭାବିବା ଅତୀବ କଷ୍ଟକର ହୋଇପଡ଼େ । ମାନିଁ ଆଉଜଣେ ବ୍ୟକ୍ତି, ସିଏକି ଆପଣା ବିଷୟରେ କିଞ୍ଚିତ୍ ଅସ୍ପଷ୍ଟ ଅନୁଭବ କରୁଥାଏ, ଏହିପରି ଭାବରେ (ଅଙ୍ଗଭଙ୍ଗୀ କରି ମାଆ ଦେଖାଇଦେଲେ) କୌଣସି ବିଷୟରେ ଖୁବ୍‌ବେଶୀ ନିର୍ଦ୍ଦିଷ୍ଟ ହୋଇ ନଥାଏ, ଯାହାର ଆଦୌ କୌଣସି ସୁନିର୍ଦ୍ଦିଷ୍ଟ ସୀମା ବାନ୍ଧି ଦିଆହୋଇ ନଥାଏ, ଯାହାର ବ୍ୟକ୍ତିତ୍ୱ ଏକ ପୃଥକ୍ ଅସ୍ତିତ୍ୱ ଭାବରେ ଆଦୌ ସୁସଂଗଠିତ ହୋଇ ନଥାଏ, ସିଏ ଅପେକ୍ଷାକୃତ ଅଧିକ ସହଜରେ ଏକଥା ବୁଝିବାକୁ ସମର୍ଥ ହୁଏ ଯେ ଏକ ସ୍ୱତନ୍ତ୍ର ସତ୍ତା ହିସାବରେ ସିଏ ପ୍ରକୃତରେ କିଛି ନୁହେଁ ଏବଂ ତା' ବାହାରେ ଥିବା ଆଉଗୋଟିଏ ବୃହତ୍ତର ଶକ୍ତି ହିଁ ତାକୁ ଅନୁକ୍ଷଣ କ୍ରିୟାଶୀଳ କରି ରଖିଛି । ତେଣୁ ତୁମେ କଦାପି କହିପାରିବ ନାହିଁ ଯେ ଏକ ସୁବିକଶିତ ଆତ୍ମା ଅଧିକ ସହଜରେ ତାହା କରିପାରେ । ତେଣୁ, ଏକଥା ବ୍ୟକ୍ତି ଉପରେ ନିର୍ଭର କରେ ।

ମୁଁ ଭାବୁଛି ଯେ, ତୁମେ ଭାବୁଛ, ଯଦି ତୁମେ ତୁମର ଯଥାର୍ଥ ଆତ୍ମା ସହିତ ଯିଅ ଲଗାଇ ରହିଥାଅ, ତେବେ କାମନା-ଆତ୍ମାଠାରୁ ନିଷ୍କୃତି ପାଇବା ଅପେକ୍ଷାକୃତ

'oaob.nitrkl.ac.in' images reprocessed

ଅଧିକ ସହଜ ହୋଇଯାଏ । ମାତ୍ର ସେଇଟି ହେଉଛି ଏକାବେଳକେ ଅଲଗା କଥା । ତେଣୁ ସର୍ବପ୍ରଥମେ ନିଜର ଚୈତ୍ୟସତ୍ତ୍ୱଟିକୁ ଆବିଷ୍କାର କରିବାକୁ ପଡ଼ିବ, ଏବଂ ସେଇଟି ସହିତ ଏକାତ୍ମକ ହୋଇ ରହିବାକୁ ପଡ଼ିବ ଏବଂ ତା'ପରେ ଯାଇ ତୁମେ ହୁଏତ କାମନା-ଆତ୍ମାଟି ପାଖକୁ ଯାଇ ତାହାର ନିର୍ବୋଧତା ବିଷୟରେ ତାହାର ହୃଦ୍‌ବୋଧ କରାଇ ପାରିବ ।

(ମାଆ ଅନେକ ସମୟ ନୀରବ ରହିଲେ)

(ଗୋଟିଏ ପିଲାକୁ) ତୁମର କିଛି ପଚାରିବାକୁ ଅଛି ?

> ନାହିଁ ମାଆ, ମୋ ନିଜର କିଛି ପଚାରିବାକୁ ନାହିଁ । ଆଉଜଣେ ଏହି ପ୍ରଶ୍ନଟିକୁ ପଠାଇଛନ୍ତି : "ସାଧନାର ବର୍ତ୍ତମାନ ସ୍ଥିତିରେ ଆପଣଙ୍କ ସହିତ ଏକ ବ୍ୟକ୍ତିଗତ ସମ୍ପର୍କ ରଖିବା ଲାଗି କି ପ୍ରୟୋଜନ ରହିଛି ? ଆପଣଙ୍କ ସହିତ ରହିଥିବା ଏକ ବ୍ୟକ୍ତିଗତ ସମ୍ପର୍କ ଆମକୁ କେତେଦୂର ସାହାଯ୍ୟ କରେ ?"

ବ୍ୟକ୍ତିଗତ ସମ୍ପର୍କ କହିଲେ ତୁମେ କ'ଣ ବୁଝୁଛ ? ମୋତେ ଦେଖିବା, ମୋ ସହିତ କଥାବାର୍ତ୍ତା କରିବା, ଏହିସବୁ ? ବ୍ୟକ୍ତିଗତ ଭାବରେ, ସାମୂହିକ ଭାବରେ, କିପରି ?

> ବ୍ୟକ୍ତିଗତ ଭାବରେ ।

ଆଚ୍ଛା, (ହସିକରି) ମୋତେ ସାକ୍ଷାତ କରିବାର କଥା କହୁଛ ?

ଏହାର ଉତ୍ତର ହୁଏତ ଏପରି ହୋଇପାରେ ଯେ ଆମେ ସେହି ସାକ୍ଷାତ୍‌କାରଗୁଡ଼ିକୁ ଯେପରି ଭାବରେ କାମରେ ଲଗାଇବା, ସବୁକିଛି ତାହାର ଉପରେ ନିର୍ଭର କରିବ ।

ଏହାର ଉତ୍ତର ଦେବା ବଡ଼ କଷ୍ଟକର, କାରଣ ଏଇଟି ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ବ୍ୟକ୍ତିଗତ ପ୍ରଶ୍ନ । ଏହା ସମ୍ପୃକ୍ତ ମୂର୍ତ୍ତିଟି ଉପରେ ନିର୍ଭର କରିବ, ବ୍ୟକ୍ତି ଯେଉଁ ସ୍ଥିତିରେ ରହିଛି ତାହା ଉପରେ ନିର୍ଭର କରିବ, ଏବଂ ମୁଁ ଯେପରି କହିଥାଏ, ତାହା ସର୍ବୋପରି ଜଣେ ଏହି ସମ୍ପର୍କଟିକୁ ଯଥାର୍ଥ ଭାବରେ କାମରେ ଲଗାଇ ଜାଣିଛି କି ନାହିଁ, ତାହା ଉପରେ ମଧ୍ୟ ନିର୍ଭର କରିବ ।

'oaob.nitrkl.ac.in' images reprocessed

ତୁମେ ନିଶ୍ଚୟ ବୁଝି ପାରୁଥିବ ଯେ, ଯଦି ତୁମେ ଅନ୍ତର୍ଗତ କ୍ଷେତ୍ରରେ ଉନ୍ମୋଚିତ ହୋଇ ରହିଥିବ, ଯଦି ତୁମେ ଗ୍ରହଣଶୀଳ ହୋଇ ରହିଥିବ, ତେବେ ଆପଣାର ସମଗ୍ର ଅଗ୍ରଗତି ଲାଗି ଯାହାକିଛି ଆବଶ୍ୟକ, ତୁମେ ଆପଣାର ସୂକ୍ଷ୍ମଭୌତିକ ଭିତରକୁ ତାହାକୁ ସିଧା ଗ୍ରହଣ କରିନେଇ ପାରିବ । ଏବଂ, ବସ୍ତୁଗୁଡ଼ିକର ଯେପରି ବ୍ୟବସ୍ଥା ହୋଇ ରହିଛି, ଆଗ ଭିତରେ ସମ୍ପର୍କଟି ପ୍ରତିଷ୍ଠିତ ହୋଇପାରିଲେ ଯାଇ ତାହାର ପରିଣାମସ୍ୱରୂପ ଏବଂ ଏକ ସହାୟକରୂପେହିଁ ବହିଃସମ୍ପର୍କଟି ମଧ୍ୟ ପ୍ରତିଷ୍ଠିତ ହୋଇପାରିବ, ଯେପରିକି ତୁମର ଶରୀର,—ଭୌତିକ ଶରୀର ଚେତନା ଏବଂ ତୁମର ଶରୀର ଅନ୍ତର୍ଗତ ସତ୍ତ୍ୱର ଗତିସ୍ପନ୍ଦନକୁ ମାନିବାରେ ସମର୍ଥ ହୋଇପାରିବେ ।

ମାତ୍ର, ଏହି ସମ୍ପର୍କସ୍ଥାପନ ଅନ୍ତର୍ଗତ ଗ୍ରହଣଶୀଳତାର ଏକ ସ୍ଥାନାପନ୍ନ ଭାବରେ କାର୍ଯ୍ୟ କରିବ ବୋଲି ଯଦି ତୁମେ ବିଶ୍ୱାସ କରୁଥାଅ, ତେବେ ତାହାକୁ ଏକ ଭୁଲ ବିଶ୍ୱାସ ବୋଲି କୁହାଯିବ ଏବଂ ତେବେ ସେହି ସମ୍ପର୍କରୁ ମଧ୍ୟ ଖୁବ୍‌ବେଶୀ ଲାଭ ହେବ ନାହିଁ । ଉଦାହରଣସ୍ୱରୂପ, ଯେଉଁ ବ୍ୟକ୍ତିମାନେ ବେଶ୍ ବନ୍ଦହୋଇ ରହିଥାନ୍ତି, ଯେଉଁମାନେ ଆପଣା ଭିତରେ କିଛି ଗ୍ରହଣ କରି ପାରନ୍ତି ନାହିଁ, ଶକ୍ତିଗୁଡ଼ିକ ଲାଗି ଯେଉଁମାନଙ୍କର କୌଣସି ଉନ୍ମୋଚନ ନଥାଏ ଏବଂ ଯେଉଁମାନେ ଏପରି କଳ୍ପନା କରୁଥାନ୍ତି ଯେ ମୋ ଆଗରେ ଅଧଘଣ୍ଟାଏ ବା ଘଣ୍ଟାଏ ବସିବା ଦ୍ୱାରା ଏବଂ ମୋ ସହିତ କଥା କହିବା ଦ୍ୱାରାହିଁ ସେମାନଙ୍କର ପରିବର୍ତ୍ତନ ଓ ରୂପାନ୍ତର ଲାଗି ଗୋଟାଏ ମସ୍ତବଡ଼ ସାହାଯ୍ୟ ମିଳିଯିବ, ତେବେ ସେମାନେ ସେପରି କରି ନିଶ୍ଚୟ ଭାରି ଭୁଲ କରନ୍ତି । ମାତ୍ର ଯଦି ସେମାନେ ଅନ୍ତଃ କ୍ଷେତ୍ରରେ ଉନ୍ମୋଚିତ ରହିଥିବେ, ଯଦି ପରମ ଶକ୍ତିଟି ସହିତ ସେମାନଙ୍କର ଖିଅ ଲାଗିଥିବ ଏବଂ ଆପଣାର ରୂପାନ୍ତରସାଧନ ଲାଗି ସେମାନେ ପ୍ରକୃତରେ ଏକ ପ୍ରୟାସ କରୁଥିବେ, ତେବେ, କୌଣସି ଏକ ନିର୍ଦ୍ଦିଷ୍ଟ ସମୟରେ ସମ୍ଭବତଃ ଏକ କଥୋପକଥନ, ବା ଏକ ବାହ୍ୟ ସମ୍ପର୍କ ଓ ଏକ ଉପସ୍ଥିତି ଦ୍ୱାରା ସେମାନେ ଏକ ଅଧିକ ସମ୍ପୂର୍ଣ୍ଣ ଅଗ୍ରଗତି ଲାଗି ଅନେକ ସାହାଯ୍ୟ ପାଇପାରିବେ ।

ଜଣେ ବ୍ୟକ୍ତି ହୁଏତ ଏକାବେଳକେ ନିକଟ ହୋଇ ବାସ କରିପାରେ, ଦୈନନ୍ଦିନ ଜୀବନରେ ବାହ୍ୟତଃ ଭାରି ନିକଟରେ ରହିପାରେ, ଏବଂ ତଥାପି ତାକୁ ସେଥିରୁ ହୁଏତ କିଛିହେଲେ ବି ମିଳି ନପାରେ । ଅନ୍ତତଃ ସକ୍ରିୟ ଚେତନାର କ୍ଷେତ୍ରରେ ତାକୁ ହୁଏତ ଆଦୌ କିଛି ମିଳି ନପାରେ । ହୁଏତ ଏହି କ୍ଷେତ୍ରରେ ଅତ୍ୟନ୍ତ ଧୀର ଏବଂ ଗମ୍ଭୀର ଭାବରେ ଏକ କ୍ରିୟା ଅବଶ୍ୟ ଚାଲିଥାଏ,···ମାତ୍ର, ମୋର ମନେ ହେଉଛି ଯେ ସେହି କ୍ରିୟାଟି ଯେକୌଣସି ଅବସ୍ଥାରେ ମଧ୍ୟ ନିଶ୍ଚୟ ବିଦ୍ୟମାନ ରହିଥିବ । ଏବଂ ଯଦି, ମୋ ପାଖରେ ବସିଥିବା ବେଳେ କୌଣସି କାରଣରୁ ତୁମର ଭାବନା ଆଉକୋଉଠି ଯାଇ ରହିଥିବ, ବାସନାମାନେ ଆଉକୋଉଠି ରହିଥିବେ,

'oaob.nitrkl.ac.in' images reprocessed

ଆସ୍ପୃହାଗୁଡ଼ିକ ଅନ୍ୟତ୍ର ବିତରଣ କରୁଥିବେ, ତେବେ ତଦ୍ୱାରା ଆଦୌ କିଛି ଫଳ ମିଳିବ ନାହିଁ, ସବୁ ନିରର୍ଥକ ହୋଇଯିବ ।

ତେଣୁ ଅନ୍ତର୍ଗତ ସମ୍ପର୍କଟିକୁ ଲଗାଇ ରଖିବା ହେଉଛି ମହତ୍ତ୍ୱପୂର୍ଣ୍ଣ କଥା; ପ୍ରକୃତରେ ଏହାହିଁ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ କଥା । ତେବେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ, ସମ୍ଭବତଃ ଅନେକ ସମୟରେ ଆଦୌ ନୁହେଁ, ତାହା ପ୍ରତ୍ୟେକ ବ୍ୟକ୍ତି ଉପରେହିଁ ନିର୍ଭର କରେ,—ମାତ୍ର କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏହି ଉପସ୍ଥିତିରୁ ନିଶ୍ଚୟ କିଛି ଅଧିକ ଉପକାର ମିଳେ, ଏହାଦ୍ୱାରା ଉପଲବ୍ଧି ଆହୁରି ମୂର୍ତ୍ତ ଏବଂ ନିର୍ଦ୍ଦିଷ୍ଟ ହେବା ଲାଗି ସାହାଯ୍ୟ ପାଏ । ମାତ୍ର ଯଦି ଭିତରେ କିଛିହେଲେ ନଥାଏ, ତେବେ ସବୁକିଛି ସମ୍ପୂର୍ଣ୍ଣ ଭାବରେ ବୃଥା ହୁଏ । ତେଣୁ ଆମେ ଏହି କ୍ଷେତ୍ରରେ ଆଦୌ କୌଣସି ସାଧାରଣ ନିୟମ କରି ପାରିବା ନାହିଁ; ତାହା ପ୍ରତ୍ୟେକ ବ୍ୟକ୍ତି ଉପରେ ନିର୍ଭର କରିବ, ସିଏ ଯେଉଁ ସ୍ଥିତିରେ ରହିଛି ତାହାର ଉପରେ ନିର୍ଭର କରିବ ।

(ମାଆ ନୀରବ ରହିଲେ)

ତେଣୁ ତୁମେ ନିଶ୍ଚୟ ବୁଝି ପାରୁଥିବ, ଲୋକମାନେ ସାଧାରଣତଃ ଏହିପରି ଏକ ବିଶ୍ୱାସ କରି ଭାରି ଭୁଲ କରନ୍ତି ଯେ ଆଗ ବାହାରୁ ଆରମ୍ଭ କରି ତା'ପରେ ଭିତରକୁ ଯିବାକୁ ହେବ । କିନ୍ତୁ ସେପରି ଆଦୌ ନୁହେଁ । ଆଗ ଭିତରୁ ଆରମ୍ଭ କରିବାକୁ ହେବ, ତା'ପରେ ଯାଇ ବାହାରକୁ ଆସିହେବ, ଭିତରେ ପ୍ରସ୍ତୁତ ହୋଇଗଲେ ଯାଇ ବାହାରକୁ ଆସିହେବ ।

> ମାଆ, ଯେତେବେଳେ ଆମେସବୁ ଆପଣଙ୍କ ପାଖକୁ ଆସୁ, ଆମେ ଆମର ଯଥାସମ୍ଭବ ସର୍ବୋତ୍ତମ ସ୍ଥିତିରେ ରହିବାକୁ ଚେଷ୍ଟା କରିଥାଉ, ଅର୍ଥାତ୍ କେବଳ ଅତ୍ୟନ୍ତ ଉତ୍ତମ ଭାବନାମାନ ଭାବିବାକୁ ଚେଷ୍ଟା କରୁ । ମାତ୍ର ଅନେକ ସମୟରେ ଓଲଟି ଏପରି ହୁଏ ଯେ ଦିନଯାକ ଆମର ଯାବତୀୟ ମନ୍ଦ ଆବେଗ ଓ ମନ୍ଦ ଭାବନା ଠିକ୍ ସେତିକିବେଳେହିଁ ସମ୍ମୁଖରେ ଆସି ପହଞ୍ଚିଯାଏ ।

ସମ୍ଭବତଃ ଏସବୁ ଏପରି ହୁଏ, ଯେପରିକି ତୁମେ ସେଗୁଡ଼ିକର କବଳରୁ ନିଷ୍କୃତି ଲାଭ କରିପାରିବ ।

'oaob.nitrkl.ac.in' images reprocessed

ସେଗୁଡ଼ିକ ଯଦି ମନକୁ ଆସୁଥାନ୍ତି, ତେବେ ସେଗୁଡ଼ିକୁ ସମର୍ପଣ କରିହେବ ଏବଂ ସେଗୁଡ଼ିକରୁ ନିଷ୍କୃତି ପାଇହେବ ।

ସମ୍ଭବତଃ ତାହାହିଁ ହେଉଛି କାରଣ, ଏକ ବିଶୁଦ୍ଧୀକରଣ ଲାଗି ଅସଲ ଚେତନାଟି କାର୍ଯ୍ୟ କରୁଥାଏ ବୋଲି ସେପରି ହୁଏ । ତେଣୁ ବସ୍ତୁଗୁଡ଼ିକୁ ଲୁଚାଇ ରଖିବାର କୌଣସି ପ୍ରୟୋଜନ ନାହିଁ, ସେଗୁଡ଼ାକୁ ପଶ୍ଚାଦ୍‌ଦେଶକୁ ଏପରି ଠେଲି ଦେବାର ମଧ୍ୟ କୌଣସି ପ୍ରୟୋଜନ ନାହିଁ, ଆମେ ଆଗରେ ଗୋଟିଏ ପରଦା ଟାଣିରଖିଛୁ ବୋଲି ସେମାନେ ଯେ ସେଠାରେ ପ୍ରକୃତରେ ନାହାନ୍ତି, ସେପରି କଳ୍ପନା କରିବା ଲାଗି ଆଦୌ କୌଣସି କାରଣ ନାହିଁ । ଆମେ ପ୍ରକୃତରେ ଯେଉଁପରି, ବରଂ ଆପଣାକୁ ସେହିପରି ଦେଖିବାକୁ ସମର୍ଥ ହେବା ଅନେକ ଅଧିକ ଭଲ । ଅବଶ୍ୟ ସେଥିଲାଗି ଏହି ଗୋଟିଏ ସର୍ତ୍ତ ରହିଥିବ ଯେ ଆମେ ଆମ ଜୀବନର ଏହି ଘାତଟିକୁ ପ୍ରକୃତରେ ବର୍ଜନ କରିବାକୁ ଇଚ୍ଛା କରୁଛୁ । ଯଦି ତୁମେ ଯାବତୀୟ ଗତିସ୍ପନ୍ଦନକୁ ଉପରିସ୍ତରକୁ ଉତ୍‌ଥିତ ହୋଇ ଆପଣାର ଆବିର୍ଭାବ ଘଟାଇବାକୁ ଅନୁମତି ଦେଇ ଏଠାକୁ ଆସ, ଯଦି ସେଗୁଡ଼ିକୁ ସମର୍ପଣ କରି ଦେଇପାର, "ମୁଁ ପ୍ରକୃତରେ ଏହିପରି" ବୋଲି ଯଦି କହିପାର, ଏବଂ ଯଦି ତହିଁ ସଙ୍ଗେସଙ୍ଗେ ଅନ୍ୟପ୍ରକାର ହେବା ଲାଗି ତୁମ ଭିତରେ ଅଭୀପ୍‌ସା ରହିଥାଏ, ତେବେ ଯେଉଁ ମୁହୂର୍ତ୍ତଟି ଲାଗି ତୁମେ ଏଠାରେ ଉପସ୍ଥିତ ହେବ, ତାହା ତୁମ ଲାଗି ପ୍ରକୃତରେ ଖୁବ ଉପଯୋଗୀ ଭାବରେ କାର୍ଯ୍ୟ କରିବ । ହଁ, ସେଗୁଡ଼ିକର କବଳରୁ ନିଷ୍କୃତି ଲାଭ କରିବାକୁ ହେଲେ ତୁମର ଯେଉଁ ସାହାଯ୍ୟ ଦରକାର, ତୁମେ ମାତ୍ର ଅଳ୍ପ କେତେ ସେକେଣ୍ଡ ମଧ୍ୟରେ ସେହି ସାହାଯ୍ୟଟିକୁ ଅବଶ୍ୟ ଗ୍ରହଣ କରି ପାରିବ । ମାତ୍ର, ଯଦି ତୁମେ ଜଣେ ସାନ ବାବାଜୀଙ୍କ ଭଳି ଏଠାକୁ ଆସିବ ଓ କିଛି ଗ୍ରହଣ ନ କରି ସନ୍ତୁଷ୍ଟ ମନରେ ଏଠାରୁ ଚାଲିଯିବ, ତେବେ ତଦ୍ଦ୍ୱାରା ବେଶୀ କିଛି ଉପକାର ହେବ ନାହିଁ ।

ପରମ ଚେତନା ସ୍ୱତଃ ସେହିପରି କାର୍ଯ୍ୟ କରେ, ଯେଉଁଠି ଆଦୌ କୌଣସି କିରଣ ନଥିଲା, ସେଠାକୁ ଆଲୋକ ବହନ କରି ଆସୁଥିବା ଏକ କିରଣରେଖା ପରି ତାହା କାର୍ଯ୍ୟ କରୁଥାଏ । କେବଳ ଏତିକି କଥା ଯେ ସେତେବେଳେ ଆମେ ଏପରି ଏକ ଅବସ୍ଥାରେ ରହିଥିବା, ଯେତେବେଳେ କି ଆମେ ପ୍ରକୃତରେ ବସ୍ତୁଟିକୁ ବର୍ଜନ କରିବାକୁ ଇଚ୍ଛା କରୁଥିବା, ସେଇଟି ହାତରୁ ନିଷ୍କୃତି ପାଇବାକୁ ଚାହୁଁଥିବା— ସେଇଟି ଭିତରେ ଲାଗି ରହି ସେଇଟିକୁ କଦାପି ରଖିବାକୁ ଚାହୁଁ ନଥିବା । ଯଦି ତୁମେ ପୂର୍ଣ୍ଣ ଆନ୍ତରିକତା ସହିତ ସେଇଟିକୁ ନିଜେ ଟାଣି ବାହାର କରିଦେବାକୁ ଇଚ୍ଛା କରୁଥିବ, ସେଇଟିକୁ ଅନ୍ତର୍ହିତ କରାଇ ଦେବାକୁ ଚାହୁଁଥିବ, ତେବେ ଏଥିରୁ ଅନେକ ଉପକାର ମିଳିବ ।

(ମାଆ ନୀରବ ରହିଲେ)

'oaob.nitrkl.ac.in' images reprocessed

ହଁ, ମୁଁ ନିଜେ ବି ଗୋଟିଏ ପ୍ରଶ୍ନ ପଚାରି ପାରିବି : କାହିଁକି—ଏଇଟା ସାଧାରଣ ଭାବରେ ସମସ୍ତଙ୍କ କ୍ଷେତ୍ରରେ ଘଟେ କି ନାହିଁ, ସେକଥା ମୋତେ ଜଣା ନାହିଁ, ମାତ୍ର ତଥାପି,—ତୁମେମାନେ ଯେତେବେଳେ ମୋ ପାଖକୁ ଆସ, ସେତେବେଳେ ତୁମେମାନେ କାହିଁକି ନିଜର ସର୍ବୋତ୍ତମ ଭାବନାଗୁଡ଼ିକୁହିଁ ଭାବିବାକୁ ଇଚ୍ଛାକର ଓ ସର୍ବୋତ୍ତମ ସ୍ଥିତିରେ ରହିବାକୁ ଇଚ୍ଛା କରୁଥାଅ ? ଏହାର ପ୍ରକୃତ କାରଣ କ'ଣ ହୋଇପାରେ ?

> ଆପଣଙ୍କ ଆଗରେ କୌଣସି ମନ୍ଦ କ୍ରିୟାଶୀଳତା ରହିବା ପ୍ରକୃତରେ ଭାରି ଅସୁନ୍ଦର କଥା ! (ସମସ୍ତେ ହସି ଉଠିଲେ)

ହଁ, ଯଦି ତୁମେ ସେଗୁଡ଼ାକୁ ନିଜ ଭିତରେ ରଖିବାକୁ ଇଚ୍ଛା କରୁଥିବ, ତେବେ ତାହା ପ୍ରକୃତରେ ଅସୁନ୍ଦର କଥା । ମାତ୍ର ଯଦି ତୁମେ ସେଗୁଡ଼ାକର କବଳରୁ ନିଷ୍କୃତି ମିଳୁ ବୋଲି ଚାହୁଁଥିବ ! ··· ସେଗୁଡ଼ିକ ହାତରୁ ନିଷ୍କୃତି ପାଇବା ଲାଗି ସେତେବେଳେ ଏକ ସୁଯୋଗ ବି ତୁମକୁ ମିଳିଥାଏ । ସେଗୁଡ଼ିକ ହାତରୁ ନିଷ୍କୃତି ପାଇବା ଲାଗି ନିଶ୍ଚିତ ଭାବରେ ଏକ ଅବସର ବି ତୁମକୁ ମିଳିଥାଏ । କାରଣ, ସେଗୁଡ଼ାକ ପ୍ରକୃତରେ ଯେମିତି, ମୋ ଆଗରେ ସେମାନେ ଅବିକଳ ସେହିପରି ହୋଇ ଦେଖା ଦିଅନ୍ତି; ମାତ୍ର ମୋଠାରୁ ଦୂରରେ ରହିଥିବା ବେଳେ ସେମାନେ ଯାବତୀୟ ପ୍ରକାରର ଚକଚକ ଓ ମିଛ ଆଲୁଅରେ ରଞ୍ଜିତ ହୋଇ ରହିଥାନ୍ତି, ଏବଂ ତେଣୁ ତୁମେମାନେ ସେଗୁଡ଼ିକୁ ଆଦୌ ଯଥାର୍ଥ ଭାବରେ ଚିହ୍ନି ପାର ନାହିଁ । ଯଦି କ୍ରିୟାଶୀଳତାଟି ଅସୁନ୍ଦର ହୋଇଥାଏ ଏବଂ ତୁମେ ସେଇଟିକୁ ଏଠାରେ ମୋର ପରିବେଶଟି ମଧ୍ୟରେ ଦେଖିବାକୁ ସମର୍ଥ ହୁଅ, ତେବେ ତାହା ଅବିକଳ ଯେପରି ସେପରି ଆବିର୍ଭୂତ ହୋଇଥାଏ । ତେଣୁ ସେଗୁଡ଼ିକ ହାତରୁ ରକ୍ଷା ପାଇବା ଲାଗି ତାହାହିଁ ଉପଯୁକ୍ତ ସମୟ ।

(ମାଆ ନୀରବ ରହିଲେ)

ତୁମ ପାଖରେ ସର୍ବୋତ୍ତମ ଯାହାକିଛି ରହିଛି, ତାହାକୁ ଦେଇଦେବାହିଁ ପ୍ରକୃତରେ ଭଲ ଓ ସମସ୍ତେ ତା'ର ନିଶ୍ଚୟ ପ୍ରଶଂସା କରିବେ । ମାତ୍ର, ତୁମ ପାଖରେ ସବୁଠାରୁ ଖରାପ ଯାହାକିଛି ରହିଛି, ତାହାକୁ ଦେଇଦେବା ହେଉଛି ସବୁଠାରୁ ଅଧିକ ଉପଯୋଗୀ; ଏବଂ ସମ୍ଭବତଃ ଏହି ଦ୍ୱିତୀୟ ଦେଇଦେବାଟି ହେଉଛି ଆହୁରି ଅଧିକ ପ୍ରଶଂସାର ଯୋଗ୍ୟ;—ଏଥିରେ ଅବଶ୍ୟ ଗୋଟିଏ ସର୍ତ୍ତ ସବୁବେଳେ ରହିଥିବ

'oaob.nitrkl.ac.in' images reprocessed

ଯେ ସେଇଟିର କବଳରୁ ମୁକ୍ତ ପାଇବା ଉଦ୍ଦେଶ୍ୟରେହିଁ,—ସେଇଟିକୁ ପରେ ପୁନର୍ବାର ଲେଉଟାଇ ନେବାକୁ ନୁହେଁ,—ତାହାକୁ ଦେଇ ଦିଆଯାଉଛି ।

## ୩ ଅକ୍‌ଟୋବର ୧୯୫୭

ଏଠାରେ ମୋ ପାଖରେ ଗଦାଏ ପ୍ରଶ୍ନ ରହିଛି ! ମାତ୍ର, ସେଗୁଡ଼ିକର ଉତ୍ତର ଦେବାକୁ ଆରମ୍ଭ କରିବା ପୂର୍ବରୁ ମୁଁ ଆଜି ତୁମକୁ ଗୋଟିଏ ବିଷୟ ବୁଝାଇ କହିବା ଲାଗି ଇଚ୍ଛା କରୁଛି ।

ତୁମେମାନେ ବିଭିନ୍ନ ସମୟରେ ବେଶ୍ ଲକ୍ଷ୍ୟ କରି ଦେଖିଥିବ ଯେ ମୁଁ ତୁମମାନଙ୍କ ସହିତ ସବୁବେଳେ ସେହି ଗୋଟିଏ ସ୍ତରରେ କଦାପି କଥାବାର୍ତ୍ତା ହୁଏ ନାହିଁ । ଏହି ପାର୍ଥକ୍ୟଟିକୁ ବାରିନେଇ ପାରିବା ଲାଗି ତୁମମାନଙ୍କର ଯଥେଷ୍ଟ ଗ୍ରହଣଶୀଳତା ରହିଛି କି ନାହିଁ ମୁଁ ଜାଣେ ନାହିଁ, ମାତ୍ର ମୁଁ ସେଥିରେ ପ୍ରଭୂତ ପାର୍ଥକ୍ୟ ଲକ୍ଷ୍ୟ କରିଥାଏ ।···ଅନେକ ସମୟରେ, ମୁଁ ତୁମମାନଙ୍କୁ କିଛି ପଢ଼ାଇକରି ଶୁଣାଇଥାଏ ବୋଲି ହେଉ ଅଥବା ଅନ୍ୟ କୌଣସି କାରଣରୁ ହେଉ, —ବେଳେବେଳେ ମୋତେ କୌଣସି ଏକ ପ୍ରଶ୍ନ ପଚରା ଯାଇସାରିବା ପରେ, ମାତ୍ର ଅତ୍ୟନ୍ତ କ୍ୱଚିତ୍,—ଏପରି ଘଟିଥାଏ ଯେ ମୋର ଏକ ବିଶେଷ ଅନୁଭୂତି ହୋଇଥାଏ; ମାତ୍ର ବସ୍ତୁତଃ ଏହାକୁ କେବଳ ଏକ ନିର୍ଦ୍ଦିଷ୍ଟ ଚେତନାସ୍ଥିତି ମଧ୍ୟରେ ପ୍ରବେଶ କରିବା ବୋଲି କୁହାଯାଇ ପାରିବ, ଏବଂ ଚେତନାର ସେହି ସ୍ଥିତିରେ ଥରେ ପ୍ରବିଷ୍ଟ ହୋଇଗଲେ ମୁଁ ତାହାକୁ ବର୍ଣ୍ଣନା କରି କହିବାକୁ ଚେଷ୍ଟା କରେ । ସେହି କ୍ଷେତ୍ରରେ ଯାହାକିଛି କୁହାଯାଏ ତାହା ମୁଣ୍ଡ ଭିତର ଦେଇ ଅତିକ୍ରମ କରି ଯାଉଥାଏ, ତାହାକୁ ହୁଏତ କେବଳ ଏକ "ଶବ୍ଦର ଭଣ୍ଡାର" ପରି ବ୍ୟବହାର କରୁଥାଏ । ଯେଉଁ ଶକ୍ତି ବା ବୃହତ୍ ଚେତନା ଆପଣାକୁ ବ୍ୟକ୍ତ କରୁଥାଏ, ତାହା ବ୍ୟକ୍ତିର ମନ ଦେଇ ଅତିକ୍ରମ କରିବାରେ ଲାଗିଥାଏ ଏବଂ ଏକପ୍ରକାର ସଦ୍‌ଗୁଣତା ବଳରେ ଅଭିବ୍ୟକ୍ତି ଲାଗି ଲୋଡ଼ା ହେଉଥିବା ଶବ୍ଦଗୁଡ଼ିକୁ ଆକର୍ଷଣ କରି ଆଣୁଥାଏ । ତାହାହିଁ ହେଉଛି ଉଚିତ ଶିକ୍ଷା, ଆମେ ତାହାକୁ କୌଣସି ବହିରେ କ୍ୱଚିତ୍ ଦେଖିବାକୁ ପାଇଥାଉ ।—ହଁ, ଏକଥା ବହିରେ ହୁଏତ ଆଇପାରେ, ମାତ୍ର ତାକୁ ଆବିଷ୍କାର କରିବାକୁ ହେଲେ ବ୍ୟକ୍ତିକୁ ପ୍ରଥମେ ସେହି ଉପଯୁକ୍ତ ସ୍ଥିତିଟିରେ ମଧ୍ୟ ରହିବାକୁ ପଡ଼େ । ମାତ୍ର କଥା ଦ୍ୱାରା ଶବ୍ଦକୁ ବ୍ୟକ୍ତ କରାହେଲା ବେଳେ ଧ୍ୱନିର ସ୍ପନ୍ଦନ ଅନ୍ତତଃ ଅନୁଭୂତିର କିଛି ଅଂଶକୁ ପ୍ରସାରିତ କରିଦିଏ, ଏବଂ ଯେଉଁମାନେ

'oaob.nitrkl.ac.in' images reprocessed

ଉପଯୁକ୍ତ ସ୍ତରରେ ଗ୍ରହଣଶୀଳ ଥାଆନ୍ତି, ସେମାନଙ୍କ ଭିତରକୁ ମଧ୍ୟ ତାହା ସଂକ୍ରମିତ ହୋଇ ଯାଇଥାଏ ।

ଦ୍ୱିତୀୟତଃ, ଯେଉଁ ପ୍ରଶ୍ନଟି ପଚରା ଯାଇଥାଏ ବା ଯେଉଁ ବିଷୟଟି ଦିଆ ଯାଇଥାଏ, ମନର ବାହନ ଉପରେ ତାହା ଉଚ୍ଚତର ଚେତନାର କ୍ଷେତ୍ରକୁ ଚାଲିଯାଏ, ତା'ପରେ ମନକୁ ଏକ ଉତ୍ତର ମିଳେ, ଏବଂ ଶବ୍ଦର ମାଧ୍ୟମରେ ସିଏ ତାହାକୁ ପୁନଃ ପ୍ରସାରିତ କରିଦିଏ । ଯାବତୀୟ ଶିକ୍ଷଣରେ ସାଧାରଣତଃ ଠିକ୍ ତାହାହିଁ ଘଟେ,—ଅବଶ୍ୟ ଏଥିରେ ଗୋଟିଏ ସର୍ତ୍ତ ରହିଥାଏ ଯେ ଯେଉଁ ବ୍ୟକ୍ତି ଶିକ୍ଷାଟିକୁ ଦେଉଥାଏ, ପ୍ରଶ୍ନଟିକୁ ଉଚ୍ଚତର ଚେତନାପାଏ ବହନ କରିନେବା ଲାଗି ତାର ସାମର୍ଥ୍ୟ ରହିଥାଏ । ଦୁଃଖର କଥା, ଏପରି ସବୁବେଳେ ଘଟି ନଥାଏ ।

ମୁଁ କହିରଖେ ଯେ ଏହି ଦ୍ୱିତୀୟ ପଦ୍ଧତିରେ ମୋର ଖୁବ୍ ବେଶୀ ଆଗ୍ରହ ନଥାଏ, ଏବଂ ଯେତେବେଳେ ଅନେକ ସମୟରେ ମୋତେ ପଚରା ହୋଇଥିବା ପ୍ରଶ୍ନଟି ଅଥବା ଆଲୋଚିତ ବିଷୟଟି ମୋତେ ଚେତନାର ଏକ ଆଗ୍ରହୋଦ୍ଦୀପକ ସ୍ଥିତି ମଧ୍ୟରେ ପ୍ରବେଶ କରିବାର କୌଣସି ସମ୍ଭାବନା ଆଣି ଦିଏ ନାହିଁ, ସେତେବେଳେ ମୁଁ କିଛି କହିବା ଅପେକ୍ଷା ଅନିର୍ଦ୍ଦିଷ୍ଟ କାଳ ଲାଗି ନୀରବ ହୋଇ ରହିବାକୁହିଁ ଅଧିକ ଇଚ୍ଛା କରିଥାଏ; ଗୋଟିଏ ପ୍ରକାରର କର୍ତ୍ତବ୍ୟ-ଅନୁରୋଧରେହିଁ ସେତେବେଳେ ମୁଁ ଯାହାକିଛି କହେ । ମୁଁ ଏସବୁ କଥା ତୁମମାନଙ୍କୁ ଆଗରୁ କହିରଖୁଛି, କାରଣ ଅନେକ ସମୟରେ ଏପରି ଘଟିଛି ଯେ ମୁଁ ଆମର କଥାବାର୍ତ୍ତାକୁ ହଠାତ୍ ବନ୍ଦ କରି ଦେଇଛି,—ଯଦି ସେଇଟିକୁ ଆଦୌ ଏକ କଥାବାର୍ତ୍ତା ବୋଲି କୁହାଯାଏ,—ଏବଂ ସଙ୍ଗେସଙ୍ଗେ ଧ୍ୟାନସ୍ଥ ହୋଇ ଯାଇଛି । ଏହିପରି ଅବସରମାନଙ୍କରେ ସେଭଳି ଘଟିଛି । ମାତ୍ର ତଥାପି, ଏହି ପାର୍ଥକ୍ୟଟିକୁ ବୁଝାଇ କହିଦେବା ଲାଗି ମୋତେ କେହିଜଣେ ପ୍ରଶ୍ନ କରିଛନ୍ତି ଏବଂ ତେଣୁ ଆଜି ସନ୍ଧ୍ୟାରେ ମୁଁ ତୁମମାନଙ୍କୁ ସେହି ବିଷୟରେ କିଛି କହୁଛି ।

(ମାଆ ନୀରବ ରହିଲେ)

ତାହାଛଡ଼ା, ମୋ ପାଖରେ ବ୍ୟାବହାରିକ ସ୍ୱଭାବର ଆଉ କେତେକ ଅନ୍ୟ ପ୍ରଶ୍ନ ମଧ୍ୟ ରହିଛି ଏବଂ ସେଗୁଡ଼ିକ ବିଷୟରେ ମୋର ତୁମମାନଙ୍କୁ କିଛି କହିବାର ଅଛି;—ନା—କୌଣସି ପ୍ରକାର ପ୍ରତିରୂପମୟ ଦୃଷ୍ଟିର କଥା ମୁଁ କହିବାକୁ ଯାଉ ନାହିଁ, ମୋଠାରୁ ମନୋରଞ୍ଜକ କିଛି ଶୁଣିବ ବୋଲି ତୁମେ ମୋଟେ ଆଶା କର ନାହିଁ । ନା—ଏପରି କୌଣସି କଥା ମୁଁ କହିବାକୁ ଯାଉ ନାହିଁ···ମୋତେ ପଚରା ଯାଇଛି, ସେଇଟିକୁ ମୁଁ ଅନ୍ୟ ଶବ୍ଦ ଦେଇ କହିବାକୁ ଯାଉଛି; ଠିକ୍ ସେହି ଶବ୍ଦଗୁଡ଼ିକୁ ବ୍ୟବହାର କରି ଯେ ପ୍ରଶ୍ନଟି ପଚରା ଯାଇଥିଲା, ସେକଥା ଆଦୌ ନୁହେଁ :

'oaob.nitrkl.ac.in' images reprocessed

ଅତିମାନସର ଉପସ୍ଥିତି ଦ୍ୱାରା ପ୍ରକୃତରେ କେଉଁଠି କି ପାର୍ଥକ୍ୟ ଦେଖାଯାଉଛି ? ସମସ୍ୟାଗୁଡ଼ିକର ତାତ୍ପର୍ଯ୍ୟଟିକୁ ତାହା ପ୍ରକୃତରେ କିପରି ବଦଳାଇ ଦେଇ ପାରୁଛି ଏବଂ ଏହି ରୂପାନ୍ତରଟି ହେବା ପରେ ଆମେ ନୂଆ କରି ଜୀବନର କିପରି ଅନ୍ୟପ୍ରକାରେ ବିଚାର କରିପାରିବା ?

ମୋତେ କେତୋଟି ବ୍ୟାବହାରିକ ଦୃଷ୍ଟାନ୍ତ ଦେବା ଲାଗି କୁହାଯାଇଛି । ତାହାର ଅର୍ଥ ଯେ ପ୍ରକୃତରେ କ'ଣ ହୋଇପାରେ, ମୁଁ ସେକଥା ଆଦୌ ଠିକ୍ ଭାବରେ ଜାଣି ନାହିଁ; ମାତ୍ର ସେ ଯାହାହେଉ ପଛକେ, ଏକ ଗାଣିତିକ ମନୋଦୃଷ୍ଟିରେ ମୁଁ ଏହାହିଁ ଦେଖିବାକୁ ପାଇଛି,—ମୁଁ ସ୍ୱୀକାର କରି ନେଉଛି ଯେ ଗଣିତର ଭାଷା ମୋର ଭାଷା ଆଦୌ ନୁହେଁ,—ମାତ୍ର ମୁଁ ତଥାପି ଏହାକୁ ହୁଏତ ଏକ ଗାଣିତିକ ମନୋଦୃଷ୍ଟି ବୋଲି କହିପାରିବି, ସମସ୍ୟାଟି ଉପରେ ଦୃଷ୍ଟିପାତ କରିବାର ଏକ ଗାଣିତିକ ରୀତି ବୋଲି କହିପାରିବି ।

ତୁମେସବୁ ଏହି କଥାଟିକୁ ଜାଣିଛ ବୋଲି ମୁଁ ଭାବୁଛି ଯେ,—ତୁମେ ସମସ୍ତେ ସେତିକି ଗଣିତ ନିଶ୍ଚୟ ପଢ଼ିଥିବ,—କୌଣସି ଏକ ସମୂହର କେତେକ ନିର୍ଦ୍ଦିଷ୍ଟ ଉପାଦାନକୁ ଆଧାରରୂପେ ବ୍ୟବହାର କରି ଅନେକସଂଖ୍ୟକ ସମୁଚ୍ଚୟ ପ୍ରସ୍ତୁତ କରାଯାଇ ପାରିବ । ମୋ ନିଜର କଥାକୁ ସ୍ପଷ୍ଟ କରିବା ଲାଗି ମୁଁ ଏଠାରେ ଗୋଟିଏ ଉଦାହରଣ ଦେଉଛି । କାରଣ ତୁମକୁ ଗଣିତ ପଢ଼ାଗଲା ବେଳେ ଯେଉଁସବୁ ପାରିଭାଷିକ ଶବ୍ଦର ପ୍ରୟୋଗ ହୋଇଥାଏ, ମୁଁ ସେଗୁଡ଼ିକର ପ୍ରୟୋଗ କଦାପି କରି ପାରିବି ନାହିଁ । ଏଠାରେ ବର୍ଣ୍ଣମାଳାର ବିଭିନ୍ନ ବର୍ଣ୍ଣଗୁଡ଼ିକର ଉଦାହରଣ ନିଆଯାଉ । ବର୍ଣ୍ଣମାଳାରେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାର ବର୍ଣ୍ଣମାନ ରହିଥାଏ । ଏହି ସବୁଯାକ ବର୍ଣ୍ଣ ବା ଅକ୍ଷରରୁ କେତୋଟି ସମୁଚ୍ଚୟ ଗଠନ କରିବା ସମ୍ଭବ ହେବ, ଯଦି ତୁମେ ସେହି କଥାଟିକୁ ଗଣନା କରି ଜାଣିବାକୁ ଇଚ୍ଛା କରୁଥାଅ,—ସେଗୁଡ଼ିକୁ କିପରି ବିଭିନ୍ନରୂପେ ସଂଗଠିତ କରିହେବ, କେତେପ୍ରକାରେ ସଂଗଠିତ କରିହେବ, ଯଦି ଏକଥା ଗଣି ଠିକ୍ କରିବାକୁ ଇଚ୍ଛା କରୁଥାଅ,—ତେବେ ସେହି ସଂଖ୍ୟାଟି ଯେ କେତେ ବେଶୀ ହେବ, ସେକଥା ଜାଣି ତୁମେ ନିଶ୍ଚୟ ଆଶ୍ଚର୍ଯ୍ୟ ହୋଇଯିବ । ···ହେଲା, ମାତ୍ର ଯଦି ତୁମେ ଏହି ଭୌତିକ ଜଗତକୁ ଉଦାହରଣରୂପେ ଗ୍ରହଣ କରିବ ଏବଂ ଏହି କ୍ଷେତ୍ରରେ ସୂକ୍ଷ୍ମତମ ଉପାଦାନଟି ପର୍ଯ୍ୟନ୍ତ ଯିବାକୁ ଇଚ୍ଛା କରୁଥିବ,—ତୁମେମାନେ ତ ଜାଣିଛ, ବିଜ୍ଞାନର ଗବେଷଣାରେ ଗବେଷକମାନେ ଏବେ ଏକାନ୍ତ ଭାବରେ ଅଦୃଶ୍ୟ ହୋଇ ରହିଥିବା ବସ୍ତୁଗୁଡ଼ିକ ପାଖରେ ଆସି ପହଞ୍ଚିଲେଣି, ଅସଂଖ୍ୟ ଅଗଣିତ ବସ୍ତୁର ଆବିଷ୍କାର କରିସାରିଲେଣି,—ଯଦି ତୁମେ ସେହି ଉପାଦାନଟିକୁ

'oaob.nitrkl.ac.in' images reprocessed

ଆଧାରରୂପେ ଗ୍ରହଣ କରିବ ଏବଂ ଭୌତିକ ଜଗତକୁ ସମଗ୍ରରୂପେ ଗ୍ରହଣ କରିବ, ଏବଂ ତା'ପରେ ଯଦି ତୁମେ ଏପରି ଏକ ପରମ ଚେତନା ଅଥବା ଏକ ପରମ ଇଚ୍ଛାର କଳ୍ପନା କରିବ, ଯିଏକି ଏହିସବୁ ଉପାଦାନକୁ ନେଇ କ୍ରୀଡ଼ା କରିବାରେ ଲାଗିଛି ଏବଂ କୌଣସି ଗୋଟିଏ ସମୁଚ୍ଚୟର କେବେ ପୁନରାବୃତ୍ତି ନକରି ସମ୍ଭାବ୍ୟ ଯାବତୀୟ ସମୁଚ୍ଚୟ ଗଠନ କରିବାରେ ଲାଗିଛି,...ଅତ୍ୟନ୍ତ ସ୍ପଷ୍ଟ କଥା ଯେ,... ଉପାଦାନଗୁଡ଼ିକର ସଂଖ୍ୟା ଏକ ସୀମିତ ସଂଖ୍ୟା ବୋଲି ତୁମମାନଙ୍କୁ ଗଣିତରେ କୁହାଯାଇଥାଏ, ଏବଂ ତେଣୁ ଧରିନେବାକୁ ହେବ ଯେ ସେହି କ୍ଷେତ୍ରରେ ସମୁଚ୍ଚୟ-ଗୁଡ଼ିକର ସଂଖ୍ୟା ମଧ୍ୟ ନିଶ୍ଚୟ ଏକ ସୀମିତ ସଂଖ୍ୟା ହୋଇ ରହିବ; ମାତ୍ର ସେଇଟା ହେଉଛି ପୁରାପୁରି ଏକ ସୈଦ୍ଧାନ୍ତିକ କଥା, କାରଣ ଯେତେବେଳେ ତୁମେ ପ୍ରକୃତରେ ଏହି କଥାଟିକୁ କରିବାକୁ ଯିବ ଏବଂ ଯଦି ଏହି ସମୁଚ୍ଚୟଗୁଡ଼ିକ ଗୋଟିଏ ଆରଟିର ଅନୁଗାମୀ ହୋଇ ରହିଥିବ, ତେବେ ସେହି ପରିବର୍ତ୍ତନଟି ପ୍ରାୟ ଅଦୃଶ୍ୟ ଏକ ପ୍ରଖର ବେଗରେ ଘଟି କରୁଥିଲେ ମଧ୍ୟ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହିସବୁ ସମୁଚ୍ଚୟ ଗଠନ କରିବାକୁ ଆପାତତଃ ଏକ ଅନନ୍ତ ସମୟ ଲାଗିଯିବ; ଅର୍ଥାତ୍ ସମୁଚ୍ଚୟଗୁଡ଼ିକ ଏତେ ଅଜସ୍ର ସଂଖ୍ୟାର ହେବ ଯେ ଆମେ ଆଉ କୌଣସି ସୀମା ଦ୍ୱାରା ସେଗୁଡ଼ିକୁ ବାନ୍ଧି ରଖି ପାରିବା ନାହିଁ । ଅନ୍ତତଃ କୌଣସି ବ୍ୟାବହାରିକ ସୀମା ଦେଇ ବାନ୍ଧି ରଖି ପାରିବା ନାହିଁ । ଏହି ସିଦ୍ଧାନ୍ତଟି ଆମ ଲାଗି ଆଦୌ ଆଗ୍ରହୋଦ୍ଦୀପକ ନୁହେଁ ସତ, ମାତ୍ର ବ୍ୟାବହାରିକ କ୍ଷେତ୍ରରେ ପ୍ରକୃତରେ ସେହିପରି ହେବ ।

ତେଣୁ, ମୁଁ ଯାହା ବର୍ତ୍ତମାନ କହୁଛି, ତାହା ପ୍ରକୃତରେ ସତ ବୋଲି ଯଦି ଅନୁମାନ କରାଯାଏ, ଅର୍ଥାତ୍ ଯଦି ଅନୁମାନ କରାଯାଏ ଯେ ପ୍ରକୃତରେ ଏକ ପରମ ଚେତନା ଓ ପରମ ଇଚ୍ଛା ଗୋଟିକ ପରେ ଗୋଟିଏ କରି, ଅନନ୍ତ କ୍ରମରେ, କୌଣସି ଗୋଟିଏ ସମୁଚ୍ଚୟର ବି ପୁନରାବୃତ୍ତି ନକରି ଏହି ସମୁଚ୍ଚୟଗୁଡ଼ିକର ରୂପାୟନ କରିବାରେ ଲାଗିଛି,...ତେବେ ସେଥିରୁ ଆମେ ଏହି ଉପସଂହାରରେ ଆସି ପହଞ୍ଚିବା ଯେ ଶାଶ୍ୱତକାଳର ପ୍ରତ୍ୟେକ ମୁହୂର୍ତ୍ତରେହିଁ ବିଶ୍ୱଜଗତ ନୂଆ ହେବାରେ ଲାଗିଛି । ଏବଂ ଅନନ୍ତ କାଳର ପ୍ରତ୍ୟେକ ମୁହୂର୍ତ୍ତରେ ଯଦି ବିଶ୍ୱଜଗତ ନୂଆ ହେବାରେ ଲାଗିଥାଏ, ତେବେ ଆମକୁ ଏକଥା ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଏଠାରେ ଆଦୌ କିଛିହେଲେ କଦାପି ଅସମ୍ଭବ ହେବ ନାହିଁ । କେବଳ ସେତିକି ନୁହେଁ, ଆମେ ଏକଥା ମଧ୍ୟ ସ୍ୱୀକାର କରିବା ଯେ ଯାହାକୁ ଆମେ ନ୍ୟାୟଶାସ୍ତ୍ରର ସଙ୍ଗତି ବୋଲି କହୁଥାଉ, ସେଇଟା ମଧ୍ୟ ସର୍ବଦା କଦାପି ସତ ହେବ ନାହିଁ, ଏବଂ ଏଠାରେ କାର୍ଯ୍ୟକାରୀ ହୋଇ ରହିଥିବା ନ୍ୟାୟଟିକୁ ପ୍ରକୃତରେ ଅସୀମ ବୋଲି କୁହାଯିବ, ତାହାକୁ ପରମ ସ୍ରଷ୍ଟାଙ୍କର ପ୍ରାୟ ଏକ ଅଦ୍ଭୁତ କଳ୍ପନା ବୋଲି କୁହାଯିବ ।

'oaob.nitrkl.ac.in' images reprocessed

ତେଣୁ, ଯଦି କୌଣସି ନା କୌଣସି କାରଣରୁ,—ତାହାକୁ ଶବ୍ଦ ଦେଇ ପ୍ରକାଶ କରିବା ଆଦୌ ସହଜ ନୁହେଁ,—ଯଦି କେବେ କୌଣସି ଏକ ସମୁଚ୍ଚୟ୍ର ପଛକୁ ତାହାର ନିକଟତମ ସମୁଚ୍ଚୟଟି ନଆସି ସେହି ସର୍ବୋଚ୍ଚ ମୁକ୍ତପୁରୁଷଙ୍କ ଦ୍ୱାରା ନିର୍ବାଚିତ ଆଉ ଏକ ସମୁଚ୍ଚୟ ଆସି ପହଞ୍ଚିଯାଏ, ତେବେ ନିଶ୍ଚିତ ବିଷୟରେ ଆମର ବାହାରେ ଯେତେ ସୂତ୍ର ରହିଛି ଓ ନ୍ୟାୟଶାସ୍ତ୍ର ବୋଲି ଯାହାକିଛି ରହିଛି, ତାହା ସବୁକିଛି ତତ୍‌କ୍ଷଣାତ୍ ଭାଙ୍ଗି ଚୂରମାର୍ ହୋଇଯିବ ।

କାରଣ, ତୁମେ ସମସ୍ୟାଟିକୁ ଯେତିକି ଜଟିଳ ବୋଲି ଭାବୁଛ, ତାହା ତାହାଠାରୁ ଆହୁରି ଅଧିକ ଜଟିଳ । କେବଳ ଗୋଟିଏ ଭୂମି, ଗୋଟିଏ କ୍ଷେତ୍ର ଅର୍ଥାତ୍ ଯାହାକୁ ଆମେ ଦୁଇଟି ବସ୍ତୁଗୁଡ଼ିକର ଉପରିଭାଗ ବୋଲି କହିପାରିବା, କେବଳ ସେଠାରେ ଯେ ଅନନ୍ତସଂଖ୍ୟକ ଉପାଦାନ ଶାଶ୍ୱତ ଭାବରେ ନୂଆ ନୂଆ ସମୁଚ୍ଚୟମାନ ନିଷ୍ପନ୍ନ କରି ଆଣୁଥାନ୍ତି ତା' ନୁହେଁ, ମାତ୍ର ଏହାଛଡ଼ା, ଆମେ ଯାହାକୁ ଗଭୀରତା ବୋଲି କହିପାରିବା, ସେହି ଗଭୀରତାର ପ୍ରସ୍ଥଟି ମଧ୍ୟ ମହଜୁଦ ରହିଥାଏ, ଅର୍ଥାତ୍ ଅନ୍ୟାନ୍ୟ ଏକାଧିକ ପ୍ରସ୍ଥ ମହଜୁଦ ରହିଥାଏ । ଏବଂ, କେବଳ ଉପରିଭାଗସ୍ଥ ସମୁଚ୍ଚୟଗୁଡ଼ିକୁ ନେଇ ଯେ ଏହି ସୃଷ୍ଟି ସମ୍ଭବ ହୋଇଛି ତା' ନୁହେଁ, ମାତ୍ର ଏହି ଉପରିଭାଗର ତଳେ ଅବସ୍ଥିତ ରହିଥିବା ନାନା ଗଭୀରତାର ସମୁଚ୍ଚୟ ଦ୍ୱାରା ତାହା ତିଆରି ହୋଇଛି,—ଯାହାକୁ ଅନ୍ୟ ଭାଷାରେ "ମନସ୍ତାତ୍ତ୍ୱିକ ଉପାଦାନ" ବୋଲି କୁହାଯିବ, ସେଗୁଡ଼ିକ ଦ୍ୱାରା ବି ତିଆରି ହୋଇଛି । ମାତ୍ର ଏହି କଥା କହିଲାବେଳେ ମୁଁ ଏକ ସମ୍ପୂର୍ଣ୍ଣ ଗାଣିତିକ ଦୃଷ୍ଟିକୋଣରୁହିଁ କହୁଛି,—ଅବଶ୍ୟ ଏକଥା ସତ ଯେ ଏପରି କଲାବେଳେ ମୁଁ ଗଣିତର ଭାଷା ବ୍ୟବହାର କରୁ ନାହିଁ,—ମାତ୍ର ତଥାପି ତାହାକୁ ଏକ ଗାଣିତିକ କଳ୍ପନା ବୋଲିହିଁ କହିବାକୁ ହେବ । ଏବଂ, ଏହିପରି ଭାବରେ ଆମେ ଆସି ଏହି ସମସ୍ୟାଟି ପାଖରେ ପହଞ୍ଚି ଯାଉଛୁ :

ପ୍ରତ୍ୟେକ ଥର ସମ୍ଭାବ୍ୟ ସମୁଚ୍ଚୟର ଏହି ସମଗ୍ର ସମୂହଟି ମଧ୍ୟରେ ଯେତେବେଳେ ଏକ ନୂତନ ଉପାଦାନକୁ ଆଣି ପ୍ରବିଷ୍ଟ କରାଯାଏ, ତଦ୍ଦ୍ୱାରା ଏପରି ଗୋଟିଏ ପରିଣାମ ଘଟେ, ଯାହାକୁକ ତାହାର ସୀମାଗୁଡ଼ିକର ବିଦାରଣ ବୋଲି କୁହାଯିବ । ଏପରି ଏକ ବସ୍ତୁର ପ୍ରବେଶ ଘଟେ, ଯାହାକି ଅତୀତର ଯାବତୀୟ ସୀମାକୁ ଅନ୍ତର୍ହିତ କରିନିଏ, ନାନା ନୂତନ ସମ୍ଭାବନା ଆସି ପହଞ୍ଚେ, ଏବଂ ଅତୀତର ସମ୍ଭାବନାଗୁଡ଼ିକୁ ଅନନ୍ତ ମାତ୍ରାରେ ବହୁଗୁଣିତ କରିଦିଏ । ତେଣୁ ଆମ ସମ୍ମୁଖରେ ଏପରି ଏକ ଜଗତ ରହିଥିଲା, ପ୍ରାଚୀନ ଜ୍ଞାନର ପରିଭାଷାରେ ଯାହାକୁ ଚାରି ପ୍ରସ୍ଥଯୁକ୍ତ ଅର୍ଥାତ୍—ଏହାକୁ କିପରି ଭାବରେ ପ୍ରକାଶ କରିହେବ ?—ଚାରିଟି କ୍ରମବର୍ତ୍ତୀ ପ୍ରସ୍ଥବିଶିଷ୍ଟ ବୋଲି କୁହାଯାଇ ପାରିବ । ଏବଂ ଚାରିଟି ପ୍ରସ୍ଥବିଶିଷ୍ଟ ଏହି ଜଗତ ମଧ୍ୟକୁ ହଠାତ୍ ଆହୁରି

'oaob.nitrkl.ac.in' images reprocessed

ନୂତନ କେତୋଟି ପ୍ରସ୍ଥର ପ୍ରବେଶ ଘଟିଲା ଏବଂ ତା' ଫଳରେ ପୁରାତନ ସୂତ୍ରମାନ ଯେତେ ଯାହା ଥିଲା, ସବୁଗୁଡ଼ିକରେ ତତ୍‌କ୍ଷଣାତ୍ ଏକ ରୂପାନ୍ତର ଘଟିଲା ଏବଂ ପୁରାତନଟିର ସମଗ୍ର ଉନ୍ମୋଚନ-ସମ୍ଭାବନା···ଆମେ ଏହି କ୍ଷେତ୍ରରେ ଆଦୌ ବୃଦ୍ଧି ପାଇଲା ବୋଲି କହି ପାରିବା ନାହିଁ, ମାତ୍ର, ଅନନ୍ତସଂଖ୍ୟକ ନୂତନ ସମ୍ଭାବନା ଦ୍ୱାରା ତାହା ପରିପୁଷ୍ଟ ହେଲା ବୋଲି କହିପାରିବା; ଏବଂ, ଏସବୁ କଥା ଏପରି ଭାବରେ ଘଟିଲା ଯେ ଆଗରୁ ଚଳିଆସୁଥିବା ନ୍ୟାୟସୂତ୍ରଗୁଡ଼ିକ ଅଉ ଆଦୌ କୌଣସି କାମ ଦେଲା ନାହିଁ, ନୂତନ ନ୍ୟାୟଯୁକ୍ତିଟିର ସମ୍ମୁଖରେ ତାହା ଅକାମୀ ହୋଇଗଲା ।

ମନୁଷ୍ୟର ମନ ଏହି ବିଶ୍ୱଜଗତକୁ କ'ଣ କିପରି ଭାବରେ ତିଆରି କରି ରଖିଛି, ମୁଁ ଏଠାରେ ଆଦୌ ସେବିଷୟରେ କହୁ ନାହିଁ, କାରଣ ସେକଥା କହିଲେ ଆମକୁ ସବୁ କଥା ମନର କଳନାସୀମା ଓ ପ୍ରସ୍ଥଟିକୁ ଆଣି କହିବାକୁ ପଡ଼ିବ; ପ୍ରକୃତରେ ସତ୍ୟଟି ଯେପରି, ମୁଁ ଠିକ୍ ସେହି ଅର୍ଥରେ କହୁଛି, କ୍ରମପର୍ଯ୍ୟାୟରେ ଉପଲବ୍ଧ ହେଉଥିବା ସମୁଚ୍ଚୟଗୁଡ଼ିକର ଏକ ସମଗ୍ର ସମୂହଟିର ଅର୍ଥରେ ମୁଁ ଏଠି ଏକଥା କହୁଛି; ଏହା ଏକ ଶୃଙ୍ଖଳା ଅନୁସାରେ ହେଉଛି, ଏକ ନିର୍ବାଚନ ଅନୁସାରେ ସଂଘଟିତ ହେଉଛି ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହା ମନୁଷ୍ୟଚେତନା ଲାଗି ବୋଧାଗତ ହୋଇ ରହିଛି । ମାତ୍ର ମନୁଷ୍ୟ କେତେକ ପରିମାଣରେ ଏଇଟି ସହିତ ଆପଣାକୁ ଅନୁକୂଳିତ କରିନେଇଛି, ଶତାବ୍ଦୀ ଶତାବ୍ଦୀର ଅଧ୍ୟୟନ ଫଳରେ ମନୁଷ୍ୟଜାତି ଅନେକ ଉଦ୍ୟମ କରି ତାହା କରିପାରିଛି, ନିର୍ଦ୍ଦିଷ୍ଟ ଓ ମୂର୍ତ୍ତ କିଛିକୁ ଅବଲମ୍ବନ କରି ରହିପାରିବ ବୋଲି ସିଏ ତାହାକୁ ଅନୁରୂପ ପରିମାଣରେ ଭଲଭାବରେ ସୂତ୍ରବଦ୍ଧ କରି ରଖିବାରେ ସଫଳ ହୋଇଛି···ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆଧୁନିକ ବିଜ୍ଞାନର କଳନା, ଉଦାହରଣସ୍ୱରୂପ ପ୍ରସ୍ତରଯୁଗର ନାନା ଅନୁମାନ ତୁଳନାରେ ବିଶ୍ୱଜାଗତିକ ସତ୍ୟଟିର ଅଧିକ ନିକଟବର୍ତ୍ତୀ ହୋଇପାରିଛି,—ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ମାତ୍ର ଏହି କଳନାଟି ମଧ୍ୟ ହଠାତ୍ ସମ୍ପୂର୍ଣ୍ଣ ଭାବରେ ଅତିକ୍ରାନ୍ତ ହୋଇଯିବାକୁ ଯାଉଛି, ଆମର ଅଧୀତ ବିଶ୍ୱଜଗତରେ ଆଗରୁ ଆଦୌ ମହଜୁଦ ନଥିବା ଆଉ ଏକ ବସ୍ତୁର ଅନୁପ୍ରବେଶ ପୂର୍ବରୁ ଯାବତୀୟ କଳନାକୁ ତେଜିଲି ଗୁଳିଯିବାକୁ ଯାଉଛି, ସମ୍ଭବତଃ ସେଇଟିକୁ ଏକାବେଳକେ ଅସ୍ତବ୍ୟସ୍ତ ଭାବରେ ଓଲଟାଇ ପକାଇବାକୁ ଯାଉଛି ।

ହଁ, ଏହି ପରିବର୍ତ୍ତନଟି ମଧ୍ୟରୁ, ବିଶ୍ୱ-ଉପାଦାନର କ୍ଷେତ୍ରରେ ଏହି ଯେଉଁ ହଠାତ୍ ରୂପାନ୍ତର ଆମର ଯାବତୀୟ ବୋଧଭୂମିରେ ପ୍ରାୟ ଏକ ଅରାଜକତା ବର୍ତ୍ତନ କରି ଆଣିବାକୁ ଯାଉଛି, ସେହି ପରିବର୍ତ୍ତନରୁହିଁ ଏକ ନୂତନ ଜ୍ଞାନ ଉନ୍ମେଷଲାଭ

'oaob.nitrkl.ac.in' images reprocessed

କରିବ । ସାଧାରଣ ଭାବରେ ଆମେ ଏହାକୁହିଁ ଏହି ନୂତନ ରୂପାନ୍ତରର ପରିଣାମ ବୋଲି କହିପାରିବା ।*

ଏକ ସମ୍ପୂର୍ଣ୍ଣ ଭାବରେ ସୀମାବଦ୍ଧ, ବାହ୍ୟ ଏବଂ ସୀମିତ ଦୃଷ୍ଟିକୋଣରୁ ମୁଁ ବର୍ତ୍ତମାନ ଏପରି କେତୋଟି କଥା ବିଷୟରେ ତୁମମାନଙ୍କୁ କହିବି, ଯାହାକୁ କି ମୋ ନିଜର ଅଭିଜ୍ଞତାପ୍ରସୂତ ବୋଲି କହି ହେବ ନାହିଁ; ମୁଁ କେବଳ ସେଗୁଡ଼ିକ ବିଷୟରେ ଶୁଣିଛି; ଉଦାହରଣସ୍ୱରୂପ, ଆମେ ସାଧାରଣତଃ ଯେଉଁମାନଙ୍କୁ "ଅଦ୍ଭୁତ ପ୍ରତିଭାସମ୍ପନ୍ନ ଶିଶୁ"-ବୋଲି କହିଥାଉ, ସେମାନଙ୍କର ଏକ ବୃହତ୍ତର ସଂଖ୍ୟା ରହିଛି ବୋଲି ବୁଝାଯାଏ । ମୁଁ ଏପରି କୌଣସି ଦୃଷ୍ଟାନ୍ତ ସହିତ ସ୍ୱୟଂ ପରିଚିତ ନୁହେଁ, ତେଣୁ ଏହିସବୁ ଶିଶୁଙ୍କ କ୍ଷେତ୍ରରେ ପ୍ରକୃତରେ କ'ଣସବୁ ଉପାଦାନ ଅଦ୍ଭୁତ ପ୍ରତିଭାସମ୍ପନ୍ନ ହୋଇ ରହିଥାଏ, ମୁଁ ତୁମମାନଙ୍କୁ ସେକଥା ଆଦୌ କହି ପାରିବି ନାହିଁ । ମାତ୍ର ତଥାପି, ଏସବୁ ବିଷୟରେ ଯେଉଁ କାହାଣୀମାନ ରହିଛି, ତାହା ଅନୁସାରେ, ନିଃସନ୍ଦେହ ଭାବରେ ଏପରି କେତେକ ନୂତନ ନମୁନାର ଏକ ନୂତନ ପ୍ରକାର ଅବଶ୍ୟ ରହିଛି, ଯାହାକି ସାଧାରଣ ମନୁଷ୍ୟଚେତନା ଲାଗି ପ୍ରକୃତରେ ଅଦ୍ଭୁତ ବୋଲି ଲାଗିଥାଏ । କ'ଣସବୁ ଘଟୁଛି, ତାହା ବୁଝିପାରିବା ସକାଶେ ଆମର ପ୍ରକୃତରେ ଏହି ପ୍ରକାର ଉଦାହରଣଗୁଡ଼ିକୁ ଉତ୍ତମରୂପେ ଜାଣିବାକୁ ହେବ···ମାତ୍ର ବସ୍ତୁତଃ ଏକଥା ମଧ୍ୟ ସମ୍ଭବ ଯେ ବର୍ତ୍ତମାନ ଏପରି ନାନା କଥା ଘଟିବାରେ ଲାଗିଲାଣି, ଯେଉଁଗୁଡ଼ିକୁ ଦେଖିବାରେ ଆମର ଆଖି ମୋଟେ ଅଭ୍ୟସ୍ତ ହୋଇ ନାହିଁ । ମାତ୍ର ଏହା

---

* ୧୯୬୨ ମସିହାରେ ଯେତେବେଳେ ଏହି ପ୍ରବଚନଟି ସର୍ବପ୍ରଥମେ ପ୍ରକାଶିତ ହେବାକୁ ଗଲା, ସେତେବେଳେ ମାଆ ସେଥିରେ "ନୂତନ ଉପାଦାନଟି" ବିଷୟରେ ଏହି ମନ୍ତବ୍ୟଟି ଯୋଡ଼ି ଦେଇଥିଲେ : "ସେହି ବସ୍ତୁଗୁଡ଼ିକ ଆଗରୁ ନଥିଲେ, କେବଳ ଏହି ଅର୍ଥରେହିଁ ଆମେ ସେଗୁଡ଼ିକୁ 'ନୂତନ ବସ୍ତୁ' ବୋଲି କହିବା ନାହିଁ; ମାତ୍ର, ଆଗରୁ ଜଗତରେ ସେଗୁଡ଼ିକର ରୂପାୟନହିଁ ହୋଇ ନଥିଲା, ଏହି ଅର୍ଥରେ ଆମେ ସେଗୁଡ଼ିକୁ ନୂତନ ବସ୍ତୁ ବୋଲି କହିବା । ହଁ, ସେଗୁଡ଼ିକ ଆଗରୁ ସେଠାରେ ସବୃନ ହୋଇ ରହି ନଥିଲେ ସେଗୁଡ଼ିକର କୌଣସି ଆବିର୍ଭାବହିଁ ହୋଇ ନଥାନ୍ତା । ଏଥିରେ ସନ୍ଦେହ କରିବାର ଆଦୌ କିଛି ନାହିଁ । ସର୍ବୋଚ୍ଚ ପରମସତ୍ତ୍ୱଙ୍କ ମଧ୍ୟରେ ଯାହା ଶାଶ୍ୱତକାଳରୁ ବିଦ୍ୟମାନ ହୋଇ ରହି ନାହିଁ, ତାହା କଦାପି କୌଣସି ପ୍ରକାର ଅସ୍ତିତ୍ୱ ଧାରଣ କରି ପାରିବ ନାହିଁ, ମାତ୍ର ରୂପାୟନର କ୍ଷେତ୍ରରେ ତାହାକୁ ନୂତନ ବୋଲି ବୁଝାଯିବ । ଉପାଦାନଟି କଦାପି ନୂଆ ନୁହେଁ, ମାତ୍ର ତାହା ନୂତନ କରି ରୂପଗ୍ରହଣ କଲା ବୋଲି ବୁଝାଯିବ, ପରମ ଅରୂପଙ୍କ ମଧ୍ୟରୁ ତାହା ନୂତନ କରି ନିଷ୍କ୍ରାନ୍ତ ହୋଇଅଛି ବୋଲି ବୁଝାଯିବ । ନୂଆ,—ଏହି ଶବ୍ଦଟିର ପ୍ରକୃତ ଅର୍ଥ କ'ଣ ? ଏହାର କୌଣସି ଅର୍ଥ ନାହିଁ, 'ଏକ ନୂତନ ବସ୍ତୁ' ବୋଲି କହିବାର କୌଣସି ଅର୍ଥ ନାହିଁ । ରୂପାୟନର ଭୂମିରେ ତାହା 'ଅନ୍‌ଲଗି' ନୂତନ, ତାପ୍ ସେତକ ହେଉଛି ସତ୍ୟ ।"

'oaob.nitrkl.ac.in' images reprocessed

ହେଉଛି ଏକ ନିର୍ଦ୍ଦିଷ୍ଟ ବ୍ୟାଖ୍ୟା ଦେଇ ବୁଝିବାର ପ୍ରଶ୍ନ । ମୁଁ ବର୍ତ୍ତମାନ ତୁମମାନଙ୍କୁ ଯେଉଁ ବିଷୟରେ କହୁଥିଲି, କେବଳ ସେହିକି ବିଷୟରେ ମୁଁ ନିଶ୍ଚିତ; ମୁଁ କହୁଥିଲି ଯେ ବିଶ୍ୱଜଗତରେ ସମ୍ଭାବ୍ୟ ସମୁଚ୍ଚୟଗୁଡ଼ିକର ଗୁଣାତ୍ମକତା, ସଂଖ୍ୟା ଏବଂ ପ୍ରକୃତି ହଠାତ୍ ଏଭଳି ବିପୁଳ ଭାବରେ ବଦଳିଯିବାକୁ ଯାଉଛି ଯେ, ବର୍ତ୍ତମାନ ଯେଉଁମାନେ ଏହି କ୍ଷେତ୍ରରେ ଗବେଷଣା କରୁଛନ୍ତି, ସେମାନଙ୍କ ଲାଗି ତାହା ବେଶ୍ ଏକ ପ୍ରହେଳିକା ପରି ଅନୁଭୂତ ହେବ ଓ ସେମାନଙ୍କୁ ଅବାକ୍ କରି ପକାଇବ ।

ଆମେ ଅପେକ୍ଷା କରିବା ଓ ଦେଖିବା ।

(ମାଆ ନୀରବ ରହିଲେ)

ବର୍ତ୍ତମାନ ତୁମମାନଙ୍କୁ ମୁଁ ଯାହାସବୁ କହିଲି, ସମ୍ଭବତଃ ତାହା ସହିତ ବ୍ୟାବହାରିକ ଆଉଗୋଟିଏ କଥା କହିଲେ ଭାରି ଭଲ ହେବ; ଏକ ବିସ୍ତୃତ ସମସ୍ୟାର କେବଳ ଏକ ଦୃଷ୍ଟାନ୍ତରୂପେହିଁ ମୁଁ ତାହା କହିବି; ମାତ୍ର, ପ୍ରକୃତିର ତଥାକଥିତ ନିୟମ, କାରଣ ଓ ପରିଣାମ, ଭୌତିକ ଜଗତରେ ସଂଘଟିତ "ଅନିବାର୍ଯ୍ୟ" ନାନା ଘଟଣା ଏବଂ ବିଶେଷ କରି ସ୍ୱାସ୍ଥ୍ୟର ଦୃଷ୍ଟିକୋଣରୁ ନିଚ୍ଛିଦନ ପୂର୍ବେ ମୋତେ ଯେଉଁସବୁ ଅନ୍ୟ ପ୍ରଶ୍ନ ପଚରା ଯାଇଥିଲା, ତାହା ସେହିସବୁର ଏକ ପରୋକ୍ଷ ଉତ୍ତରରୂପେ ମଧ୍ୟ ନିଶ୍ଚୟ କାମ ଦେବ । ଉଦାହରଣସ୍ୱରୂପ, ଯଦି କେତେକ ନିର୍ଦ୍ଦିଷ୍ଟ ସତର୍କତା ଅବଲମ୍ବନ କରା ନଯାଏ, ଆମର ଯେପରି ଖାଇବା ଉଚିତ, ଯଦି ଆମେ ସେହିପରି ଭାବରେ ଖାଦ୍ୟ ନଖାଉ, ଯଦି ଆମେ କେତେଗୁଡ଼ିଏ ନିୟମକୁ ମାନି ନଚଳୁ, ତେବେ ତାର ପରିଣାମଗୁଡ଼ିକୁ ଯେ ଆମକୁ ଅବଶ୍ୟ ଭୋଗିବାକୁ ପଡ଼ିବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

ଏହି କଥାଟି ସମ୍ପୂର୍ଣ୍ଣ ସତ । ମାତ୍ର ବିଶ୍ୱଜଗତରେ କୌଣସି ଦୁଇଟି ସମୁଚ୍ଚୟ ମଧ୍ୟ ଅବିକଳ ଏକାପରି ନୁହନ୍ତି ବୋଲି ବର୍ତ୍ତମାନ ତୁମମାନଙ୍କୁ ମୁଁ ଯାହା କହୁଥିଲି, ଯଦି ତାହାର ଆଲୋକନ ମଧ୍ୟରେ କଥାଟିର ବିଚାର କରି ଦେଖାଯାଏ, ତେବେ ଆମେ କୌଣସି ନିୟମର ପ୍ରତିଷ୍ଠା ବା କିପରି କରି ପାରିବା ଏବଂ ଏହିସବୁ ବିଧାନର ପଛରେ ପୁଣି ଦୃଢ଼ ଅଲଙ୍ଘନୀୟ ସତ୍ୟ ବା ପୁଣି କ'ଣ ରହିବ ?…ଏହି ଅଲଙ୍ଘନୀୟ ସତ୍ୟର ଆଦୌ କୌଣସି ଅସ୍ତିତ୍ୱ ନାହିଁ ।

କାରଣ, ଯଦି ତୁମେ ତର୍କନ୍ୟାୟ ଦ୍ୱାରା ପରିଚାଳିତ ହେଉଥିବ,—ଏଠାରେ ଅବଶ୍ୟ ଏକ ଉଚ୍ଚତର କ୍ଷେତ୍ରର ନ୍ୟାୟ କଥା କୁହାଯାଉଛି; କାରଣ ଯଦି କୌଣସି ଦୁଇଟି ବସ୍ତୁ, ଦୁଇଟି ସମୁଚ୍ଚୟ, ଦୁଇଟି ଜାଗତିକ ରୂପାୟନ ଅବିକଳ ଏକାପରି ନହୁଅନ୍ତି, ତେବେ କୌଣସି ବିଷୟର ପୁଣି ପୁନରାବୃତ୍ତି ହୋଇପାରିବ କିପରି ?

'oaob.nitrkl.ac.in' images reprocessed

ହୁଏତ ବାହାରକୁ ଏକ ପୁନରାବୃତ୍ତି ବୋଲି ଦେଖାଯିବ, ମାତ୍ର ପ୍ରକୃତରେ କୌଣସି ପୁନରାବୃତ୍ତି ହେଉ ନଥିବ । ଏବଂ, ଏହିପରି ଭାବରେ କେତୋଟି ଅଲଂଘ୍ୟ କଠୋର ନିୟମକୁ ପ୍ରତିଷ୍ଠିତ କରି ରଖିବାକୁ ଚାହାଁଲେ,—ଅବଶ୍ୟ ଏକଥା ସତ ଯେ ତୁମେ ଏହାଦ୍ୱାରା ଆପାତ ବାହ୍ୟ ବିଧାନଗୁଡ଼ିକରୁ ନିଜକୁ ମୋଟେ କାଟି ଅଲଗା କରି ଦେବ ନାହିଁ, କାରଣ ଆମର ମନ ପ୍ରକୃତରେ ଅନେକ ନିୟମ କରିବାରେ ଲାଗିଥାଏ ଏବଂ ବାହ୍ୟ ସତ୍ତାଟି ବେଶ୍ ଅନୁଗତ ଭାବରେ ସେହି ନିୟମଗୁଡ଼ିକୁ ମାନୁଥିବା ପରି ପ୍ରତୀତ ହେଉଥାଏ,—ମାତ୍ର ତାହାକୁ କେବଳ ଏକ ପ୍ରତୀୟମାନ ବୋଲି କହିବାକୁ ହେବ;—ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହା ତୁମକୁ ପରମ ଚିଦ୍‌ଗତତାର ଶକ୍ତିଟି ପାଖରୁ ଖିଅଛଣ୍ଡା କରି ନେଇଯାଏ, ପରମ କରୁଣାର ଅସଲ ଶକ୍ତିଠାରୁହିଁ ତୁମକୁ ବିଚ୍ଛିନ୍ନ କରି ରଖିଥାଏ, କାରଣ ତୁମେ ଏହି କଥାଟିକୁ ନିଶ୍ଚୟ ବୁଝିପାରିବ ଯେ ଯଦି ଆପଣାର ଅଭୀପ୍ସା ବା ଦୃଷ୍ଟିଭଙ୍ଗୀଟି ଦ୍ୱାରା ତୁମେ ଉପସ୍ଥିତ ସମୁଚ୍ଚୟଗୁଡ଼ିକ ମଧ୍ୟରେ ଏକ ଉଚ୍ଚତର ଓ ନୂତନ ଉପାଦାନର ପ୍ରବେଶ ଘଟାଇବାରେ ସମର୍ଥ ହୁଅ,—ଏହାକୁ ଆମେ ବର୍ତ୍ତମାନ ଏକ ଅତିମାନସ ଉପାଦାନ ବୋଲି କହିପାରିବା,—ତେବେ ତୁମେ ତଦ୍ଦ୍ୱାରା ହଠାତ୍ ସେଗୁଡ଼ିକର ପ୍ରକୃତିକୁ ମଧ୍ୟ ବଦଳାଇ ଦେଇ ପାରିବ, ଏବଂ ଯେତେବେଳେ ଏହିସବୁ ଯାବତୀୟ ତଥାକଥିତ ଆବଶ୍ୟକ ଏବଂ ଅପରିହାର୍ଯ୍ୟ ବିଧାନଗୁଡ଼ିକ ଗୋଟିଏ ଗୋଟିଏ ଅସମ୍ଭବତାରେହିଁ ପରିଣତ ହୋଇଯିବ । ଅର୍ଥାତ୍, ତୁମେ ନିଜେହିଁ, ତୁମର ଯାବତୀୟ କଳ୍ପନା, ତୁମର ସ୍ୱତନ୍ତ୍ର ଦୃଷ୍ଟି ଏବଂ କେତୋଟି ତଥାକଥିତ ନୀତିକୁ ସ୍ୱୀକାର କରି ନେଇଥିବାର ତୁମର ସେହି ବିଶେଷ ମନୋଭାବଟି ସହିତ, ସେହି ଅଦ୍‌ଭୁତ ଘଟଣାଟି ଘଟିବା ବିଷୟରେ ଆପଣାର ଦ୍ୱାରଟିକୁ ବନ୍ଦ କରି ଦେଇଥାଅ । ଏବଂ ତୁମେ ନିଜେହିଁ, ବେଶ୍ ଯୁକ୍ତିସଙ୍ଗତ ବୋଲି ମନେ ହେଉଥିବା ଏକ ନ୍ୟାୟ ବଳରେ ଆପଣାକୁ କହୁଥାଅ, "ହଁ, ମୁଁ ଯଦି ଏହି କଥାଟି କରିବ, ତେବେ ଅନିବାର୍ଯ୍ୟତଃ ସେଥିରୁ ଏହି ପରିଣାମଟି ଘଟିବ, ଏବଂ ଯଦି ମୁଁ ସେହି କଥାଟିକୁ ନ କରେ, ତେବେ ଅନିବାର୍ଯ୍ୟତଃ ଏହି ଅନ୍ୟ କଥାଟି ଘଟିବ,"—ତୁମେ ନିଜେହିଁ ନିଜ ଦ୍ୱାରଟିକୁ ବନ୍ଦ କରିଦିଅ, ତୁମେ ସତେଯେପରି ନିଜ ମଧ୍ୟରେ ଏବଂ ପରମ କରୁଣାର ସେହି ଅବାଧ କ୍ରିୟାଶୀଳତାଟି ମଧ୍ୟରେ ଏକ ଲୁହାପରଦା ନେଇ ଟାଙ୍ଗିକରି ରଖିଦିଅ ।

ଏକଥା କଳ୍ପନା କରିବାକୁ କେତେ ଚମତ୍କାର ଓ ଅଦ୍‌ଭୁତ ଲାଗୁଛି ଯେ ସର୍ବୋଚ୍ଚ ପରମଚେତନା ମୂଳତଃ ମୁକ୍ତ ହୋଇ ରହିଥିବାରୁ ଓ ଏହି ବିଶ୍ୱ-ରୂପାୟନର ଲୀଳାରେ ସେ ଅଧିଷ୍ଠାତା ହୋଇ ରହିଥିବାରୁ ଆପଣାର ନିର୍ବାଚନରେ ସର୍ବଦା ସତେଅବା ଆପଣାରହିଁ ସ୍ୱପ୍ନରେ ପୂର୍ଣ୍ଣ ହୋଇ ରହିଛନ୍ତି; ମଣିଷର ଭାବନା ଯେଉଁ ନ୍ୟାୟଟିକୁ ବୁଝିବାକୁ ସମର୍ଥ ହେବ, ସିଏ ତାହାର ଆଦୌ ଅନୁସରଣ କରୁ ନାହାନ୍ତି,

'oaob.nitrkl.ac.in' images reprocessed

ମାତ୍ର ଆପଣାର ଆଉ ଗୋଟିଏ ପ୍ରକାରର ଅନଧିଗମ୍ୟ ନ୍ୟାୟ ଅନୁସାରେ ସେ ଗୋଟିଏ ବସ୍ତୁ ପରେ ଆଉ ଗୋଟିଏ ବସ୍ତୁକୁ ଅନୁଗାମୀ କରି ରଖିଛନ୍ତି ।

ତା' ହୋଇପାରିଲେ ତା'ପରେ ଆଉ ସମ୍ଭାବନାଗୁଡ଼ିକର କ୍ଷେତ୍ରରେ ଆଦୌ କୌଣସି ସୀମା ରହିବ ନାହିଁ, ଅପ୍ରତ୍ୟାଶିତତା ଏବଂ ଚମତ୍କାରିତାରେ ମଧ୍ୟ କୌଣସି ସୀମା ରହିବ ନାହିଁ । ସେତେବେଳେ ଆମେ ଏହି ସର୍ବସମର୍ଥ ମୁକ୍ତ ପରମ ଇଚ୍ଛାଠାରୁ ଯାବତୀୟ ପ୍ରକାରର ମହିମମୟ ଓ ଆନନ୍ଦମୟ ସୃଜନର ଆଶା କରିପାରିବା; ସେହି ଇଚ୍ଛା ଶାଶ୍ୱତ ଭାବରେ ଯାବତୀୟ ଉପାଦାନକୁ ନେଇ କ୍ରୀଡ଼ା କରୁଛି ଏବଂ ଅନୁକ୍ଷଣ ଏପରି ଏକ ନୂତନ ଜଗତର ସୃଷ୍ଟି କରିବାରେ ଲାଗିଛି, ଯାହାର ନ୍ୟାୟତଃ ପୂର୍ବବର୍ତ୍ତୀ ଜଗତ ସହିତ ଆଦୌ କୌଣସି ସାଦୃଶ୍ୟ ନାହିଁ ।

ଏହା ଅତ୍ୟନ୍ତ ଚିତ୍ତାକର୍ଷକ ହେବ ବୋଲି ତୁମେମାନେ ଭାବି ପାରୁ ନାହିଁ କି ? ବର୍ତ୍ତମାନ ଜଗତ ଯେପରି ହୋଇ ରହିଛି, ଆମେ ତ ତାହାକୁ କେତେପ୍ରକାରେ ଅଙ୍ଗେ ନିଭାଇଲେଣି ! ତେବେ, ତାହା ଯେପରି ହେଉ ବୋଲି ଆମେ ଇଚ୍ଛା କରୁଛୁ, ତାକୁ ଅନ୍ତତଃ ସେହିପରି ହେବା ଲାଗି ଆମେ ବାଟ ଛାଡ଼ିଦେବା ନାହିଁ କାହିଁକି ?

ଏବଂ ତୁମମାନଙ୍କୁ ମୁଁ ଏସବୁ କଥା କହୁଛି, ଯେପରିକି ତୁମେ ପ୍ରତ୍ୟେକେ ଆସୁଥିବା ସମ୍ଭାବନାଗୁଡ଼ିକର ପଥରେ ଯଥାସମ୍ଭବ କମ୍ ପ୍ରତିବନ୍ଧକ ସୃଷ୍ଟି କରିପାରିବ । ମୁଁ ଏଠିକରେ ଉପସଂହାର କରିବାକୁ ଚାହୁଁଛି ।

ମୋର କଥାଗୁଡ଼ିକ ତୁମେମାନେ ବୁଝିଲ କି ନାହିଁ, ମୋତେ ସେକଥା ଜଣା ନାହିଁ, ମାତ୍ର ବସ୍ତୁତଃ ଏପରି ଦିନ ଅବଶ୍ୟ ଆସିବ, ଯେତେବେଳେ କି, ମୁଁ ଭାବୁଛି ଯେ ମୁଁ ବର୍ତ୍ତମାନ ଯାହାସବୁ କହୁଛି, ତୁମେମାନେ ତାହା ବୁଝିପାରିବ । ତେବେ ଆଜି ଏଇଠି ବନ୍ଦ ଥାଉ ।

**ଏହାର କେତେଦିନ ପରେ, ଗୋଟିଏ "ଶୁକ୍ରବାର କ୍ଲାସ୍"ରେ ମାଆ ପୁନର୍ବାର ଅଦ୍ଭୁତ ପ୍ରତିଭାସମ୍ପନ୍ନ ଶିଶୁମାନଙ୍କ ବିଷୟରେ କହିଥିଲେ ।**

ଏବେ, ଥରେ ବୁଧବାର କ୍ଲାସ୍‌ରେ, ଆମେ ଅଦ୍ଭୁତ ପ୍ରତିଭାସମ୍ପନ୍ନ ଶିଶୁ-ମାନଙ୍କର ଆଲୋଚନା କରୁଥିଲୁ । କେତେକ ଲୋକ କହୁଛନ୍ତି ଯେ ଏହିପରି ଶିଶୁମାନଙ୍କର ସଂଖ୍ୟା ଏବେ ପ୍ରଭୂତଭାବରେ ବୃଦ୍ଧି ପାଉଛି, ଏବଂ ସେମାନଙ୍କ ମଧ୍ୟରୁ କେତେକ କହୁଛନ୍ତି,—ଏମାନଙ୍କ ଭିତରେ ଆମେରିକାନ୍‌ମାନେ ବି ଅଛନ୍ତି,—ଯେ ଶ୍ରୀଅରବିନ୍ଦଙ୍କର ପ୍ରଭାବ ଏବଂ କାର୍ଯ୍ୟ ହେତୁ ଏପରି ହେଉଛି; ଏବଂ ପରମାଣୁ ବୋମାର ବିସ୍ଫୋରଣ ଫଳରେ ଏପରି ହେଉଛି ବୋଲି ଅନ୍ୟମାନେ କହୁଛନ୍ତି । ମାତ୍ର, ଏହା ଏକ

'oaob.nitrkl.ac.in' images reprocessed

ସତ୍ୟ କଥା ଯେ ଏବେ ଅଦ୍‌ଭୁତ ପ୍ରତିଭାସମ୍ପନ୍ନ ଶିଶୁମାନଙ୍କର ସଂଖ୍ୟା ଅତ୍ୟନ୍ତ ବୃଦ୍ଧି ପାଇଛି । ଏ ବିଷୟରେ ମୁଁ ଗୁଡ଼ାଏ ବିସ୍ତୃତ ଭାବରେ ଆଦୌ କିଛି କହିବା ଲାଗି ଇଚ୍ଛା କରି ନଥିଲି, କାରଣ ମୋ ପାଖରେ ତାହାର କୌଣସି ପ୍ରମାଣ ନଥିଲା, ଅର୍ଥାତ୍, ଦେଇ ପାରିବା ଲାଗି ମୋ ପାଖରେ କୌଣସି ଉପଯୁକ୍ତ ଦୃଷ୍ଟାନ୍ତ ନଥିଲା । ଘଟଣାକ୍ରମେ ତା'ପରେ କେହିଜଣେ ଜଣେ ଆଠବର୍ଷର ପିଲା ଲେଖିଥିବା ଗୋଟିଏ ଫରାସୀ ବହି* ଆଣି ଦେଇଥିଲେ । ଅତ୍ୟନ୍ତ ସ୍ୱାଭାବିକ କଥା ଯେ ଅନେକ ଲୋକ ଏହି ସମ୍ଭାବନାଟି ବିଷୟରେ ଅନେକ ସନ୍ଦେହ ପ୍ରକାଶ କରୁଛନ୍ତି, ମାତ୍ର, ଏପରି ଏକ କଥା ଯେ କିପରି ଅବଶ୍ୟ ସମ୍ଭବ ହୋଇପାରେ, ତୁମମାନଙ୍କୁ ମୁଁ ସେକଥା ପରେ ବୁଝାଇ କହିଦେବି ।

ଆଠବର୍ଷର ଜଣେ ପିଲା ପକ୍ଷରେ ଏହି ବହିଟି ଲେଖିବା ପ୍ରକୃତରେ ଏକ ଅଦ୍‌ଭୁତ ବିଷୟ । ଅବଶ୍ୟ ଏହାର ଏପରି ଅର୍ଥ କରିବା ଉଚିତ ନୁହେଁ ଯେ ପିଲାଟିର ବିଷୟ ବିଷୟରେ କେହି କିଛି ଜାଣି ନଥିଲେ ବହିଟି ତଥାପି ସମସ୍ତଙ୍କୁ ନିଶ୍ଚୟ ଅଦ୍‌ଭୁତ ବୋଲି ଲାଗିଥାନ୍ତା; ମାତ୍ର ବହି ଭିତରେ ଏଠି ସେଠି ଅନେକ ଏପରି ବାକ୍ୟ ରହିଛି, ଯାହାକି ଆମକୁ ପ୍ରକୃତରେ ବିସ୍ମିତ କରିଦେବ । ଏହିସବୁ ବାକ୍ୟକୁ ମୁଁ ଟିପିରଖିଛି ଏବଂ ବର୍ତ୍ତମାନ ସେହିଗୁଡ଼ିକୁ ତୁମମାନଙ୍କ ଆଗରେ ପଢ଼ି ଦେଉଛି (ମାଆ ତାଙ୍କ ବହିଟି କାଢ଼ି ପୃଷ୍ଠା ଓଲଟାଇବାକୁ ଲାଗିଲେ) ।

ଏଠାରେ ରହିଥିବା ଏହି ବାକ୍ୟାଂଶଟିକୁ ଶୁଣ : "ଯଦି ଆମେ ପରସ୍ପରକୁ ପ୍ରକୃତରେ ଭଲ ପାଇ ପାରିବା, ତେବେ ଆଉ ପରସ୍ପରଠାରୁ ଆମେ କିଛିହେଲେ ଲୁଚାଇ ରଖି ପାରିବା ନାହିଁ ।" ଏହା ଯେ ଏକ ସୁନ୍ଦର ବାକ୍ୟ, ସେଥିରେ କୌଣସି ସନ୍ଦେହ ନାହିଁ ।

ତା'ପରେ, ମୁହଁରେ କଳାଜାଇ ଥିବା ଗୋଟିଏ ସାଥିପିଲା ପାଖକୁ ସେଇ ଝିଅଟି ଯାହା ଲେଖିଛି,—ତୁମେ କଳାଜାଇ କ'ଣ ଜାଣିଛ, ନୁହେଁ କି ?—ସିଏ ସାଥିଟି ପାଖକୁ ଲେଖିଛି, "ତୁ କେଡ଼େ ସୁନ୍ଦର, ପ୍ରକୃତରେ କେଡ଼େ ସୁନ୍ଦର । ତୋ କଳାଜାଇଗୁଡ଼ାକ ପ୍ରକୃତରେ ଭାରି ସୁନ୍ଦର; ମନେ ହେଉଛି ଯେପରି ଜଣେ ସ୍ୱର୍ଗଦୂତ ଆସି ତୋ ମୁହଁରେ କେତୋଟି ଗହମଦାନା ବିଞ୍ଚିଦେଇ ଯାଇଛି, ଯେପରିକି ଆକାଶର ଚଢ଼େଇମାନେ ଆକୃଷ୍ଟ ହୋଇ ସେଠାରେ ଆସି ପହଞ୍ଚିବେ ।" କୌଣସି ସନ୍ଦେହ ନାହିଁ ଯେ ଏଥିରେ ଚମତ୍କାର କାବ୍ୟିକ କଳ୍ପନା ରହିଛି ।

---

* Minou Drouet, ଜନ୍ମ ୧୯୪୭ରେ ରଚିତ Arbre mon ami (ବୃକ୍ଷ, ମୋର ବନ୍ଧୁ)

'oaob.nitrkl.ac.in' images reprocessed

ଏବଂ ଶେଷରେ, ଏଠାରେ ପ୍ରକୃତରେ ସୁନ୍ଦର କେତୋଟି ଧାଡ଼ି ରହିଛି, ଯାହାକି ମୁଁ ତୁମମାନଙ୍କୁ ଦେବାକୁ ଯାଉଥିବା ବ୍ୟାଖ୍ୟା ଲାଗି ଦ୍ୱାରଟିକୁ ଉନ୍ମୋଚିତ କରିଦେଇ ପାରିବ : "ମୁଁ ତ କେବଳ ଏକ କାନ, କେବଳ ଏକ ପାଟି; କାନ କେତେ କେତେ ଶବ୍ଦର ଯେଉଁ ଝଙ୍କାରଟିକୁ ଶୁଣିବାରେ ଲାଗିଛି, ମୁଁ ସେକଥା ତୋତେ ବୁଝାଇ କହି ପାରିବି ନାହିଁ; ମୋ ଭିତରେ ରହିଥିବା ଗୋଟିଏ ଏତେବଡ଼ ସ୍ୱର ସେହି ଶବ୍ଦଗୁଡ଼ାକୁ ବୁଲାଇବାରେ ଲାଗିଛି ଏବଂ ମୋର ପାଟିଟା ସେହିଗୁଡ଼ାକୁ ଖାଲି ଦୋହରେଇବାରେ ଲାଗିଛି । ଏବଂ ମୁଁ ଯାହାସବୁ କହୁଛି, ତାହାକୁ ମୋ ଭିତରେ ରହିଥିବା ଆଲୋକର ସ୍ରୋତଟି ସହିତ ଆଦୌ ତୁଳନା କରାଯାଇ ପାରିବ ନାହିଁ ।"

ଏଗୁଡ଼ିକ ଯେ ଖୁବ ସୁନ୍ଦର ଭାବରେ ଲେଖା ହୋଇଛି, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

ମୋର ମନେ ହେଉଛି ଯେ ଝିଅଟି ଲେଖିଥିବା କବିତାଗୁଡ଼ିକର ଏଠିସେଠି, —ସିଏ ଅନେକଗୁଡ଼ିଏ କବିତା ଲେଖିଛି,—ଆମର କବି ମାଟରଲିଙ୍କଙ୍କ କଥା ମନେ ପଡ଼ିଯିବ । ତେଣୁ ଲୋକମାନେ ସେଥିରୁ ଏପରି ଗୋଟିଏ ସିଦ୍ଧାନ୍ତ କରି ପକାଇଛନ୍ତି ଯେ ଝିଅଟି ପ୍ରକୃତରେ ଆଦୌ କିଛି ଲେଖି ନାହିଁ, କାରଣ ଆଠବର୍ଷ ସମୟରେ ସିଏ କଦାପି ମାଟରଲିଙ୍କଙ୍କର ଲେଖା ପଢ଼ି ନଥିବ; ତେଣୁ ସେଗୁଡ଼ିକୁ ନିଶ୍ଚୟ ଆଉ କେହି ଜଣେ ଲେଖିଛି । ମାତ୍ର ଏହି କ୍ଷେତ୍ରରେ ଆଦୌ କୌଣସି ଶଠତାର ଅନୁମାନ କରିବା ଲାଗି କୌଣସି ଆବଶ୍ୟକତା ନାହିଁ, ଏବଂ ପ୍ରକାଶକ ମଧ୍ୟ ସ୍ପଷ୍ଟଭାବରେ କହୁଛନ୍ତି ଯେ ଏହି ବହିଟି ବିଷୟରେ ସେ ସବୁ କଥା ଭଲ କରି ଜାଣିଛନ୍ତି, ପିଲାଟିକୁ ବି ଖୁବ ଅନ୍ତରଙ୍ଗ ଭାବରେ ଜାଣିଛନ୍ତି; ଅସଲ କଥା ହେଉଛି ଯେ ଝିଅଟିକୁ ସେ ପ୍ରକୃତରେ ନିଜର ଝିଅ କରି ନେଇଥିଲେ, କାରଣ ଝିଅର ବାପା ଆଗରୁ ଇହଧାମ ତ୍ୟାଗ କରିଥିଲେ । ଏହି କ୍ଷେତ୍ରରେ ଯେ ଆଦୌ କୌଣସି ପ୍ରବଞ୍ଚନା କରା ଯାଇ ନାହିଁ, ପ୍ରକାଶକ ସେବିଷୟରେ ନିର୍ଭର ଜବାବ ଦେଇପାରିବେ ବୋଲି ସ୍ୱୟଂ କହିଛନ୍ତି । ମାତ୍ର ଏହି ବ୍ୟାପାରଟିକୁ ବୁଝିବାକୁ ଯାଇ ଏକ ପ୍ରବଞ୍ଚନା କରାଯାଇଛି ବୋଲି ଅନୁମାନ କରିବାର ଆଦୌ କୌଣସି ଆବଶ୍ୟକତା ନାହିଁ ।

ଯେଉଁ ପୁସ୍ତକକାର ଏବଂ ଲେଖକମାନେ ପ୍ରକୃତ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଗମ୍ଭୀରଭାବେ କିଛି ସୃଷ୍ଟି କରିଯାଇଛନ୍ତି, ଅର୍ଥାତ୍ ଆପଣା ସତ୍ତାର ଏକପ୍ରକାରର ସକେନ୍ଦ୍ରଣ ଦ୍ୱାରା ଆପଣା ସାହିତ୍ୟକୃତିରେ ଆପଣାକୁ ଅଭିନିବିଷ୍ଟ କରି ରଖିଛନ୍ତି, ସେମାନେ ନିଜ ମଧ୍ୟରେ ଏକ ସୁଗଠିତ ଓ ସୁସମ୍ବନ୍ଧିତ ମାନସରୂପର ସଗଠନ କରି ପାରିଛନ୍ତି, ଶରୀରଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଭାବରେ ତାହାର ଏକ ଅଲଗା ଜୀବନ ରହିଛି, ଯାହାଫଳରେ କି ସେମାନେ ଯେତେବେଳେ ଏହି ସଂସାର ଛାଡ଼ି ଯାଆନ୍ତି, ଯେତେବେଳେ ଶରୀରଟି ପୁନର୍ବାର ଧରିତ୍ରୀକୁ ଲେଉଟିଆସେ,

'oaob.nitrkl.ac.in' images reprocessed

ସେତେବେଳେ ସେହି ମାନସରୂପଟି ସମ୍ପୂର୍ଣ୍ଣ ସ୍ୱାଧୀନ ଏବଂ ସ୍ୱତନ୍ତ୍ର ଭାବରେ ତଥାପି ବିଦ୍ୟମାନ ରହିଥାଏ ଏବଂ ଅଭିବ୍ୟକ୍ତି ଲାଗିହିଁ ଏହାର ଏକ ଅନୁରୂପ ନିର୍ମାଣ ହୋଇ ରହିଥିବାରୁହିଁ ତାହା କେଉଁଠି ନା କେଉଁଠି ଆପଣାକୁ ଅଭିବ୍ୟକ୍ତ କରି ପାରିବାର ଆଧାରଟିଏ ଅନ୍ୱେଷଣ କରି ବୁଲୁଥାଏ । ଏବଂ, ଯଦି ତାହା ଏପରି ଗୋଟିଏ ଶିଶୁର ସନ୍ଧାନ ପାଏ, ଯିଏ କି ଏକ ବିଶେଷ ଭାବରେ ଅନୁକୂଳ ପରିବେଶରେ ଗଢାହୋଇ ରହିଥାଏ,—ଉଦାହରଣସ୍ୱରୂପ, ଆଲୋଚିତ ଏହି ଝିଅଟିର ମାଆ ମଧ୍ୟ ନିଜେ ଜଣେ କବି ଓ ଜଣେ ଲେଖିକା; ସମ୍ଭବତଃ ସ୍ୱୟଂ ମାଆଙ୍କରହିଁ ଏହି ଦିଗରେ ଏକ ଅଭୀପ୍ସା ରହିଥିଲା, ତାଙ୍କର ସନ୍ତାନ ଜଣେ ବିଶେଷ ପ୍ରତିଭାସମ୍ପନ୍ନ ବ୍ୟକ୍ତି ହୋଇପାରିବ ବୋଲି ଏକ ଇଚ୍ଛା ରହିଥିଲା,—ସେକଥା ଯାହାହେଉ ପଛକେ, ଗର୍ଭରେ ରହିଥିବା ସନ୍ତାନଟି ଯଦି ବିଶେଷ ଭାବରେ ଅନୁକୂଳ ହୋଇ ରହିଥିବା ପରିବେଶରେ ଗଢ଼ା ହୋଇଥାଏ, ଏହି ପ୍ରକାରର ଏକ ମାନସରୂପ ସେହି ଶିଶୁଟିର ଜନ୍ମଗ୍ରହଣ କାଳରେ ତା' ଭିତରେ ଆସି ପ୍ରବେଶ କରିବାର ଏକ ସମ୍ଭାବନା ରହିଥାଏ ଏବଂ ଆପଣାର ଅଭିବ୍ୟକ୍ତି ଲାଗି ତାକୁ ମାଧ୍ୟମରୂପେ ବ୍ୟବହାର କରିବାର ସମ୍ଭାବନା ରହିଥାଏ । ଏବଂ, ଏହି କ୍ଷେତ୍ରରେ, ଘଟଣାଟି ପିଲାଟିର ମନ ଭିତରେ ଏକ ପରିପକ୍ୱତା ଆଣିଦିଏ, ଯାହାକି ପ୍ରକୃତରେ ଅନନ୍ୟ ଏବଂ ଅସାଧାରଣ ପରି ଦେଖାଯାଏ, ଏବଂ ଯାହାଦ୍ୱାରା କି, ଆମେ ବର୍ତ୍ତମାନ ଯେଉଁପରି ପଢ଼ୁଥିଲେ, ସେହି ପିଲାଟି ସେହିସବୁ କଥା ସମ୍ଭବ କରିପାରେ ।

ଅତିମାତ୍ରାରେ ଉଦ୍‌ଭଟ ଶୁଣାଯିବାର ଆଦୌ କୌଣସି ଆଶଙ୍କା ନରଖି ଆମେ ହୁଏତ ଏପରି କହିପାରିବା ଯେ, ସେହି ଝିଅଟି ଯାହା ଲେଖିଛି, ଯଦି ବିସ୍ମୟକର ଭାବରେ ତାହା ମାଟର୍‌ଲିଙ୍କ୍‌ଙ୍କର କୌଣସି ରଚନା ସହିତ ସାଦୃଶ୍ୟ ରଖିଥାଏ, ବା ଯଦି ସେଥିରେ ତାଙ୍କ ଲେଖାଗୁଡ଼ିକର କୌଣସି ଲକ୍ଷଣ ପ୍ରକାଶ ପାଇଥାଏ, ଏପରିକି ଯଦି କେତେକ ନିର୍ଦ୍ଦିଷ୍ଟ ବାକ୍ୟାଂଶ ଅବିକଳ ମିଳି ଯାଉଥାଏ, ତେବେ ଆମେ ଏକଥାଟିକୁ ବି ବେଶ୍ କଳ୍ପନା କରି ପାରିବା ଯେ ମାଟର୍‌ଲିଙ୍କ୍‌ଙ୍କର ଏକ ମାନସରୂପ ଏହି ପିଲାଟି ମଧ୍ୟରେ ଅବତୀର୍ଣ୍ଣ ହୋଇଛି ଏବଂ ଆପଣାକୁ ଅଭିବ୍ୟକ୍ତ କରିବା ଲାଗି ଝିଅଟିକୁ ମାଧ୍ୟମରୂପେ କାର୍ଯ୍ୟରେ ଲଗାଉଛି ।

ଉଦାହରଣସ୍ୱରୂପ, ସଙ୍ଗୀତକାରମାନଙ୍କ ମଧ୍ୟରେ ବି ଏହାର ସଦୃଶ ଦୃଷ୍ଟାନ୍ତମାନ ରହିଛି । ଏପରି ପିଆନୋବାଦକମାନେ ଅଛନ୍ତି, ଯେଉଁମାନେ ହାତଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଏକ ବ୍ୟକ୍ତିଗତ ପ୍ରତିଷ୍ଠା ଦେଇ ଯାଇଛନ୍ତି । ସେହି ହାତଗୁଡ଼ିକୁ ସେମାନେ ଏପରି ଅଦ୍‌ଭୁତ ଭାବରେ ସଚେତନ କରି ରଖିଥିଲେ ଯେ ସେହି ହାତଗୁଡ଼ିକ ଆଉ ମୋଟେ ନଷ୍ଟ ହୋଇ ଯାଇ ନାହାନ୍ତି । ଏଠାରେ ବାହ୍ୟ ଶରୀରସ୍ଥ ହାତଗୁଡ଼ିକର କଥା କୁହା ଯାଉ ନାହିଁ, ସୂକ୍ଷ୍ମ ଭୌତିକ ଏବଂ ପ୍ରାଣିକ ହାତଗୁଡ଼ିକ କଥା କୁହାଯାଉଛି । ସେହି ହାତଗୁଡ଼ିକ ଆଦୌ ନଷ୍ଟ ହୋଇ ଯାଇ ନାହାନ୍ତି,

'oaob.nitrkl.ac.in' images reprocessed

ମଲବେଳେ ସେଗୁଡ଼ିକର ଆଦୌ କୌଣସି ବିନାଶ ହୋଇ ନାହିଁ । ସେମାନେ ପିଆନୋ ବଜାଇବା ଲାଗି ସର୍ବଦା ସାଧନରୂପେ ମହଜୁଦ ହୋଇ ରହିଥାନ୍ତି ଏବଂ ସର୍ବଦା ପିଆନୋ ବଜାଉଥିବା ଆଉ କାହା ହାତରେ ଅବତୀର୍ଣ୍ଣ ହେବା ଲାଗି ଉଦ୍ୟମ କରୁଥାନ୍ତି । ମୁଁ କେତେକ ଲୋକଙ୍କର ଦୃଷ୍ଟାନ୍ତକୁ ଭଲ କରି ଜାଣିଛି, ଯେଉଁମାନେ କି ଠିକ୍ ବାଦ୍ୟ ବଜାଇବାକୁ ଗଲାବେଳକୁ ସତେଅବା ସେହି ଅନ୍ୟ ହାତଗୁଡ଼ିକ ସେମାନଙ୍କ ହାତ ମଧ୍ୟରେ ଆସି ପ୍ରବେଶ କଲା ପରି ଅନୁଭବ କରିଥିଲେ ଏବଂ ତା'ପରେ ଅଭୂତପୂର୍ବ ଚମତ୍କାରିତା ସହିତ ବାଦ୍ୟଟିକୁ ବଜାଇବାକୁ ଆରମ୍ଭ କଲେ । ସେମାନେ ଏକାକୀ ସେପରି ଚମତ୍କାର ଭାବରେ କଦାପି ବଜାଇ ପାରି ନଥାନ୍ତେ ।

ଆମେ ସାଧାରଣତଃ ଯେପରି ବିଶ୍ୱାସ କରିବାକୁ ପ୍ରବୃତ୍ତ ହୋଇଥାଉ, ଏଗୁଡ଼ିକ ସେତେଦୂର ଅସାଧାରଣ କଥା ଆଦୌ ନୁହନ୍ତି, ସେସବୁ ବେଶ୍ ଅନେକ ସମୟରେହିଁ ଘଟିଥାନ୍ତି ।

ଜଣେ ବେହେଲାବାଦକ ଓ ଆଉ ଜଣେ ସେଲୋବାଦକଙ୍କ କ୍ଷେତ୍ରରେ, ଏହିପରି ଦୁଇଟି ଅଲଗା ଅଲଗା କ୍ଷେତ୍ରରେ ମୁଁ ଠିକ୍ ସେହି କଥା ଦେଖିବାକୁ ପାଇଥିଲି । ସେମାନେ ସ୍ୱୟଂ ସେପରି ସିଦ୍ଧହସ୍ତ ଆଦୌ ନଥିଲେ । ଜଣେ ଆପଣାର ଅଧ୍ୟୟନକୁ ଆରମ୍ଭମାତ୍ର କରୁଥିଲେ ଏବଂ ଅନ୍ୟ ଜଣକ ବେଶ୍ ଭଲ ଭାବରେ ବଜାଇ ପାରୁଥିଲେ ସତ, ମାତ୍ର ତଥାପି ତାଙ୍କୁ କଦାପି ଜଣେ ଅଦ୍ଭୁତ ବଜାଳି ବୋଲି କହି ହେବ ନାହିଁ । ମାତ୍ର, ସେମାନେ ଯେମିତି କେତେକ ନିର୍ଦ୍ଦିଷ୍ଟ ସଙ୍ଗୀତକାରଙ୍କର ରଚନାକୁ ବଜାଇବାକୁ ଆରମ୍ଭ କରୁଥିଲେ, ସେହି ସଙ୍ଗୀତକାରଙ୍କର ପ୍ରତଭାର କେତେକାଂଶ ସେମାନଙ୍କର ହାତରେ ଆସି ପ୍ରବେଶ କରୁଥିଲା ଓ ସେମାନଙ୍କର ବଜାଇବାକୁ ଅତ୍ୟନ୍ତ ଅଦ୍ଭୁତ ଓ ଚମତ୍କାର କରି ଦେଉଥିଲା ।

ଆଉ ଜଣେ ବ୍ୟକ୍ତି,—ଜଣେ ଭଦ୍ରମହିଳା,—ବି ଏମିତି ଥିଲେ, ଯିଏକି ସେଲୋ ବଜାଉଥିଲେ ଏବଂ ବିଥୋଭେନ୍‌ଙ୍କର କୌଣସି ରଚନାକୁ ବଜାଇବାକୁ ଆରମ୍ଭ କରିବା ମାତ୍ରକେ ତାଙ୍କ ମୁଖମଣ୍ଡଳର ଅଭିବ୍ୟକ୍ତି ମଧ୍ୟ ବିଥୋଭେନ୍‌ଙ୍କର ମୁଖର ସ୍ମରଣ କରାଇ ଦେଉଥିଲା ଏବଂ ତା'ପରେ ସେ ଯାହାକିଛି ବଜାଉଥିଲେ, ତାହା ପ୍ରକୃତରେ ଏକ ଗମ୍ଭୀର ଓ ଉଦାତ୍ତ ସ୍ତରର ହୋଇ ପାରୁଥିଲା । ବିଥୋଭେନ୍‌ଙ୍କର ମାନସପ୍ରତଭାର କିୟଦଂଶ ତାଙ୍କ ମଧ୍ୟରେ ପ୍ରବେଶ କରୁ ନଥିଲେ ସାଧାରଣ ଅବସ୍ଥାରେ ସେ ହୁଏତ ଆଦୌ ସେପରି ଚମତ୍କାର ଭାବରେ ସେଲୋ ବଜାଇ ପାରୁ ନଥାନ୍ତେ ।

ମାଆ, ଯେଉଁମାନେ ବାଦ୍ୟଟିକୁ ବଜାଉଥାନ୍ତି, ସେମାନଙ୍କ ଲାଗି ଏହି ଅସାଧାରଣ ସାମର୍ଥ୍ୟଟି ପ୍ରକୃତରେ କୌଣସି କ୍ଷତି କରେ ନାହିଁ କି ?

'oaob.nitrkl.ac.in' images reprocessed

ତାହା ଆଦୌ କୌଣସି କ୍ଷତି କରିବ ବୋଲି ତୁମେ କଳ୍ପନା କି କାହିଁକି କରୁଛ ? ଏହା ସେମାନଙ୍କର ଉପକାର କରେ ।

ଏକ ଅତିକ୍ରମ କରିବା ବା ଆପଣାର ସୀମାଟିକୁ ଡେଇଁ ଆହୁରି ସେପାଖକୁ ଯାଇପାରିବା,—ଏହାଦ୍ୱାରା ସବୁବେଳେ ଭଲ ଫଳହିଁ ଫଳିଥାଏ ।

ମାତ୍ର ସେହି ପିଲାଟି ପାଇଁ ?

ତୁମେ ପାରିଲ ନାହିଁ । ପିଲାଟି ପାଇଁ ?

ହଁ, କାରଣ ଆଠ ବର୍ଷ ବୟସରୁହିଁ ତ ସେ ପୂର୍ଣ୍ଣ ପରିପକ୍ୱତା ଲାଭ କଲା !

ମାତ୍ର ଆଠବର୍ଷ ବୟସରେ ବୁଦ୍ଧିର ସୀମାକୁ ଅତିକ୍ରମ କରି ଯାଇଥିବା କୌଣସି ଏକ ସାମର୍ଥ୍ୟର ଅଭିବ୍ୟକ୍ତିରେ ନିଜକୁ ପରିଣତ କରିପାରିବା ତ ଏକ ଅଦ୍‌ଭୁତ ଓ ଚମତ୍କାର କଥା ! ଏହା ଦ୍ୱାରା ସେହି ଝିଅଟିର କୌଣସି କ୍ଷତି ହେବ ବୋଲି ତୁମେ କିପରି ଭାବୁଛ ? ମୁଁ ତୁମର ପ୍ରଶ୍ନଟିକୁ ଠିକ୍ ଭାବରେ ବୁଝି ପାରୁ ନାହିଁ ।

ତେବେ, ବୟସ ବଢ଼ିଯିବା ପରେ ତା'ର ଗ୍ରହଣକ୍ଷମ ହେବାର ଶକ୍ତି କମ୍ ହୋଇଯିବ ।

ନାଇଁ, ମୋଟେ ନୁହେଁ । ତୁମେ ଭାବୁଛ ଯେ ଯେତେବେଳେ ଜଣେ ଅଦ୍‌ଭୁତ ପ୍ରତିଭାସମ୍ପନ୍ନ ଶିଶୁ ବୟସରେ ବଡ଼ ହୋଇଯାଏ, ସେତେବେଳେ ତାହାର ଅଦ୍‌ଭୁତ ପ୍ରତିଭାମାନ ଆଉ ସ୍ଥାୟୀ ହୋଇ ରହି ପାରେ ନାହିଁ । ମାତ୍ର, ଯେଉଁମାନେ ଏହିସବୁ ଦୃଷ୍ଟାନ୍ତର ଅଧ୍ୟୟନ କରିଛନ୍ତି, ସେହିମାନେହିଁ କହନ୍ତି ଯେ ବର୍ତ୍ତମାନ ଏହି କ୍ଷେତ୍ରରେ ଯାହା ଘଟୁଛି, ସେଗୁଡ଼ିକରେ ଏହି ଅସାଧାରଣ କଥାଟି ଦେଖିବାକୁ ମିଳୁଛି ଯେ ଅଦ୍‌ଭୁତ ପ୍ରତିଭାସମ୍ପନ୍ନ ଶିଶୁମାନେ ବଡ଼ ହୋଇ ପ୍ରକୃତରେ ଅଦ୍‌ଭୁତ ପ୍ରତିଭାସମ୍ପନ୍ନ ବ୍ୟକ୍ତିରୂପେ ନିଜର ପରିଚୟ ଦେଇ ପାରୁଛନ୍ତି; ଅର୍ଥାତ୍, ସେମାନଙ୍କର ଅସାଧାରଣ ପ୍ରତିଭାଟି ସେମାନଙ୍କ ପାଖରେ ସ୍ଥାୟୀ ହୋଇ ରହିପାରୁଛି ଏବଂ ସେମାନେ ବୟସରେ ବଡ଼ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ମଧ୍ୟରେ ତାହା ଅଧିକ ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇ ରହିପାରୁଛି ।

'oaob.nitrkl.ac.in' images reprocessed

ତେଣୁ ଏହା କେବଳ ମଙ୍ଗଳକାରକହିଁ ହେବ; କିପରି ଯେ ଅନିଷ୍ଟକାରକ ହେବ, ମୁଁ ମୋଟେ ସେକଥା ବୁଝି ପାରୁ ନାହିଁ । କେଉଁ ଦୃଷ୍ଟିରୁ ତାହା ଅନିଷ୍ଟକାରକ ହେବ ? "ଜଣକର ଯଦି ଏକ ସୁନ୍ଦର ଆତ୍ମା ରହିଛି, ତେବେ ସେକଥା ତା' ଲାଗି ଅନିଷ୍ଟକାରକ ହେବ,"—ତୁମେ ଯେତେସେପରି ଏହିଭଳି କଥାଟିଏ କହୁଥିବା ପରି ମନେହେଉଛି !

ଯେତେବେଳେ ଉଚ୍ଚତର ସ୍ୱଭାବର କୌଣସି ସାମଗ୍ରୀ ଆସି ତୁମ ଭିତରେ ପ୍ରବେଶ କରୁଛି, ତେବେ ତାହାକୁ ଏକ ଆଶୀର୍ବାଦ ବୋଲି କୁହାଯିବ, ନୁହେଁ କି ?

## ୧୦ ଅକ୍ଟୋବର ୧୯୫୭

କେତେ ଦିନ ତଳେ, ଅନୁବାଦ କ୍ଲାସ୍‌ଗୁଡ଼ିକ* ହେଉଥିବା ସମୟରେ ମୁଁ 'ଦିବ୍ୟଜୀବନ' ଗ୍ରନ୍ଥରେ ଗୋଟିଏ ଅଂଶ ଦେଖିବାକୁ ପାଇଥିଲି, ଯାହାକି ତୁମ ଲାଗି ମଧ୍ୟ ବେଶ୍ ଆଗ୍ରହୋଦ୍ଦୀପକ ମନେ ହେବ ବୋଲି ମୁଁ ଭାବିଲି । ସେଥିରେ ଶ୍ରୀଅରବିନ୍ଦ ପ୍ରକୃତିର ଗତିସ୍ପନ୍ଦନଟି ବିଷୟରେ କହୁଛନ୍ତି । ସିଏ ବୁଝାଉଛନ୍ତି, କିପରି ପ୍ରଥମେ ବାହାରକୁ ଜୀବନହୀନ ବୋଲି ପ୍ରତୀତ ହେଉଥିବା ଜଡ଼ ମଧ୍ୟରୁ ପ୍ରାଣ ସମ୍ଭୂତ ହେଲା, ତା'ପରେ ପ୍ରାଣରୁ କିପରି ମନ ଉଦ୍‌ଭୂତ ହୋଇ ଆସିଲା ଏବଂ ଏହି ମନରୁ ମଧ୍ୟ କିପରି ଅତିମାନସ ଅର୍ଥାତ୍ ଆଧ୍ୟାତ୍ମିକ ଜୀବନର ଉଦ୍ଭବ ଘଟିବାକୁ ଯାଉଛି । ଏବଂ ଏଥିଲାଗି ଯେତେ ସମୟ ଦରକାର ହେବ, ସିଏ ତାହାର ଏକ ପର୍ଯ୍ୟବେକ୍ଷଣମୂଳକ ଆଲୋଚନା କରିଛନ୍ତି । ବର୍ତ୍ତମାନ ମୁଁ ସେହି ଅଂଶଟିକୁ ତୁମମାନଙ୍କ ଆଗରେ ପଢ଼ିବାକୁ ଯାଉଛି ଏବଂ ଆମର ବର୍ତ୍ତମାନ ସ୍ଥିତିଟି ସହିତ ଏହାର ପ୍ରକୃତରେ କି ସମ୍ବନ୍ଧ ରହିଛି, ପରେ ସେହି କଥାଟିକୁ ବୁଝାଇଦେବି :

> "ବିବର୍ତ୍ତନଶୀଳ ଶକ୍ତିର ସେହି ପ୍ରଥମ ଓ ଅସ୍ପଷ୍ଟ ଜଡ଼ଭୂମିଗତ ଗତିସ୍ପନ୍ଦନ ଅତି ମନ୍ଥର ହୋଇ ରହିଥାଏ ଏବଂ ଏହି ଭୂମିଟିକୁ

---

* ୧୯୫୮ ମସିହା ପର୍ଯ୍ୟନ୍ତ ସପ୍ତାହକୁ ତିନି ଥର କରି ମାଆ ଅରଗୋଟିଏ କ୍ଲାସ୍‌ରେ ଶ୍ରୀଅରବିନ୍ଦଙ୍କର କେତୋଟି ନିର୍ଦ୍ଦିଷ୍ଟ ଗ୍ରନ୍ଥକୁ ଫରାସୀଭାଷାରେ ଅନୁବାଦ କରି ଶୁଣାଉଥିଲେ । ସେଗୁଡ଼ିକ ହେଉଛି : 'ମାନବ ଏକତାର ଆଦର୍ଶ', 'ମାନବ-ଯୁଗଚକ୍ର', 'ଦିବ୍ୟଜୀବନ'ର ଶେଷ ଛଅଟି ପରିଚ୍ଛେଦ ଏବଂ 'ଯୋଗସମନ୍ୱୟ'ର ପ୍ରଥମ ଭାଗ ।

'oaob.nitrkl.ac.in' images reprocessed

ଅତିକ୍ରମ କରିବା ଲାଗି ତାହାକୁ ଲକ୍ଷ ଲକ୍ଷ ଯୁଗ ସମୟ ଲାଗେ; ପ୍ରାଣର ଭୂମିକୁ ଆସି ଏହି ଗତିସ୍ପନ୍ଦନ ତଥାପି ଧୀରଭାବରେ ଅଗ୍ରସର ହେଉଥାଏ ସତ, ମାତ୍ର ତଥାପି ତାହାର ଗତି ଜଡ଼ଗତ ସ୍ତରର ଗତି ତୁଳନାରେ ଟିକିଏ ଅଧିକ ଦ୍ରୁତତା ଲାଭ କରିଥାଏ, ଓ ଏହି ପର୍ଯ୍ୟାୟଟି ଲାଗି ତାକୁ ସହସ୍ର ସହସ୍ର ବର୍ଷ ଲାଗିଯାଏ । କାଳର ଏହି ବିଳମ୍ବିତ ଗତିର ମନ୍ଥରତା ମନର ସ୍ତରକୁ ଆସି ଆଉଟିକିଏ ଅଧିକ ହ୍ରାସ ହୋଇଯାଏ ଏବଂ ଉର୍ଦ୍ଧ୍ୱ ପଦକ୍ଷେପରେ ଶତାବ୍ଦୀ ଶତାବ୍ଦୀ ବ୍ୟାପିଯାଏ । ମାତ୍ର ଯେତେବେଳେ ଚେତନ ଚିତ୍‌ସତ୍ତା ଆସି ଏହି କ୍ଷେତ୍ରରେ ଉପସ୍ଥିତ ହୁଏ, ସେତେବେଳେ ବିବର୍ତ୍ତନର ଗତିବେଗ ତାହାର ଚରମସୀମାରେ ଆସି ପହଞ୍ଚେ ଓ ରୂପାନ୍ତରର ସମୟ ଆଶାତୀତ ଭାବରେ ସଂକ୍ଷେପିତ ହୋଇଆସେ ।”

ଦିବ୍ୟଜୀବନ, ପୃଷ୍ଠା-୯୩୬

ଏହି ଅଂଶଟିକୁ ମୁଁ ତୁମମାନଙ୍କ ଆଗରେ ପଢ଼ିଲି, କାରଣ ମୋତେ ଅତିମାନସର ଛିତ୍ତି ବିଷୟରେ ପ୍ରଶ୍ନ କରାଯାଇଛି, ଏବଂ ଅତିମାନସର ଏହି ଆତ୍ମପ୍ରକାଶକୁ ମୁଁ ମନର ଆବିର୍ଭାବ ସହିତ ତୁଳନା କରିଛି । ଆଧୁନିକ ଯାବତୀୟ ବୈଜ୍ଞାନିକ ଆବିଷ୍କାରର ପ୍ରମାଣ ଅନୁସାରେ ଇତରପଶୁ ସ୍ତରର ମସ୍ତିଷ୍କରୁ ବିବର୍ତ୍ତିତ ହୋଇ ଆସିବାକୁ ମନକୁ ପ୍ରାୟ ଦଶ ଲକ୍ଷ ବର୍ଷ ସମୟ ଲାଗିଥିଲା, ମାଙ୍କଡ଼ର ମସ୍ତିଷ୍କରୁ ପ୍ରଥମ ମନୁଷ୍ୟର ମସ୍ତିଷ୍କ ବିବର୍ତ୍ତିତ ହୋଇ ଆସିବା ଲାଗି ପ୍ରାୟ ସେତିକି ସମୟ ଲାଗିଥିଲା । ଏବଂ ମୁଁ ତୁମମାନଙ୍କୁ କହିଥିଲି ଯେ, ସେହି ଅନୁସାରେ, ଏହି ଘଟଣାଟି କେତୋଟି ମାସ ବା କେତୋଟି ବର୍ଷ ମଧ୍ୟରେ ଅବଶ୍ୟ ଫଳିବ ବୋଲି ଆମେ କଦାପି ପ୍ରତ୍ୟାଶା କରି ପାରିବା ନାହିଁ; ସ୍ପଷ୍ଟତଃ ଏଥିଲାଗି ଅନେକ ଅଧିକ ଦୀର୍ଘ ସମୟ ଲାଗିବ । ମନେ ହେଉଛି, ଯେପରି କେତେକ ଲୋକ ଏଥିରୁ ଭାବିଥିଲେ ଯେ, ଆଉ ଦଶ ଲକ୍ଷ ବର୍ଷ ଅତିବାହିତ ହୋଇସାରିବା ପର୍ଯ୍ୟନ୍ତ କଦାପି ଅତିମାନବର ଆବିର୍ଭାବ ଘଟିବ ନାହିଁ ବୋଲି ମୁଁ ସେମାନଙ୍କୁ କହିଥିଲି ! ସେମାନଙ୍କର ସେହି ଭ୍ରମଧାରଣାଟିକୁ ମୁଁ ନିରାକୃତ କରିଦେବାକୁ ଇଚ୍ଛା କରୁଛି ।

ଶ୍ରୀଅରବିନ୍ଦ କହିଛନ୍ତି ଯେ ବିବର୍ତ୍ତନର ଧାରାଟି ଚେତନାର ସୋପାନରେ ଅଗ୍ରସର ହୋଇ ଯାଉଥିବା ସଙ୍ଗେ ସଙ୍ଗେ ଏହି ଗତିଟି ଅଧିକରୁ ଅଧିକ ଦ୍ରୁତ ହେବାରେ ଆରମ୍ଭ କରିଥାଏ, ଏବଂ ଯେତେବେଳେ ପରମ ଚିଦ୍‌ଗତିତା ଅର୍ଥାତ୍

'oaob.nitrkl.ac.in' images reprocessed

ଅତିମାନସ ଅସି ଏହି କ୍ଷେତ୍ରରେ ଆପଣାକୁ କ୍ରିୟାଶୀଳ କରାଇଦେବ, ସେତେବେଳେ ସେହି କ୍ରିୟାଟି ନିଶ୍ଚୟ ଅଧିକ ଦ୍ରୁତତର ହେବ । ତେଣୁ ଆମେ ଅବଶ୍ୟ ଆଶା କରି ପାରିବା ଯେ ଆଉ ଅଳ୍ପ କେତେ ଶତାବ୍ଦୀ ପରେ ପୃଥିବୀରେ ସର୍ବପ୍ରଥମ ଅତିମାନବ ଗୋଷ୍ଠୀର ଆବିର୍ଭାବ ସମ୍ଭବ ହେବ ।

ମାତ୍ର, ସେଥିରେ ମଧ୍ୟ କେତେକ ବ୍ୟକ୍ତି ଭାରି ଅସ୍ୱସ୍ତିକର ବୋଧ କରୁଛନ୍ତି, କାରଣ ସେମାନେ ଭାବୁଛନ୍ତି ଯେ ଶ୍ରୀଅରବିନ୍ଦ ନିରନ୍ତର ଯାହା ପ୍ରତିଶ୍ରୁତି ଦେଇ ଯାଇଛନ୍ତି, ଏହାଦ୍ୱାରା ତାହାର ବିରୁଦ୍ଧାଚରଣ କରାଯାଉଛି । ସିଏ କହିଥିଲେ ଯେ ଅତିମାନସ ଅଭିବ୍ୟକ୍ତିକୁ ସମ୍ଭବ କରିବାର ସମୟ ଆସି ପହଞ୍ଚି ଗଲଣି ।...ମାତ୍ର, ଅତିମାନସ ଅଭିବ୍ୟକ୍ତି ସହିତ ଆମେ ଏକ ନୂତନ ମାନବଜାତିର ଆବିର୍ଭାବକୁ ଆଦୌ ଗୋଳିଆମିଶା କରି ଦେବା ନାହିଁ ।

ଶ୍ରୀଅରବିନ୍ଦ ଯାହାର ପ୍ରତିଶ୍ରୁତି ଦେଇ ଯାଇଛନ୍ତି ଏବଂ ଏଠାରେ ବର୍ତ୍ତମାନ ବାସ କରୁଥିବା ଆମେ ସମସ୍ତେ ସ୍ୱଭାବତଃ ଯେଉଁଟି ବିଷୟରେ ଆଗ୍ରହାନ୍ୱିତ ହୋଇ ରହିଛୁ, ସେହି କଥାଟି ହେଉଛି ଯେ ମନୁଷ୍ୟଜାତିର ସର୍ବୋତ୍ତମ ଅଂଶଟି ମଧ୍ୟରୁ କେତେକ ବ୍ୟକ୍ତି ଯେତେବେଳେ ଅଧ୍ୟାତ୍ମୀକରଣର ଆବଶ୍ୟକ ସର୍ତ୍ତଗୁଡ଼ିକୁ ପୂରଣ କରି ପାରିବେ, ସେତେବେଳେ ସେମାନେ ଅତିମାନସ ପରମଶକ୍ତିର ସହାୟତା ଦ୍ୱାରା, ସେହି ପରମ ଚେତନା ଓ ପରମ ଆଲୋକର ସହାୟତା ଦ୍ୱାରା ଆପଣାର ଶରୀରରେ ଏକ ରୂପାନ୍ତର ସାଧନ କରିବାକୁ ସମର୍ଥ ହେବେ; ଏବଂ ସେତେବେଳେ ସେମାନେ ଆଉ ପଶୁ-ମନୁଷ୍ୟ ହୋଇ ନରହି ଅତିମାନବରେ ପରିଣତ ହୋଇ ପାରିବେ ।

ଶ୍ରୀଅରବିନ୍ଦ ଆମକୁ ଏହି ପ୍ରତିଶ୍ରୁତି ଦେଇ ଯାଇଛନ୍ତି ଏବଂ, ଅତିମାନସ ପରମଶକ୍ତି ଯେ ପୃଥିବୀପୃଷ୍ଠରେ ଆତ୍ମପ୍ରକାଶ କରିବାକୁ ଯାଉଛି, ଆପଣାର ପ୍ରତିଶ୍ରୁତିକୁ ସେ ସେହି ଜ୍ଞାନଟି ଉପରେ ଆଧାରିତ କରି ରଖିଛନ୍ତି । ବସ୍ତୁତଃ ସେହି ଶକ୍ତି ଅନେକ ପୂର୍ବରୁହିଁ ତାଙ୍କ ମଧ୍ୟରେ ଅବତୀର୍ଣ୍ଣ ହୋଇ ସାରିଥିଲା; ସିଏ ସେହି କଥାଟିକୁ ଜାଣିଥିଲେ ଏବଂ ତାହାର ଯାବତୀୟ ପରିଣାମ ବିଷୟରେ ମଧ୍ୟ ଅବହିତ ରହିଥିଲେ ।

ଏବଂ, ବର୍ତ୍ତମାନ ସେହି ଶକ୍ତିଟି ଜଗତରେ ଅଭିବ୍ୟକ୍ତ ହୋଇସାରିବା ପରେ, ମୁଁ ସାଧାରଣ ଭାବରେ ନିଶ୍ଚୟ ଏହି କଥାଟିକୁ କହିପାରିବି ଯେ ସେହି ରୂପାନ୍ତରର ସମ୍ଭାବନା ନିଃସନ୍ଦେହ ଭାବରେ ଅଧିକ ନିଶ୍ଚିତ ଓ ଅଧିକ ପ୍ରତିଷ୍ଠିତ ହୋଇଯାଇଛି । ଏଥିରେ ଆଉ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯେଉଁମାନେ ଆବଶ୍ୟକ ସର୍ତ୍ତଗୁଡ଼ିକର ପୂରଣ କରିବେ ବା ଯେଉଁମାନେ ବର୍ତ୍ତମାନ ସେହି ସର୍ତ୍ତଗୁଡ଼ିକର ପୂରଣ କରୁଛନ୍ତି, ସେମାନେ ସେହି ରୂପାନ୍ତର ଆଡ଼କୁ ଅବଶ୍ୟ ଅଗ୍ରସର ହେବାରେ ଲାଗିଛନ୍ତି ।

ଆପଣାର 'ଯୋଗସମନ୍ୱୟ' ଗ୍ରନ୍ଥରେ ଶ୍ରୀଅରବିନ୍ଦ ସେହି ସର୍ତ୍ତଗୁଡ଼ିକର ବିଶଦ ଚର୍ଚ୍ଚା କରିଛନ୍ତି, ଏବଂ ଆହୁରି ଅଧିକ ବିଶଦ ଭାବରେ ଅତିମାନସ ଅଭିବ୍ୟକ୍ତି ବିଷୟରେ

'oaob.nitrkl.ac.in' images reprocessed

ଲେଖିଥିବା ତାଙ୍କର ଶେଷକାଳୀନ ଲେଖାଗୁଡ଼ିକରେ[1] ଚର୍ଚ୍ଚା କରିଛନ୍ତି । ତେଣୁ ଏହି କ୍ଷେତ୍ରରେ କେବଳ ଏହାକୁ ଉପଲବ୍ଧି କରିବାର ପ୍ରଶ୍ନଟିହିଁ ରହିଛି ।

ବର୍ତ୍ତମାନ ଯଦି କେହି ମୋତେ ଏହି ବିଷୟରେ କୌଣସି ପ୍ରଶ୍ନ କରିବାକୁ ଇଚ୍ଛା କରୁଥାନ୍ତି,…

> ଆପଣଙ୍କ ପାଖରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ନେଇ ସମର୍ପିତ କରିଦେବାକୁହିଁ ଆଗେ ଏହିସବୁ ଉପଲବ୍ଧିର ପଦ୍ଧତି ବୋଲି କୁହା ଯାଉଥିଲା । ଏବେ ମଧ୍ୟ ପଦ୍ଧତିଟି ଠିକ୍ ତାହାହିଁ ହୋଇ ରହିଛି : ତେଣୁ, ଏହିସବୁ ନୂତନ ସ୍ଥିତିରେ ଏହି ସମର୍ପଣ ପୂର୍ବାପେକ୍ଷା ଆହୁରି ଅଧିକ ଶୁଦ୍ଧ ଓ କଠୋର ହେବା ଉଚିତ ନୁହେଁ କି ?

ମୁଁ ଆଜି ଯେଉଁ ଅଂଶଟିକୁ ପଢ଼ିଲି,[2] ତାହାହିଁ ଆରମ୍ଭ କରିବା ଲାଗି ମୋତେ ସବୁଠାରୁ ଅଧିକ ମୂଳଭୂତ ସର୍ତ୍ତ ବୋଲି ମନେହେଉଛି, କାରଣ ତାହା ପ୍ରକୃତରେ ସବୁଠାରୁ ଅଧିକ ସାର୍ବଜନୀନ ହୋଇ ପାରିଛି ।

---

[1] ଦ୍ରଷ୍ଟବ୍ୟ : 'ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି', ଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ, ପୃଷ୍ଠା : ୧-୭୪

[2] "ତେଣୁ, ଜୀବନର ବାହ୍ୟ କ୍ଷେତ୍ରମାନଙ୍କରେ ତାହାର ପ୍ରତିକ୍ରିୟାଗୁଡ଼ାକରେ ମାତ୍ର କେତେଟା ଅଦଳବଦଳ କରିଦେଇ ନୁହେଁ, କିନ୍ତୁ ଜୀବନର ଅସଲ ଆଧାରତତ୍ତ୍ୱଟିରେ ପରିବର୍ତ୍ତନ ଘଟାଇହିଁ ପୂର୍ଣ୍ଣଯୋଗ ତାହାକୁ ତାହାର ବର୍ତ୍ତମାନର ପରାଜିତ ତଥା ଅଜ୍ଞାନବଦ୍ଧ ଅବସ୍ଥାରୁ ପ୍ରକୃତର ଏକ ଜ୍ୟୋତିର୍ମୟ ତଥା ସୌଷମ୍ୟଯୁକ୍ତ ଗତିସ୍ପନ୍ଦନରେ ପରିବର୍ତ୍ତିତ କରିଦେବାର ପ୍ରସ୍ତାବ ଦେଇଥାଏ । କେବଳ ଏହି ଅନ୍ତର୍ଗତ ବିପ୍ଳବଟି ଏବଂ ନୂତନ ରଚନାଟି ସମ୍ଭବ ହୋଇପାରିବା ପାଇଁ ଆମକୁ ପ୍ରଥମେ ତିନୋଟି ଅପରିହାର୍ଯ୍ୟ ସର୍ତ୍ତ ପୂରଣ କରିବାକୁ ପଡ଼ିବ । ସେହି ତିନୋଟି ମଧ୍ୟରୁ କୌଣସି ଗୋଟିଏ ସର୍ତ୍ତକୁ ଆମେ କଦାପି ସମ୍ପୂର୍ଣ୍ଣ ଭାବରେ ଯଥେଷ୍ଟ ବୋଲି କହି ପାରିବା ନାହିଁ; ମାତ୍ର ତିନୋଟି ଯାକକୁ ଏକାଠି କରିପାରିଲେ ସେଥିରୁ ଯେଉଁ ସାମର୍ଥ୍ୟ ଜନ୍ମଲାଭ କରିବ, ତଦ୍ଦ୍ୱାରା ଆମର ଅଭିଳଷିତ ରୂପାନ୍ତରଣଟି ସମ୍ଭବ ହୋଇପାରିବ, ନୂତନ ମୀମାଂସା ସମ୍ଭବ ହୋଇ ପାରିବ ଏବଂ ସମ୍ପୂର୍ଣ୍ଣ ଭାବରେ ସମ୍ଭବ ହୋଇ ପାରିବ । କାରଣ, ପ୍ରଥମତଃ, ବର୍ତ୍ତମାନ ଜୀବନ ଯେଉଁ ଭଳି ଅବସ୍ଥାରେ ରହିଛି, ତାହା ସେହି କ୍ଷେତ୍ରରେ କେବଳ କାମନାରହିଁ ଏକ ଗତିସ୍ପନ୍ଦନ ହୋଇ ରହିଛି; ଆପଣାର କେନ୍ଦ୍ରସ୍ୱରୂପ ତାହା ଆମ ଭିତରେ ଏପରି ଏକ କାମନା-ଆତ୍ମାକୁ ଗଢ଼ି ତୋଳିଦେଇଛି, ଯାହାକି ଜୀବନର ଯାବତୀୟ ଗତ୍ୟାତ୍ମକତାକୁ ତା' ଆପଣା ସହିତହିଁ ବାନ୍ଧି ରଖିଛି ଓ ସେଗୁଡ଼ିକ ଭିତରେ ଆପଣାର ଏକ ଅଜ୍ଞାନତା, ଅର୍ଦ୍ଧାନ୍ଧତା ଏବଂ

'oaob.nitrkl.ac.in' images reprocessed

(କିଛି ସମୟ ନୀରବ ରହିବା ପରେ) ପ୍ରତ୍ୟେକ ବ୍ୟକ୍ତି ତା'ର ଆପଣା ପ୍ରକୃତି ଅନୁସାରେ ନିଜ ନିଜର ମାର୍ଗଟିରେ ଯାତ୍ରା କରିବ, ଏବଂ ଗୋଟିଏ ମାର୍ଗଠାରୁ ଅଧିକ ଉପାଦେୟ ବୋଲି ମନେ କରି ଆଉଗୋଟିଏ ମାର୍ଗ ଲାଗି ଏକ ଅଗ୍ରରୁଚି ସବୁବେଳେହିଁ ରହିଥିବ । ଏବେ ଆମେ ଦିନେ କ୍ଲାସ୍‌ରେ ଯେପରି ପଢ଼ିଥିଲୁ, ଯେଉଁ ବ୍ୟକ୍ତି କର୍ମର ମାର୍ଗରେ ଯିବ, ତାହା ପକ୍ଷରେ ମନୁଷ୍ୟର ଆଦୌ କୌଣସି ବ୍ୟକ୍ତିତ୍ୱ ନାହିଁ ଏବଂ କେବଳ ଦିବ୍ୟ ପରମଶକ୍ତିହିଁ ଯାହାକିଛି କରିବାରେ ଲାଗିଛନ୍ତି ବୋଲି ଅନୁଭବ କରିବା ପ୍ରକୃତରେ ଅପେକ୍ଷାକୃତ ଅଧିକ କଷ୍ଟସାଧ୍ୟ ହେବ । ଯିଏ ଜ୍ଞାନର ମାର୍ଗ ଅନୁସରଣ କରୁଛି, ତା' ଲାଗି ଏହି କଥାଟି ଅପେକ୍ଷାକୃତ ଅନେକ ସହଜ ହୋଇପାରିବ, ଏହି କଥାଟିକୁ ପ୍ରାୟ ତତ୍‌କ୍ଷଣାତ୍ ଆବିଷ୍କାର କରାଯାଇ

---

ସଚେତନ ଉଦ୍ୟମର ସ୍ୱକୀୟ ବ୍ୟାକୁଳତାମୟ ଅନୁରଞ୍ଜନ ଏବଂ ଯନ୍ତ୍ରଣାଟିକୁ ଭରି ରଖିଦେଇଛି । ଜୀବନର ବିଚରଣପଥକୁ ଏକ ଦିବ୍ୟ ପଥରେ ପରିଣତ କରିବାକୁ ହେଲେ ସେହି କାମନାରହିଁ ଉଦ୍ଦେଶ୍ୟସାଧନ କରିବାକୁ ପଡ଼ିବ, ତାହା ସ୍ଥାନରେ ଏକ ଅଧିକ ଶୁଦ୍ଧ ଏବଂ ଅଧିକ ଦୃଢ଼ ପ୍ରେରଣାଶକ୍ତିର ପ୍ରବର୍ତ୍ତନ କରିବାକୁ ହେବ; ବାସନା ଓ କାମନା ଦ୍ୱାରା ସଦାସଞ୍ଚାଳିତ ହୋଇ ରହିଥିବା ଆତ୍ମାଟିକୁ ବିନଷ୍ଟ କରିଦେଇ ତାହାର ପରିବର୍ତ୍ତରେ ବର୍ତ୍ତମାନ ଆମରି ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ଏକ ଯଥାର୍ଥ ପ୍ରାଣମୟ ସତ୍ତାରହିଁ ପ୍ରଶାନ୍ତ, ଶକ୍ତିମନ୍ତ ଏବଂ ପ୍ରସନ୍ନତାକୁ ଆବିର୍ଭୂତ କରାଇ ଆଣିବାକୁ ପଡ଼ିବ । ତା'ପରେ, ବର୍ତ୍ତମାନ ଜୀବନ ଯେପରି ଅବସ୍ଥାରେ ରହିଛି, ସେହି କ୍ଷେତ୍ରରେ ତାହା ଅଂଶତଃ ପ୍ରାଣ-ସତ୍ତାଗତ ଆବେଗଗ୍ରସ୍ତ ଦ୍ୱାରା ଏବଂ ଅଂଶତଃ ସେହି ଅଜ୍ଞାନମୟ ପ୍ରାଣଗତ ଆବେଗର ମୁଖ୍ୟତଃ ଏକ କିଙ୍କର ଏବଂ ସହଚର ହୋଇ ରହିଥିବା ଏକ ମନ ଦ୍ୱାରାହିଁ ଧାବିତ ବା ପରିଚାଳିତ ହେବାରେ ଲାଗିଛି । ମାତ୍ର, ସେହି ମନ ଅଂଶତଃ ତାହାର ଏକ ଅସ୍ଥିର, କମ୍ ପ୍ରକାଶଯୁକ୍ତ ବା କମ୍ ଉପଯୁକ୍ତ ମାର୍ଗଦର୍ଶକ ତଥା ଉପଦେଷ୍ଟା ହୋଇ ମଧ୍ୟ ରହିଛି । ଏକ ଦିବ୍ୟ ଜୀବନ ଲାଗି ଏହି ମନ ତଥା ପ୍ରାଣଗତ ଆବେଗ କେବଳ ଗୋଟିଏ ଗୋଟିଏ ସାଧନମାତ୍ର ହୋଇ ରହିବା ବ୍ୟତୀତ ଆଉ ଆଦୌ କିଛିହେଲେ ହୋଇ ପାରିବେ ନାହିଁ ଏବଂ ଆମର ସେହି ଅନ୍ତରତମ ଚୈତ୍ୟସତ୍ତାହିଁ ସେଗୁଡ଼ିକ ପରିବର୍ତ୍ତରେ ଆମ ଉତ୍‌କ୍ରମଣପଥରେ ନେତାରୂପେ ସଂସ୍ଥାପିତ ହୋଇ ରହିବ, ଏକ ଦିବ୍ୟ ମାର୍ଗଦର୍ଶନର ସନ୍ଦେଶକ ହୋଇ ରହିବ । ଏବଂ ଶେଷରେ, ବର୍ତ୍ତମାନ ଆମର ଜୀବନ ଯେଉଁଭଳି ଅବସ୍ଥାରେ ରହିଛି, ସେହି କ୍ଷେତ୍ରରେ ତାହା କେବଳ ଆମର ଏହି ଭେଦଧର୍ମୀ ଅହଂର ପରିତର୍ପଣ ଲାଗିହିଁ ଆପଣାକୁ ଉଦ୍ଦିଷ୍ଟ କରି ରଖିଛି । ଏହି ଅହଂଟିକୁ ବିଦାୟ ନେବାକୁ ପଡ଼ିବ ଏବଂ ତାହା ବଦଳରେ ସେହି ଯଥାର୍ଥ ଚିଦ୍‌ଗତ ବ୍ୟକ୍ତିପୁରୁଷହିଁ ସ୍ଥାନସ୍ଥ ହୋଇ ରହିବ, ସେହି କେନ୍ଦ୍ରସ୍ଥ ସତ୍ତାଟିହିଁ ଅନ୍ତରରେ ବସିତ, ଏବଂ ସ୍ୱୟଂ ଜୀବନ ଏହି ସାମଗ୍ରିକ ଅସ୍ତିତ୍ୱରେହିଁ ପରମ ଦିବ୍ୟସ୍ୱରୂପଙ୍କର ପୂର୍ଣ୍ଣାଭିବ୍ୟକ୍ତି ଲାଗି ଉଦ୍ଦିଷ୍ଟ ହୋଇ ରହିବ । ତାହା ଆପଣା ମଧ୍ୟରେ ଏକ ପରମ ଦିବ୍ୟ ସାମର୍ଥ୍ୟ ଜାଗ୍ରତ ହୋଇ ଅଛିଥିବା ପରି ଅନୁଭବ କରିବାକୁ ଲାଗିବ ଏବଂ ତାହାର ଅଭିପ୍ରାୟଟିର ସାଧନ ଲାଗିହିଁ ଏକ ଅନୁଗତ ଯନ୍ତ୍ର ହୋଇ ରହିବ ।"

ଯୋଗସମନ୍ୱୟ, ପୃଷ୍ଠା–୧୬୬

ପାରିବ। ଏବଂ ଭକ୍ତିମାର୍ଗୀ ଲାଗି ଏହା ସର୍ବପ୍ରାଥମିକ କଥା ହୋଇ ରହିଥିବ, କାରଣ କେବଳ ଆତ୍ମଦାନ ଦ୍ୱାରାହିଁ ସିଏ ଯାହାକିଛି ଅଗ୍ରଗତି କରି ପାରୁଥିବ। ମାତ୍ର, ଯିଏ କର୍ମର ପଥ ଦେଇ ଅଗ୍ରସର ହେଉଛି, ତା' ଲାଗି ଏଇଟା ଅନେକ ଅଧିକ କଷ୍ଟକର ହେବ ଏବଂ ତେଣୁ ଆପଣାର ସର୍ବପ୍ରଥମ କର୍ତ୍ତବ୍ୟରୂପେ ସିଏ ଆମେ ବର୍ତ୍ତମାନ ପଢ଼ିଥିବା 'ଯୋଗସମନ୍ୱୟ'ର ସେହି ଅଂଶଟିରେ କୁହା ଯାଉଥିବା କଥାଟିକୁ କରିବ। ଅର୍ଥାତ୍ ସିଏ ଆପଣା ଭିତରେ କର୍ମଫଳ ବିଷୟରେ ସମ୍ପୂର୍ଣ୍ଣ ଭାବରେ ଏକ ନିରାସକ୍ତ ଭାବ ରଖିବାକୁ ଚେଷ୍ଟା କରିବ; ଯାହା ଅବଶ୍ୟ କରିବାକୁ ହେବ, ସିଏ କେବଳ ତାହାହିଁ କରୁଛି ବୋଲି ମନୋଭାବ ରଖିଥିବ। ସିଏ ଯଥାସମ୍ଭବ ଉତ୍ତମ ଭାବରେ ଆପଣାର କାର୍ଯ୍ୟଟିକୁ କରିବ, ମାତ୍ର ତାହାର ଫଳଟି ବିଷୟରେ ଆଦୌ କୌଣସି ଉଦ୍‌ବେଗ ରଖିବ ନାହିଁ; ତା' ନିଜ ଇଚ୍ଛାରୁ ଅଧିକ ଉଚ୍ଚ ଏକ ପରମ ଇଚ୍ଛା ପାଖରେ ସେ ସବୁ ପରିଣାମକୁ ଛାଡ଼ି ଦେଇଥିବ।

ବିଭିନ୍ନ ମାର୍ଗ ମଧ୍ୟରୁ କେଉଁଟି ଅଧିକ ବା କେଉଁଟି କମ୍ ମହତ୍ତ୍ୱପୂର୍ଣ୍ଣ, ସେବିଷୟରେ କଦାପି କୌଣସି ସାଧାରଣ ନିୟମ ଧାର୍ଯ୍ୟ କରିଦେଇ ହେବ ନାହିଁ। ଏହା ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ବ୍ୟକ୍ତିଗତ ବ୍ୟାପାର। ଏବଂ, ଏହା ସ୍ପଷ୍ଟ ହୋଇଯାଉଛି ଯେ, ଏପରି ଏକ ସମୟ ଆସେ, ଯେତେବେଳେ ଜଣେ ଖୁବ୍ ଭଲ ଭାବରେ ବୁଝିବାକୁ ସମର୍ଥ ହୁଏ ଯେ କୌଣସି ଦୁଇଜଣଙ୍କର ବାଟ ମଧ୍ୟ ଅବିକଳ ଏକାପରି ନୁହେଁ। କୌଣସି ଦୁଇଜଣଙ୍କର ବାଟ କଦାପି ଏକାପରି ହୋଇ ବି ପାରିବ ନାହିଁ; ସେତେବେଳେ ସେ ଏହି କଥାଟିକୁ ମଧ୍ୟ ବୁଝି ପାରିବ ଯେ ପ୍ରତ୍ୟେକ ବ୍ୟକ୍ତି ତା'ର ଆପଣା ମାର୍ଗରହିଁ ଅନୁସରଣ କରିବ ଏବଂ ତାହାହିଁ ତା' ସତ୍ତ୍ୱର ସତ୍ୟ ବୋଲି ପ୍ରତିପାଦିତ ହେବ। ଏକ ଯଥେଷ୍ଟ ଉଚ୍ଚତାରେ ରହି ଅବଲୋକନ କଲେ ଯିଏ କେହି ବେଶ୍ ଦେଖିପାରିବ ଯେ ଅଗ୍ରଗତିର କ୍ଷେତ୍ରରେ ମଧ୍ୟ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ପାର୍ଥକ୍ୟ ରହିଛି, ମାତ୍ର ତଥାପି ବାହ୍ୟ ସଙ୍କେତଗୁଡ଼ିକ ସହିତ ତାହାର ସର୍ବଦା ଯେ ଏକ ଏକରୂପତା ରହିଛି, ସେକଥା ମୋଟେ ନୁହେଁ। ଏବଂ ଆମେ ଏହି କ୍ଷେତ୍ରରେ କିଞ୍ଚିତ୍ ଆମୋଦପୂର୍ଣ୍ଣ ଭାବରେ ହୁଏତ ଏପରି ବି କହିପାରିବା ଯେ ଯିଏ ସବୁଠାରୁ ଅଧିକ ବେଗରେ ଗତି କରିବାରେ ଲାଗିଛି, ସିଏ ଯେ ସମସ୍ତଙ୍କ ମଧ୍ୟରେ ଅଧିକ ବଢ଼ି, ସେକଥା ମଧ୍ୟ ସବୁବେଳେ କଦାପି ଠିକ୍ ହେବ ନାହିଁ!

(ମାଆ ନୀରବ ରହିଲେ)

ଏହି କ୍ଷେତ୍ରରେ କୌଣସି ସାଧାରଣ ନିୟମ ତିଆରି କରି ଦିଆଯାଇ ପାରିବ ବୋଲି ମୋର ଆଦୌ ବୋଧ ହେଉ ନାହିଁ। ବସ୍ତୁତଃ, ସମସ୍ତଙ୍କ ଉପରେହିଁ ପରମ

'oaob.nitrkl.ac.in' images reprocessed

କରୁଣା କାର୍ଯ୍ୟ କରିବାରେ ଲାଗିଛି । ଏବଂ ତାହାକୁ କାର୍ଯ୍ୟକାରୀ କରାଇବା ସକାଶେ ପୁଣି କେଉଁ କଥାର ପ୍ରୟୋଜନ ରହୁଛି ? ସେକଥା କହିପାରିବା ଭାରି କଷ୍ଟକର ।

ଯଦି ଜଣେ ବ୍ୟକ୍ତି ତାହାକୁ ପ୍ରତ୍ୟକ୍ଷ କରି ପାରିବ, ଅନୁଭବ କରିପାରିବ, ତାହାର କ୍ରିୟାତ୍ମକତାକୁ ଅଙ୍ଗେ ନିଭାଇ ପାରିବ, ଅର୍ଥାତ୍ ତାହାର ଉପସ୍ଥିତି ଏବଂ ଗତିସ୍ପନ୍ଦନଟି ବିଷୟରେ ସଚେତନ ହୋଇ ପାରିବ, ତେବେ ସେ ସ୍ୱୟଂ ଗତିଶୀଳ ହୋଇ ରହିଥିବାର, ଅଗ୍ରଗତି କରୁଥିବାର ଆନନ୍ଦଟିକୁ ଅନୁଭବ କରିପାରିବ, ଉପଲବ୍ଧିର ଆନନ୍ଦଟିକୁ ଅନୁଭବ କରିପାରିବ । ମାତ୍ର, ଏହାର ଅର୍ଥ ନୁହେଁ ଯେ ଯଦି ଜଣେ ଏହି ଆନନ୍ଦକୁ ଅନୁଭବ କରୁ ନଥାଏ, ତେବେ ସେହି ପରମକରୁଣାର କ୍ରିୟାଟି ସେହି କ୍ଷେତ୍ରରେ ଆଦୌ ଉପସ୍ଥିତ ନଥିବ, ବା ତା' ଲାଗି ଉପଲବ୍ଧିଟି ମଧ୍ୟ ସମ୍ଭବ ହେବ ନାହିଁ ।

ଏବଂ, ସର୍ବୋପରି ଏକଥାଟିକୁ ମଧ୍ୟ ସ୍ମରଣ ରଖିବାକୁ ହେବ ଯେ ଦିବ୍ୟ ପରମସତ୍ତାଙ୍କୁ ଅଭିବ୍ୟକ୍ତ କରି ଆଣିବା ପାଇଁ ସୃଷ୍ଟିସ୍ଥ ଯାବତୀୟ ସତ୍ତାରୂପର ଅବଶ୍ୟ ଏକ ଆବଶ୍ୟକତା ରହିଛି । ପରମ ଦିବ୍ୟସତ୍ତାଙ୍କର ସତ୍ତାଗତ ଯାବତୀୟ ମାର୍ଗର ଆବଶ୍ୟକତା ରହିଛି । ଏହି ଅଭିବ୍ୟକ୍ତିହିଁ ଏକ ସମଗ୍ରରୂପେ ଆପଣାର ସମଗ୍ରତାକୁ ସାଙ୍ଗରେ ନେଇ ଏକ ଉତ୍ତରୋତ୍ତର ବୃଦ୍ଧିଶୀଳ, ଅନନ୍ତ ଏବଂ ଶାଶ୍ୱତ ପରିପୂର୍ଣ୍ଣତା ଅଭିମୁଖରେ ଅଗ୍ରସର ହେବାରେ ଲାଗିଛି । ପ୍ରତ୍ୟେକ ଉପାଦାନ ଯେ ବ୍ୟକ୍ତିଗତ ଓ ସ୍ୱତନ୍ତ୍ର ଭାବରେ ତାହା କରୁଛନ୍ତି, ସେକଥା ମୋଟେ ନୁହେଁ; ସମସ୍ତେ ଏକତ୍ର ଭାବରେହିଁ ତାହା କରୁଛନ୍ତି । ଏକ ସମୂହ ଭାବରେ ଏବଂ ଦିବ୍ୟ ପରମସତ୍ୟର ଏକ ସମଗ୍ର ଅଭିବ୍ୟକ୍ତିରୂପେ ସେମାନେ ତାହା କରୁଛନ୍ତି । ଏହି ସବୁକିଛି ସତତ ଓ ଶାଶ୍ୱତ ଭାବରେ ଏକ ବୃହତ୍ତର ପରିପୂର୍ଣ୍ଣତା ଆଡ଼କୁ ଧାବିତ ହୋଇ ଯାଉଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ କାଲି ଯେଉଁ ପୃଥିବୀ ଆସୁଛି, ତାହା ଗତକାଲିର ପୃଥିବୀ ତୁଳନାରେ ଅଧିକ ଦିବ୍ୟ ହେବ; ଏବଂ ଗତକାଲି ଯେଉଁ ଜଗତ ଏଠାରେ ଅବସ୍ଥିତ ହୋଇ ରହିଥିଲା, ତାହା ତା'ର ପୂର୍ବବର୍ତ୍ତୀ ଜଗତଠାରୁ ଅବଶ୍ୟ ଅଧିକ ପରିମାଣରେ ଦିବ୍ୟ ହୋଇ ରହିଥିଲା । ଏବଂ ତେଣୁ, ଏପରି ନିଶ୍ଚୟ କୁହାଯାଇ ପାରିବ ଯେ, ଆପଣାକୁ ଅଭିବ୍ୟକ୍ତ କରି ଆଣିବାର କ୍ରମରେ ଦିବ୍ୟ ପରମସତ୍ତା ଏକ ଅଧିକରୁ ଅଧିକ ପରିପୂର୍ଣ୍ଣତାଯୁକ୍ତ ଓ ଏକ ଅଧିକରୁ ଅଧିକ ଦିବ୍ୟ ଅଭିବ୍ୟକ୍ତି ଅଭିମୁଖରେ ସତତ ଅଗ୍ରଗତି କରିବାରେ ଲାଗିଛନ୍ତି ।

ଏବଂ ତା'ହେଲେ ପ୍ରତ୍ୟେକଟି ଉପାଦାନ ଯଥାସମ୍ଭବ ଅଧିକ ପରିପୂର୍ଣ୍ଣତା ସହିତ କେବଳ ଆପଣାର ବିଧାନଟିକୁହିଁ ଅଭିବ୍ୟକ୍ତ କରି ଆଣିବ; ଯାହା କରିବାକୁ ରହିଛି, ତାହାର ଯଥାସମ୍ଭବ ଅଧିକ ଭାଗକୁ ସମ୍ପାଦନ କରି ପାରିବା ପାଇଁ ତାକୁ ତା'ର ସମଗ୍ର ସମ୍ଭାବନାଟିକୁହିଁ ଅଭିବ୍ୟକ୍ତ କରି ଆଣିବାକୁ ପଡ଼ିବ । ଏଣୁ, ଏହାକୁ

'oaob.nitrkl.ac.in' images reprocessed

ଅମେ ପ୍ରତ୍ୟେକ ସତ୍ତା ମଧ୍ୟରେ ରହିଥିବା ସତ୍ୟର ଏକ ସଚେତନ, ସନ୍ଦୀପିତ ଓ ଏପରିକି ଫଳକାମନାମୁକ୍ତ ଆବିଷ୍କାର ବୋଲି କହି ପାରିବା, ଆମେ ଏହାକୁହିଁ ସେହି ସତ୍ତା ଲାଗି ସର୍ବପ୍ରଥମ ଏବଂ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ପ୍ରୟୋଜନ ବୋଲି କହିପାରିବା ।

## ୧୭ ଅକ୍ଟୋବର ୧୯୫୭

ଆନନ୍ଦର ସ୍ଥିତି କ'ଣ ସର୍ବୋଚ୍ଚ ସ୍ଥିତି ? ଏବଂ ଯଦି ତାହାହିଁ ହୋଇଥାଏ, ଏପରି କି କ'ଣ କୁହାଯାଇ ପାରିବ ଯେ, ଯଦି ଜଣେ ସେହି ଆନନ୍ଦକୁ ହରାଇବସେ, ତେବେ ତା'ର ଚେତନା ମଧ୍ୟ ତଳକୁ ଖସିଆସେ ?

ଶ୍ରୀଅରବିନ୍ଦ କହିଛନ୍ତି ଯେ ଅସ୍ତିତ୍ୱର ଆନନ୍ଦକୁ ଆଧାର କରିହିଁ ଏହି ବିଶ୍ୱଜଗତର ସୃଷ୍ଟି ହୋଇଛି, ଏବଂ ସେହି ଆନନ୍ଦ ଏହାର ଉତ୍ସସ୍ୱରୂପ ହୋଇ ରହିଥିବାରୁ ଅବଶ୍ୟମ୍ଭାବୀ ଭାବରେ ତାହାର ଚରମ ଲକ୍ଷ୍ୟ ମଧ୍ୟ ହୋଇ ରହିଛି; ଏବଂ ତେଣୁ ବସ୍ତୁତଃ ଏହାର ଏହିପରି ଅର୍ଥ ହେବା ଉଚିତ ଯେ ଆନନ୍ଦ ହେଉଛି ସର୍ବୋଚ୍ଚ ସ୍ଥିତି ।

ମାତ୍ର, ଏଠାରେ ମୋର ତୁମମାନଙ୍କୁ ଏକଥାଟିକୁ କହି ରଖିବାର ବି ଆଦୌ କୌଣସି ପ୍ରୟୋଜନ ନାହିଁ ଯେ, ସାଧାରଣ ମନୁଷ୍ୟ-ଚେତନାରେ ଆନନ୍ଦ କହିଲେ ଯାହା ସମସ୍ତେ ବୁଝିଥାନ୍ତି, ଏହା ଆଦୌ ସେହି ଆନନ୍ଦ ନୁହେଁ ।...ବସ୍ତୁତଃ, ଯୋଗର ଦୃଷ୍ଟିକୋଣରୁ ସାଧାରଣତଃ ଯେଉଁସବୁ ସ୍ଥିତିକୁ ଉଚ୍ଚତମ ବୋଲି କୁହାଯାଇଥାଏ, ଆନନ୍ଦର ଏହି ସ୍ଥିତିଟି ସେଗୁଡ଼ିକର ସୀମାକୁ ମଧ୍ୟ ଅତିକ୍ରମ କରି ରହିଛି; ଉଦାହରଣ-ସ୍ୱରୂପ, ଆନନ୍ଦର ସ୍ଥିତି ପୂର୍ଣ୍ଣ ପ୍ରଶାନ୍ତିର ଅବସ୍ଥା, ଅତ୍ମାର କ୍ଷେତ୍ରରେ ପରିପୂର୍ଣ୍ଣ ସମତାର ଅବସ୍ଥା, ପୂର୍ଣ୍ଣ ନିରାସକ୍ତିର ଅବସ୍ଥା, ଅନନ୍ତ ଓ ଶାଶ୍ୱତ ଦିବ୍ୟ ପରମସତ୍ତାଙ୍କ ସହିତ ଏକାତ୍ମ ହୋଇ ରହିବାର ଅବସ୍ଥା, ଯାହାକି ତୁମକୁ ଯାବତୀୟ ଅନିଶ୍ଚିତତା ଭିତରୁ ଉତ୍ତୋଳିତ କରି ନେଇଯାଏ, ଏହିସବୁ ଅବସ୍ଥାଠାରୁ ଅଧିକ ଉଚ୍ଚତର । ଆନନ୍ଦର ଏହି ଅବସ୍ଥାଟି ସହିତ ସମାନ୍ତର କରି ହୁଏତ ଆଉଗୋଟିଏ ଅବସ୍ଥା ରହିଛି, ଯାହାକୁ କି ଆମେ ପରିପୂର୍ଣ୍ଣ, ସମଗ୍ର ଓ ବିଶ୍ୱମୟ ପ୍ରେମର ଅବସ୍ଥା ବୋଲି କହିପାରିବା, ଯାହାକୁ କି ସହାନୁଭୂତି ଏବଂ ସହାନୁଭବର ସର୍ବମୂଳ କଥା ବୋଲି କୁହାଯିବ ଏବଂ ପରମ

'oaob.nitrkl.ac.in' images reprocessed

କରୁଣାର ଏକ ସବୁଠାରୁ ଅଧିକ ପରିପୂର୍ଣ୍ଣ ଅଭିବ୍ୟକ୍ତି ହିସାବରେ ଯାହା ଯାବତୀୟ ପ୍ରମାଦ ଓ ଯାବତୀୟ ଅଜ୍ଞାନର ପରିଣାମଗୁଡ଼ିକୁ ଏକାବେଳକେ ପୋଛି ନେଇଥାଏ । ଏହି ଉଭୟ ସ୍ଥିତିକୁ ସର୍ବଦା ଚେତନାର ସର୍ବୋଚ୍ଚ ଶିଖରରୂପେ ବର୍ଣ୍ଣନ କରାଯାଇଛି; ଏଗୁଡ଼ିକୁ ଆମେ ଦିବ୍ୟ ପରମସତ୍ତ୍ୱଙ୍କ ସହିତ ସମ୍ମିଳିତ ହେଲାବେଳେ ବ୍ୟକ୍ତିର ଚେତନା ଉପଲବ୍ଧି କରି ପାରୁଥିବା ସର୍ବୋଚ୍ଚ ସୀମା ବୋଲି କହିପାରିବା ।

ମାତ୍ର ଏହାର ଆଗକୁ ମଧ୍ୟ ଆଉରି ଗୋଟିଏ ସ୍ଥିତି ରହିଛି; ଏହାକୁ ଏପରି ଏକ ପରିପୂର୍ଣ୍ଣ ଆନନ୍ଦମୟତାର ସ୍ଥିତି ବୋଲି ବୁଝାଯିବ, ଯାହାକି ଆଦୌ ଏକ ସ୍ଥାଣୁ ଅବସ୍ଥା ନୁହେଁ : ତାହା ହେଉଛି ଉତ୍ତରୋତ୍ତର ଭାବରେ ଆପଣାକୁ ଅଭିବ୍ୟକ୍ତ କରି ଦେଉଥିବାଜନିତ ଏକ ଆନନ୍ଦର ଅବସ୍ଥା, ସର୍ବୋଚ୍ଚ ପରମଚେତନା ଆପଣାକୁ ପରିପୂର୍ଣ୍ଣ ଭାବରେ ଉନ୍ମୋଚିତ କରି ଦେଉଥିବାର ଅବସ୍ଥା ।

ମୁଁ ଯେଉଁ ଦୁଇଟି ଅବସ୍ଥାର କଥା କହିଲି, ସେଥିରୁ ପ୍ରଥମଟି ପ୍ରାୟ ସର୍ବଦାହିଁ ଆମକୁ ଆପଣାକୁ ସକଳ କର୍ମରୁ ପ୍ରତ୍ୟାହୃତ କରି ଆଣିବାର ଏକ ସ୍ଥିତିରେ ନେଇ ପହଞ୍ଚାଇ ଦିଏ; ଏହାକୁ ପ୍ରାୟ ଏକ ସ୍ଥାଣୁ ଅବସ୍ଥା ବୋଲି ବୁଝାଯିବ ଏବଂ ଏହା ଆମକୁ ଭାରି ସହଜରେ ନିର୍ବାଣର ସ୍ଥିତିଟି ମଧ୍ୟକୁ ପରିଚାଳିତ କରିନେବ । ଯେଉଁମାନେ ନିର୍ବାଣର ସନ୍ଧାନରେ ବାହାରିଛନ୍ତି, ସେମାନଙ୍କ ଲାଗି ସବୁବେଳେ ବସ୍ତୁତଃ ଏହି ପଥଟିକୁହିଁ ଦେଖାଇ ଦିଆଯାଇଛି । ମାତ୍ର ଏଠାରେ ମୁଁ ଆନନ୍ଦର ଅବସ୍ଥାଟି କଥା କହୁଥିଲି, ତାହା ମୂଳଭୂତ ଭାବରେ ଏକ ଦିବ୍ୟ ଆନନ୍ଦର ଅବସ୍ଥା, କାରଣ ତାହା ହେଉଛି ଏକ ମୁକ୍ତ ଅବସ୍ଥା, ଯାବତୀୟ ବିରୁଦ୍ଧାଚରଣ ତଥା ବିରୋଧର ସକଳ ସମ୍ଭାବନାରୁ ମୁକ୍ତ ହୋଇ ରହିଥିବା ଏକ ଅବସ୍ଥା । ସେହି ଅବସ୍ଥାକୁ ଆସିଲେ କର୍ମର କଦାପି ଖଣ୍ଡନ ହୁଏ ନାହିଁ; ଓଲଟି ତାହା ଆମକୁ ଏକ ସମଗ୍ର କ୍ରିୟାଶୀଳତାର ଅବସ୍ଥା ଆଡ଼କୁ ନେଇଯାଏ, ଯାହାକି ଆପଣାର ମୂଳଭୂତ ଗୁଣକ୍ଷେତ୍ରରେ ପୂର୍ଣ୍ଣତାଯୁକ୍ତ ହୋଇ ରହିଥାଏ ଏବଂ ସକଳ ଅଜ୍ଞାନ ତଥା ଯାବତୀୟ ଅଜ୍ଞାନପାଶରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇ ରହିଥାଏ ।

ଏହି ମାର୍ଗରେ ଆମେ ଯେତେବେଳେ କିଛି ଦୂର ଆଗକୁ ଚାଲିଯାଇ ପାରିଥିବା, ଯେତେବେଳେ ଆମର ବୋଧଶକ୍ତି ବୃହତ୍ତର ହେବ, ଆମର ଉନ୍ମୋଚନଟି ଅଧିକ ସମଗ୍ର ହେବ, ଦିବ୍ୟ ପରମଚେତନା ସହିତ ସମ୍ମିଳନଟି ଅଧିକ ଅନ୍ତରଙ୍ଗ ହୋଇ ଯାଇଥିବ, ସେତିକିବେଳେହିଁ ଆମେ ସେହି ଆନନ୍ଦଟିକୁ ଅନୁଭବ କରି ପାରିବା; ତାହା ଆମ ଜୀବନ ମଧ୍ୟରେ ପ୍ରବେଶ କରି ତାହାକୁ ଅନୁରଞ୍ଜିତ କରି ଦେଇ ଯାଉଥିବ, ଜୀବନକୁ ତାହାର ପ୍ରକୃତ ଅର୍ଥଟିକୁ ଦେଇ ଯାଉଥିବ । ମାତ୍ର ଯେତେବେଳ ପର୍ଯ୍ୟନ୍ତ ଆମେ ମନୁଷ୍ୟ-ଚେତନାର ସ୍ତରରେ ରହିଥିବା, ସେପର୍ଯ୍ୟନ୍ତ ସେହି ଚେତନାଟି ଭାରି ସହଜରେ ବିକୃତ ହୋଇ ପଡ଼ିବାର ଆଶଙ୍କା ମଧ୍ୟ ରହିଥିବ, ତାହା ଏପରି ଏକ

'oaob.nitrkl.ac.in' images reprocessed

ବସ୍ତୁକୁ ବଦଳି ଯିବାର ଆଶଙ୍କା ରହିଥିବ, ଯାହା ସହିତ କି ତାହାର ଆଉ ଆଦୌ କୌଣସି ସାଦୃଶ୍ୟ ରହିବ ନାହିଁ । ତେଣୁ, ସେହି ଆନନ୍ଦଟିକୁ ହରାଇ ବସିଲେ ଆମର ଚେତନା ମଧ୍ୟ ତଳକୁ ଖସିଆସିବ ବୋଲି ଆମେ କଦାପି କହି ପାରିବା ନାହିଁ, କାରଣ···ମୁଁ ଯେଉଁ ପରମ ଆନନ୍ଦଟି ବିଷୟରେ କହୁଛି, ଯାହାକୁ କି କେବେହେଲେ ହରାଇବା ସମ୍ଭବ ହେବ ନାହିଁ । ଅଳ୍ପ ସମୟ ପୂର୍ବରୁ ମୁଁ ଯେଉଁ ଦୁଇଟି ଅବସ୍ଥାର କଥା କହିଥିଲି, ଆମେ ଯଦି ସେହି ଦୁଇଟିଯାକ ଅବସ୍ଥାକୁ ଅତିକ୍ରମ କରି ଚାଲିଯିବା, ଅର୍ଥାତ୍ ଗୋଟାଏ ପାଖରେ ପରିପୂର୍ଣ୍ଣ ନିର୍ଲିପ୍ତତା ଏବଂ ନିବିଡ଼ ଭାବରେ ଯୁକ୍ତ ହୋଇ ରହିବା ଏବଂ ଆଉଗୋଟିଏ ପାଖରେ ପରିପୂର୍ଣ୍ଣ ପ୍ରେମ ଏବଂ ସହାନୁଭବ, ଯଦି ଆମେ ଦୁଇଟିଯାକ ଅବସ୍ଥାକୁ ଡେଇଁ ଚାଲିଯାଇ ପାରିବା ଏବଂ ଦିବ୍ୟ ପରମ ଆନନ୍ଦର ସ୍ପର୍ଶଲାଭ କରି ପାରିବା, ତା'ପରେ ସେଠାରୁ ପୁନର୍ବାର ତଳକୁ ଖସି ଆସିବା ବସ୍ତୁତଃ ଅସମ୍ଭବହିଁ ହୋଇଯିବ । ମାତ୍ର, ବାସ୍ତବ ଜୀବନର କ୍ଷେତ୍ରରେ, ଅର୍ଥାତ୍ ଯୋଗସାଧନାର ପଥରେ ଯଦି ତୁମେ ଦୈବାତ୍ ଭାବରେ ହେଲେ ମଧ୍ୟ ଏହି ଦିବ୍ୟ ପରମାନନ୍ଦର ସ୍ପର୍ଶରେ ଆସିଥିବ, ତେବେ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଯଦି ସେହି ଆନନ୍ଦ କେବେ ତୁମକୁ ଛାଡ଼ି ଚାଲିଯାଏ, ତେବେ ତୁମେ ପ୍ରାୟ ଅନିବାର୍ଯ୍ୟ ଭାବରେ ଅନୁଭବ କରିବାକୁ ଲାଗିବ ଯେ ତୁମେ ସତେଅବା ଏକ ଉଚ୍ଚ ଶୃଙ୍ଗ ଉପରୁ କୌଣସି ଏକ ଅନ୍ଧକାରମୟ ଉପତ୍ୟକା ମଧ୍ୟକୁ ଖସିଆସିଛ ।

ମାତ୍ର ନିର୍ଲିପ୍ତ ଭାବ ନଥିଲେ ଏହି ଆନନ୍ଦକୁ ପ୍ରକୃତରେ ଏକ ବିପଜ୍ଜନକ ଉପଲବ୍ଧି ବୋଲି କୁହାଯିବ, ଯାହାକି ସେହି କ୍ଷେତ୍ରରେ ଭାରି ବିକୃତ ହୋଇ ପଡ଼ିବାର ଆଶଙ୍କା ରହିଥିବ । ତେଣୁ, ନିର୍ଲିପ୍ତ ହୋଇ ରହିବାର ଶକ୍ତିଟିକୁ ଅର୍ଜନ ନକରି ଯଦି ଆମେ ସେହି ଆନନ୍ଦଟିକୁ ଲୋଡ଼ିବାକୁ ବସୁ, ତେବେ ତାହା ଆଦୌ ବିଜ୍ଞତାର କାର୍ଯ୍ୟ ହେବ ନାହିଁ । ଆମକୁ ସର୍ବପ୍ରଥମେ ସମ୍ଭବ ଯାବତୀୟ ପ୍ରକାରର ବିରୋଧର ଊର୍ଦ୍ଧ୍ୱକୁ ଉଠିଯିବାକୁ ପଡ଼ିବ : ହଁ, ଆମକୁ ଦୁଃଖାନୁଭୂତି ଓ ସୁଖାନୁଭୂତି, ଯନ୍ତ୍ରଣା ଏବଂ ଆନନ୍ଦ, ଉତ୍ସାହ ଏବଂ ନୈରାଶ୍ୟ ପ୍ରଭୃତିର ଉପରକୁ ଉଠିଯିବାକୁ ପଡ଼ିବ । ଯଦି ଆମେ ସେସବୁର ଉପରେ ଅବସ୍ଥାନ କରିପାରିବା, ତେବେଯାଇ ସମ୍ପୂର୍ଣ୍ଣ ନିରାପଦ ଭାବରେ ଆନନ୍ଦ ଲାଗି ଆକାଂକ୍ଷା ରଖି ପାରିବା ।

ମାତ୍ର ସେହି ନିର୍ଲିପ୍ତ ଭାବଟି ଯେପର୍ଯ୍ୟନ୍ତ ଉପଲବ୍ଧ ହୋଇ ପାରି ନଥିବ, ସେପର୍ଯ୍ୟନ୍ତ ସାଧାରଣ ମନୁଷ୍ୟ-ଚେତନାର ଏକ ଉଲ୍ଲସିତ ଅବସ୍ଥାକୁହିଁ ଭାରି ସହଜରେ ସେହି ଆନନ୍ଦ ବୋଲି ଭ୍ରମ କରିବାର ପୂର୍ଣ୍ଣ ଆଶଙ୍କା ରହିଥିବ । ଏବଂ ଏହାକୁ ଆଦୌ ଆମର ଯଥାର୍ଥ ବସ୍ତୁ ବୋଲି କୁହାଯାଇ ପାରିବ ନାହିଁ ଏବଂ ଅସଲ ବସ୍ତୁଟିର ଏକ ବିକୃତି ବୋଲି ବି କୁହାଯାଇ ପାରିବ ନାହିଁ, କାରଣ, ଦୁଇଟିଯାକର ସ୍ୱଭାବ ପରସ୍ପରଠାରୁ ଏତେ ବେଶୀ ଭିନ୍ନ ଯେ, ସେହି ଦୁଇଟିଯାକ ପରସ୍ପରର

'oaob.nitrkl.ac.in' images reprocessed

ପ୍ରାୟ ଏପରି ବିପରୀତ ଯେ ତୁମେ ଗୋଟିକରୁ ଅପରଟି ପାଖକୁ କେବେହେଲେ ଯାଇ ପାରିବ ନାହିଁ । ତେଣୁ, ଯଦି ତୁମେ ଆପଣାର ମାର୍ଗରେ ନିଶ୍ଚିତ ହୋଇ ଚାଲିବାକୁ ଇଚ୍ଛା କରୁଥାଅ, ତେବେ ମୁଁ ଭାବୁଛି ଯେ ତୁମେ ଆଗ ଶାନ୍ତିର ଆକାଙ୍କ୍ଷା ରଖିବ, ପରିପୂର୍ଣ୍ଣ ସ୍ଥିରତା, ପରିପୂର୍ଣ୍ଣ ସମତାର ଆକାଙ୍କ୍ଷା ରଖିବ, ନିଜର ଚେତନାର ସଂପ୍ରସାରଣ ଲାଗି ଆକାଙ୍କ୍ଷା ରଖିବ, ନିଜର ବୋଧଶକ୍ତିକୁ ବ୍ୟାପକ କରି ଦେବା ଲାଗି ଓ ଯାବତୀୟ ବାସନା, ଅଭିରୁଚି ଏବଂ ଆସକ୍ତି ମଧ୍ୟରୁ ମୁକ୍ତ ହୋଇ ଆସିବାର ଆକାଙ୍କ୍ଷା ରଖିବ; ତାହାକୁ ନିଶ୍ଚିତ ଭାବରେହିଁ ଏକ ଅପରିହାର୍ଯ୍ୟ ପୂର୍ବ-ଉପଲବ୍ଧି ବୋଲି ଜାଣିବାକୁ ହେବ ।

ଭିତରର ଏବଂ ବାହାରର ସମତା ଉଭୟ ଲାଗି ଏହା ହେଉଛି ଏକ ଅତ୍ୟାବଶ୍ୟକ ସର୍ତ୍ତ ।

ଏବଂ, ଏଥିରୁ ଯେଉଁ ସମତାବସ୍ଥା ଆସିବ, ତାହାର **ଅତ୍ୟନ୍ତ ଶକ୍ତ** ମୂଳଦୁଆ ଉପରେ ଆମେ ଯାହା ଇଚ୍ଛା କରିବା, ତାହାର ନିର୍ମାଣ କରିପାରିବା, ମାତ୍ର ସବୁଆଗ ମୂଳଦୁଆଟିକୁହିଁ ତିଆରି କରିବାକୁ ପଡ଼ିବ, ଏକ ଅବିଚଳିତ ଦୃଢ଼ ମୂଳଦୁଆ ତିଆରି କରିବାକୁ ପଡ଼ିବ ।

(ମାଆ ନୀରବ ରହିଲେ)

ମୁଁ ଏହି ଶବ୍ଦଗୁଡ଼ିକ ଦ୍ୱାରା ପ୍ରକୃତରେ କଣ ବୁଝୁଛି, ଜଣେ ମୋତେ ସେହି ପ୍ରଶ୍ନଟି ପଚାରିଛନ୍ତି :

"ଆମକୁ ସ୍ଥିର ରହିବାକୁ ହେବ ।"

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଯେତେବେଳେ ମୁଁ କାହାକୁ "ସ୍ଥିର ରହ" ବୋଲି କହିଥାଏ, ତଦ୍ୱାରା ସେହି ବ୍ୟକ୍ତିଙ୍କର ସନ୍ଦର୍ଭରେ ମୁଁ ଅନେକ ଭିନ୍ନ ଭିନ୍ନ କଥା ବୁଝିଥାଏ । ମାତ୍ର ସର୍ବପ୍ରଥମ ଅପରିହାର୍ଯ୍ୟ ସ୍ଥିରତା ହେଉଛି ମାନସ କ୍ଷେତ୍ରର ସ୍ଥିରତା, କାରଣ ସାଧାରଣତଃ ସେହି ବସ୍ତୁଟିରହିଁ ଅଭାବ ପରିଲକ୍ଷିତ ହୋଇଥାଏ । ମୁଁ ଯେତେବେଳେ କାହାକୁ "ସ୍ଥିର ରହ" ବୋଲି କହେ, ସେତେବେଳେ ତଦ୍ୱାରା ମୁଁ ଏହାହିଁ ବୁଝିଥାଏ : ଅସ୍ଥିର, ଉତ୍ତେଜିତ ଓ ବିଶୃଙ୍ଖଳାମୟ କୌଣସି ଭାବନାକୁ ସ୍ଥାନ ଦେବା ଲାଗି ଆଦୌ କୌଣସି ଚେଷ୍ଟା କର ନାହିଁ, ନିଜର ମୁଣ୍ଡକୁ ଶାନ୍ତ କରି ଆଣିବାକୁ ଚେଷ୍ଟା କର ଏବଂ ଆପଣାର ଯାବତୀୟ କଳ୍ପନା, ଅବଲୋକନ ଏବଂ ମାନସିକ ବିରଚନାର କ୍ଷେତ୍ରରେ ଇତସ୍ତତଃ ଧାବମାନ ହୋଇ ରହିବାରୁ ନିଜକୁ ନିବୃତ୍ତ କରି ରଖ ।



'oaob.nitrkl.ac.in' images reprocessed

ଏଠାରେ ଅତ୍ୟନ୍ତ ଯଥାର୍ଥ ଭାବରେ ଆଉଗୋଟିଏ ପ୍ରଶ୍ନକୁ ଆଣି ଯୋଡ଼ି ଦିଆଯାଇପାରେ : ଆପଣ ଆମକୁ "ସ୍ଥିର ରହ" ବୋଲି କହୁଛନ୍ତି, ମାତ୍ର ସ୍ଥିର ହେବାକୁ ହେଲେ ଆମକୁ କ'ଣ କରିବାକୁ ହେବ ? ···ଏହାର ଉତ୍ତରଟି ସର୍ବଦା ପ୍ରାୟ ସେହି ଏକାପରି ହେବ; ସର୍ବପ୍ରଥମେ ତୁମକୁ ସ୍ଥିର ହେବାର ପ୍ରୟୋଜନଟିକୁ ଅନୁଭବ କରିବାକୁ ହେବ । ତାପରେ ତୁମେ ସେଇଟି ଲାଗି ଇଚ୍ଛା କରିବ, ସେଥିଲାଗି ଅଭୀପ୍ସା କରିବ ଓ ତାପରେ ଚେଷ୍ଟା କରିବ । ଚେଷ୍ଟା କରିବା ଲାଗି ଅଗଣିତ କେତେ କେତେ ଉପାୟ ବତାଇ ଦିଆଯାଇଛି, କେତେ ଲୋକ କେତେ ପ୍ରକାରେ ଚେଷ୍ଟା କରିଛନ୍ତି । ଏହି ଉପାୟଗୁଡ଼ିକ ସାଧାରଣତଃ ଭାରି ସମୟସାପେକ୍ଷ, ଶକ୍ତ ଓ କଠିନ । ଏବଂ, ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିବା ପୂର୍ବରୁ ଅନେକେ ସେଥିଲାଗି ହତାଶ ବି ହୋଇପଡ଼ନ୍ତି । କାରଣ, ସେମାନେ ଯେତିକି ଚେଷ୍ଟା କରିବାରେ ଲାଗିଥାନ୍ତି, ସେମାନଙ୍କର ମସ୍ତିଷ୍କ ଭିତରେ ସେମାନଙ୍କର ଭାବନାଗୁଡ଼ିକ ସେତିକି ଅଧିକ ପରିମାଣରେ ଚକ୍କର ଦେବାରେ ଓ ଅସ୍ଥିର ହୋଇ ପଡ଼ିବାରେ ବ୍ୟସ୍ତ ହୋଇ ରହିଥାନ୍ତି ।

ଏହି ଉପାୟ ପ୍ରତ୍ୟେକ ବ୍ୟକ୍ତି ଲାଗି ଭିନ୍ନ ଭିନ୍ନ ସତ; ମାତ୍ର ସର୍ବପ୍ରଥମେ ସ୍ଥିର ରହିବାର ପ୍ରୟୋଜନଟିକୁ ଅନୁଭବ କରିବାକୁ ପଡ଼ିବ;—ସେହି ପ୍ରୟୋଜନଟି ଯାହା ହୋଇଥାଉ ପଛକେ,—ତୁମେ କ୍ଳାନ୍ତ ହୋଇ ପଡ଼ିଲଣି ବୋଲି ସ୍ଥିର ହେବାକୁ ଚାହୁଁଛ, ତୁମର ମୁଣ୍ଡ ଖରାପହୋଇଯାଉଛି ବୋଲି ତୁମେ ସ୍ଥିର ହେବାକୁ ଚାହୁଁଛ, ଅଥବା ତୁମେ ତୁମ ଜୀବନର ବର୍ତ୍ତମାନ ସ୍ଥିତିଟିରୁ ଊର୍ଦ୍ଧ୍ୱକୁ ଉଠିବାକୁ ଇଚ୍ଛା କରୁଛ ବୋଲି ସ୍ଥିର ହେବାକୁ ଚାହୁଁଛ, ପ୍ରଥମେ ସେଇଟିକୁ ଅନୁଭବ କରିବାକୁ ପଡ଼ିବ । ସର୍ବପ୍ରଥମେ ବୁଝିବାକୁ ପଡ଼ିବ, ଏହି ସ୍ଥିର ରହିବାର ପ୍ରୟୋଜନଟିକୁ ଅନୁଭବ କରିବାକୁ ପଡ଼ିବ, ଏହି ମାନସିକ ଶାନ୍ତିର ଆବଶ୍ୟକତାକୁ ଅନୁଭବ କରିବାକୁ ପଡ଼ିବ । ଏବଂ ତାପରେ, ଆକାଙ୍‌କ୍ଷିତ ଲକ୍ଷ୍ୟଟିକୁ ହାସଲ କରିବା ଲାଗି ପୂର୍ବରୁ ଜାଣିଥିବା ତଥା ନୂତନ ସକଳ ଉପାୟକୁ ସଫଳ ଭାବରେ ପ୍ରୟୋଗ କରାଯାଇ ପାରିବ ।

ବର୍ତ୍ତମାନ ଆମେ ତତ୍‌କ୍ଷଣାତ୍ ବୁଝି ପାରୁଥିବା ଯେ ଏହା ସହିତ ଆଉ ଗୋଟାଏ ପ୍ରକାରର ସ୍ଥିରତା ମଧ୍ୟ ରହିଛି, ଯାହାକୁ ଆବଶ୍ୟକ ବୋଲି କୁହାଯିବ, ଏପରିକି ଅତ୍ୟନ୍ତ ଅପରିହାର୍ଯ୍ୟ ବୋଲି କୁହାଯିବ । ଏଇଟି ହେଉଛି ପ୍ରାଣ ସ୍ତରର ସ୍ଥିରତା । ଅର୍ଥାତ୍ ବାସନାଗୁଡ଼ିକରୁ ମୁକ୍ତି । କେବଳ ପ୍ରକୃତ କଥା ହେଉଛି ଯେ, ଯେତେବେଳେ ଆମର ପ୍ରାଣିକ କ୍ଷେତ୍ରଟି ଯଥେଷ୍ଟ ପରିମାଣରେ ବିକଶିତ ହୋଇ ନଥିବ, ସେତେବେଳେ ଆମେ ଯେମିତି ତାକୁ ସ୍ଥିର ହେବାକୁ କହିବା, ସିଏ ସେତେବେଳେ ହୁଏତ ଶୋଇ ପଡ଼ିବାକୁ ଲାଗିଯିବ ଅଥବା ଧର୍ମଘଟ କରିବାକୁ ଆରମ୍ଭ କରିବ; ସିଏ କହିବ : "ନାହିଁ ନାହିଁ, ସେ କଥା ମୋଠେ ହୋଇ ପାରିବ ନାହିଁ । ମୁଁ ଆଉ ଆଗକୁ ଯିବାକୁ ଚାହେଁ ନାହିଁ; ଯଦି ତୁମେ ମୋତେ ମୋର ପ୍ରୟୋଜନୀୟ ଖାଦ୍ୟଟିକୁ, ସେହି ଆବଶ୍ୟକ ଉତ୍ତେଜନାକୁ, ଉତ୍ସାହ,

'oaob.nitrkl.ac.in' images reprocessed

ବାସନା ଓ ଏପରିକି ଆବେଗକୁ ଆଣି ଯୋଗାଇ ନଦେବ, ତେବେ ମୁଁ ଆଉ ପାଦେ ହେଲେ ଆଗକୁ ଯିବି ନାହିଁ ଓ ଆଉ କିଛି ହେଲେ କରିବି ନାହିଁ ।” ତେଣୁ ସେହି କ୍ଷେତ୍ରରେ ସମସ୍ୟାଟି ଆଉଟିକିଏ ଅଧିକ ଅସୁବିଧାଜନକ ହୋଇ ପଡ଼ିବ, ହୁଏତ ଆଉ ଟିକିଏ ଅଧିକ କଠିନ ବି ହୋଇଯିବ; କାରଣ, ଏହା ଏକ ନିଶ୍ଚିତ କଥା ଯେ ଉତ୍ତେଜନାରୁ ଖସି ଜଡ଼ତା ଭିତରେ ଆସି ପଡ଼ିଲେ ତାହାକୁ ଏକ ଅଗ୍ରଗତି ବୋଲି କେବେହେଲେ କୁହା ହେବ ନାହିଁ । କୌଣସି ପ୍ରକାର ଜଡ଼ତା ଏବଂ ନିଦ୍ରାଳୁ ନିଷ୍କ୍ରିୟତାକୁ ଏକ ସ୍ଥିରାବସ୍ଥା ବୋଲି କଦାପି ଭ୍ରମ କରିବା ଉଚିତ ନୁହେଁ ।

ସ୍ଥିରାବସ୍ଥା ହେଉଛି ଏକ ଅତ୍ୟନ୍ତ ଭାବାତ୍ମକ ଅବସ୍ଥା; ଏପରି ଏକ ଭାବାତ୍ମକ ଶାନ୍ତିର ଅବସ୍ଥା ରହିଛି ଯାହାକୁ କି ଦ୍ୱନ୍ଦ୍ୱମୟ ଅବସ୍ଥାର କେବଳ ଏକ ବିପରୀତ ଅବସ୍ଥା ବୋଲି ଆଦୌ କୁହାଯାଇ ପାରିବ ନାହିଁ । ଏହି ଶାନ୍ତି ହେଉଛି ଏକ ସକ୍ରିୟ ଶାନ୍ତି, ଏହା ଏକ ଶକ୍ତିଶାଳୀ ଶାନ୍ତି, ଏହା ଆପଣାକୁ ସଂଯମିତ କରି ଦେଇପାରେ, ନିୟନ୍ତ୍ରିତ କରି ରଖେ, ସ୍ଥିର କରିଆଣେ, ସବୁକିଛିକୁ ସମ୍ବଦ୍ଧ କରି ରଖେ, ସଂଗଠିତ କରିରଖେ । ମୁଁ ଏଠାରେ ସେହି ଶାନ୍ତ ଅବସ୍ଥାର କଥା କହୁଛି; ଯେତେବେଳେ ମୁଁ କାହାକୁ “ସ୍ଥିର ରହ” ବୋଲି କହେ, ସେତେବେଳେ ମୁଁ କଦାପି “ଯାଅ, ଶୋଇ ପଡ଼ିବ, ଜୀବନହୀନ ଓ ନିଷ୍କ୍ରିୟ ହୋଇ ରହିବ ଏବଂ କିଛିହେଲେ କରିବ ନାହିଁ” ବୋଲି କଦାପି କହେ ନାହିଁ । ମୁଁ ଆଦୌ ଏହି ଅର୍ଥରେ କିଛି କହେ ନାହିଁ । …ଯଥାର୍ଥ ସ୍ଥିରତା ହେଉଛି ଏକ ଅତ୍ୟନ୍ତ ବୃହତ୍ ଶକ୍ତି, ଏକ ଅତ୍ୟନ୍ତ ବୃହତ୍ ବଳ । ବସ୍ତୁତଃ ଆମେ ଏକ ଅନ୍ୟ ଦିଗରୁ ସମସ୍ୟାଟିର ବିଚାର କରି ଏପରି କହିପାରିବା ଯେ ଯେଉଁମାନେ ପ୍ରକୃତରେ ବଳଶାଳୀ, ଯେଉଁମାନେ ପ୍ରକୃତରେ ଶକ୍ତିମାନ୍, ସେମାନେ ସବୁବେଳେ ସ୍ଥିର ହୋଇ ରହିଥାନ୍ତି; କେବଳ ଦୁର୍ବଳମାନେହିଁ ଉତ୍ତେଜିତ ହୋଇ ପଡ଼ନ୍ତି; ଯଥାର୍ଥରେ ବଳଶାଳୀ ହେବାକୁ ଆରମ୍ଭ କରିବା କ୍ଷଣି ଆମେ ଶାନ୍ତ ହୋଇ ଆସୁ, ସ୍ଥିର ହୋଇ ଆସୁ, ଏବଂ ଆମକୁ ଚଞ୍ଚଳ କରି ପକାଇବା ଲାଗି ବାହାରୁ ଯେଉଁ ପ୍ରତିକୂଳ ତରଙ୍ଗମାନ ଆମ ଆଡ଼କୁ ମାଡ଼ି ଆସୁଥାନ୍ତି, ସେଗୁଡ଼ିକର ସମ୍ମୁଖୀନ ହୋଇ ପାରିବା ଲାଗି ଆମେ ଯଥେଷ୍ଟ ସହନଶକ୍ତି ମଧ୍ୟ ଅର୍ଜନ କରୁ । ଏହି ଯଥାର୍ଥ ସ୍ଥିରତା ହେଉଛି ସର୍ବଦା ଶକ୍ତିର ପରିଚାୟକ । ଯିଏ ବଳବାନ୍, ସେଇ ହେଉଛି ସ୍ଥିର ।

ଏବଂ ଶାରୀରିକ କ୍ଷେତ୍ରରେ ମଧ୍ୟ ଏହି କଥାଟି ଠିକ୍ ସେହିପରି । ତୁମେମାନେ ସିଂହ, ବ୍ୟାଘ୍ର ଓ ହସ୍ତୀ ପ୍ରଭୃତି ଜନ୍ତୁମାନଙ୍କୁ କେବେ ଲକ୍ଷ୍ୟ କରି ଦେଖିଛ କି ନାହିଁ ମୁଁ ଜାଣି ନାହିଁ, ମାତ୍ର ଏଇଟି ଏକ ବାସ୍ତବ ଘଟଣା ଯେ ଯେତେବେଳେ ସେମାନେ କ୍ରିୟାଶୀଳ ହୋଇ ନଥାନ୍ତି, ସେତେବେଳେ ସେମାନେ ପରିପୂର୍ଣ୍ଣ ଭାବରେ ସ୍ଥିର ହୋଇ ରହିଥାନ୍ତି । କୌଣସି ଏକ ସ୍ଥାନରେ ବସି ତୁମ ଆଡ଼କୁ ଅନାଉଥିବା ଗୋଟିଏ ସିଂହ ସତେଯେପରି ତୁମକୁ କହିବାରେ ଲାଗିଥାଏ, “ଆରେ, ତୁମେ ଏଡ଼େ ଅସ୍ଥିର ହୋଇ

'oaob.nitrkl.ac.in' images reprocessed

ରହୁଛ କାହିଁକି ?" ସିଏ କେଡ଼େ ପ୍ରଜ୍ଞାପୂର୍ଣ୍ଣ ଭାବରେ କେଡ଼େ ଶାନ୍ତ ସ୍ଥିରତାର ସହିତ ତୁମ ଆଡ଼କୁ ଅନାଇ ରହି ନଥାଏ ! ଏବଂ ତାହାର ସବୁଯାକ ଶକ୍ତି, ବଳ, ଶାରୀରିକ ସାମର୍ଥ୍ୟ ସବୁକିଛୁ ସେଇଠି ଠୁଳ, ଏକତ୍ର ଓ ସକେନ୍ଦ୍ରିତ ହୋଇ ରହିଥାଏ, ତା'ଠାରେ କେଉଁଠିହେଲେ ଉତ୍ତେଜନାର ଗ୍ଲାଇଟିକିଏ ବି ନଥାଏ ଏବଂ ସେ ସଙ୍କେତଅବା ଆଦେଶ ପାଇବା ମାତ୍ରକେ କ୍ରିୟାଶୀଳ ହେବା ଲାଗି ପ୍ରସ୍ତୁତ ହୋଇ ରହିଥାଏ ।

ମୁଁ ଏପରି ଲୋକଙ୍କୁ,—ଅନେକ ଲୋକଙ୍କୁ,—ଦେଖିଛି, ଯେଉଁମାନେ କି ଅସ୍ଥିର ନହୋଇ ଅଧଘଣ୍ଟାଏ ସକାଶେ ବି ସ୍ଥିର ଭାବରେ ବସି ପାରନ୍ତି ନାହିଁ । ସେମାନଙ୍କୁ ଗୋଟିଏ ଗୋଡ଼ ଅଥବା ଗୋଟିଏ ପାଦ ଏଠୁ ସେଠାକୁ ଘୁଞ୍ଚାଇବାକୁ ପଡ଼ିଥାଏ, ହାତଟାକୁ ନଡ଼ବଡ଼ କରିବାକୁ ପଡ଼େ ଅଥବା ମୁଣ୍ଡଟାକୁ ଏପାଖ ସେପାଖ କରିବାକୁ ବି ପଡ଼ିଥାଏ । ଅନବରତ ବଡ଼ ଅସ୍ଥିର ଭାବରେ ନଡ଼ବଡ଼ ହେବାକୁ ପଡ଼ିଥାଏ, କାରଣ ସ୍ଥିର ଓ ଶାନ୍ତ ହୋଇ ରହି ପାରିବା ଲାଗି ସେମାନଙ୍କ ଭିତରେ ଆବଶ୍ୟକ ଶକ୍ତି ନଥାଏ, ବଳ ବି ନଥାଏ ।

ନିଜର ମନ ହେବା ମାତ୍ରକେ ଏହିପରି ସ୍ଥିର ହୋଇଯିବା, ଆପଣାର ସମସ୍ତ ଶକ୍ତିକୁ ଏକତ୍ର ଠୁଳ କରିଆଣି ଆପଣାର ଇଚ୍ଛାନୁସାରେ ତାହାକୁ କାମରେ ଲଗାଇବା, ଇଚ୍ଛା କଲେ ସେହି ଶକ୍ତିକୁ ପୂର୍ଣ୍ଣ ଭାବରେ କାମରେ ଲଗାଇବା କିଂବା ଦରକାର ପଡ଼ିଲେ ବିଭିନ୍ନ କାର୍ଯ୍ୟରେ ଲାଗିବା ପାଇଁ ତାହାକୁ ବାଣ୍ଟିଦେଇ ପାରିବା ଏବଂ କ୍ରିୟାଶୀଳ ହୋଇ ରହିଥିଲେ ମଧ୍ୟ ତଥାପି ସମ୍ପୂର୍ଣ୍ଣ ଭାବରେ ସ୍ଥିର ରହିପାରିବା,— ଏହାକୁହିଁ ସର୍ବଦା ବଳର ସଙ୍କେତ ବୋଲି ବୁଝାଯିବ । ଏହି ବଳ ଶରୀରର ବଳ ହୋଇପାରେ, ପ୍ରାଣିକ ବଳ ହୋଇପାରେ ଅଥବା ମାନସିକ ବଳ ବି ହୋଇପାରେ । ମାତ୍ର ଯଦି ତୁମେ ଏତେ ଟିକିଏହେଲେ ବି ଉତ୍ତେଜିତ ଓ ଅସ୍ଥିର ହୋଇ ପଡ଼ୁଥାଅ, ତେବେ ତୁମକୁ ଧରିନେବାକୁ ହେବ ଯେ ତୁମ ଭିତରେ କୌଣସି ନା କୌଣସି ସ୍ଥାନରେ ଏକ ଦୁର୍ବଳତା ରହି ଯାଇଛି; ଏବଂ ଯଦି ସେହି ଅସ୍ଥିରତା ଓ ଚଞ୍ଚଳତା ତୁମର ସମଗ୍ର କ୍ଷେତ୍ରଟିକୁ ଆବିଷ୍ଟ କରି ପ୍ରକାଶିତ ହେବାରେ ଲାଗିଥାଏ, ତେବେ ତୁମର ଦୁର୍ବଳତାଟି ମଧ୍ୟ ସମଗ୍ର କ୍ଷେତ୍ରଟିକୁ ଆବୋରି କରି ରହିଛି ବୋଲି ବୁଝିବାକୁ ହେବ ।

ତେଣୁ ମୁଁ ଯଦି କାହାକୁ "ତୁମେ ସ୍ଥିର ହୋଇ ରହ" ବୋଲି କହୁଛି, ତେବେ ତାକୁ ମୁଁ ହୁଏତ ତଦ୍ଦ୍ୱାରା ଯାବତୀୟ ପ୍ରକାରର କଥା କହୁଥିବି; ତାହା ସମ୍ପୂର୍ଣ୍ଣ ସେହି ବ୍ୟକ୍ତିଙ୍କ ଉପରେହିଁ ନିର୍ଭର କରିବ । ମାତ୍ର ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଅଧିକାଂଶ ସମୟରେ ତଦ୍ଦ୍ୱାରା "ତୁମର ମନକୁ ତୁମେ ସ୍ଥିର କରି ଆଣ, ନିଜର ମୁଣ୍ଡରେ ସବୁବେଳେ ଏପରି ଚଞ୍ଚଳ ଓ ପ୍ରଧାବିତ ହୋଇ ଆଦୌ ରହ ନାହିଁ, ଏକାବେଳକେ ଗୁଡ଼ାଏ ଧାରଣା ଓ ଭାବନାରେ ଉତ୍ତେଜିତ ହୋଇ ରହ ନାହିଁ,

'oaob.nitrkl.ac.in' images reprocessed

ଆପଣାକୁ ସ୍ଥିର କରିଆଣ” ବୋଲି ବୁଝିବାକୁ ହେବ ।

ଅଧିକାଂଶ ମଣିଷଙ୍କର କ୍ଷେତ୍ରରେ, ଯେତେବେଳେ ସେମାନେ ନିଜ ପାଖରେ କୌଣସି ଏକ ଅନୁଭୂତିର ବ୍ୟାଖ୍ୟା କରି ପାରୁଥାନ୍ତି, କେବଳ ସେତିକିବେଳେହିଁ ସେହି ଅନୁଭୂତିର ଅସ୍ତିତ୍ୱଟିକୁ ସ୍ୱୀକାର କରନ୍ତି । ମାତ୍ର ଖାସ୍ ଅନୁଭୂତିଟି,—ଏକ ନିର୍ଦ୍ଦିଷ୍ଟ ଶକ୍ତି ସହିତ ସମ୍ପର୍କରେ ଆସିବା, ଚେତନାର କ୍ଷେତ୍ରରେ ଏକ ପ୍ରସାରଣ ଘଟାଇବା, ଦିବ୍ୟ ପରମସତ୍ତାଙ୍କର କୌଣସି ଏକ ବାସ୍ତବ ସହିତ ସଂଯୁକ୍ତ ହୋଇ ରହିବା;—ତାହା ଯେକୌଣସି ପ୍ରକାରର ଅନୁଭୂତି ହୋଇଥାଉ ପଛକେ, ଆପଣାର ସତ୍ତାରେ ଏକ ଉନ୍ମୋଚନ ଘଟାଇବା, ଏକ ପ୍ରତିବନ୍ଧକକୁ ଭାଙ୍ଗି ହଟାଇଦେବା, ଏକ ପର୍ଯ୍ୟାୟକୁ ଅତିକ୍ରମ କରିଯିବା, ନାନା ନୂତନ ଦ୍ୱାରର ଉନ୍ମୋଚନ କରିଦେବା,—ଏତେ ନା ଏତେଗୁଡ଼ାଏ ଶବ୍ଦ ଦେଇ ଯଦି ସେମାନେ ଏହିସବୁ ଅନୁଭୂତିକୁ ଆପଣା ପାଖରେ ବ୍ୟାଖ୍ୟା କରି ବୁଝାଇଦେଇ ନପାରିଲେ ଏବଂ ନିର୍ଦ୍ଦିଷ୍ଟ କେତୋଟି ଭାବନା ଦେଇ ସେଗୁଡ଼ିକୁ ମୂର୍ତ୍ତ କରି ନପାରିଲେ, ତେବେ ସେମାନଙ୍କ ଲାଗି ଏହିସବୁ ଅନୁଭୂତିର ସତେ ଯେପରି ଆଦୌ କୌଣସି ଅସ୍ତିତ୍ୱ ନଥାଏ ! ଏବଂ, ଠିକ୍ ଏହି ଅଭିବ୍ୟକ୍ତିର ପ୍ରୟୋଜନଟି ହେତୁ, ଅନୁଭୂତିଟିକୁ ଶବ୍ଦ ଦେଇ ବ୍ୟକ୍ତ କରି ପାରିବାର ସେହି ପ୍ରୟୋଜନଟି ରହିଥାଏ ବୋଲି ସେମାନଙ୍କର ଅନୁଭୂତିର ମୁଖ୍ୟତର ଅଂଶଟି ବ୍ୟକ୍ତ-ଚେତନାର କ୍ଷେତ୍ରରେ ଆପଣାର ସକ୍ରିୟ ହେବାର ଶକ୍ତିଟିକୁ ହରାଇ ବସେ । ଏପରି କିପରି ହୁଏ ଯେ, ଅତ୍ୟନ୍ତ ସୁନିଶ୍ଚିତ ଭାବରେ ତୁମର ଏକ ଅନୁଭୂତି ରହିଥାଏ, ଉଦାହରଣସ୍ୱରୂପ, ନିଜର ଚୈତ୍ୟ ସତ୍ତାର ଦ୍ୱାରଟିକୁ ତୁମେ ଉନ୍ମୋଚିତ କରି ଦେଇ ଥାଅ, ତା' ସହିତ ସଂଯୁକ୍ତ ହୋଇ ରହିଥାଅ, ତୁମେ ତାହାର ତାତ୍ପର୍ଯ୍ୟଟି ବିଷୟରେ ମଧ୍ୟ ଅବହିତ ରହିଥାଅ,—ଏବଂ ତା'ପରେ, ଏପରି କିପରି ହୁଏ ଯେ ସେହି ଅନୁଭୂତିଟି ତୁମ ପାଖରେ ସ୍ଥାୟୀ ହୋଇ ରହିପାରେ ନାହିଁ ? ତାହାର କାରଣ ହେଉଛି ଯେ, ସେଇଟିକୁ ଆପଣା ପାଖରେ ବ୍ୟକ୍ତ କରି ନପାରିବା ପର୍ଯ୍ୟନ୍ତ ସେଇଟିର ଯଥେଷ୍ଟ ପରିମାଣରେ ଆଦୌ କୌଣସି ସାକାର ଶକ୍ତିମତ୍ତାହିଁ ନଥାଏ । ସେଇଟିକୁ ଶବ୍ଦ ଦେଇ ବର୍ଣ୍ଣନା କରିପାରିଲେ ଯାଇ ତୁମେ ଅନୁଭୂତିଟିକୁ ପ୍ରକୃତରେ ଅନୁଭବ କରିବାକୁ ଆରମ୍ଭ କର । ମାତ୍ର, ନିଜ ପାଖରେ ତୁମେ ଯେତେବେଳେ ସେଇଟିକୁ ବର୍ଣ୍ଣନା କରିବାକୁ ସମର୍ଥ ହୋଇଯାଅ, ସେତେବେଳେ ଆନ୍ତର ତଥା ବାହ୍ୟ ରୂପାନ୍ତର ଲାଗି ତାହାର ପ୍ରଗାଢ଼ତା ଏବଂ ତା'ର କ୍ରିୟାଶକ୍ତିର ଏକ ଅଧିକତର ଅଂଶ ସତେଅବା ବାଷ୍ପ ହୋଇ ଅନ୍ତର୍ହିତ ହୋଇ ଯାଇଥାଏ । ତେଣୁ ସେହି କ୍ଷେତ୍ରରେ ପ୍ରତ୍ୟେକ ଶାବ୍ଦିକ ଅଭିବ୍ୟକ୍ତି ଏବଂ ବ୍ୟାଖ୍ୟାକୁ ସର୍ବଦା ଏକ ଅବନମନ ବୋଲି କୁହାଯାଇ ପାରିବ । ସ୍ୱୟଂ ଅନୁଭୂତିଟି ବସ୍ତୁତଃ ଏକ ଅନେକ ଉଚ୍ଚତର ଭୂମିରେ ଅବସ୍ଥିତ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

## ୨୪ ଅକ୍ଟୋବର ୧୯୫୭

ମୋ ପାଖରେ ଆଜି ଏପରି କିଛି ରହିଛି, ଯାହାର ଆଲୋଚନା ଆମକୁ ହୁଏତ ଖୁବ୍ ବେଶୀ ଦୂରକୁ ନେଇ ପାରିବ ନାହିଁ ସତ, ମାତ୍ର ତଥାପି ତଦ୍ୱାରା ବେଶ୍ ଏକ ପରିବର୍ତ୍ତନ ହେଲା ପରି ଲାଗିବ । ଗତ ବେଶ୍ କେତେଦିନ ହେଲା ଆମେ ସର୍ବଦା ଅଗ୍ରଗତି କରିବା ବିଷୟରେହିଁ ଆଲୋଚନା କରି ଆସିଛୁ । ଏହି ଅଗ୍ରଗତି କିପରି କରିବାକୁ ହେବ, ଏହି ଅଗ୍ରଗତିପଥରେ କ'ଣସବୁ ପ୍ରତିବନ୍ଧକ ଓ ବାଧା ରହିଛି, ଏଥିଲାଗି ଆମେ ଅତିମାନସ ଶକ୍ତିର କିପରି ସହାୟତା ଲାଭ କରିପାରିବା, ଇତ୍ୟାଦି ଇତ୍ୟାଦି ବିଷୟରେ ଆମେ ଆଲୋଚନା କରି ଆସିଛୁ । ଏହି ଆଲୋଚନା ଏବେ ମଧ୍ୟ ଚାଲିଛି, ଏବେ ମଧ୍ୟ ମୋ ପାଖରେ ଗୋଟିଏ କାଗଜ ରହିଛି । ମାତ୍ର ଆଜି ଗୋଟାଏ ଥର ପାଇଁ ଆମେ ହୁଏତ ଆଲୋଚନାର ବିଷୟଟିକୁ ବଦଳାଇ ଦେଇ ପାରିବା ।

ଜଣେ ମୋତେ ମୃତ୍ୟୁ ବିଷୟରେ ପ୍ରଶ୍ନଟିଏ ପଚାରିଛନ୍ତି : ମୃତ୍ୟୁ ପରେ ପ୍ରକୃତରେ କ'ଣସବୁ ଘଟେ ଏବଂ ଜଣେ ବ୍ୟକ୍ତି ଏକ ନୂତନ ଶରୀର ଗ୍ରହଣ କରେ କିପରି ?

ଏକଥା କହିବା ନିଷ୍ପ୍ରୟୋଜନ ଯେ ଏହି ବିଷୟରେ ଏକାଧିକ କେତେଖଣ୍ଡ ବହି ପୂର୍ଣ୍ଣ କରି ଦିଆଯାଇ ପାରିବ, କାରଣ କୌଣସି ଦୁଇଜଣଙ୍କ କ୍ଷେତ୍ରରେ ମଧ୍ୟ ଅବିକଳ ସେହି ଗୋଟିଏ କଥା ଆଦୌ ଘଟେ ନାହିଁ । ଆମେ ଏହି ପୃଥିବୀରେ ଶରୀର ଧାରଣ କରି ରହିଥିବା ସମୟରେ ଆମ ପ୍ରତ୍ୟେକଙ୍କ ଜୀବନରେ ଯେପରି ସବୁକିଛି ସମ୍ଭବ ହୋଇପାରେ, ଠିକ୍ ସେହିପରି ମୃତ୍ୟୁ ପରେ ଜୀବନର କ୍ଷେତ୍ରରେ ମଧ୍ୟ ସବୁକିଛି ବେଶ୍ ସମ୍ଭବ ହୋଇପାରେ । ଏବଂ, ଏ ବିଷୟରେ ବ୍ୟକ୍ତ କରାଯାଉଥିବା ପ୍ରତ୍ୟେକ ବିବୃତିକୁ ଏକ ସାଧାରଣ ନିୟମରେ ପରିଣତ କରିବାକୁ ଚେଷ୍ଟା କଲେ ତାହା ଏକ ସିଦ୍ଧାନ୍ତଗତ ସୂତ୍ରପ୍ରଧାନତାରେହିଁ ପରିଣତ ହୋଇଯାଏ । ମାତ୍ର ଆମେ ତଥାପି ହୁଏତ କିଞ୍ଚିତ୍ ବିସ୍ତୃତ ଭାବରେ ଏହି ସମସ୍ୟାଟିକୁ ଅବଲୋକନ କରି ପାରିବା ଏବଂ ତଦ୍ୱାରା ବେଳେବେଳେ ଆମକୁ ବେଶ୍ ଆଗ୍ରହୋଦ୍ଦୀପକ କେତେକେତେ ସତ୍ୟର ସନ୍ଧାନ ମଧ୍ୟ ମିଳିଯାଇ ପାରିବ ।

ପ୍ରଶ୍ନଟି ହେଉଛି :

> "ଯେତେବେଳେ ବିଶେଷ ଭାବରେ ବିକାଶଲାଭ କରିଥିବା ଗୋଟିଏ ଆତ୍ମା ଶରୀର ଛାଡ଼ି ବାହାରିଯାଏ, ସେତେବେଳେ ତାହା କ'ଣ ସୂକ୍ଷ୍ମ ଭୌତିକ କୋଷଟିକୁ ମଧ୍ୟ ଆପଣା ସହିତ ବହନ କରି ନେଇଯାଏ ? ଯେତେବେଳେ ତାହା ପୁନର୍ବାର ଶରୀର ଧାରଣ

'oaob.nitrkl.ac.in' images reprocessed

କରେ, ତେବେ ସେତେବେଳେ ତାହା ସେଇଟିକୁ ଆଣି ନୂତନ ଶରୀରଟି ମଧ୍ୟରେ କିପରି ପ୍ରବିଷ୍ଟ କରାଏ ?”

ଏତକ ପ୍ରଶ୍ନର ଉତ୍ତର ଦେବାକୁ ହେଲେ ବି, ମୁଁ ତୁମ୍ଭମାନଙ୍କୁ ଯେପରି କହୁଥିଲି, ହୁଏତ କେତେଖଣ୍ଡ ବହି ଲେଖିବା ଅଥବା ଲଗାଏତ କେତେଘଣ୍ଟା ଧରି କହିବା ଦରକାର ପଡ଼ିବ । କାରଣ, ସତ କଥା କହିବାକୁ ଗଲେ, କୌଣସି ଦୁଇଜଣ ବ୍ୟକ୍ତିଙ୍କ କ୍ଷେତ୍ରରେ ମଧ୍ୟ ସେହି ଗୋଟିଏ କଥା ଆଦୌ ଘଟେ ନାହିଁ;—ହଁ, ଗୋଟିକ ସହିତ ଆଉଗୋଟିକର ଅନେକ ସାଦୃଶ୍ୟ ରହିଥାଏ, ତେଣୁ କିଛିଟା ପରିମାଣରେ ଶ୍ରେଣୀବିଭାଗମାନ ବି କରାଯାଇ ପାରେ, ମାତ୍ର ତଥାପି ସେଗୁଡ଼ିକୁ କେବଳ ଯାଦୃଚ୍ଛିକ ବୋଲିହିଁ କହିବାକୁ ହେବ । ମୁଁ ତୁମ ଆଗରେ ଏହି ଅଂଶଟି ପଢ଼ି ଶୁଣାଇ ଦେବାକୁହିଁ ଚାହୁଁଥିଲି, କାରଣ ଏହା ଭାରି ଆମୋଦଦାୟକ···ନାଇଁ, ନାଇଁ, ମୁଁ ପ୍ରକୃତରେ କଥାଟିକୁ ଆଦୌ ହାଲୁକା କରିଦେବାକୁ ଇଚ୍ଛା କରୁ ନାହିଁ । ଆମେ କହିବା ଯେ ଏହା ବେଶ୍ ଏକ କୌତୂହଳପ୍ରଦ କଥା :

“ଏକ ପ୍ରାଚୀନ ଭାରତୀୟ ପରମ୍ପରାର ସନ୍ଦର୍ଭରେ ଏହି ପ୍ରଶ୍ନଗୁଡ଼ିକ ପଚରା ଯାଇଛି, ଛାନ୍ଦୋଗ୍ୟ ଏବଂ ବୃହଦାରଣ୍ୟକ ଉପନିଷଦ୍‌ରେ ଉଲ୍ଲେଖ କରାଯାଇଥିବା ରାଜର୍ଷି ପ୍ରବାହନଙ୍କର ଗୂଢ଼ବିଦ୍ୟାର ସନ୍ଦର୍ଭରେ ଏହି ପ୍ରଶ୍ନଗୁଡ଼ିକ ପଚରାଯାଇଛି :

“ଉକ୍ତ ଅଛି ଯେ ମୃତ୍ୟୁ ପରେ, ଯେଉଁ ବ୍ୟକ୍ତି ଉତ୍ତମ କାର୍ଯ୍ୟମାନ କରିଛି ତାହାର ଆତ୍ମା ପିତୃଯାନର ଅନୁସରଣ କରେ, ତାହା ଧୂମାକାର ହୁଏ, ରାତ୍ରିର ରୂପ ଧାରଣ କରେ ଓ ସେହିପରି ଆଉକେତେ ଉପାୟରେ ତାହା ପିତୃପୁରୁଷମାନଙ୍କର ଲୋକରେ ଯାଇ ପହଞ୍ଚେ ଏବଂ ଶେଷରେ ଚନ୍ଦ୍ରଲୋକରେ ଆସ୍ଥାନ ଲାଭ କରେ । ଏଥିରୁ ବ୍ରହ୍ମସୂତ୍ରରେ ଏହି ସିଦ୍ଧାନ୍ତଟି କରାଯାଇଛି ଯେ ଆତ୍ମା ଆପଣା ସହିତ ଯାବତୀୟ ଉପାଦାନକୁ ସାଙ୍ଗରେ ଧରି ଯାଇଥାଏ, ଏପରି କି ସୂକ୍ଷ୍ମଭୌତିକ ସତ୍ତାଟିକୁ ମଧ୍ୟ ସାଙ୍ଗରେ ଧରି ଯାଇଥାଏ; ପରବର୍ତ୍ତୀ ଶରୀରଗ୍ରହଣ ବେଳେ ତା’ର ଯାହାକିଛି ଦରକାର, ସେହି ସବୁକିଛିକୁ ତାହା ସାଙ୍ଗରେ ଧରି ଯାଇଥାଏ ।”

ତା’ପରେ ଗୋଟିଏ ପ୍ରଶ୍ନ :

“ଏହି କଥାଟି ସତ କି ? ତେବେ ସୂକ୍ଷ୍ମଭୌତିକକୁ ଆମେ ଯଥେଷ୍ଟ ପରିମାଣରେ ସଚେତନ ବୋଲି କହି ପାରିବା କି ?”

'oaob.nitrkl.ac.in' images reprocessed

ଆମେ ବର୍ତ୍ତମାନ ପାଇଁ ପ୍ରଶ୍ନଗୁଡ଼ିକର କୌଣସି ଆଲୋଚନା କରିବା ନାହିଁ । ମୁଁ ଆଗକୁ ପଢ଼ୁଛି :

"ତା'ପରେ ଉପନିଷଦ୍‌ରେ କୁହାଯାଇଛି : ଆପଣା ସତ୍‌କର୍ମର ଉପାର୍ଜନକୁ ନିଃଶେଷିତ କରିସାରି ଆତ୍ମା ଚନ୍ଦ୍ରଲୋକ ତ୍ୟାଗ କରେ ଏବଂ ଆକାଶରେ ଯାଇ ପ୍ରବିଷ୍ଟ ହୁଏ; ତା'ପରେ ବାୟୁ-ଲୋକକୁ ଯାଏ, ତା'ପରେ ଜୀମୂତଲୋକରେ ପ୍ରବେଶ କରେ, ସ୍ୱୟଂ ଏହିସବୁ ବସ୍ତୁର ପ୍ରକୃତିକୁ ଗ୍ରହଣ କରୁଥାଏ; ପୃଥିବୀ ଉପରେ ବୃଷ୍ଟିଜଳରୂପେ ପ୍ରପତିତ ହୁଏ, ବୀଜଗୁଡ଼ିକ ମଧ୍ୟରେ ଅବସ୍ଥାନ କରେ, ଅନ୍ନରୂପରେ ପିତାର ଶରୀର ମଧ୍ୟରେ ପ୍ରବେଶ କରେ ଏବଂ ଶେଷରେ ଶିଶୁର ଶରୀରଟିକୁ ଗଠନ କରିଥାଏ ।"

ଏହିଟା ଏକ ଭାରି ଜଟିଳ ପ୍ରକ୍ରିୟା, ନୁହେଁ କି ? (ସମସ୍ତେ ହସିଉଠିଲେ) ମାତ୍ର ଏଇଟା ମୋତେ ପ୍ରକୃତରେ ଭାରି ଆମୋଦଦାୟକ ଲାଗିଲା । ଏବଂ ବର୍ତ୍ତମାନ ପ୍ରଶ୍ନଟି ହେଉଛି (ମାଆ ହସି ହସି କହିଲେ) :

"ଏହି ଅନିଶ୍ଚିତ ଏବଂ ବିପଦସଙ୍କୁଳ ପ୍ରକ୍ରିୟାର ମଧ୍ୟଦେଇ ଗତି କରିବା କ'ଣ ପ୍ରକୃତରେ ଦରକାର ? ତା'ର ମୃତ୍ୟୁ ପାଖରେ ଯେଉଁ ସବୁ ମନୋଗତ, ପ୍ରାଣିକ ଏବଂ ସୂକ୍ଷ୍ମଭୌତିକ ଉପାଦାନ ସଂଗଠିତ ହୋଇ ରହିଥାଏ ଏବଂ ପରବର୍ତ୍ତୀ ଜୀବନଟି ସକାଶେ ଯେଉଁଗୁଡ଼ିକର ପ୍ରୟୋଜନ ରହିଥାଏ, ଆତ୍ମା କ'ଣ ସେଗୁଡ଼ିକ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ଶରୀର ମଧ୍ୟରେ ଜୀବନସଞ୍ଚାର କରି ପାରେ ନାହିଁ ? ସୂକ୍ଷ୍ମଭୌତିକ ଜଗତର ଉପାଦାନଗୁଡ଼ିକୁ କ'ଣ ତାହା ପ୍ରକୃତରେ ସାଙ୍ଗରେ ନେଇଯାଏ ? ଯଦି ସେହିପରି ହେଉଥାଏ, ତେବେ ବଂଶାନୁକ୍ରମିକ ଲକ୍ଷଣଗୁଡ଼ିକ ସହିତ ସେଗୁଡ଼ିକର ଏକ ସଙ୍ଗତି ରହିଥାଏ କି ? ସର୍ବୋପରି, ତା' ଲାଗି ପିତାର ଶରୀର ମଧ୍ୟଦେଇ ଯିବା ଏକାନ୍ତ ଅନିବାର୍ଯ୍ୟ ହୋଇଥାଏ କି ?"

ସରଳ !

ଏ ବିଷୟରେ ମୁଁ କେବଳ ଏତିକି କହି ପାରିବି ଯେ ବେଳେବେଳେ ଏପରି ବି ଘଟିଥାଏ । ବେଶ୍ ସମ୍ଭବତଃ,—ଅନ୍ତତଃ ମୁଁ ସେହିପରି ଆଶା କରୁଛି,—ଯେଉଁ

'oaob.nitrkl.ac.in' images reprocessed

ବ୍ୟକ୍ତି ଏହି ବର୍ଣ୍ଣନାଟି ଦେଇଛନ୍ତି, ସିଏ ହୁଏତ ସେହିପରି ଗୋଟିଏ ବ୍ୟାପାରର ଅବ-ଲୋକନ କରିଛନ୍ତି; ମୁଁ ଭାବୁଛି ଯେ ସିଏ କେବଳ ତାଙ୍କର ଗୂଢ଼ବିଦ୍ୟା ସମ୍ବନ୍ଧୀୟ ନାନା କଳ୍ପନାରୁ ମନେ ମନେ ଗୁଡ଼ାଏ ରଚନା କରି ପକାଇ ନାହାନ୍ତି । ଏଥିରୁ କେତେକ ବ୍ୟାବହାରିକ ସମସ୍ୟାର ବି ବେଶ୍ ଉଦ୍ଭବ ଆପନ ହେଉଛି ! ମାତ୍ର ତଥାପି କୌଣସି କଥାକୁ ଅସମ୍ଭବ ବୋଲି କଦାପି କହି ହେବ ନାହିଁ । କେବଳ ଏତିକି କଥା ଯେ ଆତ୍ମା ବର୍ଷା ଭିତରେ ପ୍ରବେଶ କଲା ବୋଲି କଳ୍ପନା କରିବାକୁ ଟିକିଏ କଷ୍ଟକର ଲାଗୁଛି; ପୁଣି ତାହା ବୀଜ ଭିତରେ ଯାଇ ପ୍ରବେଶ ବି କରୁଛି, ବୀଜରେ ଅଙ୍କୁରୋଦ୍‌ଗମ କରାଉଛି, ଏବଂ ତା' ପରେ ଖାଦ୍ୟରୂପେ ପିତାର ପାକସ୍ଥଳୀ ଭିତରେ ପଶି,—ସେହି ଖାଦ୍ୟ ପୁଣି ଅଳ୍ପବହୁତ ରନ୍ଧା ବି ହୋଇଥିବ !,—ଶେଷରେ ଶିଶୁର ଗର୍ଭାଧାନର କାରଣ ହେଉଛି । ଏଗୁଡ଼ାକୁ ମୁଁ ଆଦୌ ଅସମ୍ଭବ ବୋଲି କହୁ ନାହିଁ, ମାତ୍ର ଏଇଟା ଭାରି, ଭାରି, ଭାରି ଜଟିଳ ହୋଇ ରହିଛି !

ମୁଁ ହୁଏତ ଏକଥା ମଧ୍ୟ କହି ପାରିବି ଯେ ଜନ୍ମ ନେବା ଲାଗି ପ୍ରସ୍ତୁତ ହେଉଥିବା ଅଥବା ଜନ୍ମଗ୍ରହଣ କରି ସାରିଥିବା ସତ୍ତ୍ୱମାନଙ୍କର ବିକଶିତ ଆତ୍ମାଗୁଡ଼ିକର ଶରୀର ଧାରଣ କରୁଥିବା ସମୟରେ ଅଗଣିତ କ୍ଷେତ୍ରରେ ମୁଁ ଉପସ୍ଥିତ ରହିଛି । ମୁଁ ଆଗରୁ ଯେପରି କହୁଥିଲି, ପ୍ରତ୍ୟେକ କ୍ଷେତ୍ରର ପ୍ରତ୍ୟେକ କ୍ଷେତ୍ରଠାରୁ ଅନେକ ପାର୍ଥକ୍ୟ ରହିଛି; ସବୁକ୍ଷେତ୍ରରେ ଏହିସବୁ ପାର୍ଥକ୍ୟ ଭୌତିକ ପରିବେଶଟି ଅପେକ୍ଷା ମନୋଭୂମିଗତ ପରି-ବେଶ ଉପରେହିଁ ଅଧିକତର ପରିମାଣରେ ନିର୍ଭର କରିଛି, ମାତ୍ର ଭୌତିକ ପରିବେଶ-ଗୁଡ଼ିକ ଉପରେ ମଧ୍ୟ ଅବଶ୍ୟ କେତେକାଂଶରେ ନିର୍ଭର କରିଛି । ଦେହଧାରଣ କରିବାକୁ ଇଚ୍ଛା କରୁଥିବା ଆତ୍ମାର ବିକାଶସ୍ଥିତି ଉପରେ ମଧ୍ୟ ତାହା ନିର୍ଭର କରିଛି,—ଆମେ ଏଠାରେ "ଆତ୍ମା" ଶବ୍ଦଟିକୁ ଚୈତ୍ୟ ସତ୍ତ୍ୱାର ଅର୍ଥରେ, ଯାହାକୁ ଆମେ ଚୈତ୍ୟ ସତ୍ତ୍ୱା ବୋଲି କହିଥାଉ, ସେହି ଅର୍ଥରେ ଗ୍ରହଣ କରିବୁ,—ତାହା ସେହି ଆତ୍ମାର ବିକାଶସ୍ଥିତି ଉପରେ ନିର୍ଭର କରୁଥାଏ, ଯେଉଁ ଜନପରିବେଶରେ ତାହା ଦେହଧାରଣ କରିବାକୁ ଯାଉଛି, ତା' ଉପରେ ମଧ୍ୟ ନିର୍ଭର କରେ; ଯେଉଁ ଅଭିପ୍ରାୟଟିକୁ ତାହା ପୂରଣ କରିବାକୁ ଯାଉଛି, ତା' ଉପରେ ବି ନିର୍ଭର କରୁଥାଏ । ଏଥିରୁ ଅନେକ ଅନେକ ପାର୍ଥକ୍ୟର ସୃଷ୍ଟି ହୁଏ···ବାପ ମାଆଙ୍କର ଚେତନା ଯେଉଁ ସ୍ଥିତିରେ ଥାଏ, ଏକଥାଟି ତା' ଉପରେ ମଧ୍ୟ ଅନେକ ପରିମାଣରେ ନିର୍ଭର କରିଥାଏ । କାରଣ ଏହା ସର୍ବବାଦି-ସମ୍ମତ ଯେ ସ୍ୱେଚ୍ଛାପ୍ରବୃତ୍ତ ହୋଇ, ଏକ ସଚେତନ ଅଭୀପ୍ସା ସହିତ, ଅଦୃଶ୍ୟ ଜଗତକୁ ଏକ ଆବାହନ ଜଣାଇ ଏବଂ ଏକ ଆଧ୍ୟାତ୍ମିକ ଉତ୍ସୁକତା ସହିତ ଗୋଟିଏ ଶିଶୁକୁ ଗର୍ଭରେ ଧାରଣ କରିବା ଏବଂ କୌଣସି ପ୍ରକାର ଇଚ୍ଛା ନଥାଇ ସମ୍ପୂର୍ଣ୍ଣ ଆକସ୍ମିକ ଭାବରେ, ଏପରିକି କୌଣସି ସନ୍ତାନ ନହେଉ ବୋଲି ଇଚ୍ଛା କରୁଥିବା ବେଳେ ଗୋଟିଏ ଶିଶୁକୁ ଧାରଣ କରିବା ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ରହିଛି । ଏହି ଦ୍ୱିତୀୟ କ୍ଷେତ୍ରଟିରେ

'oaob.nitrkl.ac.in' images reprocessed

କୌଣସି ଅବତରଣ ସମ୍ଭବ ନୁହେଁ ବୋଲି ମୁଁ ମୋଟେ କହୁ ନାହିଁ, ମାତ୍ର ଏହି କ୍ଷେତ୍ରରେ ସେହି ଅବତରଣ ଗର୍ଭାଧାନ ସମୟରେ ଘଟେ ନାହିଁ, ପରେ ଘଟେ ।

ଶିଶୁଟିର ଜାତ ହେବାରେ ଏହା ଦ୍ୱାରା ଅନେକ ପାର୍ଥକ୍ୟ ସଂଘଟିତ ହୋଇଥାଏ ।

ଯଦି ଗର୍ଭାଧାନ ସମୟରେହିଁ ଅବତରଣଟି ଘଟେ, ତେବେ ଜନ୍ମ ହେବାକୁ ଯାଉଥିବା ଶିଶୁଟିର ସମସ୍ତ ଗଠନ ଅବତରଣକାରୀ ଚେତନାଟି ଦ୍ୱାରାହିଁ ପରିଚାଳିତ ଏବଂ ନିୟନ୍ତ୍ରିତ ହୋଇଥାଏ । ଉପାଦାନଗୁଡ଼ିକର ନିର୍ବାଚନ, ଗଠନତତ୍ତ୍ୱଟିର ଆକର୍ଷଣ-ଶକ୍ତିଗୁଡ଼ିକର ନିର୍ବାଚନ ଏବଂ ଏପରିକି ସ୍ୱାଙ୍ଗୀକୃତ ହେବାକୁ ଯାଉଥିବା ସାମଗ୍ରୀର ତତ୍ତ୍ୱଟି ମଧ୍ୟ ସେହି ଚେତନାଟି ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଆଗରୁ ମଧ୍ୟ ଏକ ନିର୍ବାଚନ ହୋଇ ପାରିଥାଏ । ଏବଂ ସେଥିରୁ ଶରୀରର ଗଠନ ପାଇଁ ସ୍ୱଭାବତଃ ଏପରି ସମ୍ପୂର୍ଣ୍ଣ ଭାବରେ ସ୍ୱତନ୍ତ୍ର ଅବସ୍ଥାମାନ ସୃଷ୍ଟ ହୋଇଥାଏ, ଯାହାକି ହୁଏତ ଆଗରୁ ବେଶ୍ ବିକଶିତ ହୋଇ ପାରିଥାଏ, ଜନ୍ମର ପୂର୍ବରୁହିଁ ବିବର୍ତ୍ତିତ ହୋଇ ଆସିଥାଏ ଏବଂ ଏକ ସମତାବସ୍ଥାର ସ୍ଥାପନ କରି ପାରିଥାଏ । ମୋତେ କହିବାକୁ ପଡ଼ିବ ଯେ କେବଳ କେତେକ ସ୍ୱତନ୍ତ୍ର କ୍ଷେତ୍ରରେ ସେପରି ହୁଏ, ମାତ୍ର ତଥାପି ହୁଏ ।

ଅଧିକତର ସମୟରେ ଏପରି ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳେ, ଯେଉଁ-ଥିରେକି, ଠିକ୍ ତାହାର ଜନ୍ମଗ୍ରହଣ କରିବାର ମୁହୂର୍ତ୍ତଟିରେ ଅର୍ଥାତ୍ ତାହା ଏକ ସ୍ୱତନ୍ତ୍ର ସତ୍ତାରେ ପରିଣତ ହେଉଛି ବୋଲି ପ୍ରଥମ ସଙ୍କେତମାନ ମିଳିବାକୁ ଆରମ୍ଭ କରୁଥିବା ସମୟରେ, ଯେତେବେଳେ କି ଆପଣାର ଯଥାସାଧ୍ୟ କାନ୍ଦିବା ଦ୍ୱାରା ଶିଶୁଟି ନିଜର ଫୁସ୍‌ଫୁସ୍‌ଗୁଡ଼ିକର ବିକାଶ ସାଧନ କରିବା ପାଇଁ ଚେଷ୍ଟା କରୁଥାଏ, ସେତିକିବେଳେ ଅଧିକାଂଶ ସମୟରେ ଜୀବନ ତରଫରୁ ଏହିପରି ଗୋଟିଏ ଆବାହନ ଅବତରଣକୁ ଅପେକ୍ଷାକୃତ ଅଧିକ ସହଜ କରିଦେଇଥାଏ, ଅଧିକ ଫଳପ୍ରଦ ବି କରାଏ ।

ବେଳେବେଳେ ଲାଗିଏତ କେତେ ଦିନ ଏବଂ ଆଉ କେତେ ସମୟରେ କେତେ ମାସ ବି ଅତିବାହିତ ହୋଇଯାଏ, ଏବଂ ପ୍ରସ୍ତୁତିଟି ଭାରି ମନ୍ଥର ଭାବରେ ହେଉଥାଏ, ଶରୀର ପ୍ରବେଶଟି ଅତ୍ୟନ୍ତ ମନ୍ଥର ଭାବରେ ହୁଏ, ପ୍ରାୟ ଏକ ସୂକ୍ଷ୍ମ ଏବଂ ଅଦୃଶ୍ୟ ଭାବରେହିଁ ହେଉଥାଏ ।

ବେଳେବେଳେ ଏହା ଅନେକ ପରେ ହୁଏ; ସ୍ୱୟଂ ଶିଶୁଟି କିଛିତ୍ ପରିମାଣରେ ସଚେତନ ହୋଇସିବା ପରେ ଏବଂ ଊର୍ଦ୍ଧ୍ୱରୁ, ଅନେକ ଊର୍ଦ୍ଧ୍ୱରୁ, ଏକ ଅତ୍ୟନ୍ତ ସୂକ୍ଷ୍ମ ମାତ୍ର ତଥାପି ଅତ୍ୟନ୍ତ ବାସ୍ତବ ସମ୍ବନ୍ଧଟିଏ ରହିଥିବାର ଅନୁଭବ କରୁଥିବା ସମୟରେ ଏହା ହୋଇଥାଏ; ସେହି ପ୍ରଭାବଟି ସତେଅବା ଉପରୁ ଆସି ଚାପ ଦେବାରେ ଲାଗିଥାଏ, ଏବଂ ଏହି ଅଜ୍ଞାତ ଓ ଅବୋଧ ବସ୍ତୁଟି ସହିତ ସମ୍ବନ୍ଧଯୁକ୍ତ ହୋଇ ରହିବାର ପ୍ରୟୋଜନଟିକୁ ତାହା ଅନୁଭବ କରିବାକୁ ଆରମ୍ଭ କରେ, କେବଳ ଅନୁଭବହିଁ

'oaob.nitrkl.ac.in' images reprocessed

କରିଥାଏ; ତାହାର ସେହି ଅଭୀପ୍ସା ଚୈତ୍ୟ ସତ୍ତାକୁ ଆକର୍ଷିତ କରିଆଣେ ଏବଂ ଶିଶୁଟି ମଧ୍ୟକୁ ତାହାର ଅବତରଣ ଘଟାଏ ।

ଏଠାରେ ମୁଁ ତୁମମାନଙ୍କୁ ବେଶ୍ ସାଧାରଣ କେତୋଟି ଉଦାହରଣ ଦେବି; ଏହି ଉଦାହରଣଗୁଡ଼ିକ ଅନେକ ଅନେକ ସଂଖ୍ୟାରେ ରହିଛି ଏବଂ ଅଗଣିତ ନାନା ଭାବରେ ଏଗୁଡ଼ିକ ସଂଘଟିତ ବି ହୋଇପାରେ । କେବଳ ଯେଉଁଗୁଡ଼ିକୁ ମୁଁ ଅଧିକାଂଶ ସମୟରେ ଦେଖିଛି, ସେହିଗୁଡ଼ିକୁହିଁ ବର୍ଣ୍ଣନା କରି କହିଛି ।

ତେଣୁ ଅବତରଣ କରିବାକୁ ଇଚ୍ଛା କରୁଥିବା ଆତ୍ମାଟି ବେଳେବେଳେ ଉଚ୍ଚତର ମନର ରାଜ୍ୟରେ ଆସି ଅବସ୍ଥାନ କରୁଥାଏ, ପୃଥିବୀର ବେଶ୍ ନିକଟବର୍ତ୍ତୀ ହୋଇ ରହିଥାଏ ଏବଂ ସେତେବେଳକୁ ତାହା ଆପଣାର ପରବର୍ତ୍ତୀ ସଦନଟିକୁ ବାଛିନେଇ ସାରିଥାଏ । ଅଥବା, ତା' ନହେଲେ, ତାହା ଆହୁରି ଅଧିକ ଓହ୍ଲାଇ ଆସିପାରେ, ପ୍ରାଣିକ ରାଜ୍ୟରେ ପ୍ରବେଶ କରିପାରେ ଏବଂ ସେଠାରୁ ଅଧିକ ପ୍ରତ୍ୟକ୍ଷ ଭାବରେ ଆପଣାକୁ କାର୍ଯ୍ୟକାରୀ କରିପାରେ । ବା, ଅନ୍ୟପ୍ରକାରେ, ତାହା ସୂକ୍ଷ୍ମଭୌତିକ ମଧ୍ୟରେ ବି ଆସି ପ୍ରବେଶ କରିପାରେ ଏବଂ ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହି ଆପଣାର ଭବିଷ୍ୟତ ଶରୀରଟିର ବିକାଶକୁ ନିୟନ୍ତ୍ରିତ କରିପାରେ ।

ବର୍ତ୍ତମାନ ଅନ୍ୟ ପ୍ରଶ୍ନଟି, ପ୍ରସ୍ଥାନ ବିଷୟରେ ପଚରା ଯାଇଥିବା ପ୍ରଶ୍ନଟି ।

ସେଇଟି ମଧ୍ୟ ବିକାଶର ଅଗ୍ରଗତି ଉପରେ ନିର୍ଭର କରୁଥାଏ, ଯେଉଁ ଅବସ୍ଥାରେ ମୃତ୍ୟୁ ଘଟିଲା, ତାହା ଉପରେ ନିର୍ଭର କରେ । ତାହା ସର୍ବୋପରି ଶରୀରକୁ ଛାଡ଼ି ଯାଉଥିବା ବେଳେ ସତ୍ତା କେତେଦୂର ଏକତ୍ରୀଭୂତ ହୋଇ ରହିଥାଏ ଏବଂ ତାହାର ମନୋବୃତ୍ତି କିପରି ଥାଏ, ତାହାରି ଉପରେ ନିର୍ଭର କରେ । ଏଠାରେ ପୂର୍ଣ୍ଣବିକଶିତ ସତ୍ତାମାନଙ୍କ ବିଷୟରେହିଁ ପ୍ରଶ୍ନ କରା ଯାଇଥିଲା, ଅର୍ଥାତ୍ ପୂର୍ଣ୍ଣବିକଶିତ ଚୈତ୍ୟ ସତ୍ତାମାନଙ୍କ ବିଷୟରେ ପ୍ରଶ୍ନ କରା ଯାଇଥିଲା । ପୂର୍ଣ୍ଣବିକଶିତ ଚୈତ୍ୟସତ୍ତା କହିଲେ ଏକ ଭୌତିକ ଦେହ ମଧ୍ୟରେ ଅବସ୍ଥାନ କରୁଥିବାର ସୁଯୋଗକୁ ଯୋଗସାଧନା ଲାଗି ଲଗାଇଥିବା ଏକ ଚୈତ୍ୟସତ୍ତାକୁ ପ୍ରକୃତରେ ବୁଝାଉଛି କି ନାହିଁ, ମୁଁ ସେକଥା କହି ପାରୁ ନାହିଁ; କାରଣ ସେତେବେଳେ ପରିବେଶଗୁଡ଼ିକ ବେଶ୍ ଭିନ୍ନ ପ୍ରକାରରହିଁ ହୋଇଥାଏ । ମାତ୍ର ଅଧିକତର ପରିମାଣରେ ଏକ ସାଧାରଣ ଭାବରେ, ମୁଁ ତୁମ୍ଭମାନଙ୍କୁ ଆଗରୁ ମଧ୍ୟ ଅନେକ ଥର କହିଛି ଯେ, ସତ୍ତାର ବହିର୍ବିବରଣଟି ବିଷୟରେ କହିବାକୁ ଗଲେ, ମୃତ୍ୟୁ କାଳରେ ତାହାର ମନୋବୃତ୍ତିଟି ଉପରେହିଁ ସବୁ କଥା ନିର୍ଭର କରୁଥାଏ ଏବଂ ସେହି ମନୋବୃତ୍ତିଟି ଅନିବାର୍ଯ୍ୟତଃ ତାହାର ଅନ୍ତର୍ଗତ ବିକାଶ ଏବଂ ଏକତ୍ରୀକରଣ ଉପରେ ନିର୍ଭର କରୁଥାଏ ।

ଯଦି ଆମେ ସର୍ବୋତ୍ତମ ଦୃଷ୍ଟାନ୍ତଟି ନେବା, ଏପରି ଜଣେ ବ୍ୟକ୍ତିର ଉଦାହରଣ ନେବା ଯିଏକି ତା' ଭିତରେ ରହିଥିବା ଦିବ୍ୟ ପରମସାନ୍ନିଧ୍ୟକୁ କେନ୍ଦ୍ର

'oaob.nitrkl.ac.in' images reprocessed

କରି ଆପଣାର ସତ୍ତାଟିକୁ ସମ୍ପୂର୍ଣ୍ଣ ଭାବରେ ଏକତ୍ର ଧରିଆଣି ପାରିଛି, ଯାହାର କି କେବଳ ଗୋଟିଏ ଇଚ୍ଛା ରହିଛି, ଗୋଟିଏ ଚେତନା ରହିଛି, ତେବେ ଏକଥା ସୁନିଶ୍ଚିତ ଯେ ସେହି ବ୍ୟକ୍ତି ଆପଣାର କେନ୍ଦ୍ରସ୍ଥ ଚୈତ୍ୟ ସତ୍ତାର ଚାରିପାଖରେ ଏକ ପୂର୍ଣ୍ଣବିକଶିତ ଏବଂ ସୁସଂଗଠିତ ମନ, ପୂର୍ଣ୍ଣସମର୍ପିତ ଓ ପୂର୍ଣ୍ଣ ଭାବରେ ସହଯୋଗ କରୁଥିବା ଏକ ପ୍ରାଣିକ ସତ୍ତା ଏବଂ ଏକ ବାଧ୍ୟ, ଶାନ୍ତ ଏବଂ ନମନୀୟ ଶରୀରକୁ ଏକାଠି ଠୁଳ କରି ଆଣିଥିବ । ସମ୍ପୂର୍ଣ୍ଣ ଭାବରେ ବିକଶିତ ହୋଇ ପାରିଥିବାରୁ ଦୈହିକ ସତ୍ତାର ଏକ ସୂକ୍ଷ୍ମ ଶରୀର ରହିଥିବ,—ଯାହାକୁ ଶ୍ରୀଅରବିନ୍ଦ "ଯଥାର୍ଥରେ ଭୌତିକ" ବୋଲି କହିଛନ୍ତି,—ଯାହାକି ଅନନ୍ତମାତ୍ରାରେ ଆପଣାର ଦେହର ସୀମାଗୁଡ଼ିକୁ ଅତିକ୍ରମ କରି ଚାଲିଯାଇ ପାରିବ; ସେଥିରେ ଏପରି ଏକ ନମନୀୟତା, ସ୍ଥିତିସ୍ଥାପକତା ଓ ଭାରସାମ୍ୟ ସମ୍ଭବ ହୋଇ ଯାଇଥିବ, ଯାହା ଦ୍ୱାରା କି ତାହା ସତ୍ତାର ଅନ୍ତର୍ଗତ ଭାଗଗୁଡ଼ିକରେ ରହି ପାରିବାକୁ ଓ ଆତ୍ମାର ଗତିସ୍ପନ୍ଦନଗୁଡ଼ିକୁ ଅନୁସରଣ କରିବାକୁ ସମର୍ଥ ହୋଇଯିବ । ନିଜର ଆରୋହଣପଥରେ ତାହା ସେଥି ଅନୁସରଣ କରିବାକୁ ସମର୍ଥ ହେବ ବୋଲି ମୁଁ ମୋଟେ କହିବାକୁ ଇଚ୍ଛା କରୁ ନାହିଁ, ମାତ୍ର ତାହା ଶରୀରର ବାହାରେ ଆପଣାର ପର୍ଯ୍ୟଟନଗୁଡ଼ିକ ଲାଗି ସମର୍ଥ ହେବ ବୋଲି କହିବାକୁ ଇଚ୍ଛା କରୁଛି । ଆତ୍ମା କ'ଣ କରିବ ବା କେଉଁଆଡ଼େ ଯିବ, ଶରୀରକୁ ଛାଡ଼ି ବାହାରକୁ ଗଲାବେଳେ ସିଏ ଯାହା ନିଷ୍ପତ୍ତି ଗ୍ରହଣ କରିଥିବ, ସେକଥା ତାହାରି ଉପରେହିଁ ନିର୍ଭର କରିବ । ଏବଂ, ଆପଣାର ଭୌତିକ ଜୀବନଟିର କ୍ଷେତ୍ରରେ ପୂର୍ଣ୍ଣସଂଗଠିତ ଓ ସମ୍ପୂର୍ଣ୍ଣ ଭାବରେ ଏକତ୍ରୀଭୂତ ସତ୍ତାଟିକୁ ଆପଣାର ଚତୁର୍ଦ୍ଦିଗରେ ରଖିବାରେ ସମର୍ଥ ହୋଇଥିବାରୁ ତାହା ନିଜେ କ'ଣ କିପରି ବାଛିବାକୁ ଯାଉଛି, ତାହା ସେ ପ୍ରକୃତରେ ସମ୍ପାଦନ କରିପାରିବ । ଏବଂ ଏଥିରେ ନାନା ସମ୍ଭାବନାର ଏକ ଅତ୍ୟନ୍ତ ପୃଥକ୍ କ୍ଷେତ୍ରଟିଏ ଅନ୍ତର୍ଭୁକ୍ତ ହୋଇ ରହିଥିବ;—ଅର୍ଥାତ୍ ତାହା ସଚେତନ ଭାବରେ ଗୋଟିଏ ଶରୀରରୁ ଆଉଗୋଟିଏ ଶରୀର ମଧ୍ୟରେ ସିଧା ପ୍ରବେଶ କରି ପାରିବ,—ଏପରି କେତେକ ଦୃଷ୍ଟାନ୍ତ ରହିଛି ଯେଉଁଥିରେ କି ଏହିପରି ଗୋଟିଏ ପୂର୍ଣ୍ଣସଚେତନ ଏବଂ ପୂର୍ଣ୍ଣବିକଶିତ ସତ୍ତା ତାହାକୁ ଗ୍ରହଣ ଏବଂ ସ୍ୱୀକୃତ କରିନେବାକୁ ସମର୍ଥ ଆଉଗୋଟିଏ ସତ୍ତାକୁ ବେଶ୍ ଧୀରେ ଧୀରେ ପ୍ରସ୍ତୁତ କରିଆଣିଛି, ଏବଂ ଗୋଟିଏ ଶରୀରକୁ ଛାଡ଼ିଯିବା ସମୟରେ ଯେପରି ତାହାର ଭୌତିକ କାର୍ଯ୍ୟଟି ବନ୍ଦ ହୋଇ ନଯାଏ, ସେଥିଲାଗି ତାହା ଆଉଗୋଟିଏ ଚୈତ୍ୟସତ୍ତା ସହିତ ଯାଇ ଯୁକ୍ତ ହୋଇଛି, ତାହାରି ସହିତ ଏକତ୍ର ସମ୍ମିଳିତ ହୋଇଯାଇଛି, ଆଉ ଏକ ଭୌତିକ ଶରୀରରେ ତାହାରି ସହିତ ଏକାଠି ଯାଇ ବାସ କରିଛି । ଏହା ହେଉଛି ଏକ ଚରମ ଦୃଷ୍ଟାନ୍ତ, ଏହା ଅତ୍ୟନ୍ତ କ୍ୱଚିତ୍ ହିଁ ଘଟିଥାଏ, ମାତ୍ର ତାହାହିଁ ଏକ ସମ୍ପୂର୍ଣ୍ଣ ପାରମ୍ପରିକ ଗୁହ୍ୟବିଦ୍ୟାଗତ ଜ୍ଞାନର ଅଂଶ ହୋଇ ରହିଛି । ଅନ୍ୟ ଚରମ ପ୍ରାନ୍ତଟିରେ ଏପରି

'oaob.nitrkl.ac.in' images reprocessed

ଆଉଗୋଟିଏ ଦୃଷ୍ଟାନ୍ତ ମଧ୍ୟ ଦିଆଯାଇ ପାରିବ, ଯେଉଁଠାରେ କି ଶରୀରସ୍ଥ ହୋଇ ରହିବାର ଆପଣାର ସକଳ ଅଭିଜ୍ଞତା ଅର୍ଜନ କରି ସାରିବା ପରେ ଆତ୍ମା ଆପଣାର ବିଶ୍ରାମପର୍ଯ୍ୟାୟଟିରେ ତାହାକୁ ସ୍ୱାଙ୍ଗୀକୃତ କରିନେବାକୁ ଇଚ୍ଛା କରିଛି ଏବଂ ପରେ, ଅନେକ ପରେ ଆଉ ଏକ ଭୌତିକ ଜୀବନ ଲାଗି ତାହାକୁ ପ୍ରସ୍ତୁତ କରିଛି । ଏବଂ, ଏହିପରି ଭାବରେ, ଅନେକ ସମ୍ଭାବନା ମଧ୍ୟରେ ଏକଥା ମଧ୍ୟ ଘଟୁଛି : ପ୍ରତ୍ୟେକ ରାଜ୍ୟରେ—ସୂକ୍ଷ୍ମଭୌତିକ, ପ୍ରାଣିକ ଏବଂ ମନୋଗତ ପ୍ରତ୍ୟେକଟିରେ,—ତାହା ତଦନୁରୂପ ସତ୍ତାଗୁଡ଼ିକୁ ଛାଡ଼ିଦେଇ ଯାଉଛି; ସେମାନଙ୍କ ମଧ୍ୟରେ ଗୋଟାଏ ପ୍ରକାର ଛିଅ ଗ୍ରନ୍ଥି ଦେଇ ସେ ସେମାନଙ୍କୁ ଛାଡ଼ିଯାଉଛି, ମାତ୍ର ପ୍ରତ୍ୟେକ ରାଜ୍ୟ ତା'ର ସ୍ୱତନ୍ତ୍ର ଅସ୍ତିତ୍ୱଟିକୁ ଅବଶ୍ୟ ବଜାୟ ରଖିପାରୁଛି, ଏବଂ ସିଏ ସ୍ୱୟଂ ସତ୍ୟର ରାଜ୍ୟଟିକୁ ପ୍ରସ୍ଥାନ କରୁଛି, ଖାସ୍ ଚୈତ୍ୟ ରାଜ୍ୟଟିକୁ ପ୍ରସ୍ଥାନ କରୁଛି ଓ ସ୍ୱାଙ୍ଗୀକୃତ କରିନେବା ଲାଗି ଏକ ଆନନ୍ଦମୟ ବିଶ୍ରାମରାଜ୍ୟରେ ଯାଇ ପ୍ରବେଶ କରୁଛି; ଏହି ଲେଖାଟିରେ ଯେପରି ବର୍ଣ୍ଣନା କରାଯାଇଛି (ମାଆ ହସି କରି କହୁଥାନ୍ତି), ଆପଣାର ସବୁଯାକ ଭଲ କାର୍ଯ୍ୟକୁ ସ୍ୱାଙ୍ଗୀକୃତ କରିନେବା ଯାଏ, ସବୁ ଉତ୍ତମ କାର୍ଯ୍ୟତକ ହଜମ କରିନେବା ଯାଏ ଏବଂ ଏକ ନୂତନ ଜୀବନ ଆରମ୍ଭ କରିବା ଯାଏ ସିଏ ଏକ ଆନନ୍ଦମୟ ରାଜ୍ୟରେ ଯାଇ ପ୍ରବିଷ୍ଟ ହେଉଛି । ଏବଂ ତା'ପରେ, ଯଦି ତାହାର କାର୍ଯ୍ୟଟି ସୁଚାରୁରୂପେ ସମ୍ପନ୍ନ ହୋଇପାରୁଛି ଏବଂ ଯଦି ତା'ର ସଙ୍ଗରେ ରହିଥିବା ବିଭିନ୍ନ ଭାଗ ଅର୍ଥାତ୍ ବିଭିନ୍ନ କୋଷ, ଯେଉଁଗୁଡ଼ିକୁ କି ସେ ସେଗୁଡ଼ିକର ଆପଣା ଆପଣା କ୍ଷେତ୍ରରେ ଛାଡ଼ିଦେଇ ଯାଇଛି, ଯଦି ସେଗୁଡ଼ିକ ଯଥାର୍ଥ ଭାବରେ ଆପଣାର କାର୍ଯ୍ୟ କରି ପାରିଛନ୍ତି, ତେବେ, ସେତେବେଳେ ସେହି ଆତ୍ମା ପୁନରବତରଣ କରୁଛି, ପୂର୍ବବର୍ତ୍ତୀ ଜୀବନକାଳରେ ତା' ସହିତ ଏକାଠି ବଞ୍ଚିଥିବା ଏହି ଯାବତୀୟ ଭାଗକୁ ତାହା ଗୋଟି ଗୋଟି କରି ପୁନର୍ବାର ପରିଧାନ କରିବ ଏବଂ ତଦୁପଲବ୍ଧ ଜ୍ଞାନ ଏବଂ ଅଭିଜ୍ଞତାର ଭଣ୍ଡାରଟିକୁ ସାଙ୍ଗରେ ଧରି ତାହା ଏକ ନୂତନ ଶରୀରରେ ପ୍ରବେଶ କରିବା ଲାଗି ପ୍ରସ୍ତୁତ ହେବ । ···ଏକଥା ହୁଏତ ଅନେକ ଶତ ବା ଅନେକ ହଜାର ବର୍ଷ ପରେ ଘଟିବ, କାରଣ, ସେହିସବୁ ରାଜ୍ୟରେ ଯାହାକିଛି ସଂଗଠିତ ହୋଇ ରହିଥାଏ, ସେସବୁ, ଏଠାରେ ଆମେ ଯାହାକୁ "ମୃତ୍ୟୁ" ବୋଲି କହିଥାଉ, ତାହା ସେହି ବିଯୋଜନଟିର ଆଉ କଦାପି ଅଧୀନ ହୋଇ ରହିବାକୁ ବାଧ୍ୟ ହୁଏ ନାହିଁ । ଏକ ପ୍ରାଣିକ ସତ୍ତା ପୂର୍ଣ୍ଣ ସୌଷମ୍ୟଯୁକ୍ତ ହେବାମାତ୍ରକେ ଅମରତ୍ୱ ଲାଭ କରିଥାଏ । ତାହା ମଧ୍ୟରେ ରହିଥିବା ଯାବତୀୟ ଅସମଞ୍ଜସତା ତଥା ଧ୍ୱଂସ ଓ ବିଯୋଜନ ଲାଗି ରହିଥିବା ଯାବତୀୟ ପ୍ରବୃତ୍ତିହିଁ ତାହାକୁ ବିଘଟିତ କରିଦିଏ ଓ ଖଣ୍ଡ ଖଣ୍ଡ କରି ଭାଙ୍ଗି ପକାଇଥାଏ । ମାତ୍ର ଯଦି ତାହା ସମ୍ପୂର୍ଣ୍ଣରୂପେ ସମଞ୍ଜସତାଯୁକ୍ତ ଏବଂ ସଂଗଠିତ ହୋଇଥାଏ, ଅର୍ଥାତ୍ ଐକ୍ୟତାପ୍ରାପ୍ତ ହୋଇ ପାରିଥାଏ, ତେବେ ତାହା ଅମରତ୍ୱ ଲାଭ କରେ । ମନର

'oaob.nitrkl.ac.in' images reprocessed

ସ୍ତରରେ ମଧ୍ୟ ଠିକ୍ ତାହାହିଁ ଘଟିଥାଏ । ଏବଂ, ଏପରିକି, ସୂକ୍ଷ୍ମଭୌତିକର କ୍ଷେତ୍ରରେ ମଧ୍ୟ ଯେଉଁ ସତ୍ତାମାନେ ପୂର୍ଣ୍ଣବିକଶିତ ହୋଇଥାନ୍ତି ଏବଂ ଆଧ୍ୟାତ୍ମିକ ଶକ୍ତିଗୁଡ଼ିକ ଦ୍ୱାରା ସଚେତନ ହୋଇ ରହିଥାନ୍ତି, ସେଗୁଡ଼ିକ ଯେ ମୃତ୍ୟୁ ପରେ ଅବଶ୍ୟ ନଷ୍ଟ ହୋଇ ଯାଆନ୍ତି, ସେକଥା ଆଦୌ ନୁହେଁ । ପ୍ରକୃତିର କେତେକ ଉପାଦାନ ଭିତରେ ସେଗୁଡ଼ିକ ହୁଏତ ତଥାପି କାର୍ଯ୍ୟ କରିପାରନ୍ତି ବା ଏକ ଲାଭଦାୟକ ବିଶ୍ରାମ ମଧ୍ୟ ଗ୍ରହଣ କରିପାରନ୍ତି । ଏଠାରେ ଜଳକୁ ଏକ ଦୃଷ୍ଟାନ୍ତରୂପେ ଗ୍ରହଣ କରାଯାଇ ପାରେ, —ସାଧାରଣତଃ କୌଣସି ତରଳ ପଦାର୍ଥରେ, ଜଳରେ ଅଥବା କୌଣସି ବୃକ୍ଷର ରସରେ ସେମାନେ ବିଶ୍ରାମ ଗ୍ରହଣ କରିଥାନ୍ତି । ଅଥବା, ଏହି ଲେଖାଟିରେ ଯେପରି ବର୍ଣ୍ଣନା କରାଯାଇଛି (ମାଆ ହସି କରି କହୁଥାନ୍ତି), ସେମାନେ ମେଘ ଭିତରେ ବି ରହି ପାରନ୍ତି । ମାତ୍ର ଜଡ଼ପ୍ରକୃତିର ଅପେକ୍ଷାକୃତ ଅଧିକ ଭୌତିକ ଉପାଦାନଗୁଡ଼ିକର *କ୍ଷେତ୍ରରେ ମଧ୍ୟ ସେଗୁଡ଼ିକ କାର୍ଯ୍ୟ କରିପାରନ୍ତି ଓ ଅବାରିତ ଭାବରେ ସକ୍ରିୟ* ହୋଇ ରହିପାରନ୍ତି ।

ଏଠାରେ ମୁଁ ତୁମମାନଙ୍କୁ ବେଶ୍ କେତୋଟି ଦୃଷ୍ଟାନ୍ତ ଦେଇଛି; ମୁଁ ତ କହୁଛି, ଏ ବିଷୟରେ ମୁଁ ଘଣ୍ଟା ଘଣ୍ଟା ଧରି କେତେ କଥା କହିପାରିବି ଏବଂ କେତେକେତେ ଉଦାହରଣ ବି ଦେଇପାରିବି । ମାତ୍ର ମୁଁ ଯେତିକି କହିଲି, ତାହା ବେଶ୍ ବ୍ୟାପକ ଭାବରେ ବିଷୟଟିର ଚର୍ଚ୍ଚା କରିପାରିଛି ଏବଂ ଆମର କଳ୍ପନା ଲାଗି ଦ୍ୱାରୋନ୍ମୋଚନ କରିଦେଇଛି ।

ବର୍ତ୍ତମାନ ସେତିକି ରହିଲା ।

## ୩୧ ଅକ୍ଟୋବର ୧୯୫୭

ମାଆ, ଆପଣ କହିଥିବା ଗୋଟିଏ ବାକ୍ୟକୁ ଆପଣ ଟିକିଏ ଭଲ କରି ବୁଝାଇ ଦିଅନ୍ତୁ ବୋଲି ଆପଣଙ୍କୁ ପଚାରିବା ଲାଗି ଜଣେ ମୋତେ କହିଛନ୍ତି । ଆପଣ କୌଣସି ଏକ ସ୍ଥାନରେ କହିଛନ୍ତି ଯେ ଦିବ୍ୟ ପରମ ପ୍ରେମର ଭାରଟିକୁ ସହ୍ୟ କରି ପାରିବାକୁ ହେଲେ ପ୍ରଥମେ ସ୍ୱୟଂ ଦିବ୍ୟ ହେବାକୁ ପଡ଼ିବ । ଏହି କଥାଟି ଆପଣଙ୍କର "ଦିନଲିପି"ରେ ରହିଛି ।

'oaob.nitrkl.ac.in' images reprocessed

ଆରେ, ତୁମେ ତ ବେଶ୍ ଖୋଲଖୋଲି ଭାବରେ ତାହାକୁ କହିଦେଇ ପାରୁଛ !

ମାତ୍ର ସିଏ ପ୍ରକୃତରେ କ'ଣ ଜାଣିବାକୁ ଚାହୁଁଛନ୍ତି ?

> ସମଗ୍ର ଧରଣୀରେ ପରମ ପ୍ରେମ ପ୍ଲାବିତ ହୋଇପାରିବା ପୂର୍ବରୁ ମଣିଷକୁ ପ୍ରଥମେ ଦିବ୍ୟ ହେବାକୁ ପଡ଼ିବ କି ?—ସିଏ ଏହି କଥା ପଚାରୁଛନ୍ତି ।

ବାକ୍ୟଟିର ଅର୍ଥ ସେଇଆ ବୋଲି ମୋର ମନେ ହେଉ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ତୁମେ ଏଥିରୁ ଯାହା ବୁଝୁଛ, ସେଇଟି ହେଲା, ମଣିଷ ସ୍ୱୟଂ ଦିବ୍ୟ ନହେବା ପର୍ଯ୍ୟନ୍ତ ପୃଥିବୀରେ ପରମ ପ୍ରେମର ଅଭିବ୍ୟକ୍ତି ଘଟି ପାରିବ ନାହିଁ । ତୁମେ ପ୍ରକୃତରେ ତାହାହିଁ ବୁଝୁଛ କି ?

> ହଁ, ଆମେ ସେହି କଥା ବୁଝୁଛୁ ।

ହଁ, ତୁମେମାନେ ତା'ହେଲେ ସେହିପରି ବୁଝୁଛ !···ମାତ୍ର ଏହାର ଅର୍ଥ ପ୍ରକୃତରେ ଏହିପରି ବୋଲି ମୁଁ ଭାବୁ ନାହିଁ ।

ସର୍ବପ୍ରଥମେ, ଯଦି ଏହି କ୍ଷେତ୍ରରେ କୌଣସି ଐତିହାସିକ ତଥ୍ୟ ରହିଥାଏ, ତେବେ ଆମେ ତାହାରି ଉପରେ ବିଚାର କରିବା । ଏହି ଐତିହାସିକ ଘଟଣାଟି ହେଉଛି ଯେ ବିଚ୍ଛିନ୍ନତା ଶକ୍ତି କାର୍ଯ୍ୟକାରୀ ହେବା ଦ୍ୱାରା ଚେତନା ଅଚେତନତାରେ ପରିଣତ ହେଲା ଏବଂ ବର୍ତ୍ତମାନ ଆମେ ଜଡ଼କୁ ଯେଉଁ ଆକାରରେ ଦେଖୁଛୁ, ତାହାର ସୃଷ୍ଟି ହେଲା । ସେହି ଅଚେତନାର ଭିତ୍ତିଟି ଏତେଦୂର ସମଗ୍ର ହୋଇ ରହିଥିଲା ଯେ ତାହା ଫଳରେ ପରମ ଉତ୍ସ ଏବଂ ସୃଷ୍ଟ ଜଗତ୍ ମଧ୍ୟରେ ଆଉ କୌଣସି ସମ୍ପର୍କ ଆଦୌ ସମ୍ଭବ ବୋଲି ମନେ ହେଲା ନାହିଁ । ଏବଂ ଏହି ସମଗ୍ର ଅଚେତନାକୁ ଏକ ପ୍ରତ୍ୟକ୍ଷ ଅବତରଣର ହିଁ ପ୍ରୟୋଜନ ଆସି ପଡ଼ିଥିଲା, ଏହି ଅବତରଣକୁ ଆଉ ଅନ୍ତର୍ବର୍ତ୍ତୀ କ୍ଷେତ୍ରଗୁଡ଼ିକର ମଧ୍ୟଦେଇ ଆସିବାକୁ ପଡ଼ିଲା ନାହିଁ । ଦିବ୍ୟ ପରମଚେତନା ପରମ ପ୍ରେମର ଆକାର ଗ୍ରହଣ କରି ସିଧା ଅବତରଣ କଲା । ଏବଂ ଏହି ଯେଉଁ ଦିବ୍ୟ ପରମପ୍ରେମ ଏହିପରି ଭାବରେ ଜଡ଼ ମଧ୍ୟକୁ ଅବତରଣ କରିଆସିଛି, ଜଡ଼କୁ ଭେଦ କରି ରହିଛି ଏବଂ ଏହାର ସଂରଚନାରେ ଏକ ଅଧିକା ନୂତନ ଉପାଦାନକୁ ଆଣି ଦେଇଛି, ତାହାହିଁ ଏକ ଆରୋହଣକୁ ମଧ୍ୟ ସମ୍ଭବ କରିଦେଇ ପାରିଛି । ଏହି ଆରୋହଣ ଆମ ଲାଗି ମନ୍ଥର ହୋଇ ରହିଛି, ମାତ୍ର ତଥାପି ଅବ୍ୟାହତ ହୋଇ ରହିଛି; ଏହି ଆରୋହଣ

'oaob.nitrkl.ac.in' images reprocessed

ହେଉଛି ଅଚେତନା ମଧ୍ୟରୁ ଚେତନାକୁ, ଅନ୍ଧକାର ମଧ୍ୟରୁ ଆଲୋକକୁ । ତେଣୁ ଆମେ ଆଦୌ କହି ପାରିବା ନାହିଁ ଯେ, ସୃଷ୍ଟି ଏକ ଦିବ୍ୟ ସୃଷ୍ଟିରେ ପରିଣତ ହେଲେ ଯାଇ ପରମ ପ୍ରେମ ଆପଣାକୁ ପ୍ରକାଶ କରି ପାରିବ; କାରଣ, ଏହାର ଠିକ୍ ଓଲଟା କଥାଟାହିଁ ଘଟୁଛି, ଏହି ସୃଷ୍ଟି ଏକ ପ୍ରକାଶରୂପେ ବିଦ୍ୟମାନ ରହିଛି ବୋଲିହିଁ ଏହା ପୁନର୍ବାର ଦିବ୍ୟତ୍ୱର ଉପଲବ୍ଧି କରିପାରିବ ।

ସେଠାରେ ମୁଁ ଯାହା କହିଥିଲି, ଏଇଟି ସହିତ ତା'ର କୌଣସି ସମ୍ବନ୍ଧ ନାହିଁ ।

ମୁଁ ସାଧାରଣ ଭାବରେ ଜଗତ ବିଷୟରେ କିଛି କହୁ ନଥିଲି, ମାତ୍ର ବିଶେଷ କରି ମନୁଷ୍ୟ-ଚେତନା ବିଷୟରେହିଁ କହୁଥିଲି । ଏବଂ, ମୁଁ ନିଶ୍ଚିତ ଭାବରେ ଏହି କଥାଟିକୁ ସନ୍ଦର୍ଭରୂପେ ବ୍ୟବହାର କରୁଥିଲି ଯେ, ଏହି ଯେଉଁ ଦିବ୍ୟ ପରମପ୍ରେମ ସକଳ ବସ୍ତୁକୁ ଜୀବନପ୍ରେରିତ କରି ରଖିଛି, ସବୁକିଛି ମଧ୍ୟରେ ଭେଦି ରହିଛି, ସବୁକିଛିକୁ ଉଦ୍ବେଳିତ କରି ଧରିଛି ଏବଂ ସବୁକିଛିକୁ ଅଗ୍ରଗତି ଏବଂ ପରମ ଦିବ୍ୟସତ୍ତାଙ୍କ ଆଡ଼କୁ ଏକ ଆରୋହଣ ପଥରେ ପରିଚାଳିତ କରି ନେଇଯାଉଛି, ତାହାକୁ ମନୁଷ୍ୟର ଚେତନା ଆଦୌ ଅନୁଭବ କରିପାରୁ ନାହିଁ, ଆପଣାର ବୋଧ ଦ୍ୱାରା ସିଏ ତାକୁ ଆଦୌ ଧରି ପାରୁ ନାହିଁ; ଏବଂ ମନୁଷ୍ୟ ତାହାର ହୁଏତ ଯେତିକି ଅଂଶକୁ ଅବଧାରଣ କରିପାରୁଛି, ତାକୁ ବହନ କରିବାକୁ ଅତ୍ୟନ୍ତ କଷ୍ଟକର ମଣୁଛି, —କେବଳ ତାହାକୁ ଧାରଣ କରି ରଖିବାକୁ ନୁହେଁ, ମୁଁ ତ କହିବି ତାହାକୁ ସହ୍ୟ କରିବାକୁ ମଧ୍ୟ କଷ୍ଟକର ମଣୁଛି, କାରଣ ତାହାର ପବିତ୍ରତା-ଶକ୍ତି ଏବଂ ସେହି ପବିତ୍ରତାଜନିତ ପ୍ରଗାଢ଼ତା ଏପରି ଶକ୍ତିଶାଳୀ ହୋଇ ରହିଛି ଯେ ମନୁଷ୍ୟର ପ୍ରକୃତି ତାହାକୁ ପ୍ରକୃତରେ ବହନ କରି ପାରୁ ନାହିଁ । ସେହି ପ୍ରେମ ମିଶ୍ରିତ, ବିକୃତ ହୋଇଗଲେ, ହ୍ରାସ ବା ଅସ୍ପଷ୍ଟତାଚ୍ଛନ୍ନ ହୋଇଗଲେ ଯାଇ ମନୁଷ୍ୟ-ପ୍ରକୃତି ଲାଗି ଗ୍ରହଣୀୟ ହୋଇ ପାରୁଛି । ତା'ର ଯଥାର୍ଥ ପ୍ରକୃତିଟିରୁ ଅପସରି ଗଲେ ଯାଇ ଓ ଅସଲ ଗୁଣଟିରୁ ବିଚ୍ଛିନ୍ନ ହୋଇଗଲେ ଯାଇ ମଣିଷ ତାହାକୁ ସ୍ୱୀକାର କରୁଛି; ଏବଂ ଏପରିକି (ମାଆ ହସି ହସି କହିଲେ), ସେତିକିବେଳେ ଯାଇ ମଣିଷ ତାକୁ ଠିକ୍ ବୋଲି କହୁଛି ଓ ତା'ର ଗୁଣଗାନ କରୁଛି । ଅର୍ଥାତ୍, ମନୁଷ୍ୟର ଚେତନା ପାଖରେ ଗ୍ରହଣୀୟ ହେବାକୁ ହେଲେ ସେହି ପ୍ରେମକୁ କୌଣସି ନା କୌଣସି ପ୍ରକାରେ ବିକୃତ ହେବାକୁ ପଡ଼ୁଛି । ମାତ୍ର ତାହାକୁ ତାହାର ଯଥାର୍ଥ ମହିମା ଏବଂ ବିଶୁଦ୍ଧତା ସହିତ ସ୍ୱୀକାର କରିବାକୁ, ବହନ କରି ପାରିବାକୁ ଏବଂ ଗ୍ରହଣ କରିବାକୁ ହେଲେ ମନୁଷ୍ୟର ଚେତନାକୁ ଦିବ୍ୟ ଚେତନାରେ ପରିଣତ ହେବାକୁ ପଡ଼ିବ ।

ସେହି କଥାଟିକୁ ମୁଁ ଏହି ଅର୍ଥରେ କହିଥିଲି, ଆଉ ଅନ୍ୟ କୌଣସି ଅର୍ଥରେ କହି ନଥିଲି । ମୁଁ କହିବାକୁ ଚାହୁଁଥିଲି ଯେ, ଆପଣାକୁ ଦିବ୍ୟ ଉଚ୍ଚସ୍ତର ପର୍ଯ୍ୟନ୍ତ

'oaob.nitrkl.ac.in' images reprocessed

ଉଦ୍ଭାସିତ କରିନେଇ ନପାରିଲେ ମନୁଷ୍ୟ ପକ୍ଷରେ ଦିବ୍ୟ ପରମ ପ୍ରେମକୁ ଗ୍ରହଣ କରିବା, ଅନୁଭବ କରିବା ଏବଂ ଜାଣିବା କଦାପି ସମ୍ଭବ ହେବ ନାହିଁ । ମଣିଷ ଏବେ ଯେଉଁଭଳି ଅବସ୍ଥାରେ ଅଛି, ତାହା ଲାଗି ଗ୍ରହଣୀୟ ହେବାକୁ ହେଲେ ପ୍ରେମକୁ ଆପଣାର ଦିବ୍ୟତ୍ୱରୁ ଓହ୍ଲାଇ ଆସିବାକୁ ପଡ଼ିବ ।

ମାତ୍ର, ତାହା ହେଉଛି ଉପରିଭାଗୀୟ ବହିରଙ୍ଗ ଚେତନାର ଏକ ବ୍ୟାପାର; ଦିବ୍ୟ ପରମ ପ୍ରେମ କରୁଣାରୂପେ ସର୍ବତ୍ର ଏବଂ ସର୍ବଦା କାର୍ଯ୍ୟକାରୀ ହେବାରୁ, ଏକ ଅଜ୍ଞାତ ଅଥଚ ସତତ ପ୍ରଣାଳୀରେ ନିଜର କାର୍ଯ୍ୟଟିକୁ କରିବାରୁ ଏହା ତାକୁ କଦାପି ନିବୃତ୍ତ କରି ରଖି ପାରେ ନାହିଁ । ଏବଂ ମୁଁ ଭାବୁଛି ଯେ ବସ୍ତୁତଃ ଅଜ୍ଞାତ ହୋଇ ରହିଥିବା ସମୟରେହିଁ ତାହା ସର୍ବୋତ୍ତମ ଭାବରେ କାର୍ଯ୍ୟ କରିପାରେ । ···କାରଣ, ମନୁଷ୍ୟର ତଥାକଥିତ ବୋଧଶକ୍ତି ମଧ୍ୟ ଆଗରୁହିଁ ବିକୃତ ହୋଇ ସାରିଥାଏ ।

ତାହାହିଁ ହେଲା ବାକ୍ୟଟିର ଅଂଶ, ବାସ୍ ତାହାହିଁ । ମୁଁ ସେତେବେଳେ ଆଦୌ କୌଣସି ବିଶ୍ୱଜାଗତିକ ବ୍ୟାପାର ବିଷୟରେ କିଛି କହୁ ନଥିଲି ।

ମାଆ, ଏବେ ଥରେ ଗୋଟିଏ ବୁଧବାର ଦିନ ଆପଣ କହୁଥିଲେ : "ଗୋଟିଏ ଅଭିଜ୍ଞତାକୁ ବର୍ଣ୍ଣନା କରିବାର ସାମର୍ଥ୍ୟ ଆସିଗଲେହିଁ ତୁମେ ସେଇଟିକୁ ଅନୁଭବ କରିବାକୁ ଆରମ୍ଭ କର । ମାତ୍ର ଅନୁଭୂତିଟିକୁ ବର୍ଣ୍ଣନା କରିବାକୁ ସମର୍ଥ ହେବା ସଙ୍ଗେସଙ୍ଗେ ତାର ପ୍ରଗାଢ଼ତା ଏବଂ କର୍ମସାମର୍ଥ୍ୟର ପ୍ରଧାନତର ଅଂଶଟି ପ୍ରକୃତରେ ଅନ୍ତର୍ହିତ ହୋଇ ଯାଇଥାଏ ।"

୧୭.୧୦.୧୯୫୬ର ପ୍ରବଚନ

ଆଚ୍ଛା ?···

ତେବେ ଅନୁଭୂତିଟି ବିଷୟରେ ପୁଣି କ'ଣ କହିଯାଇ ପାରିବ ? ଯଦି ଏଣେ ଗୋଟିଏ ଅନୁଭୂତି ହେଉଥାଏ, ମାତ୍ର ତାକୁ ଅଭିବ୍ୟକ୍ତ କରିବା ଲାଗି ଆବଶ୍ୟକ ଶକ୍ତି ନଥାଏ, ତେବେ କ'ଣ ହୁଏ ?

ସେଠାରେ ମଧ୍ୟ ମୁଁ ଏହି ଅର୍ଥରେ କଥାଟିକୁ କହିଥିଲି ଯେ ଆପଣାର ମନ ଭିତରେ ତୁମେ କୌଣସି ଅନୁଭୂତିକୁ ଯେପରି ସୂତ୍ରବଦ୍ଧ କରି ରଖିଥାଅ, ଖାସ୍ ଅନୁ-



'oaob.nitrkl.ac.in' images reprocessed

ଭୂତିଟି ତା'ର ପୂର୍ବରୁ ହୋଇଥାଏ ଏବଂ ସେଇଟିକୁ ଅତିକ୍ରମ କରି ଅବସ୍ଥିତ ରହିଥାଏ । କୌଣସି ଅନୁଭୂତିକୁ ସୂତ୍ରବଦ୍ଧ କରି ରଖିବାର କ୍ଷମତାଟି ଆସିବାର ପୂର୍ବରୁ, ଅନେକ ସମୟରେ ବହୁ ପୂର୍ବରୁ ଖାସ୍ ଅନୁଭୂତିଟି ଆସିଥାଏ । ଅନୁଭୂତିଟି ମଧ୍ୟରେ ଏକ ପୂର୍ଣ୍ଣତା ରହିଥାଏ, ଏକ ଶକ୍ତିମତ୍ତା ରହିଥାଏ, ପ୍ରକୃତି ଉପରେ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରିବାର ସାମର୍ଥ୍ୟ ରହିଥାଏ, ତାହା ଅପରୋକ୍ଷ ଏବଂ ତାତ୍କାଳିକ ହୋଇ ରହିଥାଏ । ଏକ ଉଦାହରଣରୂପେ ଏଠାରେ ଅନୁମାନ କରାଯାଉ ଯେ କୌଣସି ଏକ ପରିସ୍ଥିତି-କ୍ରମେ ଅଥବା ବିଶେଷ କୌଣସି କରୁଣା ହେତୁ ତୁମେ ହଠାତ୍ ଏକ ଅତିମାନସ ଆଲୋକ, ଅତିମାନସ ସାମର୍ଥ୍ୟ ଅଥବା ଚେତନାର ସମ୍ପର୍କରେ ଆସିଲ । ଏହାଦ୍ୱାରା ସତେ ଯେପରି ତୁମର ନିଜର ଖୋଳଟି ମଧ୍ୟରେ ହଠାତ୍ କେଉଁଠି ଏକ ଉନ୍ମୋଚନ ହୋଇଗଲା, ପରମ ସତ୍ୟଠାରୁ ତୁମକୁ ଅଲଗା କରି ରଖିଥିବା ଆବରଣଟି ମଧ୍ୟରେ ସତେ ଯେପରି ଗୋଟାଏ ଫାଟ ହୋଇଗଲା ଏବଂ ସମ୍ପର୍କଟିର ପ୍ରତିଷ୍ଠା ହୋଇଗଲା । ଏବଂ ଏହି ଶକ୍ତି, ଏହି ଚେତନା ଓ ଏହି ଆଲୋକ ସଙ୍ଗେ ସଙ୍ଗେ ସକ୍ରିୟ ହୋଇଗଲା, ତୁମ ଦେହର କୋଷଗୁଡ଼ିକ ଉପରେ ମଧ୍ୟ ତାହା କ୍ରିୟା କରିବାକୁ ଲାଗିଲା; ତାହା ମନ ଉପରେ କାର୍ଯ୍ୟ କଲା, ପ୍ରାଣିକ କ୍ଷେତ୍ରରେ କାର୍ଯ୍ୟ କଲା, ଶରୀର ଉପରେ ମଧ୍ୟ କାର୍ଯ୍ୟ କଲା, ସ୍ପନ୍ଦନଗୁଡ଼ିକୁ ବଦଳାଇ ଦେଲା, ଗଠନୋପାଦାନଟିକୁ ସଂଗଠିତ କରିଆଣିଲା ଏବଂ ଆପଣାର ରୂପାନ୍ତର କାର୍ଯ୍ୟଟି ଆରମ୍ଭ କରିଦେଲା । ତୁମେ ହଠାତ୍ ଏହି ସହସାଗତ ସମ୍ପର୍କ ଏବଂ କ୍ରିୟାଟି ଦ୍ୱାରା ପ୍ରଭାବିତ ହେବାକୁ ଲାଗିଲ; ତୁମେ ତାହାକୁ ଗୋଟିଏ ପ୍ରକାରର ଅବର୍ଣ୍ଣନୀୟ ଅନଭିବ୍ୟକ୍ତ ଅବସ୍ଥାରୂପେ ଅନୁଭବ କଲ, ଯାହାକି ତୁମକୁ ଗୋଟାସୁଦ୍ଧା ଅଧିକାର କରିନେଲା ଏବଂ ସେଇଟି ବିଷୟରେ ତୁମର ଆଦୌ କୌଣସି ପରିଷ୍କାର, ନିର୍ଭୁଲ ଏବଂ ନିର୍ଦ୍ଦିଷ୍ଟ ଧାରଣା ମଧ୍ୟ ରହି ପାରିଲା ନାହିଁ । ଏହାକୁ ତୁମେ "ଘଟୁଥିବା ଏକ ଘଟଣା" ବୋଲି ଅନୁଭବ କଲ । ତାହା ତୁମକୁ ହୁଏତ ଏକ ଅଦ୍ଭୁତ ଅଥବା ବିରାଟ ଅନୁଭୂତି ପରି ପ୍ରତୀତ ହେଲା, ମାତ୍ର ତୁମ ଲାଗି ବର୍ଣ୍ଣନାର ଅତୀତ ହୋଇ ରହିଗଲା, ବୋଧାତୀତ ହୋଇ ରହିଲା । ଏଇଟିକୁ ଆମେ ମୂଳଭୂତ ଅନୁଭୂତିଟି ବୋଲି କହିବା, ଅନୁଭୂତିଟିର ଅସଲ ଶକ୍ତି ବୋଲି କହିବା ।

କ୍ରମଶଃ, ଏହି କ୍ରିୟାଟି ପ୍ରଲମ୍ବିତ ହୋଇ ଯାଉଥିବା ସଙ୍ଗେ ସଙ୍ଗେ ଏବଂ ବାହ୍ୟ ସତ୍ତାଟି ସେହି କ୍ରିୟାଟିକୁ ସ୍ୱାଙ୍ଗୀକୃତ କରି ଆଣିବା ସଙ୍ଗେ ସଙ୍ଗେ ତୁମଠାରେ ପର୍ଯ୍ୟବେକ୍ଷଣର ଏକ ଶକ୍ତି ଆସି ଜାଗୃତ ହୁଏ,—ତାହା ସର୍ବପ୍ରଥମେ ମାନସିକ ଚେତନାର କ୍ଷେତ୍ରରେହିଁ ଜାଗ୍ରତ ହୋଇଥାଏ,—ଏବଂ ଗୋଟାଏ ପ୍ରକାରର ମୂର୍ତ୍ତୀକରଣ ସଂଘଟିତ ହେବାକୁ ଲାଗେ । ସତେଯେପରି ମନ ଭିତରେ କୌଣସି ଏକ ବସ୍ତୁ ଅବଲୋକନ କରିବାରେ ଲାଗିଥାଏ, ପର୍ଯ୍ୟବେକ୍ଷଣ କରୁଥାଏ ଏବଂ ଆପଣାର

'oaob.nitrkl.ac.in' images reprocessed

ପଦ୍ଧତିରେହିଁ ତାହାର ଅନୁଲିଖନ କରି ଚାଲିଥାଏ। ଏବଂ ତୁମେମାନେ ଏହାକୁ ବୁଝିବା ବୋଲି କହୁଥାଅ ଏବଂ ତାହାହିଁ ତୁମମାନଙ୍କୁ ଏପରି ଏକ ଧାରଣା ଆଣି ଦେଇଥାଏ (ମାଆ ହସି ହସି କହୁଲେ) ଯେ ତୁମର ଏକ ଅନୁଭୂତି ହେବାରେ ଲାଗିଛି। ମାତ୍ର ପ୍ରକୃତ ଅନୁଭୂତିର ତୁଳନାରେ ତାହା ଅତ୍ୟନ୍ତ ଖର୍ବ ହୋଇଯିବାକୁ ଆରମ୍ଭ କରି ଯାଉଥାଏ, ତୁମର ମନୋଗତ, ପ୍ରାଣିକ ଏବଂ ଶରୀରଗତ ପ୍ରସ୍ତୁତିଗୁଡ଼ିକ ଅନୁସାରେ ଅନୁକୂଳିତ ହେବାରେ ଲାଗିଥିବା ଏକ ଅନୁଲିଖନରେ ତାହା ପରିଣତ ହେବାରେ ଲାଗିଥାଏ; ଅର୍ଥାତ୍ ତାହାର ପ୍ରକୃତ ଅର୍ଥଗୁଡ଼ିକ ସଙ୍କୁଚିତ ଓ କଠିନ ହୋଇ ଯାଉଥାଏ; ଏବଂ, ଯୁଗପତ୍ ଭାବରେ ତାହା ତୁମମାନଙ୍କ ମନରେ ଏପରି ଏକ ଧାରଣା ଦେଇ ଯାଉଥାଏ ଯେ ତାହା କ୍ରମଶଃ ଅଧିକରୁ ଅଧିକ ସ୍ପଷ୍ଟ ହେବାକୁ ଆରମ୍ଭ କରିଛି। ପ୍ରକୃତ କଥା କହିବାକୁ ଗଲେ, ତୁମର ଅନୁଭୂତିଟି ଠିକ୍ ତୁମର ବୁଝିବା ଶକ୍ତିଟି ପରି କ୍ରମଶଃ ଭାରି ସୀମିତ ହୋଇ ଆସିଛି।

ସର୍ବୋତ୍ତମ କ୍ଷେତ୍ରଗୁଡ଼ିକରେ ମଧ୍ୟ ଏହି ବ୍ୟାପାରଟି ଅନୁକ୍ଷଣ ଘଟିବାରେ ଲାଗିଥାଏ। ଏଠାରେ ମୁଁ ଆଦୌ ସେହିସବୁ ଦୃଷ୍ଟାନ୍ତଗୁଡ଼ିକର କଥା କହୁ ନାହିଁ ଯେଉଁଠାରେ କି ତୁମ ସତ୍ତାର ଅଚେତନା ଅନୁଭବ କରିବାର ଶକ୍ତିଟିକୁ ଏକାବେଳକେ ଆତ୍ମସାତ୍ କରି ନେଇଥାଏ ଏବଂ ତେଣୁ ତୁମର ଅନୁଭୂତିଗୁଡ଼ିକ ଅଧିକରୁ ଅଧିକ ଏକ ଅଚେତନ ଗତିସ୍ପନ୍ଦନ ଦ୍ୱାରାହିଁ ବ୍ୟକ୍ତ ହେବାରେ ଲାଗିଥାଏ। ମୁଁ ତ ଏପରି ଦୃଷ୍ଟାନ୍ତଗୁଡ଼ିକ କଥା କହୁଛି, ଯେତେବେଳେ କି ତୁମର ମନ ପରିଷ୍କାର ଥାଏ, ଅଭୀପ୍ସା ବି ପରିଷ୍କାର ଥାଏ, ଏବଂ ତୁମେ ଆପଣାର ମାର୍ଗରେ ବେଶ୍ ଅନେକ ଦୂର ଅଗ୍ରସର ହୋଇ ସାରିଥାଅ।···ଏବଂ ଏପରିକି ଯେତେବେଳେ ତୁମର ମନ ରୂପାନ୍ତରିତ ହେବାକୁ ଆରମ୍ଭ କରେ, ଯେତେବେଳେ ତାହା ଏହି ପରମ ଆଲୋକଟିକୁ ଗ୍ରହଣ କରିବାକୁ ଆରମ୍ଭ କରେ, ଯେତେବେଳେ ସେହି ଆଲୋକଟି ତୁମର ମନକୁ ଭେଦିଯାଇ ପାରିବା ଲାଗି ସମର୍ଥ ହୁଏ ଓ ତାହାକୁ ଆତ୍ମସାତ୍ କରିନେବା ଲାଗି ତୁମର ମନ ଯଥେଷ୍ଟ ପରିମାଣରେ ଗ୍ରହଣଶୀଳ ହୋଇଯାଏ, ସେତେବେଳେ, ତାହା ଯେମିତି ମନୁଷ୍ୟଚେତନାର ବୋଧଗମ୍ୟ ହେଲାଭଳି ଏକ ସ୍ୱୀତିରେ ଆପଣାକୁ ଅଭିବ୍ୟକ୍ତ କରିବା ଲାଗି ଉଦ୍ୟତ ହୁଏ,—ଏଠାରେ ମୁଁ ସାଧାରଣ ଚେତନାଟିର କଥା ଆଦୌ କହୁ ନାହିଁ, ମାତ୍ର ଏପରିକି ସନ୍ଦୀପିତ ମନୁଷ୍ୟଚେତନାର କଥା କହୁଛି,—ଯେମିତି ତାହା ସବୁକିଛିକୁ ସୁବ୍ୟବସ୍ଥିତ କରି ରଖିବାକୁ ଚେଷ୍ଟା କରେ, ଯଥାର୍ଥ ଓ ବୋଧଗମ୍ୟ କରି ଆଣିବାକୁ ଉଦ୍ୟତ ହୁଏ, ଆପଣାର ଅନୁଭୂତିଟିକୁ ଅନୁକୂଳ କରିଆଣେ, କ୍ଷୀଣ ଓ ସୀମିତ କରିଆଣେ,—ସେତେବେଳେ ତାହା ସେଇଟିକୁ ଅତ୍ୟନ୍ତ କମ୍ କରିପକାଏ, ଦୁର୍ବଳ କରିପକାଏ,

'oaob.nitrkl.ac.in' images reprocessed

ସବୁକିଛିକୁ ବଡ଼ ବିକୃତ କରିଦିଏ; ତାହାକୁ ମିଥ୍ୟାଦୁଷ୍ଟ କରି ନପକାଇବା ଭଳି ଶୁଦ୍ଧ ହୋଇ ରହିଥିଲେ ମଧ୍ୟ ଏହିପରି କରିପକାଏ । କାରଣ, ଯଦି, ସତ୍ତାର କୌଣସି ଏକ କ୍ଷେତ୍ରରେ, ମନର କ୍ଷେତ୍ରରେ ହେଉ ଅଥବା ପ୍ରାଣର କ୍ଷେତ୍ରରେ ହେଉ, ଯଦି ଏତେଟିକିଏ ଅନିଷ୍ଠା ବେଶ୍ ସହି ହୋଇ ଯାଉଥାଏ, ତେବେ ଅନୁଭୂତି ସମ୍ପୂର୍ଣ୍ଣ ଭାବରେ ମିଥ୍ୟା ଦ୍ୱାରା ଆକ୍ରାନ୍ତ ହୋଇପଡ଼େ ଏବଂ ବିକୃତ ହୋଇଯାଏ । ମାତ୍ର ଏଠାରେ ତ ମୁଁ ସର୍ବୋତ୍ତମ ଦୃଷ୍ଟାନ୍ତଗୁଡ଼ିକ କଥା କହୁଛି, ଯେଉଁଠାରେ କି ସତ୍ତା ନିଷ୍ଠାଯୁକ୍ତ ହୋଇ ରହିଥାଏ, ନିୟନ୍ତ୍ରଣରେ ଥାଏ, ଏବଂ ସବୁଠାରୁ ଅଧିକ ଅନୁକୂଳ ଭାବରେ କାର୍ଯ୍ୟ କରିବାରେ ଲାଗିଥାଏ : ମନୁଷ୍ୟର ମନ ବୁଝି ପାରିବ ବୋଲି ଯେଉଁଠି ତଦନୁରୂପ ଶବ୍ଦ ଦେଇ ସବୁକିଛିକୁ ସୂତ୍ରବଦ୍ଧ କରି ରଖିବାର ଚେଷ୍ଟା କରାଯାଏ, ତାହା ଅନିବାର୍ଯ୍ୟ ଓ ଅବଶ୍ୟମ୍ଭାବୀ ଭାବରେ ଅନୁଭୂତିଟିର ନିସ୍ତାତ୍ମିକା ଶକ୍ତିଟିକୁ ହ୍ରାସ କରିଆଣେ, ଭାରି ସୀମାବଦ୍ଧ କରିପକାଏ । ଯେତେବେଳେ ତୁମେ ଅତ୍ୟନ୍ତ ସ୍ପଷ୍ଟ ଏବଂ ସଚେତନ ଭାବରେ ନିଜକୁ "ଏଇଟା ଘଟିଲା, ସେଇଟା ଘଟିଲା ଓ ଆଉଟା ବି ଘଟିଲା" ବୋଲି କହି ପାରୁଥିବ, ଯେତେବେଳେ ତୁମେ ଅନୁଭୂତିଟିକୁ ବୋଧଗମ୍ୟ କରି ବର୍ଣ୍ଣନା କରି ପାରୁଥିବ, ତେବେ ସେଥିରୁ ଜାଣିବାକୁ ହେବ ଯେ ତାହା ଇତିମଧ୍ୟରେ ଆପଣାର ନିସ୍ତାତ୍ମିକା ଶକ୍ତି ଏବଂ ପ୍ରଗାଢ଼ତାରୁ କିଛି ନା କିଛି ଅଂଶକୁ ନିଶ୍ଚୟ ହରାଇ ସାରିଲାଣି । ତାହାର ସତ୍ୟ ଏବଂ ଶକ୍ତିମତ୍ତାର କିଛି ନା କିଛି ଅଂଶକୁ ହରାଇ ସାରିଲାଣି । ମାତ୍ର ତାହାର ଅର୍ଥ ଆଦୌ ନୁହେଁ ଯେ ସେହି କ୍ଷେତ୍ରରେ ଅନୁଭୂତିଟି ମଧ୍ୟରେ ଆଗରୁ କୌଣସି ପ୍ରଗାଢ଼ତା ନଥିଲା, ନିସ୍ତାତ୍ମିକା ଶକ୍ତି ନଥିଲା ଅଥବା କୌଣସି ଶକ୍ତିମତ୍ତା ନଥିଲା । ସବୁକିଛି ଥିଲା, ଏବଂ ଏକଥା ମଧ୍ୟ ସମ୍ଭବତଃ ସତ ଯେ, ସର୍ବୋତ୍ତମ ଅନୁଭୂତିଗୁଡ଼ିକର କ୍ଷେତ୍ରରେ ତୁମେ ନିଜର ଅନୁଭୂତିଟିକୁ ଏକ ବୋଧଗମ୍ୟ ରୂପ ଆଣି ଦେବା ଲାଗି ଚେଷ୍ଟା କରିବା ପୂର୍ବରୁ ସେହି ଅନୁଭୂତିଟିରୁ ଏକ ସର୍ବୋତ୍ତମ ଫଳପ୍ରଦତା ନିଷ୍ପନ୍ନ ବି ହୋଇ ପାରୁଥିଲା ।

ଏଠାରେ ମୁଁ ସର୍ବୋତ୍ତମ ଦୃଷ୍ଟାନ୍ତଗୁଡ଼ିକର କଥା କହୁଛି । ମୁଁ ଆଦୌ ସେହିଭଳି ବ୍ୟକ୍ତିମାନଙ୍କର ଅଗଣିତ ଦୃଷ୍ଟାନ୍ତ ବିଷୟରେ ବିଚାର କରୁ ନାହିଁ, ଯେଉଁମାନେ କି ଏକ ଅନୁଭୂତି ଲାଭ କରିବାକୁ ଆରମ୍ଭ କରିବା ମାତ୍ରକେ ସେମାନଙ୍କର ମନ ତତ୍‌କ୍ଷଣାତ୍ ଉତ୍କଣ୍ଠିତ ଓ ଜାଗ୍ରତ ହୋଇପଡ଼େ ଓ କହିବାକୁ ଲାଗେ "ଆରେ, କ'ଣସବୁ ଘଟିଯାଉଛି, ମୋତେ ଦେଖିବାକୁ ହେବ !" ତା'ପରେ ସବୁକିଛି ଅନ୍ତର୍ହିତହିଁ ହୋଇଯାଏ । ଅଥବା, ଆପଣାର ସକଳ ଶକ୍ତି ଏବଂ ବାସ୍ତବତାକୁ ହରାଇ ସାରିଥିବା କୌଣସି ଏକ ବସ୍ତୁର ବିକୃତ ଲାସ୍ତିଟା ଆସି ଆମ ହାତରେ ହାବୁଡ଼ିଯାଏ ।···ତେଣୁ ସର୍ବପ୍ରଥମ କଥା ହେଉଛି, ତୁମେ ତୁମର ମନକୁ ଆଦୌ ହଲଚଲ ନହେବାକୁହିଁ

ଶିକ୍ଷା ଦେବ । ତୁମେ ଆପଣାର ମନକୁ ଏହିପରି କହିବ : "ତୁ ମୋଟେ ଚଳଚଳ ହେବୁ ନାହିଁ, ତୁ ବିଲକୁଲ୍ ଚଳଚଳ ହେବୁ ନାହିଁ । ସେହି ବସ୍ତୁଟିକୁ ସର୍ବପ୍ରଥମେ ବିକଶିତ ହୋଇ ଆସିବାକୁ ଦେବାକୁ ହେବ, ଏବଂ କ'ଣ କେଉଁଠି କିପରି ଘଟୁଛି, ସେବିଷୟରେ କିଛି ଜାଣିବା ଲାଗି କୌଣସି ଇଚ୍ଛା କରିବାକୁ ପଡ଼ିବ ନାହିଁ । ତୁ ଆଉ ନିର୍ବୋଧଙ୍କ ପରି ହେବୁ ନାହିଁ, ଚୁପ୍ ହୋଇ ରହିବୁ, ସ୍ଥିର ହୋଇ ଅପେକ୍ଷା କରିବୁ । ତୋ ପାଳି ନିଶ୍ଚୟ ଅବିଳମ୍ବେ ଆସିବ, ସେଥିରେ କଦାପି କୌଣସି ଉଚ୍ଛୁର ହେବ ନାହିଁ ।" ଆପଣା ଲାଗି କୌଣସି ଅନୁଭୂତିକୁ ସୂତ୍ର ଦ୍ୱାରା ବାନ୍ଧି ପକାଇବାର ଆବଶ୍ୟକତାଟିକୁ ଅନୁଭବ ନକରି ଘଣ୍ଟା ଘଣ୍ଟା ଓ ଦିନ ଦିନ ଧରି ସେଇଟିକୁ ବଞ୍ଚିପାରିବା ସମ୍ଭବ ହେଉଥିବା ଉଚିତ । ସେପରି କରିପାରିଲେ ଆମେ ସେଇଟି ଦ୍ୱାରା ପୂର୍ଣ୍ଣ ଉପକୃତ ହୋଇ ପାରିବା । ତେବେ ସେହି ଅନୁଭୂତିଟି ଯଥାର୍ଥ ଭାବରେ କ୍ରିୟାଶୀଳ ହୋଇପାରିବ, ଆମର ପ୍ରକୃତିଟିକୁ ମନ୍ଥନ କରିଦେଇ ପାରିବ, କୋଷଗୁଡ଼ିକରେ ରୂପାନ୍ତର ଆଣିପାରିବ । ଆପଣାର ରୂପାନ୍ତର-କାର୍ଯ୍ୟଟିକୁ ସେ ଯଥାର୍ଥ ଭାବରେ ସେତିକିବେଳେ ଯାଇ ଆରମ୍ଭ କରିପାରିବ । ମାତ୍ର ତୁମେ ଯେମିତି ସେଇଟିର ପର୍ଯ୍ୟବେକ୍ଷଣ କରିବାକୁ ଯିବ, ସେଇଟିକୁ ବୁଝିବାକୁ ଚେଷ୍ଟା କରିବ, ନିର୍ଦ୍ଦିଷ୍ଟ ଭାବରେ ଏକ ସଜ୍ଞା ଦ୍ୱାରା ସୂତ୍ରବଦ୍ଧ କରି ରଖିବାକୁ ଚାହିଁବ, ତେବେ ସେହି ଅନୁଭୂତି ସେତେବେଳକୁ ଅତୀତର ଏକ ବସ୍ତୁରେ ପରିଣତ ହୋଇ ଯାଇଥିବ ।

ବାସ୍, ଏତିକି ।

## ୭ ନଭେମ୍ବର ୧୯୫୭

"ଏହି ଶକ୍ତି, ଅର୍ଥାତ୍ ପରମ ଅନନ୍ତ ତଥା ପରମ ଶାଶ୍ୱତଙ୍କର ଏହି ସାମର୍ଥ୍ୟଟି ଆମର ଭିତରେ ଅବତରଣ କରେ, ସେଇଠି ଆପଣାର କାର୍ଯ୍ୟ କରିବାକୁ ଆରମ୍ଭ କରେ, ଆମର ବର୍ତ୍ତମାନର ମନୋଗତ ରୂପାୟନଗୁଡ଼ିକୁ ଭାଙ୍ଗିଦିଏ, ଆମର ପ୍ରତ୍ୟେକଟି ପ୍ରାଚୀରକୁ ଭାଙ୍ଗି ଚୂନା କରିଦିଏ, ବ୍ୟାପ୍ତ ହୋଇଯାଏ, ଆମକୁ ବିମୋଚିତ କରେ ଏବଂ ଦୃଷ୍ଟି, ଅବଧାରଣା, ଅବବୋଧର ସଦା ନୂତନତର ତଥା ବୃହତ୍ତର ନାନା ସାମର୍ଥ୍ୟକୁ ଏବଂ ନୂତନତର

'oaob.nitrkl.ac.in' images reprocessed

ତଥା ବୃହତ୍ତର କେତେକେତେ ଶକ୍ତିପ୍ରେରଣାକୁ ଆମ ସମ୍ମୁଖରେ ଆଣି ବାଢ଼ି ଦେଇଯାଏ, ଆମର ଆତ୍ମା ତଥା ତାହାର ସାଧନ-ଗୁଡ଼ିକୁ ବୃହତ୍ତପରସର କରିଏ, ସେଗୁଡ଼ିକୁ ନୂତନ ଗ୍ରହଣରେ ଛାଞ୍ଚରେ ଢାଳି କରେ, ଆମେ ଯେପରି ଆମ ଅପୂର୍ଣ୍ଣତାଗୁଡ଼ିକର ସମୀକ୍ଷଣ ଓ ବିଚାର କରି ସେଗୁଡ଼ିକୁ ନଷ୍ଟ କରିଦେଇ ପାରିବା, ସେଥିଲାଗି ଆମକୁ ନେଇ ସେଗୁଡ଼ିକର ପ୍ରତ୍ୟେକର ପାଖରେ ହାବୁଡ଼ାଇ ଦିଏ; ଏବଂ ଅତି ସଂକ୍ଷେପକାଳ ଭିତରେ ହୁଏତ ଏକାଧିକ ଅନେକ ଜୀବନ ଅଥବା ଯୁଗର କାର୍ଯ୍ୟଟିକୁ ସମ୍ପାଦନ କରି ଦେଇଯାଏ, ଯାହାଫଳରେ କି ଆମରି ଭିତରେ କେତେକେତେ ନୂତନ କକ୍ଷ ଏବଂ ନୂତନ ଦୃଷ୍ଟିଭୂମି ସତତ ଉନ୍ମୋଚିତ ହୋଇ ଯିବାରେ ଲାଗିଥାନ୍ତି । ସଦାପ୍ରସାରଯୁକ୍ତ ଆପଣାର ଏହି କାର୍ଯ୍ୟରେ ପ୍ରକୃତି ଆମର ଚେତନାକୁ ତାହାର ଏହି ଶରୀରବାଡ଼ର ଅବରୋଧଟି ମଧ୍ୟରୁ ମୁକ୍ତ କରି ଦେଇଯାଏ; ସେତେବେଳେ ଚେତନା ସମାଧି, ସୁଷୁପ୍ତି ଅଥବା ଏପରିକି ଜାଗରଣ ମଧ୍ୟରେ ବାହାରି ବୁଲିବାର ସାମର୍ଥ୍ୟ ଲାଭ କରେ, ଆହୁରି କେତେକେତେ ଜଗତରେ ଓ ଏହି ଜଗତର କେତେକେତେ ଅନ୍ୟ ପ୍ରଦେଶରେ ପ୍ରବେଶ କରିବାକୁ ସମର୍ଥ ହୁଏ, ସେଠାରେ କାର୍ଯ୍ୟ କରିପାରେ ଓ ସେଠାରୁ ଆପଣାର ଅନୁଭୂତିଗୁଡ଼ିକୁ ବହନ କରି ଆଣିବାକୁ ମଧ୍ୟ ସମର୍ଥ ହୁଏ । ଶରୀରକୁ ଆପଣାର କେବଳ ଏକ କ୍ଷୁଦ୍ର ଅଂଶ ବୋଲି ଅନୁଭବ କରି ଆମରି ଚେତନା ବାହାରେ ଆଉ କେତେକେତେ ଆଡ଼କୁ ପ୍ରସାରିତ ହୋଇଯାଏ ଏବଂ ଆଗରୁ ସିଏ ଯାହାର ଅନ୍ତର୍ଭୁକ୍ତ ହୋଇ ରହିଥିଲା, ବର୍ତ୍ତମାନ ଆପେ ତାହାକୁ ଆପଣାର ସମର୍ଥ କରି ରଖିବାକୁ ସମର୍ଥ ହୁଏ । ତାହା ବିଶ୍ୱମୟ ଚେତନାର ଅଧିକାରୀ ହୁଏ ଏବଂ ଏହି ବିଶ୍ୱଜଗତ ସହିତ ସମବ୍ୟାପ୍ତ ହୋଇ ରହି ପାରିବାକୁ ଆପଣାକୁ ସଂପ୍ରସାରିତ କରିଦିଏ । ଏହି ଜଗତର ଲୀଳାରେ ଯେତେଗୁଡ଼ିଏ ଶକ୍ତି କାର୍ଯ୍ୟକାରୀ ହୋଇ ରହିଛନ୍ତି, ଏହା ସେଗୁଡ଼ିକୁ କେବଳ ନହିଁରଙ୍ଗ

ଅବଲୋକନ ଦ୍ୱାରା ନୁହେଁ, ମାତ୍ର ସେଗୁଡ଼ିକୁ ଅନ୍ତର୍ଗତ ଏବଂ ଅପରୋକ୍ଷ ଭାବରେ ମଧ୍ୟ ଜାଣିବାକୁ ଆରମ୍ଭ କରେ, ସେଗୁଡ଼ିକର ଗତିସ୍ପନ୍ଦନକୁ ଅନୁଭବ କରିପାରେ, ସେଗୁଡ଼ିକର କ୍ରିୟାକୁ ପରସ୍ପରଠାରୁ ଅଲଗା କରି ଦେଖିପାରେ, ଏବଂ ଜଣେ ବୈଜ୍ଞାନିକ ଏହି ବୈଜ୍ଞାନିକ ଶକ୍ତିଗୁଡ଼ିକୁ ନେଇ ଯାହାକିଛି କରିପାରୁଛି, ସେ ସେଗୁଡ଼ିକୁ ନେଇ ମଧ୍ୟ ତୁରନ୍ତ ଠିକ୍ ସେହିସବୁ କରିବାକୁ ସମର୍ଥ ହୋଇଯାଏ। ସେଗୁଡ଼ିକର କ୍ରିୟାଟିକୁ ସେ ଆମର ମନ, ପ୍ରାଣ ତଥା ଶରୀର ମଧ୍ୟରେ ଗ୍ରହଣ କରି ନେଇପାରେ, ଅଥବା ସେଗୁଡ଼ିକୁ ବର୍ଜନ କରିପାରେ, ସେଥିରେ ଆବଶ୍ୟକ ମତାମତି ବା ପରିବର୍ତ୍ତନ କରି ଦେଇପାରେ, ସେଗୁଡ଼ିକୁ ନୂତନ ଆକାର ଦେଇ ଗଢ଼ିପାରେ ଅଥବା, ପ୍ରକୃତିର ପୁରାତନ କ୍ଷୁଦ୍ର କ୍ରିୟାତ୍ମକତା-ଗୁଡ଼ିକ ସ୍ଥାନରେ ବିପୁଳ କେତେକେତେ ନୂତନ ସାମର୍ଥ୍ୟ ଓ ନୂତନ ଗତିସ୍ପନ୍ଦନ ମଧ୍ୟ ସୃଷ୍ଟି କରିପାରେ। ସେତେବେଳେ ଆମେ ବିଶ୍ୱଗତ ମନର ସାମର୍ଥ୍ୟଗୁଡ଼ିକର କ୍ରିୟାଟିକୁ କଳ୍ପନା କରି ପାରିବାକୁ ଆରମ୍ଭ କରୁ; ସେହି କ୍ରିୟାଟି ଦ୍ୱାରା ଆମର ଯାବତୀୟ ଭାବନା କିପରି ସୃଷ୍ଟ ହୋଇ ଆସୁଛି, ସେକଥାଟିକୁ ଜାଣିପାରୁ···”

ଯୋଗସମନ୍ୱୟ, ୧୭୨-୭୩

ମାଆ, ଆମର ଭାବନାଗୁଡ଼ିକ ବିଶ୍ୱଗତ ମନର ଶକ୍ତି ଦ୍ୱାରା କିପରି ସୃଷ୍ଟ ହୁଅନ୍ତି ?

କାରଣ, ବିଶ୍ୱଗତ ମନର ଶକ୍ତିଗୁଡ଼ିକ ଆମର ମସ୍ତିଷ୍କ ଭିତରେ ଆସି ପ୍ରବେଶ କରନ୍ତି। ଆମେ ସେହି ଶକ୍ତିଗୁଡ଼ିକ ଦ୍ୱାରା ସଦାସ୍ପୃଷ୍ଟ ହୋଇ ରହିଥାଉ, ମାତ୍ର ସେ ବିଷୟରେ ସଜ୍ଞାନ ହୋଇ ରହୁ ନଥାଉ। ଆମେ କଦାପି କୌଣସି ପ୍ରକାର ଥଳି ଭିତରେ ବନ୍ଦ ହୋଇ ରହୁ ନଥାଉ ଏବଂ ଅବଶିଷ୍ଟ ଅନ୍ୟଗୁଡ଼ିକଠାରୁ କଦାପି ସ୍ୱତନ୍ତ୍ର ହୋଇ ରହୁ ନଥାଉ। ଯାବତୀୟ ଶକ୍ତି, ଯାବତୀୟ ସ୍ପନ୍ଦନ, ଯାବତୀୟ ଗତିଶୀଳତା ଆମ ଭିତରେ ଆସି ପ୍ରବେଶ କରେ, ଆମର ମଧ୍ୟଦେଇ ଗତି କରିବାରେ ଲାଗିଥାଏ। ତେଣୁ ଆମ ଭିତରେ ଏକ ନିର୍ଦ୍ଦିଷ୍ଟ ମାନସିକ ଶକ୍ତି ମହଜୁଦ ହୋଇ ରହିଥାଏ, ଅର୍ଥାତ୍,

'oaob.nitrkl.ac.in' images reprocessed

ଗଠନକ୍ଷମ ବା ସୃଜନଶୀଳ ମାନସିକ ସାମର୍ଥ୍ୟଟି ଦ୍ୱାରା ବ୍ୟବହୃତ ହେବା ଲାଗି ପ୍ରସ୍ତୁତ ହୋଇ ରହିଥାଏ । ଏଗୁଡ଼ିକ ସତେଅବା ସ୍ୱାଧୀନ ଶକ୍ତି ପରି କାର୍ଯ୍ୟ କରୁଥାନ୍ତି । ବାହାରୁ ଆସୁଥିବା କୌଣସି ଗୋଟିଏ ଭାବନା ଅଥବା ଏକ ଶକ୍ତି ବା ଗତିସ୍ପନ୍ଦନ ଯେତେବେଳେ ଆମର ଚେତନା ମଧ୍ୟରେ ଆସି ପ୍ରବେଶ କରେ, ସେତେବେଳେ ଆମେ ତାହାକୁ ଏକ ମୂର୍ତ୍ତି ରୂପ ପ୍ରଦାନ କରୁ, ଏକ ନ୍ୟାୟଯୁକ୍ତ ପ୍ରଣାଳୀ ଦେଇଥାଉ ଏବଂ ସେଥିରେ ଯାବତୀୟ ଯଥାର୍ଥ ଟିକିନିଖି ଆଣି ଭରି ଦେଇଥାଉ । ମାତ୍ର, ଏସବୁ ଏପରି ଏକ ରାଜ୍ୟ ଭିତରେ ସଂଘଟିତ ହେବାରେ ଲାଗିଥାଏ, ଯାହା ସମ୍ବନ୍ଧରେ କି ଆମେ କ୍ୱଚିତ୍ ସଚେତନ ହୋଇ ରହିଥାଉ ।

ମାତ୍ର ଏହା ଏପରି କୌଣସି ବିଶେଷ ଦୃଷ୍ଟାନ୍ତ ନୁହେଁ, ଯାହାକି କେବଳ ବେଳେ ବେଳେ ଘଟେ : ତାହା ସତତ ଘଟିବାରେ ଲାଗିଥାଏ । ଯଦି ଏକ ନିର୍ଦ୍ଦିଷ୍ଟ ଭାବନାକୁ ରୂପଦେଇ ଶକ୍ତିର ଏକ ପ୍ରବାହ ଅତିକ୍ରମ କରି ଯାଉଥାଏ, ସେତେବେଳେ ଆମେ ତାହାକୁ ଗୋଟିକ ମଧ୍ୟରୁ ବାହାରି ଆଉଗୋଟିଏ ମଧ୍ୟରେ ପ୍ରବେଶ କରୁଥିବାର ବେଶ୍ ଲକ୍ଷ୍ୟ କରିପାରୁ; ଏବଂ ପ୍ରତ୍ୟେକଟିରେ ତାହା ଆପଣା ଲାଗି ଗୋଟାଏ ପ୍ରକାରର ଏକ ଆଲୋକକେନ୍ଦ୍ର ବା ଶକ୍ତିକେନ୍ଦ୍ର ତିଆରି କରି ନେଉଥାଏ ଯାହାକି ମୂଳ ପ୍ରବାହଟିର ଚିହ୍ନଟିକୁ ବହନ କରି ରଖିଥାଏ । ସେହି ଚିହ୍ନ ବା ସଙ୍କେତଟି ଅଳ୍ପ ବହୁତ ଶୁଦ୍ଧ ହୋଇ ରହିଥାଏ, ଅଳ୍ପବହୁତ ସ୍ପଷ୍ଟ ଓ ଅଳ୍ପବହୁତ ମିଶ୍ରିତ ହୋଇ ରହିଥାଏ । ଏବଂ, ଯାହାକୁ ଆମେ "ନିଜର" ଭାବନା ବୋଲି କହିଥାଉ, ଏହାଦ୍ୱାରା ତାହାକୁହିଁ ଲାଭ କରିଥାଉ ।

ମାତ୍ର ଆମର ଭାବନାର କ୍ୱଚିତ୍ କୌଣସି ସ୍ୱତନ୍ତ୍ର ଅସ୍ତିତ୍ୱ ରହିଥାଏ । ଯଦି, ବର୍ତ୍ତମାନ ଆମେ ଆମ ସାଧାରଣ ଅବସ୍ଥାରେ ସାଧାରଣତଃ ଯେପରି ଏକ ସାର୍ବଜନୀନ ସ୍ଥାନ ହୋଇ ରହିଛୁ,—ଆମେ ପ୍ରକୃତରେ ସତେଅବା ଗୋଟିଏ ଗୋଟିଏ ସାର୍ବଜନୀନ ସ୍ଥାନ ପରି ହୋଇ ରହିଛୁ, ଏବଂ ତାହାର ମଧ୍ୟଦେଇ ଯାବତୀୟ ସବୁକିଛି ଚାଲିଯିବାରେ ଲାଗିଛନ୍ତି, ଆସୁଛନ୍ତି, ଯାଉଛନ୍ତି, ପ୍ରବେଶ କରୁଛନ୍ତି, ବାହାରି ଯାଉଛନ୍ତି, ପରସ୍ପର ସହିତ ଠେଲାଠେଲି ଲଗାଇଛନ୍ତି ଓ କଳହ ବି କରୁଛନ୍ତି,—ଯଦି ସେପରି ନହୋଇ ଆମେ ଏକ ସଂକେନ୍ଦ୍ରିତ ଚେତନା ହୋଇ ରହିଥାନ୍ତୁ, ଯଦି ଏକ ଅଭୀପ୍ସା ଦ୍ୱାରା ପ୍ରେରିତ ହୋଇ ଆମେ ଊର୍ଦ୍ଧ୍ୱାଭିମୁଖ ହୋଇ ରହିଥାନ୍ତୁ, ଏବଂ ମନୁଷ୍ୟମନର ଶୀରଗୁଡ଼ିକୁ ପାରି ହୋଇ ଉଚ୍ଚତର କୌଣସି ବସ୍ତୁ ଲାଗି ଉନ୍ମୁକ୍ତ ହୋଇ ରହିଥାନ୍ତୁ, ତେବେ, ଏହିପରି ଉନ୍ମୁକ୍ତ ହୋଇ ରହିବା ଦ୍ୱାରା ବାସ୍ତବତାର ସକଳ ସ୍ତରକୁ ଅତିକ୍ରମ କରାଇ ତାହା ସେହି ଉଚ୍ଚତର ବସ୍ତୁଟିକୁ ଆଣି ଆମ ପାଖରେ ପହଞ୍ଚାଇ ପାରୁଥାନ୍ତା, ସେହି ବସ୍ତୁଟି ଆମର ଏହି ସଚେତନ ମସ୍ତିଷ୍କଟିର ସଂସ୍ପର୍ଶରେ ଆସି ପାରୁଥାନ୍ତା ଏବଂ

'oaob.nitrkl.ac.in' images reprocessed

ସେଠାରେ ଏପରି ଏକ ଆକାର ଗ୍ରହଣ କରୁଥାନ୍ତି ଯାହାକୁ କି ଆଉ କୌଣସି ବିଶ୍ୱଗତ ଶକ୍ତି ଅଥବା ଆମର ମନଠାରୁ ଅଧିକ ଶକ୍ତିଶାଳୀ କୌଣସି ବ୍ୟକ୍ତିମନରୁ ସମ୍ଭୂତ ବୋଲି ବୁଝାଯାଇ ପାରୁ ନଥାନ୍ତି, ମାତ୍ର, ଆମ ଉପରେ ରହିଥିବା ଏକ ଆଲୋକରହିଁ ପ୍ରତ୍ୟକ୍ଷ ଅଭିବ୍ୟକ୍ତି ଏବଂ ସୃଷ୍ଟି ବୋଲି ବୁଝି ଯାଉଥାନ୍ତି; ଏବଂ ଆମର ଅଭୀପ୍ସା ଓ ଉନ୍ମୋଚନ ବାଟ ଛାଡ଼ିଦେଇ ପାରିଲେ ସେହି ଆଲୋକ ପ୍ରକୃତରେ ଏକ ସର୍ବୋଚ୍ଚ ପ୍ରକାରର ଆଲୋକରେ ପରିଣତ ହୋଇ ପାରୁଥାନ୍ତି । ସେହି ଗୋଟିଏ କ୍ଷେତ୍ରରେହିଁ ଆମର ଭାବନାଟିକୁ ଆମେ ନିଜର ଭାବନା ବୋଲି କହିପାରିବୁ । ତା' ନହେଲେ, ଆଉ ବାକି ଯାହାକିଛି ରହିଲା, ସେଗୁଡ଼ିକୁ କେବଳ ଗୋଟିଏ ଗୋଟିଏ ସାମୟିକ ଅନୁଲିପି ବୋଲି କହିବାକୁ ହେବ : ଆମେ କିଛି ନା କିଛି ଲେଖି ରଖୁଥିବୁ, ଶବ୍ଦଗୁଡ଼ିକର ମଧ୍ୟଦେଇ ସେଥିରେ କିଛି ଶକ୍ତି ଆଣି ଦେଉଥିବୁ, ସେହି ଶକ୍ତି ସମ୍ପୂର୍ଣ୍ଣ ଭାବରେ ବିଶ୍ୱଗତ ଏବଂ ସାମୂହିକ ହୋଇ ରହିଥିବ, ପ୍ରବେଶ କରୁଥିବ, ବିଚରଣ କରୁଥିବ ଏବଂ ଜଣେ ବ୍ୟକ୍ତି ପାଖରୁ ଆଉଗୋଟିଏ ବ୍ୟକ୍ତି ପାଖକୁ ଅତ୍ୟନ୍ତ ବନ୍ଧନହୀନ ଭାବରେ ଚାଲିଯିବାରେ ଲାଗିଥିବ ।

ମାତ୍ର ବିଶ୍ୱଗତ ମନର ଭିତରେ ଭାବନାର ଗଠନ ହୁଏ କିପରି ?

ବିଶ୍ୱଗତ ମନ ଭିତରେ ?

ଆପଣ କହୁଛନ୍ତି, ତାହା ବାହାରୁ ଆମ ଭିତରକୁ ଆସୁଛି, ନୁହେଁ କି ?

ମନଠାରୁ ଉଚ୍ଚତର ଆଉ ଏକ ଉତ୍ସରୁ ଭାବନାଗୁଡ଼ିକର ଉଦ୍ଭବ ହୋଇ ଥାଏ । ମନର ଏପରି ଆଉ ଗୋଟିଏ ଆୟତନ ରହିଛି, ଯାହାକୁ କି ସାଧାରଣ ମନର ଆୟତନଠାରୁ ଅଧିକ ଉଚ୍ଚ ବୋଲି ବୁଝାଯିବ, ଯେଉଁଠାରେ କି ଭାବନାମାନ ଅବସ୍ଥିତ ରହିଛନ୍ତି, ସ୍ୱରୂପୀ ଭାବନାମାନ ରହିଛନ୍ତି, ପ୍ରକୃତରେ ଆଦ୍ୟ ସ୍ୱରୂପଗୁଡ଼ିକ ଅବସ୍ଥାନ କରୁଛନ୍ତି; ଏହି ଭାବନାଗୁଡ଼ିକ ସେଠାରୁ ଓହ୍ଲାଇ ଆସୁଛନ୍ତି ଏବଂ ମାନସିକ ଉପାଦାନର ପରିଚ୍ଛଦଗୁଡ଼ିକୁ ଗ୍ରହଣ କରୁଛନ୍ତି । ତେଣୁ,—ଏସବୁକୁ ଭାଷାରେ କିପରି ବ୍ୟକ୍ତ କରିହେବ କହିଲ ? —ଗ୍ରହଣ କରୁଥିବା ବ୍ୟକ୍ତିର ଗ୍ରହଣାତ୍ମକ ପ୍ରବୃତ୍ତି ଅନୁସାରେ ସେଗୁଡ଼ିକ ହୁଏତ ଆପଣାର ସବୁଯାକ ନିଜସ୍ୱ ଗୁଣକୁ ତଥା ମୂଳ ପ୍ରକୃତିଟିକୁ ବଜାୟ ରଖିପାରନ୍ତି ଅଥବା ବିକୃତ ହୋଇପଡ଼ନ୍ତି, ନାନା ଅନ୍ୟ ବର୍ଣ୍ଣ ଧାରଣ କରନ୍ତି, ବ୍ୟକ୍ତି-

'oaob.nitrkl.ac.in' images reprocessed

ଚେତନାର ଭୂମିରେ ରୂପାନ୍ତରିତ ହୋଇଯାଆନ୍ତି । ମାତ୍ର ପ୍ରକୃତ ଭାବନାଟିର ପରିସର ମନର ପରିସରଠାରୁ ଅନେକ ବଡ଼ । ତେଣୁ ସେଇଟି ଆପଣାକୁ ବ୍ୟକ୍ତିଗତ ଓ ବିଶ୍ୱଗତ ଉଭୟ ଦୃଷ୍ଟିକୋଣରୁ କାର୍ଯ୍ୟକାରୀ କରୁଥାଏ; ବ୍ୟକ୍ତିସ୍ତରର ଗତିସ୍ପନ୍ଦନଟି ବିଶ୍ୱଗତ ଗତିସ୍ପନ୍ଦନର କେବଳ ଏକ ପ୍ରତିନିଧିରୂପେ କାର୍ଯ୍ୟ କରୁଥାଏ । କେବଳ ସୋପାନଟି ଭିନ୍ନ ହୁଏ ସିନା, ମାତ୍ର ବିଷୟଟି ସେହି ଏକା ବିଷୟ ହୋଇ ରହିଥାଏ । ଅବଶ୍ୟ ଏକଥା ସତ୍ୟ ଯେ, ଭାବନା କହିଲେ ଆମେ ସାଧାରଣତଃ ଯାହା ବୁଝୁ, ଏଗୁଡ଼ିକ ଆଉ ସେପରି "ଭାବନା" ହୋଇ ମୋଟେ ରହନ୍ତି ନାହିଁ; ସେଗୁଡ଼ିକ ବିଶ୍ୱଗତ ତତ୍ତ୍ୱରେ ପରିଣତ ହୁଅନ୍ତି,—ମାତ୍ର ତଥାପି ସେହି ଗୋଟିଏ ବିଷୟ ହୋଇ ରହିଥାନ୍ତି; ଏପରି ବିଶ୍ୱଗତ ତତ୍ତ୍ୱରେ ପରିଣତ ହୋଇ ରହିଥାନ୍ତି, ଯେଉଁଥିରୁ କି ବିଶ୍ୱଗୁଡ଼ିକର ନିର୍ମାଣ ହୋଇଥାଏ ।

ଏବଂ, ଏହି ବିଶ୍ୱଜଗତ ମଧ୍ୟ ତ ଠିକ୍ ଗୋଟିଏମାତ୍ର ବ୍ୟକ୍ତି ପରି, ଶାଶ୍ୱତ ସମଗ୍ରସୃଷ୍ଟି ମଧ୍ୟରେ ତାହା ହେଉଛି କେବଳ ଗୋଟିଏମାତ୍ର ଏକକ । ପ୍ରତ୍ୟେକ ବିଶ୍ୱଜଗତକୁ ଆମେ ଜଣେ ଜଣେ ବ୍ୟକ୍ତିରୂପେ କଳ୍ପନା କରିପାରିବା, ଯାହାଙ୍କ ଆକାର ଗ୍ରହଣ କରୁଛି, ତିଷ୍ଠି ରହୁଛି, ଭାଙ୍ଗି ଯାଉଛି ଓ ତାହା ସ୍ଥାନରେ ପୁଣି ଆଉ ଗୋଟିଏ ଆକାର ଗ୍ରହଣ କରୁଛି । ତାହା ସେହି ଏକା ବସ୍ତୁ ହୋଇ ରହୁଛି । ଆମେ ତ ବ୍ୟକ୍ତି କହିଲେ ମନୁଷ୍ୟବ୍ୟକ୍ତିକୁ ବୁଝୁ; ଏବଂ ବିଶ୍ୱଗତ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ମନୁଷ୍ୟବ୍ୟକ୍ତି ହେଉଛି ବିଶ୍ୱଗତ ବ୍ୟକ୍ତି; ଅନେକ ବିଶ୍ୱଜଗତ ମଧ୍ୟରେ ସିଏ ହେଉଛି ଏକ ଅନ୍ୟତମ ବିଶ୍ୱଜଗତ ।

## ୧୪ ନଭେମ୍ବର ୧୯୫୭

ମାଆ 'ଯୋଗସମନ୍ୱୟ'ର ପ୍ରଥମ ଭାଗଟିର ପାଠ ଶେଷ କଲେ ।

ବର୍ତ୍ତମାନ ଆମର ପଢ଼ା ଶେଷ ହେଲା । ଶେଷରେ ତୁମମାନଙ୍କର ଏ ବିଷୟରେ କୌଣସି ପ୍ରଶ୍ନ ପଚାରିବାକୁ ଅଛି କି ? ଏ ବିଷୟରେ ତୁମେମାନେ କ'ଣସବୁ ଭାବୁଛ ? ତୁମର ମନ୍ତବ୍ୟମାନ ଦିଅ ।

(ମାଆ ନୀରବ ରହିଲେ)

ଆଚ୍ଛା, ତୁମମାନଙ୍କ ଉପରେ ଏହି ଗ୍ରନ୍ଥଟିର କିପରି ପ୍ରଭାବ ପଡ଼ିଲା ? ଏହା ତୁମମାନଙ୍କୁ କୌଣସି ପ୍ରକାରେ ସାହାଯ୍ୟ କରି ପାରିଲା କି ? ତୁମମାନଙ୍କୁ ଏହା ଯଥାର୍ଥ

'oaob.nitrkl.ac.in' images reprocessed

ବାଟକୁ ଆଣିଲି, ତୁମମାନଙ୍କ ଲାଗି ଅସଲ ଆବିଷ୍କାରର ଚାବିଟିକୁ ଯୋଗାଇଦେଇ ଗଲି, ତୁମମାନଙ୍କର ସେଭଳି କୌଣସି ଧାରଣା ହେଉଛି କି ?

(ମାଆ ଦୀର୍ଘକାଳ ନୀରବ ରହିଲେ)

ବର୍ତ୍ତମାନ ମୁଁ ଶେଷ ପ୍ରଶ୍ନଟିକୁ ପଚାରିବି; ଯଦି ତୁମେମାନେ ଉତ୍ତର ନଦିଅ, ତେବେ ଆମେ ଏବିଷୟରେ ଆଉ କୌଣସି କଥାବାର୍ତ୍ତା କରିବା ନାହିଁ : ନିଜେ ଯୋଗମାର୍ଗରେ ଯିବା ଲାଗି ଏହା ତୁମକୁ କୌଣସି ପ୍ରେରଣା ଦେଇଛି ନା ନାହିଁ ?

(ମାଆ ଚାରିଆଡ଼କୁ ଅନାଇ ଦେଖୁଥାନ୍ତି) ହଁ, କିଏ ଜଣେ ମୁଣ୍ଡ ହଲାଉଛନ୍ତି; ମାତ୍ର ତଥାପି, ତାକୁ ମଧ୍ୟ ନିଶ୍ଚୟ କିଛି ବୋଲି କୁହାଯାଇ ପାରିବ ।

ହଁ ନା ନାହିଁ ? ଅଳ୍ପ, ବହୁତ, ମୋଟେ ନୁହେଁ ?···ତେବେ (ଜଣେ ପିଲା ଆଡ଼କୁ ଲକ୍ଷ୍ୟ କରି) ବର୍ତ୍ତମାନ ତୁମର ପାଳି । ଏହା ତୁମକୁ ନିଜେ ଯୋଗ କରିବା ଲାଗି କୌଣସି ପ୍ରେରଣା ଦେଇଛି ନା ନାହିଁ ?

> ହଁ, ଗ୍ରନ୍ଥଟି ଭିତରେ ଏପରି କେତୋଟି ପରିଚ୍ଛେଦ ଥିଲା,—ମୁଁ ସେଗୁଡ଼ିକୁ ଯେତେବେଳେ ପଢ଼ି ଭଲ କରି ବୁଝି ପାରୁଥିଲି, ସେତେବେଳେ ଏକ ବଳବତୀ ଅଭୀପ୍ସା ଅନୁଭବ କରୁଥିଲି । ମାତ୍ର ଅନ୍ୟ ସମୟରେ···

କାହିଁକି କ'ଣ ହେଲା ? ତୁମେ ପଢ଼ିକରି କିଛି ବୁଝି ପାରିଲ ନାହିଁ ବୋଲି ନା ତୁମ ଭିତରୁ କୌଣସି ଅନୁସ୍ପନ୍ଦନ ହେଲା ନାହିଁ ବୋଲି ?

> ମୁଁ ଭାବୁଛି, ବେଳେବେଳେ ମୁଁ ବୁଝି ପାରୁ ନଥିଲି ଓ ବେଳେ ବେଳେ ମୋର ଯଥୋଚିତ ଏକାଗ୍ରତା ରହୁ ନଥିଲା ବୋଲି ଏପରି ହେଉଥିଲା ।

ଆଉ କାହାର କିଛି କହିବାକୁ ଅଛି କି ?

> ମାଆ, ଆପଣ ଏସବୁ ପଢ଼ି ଶୁଣାଇବା ସମୟରେ ଯୋଗ ଆରମ୍ଭ କରିବା ଲାଗି ଭାରି ଉତ୍ସାହ ମିଳେ; ମାତ୍ର ଏଥିପାଇଁ ଯେଉଁ ବହୁଳ

'oaob.nitrkl.ac.in' images reprocessed

ଉଦ୍ୟମଟିକୁ କରିବାକୁ ପଡ଼ିବ, ଯେତେବେଳେ ସେହି କଥାଟି ଉପରେ ଦୃଷ୍ଟି ପଡ଼େ, ସେତେବେଳେ ଆପଣା ଉପରେ ମୋଟେ ଖୁବ୍‌ବେଶୀ ବିଶ୍ୱାସ ଆସେ ନାହିଁ ।

ହଁ, ମୁଁ ଯେତେବେଳେ ପଢ଼େ, ସେତେବେଳେ ସବୁ ଠିକ୍ ଥାଏ ଓ ତା'ପରେ ସେଇଟି ଫୁରୁସିଯାଏ !. ତେଣୁ ସେହି ନିଆଁଟିକୁ ପୁନର୍ବାର ଜଳାଇ ଦେବା ଲାଗି ମୋତେ ତୁମମାନଙ୍କ ଆଗରେ ସେହି ବିଷୟରେ ଅନେକ ଥର ପଢ଼ିବାକୁ ପଡ଼ିବ !

ଆଚ୍ଛା, ପରଥରକୁ ଆମେ 'ଭାବନା ଓ ଚିନ୍ତାଶୀଳ' ବହିଟିରୁ କିଛି ପଢ଼ିବା । ଯଦିଲା ନା ଏହି ବିଷୟରେ ଆଉ କାହାର କୌଣସି ପ୍ରଶ୍ନ ପଚାରିବାକୁ ଅଛି ?

ମାଆ, ଅନ୍ୟମାନଙ୍କ ଚକ୍ଷୁରେ ଭଲ ମଣିଷ ବୋଲି ଦେଖାଯିବାକୁ ଆପଣାର ବାସନା ଉପରେ କିପରି ବିଜୟ ହାସଲ କରିବାକୁ ହେବ ?

ହେ ଭଗବାନ୍ !···ଅନ୍ୟମାନଙ୍କ ଚକ୍ଷୁରେ ଭଲ ଦେଖାଯିବା ପାଇଁ, ସର୍ବ-ସାଧାରଣଙ୍କର ପ୍ରଶଂସା ପାଇବା ପାଇଁ ? ତୁମେ ଏଇଆ କହୁଛ ନା ?

ସର୍ବପ୍ରଥମ କଥା ହେଉଛି, ଅନ୍ୟର ପ୍ରଶଂସାକୁ ତୁମେ କାହିଁକି ଏତେ ମୂଲ୍ୟ ଦେଉଛ, ଆପଣାକୁ ତାହାର କାରଣ ପଚାରିବ । କେଉଁ ବିଶେଷ କାରଣରୁ ତୁମେ ଏପରି ଚାହୁଁଛ, ସେଇଟିକୁ ଜାଣିବ;—କାରଣ ଏହା ପଛରେ ଅନେକ କାରଣ ଥାଇପାରେ । ···ଯଦି ତୁମେ ଜୀବନରେ ଏକ ଜୀବିକା ଗ୍ରହଣ କରିଛ ଏବଂ ତୁମ ବିଷୟରେ ଅନ୍ୟମାନଙ୍କର ମତ ଉପରେହିଁ ସେହି ଜୀବିକାଟି ନିର୍ଭର କରୁଛି, ତେବେ ତାହା ହେଉଛି ଏକ ପ୍ରୟୋଜନବାଦୀ କାରଣ । ଯଦି ତୁମ ଭିତରେ ଅଳ୍ପ ବା ବହୁତ ପରିମାଣରେ ଏକ ଅହଂକାର ରହିଛି ଓ ତେଣୁ ପ୍ରଶଂସା ଶୁଣିବାକୁ ତୁମକୁ ଖୁବ ଭଲ ଲାଗୁଛି, ତେବେ ସେଇଟା ଆଉ ଗୋଟାଏ କାରଣ ହେବ । ବା ହୁଏତ ତୁମ ବିଷୟରେ ଅନ୍ୟମାନଙ୍କର ମତକୁ ତୁମେ ବହୁତ ମୂଲ୍ୟ ଦେଉଛ, କାରଣ ତୁମେ ଭାବୁଛ ଯେ ସେମାନେ ଅଧିକ ବିଜ୍ଞ, ତୁମଠାରୁ ଅଧିକ ଅବଗତ ଅଥବା ତୁମଠାରୁ ସେମାନଙ୍କଠାରେ ଅଧିକ ଜ୍ଞାନ ରହିଛି । ତାହା ଆଉ ଏକ ତୃତୀୟ କାରଣ । ଏହା ବ୍ୟତୀତ ଅନ୍ୟ ଅନେକ କାରଣ ରହିଛି, ମାତ୍ର ସର୍ବପ୍ରଧାନ ତିନୋଟି କାରଣ ହେଲା : ପ୍ରଶଂସାର ପ୍ରୟୋଜନ, ତୁମର ଅହଂକାର—ସାଧାରଣତଃ ଏହି କାରଣଟି ସର୍ବୁଠାରୁ

'oaob.nitrkl.ac.in' images reprocessed

ଅଧିକ ଶକ୍ତିଶାଳୀ ହୋଇ ରହିଥାଏ,—ଏବଂ ଅଗ୍ରଗତି ଓ ଅଧିକ ଉନ୍ନତି ଲାଗି ତୁମର ଇଚ୍ଛା ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେତେବେଳେ ଉନ୍ନତି କରିବାର ଇଚ୍ଛାହିଁ କାରଣ ହୋଇ ରହିଥାଏ, ସେତେବେଳେ ତୁମର ମନୋବୃତ୍ତିଟି ଯେ ଠିକ୍ ସେହିପରି ହୋଇ ରହିଥାଏ, ସେ କଥା ମୋଟେ ନୁହେଁ, କାରଣ ନିଜ ବିଷୟରେ ଅନ୍ୟମାନଙ୍କ ମନରେ ଏକ ଉତ୍ତମ ଧାରଣା ସୃଷ୍ଟି କରିବା ପରିବର୍ତ୍ତେ ମୁଁ ପ୍ରକୃତରେ ଯେଉଁ ଧାରଣାଟିକୁ ନିଜେ ତିଆରି କରୁଛି, ସେହି କଥାଟି ଜାଣିବା ଲାଗି ମୋର ଆଗ ଚେଷ୍ଟା କରିବା ଉଚିତ, ଏଥିରୁ ଉପଲବ୍ଧ ଶିକ୍ଷାଟି ଦ୍ୱାରା ପ୍ରକୃତରେ ଉପକୃତ ହେବା ଲାଗି ସକଳ ବିନମ୍ରତା ସହିତ ଠିକ୍ ସେହିପରି କରିପାରିବା ଉଚିତ । ମାତ୍ର ସାଧାରଣତଃ ସେପରି ଆଦୌ ଦେଖାଯାଏ ନାହିଁ, ଏବଂ ବସ୍ତୁତଃ, ଜଣେ ଯଦି ଅତି ବେଶୀ ବୋକା ହୋଇ ନଥାଏ, ଯେଉଁମାନଙ୍କର ତା'ଠାରୁ ଅଧିକ ଅଭିଜ୍ଞତା, ଅଧିକ ଜ୍ଞାନ ଓ ଅଧିକ ବିଜ୍ଞତା ରହିଥାଏ, ଜଣେ କେବଳ ସେହିମାନଙ୍କର ମତାମତକୁହିଁ ଯାହାକିଛି ମହତ୍ତ୍ୱ ଦେଇଥାଏ । ତେଣୁ ସେହି ବାଟରେ ଆମେ ସିଧା ପ୍ରତିକାରର ସର୍ବୋତ୍ତମ ବାଟଟିକୁ ବି ପାଇଯିବା । ଅର୍ଥାତ୍, ନିର୍ଭୁଲ ସ୍ତରରେ କଥାଟିକୁ କହିବାକୁ ଗଲେ, ଆମେ କ୍ରମଶଃ ବୁଝିବାକୁ ସମର୍ଥ ହେବା ଯେ, ଯେଉଁମାନେ ଠିକ୍ ଆମରି ପରି ଅଜ୍ଞାନ ଓ ଆମରି ପରି ଅନ୍ଧ, ଗଭୀରତର ସତ୍ୟ ଏବଂ ଅଗ୍ରଗତି କରିବାର ଇଚ୍ଛାର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଆମ ଲାଗି ସେମାନଙ୍କର ମତାମତର ପ୍ରକୃତରେ ଖୁବ୍ ବେଶୀ ମୂଲ୍ୟ ନାହିଁ; ଏବଂ ଆମେ ତା'ପରେ ତାହା ଉପରେ ଆଉ ମୋଟେ ଅଧିକ ଗୁରୁତ୍ୱ ଦେବାକୁ ଯିବା ନାହିଁ ।

ଶେଷରେ, ଯଦି ଜଣେ ଆନ୍ତରିକତା ସହିତ ସବୁକିଛି କରୁଥାଏ, ତେବେ ସିଏ କେବଳ ନିଜର ଶିକ୍ଷକ, ଗୁରୁ ଅଥବା ଭଗବାନଙ୍କ ସ୍ୱୀକୃତି ବ୍ୟତୀତ ଆଉ କୌଣସି ସ୍ୱୀକୃତିର କାମନା ରଖିବ ନାହିଁ । ଏବଂ, ଅନ୍ୟମାନଙ୍କ ମନରେ ନିଜ ବିଷୟରେ ଭଲ ଧାରଣା ସୃଷ୍ଟି କରିବାର ଏହି ଯେଉଁ କ୍ଷୁଦ୍ର ଦୁର୍ବଳତାଟି ରହିଛି, ତାହାର ଆରୋଗ୍ୟ ଲାଗି ଆମେ ଏହାକୁହିଁ ସର୍ବପ୍ରଥମ ପଦକ୍ଷେପ ବୋଲି ଜାଣିବା । ପୁନଶ୍ଚ, ଯଦି ପ୍ରୟୋଜନବାଦୀ କୌଣସି ଅଭିପ୍ରାୟରୁ ଏପରି କରି ଯାଉଥାଏ, ଅର୍ଥାତ୍ ମୁଁ ପ୍ରଥମେ ଯେଉଁଟିର କଥା କହୁଥିଲି, ଯଦି ତାହାରି ଦ୍ୱାରା ପ୍ରେରିତ ହୋଇ ଏପରି କରି ଯାଉଥାଏ, ତେବେ ଏଠାରେ ସେହି ପ୍ରଶ୍ନଟି ଆଦୌ ଉଠିବ ନାହିଁ, କାରଣ, ଆମ ବିଷୟରେ ଅନ୍ୟମାନଙ୍କର କିଭଳି ମତ ରହିଛି ବା ନରହିଛି, ଏଠାରେ ଆମେ ତାହା ଉପରେ ଆଦୌ ନିର୍ଭରଶୀଳ ହୋଇ ରହି ନାହୁଁ; ଆମର ଏଠାକାର ଜୀବନ ଅଥବା ଆମର ବିକାଶ ଲାଗି ଆମେ ତାହା ଉପରେ ମୋଟେ ନିର୍ଭର କରୁ ନାହୁଁ । ତେବେ,

'oaob.nitrkl.ac.in' images reprocessed

ଯେଉଁଟି ସବୁଠାରୁ ଅଧିକ ସଚରାଚର ଭାବରେ ଦେଖାଯାଏ, ବର୍ତ୍ତମାନ କେବଳ ସେହି ଗୋଟିକହିଁ ବାକି ରହିଲା ଏବଂ ସେଇଟିର ଆରୋଗ୍ୟବିଧାନ ହେଉଛି ସବୁଠାରୁ ଅଧିକ କଷ୍ଟକର, ଏଠାରେ ମୁଁ ସେହି କ୍ଷୁଦ୍ର ଓ ଅତି ନିର୍ବୋଧତାପୂର୍ଣ୍ଣ ଅହଂପ୍ରୀତିଟିର କଥା କହୁଛି ଯାହା ଦ୍ୱାରା କି ଆମକୁ ଅନ୍ୟଠାରୁ ପ୍ରଶଂସା ପାଇବାକୁ ସବୁବେଳେ ଭାରି ଭଲ ଲାଗିଥାଏ ଓ ଯାହା ଦ୍ୱାରା କୌଣସି ପ୍ରକାରେ ସମାଲୋଚିତ ହେବାକୁ ଭାରି ଖରାପ ଲାଗେ । ତେଣୁ ସେହି କ୍ଷେତ୍ରରେ ସର୍ବୋତ୍ତମ ଉପାୟ ହେଉଛି ଯେ ଆମେ ନିଜ ଆଡ଼କୁ ଅନାଇ ଦେଖିବା, ଆମେ ଯେ ଆପଣାକୁ କେତେ ହାସ୍ୟାସ୍ପଦ କରି ରଖିଛୁ, ସେହି କଥା ହୃଦୟଙ୍ଗମ କରିବା, ଆମେ କେତେ କ୍ଷୁଦ୍ର, ମୂଲ୍ୟହୀନ, ନିର୍ବୋଧ ଓ ସେହିପରି ଆଉ ସବୁକିଛି, ତାହା ଦେଖିବାକୁ ସମର୍ଥ ହେବା; ହଁ, ନିଜକୁ ଟିକିଏ ହସି ଶିଖିବା ଏବଂ ତା'ପରେ ଅନ୍ୟମାନଙ୍କଠାରୁ କୌଣସି ପ୍ରଶଂସା ନପାଇ ମଧ୍ୟ ଆପଣାର ଜୀବନ ବଞ୍ଚିବାକୁ ସଙ୍କଳ୍ପ ଗ୍ରହଣ କରିବା ।

ବାସ୍, ଏ ବିଷୟରେ ମୁଁ କେବଳ ଏତିକି କହି ପାରିବି ।

କୌଣସି ଦ୍ୱିରୁକ୍ତି ରହିବା ଉଚିତ ନୁହେଁ ଯେ ଯୋଗ ଏବଂ ଯୋଗସାଧନାର କ୍ଷେତ୍ରରେ ଏହି ପ୍ରାଥମିକ ସର୍ତ୍ତଟି ଆମ ଲାଗି ଅପରିହାର୍ଯ୍ୟ ହୋଇ ରହିବା ଉଚିତ ଯେ ଅନ୍ୟମାନଙ୍କର ସ୍ୱୀକୃତି ଓ ସାଧୁବାଦ ଇଚ୍ଛା କରିବାର ଏହି କ୍ଷୁଦ୍ର ନିର୍ବୋଧତାଟିରୁ ଆମେ ନିଜକୁ ମୁକ୍ତ କରି ଆଣିବା । ଯୋଗପଥରେ ମୁଁ ଏଇଟି ପ୍ରଥମ ପଦକ୍ଷେପ ବୋଲି ମୋଟେ କହୁ ନାହିଁ, ଯୋଗପଥରେ ପ୍ରବିଷ୍ଟ ହୋଇ ପାରିବା ଲାଗି ଯେଉଁ ପ୍ରସ୍ତୁତି ଅବଶ୍ୟ ଆବଶ୍ୟକ, ସେହି ପ୍ରସ୍ତୁତି ମଧ୍ୟରେହିଁ ଏଇଟି ହେଉଛି ଏକ ପ୍ରାଥମିକ ପଦକ୍ଷେପ । କାରଣ ଯେପର୍ଯ୍ୟନ୍ତ ଆମ ଭିତରେ ଅନ୍ୟର ସାଧୁବାଦ ଏବଂ ପ୍ରଶଂସା ଲାଗି ଅପେକ୍ଷା ରହିଥିବ, ସେପର୍ଯ୍ୟନ୍ତ ଆମେ ସତେଅବା ଏକ ଭୃତ୍ୟ ପରି ଜୀବନ ବଞ୍ଚୁଥିବା, ବଡ଼ ଶୋଚନୀୟ ଭାବରେ ଏକାନ୍ତ ଦୁର୍ବଳ ହୋଇ ରହିଥିବା ।

ଅନ୍ୟମାନେ ମୋ ବିଷୟରେ ଭଲ କି ମନ୍ଦ କ'ଣ ଭାବୁଛନ୍ତି ନ ଭାବୁଛନ୍ତି, ବସ୍ତୁତଃ ସେ କଥାକୁ ଆଦୌ କୌଣସି ଅପେକ୍ଷା ନକରିବାହିଁ ଶ୍ରେୟସ୍କର । ମାତ୍ର ପ୍ରତ୍ୟେକ କ୍ଷେତ୍ରରେ, ଏହି ଅବସ୍ଥାକୁ ଆସିପାରିବା ପୂର୍ବରୁ ଅନ୍ୟମାନଙ୍କୁ ଗୋଟିଏ ଗୋଟିଏ ଦର୍ପଣ ପରି ଗ୍ରହଣ କରି ତୁମେ ନିଜ ବିଷୟରେ ଅନ୍ୟମାନଙ୍କ ମନରେ କି ପ୍ରକାର ଧାରଣା ଜନ୍ମାଉଛ, ତାହାର ସନ୍ଧାନ ନେବାକୁ ହୁଏତ କମ୍ ହାସ୍ୟାସ୍ପଦ ବୋଲି ବୁଝାଯାଇ ପାରିବ, ସେହିମାନଙ୍କ ଦର୍ପଣ ଉପରେ ଆପଣାର ପ୍ରତିରୂପଟିକୁ ତୁମେ ଅଧିକ ନିର୍ଭୁଲ ଭାବରେ ଦେଖିପାରିବ; ନିଜ ଚେତନାରେ ନିଜକୁ ଯେପରି ଦେଖିଥାଅ, ତାହାଠାରୁ ଅଧିକ ନିର୍ଭୁଲ ଭାବରେ ଦେଖିପାରିବ । ତୁମର ନିଜ ଚେତନାଟି ତୁମର ଯାବତୀୟ ଦୁର୍ବଳତା, ଅନ୍ଧତା, ପ୍ରବଳ ଇଚ୍ଛା ଓ ଅଜ୍ଞାନ ପ୍ରତି ତ

'oaob.nitrkl.ac.in' images reprocessed

ସବୁବେଳେ ଅତଶକ୍ତ ପରିମାଣରେ କ୍ଷମାଶୀଳ ହୋଇ ରହିଥାଏ । ଆପଣା ବିଷୟରେ ଆପଣାକୁ ଭଲ ଧାରଣାଟିଏ ଯୋଗାଇ ଦେବା ଲାଗି ତୁମର ମନ ମଧ୍ୟ ସର୍ବଦା ଏକ ଆକର୍ଷକ ଏବଂ ସୁଖଦାୟକ କୈଫିୟତ୍ତ ଦେବାରେ ଲାଗିଥାଏ । ମାତ୍ର, କଥାଟିର ଉପସଂହାର କରି ଏତିକି କୁହାଯିବ ଯେ, ଆପଣାର ପ୍ରକୃତ ସ୍ଥିତିଟି ବିଷୟରେ କିଞ୍ଚିତ୍ ଅଧିକ ବିଶ୍ୱାସଯୋଗ୍ୟ ଏବଂ ବିଶ୍ୱସମୀୟ ତଥ୍ୟ ଲାଭ କରିବାର ସୁଯୋଗ ପାଇବାକୁ ହେଲେ ଅନ୍ୟମାନଙ୍କର ମତାମତ ଜାଣିବାକୁ ଯିବାରେ ସେତେବେଶୀ ଲାଭ ହେବ ନାହିଁ, ମାତ୍ର ସବୁକିଛିକୁ ନେଇ କେବଳ ଗୁରୁଙ୍କ ଦୃଷ୍ଟି ସମକ୍ଷରେ ରଖି ଦେବାକୁ ପଡ଼ିବ । ଯଦି ତୁମେ ଆଗକୁ ଯିବାକୁ ଇଚ୍ଛା କରୁଥିବ, ତେବେ ଏହାହିଁ ହେଉଛି ନିଶ୍ଚିତତମ ଉପାୟ । ଏଥର କଥାଟିକୁ ବୁଝି ପାରୁଥିବ । ସରଳ ?

> ମାଆ, ମୋର ଗୋଟିଏ ପ୍ରଶ୍ନ ପଚାରିବାକୁ ଥିଲା । ନିଜର ଯାବତୀୟ କ୍ରିୟାକୁ ନିଜର ନିୟନ୍ତ୍ରଣରେ ରଖିବା ଏବଂ ନିଜର ଚତୁର୍ଦ୍ଦିଗରେ ରହିଥିବା ବୃହତ୍ ଜୀବନଟି ଉପରେ ନିୟନ୍ତ୍ରଣ କରିବା, ଦୁଇଟି ଯାକ ବିଷୟ ପରସ୍ପର ନିର୍ଭରଶୀଳ ନା ସେମାନେ ପରସ୍ପରଠାରୁ ସ୍ୱତନ୍ତ୍ର ?

ଆତ୍ମ-ନିୟନ୍ତ୍ରଣ ଏବଂ ତୁମର ଚତୁର୍ଦ୍ଦିଗରେ ଯାହାସବୁ ରହିଛି, ତାହା ଉପରେ ନିୟନ୍ତ୍ରଣ ?···ସେହି କଥାଟି ତୁମର ଦୃଷ୍ଟିଭଙ୍ଗୀ ଉପରେ ନିର୍ଭର କରିବ । ଉଦାହରଣ-ସ୍ୱରୂପ ଜଣେ ପୋଲିସ ହାକିମର 'ମଧ୍ୟ ତା' ଚତୁର୍ଦ୍ଦିଗସ୍ଥ ପରିବେଶଟି ଉପରେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ନିୟନ୍ତ୍ରଣ ରହିଥାଏ, ମାତ୍ର ତାର ନିଜ ଉପରେ ସାଧାରଣତଃ ଖୁବ୍ ବେଶୀ ନିୟନ୍ତ୍ରଣ ନଥାଏ ! (ସମସ୍ତେ ହସି ଉଠିଲେ)

ତୁମେ ପ୍ରକୃତରେ ଠିକ୍ କ'ଣ ଜାଣିବାକୁ ଚାହୁଁଛ ?

> "ନିଜ ଚତୁର୍ଦ୍ଦିଗରେ ଥିବା ବୃହତ୍ ଜୀବନଟି ଉପରେ ନିୟନ୍ତ୍ରଣ ଲାଭ"—ମୁଁ ଏହି କଥାଟିର ଅର୍ଥ ବୁଝିବାକୁ ଚାହେଁ ।*

---

* ଏହିସବୁ ସ୍ତରରେ ଆମର ଏହି ଖଣ୍ଡିତ ସତ୍ତାଟିକୁ ଏକ ଅଖଣ୍ଡ ଓ ସମଗ୍ର ସତ୍ତାରେ ପରିଣତ କରି ଆଣିବାର ଏହି ପ୍ରକ୍ରିୟାଟି ଦ୍ୱାରହିଁ ଯୋଗର ଦାବୀ ଶକ୍ତ ଆପଣାର ଧ୍ୟେୟ ଆଡ଼କୁ ଅଗ୍ରସର ହେବାକୁ ଲାଗିବ, କାରଣ ସତ୍ତାକୁ ଏହିସବୁ ଏକ ସମଗ୍ର ସତ୍ତାରେ ପରିଣତ କରି ଆଣିବା ଉପରେହିଁ ଆମର ଯାବତୀୟ ବିମୋଚନ, ପୂର୍ଣ୍ଣତା ଏବଂ ପ୍ରଭୁତ୍ୱଲାଭ ନିର୍ଭରଶୀଳ ହୋଇ ରହିଛି

'oaob.nitrkl.ac.in' images reprocessed

ଆଚ୍ଛା, ତେବେ ଏଇଟି ସେହି ଗ୍ରନ୍ଥର ଗୋଟିଏ ଅଂଶ !

ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ ଆମକୁ ଆପଣାର ନିୟନ୍ତ୍ରଣରୁହିଁ ଆରମ୍ଭ କରିବାକୁ ହେବ, ତା' ନହେଲେ ଆପଣାର ପରିପାର୍ଶ୍ୱ ଉପରେ ଆମର ଆଦୌ କୌଣସି ପ୍ରଭାବ ପଡ଼ିବ ନାହିଁ ଏବଂ ବିଶୃଙ୍ଖଳାକୁ ଅଧିକ ବିଶୃଙ୍ଖଳ କରି ପକାଇବାହିଁ ସାର ହେବ ।

ଗୋଟିଏ ଉଦାହରଣ ଦେଇ କହିଲେ, ବିବେକାନନ୍ଦଙ୍କର ତାଙ୍କର ଘିଗ ଉପରେ ଆଦୌ କୌଣସି ନିୟନ୍ତ୍ରଣ ନଥିଲା, ମାତ୍ର ଚତୁର୍ଦ୍ଦିଗସ୍ଥ ଜୀବନ ଉପରେ ତାଙ୍କର ଅନେକ ନିୟନ୍ତ୍ରଣ ରହି ପାରୁଥିଲା ।

ମୁଁ ସର୍ବପ୍ରଥମ ଥର ପାଇଁ ଏହି କଥାଟିକୁ ଶୁଣୁଛି, ଆପଣାର ଘିଗ ଉପରେ ତାଙ୍କର କୌଣସି ନିୟନ୍ତ୍ରଣ ନଥିଲା ? ସେ କାହାଣି ତୁମେ କାହାଠାରୁ ଶୁଣିଛ ?

ତାଙ୍କର୍ ଜୀବନୀରୁ ।

ସେ ନିଜେ ସେକଥା କହିଛନ୍ତି ? ଏହି କଥାଟିରେ ପ୍ରକୃତରେ କୌଣସି ପ୍ରାମାଣିକତା ରହିଛି କି ?

(ଆଉ ଜଣେ ସାଧକ) ହଁ, ବେଳେବେଳେ ସେ ଭାରି ରାଗି ଯାଉଥିଲେ ।

ମାତ୍ର ସେହି ବିଷୟଟି ସିଏ ନିଜେ ଜାଣିଥିଲେ ?

ହଁ, ଜାଣିଥିଲେ ।

---

ଏବଂ ଉପର ଭାଗରେ ରହିଥିବା ଏହି କ୍ଷୁଦ୍ର ତରଙ୍ଗଟି କଦାପି ତାର ଅପଣା ଗତିସ୍ପନ୍ଦନଟିକୁ ଅପଣାର ନିୟନ୍ତ୍ରଣକୁ ଅଣି ପାରିବ ନାହିଁ, ଏବଂ ଅପଣା ଗୃହିସାଖରେ ରହିଥିବା ପରିବ୍ୟାପ୍ତ ଜୀବନଟି ଉପରେ କୌଣସି ଯଥାର୍ଥ ନିୟନ୍ତ୍ରଣ କାର୍ଯ୍ୟକାରୀ କରିପାରିବା ତ ତାହା ଲାଗି ଅତୁଚ ଅଧିକ କଷ୍ଟକର ହୋଇ ରହିଥିବ ! ଯୋଗସମନ୍ୱୟ, ପୃଷ୍ଠା:-୧୬୬

ସେ ଯାହା ହେଉ ପଛକେ, ଆପଣାର ପରିପାର୍ଶ୍ୱ ଉପରେ ତାଙ୍କର "ଖୁବ୍ ବେଶୀ ନିୟନ୍ତ୍ରଣ" ନଥିଲା । ହଁ, ତାଙ୍କର ଅନେକ ପ୍ରଭାବ ଥିଲା, ମାତ୍ର ତାହା ଏକ ଭିନ୍ନ କଥା । ଅନ୍ତରସ୍ଥ ବିଷୟକୁ ନିୟନ୍ତ୍ରଣ କରି ନଥିବା ପର୍ଯ୍ୟନ୍ତ ବାହ୍ୟ ବିଷୟ ଉପରେ ମଧ୍ୟ ଆଦୌ କୌଣସି ନିୟନ୍ତ୍ରଣ ସମ୍ଭବ ହେବ ନାହିଁ । କାରଣ ଉଭୟେ ହେଉଛନ୍ତି ସେହି ଗୋଟିଏ ଉପାଦାନ । ମାତ୍ର ତାଙ୍କର ଏକ ପ୍ରଭାବ ଅବଶ୍ୟ ରହିଥିଲା । ତାହା ଏକ ଭିନ୍ନ କଥା । ଏହାକୁ ଆମେ ସ୍ୱାମିତ୍ୱ ବୋଲି କହି ପାରିବା ନାହିଁ, ତାହା ହେଉଛି ଏକ ପ୍ରଭାବ । ଅର୍ଥାତ୍, ସେ ଅନ୍ୟମାନଙ୍କ ମଧ୍ୟରେ କେତେକ ନିର୍ଦ୍ଦିଷ୍ଟ ଗତିସ୍ପନ୍ଦନକୁ ଜାଗ୍ରତ କରିଆଣି ପାରୁଥିଲେ, ମାତ୍ର ସେଗୁଡ଼ିକ ଉପରେ ତାଙ୍କର କୌଣସି ନିୟନ୍ତ୍ରଣ ନଥିଲା, ସେହି ଅନ୍ୟମାନଙ୍କୁହିଁ ଉକ୍ତ ଜାଗ୍ରତିଟି ସାହାଯ୍ୟରେ ନିଜେ ନିଜକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ୁଥିଲା, ମାତ୍ର ମୁଁ କହିବି ଯେ—ମୁଁ "ସିଏ" ବୋଲି କହୁଛି,—ସିଏ ତୁମେ ଦେଖୁଥିବା ଯେକୌଣସି ବ୍ୟକ୍ତି ହୋଇ ପାରନ୍ତି, ଏହା ହେଉଛି ଏକ ସାଧାରଣ ନିୟମ ।

ପୁନଶ୍ଚ, ଏକଥାଟି ଏତେ ସରଳ ଯେ ଜଣେ ସାନ ପିଲା ମଧ୍ୟ ସେକଥା ବୁଝିପାରିବ, କାରଣ ସ୍ୱାମିତ୍ୱର ଅର୍ଥ ହେଉଛି ଯେ କେତେକ ସ୍ପନ୍ଦନକୁ ପରିଚାଳିତ କରି ପାରିବାର ଜ୍ଞାନ ହାସଲ କରି ପାରିଥିବା ଉଚିତ । ଯଦି ତୁମେ ଏହିସବୁ ସ୍ପନ୍ଦନକୁ ପରିଚାଳିତ କରି ପାରୁଥିବ, ତେବେ ତୁମର ନିଶ୍ଚୟ ଏକ ସ୍ୱାମିତ୍ୱ ରହିଛି ବୋଲି ବୁଝାଯିବ । ତୁମେ ନିଜେ ହେଉଛ ଏହି ସବ୍ୟାଟିର ସବୁଠାରୁ ଅଧିକ ଉତ୍ତମ ପ୍ରୟୋଗଶାଳା : ସର୍ବପ୍ରଥମେ ତୁମେ ନିଜ ଉପରେ ନିୟନ୍ତ୍ରଣ ଅର୍ଜନ କରିବ ଏବଂ ଥରେ ସ୍ୱୟଂ ସେଇଟିକୁ ଅର୍ଜନ କରିସାରିବା ପରେ ସେହି ଗତିସ୍ପନ୍ଦନଟିକୁ ତୁମେ ଅନ୍ୟମାନଙ୍କ ମଧ୍ୟକୁ ବି ସଞ୍ଚାରିତ କରି ଦେଇପାରିବ; ତୁମେ ଯେଉଁ ପରିମାଣରେ ସେମାନଙ୍କ ସହିତ ଏକାତ୍ମକ ହୋଇ ପାରିଥିବ ଏବଂ ତେଣୁ ସେମାନଙ୍କ ଭିତରେ ମଧ୍ୟ ସେହି ଗତିସ୍ପନ୍ଦନଟିକୁ ସୃଷ୍ଟି କରି ପାରୁଥିବ, ସେହି ଅନୁପାତରେହିଁ ତୁମେ ତାହାକୁ ସେମାନଙ୍କ ମଧ୍ୟକୁ ସଞ୍ଚାରିତ କରିଦେଇ ପାରିବ । ମାତ୍ର, ଯଦି ତୁମେ ନିଜେ କୌଣସି ଗତିସ୍ପନ୍ଦନର ନିଜ ଭିତରେ ସମ୍ମୁଖୀନ ହୋଇ ପାରୁ ନଥିବ, ତେବେ ତୁମକୁ ସେହି ସଞ୍ଚାରଣର ପଦ୍ଧତି ମଧ୍ୟ ଜଣା ନଥିବ; ତୁମେ ସେଇଟିକୁ ନେଇ କ'ଣ କରିବ, ସେକଥାଟି ମଧ୍ୟ ତୁମକୁ ଜଣା ନଥିବ, ଏବଂ ତେଣୁ ତାହାକୁ ତୁମେ ଅନ୍ୟମାନଙ୍କ ମଧ୍ୟରେ କିପରି ସଞ୍ଚାରିତ କରିପାରିବ ? ହଁ, ତୁମେ କଥା ଦ୍ୱାରା ସେମାନଙ୍କୁ ଉତ୍ସାହିତ କରିପାରିବ, ସେମାନଙ୍କ ଉପରେ ଏକ ପ୍ରଭାବ ଦ୍ୱାରା ତାହା କରିପାରିବ; ଆତ୍ମ-ନିୟନ୍ତ୍ରଣ ଶିକ୍ଷା କରିବାକୁ ହେଲେ କ'ଣସବୁ ଆବଶ୍ୟକ, ସେହି ବିଷୟରେ ସେମାନଙ୍କୁ

'oaob.nitrkl.ac.in' images reprocessed

ତୁମେ ହସ୍ତାନ୍ତର କରିପାରିବ, ମାତ୍ର ସେମାନଙ୍କ ଉପରେ ତୁମର କୌଣସି ପ୍ରତ୍ୟକ୍ଷ ନିୟନ୍ତ୍ରଣ ସମ୍ଭବ ହେବ ନାହିଁ ।

କୌଣସି ଏକ ବସ୍ତୁକୁ, ଏକ ଗତିସ୍ପନ୍ଦନକୁ ନିୟନ୍ତ୍ରଣରେ ଆଣିବାକୁ ହେଲେ କେବଳ ଆପଣାର ଉପସ୍ଥିତି ଦ୍ୱାରାହିଁ,—ଏଥିଲାଗି କୌଣସି ଶବ୍ଦ ଲୋଡ଼ା ହେବ ନାହିଁ, କୌଣସି ବ୍ୟାଖ୍ୟା ବି ଲୋଡ଼ା ହେବ ନାହିଁ, ତୁମେ ମନ୍ଦ ଗତିସ୍ପନ୍ଦନ ସ୍ଥାନରେ ପ୍ରକୃତ ଗତିସ୍ପନ୍ଦନଟିକୁ ଆଣି ସଞ୍ଚାରିତ କରିଦେଇ ପାରିବ । ଏହାକୁହିଁ ସ୍ୱାମିତ୍ୱଲାଭ କରିଥିବାର ଶକ୍ତି ବୋଲି କୁହାଯିବ । ଏହି ଶକ୍ତି କଥା କହିବାରେ ନାହିଁ ବା ବ୍ୟାଖ୍ୟା ଦେବାରେ ମଧ୍ୟ ନାହିଁ; ଶବ୍ଦ, ବ୍ୟାଖ୍ୟା ଏବଂ ଏପରିକି ଶକ୍ତିର ଏକ ପ୍ରସର୍ଜନ ଦ୍ୱାରା ତୁମେ ଆଉଜଣକ ଉପରେ ହୁଏତ କିଛିଟା ପ୍ରଭାବ ପକାଇ ପାରିବ ସତ, ମାତ୍ର ତା'ର ଗତିସ୍ପନ୍ଦନଗୁଡ଼ିକ ଉପରେ ତୁମର ଆଦୌ କୌଣସି ନିୟନ୍ତ୍ରଣ ନଥିବ । ଗତିସ୍ପନ୍ଦନଟିକୁ ନିୟନ୍ତ୍ରିତ କରି ରଖିବାର ଅର୍ଥ ହେଉଛି, ସେହି ଗତିସ୍ପନ୍ଦନଟିକୁ ବନ୍ଦ କରିବାର ଶକ୍ତି ରହିଥିବା ଏକ ଅଧିକ ବଳଶାଳୀ ଏବଂ ଅଧିକ ଯଥାର୍ଥ ସ୍ପନ୍ଦନ ଦ୍ୱାରା ସେଇଟିର ବିରୋଧ କରି ପାରିବାର ସାମର୍ଥ୍ୟ ।··· ମୁଁ ବର୍ତ୍ତମାନ ତୁମକୁ ଗୋଟିଏ ଅତ୍ୟନ୍ତ ସହଜ ଉଦାହରଣ ଦେବି । ମନେକର, ତୁମ ଆଗରେ ଦୁଇଜଣ ବ୍ୟକ୍ତି କ'ଣ ଗୋଟିଏ ବିଷୟ ନେଇ ଯୁକ୍ତି କରୁଛନ୍ତି; କେବଳ ଯେ ଯୁକ୍ତି କରୁଛନ୍ତି, ତା' ନୁହେଁ, ପ୍ରାୟ ମାଡ଼ ମରାମରି ପାଇଁ ପ୍ରସ୍ତୁତ ହୋଇ ଆସିବା ପରି ମନେ ହେଉଛନ୍ତି; ଏପରି କରିବା ଉଚିତ ନୁହେଁ ବୋଲି ତୁମେ ସେମାନଙ୍କୁ ବୁଝାଇଦେଲ, ଏସବୁ ବନ୍ଦ କରିବା ପକ୍ଷରେ ରହିଥିବା କାରଣଗୁଡ଼ିକୁ ସେମାନଙ୍କୁ ଦର୍ଶାଇଦେଲ ଏବଂ ସେମାନେ କଳହ ବନ୍ଦ କରିଦେଲେ । ଏହି କ୍ଷେତ୍ରରେ ସେମାନଙ୍କ ଉପରେ ତୁମର ଏକ ପ୍ରଭାବ ରହିଛି ବୋଲି କୁହାଯିବ । ମାତ୍ର ଯଦି ତୁମେ ସେମାନଙ୍କ ଆଗରେ ଯାଇ ଠିଆ ହୋଇଯିବ, ସେମାନଙ୍କ ଆଡ଼କୁ ଅନାଇବ ଏବଂ ପଦେହେଲେ କଥା ନ କହି ବା କୌଣସି ପ୍ରକାର ବ୍ୟାଖ୍ୟା ନଦେଇ ଯଦି ତୁମେ ଶାନ୍ତି,. ସ୍ଥିରତା ଓ ନିଶ୍ଚଳତାର ଏକ ସ୍ପନ୍ଦନ ପ୍ରେରଣ କରି ପାରିବ, ତେବେ ସେହି ଅନ୍ୟ ସ୍ପନ୍ଦନଟି ଆଉ କଦାପି ସ୍ଥାୟୀ ହୋଇ ରହି ପାରିବ ନାହିଁ । ତାହା ଆପଣା ଛାଏଁ ଅନ୍ତର୍ହିତ ହୋଇଯିବ । ଏହାକୁ ଆମେ ସ୍ୱାମିତ୍ୱ ବୋଲି କହିବା ।

ଅଜ୍ଞାନର ଦୂରୀକରଣ କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା । ଯଦି କିଛି ବୁଝାଇ କହିବାକୁ ହେଲେ ଶବ୍ଦର ଆବଶ୍ୟକତା ରହିଥାଏ, ତେବେ ତାହାକୁ କଦାପି ଯଥାର୍ଥ ଜ୍ଞାନ ବୋଲି କୁହାଯିବ ନାହିଁ । ତୁମେ ମୋତେ ବୁଝି ପାରିବ ବୋଲି ତୁମମାନଙ୍କୁ ମୋର ଯାହାକିଛି କହିବାର କଥା, ଯଦି ମୋତେ ସେଗୁଡ଼ିକୁ କହିବାକୁ ପଡ଼ୁଥିବ, ତେବେ ତାହାକୁ ଏକ ସ୍ୱାମିତ୍ୱ ଅର୍ଜନ ବୋଲି କୁହାଯିବ ନାହିଁ । ଏହାର କେବଳ

'oaob.nitrkl.ac.in' images reprocessed

ଏହାର ଅର୍ଥ ହେବ ଯେ ତୁମର ବୁଦ୍ଧି ଉପରେ ମୁଁ ଏକ ପ୍ରଭାବ ପକାଇ ପାରୁଛି ଏବଂ ତୁମ ଭିତରେ ଜାଣିବାର ଏବଂ ଆପଣାକୁ ଶୃଙ୍ଖଳିତ କରି ରଖିବାର ଏକ ଆଗ୍ରହକୁ ଜାଗ୍ରତ କରି ଆଣିପାରୁଛି । ମାତ୍ର, ଯଦି କେବଳ ତୁମ ଆଡ଼କୁ ଚାହିଁଦେଇ, ପଦେ ହେଲେ କଥା ନକହି ମୁଁ ତୁମ ଭିତରେ ଆବଶ୍ୟକ ଆଲୋକଟିର ପ୍ରବେଶ କରାଇ ନପାରିଲି, ଯେଉଁ ଆଲୋକ ତୁମକୁ ବୁଝିବାର ଶକ୍ତି ଆଣିଦେବ, ଯଦି ସେଇଟିକୁ ପ୍ରବେଶ କରାଇ ନପାରିଲି, ତେବେ ଜାଣିବାକୁ ହେବ ଯେ ଗଭୀରସ୍ପନ୍ଦନଟି ଉପରେ ମୁଁ ଆଦୌ କୌଣସି ସ୍ୱାମିତ୍ୱ ଅର୍ଜନ କରି ପାରି ନାହିଁ ବା ଅଜ୍ଞାନଟି ଉପରେ ମଧ୍ୟ କୌଣସି କର୍ତ୍ତୃତ୍ୱ ଆସି ନାହିଁ । ବୁଝିପାରିଲ ?

ତେଣୁ ମୁଁ ତୁମମାନଙ୍କୁ ସୁନିଶ୍ଚିତ ଭାବରେ କହିପାରିବି ଯେ, ବିବେକାନନ୍ଦ ଯେ ରାଗି ଯାଉଥିଲେ ଏବଂ ତାହାକୁ ସେ ଆଦୌ ନିୟନ୍ତ୍ରଣରେ ରଖି ପାରୁ ନଥିଲେ, ଯଦି ତାହା ଏକ ଐତିହାସିକ ସତ୍ୟ ହୋଇଥାଏ, ଅର୍ଥାତ୍ ଯଦି ସିଏ ରାଗର ବଶ ହୋଇ କ'ଣ ମନ କ'ଣ କହି ଯାଉଥିଲେ ଅଥବା କରି ପକାଉଥିଲେ, ତେବେ ଅନ୍ତତଃ ଏହି କ୍ଷେତ୍ରଟିରେ ତାଙ୍କ ଚତୁର୍ଦ୍ଦିଗରେ ରହୁଥିବା ଅନ୍ୟମାନଙ୍କ ଉପରେ ନିୟନ୍ତ୍ରଣ ରଖିବା ଲାଗି ସିଏ ନିତାନ୍ତ ଅସମର୍ଥ ରହିଥିଲେ । ସିଏ ଅନ୍ୟମାନଙ୍କ ମଧ୍ୟରେ କେବଳ ସେହିପରି ସ୍ପନ୍ଦନଗୁଡ଼ିକୁହିଁ ଜାଗ୍ରତ କରି ପାରୁଥିବେ ଏବଂ ତେଣୁ ସମ୍ଭବତଃ ଏହି ବିଷୟରେ ସେମାନଙ୍କର ଦୁର୍ବଳତା ଲାଗି ଏକ କାରଣ ଯୋଗାଇଦେଇ ପାରୁଥିବେ । "ସବୁଠାରୁ ବଡ଼ କଥା ହେଉଛି, ତୁମେମାନେ ହଠାତ୍ କୌଣସି କଥାରେ ରାଗି ଯିବ ନାହିଁ,"—ନାନା ଶବ୍ଦ ଦେଇ ସିଏ ଲୋକମାନଙ୍କୁ ହୁଏତ ଏପରି କହି ପାରୁଥିବେ, ମାତ୍ର ସେଥିରେ ଆଦୌ କୌଣସି ଲାଭ ହୁଏ ନାହିଁ । "ମୁଁ ଯାହା କହୁଛି, ତାହାହିଁ କର; ଯାହା କରୁଛି ସେକଥା କର ନାହିଁ,"—ଏଇଟା ତ କୋଉ ପୁରୁଣା ଯୁଗରୁ ଗଡ଼ି ଆସିଥିବା କଥା । ମାତ୍ର ତଦ୍ୱାରା କୌଣସି ଫଳ ଫଳେ ନାହିଁ ।

(ମା'ଆ ନୀରବ ରହିଲେ)

ମା'ଆ, ଆମ କ୍ଲାସ୍‌ରେ ମଧ୍ୟ ଠିକ୍ ଏହି ସମସ୍ୟାଟି ଆସି ଦଣ୍ଡାୟମାନ ହୁଏ ।

ଆଚ୍ଛା, ତୁମେ ତେବେ ତୁମର ଛାତ୍ରମାନଙ୍କ ଉପରେ ରାଗିଯାଅ ! (ସମସ୍ତେ ହସି ଉଠିଲେ)

'oaob.nitrkl.ac.in' images reprocessed

ଯଦି ଆତ୍ମ-ନିୟନ୍ତ୍ରଣର ଶକ୍ତି ନଥାଏ, ତେବେ ସେମାନଙ୍କୁ ନିୟନ୍ତ୍ରଣ ଓ ଶୃଙ୍ଖଳା ମଧ୍ୟରେ ରଖିବାକୁ କ'ଣ କରିବା ଉଚିତ ?

ତେବେ କୌଣସି ନିୟନ୍ତ୍ରଣ ସମ୍ଭବ ହେବ ନାହିଁ ! (ସମସ୍ତେ ହସିଉଠିଲେ)

ମାତ୍ର, ଆପଣ ଯେପରି କହିଲେ, ଏହି ନିୟନ୍ତ୍ରଣ ଆସିବାକୁ ତ ଜୀବନସାରା ଲାଗିଯିବ !

ହଁ, ପ୍ରକୃତରେ କେଡ଼େ ଦୁଃଖର କଥା ! (ସମସ୍ତେ ହସିଲେ)

ମାତ୍ର ତୁମେ କିପରି ଆଶା କରି ପାରିବ ଯେ···ଧରି ନିଆଯାଉ, ତୁମ କ୍ଲାସରେ ଏପରି ଜଣେ ପିଲା ଅଛି, ଯିଏକି କୌଣସି ଶୃଙ୍ଖଳା ମାନୁ ନାହିଁ, ଘୋର ଅବାଧ୍ୟ ହେଉଛି, କୌଣସି କଥା ବି ଶୁଣିବାକୁ ରାଜି ହେଉ ନାହିଁ; ତାହାର ପ୍ରକୃତ ଅର୍ଥ ହେଉଛି ଯେ ବାୟୁମଣ୍ଡଳ ମଧ୍ୟରେ ଏପରି ଏକ ଗତିସ୍ପନ୍ଦନ ରହିଛି, ଯାହାକି ଦୁର୍ଭାଗ୍ୟବଶତଃ ଅତ୍ୟନ୍ତ ସଂକ୍ରମଣଶୀଳ ହୋଇ ରହିଛି । ମାତ୍ର ଯଦି ତୁମ ନିଜ ଭିତରେ ସେହି ବିରୋଧୀ ସ୍ପନ୍ଦନଟି ଅନୁପସ୍ଥିତ ରହିଥାଏ, ଅର୍ଥାତ୍ ଯଦି ତୁମ ଭିତରେ ଶୃଙ୍ଖଳା, ନୀତି, ବିନୟ, ସ୍ଥିରତା ଏବଂ ଅବିଚଳ ଶାନ୍ତାବସ୍ଥାର ଏକ ସ୍ପନ୍ଦନ ଅନୁପସ୍ଥିତ ରହିଥାଏ, ତେବେ ପିଲାମାନଙ୍କ ଉପରେ ତୁମର କୌଣସି ପ୍ରଭାବ ପଡ଼ିବ ବୋଲି ତୁମେ ଆଶା କରି ପାରିବ କିପରି ? ଏପରିସବୁ କରିବା ଉଚିତ ନୁହେଁ ବୋଲି ତୁମେ ସେମାନଙ୍କୁ କହିବା ଦ୍ୱାରା ତାହା ହୋଇଯିବ ?—ମାତ୍ର ତଦ୍ୱାରା ଅବସ୍ଥାଟି ଆହୁରି ଅଧିକ ଖରାପ ହେବ ବା ସେ ତୁମକୁ ବିଦ୍ରୂପ କରିବାକୁ ଆରମ୍ଭ କରିବ ।

ସାଧାରଣତଃ···

ଯଦି ଘଟଣାବଶତଃ ତୁମ ନିଜର କୌଣସି ନିୟନ୍ତ୍ରଣଶକ୍ତି ନଥାଏ ଓ ତୁମେ ରାଗିବାକୁ ଆରମ୍ଭ କର, ତେବେ ତାହାର ଆଉ କୌଣସି ଉପାୟହିଁ ନଥିବ ! ତୁମେ ତୁମ ଛାତ୍ରମାନଙ୍କ ଉପରେ କେବେ କୌଣସି ପ୍ରକାର ନିୟନ୍ତ୍ରଣ ସମ୍ଭବ କରିବାର ସାମର୍ଥ୍ୟଟିକୁହିଁ ହରାଇ ବସିବ ।

ଯେଉଁ ଶିକ୍ଷକମାନେ ସମ୍ପୂର୍ଣ୍ଣ ସ୍ଥିର ହୋଇ ପାରି ନାହାନ୍ତି, ଯେଉଁମାନଙ୍କ ଭିତରେ ଅବିଚଳିତ ସହନଶକ୍ତିର ଅଭାବ ରହିଛି, ଅବିଚଳିତ ସ୍ଥିରତାର

'oaob.nitrkl.ac.in' images reprocessed

ଅଭାବ ରହିଛି, ଯେଉଁମାନଙ୍କ ପାଖରେ କୌଣସି ଆତ୍ମ-ସମ୍ମାନ ନାହିଁ,— ଯେଉଁମାନେ ଏହିପରି ହୋଇ ରହିଛନ୍ତି, ସେମାନେ ଆଦୌ କିଛି ହାସଲ କରି ପାରିବେ ନାହିଁ । ଜଣେ ଉତ୍ତମ ଶିକ୍ଷକ ହେବାକୁ ହେଲେ ଜଣେ ପବିତ୍ରାତ୍ମା ହେବାକୁ ପଡ଼ିବ, ବୀର ହେବାକୁ ପଡ଼ିବ । ଉତ୍ତମ ଶିକ୍ଷକ ହେବାକୁ ହେଲେ ଜଣେ ସୁକୁଶଳ ଯୋଗୀ ହେବାକୁ ପଡ଼ିବ । ଶ୍ରୀମାନଙ୍କଠାରୁ ଏକ ପରିପୂର୍ଣ୍ଣ ଜୀବନଦୃଷ୍ଟିକୁ ଅନୁପ୍ରେରିତ କରି ଆଣିବାକୁ ହେଲେ ଆମ ନିଜ ପାଖରେ ମଧ୍ୟ ଏକ ପରିପୂର୍ଣ୍ଣ ଜୀବନଦୃଷ୍ଟି ରହିବା ଏକାନ୍ତ ଆବଶ୍ୟକ ହେବ । ତୁମେ ନିଜେ ଯାହା ନକରି ପାରୁଛ, ତାହାକୁ ଅନ୍ୟ ଜଣେ କରୁ ବୋଲି ତୁମେ ତାକୁ କଦାପି କହି ପାରିବ ନାହିଁ । ଏହାହିଁ ନିୟମ । ତେଣୁ ଯାହା ରହିଛି ଓ ଯେପରି ହେବା ଉଚିତ, ତୁମକୁ ତାହାର ପାର୍ଥକ୍ୟଟି ଉପରେ ଦୃଷ୍ଟିପାତ କରି ପାରିବାକୁ ହେବ ଏବଂ ତାହାହେଲେ ତୁମେ କ୍ଲାସରେ ଆପଣାର ବିଫଳତା ବିଷୟରେ ମଧ୍ୟ ଏକ କଳନା କରିବାକୁ ସମର୍ଥ ହେବ ।

ଏହି ବିଷୟରେ ମୁଁ ତୁମକୁ କେବଳ ଏତିକି କହି ପାରିବି ।

ହଁ, ଆଉ ଏତିକି କଥା ତା' ସହିତ ଯୋଡ଼ିଦେଇ ପାରିବି, କାରଣ ବର୍ତ୍ତମାନ ମୋତେ ତାହାର ଏକ ଅବସର ବି ମିଳିଛି : ଏଠାରେ ରହିଥିବା ପିଲାମାନେ ଯେତେବେଳେ ବଡ଼ ହୋଇଯାନ୍ତି ଏବଂ କିଛି ଜ୍ଞାନ ହାସଲ କରିଥାନ୍ତି, ସେତେବେଳେ ସେମାନଙ୍କୁ ଆମେ ଅନ୍ୟମାନଙ୍କୁ ପାଠ ପଢ଼ାଇବା ଲାଗି କହିଥାଉ । ଅନ୍ତତଃ ସେମାନଙ୍କ ଭିତରୁ କେତେଜଣ ନିଶ୍ଚୟ ତାହାର କାରଣଟିକୁ ଜାଣିଥିବେ । ମାତ୍ର ସେମାନଙ୍କ ବ୍ୟତୀତ ଆଉ ଏପରି କେତେଜଣ ବି ଅଛନ୍ତି, ଯେଉଁମାନେ ଭାବିଥାନ୍ତି ଯେ କୌଣସି ନା କୌଣସି ପ୍ରକାରେ କିଛି କାମରେ ଆସିବା ନିଶ୍ଚୟ ଏକ ଭଲ କଥା । ସେମାନେ ଭାବନ୍ତି ଯେ ଏଠାରେ ତ ଶିକ୍ଷକ ଦରକାର ହେଉଛନ୍ତି ଏବଂ ତେଣୁ ସେମାନଙ୍କୁ ଆମେ ଖୁସିରେ ଶିକ୍ଷକ ହିସାବରେ ରଖୁଛୁ । ମାତ୍ର ମୁଁ ତୁମମାନଙ୍କୁ କହୁଛି,—ଏଇଟି ଏକ ପ୍ରକୃତ କଥା,—ଏଠାରେ ଅନ୍ୟମାନଙ୍କୁ ପଢ଼ାଇବା ଦ୍ୱାରା ଜଣେ ସର୍ବୋତ୍ତମ ଭାବରେ ନିଜକୁ ଏକ ଶୃଙ୍ଖଳାରେ ପକାଇ ପାରିବ, ଯାହା ପଢ଼ାଇବାର କଥା, ନିଜେ ତାହାକୁ ଭଲ ଭାବରେ ଶିଖିବ ଏବଂ ଶିକ୍ଷକ ନହୋଇଥିଲେ ଏବଂ ଆପଣାକୁ ଶୃଙ୍ଖଳିତ କରିବାର ଏକ ସୁଯୋଗ ପାଇ ନଥିଲେ ସିଏ ସେହି ଅନ୍ତର୍ଗତ ପରିପୂର୍ଣ୍ଣତା କଦାପି ହାସଲ କରି ପାରି ନଥାନ୍ତା,— ଆପଣାକୁ ଶୃଙ୍ଖଳିତ କରିବାର କାର୍ଯ୍ୟଟି ହେଉଛି ବିଶେଷ ଭାବରେ କଠିନ,— ସିଏ ସେହି ପରିପୂର୍ଣ୍ଣତାଟିକୁ ଅର୍ଜନ କରି ପାରିବ, ଏବିଷୟରେ ମୋର ହୃଦ୍‌ବୋଧ ହେବା ପୂର୍ବରୁ ମୁଁ ଏଠାରେ ପଢ଼ିଥିବା କୌଣସି ବ୍ୟକ୍ତିକୁ କଦାପି ପଢ଼ାଇବାକୁ କହି

'oaob.nitrkl.ac.in' images reprocessed

ନାହିଁ । ଯେଉଁମାନେ ଏଠାରେ ଶିକ୍ଷକ ଭାବରେ ସଫଳ ହୁଅନ୍ତି,—ସଫଳତା କହିଲେ ମୁଁ କୌଣସି ବାହ୍ୟ, କୃତ୍ରିମ ଓ ଉପରସ୍ତରସ୍ଥ ସଫଳତାକୁ ବୁଝୁ ନାହିଁ, ମାତ୍ର ପ୍ରକୃତରେ ଭଲ ଶିକ୍ଷକ ହୋଇପାରିବା ବିଷୟରେ କହୁଛି,—ତାହାର ଅର୍ଥ ହେଉଛି ଯେ ସେମାନେ ଆପଣାକୁ ଅଭିବ୍ୟକ୍ତ କରିବାର କାର୍ଯ୍ୟଟିରେ ଏକ ଅନ୍ତର୍ଗତ ପ୍ରଗତି ହାସଲ କରି ପାରିଛନ୍ତି, ଆପଣାର ଅହଂସଚେତନତାକୁ ବିଲୁପ୍ତ କରି ପାରିଛନ୍ତି, ଆପଣାର ଗତିସ୍ପନ୍ଦନଗୁଡ଼ିକ ଉପରେ ନିୟନ୍ତ୍ରଣ ଆଣି ପାରିଛନ୍ତି, ଏକ ସ୍ୱଚ୍ଛଦୃଷ୍ଟିର ଯୋଗ୍ୟତା ଅର୍ଜନ କରିଛନ୍ତି, ଅନ୍ୟମାନଙ୍କୁ ଯଥାର୍ଥ ଭାବରେ ବୁଝିବାରେ ଏବଂ ସଦା ଅବିଚଳିତ ଧୈର୍ଯ୍ୟ ଅର୍ଜନ କରିବାରେ ସମର୍ଥ ହୋଇଛନ୍ତି ।

ତୁମେ ଯଦି ଆପଣାକୁ ସେହି ଶୃଙ୍ଖଳା ଅନୁସାରେ ପରିଚାଳିତ କରିପାରିବ ଓ ସଫଳତା ଲାଭ କରିବ, ତେବେ ତୁମେ ଏଠାରେ ନିଜ ସମୟଗୁଡ଼ିକ କଦାପି ନଷ୍ଟ କରି ଦେଇ ନାହଁ ବୋଲି କହିବାକୁ ହେବ ।

ଏବଂ, ଯେଉଁମାନେ ଏଠାରେ ଅନ୍ୟମାନଙ୍କୁ ପଢ଼ାଇବା ଲାଗି ସମ୍ମତ ହୋଇଛନ୍ତି, ସେମାନେ ଏହି ମନୋଭାବ ସହିତ କାର୍ଯ୍ୟଟିକୁ ଗ୍ରହଣ କରନ୍ତୁ ବୋଲି ମୁଁ ସେମାନଙ୍କୁ କହିବି । ଦୟାଶୀଳ ହେବା, କୌଣସି ଏକ କାର୍ଯ୍ୟରେ ଲାଗିବା ଏବଂ ଉପକାର କରିବା ପ୍ରକୃତରେ ଭାରି ଭଲ କଥା, ଅତ୍ୟନ୍ତ ଭଲ କଥା । ମାତ୍ର ଏଇଟି ହେଉଛି କେବଳ ଗୋଟିଏ ଦିଗ ଏବଂ ସମ୍ଭବତଃ ସମସ୍ୟାଟିର ସବୁଠାରୁ କମ୍ ମହତ୍ତ୍ୱପୂର୍ଣ୍ଣ ଦିଗ । ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଯେ ତୁମେ ଏହାକୁ ଏକ ପରମ ଅବସର ବୋଲି ଭାବିବ,—ତୁମେ ଯେପରି ଆତ୍ମ-ନିୟନ୍ତ୍ରଣର ଶକ୍ତି ଲାଭ କରି ପାରିବ, ବିଷୟଟି ଉପରେ ଓ ଅନ୍ୟମାନଙ୍କ ବିଷୟରେ ଉତ୍ତମ ବୋଧ ହାସଲ କରି ପାରିବ;—ଏହି ସୁଯୋଗଟି ପାଇ ନଥିଲେ ତୁମେ କଦାପି ସେଗୁଡ଼ିକୁ ଅର୍ଜନ କରି ପାରି ନଥାନ୍ତ ।

ଏବଂ, ଯେତେ ବର୍ଷ ହେଲା ତୁମେମାନେ ଏଠାରେ ଅନ୍ୟମାନଙ୍କୁ ପଢ଼ାଇଲଣି, ଯଦି ସେଥିରୁ ତୁମମାନଙ୍କର ଆଦୌ କୌଣସି ଉପକାର ହୋଇ ନାହିଁ, ତେବେ ତାହାର ଅର୍ଥ ହେଉଛି ଯେ ତୁମର ଅନ୍ତତଃ ଅଧେ ସମୟ ଏଠାରେ ନଷ୍ଟହିଁ ହୋଇ ଯାଇଛି ।

(ମାଆ ନୀରବ ରହିଲେ)

ସେତିକି ? ହୃଦ୍‌ବୋଧ ହୋଇଗଲା ତ ? ଏଥର କାର୍ଯ୍ୟ ଆରମ୍ଭ କରିବାକୁ ଆଉ କୌଣସି ବାଧା ନାହିଁ, ନା ?

'oaob.nitrkl.ac.in' images reprocessed

(ଆଉଜଣେ ସାଧକ) ମାଆ, ଆପଣ ଯାହା କହିଲେ, ସେସବୁ ହେଉଛି ପ୍ରତ୍ୟେକ ଶିକ୍ଷକ ବିଷୟରେ, ତା'ର ଅନ୍ତର୍ଗତ ଦୃଷ୍ଟିକୋଣଟି ବିଷୟରେ ।

ହୁଁ ।

ମାତ୍ର, ବିଦ୍ୟାଳୟର ବାହ୍ୟ ସଂଗଠନଟି ବିଷୟରେ କହିବାକୁ ଗଲେ, ଆପଣ ଏଇଟି କିପରି ହେବା ଉଚିତ ବୋଲି ବିଚାର କରୁଛନ୍ତି ?—କାରଣ, ବର୍ତ୍ତମାନ୍‌ ତ ଶିକ୍ଷକମାନଙ୍କ ମଧ୍ୟରେ କେତେ କେତେ ବିବାଦ ଲାଗିଛି ।

ବିବାଦ ? ଖୁବ୍ ବେଶୀଗୁଡ଼ାଏ ହୋଇ ନଥିବ ବୋଲି ମୁଁ ଭାବୁଛି !

ନାହିଁ, ଗୁଡ଼ାଏ ଚର୍ଚ୍ଚା ଆଉ ଆଲୋଚନା । (ସମସ୍ତେ ହସି ଉଠିଲେ)

ତୁମେ ମୋଠାରୁ କ'ଣ ଚାହୁଁଛ ?

ମୁଁ ସାଧାରଣ ଭାବରେ ତୁମକୁ ସିନା କିଛି କହିପାରିବି, ମାତ୍ର ସଂଗଠନରେ ଯାହାସବୁ ଝିଙ୍କନଖି କଥା···ତୁମର ପ୍ରକୃତ ସମସ୍ୟାଟି କ'ଣ ?

ଏପର୍ଯ୍ୟନ୍ତ ଆପଣ ବିଶ୍ୱବିଦ୍ୟାଳୟର* ସାଧାରଣ କେତୋଟି କଥା ବିଷୟରେ କହିଛନ୍ତି, ମାତ୍ର ଝିଙ୍କନଖି ବ୍ୟାପାରଗୁଡ଼ିକର କଥା ?

ହୁଁ···

* ଆଶ୍ରମ ବିଦ୍ୟାଳୟର ସେତେବେଳେ ନାମ ଥିଲା ଶ୍ରୀଅରବିନ୍ଦ ଅନ୍ତର୍ଜାତିକ ବିଶ୍ୱବିଦ୍ୟାଳୟ କେନ୍ଦ୍ର, ପରେ ସେହି ନାମଟିକୁ ପରିବର୍ତ୍ତିତ କରି ଶ୍ରୀଅରବିନ୍ଦ ଅନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ବୋଲି ରଖାଯାଇଥିଲା ।

'oaob.nitrkl.ac.in' images reprocessed

ଏହି କ୍ଷେତ୍ରରେ ଅନେକ ମତଭେଦ ରହିଛି; ତେଣୁ ଆମେ କେଉଁ ପ୍ରକୃତ ମାର୍ଗଟିକୁ ଅନୁସରଣ କରିବା ବୋଲି ଆପଣ ଇଚ୍ଛା କରୁଛନ୍ତି ?

ହଁ, ମାତ୍ର ତୁମେ ଆଗ ମୋତେ କୁହ ମୁଁ କେଉଁ ଦୃଷ୍ଟିକୋଣରୁ ବିଷୟଟିର ଆଲୋଚନା କରିବି। "ସଂଗଠନ" କହିଲେ ତ କେତେ କ'ଣ ଅଜସ୍ର ବିଷୟକୁ ବୁଝାଇବ, ନୁହେଁ କି ? ଯଦି ତୁମେ ପାଠ୍ୟ ବିଷୟଗୁଡ଼ିକ ବିଷୟରେ ଶୁଣିବାକୁ ଚାହୁଁଥିବ, ତେବେ ସେଇଟି ହେଉଛି ଏକ ଗମ୍ଭୀର ବିଷୟ ଏବଂ ଆମେ ଏପରି ଏକ କଥାବାର୍ତ୍ତାରେ ତାହାକୁ ଠିକ୍ କରିଦେଇ ପାରିବା ନାହିଁ। ଯଦି ତୁମେ ଶିକ୍ଷଣ-ପଦ୍ଧତିର ଆଲୋଚନା ଚାହୁଁଥିବ, ତେବେ ସେଇଟି ହେଉଛି ଏକ ବ୍ୟକ୍ତିଗତ କଥା, ଉଭୟ କ୍ଷେତ୍ରରେହିଁ ଏକ ବ୍ୟକ୍ତିଗତ କଥା। ଏଠାକାର ସାଧାରଣ ଯୋଜନାଟିକୁ ବୁଝିବା ଖୁବ୍ ସହଜ, ଅର୍ଥାତ୍ ସେହି ବିଷୟରେ ସବୁ କଥାକୁ ଅତ୍ୟନ୍ତ ସ୍ପଷ୍ଟ କରି ଦିଆଯାଇଛି। ମାତ୍ର, କେଉଁ ବିଷୟରେ ଆଲୋଚନାମାନ ହେଉଛି ଓ ମତଭେଦମାନ ପ୍ରକାଶ ପାଉଛି, ଯଦି ତୁମେ ମୋତେ ତାହାର ଏକ ଉଦାହରଣ ଦେଇପାରନ୍ତ···

ମାଆ, ଉଦାହରଣସ୍ୱରୂପ ଆମେ ଏଠାରେ ଗୋଟିଏ ବିଷୟ ନେଇ ପାରିବା। ଏଠି ଛାତ୍ରକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯିବ ବୋଲି ଆପଣ କହିଛନ୍ତି। ଏବଂ ଏହାକୁ କେତେକ ଲୋକ ଏପରି ଅର୍ଥ କରୁଛନ୍ତି ଯେ ଆଉ ଧରାବନ୍ଧା କୌଣସି ନିୟମିତ କ୍ଲାସ ହେବା ଉଚିତ ନୁହେଁ, କାରଣ ଛାତ୍ରର ଯାହା କରିବାର ଇଚ୍ଛା, ସେଥିଲାଗି ତାକୁ ସ୍ୱାଧୀନ ଭାବରେ ଛାଡ଼ିଦେବା ଉଚିତ। ସେ ଯଦି ଇଚ୍ଛା କରିବ, ତେବେ କ୍ଲାସ୍‌କୁ ଆସିବ; ଯଦି ଇଚ୍ଛା ନକରିବ, ତେବେ ନଆସିବ, ଇତ୍ୟାଦି, ଇତ୍ୟାଦି। ତେଣୁ, ଏହି କ୍ଷେତ୍ରରେ ପ୍ରତ୍ୟେକ କ୍ଲାସ୍ ଲାଗି ଆଉ କୌଣସି ନିର୍ଦ୍ଧାରିତ ସମୟ ରହିବ ନାହିଁ। ଏବଂ ତା'ହେଲେ, ସ୍କୁଲର ସଂଗଠନ ଖୁବ୍ ଜଟିଳ ହୋଇ ପଡ଼ିବ,—ଆମେ କ୍ଲାସ୍‌ଗୁଡ଼ିକର ବ୍ୟବସ୍ଥା ବି କପରି କରିପାରିବା ?

ଏକାବେଳକେ ଅସମ୍ଭବ ! କିନ୍ତୁ, ପିଲା ଇଚ୍ଛା କଲେ କ୍ଲାସ୍‌କୁ ଆସିବ, ଇଚ୍ଛା ନକଲେ ନଆସିବ, ମୁଁ ଏକଥା କେଉଁ ଦିନ କହିଲି ?···

'oaob.nitrkl.ac.in' images reprocessed

ହଁ, ତୁମେ କଥାଟିକୁ ଏକାଠି ମିଶାଇ ଗୋଳମାଳିଆ କରି ଦେଇ ନାହିଁ । ମୁଁ ଆଗରୁ କହିଛି ଏବଂ ବର୍ତ୍ତମାନ ଆଉଥରେ ମଧ୍ୟ କହୁଛି ଯେ ଯଦି କୌଣସି ଛାତ୍ର ତା'ର ସାହିତ୍ୟ ଏବଂ କାବ୍ୟ ଲାଗି ଏକ ବିଶେଷ ସାମର୍ଥ୍ୟ ରହିଛି ଓ ଗଣିତ ଲାଗି ଏକ ଅରୁଚି ବା ଅନ୍ତତଃ ଏକ ଉଦାସୀନତା ରହିଛି ବୋଲି ଅନୁଭବ କରୁଥାଏ, "ମୁଁ ଭାବୁଛି ମୁଁ ଗଣିତ କ୍ଲାସ୍‌କୁ ଯିବି ନାହିଁ" ବୋଲି ଯଦି ସିଏ ମୋ ପାଖରେ ଆସି କହେ, ତେବେ ମୁଁ ତାକୁ "ନାଇଁ, ନାଇଁ, ଅବଶ୍ୟ ଯିବାକୁ ହେବ" ବୋଲି ମୋଟେ କହିବି ନାହିଁ । ମାତ୍ର ଗୋଟିଏ କ୍ଲାସ୍‌ରେ ଯୋଗ ଦେବା ଲାଗି ଯେତେବେଳେ କୌଣସି ଛାତ୍ର ଠିକ୍ କରି ସାରିଛି, ତେବେ ସିଏ ନିଶ୍ଚୟ ସେହି କ୍ଲାସ୍‌କୁ ଯିବ, ନିୟମିତ ଭାବରେ ଯିବ ଓ ସେଠାରେ ଉପଯୁକ୍ତ ଆଚରଣ କରିବ, ଏଇଟା ହେଉଛି ସର୍ବନିମ୍ନ ଶୃଙ୍ଖଳା ଓ ଏହାର କଦାପି ଅନ୍ୟଥା ହେବ ନାହିଁ । ତା' ନହେଲେ ସିଏ ସ୍କୁଲକୁ ଯିବାକୁ ଏକାନ୍ତ ଅଯୋଗ୍ୟ ବୋଲି କହିବାକୁ ହେବ । କ୍ଲାସ୍ ସମୟରେ ଜଣେ ଏଣେତେଣେ ବୁଲିବ, ଦିନେ କ୍ଲାସ୍‌କୁ ଆସିବ ଏବଂ ଆଉଦିନେ ଆସିବ ନାହିଁ, ଏବିଷୟରେ ମୁଁ କେବେହେଲେ କାହାରିକୁ ଆଦୌ କୌଣସି ଉତ୍ସାହ ଦେଇ ନାହିଁ; କାରଣ, ଯଦି ସିଏ ମୂଳରୁହିଁ ଏତିକି ସର୍ବପ୍ରାଥମିକ ଶୃଙ୍ଖଳାକୁ ମାନି ନପାରିଲା, ତେବେ ସିଏ ନିଜ ଉପରେ ସର୍ବନିମ୍ନ ନିୟନ୍ତ୍ରଣଟିକୁ ମଧ୍ୟ କଦାପି ରଖି ପାରିବ ନାହିଁ ଓ ସର୍ବଦା ଆପଣାର ନାନା ଆବେଗ ଏବଂ ନାନା ଖିଆଲର ଦାସ ହୋଇ ରହିଥିବ ।

ଯଦି ତୁମେ କୌଣସି ଗୋଟିଏ ବିଷୟ ଅଧ୍ୟୟନ କରିବାକୁ ଇଚ୍ଛା ନ କରୁଛ ତେବେ ସେଥିରେ ଆପତ୍ତି କରିବାର କିଛି ନାହିଁ, ତୁମକୁ କେହି ସେଥିଲାଗି ବାଧ୍ୟ କରିପାରିବ ନାହିଁ । ମାତ୍ର ଯଦି ତୁମେ କିଛି କରିବ ବୋଲି ନିଜେ ନିଷ୍ପତ୍ତି କରିଛ,— ତୁମ ଜୀବନରେ ଯେକୌଣସି କଥା ହୋଇପାରେ, ମାତ୍ର ତୁମେ ତାହା କରିବ ବୋଲି ଯଦି ସ୍ୱୟଂ ନିଷ୍ପତ୍ତି କରିଥାଅ, ତେବେ ତୁମକୁ ସେହି କାର୍ଯ୍ୟଟିକୁ ସାଧୁତା ସହିତ କରିବାକୁ ହେବ, ଶୃଙ୍ଖଳା ଓ ନିୟମିତତା ସହିତ କରିବାକୁ ହେବ, ପଦ୍ଧତି ମୁତାବକ କରିବାକୁହିଁ ପଡ଼ିବ । ଏବଂ ଏଥିରେ କୌଣସି ଖିଆଲ ଲାଗି କୌଣସି ସ୍ଥାନ ରହିବ ନାହିଁ । କେହି ତାର ଆବେଗ ଓ ଖିଆଲଗୁଡ଼ିକ ହାତରେ ଏକ ଖେଳନା ପରି ହୋଇ ରହୁ ବୋଲି ମୁଁ କଦାପି ସମର୍ଥନ କରି ନାହିଁ, କେବେହେଲେ କରି ନାହିଁ ଏବଂ ମୋଠାରୁ ସେପରି କେବେ କିଛି ପାଇବ ବୋଲି କେହି କଦାପି କୌଣସି ଆଶା ବି କରି ପାରିବ ନାହିଁ । କାରଣ, ସେପରି ହେଲେ କେହି ଆଉ ଜଣେ ମନୁଷ୍ୟ ହୋଇ ରହିବ ନାହିଁ, ସିଏ ଏକ ପଶୁରେହିଁ ପରିଣତ ହୋଇଯିବ । ତେଣୁ,

'oaob.nitrkl.ac.in' images reprocessed

ଏଠାରେ ଗୋଟିଏ ପ୍ରଶ୍ନର ସ୍ପଷ୍ଟ ସମାଧାନ ହୋଇଗଲା, ନିର୍ବିବାଦରେ ସମାଧାନ ହୋଇଗଲା ।

ଆଉ କିଛି ସମସ୍ୟା ?

ନାହିଁ, ଆଉ ଥରକୁ । (ସମସ୍ତେ ହସି ଉଠିଲେ)

ଭଲ କଥା । ସେ କଥା ଆଉ ଥରକୁ ରହିଲା । ଆଜି ଆମେ ଏଇଠି ଶେଷ କରିବା ।

## ୨୧ ନଭେମ୍ବର ୧୯୫୭

ମାଆ 'ବିଶ୍ବର ଏବଂ ଚନ୍ଦ୍ରାଲୋକ' ପୁସ୍ତିକାଟିକୁ ବିତରଣ କରିଦେଲେ;
ତା'ପରେ ନିଜେ ସେଥିରୁ ଗୋଟିଏ ଖୋଲି ଦେଖିବାକୁ ଲାଗିଲେ ।

ପାଞ୍ଚୋଟି ଅନୁଚ୍ଛେଦରେ ସତ୍ତାର ପାଞ୍ଚୋଟି ଗଠ ବା ପାଞ୍ଚୋଟି ଅବସ୍ଥାର କଥା କୁହାଯାଇଛି ଏବଂ ବିଭିନ୍ନ ସୋପାନରେ ମଧ୍ୟ ଠିକ୍ ଏହି ସ୍ଥିତିଟି ବିଦ୍ୟମାନ ରହିଛି :

"ନାନା ଜାଣିବାର ସୀମାତିକ୍ରମ କରି ଆମେ ଯଥାର୍ଥ ଜ୍ଞାନରେ ଯାଇ ପହଞ୍ଚିବା । ବୁଦ୍ଧି ଆମର ସହାୟକ ହୋଇ ରହିଥିଲା, ବର୍ତ୍ତମାନ ଏକ ପ୍ରତିବନ୍ଧକ ହୋଇ ଠିଆହେବ ।"

ଶ୍ରୀଅରବିନ୍ଦ, 'ବିଶ୍ବର ଓ ଚନ୍ଦ୍ରାଲୋକ',
ଶତବାର୍ଷିକୀ ସଂସ୍କରଣ, ୧୭ଶ ଖଣ୍ଡ, ପୃଷ୍ଠା-୩୭୭

ମନୁଷ୍ୟ ଭିତରେ ରହିଥିବା ମାନସିକ ସତ୍ତା ବିଷୟରେ ଏକଥା କୁହାଯାଇଛି, ଅର୍ଥାତ୍, ତାର ମାନସିକ କ୍ରିୟାଶୀଳତା ବିଷୟରେ ଏକଥା କୁହାଯାଇଛି ଏବଂ ଶ୍ରୀଅରବିନ୍ଦ ନାନାବିଧ ଜାଣିବାକୁ ଯଥାର୍ଥ ଜ୍ଞାନ ସହିତ ତୁଳନା କରୁଛନ୍ତି ।

'oaob.nitrkl.ac.in' images reprocessed

"ନାନାବିଧ ଜାଣିବା" କହିଲେ ଶ୍ରୀଅରବିନ୍ଦ କ'ଣ ବୁଝୁଛନ୍ତି, ଓ ସେ କାହିଁକି ଯଥାର୍ଥ ଜ୍ଞାନଠାରୁ ତାର ପାର୍ଥକ୍ୟ ନିରୂପଣ କରୁଛନ୍ତି, ପ୍ରକୃତରେ ମୋରହିଁ ତୁମ-ମାନଙ୍କୁ ସେହି ପ୍ରଶ୍ନଟି ପଚାରିବାର କଥା । କାରଣ, ତୁମେ ନିଜେ କୌଣସି ଚେଷ୍ଟା କରିବ ନାହିଁ ଏବଂ ମୁଁ ଯଦି ତୁମମାନଙ୍କୁ ଏସବୁ କଥା ବୁଝାଇଦେବି, ତେବେ ତାହା (ମାଆ ହସି ହସି କହୁଥାନ୍ତି) ତୁମମାନଙ୍କୁ ପ୍ରକୃତରେ ଚାମଚରେ ଖୁଆଇ ଦେବା ପରିହିଁ ହେବ, ତୁମେ ରାନ୍ଧିବାର କାର୍ଯ୍ୟରେ ଆଦୌ କୌଣସି ଭାଗ ନନେଇଥିଲେ ମଧ୍ୟ ତୁମକୁ ରନ୍ଧାବଢ଼ା ସବୁ କରି ଖାଇବାକୁ ଦେବା ପରି ହେବ । ଏବଂ ଏହାର ଫଳ-ସ୍ୱରୂପ ଏହାହିଁ ହେବ ଯେ, ଶୀଘ୍ର ହେଉ ବା ବିଳମ୍ବରେ ହେଉ, ଅଧଘଣ୍ଟାକ ମଧ୍ୟରେ ହେଉ ଅଥବା ଦିନକ ଭିତରେ ହେଉ, ତୁମେ ମୋର କହିବା ବିଷୟଟିକୁ ସମ୍ପୂର୍ଣ୍ଣ ଭାବରେ ଭୁଲି ଯାଇଥିବ ଏବଂ ତାହାର କୌଣସି ପ୍ରଭାବ ମଧ୍ୟ ତୁମମାନଙ୍କ ଉପରେ ପଡ଼ି ନଥିବ । "ନାନାବିଧ ଜାଣିବା" ବିଷୟରେ ଶ୍ରୀଅରବିନ୍ଦ କ'ଣ ବୁଝୁଛନ୍ତି, ମୁଁ ଇଚ୍ଛା କରୁଛି ଯେ କେହି ତୁମମାନଙ୍କ ଭିତରୁ ସେହି କଥାଟିକୁ ବୁଝାଇ କହିଦେଉ । (ଗୋଟିଏ ପିଲାକୁ ଉଦ୍ଦେଶ୍ୟ କରି) ତୁମେ କୁହ, କହିଲ ଦେଖି !

ବାହ୍ୟ ଅଧ୍ୟୟନ ଦ୍ୱାରା ଆମେ ଯାହା ସବୁ ଜାଣୁଥାଉ ।

ନିଃସନ୍ଦେହରେ ଠିକ୍ ସେଇଆ । ବାହ୍ୟ ବିଷୟଗୁଡ଼ିକର ଅଧ୍ୟୟନ ଦ୍ୱାରା ଆମେ ମାନସିକ କ୍ରିୟାଶୀଳତାର ଯାବତୀୟ କ୍ଷେତ୍ରରେ ଯାହାକିଛି ଜାଣିଥାଉ, ବାହ୍ୟ ପର୍ଯ୍ୟବେକ୍ଷଣ ଦ୍ୱାରା ଯାହାସବୁ ଶିଖିହୁଏ, ବୈଜ୍ଞାନିକ, କଳାତ୍ମକ, ଦାର୍ଶନିକ ଓ ସାହିତ୍ୟିକ ଯାବତୀୟ କ୍ଷେତ୍ରରେ ବିଭିନ୍ନ ବିଷୟରେ ଆମେ ବିଷୟକୌଶଳଗତ ଯେଉଁସବୁ ଶିକ୍ଷା ଲାଭ କରିଥାଉ, ଜୀବନ ଓ.ବିଷୟଚୟର ବାହ୍ୟ ଅଧ୍ୟୟନ ଦ୍ୱାରା ମନୁଷ୍ୟର ମନ ଯାହାକିଛି ସମ୍ଭବ କରିଛି, ଆମକୁ ବାହାରେ ଯେଉଁସବୁ ଜ୍ଞାନ ମିଳିଥାଏ, ପ୍ରକୃତିର ପ୍ରତ୍ୟକ୍ଷ ଅଧ୍ୟୟନ ଦ୍ୱାରା ଯାହାକିଛି ଉପଲବ୍ଧ ହୁଏ, ଯୁକ୍ତି, ସୂତ୍ରପାତନ, ବିଶ୍ଳେଷଣ, ଏବଂ ମନୁଷ୍ୟମନର ଯାବତୀୟ ବିଚାର-ବିଚରଣ ଦ୍ୱାରା ଯାହାକିଛି ହାସଲ କରାଯାଏ, ତାହାକୁ ଆମର ନାନାବିଧ ଜାଣିବା ବୋଲି କୁହାଯିବ ।

ଏବଂ ଶ୍ରୀଅରବିନ୍ଦ ବୁଦ୍ଧିଗତ ବିବେକକୁହିଁ ମନୁଷ୍ୟର ମାନସିକ କ୍ରିୟାତ୍ମକତାର ଶୀର୍ଷସ୍ଥାନରେ ନେଇ ରଖିଛନ୍ତି । ସିଏ ଆମକୁ କହିଛନ୍ତି ଯେ ମନର ବିକାଶରେ ଏହି ବୁଦ୍ଧି ହେଉଛି ସର୍ବଶ୍ରେଷ୍ଠ ମାର୍ଗଦର୍ଶକ, ମନ ହେଉଛି ପ୍ରଭୁ, ସେହି ମନହିଁ ତୁମକୁ ପଥଚ୍ୟୁତ ହେବାରୁ ନିବୃତ୍ତ କରି ରଖେ, ଭୁଲ ବାଟରେ ଯିବାରୁ ଅଟକାଏ, କୁପଥରେ ହୁଡ଼ିଯିବାରୁ ଏବଂ ତୁମର ସାଧାରଣ ବିବେକଟିକୁ ହରାଇବାରୁ ମନ ତୁମକୁ

'oaob.nitrkl.ac.in' images reprocessed

କ୍ଷାନ୍ତ କରି ରଖିଥାଏ । ବୁଦ୍ଧି ଦ୍ୱାରା ପରିଚାଳିତ ବିବେକକୁହିଁ ସେ ମନୁଷ୍ୟର ଯାବତୀୟ ମାନସିକ କ୍ରିୟାଶୀଳତାର ନିର୍ଣ୍ଣାୟକ ବୋଲି ମାନିଥାଏ, ସେହି ବିବେକ ତୁମକୁ ବାଟ ଦେଖାଏ, ନିୟନ୍ତ୍ରଣରେ ରଖେ; ଏବଂ, ମାନସିକ କ୍ରିୟାତ୍ମକତାର କ୍ଷେତ୍ରରେ ବିଚରଣ କରୁଥିବା ପର୍ଯ୍ୟନ୍ତ, ଏପରିକି ସବୁଠାରୁ ଅଧିକ ସୈଦ୍ଧାନ୍ତିକ ନିର୍ଣ୍ଣୟଗୁଡ଼ିକର କ୍ଷେତ୍ରରେ ସେହି ବିବେକହିଁ ତୁମର ମାର୍ଗଦର୍ଶନ କରାଏ, ଉଚିତ ପଥରୁ ସ୍ଖଳିତ ହୋଇଯିବାରୁ ଓ ଅଳ୍ପବହୁତ ଇଚ୍ଛା ଖିଆଲ୍ ଏବଂ ଅସ୍ୱାସ୍ଥ୍ୟକର କାଳ୍ପନିକତା ମଧ୍ୟରେ ପ୍ରବେଶ କରିବାରୁ ତାହା ତୁମକୁ ନିବୃତ୍ତ କରି ରଖିଥାଏ ।

ମାତ୍ର, ଯଦି ତୁମେ ଯଥାର୍ଥ ଜ୍ଞାନଲାଭ କରିବାକୁ ଇଚ୍ଛା କରୁଥାଅ, ଅର୍ଥାତ୍, ଯଦି ତୁମେ ଅଧ୍ୟାତ୍ମ ଜ୍ଞାନର ଆକାଙ୍କ୍ଷା ରଖିଥାଅ, ତେବେ କେବଳ ଏକାତ୍ମକତା ଦ୍ୱାରାହିଁ ସେହି ଜ୍ଞାନ ଉପଲବ୍ଧ ହୋଇ ପାରିବ ଏବଂ ସେଥିଲାଗି ତୁମକୁ ଏହି ବୁଦ୍ଧିର ଆୟତନଟିକୁ ପାରହୋଇ ମନଠାରୁ ଉଚ୍ଚତର ଆଉ ଗୋଟିଏ ରାଜ୍ୟରେ ପ୍ରବେଶ କରିବାକୁ ପଡ଼ିବ; ସେଠାରେ ତୁମେ ଅଧିମାନସ ଅଥବା ଅତିମାନସ ଆଲୋକର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିବ । ଏବଂ ଶ୍ରୀଅରବିନ୍ଦ ଏକଥାଟିକୁ ମଧ୍ୟ କହୁଛନ୍ତି ଯେ, ଯେପର୍ଯ୍ୟନ୍ତ ତୁମେ ମନୋମୟ ଜଗତଟି ଭିତରେ ରହିଥିବ, ସେପର୍ଯ୍ୟନ୍ତ ବୁଦ୍ଧିହିଁ ତୁମକୁ ସାହାଯ୍ୟ କରିବ, ତୁମର ସହାୟକ ଓ ମାର୍ଗଦର୍ଶକ ହୋଇ ରହିଥିବ; ମାତ୍ର ଯଦି ତୁମେ ଏକାତ୍ମକତା ଦ୍ୱାରା ଯଥାର୍ଥ ଜ୍ଞାନ ଅର୍ଜନ କରିବାକୁ ଇଚ୍ଛା କରିବ, ତେବେ ସେହି ବୁଦ୍ଧି ତୁମକୁ ସତେଅବା ଏକ ବାଡ଼ ପରି ମନେହେବ, ବାଧା ପରି ଲାଗିବ । ତାହାର ଅର୍ଥ ନୁହେଁ ଯେ ତୁମକୁ ବୁଦ୍ଧିକୁ ହରାଇ ଆସିବାକୁ ହେବ । ମାତ୍ର ତୁମ ଆରୋହଣର କ୍ରିୟାଶୀଳ ପଥରେ ତାହା ନିଶ୍ଚୟ ଗୌଣ ହୋଇ ରହିବ । ତୁମେ ବୁଦ୍ଧିଭ୍ରଷ୍ଟ ହୋଇଯିବ ବୋଲି ଶ୍ରୀଅରବିନ୍ଦ କଦାପି ପରାମର୍ଶ ଦେଉ ନାହାନ୍ତି । ସିଏ କହୁଛନ୍ତି ଯେ ତୁମେ ବୁଦ୍ଧିର ସୀମାଟିକୁ ଅତିକ୍ରମ କରିଯିବ, ଏକ ଉଚ୍ଚତର ସତ୍ୟ ଏବଂ ଆଲୋକ ମଧ୍ୟକୁ ଅତିକ୍ରମ କରିଯିବ ।

ଏବଂ ଏହି ଭାଗଟିର ସଂଗଠନରେ ଏହି ଆଗ୍ରହୋଦ୍ଦୀପକ କଥାଟି ରହିଛି ଯେ ମନୋମୟ ସତ୍ତାଟି ବିଷୟରେ ଶ୍ରୀଅରବିନ୍ଦ ଯେପରି ବିଚାର କରିଛନ୍ତି, ବୁଦ୍ଧିସ୍ତରର କ୍ରିୟାତ୍ମକତା ବିଷୟରେ ଯାହାସବୁ ବିଚାର କରିଛନ୍ତି, ଆମର ପ୍ରାଣିକ କ୍ରିୟାତ୍ମକତା, ଅର୍ଥାତ୍ କର୍ମ ଏବଂ ଉପଲବ୍ଧି ଲାଗି ଆମର ସାମର୍ଥ୍ୟର କ୍ଷେତ୍ରରେ ମଧ୍ୟ ଠିକ୍ ସେହି ବିଚାର କରିଛନ୍ତି । ମନୋମୟ କ୍ରିୟାତ୍ମକତାକୁ ସେ ମନୁଷ୍ୟଜୀବନର ଭୂମିରୂପେ ଗ୍ରହଣ କରିଛନ୍ତି, କାରଣ ଏହି ସାମର୍ଥ୍ୟଟି ତା'ର ସ୍ୱକୀୟ ଅଧିକାରବଳରେହିଁ କେବଳ ମନୁଷ୍ୟକୁ ପ୍ରାପ୍ତ ହୋଇଛି ଏବଂ ତା' ଜୀବନର ପ୍ରକ୍ରିୟାଟି ମଧ୍ୟରେ, ଅର୍ଥାତ୍ ମନୁଷ୍ୟଜୀବନର ପ୍ରକ୍ରିୟାଟି ମଧ୍ୟରେ, ମନୁଷ୍ୟର ଯାବତୀୟ ଉପଲବ୍ଧିର ପ୍ରକ୍ରିୟାରେ-

'oaob.nitrkl.ac.in' images reprocessed

ବସ୍ତୁର ସାଧାରଣତଃ ସର୍ବପ୍ରଥମେହିଁ ଆସୁଛି । ଏକ ବସ୍ତୁରକ୍ଷମ ସତ୍ତା ହୋଇଥିବାରୁ, ମନୁଷ୍ୟର ସର୍ବପ୍ରଥମେ କୌଣସି ବିଷୟରେ ଧାରଣାଟିଏ ହେଉଛି, ତା'ପରେ ଧାରଣାଟିକୁ ସେ ଶକ୍ତି ଦ୍ୱାରା ସଞ୍ଚାରିତ କରିଦେଉଛି, ଏକ ପ୍ରାଣିକ ଶକ୍ତି ବା କ୍ରିୟାତ୍ମିକା ଶକ୍ତିର ସଞ୍ଚାରଣ ଦ୍ୱାରା ସେଇଟିକୁ ସିଏ ବଦଳାଇ ଦେଉଛି, ଇଚ୍ଛାଶକ୍ତିରେ ରୂପାନ୍ତରିତ କରିଦେଉଛି । ଏହି ଇଚ୍ଛାଶକ୍ତିଟିକୁ ତା'ପରେ ହାସଲ କରିବାକୁ ରହିଥିବା ଉଦ୍ଦେଶ୍ୟଟି ଉପରେ ସଂକେନ୍ଦ୍ରିତ କରି ଅଣାଯାଉଛି, ଏବଂ ଭାବନା ବା ବସ୍ତୁରଟି ସହିତ ପ୍ରାଣିକ ଶକ୍ତି ଏବଂ ଉଦ୍ୟମଟି ଆସି ମିଶିବା ଫଳରେ ତାହା ଯାବତୀୟ କର୍ମ ଲାଗି ଲିଭର୍ ପରି କାର୍ଯ୍ୟ କରୁଛି ।

ମାତ୍ର ଏଠାରେ ଶ୍ରୀଅରବିନ୍ଦ "ଇଚ୍ଛାଶକ୍ତି" ଶବ୍ଦଟିକୁ ବ୍ୟବହାର କରି ନାହାନ୍ତି, ସିଏ "ନାନା ଇଚ୍ଛା" କଥା କହିଛନ୍ତି :

> "ଯେତେବେଳେ ଆମେ ଆମର ନାନା ଇଚ୍ଛାର ଆୟୁତନଟିକୁ ପାରି ହୋଇଯିବା, ସେତେବେଳେ ଆମେ ଯଥାର୍ଥ ସାମର୍ଥ୍ୟର ଅଧିକାରୀ ହୋଇ ପାରିବା । ଉଦ୍ୟମ ସହାୟକ ହୋଇ ରହିଥିଲା, ସେହି ଉଦ୍ୟମ ବର୍ତ୍ତମାନ ବାଧା ହୋଇ ଠିଆ ହେବ ।"

ବସ୍ତୁର ଓ ଚଳାଭାସ,
ଶ. ସଂ., ୧୭ଶ ଖଣ୍ଡ, ପୃଷ୍ଠା-୩୭୭

ଏବଂ ସେ ଏହିସବୁ "ନାନା ଇଚ୍ଛା" ସହିତ,—ଅର୍ଥାତ୍ ଏହିସବୁ ଉପରଭାଗୀୟ ଯାବତୀୟ ଇଚ୍ଛା ସହିତ, ଯେଉଁଗୁଡ଼ିକ କି ଅନେକ ସମୟରେ ପରସ୍ପରର ବିପରୀତ ଓ ବିରୋଧୀ ହୋଇ ରହିଥାନ୍ତି, ଯେଉଁଗୁଡ଼ିକର କି ଆଦୌ କୌଣସି ସ୍ଥାୟୀ ଭିତ୍ତି ବି ନଥାଏ, କାରଣ, ସେଗୁଡ଼ିକ, ଯଥାର୍ଥ ଜ୍ଞାନ ଉପରେ ନୁହେଁ, ମାତ୍ର ଯାହାକୁ ସେ "ନାନା ଜାଣିବା" ବୋଲି କହିଛନ୍ତି, ସେହିଗୁଡ଼ିକ ଉପରେ ପ୍ରତିଷ୍ଠିତ ହୋଇ ରହିଥାନ୍ତି—ଯଥାର୍ଥ ଇଚ୍ଛାଶକ୍ତିର ପାର୍ଥକ୍ୟ ନିରୂପଣ କରିଛନ୍ତି । ଏହିସବୁ ନାନା ଇଚ୍ଛା ଅନିବାର୍ଯ୍ୟତଃ ଭାରି ଖଣ୍ଡିତ ହୋଇ ରହିଥାନ୍ତି, ଅସ୍ଥାୟୀ ହୋଇ ରହିଥାନ୍ତି, ଅନେକ ସମୟରେ ପରସ୍ପରର ବିରୋଧୀ ହୋଇ ରହିଥାନ୍ତି ଏବଂ ସେହି କାରଣରୁହିଁ ବ୍ୟକ୍ତି ତଥା ସମୂହର ସ୍ୱଭାବକ୍ଷେତ୍ରରେ ନାନା ଅସଙ୍ଗତ, ଅସମଞ୍ଜସତା ଏବଂ ମୋହାଚ୍ଛନ୍ନତାର ସୂତ୍ରପାତ ହୋଇଥାଏ··· । ଯାହା ଆମର ଗଭୀରତର ସତ୍ତାଟି ମଧ୍ୟରୁ ଉଦ୍ଭୂତ ହୋଇ ଆସିଥାଏ, ଉଚ୍ଚତର ସତ୍ୟଟି ମଧ୍ୟରୁ ଉଦ୍ଭୂତ ହୋଇଥାଏ

'oaob.nitrkl.ac.in' images reprocessed

ଏବଂ ଶ୍ରୀଅରବିନ୍ଦ ନାନା ଜାଣିବାରୁ ଯେଉଁ ଯଥାର୍ଥ ଜ୍ଞାନକୁ ପୃଥକ୍ କରି ଦେଖାଇଛନ୍ତି, ଯାହା ତାହାକୁହିଁ ସକ୍ରିୟ ଭାବରେ ଅଭିବ୍ୟକ୍ତ କରି ଦେଉଥାଏ, ସାଧାରଣତଃ ତାହାକୁ ବୁଝାଇ ପାରିବା ଲାଗିହିଁ "ଇଚ୍ଛାଶକ୍ତି" ଶବ୍ଦଟି ବିଶେଷ ଭାବରେ ବ୍ୟବହୃତ ହୋଇଥାଏ । ତେଣୁ, ଯଥାର୍ଥ ଜ୍ଞାନକୁ ବ୍ୟକ୍ତ କରି ପାରୁଥିବା ଏହି ଇଚ୍ଛାଶକ୍ତି ଯେତେବେଳେ କର୍ମ ଦ୍ୱାରା ରୂପାୟିତ ହୋଇପାରେ, ସେତେବେଳେ ତାହା ଏପରି ଏକ ଗମ୍ଭୀର ଏବଂ ଅପରାଜେୟ ଶକ୍ତି ଦ୍ୱାରା ପ୍ରେରିତ ହେବାକୁ ଲାଗେ ଯାହା ଲାଗି କି ଆଦୌ କୌଣସି ଉଦ୍ୟମ ଆବଶ୍ୟକ ହୁଏ ନାହିଁ । ଏବଂ ସେଇଥିଲାଗି ଶ୍ରୀଅରବିନ୍ଦ ଏଠାରେ କହିଛନ୍ତି ଯେ, ଯେତେବେଳ ଯାଏ ଆମେ ନାନା ଇଚ୍ଛାର ପର୍ଯ୍ୟାୟଟିକୁ ପାର ହୋଇ ନଯାଇଛୁ, ଅର୍ଥାତ୍, କେବଳ ଏକ ମନୋଗତ କ୍ରିୟାଶୀଳତା ନୁହେଁ, ମାତ୍ର ଏକ ଯଥାର୍ଥ ଜ୍ଞାନର ପରିଣାମରୂପେ ଆମ କର୍ମର ଅଭିପ୍ରାୟଟି ପ୍ରକଟିତ ହୋଇ ନପାରିଛି, ସେପର୍ଯ୍ୟନ୍ତ ଆମେ କଦାପି ଯଥେଷ୍ଟ କର୍ମସାମର୍ଥ୍ୟର ଅଧିକାରୀ ହୋଇ ପାରିବା ନାହିଁ ।

ବାହ୍ୟ ସତ୍ତା ଉପରେ ଯେତେବେଳେ ଯଥାର୍ଥ ଜ୍ଞାନ କାର୍ଯ୍ୟ କରିବାକୁ ଆରମ୍ଭ କରେ, ସେତିକବେଳେହିଁ ଯଥାର୍ଥ ସାମର୍ଥ୍ୟ ମଧ୍ୟ ସମ୍ଭବ ହୁଏ ।

"ଇଚ୍ଛା ଥିଲେ ଉପାୟ ଅବଶ୍ୟ ଆସେ" ବୋଲି ଯେଉଁ ସୁପରିଚିତ କଥାଟି ରହିଛି, ଏହା ତାହାର ଏକ ବ୍ୟାଖ୍ୟା, ଏକ ପ୍ରକୃତ ବ୍ୟାଖ୍ୟା ପରି ମନେହେଉଛି; ସେହି କଥାଟିର ଅସଲ ମର୍ମଟିକୁ ସାଧାରଣତଃ କେହି ବୁଝି ନଥାନ୍ତି ସତ, ମାତ୍ର ତାହା ନିଶ୍ଚିତ ଭାବରେ ଏକ ସତ୍ୟକୁ ଅଭିବ୍ୟକ୍ତ କରୁଥାଏ । ଇଚ୍ଛାଶକ୍ତିର ଅଧିକାରୀ ହେବା, ଅର୍ଥାତ୍ ଅସଲ ସାମର୍ଥ୍ୟଟିକୁ ଲାଭ କରିବା । ଏକଥାଟି ବେଶ୍ ସ୍ପଷ୍ଟ ହୋଇଯିବା ଉଚିତ ଯେ ଏଠାରେ ସେହି "ନାନା ଇଚ୍ଛା"ଗୁଡ଼ିକର ବିଷୟରେ ଆଦୌ କିଛି କୁହା ହେଉ ନାହିଁ, ଅର୍ଥାତ୍, ଅଳ୍ପ ବା ଅଧିକ ପରିମାଣରେ ନାନା ବାସନାରହିଁ ଏକ ଅସମଞ୍ଜସ ଅଭିବ୍ୟକ୍ତି ହୋଇ ରହିଥିବା ସେହି ଇଚ୍ଛାଗୁଡ଼ିକ ବିଷୟରେ ଆଦୌ କିଛି କୁହା ଯାଉ ନାହିଁ; ମାତ୍ର, ଯଥାର୍ଥ ଜ୍ଞାନକୁ ଅଭିବ୍ୟକ୍ତ କରି ଦେଉଥିବା ଏକ ଯଥାର୍ଥ ଇଚ୍ଛାଶକ୍ତିର କଥାହିଁ କୁହାଯାଉଛି । କାରଣ ଏହି ଯଥାର୍ଥ ଇଚ୍ଛାଶକ୍ତିହିଁ ସାମର୍ଥ୍ୟଦାୟୀ ସେହି ଅସଲ ସତ୍ୟଶକ୍ତିଟିର ବାହକ ହୋଇ ରହିଥାଏ,—ଏକ ଅଜେୟ ସାମର୍ଥ୍ୟ ଆଣି ଦେଉଥିବା ସତ୍ୟଶକ୍ତିର ବାହକ ହୋଇ ରହିଥାଏ । ଏବଂ, ତେଣୁ, ଆମେ ଯେତେବେଳେ ଆମର "ନାନା ଇଚ୍ଛା"କୁ ବ୍ୟକ୍ତ କରିବାକୁ ଯାଉଥାଉ, ସେଗୁଡ଼ିକୁ ଜୀବନରେ ପ୍ରୟୋଗ କରି ସେଥିରୁ ଫଳ ପାଇବାକୁ ବାହାରିଥାଉ, ସେତେବେଳେ ଅବଶ୍ୟ ଏକ ପ୍ରୟାସ କରିବାକୁହିଁ ପଡ଼ିଥାଏ, ସେତେବେଳେ କୌଣସି ବ୍ୟକ୍ତିଗତ ପ୍ରୟାସ ଦ୍ୱାରାହିଁ ଅଗ୍ରଗତି କରିହୁଏ, ଏବଂ ସେହି ପ୍ରୟାସ ଦ୍ୱାରାହିଁ ଆମେ ଜୀବନ

'oaob.nitrkl.ac.in' images reprocessed

ଉପରେ ଆମର ନାନା ଇଚ୍ଛାକୁ ଆଣି ଲଦିଦେବାକୁ ସମର୍ଥ ହୋଇଥାଉ, ଯାହା ଫଳରେ କି ଜୀବନ ସେଗୁଡ଼ିକର ଦାବିକୁ ସ୍ୱୀକାର କରିନେବାକୁ ବାଧ୍ୟ ହୋଇଥାଏ;—ମାତ୍ର ଯେତେବେଳେ ସେଗୁଡ଼ିକ ଆଉ କେବଳ ନାନା ଇଚ୍ଛା ହୋଇ ରହନ୍ତି ନାହିଁ, ଯେତେବେଳେ ଯଥାର୍ଥ ଇଚ୍ଛାଶକ୍ତିହିଁ ଯଥାର୍ଥ ଜ୍ଞାନଟିକୁ ଅଭିବ୍ୟକ୍ତ କରି ଆଣୁଥାଏ, ସେତେବେଳେ ଆଉ ପ୍ରୟାସର କୌଣସି ପ୍ରୟୋଜନ ରହେ ନାହିଁ, କାରଣ ସାମର୍ଥ୍ୟଟି ଏକ ସର୍ବଶକ୍ତିମାନ୍ ସାମର୍ଥ୍ୟରେ ପରିଣତ ହୋଇଯାଏ ।

ଆଚ୍ଛା, ମୁଁ ତୁମମାନଙ୍କୁ ଯାହାସବୁ କହୁଥିଲି, ତୁମେମାନେ ମୋତେ ସେହି ବିଷୟରେ ବର୍ତ୍ତମାନ ପ୍ରଶ୍ନ ପଚାରିବ ।

ଆଚ୍ଛା, ତେବେ କୌଣସି ପ୍ରଶ୍ନ ନାହିଁ ?

ମାଆ, ଯଥାର୍ଥ ଜ୍ଞାନ ଲାଗି ଆମର ସର୍ବପ୍ରଥମ ପଦକ୍ଷେପଟି କ'ଣ ହେବା ଉଚିତ ?

ସର୍ବପ୍ରଥମ ପଦକ୍ଷେପଟି ?…ସେଇଟି ହେଉଛି ଯେ ଆମେ "ନାନା ଜାଣିବା"ର ଅପ୍ରତିଦ୍ୱନ୍ଦ୍ୱ ମୂଲ୍ୟଟି ବିଷୟରେ ଆମର ଯେଉଁ ଭୁଲ୍ ଧାରଣା ରହିଛି, ସେଥିରୁ ମୁକ୍ତ ହୋଇ ଆସିବା । ଅର୍ଥାତ୍, ମାନବୀୟ ଜ୍ଞାନ ଏବଂ ମାନସିକ କ୍ରିୟାତ୍ମକତାର ନିରଙ୍କୁଶ ମୂଲ୍ୟ ବିଷୟରେ ରହିଥିବା ଆମର ଭ୍ରମଟି ମଧ୍ୟରୁ ଆମେ ମୁକ୍ତ ହୋଇ ବାହାରି ଆସିବା । ସେଗୁଡ଼ିକର ପ୍ରକୃତରେ ଯେ କୌଣସି ଯଥାର୍ଥ ଏବଂ ଅଖଣ୍ଡନୀୟ ମୂଲ୍ୟ ରହିଛି, ପ୍ରଥମେ ଆମେ ସେହି ଭ୍ରମଧାରଣାର କବଳରୁ ମୁକ୍ତ ହୋଇ ଆସିବା ।

ଏବଂ ତୁମେ ନିଶ୍ଚୟ ଦେଖିବାକୁ ପାଇବ ଯେ ଏଇଟି ହେଉଛି ସବୁଠାରୁ ଅଧିକ କଷ୍ଟସାଧ୍ୟ ବ୍ୟାପାର । ଏଇଟି ହେଉଛି ସବୁଠାରୁ ଅଧିକ କଷ୍ଟସାଧ୍ୟ ପଦକ୍ଷେପ; କାରଣ, ଯେତେବେଳେ ତୁମେ ବିଜ୍ଞାନ, ଅର୍ଥାତ୍ ବିଜ୍ଞାନର ବିଭିନ୍ନ କ୍ଷେତ୍ର ଅଥବା ଦର୍ଶନ କିଂବା ସେହିପରି ଯାବତୀୟ ଆଉକିଛି ଅଧ୍ୟୟନ କରୁଥିବ, ଯେତେବେଳେ କିମ୍ବତ୍ ଗମ୍ଭୀର ଭାବରେ ଓ ଗଭୀରକୁ ଯାଇ ତୁମେ ସେଗୁଡ଼ିକର ଅଧ୍ୟୟନ କରୁଥିବ, ତେବେ ତୁମେ ଅତ୍ୟନ୍ତ ସହଜରେ ଏହି ଜ୍ଞାନର ଆପେକ୍ଷିକତାକୁ ବୁଝିବା ଲାଗି ସମର୍ଥ ହୋଇଯିବ । ମାତ୍ର ଯେତେବେଳେ ତୁମେ ପୁନର୍ବାର ପାଦେ ତଳକୁ ଖସିଆସିବ, ମନୋଗତ କ୍ରିୟାତ୍ମକତାର ଠିକ୍ ପରବର୍ତ୍ତୀ ସ୍ତରଟିକୁ ଖସିଆସି ତୁମେ ଯେତେବେଳେ ଜୀବନର ବିଭିନ୍ନ ସମସ୍ୟାଗୁଡ଼ିକୁ ଅବଲୋକନ କରିବାକୁ ଆରମ୍ଭ କରିବ, ଉଦାହରଣସ୍ୱରୂପ, ଏକ୍ଷେତ୍ରରେ ବା ସେକ୍ଷେତ୍ରରେ କ'ଣ କରାଯିବା ଉଚିତ,

'oaob.nitrkl.ac.in' images reprocessed

କୌଣସି ଏକ ବିଷୟର ଉପଲବ୍ଧି ନିମନ୍ତେ କ'ଣସବୁ ସର୍ତ୍ତର ପୂରଣ ହେବା ଉଚିତ, ହୁଏତ ତୁମକୁ କୌଣସି ଏକ କୌଶଳ ଶିକ୍ଷା କରିବାକୁ ହେବ, ଅଥବା ଜୀବନର ବିଭିନ୍ନ ପ୍ରୟୋଜନ, ଜୀବନ ବଞ୍ଚିବାର ବିଭିନ୍ନ ପରିବେଶ ବିଷୟରେ କୌଣସି କୌଶଳ ଆୟତ୍ତ କରିବାକୁ ହେବ, ଅଥବା ସ୍ୱାସ୍ଥ୍ୟ ବିଷୟରେ ତୁମକୁ କିଛି ବିଷୟ ଜାଣିବାକୁ ହେବ, ସେତେବେଳେ ତୁମେ ବେଶ୍ ଦେଖିବାକୁ ପାଇବ ଯେ ସାଧାରଣତଃ ବୁଦ୍ଧି ଦ୍ୱାରା ପରିଚାଳିତ ଏକ ସତ୍ତା, ବା ଏକ ବୁଦ୍ଧିପ୍ରେରିତ ସତ୍ତାରେ ପରିଣତ ହେବାକୁ ବସିଥିବା କୌଣସି ବ୍ୟକ୍ତି ଆପଣାଗ୍ରୁଁ କେତୋଟି ନିର୍ଦ୍ଦିଷ୍ଟ ଧାରଣାତ୍ମକ ତିଆରି କରି ନେଉଥିବ, ଯେଉଁଗୁଡ଼ିକୁ କି କେବଳ କେତୋଟି ଜାଣିବା ବୋଲିହିଁ କୁହାଯିବ : ଏପରି ଗୋଟିଏ ବିଷୟରୁ ଏହି ପରିଣାମଟି ହେବ, ଅଥବା, ଏହି ବସ୍ତୁଟିକୁ ଲାଭ କରିବାକୁ ହେଲେ ସେହି ଅନ୍ୟ କଥାଟିକୁ ମଧ୍ୟ କରିବାକୁ ହେବ, ଇତ୍ୟାଦି, ଇତ୍ୟାଦି । ଏବଂ ଏହିପରି ଭାବରେ ତୁମ ନିଜ ଭିତରେ ତୁମେ ମାନସିକ ରଚନାର ଏକ ସମୁଦାୟ ଅଟ୍ଟାଳିକା ଗଢ଼ିକରି ରଖିଦେବ, ସେହି ଅଟ୍ଟାଳିକାଟି କେତେକେତେ ପର୍ଯ୍ୟବେକ୍ଷଣ, ଅଧ୍ୟୟନ ଓ ପ୍ରୟୋଗ ଦ୍ୱାରା ତିଆରି କରା ଯାଇଥିବ; ଏବଂ ତୁମର ବୟସ ଯେତିକି ଅଧିକ ହେଉଥିବ, ସେହିସବୁ ପ୍ରୟୋଗ, ଅଧ୍ୟୟନଲବ୍ଧ ଫଳ ଏବଂ ପର୍ଯ୍ୟବେକ୍ଷଣର ସଂଖ୍ୟା ମଧ୍ୟ ସେତିକି ବଢ଼ି ବଢ଼ି ଯାଉଥିବ । ତୁମେ ନିଜ ପାଇଁ ଏହିପରି ଗୋଟିଏ ମନୋମୟ ଅଟ୍ଟାଳିକା ତିଆରି କରି ନେଇଥିବ ଓ ତାହାରି ମଧ୍ୟରେ ବାସ କରୁଥିବ । ଏବଂ, ଯଦି ତୁମେ ଶକ୍ତିଶାଳୀ ଭାବରେ ବୁଦ୍ଧିମାନ୍ ହୋଇ ନଥିବ, ଉଚ୍ଚତର ଜଗତଗୁଡ଼ିକ ଲାଗି ଯଦି ତୁମ ଭିତରେ କୌଣସି ଉନ୍ମୋଚନ ନଥିବ, ତେବେ ଆପଣାର ଅବଲୋକନଗୁଡ଼ିକର ନିରଙ୍କୁଶ ମୂଲ୍ୟ ବିଷୟରେ ତୁମର ଏକ ଅନ୍ତଃପ୍ରେରିତ, ସ୍ୱୟଂସିଦ୍ଧ ଏବଂ ଅବିଚଳିତ ବିଶ୍ୱାସ ମଧ୍ୟ ଦୃଢ଼ ହୋଇ ରହିଥିବ, ଏବଂ ତୁମକୁ ଆଦୌ କୌଣସି ଭାବନା ଲାଗି ପ୍ରଣୋଦିତ ନକରାଇ ମଧ୍ୟ ତାହା ସତେଅବା ସ୍ୱୟଂକ୍ରିୟ ଭାବରେ ତୁମ ଭିତରେ କାର୍ଯ୍ୟକାରୀ ହେବାରେ ଲାଗିଥିବ । ପ୍ରାୟ ଏକପ୍ରକାର ଅଭ୍ୟସ୍ତତା ବଳରେ ଏହି ବସ୍ତୁଟି ଅନିବାର୍ଯ୍ୟ ଭାବରେ ସେହି ନିର୍ଦ୍ଦିଷ୍ଟ ପରିଣାମଟିକୁ ବହନ କରି ନେଇଆସିବ । ତେଣୁ, ତୁମ ଲାଗି, ଯେତେବେଳେ ଏହି କଥାଟି ତୁମ ଜୀବନରେ ବେଶ୍ ଅନେକ ସମୟରେ ଘଟୁଥିବ, ଏହି ଦୁଇଟିଯାକ ଘଟଣାକୁ ପରସ୍ପର ସହିତ ସଂଲଗ୍ନ କରି ରଖିବାର ଅଭ୍ୟାସଟି ସ୍ୱଭାବତଃ ତୁମ ଭିତରେ ତୁମ ନିଜ ବିଷୟରେ ଏବଂ ତୁମର ଜୀବନ ବିଷୟରେ ରହିଥିବା ତୁମର ଧାରଣା ବା ତୁମର ଜାଣିବାଗୁଡ଼ିକର ପ୍ରକୃତରେ ଏକ ନିରଙ୍କୁଶ ଯଥାର୍ଥତା ରହିଛି ବୋଲି ଏକ ଅନୁଭୂତିକୁ ଜାଗ୍ରତ କରି ଆଣୁଥିବ । ଏବଂ ସେହି କ୍ଷେତ୍ରରେ ଆପେକ୍ଷିକତାର ଏକ ବୋଧ ହାସଲ କରିବା ପ୍ରକୃତରେ ଅନନ୍ତ

'oaob.nitrkl.ac.in' images reprocessed

ଗୁଣରେ ଅଧିକ କଷ୍ଟସାଧ୍ୟ ହୋଇ ପଡ଼ିବ, ସେହି ଜ୍ଞାନ ବିଷୟରେ ଯେଉଁସବୁ ଭ୍ରମୋତ୍ପାଦକ ଅନିଶ୍ଚିତତାଟି ରହିଛି, ତାହାକୁ ବୁଝି ପାରିବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇ ପଡ଼ିବ । ମାତ୍ର, ଯଦି, ଆଧ୍ୟାତ୍ମିକ ଶୃଙ୍ଖଳା ଏବଂ ଅଗ୍ରଗତି ଲାଗି ଏକ ଅନୁକୂଳ ଇଚ୍ଛାଶକ୍ତି ସହିତ, ତୁମେ ଏକ ଗଭୀର ସମୀକ୍ଷାତ୍ମକ ବୋଧଦୃଷ୍ଟିରେ ଏହିସବୁ ବସ୍ତୁ ଉପରେ ଦୃଷ୍ଟିପାତ କରିପାରିବ ଏବଂ ତୁମେ ଆପଣାକୁ ଯେଉଁ ଦାସତ୍ୱର ବନ୍ଧନ ମଧ୍ୟରେ ନେଇ ପକାଇ ଦେଇଛ, ସେଇଟିକୁ ଦେଖିବା ଲାଗି ସମର୍ଥ ହେବ, ତୁମର କୌଣସି ପରାମର୍ଶ ନମାଗି ପ୍ରାୟ ସ୍ୱୟଂକ୍ରିୟ ଭାବରେ ତୁମ ଭିତରେ କାର୍ଯ୍ୟ କରୁଥିବା, ତୁମର ଅବଚେତନରୁ ସମର୍ଥନ ପାଇ ଏବଂ ତୁମକୁ ପ୍ରାୟ ସଂପୂର୍ଣ୍ଣ ଭାବରେ ଅସଜ୍ଞାନ ରଖି ଏକ ଅଭ୍ୟସ୍ତ ଯାନ୍ତ୍ରିକତାରେ କାରଣ ଏବଂ ପରିଣାମଗୁଡ଼ିକୁ ଆତଯାତ କରାଇବାରେ ଲାଗିଥିବା ଏକ ସହଜ-କ୍ରିୟାର ସ୍ୱୟଂପ୍ରବୃତ୍ତତା ଦ୍ୱାରା ସାହାଯ୍ୟପ୍ରାପ୍ତ ହୋଇ କାର୍ଯ୍ୟକାରୀ ହେଉଥିବା ସେହି ଦାସତ୍ୱର ବନ୍ଧନଟିକୁ ଦେଖି ପାରିବ, ସେତିକିବେଳେ ଯାଇ ତୁମେ ପ୍ରକୃତ କଥାଟିକୁ ଜାଣି ପାରିବ ।

ତେଣୁ, ଯଦି ତୁମେ ଯଥାର୍ଥ ଜ୍ଞାନର ଆକାଙ୍‌କ୍ଷା ରଖିଥିବ, ତେବେ ପ୍ରଥମ କର୍ତ୍ତବ୍ୟ ଓ ସର୍ବପ୍ରଥମ ଅପରିହାର୍ଯ୍ୟ ପଦକ୍ଷେପରୂପେ ତୁମେ ସେହିସବୁ ଜାଣିବାର ଯଥାର୍ଥତା ଉପରେ ଆଉ କଦାପି ବିଶ୍ୱାସ କରିବାକୁ ଯିବ ନାହିଁ । ଏବଂ, ଆପଣାକୁ ଅବଲୋକନ କରିପାରିଲେ ତୁମେ ଦେଖିବାକୁ ପାଇବ ଯେ ଏହିସବୁ ପର୍ଯ୍ୟବେକ୍ଷଣ ଏବଂ ନିପାତନର ଯଥାର୍ଥତା ବିଷୟରେ ତୁମର ଏହି ବିଶ୍ୱାସଟି ପ୍ରକୃତରେ ପ୍ରାୟ ଅକାଟ୍ୟ ହୋଇ ରହିଛି । ଏହା ଆପଣାକୁ ଏପରି ନାନା ଧାରଣାର ମାଧ୍ୟମରେ ବ୍ୟକ୍ତ କରିବାରେ ଲାଗିଛି, ଯାହାକି ବେଶ୍ ବୁଦ୍ଧିସମର୍ଥିତ ଭାବରେ ତୁମକୁ ଯଥାର୍ଥ ଓ ଅବିବାଦିତ ବୋଲି ପ୍ରତୀତ ହେଉଛି ଅଥଚ ତୁମକୁ ଏକାତ୍ମକତା ଦ୍ୱାରା କୌଣସିପ୍ରକାର ଜ୍ଞାନଲାଭରୁ ନିବୃତ୍ତ କରି ରଖିଥିବାର ନାନା ବାଡ଼ ପରି କାର୍ଯ୍ୟ କରିବାରେ ଲାଗିଛି । ଉଦାହରଣସ୍ୱରୂପ, ଯଦି ପହଁରି ନଜାଣିଥିବା କୌଣସି ବ୍ୟକ୍ତି ପାଣି ଭିତରକୁ ପଶିବ, ତେବେ ତାକୁ ନିଶ୍ଚୟ ବୁଡ଼ି ମରିବାକୁ ପଡ଼ିବ; ଯଦି ପବନ ପ୍ରଖର ବେଗରେ ବୋହୁଥିବ, ତେବେ ସବୁକିଛିକୁ ଅସ୍ତବ୍ୟସ୍ତ କରି ପକାଇବ; ବର୍ଷା ହେଲେ ତୁମେ ନିଶ୍ଚୟ ତିନ୍ତିଯିବ, ଇତ୍ୟାଦି ଇତ୍ୟାଦି,—ପ୍ରତ୍ୟେକ ମୁହୂର୍ତ୍ତରେ ଏହିପରି କେତେ ଦୃଷ୍ଟାନ୍ତ ଆସି ହାଜିର ଯାଉଥିବ; ହଁ, ଠିକ୍ ସେହିପରି ହେଉଥିବ । ଏବଂ, ଏକଥା ତୁମକୁ ଏତେଦୂର ସ୍ପଷ୍ଟ ବୋଧ ହେଉଥିବ ଯେ ଯଦି ତୁମକୁ କେହି ଆସି, "ନାହିଁ ନାହିଁ, ଏସବୁ ହେଉଛି ଆପେକ୍ଷିକ ଜ୍ଞାନ; ଏପରି ସାଧାରଣତଃ ଘଟିଥାଏ ସତ, ମାତ୍ର ଏହାଠାରୁ ଭିନ୍ନ ହୋଇ ବି ଘଟିପାରେ" ବୋଲି କହିବ, ତେବେ ତୁମେ ସେହି ବ୍ୟକ୍ତିକୁ ପୂର୍ବସିଦ୍ଧ ଭାବରେହିଁ ଅର୍ଦ୍ଧପାଗଳ ବୋଲି କହିବ ।

'oaob.nitrkl.ac.in' images reprocessed

ଏବଂ ତୁମେ ଉତ୍ତର ଦେବ, "ମାତ୍ର ତଥାପି, ଏସବୁ କଥା ହେଉଛି ବାସ୍ତବ ଘଟଣାର କଥା; ଏହିସବୁ ବିଷୟକୁ ଆମେ ଦେଖିପାରୁଛୁ, ସ୍ପର୍ଶ କରିପାରୁଛୁ, ଅନୁଭବ କରିପାରୁଛୁ; ପ୍ରତ୍ୟେକ ମୁହୂର୍ତ୍ତରେ ଆମର ଇନ୍ଦ୍ରିୟଗୁଡ଼ିକ ଆମକୁ ଏହିସବୁ ପ୍ରମାଣ ଆଣି ଦେଇ ଯାଉଛନ୍ତି; ଏବଂ ଯଦି ଆମେ ସେଗୁଡ଼ିକ ଅନୁସାରେ ନିଜକୁ ଅନୁକୂଳିତ କରି ନରଖିବା, ତେବେ ନିଶ୍ଚୟ ପଥଭ୍ରଷ୍ଟ ହୋଇଯିବା ଏବଂ ଅଯୁକ୍ତିର ରାଜ୍ୟରେ ଯାଇ ପ୍ରବେଶ କରିବା।"

ତେଣୁ, ଶ୍ରୀଅରବିନ୍ଦ ଯାହା କହିଛନ୍ତି, ଯଦି ତୁମେ ସେହି କଥାଗୁଡ଼ିକୁ ମନେ ରଖିପାରିବ, ତେବେ ତୁମେ ନିଶ୍ଚୟ ବୁଝିବାକୁ ଆରମ୍ଭ କରିବ ଯେ ଯଥାର୍ଥ ଜ୍ଞାନ ଲାଭ କରିବାର ସର୍ବପ୍ରଥମ ପଦକ୍ଷେପ ହେଉଛି ବୁଦ୍ଧିର ସୀମାକୁ ଅତିକ୍ରମ କରିଯିବା। ତେଣୁ ସିଏ "ବୁଦ୍ଧି ସହାୟକ ହୋଇ ରହିଥିଲା" ବୋଲି କହୁଛନ୍ତି,—ହଁ, ମନୁଷ୍ୟସମୂହର ସମୁଦାୟ ବାଲ୍ୟାବସ୍ଥାରେ ଏବଂ ବ୍ୟକ୍ତିସତ୍ତାର ସମୁଦାୟ ବିକାଶପର୍ବଟି ସମୟରେ ବୁଦ୍ଧି ପ୍ରକୃତରେ ସହାୟକ ହୋଇ ରହିଥିଲା; ମାତ୍ର ଯଦି ତୁମେ ମନୁଷ୍ୟସୀମାର ଆହୁରି ସେପାଖକୁ ଯିବା ଲାଗି ଇଚ୍ଛା ରଖିଥାଅ, ଏହି ସାଧାରଣ ମନୁଷ୍ୟର ଅବସ୍ଥାରୁ ଆହୁରି ଆଗକୁ ଯିବାକୁ ଚାହୁଁଥାଅ, ତେବେ ତୁମକୁ ବୁଦ୍ଧିର ଗାର ଡେଇଁ ଆହୁରି ଆଗକୁ ଯିବାକୁ ପଡ଼ିବ। ଏବଂ, ଏହି ଯେଉଁସବୁ ବସ୍ତୁ ତୁମକୁ ଏପରି ସ୍ୱୟଂସିଦ୍ଧ ବୋଲି ଓ ତେଣୁ ଅବିବାଦିତ ବୋଲି ବୋଧ ହେଉଛି, ଏଥର ତୁମକୁ ବୁଝିବାକୁ ହେବ ଓ ନିଜ ଭିତରୁ ଅନୁଭବ କରିବାକୁ ପଡ଼ିବ ଯେ ସେଗୁଡ଼ିକ ହେଉଛନ୍ତି ପ୍ରକୃତରେ ସମ୍ପୂର୍ଣ୍ଣ ଭାବରେ ଆପେକ୍ଷିକ; ଏବଂ, ସମସ୍ତଙ୍କର ଅନୁଭୂତିରେ ଯାହାସବୁ ଗୋଟାସୁଦ୍ଧା ସଦୃଶ ଓ ଏକରୂପ ବୋଲି ମନେ ହେଉଛନ୍ତି, ଯଦି ଊର୍ଦ୍ଧ୍ୱରୁ ଏକ ଉଚ୍ଚତର ଚେତନାର ସୋପାନରୁ ସେଗୁଡ଼ିକ ଉପରେ ଦୃଷ୍ଟିପାତ କରାଯାଏ, ତେବେ ସେଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତିସାପେକ୍ଷ ଏବଂ ଆପେକ୍ଷିକ ବୋଲି ମନେହେବେ, ବ୍ୟକ୍ତିର ପ୍ରୟୋଜନ ଏବଂ ବ୍ୟକ୍ତିର ଚେତନା ଲାଗି ଅନୁକୂଳିତ ହୋଇ ରହିଥିବା କେବଳ କେତୋଟି ବ୍ୟକ୍ତିଗତ ବିରଚନାରୂପେ ପ୍ରତିଭାତ ହେବାକୁ ଲାଗିବେ। ସେଗୁଡ଼ିକର ଯେ ଆଦୌ କୌଣସି ଅନପେକ୍ଷ ବାସ୍ତବତା ନାହିଁ, କେବଳ ସମ୍ପୂର୍ଣ୍ଣ ଏକ ଆପେକ୍ଷିକ ବାସ୍ତବତାହିଁ ରହିଛି, ତୁମେ ଏକ ଉଚ୍ଚତର ସୋପାନକୁ ଉଠିଗଲା ମାତ୍ରକେ ସେଗୁଡ଼ିକ ଯେ ସମ୍ପୂର୍ଣ୍ଣ ରୂପେ ଅନ୍ତର୍ହିତ ହୋଇଯିବେ, ସେହି କଥାଟି ଏକାବେଳକେ ସ୍ପଷ୍ଟ ହୋଇଯିବ।

ତେଣୁ, ଯଦି ତୁମେ ବର୍ତ୍ତମାନ ଏହି ଆଲୋକଟିର ପରିପ୍ରେକ୍ଷୀରେ ତୁମ ଭାବନାର ସ୍ଥିତିଟିକୁ ପର୍ଯ୍ୟାଲୋଚନା କରି ଦେଖିବ, ତେବେ ଏହି ପ୍ରଥମ ପଦକ୍ଷେପଟି ଗ୍ରହଣ କରିବା ଯେ ଆଦୌ ସହଜ ନୁହେଁ, ତୁମେ ତାହା ନିଶ୍ଚୟ ଦେଖିବାକୁ ପାଇବ।

ଏହି ପ୍ରସଙ୍ଗରେ ଅନେକ ଉଦାହରଣ ଦିଆ ଯାଇପାରେ; ମାତ୍ର ସେଗୁଡ଼ିକ ଖାଲି ଉପରିଆ ଧରଣର ଉଦାହରଣ, ସେଗୁଡ଼ିକ ଖାଲି ଖଣ୍ଡିତ ଏବଂ ସେଗୁଡ଼ିକର

'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣତଃ କେବଳ ଏକ ଆପେକ୍ଷିକ ମୂଲ୍ୟହିଁ ରହୁଛି । ଏଠାରେ ଉଦାହରଣସ୍ୱରୂପ ମୁଁ ପୃଥିବୀରେ ରହିଥିବା ଚିକିତ୍ସାସମ୍ବନ୍ଧୀୟ ଜ୍ଞାନଟି ବିଷୟରେ କହିବି, ଯେଉଁ ଉଦାହରଣଟି ମୁଁ ତୁମମାନଙ୍କୁ ଅନେକ ଥର ଦେଇଥିବି । ଯଦି ତୁମର ଅନୁଭୂତି ଯଥେଷ୍ଟ ପରିମାଣରେ ରହିଥାଏ ବା ଯଦି ତୁମେ ବେଶ୍ ଏକ ଦୀର୍ଘ କାଳ ବଞ୍ଚିଥାଅ, ଅର୍ଥାତ୍ ଯଦି ବେଶ୍ ଅନେକ ବର୍ଷ ବଞ୍ଚିଥାଅ, ତେବେ ତୁମେ ଦେଖିବାକୁ ପାଇବ ଯେ ସେହି ସମାନ ପ୍ରାମାଣିକତା ସହିତ, ସେହି ସମାନ ନିଶ୍ଚିତତା ଏବଂ ଦୃଢ଼ ବିଶ୍ୱାସ ସହିତ, କୌଣସି ଏକ ସମୟରେ କେତେକ ନିର୍ଦ୍ଦିଷ୍ଟ ବିଷୟକୁ କେବଳ ଯେ ଖରାପ ବୋଲି ବିଚାର କରାଯାଏ ତା' ନୁହେଁ, ମାତ୍ର ଏକ ଅନପନେୟ ଜ୍ଞାନ ଏବଂ ଅବିବାଦ୍ୟ ପର୍ଯ୍ୟବେକ୍ଷଣର ଭିତ୍ତି ଉପରେ ସେଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ପରିଣାମ ରହିଛି ବୋଲି ସ୍ୱୀକାର ମଧ୍ୟ କରାଯାଏ; ଏବଂ ଆଉ ଏକ ସମୟରେ ଏହି ଅବିବାଦ୍ୟ ପର୍ଯ୍ୟବେକ୍ଷଣଗୁଡ଼ିକରୁ ଆମେ ଏକାବେଳକେ ଓଲଟା କେତେଗୁଡ଼ିଏ ପରିଣାମରେ ମଧ୍ୟ ଆସି ଉପନୀତ ହୋଇଥାଉ । ଅଧିକାଂଶ ସମୟରେ ମୁଁ ଯେଉଁସବୁ ଦୃଷ୍ଟାନ୍ତ ଦିଏ, ସେଗୁଡ଼ିକୁ ମୁଁ ନିଜେ ଅବଲୋକନ କରିଥାଏ, ବିଶେଷତଃ, କେତେକ ନିର୍ଦ୍ଦିଷ୍ଟ ଖାଦ୍ୟଦ୍ରବ୍ୟର କେଉଁସବୁ ଗୁଣ ରହିଛି ଓ ଶରୀର ଉପରେ ତା'ର କିପରି ପ୍ରଭାବ ପଡ଼ୁଛି, ଏଗୁଡ଼ିକର ଦୃଷ୍ଟାନ୍ତ ଦେଲାବେଳେ ନିଜର ଅନୁଭୂତିରୁହିଁ ମୁଁ ଯାହାକିଛି କହିଥାଏ । ଏହିପରି କେତେକ ଫଳ ବା ପନିପରିବାର ଉଦାହରଣ ଦେଇଥାଏ । ଚିକିତ୍ସାବିଜ୍ଞାନର ଇତିହାସରେ ଏକଦା,—ଖୁବ୍ ବେଶୀ ଦିନ ପୂର୍ବରୁ ନୁହେଁ, ପ୍ରାୟ ପଚିଶ ଷାଠିଏ ବର୍ଷ ତଳେ,—ଯେତେବେଳେ ତୁମର କୌଣସି ଅସୁସ୍ଥତା ହେଉଥିଲା, ସେତେବେଳେ ଡାକ୍ତର ଅତ୍ୟନ୍ତ ଗମ୍ଭୀର ଭାବରେ ତୁମକୁ ଏପରି କେତେଗୁଡ଼ିଏ ଜିନିଷର ତାଲିକା ଦେଉଥିଲେ, ଯାହାକୁ କି ତୁମର ଛୁଇଁବା ବି ଉଚିତ ନୁହେଁ ବୋଲି କୁହା ଯାଉଥିଲା, କାରଣ ସେପରି ହେଲେ ତୁମର ଅସୁସ୍ଥତା ଆହୁରି ଅଧିକ ବଢ଼ିଯିବାର ଆଶଙ୍କା ରହିଥିଲା । ମୁଁ ଇଚ୍ଛାକଲେ ତୁମମାନଙ୍କୁ ସେହି ତାଲିକାଟି ଦେଇପାରନ୍ତି ସତ, ମାତ୍ର ତାହା ମୋଟେ ଆଗ୍ରହୋଦ୍ଦୀପକ ହେବ ନାହିଁ । ଏବଂ, ପଚିଶ ବା ଷାଠିଏ ବର୍ଷ ପରେ, ଠିକ୍ ସେହି ଡାକ୍ତର ନହେଲେ ମଧ୍ୟ ଆଉଜଣେ ଡାକ୍ତର ପୂର୍ବର ଠିକ୍ ସେହି ଅବିବାଦ୍ୟ ନିଶ୍ଚିତତା ଏବଂ ପ୍ରାମାଣିକତା ସହିତ ସେହିସବୁ ପଦାର୍ଥ ବିଷୟରେ ତୁମକୁ କହିବାକୁ ଆସିବେ ଯେ ତୁମକୁ ଖାସ୍ ଏହିଗୁଡ଼ିକହିଁ ଖାଇବାକୁ ପଡ଼ିବ, ତା' ନହେଲେ ତୁମେ କଦାପି ଆରୋଗ୍ୟଲାଭ କରିବ ନାହିଁ । ତେଣୁ, ଯଦି ତୁମେ ବେଶ୍ ଭଲ ଭାବରେ ସବୁକିଛିକୁ ଦେଖିଥିବ ଏବଂ କିମ୍ବା ସମୀକ୍ଷାତ୍ମକ ଦୃଷ୍ଟିରେ ସବୁକିଛିର ବିଚାର କରୁଥିବ, ତେବେ ତୁମେ ନିଜକୁ "ଏଇଟା ନିଶ୍ଚୟ ଲୋକମାନଙ୍କ ଉପରେ ନଚେତ୍ ସେହି କାଳଟି ଉପରେ ନିର୍ଭର କରୁଥିବ" ବୋଲି କହିବାକୁ ଆରମ୍ଭ କରିବ । ଏବଂ, ମୋର ପରିଚିତ ଜଣେ ଡାକ୍ତର

'oaob.nitrkl.ac.in' images reprocessed

ବନ୍ଧୁ, ଫ୍ରାନ୍ସରେ ପ୍ରାୟ ପ୍ରାୟ ଷ୍ଠିକଶି ପଚାଶ ବର୍ଷ ପୂର୍ବେ ଯେପରି ତାଙ୍କ ପାଖକୁ ଆସୁଥିବା ରୋଗୀଙ୍କୁ କହୁଥିଲେ, ମୁଁ ମଧ୍ୟ ତୁମମାନଙ୍କୁ ଠିକ୍ ସେହିପରି କହିବି : "ଯେଉଁ ଔଷଧଟା ଚାହୁଁଛ, ତୁମେ ସେହି ଔଷଧଟିକୁ ସେବନ କରିବ, କାରଣ ତୁମେ ତା'ହେଲେ ନିଶ୍ଚୟ ଆରୋଗ୍ୟଲାଭ କରିବ ।" ବୁଝିଲ ?

ହଁ, ଏପରି ଏକ ସୁପ୍ରଶିକ୍ଷିତ ଗ୍ରହଣଶୀଳ ଅବସ୍ଥା ରହିଛି, ଯେତେବେଳେ କି ବିଷୟଗୁଡ଼ିକର ଏହି ଅସାଧାରଣ ଆପେକ୍ଷିକତା ଭାରି ସହଜରେ ବୋଧଗମ୍ୟ ହୋଇଯାଏ; ଏହି ଅବସ୍ଥାରେ ତାହା ଏତେ ସ୍ପଷ୍ଟ ଭାବରେ ବୋଧଗମ୍ୟ ହୁଏ ଯେ କୌଣସି ସତ୍ୟକୁ ଦୃଢ଼ଭାବରେ ସତ୍ୟ ବୋଲି କହିବା ସମୟରେ, "ଏଇଟି ଠିକ୍ ସେହିପରି" ବା "ଏହିପରି ବିଷୟଟିରୁ ସେହି ନିର୍ଦ୍ଦିଷ୍ଟ ପରିଣାମଟି ମିଳିଥାଏ" ବୋଲି କହିବା ସମୟରେ ତାହା ଭାରି ସ୍ୱାଭାବିକ ଭାବରେ ତୁମକୁ ଏକ ନିର୍ବୋଧତା ବୋଲି ମନେହୁଏ···ମାତ୍ର ସେହି ସୋପାନରେ ଯାଇ ପହଞ୍ଚିବା ପୂର୍ବରୁ ଆମେ ହୁଏତ ଏ ବିଷୟରେ ନିଶ୍ଚୟ କିଛି ଚିନ୍ତା କରିପାରିବା ଏବଂ "ଯାହା ହେଉ ପଛକେ, ଗୋଟାଏ କଥା ପ୍ରଚଳିତ ହେଉଥିବା ପର୍ଯ୍ୟନ୍ତ ଆମେ ନିଶ୍ଚୟ ସେଥିରେ ବିଶ୍ୱାସ କରୁଥିବା" ବୋଲି କହିପାରିବା ।

ସରଳ ?

> ମାଆ, ଏପରି ଗୋଟିଏ ପ୍ରଶ୍ନ ପ୍ରକୃତରେ ଉତ୍‌ଥାପିତ ହୋଇଥାଏ, କାରଣ ସ୍କୁଲରେ ଆମ ପଢ଼ାରେ ସମୟ ସମୟରେ ଭାରି ଅଶ୍ରଦ୍ଧା ଜାତ ହୁଏ ଏବଂ "ଏସବୁରେ ଆମର ପ୍ରକୃତରେ କି ଲାଭ ହେବ ?" ବୋଲି ପଚାରିବାକୁ ମନ ହୋଇଥାଏ । ତେବେ ଅଧ୍ୟୟନରେ ଆମର କିଭଳି ଦୃଷ୍ଟିକୋଣ ରହିଥିବା ଉଚିତ ?

ମୁଁ ଏକଥା ସବୁବେଳେ କହି ଆସିଛି ଯେ ଜିମ୍‌ନାଷ୍ଟିକ୍ ଦ୍ୱାରା ମାଂସପେଶୀ ଉପରେ ଯେଉଁ କାର୍ଯ୍ୟ ହୁଏ, ଅଧ୍ୟୟନ ଦ୍ୱାରା ମସ୍ତିଷ୍କ ଉପରେ ମଧ୍ୟ ଠିକ୍ ସେହି କାର୍ଯ୍ୟ ହୋଇଥାଏ; ଉଦାହରଣସ୍ୱରୂପ, ମାନସିକ କ୍ରିୟାତ୍ମକତାକୁ ନମନୀୟ କରିବା ଲାଗି ମାନସିକ ଜିମ୍‌ନାଷ୍ଟିକ୍‌ର ଅତ୍ୟନ୍ତ ଆବଶ୍ୟକତା ରହିଛି, ତାହାକୁ ବଳଯୁକ୍ତ ଓ ସମୃଦ୍ଧ କରିବାକୁ ଏବଂ ତାହାକୁ ଏକ ବୋଧଗତ ସୂକ୍ଷ୍ମତା ଆଣି ଦେବାକୁ ମାନସିକ ଜିମ୍‌ନାଷ୍ଟିକ୍‌ର ନିତାନ୍ତ ପ୍ରୟୋଜନ ରହିଛି, ଏବଂ ତାହା ବ୍ୟତୀତ ତୁମେ ସେହି ବୋଧଗତ ସୂକ୍ଷ୍ମତାକୁ କଦାପି ଲାଭ କରି ପାରିବ ନାହିଁ । ଅଳ୍ପ ଦିନ ତଳେ, ବସ୍ତୁତଃ ତା'ପରେ ପ୍ରକୃତରେ ଦୀର୍ଘକାଳ ବିତିଗଲାଣି,—ଉଦାହରଣସ୍ୱରୂପ ମୁଁ ଲକ୍ଷ୍ୟ କରି

'oaob.nitrkl.ac.in' images reprocessed

ଦେଖିଛ ଯେ ଯଦି ମୁଁ ଦୁର୍ଭାଗ୍ୟବଶତଃ ତୁମ ଆଗରେ ଦାର୍ଶନିକ କେତେକ ଶବ୍ଦ ରହିଥିବା କିଛି ପଢ଼ିଲି ବା ଟିକିଏ ଦାର୍ଶନିକ ଦୃଷ୍ଟିକୋଣରୁ ତୁମ ଆଗରେ କିଛି କଥା କହିଲି, ତେବେ ତୁମେ ତାହାକୁ ବୁଝି ପାର ନାହିଁ । ତା'ର ଏକମାତ୍ର କାରଣ ହେଉଛି ଯେ ଦର୍ଶନ କ୍ଷେତ୍ରରେ ତୁମେମାନେ ଆଦୌ କୌଣସି କସରତ କର ନାହିଁ । ତୁମମାନଙ୍କଠାରେ ଯେ ବୁଦ୍ଧିର ଅଭାବ ରହିଛି, ସେକଥା ଆଦୌ ନୁହେଁ; ତୁମ ପାଖରେ ବୁଝିବା ଶକ୍ତିର ଯେ ଅଭାବ ରହିଛି, ସେକଥା ମଧ୍ୟ ନୁହେଁ : ମାତ୍ର ପ୍ରକୃତ କାରଣ ହେଉଛି ତୁମେମାନେ ଆବଶ୍ୟକ ଜିମ୍‌ନାଷ୍ଟିକ୍‌ଟିକୁ କର ନାହିଁ । ଆଉ ଗୋଟାଏ ପ୍ରକାରରେ ମଧ୍ୟ ମୁଁ ତୁମ୍ଭମାନଙ୍କୁ ଠିକ୍ ଏହି କଥାଟିକୁ କହିପାରିବି : ତୁମେ ଗୋଟିଏ ଭାଷାକୁ ଶିଖି ନାହଁ । ମାତ୍ର ଏଥିରେ ମଧ୍ୟ ଠିକ୍ ସେହି ଶବ୍ଦଗୁଡ଼ିକୁ ପ୍ରୟୋଗ କରାଯାଉଛି, କେବଳ ସେମାନଙ୍କ ଭିତରେ ଟିକିଏ ଭିନ୍ନ ପ୍ରକାରର ସମ୍ବନ୍ଧ ରହିଛି, ଭିନ୍ନ ପ୍ରକାର ବାକ୍ୟାଂଶଗତ ବ୍ୟଞ୍ଜନା ରହିଛି ଏବଂ ବସ୍ତୁଗୁଡ଼ିକ ପ୍ରତି ଏକ ଭିନ୍ନ ଦୃଷ୍ଟିକୋଣ ମଧ୍ୟ ରହିଛି । ଏବଂ ଅନୁରୂପ କସରତ କରି ନଥିଲେ ତୁମଠାରେ ସେହି ଭିନ୍ନ ଦୃଷ୍ଟିକୋଣଟି କଦାପି ସମ୍ଭବ ହେବ ନାହିଁ । ଏବଂ ଏହି ଉଦାହରଣଟିକୁ ତୁମେମାନେ ଖୁବ୍ ସହଜରେ ବୁଝି ପାରିବ, କାରଣ ତୁମେ ସମସ୍ତେ ଭଲ କରି ଜାଣିଛ ଯେ ଉଚିତ ତାଲିମ ପାଇ ନଥିଲେ ତୁମେ ନିଜର କ୍ରୀଡ଼ା-କସରତଗୁଡ଼ିକୁ କଦାପି କରି ପାରିବ ନାହିଁ । ତୁମର ଅନେକ ବିଶେଷ ଦକ୍ଷତା ଥାଇପାରେ, ବିଶେଷ ପ୍ରତିଭା ମଧ୍ୟ ଥାଇପାରେ, ମାତ୍ର ଅଭ୍ୟାସ ନକଲେ ଓ ଆପଣାକୁ ତାଲିମ ନଦେଲେ ତୁମେ ସେଗୁଡ଼ିକୁ କଦାପି କରି ପାରିବ ନାହିଁ । କୁଶଳତା ହାସଲ କରିବା ଲାଗି କରା ଯାଉଥିବା କସରତଗୁଡ଼ିକ ବିଷୟରେ ବିଚାର କରାଯାଉ; ଯଦି ପ୍ରଥମ ଦିନରେହିଁ ତୁମକୁ ସେଗୁଡ଼ିକ କରିବା ଲାଗି କୁହାଯାଏ, ତେବେ ତୁମେ ସେଗୁଡ଼ିକୁ ମୋଟେ କରି ପାରିବ ନାହିଁ, ଏହା କରିବା ପ୍ରାୟ ଅସମ୍ଭବ ହୋଇ ପଡ଼ିବ, ଏବଂ ତୁମେ ଏ କଥାଟିକୁ ଭଲ କରି ଜାଣିଛ । ଯଦି କେହି ଆସିବା ମାତ୍ରକେ "ବର୍ତ୍ତମାନ ତୁମେ ଏଇଟିକୁ କର" ବୋଲି ହଠାତ୍ କହିବସେ, ମନେକର ଏକ ବିଶେଷ ପ୍ରକାରର ଡେଇଁବା, ଯାହାକୁ ଆମେ ଉଡ଼ନ୍ତା ସାଧନ ଲଙ୍ଘିବା ବୋଲି କହୁଥିଲୁ, ଯଦି ତୁମକୁ କେହି ସେଇଟିକୁ କର ବୋଲି କହେ, ତୁମେ ତାହା ଶୁଣି ନିଶ୍ଚୟ କହିବ "ଏହି ଲୋକଟି ଆଦୌ ଉଚିତ କଥା କହୁ ନାହିଁ, କାରଣ ଏହା କରିବା ଆଦୌ ସମ୍ଭବ ନୁହେଁ ।" ହଁ, ଏଇଟା ମଧ୍ୟ ଠିକ୍ ସେହିପରି କଥା । ଯଦି ମୁଁ କେତେକ ବହି ନେଇ ତୁମମାନଙ୍କ ଆଗରେ ପଢ଼ିବାକୁ ବସେ, ତେବେ ତୁମେ କଦାପି ତାହା ବୁଝି ପାରିବ ନାହିଁ, କାରଣ ଦର୍ଶନର କ୍ଷେତ୍ରରେ ମାନସିକ ଜିମ୍‌ନାଷ୍ଟିକ୍ କରିବାରେ ତୁମର ମୋଟେ କୌଣସି ଅଭିଜ୍ଞତା ନାହିଁ । ଯେଉଁ ଲୋକ କୌଣସି ଗଣିତ କରି ନାହିଁ, ତାହାକୁ ଏକ ଗାଣିତିକ ସୂତ୍ର ପ୍ରମାଣକୁ ବୁଝିବା ଲାଗି କହିବା ଯାହା, ଏକଥା ମଧ୍ୟ ଠିକ୍

'oaob.nitrkl.ac.in' images reprocessed

ସେଇଆ; ସିଏ ତାକୁ କଦାପି···ଏବଂ ତେଣୁ, ଏହାର ଅର୍ଥ ହେଉଛି ଯେ, ଯଦି ତୁମେ ସ୍ୱସତ୍ତାର ଗଭୀରତମ ସତ୍ୟଟିକୁ ପୂର୍ଣ୍ଣ ଭାବରେ, ସମଗ୍ର ଭାବରେ ବ୍ୟକ୍ତ କରି ପାରିବାକୁ ଇଚ୍ଛାକର, ତେବେ, ଉପଯୁକ୍ତ ଜିମ୍‌ନାଷ୍ଟିକ୍ ଦ୍ୱାରା ତୁମ ସତ୍ତାର ସବୁଯାକ ଅଂଶ ଏହିପରି ଭାବରେ ପୂର୍ଣ୍ଣବିକଶିତ ହୋଇଥିଲେ ଯାଇ ତୁମେ ତାହାକୁ ଅଧିକ ଐଶ୍ୱର୍ଯ୍ୟବନ୍ତ, ଅଧିକ ସମଗ୍ର, ଅଧିକ ବିଚିତ୍ର ଓ ଅଧିକ ସୃଜନାତ୍ମକ ଭାବରେ ବ୍ୟକ୍ତ କରି ପାରିବ ।

ମୋର ବିଶ୍ୱାସ, ମୁଁ ଆଗରୁ ମଧ୍ୟ ତୁମମାନଙ୍କୁ ଏହି କଥାଟିକୁ ଥରେ ବୁଝାଇ ଦେଇଛି । ଏବେଯାଏ ଯାହାକୁ ଯଥାର୍ଥ ଆଧ୍ୟାତ୍ମିକ ଜୀବନ ବୋଲି କୁହା ହୋଇ ଆସିଥିଲା, ଯଦି ସେହିପରି ଏକ ଜୀବନ ଯାପନ କରିବାର ପ୍ରଶ୍ନ ଉଠୁଥାନ୍ତା, ଅର୍ଥାତ୍ ସର୍ବୋଚ୍ଚ ଦିବ୍ୟ ପରମସତ୍ୟ ସହିତ ସଂଯୁକ୍ତ ହୋଇ ଏହି ସଂଯୁକ୍ତତାର ସ୍ଥିତିରେ ରହି ପାରିବା ଲାଗି କେବଳ ଯାବତୀୟ ଭୌତିକ କ୍ରିୟାତ୍ମକତାକୁ ଯଦି ପରିତ୍ୟାଗ କରି ଆସିବାକୁ ପଡ଼ୁଥାନ୍ତା, ଜୀବନ ଓ ଯାବତୀୟ ବାହ୍ୟ ପରିପ୍ରକାଶକୁ ବର୍ଜନ କରି ଯଦି ନିର୍ବାଣ ମଧ୍ୟକୁ ପ୍ରସ୍ଥାନ କରିବାକୁହିଁ ବୁଝାଉଥାନ୍ତା, ଯଦି ଏପରି ଏକ ଏକାତ୍ମକତା ମଧ୍ୟରେ ପ୍ରବେଶ କରିବାକୁ ବୁଝାଉଥାନ୍ତା, ଯାହାରିଙ୍କ ପୃଥିବୀରେ କେବଳ ଯେ ଆଉ କୌଣସି ଅଭିବ୍ୟକ୍ତି ସମ୍ଭବ ହେବ ତା' ନୁହେଁ, ମାତ୍ର ଯାହା ତୁମକୁ ସଂପୂର୍ଣ୍ଣ ଭାବେ ଏହି ସଂସାରର ବାହାରକୁ ନେଇଯିବ, ତେବେ ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଶାରୀରିକ, ପ୍ରାଣିକ, ଇନ୍ଦ୍ରିୟଗତ ବା ମାନସିକ ଯାହାହେଉ ପଛକେ, ଏହି ଯାବତୀୟ ଜିମ୍‌ନାଷ୍ଟିକ୍‌ର ଆଉ କୌଣସି ପ୍ରୟୋଜନହିଁ ରହିବ ନାହିଁ ଏବଂ ସେହି କାରଣରୁହିଁ ସେହି ବ୍ୟକ୍ତିମାନେ ଏଗୁଡ଼ାକୁ କେବଳ ବ୍ୟର୍ଥ ବୋଲି ବିଚାରିଥିଲେ ଓ ସେଥିରେ ଆଦୌ କୌଣସି ସମୟ ନଷ୍ଟ କରି ନଥିଲେ । ମାତ୍ର ଆମମାନଙ୍କ ସକାଶେ, ଯେଉଁମାନେ କି ତାହାର ଠିକ୍ ବିପରୀତ ବସ୍ତୁଟିକୁ ଉପଲବ୍ଧି କରିବାକୁ ଇଚ୍ଛା କରୁଛୁ, ଅର୍ଥାତ୍, ଆମେ ଯେଉଁମାନେ ଆପଣାକୁ ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ଏକାତ୍ମ କରିସାରିବା ପରେ, ସିଏ ଏହି ସଂସାରକୁ ଅବତରଣ କରି ଆସନ୍ତୁ ଏବଂ ପୃଥିବୀର ରୂପାନ୍ତର ସାଧନ କରନ୍ତୁ ବୋଲି ଇଚ୍ଛା କରୁଛୁ, ଯଦି ଆମେ ଏହି ପରମସତ୍ତାଟି ହାତରେ ମାର୍ଜିତ, ସମୃଦ୍ଧିମନ୍ତ, ବିକଶିତ ଏବଂ ସଂପୂର୍ଣ୍ଣ ସଚେତନ ଯନ୍ତ୍ରଗୁଡ଼ିକୁ ଆଣି ଯୋଗାଇ ଦେଇପାରୁ, ତେବେ ରୂପାନ୍ତରର ସେହି କାର୍ଯ୍ୟଟି ଅଧିକ ଫଳପ୍ରଦ ଭାବରେ ସାଧିତ ହୋଇ ପାରିବ ।

ଏବଂ ସେହି କାରଣରୁହିଁ ତୁମେମାନେ ଏତେ ସାନ ହୋଇଥିଲା ବେଳେ, (ମାଆ ହସି କରି କହୁଥାନ୍ତି) ସେହି ସାନ ପିଲାମାନଙ୍କୁ ଯାହା କରିବାକୁ କୁହାଯାଉଛି, ତୁମମାନଙ୍କୁ ତାହାହିଁ କରିବା ଲାଗି କହିବା ପରିବର୍ତ୍ତେ, ତୁମମାନଙ୍କୁ ସ୍ଥିର ହୋଇ ବସିବା ଏବଂ ଧ୍ୟାନ କରିବାକୁ ଅଥବା ଧ୍ୟାନ କରୁଛ ବୋଲି ଛଳନା କରିବାକୁ

'oaob.nitrkl.ac.in' images reprocessed

କୁହାଯିବା ପରିବର୍ତ୍ତେ, ତୁମେ ସତତ ମନନନିମଗ୍ନ ହୋଇ ରହିବ ଏବଂ ସଂସାରର ଯାବତୀୟ ବସ୍ତୁ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହିବ ବୋଲି, ତୁମର କେବଳ ଗୋଟିଏମାତ୍ର ଭାବନା ରହିବ ଏବଂ ତୁମେ ଭଗବତ୍ କରୁଣା ଲାଭ କରିବା ସକାଶେହିଁ ପ୍ରସ୍ତୁତ ହେବାରେ ଲାଗିଥିବ ବୋଲି ତୁମକୁ କହିବା ପରିବର୍ତ୍ତେ ଏଠାରେ ତୁମମାନଙ୍କୁ କୁହାଯାଉଛି, "ନାହିଁ, ତୁମେମାନେ ସୁବିକଶିତ ଏବଂ ସଚେତନ ଏପରି ମନୁଷ୍ୟ ହେବାକୁ ଚେଷ୍ଟାକର, ଯେଉଁମାନଙ୍କର ବସ୍ତୁଗୁଡ଼ିକ ବିଷୟରେ ସମ୍ୟକ୍ ଜ୍ଞାନ ରହିଥିବ, ଯେଉଁମାନଙ୍କର ଶରୀର ସୁସ୍ଥ ଓ ସବଳ ଥିବ, କୁଶଳ ହୋଇ ରହିଥିବ ଓ ଅସାଧାରଣ କଥାମାନ କରିପାରିବାର ସାମର୍ଥ୍ୟ ରଖିଥିବ, ତଦନୁରୂପ ଏକ ଇଚ୍ଛାଶକ୍ତି ରହିଥିବ, ଏବଂ ଏକ ସମୃଦ୍ଧିବନ୍ତ, ନମନୀୟ ଓ ବିଚକ୍ଷଣ ମନ ବି ରହିଥିବ; ଭବିଷ୍ୟତର ଉପଲବ୍ଧି ନିମିତ୍ତି ଲାଗି ଏହି ସବୁଗୁଡ଼ିକର ପ୍ରୟୋଜନ ରହିଛି ।"

ପୁଣି, ସେହି କାରଣରୁହିଁ, ଯେଉଁ ବ୍ୟକ୍ତିମାନେ ବାହାର କଥାଗୁଡ଼ାକରୁହିଁ ସବୁକିଛିର ବିଚାର କରିବସନ୍ତି ଏବଂ ସେମାନେ ଯେ ପ୍ରକୃତରେ କେଉଁ ବିଷୟରେ କହୁଛନ୍ତି, ସେକଥା କିଛିହେଲେ ଜାଣନ୍ତି ନାହିଁ, ସେମାନେ କହିଥାନ୍ତି ଯେ ଏଠାରେ ଆଶ୍ରମରେ ଆଦୌ କୌଣସି ଆଧ୍ୟାତ୍ମିକ ଜୀବନ ନାହିଁ, ଆମେ ଏଠାରେ ଏକ ସମ୍ପୂର୍ଣ୍ଣ ଭୌତିକ ଜୀବନ ଯାପନ କରୁଛୁ ବୋଲି ସେମାନେ କହିଥାନ୍ତି । ହଁ, ସେମାନେ ସେହିପରିହିଁ କହନ୍ତି ! ମାତ୍ର ତଦ୍ଦ୍ୱାରା ସେମାନଙ୍କରହିଁ ଅଧିକ ଖରାପ ହୁଏ, ଆମର କିଛି ଅଧିକ ଖରାପ ହୁଏ ନାହିଁ; ବସ୍ତୁତଃ ତଦ୍ଦ୍ୱାରା ଆମ ଜୀବନରେ ଆଦୌ କୌଣସି ପାର୍ଥକ୍ୟ ଘଟେ ନାହିଁ ।

କଥାଟି ପ୍ରକୃତରେ ଏହିପରି । ଆଉ ଅଧିକ କୌଣସି ପ୍ରଶ୍ନ ନାହିଁ ? କାହାର କିଛି କହିବାକୁ ନାହିଁ ?

## ୨୮ ନଭେମ୍ବର ୧୯୫୭

> "ଯେତେବେଳେ ଆମେ ନାନା ଜାଣିବାର ବାଡ଼ଟିକୁ ପାରି ହୋଇଯିବା, ସେତିକବେଳେ ଅସଲ ଜ୍ଞାନର ଅଧିକାରୀ ହେବା । ବୁଦ୍ଧି ଆମର ସହାୟକ ହୋଇ ରହିଥିଲା; ବୁଦ୍ଧି ଏଣିକି ପ୍ରତିବନ୍ଧକ ପରି କାର୍ଯ୍ୟ କରିବ ।

"ଯେତେବେଳେ ଆମେ ନାନା ଇଚ୍ଛାର ବାଡ଼ଟିକୁ ପାର ହୋଇଯିବା, ସେତେବେଳେ ଯାଇ ଅସଲ ଶକ୍ତିର ଅଧିକାରୀ ହୋଇ ପାରିବା । ଉଦ୍ୟମ ସହାୟକ ହୋଇ ରହିଥିଲା, ଏଣିକି ଉଦ୍ୟମ ପ୍ରତିବନ୍ଧକ ପରି ଅନୁଭୂତ ହେବ ।

"ଯେତେବେଳେ ଆମେ ନାନା ଉପଭୋଗର ବାଡ଼ଟିକୁ ପାର ହୋଇଯିବା, ସେତେବେଳେ ଯାଇ ଅସଲ ଆନନ୍ଦର ଅଧିକାରୀ ହୋଇ ପାରିବା । ବାସନା ସହାୟକ ହୋଇ ରହିଥିଲା, ଏଣିକି ବାସନା ପ୍ରତିବନ୍ଧକ ପରି କାର୍ଯ୍ୟ କରିବ ।

"ଯେତେବେଳେ ଆମେ ବିଚ୍ଛିନ୍ନ ବ୍ୟକ୍ତିସତ୍ତା ହୋଇ ରହିବାର ବାଡ଼ଟିକୁ ପାର ହୋଇଯିବା, ସେତେବେଳେ ଯାଇ ଅସଲ ବ୍ୟକ୍ତିରେ ପରିଣତ ହୋଇ ପାରିବା । ଅହଂ ଆମର ସହାୟକ ହୋଇ ରହିଥିଲା; ଅହଂ ଏଣିକି ପ୍ରତିବନ୍ଧକ ପରି କାର୍ଯ୍ୟ କରିବ ।

"ଆମେ ଯେତେବେଳେ ସାଧାରଣ ମନୁଷ୍ୟତାର ବାଡ଼ଟିକୁ ପାର ହୋଇଯିବା, ସେତେବେଳେ ଯାଇ ଯଥାର୍ଥ ମନୁଷ୍ୟ ହୋଇ ପାରିବା । ଆମ ଭିତରେ ରହିଥିବା ପଶୁ ସହାୟକ ହୋଇ କାର୍ଯ୍ୟ କରୁଥିଲା, ଏଣିକି ତାହା ପ୍ରତିବନ୍ଧକ ହୋଇ କାର୍ଯ୍ୟ କରିବ ।"

ବଗ୍ଭର ଓ ଚନ୍ଦ୍ରାଭିସ, ଶତବାର୍ଷିକୀ ସଂସ୍କରଣ, ୯ମ ଖଣ୍ଡ, ପୃ-୩୭୭

ସତ୍ତାର ଯାବତୀୟ କ୍ରିୟାତ୍ମକତାରେ ବା ବିକାଶରେ କେବଳ ସେହି ଗୋଟିଏ ବିଧାନ ଆପଣାକୁ ବ୍ୟକ୍ତ କରୁଛି···ଏକଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ ଆଧାରସ୍ଥ ଅଚେତନାସ୍ଥିତ ମଧ୍ୟରୁ ବାହାରି ଆସି ପାରିବା ଲାଗି ବାସନା ଅପରିହାର୍ଯ୍ୟ ହୋଇ ରହିଥିଲା, କାରଣ ବାସନା ବ୍ୟତୀତ ସେତେବେଳେ ଆଦୌ କୌଣସି କର୍ମ-ଜାଗୃତି ସମ୍ଭବ ହୋଇ ନଥାନ୍ତା । ମାତ୍ର ତୁମେ ଥରେ ଚେତନା ମଧ୍ୟକୁ ଜନ୍ମଲାଭ କରି ସାରିବା ପରେ, ଅଚେତନା ମଧ୍ୟରୁ ବାହାରି ଆସିବା ଲାଗି ତୁମର ସହାୟକ ହୋଇଥିବା ସେହି ବାସନା ଜଞ୍ଜିର ପାଶ ମଧ୍ୟରୁ ଆପଣାକୁ ମୁକ୍ତ କରି ଆଣି ଏକ ଉଚ୍ଚତର ଚେତନାର ସୋପାନକୁ ଉନ୍ନୀତ ହୋଇଯିବାକୁ ତୁମକୁ ନିବୃତ୍ତ କରି ରଖିବାରେହିଁ ଲାଗିଥାଏ ।

'oaob.nitrkl.ac.in' images reprocessed

ଅହଂ ବା ଆତ୍ମସତ୍ତା ବେଳକୁ ମଧ୍ୟ ଠିକ୍ ସେହି କଥା ହୁଏ । ଏକ ଉଚ୍ଚତର ଭୂମିକୁ ଯିବାକୁ ହେଲେ ତୁମକୁ ସର୍ବପ୍ରଥମେ ବଞ୍ଚି ରହିବାକୁହିଁ ପଡ଼ିବ; ଏବଂ ବଞ୍ଚି ରହିବାକୁ ହେଲେ ତୁମକୁ ଅବଶ୍ୟ ଜଣେ ସଚେତନ ଓ ସ୍ୱତନ୍ତ୍ର ବ୍ୟକ୍ତି ହୋଇ ରହିବାକୁ ପଡ଼ିବ ଏବଂ ସେଥିଲାଗି ଅହଂ ଅପରିହାର୍ଯ୍ୟ ହୋଇ ରହିଥିବ, ତା' ନହେଲେ ଆମେ ଆମର ଚତୁର୍ଦ୍ଦିଗରେ ରହିଥିବା ସମୂହପୁଞ୍ଜଟି ସହିତ କେବଳ ବିଲୀନ ହୋଇହିଁ ରହିଥିବା । ମାତ୍ର ସେହି ସ୍ୱତନ୍ତ୍ର ବ୍ୟକ୍ତିସତ୍ତାଟି ଥରେ ଗଠିତ ହୋଇଗଲେ, ଯଦି ତୁମେ ଏକ ଉଚ୍ଚତର ସୋପାନକୁ ଯାଇ ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ଲାଗି ଇଚ୍ଛା କରୁଥିବ, ଯଦି ତୁମେ ଏପରିକି କେବଳ ଏକ ଉଚ୍ଚତର ପ୍ରକାରର ମନୁଷ୍ୟରୂପେ ଜୀବନ ବଞ୍ଚିବାକୁ ଇଚ୍ଛା କରୁଥିବ, ତେବେ ଅହଂର ବାଡ଼ ଓ ସୀମାଗୁଡ଼ାକ ସେତେବେଳେ ସବୁଠାରୁ ବଡ଼ ବାଧା ହୋଇ ଠିଆହେବ, ଏବଂ ଯଥାର୍ଥ ଚେତନାଟି ମଧ୍ୟରେ ପ୍ରବେଶ କରିବାକୁ ହେଲେ ଅହଂର ବାଡ଼ଟିକୁ ଡେଇଁ ଚାଲିଯିବାକୁ ପଡ଼ିବ ।

ଏବଂ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଏହି ସାଧାରଣ ପ୍ରାଥମିକସ୍ତରୀୟ ମନୁଷ୍ୟଜୀବନକୁ ବଞ୍ଚିବାକୁ ପଡ଼ିଲାବେଳେ ପ୍ରାଣୀ-ପ୍ରକୃତିର ଯାବତୀୟ ଗୁଣଧର୍ମ, ବିଶେଷତଃ ଶରୀରର ଗୁଣଧର୍ମଗୁଡ଼ିକ ମନୁଷ୍ୟ ଲାଗି ଅପରିହାର୍ଯ୍ୟ ହୋଇ ରହିଥିଲା, ତା' ନହୋଇଥିଲେ ମନୁଷ୍ୟ ତା'ର ଅସ୍ତିତ୍ୱଟିକୁହିଁ ଧାରଣ କରି ରହି ପାରି ନଥାନ୍ତା । ମାତ୍ର ମନୁଷ୍ୟ ଏକ ସଚେତନ ମାନସିକ ସତ୍ତାରୂପେ ଅବତୀର୍ଣ୍ଣ ହୋଇପାରିବା ପରେ, ତାକୁ ତା'ର ପ୍ରାଣୀଗତ ମୂଳ ସହିତ ଯାହାକିଛି ବାନ୍ଧି କରି ରଖିଛି, ତାହା ଅନିବାର୍ଯ୍ୟ ଭାବରେ ଅଗ୍ରଗତିର ଏକ ପ୍ରତିବନ୍ଧକରେ ପରିଣତ ହୋଇଯାଏ, ସତ୍ତାର ବିମୋଚନ-ପଥରେ ବି ଏକ ପ୍ରତିବନ୍ଧକ ହୋଇ ରହେ ।

ତେଣୁ, ପ୍ରତ୍ୟେକ ବ୍ୟକ୍ତି ଲାଗି,—ଯେଉଁମାନେ ମୁକ୍ତ ହୋଇ ଜନ୍ମଗ୍ରହଣ କରିଛନ୍ତି, ଅବଶ୍ୟ ସେମାନଙ୍କ ବିଷୟରେ ଏପରି କୁହାଯିବ ନାହିଁ, ମାତ୍ର ଏପରି ଖୁବ୍ କ୍ୱଚିତ୍ ଦେଖିବାକୁ ମିଳିଥାଏ,—ପ୍ରାରମ୍ଭିକ ପର୍ଯ୍ୟାୟରେ ବୁଦ୍ଧିର, ପ୍ରୟାସର, ବାସନାର, ସ୍ୱତନ୍ତ୍ର ବ୍ୟକ୍ତିଭାବନାର ଏବଂ ଜୀବନର ସାଧାରଣ ରୀତିଟି ଅନୁସାରେ ଏକ ଦୃଢ଼ ଭୌତିକ ଭାରସାମ୍ୟ ରଖିବାର ସ୍ଥିତି ପ୍ରକୃତରେ ଏକାନ୍ତ ଅପରିହାର୍ଯ୍ୟ ହୋଇ ରହିଥାଏ । ମାତ୍ର ଏହି ପ୍ରକ୍ରିୟାରେ ଏପରି ଏକ ସମୟ ଆସେ ଯେତେବେଳେ କି ମନୁଷ୍ୟ ଏକ ସଚେତନ ସତ୍ତାରେ ପରିଣତ ହୋଇଯାଏ, ଏବଂ ଏକ ଆଧ୍ୟାତ୍ମିକ ସତ୍ତାରେ ପରିଣତ ହେବା ଲାଗି ସେତିକବେଳେ ଏହିସବୁ ବସ୍ତୁକୁ ବର୍ଜନ କରି ଆସିବାକୁ ପଡ଼ିଥାଏ ।

ବର୍ତ୍ତମାନ ଏହି ବିଷୟରେ ଆଉ କାହାରି କିଛି ପଚାରିବାକୁ ଅଛି କି ?

'oaob.nitrkl.ac.in' images reprocessed

ମାଆ, ଜଣେ ମନୁଷ୍ୟ ସଚେତନ ହୋଇଗଲାଣି ବୋଲି ସେ କେତେବେଳେ କହିପାରିବ ?

ସେଇଟି ହେଉଛି ସର୍ବଦା ଏକ ଆପେକ୍ଷିକ ପ୍ରଶ୍ନ । କେହିହେଲେ କୌଣସି ସମୟରେ ସମ୍ପୂର୍ଣ୍ଣ ଭାବରେ ଅଚେତନ ହୋଇ ରହି ନଥାଏ ଏବଂ କେବେହେଲେ ସମ୍ପୂର୍ଣ୍ଣ ଭାବରେ ସଚେତନ ହୋଇ ବି ରହି ନଥାଏ । ଏହି ସ୍ଥିତିଟି ହେଉଛି ଏକ ସଚଳ ସ୍ଥିତି, ଉତ୍ତରୋତ୍ତର ବୃଦ୍ଧିଲାଭ କରୁଥିବା ଏକ ସ୍ଥିତି ।

ମାତ୍ର ଏପରି ଏକ ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ କି ଯନ୍ତ୍ରବତ୍ ଯାବତୀୟ କାର୍ଯ୍ୟ କରିବା ପରିବର୍ତ୍ତେ, ଆମେ ସମ୍ପୂର୍ଣ୍ଣ ଅସଜ୍ଞାନ ହୋଇ ରହିଥିବା ଏକ ଚେତନା ଏବଂ ଶକ୍ତି ଦ୍ୱାରା ବାଧ୍ୟ ହୋଇ କିଛି କରିବା ପରିବର୍ତ୍ତେ,—ଏପରି ଗୋଟିଏ ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ କି ଆମ ଭିତରେ ଯାହାକିଛି ଘଟୁଛି, ଆମେ ସେଗୁଡ଼ିକ ଉପରେ ଦୃଷ୍ଟିପାତ କରିବାକୁ ସମର୍ଥ ହେଉ, ନିଜର କ୍ରିୟାଶୀଳତା-ଗୁଡ଼ିକୁ ନିଜେ ଅଧ୍ୟୟନ କରିପାରୁ, ସେଗୁଡ଼ିକର କାରଣମାନ ଜାଣୁ ଏବଂ ଯୁଗପତ୍ ଭାବରେ ପ୍ରଥମେ ଆମ ଭିତରେ ଯାହାସବୁ ଘଟୁଛି ତାହା ଉପରେ ଏବଂ ତା'ପରେ ବାହାରୁ ଆସି ଆମକୁ ନାନା କର୍ମରେ ପ୍ରବୃତ୍ତ କରାଉଥିବା ପ୍ରଭାବଟି ଉପରେ ମଧ୍ୟ ଏକ ନିୟନ୍ତ୍ରଣ ସମ୍ଭବ କରାଇପାରୁ; ପ୍ରଥମ ଅବସ୍ଥାରେ ଏହା ସମ୍ପୂର୍ଣ୍ଣ ଅଚେତନ ଏବଂ ପ୍ରାୟ ଅନୈଚ୍ଛିକ ଭାବରେ ହୋଇଥାଏ, ମାତ୍ର କ୍ରମଶଃ ଅଧିକରୁ ଅଧିକ ସଚେତନ ଭାବରେ ହେବାକୁ ଲାଗେ; ଏବଂ ସେତେବେଳେ ଆମର ଇଚ୍ଛାଶକ୍ତି ମଧ୍ୟ ଜାଗ୍ରତ ହେବାକୁ ସମର୍ଥ ହୁଏ ଏବଂ ପ୍ରତିକ୍ରିୟା ବ୍ୟକ୍ତ କରିପାରେ । ସେତେବେଳେ, ସେହି ମୁହୂର୍ତ୍ତରେ, ଯେତେବେଳେ କି ଏକ ସଚେତନ ଇଚ୍ଛାଶକ୍ତି ନିଜର ପ୍ରତିକ୍ରିୟା ବ୍ୟକ୍ତ କରିବାକୁ ସମର୍ଥ ହୋଇଯାଉଛି, ସେତେବେଳେ "ମୁଁ ଏଥର ସଚେତନ ହେଲିଣି" ବୋଲି କୁହାଯାଇପାରେ । ମାତ୍ର ଏହାର ଅର୍ଥ ନୁହେଁ ଯେ ଏହି ଚେତନା ଏକ ସମଗ୍ର ଓ ପରିପୂର୍ଣ୍ଣ ଚେତନାରେ ପରିଣତ ହୋଇ ଯାଇଥାଏ, ଏହାର ଅର୍ଥ ହେଉଛି ଯେ ଏହି କ୍ଷେତ୍ରରେ କେବଳ ଏକ ଆରମ୍ଭମାତ୍ର ହେଉଥାଏ : ଉଦାହରଣସ୍ୱରୂପ, ସେତେବେଳେ ଆମେ ଆମ ସତ୍ତାରେ ଘଟୁଥିବା ଯାବତୀୟ ପ୍ରତିକ୍ରିୟା ଉପରେ ଦୃଷ୍ଟିପାତ କରିବା ଲାଗି ସମର୍ଥ ହେଉ ଏବଂ ସେଗୁଡ଼ିକ ଉପରେ ଆମର କେତେକ ପରିମାଣରେ ଏକ ନିୟନ୍ତ୍ରଣ ମଧ୍ୟ ଆସିଯାଏ; ଯେଉଁଗୁଡ଼ିକୁ ଆମେ ଉଚିତ ବୋଲି ବିଚାର କରୁ, ସେଗୁଡ଼ିକୁ ସକ୍ରିୟ ହେବାରେ ଅନୁମତି ଦେଉ, ଏବଂ ଯେଉଁଗୁଡ଼ିକୁ ଉଚିତ ବୋଲି ବିଚାର ନକରୁ, ସେଗୁଡ଼ିକୁ ନିଜର ନିୟନ୍ତ୍ରଣରେ ରଖିଥାଉ ।

'oaob.nitrkl.ac.in' images reprocessed

ପୁନଶ୍ଚ, ତୁମକୁ ଆପଣା ମଧ୍ୟରେ ଏକ ଲକ୍ଷ୍ୟ, ଏକ ଉଦ୍ଦେଶ୍ୟ ବା ତୁମେ ଉପଲବ୍ଧି କରିବାକୁ ଇଚ୍ଛା କରୁଥିବା ଏକ ଆଦର୍ଶ ବିଷୟରେ ସଚେତନ ଏବଂ ସଜ୍ଞାନ ରହିବାକୁ ପଡ଼ିବ; ତୁମେ ତାହାର କୌଣସି କାହିଁକି ଅଥବା କିପରି ଜାଣି ନଥିଲେ ମଧ୍ୟ ଯେଉଁ ସହଜାତ ପ୍ରବୃତ୍ତି ତୁମକୁ ଜୀବନ ବଞ୍ଚିବାରେ ବାଧ୍ୟ କରୁଥାଏ, ତାହାଠାରୁ ଭିନ୍ନ ଆଉକିଛି ବିଷୟରେ ସଜ୍ଞାନ ରହିବାକୁ ପଡ଼ିବ । ସେତେବେଳେ ଯାଇ ତୁମେ ଆପଣାର ଏକ ଚେତନା ଆସିଲା ବୋଲି କହିପାରିବ, ମାତ୍ର ତାହାର ଅର୍ଥ ନୁହେଁ ଯେ ତୁମେ ପରିପୂର୍ଣ୍ଣ ଭାବରେ ସଚେତନ ହୋଇ ଯାଇଥିବ । ଏବଂ, ତା'ଛଡ଼ା, ଏହି ପରିପୂର୍ଣ୍ଣତା ଏପରି କ୍ରମୋତ୍ତର ଭାବରେ ବୃଦ୍ଧିଶୀଳ ହୋଇ ରହିଥିବ ଯେ ମୋର ବିଶ୍ୱାସ ସେହି ଦୃଷ୍ଟିରୁ କେହି ନିଜକୁ ପରିପୂର୍ଣ୍ଣ ଭାବରେ ସଚେତନ ବୋଲି କହି ପାରିବ ନାହିଁ; ହଁ, ଯେକେହି ପରିପୂର୍ଣ୍ଣତାର ପଥରେ ଅଗ୍ରସର ହେବାରେ ଲଗିଛି ବୋଲି ଅବଶ୍ୟ କହିପାରିବ, ମାତ୍ର ଏପର୍ଯ୍ୟନ୍ତ ପରିପୂର୍ଣ୍ଣତା ହାସଲ କରି ପାରି ନାହିଁ ।

**ମାଆ, ସକଳ ଉପଭୋଗର ସୀମା ପାର ହୋଇ ଜଣେ ଯେଉଁ ଅବସ୍ଥାରେ ଆସି ପହଞ୍ଚେ, ସେହି ଅବସ୍ଥାଟି ପୁଣି କିପରି ?**

ହଁ, ଯେତେବେଳେ ଆମେ ଏକ ବାସନାରହିତ ଅବସ୍ଥାରେ ଯାଇ ବାସ କରୁଥିବା,—ଶ୍ରୀଅରବିନ୍ଦ ପରେ ସେହି କଥାଟିକୁ ବୁଝାଇ କହିଛନ୍ତି;—ଏପରି ଏକ ଆନନ୍ଦମୟ ଅବସ୍ଥାରେ ଯାଇ ବାସ କରିବା, ଯାହାର କି କୌଣସି କାରଣ ନାହିଁ, ଯେଉଁ ଆନନ୍ଦ ବାହ୍ୟ ବା ଆନ୍ତର କୌଣସି ପ୍ରକାର ପରିସ୍ଥିତି ଉପରେ ନିର୍ଭରଶୀଳ ହୋଇ ରହି ନାହିଁ; ଏହି ଅବସ୍ଥା ହେଉଛି ଏକ ଚିରସ୍ଥାୟୀ ଅବସ୍ଥା, ଜୀବନର ଯାବତୀୟ ପରିସ୍ଥିତିରୁ ସ୍ୱତନ୍ତ୍ର ହୋଇ ରହିଥିବା ଏକ ଅବସ୍ଥା, ଏକ କାରଣହୀନ ଅବସ୍ଥା, ଯେତେବେଳେ ଜଣେ ଆନନ୍ଦ ମଧ୍ୟରେ ରହିଥାଏ ବୋଲିହିଁ ଆନନ୍ଦ ମଧ୍ୟରେ ଯାଇ ରହିଥାଏ । ଏବଂ ଏପରି ହୁଏ, କାରଣ ସେତେବେଳେ ସିଏ ଦିବ୍ୟ ପରମସତ୍ତାଙ୍କ ବିଷୟରେ ଯଥାର୍ଥରେ ସଜ୍ଞାନ ହୋଇ ରହିଥାଏ ।

ମାତ୍ର ବାସନାଗୁଡ଼ିକରୁ ବିମୋଚିତ ହୋଇ ନଆସିବା ପର୍ଯ୍ୟନ୍ତ ଆମେ କଦାପି ସେହି ଆନନ୍ଦଟିକୁ ଅନୁଭବ କରି ପାରିବା ନାହିଁ । ଯଦି ଭିତରେ ବାସନାମାନ ରହିଥାଏ, ତେବେ ସେ କେବଳ ସୁଖ ଏବଂ ଉପଭୋଗ ବ୍ୟତୀତ ଆଉ କିଛିହେଲେ ଅନୁଭବ କରି ପାରେ ନାହିଁ, ମାତ୍ର ତାହା କଦାପି ଆନନ୍ଦ ନୁହେଁ । ଆନନ୍ଦର ଏକ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ସ୍ୱଭାବ ରହିଛି ଏବଂ ବାସନାଗୁଡ଼ିକର ବିଲୁପ୍ତି ଘଟିଲେ ଯାଇ ସତ୍ତା ମଧ୍ୟରେ ଆନନ୍ଦର ପରିପ୍ରକାଶ ଘଟିପାରିବ । ଆମେ ଯେତେବେଳ ଯାଏ ଏକ ବାସନାମୟ ସତ୍ତା ହୋଇ ରହିଥିବା, ସେତେବେଳ ଯାଏ କଦାପି ସେହି ଆନନ୍ଦକୁ

'oaob.nitrkl.ac.in' images reprocessed

ଅନୁଭବ କରି ପାରିବା ନାହିଁ; ଏପରିକି ଯଦି ଏକ ଆନନ୍ଦଶକ୍ତି ଅବତୀର୍ଣ୍ଣ ହୋଇ ଆସିବାର ବି ଥାଏ, ତେବେ ବାସନାର ଉପସ୍ଥିତିରେ ତାହା ତତ୍‌କ୍ଷଣାତ୍ କେବଳ ମିଥ୍ୟାକୃତ ହୋଇଯିବାରେହିଁ ଲଗିଥିବ ।

(ମାଆ ନୀରବ ରହିଲେ)

(ମାଆ ଖଣ୍ଡେ କାଗଜକୁ ଖୋଲିଲେ) ଉଦ୍ୟମ, ବ୍ୟକ୍ତିଗତ ଉଦ୍ୟମ ବିଷୟରେ ଗତଥର ଆମେ ଯାହାସବୁ ଆଲୋଚନା କରିଥିଲୁ, ସେହି ସମ୍ବନ୍ଧରେ ମୋ ପାଖରେ ପ୍ରଶ୍ନଟିଏ ରହିଛି ।

ପ୍ରଶ୍ନଟି ହେଉଛି :

"ଅନ୍ତର୍ଗତ ଜୀବନକ୍ଷେତ୍ରରେ ଏପରି ଗୋଟିଏ ଗୋଟିଏ ପର୍ଯ୍ୟାୟ କାହିଁକି ଆସେ, ଯେତେବେଳେ କି ଆଉ ସଚେତନ ଭାବରେ କୌଣସି ଉଦ୍ୟମ କରାଯାଇ ପାରେ ନାହିଁ, ଏବଂ ଯଦି ତାହା କରିବା ଲାଗି ନିଜକୁ ବାଧ୍ୟ କରାଯାଏ, ତେବେ ପ୍ରକୃତିର କେତେକ ଭାଗ ତା' ବିରୁଦ୍ଧରେ ବିଦ୍ରୋହ କରନ୍ତି ଅଥବା ସତ୍ତା ଭିତରେ ରହିଥିବା ସବୁକିଛି ସତେଅବା ପ୍ରସ୍ତରରେ ପରିଣତ ହୋଇଯିବା ପରି ବୋଧ ହୁଅନ୍ତି; ସେତେବେଳେ ଉଦ୍ୟମ କହିଲେ କେବଳ ଅତୀତର ଗତିସ୍ପନ୍ଦନଗୁଡ଼ିକର ଏକ ଯନ୍ତ୍ରବତ୍ ପୁନରାବୃତ୍ତିକୁହିଁ ବୁଝାଏ । ସେହିସବୁ ସମୟରେ କ'ଣ କରାଯିବା ଉଚିତ ?"

ଅତ୍ୟନ୍ତ ସୁପର୍ଯ୍ୟବେକ୍ଷିତ ଭାବରେ ଏହି ପ୍ରଶ୍ନଟି ପଚରାଯାଇଛି ।

ମାତ୍ର ଏଠାରେ କରାଯାଉଥିବା ଉଦ୍ୟମର ସ୍ୱଭାବଟି ବିଷୟରେ କିଛି କୁହାଯାଇ ନାହିଁ; କାରଣ ଏଇଟି ହେଉଛି ଏପରି ଏକ ବିଶେଷ ପ୍ରକାରର ଉଦ୍ୟମ ଯାହାକି ଆମକୁ ଏଠାରେ ବର୍ଣ୍ଣିତ ପରିଣାମଟି ପାଖକୁ ପରିଚାଳିତ କରି ନେଇଯାଏ, ଯାହାକୁ କି ଯଥାର୍ଥ ଭାବରେ ଏକ ବିଦ୍ରୋହ ବା ଗୋଟାଏ ପ୍ରକାରର—ହଁ, ପ୍ରସ୍ତରୀଭୂତ ହୋଇଯିବା ବୋଲି କୁହାଯାଇ ପାରିବ; ତାହା ଏପରି ଗୋଟିଏ ଜିନିଷ ଯାହାକି ସମ୍ପୂର୍ଣ୍ଣ ଭାବରେ ସଙ୍କୋଚିତ ହୋଇଯାଏ ଓ ଏହି ଉଦ୍ୟମଟି ପ୍ରତି ଆଦୌ କୌଣସି ଅନୁସ୍ପନ୍ଦନ ଜଣାଇ ନଥାଏ । ଏପରି ଘଟେ, ଯେତେବେଳେ କି ଆମର ଉଦ୍ୟମ ସମ୍ପୂର୍ଣ୍ଣ ଭାବରେ ମାନସିକ ହୋଇ ରହିଥାଏ, ଏକାନ୍ତ ଯାନ୍ତ୍ରିକ ହୋଇ ରହିଥାଏ, ଅର୍ଥାତ୍ ତାହା ସେତେବେଳେ ସତ୍ତାର ଅବଶିଷ୍ଟ ଅନ୍ୟମାନଙ୍କ ପ୍ରତି

'oaob.nitrkl.ac.in' images reprocessed

ଆଉ କୌଣସି ଦୃଷ୍ଟି ଦିଏ ନାହିଁ; ସେତେବେଳେ ତାହାର ନିଜର ଧାରଣାମାନ ରହିଥାଏ, ନିଜର ଇଚ୍ଛା ରହିଥାଏ ଏବଂ ସତ୍ତାର ଅବଶିଷ୍ଟାଂଶଟି ବିଷୟରେ ଆଦୌ କୌଣସି ଖାତିର ନକରି ତାହା ସମୁଦାୟ ସତ୍ତାଟି ଉପରେ ନିଜର ଇଚ୍ଛାକୁ ଲଦି ଦେବାରେ ଲାଗିଥାଏ । ଏଇଥିରୁହିଁ ବିଦ୍ରୋହ ଜନ୍ମେ, ପଥର ହୋଇଯିବାର ପ୍ରବୃତ୍ତି ଜନ୍ମଲାଭ କରେ । ସେତେବେଳେ ମନକୁ ନିଶ୍ଚଳ କରିଦେବା ହେଉଛି ଏକମାତ୍ର ଉପାୟ । ଏବଂ ସେତେବେଳେ ଆପଣାକୁ ଉତ୍ସର୍ଗ କରିଦେବାକୁ ପଡ଼େ; ଶାନ୍ତିମୟତା, ସ୍ଥିରତା ଏବଂ ପୂର୍ଣ୍ଣ ବିଶ୍ୱାସର ସହିତ ନିଜକୁ ଦେଇଦେବାକୁ ପଡ଼େ । ଏହି ଆତ୍ମ-ଦାନଟିକୁ ସମ୍ଭବ କରିପାରିଲେ, ଭଗବତ୍ ପରମଇଚ୍ଛା ପାଖରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରିଦେଇ ପାରିଲେ ଅକାଳରେ ଏବଂ ବଳର ନକରି କରାଯାଉଛି ବୋଲି କୁହାଯାଇ ପାରୁଥିବା ଏହି ପ୍ରୟାସଟିରୁ ସଞ୍ଜାତ ଯାବତୀୟ ସଂଘାତ ଓ କନ୍ଦଳ ଅନ୍ତର୍ହିତ ହୋଇ ଯାଇଥାଏ । ସତ୍ତାରେ ଏକ ଶ୍ଳଥନ ସମ୍ଭବ ହୁଏ; ଏବଂ ଛୁଚ୍ଛା ମାନସିକ ଉଦ୍ୟମ ଦ୍ୱାରା ଯେଉଁ ଅଗ୍ରଗତିଟି ସମ୍ଭବ ହୋଇ ନଥିଲା, ତାହା ସାଧାରଣତଃ ସ୍ୱତଃ ଉପଲବ୍ଧ ହୋଇଆସେ, ଦିବ୍ୟ ପରମଇଚ୍ଛା ପାଖରେ ପରମ ବିଶ୍ୱାସର ସହିତ ଚିନ୍ତାମୁକ୍ତ ଭାବରେ ଆମେ ଆପଣାକୁ ନିବେଦିତ କରିଦେଇ ପାରୁଛୁ ବୋଲିହିଁ ତାହା ସମ୍ଭବ ହୁଏ ।

ଏବଂ ତା'ପରେ, ଏହି ପ୍ରଶ୍ନଟି ପଚରା ଯାଇଛି :

> "ଆଉ କେତେକ ସମୟରେ ଆଦୌ କୌଣସି ପ୍ରୟାସ ନକରୁଥିବା ପରି ମନେହୁଏ; କେବଳ ଏହିପରି ଏକ ଚେତନା ଉପସ୍ଥିତ ରହିଥିବା ପରି ଅନୁଭୂତ ହେଉଥାଏ, ଯାହା ସକାଶେ ଦୈନନ୍ଦିନ ଜୀବନର ଅନେକ ସ୍ଥିତିରେ, ଅଗ୍ରଗତିର ଏକ ଉପାୟ ମଧ୍ୟ ଉପଲବ୍ଧ ହୋଇଯାଏ । ସେତେବେଳେ ପ୍ରୟାସ କହିଲେ ପ୍ରକୃତରେ କ'ଣ ବୁଝାଏ ଏବଂ ତାହାର ପ୍ରକୃତରେ କି ମୂଲ୍ୟ ଯେ ରହିଛି, ସେକଥା ଭାବି ବିସ୍ମିତ ହେବାକୁ ହୁଏ । ଆମେ ସାଧାରଣତଃ ଯାହାକୁ ପ୍ରୟାସ ବୋଲି କହିଥାଉ, ତାହାକୁ ଅତିରିକ୍ତ ମାତ୍ରାରେ ମନଃପ୍ରସୂତ ହୋଇ ରହିଥିବା ଏକ ଗତିସ୍ପନ୍ଦନ ବୋଲି କୁହାଯାଇ ପାରିବ ନାହିଁ କି ?"

ମୁଁ ବର୍ତ୍ତମାନ ଠିକ୍ ସେହି କଥାଟିକୁହିଁ ବୁଝାଇ ଦେଇଛି ଏବଂ ଏହି ପର୍ଯ୍ୟବେକ୍ଷଣଟି ଯେ ଠିକ୍, ସେଥିରୁ ଏହା ଜଣାପଡ଼ୁଛି ।

'oaob.nitrkl.ac.in' images reprocessed

ମନ ଯାହାକିଛୁ ନିଷ୍ପତ୍ତି କରେ, ତାହାକୁ ଖିଆଲି ଯାଦୃଚ୍ଛିକ ଭାବରେ କରିଥାଏ; ଏବଂ ଯାଦୃଚ୍ଛିକ ହୋଇଥିବାରୁ ଏବଂ ବସ୍ତୁଗୁଡ଼ିକର ସତ୍ୟ ସହିତ କୌଣସି ସଙ୍ଗତି ରଖି ନଥିବାରୁ ତାହା ସ୍ୱଭାବତଃ ଏହିସବୁ ଭୁଲ ପ୍ରତିକ୍ରିୟାକୁ ଉତ୍ପନ୍ନ କରିଥାଏ। ଏଥିରୁ ଆମେ ଅବଶ୍ୟ କେବେହେଲେ ଏପରି ବୁଝିବା ନାହିଁ ଯେ ଆମର ଆଦୌ କୌଣସି ପ୍ରୟାସ କରିବା ଉଚିତ ନୁହେଁ; ମାତ୍ର ଏହି ପ୍ରୟାସ ସ୍ୱତଃସ୍ଫୂର୍ତ୍ତ ହୋଇଥିବା ଉଚିତ। ଏବଂ ସେହିପରି ମୁଁ ତୁମମାନଙ୍କୁ ଥରେ କହିଥିଲି ଯେ ଫଳପ୍ରଦ ହେବାକୁ ହେଲେ ଧ୍ୟାନ ମଧ୍ୟ ଏପରି ଏକ ସ୍ୱତଃସ୍ଫୂର୍ତ୍ତ ଧ୍ୟାନରେ ପରିଣତ ହୋଇ ପାରିବା ଉଚିତ, ଯେଉଁ ଧ୍ୟାନ କି ତୁମକୁ ଅଧିକାର କରିନେବା ଉଚିତ ଏବଂ ଯେଉଁ ଧ୍ୟାନଟିକୁ କରିବା ଲାଗି ତୁମକୁ ଆଦୌ କୌଣସି ପ୍ରୟାସ ନକରିବାକୁ ପଡ଼ୁଥିବା ଉଚିତ। ହଁ, ସତ୍ତା ଭିତରେ ଜାତ ହେଉଥିବା ସେହି ଇଚ୍ଛାଗତ ଘଣାତକୁ ଯଦି ପ୍ରୟାସ ବୋଲି କୁହାଯାଏ, ତେବେ ସେହି ପ୍ରୟାସ ଏକ ସ୍ୱତଃସ୍ଫୂର୍ତ୍ତ ବସ୍ତୁ ହୋଇ ପାରୁଥିବା ଉଚିତ, ଅଳ୍ପ ବା ବହୁତ ପରିମାଣରେ ଅସାମୟିକ ହୋଇ ରହୁଥିବା ଏକ ମାନସିକ ନିଷ୍ପତ୍ତି ହୋଇ କଦାପି ରହିବା ଉଚିତ ନୁହେଁ।

(ମାଆ ନୀରବ ରହିଲେ)

ଆଉକିଛି ପ୍ରଶ୍ନ ଅଛି ? କୌଣସି ପ୍ରଶ୍ନ ନାହିଁ ? କାହାର କିଛି କହିବାର ନାହିଁ ?

> ମାଆ, ମନର ସୀମାକୁ ଅତିକ୍ରମ କରି ଆହୁରି ଆଗକୁ ଯିବା ଲାଗି ଇଚ୍ଛା କରୁଥିବା ସମୟରେ ଯଦି ମନକୁ ସକ୍ରିୟ ହୋଇ ରହିବାକୁ ଛାଡ଼ି ଦିଆଯାଏ (ଏଠାରେ ପାଠ ଭୁଲ ରହିଛି*) ଏବଂ ଯଦି ଊର୍ଦ୍ଧ୍ୱସ୍ଥ ପ୍ରଭାବଟି ସଙ୍ଗେ ସଙ୍ଗେ ଉପଲବ୍ଧ ହୁଏ ନାହିଁ, ତେବେ ସେହି ସମୟରେ ପ୍ରକୃତରେ କ'ଣ କରିବାକୁ ହେବ ? ସେତେବେଳେ ନିଜକୁ ଗୋଟାସୁଦ୍ଧା ବୋକାଙ୍କ ପରି ମନେ ହେଉଥାଏ। (ସମସ୍ତେ ହସିଉଠିଲେ)

ତୁମେ ପ୍ରକୃତରେ କ'ଣ କହିବାକୁ ଚାହୁଁଛ ? ମୁଁ ବୁଝି ପାରିଲି ନାହିଁ।

---

* ପିଲାଟି ଭୁଲ ଭାବରେ କହିଥିବା ବାକ୍ୟଟିର ପାଠ ଏବଂ ନିମ୍ନରେ ଥିବା ଦଶଧାଡ଼ିର ପାଠକୁ ମୂଳ ଫରାସୀର ଯଥାସମ୍ଭବ ଏକ ଅବିକଳ ଅର୍ଥ ଆଣିଦେବା ଉଦ୍ଦେଶ୍ୟରେ କିଛିଟା ପରିମାଣରେ ବଦଳାଇ ଦିଆଯାଇଛି। (ଅନୁବାଦକଙ୍କ ଟିପ୍ପଣୀ)

ଯଦି ମନକୁ ସକ୍ରିୟ ରହିବା ଲାଗି ଛାଡ଼ି ଦିଆଯାଏ···

ମନକୁ ଯଦି ସକ୍ରିୟ ରହିବା ଲାଗି ଛାଡ଼ି ଦିଆଯାଏ ? କାହିଁକି ଛାଡ଼ି ଦିଆଯିବ ? ମୁଁ ତୁମର ପ୍ରଶ୍ନଟିକୁ ବୁଝି ପାରୁ ନାହିଁ । ତୁମେ ତ ପ୍ରଥମେ କହିଲ, "ଯେତେବେଳେ ଆମେ ମନର ସୀମାକୁ ଅତିକ୍ରମ କରି ଆହୁରି ଆଗକୁ ଚାଲି ଯାଇଥାଉ" ?···

ମନର ସୀମାଟିକୁ ଅତିକ୍ରମ କରି ଯାଇପାରିବା ଲାଗି···

ଅଚ୍ଛା, ମନର ସୀମାକୁ ଅତିକ୍ରମ କରିବା ପାଇଁ ତୁମେ ମନକୁ ସକ୍ରିୟ ହେବାକୁ ଛାଡ଼ି ଦେଇଥିବ ?···ହଁ, ତତ୍ତ୍ୱ ଅନୁସାରେ ସେହିପରି କୁହାଯାଏ : ବାସନାକୁ ପାର ହୋଇ ଯିବାକୁ ହେଲେ ଆମକୁ ବାସନାଗୁଡ଼ିକର ଚରିତାର୍ଥ କରିବାକୁ ହେବ, ଏବଂ···

(ଜଣେ ପିଲା) ମାଆ, ସିଏ କହିଲେ "ସକ୍ରିୟ ମନକୁ ଛାଡ଼ି ଦିଆଯିବ ।"

ଛାଡ଼ି ଦିଆଯିବ ? ମାତ୍ର "ସକ୍ରିୟ ମନକୁ ଛାଡ଼ି ଦିଆଯିବ" ବୋଲି କୁହାଯାଇ ପାରିବ ନାହିଁ । ଇଂରାଜୀ ଭାଷାରେ ଏପରି କୁହାଯାଏ ନାହିଁ ।

ମନର କ୍ରିୟାକୁ ବନ୍ଦ କରି ଦିଆଯିବ ।

ହଁ, ଏଥର ବୁଝି ହେଲା । ତୁମେ ପ୍ରଥମରେ ସେହିପରି ଭାବରେ କହିଥାନ୍ତ । ମନର କ୍ରିୟାକୁ ବନ୍ଦ କରିବାକୁ ହେବ, ସେହି କଥା ନା ? ତାହା କରି ପାରିବାର ଉପାୟ ତୁମେ ପଚାରୁଛ ?

ମୁଁ ପଚାରୁଛି···

ହଁ, ତୁମେ ଯାହା ପଚାରିଲ, ତାହାକୁ ଖୁବ କଠିନ କରିଦେଇଛ । ତେବେ ତୁମେ ପ୍ରକୃତରେ କ'ଣ ପଚାରୁଛ ?

'oaob.nitrkl.ac.in' images reprocessed

ଯେତେବେଳେ ବୁଦ୍ଧିର କାର୍ଯ୍ୟ ବନ୍ଦ ହୋଇଯାଏ ଏବଂ ସଙ୍ଗେ ସଙ୍ଗେ ଊର୍ଦ୍ଧ୍ୱରୁ କିଛି ନୂତନ ଆସି ପହଞ୍ଚି ନପାରେ, ତେବେ ଅନେକ ସମୟରେ ସେହି ପର୍ଯ୍ୟାୟରେ···

ସେତେବେଳେ ଜଣେ ବୋକାଙ୍କ ପରି କାମ କରି ଯାଉଥାଏ ! (ସମସ୍ତେ ହସି ଉଠିଲେ) ତେଣୁ ଉଚିତ ହେଉଛି ଯେ ସେହି ଅବସ୍ଥାଟିକୁ ଅତିକ୍ରମ କରିବା ପୂର୍ବରୁ ବରଂ ବୁଦ୍ଧିର କାର୍ଯ୍ୟକୁ ବନ୍ଦ ନକରିଦେବାହିଁ ଅଧିକ ଭଲ ।

ମୁଁ ପଚାରୁଥିଲି, ବର୍ତ୍ତମାନ ଜୀବନ ଯେଉଁଭଳି ସ୍ଥିତିରେ ରହିଛି, ସେଥିରେ କ'ଣ ଏପରି ସମ୍ଭବ ହୋଇପାରେ ଯେ···

ଅବିବେକୀ ହେବା କଥା କହୁଛ ? ଦୁର୍ଭାଗ୍ୟବଶତଃ ଅନେକ ସମୟରେହିଁ ତାହା ଘଟେ !

ବିବେକବୁଦ୍ଧିକୁ ଉପେକ୍ଷା କରିବା ସମ୍ଭବ କି ନୁହେଁ ?···ମନର ଯାବତୀୟ କ୍ରିୟାଶୀଳତାକୁ ପାର ହୋଇ ଯାଇଥିଲେ ଯାଇ ତାହା ସମ୍ଭବ । ଯେତେବେଳେ ତୁମେ ଏକ ସମର୍ପଣର ଉପଲବ୍ଧି କରିଥିବ, ନିଜକୁ ସମ୍ପୂର୍ଣ୍ଣ ଭାବରେ ଦେଇ ପାରିଥିବ, ସେତିକବେଳେ ତାହା ସମ୍ଭବ ହେବ । ତୁମ ଭିତରେ ଆଉ କୌଣସି ବାସନା ରହି ନଥିଲେ ଯାଇ ସମ୍ଭବ ହେବ । ଯେପର୍ଯ୍ୟନ୍ତ ବାସନା ରହିଥିବ, ଏକ ଅହଂ ରହିଥିବ ଏବଂ ତୁମ ନିଜର ଗୋଟିଏ ଇଚ୍ଛା ବି ରହିଥିବ, ସେପର୍ଯ୍ୟନ୍ତ ତୁମେ କଦାପି ବୁଦ୍ଧିର ଅବଲମ୍ବନଟିକୁ ଛାଡ଼ି ପାରିବ ନାହିଁ, କାରଣ, ମୁହୂର୍ତ୍ତିକ ପୂର୍ବରୁ ମୁଁ ଯେପରି କହୁଥିଲି, ତୁମେ ତାହା ଫଳରେ ବେଶ୍ ଭାରସାମ୍ୟହୀନ ହୋଇପଡ଼ିବ ଏବଂ ସମ୍ଭବତଃ ପାଗଳ ବି ହୋଇଯିବ । ତେଣୁ ଯେଉଁ ସୀମାଟି ମଧ୍ୟରେ ବୁଦ୍ଧିର ଏକ ଉପଯୋଗିତା ରହିଛି, ସେହି ସୀମାଟିକୁ ଅତିକ୍ରମ କରି ନଥିବା ପର୍ଯ୍ୟନ୍ତ ବୁଦ୍ଧିକୁହିଁ ନିର୍ଣ୍ଣାୟକ ହୋଇ ରହିବାକୁ ପଡ଼ିବ । ଏବଂ, ମୁଁ ଯେପରି କହିଲି, ଯେପର୍ଯ୍ୟନ୍ତ ଏକ ଅହଂ ରହିଥିବ ଓ ଯେପର୍ଯ୍ୟନ୍ତ ବାସନାଗୁଡ଼ିକ ରହିଥିବେ, ଯେପର୍ଯ୍ୟନ୍ତ ଆବେଗଗୁଡ଼ିକ କାର୍ଯ୍ୟ କରୁଥିବେ, ଅତିପ୍ରବଳ ବାସନା ଓ ଅଗ୍ରରୁଚିମାନ ରହିଥିବ, ଆକର୍ଷଣ ଓ ବିକର୍ଷଣ ପ୍ରଭୃତି ମଧ୍ୟ ରହିଥିବ, ଯେପର୍ଯ୍ୟନ୍ତ ଏହିସବୁ କଥା ରହିଥିବ, ସେପର୍ଯ୍ୟନ୍ତ ବୁଦ୍ଧିକୁ ନିଶ୍ଚୟ ସଂପୂର୍ଣ୍ଣ ଭାବରେ ଉପଯୋଗୀ ବୋଲି ସ୍ୱୀକାର କରିବାକୁ ପଡ଼ିବ ।

ଏଠାରେ ମୁଁ ଆଉ ଗୋଟିଏ କଥା ମଧ୍ୟ କହିରଖିବି ଯେ ବୁଦ୍ଧି ଉପରେ ଅବଲମ୍ବିତ ହୋଇ ରହିବାରୁ ମୁକ୍ତ ହେବା ଲାଗି ଆଉ ଗୋଟିଏ ବେଶ୍ ଅପରିହାର୍ଯ୍ୟ

'oaob.nitrkl.ac.in' images reprocessed

ସର୍ତ୍ତ ମଧ୍ୟ ରହିଛି; ସେଇଟି ହେଉଛି ଯେ ପ୍ରତିକୂଳ ଶକ୍ତିଗୁଡ଼ିକର ପ୍ରରୋଚନା ଲାଗି ଆମେ ଆମର ଗୋଟିଏ ହେଲେ ଦ୍ୱାର, ଆମ ସତ୍ତାର ଗୋଟିଏ ହେଲେ ଭାଗକୁ ବି କଦାପି ମୁକ୍ତ ରଖିବା ନାହିଁ । କାରଣ ପ୍ରତିକୂଳ ପ୍ରରୋଚନାଗୁଡ଼ିକୁ ଅନୁସ୍ପନ୍ଦନ ଜଣାଇବାର ଅଭ୍ୟାସରୁ ଆପଣାକୁ ସମ୍ପୂର୍ଣ୍ଣରୂପେ ମୁକ୍ତ କରି ନଆଣିଥିଲେ ଯଦି ସେହି ଅବସ୍ଥାରେ ତୁମେ ନିଜର ବୁଦ୍ଧିଟିକୁ ପରିତ୍ୟାଗ କରି ଆସିବ, ତେବେ ତୁମର ବୁଦ୍ଧିଟି ମଧ୍ୟ ହାତରୁ ଖସି ଚାଲିଯିବ, ଅର୍ଥାତ୍ ତୁମେ ଆପଣାର ସାଧାରଣ ବୁଦ୍ଧିଟିକୁ ମଧ୍ୟ ହରାଇ ବସିବ । ଏବଂ ତା'ପରେ ତୁମେ ଏପରି ଏକ ଅସଂଗତ ଭାବରେ ଯାବତୀୟ କାର୍ଯ୍ୟ କରିବାକୁ ଆରମ୍ଭ କରିବ, ଯାହାକି ଶେଷରେ ହୁଏତ ଘୋର ଭାରସାମ୍ୟହୀନ ହୋଇ ପଡ଼ିବ । ଏବଂ, ସେହିସବୁ ପ୍ରରୋଚନା ଓ ପ୍ରତିକୂଳ ପ୍ରଭାବରୁ ମୁକ୍ତ ରହିବାକୁ ହେଲେ ତୁମକୁ ଏକାନ୍ତ ଭାବରେହିଁ ଭଗବତ୍ ପରମସତ୍ତାଙ୍କର ପ୍ରଭାବ ମଧ୍ୟରେ ରହିବାକୁ ପଡ଼ିବ ।

ତୁମେ ବର୍ତ୍ତମାନ ସମସ୍ୟାଟିକୁ ବେଶ୍ ବୁଝି ପାରିବ; ଏଇଟି କିଛିଟା ପରିମାଣରେ ଏକ କଠିନ ସମସ୍ୟା । ଏହାର ଅର୍ଥ ହେଉଛି ଯେ ଯେପର୍ଯ୍ୟନ୍ତ ତୁମେ ଏକ ସମ୍ପୂର୍ଣ୍ଣ ଉଦ୍ଭାସିତ ଏବଂ ରୂପାନ୍ତରିତ ସତ୍ତାର ସାନ୍ନିଧ୍ୟରେ ଜୀବନ ବଞ୍ଚିବା ଲାଗି ସମର୍ଥ ନହୋଇଛ, ସେପର୍ଯ୍ୟନ୍ତ ଲୋକମାନଙ୍କୁ ସେମାନଙ୍କର ବୁଦ୍ଧିର ବୋଲ ମାନି କାର୍ଯ୍ୟ କରିବାକୁ କହିବା ହିଁ ହେଉଛି ସବଦା ଅଧିକ ଭଲ । ଏହା ଦ୍ୱାରା ଏକ ସୀମା ଭିତରେ ରହିବାକୁ ପଡ଼ୁଛି ସତ,—ଏହା ପ୍ରକୃତରେ ଏକ ବୃହତ୍ ସୀମିତତା ଆଣି ଦେଇଥାଏ,—ମାତ୍ର ଏହା ଏକ ନିୟନ୍ତ୍ରଣ ପରି ବି କାର୍ଯ୍ୟ କରିଥାଏ ଏବଂ ସଂସାରରେ ସବୁଠାରୁ ଅଧିକସଂଖ୍ୟକ ହୋଇ ରହିଥିବା ସେହି ଅର୍ଦ୍ଧ-ନିର୍ବୋଧଙ୍କ ମଧ୍ୟରୁ ଜଣେ ହୋଇ ବସିବାରୁ ତାହା ତୁମକୁ ନିବୃତ୍ତ କରି ରଖିପାରେ ।

ବୁଦ୍ଧି ହେଉଛି ଏକ ସମ୍ମାନାସ୍ପଦ ସତ୍ତା । ସବୁ ସମ୍ମାନାସ୍ପଦ ବ୍ୟକ୍ତିଙ୍କ ପରି ବୁଦ୍ଧିର ଅବଶ୍ୟ କେତେକ ସୀମିତତା ଓ ପୂର୍ବଗ୍ରହମାନ ରହିଛି ସତ, ମାତ୍ର ଅତ୍ୟନ୍ତ ଉପଯୋଗୀ ହେବାରୁ ତାହାକୁ ତଦ୍ଦ୍ୱାରା କେବେହେଲେ ନିବୃତ୍ତ କରାଯାଇ ପାରେ ନାହିଁ । ଏବଂ ତୁମକୁ ମଧ୍ୟ ତାହା ଆପଣାକୁ ଏକ ନିର୍ବୋଧରେ ପରିଣତ କରିବାରୁ ନିବୃତ୍ତ କରି ରଖିପାରେ । ବୁଦ୍ଧି ନଥିଲେ ତୁମେ ହୁଏତ କେତେ କ'ଣ କାର୍ଯ୍ୟ କରିବାରେ ଲାଗିଥାନ୍ତ, ସେହିସବୁ କାର୍ଯ୍ୟ ତୁମକୁ ହୁଏତ ସିଧା ଧ୍ୱଂସମୁଖକୁ ନେଇ ଯାଉଥାନ୍ତା ଏବଂ ସେଥିରୁ କେତେକେତେ ଦୁର୍ଭାଗ୍ୟଜନକ ପରିଣାମମାନ ହୁଅନ୍ତା; କାରଣ, ଉଚ୍ଚତର ଅନ୍ୟ ସୋପାନଗୁଡ଼ିକରେ ଯାଇ ପହଞ୍ଚିବା ପର୍ଯ୍ୟନ୍ତ ବୁଦ୍ଧିଶକ୍ତି ହେଉଛି ତୁମ ଭିତରେ ବିବେକର ସଞ୍ଚାର କରି ରଖିବା ଲାଗି ସର୍ବଶ୍ରେଷ୍ଠ ସାଧନ । ଯେତେବେଳେ ଆମେ ବୁଦ୍ଧିର କଥା ନମାନୁ, ସେତେବେଳେ ଆମେ ଯାବତୀୟ ପ୍ରକାରର ଅସମ୍ଭବତା ମଧ୍ୟକୁ ଟାଣି ହୋଇ ଯିବାର ସବୁଯାକ ଆଶଙ୍କା ରହିଥାଏ ।

'oaob.nitrkl.ac.in' images reprocessed

ଏଥିରେ କୌଣସି ସନ୍ଦେହ ନାହିଁ ଯେ ବୁଦ୍ଧି ଆଦର୍ଶ ନୁହେଁ ଅଥବା ସର୍ବୋଚ୍ଚ ଶିଖର ବି ନୁହେଁ, ଏହାକୁ ଆମେ କେବଳ ନିୟନ୍ତ୍ରଣର ଏକ ସାଧନ ବୋଲି କହିପାରିବା, ଉତ୍ତମ ଜୀବନ ଯାପନ କରିବା ଲାଗି ଏକ ମାର୍ଗଦର୍ଶକ ବୋଲି କହିବା । ତାହା ତୁମକୁ ଅନେକ ଅମିତାଚାରରୁ ରକ୍ଷା କରି ପାରିବ, ଅନେକ ଅତିଶକ୍ତତା, ଦୁର୍ବିନୀତ ବାସନା ଏବଂ ସର୍ବୋପରି ସେହି ଆବେଗପ୍ରଧାନ ନାନା କାର୍ଯ୍ୟରୁ ସୁରକ୍ଷିତ କରି ରଖିବ, ଯାହାକି ତୁମକୁ ହୁଏତ ଭ୍ରମଗର୍ତ୍ତ ମଧ୍ୟକୁ ଟାଣି ନେଇ ଯାଇଥାନ୍ତା । ଏଥର ବୁଦ୍ଧି ପାରିବ ।

ତେଣୁ ନିଜ ବିଷୟରେ ଏକାନ୍ତ ନିଶ୍ଚିତ ହେବାକୁ ପଡ଼ିବ, ଅହଂର ପାଶରୁ ସମ୍ପୂର୍ଣ୍ଣ ମୁକ୍ତ ରହିବାକୁ ପଡ଼ିବ ଏବଂ ଭଗବତ୍ ପରମଇଚ୍ଛା ପାଖରେ ସମ୍ପୂର୍ଣ୍ଣ ସମର୍ପିତ ହୋଇ ରହିବାକୁ ପଡ଼ିବ । ତେବେ ଯାଇ ବୁଦ୍ଧିର ବିନା ସାହାଯ୍ୟରେ ତଥାପି ନିରାପଦ ଭାବରେ ଜୀବନଯାପନ କରିବା ସମ୍ଭବ ହେବ ।

ବେଳେ ବେଳେ ଯଥାର୍ଥ ଯୁକ୍ତି ଏବଂ ମିଥ୍ୟା ଯୁକ୍ତି ମଧ୍ୟରେ ତାରତମ୍ୟଟିକୁ ଦେଖିପାରିବା କଷ୍ଟକର ହୋଇପଡ଼େ !

ନାହିଁ ନାହିଁ, ତୁମେ ବର୍ତ୍ତମାନ ଶବ୍ଦଗୁଡ଼ିକୁ ନେଇ ଖାଲି ଖେଳିବାରେ ଲାଗିଛ । ତୁମେ ଯେଉଁ ଶବ୍ଦଟିକୁ ଏଠାରେ ବ୍ୟବହାର କରୁଛ, ତାହାର ସମ୍ପୂର୍ଣ୍ଣ ଭାବରେ ଏକ ଅନ୍ୟ ଅର୍ଥ ରହିଛି । ସେହି ଦୁଇଟି ହେଉଛନ୍ତି ଦୁଇଟି ଭିନ୍ନ ଭିନ୍ନ ଜିନିଷ । ବୁଦ୍ଧି ହେଉଛି ତାରତମ୍ୟ ନିରୂପଣ କରିବାର ସାମର୍ଥ୍ୟ । ଗୋଟିଏ ବା ଆଉଗୋଟିଏ କାମକୁ କରିବାକୁ ଗଲାବେଳେ ତୁମେ ତା' ପଛରେ ରହିଥିବା ଯୁକ୍ତି-ଗୁଡ଼ିକ ବିଷୟରେ କହୁଛ;—ଏଗୁଡ଼ିକ ହେଉଛି ଗୋଟିଏ ଗୋଟିଏ ବାହାନା ଏବଂ ଏଗୁଡ଼ିକ ମନରୁହିଁ ଯୋଗାଇ ହୋଇ ଆସିଥାନ୍ତି । ମାତ୍ର ସେଠାରେ ବୁଦ୍ଧିର ଏକ ସମ୍ପୂର୍ଣ୍ଣ ଭିନ୍ନ ଅର୍ଥ ରହିଛି, ତାହା ଆଦୌ ପୂର୍ବ ଶବ୍ଦଟିର ସମବାଚୀ ନୁହେଁ, ଏକାଭଳି ଲେଖା ହେଉଥିଲେ ଏବଂ ଉଚ୍ଚାରିତ ହେଉଥିଲେ ମଧ୍ୟ ଦୁଇଟିଯାକ କଦାପି ଏକା କଥା ନୁହନ୍ତି । ସେହି ଶବ୍ଦଟିକୁ ତୁମେ ଅଭିଧାନରେ ମଧ୍ୟ ଯାଇ ଦେଖିପାର, ଅଭିଧାନରେ ତୁମକୁ ଏହି ଶବ୍ଦଟିର ସମ୍ପୂର୍ଣ୍ଣ ଭିନ୍ନ ଦୁଇଟି ଅର୍ଥ ମିଳିବ । ଆମେ ଆପଣା ପାଖରେ ଯେଉଁସବୁ ଯୁକ୍ତି ଆଣି ଦେଇଥାଉ, ଆପଣାର ଦୋଷ କଟାଇ ନେବାକୁ ଯେଉଁସବୁ ଯୁକ୍ତି ବା କୈଫିୟତ୍ ଦେଇଥାଉ, ସେଥିରେ ସବୁବେଳେ ଏକ ଅହଂସଚେତନତା ରଞ୍ଜିତ ହୋଇ ରହିଥାଏ ଏବଂ ଆମେ ପ୍ରକୃତରେ ଯୁକ୍ତି ଦ୍ୱାରା ପରିଚାଳିତ ହେଉଛୁ ବୋଲି ବସ୍ତୁତଃ ଆପଣାକୁ ଭଣ୍ଡି ରଖିବାର ଏକ ଆବଶ୍ୟକତା ମଧ୍ୟ ତାହା ସହିତ ଜଡ଼ିତ ହୋଇ ରହିଥାଏ । ଆମେ ଯେ ପ୍ରକୃତରେ ଖୁବ ଭଲ, ଆମେ ଯାହାକିଛି

'oaob.nitrkl.ac.in' images reprocessed

କରୁଛୁ, ତାହା ଯେ ଖୁବ ଭଲ, ଆମେ ଯାହା ଅନୁଭବ କରୁଛୁ ଅଥବା ଚିନ୍ତା କରୁଛୁ, ତାହା ଯେ ଖୁବ ଭଲ, ଏହି ବିଷୟରେ ନିଜକୁ ପୂର୍ଣ୍ଣ ହୃଦ୍‌ବୋଧ ଦେଇ ରଖିବାକୁହିଁ ଶବ୍ଦେରେ ସାଙ୍ଗେ ଅନେଶଙ୍କ ଅର ଆମେ ଏହି ବାଟଟିର ଆଶ୍ରୟ ନେଇଥାଉ । ଆମେ ଯେ ଯଥାର୍ଥରେ ଖୁବ ସନ୍ତୋଷଜନକ ଭାବରେ ସବୁକିଛି କରୁଛୁ ଆପଣାକୁ ସେହି ବିଷୟରେ ଏକ ଧାରଣା ଆଣି ଦେବାକୁ ତାହାର ଆଶ୍ରୟ ନିଆ ଯାଇଥାଏ । ତେଣୁ, ତୁମେ ଯାହାକିଛି କରୁଥାଅ ପଛକେ, ଯଦି ସେତେବେଳେ କିଛି ଚିନ୍ତା କରିବାକୁ ଆରମ୍ଭ କରିବ, ତେବେ ତୁମେ ନିଶ୍ଚୟ ଆପେ ଯାଇ ଆପଣାକୁ କହିବ, "ମାତ୍ର ଅସଲ କଥା ହେଉଛି ଯେ, ମୁଁ ସେହି କାର୍ଯ୍ୟଟିକୁ କଲି, କାରଣ ତାହା ପ୍ରକୃତରେ ସେହିପରି ହୋଇ ରହିଥିଲା; ତାହାହିଁ ହେଉଛି ଅସଲ କାରଣ । ମୁଁ ସେପରି ଅନୁଭବ କଲି, କାରଣ ତାହା ସେହିପରି ହୋଇ ରହିଥିଲା, ତାହାହିଁ ହେଉଛି ସେପରି ଅନୁଭବ କରିବାର ଏକ ଚମତ୍କାର କାରଣ ।" ତୁମେ ଆପଣାକୁ ଏହିପରି ଭାବରେ କହିବାକୁ ଲାଗିବ । ମାତ୍ର ବୁଦ୍ଧିର ନିର୍ଦ୍ଦେଶ ଦ୍ୱାରା ପରିଚାଳିତ ହେବା ସହିତ ତାହାର ଆଦୌ କୌଣସି ସମ୍ବନ୍ଧ ନାହିଁ । ପ୍ରକୃତ କଥା ହେଉଛି ତାହାର ଠିକ୍ ଓଲଟା । ଆପଣାକୁ ପ୍ରବଞ୍ଚିତ କରି ରଖିବା ଲାଗି ଏବଂ ଆପଣାର ଅଗ୍ରଗତିକୁ ଅଟକାଇ ରଖିବା ଲାଗି ଏଇଟି ହେଉଛି ଗୋଟିଏ ଚମତ୍କାର ଉପାୟ । ଏଇଟି ହେଉଛି ଆପଣାର ଚକ୍ଷୁରେ ଆପଣାକୁ ଉଚିତ ବୋଲି ପ୍ରମାଣିତ କରିବା ।

ପୁନଶ୍ଚ, ଏହିସବୁ କାରଣହିଁ ତୁମ ଉପରେ ସର୍ବଦା ଚୂନ ଧଉଳାଇ ରଖିଥାନ୍ତି ଓ ଅନ୍ୟମାନଙ୍କୁ ଗୋଟାସୁଦ୍ଧା କଳା ବୋଲି ଦେଖାନ୍ତି । ନିଜର ବିବେକକୁ ନିଦକ କରି ରଖିବା ଲାଗି ଏହା ହେଉଛି ଏକ ଅନ୍ୟତମ ଉପାୟ, ନୁହେଁ କି ? ତୁମ ଜୀବନରେ ଯାହାକିଛି ଘଟୁଥାଏ, କେବଳ ପରିସ୍ଥିତିର ଦୋଷ ଲାଗିହିଁ ଘଟୁଥାଏ; ତୁମେ ଯଦି କୌଣସି ଭୁଲ କରିଥାଅ, ତାହାକୁ କେବଳ ଅନ୍ୟମାନଙ୍କ କାରଣରୁହିଁ କରିଥାଅ; ତୁମ ମନରେ ଏକ ମନ୍ଦ ପ୍ରତିକ୍ରିୟା ହେଲେ ସେଥିଲାଗି ଅନ୍ୟମାନେହିଁ ଦାୟୀ ହୋଇ ରହନ୍ତି; ଇତ୍ୟାଦି, ଇତ୍ୟାଦି । ଆପଣା ମନର ବିସ୍ମରଣାଳା ଭିତରୁ ତୁମେ ଗୋଟାସୁଦ୍ଧା ଧୋବ ହୋଇ ବାହାରିଯାଅ ।

ସରଳ ?

'oaob.nitrkl.ac.in' images reprocessed

## ୫ ଡିସେମ୍ବର ୧୯୫୭

ପୂର୍ବବର୍ତ୍ତୀ ପାଞ୍ଚୋଟି ଅନୁଚ୍ଛେଦରେ ଶ୍ରୀଅରବିନ୍ଦ ଯାହା ଲେଖିଲେ, ତାହାକୁ ଉପଲବ୍ଧି କରିବା ସକାଶେ ଆମକୁ କ'ଣ କରିବାକୁ ହେବ, ବର୍ତ୍ତମାନ ଆମେ ସେହି କଥାକୁ ପଢିବା :

"ତୁମର ବୁଦ୍ଧି ସାମର୍ଥ୍ୟକୁ ଶୃଙ୍ଖଳାବଦ୍ଧ ସଂବୋଧିରେ ରୂପାନ୍ତରିତ କରିଦିଅ; ତୁମର ସବୁକିଛି ଆଲୋକରେ ପରିଣତ ହୋଇଯାଉ । ଏହା ହେଉଛି ତୁମର ଲକ୍ଷ୍ୟ ।

"ତୁମର ଯାବତୀୟ ପ୍ରୟାସଶକ୍ତିକୁ ଆତ୍ମଶକ୍ତିର ଏକ ସମତାଯୁକ୍ତ ଏବଂ ଶକ୍ତିମନ୍ତ ପ୍ଳାବନରେ ରୂପାନ୍ତରିତ କରିଦିଅ; ତୁମର ସବୁକିଛି ଏକ ସଚେତନ ଶକ୍ତିରେ ପରିଣତ ହୋଇଯାଉ । ତାହାହିଁ ହେଉଛି ତୁମର ଲକ୍ଷ୍ୟ ।

"ତୁମର ଯାବତୀୟ ଉପଭୋଗକୁ ଏକ ସମତାଯୁକ୍ତ ଏବଂ ନିରୁପାଧିକ ଉଲ୍ଲାସମୟତାରେ ରୂପାନ୍ତରିତ କରିଦିଅ; ତୁମର ସବୁକିଛି ଆନନ୍ଦରେ ପରିଣତ ହୋଇଯାଉ । ତାହାହିଁ ହେଉଛି ତୁମର ଲକ୍ଷ୍ୟ ।

"ତୁମର ବିଭାଜିତ ବ୍ୟକ୍ତିସତ୍ତାକୁ ବିଶ୍ୱ-ବ୍ୟକ୍ତିତ୍ୱରେ ରୂପାନ୍ତରିତ କରିଦିଅ; ତୁମର ସବୁକିଛି ଦିବ୍ୟତାରେ ପରିଣତ ହୋଇଯାଉ । ତାହାହିଁ ହେଉଛି ତୁମର ଲକ୍ଷ୍ୟ ।

"ତୁମ ଭିତରର ପଶୁକୁ ତୁମେ ପରମ ଗୋପାଳରୂପେ ରୂପାନ୍ତରିତ କରିଦିଅ; ତୁମର ସବୁକିଛି କୃଷ୍ଣରେ ପରିଣତ ହୋଇଯାଉ । ତାହାହିଁ ହେଉଛି ତୁମର ଲକ୍ଷ୍ୟ ।"

ବିଚାର ଏବଂ ଚକ୍ରାଗ୍ରସ, ଶତବାର୍ଷିକୀ ସଂସ୍କରଣ, ୧୭ଶ ଖଣ୍ଡ, ପୃଷ୍ଠା-୩୭୭

ଏହାହିଁ କର୍ତ୍ତବ୍ୟ ।

ଏସବୁର କୌଣସି ବ୍ୟାଖ୍ୟା କରିବାର ପ୍ରୟୋଜନ ରହିଛି ବୋଲି ମୁଁ ମନେ କରୁ ନାହିଁ । ଏହା ବେଶ୍ ସ୍ପଷ୍ଟ ଭାବରେ କୁହି ହେଉଛି···ମାତ୍ର, ତୁମମାନଙ୍କର

'oaob.nitrkl.ac.in' images reprocessed

କୌଣସି ପ୍ରଶ୍ନ ନାହିଁ ତ ? ଅଛି ? (ଗୋଟିଏ ପିଲାକୁ ଲକ୍ଷ୍ୟ କରି) ଖୁବ୍ ଭଲ କଥା, ତୁମେ ନିଜର ପ୍ରଶ୍ନଟିକୁ ପଚାର ।

> ଏଠାରେ ଲେଖା ହୋଇଛି : "ତୁମର ଯାବତୀୟ ଉପଭୋଗକୁ ଏକ ସମତାଯୁକ୍ତ ଏବଂ ନିରୁପାଧିକ ଉଲ୍ଲାସମୟତାରେ ରୂପାନ୍ତରିତ କରିଦିଅ" ?

ହଁ, ତାହାର ଅର୍ଥ ହେଉଛି ଯେ ଏହାର କୌଣସି କାରଣ ନାହିଁ ।

ସାଧାରଣତଃ ସମସ୍ତେ ଏଇଟା ସକାଶେ ଅଥବା ସେଇଟା ସକାଶେ ଖୁସୀ ହୋଇଥାନ୍ତି, ହୃଷ୍ଟ ଅନୁଭବ କରିଥାନ୍ତି, ସୁଖ ପାଇଥାନ୍ତି । ଅତିରିକ୍ତ ପରିମାଣରେ ଭୌତିକ ନାନା ବସ୍ତୁଠାରୁ ଆରମ୍ଭ କରି ମନୋଭୂମିଗତ ବା ଏପରିକି ମାନସିକ ଏଇଟା ବା ସେଇଟାକୁ ନେଇ ସାଧାରଣତଃ ସମସ୍ତେ ସୁଖ ଅନୁଭବ କରିଥାନ୍ତି । ଉଦାହରଣସ୍ୱରୂପ, ଏକ ମାନସିକ ବସ୍ତୁର ଉଦାହରଣ ଦେଇ କହିଲେ, ତୁମେ କୌଣସି ଏକ ବାକ୍ୟ ପଢ଼ୁଛ, ଯାହାକି ତୁମର ମନରେ ଅଶେଷ ଆନନ୍ଦ ଆଣି ଦେଉଛି, କାରଣ ତାହା ତୁମ ଲାଗି ଏକ ସନ୍ଦୀପନ ଆଣି ଦେଉଛି, ଏକ ନୂତନ ବୋଧ ଆଣି ଦେଉଛି; ତେଣୁ ସେହି ଆନନ୍ଦକୁ ଏପରି ଏକ ଆନନ୍ଦ ବୋଲି କୁହାଯିବ, ଯାହାରକି ଗୋଟିଏ ବସ୍ତୁଗତ କାରଣ ରହିଛି; ତୁମେ ବାକ୍ୟଟି ପଢ଼ୁଛ ଏବଂ ତାହାହିଁ ତୁମକୁ ଆନନ୍ଦର ଅନୁଭୂତିଟିକୁ ଆଣି ଦେଉଛି । ଯଦି ତୁମେ ବାକ୍ୟଟିକୁ ପଢ଼ି ନଥାନ୍ତ, ତେବେ ତୁମେ ହୁଏତ କୌଣସି ଆନନ୍ଦ ଅନୁଭବ କରି ନଥାନ୍ତ । ଠିକ୍ ସେହିପରି ଭାବରେ, ଯେତେବେଳେ ତୁମେ ମଧୁର ସଙ୍ଗୀତ ଶୁଣିବାକୁ ପାଉଛ ବା କୌଣସି ଗୋଟିଏ ସୁନ୍ଦର ଛବି ଦେଖୁଛ ବା ଗୋଟିଏ ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦେଖିବାକୁ ପାଉଛ, ତାହା ତୁମକୁ ଆନନ୍ଦ ଆଣି ଦେଉଛି । ସେହିସବୁ ବସ୍ତୁ ନଥିଲେ ତୁମେ ହୁଏତ ଆନନ୍ଦଟିକୁ ମୋଟେ ଅନୁଭବ କରି ନଥାନ୍ତ । ଏହିସବୁ ବସ୍ତୁହିଁ ତୁମକୁ ଆନନ୍ଦଟିକୁ ଆଣି ଦେଉଛନ୍ତି । ଅର୍ଥାତ୍ ଏହି ଆନନ୍ଦଟିର ଏକ ବସ୍ତୁଗତ କାରଣ ରହିଛି, ଗୋଟିଏ ବସ୍ତୁ ଏହାର ଉତ୍ସ ହୋଇ ରହିଛି ।

ଶ୍ରୀଅରବିନ୍ଦ କହୁଛନ୍ତି ଯେ ଏହି ଉପଭୋଗ, ଏହି ଆନନ୍ଦ ଓ ଏହି ସୁଖାନୁଭୂତି ଯେଉଁ ସ୍ତରର ହୋଇଥାଉ ପଛକେ, ଉଚ୍ଚସ୍ତରର ଅଥବା ନିମ୍ନସ୍ତରର ହୋଇଥାଉ ପଛକେ, ତାହାର ସ୍ଥାନାପନ୍ନ ଭାବରେ ଆମେ ଏପରି ଏକ ଅନ୍ତର୍ଗତ ଆନନ୍ଦର ପ୍ରତିଷ୍ଠା କରିବା, ଯାହାକି ସମଗ୍ର ସତ୍ତା ମଧ୍ୟକୁ ସଞ୍ଚାରିତ ହୋଇ ଆସୁଥିବ ଏବଂ ଯାହା ଅବାରିତ ଭାବରେ ଉପଲବ୍ଧ ହେଉଥିବ । ତାହା "ସମତାଯୁକ୍ତ" ହୋଇଥିବ, ଅର୍ଥାତ୍ ଏପରି ଏକ

'oaob.nitrkl.ac.in' images reprocessed

ବସ୍ତୁ ହୋଇ ରହିଥିବ, ଯାହାର କୌଣସି କାରଣ ନଥିବ, ଯାହାର ଅସ୍ତିତ୍ୱ ଲାଗି ଆଦୌ କୌଣସି କାରଣର ଆବଶ୍ୟକତା ନଥିବ । ଦିବ୍ୟ ପରମ ଆନନ୍ଦ ସହିତ ସମ୍ପର୍କହିଁ ତାହାର ଏକମାତ୍ର କାରଣ ହୋଇଥିବ, ଯାହାକି ସର୍ବତ୍ର ରହିଛି ଓ ସକଳ ବସ୍ତୁରେ ରହିଛି । ତେଣୁ ତୁମେ ଥରେ ଏହି ବିଶ୍ୱଜନୀନ ଏବଂ ଚିରନ୍ତନ ଆନନ୍ଦ ସହିତ ସମ୍ବନ୍ଧଯୁକ୍ତ ହୋଇ ରହିପାରିଲେ ଆନନ୍ଦଲାଭ କରିବା ଲାଗି ତୁମର ଆଉ କୌଣସି ବାହ୍ୟ ବସ୍ତୁ କିଂବା ବାହ୍ୟ କାରଣର ଆବଶ୍ୟକତା ରହିବ ନାହିଁ । ତାହା ସେତେବେଳେ ନିରୁପାଧିକ ହୋଇପାରିବ ଏବଂ ନିରୁପାଧିକ ହେବାରୁ ଅବଚ୍ଛିନ୍ନ ବି ହୋଇ ପାରିବ । "ସମତାଯୁକ୍ତ" ହୋଇପାରିବ । ବାହ୍ୟ ପରିସ୍ଥିତି ଯାହା ହୋଇଥାଉ ପଛକେ, ତୁମେ ଯେତେବେଳେ ଯାହାକିଛି କରୁଥାଅ ପଛକେ, ତୁମେ ସର୍ବଦା ଆନନ୍ଦର ସେହି ଗୋଟିଏ ସ୍ଥିତିରେହିଁ ଅବସ୍ଥାନ କରୁଥିବ,—କାରଣ ତୁମର ଏହି ଆନନ୍ଦ କୌଣସି ବାହ୍ୟ ବସ୍ତୁ ଉପରେ ମୋଟେ ନିର୍ଭରଶୀଳ ହୋଇ ରହି ନଥିବ, ତାହା ତୁମର ଅନ୍ତର୍ଗତ ସ୍ଥିତିଟି ଉପରେହିଁ ନିର୍ଭର କରୁଥିବ । ତୁମେ ଆପଣା ମଧ୍ୟରେ ଆନନ୍ଦର ଉତ୍ସଟିକୁ ଆବିଷ୍କାର କରି ପାରିଥିବ, ଅର୍ଥାତ୍ ଆପଣା ମଧ୍ୟରେ ସେହି ଦିବ୍ୟ ପରମ ସାନ୍ନିଧ୍ୟଟିକୁ ଆବିଷ୍କାର କରି ନେଇଥିବ, ଦିବ୍ୟ ପରମସତ୍ତାଙ୍କ ସହିତ ସଂଯୁକ୍ତ ହୋଇ ରହିଥିବ । ଏବଂ ନିଜ ଭିତରେହିଁ ଆନନ୍ଦର ଏହି ଅସଲ ଉତ୍ସଟିକୁ ଆବିଷ୍କାର କରିନେଇ ପାରିଲେ ତା'ପରେ ତୁମର ଆଉ କିଛି ଆବଶ୍ୟକ ହେବ ନାହିଁ, ଏହି ଆନନ୍ଦଟିକୁ ଲାଭ କରିବା ଲାଗି ତୁମେ ଆଉ କୌଣସି ବସ୍ତୁର ଅପେକ୍ଷା ରଖିବ ନାହିଁ । ଏବଂ ଏହା ପଛରେ କାରଣରୂପେ କୌଣସି ବସ୍ତୁ ରହି ନଥିବାରୁ ସେହି ଆନନ୍ଦ କଦାପି ଅପସରି ଯିବ ନାହିଁ, ଏକ ଚିରସ୍ଥାୟୀ ସ୍ଥିତିରୂପେ ତୁମ ପାଖରେ ରହିଥିବ ।

(ସେହି ପିଲାଟିକୁ) ତୁମେ ବୁଝି ପାରିଲ ? ଖୁବ୍ ଭଲ କରି ବୁଝି ପାରିଲ ନାହିଁ, ନୁହେଁ ? ଆଚ୍ଛା ।

ମୁଁ ବର୍ତ୍ତମାନ ଯାହା ପଢ଼ିଲି, ସେବିଷୟରେ ଆଉ କାହାର କୌଣସି ପ୍ରଶ୍ନ ଅଛି କି ?

> ମାଆ, ଶେଷ ଅନୁଚ୍ଛେଦଟିରେ : "ତୁମ ଭିତରର ପ୍ରାଣୀଟିକୁ ତୁମେ ପରମ ଗୋପାଳରୂପେ ରୂପାନ୍ତରିତ କରିଦିଅ, ତୁମର ସବୁକିଛି କୃଷ୍ଣରେହିଁ ପରିଣତ ହୋଇଯାଉ ।"

ଅଚ୍ଛା, ସେଇଟି ହେଉଛି ଗୋଟିଏ ଉପମା ।

ଭିତରେ ରହିଥିବା ସେହି ପ୍ରାଣୀଟି,—ଅର୍ଥାତ୍ ଭୌତିକ ସତ୍ତାର ଯାବତୀୟ ସହଜାତ ପ୍ରବୃତ୍ତି, ଭୌତିକ ସତ୍ତାର ଯେତେଯାହା ଆବଶ୍ୟକତା ଓ ଯେତେଯାହା

'oaob.nitrkl.ac.in' images reprocessed

ଅଭୀପ୍ସତା, ଭୌତିକ ସତ୍ତାର ସକଳ ଆବେଗ ଏବଂ ସକଳ ଗତିଶୀଳତା, ଖାଦ୍ୟର ଆବଶ୍ୟକତା, ନିଦ୍ରାର ଆବଶ୍ୟକତା, କର୍ମରତ ହୋଇ ରହିବାର ଆବଶ୍ୟକତା, ବସ୍ତୁତଃ ସତ୍ତାର ପ୍ରାଣୀଗତ ଭାଗ କହିଲେ ଯାହାକିଛିକୁ ବୁଝାଇଥାଏ । ଏବଂ ତା'ପରେ ଶ୍ରୀଅରବିନ୍ଦ ଆମ ଆଗରେ କୃଷ୍ଣଙ୍କର ଉପମାଟିକୁ ଆଣି ରଖିଛନ୍ତି, ତାଙ୍କୁ ସେ ଗୋଧନ କୁଳର ପାଳକ ବା ଗୋପାଳ ବୋଲି ବର୍ଣ୍ଣନା କରିଛନ୍ତି । ଏହା ହେଉଛି ଗୋଟିଏ ଉପମା; ଏହାର ଅର୍ଥ ହେଉଛି ଯେ ଏହି ସ୍ଥିତିରେ ଦିବ୍ୟ ପରମଚେତନାହିଁ ଭୌତିକ ସତ୍ତାର ଯାବତୀୟ କ୍ରିୟାଶୀଳତାକୁ ଆପଣା ହାତକୁ ଗ୍ରହଣ କରିନିଏ ଏବଂ ମନୁଷ୍ୟ ମଧ୍ୟରେ ରହିଥିବା ପ୍ରାଣୀର ଯାବତୀୟ ଗତିସ୍ପନ୍ଦନକୁ ନିୟନ୍ତ୍ରଣ ଓ ଶାସନ କରେ, ତାହାର ସକଳ ପ୍ରକାର କ୍ରିୟା ଏବଂ ଆବଶ୍ୟକତାକୁ ନିୟନ୍ତ୍ରଣ ଓ ଶାସନ କରେ । ଶ୍ରୀଅରବିନ୍ଦ ଏଠାରେ ଭାରତୀୟ ପୁରାଣଶାସ୍ତ୍ରର ଚିତ୍ରକଳ୍ପଗୁଡ଼ିକୁ ବ୍ୟବହାର କରିଛନ୍ତି; ସେ କୃଷ୍ଣଙ୍କୁ ଦିବ୍ୟ ପରମସତ୍ତାର ପ୍ରତୀକରୂପେ ଗ୍ରହଣ କରିଛନ୍ତି । ଗୋଧନମାନଙ୍କୁ ମନୁଷ୍ୟ ମଧ୍ୟରେ ରହିଥିବା ପ୍ରାଣୀ-ପ୍ରବୃତ୍ତି ଓ ପ୍ରାଣୀଗତ ନାନା ପ୍ରୟୋଜନର ପ୍ରତୀକରୂପେ ବ୍ୟବହାର କରିଛନ୍ତି । ତେଣୁ, ପଲ ଭିତରେ ଥିବା ଗୋଟିଏ ପ୍ରାଣୀ ହୋଇ ନରହି ତୁମେ ନିଜକୁ ସେହି ପଲକୁ ଅଡ଼ାଇ ନେଉଥିବା ବ୍ୟକ୍ତିରେ ପରିଣତ କରିବ ଏବଂ ସେହି ପ୍ରବୃତ୍ତିଗୁଡ଼ିକୁ ପ୍ରାଣୀ ଉପରେ ପ୍ରଭୁତ୍ୱ କରିବାକୁ ଛାଡ଼ି ନଦେଇ ତାହା ସେଗୁଡ଼ିକୁ ସ୍ୱନିୟନ୍ତ୍ରଣରେ ରଖିପାରିବ ।... ମଣିଷ ବନ୍ଧନ ଭିତରେ ରହିଥାଏ; ସାଧାରଣ ଜୀବନକ୍ଷେତ୍ରରେ ମନୁଷ୍ୟ ଜଡ଼ଜୀବନର ଏହିସବୁ ନାନା କ୍ରିୟା ଏବଂ ତାହା ପ୍ରତିନିଧିତ୍ୱ କରୁଥିବା ଯାବତୀୟ ପ୍ରୟୋଜନର ପାଶ ଭିତରେ ବାନ୍ଧି ହୋଇ ରହିଥାଏ;—ଆହାର, ନିଦ୍ରା, କର୍ମ, ବିଶ୍ରାମ ପ୍ରଭୃତି ଯାବତୀୟ ପ୍ରୟୋଜନର ପାଶରେ ବାନ୍ଧି ହୋଇ ରହିଥାଏ; ଏବଂ, ଏକ ପ୍ରାଣୀ ହୋଇ ରହିବା ପରିବର୍ତ୍ତିରେ, ଅର୍ଥାତ୍ ଏହିସବୁ ସଂସ୍କାରର ଅଧୀନ ହୋଇ ରହିଥିବା ଏବଂ ସେଗୁଡ଼ିକ ପାଖରେ ନତମସ୍ତକ ହେବାକୁ ବାଧ୍ୟ ହେଉଥିବା ଏକ ପ୍ରାଣୀ ହୋଇ ରହିବା ପରିବର୍ତ୍ତେ, ଶ୍ରୀଅରବିନ୍ଦ ଯାହାକୁ କୃଷ୍ଣ ବୋଲି କହିଛନ୍ତି, ବ୍ୟକ୍ତି ସେହି ଗୋପାଳ ହୋଇ ପୁନର୍ଜନ୍ମ ଲାଭ କରେ । ଏଠାରେ କୃଷ୍ଣ କହିଲେ ସେହି ଦିବ୍ୟ ପରମସତ୍ତାଙ୍କୁ ବୁଝାଇବ, ଯିଏକି ସତ୍ତାର ଯାବତୀୟ ଗତିସ୍ପନ୍ଦନକୁ ଆପଣା ଅଧିକାରକୁ ନେଇଯାଆନ୍ତି ଏବଂ ସେଗୁଡ଼ିକୁ ଦିବ୍ୟ ପରମସତ୍ୟ ଅନୁସାରେ ବାଟ ଦେଖାଇ ନିଅନ୍ତି, ପରିଚାଳିତ କରି ନିଅନ୍ତି ।

ମାଆ, ଯେତେବେଳେ ଜଣେ ବ୍ୟକ୍ତି ବିଶ୍ୱବ୍ୟକ୍ତିତ୍ୱର ଅଧିକାରୀ ହୁଏ, ସେତେବେଳେ ତା'ର ତଥାପି ତା' ନିଜ ଏକକ ବ୍ୟକ୍ତିତ୍ୱଟିର ପ୍ରୟୋଜନ ଥାଏ କି ?

'oaob.nitrkl.ac.in' images reprocessed

ପ୍ରୟୋଜନ ?...ମୁଁ ବୁଝି ପାରୁ ନାହିଁ ।

ତାହା ଆଉ କି ପ୍ରୟୋଜନରେ ଆସେ ?

ମାତ୍ର ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱହିଁ ତ ଆପଣାକୁ ବିଶ୍ୱବ୍ୟକ୍ତିତ୍ୱରେ ରୂପାନ୍ତରିତ କରି ଦେଇଥାଏ । ଜଣେ ବ୍ୟକ୍ତି କହିଲେ ଆମେ ସାଧାରଣତଃ ଯାହା ବୁଝୁ, ସେହିପରି ଏକ ବ୍ୟକ୍ତିରୂପେ ନିଜକୁ ଅନୁଭବ କରିବା ପରିବର୍ତ୍ତେ,—ସାଧାରଣତଃ ବ୍ୟକ୍ତି ଯେପରି ସୀମାବଦ୍ଧ ଜଣେ ବ୍ୟକ୍ତି ହୋଇ ରହିଥାଏ, ଅନ୍ୟ କୋଟି କୋଟି ବ୍ୟକ୍ତିଙ୍କ ମଧ୍ୟରେ ନିଜେ ବି କ୍ଷୁଦ୍ର ବ୍ୟକ୍ତିଟିଏ ହୋଇ ରହିଥାଏ, ଏକ କ୍ଷୁଦ୍ର ବିଚ୍ଛିନ୍ନ ବ୍ୟକ୍ତିଟିଏ ହୋଇ ରହିଥାଏ, ସେପରି ଅନୁଭବ କରିବା ପରିବର୍ତ୍ତେ ଏହି ବିଚ୍ଛିନ୍ନ ଏକୁଟିଆ ବ୍ୟକ୍ତିଟି, ସମସ୍ତଙ୍କ ଭିତରେ ବାସ କରୁଥିବା ଏହି କ୍ଷୁଦ୍ର ବ୍ୟକ୍ତିଟି ବିଶ୍ୱବ୍ୟକ୍ତିତ୍ୱ ବିଷୟରେ ସଜ୍ଞାନତା ଲାଭ କରେ, ବିଶ୍ୱପୁରୁଷର ସଚେତନତା ଲାଭ କରେ ଏବଂ ସ୍ୱଭାବତଃ ଏକ ଦିବ୍ୟ ସତ୍ତାରେ ପରିଣତ ହୁଏ । ଏହା ହେଉଛି ଏକ ରୂପାନ୍ତର । ଏହି କ୍ଷେତ୍ରରେ ଗୋଟିଏ ବସ୍ତୁ ଆଉ ଗୋଟିଏ ବସ୍ତୁକୁ ରୂପାନ୍ତରିତ ହୋଇଯାଏ ।

ଏବଂ ଶ୍ରୀଅରବିନ୍ଦ ଏହାଦ୍ୱାରା ଏକଥା କହୁ ନାହାନ୍ତି ଯେ ବ୍ୟକ୍ତି ଆପଣାର ଶରୀରଟିକୁ ହରାଇବସେ, ସିଏ ଏଠାରେ ଶରୀର ବିଷୟରେ କିଛି କହୁ ନାହାନ୍ତି । ସିଏ ପ୍ରାଣିକ ଚେତନାର କଥା କହୁଛନ୍ତି, ମନୋଭୂମିଗତ ଚେତନାର କଥା କହୁଛନ୍ତି, ବିଚ୍ଛିନ୍ନ ବ୍ୟକ୍ତିତ୍ୱବୋଧ ବିଷୟରେ କହୁଛନ୍ତି । ଅରେ ଭାବି ଦେଖିଲ, ତୁମେ ହେଉଛ ଅନ୍ୟ ଅନେକଙ୍କ ମଧ୍ୟରେ ଜଣେ ବ୍ୟକ୍ତି, ନୁହେଁ କି ? ମାତ୍ର, କେବଳ ସେତିକି ହୋଇ ରହିବା ପରିବର୍ତ୍ତେ ତୁମେ ଅନୁଭବ କରୁଛ ଯେ ତୁମେ ହେଉଛ ଏକ ବିଶ୍ୱବ୍ୟକ୍ତିତ୍ୱ; ସେତେବେଳେ ବର୍ତ୍ତମାନ ତୁମ ଭିତରେ ରହିଥିବା ବିଭାଜନ ଏବଂ ବିଚ୍ଛିନ୍ନତାର ବୋଧଟି କୁଆଡ଼େ ଅନ୍ତର୍ହିତ ହୋଇଯାଉଛି, 'ଏହି ସୀମାବଦ୍ଧତା ମଧ୍ୟ ଅନ୍ତର୍ହିତ ହୋଇଯାଉଛି । ମାତ୍ର ତୁମେ ଶରୀର ଭିତରେ ଆଗରୁ ଯେପରି ଥିଲ, ଠିକ୍ ସେହିପରି ରହୁଛ, ତୁମ ଶରୀରଟିକୁ ହରାଇ ବସାଇବାକୁ ହେବ ବୋଲି ତୁମେ ଆଦୌ ବାଧ୍ୟ ହେଉ ନାହଁ, କାରଣ ଶରୀରର ବ୍ୟାପାର ହେଉଛି ଏକ ଅନ୍ୟ ବ୍ୟାପାର ।

ଏବଂ ସବା ଶେଷ ଅନୁଚ୍ଛେଦରେ ଯାଇ ସେ ଠିକ୍ ସେହି ଶରୀର ବିଷୟରେ କହୁଛନ୍ତି : "ତୁମ ଭିତରର ପ୍ରାଣୀଟିକୁ ଗୋଧନପଲର ଗୋପାଳରୂପେ ରୂପାନ୍ତରିତ କରିଦିଅ ।" ଜଣେ ଯେତେବେଳେ ଏକ ଦିବ୍ୟ ଚେତନାରେ ପରିଣତ ହୋଇ ଯାଉଛି, ଏକ ଦିବ୍ୟ ବ୍ୟକ୍ତିତ୍ୱରେ ପରିଣତ ହୋଇଯାଉଛି, ସେତେବେଳେ ସେ

'oaob.nitrkl.ac.in' images reprocessed

ଯାବତୀୟ ଦେହଗତ କ୍ରିୟାତ୍ମକତାର ବି ନାୟକ ହୋଇପାରୁଛି, କାରଣ ସେ ସେଗୁଡ଼ିକର ଊର୍ଦ୍ଧ୍ୱରେ ରହୁଛି; ସେ ଆଉ ଏହିସବୁ କ୍ରିୟାତ୍ମକତାର ବଶବର୍ତ୍ତୀ ହୋଇ ରହୁ ନାହିଁ, ସେଗୁଡ଼ିକର ଆଦୌ ଅଧୀନ ହୋଇ ରହୁ ନାହିଁ, ସେ ସେଗୁଡ଼ିକର ସ୍ୱାମୀ ହୋଇ ପାରୁଛି, ବ୍ୟକ୍ତିର ଚେତନାଠାରୁ ଏକ ମହତ୍ତର ଚେତନାର ଅଧିକାରୀ ହୋଇପାରୁଛି, ସେଇ କ୍ଷୁଦ୍ର, ବିଚ୍ଛିନ୍ନ ବ୍ୟକ୍ତିର ଚେତନାଠାରୁ ଏକ ବୃହତ୍ତର ଚେତନାର ଅଧିକାରୀ ହେଉଛି । ତା'ପରେ ସେହି ବ୍ୟକ୍ତି ଆଉଟିକିଏ ଅଧିକ ଆଗକୁ ମଧ୍ୟ ଯାଇପାରିବ ଏବଂ ଶରୀର ଏହିସବୁ ପ୍ରାଣୀସୁଲଭ ଆବଶ୍ୟକତାର ଅଧୀନ ହୋଇ ରହିବା ପରିବର୍ତ୍ତେ, ସେଗୁଡ଼ିକ ଉପରେ ସ୍ୱୟଂ ନିୟନ୍ତ୍ରଣକାରୀ ହୋଇ ରହିପାରିବ । ମାତ୍ର ଏହି ଦୁଇଟିଯାକ ଚେତନା ଦୁଇଟି ଭିନ୍ନ ଭିନ୍ନ ଚେତନା ନୁହେଁ, ଏହି କ୍ଷେତ୍ରରେ ଗୋଟିଏ ଚେତନାକୁ ଆଉ ଗୋଟିଏ ଚେତନା ଉପରେ ଆଦୌ ଲଦି ଦିଆ ଯାଇ ନାହିଁ; ସେହି ଗୋଟିଏ ଚେତନାହିଁ ଆଉ ଗୋଟିଏ ଚେତନାକୁ ରୂପାନ୍ତରିତ ହୋଇଯାଇଛି ।

(ପିଲାଟି ଆଡ଼କୁ ଅନାଇ) ମୋର ଭୟ ହେଉଛି ଯେ ସିଏ ଆଦୌ କିଛି ବୁଝି ପାରୁ ନାହିଁ । ସେଥିଲାଗି ଏକାବେଳକେ ହତଚକିତ ହୋଇ ମୋ ଆଡ଼କୁ ଅନାଇବାରେ ଲାଗିଛି !

ତୁମେମାନେ ବୋଧହୁଏ ଏକଥା ଖୁବ ଖୁବ ବିସ୍ମିତ ହୋଇ ଯାଉଥିବ ଯେ ଏପରି ଏକ ଶରୀର ଭିତରେ ତୁମେ ବର୍ତ୍ତମାନ ଯାହା ହୋଇ ରହିଛ, ତାହାଠାରୁ ପ୍ରକୃତରେ ଭିନ୍ନ କିଛି ହୋଇ ପାରିବ । ହଁ, ନିଶ୍ଚୟ ହୋଇପାରିବ ! (ମାଆ ହସି ହସି କହୁଥାନ୍ତି) ଏପରି ଏକ ଘଟଣା ନିଶ୍ଚୟ ଘଟିପାରିବ !

(ମାଆ ନୀରବ ରହିଲେ)

(ମାଆ କେତୋଟି ଲିଖିତ ପ୍ରଶ୍ନ ଆଡ଼କୁ ଅନାଇ ଦେଖିଲେ) ଏଠାରେ ତୁମ ପ୍ରଶ୍ନର ଠିକ୍ ଅନୁପୂରକ ଆଉଗୋଟିଏ ପ୍ରଶ୍ନ ରହିଛି । ମୋତେ ପଚରା ଯାଇଛି :

"ଏକ ବିଶ୍ୱବ୍ୟକ୍ତିତ୍ୱର ବିଶିଷ୍ଟ ଲକ୍ଷଣସବୁ କ'ଣ ?"

ଚେତନାର ପରିବର୍ତ୍ତନକୁହିଁ ଆମେ ପ୍ରକୃତରେ ସବୁଠାରୁ ଅଧିକ ବିଶିଷ୍ଟ ଲକ୍ଷଣ ବୋଲି କହିବା । ଆପଣାକୁ ଏକ କ୍ଷୁଦ୍ର, ବିଚ୍ଛିନ୍ନ ଓ ଅନ୍ୟମାନଙ୍କଠାରୁ ଅଲଗା ହୋଇ ରହିଥିବା ବ୍ୟକ୍ତି ବୋଲି ନଭାବି ଆମେ ଯେତେବେଳେ ନିଜକୁ ଜଣେ ବିଶ୍ୱ-ବ୍ୟକ୍ତି ବୋଲି ଅନୁଭବ କରିବା, ଆମରି ଭିତରେ ଅନ୍ୟ ସମସ୍ତେ ଅନ୍ତର୍ଭୁକ୍ତ ହୋଇ ରହିଛନ୍ତି ଏବଂ ଆମେ ଅତ୍ୟନ୍ତ ଘନିଷ୍ଠ ଭାବରେ ସମସ୍ତଙ୍କ ସହିତ ଏକତାବଦ୍ଧ ଓ ଏକାତ୍ମକ ହୋଇ ରହିଛୁ ବୋଲି ଅନୁଭବ କରିବା ।

'oaob.nitrkl.ac.in' images reprocessed

ଏବଂ ମୋତେ ପୁଣି ପଚରା ଯାଇଛି :

"ଏହି ବିଶ୍ୱ-ବ୍ୟକ୍ତି କଥା କିପରି କହେ, ନିଜକୁ କ୍ରିୟାନ୍ୱିତ କରେ କିପରି ?"

କିପରି କଥା କହେ ?···ପ୍ରଶ୍ନଟି ଆଦୌ ଉଚିତ ଭାବରେ ପଚରା ହୋଇ ପାରିନି ନାହିଁ, କାରଣ ସେ କିପରି କଥା କହେ ବୋଲି ଯଦି ତୁମେ ପଚାରିବ, ତେବେ ତା'ର ସରଳ ଉତ୍ତର ହେବ ଯେ ଅନ୍ୟମାନେ ଯେପରି କଥା କହୁଛନ୍ତି, ସିଏ ମଧ୍ୟ ସେହିପରି କଥା କହେ, ତା'ର ନିଜ ସ୍ୱରରେ କଥା କହେ, ତା'ର ଜିହ୍ୱା, ମୁଖର ସାହାଯ୍ୟରେ ତା'ର ନିଜର ଶବ୍ଦଗୁଡ଼ିକୁ ପ୍ରୟୋଗ କରି ସେ କଥା କହେ ! ସିଏ ଯାହାକିଛି କହେ, ସେହି କଥାର ସ୍ୱଭାବ କ'ଣ ବୋଲି ଯଦି ତୁମେ ପଚାରି ଥାଆନ୍ତ,···ସ୍ପଷ୍ଟତଃ, ସିଏ ଯେଉଁ ଚେତନାର ସ୍ଥିତିରେ ବାସ କରୁଛି, ଯଦି ସେ ସେହି ସ୍ଥିତିଟିକୁହିଁ ଆପଣାର କଥା ଦ୍ୱାରା ବ୍ୟକ୍ତ କରୁଥାଏ, ତେବେ ଉତ୍ତରରେ କୁହାଯିବ ଯେ ସିଏ ଚେତନାର ଏକ ବିଶ୍ୱାତ୍ମକ ସ୍ଥିତିକୁହିଁ ଅଭିବ୍ୟକ୍ତ କରି ଦେଉଥାଏ, ଏବଂ ସାଧାରଣ ମନୁଷ୍ୟମାନଙ୍କର ତୁଳନାରେ ଏକ ଭିନ୍ନ ଗୋଟିରେହିଁ ବସ୍ତୁଗୁଡ଼ିକୁ ପ୍ରତ୍ୟକ୍ଷ କରୁଥିବାରୁ, ସିଏ ସେଗୁଡ଼ିକୁ ଭିନ୍ନ ଭାବରେ ବ୍ୟକ୍ତ ବି କରୁଥାଏ; ଆପେ ଯେପରି ଦେଖେ ଓ ଅନୁଭବ କରେ, ସେହି ଅନୁସାରେ ସେଗୁଡ଼ିକୁ ବ୍ୟକ୍ତ କରୁଥାଏ । ଏବଂ ତା'ର କ୍ରିୟାକଳାପ ବିଷୟରେ କହିବାକୁ ଗଲେ· ·ଯଦି ତା' ସତ୍ତାର ସବୁଯାକ ଭାଗ ସମସ୍ତସତ୍ତାଯୁକ୍ତ ହୋଇ ରହିଥାନ୍ତି, ତେବେ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ତା'ର କ୍ରିୟାଗୁଡ଼ିକ ମଧ୍ୟ ତା' ଚେତନାର ସ୍ଥିତିଟିକୁହିଁ ବ୍ୟକ୍ତ କରି ଦେଉଥିବ ।

ପୁନଶ୍ଚ, ଏପରି କେତେକ ଲୋକ ଅଛନ୍ତି, ଯେଉଁମାନଙ୍କର ସତ୍ତାର ଗୋଟିଏ ଭାଗରେ ନାନା ମୀମାଂସକ ଅନୁଭୂତିମାନ ଉପଲବ୍ଧ ହେଉଥାଏ ସତ, ମାତ୍ର ସେଗୁଡ଼ିକୁ ଅନିବାର୍ଯ୍ୟ ଭାବରେ ସେମାନଙ୍କ ସତ୍ତାର ଅନ୍ୟାନ୍ୟ ଭାଗରେ ଉଲୁଟାଇ ଦେଇ ହୁଏ ନାହିଁ, ଅନ୍ତତଃ ସଙ୍ଗେ ସଙ୍ଗେ ସେପରି କଦାପି ହୋଇ ନଥାଏ । ହଁ, ଏକଥା ସମ୍ଭବ ଯେ, ସାଧନା, ଏକେନ୍ଦ୍ରଣ ବା କରୁଣାଲାଭ ଦ୍ୱାରା କୌଣସି ବ୍ୟକ୍ତି ହୁଏତ ଏକ ବିଶ୍ୱ-ବ୍ୟକ୍ତିତ୍ୱର ଚେତନା ଲାଭ କରିଥାଏ, ମାତ୍ର ସେ ତଥାପି ତା'ର ଭୌତିକ ଜୀବନର କ୍ଷେତ୍ରରେ ସେହିପରି ସାଧାରଣ ଓ ବୈଶିଷ୍ଟ୍ୟହୀନ ଭାବରେ କାର୍ଯ୍ୟ କରିବାରେ ଲାଗିଥାଏ, କାରଣ, ସିଏ ଆପଣାର ସମଗ୍ର ସତ୍ତାକୁ ଗୋଟିଏ ସତ୍ତାରେ ପରିଣତ କରି ରଖିବାକୁ ଯଥେଷ୍ଟ ଯତ୍ନଶୀଳ ହୋଇ ନଥାଏ, ଏବଂ ତେଣୁ, ତା' ସତ୍ତାର ଗୋଟିଏ

'oaob.nitrkl.ac.in' images reprocessed

ଅଂଶ ଅର୍ଦ୍ଧଚେତନ ହୋଇ ପାରିଥିଲେ ମଧ୍ୟ, ସିଏ ଯେମିତି ଖାଇବାକୁ, ଶୋଇବାକୁ, ଚାଲିବାକୁ ବା କାର୍ଯ୍ୟ କରିବାକୁ ଆରମ୍ଭ କରେ, ସେ ସେଗୁଡ଼ାକୁ ଠିକ୍ ଅନ୍ୟ ଯେକୌଣସି ମନୁଷ୍ୟ-ପ୍ରାଣୀ ପରି କରିବାରେ ଲାଗିଥାଏ । ଏପରି ଘଟଣା ଅବଶ୍ୟ ଘଟେ । ତେଣୁ, ଏଇଟି ମଧ୍ୟ ସେହିପରି ଏକ ବ୍ୟକ୍ତିଗତ ବ୍ୟାପାର, ଏକଥାଟି ପ୍ରତ୍ୟେକ ବ୍ୟକ୍ତି ଉପରେ ନିର୍ଭର କରୁଥାଏ, ସିଏ ବିକାଶର କେଉଁ ସ୍ତରରେ ରହିଛି, ତାହାରି ଉପରେ ନିର୍ଭର କରେ ।

ମାତ୍ର ଯଦି କୌଣସି ବ୍ୟକ୍ତି ଉଚିତ ଯତ୍ନ ସହକାରେ ନିଜର ସତ୍ତାକୁ ଏକତ୍ରି-ବଦ୍ଧ କରି ରଖିଥାଏ, କେନ୍ଦ୍ରସ୍ଥ ସତ୍ୟଟି ସହିତ ଯଦି ସେ ସତ୍ତାର ସବୁଯାକ ଭାଗକୁ ଏକାତ୍ମକ କରି ରଖି ପାରିଥାଏ, ତେବେ ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ ତା'ର କାର୍ଯ୍ୟରେ କୌଣସି ଅହଂସଚେତନତାର ଲେଶମାତ୍ର ହିଁ ନଥିବ, ସିଏ ଅନ୍ୟମାନଙ୍କ ବିଷୟରେ ମଧ୍ୟ ସମୁଚିତ ବୋଧ ରଖିଥିବ, ଅନ୍ୟମାନଙ୍କ ସହିତ ଏକାତ୍ମତା ଅର୍ଜନ କରିହିଁ ସିଏ ସେହି ବୋଧଶକ୍ତିର ଅଧିକାରୀ ହୋଇଥିବ,—ଏବଂ ତେଣୁ ତା'ର କାର୍ଯ୍ୟ ଠିକ୍ ଜଣେ ତପସ୍ୱୀର କାର୍ଯ୍ୟ ପରିହିଁ ହେବ । ମାତ୍ର କେନ୍ଦ୍ର ଚେତନାଟିର ଚତୁର୍ଦ୍ଦିଗରେ ଆପଣାର ସମଗ୍ର ସତ୍ତାଟିକୁ ଏକଠୁଳ କରି ରଖିବାରେ ସିଏ ପ୍ରକୃତରେ ଯେତିକି ଯତ୍ନବାନ୍ ହୋଇଥିବ, ସବୁକିଛି ତାହାରି ଉପରେହିଁ ନିର୍ଭର କରିବ ।

ଉଦାହରଣସ୍ୱରୂପ, ଏଠାରେ ସବୁଠାରୁ ଅଧିକ ପ୍ରତ୍ୟକ୍ଷ ଭାବରେ ଭୌତିକ ସ୍ତରର ହୋଇ ରହିଥିବା ଦୁଇଟି କଥା, ଆହାର ଏବଂ ନିଦ୍ରା କଥା ବିଚାର କରାଯାଉ । ଏକଥା ବେଶ୍ ସମ୍ଭବ ଯେ, ଯଦି ସଂପୃକ୍ତ ବ୍ୟକ୍ତି ସେହି ନୂତନ ଚେତନାଟିକୁ ଆପଣାର ଶରୀର ମଧ୍ୟକୁ ପ୍ରେରିତ କରି ଆଣିବାରେ ଯଥେଷ୍ଟ ଯତ୍ନଶୀଳ ହୋଇ ନାହିଁ, ତେବେ ଆହାର ଏବଂ ନିଦ୍ରା ପ୍ରତି ରହିଥିବା ତା'ର ଆବଶ୍ୟକତା ପ୍ରାୟ ଠିକ୍ ସେହିପରି ହୋଇ ରହିଥିବ ଏବଂ ସେ ସେଗୁଡ଼ିକ ଉପରେ ଆଦୌ ଖୁବ୍ ବେଶୀ ନିୟନ୍ତ୍ରଣ ରଖି ପାରିବ ନାହିଁ । ଅନ୍ୟ ପକ୍ଷରେ, ଯଦି ସେ ଉଚିତ ଭାବରେ ଯତ୍ନଶୀଳ ହୋଇ ଆପଣାର ସତ୍ତାଟିକୁ ଏକତ୍ରିବଦ୍ଧ କରି ରଖିଥିବ ଏବଂ ଆପଣାର ଚେତନାକୁ ତା'ର ଶରୀରକୁ ଗଠିତ କରିଥିବା ଉପାଦାନଗୁଡ଼ିକ ମଧ୍ୟକୁ ପ୍ରେରିତ କରିଆଣି ପାରିଥିବ, ତେବେ, ତା'ର ନିଦ୍ରା ଏକ ଚେତନାଯୁକ୍ତ ବିଶ୍ରାମମୟ ନିଦ୍ରାରେ ପରିଣତ ହୋଇଥିବ, ଏଠାରେ ବା ଆଉ କେଉଁଠାରେ କ'ଣସବୁ ଘଟୁଛି, ସେହି କଥାଟିକୁ ସିଏ ଆପଣାର ଇଚ୍ଛାନୁସାରେ ଜାଣି ପାରିବ, ନିଜ ଭିତରେ ବା ଅନ୍ୟ ବ୍ୟକ୍ତି ମଧ୍ୟରେ, ବିଶ୍ୱର ଏହି କୋଣରେ ଅଥବା ଅନ୍ୟ କୌଣସି କୋଣରେ ଯାହା ଘଟୁଛି, ସେ ସେଗୁଡ଼ିକ ସବୁକିଛିକୁ ଜାଣି ପାରୁଥିବ । ଏବଂ ଏକ ବିଶ୍ରାମମୟ ଚେତନା ହୋଇଥିବାରୁ ତା'ର ଚେତନା ସ୍ୱଭାବତଃ ତାକୁ ସିଏ ଜାଣିବାକୁ ଇଚ୍ଛା କରୁଥିବା ଯାବତୀୟ ବସ୍ତୁ ସହିତ ଖିଅ ଲଗାଇ ରଖି ପାରୁଥିବ । ଏକ ଅଚେତନ ଏବଂ

'oaob.nitrkl.ac.in' images reprocessed

ଉପଯୋଗିତାହୀନ ନିଦ୍ରା ପରିବର୍ତ୍ତେ ସିଏ ଏକ ସୃଜନକ୍ଷମ ଏବଂ ସଚେତନ ନିଦ୍ରାର ଅଧିକାରୀ ହୋଇ ପାରିବ। ବାହାରୁ, ଶୁଦ୍ଧ ଭୌତିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଅବଶ୍ୟ ସିଏ ଅନ୍ୟମାନଙ୍କ ଭଳି ନିଶ୍ଚୟ ସେହି ଏକାପରି ନିଦ୍ ଶୋଉଥିବ।

ଆହାର ଗ୍ରହଣ ବେଳକୁ ମଧ୍ୟ ସେହି ଗୋଟିଏ କଥା ଘଟିବ । ଆପଣା ଆବଶ୍ୟକତାଗୁଡ଼ିକର ଏକ ଦାସ ହୋଇ ନରହି, ତା'ର ପ୍ରକୃତରେ ଯାହାକିଛି ଦରକାର, ସେହି ବିଷୟରେ ପ୍ରାୟ ଗୋଟାସୁଦ୍ଧା ଅଜ୍ଞାନ ହୋଇ ନରହି ସିଏ ସମ୍ପୂର୍ଣ୍ଣ ଭାବରେ ସଚେତନ ରହିଥିବ; ଆପଣା ଶରୀରର ଆବଶ୍ୟକତାଗୁଡ଼ିକ ବିଷୟରେ ଏବଂ ଏକାଧାରରେ ସେଗୁଡ଼ିକୁ ପରିଶାସିତ କରି ରଖିବାର ଉପାୟଗୁଡ଼ିକ ବିଷୟରେ ସେ ସଚେତନ ହୋଇ ରହିଥିବ । ଆପଣାର ଆବଶ୍ୟକତାଗୁଡ଼ିକ ଉପରେ ସେ ନିୟନ୍ତ୍ରଣ ରଖିପାରିବ, ସେଗୁଡ଼ିକୁ ଶାସନ କରି ପାରୁଥିବ, ସିଏ ଯାହା କରିବ ବୋଲି ଇଚ୍ଛା କରୁଛି, ତାହାରି ଅନୁସାରେ ସେଗୁଡ଼ିକୁ ରୂପାନ୍ତରିତ କରିଦେଇ ପାରିବ ।

ମାତ୍ର ଏଥିଲାଗି ଆପଣା ଉପରେ ଅନେକ ପ୍ରଭୁତ୍ୱଶକ୍ତି ରହିଥିବା ଦରକାର; ଏବଂ ସର୍ବଶେଷ ଅନୁଚ୍ଛେଦରେ ଶ୍ରୀଅରବିନ୍ଦ ଯେଉଁ କଥାଟିର ଉଲ୍ଲେଖ କରିଛନ୍ତି, ସେଇଟିର ମଧ୍ୟ ଉପଲବ୍ଧି ହୋଇପାରିଥିବା ଦରକାର । ଅର୍ଥାତ୍, ନିମ୍ନଭାଗରେ ପଡ଼ି ନରହି, ପ୍ରକୃତିର ନିୟମଗୁଡ଼ିକର ଅଧୀନ ହୋଇ ନରହି, ଏହିସବୁ ନିୟମ ଓ ବିଧାନ ଦ୍ୱାରା ପରିଚାଳିତ ନହୋଇ ଓ ସେଗୁଡ଼ିକ ପାଖରେ ମୁଣ୍ଡ ନୁଆଁଇବାକୁ ଆଦୌ ବାଧ୍ୟ ନହୋଇ, ସେଗୁଡ଼ିକର ବଶବର୍ତ୍ତୀ ହୋଇ ନରହିଲେ ଭାରସାମ୍ୟଗୁଡ଼ିକ ସମ୍ପୂର୍ଣ୍ଣରୂପେ ନଷ୍ଟ ହୋଇଯିବ ବୋଲି କୌଣସି ଆଶଙ୍କା ନକରି ଆମେ ସ୍ୱୟଂ ପ୍ରଭୁ ହୋଇ ରହୁ, ଏହିସବୁ ବସ୍ତୁଗୁଡ଼ିକୁ ଊର୍ଦ୍ଧ୍ୱରୁ ଦେଖିବାକୁ ସମର୍ଥ ହେଉ, ଏହିସବୁ ବସ୍ତୁର ଯଥାର୍ଥ ସତ୍ୟଟି ବିଷୟରେ ଅବହିତ ହେଉ ଏବଂ ତାହାକୁ ଶରୀର ଉପରେ ଆଣି ପ୍ରୟୋଗ କରିବାକୁ ସମର୍ଥ ହେଉ; ଏବଂ ଶରୀର ମଧ୍ୟ ସାଧାରଣତଃ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନହୋଇ ତାହାକୁ ସ୍ୱୀକାର କରିନିଏ ।

ଏହି ବିଷୟରେ ଆଉକିଛି ପଚାରିବାକୁ ଅଛି ?

ମାଆ, "ଶୃଙ୍ଖଳାବଦ୍ଧ ସମ୍ବୋଧି" କହିଲେ ପ୍ରକୃତରେ କ'ଣ ବୁଝାଏ ? ("ବୁଦ୍ଧିକୁ ଶୃଙ୍ଖଳାବଦ୍ଧ ସମ୍ବୋଧିରେ ରୂପାନ୍ତରିତ କରିବାକୁ ହେବ ।")

ଶୃଙ୍ଖଳାବଦ୍ଧ ସମ୍ବୋଧି···କାରଣ, ପ୍ରାରମ୍ଭିକ ପର୍ଯ୍ୟାୟରେ, ଯେତେବେଳେ ଆମେ ସମ୍ବୋଧିର ରାଜ୍ୟ ସହିତ ସମ୍ପର୍କ ସ୍ଥାପନ କରୁ, ଏହା ପ୍ରକୃତରେ ଏକ

'oaob.nitrkl.ac.in' images reprocessed

ଅନିୟମିତ ସମ୍ପର୍କ ହୋଇ ରହିଥାଏ । ଅର୍ଥାତ୍, ବିଭିନ୍ନ ସମୟରେ, ଅଳ୍ପ ବା ବହୁତ ପରିମାଣରେ ବ୍ୟାଖ୍ୟା କରାଯାଇ ପାରୁଥିବା ବା ସଚେତନ କାରଣବଶତଃ, ସେତେବେଳେ କାହାର ହୁଏତ ହଠାତ୍ ଏକ ସମ୍ବୋଧିର ଅବସ୍ଥା ପ୍ରାପ୍ତ ହୋଇ ଯାଇଥାଏ ବା ସମ୍ବୋଧିର ଏକ ସ୍ୱଭାବାବସ୍ଥା ତାହାକୁ ଅଧିକାର କରିନିଏ । ମାତ୍ର ଏଥିରେ ଆଦୌ କୌଣସି ପଦ୍ଧତି ନଥାଏ, ସେତେବେଳେ ସେ ବ୍ୟାପାରଟି ଆଦୌ ସେହି ବ୍ୟକ୍ତିର ଇଚ୍ଛାନୁସାରେ ଘଟେ ନାହିଁ, ସେତେବେଳେ ସେଥିରେ କୌଣସି ସଂଗଠନ ନଥାଏ ଅଥବା ତାହା କୌଣସି କେନ୍ଦ୍ରସ୍ଥ ଇଚ୍ଛାର ବୋଲ ବି ମାନୁ ନଥାଏ । ମାତ୍ର ଶ୍ରୀଅରବିନ୍ଦ କହୁଛନ୍ତି ଯେ, ଯଦି ଆମର ସମୁଦାୟ ବୁଦ୍ଧିସାମର୍ଥ୍ୟରେ ଏକ ରୂପାନ୍ତର ସଂଘଟିତ ହୋଇଯିବ,—ତୁମେମାନେ ମନେ ରଖିଥାଅ, ସିଏ ରୂପାନ୍ତରର କଥାହିଁ କହୁଛନ୍ତି, ଯଦି ଆମର ବୁଦ୍ଧିକୁ ଆମେ ସମ୍ବୋଧିର ଅସଲ ମର୍ମ ଓ ଉପାଦାନଟି ରୂପରେ ରୂପାନ୍ତରିତ କରିଦେଇ ପାରିବା, ତେବେ ଅନ୍ତର୍ଗତ ମନର ସମସ୍ତ ଅନ୍ତର୍ଗତ ଗତିସ୍ପନ୍ଦନଟି ସଂବୋଧିରହିଁ ଏକ ଗତିସ୍ପନ୍ଦନରେ ପରିଣତ ହେବ, ତାହା ଠିକ୍ ବୁଦ୍ଧି ପରି ସଂଗଠିତ ହୋଇ ରହିଥିବ, ଅର୍ଥାତ୍, ତାହା ଆମର ଆବଶ୍ୟକତା ଓ ଇଚ୍ଛା ଅନୁସାରେ ସକ୍ରିୟ ହୋଇ ପାରୁଥିବ, ସକଳ ପ୍ରୟୋଜନର ଜବାବ ଦେଇ ପାରୁଥିବ ଏବଂ ଏକ ଶୃଙ୍ଖଳାବଦ୍ଧ ପଦ୍ଧତି ଅନୁସାରେ ତାହା ସମ୍ଭବ ହୋଇ ପାରୁଥିବ । ସେତେବେଳେ ତାହା ଆଦୌ ଏପରି ଏକ ବସ୍ତୁ ହୋଇ ରହିବ ନାହିଁ ଯେ ତାହା କେତେବେଳେ ଆବିର୍ଭୂତ ହେଉଥିବ ଓ ପୁଣି କେତେବେଳେ ଅନ୍ତର୍ହିତ ହୋଇ ଯାଉଥିବ ଓ ଆମେ ତା'ର କିପରି ଓ କାହିଁକି ବିଷୟରେ ଆଦୌ କିଛିହେଲେ ଜାଣି ପାରୁ ନଥିବା । ଆମର ବୁଦ୍ଧିରେ ଏକ ରୂପାନ୍ତର ଘଟିଥିବାରୁହିଁ ସେପରି ହେବା ସମ୍ଭବ ହେବ; ବୁଦ୍ଧି ହେଉଛି ମନୋରାଜ୍ୟର ଏକ ଉଚ୍ଚତର ଭାଗ ଓ ଉଚ୍ଚତର ସାମର୍ଥ୍ୟ ଏବଂ ତାହାହିଁ ମାନସିକ ଆଲୋକଠାରୁ ଉଚ୍ଚତର ଆଉ ଏକ ଆଲୋକରେ ରୂପାନ୍ତରିତ ହୋଇଯିବ, ସଂବୋଧିର ଏକ ଆଲୋକରେ ରୂପାନ୍ତରିତ ହୋଇଯିବ । ତେଣୁ ତାହା ଶୃଙ୍ଖଳାବଦ୍ଧ ହୋଇଯିବ, ଆଗପରି ଆଉ ମୋଟେ ଅନିୟମିତ ଏବଂ ଅସଂବଦ୍ଧ ହୋଇ ରହୁ ନଥିବ ।

ଶ୍ରୀ ଅରବିନ୍ଦ ଆଲୋଚନା ଚକ୍ର

'oaob.nitrkl.ac.in' images reprocessed

## ୧୨ ଡିସେମ୍ବର ୧୯୫୬

ଆଜ ଆମେ ସିଧା ସବୁଠାରୁ ଅଧିକ କଷ୍ଟକର ଏକ ବିଷୟ ଭିତରେ ପ୍ରବେଶ କରିବା । ମୁଁ ଭାବୁଛି ଏହି ଗୋଟିଏ ଅନୁଚ୍ଛେଦହିଁ ଏହି ସନ୍ଧ୍ୟା ପାଇଁ ଯଥେଷ୍ଟ ହୋଇଯିବ :

"ବର୍ତ୍ତମାନ ମୁଁ ଯାହା କରି ପାରୁ ନାହିଁ, ତାହା ହେଉଛି, ମୁଁ ଏହାପରେ ଯାହା କରିବି, ତାହାର ସଙ୍କେତ । ଅସମ୍ଭବତାର ବୋଧକୁ ଆମେ ସକଳ ସମ୍ଭାବନାର ଆରମ୍ଭ ବୋଲିହିଁ କହିବା । କାଳଗତ ଏହି ବିଶ୍ୱ ମଧ୍ୟ ଏକ ବିରୋଧାଭାସ ଏବଂ ଏକ ଅସମ୍ଭବତା ହୋଇ ରହିଥିଲା, ତେଣୁ ଶାଶ୍ୱତ ପରମ ପୁରୁଷ ତାହାକୁ ଆପଣାର ସତ୍ତା ମଧ୍ୟରୁହିଁ ସୃଷ୍ଟି କରି ଆଣିଲେ ।"

ବିଚାର ଓ ଚକ୍ରାକାର, ଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ, ପୃଷ୍ଠା-୩୭୮

ଏହି କଥାଟି ତୁମକୁ କାହିଁକି ବିରୋଧାଭାସପୂର୍ଣ୍ଣ ବୋଲି ବୋଧ ହୋଇଥାଏ, ତୁମେ ସେକଥା ଜାଣିଛ ? ଏହାର ସହଜ କାରଣ ହେଉଛି ଯେ ଶ୍ରୀଅରବିନ୍ଦ ଏଠାରେ ବିଚାରର କୌଣସି ନିର୍ଦ୍ଦେଶକ ଚିହ୍ନ ନରଖି ଏହି କଥାଟିକୁ କହୁଛନ୍ତି, ଏଠାରେ ସେ ଆମକୁ ପାଦ ପାଦ କରି ଗୋଟିଏ ବିଚାରରୁ ଆଉ ଗୋଟିଏ ବିଚାର ମଧ୍ୟକୁ ନେଇଯାଇ ନାହାନ୍ତି । ଏଥିରେ ଆଦୌ ଆଉ କୌଣସି ଅସୁବିଧା ନାହିଁ । କଥାଟି ପ୍ରାୟ ପ୍ରାଥମିକସ୍ତରୀୟ ପରି ସରଳ ।

ଏବଂ ବର୍ତ୍ତମାନ ମୁଁ ତୁମମାନଙ୍କୁ ଗୋଟିଏ ପ୍ରଶ୍ନ ପଚାରିବି—ମାତ୍ର ବସ୍ତୁତଃ ମୁଁ ତୁମଠାରୁ ଏହାର ଆଦୌ କୌଣସି ଉତ୍ତର ଆଶା କରିବି ନାହିଁ,—ଗୋଟିଏ ସରଳ କଥା ତୁମମାନଙ୍କୁ କହିବାକୁହିଁ ପ୍ରଶ୍ନଟିକୁ ପଚାରିବି : କୌଣସି କଥା ତୁମକୁ ପ୍ରକୃତରେ କେତେବେଳେ ଅସମ୍ଭବ ମନେହୁଏ ?—ଯେତେବେଳେ ତୁମେ ସେଇଟିକୁ କରିବା ଲାଗି ଚେଷ୍ଟା କର । ସେଇଟିକୁ କରିବା ଲାଗି ଯଦି ତୁମେ କୌଣସି ଚେଷ୍ଟା କରି ନଥାନ୍ତ, ତେବେ ତାହା ତୁମକୁ କଦାପି ଅସମ୍ଭବ ବୋଲି ବୋଧ ହୋଇ ନଥାନ୍ତା ।

ମାତ୍ର ଏପରି କିପରି ହେଲା ଯେ ତୁମେ ସେଇଟିକୁ କରିବା ପାଇଁ ଚେଷ୍ଟା କଲ ?—କାରଣ ସେଇଟି ତୁମର ଚେତନା ଭିତରେ କୌଣସି ଏକ ସ୍ଥାନରେ ଅବସ୍ଥିତ ହୋଇ ରହିଥିଲା । ଯଦି ତାହା ତୁମ ଚେତନା ଭିତରେ ଆଦୌ କେଉଁଠି

'oaob.nitrkl.ac.in' images reprocessed

ହେଲେ ନଥାନ୍ତି, ତେବେ ସେଇଟିକୁ କରିବା ଲାଗି ତୁମେ ପ୍ରକୃତରେ କୌଣସି ଚେଷ୍ଟା କରି ନଥାନ୍ତି । ଏବଂ, ଯେଉଁ ମୁହୂର୍ତ୍ତରେ ତାହା ତୁମର ଚେତନା ମଧ୍ୟରେ ଆସି ଅବସ୍ଥାନ କଲା, ସେହି ମୁହୂର୍ତ୍ତରୁ ତାହା ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇ ରହିଲା ଯେ ତୁମେ ସେଇଟିକୁ ଅବଶ୍ୟ ଉପଲବ୍ଧି କରିବ । ଯାହା ତୁମର ଚେତନା ଭିତରେ ନାହିଁ, କେବଳ ତାହାହିଁ ତୁମ ଉପଲବ୍ଧିର ମଧ୍ୟ ବାହାର ହୋଇ ରହୁଛି । ଏଇ କଥାଟି ପ୍ରକୃତରେ ଏତେ ବେଶୀ ସରଳ !

କେବଳ, କଥାଟିକୁ ତୁମମାନଙ୍କୁ ଏପରି ଭାବରେ ନକହି ଶ୍ରୀଅରବିନ୍ଦ ତାହାକୁ ଏପରି ଅନ୍ୟ ଭାବରେ କହିଛନ୍ତି ଯାହାକି ତୁମର ଭାବନାକୁ ଉଦ୍‌ପ୍ରେରିତ କରି ଆଣିପାରିବ । ବିରୋଧାଭାସମାନେ ପ୍ରକୃତରେ ତାହାହିଁ କରିଥାନ୍ତି, ସେଗୁଡ଼ିକ ତୁମକୁ ଭାବିବା ଲାଗି ବାଧ୍ୟ କରନ୍ତି ।

ତେବେ, ମାଆ, "ଅସମ୍ଭବ" କହିଲେ ପୁଣି କେଉଁ ବିଷୟକୁ ବୁଝାଇବ ?

ସଂସାରରେ ଅସମ୍ଭବ ବୋଲି କିଛି ନାହିଁ; ଯାହା ତୁମ ଚେତନାର ବାହାରେ ରହୁଛି, କେବଳ ତାହାହିଁ ଅସମ୍ଭବ । ଏବଂ ତୁମର ଚେତନା ବୃଦ୍ଧି ପାଉଥିବା ସଙ୍ଗେ ସଙ୍ଗେ, ଯାହା ଆଜି ତୁମର ଚେତନା ଭିତରେ ନାହିଁ, କିଛି ସମୟ ପରେ ତାହା ତୁମ ଚେତନା ଭିତରେ ସ୍ଥାନ ପାଇବ ବୋଲି ପୂର୍ଣ୍ଣ ସମ୍ଭାବନା ରହିଥିବାରୁ,—କାରଣ ଚେତନା ଆଜି ଯେତିକି ରହୁଛି, କାଲି ତାହାଠାରୁ ନିଶ୍ଚୟ ଅଧିକ ପ୍ରଶସ୍ତ ହୋଇପାରିବ,—ଏକଥାଟି ଅତ୍ୟନ୍ତ ସ୍ପଷ୍ଟ ଯେ କାଳର ଶାଶ୍ୱତତା ମଧ୍ୟରେ କିଛିହେଲେ ଆଉ ଅସମ୍ଭବ ହୋଇ ରହିବ ନାହିଁ ।

ବର୍ତ୍ତମାନର ଏହି ମୁହୂର୍ତ୍ତଟିରେ,—ଆଗରୁ ମଧ୍ୟ ଥରେ ମୁଁ ତୁମମାନଙ୍କୁ ଏହି କଥାଟିକୁ ବୁଝାଇ ଦେଇଛି,—ବର୍ତ୍ତମାନର ଏହି ମୁହୂର୍ତ୍ତଟିରେ, କୌଣସି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ, କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ନିଶ୍ଚୟ କେତେକ ବିଷୟ ଅସମ୍ଭବ ହୋଇ ରହୁଛି । ମାତ୍ର ଶାଶ୍ୱତତାର ଦୃଷ୍ଟିଭୂମି ଉପରେ ଶାଶ୍ୱତ ଅନନ୍ତକାଳ ମଧ୍ୟରେ ଆଦୌ କିଛି, କିଛିହେଲେ ଅସମ୍ଭବ ହୋଇ ରହି ନାହିଁ । ଏବଂ ଆମକୁ ଯେତିକି ପ୍ରମାଣ ମିଳୁଛି, ସେଥିରୁ ମଧ୍ୟ ସ୍ପଷ୍ଟ ହୋଇଯାଉଛି ଯେ ପ୍ରତ୍ୟେକ କଥା ଦିନେ ଅବଶ୍ୟ ସମ୍ଭବ ହେବ, କିଛିହେଲେ ଅସମ୍ଭବ ରହିବ ନାହିଁ । ସକଳ ବସ୍ତୁ, ବର୍ତ୍ତମାନ ଯେତିକି ବସ୍ତୁର କଳ୍ପନା କରିଯାଇ ପାରୁଛି, କେବଳ ସେତିକି ନୁହେଁ,—ମାତ୍ର, ବର୍ତ୍ତମାନ ଆଦୌ କଳ୍ପନା କରିଯାଇ ପାରୁ ନଥିବା ସବୁକିଛି ମଧ୍ୟ, ସେଗୁଡ଼ିକ ଯେ କେବଳ ସମ୍ଭବ, ସେତିକି ନୁହେଁ, ସେଗୁଡ଼ିକ ମଧ୍ୟ ଦିନେ ନା ଦିନେ

'oaob.nitrkl.ac.in' images reprocessed

ଉପଲବ୍ଧ ହେବାକୁ ଯାଉଛୁ । କାରଣ, ଆମେ ଯାହାଙ୍କୁ ପରମ ଶାଶ୍ୱତ, ଅନନ୍ତ, ସର୍ବୋଚ୍ଚ ଏବଂ ପରାତ୍ପର ବୋଲି କହୁଥାଉ,—ତାଙ୍କୁ ଆମେ କେତେକ'ଣ ନାମ ଦେଇ ବର୍ଣ୍ଣନା କରୁ, ମାତ୍ର ସିଏ ହେଉଛନ୍ତି ପ୍ରକୃତରେ ଶାଶ୍ୱତ, ପ୍ରକୃତରେ ଅନନ୍ତ ଓ ପ୍ରକୃତରେ ପରାତ୍ପର,—କେବଳ ଯେତକ ରହିଛୁ, ସିଏ ଆପଣା ଭିତରେ ସେତିକମାତ୍ରକୁ କଦାପି ଅନ୍ତର୍ଭୁକ୍ତ କରି ରଖି ନାହାନ୍ତି, ମାତ୍ର ଯାହାକିଛୁ ହେବାକୁ ଯାଉଛୁ, ଶାଶ୍ୱତ ଏବଂ ଅନନ୍ତ ଭାବରେ ସେ ସେଗୁଡ଼ିକୁ ମଧ୍ୟ ନିଜ ଭିତରେ ଅନ୍ତର୍ଭୁକ୍ତ କରି ରଖିଛନ୍ତି । ଏବଂ ତେଣୁ, ଅସମ୍ଭବ ବୋଲି ପ୍ରକୃତରେ କେଉଁଠି କିଛି ନାହିଁ । କେବଳ କାଳାଧୀନ ଓ ବିଷୟସ୍ଥ ହୋଇ ରହିଥିବା କୌଣସି ସତ୍ତ୍ୱର ଚେତନା ଲାଗି ସକଳ ବସ୍ତୁ ଏକା ସମୟରେ ସମ୍ଭବ ହେବ ବୋଲି ପ୍ରତୀତ ହୋଇ ପାରୁ ନାହିଁ, ସେଗୁଡ଼ିକୁ ସମ୍ଭାବନାର ପରିସର ମଧ୍ୟକୁ ଆଣି ପାରିବା ଲାଗି ତାକୁ ଦେଶ ଓ କାଳର ମଧ୍ୟ କଳ୍ପନା କରିବାକୁ ପଡ଼ୁଛି । ମାତ୍ର ଏହି ପ୍ରକାଶିତ ଜଗତର ବାହାରେ ସବୁକିଛି ବିଦ୍ୟମାନ ରହିଛି, ସବୁକିଛି ଯୁଗପତ୍ ଭାବରେ, ଶାଶ୍ୱତ ଭାବରେ, ଗୋଟିଏ ଗୋଟିଏ ସମ୍ଭାବନାରୂପେ ଅନ୍ତର୍ନିହିତ ଭାବରେ ବିଦ୍ୟମାନ ରହିଛି । ଏବଂ ଏହାକୁହିଁ ଆମେ ପରମ ସର୍ବସମ୍ଭାବନା ବୋଲି ବୁଝିବା,—ବର୍ତ୍ତମାନ ତାହା କଳ୍ପନାର ଅତୀତ ହୋଇ ରହିଛି, କାରଣ ତାଙ୍କର ପରିପ୍ରକାଶ ହୋଇ ନାହିଁ,—କଳ୍ପନୀୟ ହୋଇ ପାରିବାକୁହିଁ ସେ ଆପଣାକୁ ପ୍ରକାଶ କରିବାରେ ଲାଗିଛନ୍ତି ।

ଏବଂ ଶ୍ରୀଅରବିନ୍ଦ ଆମକୁ ଠିକ୍ ଏହି କଥା କହିଛନ୍ତି । ଏହି କାଳାଧୀନ ଜଗତ୍, ଅର୍ଥାତ୍, କ୍ରମୋନ୍ମୋଚିତ ହେବାରେ ଲାଗିଥିବା ଓ ଦେଶକାଳର ବାହାରେ ଗୋଟିଏ କାଳରେ ଏବଂ ଗୋଟିଏ ସ୍ଥାନରେ ଆଦୌ ବିଦ୍ୟମାନ ରହି ନଥିବା ଏହି ଜଗତ୍, ଏକ ଅନୁକ୍ରମରେହିଁ କାଳ ଓ ଦେଶ ମଧ୍ୟକୁ ପ୍ରବେଶ କରୁଥିବା ଏହି ବିଶ୍ୱଜଗତ୍,—ରୂପାୟନର ଅତୀତ ହୋଇ ରହିଥିବା ସେହି ପରମ ତତ୍ତ୍ୱଙ୍କ ଲାଗି ଏହି ଜଗତ୍ ପ୍ରକୃତରେ ଏକ ଅସମ୍ଭବ ବ୍ୟାପାର ହୋଇ ରହିଥିବ । ତୁମେମାନେ ଏହି କଥାଟିକୁ ବୁଝି ପାରୁଛ ନା ନାହିଁ ? ଏବଂ ଏକ ବିରୋଧାଭାସ ବି ହୋଇ ରହିଥିବ । ତାହାର ଠିକ୍ ଓଲଟା ହୋଇ ରହିଥିବ । କାଳାଧୀନ ଚେତନାଟି ସକାଶେ ସେହି ପରମ ତତ୍ତ୍ୱହିଁ ଅଭାବନୀୟ ଏବଂ ଅବୋଧ୍ୟ ହୋଇ ରହିଛି ଏବଂ ସେହି ପରମ ତତ୍ତ୍ୱ ସକାଶେ, ଯିଏକି କାଳାଧୀନ ଚେତନା ଲାଗି ଅବୋଧ୍ୟ ହୋଇ ରହିଛନ୍ତି, ଏହି କାଳାଧୀନ ଚେତନାହିଁ ଅବୋଧ୍ୟ ହୋଇ ରହିଛି !···କାଳ ଓ ଦେଶସ୍ଥ ହୋଇ ରହି ନଥିବା କୌଣସି ଜିନିଷର ଆମେ କଳ୍ପନା କରି ପାରୁ ନାହୁଁ, କାରଣ ଆମେ ଏହି କାଳ ଓ ଦେଶର ଅଧୀନ ହୋଇ ରହିଛୁ, କାଳସ୍ଥ ଏବଂ ଦେଶସ୍ଥ ହୋଇ ରହିଛୁ; ଯାହାକୁ ପ୍ରକାଶ କରି ହେବ ନାହିଁ ଓ ଯାହା ଯୁଗପତ୍ ଭାବରେ ସବୁକିଛି ହୋଇ ରହିଛି, ଶାଶ୍ୱତ ଏବଂ କାଳର ଅତୀତ ହୋଇ ରହିଛି, ସେହି "ଅନିର୍ଦ୍ଦେଶ୍ୟ"କୁ କିଭଳି

'oaob.nitrkl.ac.in' images reprocessed

ପରିମାଣରେ ବୁଝିବାକୁ ସମର୍ଥ ହେବା ପାଇଁ ଆମେ ଏକ ସ୍ଥୂଳ ଅନୁମାନ କରିବାର ଉଦ୍ୟମ କରିଥାଉ । ଆମେ ଏପରି ଅବଶ୍ୟ ଚେଷ୍ଟା କରିପାରିବା ଏବଂ ଯାବତୀୟ ପ୍ରକାରର ଶବ୍ଦ ଦେଇ ଏହି ଚେଷ୍ଟା ବି କରିପାରିବା, ମାତ୍ର ଦେଶ ଓ କାଳର ବାହାରକୁ ଯାଇ ନପାରିବା ପର୍ଯ୍ୟନ୍ତ ଆମେ ଏହାକୁ ବୁଝିବା ଲାଗି କଦାପି ସମର୍ଥ ହେବା ନାହିଁ । ଏବଂ, ବର୍ତ୍ତମାନ, ଅନ୍ୟ ପାଖଟିରୁ ସମସ୍ୟାଟିକୁ ବୁଝିବାର ଚେଷ୍ଟା କଲେ, ଦେଶ ଓ କାଳର ଅତୀତ ହୋଇ ରହିଥିବା ସେହି ପରମ ତତ୍ତ୍ୱ ସକାଶେ, ଦେଶ ଓ କାଳ ସର୍ବଦା ଏକ ଅବୋଧ ବସ୍ତୁ ପରି ପ୍ରତୀତ ହୋଇଥାଏ : ସେଗୁଡ଼ିକର କୌଣସି ଅସ୍ତିତ୍ୱ ନଥାଏ, ସେମାନେ ଆଦୌ ଉପସ୍ଥିତ ନଥାନ୍ତି । ଏବଂ ଶ୍ରୀଅରବିନ୍ଦ କହୁଛନ୍ତି : "ଏହି କାଳାଧୀନ ବିଶ୍ୱଜଗତ୍ ଏକ ବିରୋଧାଭାସ ଓ ଏକ ଅସମ୍ଭବ ବ୍ୟାପାର ହୋଇ ରହିଥିଲା, ଏବଂ ତେଣୁ ଶାଶ୍ୱତ ପରମସତ୍ତା ତାହାକୁ ଆପଣାର ସତ୍ତା ମଧ୍ୟରୁହିଁ ସୃଷ୍ଟି କଲେ ।" ଅର୍ଥାତ୍, ସିଏ ଆପଣାର ଅନସ୍ତିତ୍ୱକୁ ଅସ୍ତିତ୍ୱରୂପେ ବଦଳାଇ ଦେଲେ;—ତୁମେମାନେ ଏହି କଥାଟିକୁ ଟିକିଏ ସରସ କରି ପ୍ରକାଶ କରିବାକୁ ଇଚ୍ଛା କରୁଥିଲେ ଏପରି କୁହାଯାଇ ପାରିବ ଯେ, ଏହି ବିଶ୍ୱଜଗତ୍ ପ୍ରକୃତରେ କପରି, ତାହା ଜାଣିବା ଲାଗି ସିଏ ତାହାକୁ ଆପଣା ଭିତରୁ ସୃଷ୍ଟି କରି ଆଣିଲେ । କାରଣ, ଯେପର୍ଯ୍ୟନ୍ତ ସିଏ ଦେଶ ଓ କାଳରେ ପରିଣତ ହୋଇ ନଥିଲେ, ସେପର୍ଯ୍ୟନ୍ତ ସେଗୁଡ଼ିକୁ ଜାଣି ପାରିଥାନ୍ତେ କପରି ?

ମାତ୍ର ଯଦି ଆମେ ସବାମୂଳକୁ ଫେରିଯାଇ ପାରିବା, ତେବେ ତାହା ଅତ୍ୟନ୍ତ ବ୍ୟାବହାରିକ ହୋଇପାରିବ, ଅତ୍ୟନ୍ତ ମୂର୍ତ୍ତ ଏବଂ ଅତ୍ୟନ୍ତ ଉତ୍ସାହଜନକ ହୋଇ ପାରିବ ।···କାରଣ ଆମେ ବର୍ତ୍ତମାନ ଏହିପରି କହିବା : ଯାହା ଅସମ୍ଭବ, ତାହା ବିଷୟରେ କୌଣସି ଏକ ଧାରଣା କରି ପାରିବା ଲାଗି, କୌଣସି କଥା "ଅସମ୍ଭବ" ବୋଲି ଅନୁଭବ କରିବା ଲାଗି ତୁମକୁ ତାହାକୁ ସାଧ୍ୟ ଓ ସମ୍ଭବ କରିବା ଲାଗି ଏକ ଚେଷ୍ଟା କରିବାକୁହିଁ ପଡ଼ିବ । ଉଦାହରଣସ୍ୱରୂପ, ମୁଁ ବର୍ତ୍ତମାନ ତୁମମାନଙ୍କୁ ଯାହା କହୁଛି, ତାହାକୁ ବୁଝିବା ଆଦୌ ସମ୍ଭବ ନୁହେଁ ବୋଲି ଯଦି ତୁମେମାନେ ଏହି ମୁହୂର୍ତ୍ତରେ ଅନୁଭବ କରୁଥାଅ, (ମାଆ ଈଷତ୍ ହସି କହିଲେ) ତେବେ ତାହାର ଅର୍ଥ ହେଉଛି ଯେ ତୁମେମାନେ ମୋ କଥାକୁ ବୁଝିବା ଲାଗି ଚେଷ୍ଟା କରୁଛ । ଏବଂ ଯଦି ତୁମେମାନେ ତାହାକୁ ବୁଝିବା ଲାଗି ଚେଷ୍ଟା କରୁଥାଅ, ତେବେ ଏହାର ଅର୍ଥ ହେଉଛି ଯେ ତାହା ତୁମମାନଙ୍କର ଚେତନା ଭିତରେ ରହିଛି, ତା' ନହୋଇଥିଲେ ତାକୁ ବୁଝିବା ଲାଗି ତୁମେମାନେ ଆଦୌ କୌଣସି ଚେଷ୍ଟା କରନ୍ତ ନାହିଁ । ଠିକ୍ ମୁଁ ଯେପରି ତୁମମାନଙ୍କର ଚେତନା ଭିତରେ ରହିଛି, ମୋ ଶବ୍ଦଗୁଡ଼ିକ ଯେପରି ତୁମମାନଙ୍କ ଚେତନା ଭିତରେ ରହିଛି, ଠିକ୍ ସେହିପରି, ଶ୍ରୀଅରବିନ୍ଦ ଲେଖିଛନ୍ତି, ସେଇଟି ମଧ୍ୟ ତୁମମାନଙ୍କ ଚେତନା ଭିତରେ ରହିଛି, ତା' ନହେଲେ ତା' ସହିତ

'oaob.nitrkl.ac.in' images reprocessed

ତୁମର ଆଦୌ କୌଣସି ସମ୍ପର୍କ ସ୍ଥାପିତ ହୋଇ ପାରନ୍ତା ନାହିଁ । ମାତ୍ର ବର୍ତ୍ତମାନ ଲାଗି ତୁମମାନଙ୍କ ସକାଶେ ସେଗୁଡ଼ିକୁ ବୁଝିବା ସମ୍ଭବ ହୋଇ ପାରୁ ନାହିଁ, ତାହାର କେବଳ ଗୋଟିଏମାତ୍ର କାରଣ ହେଉଛି ଯେ ତୁମ ମସ୍ତିଷ୍କରେ ଅଳ୍ପ କେତୋଟି କ୍ଷୁଦ୍ର କୋଷର ଅଭାବ ରହିଛି । ଏହି କଥାଟି ଖୁବ ସହଜରେ ବୁଝିପାରିବା ଉଚିତ । ଏବଂ ମନୋଯୋଗ, ସଂକେନ୍ଦ୍ରଣ ଏବଂ ଉଦ୍ୟମ ଦ୍ୱାରା ସେହି କୋଷଗୁଡ଼ିକର ବିକାଶ ହୋଇ ଆସିବା ସଙ୍ଗେ ସଙ୍ଗେ, ତୁମେ ଯେତେବେଳେ ମନୋଯୋଗ ସହିତ ଶୁଣିବାକୁ ଆରମ୍ଭ କରିବ ଏବଂ ବୁଝିବା ଲାଗି ଚେଷ୍ଟା ମଧ୍ୟ କରିବ, ତେବେ, ଅଳ୍ପ କେତେ ଘଣ୍ଟା, କେତେ ଦିନ ବା କେତୋଟି ମାସ ପରେ, ତୁମର ମସ୍ତିଷ୍କରେ ନୂତନ ଉଦ୍‌ବେଲନଗୁଡ଼ିକର ସୃଷ୍ଟି ହେବ ଏବଂ ଏହି ସବୁକିଛି ତୁମକୁ ଖୁବ ସ୍ୱାଭାବିକ ବୋଲି ମନେହେବ । ସେତେବେଳେ ତୁମେ ଆଶ୍ଚର୍ଯ୍ୟ ହୋଇ ଭାବୁଥିବ ଯେ ଅତୀତରେ ଏକଦା ତୁମେ ଏଇଟିକୁ ପ୍ରକୃତରେ ବୁଝି ପାରୁ ନଥିଲ । "ଏଇଟା ପ୍ରକୃତରେ କେଡ଼େ ସରଳ କଥା" ବୋଲି ତୁମେ କହିବାକୁ ଲାଗିବ । ମାତ୍ର, ତୁମର ମସ୍ତିଷ୍କରେ ସେହି ଉଦ୍‌ବେଲନମାନ ସମ୍ଭବ ହୋଇ ନଥିବା ପର୍ଯ୍ୟନ୍ତ, ତୁମେ ହୁଏତ ଏକ ଚେଷ୍ଟା କରିବ, ହୁଏତ ମୁଣ୍ଡ ବଥାଇବା ପର୍ଯ୍ୟନ୍ତ ବି ଚେଷ୍ଟା କରିବ, ତଥାପି ଏହାକୁ ବୁଝି ପାରିବ ନାହିଁ ।

ଏଇଟି ପ୍ରକୃତରେ ଏକ ଖୁବ ଉତ୍ସାହଜନକ ବିଷୟ, କାରଣ, ମୂଳତଃ କେବଳ ଏକମାତ୍ର ଆବଶ୍ୟକତାରୂପେ ତୁମକୁ ଏଥିଲାଗି ଇଚ୍ଛା କରିବାକୁ ପଡ଼ିବ ଏବଂ ଆବଶ୍ୟକ ଧୈର୍ଯ୍ୟଟିକୁ ଧରି ରହିବାକୁ ହେବ । ତୁମକୁ ଆଜି ଯାହା ଅବୋଧ ବୋଲି ଲାଗୁଛି, ତାହା ଅଳ୍ପ ସମୟ ପରେ ତୁମ ଲାଗି ସହଜବୋଧ ହୋଇଯିବ । ଏବଂ ସ୍ମରଣ ରଖିଥିବା ଉଚିତ ଯେ କଥାଟିକୁ ବୁଝିବା ଲାଗି ପ୍ରତ୍ୟହ ଅଥବା ପ୍ରତି ମୁହୂର୍ତ୍ତରେ ଆପଣା ଲାଗି ଏକ ମୁଣ୍ଡବ୍ୟଥାକୁ ଡାକି ଆଣିବାର ମଧ୍ୟ ଆଦୌ କୌଣସି ପ୍ରୟୋଜନ ନାହିଁ । ଏହି କ୍ଷେତ୍ରରେ ଗୋଟିଏ ସରଳ କଥାହିଁ ଯଥେଷ୍ଟ ହେବ : ତୁମେ ଯେତେ ଭଲଭାବରେ ପାରିବ, କଥାଟିକୁ ଶୁଣୁଥିବ, ଆପଣା ମଧ୍ୟରେ ଏକ ପ୍ରକାରର ଇଚ୍ଛା ବା ଅଭୀପ୍ସାକୁ ଜାଗ୍ରତ ରଖିଥିବ, ବା, ହୁଏତ କୁହାଯାଇ ପାରିବ ଯେ ବୁଝିବା ଲାଗି ଏକ ଆଗ୍ରହକୁ ଜାଗ୍ରତ ରଖିଥିବ, ଏବଂ ସେତିକରେହିଁ ସବୁ ହେବ । ନିଜର ଚେତନା ମଧ୍ୟରେ ତୁମେ ହୁଏତ ସାନ ବାଟଟିଏ ଫିଟାଇଦେଇ ପାରିବ, ଯେପରିକି ସେହି ବସ୍ତୁଟି ତୁମ ଭିତରେ ପ୍ରବେଶ କରି ପାରିବ । ତାହାର ଦ୍ୱାରାହିଁ କାର୍ଯ୍ୟ ହେବ । ଏବଂ ତାହା ତୁମର ମସ୍ତିଷ୍କ ଭିତରେ ଆପଣାକୁ ବ୍ୟକ୍ତ କରି ପାରିବାର ଆବଶ୍ୟକ ଉପାଦାନଗୁଡ଼ିକୁ ତିଆରି କରି ଆଣିବ । ଏଇଟି ବିଷୟରେ ଭାବିବା ଲାଗି ଆଉ କୌଣସି ଆବଶ୍ୟକତା ରହିବ ନାହିଁ । ତୁମେ ଆଉକିଛି ବୁଝିବା ଲାଗି ଚେଷ୍ଟା କରୁଥିବ, କାମ କରୁଥିବ, ଅଧ୍ୟୟନ କରୁଥିବ, ମନନ କରୁଥିବ, ଯାବତୀୟ ବିଷୟରେ

'oaob.nitrkl.ac.in' images reprocessed

କେତେ କ'ଣ ଭାବିବାରେ ଲାଗିଥିବ; ଏବଂ ତା'ପରେ ଅନ୍ତତଃ କେତେ ମାସ ଗଲା ପରେ, ଅଥବା ଗୋଟିଏ ବର୍ଷ ପରେ ବା ତା'ଠାରୁ ଆହୁରି କମ୍ ବା ଆହୁରି ବେଶୀ ସମୟରେ ତୁମେ ପୁନର୍ବାର ବହିଟିକୁ ଖୋଲିଦେବ ଏବଂ ସେହି ବାକ୍ୟଟିକୁ ଆଉଥରେ ପଢ଼ିବ, —ଏବଂ ତାହା ତୁମ ଲାଗି ଅତ୍ୟନ୍ତ ସରଳ ଓ ସୁବୋଧ ହୋଇଯିବ। ତାହାର ଏକମାତ୍ର କାରଣ ହେଉଛି ଯେ, ବୁଝି ପାରିବା ଲାଗି ତୁମର ମସ୍ତିଷ୍କ ମଧ୍ୟରେ ଯେଉଁଟିର ଆବଶ୍ୟକତା ରହିଥିଲା, ସେଇଟି ଇତିମଧ୍ୟରେ ଗଠିତ ହୋଇ ଯାଇଥିବ।

ତେଣୁ, "ଏହି ବିଷୟଟି ମୋ ଦେଇ ମୋଟେ ହେଉ ନାହିଁ, ମୁଁ ଦର୍ଶନକୁ କେବେହେଲେ ବୁଝି ପାରିବ ନାହିଁ" ବୋଲି କହିବାକୁ ତୁମେମାନେ ମୋ ପାଖକୁ କେବେହେଲେ ଆସିବ ନାହିଁ। କିଂବା "ମୁଁ କେବେହେଲେ ଗଣିତ କରି ପାରିବି ନାହିଁ" ବୋଲି କହିବାକୁ ବି ମୋ ପାଖକୁ କେବେ ଆସିବ ନାହିଁ। କିଂବା···ଏସବୁ ହେଉଛି କେବଳ ଅଜ୍ଞାନ, ତୁଚ୍ଛା ଅଜ୍ଞାନ। ଆପଣାର ମସ୍ତିଷ୍କକୁ ପ୍ରଶସ୍ତ ହେବା ଲାଗି ଉପଯୁକ୍ତ ସମୟ ଦେଇପାରିଲେ ଓ ସିଏ ଆପଣାକୁ ଯେପରି ପୂର୍ଣ୍ଣକ୍ଷମ କରିପାରିବ, ସେଥିଲାଗି ତାକୁ ଉପଯୁକ୍ତ ସମୟ ଦେଲେ, ଏପରି ଆଦୌ କୌଣସି ବିଷୟ ନାହିଁ, ଯାହାକୁ କି ତୁମେ ବୁଝି ପାରିବ ନାହିଁ। ଏବଂ ତୁମେ ମନଃକ୍ଷେତ୍ରର ଗୋଟିଏ ସଂରଚନ ଠାରୁ ଆଉ ଗୋଟିଏ ସଂରଚନକୁ ଅଗ୍ରସର ହୋଇ ଯାଉଥିବ : ଅଧ୍ୟୟନର କ୍ଷେତ୍ରରେ ଏହି କଥାଟିକୁ ଏହିପରି ଭାବରେ କୁହାଯିବ; ତୁମେ ଗୋଟିଏ ବିଷୟରୁ ଆଉଗୋଟିଏ ବିଷୟକୁ ଅଗ୍ରସର ହୋଇ ଚାଲି ଯାଉଥିବ; ଏବଂ ପ୍ରତ୍ୟେକ ବିଷୟର ଅଧ୍ୟୟନ କହିଲେ ସର୍ବଦା ଗୋଟିଏ ଭାଷାକୁହିଁ ବୁଝାଉଥାଏ; ତୁମେ ଗୋଟିଏ ଭାଷାରୁ ଆଉଗୋଟିଏ ଭାଷାକୁ ଅଗ୍ରସର ହୋଇ ଯାଉଥିବ, ନିଜ ଭିତରେ ଗୋଟିଏ ପରେ ଆଉଗୋଟିଏ ବସ୍ତୁର ନିର୍ମାଣ କରିବାରେ ଲାଗିଥିବ, ସେଗୁଡ଼ିକୁ ସବୁଗୁଡ଼ିକୁ ଓ ତଥାପି ଆହୁରି ଅନେକ ବିଷୟକୁ ନିଜ ଭିତରେ ଧାରଣ କରି ରଖି ପାରୁଥିବ, ଅତ୍ୟନ୍ତ ସମଞ୍ଜସତା ସହକାରେ ଧାରଣ କରି ରଖି ପାରୁଥିବ; ଏହି କାର୍ଯ୍ୟଟିକୁ ଯତ୍ନ ସହକାରେ କରିପାରିଲେ ଓ ଏଇଟିକୁ କରିବା ଲାଗି ନିଜକୁ ଯଥେଷ୍ଟ ସମୟ ଦେଇପାରିଲେ ତୁମେ ତାହା କରିପାରିବ। କାରଣ, ଜ୍ଞାନର ଏହି ପ୍ରତ୍ୟେକଟି ଶାଖାର ଅନୁରୂପ ହୋଇ ଏକ ଅନ୍ତର୍ଗତ ସଂରଚନର ଆବଶ୍ୟକତା ରହିଛି, ଏବଂ, ନିଜକୁ ଆବଶ୍ୟକ ସମୟ ଓ ଯତ୍ନଟିକୁ ଦେଇପାରିଲେ ତୁମେ ଅନନ୍ତ ଭାବରେହିଁ ଏହି ସଂରଚନ-ଗୁଡ଼ିକୁ ଅବଶ୍ୟ ବହୁସଂଖ୍ୟକ କରିପାରିବ।

ଏପରି କୌଣସି ସୀମା ନାହିଁ, ଯାହାକୁ କି ଲଙ୍ଘନ କରାଯାଇ ପାରିବ ନାହିଁ; ଏପରି ସୀମାରେ ମୁଁ ଆଦୌ ବିଶ୍ୱାସ କରେ ନାହିଁ।

ମାତ୍ର, ଲୋକମାନଙ୍କର ମାନସିକ ସଂରଚନଗୁଡ଼ିକୁ ମୁଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିବାକୁ ପାଇଥାଏ ଏବଂ ଆବଶ୍ୟକ ଉଦ୍ୟମଟିର ସମ୍ମୁଖରେ ସେମାନେ ଯେଉଁ

'oaob.nitrkl.ac.in' images reprocessed

ଶ୍ଳଥତା ପ୍ରଦର୍ଶନ-କରଥାନ୍ତି, ସେଇଟିକୁ ମଧ୍ୟ ବେଶ୍ ଦେଖିପାରେ । ଏବଂ ଏହି ଶ୍ଳଥତା ଏବଂ ଏହି ସୀମାଗୁଡ଼ିକ ହେଉଛନ୍ତି ଗୋଟିଏ ଗୋଟିଏ ରୋଗ ପରି । ମାତ୍ର ସେହି ରୋଗଗୁଡ଼ିକର ଅବଶ୍ୟ ଆରୋଗ୍ୟ କରାଯାଇ ପାରିବ;—ହଁ, ଯଦି ତୁମ ମସ୍ତିଷ୍କର ଗଠନରେ ପ୍ରକୃତରେ କୌଣସି ଦୋଷ ରହି ଯାଇଥିବ ବା ଆଉକୌଣସି ଅଭାବ ଥିବ, ତେବେ ହୁଏତ ତାହା ଅନ୍ୟ କଥା ହେବ । ତୁମର ନିର୍ମାଣ ହେବାରେ ଲାଗିଥିବା ସମୟରେ ଯଦି କୌଣସି କଥା "ପାସୋର" ହୋଇ ଯାଇଥିବ, ତେବେ ଆରୋଗ୍ୟ ନିଶ୍ଚୟ ଅଧିକ କଷ୍ଟସାଧ୍ୟ ହେବ । ଅନେକ କଷ୍ଟସାଧ୍ୟ ହୋଇପଡ଼ିବ ସତ, ମାତ୍ର କଦାପି ଅସମ୍ଭବ ହୋଇଯିବ ନାହିଁ । ବସ୍ତୁତଃ ଏପରି ଅପୂର୍ଣ୍ଣ ହୋଇ ରହି ଯାଇଥିବା ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କୁ କି ଆମେ କୁଗଠିତ କୌଣସି ବସ୍ତୁ ସହିତ ତୁଳନା କରିପାରିବା; ସେମାନଙ୍କର ଆଦୌ କୌଣସି ଅସ୍ତିତ୍ୱ ନରହିଲେହିଁ ହୁଏତ ନ୍ୟାୟତଃ ତାହା ଅଧିକ ଭଲ କଥା ହେବ । ମାତ୍ର ତଥାପି (ମାଆ ହସି କରି କହୁଥାନ୍ତି), ଏହା କଦାପି ପ୍ରଚଳିତ ନୁହେଁ, ସାଧାରଣ ମନୁଷ୍ୟ କଦାପି ଏପରି ଭାବରେ ଚିନ୍ତା କରେ ନାହିଁ । ମାତ୍ର ଯଦି ତୁମେ ଜଣେ ସ୍ୱାଭାବିକ ମନୁଷ୍ୟ ହୋଇଥିବ, ତେବେ, ଯଦି ତୁମେ ଆବଶ୍ୟକ କ୍ଳେଶଟିକୁ ସ୍ୱୀକାର କରି ପାରିବ ଏବଂ ପ୍ରଣାଳୀଟିକୁ ଜାଣିଥିବ, ତେବେ ଅଭିବୃଦ୍ଧି ଲାଗି ତୁମର ସମର୍ଥତା ପ୍ରାୟ ଅସୀମିତ ହୋଇ ରହିବ ।

ଏପରି ଏକ ଧାରଣା ରହିଛି ଯେ ପ୍ରତ୍ୟେକ ମଣିଷ ହେଉଛି ଏକ ନିର୍ଦ୍ଦିଷ୍ଟ କିସମର; ଉଦାହରଣସ୍ୱରୂପ, ଏପରି ଧାରଣା ରହିଛି ଯେ ପାଇନ୍ ଗଛ କଦାପି ଏକ ଓକ୍ ଗଛରେ ପରିଣତ ହୋଇପାରିବ ନାହିଁ, ତାଳଗଛ କେବେ ଗହମଗଛ ହୋଇ ପାରିବ ନାହିଁ । ଏହା ଏକ ଅତ୍ୟନ୍ତ ସ୍ପଷ୍ଟ କଥା । ମାତ୍ର ତାହା ଏକ ସଂପୂର୍ଣ୍ଣ ଭିନ୍ନ କଥା : ତାହାର ତାତ୍ପର୍ଯ୍ୟ ହେଉଛି ଯେ ତୁମ ସତ୍ତାର ଅସଲ ସତ୍ୟଟି ତୁମ ପଡ଼ୋଶୀର ସତ୍ତାର ଅସଲ ସତ୍ୟଟି ସହିତ କଦାପି ଏକାପରି ହେବ ନାହିଁ । ମାତ୍ର ତୁମ ସତ୍ତାର ସତ୍ୟଟିର କ୍ଷେତ୍ରରେ, ତୁମର ସ୍ୱକୀୟ ସଂରଚନଟି ଅନୁସାରେ, ତୁମେ ପ୍ରକୃତରେ ପ୍ରାୟ ଅସୀମ ଭାବରେ ଅଗ୍ରସର ହୋଇ ଯାଇପାରିବ । ଏହି ସମ୍ଭାବନା ହେଉଛି ଏକ ସୀମିତ ସମ୍ଭାବନା, ତୁମ ଭିତରେ ଏହି ଯେଉଁ ବିଶ୍ୱାସଟି ବଦ୍ଧ ହୋଇ ରହିଛି, ଏବଂ ପ୍ରକୃତ ପ୍ରତିଶ୍ରୁତି ସମ୍ବନ୍ଧରେ ତୁମେ ଯେପରି ଅଜ୍ଞାନ ମଧ୍ୟରେ ରହିଛ, କେବଳ ତାହାରି ସକାଶେହିଁ ତୁମର ଅଗ୍ରଗତି ଯାହା ସୀମିତ ହୋଇ ରହିଛି । ତା' ନହେଲେ...

କିପରି କରିବାକୁ ହେବ, ସେଇଟି ଜଣା ଥିଲେ, ଏପରି କୌଣସି କଥା ନାହିଁ, ଯାହାକୁ କି ଆମେ କରି ପାରିବା ନାହିଁ ।

(ମାଆ ନୀରବ ରହିଲେ)

'oaob.nitrkl.ac.in' images reprocessed

ମୋ ପାଖରେ ଗୋଟିଏ ପ୍ରଶ୍ନ ରହିଛି, ଯାହାକୁ କି ଅଧିକତର ପରିମାଣରେ ଏକ ପିଲାଳିଆ ପ୍ରଶ୍ନ ବୋଲି କୁହାଯିବ । ଜଣେ ମୋତେ ପଚାରିଛନ୍ତି :

"କେତେକ ମଣିଷ କାହିଁକି ବୁଦ୍ଧିମାନ୍ ହୁଅନ୍ତି ଓ ଆଉ କେତେକ ହୁଅନ୍ତି ନାହିଁ କାହିଁକି ? କେତେକ ମଣିଷ କେତେ କାମକୁ କରିପାରନ୍ତି, ଓ ଆଉ କେତେକ ମଣିଷ ସେଗୁଡ଼ିକୁ କରି ପାରନ୍ତି ନାହିଁ କାହିଁକି ?"

ଏଥିରୁ ମନେହେଉଛି, ସତେଯେପରି, ସବୁ ମଣିଷ କାହିଁକି ଏକାପରି ହେଲେ ନାହିଁ ବୋଲି ତୁମେ ମୋତେ ପଚାରୁଛ ! ସେପରି କ୍ଷେତ୍ରରେ ତେବେ ଏହିପରି ହେବ ଯେ ସଂସାରରେ କେବଳ ଗୋଟିଏ ବସ୍ତୁହିଁ ରହିବ, ସେହି ଗୋଟିଏ ବସ୍ତୁରହିଁ ଅବିଶ୍ରାନ୍ତ ବାରବାର ପୁନରାବୃତ୍ତି ହେଉଥିବ ଏବଂ ସମସ୍ତ ବିଶ୍ୱବ୍ରହ୍ମାଣ୍ଡ କହିଲେ କେବଳ ସେହି ଗୋଟିଏ ବସ୍ତୁକୁହିଁ ବୁଝାଇବ ।···ତାହା ପ୍ରକୃତରେ କିପରି ହେବ କେଜାଣି, ମାତ୍ର ମୋତେ ଲାଗୁଛି ଯେ ସେଥିଲାଗି ଏତେବଡ଼ ଗୋଟିଏ ବ୍ରହ୍ମାଣ୍ଡର ବୋଝ ବୋହିବା ଲାଗି ହୁଏତ ଆଉ କୌଣସି ପ୍ରୟୋଜନ ରହିବ ନାହିଁ, କେବଳ ଗୋଟିଏ ବସ୍ତୁ ରହିଲେ କାମ ଚଳିଯିବ !

ମାତ୍ର ଆମେ ଯେଉଁ ମୁହୂର୍ତ୍ତିରେହିଁ ଅନେକବିଧତାର ସିଦ୍ଧାନ୍ତଟିକୁ ସ୍ୱୀକାର କରିନେବା, ପୃଥିବୀରେ କୌଣସି ଦୁଇଟି ଜନିଷ ମଧ୍ୟ ଠିକ୍ ଏକାଭଳି ନୁହନ୍ତି ବୋଲି ଗ୍ରହଣ କରିବା, ତେବେ ସେମାନେ କାହିଁକି ଏକାଭଳି ହେଲେ ନାହିଁ ବୋଲି ପୁଣି ତୁମେ ପ୍ରଶ୍ନ ବା କରିପାରିବ କିପରି ? ସେମାନେ ଏକାଭଳି ଢିଆରି ହୋଇ ନାହାନ୍ତି ବୋଲି ଏକାଭଳି ହୋଇ ରହି ନାହାନ୍ତି, ପୃଥିବୀରେ କୌଣସି ଦୁଇଟି ବସ୍ତୁ ମଧ୍ୟ ଅବିକଳ ଏକାଭଳି ହୋଇ ରହି ନାହାନ୍ତି ।

ତାହା ପଛରେ ଆହୁରି ଏପରି ଗୋଟିଏ ଜିନିଷ ରହିଛି, ଯାହା ବିଷୟରେ କି ଆମେ ସଚେତନ ହୋଇ ରହି ନଥାଉ, ମାତ୍ର ସେଇଟି ପ୍ରକୃତରେ ଭାରି ସହଜ ଓ ପ୍ରାୟ ଶିଶୁସୁଲଭ । ସେହି କଥାଟି ହେଉଛି : "ଯେହେତୁ ଏହି ପୃଥିବୀରେ ଅନନ୍ତ ବୈଚିତ୍ର୍ୟ ରହିଛି, ଯେହେତୁ କେତେକ ବ୍ୟକ୍ତି ଗୋଟିଏ ପ୍ରକାରର ହୋଇ ରହିଛନ୍ତି ଓ ଅନ୍ୟମାନେ ସେମାନଙ୍କଠାରୁ ପ୍ରକାରରେ କିଞ୍ଚିତ୍ ଊଣା ହୋଇ ରହିଛନ୍ତି, ତେଣୁ" —ଏକଥା ସତ ଯେ କେହି ଆପଣା ପାଖରେ କଦାପି ଏହି କଥାଟିକୁ କହେ ନାହିଁ, ମାତ୍ର ତଥାପି ସତ୍ତାର ଗଭୀର ଭିତରେ କଥାଟି ବେଶ୍ ଲୁକ୍କାୟିତ ହୋଇ ରହିଥାଏ, ଅହଂର ଗଭୀର ଭିତରେ ଲୁଚି ରହିଥାଏ—"ମୁଁ କାହିଁକି ସର୍ବଶ୍ରେଷ୍ଠ ପ୍ରକାରର ହୋଇ ପାରିଲି ନାହିଁ ?"—ଏହି କଥାଟି ଲୁଚି କରି ରହିଥାଏ । ଅସଲ କଥାଟି

'oaob.nitrkl.ac.in' images reprocessed

ଆସି ଏଇଠି । ବସ୍ତୁତଃ, ଏହା ପ୍ରାୟ ଏହି ଅଭିଯୋଗଟିକୁ କରୁଥିବା ପରି ହେବ ଯେ ସମ୍ଭବତଃ ସିଏ ସର୍ବଶ୍ରେଷ୍ଠ ପ୍ରକାରର ହୋଇ ଗଢ଼ାହୋଇ ପାରି ନାହିଁ । "କେତେକ ଲୋକଙ୍କର ଅଧିକ ରହିଛି ଓ ଆଉ କେତେଜଣଙ୍କର ଏତେ କମ୍ ରହିଛି କାହିଁକି ?" ବୋଲି ଅନେକ ସମୟରେ ଯେଉଁ ପ୍ରଶ୍ନଟି କରା ହୋଇଥାଏ, ଯଦି ତୁମେ ମନୋଯୋଗ ସହିତ ସେହିପରି ପ୍ରଶ୍ନଗୁଡ଼ିକୁ ନିରୀକ୍ଷଣ କରି ଦେଖିବ,—"କେତେ ମଣିଷ ଏତେ ବଡ଼ ଓ ଅନ୍ୟମାନେ ସେପରି ନୁହନ୍ତି କାହିଁକି ?, କେତେ ଲୋକ ଏତେ ବୁଦ୍ଧିମାନ୍ ଓ ଅନ୍ୟମାନେ ସେପରି ନହୋଇ ପାରିଲେ କାହିଁକି ?" ପ୍ରଭୃତି ପ୍ରଶ୍ନକୁ ଯଦି ତୁମେ ନିରୀକ୍ଷଣ କରି ଦେଖିପାରିବ, ତେବେ, ସବୁଠାରେ ତା' ପଛରେ, "ଯାହାକିଛି ଉପଲଭ୍ୟ, ମୁଁ ସେଇ ସବୁକିଛିକୁ କାହିଁକି ଅଧିକାର କରି ପାରିଲି ନାହିଁ ଏବଂ ଜଣେ ମଣିଷ ସର୍ବୋତ୍ତମ ଭାବରେ ଯାହା ହୋଇ ପାରନ୍ତା, ମୁଁ କାହିଁକି ତାହା ହୋଇପାରିଲି ନାହିଁ···" ବୋଲି ଏକ ଅଭିଯୋଗ ଲୁକ୍କାୟିତ ହୋଇ ରହିଥିବ । ଏକଥା ସତ ଯେ କେହି ନିଜ ପାଖରେ ଏହି କଥାଟିକୁ କହେ ନାହିଁ, କାରଣ ସେପରି ହେଉଥିଲେ ସିଏ ଭାରି ହାସ୍ୟାସ୍ପଦ ଅନୁଭବ କରୁଥାନ୍ତା । ତଥାପି ସେହି କଥାଟି ରହିଥାଏ ।

ତେବେ ତାହାହିଁ ଅସଲ କଥା । ଆମର ବର୍ତ୍ତମାନ ଯାହାସବୁ ଆଲୋଚନା ହେଲା, ସେଥିରେ ଆଉ କେହି କୌଣସି କଥା ଯୋଡ଼ିବାକୁ ଇଚ୍ଛା କରୁଛ କି ?··· ତୁମେ ସମସ୍ତେ କଥାଟିକୁ ବେଶ୍ ଭଲ ଭାବରେ ବୁଝି ପାରିଛ କି ? ମୁଁ ଯାହାକିଛି କହିଲି, ସବୁଯାକ ବୁଝି ପାରିଛ ? କାହାର ଆଉ କିଛି କହିବାକୁ ନାହିଁ ?···

(ଜଣେ ଶିକ୍ଷକ) ଆମର ଦୈନନ୍ଦିନ ପାଠ୍ୟକ୍ରମଟି ଆମକୁ ଟିକିଏ "ଅସମ୍ଭବ" ପରି ମନେହେଉଛି ।

ତେବେ ଆଉ ଗୋଟିଏ ଦୁଇଟି ଶତାବ୍ଦୀ ଅପେକ୍ଷା କରି ପାରିଲେ ତାହା ସମ୍ଭବ ହୋଇଯିବ ! (ସମସ୍ତେ ହସିଉଠିଲେ)

ତୁମକୁ କୁହାଯାଇଛି ଆଜି ଯାହା ଅସମ୍ଭବ ହୋଇ ରହିଛି, କାଲିକୁ ତାହା ସମ୍ଭବ ହୋଇଯିବ,—ମାତ୍ର ଏହି କାଲିଗୁଡ଼ିକ ପ୍ରକୃତରେ ଭାରି ବଡ଼ବଡ଼ ଗୋଟିଏ ଗୋଟିଏ କାଲି !

(ମାଆ ନୀରବ ରହିଲେ)

ମୋ ପାଖରେ ଆଉଗୋଟିଏ ପ୍ରଶ୍ନ ରହିଛି ଓ ସେଇଟି ବିଷୟରେ ମୁଁ ସେଦିନ ତୁମମାନଙ୍କୁ କହିଥିଲି । ଇଚ୍ଛାଶକ୍ତି ଓ "ନାନା ଇଚ୍ଛା" ମଧ୍ୟରେ ରହିଥିବା

ପ୍ରଭେଦଟି ବିଷୟରେ ଆଲୋଚନା କଲାବେଳେ ମୁଁ ସେଇଟି ବିଷୟରେ କହିଥିଲି । ମୁଁ କହିଥିଲି ଯେ ଏହି "ନାନା ଇଚ୍ଛା"—ଶ୍ରୀଅରବିନ୍ଦ ଯାହାକୁ "ନାନା ଇଚ୍ଛା" ବୋଲି କହିଛନ୍ତି,—ସେଗୁଡ଼ିକ ହେଉଛନ୍ତି ଏପରି ଗୋଟିଏ ଗୋଟିଏ ଗତିସ୍ପନ୍ଦନ, ଯେଉଁଗୁଡ଼ିକ କି ନିମ୍ନରୁ ସତ୍ତା ମଧ୍ୟକୁ ଆସି ନିଜକୁ କର୍ମରେ ଅଭିବ୍ୟକ୍ତ କରି ଦେଉଥିବା ଏକ ଉଚ୍ଚତର ଚେତନାରୁ କଦାପି ଉଦ୍‌ଭୂତ ହୋଇ ନଥାନ୍ତି, ସେଗୁଡ଼ିକ ବାହାରୁ ଆସୁଥିବା ନାନା ଆବେଗ ଏବଂ ପ୍ରଭାବରୁହିଁ ଜନ୍ମଗ୍ରହଣ କରନ୍ତି । ବ୍ୟକ୍ତିର ଚେତନାଭୂମିରେ ଯେଉଁ ଶୃଙ୍ଖଳା ବା ପ୍ରେରଣାଟି ସତ୍ତାଟିର ସତ୍ୟଟି ମଧ୍ୟରୁ ଆସି, ବ୍ୟକ୍ତି ମଧ୍ୟରେ ରହିଥିବା ସତ୍ୟଟି ମଧ୍ୟରୁ, ତାହାର ପ୍ରକୃତ ସତ୍ୟ, ପ୍ରକୃତ ଆତ୍ମସତ୍ତା ମଧ୍ୟରୁ ଉନ୍ମେଷିତ ହୋଇ ଆପଣାକୁ ପ୍ରକାଶିତ କରି ଦେଉଥାଏ, ସେଇଟିକୁ ବ୍ୟକ୍ତ କରିବା ଲାଗିହିଁ ଆମେ ଖାସ୍ ଇଚ୍ଛାଶକ୍ତି ଶବ୍ଦଟିକୁ ବ୍ୟବହାର କରୁଥିଲୁ । ଆମେ ସେଇଟିକୁ ଇଚ୍ଛାଶକ୍ତି ବୋଲି କହିଥିଲୁ । ଏବଂ ଯେଉଁ ସବୁଟି ତାହା ନୁହେଁ, ତାହାର ମଧ୍ୟରୁ ଉଦ୍‌ଥିତ ସକଳ ଆବେଗ, ସକଳ କ୍ରିୟାତ୍ମକତା ଓ ସକଳ ଗତିସ୍ପନ୍ଦନକୁ ଆମେ "ନାନା ଇଚ୍ଛା" ବୋଲି କହିଥିଲୁ । ମୁଁ ବସ୍ତୁତଃ ତୁମମାନଙ୍କୁ କହିଥିଲି ଯେ, ତୁମର ଅଜାଣତରେ ଓ ବେଳେବେଳେ ତୁମର ଜାଣତରେ ମଧ୍ୟ ତୁମେ ଏପରି ଅନେକ ପ୍ରଭାବ ଦ୍ୱାରା ପ୍ରେରିତ ହେବାକୁ ଲାଗ, ଯାହାକି ବାହାରୁ ଆସି ତୁମର ସଂପୂର୍ଣ୍ଣ ଅସଜ୍ଞାନ ଅବସ୍ଥାରେ ତୁମ ଭିତରେ ପ୍ରବେଶ କରନ୍ତି ଓ ତୁମ ଭିତରେ, ତୁମେ ଯାହାକୁ "ଇଚ୍ଛା" ବୋଲି କୁହ, କୌଣସି ନିର୍ଦ୍ଦିଷ୍ଟ କଥା ଘଟିବାକୁ ଯାଉଛି ଓ ହୁଏତ ଆଉଗୋଟିଏ କଥା ଘଟିବାକୁ ଯାଉ ନାହିଁ ବୋଲି ଏକ ସଜ୍ଞାନତା ଜାଗ୍ରତ କରି ଆଣିଥାନ୍ତି ।

ତେଣୁ ମୋତେ ପଚରା ଯାଇଛି :

> "ବାହାରୁ ଆସୁଥିବା ଏହି ପ୍ରଭାବଗୁଡ଼ିକର ଯଥାର୍ଥ ପ୍ରକୃତିଟି କ'ଣ ? ସେଗୁଡ଼ିକ କିପରି କ୍ରିୟାଶୀଳ ହୋଇ ରହିଥାନ୍ତି, ଆପଣ ସେବିଷୟରେ ଏକ ବ୍ୟାଖ୍ୟା ଦେଇ ପାରିବେ କି ?"

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ପ୍ରଭାବଗୁଡ଼ିକ ନାନାବିଧ ପ୍ରକାରର ହୋଇ ରହିଥାନ୍ତି । ସେଗୁଡ଼ିକୁ ଆମେ ମନସ୍ତାତ୍ତ୍ୱିକ ଦିଗରୁ ଅଧ୍ୟୟନ କରିପାରିବା ଅଥବା ଏକ ସଂପୂର୍ଣ୍ଣ ଯାନ୍ତ୍ରିକ କ୍ରିୟାର ଦୃଷ୍ଟିକୋଣରୁ ମଧ୍ୟ ଅଧ୍ୟୟନ କରିପାରିବା । ଅବଶ୍ୟ ଏକଥା ମଧ୍ୟ ସତ୍ୟ ଯେ ଗୋଟିଏ ଆରଟିର କେବଳ ଏକ ଅନୁଲକ୍ଷଣ ହୋଇ ରହିଥାଏ, ଅର୍ଥାତ୍, ମନସ୍ତାତ୍ତ୍ୱିକ ସଂଘଟନର ଏକପ୍ରକାର ପରିଣାମସ୍ୱରୂପହିଁ ଯାନ୍ତ୍ରିକ କ୍ରିୟାଗତ ଘଟଣାଟି ଦୃଷ୍ଟିଗୋଚର ହୋଇଥାଏ ।

'oaob.nitrkl.ac.in' images reprocessed

ଖୁବ୍ କମ୍‌ସଂଖ୍ୟକ ବ୍ୟକ୍ତିଙ୍କ ମଧ୍ୟରେ ଏବଂ ଏପରିକି, ସର୍ବୋତ୍ତମ ବ୍ୟକ୍ତିମାନଙ୍କ ଜୀବନରେ ଜୀବନର କେତେକ ବିରଳ ମୁହୂର୍ତ୍ତରେ ସତ୍ତାର ଭିତ୍ତିଟି ସେହି ଗଭୀର, ଅନ୍ତର୍ଗତ ଏବଂ ଉଚ୍ଚତର ସତ୍ୟଟିକୁ ପ୍ରକୃତରେ ବ୍ୟକ୍ତ କରିବାକୁ ସମର୍ଥ ହୋଇଥାଏ ।

(କିନ୍ତୁ ସମସ୍ତ ନୀରବ ରହି ମାଆ ପୁଣି କହିଲେ) ବ୍ୟକ୍ତିର ଚେତନା ତା'ର ଶରୀରକୁ ପାର ହୋଇ ଆହୁରି ଅନେକ ଆଡ଼କୁ ବ୍ୟାପି ରହିଛି । ଆମେ ଦେଖିଛୁ ଯେ, ପ୍ରାଣିକ ସତ୍ତାର ତୁଳନାରେ ତଥାପି ଭୌତିକ ଏବଂ କେତେକ ଅବସ୍ଥାରେ ପ୍ରାୟ ଦୃଶ୍ୟମାନ ହୋଇ ରହିଥିବା ଏହି ସୂକ୍ଷ୍ମଭୌତିକ ସତ୍ତାଟି ମଧ୍ୟ ଅନେକ ସମୟରେ ଜଡ଼ ଶରୀରଟିର ଦୃଶ୍ୟମାନ ସୀମାଗୁଡ଼ିକୁ ଅତିକ୍ରମ କରି କେତେ କେତେ କୁଆଡ଼କୁ ଚାଲି ଯାଇଥାଏ । ଏହି ସୂକ୍ଷ୍ମଭୌତିକ ଅଂଶଟି ଏପରି କେତେକ ସକ୍ରିୟ ସ୍ପନ୍ଦନ ଦେଇ ତିଆରି ହୋଇଥାଏ, ଯେଉଁଗୁଡ଼ିକ କି ଅନ୍ୟ ବ୍ୟକ୍ତିମାନଙ୍କର ସୂକ୍ଷ୍ମଭୌତିକସ୍ତରୀୟ ସ୍ପନ୍ଦନଗୁଡ଼ିକର ସମ୍ପର୍କରେ ଆସିପାରନ୍ତି ଓ ସେଗୁଡ଼ିକ ସହିତ ଏକତ୍ର ସମ୍ମିଳିତ ହୋଇଯାଆନ୍ତି । ଏବଂ ଏହି ପାରସ୍ପରିକ ସମ୍ପର୍କରୁ ନାନା ପ୍ରଭାବର ଜନ୍ମ ହୋଇଥାଏ ଏବଂ ନିଃସନ୍ଦେହ ଭାବରେ ସେଥିମଧ୍ୟରୁ ସବୁଠାରୁ ଅଧିକ ଶକ୍ତିଶାଳୀ ସ୍ପନ୍ଦନଗୁଡ଼ିକ ଅନ୍ୟମାନଙ୍କ ତୁଳନାରେ ଅଧିକ ପ୍ରଭାବଶାଳୀ ହୋଇ ରହିଥାନ୍ତି । ଉଦାହରଣସ୍ୱରୂପ, ମୁଁ ଯେପରି ଏକାଧିକ ବାର ତୁମମାନଙ୍କୁ କହି ସାରିଥିବି, ଯଦି ତୁମ ଭିତରେ କୌଣସି ଭାବନା ରହିଛି, ତେବେ ସେହି ଭାବନାଟି ନାନା ସୂକ୍ଷ୍ମ ସ୍ପନ୍ଦନ ଦ୍ୱାରା ଆପଣାକୁ ଆବୃତ କରି ରଖିଛି, ଏବଂ ଏପରି ଏକ ବସ୍ତୁରେ ପରିଣତ ହୋଇଯାଉଛି, ଯାହାକି ଯଥାସମ୍ଭବ ସର୍ବୋତ୍ତମ ଭାବରେ ଆପଣାର ଉପଲବ୍ଧି ଲାଗି ପୃଥ୍ୱୀପରିବେଶ ମଧ୍ୟରେ ଭ୍ରମଣ ଓ ବିଚରଣ କରିବାରେ ଲାଗିଛି । ଏବଂ ଏହି ଭାବନାଟି ଅନ୍ୟ ଲକ୍ଷ ଲକ୍ଷ ଭାବନାର ଅନ୍ତର୍ଗତ ଗୋଟିଏ ଭାବନା ହୋଇଥିବାରୁ ସ୍ୱଭାବତଃ ତାହା ଆହୁରି କେତେକେତେ ସଙ୍କୁଳ ପାରସ୍ପରିକ କ୍ରିୟା ଓ ପ୍ରତିକ୍ରିୟାକୁ ଜନ୍ମ ଦେଉଛି ଏବଂ ତାହାର ଫଳସ୍ୱରୂପ ଯାହାକିଛି ଘଟୁଛି, ତାହା ସରଳ ଓ ଯୋଜନାବଦ୍ଧ କୌଣସି ଧାରାରେ ଆଦୌ ଘଟୁ ନାହିଁ ।

ତୁମେ ଯାହାକୁ ତୁମେ ନିଜେ ବୋଲି କହୁଛ, ତୁମର ଏହି ବର୍ତ୍ତମାନ ଚେତନାର ସୀମାଗୁଡ଼ିକ ମଧ୍ୟରେ ଯେଉଁ ବ୍ୟକ୍ତିସତ୍ତାଟି ଆବଦ୍ଧ ହୋଇ ରହିଛି, ତାହା ଅନୁକ୍ଷଣ ଏହିପରି ନାନା ସ୍ପନ୍ଦନ ଦ୍ୱାରା ବିଦ୍ଧ ହେବାରେ ଲାଗିଛି । ସେହି ସ୍ପନ୍ଦନଗୁଡ଼ିକ ବାହାରୁ ଆସି ତୁମ ଭିତରେ ପ୍ରବେଶ କରୁଛନ୍ତି ଏବଂ ସେମାନେ ଅନେକ ସମୟରେ ନାନାବିଧ ଇଙ୍ଗିତରୂପେ ତୁମ ଆଗରେ ଆପଣାକୁ ଉପସ୍ଥାପିତ କରିବାରେ ଲାଗିଛନ୍ତି । ଏହାକୁ ଆମେ ଏହିପରି ଅର୍ଥରେ ବୁଝିବା ଯେ, ଅଳ୍ପସଂଖ୍ୟକ କେତୋଟି ବ୍ୟତିକ୍ରମକୁ ବାଦ୍ ଦେଲେ, ସେହି କ୍ରିୟାଟି ସର୍ବପ୍ରଥମେ ମାନସିକ କ୍ଷେତ୍ରରେ ସଂଘଟିତ ହେଉଛି, ତା'ପରେ ପ୍ରାଣିକରେ ପରିଣତ ହେଉଛି ଓ ତା'ପରେ ଯାଇ ଶାରୀରିକ ସ୍ତରକୁ

'oaob.nitrkl.ac.in' images reprocessed

ଆସୁଛି । ମୁଁ ଏଠାରେ ଏହି କଥାଟିକୁ ସ୍ପଷ୍ଟ କରିଦେବାକୁ ଇଚ୍ଛା କରୁଛି ଯେ ଏହି କ୍ଷେତ୍ରରେ ବିଶୁଦ୍ଧ ମନର ଆଦୌ କୌଣସି ପ୍ରଶ୍ନ ଉଠୁ ନାହିଁ, ଏଠାରେ ଭୌତିକ ମନରହିଁ ପ୍ରଶ୍ନ ଉଠୁଛି; କାରଣ ସ୍ୱୟଂ ଭୌତିକ ଚେତନା ମଧ୍ୟରେ ବି ଏକ ମାନସିକ କ୍ରିୟାଶୀଳତା ଲାଗିରହିଛି, ଏକ ପ୍ରାଣିକ କ୍ରିୟାଶୀଳତା ଓ ଏକ ନିମ୍ନ ଭୌତିକ କ୍ରିୟାଶୀଳତା ବି ଲାଗିରହିଛି, ଏବଂ ଏହି ସବୁଯାକ ତୁମର ଭୌତିକ ଚେତନାଟି ମଧ୍ୟରେ, ତୁମର ଶରୀରଚେତନା ମଧ୍ୟରେ ଏବଂ ଶାରୀରିକ କ୍ରିୟାଗୁଡ଼ିକ ମଧ୍ୟରେହିଁ ସଂଘଟିତ ହେଉଛି; ତାହା ସର୍ବପ୍ରଥମେ ଏକ ମାନସିକ ସ୍ପନ୍ଦନରୂପେ ଆସି ପ୍ରବେଶ କରୁଛି ଏବଂ ନାନା ଇଙ୍ଗିତର ରୂପ ଗ୍ରହଣ କରି ଏହିପରି ପ୍ରବେଶ କରିବାରେ ଲାଗିଛି । ଅଧିକାଂଶ ସମୟରେ ଏହି ସଙ୍କେତମାନ ଏପରି ଭାବରେ ପ୍ରବେଶ କରୁଛି ଯେ ତୁମେ ସେଗୁଡ଼ିକ ବିଷୟରେ ଆଦୌ ଏକ୍ଷେ ଟିକିଏ ହେଲେ ବି ସଚେତନ ହୋଇ ପାରୁ ନାହଁ; ସେଗୁଡ଼ିକ ସେହିପରି ପ୍ରବେଶ କରିବାରେ ଲାଗିଛନ୍ତି, ତୁମ ଭିତରେ କୌଣସି ନା କୌଣସି ପ୍ରକାରର ଅନୁସ୍ପନ୍ଦନ ଜାଗ୍ରତ କରି ଦେଉଛନ୍ତି, ତା'ପରେ ସେମାନେ ତୁମର ଚେତନା ମଧ୍ୟରେ ଜନ୍ମପ୍ରଦାନ କରି ଆସୁଛନ୍ତି, ଏବଂ, ସତେଯେପରି ସେଗୁଡ଼ିକ ତୁମର ଭାବନା, ତୁମର ଇଚ୍ଛା ଓ ତୁମର ନିଜ ଆବେଗ ହୋଇ ରହିଥିଲେ, ସେହିପରି ଏକ ପ୍ରତ୍ୟୟ ଦେବାରେ ଲାଗିଛନ୍ତି । ମାତ୍ର, ଏପରି ହେଉଛି, କାରଣ ସେମାନେ ତୁମ ଭିତରେ ଆସି ପ୍ରବେଶ କରିବାର ପ୍ରକ୍ରିୟାଟି ବିଷୟରେ ତୁମେ ଅସଚେତ ହୋଇ ରହିଛ ।

ଏହିସବୁ ସଙ୍କେତ ଅନେକ ସଂଖ୍ୟାରେ ଆସୁଥାନ୍ତି, ଅନେକ ପ୍ରକାରର ହୋଇ ଆସୁଥାନ୍ତି, ବହୁବିଚିତ୍ର ହୋଇ ଆସନ୍ତି, ସେଗୁଡ଼ିକର ପ୍ରକୃତି ପରସ୍ପରଠାରୁ ଅତ୍ୟନ୍ତ ପୃଥକ୍ ହୋଇ ରହିଥାଏ; ମାତ୍ର ସେମାନଙ୍କୁ ଆମେ ମୁଖ୍ୟତଃ ତିନୋଟି ଶ୍ରେଣୀରେ ବିଭକ୍ତ କରିପାରିବା । ପ୍ରଥମଗୁଡ଼ିକ ହେଉଛନ୍ତି,—ସେଗୁଡ଼ିକ ସାଧାରଣ ଚେତନା ଲାଗି କ୍ୱଚିତ୍ ବୋଧ ହୋଇ ରହିଥାନ୍ତି, ଯେଉଁମାନେ ଆଗରୁ ଅନେକ ମନନ କରିଛନ୍ତି, ଅନେକ ପର୍ଯ୍ୟବେକ୍ଷଣ କରିଛନ୍ତି ଏବଂ ଆପଣାର ସତ୍ତାଟିକୁ ଗଭୀର ଭାବରେ ଅଧ୍ୟୟନ କରିଛନ୍ତି, କେବଳ ସେହିମାନଙ୍କ ଲାଗିହିଁ ସେସବୁ ବୋଧଗମ୍ୟ ହୋଇଥାଏ,—ସେହି ପ୍ରଥମଗୁଡ଼ିକୁ ଆମେ ସାମୂହିକ ସଙ୍କେତ ବୋଲି କହିପାରିବା ।

ଯେତେବେଳେ କୌଣସି ସତ୍ତା ପୃଥିବୀପୃଷ୍ଠରେ ଜନ୍ମଗ୍ରହଣ କରେ, ସେତେବେଳେ ସିଏ ଅନିବାର୍ଯ୍ୟତଃ ଏକ ନିର୍ଦ୍ଦିଷ୍ଟ ଦେଶରେ ଓ ଏକ ନିର୍ଦ୍ଦିଷ୍ଟ ବାତାବରଣରେହିଁ ଜନ୍ମଗ୍ରହଣ କରିଥାଏ । ତା'ର ବାପମାଆଙ୍କ କାରଣରୁ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ସାମାଜିକ, ସଂସ୍କୃତିଗତ, ଜାତୀୟ ଏବଂ ବେଳେବେଳେ ଧର୍ମଗତ ପରିବେଶ ମଧ୍ୟରେହିଁ ସେ ଜନ୍ମଗ୍ରହଣ କରେ । କେତେଗୁଡ଼ିଏ ଭାବନାଗତ, ବୋଧଗତ, ଅନୁଭୂତିଗତ, କଳ୍ପନାଗତ ପରିବେଶ ମଧ୍ୟରେ ଜନ୍ମଗ୍ରହଣ କରିଥାଏ । ଯାବତୀୟ ନାନା ସଂରଚନା

'oaob.nitrkl.ac.in' images reprocessed

ମଧ୍ୟରେ ଜନ୍ମ ନେଇଥାଏ, ଯାହାକି ପ୍ରଥମେ ମନୋଗତ ହୋଇ ରହିଥାନ୍ତି, ତା'ପରେ ପ୍ରାଣଗତ କେତେକ ଅଭ୍ୟାସରେ ପରିଣତ ହୁଅନ୍ତି, ଏବଂ ଶେଷରେ ଜୀବନର କେତୋଟି ସ୍ଥୂଳ ଧାତରେ ପରିଣତ ହୋଇଥାନ୍ତି । ଏହି କଥାଟିକୁ ଅଧିକ ପରିଷ୍କାର କରି କହିବାକୁ ଗଲେ, ତୁମେ ସର୍ବଦା କୌଣସି ନା କୌଣସି ନିର୍ଦ୍ଦିଷ୍ଟ ସମାଜ ବା ଧର୍ମପରିବେଶ ମଧ୍ୟରେ ଜନ୍ମଗ୍ରହଣ କର, କୌଣସି ଏକ ନିର୍ଦ୍ଦିଷ୍ଟ ଦେଶରେ ଜନ୍ମଗ୍ରହଣ କର; ଏବଂ ସେହି ସମାଜର ସର୍ବଦା ଏକ ସ୍ୱକୀୟ ସାମୂହିକ କଳ୍ପନା ରହିଥାଏ, ସେହି ଜାତିର ମଧ୍ୟ ଏକ ସ୍ୱକୀୟ ସାମୂହିକ କଳ୍ପନା ରହିଥାଏ, ସେହି ଧର୍ମର ଏକ ସ୍ୱକୀୟ ସାମୂହିକ "ଗଠନ" ରହିଥାଏ, ଯାହାକି ସାଧାରଣତଃ ଅତ୍ୟନ୍ତ ଅପରିବର୍ତ୍ତନୀୟ ହୋଇଥିଲା ପରି ହୋଇ ରହିଥାଏ । ଏହିପରି ଏକ ପରିବେଶ ବା ଗଠନ ମଧ୍ୟରେ ତୁମେ ଜନ୍ମଗ୍ରହଣ କର । ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଯେତେବେଳେ ତୁମର ବୟସ ଖୁବ୍ ଅଳ୍ପ ହୋଇଥାଏ, ତୁମେ ସେବିଷୟରେ ମୋଟେ ସଜ୍ଞାନ ନଥାଅ, ମାତ୍ର ତୁମ ଜୀବନଟିର ଗଠନଟି ଉପରେ ମଧ୍ୟ ତାହାର ଏକ ପ୍ରଭାବ ପଡ଼ିବାରେ ଲାଗିଥାଏ; ଘଣ୍ଟା ଘଣ୍ଟା, ଦିନ ଦିନ ଧରି ତୁମର ମନ୍ତ୍ରର ଭାବରେ ଯେଉଁ ଗଠନ ହୋଇ ଚାଲିଥାଏ, ଅଭିଜ୍ଞତା ପଛକୁ ଯେପରି ଆହୁରି ଅନେକ ଅଭିଜ୍ଞତା ଆସିବାରେ ଲାଗିଥାଏ, ତାହାର ଉପରେ ପ୍ରଭାବ ପଡ଼ୁଥାଏ ଏବଂ କ୍ରମଶଃ ଏକ ଚେତନା ଗଢ଼ିହୋଇ ଆସୁଥାଏ । ସତେଅବା କୌଣସି ଗୋଟିଏ ଯୋଡ଼ଣି ତଳେ ରହିଲା ପରି ତୁମେ ସେହିସବୁର ତଳେ ରହିଥାଅ । ଏହା ଏପରି ଗୋଟିଏ ପ୍ରକାରର ଗଢ଼ଣ ହୋଇ ରହେ, ଯାହାକି ତୁମକୁ ଘୋଡ଼ାଇ ରଖେ, ସଂରକ୍ଷିତ କରି ରଖେ, ମାତ୍ର ଅନ୍ୟ ନାନା ଦୃଷ୍ଟିରୁ ଦେଖିଲେ ତୁମକୁ ପ୍ରଭୂତ ଭାବରେ କେତୋଟି ସୀମା ମଧ୍ୟରେ ଗାର ଟାଣି ରଖିଦିଏ । ଏବିଷୟରେ ଆଦୌ କିଛି ନଜାଣି ମଧ୍ୟ ତୁମେ ଏହିସବୁକୁ ଗ୍ରହଣ କରିବାରେ ଲାଗିଥାଅ ଏବଂ ତାହା ତୁମ ସ୍ୱଗଠନଟିର ଏକ ଅବଚେତନ ଭିତ୍ତି ପରି ହୋଇ ରହେ । ଏହି ଅବଚେତନ ଭିତ୍ତିଟି ସମସ୍ତ ଜୀବନ ତୁମ ଉପରେ କାର୍ଯ୍ୟ କରିବା ଲାଗି ଅଭିପ୍ରେତ ହୋଇ ରହିଥାଏ; ଆପଣାକୁ ତାହାର କବଳରୁ ମୁକ୍ତ କରି ଆଣିବାକୁ ଯତ୍ନବାନ୍ ନହେଲେ ତାହା ସେହିପରି ହୋଇ ରହିଥାଏ । ଏବଂ, ତାହାର କବଳରୁ ଆପଣାକୁ ମୁକ୍ତ କରି ଆଣିବାକୁ ହେଲେ, ତୁମକୁ ସର୍ବପ୍ରଥମେ ସେବିଷୟରେ ସଜ୍ଞାନ ହେବାକୁ ପଡ଼ିବ ଏବଂ ଏଥିଲାଗି ସର୍ବପ୍ରଥମ ପଦକ୍ଷେପଟି ହେଉଛି ସବୁଠାରୁ ଅଧିକ କଷ୍ଟକର; କାରଣ ଏହି ସଂରଚନଟି ପ୍ରକୃତରେ ଏପରି ଏକ ସୂକ୍ଷ୍ମ ସଂରଚନ ହୋଇ ରହିଥିଲା, ଯେତେବେଳେ ସେଇଟିର ଗଠନ ହୋଇଥିଲା, ସେତେବେଳେ ତୁମେ ଏକ ସତ୍ତା ହିସାବରେ ଆଦୌ ସଚେତନ ହୋଇ ନଥିଲ, ଯେତେବେଳେ ତୁମେ ଆଉଗୋଟିଏ ପୃଥିବୀରୁ ଏହି ପୃଥିବୀଟି ଉପରକୁ ସମ୍ପୂର୍ଣ୍ଣ ଭାବରେ ହତଚକିତ ହୋଇ ଖସି ପଡ଼ିଥିଲ (ସମସ୍ତେ ହସିଉଠିଲେ) ଏବଂ ଏସବୁ ଘଟଣାରେ ତୁମେ ଏକେ

'oaob.nitrkl.ac.in' images reprocessed

ଟିକିଏ ହେଲେ ମଧ୍ୟ ଅଂଶଗ୍ରହଣ କରି ନଥିଲ । ତେଣୁ, ଏହି ବିଷୟରେ ତୁମର ହୁଏତ କୌଣସି ଧାରଣା ବି ହୁଏ ନାହିଁ ଯେ ଏହି କ୍ଷେତ୍ରରେ ପ୍ରକୃତରେ କିଛି ନା କିଛି ଜାଣିବାକୁ ରହିଛି; ଏବଂ ତୁମକୁ ଆଦୌ କୌଣସି ଜାଲରୁ ମୁକ୍ତିଲାଭ କରିବାକୁ ହେବ ବୋଲି ତ ତୁମେ ଆହୁରି କମ୍ ପରିମାଣରେ ଜାଣିଥାଅ । ଏବଂ ଏହା ପ୍ରକୃତରେ ବେଶ୍ ଲକ୍ଷ୍ୟ କରି ରଖିବାର କଥା ଯେ, ଯେତେବେଳେ କୌଣସି ନା କୌଣସି କାରଣ ହେତୁ ତୁମେ ଏହି ସାମୂହିକ ସଙ୍କେତର ତୁମ ଉପରେ ରହିଥିବା ଅଧିକାରିତ୍ୱ ବିଷୟରେ ପ୍ରକୃତରେ ସଜ୍ଞାନ ହୋଇଯାଅ, ସେତେବେଳେ ତୁମେ ଯୁଗପତ୍ ଭାବରେ ଏହି କଥାଟିକୁ ମଧ୍ୟ ଉପଲବ୍ଧି କର ଯେ ଏଥିରୁ ନିସ୍ତାର ଲାଭ କରିବାକୁ ହେଲେ ତୁମକୁ ବେଶ୍ ଦୀର୍ଘ କାଳ ପାଇଁ ଏକ ଶ୍ରମଶୀଳ ଚେଷ୍ଟା କରିବାକୁହିଁ ପଡ଼ିବ । ମାତ୍ର ସେତିକିରେ ବି ସମସ୍ୟାଟିର ଅନ୍ତ ହୁଏ ନାହିଁ ।

ତୁମର ଘର ପାଖରେ ଆହୁରି କେତେ ଲୋକ ବାସ କରୁଥାନ୍ତି । ସେହି ଲୋକମାନଙ୍କର ସ୍ୱକୀୟ ବାସନାମାନ ଥାଏ, ଏଣୁତେଣୁ କେତେପ୍ରକାରର କେତେ ଇଚ୍ଛା ଥାଏ ଏବଂ ସେହିଗୁଡ଼ିକର ମାଧ୍ୟମରେ ସେମାନେ କେତେପ୍ରକାରର ଆବେଗମାନ ବ୍ୟକ୍ତ କରିବାରେ ବି ଲାଗିଥାନ୍ତି ଏବଂ ସେଗୁଡ଼ିକ ପଛରେ ନାନାପ୍ରକାର କେତେ କେତେ କାରଣ ରହିଥାଏ, ମାତ୍ର ସେଗୁଡ଼ିକ ସେହି ବ୍ୟକ୍ତିମାନଙ୍କର ଜୀବନକୁ ଆସି ଏକ ବ୍ୟକ୍ତିଗତ ରୂପ ଧାରଣ କରି ରହିଥାନ୍ତି । ଉଦାହରଣସ୍ୱରୂପ, ଏହି କଥାଟିକୁ ଏକ ଅତ୍ୟନ୍ତ ବ୍ୟାବହାରିକ ଭାଷା ଦେଇ କହିଲେ : ତୁମର ବାପା ଥାଆନ୍ତି, ମାଆ ଥାଆନ୍ତି, ଭାଇଭଉଣୀ ରହିଥାନ୍ତି, ବନ୍ଧୁ ଓ ସାଥୀମାନେ ଥାଆନ୍ତି; ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ଅନୁଭବ କରିବାର ଓ ଇଚ୍ଛା କରିବାର ସ୍ୱକୀୟ ଧାରାଟି ରହିଥାଏ । ଏବଂ, ଯେଉଁମାନଙ୍କ ସହିତ ତୁମେ ଏହିପରି ଭାବରେ ସମ୍ବନ୍ଧଯୁକ୍ତ ହୋଇ ରହିଥାଅ, ସେମାନେ ତୁମଠାରୁ କିଛି ନା କିଛି ଆଶା କରୁଥାନ୍ତି, ଏବଂ ତୁମେ ମଧ୍ୟ ସେହିପରି ସେମାନଙ୍କଠାରୁ ବି କିଛି ଆଶା କରୁଥାଅ । ସେଇଟାକୁ ସେମାନେ ସବୁବେଳେ ଖୋଲି ତୁମ ଆଗରେ ପ୍ରକାଶ କରନ୍ତି ନାହିଁ, ମାତ୍ର ତାହା ସେମାନଙ୍କ ମଧ୍ୟରେ ଅଳ୍ପବହୁତ ସଚେତନ ହୋଇ ରହିଥାଏ । ଏବଂ ସେଇଥିରୁହିଁ ସଂରଚନାଗୁଡ଼ିକର ଜନ୍ମ ହୋଇଥାଏ । ଏହି ସଂରଚନାଗୁଡ଼ିକ ପ୍ରତ୍ୟେକ ବ୍ୟକ୍ତିର ଭାବନା-ସାମର୍ଥ୍ୟ ଏବଂ ପ୍ରାଣଶକ୍ତିର ବଳଟି ଅନୁସାରେ ଅଳ୍ପ ବା ବହୁତ ପରିମାଣରେ ଶକ୍ତିଶାଳୀ ହୋଇ ରହିଥାନ୍ତି, ମାତ୍ର ସେମାନଙ୍କର ସ୍ୱକୀୟ କ୍ଷୁଦ୍ର ବଳଟି ମଧ୍ୟ ଥାଏ, ଯାହାକି ସାଧାରଣତଃ ତୁମ ବଳର ପ୍ରାୟ ସମାନ ହୋଇ ରହିଥାଏ । ତେଣୁ, ତୁମର ଘର ପାଖରେ ରହିଥିବା ବ୍ୟକ୍ତିମାନେ ତୁମଠାରୁ ଯାହା ଆବଶ୍ୟକ କରନ୍ତି, ଇଚ୍ଛା କରନ୍ତି, ଆଶା ଅଥବା ପ୍ରତ୍ୟାଶା କରୁଥାନ୍ତି, ତାହା ଏହିପରି ଭାବରେ କ୍ୱଚିତ୍ ପ୍ରକାଶିତ ସଙ୍କେତ ଓ ଇଙ୍ଗିତଗୁଡ଼ିକର ରୂପ ଧାରଣ କରି ତୁମ ଭିତରେ ପ୍ରବେଶ କରନ୍ତି, ମାତ୍ର ସେଗୁଡ଼ିକୁ

'oaob.nitrkl.ac.in' images reprocessed

ତୁମେ କୌଣସି ପ୍ରକାର ପ୍ରତିରୋଧ ନକରି ଗ୍ରହଣ କରିନଅ । ସେଗୁଡ଼ିକ ତୁମ ଭିତରେ ମଧ୍ୟ ହଠାତ୍ ସେହିପରି ଏକ ବାସନା, ଇଚ୍ଛା ଓ ଆବେଗର ଉଦ୍ରେକ କରାଇ ଆଣନ୍ତି···ଏହି କଥାଟି ସକାଳୁ ରାତିଯାଏ ଓ ପୁଣି ରାତିରୁ ସକାଳ ହେବାଯାଏ ଲାଗି ରହିଥାଏ; କାରଣ ତୁମେ ନିଦରେ ଶୋଇଥିବା ସମୟରେ ମଧ୍ୟ ଏଗୁଡ଼ିକର କାର୍ଯ୍ୟ ବନ୍ଦ ହୁଏ ନାହିଁ, ମାତ୍ର ଓଲଟି, ତୁମର ଚେତନା ସେତେବେଳେ ଜାଗ୍ରତ ହୋଇ ରହି ନଥିବାରୁ ଓ କେତେକ ପରିମାଣରେ ତୁମର ପହରା ଦେଇ ତୁମକୁ ରକ୍ଷା ନକରୁ ଥିବାରୁ ସେଗୁଡ଼ିକ ଅନେକ ସମୟରେ ଆହୁରି ଅଧିକ ସଘନ ହୋଇ ଯାଇଥାଏ ।

ଏବଂ ଏହି କଥାଟି ଅତ୍ୟନ୍ତ ସାଧାରଣ ଭାବରେ ଘଟେ, ଏତେ ବେଶୀ ସାଧାରଣ ଭାବରେ ଘଟେ ଯେ ତାହାକୁ ସମସ୍ତେ ଅତି ସ୍ୱାଭାବିକ ବୋଲି ଅନୁଭବ କରନ୍ତି; ଏତେବେଶୀ ସ୍ୱାଭାବିକ ବୋଲି ଅନୁଭବ କରନ୍ତି ଯେ ସେଇଟି ବିଷୟରେ କୌଣସି ସଜ୍ଞାନତା ଅର୍ଜନ କରିବାକୁ ହେଲେ ତୁମ ଲାଗି ବିଶେଷ ପରିସ୍ଥିତି ଓ ଅତ୍ୟନ୍ତ ଅସାଧାରଣ ଅବସରଗୁଡ଼ିକର ଆବଶ୍ୟକତା ରହିଥାଏ । ତେଣୁ, ଫଳରେ, ଏଥିରେ ଆଉ କିଛିହେଲେ କହିବାକୁ ନଥାଏ ଯେ ତୁମ ନିଜର ଯାବତୀୟ ଅନୁସ୍ପନ୍ଦନ, ଯାବତୀୟ ଆବେଗ ଏବଂ ଯାବତୀୟ ଇଚ୍ଛାର ମଧ୍ୟ ଅନ୍ୟମାନଙ୍କ ଉପରେ ଏକ ସଦୃଶ ପ୍ରଭାବ ପଡ଼ିବାରେ ଲାଗିଥାଏ ଏବଂ ଏହି ସବୁଯାକ ଏକାଠି ମିଶି ଏପରି ଏକ ଚମତ୍କାର ସମ୍ମିଶ୍ରଣଟିଏ ତିଆରି କରି ରଖିଥାନ୍ତି, ଯେଉଁଥିରେ କି ଯାହାର ଜୋର୍, ମୂଲ୍‌କଟାଯାକ କେବଳ ତାହାରି ହୋଇ ରହିଥାଏ ।

ଯଦି ସେତିକିରେହିଁ ସମସ୍ୟାଟିର ଶେଷ ହୋଇ ଯାଉଥାନ୍ତା, ତେବେ ସେହି ଅଡ଼ୁଆ ଭିତରୁ ଉଦ୍ଧାର ଆସିବାର ତଥାପି ସମ୍ଭାବନା ରହିଥାନ୍ତା; ମାତ୍ର ସେହି କ୍ଷେତ୍ରରେ ଏକ ଜଟିଳତା ବି ରହିଥାଏ । ଏହି ପାର୍ଥିବ ଜଗତ, ମନୁଷ୍ୟର ଏହି ଜଗତଟି ଉପରେ ପ୍ରତିବେଶୀ ଅନ୍ୟାନ୍ୟ ଜଗତରୁ ସତତ ନାନା ଶକ୍ତିର ଆକ୍ରମଣ ଲାଗି ରହିଥାଏ, ଅର୍ଥାତ୍ ତା' ଉପରେ ପ୍ରାଣିକ ଜଗତର, ଏହି ଚତୁର୍ବିଧ ପୃଥ୍ୱୀ-ପରିବେଶର* ବାହାରେ ଥିବା ସୂକ୍ଷ୍ମତର ରାଜ୍ୟାୟତନଟିର ଆକ୍ରମଣ ଲାଗି ରହିଥାଏ । ଏବଂ ଏହି ଯେଉଁ ପ୍ରାଣମୟ ଜଗତଟି ଚୈତ୍ୟ ଶକ୍ତିଗୁଡ଼ିକ ଦ୍ୱାରା ଅଥବା ଚୈତ୍ୟ ଚେତନାଟିର ପ୍ରଭାବ ଦ୍ୱାରା କୌଣସି ପ୍ରକାରେ ପ୍ରଭାବିତ ହେଉ ନଥାଏ, ତାହା ହେଉଛି ମର୍ମତଃ ନାନା ଅସତ୍-ଇଚ୍ଛା, ବିଶୃଙ୍ଖଳା, ବିଷମତା ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ଏକ ଜଗତ; ଆମେ ଯେତେ ଯାହା ଦିବ୍ୟଭାବବିରୋଧୀ ବସ୍ତୁଗୁଡ଼ିକର କଳ୍ପନା କରିପାରିବା, ବସ୍ତୁତଃ ସେଇଟି ହେଉଛି ଏହି ସବୁଗୁଡ଼ିକର ଜଗତ । ଏହି

* ଚତୁର୍ବିଧ ପରିବେଶ : ଭୌତିକ, ପ୍ରାଣଗତ, ମନୋଗତ ଏବଂ ଚୈତ୍ୟ ।

'oaob.nitrkl.ac.in' images reprocessed

ପ୍ରାଣମୟ ଜଗତଟି ଅନୁକ୍ଷଣ ଭୌତିକ ଜଗତଟିକୁ ଭେଦ କରିବାରେ ଲାଗିଛି, ଏବଂ ଭୌତିକ ଜଗତଟି ତୁଳନାରେ ତାହା ଅଧିକ ପରିମାଣରେ ସୂକ୍ଷ୍ମ ହୋଇଥିବାରୁ କେବଳ ଅତ୍ୟନ୍ତ ବିରଳ କେତେକ ବ୍ୟକ୍ତିଙ୍କୁ ଛାଡ଼ିଦେଲେ ତାହା ଅଧିକାଂଶ ସମୟରେ ବେଶ୍ ଅବୋଧ ମଧ୍ୟ ହୋଇ ରହିଛି । ସେହି ଜଗତଟିରେ ସତ୍ତା ଅଛନ୍ତି, ଆକୃତିମାନ ରହିଛନ୍ତି, କେତେକେତେ ଇଚ୍ଛା ରହିଛି, ବିଭିନ୍ନ ପ୍ରକାରର ବ୍ୟକ୍ତିସତ୍ତା ମଧ୍ୟ ଅଛନ୍ତି; ସେମାନଙ୍କର ଯାବତୀୟ ପ୍ରକାରର ଅଭିପ୍ରାୟ ରହିଛି, ଏବଂ ଯଦି ସେମାନେ ଗୋଟିଏ ଗୋଟିଏ କ୍ଷୁଦ୍ର ସତ୍ତା ହୋଇଥାନ୍ତି, ତେବେ ଆପଣାକୁ କିଞ୍ଚିତ୍ ଆମୋଦିତ କରିବା ପାଇଁ ଅଥବା, ଯଦି ଅଧିକ ସାମର୍ଥ୍ୟ ରହିଥିବା ସତ୍ତା ହୋଇଥାନ୍ତି, ତେବେ ଅନିଷ୍ଟ କରିବା ପାଇଁ ଏବଂ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ସେମାନେ ପ୍ରତ୍ୟେକ ଅବସରକୁ କାମରେ ଲଗାଇବାରେ ଲାଗିଥାନ୍ତି । ଏବଂ ଯେଉଁମାନଙ୍କର ଅଧିକ ସାମର୍ଥ୍ୟ ରହିଥାଏ, ସେମାନଙ୍କଠାରେ ଭେଦ କରିବାର ଏବଂ ପ୍ରରୋଚନା ଦେବାର ପ୍ରଭୂତ ଶକ୍ତି ମଧ୍ୟ ରହିଥାଏ ଏବଂ ସେମାନେ ଯେଉଁଠି ଏତେ ଟିକିଏ ବି ବାଟ ରହିଥିବାର ଦେଖନ୍ତି, ଏତେ ଟିକିଏ ସାଦୃଶ୍ୟ ରହିଥିବାର ସୁବିଧା ପାଆନ୍ତି, ସେମାନେ ସେଠାକୁ ତତ୍‌କ୍ଷଣାତ୍ ଧାଇଁଯାଆନ୍ତି, କାରଣ ସେମାନେ ଏହିପରି ଏକ ଖେଳରୁହିଁ ଭାରି ମଜା ପାଇବାରେ ଲାଗିଥାନ୍ତି ।

ଏତଦ୍‌ବ୍ୟତୀତ, ସେମାନେ ମନୁଷ୍ୟମାନଙ୍କଠାରେ ରହିଥିବା କେତୋଟି ନିର୍ଦ୍ଦିଷ୍ଟ ପ୍ରାଣିକ ସ୍ପନ୍ଦନ ଲାଗି ଭାରି ତୃଷିତ ବା ବୁଭୁକ୍ଷିତ ହୋଇ ରହିଥାନ୍ତି; ଏହାକୁ ସେମାନେ ଏକ ଅତ୍ୟନ୍ତ ବିରଳ ସ୍ୱାଦପୂର୍ଣ୍ଣ ଆହାର ପରି ଖୋଜିବାରେ ଲାଗିଥାନ୍ତି ଏବଂ ସେହିପରି ଆହାରଟିଏ ପାଇଲେ ତାହାକୁ ଉପଭୋଗ କରିବେ ବୋଲି ଟାକି ବସିଥାନ୍ତି । ତେଣୁ, ମନୁଷ୍ୟ ଭିତରେ ଏହିସବୁ ଅନିଷ୍ଟକାରୀ ଗତିସ୍ପନ୍ଦନଗୁଡ଼ିକୁ ଉତ୍ତେଜିତ କରି ଆଣିବାରେହିଁ ସେମାନଙ୍କର କ୍ରୀଡ଼ାଟି ନିହିତ ହୋଇ ରହିଥାଏ, ଯେପରିକି ମଣିଷ ଭିତରୁ ଏହିସବୁ ଶକ୍ତି ଉଦ୍‌ଗତ ହୋଇ ଆସିବ ଏବଂ ସେମାନେ ମନଖୁସିରେ ତାହାକୁ ଭୋଜ୍ୟରୂପେ ଗ୍ରହଣ କରିପାରିବେ । କ୍ରୋଧ, ହିଂସା, ପ୍ରବଳ ଆବେଗ, ବାସନାର ଯାବତୀୟ ଗତିସ୍ପନ୍ଦନ, ଏହି ଯେଉଁସବୁ ସଙ୍ଘଟନ ତୁମକୁ ଆପଣାଠାରୁ ହଠାତ୍ କେତେକ ଶକ୍ତିକୁ ନିକ୍ଷିପ୍ତ କରିଦେବା ଲାଗି ପ୍ରବୃତ୍ତ କରାଇ ଆଣିଥାନ୍ତି, ସେଗୁଡ଼ିକୁ ତୁମରି ମଧ୍ୟରୁ ପ୍ରକ୍ଷେପିତ କରିଦେବାକୁ ବାଧ୍ୟ କରନ୍ତି, ପ୍ରାଣମୟ ଜଗତର ଏହି ଶକ୍ତିଗୁଡ଼ିକ ଠିକ୍ ସେହିଗୁଡ଼ିକୁହିଁ ସବୁଠାରୁ ଅଧିକ ପସନ୍ଦ କରନ୍ତି, କାରଣ, ମୁଁ ଯେପରି କହୁଥିଲି, ସେମାନେ ଠିକ୍ ଏକ ରୁଚିକର ଆହାର ପରି ସେଗୁଡ଼ିକୁ ଉପଭୋଗ କରନ୍ତି । ଏବଂ ସେମାନେ ଏଥିଲାଗି ଭାରି ସହଜ କୌଶଳମାନ ଅବଲମ୍ବନ କରନ୍ତି : ସେମାନେ ତୁମ ଲାଗି କୌଣସି ଏକ କ୍ଷୁଦ୍ର ଇଙ୍ଗିତକୁ ପ୍ରେରଣ କରନ୍ତି, ଏକ କ୍ଷୁଦ୍ର ଆବେଗ ଅଥବା କ୍ଷୁଦ୍ର ସ୍ପନ୍ଦନକୁ ପଠାଇ

'oaob.nitrkl.ac.in' images reprocessed

ଦିଅନ୍ତି; ତାହା ତୁମ ଭିତରେ ଅତ୍ୟନ୍ତ ଗଭୀର ଭାବରେ ପ୍ରବେଶ କରେ ଏବଂ ସଂକ୍ରମଣ ଏବଂ ସଂଗଠନ ବଳରେ ତୁମ ଭିତରେ ଏପରି ଏକ ସ୍ପନ୍ଦନ ଜାଗ୍ରତ କରାଇ ଆଣେ, ଯାହାକି ସେମାନେ ଗ୍ରହଣ କରିବାକୁ ଇଚ୍ଛା କରୁଥିବା ଆବଶ୍ୟକ ଶକ୍ତିଟିକୁ ତୁମଠାରୁ ଉତ୍କ୍ଷିପ୍ତ କରାଇଆଣେ ।

ସେହି କ୍ଷେତ୍ରରେ ସେହି ପ୍ରଭାବଟିକୁ ଚିହ୍ନି ପାରିବା ଅପେକ୍ଷାକୃତ ଅଧିକ ସହଜ, କାରଣ, ଯଦି ତୁମେ ଏତେ ଟିକିଏ ବି ମନୋଯୋଗୀ ହୋଇ ରହିଥାଅ, ତେବେ ତୁମେ ନିଶ୍ଚୟ ଏପରି ଏକ ବସ୍ତୁ ବିଷୟରେ ସଜ୍ଞାନ ହୋଇ ପାରିବ, ଯାହାକି ହଠାତ୍ ଆସି ତୁମ ଭିତରେ ଜାଗ୍ରତ ହୋଇ ଉଠିଛି । ଉଦାହରଣସ୍ୱରୂପ, ଯେଉଁମାନଙ୍କର ହଠାତ୍ କ୍ରୋଧାନ୍ୱିତ ହୋଇ ପଡ଼ିବାର ଅଭ୍ୟାସ ରହିଛି, ଯଦି ଆପଣାର କ୍ରୋଧସଂବରଣ କରିବା ଲାଗି ସେମାନେ ଏତେ ଟିକିଏ ହେଲେ ବି ପ୍ରୟାସ କରିଥାନ୍ତି, ତେବେ ସେମାନେ ନିଶ୍ଚୟ ଏପରି କୌଣସି ଏକ ବସ୍ତୁକୁ ବାହାରୁ ଆସିବାର ଅଥବା ନିମ୍ନରୁ ଉତ୍ଥିତ ହେବାର ଲକ୍ଷ୍ୟ କରିପାରିବେ, ଯାହାକି ଏହିପରି ଆସି ସେମାନଙ୍କର ଚେତନାକୁ କବଳିତ କରିନିଏ ଏବଂ ସେମାନଙ୍କ ମଧ୍ୟରେ କ୍ରୋଧଟିକୁ ଜାଗ୍ରତ କରିଆଣେ । ସମସ୍ତେ ଯେ ଏପରି ଲକ୍ଷ୍ୟ କରିବା ଲାଗି ସମର୍ଥ ହେବେ, ଏହା ଦ୍ୱାରା ମୁଁ ଆଦୌ ସେକଥା କହୁ ନାହିଁ । ମୁଁ କେବଳ ସେହିମାନଙ୍କ କଥା କହୁଛି, ଯେଉଁମାନେ ନିଜର ସ୍ୱଭାବଟିକୁ ବୁଝିବାକୁ ଚେଷ୍ଟା କରିଛନ୍ତି ଏବଂ ତାହାକୁ ନିୟନ୍ତ୍ରିତ କରିବାକୁ ବି ଚେଷ୍ଟା କରିଛନ୍ତି । ଏହିସବୁ ପ୍ରତିକୂଳ ଇଙ୍ଗିତକୁ ବାରିନେଇ ପାରିବା ଅପେକ୍ଷାକୃତ ଅଧିକ ସହଜ; ଉଦାହରଣ-ସ୍ୱରୂପ, ଯେଉଁ ବ୍ୟକ୍ତିର ସ୍ୱଭାବ ତୁମ ସ୍ୱଭାବର ଅନୁରୂପ ହୋଇ ରହିଥାଏ, ଏବଂ ତେଣୁ, ସିଏ ତୁମ ଉପରେ ପ୍ରଭାବ ପକାଇଲା ବେଳେ କିଛି ବାହାରୁ ଆସି ତୁମ ଭିତରେ ପ୍ରବେଶ କରୁଛି ବୋଲି ପ୍ରକୃତରେ କୌଣସି ସ୍ପଷ୍ଟ ଧାରଣା ସୃଷ୍ଟି କରେ ନାହିଁ, ସେହି ଅନ୍ୟଜଣେ ମନୁଷ୍ୟର ଇଚ୍ଛା ଏବଂ ବାସନା ପ୍ରତି ଆପଣାର ଅନୁସ୍ପନ୍ଦନ ଜଣାଇବା ଅପେକ୍ଷା ଏହିସବୁ ପ୍ରତିକୂଳ ଇଙ୍ଗିତକୁ ବାରିନେଇ ପାରିବା ପ୍ରକୃତରେ ଅପେକ୍ଷାକୃତ ଅଧିକ ସହଜ । କାରଣ, ତୁମର ଅନୁରୂପ ସ୍ୱଭାବର ଜଣେ ବ୍ୟକ୍ତିର କ୍ଷେତ୍ରରେ ସ୍ପନ୍ଦନଗୁଡ଼ିକ ଅତ୍ୟନ୍ତ ଏକାପରି ହୋଇ ରହିଥାଏ, ଆପଣାର ପ୍ରକୃତିରେ ସେଗୁଡ଼ିକ ମଧ୍ୟରେ ଅନେକ ସାଦୃଶ୍ୟ ରହିଥାଏ; ଏବଂ, ତୁମ ଭିତରୁ ଉଦ୍‌ଗତ ହୋଇ ଆସୁଛି ବୋଲି ବୋଧ ହେଉଥିବା ଏହି ଗତିସ୍ପନ୍ଦନଗୁଡ଼ିକ ପ୍ରକୃତରେ ଯେ ତୁମର ନୁହନ୍ତି ଓ ବହିର୍ଦେଶରୁହିଁ ତୁମ ଭିତରକୁ ଆସୁଛନ୍ତି, ଏହି କଥା ଉପଲବ୍ଧି କରିବା ଲାଗି ତୁମକୁ ଆହୁରି ଅଧିକ ମନୋଯୋଗୀ ହେବାକୁ ପଡ଼େ ଏବଂ ଆହୁରି ଅଧିକ ତୀକ୍ଷ୍ଣ ବିବେକଶକ୍ତି ଅବଲମ୍ବନ କରିବାକୁ ପଡ଼ିଥାଏ । ମାତ୍ର, ପ୍ରତିକୂଳ ଶକ୍ତିଗୁଡ଼ିକର କ୍ଷେତ୍ରରେ, ଯଦି ତୁମ ଭିତରେ ଏତେ ଟିକିଏ ବି ଆନ୍ତରିକତା

'oaob.nitrkl.ac.in' images reprocessed

ରହିଥାଏ ଏବଂ ଯଦି ତୁମେ ମନୋଯୋଗ ସହକାରେ ଆପଣାକୁ ନିରୀକ୍ଷଣ କରି ପାରୁଥାଅ, ତେବେ ତୁମେ ସଜ୍ଞାନ ହେବାକୁ ଅବଶ୍ୟ ସମର୍ଥ ହୁଅ ଯେ ତୁମର ସତ୍ତା ମଧ୍ୟରେ ରହିଥିବା କୌଣସି ତତ୍ତ୍ୱହିଁ ଏକ ପ୍ରସ୍ତାବ, ଏକ ଆବେଗ, ଏକ ଇଙ୍ଗିତ ଓ ଏପରକି ବେଳେବେଳେ ଶୁଦ୍ଧ ସାକାର ହୋଇ ରହିଥିବା କୌଣସି ବସ୍ତୁ ପ୍ରତି ଅନୁସ୍ପନ୍ଦନ ଜଣାଇବାରେ ଲଗିଛୁ, ତାହା ତୁମ ଭିତରେ ଆସି ପ୍ରବେଶ କରୁଛୁ ଏବଂ ତୁମର ସତ୍ତା ମଧ୍ୟରେ ସଦ୍‌ଗୁଣ ସ୍ପନ୍ଦନମାନ ଜାଗ୍ରତ କରି ଆଣୁଛୁ ।

ହିଁ, ସମସ୍ୟାଟି ପ୍ରକୃତରେ ଏହିଠାରେ ।

ଏହାର ପ୍ରତିକାର ?···ପ୍ରତିକାର ସବୁ କ୍ଷେତ୍ରରେ ଯାହା, ଏଠାରେ ମଧ୍ୟ ସେଇଆ : ସଦିଚ୍ଛା, ଆନ୍ତରିକତା, ଅନ୍ତର୍ଦୃଷ୍ଟି, ଧୈର୍ଯ୍ୟଶୀଳତା;—ହିଁ, ଏକ ଅକ୍ଲାନ୍ତ ଧୈର୍ଯ୍ୟ ଏବଂ ଏପରି ଏକ ଅଧ୍ୟବସାୟ, ଯାହାକି ତୁମକୁ ସବୁବେଳେ ଏହି ଭରସା ଦେଇ ଯାଉଥାଏ ଯେ ତୁମେ ଆଜି ଯାହା କରିବାରେ ସଫଳ ହୋଇ ପାରିଲ ନାହିଁ, ଆଉଥରେ ତାହା କରିବାରେ ନିଶ୍ଚୟ ସଫଳତା ଲଭ କରିବ; ସେହି ଅଧ୍ୟବସାୟ ତୁମେ ସଫଳତା ଲଭ କଲା ପର୍ଯ୍ୟନ୍ତ ଅନବରତ ଚେଷ୍ଟା କରିବା ଲଗି ଉତ୍ସାହିତ କରି ରଖିଥାଏ ।

ଏବଂ ଏଇଠି ଆମେ ପୁନର୍ବାର ଶ୍ରୀଅରବିନ୍ଦଙ୍କର ସେହି ବାକ୍ୟଟି ପାଖରେ ଆସି ପହଞ୍ଚିବା : ଏହି ନିସ୍ପନ୍ତିଟି ଯଦି ତୁମକୁ ଆଜି ଅସମ୍ଭବ ବୋଲି ବୋଧ ହେଉଛୁ, ତେବେ, ତାହାର ଅର୍ଥ ହେଉଛୁ ଯେ ଏହା ଯେ କେବଳ ସମ୍ଭବ ହେବ ସେତିକି ନୁହେଁ, ମାତ୍ର ଏକ ପରବର୍ତ୍ତୀ କାଳରେ ତାହାର ଉପଲବ୍ଧି ବି କରାଯାଇ ପାରିବ ।

## ୧୯ ଡିସେମ୍ବର ୧୯୫୭

"ଅସମ୍ଭବତା କହିଲେ କେବଳ ବୃହତ୍ତର ଓ ଅନୁପଲବ୍ଧ ନାନା ସମ୍ଭାବନାର ଏକ ସମଷ୍ଟିକୁହିଁ ବୁଝାଇବ । ଏକ ଉଚ୍ଚତର ସ୍ଥିତି ଏବଂ ତଥାପି ଅସମ୍ପନ୍ନ ଯାହାକୁ ତାହା ଆବରଣ ଦେଇ ଘୋଡ଼ାଇ ରଖିଥାଏ ।

"ମନୁଷ୍ୟସମାଜ ଅଗ୍ରଗତି କରୁ ବୋଲି ଯଦି ତୁମେ ଇଚ୍ଛା କରୁଥାଅ, ତେବେ ତୁମକୁ ପୂର୍ବକଳ୍ପିତ ସକଳ ଧାରଣା ସହିତ

'oaob.nitrkl.ac.in' images reprocessed

ଯୁଦ୍ଧ କରିବାକୁ ପଡ଼ିବ । ଏହିପରି ଭାବରେ ଆକ୍ରାନ୍ତ ହୋଇ ପାରିଲେ ଭାବନା ଜାଗ୍ରତ ହୁଏ ଏବଂ ସୃଜନଶୀଳ ହେବାକୁ ଆରମ୍ଭ କରେ । ତା' ନହେଲେ ତାହା ଏକ ଯନ୍ତ୍ରବତ୍ ପୁନରାବୃତ୍ତି ମଧ୍ୟରେ ବିଶ୍ରାମ ଗ୍ରହଣ କରେ ଏବଂ ତାହାକୁହିଁ ଭ୍ରାନ୍ତ ଭାବରେ ଆପଣାର ଯଥାର୍ଥ କ୍ରିୟାଶୀଳତା ବୋଲି ବିଶ୍ୱାସ କରୁଥାଏ ।

"ଆପଣାର ଅକ୍ଷଦଣ୍ଡଟି ଚାରିପାଖରେ ଆବର୍ତ୍ତିତ ହେବାହିଁ ମନୁଷ୍ୟାତ୍ମାର ଏକମାତ୍ର ଗତିସ୍ପନ୍ଦନ ନୁହେଁ । ଏକ ଅକ୍ଷୟ ସନ୍ଦୀପନରୂପୀ ପରମ ସୂର୍ଯ୍ୟର ଚତୁର୍ଦ୍ଦିଗରେ ବୁଲିବା ବିଷୟରେ ମଧ୍ୟ ତାକୁ ସଜ୍ଞାନ ରହିବାକୁ ପଡ଼ିବ ।

"ସବାଆଗ ଆପଣା ଭିତରେ ନିଜ ବିଷୟରେ ସଚେତନତା ଲାଭ କର, ତା'ପରେ ଯାହାକିଛି ଭାବ ଓ ଯାହାକିଛି କାର୍ଯ୍ୟ କର । ଯାବତୀୟ ଜୀବନ୍ତ ଭାବନାକୁ ଆମେ ପ୍ରସ୍ତୁତ ହୋଇ ଆସୁଥିବା ଏକ ପୃଥିବୀ ବୋଲିହିଁ କହିବା, ଯାବତୀୟ ଯଥାର୍ଥ କର୍ମକୁ ଏକ ବ୍ୟକ୍ତରୂପ ଧାରଣ କରିଥିବା ଭାବନା ବୋଲି କହିବା । ଏକ ପରମ ଭାବନା ଦିବ୍ୟ ଚେତନାର କ୍ଷେତ୍ରରେ କ୍ରୀଡ଼ା କରିବାକୁ ଆରମ୍ଭ କରିଥିଲା ବୋଲିହିଁ ଏହି ଜଡ଼ ଜଗତ ସମ୍ଭବ ହୋଇଛି ।

"ଅସ୍ତିତ୍ୱ ଲାଗି ଭାବନା ଆଦୌ ଅତ୍ୟାବଶ୍ୟକ ନୁହେଁ, ଭାବନା ଅସ୍ତିତ୍ୱର କାରଣ ମଧ୍ୟ ନୁହେଁ; ଭାବନା ହେଉଛି ସମ୍ଭୂତିର ଏକ ସାଧନ । ମୁଁ ଆପଣା ମଧ୍ୟରେ ଯାହା ଦେଖୁଛି, ତାହାରି ରୂପରେହିଁ ସମ୍ଭୂତ ହେବାରେ ଲାଗିଛି, ଭାବନା ମୋତେ ଯାହା କିଛିର ଇଙ୍ଗିତ ଦେଇଯାଉଛି, ମୁଁ ତାହାକୁହିଁ କରୁଛି; ଭାବନା ମୋର ସମକ୍ଷରେ ଯାହାକିଛିର ଉଦ୍‌ଘାଟନ କରିଦେଉଛି, ମୁଁ ଠିକ୍ ତାହାରି ରୂପରେହିଁ ସମ୍ଭୂତ ହେଉଛି । ମନୁଷ୍ୟର ନିଜ ଉପରେ ଏହିପରି ଏକ ଅବିଚଳିତ ବିଶ୍ୱାସ ରହିବା ଉଚିତ, କାରଣ ତା' ଭିତରେ ସ୍ୱୟଂ ପରମେଶ୍ୱରହିଁ ଅଧିଷ୍ଠିତ ରହିଛନ୍ତି ।"

ବିଶ୍ୱର ଓ ଚିନ୍ତାଭାବ, ଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ, ପୃଷ୍ଠା-୩୬୮

'oaob.nitrkl.ac.in' images reprocessed

"ଭାବନା ଜାଗ୍ରତ ହୁଏ ଏବଂ ସୃଜନଶୀଳ ହୋଇଉଠେ,"—
ଏହାର ଅର୍ଥ କ'ଣ ?

ନା, ଶ୍ରୀଅରବିନ୍ଦ ବାକ୍ୟଟିର ଆରମ୍ଭରେ କହିଛନ୍ତି : "ଏହିପରି ଭାବରେ ଆକ୍ରାନ୍ତ ହୋଇ ପାରିଲେ ଭାବନା ଜାଗ୍ରତ ହୁଏ..." ଏହା ଦ୍ୱାରା ସେ ଏହାହିଁ କହୁଛନ୍ତି ଯେ ଅଗ୍ରଗତି କରିବାକୁ ହେଲେ ଆମକୁ ପୁରାତନ ନାନା ସଂରଚନାକୁ ଭାଙ୍ଗିଦେବାକୁ ହେବ, ଯାବତୀୟ ପୂର୍ବକଳ୍ପିତ ଧାରଣାଗୁଡ଼ିକ ସହିତ ଯୁଦ୍ଧ କରିବାକୁ ହେବ ଏବଂ ସେଗୁଡ଼ିକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରିବାକୁ ହେବ । ପୂର୍ବକଳ୍ପିତ ଧାରଣାଗୁଡ଼ିକ ହେଉଛନ୍ତି ଆମେ ଅଭ୍ୟସ୍ତ ହୋଇ ରହିଥିବା ମାନସିକ ନାନା ସଂରଚନା, ଯେଉଁଗୁଡ଼ିକ ଭିତରେ ଆମେ ବାସ କରିବାରେ ଲାଗିଥାଉ । ସେଗୁଡ଼ିକ ଅପରିବର୍ତ୍ତନୀୟ ହୋଇ ରହିଥାନ୍ତି, ଅନମ୍ୟ ଦୁର୍ଗଗୁଡ଼ିକ ପରି ହୋଇଯାନ୍ତି; ସେଗୁଡ଼ିକର ଆଦୌ କୌଣସି ଅଗ୍ରଗତି ହୋଇ ପାରେ ନାହିଁ, କାରଣ ସେଗୁଡ଼ିକ ଯେଉଁଠି ଥାଆନ୍ତି, ସେହିଠାରେହିଁ ଅଚଳ ହୋଇ ରହିଥାନ୍ତି । ଯାହାକିଛି ଅଚଳ ହୋଇ ରହିଛି, ତାହାର କୌଣସି ଅଗ୍ରଗତି ହୋଇ ପାରେ ନାହିଁ । ତେଣୁ ପରାମର୍ଶ ଦିଆଯାଉଛି ଯେ ଆମେ ଯାବତୀୟ ପୂର୍ବକଳ୍ପିତ ଧାରଣାକୁ ଭାଙ୍ଗି ପକାଇବା ଅର୍ଥାତ୍ ନଷ୍ଟ କରି ପକାଇବା, ଅପରିବର୍ତ୍ତନୀୟ ଯାବତୀୟ ମନୋଗତ ସଂରଚନାକୁ ନଷ୍ଟ କରିଦେବା । ଏବଂ ନୂତନ ବସ୍ତୁର ଓ ଭାବନାକୁ—ସକ୍ରିୟ ଭାବନା ଓ ସୃଜନଶୀଳ ଭାବନାକୁ—ଜନ୍ମ ଦେବା ଲାଗି ଏହାହିଁ ହେଉଛି ପ୍ରକୃତ ପନ୍ଥା ।

ଏବଂ, ତାହାର ଆଉଟିକିଏ ଆଗକୁ ଶ୍ରୀଅରବିନ୍ଦ କହୁଛନ୍ତି ଯେ ତୁମକୁ ସର୍ବ-ପ୍ରଥମେ ଆପଣା ବିଷୟରେ ସଚେତନ ହେବାକୁ ପଡ଼ିବ, ତା'ପରେ ତୁମେ ଯାହାକିଛି ଭାବିବ ଓ ତା'ପରେ ଯାଇ ଯାହାକିଛି କରିବ । ଯାବତୀୟ କର୍ମର ପୂର୍ବରୁ ସତ୍ତାର ଅନ୍ତର୍ଗତ ସତ୍ୟଟିର ଦୃଷ୍ଟିଟି ତୁମ ସମକ୍ଷରେ ପ୍ରତିଷ୍ଠିତ ହୋଇ ରହିଥିବା ଆବଶ୍ୟକ; ପ୍ରଥମେ ଆପଣାର ସମ୍ମୁଖରେ ସତ୍ୟର ଦୃଷ୍ଟିଟି ପ୍ରତିଷ୍ଠିତ ରହିବ, ତା'ପରେ ସେହି ସତ୍ୟ ଆପଣାକୁ ସୁବ୍ୟାପ୍ତ କରି ଭାବନାରେ ପରିଣତ ହେବ ଏବଂ ତା'ପରେ ଯାଇ ଭାବନା କର୍ମକୁ ଜନ୍ମ ଦେବ । ଏଇଟି ହେଉଛି ସ୍ୱାଭାବିକ ପ୍ରକ୍ରିୟା ।

ସୃଜନର ପ୍ରକ୍ରିୟାରୂପେ ଶ୍ରୀଅରବିନ୍ଦ ଏହାହିଁ ଉପସ୍ଥାପିତ କରିଛନ୍ତି । ପରମ ଅବ୍ୟକ୍ତଙ୍କ ମଧ୍ୟରେ ଏକ ଭାବନା ଆପଣାକୁ ସଞ୍ଚାରିତ କରିଦେଲା, ଅର୍ଥାତ୍, ତାହା ଜାଗ୍ରତ ହେଲା ଏବଂ କ୍ରିୟାଶୀଳ ହେଲା; ଏବଂ ଭାବନା କ୍ରିୟାଶୀଳ ହେବାରୁ ଏହି ଜଗତର ସୃଜନ ହେଲା ।

ଏବଂ ଶ୍ରୀଅରବିନ୍ଦ ଉପସଂହାରରୂପେ ଏହି କଥାଟିର ଘୋଷଣା କରିଛନ୍ତି ଯେ ଅସ୍ତିତ୍ୱ ଲାଗି ଭାବନା ଆଦୌ ଅତ୍ୟାବଶ୍ୟକ ନୁହେଁ, ତାହା ଅସ୍ତିତ୍ୱର କାରଣ ମଧ୍ୟ

'oaob.nitrkl.ac.in' images reprocessed

ନୁହେଁ; ମାତ୍ର ତାହା ହେଉଛି ସମ୍ପୂର୍ତ୍ତର କେବଳ ଏକ ପ୍ରକ୍ରିୟା ମାତ୍ର, ଏକ ସାଧନ ମାତ୍ର । କାରଣ ଭାବନା ହେଉଛି ନିର୍ଭୁଲ ଭାବରେ ସୂତ୍ରବଦ୍ଧ କରି ରଖିବାର ଏକ ତନ୍ତ୍ର ଯାହାର କି ରୂପଗୁଡ଼ିକୁ ସୃଜନ କରିବାର ସାମର୍ଥ୍ୟ ରହିଛି । ଏବଂ ଏକ ଦୃଷ୍ଟାନ୍ତ ରୂପେ ଶ୍ରୀଅରବିନ୍ଦ କହୁଛନ୍ତି ଯେ କୌଣସି ବ୍ୟକ୍ତି ଆପଣାକୁ ଯାହାକିଛି ବୋଲି ଭାବେ, ତାହାର ସେହି ଭାବନାର ବଳରେହିଁ ସିଏ ତାହା ନିଶ୍ଚୟ ହୋଇ ପାରିବ । ମୁଁ ଯାହାକିଛି ହୋଇ ପାରିବି ବୋଲି ଭାବୁଛି, ମୁଁ ଯେ ସେହି ସବୁକିଛି ହୋଇ ପାରିବି, ଏହି ସତ୍ୟଟିର ଜ୍ଞାନକୁ ସତ୍ତାର ବିକାଶ ଲାଗି ଆମେ ଏକ ମହତ୍ତ୍ୱପୂର୍ଣ୍ଣ ଚାବିକାଠି ପରି ଗ୍ରହଣ କରିବା; ସତ୍ତା ମଧ୍ୟରେ ଯେଉଁସବୁ ସମ୍ଭାବନା ନିହିତ ହୋଇ ରହିଛି, କେବଳ ସେହି ଦୃଷ୍ଟିରୁ ନୁହେଁ, ମାତ୍ର ଆମେ କ'ଣ ହେବା ବା କ'ଣ ହେବାକୁ ଇଚ୍ଛା କରୁଛୁ, ତାହାର ନିୟନ୍ତ୍ରଣ ଏବଂ ନିର୍ବାଚନ ଦୃଷ୍ଟିରୁ ମଧ୍ୟ ତାହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

ତେଣୁ, ଯେଉଁଭଳି ଭାବନା ଆମର ଅଭୀପ୍ସାକୁ ନଷ୍ଟ କରିଦିଏ, ଅର୍ଥାତ୍ ଆମ ସତ୍ତାର ସତ୍ୟଟି ଗଢ଼ିହୋଇ ଆସିବାର ପ୍ରକ୍ରିୟାଟିକୁ ନଷ୍ଟ କରିଦିଏ, ସେଇଟିକୁ ଆମେ ଆପଣା ଭିତରକୁ ପ୍ରବେଶ କରିବା ଲାଗି କଦାପି ଯେ ଅନୁମତି ଦେବା ନାହିଁ, ଏଥିରୁ ଆମେ ସେହି ଆବଶ୍ୟକତାଟିକୁ ନିଶ୍ଚୟ ବୁଝି ପାରିବା । ଆମେ ଯାହା ହେବାକୁ ଇଚ୍ଛା ନକରୁଛୁ ବା ଯାହା କରିବାକୁ ବି ଇଚ୍ଛା ନକରୁଛୁ, ତାହା ଯେପରି ଆମ ଭିତରେ ଏକ ଭାବନାରୂପେ ସ୍ଥାପିତ ହୋଇ ନପାରିବ, ସେଥିଲାଗି ସଦା ସାବଧାନ ରହିବାର ବୃହତ୍ ପ୍ରୟୋଜନଟିକୁ ତାହା ଆମ ଆଗରେ ଉଦ୍‌ଘାଟିତ କରିଦେଇ ଯାଉଛି । କାରଣ ଏହିସବୁ ବିଷୟ ଭାବିବାର ଅର୍ଥ ହେଉଛି ଯେ ସେଗୁଡ଼ିକର ଉପଲବ୍ଧି ଆମ ଭିତରେ ଆରମ୍ଭ ହୋଇ ସାରିଲାଣି । ଯେକୌଣସି ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ମଧ୍ୟ, ଯାହା ଆମେ ଇଚ୍ଛା କରୁ ନାହିଁ, ଯାହାକୁ ଆମକୁ ବର୍ଜନ କରିବାକୁ ପଡ଼ିବ, ଯାହା ହେବୁ ନାହିଁ ବୋଲି ଆମେ ମନା କରିବାରେ ଲାଗିଛୁ, ତାକୁ ନେଇ କୌଣସି ପ୍ରକାରେ ଅଭିନିବେଶିତ ହୋଇ ରହିବା ଅନୁଚିତ, କାରଣ, ସେହି କ୍ଷେତ୍ରରେ ତାହାର ଭାବନାଟି ରହିଥିବା ପର୍ଯ୍ୟନ୍ତ ଆମେ ଯେଉଁ ବସ୍ତୁଗୁଡ଼ିକୁ ବର୍ଜନ କରିବାକୁ ଇଚ୍ଛା କରୁଛୁ, ତାହା ସେଗୁଡ଼ିକୁ ଆମ ଭିତରେ ସ୍ଥାୟୀ ହୋଇ ରହିବା ପାଇଁ ସତେଅବା ଏକ ଅଧିକାର ପ୍ରଦାନ କରି ଦେଉଛି । ତେଣୁ ଆମେ ଯେ ଆମ ଭିତରେ ଆଦୌ କୌଣସି ଧ୍ୱଂସମୂଳକ ଇଙ୍ଗିତ, ଅସତ୍ ଇଚ୍ଛା, ଘୃଣା ଏବଂ ବିନାଶର ଭାବନାକୁ ପଶିବାକୁ ଦେବା ନାହିଁ, ତାହାର ପ୍ରଭୂତ ମହତ୍ତ୍ୱଟି ଏଠାରେ ନିଶ୍ଚୟ ସ୍ପଷ୍ଟ ହୋଇଯାଉଛି, କାରଣ ସେଗୁଡ଼ିକ ବିଷୟରେ କିଛି ଭାବିବାର ବି ଅର୍ଥ ହେଉଛି ଯେ ସେମାନଙ୍କୁ ଚରିତାର୍ଥ ହେବା ଲାଗି ଏକ ଶକ୍ତି ପ୍ରଦାନ କରିବା । ଶ୍ରୀଅରବିନ୍ଦ କହୁଛନ୍ତି ଯେ ଭାବନା କଦାପି ଜୀବନର କାରଣ ନୁହେଁ; ଭାବନା ହେଉଛି

'oaob.nitrkl.ac.in' images reprocessed

ଏକ ମଧ୍ୟବର୍ତ୍ତୀ ବସ୍ତୁ, ଏକ ନିମିତ୍ତ, ଯାହାକି ଜୀବନକୁ ଓ ସୃଷ୍ଟିକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେଇ ଯାଉଥାଏ, ଏବଂ ଯଦି ଯାବତୀୟ ବିଶୃଙ୍ଖଳା ଏବଂ ବିବ୍ୟତାବିରୋଧୀ ଯାବତୀୟ ଉପାଦାନ ଏହି ସୃଷ୍ଟିରୁ ଅନ୍ତର୍ହିତ ହୋଇଯାଉ ବୋଲି ଆମେ ପ୍ରକୃତରେ ଇଚ୍ଛା କରୁଥାଉ, ତେବେ ସେହି ନିମିତ୍ତଟିକୁ ନିଜର ନିୟନ୍ତ୍ରଣରେ ରଖିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

ସେଗୁଡ଼ିକ କେବଳ ଗୋଟିଏ ଗୋଟିଏ ଭାବନା, ଏହିପରି ଏକ ବାହାନାରେ ଆମେ ମନ୍ଦ ଭାବନାଗୁଡ଼ିକୁ କଦାପି ଆପଣା ମଧ୍ୟରେ ପ୍ରବେଶ କରିବାକୁ ଦେବା ନାହିଁ । ସେଗୁଡ଼ିକ ହେଉଛନ୍ତି କାର୍ଯ୍ୟସାଧନର ଗୋଟିଏ ଗୋଟିଏ ଯନ୍ତ୍ର । ଏବଂ ସେଗୁଡ଼ିକ ଆମ ଭିତରେ କୌଣସି ପ୍ରକାର ଅନିଷ୍ଟ କାର୍ଯ୍ୟ କରି ନପାରନ୍ତୁ ବୋଲି ଯଦି ଆମେ ପ୍ରକୃତରେ ଇଚ୍ଛା କରୁଥିବା, ତେବେ ସେଗୁଡ଼ିକ ଆମ ଭିତରେ ତିଷ୍ଠି ରହନ୍ତୁ ବୋଲି ଆମେ କଦାପି ବାଟ ଛାଡ଼ି ଦେବା ନାହିଁ ।

(ମାଆ ନୀରବ ରହିଲେ)

କାହାର କୌଣସି ପ୍ରଶ୍ନ ନାହିଁ ? ମୁଁ ଗୋଟିଏ ପ୍ରଶ୍ନ ସାଙ୍ଗରେ ଆଣିଛି । ପ୍ରକୃତରେ ମୁଁ ଦୁଇଟି ପ୍ରଶ୍ନ ନେଇ ଆସିଛି । (ମାଆ ଖଣ୍ଡେ କାଗଜ ଫିଟାଇ ପଢ଼ିବାକୁ ଆରମ୍ଭ କଲେ :)

"ସମ୍ପୂର୍ଣ୍ଣ ଭାବରେ ନିଷ୍ଠାପର ହୋଇପାରିବା ଜଣେ ମଣିଷ ପକ୍ଷରେ ସମ୍ଭବ କି ?"

ଏବଂ, ଏହି ପ୍ରଶ୍ନଟିରେ ଆଗକୁ କୁହାଯାଇଛି :

"ଏକ ମାନସିକ ଆନ୍ତରିକତା ରହିଛି କି ? ଏକ ପ୍ରାଣିକ ଓ ଏକ ଭୌତିକ ଆନ୍ତରିକତା ମଧ୍ୟ ରହିଛି କି ? ତେବେ ଏହିସବୁ ଭିନ୍ନ ଭିନ୍ନ ଆନ୍ତରିକତା ମଧ୍ୟରେ କି ପାର୍ଥକ୍ୟ ରହିଥିବ ?"

ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ ଆନ୍ତରିକତାର ତତ୍ତ୍ୱଟି ସବୁ କ୍ଷେତ୍ରରେ ସମାନ ହୋଇ ରହିଛି, ମାତ୍ର ସତ୍ତାର ସ୍ଥିତି ଅନୁସାରେ ଏହାର କାର୍ଯ୍ୟକାରିତା ଅବଶ୍ୟ ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ । ପ୍ରଥମ ପ୍ରଶ୍ନଟିର ଉତ୍ତରରେ ମୁଁ କେବଳ ଏତିକି କହିପାରିବି : ନା,—ମଣିଷ ଯାହା ଅଛି ଯଦି ସେହିପରି ରହିଥାଏ, ତେବେ ତାହା

'oaob.nitrkl.ac.in' images reprocessed

କଦାପି ସମ୍ଭବ ହେବ ନାହିଁ । ମାତ୍ର ସଂପୂର୍ଣ୍ଣ ଭାବରେ ନିଷ୍ଠାପର ହେବା ଲାଗି ଆପଣାକୁ ଯଥେଷ୍ଟ ପରିମାଣରେ ରୂପାନ୍ତରିତ କରିନେବାର ସମ୍ଭାବନା ସର୍ବଦା ବିଦ୍ୟମାନ ରହିଛି ।

ପ୍ରଥମରୁହିଁ କହିରଖିବା ଆବଶ୍ୟକ ଯେ ନିଷ୍ଠା ବା ଆନ୍ତରିକତା ହେଉଛି ଏକ କ୍ରମୋତ୍ତର ଭାବରେ ବୃଦ୍ଧି ପାଉଥିବାର ପ୍ରକ୍ରିୟା, ଏବଂ ଜଣେ ବ୍ୟକ୍ତି ଅଗ୍ରସର ହେଉଥିବା ସଙ୍ଗେସଙ୍ଗେ ଓ ବିକଶିତ ହୋଇ ଯାଉଥିବା ସଙ୍ଗେସଙ୍ଗେ, ସମୂଳର ପ୍ରକ୍ରିୟାରେ ଏହି ବିଶ୍ୱଜଗତ କ୍ରମୋନ୍ମୋଚିତ ହୋଇ ଯାଉଥିବା ସଙ୍ଗେସଙ୍ଗେ ଆନ୍ତରିକତାକୁ ମଧ୍ୟ ଆପଣାକୁ ଅନବରତ କ୍ରମଶଃ ଅଧିକରୁ ଅଧିକ ପରିପୂର୍ଣ୍ଣ କରିନେବାକୁ ପଡ଼ୁଥିବ । ସେହି ବିକାଶକ୍ରମରେ ଆମେ ଯେତିକି ଯେତିକି ଅଟିକି ଯାଉଥିବା, ତଦ୍ଦ୍ୱାରା ଗତକାଲିର ନିଷ୍ଠା ଆସନ୍ତାକାଲିର ନିଷ୍ଠାହୀନତାରେ ପରିବର୍ତ୍ତିତ ହୋଇଯିବାରେ ଲାଗିଥିବ ।

ପରିପୂର୍ଣ୍ଣ ଭାବରେ ନିଷ୍ଠାପର ହୋଇ ପାରିବାକୁ ହେଲେ ଏକଥା ଏକାନ୍ତ ଅପରିହାର୍ଯ୍ୟ ଯେ ଆମର କୌଣସି ଅଭିରୁଚି ରହିବ ନାହିଁ, କୌଣସି ବାସନା ରହିବ ନାହିଁ, କୌଣସି ଆକର୍ଷଣ ବା ଅଶ୍ରଦ୍ଧା ରହିବ ନାହିଁ, ସହାନୁଭୂତି ବା ବିଦ୍ୱେଷ ବି ରହିବ ନାହିଁ, କୌଣସି ଆସକ୍ତି ରହିବ ନାହିଁ ଅଥବା କୌଣସି ଘୃଣା ବି ରହିବ ନାହିଁ । ଯାବତୀୟ ବସ୍ତୁ ସମ୍ବନ୍ଧରେ ଆମର ଏକ ସମଗ୍ର ଦୃଷ୍ଟି ରହିବ, ଯେଉଁଥିରେ କି ପ୍ରତ୍ୟେକ ବିଷୟ ତା'ର ଯଥୋଚିତ ସ୍ଥାନରେ ରହିଥିବ ଏବଂ ସକଳ ବସ୍ତୁ ପ୍ରତି ଆମର ସମାନ ଦୃଷ୍ଟି ଓ ଭାବନା ରହିଥିବ । ଏହାକୁହିଁ ଯଥାର୍ଥ ଦୃଷ୍ଟିର ଗତି ବୋଲି କୁହାଯିବ । କୌଣସି ସନ୍ଦେହ ନାହିଁ ଯେ ଜଣେ ମନୁଷ୍ୟ ପକ୍ଷରେ ଏହି କାର୍ଯ୍ୟଗୁଡ଼ିକର ଉପଲବ୍ଧି ଅତ୍ୟନ୍ତ କଷ୍ଟକର ହେବ । ଯଦି ସିଏ ଆପଣାକୁ ଏକ ଦିବ୍ୟ କେନ୍ଦ୍ରରେ ପରିଣତ କରିବାକୁ ନିଷ୍ପତ୍ତି ଗ୍ରହଣ କରି ନଥାଏ, ତେବେ ଏହି କଥାଟି ପ୍ରାୟ ଅସମ୍ଭବ ବୋଲି ବୋଧ ହେଉଛି ଯେ ସିଏ ତା' ଭିତରେ ରହିଥିବା ଏହିସବୁ ନାନା ବିରୋଧର କବଳରୁ ଆଦୌ କେବେହେଲେ ମୁକ୍ତ ହୋଇପାରିବ । ଏବଂ ତଥାପି, ଆମେ ଯେପର୍ଯ୍ୟନ୍ତ ସେହି ବିରୋଧଗୁଡ଼ିକୁ ଆପଣା ମଧ୍ୟରେ ବହନ କରିବାରେ ଲାଗିଥିବା, ସେପର୍ଯ୍ୟନ୍ତ ଆମେ କଦାପି ସଂପୂର୍ଣ୍ଣ ଭାବରେ ନିଷ୍ଠାପର ହୋଇ ପାରିବା ନାହିଁ । ସେହି କ୍ଷେତ୍ରରେ ପ୍ରାୟ ସ୍ୱୟଂଚାଳିତ ହେଲାପରି ଆମର ମନ, ପ୍ରାଣ ଏବଂ ଦେହ କ୍ଷେତ୍ରରେ ଯାବତୀୟ କ୍ରିୟାଶୀଳତା କ୍ରମଶଃ ଗୋଟିଏ ଗୋଟିଏ ମିଥ୍ୟାମୟତାରେ ପରିଣତ ହୋଇ ଯାଉଥିବ । ଏଠାରେ ମୁଁ ଦେହପ୍ରତି ଉପରେ ଅଧିକ ଗୁରୁତ୍ୱ ଦେଇ କହୁଛି, କାରଣ ଇନ୍ଦ୍ରିୟଗୁଡ଼ିକର କ୍ରିୟାଶୀଳତା ମଧ୍ୟ ଏହି କ୍ଷେତ୍ରରେ ବଡ଼ ବିକୃତ ହୋଇ ପଡ଼ିବ : ଆମ ଭିତରେ ଯେପର୍ଯ୍ୟନ୍ତ ବିଶେଷ ଅଭିରୁଚିମାନ ରହିଥିବ, ସେପର୍ଯ୍ୟନ୍ତ, ବସ୍ତୁଗୁଡ଼ିକ ପ୍ରକୃତରେ ଯେପରି ରହିଛନ୍ତି, ଆମେ

'oaob.nitrkl.ac.in' images reprocessed

ତାହାକୁ ଆଦୌ ଦେଖି ପାରିବା ନାହିଁ, ଶୁଣି ପାରିବା ନାହିଁ, ଆସ୍ୱାଦନ କରି ପାରିବା ନାହିଁ ବା ଅନୁଭବ ବି କରି ପାରିବା ନାହିଁ । ଯେପର୍ଯ୍ୟନ୍ତ କେତେକ ପଦାର୍ଥ ଆମକୁ ଭଲ ଲାଗୁଥିବ ଓ ଆଉ କେତେକ ପଦାର୍ଥ ଭଲ ନଲାଗୁଥିବ, ଯେପର୍ଯ୍ୟନ୍ତ ଆମେ କେତେକ ବସ୍ତୁ ଦ୍ୱାରା ଆକୃଷ୍ଟ ହେଉଥିବା ଓ ଆଉ କେତେକ ବସ୍ତୁକୁ ଘୃଣା କରୁଥିବା, ସେପର୍ଯ୍ୟନ୍ତ ଆମେ ବସ୍ତୁଗୁଡ଼ିକୁ କଦାପି ସେଗୁଡ଼ିକର ସତ୍ୟ ରୂପରେ ଦେଖି ପାରିବା ନାହିଁ; ସେଗୁଡ଼ିକୁ ଆମେ ଆମର ପ୍ରତିକ୍ରିୟା, ଆମ ଅଗ୍ରରୁଚି ବା ଆମର ଘୃଣାର ମାଧ୍ୟମରେହିଁ ଦେଖିବାରେ ଲାଗିଥିବା । ଆମର ଇନ୍ଦ୍ରିୟଗୁଡ଼ିକ ହେଉଛନ୍ତି ଗୋଟିଏ ଗୋଟିଏ ଯନ୍ତ୍ର ଏବଂ ସେଗୁଡ଼ିକ ବିଗିଡ଼ି ଯିବାର ସର୍ବଦା ସମ୍ଭାବନା ରହିଥାଏ; ଆମର ଇନ୍ଦ୍ରିୟବୋଧ, ଅନୁଭବ ଓ ଭାବନାମାନ ବିଗିଡ଼ି ଯିବାର ଯେପରି ଭୟ ରହିଥାଏ, ଠିକ୍ ସେହିପରି । ତେଣୁ, ତୁମେ ଯାହା ଦେଖୁଛ, ଯାହା ଅନୁଭବ କରୁଛ, ଯାହାସବୁ ଅଭିଜ୍ଞତା ଲାଭ କରୁଛ ଅଥବା ଯାହାକିଛି ଭାବୁଛ, ସେଗୁଡ଼ିକ ବିଷୟରେ ନିଶ୍ଚିତ ହୋଇ ପାରିବା ଲାଗି ତୁମ ଜୀବନରେ ଏକ ସମ୍ପୂର୍ଣ୍ଣ ନିର୍ଲିପ୍ତତାର ଦୃଷ୍ଟି ରହିଥିବା ଆବଶ୍ୟକ; ଏବଂ ଏହା ଯେ ଆଦୌ ସହଜ ନୁହେଁ, ସେଥିରେ କୌଣସି ସନ୍ଦେହ ନାହିଁ । ମାତ୍ର ସେପର୍ଯ୍ୟନ୍ତ ତୁମର ପ୍ରସ୍ତୁତ ଆଦୌ ଯଥାର୍ଥ ହୋଇ ପାରିବ ନାହିଁ ଏବଂ ତେଣୁ ତାହା ମଧ୍ୟରେ ଆନ୍ତରିକତା ବା ନିଷ୍ଠା ରହିଛି ବୋଲି ବି କୁହାଯାଇ ପାରିବ ନାହିଁ ।

ସ୍ପଷ୍ଟତଃ, ଏହା ହେଉଛି ଏହି ବିଷୟରେ ଅଧିକତମ ସୀମା । ଏପରି କେତେ କେତେ ସ୍ଥୂଳ ନିଷ୍ଠାହୀନତାମାନ ରହିଛି, ଯାହାକୁ କି ସମସ୍ତେ ଭଲ କରି ବୁଝିପାରନ୍ତି ଏବଂ ମୁଁ ଭାବୁଛି, ଏସବୁ ବିଷୟରେ ଆଲୋଚନା କରିବା ଲାଗି ଆଦୌ କୌଣସି ପ୍ରୟୋଜନ ନାହିଁ । ଉଦାହରଣସ୍ୱରୂପ, ଆମେ ଗୋଟାଏ କଥା କହୁଥିବା ଏବଂ ଆଉଗୋଟାଏ କଥା ଭାବୁଥିବା, ଗୋଟାଏ କଥା କରୁଛୁ ବୋଲି ଛଳନା କରୁଥିବା ଏବଂ ସତକୁ ସତ ଆଉ କିଛି କରୁଥିବା, ଏପରି ଏକ ଇଚ୍ଛା ପ୍ରକାଶ କରୁଥିବା, ଯାହାକି ପ୍ରକୃତରେ ଆମର ଇଚ୍ଛା ନୁହେଁ, ଏଠାରେ ମୁଁ ସେହି ସମ୍ପୂର୍ଣ୍ଣ ଜଳଜଳ ମିଛଟି ବିଷୟରେ ବି କହୁ ନାହିଁ, ଯାହାକି, ପ୍ରକୃତରେ ଯାହା ସତ କଥା, ତାହା ନକହି ଆଉ ଗୋଟାଏ କିଛି କହିବାରେ ଖୁସି ପାଉଥାଏ । ମୁଁ କାର୍ଯ୍ୟ କରିବାର ସେହି ଚତୁର ଅଭିସନ୍ଧିମୂଳକ ଶୈଳୀଟି ବିଷୟରେ ବି କହୁ ନାହିଁ, ଯେଉଁଥିରେ କି କୌଣସି ଏକ ନିର୍ଦ୍ଦିଷ୍ଟ ପରିଣାମ ହାସଲ କରିବାର ମତଲବରେ ସବୁକିଛି କରାଯାଉଥାଏ । କୌଣସି ଏକ କଥା କହୁଥାଏ ଏବଂ ତାହାର ଏକ ନିର୍ଦ୍ଦିଷ୍ଟ ଫଳ ଫଳିବ ବୋଲି ପ୍ରତ୍ୟାଶା ରଖିଥାଏ । ଏହି ପ୍ରକାର ଯାବତୀୟ ସମ୍ମିଶ୍ରଣ, ଯାହାକି ତୁମକୁ ବାରବାର ନଜର ଖିଲାପ କରାଇବାରେ ପ୍ରରୋଚନା ଦେଉଥାଏ, ତାହା ଏପରି ଏକ ସ୍ଥୂଳଶ୍ରେଣୀୟ ନିଷ୍ଠାହୀନତା ଯେ ଯେକୌଣସି ବ୍ୟକ୍ତି ତାହାକୁ ଅତି ସହଜରେ ବାରି ନେଇ ପାରିବ ।

'oaob.nitrkl.ac.in' images reprocessed

ମାତ୍ର ଏହାଠାରୁ ଅଧିକ ସୂକ୍ଷ୍ମ ଅନ୍ୟ ନାନାପ୍ରକାର କାମନାଶୂନ୍ୟତା ରହିଛି, ଯାହାକୁ ବାରନେଇ ପାରିବା ପ୍ରକୃତରେ ଖୁବ କଷ୍ଟକର ହୋଇଥାଏ । ଉଦାହରଣ-ସ୍ୱରୂପ, ଯେପର୍ଯ୍ୟନ୍ତ ତୁମମାନଙ୍କ ମଧ୍ୟରେ ନାନା ସହାନୁଭୂତି ଓ ନାନା ବିଦ୍ୱେଷ ରହିଛି, ତେବେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏବଂ ସବୁ ଯେପରି ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ତୁମେ, ଯାହାକିଛି ତୁମ ପ୍ରତି ସହାନୁଭୂତିଶୀଳ ହୋଇ ରହିଛି, ସେଗୁଡ଼ିକୁ ବେଶ୍ ଅନୁକୂଳରୂପେ ପ୍ରତ୍ୟକ୍ଷ କରିବ ଏବଂ ଯାହାକିଛିକୁ ଓ ଯେଉଁ ବ୍ୟକ୍ତିକୁ ତୁମେ ଭଲ ପାଉ ନଥିବ, ତାହାକୁ ଅନନୁକୂଳ ଓ ଅପ୍ରୀତିକରରୂପେ ପ୍ରତ୍ୟକ୍ଷ କରିବାରେ ଲାଗିଥିବ । ଏବଂ ସେଠାରେ ମଧ୍ୟ ଆନ୍ତରିକତାର ଅଭାବଟି ଖୁବ ସୁସ୍ପଷ୍ଟ ହୋଇ ଉଠୁଥିବ । ଅବଶ୍ୟ ଏକଥା ବି ସମ୍ଭବ ଯେ ତୁମେ ଆପଣାକୁ ବେଶ୍ ଧୋକା ଦେବାରେ ଲାଗିଥିବ ଏବଂ ତୁମେ ଯେ ଆନ୍ତରିକତା ହରାଇ ବସୁଛ, ତାହା ଦେଖି ନପାରୁଥିବା ଭଳି ହେଉଥିବ । ତେବେ, ସେହି କ୍ଷେତ୍ରରେ ତୁମର ମାନସିକ କାମନାଶୂନ୍ୟତା ଆସି ତୁମ ସହିତ ସହଯୋଗ କରିବାରେ ଲାଗିଥିବ । କାରଣ ଏକଥାଟି ନିଶ୍ଚୟ ସତ ଯେ ସତ୍ତାର ବିଭିନ୍ନ ଅବସ୍ଥା ଅଥବା ବିଭିନ୍ନ ଭାଗଗୁଡ଼ିକ ଅନୁସାରେ କିଛିଟା ଭିନ୍ନ ଭିନ୍ନ ପ୍ରକାରର ବିଭିନ୍ନ କାମନାଶୂନ୍ୟତାମାନ ରହିଛନ୍ତି । କେବଳ ଏତିକି ସ୍ମରଣ ରଖିବାକୁ ହେବ ଯେ ଏହି ଯାବତୀୟ କାମନାଶୂନ୍ୟତାର ମୂଳ ସର୍ବଦା ଏପରି ଏକ ଗତିସ୍ପନ୍ଦନରେହିଁ ନିହିତ ହୋଇ ରହିଥାଏ, ଯାହାକି ବାସନାରୁ ଜନ୍ମଲାଭ କରେ, ବ୍ୟକ୍ତିଗତ ଅଭିପ୍ରାୟ ସିଦ୍ଧିର ଅନ୍ୱେଷଣରୁ ଜନ୍ମଲାଭ କରିଥାଏ । ତାହା ଅହଂପ୍ରେରଣାରୁ ଜନ୍ମ ହୁଏ, ଅହଂପ୍ରେରଣାରୁ ଜାତ ହେଉଥିବା ଯାବତୀୟ ସୀମାସଂକୀର୍ଣ୍ଣତାର ସମ୍ମିଶ୍ରଣରୁହିଁ ଜନ୍ମଲାଭ କରେ, ବାସନାଜାତ ଯାବତୀୟ ବିକୃତି ମଧ୍ୟରୁ ଜନ୍ମଲାଭ କରିଥାଏ ।

ବସ୍ତୁତଃ, ଯେପର୍ଯ୍ୟନ୍ତ ଆମର ଅହଂଟି କ୍ରିୟାଶୀଳ ହୋଇ ରହିଥାଏ, ସେପର୍ଯ୍ୟନ୍ତ ଆମେ ସତ୍ତାଟିକୁ କଦାପି ସଂପୂର୍ଣ୍ଣ ନିଷ୍କାମଯୁକ୍ତ ବୋଲି କହି ପାରିବା ନାହିଁ, ସିଏ ନିଷ୍କାମଯୁକ୍ତ ହୋଇ ରହିବାକୁ ଚେଷ୍ଟା କରୁଥିଲେ ମଧ୍ୟ ସେପରି କଦାପି କହି ପାରିବା ନାହିଁ । ତେଣୁ ଆମକୁ ଅହଂର ବାଡ଼ଟିକୁ ଅତିକ୍ରମ କରିଯିବାକୁ ପଡ଼ିବ, ଭଗବାନ୍ଙ୍କ ପରମ ଇଚ୍ଛା ପାଖରେ ଆପଣାକୁ ସଂପୂର୍ଣ୍ଣ ଭାବରେ ସମର୍ପିତ କରି ରଖିବାକୁ ପଡ଼ିବ, କୌଣସି ପ୍ରକାର କାର୍ପଣ୍ୟ ଅଥବା ହିସାବ ନରଖି ଆପଣାକୁ ଦେଇଦେବାକୁ ପଡ଼ିବ···ତେବେଯାଇ ସଂପୂର୍ଣ୍ଣ ନିଷ୍କାମଯୁକ୍ତ ହୋଇ ହେବ, ତା' ପୂର୍ବରୁ କଦାପି ନୁହେଁ ।

ମାତ୍ର ତାହାର ଅର୍ଥ ନୁହେଁ ଯେ, ଆମେ ବର୍ତ୍ତମାନ ଯେତିକି ନିଷ୍କାମଯୁକ୍ତ ହୋଇ ରହିଛୁ, ତା'ଠାରୁ ଆହୁରି ଅଧିକ ନିଷ୍କାମଯୁକ୍ତ ହୋଇ ପାରିବା ଲାଗି ଆମେ ଆଦୌ କୌଣସି ଚେଷ୍ଟା କରିବା ନାହିଁ । ଆମେ କଦାପି ଆପଣାକୁ ଏହିପରି କହିବାକୁ ଦିବା ନାହିଁ : "ଭଲ କଥା । ନିଷ୍କାମଯୁକ୍ତ ହେବା ପୂର୍ବରୁ ମୁଁ ଆଗ ମୋର

'oaob.nitrkl.ac.in' images reprocessed

ଅହଂପ୍ରେରଣାଟା ଅନ୍ତର୍ହିତ ହୋଇଯିବା ଯାଏ ଅପେକ୍ଷା କରିବ।” କାରଣ, ଏହି କ୍ଷେତ୍ରରେ ହୁଏତ ଯୁକ୍ତିଟିକୁ ଓଲଟା କରି ଦେଇହେବ ଏବଂ କୁହାଯାଇ ପାରିବ ଯେ, ଯଦି ତୁମେ ନିଷ୍ଠାଯୁକ୍ତ ଭାବରେ ଚେଷ୍ଟା ନକରିବ, ତେବେ ତୁମର ଅହଂ କଦାପି ଅନ୍ତର୍ହିତ ହୋଇ ଯିବ ନାହିଁ। ତେଣୁ, ନିଷ୍ଠା ବା ଆନ୍ତରିକତା ହେଉଛି ଯାବତୀୟ ପ୍ରକାରର ଯଥାର୍ଥ ଉପଲବ୍ଧିର ଭିତ୍ତିସ୍ୱରୂପ—ଏହା ହେଉଛି ପ୍ରକୃତ ସାଧନ, ପ୍ରକୃତ ମାର୍ଗ;—ଏବଂ ଆମର ଉଦ୍ଦେଶ୍ୟ ମଧ୍ୟ। ଏହାର ଅଭାବ ରହିଥିଲେ ତୁମେ ଅଗଣିତ କେତେକେତେ ଭୁଲ କରିବାରେ ଲାଗିଥିବ; ଏବଂ ତଦ୍ଦ୍ୱାରା ତୁମେ ନିଜ ପ୍ରତି ଓ ଅନ୍ୟମାନଙ୍କ ପ୍ରତି ଯେଉଁ ଅନିଷ୍ଟାଚରଣ କରିଛ, ସେଥିଲାଗି ତୁମକୁ ଅବିରତ ପ୍ରତିବିଧାନ କରିବାକୁ ପଡ଼ୁଥିବ।

ଏତଦ୍‌ବ୍ୟତୀତ, ଆନ୍ତରିକତାରୁ ଲବ୍ଧ ହେଉଥିବା ଏକ ଅତ୍ୟନ୍ତ ମଧୁମୟ ଆନନ୍ଦ ମଧ୍ୟ ରହିଛି। ଆନ୍ତରିକତା ସହିତ ଆମେ ଯାହାକିଛି କରୁଥିବା, ସେଇଥିରେହିଁ ତା'ର ପ୍ରାପ୍ୟ ପୁରସ୍କାରଟି ନିହିତ ହୋଇ ରହିଥିବ : ତୁମେ ନିଜକୁ ବିଶୁଦ୍ଧ ହୋଇ ଯାଉଥିବା ପରି ଅନୁଭବ କରୁଥିବ, ଉପରକୁ ଉତ୍ତୋଳିତ ହୋଇ ଯାଉଥିବ, ମିଥ୍ୟାର ଏତେଟିକିଏ କଣାକୁ ମଧ୍ୟ ବର୍ଜନ କରି ଆସିବା ପରେ ଯେଉଁ ମୁକ୍ତିର ସ୍ୱାଦ ମିଳେ, ତୁମେ ସେହି ସ୍ୱାଦଟିକୁ ଅନୁଭବ କରୁଥିବ।

ନିଷ୍ଠା ବା ଆନ୍ତରିକତା ହେଉଛି ଆମ ଲାଗି ସକଳ ନିରାପତ୍ତାର ପ୍ରତିଶ୍ରୁତି, ଏହା ଆମର ସୁରକ୍ଷା, ଆମର ମାର୍ଗଦର୍ଶକ ଏବଂ ସର୍ବୋପରି ଆମର ରୂପାନ୍ତର ସାଧନ କରି ପାରୁଥିବା ଯଥାର୍ଥ ଶକ୍ତି।

## ୨୭ ଡିସେମ୍ବର ୧୯୫୭

“ମଣିଷ ଆଗରୁ ଯାହାସବୁ କରିସାରିଛି, ସେହିଗୁଡ଼ାକର ପୁନରାବୃତ୍ତି କରିବାରେ ଲାଗିଥିବାହିଁ ଆମର କାମ ନୁହେଁ, ଆମର କାର୍ଯ୍ୟ ହେଉଛି ଆହୁରି ଅନେକ ନୂତନ ଆବିଷ୍କାରରେ ଯାଇ ଉପନୀତ ହେବା ଏବଂ ଅକଳ୍ପିତ ଅନେକ ଦକ୍ଷତାର ଅଧିକାରୀ ହେବା। ଆମର କ୍ଷେତ୍ରଟି ଲାଗି ଆମକୁ ସମୟ, ଆତ୍ମା ଏବଂ ଏହି ପୃଥିବୀ ପ୍ରଦତ୍ତ ହୋଇ ରହିଛନ୍ତି, ଆଦର୍ଶ ଦୃଷ୍ଟି, ଆଶା ଏବଂ ସୃଜନଶୀଳୀ କଳ୍ପନାଶକ୍ତି ଆମର ପ୍ରେରକରୂପେ ଅବସ୍ଥିତ

'oaob.nitrkl.ac.in' images reprocessed

ରହିଛନ୍ତି, ଇଚ୍ଛାଶକ୍ତି, ଭାବନା ଏବଂ ଉଦ୍ୟମଶୀଳତା ଆମର ସର୍ବଫଳପ୍ରଦ ସାଧନରୂପେ ବିଦ୍ୟମାନ ଅଛନ୍ତି ।

"ସେହି ନୂତନ ବସ୍ତୁଟି କ'ଣ, ଯାହାକୁ ଆମକୁ ତଥାପି ଉପଲବ୍ଧି କରିବାକୁ ହେବ ? ଆମକୁ ପ୍ରେମର ଉପଲବ୍ଧି କରିବାକୁ ହେବ, କାରଣ ଏପର୍ଯ୍ୟନ୍ତ ଆମେ ଯାହା ସାଧିପାରିଛୁ, ତାହା ହେଉଛି ଘୃଣା, ତାହା ହେଉଛି ଆତ୍ମ-ତୃପ୍ତିବିଧାନର ଉତ୍ସାହ । ଆମକୁ ଜ୍ଞାନର ଉପଲବ୍ଧି କରିବାକୁ ହେବ, କାରଣ ଏପର୍ଯ୍ୟନ୍ତ ଆମେ ଯାହା ସାଧିପାରିଛୁ, ତାହା ହେଉଛି କେବଳ ଭ୍ରମ, କେବଳ ଇନ୍ଦ୍ରିୟବୋଧ ଏବଂ ମନର କେତୋଟି ସଂରଚନା । ଆମକୁ ଆନନ୍ଦର ଉପଲବ୍ଧି କରିବାକୁ ହେବ, କାରଣ ଏପର୍ଯ୍ୟନ୍ତ ଆମେ ଯାହା ସାଧିପାରିଛୁ, ତାହା ହେଉଛି କେବଳ ସୁଖ ଓ ଦୁଃଖ, କେବଳ ଉପେକ୍ଷା ଓ ଉଦାସୀନତା । ଆମକୁ ଶକ୍ତିର ଉପଲବ୍ଧି କରିବାକୁ ହେବ, କାରଣ ଏପର୍ଯ୍ୟନ୍ତ ଆମେ ଯାହା ସାଧିପାରିଛୁ, ତାହା ହେଉଛି ଦୁର୍ବଳତା ଓ ଉଦ୍ୟମ ଏବଂ ଏକ ପରାଭୂତ ବିଜୟୋଲ୍ଲାସ । ଆମକୁ ଯଥାର୍ଥ ଜୀବନର ଉପଲବ୍ଧି କରିବାକୁ ହେବ, କାରଣ ଏପର୍ଯ୍ୟନ୍ତ ଆମେ ଯାହା ସାଧିପାରିଛୁ, ତାହା ହେଉଛି ଜନ୍ମ, ବୃଦ୍ଧି ଏବଂ ମରଣ । ଆମକୁ ଏକତାର ଉପଲବ୍ଧି କରିବାକୁ ପଡ଼ିବ, କାରଣ ଏପର୍ଯ୍ୟନ୍ତ ଆମେ ଯାହା ଉପଲବ୍ଧି କରିଛୁ, ତାହା ହେଉଛି ଯୁଦ୍ଧ ଓ ସଂଗଠନ ।

"ଗୋଟିଏ ଶବ୍ଦରେ କହିଲେ, ଆମକୁ ଈଶ୍ୱରତ୍ୱର ଉପଲବ୍ଧି କରିବାକୁ ହେବ, ଦିବ୍ୟ ପରମସତ୍ତାର ପ୍ରତିରୂପ କରି ଆପଣାକୁ ପୁନର୍ଗଠିତ କରିବାକୁ ପଡ଼ିବ ।"

ବିଗ୍ରହ ଏବଂ ଚନ୍ଦ୍ରାଲୋକ, ଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ, ୩୬୮-୬୯

**ଏପର୍ଯ୍ୟନ୍ତ ଆମେ ଯାହାକିଛି ସାଧିଛୁ, ତାହା ହେଉଛି "ଦୁର୍ବଳତା ଓ ଉଦ୍ୟମ ଏବଂ ଏକ ପରାଭୂତ ବିଜୟୋଲ୍ଲାସ"—ଏହାର ଅର୍ଥ କ'ଣ ?**

'oaob.nitrkl.ac.in' images reprocessed

ବର୍ତ୍ତମାନ ପର୍ଯ୍ୟନ୍ତ ଯେତେ ଯାହା ବିଜୟ ହାସଲ କରାଯାଇଛି, ସେଥିରୁ ଏପରି ପ୍ରତିକ୍ରିୟାମାନ ସୃଷ୍ଟି ହୋଇଛି, ଯାହାକୁ କି ଆଖିର ନାନା ପରାଜୟ ବୋଲିହିଁ କହିବାକୁ ପଡ଼ିବ । ଆମକୁ କେବେହେଲେ କୌଣସି ସୁନିର୍ଦ୍ଦିଷ୍ଟ ଏବଂ ସମ୍ପୂର୍ଣ୍ଣ ପରିଣାମ ପ୍ରାପ୍ତ ହୋଇ ନାହିଁ । ଆମେ ଗୋଟିଏ ବିଜୟ ହାସଲ କଲୁ ବୋଲି ଆମର ଯେତେ ଥର ଅନୁଭବ ହୋଇଛି, ସେତେବେଳେ ଆମେ ପରେ ଆବିଷ୍କାର କରିଛୁ ଯେ ଏହି ବିଜୟଟି ପ୍ରକୃତରେ ଖୁବ ଅପୂର୍ଣ୍ଣ, ଆଂଶିକ ଏବଂ କ୍ଷଣସ୍ଥାୟୀ । ନିଜ ଆଡ଼କୁ ଅବଲୋକନ କଲେ ଆମେ ଏହି କଥାଟିକୁ ସର୍ବଦା ବେଶ୍ ଦେଖିବାକୁ ପାଇବା । ବସ୍ତୁଗୁଡ଼ିକ ଆଗରୁ ଯେପରି ଥିଲେ, ବର୍ତ୍ତମାନ ଯେ ଠିକ୍ ସେହିପରି ହୋଇ ରହିଛନ୍ତି, ସେକଥା ଆଦୌ ନୁହେଁ, ନାହିଁ, କିଛି ନା କିଛି ଅବଶ୍ୟ ବଦଳିଛି; ମାତ୍ର ସବୁକିଛି କଦାପି ବଦଳି ନାହିଁ, ଏବଂ ସମ୍ପୂର୍ଣ୍ଣରୂପେ ବି ବଦଳି ନାହିଁ ।

ଶରୀର ଉପରେ ଆମେ ଯେଉଁସବୁ ଭୌତିକ ବିଜୟ ହାସଲ କରିଛୁ, ତାହାର କ୍ଷେତ୍ରରେହିଁ ଏହି କଥାଟି ଖୁବ ଆଖିଦୃଶିଆ ହୋଇ ଧରା ପଡ଼ିଯିବ । କେତେକେତେ ଶ୍ରମସାପେକ୍ଷ ଉଦ୍ୟମ କରି କେହି ହୁଏତ ତା'ର କୌଣସି ଏକ ଦୁର୍ବଳତା, ଏକ ସୀମାସଙ୍କୀର୍ଣ୍ଣତା, ଏକ ମନ୍ଦ ଅଭ୍ୟାସ ଉପରେ ଏକ ସଫଳତା ହାସଲ କରି ପାରୁଛି, ଏବଂ ଏହାକୁ ଏକ ସୁନିଶ୍ଚିତ ବିଜୟ ବୋଲି ବିଚାରୁଛି; ମାତ୍ର, କିଛିକାଳ ପରେ ବା ଅନେକ ସମୟରେ ସଫଳତାଟି ମିଳିବାର ଅବ୍ୟବହିତ ପରେ ସିଏ ବେଶ୍ ଉପଲବ୍ଧି କରିପାରୁଛି ଯେ ପ୍ରକୃତରେ କିଛିହେଲେ ସମ୍ପୂର୍ଣ୍ଣ ଭାବରେ ସମ୍ପାଦିତ ହୋଇ ନାହିଁ, ସୁନିଶ୍ଚିତ ଭାବରେ ଆଦୌ କିଛିହେଲେ ପ୍ରାପ୍ତ ହୋଇ ନାହିଁ; ଏବଂ ଯେଉଁ କାର୍ଯ୍ୟଟି ସିଏ ସମ୍ପନ୍ନ କରିସାରିଛି ବୋଲି ଭାବିଥିଲା; ସେଇଟି ତାକୁ ପୁନର୍ବାର କରିବାକୁ ହେବ ବୋଲି ସେ ସ୍ପଷ୍ଟ ଭାବରେ ଦେଖିପାରୁଛି । କାରଣ, କେବଳ ଚେତନାର କ୍ଷେତ୍ରରେ ଏକ ସମଗ୍ର ପରିବର୍ତ୍ତନ ହୋଇ ପାରିଲେ ଏବଂ ଏକ ନୂତନ ଶକ୍ତିର ପ୍ରବର୍ତ୍ତନ ସମ୍ଭବ ହେଲେ, ଅର୍ଥାତ୍ ଏକ ନୂତନ ଚେତନା ମଧ୍ୟକୁ ଉତ୍କ୍ରମଣ ହୋଇପାରିଲେ ଯାଇ ଆମର ବିଜୟ ସମ୍ପୂର୍ଣ୍ଣ ହୋଇ ପାରିବ ।

ପ୍ରାଚୀନ ଖାଲ୍‌ଦେଆର ପରମ୍ପରା ଅନୁସାରେ ଅନେକ ସମୟରେ ତରୁଣ ନୂତନ ଦୀକ୍ଷିତମାନଙ୍କୁ ଶ୍ୱେତବସ୍ତ୍ର ପ୍ରଦାନ କରାଯିବା ବେଳେ ଗୋଟିଏ ଇଙ୍ଗିତ ମଧ୍ୟ ଦିଆ ଯାଉଥିଲା; ସେମାନଙ୍କୁ କୁହା ଯାଉଥିଲା : "ଏଥିରେ ଲାଗିଥିବା ଦାଗଗୁଡ଼ିକୁ ତୁମେମାନେ ଗୋଟିଏ ଗୋଟିଏ କରି ସଫା କରିବ ନାହିଁ, ମାତ୍ର ସମସ୍ତ ପରିଧାନକୁହିଁ ଶୁଭ୍ର କରି ରଖିବାକୁ ହେବ ।" ଆପଣାର ଦୋଷଗୁଡ଼ିକୁ ତୁମେ ଗୋଟି ଗୋଟି କରି ସଂଶୋଧନ କରିବାକୁ କଦାପି ଚେଷ୍ଟା କରିବ ନାହିଁ, ଆପଣାର ଦୁର୍ବଳତାଗୁଡ଼ିକୁ ଗୋଟିଏ ଗୋଟିଏ କରି ଜୟ କରିବାକୁ କଦାପି ଯିବ ନାହିଁ । କାରଣ ଏହା ଦ୍ୱାରା ତୁମେ ଖୁବ୍ ବେଶୀ ଅଗ୍ରଗତି କରି ପାରିବ ନାହିଁ । ସମଗ୍ର ଚେତନାଟିକୁ ବଦଳିବାକୁ

'oaob.nitrkl.ac.in' images reprocessed

ପଡ଼ିବ, ଚେତନାରେ ଏକ ଉତ୍କ୍ରମଣ କରାଇବାକୁ ହେବ, ତୁମେ ବର୍ତ୍ତମାନ ଯେଉଁ ଅବସ୍ଥାରେ ରହିଛ, ସେହି ଅବସ୍ଥାରୁ ଡିଆଁ ମାରି ଏପରି ଏକ ଉଚ୍ଚତର ସ୍ଥିତି ଆଡ଼କୁ ଅଗ୍ରସର ହେବାକୁ ପଡ଼ିବ, ଯେଉଁଠାରୁ କି ତୁମେ ଯେଉଁସବୁ ଦୁର୍ବଳତାର ନିରାକରଣ ଇଚ୍ଛା କରୁଛ, ସେଗୁଡ଼ିକ ଉପରେ ଏକ ପ୍ରଭୁତ୍ୱ ଅର୍ଜନ କରି ପାରିବ, ଯେଉଁ ସ୍ଥାନରୁ କି ସାଧିବାକୁ ବାକୀ ରହିଥିବା କାର୍ଯ୍ୟଟି ଉପରେ ତୁମେ ଏକ ସମଗ୍ର ଦୃଷ୍ଟିପାତ କରିପାରିବ ।

ମୋର ବିଶ୍ୱାସ ଶ୍ରୀଅରବିନ୍ଦ ଏହି କଥାଟିକୁ କହିଛନ୍ତି : ବସ୍ତୁଗୁଡ଼ିକ ଏପରି ଅବସ୍ଥିତ ରହିଛନ୍ତି ଯେ ଆମେ ସେହି ଦୃଷ୍ଟିରୁ ହୁଏତ ଏପରି କହିପାରିବା ଯେ ସବୁକିଛି ସମ୍ପାଦିତ ନହୋଇଥିଲା ପର୍ଯ୍ୟନ୍ତ ଆଦୌ କିଛିହେଲେ ସମ୍ପାଦିତ ହୋଇ ପାରିବ ନାହିଁ । ଗୋଟିଏ ଖୋଜ ଆଗକୁ ପକାଇଲେ ତାହା ମୋଟେ ଯଥେଷ୍ଟ ହେବ ନାହିଁ, ଏହି କ୍ଷେତ୍ରରେ ଏକ ସମଗ୍ର ଦୀକ୍ଷାଗ୍ରହଣର ଆବଶ୍ୟକତା ରହିଛି ।

କୌଣସି ଏକ ଉଦ୍ୟମରେ ହାତ ଦେଇଥିବା ଲୋକମାନଙ୍କୁ ମୁଁ କେତେ କେତେ ଥର ଏପରି କହିବାର ଶୁଣିଛି, "ମୁଁ ଚେଷ୍ଟା କରୁଛି ସିନା, ମାତ୍ର ମୋର ଚେଷ୍ଟା କରିବାରେ ପ୍ରକୃତରେ କି ଲାଭ ଅଛି ? ପ୍ରତ୍ୟେକ ଥର, ଯେତେବେଳେ ମୁଁ କିଛି ନା କିଛି ହାସଲ କରିପାରିଲି ବୋଲି ଭାବୁଛି, ମୁଁ ସେତେବେଳେ ହଠାତ୍ ଆବିଷ୍କାର କରୁଛି ଯେ ମୋତେ ପୁଣି ମୂଳରୁହିଁ ଆରମ୍ଭ କରିବାକୁ ପଡ଼ିବ ।" ଏପରି ଘଟୁଛି, କାରଣ ଏହି ଲୋକମାନେ ଯେଉଁଠି ଅଛନ୍ତି ସେଠାରେ ଥିର ହୋଇ ଠିଆ ହୋଇଥିଲେ ମଧ୍ୟ ତଥାପି ଆଗକୁ ଯିବାକୁ ଚେଷ୍ଟା କରୁଛନ୍ତି । ଆପଣାର ଚେତନାରେ କୌଣସି ପରିବର୍ତ୍ତନ ନଘଟାଇ ସେମାନେ ଅଗ୍ରଗତି କରିବାକୁ ଚେଷ୍ଟା କରୁଛନ୍ତି । ତେଣୁ ସମଗ୍ର ଦୃଷ୍ଟିକୋଣଟିକୁ ବଦଳାଇବାକୁ ପଡ଼ିବ, ସମଗ୍ର ଚେତନାଟି ଯେଉଁ ପୁରାତନ ଗୁଳାଟି ଭିତରେ ପଡ଼ିରହିଛି, ତାକୁ ତାହା ମଧ୍ୟରୁ ବାହାରି ଯିବାକୁହିଁ ପଡ଼ିବ, ଯେପରିକି ତାହା ଊର୍ଦ୍ଧ୍ୱକୁ ଯାଇ ସେହି ଊର୍ଦ୍ଧ୍ୱରୁହିଁ ବସ୍ତୁଗୁଡ଼ିକୁ ଅବଲୋକନ କରିପାରିବ । କେବଳ ଏହିପରି ହୋଇ ପାରିଲେ ଯାଇ ବିଷୟଗୁଡ଼ିକୁ ଆଉ ପରାଜୟରେ ପରିଣତ ହେବାକୁ ପଡ଼ିବ ନାହିଁ ।

ଆଉ କିଛି ପଚାରିବାକୁ ଅଛି ? ନାହିଁ, ଆଉ କିଛି ନାହିଁ ?

ମାଆ, ଆପଣାର ଚେତନାକୁ ବଦଳାଇ ହେବ ପୁଣି କିପରି ?

ସ୍ୱଭାବତଃ, ଏଥିଲାଗି ଅନେକ ବାଟ ରହିଛି, ମାତ୍ର ପ୍ରତ୍ୟେକ ବ୍ୟକ୍ତି ଲାଗି ଯେଉଁ ବାଟଟି ଅଧିଗମ୍ୟ ହେବ, ସିଏ ସେହି ବାଟଟି ଦ୍ୱାରା ସେହି କଥାଟିକୁ କରିପାରିବ । ଏବଂ କାହା ଲାଗି କେଉଁ ବାଟଟି ପ୍ରକୃତରେ ଉପଯୁକ୍ତ, ତାହାର

'oaob.nitrkl.ac.in' images reprocessed

ପରିଚୟ୍ସ ସ୍ୱତଃସ୍ଫୂର୍ତ୍ତି ଭାବରେ ମିଳିବ, ଏକ ଅପ୍ରତ୍ୟାଶିତ ଅନୁଭୂତ ପରି କୌଣସି ଏକ ଅବସରର ମାଧ୍ୟମରେ ମିଳିବ । ଏବଂ, ପ୍ରତ୍ୟେକ ବ୍ୟକ୍ତି ସକାଶେ ତାହା କିଛିଟା ଭିନ୍ନ ହୋଇ ଦେଖାଦେବ ।

ଉଦାହରଣସ୍ୱରୂପ, ଜଣେ ବ୍ୟକ୍ତି ମଧ୍ୟରେ ହୁଏତ ସାଧାରଣ ଚେତନାରହିଁ ଏକ ବୋଧ ରହିଥିବ, ଯାହାକି କେବଳ ସମତଳ ଭାବରେ ପ୍ରସାରିତ ହୋଇ ରହିଥିବ, ଅନୁପ୍ରସ୍ଥ ହୋଇ ପ୍ରସରି ଯାଇଥିବ, ଏବଂ ଏପରି ଏକ ଭୂମିରେ କାର୍ଯ୍ୟ କରୁଥିବ ଯାହାକି ଯୁଗପତ୍ ଭାବରେ ବସ୍ତୁଚୟ୍ର ଉପରିଭାଗ ହୋଇ ରହିଥିବ, ବଡ଼ ଉପରିଭାଗୀୟ ଭାବରେ ବସ୍ତୁଗୁଡ଼ିକର ବାହ୍ୟ ଦିଗଟିରହିଁ ସଂସ୍ପର୍ଶରେ ଆସୁଥିବ, ଯାବତୀୟ ବ୍ୟକ୍ତି ଓ ପରିବେଶର ବାହ୍ୟ ଦିଗଟିକୁହିଁ ସ୍ପର୍ଶ କରୁଥିବ; ଓ ତାପରେ ହଠାତ୍, କୌଣସି ନା କୌଣସି କାରଣରୁ,—ମୁଁ ଯେପରି ଆଗରୁ କହିଲି, ଏହି କାରଣଟି ପ୍ରତ୍ୟେକ ବ୍ୟକ୍ତି ସକାଶେ ଭିନ୍ନହିଁ ହେବ,—ହଠାତ୍ ଊର୍ଦ୍ଧ୍ୱାଭିମୁଖୀ ଏକ ପରିବର୍ତ୍ତନ ଆସି ପହଞ୍ଚିବ ଏବଂ ବସ୍ତୁଗୁଡ଼ିକୁ ଆଗପରି ଅନୁପ୍ରସ୍ଥ ଭାବରେ ଦେଖିବା ପରିବର୍ତ୍ତେ, ସେଗୁଡ଼ିକ ସହିତ ସମଭୂମି ହୋଇ ନରହି, ତୁମେ ହଠାତ୍ ସେଗୁଡ଼ିକ ଉପରେ ନିୟନ୍ତ୍ରଣକର୍ତ୍ତା ହେବାକୁ ଆରମ୍ଭ କରିବ, ସେଗୁଡ଼ିକୁ ଊର୍ଦ୍ଧ୍ୱରୁ ଚାହିଁ ଦେଖିବାକୁ ସମର୍ଥ ହେବ, ସେଗୁଡ଼ିକର ସମଗ୍ରତାରେ ସେଗୁଡ଼ିକୁ ଦେଖିବ, ତୁମଠାରୁ ଅବ୍ୟବହିତ ଭାବରେ ପରିବର୍ତ୍ତୀ ହୋଇ ରହିଥିବା କେବଳ ମାତ୍ର ଅଳ୍ପସଂଖ୍ୟକ କେତୋଟି ବସ୍ତୁକୁ ନଦେଖି ସେଗୁଡ଼ିକୁ ତୁମେ ସମଗ୍ର ଭାବରେ ଦେଖିପାରିବ; ସତେଯେପରି କୌଣସି ଏକ ବସ୍ତୁ ତୁମକୁ ଊର୍ଦ୍ଧ୍ୱଦିଗରେ ଆକର୍ଷିତ କରି ନେଉଥିବ, ଏବଂ ସତେଅବା କୌଣସି ଏକ ଗିରିଚୂଡ଼ାରୁ ଅଥବା ବାୟୁଯାନରୁ ତୁମକୁ ଦେଖିବା ଲାଗି ସମର୍ଥ କରାଇ ଦେଉଥିବ । ଏବଂ, ପ୍ରତ୍ୟେକ ଜିନିଷକୁ ତା'ର ଆପଣାର ସ୍ତରଟିରେ ଦେଖିବା ପରିବର୍ତ୍ତେ ତୁମେ ସମୁଦାୟଟିକୁହିଁ କେବଳ ଗୋଟିଏ ଏକତ୍ୱ ରୂପେହିଁ ଦେଖିପାରିବ, ଏବଂ ଅନେକ ଊର୍ଦ୍ଧ୍ୱରୁ ତାହାକୁ ଦେଖିବାକୁ ସମର୍ଥ ହେବ ।

ଏହି ଅଭିଜ୍ଞତାଟି ଲାଭ କରିବା ପାଇଁ ଅନେକ ବାଟ ରହିଛି, ମାତ୍ର ଏହା ସତେଅବା ଦୈବପ୍ରେରିତ ପରି ଥିବ ଥିବ, ହଠାତ୍ ଦିନେ ଆସି ତୁମ ପାଖରେ ପହଞ୍ଚିଯିବ ।

ଅଥବା, ଆଉ ଜଣେ ବ୍ୟକ୍ତି ଲାଗି ଏହାର ଠିକ୍ ବିପରୀତ ଅଭିଜ୍ଞତାଟି ହୋଇପାରେ, ମାତ୍ର ଯାହାର ପରିଣାମ ଠିକ୍ ଆଗଟି ପରି ହୋଇପାରେ । ହଠାତ୍ ସେହି ବ୍ୟକ୍ତି ଏକ ଗଭୀରତା ମଧ୍ୟରେ ପ୍ରବେଶ କରିବ, ସିଏ ଯେଉଁ ବସ୍ତୁଟିକୁ ପ୍ରତ୍ୟକ୍ଷ କରୁଥିଲା, ସେସବୁକୁ ଛାଡ଼ି ଅନେକ ଦୂରକୁ ଚାଲିଯିବ, ସେଇଟି ଅନେକ ଦୂରରେ ରହିଥିବା ପରି ମନେ ହେବ, କେବଳ ଉପରିଭାଗସ୍ଥ ଓ ମହତ୍ତ୍ୱହୀନ ପରି ମନେ ହେବ; ସିଏ ଏକ ଅନ୍ତର୍ଗତ ନୀରବତା ମଧ୍ୟରେ ପ୍ରବେଶ କରିବ, ଏକ ଅନ୍ତର୍ଗତ

'oaob.nitrkl.ac.in' images reprocessed

ପ୍ରଶାନ୍ତ ବା ବସ୍ତୁଗୁଡ଼ିକର ଅନ୍ତର୍ଗତ ଦୃଷ୍ଟି ଅଥବା ଏକ ଗଭୀର ଅନୁଭୂତି ଭିତରେ ପ୍ରବେଶ କରିବ, ପରିସ୍ଥିତି ତଥା ବସ୍ତୁଗୁଡ଼ିକୁ ଅଧିକ ଅନ୍ତରଙ୍ଗ ଭାବରେ ପ୍ରତ୍ୟକ୍ଷ କରି ପାରିବ, ଯେଉଁଥିରେ କି ଯାବତୀୟ ମୂଲ୍ୟ କୁଆଡ଼େ ପରିବର୍ତ୍ତିତ ହୋଇଯିବ । ଏବଂ ସିଏ ଗୋଟାଏ ପ୍ରକାରର ଏକତ୍ୱ ବିଷୟରେ ସଜ୍ଞାନ ହୋଇଉଠିବ, ଏପରି ଏକ ଗଭୀର ଏକାତ୍ମକତା ବିଷୟରେ ସଜ୍ଞାନ ହୋଇଯିବ, ଯାହାକି ନାନା ବିଭେଦ ଓ ବିଭିନ୍ନ ପ୍ରାତିଭାସିକ ରୂପାୟନ ସତ୍ତ୍ୱେ ତଥାପି ଗୋଟିଏ ହୋଇ ରହିଥିବ ।

ଅଥବା, ତା' ନହେଲେ, ଠିକ୍ ସେହିପରି ହଠାତ୍, ସୀମାସଙ୍କୀର୍ଣ୍ଣତାର ସକଳ ବୋଧ କୁଆଡ଼େ ଅନ୍ତର୍ହିତ ହୋଇଯିବ ଏବଂ ବ୍ୟକ୍ତି ଆରମ୍ଭ ତଥା ଶେଷ ନଥିବା ଏକ ପ୍ରକାରର ଅନନ୍ତ କାଳାବଧିର ବୋଧ ମଧ୍ୟରେ ଆସି ପ୍ରବିଷ୍ଟ ହେବ; ଏପରି ଏକ କାଳର ବିସ୍ତାର ମଧ୍ୟରେ ପ୍ରବେଶ କରିବ, ଯାହାକି ନିରବଧି ରହି ଆସିଥିଲା ଓ ନିରବଧି ରହିଥିବ ।

ସତେଅବା ଏକ ଝଲକ ପରି ଏହିସବୁ ଅଭିଜ୍ଞତା ତୁମ ପାଖକୁ ଆସନ୍ତି, ଗୋଟାଏ ମୁହୂର୍ତ୍ତ ପାଇଁ, ତୁମ ଜୀବନରେ ଗୋଟାଏ କ୍ଷଣ ପାଇଁ ଆସନ୍ତି, କାହିଁକି ଆସନ୍ତି ବା କିପରି ଆସନ୍ତି ତୁମେ ସେ ବିଷୟରେ ଆଦୌ କିଛି ଜାଣି ପାର ନାହିଁ… ଏହି କ୍ଷେତ୍ରରେ ଆହୁରି ଅନେକ ପଥ ରହିଛି, ଅନ୍ୟ ଅନେକ ଅଭିଜ୍ଞତା ରହିଛି,— ସେଗୁଡ଼ିକୁ ଗଣନା କରି କହି ହେବ ନାହିଁ ଏବଂ ବ୍ୟକ୍ତି ଅନୁସାରେ ସେଗୁଡ଼ିକ ନାନାବିଧ ହୋଇ ରହିଥାନ୍ତି । ମାତ୍ର ଏଇଟି ଦ୍ୱାରା, ଏହି ଗୋଟିଏ ମୁହୂର୍ତ୍ତ ବା ଗୋଟିଏ ସେକେଣ୍ଡର ଏହିପରି ଏକ ଅବସ୍ଥିତି ଦ୍ୱାରା ଆମକୁ ସତେଅବା ସେହି ଅସଲ ବସ୍ତୁଟିର ପ୍ରାନ୍ତଟିର ସ୍ପର୍ଶ ଆସି ମିଳିଯାଏ । ତେଣୁ ଆମକୁ ସେଇଟିକୁ ସ୍ମରଣରେ ରଖିବାକୁ ପଡ଼ିବ, ତାହାକୁ ପୁନଃ ପୁନଃ କରିବା ଲାଗି ଚେଷ୍ଟା କରିବାକୁ ପଡ଼ିବ, ଅନୁଭୂତିଟିର ଗଭୀରତାଗୁଡ଼ିକ ମଧ୍ୟକୁ ଯିବାକୁ ପଡ଼ିବ, ସେଇଟିର ପୁନରାବାହନ କରିବାକୁ ପଡ଼ିବ, ଅଭୀପ୍ସା କରିବାକୁ ପଡ଼ିବ, ସକେନ୍ଦ୍ରିତ ହୋଇ ରହିବାକୁ ପଡ଼ିବ । ଏଇଟି ହେଉଛି ଯାତ୍ରାର ଆରମ୍ଭ, ପଥପ୍ରଦର୍ଶକ ସୂତ୍ରଟିର ଏପାଖ, ଏହା ହେଉଛି ଏକ ନିଦର୍ଶକ । ଆପଣାର ଅନ୍ତର୍ଗତ ସତ୍ତାଟିର ସନ୍ଧାନ ପାଇବା ଲାଗି ଯେଉଁମାନେ ଅଭିପ୍ରେରିତ ହୋଇ ଆସିଛନ୍ତି, ଆପଣା ସତ୍ତାର ସତ୍ୟଟିକୁ ଲାଭ କରିବା ପାଇଁ ଯେଉଁମାନେ ଉଦ୍ଦିଷ୍ଟ ହୋଇ ରହିଛନ୍ତି, ସେମାନଙ୍କ ଜୀବନରେ ସର୍ବଦା ଅନ୍ତତଃ ଏପରି ଗୋଟିଏ ମୁହୂର୍ତ୍ତ ଆସିଥାଏ, ଯେତେବେଳେ କି ସେମାନେ ଆଉ ଠିକ୍ ଆଗ ପରି ହୋଇ ରହି ନାହାନ୍ତି, ସତେ ଯେପରି ବିଦ୍ୟୁତ୍ର ଝଲକ ପରି ସେମାନେ କ'ଣ ଗୋଟାଏ ପ୍ରତ୍ୟକ୍ଷ କରିଛନ୍ତି; ମାତ୍ର ସେମାନଙ୍କ ଲାଗି ସେତିକିହିଁ ଯଥେଷ୍ଟ ହୋଇଛି । ତାହାରି ଦ୍ୱାରାହିଁ ଅନୁସରଣୀୟ ମାର୍ଗଟିର ସଙ୍କେତ ମିଳିଯାଇଛି. ଏହି ମାର୍ଗରେ ଗୋଟିଏ ଦ୍ୱାର ଉନ୍ମୋଚିତ ହୋଇଯାଇଛି । ତେଣୁ ତୁମକୁ ସେହି ଦ୍ୱାରଟି ଦେଇ

'oaob.nitrkl.ac.in' images reprocessed

ଯିବାକୁ ପଡ଼ିବ, ଏବଂ ଅଧ୍ୟବସାୟ ତଥା ଅବିଚଳ ଦୃଢ଼ ନିଷ୍ଠାପୂର୍ବକ ସହିତ ଆପଣାର ସ୍ଥିତିଟିକୁ ପୁନର୍ବାର ନୂତନ କରି ନେବାକୁ ପଡ଼ିବ, ଯଦ୍ଦ୍ୱାରା ଅଧିକ ବାସ୍ତବ ଏବଂ ସମଗ୍ରତର ଏକ ସମ୍ପଦ ଆଡ଼କୁ ତୁମେ ପରିଚାଳିତ ହୋଇ ଚାଲିଯିବ ।

ଏଥିଲାଗି କାଳେ କାଳେ ଅନେକ ପଥ ବତାଇ ଦିଆଯାଇଛି; ମାତ୍ର ଯେଉଁ ବାଟଟି ବିଷୟରେ ତୁମକୁ ଶିକ୍ଷା ଦିଆଯାଇଛି, ଯେଉଁ ବାଟଟି ବିଷୟରେ ତୁମେ ଶାସ୍ତ୍ରରେ ପଢ଼ିଛ ଅଥବା ଜଣେ ଗୁରୁଙ୍କଠାରୁ ଶୁଣିଛ, ସେଥିରେ, କୌଣସି ଆପାତ କାରଣ ନଥାଇ ଲବ୍ଧ ହୋଇଥିବା ଏକ ସ୍ୱତଃସ୍ଫୂର୍ତ୍ତ ଅନୁଭବର ଫଳପ୍ରଦ ମୂଲ୍ୟଟି କଦାପି ଦେଖିବାକୁ ମିଳିବ ନାହିଁ । ସେହି ଅଭିଜ୍ଞତାଟିକୁ ଆମେ ଆତ୍ମାର ଜାଗ୍ରତ ହୋଇ ଉଠିବାର କେବଳ ଏକ ପ୍ରସ୍ଫୁଟନ ବୋଲି କହିପାରିବା, ଆମ ଚୈତ୍ୟ ସତ୍ତା ସହିତ କ୍ଷଣେମାତ୍ରର ଏକ ସଂସ୍ପର୍ଶଲାଭ ବୋଲି କହିବା, ଯାହାକି ଆମ ଲାଗି ଆମର ସର୍ବୋତ୍ତମ ପଥଟିକୁ ଦେଖାଇଦେଇ ଯାଇଥାଏ; ଯେଉଁ ପଥଟି ସବୁଠାରୁ ଅଧିକ ପରିମାଣରେ ଆମର ସାଧ୍ୟ ଭିତରେ ରହିଥାଏ, ଉଦ୍ଦେଶ୍ୟରେ ଯାଇ ପହଞ୍ଚି ପାରିବାକୁ ହେଲେ ଆମକୁ ଅଧ୍ୟବସାୟ ସହିତ ଯେଉଁ ପଥଟି ଦେଇ ଯିବାକୁ ହେବ, ତାହା ଆମକୁ ସେହି ପଥଟିକୁ ଦେଖାଇଦେଇ ଯାଇଥାଏ । ଗୋଟିଏ ମାତ୍ର ମୁହୂର୍ତ୍ତ, ଯାହାକି ଆମକୁ କିପରି ଆରମ୍ଭ କରିବାକୁ ହେବ, ତାହା ଦେଖାଇ ଦେଇଯାଏ, ପ୍ରାରମ୍ଭବିନ୍ଦୁଟିକୁ ଆଣି ଦେଖାଇଦିଏ···ଅନେକ ଲୋକ ରାତିରେ ସ୍ୱପ୍ନ ଦେଖିଲାବେଳେ ସେଇଟିକୁ ଦେଖିଥାନ୍ତି, ଆଉରି ଅନେକେ ଯେକୌଣସି ଅନିରୂପିତ ସମୟରେ ତାହାର ସଙ୍କେତ ପାଇଥାନ୍ତି : ସେମାନେ ଏପରି କୌଣସି ବସ୍ତୁଟିଏ ଦେଖନ୍ତି, ଯାହାକି ସେମାନଙ୍କ ମଧ୍ୟରେ ଏହି ନୂତନ ଚେତନାଟିକୁ ଜାଗ୍ରତ କରାଇଆଣେ, ସେମାନେ ଏପରି ଗୋଟିଏ କିଛି ଦେଖନ୍ତି,—ଏକ ସୁନ୍ଦର ଦୃଶ୍ୟଟିଏ ଦେଖନ୍ତି ବା କୌଣସି ସୁନ୍ଦର ସଙ୍ଗୀତ ଶୁଣନ୍ତି ବା କେଉଁଠି କେବଳ କେତୋଟି ମାତ୍ର ଶବ୍ଦ ପଢ଼ିବାକୁ ପାଆନ୍ତି, ଅଥବା କୌଣସି ନା କୌଣସି ଏକ ପ୍ରୟାସରେ ସେମାନେ ଆପଣାର ସଂକେନ୍ଦ୍ରଣରେ ଏକ ପ୍ରଗାଢ଼ତାର ଅନୁଭୂତି ପାଇଥାନ୍ତି,—ତାହା ଯେକୌଣସି ପ୍ରକାରର ଯାହାକିଛି ବି ହୋଇପାରେ, ଏହାର ହଜାର କାରଣ ଥାଇପାରେ, ହଜାର ମାର୍ଗ ବି ଥାଇପାରେ । ମାତ୍ର, ମୁଁ ପୁଣିଥରେ କହୁଛି, ଏହି ଉପଲବ୍ଧିଟି ଲାଗି ଯେଉଁମାନେ ନିୟତିନିର୍ଦ୍ଦିଷ୍ଟ ହୋଇ ରହିଥାନ୍ତି, ସେମାନେ ସେମାନଙ୍କର ଜୀବନରେ ଅନ୍ତତଃ ଗୋଟିଏ ଥର ମଧ୍ୟ ଏହି ଅନୁଭୂତିଟିକୁ ଲାଭ କରନ୍ତି । ଏହି ଅନୁଭୂତି ହୁଏତ ଅତ୍ୟନ୍ତ କ୍ଷଣସ୍ଥାୟୀ ହୋଇପାରେ, ସେମାନେ ଅତି ଅଳ୍ପ ବୟସର ଥିଲାବେଳେ ହୁଏତ ସେମାନଙ୍କ ଜୀବନରେ ସେଇଟି ଆସିପାରେ, ମାତ୍ର, ଜୀବନରେ ଅନ୍ତତଃ ଗୋଟିଏ ଥର ଯଥାର୍ଥ ଚେତନା ବିଷୟରେ ସେମାନେ ଅନୁଭୂତିଟିକୁ ଲାଭ କରିଥାନ୍ତି । ଏବଂ, ସେମାନେ ପ୍ରକୃତରେ କେଉଁ ମାର୍ଗଟିରେ

'oaob.nitrkl.ac.in' images reprocessed

ଯିବେ, ସେହି ଅନୁଭୂତିରୁହିଁ ସେମାନଙ୍କୁ ଏକ ଉତ୍ତମ ନିର୍ଦ୍ଦେଶ ଓ ସଙ୍କେତ ମିଳି ଯାଇଥାଏ ।

ଆମେ ହୁଏତ ଆମ ଭିତରେ ଅନ୍ୱେଷଣ କରିପାରିବା, ହୁଏତ ସ୍ମରଣ କରି ପାରିବା, ନିରୀକ୍ଷଣ ବି କରିପାରିବା; କି'ଣ ସବୁ ଘଟୁଛି, ଆମକୁ ସେହି କଥାଟିକୁ ଦେଖି ପାରିବାକୁ ହେବ, ମନୋଯୋଗ ଦେବାକୁ ପଡ଼ିବ, ତାହା ଅତ୍ୟାବଶ୍ୟକ । ବେଳେବେଳେ, ଯେତେବେଳେ ଆମେ କୌଣସି ଏକ ଗୌରବମୟ କାର୍ଯ୍ୟ ଦେଖିବାକୁ ପାଇଥାଉ, ଅସାଧାରଣ ଧରଣର କିଛି ଶୁଣିବାକୁ ପାଉ, ଯେତେବେଳେ ବୀରତ୍ୱର ପ୍ରତ୍ୟକ୍ଷ କରୁ, ଉଦାରହୃଦୟତା ଅଥବା ଆତ୍ମାର ମହିମା ବିଷୟରେ କୌଣସି ଦୃଷ୍ଟାନ୍ତର ସମ୍ମୁଖୀନ ହେଉ, ଏପରି ଜଣେ ବ୍ୟକ୍ତି ସହିତ ଆମର ସାକ୍ଷାତ୍କାର ଘଟେ, ଯିଏକି ଏକ ଅସାଧାରଣ ଓ ସୁନ୍ଦର ରୀତିରେ କୌଣସି ବିଶେଷ ପ୍ରତିଭା ଅଥବା କାର୍ଯ୍ୟର ପରିଚୟ ଦେଇଥାନ୍ତି, ସେତେବେଳେ ଆମ ଭିତରେ ମଧ୍ୟ ଗୋଟାଏ ପ୍ରକାରର ଉତ୍ସାହ, ଶ୍ରଦ୍ଧା ବା କୃତଜ୍ଞତା ହଠାତ୍ ଜାଗ୍ରତ ହୋଇଉଠେ ଏବଂ ତାହା ଆମ ଭିତରେ ଏପରି ଏକ ଅନୁଭୂତି ଲାଗି, ଏକ ଚେତନାର ଅନୁଭୂତି ଲାଗି, ଏକ ଆଲୋକ, ଏକ ଉଷ୍ମତା ଓ ଏକ ଅଜ୍ଞାତପୂର୍ବ ଆନନ୍ଦ ଲାଗି ଉପଯୁକ୍ତ ଦ୍ୱାରଟିକୁ ଖୋଲିଦେଇ ଚାଲିଯାଏ । ଏହି ପଦ୍ଧତିରେ ମଧ୍ୟ ଆମେ ସେହି ମାର୍ଗନିର୍ଦ୍ଦେଶକ ସୂତ୍ରଟିର ସନ୍ଧାନ ପାଇ ଯାଇଥାଉ । ଏହିପରି ହଜାର ରୀତି ଓ ପଦ୍ଧତି ରହିଛି, ଆମକୁ କେବଳ ସେଥିଲାଗି ଜାଗ୍ରତ ହୋଇ ରହିବାକୁ ପଡ଼ିବ ଓ ନିରୀକ୍ଷଣ କରିବାକୁ ପଡ଼ିବ ।

ସର୍ବପ୍ରଥମ କଥା ହେଉଛି ଯେ ତୁମେ ଚେତନାର ଏହି ପରିବର୍ତ୍ତନ ଲାଗି ପ୍ରୟୋଜନଟିକୁ ଅନୁଭବ କରିବ, ଏହା ପ୍ରକୃତରେ ଏହିପରି ବୋଲି ବିଷୟଟିକୁ ଗ୍ରହଣ କରିବ, ଏହି ମାର୍ଗଟି ତୁମକୁ ଅବଶ୍ୟ ଲକ୍ଷ୍ୟସ୍ଥାନକୁ ନେଇଯିବ ବୋଲି ସ୍ୱୀକାର କରିବ । ଏବଂ ଥରେ ସେହି ତତ୍ତ୍ୱଟିକୁ ସ୍ୱୀକାର କରିନେଇ ପାରିଲେ, ତା'ପରେ ତୁମକୁ ସାବଧାନ ହୋଇ ରହିବାକୁ ପଡ଼ିବ, ସଦାନିରୀକ୍ଷଣଶୀଳ ହୋଇ ରହିବାକୁ ହେବ । ତେବେ ଦେଖିବାକୁ ପାଇବ, ଅବଶ୍ୟ ତାହାର ସନ୍ଧାନ ପାଇବ । ଏବଂ ଥରେ ସନ୍ଧାନ ପାଇପାରିବା ପରେ କୌଣସି କୁଣ୍ଠା ନରଖି ବାଟ ଚାଲିବା ଆରମ୍ଭ କରିଦେବାକୁ ପଡ଼ିବ ।

ବସ୍ତୁତଃ, ଆପଣାକୁ ନିରୀକ୍ଷଣ ଓ ପର୍ଯ୍ୟବେକ୍ଷଣ କରିବା, କୌଣସି ସମୟରେ ବି ନିଜର ଜୀବନରେ ଉଦାସୀନତାକୁ ସ୍ଥାନ ନଦେବା,—ଏହାହିଁ ହେଲା ଯାହାର ଆରମ୍ଭବିନ୍ଦୁ; ତୁମକୁ ଅନୁକ୍ଷଣ ମନୋଯୋଗୀ ହୋଇ ରହିବାକୁ ପଡ଼ିବ ।

ହେଲା ?

(ମାଆ ନୀରବ ରହିଲେ)

'oaob.nitrkl.ac.in' images reprocessed

ମୋତେ ଆଉ ଗୋଟିଏ ପ୍ରଶ୍ନ ପଚରା ଯାଇଛି,—ମନେ ହେଉଛି ଅନେକ ଲୋକ ସତେଯେପରି ସେହି ଗୋଟିଏ ପ୍ରଶ୍ନକୁହିଁ ଆପଣାକୁ ପଚାରିବାରେ ଲାଗିଛନ୍ତି ! ଏଠି ଯାହା ଲେଖାହୋଇଛି, ମୁଁ ତୁମମାନଙ୍କ ଆଗରେ ପ୍ରଥମେ ସେଇଟିକୁ ପଢ଼ିଦେବି ଏବଂ ତା'ପରେ ମୋର ଯାହା କହିବାର କହିବି । ଏହି ପ୍ରଶ୍ନଟି ପ୍ରକୃତରେ ଏତେ ପ୍ରତ୍ୟୟଦାୟକ ମନେ ହେଉଛି !

> "ଆମର କୌଣସି 'ଅଗ୍ରରୁଚି ରହିବା ଉଚିତ ନୁହେଁ', ଆମେ ଏହି କଥାଟିକୁ କିପରି ଅର୍ଥରେ ବୁଝିବା ? ଆମର କ'ଣ ବିଶୃଙ୍ଖଳା ଅପେକ୍ଷା ଶୃଙ୍ଖଳା ପ୍ରତି ଓ ଆବର୍ଜନା ଅପେକ୍ଷା ପରିଷ୍କାରପରିଚ୍ଛନ୍ନତା ପ୍ରତି ଅଧିକ ରୁଚି ରହିବା ଉଚିତ ନୁହେଁ ? କୌଣସି ଅଗ୍ରରୁଚି ରହିବା ଉଚିତ ନୁହେଁ, ସମସ୍ତଙ୍କୁ ସମାନ ବ୍ୟବହାର ଦେବା, ଏହାର ଅର୍ଥରୂପେ ଆମେ କ'ଣ ଏହି କଥାଟିକୁ ବୁଝିବା ?"

ଏହି ପ୍ରଶ୍ନଟି ପାଇଁ ମୋର ଉତ୍ତର ହେଉଛି : ତୁମେ ଏଠାରେ ଶବ୍ଦକୁ ନେଇ ଖେଳିବାକୁ ଇଚ୍ଛା କରୁଛ । ଯାହାକୁ ତୁମେ ଅଗ୍ରରୁଚି କହୁଛ, ମୁଁ ତାହାକୁ ନିର୍ବାଚନ କରିବା, ବାଛିନେବା ବୋଲି କହିବି । ତୁମକୁ ପ୍ରତ୍ୟେକ ମୁହୂର୍ତ୍ତରେହିଁ ବାଛିବାକୁ ପଡ଼ିବ; ତୁମ ଜୀବନର ପ୍ରତିକ୍ଷଣରେ ତୁମକୁ ବାଛିନେବାକୁ ହେବ : ଯାହା ତୁମକୁ ତଳକୁ ଟାଣିନେଉଛି ଓ ଆଉ ଯାହା ତୁମକୁ ଉପରକୁ ଉଠାଇନେଇ ପାରୁଛି, ଯାହା ତୁମକୁ ଆଗକୁ ନେଉଛି ଓ ଯାହା ତୁମକୁ ପଛକୁ ନେଇଯାଉଛି,— ଦୁଇଟି ମଧ୍ୟରେ ତୁମକୁ ସତତ ଗୋଟିଏକୁ ବାଛିନେବାକୁ ପଡ଼ିବ । ମାତ୍ର ମୁଁ ଏଗୁଡ଼ାକୁ ଅଗ୍ରରୁଚି ରଖିବାର ପର୍ଯ୍ୟାୟରେ କଦାପି ନେବି ନାହିଁ । ଏହାକୁ ମୁଁ ବାଛିବା ବୋଲି କହିବି,—ବାଛିନେବା ବା ନିର୍ବାଚନ କରିନେବା ବୋଲି କହିବି । ଆମକୁ ପ୍ରତ୍ୟେକ ମୁହୂର୍ତ୍ତରେହିଁ ଏହିପରି ବାଛିନେବାକୁ ପଡ଼ିବ, ଏହା ଏକାନ୍ତ ଅପରିହାର୍ଯ୍ୟ; ଏବଂ, ନୈତିକ କ୍ଷେତ୍ରରେ ହେଉ ଅଥବା ଭୌତିକ ବସ୍ତୁତତ୍ତ୍ୱର କ୍ଷେତ୍ରରେ ହେଉ, ପରିଷ୍କାର ପରିଚ୍ଛନ୍ନତା ଏବଂ ଆବର୍ଜନା ମଧ୍ୟରେ ଚୂଡ଼ାନ୍ତ ଭାବରେ ଗୋଟାକୁ ବାଛିନେବା ଅପେକ୍ଷା ଏହା ଅନନ୍ତ ଗୁଣରେ ଅଧିକ ଅପରିହାର୍ଯ୍ୟ । ବାଛିନେବା : ପ୍ରତ୍ୟେକ ମୁହୂର୍ତ୍ତରେହିଁ ତୁମ ସମ୍ମୁଖରେ ଏହି କର୍ତ୍ତବ୍ୟଟି ରହିଛି, ଏବଂ ଏହିପରି ଭାବରେ ତୁମେ ଇଚ୍ଛା କଲେ ତଳକୁ ଯାଇପାରିବ, ଇଚ୍ଛାକଲେ ଉପରକୁ ବି ଯାଇପାରିବ, ଇଚ୍ଛା କଲେ ଖୋଜେ ପଛକୁ ପକାଇ ପାରିବ, ଖୋଜେ ଆଗକୁ ବି ପକାଇ ପାରିବ; ଏବଂ

'oaob.nitrkl.ac.in' images reprocessed

ତୁମକୁ ଅବଶ୍ୟ ଭାବରେ ଏହିପରି ବାଛିନେବାକୁ ପଡ଼ୁଥିବ, ମୁହୂର୍ତ୍ତିକ ଲାଗି ବି ଶୋଇଗଲେ କାମ ଚଳିବ ନାହିଁ । ମାତ୍ର ମୁଁ ଏହାକୁ କଦାପି ଅଗ୍ରରୁଚି ବୋଲି ବୁଝେଁ ନାହିଁ । ଅଗ୍ରରୁଚି ରଖିବା,—ବାଛିବାଠାରୁ ଏହା ଏକ ସଂପୂର୍ଣ୍ଣ ଭିନ୍ନ କଥାକୁ ବୁଝାଇ ଥାଏ । ତୁମେ ଗୋଟିଏ ବସ୍ତୁ ପ୍ରତି ସହାନୁଭୂତି ପ୍ରକାଶ କର ଅଥବା ବିଦ୍ୱେଷ ପ୍ରକାଶ କର, ଆକର୍ଷଣ ପ୍ରକାଶ କର ଅଥବା ବିକର୍ଷଣ ବି ପ୍ରକାଶ କରିଥାଅ, ଏବଂ ତା'ପରେ ଅନ୍ଧ ଭାବରେ ଆଦୌ କୌଣସି କାରଣ ନଥାଇ ତୁମେ ଏହି ବସ୍ତୁଟି ପ୍ରତି ଆସକ୍ତି ଦେଖାଅ, ସେଇଟି ସହିତ ବାନ୍ଧିହୋଇ ପଡ଼; କିଂବା, ଯେତେବେଳେ ତୁମ ଆଗରେ କୌଣସି ଏକ ସମସ୍ୟାର ସମାଧାନ କରିବାକୁ ରହିଥାଏ, ସେତେବେଳେ ସେହି ସମସ୍ୟା ବା ଅଡ଼ୁଆଟିର ସମାଧାନକୁ ତୁମେ ଏଇଟା ବା ସେଇଟା ଗୋଟାଏ ନିର୍ଦ୍ଦିଷ୍ଟ ପ୍ରକାରେ କରିବା ଲାଗି ଅଗ୍ରରୁଚି ଦେଖାଇଥାଅ । ମାତ୍ର ଏସବୁକୁ ଆମେ କଦାପି ବାଛିବା ବୋଲି କହି ପାରିବା ନାହିଁ; ଯାହା ପ୍ରକୃତରେ ସବୁଠାରୁ ଭଲ, ଏଠାରେ ତାହା ଆଦୌ ବିଚାରକୁ ଆସେ ନାହିଁ, ଏଠାରେ ତ ଗୋଟିଏ ବସ୍ତୁ ପ୍ରତି ଏକ ଅଗ୍ରରୁଚିହିଁ ରହିଥାଏ । ମୋ ଲାଗି ଶବ୍ଦଟିର ଅର୍ଥରେ ଆଦୌ କୌଣସି ଅସ୍ପଷ୍ଟତା ନାହିଁ : ଅଗ୍ରରୁଚି କହିଲେ ଅନ୍ଧଭାବରେ କୌଣସି ବସ୍ତୁ ପ୍ରତି ରହିଥିବା ଆସକ୍ତିକୁ ବୁଝାଏ, ଏକ ଆବେଗକୁ ବୁଝାଏ, ଏପରି ଏକ ଅଚେତନ କ୍ରିୟାକୁ ବୁଝାଏ ଯାହାକି ସାଧାରଣତଃ ବଡ଼ ଭୟଙ୍କର ଭାବରେ ଅନମନୀୟ ହୋଇ ରହିଥାଏ ।

ତୁମେ ଏପରି ଅନେକ ପରିସ୍ଥିତିରେ ଆସି ପଡ଼ିଥାଅ; ହୁଏତ ଏଇଟି ଘଟିବାର ସମ୍ଭାବନା ଥାଏ ଅଥବା ସେଇଟି ଘଟିବାର ମଧ୍ୟ ସମ୍ଭାବନା ରହିଥାଏ; ଏବଂ ତୁମ ନିଜର ମଧ୍ୟ କୌଣସି ଏକ ଅଭୀପ୍ସା ରହିଥାଏ । ତୁମେ ଏହି ପରିସ୍ଥିତିରେ ଏକ ମାର୍ଗଦର୍ଶନ ଲୋଡ଼ୁଥାଅ, ମାତ୍ର ତୁମ ଭିତରେ ଏପରି ଏକ ଉପାଦାନ ରହିଥାଏ, ଯାହାକି ସମାଧାନଟି ଏକ ନିର୍ଦ୍ଦିଷ୍ଟ ପ୍ରକାରର ହେଉ ବୋଲି ଏକ ଅଗ୍ରରୁଚି ରଖିଥାଏ; ମାର୍ଗଦର୍ଶନଟି ଏକ ନିର୍ଦ୍ଦିଷ୍ଟ ପ୍ରକାରର ହେଉ, ଘଟଣାଟି ଏପରି ନଘଟି ସେପରି ଘଟୁ ବୋଲି ଖାସ୍ ଏକ ଅଗ୍ରରୁଚି ରଖିଥାଏ । ମାତ୍ର ଏଗୁଡ଼ାକୁ ଆମେ କଦାପି ବାଛିବାର ପର୍ଯ୍ୟାୟରେ ଆଣି ଥୋଇ ପାରିବା ନାହିଁ । ଏହାକୁ ଆମେ ଅଗ୍ରରୁଚି ବୋଲି କହିବା । ଏବଂ ତୁମ ପ୍ରାର୍ଥନା ଅଥବା ଆକାଂକ୍ଷାର ଉତ୍ତରଟି ଯେତେବେଳେ ତୁମର ବାସନାଟିର ଅନୁରୂପ ନହୁଏ, ତୁମ ଭିତରେ ରହିଥିବା ଅଗ୍ରରୁଚି ଏଥିରେ ଦୁଃଖ ଅନୁଭବ କରେ, ଉତ୍ତରଟିକୁ ତୁମେ ଆଦୌ ସହଜ ଭାବରେ ଗ୍ରହଣ କରି ପାର ନାହିଁ, ସେଇଟିକୁ ଗ୍ରହଣ କରି ପାରିବା ଲାଗି ତୁମକୁ ପ୍ରାୟ ଅନିବାର୍ଯ୍ୟ ଭାବରେ ଏକ ସଂଗ୍ରାମ କରିବାକୁ ପଡ଼େ । ମାତ୍ର, ଯଦି ତୁମ ଭିତରେ ପ୍ରକୃତରେ କୌଣସି ଅଗ୍ରରୁଚି ନଥାଏ, ତୁମ ଆକାଂକ୍ଷାଟିର ଉତ୍ତର ଯାହାହେଉ ପଛକେ, ଯେତେବେଳେ ତାହା ଆସେ, ତୁମେ

'oaob.nitrkl.ac.in' images reprocessed

ସେତେବେଳେ ତାହାକୁହିଁ ଆନନ୍ଦର ସହିତ ସ୍ୱୀକାର କରି ନିଅନ୍ତ, ଏକ ଆନ୍ତରିକ ପ୍ରାଣବନ୍ତତା ସହିତ ତୁମେ ସେଇଟିକୁ ସ୍ୱତଃସ୍ଫୂର୍ତ୍ତି ଭାବରେ ସ୍ୱୀକାର କରିନେଇ ପାରନ୍ତ । ତା' ନହେଲେ, ଯାହା ନିଶ୍ଚିତ ହୋଇ ଆସିଛି, ତାହାକୁ ଗ୍ରହଣ କରିବା ଲାଗି ତୁମକୁ ବେଶ୍ ଏକ ପ୍ରୟାସ ବା ଆୟାସ କରିବାକୁ ପଡ଼ନ୍ତା, ତୁମ ଆକାଙ୍କ୍ଷାର ଉତ୍ତରସ୍ୱରୂପ ଯେଉଁ ନିଷ୍ପତ୍ତି ବା ସମାଧାନଟି ତୁମକୁ ମିଳନ୍ତା, ସେଇଟିକୁ ଗ୍ରହଣ କରିବାକୁ ତୁମେ କେତେ ଭିଡ଼ମୋଡ଼ି ହୁଅନ୍ତ । ବସ୍ତୁଗୁଡ଼ିକ ଏହିପରି ଓ ସେପରି ନହେଉ ବୋଲି ତୁମେ ବାସନା ରଖିଥାଅ, ଇଚ୍ଛା କରୁଥାଅ, ଅଗ୍ରରୁଚି ଦେଖାଉଥାଅ । ମାତ୍ର ତାହାକୁ କଦାପି ବାଛିବା ବୋଲି କୁହାଯିବ ନାହିଁ । ବାଛିବା ତ ପ୍ରତ୍ୟେକ ମୁହୂର୍ତ୍ତିରେ ଲାଗି ରହିଥିବ, ତୁମ ସମ୍ମୁଖରେ ପ୍ରତି ମୁହୂର୍ତ୍ତିରେ କିଛି ନା କିଛି ବାଛି ନେବାକୁ ରହିଥିବ : ଆରୋହଣ ଓ ଅବରୋହଣ ଭିତରେ, ଅଗ୍ରଗତି ଏବଂ ପଶ୍ଚାଦ୍‌ଗତି ମଧ୍ୟରେ ସର୍ବଦା ଏକ ନିର୍ବାଚନ କରି ନେବାକୁ ପଡ଼ୁଥିବ । ମାତ୍ର ଏହି ନିର୍ବାଚନ କଦାପି ଏକଥାକୁ ବୁଝାଇବ ନାହିଁ ଯେ ବିଷୟଟି ଏପରି ହେଉ ଅଥବା ସେପରି ହେଉ ବୋଲି ତୁମ ଭିତରେ ଗୋଟିଏ ଅଗ୍ରରୁଚି ରହିଛି । ନିର୍ବାଚନ କରିବା ହେଉଛି ପ୍ରତ୍ୟେକ ମୁହୂର୍ତ୍ତର ଏକ ବାସ୍ତବ ସତ୍ୟ । ଏହା ତୁମେ ରଖିଥିବା ଦୃଷ୍ଟିକୋଣଟି ଉପରେ ନିର୍ଭର କରେ ।

ନିର୍ବାଚନ ହେଉଛି ଏକ ନିଷ୍ପତ୍ତି ଗ୍ରହଣ କରିବା ଓ ସେହି ଅନୁସାରେ କାର୍ଯ୍ୟ କରିବା । ଅଗ୍ରରୁଚି ହେଉଛି ଏକ ବାସନା ରଖିବା । ଆମେ ସର୍ବଦା ନିଜେ ନିର୍ବାଚନଟିକୁ କରୁ ଏବଂ ଏଇଟି ସବୁବେଳେ ହୋଇ ପାରୁଥିବା ଉଚିତ, ଏବଂ ଯଦି ଏହା ଯଥାର୍ଥରେ ଏକ ନିର୍ବାଚନ ହୋଇଥାଏ, ତେବେ ପରିଣାମ ବିଷୟରେ ଆଦୌ କୌଣସି ଭାବନା ନରଖି ଓ କୌଣସି ନିର୍ଦ୍ଦିଷ୍ଟ ପରିଣାମର ପ୍ରତ୍ୟାଶା ନରଖି ସେହି ନିର୍ବାଚନଟିକୁ କରାଯାଏ । ତୁମେ ବାଛିନିଅ, ଆପଣାର ଅନ୍ତର୍ଗତ ସତ୍ୟଟି ଅନୁସାରେ ବାଛିନିଅ, ନିଜର ସର୍ବୋଚ୍ଚ ଚେତନାଟି ଅନୁସାରେ ବାଛି ନେଉଥାଅ । ତଦ୍ୱାରା ଯାହାକିଛି ଘଟୁ ପଛକେ, ତାହା ତୁମକୁ ଆଦୌ ସ୍ପର୍ଶ କରି ପାରେ ନାହିଁ; ତୁମେ ଯାହା ବାଛିବାର ବାଛିନିଅ, ଯଥାର୍ଥ ଭାବରେ ବାଛିନିଅ, ଏବଂ ତା'ପରେ କ'ଣ ହୁଏ ବା ନହୁଏ, ସେ ବିଷୟରେ କୌଣସି ଚିନ୍ତା କର ନାହିଁ । ମାତ୍ର, ଅନ୍ୟ ପକ୍ଷରେ, ଯଦି ତୁମ ଭିତରେ ନାନା ଅଗ୍ରରୁଚି ରହିଥାଏ, ତେବେ ସେହି ଅଗ୍ରରୁଚିର ପ୍ରରୋଚନାରେ ପଡ଼ି ତୁମେ ଏଇଟାକୁ ଗ୍ରହଣ କର ଅଥବା ସେଇଟାକୁ ଗ୍ରହଣ କର, ତୁମର ଅଗ୍ରରୁଚିହିଁ ତୁମର ଯାବତୀୟ ନିର୍ବାଚନକୁ ବିକୃତ କରି ପକାଇଥାଏ । ତୁମେ ହିସାବ କରୁଥାଅ, ମୂଲ୍ୟଇବାରେ ଲାଗିଥାଅ; ଗୋଟିଏ ନିର୍ଦ୍ଦିଷ୍ଟ କଥାକୁହିଁ ଘଟିବାକୁ ପଡ଼ିବ, କାରଣ ତୁମେ ସେଇଟିହିଁ ଘଟୁ ବୋଲି ଅଧିକ ଅନୁକୂଳ ମନେ କରୁଛ,—ଏହିପରି ଏକ ଧାରଣା ନେଇ ତୁମେ ଯାହାକିଛି କରୁଥାଅ । ତାହା କରିବା ଉଚିତ ବା

'oaob.nitrkl.ac.in' images reprocessed

ସେଇଟିହିଁ ସତ୍ୟ ବୋଲି ତୁମେ ସେଇଟିକୁ କେବେହେଲେ କର ନାହିଁ । ଅଗ୍ରରୁ ତ ସର୍ବଦା ଫଳଟି ସହିତ ଛନ୍ଦିହୋଇ ରହିଥାଏ, ଫଳ ଉପରେ ଆଖି ରଖି ତାହା ଯାହା କିଛି କରୁଥାଏ । ସବୁକିଛୁ ଗୋଟିଏ ନିର୍ଦ୍ଦିଷ୍ଟ ମାର୍ଗରେ ଘଟୁ ବୋଲି ତାହା ନିରନ୍ତର ଇଚ୍ଛା କରୁଥାଏ ଏବଂ ସେହି ଇଚ୍ଛାଟିର ପୂରଣ ଲାଗି କାର୍ଯ୍ୟ ମଧ୍ୟ କରୁଥାଏ । ତେଣୁ ଏହା ଦ୍ୱାରା ଯାବତୀୟ ନାନା ବିଷୟ ଲାଗି ଦ୍ୱାର ଖୋଲାହୋଇ ରହିଥାଏ । ମାତ୍ର ନିର୍ବାଚନ ଫଳଟିରୁ ନିଜକୁ ସ୍ୱତନ୍ତ୍ର କରି ରଖିଥାଏ । ଏବଂ, ପ୍ରକୃତରେ, ତୁମକୁ ପ୍ରତ୍ୟେକ ମିନିଟ ଓ ପ୍ରତ୍ୟେକ ସେକେଣ୍ଡ୍‌ରେ ମଧ୍ୟ ବାଛି ନେବାକୁ ପଡ଼େ । ଏବଂ ନିର୍ବାଚନ ମଧ୍ୟରେ ନିହିତ ହୋଇ ରହିଥିବା ସତ୍ୟରେ ତୁମର ଅସଲ ଆଗ୍ରହଟି ରହି ନଥିଲେ ଓ ତୁମ ନିର୍ବାଚନଟିର ଫଳ ବିଷୟରେ କୌଣସି ଆଗ୍ରହ ରହିଥିଲେ ତୁମେ ନିଷ୍ଠାର ସହିତ ଯଥାର୍ଥରେ ଉତ୍ତମ ଭାବରେ ଆଦୌ କୌଣସି ନିର୍ବାଚନ କରି ପାର ନାହିଁ । ଯଦି ଫଳଟାକୁ ଆଖି ଆଗରେ ରଖି ତୁମେ ନିର୍ବାଚନ କରି ବସ, ତେବେ ତାହା ତୁମର ନିର୍ବାଚନଟିକୁ ବିକୃତ କରିପକାଏ ।

ତେଣୁ ମୁଁ ଏହାକୁ ଶବ୍ଦଗୁଡ଼ିକୁ ନେଇ ଖେଳିବା ବୋଲି କହିଲି, ଦୁଇଟି ଭିନ୍ନ କଥାକୁ ଏକାଠି ଗୋଳାଅମିଶା କରିଦେବା ବୋଲି କହିଲି । ଅର୍ଥାତ୍, ତୁମେ ଏପରି ପ୍ରଶ୍ନସବୁ ପଚାରୁଛ, ଯାହାର କି କୌଣସି ସମାଧାନ ନାହିଁ, କାରଣ ଏହା ଏକ ମିଶ୍ରଣ ପରି ହୋଇ ରହିଛି । ପ୍ରଶ୍ନଟି ମଧ୍ୟରେ ଏକ ଗଣ୍ଡଗୋଳ ରହିଛି ।

ସମସ୍ତଙ୍କ ସହିତ ସମାନ ଭାବରେ ବ୍ୟବହାର କରିବା ବିଷୟରେ,—ଆମେ ଏହାକୁ ଆହୁରି ଅଧିକ ଏକ ଗଣ୍ଡଗୋଳିଆ କଥା ବୋଲି କହିବା । ଦିବ୍ୟ ପରମସତ୍ତା ସମସ୍ତଙ୍କ ସହିତ ସମାନ ବ୍ୟବହାର କରନ୍ତି ବୋଲି କହିଲାବେଳେ ଆମେ ଯେଉଁ ଭ୍ରାନ୍ତିଟିର ସୃଷ୍ଟି କରିଥାଉ, ଏଇଟି ମଧ୍ୟ ଠିକ୍ ସେହିପରି ଗୋଟିଏ ଭ୍ରାନ୍ତି । ଯଦି ସେହିପରି ହୋଇଥାନ୍ତା, ତେବେ ଏହି ଜଗତରେ ଏତେ ବୈଚିତ୍ର୍ୟ ରଖିବାରେ ଆଉ କୌଣସି କାରଣହିଁ ନଥାନ୍ତା, କୌଣସି ଦୁଇ ଜଣ ବ୍ୟକ୍ତିଙ୍କୁ ମଧ୍ୟ ଅବିକଳ ଏକାପରି କରି ନରଖିବାର ମଧ୍ୟ ଆଦୌ କୌଣସି ପ୍ରୟୋଜନ ରହନ୍ତା ନାହିଁ । କାରଣ, ସେପରି କହିବାର ଅର୍ଥ ହେଉଛି ବୈଚିତ୍ର୍ୟର ମୂଳତତ୍ତ୍ୱଟିର ବିରୁଦ୍ଧାଚରଣ କରିବା ।

ତୁମେ ଇଚ୍ଛା କଲେ,—ତୁମେ ଯଦି ଏହା ନକରି ପାରିବ, ତେବେ ତୁମର ଏହାହିଁ କରିବା ଉଚିତ ବୋଲି ବୁଝାଯିବ,—ଏହି ବିଶ୍ୱଜଗତରେ ବାସ କରୁଥିବା ସମସ୍ତଙ୍କ ପ୍ରତି ଓ ସବୁକିଛୁ ପ୍ରତି ସଦ୍‌ବୋଧ, ଏକତ୍ୱ, ଶ୍ରଦ୍ଧା ଓ ପରିପୂର୍ଣ୍ଣ ସହାନୁଭବର ସେହି ଗୋଟିଏ ପ୍ରକାରର ଗଭୀର ଦୃଷ୍ଟିକୋଣଟିକୁ ଅବଲମ୍ବନ କରିପାରିବ; ମାତ୍ର ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ଏହି ଦୃଷ୍ଟିକୋଣଟିର ପ୍ରୟୋଗ ନିଶ୍ଚୟ ବିଭିନ୍ନ ପ୍ରକାରର ହେବ, ପ୍ରତ୍ୟେକ କ୍ଷେତ୍ରର ସତ୍ୟ ଓ ତାହାର ଆବଶ୍ୟକତାଟି ଅନୁସାରେ ତାହା

'oaob.nitrkl.ac.in' images reprocessed

ନିଶ୍ଚୟ ଭିନ୍ନ ହେବ । ଯାହାକୁ ଆମେ ସୃଷ୍ଟିର ଅଭିପ୍ରାୟ ଅଥବା ମୂଳ ବୋଲି କହିପାରିବା, ତାହା ନିଶ୍ଚୟ ସକଳ କ୍ଷେତ୍ରରେ ସମାନ ହେବ ସତ, ମାତ୍ର, ପ୍ରତ୍ୟେକ କ୍ଷେତ୍ରଟି ଅନୁସାରେ ଏବଂ ପ୍ରତ୍ୟେକ କ୍ଷେତ୍ରର ଗଭୀରତର ସତ୍ୟଟି ଅନୁସାରେ ସେହି ସୃଷ୍ଟି ହୁଏତ ସମ୍ପୂର୍ଣ୍ଣ ଭାବରେ ପରସ୍ପରର ଏକାବେଳକେ ବିପରୀତ ହୋଇପାରିବ । ମାତ୍ର, ସେଇଥିଲାଗିହିଁ, ଆମକୁ ସର୍ବୋଚ୍ଚ ଦୃଷ୍ଟିକୋଣଟିକୁ ପୋଷଣ କରିବାକୁ ପଡ଼ିବ, ଗଭୀରତମ ଓ ସବୁଠାରୁ ଅଧିକ ସତ୍ୟଯୁକ୍ତ ଦୃଷ୍ଟିକୋଣଟିକୁ ଧାରଣ କରିବାକୁ ହେବ, ଯାବତୀୟ ଅନିଶ୍ଚୟତାରୁ ମୁକ୍ତ ହୋଇ ରହିଥିବା ଗୋଟିଏ ଦୃଷ୍ଟିକୋଣ ଗ୍ରହଣ କରିବାକୁ ପଡ଼ିବ । ତେବେ, ଆମେ ଯେ ପ୍ରତ୍ୟେକ ମୁହୂର୍ତ୍ତରେ କେବଳ ଅସଲ ସତ୍ୟଟିକୁ ଦେଖିବାକୁ ସମର୍ଥ ହେବା ତା' ନୁହେଁ, ଆମେ ସୃଷ୍ଟିର ସତ୍ୟଟିକୁ ମଧ୍ୟ ପ୍ରତ୍ୟକ୍ଷ କରିପାରିବା; ଏବଂ ତାହା ପ୍ରତ୍ୟେକ କ୍ଷେତ୍ରରେ ନିଶ୍ଚୟ ଭିନ୍ନ ଭିନ୍ନ ହେବ । ଏବଂ ତଥାପି, ଆମେ ଯାହାକୁ ହୁଏତ "ଅନୁଭବ" ବୋଲି କହିପାରିବା,—ଅବଶ୍ୟ ଏକଥା ସତ ଯେ ଏହି ଶବ୍ଦଟି ଦ୍ୱାରା ପ୍ରକୃତ ଅର୍ଥଟି ସ୍ପଷ୍ଟ ଭାବରେ ଅଭିବ୍ୟକ୍ତ ହୋଇ ପାରୁ ନାହିଁ,—ବା ଆମେ ଏହାକୁ ଜଣେ ଚେତନାର ଯେଉଁ ସ୍ଥିତିରେ ଅବସ୍ଥିତ ରହିଥାଏ, ସେହି ସ୍ଥିତିଟି ବୋଲି କହିପାରିବା, ସେହି ସ୍ଥିତିଟି ମର୍ମତଃ ସମାନ ହୋଇ ରହିଥାଏ ।

ମାତ୍ର ବସ୍ତୁଗୁଡ଼ିକର ଅନ୍ତର୍ଗଭୀରକୁ ପ୍ରବେଶ ନକଲେ ଓ ସେଗୁଡ଼ିକୁ ସର୍ବୋଚ୍ଚ ଶିଖରଗୁଡ଼ିକରୁ ଅବଲୋକନ କରି ନପାରିଲେ ଆମେ ଏହି କଥାଟିକୁ କେବେହେଲେ ବୁଝି ପାରିବା ନାହିଁ । ଏବଂ, ସେତେବେଳେ ତାହା ଏକ ଆଲୋକ ତଥା ଚେତନାର କେନ୍ଦ୍ରରୂପେ ଅବସ୍ଥିତ ରହିବ, ଯାହାକି ଏତେ ଉଚ୍ଚରେ ଅଥବା ଏତେ ଗଭୀରରେ ରହିଥିବ ଯେ ଆମେ ସେଠାରୁ ଯାବତୀୟ ବସ୍ତୁକୁ ସେହି ଏକ ସମୟରେ ଏକାବେଳକେ ହିଁ ପ୍ରତ୍ୟକ୍ଷ କରିପାରିବା; କେବଳ ସେଗୁଡ଼ିକର ମର୍ମସତ୍ୟର ଭୂମିରେ ନୁହେଁ, ସେଗୁଡ଼ିକର ରୂପାୟନର ଭୂମିରେ ମଧ୍ୟ ସେଗୁଡ଼ିକୁ ପ୍ରତ୍ୟକ୍ଷ କରି ପାରିବା । ଏବଂ, ଚେତନାର କେନ୍ଦ୍ରଟି ସର୍ବଦା ସେହି ଗୋଟିଏ ହୋଇ ରହିଥିଲେ ମଧ୍ୟ, ରୂପାୟନ ଯେପରି ବହୁବିଧ ଓ ବିଚିତ୍ର ହୋଇ ରହିଛି, ସୃଷ୍ଟି ମଧ୍ୟ ଠିକ୍ ସେହିପରି ବହୁବିଧ ହେବ, ଠିକ୍ ସେହିପରି ବିଚିତ୍ର ହେବ । ଏହାକୁ ସେତେବେଳେ ଦିବ୍ୟ ପରମସତ୍ୟର ତା'ର ଆପଣାର ରୂପାୟନ-ଭୂମିରେ ଏକ ଉପଲବ୍ଧି ବୋଲି ବୁଝାଯିବ । ତା' ନହେଲେ ଆମେ ଜଗତ ମଧ୍ୟରୁ ଯାବତୀୟ ବୈଚିତ୍ର୍ୟକୁ ବିଦାୟ ଦେଇ ଦେବା ଏବଂ ତାହାକୁ ସେହି ମର୍ମଗତ ଅବ୍ୟକ୍ତ ପରମ ଅଖଣ୍ଡତାର ସ୍ଥିତିକୁ ପ୍ରତ୍ୟାବର୍ତ୍ତିତ କରି ଆଣିବା, କାରଣ କେବଳ ଅରୂପାୟିତ ଅବସ୍ଥାର ସେହି ସ୍ଥିତିରେହିଁ ପରମ ଏକ ସେହି ଏକରୂପେ ପ୍ରତିଭାତ ହେବାରେ ଲାଗିଥାନ୍ତି । ମାତ୍ର ରୂପାୟନର ଭୂମିରେ ଆସି ପ୍ରବେଶ କରିବା ମାତ୍ରକେ, ପରମ ଏକ ଅନେକରୂପେ ବ୍ୟକ୍ତ ହୋଇ

'oaob.nitrkl.ac.in' images reprocessed

ଆସକ୍ତି ଏବଂ ଅନେକତା ସର୍ବଦା ନାନା ବିଚିତ୍ର କ୍ରିୟା ଏବଂ ନାନା ବିଚିତ୍ର ମାର୍ଗକୁହିଁ ବୁଝାଇଥାଏ ।

ତେଣୁ, ଉପସଂହାର କରି କହିଲେ : ଫଳ ସମ୍ବନ୍ଧରେ ଆଦୌ କୌଣସି ସ୍ପୃହା ନରଖି ଆମକୁ ନିର୍ବାଚନ କରିବାକୁ ପଡ଼ିବ, ଜଗତ୍-ରୂପାୟନରେ ଯେଉଁ ବିବିଧତା ଓ ଅନେକତା ନିତ୍ୟବର୍ତ୍ତମାନ ରହିଛି, ତାହାର ସତ୍ୟଟି ଅନୁସାରେ ଆମକୁ ଯାବତୀୟ କାର୍ଯ୍ୟକୁ ସମ୍ପନ୍ନ କରିବାକୁ ପଡ଼ିବ ।

ସରଳ ।

'oaob.nitrkl.ac.in' images reprocessed